ସମାଜ ସଂସ୍କାରକ

# ବୈରାଗୀ ମିଶ୍ର ଗ୍ରନ୍ଥାବଳୀ

•

ଜେ. ମହାପାତ୍ର ଏଣ୍ଡ କୋ.

କଟକ—୨

ପ୍ରକାଶକ :
ଜେ. ମହାପାତ୍ର ଏଣ୍ଡ କୋ
ନମରଞ୍ଜିତ କଟକ—୨

ମୁଦ୍ରାକର :
ନନ୍ଦକିଶୋର ପ୍ରେସ୍,
କଟକ—୨

ପ୍ରଥମ ସଂସ୍କରଣ
୧୯୭୦

ପ୍ରଚ୍ଛଦପଟ୍ଟ ଶିଳ୍ପୀ :
ଶ୍ରୀ ଅଜିତ ମୁଖାର୍ଜୀ

ମୂଲ୍ୟ **ପଚିଶ ଟଙ୍କା**

# ମୁଖବନ୍ଧ

ମାନବଜାତିର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ମନୁଷ୍ୟ ଜାତି ସୁଖ, ଶାନ୍ତି ଏବଂ ଆନନ୍ଦ ମଧ୍ୟରେ ତାର ଜୀବନ ଅତିବାହିତ କରିବାପାଇଁ ମହାପୁରୁଷ ନାମରେ, ମର୍ତ୍ତ୍ୟାବତାରିକ ଈଶ୍ୱର ନାମରେ, ସଂସ୍କାର ବର୍ଜିତ ଦାର୍ଶନିକ ନାମରେ, ଆତ୍ମଦ୍ରଷ୍ଟା, ମନ୍ତ୍ରଦ୍ରଷ୍ଟା ଋଷି ନାମରେ ପୁରାଣ, କାବ୍ୟ, କବିତା, ଉପଦେଶାବଳୀର ରଚକ ଅକିଞ୍ଚନ, ନିଃସ୍ୱ, ଅଜ୍ଞାତ, ନିରକ୍ଷର ନାମରେ କେତେ ଯେ ଉପଦେଷ୍ଟାଙ୍କୁ ଆମ୍ଭେମାନେ ଭେଟିଆଉଁ ତାର ସୀମା ନାହିଁ । ଏହିସବୁ ଉପଦେଶ ଦ୍ୱାରା ମାନବଜାତିର କି ପ୍ରକାର ଉପକାର ସାଧିତ ହୁଏ, ତାର ଇତିହାସ ମଧ୍ୟ ବିପୁଳ ଭାବେ ଥିବାର ଦେଖାଯାଏ । ତେଣୁ ସେହି ସେହି ସଦାଚାର୍ଯ୍ୟମାନଙ୍କୁ ସମ୍ମୁଖରେ ରଖି ମାନବ ଜାତି ତାର ଜୀବନଯାତ୍ରାର ମାର୍ଗ ସିଦ୍ଧାନ୍ତ କରି କହେ— 'ମହାଜନୋ ଯେନ ଗତଃ ସ ପନ୍ଥା' ।

ରାଜନୀତିକ ଆନ୍ଦୋଳନକାରୀଙ୍କ ବ୍ୟତୀତ ଯେତେ ସାଧକ, ସଂସ୍କାରକ, ମହୋପଦେଶକ ଜନ୍ମଗ୍ରହଣ କରିଗଲେ ସମସ୍ତେ ନିଜ ଜୀବନ କାଳରେ ବିପୁଳ ପ୍ରସିଦ୍ଧି ଓ ସମ୍ମାନ ଲଭି ନ ଥିଲେ । ତାହା ପରବର୍ତ୍ତୀ କାଳରେ ତାଙ୍କ ଅନ୍ତେ ଘଟଣାଚକ୍ରରେ ଯଥାସମ୍ଭବ ବୃଦ୍ଧି ପାଇଥିଲା । ଇତିହାସର ଏ ସାକ୍ଷ୍ୟ ସଭ୍ୟତାସମ୍ପନ୍ନ ଅଧୁନାତନ ଯୁଗରେ ମଧ୍ୟ ସତ୍ୟ ଭାବରେ ଦେଖାଯାଇଥାଏ । ଅନାଥ ହେଉ, ଅରକ୍ଷିତ ହେଉ, ଅସ୍ପୃଶ୍ୟ ହେଉ କେଉଁଠି ମଡ଼ା ପଡ଼ିଛି ଶୁଣିବା ମାତ୍ରେ ଯେ ଝଡ଼, ତୋଫାନ, ଶୀତ ଜାଡ଼ରେ ମଧ୍ୟ ନିଶ୍ଚିତ ସଂସ୍କାର କରାଇ ପାରୁଥିଲେ ; ସଦ୍ୟ ବିଧବା ଦୁଃଖିନୀର ଆର୍ତ୍ତନାଦ—'ମୋ ଛେଉଣ୍ଡଙ୍କୁ କିଏ ପୋଷିବ' ଶୁଣିବା ମାତ୍ରେ ଯେ ତାର ଅନ୍ନ ସଂସ୍ଥାନ କରି ଦେଉଥିଲେ, ଦୁରନ୍ତ ସାହସିକ, ନିର୍ଭିକ ସଂସ୍କାରକ ମାନବପ୍ରେମୀ ବୈରାଗୀଚରଣ ମିଶ୍ରେ ନିଜ ଜୀବନ କାଳ ମଧ୍ୟରୁ ଦୀର୍ଘ ୫୦ ବର୍ଷ ଜନସେବାରେ ନିଜକୁ ଉତ୍ସର୍ଗ କରି ନାଁ ସ୍ୱାଧୀନ ଦେଶବାସୀଙ୍କଠାରୁ, ନାଁ ତାଙ୍କ ସମାଜରୁ, ନା ସରକାରୀ ଦପ୍ତରରୁ କେଉଁଠୁ ଟୋପେ ପ୍ରସିଦ୍ଧି ବା ସମ୍ମାନ ନ ପାଇ-ମଲେ ।

ମୃତ୍ୟୁ ପୂର୍ବରୁ ତାଙ୍କ ପୁଅକୁ ଏହି ମର୍ମରେ ଲେଖିଦେଇ ଯାଇଥିଲେ—'ମୁଁ ମରିଗଲାପରେ ମୋର ଶବକୁ ବିଭୁତି ତ୍ରିପାଠୀ

> ଡାକ୍ତରଙ୍କ ଗାଡ଼ିରେ ନେଇ ସତ୍ୟଚଉରାରେ ପୋଡ଼ିଦେବୁ । କୌଣସି ସଂସ୍କାର-(କୋରେଇ, ଅର୍ଦ୍ଧପଥ ଶ୍ରାଦ୍ଧ ଆଦି ସମ୍ଭବ) ରକ୍ଷା କରିବୁ ନାହିଁ । ଘରକୁ ଫେରି ସବୁଦିନ ପରି ରୋଷେଇ କରି ଖାଇବୁ । କୌଣସି ବ୍ରାହ୍ମଣଙ୍କୁ ଡାକ ମୋର ଶୁଦ୍ଧକ୍ରିୟା ଦଶାହ ଏକାଦଶାହ ବା ପିଣ୍ଡଦାନ କରିବୁ ନାହିଁ । ତୁ ଜାଣୁ—ତୋ ଯେଜମା, ତୋ ଜନନୀ, ତୋ ବଡ଼ଭାଇ ମୁଁ କାହାର ସେ ସବୁ କରି ନାହିଁ ।
>
> 'ଏହାହିଁ ପୁତ୍ର ପ୍ରତି ପିତାର ଅନ୍ତିମ ଆଦେଶ । ତୁ, ତାହା ନିଶ୍ଚୟ ସବୁମତେ ପ୍ରତିପାଳନ କରିବୁ । ( This is my last order and you must carry it out.)'

ଏହା ପାଠ କରି କେହି ନ ଭାବନ୍ତୁ ଯେ ମିଶ୍ରେ ଅସମ୍ମାନିତ ହେତୁ ଏପରି ଦୁଃଖପୂର୍ଣ୍ଣ ଇଚ୍ଛା ପ୍ରକଟିତ କରିଥିଲେ । ଏହାହିଁ ତାଙ୍କର ମତ ଥିଲା । ଆଉ ମଭରକଟଙ୍କ ଉଇଲ ସହିତ ତାଙ୍କର ଏ ଉଇଲଟିର ମେଳ ଅଛି । ବୁଦ୍ଧ, ଦୟାନନ୍ଦଙ୍କଠାରୁ ଆରମ୍ଭ କରି ଆମେ ତୈଲଙ୍ଗ ସ୍ୱାମୀଙ୍କ ଯାଏ ଯେଉଁସବୁ ଅତ୍ୟାଶ୍ଚର୍ଯ୍ୟ ବ୍ୟକ୍ତିମାନଙ୍କ କଥା ଶୁଣୁ; ଏ ବ୍ୟକ୍ତି ଜଣକ ସେହିପରି କିଛି ଅଦ୍ଭୁତ ଏକ ଜୀବ ଥିଲେ । ଅନ୍ୟମାନଙ୍କ ପରି ସେ ସାଂସାରିକ ଜୀବନରୁ କଦାପି ସ୍ୱତନ୍ତ୍ର ନ ରହି ସମାଜ ବୁକୁ ଉପରେ ଥାଇ ତାଙ୍କର ସିଦ୍ଧାନ୍ତ ଘୋଷଣା ଯେପରି କରୁଥିଲେ, ସେହିପରି କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଦେଖାଇ ଚାଲିଥିଲେ ।

ମିଶ୍ରେ ସର୍ବଜନଜ୍ଞାତ ନ ହୁଅନ୍ତୁ ପଛେ, ତାଙ୍କଠି ଯେଉଁସବୁ ଅପୂର୍ବ ସଦ୍‌ଗୁଣ ପୂରି ରହିଥିଲା, ବଡ଼ ବିଚିତ୍ର ଘଟଣା ଯେ ତାଙ୍କ ମୃତ୍ୟୁର ସାମାନ୍ୟ ଛଅଟି ବର୍ଷ ପୂର୍ଣ୍ଣ ହେବା ପରେ ସେ ସବୁର ଆନ୍ତରିକ ସାକ୍ଷ୍ୟ ସ୍ୱରୂପ ତାଙ୍କର ବିକ୍ଷିପ୍ତ ବିପୁଳ ରଚନାବଳୀ ଆଜ 'ବୈରାଗୀ ମିଶ୍ର ଗ୍ରନ୍ଥାବଳୀ' ନାମରେ ପ୍ରକଟିତ ହୋଇପାରୁଛି ।

ବୈରାଗୀ ମିଶ୍ରେ ତାଙ୍କର ଏକ ଗ୍ରନ୍ଥାବଳୀ ବାହାରିବ ତା କେବେ ତାଙ୍କ ଜୀବନ କାଳ ମଧ୍ୟରେ କଳ୍ପନା ମଧ୍ୟ କରି ନ ଥିଲେ । ଦୀର୍ଘ ଜୀବନ ୮୧ ବର୍ଷ ମଧ୍ୟରୁ ୫୦ ବର୍ଷ ମଧ୍ୟରେ କେତେ କଣ ଲେଖି ନିଜ ଖର୍ଚ୍ଚରେ ଫର୍ମାଏ ଦୁଇଫର୍ମା ମଧ୍ୟରେ ଛପାଇ ସେ ଯେ ଏହା ଜନତା ମଧ୍ୟରେ ବାଣ୍ଟି ଦେଇଗଲେ ତାର ଖୋଜ ସେ ଯେପରି ରଖି ନ ଥିଲେ, ବନ୍ଧୁ ବଡ଼ ଲୋକେ ତାର ଗୋଟିଏ ପୃଷ୍ଠା ମଧ୍ୟ ଲେଉଟାଇ ଦେଖି ନ ଥିଲେ । ବଡ଼ ବହି କହିଲେ—ତାଙ୍କର ଜୀବନ କଥା ଏବଂ ଗୀତା । ଏପରି ସଂକ୍ଷିପ୍ତ ପ୍ରସ୍ତର ପୁସ୍ତିକାକୁ ଯେନ ଏକ ଗ୍ରନ୍ଥାବଳୀ ହୋଇପାରିବ ତାହା ମଧ୍ୟ ଅସମ୍ଭବ ମନେ ହେଉଥିଲା ।

ବଡ଼ ବିଚିତ୍ର ଯେ, ଲେଖକ ବା ସଂଗ୍ରାହକ ଅଥବା ସଂକଳକ ନ ହୋଇ ସର୍ଭିସ ଜୀବନରେ ଥାଇ ନିଜ ପିତା ପ୍ରତି ପୁତ୍ରର କର୍ତ୍ତବ୍ୟ-ବୋଧରେ ତାଙ୍କ ପୁତ୍ର ବସନ୍ତକୁମାର ସେ ସବୁ ସଂକ୍ଷିପ୍ତ ରଚନାଗୁଡ଼ିକ ଏକତ୍ର କରି ଏକ ବିରାଟ ଗ୍ରନ୍ଥାବଳୀ କରି ପାରିଛନ୍ତି । ଯେତେବେଳେ ମାନବ ସଂସ୍କୃତିରେ ଭାରତବର୍ଷରେ ଧର୍ମିଷ୍ଠ ଆର୍ଯ୍ୟ ପୁରୁଷୋତ୍ତମ ରାମ ପିତୃ ଆଜ୍ଞା ପାଳନ କରିବା ଯୋଗୁଁ ନିନ୍ଦିତ ହେବା ଆରମ୍ଭ ହୋଇଛି ଏବଂ ପିତା ପ୍ରତି ପୁତ୍ରର ସାଧୁତା ଟଳମଳ ଅବସ୍ଥାରେ ରହିଛି, ସେତିକିବେଳେ ଏ ପ୍ରକାର ସଦିଚ୍ଛା ଯେପରି ଶୁଭପ୍ରଦ ତଥା ମାନବ ସଂସ୍କୃତିର ଏକାନ୍ତ ସହାୟକ ବୋଲି ମନେହୁଏ ।

ଏହାଠୁ ଅଧିକ ବିଚିତ୍ର ଯେ, ବୈରାଗୀ ମିଶ୍ରଙ୍କ ଯେଉଁ ଗ୍ରନ୍ଥରାଜି କାବ୍ୟ ନୁହେଁ କି କବିତା ନୁହେଁ, ଉପନ୍ୟାସ ନୁହେଁ କି ଗଳ୍ପ ବା କାହାଣୀ ନୁହେଁ—ଏ କାଳର ପାଠକ ତା ପ୍ରତି ନିଷ୍ଠିତ ଶ୍ରଦ୍ଧା ଆଣିବେ—ଏପରି ଧାରଣା ଆଣି ଯେଉଁ ପ୍ରକାଶକ ଏହି ସଂସ୍କାରଶୀଳ, ସୂକ୍ଷ୍ମ ଦର୍ଶନର ପୁଞ୍ଜିଭୂତ ଚିନ୍ତାରାଶି, ମନୋରମ ସୁଖ ସମ୍ଭୋଗ ବିରୋଧି ପୂର୍ଣ୍ଣ ପୁନରୁକ୍ତି ରଞ୍ଜିତ ଏକ ବିରାଟ ରଚନା ସାମଗ୍ରୀକୁ କେଉଁ ଉଦାରତା ଯେନ ବିପୁଳ ଅର୍ଥ ବ୍ୟୟରେ ପ୍ରକାଶ କଲେ, ତା ସ୍ଥିର କରି ହୁଏ ନାହିଁ । ସେ ସାଧୁତାଙ୍କୁ ଧନ୍ୟବାଦ । ବାସ୍ତବିକ ଏ ନିର୍ବାଣ ଗ୍ରନ୍ଥ ପ୍ରକାଶ ପାଇଁ ଯେ ପ୍ରକାଶକ ଅଛନ୍ତି, ଏହାଠାରୁ ଅଧିକ ଗୌରବର ବିଷୟ କଣ ଥାଇ-

ପାରେ ? କିନ୍ତୁ ଯଥାର୍ଥ ଶ୍ଲାଘ୍ୟ ତାଙ୍କ ରଚନା । ବୁଝି ବସିଲେ ବୈରାଗୀ ମିଶ୍ରେ ଯେତେ ପୁନରୁକ୍ତି କରନ୍ତୁ ନା କାହିଁକି ତାଙ୍କ ରଚନା ହିଁ ନିର୍ଦ୍ଦୋଷ, ସନାତନ, ଶୁଦ୍ଧ, ଚିର ଗ୍ରହଣଯୋଗ୍ୟ ଏଥିରେ ସନ୍ଦେହ ନାହିଁ । ଏ ଅକ୍ଷରମୁଣ୍ଡିକ ଅକ୍ଷୟ ରହିବ । ସମାଜର ନିର୍ବୋଧତାକୁ ଲକ୍ଷ କରି ସେ ଏତେ ପୁନରୁକ୍ତି କରିଛନ୍ତି ନିଶ୍ଚିତ । ଆମେ ଯେପରି ଶୁଣୁ ନିରନ୍ତର ଋତଂ ଚ ସତ୍ୟଂ । ରାମ, ସୀତାରାମ—ସେହିପରି ।

ବୈରାଗୀଚରଣ ମିଶ୍ରେ ସତ୍ୟ ଏବଂ ସାଧୁତାକୁ ଜୀବନର ବ୍ରତ କରି ତାଙ୍କର ମତ ଏବଂ ମତ ନିର୍ଭିକ ଭାବେ ପ୍ରଚାର କରି ଯାଇଥିଲେ । ହଜାର ହଜାର ବର୍ଷ ପୂର୍ବେ ତଥାଗତ ବୁଦ୍ଧ ପ୍ରସଙ୍ଗକ୍ରମେ ପଞ୍ଚବର୍ଗୀୟ ଭିକ୍ଷୁମାନଙ୍କୁ କହିଥିଲେ—

> 'ହେ ଭିକ୍ଷୁଗଣ ! ଏହା ପୂର୍ବରୁ ମୁଁ କେବେହେଲେ ମିଥ୍ୟା ଅହଂକାରାଳନ କରିଛି କି ? ତାହା ଯଦି ନୁହେଁ ତେବେ ଆପଣମାନେ ମୋର କଥାରେ ଧ୍ୟାନ ଦିଅନ୍ତୁ । ଅମୃତ ମାର୍ଗ ମତେ ମିଳିଯାଇଛି । ଏହି ମାର୍ଗକୁ ଆଶ୍ରୟ କରିବା ଫଳରେ ଆପଣ-ମାନଙ୍କୁ ବି ମୁକ୍ତି ମିଳିଯିବ ।' (ବିନୟ ପିଟକ—ମହାବଗ୍ଗ)

ବୈରାଗୀ ମିଶ୍ରେ ତାଙ୍କ ଜୀବନର ଅନୁଭୂତ ସମ୍ପନ୍ନ ତପସ୍ୟାର ସାରକଥା ବାରମ୍ବାର କହିଗଲେ—

> 'ହେ ମାନବ ସମାଜ ! ଭୟ କର ନାହିଁ । ଭୟ ଏକ ବ୍ୟାଧି । ତାହା ମନୁଷ୍ୟର ମନୋମୟ ଦେହର ବ୍ୟାଧି । ତୁମ ସମୁନ୍ନତିରେ ତା କଣ୍ଟକ ଏବଂ ଶତ୍ରୁ ।
>
> ତେଣୁ
>
> ତୁମେ ପାପକୁ ସୁଦ୍ଧା ଭୟ କର ନାହିଁ, ଭଗବାନଙ୍କୁ ମଧ୍ୟ ଭୟ କର ନାହିଁ । ଜାଣ ଯେ—ଭୟର ଭଉଣୀ ଲଜ୍ଜା ।
>
> ହେ ବନ୍ଧୁଗଣ ! ଅନ୍ଧବିଶ୍ବାସ, ଅନ୍ଧାନୁସରଣ ତ୍ୟାଗ କର । ଫଳରେ ବିବେକାନୁମୋଦିତ କାର୍ଯ୍ୟ କରିବାଦ୍ୱାରା ତୁମ ଜୀବନ ସାଫଲ୍ୟମଣ୍ଡିତ ହେବ ।

ହେ ଲୋକସମାଜ ! ବୃଥା ଆଡ଼ମ୍ବର ତ୍ୟାଗ କର ।
ଆଡ଼ମ୍ବର ଅନୁକରଣୀୟ ନୁହେଁ । ଅନ୍ନ ବସ୍ତ୍ରରେ କାର୍ଯମୟ
ଜୀବନରେ ସୁଖୀ ହେବା ପାଇଁ ଆଡ଼ମ୍ବରକୁ ନିର୍ମୂଳ କର ।
ହେ ଭାଇ ଓ ଭଉଣୀ ! ମିଛ ଛାଡ଼ । ମିଛ ଛାଡ଼ିଲେ
ସତ୍ୟର ଆଲୋକରେ ତୁମେ ଉଦ୍ଭାସିତ ହେବ । ଦେଶ ଏବଂ
ସମାଜର ଦୁରବସ୍ଥା, ଯାବତୀୟ ଜଟିଳତା, କଳହ ଆପେ
ଦୂର ହୋଇଯିବ ।

ଏହିପରି କେତୋଟି କଥା ସେ ବାରମ୍ବାର କହୁଥିଲେ ଏବଂ ଲେଖି ପ୍ରଚାର କରୁଥିଲେ । ତାହାଙ୍କ ଏହି ଗ୍ରନ୍ଥର ପଦେ ପଦେ ଉକ୍ତିତ ଥିବାର ଦେଖାଯିବ । ତାଙ୍କର ଏ ସବୁ ଉପଦେଶଗୁଡ଼ିକ, ଅନୁଭୂତିଗୁଡ଼ିକ ବାରମ୍ବାର ଶୁଣିବାକୁ ବା ପଢ଼ିବାକୁ ଅସୁଖପ୍ରଦ ହୋଇ ନ ଥାଏ ।

ଷ୍ଟେଟବଡ଼ ୪୫ ଖଣ୍ଡ ପୁସ୍ତକ ସମାବେଶରେ ଏହି ୧୨୫୭ ପୃଷ୍ଠାର ଗ୍ରନ୍ଥାବଳୀଟି ଦୁଇଟି ଭାଗରେ ବିଭକ୍ତ କରାଯାଇ ପ୍ରଥମ ଭାଗ— ସମାଜ ସଂସ୍କାର । ଦ୍ୱିତୀୟ ଭାଗ—ଗୀତା ନାମରେ ଅଭିହିତ କରାଯାଇଛି । ୧ମ ଭାଗରେ ୩୫ ଗୋଟି ଏବଂ ୨ୟ ଭାଗରେ ୧୦ ଗୋଟି ପୁସ୍ତକ ଦେଖିବାକୁ ମିଳେ ।

୧୯୧୭ ମସିହାରେ ସେ 'ସୁଖାନ୍ୱେଷଣ' ନାମରେ ପ୍ରଥମ କରି ପୁସ୍ତକ ଖଣ୍ଡିଏ ଲେଖି ତାହା ନିଜେ ପ୍ରକାଶ କରିଥିଲେ । ସରକାରୀ ଚାକିରିରେ, ପରାଧୀନ ଦେଶରେ ଏକ କର୍ମଚାରୀ ଥାଇ ମାନବିକ ଚରିତ୍ର କିପରି ହେଲେ ସମାଜ ସୁଖମୟ ହେବ ତାର ବର୍ଣ୍ଣନା ଦେଇ ଯେ ସେଥିରେ ବହିରେ ଲେଖିଥିଲେ —

'ପ୍ରତ୍ୟେକେ ପ୍ରତ୍ୟେକର ଅନ୍ନ ବସ୍ତ୍ର ଅଭାବର କାରଣ ଅନୁସନ୍ଧାନ କରି ବିଳାସପ୍ରିୟ ଓ ଆଡ଼ମ୍ବରପ୍ରିୟ ଖର୍ଚ୍ଚ ସବୁରୁ ରହିତ ହେବା ; ଲୋକେ କଣ କହିବେ ଏ ନିନ୍ଦା ଭୟକୁ ଭ୍ରୂକ୍ଷେପ ନ କରି ଚାଲନ୍ତୁ । ପ୍ରଥମେ ଆମ ପୁଅ ଝିଅଙ୍କର ଓ ଏକାନ୍ନବର୍ତ୍ତୀ ପରିବାରର ଅନ୍ନ ବସ୍ତ୍ରାଭାବ ଦୂରକରି ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା କରି ଆମର

ଉଦାହରଣରେ ପ୍ରତିବେଶୀମାନଙ୍କର ମଧ୍ୟ ଉପରୋକ୍ତ ଦୁରବସ୍ଥା ଦୂର କରିବା । ବସୁଧାକୁ ଏକ କୁଟୁମ୍ବ ମନେ କରି ସ୍ପର୍ଶ ଦୋଷ ବା ଅସ୍ପୃଶ୍ୟତା ଦୂର କରିବା, ସମ୍ପୂର୍ଣ୍ଣ ମିଥ୍ୟା ତ୍ୟାଗ କରିବା, ଅଳ୍ପରେ ସନ୍ତୋଷ ହେବା, କଦାପି ଋଣ ନ କରିବାରେ ସ୍ୱଭାବ ନିୟୁତ ଧର୍ମ ପ୍ରତିଷ୍ଠିତ ହେବ । ଏହା ଫଳରେ 'ଆମେ ନିଜେ ସୁଖୀ ହୋଇ ଆମର ସମାଜକୁ ସୁଖୀ କରାଇ ପାରିବା ।'

ଏ ସବୁ ସିଦ୍ଧାନ୍ତରେ ସେ ମୃତ୍ୟୁ ଯାଏ ଅଟଳ ରହିଥିଲେ । ସେ ସେହିକାଳୁ ପ୍ରତିଜ୍ଞାବଦ୍ଧ ହୋଇ ସତ୍ୟଭାଷୀ ଥିଲେ । ଅନୃଣୀ ରହିଥିଲେ, ସ୍ପୃଶ୍ୟାସ୍ପୃଶ୍ୟ ଘୃଣା ମନୁଷ୍ୟଠାରେ କେବେହେଲେ ତାଙ୍କର ଟୋପେ ମଧ୍ୟ ନ ଥିଲା ।

ତାଙ୍କର ସତ୍ୟବାଦିତା ସମ୍ବନ୍ଧରେ ଏପରି ଜଣାଶୁଣା ଥିଲା ଯେ, କୋର୍ଟ କଚେରୀରେ ତାଙ୍କୁ ସାକ୍ଷ୍ୟରେ ନେବାକୁ ମିଥ୍ୟାବାଦୀମାନେ ଭୟ କରୁଥିଲେ । କାରଣ ସେ କଦାପି କାହା ସପକ୍ଷରେ ମିଥ୍ୟା କହିବେ ନାହିଁ । ପୁଅ ହେଉ, ଝିଅ ହେଉ ମଧ୍ୟ । କଚେରୀରେ କେହି କେହି ପକ୍ଷ ଦାବି କରୁଥିଲେ—ବୈରାଗୀ ମିଶ୍ର ଯାହା କହିବେ ସେଥିରେ ଆମର ସମ୍ମତି । ଏ ଅପୂର୍ବ ସିଦ୍ଧିରେ ଅଭିଭୂତ ହୋଇ ଥରେ ସ୍ୱର୍ଗତ ସବ୍‌ଜଜ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏମ. ବି. ଇ. କହିଥିଲେ—'ବୈରାଗୀ ବାବୁ' ଆପଣଙ୍କର ଏ ସିଦ୍ଧିରେ ଈର୍ଷା କରିବାକୁ ଇଚ୍ଛାହୁଏ । ଏ ସାଧନାର ପଟାନ୍ତର ନାହିଁ ।

ଏହି ବଚନ ମଣିଷଟିର ଅନୃଣୀ ରହିବା ଇତିହାସ ମଧ୍ୟ କଳ୍ପନାତୀତ ଥିଲା । ଏକାନ୍ନବର୍ତ୍ତୀ ପରିବାର ମଧ୍ୟରେ ଥିବାବେଳେ ନିମିତ୍ତ କରିବା ଆଡ଼ମ୍ବର ଯୋଗୁଁ ଯେତେ ଋଣ ହୋଇଥିଲା, ବୈରାଗୀ ମିଶ୍ର ତାଙ୍କ ଯୁବା ବେଳେ ଅସୀମ କଷ୍ଟ ସହି ତାହା ପରିଶୋଧ କରି ପ୍ରତିଜ୍ଞା କରିଥିଲେ ଯେବେ ପୁନର୍ବାର ଏ ପରିବାର ଋଣ କରେ, ତେବେ ସେ ଏ ପାରଂପରିକ ସନ୍ନିଧି ନିଷ୍ଠୁର ତ୍ୟାଗ କରିବେ । କିନ୍ତୁ ତତ୍ପ୍ରତି ଭ୍ରୂକ୍ଷେପ

ନ କରି ତାଙ୍କ ପରିବାରର ପୁନର୍ବାର ଋଣ କଲେ । ମିଶ୍ର ତାଙ୍କ ପ୍ରତିଜ୍ଞା ରକ୍ଷା କରି କୁଟୁମ୍ବ ବନ୍ଧନ ତ୍ୟାଗ କରି, ପୈତୃକ ସମ୍ପଦ ବିସର୍ଜନ ଦେଇ ଖିଷଣ ଝଡ଼ ବର୍ଷା ମଧ୍ୟରେ ନିଜର ସ୍ତ୍ରୀ ଏବଂ ପୁତ୍ର କନ୍ୟା ଗୁଡ଼ିକୁ ଯେଣୁ ଯେପରି କଟକ ଚାଲିଆସିଲେ ତାହା ତାଙ୍କଠି କେବଳ ସମ୍ଭବ । ସେ ଅନୃଣୀ ହୋଇ ମଲେ ।

ମିଶ୍ରେ ବୁଝିଥିଲେ—

"ଇଦ ମେବ ହି ପାଣ୍ଡିତ୍ୟଂ
ଇୟମେବ ବିଦଗ୍‌ଧତା,
ଅୟମେବ ପରୋଧର୍ମ
ଆୟାତ୍ ସ୍ୱଳ୍ପତରୋ ବ୍ୟୟଃ ।"

ପାଣ୍ଡିତ୍ୟ ଏହାକୁ କହନ୍ତି, ଚତୁରତା ଏହାର ନାମ, ଧର୍ମ କହିଲେ ଏହାହିଁ ବୁଝାଏ—ତାହା ହେଉଛି ଆୟଠାରୁ ସ୍ୱଳ୍ପତର ବ୍ୟୟ ଯେବେ କରାଯାଏ ।

ଅଳ୍ପରେ ସନ୍ତୋଷ ଗୁଣ ସେ ଅଭ୍ୟାସରେ ପରିଣତ କରିଥିଲେ । ଏହା ବୋଲି ସେ କୃପଣ ବା ସୁଖ ସମ୍ଭୋଗର ବିରୋଧୀ ନ ଥିଲେ । ତାଙ୍କୁ ପେନସନ କିଛି ମିଳୁ ଥିଲା । ପିଲେ ମଧ୍ୟ ରୋଜଗାର କରୁଥିଲେ । କିନ୍ତୁ ସେ ମୃତ୍ୟୁଯାଏ ସାଧାରଣ ଜୀବନ ଅତିବାହିତ କରୁଥିଲେ । ଥରେ ଗ୍ରୀଷ୍ମ ଦ୍ୱିପ୍ରହର ବେଳେ ଆମ୍ଭେମାନେ ଯାଇ ଦେଖିଲୁଁ ସେ ଖଟଉଳେ ମାଟି ଉପରେ ଖଣ୍ଡିଏ କନା ବିଛେଇ ପଡ଼ି ରହିଛନ୍ତି । ଗ୍ରୀଷ୍ମ ବାଧାରୁ ରକ୍ଷା ପାଇବା ପାଇଁ ଏହାକୁ ସେ ନିପୁଣ ପନ୍ଥା ସ୍ୱରୂପ ଗ୍ରହଣ କରିଥିଲେ । ୮ ଫୁଟରେ ୭ ଫୁଟର କୁଟିରଟିଏ । ବାହାରେ ଦୁଆର ଝରକା ପରିପୂର୍ଣ୍ଣ । ଜନସାଧାରଣ ହିତରେ ସେ ବହି ଛପାଇବାରେ ଶହ ଶହ ଟଙ୍କା ବ୍ୟୟ କରୁଥିଲେ । ଅଥଚ ଏହି ଗୁଣକୁ ସେ ବର୍ଷ ବର୍ଷ ଧରି ଅଭ୍ୟାସରେ ପରିଣତ କରିଥିଲେ । ବଳ ଥିବାଯାଏ ପାଣି ଗ୍ଲାସେ ପାଇଁ ମଧ୍ୟ ଅନ୍ୟ ଉପରେ ନିର୍ଭର କରିବାକୁ ଅମାନ୍ତ ମଣୁଥିଲେ । ତାଙ୍କର ଏପ୍ରକାର ମାନବିକ ଦୃଷ୍ଟିଭଙ୍ଗୀ ଏବଂ ସରଳ ସ୍ୱଭାବ ଦେଖି ବହୁ ବିଶିଷ୍ଟ ବିଜ୍ଞ ବ୍ୟକ୍ତି ଯେଉଁମାନେ କାହିଁ ତାଙ୍କସହ ସଂଳାପ ପାଇଁ ଯାଉଥିଲେ, ଆଶ୍ଚର୍ଯ୍ୟ

ହେଉଥିଲେ । ଜନସମାଜର କଲ୍ୟାଣ ପାଇଁ ସର୍ବଦା ଚିନ୍ତା କରୁଥିବା ଓ ସମଗ୍ର ଜୀବନକୁ ପଳେ ପଳେ ଦାନ କରିଦିବା, ଦୁଃସ୍ଥ ଜନତା ସହିତ ମିଶି ତାର ମଙ୍ଗଳ ସାଧନ କରିବା, ସ୍ୱାର୍ଥତ୍ୟାଗ, ସ୍ୱାର୍ଥ ବିଲୋପକୁ ନିଜର ଧ୍ୟେୟ ମନେ କରିବା ମୂଳରେ ଜଣାଯାଏ ସେ ଜଣେ ପ୍ରକୃତ ବ୍ରାହ୍ମଣ ଥିଲେ । ବ୍ରାହ୍ମଣ ବଂଶରେ ଜନ୍ମିବା, ଉପବୀତ ଧାରଣ କରିବା ବା ଚିନା ତ୍ୟାଗ ଓ ପୌରୁଷ ବଳରେ ବ୍ରାହ୍ମଣତ୍ୱ ଦାବୀ କରି କେହି ବ୍ରାହ୍ମଣ ହୋଇ-ନପାରେ । ଯେଉଁଠି ମନୁଷ୍ୟତ୍ୱ, ସେଇଠି ଶ୍ରେଷ୍ଠତ୍ୱ । ଏତେସତ୍ତ୍ୱେ ସେ ଆଜି ମଧ୍ୟ ଅପରିଚିତ ଅଜ୍ଞାତ ରହିଅଛନ୍ତି । ମନେଅଛି ମୃତ୍ୟୁର ଅଳ୍ପଦିନ ପୂର୍ବରୁ ତାଙ୍କ ସହିତ ଆମ ପତିପତ୍ନୀଙ୍କର ସାକ୍ଷାତ ହୋଇଥିଲା । ସେ ଅତି ଦୁର୍ବଳ ଥାଇ ମଧ୍ୟ ଦୃଢ଼ତା ତ୍ୟାଗ କରି ନଥିଲେ । ସେ ଆମ ଦୁହିଁଙ୍କୁ ସର୍ବଦା ଯାହା କହନ୍ତି—ଆସୁଁଠି ଅଳ୍ପ ବ୍ୟସ୍ତ କରି ତା କହିବାକୁ ଭୁଲିଲେ ନାହିଁ । ବିଦାୟ ପୂର୍ବରୁ ଏକାନ୍ତରେ ଏତିକି କହିଥିଲେ—'ମୁଁ ଖୁବ୍ ନିକଟରେ ଚାଲି ଯାଉଛି । ମୋତେ କେହି ଏ ରାଜ୍ୟରେ ଚିହ୍ନିଲେ ନାହିଁ । ସ୍ମିତ କରି ହସି ଦେଲେ । ପୁଣି କହିଲେ ଚିହ୍ନିବା କଥା ଯାହା କହିଲି କେବଳ ତୁମ ଦୁହିଁଙ୍କୁ । ମୋ ପତ୍ନୀଙ୍କୁ କହିଲେ—କନକ ! ଏ ଜନ୍ମପାଇଁ ସାକ୍ଷାତ ସମ୍ଭବ ଶେଷ ହେଲା । ନିଜ ଦୀପ୍ତିରେ ଦୀପ୍ତିମନ୍ତ ହୁଅ ବୋଲି ବୁଦ୍ଧ କହିଛନ୍ତି—ମୁଁ ମଧ୍ୟ କହୁଛି । ବିଦାୟ ସମ୍ଭାବନା ଶେଷରେ ଆମେ ଦୁହେଁ କହି ଆସିଥିଲୁଁ—

'ବୈରାଗୀ ବାବୁ ! ଆପଣଙ୍କୁ ଏ ଜାତି ନିଶ୍ଚୟ ଶହେବର୍ଷ ପରେ ହେଲେ ବି ଚିହ୍ନିବ । ଆପଣ କଦାପି ଲୁପ୍ତ ହେବେ ନାହିଁ । ଆପଣଙ୍କ ଅକ୍ଷୟକୀର୍ତ୍ତି ଆପଣଙ୍କୁ ପୁଣି ମଶାଣି ଭିତରୁ ଉଠାଇ ଆଣିବ ।' ତା ଆଜି ଧ୍ରୁବ ସତ୍ୟ ରୂପେ ଦେଖାଦେଇଛି ।

ଧର୍ମ, ବିବେକ, ସତ୍ୟ, ସ୍ୱାଧୀନତା, ମାନବିକ ଧର୍ମ, ପ୍ରକୃତ ସୁଖ, ଭଗବାନ, ବ୍ୟକ୍ତି ଓ ସମାଜ, ବିଶ୍ୱକଲ୍ୟାଣ, ନିର୍ଭିକତା, ସମସ୍ତ ଅନ୍ଧାନୁସରଣର ଉଚ୍ଛେଦ, ନାରୀମଙ୍ଗଳ, ମାତୃତ୍ୱର ପ୍ରତିଷ୍ଠା, ପର୍ଦ୍ଦା ଦୂରୀକରଣ, ନିରକ୍ଷରତା ନିବାରଣ, ଅଯଥା ଅର୍ଥବ୍ୟୟ ନିରାକରଣ ଆଡ଼ମ୍ବରକୁ ସମୂଳେ ଉତ୍ପାଟନ, ଆଦର୍ଶ ବିବାହରେ ଯୌତୁକ ପ୍ରଥାର

ଋକ୍‌ବେଦ ଆଦି ସମ୍ବନ୍ଧରେ ବିପୁଳ ଆଲୋଚନା ତାଙ୍କର ଏହି ବିରାଟ ଗ୍ରନ୍ଥାବଳୀରୁ ପାଠ କଲେ ଦେଶ ପାଇଁ, ଜାତିର ମଙ୍ଗଳ ପାଇଁ ସେ କିପରି ନିରନ୍ତର ଚିନ୍ତିତ ଥିଲେ, ତାର ଚିତ୍ର ସ୍ୱତଃ ମାନସନେତ୍ରରେ ପ୍ରତିଭାତ ହୋଇଥାଏ । ସେ ଯେତିକି କହିଛନ୍ତି ତାର ଶତଗୁଣ କରି ଯାଇଛନ୍ତି । କେଉଁ ବୁଢ଼ାବର ୭୦ ବର୍ଷରେ କେଉଁଠି ଗୋପନରେ ଏକ ଷୋଡ଼ଶୀକୁ ବିବାହ କରି ପକାଉଛି ସେ ତାର ଖବର ରଖି ନିଜ ଦଳ ବଳ ସହିତ ସେଠି ଉପସ୍ଥିତ ରହି ଏ ବିବାହର ଅପକାରିତା କଥା ବୁଝାଇ ତାହା ରହିତ କରୁଥିଲେ । କେଉଁ ସ୍ତ୍ରୀ-ପୁରୁଷ ମଧ୍ୟରେ ବୃଥା ସନ୍ଦେହରେ ମାଡ଼ପିଟ ହୋଇ ଆତ୍ମହତ୍ୟା ହେବାଯାଏ କଥା ଯାଇଛି, ତା ସେ ଶୁଣିଲେ ଜଣେ ଧର୍ମପ୍ରଚାରକ ପରି ପହଞ୍ଚି ଯାଇ ସେ ବିବାଦ ଅଳ୍ପକେ ତୁଟାଇ ଦେଇ ଆସୁଥିଲେ । ଶକ୍ତି ଅନୁକ୍ରମେ ତାଙ୍କର ଶତ ଶତ କାର୍ଯ୍ୟାବଳୀର ଇତିହାସ ନାହିଁ । କାରଣ ଏ ଦେଶରେ ବର୍ତ୍ତମାନ ଯେପରି ସଦ୍‌ଗୁଣ ସମାଦରର ବାଟ ଫିଟି ନାହିଁ ବା ସମ୍ବାଦ ସଂଗ୍ରହର ବ୍ୟବସ୍ଥା ନାହିଁ । ତା ହେଲେ ବି କାଳକ୍ରମେ ଯଦିବା ବିବାହର ପ୍ରକୃଷ୍ଟରୀତି ଯୁବତୀଙ୍କୁ ବିବାହ ଦେବା, ଆଇନ ଦୃଷ୍ଟିରୁ ଏକାବେଳେ ପ୍ରଚଳିତ ହୋଇଗଲା ; କିନ୍ତୁ ଉତ୍କଳ ଖଣ୍ଡରେ ସେ ଏକମାତ୍ର ବ୍ୟକ୍ତି, ଯେ କି ନିର୍ଭୀକ ଭାବରେ ନାନା ବିପଦ ମୁଣ୍ଡରେ ଥୋଇ ଅକ୍ଷତଯୋନି ବାଳବିଧବାଙ୍କୁ ବିବାହ ଦେବା, ସର୍ବାଗ୍ରେ ଯୁବତୀଙ୍କୁ ବିବାହ ଦିଆଇବାରେ ଅଗ୍ରଣୀ ପୁରୁଷ ରହିଥିଲେ । 'ବିବର' ଶବ୍ଦଟିର ସେ ଯେ ସ୍ରଷ୍ଟା ଏହା ଅଭିଧାନ ନିଶ୍ଚିତ ସ୍ୱୀକାର କରିବ ।

କଟକ କଲେକ୍ଟରେଟର ସାମାନ୍ୟ ୭୦ ଟଙ୍କାର ଦରମା ସମ୍ବଳ ମଧ୍ୟରେ ପିଲା ପରିବାର ଚଳାଇ, ବହି ଛାପି, ପ୍ରଚାରପତ୍ର ଛାପି, ସେ ସବୁ ଡାକରେ ପଠାଇବା, ବୁଲି ବୁଲି ବଣ୍ଟନ କରି ଧନବନ୍ତ ସମାଜପତିମାନଙ୍କ ଅହଂଭାବକୁ ଯେପରି ସେ ଦମନ କରିଥିଲେ, ତାହା ଅନନ୍ୟ କୁହାଯିବ । ତାଙ୍କର ଏ ବିପୁଳ ପ୍ରତିପତ୍ତିକୁ ଓ ପ୍ରକୃତ ଜନସେବାକୁ ଯେପରି ଭାବରେ ଘୋଡ଼ାଇ ଲୁଚାଇ ଦିଆଯାଇଛି, ତା ଭାବିଲେ ଲଜ୍ଜାରେ ଅଭିଭୂତ ହେବାକୁ ହୁଏ । ନଚେତ୍ କୌଣସି ସଭ୍ୟ ଦେଶରେ ଜନ୍ମି ଥିଲେ ତାଙ୍କର ସେହି କୃତିତ୍ୱ ସମ୍ପନ୍ନ କାହାଣୀମାନ ଅମରାକ୍ଷରରେ ଲିପିବଦ୍ଧ ହୋଇ ସାରିଥାନ୍ତା ।

ତାଙ୍କୁ ମାଡ଼ ହେବ, ହତ୍ୟା କରାଯିବ ବୋଲି ଯେଉଁଠୁ ସମ୍ବାଦ ଆସିଥାଏ, ଏପରି ବିବାଦ ଆନ୍ଦୋଳନ ବେଳେ ମିଶ୍ରେ ମୃତ୍ୟୁକୁ ଭ୍ରୂକ୍ଷେପ ନକରି ସେଇଠି ଉପସ୍ଥିତ ହୁଅନ୍ତି । ସେ ଏସବୁ ଧମକକୁ ଶୁଣି କହୁଥାନ୍ତି—ସମାଜର ମଙ୍ଗଳ ପାଇଁ ଜଣକର ମୃତ୍ୟୁ ଅକାଙ୍କ୍ଷିତକର ବିଷୟ । ଏପରି ସାହସିକତା, ଏପରି ଦୃଢ଼ତା ଓ ନିର୍ଭିକତା କ୍ୱଚିତ ଦେଖାଯାଏ ।

ତାଙ୍କ କର୍ମମୟ ଜୀବନରେ ମିଶ୍ରେ କିପରି ବୀର ଏବଂ ସାଧୁ ପୁରୁଷ ଥିଲେ ଆଜି ତା ଭାବିହେବ ନାହିଁ । ଅତି ସାଧାରଣ ଅସାଧୁତାକୁ ମଧ୍ୟ ସେ ପ୍ରଶ୍ରୟ ଦେଉ ନ ଥିଲେ । ସେ କିସ୍ତି ବନ୍ଦରେ ଖଜଣା ଅସୁଲ ବେଳେ ଟ୍ରେଜେରୀ ଅଫିସରଙ୍କ ଅଧୀନରେ ଅନ୍ୟ ପଚାଶି ଜଣ କର୍ମୀଙ୍କ ମଧ୍ୟରେ ଜଣେ ତଉଜୀ କ୍ଲର୍କ ଥାନ୍ତି । ସେ ତାଙ୍କ ଝରକା ସାମନାରେ ଲେଖିଥାନ୍ତି 'ଏଠି ବିନା ଶୁଲ୍କରେ ଖଜଣା ନିଆଯାଏ' । ଫଳରେ ମିଶ୍ରଙ୍କ ପାଖରେ ସକାଳ ସାଢ଼େ ଦଶରୁ ତିନିଟା ଯାଏ ଭୀଷଣ ଭିଡ଼ ହୁଏ । ଅସାଧୁ କର୍ମୀମାନେ ଏହା ଜଣେ ପାଗଳର ପାଗଳାମି କହୁଥାନ୍ତି । କିନ୍ତୁ ଯେବେ ଏହା ଇଂରେଜ କଲେକ୍ଟରଙ୍କ ଦୃଷ୍ଟିକୁ ଆସିବାରୁ ସେ ସିରସ୍ତାଦାର ରଘୁନାଥ ରାଓଙ୍କୁ ଡକାଇ ପଚାରିଲେ—'ଏହା କଣ ସତ୍ୟ ଯେ—ଅନ୍ୟାନ୍ୟମାନେ ଅସାଧୁତା ଅବଲମ୍ବନ କରୁଛନ୍ତି । ରାଓ କହିଲେ—ଏହା ସତ୍ୟ ଯେ ବୈରାଗୀ ମିଶ୍ର ତାଙ୍କ ଦରମା ବ୍ୟତୀତ କଦାପି ଅସାଧୁ ଭାବରେ ଏକ ପଇସା କାହାଠୁ ନିଅନ୍ତି ନାହିଁ । କିନ୍ତୁ ଏ ପ୍ରକାର ସାଇନବୋର୍ଡ ଦେବା ତାଙ୍କ ପକ୍ଷେ ଅନ୍ୟାୟ ।

କଲେକ୍ଟର ପଚାରିଲେ—ଏ ସମ୍ବନ୍ଧରେ ଅନ୍ୟାନ୍ୟମାନେ ଅଭିଯୋଗ ନ କରନ୍ତି କାହିଁକି ?

ରାଓ କହିଲେ—ସେମାନେ ମିଶ୍ରଙ୍କୁ ଏ ସମ୍ବନ୍ଧରେ ପାଗଳ ମନେ କରନ୍ତି ।

କଲେକ୍ଟର କହିଲେ—ମୁଁ ବୁଝୁଛି, ସେହି ସ୍ୱଳ୍ପ ବେତନଭୋଗୀ କର୍ମଚାରୀଟି କଦାପି ପାଗଳ ହୋଇ ନ ପାରେ । ତାର ସାଧୁତା

ପ୍ରଶଂସମାପ୍ତ କିନ୍ତୁ ଏ ଗାନ୍ଧି ଆନ୍ଦୋଳନ ବେଳେ ଅସାଧୁ କର୍ମଚାରୀଙ୍କ ପ୍ରତି ବିହିତ ପ୍ରତିକାର କଲେ ଗଭର୍ଣ୍ଣମେଣ୍ଟ ବିପଦଗ୍ରସ୍ତ ହେବ । ତେଣୁ ମିଶ୍ରଙ୍କୁ ବୁଝାଇ ତାଙ୍କ ଲେଖାଟିକୁ ପରିବର୍ତ୍ତନ କରାଇଦିଅ । କଲେକ୍ଟରଙ୍କ କଥା ମାନି ସେ ଲେଖାଟି ବଦଳାଇ ଲେଖିଥିଲେ—"ବିନା ବାଧାରେ ଏଠି ଲୁଣ୍ଠନ ନିଆଯାଏ" । ମାନବଜୀବନରେ ଏପରି ଦୃଢ଼ମନା ସାଧୁ ବ୍ୟକ୍ତି କ୍ୱଚିତ୍ ଦେଖାଯାନ୍ତି । ସାଧୁତା ଅସାଧୁତା ମଧ୍ୟରୁ ଗୋଟିକରେ ସମାଜ ସଂରକ୍ଷିତ ହୁଏ, ଅନ୍ୟଟିରେ ଧ୍ୱଂସ ହୁଏ ବୋଲି ଚଳଣି ଥିଲା କିନ୍ତୁ ଆଜି ଅସାଧୁତାର ଏପରି ବ୍ୟାପକ ପ୍ରସାର ଘଟିଛି ଯେ ଭାରତୀୟ ସାମାଜିକ ଜୀବନରେ ଗାଁ ଗହଳରେ ମଧ୍ୟ ସାଧୁତା କେଉଁଠି ଅଛି ଖୋଜା ଚାଲିଛି । ଦିନ ଆସୁଛି ମନସ୍ତତ୍ତ୍ୱବିତ୍‌ମାନେ ଘୋଷଣା କରିବେ, ସାଧୁତା ଏକ ଅନାବଶ୍ୟକୀୟ ଅଭ୍ୟାସ ଥିଲା । ତେଣୁ ଏସବୁ କାହାଣୀମାନ ସମ୍ଭାନ୍ତ ସାଧୁତାର ଇତିହାସ ପର୍ଯ୍ୟାଲୋଚନା ପାଇଁ ସଂରକ୍ଷିତ ନହେଲେ ତାର ମୂଳ ଖିଅ ଆମେ ହରାଇ ବସିବା ।

ଆମର ଧାରଣା ତାଙ୍କ ରଚନାବଳୀ ପାଠ କରି ସେ ବେଳର ଲୋକସମାଜ ପ୍ରକୃତ ସତ୍ୟ, ସାଧୁତା, ନିରହଂକାରିତା ଆଦି ସଦ୍‌ଗୁଣକୁ ଆଜିଥରେ ସ୍ମୃତିକୁ ଆଣିବେ ଯେପରି, ସେପରି ନୂଆ ଲୋକେ ଏହା ପାଠ କରି କିଏ ସାଧୁତା କିଏ ଅସାଧୁତା ତାର ସମୀକ୍ଷା କରିବେ ଏବଂ ଶେଷକୁ ସାଧୁତା, ସତ୍ୟର ଜୟ ନିଶ୍ଚିତ ହେବହିଁ ହେବ ।

ସମାଜ ସଂସ୍କାର ସମ୍ବନ୍ଧୀୟ ନାନା ବିବରଣ ବର୍ଣ୍ଣିତ ପ୍ରଥମ ଖଣ୍ଡରେ ତାଙ୍କର ଜୀବନ ଚରିତ ଯାହା ସେ—"ସ୍ୱଭାବ ବିସ୍ମୃତ-ଜୀବନ ଯୁଦ୍ଧ ନାମରେ ଲେଖିଥିଲେ ତାହାର ସଂକ୍ଷିପ୍ତାଂଶ ଏହିପରି—

'୧୮୮୫ ଡିସେମ୍ବର ୧୭ ତାରିଖରେ କଟକ ଜିଲ୍ଲା ସାଲେପୁର ଥାନା ମୂଳବସନ୍ତ ଗ୍ରାମରେ ଏକ ଏକାନ୍ନବର୍ତ୍ତୀ ସଦ୍‌ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ । (ମୂଳବସନ୍ତ ଗ୍ରାମଟି ବିରୂପା ନଦୀ କୂଳରେ ଏକ ରମ୍ୟ ପରିବେଶରେ ଅବସ୍ଥିତ । ଏ ଗ୍ରାମର ପ୍ରସିଦ୍ଧି ବହୁକାଳରୁ ରହି ଆସିଥିଲା । ଓଡ଼ିଶାରେ ବ୍ରାହ୍ମଧର୍ମର ଦ୍ୱିତୀୟ ପ୍ରବର୍ତ୍ତକ, ବାଗ୍ମୀପ୍ରବର, ପ୍ରାବନ୍ଧିକ, ସୁପ୍ରତିଷ୍ଠିତ ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ ବିଶ୍ୱନାଥ କର ଏହି

ଗ୍ରାମରେ ଜନ୍ମ ଥିଲେ । ମିଶ୍ର, କର, ଦାସ ପ୍ରଭୃତି ପରିବାରରେ ଯେତେ ଯେତେ ସୁପଣ୍ଡିତ ଜନ୍ମଗ୍ରହଣ କରିଥିଲେ ସେମାନଙ୍କ ସମ୍ବନ୍ଧରେ ଇତିହାସ ନଥିଲେ ହେଁ ମୂଳବସନ୍ତ ଗ୍ରାମ ଉତ୍କଳ ବିଦିତ ଏହି କାରଣରୁ ଥିଲା ଯେ ପ୍ରଥମ କରି ଆଧୁନିକ ଶିକ୍ଷା ଏଠାରେ ବ୍ୟାପକ ହୋଇ ପାରିଥିଲା । ଏଠାର ବହୁ ସୁପ୍ରାଚୀନ ପଣ୍ଡିତ ସମଗ୍ର ଉତ୍କଳରେ ଶିକ୍ଷାଦାନରେ ବ୍ରତୀ ରହିଥିଲେ ।)

ବୈରାଗୀଚରଣ ମିଶ୍ରେ ପଣ୍ଡିତ ପଦ୍ମଲୋଚନ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର । ପ୍ରଖ୍ୟାତ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ଭ୍ରାତୃଃପୁତ୍ର । ଏକାନ୍ନବର୍ତ୍ତୀ ପରିବାରର ଉତ୍କର୍ଷତା ସେନେଇ ବୈରାଗୀ ବାବୁ ଲେଖିଛନ୍ତି—

"ପାଶ୍ଚାତ୍ୟ ଶିକ୍ଷା ବୃଦ୍ଧି ଯୋଗୁଁ ସଙ୍କୀର୍ଣ୍ଣ ସ୍ୱାର୍ଥପରତା ଓ ବୃଥା ଆଡ଼ମ୍ବର ବୃଦ୍ଧି ପାଇ ନିଜ ନିଜ ମଧ୍ୟରେ ଥିବା ସ୍ନେହ ସଦ୍ଭାବ ସହଯୋଗ ଲୋପ ପାଇଗଲା ସତ, କିନ୍ତୁ ସେ ଜୀବନର ମହତ୍ତ୍ୱବୋଧ ଏବଂ ଉତ୍କର୍ଷତା ଆଜି ଏକାବେଳେ ବିରଳ ।"

ସାମାଜିକ ଚଳଣି ସେନେଇ ମିଶ୍ରେ ୧୮୯୯ ମସିହାରେ ୧୫ ବର୍ଷ ବୟସରେ ବିବାହ କରିଥିଲେ । ଏ ପ୍ରଥା ଅବଶ୍ୟ ନିନ୍ଦନୀୟ । ତେଣୁ ୧୯୦୬ ମସିହାରେ ୨୧ ବର୍ଷ ବୟସରେ ତାଙ୍କୁ ବାରିପଦା ହାଇସ୍କୁଲରୁ ଏଣ୍ଟ୍ରାନସ ପାଶ କରିବାକୁ ହୋଇଥିଲା । ଅନନ୍ତର ସେ ବୃତ୍ତି ପାଇ କଟକ କଲେଜରେ ଦୁଇବର୍ଷ ପଢ଼ିଥିଲେ । ଆର୍ଥିକ ସଙ୍କଟରୁ ଘଟଣା ଚକ୍ରରେ ଆଇ. ଏ. ଫେଲ୍ କରି ଆଉ ପଢ଼ି ନପାରି ୧୯୦୮ରେ ପ୍ରୋବେଶନର ଭାବରେ ଚାକିରୀରେ ପଶିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ପ୍ରକୃତରେ ୧୯୧୨ ଠାରୁ ତାଙ୍କର ଚାକିରୀ ଆରମ୍ଭ ହୋଇଥିଲା । ଯାଜପୁର କଚେରିରେ କିରାନି ଭାବେ ନିଯୁକ୍ତ ରହି ସେ କଟକ କଲେକ୍ଟରେଟକୁ ଆସି ସେଠାରେ ଚାକିରୀର କାର୍ଯ୍ୟକାଳ ୩୦ ବର୍ଷ ପୂର୍ତ୍ତି କରି ପେନସନ ନେଇଥିଲେ ।

ଚାକିରୀ ଜୀବନରେ ତାଙ୍କର ସଦାଚରଣ, ପ୍ରଜାମାନଙ୍କଠାରୁ ଏକ ପଇସା ଲାଞ୍ଚ ନନେବା, ଠିକ୍ ନ୍ୟାୟ ପଥରେ ଚାଲିବା ସେନେଇ ସେ

ତାଙ୍କ ସହଯୋଗିମାନଙ୍କ ତନ୍ମଧ୍ୟରେ କର୍ତ୍ତୃପକ୍ଷଙ୍କ ରୋଷରେ ବାରମ୍ବାର ଉଚ୍ଚ ପଦୋନ୍ନତି ଲଭିନଥିଲେ । ଏମନ୍ତ କି ୧୯୨୧ରେ ସେ ଜଣେ ସ୍ୱଳ୍ପ ବେତନଶ୍ରେଣୀ କର୍ମଚାରୀ ଥିବାରୁ ବର୍ଷାରୁ ରକ୍ଷା ପାଇବାକୁ ଝାମ୍ପି ମୁଣ୍ଡାଇ କଚେରୀକୁ ଆସିବା ଯୋଗ ଯେଉଁ ବିରୁଦ୍ଧାଚରଣ ତାଙ୍କ ପ୍ରତି କରାଯାଇଥିଲା ତାହା ପାଠକମାନେ ଏ ବହିର ୫୯୧ ପୃଷ୍ଠାରେ ପଢ଼ି ତାଙ୍କର ନିର୍ଭୀକ ସଦାଚରଣ ଏବଂ ସ୍ୱାଧୀନ ସ୍ୱଦେଶୀ ପିପାସାକୁ ସ୍ୱତଃ ପ୍ରଶଂସା କରି-ପାରିବେ ।

ଏହି ଘଟଣାରେ ସେ ଇଂରେଜ କଲେକ୍ଟରଙ୍କୁ ଟୋକଟୋକ ଜବାବ ଦେଇଥିଲେ—

'ମୁଁ ୩୪ ଟଙ୍କା ଦରମା ପାଏ । ସେଥିରୁ ୧୧ ଟଙ୍କା ଘରଭଡ଼ା, ବାକି ୨୩ ଟଙ୍କାରେ ମୋର ସ୍ତ୍ରୀ, ଦୁଇ ପୁଅ, ଦୁଇ ଝିଅ ମୁଁ ଓ ଚଳୁ । ଘୁଷ୍ ନେବି ନାହିଁ କି କରଜ କରିବି ନାହିଁ ବୋଲି ମୁଁ ପ୍ରତିଜ୍ଞାବଦ୍ଧ । ଦେଢ଼ଟଙ୍କା ଦେଇ ଛତାଟିଏ କିଣିଥିଲି, ତା ଚୋର ନେଲା । ଆଉ କିଣିବା ଶକ୍ତି ନାହିଁ । ତେଣୁ ଝାମ୍ପିଟିଏ ଦୁଇ ଅଣାରେ କିଣିଛି ।

ସେ ଗାନ୍ଧିବାଦୀ ବୋଲି ଯେଉଁ ଅଭିଯୋଗ ଆସିଥିଲା ତାଙ୍କ ସତ୍‌ସାହସ ଯୋଗ ସେଥିରୁ ସେ ମୁକ୍ତ ହେଲେ ।

୧୯୨୨ରେ ବ୍ରହ୍ମବିଦ୍ୟା ସମିତିର ସେ ସଭ୍ୟ ହୋଇଥିଲେ । ୧୯୨୫ ଡିସେମ୍ବର ୨୫ ରାତ୍ରି ୧୨ଟାରେ ତାଙ୍କର ସହଧର୍ମିଣୀଙ୍କ ମୃତ୍ୟୁ ହେଲା । ତେଣୁ ସେ ସମଗ୍ର ଜୀବନ ମୃତଦାର ରହିଥିଲେ ।

୧୯୨୭ରେ ବ୍ରହ୍ମବିଦ୍ୟା ସମିତିର ବାର୍ଷିକ ଉତ୍ସବ (କନଭେନସନ) ଦେଖିବାକୁ ମାନ୍ଦ୍ରାଜ ଆଡ୍ୟାର ଯାତ୍ରା କରିଥିଲେ । ଦେଶାଟନ ଯୋଗୁଁ କିଛି ଏକ ଅନୁଷ୍ଠାନ ଗଢ଼ି ନାରୀ ସମାଜର ସମୁନ୍ନତି କରିବେ, ଏହା ଫଳରେ ତାଙ୍କର ଇଚ୍ଛା ଜାଗ୍ରତ ହୋଇଥିଲା । କିନ୍ତୁ କିପରି କଣ କରିବେ ବାଟ ପାଉ ନଥିଲେ । ୧୯୩୦ରେ ସେ ପୁଣି ସେହି କନଭେନସନରେ ଯୋଗ ଦେବାକୁ ବନାରସ ଗଲେ । ସେଥିରେ ଯେଉଁସବୁ ବାଧାବି-

ମୂଳକ ପୂଜାପଦ୍ଧତି, ଧାର୍ମିକ ଅନୁଷ୍ଠାନ ଦେଖିଲେ ତାହା ଅନ୍ଧ-ବିଶ୍ୱାସରେ ସମାଚ୍ଛନ୍ନ ଜାଣି ସେ ଦଳ ପରିତ୍ୟାଗ କରିବାକୁ ବାଧ୍ୟ ହେଲେ ।

୧୯୩୦ ଅକ୍ଟୋବର ମାସରେ ସେ 'ନାମମଙ୍ଗଳ ସମିତି' ସ୍ଥାପନ କଲେ । ବହି ଖଣ୍ଡିଏ ମଧ୍ୟ ପ୍ରକାଶିତ କଲେ ।

୧୯୪୨ରେ ସେ ପେନସନ ନେଲେ ସାମନ୍ୟ ୩୫ ଟଙ୍କା ମାତ୍ର । ଏକକାଳୀନ ଯାହା ଗ୍ରାଚୁଇଟି ପାଇଲେ ତାହା ଘର ପିଲାଙ୍କୁ ସମାନ ଭାବରେ ବଣ୍ଟନ କରିଦେଲେ ।

୧୯୪୩ରେ ତାଙ୍କର ଗୀତା ପ୍ରତି ଆଶକ୍ତି ବଢ଼ିଥିଲା । ଗୀତାର 'ଅନୁଶୁଶ୍ରୁମ' ଶବ୍ଦ ଗୋଟିକ ଧେନ ସେ ଗୀତାର ଅନୁବାଦ ଏବଂ ତା ସମ୍ବନ୍ଧରେ ବିଭିନ୍ନ ରଚନାମାନ ଲେଖି ବାଣ୍ଟି ଚାଲିଲେ । ଏହା ମୃତ୍ୟୁ ପୂର୍ବ ଯାଏ ଚାଲିଥିଲା ।

୧୯୪୯ରେ ସେ 'ବିଶ୍ୱକଲ୍ୟାଣ' ସମିତି ସ୍ଥାପନ କଲେ । ୧୯୫୪ରେ 'ବିଶ୍ୱକଲ୍ୟାଣ' ନାମରେ ମାସିକ ପତ୍ର ଖଣ୍ଡିଏ ପ୍ରକାଶିତ କଲେ । ଏହି ସବୁ କାର୍ଯ୍ୟରେ ସେ ନିଜର ସ୍ୱଳ୍ପ ଅର୍ଜିତ ଧନ ହିଁ ବିନିଯୋଜିତ କରୁଥିଲେ ।

ତାଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ଆଦର୍ଶ ବିବାହ, ଯହିଁରେ ମୋଟେ ପାଞ୍ଚଟଙ୍କା ମାତ୍ର ଖର୍ଚ୍ଚ ହେବ । ଆଦର୍ଶ ଉପନୟନ, ସେହିପରି ଟଙ୍କାଏ ଖର୍ଚ୍ଚରେ ହୋଇପାରିବ । ଏଥିରେ ତାଙ୍କର ଲକ୍ଷ୍ୟ ଥିଲା ଯେଉଁ ଗରିବମାନେ ଧନବନ୍ତ ଲୋକଙ୍କ ଆଡ଼ମ୍ବର ପ୍ରତି ଇର୍ଷା କରି ଜମି ବିକ୍ରି ପ୍ରାଧାନ୍ୟ ସୃଷ୍ଟି କରି ନବଜାତ ଶିଶୁକୁ ଦୁଗ୍ଧ ଟିକେ ଦେବାକୁ ଅକ୍ଷମ ହେଉଛନ୍ତି, ସେମାନଙ୍କୁ ସୁଖି କରିପାରିବା । ନଚେତ ସେ ସୁଖ ସମ୍ଭୋଗର ବିରୋଧି ନଥିଲେ । ଏପରି ବିବାହ ଏବଂ ଉପନୟନ କେତେଗୋଟି ସେ କରି ପାରିଥିଲେ । ଏହି ହେଲା ପ୍ରଥମ ଭାଗ ଗ୍ରନ୍ଥାବଳୀର ବିବରଣୀ ।

ଦ୍ୱିତୀୟ ଭାଗରେ ସେ ଗୀତା ଯେନ ଗୀତା ପରିଚୟ, ଗୀତା-ବୁଝିବା ପ୍ରଣାଳୀ, ଗୀତାର ନୂତନ ସତ୍ୟ, ଗୀତାର ସାରକଥା ସହିତ ସଂପୂର୍ଣ୍ଣ ଗୀତା ଗ୍ରନ୍ଥଟିକୁ ନିଜେ ଅନୁବାଦ କରିଥିବା ଦେଖାଯାଏ ।

ଗୀତା ଧରଣୀର ବହୁ ମନସ୍ୱୀ, ବିଜ୍ଞ ବ୍ୟକ୍ତି କାଳ କାଳ ଧରି ଟୀକା କରି ଚାଲିଆସୁଛନ୍ତି, ଏବେ ମଧ୍ୟ କରିଚାଲିଛନ୍ତି । ଭାରତରେ ଦାର୍ଶନିକ ରାଧାକୃଷ୍ଣନ, ଯୋଗୀ ଅରବିନ୍ଦ, ବ୍ରହ୍ମବାଦିନୀ ଆନିବେଶାନ୍ତ, ମହାତ୍ମା-ଗାନ୍ଧି, ଲୋକମାନ୍ୟ ବାଳଗଙ୍ଗାଧର ତିଲକ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ବରେଣ୍ୟ ବ୍ୟକ୍ତିମାନେ ଏ କାଳରେ ଯେପରି ଟୀକାମାନ କରିଛନ୍ତି, ସେପରି ଶଂକର, ରାମାନୁଜ, ଶ୍ରୀଧର ସ୍ୱାମୀ ପ୍ରଭୃତି ଯୋଗଜନ୍ମା ଧର୍ମ ପ୍ରଚାରକମାନେ କରିଯାଇଛନ୍ତି । କିନ୍ତୁ ମିଶ୍ରଙ୍କ 'ଅନୁଶୁଶ୍ରୁମ' (୧ମ ଅଧ୍ୟାୟ ୪୪ ଶ୍ଳୋକରେ ଥିବା) ଏକ ସ୍ୱତନ୍ତ୍ରତା ନିଶ୍ଚିତ ଦାବୀ କରିବସିଛି । 'କୁସଂସ୍କାର ଯୁଗ ଯୁଗ ଧରି ରହି ଆସିଛି' ଏହାର ସାକ୍ଷ୍ୟ ନିପୁଣଭାବେ ସେହି 'ଅନୁଶୁଶ୍ରୁମ' ପଦଟିରେ ସେ ଥିବା ଯେ ଲକ୍ଷ୍ୟ କରିଛନ୍ତି ସ୍ଥା ଅତି ସତ୍ୟ ।

ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ
ନରକେ ନିୟତଂ ବାସୋ ଭବତୀତି-ଅନୁଶୁଶ୍ରୁମ ।

ଅର୍ଜୁନ କହିଲେ — ହେ ଜନାର୍ଦ୍ଦନ ! କୁଳଧର୍ମ ଉତ୍ସନ୍ନ ହେଲେ ମନୁଷ୍ୟମାନଙ୍କର ନିୟତ ନରକ ବାସ ହୁଏ । ଏହା ଆମ୍ଭେମାନେ ଶୁଣି ଆସୁଅଛୁଁ ।

ମିଶ୍ରେ କହନ୍ତି —

'ଏହି ସରଳ କଥାଟି "ଆମ୍ଭେ ଶୁଣି ଆସୁଅଛୁଁ" ଅର୍ଜୁନଙ୍କ ମୁହଁରେ କୁହାଇବା ଦ୍ୱାରା ଅନ୍ଧ ଅନୁସରଣ ଉପରେ ପ୍ରତିଷ୍ଠିତ ତଥା-କଥିତ ଧର୍ମ ରାଜ୍ୟରେ ଗୀତାକାର ଯେଉଁ ବିପ୍ଳବ ସୃଷ୍ଟି କରି ଯାଇଛନ୍ତି, ତାହାଦ୍ୱାରା ତାଙ୍କର ଜଗଦ୍‌ଗୁରୁ ଆଖ୍ୟାର ସଂପୂର୍ଣ୍ଣ ପରିଚୟ ଦେଉ-ଅଛି ।'

ଟସ କହନ୍ତି —

ଅନୁଶୁଶ୍ରୁମ କଥାଟି ଯେପରି ଗୀତାର ମୂଳମନ୍ତ୍ର, ଗୀତାର 'ସର୍ବଧର୍ମାନ୍ ପରିତ୍ୟଜ୍ୟ' କଥାଟି ସେପରି ଶେଷ ମନ୍ତ୍ର । ଅନୁଶୁଶ୍ରୁମ ବିରୁଦ୍ଧରେ ସଂଗ୍ରାମ କରିବା ଓ ଅନୁଶୁଶ୍ରୁମ ଉପରେ ପ୍ରତିଷ୍ଠିତ ସବୁପ୍ରକାର ଧର୍ମ ପରିତ୍ୟାଗ କରିବା ଏ ଦୁହେଁ ଏକା କଥା ।

ଶ୍ରୀଯୁକ୍ତ ବୈରାଗୀ ବାବୁ ଜ୍ଞାନ ରାଜ୍ୟର ବିଶ୍ଳେଷଣରେ ପୂର୍ବ ଜୀବନ ବ୍ୟାପୀ ଯେଉଁ ସାଧନା କରିଯାଇଛନ୍ତି, ତାହା ପାଞ୍ଚ ଦଶ ଧାଡ଼ିରେ ବ୍ୟକ୍ତ କରିବା ଅସମ୍ଭବ । ପାଠକମାନେ ନିଜେ ତାହା ପାଠ କରି ହୃଦ୍‌ବୋଧ କରିବାକୁ ନିମନ୍ତ୍ରଣ କରାଯାଉଅଛି ।

ଘଟଣା ଚକ୍ରରେ ପୂର୍ବ ୪୦ ବର୍ଷ ଧରି ମୁଁ ତାଙ୍କର ଅତି ଆପଣାର ଥିଲି । ତାଙ୍କ ବଡ଼ପୁଅ ସ୍ୱର୍ଗତ ଶରତଚନ୍ଦ୍ର ମୋର ବୟସୀ, ସାଥି, ଅନ୍ତରଙ୍ଗ ଥିଲି । ମୁଁ କଟକରେ ଥିବାବେଳେ କିଛିଦିନ ତାଙ୍କ ବସାରେ ରହିଥିଲି । ୧୯୩୦ରେ ମୋର ଉଦ୍ୟମରେ 'ନାରୀମଙ୍ଗଳ ସମିତି' ସେ ଗଠନ କରିଥିଲେ । କବିତାଟି ମଧ୍ୟ ମୁଁ ସଂକଳନ କରି ଦେଇଥିଲି । ମୋର ଏକ କବିତା ସେଥିର ପ୍ରଥମରେ ସ୍ଥାନ ପାଇଥିଲା । କିନ୍ତୁ ତାଙ୍କର 'ବିଧବା ବିବାହ' ମତରେ ମୁଁ ଏକମତ ନଥିବାରୁ ସେ ମୋର ନାମ ତାଙ୍କ ଗ୍ରନ୍ଥରେ ବ୍ୟବହାର କରିବାକୁ ଇଚ୍ଛା କରିନଥିଲି । ମୋର ମତ ଥିଲା—

କେବଳ ବିଧବା ଇଚ୍ଛା କରି ବିବାହ ହେଲେ ହେଉ, କିନ୍ତୁ ପ୍ରଚାର ବଳରେ, ପ୍ରବର୍ତ୍ତନା ବଳରେ ବିଧବା ମାନେ ପୁନର୍ବିବାହ କରିବେ ଏହା କଦାପି ସମର୍ଥନ ଯୋଗ୍ୟ ନୁହେଁ । ବୈଧବ୍ୟ ପରେ ତ୍ୟାଗ ସ୍ୱୀକାର ପଦ୍ଧତି ଏବଂ ଅପୂର୍ବ ସାଧନା ସମାଜରୁ ତିରୋହିତ ହେଲେ, ସମଗ୍ର ସମାଜ ଭ୍ରଷ୍ଟାଚାରରେ କଳୁଷିତ ହେବ । ମୋର ଜନନୀ ୩୭ ବର୍ଷ ବୟସରେ ବିଧବା ହେଲେ । ତାଙ୍କ ପରି ସ୍ୱାସ୍ଥ୍ୟବତୀ ସୁନ୍ଦରୀ, ସୁଶୀଳା ନାରୀ କ୍ୱଚିତ ଦେଖାଯାନ୍ତି । ଏହି ବୈଧବ୍ୟାଚରଣୀର ତପସ୍ୟା ସେ କାଳେ ଆମ

ଅଞ୍ଚଳକୁ ସ୍ତମ୍ଭିତ କରି ଦେଇଥିଲା । ତାଙ୍କର ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ ଭ୍ରଷ୍ଟ ହେବାରୁ ସେ ବୈଧବ୍ୟାହାରକୁ ମଧ୍ୟ ସଂକୁଚିତ କରି ଚଳୁଥିଲେ ।

ଏହାହିଁ ତଦାନୀନ୍ତନ ସମାଜର ପ୍ରଥା ରହିଥିଲା । ସ୍ୱଳ୍ପଭାଷିତା ସଦାଚରଣ, ପୁରାଣ ଶ୍ରବଣ, ଦେବାରାଧନା, ନିର୍ଜଳ ଏକାଦଶୀ ବ୍ରତ, ଷଡ଼୍‌ଜସ୍ପୃଷ୍ଟ ଉପବାସ ମଧ୍ୟରେ ତାଙ୍କର କଠୋର ନିଷ୍ଠା ଦେଖି ସେ ତତ୍କାଳୀନ ପଣ୍ଡିତ ମଣ୍ଡଳରେ ଏପରିକି ସର୍ବସାଧାରଣରେ ଏକ ଜୀବନ୍ତ ଦେବୀ ହୋଇ ପାରିଥିଲେ । ତାଙ୍କୁ ଦେଖିବା ମାତ୍ରେ ଅନ୍ୟାୟ ଅବା ତ୍ରାସଗ୍ରସ୍ତ ହେଉଥିଲା । ସେ ଏକା ନୁହନ୍ତି ବିଭିନ୍ନ ସମାଜରେ ଅସଂଖ୍ୟ ବୈଧବ୍ୟାଚାରିଣୀ ଥିଲେ, ଯେଉଁମାନଙ୍କ ଲାଗି ସମାଜରେ ବ୍ୟଭିଚାରର ନାମ ଶୁଣାଯାଉନଥିଲା । ତେଣୁ ମୁଁ ସେଥିରେ ବିରୋଧୀ ଥିଲି । ଏବେ ମଧ୍ୟ ଅଛି । ବିଧବା ଲକ୍ଷ୍ମୀବାଈ, ବିଧବା ଅହଲ୍ୟାବାଈ ଏ ଦେଶରେ ପ୍ରାତଃ ସ୍ମରଣୀୟା ଥିଲେ ।

କିନ୍ତୁ ସେ କହୁଥିଲେ – ବୈଧବ୍ୟଠାରୁ ନଯାଣ୍ଡତ ଦୁଃଖ ନାରୀ ପକ୍ଷରେ ଅଧିକ ନାହିଁ । ଯେବେ ନାରୀ ବିଧବା ହେଲେ ପୁନର୍ବିବାହ ନ କରିବେ, ତେବେ ମୃତଦାର ମାନେ ଅବିବାହିତ ରହନ୍ତୁ ।

ଏ କ୍ଷେତ୍ରରେ ମିଶ୍ରେ ଶହ ଶହ ବିଧବାଙ୍କୁ ବିବାହ ଦେଇ ସୁଖୀ କରିଥିବା କଥା ଅତି ସତ୍ୟ । ଏପରିକି ତାହା ଚଳାଇବାରେ ତାଙ୍କର ସାହସିକ ପଦକ୍ଷେପକୁ ଧନ୍ୟ ଧନ୍ୟ କରାଯାଏ । ଉତ୍କଳୀୟ ସ୍ମୃତି ଶାସ୍ତ୍ରର ସଂଖ୍ୟା ଅଗଣିତ । ଶତାନନ୍ଦ ଆଚାର୍ଯ୍ୟ, ଶମ୍ଭୁକର ବାଜପେୟୀ, ଗଦାଧର ରାଜଗୁରୁ, ନୃସିଂହ ବାଜପେୟୀ, ବିଦ୍ୟାକର ବାଜପେୟୀ, ଦିବ୍ୟସିଂହ ମହାପାତ୍ର, କାଳିଦାସ ଚୟନୀ, ରାମଚନ୍ଦ୍ର ବାଜପେୟୀ, ବୃହଟ୍ଟି ସୁରି, ବିଶ୍ୱନାଥ ମିଶ୍ର, ମହାମହୋପାଧ୍ୟାୟ କୃଷ୍ଣ ମିଶ୍ର, ଗୋଦାବର ରାଜଗୁରୁ, ବର୍ଦ୍ଧନ ରାଜଗୁରୁ ଇତ୍ୟାଦି ଅସଂଖ୍ୟ ଗୀର୍ବାଣ ବାଚସ୍ପତିଙ୍କ ସ୍ମୃତି ସଂହିତାରେ ସେମାନେ କି ମୀମାଂସା ଦେଇଥିଲେ, ତାହା ଦେଶ ସ୍ୱାଧୀନ ହେବାର ୨୩ ବର୍ଷ ମଧ୍ୟରେ ମଧ୍ୟ ପ୍ରକାଶିତ ନହେଲା । ଆଜି ଅଷ୍ଟାଦଶ ଶତାବ୍ଦୀର ଜଣେ ମାତ୍ର ବଙ୍ଗୀୟ ରଘୁନନ୍ଦନଙ୍କୁ ବିଶ୍ୱ କେବଳ ଚିହ୍ନେ ସ୍ମୃତିକାର ଭାବରେ । ସେ କି କେବଳ ବଙ୍ଗବାସୀଙ୍କ ଲକ୍ଷରେ ତାଙ୍କ ରଚନା ଲିପିବଦ୍ଧ କରି ଅବାଂଛିତ ଦଶଭୁଜା ଦୁର୍ଗା ପୂଜାକୁ ମଧ୍ୟ

ସ୍ୱୀକୃତି ଦେଇଅଛନ୍ତି । ଅଥଚ ଏ ମହାଜନମାନେ ଆଉ କେତେ କାଳ ଲୁଚି ରହିବେ କିଏ ଜାଣେ ? ଏସବୁ ସ୍ମୃତି ଶାସ୍ତ୍ର ମିଶ୍ରେ ଦେଖିବାକୁ ପାଇଥିଲେ ତାଙ୍କର ବିଚାର ଧାରାରେ ଏକ ଅଭିନବତା ନିଶ୍ଚୟ ଜନ୍ମିଥାନ୍ତା । କାରଣ ଉତ୍କଳର ସାମାଜିକ ପ୍ରଥା ସମଗ୍ର ଭାରତଠାରୁ ଯେ ସ୍ୱତନ୍ତ୍ର ଥିଲା, ତାର କାରଣ କଣ ଜଣାଯାଇଥାନ୍ତା । ସମଗ୍ର ଭାରତ-ବର୍ଷରେ ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ବାଲୁତ କନ୍ୟା ବିବାହ ଯେପରି ବାଧ୍ୟତାମୂଳକ ଥିଲା, ସେପରି ବୈଧବ୍ୟ ବାଧ୍ୟତାମୂଳକ ଥିଲା । କିନ୍ତୁ ଉତ୍କଳରେ ବ୍ରାହ୍ମଣେତର ସମଗ୍ର ଜାତିରେ ବିଧବାମାନେ ଇଚ୍ଛା କଲେ ଦ୍ୱିତୀୟ ସ୍ୱାମୀ ଗ୍ରହଣ କରିପାରିବେ ବ୍ୟବସ୍ଥା ରହି ଆସିଥିଲା । କ୍ଷତ୍ରିୟ, କାୟସ୍ଥ, କେତେକ ବୈଶ୍ୟ, ଖଣ୍ଡାଏତ, ଯୁବତୀ-ବିବାହ ଦେଉଥିଲେ ଏବଂ ପ୍ରତିଷ୍ଠା ଉଦ୍ଦେଶ୍ୟରେ ବୈଧବ୍ୟକୁ ବାଧ୍ୟତା ମୂଳକ ମାନୁଥିଲେ । କିନ୍ତୁ ନିଷ୍ଠା, ବ୍ରାହ୍ମଣ ସମାଜ ପଣ ରଖିବାକୁ ସେମାନେ ବାଧ୍ୟ ନଥିଲେ । ବ୍ରାହ୍ମଣ ବିଧବା ବର୍ଷରେ କାର୍ତ୍ତିକ, ମାଘ, ବୈଶାଖ ଏ ତିନିମାସ ନିର୍ଜଳା ଏକାଦଶୀ ବ୍ୟତୀତ ଏକାହାର କରିବାକୁ ବାଧ୍ୟ ଥିଲେ । ଆହାର ମଧ୍ୟରେ ଅରୁଆ ଅନ୍ନ, ହବିଷ୍ୟ ସାରୁ, ବନ୍ୟ କଦଳୀ, ଅଦା, ନଡ଼ିଆ, ଗୋଟା ମୁଗ, ଓଉ, ଘୃତ, ଦଧି, ଲବଣ, ଅଗସ୍ତି ଶାଗ କେବଳ ମାତ୍ର ବ୍ୟବହାର କରୁଥିଲେ । ବ୍ୟଞ୍ଜନ ଅଫୁଟା ରହୁଥିଲା । ଏହି ଭୋଜନ ବେଳେ ବିଭ୍ରାଟ ଘଟିଲେ ବା ଧାର୍ଯ୍ୟମାତ୍ର ଖିଲାପ ହେଲେ ବ୍ରତ ଉପବାସ ରହିବାକୁ ବାଧ୍ୟ ହେଉଥିଲେ ।

ଦୈନିକ ଖାଦ୍ୟରେ ଆମିଷ ତ ନାହିଁ, ତାଛଡ଼ା ଅନେକ ଶାକ ଶବ୍‌ଜି ମଧ୍ୟ ଆମିଷ ଭାବେ ତ୍ୟାଗ କରୁଥିଲେ । ଯେପରି ଶଜନା ଶାଗ, ଡା ଫଳ, ସୁନୁସୁନିଆ ଶାଗ, ପିଆଜ, ରସୁଣ, କୋବି ଆଦି ପରବର୍ତ୍ତୀ ବୈଦେଶିକ ଫଳ ମୂଳ ଇତ୍ୟାଦି । ବର୍ଷର ୨୪ ଏକାଦଶୀ ନିର୍ଜଳ ଭାବେ ପାଳନ କରୁଥିଲେ । ଏପରିକି ସେଦିନ ମଲେ କାନରେ ପାଣି ଦିଆଯାଉ ଥିଲା ।

ନୃତ୍ୟ, ଗୀତ, ଅଭିନୟ, ଯାତ୍ରା, ଉତ୍ସବ ବିସର୍ଜନ କରିବା ବାଧ୍ୟତାମୂଳକ ଥିଲା । ସମଗ୍ର ଶରୀର ନିରଳଂକାର ରହିବା, ସମସ୍ତ ଅଂଶ ଶ୍ୱେତ ଥିବା ବସ୍ତ୍ର ପରିଧାନ କରିବା, ଏପରିକି କର୍କଶ ଭୂମି ଶଯ୍ୟାରେ

ଶଯୂନ କରବା ପ୍ରଥା ଉଚ୍ଛି ଆସିଥିଲା । ଏପରି ଦେଖାଯାଇଛି ରଜା ଜମିଦାର ଘରର ଅନେକ କ୍ଷତ୍ରିୟ, କାୟସ୍ଥ ବଧୂ ମଧ୍ୟ ସଦାଚାରିଣୀ ବ୍ରାହ୍ମଣୀର ଅନୁକରଣରେ ଏପରି ବାଧ୍ୟତାମୂଳକ ବ୍ୟବସ୍ଥା ଗ୍ରହଣ କରି ଜୀବନକୁ କୌଣସି ପ୍ରକାରେ କଟାଇ ଦେଇଛନ୍ତି । (ଗଜପତି ସମ୍ରାଟ ଅନଙ୍ଗଭୀମ ଦେବଙ୍କ କେମା ଯେଉଁ ବଣ୍ଟ୍ରଦର୍ଶୀ ଥିବା କଥା ଇତିହାସ ପ୍ରସିଦ୍ଧ, ଯାହାଙ୍କ ପାଇଁ ଶିଳାଲିପିରେ ଲେଖାଅଛି, 'ଗୀତଜ୍ଞ ଲୟ, ତାଳ, ନର୍ତ୍ତନ କଳା କୌଶଲ୍ୟ-ଲୀଳାଳୟା' ଅର୍ଥାତ୍ ଯେ ସଙ୍ଗୀତ, ଲୟ, ତାଳ, ନୃତ୍ୟ କଳା କୌଶଳ ଲୀଳାର ଗୃହ ସ୍ୱରୂପିଣୀ ଥିଲେ, ସେ ତାଙ୍କ ଭାଇ କୋଣାର୍କ ନିର୍ମାତା ନରସିଂହଦେବଙ୍କ ଯୋଗୁଁ ଅନନ୍ତ ବାସୁଦେବ ମନ୍ଦିର ପ୍ରତିଷ୍ଠା କରି ସେଇଠି ସମଗ୍ର ଜୀବନକୁ କଠୋର ବୈଧବ୍ୟ ବ୍ରତରେ ରକ୍ଷି ବିତାଇ ଦେଇଥିଲେ । ବିବାହର ଅଳ୍ପଦିନ ପରେ ତାଙ୍କ ସ୍ୱାମୀ ପରମର୍ଦ୍ଦି ଦେବ ଯୁଦ୍ଧରେ ହତ ହେବା ଯୋଗୁଁ ସେ ଏ ଆଦର୍ଶ ଦେଖାଇ ଯାଇଥିଲେ ।)

ବୈରାଗୀ ବାବୁ ଯେଉଁ ସମୟରେ ଯେଉଁ ସବୁ ଘଟଣାରେ ବିଧବା ବିବାହ ପ୍ରତି ଆକୃଷ୍ଟ ହେଲେ ସେତେବେଳେ ସମାଜର ପରଂପରା ଅବଶ୍ୟ ଧ୍ୱଂସ ହୋଇ ଯାଇଥିଲା । ତେଣୁ ସେ ଏହା କରିବାକୁ ବାଧ୍ୟ ହେଲେ ଏବଂ ଜୟଯୁକ୍ତ ମଧ୍ୟ ହେଲେ ।

ବିବାହ ଆଳରେ କୌଣସି ସମ୍ଭୋଗ ମନୋବୃତ୍ତିକୁ ସେ ସହି ପାରୁନଥିଲେ । ତାହା ଏକାନ୍ତ ଅନାବଶ୍ୟକ ବୋଲି ସେ ଭାବୁଥିଲେ । ପ୍ରକାରାନ୍ତରରେ ତା ମଧ୍ୟ ସତ୍ୟ ଥିଲା । ବାଣ ଫୁଟାଇ ଅଯଥା ଗୁଡ଼ାଏ ଖର୍ଚ୍ଚରେ ପଟୁଆର ଦେଖାଇ ଲୋକେ ସର୍ବସ୍ୱାନ୍ତ ହେଉଥିଲେ । ତଥାପି ମୁଁ ଯୁକ୍ତି କଲି—ତେବେ କଣ ସୁଖ ସମ୍ଭୋଗ ସମାଜରୁ ଏକାବେଳେ ଧ୍ୱଂସ କରି ଦିଆଯିବ ? ନୀରସ, ଶୁଷ୍କ ଜୀବନହିଁ ଧ୍ୟେୟ ହେବ ? ତେବେ ଫୁଲ ବଗିଚା କାହିଁକି ରହିବ ! ପ୍ରାକୃତିକ ଦୃଶ୍ୟାବଳୀ, ପକ୍ଷୀର ମିଷ୍ଟ କାକଳୀ ମଣିଷ ପୁଣି କାହିଁକି ଦେଖିବ ଓ ଶୁଣିବ ? ଏସବୁ ଐଶ୍ୱରିକ ହେଉ ବା ବୈଜ୍ଞାନିକ ହେଉ ସୃଷ୍ଟିର ଏ ମାଧୁର୍ଯ୍ୟ ତ ଭ୍ରଷ୍ଟ ହେବନାହିଁ ? ଊଷାଲୋକ ଆରମ୍ଭରୁ ନୂତନ ସୂର୍ଯ୍ୟର ଉଦୟ ଯାଏ ଯେଉଁ ମଧୁର ସମାବେଶ, ଯେଉଁ ପ୍ରଭାତଜାତ ଛଟାବଳୀ ଦୃଷ୍ଟିକୁ ଆସେ, ଯେଉଁ ମଧୁର

ଧ୍ୱନି କର୍ଣ୍ଣ ଶୁଣେ, ଯେଉଁ କୋମଳ ସ୍ପର୍ଶ ସ୍ପର୍ଶେନ୍ଦ୍ରିୟ ଗ୍ରାହ୍ୟ କରେ, ଯେଉଁ ସୁଗନ୍ଧ ନାସା ପଥ ଆକୁଳିତ କରିଦିଏ, ସେଥିରେ ସଂଯମୀ, ତ୍ୟାଗୀ, ତିତିକ୍ଷୁ ଜଣ ଦୂରେଇ ରହିବେ । କୁସଂସ୍କାରକୁ ଆପଣ ଘୃଣା କରିବେ ସିନା । ଯେଉଁଠି ସଂଯମ ପରଂପରାର ନିଷ୍ଠା ଅଙ୍କିତ, ତାହା ଆପଣ କିପରି ଭ୍ରଷ୍ଟ ହେବାକୁ କହିବେ ?

ସେ ଏସବୁ ଯୁକ୍ତି ପରେ ସ୍ୱୀକୃତ ହେବାରୁ ଆମେ ଆମର ତୃତୀୟ ପୁଅ ପ୍ରିୟସୁନ୍ଦର ବ୍ରତଘରକୁ ଆସିବାକୁ ତାଙ୍କୁ ନିମନ୍ତ୍ରଣ କରିଥିଲୁଁ । ସେ ତଥାପି ବିବ୍ରତ ଥିଲେ ଯେ, ତାଙ୍କର ପ୍ରତିଷ୍ଠିତ ମଠରେ ବିପୁଳ ଭ୍ରଷ୍ଟତା ସେ କିପରି ବା ସେଠାରେ ଦେଖିବେ । ପୁଣି ଆମ ଦୁହିଁଙ୍କଠି ତାଙ୍କର ଅପାର ସ୍ନେହ । କଣ କରିବେ ? ଲେଖିଲେ ୮।୩।୫୦ ବ୍ରତ ଘର ଦିନ ନ ପହଞ୍ଚି, ମୁଁ ନିଶ୍ଚିତ ୧୪।୩।୫୦ରେ ପହଞ୍ଚିବି । ଫଳରେ ଆମ୍ଭେମାନେ ଉକ୍ତ ଦିବସ ସାତମଙ୍ଗଳା ପଡ଼ୁଥିବାରୁ ଆମର ସାଧାରଣ ଭୋଜିଭାତ ଓ ରାଜାଙ୍କର ନବୀନ ବ୍ରହ୍ମଚାରୀଙ୍କୁ ସାକ୍ଷାତ ଦେବା ଆଦି ଘଟଣା ଅଟକାଇ ରଖିଲୁଁ ।

ପୂଜ୍ୟ ଅତିଥି ବୈରାଗୀ ବାବୁ ହସ ହସ ମୁହଁରେ ୧୪।୩।୫୦ ମଙ୍ଗଳବାର ଅପରାହ୍ଣରେ ମୋ ଦୁଆରେ ବସରୁ ଓହ୍ଲାଇଲେ । ମୋ ବଡ଼ ପୁଅ ପ୍ରେମସୁନ୍ଦର (ଯେ ୧୯୫୩ ଜୁଲାଇ ୨୬ ରବିବାର ସ୍କଟିସ ଚର୍ଚ୍ଚ କଲେଜରେ ବି. ଏ. ପଢ଼ୁଥିବା ବେଳେ ଗଙ୍ଗାରେ ବୁଡ଼ିଗଲା) ତାଙ୍କର ଶୁଶ୍ରୂଷା, ଆତିଥ୍ୟ ଦେଇ ତାଙ୍କୁ ମୁଗ୍ଧ କରିଦେଲା । ତାଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ, ଖଟ, ଶଯ୍ୟା, ସୁରେଇ, ଗ୍ଲାସ, ଲୋଟା, କାଚ୍ଛି ବହିପତ୍ର ଏବଂ ଗୋଟିଏ ଚାକର ଟୋକାର ବ୍ୟବସ୍ଥା ହୋଇଥିଲା । ସେ ଟିକେ ବିଶ୍ରାମ କରିଥିବା ବେଳେ ଦେଖିଲେ ମୋ ଦୁଆରେ ମନୋରମ ତେଲଙ୍ଗି ବାଦ୍ୟ ବାଜି ଉଠିଲା । ହୁଳହୁଳି ଶଙ୍ଖ ଧ୍ୱନି ହେଲା । ସୁନ୍ଦର ସୁକୁମାର ମୁଣ୍ଡିତକେଶ ବ୍ରହ୍ମଚାରୀ 'ପ୍ରିୟସୁନ୍ଦର' ପଳାଶ ଦଣ୍ଡ କାନ୍ଧରେ ଥୋଇ ବାହାରିଲେ । ଆନନ୍ଦ କୋଳାହଳ ଧ୍ୱନି ମଧ୍ୟରେ ବେଦର 'ଆଶୁଃ ଶିଶାନୋ ବୃଷଭୋନ ଭୀମୋ' ମନ୍ତ୍ର ଗାଇ ବ୍ରାହ୍ମଣ ପଣ୍ଡିତଗଣ ବିଶେଷରେ ପଣ୍ଡିତବର କପିଳେଶ୍ୱର ବଡ଼ପଣ୍ଡା (ମୋର ପୂଜ୍ୟ ଶ୍ୱଶୁର)ଙ୍କର ତେଜୋଦୀପ୍ତ ବାଣୀ ଶୁଣି, ସଂଯମିତ ଜନସମାଜର ବିପୁଳ

ସମ୍ବର୍ଦ୍ଧନା ସେନ୍ତ ରାଜପଥରେ ଉପନୀତ ଶିଶୁଟି ଯାଉଥିବା ଦେଖି ବୈରାଗୀ ବାବୁ କଣ ଭାବିଲେ ସ୍ୱତଃ ସେ ଦଳରେ ଯୋଗ ଦେଲେ । ପଛୁଆଉ ରାଜଦ୍ୱାରରେ ପହଞ୍ଚିଲୁ । ସିଂହଦ୍ୱାରଠାରୁ ରାଜାଙ୍କ ପ୍ରତିହାରୀ ଆମ୍ଭମାନଙ୍କୁ ନେଇ ଦ୍ୱିତଳରେ ଏକ ଦରବାର ହଲରେ ପଡ଼ିଥିବା ସ୍ୱତନ୍ତ୍ର ଗାଲିଚାରେ ବସାଇଦେଲା । ହଠାତ୍ ରାଜା ବିଜେ ହେଲେ । ସେ ଦଣ୍ଡାୟମାନ ଅବସ୍ଥାରେ ଶିଶୁ ବ୍ରହ୍ମଚାରୀଙ୍କୁ ଏବଂ ଆମ୍ଭମାନଙ୍କୁ ସ୍ୱତନ୍ତ୍ର ଭାବରେ ନିଜର ପ୍ରଣତି ଜଣାଇଲେ । ଉପନୟନ ଶେଷରେ ରାଷ୍ଟ୍ରର ସର୍ବୋଚ୍ଚ କର୍ତ୍ତା ଏହି ଭାବରେ ଏହି ନୂତନ ବ୍ରହ୍ମଚାରୀଙ୍କୁ ତାଙ୍କର ପୂଜ୍ୟ ବୋଲି ମାନି ନେଲେ । ତେଣୁ ଏଣିକି ରାଷ୍ଟ୍ରର ୩୬ ପ୍ରାଟକଙ୍କ ମଧ୍ୟରେ ମଧ୍ୟ ଏ ବ୍ରହ୍ମଚାରୀ ପୂଜ୍ୟ ବୋଲି ପ୍ରସିଦ୍ଧ ହେଲେ । ପରିତପ୍ୟାଦ ଶିକ୍ଷାରମ୍ଭ ଶେଷରେ ସନ୍ଧ୍ୟା, ଗାୟତ୍ରୀ, ପ୍ରାଣାୟାମ, ମନ୍ତ୍ରମ୍ନ, ପଞ୍ଚଦେବତା ଅର୍ଚ୍ଚନା, ସତ୍ୟ କହିବା, ବିଦ୍ୟାଧ୍ୟୟନରେ ନିରନ୍ତର ମନଦେବା, ଜୀବ ପ୍ରତି କରୁଣା କରିବା, ସମସ୍ତଙ୍କୁ ସମାନ ବୋଲି ମନେ କରିବା ଆଦି ସଦ୍‌ଗୁଣ ସେନ୍ତ ଏଠାରେ ଚର୍ଚ୍ଚା ଚାଲିଲା ।

ବୈରାଗୀ ବାବୁଙ୍କୁ ରାଜା ଯୋଗଜନ୍ମା ସଂସ୍କାରକ ବୋଲି ସମ୍ମାନିତ କରନ୍ତେ ପଣ୍ଡିତମାନେ 'ପ୍ରମାଣ' ବୋଲି ଧ୍ୱନି କରିଥିଲେ ।

ବୈରାଗୀ ବାବୁ ୩୧।୩।୫୦ ଯାଏ ମୋ ଘରେ ରହିଲେ ଏବଂ ସମଗ୍ର ନରସିଂହପୁର ଦେଖିଲେ । ବିଦାୟ ପରେ କଟକରୁ ଲେଖିଥିଲେ ମୋ ପତ୍ନୀଙ୍କୁ—

କନକ ମଞ୍ଜରୀ,

ମୁଁ ତୁମ ଦୁହିଁଙ୍କ ମନୋରମ ଶାନ୍ତିନୀତି ପ୍ରମାଦ ଜନକ କହୁନାହିଁ । ମୁଁ ଭୋଗବିଳାସର ଶତ୍ରୁ ନୁହେଁ । କିନ୍ତୁ ଅଭିମାନ ବୃଥାଡମ୍ବରର ବିରୋଧି । ବଡ଼ ଆନନ୍ଦିତ ହେଲି । ତୁମ ଦୁହିଁଙ୍କଠାରେ ସେ ଦୁର୍ଗୁଣ ଦେଖିଲି ନାହିଁ । ତୁମେ ନିଜ ବୁଦ୍ଧିରେ ନିର୍ଦ୍ଦୋଷ ଜୀବନ କଟାଉଥିବା ଦେଖି ଆସିଲି । ଯାହା ଲୋକଙ୍କଠାରୁ ବୁଝିଲି ତୁମେ ତୁମ ପରଂପରା ଥିବା ପ୍ରାଧାନ୍ୟ ବହୁତ କିଛି କମାଇଛ । ଆହୁରି, ଅଧିକ କିଛି କମାଅ । ମୋ ମତରେ ମାସରେ ଅନ୍ତତଃ ୫ ହେଉ ୨୫ ହେଉ S. B. ବହିରେ ଜମା ରଖ । ଗୋଟିଏ ବର୍ଷ ରହିଲେ ତାର ସୁଫଳ ଜାଣିପାରିବ ।

ରଜାମାନଙ୍କ ସମ୍ବନ୍ଧରେ ଯାହା ଜାଣିଥିଲି ତା ଧାରଣା ଥିଲା, ଅନେକାଂଶରେ ମତ ବଦଳାଇବାକୁ ପଡ଼ିଲା । ଦେଖିଲି ତୁମ ଶ୍ୱଶୁର ଏତେ ବୃଦ୍ଧ ହୋଇ ମଧ୍ୟ ଏକାବେଳେ ଏ ଯୁଗର ଲୋକପରି ମନେ ହୁଅନ୍ତି । × × ×

ସେ ନରସିଂହପୁର ହାଇସ୍କୁଲରେ ଏକ ବକ୍ତୃତା ଦେଇ ଯାବତୀୟ ଅନ୍ଧବିଶ୍ୱାସ ଅନ୍ଧାନୁସରଣ'ରୁ ମୁକ୍ତ ହେବାକୁ ଉଦ୍‌ବୋଧିତ କରିଥିଲେ ।

ଆମ ପରିବାର ସଂପୂର୍ଣ୍ଣରୂପେ ନରସିଂହପୁର ଛାଡ଼ି ୯ । ୧୨ । ୭୦ ରେ କଟକରେ ଆସି ରହିଲୁ । ସୁତରାଂ ତାଙ୍କ ସହିତ ସମ୍ପର୍କ ଆମର ଅଧିକ ବୃଦ୍ଧି ପାଇଥିଲା । ୨୪ । ୧ । ୭୫ ମୋ ଡାଏରୀରେ ଲେଖିଥିଲି—

"କନକମଞ୍ଜରୀ ଏବଂ ମୁଁ ଆଜି ବୈରାଗୀବାବୁଙ୍କୁ ଦେଖି ଯାଇଥିଲୁଁ । ସେ ପଡ଼ିଗଲେଣି । କଥା ଭଲ କହି ପାରୁନାହାନ୍ତି । ଆମ ଦୁହିଁଙ୍କୁ ଦେଖି ଆନନ୍ଦରେ ଅସ୍ଥିର ହୋଇଗଲେ । ଏପଟକୁ ଶଯ୍ୟାରୁ ଉଠି ବସିପଡ଼ିଲେ । ବୟସ ୮୦ ପୂର୍ଣ୍ଣ ହୋଇଛି । ତାଙ୍କୁ ଦେଖି ବଡ଼ ଦୁଃଖ ଲାଗିଲା । ଏପରି ସମସ୍ତ ପୁଣି ଆସେ । କନକ ଦୁଧ ଛେନାରେ ଚିନିଗୋଳାଇ ପ୍ଲେଟରେ ଥୋଇଲେ । ଆମ ପ୍ରତି ଶ୍ରଦ୍ଧା ରଖି ସେତକ ଖାଇଲେ । ତାଙ୍କ ପୁଅ ବସନ୍ତ ତାଙ୍କୁ ଅତି ଯତ୍ନରେ ରଖିଛି । ତାଙ୍କ ପାଇଁ ପ୍ରଚୁର ଖର୍ଚ୍ଚ କରି ଚାଲିଛି । ତାର ସ୍ତ୍ରୀ ଓ ପିଲାମାନେ ସର୍ବଦା ତାଙ୍କର ସୁବିଧା ଅସୁବିଧା ଦେଖୁଛନ୍ତି । ଏହି ବସନ୍ତ ପିଲାବେଳେ କି ଦୁଷ୍ଟ ଥିଲା । ଆଜି କି ସୁବୋଧ, କି ଆଜ୍ଞାଧୀନ ପିତାଙ୍କର । ସ୍ୱଳ୍ପ ଆୟରେ ନିଜ ପରିବାର ଚଳାଇ ତା ମହାନ୍ ପିତାଙ୍କୁ ଦେବତା ପରି ସାଇତିଛି । ତାର ବୁଦ୍ଧିକୁ ଧନ୍ୟ କହିବା ।"

ଏ କ୍ଷେତ୍ରରେ ତଥାଗତ ବୁଦ୍ଧଦେବଙ୍କର ଏକ ପଞ୍ଚଶୀଳ ଯାହା ପିତାଙ୍କ ପ୍ରତି ସନ୍ତାନର କର୍ତ୍ତବ୍ୟ ତାହା ଚିତ୍ତରେ ଜାଗ୍ରତ ହୁଏ । 'ସୁତ୍ତନିପାତ'ରେ ବର୍ଣ୍ଣିତ ଅଛି—

୧ । ପିତାମାତା ମୋତେ ପ୍ରତିପାଳନ କରିଛନ୍ତି ମୁଁ ଅବଶ୍ୟ ସେମାନଙ୍କୁ ପ୍ରତିପାଳନ କରିବି ।

୨ । ସଂସାର ପ୍ରତି ଯାହା ମୋର କର୍ତ୍ତବ୍ୟ ତା ମୁଁ ନିଶ୍ଚିତ ପାଳନ କରିବି ।

୩ । ପାରିବାରିକ ସମ୍ପତ୍ତି ପ୍ରହରୀ ପରି ରକ୍ଷା କରିବି ।


୪ । ମୁଁ ମୋ ପିତାମାତାଙ୍କର ଉପଯୁକ୍ତ ସନ୍ତାନ ବୋଲି ପରିଚୟ ଦେବାକୁ ଯତ୍ନ କରିବି ।

୫ । ପିତାମାତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିପ୍ରତି ସମ୍ମାନ ପ୍ରଦର୍ଶନ କରିବି ।

ତଥାଗତ, ପିତାମାତାଙ୍କ ପ୍ରତି ସର୍ବସାଧାରଣ ମାନବ ସମାଜ ପାଇଁ, ପତ୍ନୀ ପାଇଁ, ପତି ପାଇଁ ଯେଉଁ ପଞ୍ଚଶୀଳମାନ ସ୍ଥିର କରିଦେଇ ଯାଇଛନ୍ତି, ତାହାହିଁ ମାନବ ଜାତିର ହିତାକାଙ୍କ୍ଷୀ ମହାପୁରୁଷମାନେ ନାନା ଭାବରେ ଚିରକାଳ ଏକାପରି କହି ଯାଇଅଛନ୍ତି । ତେଣୁ ସେ ସମସ୍ତ ମାନବ ଜାତି ପ୍ରତି ସର୍ବଦା ଅତ୍ୟନ୍ତ ହିତକାରକ । ସଂସ୍କାରକ ବୈରାଗୀ ମିଶ୍ରଙ୍କର ଜୀବନ ଏବଂ ଉପଦେଶ ସେହି ସେହି ପାରମାର୍ଥିକ ସାଧକ ମାନଙ୍କ ପରି ଚିର ଅନୁକରଣୀୟ ହୋଇ ରହିବ ।

ତାଙ୍କର ଅବସ୍ଥା ଧୀରେ ଶୋଚନୀୟ ହେଉଥିବା ଜାଣି ଆମେ ପତି ପତ୍ନୀ ତାଙ୍କୁ ୨୦ । ୧୨ । ୭୫ ରେ ଦେଖି ଯାଇଥିଲୁଁ । ସେ ଦୁର୍ବଳ ଥିଲେ ଏବଂ ବିମର୍ଷ ଦେଖା ଯାଉଥିଲେ । କିନ୍ତୁ ଆମ ସହିତ ବହୁ ସ୍ନେହ-ପୂର୍ଣ୍ଣ କଥାଭାଷା ହେଲେ । କନକ ନେଇଥିବା ଖାଦ୍ୟ ମଧ୍ୟ ଖାଇଲେ । କହିଲେ—ଋଣ କରିବ ନାହିଁ ପ୍ରତିଜ୍ଞାବଦ୍ଧ ଥିଲେ ମଧ୍ୟ, କନକ ! ତୁମଠୁ ଋଣ କରି ଯାଉଛି । ଏହି ଖାଦ୍ୟ ଟିକକୁ ସେ ଋଣ ଭଳି ନେବା ଶୁଣି ତାଙ୍କ ବହି ଗଦାରୁ ସ୍ଥିର ଛଅଖଣ୍ଡ ବହି ଉଠେଇ ନେଇ କନକ କହିଲେ—ଏବେ ହେଲାତ ? ସେହି ଶୁଷ୍କ, ପଳିତ ମୁଖରେ ହସ ଦେଖାଗଲା । କହିଲେ—ହେଲା ହେଲା । ଆମ ଦୁହିଁଙ୍କର ସେ ମଙ୍ଗଳ କାମନା କଲେ ପୁଣି କହିଲେ ମୋ କଥା ମାନ, ଆୟଠୁ ବ୍ୟୟ ଅଳ୍ପ ନିଶ୍ଚୟ କରିବ । ଆଉ କେତେ କଥା ଯାହା ପୂର୍ବରୁ ବର୍ଣ୍ଣିତ ଅଛି, ତା କହି ବିଦାୟ ହେଲେ ।

ମାସେ ପାଞ୍ଚଦିନ ପରେ ତାଙ୍କର ଖଣ୍ଡିଏ ଚିଠି ପାଇଲି । ଚକେ କାଗଜରେ ଲେଖା—



ମାନସିଂହ କଟକରେ ନଥିଲେ । ତେଣୁ ଆମେ ଦୁହେଁ ଯାଇଥିଲୁ । ଦେଖିଲୁ ସେ ଏକାବେଳେ ଶଯ୍ୟାଶାୟୀ । ଶୁଣିଲୁ ଏପରି ଅବସ୍ଥା କାଲିଠୁ ଆରମ୍ଭ ହୋଇଛି । ତାଙ୍କୁ ଡାକିଲେ ସେ ବହୁ କଷ୍ଟରେ ହାତ ହଲାଇ ନିବାରଣ କରୁଥିଲେ । ଆଉ କଥା ଭାଷା କଲେ ନାହିଁ । ଦୁଃଖ ଅଭିଭୂତ ହୋଇ ଆମେ ଫେରିଲୁ । ୨୩ ଦିନ ସେ କଷ୍ଟ ମଧ୍ୟରେ ସଂଗ୍ରାମରେ ରହି ତାପରେ ଦେହ ତ୍ୟାଗ କଲେ । ଆମେ ଦୁହେଁ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ବହୁ ବିଜ୍ଞ ଲୋକଙ୍କ ସହିତ ସଖୀତଜଗରେ ଯୋଗ ଦେଇ କୃତକୃତ୍ୟ ହୋଇଥିଲୁଁ । ସାଧୁ ସଜ୍ଜନ, ସମାଜ ସଂସ୍କାରକ ମାନବ ସମାଜରେ ନିଶ୍ଚୟ ଖୋଜା ହେବେ, ଇତିହାସ ତା' ନିଶ୍ଚୟ ଖୋଜିବ । ଆମର ବିଶ୍ୱାସ ଏହି ଗ୍ରନ୍ଥାବଳୀ ସାଥରେ ବୈରାଗୀ ଚରଣ ମିଶ୍ରେ ସାଧୁ ଏବଂ ନିର୍ଭିକ ସମାଜ ସଂସ୍କାରକ ମାନଙ୍କ ମଧ୍ୟରେ ଜଣେ ପ୍ରସିଦ୍ଧ ପୁରୁଷ ବୋଲି ପରମ୍ପରା ଧରି ଗଣ୍ୟ ହେଉଥିବେ ।

୧୮ । ୭ । ୭୦

ଚନ୍ଦ୍ରଧର ମହାପାତ୍ର
ହରିପୁର ରୋଡ୍, କଟକ-୧

# ସୂଚୀପତ୍ର

## ୧ମ ଭାଗ

### ( ସମାଜ ସଂସ୍କାର )

**୧ମ ପରିଚ୍ଛେଦ—**


| ବିଷୟ | ପୃଷ୍ଠା |
| --- | --- |
| ୧ । ସାଂସାରିକ ସୁଖାନ୍ୱେଷଣ ବା ଗାର୍ହସ୍ଥ୍ୟ ଧର୍ମ୍ମ | |
| (କ) ସୁଖାନ୍ୱେଷଣ | ୩ |
| (ଖ) ଧର୍ମ୍ମପଥ | ୯ |
| (ଗ) ଧର୍ମ୍ମପଥ ସହିତ ବର୍ତ୍ତମାନ ଯୁଗର ଉନ୍ନତି ପଥର ତୁଳନା | ୧୧ |
| (ଘ) ଧର୍ମ୍ମ | ୧୫ |
| (ଙ) ବିବେକ ଶକ୍ତିର ପ୍ରୟୋଜନୀୟତା | ୨୪ |
| (ଚ) ବିବେକ ଶକ୍ତିର ଯଥୋଚିତ ବିସ୍ତୃତି | ୨୯ |
| (ଛ) ସ୍ୱାଧୀନ ଚିନ୍ତା | ୩୨ |
| (ଜ) ସ୍ୱାଧୀନତା | ୩୪ |
| (ଝ) ମନୁଷ୍ୟ ଧର୍ମ୍ମର ଅନ୍ୱେଷଣ | ୪୫ |
| (ଞ) ଉପସଂହାର ବା ବର୍ତ୍ତମାନ କର୍ତ୍ତବ୍ୟ | ୪୭ |
| ୨ । ସତ୍ୟାନୁସନ୍ଧାନ | ୫୨ |
| ୩ । ସ୍ୱଧର୍ମ୍ମ | ୬୩ |
| ୪ । ଧର୍ମ୍ମ | ୮୪ |
| (କ) ଭଗବାନ ଓ ଧର୍ମ୍ମ | ୯୬ |
| (ଖ) ସେଖ୍ ମନସୁରଙ୍କ ପ୍ରଶ୍ନ, ତା'ର ଉତ୍ତର | ୯୮ |
| (ଗ) କେତୋଟି ପ୍ରଶ୍ନ ଓ ଉତ୍ତର | ୧୦୫ |
| (ଘ) ଗୋଟିଏ ପ୍ରଶ୍ନ, ତାର ଉତ୍ତର | ୧୦୯ |

| ବିଷୟ | ପୃଷ୍ଠା |
|---|---|
| (ଙ) ଗୋଟିଏ ପ୍ରଶ୍ନ, ତାର ଉତ୍ତର | ୧୧୨ |
| (ଚ) ନାସ୍ତିକତା ହିଁ ଦୁଃଖର ମୂଳ କାରଣ | ୧୧୪ |
| ୫ । ଭଗବାନ କିଏ ? | ୧୧୫ |
| ୬ । ଭଗବାନ ଓ ଭବିଷ୍ୟତ | ୧୨୨ |
| (କ) ଗୁରୁ ଓ ଶିଷ୍ୟ ବିଷୟରେ କେତୋଟି କଥା | ୧୨୮ |
| **୨ୟ ପରିଚ୍ଛେଦ—** | |
| ୭ । ବ୍ୟକ୍ତି ଓ ସମାଜ | ୧୩୩ |
| ୮ । ନିଜ ଦୋଷ ନିଜେ ବୁଝ | ୧୪୧ |
| ୯ । ଆପ୍ତ ବାକ୍ୟ | |
| (କ) ପ୍ରତିଜ୍ଞା | ୧୪୬ |
| (ଖ) ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କର ଉପଦେଶ | ୧୫୦ |
| (ଗ) କେତୋଟି ଆପ୍ତ ବାକ୍ୟ | ୧୫୨ |
| (ଘ) କେତେ ଜଣ ଶ୍ରେଷ୍ଠ ବ୍ୟକ୍ତିଙ୍କର ମତ | ୧୫୩ |
| (ଙ) କେତୋଟି ଅଦଳ କଥା | ୧୫୪ |
| ୧୦ । ପ୍ରତିଜ୍ଞାପତ୍ରର ବିଶ୍ଳେଷଣ | ୧୫୫ |
| **୩ୟ ପରିଚ୍ଛେଦ—** | |
| ୧୧ । ବିଶ୍ୱ କଲ୍ୟାଣ | ୧୬୬ |
| (କ) କର୍ତ୍ତବ୍ୟ ପାଳନ କରିବାକୁ ହେଲେ ନିର୍ଭିକତା ଓ ସତ୍ସାହସ ଏକାନ୍ତ ଆବଶ୍ୟକ | ୧୬୯ |
| (ଖ) ଦୁଃଖ କରନାହିଁ ଓ ଭୟ କରନାହିଁ | ୧୭୦ |
| ୧୨ । Viswakalyan Samiti | ୧୭୯ |
| **୪ର୍ଥ ପରିଚ୍ଛେଦ—** | |
| ୧୩ । ଅନ୍ଧ ଅନୁସରଣ ଓ ଉପନୟନ | ୧୯୨ |
| ୧୪ । ଆଦର୍ଶ ଉପବିତ ଗ୍ରହଣ | ୨୦୬ |
| ୧୫ । ଗାୟତ୍ରୀ ତତ୍ତ୍ୱ | ୨୩୫ |
| ୧୬ । ପଇତା ବିସର୍ଜନ | ୨୪୬ |

ବିଷୟ — ପୃଷ୍ଠା

[illegible]ମ ପରିଚ୍ଛେଦ—
୭ । ନାରୀ ମଙ୍ଗଳ ୨୫୧
(କ) ମାତୃତ୍ୱର ପ୍ରତିଷ୍ଠା ୨୫୮
(ଖ) ତରୁଣୀ ଓ ପର୍ଦ୍ଦା ନିଷ୍କାସନ ୨୬୩
(ଗ) ତରୁଣୀ ପ୍ରଥା ବିରୁଦ୍ଧରେ ଗୋଟିଏ ଗଳ୍ପ ୨୬୯
(ଘ) ନିରକ୍ଷରତା ଦୂରୀକରଣ ୨୭୩
(ଙ) ଗହଣାରେ ଓ ନ୍ୟାୟ ନିମିତ୍ତରେ ଅଯଥା ଅର୍ଥବ୍ୟୟ ୨୭୭
(ଚ) ଯାଏ ଜବାବ ଓ ପୁଅ ବିକି ବା ଜୋଇଁ ଖରିଦ ପ୍ରଥା ୨୮୧
(ଛ) ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତା ମୂଳକ ବୈଧବ୍ୟ ବିରୁଦ୍ଧରେ ସଂଗ୍ରାମ ୨୮୪
(ଜ) ସାରଦା ଆଇନ ଅନିଷ୍ଟପ୍ରଦ ୨୯୭
[illegible]। To His Excellency, The Governor of Orissa- against Child Marriage Restraint Act ୩୦୦
[illegible]। ବିଧବା ବିବାହ ୩୦୯
(କ) ସବୁ ବିଧବା ବିବାହ କରିପାରିବେ ୩୧୦
(ଖ) ବାଲ ବିଧବାମାନଙ୍କର ବିବାହ ଏକାନ୍ତ ଆବଶ୍ୟକ ୩୧୫
(ଗ) କଳି ଯୁଗରେ ପରାଶରଙ୍କର ମତ ଗ୍ରହଣୀୟ ୩୧୯
(ଘ) ଆପତ୍ତିକାରୀମାନଙ୍କର କେତେଟି ପ୍ରଶ୍ନର ଉତ୍ତର ୩୨୩
(ଙ) ପୁରୁଷର ବିବାହ ଶାସ୍ତ୍ର ବିରୁଦ୍ଧ ୩୨୭
(ଚ) ପୁରୁଷ ଅପେକ୍ଷା ସ୍ତ୍ରୀର ଆସନ ବହୁ ଉଚ୍ଚରେ ୩୨୮
(ଛ) ମାତୃ ଜାତିର ଦୁରବସ୍ଥା ୩୨୯
(ଜ) ଦେଶାଚାରର ଏକାଧିପତ୍ୟ ୩୩୨
(ଝ) ପୁରୁଷର ଯଥେଚ୍ଛାଚାରିତା ୩୩୫
(ଞ) ପିତାମାତାଙ୍କର ଅଜ୍ଞତା ୩୩୮
(ଟ) ମାତୃ ଜାତିକୁ ଅନୁରୋଧ ୩୪୦
(ଠ) ବିଧବାମାନଙ୍କର ଅଭିଭାବକମାନଙ୍କୁ ଅନୁରୋଧ ୩୪୨
(ଡ) ଯୁବକମାନଙ୍କୁ ଅନୁରୋଧ ୩୪୪
(ଢ) ବିଧବା ବିବାହ ଆଇନର ସାରାଂଶ ୩୪୭

| ବିଷୟ | ପୃଷ୍ଠା |
|---|---|
| ୨୦ । ଅପ୍ରକୃତ ବିଧବାର ପ୍ରକୃତ ବିବାହ | ୩୪୭ |
| ୨୧ । ବିବର୍ଗ ବିବାହ | ୩୫୯ |
| ୨୨ । ବିବାହ | ୩୬୭ |
| ୨୩ । ବାଲ ବିଧବା ବିବାହ | ୩୭୭ |
| ୨୪ । ଅନ୍ୟାଯ୍ୟ ବୈଧବ୍ୟ ଓ ବିଧବା ବିବାହ | ୩୮୯ |
| ୨୫ । ଆଦର୍ଶ ବିବାହ | ୪୦୬ |
| **୬ଷ୍ଠ ପରିଚ୍ଛେଦ—** | |
| ୨୬ । ଯାଏ ବିବାହ ଓ ପୁଅ ବିକି | ୪୦୮ |
| ୨୭ । Unjust demand of bridegrooms | ୪୧୯ |
| ୨୮ । ଯୌତୁକ ପ୍ରଥା | ୪୨୬ |
| (କ) ଯୌତୁକ ପ୍ରଥାର ମୂଳୋତ୍ପାଟନ କରନ୍ତୁ | ୪୩୨ |
| (ଖ) ଝିଅମାନେ ଯୌତୁକ ଦାବୀ କରନ୍ତୁ | ୪୩୭ |
| (ଗ) ଯୌତୁକ ପ୍ରଥା ଓ ବିବାହ ପ୍ରଥା | ୪୪୧ |
| (ଘ) ଯୌତୁକ ଦାବୀ ଓ ନାରୀ ସ୍ୱାଧୀନତା | ୪୪୩ |
| **୭ମ ପରିଚ୍ଛେଦ—** | |
| ୨୯ । ଅନ୍ଧ ଅନୁସରଣ ଓ ବୃଥାଡ଼ମ୍ବର | ୪୪୪ |
| ୩୦ । ଜ୍ୟୋତିଷ | ୪୫୩ |
| (କ) ଅନ୍ଧବିଶ୍ୱାସୀର ଦୁରବସ୍ଥା | ୪୫୩ |
| (ଖ) ରାଶିଫଳ | ୪୫୫ |
| (ଗ) ଅନ୍ଧ ବିଶ୍ୱାସୀମାନଙ୍କୁ ସତର୍କବାଣୀ | ୪୫୭ |
| (ଘ) ପଞ୍ଚଗ୍ରହକୂଟ ଓ ଭାଗ୍ୟଫଳ | ୪୫୯ |
| (ଙ) ଜାତକରୁ ଭାଗ୍ୟଫଳ ନିର୍ଣ୍ଣୟ | ୪୬୧ |
| (ଚ) ଅନ୍ଧ ବିଶ୍ୱାସର ବିଷମୟ ଫଳ | ୪୬୬ |
| (ଛ) ଜାତକରୁ ଭାଗ୍ୟଫଳ ବୁଝିବା ନିର୍ବୋଧତା | ୪୬୯ |
| (ଜ) ବିପକ୍ଷଙ୍କ ଶ୍ଳୋକ | ୪୭୦ |
| (ଝ) "୫୨" ଘାଟି ପାରହେବ କିପରି ? | ୪୭୧ |
| ୩୧ । ଫଳିତ ଜ୍ୟୋତିଷ ଓ ମିଥ୍ୟା ପ୍ରଚାର | ୪୭୩ |

| ବିଷୟ | ପୃଷ୍ଠା |
|---|---|
| ୩୨ । ଅନ୍ଧାନୁସରଣ | |
| (କ) ଚୈତନ୍ୟ ମାଳା | ୪୮୫ |
| (ଖ) ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ କେବେ ଉଠିବ ? | ୪୮୬ |
| (ଗ) ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଛାଡ଼ିବା ଉଚିତ କି ? | ୪୯୫ |
| (ଘ) ବିନୋବାଜୀ ଆସୁଛନ୍ତି | ୪୯୮ |
| (ଙ) ଗୁରୁ ଓ ନେତା କଣ ଅନାବଶ୍ୟକ | ୫୦୧ |
| (ଚ) ପୁଣି ଏକ ପତ୍ର | ୫୦୬ |
| (ଛ) ଅନ୍ଧତାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ | ୫୦୮ |
| (ଜ) ଗୋଟିଏ ପ୍ରଶ୍ନ | ୫୧୩ |
| (ଝ) ବିଶେଷ ଦୁଃଖର ବିଷୟ | ୫୧୬ |
| (ଞ) ଅନ୍ଧତା ଦୋଷର ମୂଳୋତ୍ପାଟନ କରନ୍ତୁ | ୫୨୧ |
| (ଟ) ମନୁଷ୍ୟତା ଓ ଅମନୁଷ୍ୟତା | ୫୨୫ |
| (ଠ) ବିଶିଷ୍ଟ ବ୍ୟକ୍ତିଙ୍କର ଅନ୍ଧତା ପ୍ରଚାର | ୫୨୬ |
| (ଡ) ଆଉ ଗୋଟିଏ ପ୍ରଶ୍ନ | ୫୩୦ |
| (ଢ) ମଙ୍ଗଳା ମା | ୫୩୧ |
| (ଣ) ପ୍ରତିଜ୍ଞାପତ୍ର | ୫୩୧ |
| (ତ) କୌଣସି କାମ ମହାସମାବେଶରେ ସମ୍ପନ୍ନ କରିବା ନିର୍ବୋଧତା | ୫୩୩ |
| (ଥ) ଖଣ୍ଡେ ଚିଠିର କେତେକ ଅଂଶ | ୫୩୫ |
| (ଦ) ନୂଆ ପ୍ରଣାଳୀରେ ଚିନ୍ତା କରନ୍ତୁ | ୫୩୬ |
| (ଧ) ଗୋଟିଏ ପ୍ରଶ୍ନ | ୫୩୯ |
| (ନ) ଗୋଟିଏ ପ୍ରଶ୍ନ | ୫୪୦ |
| (ପ) ଗୋଟିଏ ଝିଅର ପ୍ରଶ୍ନ ଓ ତାର ଉତ୍ତର | ୫୪୨ |
| (ଫ) ସମସ୍ତଙ୍କୁ ଅନ୍ନବସ୍ତ୍ର ଯୋଗାଇବାକୁ ହେବ | ୫୪୩ |
| (ବ) ଆମେ ବଞ୍ଚିଛୁ କାହିଁକି | ୫୪୫ |
| (ଭ) ପ୍ରଗତି ନାମରେ ଅଧୋଗତି | ୫୪୬ |
| **୮ମ ପରିଚ୍ଛେଦ—** | |
| ୩୩ । ଜାଗରଣ | ୫୪୮ |
| ୩୪ । ଭୟ କରନାହିଁ | ୫୫୫ |

ବିଷୟ — ପୃଷ୍ଠା

## ୯ମ ପରିଚ୍ଛେଦ—


୩୫ । ସ୍ୱର୍ଗିକ ନିଯୁକ୍ତ ଜୀବନ ସ୍ମୃତି — ୫୬୮
(କ) ପିଲାଦିନର ଅନୁଭୂତି — ୫୭୧
(ଖ) ଯଥେଚ୍ଛାଚାରିତାର କାରଣ — ୫୭୫
(ଗ) ପ୍ରଥମ ପରିବର୍ତ୍ତନ — ୫୮୨
(ଘ) ଋଣ ପରିଶୋଧ ଓ ଗୃହତ୍ୟାଗ — ୫୮୫
(ଙ) ପୈତୃକ ସମ୍ପତ୍ତି ପରିତ୍ୟାଗ — ୫୮୯
(ଚ) ପୁଅ ସ୍କୁଲରୁ କାଢ଼ି ଆଣିବା — ୫୯୦
(ଛ) ଚଳେଇ ଓ ଚାଳପଣ ଛଡା — ୫୯୧
(ଜ) ଦ୍ୱିତୀୟ ପରିବର୍ତ୍ତନ — ୫୯୨
(ଝ) ତୃତୀୟ ପରିବର୍ତ୍ତନ — ୫୯୪
(ଞ) ଡାଇନିଂ ସମିତି — ୫୯୫
(ଟ) ବଡ଼ ଝିଅ ଊଷାମଣିର ବିବାହ — ୫୯୬
(ଠ) ସାନ ଝିଅ ନିଶାମଣିର ବିବାହ — ୬୦୫
(ଡ) ନାରୀମଙ୍ଗଳ ସମିତି ଓ ବାଲ୍ୟ ବିବାହ ମୋକଦ୍ଦମା — ୬୧୫
(ଢ) କଚେରୀରେ ବିଦ୍ରୋହ — ୬୨୦
(ଣ) ବୟସ୍କା ସ୍ତ୍ରୀମାନଙ୍କ ପାଇଁ ବିଦ୍ୟାଳୟ — ୬୨୨
(ତ) ଓଢ଼ଣା ଓ ପରଦା — ୬୨୩
(ଥ) ଜାତିଭେଦ ବିରୁଦ୍ଧରେ — ୬୨୪
(ଦ) ପଇତା ବିସର୍ଜନ — ୬୨୬
(ଧ) ମୁଣ୍ଡରୁ ଚୁରୁକ ଓ ଚୁଟି କାଟିବା — ୬୨୯
(ନ) ବନ୍ଧୁ ବେଭାର ଦେବାରୁ ନିବୃତ୍ତି — ୬୩୦
(ପ) ଋଣ କରି ଚନ୍ଦଣା କରିବା — ୬୩୨
(ଫ) ବାଧ୍ୟତାମୂଳକ ଶ୍ରଦ୍ଧା — ୬୩୪
(ବ) ବିବର୍ଗ ବିବାହ — ୬୩୫
(ଭ) ନାରୀମଙ୍ଗଳ ସମିତି ଓ ବିବାହ ସଂସ୍କାର — ୬୪୨
(ମ) ଦୁଇ ପୁଅଙ୍କର ବିବର୍ଗ ବିବାହ — ୬୪୫
(ଯ) ବୈଶ୍ୟ ବଣିଆ ଜାତିରେ ବିବର୍ଗ ଓ ବିଧବା ବିବାହ — ୬୪୭

ବିଷୟ | ପୃଷ୍ଠା

(ର) ପ୍ରମୋଶନ ବନ୍ଦ ୬୫୦
(ଳ) ସେନସନ ନେବା ୬୫୨
(ବ) ଗୀତାର ନୂଆ ଭାଷ୍ୟ ୬୫୭
(ଶ) ବିଶ୍ୱକଲ୍ୟାଣ ସମିତି ୬୬୪
(ଷ) ଆଦର୍ଶ ଉପଯାଚ ଗ୍ରହଣ ଓ ଉପଯାଚ ବିସର୍ଜନ ୬୬୫
(ସ) ପ୍ରତିଜ୍ଞାପତ୍ର ୬୬୬
(ହ) ଆଦର୍ଶ ବିବାହ ୬୬୭


# ୬ଷ୍ଠ ଭାଗ

## ( ଗୀତା )


୩୬ । ମୁଁ ଗୀତା ପଢ଼ିଲି କାହିଁକି ? ୬୭୨
୩୭ । ଗୀତା ପରିଚୟ ୬୭୫
୩୮ । ଗୀତା ବୁଝିବାର ଏକମାତ୍ର ପ୍ରଣାଳୀ ୬୮୫
୩୯ । ଗୀତାର ନୂତନ ସତ୍ୟ ୭୦୧
୪୦ । ଗୀତାର ଧ୍ୟାନ ୭୩୦
୪୧ । ଗୀତା


୧ମ ଅଧ୍ୟାୟ-ବିଷାଦଯୋଗ ୭୩୪
୨ୟ ଅଧ୍ୟାୟ-ସାଂଖ୍ୟଯୋଗ ୭୪୯
୩ୟ ଅଧ୍ୟାୟ-କର୍ମଯୋଗ ୭୮୭
୪ର୍ଥ ଅଧ୍ୟାୟ-ଜ୍ଞାନଯୋଗ ୮୦୮
୫ମ ଅଧ୍ୟାୟ-କର୍ମସଂନ୍ୟାସଯୋଗ ୮୨୫
୬ଷ୍ଠ ଅଧ୍ୟାୟ-ଧ୍ୟାନଯୋଗ ୮୩୫
୭ମ ଅଧ୍ୟାୟ-ବିଜ୍ଞାନଯୋଗ ୮୫୨
୮ମ ଅଧ୍ୟାୟ-ଅକ୍ଷର ବ୍ରହ୍ମଯୋଗ ୮୬୦
୯ମ ଅଧ୍ୟାୟ-ରାଜ ଗୁହ୍ୟଯୋଗ ୮୬୯
୧୦ମ ଅଧ୍ୟାୟ-ବିଭୂତି ଯୋଗ ୮୮୪
୧୧ଶ ଅଧ୍ୟାୟ-ବିଶ୍ୱରୂପ ଦର୍ଶନ ଯୋଗ ୮୯୨
୧୨ଶ ଅଧ୍ୟାୟ-ଭକ୍ତିଯୋଗ ୯୦୭
୧୩ଶ ଅଧ୍ୟାୟ-ଯେତ ଯେତଜ୍ଞ ଯୋଗ ୯୧୮

| ବିଷୟ | ପୃଷ୍ଠା |
|---|---|
| ୧୪ଶ ଅଧ୍ୟାୟ-ଗୁଣତ୍ରୟ ବିଭାଗ ଯୋଗ | ୯୨୫ |
| ୧୫ଶ ଅଧ୍ୟାୟ-ପୁରୁଷୋତ୍ତମ ଯୋଗ | ୯୩୧ |
| ୧୬ଶ ଅଧ୍ୟାୟ-ଦୈବାସୁର ସମ୍ପଦ ବିଭାଗ ଯୋଗ | ୯୩୬ |
| ୧୭ଶ ଅଧ୍ୟାୟ-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ | ୯୪୧ |
| ୧୮ଶ ଅଧ୍ୟାୟ-ମୋକ୍ଷ ଯୋଗ | ୯୪୯ |


## ତୃତୀୟ ଭାଗ

### ( ପରିଶିଷ୍ଟ )


| | |
|---|---|
| ୪୨ । ଗୀତାର ସାରକଥା | ୯୭୭ |
| ୪୩ । ଗୀତାର ଗୁହ୍ୟ କଥା | ୧୦୩୬ |
| ୪୪ । Secrets of the Geeta | ୧୦୫୪ |
| ୪୫ । ଗୀତା ଧର୍ମର ବିଶେଷତ୍ୱ | ୧୦୯୦ |
| ୪୬ । ଗୀତା ପ୍ରବେଶ (୧ମ ଖଣ୍ଡ) | ୧୧୦୪ |
| ୪୭ । ଗୀତା ପ୍ରବେଶ (୨ୟ ଖଣ୍ଡ) | ୧୧୩୫ |
| ୪୮ । ଗୀତାର ଅନୁଶୀଳନ | ୧୧୬୪ |
| ୪୯ । ଗୀତାର ବ୍ରାହ୍ମୀସ୍ଥିତି | ୧୧୭୫ |
| ୫୦ । ସଙ୍କରରୁ ବର୍ଣ୍ଣସଙ୍କର | ୧୧୯୦ |
| ୫୧ । ଗୀତାର ଭକ୍ତିଯୋଗ ( ବିଶ୍ୱକଲ୍ୟାଣ ପତ୍ରିକାରୁ ) | ୧୧୯୭ |
| (କ) ଗୀତା ଧର୍ମର ସଂସ୍ଥାପନ ପାଇଁ ସର୍ବଦା ଯୁଦ୍ଧ କର | ୧୨୦୯ |
| (ଖ) ବିନୋବାଜୀଙ୍କ ଗୀତା ପ୍ରବଚନ ବହିରୁ ଗୋଟିଏ ପ୍ରଶ୍ନ | ୧୨୧୫ |
| (ଗ) ବିନୋବାଜୀ କଣ ଭୁଲ ଲେଖିଛନ୍ତି ? | ୧୨୧୮ |
| (ଘ) ବ୍ରହ୍ମା ବଳବଳେଇଲେ ବେଦ | ୧୨୨୩ |
| (ଙ) ଆଉ ଗୋଟିଏ ପ୍ରଶ୍ନ | ୧୨୨୪ |
| (ଚ) ଅବିପଶ୍ଚିତଃ | ୧୨୩୧ |
| (ଛ) ଭଗବାନଙ୍କ ନିକଟକୁ ସିଧା ବାଟ | ୧୨୩୬ |
| (ଜ) ବ୍ୟବସାୟାତ୍ମିକା ବୁଦ୍ଧି | ୧୨୪୨ |
| (ଝ) ଗୀତାର ସର୍ବପ୍ରଥମ ଉପଦେଶ | ୧୨୪୫ |
| (ଞ) ଗୀତାର ମୂଳକଥା | ୧୨୪୭ |
| (ଟ) ଗୀତାର ମୂଳକଥା ଓ ଶେଷକଥା | ୧୨୫୧ |



କିଶୋରୀ ଚରଣ ଦାସ

ପ୍ରଥମ ଭାଗ

# ସମାଜ ସଂସ୍କାର

●

## ପ୍ରଥମ ପରିଚ୍ଛେଦ

# ସାଂସାରିକ ସୁଖାନ୍ୱେଷଣ ବା ଗାର୍ହସ୍ଥ୍ୟ ଧର୍ମ

ଏ ସଂସାରରେ ସମସ୍ତ ମାନବଜାତି କି ହିନ୍ଦୁ, କି ମୁସଲମାନ, କି ବ୍ରାହ୍ମଣ, କି ଖ୍ରୀଷ୍ଟିୟାନ୍, କି ବୃଦ୍ଧ, କି ବାଳକ, କି ପୁରୁଷ, କି ସ୍ତ୍ରୀ, କି ଧନୀ, କି ଦରିଦ୍ର ସମସ୍ତେ ସୁଖ ଅନ୍ୱେଷଣ କରୁଅଛନ୍ତି ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ କିମ୍ବା ଏହା କେହି ଅସ୍ୱୀକାର କରିବେ ନାହିଁ ।

କେହି ନରହତ୍ୟା କରି, କେହି ଚୋରିକରି, କେହି ଅନାବୃତ ଦେହରେ ଶ୍ମଶାନରେ ବାସ କରି, କେହି ପ୍ରାଣବିନିମୟରେ ଲୋକହିତକର କାର୍ଯ୍ୟ କରି, କେହି ନିଜର ମର୍ଯ୍ୟାଦା ରକ୍ଷା କରିବାରେ ଲୋକଙ୍କର ସର୍ବସ୍ୱ ନଷ୍ଟ କରି, କେହି ନିଜର ଦମ୍ଭ ଓ ଅହଂକାର ରକ୍ଷା କରିବା ସକାଶେ ବହୁ କଷ୍ଟରେ ଉପାର୍ଜ୍ଜିତ ପୈତୃକ ସମ୍ପତ୍ତି ଅପବ୍ୟୟ କରି, କେହି "ବାହାବା" ଏହି ପଦଟି ଶୁଣିବା ସକାଶେ ନିଜର ସର୍ବସ୍ୱ ବ୍ୟୟ କରି ସ୍ୱସ୍ୱ କାର୍ଯ୍ୟରେ ଦିନରାତ୍ର ବ୍ୟସ୍ତ । କିନ୍ତୁ ପ୍ରତ୍ୟେକଙ୍କର ଉଦ୍ଦେଶ୍ୟ ଆନନ୍ଦ ବା ସୁଖଲାଭ । କାରଣ :—

୧—ଆନନ୍ଦଂ ବ୍ରହ୍ମେତି—ଅର୍ଥାତ୍ ବ୍ରହ୍ମ ଆନନ୍ଦମୟ ।

୨—ସର୍ବଂ ଖଲ୍ୱିଦଂ ବ୍ରହ୍ମ—ଅର୍ଥାତ୍ ସମସ୍ତ ଜଗତ୍ ବ୍ରହ୍ମମୟ ।

ବେଦର ଏହି ଦୁଇଟି ବାକ୍ୟରୁ ସ୍ପଷ୍ଟ ପ୍ରମାଣ ମିଳୁଅଛି ଯେ, ଏ ଜଗତ କେବଳ ଆନନ୍ଦମୟ ଅର୍ଥାତ୍ ଏ ସଂସାରରେ ଦୁଃଖ ଆଦୌ ନାହିଁ । ମିଶ୍ରି ସର୍ବତ ମଧ୍ୟରେ ବୁଡ଼ି ରହି ମିଶ୍ରିର ମଧୁରତାର ଅନ୍ୱେଷଣରେ ବ୍ୟସ୍ତ

ଥିବା ପରି ଆମ୍ଭେମାନେ ସମସ୍ତେ ସୁଖସାଗରରେ ବୁଡ଼ି ରହି (ଅର୍ଥାତ୍ ପୂର୍ଣ୍ଣ ଆନନ୍ଦମୟ ଶ୍ରୀ ଭଗବାନଙ୍କର ସୃଷ୍ଟି ଏହି ଆନନ୍ଦମୟ ବିଶ୍ୱରେ ବାସ କରି ସୁଦ୍ଧା) ଜଳ ଦ୍ୱାରା ମିଶ୍ରିର ମିଷ୍ଟତାକୁ ଗ୍ରହଣ ନ କରି ମିଶ୍ରିକୁ କିମ୍ବା ମିଶ୍ରି ମିଶ୍ରିତ ପାଣିକୁ ମଧୁରତା ବୋଲି ଧରିବାରେ ଚେଷ୍ଟିତ ଥାଇ ଏ ସଂସାରରେ ସୁଖ ଅନ୍ୱେଷଣ କରୁଅଛୁଁ ।

ପୂର୍ଣ୍ଣ ଆନନ୍ଦମୟ ଶ୍ରୀ ଭଗବାନଙ୍କର ଯେଉଁ ସୃଷ୍ଟି ମଧ୍ୟରେ ଆମ୍ଭେମାନେ ରହିଅଛୁଁ ସେହି ସୃଷ୍ଟି ସର୍ବଦା ଆମ୍ଭମାନଙ୍କୁ ସତର୍କ କରି କହିଦେଉଅଛି ମୋର ନାମ ସଂସାର, ମୋର ନାମର ଅର୍ଥ "ସମ୍ସରତୀତି ସଂସାରଃ" ଅର୍ଥାତ୍ ମୁଁ ସର୍ବଦା ପରିବର୍ତ୍ତନଶୀଳ ଓ ଅନିତ୍ୟ । ସଂସାରର ଆଉ ଗୋଟିଏ ସ୍ୱଭାବ ଅଛି, ତାହା ସଂସାରର ନାମରୁ ପ୍ରକାଶ ପାଉ ନାହିଁ । ସେ ସ୍ୱଭାବଟି ଏହି ଯେ, ସଂସାରର ପରିବର୍ତ୍ତନଶୀଳ ସମସ୍ତ ପଦାର୍ଥମାନଙ୍କ ମଧ୍ୟରେ ଯେଉଁ ସୁଖଟି ଅଛି ସେହି ସୁଖଟି କେବଳ ନିତ୍ୟ ।

ଯେହେତୁ ଆମ୍ଭେମାନେ ପ୍ରତ୍ୟେକ ଏହି ସଂସାରର ଅଂଶ, ତେଣୁ ସଂସାରର ଅର୍ଥ ଅନୁସାରେ ଆମ୍ଭେମାନେ ପ୍ରତ୍ୟେକ ପରିବର୍ତ୍ତନଶୀଳ ଓ ଅନିତ୍ୟ ; କିନ୍ତୁ ଆମ୍ଭମାନଙ୍କ ମଧ୍ୟରେ ଯେଉଁ ସୁଖ ବା ଆନନ୍ଦମୟ ବ୍ରହ୍ମ ନିହିତ ଅଛି ସେତିକି କେବଳ ନିତ୍ୟ । ସେହି ନିତ୍ୟ ପଦାର୍ଥର (ବ୍ରହ୍ମର କିମ୍ବା ଆନନ୍ଦର) ଅନ୍ୱେଷଣ କରିବା ଆମ୍ଭମାନଙ୍କର ସ୍ୱଭାବ । ଆମ୍ଭେମାନେ ଯଦି କେବଳ ସେହି ନିତ୍ୟ ସୁଖର ଅନ୍ୱେଷଣ କରନ୍ତି ତେବେ ସୁଖ ନିଶ୍ଚୟ ପାଆନ୍ତି । ଅନ୍ୱେଷଣ କରିବାକୁ ମଧ୍ୟ ଆବଶ୍ୟକ ହୁଅନ୍ତା ନାହିଁ, କାରଣ ଏ ସଂସାର ତମାମ୍ ସୁଖ । ଖାଇବାରେ ସୁଖ, ନୂତନ ଲୁଗାଖଣ୍ଡିଏ ପରିଧାନ କରିବାରେ ସୁଖ, ସ୍ତ୍ରୀରେ ସୁଖ, ସନ୍ତାନ ସନ୍ତତିରେ ସୁଖ, ଘରଖଣ୍ଡି ତିଆରି କରିବାରେ ସୁଖ ଇତ୍ୟାଦି ଇତ୍ୟାଦି ଏ ସଂସାର କେବଳ ସୁଖରେ (ଆନନ୍ଦମୟ ବ୍ରହ୍ମରେ) ପୂର୍ଣ୍ଣ ।

ଆମ୍ଭେମାନେ ସର୍ବଦା ସୁଖ ପାଉଅଛୁଁ ସତ୍ୟ ; କିନ୍ତୁ ପାଗଳ ବା ଅନ୍ଧପରି ଭୁଲି ଦେଉଅଛୁଁ । ଯେତେବେଳେ କୌଣସି ପଦାର୍ଥ ଲାଭକରି ଆମ୍ଭେମାନେ ସୁଖ ପାଉଁ ସେତେବେଳେ ଯଦି ଆମ୍ଭେମାନେ ସେହି ପରିବାଞ୍ଛିତ ସୁଖଟିକୁ ଧରିବାକୁ ଚେଷ୍ଟା କରନ୍ତି ତେବେ ଆଉ କିଛି

ଚିନ୍ତା ରହନ୍ତା ନାହିଁ ; କିନ୍ତୁ ଆମ୍ଭେମାନେ ତାହା ନ କରି ପ୍ରଥମେ (ସୁଖମୟ) ଜିନିଷଟିକୁ ଆଙ୍କାକରି ଧରିବାକୁ ଚେଷ୍ଟାକରୁଁ ଓ ମନେକରୁଁ ଏହି ଜିନିଷଟିରେ ସମସ୍ତ ସୁଖ ରହିଅଛି । ଯଦି ଆମ୍ଭେମାନେ ଜିନିଷଟି ପାଇଲାବେଳେ କେବଳ ଏତିକି ମାତ୍ର ମନେ କରିପାରନ୍ତୁ ଯେ ଜିନିଷଟି ସକାଶେ ମୋର ସୁଖ ନୁହେଁ ମାତ୍ର ମୋର ସୁଖ ସକାଶେ ଏ ସବୁ ଜିନିଷର ସୃଷ୍ଟି, ତେବେ ଏ ସଂସାର ମୋ ପକ୍ଷରେ ଆନନ୍ଦମୟ ହୁଅନ୍ତା । ଗୋଟିଏ ଉଦାହରଣରୁ ବିଷୟଟି ସ୍ପଷ୍ଟ ବୁଝାପିବ । ଉଦାହରଣଟି ଏହି—ଅନେକଦିନ ବାଞ୍ଛିତ କିମ୍ବା ଜନ୍ମଜନ୍ମାନ୍ତର ବାଞ୍ଛିତ ଗୋଟିଏ ସନ୍ତାନ ଜାତହେଲା । ଅନିତ୍ୟ ସନ୍ତାନର ଉତ୍ପତ୍ତି ସଙ୍ଗେ ସଙ୍ଗେ ସୁଖର ମଧ୍ୟ ଉତ୍ପତ୍ତି ହେଲା । ଉଭୟ ଜିନିଷର ଉତ୍ପତ୍ତି ହେଲା ସତ୍ୟ ; ମାତ୍ର ମୁଁ ସୁଖଟିକୁ ଧରିବାକୁ ଚେଷ୍ଟା ନ କରି ସେହି ଅନିତ୍ୟ ସନ୍ତାନଟିକୁ ସୁଖ ବୋଲି ଆଙ୍କାକରି ଧରିଲି, ଯଦି ସନ୍ତାନର ଉତ୍ପତ୍ତି ସଙ୍ଗେ ସଙ୍ଗେ କହି ପାରିଥାନ୍ତି "ଅନିତ୍ୟ ସନ୍ତାନଟି କୌଣସି ଦିନ ଗଲେ ଯାଇପାରେ କିନ୍ତୁ ସେଥିସକାଶେ କିମ୍ବା ସେହି ଅନିତ୍ୟ ବସ୍ତୁର ଧ୍ୱଂସ ସଙ୍ଗେ ସଙ୍ଗେ ମୋର ସୁଖ ଯାଇ ନ ପାରେ" ତେବେ ଏ ସଂସାର ମୋ ପକ୍ଷରେ ଆନନ୍ଦମୟ ହୋଇଥାନ୍ତା । କେବଳ ଏତିକି ନୁହେଁ ଏହିପରି ଏ ସଂସାରର ଯାବତୀୟ ପଦାର୍ଥ ସୁଖମୟ ବେଶରେ ଆମ୍ଭମାନଙ୍କର ସମ୍ମୁଖରେ ସର୍ବଦା ନୃତ୍ୟ କରି କରି ଯାଉଅଛି । ଆମ୍ଭେମାନେ ପ୍ରତ୍ୟେକ ସ୍ପଷ୍ଟ ବୁଝି ପାରୁଅଛୁଁ ଯେ ଆମ୍ଭମାନଙ୍କୁ ପଦାର୍ଥ ସବୁ ଆକର୍ଷଣ ନ କରି ସେହି ପଦାର୍ଥମାନଙ୍କରେ ଥିବା ସୁଖ (ଆନନ୍ଦମୟ ବ୍ରହ୍ମ) ଆକର୍ଷଣ କରୁଅଛି ; ମାତ୍ର ପଦାର୍ଥ ପାଖରେ ପହଞ୍ଚିଗଲା ମାତ୍ରକେ ସେହି ଅଦ୍ଭୁତ ଶକ୍ତିସମ୍ପନ୍ନ ମାୟାର ବଶବର୍ତ୍ତୀ ହୋଇ ଯାହାର ଆକର୍ଷଣରେ ସେହି ପଦାର୍ଥ ନିକଟରେ ଆସି ପହଞ୍ଚିଲୁ ତାକୁ ଧରି ନ ପାରି ମୁଠେଇକରି ଧରିଲୁଁ ସେହି ପଦାର୍ଥଟିକୁ । ସଂସାର ଯଥାସମୟରେ ସେହି ପଦାର୍ଥକୁ କାଢ଼ି ନେବାକୁ ଆସିଲା । ସେତେବେଳେ ତାହା ସହିତ ଅନେକ ଯୁଦ୍ଧ କଲୁଁ ଏବଂ ଯୁଦ୍ଧରେ ପରାସ୍ତ ହେଲୁଁ । ସଂସାର ଜୟୀ ହେଲା ଓ ପଦାର୍ଥଟିକୁ କାଢ଼ିନେଲା । ଆମ୍ଭେମାନେ କାନ୍ଦିକାନ୍ଦି କିଛିଦୂର ସଂସାରରେ ପଶ୍ଚାଦ୍ଧାବନ କଲୁଁ ଓ ବ୍ୟର୍ଥମନୋରଥ ହୋଇ ସଂସାର ଉପରେ ନିର୍ଦ୍ଦୟ ବୋଲି ଦୋଷାରୋପ କଲୁଁ । ସଂସାର କହିଲା, "ଭାଇରେ ମୋର କିଛି ଦୋଷ ନାହିଁ, ମୁଁ ସର୍ବଦା ବଜ୍ରନିର୍ଘୋଷ ସ୍ୱରରେ ତୁମ୍ଭମାନଙ୍କୁ ସତର୍କ କରି କହି ଦେଉଅଛି ମୋର

ନାମ ସଂସାର—ଭାଙ୍ଗିଦେବା, ନଷ୍ଟ କରିଦେବା କିମ୍ବା କାଢ଼ି ନେବା ମୋର ସ୍ୱଭାବ । ଏହା ତୋର ନିଜର ଦୋଷ । ମୁଁ ଜଣେ ତୋହ ପରି ମାୟାର ଅଧୀନ । ଭାବି ଦେଖ ଯେତେବେଳେ ତୁ ପ୍ରଥମେ ଏହି ପଦାର୍ଥଟିକୁ ପାଇଥିଲୁ ସେତେବେଳେ ଏ ପଦାର୍ଥଟି କେବଳ ସୁଖମୟ ଥିଲା । ଜିନିଷଟି ନ ଦେଖି ସୁଦ୍ଧା ତୋହର ସୁଖ ଉତ୍ପତ୍ତି ହୋଇଥିଲା । ତୁ ବାବୁ ଏହି ସୁଖଟି କ'ଣ ତାହା ନ ବୁଝି, ସୁଖଟିକୁ ନ ଧରି, ଜିନିଷଟିକୁ ଧରିଲୁ କାହିଁକି? ମୁଁ ତ ଭାଇ, ତତେ ପ୍ରଥମରେ କହି ଦେଇଅଛି ଓ ସବୁବେଳେ କହୁଅଛି, "ବାବୁରେ ସୁଖଟି ତୋର; ଜିନିଷଟି ମୋର, ତେବେ ମୋର ଦୋଷ କଣ ?"

ଭାବ ଦେଖନ୍ତୁ ; ଆମ୍ଭମାନଙ୍କର ହୃଦୟର ଗଭୀରତମ ପ୍ରଦେଶରୁ କିଏ ଯେପରି ସର୍ବଦା କହୁଅଛି, "ମୋର ମୋର" । ସେହି ମୋର ଶବ୍ଦ ଆଡ଼କୁ ଲକ୍ଷ୍ୟ କର ଏବଂ ସଂସାର ଆଡ଼କୁ ଦୃଷ୍ଟି ନିକ୍ଷେପ କରି ନିଜେ ସଂସାର କଣ କହୁଅଛି ଶୁଣ । ସଂସାର ମଧ୍ୟ ସର୍ବଦା କହୁଅଛି—"ମୋର ମୋର" । ମାତ୍ର ଆମ୍ଭମାନଙ୍କର ପ୍ରତ୍ୟେକଙ୍କ ହୃଦୟରୁ ବାହାରୁଥିବା "ମୋର" ଶବ୍ଦର ଅର୍ଥ ସଂସାର ବଜ୍ରନିର୍ଘୋଷ ସ୍ୱରରେ ଘୋଷଣା କରୁଥିବା "ମୋର" ଶବ୍ଦର ଅର୍ଥଠାରୁ ସ୍ୱତନ୍ତ୍ର । ଆମ୍ଭମାନଙ୍କର ହୃଦୟରୁ ବାହାରୁଥିବା "ମୋର" ଶବ୍ଦର ଅର୍ଥ ଏହି କି ମୋର ନିତ୍ୟ ସୁଖ ପାଇଁ ସମସ୍ତ ପଦାର୍ଥର ସୃଷ୍ଟି । ସଂସାର ଘୋଷଣା କରୁଥିବା "ମୋର" ଶବ୍ଦର ଅର୍ଥ ଏହି କି କେବଳ ଜିନିଷଟି ମୋର ଓ ସୁଖଟି ତୋର । କିନ୍ତୁ ଆମ୍ଭେମାନେ ଏହି ଅର୍ଥଟି ନ ବୁଝି ସଂସାର ସହିତ ଯୁଦ୍ଧ କରିବାରେ ବ୍ୟସ୍ତ । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଆଜୀବନ ଏହି ଯୁଦ୍ଧରେ ବ୍ୟସ୍ତ ଓ ବାରମ୍ବାର ପରାସ୍ତ ହୋଇ କେବଳ ଦୁଃଖମୟ ଜୀବନ ଯାପନ କରୁଅଛନ୍ତି । କେତେକ ଲୋକ ସଂସାର ସହିତ ଯୁଦ୍ଧ କରିବାକୁ ନିଜକୁ ଅକ୍ଷମ ମନେକରି ଏ ସୃଷ୍ଟିର ସୁଖମୟ ପଦାର୍ଥ ସବୁକୁ ଚିରକାଳ ପାଇଁ ଛାଡ଼ି ଦେଇ ଈଶ୍ୱରଦତ୍ତ ସୁଖ ଭୋଗ କରି ନ ପାରିଲେ ସୁଦ୍ଧା ପରାସ୍ତ ହେବେ । ରୂପ ଦୁଃଖ ଭୋଗ କରିବାରୁ ନିଜ ନିଜକୁ ରକ୍ଷା କରିଅଛନ୍ତି । ମାତ୍ର ଏହି "ମୋର" ଶବ୍ଦର ଅର୍ଥଟି ହୃଦୟଙ୍ଗମ କରିପାରିଲେ ଆଉ ସଂସାର ସହିତ ଯୁଦ୍ଧ କରିବାକୁ ପଡ଼ିବ ନାହିଁ କିମ୍ବା ଏ ସୃଷ୍ଟିର ସୁଖମୟ ପଦାର୍ଥ ସବୁକୁ ଛାଡ଼ି ଦେବାକୁ ହେବ ନାହିଁ; ବରଂ ଆମ୍ଭେମାନେ ଜୟୀ

ହେବୁଁ ଓ ସଂସାର ଆମ୍ଭମାନଙ୍କର ସୁଖ ସକାଶେ ଗୋଟି ଗୋଟି କରି ସମସ୍ତ ପଦାର୍ଥ ଆଣି ସ୍ୱଇଚ୍ଛାରେ ଯୋଗାଇବ । ଗୋଟିଏ ପଦାର୍ଥ କାଢ଼ି ନେବା ସଙ୍ଗେ ସଙ୍ଗେ ଅନ୍ୟ ପଦାର୍ଥ ଆଣି ଯୋଗାଇବାକୁ ବାଧ୍ୟ ହେବ। ଗୀତାରେ ଭଗବାନ ନିମ୍ନୋକ୍ତ ଶ୍ଳୋକ ଯୋଡ଼ିକରେ ଏହିପରି ଭୋଗ କରିବାକୁ ଉପଦେଶ ଦେଇଅଛନ୍ତି ।

(୧) ଅପୂର୍ଯ୍ୟମାଣମ୍ ଚଳ ପ୍ରତିଷ୍ଠମ୍ ।
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ॥
ତଦ୍‌ବତ୍ କାମାଃ ଯଂ ପ୍ରବିଶନ୍ତି ସର୍ବେ ।
ସ ଶାନ୍ତି ମାପ୍ନୋତି ନକାମକାମୀ ॥

(୨) ବିହାୟକାମାନ୍ ଯଃ ସର୍ବାନ୍
ପୁମାଂ ଶ୍ଚରତି ନିସ୍ପୃହ
ନିର୍ମମୋ ନିରହଂକାର
ସ ଶାନ୍ତି ମଧି ଗଚ୍ଛତି

ଶ୍ରୀମଦ୍ଭାଗବତରୁ ଗୋଟିଏ ଉଦାହରଣ ଦେଲେ ବିଷୟଟି ସ୍ପଷ୍ଟ ବୁଝାଯିବ ।

ମହାରାଜ କଂସ ମହା ଆନନ୍ଦରେ ଖୁବ୍ ସମାରୋହରେ ଦେବକୀ ଓ ବସୁଦେବଙ୍କୁ ରଥରେ ନେଇ ଯାଉ ଯାଉ ଦୈବବାଣୀ ହେଲା, "ରେ କଂସ, ଯେଉଁ ଭଉଣୀର ବିବାହୋତ୍ସବ ତୁ ଏତେ ସମାରୋହ ସହିତ କରିବାକୁ ଯାଉଅଛୁ ସେହି ଭଉଣୀର ଅଷ୍ଟମ-ଗର୍ଭ-ଜାତ-ସନ୍ତାନ ଦ୍ୱାରା ତୋର ମୃତ୍ୟୁ" । ଏହି ବାଣୀ ଶୁଣିବା ମାତ୍ରକେ କଂସ ମହାରାଜାଙ୍କର ସମସ୍ତ ଆନନ୍ଦ ଉତ୍ସବ ସେହିଠାରେ ଶେଷ । ରଥ ଫେରାଇ ଆଣି ଦେବକୀ ଓ ବସୁଦେବଙ୍କୁ କାରାଗାରରେ ରଖିଲେ ଓ ତା ପରେ ଯାହା ଯାହା କଲେ ତାହା ପ୍ରାୟ ସମସ୍ତଙ୍କୁ ଜଣା । ଯଦି କଂସ ମହାରାଜ ଏତିକି ମାତ୍ର ଭାବି ପାରିଥାନ୍ତେ ଯେ, ଏ ସଂସାରରେ ତାହାଙ୍କର ଅସ୍ତିତ୍ୱ ସର୍ବଦା ମୃତ୍ୟୁକୁ ସ୍ୱୀକାର କରି ରହିଅଛି ତେବେ ସେ ଏହି ଆନନ୍ଦମୟ ପଥ ଛାଡ଼ି ଏପରି ଓଲଟା ଦୁଃଖମୟ ପଥର ଆଶ୍ରୟ ନେଇ ନ ଥାନ୍ତେ ।

ମୋଟାମୋଟି କହିବାକୁ ଗଲେ କଂସମହାରାଜା ଚିରଦିନ ବଞ୍ଚି ରହିବାକୁ ଇଚ୍ଛା କରିଥିଲେ । କେବଳ କଂସ ଯେ ଏପରି ଇଚ୍ଛା କରିଥିଲେ ତାହା ନୁହେଁ, ରାବଣ ମଧ୍ୟ ଚିରଦିନ ବଞ୍ଚି ରହିବା ସକାଶେ ଅନେକ

ଚେଷ୍ଟା କରିଥିଲେ । ହିରଣ୍ୟକଶିପୁ ମଧ୍ୟ ଚିରଦିନ ବଞ୍ଚି ରହିବା ସକାଶେ ଯେତେଦୂର ଚେଷ୍ଟା କରିଥିଲେ ତାହା ସମସ୍ତଙ୍କୁ ଜଣାଥିବ ।

ସେମାନେ ସମସ୍ତେ ବଞ୍ଚି ରହିବାକୁ ଯଥାର୍ଥ ସୁଖ ମନେକରି ସେଥି ସକାଶେ ଯତ୍ପରୋନାସ୍ତି ଚେଷ୍ଟା କରିଥିଲେ ।

ଆମ୍ଭେମାନେ ମଧ୍ୟ କଏ କଂସ, କଏ ରାବଣ, କଏ ହିରଣ୍ୟକଶିପୁ କିମ୍ବା ସେମାନଙ୍କର ଉପଯୁକ୍ତ ପ୍ରଜା । ତେଣୁ ଆମ୍ଭେମାନେ ମଧ୍ୟ ଚିରଦିନ ବଞ୍ଚି ରହିବାକୁ (ଏ ଦେହଟାକୁ ଧାରଣ କରିବାକୁ) ଚେଷ୍ଟାକରି ସୁଖାନ୍ୱେଷଣ କରୁଅଛୁଁ ; ମାତ୍ର ଯଥାର୍ଥରେ ଏ ଜୀବନକୁ ଦୁଃଖମୟ କରି ରଖିଅଛୁଁ । କେବଳ ଏତିକ ନୁହେଁ—ମୋର ଧନ ସମ୍ପତ୍ତି ଚିରଦିନ ରହିବ, ମୋର ବାପ ମା’ ସବୁଦିନେ ରହିବେ, ମୋର ସନ୍ତାନ ସନ୍ତତି ସବୁଦିନେ ରହିବେ, ମୋର ଆତ୍ମମର୍ଯ୍ୟାଦା ଚିରଦିନ ଅକ୍ଷୁଣ୍ଣ ରହିଥିବ । ଏଥି ସକାଶେ ଆମ୍ଭେମାନେ ସମସ୍ତ ଆୟୋଜନ କରୁଅଛୁଁ । ସଂସାରର ଆଉ ସବୁ ପରିବର୍ତ୍ତିତ ହେଉ, ଧ୍ୱଂସ ହେଉ, ସେଥି ସକାଶେ ମୋର ଆପତ୍ତି ନାହିଁ । କିନ୍ତୁ ଯେତିକ “ମୋର” ସେତିକ ଚିରଦିନ ଅକ୍ଷୁଣ୍ଣ ରହୁ । ଏହି ଉପାୟରେ ଆମ୍ଭେମାନେ ପ୍ରତ୍ୟେକ ସୁଖାନ୍ୱେଷଣ କରୁଅଛୁଁ ।

ଜଗତର ମଙ୍ଗଳ ସାଧନରେ ଧ୍ୱଂସ ହେବା ସକାଶେ ଏ ଦେହର ଉତ୍ପତ୍ତି ହୋଇଅଛି । ଆମ୍ଭେମାନେ ଯଦି କେବଳ ଏତିକ ମାତ୍ର ସ୍ୱୀକାର କରି ଏ ଦେହଟାକୁ ଲୋକସେବାରେ (ଧ୍ୱଂସ ହେବା ସକାଶେ) ଛାଡ଼ି ଦେଇ ପାରନ୍ତୁ ତେବେ ଦେଖିବୁଁ, ଏ ଜୀବନ ଓ ଏ ସଂସାର କେବଳ ଆନନ୍ଦମୟ—ମାତ୍ର ଏତିକ ସ୍ୱୀକାର ନକରି ଆମ୍ଭେମାନେ ରାବଣ, ହିରଣ୍ୟକଶିପୁ କିମ୍ବା କଂସ ମହାରାଜାଙ୍କ ପରି ଓଲଟା ଦୁଃଖମୟ ପଥର ଆଶ୍ରୟ ନେଇ ପାଶବିକ ସୁଖ ଅନ୍ୱେଷଣରେ ସର୍ବଦା ଚେଷ୍ଟିତ ।

ଅତଏବ ପାଶବିକ ସୁଖକୁ ପ୍ରକୃତ ମନୁଷ୍ୟୋଚିତ ସୁଖ ମନେକରି ଏପରି ଓଲଟା ପଥରେ ଆଉ ଅଧିକ ଦୂର ଅଗ୍ରସର ନ ହୋଇ ଫେରନ୍ତୁ । ପ୍ରକୃତ ସୁଖାନ୍ୱେଷଣ କରିବା ସକାଶେ ପ୍ରକୃତ ପଥର ଆଶ୍ରୟ ନିଅନ୍ତୁ । ପୂର୍ବକାଳର ମହାପୁରୁଷମାନେ ସୁଖ ସମ୍ବନ୍ଧେ ଉପଦେଶ ଦେଇଅଛନ୍ତି—

ସୁଖଂ ବାଞ୍ଛିତ ସର୍ବୋହି
ତଚ୍ଚଧର୍ମ୍ମ ସମୁଦ୍ଭବ ।

ତସ୍ମାଦ୍ଧର୍ମଃ ସଦାକାର୍ଯ୍ୟଃ
ସର୍ବବର୍ଣ୍ଣୈ ପ୍ରଯତ୍ନତଃ

ଅର୍ଥାତ୍ ସମସ୍ତେ ସୁଖ ଅନ୍ୱେଷଣ କରୁଅଛନ୍ତି । ସେହି ସୁଖ ଧର୍ମରୁ ସମୁଦ୍ଭବ ଅତଏବ ସୁଖ ଉପଲବ୍ଧି କରିବାକୁ କେବଳ ଧର୍ମ ପାଳନ କରିବା ଏକାନ୍ତ ଆବଶ୍ୟକ । ଉପରୋକ୍ତ ଶ୍ଳୋକରୁ ଆମ୍ଭେମାନେ ଦେଖି ପାରୁଅଛୁଁ ଯେ, ଯଥାର୍ଥ ସୁଖ ଅନ୍ୱେଷଣ କରିବା ପୂର୍ବରୁ ଧର୍ମର ଅନ୍ୱେଷଣ କରିବା ଏକାନ୍ତ ଆବଶ୍ୟକ । ଧର୍ମାନ୍ୱେଷଣରେ ଚେଷ୍ଟିତ ହେବା ପୂର୍ବରୁ ଏପରି ଗୋଟିଏ ପଥ ସ୍ଥିର କରିବା ଆବଶ୍ୟକ ଯେ ସେହି ପଥରେ ଅଗ୍ରସର ହୋଇ ଆମ୍ଭେମାନେ ଧର୍ମର ଅନ୍ୱେଷଣ କରିପାରିବୁଁ । ଅତଏବ ଚାଲନ୍ତୁ, ପ୍ରଥମେ ଏହି ଧର୍ମପଥ ସମ୍ବନ୍ଧେ ସାମାନ୍ୟ ଆଲୋଚନା କରିବା ।

**ଧର୍ମପଥ** :—ଆମ୍ଭେମାନେ ଜାତ ହେବା ପରେ ଇନ୍ଦ୍ରିୟ-ମାନଙ୍କର କିଛି କିଛି ଶକ୍ତି ସଞ୍ଚାର ହେବା ସଙ୍ଗେ ସଙ୍ଗେ ବୁଝି ପାରିଥିଲୁଁ ଯେ, ଏ ପୃଥିବୀ ସ୍ଥିର, ସୂର୍ଯ୍ୟଦେବ ପୃଥିବୀ ଅପେକ୍ଷା ଅନେକ କ୍ଷୁଦ୍ର, ନକ୍ଷତ୍ରମାନେ ସୂର୍ଯ୍ୟଙ୍କ ଅପେକ୍ଷା ଅନେକ ଛୋଟ, ପୃଥିବୀ ଏକ ସମତଳ ଭୂମି ଇତ୍ୟାଦି ଇତ୍ୟାଦି । ଏହିପରି ବୁଝିବା ଅବସ୍ଥା ଆମ୍ଭମାନଙ୍କର ସ୍କୁଲକୁ ଯିବା ପର୍ଯ୍ୟନ୍ତ ରହିଲା, ମାତ୍ର ସ୍କୁଲରେ ଗୁରୁଙ୍କଠାରୁ ବୁଝିଲୁଁ ଯେ ପୃଥିବୀ ଗୋଲ ଓ ସର୍ବଦା ବୁଲୁଅଛି, ସୂର୍ଯ୍ୟ ପୃଥିବୀ ଅପେକ୍ଷା ଅନେକ ବଡ଼, ନକ୍ଷତ୍ରମାନେ ସୂର୍ଯ୍ୟଙ୍କ ଅପେକ୍ଷା ଅନେକ ବଡ଼ ଇତ୍ୟାଦି ଇତ୍ୟାଦି ।

ଏହିପରି ଆମ୍ଭମାନଙ୍କୁ ଆସ୍ତେ ଆସ୍ତେ ଅଗ୍ରସର ହେବାକୁ ହେଲା ; ଏତେକ ବୁଝିପାରିଲୁଁ ସତ୍ୟ, ମାତ୍ର ଏତେବେଳ ପର୍ଯ୍ୟନ୍ତ ମନେ କରୁଅଛୁଁ ; ଏ ସଂସାର ନିତ୍ୟ, ଆମ୍ଭମାନଙ୍କର ଜୀବନ ଚିରସ୍ଥାୟୀ, କିନ୍ତୁ ଆଉ କିଛିଦିନ ପରେ ବୁଝି ପାରିଲୁଁ ଯେ ନା, ଏ ସଂସାର ଅନିତ୍ୟ ; ଜୀବନ ଚିରସ୍ଥାୟୀ ନୁହେଁ, ଜଳବୁଦ୍‌ବୁଦ ପରି ଅଳ୍ପକ୍ଷଣସ୍ଥାୟୀ । ଏହିପରି ଆମ୍ଭମାନଙ୍କୁ ଯାହା ଠିକ୍ ବୋଲି ପ୍ରଥମେ ମନେ ହେଉଥିଲା ସେହି ଅବସ୍ଥାରୁ ଗୋଟିଏ ଯଥାର୍ଥରେ ଠିକ୍ ଅବସ୍ଥା ଆଡ଼କୁ ଅଗ୍ରସର ହେବାକୁ ପଡ଼ିଲା । ଅତଏବ ଆମ୍ଭେମାନେ ଦେଖି ପାରୁଅଛୁଁ ଯେ, ଆମ୍ଭମାନଙ୍କର ଜୀବନର ଓ ବିଶ୍ୱର ସମସ୍ତ କ୍ରିୟାକଳାପର ଯୋଡ଼ିଏ ଅବସ୍ଥା ଅଛି । ୧—ଠିକ୍ ବୋଲି ମନେ

ହେବା (ଅବସ୍ଥା) । ୨—ଯଥାର୍ଥରେ ଠିକ୍ (ଅବସ୍ଥା) । ଆମ୍ଭମାନଙ୍କୁ ଏହି ମନେ ହେବା ଅବସ୍ଥାରୁ ଯଥାର୍ଥ ଅବସ୍ଥାକୁ ଆସିବାକୁ ହେଉଅଛି, ଯେଉଁ ପଥ ଦେଇ ଏହି ମନେ ହେବା ଅବସ୍ଥାରୁ ଯଥାର୍ଥ ଅବସ୍ଥାରେ ଉପନୀତ ହେବାକୁ ହୁଏ, ସେହି ପଥକୁ ଧର୍ମ ପଥ କୁହାଯାଏ । ଏହି ଧର୍ମ ପଥରେ ପହଞ୍ଚାଇ ଦେବା ନିମନ୍ତେ ସଦ୍‌ଗୁରୁ ଓ ପିତା ମାତାଙ୍କର ସାହାଯ୍ୟ ଓ ଉପଦେଶ ଆବଶ୍ୟକ ।

ଏହି ଧର୍ମ ପଥ କିମ୍ବା ଧର୍ମାନ୍ୱେଷଣ ଆମ୍ଭେମାନେ ଅନେକ ଦିନରୁ ଖୋଜିଲୁଣି । ପିଲାଦିନେ ସ୍କୁଲରେ ପଢ଼ିଲାବେଳେ ସ୍କୁଲ ଧର୍ମ ନାଟକରୁ ଗୋଟିଏ ଗୀତ ଶୁଣିଥିଲୁଁ, ସେହି ଗୀତଟି ସମସ୍ତଙ୍କର ହୃଦୟଗ୍ରାହୀ ହୋଇଥିଲା । ଅଦ୍ୟାପି ସେହି ଗୀତଟିର ଆଦର ଅଛି । ଗୀତଟିର ପ୍ରଥମ ପଦଟି ଉଲ୍ଲେଖ କଲି ।

ସବେ ଉନ୍ନତିପଥରେ ସ୍ଥୂଳ ବାଧାବନ୍ଧ ନ ମାନ । (ଘୋଷା)
ସାଗରେ ଯାଏ ଯେ ନଦୀ,
କେବେ କି ଗିରି ଉପତ୍ୟକା ଆହରି ରହେ ।
କାହିଁ ରହେ ଅଟକି
ହୃଦେ ଥିଲେ ବଳ ତାକୁ ପାରେ କେ ରଖି ।

ଆମ୍ଭେମାନେ ବର୍ତ୍ତମାନ ଏହି ଉନ୍ନତି ପଥରେ ପଥିକ, ଏହି ଉନ୍ନତି ପଥରେ ହିଁ ଧର୍ମ, କର୍ମ, ଭଗବାନ, ସୁଖ ଓ ଶାନ୍ତି ସବୁ ମିଳିବ, ଏହା ଆମ୍ଭମାନଙ୍କର ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱାସ ।

ଏହି ବିଶ୍ୱାସରେ ଆମ୍ଭେମାନେ ସଭ୍ୟ, ଉନ୍ନତ ଜାତିମାନଙ୍କୁ ଓ ସେହି ଜାତିସ୍ଥ ବିଖ୍ୟାତ ମହାପୁରୁଷମାନଙ୍କୁ ଏକମାତ୍ର ଲକ୍ଷ୍ୟ କରି କୌଣସି ବାଧାବନ୍ଧ ନ ମାନି ଅର୍ଥାତ୍ ନିଜର ଶାସ୍ତ୍ର ଶାସନ ନିମନ୍ତେ କିମ୍ବା ନୈତିକ ତର୍କ ନିମନ୍ତେ ଶତ ଶତ ଲୋକ ନିହତ ହୋଇଗଲେ ସୁଦ୍ଧା ଟିକେ ମାତ୍ର ଭ୍ରୂକ୍ଷେପ ନ କରି ସେହି ଉନ୍ନତି ପଥରେ ଅଗ୍ରସର ହେଉଅଛୁଁ । ଆମ୍ଭେମାନେ ଯେଉଁ ଉନ୍ନତ ମହାପୁରୁଷମାନଙ୍କୁ ଆଦର୍ଶ କରି ଅଗ୍ରସର ହେଉଅଛୁ ସେମାନେ ବର୍ତ୍ତମାନ ସେହି ଧର୍ମପଥ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେଣି । ତାହାର ମଧ୍ୟ ଆମ୍ଭେମାନେ ଯଥେଷ୍ଟ ପ୍ରମାଣ ପାଇ ସାରିଲୁଣି ; କାରଣ ସମସ୍ତ ପୃଥିବୀରେ ଓ ସମସ୍ତ ଜାତିମାନଙ୍କ ମଧ୍ୟରେ

ଶାନ୍ତି ସ୍ଥାପନ କରିବା ପ୍ରଶ୍ନ ସେମାନଙ୍କ ହୃଦୟରେ ଜାଗ୍ରତ ହେଲାଣି । ବାରମ୍ବାର ଅକୃତକାର୍ଯ୍ୟ ହେଲେ ସୁଦ୍ଧା ସେହି ଚେଷ୍ଟାରେ ସେମାନେ ଚେଷ୍ଟିତ ହେଲେଣି । ମାତ୍ର ଭୋଗଭୂମିରେ ଥିବା ପର୍ଯ୍ୟନ୍ତ ସେମାନଙ୍କର ଚେଷ୍ଟା ଫଳବତୀ ହୋଇ ପାରିବ କି ନା ତାହା ପାଠକମାନେ ଭାବି ସ୍ଥିର କରନ୍ତୁ । କାରଣ ଶାସ୍ତ୍ର ଓ ପୁରାଣ ଇତ୍ୟାଦିରେ ଉଲ୍ଲେଖ ଥିବା ଇତିହାସରୁ ଆମ୍ଭେମାନେ ଦେଖି ପାରୁଅଛୁଁ ଯେ, ଯେଉଁମାନେ ଯୁଗେ ଯୁଗେ ପୃଥିବୀରେ ଶାନ୍ତି ସ୍ଥାପନ କରିବାର ଭିତ୍ତି ପ୍ରସ୍ତୁତ କରି ଯାଇଅଛନ୍ତି ସେମାନେ ସମ୍ପୂର୍ଣ୍ଣ ତ୍ୟାଗଭୂମିରେ ଥାଇ ତାହା କରିଅଛନ୍ତି (ଭୋଗଭୂମିରେ ନୁହେଁ)। ଆମ୍ଭେମାନେ ସେହି ତ୍ୟାଗୀ ମହାପୁରୁଷମାନଙ୍କର ବଂଶଧର ଅଟୁଁ । କିନ୍ତୁ କି ଦୁଃଖର ବିଷୟ ! ଏ ପର୍ଯ୍ୟନ୍ତ ଅମ୍ଭମାନଙ୍କର ମୋହନିଦ୍ରା ଭାଙ୍ଗି ନାହିଁ । ଚାଲନ୍ତୁ, ଆମ୍ଭେମାନେ ମଧ୍ୟ କାଳ ବିଳମ୍ବ ନ କରି ଉନ୍ନତିପଥରେ ଅଗ୍ରସର ହେଉଥିଲେ ସୁଦ୍ଧା ବିଶ୍ରାମ ସମୟରେ ଆମ୍ଭମାନଙ୍କର ପୂର୍ବପୁରୁଷାନୁଷ୍ଠିତ ସେହି ଧର୍ମପଥ ଆଡ଼କୁ ଥରେ ମାତ୍ର ଦୃଷ୍ଟିନିକ୍ଷେପ କରିବା । କଳ୍ପନାରେ ସୁଦ୍ଧା ଏହି ଧର୍ମ୍ମପଥରେ ଅଗ୍ରସର ହେଲେ ଆମ୍ଭେମାନେ ବୁଝିପାରିବୁଁ ଯେ, ଯାହାକୁ ଚିରସ୍ଥାୟୀ ବୋଲି ମନେ କରିଥିଲୁଁ ତାହା ଯଥାର୍ଥରେ କ୍ଷଣଭଙ୍ଗୁର, ଯାହାକୁ ସତ୍ୟ ବୋଲି ମନେ କରିଥିଲୁଁ ତାହା ମିଥ୍ୟା, ଯାହାକୁ ଶିକ୍ଷା ବୋଲି ମନେ କରିଥିଲୁ ତାହା କେବଳ ଅଶିକ୍ଷା ନୁହେଁ ବରଂ କୁଶିକ୍ଷା, ଯେଉଁ ଉନ୍ନତ ଅବସ୍ଥାକୁ ସତ୍ୟ ଜାଗରଣ ଅବସ୍ଥା ବୋଲି ମନେ କରିଥିଲୁ ତାହା ଯଥାର୍ଥରେ ନିଦ୍ରିତାବସ୍ଥାରେ ଦୁଃସ୍ୱପ୍ନ ଦର୍ଶନ, ଯାହାକୁ ଦାନ ବୋଲି ମନେ କରିଥିଲୁ ତାହା ଯଥାର୍ଥ ଦାନ ନୁହେଁ, ସେଠି ଅହଂକାର, ଯାହାକୁ ସ୍ୱାଧୀନତା ବୋଲି ମନେ କରିଥିଲୁ ତାହା ଯଥାର୍ଥରେ ସ୍ୱେଚ୍ଛା-ଚାରିତା, ଯାହାକୁ ସୁଖ ବୋଲି ମନେ କରିଥିଲୁ ତାହା ଯଥାର୍ଥରେ ଦୁଃଖର ହେତୁ ଓ ଯେଉଁ ଉନ୍ନତ ପଥକୁ ଜୀବନର ଏକମାତ୍ର ପଥ ବୋଲି ମନେ କରିଥିଲୁ ତାହା ଯଥାର୍ଥରେ ଉନ୍ନତିପଥ ନୁହେଁ । ବରଂ ଅଧୋ-ଗତିର ପଥ ।

## ଧର୍ମ୍ମପଥ ସହିତ ବର୍ତ୍ତମାନ ଯୁଗର ଉନ୍ନତି ପଥର ତୁଳନା :—

ପୂର୍ବକାଳର ମହାପୁରୁଷମାନେ ଯେଉଁ ପଥରେ ଅଗ୍ରସର ହୋଇ ସମସ୍ତ ପ୍ରାଣୀମାନଙ୍କର ମଙ୍ଗଳ ସାଧନାରେ ବ୍ରତୀ ହୋଇ ନିଜର ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରିଥିଲେ ସେହି ପଥର ନାମ ଧର୍ମପଥ ।

ଯେଉଁ ପଥରେ ଅଗ୍ରସର ହୋଇ ଆମ୍ଭେମାନେ ନିଜ ନିଜର ମଙ୍ଗଳ ସାଧନାରେ (ପ୍ରକୃତ ମଙ୍ଗଳ ନୁହେଁ କେବଳ ଏହି ନଶ୍ୱର ଦେହର ଭୋଗବାସନା ପରିତୃପ୍ତି କରିବା ନିମନ୍ତେ) ସମସ୍ତ ଜଗତର ଅନିଷ୍ଟ ସାଧନାରେ ବ୍ରତୀ ହୋଇଅଛୁଁ, ସେହିପଥର ନାମ ବର୍ତ୍ତମାନ ଯୁଗର ଉନ୍ନତି ପଥ ।

ଯେଉଁ ପଥର ଆଶ୍ରୟ ନେଇ ପୂର୍ବକାଳର ମହାପୁରୁଷମାନେ (ଯାହାଙ୍କର ବସ୍ତ୍ର ଥିଲା ଗୁରୁ ପାଞ୍ଚ ଇଞ୍ଚ ଓସାର ଖଣ୍ଡେ କୌପୀନ ଓ ଆହାର ଥିଲା ପାଏ କି ଅଧପାଏ ଅରୁଆ ଅନ୍ନ) ଭାରତବର୍ଷର ଲକ୍ଷ ଲକ୍ଷ ନରନାରୀମାନଙ୍କୁ ଏକ ଆର୍ଯ୍ୟ ସମ୍ପ୍ରଦାୟଭୁକ୍ତ କରିଥିଲେ ଓ ଶାସ୍ତ୍ର ମାନଙ୍କରେ ଭଗବାନଙ୍କୁ ବିଶ୍ୱସ୍ରଷ୍ଟା ସମସ୍ତ ପ୍ରାଣୀଙ୍କର ପରମପିତା ବୋଲି ଉଲ୍ଲେଖ କରି "ବସୁଧୈବ କୁଟୁମ୍ବକମ୍" ଏହି ଉଦାର ସାର୍ବଜନୀନ ଭ୍ରାତୃଭାବକୁ ସମସ୍ତଙ୍କ ମନରେ ଜାଗ୍ରତ ରଖି ପୃଥିବୀର ସମସ୍ତ ସମ୍ପ୍ରଦାୟମାନଙ୍କ ମଧ୍ୟରେ ଶାନ୍ତିସ୍ଥାପନ କରିଥିଲେ ସେହି ପଥର ନାମ ଧର୍ମପଥ । ଯେଉଁ ମହାପୁରୁଷମାନଙ୍କ ଆଦର୍ଶରେ ଶତ ଶତ ପ୍ରାଣୀଙ୍କୁ ନିର୍ଦ୍ୱନ୍ଦରେ ଏକାନ୍ନବର୍ତ୍ତୀ ପରିବାରରେ ରହିଥିବାର ଆମ୍ଭେମାନେ ପ୍ରତ୍ୟକ୍ଷ ସ୍ୱଚକ୍ଷୁରେ ଦେଖିଅଛୁଁ, (ଆଉ କିଛିଦିନ ପରେ ତାହା ଇତିହାସର କଥା କିମ୍ବା କଳ୍ପନାରେ ପରିଣତ ହୋଇଯିବ) ବର୍ତ୍ତମାନ ସେହି ସବୁ ମହାପୁରୁଷମାନଙ୍କୁ ମିତବ୍ୟୟୀ, ଅଶିକ୍ଷିତ ଓ ଅସଭ୍ୟ ବୋଲି ଜ୍ଞାନ କଲେ ସୁଦ୍ଧା ସେହି ଧର୍ମପଥାବଲମ୍ବୀ ମହାପୁରୁଷମାନେ ଯଥାର୍ଥରେ ସଭ୍ୟ, ଶିକ୍ଷିତ, ଜ୍ଞାନୀ ଓ ବୁଦ୍ଧିମାନ । ତେଣୁ ସେମାନେ ଜଗତର ଆଦର୍ଶ ହୋଇ ଆଦରଣୀୟ ହୋଇଥିଲେ ।

ବର୍ତ୍ତମାନ ଯେଉଁ ମହାପୁରୁଷମାନଙ୍କର ଗାଉନ କିମ୍ବା ବସ୍ତ୍ର ଯେତେ ବେଶୀ ଓସାର ଓ ଯାହାଙ୍କର ଦୈନିକ ବ୍ୟୟ ଯେତେ ବେଶୀ (ସ୍ଥୂଳ କଥାରେ ଯାହାଙ୍କର ବୈଷୟିକ ଅଭାବ ଯେତେ ବେଶୀ) ଯେଉଁ ମହାପୁରୁଷ ଯେତେ ଅଳ୍ପ ପରିଶ୍ରମରେ ଯେତେ ବେଶୀ ଲୋକଙ୍କର ଅନିଷ୍ଟ ସାଧନ କରିପାରନ୍ତି, ଯେଉଁ ମହାପୁରୁଷ ଯେତେ ବେଶୀ ଲୋକଙ୍କୁ ନିଜ ଅଧୀନରେ ଅର୍ଥର ଦାସ କରି ରଖି ପାରନ୍ତି, ଯେଉଁ ମହାପୁରୁଷମାନଙ୍କ ଆଦର୍ଶରେ ଆମ୍ଭେମାନେ ପରସ୍ପର ପରସ୍ପର ସହିତ ବିବାଦ କରି ଅସଂଖ୍ୟ ଭିନ୍ନ

ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ହୋଇ ଆସ୍ତେ ଆସ୍ତେ ଏପରି ଉନ୍ନତ ଅବସ୍ଥାରେ ଉପନୀତ ହୋଇଅଛୁଁ କି ପିତା ପୁତ୍ର କନ୍ୟା ସ୍ୱାମୀ ସ୍ତ୍ରୀଙ୍କର ଏକାନ୍ନବର୍ତ୍ତୀ ପରିବାର ମଧ୍ୟରେ ରହିବା ଅସମ୍ଭବ ହୋଇ ସାରିଲାଣି ସେହି ସଭ୍ୟ ବହୁବ୍ୟୟୀ ଓ ଉଦାରଚେତା ମହାପୁରୁଷମାନେ ଯେଉଁ ପଥର ଆଶ୍ରୟ ନେଇ ବର୍ତ୍ତମାନ ପ୍ରତି ଗ୍ରାମର ମାମଲତକାର, ପ୍ରତି ଦଳର ନେତା, ପ୍ରତି ଧର୍ମସମ୍ପ୍ରଦାୟର ଆଗୁଆ ଓ ପ୍ରତି ପରିବାରର ମୁରବି ହୋଇ ଆମ୍ଭମାନଙ୍କର ଆଦର୍ଶ ଓ ଆଦରଣୀୟ ହୋଇଅଛନ୍ତି ସେହି ପଥର ନାମ ବର୍ତ୍ତମାନ ଯୁଗର ଉନ୍ନତି ପଥ ।

ଧର୍ମ ପଥରେ ଅଗ୍ରସର ହେବାକୁ ହେଲେ ଭଗବାନଙ୍କ ପ୍ରତି ସର୍ବଦା ଲକ୍ଷ୍ୟ ରଖିବା ଆବଶ୍ୟକ । ବର୍ତ୍ତମାନ ଯୁଗର ଉନ୍ନତି ପଥରେ ଅଗ୍ରସର ହେବାକୁ ହେଲେ ସଭ୍ୟ ଓ ତଥାକଥିତ ଉନ୍ନତ ମହାପୁରୁଷମାନଙ୍କ ପ୍ରତି ସମ୍ପୂର୍ଣ୍ଣ ଲକ୍ଷ୍ୟ ରଖିବାକୁ ହେବ ଓ ସେହି ସବୁ ମହାପୁରୁଷମାନଙ୍କୁ ଆଦର୍ଶ ରଖି ସଂସାର ଯାତ୍ରା ନିର୍ବାହ କରିବାକୁ ହେବ । ଧର୍ମପଥରେ ଅଗ୍ରସର ହେଲେ ଆମ୍ଭେମାନେ ସ୍ୱାଧୀନତାରୂପ ଏକମାତ୍ର ମନୁଷ୍ୟୋଚିତ ସୁଖ ଉପଲବ୍ଧି କରିପାରିବୁଁ ।

ବର୍ତ୍ତମାନ ଯୁଗର ଉନ୍ନତି ପଥରେ ଅଗ୍ରସର ହେବାକୁ ହେଲେ ଆମ୍ଭେମାନେ କୁବେର ଭଣ୍ଡାର ପାଇ ପାରିବୁଁ ଓ ସମସ୍ତ ଜଗତକୁ ନିଜର ଅଧୀନରେ ଅର୍ଥର ଦାସ କରି ରଖି ପାରିବୁଁ ମାତ୍ର ଉପର ଲିଖିତ ସ୍ୱାଧୀନତାରୂପ ପ୍ରକୃତ ମନୁଷ୍ୟୋଚିତ ସୁଖରୁ ବଞ୍ଚିତ ରହିବୁଁ ।

ଭଗବାନଙ୍କ ଜ୍ୟୋତିରେ ସର୍ବଦା ଆଲୋକିତ ସେହି ଧର୍ମପଥ ବର୍ତ୍ତମାନ ଆମ୍ଭମାନଙ୍କର ଦୁରବସ୍ଥା ଦୃଷ୍ଟିରେ ଅନ୍ଧକାରାଚ୍ଛନ୍ନ ଓ ତେଣୁ ବର୍ତ୍ତମାନ ଯୁଗର ଉନ୍ନତି ପଥ ସଭ୍ୟ ଓ ଉନ୍ନତ ଜାତିମାନଙ୍କର (ଭଗବାନଙ୍କର ଜ୍ୟୋତି ତୁଳନାରେ) ଖଦ୍ୟୋତବତ୍ ଆଲୋକରେ ଆଲୋକିତ । ଯେପରି ଚନ୍ଦ୍ରାଲୋକିତ ରଜନୀରେ ଖଦ୍ୟୋତର ଆଲୋକ ଦେଖାଯାଏ ନାହିଁ, ମାତ୍ର ଚନ୍ଦ୍ର ବିହୀନ ଅନ୍ଧକାରମୟ ରଜନୀରେ ଖଦ୍ୟୋତର ଆଲୋକ ଅତି ପରିଷ୍କାର ଦେଖାଯାଏ, ଠିକ ସେହିପରି ଧର୍ମପଥ ଦିନକୁ ଦିନ ଯେତେ ଅନ୍ଧକାରାଚ୍ଛନ୍ନ ହେଉଅଛି ବର୍ତ୍ତମାନ ଯୁଗର ଉନ୍ନତିପଥ

ସେତେ ଆଲୋକିତ ହୋଉଅଛି । କେହି କେହି ଯୁକ୍ତି କରି କହି ପାରନ୍ତି ଏ ଜଗତ୍ ବ୍ରହ୍ମମୟ ଓ ବ୍ରହ୍ମ ଜ୍ୟୋତିର୍ମୟ । ତେଣୁ ଏ ଜଗତ ଜ୍ୟୋତିର୍ମୟ ।

(ଅର୍ଥାତ୍ ଭଗବାନ ସର୍ବଦା ଓ ସର୍ବତ୍ର ତାଙ୍କର ଜ୍ୟୋତି ଏ ଜଗତରେ ବିସ୍ତାର କରିଅଛନ୍ତି) ଧର୍ମ ପଥ ତ ଏହି ଜଗତର ବାହାରରେ ନ ଥାଇ ଏହି ଜଗତର ମଧ୍ୟରେ ଅଛି—ତେବେ ଧର୍ମ ପଥ ଅନ୍ଧକାରମୟ ହେବ କିପରି ? ଆମ୍ଭମାନଙ୍କର ଉପରୋକ୍ତ ଯୁକ୍ତି ଯଦି ଯଥାର୍ଥ ତେବେ ଆମ୍ଭେମାନେ ପ୍ରାର୍ଥନା ସମୟରେ କାହିଁକି ଭଗବାନଙ୍କୁ ଡାକି ଅନ୍ଧକାରରୁ ଆମ୍ଭମାନଙ୍କୁ ଜ୍ୟୋତିକୁ ନେଇ ଯିବାକୁ ପ୍ରାର୍ଥନା କରୁଁ ।

ଆମ୍ଭମାନଙ୍କର ଏପରି ସନ୍ଦେହର କାରଣ ଏହି କି ଆମ୍ଭେମାନେ କୋଟି କୋଟି ଲୋକ ବର୍ତ୍ତମାନ ଉନ୍ନତି ପଥରେ ଅଗ୍ରସର ହୋଇ ସଭ୍ୟ ଓ ଉନ୍ନତ ଜାତିମାନଙ୍କୁ ଏକମାତ୍ର ଲକ୍ଷ୍ୟକରି ( ଏ ସୃଷ୍ଟିର କର୍ତ୍ତା ଶ୍ରୀ ଭଗବାନଙ୍କ ଉଦ୍ଦେଶ୍ୟ ତନ୍ତୁଛି) ଭଗବାନଙ୍କୁ ପଶ୍ଚାଦ୍ଭାଗରେ ରଖି ଏ ସଂସାରରେ ( ମରଣ ଆଡ଼କୁ ) ଅଗ୍ରସର ହେଉଅଛୁଁ ଓ ତେଣୁ ଆମ୍ଭମାନଙ୍କର ନିଜ ନିଜର ଛାୟାରେ ଏ ସଂସାରକୁ କେବଳ ଅନ୍ଧକାରମୟ କରି ରଖିଅଛୁଁ । ଏହି ଅନ୍ଧକାରମୟ ସଂସାରର ସଭ୍ୟତା ଓ ତଥାକଥିତ ଉନ୍ନତିର ଖଦ୍ୟୋତବତ୍ ଆଲୋକ ଏକମାତ୍ର ଆଶା ।

ଏହି ଆଲୋକ କେତେବେଳେ ଲିଭିଯାଏ ଓ କେତେବେଳେ ଚକ୍ ଚକ୍ କରେ । ଯେତେବେଳେ ଆମ୍ଭେମାନେ ଭଗବାନଙ୍କୁ ଧର୍ମ ଶ୍ରୀରୂପେ ଭୁଲିଯାଉଁ ସେତେବେଳେ ଏହି ସଭ୍ୟ ଓ ଉନ୍ନତ ଜାତିମାନଙ୍କର ଆଲୋକ ଚକ୍ ଚକ୍ କରେ ଓ ସେତେବେଳେ ଆମ୍ଭେମାନେ ନିଜ ନିଜକୁ ଶିକ୍ଷିତ, ଉନ୍ନତ ଓ ଆଲୋକପ୍ରାପ୍ତ ବୋଲି ମନେକରୁ ଓ ଯେତେବେଳେ ଆମ୍ଭମାନଙ୍କ ହୃଦୟରେ ସାମାନ୍ୟ ଭଗବତ୍ ଭାବର ଉଦୟ ହୁଏ ସେତେବେଳେ ସେହି ସଭ୍ୟତା ଓ ତଥାକଥିତ ଉନ୍ନତିର ଆଲୋକ ସମ୍ପୂର୍ଣ୍ଣ ଲୋପ ହୋଇଯାଏ ଓ ସେତେବେଳେ ଆମ୍ଭେମାନେ ସ୍ପଷ୍ଟ ବୁଝି ପାରୁଁ ଯେ, ଆମ୍ଭେମାନେ ଜ୍ୟୋତିର୍ମୟ ଭଗବାନଙ୍କର ସନ୍ତାନ ; ମାତ୍ର ଅଜ୍ଞାନତାବଶତଃ (ଭଗବାନଙ୍କର) ପ୍ରକୃତ ଜ୍ୟୋତିରୁ ବଞ୍ଚିତ ହୋଇ ଭ୍ରମରେ ଖଦ୍ୟୋତ ଆଲୋକର ଅନୁସରଣ କରୁଅଛୁଁ ।

ଭାଇ ହେ ! ଆମ୍ଭେମାନେ ଆମ୍ଭମାନଙ୍କର ଲକ୍ଷ୍ୟ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଭଗବାନଙ୍କର ଜ୍ୟୋତି ଦେଖି ପାରିବୁ ନାହିଁ । ବୃଥା ପ୍ରାର୍ଥନା କଲେ କଣ ହେବ । ଆମ୍ଭେମାନେ ଯଦି କେବଳ ଟିକିଏ ଦୃଷ୍ଟି ପରିବର୍ତ୍ତନ କରିପାରିବୁ ତେବେ ଭଗବାନଙ୍କର ଜ୍ୟୋତି ଉତ୍ତମରୂପେ ଦେଖିପାରିବୁ ଓ ଆହୁରି ମଧ୍ୟ ଦେଖି ପାରିବୁ ଯେ, ଭଗବାନ ଭିକାରି ବେଶରେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ହୃଦୟର ଦ୍ୱାର ଦେଶରେ ଦଣ୍ଡାୟମାନ ହୋଇ ରହିଅଛନ୍ତି ।

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚ ।

ଧର୍ମ ପଥର ପରିଚୟ ପାଇଲୁଁ ବର୍ତ୍ତମାନ ଚାଲନ୍ତୁ ପ୍ରକୃତ ସୁଖ ଲାଭ ଉଦ୍ଦେଶ୍ୟରେ ଏହି ପଥରେ ଧର୍ମର ଅନ୍ୱେଷଣ କରିବା ।

**ଧର୍ମ** ।—ଧର୍ମାନ୍ୱେଷଣରେ ଉଦ୍ୟତ ଥିଲେ ସୁଦ୍ଧା ସୁଖାନ୍ୱେଷଣ ଆମ୍ଭମାନଙ୍କର ଉଦ୍ଦେଶ୍ୟ ଓ ଏହି ଉଦ୍ଦେଶ୍ୟରେ ସମସ୍ତ ସଂସାର ଆଡ଼କୁ ଦୃଷ୍ଟି ନିକ୍ଷେପ କରି ଆମ୍ଭେମାନେ ଦେଖି ପାରୁଅଛୁଁ ଯେ ସୂର୍ଯ୍ୟ, ଚନ୍ଦ୍ର, ପଶୁ, ପକ୍ଷୀ, କୀଟ ପତଙ୍ଗ ଓ ଉଦ୍ଭିଦ ପର୍ଯ୍ୟନ୍ତ ପ୍ରତ୍ୟେକ ଜୀବ ମହା ଆନନ୍ଦରେ ଦିନ ଯାପନ କରୁଅଛନ୍ତି, କାହାରି କିଛି ଅଭାବ ନାହିଁ କିମ୍ବା କାହାରି କିଛି ଅଧର୍ମ ଜନିତ ଅନୁତାପ ଓ ଦୁଃଖ ନାହିଁ । କିନ୍ତୁ ମନୁଷ୍ୟ ଜାତି ପ୍ରତି ଦୃଷ୍ଟିନିକ୍ଷେପ କରି ଦେଖୁଅଛୁଁ ଯେ, ମନୁଷ୍ୟ କେବଳ "ହା ଅନ୍ନ" "ହା ଅନ୍ନ" କହି ଦୁଃଖମୟ ଜୀବନ ଯାପନ କରୁଅଛନ୍ତି । ଏହାର କାରଣ ସ୍ଥିର କଲେ ଆମ୍ଭେମାନେ ଧର୍ମ କଣ ତାହା ଅନାୟାସରେ ବୁଝି ପାରିବୁଁ । କାରଣ ସୁଖ ଧର୍ମରୁ ସମୁଦ୍ଭବ ।

ଧର୍ମପଥରେ ଦଣ୍ଡାୟମାନ ହୋଇ ଭଗବାନ ଏ ସୃଷ୍ଟିର କର୍ତ୍ତା କେବଳ ଏତିକି ମାତ୍ର ବିଶ୍ୱାସ କରି ତାଙ୍କ ସୃଷ୍ଟ ସମସ୍ତ ବିଶ୍ୱର କ୍ରିୟା-କଳାପ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଆମ୍ଭେମାନେ ଦେଖି ପାରିବୁ ଯେ, ସୂର୍ଯ୍ୟଦେବ ପ୍ରତ୍ୟହ ପୂର୍ବ ଦିଗରେ ଉଦୟ ହୋଇ ଈଶ୍ୱର ନିର୍ଦ୍ଦିଷ୍ଟ ପଥରୁ ଟିକିଏ ମାତ୍ର ବିଚଳିତ ନ ହୋଇ ସେହି ଧର୍ମ ପଥରେ ଯାଉ ଯାଉ ସମସ୍ତ ସଂସାରକୁ ନିରପେକ୍ଷ ଭାବରେ ଆଲୋକ ଦାନ କରି ସୁଖୀ କରାଇବାକୁ

ବାଧ, ଚନ୍ଦ୍ର ମଧ୍ୟ ଏକ ପକ୍ଷ କ୍ଷୟ ଓ ଏକ ପକ୍ଷ ବୃଦ୍ଧି ପାଇ ନିଜର କଳଙ୍କ ନିଜ ବକ୍ଷରେ ଧାରଣ କରି ଅର୍ଥାତ୍ ନିଜର କଳଙ୍କ ସଂସାରରେ ବିସ୍ତାର ନ କରି ସମସ୍ତ ସଂସାରକୁ ଜାତିବର୍ଣ୍ଣ ନିର୍ବିଶେଷରେ ସୁସ୍ନିଗ୍ଧ କିରଣ ଦାନ ଦ୍ୱାରା ସୁଖୀ କରାଇବାକୁ ବାଧ, ବସନ୍ତ ଋତୁରେ କୋକିଳ ତାର ଅକଥନୀୟ ସୁମଧୁର ସ୍ୱରରେ ଭଗବାନଙ୍କର ମହିମା ଓ ଦୟା କୀର୍ତ୍ତନ କରି ଆଚଣ୍ଡାଳ ବ୍ରାହ୍ମଣ ଓ ଆବୃଦ୍ଧ ବାଳକ ସମସ୍ତଙ୍କୁ ସୁଖ ଦେବାକୁ ବାଧ । ବର୍ଷା ଋତୁରେ ସୁନୀଳ ଆକାଶରେ ସୁନୀଳ ମେଘ ନିଜ ବକ୍ଷରେ ବଜ୍ର ଧାରଣ କରି ସୁଦ୍ଧା ଧନୀ ଦରିଦ୍ର ନିର୍ବିଶେଷରେ ସୁଶୀତଳ ଜଳଦାନ ଦ୍ୱାରା ସମସ୍ତ ପୃଥିବୀକୁ ସୁଖୀ କରାଇବାକୁ ବାଧ କିନ୍ତୁ ମନୁଷ୍ୟ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ଦେଖନ୍ତୁ ଭଗବାନ ମନୁଷ୍ୟକୁ ତ ଏପରି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଅର୍ଥାତ୍ ମନୁଷ୍ୟଧର୍ମ ପାଳନରେ ବାଧ ରଖି ଥିବାର ଦେଖାଯାଉ ନାହିଁ । କେହି କେହି ମନେ କରିପାରନ୍ତି ଭଗବାନ୍ ମନୁଷ୍ୟ ଜାତି ପ୍ରତି ନିର୍ଦ୍ଦୟ ହୋଇ ଏପରି ଅବିଚାର କରିଅଛନ୍ତି । ଅନ୍ୟାନ୍ୟମାନଙ୍କ ପରି ମନୁଷ୍ୟମାନଙ୍କୁ ନିଜ ଅଧୀନରେ ରଖି ମନୁଷ୍ୟଧର୍ମ ପାଳନରେ ବାଧ ରଖିଥିଲେ ଭଲ ହୋଇଥାନ୍ତା ଓ ଆମ୍ଭମାନଙ୍କୁ ଏତେ ଦୁଃଖରେ ରହିବାକୁ ହୋଇ ନ ଥାନ୍ତା । ଯେଉଁ ସୁଖ ସକାଶେ ଆମ୍ଭେମାନେ ଏତେ ଲାଳାୟିତ ସେହି (ପାଶବିକ) ସୁଖ ଆମ୍ଭେମାନେ ଖୁବ୍ ନିର୍ବିଘ୍ନରେ ଓ ସହଜରେ ଉପଲବ୍ଧି କରି ପାରୁଥାନ୍ତୁ, ଆମ୍ଭମାନଙ୍କର କୌଣସି ଅଧର୍ମ ବା ଅକର୍ତ୍ତବ୍ୟ ନ ଥାନ୍ତା ତେଣୁ ଦୁଃଖ ମଧ୍ୟ ନ ଥାନ୍ତା କିନ୍ତୁ ଭଗବାନଙ୍କର କରୁଣା ବୁଝିବା ସୁକଠିଣ । ସେ ମନୁଷ୍ୟ ଜାତି ପ୍ରତି ଅସୀମ କରୁଣା ପ୍ରଦର୍ଶନ କରାଇ ମନୁଷ୍ୟର ଅକର୍ତ୍ତବ୍ୟ ସକାଶେ ନିଜେ ଦୁଃଖ ଭୋଗ କରି ସୁଦ୍ଧା ମନୁଷ୍ୟ ସକାଶେ ଅନ୍ୟାନ୍ୟମାନଙ୍କ ସୁଖରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସ୍ୱାଧୀନତା ରୂପ ଏକ ଅପୂର୍ବ ସର୍ବୋତ୍କୃଷ୍ଟ ସୁଖ ଦେଇଅଛନ୍ତି । ମନୁଷ୍ୟ ସେତିକ ନ ବୁଝି ଓ ସେହି ସୁଖ ନ ଖୋଜି ଭଗବାନଙ୍କଠାରେ ବୃଥା ଦୋଷାରୋପ କରୁଅଛି । ଏହି ସ୍ୱାଧୀନତା ମନୁଷ୍ୟଜାତିର ସୁଖ । ଏହି ସ୍ୱାଧୀନତା (ସୁଖ) ଦେବା ସକାଶେ ଭଗବାନ ମନୁଷ୍ୟକୁ ତାଙ୍କ ନିଜ ଅଧୀନରେ ସୁଦ୍ଧା ନ ରଖି ପ୍ରତ୍ୟେକ ଲୋକଙ୍କୁ ବିବେକଶକ୍ତି ବୋଲି ଏକ ଅଦ୍ଭୁତ ଶକ୍ତି ଦେଇଅଛନ୍ତି । ସେହି ଶକ୍ତି ସୃଷ୍ଟିର ଅନ୍ୟାନ୍ୟମାନଙ୍କୁ ଦେଇ ନାହାନ୍ତି । ବିଶ୍ୱର ସମସ୍ତ କ୍ରିୟାକଳାପ ପ୍ରତି ଦୃଷ୍ଟି ନିକ୍ଷେପ କରି

ଆମ୍ଭେମାନେ ଦେଖି ପାରିଲୁଁ ଯେ ସୂର୍ଯ୍ୟ, ଚନ୍ଦ୍ର, ପଶୁ, ପକ୍ଷୀ, ଉଦ୍ଭିଦ ଓ ଜଡ଼ ପଦାର୍ଥ ସମସ୍ତେ ଓ ପ୍ରତ୍ୟେକ ଏହି ବିଶ୍ୱର ସମସ୍ତ ପ୍ରାଣୀମାନଙ୍କର ଯଥାର୍ଥ ମଙ୍ଗଳସାଧନାରେ ନିଯୁକ୍ତ ଅଛନ୍ତି । ଅତଏବ ଯାହା ଏହି ବିଶ୍ୱର ପ୍ରତ୍ୟେକକୁ ଏହି ବିଶ୍ୱର ସମସ୍ତ ପ୍ରାଣୀମାନଙ୍କର ମଙ୍ଗଳସାଧନ ସକାଶେ ଧାରଣ କରିଅଛି ତାହା ପ୍ରତ୍ୟେକର ଧର୍ମ । କିନ୍ତୁ ମନୁଷ୍ୟର କ୍ରିୟା କଳାପ ଆଡ଼କୁ ଦୃଷ୍ଟି ନିକ୍ଷେପ କରନ୍ତୁ, ଭଗବାନ ମନୁଷ୍ୟକୁ ସ୍ୱାଧୀନତା ଦେଇଥିବାରୁ ଅର୍ଥାତ୍ ବିବେକ ଶକ୍ତି ଦ୍ୱାରା ଯୁକ୍ତାଯୁକ୍ତ ବିଚାର କରି ସ୍ୱାଧୀନ ଚିନ୍ତା ଦ୍ୱାରା ନିଜର ଧର୍ମ ଓ ଅଧର୍ମ ନିଜେ ସ୍ଥିର କରିବାକୁ ଦେଇଥିବାରୁ ମନୁଷ୍ୟ ତାହାର ନିଜର ଧର୍ମଟିକୁ କିପରି ଭାବରେ ସ୍ଥିର କରିଅଛି ଦେଖନ୍ତୁ । ମନୁଷ୍ୟ ଆଜି ସ୍ୱ ସ୍ୱ ଉପକାର ସକାଶେ (ତାହା ପୁଣି ଯଥାର୍ଥ ଉପକାର ନୁହେଁ କେବଳ ନିଜର ପେଟ ସକାଶେ କିମ୍ବା ନିଜର ମର୍ଯ୍ୟାଦା ରକ୍ଷା କରିବା ସକାଶେ) ଯେତିକି ତାହାର କରିବା ଆବଶ୍ୟକ ସେତିକି ତାହାର ଧର୍ମ କିମ୍ବା କର୍ତ୍ତବ୍ୟ ବୋଲି ସେ ସ୍ଥିର କରିଅଛି ।

ନିଜ ନିଜର ଉଦର ଚିନ୍ତାରେ ବ୍ୟସ୍ତ ରହିବା କିମ୍ବା ନିଜ ନିଜର ଆତ୍ମମର୍ଯ୍ୟାଦା ରକ୍ଷା କରିବା ସକାଶେ ଚେଷ୍ଟିତ ରହିବା କଣ ମନୁଷ୍ୟର ଏକମାତ୍ର ଧର୍ମ ?

ବିଲୁଆ କୁକୁର ଘୁଷୁରି ଏମାନଙ୍କର ସୁଦ୍ଧା ଉଦର ପୂର୍ତ୍ତି ହେଉଅଛି ଓ ସେମାନେ ସୁଦ୍ଧା ନିଶ୍ଚିନ୍ତରେ ସୁସ୍ଥ ଶରୀରରେ ମହା ଆନନ୍ଦରେ ଦିନ ଯାପନ କରୁଅଛନ୍ତି । କିନ୍ତୁ ମନୁଷ୍ୟ କେହି ଉଦର ଜ୍ୱାଳାରେ, କେହି ରୋଗରେ, କେହି ଶୋକରେ ସର୍ବଦା ଚିନ୍ତିତ । ମନୁଷ୍ୟ କଣ, ଏ ସୃଷ୍ଟିରେ ସମସ୍ତଙ୍କ ଅପେକ୍ଷା ନିକୃଷ୍ଟ ଜୀବ ? ଭାଇ ହେ ! ଉପରୋକ୍ତମତେ ସ୍ୱାର୍ଥ ଚିନ୍ତାକୁ ଏକମାତ୍ର ଧର୍ମ ନିରୂପଣ କରିଥିବାରୁ ମନୁଷ୍ୟର ବର୍ତ୍ତମାନ ଏ ଦୁରବସ୍ଥା ଓ ମନୁଷ୍ୟ ବର୍ତ୍ତମାନ ସ୍ୱାଧୀନତାର ସୁଖ ଛାଡ଼ି କେବଳ ଅର୍ଥ ସକାଶେ ମିଥ୍ୟା, କପଟତା, ହିଂସା, ଦ୍ୱେଷ ଇତ୍ୟାଦିର ବଶବର୍ତ୍ତୀ ହୋଇ ଏ ସଂସାରକୁ କେବଳ ଦୁଃଖ ଓ ଯାତନାର ସ୍ଥାନ ବୋଲି ସ୍ୱୀକାର କରି ରହିଅଛି ।

ମାତ୍ର ଯେଉଁଦିନ ମନୁଷ୍ୟ ତାହାର ଭ୍ରମ ବୁଝି ପାରି ସ୍ୱାର୍ଥଚିନ୍ତା ପରିବର୍ତ୍ତେ ଆତ୍ମଚିନ୍ତା ଓ ପରାର୍ଥ ଚିନ୍ତାକୁ ତାହାର ଧର୍ମ ବୋଲି ସ୍ୱୀକାର

କରି ଏ ନଶ୍ୱର ଦେହକୁ ଲୋକ ସେବାରେ ଧ୍ୱଂସ ହେବା ସକାଶେ ନିୟୋଗ କରିବାକୁ ପ୍ରସ୍ତୁତ ହେବ ସେହିଦିନ ମନୁଷ୍ୟ ବୁଝି ପାରିବ ଏ ସଂସାର କେବଳ ସୁଖମୟ । ଉପରୋକ୍ତ ବିଷୟ ଧୀର ଭାବେ ଚିନ୍ତା କଲେ ଆମ୍ଭେମାନେ ଦେଖି ପାରିବୁଁ ଯେ, ଧର୍ମ ପଥରେ ଦଣ୍ଡାୟମାନ ହୋଇ ଭଗବାନଙ୍କୁ ଏକମାତ୍ର ଲକ୍ଷ୍ୟ ରଖି (ଅର୍ଥାତ୍ ଆମ୍ଭେମାନେ ପ୍ରତ୍ୟେକ ଓ ସମସ୍ତେ ସେହି ସର୍ବଶକ୍ତିମାନ୍ ଭଗବାନଙ୍କର ସନ୍ତାନ ସ୍ୱାଧୀନ ମାନବ, ତେଣୁ ପ୍ରତ୍ୟେକ ପ୍ରତ୍ୟେକର ଭାଇ ଓ ଈଶ୍ୱର ଦତ୍ତ ସ୍ୱାଧୀନତା ରୂପ ସୁଖରେ ଓ ଅନ୍ନ ବସ୍ତ୍ର ରୂପ ସମ୍ପତ୍ତିରେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସମାନ ଅଧିକାର ଏହି ଭାବକୁ ହୃଦୟରେ ସ୍ଥାନ ଦେଇ) ବିବେକ ଶକ୍ତିର ସାହାଯ୍ୟରେ ଯୁକ୍ତାଯୁକ୍ତ ବିଚାର କରି ଯାହା ବିଶ୍ୱସ୍ଥ ପ୍ରାଣୀମାନଙ୍କର ଯଥାର୍ଥ ହିତକର ଏପରି କାର୍ଯ୍ୟକୁ ନିଜର କର୍ତ୍ତବ୍ୟ ଓ ଯାହା ପ୍ରାଣୀମାନଙ୍କର ଅମଙ୍ଗଳର ଓ ଅନ୍ନ ବସ୍ତ୍ର ଅଭାବର ହେତୁ ଏପରି କାର୍ଯ୍ୟକୁ ନିଜର ଅକର୍ତ୍ତବ୍ୟ ବୋଲି ସ୍ଥିର କରି ତଦନୁସାରେ କର୍ତ୍ତବ୍ୟ ପାଳନରେ ବ୍ରତୀ ହେବା ମନୁଷ୍ୟର ଧର୍ମ ।

ଭାରତବାସୀ ହେଉ ବା ଆମେରିକାବାସୀ ହେଉ—ବ୍ରାହ୍ମଣ ହେଉ—ବା ଚଣ୍ଡାଳ ହେଉ—ହିନ୍ଦୁ ହେଉ ବା ମୁସଲମାନ ହେଉ—ବ୍ରାହ୍ମ ହେଉ ବା ଖ୍ରୀଷ୍ଟାନ ହେଉ—ଧନୀ ହେଉ ବା ଦରିଦ୍ର ହେଉ—ସତ୍ୟ, ସରଳତା ଓ ଅହିଂସା ଦ୍ୱାରା ସମସ୍ତ ପ୍ରାଣୀଙ୍କର ଯଥାର୍ଥ ମଙ୍ଗଳ ସାଧନ କରିବା ସମସ୍ତ ମନୁଷ୍ୟ ଜାତିର ଓ ପ୍ରତ୍ୟେକ ମନୁଷ୍ୟର ଧର୍ମ । ଅତଏବ ଏଥିରୁ ସ୍ପଷ୍ଟ ଦେଖାଯାଉଅଛି କି ମନୁଷ୍ୟ ଜାତି ଅସଂଖ୍ୟ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ଥିଲେ ସୁଦ୍ଧା ସମସ୍ତଙ୍କର ଧର୍ମ ସମାନ, ମାତ୍ର ପ୍ରତ୍ୟେକଙ୍କର ଅବସ୍ଥା, ଅଧିକାର, ଦେଶ ଓ କାଳ ଇତ୍ୟାଦି ଭେଦରେ ପ୍ରତ୍ୟେକ ଜାତିର, ପ୍ରତ୍ୟେକ ଦେଶର, ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟର ଓ ପ୍ରତ୍ୟେକ ମନୁଷ୍ୟର ସ୍ୱଧର୍ମ ଅଛି ।

ଧର୍ମ, ସ୍ୱଧର୍ମ ଓ ପରଧର୍ମ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି ସେହି ପାର୍ଥକ୍ୟଟି ହୃଦୟଙ୍ଗମ କରିବା ଆମ୍ଭମାନଙ୍କର ଏକାନ୍ତ ଆବଶ୍ୟକ ।

ମାତ୍ର ତାହା ନ କରି ପରଧର୍ମକୁ ଅଧର୍ମ ଓ ସ୍ୱଧର୍ମକୁ ସମ୍ପୂର୍ଣ୍ଣ ଧର୍ମ ବୋଲି ମନେ କରି ଆମ୍ଭେମାନେ ପ୍ରତ୍ୟେକ ଅନ୍ୟ ସହିତ ବୃଥାରେ

ବିବାଦ କରିବାରେ ବ୍ୟସ୍ତ । ଧର୍ମ, ସ୍ୱଧର୍ମ ଓ ପରଧର୍ମର ପାର୍ଥକ୍ୟ ସହଜରେ ହୃଦୟଙ୍ଗମ କରି ହେବ, ଏହି ଅଭିପ୍ରାୟରେ ନିମ୍ନରେ ଗୋଟିଏ ସାମାନ୍ୟ ଉଦାହରଣ ଦିଆଗଲା ।

ମନେକରନ୍ତୁ ଧର୍ମ ଗୋଟିଏ ହାତୀ । ସେହି ହାତୀଟିକୁ, ଗୋଡ଼, ମୁଣ୍ଡ, ପେଟ, ପିଠି ଓ ଲାଙ୍ଗୁଡ଼ ଇତ୍ୟାଦି ଏହି ପାଞ୍ଚ ଭାଗରେ ବିଭକ୍ତ କରାଯାଉ । ସେହିପରି ସମସ୍ତ ମନୁଷ୍ୟ ଜାତିକୁ ହିନ୍ଦୁ, ମୁସଲମାନ୍, ବ୍ରାହ୍ମ, ଖ୍ରୀଷ୍ଟିୟାନ ଓ ବୌଦ୍ଧ ଓଗେର ଏହି ପାଞ୍ଚ ଭାଗରେ ବିଭକ୍ତ କରାଯାଉ ।

ଆହୁରି ମଧ୍ୟ ବିଭାଗ କରି ଦେଖନ୍ତୁ ମୁଣ୍ଡ ପୁଣି ନାକ, କାନ, ଜିଭ, ଦାନ୍ତ ଇତ୍ୟାଦି କେତେ ଭାଗରେ ବିଭକ୍ତ । ସେହିପରି ହିନ୍ଦୁ ମଧ୍ୟ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ଚାରିଭାଗରେ ବିଭକ୍ତ । ଏହି ବିଭାଗର ପ୍ରତ୍ୟେକ ପୁଣି ଶୈବ, ଶାକ୍ତ, ଗାଣପତ୍ୟ, ଏକେଶ୍ୱରବାଦୀ ଇତ୍ୟାଦି ଭିନ୍ନ ଭିନ୍ନ ଶ୍ରେଣୀରେ ବିଭକ୍ତ । ମାତ୍ର ଆମ୍ଭେମାନେ ଯିଏ ଯେ କୌଣସି ଅଂଶଭୁକ୍ତ (ସମ୍ପ୍ରଦାୟ) ଭୁକ୍ତ ଥିଲେ ସୁଦ୍ଧା ଓ ପ୍ରତ୍ୟେକଙ୍କର ସ୍ୱଧର୍ମ ଭିନ୍ନ ଭିନ୍ନ ଥିଲେ ସୁଦ୍ଧା ପ୍ରତ୍ୟେକଙ୍କର ଏହି ଧାରଣା ରଖିବା ଉଚିତ ଯେ, ଆମ୍ଭେମାନେ ପ୍ରତ୍ୟେକ ସେହି ହାତୀର ଅଂଶ ଅର୍ଥାତ୍ ଆମ୍ଭମାନଙ୍କର ସମସ୍ତଙ୍କର ଧର୍ମ ସମାନ (ଏକ) । ମାତ୍ର ପ୍ରତ୍ୟେକର ସ୍ୱଧର୍ମ ଅନ୍ୟର ଧର୍ମଠାରୁ ସମ୍ପୂର୍ଣ୍ଣ ପୃଥକ୍ ଓ ପ୍ରତ୍ୟେକର ଯାହା ସ୍ୱଧର୍ମ ତାହା ଅନ୍ୟର ପରଧର୍ମ । ଠିକ ସେହିପରି ସତ୍ୟ, ସରଳତା ଓ ଅହିଂସା ଦ୍ୱାରା ଈଶ୍ୱରସୃଷ୍ଟ ସମସ୍ତ ପ୍ରାଣୀଙ୍କର ଯଥାର୍ଥ ମଙ୍ଗଳ ସାଧନ କରିବା ରୂପ ଏକମାତ୍ର ଧର୍ମରେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସମାନ ଅଧିକାର ଅଛି ଏବଂ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସ୍ୱଧର୍ମ ଅନ୍ୟର ସ୍ୱଧର୍ମ ( ଅର୍ଥାତ୍ ପରଧର୍ମ) ଠାରୁ ପୃଥକ୍ ହେଲେ ସୁଦ୍ଧା, ସମସ୍ତଙ୍କର ସ୍ୱଧର୍ମ ଉପରୋକ୍ତ ଯଥାର୍ଥ ମନୁଷ୍ୟ ଧର୍ମର ଅଂଶ ବୋଲି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସ୍ୱୀକାର କରିବା ଉଚିତ ।

ମାତ୍ର ଆମ୍ଭେମାନେ ସେତକ ସ୍ୱୀକାର ନ କରି କେହି କେହି ପରଧର୍ମକୁ (ପରର ସ୍ୱଧର୍ମକୁ) ଅଧର୍ମ ବୋଲି ଜ୍ଞାନ କରି ଅନ୍ୟାନ୍ୟମାନଙ୍କୁ ଅଧର୍ମୀ କିମ୍ବା ବିପଥଗାମୀ ବୋଲି ଘୃଣା କରିବାରେ ବ୍ୟସ୍ତ ।

ଆହୁରି ମଧ୍ୟ ଆମ୍ଭମାନଙ୍କ ମଧ୍ୟରୁ ଅନେକ ସ୍ୱଧର୍ମର ଯଥାର୍ଥ ମର୍ମ ହୃଦୟଙ୍ଗମ କରି ନ ପାରି କିମ୍ବା ବୁଝିବାକୁ ଚେଷ୍ଟା ନ କରି ପରଧର୍ମର

ଗୃହକଳହ୍ୟ ଓ ବାହ୍ୟାଡ଼ମ୍ବରରେ ଭୁଲି ସ୍ୱଧର୍ମକୁ ଘୃଣା କରି ପରଧର୍ମ ଅବଲମ୍ବନ କରିବାରେ ବ୍ୟସ୍ତ ।

ଅତଏବ ଆମ୍ଭମାନଙ୍କର ସର୍ବଦା ସ୍ମରଣ ରଖିବା ଉଚିତ ଯେ, ପରଧର୍ମର ଅର୍ଥ ପରର ଧର୍ମ (ସ୍ୱଧର୍ମ) । ପରଧର୍ମ କଦାଚ ଅଧର୍ମ ନୁହେଁ ମାତ୍ର ଭୟାବହ ଓ ସ୍ୱଧର୍ମ ସମ୍ପୂର୍ଣ୍ଣ ଧର୍ମ ନୁହେଁ—କେବଳ ଧର୍ମର ଅଂଶ ମାତ୍ର । ଏହି ସ୍ୱଧର୍ମ ପାଳନ କରିବାକୁ ଶିକ୍ଷା ଦେବା ସକାଶେ ଭଗବାନ ଗୀତାରେ କହିଅଛନ୍ତି ।

ଶ୍ରେୟଃ ସ୍ୱଧର୍ମ ବିଗୁଣଃ-ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେ ନିଧନଂ ଶ୍ରେୟଃ-ପରଧର୍ମୋ ଭୟାବହ ॥

ଅନ୍ୱୟ—ସ୍ୱନୁଷ୍ଠିତାତ୍ ପରଧର୍ମାତ୍ ବିଗୁଣଃ ସ୍ୱଧର୍ମଃ ଶ୍ରେୟଃ । (ବିଗୁଣେ) ସ୍ୱଧର୍ମେ ନିଧନଂ ଶ୍ରେୟଃ, ଚ (ସ୍ୱନୁଷ୍ଠିତଃ) ପରଧର୍ମଃ । ଭୟାବହ । ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ହୋଇଥିବା ପରଧର୍ମ ଅପେକ୍ଷା ଗୁଣ ରହିତ ସ୍ୱଧର୍ମ ଶ୍ରେୟଃ । ସେହି ବିଗୁଣ ସ୍ୱଧର୍ମରେ ମୃତ୍ୟୁ ବରଂ ଶ୍ରେୟସ୍କର, କିନ୍ତୁ ଉତ୍ତମରୂପେ ଅନୁଷ୍ଠିତ ହୋଇଥିବା ପରଧର୍ମ ଭୟାବହ ଅଟେ ।

ଉପରୋକ୍ତ ଶ୍ଳୋକ ବ୍ରାହ୍ମଣର ଓ କ୍ଷତ୍ରିୟର ସ୍ୱଧର୍ମକୁ ଲକ୍ଷ୍ୟକରି କୁହାଯାଇଅଛି ସତ୍ୟ; ମାତ୍ର ଏହି ଉପଦେଶ କେବଳ ବ୍ରାହ୍ମଣ କିମ୍ବା କ୍ଷତ୍ରିୟଙ୍କ ସକାଶେ ନୁହେଁ କିମ୍ବା କେବଳ ଭାରତବାସୀଙ୍କ ସକାଶେ ନୁହେଁ । ଶ୍ରୀଭଗବାନଙ୍କର ଏହି ଉପଦେଶ ତାଙ୍କର ସ୍ୱାଧୀନ ସନ୍ତାନ ସମସ୍ତ ମାନବ ଜାତିଙ୍କ ସକାଶେ । କେବଳ ଯେ ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ଭଗବାନଙ୍କର ପ୍ରିୟ ଅନ୍ୟ ଜାତି ନୁହନ୍ତି କିମ୍ବା କେବଳ ଯେ ଭାରତବାସୀ ତାଙ୍କର ପ୍ରିୟ ଆମେରିକା କିମ୍ବା ଇଂଲଣ୍ଡବାସୀ ନୁହନ୍ତି ତାହା ନୁହେଁ—ସେ ନିଜେ ସେହି ଗୀତାରେ କହିଅଛନ୍ତି ।

"ସମୋହଂ ସର୍ବଭୂତେଷୁ ନ ମେଦ୍ୱେଷ୍ୟୋସ୍ତି ନ ପ୍ରିୟଃ"

ଉପରୋକ୍ତ ଆଲୋଚନାରୁ ଆମ୍ଭେମାନେ ଦେଖିପାରୁ ଅଛୁଁ ଯେ—ବିଶ୍ୱର ସମସ୍ତ ପ୍ରାଣୀଙ୍କର ଯଥାର୍ଥ ଉପକାର ସକାଶେ ନିଜ ନିଜର ଅବସ୍ଥା ଅଧିକାର, ଦେଶ, କାଳ, ପ୍ରୟୋଜନୀୟତା ଇତ୍ୟାଦି ଦୃଷ୍ଟିରେ ଯାହା

ହିନ୍ଦୁମାନଙ୍କର କରିବା ଉଚିତ ତାହା ହିନ୍ଦୁର ସ୍ୱଧର୍ମ । ଯାହା ମୁସଲମାନ-ମାନଙ୍କର କରିବା ଉଚିତ ତାହା ମୁସଲମାନର ସ୍ୱଧର୍ମ । ଯାହା ଭାରତ-ବାସୀଙ୍କର କରିବା ଉଚିତ ତାହା ଭାରତବାସୀର ସ୍ୱଧର୍ମ । ଯାହା ଇଂଲଣ୍ଡ-ବାସୀଙ୍କର କରିବା ଉଚିତ ତାହା ଇଂଲଣ୍ଡବାସୀର ସ୍ୱଧର୍ମ ଇତ୍ୟାଦି ଇତ୍ୟାଦି ।

ଇଂଲଣ୍ଡ କିମ୍ବା ଆମେରିକାବାସୀଙ୍କର ସ୍ୱଧର୍ମ, ଭାରତବାସୀଙ୍କ ପକ୍ଷରେ "ପରଧର୍ମ" ; ଭାରତବାସୀଙ୍କର ସ୍ୱଧର୍ମ, ଇଂଲଣ୍ଡ କିମ୍ବା ଆମେ-ରିକାବାସୀଙ୍କ ପକ୍ଷରେ ପରଧର୍ମ । ଭାରତବାସୀଙ୍କର ସ୍ୱଧର୍ମ ବିଗୁଣ ହେଲେ ସୁଦ୍ଧା ସେହି ବିଗୁଣ ସ୍ୱଧର୍ମରେ ମୃତ୍ୟୁ ବରଂ ଶ୍ରେୟସ୍କର କିନ୍ତୁ ଉତ୍ତମରୂପେ ଅନୁଷ୍ଠିତ ଇଂଲଣ୍ଡବାସୀଙ୍କର ସ୍ୱଧର୍ମ ଭାରତବାସୀଙ୍କ ପକ୍ଷରେ ପରଧର୍ମ—ତେଣୁ ଭୟାବହ । ଏହି ପରଧର୍ମ ଅବଲମ୍ବନ କରିଥିବାରୁ ଆମ୍ଭମାନଙ୍କର ଏପରି ଦୁରବସ୍ଥା । ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ କୋଟିପତି ଠାରୁ କୁଟୀରବାସୀ ପର୍ଯ୍ୟନ୍ତ ଆବୃଦ୍ଧ ବାଳକ ଆମ୍ଭେମାନେ ସମସ୍ତେ ଏହି ପରଧର୍ମ ଅବଲମ୍ବନ କରିଅଛୁଁ । ପୋଷାକ, ପରିଚ୍ଛଦ, ଖାଦ୍ୟପେୟ, ଚାଲିଚଳଣି, ଭାବଭଙ୍ଗି ଇତ୍ୟାଦି ପ୍ରତ୍ୟେକରେ ଆମ୍ଭେମାନେ ପରଧର୍ମ ଉପରେ ନିର୍ଭର କରି ରହିଅଛୁଁ ।

ଗୋଟିଏ ଉଦାହରଣ ଦ୍ୱାରା ବିଷୟଟି ସ୍ପଷ୍ଟ ବୁଝିପାରିବେ । ଭାରତବାସୀଙ୍କର ଉପଯୋଗୀ ଶିକ୍ଷାର ବ୍ୟବସ୍ଥା ଇଂଲଣ୍ଡ କିମ୍ବା ଆମେରିକା ବାସୀଙ୍କ ଉପରେ ନ୍ୟସ୍ତ କରିବା ରୂପ ପରଧର୍ମ କେବଳ ବାତୁଳତା ବ୍ୟତୀତ ଅନ୍ୟ କିଛି ନୁହେଁ । ସେମାନେ ଯେଉଁ ଶିକ୍ଷା ପ୍ରଣାଳୀର ବ୍ୟବସ୍ଥା କରିଅଛନ୍ତି ତାହା ଉତ୍ତମରୂପେ ଅନୁଷ୍ଠିତ ଏହା ଆମ୍ଭେମାନେ ସ୍ୱୀକାର କରିପାରୁଁ ଓ ସେମାନେ ଆମ୍ଭମାନଙ୍କର ମଙ୍ଗଳ ସାଧନ କରିବା ଅଭି-ପ୍ରାୟରେ ଏପରି ଶିକ୍ଷାର ବ୍ୟବସ୍ଥା କରିଅଛନ୍ତି, ଏହା ମଧ୍ୟ ସ୍ୱୀକାର କରିପାରୁଁ । ଯଦି ଆମ୍ଭେମାନେ ଭାରତବାସୀ ଇଂଲଣ୍ଡବାସୀଙ୍କ ସକାଶେ ବ୍ରହ୍ମଚର୍ଯ୍ୟାଶ୍ରମରେ ବ୍ରହ୍ମଚର୍ଯ୍ୟ ଶିକ୍ଷା ପ୍ରଣାଳୀର ବ୍ୟବସ୍ଥା କରି ପ୍ରତ୍ୟହ ପ୍ରାତଃସ୍ନାନ, ନିରାମିଷ ଭୋଜନ ଇତ୍ୟାଦିର ବ୍ୟବସ୍ଥା କରୁଁ, (ଆମ୍ଭମାନଙ୍କର ଉଦ୍ଦେଶ୍ୟ ଭଲ ଥିଲେ ସୁଦ୍ଧା) ଆମ୍ଭମାନଙ୍କର ଉପରୋକ୍ତ ବ୍ୟବସ୍ଥାରେ ସେମାନଙ୍କର ଯେଉଁପରି ମଙ୍ଗଳ ହେବ ଆମ୍ଭମାନଙ୍କର ଠିକ୍ ସେହିପରି ମଙ୍ଗଳ ହେଉଅଛି ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଆମ୍ଭମାନଙ୍କର

ଅବସ୍ଥା ଓ ପ୍ରୟୋଜନୀୟତା ଆମ୍ଭମାନଙ୍କୁ ଯେତେଦୂର ଜଣା, ଇଂଲଣ୍ଡ କମ୍ବା ଆମେରିକାବାସୀଙ୍କୁ ସେତେଦୂର ଜଣା ନୁହେଁ ।

ଅତଏବ ଶୁଲନ୍ତୁ ଆମ୍ଭେମାନଙ୍କର ଭାବି ବଂଶଧରମାନଙ୍କର ଶିକ୍ଷାର ବ୍ୟବସ୍ଥା ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥା ଓ ପ୍ରୟୋଜନୀୟତା ଇତ୍ୟାଦି ଦୃଷ୍ଟିରେ ଆମ୍ଭେମାନେ ନିଜେ ନିଜେ ସ୍ଥିର କରିବା । ତାହା ନ କରି ପାରିବା ପର୍ଯ୍ୟନ୍ତ ପରଧର୍ମ ଅବଲମ୍ବନ କରିଥିବାର ବିଷମୟ ଫଳ ଭୋଗ କରୁଥିବା ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଆହୁରି ମଧ୍ୟ :—

ଧର୍ମ ପଥରେ ଯେଉଁ ମନେ ହେବା ଓ ଯଥାର୍ଥ ଏହି ଅବସ୍ଥା ଯୋଡ଼ିକର ବର୍ଣ୍ଣନା ହୋଇଅଛି ସେହି ଅବସ୍ଥା ଯୋଡ଼ିକ ପ୍ରତି ଲକ୍ଷ୍ୟ ରଖିଲେ ଆମ୍ଭେମାନେ ଜାଣିପାରିବୁଁ ଯେ, ଯାହା ବର୍ତ୍ତମାନ ହିନ୍ଦୁମାନଙ୍କୁ ହିନ୍ଦୁଧର୍ମ ବୋଲି ମନେ ହେଉଅଛି, ( କେବଳ ହିନ୍ଦୁମାନଙ୍କର ଉପକାର ସକାଶେ ) ତାହା ଯଥାର୍ଥ ହିନ୍ଦୁଧର୍ମ ନୁହେଁ । ଯାହା (କେବଳ ବ୍ରାହ୍ମଣମାନଙ୍କର ଉପକାର ସକାଶେ ) ବ୍ରାହ୍ମଣମାନଙ୍କୁ ବ୍ରାହ୍ମଣଧର୍ମ ବୋଲି ବୋଧ ହେଉଅଛି ତାହା ଯଥାର୍ଥ ବ୍ରାହ୍ମଣ ଧର୍ମ ନୁହେଁ, ଇତ୍ୟାଦି ଇତ୍ୟାଦି ରୂପେ ଯେଉଁ ସଭ୍ୟତା କମ୍ବା ଉନ୍ନତି ବର୍ତ୍ତମାନ ଆମ୍ଭମାନଙ୍କୁ ମନୁଷ୍ୟଧର୍ମ ବୋଲି ବୋଧ ହେଉଅଛି ତାହା ଯଥାର୍ଥ ମନୁଷ୍ୟଧର୍ମ ନୁହେ । ବ୍ରାହ୍ମଣ କୁହ, ଖ୍ରୀଷ୍ଟିୟାନ କୁହ, ହିନ୍ଦୁ କୁହ, ମୁସଲମାନ କୁହ, ସମସ୍ତେ ମନୁଷ୍ୟ ଏଥିରେ ସନ୍ଦେହ ନାହିଁ ଅତଏବ କି ବ୍ରାହ୍ମଣ ଧର୍ମ, କି ଖ୍ରୀଷ୍ଟ ଧର୍ମ, କି ବ୍ରାହ୍ମ ଧର୍ମ, କି ମୁସଲମାନ ଧର୍ମ, କି ଭାରତବାସୀର ଧର୍ମ, କି ଆମେରିକା ବାସୀର ଧର୍ମ ଧମସ୍ତଙ୍କର ଧର୍ମ (ସ୍ୱଧର୍ମ ) ସେହି ମନୁଷ୍ୟ ଧର୍ମର ଅନ୍ତର୍ଗତ ଏହା କେହି ଅସ୍ୱୀକାର କରି ପାରେ ନା । ଅତଏବ କୌଣସି ସ୍ୱଧର୍ମ ରକ୍ଷାକରିବାକୁ ଗଲେ ପ୍ରଥମେ ମନୁଷ୍ୟ ଧର୍ମ ରକ୍ଷା କରି ସାରି କମ୍ବା ମନୁଷ୍ୟଧର୍ମ ରକ୍ଷା କରିବାର ଲକ୍ଷ୍ୟ ରଖି ତାର ପରେ ନିଜ ନିଜର ସ୍ୱଧର୍ମ ରକ୍ଷା କରିବାକୁ ହେବ । ଯେ ଅମନୁଷ୍ୟ ସେ କଦାପି ବ୍ରାହ୍ମଣ ହୋଇ ନପାରେ କମ୍ବା ଖ୍ରୀଷ୍ଟିୟାନ ହୋଇ ନ ପାରେ କମ୍ବା ବ୍ରାହ୍ମ ହୋଇ ନ ପାରେ । କାରଣ ତାହା ଯଦି ସମ୍ଭବ ତେବେ

ବ୍ରାହ୍ମଣ ଶାସନସ୍ଥ ଗୋଟିଏ ମାଙ୍କଡ଼କୁ ଧରି ପ୍ରତ୍ୟହ ଶତା ପଇତା ପିନ୍ଧାଇ ସଭାରେ ବସାଇ ଦେଲେ ସେ ଜଣେ ବ୍ରାହ୍ମଣ ଓ ବ୍ରାହ୍ମ ସମାଜରେ ଗୋଟିଏ ଶୁଆ ପାଳି ତାର ଆଖି ବୁଜିବାକୁ ଶିଖାଇ "ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ" ଶିଖାଇଲେ ସେ ମଧ୍ୟ ବ୍ରାହ୍ମ । ଅତଏବ ଏଥିରୁ ବୁଝିବାକୁ ହେବ ଯେ, ଯେ କୌଣସି ଧର୍ମାବଲମ୍ବୀ ହେଲେ ସୁଦ୍ଧା ସମସ୍ତଙ୍କୁ ପ୍ରଥମେ ମନୁଷ୍ୟ ଧର୍ମାବଲମ୍ବୀ ବୋଲି ସ୍ୱୀକାର କରିବାକୁ ହେବ । ସେଥିପାଇଁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ଅଛି ।

ଜନ୍ମନା ଜାୟତେ ଶୂଦ୍ରଃ
ସଂସ୍କାରାଦ୍ଦ୍ୱିଜ ଉଚ୍ୟତେ
ବେଦାଭ୍ୟାସେ ଭବେଦ୍ ବିପ୍ରଃ
ବ୍ରହ୍ମ ଜାନାତି ବ୍ରାହ୍ମଣଃ ।

ଅର୍ଥାତ୍ ପ୍ରଥମେ ନିଜକୁ ଶୂଦ୍ର ବୋଲି ଗ୍ରହଣ କରିବାକୁ ହେବ ଅର୍ଥାତ୍ ମନୁଷ୍ୟର ସର୍ବ ନିକୃଷ୍ଟ ଶ୍ରେଣୀର ଅନ୍ତର୍ଗତ ରଖିବାକୁ ହେବ । ତାର ପରେ ଦ୍ୱିଜ, ତାର ପରେ ବିପ୍ର ତାର ପରେ ସେ ବ୍ରାହ୍ମଣ । କ୍ରମୋନ୍ନତି ସଙ୍ଗେ ସଙ୍ଗେ ବ୍ରାହ୍ମଣ ହେବା ପରେ ସୁଦ୍ଧା ସେ ମନୁଷ୍ୟ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହିମାନଙ୍କ ବିଷୟ ଉପରୋକ୍ତ ଶ୍ଳୋକରେ ଉଲ୍ଲେଖ ଥିଲେ ସୁଦ୍ଧା ଏହା କେବଳ ହିନ୍ଦୁମାନଙ୍କ ବିଷୟ କୁହାଯାଉ ନାହିଁ । ସମସ୍ତ ମାନବ ଜାତିଙ୍କୁ ଲକ୍ଷ୍ୟ କରି କୁହାଯାଉଅଛି ; କାରଣ ଗୁଣ ଅନୁସାରେ ଏହି ଚାରି ବର୍ଣ୍ଣର ସୃଷ୍ଟି ହୋଇଅଛି, ଜନ୍ମ ଅନୁସାରେ ନୁହେଁ । କି ମୁସଲମାନ, କି ଖ୍ରୀଷ୍ଟିୟାନ କେହି ସତ୍ତ୍ୱ, ରଜ, ତମ ଏହି ତ୍ରିଗୁଣରୁ ବହିର୍ଭୂତ ନୁହନ୍ତି । ଅତଏବ ସମସ୍ତେ ଏହି ଚାରିବର୍ଣ୍ଣର ଅନ୍ତର୍ଗତ । ଧୀର ଭାବରେ ଚିନ୍ତା କରି ଉପରୋକ୍ତ ବିଷୟରୁ ଆମ୍ଭେମାନେ ଦେଖି ପାରିଲୁଁ ଯେ, ମନୁଷ୍ୟ ଜାତି ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ହୋଇଥିଲେ ସୁଦ୍ଧା ସମସ୍ତ ସମ୍ପ୍ରଦାୟ ମନୁଷ୍ୟଧର୍ମର ଅନ୍ତର୍ଗତ । ଅତଏବ ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ଧର୍ମ ସମ୍ପ୍ରଦାୟ ନିଜକୁ ମନୁଷ୍ୟ ଧର୍ମର ଅନ୍ତର୍ଗତ ବୋଲି ସ୍ୱୀକାର ନ କରି ସୁଖାନ୍ୱେଷଣରେ କିମ୍ବା ଧର୍ମାନ୍ୱେଷଣରେ ଅଗ୍ରସର ହୁଏ, ତେବେ ସେପରି ଅନ୍ୱେଷଣର ଅର୍ଥ ଏହି କି, ପଶୁ କିମ୍ବା ଉଦ୍ଭିଦ ସମ୍ପ୍ରଦାୟ ଦ୍ୱାରା ସୁଖାନ୍ୱେଷଣ କିମ୍ବା ଧର୍ମାନ୍ୱେଷଣ ଓ

ଯେକୌଣସି ସୁଖ ସ୍ୱାଧୀନତାରୂପ ( ମନୁଷ୍ୟ ଧର୍ମ୍ମରୁ ସମୁଦ୍ଭବ ତେଣୁ ) ମନୁଷ୍ୟୋଚିତ ସୁଖର ଅନ୍ତର୍ଗତ ନ ହେଲେ ତାହା ପାଶବିକ ସୁଖ କମ୍ବା ଉଦ୍ଭିଦର ସୁଖ । ସୁଖାନ୍ୱେଷଣ କରିବାରେ ପ୍ରବୃତ୍ତ ହୋଇ ଆମ୍ଭେମାନେ ପ୍ରଥମେ ଦେଖିଲୁ ଯେ, ସୁଖ ଧର୍ମ୍ମରୁ ସମୁଦ୍ଭବ; ତେଣୁ ଧର୍ମ୍ମର ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ (ଧର୍ମ୍ମପଥ ବୋଲି) ଗୋଟିଏ ପଥ ସ୍ଥିର କଲୁ । ସେହି ପଥରେ ଧର୍ମ୍ମାନ୍ୱେଷଣ କରୁ କରୁ ଦେଖି ପାରିଲୁ ଯେ, ଧର୍ମ୍ମ ସ୍ୱଧର୍ମରୁ ସମୁଦ୍ଭବ । ତେଣୁ ସ୍ୱଧର୍ମର ମଧ୍ୟ ସାମାନ୍ୟ ଅନ୍ୱେଷଣ କଲୁଁ । ସ୍ୱଧର୍ମ ଅନ୍ୱେଷଣ କରୁ କରୁ ଦେଖାଗଲା ଯେ, ସ୍ୱଧର୍ମ ପୁଣି ବିବେକ ଶକ୍ତି ଓ ସ୍ୱାଧୀନ ଚିନ୍ତାରୁ (ଆତ୍ମ ଚିନ୍ତାରୁ) ସମୁଦ୍ଭବ । ଆହୁରି ମଧ୍ୟ ଦେଖିପାରିଲୁ ଯେ, ଏହି ସ୍ୱଧର୍ମରୁ ସମୁଦ୍ଭବ ସୁଖର ନାମ ସ୍ୱାଧୀନତାର ସୁଖ । ଅତଏବ ଚାଲନ୍ତୁ ଧୈର୍ଯ୍ୟର ସହିତ ପ୍ରଥମେ ବିବେକ ଶକ୍ତି, ସ୍ୱାଧୀନ ଚିନ୍ତା, ଓ ସ୍ୱାଧୀନତା ସମ୍ବନ୍ଧେ ସାମାନ୍ୟ ସାମାନ୍ୟ ଆଲୋଚନା କରି ଯଥାର୍ଥ ସୁଖାନ୍ୱେଷଣ ଉଦ୍ଦେଶ୍ୟରେ ଯଥାର୍ଥ ଧର୍ମ ଅର୍ଥାତ୍ ମନୁଷ୍ୟ ଧର୍ମର ଅନ୍ୱେଷଣ କରିବା ।

## ବିବେକ ଶକ୍ତିର ପ୍ରୟୋଜନୀୟତା ।

ଅନେକ ଲୋକ ଯୁକ୍ତି କରି କହି ପାରନ୍ତି ଆମ୍ଭମାନଙ୍କର ପୂର୍ବ୍ବ ପୁରୁଷ ଋଷିମାନେ ଆମ୍ଭମାନଙ୍କର କଣକରିବା ଧର୍ମ୍ମ କଣକରିବା ଅଧର୍ମ୍ମ ତାହା ତନ୍ନ ତନ୍ନ କରି ଲେଖି ଯାଇଅଛନ୍ତି; ତେଣୁ ଆମ୍ଭମାନଙ୍କର ଏତେ ଭାବିବାର କଷ୍ଟ ଆବଶ୍ୟକ ନାହିଁ—ସେମାନଙ୍କର ଉପଦେଶ ଅନୁସାରେ କାର୍ଯ୍ୟ କରି ପାରିଲେ ହେଲା ।

ଏପରି ଲୋକଙ୍କର ଯୁକ୍ତି ସମ୍ପୂର୍ଣ୍ଣ ଠିକ ମାତ୍ର ଶେଷରେ ଯାହା କୁହାଗଲା "କରି ପାରିଲେ ହେଲା" ସେତକ ଉତ୍ତମରୂପେ ବିଚାରକରିବା ଆବଶ୍ୟକ—ତଦନୁସାରେ କାର୍ଯ୍ୟ କରି ପାରିବା କଠିନ, ବରଂ ଅସମ୍ଭବ ।

"ନ ମିଥ୍ୟା ପାତକଂ ପରଂ"

(There is no sin blacker than falsehood)

"ନାସ୍ତି ସତ୍ୟାତ୍ ପରୋଧର୍ମ୍ମ"

"ଅହିଂସା ପରମୋ ଧର୍ମ୍ମ"

ଇତ୍ୟାଦି ଶାସ୍ତ୍ର ବାକ୍ୟ ଆମ୍ଭେମାନେ ପିଲାଦିନୁଁ ପ୍ରାୟ ପ୍ରତ୍ୟହ ଶୁଣୁଛୁଁ—ଏହି ଶାସ୍ତ୍ର ବାକ୍ୟ ସବୁ ପ୍ରାୟ ସମସ୍ତଙ୍କର କଣ୍ଠସ୍ଥ ହେଲାଣି, ମାତ୍ର କ୍ୱଚିତ୍ କାର୍ଯ୍ୟତଃ ଆମ୍ଭେମାନେ ମିଥ୍ୟା ଓ ହିଂସାକୁ ଆମ୍ଭମାନଙ୍କର ଜୀବିକା ନିର୍ବାହର ଏକମାତ୍ର ଉପାୟ କରିଛୁଁ ; ଏପରି କି ଅନେକ ଲୋକ ମନେ କରନ୍ତି, ମିଥ୍ୟା ଓ ହିଂସାର ଆଶ୍ରୟ ନ ନେଲେ ଅମ୍ଭମାନଙ୍କର ଜୀବନରକ୍ଷା କଷ୍ଟକର ହେବ । ସ୍ୱାଧୀନତାର ସୁଖ ଉପଲବ୍ଧି କରିବା ନିମନ୍ତେ ଭଗବାନ ଯାହାକୁ ନିଜ ଅଧୀନରେ ରଖି ନାହାନ୍ତି, ଭଗବାନଙ୍କର ସନ୍ତାନ ସେହି ସ୍ୱାଧୀନ ମାନବ ପକ୍ଷରେ ଶାସ୍ତ୍ର ଉପଦେଶ ମାନି ଚଳିବା ସହଜ ନୁହେଁ ।

ଏହି କାରଣରୁ ଶାସ୍ତ୍ର ଉପଦେଶ ଅନୁସାରେ ସେ ମିଥ୍ୟା କିମ୍ବା ହିଂସାରୁ ରହିତ ହୋଇପାରିଲା ନାହିଁ ।

ମାତ୍ର ଯେଉଁ ମୁହୂର୍ତ୍ତରେ ତାହାର ବିବେକ ଶକ୍ତି ଯୁକ୍ତିଯୁକ୍ତ ବିଚାର ଦ୍ୱାରା ଏସବୁ ଶାସ୍ତ୍ରୋପଦେଶର ସତ୍ୟତା ସ୍ଥିର କରିବ ସେହି ମୁହୂର୍ତ୍ତରେ ସେ ମିଥ୍ୟା ଓ ହିଂସା ଇତ୍ୟାଦିରୁ ରହିତ ହେବ ଏଥିରେ ସନ୍ଦେହ ନାହିଁ ଓ ଏହା ଆମ୍ଭେମାନେ ପ୍ରତ୍ୟେକ ଉତ୍ତମରୂପେ ଅନୁଭବ କରିପାରିବୁଁ ।

ଏଥିନିମନ୍ତେ ଶାସ୍ତ୍ର ଉପଦେଶ ସବୁ ଯେ ନିଷ୍ପ୍ରୟୋଜନ ଏପରି ମନେ କରିବା ଉଚିତ ନୁହେଁ । ବିବେକଶକ୍ତି ଓ ଶାସ୍ତ୍ର ଉପଦେଶ ଉଭୟ ପ୍ରୟୋଜନ ମାତ୍ର କାହାର ପ୍ରୟୋଜନୀୟତା କେତେ ତାହା ସ୍ଥିରକରିବା ଉଚିତ ।

ଶାସ୍ତ୍ର—ମନୁଷ୍ୟକୃତ, ମାତ୍ର ବିବେକଶକ୍ତି ଈଶ୍ୱର ପ୍ରଦତ୍ତ । ପ୍ରତ୍ୟେକ ମନୁଷ୍ୟକୁ ଭଗବାନ ଏକ ଏକ ବିବେକ ଶକ୍ତି ଦେଇ ଅଛନ୍ତି ମାତ୍ର ଶାସ୍ତ୍ର କେବଳ ଖୁବ ଅଳ୍ପଲୋକଙ୍କ ଅଧିକାରରେ ଅଛି, ଶାସ୍ତ୍ରର ଅଭାବରେ ମନୁଷ୍ୟ ଜାତି ଚଳିପାରେ ମାତ୍ର ବିବେକଶକ୍ତିର ଅଭାବରେ ଯଥାର୍ଥ ମାନବ ଜାତିର ଅସ୍ତିତ୍ୱ ଅସମ୍ଭବ ।

ଯେଉଁମାନଙ୍କର ଏତେ ବିଚାର କରିବାର ଶକ୍ତି ନାହିଁ ଓ ଫଳତଃ ଯେଉଁମାନେ ଶାସ୍ତ୍ର ଉପଦେଶ ଅନୁସାରେ (କେବଳ ନିଜ ନିଜର ସୁବିଧା ନିମନ୍ତେ) ଚଳୁଅଛନ୍ତି, ସେମାନେ କହିବେ, "ଶାସ୍ତ୍ର ଉପଦେଶ ବିଶେଷ ପ୍ରୟୋଜନ ।" ଯେଉଁମାନେ ବିବେକ ଶକ୍ତିର ସାହାଯ୍ୟରେ ସଂସାର ଯାତ୍ରା

ନର୍ବାହ କରୁଅଛନ୍ତି ସେମାନେ କହିବେ, "ବିବେକଶକ୍ତିର ପ୍ରୟୋଜନତା ବେଶୀ ।"

ଏପରି ସ୍ଥଳେ ଉଭୟ ଶ୍ରେଣୀର ଲୋକଙ୍କର ମତ ଠିକ୍ । ପ୍ରତ୍ୟେକର ଅଧିକାର ଅନୁସାରେ ପ୍ରତ୍ୟେକ ଠିକ୍ । ଏଣୁ ଏ ବିଷୟ ନିଷ୍ପତ୍ତି କରିବା ସକାଶେ—ଶାସ୍ତ୍ରୋପଦେଶମାନଙ୍କର ଯେଉଁ ଋଷିମାନେ କର୍ତ୍ତା ସେମାନେ ଯାହା କହିଅଛନ୍ତି ତଦନୁସାରେ ବିଚାର କଲେ ଆମ୍ଭମାନଙ୍କର ଉପରୋକ୍ତ ସନ୍ଦେହ ଦୂର ହେବ । ଋଷିମାନେ ଉପରୋକ୍ତ ଦୁଇ ଶ୍ରେଣୀର ଲୋକଙ୍କ ସକାଶେ ଭିନ୍ନ ଭିନ୍ନ ଉପଦେଶ ଦେଇଅଛନ୍ତି । ଋଷିମାନେ ଲେଖି ଯାଇଅଛନ୍ତି ।

"କେବଳଂ ଶାସ୍ତ୍ରମାଶ୍ରିତ୍ୟ<br>
ନ କର୍ତ୍ତବ୍ୟୋ ବିନିର୍ଣ୍ଣୟଃ<br>
ଯୁକ୍ତିହୀନ ବିଚାରେଣ<br>
ଧର୍ମ୍ମହାନିଃ ପ୍ରଜାୟତେ"

ଏହାର ଅର୍ଥ ଏହି କି କେବଳ ଶାସ୍ତ୍ରକୁ ଆଶ୍ରୟ କରି ନିଜ ନିଜର କର୍ତ୍ତବ୍ୟ (ସ୍ୱଧର୍ମ୍ମ) ନିରୂପଣ କରିବା ଉଚିତ ନୁହେଁ, ଯୁକ୍ତିହୀନ ବିଚାର ଦ୍ୱାରା କର୍ତ୍ତବ୍ୟ ନିରୂପଣ କଲେ ଧର୍ମ୍ମ ହାନି ହୁଏ ।

ଉପରୋକ୍ତ ଶ୍ଳୋକରୁ ଆମ୍ଭେମାନେ ଜାଣି ପାରିଲୁଁ ଯେ, ଶାସ୍ତ୍ରୋକ୍ତ ଉପଦେଶ ସବୁ କେବଳ ଯେଉଁମାନେ ଯୁକ୍ତାଯୁକ୍ତ ବିଚାର କରିବାକୁ ସକ୍ଷମ, ସେହିମାନଙ୍କ ସକାଶେ—ଯେଉଁମାନେ ସେପରି ବିଚାର କରିବାକୁ ଅକ୍ଷମ ସେମାନେ ତେବେ କଣ କରିବେ ? ଆଜ୍ଞେ ନିଜେ ବିଚାର କରିବାକୁ ଅକ୍ଷମ, କେବଳ ଶାସ୍ତ୍ର ଉପଦେଶ ଅନୁସାରେ ଅନ୍ଧଭାବରେ କର୍ତ୍ତବ୍ୟ ନିରୂପଣ କରିବାକୁ ଋଷିମାନେ ନିଷେଧ କଲେ ସେମାନେ ଚଳିବେ କିପରି ? ସେମାନଙ୍କ ସକାଶେ ଋଷିମାନେ ଲେଖି ଯାଇଅଛନ୍ତି —

"ମହାଜନୋ ଯେନ ଗତଃ ସପନ୍ଥା"

ମହାଜନ—( ଅର୍ଥାତ୍ ମହାପୁରୁଷମାନେ ) ଶାସ୍ତ୍ରରେ ଯେଉଁ ଉପଦେଶ ଦେଇଅଛନ୍ତି ସେହି ଉପଦେଶ ଅନୁସାରେ କର୍ତ୍ତବ୍ୟ ନିରୂପଣ

ନ କରି ସେମାନେ ଯେଉଁ ପଥଦେଇ ଯାଇଅଛନ୍ତି ସେହି ପଥକୁ ଧର୍ମପଥ ଜ୍ଞାନ କରି କର୍ତ୍ତବ୍ୟ ପାଳନରେ ଅଗ୍ରସର ହେବାକୁ ହେବ । ଗୀତାରେ ଶ୍ରୀକୃଷ୍ଣ ମଧ୍ୟ କହିଅଛନ୍ତି —

ଯଦ୍ ଯଦା ଚରତି ଶ୍ରେଷ୍ଠସ୍ତତ୍ତଦେବେତରୋଜନଃ
ସଯତ୍ପ୍ରମାଣଂ କୁରୁତେ ଲୋକସ୍ତଦନୁ ବର୍ତ୍ତତେ ।

ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ( ଅର୍ଥାତ୍ ଆତ୍ମାରାମ ଓ ଜ୍ଞାନମାର୍ଗାବଲମ୍ବୀ ବ୍ୟକ୍ତିମାନଙ୍କର ) କୌଣସି କାର୍ଯ୍ୟ କରିବାର ଆବଶ୍ୟକ ନ ଥିଲେ ସୁଦ୍ଧା ଲୋକରକ୍ଷାର୍ଥ ସେମାନଙ୍କର କାର୍ଯ୍ୟ କରିବା ଆବଶ୍ୟକ, କାରଣ ସେହି ଲୋକମାନଙ୍କର କାର୍ଯ୍ୟକୁ ଅନୁସରଣ କରି ଇତର ବ୍ୟକ୍ତିମାନେ ସ୍ୱ ସ୍ୱ କର୍ମରେ ନିଯୁକ୍ତ ହେବେ ।

କିନ୍ତୁ ଆମ୍ଭେମାନେ ଶାସ୍ତ୍ର ଉପଦେଶ ସବୁର ଯଥାର୍ଥ ଅର୍ଥ ନ ବୁଝି କିମ୍ବା ଋଷିମାନଙ୍କର ଉଦ୍ଦେଶ୍ୟ ନ ବୁଝି ମହାଜନ ଅର୍ଥାତ୍ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ନ ଚିହ୍ନି ଯେପରି ଅର୍ଥ କଲେ ଆମ୍ଭମାନଙ୍କ ଅବସ୍ଥା ଅନୁସାରେ ସୁବିଧା-ଜନକ ହେବ ସେପରି ଅର୍ଥ କରୁଁ । କାଳେ ଆମ୍ଭେମାନେ ଯଥାର୍ଥ ଅର୍ଥ ନ ବୁଝି ଛଦ୍ମ ବେଶଧାରୀ ପାପାତ୍ମାକୁ ଶ୍ରେଷ୍ଠ ଓ ମହାଜନ ବୋଲି ମନେ କରି ସାଧାରଣ ଆଚରିତ ପ୍ରଥାର ଅନୁସରଣ କରିବୁଁ ସେଥି ସକାଶେ ମନୁଷ୍ୟକୁ ସତର୍କ କରି ଶ୍ରୀମଦ୍‌ଭାଗବତରେ ଲେଖିଯାଇ ଅଛନ୍ତି —

"ଆଶ୍ରିତ୍ୟ କତରଂ ଭାବଂ
ଯସ୍ତ୍ୱନ୍ୟ ମୁପଜୀବତି
ନତସ୍ମାଦ ବିନ୍ଦତେ କ୍ଷେମଂ
ଦାରିନାର୍ଯ୍ୟ ସତ୍ତ୍ୱୀ ଯଥା"

ଅର୍ଥାତ୍ ଯଦି କୌଣସି ଲୋକ ଗୋଟିଏ ଭାବକୁ ଆଶ୍ରୟ କରି ଅନ୍ୟ ଗୋଟିଏ ଭାବ ଅନୁସାରେ କାର୍ଯ୍ୟରେ ଅଗ୍ରସର ହୁଏ ତେବେ ସେ କାର୍ଯ୍ୟରେ ତାହାର ମଙ୍ଗଳ ହୁଏ ନା ।

ଅସତୀ ସ୍ତ୍ରୀ ଉପପତି ସେବା କରିବା ଦ୍ୱାରା ଯେପରି ତାହାର ମଙ୍ଗଳ ହୁଏ ନା ଠିକ ସେହିପରି ।

ଗୋଟିଏ ଉଦାହରଣ ଦେଲେ ବିଷୟଟି ସ୍ପଷ୍ଟ ବୁଝାଯିବ । କୌଣସି ଏକ ସିଦ୍ଧ ମହାପୁରୁଷ ଗରଳ ପାନ କରୁଥିଲେ—ଅନ୍ୟ ଜଣେ ମହାପୁରୁଷ ତାଙ୍କ ଠିକ୍ ପାଖରେ ନିଆଁ ଜାଳି ସେହି ନିଆଁ ମଧ୍ୟରେ ବସି ରହି ଧ୍ୟାନ କରୁଥିଲେ । ମୁଁ ଯେଉଁ ଭାବକୁ ଆଶ୍ରୟ କରି ସଂସାର-ଯାତ୍ରା ନିର୍ବାହ କରୁଅଛି ସେହି ଭାବ ଅନୁସାରେ ମୋର ଗରଳ ପିଇବାର ଆବଶ୍ୟକ ନାହିଁ, କିମ୍ବା ମୋର ଅବସ୍ଥା ଓ ଅଧିକାର ଦୃଷ୍ଟିରେ ମୋ ପକ୍ଷରେ ଗରଳ ପିଇବା ଅନିଷ୍ଟକର—ମୁଁ ଯଦି ମୋର ନିଜର ଭାବ ପ୍ରତି କିମ୍ବା ନିଜର ଅବସ୍ଥା ଓ ଅଧିକାର ପ୍ରତି ଦୃଷ୍ଟି ନ ରଖି ଗରଳ ପାନ କରି ନିଆଁ ର ମଧ୍ୟରେ ବସିରହେଁ ତେବେ ମୋର ଯେପରି ମଙ୍ଗଳ ହେବ ତାହା ଅନୁମାନ କରି ପାରିବେ । ଉପରୋକ୍ତ ମତେ ଆଲୋଚନା କରି ଆମ୍ଭେମାନେ ଦେଖି ପାରିଲୁ ଯେ, ବିବେକଶକ୍ତିର ପ୍ରୟୋଜନୀୟତା ବେଶୀ । ଆହୁରି ମଧ୍ୟ ଦେଖନ୍ତୁ ଶାସ୍ତ୍ରୋପଦେଶ କିମ୍ବା ପୂର୍ବପୁରୁଷ ଆଚରିତ ପ୍ରଥାର ପ୍ରୟୋଜନୀୟତା ବେଶି ବୋଲି ଆମ୍ଭେମାନେ ସ୍ୱୀକାର କରୁଁ ସତ୍ୟ, ମାତ୍ର କାର୍ଯ୍ୟତଃ ଶାସ୍ତ୍ରୋପଦେଶ ମାନଙ୍କରୁ କିମ୍ବା ବାପ ଅଜା ଓଗେର ପୂର୍ବ-ପୁରୁଷମାନଙ୍କର କାର୍ଯ୍ୟରୁ ଯେଉଁ କେତୋଟି ଉପଦେଶ କିମ୍ବା କାର୍ଯ୍ୟ ଆମ୍ଭମାନଙ୍କର ସ୍ୱାର୍ଥ ସିଦ୍ଧିର ଅନୁକୂଳ କେବଳ ସେହି କେତୋଟି କାର୍ଯ୍ୟ କିମ୍ବା ଉପଦେଶ ଆମ୍ଭେମାନେ ବିନା ଆପତ୍ତିରେ ପାଳନ କରୁଁ । ମାତ୍ର ଯେଉଁ ସବୁ ସ୍ଥଳରେ ସେହି ସବୁ ଉପଦେଶ କିମ୍ବା କାର୍ଯ୍ୟ ଆମ୍ଭମାନଙ୍କ ସ୍ୱାର୍ଥ ସିଦ୍ଧିର ପ୍ରତିକୂଳ ହୁଏ ସେ ସବୁ ସ୍ଥଳରେ ଆମ୍ଭେମାନେହିଁ ଶାସ୍ତ୍ରୋପ-ଦେଶ ଓ ଆଚରିତ ପ୍ରଥାର ସମ୍ପୂର୍ଣ୍ଣ ଅବଜ୍ଞା କରୁଁ ନାହିଁ କି ?

ଆମ୍ଭମାନଙ୍କର ପୂର୍ବପୁରୁଷରେ କେହି କେବେ ଲୋକଙ୍କୁ ମିଥ୍ୟା ଶିକ୍ଷା ଦେଇ ଜୀବିକା ନିର୍ବାହ କରୁଥିଲେ କି ? କେହି କେବେ ପେଣ୍ଟକୋଟ କିମ୍ବା ଚପକନ ଗାଉନ ପିନ୍ଧି ଓକିଲାତି, ମୁକ୍ତାରି କରି 'ଟିପାର୍ଟି' 'ଗାର୍ଡେନପାର୍ଟି' ଇତ୍ୟାଦିରେ ଯୋଗ ଦେଇଥିଲେ କି ?

ଶାସ୍ତ୍ରରେ ଋଷିମାନେ ବ୍ରାହ୍ମଣ କ୍ଷତ୍ରିୟ ଏମାନଙ୍କୁ ହଳ ଧରିବାକୁ ଓ ଧୂମ ପାନ କରିବାକୁ ନିଷେଧ କରିଅଛନ୍ତି । କିନ୍ତୁ ବ୍ରାହ୍ମଣର ସନ୍ତାନ ଆଜି ଗଛମୂଳେ ଟେରଣିଗିରି କରିବାକୁ କିମ୍ବା ଗଞ୍ଜେଇ ଖାଇବାକୁ କୁଣ୍ଠିତ ନୁହନ୍ତି । ଟେରଣିଗିରି କିମ୍ବା ଓକିଲାତି ଅପେକ୍ଷା ହଳଧରିବା କଣ

ଗର୍ହିତକର କାର୍ଯ୍ୟ ? ଯଦି ଚେରଣିଗିରି କିମ୍ବା ଓକିଲାତି କଲେ ଜାତି ନ ଯିବ, ହଳ ଧରିଲେ କାହିଁକି ଜାତିଯିବ ? ଯଦି ଚଞ୍ଜାଇ ଖାଇଲେ ଜାତି ନ ଯିବ ତେବେ ବଡ଼ି ଟିକିଏ ଖାଇଲେ କାହିଁକି ଜାତି ଯିବ ? (ଗଞ୍ଜେଇ ଧୂଆଁ କଣ ଧୂମ୍ର ପାନ ନୁହଁ ? ) ଋଷିମାନେ ଏହି ଉଦ୍ଦେଶ୍ୟରେ ଏପରି ନିଷେଧ କରିଥିଲେ କି ?

ଭାଇ ହେ, ଅନେକ ଦିନରୁ ଆମ୍ଭେମାନେ ଶାସ୍ତ୍ରୋପଦେଶ କିମ୍ବା ପୂର୍ବାଚରିତ ପ୍ରଥା ଛାଡ଼ି ସାରିଲୁଣି । ଆମ୍ଭେମାନେ ବର୍ତ୍ତମାନ କିଏ ମୁନସି, କିଏ ଜମାଦାର, କିଏ ଡାକ୍ତର, କିଏ ଓକିଲ କିମ୍ବା ସେମାନଙ୍କର ଭାଇ, ବନ୍ଧୁ, କୁଟୁମ୍ବ ।

ଆମ୍ଭମାନଙ୍କର ନିଜ ନିଜର କାର୍ଯ୍ୟ ପ୍ରଣାଳୀ ପ୍ରତି ଦୃଷ୍ଟି ନ ରଖି କେବଳ ଯୁକ୍ତି କରିବା ଅନ୍ଧତା ବ୍ୟତୀତ କଣ ହୋଇପାରେ ? ଅତଏବ ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ଦୃଷ୍ଟିରେ ଶାସ୍ତ୍ରୋପଦେଶ ଓ ପୂର୍ବାଚରିତ ପ୍ରଥା ଅପେକ୍ଷା ବିବେକଶକ୍ତିର ପ୍ରୟୋଜନୀୟତା ବେଶି ବୋଲି ସ୍ୱୀକାର କରିବା ସର୍ବତୋଭାବେ ଶ୍ରେୟସ୍କର ।

## ବିବେକ ଶକ୍ତିର ଯଥୋଚିତ ବିଚାର

ପ୍ରତ୍ୟେକ ଲୋକର ଏକ ଏକ ବିବେକଶକ୍ତି ଅଛି । କେଉଁ କାର୍ଯ୍ୟଟି କର୍ତ୍ତବ୍ୟ ଓ କେଉଁ କାର୍ଯ୍ୟଟି ଅକର୍ତ୍ତବ୍ୟ କିମ୍ବା କେଉଁ କାର୍ଯ୍ୟଟି ଧର୍ମସମ୍ମତ ଓ କେଉଁ କାର୍ଯ୍ୟଟି ଅଧର୍ମ ଏହା ନିରୂପଣ କରିବା ପ୍ରତ୍ୟେକ ଲୋକର ବିବେକ ଶକ୍ତିର କାର୍ଯ୍ୟ ।

ମାତ୍ର ପ୍ରତ୍ୟେକ ଲୋକର ଅବସ୍ଥା, ଅଧିକାର, ଦେଶ ଓ କାଳ ଇତ୍ୟାଦି ଭେଦରେ ଏହି ଶକ୍ତିର ବିଚାର **judgment** ସ୍ୱତନ୍ତ୍ର ।

ଭଗବାନ ଗୀତାରେ ସମସ୍ତ ମନୁଷ୍ୟ ଜାତିକୁ ଗୁଣ ଓ କର୍ମ ଭେଦରେ ଚାରିଭାଗରେ ବିଭକ୍ତ କରି ଗୀତାର ୧୭ ଅଧ୍ୟାୟ ୪ର୍ଥ ଶ୍ଳୋକରେ ଉଲ୍ଲେଖ କରିଅଛନ୍ତି —

"ଯଜନ୍ତେ ସାତ୍ତ୍ୱିକା ଦେବାନ୍
ଯକ୍ଷ ରକ୍ଷାଂସି ରାଜସାଃ

ପ୍ରେତାନ୍ ଭୂତଗଣାଂ ଶ୍ଚାନ୍ୟେ
ଯଜନ୍ତେ ତାମସା ଜନାଃ''

ଅର୍ଥାତ୍ ତମୋପ୍ରଧାନ ବ୍ୟକ୍ତିମାନେ ଭୂତ ପ୍ରେତମାନଙ୍କର, ରଜଃ ପ୍ରଧାନ ବ୍ୟକ୍ତିମାନେ ଯକ୍ଷ ରକ୍ଷଙ୍କର ଓ ସତ୍ତ୍ୱପ୍ରଧାନ ବ୍ୟକ୍ତିମାନେ (ଭଗବାନଙ୍କର) ଦେବତାଙ୍କର ପୂଜା କରନ୍ତି । ଅର୍ଥାତ୍ ଯେତେଦିନ ମନୁଷ୍ୟ ତମଃ-ପ୍ରଧାନ ଥାଏ ସେତେଦିନ ପର୍ଯ୍ୟନ୍ତ ସେ କାମ, କ୍ରୋଧ, ହିଂସା ଦ୍ୱେଷ ଇତ୍ୟାଦି ଚରିତାର୍ଥ କରିବା ସକାଶେ ଭୂତପ୍ରେତର ଆଶ୍ରୟ ନିଏ । ଟିକିଏ ଉନ୍ନତତର ଅବସ୍ଥାରେ ଉପସ୍ଥିତ ହେଲେ ଧନ, ରତ୍ନ, ବିଭବ, ଐଶ୍ୱର୍ଯ୍ୟାଦି ପାଇବା ଇଚ୍ଛାରେ ଯକ୍ଷ ରକ୍ଷର ସେବା କରେ ଓ ଆହୁରି ଉଚ୍ଚତର ଅବସ୍ଥାକୁ ଉଠି ସତ୍ତ୍ୱ ପ୍ରଧାନ ହେଲେ ଭଗବାନଙ୍କର ପୂଜା କରେ । ସେହି ଅବସ୍ଥାରେ ତାହାର ଫଳାକାଙ୍କ୍ଷା ନ ଥାଏ । ସେ ନିଷ୍କାମ ଭାବରେ ସମସ୍ତ କର୍ମ୍ମ ନିଷ୍ପନ୍ନ କରେ । ଅତଏବ ଏଥିରୁ ସ୍ପଷ୍ଟ ଦେଖାଯାଉଅଛି କି ପ୍ରତ୍ୟେକ ଲୋକର ବିବେକ ଶକ୍ତି ପ୍ରତ୍ୟେକ ଲୋକର ଅବସ୍ଥା ଓ ଅଧିକାର ଇତ୍ୟାଦି ଦୃଷ୍ଟିରେ ପ୍ରତ୍ୟେକ ଲୋକର କର୍ତ୍ତବ୍ୟ (ସ୍ୱଧର୍ମ) ନିରୂପଣ କରୁଅଛି ।

ପଞ୍ଚମ ବର୍ଷୀୟ ବାଳକ ପକ୍ଷରେ **A, B,** କିମ୍ବା କ, ଖ ପଢ଼ିବା ଧର୍ମ୍ମ (ତାହାର ସ୍ୱଧର୍ମ) ଚନ୍ଦ୍ରିକା କିମ୍ବା **Nesfield** ପଢ଼ିବା ପରଧର୍ମ୍ମ; ତେଣୁ ଅଧର୍ମ ନ ହେଲେ ସୁଦ୍ଧା ଭୟାବହ । ମାଟ୍ରିକୁଲେସନ୍ କ୍ଲାସର ବାଳକ ପକ୍ଷରେ **Nesfield** କିମ୍ବା ସିଦ୍ଧାନ୍ତଚନ୍ଦ୍ରିକା ପଢ଼ିବା ପରଧର୍ମ୍ମ ନୁହେଁ । ଗୀତାର ଉପରୋକ୍ତ ଶ୍ଳୋକରୁ ଦେଖାଗଲା ଯେ, ସତ୍ତ୍ୱ ପ୍ରଧାନ ବ୍ୟକ୍ତି ପକ୍ଷରେ ଯାହା ଧର୍ମ୍ମ (ସ୍ୱଧର୍ମ) ରଜଃ ପ୍ରଧାନ ବ୍ୟକ୍ତି ପକ୍ଷରେ ତାହା ଧର୍ମ ହୋଇ ନ ପାରେ । ଯେଉଁ ଲୋକ ଯେଉଁ ସ୍ତରରେ ଅଛି ସେହି ସ୍ତରର ଉପଯୋଗୀ ସାଧନ ପ୍ରଣାଳୀ ତାହାର ସ୍ୱଧର୍ମ ।

ତମଃ ପ୍ରଧାନ ଓ ରଜଃ ପ୍ରଧାନ ବ୍ୟକ୍ତିର ସ୍ୱଧର୍ମ ସତ୍ତ୍ୱ ପ୍ରଧାନ ବ୍ୟକ୍ତିର ପକ୍ଷେ ପରଧର୍ମ ଓ ସତ୍ତ୍ୱପ୍ରଧାନ ବ୍ୟକ୍ତିର ସ୍ୱଧର୍ମ ରଜଃ ପ୍ରଧାନ କିମ୍ବା ତମଃ ପ୍ରଧାନ ବ୍ୟକ୍ତିର ପକ୍ଷେ ପରଧର୍ମ । ଇଂଲଣ୍ଡ ବାସୀଙ୍କର ଯାହା ସ୍ୱଧର୍ମ ଭାରତବାସୀ ପକ୍ଷରେ ତାହା ପରଧର୍ମ । ମାତ୍ର ସର୍ବଦା ସ୍ମରଣ

ରଖିବା ଉଚିତ ଯେ—ସତ୍ୟ, ସରଳତା, ଅହିଂସା, ଲୋକସେବା ଏହା ପ୍ରତ୍ୟେକଙ୍କର ଧର୍ମ ।

ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ବିବେକ ଶକ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଅବସ୍ଥା, ଅଧିକାର, ଦେଶ, କାଳ ଇତ୍ୟାଦି ବିବେଚନା କରି ଆମ୍ଭମାନଙ୍କର କର୍ତ୍ତବ୍ୟ (ସ୍ୱଧର୍ମ) ନିରୂପଣ କରୁଅଛି ।

ଆହୁରି ମଧ୍ୟ ନିଜର ବିବେକ ଶକ୍ତି ବୁଦ୍ଧି ବୃତ୍ତିର ହୀନତା ହେତୁରୁ ହେଉ, କିମ୍ବା ସେମାନଙ୍କର ପରିଚାଳନାର ଅଭାବରୁ ହେଉ ନିଜର କର୍ତ୍ତବ୍ୟ ନିରୂପଣ କରିବାକୁ ଅକ୍ଷମ ହେଲେ, ଧର୍ମ ସମ୍ପ୍ରଦାୟର ଅନ୍ୟାନ୍ୟମାନଙ୍କୁ ନିଜର ଅବସ୍ଥା, ଅଧିକାର ଓ ଆବଶ୍ୟକତା ଇତ୍ୟାଦି ସରଳ ଭାବରେ ପ୍ରକାଶ କରି ପାରିଲେ ଅନ୍ୟାନ୍ୟମାନଙ୍କର ବିବେକ ଶକ୍ତି ମଧ୍ୟ ଆମ୍ଭମାନଙ୍କର ଅବସ୍ଥା ଓ ଅଧିକାର ଇତ୍ୟାଦି ଦୃଷ୍ଟିରେ ତଦୁପଯୋଗୀ କର୍ତ୍ତବ୍ୟ (ସ୍ୱଧର୍ମ) ନିରୂପଣ କରିପାରେ ।

ମାତ୍ର ଆମ୍ଭେମାନେ ଏତିକି ନ ବୁଝି ଏହି ଅବସ୍ଥା ଓ ସ୍ତର ପ୍ରତି ଦୃଷ୍ଟି ନ ରଖିଥିବାରୁ ପ୍ରତି ପରିବାରସ୍ଥ ଲୋକମାନଙ୍କ ମଧ୍ୟରେ ପ୍ରତି ସମ୍ପ୍ରଦାୟର ଭିନ୍ନ ଭିନ୍ନ ଅବସ୍ଥା ଓ ଅଧିକାରର ଲୋକମାନଙ୍କ ମଧ୍ୟରେ ଓ ସଂସାରର ଭିନ୍ନ ଭିନ୍ନ ଧର୍ମ ସମ୍ପ୍ରଦାୟମାନଙ୍କ ମଧ୍ୟରେ ପ୍ରତ୍ୟହ ମତାନ୍ତର ହେତୁ ମନାନ୍ତର ଘଟୁଅଛି ।

ଏହି ସ୍ତର, ଅବସ୍ଥା, ଅଧିକାର, ଦେଶ ଓ କାଳ ଇତ୍ୟାଦି ପ୍ରତି ଦୃଷ୍ଟିରଖିବା ପ୍ରତ୍ୟେକ ଲୋକର ଏକାନ୍ତ ଆବଶ୍ୟକ । ଏ ସବୁ ପ୍ରତି ଦୃଷ୍ଟି ରଖିଲେ କୌଣସି ଲୋକର ଅନ୍ୟପ୍ରତି ଘୃଣା ରହିବ ନାହିଁ ଓ ମତାନ୍ତର ହେତୁ ମନାନ୍ତର କିମ୍ବା କଳହ ରହିବ ନାହିଁ ଓ ତେଣୁ ପ୍ରତି ଧର୍ମସମ୍ପ୍ରଦାୟ ମଧ୍ୟରେ, ଗ୍ରାମସ୍ଥ ପ୍ରତିବେଶୀମାନଙ୍କ ମଧ୍ୟରେ ଓ ପ୍ରତି ପରିବାରସ୍ଥ ଲୋକମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ ହେବା ସହଜ ହେବ ।

# ସ୍ୱାଧୀନ ଚିନ୍ତା ।

ସ୍ୱଧର୍ମ୍ମ ପାଳନ କରିବା ଉଦ୍ଦେଶ୍ୟରେ ନିଜ ନିଜର ଅବସ୍ଥା ଅଧିକାର ଦେଶ ଓ କାଳ ଇତ୍ୟାଦି ପ୍ରତି ଦୃଷ୍ଟିରଖି ନିଜ ନିଜର ଆନ୍ତରିକ ଭାବ ଅନୁସାରେ ଚିନ୍ତା କରିବାର ନାମ ସ୍ୱାଧୀନଚିନ୍ତା ବା ଆତ୍ମଚିନ୍ତା । ନିଜ ନିଜର ଆନ୍ତରିକ ଭାବ ଅନୁସାରେ ଚିନ୍ତା କରି ତଦନୁସାରେ ସ୍ୱଧର୍ମ୍ମ ପାଳନରୂପ ଭଗବତ୍ ଉପାସନାକୁ ଭଗବାନ ଗ୍ରହଣ କରନ୍ତି ।

ଭଗବାନ ବିଶ୍ୱଚକ୍ଷୁ ଏତିକି ମାତ୍ର ବିଶ୍ୱାସକରି ଅର୍ଥାତ୍ ଏହି ଭାବକୁ ହୃଦୟରେ ସ୍ଥାନଦେଇ ନିଜ ନିଜର ଆନ୍ତରିକ ଭାବ ଅନୁସାରେ ସ୍ୱ ସ୍ୱ କର୍ତ୍ତବ୍ୟ (ସ୍ୱଧର୍ମ୍ମ) ରେ ଅଗ୍ରସର ହେବା ମଙ୍ଗଳକର । ଏଣୁକରି ଭି ଉପରୋକ୍ତ ମତେ ଇନ୍ଦ୍ରିୟ ସେବାଦ୍ୱାରା (ଅର୍ଥାତ୍ ଭଗବାନ ଇନ୍ଦ୍ରିୟମାନଙ୍କର ସୃଷ୍ଟିକର୍ତ୍ତା ଓ ଆମ୍ଭମାନଙ୍କୁ ଏ ସମସ୍ତ ଭୋଗ କରିବାକୁ ଦେଇଅଛନ୍ତି ଏହି ଭାବରେ) ଭଗବାନଙ୍କର ଉପାସନା ଭଗବାନଙ୍କର ଗ୍ରାହ୍ୟ ତେଣୁ ବରଂ ଶ୍ରେୟସ୍କର କିନ୍ତୁ ଗୋପନରେ ଇନ୍ଦ୍ରିୟ ସେବାକରି (ଲୋକଙ୍କଠାରୁ ଗୋପନରେ ରଖା ଯାଇପାରେ କିନ୍ତୁ ବିଶ୍ୱଚକ୍ଷୁ ଭଗବାନଙ୍କ ଠାରୁଁ ଗୋପନରେ ରଖାଯାଇ ନ ପାରେ) ଲୋକସମାଜରେ କିମ୍ବା ଧର୍ମ୍ମ ସମ୍ପ୍ରଦାୟରେ ଉଚ୍ଚସ୍ଥାନ ଓ ଉଚ୍ଚ ଅଧିକାର ପାଇବା ଅଭିପ୍ରାୟରେ ଲୋକଙ୍କୁ ଦେଖାଇବା ସକାଶେ କିମ୍ବା ଲୋକଙ୍କୁ ସନ୍ତୁଷ୍ଟ ରଖିବା ସକାଶେ ଯେଉଁ କର୍ତ୍ତବ୍ୟ ସାଧନ କିମ୍ବା ଉପାସନା ତାହା ଭଗବାନଙ୍କର ଅଗ୍ରାହ୍ୟ ତେଣୁ ଯଥାର୍ଥରେ ଅମଙ୍ଗଳକର ।

ଏହି ସ୍ୱାଧୀନ ଚିନ୍ତା ଉପଦେଶ ଦେବା ସକାଶେ ଭଗବାନ ଗୀତାରେ ନିଜେ କହିଅଛନ୍ତି —

"ଯେ ଯଥାମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହଂ
ମମବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃପାର୍ଥସର୍ବଶଃ"

ଅର୍ଥାତ୍ ସେ ଯେଉଁ ଭାବରେ କର୍ତ୍ତବ୍ୟ ସାଧନ କରନ୍ତୁ ପଛକେ ସମସ୍ତେ ମୋହର ଉପାସନା କରୁଅଛନ୍ତି । ମୁଁ ପ୍ରତ୍ୟେକ ଲୋକର ଆନ୍ତରିକ ଭାବ ଅନୁସାରେ ପ୍ରତ୍ୟେକଙ୍କର ଉପାସନା ଗ୍ରହଣ କରେ ଓ ପ୍ରତ୍ୟେକ ପ୍ରତ୍ୟେକର ଆନ୍ତରିକ ଭାବ ଅନୁସାରେ ଫଳ ଭୋଗ କରନ୍ତି ।

"ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ"

ଆମ୍ଭର ମଧ୍ୟ ଲୋକେ କହନ୍ତି, "ଯାହାର ମନ ଯେପରି ତାହାର ପ୍ରଭୁ ସେପରି" ଏହି କଥାଟିରେ ଯେଉଁ ଭାବ ନିହିତ ଅଛି ତାହା ଧୀର ଭାବରେ ଚିନ୍ତାକଲେ ଆମ୍ଭେମାନେ ସ୍ୱାଧୀନଚିନ୍ତା କରି ତାହା ବିଶେଷ ରୂପେ ବୁଝିପାରିବୁଁ । ଅକ୍ରୂର ଶ୍ରୀକୃଷ୍ଣଙ୍କୁ କଂସ ମହାରାଜାଙ୍କର ରଙ୍ଗସଭାକୁ ଆଣୁଥିବା ସମୟରେ ଶ୍ରୀମଦ୍ଭାଗବତରେ ଉଲ୍ଲେଖ ଥିବା ନିମ୍ନୋକ୍ତ ଶ୍ଳୋକଟିରେ ଶ୍ରୀକୃଷ୍ଣଙ୍କର ମୂର୍ତ୍ତିର ବର୍ଣ୍ଣନାରୁ ମଧ୍ୟ ଏହି ଭାବ ସ୍ପଷ୍ଟ ପ୍ରତୀୟମାନ ହୁଏ । ଶ୍ଳୋକଟି ଏହି —

ମଲ୍ଲାନାମଶନି ର୍ନୃଣାଂନରବରଃ ସ୍ତ୍ରୀଣାଂ ସ୍ମରୋମୂର୍ତ୍ତିମାନ୍
ଗୋପାନାଂ ସ୍ୱଜନୋ ସତାଂ କ୍ଷିତିଭୁଜାଂ ଶାସ୍ତାସ୍ୱପିତ୍ରୋଃଶିଶୁଃ
ମୃତ୍ୟୁର୍ଭୋଜପତେ ର୍ବିରାଡ଼ବିଦୁଷାଂ ତତ୍ତ୍ୱଂ ପରଂ ଯୋଗିନାଂ
ବୃଷ୍ଣୀନାଂପରଦେବତେତି ବିଦିତୋ ରଙ୍ଗଂ ଗତଂ ସାଗ୍ରଜଃ ।

ଯେଉଁ ସଭାରେ ମଲ୍ଲଯୁଦ୍ଧର ବ୍ୟବସ୍ଥା ହୋଇଅଛି, ଅନେକ ରାଜା ନିମନ୍ତ୍ରିତ ହୋଇ ଆସି ଅଛନ୍ତି, ସମସ୍ତ ମଥୁରାବାସୀ ଉପସ୍ଥିତ ଅଛନ୍ତି, ଦେବକୀ, ବସୁଦେବ ଓ ନନ୍ଦ ପ୍ରଭୃତି ଗୋପମାନେ ମଧ୍ୟ ସଭାର ଏକପାର୍ଶ୍ୱରେ ବସି ଅଛନ୍ତି ।

ଏହିପରି ଭାବରେ ଲୋକପୂର୍ଣ୍ଣ ରଙ୍ଗସଭା ମଧ୍ୟକୁ ଶ୍ରୀକୃଷ୍ଣ ଯେତେବେଳେ ପ୍ରବେଶ କରୁଅଛନ୍ତି ସେତେବେଳେ ମଲ୍ଲମାନଙ୍କୁ (ଶ୍ରୀକୃଷ୍ଣଙ୍କର ମୂର୍ତ୍ତି) ଦେଖାଯାଉଅଛି "ଅଶନିଃ" ଅର୍ଥାତ୍ ପ୍ରସ୍ତର ନିର୍ମିତ । ସେହି ସମୟରେ ସେହି ମୂର୍ତ୍ତି ସ୍ତ୍ରୀମାନଙ୍କୁ ଦେଖାଯାଉଅଛି ଯେପରି କି ପ୍ରେମ ଓ ସୌନ୍ଦର୍ଯ୍ୟର ଦେବତା "ମଦନ" ମୂର୍ତ୍ତିଧାରଣ କରି ଆସୁଅଛନ୍ତି ।

ନନ୍ଦ ପ୍ରଭୃତି ଗୋପମାନଙ୍କୁ (ସ୍ୱଜନ) ଅର୍ଥାତ୍ ଆପଣାର ନିଜର କୁଟୁମ୍ବପରି ଦେଖାଯାଉଅଛନ୍ତି । ପ୍ରଜାପୀଡ଼କ ରାଜାମାନେ ଦେଖୁଅଛନ୍ତି ଯେପରି କି ଶ୍ରୀକୃଷ୍ଣ ସେମାନଙ୍କର ଅଧର୍ମର ଶାସ୍ତିଦେବା ସକାଶେ ଆସୁଅଛନ୍ତି । ଇତ୍ୟାଦି ଇତ୍ୟାଦି ରୂପେ ଭୋଜପତି କଂସ ମହାରାଜାଙ୍କୁ ଦେଖା

ଯାଉଅଛନ୍ତି ସାକ୍ଷାତ **"ଯମ"** । ଅତଏବ ଆମ୍ଭେମାନେ ସ୍ପଷ୍ଟ ଦେଖି ପାରୁଅଛୁଁ ଭଗବାନଙ୍କୁ ଧ୍ୟାନ ଓ ଧାରଣା କରିବା ସକାଶେ ସ୍ୱାଧୀନ ଚିନ୍ତା ବା ଆତ୍ମଚିନ୍ତା ଏକାନ୍ତ ଆବଶ୍ୟକ । ଯାହାର ଚିନ୍ତା ଓ ମନର ଭାବ ଯେଉଁପରି ସେହି ଲୋକ ପକ୍ଷରେ ଭଗବାନ ମଧ୍ୟ ସେହିପରି ।

---

## ସ୍ୱାଧୀନତା

ପୂର୍ବେ କୁହାଯାଇଅଛି ଯେ ସୂର୍ଯ୍ୟ, ଚନ୍ଦ୍ର, ପଶୁ, ପକ୍ଷୀ, କୀଟ, ପତଙ୍ଗ ଓ ଉଦ୍ଭିଦ ପ୍ରଭୃତି ମନୁଷ୍ୟ ବ୍ୟତୀତ ଅନ୍ୟାନ୍ୟ ସମସ୍ତଙ୍କୁ ଭଗବାନ ତାଙ୍କ ଅଧୀନରେ ରଖି ଏ ବିଶ୍ୱର ମଙ୍ଗଳ ସାଧନ ରୂପ ସ୍ୱଧର୍ମ ପାଳନରେ ବାଧ୍ୟ ରଖିଅଛନ୍ତି । କିନ୍ତୁ ମନୁଷ୍ୟଙ୍କୁ ସେପରି ବାଧ୍ୟ ରଖିନାହାନ୍ତି । ନିଜ ନିଜର ଜ୍ଞାନ, ବୁଦ୍ଧି ଓ ବିବେକ ସାହାଯ୍ୟରେ ମନୁଷ୍ୟଙ୍କୁ ତାହାର ସ୍ୱଧର୍ମ ନିରୂପଣ କରିବାକୁ ହେବ । ଏହି ସ୍ୱାଧୀନତା ଭଗବାନ ପ୍ରତ୍ୟେକ ମନୁଷ୍ୟଙ୍କୁ ଦେଇଅଛନ୍ତି ।

ଏଥିରୁ ଆମ୍ଭେମାନେ ଏପରି ପ୍ରମାଣରେ ଉପନୀତ ହୋଇପାରୁଁ ଯେ, ଆମ୍ଭେମାନେ ଭଗବାନଙ୍କର ଅଧୀନ ନୋହୁଁ, ତେଣୁ ଅନ୍ୟ କାହାରି ମଧ୍ୟ ଅଧୀନ ହୋଇ ନ ପାରୁଁ । ମାତ୍ର ଏପରି ପ୍ରମାଣରେ ଉପସ୍ଥିତ ହେବା ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଭୁଲ । ଭଗବାନ ସିନା ଦୟା-କରି ମନୁଷ୍ୟଙ୍କୁ ତାଙ୍କ ଅଧୀନରେ ରଖି ନାହାନ୍ତି, କିନ୍ତୁ ଯେହେତୁ ଆମ୍ଭେମାନେ ବିବେକ ଶକ୍ତିର ଅଧୀନ ଓ ସେହି ବିବେକ ଶକ୍ତି ଆମ୍ଭମାନଙ୍କୁ ଭଗବାନ ଦେଇଅଛନ୍ତି ତେଣୁ ମନୁଷ୍ୟଙ୍କୁ ଭଗବାନଙ୍କର ଅଧୀନ ବୋଲି ନିଶ୍ଚୟ ସ୍ୱୀକାର କରିବାକୁ ହେବ । ଅତଏବ ପ୍ରକୃତ ସ୍ୱାଧୀନତାର ଅର୍ଥ ଏହି କି ସ୍ୱଧର୍ମ କିମ୍ବା କର୍ତ୍ତବ୍ୟ ନିରୂପଣ କରିବାକୁ ସକ୍ଷମ ହେବା ପର୍ଯ୍ୟନ୍ତ ମନୁଷ୍ୟ ଶାସ୍ତ୍ରୋପଦେଶମାନଙ୍କର ଓ ଗୁରୁ କିମ୍ବା ଗୁରୁ ଶ୍ରେଣୀସ୍ଥ ବ୍ୟକ୍ତିମାନଙ୍କର ସମ୍ପୂର୍ଣ୍ଣ ଅଧୀନ ଏବଂ ଶାସ୍ତ୍ରୋପଦେଶ ଓ ଗୁରୁଙ୍କର ସାହାଯ୍ୟରେ ବିବେକଶକ୍ତିର ପରିଚୟ ପାଇ ସ୍ୱଧର୍ମ କିମ୍ବା

କର୍ତ୍ତବ୍ୟ ନିରୂପଣ କରିବାକୁ ସକ୍ଷମ ହୋଇପାରିଲେ ସେ କେବଳ ସେହି ବିବେକର ଅଧୀନ । ଅର୍ଥାତ୍ କର୍ତ୍ତବ୍ୟ କିମ୍ବା ସତ୍ୟର ଅଧୀନ ଅନ୍ୟ କାହାର ଅଧୀନ ନୁହେଁ ।

ଏହି ସ୍ୱାଧୀନତାର ସୁଖ ଅନ୍ୱେଷଣ କରିବା ଆମ୍ଭମାନଙ୍କର ସ୍ୱଭାବ ତେଣୁ ଆମ୍ଭେମାନେ ପ୍ରତ୍ୟେକ ଏହି ସୁଖ ପାଇବା ସକାଶେ ବ୍ୟସ୍ତ; ମାତ୍ର ଉପଯୁକ୍ତ ଶିକ୍ଷାର ଅଭାବରୁ ଆମ୍ଭେମାନେ ସ୍ୱାଧୀନତାର ଯଥାର୍ଥ ଅର୍ଥ ନ ବୁଝି, ଯଥାର୍ଥ ସ୍ୱାଧୀନତାକୁ ନ ଚିହ୍ନି, ସ୍ୱେଚ୍ଛାଚାରିତାକୁ ସ୍ୱାଧୀନତା ବୋଲି ମନେ କରି, ପୁରୁଷମାନେ ସ୍ତ୍ରୀମାନଙ୍କୁ ନିଜର କରକବଳରେ ରଖିବାରେ, ସ୍ତ୍ରୀମାନେ ପୁରୁଷମାନଙ୍କୁ ନିଜ ନିଜର ଅଧୀନରେ ରଖିବାରେ, ଗ୍ରାମର ମାମଲତ୍‌କାର କିମ୍ବା ଧନୀବ୍ୟକ୍ତି ଅନ୍ୟାନ୍ୟ ସମସ୍ତଙ୍କୁ ନିଜର କରକବଳରେ ଅର୍ଥର ଦାସ କରି ରଖିବାରେ ଚେଷ୍ଟିତ ।

ଆଜିର ମଧ୍ୟ ଆମ୍ଭେମାନେ ଯାହାକୁ ସ୍ତ୍ରୀ ସ୍ୱାଧୀନତା ନାମ ଦେଇଅଛୁଁ, ତାହା ଯଥାର୍ଥ ସ୍ତ୍ରୀ ସ୍ୱାଧୀନତା ନୁହେଁ । ଯଥାର୍ଥ ସ୍ତ୍ରୀ ସ୍ୱାଧୀନତାର ଅର୍ଥ ସ୍ୱାମୀର ସମ୍ପୂର୍ଣ୍ଣ ଅଧୀନତା । କାରଣ—

"ଶ୍ରୀମଦ୍ଭାଗବତରେ ଉଲ୍ଲେଖ ଅଛି—ପତିରେକୋ ଗୁରୁସ୍ତ୍ରୀଣାଂ"

ଯେପରି ବିବେକ ଶକ୍ତିର ପ୍ରୟୋଜନୀୟତା ହୃଦୟଙ୍ଗମ କରି ବିବେକର ସମ୍ପୂର୍ଣ୍ଣ ଅଧୀନତା ସ୍ୱୀକାର କରି ପାରିବା ପର୍ଯ୍ୟନ୍ତ ପୁରୁଷମାନଙ୍କର ତଦୁପଯୋଗୀ ଶିକ୍ଷାର ଏକାନ୍ତ ଆବଶ୍ୟକ ଠିକ୍ ସେହିପରି ସ୍ୱାମୀଙ୍କର ସମ୍ପୂର୍ଣ୍ଣ ଅଧୀନତା ସ୍ୱୀକାର କରିବା ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କର ମଧ୍ୟ ଉପଯୁକ୍ତ ଶିକ୍ଷାର ଆବଶ୍ୟକ ।

ପୂର୍ବେ ବ୍ରହ୍ମଚର୍ଯ୍ୟାଶ୍ରମରେ ଗୁରୁ ଶିଷ୍ୟକୁ ବିବେକ ଶକ୍ତିର ପ୍ରୟୋଜନୀୟତା ହୃଦୟଙ୍ଗମ କରାଇଦେଇ ଆଉ ନିଜ ଅଧୀନରେ ନରଖି ସ୍ୱାଧୀନଭାବରେ ତା'ର ସ୍ୱଧର୍ମ ପାଳନ କରିବାକୁ ଅନୁମତି ଦେଉଥିଲେ । ଇନ୍ଦ୍ରିୟ ଭୋଗବାସନା ଦଗ୍ଧ କଲା ପରେ ଓ ଗାର୍ହସ୍ଥ୍ୟଧର୍ମର ଆବଶ୍ୟକତା ଓ ଉପକାରିତା ହୃଦୟଙ୍ଗମ କଲା ପରେ ଓ ବିବେକଶକ୍ତିର ସାହାଯ୍ୟରେ ଧର୍ମ ପଥରେ ଅଗ୍ରସର ହେବାକୁ ଉପଯୁକ୍ତ ହେଲାପରେ

ବ୍ରହ୍ମଚାରୀର ମତନେଇ ଗୁରୁ ଓ ପିତା ମାତା ତାଙ୍କୁ ସ୍ତ୍ରୀ ଗ୍ରହଣ କରିବାକୁ ଅନୁମତି ଦେଉଥିଲେ ଓ ବିଷୟ ଭୋଗବାସନା (ଅର୍ଥାତ୍ ବିଷୟ ସହିତ ଇନ୍ଦ୍ରିୟମାନଙ୍କର ସଂଯୋଗ କମ୍ବା ଆସକ୍ତି) ଦଗ୍‌ଧ କଲାପରେ ବିଷୟ ଭୋଗ କରିବାକୁ ଅନୁମତି ଦେଉଥିଲେ । ଏହା ଆମ୍ଭମାନଙ୍କର ଏକମାତ୍ର ଶିକ୍ଷା ଥିଲା ।

ବ୍ରହ୍ମଚର୍ଯ୍ୟାଶ୍ରମରେ ଉପରୋକ୍ତ ଶିକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣରୂପେ ଲୋପ ହେଲାଣି । ବ୍ରାହ୍ମଣମାନଙ୍କର ଉପନୟନ ପ୍ରଥାରୁ ମଧ୍ୟ ଉପରୋକ୍ତ ଶିକ୍ଷା ପ୍ରଣାଳୀ ଥିବାର ଅନେକ ପ୍ରମାଣ ମିଳେ ।

ଉପନୟନପରେ ବ୍ରହ୍ମଚାରୀ ସୁଆରେ ଚଢ଼ି ଶୋଭାୟାତ୍ରା କରି ଗ୍ରାମସ୍ଥ କୌଣସି ଦେବ ମନ୍ଦିର ନିକଟକୁ ଯାଆନ୍ତି । ବ୍ରହ୍ମଚାରୀ ସୁଆରୁ ଓହ୍ଲାଇ କିଛିଦୂର ଋଷି ହିବାପରେ ପୁରୋହିତେ ଓ ଅନ୍ୟାନ୍ୟମାନେ ତାହାଙ୍କୁ ଅଟକାଇ ପଚାରନ୍ତି, "ତୁମ୍ଭେ କାହିଁକି ଋଷି ଯାଉଛ ?" ବ୍ରହ୍ମଚାରୀ ଉତ୍ତର ଦିଅନ୍ତି, "ମାମୁଁ ବ୍ରତ (ଉପନୟନ) କଲେ ମାତ୍ର ବାପା ବିବାହ ଦେଲେନାହିଁ ସେହି ହେତୁରୁ ଆମ୍ଭେ ଋଷି ଯାଉଅଛୁ" । ତାରପରେ ପୁରୋହିତେ ପଚାରନ୍ତି, "ତୁମ୍ଭେ କେଉଁଠା ବିବାହ ହେବ କୁହ ଆମ୍ଭେ ବିବାହ କରାଇଦେବା" ବ୍ରହ୍ମଚାରୀ ଉତ୍ତର ଦିଅନ୍ତି "**ସାତଟା ପାଲେ**" ଏପରି ପାରସ୍ କରିବା କଣ ଋଷିମାନଙ୍କର ଉଦ୍ଦେଶ୍ୟ ?

ତାରପରେ ଆମ୍ଭେମାନେ (ବ୍ରହ୍ମଚାରୀ) ଗୁରୁଗୃହ ପରିବର୍ତ୍ତେ ସ୍କୁଲକୁ ଯାଇ ଗୁରୁଙ୍କଠାରୁ ଶିକ୍ଷାପାଉଁ ।

"We think our fathers fools
the wiser we grow,
Our wiser sons will no doubt think us so"

ଏହାର ଅର୍ଥ ଏହିକି ଆମ୍ଭମାନଙ୍କ ବାପ, ଅଜା ଏମାନେ ନିର୍ବୋଧ (କାରଣ ପ୍ରକୃତ ଶିକ୍ଷା, ସଭ୍ୟତା, ଉନ୍ନତି କଣ ଏହା ସେମାନଙ୍କୁ ଜଣା ନାହିଁ, ତେଣୁ ସେମାନଙ୍କର ଉପଦେଶ ଅନୁସାରେ କାର୍ଯ୍ୟ କଲେ ଆମ୍ଭ-ମାନଙ୍କର ସଭ୍ୟତା ଓ ଉନ୍ନତିରେ ବାଧା ହେବ ।

ଆଉ ଗୋଟିଏ ଉଦାହରଣ ଦେଲେ ବିଷୟଟି ସ୍ପଷ୍ଟତର ହେବ । ଆମ୍ଭେମାନେ ସ୍କୁଲରେ ପଢ଼ି ଶିଖିଲୁଁ "Fear God and none else" ଏହାର ଯଥାର୍ଥ ଅର୍ଥ ଏହିକି ଭଗବାନଙ୍କୁ ଭୟ କରିବାକୁ ଶିଖିଲେ ଅନ୍ୟ କାହାରିକୁ ଭୟ କରିବାର ଆବଶ୍ୟକ ହେବନାହିଁ । ଏ ଅତି ଉତ୍ତମ ଶିକ୍ଷା । ମାତ୍ର ଭଗବାନଙ୍କୁ ଭୟ କରିବାକୁ ଶିକ୍ଷାଦେବା ତ ସ୍କୁଲର ଉଦ୍ଦେଶ୍ୟ ନୁହେଁ । ଆମ୍ଭେମାନେ ଭଗବାନଙ୍କୁ ଭୟ କରିବାକୁ ଶିଖିବୁ କପରି ? ଭଗବାନଙ୍କୁ ଭୟ କରିବାକୁ ଶିକ୍ଷା କରିବା ତେଣିକି ଥାଉ, ଆମ୍ଭମାନଙ୍କର ସ୍କୁଲ ଶିକ୍ଷାରୁ ଲାଭ କରିଥିବା ବୁଦ୍ଧି ଓ ବିଜ୍ଞାନର ସାହାଯ୍ୟରେ ଆମ୍ଭେମାନେ ଭଗବାନଙ୍କୁ ଏ ସଂସାରରେ ରଖି ନ ପାରୁଁ । କାରଣ ଯେଉଁ ସ୍ଥାନରେ ମୁଁ ଅଛି କିମ୍ବା ସଂସାର ଅଛି ସେ ସ୍ଥାନରେ ଭଗବାନ ରହିବେ କପରି ? ଯୋଡ଼ିଏ ପଦାର୍ଥ ଏକ ସମୟରେ କୌଣସି ଗୋଟିଏ ସ୍ଥାନ ଅଧିକାର କରି ନ ପାରେ—ଏହା ବିଜ୍ଞାନର ନିୟମ । ଭଗବାନଙ୍କର ଅସ୍ତିତ୍ୱ ଯେ ଆମ୍ଭମାନଙ୍କର ବିଜ୍ଞାନ ସିଦ୍ଧ ଅସ୍ତିତ୍ୱର ସମ୍ପୂର୍ଣ୍ଣ ଓଲଟା ତାହା ବୁଝିବୁଁ ବା କପରି ? ଭଗବାନଙ୍କର ଅସ୍ତିତ୍ୱ ବୁଝାଇବା ତ ସ୍କୁଲ କଲେଜର ଉଦ୍ଦେଶ୍ୟ ନୁହେଁ ଫଳତଃ ଆମ୍ଭେମାନେ "Fear God" ଏହି ଶିକ୍ଷାରୁ ଆଦୌ ଉପକୃତ ନ ହୋଇ "Fear none else" କେବଳ ଏତିକି ଉତ୍ତମରୂପେ ଶିକ୍ଷାକଲୁଁ । "Fear God" ଏତିକ ଶିଖିଥିଲେ ସ୍ୱାଧୀନତା ଶିକ୍ଷା କରିପାରିଥାଆନ୍ତୁ । "Fear none" ଏଥିରୁ କେବଳ ସ୍ୱେଚ୍ଛାଚାରିତା ଶିକ୍ଷାକଲୁଁ । କାହାରିକୁ ଭୟ କଲୁ ନାହିଁ । ଏପରି କି ଧର୍ମ କର୍ମକୁ କିମ୍ବା ପିତାମାତାଙ୍କୁ ସୁଦ୍ଧା କାହାରିକୁ ଭୟ କଲୁନାହିଁ । ଆମ୍ଭମାନଙ୍କର ବୁଦ୍ଧି ଓ ବିଜ୍ଞାନ ସାହାଯ୍ୟରେ ଭଗବାନଙ୍କୁ ଏ ସୃଷ୍ଟିରେ ଯଥାର୍ଥରେ ନରଖି ପାରିଲେ ସୁଦ୍ଧା ଯେତେବେଳେ ଆମ୍ଭେମାନେ ନିଜର ଭୋଗବାସନା ପରିତୃପ୍ତ କରିବା ସକାଶେ କୌଣସି ଅକର୍ତ୍ତବ୍ୟରେ ପ୍ରବୃତ୍ତ ହେଉଁ, ସେତେବେଳେ "Thine will be done" କିମ୍ବା "ତ୍ୱୟା ହୃଷିକେଶ ହୃଦି ସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି" ଏହିପରି ଯୁକ୍ତି କରି କହୁଥାଉଁ "ଆମ୍ଭେମାନେ କିଛି କରୁ ନାହୁଁ ଭଗବାନ ଆମ୍ଭମାନଙ୍କର ହୃଦୟରେ ଥାଇ ତାଙ୍କର ଇଚ୍ଛା ଆମ୍ଭମାନଙ୍କ ଦ୍ୱାରା ପୂର୍ଣ୍ଣ କରାଉଅଛନ୍ତି ।" ଏହା ଯଥାର୍ଥ ସ୍ୱେଚ୍ଛାଚାରିତା ବ୍ୟତୀତ ଆଉ କଣ ହୋଇପାରେ ? ସାମାନ୍ୟ ଚିନ୍ତାକଲେ ଆମ୍ଭେମାନେ ଦେଖି ପାରିବୁଁ

ଯେ ବିବେକଶକ୍ତିର ଅସ୍ତିତ୍ୱ ଓ ପ୍ରୟୋଜନୀୟତା ହୃଦୟଙ୍ଗମ କରି ବିବେକଶକ୍ତିର ପରିଚୟ ପାଇ ପାରିଲେ ମନୁଷ୍ୟ କେବଳ ବିବେକର ଅଧୀନ ( ତେଣୁ ଭଗବାନଙ୍କର ଅଧୀନ ) ଅନ୍ୟ କାହାରି ଅଧୀନ ନୁହେଁ । ଯେଉଁ ବ୍ୟକ୍ତି ବିବେକର ଅଧୀନ ନୁହେଁ ସେ ନିଜେ ସ୍ୱେଚ୍ଛାଚାରୀ ହୋଇ ଅନ୍ୟାନ୍ୟ ସମସ୍ତଙ୍କୁ ନିଜ ଅଧୀନରେ ରଖିବାକୁ ଯେତେ ଚେଷ୍ଟା କଲେ ସୁଦ୍ଧା ସେ ଯଥାର୍ଥରେ ସମସ୍ତଙ୍କର ଅଧୀନ ।

ଆମ୍ଭେମାନେ ସ୍ୱାଧୀନତାର ଯଥାର୍ଥ ଅର୍ଥ ନ ବୁଝି ଦାମ୍ଭିକତା କିମ୍ବା ସ୍ୱେଚ୍ଛାଚାରିତାକୁ ସ୍ୱାଧୀନତାର ସୁଖ ବୋଲି ମନେ କରି ନିଜ ନିଜର ଜୀବନକୁ ଓ ସଂସାରକୁ କେବଳ ଦୁଃଖମୟ କରି ରଖିଅଛୁଁ ।

ଆମ୍ଭମାନଙ୍କୁ ସ୍ୱାଧୀନତା ରୂପ ସର୍ବୋତ୍କୃଷ୍ଟ ସୁଖ ଦେବା ଅଭିପ୍ରାୟରେ ଭଗବାନ ଆମ୍ଭମାନଙ୍କୁ ତାଙ୍କର ଅଧୀନରେ ନ ରଖିଥିବାରୁ ଆମ୍ଭମାନଙ୍କର ଏପରି ସ୍ୱେଚ୍ଛାଚାରିତା ସକାଶେ ଭଗବାନଙ୍କର ମଧ୍ୟ ଦୁଃଖର ସୀମା ନାହିଁ । ସେ ସର୍ବଦା ( ଆମ୍ଭମାନଙ୍କର ଅଜ୍ଞାତସାରରେ ) ଆମ୍ଭ ମାନଙ୍କର ପାଖେ ପାଖେ ରହି ସତ୍ତ୍ୱ ପ୍ରଧାନ ବ୍ୟକ୍ତିଙ୍କୁ ସାତ୍ତ୍ୱିକ ସୁଖ— ରଜଃ ପ୍ରଧାନ ବ୍ୟକ୍ତିଙ୍କୁ ରାଜସସୁଖ ଓ ତମଃ ପ୍ରଧାନ ବ୍ୟକ୍ତିଙ୍କୁ ତାମସସୁଖ ଦେଖାଇ ଦେଉଅଛନ୍ତି (ଏଠାରେ ସ୍ମରଣ ରଖିବା ଦରକାର ଯେ ସବୁ ପ୍ରକାର ସୁଖ ସେହି ସ୍ୱାଧୀନତା ରୂପ ମନୁଷ୍ୟୋଚିତ ସୁଖର ଅନ୍ତର୍ଗତ ) । ମାତ୍ର ଅବିଶ୍ୱାସୀ ମାନବ ଭଗବାନଙ୍କର ପ୍ରଦର୍ଶିତ (ପଥ) ସୁଖକୁ ଛାଡ଼ି ସ୍ୱେଚ୍ଛାଚାରିତାର ବଶବର୍ତ୍ତୀ ହୋଇ ବିପଥଗାମୀ ହେଉଅଛି ।

ଶ୍ରୀମଦ୍‌ଭାଗବତରେ ଏଥି ସକାଶେ ଭଗବାନଙ୍କୁ "ଭଣିତରାନଗ" ଏହି ଆଖ୍ୟା ଦିଆହୋଇଅଛି । ଅର୍ଥାତ୍ ଭଗବାନ ବିପଥଗାମୀ ସ୍ୱେଚ୍ଛାଚାରୀ ମାନବର ପଶ୍ଚାଦ୍ଧାବନ କରୁଅଛନ୍ତି । ସୁକୋମଳ ପଦଦ୍ୱୟ ତୃଣାଙ୍କୁର ବିଦ୍ଧହୋଇ ସେଥିରୁ ରକ୍ତ ଝର୍ ଝର୍ ବହି ଯାଉଅଛି । ମନୁଷ୍ୟକୁ ସ୍ୱାଧୀନତା ଦେଇଥିବାରୁ ଭଗବାନଙ୍କର ଏତେ ଦୁଃଖ ।

ହେ ସ୍ୱେଚ୍ଛାଚାରୀ ଅହଂକାରୀ ମାନବ ! ତୁମ୍ଭେ ବାଇବେଲ୍ କିମ୍ବା କୋରାନ୍ ନ ମାନି ପାର, କାରଣ ସେ ସବୁ ମନୁଷ୍ୟକୃତ । ତୁମ୍ଭେ ସର୍ବଶ୍ରେଷ୍ଠ ମନୁଷ୍ୟ ହେବାକୁ ଇଚ୍ଛା କରିଅଛ ମାନବ ବା କିପରି ? ଶ୍ରୀମଦ୍‌ଭାଗବତକୁ

ମଧ୍ୟ ମାନି ନ ପାର କାରଣ ଉକ୍ତ ଗ୍ରନ୍ଥର କର୍ତ୍ତା ଜଣେ କୌପୀନଧାରୀ (ତେଣୁ ଅସଭ୍ୟ), ତାଙ୍କୁ ମାନିଲେ ତୁମ୍ଭର ସଭ୍ୟତା ଓ ଜ୍ଞାନବତ୍ତର ମର୍ଯ୍ୟାଦା ଲୋପ ହେବ । ମାତ୍ର ଏ ସୃଷ୍ଟିର କର୍ତ୍ତା ଶ୍ରୀ ଭଗବାନଙ୍କଠାରେ କେବଳ ବିଶ୍ୱାସ କର କେବଳ ଏକମାତ୍ର ବିଶ୍ୱାସ କର ଯେ ଆମ୍ଭମାନଙ୍କୁ ସମସ୍ତଙ୍କୁ ଏକ ସର୍ବଶକ୍ତିମାନ ପରମେଶ୍ୱର ସୃଷ୍ଟି କରିଅଛନ୍ତି । ଅତଏବ ଆମ୍ଭେମାନେ ସମସ୍ତେ ତାହାଙ୍କର ସନ୍ତାନ କେବଳ ଏତିକି ମାତ୍ର ବିଶ୍ୱାସ କର ।

ଭଗବାନ ମନୁଷ୍ୟକୁ ଅସୀମଶକ୍ତି ଓ ସ୍ୱାଧୀନତା ଦେଇଥିବାରୁ କାଳେ ମନୁଷ୍ୟ ସେହି ଶକ୍ତିରେ ଅହଂକାରୀ ହୋଇ, ଧର୍ମଶାସ୍ତ୍ର କିମ୍ବା ଋଷି ମହାପୁରୁଷ କାହାରିକୁ ନ ମାନିବ ଏହା ଭାବି ଭଗବାନ ଗୀତାରେ ନିଜେ କହିଅଛନ୍ତି —

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ"

ମନୁଷ୍ୟ କିନ୍ତୁ ଭଗବାନଙ୍କର ଏ ବାକ୍ୟ ପ୍ରତି କର୍ଣ୍ଣପାତ ନ କରି, ସ୍ୱାଧୀନତା ରୂପ ସୁଖ ପାଇବା ସକାଶେ ଆଦୌ ଚେଷ୍ଟା ନ କରି, ତାହାର ହୃଦୟର ଦ୍ୱାର ବନ୍ଦକରି ତାହାର ନିଜ ଚେଷ୍ଟାରେ ସମସ୍ତ ପାଶବିକ ସୁଖ ପାଇବା ସକାଶେ ଯତ୍ପରୋନାସ୍ତି ଆୟୋଜନ କରୁଅଛି ।

ମାତ୍ର ଏହି ସ୍ୱାଧୀନତାର ସୁଖ ଉପଲବ୍ଧି କରିବା ସକାଶେ କୌଣସି ବିଶେଷ ଆୟୋଜନର ଆବଶ୍ୟକ ହେବ ନାହିଁ—ମିଥ୍ୟା, କପଟତା, ଅନ୍ୟର ଅନିଷ୍ଟଚିନ୍ତା କିମ୍ବା କଳ କୌଶଳର ଆଶ୍ରୟ ନେବାକୁ ହେବ ନାହିଁ—କିମ୍ବା ଓକିଲ ମୁକ୍ତାରଙ୍କୁ ଭିଜିଟ୍ ଦେଇ ପରାମର୍ଶ କରିବାକୁ ହେବ ନାହିଁ । ଏହି ସ୍ୱାଧୀନତା ରୂପ ସମ୍ପତ୍ତିରେ ଆମ୍ଭମାନଙ୍କର ସମସ୍ତଙ୍କର ଜନ୍ମଗତ ଅଧିକାର ଅଛି । ଏହି ସ୍ୱାଧୀନତା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ହୃଦୟ ମଧ୍ୟରେ ଅଛି । ଏହାକୁ କେହି ଆମ୍ଭମାନଙ୍କ ହୃଦୟରୁ ବାହାର କରି ନେଇ ନ ପାରେ । ଏହି ସ୍ୱାଧୀନତାରୂପ ସୁଖ ବିବେକ ଶକ୍ତିରୁ ସମ୍ଭବ ।

ବିବେକ ଶକ୍ତି ମନୁଷ୍ୟର ମଣି କହିଲେ ଚଳେ । କେବଳ ପ୍ରଭେଦ ଏତିକି ଯେ କେଳା ସାପ ମୁଣ୍ଡରୁ ମଣି ବାହାର କରିନେଇ ତାକୁ ପେଡ଼ିରେ ବନ୍ଦକରି ରଖେ କିନ୍ତୁ ଆମ୍ଭମାନଙ୍କ ହୃଦୟରୁ କେହି ବିବେକ

ଶକ୍ତି ରୂପ ମଣିକୁ ବାହାରକର ନେଇ ନାହିଁ କମ୍ବା ନେଇପାରବ ନାହିଁ । କେବଳ ଆମ୍ଭମାନଙ୍କୁ ବିବେକଶକ୍ତି ସହିତ ଅପରିଚିତ ରଖାଇପାରେ । ଆମ୍ଭେମାନେ କେବଳ ବିବେକ ଶକ୍ତି ସହିତ ପରିଚୟ ସ୍ଥାପନ କରି ନ ପାରୁ ଥିବାରୁ ମଣିହରା ଫଣୀ ସଦୃଶ ପେଷ୍ଟିକାବଦ୍ଧ ହୋଇ ରହିଅଛୁଁ ।

ସ୍ୱାଧୀନତା ବୋଲି ଗୋଟିଏ ଜଣ ସୁଖ ଅଛି ଏହା ଆମ୍ଭମାନେ ଜାଣି ପାରିଲୁଣି ଏତକ ଆମ୍ଭମାନଙ୍କର ସୌଭାଗ୍ୟ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଆମ୍ଭମାନଙ୍କୁ ଏହି ସ୍ୱାଧୀନତା ଦେବା ସକାଶେ ଚେଷ୍ଟିତ ହେଲେଣି ଏହା ମଧ୍ୟ ଆମ୍ଭମାନଙ୍କର ସୌଭାଗ୍ୟ, ଆମ୍ଭେମାନେ ମଧ୍ୟ ସ୍ୱାଧୀନତା ପାଇବା ସକାଶେ ବିଶେଷ ବ୍ୟଗ୍ର ଏହା ମଧ୍ୟ ସୌଭାଗ୍ୟ କିନ୍ତୁ ଆମ୍ଭେମାନେ ଯାହା ପାଇବା ସକାଶେ ଏତେ ବ୍ୟଗ୍ର ତାହା ଯଥାର୍ଥ ସ୍ୱାଧୀନତା ନୁହେଁ । ତାହା କେବଳ ସ୍ୱେଚ୍ଛାଚାରିତା । ଯେଉଁମାନେ ଆମ୍ଭ-ମାନଙ୍କୁ ସ୍ୱାଧୀନତା ଦେବା ସକାଶେ ନିଜ ନିଜର ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରିଅଛନ୍ତି ସେମାନେ ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣରୂପେ ଜାଣି ନାହାନ୍ତି । ସେମାନେ ଆମ୍ଭମାନଙ୍କୁ ମନୁଷ୍ୟବୋଲି ମନେ କରିଅଛନ୍ତି । କିନ୍ତୁ ଆମ୍ଭେମାନେ ବିବେକଭ୍ରଷ୍ଟ ହୋଇଥିବାରୁ କମ୍ବା ବିବେକ ସହିତ ଅପରିଚିତ ରହିଥିବାରୁ କେବଳ ଆକାରରେ ମନୁଷ୍ୟ ମାତ୍ର ଯଥାର୍ଥରେ ଦ୍ୱିପଦ ପଶୁ । ଆମ୍ଭମାନଙ୍କୁ (ଉପରୋକ୍ତମତେ) ଦ୍ୱିପଦ ପଶୁଙ୍କୁ ବର୍ତ୍ତମାନ ସ୍ୱାଧୀନତା (ଏଠାରେ ସ୍ୱେଚ୍ଛାଚାରିତା) ଦେବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ । କାରଣ ଆମ୍ଭେମାନେ ବର୍ତ୍ତମାନ ସ୍ୱାଧୀନତା (ଏଠାରେ ସ୍ୱେଚ୍ଛା-ଚାରିତା) ପାଇଲେ ଆମ୍ଭମାନଙ୍କର ମଙ୍ଗଳ ହେବନାହିଁ । କାରଣ ଆମ୍ଭେମାନେ ଏ ପର୍ଯ୍ୟନ୍ତ ସ୍ୱାଧୀନତାର ସୁଖ ଭୋଗ କରିବାକୁ ଉପଯୁକ୍ତ ହୋଇନାହୁଁ । ଉପଯୁକ୍ତ ନ ହୋଇ ଇଚ୍ଛାକରିବା ବୃଥା । ଇଂରାଜୀରେ କଥାଅଛି "First deserve and then desire"

ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥାରୁ ଗୋଟିଏ ଯୋଡ଼ିଏ ବିଷୟ ଉଲ୍ଲେଖ କରାଗଲା । ଆମ୍ଭେମାନେ ପ୍ରକୃତ ସ୍ୱାଧୀନତାର ସୁଖ ଉପଲବ୍ଧି କରିବାକୁ ଉପଯୁକ୍ତ ହେଲୁଣି କି ନାହିଁ ତାହା ପାଠକମାନେ ସ୍ଥିର କରନ୍ତୁ । ବର୍ତ୍ତମାନ କେହି ମିଥ୍ୟା କହିବାର ପ୍ରମାଣ ମିଳିଲେ ସରକାର ତାଙ୍କୁ ମା ୨।୩ ସ ଜେଲ୍ ଦଣ୍ଡ ଦେବେ । କିନ୍ତୁ ଆମ୍ଭେମାନେ ମିଥ୍ୟାବାଦୀ ପ୍ରତି

କି ଦଣ୍ଡର ବ୍ୟବସ୍ଥା କରନ୍ତି କିମ୍ବା ସେପରି ଲୋକଙ୍କୁ ସତ୍‌ପଥକୁ ଆଣିବା ସକାଶେ କି ଉପାୟ କରନ୍ତି ? ବରଂ ଆମ୍ଭମାନଙ୍କ ସମାଜରେ ଯେଉଁ ଲୋକ ମିଥ୍ୟାକୁ ଯେତେ ଉତ୍ତମ ରୂପେ ସଜାଇ ସତ କରି ପାରିବ ସେହି ଲୋକର ପୁରସ୍କାର ଓ ଆଦର ସେତେ ବେଶି । ପୁରୋହିତେ ମିଥ୍ୟା ସାକ୍ଷ୍ୟ ନ ଦେଲେ ତାଙ୍କ ଯେଜମାନ କାଟ । ଗ୍ରାମର ଶିକ୍ଷିତ, ଧର୍ମ ମାମୁଲତ୍‌କାରଙ୍କୁ (ଅର୍ଥାତ୍ ମିଥ୍ୟାଙ୍ଗାଙ୍କୁ) ଜମି ଖଣ୍ଡେ ସୁବଧା ମୁତାବକ୍ ଛାଡ଼ ନ ଦେଲେ ତୁମ୍ଭର ସର୍ବନାଶ କିମ୍ବା କଳକୌଶଳରେ ତୁମ୍ଭଙ୍କୁ ଜାଡ଼ିରୁ ଅଟକ ।

ଘରେ ପିଲାମାନେ ଦୁଇଓଳି ଖାଇବାକୁ ପାଆନ୍ତି ନାହିଁ । ଚୂଲି ଥାଉ କି ନ ଥାଉ ସ୍ତ୍ରୀଙ୍କର ହୁକୁମ "ଅମୁକ ସ୍ତ୍ରୀ ଯେଉଁପରି ଲୁଗା ଖଣ୍ଡିଏ ପିନ୍ଧିଅଛି ସେହିପରି ଲୁଗା ଗୋଟିଏ ମୋତେ ଆଣି ଦେବାକୁ ହେବ । ଖଣ୍ଡିଏ ଜରିମୁହିଁଆ ଶାଢ଼ୀ ମଧ୍ୟ ଆଣି ଦେବାକୁ ହେବ । କାରଣ ତାହା ନ ହେଲେ ମୁଁ ପଦାକୁ ବାହାରି ପାରୁନାହିଁ ।" ସ୍ତ୍ରୀଙ୍କର ଏହି ହୁକୁମ ଶିରୋଧାର୍ଯ୍ୟ କରିବାକୁ ହେବ । କାରଣ ଆମ୍ଭମାନଙ୍କର ଅବସ୍ଥା ଦୃଷ୍ଟିରେ ତାଙ୍କର ଏପରି ଫରମାସୀ ଖୁବ୍ ଯୁକ୍ତିଯୁକ୍ତ ଯେହେତୁ ଆମ୍ଭମାନଙ୍କ ପକ୍ଷରେ ୪୪ ଇଞ୍ଚ ଲୁଗା ଖଣ୍ଡେ ନ ହେଲେ ୪୨ ଇଞ୍ଚ ଲୁଗା ଖଣ୍ଡେ ପିନ୍ଧି ପଦାକୁ ବାହାରିବା ଅସମ୍ଭବ । ଅତଏବ ପ୍ରଥମେ ଜମିବାଡ଼ି ବନ୍ଧକ ଦେଇ ମହାଜନ ଘରୁ ଟଙ୍କା କରଜ ଆଣି ଉପରୋକ୍ତ ମତେ ଯୁକ୍ତିଯୁକ୍ତ ଫରମାସୀ ପଦାର୍ଥମାନ ଯୋଗାଇବାକୁ ବାଧ୍ୟ ।

ଗୋଟିଏ ଉଦାହରଣ ଦେଲେ ଆମ୍ଭମାନଙ୍କର ସମାଜର ଅବସ୍ଥା ଦିନକୁ ଦିନ କିପରି ଶୋଚନୀୟ ହେଉଅଛି ଓ ଆମ୍ଭେମାନେ ସ୍ୱାଧୀନତାର ସୁଖ ଉପଲବ୍ଧି କରିବା ସକାଶେ ଦିନକୁ ଦିନ କିପରି ଉପଯୁକ୍ତ ହେଉ ଅଛୁଁ ତାହା ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବେ ।

ବହୁ ପୂର୍ବର କଥା ନେଣିକି ଥାଉ ପ୍ରାୟ ବ ୨୦ ର୍ଷ ପୂର୍ବେ କୃଷି ଉପରେ ନିର୍ଭର କରି ଆମ୍ଭେମାନେ ଅନ୍ନ ବସ୍ତ୍ରର ଅଭାବ ଆଦୌ ଅନୁଭବ କରୁ ନ ଥିଲୁଁ । କୃଷି କରିବା ସକାଶେ ବଳଦ ଛାଡ଼ ପ୍ରତି ଘରେ ୫ । ୭ଟା କରି ଗାଈ ଥିଲେ ପ୍ରତି ପରିବାରରେ ଗୋଟିଏ ଗୋଟିଏ

ଗୁହାଳ ଘର ଥିଲା । ଆମ୍ଭେମାନେ ଦୁଧ ଘିଅ ଯଥେଷ୍ଟରୂପେ ଖାଇବାକୁ ପାଉଥିଲୁଁ । ୩୦-୪୦ ଜଣ ପରିବାର ନିର୍ଦ୍ଦ୍ୱନ୍ଦରେ ମହା ଆନନ୍ଦରେ ଏକାନ୍ନବର୍ତ୍ତୀ ପରିବାରରେ ବାସ କରୁଥିଲୁଁ । ସେତେବେଳେ ବ୍ରାହ୍ମଣ-ମାନଙ୍କର ମହାପ୍ରସାଦ ନିବନ୍ଧର ପ୍ରଥା କପରି ଥିଲା ତାହା ଆମ୍ଭେମାନେ ପ୍ରତ୍ୟେକ ସ୍ୱଚକ୍ଷୁରେ ଦେଖିଅଛୁଁ । କେବଳ ବରକର୍ତ୍ତା ଓ କନ୍ୟା କର୍ତ୍ତା କୌଣସି ଦେବ ମନ୍ଦିରରେ ବିନା ଖର୍ଚ୍ଚରେ ସତ୍ୟ କରୁଥିଲେ । ଏହି ୨୦ ବର୍ଷ ମଧ୍ୟରେ ଆମ୍ଭେମାନେ ଏପରି ଉନ୍ନତ ଅବସ୍ଥାରେ ଉପନୀତ ହୋଇଅଛୁଁ କି ବର୍ତ୍ତମାନ ପ୍ରାୟ ପ୍ରତିଘରେ ହାରାହାରି ଦେଢ଼ଟା ହଡ଼ା ଏହି ଦେଢ଼ଟା ହଡ଼ା ବାଣ୍ଟି ନେବା ସକାଶେ ଭାଇ ଭାଇ ମଧ୍ୟରେ ମୁଣ୍ଡ ଫଟାଫଟି ହେବା ପର୍ଯ୍ୟନ୍ତ ବିଦ୍ରୋହ ପ୍ରାୟ ପ୍ରତିଘରେ ଲାଗିଛି, ଶତକଡ଼ା ଅନେଶ୍ୱତ ଜଣ ଖାଦ୍ୟାଭାବରୁ କଷ୍ଟ ଭୋଗ କରୁଅଛନ୍ତି । ଏପରି ଅବସ୍ଥାରେ ଉପସ୍ଥିତ ହୋଇଥିଲେ ସୁଦ୍ଧା ମହାଜନଘରୁ କରଜ ଆଣି ଜୀବିକା ନିର୍ବାହ କରୁଥିଲେ ସୁଦ୍ଧା, ଅନାଟନ ହେତୁ କଳ କୌଶଳରେ ମିଥ୍ୟାର ଆଶ୍ରୟ ନେଇ ବିଧବା ଓ ଅନାଥ ବାଳକମାନଙ୍କର ସମ୍ପତ୍ତି ହସ୍ତଗତ କରିବାରେ ସର୍ବଦା ବ୍ୟସ୍ତ ଥିଲେ ସୁଦ୍ଧା, ମହାପ୍ରସାଦ ନିବନ୍ଧରେ ସେମାନଙ୍କର ବର୍ତ୍ତମାନ ଆବଶ୍ୟକ :—କୁଣ୍ଡି, କମଳ, ଥାଳି, ଗରା, ସୁନାର ଅଳକା, ସୁନାର ମୁଦି, ପାଟର ଯୋଡ଼, ପାଟର ଶାଢ଼ୀ; ଇତ୍ୟାଦି ଇତ୍ୟାଦି ମତେ ପ୍ରାୟ ୨୦୦ ଟଙ୍କା ଖର୍ଚ୍ଚ । ଉପରୋକ୍ତ ମତେ ଆଡ଼ମ୍ବର ପ୍ରିୟ ହେଣୁ ବୁଦ୍ଧିମାନ ଲୋକମାନଙ୍କ ମଧ୍ୟରୁ ଅନେକ ଯୁକ୍ତିକରି କହିପାରନ୍ତି ପୂର୍ବେ ଗ୍ରାମରେ ଟଙ୍କାପଇସା ଆଦୌ ମିଳୁ ନଥିଲା ବର୍ତ୍ତମାନ ଆମ୍ଭେମାନେ ଚାକିରି କଲା ଦିନଠାରୁ ଟଙ୍କା ଯଥେଷ୍ଟ ରୂପେ ମିଳୁଛି ଆଉ ଅଳ୍ପଦିନ ପରେ ଆମ୍ଭମାନଙ୍କର ପିଲାମାନେ ପ୍ରାୟ ସମସ୍ତେ ଚାକିରି କରିପାରିବେ, ତେଣୁ ବହୁତ ଟଙ୍କା ମିଳିବ । ଭାଇ ହେ ! ଧନ୍ୟ ଆମ୍ଭମାନଙ୍କର ବୁଦ୍ଧି ! ମନେକର ଆମ୍ଭ ଗ୍ରାମରୁ ପ୍ରାୟ ୧୦୦ ଜଣ ଚାକିରି କଲେ । ପ୍ରତ୍ୟେକ ଟ୧୦୦୦୯ ବେତନ, ପ୍ରତି ମାସକୁ ଟ୧୦୦,୦୦୦୯ ଗ୍ରାମକୁ ଆସିଲା । ଏହିପରି ଯଦି ପ୍ରତି ଗ୍ରାମକୁ ଲକ୍ଷେ କରି ଟଙ୍କା ଆସେ ଆମ୍ଭେମାନେ ସେହି ଟଙ୍କାକୁ ଖାଇ ବଞ୍ଚି ରହିବା କି ? ଯେଉଁମାନେ ଉପରୋକ୍ତ ମତେ ଯୁକ୍ତି କରୁଅଛନ୍ତି ସେମାନେ ଏସବୁ ବିଷୟ କାଳେ କଳ୍ପନା ଦ୍ୱାରା ସିଦ୍ଧାନ୍ତ କରି ନ ପାରିବେ ତେଣୁ ସେମାନଙ୍କ ସକାଶେ ଗୋଟିଏ ପ୍ରତ୍ୟକ୍ଷ ଉଦାହରଣ ଦିଆଗଲା ।

ଆମ୍ଭମାନଙ୍କର ମାସିକ ବେତନ ହାରାହାରି ଟ ୫୦୲ ଧରନ୍ତୁ, ଦୁଧ ଘିଅର କଥା ଛାଡ଼ନ୍ତୁ, କାରଣ ଟ ୫୦୲ ବେତନ ପାଉଥିବା ଲୋକ ପକ୍ଷରେ ଦୁଧ ଘିଅ ଖାଇବା କଥା ତେଣିକି ଥାଉ, ଦୁଧ ଘିଅ ମନୁଷ୍ୟର ଖାଦ୍ୟ ଦ୍ରବ୍ୟ ଏ ବିଷୟ ସେ ସ୍ୱପ୍ନରେ ସୁଦ୍ଧା ଭାବି ପାରେ ନାହିଁ । ଚାଉଳର ଭାଉ ଟଙ୍କାକୁ ହାରାହାରି ୪ ସେର, ଅବଶ୍ୟ ହାରାହାରି ୫।୬ ଜଣ କୁଟୁମ୍ବ (କିମ୍ବା କୌଣସି କୌଣସି ସ୍ଥଳେ ୧୦।୧୨ ଜଣ) ପୋଷିବାକୁ ହୁଏ । କାରଣ ଚାକରୀ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ଯେ କାର୍ଯ୍ୟ ନୁହେଁ (ଅନ୍ନ ବସ୍ତ୍ରସଂସ୍ଥାନ କରିବାକୁ ଚେଷ୍ଟା କରିବା ଆମ୍ଭମାନଙ୍କ ମତରେ ବଡ଼ ଘୃଣାର କାର୍ଯ୍ୟ । ଯେଉଁମାନେ ଅନ୍ନ ବସ୍ତ୍ର ସଂସ୍ଥାନ କରିବାକୁ ଚେଷ୍ଟାକରନ୍ତି ସେମାନେ ହୁଏତ ଚଷା ନଚେତ୍ ତନ୍ତୀ । ଭଦ୍ର ସମାଜରେ ସେମାନଙ୍କର ସ୍ଥାନ ନାହିଁ) ଯେଉଁ ଲୋକ ୪୦ କି ୫୦ ଟଙ୍କାରେ ଚାକରୀ କଲ୍ ସେ ଭଦ୍ର ସମାଜରେ ସ୍ଥାନ ପାଇ ପାରିବ । ଏପରି ଭଦ୍ର ବ୍ୟକ୍ତି ବଜାରରୁ ୬।୭ ପଇସାର ପରିବା ବାନ୍ଧି ଆଣିବେ କିପରି ? (କାରଣ ଲୋକେ କଣ କହିବେ) ଅତଏବ ସେଥି ସକାଶେ ଜଣେ ଚାକର ନ ରଖିଲେ ନ ଚଳେ । ପରିବାର ଭରଣପୋଷଣ ଓ ଚାକର ଦରମା ଛାଡ଼ି ନିଜ ନିଜର ମର୍ଯ୍ୟାଦା ଓ ସମାଜର ମର୍ଯ୍ୟାଦା ରକ୍ଷା କରିବାକୁ ବାଧ୍ୟ । କୁହନ୍ତୁ ଦେଖି ଏହି ଦରମାରେ ଉପରୋକ୍ତ ଯୁକ୍ତିଯୁକ୍ତ ଖଚ୍ଚ ସବୁ ଚଳି ପାରେ କି ? ଅତଏବ ଦରମା ଛାଡ଼ି ଯେକୌଣସି ଉପାୟରେ କେହି ଚୋରି କରି, କେହି ଘୁସ ନେଇ, କେହି ମିଥ୍ୟା ସାକ୍ଷୀ ଦେଇ ଆଉ ଚାରିପଇସା ଉପରି ରୋଜଗାର ନ କଲେ ନ ଚଳେ । ଏଥିରୁ ହିସାବ କରି ଦେଖନ୍ତୁ, କୌଣସି ଲୋକ ତାହାର ସତ୍‌ଉପାର୍ଜିତ ଆୟରେ କୌଣସି ପ୍ରକାର ଆଡ଼ମ୍ବର ପ୍ରିୟ ଖର୍ଚ୍ଚ, ନିଜର ପୋଷାକ, ସ୍ତ୍ରୀର ଉପଯୁକ୍ତ ଗହଣା, ବିବାହ ବ୍ରତ ଇତ୍ୟାଦି ନ୍ୟାୟ ନିମିତ୍ତ ଖର୍ଚ୍ଚ ସବୁ କରିବାକୁ କେତେଦୂର ସକ୍ଷମ ହୋଇପାରେ ।

ଯଦି କୌଣସି ବ୍ୟକ୍ତିକୁ ଏସବୁ ଆଡ଼ମ୍ବର ପ୍ରିୟ ଖର୍ଚ୍ଚ କରିବାର ଦେଖନ୍ତି ତେବେ ଅନୁସନ୍ଧାନ କରି ଦେଖନ୍ତୁ ସେ ବ୍ୟକ୍ତିର ନିଶ୍ଚୟ କିଛି ଉପରୋକ୍ତମତେ ଉପରି ରୋଜଗାର ଅଛି । କିମ୍ବା ସେ ନିଶ୍ଚୟ ମହାଜନ ଘରୁ ବର୍ତ୍ତମାନ କରଜ ଆଣି ସେସବୁ ଖର୍ଚ୍ଚ ଚଳାଉ ଅଛନ୍ତି । କିଛିଦିନ ପରେ ତାହାଙ୍କୁ ବଡ଼ କଷ୍ଟରେ ଉପାର୍ଜିତ ପୈତୃକ ସମ୍ପତ୍ତି ବିକ୍ରୟ

କରିବାକୁ ହେବ—କିମ୍ବା ମହାଜନ ନିଲାମ କରି ନେବ—ଏଥିରେ ସନ୍ଦେହ ନାହିଁ ।

ଏହି ଆଡ଼ମ୍ବର ପ୍ରିୟ ଖର୍ଚ୍ଚର ବିଷମୟ ଫଳ ଆମ୍ଭେମାନେ ପ୍ରତ୍ୟେକ କିଛି କିଛି ଭୋଗ କରି ସାରିଲୁଣି ମାତ୍ର ଏଥି ସକାଶେ କୌଣସି ପ୍ରତିକାର କରିପାରୁ ନାହୁଁ । କାରଣ ପେଟ ଚିନ୍ତାରେ ଆମ୍ଭେମାନେ ଏତେଦୂର ବ୍ୟସ୍ତ ରହିଅଛୁଁ ଯେ ଏ ବିଷୟ ଭାବିବାକୁ ସୁଦ୍ଧା ଆମ୍ଭେମାନେ ଅବସର ପାଇପାରୁ ନାହୁଁ । ଆହୁରି ମଧ୍ୟ ଆମ୍ଭେମାନେ ସମସ୍ତେ ସମାଜବଦ୍ଧ ହୋଇ ରହିଥିବାରୁ ସେହି ସମାଜ ଉପରେ ସମସ୍ତ ଦୋଷାରୋପ କରି ଭାଗ୍ୟକୁ ଆଦରି ସବୁ ଦୁଃଖ ଭୋଗ କରୁଅଛୁଁ ଓ ପ୍ରତ୍ୟେକ ମନ୍ତବ୍ୟ ପ୍ରକାଶ କରୁଅଛୁଁ "ଯେଉଁଦିନ ସମାଜରୁ ଏସବୁ ଅଯଥା ଆଡ଼ମ୍ବର ଓ କୁସଂସ୍କାର ଦୂର ହେବ ସେହି ଦିନଠାରୁ ଆମ୍ଭେମାନେ ସୁଖରେ ରହିବୁଁ ।" ଭାବି ଦେଖିଲୁ ସମାଜ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସମଷ୍ଟି ବ୍ୟତୀତ ଆଉ କିଛି ନୁହେଁ । ଆମ୍ଭେମାନେ ଯଦି ପ୍ରତ୍ୟେକ ଉପରୋକ୍ତ ମନ୍ତବ୍ୟ ପ୍ରକାଶ କରି ସମାଜ ଉପରେ ନିର୍ଭର କରି ନିଶ୍ଚେଷ୍ଟ ରହୁଁ ତେବେ ସମାଜର ଦୁର୍ଦ୍ଦଶା ଦୂର ହୋଇ ପାରିବ କି ? ଏସବୁ ବିଷୟରେ ସମାଜ ଉପରେ ଦୋଷାରୋପ କରିବା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ନିର୍ବୋଧତା ନୁହେଁ କି ? ଅତଏବ ଚାଲନ୍ତୁ ଆଉ ସମାଜ ଉପରେ ନିର୍ଭର ନକରି (ଅର୍ଥାତ୍ ଲୋକନିନ୍ଦା ଭୟକୁ ବର୍ତ୍ତମାନ ଭ୍ରୂକ୍ଷେପ ନ କରି) ଆମ୍ଭମାନଙ୍କର ଭାବୀ ବଂଶଧରମାନଙ୍କ ସକାଶେ ଆଉ ଆଡ଼ମ୍ବରର ବୀଜ ବପନ ନ କରି ସେହି ସବୁ ବିଷ ବୃକ୍ଷର ସମୂଳୋତ୍ପାଟନ କରିବା ସକାଶେ ଯତ୍ନବାନ ହେବା ।

ସ୍ୱାଧୀନତାର ସୁଖ ପରିବର୍ତ୍ତେ ଲୋକଙ୍କୁ ନିଜର ଠେକ ଦେଖାଇ ଲୋକଙ୍କଠାରୁ ପ୍ରଶଂସା ପାଇବା ରୂପ ସୁଖକୁ ଆମ୍ଭେମାନେ ଯଥାର୍ଥ ମନୁଷ୍ୟୋଚିତ ସୁଖ ବୋଲି ଗ୍ରହଣ କରିଅଛୁଁ । ଭଗବାନଙ୍କୁ ଭୟକରି କର୍ତ୍ତବ୍ୟ ନିରୂପଣ କରିବାକୁ ଛାଡ଼ି ଲୋକନିନ୍ଦା ଭୟକୁ ଶିରସହିତର କରି ସମସ୍ତ କର୍ତ୍ତବ୍ୟ ସାଧନ କରୁଅଛୁଁ । ବିବେକଶକ୍ତିର ସହିତ ପରିଚୟ ସ୍ଥାପନ କରି ନଥିବାରୁ ଅମ୍ଭମାନଙ୍କର ଏ ଦୂରବସ୍ଥା ଓ ଏତେ ଲୋକ ନିନ୍ଦା ଭୟ ଓ ସେହି ହେତୁରୁ ଆମ୍ଭେମାନେ ବର୍ତ୍ତମାନ ସ୍ୱଧର୍ମ୍ମକୁ ଛାଡ଼ି ପରଧର୍ମ୍ମାବଲମ୍ବୀ ହୋଇ ଘୃଣ୍ଟର ନିଷ୍ଠାରେ ଓ କ୍ରୂମି ପୂଜ ରକ୍ତରେ

ସୁଖାନ୍ୱେଷଣ କଲାପରି ଅନ୍ୟାନ୍ୟମାନଙ୍କର ଅଧୋଗତିରେ ଆମ୍ଭମାନଙ୍କର ଉନ୍ନତି, ଅନ୍ୟାନ୍ୟମାନଙ୍କ ଦୁଃଖରେ ଆମ୍ଭମାନଙ୍କର ସୁଖ, ଅନ୍ୟାନ୍ୟ ମାନଙ୍କର ଅଶାନ୍ତିରେ ଶାନ୍ତିର ଅନ୍ୱେଷଣ କରୁଅଛୁ । ଏ ଗଲା ଆମ୍ଭମାନଙ୍କର ବର୍ତ୍ତମାନ ଯୁଗର ସୁଖାନ୍ୱେଷଣର ପନ୍ଥା—ଆହୁରି ମଧ୍ୟ ଆମ୍ଭମାନଙ୍କର ଧର୍ମ୍ମାନ୍ୱେଷଣର ପନ୍ଥା ମଧ୍ୟ ଅତି ବିଚିତ୍ର ।

ଅନ୍ୟାନ୍ୟ ସମସ୍ତଙ୍କୁ ଯତ୍ପରୋନାସ୍ତି ଘୃଣା କରିବାରେ—ଅନ୍ୟାନ୍ୟ ଧର୍ମ୍ମ ସମ୍ପ୍ରଦାୟମାନଙ୍କୁ ନିନ୍ଦା କରିବାରେ ଆମ୍ଭେମାନେ ଧର୍ମ୍ମାନ୍ୱେଷଣ କରୁଅଛୁଁ । ଯେବେ କୁହାଯାଇଅଛି ସୁଖ ଧର୍ମରୁ ସମୁଦ୍ଭବ । ଅତଏବ ଆମ୍ଭମାନଙ୍କର ଧର୍ମ୍ମ ଯେଉଁପରି ସେହି ଧର୍ମ୍ମର ସମୁଦ୍ଭବ ସୁଖ ମଧ୍ୟ ଠିକ ସେହିପରି । ଅତଏବ ଚାଲନ୍ତୁ ଉପରୋକ୍ତମତେ ପାଶବିକ ସୁଖାନ୍ୱେଷଣରେ ଚେଷ୍ଟିତ ନ ରହି ପ୍ରକୃତ ମନୁଷ୍ୟୋଚିତ ସୁଖ ଉପଲବ୍ଧି କରିବା ଅଭିପ୍ରାୟରେ ଯଥାର୍ଥ ଧର୍ମ୍ମର (ମନୁଷ୍ୟ ଧର୍ମର) ଅନ୍ୱେଷଣ କରିବା ।

---

## ମନୁଷ୍ୟଧର୍ମର ଅନ୍ୱେଷଣ

ଧର୍ମପଥର ଆଶ୍ରୟ ନେଇ ଆମ୍ଭେମାନେ ଜାଣିପାରିଲୁଁ ଯେ, ଏ ସଂସାରରେ ଆମ୍ଭେମାନେ ଯାହା କିଛି ଦେଖୁଛୁଁ ତାହା ସମସ୍ତ ଠିକ ବୋଲି) ମନେହେବା ଅବସ୍ଥାର ଅନ୍ତର୍ଗତ; ଆମ୍ଭେମାନେ ନିଜେ ମଧ୍ୟ ଏହି ମନେହେବା ଅବସ୍ଥାର ଅନ୍ତର୍ଗତ । ଏହା ବ୍ୟତୀତ ଗୋଟାଏ ଯଥାର୍ଥ ଅବସ୍ଥା ଅଛି ତାହା ମଧ୍ୟ ଜାଣିଲୁଁ । ପ୍ରଥମେ ଏହି ସଂସାରତମାମ ଯାବତୀୟ ମନେହେବା ଅବସ୍ଥାକୁ ଯଥାର୍ଥ ବୋଲି ଓ ଯାହା କିଛି ଯଥାର୍ଥ ଅବସ୍ଥା ଥାଏ ସେହି ଯଥାର୍ଥକୁ (ଭଗବାନଙ୍କୁ) କେବଳ ମନେହେବା ଅବସ୍ଥା ବୋଲି ଗ୍ରହଣକରି ସୃଷ୍ଟି ତମାମ ସୁଖାନ୍ୱେଷଣ କଲୁଁ । ଜଗତର ମଙ୍ଗଳ ସାଧନ ସକାଶେ ସମସ୍ତ ପ୍ରାଣୀଙ୍କର ସମସ୍ତ ଅଭାବର ମଧ୍ୟ ଦେଇ, ସଂସାର ସଂଗ୍ରାମରେ କ୍ଷତ ବିକ୍ଷତ ହୋଇ, ଯଥାର୍ଥ ଅବସ୍ଥା ( ଭଗବାନଙ୍କ ) ଆଡ଼କୁ ଅଗ୍ରସର ହେବାର ନାମ ଯଥାର୍ଥ ଧର୍ମ ଓ ସୁଖ ଏହା ମଧ୍ୟ ଶିଖିଲୁଁ, ବିବେକ ଶକ୍ତିର ପ୍ରୟୋଜନୀୟତା ହୃଦୟଙ୍ଗମ କଲୁ । ସ୍ୱାଧୀନତା ରୂପ ମନୁଷ୍ୟୋ-

ଚିତ୍ତ ସୁଖ ଉପଲବ୍ଧି କରିବାକୁ ହେଲେ ବିବେକଶକ୍ତିର ପରିଚୟ ପାଇବା ପ୍ରଥମେ ଓ ସର୍ବପ୍ରଧାନ ଆବଶ୍ୟକ ଏହା ମଧ୍ୟ ଜାଣିଲୁଁ । ସବୁ ଜାଣି ପାରିଲୁଁ ସତ୍ୟ ମାତ୍ର ତଦନୁସାରେ ଧର୍ମପଥରେ ଅଗ୍ରସର ହୋଇ ପାରୁ ନାହୁଁ ( ଅର୍ଥାତ୍ ସବୁ ବୁଝିପାରୁଛୁଁ କିନ୍ତୁ କିଛି କାର୍ଯ୍ୟରେ ପରିଣତ କରିପାରୁ ନାହୁଁ ) କାରଣ ପୂର୍ବେ କୁହାଯାଇଅଛି ଆମ୍ଭେମାନେ ସମସ୍ତେ ମନେହେବା ଅବସ୍ଥାର ଅନ୍ତର୍ଗତ । ମନେହବା ଅବସ୍ଥାକୁ ଯଥାର୍ଥ ଅବସ୍ଥା ବୋଲି ଗ୍ରହଣ କରିବା ଆମ୍ଭମାନଙ୍କର ସ୍ୱଭାବ । କିଛି କିଛି ଜାଣିବା ଅବସ୍ଥାକୁ ସମ୍ପୂର୍ଣ୍ଣ ଜାଣିବା ଅବାସ୍ଥା ବୋଲି ମଧ୍ୟ ଗ୍ରହଣ କରି-ପାରୁଁ, ଅତଏବ ଏହି ଯଥାର୍ଥ ଅବସ୍ଥା ପ୍ରତି ( ଭଗବାନଙ୍କ ପ୍ରତି ) ଲକ୍ଷ୍ୟରଖି ନିଜ ନିଜର ସମସ୍ତ ଅବସ୍ଥାକୁ (ଠିକବୋଲି) ମନେହେବା ଅବସ୍ଥା ବୋଲି ସ୍ୱୀକାର କରି କରି ଖୁବ ସାବଧାନତାର ସହିତ ( ଧର୍ମପଥରେ ) ଅଗ୍ରସର ହେବା ଆବଶ୍ୟକ । ଆହୁରି ମଧ୍ୟ ବିବେକଶକ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଅବସ୍ଥା ଓ ଅଧିକାର ଇତ୍ୟାଦି ଦୃଷ୍ଟିରେ ଆଜ ଯେଉଁ କାର୍ଯ୍ୟକୁ କର୍ତ୍ତବ୍ୟ ବୋଲି ସିଦ୍ଧାନ୍ତ କରୁଅଛି କାଲି ସେହି କାର୍ଯ୍ୟକୁ ଆମ୍ଭମାନଙ୍କର ଅବସ୍ଥା ଓ ଅଧିକାର ଦୃଷ୍ଟିରେ ଅକର୍ତ୍ତବ୍ୟ ବୋଲି ସ୍ଥିର କରିପାରେ । କାରଣ ଯେହେତୁ ଆମ୍ଭମାନଙ୍କର ଜ୍ଞାନ, ବୁଦ୍ଧି, ବହୁଦର୍ଶିତା, ଇତ୍ୟାଦି ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତୀତ ହୋଇପାରେ, ବିବେକର ବିଚାର ମଧ୍ୟ ତଦନୁସାରେ ପରିବର୍ତ୍ତୀତ ହେବା ସ୍ୱଭାବସିଦ୍ଧ ।

ଅତଏବ "To err is human" ଅର୍ଥାତ୍ ଆମ୍ଭେମାନେ ଯାହାକୁ ଠିକ୍ ବୋଲି ବୁଝି ଧର୍ମ ପଥରେ ଅଗ୍ରସର ହେଉଅଛୁ ସେଥିରେ ମଧ୍ୟ ଭ୍ରମ ଥାଇପାରେ ଏହି ଭାବକୁ ହୃଦୟରେ ସ୍ଥାନ ଦେଇ ଧର୍ମ ପଥରେ ଅଗ୍ରସର ହେବା ଆବଶ୍ୟକ ।

ମାତ୍ର ଏତେ ସାବଧାନତାର ସହିତ ଅଗ୍ରସର ହୋଇ ପାରିବା ଲୋକଙ୍କ ସଂଖ୍ୟା ଖୁବ ଅଳ୍ପ । ଏଥିସକାଶେ ଧର୍ମ ସମ୍ପ୍ରଦାୟ (ସମାଜ)ର ସୃଷ୍ଟି ହୋଇଅଛି । ଅର୍ଥାତ୍ ଯଦି କୌଣସି ଲୋକ ଭ୍ରମରେ ପଡ଼ି ଧର୍ମପଥ ଛାଡ଼ି ବିପଥଗାମୀ ହୁଏ ତେବେ ସମାଜର ବା ଧର୍ମ ସମ୍ପ୍ରଦାୟର ଅନ୍ୟାନ୍ୟମାନେ ତାହାଙ୍କୁ ବୁଝାଇ ସୁଝାଇ ବିପଥରୁ ପୁନଶ୍ଚ ଧର୍ମପଥକୁ ଫେରାଇ ଆଣି ପାରିବେ ।

ବର୍ତ୍ତମାନ ଧର୍ମ୍ମ ପଥରେ ଆଉ ଅଧିକ ଦୂର ଅଗ୍ରସର ହୋଇ ପାରିବାର ଅସମ୍ଭବ ଜାଣି ଧର୍ମ୍ମ ସଂପ୍ରଦାୟମାନଙ୍କର ସାହାଯ୍ୟ ଖୋଜିଲୁଁ —ମାତ୍ର କୌଣସି ଧର୍ମ୍ମ ସଂପ୍ରଦାୟ ଆମ୍ଭମାନଙ୍କୁ ମନୁଷ୍ୟ ଧର୍ମ୍ମ କଣ ତାହା ବୁଝାଇ ଦେଇ ପାରିଲା ନାହିଁ—ବରଂ କୌଣସି କୌଣସି ଧର୍ମ୍ମ ସଂପ୍ରଦାୟ ଉତ୍ତର ଦେଲା । "ମନୁଷ୍ୟ ଧର୍ମ୍ମ ଅନ୍ୱେଷଣ କରିବା ଆବଶ୍ୟକ ନାହିଁ— ଆମ୍ଭେମାନେ ଯେଉଁପରି ମିଥ୍ୟା, କପଟତା ଇତ୍ୟାଦିର ଆଶ୍ରୟ ନେଇ ଲୋକଙ୍କର ଅନଷ୍ଟ ଚିନ୍ତାରେ ଚେଷ୍ଟିତ ରହି ଉନ୍ନତି ଲାଭ କରିଅଛୁଁ ଓ ସମସ୍ତଙ୍କର ଆଦରଣୀୟ ଓ ଆଦର୍ଶ ହୋଇ ତଥାକଥିତ ସ୍ୱଧର୍ମ ପାଳନ କରିଅଛୁଁ —ସେହିପରି କର; ମନୁଷ୍ୟ ଧର୍ମ ଅନ୍ୱେଷଣ କରିବାକୁ ଗଲେ— କିମ୍ବା ବିବେକ ଶକ୍ତିର ସହିତ ପରିଚୟ ସ୍ଥାପନ କରିବାକୁ ଚେଷ୍ଟିତ ହେଲେ ଆମ୍ଭମାନଙ୍କ ସଂପ୍ରଦାୟରୁ ବାହାରି ଯାଅ—କାରଣ ଆମ୍ଭେମାନେ କିଏ ବ୍ରାହ୍ମଣ, କିଏ କରଣ, କିଏ ଓଁକାଲ, କିଏ ମୁକ୍ତାର ଥିବାରୁ ଅନ୍ୟାନ୍ୟ ଇତର ଲୋକମାନଙ୍କୁ ଘୃଣା କରି ଅନ୍ୟାନ୍ୟମାନଙ୍କୁ ଠକାଇ, ସେମାନଙ୍କର ସର୍ବସ୍ୱ ବ୍ୟୟରେ ନିଜ ନିଜର ଭୋଗବାସନା ପରିତୃପ୍ତ କରି ଅନ୍ୟାନ୍ୟମାନଙ୍କୁ କଳକୌଶଳରେ ଆମ୍ଭମାନଙ୍କର କରକବଳରେ ରଖି ବହୁ କଷ୍ଟରେ ଆମ୍ଭମାନଙ୍କର ଆତ୍ମମର୍ଯ୍ୟାଦା ରକ୍ଷା କରିଅଛୁଁ । ମନୁଷ୍ୟ ଧର୍ମ ରକ୍ଷା କରିବାକୁ ଗଲେ ଆମ୍ଭମାନଙ୍କର ଆତ୍ମମର୍ଯ୍ୟାଦା ଓ ସ୍ୱାର୍ଥର ଲୋପ ହେବା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ସମସ୍ତ ସୁଖର ମଧ୍ୟ ଲୋପ ହେବ ।" ଧର୍ମ ସଂପ୍ରଦାୟମାନଙ୍କରୁ ଉପରୋକ୍ତ ମତେ ଉତ୍ତର ପାଇ କେବଳ କରୁଣାମୟ ଭଗବାନଙ୍କ କରୁଣା ଉପରେ ନିର୍ଭର କରି ସୁଖାନ୍ୱେଷଣ କରିବାରେ ଚେଷ୍ଟିତ ରହିବା ।

---

## ଉପସଂହାର ବା ବର୍ତ୍ତମାନ କର୍ତ୍ତବ୍ୟ ।

ଧର୍ମ ପଥରେ ସୁଖାନ୍ୱେଷଣ କରିବାକୁ ଯାଇ ଆମ୍ଭେମାନେ ଦେଖି ପାରିଲୁଁ ଯେ, ଆମ୍ଭେମାନେ ଯାହାକୁ ସୁଖ ବୋଲି ମନେ କରିଥିଲୁଁ ତାହା ଯଥାର୍ଥ ସୁଖ ନୁହେଁ, ବରଂ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର, ତେଣୁ ସମସ୍ତ ମାନବ ଜାତିର ଦୁଃଖର ହେତୁ ଓ ଯେଉଁ ସଭ୍ୟତା କିମ୍ବା ଉନ୍ନତିକୁ

ଆମ୍ଭେମାନେ ସ୍ୱଧର୍ମ ବୋଲି ମନେ କରିଥିଲୁଁ ତାହା ପରଧର୍ମ, ତେଣୁ ଆମ୍ଭମାନଙ୍କ ପକ୍ଷରେ ଯଥାର୍ଥରେ ଭୟାବହ ଓ ଦୁଃଖର ହେତୁ । ଆମ୍ଭମାନଙ୍କର ଏହି ଅଧର୍ମଜନିତ ଦୁଃଖ ଓ ଦୁରବସ୍ଥା ହେତୁରୁ ଭଗବାନଙ୍କର ଦୁଃଖର ସୀମା ନାହିଁ—ତାହା ମଧ୍ୟ ବୁଝିଲୁଁ ।

ଆଜ ଯେ ଏତକ ମାତ୍ର ଶିଖିଲୁଁ ଓ ବୁଝିଲୁଁ ତାହା ନୁହେଁ—ଅନେକ ଶିଖିଛୁଁ, ଅନେକ ବୁଝିଛୁଁ ମାତ୍ର ଏତେ ଶିଖିବା ଦ୍ୱାରା କିମ୍ବା ବୁଝିବା ଦ୍ୱାରା ଆମ୍ଭମାନଙ୍କର କୌଣସି ଉପକାର ହୋଇ ନ ପାରେ କିମ୍ବା ଆମ୍ଭମାନଙ୍କର ଦୁରବସ୍ଥା ଦୂର ହୋଇ ନ ପାରେ ; କାରଣ ଆମ୍ଭେମାନେ ଏତେବେଳ ପର୍ଯ୍ୟନ୍ତ ମନେ କରିଅଛୁଁ ଯେ, ସମସ୍ତ ଭାରତବର୍ଷର ଦୁରବସ୍ଥା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଦୁରବସ୍ଥାର କାରଣ, ସମସ୍ତ ଭାରତବର୍ଷର ପରାଧୀନତା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର କାପୁରୁଷତାର କାରଣ, ସମସ୍ତ ଭାରତବର୍ଷର ଅଧର୍ମ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଅଧର୍ମର କାରଣ, ଭାରତବର୍ଷର ଅଶାନ୍ତି ଆମ୍ଭମାନଙ୍କର ପ୍ରତ୍ୟେକ ପରିବାରର ଅଶାନ୍ତିର କାରଣ—ମାତ୍ର ଏପରି ଯୁକ୍ତିଦ୍ୱାରା ସନ୍ତୁଷ୍ଟ ନ ରହି ଆମ୍ଭମାନଙ୍କର ସ୍ୱୀକାର କରିବା ଉଚିତ ଯେ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଅଧର୍ମ କିମ୍ବା ପରଧର୍ମରୁ ସମୁଦ୍ଭବ ଦୁଃଖ ଓ ଦୁରବସ୍ଥା ପ୍ରତି ସମାଜର, ପ୍ରତି ଧର୍ମସମ୍ପ୍ରଦାୟର ଓ ସମସ୍ତ ଭାରତବର୍ଷର ଦୁରବସ୍ଥାର କାରଣ ଓ ଆମ୍ଭମାନଙ୍କର ପ୍ରତି ପରିବାରର ଅଶାନ୍ତି ସମସ୍ତ ଭାରତବର୍ଷର ଅଶାନ୍ତିର କାରଣ । ଆମ୍ଭମାନଙ୍କର ଦୁରବସ୍ଥା ଅତି ଶୀଘ୍ର ଦୂରହେବ ଏଥିରେ ସନ୍ଦେହ ନାହିଁ—କାରଣ ଧର୍ମର ଗ୍ଲାନିର ଶେଷସୀମା ଦେଖାଗଲାଣି, ନାସ୍ତି ସତ୍ୟାତ୍ ପରୋଧର୍ମ କିମ୍ବା ନ ମିଥ୍ୟା ପାତକଂ ପରଂ ଏହା ପ୍ରାୟ ସମସ୍ତେ ଭୁଲିଲୁଣି । ଏପରି କି ପିତା ମାତା ପୁତ୍ରମାନଙ୍କୁ ମିଥ୍ୟା ଓ କପଟତା ଦ୍ୱାରା ଜୀବିକା ନିର୍ବାହ କରିବାକୁ ଶିକ୍ଷା ଦେଲେଣି—ଏକାନ୍ନବର୍ତ୍ତୀ ପରିବାରରେ ରହି "ବସୁଧୈବକୁଟୁମ୍ବକମ୍" ଶିକ୍ଷା କରିବା ପରିବର୍ତ୍ତେ "ଭଗାରି କେଉଁଠି—ନା, ମା ପେଟରେ" ଏହା ଆମ୍ଭମାନଙ୍କର ବାଲ୍ୟ-କାଳରୁ ପ୍ରଧାନ ଶିକ୍ଷା ହେଲାଣି ।

ଧର୍ମର ଗ୍ଲାନିର ସଙ୍ଗେ ସଙ୍ଗେ ଯଥାର୍ଥ ଧର୍ମର ମଧ୍ୟ ପୁନରୁତ୍ଥାନ ହେଲାଣି । ଯୁଗର ପରିବର୍ତ୍ତନ ହେଲାଣି—ସମସ୍ତ ପୃଥିବୀ ତାହାର ଭ୍ରମ

ସ୍ୱୀକାର କଲେଣି । ସମସ୍ତ ପୃଥିବୀରେ ଶାନ୍ତି ସ୍ଥାପନ କରିବାକୁ ଲୋକେ ଚେଷ୍ଟିତ ହେଲେଣି । ସମସ୍ତ ଭାରତବର୍ଷରେ ଭିନ୍ନ ଭିନ୍ନ ମନୁଷ୍ୟ ଧର୍ମ୍ମ ସମ୍ପ୍ରଦାୟ ସୃଷ୍ଟି ହେଲାଣି । ସେହି ସବୁ ସମ୍ପ୍ରଦାୟ ନିଜ ନିଜର ପ୍ରାଣ ପର୍ଯ୍ୟନ୍ତ ଉତ୍ସର୍ଗ କରି ସୁଦ୍ଧା ଆମ୍ଭମାନଙ୍କର ଅନ୍ନ ବସ୍ତ୍ର ଅଭାବର କାରଣ ଦୂର କରିବାକୁ ଓ ଆମ୍ଭମାନଙ୍କ ହୃଦୟରେ ବସୁଧୈବକୁଟୁମ୍ବକମ୍ ଏହି ଉଦାର ସାର୍ବଜନୀନ ଭ୍ରାତୃଭାବ ଜାଗ୍ରତ କରାଇବାକୁ ଚେଷ୍ଟିତ ହେଲେଣି ।

ଏପରି ସମୟର ସୁଯୋଗ ଛାଡ଼ି ନଦେଇ ଅର୍ଥାତ୍ ଉପରୋକ୍ତ କେତୋଟି ସମ୍ପ୍ରଦାୟ ଉପରେ ନିର୍ଭର କରି ନିଶ୍ଚେଷ୍ଟ ନ ରହି ଚାଲନ୍ତୁ ଆମ୍ଭେମାନେ ମଧ୍ୟ ପ୍ରତିଗ୍ରାମରେ ଏକ ଏକ ସମ୍ପ୍ରଦାୟ ସୃଷ୍ଟି କରି ମିଥ୍ୟା, କପଟତା, ଲୋକ ନିନ୍ଦା ଭୟରୁ ବୃଥାଡ଼ମ୍ବର ଓ ପରର ଅନିଷ୍ଟ ଚିନ୍ତା ଇତ୍ୟାଦିର ବିରୁଦ୍ଧେ ପ୍ରାଣପଣେ ସଂଗ୍ରାମ କରି ସତ, ସରଳତା, ଅହିଂସା ଓ ଲୋକସେବା ଇତ୍ୟାଦି ପ୍ରକୃତ ଧର୍ମର ଜୟ ଘୋଷଣା କରିବା ଓ ଭାବୀ ବଂଶଧରମାନଙ୍କ ସକାଶେ ଉପଯୁକ୍ତ ଶିକ୍ଷା ପ୍ରଣାଳୀର ବ୍ୟବସ୍ଥା କରିବା । ଯାହାକୁ ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ତଙ୍କର ଅମଙ୍ଗଳର ହେତୁ ବୋଲି ସ୍ଥିର କରି ପାରିଲୁଁ ସେହି ଅମଙ୍ଗଳର ହେତୁ ବିରୁଦ୍ଧେ ସଂଗ୍ରାମ କରିବାକୁ କିମ୍ବା ଯାହାକୁ ଆମ୍ଭେମାନେ ଆମ୍ଭମାନଙ୍କର ଭାବୀ ବଂଶଧରମାନଙ୍କର ଯଥାର୍ଥ ମଙ୍ଗଳ ବୋଲି ସଂପୂର୍ଣ୍ଣରୂପେ ବୁଝିପାରିଲୁ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ନିଜ ନିଜକୁ ଅଶକ୍ତ ବୋଲି ମନେ କରିବା ସମ୍ପୂର୍ଣ୍ଣ ଭୁଲ । ଆମ୍ଭମାନଙ୍କ ହୃଦୟରେ ଯଥେଷ୍ଟ ଶକ୍ତି ଅଛି । କାରଣ ଆମ୍ଭେମାନେ ସମସ୍ତେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କର ସନ୍ତାନ । ରାଜାର ପୁତ୍ର ସ୍ୱପ୍ନରେ ଦାରିଦ୍ର୍ୟ ଦୁଃଖ ଭୋଗ କଲାପରି ଆମ୍ଭେମାନେ ଅଜ୍ଞାନତା ହେତୁରୁ ନିଜ ନିଜକୁ କାପୁରୁଷ ଓ ପ୍ରତ୍ୟେକ କାର୍ଯ୍ୟରେ ଅଶକ୍ତ ବୋଲି ମନେ କରୁଅଛୁଁ । ସର୍ବଶକ୍ତିମାନର ସନ୍ତାନ ଆଜି ନିଜ ଅନ୍ନ ବସ୍ତ୍ର ସଂସ୍ଥାନ କରିବାକୁ ଆପଣାକୁ ଅସମର୍ଥ ମନେକରି ମିଥ୍ୟା ଓ କପଟତାକୁ ତାହାର ଜୀବିକା ନିର୍ବାହର ଉପାୟ କରିଅଛି । ଅମୃତର ସନ୍ତାନ ଆଜି ମୃତ୍ୟୁଭୟରେ ସର୍ବଦା ତ୍ରସ୍ତ—ଏହି ଦୁରବସ୍ଥା କଦାଚ ଆମ୍ଭମାନଙ୍କର ପ୍ରକୃତ ଅବସ୍ଥା ନୁହେଁ । ଏହା ନିଶ୍ଚୟ ଆମ୍ଭମାନଙ୍କର ନିଦ୍ରିତାବସ୍ଥାରେ ଦୁଃସ୍ୱପ୍ନ ଦର୍ଶନ । ରାଜାର ସନ୍ତାନକୁ କି କେବେ ଅନ୍ନକଷ୍ଟ ହୋଇପାରେ ?

ସର୍ବଶକ୍ତିମାନର ସନ୍ତାନ କି କେବେ ସତ୍ୟସାଧନ କରିବାକୁ ନିଜକୁ ଅସମର୍ଥ ମନେ କରିପାରେ?

ଆମ୍ଭମାନଙ୍କର ଏହି ଦୁଃସ୍ୱପ୍ନ ଶୀଘ୍ର ଭାଙ୍ଗି ଯାଉ, ଭଗବଦ୍ବିଶ୍ୱାସ ଦୃଢ଼ ହେଉ, ସ୍ୱାର୍ଥଚିନ୍ତା ଦୂର ହୋଇ ଆତ୍ମଚିନ୍ତା ଓ ପରାର୍ଥଚିନ୍ତା ପ୍ରତ୍ୟେକଙ୍କ ମନରେ ଜାଗ୍ରତ ହେଉ, ପ୍ରକୃତ ଶକ୍ତି ସଞ୍ଚାର ହେଉ, ପତିତ ବୋଲି ଅନ୍ୟାନ୍ୟମାନଙ୍କୁ ଘୃଣା କରିବା ରୂପ କୁତ୍ସିତବ୍ୟାଧି ଆମ୍ଭମାନଙ୍କ ସମାଜରୁ ଓ ଏ ସଂସାରରୁ ଦୂର ହେଉ ଓ ତେଣୁ ଭଗବାନଙ୍କର ପତିତପାବନ ନାମ ସାର୍ଥକ ହେଉ । ପ୍ରେମମୟ ଜଗତପିତାଙ୍କର ପ୍ରେମ ସମସ୍ତ ଜଗତରେ ପ୍ରଚୁର ହେଉ ।

ଆହୁରି ମଧ୍ୟ ଦେଖନ୍ତୁ ସେତିକ ସ୍ୱୀକାର କରି ନ ପାରିଲେ ସୁଦ୍ଧା ଆମ୍ଭମାନଙ୍କର ଯଥେଷ୍ଟ ଶକ୍ତି ଅଛି । ନିଜ ନିଜର ଅହମିକା ବଜାଏ ରଖିବା ସକାଶେ ଆମ୍ଭେମାନେ କଣ କରି ନ ପାରୁ ? ବିଶ୍ୱାଏ ଜମି ସକାଶେ ସର୍ବସ୍ୱାନ୍ତ ହୋଇପାରୁଁ, ପଲେ ବାସନ ସକାଶେ ଭାଇ ଭାଇ ମଧ୍ୟରେ ମୁଣ୍ଡ ଫଟାଫଟି ପର୍ଯ୍ୟନ୍ତ ହୋଇପାରୁଁ । ଭଗବଦ୍ ଶକ୍ତିର କଥା ତେଣିକି ଥାଉ ଏହି ଅହମିକା ଶକ୍ତିର ଦଶମାଂଶରୁ ଏକାଂଶ ମାତ୍ର ଆମ୍ଭମାନଙ୍କର ଭାବୀ ବଂଶଧରମାନଙ୍କର ଯଥାର୍ଥ ମଙ୍ଗଳ ସାଧନରେ ନିୟୋଗ କରି ଚାଲନ୍ତୁ ଜୀବନକୁ ଧନ୍ୟ କରିବା ଓ ଏ ସଂସାରକୁ ସୁଖମୟ କରିବା । ଯଦି ସମ୍ପ୍ରଦାୟ ସୃଷ୍ଟି କରି (ଦଶ ପାଞ୍ଚଜଣ ଏକାଠି ମିଳି) ଉପରୋକ୍ତ ମତେ କାର୍ଯ୍ୟ କରିବାକୁ ନିଜ ନିଜକୁ ଅନୁପଯୁକ୍ତ ବା ଅକ୍ଷମ ମନେକରୁଁ ତେବେ ଚାଲନ୍ତୁ ଅନ୍ତତଃ ପ୍ରତ୍ୟେକ ପ୍ରତ୍ୟେକର ଅନ୍ନ ବସ୍ତ୍ର ଅଭାବର କାରଣ ଅନୁସନ୍ଧାନ କରି ବିଳାସପ୍ରିୟ ଓ ଆଡ଼ମ୍ବର ପ୍ରିୟ ଖର୍ଚ୍ଚ ସବୁରୁ ରହିତ ହେବା । ଟ୫୦୦୲ କିମ୍ବା ଟ୧୦୦୦୲ଙ୍କାର ଅଳଙ୍କାର ଭୂଷିତା ସ୍ତ୍ରୀଙ୍କ ପ୍ରରୋଚନାରେ ଉପଯୁକ୍ତ ଖାଦ୍ୟ କିମ୍ବା ଉପଯୁକ୍ତ ଔଷଧ ଅଭାବରୁ ଅର୍ଦ୍ଧ ଜୀବିତ ଶିଶୁ ସନ୍ତାନ ବେକରେ ଗୋଟିଏ ସୁନାହାର ଦେବା ସକାଶେ ମହାଜନ ଘରୁ ଟଙ୍କା କରଜ ନ ଆଣି ଗହଣା ଦୁଇଟିଜ ନ କଲେ ଲୋକେ କଣ କହିବେ କିମ୍ବା ପୁଅ ବିବାହରେ ଅନ୍ତତଃ ଟ୫୦୦୲ ଖର୍ଚ୍ଚ ନ କଲେ ଲୋକେ କଣ କହିବେ ଇତ୍ୟାଦି ଇତ୍ୟାଦି ରୂପ ଲୋକନିନ୍ଦା ଭୟକୁ ଟିକିଏ ମାତ୍ର ଭ୍ରୂକ୍ଷେପ ନ କରି ଚାଲନ୍ତୁ ପ୍ରଥମେ ଆମ୍ଭମାନଙ୍କର ପୁତ୍ର କନ୍ୟାଙ୍କର ଓ

ଏକାନ୍ନବର୍ତ୍ତୀ ପରିବାରସ୍ଥ ଅନ୍ୟାନ୍ୟମାନଙ୍କର ଅନ୍ନବସ୍ତ୍ର ଅଭାବ ରୂପ ଦୁରବସ୍ଥା ଦୂର କରି ପାରି ସେମାନଙ୍କର ସ୍ୱାସ୍ଥ୍ୟରକ୍ଷା କରିପାରି ଆମ୍ଭମାନଙ୍କର ଉଦାହରଣରେ ଆମ୍ଭମାନଙ୍କର ପ୍ରତିବେଶୀମାନଙ୍କର ମଧ୍ୟ ଉପରୋକ୍ତ ଦୁରବସ୍ଥା ଦୂର କରି ପାରି ଗହଣା ଇତ୍ୟାଦିର ଆୟୋଜନ କରିବା ।

ଯଦି ସେପରିକ କରିବାକୁ ମଧ୍ୟ ନିଜ ନିଜକୁ ଅକ୍ଷମ ମନେକରୁଁ ତେବେ ଅନ୍ତତଃ ଖୋଲାଖୋଲି ଆମ୍ଭମାନଙ୍କର ପ୍ରକୃତ ଦୁରବସ୍ଥା ଲୋକଙ୍କଠାରୁ ଗୋପନରେ ନ ରଖି ପ୍ରକାଶ କରିବା ଓ କହିବା "ଭାଇ ହେ ମୁଁ ମୋର ପେଟ ପକାଉଣେ କମ୍ବା ପିଲାମାନଙ୍କର ଅନ୍ନ ବସ୍ତ୍ର ସଂସ୍ଥାନ କରିବା ସକାଶେ ଚୋରିକରି କରିଅଛି ସତ୍ୟ, ମାତ୍ର ନିଜର ପେଟ ନ ପୂରୁ ପଛକେ କମ୍ବା ପିଲାମାନେ ଓଳିଏ ଖାଇଲେ ଓଳିଏ ନ ଖାଆନ୍ତୁ ପଛକେ କାଳେ ତୁମେମାନେ ମନେ ଅସଭ୍ୟ କମ୍ବା ଅମନୁଷ୍ୟ, ଅଶିକ୍ଷିତ କମ୍ବା ଦରିଦ୍ର ବୋଲି ମନେ କରିବ କେବଳ ସେହି ଭୟରେ ମୋର ଏହି ଟ୫୦/ ମୂଲ୍ୟର ପୋଷାକ କମ୍ବା ମୋର ସ୍ତ୍ରୀଙ୍କର ଟ୧୦୦୦/ ମୂଲ୍ୟର ଗହଣା ।

ଏହି କପଟତା ଦୂର କରି ପାରିଲେ ଅନ୍ତତଃ ଇତର ବ୍ୟକ୍ତିମାନେ ଆଉ ଆମ୍ଭମାନଙ୍କ ଆଦର୍ଶ ଅନୁକରଣ କରିବେ ନାହିଁ ତେଣୁ ସେମାନଙ୍କୁ ଆମ୍ଭମାନଙ୍କ ପରି କପଟାଚାରୀ, ମିଥ୍ୟାଚାରୀ, ଛଦ୍ମବେଶଧାରୀ ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଆଦର୍ଶ ଅନୁକରଣଜନିତ ଦୁଃଖ ଭୋଗ କରିବାକୁ ହେବ ନାହିଁ । କାରଣ ଗୀତାରେ ଉଲ୍ଲେଖ ଅଛି—

"ଯଦ୍ ଯଦା ଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।"

ପାରିବାରିକ ସୁଖାନ୍ୱେଷଣରେ ଚେଷ୍ଟିତ ରହି ଆମ୍ଭେମାନେ ମନେ କରିଥିଲୁଁ ଏ ସଂସାର ଆମ୍ଭମାନଙ୍କର ଲୀଳାଭୂମି ଓ ଭଗବାନଙ୍କର କର୍ମ ଭୂମି—ମାତ୍ର ଯଥାର୍ଥ ସୁଖାନ୍ୱେଷଣରେ ଚେଷ୍ଟିତ ହେବାକୁ ହେଲେ ଆମ୍ଭମାନଙ୍କର ସର୍ବଦା ମନେ ରଖିବା ଉଚିତ ଯେ, ଏ ସଂସାର ଶ୍ରୀ ଭଗବାନଙ୍କର ଆନନ୍ଦମୟ ଲୀଳାଭୂମି ମାତ୍ର ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଦାୟିତ୍ୱପୂର୍ଣ୍ଣ କର୍ମଭୂମି ।

ନାସ୍ତି ସତ୍ୟାତ୍ ପରୋଧର୍ମଃ
"ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ"

**୧୯୬୪ ମସିହା**

# ସତ୍ୟାନୁସନ୍ଧାନ

ବେଦ ହିନ୍ଦୁ ସକାଶେ, କୋରାନ୍ ମୁସଲମାନ ସକାଶେ, ବାନପ୍ରସ୍ଥ ଓ ସନ୍ନ୍ୟାସ ବୃଦ୍ଧ ସକାଶେ, ବ୍ରହ୍ମଚର୍ଯ୍ୟ ଓ ଗାର୍ହସ୍ଥ୍ୟ ବାଳକ ସକାଶେ, ଅର୍ଥୋପାର୍ଜ୍ଜନ ପୁରୁଷ ସକାଶେ, ସେହି ଅର୍ଥର ରକ୍ଷଣାବେକ୍ଷଣାଦି ଗୃହକର୍ମ ସ୍ତ୍ରୀ ସକାଶେ ଆବଶ୍ୟକ ; ମାତ୍ର କି ହିନ୍ଦୁ, କି ମୁସଲମାନ, କି ବୃଦ୍ଧ, କି ବାଳକ, କି ପୁରୁଷ, କି ସ୍ତ୍ରୀ 'ସତ୍ୟ' ସମସ୍ତଙ୍କର ଓ ପ୍ରତ୍ୟେକଙ୍କର ସମାନ ଭାବରେ ଆବଶ୍ୟକ । ଅତଏବ ଜାତି ଧର୍ମ ଓ ବୟସ ନିର୍ବିଶେଷରେ ଏହି ସତ୍ୟର ଅନୁସନ୍ଧାନ କରିବା ଆମ୍ଭମାନଙ୍କର ଏକମାତ୍ର କର୍ତ୍ତବ୍ୟ ।

ଏହି ସତ୍ୟ ବେଦରେ ନାହିଁ, ପୁରାଣରେ ନାହିଁ କି ଗୀତାରେ ନାହିଁ, କୋରାନ୍‌ରେ ନାହିଁ କି ବାଇବେଲରେ ନାହିଁ, ମନ୍ଦିରରେ ନାହିଁ, ମସ୍‌ଜିଦରେ ନାହିଁ କି ଗୀର୍ଜ୍ଜାରେ ନାହିଁ, ମନ୍ତ୍ରରେ ନାହିଁ କି ଉପାସନାରେ ନାହିଁ, ଚିତାରେ ନାହିଁ କି ଟୋପିରେ ନାହିଁ, ଚୁଟିରେ ନାହିଁ କି ଦାଢ଼ିରେ ନାହିଁ, ପଇତାରେ ନାହିଁ କି ମାଳରେ ନାହିଁ, କଣ୍ଠିରେ ନାହିଁ କି ଲୁଙ୍ଗିରେ ନାହିଁ, ନିକଟରେ ନାହିଁ କି ଦୂରରେ ନାହିଁ, ଅତୀତରେ ନାହିଁ କି ଭବିଷ୍ୟତରେ ନାହିଁ, ପାଠକ ଏତେ ନାହିଁ ଦେଖି ହତାଶ ହୁଅନ୍ତୁ ନାହିଁ ।

"ଗୋଦମେ ଲଡ଼୍‌କା—ସହରମେ ଢେଣ୍ଡୁରା" ଅର୍ଥାତ୍ ପୁଅ ନିଜ କୋଳରେ ଅଛି, କିନ୍ତୁ ସହରସାରା ନାଗରା ବଜାଇ ପୁଅକୁ ଖୋଜା ଲାଗିଛି । ଆମ୍ଭମାନଙ୍କର ଅବସ୍ଥା ଠିକ୍ ସେହିପରି । ସେହିପରି ନୁହେଁ ବରଂ ତାହାଠୁ ବେଶି । ଆମ୍ଭେମାନେ ବାହାରେ ଖୁଜିଆଡ଼େ ପୁଅ (ସତ୍ୟ)

ଖୋଜି ଖୋଜି ବର୍ତ୍ତମାନ ଭୁଲି ଯାଇଲୁଣି ଯେ ଆମ୍ଭେମାନେ ପୁଅକୁ ଖୋଜୁଛୁଁ । ସତ୍ୟ ଆମ୍ଭମାନଙ୍କର ଅନୁସନ୍ଧାନର ବସ୍ତୁ ଏହା ଆମ୍ଭେମାନେ ଭୁଲି ଯାଇଲୁଣି ।

ଭାଇ, ଏହି ସତ୍ୟର ଅନୁସନ୍ଧାନ ନ ମିଳିବା ପର୍ଯ୍ୟନ୍ତ ଆମ୍ଭେମାନେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କ ଜୀବନର ଏକମାତ୍ର ଲକ୍ଷ ସେହି ମୁକ୍ତି ବା ପୂର୍ଣ୍ଣ ସ୍ୱାଧୀନତା ଓ ଆନନ୍ଦ ପାଇ ପାରିବା ନାହିଁ ।

ଅତଏବ ହେ ପାଠକ ! ଯଦି ସତ୍ୟର ଅନୁସନ୍ଧାନ କରିବାକୁ ଏକମାତ୍ର ଇଚ୍ଛା ଥାଏ, ତେବେ ମନରୁ ଓ ହୃଦୟରୁ ସମସ୍ତ ପ୍ରକାର ଜଟିଳତା ଅର୍ଥାତ୍ ପୂର୍ବ ଧାରଣା ସବୁ ଅଳ୍ପ ସମୟ ସକାଶେ ଦୂର କର । ବୁଝି ପାରିବ ସତ୍ୟ ସେହି ଅନୁସନ୍ଧାନକାରୀ ବ୍ୟକ୍ତି (ଜୀବ) ଠାରେ ବର୍ତ୍ତମାନ କାଳରେ ଅବସ୍ଥିତ । ଆମ୍ଭମାନଙ୍କର ବ୍ୟବହାର କରୁଥିବା ବର୍ତ୍ତମାନ କାଳ ନୁହେଁ—ସେହି ଚିର ନୂତନ ସନାତନ ବର୍ତ୍ତମାନ କାଳରେ ଅବସ୍ଥିତ ।

ପାଠକ ପଚାରି ପାରନ୍ତି—"ହଁ ସ୍ଥାନ ତ ଜାଣି ପାରିଲୁଁ ସମୟ ତ ଜାଣି ପାରିଲୁଁ, ଏତିକି ଜାଣି କଣ ହେବ—ବାଟ ତ ଜାଣି ପାରିଲୁ ନାହିଁ—ବାଟ କିଏ ?

ଭାଇ, ଏହି ସତ୍ୟ ନିକଟକୁ କୌଣସି ନିର୍ଦ୍ଦିଷ୍ଟ ବାଟ ନାହିଁ । ଅନୁସନ୍ଧାନ କରୁଥିବା ବ୍ୟକ୍ତିମାନଙ୍କୁ ନିଜ ନିଜର ବାଟ ନିଜେ ନିଜେ ସ୍ଥିର କରିବାକୁ ହେବ ।

ସତ୍ୟ ଖୁବ୍ ସରଳ, ଜଟିଳ ନୁହେଁ ଆମ୍ଭେମାନେ ଯାହା ଦେଖୁଚୁ ଶୁଣୁଚୁ-ଖାଉଚୁ-ପିଉଚୁ ସବୁ ସତ୍ୟ; ଆମ୍ଭମାନଙ୍କର ସ୍ତ୍ରୀ ପୁତ୍ର କନ୍ୟା-ଭାଇ-ଭଉଣୀ-ବାପ ମାଆ ସବୁ ସତ୍ୟ ; ଆମ୍ଭମାନଙ୍କର ହାତ-ଗୋଡ଼, ଟଙ୍କା-କଉଡ଼ି ସବୁ ସତ୍ୟ; ସଡକର ଧୂଳି ସୁଦ୍ଧା ସତ୍ୟ । ଆମ୍ଭେମାନେ ନିଜେ ନିଜେ ଦେଖୁଚୁ ଏ ସବୁ ସତ୍ୟ, କିନ୍ତୁ ତଥାପି ଆମ୍ଭେମାନେ ଆମ୍ଭମାନଙ୍କ ନିଜ ନିଜର ସରଳତା (ସରଳଜ୍ଞାନ) ଉପରେ ବିଶ୍ୱାସ ନ କରି 'ଜଗତ ମିଥ୍ୟା ଓ ଭଗବାନ ସତ୍ୟ' ଏହା ବିଶ୍ୱାସ କରିବାକୁ ବାଧ ହେଉଅଛୁଁ । ଜଗତ କଣ ତାହା ନ ଜାଣିଲେ ସୁଦ୍ଧା, ଭଗବାନ କିଏ ବା କଣ କିଛି ନ ବୁଝିଲେ ସୁଦ୍ଧା ଶାସ୍ତ୍ରରେ ଏହା ଲେଖା ଅଛି ଓ ଅଧିକାଂଶ ଲୋକ ଏହା ମାନି ଆସୁଅଛନ୍ତି ବୋଲି ମୁଁ ମଧ୍ୟ ମାନି ନେବାକୁ ବାଧ ହେଉଛି ।

**ଏଭଳି** ମାନ ନେବା ଫଳରେ କଣ ହୋଇଛି, ଚିକଏ ସ୍ଥିର ଭାବରେ ଭାବ । ଜଗତ ମିଥ୍ୟା । ମୁଁ ସେ ଜଗତର ଅଂଶ । ଅତଏବ ମୁଁ ମଧ୍ୟ 'ମିଥ୍ୟା' ହୋଇଅଛି । ତେଣୁ ମୋର କହିବା ମିଥ୍ୟା—ମୋର ଭାବିବା ମିଥ୍ୟା—ମୋର ବୁଝିବା ମିଥ୍ୟା, ତେଣୁ ମୋର କାର୍ଯ୍ୟ ସବୁ ମଧ୍ୟ ମିଥ୍ୟା ।

ଯାହାହେଉ ଗୋଟିଏ ସରଳ ଉଦାହରଣ ଦ୍ୱାରା ବିଷୟଟି ବୁଝାଯାଉ ।

ଏହି ସାମନା ପକ୍କା କାନ୍ଥଟା ଯାକ ଧଳା—ବାସ୍ତବିକ ଧଳା । କିନ୍ତୁ ମୋର କଣ ବେରାମ ହୋଇଛି କି କଣ ହୋଇଚ, ସେ କାନ୍ଥ ମୋତେ ଦେଖାଯାଉଛି—'କଳା' ।

ସମସ୍ତେ ଧଳା କହି ଆସୁଛନ୍ତି ବୋଲି ମୁଁ ଯଦି ଧଳା କହେ, ମୋର ଅବସ୍ଥା କଣ ହେବ ଭାବନ୍ତୁ—ମୋର ବେମାର ଛାଡ଼ି ପାରିବ କି ? ମୁଁ ସତ୍ୟ ପାଇ ପାରିବି କି ? କଳା କହିବା ମୋର ବ୍ୟକ୍ତିଗତ ସତ୍ୟ । ଏହି ବ୍ୟକ୍ତିଗତ ସତ୍ୟକୁ ଅବଲମ୍ବନ କରି ପ୍ରକୃତ ସତ୍ୟ ପାଇ ପାରିବ ।

ମୋର ସେହି ବ୍ୟକ୍ତିଗତ ସତ୍ୟରୁ କିଛି ନିମ୍ନରେ ଉଲ୍ଲେଖ କଲି । ପାଠକ ସରଳ ହୃଦୟରେ ପାଠ କଲେ ଜାଣିପାରିବେ ଯେ 'କଳା' ଆମ୍ଭମାନଙ୍କର ଅଧିକାଂଶଙ୍କର ବ୍ୟକ୍ତିଗତ ସତ୍ୟ—କେବଳ ଲଜ୍ଜାରେ ଓ ଭୟରେ ଧଳା କହି କହି 'ଧଳା' ଏହି ଧାରଣା ଆମ୍ଭମାନଙ୍କର ବଦ୍ଧମୂଳ ହୋଇ ଯାଇଅଛି । ଲଜ୍ଜା ଓ ଭୟ ଆମ୍ଭମାନଙ୍କର ଏକମାତ୍ର ଆଶ୍ରୟ ସ୍ଥଳ ହୋଇଅଛି ।

ଯଦି ସତ୍ୟ ପାଇବାକୁ ଏକମାତ୍ର ଇଚ୍ଛା କର, ତେବେ ସର୍ବ-ପ୍ରଥମ ଏହି ଉପରଲିଖିତ ବ୍ୟକ୍ତିଗତ ସତ୍ୟର ଆଶ୍ରୟ ନିଅ—ଲଜ୍ଜା ଓ ଭୟ ଦୂର କର । ମିଛ ଠାକୁର ଓ ଠକ ଗୁରୁ ଏମାନଙ୍କୁ ଛାଡ଼ି ସତ୍ୟକୁ ଏକମାତ୍ର ଗୁରୁ କର । ସତ୍ୟକୁ ଜୀବନର ଏକମାତ୍ର ଲକ୍ଷ୍ୟ କର । ମୋହର ହାତ, ଗୋଡ଼, କାନ, ନାକ ଇତ୍ୟାଦି ମିଶି ଗୋଟାଏ ଦେହ ଅଛି—ଗୋଟିଏ ହୃଦୟ ଅଛି—ଗୋଟିଏ ମନ ଅଛି । ଏହି ତିନୋଟି ମୋହର ପ୍ରତି ମୁହୂର୍ତ୍ତରେ ଆବଶ୍ୟକ । ଏହି ତିନୋଟି ମୋର ଘୋଡ଼ା—ମୁଁ ଏମାନଙ୍କ ଉପରେ ସବାର—ଏମାନଙ୍କ ପ୍ରଭୁ । ଅନ୍ୟବି ମଧ୍ୟ ଏହି ତିନୋଟି

ମୋର ଦେହ ବା ମୋର ଘର, କାରଣ ମୁଁ ଏଥିରେ ବାସ କରେ, ଏମାନଙ୍କର ପ୍ରତ୍ୟେକଙ୍କର ଏକ ଏକ ଜୀବନ ଅଛି । ଏବଂ ପ୍ରତ୍ୟେକଙ୍କର ଏକ ଏକ ଧର୍ମ୍ମ ବା କାର୍ଯ୍ୟ ଅଛି । ଏପରି କି ଏମାନଙ୍କର ପ୍ରତ୍ୟେକଙ୍କର ସ୍ୱାତନ୍ତ୍ର୍ୟ ମଧ ଅଛି । ଭିନ୍ନ ଭିନ୍ନ ଜୀବନ, ଭିନ୍ନ ଭିନ୍ନ ଧର୍ମ୍ମ ଓ ଭିନ୍ନ ଭିନ୍ନ ସ୍ୱାତନ୍ତ୍ର୍ୟ ଥାଇ ସୁଦ୍ଧା ଏମାନଙ୍କ ମଧରେ ଏପରି ଘନିଷ୍ଠ ସମ୍ବନ୍ଧ ଅଛି ଯେ, ଏହି ଭିନ୍ନ ଘର ମିଶି ଏକ ଘର କହିଲେ ଚଳେ ଓ ଏହି ଭିନଯୋଡ଼ା ମିଶି ଏକଯୋଡ଼ା କହିଲେ ଚଳେ ।

ଏମାନଙ୍କର ପ୍ରତ୍ୟେକଙ୍କର ଯଥେଷ୍ଟ ଶକ୍ତି ଅଛି । ଏମାନେ ପରସ୍ପର ଉପରେ ଆଧିପତ୍ୟ ବିସ୍ତାର କରନ୍ତି । କେବଳ ସେତିକି ନୁହେଁ— ମୋ' ଉପରେ ମଧ ଆଧିପତ୍ୟ ବିସ୍ତାର କରିବାକୁ ସର୍ବଦା ପ୍ରସ୍ତୁତ । ମୋତେ ଭୁଲାଇ ରଖି ନିଜ ନିଜର କାମ ହାସଲ କରିବାକୁ ପ୍ରସ୍ତୁତ ।

ମୋର ସର୍ବଦା ସତର୍କ ରହିବା ଉଚିତ ଓ ସ୍ମରଣ ରଖିବା ଉଚିତ ଯେ ମୁଁ ଏମାନଙ୍କର ପ୍ରଭୁ ବା ସାଉକାର । ଏମାନେ ମୋର ଘୋଡ଼ା ।

ଟିକିଏ ଅସାବଧାନ ହେଲେ ଏମାନେ ମୋତେ ଘୋଡ଼ାପରି ମୋ' ଉପରେ ଚଢ଼ିବାକୁ ପ୍ରସ୍ତୁତ । ଅତଏବ ଆମ୍ଭମାନଙ୍କର ସର୍ବଦା ଜାଗ୍ରତ ଓ ସତର୍କ ରହିବା ଆବଶ୍ୟକ, ଯେପରି ଏମାନଙ୍କ ମଧରୁ କେହି ଅନ୍ୟ ଉପରେ ଆଧିପତ୍ୟ ନ କରୁ ଓ ଏମାନେ ସର୍ବଦା ପରସ୍ପର ମିଳିମିଶି କାର୍ଯ୍ୟ କରନ୍ତୁ ।

ମୁଁ ଏମାନଙ୍କ ଉପରେ ପ୍ରଭୁ ହେଲେ ସୁଦ୍ଧା ମୁଁ ଯେପରି ଭୟ ବା କିମ୍ବା ଦମନନୀତି ଦ୍ୱାରା ଏମାନଙ୍କୁ ବଶୀଭୂତ କରିବାକୁ ଚେଷ୍ଟା ନ କରି ପ୍ରେମଦ୍ୱାରା ଏମାନଙ୍କୁ ଆୟତ୍ତ କରେ—ପ୍ରେମ ଦ୍ୱାରା ଶାସନ କରିବାକୁ ଆମ୍ଭେମାନେ ଅଭ୍ୟସ୍ତ ନୋହୁଁ । ଆମ୍ଭେମାନେ ପାରିବାରିକ ଜୀବନରେ ସ୍ତ୍ରୀ, ପୁତ୍ର, କନ୍ୟାମାନଙ୍କୁ ମଧ ମାଡ଼ ଓ ଗାଳି ଭୟ ଦେଖାଇ ଶାସନ କରିବାକୁ ଜାଣୁ—ପ୍ରେମ ଦ୍ୱାରା ଶାସନ କରିବାକୁ ଜାଣୁନା—ଏପରି ଶାସନ ଦ୍ୱାରା ଆମ୍ଭେମାନେ ଏମାନଙ୍କର ଓ ଆମ୍ଭମାନଙ୍କ ନିଜ ନିଜର ବିଶେଷ କ୍ଷତି କରୁଁ । କେବଳ ପାରିବାରିକ ଜୀବନରେ କାହିଁକି, କି ବିଦ୍ୟାଳୟ, କି ରାଜନୈତିକ କ୍ଷେତ୍ର କି ସାମାଜିକ କ୍ଷେତ୍ର ସର୍ବତ୍ର ଏହି ଦମନନୀତି । ଏହି ଦମନନୀତି ଦୂର କରିଦେଇ ଓ ପ୍ରେମ ଦ୍ୱାରା, ସତ୍ୟ ଦ୍ୱାରା

ଜଗତ ଶିକ୍ଷା ଲାଭ କରୁ ଏହା ଭଗବାନଙ୍କର ଏକମାତ୍ର ଉଦ୍ଦେଶ୍ୟ, ହିଂସା ଦ୍ୱାରା ଓ ମିଥ୍ୟାଦ୍ୱାରା ନୁହେଁ ।

ଯାହାହେଉ ରାଜନୈତିକ କ୍ଷେତ୍ର, ସାମାଜିକ କ୍ଷେତ୍ର, ବିଦ୍ୟାଳୟ ବା କାର୍ଯ୍ୟାଳୟ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । ଆମ୍ଭମାନଙ୍କର ଆଲୋଚନାର ବିଷୟ ଆମ୍ଭମାନଙ୍କର ନିଜ ନିଜର "ଦେହ, ହୃଦୟ, ମନ ଓ ମୁଁ ନିଜେ ।"

ମୋର ସର୍ବଦା ଦେଖିବା ଉଚିତ ଯେ, ଏମାନେ ଉତ୍ତମ ଖାଦ୍ୟ ଖାଆନ୍ତୁ, ଏମାନଙ୍କ ଦେହରେ ଯେପରି ଲେଶ ମାତ୍ର ମଳଧୂଳି ନ ଲାଗେ । ଏମାନେ ଯେପରି ସର୍ବଦା ସବଳ ରହନ୍ତୁ, ପବିତ୍ର ରହନ୍ତୁ, ଶରୀର ଯେପରି ସାତ୍ତ୍ୱିକ ଆହାର ପାଉ । ପରିଷ୍କାର ପରିଚ୍ଛନ୍ନ ରହୁ, ହୃଦୟ ମଧ୍ୟ ହିଂସା, ଘୃଣା ଇତ୍ୟାଦି ଗ୍ରହଣ ନ କରି ସର୍ବଦା ଦୟା, ପ୍ରେମ, ସହାନୁଭୂତି ଇତ୍ୟାଦି ଦ୍ୱାରା ନିର୍ମଳ ଓ ପବିତ୍ର ରହୁ, ମନ ଯେପରି ମିଥ୍ୟା ଗ୍ରହଣ ନ କରି ସର୍ବଦା ସତ୍ୟ ଗ୍ରହଣ କରୁ—ଏସବୁ ପ୍ରତି ମୋହର ସର୍ବଦା ଦୃଷ୍ଟି ରଖିବା ଆବଶ୍ୟକ ।

ଦେହ, ହୃଦୟ ଓ ମନ ଏମାନଙ୍କର ଦୁଷ୍ଟାମି ଓ ସ୍ୱେଚ୍ଛାଚାରିତା ଦେଖି ମୁଁ ଯେପରି (ଅଭ୍ୟାସ ହେଉଛୁ) ଏମାନଙ୍କୁ ଦମନ କରିବାକୁ କିମ୍ବା କ୍ଷମତାହୀନ କରିବାକୁ ଚେଷ୍ଟା ନ କରେ ।

ଏପରି ଦମନ କରିବା ଦ୍ୱାରା ଓ କ୍ଷମତାହୀନ କରିବା ଦ୍ୱାରା ଏମାନେ ଖୁବ ନମ୍ର ହେବେ ସତ, ଖୁବ୍ ବାଧ୍ୟ ହେବେ ସତ, କିନ୍ତୁ ଅର୍ଦ୍ଧପ୍ରାଣ (ଦରମରା) ହୋଇଯିବେ । ମୁଁ କାହାକୁ ନେଇ କାର୍ଯ୍ୟ କରିବି । ଆମ୍ଭେମାନେ ଆମ୍ଭମାନଙ୍କର ପୁଅ ଝିଅଙ୍କୁ କିପରି ଦରମରା ପ୍ରାଣଶୂନ୍ୟ କରି ରଖିଛୁ ଓ ଆମ୍ଭେମାନେ କିପରି ଅଛୁଁ ଭାବନ୍ତୁ ଜାଣିପାରିବେ । ଆମ୍ଭ-ମାନଙ୍କ ପରି ସେମାନେ ମଧ୍ୟ (ଆମ୍ଭମାନଙ୍କର ଦମନ ନୀତି ଦ୍ୱାରା) ଭୟ ଲଜ୍ଜାକୁ ଏକମାତ୍ର ଆଶ୍ରୟ କରି ଖୁବ୍ ନମ୍ର ଖୁବ୍ ବାଧ୍ୟ, ଏ କଥାର ଖୁବ୍ ସଦ୍‌ଗୁଣ ବିଶିଷ୍ଟ ହୋଇଅଛନ୍ତି—ସତ୍ୟ, ମାତ୍ର ସେମାନଙ୍କର ଜୀବନର ଏକମାତ୍ର ଲକ୍ଷ ସତ୍ୟକୁ ହରାଇ ଅଛନ୍ତି । ମୁକ୍ତି ବା ସ୍ୱାଧୀନତାକୁ ହରାଇ ଅଛନ୍ତି, ତେଣୁ ପ୍ରକୃତ ଆନନ୍ଦ ମଧ୍ୟ ହରାଇ ଅଛନ୍ତି । ଆମ୍ଭମାନଙ୍କ ଆଦର୍ଶରୁ

ସେମାନେ ମଧ୍ୟ ସର୍ବଦା ଚିତ୍କାର କରୁଅଛନ୍ତି । ଏ ସଂସାର କେବଳ ବନ୍ଧନମୟ, ତେଣୁ ଦୁଃଖପୂର୍ଣ୍ଣ ।

ଭାଇ, ଏ ସଂସାର କେବଳ ବନ୍ଧନମୟ ସତ୍ୟ (ତେଣୁ ଦୁଃଖମୟ) କିନ୍ତୁ ଏତିକି ସ୍ୱୀକାର କରି ସ୍ଥିର ରହିବା ଉଚିତ ନୁହେଁ । ସମସ୍ତ ପ୍ରକାର ବନ୍ଧନକୁ ଆସ୍ତେ ଆସ୍ତେ ଛିନ୍ନ କରିବାକୁ ହେବ—ସାମାଜିକ ବନ୍ଧନ-ପାରିବାରିକ ବନ୍ଧନ—ରାଜନୈତିକ ବନ୍ଧନ ଏ ସବୁ ବହିର୍ଜଗତର ବନ୍ଧନ । ତତ୍ପରେ ଅନ୍ତର୍ଜଗତର ବନ୍ଧନ ତ ଅଛି । ସେ ଯାହାହେଉ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟକୁ ଚାଲ ।

ମୁଁ ହୃଦୟ ଦ୍ୱାରା ଅନୁଭବ କରେ ମନଦ୍ୱାରା ଚିନ୍ତା କରେ ଓ ହାତଗୋଡ଼ ଦ୍ୱାରା ସ୍ଥୂଳ ଜଗତରେ କାର୍ଯ୍ୟ କରେ । ପୂର୍ବେ କୁହାଯାଇଛି ସ୍ଥୂଳ ଜଗତର ସମସ୍ତ କାର୍ଯ୍ୟ ସହିତ ହୃଦୟ ଓ ମନର ଯେପରି ଘନିଷ୍ଠ ସମ୍ବନ୍ଧ ରହିଛି ଏଥିସକାଶେ ମୋର ସର୍ବଦା ସତର୍କ, ଜାଗ୍ରତ ଓ ସଚେଷ୍ଟ ରହିବା ଆବଶ୍ୟକ । ହୃଦୟ ଓ ମନକୁ ଛାଡ଼ିଦେଇ ଅକର୍ମଣ୍ୟ କଲେ ସତ୍ୟ ପାଇବା ଅସମ୍ଭବ । ମୋର ଜୀବନର ଲକ୍ଷ-ମୁକ୍ତି କିମ୍ବା ଆନନ୍ଦ Liberation happiness ମୁଁ କେଉଁଥିରେ ଉପଲବ୍ଧି କରିବ । ହାତ ଗୋଡ଼ ଇତ୍ୟାଦି ସ୍ଥୂଳ ଦେହରେ ତ ଉପଲବ୍ଧି କରିପାରିବ ନାହିଁ ।

ଶରୀରର ସମସ୍ତ ପ୍ରକାର ଧର୍ମ ମଧ୍ୟରେ ଶୁଚି ସର୍ବପ୍ରଥମ । ହୃଦୟର ସମସ୍ତ ପ୍ରକାର ଧର୍ମ ମଧ୍ୟରେ ପ୍ରେମ ବା ବିଶ୍ୱଜନୀନ ଭ୍ରାତୃତ୍ୱ Love or brother hood—ସର୍ବ ପ୍ରଥମ—"ଅହିଂସା ପରମୋଧର୍ମ । There is no power greater than love" ମନର ସମସ୍ତ ପ୍ରକାର ଧର୍ମ ମଧ୍ୟରେ ସତ୍ୟ ସର୍ବପ୍ରଥମ । ନାସ୍ତିସତ୍ୟାତ୍ ପରୋଧର୍ମଃ There is no religion higher than truth,

ଏହି ଶୁଚି, ଅହିଂସା ଓ ସତ୍ୟ ଯଥାକ୍ରମେ ମୋର ଦେହ ହୃଦୟ ଓ ମନରେ ସର୍ବଶ୍ରେଷ୍ଠ ଧର୍ମ । ମୋହର ନିଜର ମଧ୍ୟ ଏକ ଧର୍ମ (ଲକ୍ଷ) ଅଛି । ତାହା ମୁକ୍ତି ବା **ପୂର୍ଣ୍ଣ ସ୍ୱାଧୀନତା** ଓ ଆନନ୍ଦ । ମୋହର ମୁକ୍ତି ସକାଶେ ମୋହର ଆନନ୍ଦ ସକାଶେ ଏହି ଦେହ, ହୃଦୟ ଓ ମନର ଆବଶ୍ୟକତା । ତେଣୁ ଶୁଚି ଅହିଂସା ଓ ସୁଖର ଆବଶ୍ୟକତା ।

ଏହି ଦେହ ହୃଦୟ ଓ ମନର ଯଥାକ୍ରମେ ତିନୋଟି ବିଜ୍ଞାନ ଅଛି Seince ( ଦେହ ବିଜ୍ଞାନ ), Ethics or Psychology ( ହୃଦୟ ବିଜ୍ଞାନ ) Phylosoohy ( ଦର୍ଶନ ବା ମନ ବିଜ୍ଞାନ ) ବେଦ, ପୁରାଣ ଓ ଗୀତା ଇତ୍ୟାଦି ଇତ୍ୟାଦି ଇତ୍ୟାଦି ।

ପୁଣି ଏହି ଦେହ, ହୃଦୟ ଓ ମନର ଉପଯୁକ୍ତ ଶିକ୍ଷା ସକାଶେ ଭିନ୍ନ ଭିନ୍ନ ସଂସାର ବା ପ୍ଲେନ ଅଛି—ସେହି ସଂସାର ସବୁକୁ ଗାୟତ୍ରୀରେ କୁହାଯାଏ ଭୂର୍ଲୋକ, ଭୂବର୍ଲୋକ ଓ ସ୍ୱର୍ଲୋକ । ଇଂରେଜୀରେ ଏହି ତିନି ସଂସାରକୁ କୁହାଯାଏ Physical plane, Astral plane ଓ Mental plane. ସାଧାରଣତଃ ଆମ୍ଭେମାନେ କହିଥାଉଁ ପୃଥିବୀ, ପ୍ରେତଲୋକ ( ନର୍କ ) ଓ ପିତୃଲୋକ—ସ୍ୱର୍ଗ । ଏ ସବୁ ବିଷୟ ନେଇ ଏଠାରେ ଆଲୋଚନା କରିବା ଅନାବଶ୍ୟକ କାରଣ ଆମ୍ଭେମାନେ ଅନୁସନ୍ଧାନ କରୁଛୁ ସରଳ ସତ୍ୟ ।

ଆହୁରି ମଧ୍ୟ ଏହି କ୍ଷୁଦ୍ର ପୁସ୍ତକରେ ଦେହର ଧର୍ମ୍ମ, ହୃଦୟର ଧର୍ମ୍ମ ଓ ମନର ଧର୍ମ ଭିନ୍ନ ଭିନ୍ନ କରି ଉଲ୍ଲେଖ କରିବା ଅସମ୍ଭବ, ତେବେ ଆଜି କେବଳ ହୃଦୟର ସର୍ବଶ୍ରେଷ୍ଠ ଧର୍ମ୍ମ (ଅହିଂସା ବା ପ୍ରେମ ଅର୍ଥାତ୍ ବିଶ୍ୱଜନୀନ ଭ୍ରାତୃତ୍ୱ) ବିଷୟରେ ଗୋଟିଏ ଦୁଇଟି ଅତ୍ୟାବଶ୍ୟକୀୟ ସରଳ ସତ୍ୟ ଉଲ୍ଲେଖ କରି ପାଠକମାନଙ୍କ ଠାରୁ ବିଦାୟ ଗ୍ରହଣ କରିବି ।

**ଭାଇ ଭଉଣୀମାନେ,** କି ହିନ୍ଦୁ, କି ମୁସଲମାନ, କି ବୌଦ୍ଧ, କି ଖ୍ରୀଷ୍ଟିୟାନ, କି ଭାରତବାସୀ କି ଆମେରିକାବାସୀ, କି ଧନୀ, କି ଦରିଦ୍ର କି ବୈଷ୍ଣବ, କି ଶୈବ, କି ମୂର୍ଖ, କି ବିଦ୍ୱାନ, କି ବୃଦ୍ଧ, କି ବାଳକ; କି ପୁରୁଷ କି ସ୍ତ୍ରୀ ଆମ୍ଭେମାନେ ସମସ୍ତେ ସେହି ଏକ ପରମପିତା ପରମେଶ୍ୱରଙ୍କର ସନ୍ତାନ । ଏହି ଆବଶ୍ୟକୀୟ ସତ୍ୟଟିକୁ କେହି ଅସ୍ୱୀକାର କରିପାରେ କି ? କିମ୍ବା ଏଥିରେ କାହାର କିଛି ସନ୍ଦେହ ଆଇପାରେ କି? ଏହି ସହଜ ଓ ସରଳ ସତ୍ୟଟିକୁ ବୁଝିବା ସକାଶେ—ଧନ କିମ୍ବା ବିଦ୍ୟାର ଆବଶ୍ୟକ ହେବ କି ? ଏହି ସତ୍ୟକୁ ଅସ୍ୱୀକାର କରିବା ଓ ଭଗବାନଙ୍କୁ ଅସ୍ୱୀକାର କରିବା ଏକ କଥା ନୁହେଁ କି ? ଆମ୍ଭମାନଙ୍କର ଜ୍ଞାନ, ବୁଦ୍ଧି, ବିଚାର, ବହୁଦର୍ଶିତା ଓ କାର୍ଯ୍ୟ ପ୍ରଣାଳୀ ଅନ୍ୟର ଜ୍ଞାନ, ବୁଦ୍ଧି, ବିଚାର,

ଇତ୍ୟାଦି ବହୁ ଦର୍ଶିତା ଓ କାର୍ଯ୍ୟ ପ୍ରଣାଳୀଠାରୁ ପୃଥକ । ସେଥିଯୋଗୁଁ କଣ ଆମ୍ଭେମାନେ ଏହି ସରଳ ସତ୍ୟକୁ ଅସ୍ୱୀକାର କରିବା ? ଭଗବାନଙ୍କର ପକ୍ଷପାତ ଓ ଅନ୍ୟାୟ ବିଚାର ଏହି ପ୍ରାର୍ଥକ୍ୟର କାରଣ ନୁହେଁ । ଆମ୍ଭମାନଙ୍କର ପୂର୍ବଜନ୍ମକୃତ କର୍ମହିଁ ଏହି ପ୍ରାର୍ଥକ୍ୟର ଏକମାତ୍ର କାରଣ ।

ଏହି ପ୍ରାର୍ଥକ୍ୟର ପ୍ରକୃତ କାରଣ ଅନୁସନ୍ଧାନ ନ କରି ଭଗବାନଙ୍କ ବିଚାର ଉପରେ ଦୋଷାରୋପ କରିବା, କିମ୍ବା ଏହି ବିଶ୍ୱଜନୀନ ଭ୍ରାତୃତ୍ୱକୁ ଅସ୍ୱୀକାର କରିବା ଆମ୍ଭମାନଙ୍କର ଉଚିତ କି ? ମନେକର ଗୋଟିଏ ବାପର ଚାରିପୁଅ । ସେମାନଙ୍କ ମଧ୍ୟରୁ ଜଣେ ଦରପୋଟି ଜଣେ କିରାନି, ଜଣେ ବ୍ୟବସାୟୀ ଓ ଅନ୍ୟଟି ଅନ୍ଧ । ପ୍ରତ୍ୟେକେ ପ୍ରତ୍ୟେକର ପୂର୍ବଜନ୍ମାର୍ଜିତ କର୍ମର ଫଳ ସ୍ୱରୂପ ବର୍ତ୍ତମାନ ଜୀବନର ଉପଯୋଗୀ ଜ୍ଞାନ, ବୁଦ୍ଧି ଓ ସୁବିଧା ଇତ୍ୟାଦି ପାଇଅଛନ୍ତି ଓ ତଦନୁସାରେ ପ୍ରତ୍ୟେକେ ସେମାନଙ୍କର ସଂସାରଯାତ୍ରା ନିର୍ବାହ କରୁଅଛନ୍ତି । ଉପର୍ଯ୍ୟୁକ୍ତ ମତେ ପାର୍ଥକ୍ୟ ଅଛି ବୋଲି ସେହି ଚାରିଭାଇ ପାରିବାରିକ ଭ୍ରାତୃତ୍ୱକୁ ଅସ୍ୱୀକାର କରିବେ କି ?

ଭଗବାନଙ୍କର ଏହି ଅସଂଖ୍ୟ କୋଟି ସନ୍ତାନ ସନ୍ତତିଙ୍କ ମଧ୍ୟରେ ପ୍ରାର୍ଥକ୍ୟ ରହିବା ସ୍ୱଭାବସିଦ୍ଧ । ସେଥିଯୋଗୁଁ କଣ ଆମ୍ଭେମାନେ ପରମେଶ୍ୱରଙ୍କୁ ପରମପିତା ବୋଲି ଅସ୍ୱୀକାର କରିବୁଁ ? କେବଳ ମୁହଁରେ ସ୍ୱୀକାର କଲେ କଣ ହେବ ? ମୁହଁରେ ସ୍ୱୀକାର କରିବା କିନ୍ତୁ କାର୍ଯ୍ୟତଃ ପରସ୍ପର ମଧ୍ୟରେ ହିଂସା ଓ ଘୃଣା ଇତ୍ୟାଦି ପୋଷଣ କରିବା, କେବଳ ମିଥ୍ୟା ଓ କପଟତା ନୁହେ କି ? ମୁହଁରେ ଏପରି ସ୍ୱୀକାର କରିବା ଅପେକ୍ଷା ଅସ୍ୱୀକାର କରିବା ବରଂ ଭଲ । ଏହି ସରଳ ସତ୍ୟକୁ ହୃଦୟଙ୍ଗମ କରିବା ପାଇଁ ଧାରଣ କରିବା ସକାଶେ— ବେଦ, ପୁରାଣ, ବାଇବେଲ କିମ୍ବା ମନ୍ଦିର, ମସଜିଦ ଓ ଗୀର୍ଜା ଇତ୍ୟାଦିର ଆବଶ୍ୟକ ହେବନାହିଁ ; ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଆବଶ୍ୟକ ହେବ ନାହିଁ । ଆବଶ୍ୟକ ହେବ କେବଳ ହୃଦୟର ସରଳତା କିମ୍ବା **ସତ୍ୟ** ।

ଭାଇ ! ଯାହାକୁ ଆମ୍ଭେମାନେ 'ନାମେ ରୁଚି ଜୀବେ ଦୟା' ବୋଲି ମୁହଁରେ କହୁଅଛୁଁ ତାହାର ନାମ ଏହି ବିଶ୍ୱଜନୀନ ଭ୍ରାତୃତ୍ୱ ଭିନ୍ନ ଅନ୍ୟ କିଛି ହୋଇ ନ ପାରେ । ଭ୍ରାତୃତ୍ୱକୁ ଅସ୍ୱୀକାର କରି ଭଗବାନଙ୍କୁ ସ୍ୱୀକାର କରାଯାଇ ନ ପାରେ । ତାହାଙ୍କ ନାମରେ ରୁଚି ହେବ କିପରି ? ଯଦି

ସମ୍ଭବ ତାହା କେବଳ ମୁହଁରେ ସମ୍ଭବ—ଗ୍ରାମୋଫୋନ୍‌ରେ ଗୀତ ଗାଇଲା ପରି ସମ୍ଭବ । ଆନ୍ତରିକ ମଧ୍ୟ ଭ୍ରାତୃତ୍ୱକୁ ଅସ୍ୱୀକାର କରି ଜୀବେ ଦୟା ଅଭ୍ୟାସ କରିବା ଅସମ୍ଭବ । ଯଦି ସମ୍ଭବ, ତାହା କେବଳ ଗର୍ବ ଦମ୍ଭ ଓ ଅଭିମାନ । ତାହା ପ୍ରକୃତରେ 'ଜୀବେ ଦୟା' ହୋଇ ନ ପାରେ ।

ଏହି ସରଳ ସତ୍ୟକୁ ପାଇବା ସକାଶେ ଯୁଗେ ଯୁଗେ (ଜନ୍ମ ଜନ୍ମାନ୍ତର ଧରି) ଆମ୍ଭେମାନେ ବେଦ, କୋରାଣ, ବାଇବେଲ ଇତ୍ୟାଦି ଅନେକ ଅନୁସନ୍ଧାନ କଲୁଣି । ମନ୍ଦିର, ମସଜିଦ, ଗୀର୍ଜ୍ଜା ପ୍ରଭୃତି ପ୍ରସ୍ତୁତ କରି ସେଥିରେ ଭଗବାନଙ୍କୁ ଅନେକ ପ୍ରାର୍ଥନା କଲୁଣି । କଣ ଖୋଜୁଛୁ ? କାହିଁକି ଖୋଜୁଛୁ ? କିଛି ନ ବୁଝି ନ ସୁଝି ଅନେକଆଡ଼େ ଅନେକ ଖୋଜିଲୁଣି । ଅନେକ ପାଇଲୁଣି—ଅନେକ ହଜାଇଲୁଣି ପୁଅଟିଏ ପାଇ ଅନେକ ହସିଲୁଣି ଓ ନାତିଟିକୁ ହରେଇ ଅନେକ କାନ୍ଦିଲୁଣି । ଏହିପରି ଭାବରେ ଅନେକ ବାଟ ବୁଲି ବୁଲି କ୍ଲାନ୍ତ ହେଲୁଣି ।

ଅତଏବ ହେ ଭ୍ରାନ୍ତ କ୍ଲାନ୍ତ ଭାଇ ଭଉଣୀମାନେ । ଆଉ ଅଧିକ ଦୂର ଏପରି ଅନ୍ଧ ଭାବରେ ଅଗ୍ରସର ନ ହୋଇ ଆସ ଟିକିଏ ବିଶ୍ରାମ କର । ଶ୍ରୀଭଗବାନ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ହୃଦୟର ଗଭୀରତମ ପ୍ରଦେଶରେ ରହି କଣ କହୁଅଛନ୍ତି, ଟିକିଏ ଶୁଣ । (ତାହା ସତ୍ୟ) ।

ସେ କହୁଅଛନ୍ତି—'ହେ ପ୍ରିୟ ପୁତ୍ର ! ତୁମ୍ଭେ ଆନନ୍ଦ ପାଇବାକୁ ଆଶା କରି ମୋ ନିକଟକୁ ଆସିବାକୁ ଇଚ୍ଛା କରୁଅଛ । କାରଣ ମୁଁ ଆନନ୍ଦ ସ୍ୱରୂପ ମୁଁ କେବଳ ଆନନ୍ଦ ସ୍ୱରୂପ ନୁହେଁ-ମୁଁ ସତ୍ୟ ସ୍ୱରୂପ ଓ ଜ୍ଞାନ ସ୍ୱରୂପ । ମୋ ନିକଟକୁ ଆସିବାକୁ ହେଲେ ଏହି ସତ୍ୟ, ଜ୍ଞାନ ଓ ଆନନ୍ଦର ମଧ୍ୟ ଦେଇ ଆସିବାକୁ ହେବ । ତୁମ୍ଭେ ମୋହର ଏକମାତ୍ର ସନ୍ତାନ ନୁହଁ—ଏହି ଅସଂଖ୍ୟ କୋଟି ଜୀବ ସମସ୍ତେ ମୋହର ସନ୍ତାନ । ଅତଏବ ସେମାନେ ସମସ୍ତେ ତୁମ୍ଭର ଭାଇ—ସେମାନଙ୍କୁ ଆଦର କର—ପ୍ରେମ କର ।

ତୁମ୍ଭପରି ସେମାନେ ମଧ୍ୟ ପ୍ରତ୍ୟେକେ ମୋ ନିକଟକୁ ଆସିବାକୁ ବ୍ୟସ୍ତ—ସେହି ଆନନ୍ଦ ପାଇବାକୁ ବ୍ୟସ୍ତ । ସେମାନଙ୍କୁ ଯେତେ ପାର ସାହାଯ୍ୟ କର, ତେବେ ତୁମ୍ଭେ ପ୍ରକୃତ ଆନନ୍ଦ (ପାରିବାରିକ ଆନନ୍ଦ)

ଯାଇ ପାରିବ ଓ ତୁମ୍ଭର ଭାଇମାନଙ୍କ ପ୍ରତି ସଦ୍‌ବ୍ୟବହାର ଦେଖି ମୁଁ ମଧ୍ୟ ଆନନ୍ଦ ଲାଭ କରିବି । ତାହା ନ କରି ତୁମ୍ଭେ ଯଦି ସେମାନଙ୍କ ପ୍ରତି ହିଂସା ଓ ଘୃଣା ଇତ୍ୟାଦି ପୋଷଣ କରି ମୋ ନିକଟକୁ ଆସିବାକୁ ଇଚ୍ଛା କର—ତୁମ୍ଭର ଇଚ୍ଛା ଓ ଚେଷ୍ଟା ସଫଳ ହେବ ନାହିଁ । ପ୍ରତ୍ୟେକ ବିଦ୍ୟାଳୟ ଯେପରି ନିୟମ ଦ୍ୱାରା ଶୃଙ୍ଖଳିତ—ପ୍ରତ୍ୟେକ କାର୍ଯ୍ୟାଳୟ ଯେପରି ନିୟମ ଦ୍ୱାରା ଶୃଙ୍ଖଳିତ, ପ୍ରତ୍ୟେକ ପରିବାର ଯେପରି ନିୟମ ଦ୍ୱାରା ଶୃଙ୍ଖଳିତ, ମୋହର ଏହି ସଂସାର-ପରିବାରଟି—ବିଦ୍ୟାଳୟଟି—କିମ୍ବା କାର୍ଯ୍ୟାଳୟଟି ମଧ୍ୟ ସେହିପରି ନିୟମ ଦ୍ୱାରା ଶୃଙ୍ଖଳିତ । ମନୁଷ୍ୟକୃତ ନିୟମର ବ୍ୟତିକ୍ରମ ଘଟି-ପାରେ, କିନ୍ତୁ ମୋହର ଏହି ନିୟମର ତିଳେମାତ୍ର ବ୍ୟତିକ୍ରମ ଘଟି ନ ପାରେ । ଅତଏବ ହିଂସା, ଘୃଣା ଓ କପଟତାର ଆଶ୍ରୟ କରି ମୋ ନିକଟକୁ ଆସିବା ସକାଶେ ଯେତେ ପ୍ରାର୍ଥନା କରୁଅଛ, ତୁମ୍ଭର ସେ ସମସ୍ତ ପ୍ରାର୍ଥନା ବୃଥା ।

ଅତଏବ ହେ ଭାଇ ଭଉଣୀମାନେ ! ଯଦି ହିଂସା, ଘୃଣା, ମିଥ୍ୟା ଓ କପଟତା ଲବ୍ଧ ସମସ୍ତ କ୍ଷଣିକ ସୁଖରୁ ବୀତଶ୍ରଦ୍ଧ ହୋଇଥାଅ, ଯଦି ନିଜ ନିଜର ଅନ୍ଧତା ଅଜ୍ଞାନତା ହେତୁ (ସେହି କପଟତା, ହିଂସା ଓ ଘୃଣାର ଫଳ ସ୍ୱରୂପ) ଯେଉଁ ଦୁଃଖ, ଦାରିଦ୍ର୍ୟ, ପରାଧୀନତା ଓ ଅଶାନ୍ତି ଭୋଗ କରୁଅଛ—ତାହା ହୃଦୟରେ ଅନୁଭବ କରୁଥାଅ, ଯଦି ସଂସାରର ଯାବତୀୟ ପ୍ରଲୋଭନରେ ଭୁଲି, ଅନେକ ରାସ୍ତା ବୁଲି- ବୁଲି ( ଜନ୍ମ ଜନ୍ମାନ୍ତର ମନ୍ଦିର, ମସଜିଦ୍ ଓ ଗୀର୍ଜା ଇତ୍ୟାଦି ବୁଲି ବୁଲି) କ୍ଲାନ୍ତ ହୋଇ ଥାଅ, ତେବେ ଅଳ୍ପ ସମୟ ସକାଶେ ବିଶ୍ରାମ କର । ହୃଦୟରୁ ଓ ମନରୁ ସମସ୍ତ ପ୍ରକାର ଜଟିଳତା ଓ କୁସଂସ୍କାର ଦୂରକରି ଏହି ହୃଦୟ ଓ ମନକୁ ନିର୍ମଳ ଓ ପବିତ୍ର କର—ସତ୍ୟଙ୍କୁ ଏକମାତ୍ର ଗୁରୁ କର—ବିଶ୍ୱଜନୀନ ଭ୍ରାତୃତ୍ୱକୁ ସ୍ୱୀକାର କରିବା ଦ୍ୱାରା ଭଗବାନଙ୍କର ଅସ୍ତିତ୍ୱକୁ ସ୍ୱୀକାର କର ଓ ଏହି ବିଶ୍ୱଜନୀନ—ଭ୍ରାତୃତ୍ୱ ଓ ସତ୍ୟ ପ୍ରଚାର କରିବା ଦ୍ୱାରା ଭଗବାନଙ୍କର ନାମ ଘୋଷଣା କର, ଏହିପରି କରିବାଦ୍ୱାରା ତୁମ୍ଭର ଜୀବନର ଏକମାତ୍ର ଲକ୍ଷ—ମୁକ୍ତି ଅର୍ଥାତ୍ ପୂର୍ଣ୍ଣ ସ୍ୱାଧୀନତା ଓ ଆନନ୍ଦ ଉପଲବ୍ଧି କରି ନିଜ ନିଜକୁ କୃତାର୍ଥ କର ।

ଭାଇ, ଯେଉଁଦିନ ଏହି ସରଳ ସତ୍ୟଦ୍ୱାରା ବୁଝି ପାରିବ ଯେ ତୁମ୍ଭର ସ୍ତ୍ରୀ—ତୁମ୍ଭର ଭାଇ, ତୁମ୍ଭର ପୁଅ—ତୁମ୍ଭର ଭାଇ, ତୁମର ଝିଅ—ତୁମ୍ଭର ଭାଇ, ତୁମ୍ଭର ପୋଷିଲା କୁକୁର—ତୁମ୍ଭର ଭାଇ (କିଏ ଶ୍ରେଷ୍ଠ ଭାଇ, କିଏ ବଡ଼ଭାଇ) ଓ ତଦନୁସାରେ ଯେଉଁଦିନ କାର୍ଯ୍ୟକରିବାକୁ ଆରମ୍ଭ କରିବ—ସେହି ଦିନ ଜାଣିବ ତୁମେ ମୁକ୍ତ—ତୁମେ ପୂର୍ଣ୍ଣ ସ୍ୱାଧୀନ । ଏହି ସ୍ୱାଧୀନତା ଓ ଆନନ୍ଦ ସମସ୍ତେ ଏକାଠି ହୋଇ ଭୋଗିବାର ଚିଜ ନୁହେଁ । ଜମି ଭାଗ କରି ନେଇ ଭୋଗ କରିବାର ଜିନିଷ ନୁହେଁ । ବ୍ୟକ୍ତିଗତ ଭାବରେ ପ୍ରତ୍ୟେକଙ୍କର ପୂର୍ଣ୍ଣ ଭାବରେ ଭୋଗ କରିବାର ପଦାର୍ଥ । ରାମା ବାଉରି ଓ ରାମବାବୁ ଦିପୋଷ୍ଟି ଉଭୟଙ୍କର ସମାନ ଭାବରେ ଓ ପୂର୍ଣ୍ଣ ଭାବରେ ଭୋଗ କରିବାର ପଦାର୍ଥ ।

ଅତଏବ ହେ ଭାଇ ଭଉଣୀମାନେ

ମିଥ୍ୟା ଓ ହିଂସାର ଆଶ୍ରୟ ନେଇ ଆମ୍ଭେମାନେ ଯେତେ ଯେତେ କାର୍ଯ୍ୟ କରୁଅଛୁଁ ଓ ସେହି କାର୍ଯ୍ୟ ସବୁକୁ ଘୋଡ଼ାଇ ରଖିବା ସକାଶେ ଲଜ୍ଜା ଓ ଭୟ ନିଜେ ନିଜେ ସୃଷ୍ଟିକରି—ସେହି ଲଜ୍ଜା ଓ ଭୟ ମଧ୍ୟରେ ଦୁଃଖରେ କାଳଯାପନ କରୁଅଛୁଁ । ସେ ସମସ୍ତ ମିଥ୍ୟା, ହିଂସା—ଲଜ୍ଜା ଓ ଭୟ ଦୂର କର । ସତ୍ୟକୁ ଏକମାତ୍ର ଗୁରୁ କର ।

ସେହି ସତ୍ୟ ତୁମ୍ଭର ସମ୍ମୁଖରେ—କଦାପି ପଛରେ ନାହିଁ । ଆଗକୁ ଚାହିଁ—ପଛକୁ ଫେରି ଚାହିଁବା ସତ୍ୟର ଧର୍ମ ନୁହେଁ । ପଛକୁ ନ ଚାହିଁ—ପଛକଥା ନ ଭାବି ନିର୍ଭୟ ଭାବରେ ଦୃଢ଼ ଶକ୍ତିରେ—ଜାଗ୍ରତ ଚେତନରେ—ସତର୍କ ସହିତ ସର୍ବଦା **ଅଗ୍ରସର** ହୁଅ ।

# ସ୍ୱ-ଧର୍ମ

●

ସ୍ୱ ଓ ଧର୍ମ, ଏହି ଦୁଇଟି କଥାର ସଂଯୋଗରେ ସ୍ୱଧର୍ମ କଥାଟି ନିଷ୍ପନ୍ନ ହୋଇଅଛି । ସ୍ୱ ଏହି କଥାଟିରେ ସ୍ୱଧର୍ମର ବିଶେଷତ୍ୱ ରହିଅଛି ଏବଂ ସ୍ୱଧର୍ମ ଯେ ଧର୍ମର ଗୋଟିଏ ଅଂଶ, ତାହା ସ୍ପଷ୍ଟରୂପେ ଜଣାପଡ଼ୁଅଛି । ସ୍ୱ ଅର୍ଥାତ୍ ମୋର ନିଜର । ତେଣୁ ସ୍ୱଧର୍ମର ଅର୍ଥ ମୋର ନିଜର ଧର୍ମ । ବର୍ତ୍ତମାନ "ଧର୍ମ" ଏହି କଥାଟିର ଅର୍ଥ ବୁଝିପାରିଲେ ସ୍ୱଧର୍ମର ପ୍ରକୃତ ପରିଚୟ ମିଳନ୍ତା । ମାତ୍ର ଧର୍ମର ଅର୍ଥ ବୁଝିବା ଅସମ୍ଭବ । ଧର୍ମ ବ୍ୟାଖ୍ୟା କରିବାର ବିଷୟ ନୁହେଁ, ସଦିଚ୍ଛା ଓ ଅନୁଭୂତିର ବିଷୟ । ସୁତରାଂ ଏହି ସଦିଚ୍ଛା ଓ ଅନୁଭୂତିର ସାହାଯ୍ୟରେ ଧର୍ମର ଓ ସ୍ୱଧର୍ମର ପରିଚୟ ପାଇବାକୁ ହେବ ।

ଯେଉଁମାନେ ଶାସ୍ତ୍ର ପଢ଼ି ନାହାନ୍ତି, ଦର୍ଶନ କଅଣ, ବିଜ୍ଞାନ କଅଣ ବୁଝି ନାହାନ୍ତି, ପୂଜା କଅଣ, ଉପାସନା କଅଣ ଜାଣି ନାହାନ୍ତି, ସେହି-ମାନଙ୍କ ମୁହଁରୁ ଅନେକ ସମୟରେ ଶୁଣାଯାଏ, "ହେ ଧର୍ମ ! ତୁହି ଜାଣୁ ।" ହୃଦୟର ଗଭୀରତମ ପ୍ରଦେଶରୁ ଉତ୍ପନ୍ନ ଏହି ସରଳ କଥାଟିରୁ ବୁଝାଯାଏ, ଧର୍ମର ଅର୍ଥ ଭଗବାନ୍, ସେହି "ଏକମେବାଦ୍ୱିତୀୟଂ" ଭଗବାନ । ଧର୍ମର ଅର୍ଥ ଭଗବାନ ହେଲେ ସ୍ୱଧର୍ମର ଅର୍ଥ ମୋର ନିଜର ଭଗବାନ । ମାତ୍ର ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଗୋଟିଏ ଭଗବାନ ରହିବା ଅଯୌକ୍ତିକ । ତେଣୁ ମୋର ନିଜର ଭଗବାନ୍, ଏ କଥାର ଅର୍ଥ ଭଗବାନଙ୍କ ସମ୍ବନ୍ଧରେ ମୋର ନିଜର ଜ୍ଞାନ ; କାରଣ ଭଗବାନ ହେଉଛନ୍ତି ଜ୍ଞାନସ୍ୱରୂପ । ମାତ୍ର ଭଗବାନ ମନୁଷ୍ୟର ଜ୍ଞାନ ଏବଂ ଅନୁଭୂତିର

ବହିର୍ଭୂତ, କଳ୍ପନାର ଅତୀତ, ବାକ୍ୟମନର ଅଗୋଚର । ଅତଏବ ସ୍ୱଧର୍ମର ଅର୍ଥ ମୋର ନିଜ ସମ୍ବନ୍ଧରେ ମୋର ନିଜର ଜ୍ଞାନ ବୋଲି ବୁଝି ରଖିବାକୁ ହେବ ।

ବର୍ତ୍ତମାନ କହିବାର ବିଷୟ ଏହି କି, ଧର୍ମ ବା ଭଗବାନଙ୍କ ସହିତ ସ୍ୱଧର୍ମର ବା ମୋର ନିଜର ଏପରି ଘନିଷ୍ଠ ସମ୍ବନ୍ଧ ଯେ, "ସ୍ୱ" ଅର୍ଥାତ ମୋର ନିଜର ଏହି କଥାଟି ବାଦ୍ ଦେଲେ ଧର୍ମର ପରିଚୟ ପାଇବା ଯେପରି ଅସମ୍ଭବ, "ଧର୍ମ" ଅର୍ଥାତ୍ ଭଗବାନ ଏହି କଥାଟି ବାଦ୍ ଦେଲେ ସ୍ୱଧର୍ମରେ ଥିବା 'ସ୍ୱ' ଏହି କଥାଟିର ବିଶେଷତ୍ୱ ବୁଝିବା ସେହିପରି ଅସମ୍ଭବ । ଅତଏବ ସ୍ୱଧର୍ମର ପରିଚୟ ପାଇବାକୁ ହେଲେ ଧର୍ମ ବା ଭଗବାନଙ୍କ ସହିତ ସମ୍ବନ୍ଧ ରଖିବା ଏକାନ୍ତ ଆବଶ୍ୟକ ; ମାତ୍ର କଳ୍ପନାର ଅତୀତ ଭଗବାନଙ୍କ ସହିତ ସମ୍ବନ୍ଧ ରଖିବା ଅସମ୍ଭବ । ଭଗବାନଙ୍କ ସହିତ ସମ୍ବନ୍ଧ ରଖିବାର ଅର୍ଥ ହେଉଛି, ଭଗବାନଙ୍କ ପ୍ରଦତ୍ତ ଶକ୍ତିର ପରିଚୟ ପାଇବା, ଭଗବାନଙ୍କର ସୃଷ୍ଟି କୌଶଳର ନିୟମ ସହିତ ସମ୍ବନ୍ଧ ରଖିବା ଏବଂ ଭଗବାନ ପ୍ରଦତ୍ତ ବୁଦ୍ଧି ବିବେକ ଓ ଜ୍ଞାନର ସାହାଯ୍ୟରେ ସଂସାର ରୂପ କର୍ମକ୍ଷେତ୍ରରେ ଅଗ୍ରସର ହେବା ; ଭଗବାନଙ୍କୁ ସ୍ତୁତି କରିବା କିମ୍ବା ପ୍ରଶଂସା କରିବା କିମ୍ବା ପ୍ରାର୍ଥନା କରିବା କିମ୍ବା ଫୁଲଚନ୍ଦନ ଦେଇ ନୈବେଦ୍ୟ ଦେବା ନୁହେଁ ।

ଗାଈ କହିଲେ ପୃଥିବୀର ସବୁ ଗାଈଙ୍କୁ ବୁଝାଇବ । ମୋର ଗାଈ କହିଲେ ମୋର ନିଜର ଗାଈଟିକୁ ବୁଝାଇବ । ମୋର ନିଜର ଗାଈଟିକୁ ହରାଇ ସବୁ ଗାଈଙ୍କ ସହିତ ସମ୍ବନ୍ଧ ରଖିବାକୁ ଯିବା ମୋର ଅଜ୍ଞତା କିମ୍ବା ମସ୍ତିଷ୍କ ବିକୃତିର ପରିଚୟ । ଆମ୍ଭମାନଙ୍କର ଆଜି ଏହି ଦୁରବସ୍ଥା । ଆମ୍ଭେମାନେ ଆଜି ଆମ୍ଭମାନଙ୍କର ନିଜ ନିଜର ଗାଈଟିମାନଙ୍କୁ ହରାଇ ନିଜ ନିଜର ଗାଈଟିମାନଙ୍କର ଅନୁସନ୍ଧାନ ନ କରି ସବୁ ଗାଈଙ୍କ ଚର୍ଚ୍ଚାରେ ନିଯୁକ୍ତ; ନିଜ ନିଜର ସ୍ୱଧର୍ମ ପ୍ରତି ଦୃଷ୍ଟି ନ ରଖି କଳ୍ପନାତୀତ ଭଗବାନଙ୍କ ସମ୍ବନ୍ଧରେ ନାନା ଯୁକ୍ତି କରି, ଭିନ୍ନ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଦ୍ୱେଷ, ହିଂସା, ଘୃଣା ସୃଷ୍ଟି କରିବାରେ ବ୍ୟସ୍ତ । ନିଜ ନିଜର ସ୍ୱଧର୍ମର ପରିଚୟ ନ ପାଇବା ଆମ୍ଭମାନଙ୍କର ସମସ୍ତ ପ୍ରକାର

ସାମ୍ପ୍ରଦାୟିକ ଓ ବ୍ୟକ୍ତିଗତ ବିଦ୍ୱେଷର ଏବଂ ମାନବ ସମାଜର ସମସ୍ତ ପ୍ରକାର ଅଶାନ୍ତିର ଏକମାତ୍ର କାରଣ ।

ମୁଁ କିଏ ? ମୋର ହାତ ଗୋଡ଼ କ'ଣ ମୁଁ ? ମୋ ଭିତରେ ଥାଇ ଯିଏ କଥା କହୁଛି, ସେଇ କ'ଣ ମୁଁ ? ଯିଏ ଚିନ୍ତା କରୁଛି, ସେଇ କ'ଣ ମୁଁ ? ମୋର ଜୀବନର ମୂଳଭିତ୍ତି କ'ଣ ? ମୋର ଜୀବନର ଉଦ୍ଦେଶ୍ୟ କ'ଣ ? ମୋର ଜୀବନର ଲକ୍ଷ୍ୟ କ'ଣ ? ମୋର ନିଜର ସ୍ୱଧର୍ମ କ'ଣ ? ଇତ୍ୟାଦି ଇତ୍ୟାଦି ମୋ ନିଜ ସମ୍ବନ୍ଧରେ ଯାବତୀୟ ପ୍ରଶ୍ନ ପ୍ରତ୍ୟେକଙ୍କ ମନକୁ ସର୍ବପ୍ରଥମେ ଆସିବା ସ୍ୱାଭାବିକ । ନିଜ ସମ୍ବନ୍ଧରେ ଏହିସବୁ ପ୍ରଶ୍ନର ମୀମାଂସା କରି ସଂସାରରୂପ କର୍ମକ୍ଷେତ୍ରରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଭଗବାନଙ୍କ ସମ୍ବନ୍ଧୀୟ ଯାବତୀୟ ପ୍ରଶ୍ନ ଏବଂ ସମସ୍ତ ମାନବସମାଜର ଜାତୀୟ, ସମସ୍ତ ବିଶ୍ୱର ଯାବତୀୟ ପ୍ରଶ୍ନ ଆପେ ଆପେ ପ୍ରତ୍ୟେକ ବ୍ୟକ୍ତିର ମନକୁ ଆସିବ । ମୋଟ କଥା ଏହି କି, ମୋର ନିଜର ପରିଚୟ ପାଇବା ଓ ସ୍ୱଧର୍ମର ପରିଚୟ ପାଇବା, ଏ ଦୁହେଁ ଏକା କଥା ; ସମସ୍ତ ବିଶ୍ୱର ପରିଚୟ ପାଇବା ଏବଂ ଭଗବାନଙ୍କର ପରିଚୟ ପାଇବା, ଏ ଦୁହେଁ ଏକା କଥା ; ମୋର ନିଜର ପରିଚୟ ପାଇବା ଏବଂ ଭଗବାନଙ୍କର ପରିଚୟ ପାଇବା, ଏ ଦୁହେଁ ଏକା କଥା ; ସ୍ୱଧର୍ମର ପରିଚୟ ପାଇବା ଏବଂ ଧର୍ମର ପରିଚୟ ପାଇବା, ଏ ଦୁହେଁ ମଧ୍ୟ ଏକା କଥା । ମାତ୍ର ମୋର ନିଜର ପରିଚୟ ପାଇବା ମୋର ସର୍ବପ୍ରଥମ କାର୍ଯ୍ୟ ।

ମାନବ ସମାଜ ବହୁକାଳରୁ ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିୟାନ ଇତ୍ୟାଦି ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ । ହିନ୍ଦୁସମାଜ ପୁଣି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏବଂ ବ୍ରାହ୍ମଣ ପୁଣି ଶୈବ, ଶାକ୍ତ, ଗାଣପତ୍ୟ ଇତ୍ୟାଦି ଅସଂଖ୍ୟ ସମ୍ପ୍ରଦାୟରେ ବିଭକ୍ତ । ଏହି ସବୁ ଅସଂଖ୍ୟ ସମ୍ପ୍ରଦାୟ ସୃଷ୍ଟି ହେବାର କାରଣ ଓ ଆବଶ୍ୟକତା ବର୍ତ୍ତମାନ ଆମ୍ଭମାନଙ୍କର ଆଲୋଚନାର ବିଷୟ ନୁହେଁ । ବର୍ତ୍ତମାନ କହିବାର ବିଷୟ ଏହିକି, ଏହି ସବୁ ଭିନ୍ନ ଭିନ୍ନ ସାମ୍ପ୍ରଦାୟିକ ମତ ସବୁକୁ ସେହି ସେହି ସମ୍ପ୍ରଦାୟର ଲୋକେ କେବଳ ଯେ ସ୍ୱଧର୍ମ ବୋଲି ମନେ କରିଅଛନ୍ତି, ତାହା ନୁହେଁ ; ଧର୍ମ ବୋଲି ମଧ୍ୟ ଗ୍ରହଣ କରିଅଛନ୍ତି । ମାତ୍ର ଏହିସବୁ ସାମ୍ପ୍ରଦାୟିକ ମତ ପ୍ରକୃତରେ ଧର୍ମ ନୁହେଁ, କି ସ୍ୱଧର୍ମ ନୁହେଁ ।

ଧର୍ମ୍ମ ନୁହେଁ;—କାରଣ ଭଗବାନ ଏକ ; ତେଣୁ ଧର୍ମ୍ମ ମଧ୍ୟ ଏକ । ଏତେ ପ୍ରକାର ଭଗବାନ କିମ୍ବା ଏତେଗୁଡ଼ିଏ ଭଗବାନ ରହିବା ଯେପରି ସମ୍ପୂର୍ଣ୍ଣ ଅଯୌକ୍ତିକ, ହିନ୍ଦୁ ଧର୍ମ୍ମ, ମୁସଲମାନ ଧର୍ମ୍ମ, ଖ୍ରୀଷ୍ଟିୟାନ ଧର୍ମ୍ମ ଇତ୍ୟାଦି ଭେଦରେ ଏତେ ପ୍ରକାର ଧର୍ମ୍ମ ରହିବା ସେହିପରି ସମ୍ପୂର୍ଣ୍ଣ ଅଯୌକ୍ତିକ । ସ୍ୱଧର୍ମ୍ମ ମଧ୍ୟ ନୁହେଁ;—କାରଣ ପ୍ରତ୍ୟେକ ମନୁଷ୍ୟ ତାହାର ବୁଦ୍ଧି, ବିବେକ, ଜ୍ଞାନ, କର୍ମ୍ମ, କର୍ମଫଳ ଇତ୍ୟାଦି ପ୍ରତ୍ୟେକ ବିଷୟରେ ଅନ୍ୟଠାରୁ ସ୍ୱତନ୍ତ୍ର । ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟକ୍ତିଗତ କର୍ମଫଳ ସହିତ ସାମଞ୍ଜସ୍ୟ ରଖି ପ୍ରତ୍ୟେକ ମନୁଷ୍ୟର ବ୍ୟକ୍ତିଗତ ସ୍ୱଧର୍ମ୍ମ ନିର୍ଦ୍ଦେଶ କରାଯାଇଅଛି । ଏହା ସୃଷ୍ଟିକୌଶଳର ନିୟମ । ଗୋଟିଏ ସମ୍ପ୍ରଦାୟର ଭିନ୍ନ ଭିନ୍ନ ପ୍ରକାର ଏତେଗୁଡ଼ିଏ ଲୋକଙ୍କ ପାଇଁ ଗୋଟିଏ ମାତ୍ର ସ୍ୱଧର୍ମ୍ମ ରହିବା ସମ୍ପୂର୍ଣ୍ଣ ଅଯୌକ୍ତିକ ।

ପଶୁପକ୍ଷୀ ଇତ୍ୟାଦି ମନୁଷ୍ୟେତର ଜୀବମାନଙ୍କର ସାମ୍ପ୍ରଦାୟିକ ସ୍ୱଧର୍ମ ଅଛି । ସେମାନଙ୍କର ସାମ୍ପ୍ରଦାୟିକ ସ୍ୱଧର୍ମ ସ୍ୱାଭାବିକ, ଅର୍ଥାତ୍ ଭଗବାନ ସୃଷ୍ଟ । ସେମାନେ ଭଗବାନ ସୃଷ୍ଟ ସେହି ସାମ୍ପ୍ରଦାୟିକ ସ୍ୱଧର୍ମର ଅଧୀନ; କିନ୍ତୁ ମନୁଷ୍ୟର ସାମ୍ପ୍ରଦାୟିକ ତଥାକଥିତ ସ୍ୱଧର୍ମ ଅସ୍ୱାଭାବିକ, ମନୁଷ୍ୟ ସୃଷ୍ଟ ଓ କୃତ୍ରିମ ଅଟେ । କେବଳ ସାମ୍ପ୍ରଦାୟିକ ସ୍ୱଧର୍ମ କାହିଁକି, ମନୁଷ୍ୟ ସୃଷ୍ଟ କୌଣସି କୃତ୍ରିମ ବିଷୟ ସହିତ ଧର୍ମ କିମ୍ବା ସ୍ୱଧର୍ମର କୌଣସି ସମ୍ବନ୍ଧ ନାହିଁ । ସାମ୍ପ୍ରଦାୟିକ ବନ୍ଧନରେ ଆବଦ୍ଧ ରହି ସୁଦ୍ଧା ଆମ୍ଭେମାନେ ସାଂସାରିକ ସୁଖ; ସ୍ୱାଚ୍ଛନ୍ଦ୍ୟ ଓ ସୁବିଧା ଭୋଗ କରୁଥିଲୁଁ, ଏପରି ଅର୍ଥଶୂନ୍ୟ ଯୁକ୍ତି ଦେଖାଇ ସାମ୍ପ୍ରଦାୟିକ ପ୍ରଚଳିତ ପ୍ରଥାସବୁକୁ ସ୍ୱଧର୍ମ ମନେ କରିବା ଉଚିତ ନୁହେଁ ।

ମନୁଷ୍ୟ ସମ୍ପ୍ରଦାୟଭୁକ୍ତ ହୋଇ ରହୁ, କୌଣସି କ୍ଷତି ନାହିଁ; ବରଂ ଭଲ କଥା । ସେହି ସମ୍ପ୍ରଦାୟର ଉନ୍ନତି ପାଇଁ, ସମ୍ପ୍ରଦାୟଭୁକ୍ତ ଲୋକଙ୍କର ସୁବିଧା ପାଇଁ ବର୍ତ୍ତମାନ କାଳୋପଯୋଗୀ ନୂଆ ନୂଆ ବ୍ୟବସ୍ଥା ସୃଷ୍ଟି କରୁ, କୌଣସି ଆପତ୍ତି ନାହିଁ; କିନ୍ତୁ ସେହି ସବୁ ବ୍ୟବସ୍ଥା ସହିତ ଭଗବାନ ପ୍ରଦତ୍ତ ବ୍ୟକ୍ତିତ୍ୱର ବା ବ୍ୟକ୍ତିଗତ ସ୍ୱଧର୍ମର ସମ୍ବନ୍ଧ ରଖନ୍ତୁ । ଭଗବାନ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱଧର୍ମ, ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ

ସ୍ୱାଧୀନତା ଧ୍ୱଂସ କରି ସମସ୍ତଙ୍କୁ ସାମ୍ପ୍ରଦାୟିକ ବନ୍ଧନରେ ପୂର୍ବ ପରି ଆବଦ୍ଧ ରଖି ନିଜ ନିଜର ଅହମିକାର ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା ବର୍ତ୍ତମାନ ଯୁଗର ମାନବ ସମାଜ ପକ୍ଷରେ କିପରି ଅନିଷ୍ଟକର ଏବଂ ଅସମ୍ଭବ, ଏ କଥା ପ୍ରତ୍ୟେକ ସମ୍ପ୍ରଦାୟର ନେତୃପକ୍ଷଙ୍କର, ପ୍ରତ୍ୟେକ ପରିବାରର ମୁରବିମାନଙ୍କର, ତଥା ପ୍ରତ୍ୟେକ ବ୍ୟକ୍ତିର ଉତ୍ତମରୂପେ ବୁଝିରଖିବା ଆବଶ୍ୟକ । ଯେଉଁ ସମ୍ପ୍ରଦାୟ ବା ସମାଜ ଭଗବାନ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାତନ୍ତ୍ୟ ଓ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ବାଧା ଦେଉ-ଅଛି, ସେପରି ସମ୍ପ୍ରଦାୟ ସବୁକୁ ଧ୍ୱଂସ କରାଯାଇ ଆବଶ୍ୟକ ହେଲେ ନୂତନ ସମ୍ପ୍ରଦାୟସବୁ ଗଠନ କରାଯାଉ । ବ୍ୟକ୍ତିଗତ ସ୍ୱାତନ୍ତ୍ୟ, ବ୍ୟକ୍ତିଗତ ସ୍ୱଧର୍ମ ପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଆଜି ପ୍ରତି ପରିବାରରେ ଅଶାନ୍ତି, ପ୍ରତି ପରିବାରରେ ବିଶୃଙ୍ଖଳା ; ତେଣୁ ସମସ୍ତ ମାନବ ସମାଜରେ ଅଶାନ୍ତି ଓ ବିଶୃଙ୍ଖଳା । ଏହି ସବୁ କଥା କେବଳ ବୁଝି ରଖିଲେ ଆମ୍ଭ-ମାନଙ୍କର ଦୁଃଖ ଦୂର ହେବ ନାହିଁ । ନିଜ ନିଜର ବୁଝିବା ଅନୁସାରେ କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ । ନ୍ୟାୟାନ୍ୟାୟ ବିଚାର କରିବାର ନାମ ବିବେକ ଏବଂ ବିବେକାନୁମୋଦିତ କାର୍ଯ୍ୟ କରିବାର ନାମ ସ୍ୱଧର୍ମ ।

ମାରବାଡ଼ିପଟି ଭୋଜିରେ ଭଲ ଖାଇବାକୁ ମିଳେ—ଏତିକି ଶୁଣି ବସି ରହିଲେ କ୍ଷୁଧାତୁର ଲୋକର କ୍ଷୁଧାକଷ୍ଟ ଦୂର ହେବ ନାହିଁ କିମ୍ବା କ୍ଷୁଧାତୃପ୍ତିର ଆନନ୍ଦ ମିଳିବ ନାହିଁ । କଷ୍ଟ ସ୍ୱୀକାର କରି ମାରବାଡ଼ି ପଟିକୁ ଯିବା ଆବଶ୍ୟକ ଏବଂ ଭୋଜିରେ ବସି ଖାଇବା ଆବଶ୍ୟକ । ପାହାଡ଼ ଉପରେ ଖୁବ୍ ଆନନ୍ଦ ମିଳେ, ଏତିକି କହି ପାହାଡ଼ ତଳେ ବସି ରହିଲେ ପାହାଡ଼ର ଉପରିଭାଗର ମୁକ୍ତବାୟୁ ମିଳିବ ନାହିଁ । "ଆନନ୍ଦଂ ବ୍ରହ୍ମେତି" —"ଭଗବାନ ଆନନ୍ଦମୟ" ଏହି କଥା କହି ଧ୍ୟାନଧାରଣା କଲେ ଆମ୍ଭ-ମାନଙ୍କର ଦୁଃଖ ଦୂର ହେବନାହିଁ । ପାହାଡ଼ର ଉପରିଭାଗକୁ କିମ୍ବା ଭଗବାନଙ୍କ ନିକଟକୁ କ୍ରମେ କ୍ରମେ ଅଗ୍ରସର ହେବା ଆବଶ୍ୟକ । ପାହାଡ଼ର ଉପରିଭାଗ ଯେପରି ସମସ୍ତଙ୍କ ପାଇଁ ସମାନ ଭାବରେ ମୁକ୍ତ, ଆଧ୍ୟାତ୍ମିକ ରାଜ୍ୟ ବା ଭଗବାନଙ୍କ ରାଜ୍ୟ ସେହିପରି ସମସ୍ତଙ୍କ ପାଇଁ ସମାନ ଭାବରେ ମୁକ୍ତ । ସେହି ଆଧ୍ୟାତ୍ମିକ ରାଜ୍ୟରେ ଅଗ୍ରସର ହେବା ପାଇଁ ଭଗବାନ ଆଚଣ୍ଡାଳ ବ୍ରାହ୍ମଣ ପ୍ରତ୍ୟେକ ମନୁଷ୍ୟକୁ ବିବେକ ବୋଲି ଗୋଟିଏ ଗୋଟିଏ ଆଖି ଏବଂ

ସ୍ୱଧର୍ମ ବୋଲି ଗୋଟିଏ ଗୋଟିଏ ଗୋଡ଼ ବା କାର୍ଯ୍ୟ କରିବାର ପ୍ରବୃତ୍ତି ଦେଇଅଛନ୍ତି । ଭଗବାନଙ୍କ ରାଜ୍ୟ ବା ଆଧ୍ୟାତ୍ମିକ ରାଜ୍ୟ—ଏହି କଥା ଶୁଣି କେହି କେହି ମନେ କରିପାରନ୍ତି, ନିଜ ନିଜର ସ୍ତ୍ରୀ, ପୁତ୍ର, କନ୍ୟା, ବନ୍ଧୁ, ପ୍ରତିବେଶୀମାନଙ୍କୁ ନେଇ ଆମ୍ଭେମାନେ ଯେଉଁ କ୍ଷୁଦ୍ର କ୍ଷୁଦ୍ର ସଂସାରରେ ବା ରାଜ୍ୟରେ ରହିଅଛୁ, ଆଧ୍ୟାତ୍ମିକ ରାଜ୍ୟ ତାହାର ବାହାରରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ; ମାତ୍ର ଏପରି ଧାରଣା ରଖିବା ସମ୍ପୂର୍ଣ୍ଣ ଭୁଲ । ଆଧ୍ୟାତ୍ମିକ ରାଜ୍ୟରେ ପ୍ରବେଶ କରିବାକୁ ହେଲେ ନିଜ ନିଜର ସୁଖମୟ ସଂସାର ଛାଡ଼ିଦେଇ ଜଙ୍ଗଲରେ ତପସ୍ୟା କରିବାର ପ୍ରୟୋଜନ ହେବ ନାହିଁ । ଆଧ୍ୟାତ୍ମିକତାର ପ୍ରକୃତ ଅର୍ଥ ମନୁଷ୍ୟତା ବା ନିର୍ଭୀକତା ବା ସ୍ୱାଧୀନତା । ମୁଁ ଭଗବାନଙ୍କର ସନ୍ତାନ ; ମୋର ମୃତ୍ୟୁ ନାହିଁ, ମୋର କୌଣସି ଦୁଃଖ ନାହିଁ, ମୋର କୌଣସି ପ୍ରକାର ଭୟ ନାହିଁ । ସ୍ୱାଧୀନତା ବା ମୁକ୍ତି ମୋର ସ୍ୱଭାବ । ମୁଁ କୌଣସି ମନୁଷ୍ୟର ଅଧୀନ ନୁହେଁ । ମନୁଷ୍ୟର ଅଧୀନତା ସ୍ୱୀକାର କରିବା ପ୍ରକୃତ ଆଧ୍ୟାତ୍ମିକତାର ସମ୍ପୂର୍ଣ୍ଣ ବିରୋଧୀ ଅଟେ । ପ୍ରାତଃସ୍ମରଣର ଗୋଟିଏ ଶ୍ଳୋକ ବୃଝନ୍ତୁ—

ଅହଂ ଦେବୋ ନ ଚାନ୍ୟୋଽସ୍ମି ବ୍ରହ୍ମୈବାହଂ ନ ଶୋକଭାକ୍
ସଚ୍ଚିଦାନନ୍ଦ ରୂପୋଽହଂ ନିତ୍ୟମୁକ୍ତଃ ସ୍ୱଭାବବାନ୍ ।

ନିଜର ଆଖି ଥାଉଁ ଥାଉଁ ନିଜ ଆଖି ବୁଜି ଅନ୍ୟଦ୍ୱାରା ପରିଚାଳିତ ହେବା ସମ୍ପୂର୍ଣ୍ଣ ଅନାବଶ୍ୟକ । ଭଗବାନ ପ୍ରଦତ୍ତ ନିଜର ଗୋଡ଼ ଥାଉଁ ଥାଉଁ ମନୁଷ୍ୟ ତିଆରି କରିଥିବା କାଠଗୋଡ଼ର ବା ଆଶାବାଡ଼ିର ଆଶ୍ରୟ ନେଇ ପାହାଡ଼ର ଉପରକୁ ଚଢ଼ିବାକୁ ଚେଷ୍ଟା କରିବା ହାସ୍ୟାସ୍ପଦ କଥା । ବର୍ତ୍ତମାନ ମାନବ ସମାଜର ଏହି ଦୂରବସ୍ଥା । କେବଳ ସେତିକି ନୁହେଁ, ପାହାଡ଼ ଉପରକୁ ଚଢ଼ିବାକୁ କିମ୍ବା ଭଗବାନଙ୍କ ରାଜ୍ୟରେ ପ୍ରବେଶ କରିବାକୁ ହେଲେ ମନୁଷ୍ୟ ହସ୍ତ କୌଣସି ପଦାର୍ଥ ସଙ୍ଗରେ ନେଇହେବ ନାହିଁ । କାରଣ ପାହାଡ଼ର ଉପରଭାଗରେ ପଥଟି ଖୁବ୍ ସଂକୀର୍ଣ୍ଣ । ପଥଟିର ଉଭୟ ପାର୍ଶ୍ୱ କଣ୍ଟକମୟ । ଲୁଗା ଖଣ୍ଡିଏ ନେଲେ ସୁଦ୍ଧା କଣ୍ଟାରେ ଲାଗିଯିବ । ତେଣୁ ଉଲଗ୍ନାବସ୍ଥାରେ ଅଗ୍ରସର ହେବାକୁ ହେବ । ଆଉ ମଧ୍ୟ ମୁଣ୍ଡରେ କିମ୍ବା ହାତରେ କୌଣସି ବୋଝ ନେଇ ଚଢ଼ିବା ଅସମ୍ଭବ।

ମୋଟ କଥା ଏହି କି, ମନୁଷ୍ୟକୃତ କୌଣସି ପଦାର୍ଥ ସଙ୍ଗରେ ନେଇ ହେବ ନାହିଁ । ନିଜର ଗୁରୁ ଦେଇଥିବା ଚଟା କମ୍ବା ମାଳି କାଣ୍ଠିକ, ନିଜର ବାପ ମା ଦେଇଥିବା ହାତଗୋଡ଼କୁ ସୁଦ୍ଧା ପାହାଡ଼ ତଳେ ରଖି ଯିବାକୁ ହେବ । କେବଳ ଭଗବାନଙ୍କ ପ୍ରଦତ୍ତ ବିବେକ ଏବଂ ସ୍ୱଧର୍ମର ଆଶ୍ରୟ ନେଇ ଅଗ୍ରସର ହେବାକୁ ହେବ । ବର୍ତ୍ତମାନ ମଧ୍ୟ ସ୍ୱଧର୍ମ ବିଷୟର ଆଲୋଚନାରେ ଅଗ୍ରସର ହେବା ପୂର୍ବରୁ ପାଠକମାନଙ୍କୁ ବିଶେଷ ଅନୁରୋଧ, ସେମାନେ ନିଜ ନିଜର ମୁଣ୍ଡରୁ ସମସ୍ତ ପ୍ରକାର ବୋଝ ରଖିଦେଇ ଅର୍ଥାତ୍ ସମସ୍ତ ପ୍ରକାର ବଦ୍ଧମୂଳ ଧାରଣା ଏବଂ ମନୁଷ୍ୟକୃତ ଯାବତୀୟ ବିଷୟର ଅସଂଖ୍ୟ ପ୍ରକାର ଜଟିଳ ବିଶ୍ୱାସ ମସ୍ତିଷ୍କରୁ ଦୂର କରିଦେଇ ସରଳତାର ଆଶ୍ରୟ ନେଇ ଅଗ୍ରସର ହୁଅନ୍ତୁ । ଏ ବିଷୟରେ ବିଶେଷ ଲେଖିବା ଅନାବଶ୍ୟକ । କାରଣ ସୁଖର କଥା, ମାନବ ସମାଜ ଆଜି ବିବେକର ସମ୍ପୂର୍ଣ୍ଣ ପରିଚୟ ପାଇଅଛି ଏବଂ ସ୍ୱଧର୍ମର ମଧ୍ୟ ସାମାନ୍ୟ ପରିଚୟ ପାଇଅଛି । ଜୀବସୃଷ୍ଟିର ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମାନବ ସମାଜର ଶୈଶବାବସ୍ଥା ଅତୀତ ହୋଇଯାଇଅଛି । କୁଣ୍ଢେଇ ତିଆରି କରି ସେହି କୁଣ୍ଢେଇରେ ଖେଳିବାର ସମୟ ଆଜି ନାହିଁ । ମାନବ ସମାଜର ସମସ୍ତ ପ୍ରକାର ବନ୍ଧନ ଶିଥିଳ ହୋଇଯାଇଅଛି । ପୂର୍ବର ସେହି ଏକାନ୍ନବର୍ତ୍ତୀ ପରିବାର ବା ପାରିବାରିକ ବନ୍ଧନ ନାହିଁ, ସାମ୍ପ୍ରଦାୟିକ ବା ସାମାଜିକ-ବନ୍ଧନ ନାହିଁ । ରାଜନୈତିକ ବନ୍ଧନ ମଧ୍ୟ ଛିନ୍ନ ହେବାକୁ ବସିଲାଣି । ସମସ୍ତ ପ୍ରକାର ବନ୍ଧନରୁ ମାନବ ସମାଜ ଆଜି ମୁକ୍ତ ହୋଇ-ସାରିଛି ଏବଂ ବିବେକର ପରିଚୟ ପାଇ, ସ୍ୱଧର୍ମର ଆଶ୍ରୟ ନେଇ ପାହାଡ଼ ଉପରକୁ ଚଢିବାକୁ ସେ ଆଜି ପ୍ରସ୍ତୁତ । ମାନବ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଆଜି ଏହି ଘୋର ପରିବର୍ତ୍ତନ । ଏହି ପରିବର୍ତ୍ତନ ଓ ବିଶୃଙ୍ଖଳା ମଧ୍ୟରେ ନିଶ୍ଚେଷ୍ଟ ହୋଇ ରହିପାରିବା ଅସମ୍ଭବ । ଏହି ପରିବର୍ତ୍ତନ ସମୟରେ ସ୍ୱଧର୍ମ ଏକମାତ୍ର ଆଶ୍ରୟ, ଏ କଥା ସେ ବୁଝିସାରିଲାଣି । ପାହାଡ଼ ତଳେ ପଡ଼ିରହି ସଂସାରର ନାନା ଦୁଃଖଯନ୍ତ୍ରଣା ମଧ୍ୟରେ "ଭଗବାନ ରକ୍ଷାକର", "ଭଗବାନ ପାରକର" ଇତ୍ୟାଦି ଡାକିବାର ସମୟ ମାନବ ସମାଜ ପକ୍ଷରେ ଆଜି ଅତୀତ ହୋଇସାଇଅଛି । କିନ୍ତୁ ଗଭୀର ଦୁଃଖର କଥା, ଏତେକାଳ ଆଶ୍ରୟ ନେଇଥିବା, ଗଢ଼େଇ ତିଆରି କରିଥିବା ସୁନ୍ଦର ସୁନ୍ଦର କାଠ ଗୋଡରୁ କମ୍ୱା ଖେଳଣା କୁଣ୍ଢେଇରୁ ମାୟା ମମତା ସେ

ଛାଡ଼ିପାରୁ ନାହିଁ । ବଢ଼େଇ ତିଆରି କରିଥିବା କାଠଗୋଡ଼ିକୁ ଓ ଖେଳଣା କୁଣ୍ଢେଇ ସବୁକୁ ମୁଣ୍ଡରେ ମୁଣ୍ଡାଇ ପାହାଡ଼ ଉପରକୁ ଯିବାକୁ ସେ ଇଚ୍ଛା କରୁଅଛି । ମୁଣ୍ଡରେ ଏତେଗୁଡ଼ିଏ ବୋଝ ରଖି ପାହାଡ଼ ଉପରକୁ ଚଢ଼ିବା କିପରି କଷ୍ଟକର, ଅନୁମାନ କରନ୍ତୁ । କେତେବେଳେ ଭାବୁଛି, ଏତେ ଠାକୁର, ଠାକୁରାଣୀ, ଗୁରୁ, ପୁରୋହିତ, ଚିନ୍ତା, ମାଳ, ଶାସ୍ତ୍ର, ପୁରାଣ, କୋରାନ୍, ବାଇବେଲ୍- ସବୁ କଅଣ ମିଥ୍ୟା ! ମିଥ୍ୟା ହେଲେ ସୁଦ୍ଧା ଯାହାକୁ ଏତେ ଦିନ ଧରି ଆଶ୍ରୟ ନେଇ ରହିଥିଲି, ସେ ସବୁକୁ କିପରି ଛାଡ଼ିବି ? ଭଗବାନ ପ୍ରଦତ୍ତ ବିବେକ ଏବଂ ସ୍ୱଧର୍ମ ତୁଳନାରେ ମନୁଷ୍ୟ ସୃଷ୍ଟ ଯାବତୀୟ ବିଷୟ ମିଥ୍ୟା ଏବଂ ଅନାବଶ୍ୟକ, ଏ କଥା ବୁଝିପାରି ସୁଦ୍ଧା ସେ ସବୁକୁ ଛାଡ଼ିବାକୁ ସେ ଭୟ କରୁଛି । ଇହଲୋକ ଛାଡ଼ି ପରଲୋକକୁ ଯିବାବେଳେ ନିଜର ପୁଅ, ନାତି, ସ୍ତ୍ରୀ, ଧନସମ୍ପତ୍ତି, ସାମାଜିକ ମର୍ଯ୍ୟାଦା ଏବଂ ଶେଷରେ ନିଜର ହାତଗୋଡ଼ ଇତ୍ୟାଦିକୁ ଯେପରି ଛାଡ଼ିଦେଇ ଯିବାକୁ ହୁଏ ? ଏମାନଙ୍କୁ କଣ ସେହିପରି ଛାଡ଼ିଦେଇ ଯିବାକୁ ହେବ ? ଏହିପରି କେତେବେଳେ ଭାବୁଛି, କାଠ ଗୋଡ଼କୁ ପକେଇ ଦେଇ ଯାଆନ୍ତି, କେତେବେଳେ ଭାବୁଛି, ପକେଇ ଦେଇ ପାରିବି ନାହିଁ, କେତେବେଳେ ଭାବୁଛି, ଯେତିକି ଆସିଲି, ସେତିକି ଥାଉ, ଆଉ ଯାଇ ପାରିବି ନାହିଁ । ମାନବ ସମାଜର ଆଜି ଏହି ଦୁରବସ୍ଥା । ଏହି ଦୁରବସ୍ଥା ଦେଖି ଭଗବାନ କହୁଅଛନ୍ତି, "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" । ଅର୍ଥାତ୍ ମନୁଷ୍ୟକୃତ ସବୁପ୍ରକାର ଧର୍ମକୁ ଛାଡ଼ି ମୋର ଏକମାତ୍ର ଶରଣ ନିଅ । ମୋର ଘାସପତ୍ରଟିରେ ସୁଦ୍ଧା ସୃଷ୍ଟିକୌଶଳର ନିୟମ ଏବଂ ସୌନ୍ଦର୍ଯ୍ୟ ଅନୁଭବ କର । ନିଜ ନିଜର ସଂସାରଯାତ୍ରା ନିର୍ବାହ କରିବା ପାଇଁ ମୁଁ ପ୍ରତ୍ୟେକ ମନୁଷ୍ୟକୁ ତାହାର ଆବଶ୍ୟକୀୟ ଶକ୍ତି ଦେଇଅଛି । ସେହି ସବୁ ଶକ୍ତିର ସଦ୍‌ବ୍ୟବହାର କର । ମୋର ପ୍ରଦତ୍ତ ଶକ୍ତିର ହତାଦର ଏବଂ ମନୁଷ୍ୟକୃତ ସମସ୍ତ ପ୍ରକାର ନକଲି, କୃତ୍ରିମର ଆଦର ତୁମ୍ଭର ଭୟ ଓ ଦୁଃଖର କାରଣ ଅଟେ । ଦୁଃଖ କର ନାହିଁ, ଭୟ କର ନାହିଁ । ଭୟ କରିବା ଓ ଦୁଃଖ କରିବା ନାସ୍ତିକତାର ପରିଚୟ । ସବୁ ଛାଡ଼ି ଦେଇ ସତ୍ୟର ଶରଣ ନିଅ, ସନ୍ତ ଲୁହ ।

ଭଗବାନଙ୍କର ପରିଚୟ କିପରି ପାଇବି, ଭଗବାନଙ୍କୁ କିପରି ଦେଖିବି—ଏପରି ଗୋଟିଏ ପ୍ରବୃତ୍ତି ବା ଇଚ୍ଛା କେବଳ ମନୁଷ୍ୟର ଅଛି । ପଶୁପକ୍ଷୀ ଇତ୍ୟାଦି ମନୁଷ୍ୟେତର ଜୀବର ସେପରି ଇଚ୍ଛା ନାହିଁ । ସେହି ଇଚ୍ଛା ମନୁଷ୍ୟ ନିଜ ଚେଷ୍ଟାରେ ନିଜେ ପୂରଣ କରୁ, ଏହା ସୃଷ୍ଟିର କୌଶଳ ବା ଭଗବାନଙ୍କର ଇଚ୍ଛା । ସେହି ପ୍ରବୃତ୍ତି ବା ସେହି ଇଚ୍ଛା ପୂରଣ କରିବା ପାଇଁ ହେଉ ବା ଅନ୍ୟ କାରଣରୁ ହେଉ, ମନୁଷ୍ୟ ବହୁ କାଳ ଧରି ବହୁ ପ୍ରକାର ଚେଷ୍ଟା କରି ବେଦ, କୋରାନ୍, ବାଇବେଲ ଇତ୍ୟାଦି ଅସଂଖ୍ୟ ପ୍ରକାର ଧର୍ମଶାସ୍ତ୍ର ରଚନା କରିଅଛି, ଅସଂଖ୍ୟ ସମ୍ପ୍ରଦାୟ ସୃଷ୍ଟି କରିଅଛି, ଅସଂଖ୍ୟ ପ୍ରକାର ପ୍ରକାଣ୍ଡ ମନ୍ଦିର, ମସ୍‌ଜିଦ ଓ ଗୀର୍ଜା ସବୁ ପ୍ରସ୍ତୁତ କରିଅଛି । ଅସଂଖ୍ୟ ପ୍ରକାର ଠାକୁର ଠାକୁରାଣୀ ସୃଷ୍ଟି କରିଅଛି । ପୂଜା ଓ ଉପାସନା କରିବାର ଅସଂଖ୍ୟ ପ୍ରକାର ପ୍ରଣାଳୀ ସୃଷ୍ଟି କରିଅଛି । ଏତେ ପ୍ରକାର ଚେଷ୍ଟା କରି ସୁଦ୍ଧା ଭଗବାନଙ୍କର ପରିଚୟ ପାଇ ପାରି ନାହିଁ । ଭଗବାନଙ୍କର ପରିଚୟ ପାଉ ବା ନ ପାଉ, ସେ କଥା ସ୍ୱତନ୍ତ୍ର କଥା; କିନ୍ତୁ ସେସବୁ ବ୍ୟବସ୍ଥା ସହିତ ବର୍ତ୍ତମାନ ମାନବ ସମାଜର କୌଣସି ସମ୍ବନ୍ଧ ନାହିଁ ଏବଂ ରହିବା ଅସମ୍ଭବ । ଆମ ବାପ ଅଜା ଘିଅ ଖାଉଥିଲେ କହି ଅହମିକା ଦେଖାଇବା ପରି ଆମେ ଅମୁକ ମହାପୁରୁଷଙ୍କର ଶିଷ୍ୟ, ଆମେ ଅମୁକ ସର୍ବଜ୍ଞ ଋଷିଙ୍କର ବଂଶଧର ଇତ୍ୟାଦି ଅହମିକା ଦେଖାଇବା ସଂପୂର୍ଣ୍ଣ ଅନାବଶ୍ୟକ । ସେହିସବୁ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରିପାରିଲେ କରନ୍ତୁ, କୌଣସି ଆପତ୍ତି ନାହିଁ । ଅତୀତର ଅନୁସରଣ କରିପାରିଲେ ସମ୍ପୂର୍ଣ୍ଣରୂପେ ଅନୁସରଣ କରନ୍ତୁ, ଅଧେ ଏ ପାଖ ଅଧେ ସେ ପାଖ ହେଉଛନ୍ତି କାହିଁକି ? ଆମ୍ଭେମାନେ ପ୍ରତ୍ୟେକେ ଓ ସମସ୍ତେ ସେହି ଅତୀତର କର୍ମଫଳ । ଭବିଷ୍ୟତ ସହିତ ଆମ୍ଭମାନଙ୍କର ପ୍ରତ୍ୟେକ କାର୍ଯ୍ୟର ସମ୍ବନ୍ଧ । ଅତୀତ ସହିତ କୌଣସି ସମ୍ବନ୍ଧ ରଖିବା ଅନାବଶ୍ୟକ ; କାରଣ ଭଗବାନ ସର୍ବଦା ସମ୍ମୁଖରେ; କଦାଚ ପଛରେ ନାହାନ୍ତି ।

ଧର୍ମ ଏବଂ ସ୍ୱଧର୍ମ ମଧ୍ୟରେ ସମ୍ବନ୍ଧ ଏହି ଯେ, ଧର୍ମ ଯେପରି ସମସ୍ତ ବିଶ୍ୱର ସତ୍ୟ ସ୍ୱରୂପ ବା ଚରମସତ୍ୟ, ଜ୍ଞାନ ସ୍ୱରୂପ ବା ଚରମ ଜ୍ଞାନ ଏବଂ ଆନନ୍ଦ ସ୍ୱରୂପ ବା ଚରମ ଆନନ୍ଦ, ସ୍ୱଧର୍ମ ମଧ୍ୟ ସେହିପରି ପ୍ରତ୍ୟେକ ମନୁଷ୍ୟର ସତ୍ୟ ସ୍ୱରୂପ, ଜ୍ଞାନ

ସ୍ୱରୂପ ଏବଂ ଆନନ୍ଦ ସ୍ୱରୂପ । ଏହି ସ୍ୱଧର୍ମର ସାହାଯ୍ୟରେ ପ୍ରତ୍ୟେକ ମନୁଷ୍ୟକୁ ଧର୍ମ ଆଡ଼କୁ ବା ଭଗବାନଙ୍କ ନିକଟକୁ ଅଗ୍ରସର ହେବାକୁ ହୁଏ । "ଭଗବାନଙ୍କ ନିକଟକୁ ଅଗ୍ରସର ହେବାକୁ ହୁଏ" ଏହି କଥା ଶୁଣି ଏବଂ ପୂର୍ବ ଧାରଣା ଓ ଅଭ୍ୟାସର ବଶବର୍ତ୍ତୀ ହୋଇ କେହି କେହି ମନେ କରିପାରନ୍ତି, ଭଗବାନ ମନୁଷ୍ୟଠାରୁ ଅନେକ ଦୂରରେ ଏବଂ ମନୁଷ୍ୟକୁ ତାହାର ହାତ, ଗୋଡ଼, ଚିଟା, ଚୁରିକ, ମାଳ, ପଇତା ଇତ୍ୟାଦି ଇତ୍ୟାଦି ସଙ୍ଗରେ ନେଇ ତାହାର ବେଦ, କୋରାନ, ବାଇବେଲ ଇତ୍ୟାଦି ଧର୍ମଶାସ୍ତ୍ର ଧରି ଭଗବାନଙ୍କ ନିକଟକୁ ଅଗ୍ରସର ହେବାକୁ ହେବ । ଦୁଧ, କଦଳୀ, କନ୍ଦ ଇତ୍ୟାଦି ଗଣ୍ଠିରେ ବାନ୍ଧି ନୌକାର ଆଶ୍ରୟ ନେଇ ଧବଳେଶ୍ୱରଙ୍କ ନିକଟକୁ ଅଗ୍ରସର ହେବା ଭଳି ଲମ୍ବା ରେଳଗାଡ଼ିର ଆଶ୍ରୟ ନେଇ ଜଗନ୍ନାଥଙ୍କ ନିକଟକୁ ଅଗ୍ରସର ହେବା ପରି ଅଗ୍ରସର ହେବାକୁ ହେବ । ମାତ୍ର ତାହା ନୁହେଁ । ଭଗବାନ ମନୁଷ୍ୟଠାରୁ ଦୂରରେ ନାହାନ୍ତି, ବରଂ ମନୁଷ୍ୟର ଖୁବ୍ ନିକଟରେ । ମନୁଷ୍ୟର ଭଗବାନଙ୍କ ନିକଟକୁ ଅଗ୍ରସର ହେବାର ଅର୍ଥ ଜୀବର କ୍ରମବିକାଶ ବା ଉତ୍ତରୋତ୍ତର ଉନ୍ନତି । ଜୀବର ଏହି କ୍ରମୋନ୍ନତି ବା କ୍ରମବିକାଶ ସୃଷ୍ଟିର ନିୟମ ବା କୌଶଳ । ଏହି କୌଶଳରେ ଭଗବାନ ମାନବ ସମାଜ ସୃଷ୍ଟି କରି ଅଛନ୍ତି ।

ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଭିତ୍ତି ହେଉଛି, ତାହାର ନିଜର ବ୍ୟକ୍ତିଗତ ସରଳ ସତ୍ୟ, ଆନନ୍ଦ ତାହାର ଏକମାତ୍ର ଲକ୍ଷ୍ୟ ଏବଂ ଜ୍ଞାନ ତାହାର ଏକମାତ୍ର ସ୍ୱଭାବ । ସେ ତାହାର ସେହି ସରଳ ସତ୍ୟକୁ ଜୀବନର ଭିତ୍ତି କରି ସେହି ଭିତ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ତାହାର ସେହି ସରଳ ଜ୍ଞାନ ବା ସାମାନ୍ୟ ଜ୍ଞାନର ଆଶ୍ରୟ ନେଇ ସାଂସାରିକ ସୁଖସାଚ୍ଛନ୍ଦ୍ୟ ମଧ୍ୟରେ ସାମାନ୍ୟ ଆନନ୍ଦ ଭୋଗ କରି କରି ପୂର୍ଣ୍ଣ ଆନନ୍ଦ ପାଇବା ପାଇଁ ଅର୍ଥାତ୍ ଆନନ୍ଦର ଶେଷ ସୀମାରେ ଉପସ୍ଥିତ ହେବା ପାଇଁ ଜନ୍ମଜନ୍ମାନ୍ତର ମଧ୍ୟ ଦେଇ ପ୍ରତ୍ୟେକ ଜନ୍ମରେ ଭିନ୍ନ ଭିନ୍ନ ଶିକ୍ଷା ଓ ଭିନ୍ନ ଭିନ୍ନ ବହୁଦର୍ଶିତା ଲାଭ କରି କରି ଉନ୍ନତତର ଅବସ୍ଥାକୁ ଅଗ୍ରସର ହେଉଥାଏ । ଜୀବ ଯେତେ ଯେତେ ଉନ୍ନତତର ଅବସ୍ଥା ଲାଭ କରୁଥାଏ, ତାହାର ସେହି ବ୍ୟକ୍ତିଗତ ସରଳ ସତ୍ୟ, ସରଳ ଜ୍ଞାନ ଓ

ସରଳ ଆନନ୍ଦର କ୍ରମେ କ୍ରମେ ବିକାଶ ହେଉଥାଏ । ଏହିପରି ଅଗ୍ରସର ହେବାର ନାମ ଜୀବର କ୍ରମୋନ୍ନତି ବା କ୍ରମବିକାଶ । ଜନ୍ମଜନ୍ମାନ୍ତର ମଧ୍ୟ ଦେଇ ଜୀବ ଧର୍ମ ଆଡ଼କୁ ଅଗ୍ରସର ହୁଏ, ଏ କଥା ସାଧାରଣ ଲୋକଙ୍କର କେବଳ ଶାସ୍ତ୍ରର କଥା, ବିଶ୍ୱାସର କଥା, ଅନୁଭୂତିର କଥା ନୁହେଁ । ଯାହା ଅନୁଭୂତିର ବହିର୍ଭୂତ, ଯାହା କେବଳ ଶାସ୍ତ୍ରର କଥା, ବିଶ୍ୱାସର କଥା, ତେଣୁ ଯାହା ନିଜର ସତ୍ୟ ନୁହେଁ, ଏପରି ବିଷୟକୁ ସତ୍ୟ ବୋଲି ଗ୍ରହଣ କରିବାକୁ କୁହାଯାଉ ନାହିଁ । କାରଣ ବିଶ୍ୱାସ ଉପରେ ନିର୍ଭର କରିବା ସ୍ୱଧର୍ମର ବିରୋଧୀ ।

ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ ଏହି ଜୀବନକାଳ ମଧ୍ୟରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଦିନ ନିଜ ନିଜର କାର୍ଯ୍ୟ କରୁଁ । ପ୍ରତି-କାର୍ଯ୍ୟରେ ନୂତନ ନୂତନ ବିଷୟ ଶିକ୍ଷା କରୁଁ । ପ୍ରତ୍ୟେକ କାର୍ଯ୍ୟରେ ବହୁଦର୍ଶିତା ଲାଭକରୁ । ପ୍ରତିଦିନ ଆମ୍ଭେମାନେ ଉନ୍ନତତର ଅବସ୍ଥାକୁ ଅଗ୍ରସର ହେଉଥାଉଁ । ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟ କରୁଁ । ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଶୋଇରହୁଁ ବା ବିଶ୍ରାମ କରୁଁ । ଏହି ପ୍ରତିଦିନର ଘଟଣା ଏବଂ ଜନ୍ମଜନ୍ମାନ୍ତର ରହସ୍ୟ ଏହି ଦୁହିଁଙ୍କ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଥିଲେ ସୁଦ୍ଧା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟକୁ ଇହଲୋକ ବା ଗୋଟିଏ ଜନ୍ମ ଏବଂ ଶୋଇବା ସମୟକୁ ପରଲୋକ ଏବଂ ସକାଳେ ପୁଣି ପୂର୍ବଦିନର ଶିକ୍ଷା ଓ ବହୁଦର୍ଶିତା ସହିତ ନୂତନ ରକମର ମନୁଷ୍ୟ ହୋଇ ନିଦ୍ରାରୁ ବା ବିଛଣାରୁ ଉଠିବାକୁ ପରଜନ୍ମ ସହିତ ତୁଳନା କରି ସୃଷ୍ଟିର କୌଶଳ ବୁଝିବାକୁ ଚେଷ୍ଟା କଲେ ଆମ୍ଭେମାନେ ଜୀବର କ୍ରମୋନ୍ନତି ବା କ୍ରମବିକାଶର କୌଶଳ ସହଜରେ ବୁଝିପାରିବୁଁ ଏବଂ ତଦନୁସାରେ ଅଗ୍ରସର ହୋଇପାରିବୁଁ । ଏହି ପ୍ରତିଦିନର ଘଟଣା ସହିତ ଆମ୍ଭମାନଙ୍କର ପ୍ରକୃତରେ ସମ୍ବନ୍ଧ । ଜନ୍ମଜନ୍ମାନ୍ତର ରହସ୍ୟ ସହିତ ସମ୍ବନ୍ଧ ରଖିବା ଆମ୍ଭମାନଙ୍କ ପକ୍ଷରେ ବର୍ତ୍ତମାନ କୌଣସି ଆବଶ୍ୟକ ନାହିଁ ।

ଦୁଃଖର କଥା, ମାନବ ସମାଜ ତାହାର ସରଳ ସତ୍ୟକୁ ଜୀବନର ଭିତ୍ତି ନ କରି ଭଗବାନ ପ୍ରଦତ୍ତ ସେହି ଏକମାତ୍ର ଭିତ୍ତି ଉପରେ ନିର୍ଭର ନ କରି ନିର୍ଭର କରିଅଛି, ମନୁଷ୍ୟ ସୃଷ୍ଟ ଅସଂଖ୍ୟ ପ୍ରକାର ଜଟିଳ ବିଶ୍ୱାସ

ଉପରେ ବା କଳ୍ପନା ଉପରେ ବା ମିଥ୍ୟା ଉପରେ ଏବଂ ସେଇଥିପାଇଁ ସେ ପ୍ରତିକାର୍ଯ୍ୟରେ, ପ୍ରତି ପଦକ୍ଷେପରେ, ପ୍ରତି ମୁହୂର୍ତ୍ତରେ ଭୟ ପାଉଛି । ଏହି ଭୟ ତାହାର କ୍ରମବିକାଶ ପଥରେ ପ୍ରଧାନ ଅନ୍ତରାୟ । ସତ୍ୟ ଉପରେ ନିର୍ଭର ନ କରିବା ପର୍ଯ୍ୟନ୍ତ ଭୟ ଛାଡ଼ିବା ଅସମ୍ଭବ ଏବଂ ଭୟ ନ ଛାଡ଼ିବା ପର୍ଯ୍ୟନ୍ତ କେବଳ କ୍ରମବିକାଶ ପଥରେ କାହିଁକି, କୌଣସି କାର୍ଯ୍ୟରେ ଅଗ୍ରସର ହେବା ଅସମ୍ଭବ, ଏ କଥା ସେ ବୁଝିପାରୁ ନାହିଁ । ବିଶ୍ୱାସ ଉପରେ ନିର୍ଭର କରି ରହି, ଭୟ କରି କରି ପ୍ରତ୍ୟେକ ମାନବ ସଂସାର—କ୍ଷେତ୍ରରେ ନାନା ଦୁଃଖ ଯନ୍ତ୍ରଣା ମଧ୍ୟରେ ଅଗ୍ରସର ହେଉଅଛି । ଭବିଷ୍ୟତ ବିଷୟ ଭାବିଲେ ତାଙ୍କୁ ସବୁବେଳେ ଭୟ ଆସୁଛି, ଅତୀତକୁ ଛାଡ଼ିବାକୁ ଦୁଃଖ ଲାଗୁଛି । କେତେବେଳେ ଭାବୁଛି, "ଅତୀତ ଖୁବ୍ ସୁନ୍ଦର ଥିଲା, ଅତୀତ ଖୁବ୍ ସୁଖମୟ ଥିଲା ।" ଅତୀତକୁ ଏହିପରି ପ୍ରଶଂସା କରି କରି ନେଇ ଅତୀତ ଆଡ଼କୁ ଯିବାକୁ ସେ ଚେଷ୍ଟା କରୁଅଛି । ପଛକଥା ଭାବିବା ଅନାବଶ୍ୟକ ; ପଛକୁ ଯିବା ଭଗବାନଙ୍କର ଇଚ୍ଛାବିରୁଦ୍ଧ, ସୃଷ୍ଟିର ନିୟମ ବିରୁଦ୍ଧ, ତେଣୁ ଅସମ୍ଭବ, ଏ କଥା ସେ ବୁଝିପାରୁ ନାହିଁ । ଆଗକୁ ଯିବାକୁ ଭୟକରି ପଛକୁ ଯାଇ ନ ପାରି, ତେଣୁ ପଛକୁ କିମ୍ବା ଆଗକୁ କୌଣସି ଆଡ଼କୁ ଯାଇ ନ ପାରି ନିଶ୍ଚେଷ୍ଟ ହୋଇ ରହିଅଛି ଏବଂ ଏହି ନିଶ୍ଚେଷ୍ଟତା ରୂପ ମୃତ୍ୟୁକୁ ପ୍ରକୃତ ଜୀବନ ମନେ କରିଅଛି । ଏହି ଦୁରବସ୍ଥା ଦେଖି ଭଗବାନ କହିଅଛନ୍ତି, "ତ୍ୟଜ ହୃଦୟଦୌର୍ବଲ୍ୟଂ" ଇତ୍ୟାଦି । ଅତୀତର ଆଲୋଚନା କରି ବୃଥା ସମୟ ନଷ୍ଟ କର ନାହିଁ । ମୋର ପ୍ରଦତ୍ତ ଶକ୍ତି ବା ବ୍ୟକ୍ତିଗତ ସ୍ୱଧର୍ମର ଆଶ୍ରୟ ନେଇ ଅଗ୍ରସର ହୁଅ, ମୋର ସନ୍ତାନ ବୋଲି ଗର୍ବ ଅନୁଭବ କର । ହୃଦୟରୁ ସମସ୍ତ ପ୍ରକାର ଦୁର୍ବଳତା ତ୍ୟାଗ କରି ଅନ୍ୟାୟ ବିରୁଦ୍ଧରେ ମିଥ୍ୟା କପଟତା ଇତ୍ୟାଦି ବିରୁଦ୍ଧରେ ସଂଗ୍ରାମ କରି ସତ୍ୟର ଓ ନ୍ୟାୟର ପ୍ରତିଷ୍ଠା କର ।

ଯେତେ ଧର୍ମଶାସ୍ତ୍ର ଅଛି, ତନ୍ମଧ୍ୟରେ ଗୀତାକୁ ଆମ୍ଭେମାନେ ଗୋଟିଏ ଉଦାର ଧର୍ମଶାସ୍ତ୍ର ବୋଲି ସ୍ୱୀକାର କରୁଁ । ଶାସ୍ତ୍ର ଅନୁସାରେ କୌଣସି କାର୍ଯ୍ୟ ନ କରୁ ପଛକେ, ଶାସ୍ତ୍ରର ଅର୍ଥ ନ ବୁଝୁଁ ପଛକେ ଶାସ୍ତ୍ରର ଲେଖାକୁ ଅନ୍ଧଭାବରେ ବିଶ୍ୱାସ କରୁଁ ଏବଂ ସେହି ବିଶ୍ୱାସକୁ ସତ୍ୟ ବୋଲି ଗ୍ରହଣ କରୁଁ । ତେଣୁ ଯେଉଁମାନେ ସ୍ୱଧର୍ମ ବିଷୟ ସ୍ୱାଧୀନ ଭାବରେ

ଆଲୋଚନା କରିବାକୁ ଅକ୍ଷମ ହେବେ କିମ୍ବା ପୂର୍ବ ବିଶ୍ୱାସରୁ ଦୃଢ଼ତା କମିଯିବ ବୋଲି ଭୟ କରି ଏଥିଲିଖିତ ଆଲୋଚନା ବୁଝିବାକୁ ପଶ୍ଚାତ୍‌ପଦ ହେବେ, ସେମାନଙ୍କ ପାଇଁ ଗୀତାରୁ ଗୋଟିଏ ଆବଶ୍ୟକୀୟ ଶ୍ଳୋକ ଉଦ୍ଧାର କରିବାକୁ ବାଧ ହେଲି । ଶ୍ଳୋକଟି ମନେ ରଖିଥିଲେ, ଭବିଷ୍ୟତରେ ଏହାର ପ୍ରକୃତ ଆଧ୍ୟାତ୍ମିକ ଅର୍ଥ ବୁଝିପାରି ସ୍ୱଧର୍ମର ପ୍ରକୃତ ପରିଚୟ ପାଇପାରିବେ ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।

ଶ୍ଳୋକଟିର ଅଧ୍ୟାତ୍ମିକ ଅର୍ଥ ବୁଝିବା ପୂର୍ବରୁ ସାମାନ୍ୟ କେତୋଟି କଥା ବୁଝି ରଖିବା ଆବଶ୍ୟକ । ଆଧ୍ୟାତ୍ମିକତା ସହିତ ପ୍ରତ୍ୟେକ ବ୍ୟକ୍ତିର ସମ୍ବନ୍ଧ ଓ ସମସ୍ତ ମାନବ ସମାଜର ସମ୍ବନ୍ଧ । ସମଷ୍ଟି ବା କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସହିତ ଆଧ୍ୟାତ୍ମିକତାର କୌଣସି ସମ୍ବନ୍ଧ ନାହିଁ । ଆଉ ମଧ୍ୟ ଗୀତାର ଅର୍ଜ୍ଜୁନ ପଣ୍ଡୁଙ୍କର ପୁଅ ନୁହନ୍ତି କିମ୍ବା ଶ୍ରୀକୃଷ୍ଣ ବସୁଦେବଙ୍କର ପୁଅ ନୁହନ୍ତି । ଶ୍ରୀକୃଷ୍ଣ ଯାହା କହିଅଛନ୍ତି, ତାହା କେବଳ ଅର୍ଜ୍ଜୁନଙ୍କ ପାଇଁ ନୁହେଁ କିମ୍ବା କେବଳ ହିନ୍ଦୁମାନଙ୍କ ପାଇଁ ନୁହେଁ । ଶ୍ରୀକୃଷ୍ଣ ହେଉଛନ୍ତି ଗୀତାକାରଙ୍କର ଚିନ୍ତାରୁ ଉତ୍ପନ୍ନ ଭଗବାନ ଏବଂ ଅର୍ଜ୍ଜୁନ ହେଉଛନ୍ତି, ପ୍ରତ୍ୟେକ ମନୁଷ୍ୟ । କେବଳ ଯେ ଅର୍ଜ୍ଜୁନଙ୍କୁ ଯୁଦ୍ଧ କରିବାକୁ ହୋଇଥିଲା, ତାହା ନୁହେଁ । "ଯୁଦ୍ଧ କରିବି କି ନାହିଁ, କଅଣ କରିବି" ଇତ୍ୟାଦି ସନ୍ଦେହ କେବଳ ଯେ ଅର୍ଜ୍ଜୁନଙ୍କ ମନକୁ ଆସିଥିଲା, ତାହା ନୁହେଁ । ସଂସାର ରୂପ ଧର୍ମକ୍ଷେତ୍ରରେ ଓ କର୍ମକ୍ଷେତ୍ରରେ ପ୍ରତ୍ୟେକ ମନୁଷ୍ୟକୁ ଅନ୍ୟାୟ ବିରୁଦ୍ଧରେ ଓ ମିଥ୍ୟା ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼େ । "ଯୁଦ୍ଧ କରିବି କି ନାହିଁ, କଅଣ କରିବି" ଏପରି ସନ୍ଦେହ ପ୍ରତ୍ୟେକ ମନୁଷ୍ୟ ମନକୁ ଆସେ । ଆଜି ଏହି ସ୍ୱଧର୍ମ ବିଷୟ ଆଲୋଚନା କଲାବେଳେ ମଧ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଓ କର୍ମପ୍ରିୟ ପାଠକ ମନକୁ ସେପରି ସନ୍ଦେହ ଆସିବା ସ୍ୱାଭାବିକ । ଭଗବାନ ପ୍ରଦତ୍ତ ନିଜର ସରଳ ସହଜ ସ୍ୱଧର୍ମ ଓ ମନୁଷ୍ୟସୃଷ୍ଟ ଅସଂଖ୍ୟ ପ୍ରକାର ସାମ୍ପ୍ରଦାୟିକ ମତ ବା ଅସଂଖ୍ୟ ପ୍ରକାର ଜଟିଳ ବିଶ୍ୱାସ—ଏହି ଦୁଇପକ୍ଷ ମଧ୍ୟରୁ କେଉଁ ପକ୍ଷ ଗ୍ରହଣ କରିବି, ଏପରି ସନ୍ଦେହ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିର ମନକୁ ସର୍ବ-

ପ୍ରଥମେ ଆସିବ । ତାହା ପରେ ବିବେକ ରୂପ ସାରଥିର ଆଶ୍ରୟ ନେଇ ନିଜର ସରଳ ସ୍ୱଧର୍ମର ପକ୍ଷ ଗ୍ରହଣ କଲାପରେ ମନୁଷ୍ୟ ସୃଷ୍ଟ ଅସଂଖ୍ୟ ପ୍ରକାର ଜଟିଳ ବିଶ୍ୱାସ ବା ମିଥ୍ୟା ବିରୁଦ୍ଧରେ "ଯୁଦ୍ଧ କରିବି କି ନାହିଁ, କଅଣ କରିବି" ଏପରି ସନ୍ଦେହ ପ୍ରତ୍ୟେକ କର୍ମପ୍ରିୟ ବ୍ୟକ୍ତିର ମନକୁ ଆସିବ । ଏପରି ସନ୍ଦେହ ଆସିବା ବେଳେ ଭଗବାନ କହୁଅଛନ୍ତି—ସ୍ୱଧର୍ମର ଆଶ୍ରୟ ନେଇ ନିଜର ସନ୍ଦେହ ନିଜେ ଦୂର କର ; ନିଜେ ଯାହା କର୍ତ୍ତବ୍ୟ ବୋଲି ବୁଝି ପାରୁଛ, ତାହାହିଁ କର । ଅନ୍ୟ କାହାର ଉପରେ ନିର୍ଭର କର ନାହିଁ । କାରଣ ତୁମ୍ଭ ନିଜ କାର୍ଯ୍ୟ ସକାଶେ ତୁମ୍ଭେ ନିଜେ ଦାୟୀ ଅଛ, ମୁଁ ଦାୟୀ ନୁହେଁ, କୌଣସି ଶାସ୍ତ୍ର ପୁରାଣ ଦାୟୀ ନୁହେଁ, କୌଣସି ଗୁରୁ ପୁରୋହିତ ଦାୟୀ ନୁହନ୍ତି ।

ଶ୍ଳୋକଟିର ପ୍ରତ୍ୟେକ ଶବ୍ଦର ଆଧ୍ୟାତ୍ମିକ ଅର୍ଥ କରିବାକୁ ଗଲେ ବହିର ଆକାର ବଢ଼ିଯିବ । ସେଥିପାଇଁ କେବଳ ଶ୍ଳୋକଟିର ଆକ୍ଷରିକ ଅନୁବାଦ ଓ ବିଗୁଣ ସ୍ୱଧର୍ମ କଥାଟିର ସଂକ୍ଷିପ୍ତ ଆଧ୍ୟାତ୍ମିକ ଅର୍ଥ ନିମ୍ନରେ ଦିଆଗଲା—

ଓଡ଼ିଆ ଅନୁବାଦ—

ଉତ୍ତମରୂପେ ଅନୁଷ୍ଠିତ ଅନ୍ୟର ଧର୍ମ ଅପେକ୍ଷା ନିଜର ବିଗୁଣ ସ୍ୱଧର୍ମ ଶ୍ରେୟସ୍କର । ନିଜର ସେହି ବିଗୁଣ ସ୍ୱଧର୍ମରେ ନିଧନ (ମୃତ୍ୟୁ) ଶ୍ରେୟସ୍କର ; କିନ୍ତୁ ଅନ୍ୟର ଧର୍ମ ଭୟାବହ ଅଟେ ।

ଇଂରାଜୀ ଅନୁବାଦ—

Your own religion or understanding, however defective it may be, is preferable to any other's religion or understanding however well-established that may be. It is better to die by obeying one's own defective understanding but obeying another, however great he may be is dangerous.

ବିଗୁଣ ସ୍ୱଧର୍ମର ଆଧ୍ୟାତ୍ମିକ ଅର୍ଥ—ମୁଁ ମନେ କରୁଛି, ମୋର ହାତ, ଗୋଡ଼, କାନ, ନାକ ଇତ୍ୟାଦି ଏହି ସ୍ଥୂଳଦେହଟି ମୁଁ । କିନ୍ତୁ ମୁଁ

ମୋର ସ୍ଥୂଳଦେହ ବା ବେଦାନ୍ତ ଓ ଉପନିଷଦ ବର୍ଣ୍ଣିତ ଅନ୍ନମୟ କୋଷ ନୁହେଁ । ମୋର ଇଚ୍ଛା, ଅନୁଭୂତି ଇତ୍ୟାଦି ପ୍ରାଣମୟ କୋଷ ବା କାମ-ଦେହ ମଧ୍ୟ ମୁଁ ନୁହେଁ । ମୋର ମନୋମୟ କୋଷ ବା ମନୋମୟ ଦେହ ମଧ୍ୟ ମୁଁ ନୁହେଁ । ଏହି ସବୁ କୋଷର ବା ଦେହର ମୁଁ ହେଉଛି ମାଲିକ ବା ପ୍ରଭୁ । ମୋର ଯେପରି ସ୍ୱଧର୍ମ ଅଛି, ମୋର ଏହି ଦେହ-ଗୁଡ଼ିକର ମଧ୍ୟ ନିଜ ନିଜର ସ୍ୱଧର୍ମ ଅଛି । ଭଗବାନଙ୍କ ସହିତ ମୋର ଯେଉଁ ସମ୍ବନ୍ଧ, ମୋ ନିଜ ସହିତ ମୋର ଏହି ଦେହଗୁଡ଼ିକର ସେହି ସମ୍ବନ୍ଧ । ସେ ଯାହାହେଉ, ମୋର ଏହି ଦେହଗୁଡ଼ିକର ସ୍ୱଧର୍ମ ମୋର ନିଜର ସ୍ୱଧର୍ମ ନୁହେଁ । ମୋର ନିଜର ସ୍ୱଧର୍ମର ପରିଚୟ ପାଇବାକୁ ହେଲେ ମୋର ନିଜର ବା ପ୍ରକୃତ ମୁଁ ର ପରିଚୟ ପାଇବା ଏକାନ୍ତ ଆବଶ୍ୟକ । ମାତ୍ର ଆମ୍ଭେମାନେ ଏ ପର୍ଯ୍ୟନ୍ତ ପ୍ରକୃତ ମୁଁ ର ପରିଚୟ ପାଇ ନାହୁଁ । ତେଣୁ ସର୍ବପ୍ରଥମେ ଏହି ଦେହଗୁଡ଼ିକର ସଗୁଣ ସ୍ୱଧର୍ମର ଆଶ୍ରୟ ନେଇ ଅଗ୍ରସର ହେବାକୁ ହେବ । ଏହି ସଗୁଣ ସ୍ୱଧର୍ମର ଆଶ୍ରୟ ବ୍ୟତୀତ ମନୁଷ୍ୟର ଅନ୍ୟ ଆଶ୍ରୟ ନାହିଁ ; କାରଣ ପ୍ରତ୍ୟେକ ମନୁଷ୍ୟ ତାହାର କର୍ମଫଳ ସକାଶେ ସେ ନିଜେ ଦାୟୀ ଅଟେ, ଭଗବାନ ଦାୟୀ ନୁହନ୍ତି ।

ସଗୁଣ ବା ଅପ୍ରକୃତ ବୋଲି ଜାଣି ଶୁଣି କେହି ସଗୁଣ ସ୍ୱଧର୍ମର ଆଶ୍ରୟ ନେବାକୁ ଇଚ୍ଛା କରିବେ ନାହିଁ । ସେହି ଅପ୍ରକୃତକୁ ପ୍ରକୃତ ମନେ କରି ସର୍ବପ୍ରଥମେ ସଂସାରଯାତ୍ରା ଆରମ୍ଭ କରିବାକୁ ହୁଏ । ପରେ ସେହି ଅପ୍ରକୃତ କ୍ରମେ କ୍ରମେ ପ୍ରକୃତରେ ପରିଣତ ହେଉଥାଏ । ଯେଉଁ ଅପ୍ରକୃତକୁ ପ୍ରକୃତ ବୋଲି ମନେ କରି ମନୁଷ୍ୟ ଅଗ୍ରସର ହୋଇଥାଏ, ତାହାର ସେହି ମନେ କରିଥିବା ପ୍ରକୃତ, ପ୍ରକୃତରେ ଅପ୍ରକୃତ ବୋଲି ସେ କ୍ରମେ କ୍ରମେ ବୁଝି ପାରୁଥାଏ । ଏହି ଅପ୍ରକୃତକୁ ପ୍ରକୃତ ବୋଲି ମନେ କରିବା ଅବସ୍ଥାରୁ ପ୍ରକୃତରେ ପ୍ରକୃତ ଅବସ୍ଥା ଆଡ଼କୁ ବା ସତ୍ୟ ଆଡ଼କୁ ବା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ସୃଷ୍ଟିର କୌଶଳ । ସୃଷ୍ଟି କୌଶଳର ଏହି ନିୟମ ସହିତ ସମ୍ବନ୍ଧ ରଖିବା ପାଇଁ ପ୍ରତ୍ୟେକ ଲୋକର ସମାନ ଅଧିକାର । "ମୋର ବେଶି ଅଧିକାର" ଏ କଥା ଯଦି କେହି କହେ, ସେ ଲୋକ ତୁମ୍ଭର ଗୁରୁ ନୁହେଁ, ପ୍ରକୃତରେ ପ୍ରତାରକ । ତୁମ୍ଭେ ନିଜେ ନିଜର ଗୁରୁ, ସମସ୍ତ ବିଶ୍ୱ ତୁମ୍ଭର ଗୁରୁ, ନିଜ

ନିଜର ଆଖି ଖୋଲ ଏବଂ ସମସ୍ତଙ୍କଠାରୁ ଶିଖ ; କିନ୍ତୁ କାହାରି କଥା ଉପରେ ନିର୍ଭର ନ କରି ନିଜ ନିଜର ମନକୁ ମନେଇ ନିର୍ଭୀକ ଭାବରେ ନିଜ ନିଜ ରାସ୍ତାରେ ଚାଲ । ଆମ୍ଭମାନଙ୍କର ସମସ୍ତ ପ୍ରକାର ଦୁଃଖର ଏକମାତ୍ର କାରଣ ଅଜ୍ଞାନତା । ଅଜ୍ଞାନତାର ଅର୍ଥ ମୂର୍ଖତା କିମ୍ବା ଶାସ୍ତ୍ରଶୂନ୍ୟତା ନୁହେଁ । ନିଜର ବୁଦ୍ଧିବା ଉପରେ ନିର୍ଭର ନ କରି ଅନ୍ୟ ଉପରେ ନିର୍ଭର କରିବାର ନାମ ଅଜ୍ଞାନତା । ଗୀତାର ଅଷ୍ଟାଦଶ ଅଧ୍ୟାୟ ୪୭।୪୮ ଶ୍ଲୋକରେ ମଧ୍ୟ ଏହି ବିଗୁଣ ସ୍ୱଧର୍ମ କଥାଟି ଭଲ କରି ବୁଝାଇ ଦିଆଯାଇଅଛି ।

"ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଭାବ ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଶଂ" । ୪୭ ।
"ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍" । ୪

---

# ଉପସଂହାର

ଅତୀତ ସଭ୍ୟତାର ଅନ୍ଧ ଅନୁସରଣରେ ଅଭ୍ୟସ୍ତ ଏବଂ ଆଧୁନିକ ସଭ୍ୟତାର ଅନୁକରଣପ୍ରିୟ, ନୈତିକ ଦୁର୍ଗତିର ଶେଷ ସୀମାରେ ଉପନୀତ, ବିବେକଶୂନ୍ୟ ସମାଜ ନିକଟରେ ସ୍ୱଧର୍ମର ଆଧ୍ୟାତ୍ମିକ ଆଲୋଚନା ଅରଣ୍ୟ-ରୋଦନ ବୋଲି ଜାଣି ନ୍ୟାୟ୍ୟ ନିମିତ୍ତରେ ସର୍ବସ୍ୱାନ୍ତ ହୋଇ ହା-ଅନ୍ନ, ହା-ଅନ୍ନ ବୋଲି କାଳାଣ୍ଡପାତ କରୁଥିବା ଗ୍ରାମବାସୀମାନଙ୍କ ପାଇଁ ସ୍ୱଧର୍ମ କଥାଟିର ସାଂସାରିକ ଦିଗରୁ କେତୋଟି ସରଳ କଥା ଲେଖିବାକୁ କର୍ତ୍ତବ୍ୟ ବୋଧକଲି।

"ବୁଦ୍ଧିବିବେକ ଜ୍ଞାନ ବଳେ
ମରଣ ଜିଣିପାରେ ହେଳେ।"

ଭାଇମାନେ ଓ ମାଆମାନେ! ଏହି କଥାଟି ଭାଗବତରେ ପଢ଼ିଥିବ କିମ୍ବା ଶୁଣିଥିବ; କିନ୍ତୁ ବୁଝି ନାହିଁ। ବୁଝିବ ବା କିପରି? ତୁମ୍ଭମାନଙ୍କର ଧାରଣା, ଗୀତା ଭାଗବତ ପଢ଼ିଲେ ସ୍ୱର୍ଗଲାଭ ହୁଏ। ଶୁଣିବା ଲୋକ ମଧ୍ୟ ସ୍ୱର୍ଗଲାଭ କରେ। ହଉ, ସେ କଥା ଥାଉ। ଆଜି ବିଶେଷ ଅନୁରୋଧ କରି କହୁଛି, ଅର୍ଥଟା ଠିକେ ବୁଝ। ବୁଝିଲେ ସ୍ୱର୍ଗ-ପ୍ରାପ୍ତିରେ ବାଧା ଆସିବ ନାହିଁ; ବରଂ କଥାଟିର ଅର୍ଥ ବୁଝି ନିଜ ନିଜର ମନକୁ ମନେଇ ତଦନୁସାରେ କାର୍ଯ୍ୟ କଲେ ଅନ୍ନବସ୍ତ୍ର ମିଳିବ, ସାଂସାରିକ ଦୁଃଖ ଅଶାନ୍ତି ଚାଲିଯିବ।

"ବୁଝି ବିଚାରି କାର୍ଯ୍ୟ କଲେ
ପ୍ରମାଦ ନ ପଡ଼ଇ ଭଲେ।"

ଏହି ସାଧାରଣ କଥାଟି ଅକ୍ଷରେ ଅକ୍ଷରେ ସତ୍ୟ। କଥାଟିକୁ ଭଲ କରି ବୁଝ। ନିଜ ନିଜର କ୍ରିୟାକଳାପକୁ ବଜାୟ ରଖିବା ଉଦ୍ଦେଶ୍ୟରେ ନକଲି ବୁଦ୍ଧି ବା ଚାଲାକିଦ୍ୱାରା ନ ବୁଝି ସୃଷ୍ଟିକର୍ତ୍ତାଙ୍କ ପ୍ରଦତ୍ତ ବୁଦ୍ଧିର ଆଶ୍ରୟ ନେଇ ସରଳ ଭାବରେ ବୁଝ।

ଆଉ ଗୋଟିଏ କଥା ଶୁଣିଥିବ । "ଆପଣା ବୁଦ୍ଧିରେ ଘାସ କାଟିବ, ପର ବୁଦ୍ଧିରେ ଘୋଡ଼ା ଚଢ଼ିବାକୁ ଇଚ୍ଛା କରିବ ନାହିଁ ।" ଏହି କଥାଟି ଗୀତା ଭାଗବତ ଇତ୍ୟାଦି ଗ୍ରନ୍ଥମାନଙ୍କରେ ଅଛି । ପର ବୁଦ୍ଧିରେ ନିର୍ଭର କରି, ପର କଥାରେ ବିଶ୍ୱାସ କରି ସ୍ୱର୍ଗକୁ ଚଢ଼ିବ ବୋଲି ଇଚ୍ଛାକର ନାହିଁ । ନିଜ ବୁଦ୍ଧିରେ ମୁଠିଏ ଖାଇ, ଖଣ୍ଡିଏ ପିନ୍ଧି, ପୁଅ ଝିଅମାନଙ୍କ ପ୍ରତି ଦୃଷ୍ଟି ରଖି ସ୍ୱଜାତିଶ୍ରେଣୀମାନଙ୍କ ସଙ୍ଗେ ସ୍ନେହ ସଦ୍ଭାବ ରଖି ଏହି ସଂସାରରେ ସୁଖରେ ରୁହ । ସଂସାରରେ ମନୁଷ୍ୟର ଦରକାର କେଉଁ ମୁଠିଏ ଖାଇବ, ଖଣ୍ଡିଏ ପିନ୍ଧିବ, ଏବଂ ବିବାହ କରି ପୁଅ ଝିଅ ନେଇ ସଂସାର କରିବ । ଏହାର ନାମ ପ୍ରତ୍ୟେକ ବ୍ୟକ୍ତିର ସଂସାର । ଏଥିରେ ଜଟିଳତାର କୌଣସି ସମ୍ପର୍କ ନାହିଁ । ନିଜେ ପରିଶ୍ରମ କରି ସ୍ୱାସ୍ଥ୍ୟକର ଖାଦ୍ୟ ମୁଠିକର ସଂସ୍ଥାନ କରିପାରିଲେ, ସଫା ଲୁଗା ଖଣ୍ଡିଏ ପିନ୍ଧିବାକୁ ପାଇଲେ ଏବଂ ପୁରୁଷ ନିଜର ଉପଯୁକ୍ତା ସ୍ତ୍ରୀଟିଏ ଓ ସ୍ତ୍ରୀ ନିଜର ଉପଯୁକ୍ତ ପୁରୁଷଟିଏ ବିବାହ କରିପାରିଲେ ସଂସାରରେ କର୍ମ ଶେଷ ଓ ଧର୍ମ ଶେଷ । ଏହି ତିନୋଟି କଥା ଛଡ଼ା ଆଉ ଗୋଟିଏ କଥା ଅଛି ସେ କଥାଟି ଶେଷରେ କହିବି । ଉପରେ ଯେଉଁ ତିନୋଟି କଥା ଉଲ୍ଲେଖ କରାଗଲା, ସେଥି ମଧ୍ୟରୁ ତୃତୀୟ କଥାଟି ଅର୍ଥାତ୍ ବିବାହ କଥାଟି ଅସଲ କଥା । ସେହି ବିବାହ କଥାଟିର ଅର୍ଥ ଭଲକରି ବୁଝ ।

ସୃଷ୍ଟି ରକ୍ଷା କରିବା ଅଭିପ୍ରାୟରେ ହେଉ ବା ଅନ୍ୟ କୌଣସି ଅଭିପ୍ରାୟରେ ହେଉ, ସୃଷ୍ଟିକର୍ତ୍ତା ବିବାହ କରିବାର ପ୍ରବୃତ୍ତି ପ୍ରତ୍ୟେକ ମନୁଷ୍ୟକୁ ଦେଇଅଛନ୍ତି ; କିନ୍ତୁ ବିବାହର କୌଣସି ନିର୍ଦ୍ଦିଷ୍ଟ ପ୍ରଣାଳୀ ସୃଷ୍ଟି କରି ନାହାନ୍ତି । ନିଜ ନିଜ ସମ୍ପ୍ରଦାୟ ପାଇଁ ବିବାହର ଭିନ୍ନ ଭିନ୍ନ ପ୍ରଣାଳୀ ମନୁଷ୍ୟ ନିଜେ ସୃଷ୍ଟି କରିଅଛି । ମନୁଷ୍ୟ ସୃଷ୍ଟ ଏହି ବିବାହରୁ ମୋର ପୁଅ, ମୋର ଝିଅ, ମୁଁ ବ୍ରାହ୍ମଣ, ମୁଁ କରଣ ଇତ୍ୟାଦି ସଂକୀର୍ଣ୍ଣ ସ୍ୱାର୍ଥପରତାର ସୃଷ୍ଟି । କେବଳ ସେତିକି ନୁହେଁ, ଏହି ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ଅହମିକା, ଅହମିକାରୁ ଏତେ ପ୍ରକାର ଧର୍ମାଡ଼ମ୍ବର, ହିଂସା, ଦ୍ୱେଷ, ଲଜ୍ଜା, ଭୟ, ଘୃଣା, ନାବାଳିକା କନ୍ୟାର ଅନ୍ୟାୟ ବୈଧବ୍ୟ, ବିବାହକାମୀ ଯୁବତୀର ବାଧ୍ୟତାମୂଳକ ବ୍ରହ୍ମଚର୍ଯ୍ୟ, ବିବାହ ନାମରେ ପୁଅ ବିକି, ଝିଅବିକି ଇତ୍ୟାଦି ନାନାପ୍ରକାର ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭି-

ଶ୍ବରର ସୃଷ୍ଟି । ଏହାର ନାମ ସଂସାରର ମାୟା, ଏହାର ନାମ ସାଂସାରିକ ବନ୍ଧନ, ଏହାର ନାମ ସାଂସାରିକ ଦୁଃଖ ଯନ୍ତ୍ରଣା । ଏତିକି ସରଳ କଥା ବୁଝିବା ପାଇଁ ଶାସ୍ତ୍ର କିମ୍ବା ଗୁରୁ ପୁରୋହିତର ଆବଶ୍ୟକ ହେବ କି ?

ଛବଚ୍ଛୟୁ ହ୍ରୁଁ, ଅସ୍ବାୟୁ ଫଟ ଇତ୍ୟାଦି ଅର୍ଥଶୂନ୍ୟ ମନ୍ତ୍ର ଉପରେ ପ୍ରତିଷ୍ଠିତ ମନୁଷ୍ୟ ସୃଷ୍ଟ ଭିନ୍ନ ଭିନ୍ନ ବିବାହ ପ୍ରଣାଳୀର ବିପକ୍ଷରେ କିମ୍ବା ସୃଷ୍ଟିକର୍ତ୍ତାଙ୍କ ପ୍ରଦତ୍ତ ସରଳ ବୁଝିବା ଉପରେ ପ୍ରତିଷ୍ଠିତ ଭବିଷ୍ୟତ ବିବାହ ପ୍ରଣାଳୀର ସପକ୍ଷରେ କହିବାକୁ ମୁଁ ଯାଉ ନାହିଁ ; କାରଣ ତୁମ୍ଭମାନଙ୍କର ବର୍ତ୍ତମାନ ଶୋଚନୀୟ ଅବସ୍ଥା ଦୃଷ୍ଟିରେ ସେ ସବୁ ବିଷୟର ଆଲୋଚନା ଅନାବଶ୍ୟକ । ବର୍ତ୍ତମାନ କହିବାର ବିଷୟ ଏହି କି, ଯେଉଁ ବିବାହ ଗାର୍ହସ୍ଥ୍ୟ ଧର୍ମର ମୂଳଭିତ୍ତି ମାନବ ସମାଜର ମାତୃତୁଲ୍ୟ, ସେହି ଦାୟିତ୍ୱପୂର୍ଣ୍ଣ ପବିତ୍ର ବିବାହ ସମ୍ବନ୍ଧକୁ ଦିବାନିବା ଚୁକ୍ତି ଉପରେ ପ୍ରତିଷ୍ଠିତ କରି, କିଣାବିକା ବ୍ୟବସାୟରେ ବା ବ୍ୟଭିଚରରେ ପରିଣତ କରି, କିଏ ଟ ୩୨୦୦୲, କିଏ ଟ ୫୦୦୲ ମହାଜନ ଘରୁ କରଜ କରି ଆଣି ନିଜ ନିଜର ପଡ଼ୋଶୀ ଭାଇବନ୍ଧୁମାନଙ୍କ ପାଖରେ ଆଡମ୍ବର ଦେଖାଇବା ବୁଦ୍ଧିମାନର କାର୍ଯ୍ୟ, ନା ନିର୍ବୋଧତାର ପରିଚୟ ? ପ୍ରଶଂସାର କଥା, ନା ନିନ୍ଦାର କଥା ? ନାନା ଅଯତ୍ନରୁ, ସ୍ୱାସ୍ଥ୍ୟକର ଖାଦ୍ୟ ଅଭାବରୁ ମଶାରି ଖଣ୍ଡିଏ ନ ପାଇ ପୁଅ ଝିଅମାନେ ମ୍ୟାଲେରିଆ ଜ୍ୱର ଭୋଗି ଭୋଗି କାହା ପେଟରେ ପ୍ଲୀହା, କାହା ଗାଲ ଶୁଖିଗଲାଣି, ତାଙ୍କ ପେଟରେ ବର୍ଷକୁ ପାଏ ଲେଖାଏଁ ଘିଅ ଆହୁତି କରିବାକୁ ପଇସା ନାହିଁ; ଅଥଚ ପୁଅର ସାତ ବର୍ଷରେ ବ୍ରତଘର ଦିନ କିଏ ଆଠ ସେର, କିଏ ଦଶସେର ଘିଅ ପୋଡ଼ିଦେବାଦ୍ୱାରା ପୁଣ୍ୟ ଅର୍ଜନ କରି ସ୍ୱର୍ଗକୁ ଯାଉଛି, ନା ସେହି ପୁଅଝିଅଙ୍କ ଅଭିଶାପରେ ନରକ ଯନ୍ତ୍ରଣା ବରଣ କରୁଛି, ଟିକିଏ ବିଚାର କର ।

ବାପ ମାଆ ଯଦି ମିଥ୍ୟା, ପ୍ରତାରଣା ଦ୍ୱାରା ଜୀବନଯାତ୍ରା ନିର୍ବାହ କରିଥିବେ, କେତେ ପରିବାରକୁ ସର୍ବସ୍ୱାନ୍ତ କରିଥିବେ କିମ୍ବା ଜାଣି ଶୁଣି ନ୍ୟାୟ ନିମିତ୍ତରେ ଅଧର୍ମିକା ଦେଖାଇ ନିଜର ପ୍ରତିବେଶୀମାନଙ୍କର ସର୍ବସ୍ୱାନ୍ତ ହେବାର ଦୃଷ୍ଟାନ୍ତ ବା କାରଣ ହୋଇଥିବେ, ସେହି ସମସ୍ତ କୃତ-

କର୍ମର ଫଳ ସେହିମାନଙ୍କୁ ଭୁବର୍ଲୋକରେ ବା ପ୍ରେତଲୋକରେ ଭୋଗ କରିବାକୁ ହେବ । ଯେତେ ମନ୍ତ୍ର ପଢ଼ିଲେ କମ୍ବା ଭରଣ ଭରଣ କରି ଯେତେ ଗୁଉଳ ଶ୍ରାଦ୍ଧ କଲେ ସୁଦ୍ଧା କର୍ମଫଳ ଭୋଗରୁ ସେମାନଙ୍କୁ ରକ୍ଷା କରିବାର କାହାର ସାଧ ନାହିଁ । ନିଜେ ଭଗବାନଙ୍କର ସୁଦ୍ଧା ଅଧିକାର ନାହିଁ । ତୁମର ପାଠ କହୁଛି—

"ଯଥାଧେନୁ ସହସ୍ରେଷୁ ବତ୍ସୋବିନ୍ଦତି ମାତରଂ
ତଥା ପୂର୍ବକୃତଂ କର୍ମକର୍ତ୍ତାରଂ ଅନୁଗଚ୍ଛତି ।"

ଶାସ୍ତ୍ରର ଉଦ୍ଦେଶ୍ୟ ନ ବୁଝି, "ଚଳ ଆସୁଛି" ଓ "ସମସ୍ତେ କରୁଅଛନ୍ତି" ଏପରି ଅର୍ଥଶୂନ୍ୟ କଥା କହି ଯଦି ମାତୃପିତୃଶ୍ରାଦ୍ଧ ଏବଂ ପୁତ୍ରକନ୍ୟାମାନଙ୍କର ଉପନୟନ ଓ ବିବାହ ଇତ୍ୟାଦି କର୍ମମାନ ସମ୍ପନ୍ନ କରିବାକୁ ଧର୍ମ ମନେ କରୁଛ, ତେବେ ସେହି ଶାସ୍ତ୍ର କଥା ମାନି ବିନା ଆଡ଼ମ୍ବରରେ, ସରଳ ଭାବରେ, ଶ୍ରଦ୍ଧା ଓ ଭକ୍ତି ସହକାରେ ସେହି ସବୁ କର୍ମମାନ ସମ୍ପନ୍ନ କର । କୌଣସି ନ୍ୟାୟ ନିମିତ୍ତରେ ପାଞ୍ଚୋଟି ଟଙ୍କାରୁ ଅଧିକ ବ୍ୟୟ କରିବା ଅନ୍ୟାୟ ଓ ପାପ ବୋଲି ଜାଣ । ଧର୍ମ ନାମରେ ଆଡ଼ମ୍ବର ଦେଖାଇ ନିଜେ ସର୍ବସ୍ୱାନ୍ତ ହେବା ସଙ୍ଗେ ସଙ୍ଗେ ପ୍ରତିବେଶୀ-ମାନଙ୍କର ଏବଂ ଭବିଷ୍ୟତ ବଂଶଧରମାନଙ୍କର ଆର୍ଥିକ ଓ ନୈତିକ ଦୁର୍ଗତିର କାରଣ ହେବାକୁ କେଉଁ ଶାସ୍ତ୍ର କହୁଛି ?

ଆଶ୍ଚର୍ଯ୍ୟର କଥା, ତାହାର ଦୁଃଖର କଥା, ନ୍ୟାୟନିମିତ୍ତରେ ଅହମିକା ଦେଖାଇ ସର୍ବସ୍ୱାନ୍ତ ହୋଇଥିବା ପ୍ରତିବେଶୀମାନଙ୍କର ଶୋଚନୀୟ ଅବସ୍ଥା ସ୍ୱଚକ୍ଷୁରେ ଦେଖି ସୁଦ୍ଧା ତୁମ୍ଭମାନଙ୍କର ଚୈତନ୍ୟ ଉଦୟ ହେଉ ନାହିଁ ।

ଚତୁର୍ଥ କଥା—ପ୍ରତିବେଶୀମାନଙ୍କ ସହିତ ସ୍ନେହ ସଦ୍ଭାବ ରଖ । ତୁମେ ଯେଉଁ ସୃଷ୍ଟିକର୍ତ୍ତାଙ୍କର ସନ୍ତାନ, ସେମାନେ ମଧ୍ୟ ସେହି ସୃଷ୍ଟିକର୍ତ୍ତାଙ୍କର ସନ୍ତାନ, ଏ କଥା ଭଲକରି ବୁଝି, ସେମାନଙ୍କୁ ନିଜର ଭାଇ ବୋଲି ଜାଣ । ମୁଁ ସଭାପଣ୍ଡିତଙ୍କ ନାତି, ହଜାରୋଟି ବାବୁଙ୍କ ପୁଅ, ପ୍ରହରାଜଘର ଝିଅ, ଚୌଧୁରୀ ଘର ବୋହୂ ବୋଲି ମନକୁ ଅହମିକା ନ ଆଣି ସର୍ବ-ଶକ୍ତିମାନ୍ ସୃଷ୍ଟିକର୍ତ୍ତାଙ୍କର ସନ୍ତାନ ବୋଲି ଗର୍ବ ଅନୁଭବ କର, ନ୍ୟାୟ-

ଜମିଓରେ ଓ ଗହଣାରେ ଅହମିକା ଦେଖାଇ ପ୍ରତିବେଶୀମାନଙ୍କର ଈର୍ଷା ଓ ପରଶ୍ରୀକାତରତା ବରଣ କର ନାହିଁ । ସରଳତା ବ୍ୟତୀତ ପ୍ରକୃତ ସ୍ନେହସଦ୍‌ଭାବ ଅସମ୍ଭବ । ସରଳତାହିଁ ପ୍ରକୃତ ସୌନ୍ଦର୍ଯ୍ୟ, ଏ କଥା ଭଲ କରି ବୁଝି ସରଳ ହୁଅ । ନାରୀଜାତି ମାନବ ସମାଜର ଆଦ୍ୟମାତା ବୋଲି ବୁଝି ନାରୀ ଜାତିକୁ ମାତୃ ଜ୍ଞାନକର । ନାରୀଜାତିର ମଙ୍ଗଳରେ ଜଗତର ମଙ୍ଗଳ, ଏ କଥା ଭଲକରି ବୁଝ ।

---

## ଉପସଂହାର

ଭଗବାନ ନିଜେ ଜ୍ଞାନସ୍ୱରୂପ; ତେଣୁ ତାଙ୍କର ସନ୍ତାନ ତୁମ୍ଭେ-ମାନେ ମଧ୍ୟ ଜ୍ଞାନସ୍ୱରୂପ । ବୁଝିବା ବୋଲି ଗୋଟିଏ ପ୍ରଧାନ ଲକ୍ଷଣ ସେ ତୁମ୍ଭମାନଙ୍କୁ ଦେଇଅଛନ୍ତି । ସେଥିପାଇଁ ତୁମ୍ଭେମାନେ ମନୁଷ୍ୟ । ସେହି ବୁଝିବା ଲକ୍ଷଣଟିକୁ ଧ୍ୱଂସ କରି ଦେଶାଚାରର ଅନ୍ଧ ଅନୁସରଣ କର ନାହିଁ । ଶାସ୍ତ୍ରର କମ୍ବା ପୂର୍ବପୁରୁଷଙ୍କର କୌଣସି କଥା ସବୁଦିନେ ରହିବା ଅସମ୍ଭବ । ଗତବର୍ଷରେ କ୍ରିୟାକଳାପ ଆଜି ତୁମ୍ଭମାନଙ୍କର ଦେଶାଚାର ଧର୍ମରେ ପରିଣତ ହେଲାଣି । "ସମସ୍ତେ କରୁଅଛନ୍ତି", "ଲୋକେ କଣ କହିବେ"—ଏପରି କଥା ତୁମ୍ଭମାନଙ୍କ ପରି ସଭ୍ୟ ଶିକ୍ଷିତ ଲୋକ ପକ୍ଷରେ ଶୋଭନୀୟ ନୁହେଁ ।

୧୯୩୮ ମସିହା

# ଧର୍ମ

●

[ସ୍ୱଧର୍ମ ଓ ଧର୍ମ ନାମରେ ଗତାନୁଗତିକ ପନ୍ଥାର ଅନ୍ଧ ଅନୁସରଣ ଏବଂ ସଭ୍ୟତା ନାମରେ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣପ୍ରିୟ ସମାଜର ଜଡ଼ବାଦ ବା ନାସ୍ତିକତା ଆମ୍ଭମାନଙ୍କର ସମସ୍ତ ପ୍ରକାର ଦୁଃଖ ଦୁରବସ୍ଥାର ଏକମାତ୍ର କାରଣ ଜାଣି ସମାଜରୁ ଏହି ଅନ୍ଧତା ଓ ନାସ୍ତିକତା ଦୂର କରିବା ଅଭିପ୍ରାୟରେ—ବର୍ତ୍ତମାନ ଯୁଗର ସତ୍ୟପ୍ରିୟ, ସ୍ୱାଧୀନତା-ପ୍ରିୟ, ପରିବର୍ତ୍ତନୋନ୍ମୁଖ ସମାଜ ପକ୍ଷରେ ଅତୀତର ଦାମ୍ଭିକ ସ୍ୱଧର୍ମ ପ୍ରକୃତରେ ସ୍ୱଧର୍ମ ନୁହେଁ ଏବଂ ବିଶ୍ୱାସ ଉପରେ ପ୍ରତିଷ୍ଠିତ ଧର୍ମ ପ୍ରକୃତରେ ଧର୍ମ ନୁହେଁ—ଏହି କଥା ପ୍ରଚାର କରି ସତ୍ୟ ଉପରେ ପ୍ରତିଷ୍ଠିତ ପ୍ରକୃତ ଧର୍ମରାଜ୍ୟରେ ପ୍ରକୃତ ସ୍ୱଧର୍ମ ବା ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତା ପ୍ରତିଷ୍ଠା କରିବା ଅଭିପ୍ରାୟରେ—ବିଶ୍ୱାସ ଏବଂ କଳ୍ପନା ପରିବର୍ତ୍ତେ ସତ୍ୟର ପ୍ରତିଷ୍ଠା କରିବା ଅଭିପ୍ରାୟରେ—ବୃଥାଭିମାନରୁ ଉତ୍ପନ୍ନ ହିଂସା, ଈର୍ଷା, ପରଶ୍ରୀକାତରତା ଇତ୍ୟାଦି କୁତ୍ସିତ ବ୍ୟାଧିରୁ ସମାଜକୁ ମୁକ୍ତ କରି ପ୍ରତି ପରିବାରରେ ସତ୍ୟ, ସରଳତା ଓ ପବିତ୍ର ପ୍ରେମ ପ୍ରତିଷ୍ଠା କରିବା ଅଭିପ୍ରାୟରେ—ପାଠକ-ପାଠିକାମାନଙ୍କ ମଧ୍ୟରୁ କେହି ଜଣେ କୌଣସି ଗୋଟିଏ କଥା ବୁଝି ତଦନୁସାରେ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେଲେ ଭବିଷ୍ୟତ ସମାଜର ମଙ୍ଗଳର ପଥ—ସ୍ୱାଧୀନତା ବା ମୁକ୍ତିର ପଥ—ଆନନ୍ଦର ପଥ ପରିଷ୍କାର ହୋଇଯିବ—ଏହି ଆଶାରେ ସ୍ୱଧର୍ମ ଓ ଧର୍ମ ପରି ଗୁରୁତର ବିଷୟର ସମାଲୋଚନାରେ ହସ୍ତକ୍ଷେପ କରି ଗତବର୍ଷ ସ୍ୱଧର୍ମ ନାମରେ ବହି ଖଣ୍ଡିଏ ଲେଖିଥିଲି ଏବଂ ଆଜି ଧର୍ମ ନାମରେ ମୋହର ଅନୁଭୂତି ଓ ବହୁଦର୍ଶିତାରୁ କେତୋଟି କଥା ଲେଖିବାକୁ କର୍ତ୍ତବ୍ୟ ବୋଧ କରିଅଛି । ]

ଧର୍ମ ବ୍ୟାଖ୍ୟା କରିବାର ବିଷୟ ନୁହେଁ କିମ୍ବା କାହାରିକୁ ବୁଝାଇ ଦେବାର ବିଷୟ ନୁହେଁ । ଏହା ନିଜର ସଦିଚ୍ଛା ଓ ଅନୁଭୂତିର ସାହାଯ୍ୟରେ ଉପଲବ୍ଧି କରିବାର ବିଷୟ ଅଟେ । କିନ୍ତୁ ଦୁଃଖର କଥା ଏହି କି, ନିଜର ନିଜତ୍ୱ ସହିତ କିମ୍ବା ସଦିଚ୍ଛା, ଅନୁଭୂତି ଓ ଉପଲବ୍ଧି ସହିତ ଆମ୍ଭମାନଙ୍କର କୌଣସି ସମ୍ବନ୍ଧ ନାହିଁ । କୌଣସି ବିଷୟର ସତ୍ୟାସତ୍ୟ ଓ ନ୍ୟାୟାନ୍ୟାୟ ବିଚାର କରିବାକୁ ହେଲେ ଆମ୍ଭମାନଙ୍କୁ ଧର୍ମଶାସ୍ତ୍ର ଉପରେ କିମ୍ବା ବଡ଼ ବଡ଼ ମହାପୁରୁଷଙ୍କର ମତାମତ ଉପରେ ଅର୍ଥାତ୍ ଅନ୍ୟ ଉପରେ ବା ପରଧର୍ମ ଉପରେ ନିର୍ଭର କରିବାକୁ ହୁଏ । ଅଧିକାଂଶ ସ୍ଥଳରେ ସତ୍ୟାସତ୍ୟର କୌଣସି ବିଚାର ନ କରି ଗତାନୁଗତିକ ଧାରାର ଅନ୍ଧ ଅନୁସରଣ କରିବାକୁ ହୁଏ କିମ୍ବା ଗୁରୁ, ପୁରୋହିତ, ବ୍ୟବସ୍ଥା-ଦାତା ପ୍ରଭୃତି ବ୍ୟବସାୟୀମାନଙ୍କର ଇଚ୍ଛା ଉପରେ ନିର୍ଭର କରି କାର୍ଯ୍ୟ କରିବାକୁ ହୁଏ । ତେଣୁ ଆଲୋଚ୍ୟ ବିଷୟରେ ସଦିଚ୍ଛା, ଅନୁଭୂତି ଓ ଉପଲବ୍ଧି ଏହି ତିନୋଟି କଥାର ସାମାନ୍ୟ ଆଲୋଚନା କରିବା ଆବଶ୍ୟକ ।

ଶ୍ରୁତିପ୍ରତ୍ୟୟ କରି କିମ୍ବା ବେଦାନ୍ତ ଉପନିଷଦ ଇତ୍ୟାଦି ଧର୍ମ-ଗ୍ରନ୍ଥରୁ ପ୍ରମାଣ ଦେଇ ଅର୍ଥ କରିବାକୁ ମୁଁ ଯାଉନାହିଁ । ଏପରି ଅର୍ଥ କରିବାକୁ ଗଲେ ସ୍ୱତନ୍ତ୍ର ଖଣ୍ଡିଏ ବହି ହେବ । ଯାହା ଜାଣିଲେ ପାଠକ ଏ ବିଷୟରେ ସାମାନ୍ୟ ଚିନ୍ତା କରିପାରିବେ, କେବଳ ସେତିକି କଥା ସଂକ୍ଷେପରେ ଲେଖାଗଲା ।

ସଦିଚ୍ଛା ଏହି କଥାଟି ତୁମ୍ଭର ହୃଦୟର କର୍ମ, ଅନୁଭୂତି ଏହି କଥାଟି ତୁମ୍ଭର ମନର କର୍ମ ଏବଂ ସଦିଚ୍ଛା ଓ ଅନୁଭୂତିର ସାହାଯ୍ୟରେ କୌଣସି ବିଷୟକୁ ସତ୍ୟରେ ପରିଣତ କରିବା କିମ୍ବା ନିଜର କରିବା କିମ୍ବା ଉପଲଧି କରିବା ତୁମ୍ଭର ନିଜର କର୍ମ । ସଦିଚ୍ଛା ଏହି କଥାଟି ସାଧକ ପକ୍ଷରେ ସର୍ବପ୍ରଥମ ଓ ସର୍ବପ୍ରଧାନ କଥା । ତାପରେ ଅନୁଭୂତି ଓ ତା ପରେ ଉପଲବ୍ଧି ।

ତୁମ୍ଭର ଯେପରି ଗୋଟିଏ ସ୍ଥୂଳ ଦେହ ଅଛି, ସେହିପରି ଗୋଟିଏ କାମ ଦେହ ବା ହୃଦୟ ଅଛି ଏବଂ ଗୋଟିଏ ମନୋମୟ ଦେହ ବା ମନ ଅଛି । ତୁମ୍ଭେ ଏହି ତିନୋଟି ଦେହର ମାଲିକ ଅଟ ଓ ଏମାନେ ତୁମ୍ଭର ସାହାଯ୍ୟ-

ଦାତା ବା ରକ୍ଷକର ଅଟନ୍ତି । ତୁମ୍ଭେ ଏମାନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସ୍ୱତନ୍ତ୍ର ହେଲେ ସୁଦ୍ଧା ଏମାନଙ୍କ ସହିତ ତୁମ୍ଭର ଘନିଷ୍ଠ ସମ୍ବନ୍ଧ ଅଛି । ଏମାନଙ୍କ ସାହାଯ୍ୟରେ ତୁମ୍ଭଙ୍କୁ ଯାବତୀୟ କର୍ମ କରିବାକୁ ହୁଏ । ଯେଉଁ କର୍ମରେ ହୃଦୟ ଓ ମନର ସମ୍ବନ୍ଧ ନାହିଁ, ତାହା ଅପକର୍ମ ବା ମିଥ୍ୟା ଅଟେ । ହୃଦୟ ଓ ମନ ସହିତ ସମ୍ବନ୍ଧଶୂନ୍ୟ—ସାଂସାରିକ ଜୀବନ ସହିତ ସମ୍ବନ୍ଧଶୂନ୍ୟ—ଅତୀତର ଅନ୍ଧ ଅନୁସରଣ ମିଥ୍ୟା ଅଟେ ।

ତୁମ୍ଭେ ଯେପରି ତୁମ୍ଭର ସ୍ଥୂଳ ଦେହକୁ ଉତ୍ତମ ଖାଦ୍ୟ ଦେଇ ସୁସ୍ଥ ଓ ସବଳ ରଖିବାକୁ ଇଚ୍ଛା କର, ଏମାନଙ୍କୁ ମଧ୍ୟ ଏମାନଙ୍କର ଉପଯୁକ୍ତ ଖାଦ୍ୟ ଦେଇ ସୁସ୍ଥ ଓ ସବଳ ରଖିବାକୁ ହେବ ଏବଂ ସର୍ବଦା ସ୍ମରଣ ରଖିବାକୁ ହେବ ଯେ, ତୁମ୍ଭେ ତୁମ୍ଭର ସ୍ଥୂଳ ଦେହର ମାଲିକ ଅଟ—ଏମାନେ ନୁହନ୍ତି, ନଚେତ୍ ଏମାନେ ଦେହ-ସର୍ବସ୍ୱ ତୁମ୍ଭର ଦେହ ଉପରେ ପ୍ରଭୁତ୍ୱ ବିସ୍ତାର କରି ନିଜର ସ୍ୱାର୍ଥସିଦ୍ଧି କରିବା ସଙ୍ଗେ ସଙ୍ଗେ ତୁମ୍ଭଙ୍କୁ ବିପଥଗାମୀ କରାଇବେ । ଏ ବିଷୟରେ ବିଶେଷ ଜାଣିବାକୁ ଇଚ୍ଛାକଲେ ବ୍ରାହ୍ମଣମାନେ ପ୍ରତ୍ୟେହ ଯେଉଁ ଗାୟତ୍ରୀ ଜପ କରନ୍ତି, ସେହି ଗାୟତ୍ରୀର ଅର୍ଥ ବୁଝନ୍ତୁ । ବେଦାନ୍ତ ମଧ୍ୟ ବୁଝନ୍ତୁ । ଯେଉଁ ଅର୍ଥ କେବଳ କଳ୍ପନା ଉପରେ ପ୍ରତିଷ୍ଠିତ, ବିଶ୍ୱାସ ଉପରେ ପ୍ରତିଷ୍ଠିତ, ଯେଉଁ ଅର୍ଥସହିତ ସାଂସାରିକ ଜୀବନଯାତ୍ରାର କୌଣସି ସମ୍ବନ୍ଧ ନାହିଁ, ଏପରି ଅର୍ଥ ଜାଣିବାକୁ ଇଚ୍ଛା କରନ୍ତୁ ନାହିଁ ।

ସୂର୍ଯ୍ୟଦେବ ଯେପରି ବ୍ରାହ୍ମଣ ଚଣ୍ଡାଳ ନିର୍ବିଶେଷରେ, ପଣ୍ଡିତମୂର୍ଖ ନିର୍ବିଶେଷରେ ସମସ୍ତଙ୍କ ନିକଟରେ ସମାନ, ଧର୍ମ ମଧ୍ୟ ସେହିପରି ସମସ୍ତଙ୍କ ନିକଟରେ ସମାନ । ଅତଏବ ଧର୍ମ କଅଣ, ତାହା ଉପଲବ୍ଧି କରିବାର ଆବଶ୍ୟକତା ଅନୁଭବ କଲେ ମନରୁ ସମସ୍ତ ପ୍ରକାର ପାଣ୍ଡିତ୍ୟ ବା ବିଭ୍ରମମୂଳ ଜଟିଳ ଧାରଣା ଦୂର କରିଦେଇ ସରଳତାର ଆଶ୍ରୟ ନେବାକୁ ହେବ । ମନୁଷ୍ୟ-ସୃଷ୍ଟ ଯାବତୀୟ କୃତ୍ରିମ ବିଷୟ ସହିତ କୌଣସି ସମ୍ବନ୍ଧ ରଖିବାକୁ ହେବ ନାହିଁ । ଏଠାରେ ପଣ୍ଡିତ ହେବାକୁ ମନା କରାଯାଉ ନାହିଁ କିମ୍ବା ସ୍ୱାମୀ ସ୍ତ୍ରୀ, ପୁତ୍ରକନ୍ୟା, ଭାଇବନ୍ଧୁ କାହାରି ସହିତ କୌଣସି ସମ୍ବନ୍ଧ ନ ରଖି ବଲ୍‌କଲ ପିନ୍ଧି ପାଉଁଶ ବୋଳି ହୋଇ ମାଳ ଜପିବାକୁ ହେବ—ଏପରି କଥା ମଧ୍ୟ କୁହାଯାଉ ନାହିଁ ।

ଏହି ଉଦ୍ଦେଶ୍ୟରେ କୁହାଯାଉଅଛି ଯେ, ମନୁଷ୍ୟ ପ୍ରଣୀତ ବେଦ, ପୁରାଣ, କୋରାନ, ବାଇବେଲ ଆଦି ଧର୍ମଶାସ୍ତ୍ର ଏବଂ ମନୁଷ୍ୟ-ସୃଷ୍ଟ ମନ୍ଦିର ମସ୍‌ଜିଦ, ଠାକୁର ଠାକୁରାଣୀ, ପୂଜା ଉପାସନା ଇତ୍ୟାଦି ନାନା ଜଟିଳ ବିଶ୍ୱାସ ଉପରେ ବା କଳ୍ପନା ଉପରେ ବା ମିଥ୍ୟା ଉପରେ ନିର୍ଭର ନ କରି ନିଜ ନିଜର ବୁଝିବା ଉପରେ; ଅନୁଭୂତି ଓ ବହୁଦର୍ଶିତା ଉପରେ, ନିଜ ନିଜର ବ୍ୟକ୍ତିଗତ ସରଳ ସତ୍ୟ ଉପରେ ଭଗବାନଙ୍କର ସୃଷ୍ଟି କୌଶଳର ନିୟମ ଉପଲବ୍ଧି କରି ପାରିଥିଲେ ସେହି ନିୟମ ଉପରେ ନିର୍ଭର କରି ଭଗବାନ ପ୍ରଦତ୍ତ ବିବେକ ଶକ୍ତିର ଏକମାତ୍ର ଆଶ୍ରୟ ନେଇ ଜୀବନଯାତ୍ରା ଆରମ୍ଭ କରିବାକୁ ହେବ । ଭଗବାନଙ୍କ ଉପରେ ସୁଦ୍ଧା ନିର୍ଭର କରିବା ଅନାବଶ୍ୟକ ; କାରଣ ସ୍ୱୟଂ ଭଗବାନ ମଧ୍ୟ ସାଧକ ପକ୍ଷରେ କେବଳ କଳ୍ପନାର କଥା, ବିଶ୍ୱାସର କଥା—ବ୍ୟକ୍ତିଗତ ସତ୍ୟ ନୁହେଁ କି ଅନୁଭୂତିର କଥା ନୁହେଁ ।

ଗଛଟିଏ ଯେପରି ନିଜର ଚେରରେ ବା ସତ୍ୟ ଉପରେ ଦୃଢ଼ଭାବରେ ନିର୍ଭର କରି ରହିଥିବାରୁ ଝଡ଼ ତୋଫାନ ବିରୁଦ୍ଧରେ ସଂଗ୍ରାମ କରିବାକୁ କ୍ଷମ ହୁଏ, ପ୍ରତ୍ୟେକ ମନୁଷ୍ୟ ସେହିପରି ନିଜର ବୁଝିବା ଉପରେ, ନିଜର ବହୁଦର୍ଶିତା ଉପରେ, ନିଜର ବ୍ୟକ୍ତିଗତ ସରଳ ସତ୍ୟ ଉପରେ ନିର୍ଭର କରି ପାରିଲେ ସଂସାରର ନାନା ବାଧାବିଘ୍ନ ବିରୁଦ୍ଧରେ —ଦୁଃଖ ଅଶାନ୍ତିର କାରଣ ବିରୁଦ୍ଧରେ—ନାନା ଅଭାବର କାରଣ ବିରୁଦ୍ଧରେ ସଂଗ୍ରାମ କରିବାକୁ କ୍ଷମ ହୋଇ ପାରିବ ; କିନ୍ତୁ ସମାଜବଦ୍ଧ ମାନବ କେବଳ ବିଶ୍ୱାସ ଉପରେ ଓ କଳ୍ପନା ଉପରେ ନିର୍ଭର କରି ରହି ଆକାଶର ମେଘ ଖଣ୍ଡିକ ସାମାନ୍ୟ ପବନରେ ଇତସ୍ତତଃ ହେଲା ପରି ସାମାନ୍ୟ ଅଭାବରେ, ସାମାନ୍ୟ ପରିବର୍ତ୍ତନରେ ସର୍ବଦା ଇତସ୍ତତଃ ହେଉଅଛି । ଗଛଟି ଯେପରି ତାହାର ଚେର ସାହାଯ୍ୟରେ ନିଜର ଖାଦ୍ୟ ସଂଗ୍ରହ କରି ପ୍ରତିଦିନ ବୃଦ୍ଧି ପାଏ—ପ୍ରତିଦିନ ବଦଳିଯାଏ—ଏହା ଗଛର ସ୍ୱାଭାବିକ ନିୟମ, ପ୍ରତ୍ୟେକ ମନୁଷ୍ୟ ସେହିପରି ନିଜର ବ୍ୟକ୍ତିଗତ ସରଳ ସତ୍ୟର ସାହାଯ୍ୟରେ ସଂସାରର ଜୀବନୀୟ ଘଟଣାରୁ ବହୁଦର୍ଶିତା ରୂପ ଖାଦ୍ୟ ସଂଗ୍ରହ କରି ପ୍ରତିଦିନ ବୃଦ୍ଧି ପାଉ—ପ୍ରତିଦିନ ବଦଳିଯାଉ—ପ୍ରତିଦିନ ସୁନ୍ଦର ହେଉ ; ଏହା ପ୍ରତ୍ୟେକ ମନୁଷ୍ୟ ସକାଶେ ଭଗବାନଙ୍କର ସୃଷ୍ଟି କୌଶଳର ନିୟମ ।

ଗଛଟି ଯେପରି ପ୍ରତିବର୍ଷ ପୁରୁଣା, ଶୁଖିଲା, ମଲା ଡାଳପତ୍ର ସବୁକୁ ନିର୍ମମଭାବରେ ପରିତ୍ୟାଗ କରେ, ପ୍ରତ୍ୟେକ ମନୁଷ୍ୟ, ପ୍ରତ୍ୟେକ ପରିବାର, ପ୍ରତ୍ୟେକ ସମାଜ, ପ୍ରତ୍ୟେକ ଜାତି ସେହିପରି ପ୍ରତିଦିନ ନୂଆ ନୂଆ ବିଷୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଅତୀତର ଅର୍ଥଶୂନ୍ୟ ଅନାବଶ୍ୟକ ମୃତ ବିଷୟ ସବୁକୁ ନିର୍ମମଭାବରେ ପରିତ୍ୟାଗ କରୁ । ଆଜିର ଶୁଖିଲା ଡାଳପତ୍ର ଦିନେ ଜୀବନ୍ତ ଥିଲା—ଦିନେ ସେହି ଗଛର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲା ବୋଲି ଆଜି ସେଥିପ୍ରତି ମମତା ରଖିବା ଯେପରି ଶ୍ରେୟସ୍କର ନୁହେଁ—ବରଂ କ୍ଷତିକାରକ, ଆଜିର ଅର୍ଥଶୂନ୍ୟ ମୃତ ଦେଶାଚାର, କୁଳାଚାର, ଲୋକାଚାର ଇତ୍ୟାଦି ଦିନେ ଜୀବନ୍ତ ଥିଲା—ଦିନେ ସମାଜ ପକ୍ଷରେ ମଙ୍ଗଳପ୍ରଦ ହୋଇଥିଲା ବୋଲି ଆଜି ସେହି ସବୁ ଅତୀତ ପ୍ରତି ମମତା ରଖିବା କିମ୍ବା ଅତୀତର ଅନ୍ଧ ଅନୁସରଣ କରିବା ଫଳରୁ ନିଜ ନିଜର ବର୍ତ୍ତମାନ କର୍ମକ୍ଷେତ୍ରରେ ଉଦାସୀନତା ଦେଖାଇବା, ଉପସ୍ଥିତ ଯୁଗର ସ୍ୱାଧୀନତା-ପ୍ରିୟ, ସତ୍ୟପ୍ରିୟ ମାନବ ସମାଜ ପକ୍ଷରେ କଦାଚ ଶ୍ରେୟସ୍କର ନୁହେଁ । ଗଛଟି ଯେପରି ତାହାର ଅତୀତର କର୍ମଫଳ, ଆମ୍ଭେମାନେ ପ୍ରତ୍ୟେକେ ସେହିପରି ଆମ୍ଭମାନଙ୍କର ଅତୀତ ବହୁଦର୍ଶିତାର କର୍ମଫଳ । ଆମ୍ଭମାନଙ୍କର ବର୍ତ୍ତମାନ କର୍ମକ୍ଷେତ୍ର ସେହି ଅତୀତ ବହୁଦର୍ଶିତା ଉପରେ ପ୍ରତିଷ୍ଠିତ । ତେଣୁ ଅତୀତ ସହିତ ସମ୍ବନ୍ଧ ରଖିବା ସମ୍ପୂର୍ଣ୍ଣ ଅନାବଶ୍ୟକ ।

ଗଛଟି ଯେପରି ସ୍ୱାଭାବିକ ନିୟମରେ ବୃଦ୍ଧି ପାଇ ପାଇ ପରିଶେଷରେ ଫୁଲ ଫଳରେ ଜୀବନକୁ ସାର୍ଥକ କରେ, ନିଃସ୍ୱାର୍ଥ ହୋଇ ଅନ୍ୟକୁ ସୁଗନ୍ଧି ବିତରଣ କରେ—ଅନ୍ୟର କ୍ଷୁଧା ନିବାରଣ କରେ—ପ୍ରତ୍ୟେକ ମନୁଷ୍ୟ ସେହିପରି ପ୍ରତିଦିନ ନୂଆ ନୂଆ ବିଷୟ ଶିକ୍ଷା କରି—ନୂଆ ନୂଆ ବହୁଦର୍ଶିତା ସଂଗ୍ରହ କରି ପରିଶେଷରେ ଧର୍ମ କଅଣ ତାହା ଉପଲବ୍ଧି କରୁ—ଭଗବାନ କିଏ ତାହା ବୁଝିପାରୁ । ମାନବ ସମାଜର ଦୁଃଖ ଦୁରବସ୍ଥାର କାରଣ ଦୂର କରି ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ କରୁ, ଜୀବନକୁ ସଫଳ କରୁ, ସୁନ୍ଦର କରୁ ଓ ସାର୍ଥକ କରୁ—ଏହାହିଁ ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପାଇଁ ଭଗବତ୍ ନିର୍ଦ୍ଦିଷ୍ଟ ଏକମାତ୍ର ସରଳ, ସହଜ ପଥ । ଏହି ସରଳ ସହଜ ପଥ ଅବଲମ୍ବନ କରିବାକୁ ପାଣ୍ଡିତ୍ୟ ବା

କଟିଳତା ର କୌଣସି ଆବଶ୍ୟକତା ନାହିଁ । ଆବଶ୍ୟକ କେବଳ ନିଜର ବଳବତୀ ଇଚ୍ଛା, ବ୍ୟକ୍ତିଗତ ସରଳ ସତ୍ୟ ବା ସରଳତାର ଅଶ୍ରୟ, ଭଗବାନ ପ୍ରଦତ୍ତ ବିବେକ ଶକ୍ତିର ପରିଚୟ ଏବଂ ପରିଶେଷରେ ବିବେକାନୁମୋଦିତ କାର୍ଯ୍ୟ କରିବାରେ ନିର୍ଭୀକତା ।

ଇଚ୍ଛାର ଜନ୍ମ ମନର ପ୍ରରୋଚନା—ବିବେକର ଅାଦେଶ ନୁହେଁ । ବିବେକର ଆଦେଶ—ଭଗବାନଙ୍କର ଆଦେଶ ।

ବିବେକାନୁମୋଦିତ କାର୍ଯ୍ୟ କରିବାରେ ନିର୍ଭିକତାର ନାମ—ସ୍ୱଧର୍ମ ; ଧର୍ମରାଜ୍ୟରେ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତାର ନାମ—ସ୍ୱଧର୍ମ ।

ଏହି ସ୍ୱଧର୍ମ ସହିତ ପ୍ରତ୍ୟେକ ବ୍ୟକ୍ତିର ଏକମାତ୍ର ସମ୍ବନ୍ଧ ଧର୍ମ ସହିତ ସମ୍ବନ୍ଧ ରଖିବାର ବିଶେଷତଃ ବିଶ୍ୱାସ ଓ କଳ୍ପନା ଉପରେ ପ୍ରତିଷ୍ଠିତ ତଥାକଥିତ ଧର୍ମ ସହିତ ସମ୍ବନ୍ଧ ରଖିବାର କୌଣସି ଆବଶ୍ୟକତା ନାହିଁ । ଏହି ସ୍ୱଧର୍ମ ପାଳନ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି କ୍ରମେ କ୍ରମେ ଧର୍ମ-ଆଡ଼କୁ ବା ସତ୍ୟ ଆଡ଼କୁ ବା ଭଗବାନଙ୍କ ନିକଟକୁ ଅଗ୍ରସର ହୁଏ । ଏପରି ଅଗ୍ରସର ହେବାର ନାମ ଜୀବର କ୍ରମବିକାଶ । ଜୀବର ଏହି କ୍ରମବିକାଶ ଭଗବାନଙ୍କର ସୃଷ୍ଟିର ଏକମାତ୍ର କୌଶଳ । ଏହି କୌଶଳ, କାର୍ଯ୍ୟକାରୀ କରିବା ପାଇଁ ଭଗବାନ ଯୋଡ଼ିଏ ପ୍ରଧାନ ନିୟମ ସୃଷ୍ଟି କରିଅଛନ୍ତି । ତାହା କର୍ମବାଦ ଓ ଜନ୍ମାନ୍ତର ( Law of Karma & Law of Rebirth ) । ଭାରତର ମହାପୁରୁଷମାନେ ଗଭୀର ଚିନ୍ତା ଓ ଗବେଷଣା ଦ୍ୱାରା ଏହି ନିୟମ ଦୁଇଟି ଉଦ୍ଭାବନ କରିଅଛନ୍ତି । ଏହି ଯୋଡ଼ିକ ନିୟମ ହିନ୍ଦୁଧର୍ମର ମୂଳଭିତ୍ତି ଓ ବିଶେଷତ୍ୱ । ସେ ଯାହାହେଉ କର୍ମବାଦ ଓ ଜନ୍ମାନ୍ତର କିମ୍ବା ହିନ୍ଦୁଧର୍ମ ଆମ୍ଭମାନଙ୍କର ଆଲୋଚନାର ବିଷୟ ନହେଁ ।

ଜୀବସୃଷ୍ଟିର ପ୍ରଥମାବସ୍ଥାରେ ମାନବ ସମାଜର ଶୈଶବରେ ଓ ବାଲ୍ୟାବସ୍ଥାରେ ସେହି ସେହି ସମୟର ଜ୍ଞାନୀ ମହାପୁରୁଷମାନେ ବିବେକ ଶକ୍ତିର ପରିଚୟ ପାଇ ନଥିବା ମାନବ ସମାଜକୁ ସମାଜବଦ୍ଧ ଭାବରେ ରଖି ପ୍ରତ୍ୟେକ ସମାଜ ପାଇଁ ସେହି ସେହି ସମୟର ଉପଯୋଗୀ ଭିନ୍ନ ଭିନ୍ନ ଧର୍ମଶାସ୍ତ୍ର ଓ ଭିନ୍ନ ଭିନ୍ନ ବ୍ୟବସ୍ଥା ସୃଷ୍ଟି କରିଥିଲେ । ପ୍ରତ୍ୟେକ

ପରିବାରର ମୁରବିମାନେ ସେହି ପରିବାରସ୍ଥ ଶିଶୁମାନଙ୍କ ଭବିଷ୍ୟତ ଶିକ୍ଷା ସକାଶେ ଭିନ୍ନ ଭିନ୍ନ ଶିଶୁର ଭିନ୍ନ ଭିନ୍ନ ଅବସ୍ଥା ଉପଯୋଗୀ ଭିନ୍ନ ଭିନ୍ନ ପ୍ରକାର ଖେଳଣା କୁଣ୍ଢେଇ ଯୋଗାଇବା ପରି ପ୍ରତ୍ୟେକ ସମାଜର ମହା-ପୁରୁଷମାନେ ସେହି ଶିଶୁମାନବ ସମାଜ ମନରେ ଭଗବନ୍ତଭାବ ଜାଗ୍ରତ କରାଇବା ଅଭିପ୍ରାୟରେ ଭିନ୍ନ ଭିନ୍ନ ସମାଜ ପାଇଁ ଭିନ୍ନ ଭିନ୍ନ ଶିକ୍ଷାପୂର୍ଣ୍ଣ ଠାକୁର ଠାକୁରାଣୀ, ମନ୍ଦିର ମସଜିଦ୍ ସୃଷ୍ଟି କରିଥିଲେ ।

ଶିଶୁମାନଙ୍କୁ ରସଗୋଲାର ପ୍ରଲୋଭନ ଓ ବାଘ ଭୂତର ଭୟ ଦେଖାଇବା ପରି ସ୍ୱର୍ଗ ସୁଖର ପ୍ରଲୋଭନ ଓ ନରକ ଯନ୍ତ୍ରଣାର ଭୟ ଦେଖାଇ ସେହି ଶିଶୁମାନବ ସମାଜକୁ ବିପଥଗାମୀ ହେବାରୁ ରକ୍ଷା କରି-ଥିଲେ ଏବଂ ନିରାପଦ ପଥରେ ଚଳାଇବାର ବ୍ୟବସ୍ଥା କରିଥିଲେ । ସେହି ସବୁ ଧର୍ମଶାସ୍ତ୍ର ଓ ଧର୍ମ ଭୟ ସେହି ସେହି ସମୟରେ ସେହି ସେହି ସମାଜର ଯଥେଷ୍ଟ ମଙ୍ଗଳ ସାଧନ କରିଥିଲା । ସେହି ସବୁ ମହାପୁରୁଷମାନଙ୍କୁ କୋଟି କୋଟି ନମସ୍କାର; ମାତ୍ର ସେମାନଙ୍କର ସେହି ଅତୀତର ବ୍ୟବସ୍ଥା ଅତୀତର ଧର୍ମଶାସ୍ତ୍ର, ଅତୀତର ଧର୍ମ ଭୟ ବର୍ତ୍ତମାନ ଯୁଗର ମାନବ ସମାଜ ପକ୍ଷରେ ସମ୍ପୂର୍ଣ୍ଣ ଅନାବଶ୍ୟକ । କାରଣ ଏହିକି, ଜୀବ ସୃଷ୍ଟିର ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମାନବ ସମାଜ ଆଜି ତାହାର ଶୈଶବ କାହିଁକି ବାଲ୍ୟ ମଧ୍ୟ ଅତିକ୍ରମ କରି ପୂର୍ଣ୍ଣ ଯୌବନରେ ଉପସ୍ଥିତ ହୋଇ ସାରିଲାଣି । ବିବେକ ଶକ୍ତିର ପରିଚୟ ପାଉ ବା ନପାଉ ଧର୍ମଶାସ୍ତ୍ରର ଆଦେଶ ଅନୁସାରେ କାର୍ଯ୍ୟ କରିବାକୁ, ଠାକୁର ଠାକୁରାଣୀଙ୍କୁ ଭଗବାନ ବୋଲି କମ୍ବା ମନ୍ଦିର ମସଜିଦ୍‌କୁ ଉପାସନାର ମନ୍ଦିର ବୋଲି ସ୍ୱୀକାର କରିବାକୁ କି ଶିକ୍ଷିତ କି ଅଶିକ୍ଷିତ ପ୍ରତ୍ୟେକ ବ୍ୟକ୍ତି ଆଜି ସେଇଥି ପାଇଁ ପଶ୍ଚାତ୍‌ପଦ । ସ୍ୱାଧୀନତାର ଅର୍ଥ ବୁଝନ୍ତୁ ବା ନାହିଁ, କି ପୁରୁଷ କି ସ୍ତ୍ରୀ ପ୍ରତ୍ୟେକ ବ୍ୟକ୍ତି ଆଜି ସେଇଥି ପାଇଁ ସ୍ୱାଧୀନ ହେବାକୁ ପ୍ରସ୍ତୁତ । କି ସାମାଜିକ ବନ୍ଧନ କି ରାଜନୈତିକ ବନ୍ଧନ କି ପାରିବାରିକ ବନ୍ଧନ କୌଣସି ପ୍ରକାର ବନ୍ଧନରେ ଆବଦ୍ଧ ରହିବାକୁ ମାନବ ସମାଜ ଅଜି ସେଇଥିପାଇଁ ସମ୍ପୂର୍ଣ୍ଣ ଅନିଚ୍ଛୁକ । ଯାହା ଅନୁଭୂତିର କଥା ନୁହେଁ, ଏପରି ଅତୀତର ସମାଲୋଚନା କରିବାକୁ ମୁଁ ଯାଉ ନାହିଁ । ଏହି ପଚାଶ ତିରିଶ ବର୍ଷ ପୂର୍ବର ଏକାନ୍ନବର୍ତ୍ତୀ ପରିବାରଭୁକ୍ତ ଭାଇ ଭଉଣୀ, କକେଇ ବଡ଼ବେଇ, ଖୁଡ଼ୀ ଜେଠେଇ, ମାମୁ ମାଇଁ, ମାଉସୀ ପିଉସୀ

ଇତ୍ୟାଦିଙ୍କର ସରଳତାପୂର୍ଣ୍ଣ ସ୍ନେହ ସହାନୁଭୂତି ଆଜ ସ୍ୱପ୍ନ ପରି ବୋଧ ହେଉଅଛି । ପୂର୍ବର ସେହି ସୁଖମୟ ପାରିବାରିକ ବନ୍ଧନ ଆଜିର ସଂକୀର୍ଣ୍ଣ ସ୍ୱାର୍ଥାନ୍ୱେଷୀ ମାନବ ପକ୍ଷରେ କେବଳ ଦୁଃଖପ୍ରଦ ହୋଇ ରହିଅଛି । ଆଜ ଯେ ମାନବ ସମାଜ ଶାସ୍ତ୍ର ଛାଡ଼ି, ଠାକୁର ଠାକୁରାଣୀ ଛାଡ଼ି, ପୂଜା ଉପାସନା ଛାଡ଼ି, ସନ୍ଧ୍ୟା ଗାୟତ୍ରୀ ଛାଡ଼ି ଭଗବାନଙ୍କର ଅଦ୍ଭୁତ ସୃଷ୍ଟି କୌଶଳର ବଶବର୍ତ୍ତୀ ହୋଇ ତାହାର ଅଜ୍ଞାତସାରରେ ପୂର୍ବର ସମସ୍ତ ପ୍ରକାର ଆନନ୍ଦଦାୟକ ମଙ୍ଗଳପ୍ରଦ ବନ୍ଧନରୁ ମୁକ୍ତ ହୋଇ ଭଗବାନଙ୍କ ଇଚ୍ଛାର ଅନୁକୂଳରେ କ୍ରମୋନ୍ନତି ଦିଗରେ ଅଗ୍ରସର ହେଉଅଛି—ଏ କଥା ଆଜ ପ୍ରତ୍ୟେକ ବ୍ୟକ୍ତିର ଉତ୍ତମରୂପେ ବୁଝିପାରିବା ଆବଶ୍ୟକ । ଭଗବାନଙ୍କର ଇଚ୍ଛା, ତାଙ୍କର ସୃଷ୍ଟି କୌଶଳର ନିୟମ, ମାନବ ସମାଜର ବର୍ତ୍ତମାନ ଅବସ୍ଥା ଏବଂ ସେହି ମାନବ ସମାଜରେ ନିଜ ନିଜର ବର୍ତ୍ତମାନ ଅବସ୍ଥା ବୁଝିବା ପାଇଁ ଆଜ ପ୍ରକୃଷ୍ଟ ସମୟ ଆସିଛି ।

ଭଗବାନଙ୍କ ସହିତ ସମ୍ବନ୍ଧ ରଖିବା ଅନାବଶ୍ୟକ, ଏକଥା ପ୍ରଥମରୁ କହିଥିବାରୁ ତାଙ୍କର ଇଚ୍ଛା ଓ ତାଙ୍କର ସୃଷ୍ଟି କୌଶଳର ନିୟମ ସମ୍ବନ୍ଧରେ ବିଶେଷ ଆଲୋଚନା କରିବାକୁ ମୁଁ ଯାଉ ନାହିଁ କିମ୍ବା ଯେଉଁ ସାମାନ୍ୟ ଆଲୋଚନା କଲି ତାହାକୁ ସତ୍ୟ ବୋଲି ମାନିନେଇ ତଦନୁସାରେ କର୍ତ୍ତବ୍ୟ ସ୍ଥିର କରିବାକୁ ମଧ୍ୟ କହୁ ନାହିଁ । ତେବେ ଏଠାରେ ପାଠକମାନଙ୍କର କେବଳ ଏତିକି ମନେ ରଖିବା ଆବଶ୍ୟକ ଯେ, ସମସ୍ତ ମାନବ ସମାଜ କାହିଁକି ପ୍ରତ୍ୟେକ ମାନବ ଦିନେ ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତ ହୋଇ ସ୍ୱାଧୀନତାର ଆନନ୍ଦ ଉପଲବ୍ଧି କରିବା ନିଜକୁ ପରମ ପିତା ଭଗବାନଙ୍କର ସନ୍ତାନ ବୋଲି ସ୍ୱୀକାର କରି ବର୍ତ୍ତମାନ ଯୁଗର ବୃଥାଭିମାନରୁ ଉତ୍ପନ୍ନ ହିଂସା, ଈର୍ଷା, ଘୃଣା, ପରଶ୍ରୀ କାତରତାପୂର୍ଣ୍ଣ ସଂସାରରେ ଦିନେ ବିଶ୍ୱଭ୍ରାତୃତ୍ୱ ବା ବିଶ୍ୱପ୍ରେମ ସ୍ଥାପନ କରି ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ କରିବ ।

ସମସ୍ତ ମାନବ ସମାଜ ଭଗବାନଙ୍କର ଇଚ୍ଛାର ଅନୁକୂଳରେ କ୍ରମୋନ୍ନତି ଦିଗରେ ଗତି କରୁଅଛି ବୋଲି ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ତାହା ପ୍ରଯୁଜ୍ୟ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର କ୍ରମୋନ୍ନତି ପାଇଁ କିମ୍ବା ସେହି ବ୍ୟକ୍ତି ଦ୍ୱାରା ସୃଷ୍ଟ ଓ ପରିଚାଳିତ ତାହାର ପରିବାରଭୁକ୍ତ ବ୍ୟକ୍ତି-

ମାନଙ୍କର କ୍ରମୋନ୍ନତି ବା ପ୍ରକୃତ ମଙ୍ଗଳ ପାଇଁ ଭଗବାନ ଦାୟୀ ନୁହନ୍ତି । ପ୍ରତ୍ୟେକ ବ୍ୟକ୍ତି ତାହାର କୃତକର୍ମ ସକାଶେ ନିଜେ ଦାୟୀ ଅଟେ । ମୁଁ ଯାହା ଇଚ୍ଛା ତାହା କରିବି ଅଥଚ ମୋହର କୃତ କର୍ମର ଫଳ ଭୋଗ କଲାବେଳେ ଭଗବାନଙ୍କର ଦୋଷାରୋପ କରିବି ମୁଁ ଯେତେ ଇଚ୍ଛା ପୁଅ ଝିଅ ସୃଷ୍ଟି କରିବି ଅଥଚ ସେମାନଙ୍କର ଭରଣପୋଷଣ ଓ ଉପଯୁକ୍ତ ଶିକ୍ଷା ପାଇଁ ଭଗବାନଙ୍କୁ ଦାୟୀ କରିବି—ଏହା ଯୁକ୍ତିଯୁକ୍ତ ନୁହେଁ ।

ଅତୀତର ଧର୍ମଶାସ୍ତ୍ର, ଅତୀତର ବ୍ୟବସ୍ଥା, ଅତୀତର ଧର୍ମ ଭୟ ସବୁ ବିଷୟ ଗୁଡ଼ି ସୁଦ୍ଧା ବହୁ କାଳରୁ ସମାଜବଦ୍ଧ ଭାବରେ ଚଳି ଆସିଥିବାରୁ କେବଳ ସେହି ଅଭ୍ୟାସ ଦୋଷରୁ ଦେଶାଚାର, କୁଳାଚାର, ଲୋକାଚାର ଇତ୍ୟାଦିର ଅନ୍ଧ ଅନୁସରଣ ମାନବ ସମାଜ ଆଜି ଛାଡି ପାରୁନାହିଁ । ପୂର୍ବର ସେହି ସ୍ୱର୍ଗ ନରକର ଭୟ ତାହା ମନରେ ଏପରି ବଦ୍ଧମୂଳ ହୋଇଯାଇଅଛି ଯେ, ସ୍ୱର୍ଗ ନରକର ଭୟ ପରିବର୍ତ୍ତେ ଲୋକଲଜ୍ଜା ଭୟ, ସାମାଜିକ ମର୍ଯ୍ୟାଦାହାନି ଭୟ, ସଙ୍କୀର୍ଣ୍ଣ ସ୍ୱାର୍ଥହାନି ଭୟ ଇତ୍ୟାଦି ଇତ୍ୟାଦି ନାନା ପ୍ରକାର ଭୟ ତାକୁ ତାହାର ବିବେକାନୁମୋଦିତ କାର୍ଯ୍ୟରେ ପ୍ରତି ପଦକ୍ଷେପରେ ବାଧା ଦେଇ ତାକୁ ନିଶ୍ଚେଷ୍ଟ ଜଡ଼ ପଦାର୍ଥରେ ପରିଣତ କରି ରଖିଅଛି ।

ବିବେକ ଶକ୍ତିର ପରିଚୟ ପାଇବାକୁ ବର୍ତ୍ତମାନ ଯୁଗରେ ସୁଦ୍ଧା ଯେଉଁମାନେ ନିଜକୁ ଅକ୍ଷମ ବୋଧ କରୁଅଛନ୍ତି, ସେମାନେ ଧର୍ମଶାସ୍ତ୍ରର ବ୍ୟବସ୍ଥାନୁସାରେ ଜୀବନ ଗଠନ କରି ପାରିଲେ କରନ୍ତୁ, ଅତୀତର ଅନ୍ଧ ଅନୁସରଣ କରି ପାରିଲେ କରନ୍ତୁ; ଇତସ୍ତତଃ ହୁଅନ୍ତୁ ନାହିଁ କିମ୍ବା—

ଦେଶାଚାର, କୁଳାଚାର ଇତ୍ୟାଦି ନାମରେ ପ୍ରଚଳିତ ପ୍ରଥା ସବୁର ବିଶେଷତଃ ପ୍ରଚଳିତ ଅନିଷ୍ଟକାରୀ ପ୍ରଥା ସବୁର ଅନ୍ଧ ଅନୁସରଣ କରି ଦୁଃଖ ଯନ୍ତ୍ରଣା ବରଣ କରନ୍ତୁ ନାହିଁ । ସେହି ଅଳ୍ପ କେତେକ ଲୋକଙ୍କୁ ଛାଡ଼ି ଅନ୍ୟାନ୍ୟମାନେ ଅନୁଗ୍ରହ କରି ଭଗବାନ ପ୍ରଦତ୍ତ ବିବେକ ଚକ୍ଷୁ ଖୋଲନ୍ତୁ, ଧର୍ମ ଶାସ୍ତ୍ର ପ୍ରତ୍ୟେକ ସମାଜର ଚକ୍ଷୁ; ମାତ୍ର ବିବେକ ପ୍ରତ୍ୟେକ ବ୍ୟକ୍ତିର ଚକ୍ଷୁ; ଧର୍ମ ଶାସ୍ତ୍ରର ଆଦେଶ ମନୁଷ୍ୟର ଆଦେଶ; କିନ୍ତୁ ବିବେକର ଆଦେଶ ଭଗବାନଙ୍କର ଆଦେଶ ଏ କଥା ଆଜି ଭଲରୂପେ ବୁଝନ୍ତୁ ।

ବିବେକ ଚକ୍ଷୁ ଖୋଲି ସୁଦ୍ଧା, ବିବେକର ଆଦେଶ ଶୁଣି ସୁଦ୍ଧା ଯେଉଁମାନେ ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଭୟ କରି ଦେଶାଚାର, କୁଳାଚାର ଇତ୍ୟାଦିର ଅନ୍ଧ ଅନୁସରଣ ଛାଡ଼ି ପାରୁ ନାହାନ୍ତି, ସେମାନଙ୍କୁ କହୁଅଛି—ଭୟ କରନ୍ତୁ ନାହିଁ, ଭଗବାନଙ୍କର ସନ୍ତାନ ହୋଇ ଭୟ କରିବାର କୌଣସି କାରଣ ନାହିଁ । ଭୟ କରିବା ନାସ୍ତିକତାର ପରିଚୟ, ଅମନୁଷ୍ୟତାର ପରିଚୟ । ଯାହା ବିବେକର ଆଦେଶ, ଯାହା ଭଗବାନଙ୍କର ଆଦେଶ, ଯାହା ସତ୍ୟ, ଯାହା ନ୍ୟାୟ, ଯାହା ଭବିଷ୍ୟତ ସମାଜ ପାଇଁ ପ୍ରକୃତରେ ମଙ୍ଗଳପ୍ରଦ ତାହା କରିବାକୁ ହେବ । ଯାହା ଅର୍ଥଶୂନ୍ୟ ଓ ଅନାବଶ୍ୟକ, ବିଶେଷତଃ ଯାହା ସମାଜ ପକ୍ଷରେ ଅନିଷ୍ଟ-ପ୍ରଦ, ସେ ସବୁକୁ ଆଜି ଛାଡ଼ି ଦେବାକୁ ହେବ । ସେଥିପାଇଁ ଅଜ୍ଞ ଲୋକେ ଯାହା ମନେ କରିବାର କରନ୍ତୁ ।

# ଉପସଂହାର

●

ସମସ୍ତ ମାନବ ସମାଜ ଦୁଇ ଶ୍ରେଣୀରେ ବିଭକ୍ତ । ଧନୀ ଓ ଦରିଦ୍ର ଏହି ଦୁଇ ଶ୍ରେଣୀରେ ନୁହେଁ—ରାଜା ଓ ପ୍ରଜା ଏହି ଦୁଇ ଶ୍ରେଣୀରେ ନୁହେଁ—ପୁରୁଷ ଓ ସ୍ତ୍ରୀ ଏହି ଦୁଇ ଶ୍ରେଣୀରେ ନୁହେଁ— ଜ୍ଞାନୀ ବା ଉନ୍ନତ ମାନବ ଓ ଅଜ୍ଞାନୀ ବା ଅନୁନ୍ନତମାନବ ଏହି ଦୁଇ ଶ୍ରେଣୀରେ ବିଭକ୍ତ । ଜ୍ଞାନୀର ଅର୍ଥ ପଣ୍ଡିତ ନୁହେଁ ଏବଂ ଅଜ୍ଞାନୀର ଅର୍ଥ ମୂର୍ଖ ନୁହେଁ । ଜ୍ଞାନୀର ଅର୍ଥ ଗୁରୁ ନୁହେଁ ଏବଂ ଅଜ୍ଞାନୀର ଅର୍ଥ ଶିଷ୍ୟ ବା ଚେଲା ନୁହେଁ । ଧର୍ମରାଜ୍ୟରେ ଜ୍ଞାନର ଅର୍ଥ ଭଗବାନଙ୍କ ସୃଷ୍ଟିକୌଶଳ ସମ୍ବନ୍ଧରେ ଜ୍ଞାନ । କି ଜ୍ଞାନୀ କି ଅଜ୍ଞାନୀ ଧର୍ମରାଜ୍ୟରେ ସମସ୍ତେ ସମାନ । ସମସ୍ତେ ଏହି ଗୋଟିଏ ବିଶ୍ୱବିଦ୍ୟାଳୟର ଛାତ୍ର । ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାର ଶେଷ ନାହିଁ । ଯେଉଁ ବ୍ୟକ୍ତି ଜ୍ଞାନୀ ଅର୍ଥାତ ଯେଉଁ ବ୍ୟକ୍ତି ସୃଷ୍ଟିକୌଶଳର ନିୟମ ସମ୍ବନ୍ଧରେ ଜ୍ଞାନ ଲାଭ କରିଅଛି ତାହାର ମଧ୍ୟ ଅଧିକର ଜ୍ଞାନ ଉପାର୍ଜ୍ଜନ କରିବାର ଆବଶ୍ୟକତା ଅଛି । ଆଜି ଯେଉଁ ବ୍ୟକ୍ତି ଅଜ୍ଞାନୀ—ଅନୁନ୍ନତ ବା ଅସଭ୍ୟ, ଭବିଷ୍ୟତରେ ସେହି ବ୍ୟକ୍ତି ଜ୍ଞାନୀ ହେବ । ଜ୍ଞାନୀ ହେଲେ ଗୁରୁଗିରି କରିବାକୁ ହେବ ଏବଂ ଶିଷ୍ୟମାନଙ୍କର ନିଜତ୍ୱ ବା ବ୍ୟକ୍ତିତ୍ୱକୁ ଧ୍ୱଂସ କରି ସେମାନଙ୍କଠାରୁ ବାର୍ଷିକ କିଛି ଅର୍ଥ ସଂଗ୍ରହ କରି ସାଂସାରିକ ଜୀବନରେ ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗ କରି ପାରିବ—ଏପରି ଆଶା ବା ଧାରଣା ରଖନ୍ତୁ ନାହିଁ ! ଅଜ୍ଞାନୀ ଅପେକ୍ଷା ଜ୍ଞାନୀ ବ୍ୟକ୍ତିର ଦାୟିତ୍ୱ ଅନେକ ବେଶୀ ଏବଂ ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ଖୁବ୍ ଅଳ୍ପ । ସତ୍ୟ ଓ ସରଳତାର ଆଦର୍ଶ ଦ୍ୱାରା ଅଜ୍ଞାନୀମାନଙ୍କର ଭ୍ରାନ୍ତିମାନ ଧ୍ୱଂସ କରିବା ଜ୍ଞାନୀମାନଙ୍କର କର୍ତ୍ତବ୍ୟ । ଗୁରୁଗିରି ବ୍ୟବସାୟୀମାନେ ଶିଷ୍ୟମାନଙ୍କର ଭ୍ରାନ୍ତିମାନଙ୍କୁ ଧ୍ୱଂସ କରିବା ପରିବର୍ତ୍ତେ ସେମାନଙ୍କର ବ୍ୟକ୍ତିତ୍ୱକୁ ଧ୍ୱଂସ କରି ସମାଜର ବର୍ତ୍ତମାନ ଦୁଃଖ ଦୁରବସ୍ଥାର କାରଣ ହୋଇଅଛନ୍ତି । ଦୁଃଖର କଥା, ଆଜିକାଲିକାର ଜ୍ଞାନୀ-ମାନେ ଏହି ମୂଳ କାରଣ ପ୍ରତି ଦୃଷ୍ଟି ନ ଦେଇ, ବ୍ୟକ୍ତିତ୍ୱର ଆବଶ୍ୟକତା ପ୍ରତି ଦୃଷ୍ଟି ନ ଦେଇ ଆଇନଦ୍ୱାରା ସମାଜ ସଂସ୍କାର କରିବାକୁ ଚେଷ୍ଟା

କରୁଅଛନ୍ତି । କନ୍ୟାଦାନ ଓ ଦୂର୍ବାକ୍ଷତ କର୍ମର ଆବଶ୍ୟକତା ନ ବୁଝି କନ୍ୟାଦାନକୁ କନ୍ୟାର ବିବାହ ମନେକରି ଜନସାଧାରଣ ବ୍ୟକ୍ତିତ୍ୱର ଆବଶ୍ୟକତା ବୁଝିବା ସମୟରେ ସାରଦା ଆଇନଦ୍ୱାରା କନ୍ୟାର ବିବାହ ପରି ବିଷୟରେ ଜନସାଧାରଣଙ୍କର ବ୍ୟକ୍ତିତ୍ୱକୁ ଧ୍ୱଂସ କରୁଅଛନ୍ତି—ସେ ଯାହାହେଉ ସାରଦା ଆଇନ ବିରୁଦ୍ଧରେ ମୁଁ ସ୍ୱତନ୍ତ୍ର ଆନ୍ଦୋଳନ କରିଅଛି, ତେଣୁ ଏଠାରେ ସେ ବିଷୟରେ ବିଶେଷ ଆଲୋଚନା ଅନାବଶ୍ୟକ ।

ଯେତେଦିନ ଆମ୍ଭେମାନେ ବିବେକ ଶକ୍ତିର ପରିଚୟ ପାଇ ନ ଥିଲୁ, ବ୍ୟକ୍ତିଗତ ସ୍ୱଧର୍ମର ପରିଚୟ ପାଇ ନ ଥିଲୁ ସେତେଦିନ ପର୍ଯ୍ୟନ୍ତ ଅମ୍ଭମାନଙ୍କୁ ପିଲାଙ୍କ ପରି କୁଣ୍ଢେଇ ଖେଳ ଖେଳିବାକୁ ହୋଇଥିଲା । ସମାଜବଦ୍ଧ ଭାବରେ ରହି ବଡ ବଡଙ୍କର କଥା ମାନି କାର୍ଯ୍ୟ କରିବାକୁ ହୋଇଥିଲା—ଦେଶାଚାରର ଅନ୍ଧ ଅନୁସରଣ କରିବାକୁ ହୋଇଥିଲା--- ବିଶ୍ୱାସ ଉପରେ ଏବଂ କଳ୍ପନା ଉପରେ ନିର୍ଭର କରି ଜୀବନଯାତ୍ରା ନିର୍ବାହ କରିବାକୁ ହୋଇଥିଲା ; କିନ୍ତୁ ଆଜି ଅମ୍ଭମାନଙ୍କର ଅବସ୍ଥାର ପରିବର୍ତ୍ତନ ଘଟିଅଛି ଏବଂ ଅଳ୍ପଦିନ ମଧ୍ୟରେ ଏହି ଅବସ୍ଥା ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଯିବ—ଏ କଥା ଆମ୍ଭେମାନେ ଉତ୍ତମରୂପେ ବୁଝିପାରିଲୁଣି । ଏହି ପରିବର୍ତ୍ତନ ସମୟରେ ଆମ୍ଭମାନଙ୍କୁ ଖୁବ୍ ସାବଧାନତାର ସହିତ, ନିର୍ଭୀକତାର ସହିତ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବାକୁ ହେବ, ଅନ୍ଧ ଅନୁସରଣରେ ଅଭ୍ୟସ୍ତ ବିପଥଗାମୀ ସମାଜର ଅଗ୍ରଗାମୀ ହେବାକୁ ହେବ, ବିଶ୍ୱାସର ଓ କଳ୍ପନାର ଉପାସନା ନ କରି ସତ୍ୟର ଉପାସନା କରିବାକୁ ହେବ, ଦେହର ଉପାସନା ନ କରି ଜୀବର ଉପାସନା କରିବାକୁ ହେବ, ପିଲାଦିନର କୁଣ୍ଢେଇ ଖେଳ ଛାଡ଼ିଦେବାକୁ ହେବ । ଯେଉଁସବୁ ଦେଶାଚାର ସହିତ ସାଂସାରିକ ଜୀବନଯାତ୍ରାର କୌଣସି ସମ୍ବନ୍ଧ ନାହିଁ, ସେ ସମସ୍ତ ଅର୍ଥ-ଶୂନ୍ୟ ଦେଶାଚାରକୁ ନିର୍ମମ ଭାବରେ ଓ ନିର୍ଭୀକ ଭାବରେ ପରିତ୍ୟାଗ କରିବାକୁ ହେବ । ଧର୍ମରାଜ୍ୟରେ କି ଜ୍ଞାନୀ କି ଅଜ୍ଞାନୀ ସମସ୍ତଙ୍କର ସମାନ ଅଧିକାର ଅଛି, ଏ କଥା ସର୍ବସାଧାରଣଙ୍କୁ ଉତ୍ତମରୂପେ ବୁଝାଇଦେଇ ପରସ୍ପର ମଧ୍ୟରେ ସ୍ନେହ ସଦ୍ଭାବ ସ୍ଥାପନ କରିବାକୁ ହେବ, ହିଂସା, ଈର୍ଷା, ପରଶ୍ରୀକାତରତା ଇତ୍ୟାଦିରୁ ଏବଂ ବୃଥାଭିମାନରୁ ଯେଉଁ କ୍ଷଣିକ ସୁଖ ଅନୁଭବ କରି ଜନସାଧାରଣ ନିଶ୍ଚିନ୍ତ ରହିଅଛନ୍ତି, ତାହା ପ୍ରକୃତ ଆନନ୍ଦ ନୁହେଁ ଏବଂ ଐଶ୍ୱରିକତା ବ୍ୟତୀତ ପ୍ରକୃତ ଆନନ୍ଦ ଆଶା କରିବା ବିଡ଼ମ୍ବନା, ଏ କଥା ବୁଝାଇ ଦେବାକୁ ହେବ ।

୧୯୩୯ ମସିହା

# ଭଗବାନ ଓ ଧର୍ମ

## କରୁଣାମୟ ଭଗବାନ

●

କରୁଣାମୟ ଏହି ବିଶେଷଣଟି ଭଗବାନଙ୍କଠାରେ ଯୋଗ କରିବା ପୂର୍ବେ, ଏତିକି ଭାବିବା ଆବଶ୍ୟକ ଯେ ଦୁଃଖର ଅନୁଭୂତି ନ ହେଲେ ହୃଦୟରେ କରୁଣାର ଉତ୍ପତ୍ତି ହୋଇ ନ ପାରେ । ହୃଦୟରେ ପ୍ରଥମେ ଦୁଃଖର ଅନୁଭୂତି ତାପରେ କରୁଣାର ଉତ୍ପତ୍ତି ହୁଏ ।

ଆମ୍ଭେମାନେ ତ ଏତେ ଯୁକ୍ତି ତର୍କ ଜାଣୁଁ ଏତିକି ଜାଣିବୁଁ କାହିଁକି ? ଦୁଃଖମୟ ନ ହେଲେ କରୁଣାମୟ ହେବା ଅସମ୍ଭବ ଏତିକି ତର୍କ ଦ୍ୱାରା ଠିକ ନ କରୁଁ କାହିଁକି ? ତାହାର କାରଣ ଆମ୍ଭେମାନେ ସଭ୍ୟ ଓ ଉନ୍ନତ ହେଲେ ସୁଦ୍ଧା ଯଥାର୍ଥରେ ଠକ ଓ ସ୍ୱାର୍ଥପର । ଏପରି ଅନେକ ଧନୀ ଲୋକ ଅଛନ୍ତି ଯେ ସେମାନେ ଅନ୍ନଦାନଠାରୁ ଆରମ୍ଭକରି ଗଞ୍ଜେଇ ପର୍ଯ୍ୟନ୍ତ ଅନେକ ଦାନ କରନ୍ତି ମାତ୍ର କରୁଣାର୍ଦ୍ର ହୋଇ ସେପରି ଦାନ କରନ୍ତି ନାହିଁ (ଏପରି ଦାନ ଦାନ ନୁହେଁ କେବଳ ଅଭାବ ମୋଚନ) ଭଗବାନଙ୍କର ଦାନ କଣ ସେହିପରି ? ଯଦି ଠିକ୍ ସେହିପରି ତେବେ ଭଗବାନଙ୍କଠାରେ କେବଳ ସର୍ବଶକ୍ତିମାନ ଷଡୈଶ୍ୱର୍ଯ୍ୟଶାଳୀ,—ଚତୁର୍ବର୍ଗଦାତା ଇତ୍ୟାଦି ବିଶେଷଣ ସବୁ ଯୋଗ କରିପାରନ୍ତି । କିନ୍ତୁ ଯେଉଁମାନେ କରୁଣାମୟ ଏହି ବିଶେଷଣଟି ଭଗବାନଙ୍କ ପୂର୍ବେ ଯୋଗକରିବେ ସେମାନଙ୍କୁ "ଭଗବାନ ଦୁଃଖମୟ" ଏତିକି ସ୍ୱୀକାର କରିବାକୁ ହେବ ।

ଆମ୍ଭମାନଙ୍କର ଅଧର୍ମଜନିତ ଦୁଃଖ ଭଗବାନଙ୍କ ଦୁଃଖର କାରଣ । ସର୍ବଶକ୍ତିମାନ୍ ପରମ ପିତା ପରମେଶ୍ୱର ସର୍ବଦା ଆମ୍ଭମାନଙ୍କର

ଯଥାର୍ଥ ମଙ୍ଗଳ ସାଧନ କରୁଅଛନ୍ତି ଏତିକି ଭାବି ଆମ୍ଭେମାନେ ନିଶ୍ଚିନ୍ତରେ ରହିପାରୁଁ, ମାତ୍ର ଆମ୍ଭମାନଙ୍କର ଅଧର୍ମ ଜନିତ ଦୁଃଖ ହେତୁରୁ କରୁଣାମୟ ଭଗବାନଙ୍କର ଯେଉଁ ଦୁଃଖ ସେ ଦୁଃଖ ଅନୁଭବ କରି ନିଶ୍ଚିନ୍ତରେ ରହି ପାରନ୍ତି କି ନା, ଥରେ ଭାବନ୍ତୁ ।

ପୁତ୍ରମାନଙ୍କର ଅକର୍ତ୍ତବ୍ୟ ସକାଶେ ପିତାର ଯେଉଁ ଦୁଃଖ ହୁଏ ତାହା ପ୍ରାୟ ଆମ୍ଭେମାନେ ପ୍ରତ୍ୟେକ ଅନୁଭବ କରିଥିବୁ । ମାତ୍ର ପ୍ରତ୍ୟେକ ପିତାର ଦୁଃଖ ଭଗବାନଙ୍କର ଦୁଃଖ ତୁଳନାରେ ଖୁବ ସାମାନ୍ୟ । ବ ୨୦।୩୦ ର୍ଷ ବୟସ୍କ ପୁତ୍ରମାନଙ୍କୁ ଯେଉଁ ପିତା କାନ୍ଧରେ ଚଢ଼ାଇ ବୁଲାଇ ପାରେ ।

ପିତା ମହାଶୟଙ୍କର ଯଦି ଏପରି ଚାରି ପାଞ୍ଚୋଟି ପୁତ୍ର ଥାଆନ୍ତି ଓ ସମସ୍ତେ ଯଦି ଶିଶୁଭାବ ଅବଲମ୍ବନ କରି ତାଙ୍କର କାନ୍ଧରେ ଚଢ଼ି ଦୁଷ୍ଟାମି କରନ୍ତି, ତେବେ ପିତାମହାଶୟ କଣ କରିବେ ଓ ପୁତ୍ରମାନଙ୍କର ଅବସ୍ଥା କଣ ହେବ ଭାବନ୍ତୁ । ଆମ୍ଭେମାନେ ଯଦି କୋଟି କୋଟି ସଭ୍ୟ ଓ ଉନ୍ନତ ( ତେଣୁ ଯଥାର୍ଥରେ ବୟୋବୃଦ୍ଧ ) ସନ୍ତାନ ଶିଶୁ ଭାବକୁ ହୃଦୟରେ ସ୍ଥାନ ଦେଇ ଅର୍ଥାତ୍ ଭଗବାନଙ୍କର ଶିଶୁସନ୍ତାନ ବୋଲି ଛଳନା କରି ଭଗବାନଙ୍କ କାନ୍ଧ ଉପରେ ଚଢ଼ୁଁ ତେବେ ଯେଉଁମାନେ ଯଥାର୍ଥରେ ଶିଶୁ ( ଅର୍ଥାତ୍ ଅଶିକ୍ଷିତ କୃଷକ ଇତ୍ୟାଦି ଇତର ବ୍ୟକ୍ତିମାନେ ) ସେମାନଙ୍କର ସ୍ଥାନ କେଉଁଠି ?

ଯେଉଁମାନେ ନିଜକୁ ଶିକ୍ଷିତ ଓ ଉନ୍ନତ ଶ୍ରେଣୀଭୁକ୍ତ କରିଅଛନ୍ତି ସେମାନେ ଯଥାର୍ଥରେ ବୟୋବୃଦ୍ଧ ତେଣୁ ସେମାନେ ଭଗବାନଙ୍କର ଯଥାର୍ଥ ଶିଶୁ ସନ୍ତାନମାନଙ୍କୁ (ଇତର ଅଶିକ୍ଷିତ ଓ ତେଣୁ ଦୁଃଖୀ ଦରିଦ୍ରଙ୍କୁ) ଭଗବାନଙ୍କ କାନ୍ଧରୁ ନେଇ ନିଜ ନିଜ କାନ୍ଧରେ ସ୍ଥାନ ଦିଅନ୍ତୁ । ତେବେ ସିନା ପରମପିତା ପରମେଶ୍ୱରଙ୍କର ଦୁଃଖ ଦୂର ହେବ, ତେବେ ସିନା ସତ୍ ପୁତ୍ରର କାର୍ଯ୍ୟ ହେବ, ତେବେ ସିନା ଶିକ୍ଷା ଓ ଉନ୍ନତି ସାର୍ଥକ ହେବ ।

କିନ୍ତୁ ଆମ୍ଭେମାନେ ଉନ୍ନତି ପଥରେ ଅଗ୍ରସର ହୋଇ ଭଗବାନଙ୍କର ଯଥାର୍ଥ ଶିଶୁ ସନ୍ତାନମାନଙ୍କର ଖାଦ୍ୟ ସେମାନଙ୍କଠାରୁ କଳେ ବଳେ କୌଶଳେ ଛଡ଼ାଇ ଆଣି ଓ ( ଆମ୍ଭମାନଙ୍କର ଆଦର୍ଶରୁ ) ସେମାନଙ୍କର ଦୁଃଖ ଓ ଦାରିଦ୍ର୍ୟର କାରଣ ହୋଇ ସେମାନେ "ହା ଅନ୍ନ"

"ହା ଅନ୍ନ" କରି କାନ୍ଦୁ ଥାଆନ୍ତୁ ପଛକେ ଆମ୍ଭେମାନେ ଖୁବ୍ ବୁଦ୍ଧିର ସହିତ ଶିଶୁଭାବକୁ ହୃଦୟରେ ସ୍ଥାନ ଦେଇ ଭଗବାନଙ୍କର କରୁଣାମୟ ନାମର ସୁବିଧା ନେଇ ଭଗବାନଙ୍କର କାନ୍ଧ ଉପରେ ଚଢିବାକୁ ଉଦ୍ୟତ । ଆମ୍ଭମାନଙ୍କ ପରି ଶିକ୍ଷିତ ଓ ଉନ୍ନତ ବ୍ୟକ୍ତିମାନଙ୍କର ଏପରି ସ୍ୱାର୍ଥପରତା ଉଚିତ କି ?

ବିବେକଶକ୍ତିର ସହିତ ପରିଚୟ ସ୍ଥାପନ କରି ନପାରି ଥିବାରୁ ଆମ୍ଭମାନଙ୍କର ଏ ଦୁରବସ୍ଥା ଓ ଏପରି ସ୍ୱାର୍ଥପରତା ଓ ଭଗବାନଙ୍କର ଏ ଦୁଃଖ ଓ ସେହି ହେତୁରୁ ଆମ୍ଭେମାନେ ବର୍ତ୍ତମାନ କରୁଣାମୟ ବିକାରି ଭଗବାନଙ୍କର ଅଧମ, ପରାଧୀନ ସନ୍ତାନ ବୋଲି ସ୍ୱୀକାର କରି ରହିଅଛୁଁ, ମାତ୍ର ଯେଉଁ ମୁହୂର୍ତ୍ତରେ ଆମ୍ଭେମାନେ ବିବେକର ପରିଚୟ ପାଇ ପାରିବୁ ସେହି ମୁହୂର୍ତ୍ତରେ ଆମ୍ଭମାନଙ୍କର ଦୁଃସ୍ୱପ୍ନ ଭାଙ୍ଗିଯିବ ଓ ସେହି ମୁହୂର୍ତ୍ତରେ ଆମ୍ଭେମାନେ ବୁଝିପାରିବୁ ଯେ ଆମ୍ଭେମାନେ ସର୍ବଶକ୍ତିମାନ ନିତ୍ୟାନନ୍ଦମୟ ଭଗବାନଙ୍କର ସନ୍ତାନ ସ୍ୱାଧୀନ ମାନବ । ସୁଖାନ୍ୱେଷଣ ୧୯୨୪

## ସେଖ୍ ମନ୍‌ସୁରଙ୍କ ପ୍ରଶ୍ନ

କୋରାଣର ଅନୁବାଦକ ସେଖ୍ ମନ୍‌ସୁର, ଧୋବଲେନ୍, ବକ୍‌ସିବଜାର ଗୋଟିଏ ଦୀର୍ଘ ପ୍ରବନ୍ଧ ପଠାଇ ଅଛନ୍ତି । ସେଥିରେ ସେ କେତେଗୁଡ଼ିଏ ପ୍ରଶ୍ନ ପଚାରି ଅଛନ୍ତି । ସବୁ ପ୍ରଶ୍ନର ଉତ୍ତର ଏହି ସଙ୍ଖ୍ୟା ପ୍ରତିକାରେ ଦେଇ ହେବନାହିଁ । କେବଳ ପ୍ରଥମ ପ୍ରଶ୍ନଟିର ଉତ୍ତର ତଳେ ଦିଆଗଲା । ସେ ଲେଖିଅଛନ୍ତି—

ମହାଶୟ,

ବିଶ୍ୱକଲ୍ୟାଣ ସମିତି ଜରିଆରେ ଯେଉଁ ଧର୍ମ ଆପଣ ପ୍ରଚାର କରିବାକୁ ଯାଉଅଛନ୍ତି ସେ ବିଷୟରେ ବିଶେଷ ଚିନ୍ତାକରି କେତେକ ସନ୍ଦେହ ଜାତ ହେବାରୁ ସନ୍ଦେହ ମୋଚନ ନିମନ୍ତେ ଆପଣଙ୍କୁ ଜଣାଇଲୁଁ ।

୧—ଧର୍ମ ସମ୍ବନ୍ଧରେ ପ୍ରଧାନ ପ୍ରଶ୍ନ ହେଉଛି—ଏହି ବିଶ୍ୱ ବ୍ରହ୍ମାଣ୍ଡରେ ପରମେଶ୍ୱର, ଭଗବାନ୍ ବା ଆଲ୍ଲା ବୋଲି କେହି ଅଛନ୍ତି କି ନା ? ଏ ପ୍ରଶ୍ନର ଉତ୍ତର ଆପଣ କେଉଁଠାରେ ଦେଇ ଥିବାର ଦେଖା ଯାଉନାହିଁ ।

× × × ×

## ପ୍ରଶର ଉତ୍ତର

ମହାଶୟ,

ଆପଣ ଲେଖିଅଛନ୍ତି, "ବିଶ୍ୱକଲ୍ୟାଣ ସମିତି ଜରିଆରେ ଯେଉଁ ଧର୍ମ ଆପଣ ପ୍ରଚାର କରିବାକୁ ଯାଉଅଛନ୍ତି" ଇତ୍ୟାଦି । ପ୍ରଥମେ ବୁଝନ୍ତୁ, ମୁଁ ଯାହା ପ୍ରଚାର କରିବାକୁ ଯାଉଅଛି ତାହା ହିନ୍ଦୁଧର୍ମ, ମୁସଲମାନ ଧର୍ମ ବା ଖ୍ରୀଷ୍ଟାନ ଧର୍ମ ଇତ୍ୟାଦି ସାମ୍ପ୍ରଦାୟିକ ଧର୍ମ ସବୁ-ଠାରୁ ଅନ୍ୟ ଗୋଟିଏ ସ୍ୱତନ୍ତ୍ର ଧର୍ମ ନୁହେଁ । ଏହା ପ୍ରତ୍ୟେକ ବ୍ୟକ୍ତିର ଧର୍ମ ଓ ତେଣୁ ସମସ୍ତ ମାନବଜାତିର ଧର୍ମ । ଭିନ୍ନ ଭିନ୍ନ ମତ ଉପରେ ବା ଭିନ୍ନ ଭିନ୍ନ ବିଶ୍ୱାସ ଉପରେ ପ୍ରତିଷ୍ଠିତ ମନୁଷ୍ୟସୃଷ୍ଟ ସାମ୍ପ୍ରଦାୟିକ ଧର୍ମ ସବୁ ପ୍ରକୃତରେ ଧର୍ମ ନୁହେ । କାରଣ ଏହି ସାମ୍ପ୍ରଦାୟିକ ଧର୍ମସବୁ ସମସ୍ତ ମାନବ ଜାତିକୁ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରି ଭିନ୍ନ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ଓ ବିଦ୍ୱେଷ ସୃଷ୍ଟି କରି ମାନବ ଜାତିର ପତନର ଓ ଧ୍ୱଂସର କାରଣ ହୋଇଅଛି । ପୂର୍ବବଙ୍ଗରେ ଓ ପଞ୍ଜାବରେ ହିନ୍ଦୁ ଓ ମୁସଲମାନ ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ଏହି ଅଳ୍ପଦିନ ତଳେ ଯେଉଁ ଧ୍ୱଂସଲୀଳା ଘଟିଗଲା ସେହି ସବୁ ଘଟଣା ପରେ ପରେ ଆମ୍ଭେମାନେ ଯେ ନିଜ ନିଜର ସାମ୍ପ୍ରଦାୟିକ ଧର୍ମସବୁ ପରିତ୍ୟାଗ କଲୁନାହିଁ ଏବଂ ନିଜକୁ ମନୁଷ୍ୟବୋଲି ପରିଚୟ ଦେଇ ପାରିଲୁ ନାହିଁ ତାହା ଆଶ୍ଚର୍ଯ୍ୟର କଥା ଓ ଦୁଃଖର କଥା ।

ସମସ୍ତ ମାନବଜାତିକୁ ଗୋଟିଏ ପରିବାର ବୋଲି ଜାଣିବାକୁ ଏବଂ ପ୍ରତ୍ୟେକ ମନୁଷ୍ୟକୁ ସେହି ଏକ ପରମପିତା ପରମେଶ୍ୱରଙ୍କର ସନ୍ତାନ ବୋଲି ଜାଣିବାକୁ କୋରାଣ, ବାଇବେଲ, ଗୀତା ପ୍ରଭୃତି ସବୁ ଧର୍ମଶାସ୍ତ୍ର ଶିକ୍ଷା ଦେଉଅଛି । ସମସ୍ତ ମାନବଜାତିକୁ ଅବିଭକ୍ତ ଭାବରେ ଦେଖିବା ଓ ଅବିଭକ୍ତ କରି ରଖିବା ହେଉଛି ପ୍ରକୃତ ଜ୍ଞାନ ଓ ପ୍ରକୃତ ଧର୍ମ, ଏକଥା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ବୁଝି ପାରିବେ ।

ଅବିଭକ୍ତଂ ବିଭକ୍ତେଷୁ ତଦ୍‌ଜ୍ଞାନଂ ବିଦ୍ଧି ସାତ୍ତ୍ୱିକଂ ।

୧୮ଶ ୨୦

ଅର୍ଥ—ବିଭକ୍ତ ହୋଇ ରହିଥିବା ସମସ୍ତ ମାନବଜାତିକୁ ଅବିଭକ୍ତ ବୋଲି ଜାଣିବା ଓ ଅବିଭକ୍ତ ରଖିବା ହେଉଛି ସାତ୍ତ୍ୱିକଜ୍ଞାନ ।

ଆପଣ ବ୍ୟବହାର କରିଥିବା "ଧର୍ମ" କଥାଟି ସମ୍ବନ୍ଧରେ ମୋର ମତ ବୋଧହୁଏ ଆପଣ ଜାଣି ପାରିଲେ । ବର୍ତ୍ତମାନ ଆପଣ ପଚାରିଥିବା ପ୍ରଥମ ପ୍ରଶ୍ନଟିର ଆଲୋଚନାରେ ଅଗ୍ରସର ହୁଅନ୍ତୁ ।

ଆପଣ ଲେଖିଅଛନ୍ତି, "ଧର୍ମ ସମ୍ବନ୍ଧରେ ପ୍ରଧାନ ପ୍ରଶ୍ନ ହେଉଛି ଏହି ବିଶ୍ୱବ୍ରହ୍ମାଣ୍ଡରେ ଭଗବାନ ବା ଆଲ୍ଲା ବୋଲି କେହି ଅଛନ୍ତି କି ନା ?" ଏହି ପ୍ରଶ୍ନର ଉତ୍ତର ମୁଁ କୌଣସିଠାରେ ଦେଇ ନଥିବାରୁ ଆପଣ ମୋଠାରେ ଦୋଷାରୋପ କରୁଥିବା ମଧ୍ୟ ଜଣାପଡ଼ୁଅଛି ।

ଭଗବାନ ବା ଆଲ୍ଲା ବୋଲି କେହି ଅଛନ୍ତି କି ନା ? ଏହି ପ୍ରଶ୍ନର ଉତ୍ତର ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜ ପାଇଁ (ଅନ୍ୟ କାହାପାଇଁ ନୁହେଁ) ସ୍ଥିର କରିବା ଏକାନ୍ତ ଆବଶ୍ୟକ । ଆପଣ ଆପଣଙ୍କ ପାଇଁ ସ୍ଥିର କରିବେ ଓ ମୁଁ ମୋ ପାଇଁ ସ୍ଥିର କରିବି । କୌଣସି ବିଶିଷ୍ଟ ବ୍ୟକ୍ତି କିମ୍ବା କୌଣସି ଧର୍ମଶାସ୍ତ୍ର ସ୍ଥିର କରିଛି ବୋଲି ଯଦି ଆପଣ କହନ୍ତି ତେବେ ସେପରି ସ୍ଥିର କରିବାର କୌଣସି ମୂଲ୍ୟ ନାହିଁ । ଧର୍ମଶାସ୍ତ୍ରମାନଙ୍କରୁ ପଢ଼ି କିମ୍ବା ଲୋକମୁଖରୁ ଶୁଣି ଆପଣ ଯଦି କହନ୍ତି ଯେ, ଭଗବାନ ବା ଆଲ୍ଲା ବୋଲି ଜଣେ ଅଛନ୍ତି ତେବେ ଆପଣଙ୍କର ଏପରି କହିବାର ମଧ୍ୟ କୌଣସି ମୂଲ୍ୟ ନାହିଁ । କାରଣ ଆପଣଙ୍କର ଏପରି କହିବା ଆପଣଙ୍କର ନିଜର ବ୍ୟକ୍ତିଗତ ସତ୍ୟ ଉପରେ ଅର୍ଥାତ ନିଜର ଉପଲବ୍ଧି ଉପରେ ପ୍ରତିଷ୍ଠିତ ନୁହେଁ । ଆଲ୍ଲା ବୋଲି ଜଣେ ଅଛନ୍ତି ବୋଲି ଆପଣ ଯଦି ଉପଲବ୍ଧି କରି ଥାଆନ୍ତି କିମ୍ବା ଦେଖି ଥାଆନ୍ତି କିମ୍ବା ଆଲ୍ଲାଙ୍କ ସଙ୍ଗେ କଥାବାର୍ତ୍ତା ମଧ୍ୟ କରିଥାଆନ୍ତି ତେବେ ଏହା କେବଳ ଆପଣଙ୍କ ପାଇଁ ସତ୍ୟ ହୋଇପାରେ ଅନ୍ୟ କେହି ଏ କଥାକୁ ସତ୍ୟ ବୋଲି ଗ୍ରହଣ କରିବେ କିପରି ଓ କାହିଁକି ? ନିଜର ଉପଲବ୍ଧି କରିଥିବା କଥା କିମ୍ବା ଆଲ୍ଲାଙ୍କ ସଙ୍ଗେ କଥାବାର୍ତ୍ତା କରିଥିବା କଥା ସତ୍ୟ ହେଉ ବା ନ ହେଉ, ଅନ୍ୟମାନଙ୍କୁ ତାହା କହିବା ଦ୍ୱାରା ଏବଂ ଅନ୍ୟମାନେ ତାକୁ ସତ୍ୟ ବୋଲି ଗ୍ରହଣ କରିବା ଫଳରୁ ସମାଜରେ ଆଜି ଏତେ ଗୁରୁ ଓ ଏତେ ଶିଷ୍ୟ ସୃଷ୍ଟି ହୋଇ ଯାହା ସବୁ କରୁଅଛନ୍ତି ତାହା ସମସ୍ତଙ୍କୁ ଉତ୍ତମରୂପେ ଜଣାଅଛି । ଧର୍ମଶାସ୍ତ୍ର ମାନଙ୍କରେ ଲେଖାଥିବା ଉକ୍ତିଗୁଡ଼ିକୁ କିମ୍ବା ବିଶିଷ୍ଟ ବ୍ୟକ୍ତିମାନଙ୍କର ଉକ୍ତି ଗୁଡ଼ିକୁ ଆପଣ ବିଶ୍ୱାସ କରନ୍ତୁ ଏବଂ ଆଲ୍ଲା ବୋଲି ଜଣେ ଅଛନ୍ତି ବୋଲି

ମଧ୍ୟ ଆପଣ ବିଶ୍ୱାସ କରନ୍ତି । ମାତ୍ର ବିଶ୍ୱାସ କଥାଟିର ଅର୍ଥ କଅଣ, ଆପଣ କାହିଁକି ବିଶ୍ୱାସ କରନ୍ତି, ବିଶ୍ୱାସ କଥାଟିର ଉତ୍ପତ୍ତି କପରି ହେଲା ଓ କାହିଁକି ହେଲା, ଅଧିକାଂଶ ଲୋକ ସତ୍ୟର ପରିଚୟ ପାଇବାକୁ ଇଚ୍ଛା ନ କରି ବିଶ୍ୱାସ ଉପରେ ନିର୍ଭର କରିବାକୁ କାହିଁକି ଇଚ୍ଛା କରନ୍ତି, ଏ ସବୁ ବିଷୟ ଆପଣ କେବେ ହେଲେ ଚିନ୍ତା କରିଅଛନ୍ତି କି ? ବୋଧହୁଏ ଚିନ୍ତା କରି ନାହାନ୍ତି । କାରଣ ବିଶ୍ୱାସ ଉପରେ ନିର୍ଭର କରିବା ଫଳରୁ ଆମ୍ଭମାନଙ୍କୁ କୌଣସି ବିଷୟ ନିଜେ ଚିନ୍ତା କରିବାର ଆବଶ୍ୟକ ହେଉ ନାହିଁ । ଆମ୍ଭେମାନେ ବହୁ କାଳରୁ ନିଜ ନିଜର ଚିନ୍ତାଶକ୍ତିକୁ ଛୁଟି ଦେଇ ରଖିବା ପରି ରଖିଅଛୁଁ ।

ଆପଣ ଯେ ବଞ୍ଚି ରହିଅଛନ୍ତି, ଦେଖୁଅଛନ୍ତି ଓ ଶୁଣୁ ଅଛନ୍ତି ଏ ସବୁ କଥା ଆପଣ କଣ ବିଶ୍ୱାସ କରନ୍ତି ? ଏସବୁ ବିଶ୍ୱାସ କରିବା କଥା ନୁହେଁ, ଏଗୁଡ଼ିକ ସତ୍ୟ ଅଟେ । ଯାହା ଆପଣ ଜାଣି ନାହାନ୍ତି ତାକୁ ବିଶ୍ୱାସ କରି ନିଅନ୍ତି । ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ବୋଲି ଆପଣ ମଧ୍ୟ ବିଶ୍ୱାସ କରନ୍ତି । ଯାହା ଆପଣ ବିଶ୍ୱାସ କରନ୍ତି ତାହା ଆପଣଙ୍କ ପକ୍ଷରେ ସତ୍ୟ ନୁହେଁ । ବର୍ତ୍ତମାନ ବୁଝନ୍ତୁ, ଅଜ୍ଞାନତାରୁ ବା ଅଜ୍ଞତା ଦୋଷରୁ ବିଶ୍ୱାସ କଥାଟିର ଉତ୍ପତ୍ତି । ସେଥିପାଇଁ "ବିଶ୍ୱାସ" ଏହି କଥାଟିକୁ ଅନ୍ଧବିଶ୍ୱାସ କୁହାଯାଇଅଛି । ବିଶ୍ୱାସ କଥାଟି ସତ୍ୟର ସମ୍ପୂର୍ଣ୍ଣ ବିପରୀତ ଏବଂ ସତ୍ୟାନୁସନ୍ଧାନର ପ୍ରଧାନ ଅନ୍ତରାୟ ଅଟେ । ସତ୍ୟାନୁସନ୍ଧାନ କରିବାକୁ ଓ ସତ୍ୟର ପରିଚୟ ପାଇବାକୁ ଯେଉଁମାନଙ୍କର ଆଗ୍ରହ ଅଛି ସେମାନେ ବିଶ୍ୱାସ ଉପରେ ନିର୍ଭର କରିବା ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରନ୍ତୁ । ବିଶ୍ୱାସ ଉପରେ ପ୍ରତିଷ୍ଠିତ ଆଲ୍ଲା ପ୍ରକୃତରେ ଆଲ୍ଲା ନୁହନ୍ତି । ଆଲ୍ଲା ସତ୍ୟସ୍ୱରୂପ ଓ ସତ୍ୟ ଉପରେ ପ୍ରତିଷ୍ଠିତ । ଆଲ୍ଲା ବୋଲି ଯଦି କେହି ଅଛନ୍ତି ତେବେ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି ଯଥା ସମୟରେ ନିଜେ ତାଙ୍କୁ ଉପଲବ୍ଧି କରିପାରିବେ । ଏହା ସୃଷ୍ଟି କୌଶଳର ନିୟମ । କେତେଜଣ ବିଶିଷ୍ଟ ବ୍ୟକ୍ତି ଆଲ୍ଲାଙ୍କୁ ଉପଲବ୍ଧି କରିବେ ଏବଂ ଅନ୍ୟମାନେ ସେମାନଙ୍କର ଉପଲବ୍ଧି କରିବା କଥାକୁ ବିଶ୍ୱାସ କରି ଆଲ୍ଲା ବୋଲି ଜଣେ ଅଛନ୍ତି ବୋଲି ଗ୍ରହଣ କରିବେ ଏହା ସତ୍ୟାନୁସନ୍ଧାନର ପ୍ରଧାନ ଅନ୍ତରାୟ ; ତେଣୁ ବିଶେଷ ଅନିଷ୍ଟପ୍ରଦ ।

ରାମକୃଷ୍ଣ ପରମହଂସ, ନିଗମାନନ୍ଦ, ଅରବିନ୍ଦ ପ୍ରଭୃତି ଈଶ୍ୱରଙ୍କୁ ଉପଲବ୍ଧି କରିଅଛନ୍ତି ଏବଂ ଈଶ୍ୱରଙ୍କ ସଙ୍ଗେ କଥାବାର୍ତ୍ତା କରିଅଛନ୍ତି ବୋଲି ଆମ୍ଭେମାନେ ସମସ୍ତେ ଶୁଣିଅଛୁଁ, ମାତ୍ର ସେମାନଙ୍କର ଈଶ୍ୱରଙ୍କୁ ଉପଲବ୍ଧି କରିବା କଥା ଓ ଈଶ୍ୱରଙ୍କ ସଙ୍ଗେ କଥାବାର୍ତ୍ତା କରିଥିବା କଥା କେବଳ ସେହିମାନେ ଜାଣନ୍ତି । ଅନ୍ୟମାନଙ୍କର ଜାଣିବାର କୌଣସି ଉପାୟ ନ ଥିଲେ ମଧ୍ୟ ସେମାନଙ୍କଠାରୁ ଶୁଣି ବିଶ୍ୱାସ କରନ୍ତି ।

ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଉତ୍ତରପଡ଼ାରେ ଯେଉଁ ଭାଷଣ ଦେଇଥିଲେ ତାହା ଇଂରାଜୀରେ ୧୯ ପୃଷ୍ଠାର ଖଣ୍ଡିଏ ଛୋଟ ବହିରେ ଛପା ହୋଇଅଛି । ସେ କହିଛନ୍ତି—"Then He (God) placed the Geeta in my hand. His strength entered into me and I was able to do the Sadhana of the Geata." ଏହି କଥାଟିର ଅର୍ଥ ଏହିକି, "ଈଶ୍ୱର ମୋ ହାତରେ ଖଣ୍ଡିଏ ଗୀତା ଦେଇ ଦେଲେ; ଈଶ୍ୱରଙ୍କର ଶକ୍ତି ମୋଠାରେ ପ୍ରବେଶ କଲା ଏବଂ ମୁଁ ଗୀତାର ସାଧନା କରିବାକୁ ସମର୍ଥ ହେଲି ।" ଅରବିନ୍ଦଙ୍କ ହାତରେ ଈଶ୍ୱର ଗୀତା ଦେଇ ଦେଇଥିବା କଥା କେବଳ ସେହି ଅରବିନ୍ଦଙ୍କ ପାଇଁ ସତ୍ୟ ହୋଇପାରେ । ଅନ୍ୟମାନେ ଏହି କଥାକୁ ସତ୍ୟ ବୋଲି ଗ୍ରହଣ କରିବେ କିପରି ଓ କାହିଁକି ? ଏହି ସବୁ କଥା ଜନସାଧାରଣଙ୍କ ନିକଟରେ ପ୍ରକାଶ କରିବାରେ ଶ୍ରୀ ଅରବିନ୍ଦଙ୍କର ଅଭିପ୍ରାୟ କଅଣ ? ଏହି ସବୁ କଥା ଜନସାଧାରଣଙ୍କର ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେଉନାହିଁ କି ? ନିଶ୍ଚୟ ଦେଉଅଛି ।

ଏ ବହିର ସେହି 'ଛ' ପୃଷ୍ଠାରେ ପୁଣି ଲେଖାଅଛି—'He (God) spoke to me again and said," ଏହି କଥାଟିର ଅର୍ଥ ଏହି କି, "ଈଶ୍ୱର ମୋ ସଙ୍ଗେ ପୁଣି କଥାବାର୍ତ୍ତା ହେଲେ ଓ କହିଲେ—× ×"

ଆପଣ କହି ପାରନ୍ତି, ଏ ସବୁ ବିଷୟ ପ୍ରକାଶ କରିବାକୁ ଈଶ୍ୱର ଅରବିନ୍ଦଙ୍କୁ ଆଦେଶ ଦେଇଥିବେ । ଏପରି ଆଦେଶ ଦେବାରେ ଈଶ୍ୱରଙ୍କର ବା ଅଭିପ୍ରାୟ କଅଣ ? ସମସ୍ତ ବିଶ୍ୱବ୍ରହ୍ମାଣ୍ଡକୁ ଜଣେ ସୃଷ୍ଟି କରିଅଛନ୍ତି କି ଅନେକ ଜଣ ସୃଷ୍ଟି କରିଅଛନ୍ତି ଅର୍ଥାତ ଈଶ୍ୱର ବୋଲି

ଜଣେ ଅଛନ୍ତି କି କେତେ ଜଣ ଅଛନ୍ତି ଏ କଥା କୌଣସି ଧର୍ମଶାସ୍ତ୍ର ପ୍ରମାଣ କରନାହିଁ ବା ପ୍ରମାଣ କରିପାରିବ ନାହିଁ । ପ୍ରମାଣ କରି ନ ପାରିଲେ ମଧ୍ୟ ଈଶ୍ୱର ବୋଲି ଜଣେ ଅଛନ୍ତି ଏ କଥା ବିଶ୍ୱାସ କରିବାକୁ ଧର୍ମଶାସ୍ତ୍ରମାନ ଉପଦେଶ ଦେଇଛନ୍ତି । ଏପରି ଉପଦେଶ ଦେବାର ଅଭିପ୍ରାୟ ଏହି କି ଈଶ୍ୱର ବୋଲି ଜଣେ ଅଛନ୍ତି ଏହା ଦୃଢ଼ ଭାବରେ ବା ଅନ୍ଧଭାବରେ ବିଶ୍ୱାସ କରିନେଲେ ମନୁଷ୍ୟ ବିପଥଗାମୀ ହୋଇ ପାରିବ ନାହିଁ, ଗୋପନରେ ପାପାଚରଣ କରିବ ନାହିଁ, ମିଥ୍ୟା କହିବ ନାହିଁ, ଅସତ୍ ଉପାୟରେ ଅର୍ଥ ସଞ୍ଚୟ କରିବ ନାହିଁ, ନିଜର ବଡ଼ପଣିଆ ଦେଖାଇ ହେବନାହିଁ କିମ୍ବା ମୋର ପୁଅ, ମୋର ଘର, ଆମର ଧର୍ମ, ଆମର ଦେଶ, ଆମର ଜାତି ଇତ୍ୟାଦି ଅହମିକା ଓ ମମତା ଦୋଷ ତାହାର ରହିବ ନାହିଁ । ସେ ଜାଣିବ ଯେ ସମସ୍ତ ବିଶ୍ୱରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ନାହିଁ ଓ ଅନ୍ୟ କିଛି ନାହିଁ । ଏହି କଥାଟି ଈଶୋପନିଷଦର ପ୍ରଥମ ଶ୍ଳୋକଟିରୁ ପ୍ରକାଶ ପାଉଅଛି ।

ଯଥା:—

ଈଶା ବାସ୍ୟମିଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ
ତେନ ତ୍ୟକ୍ତେନ ଭୁଞ୍ଜୀଥା ମାଗୃଧଃ କସ୍ୟସ୍ୱିଦ୍ ଧନମ୍ ॥

ଅନ୍ୱୟ—ଯତ୍‌କିଞ୍ଚ (ଯାହା କିଛି) ଜଗତ୍ୟାଂ (ସଂସାରରେ) ଜଗତ୍ (ଅଛି) ଇଦଂ ସର୍ବଂ (ଏହା ସବୁ) ଈଶା (ଈଶ୍ୱରଙ୍କ ଦ୍ୱାରା) ବାସ୍ୟଂ (ଆଚ୍ଛାଦିତ ଅଟେ) ॥ ତେନ (ସେହିହେତୁ) ତ୍ୟକ୍ତେନ (ତ୍ୟାଗ ଦ୍ୱାରା) ଭୁଞ୍ଜୀଥା (ଭୋଗ କର) । କସ୍ୟସ୍ୱିଦ୍ (କୌଣସି ଲୋକର) ଧନମ୍ (ଧନକୁ) ମାଗୃଧଃ (ଲୋଭ କରନାହିଁ) ।

ଅର୍ଥ—ସଂସାରରେ ଯାହା କିଛି ଅଛି ତାହା ସବୁ ଈଶ୍ୱରଙ୍କ ଦ୍ୱାରା ଆଚ୍ଛାଦିତ ଅଟେ । ଅତଏବ ତ୍ୟାଗ ଦ୍ୱାରା ଭୋଗ କର । କାହାରି ଧନକୁ ଲୋଭ କରନାହିଁ ।

ଏହି ଶ୍ଳୋକଟିରେ ମମତା ଦୋଷ ଓ ଲୋଭ ପରିତ୍ୟାଗ କରିବାକୁ ଶିକ୍ଷା ଦିଆଯାଉଅଛି । ଅତଏବ ଲୋଭ ଓ ମମତା ଦୋଷକୁ ପ୍ରଶ୍ରୟ ଦେଉଥିବା ପର୍ଯ୍ୟନ୍ତ ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରି ହେବନାହିଁ ॥

ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରିବାକୁ ଭଗବଦ୍‌ଗୀତା ମଧ୍ୟ କହୁଛି । ମାତ୍ର ତାହାଁକ କହୁଛି ତାହା ଉତ୍ତମରୂପେ ବୁଝିବାକୁ ହେବ । ଯଥା:—

ଜ୍ଞେୟଂ ଯତ୍ତ ତତ୍ ପ୍ରବକ୍ଷ୍ୟାମି ଯଜ୍ ଜ୍ଞାତ୍ୱା ମୃତମଶ୍ନୁତେ
ଅନାଦିମତ୍ ପରଂବ୍ରହ୍ମ, ନ ସତ୍ ତନ୍ନା ସଦୁଚ୍ୟତେ ॥
ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷି ଶିରୋମୁଖମ୍
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥
ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତଂ, ଇତ୍ୟାଦି

୧୩ଶ—୧୨ରୁ ୧୪

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ଯାହା ଜାଣିବା ଉଚିତ ଏବଂ ଯାହା ଜାଣିଲେ ଅମରତ୍ୱ ଲାଭ ହୁଏ ସେହି ଅନାଦି ଅନନ୍ତ ପରଂବ୍ରହ୍ମ ସତ୍ୟ ନୁହେଁ କିମ୍ବା ଅସତ୍ୟ ନୁହେଁ । ସବୁଠାରେ ତାର ହାତ ଅଛି, ପାଦ ଅଛି, ଆଖି ଅଛି, ମୁଣ୍ଡ ଅଛି, ମୁହଁ ଅଛି (ଅର୍ଥାତ୍) ସବୁଠାରେ ତାହାର ସବୁ ଇନ୍ଦ୍ରିୟ ଅଛି । ସେ ସବୁ ଶୁଣୁଛି ଏବଂ ସମସ୍ତ ବିଶ୍ୱକୁ ଆବୃତ କରିଅଛି ॥ ତାହାର କୌଣସି ଇନ୍ଦ୍ରିୟ ନ ଥିଲେ ମଧ୍ୟ ଇନ୍ଦ୍ରିୟ ସବୁର ଗୁଣ ତାହା-ଠାରେ ପ୍ରସ୍ଫୁଟ ହୋଇ ରହିଛି ଇତ୍ୟାଦି ଇତ୍ୟାଦି ।

ସେହି ମନସ୍ୟର ବୋଧହୁଏ ଏହି ଜ୍ଞେୟ ବସ୍ତୁକୁ ଭଗବାନ ବା ଆତ୍ମା କହିଅଛନ୍ତି । ସେହି ଜ୍ଞେୟ ବସ୍ତୁର ବା ଆତ୍ମାଙ୍କର ଯେଉଁଠାରେ ହାତ, ସେହିଠାରେ ପାଦ, ସେହିଠାରେ ଆଖି, ସେହିଠାରେ କାନ, ସେହିଠାରେ ମୁଣ୍ଡ ଇତ୍ୟାଦି । ଅମ୍ଭେମାନେ ପଢିଛୁଁ, ଦୁଇଟି ପଦାର୍ଥ କୌଣସି ଗୋଟିଏ ସ୍ଥାନରେ ରହି ନ ପାରେ । ଅତଏବ ଆତ୍ମା ମନୁଷ୍ୟର କଳ୍ପନାର ଅତୀତ, ଚିନ୍ତାର ଅତୀତ । ତାଙ୍କର କୌଣସି ସ୍ଥୂଳ ଇନ୍ଦ୍ରିୟ ନାହିଁ । ନଥିଲେ ମଧ୍ୟ ସେ ସବୁ ଦେଖି ଅଛନ୍ତି, ସବୁ ଶୁଣୁ-ଅଛନ୍ତି, ସବୁ ଜାଣୁଅଛନ୍ତି ଇତ୍ୟାଦି ଇତ୍ୟାଦି । ଗୀତା ଏପରି କହିବାର କାରଣ ଏହି ଯେ ମନୁଷ୍ୟ ଗୋପନରେ କୌଣସି ପ୍ରକାର ପାପାଚରଣ ନ କରୁ । ଅତଏବ ନିଜର ଚରିତ୍ର ଗଠନ କରିବାକୁ ଯେଉଁ ବ୍ୟକ୍ତିର ଚେଷ୍ଟା ନାହିଁ ସେ ବ୍ୟକ୍ତି ପ୍ରକୃତରେ ନାସ୍ତିକ । ପ୍ରତ୍ୟହ ନମାଜ ପଢିବା, ପ୍ରତ୍ୟହ କଟକ ଚଣ୍ଡୀରେ ମୁଣ୍ଡିଆ ମାରିବା ବା ପ୍ରତ୍ୟହ ମାଳ ଜପିବା ଇତ୍ୟାଦି ଆସ୍ତିକତା ନୁହେଁ ।

———

ବିଶ୍ୱକଲ୍ୟାଣ ୧୯୫୫

## ଗୁରୋଟି ପ୍ରଶ୍ନ

ମହାଶୟ,

ଦ୍ୱିତୀୟ ସଂଖ୍ୟା ପତ୍ରିକାର ୭ମ ପୃଷ୍ଠାରେ ଆପଣ ଲେଖିଅଛନ୍ତି—

୧ । ସତ୍ୟର ପରିଚୟ ପାଇବାକୁ ଯେଉଁମାନଙ୍କର ଆଗ୍ରହ ଅଛି; ସେମାନେ ବିଶ୍ୱାସ ଉପରେ ନିର୍ଭର କରିବା ପରିତ୍ୟାଗ କରନ୍ତୁ । ବିଶ୍ୱାସ ଉପରେ ନିର୍ଭର କରିବା ପରିତ୍ୟାଗ କଲେ ସତ୍ୟର ପରିଚୟ ମିଳିବ, ଏ କଥା ଆପଣ କିପରି ଜାଣିଲେ ? ସେହି ସଂଖ୍ୟା ୧୫ପୃଷ୍ଠାରେ ଆପଣ ବଡ଼ ବଡ଼ ଅକ୍ଷରରେ ଲେଖିଅଛନ୍ତି—ସତ୍ୟ ନିକଟରେ ବିଶିଷ୍ଟତାର ସ୍ଥାନ ନାହିଁ । ଏ କଥା ମଧ୍ୟ ଆପଣ କିପରି ଜାଣିଲେ ? ସତ୍ୟ କଅଣ, ସତ୍ୟର ପରିଚୟ ପାଇବାର ଉପକାରିତା କଅଣ, ସତ୍ୟର ପରିଚୟ ନ ପାଇଲେ ଅପକାର କଅଣ ଏସବୁ କଥା ଆପଣ ବୁଝାଇ ଦିଅନ୍ତୁ ।

୨ । ସେହି ସଂଖ୍ୟା ୭ ପୃଷ୍ଠାରେ ବିଶ୍ୱାସ ଉପରେ ନିର୍ଭର କରିବା ପରିତ୍ୟାଗ କରିବାକୁ କହି ପରପୃଷ୍ଠାରେ ଆପଣ ଲେଖିଅଛନ୍ତି— "ଈଶ୍ୱର ବୋଲି ଜଣେ ଅଛନ୍ତି ଏହା ଅନ୍ଧଭାବରେ ବିଶ୍ୱାସ କରିନେଲେ ମନୁଷ୍ୟ ବିପଥଗାମୀ ହୋଇ ପାରିବ ନାହିଁ ।" ଏହି ଦୁଇଟି କଥା ପରସ୍ପରର ବିରୋଧୀ ହେଉନାହିଁ କି ?

୩ । ଈଶ୍ୱର ବୋଲି ଜଣେ ଅଛନ୍ତି ଏକଥା ଅନ୍ଧଭାବରେ ବିଶ୍ୱାସ କଲେ ମନୁଷ୍ୟ ଯଦି ବିପଥଗାମୀ ହେବାରୁ ରକ୍ଷା ପାଇବ ତେବେ ସେ ଅନ୍ଧଭାବରେ ବିଶ୍ୱାସ କରିବା ପରିତ୍ୟାଗ କରି ଆପଣଙ୍କ କଥା କାହିଁକି ମାନିବ ?

୪ । ଗୀତା କହୁଛି—"ନ ବୁଦ୍ଧିଭେଦଂ ଜନୟେତ୍" ଅର୍ଥାତ୍ ଲୋକଙ୍କର ବୁଦ୍ଧିଭେଦ ଜନ୍ମାଇବା ଉଚିତ ନୁହେଁ । (୩ୟ—୨୬) ଆପଣ ଲୋକଙ୍କର ବୁଦ୍ଧିଭେଦ ଜନ୍ମାଉଅଛନ୍ତି ବୋଲି ମୋର ମନେ ହେଉଛି ।

ଶ୍ରୀ ନଟବର ଦାଶ,
ଗୋପିକାନ୍ତ ପୁର, ପୁରୀ

# ଉପରୋକ୍ତ ଗୁଟେଟି ପ୍ରଶ୍ନର ଉତ୍ତର

ମହାଶୟ,

ଆପଣ ଗୁଟେଟି ପ୍ରଶ୍ନ ପଚାରିଅଛନ୍ତି । ପ୍ରତ୍ୟେକ ପ୍ରଶ୍ନର ବିସ୍ତୃତ ଆଲୋଚନା ଏକାଦିନେ କରିହେବନାହିଁ । ଜନସାଧାରଣଙ୍କର ଏହିସବୁ ସଂଶୟ ଦୂର କରିବାପାଇଁ ବିଶ୍ୱକଲ୍ୟାଣ ପତ୍ରିକା ସର୍ବଦା ପ୍ରସ୍ତୁତ ଅଛି ଏବଂ କ୍ରମେ କ୍ରମେ ତାହା ଦୂର କରାଯିବ । ପ୍ରଥମ ସଂଖ୍ୟାର ଆରମ୍ଭରୁ ସଂଶୟ ଆସୁଥିବା ବିଷୟ ସବୁ ଗୋଟି ଗୋଟି କରି ପ୍ରଶ୍ନ କରନ୍ତୁ । ସଂଶୟ ଦୂର ହେଲେ କିମ୍ବା ଯେତିକି କଥା ସଂଶୟଶୂନ୍ୟ ହୋଇ ବୁଝିଲେ ତାହା କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରନ୍ତୁ । ପ୍ରଶ୍ନ କରିବା ପୂର୍ବେ ନିଜର ବନ୍ଧୁମାନଙ୍କ ସଙ୍ଗେ ଆଲୋଚନା କରିବାକୁ ପ୍ରଥମ ସଂଖ୍ୟାର ଆରମ୍ଭରେ ଅନୁରୋଧ କରାଯାଇଅଛି । ଆପଣ ବୋଧହୁଏ ତାହା କରିନାହାନ୍ତି କିମ୍ବା ପତ୍ରିକାରେ ଥିବା ବିଷୟଗୁଡ଼ିକ ମନୋଯୋଗ ପୂର୍ବକ ପଢ଼ିନାହାନ୍ତି । ଦ୍ୱିତୀୟ ସଂଖ୍ୟାରୁ ଆପଣ ପ୍ରଶ୍ନକେତୋଟି ପଚାରିଛନ୍ତି । ସେହି ସଂଖ୍ୟାର ଆରମ୍ଭରେ ଥିବା ସେକ୍ ମନସୁରଙ୍କ ପ୍ରଶ୍ନର ଉତ୍ତର ଓ ୧୮—୧୯ ପୃଷ୍ଠାରେ ଥିବା ପଟିଆ ଲିଙ୍ଗରାଜ ମିଶ୍ରଙ୍କ ପ୍ରଶ୍ନର ଉତ୍ତର ଆଉଥରେ ପଢ଼ନ୍ତୁ । ସେ ଯାହାହେଉ ଆପଣ ପଚାରିଥିବା ପ୍ରଶ୍ନ କେତୋଟିର ଆଲୋଚନା ସଂକ୍ଷେପରେ କରାଗଲା ।

ଆପଣ ପଚାରିଅଛନ୍ତି—ବିଶ୍ୱାସ ଉପରେ ନିର୍ଭର କରିବା ପରିତ୍ୟାଗ କଲେ ସତ୍ୟର ପରିଚୟ ମିଳିବ ଏ କଥା ଆପଣ କିପରି ଜାଣିଲେ ? ମୁଁ କିପରି ଜାଣିଲି ତାହା ଆପଣଙ୍କର ଜାଣିବାର କୌଣସି ଆବଶ୍ୟକତା ନାହିଁ । ବିଶ୍ୱାସ ଉପରେ ନିର୍ଭର କରିବା କାହାକୁ କହନ୍ତି ଓ ସତ୍ୟ ଉପରେ ନିର୍ଭର କରିବା କାହାକୁ କହନ୍ତି ତାହା ଆପଣ ନିଜେ ସ୍ଥିର କରନ୍ତୁ । ନିଜେ ସ୍ଥିର କଲାପରେ ଆପଣ ବିଶ୍ୱାସ ଉପରେ ନିର୍ଭର କରିବା ପରିତ୍ୟାଗ କରି ସତ୍ୟ ଉପରେ ନିର୍ଭର କରିବେ । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରିବା ଫଳରେ ମୁଁ ସତ୍ୟର ପରିଚୟ ପାଇବାକୁ ଆରମ୍ଭ କଲି । ସେଥିପାଇଁ କହୁଛି, "ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ସତ୍ୟର ପରିଚୟ ପାଇବା ସମ୍ପୂର୍ଣ୍ଣ ଅସମ୍ଭବ ।" କେହି କାହାକୁ ସତ୍ୟର ପରିଚୟ ଦେଇ ପାରିବ ନାହିଁ ।

ସତ୍ୟର ପରିଚୟ ପାଇବା ଓ ଭଗବାନଙ୍କର ପରିଚୟ ପାଇବା ଏ ଦୁହେଁ ଏକ କଥା । ଭଗବାନଙ୍କର ପରିଚୟ ପାଇବା ସମ୍ପୂର୍ଣ୍ଣ ଅସମ୍ଭବ । ଅତଏବ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି ସତ୍ୟର ପରିଚୟ ପାଇବାକୁ ଇଚ୍ଛା କରନ୍ତୁ । ଭଗବାନଙ୍କର ପରିଚୟ ପାଇବା ଅସମ୍ଭବ ହେତୁ ମହାତ୍ମା ଗାନ୍ଧି କହିଯାଇଅଛନ୍ତି—

"ଭଗବାନ ସତ୍ୟ ନୁହନ୍ତି; ମାତ୍ର ସତ୍ୟ ହେଉଛି ଭଗବାନ ।"

ଈଶ୍ୱର ବୋଲି ଜଣେ ଅଛନ୍ତି ଏକଥା ଅନ୍ଧଭାବରେ ବିଶ୍ୱାସ କରିବାକୁ ଧର୍ମଶାସ୍ତ୍ର ସବୁ କହୁଛି ବୋଲି ମୁଁ କେବଳ ଲେଖିଛି । ମାତ୍ର ମୁଁ ନିଜେ ଏକଥା କହୁନାହିଁ । ଅତଏବ ବର୍ତ୍ତମାନ ବୁଝନ୍ତୁ ମୋର ପୂର୍ବ ଦୁଇଟି କଥା ପରସ୍ପରର ବିରୋଧୀ ହେଉନାହିଁ ।

ଦ୍ୱିତୀୟ ସଂଖ୍ୟା ପତ୍ରିକାର ୧୮ ପୃଷ୍ଠାରେ ଲେଖାଥିବା କଥା ପୁଣିଥରେ ଲେଖିବାକୁ ପଡ଼ିଲା । ସେଠାରେ ଲେଖାଅଛି—"ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରତ୍ୟେକ ବ୍ୟକ୍ତିର ଯେପରି ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟୁଛି, ସଂସାରର ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସମସ୍ତ ମାନବ ଜାତିର ଠିକ ସେହିପରି ପରିବର୍ତ୍ତନ ଘଟୁଅଛି । ସଂସାରର ବା ମାନବ ଜାତିର ଶୈଶବାବସ୍ଥା ବହୁକାଳ ହେଲା ଅତୀତ ହୋଇ ସାରିଲାଣି । କୁଣ୍ଢେଇ ତିଆରି କରି ସେହି କୁଣ୍ଢେଇ ଖେଳରେ ଆନନ୍ଦ ଉପଲବ୍ଧି କରିବାର ସମୟ ଆଉ ନାହିଁ ।" ଇତ୍ୟାଦି ଶାସ୍ତ୍ରୋପଦେଶ ସବୁକୁ ଅନ୍ଧଭାବରେ ବିଶ୍ୱାସ କରି ଏବଂ ସେହିସବୁ ଉପଦେଶକୁ ଅନ୍ଧଭାବରେ ବିଶ୍ୱାସ କରି ଲୋକେ ଦିନେ ଉପକାର ପାଉଥିଲେ । ମାତ୍ର ସେପରି ଲୋକ ଆଉ କେହି ଜଣେହେଲେ ଦେଖାଯାଉ ନାହିଁ । ଦେଶାଚାର, ଲୋକାଚାର, କୁଳାଚାର ଇତ୍ୟାଦିର ଅନ୍ଧାନୁସରଣ ଆଉ ଧର୍ମଶାସ୍ତ୍ର ସବୁର ସ୍ଥାନ ଅଧିକାର କରିଅଛି । ଆଜି ପ୍ରତ୍ୟେକଙ୍କର ବୁଝିବା ଆବଶ୍ୟକ ଯେ ଅନ୍ଧବିଶ୍ୱାସ ଉପରେ ନିର୍ଭର କରିବା ଓ ଅନ୍ଧାନୁସରଣ କରିବା ଘୋର ଅନିଷ୍ଟପ୍ରଦ । ଆଜି ହେଉଛି ନିଜର ବୁଝିବା ଉପରେ ଅର୍ଥାତ୍ ଆତ୍ମଜ୍ଞାନ ଉପରେ, ନିଜର ପବିତ୍ର ବିବେକ ବୁଦ୍ଧି ଉପରେ, ନିଜର ବ୍ୟକ୍ତିଗତ ସତ୍ୟ ଉପରେ ନିର୍ଭର କରି କର୍ମ କରିବାର ସମୟ । ଏହିକଥା ବାରମ୍ବାର ଲେଖାଯାଉଛି ଓ ଲେଖାଯିବ ।

ଆପଣ ଗୀତାରୁ "ନ ବୁଦ୍ଧିଭେଦଂ ଜନୟେତ୍" କଥାଟି ଉଦ୍ଧାର-କରି, ମୁଁ ଲୋକଙ୍କର ବୁଦ୍ଧିଭେଦ ଜନ୍ମାଉଅଛି ବୋଲି ମୋଠାରେ ଦୋଷାରୋପ କରିଅଛନ୍ତି । ଗୀତାକାର କେଉଁମାନଙ୍କୁ ଓ କେଉଁ ଅଭିପ୍ରାୟରେ ଏହି କଥାଟି କହିଅଛନ୍ତି ତାହା ଆପଣ ଜାଣିନାହାନ୍ତି । କାରଣ ଗୀତାର ଟୀକାକାରମାନେ ଯେପରି ବୁଝାଇ ଅଛନ୍ତି ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ ଅଟେ ଏବଂ ତାହାହିଁ ଆପଣ ଜାଣିଅଛନ୍ତି । ରାଜ୍ୟରତ୍ନ ବହିଦାରଙ୍କ ଦ୍ୱିତୀୟ ପ୍ରଶ୍ନର ଉତ୍ତର ଏହି ସଂଖ୍ୟାରେ ଦିଆଯାଇଛି । ସେହି ଉତ୍ତରଟି ପଢ଼ିଲେ ଆପଣଙ୍କର ଭ୍ରାନ୍ତଧାରଣା ଦୂର ହେବ ଏବଂ ଆପଣ ଜାଣିପାରିବେ ଯେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କର ବୁଦ୍ଧିଭେଦ ଜନ୍ମାଇ ନାହାନ୍ତି ଏବଂ ମୁଁ ମଧ୍ୟ ଲୋକଙ୍କର ବୁଦ୍ଧିଭେଦ ଜନ୍ମାଉନାହିଁ । ସବୁପ୍ରକାର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଏବଂ ପୁସ୍ତକଗତ ପାଣ୍ଡିତ୍ୟ ଉପରେ ନିର୍ଭର କରିବାକୁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ (ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତିଙ୍କୁ) ଉପଦେଶ ଦେଇଅଛନ୍ତି ।

—୦—

ବିଶ୍ୱକଲ୍ୟାଣ ୧୯୫୫

## ଗୋଟିଏ ପ୍ରଶ୍ନ

୨ୟ ବର୍ଷର ପ୍ରଥମ ସଂଖ୍ୟା ପତ୍ରିକାର ୨ୟ ପୃଷ୍ଠାରେ ଆପଣ ଲେଖିଅଛନ୍ତି—"ଜଗତର ସବୁ ଧର୍ମଶାସ୍ତ୍ର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ବହୁକାଳ ହେଲା ପ୍ରଶ୍ରୟ ଦେଇ ଆମ୍ଭମାନଙ୍କୁ ଅନ୍ଧ କରିସାରିଛି । ଯେଉଁ ଋଷି ମହାପୁରୁଷମାନେ ଧର୍ମଶାସ୍ତ୍ର ସବୁ ଲେଖିଯାଇ ଅଛନ୍ତି ସେମାନେ କଣ ସମସ୍ତେ ଓଲୁ ଥିଲେ ? ଧର୍ମଶାସ୍ତ୍ର ସବୁର କଣ କୌଣସି ମୂଲ୍ୟ ନାହିଁ ?

ଶ୍ରୀ ରଣଜିତ ସିଂହ, ଓଡ଼ିଶାଜଗନ୍ନାଥ କମ୍ପାନି କଟକ ୨

## ଉତ୍ତର

ଧର୍ମ୍ମଶାସ୍ତ୍ର ସବୁ ଯେଉଁମାନେ ଲେଖି ଯାଇ ଅଛନ୍ତି ସେମାନେ ଓଲୁ ଥିଲେ କି ମହାତ୍ମା ଥିଲେ କି ସ୍ୱୟଂ ଭଗବାନଙ୍କର ଅବତାର ଥିଲେ କି ଆଉ କ'ଣ ଥିଲେ ଏକଥା ମୁଁ କିମ୍ବା ଅନ୍ୟ କେହି କହିପାରିବେ ନାହିଁ । ଆଉମଧ୍ୟ ଏକଥା ଆପଣଙ୍କର ଜାଣିବାର କୌଣସି ଆବଶ୍ୟକତା ନାହିଁ । ଧର୍ମ୍ମଶାସ୍ତ୍ର ସବୁ ଆପଣଙ୍କୁ ଅନ୍ଧକରିସାରିଛି କି ନାହିଁ କେବଳ ଏତିକି ଜାଣିବା ହିଁ ଆପଣଙ୍କର ଆବଶ୍ୟକ । ଧର୍ମ୍ମଶାସ୍ତ୍ର ସବୁର କୌଣସି ମୂଲ୍ୟ ଅଛି କି ନାହିଁ ଏହାର ଉତ୍ତର ଆପଣ ମୋଠାରୁ ଜାଣିବାକୁ ଇଚ୍ଛା ନ କରି ନିଜେ ସ୍ଥିର କରନ୍ତୁ । ଧର୍ମଶାସ୍ତ୍ର ସବୁରୁ ଆପଣ ଯେତିକି ଉପକାର ପାଇଅଛନ୍ତି ଆପଣଙ୍କ ପାଇଁ ଧର୍ମ୍ମଶାସ୍ତ୍ର ସବୁର ସେତିକି ମୂଲ୍ୟ ଅଛି । ଧର୍ମ୍ମଶାସ୍ତ୍ର ସବୁ ଯଦି ଆପଣଙ୍କର କୌଣସି ଉପକାର କରିନାହିଁ ଆପଣଙ୍କପାଇଁ ଧର୍ମଶାସ୍ତ୍ର ସବୁର କୌଣସି ମୂଲ୍ୟନାହିଁ । ଆପଣ କହିବେ ଧର୍ମଶାସ୍ତ୍ର ସବୁ ଆପଣଙ୍କର କୌଣସି ଉପକାର ନ କଲେ ମଧ ଅନ୍ୟମାନଙ୍କର ଅନେକ ଉପକାର କରିଅଛି । ଆଚ୍ଛା, କହନ୍ତୁ ଦେଖି, ଅନ୍ୟମାନଙ୍କର ଉପକାର କରିଅଛି ବୋଲି ଆପଣ ଜାଣିଲେ କିପରି ? ଆପଣମାନେ ନିଜେ କୌଣସି ଉପକାର ନ ପାଇଲେ ମଧ୍ୟ ଅନ୍ୟମାନେ ଅନେକ ଉପକାର ପାଇଅଛନ୍ତି ବୋଲି ପ୍ରତ୍ୟେକେ ଯଦି କହନ୍ତି ଏପରି କହିବାର କୌଣସି ମୂଲ୍ୟନାହିଁ । ଆପଣ ନିଜେ ଯଦି କୌଣସି ଉପକାର ପାଇ ଅଛନ୍ତି ତେବେ କି ଉପକାର ପାଇଅଛନ୍ତି ତାହା କହନ୍ତୁ ।

କଳ୍ପନାର ଅତୀତ ଭଗବାନ ବୋଲି ଜଣେ ଅଛନ୍ତି ଏ କଥା ଅନ୍ଧଭାବରେ ବିଶ୍ୱାସ କରିବାକୁ ଏବଂ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇ ଅଜଣା ଭଗବାନଙ୍କ ସ୍ତୁତି ଓ ପ୍ରାର୍ଥନା ଇତ୍ୟାଦିର ଅନ୍ଧାନୁସରଣ କରିବାକୁ ଧର୍ମଶାସ୍ତ୍ର ସବୁ କହୁଛି ଏବଂ ଆମ୍ଭେମାନେ ଧର୍ମଶାସ୍ତ୍ର ସବୁକୁ ଅନ୍ଧଭାବରେ ବିଶ୍ୱାସ କରି ସ୍ତୁତି ଓ ପ୍ରାର୍ଥନା ଇତ୍ୟାଦିର ଅନ୍ଧାନୁସରଣ ଆବହମାନ କାଳରୁ କରି ଆସୁଅଛୁଁ । ଏହି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଆମ୍ଭମାନଙ୍କୁ ଅନ୍ଧକାରି ସାରିଛି କି ନାହିଁ ଏକଥା ଆପଣ ସ୍ୱାଧୀନ ଭାବରେ ଚିନ୍ତାକରି ସ୍ଥିର କରନ୍ତୁ । ମାତ୍ର ଦୁଃଖର କଥା ଏହିକି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ବହୁ କାଳରୁ ଅଭ୍ୟସ୍ତ ରହିଥିବାରୁ ସ୍ୱାଧୀନଭାବରେ ଚିନ୍ତା କରିବା ସହିତ ଆପଣ ସଂପୂର୍ଣ୍ଣ ଅନଭ୍ୟସ୍ତ । ଆଉ ମଧ୍ୟ କାଳେ ଆପଣଙ୍କର ବହୁକାଳର ଏକମାତ୍ର ଆଶ୍ରୟ ଅନ୍ଧବିଶ୍ୱାସ ଟଳିଯିବ ଏହି ଭୟରେ ଆପଣ ଏ ବିଷୟ ସ୍ୱାଧୀନଭାବରେ ଚିନ୍ତା କରିବାକୁ ପଶ୍ଚାତ୍‌ପଦ ହେବେ । ଧର୍ମଶାସ୍ତ୍ର ସବୁକୁ ଆବହମାନ କାଳରୁ ସମସ୍ତେ ଅନ୍ଧଭାବରେ ବିଶ୍ୱାସ କରୁଅଛନ୍ତି ଏବଂ ଧର୍ମଶାସ୍ତ୍ର ସବୁର ଉପଦେଶ ଅନୁସାରେ ସମସ୍ତେ ସ୍ତୁତି, ପ୍ରାର୍ଥନା, ମନ୍ତ୍ରପାଠ, ମାଳା ଜପିବା ଇତ୍ୟାଦିର ଅନ୍ଧାନୁସରଣ କରୁଅଛନ୍ତି ବୋଲି ତାହା କରଣୀୟ ଏପରି ଯୁକ୍ତି ଓ ଏପରି ମନୋବୃତ୍ତି ପରିତ୍ୟାଗକରି ପ୍ରକୃତ କଥା ବୁଝନ୍ତୁ । ମୋ କଥା ଛାଡ଼ନ୍ତୁ, ଗୀତା କହୁଛି:—

"ନ ସତ୍ତନ୍ନାସଦୁଚ୍ୟତେ"— ୩ଶ-୧୩

ଅର୍ଥ—ଭଗବାନ ସତ୍ୟ ନୁହନ୍ତି ବା ଅସତ୍ୟ ନୁହନ୍ତି । ଅର୍ଥାତ୍ ଭଗବାନ ଅଛନ୍ତି ବୋଲି କେହି କହିପାରିବେ ନାହିଁ କିମ୍ବା ନାହାନ୍ତି ବୋଲି କେହି କହିପାରିବେ ନାହିଁ ।

ଗୀତାର ଏହି ଉକ୍ତିଟି କେତେଦୂର ସତ୍ୟ ତାହା ଅନାୟାସରେ ସ୍ଥିରକରି ପାରିବେ । ଏପରି ସ୍ଥଳେ ମନୁଷ୍ୟ ଯେ ଆବହମାନ କାଳରୁ ସ୍ତୁତି ଓ ପ୍ରାର୍ଥନା ଇତ୍ୟାଦିର ଅନ୍ଧାନୁସରଣ କରୁଛି ତାହା ସେ କାହାକୁ କରୁଛି ଓ କାହିଁକି କରୁଛି ଟିକେ ଭାବନ୍ତୁ । ୧ମ ବର୍ଷ ୨ୟ ସଂଖ୍ୟା ପତ୍ରିକାରେ ସେଖ୍ ମନ୍‌ସୁରଙ୍କ ପ୍ରଶ୍ନର ଯେଉଁ ଉତ୍ତର ଦିଆଯାଇଛି ତାହା ମନେ ନଥିଲେ ଆଉଥରେ ପଢ଼ନ୍ତୁ । ସେଥିରୁ ଅନେକ ସଂଶୟ ଦୂର ହେବ । ଆପଣ

କହିପାରନ୍ତି କାମ, କ୍ରୋଧ, ଲୋଭ, ଅହମିକା ଇତ୍ୟାଦି ରିପୁମାନଙ୍କୁ ପରିତ୍ୟାଗ କରିବାକୁ ଉପଦେଶ ଦେଇଥିବାରୁ ଧର୍ମଶାସ୍ତ୍ରସବୁ ଲୋକଙ୍କର ଅନେକ ଉପକାର କରିଅଛି । ଅଚ୍ଛା କହନ୍ତୁ ଦେଖି, ଏହିସବୁ ଉପଦେଶକୁ ମାନି ଆପଣ ଏହିସବୁ ରିପୁମାନଙ୍କ ମଧ୍ୟରୁ କୌଣସି ଗୋଟିଏ ମାତ୍ର ରିପୁକୁ ପରିତ୍ୟାଗ କରିଅଛନ୍ତି କି ? ସେଥିପାଇଁ ମୁଁ କହୁଛି, ଧର୍ମଶାସ୍ତ୍ର ସବୁର କୌଣସି ମୂଲ୍ୟ ନାହିଁ । ଏହିସବୁ ରିପୁ ମଧ୍ୟରୁ କିଏ କିପରି ଭାବରେ ଆପଣଙ୍କର ଅନିଷ୍ଟସାଧନ କରୁଅଛି ଏକଥା ଯେଉଁଦିନ ଆପଣ ନିଜେ ଉପଲବ୍ଧି କରିବେ, ସେହିଦିନ ଏହା ଆପେ ଆପେ ଖୁଲିଯିବ । ତେଣୁ ନିଜର ଜ୍ଞାନ ଓ ନିଜର ବୁଝିବା ଯେତେ ସାମାନ୍ୟ ହୋଇଥିଲେ ମଧ୍ୟ ସେହି ସତ୍‌ସାମାନ୍ୟ ଜ୍ଞାନ ଓ ବୁଝିବା ଉପରେ ନିର୍ଭର କରିବା ଏକାନ୍ତ ଆବଶ୍ୟକ । ସେଥିପାଇଁ ଗୀତା କହୁଛି— "ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ"— ୨ୟ-୪୬

ଅର୍ଥ— ବିଜ୍ଞାନଯୁକ୍ତ ବା ଆତ୍ମଜ୍ଞାନଯୁକ୍ତ ବ୍ରାହ୍ମଣର ବେଦସବୁରେ କୌଣସି ଆବଶ୍ୟକ ନାହିଁ ।

ଏଠାରେ "ବେଦସବୁ" କଥାଟିର ଅର୍ଥ ଧର୍ମଶାସ୍ତ୍ର ସବୁ ଏବଂ "ବ୍ରାହ୍ମଣ" କଥାଟିର ଅର୍ଥ ପ୍ରତ୍ୟେକ ବ୍ୟକ୍ତି । କାରଣ ଶ୍ରୀକୃଷ୍ଣ କେବଳ ବ୍ରାହ୍ମଣମାନଙ୍କୁ ବେଦ ସବୁର ଅନାବଶ୍ୟକତା ବୁଝାଇବା ପାଇଁ ଆସି ନଥିଲେ । ସମସ୍ତ ମାନବ ଜାତିକୁ ସବୁ ଧର୍ମଶାସ୍ତ୍ରର ଅନାବଶ୍ୟକତା ବୁଝାଇବାପାଇଁ ଆସିଥିଲେ ।

ବିଶ୍ବକଲ୍ୟାଣ-୧୯୫୭

# ଗୋଟିଏ ପ୍ରଶ୍ନ

ମହାଶୟ,

ଆପଣଙ୍କର ଗୀତା ପୁସ୍ତକର ଅରମ୍ଭରେ ଓ ବିଶ୍ୱକଲ୍ୟାଣ ପତ୍ରିକାରେ ଆପଣ ଲେଖିଅଛନ୍ତି—"ସ୍ତୁତି, ଉପାସନା ଓ ପ୍ରାର୍ଥନା ଇତ୍ୟାଦି କରିବା ଆତ୍ମନିର୍ଭରଶୀଳତା ନଷ୍ଟ କରେ" । ଆପଣଙ୍କର ଏପରି ପ୍ରଚାର ନାସ୍ତିକତାର ପରିଚୟ ଦେଉ ନାହିଁ କି ଓ ତେଣୁ ଏହା ଅନିଷ୍ଟପ୍ରଦ ନୁହେଁ କି ?

ଆପଣଙ୍କର

ଶ୍ରୀ ରଣଜିତ ସିଂହ

# ଉତ୍ତର

ମହାଶୟ,

ନାସ୍ତିକତା ଓ ଆସ୍ତିକତା ଏହି ଦୁଇଟି କଥା ଆପଣ କେବଳ ଶୁଣି ଅଛନ୍ତି, ମାତ୍ର ନାସ୍ତିକତା ଓ ଆସ୍ତିକତା କାହାକୁ କହନ୍ତି ତାହା ଆପଣ ଜାଣି ନାହାନ୍ତି କିମ୍ବା ଜାଣିବାକୁ ଯତ୍ନ ହେଲେ ଚିନ୍ତା ପର୍ଯ୍ୟନ୍ତ କରି ନାହାନ୍ତି । ଚିନ୍ତା କରିବେ ବା କପରି ? ବହୁକାଳର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଆମ୍ଭମାନଙ୍କୁ ଅନ୍ଧ କରିପାରିଛି ଅର୍ଥାତ ଆମ୍ଭମାନଙ୍କର ସ୍ୱାଧୀନ ଚିନ୍ତାଧାରାକୁ ରୁଦ୍ଧ କରି ରଖିବାପରି ରଖିଛି । ମୋର ସ୍ୱାଧୀନ ମତ ମୁଁ ପ୍ରଚାର କରୁଛି । ମୋ ମତର ଅନ୍ଧାନୁସରଣ କରିବାକୁ ମୁଁ କହୁ ନାହିଁ । କାରଣ ଯେ କୌଣସି ମତର ଅନ୍ଧାନୁସରଣ କରିବା ଅନିଷ୍ଟପ୍ରଦ, ଏ କଥା ମୁଁ ବାରମ୍ବାର ପ୍ରଚାର କରୁଛି । ମୋର ଏହିମତ କଦାଚ ଅନିଷ୍ଟପ୍ରଦ ହେବନାହିଁ ବରଂ ମଙ୍ଗଳପ୍ରଦ ହେବ । କାରଣ ଯେଉଁ ସ୍ତୁତି, ଉପାସନା ଓ ପ୍ରାର୍ଥନା ଇତ୍ୟାଦିର ଅନ୍ଧାନୁସରଣ ସାରା ପୃଥିବୀର ସମସ୍ତେ ଆବହମାନ କାଳରୁ କରି ଆସୁଅଛନ୍ତି ତାହା ସେମାନେ ହଠାତ୍ ଛାଡ଼ି ପାରିବେ ନାହିଁ । ଯେଉଁମାନେ ସଂଶୟ-ଶୂନ୍ୟ ହୋଇ ପ୍ରକୃତ କଥା ବୁଝିବେ ସେମାନେ ସ୍ତୁତି, ଉପାସନା, ପ୍ରାର୍ଥନା ଇତ୍ୟାଦିର ଅନ୍ଧାନୁସରଣରେ ସମୟ ନଷ୍ଟ ନକରି ନିଜ ନିଜର ସ୍ୱଭାବ ନିୟତ କର୍ତ୍ତବ୍ୟ କର୍ମରେ

ନିଶ୍ଚିନ୍ତ ରହି ନିଜର ଓ ସମାଜର ମଙ୍ଗଳ ସାଧନ କରିବେ । ବର୍ତ୍ତମାନ ଆସ୍ତିକତା ଓ ନାସ୍ତିକତା କାହାକୁ କହନ୍ତି ତାହା ଭଲ କରି ବୁଝନ୍ତୁ ।

ମନ୍ଦିର, ମସଜିଦ୍ ଓ ଗୀର୍ଜା ଇତ୍ୟାଦିକୁ ଯାଇ ସ୍ତୁତି, ଉପାସନା ପ୍ରାର୍ଥନା, ନାମକୀର୍ତ୍ତନ ଇତ୍ୟାଦିର ଅନ୍ଧାନୁସରଣକୁ ଆପଣ ଆସ୍ତିକତା ମନେ କରିଅଛନ୍ତି । ମାତ୍ର, ସେ ସବୁ ପ୍ରକୃତରେ ଆସ୍ତିକତା ନୁହେଁ । ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ (ଜଣେ କି ପଣେ) ସେହି ଅଜଣା ସୃଷ୍ଟିକର୍ତ୍ତାଙ୍କର ସନ୍ତାନ, ତେଣୁ ପ୍ରତ୍ୟେକ ପ୍ରତ୍ୟେକର ଭାଇ, ଏହି ନିରାଟ ସତ୍ୟ ପ୍ରତି ନିରନ୍ତର ଦୃଷ୍ଟି ରଖି ତଦନୁସାରେ ଜୀବନ ଗଠନ କରିବାହିଁ ପ୍ରକୃତରେ ଆସ୍ତିକତା । ମୁଁ ରାୟସାହେବଙ୍କର ନାତି, ରାୟବାହାଦୁରଙ୍କ ପୁଅ ଇତ୍ୟାଦି ବୃଥାଭିମାନ ପରିତ୍ୟାଗ କରି ମୁଁ ସେହି ଅଜଣା ସୃଷ୍ଟିକର୍ତ୍ତାଙ୍କର ସନ୍ତାନ, ସତ୍ୟର ସନ୍ତାନ, ଆନନ୍ଦର ସନ୍ତାନ, ଅମୃତର ସନ୍ତାନ ବୋଲି ନିର୍ଭିକତା ଓ ଗର୍ବ ଅନୁଭବ କରିବାହିଁ ପ୍ରକୃତରେ ଆସ୍ତିକତା । ସମସ୍ତଙ୍କୁ ଭାଇ ବୋଲି ଗ୍ରହଣ କରିବା ଫଳରେ ମନରୁ ମିଥ୍ୟା, କପଟତା, ଲୋଭ, ହିଂସା, ଈର୍ଷା, କ୍ରୋଧ ଇତ୍ୟାଦି ପରିତ୍ୟାଗ କରିବାହିଁ ପ୍ରକୃତରେ ଆସ୍ତିକତା । ସେହି ପରମ ପିତାଙ୍କ ନିକଟରେ କେହି ବଡ ନାହିଁ କେହି ସାନ ନାହିଁ, କେହି ଶତ୍ରୁ ନାହିଁ, କେହି ମିତ୍ର ନାହିଁ ଏ କଥା ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରି ନିଜକୁ ଅନ୍ୟ ଅପେକ୍ଷା ସାନ କିମ୍ବା ବଡ଼ ମନେ ନ କରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବାହିଁ ପ୍ରକୃତରେ ଆସ୍ତିକତା । ଏଥିପାଇଁ ସ୍ତୁତି, ଉପାସନା ପ୍ରାର୍ଥନା ଇତ୍ୟାଦି ସମ୍ପୂର୍ଣ୍ଣ ଅନାବଶ୍ୟକ । ନାସ୍ତିକତା କାହାକୁ କହନ୍ତି, ତାହା ଆପଣ ବର୍ତ୍ତମାନ ବୁଝି ପାରିବେ ।

ବିଶ୍ୱକଲ୍ୟାଣ-୧୯୫୭

# ନାସ୍ତିକତାହିଁ ଦୁଃଖର ମୂଳକାରଣ

ଅନ୍ଧତା ଓ ବୃଥାଡ଼ମ୍ବର ଯେ ଦୁଃଖ ଦୁରବସ୍ଥାର କାରଣ ଏହି ଗୋଟିଏ କଥା ବାରମ୍ବାର ଶୁଣି ଶୁଣି କେତେକ ପାଠକ ବିରକ୍ତି ପ୍ରକାଶ କରୁଥିବାରୁ ଆଜ ଗୋଟିଏ ନୂଆ କାରଣ ଆଲୋଚନା କଲି । ସେହି କାରଣଟି ହେଉଛି—ନାସ୍ତିକତା । ନାସ୍ତିକତା ସହିତ ଅନ୍ଧତା ଓ ବୃଥାଡ଼ମ୍ବର ଏହି ଦୁହିଁଙ୍କର ଘନିଷ୍ଠ ସମ୍ବନ୍ଧ । ଆସ୍ତିକତା ନିକଟରେ ଅନ୍ଧତା ଓ ବୃଥାଡ଼ମ୍ବର ରହି ପାରିବ ନାହିଁ । ଏହି ଦୁହିଁଙ୍କୁ ପରିତ୍ୟାଗ କରିପାରିଲେ ଆସ୍ତିକତା ଅବଶ୍ୟ ଆପେ ଆସିବ ଏବଂ ଆସ୍ତିକତା ଆସିଲେ ଏହି ଦୁହେଁ ଆପେ ଆପେ ଚାଲିଯିବେ । ପୂର୍ବସଂଖ୍ୟା ପତ୍ରିକାରେ ନାସ୍ତିକତା ଓ ଆସ୍ତିକତା ବିଷୟରେ ସାମାନ୍ୟ ଆଲୋଚନା କରାଯାଇଥିଲା । ତାକୁ ଆଉଥରେ ପଢ଼ନ୍ତୁ—

ମନୁଷ୍ୟସୃଷ୍ଟ ଠାକୁର ଠାକୁରାଣୀଙ୍କୁ ସୃଷ୍ଟିକର୍ତ୍ତା ବୋଲି ବିଶ୍ୱାସ କରିବା ଫଳରେ ସତ୍ୟ ଉପରେ ପ୍ରତିଷ୍ଠିତ ପ୍ରକୃତ ସୃଷ୍ଟିକର୍ତ୍ତାଙ୍କ ସହିତ ଆମ୍ଭମାନଙ୍କର କୌଣସି ସମ୍ବନ୍ଧ ନାହିଁ । ତେଣୁ ଯେତେ ମନ୍ଦିର ଗଢ଼ିଲେ କିମ୍ବା ସ୍ତୁତି, ଉପାସନା, ପ୍ରାର୍ଥନା ଇତ୍ୟାଦିର ଯେତେ ଅନ୍ଧାନୁସରଣ କଲେ ମଧ୍ୟ ଆମ୍ଭେମାନେ ପ୍ରକୃତରେ ନାସ୍ତିକ ।

ଯେଉଁଦିନ ଆପଣ ମାନବ ଜାତିର ପ୍ରତ୍ୟେକଙ୍କୁ ସୃଷ୍ଟିକର୍ତ୍ତାଙ୍କର ସନ୍ତାନ ବୋଲି ଗ୍ରହଣ କରି ସମସ୍ତଙ୍କୁ ନିଜର ଭାଇ ଦୃଷ୍ଟିରେ ଦେଖିବେ, ଯେଉଁଦିନ ଆପଣଙ୍କ ମନରୁ ମିଥ୍ୟା, କପଟତା, ଦୁଃଖ, ଭୟ, ଲୋଭ, ବୃଥାଡ଼ମ୍ବର ଇତ୍ୟାଦି ଚାଲିଯିବ ସେହିଦିନ ଜାଣିବେ ଯେ ଆପଣ ପ୍ରକୃତରେ ଆସ୍ତିକ । ଆସ୍ତିକତା ଓ ବିଶ୍ୱଭ୍ରାତୃତ୍ୱ ଏ ଦୁହେଁ ଏକା କଥା । ସେଥିପାଇଁ ଗୀତା କହୁଛି—

ବିଦ୍ୟା-ବିନୟ ସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେଚ ପଣ୍ଡିତାଃ ସମଦର୍ଶିନଃ । ୫ମ-୧୮

ଅର୍ଥ—ବିଦ୍ୟା ଓ ବିନୟ ସମ୍ପନ୍ନ ବ୍ରାହ୍ମଣ, ଗୋରୁ, ହାତୀ, କୁକୁର ଓ ଚଣ୍ଡାଳ ଏମାନଙ୍କୁ ପଣ୍ଡିତମାନେ ସମାନ ଦୃଷ୍ଟିରେ ଦେଖନ୍ତି ।

ଗୋରୁ, କୁକୁର ପ୍ରଭୃତିଙ୍କ କଥା ଛାଡ଼ନ୍ତୁ । ବ୍ରାହ୍ମଣ ଓ ଚଣ୍ଡାଳଙ୍କୁ ଯେଉଁମାନେ ସମାନ ଦୃଷ୍ଟିରେ ଦେଖନ୍ତି ସେହିମାନେ ହେଉଛନ୍ତି ପ୍ରକୃତରେ ପଣ୍ଡିତ ବା ପ୍ରକୃତରେ ଆସ୍ତିକ ।

———

ବିଶ୍ୱକଲ୍ୟାଣ ୧୯୬୭

# ଭଗବାନ କିଏ ?

( ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର କବଳରୁ ନିଜକୁ ଓ ସମାଜକୁ ମୁକ୍ତ କର ।

ବିଶ୍ୱକଲ୍ୟାଣ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଏହା ଏକମାତ୍ର ଉପାୟ । )

ସବୁ ଶାସ୍ତ୍ର କହୁଛି ଏବଂ ସାମାନ୍ୟ ଚିନ୍ତାକଲେ ଆମ୍ଭେମାନେ ମଧ୍ୟ ଜାଣି ପାରିବୁ ଯେ, ଆମ୍ଭେମାନେ ଯାହାକୁ ଭଗବାନ, ଈଶ୍ୱର, ଆଲ୍ଲା ଇତ୍ୟାଦି ନାମ ଦେଇଅଛୁ , ସେ ହେଉଛନ୍ତି ଅଜ୍ଞେୟ ଓ ଅଚିନ୍ତ୍ୟ ଅର୍ଥାତ୍ ତାଙ୍କୁ କେହି ଜାଣି ପାରିବେ ନାହିଁ କିମ୍ବା ତାଙ୍କ ବିଷୟରେ କିଛି ଚିନ୍ତା ସୁଦ୍ଧା କରି ପାରିବେ ନାହିଁ । ସେଥିପାଇଁ ଉପନିଷଦ କହୁଛି 'ତତ୍ତ୍ୱମସି' । ଏହି ଗୁଟିଏ ଅକ୍ଷର ହେଉଛି ଉପନିଷଦର ମହାବାକ୍ୟ । ଏହା ତତ୍, ତ୍ୱମ୍ ଓ ଅସି, ଏହି ତିନୋଟି ଶବ୍ଦର ସମଷ୍ଟି । ଏହାର ଅର୍ଥ ସମସ୍ତେ ସହଜରେ ବୁଝି ପାରିବେ । ଅର୍ଥ—ତତ୍ (ତାହା ଅର୍ଥାତ୍ ସେହି ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନ) ତ୍ୱମ୍ (ତୁମେ ନିଜେ) ଅସି (ଅଟ) । ଅର୍ଥାତ୍ ତୁମେ ନିଜେ ଭଗବାନ ଅଟ । ଉପନିଷଦ ଏପରି କହିବାର ଅଭିପ୍ରାୟ ଏହି କି, ଯେହେତୁ ଭଗବାନ ହେଉଛନ୍ତି ଅଜ୍ଞେୟ ଓ ଅଚିନ୍ତ୍ୟ, ତେଣୁ ତାଙ୍କୁ ଜାଣିବାକୁ ବୃଥାରେ ବ୍ୟାକୁଳ ନ ହୋଇ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣନ୍ତୁ ଓ ବୁଝନ୍ତୁ । ଏହାର ନାମ ଆତ୍ମଜ୍ଞାନ ଏବଂ ଏହି ଆତ୍ମଜ୍ଞାନ ହେଉଛି ପ୍ରକୃତରେ ଜ୍ଞାନ । ଏହି ଆତ୍ମଜ୍ଞାନ ଲାଭ-କରିବା ଅର୍ଥାତ୍ ନିଜେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣିବା ଓ ବୁଝିବା ହେଉଛି

ଭଗବାନଙ୍କୁ ଜାଣିବା ସଙ୍ଗେ ସମାନ । ଆତ୍ମଜ୍ଞାନ ଲାଭ କରିବାକୁ ଅର୍ଥାତ୍ ନିଜେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣିବାକୁ ଓ ବୁଝିବାକୁ କୌଣସି ଗୁରୁଙ୍କର କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର କିମ୍ବା କୌଣସି ଧର୍ମଗ୍ରନ୍ଥର ଆବଶ୍ୟକ ହେବନାହିଁ । ମୂର୍ଖ ପଣ୍ଡିତ ନିର୍ବିଶେଷରେ ଓ ବ୍ରାହ୍ମଣ ଅବ୍ରାହ୍ମଣ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଆତ୍ମଜ୍ଞାନ ଲାଭ କରି ପାରିବେ ।

ଭଗବାନ ଯେ ଅଜ୍ଞେୟ ଓ ଅଚିନ୍ତ୍ୟ ଏହା ଗୀତାର ନିମ୍ନଲିଖିତ ଉକ୍ତିରୁ ମଧ୍ୟ ବୁଝି ପାରିବେ :—

ସର୍ବତଃ ପାଣିପାଦଂ ତତ୍, ସର୍ବତୋଽକ୍ଷି ଶିରୋମୁଖଂ,
ସର୍ବତଃ ଶ୍ରୁତିମଲ୍ଲୋକେ, ସର୍ବମାବୃତ୍ୟ ତିଷ୍ଠତି । ୧୩ଶ-୧୪

ଅର୍ଥ—ସବୁଠାରେ ତାଙ୍କର (ଭଗବାନଙ୍କର) ହାତ, ସବୁଠାରେ ଗୋଡ଼, ସବୁଠାରେ ଆଖି, ସବୁଠାରେ କାନ, ସବୁଠାରେ ମୁଖ ରହିଅଛି । ତେବେ ମଧ୍ୟ ସମସ୍ତଙ୍କୁ ସେ ଆବୃତ କରି ରହି ଅଛନ୍ତି । ଆମ୍ଭମାନଙ୍କର ଧାରଣା ଏହିକି, କୌଣସିଠାରେ ଏକ ସମୟରେ କୌଣସି ଦୁଇଟି ପଦାର୍ଥ ରହି ନ ପାରେ । ତେଣୁ ଭଗବାନଙ୍କର ହାତ, ଗୋଡ଼, ଆଖି, କାନ ଇତ୍ୟାଦି ସବୁଠାରେ ଏକ ସମୟରେ ରହିବା କଳ୍ପନାର ଅତୀତ । ଗୀତା କହୁଛି :—

କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତା ସକ୍ତଚେତସାମ୍ ॥ ୧୨ଶ-୫

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତ ପ୍ରତି ଅର୍ଥାତ୍ ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନଙ୍କ ପ୍ରତି ଆସକ୍ତ ସେମାନଙ୍କର ଅଧିକ କ୍ଲେଶ ହୁଏ ।

ଗୀତା ଏପରି କହିବାର ଅଭିପ୍ରାୟ ଏହିକି, ଯାହା ଅଜ୍ଞେୟ ଓ ଅଚିନ୍ତ୍ୟ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ । କାରଣ, ଜାଣିଲେ ତାହା ଅଜ୍ଞେୟ ନ ରହି ଜ୍ଞେୟ ହୋଇଯିବ । ଯାହା ଜ୍ଞେୟ ହୋଇ ପାରିବ ତାହା ଆଉ ଅଜ୍ଞେୟ ହୋଇ ପାରିବ ନାହିଁ । ତେଣୁ ତାହା ପ୍ରକୃତରେ ଭଗବାନ ନୁହନ୍ତି । ସେଥିପାଇଁ ଶାସ୍ତ୍ର କହୁଛି ଏବଂ ସାଧକମାନେ କହୁଅଛନ୍ତି—"ନେତି, ନେତି" ଅର୍ଥାତ୍ ଇତି—ନ "ନେତି, ନେତି" କହିବାର ଅଭିପ୍ରାୟ ଏହିକି, ମନୁଷ୍ୟ ଯେତେ ଜାଣିଲେ ମଧ୍ୟ ଭଗବାନ କିଏ ବା

କ'ଣ ତାହା ଜାଣି ହେବ ନାହିଁ । ସେ ହେଉଛନ୍ତି ମନୁଷ୍ୟର ଜାଣିବାର ସମ୍ପୂର୍ଣ୍ଣ ଅତୀତ ।

ଗୀତା ପୁଣି କହୁଛି :—

ଶରୀରଂ ଯଦବାପ୍ନୋତି, ଯଚ୍ଚାପ୍ୟୁତ୍କ୍ରାମତୀଶ୍ବରଃ ॥ ୧୫ଶ-୮

ଅର୍ଥ—ଈଶ୍ବର ଯେତେବେଳେ ଶରୀର ଗ୍ରହଣ କରନ୍ତି ଓ ଶରୀର ତ୍ୟାଗ କରନ୍ତି ।

ଏହି ଉକ୍ତିଟିରୁ ପ୍ରକାଶ ଯେ, ପ୍ରତ୍ୟେକ ମନୁଷ୍ୟ ବା ପ୍ରତ୍ୟେକ ଜୀବାତ୍ମା ହେଉଛନ୍ତି ସ୍ୱୟଂ ଈଶ୍ବର । ତେଣୁ ଭଗବାନଙ୍କୁ ଜାଣିବାକୁ ହେଲେ, ନିଜେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣିବା ଓ ବୁଝିବା ଏକାନ୍ତ ଆବଶ୍ୟକ ।

ଗୀତା ପୁଣି କହୁଛି :—

ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ, ପରମେଶ୍ବରମ୍ ॥ ୧୩ଶ-୨୮
ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ବରମ୍ ॥୧୩ଶ-୨୯

ଏହି ଦୁଇଟି ଉକ୍ତିରୁ ପ୍ରକାଶ ଯେ, ଈଶ୍ବର ସର୍ବତ୍ର ଓ ସବୁ ମନୁଷ୍ୟଙ୍କଠାରେ ସମାନ ଭାବରେ ରହିଅଛନ୍ତି ।

ଗୀତାର ବକ୍ତା ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି :—

ସମୋଽହଂ ସର୍ବଭୂତେଷୁ, ନ ମେ ଦ୍ବେଷ୍ୟୋଽସ୍ତି ନ ପ୍ରିୟଃ । ୯ମ —୨୯

ଅର୍ଥ—ସବୁ ମନୁଷ୍ୟ ନିକଟରେ ମୁଁ ସମାନ । ମୋର କେହି ଶତ୍ରୁ ନାହିଁ କିମ୍ବା ମିତ୍ର ନାହିଁ ।

ଭଗବାନ ଅଜ୍ଞେୟ ଓ କଳ୍ପନାତୀତ ହେଲେ ମଧ୍ୟ ତାଙ୍କର ଅସ୍ତିତ୍ୱ ଉପଲବ୍ଧି କରି ମନୁଷ୍ୟ କପରି ଉପକୃତ ହେବ ତାହା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ଜାଣି ପାରିବେ :—

ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତଂ ॥ ୧୩ଶ—୧୫

ଅର୍ଥ—ଭଗବାନଙ୍କର କୌଣସି ଇନ୍ଦ୍ରିୟ ନ ଥାଇ ମଧ୍ୟ ସେ ଇନ୍ଦ୍ରିୟମାନଙ୍କର ସବୁ କାର୍ଯ୍ୟ କରୁଅଛନ୍ତି ଅର୍ଥାତ୍ ମନୁଷ୍ୟ ଯାହାସବୁ କରୁଅଛି, କହୁଅଛି କିମ୍ବା ଭାବୁଅଛି, ତାହା ସେ ଦେଖୁ ଅଛନ୍ତି, ଶୁଣୁ ଅଛନ୍ତି ଓ ଜାଣୁ ଅଛନ୍ତି ।

ଗୀତାର ଏହି ଉକ୍ତିଟିକୁ ସତ୍ୟବୋଲି ଗ୍ରହଣ କରି ପାରିଲେ ମନୁଷ୍ୟ ମିଥ୍ୟା କହି ପାରିବ ନାହିଁ, କୌଣସି କର୍ମ ଗୋପନରେ କରି ପାରିବ ନାହିଁ । କୌଣସି ଅସତ୍ ଚିନ୍ତା କରି ପାରିବ ନାହିଁ । ଏହି ଉପଦେଶଟି ପ୍ରତି ଯେଉଁମାନେ ଉଦାସୀନ ସେମାନେ ପ୍ରକୃତରେ ନାସ୍ତିକ: ସେମାନଙ୍କର ପୂଜା, ପ୍ରାର୍ଥନା, ଯୋଗାଭ୍ୟାସ ଇତ୍ୟାଦିର କୌଣସି ମୂଲ୍ୟ ନାହିଁ ।

ବିଷ୍ଣୁ ପୁରାଣ କହୁଛି :—"ସମତ୍ୱମାରାଧନ ମଚ୍ୟୁତସ୍ୟ" ।

ଅର୍ଥ—ସବୁ ମନୁଷ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖିବା ହେଉଛି ଭଗବାନଙ୍କର ପ୍ରକୃତ ଆରାଧନା ବା ପ୍ରକୃତ ପୂଜା । ଭଗବାନ ତାଙ୍କର ସନ୍ତାନମାନଙ୍କୁ ସମସ୍ତଙ୍କୁ ସମାନ ଭାବରେ ରଖି ଅଛନ୍ତି—ଏହି ମମତା ନ ଦେଖିବା ପର୍ଯ୍ୟନ୍ତ ଭଗବାନଙ୍କର ଅସ୍ତିତ୍ୱ ଉପଲବ୍ଧି କରି ହେବନାହିଁ । ତେଣୁ ମନ୍ଦିର, ମସଜିଦ୍ ଓ ଗୀର୍ଜା ଇତ୍ୟାଦିରେ ଯେତେ ପୂଜା, ଯେତେ ପ୍ରାର୍ଥନା, ଯେତେ ଯୋଗାଭ୍ୟାସ ଇତ୍ୟାଦି କଲେ ମଧ୍ୟ ସେ ସବୁ ଭଗବାନଙ୍କର ପ୍ରକୃତ ପୂଜା ନୁହେଁ । ସେଥିପାଇଁ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ଯାବତୀୟ ଭେଦଭାବ ଦୂରକରି ସମତା ବା ସାମ୍ୟବାଦ ପ୍ରତିଷ୍ଠା କରିବାକୁ ମହାତ୍ମାଗାନ୍ଧି ବାରମ୍ବାର ଉପଦେଶ ଦେଇ ଯାଇଅଛନ୍ତି ।

ଉପନିଷଦ, ଗୀତା ଓ ବିଷ୍ଣୁପୁରାଣର ଉପରଲିଖିତ ଉକ୍ତି କେତୋଟିର ସତ୍ୟତା ଉପଲବ୍ଧି କରି ପାରିଲେ ବୁଝିପାରିବେ ଯେ ପ୍ରତ୍ୟେକ ମନୁଷ୍ୟଙ୍କୁ ଭଗବାନ ବା ତାଙ୍କର ଅଂଶ ବୋଲି ଜାଣି ପ୍ରତ୍ୟେକ ମନୁଷ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବରେ ଶ୍ରଦ୍ଧା ଓ ଭକ୍ତି କରିବା ଏକାନ୍ତ ଆବଶ୍ୟକ । ସ୍ୱାମୀ ବିବେକାନନ୍ଦ କହିଅଛନ୍ତି—"Worship Man-God" ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟଙ୍କୁ ଭଗବାନ ବୋଲି ଜାଣି ପ୍ରତ୍ୟେକ ମନୁଷ୍ୟର ପୂଜା କର । କୌଣସି ବ୍ୟକ୍ତିର ବିଶିଷ୍ଟତା ଦେଖି ତାଙ୍କୁ ପୂଜା ନ କରି **ରାସ୍ତାର ଭିକାରୀକୁ ପୂଜା କର, ତାକୁ ଅନ୍ନ ବସ୍ତ୍ର ଦେଇ ସାହାଯ୍ୟ କର ଏବଂ ସେହି ଭିକାରୀ ପ୍ରତି କୃତଜ୍ଞ ହୁଅ ଯେ, ଭଗବାନଙ୍କୁ ପୂଜା କରିବାର ସୁଯୋଗ ସେ ତୁମ୍ଭଙ୍କୁ ଦେଉଅଛି ।**

ଆମ୍ଭେମାନେ ବର୍ତ୍ତମାନ ବୁଝିପାରିଲୁ ଯେ, ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ପଣ୍ଡିତ ମୂର୍ଖ, ଧନୀ ଦରିଦ୍ର, ବ୍ରାହ୍ମଣ ଅବ୍ରାହ୍ମଣ, ହିନ୍ଦୁ ମୁସଲମାନ ଇତ୍ୟାଦି ଯାବତୀୟ ଭେଦଭାବ ଦୂରକରି ମାନବ ସମାଜର ସମତା ବା ସାମ୍ୟବାଦ ପ୍ରତିଷ୍ଠା କରି ନ ପାରିଲେ ଭଗବାନଙ୍କର ଅସ୍ତିତ୍ୱ ଉପଲବ୍ଧି କରି ହେବ ନାହିଁ ଏବଂ ଭଗବାନଙ୍କର ଅସ୍ତିତ୍ୱ ଉପଲବ୍ଧି ନ କରିବା ପର୍ଯ୍ୟନ୍ତ ସାମ୍ୟବାଦ ପ୍ରତିଷ୍ଠା କରି ହେବ ନାହିଁ ।

ମହାତ୍ମାଗାନ୍ଧି ଉପଦେଶ ଦେଇଗଲେ ଯେ, ନିଜକୁ ହିନ୍ଦୁ, ମୁସଲମାନ, ବ୍ରାହ୍ମଣ, ଶୂଦ୍ର ଇତ୍ୟାଦି ବୋଲି ପରିଚୟ ନ ଦେଇ ପ୍ରତ୍ୟେକ ବ୍ୟକ୍ତି ନିଜକୁ ମନୁଷ୍ୟ ବୋଲି ପରିଚୟ ଦିଅନ୍ତୁ । ଏହି ଉପଦେଶ ଅନୁସାରେ ଲୋକେ କୋର୍ଟ-କଚେରୀରେ ମଧ୍ୟ ଆଇନ ଅନୁସାରେ ନିଜର ଜାତି ପ୍ରକାଶ ନ କରି ମନୁଷ୍ୟ ଜାତି ବୋଲି ପରିଚୟ ଦେଲେ । ଆମ୍ଭେମାନେ ଜାତିଗତ ଭେଦଭାବ ଦୂର କରି ଦେଇ ମନୁଷ୍ୟ ଜାତି ବୋଲି ସ୍ୱୀକାର କରିବାରେ କୌଣସି କ୍ଷତି ହେବ ନାହିଁ, ବରଂ ଏହାଦ୍ୱାରା ମାନବ ସମାଜରେ ସାମ୍ୟବାଦ ଓ ଶାନ୍ତି ପ୍ରତିଷ୍ଠିତ ହେବ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ଅସଂଖ୍ୟ ପ୍ରକାର ଭେଦଭାବ ସୃଷ୍ଟି କରିବାରେ ବହୁକାଳରୁ ଅଭ୍ୟସ୍ତ ଥିବାରୁ ଏହି ଅଭ୍ୟାସର ଅନ୍ଧାନୁସରଣ ଆମ୍ଭେମାନେ ଛାଡ଼ି ପାରୁନାହୁଁ ଏବଂ ସେଥିପାଇଁ ମହାତ୍ମାଗାନ୍ଧିଙ୍କ ଉପଦେଶକୁ କାର୍ଯ୍ୟରେ ପରିଣତ କରି ପାରୁନାହୁଁ । ବିଶିଷ୍ଟ ବ୍ୟକ୍ତିମାନଙ୍କର ପୂଜା ଓ ଜୟନ୍ତୀ ଇତ୍ୟାଦି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଉଚ୍ଚ ନୀଚର ଭେଦଭାବ ସୃଷ୍ଟି କରୁଅଛି—ଏ କଥା ଆମ୍ଭେମାନେ ବୁଝି ନ ପାରି ବିଶିଷ୍ଟ ବ୍ୟକ୍ତିମାନଙ୍କର ପୂଜା ଓ ଜୟନ୍ତୀ ଇତ୍ୟାଦି କରିବାରେ ଲାଗିଛୁ । ଏପରି ପୂଜା ଓ ଜୟନ୍ତୀ ଇତ୍ୟାଦି ଆଜିକାଲି ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ଏସବୁ କରିବା ଫଳରେ ମାନବ-ସମାଜରେ କିମ୍ବା କୌଣସି ବ୍ୟକ୍ତିର କୌଣସି ଉପକାର ହୋଇନାହିଁ ଓ ହେବ ନାହିଁ । ଏସବୁ ସାମ୍ୟବାଦ ପ୍ରତିଷ୍ଠା କରିବାର ସଂପୂର୍ଣ୍ଣ ଅନ୍ତରାୟ ହୋଇଛି । ସବୁ ମନୁଷ୍ୟ ଯଦି ଈଶ୍ୱର ବା ଈଶ୍ୱରଙ୍କର ଅଂଶ ଏବଂ ସବୁ ମନୁଷ୍ୟ ସମାନ—ଯାହା ପୂର୍ବେ କୁହାଯାଇଅଛି, ତେବେ ମନୁଷ୍ୟ ମନୁଷ୍ୟଙ୍କୁ ପୂଜା କରିବ କପରି ଓ କାହିଁକି ? ମନୁଷ୍ୟ ମନୁଷ୍ୟ ମଧ୍ୟରେ କେହି ଅନ୍ୟଠାରୁ ବଡ଼ ନୁହେଁ କିମ୍ବା ସାନ ନୁହେଁ ।

ବୁଦ୍ଧ, ସ୍ୱାମୀ ବିବେକାନନ୍ଦ, ମହାତ୍ମାଗାନ୍ଧି ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନେ ଯେଉଁସବୁ ଉପଦେଶ ଦେଇଯାଇ ଅଛନ୍ତି, ସେ ସବୁ ଉପଦେଶ ମଧ୍ୟରୁ କୌଣସି ଗୋଟିଏ ମାତ୍ର ଉପଦେଶକୁ କାର୍ଯ୍ୟରେ ପରିଣତ କରିବାକୁ କର୍ତ୍ତବ୍ୟବୋଧ ନ କରି ଆମ୍ଭେମାନେ ଏମାନଙ୍କର ପୂଜା ଓ ଜୟନ୍ତୀ ଇତ୍ୟାଦି କରିବାକୁ ଏକମାତ୍ର କର୍ତ୍ତବ୍ୟ ବୋଧ କରିଅଛୁଁ । ସବୁ ବିଶିଷ୍ଟ ବ୍ୟକ୍ତିମାନେ କହିଗଲେ, ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ପ୍ରତ୍ୟେକ ବ୍ୟକ୍ତି ବିବେକାନୁମୋଦିତ କାର୍ଯ୍ୟ କରନ୍ତୁ ମାତ୍ର ଆମ୍ଭେମାନେ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଛାଡ଼ି ପାରୁ ନାହୁଁ ଏବଂ ସେଥିପାଇଁ ବିବେକାନୁମୋଦିତ କାର୍ଯ୍ୟ କରିପାରୁନାହୁଁ । ବିବେକାନୁମୋଦିତ କାର୍ଯ୍ୟ ନ କରିବାପାଏ ଆମ୍ଭେମାନେ ପ୍ରକୃତରେ ମନୁଷ୍ୟ ନୋହୁ । ସେଥିପାଇଁ ଆମ୍ଭେମାନେ ଯେତେ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କାର୍ଯ୍ୟରେ ଅକୃତକାର୍ଯ୍ୟ ହେଉଅଛୁ । ତେଣୁ ଆମ୍ଭମାନଙ୍କର **ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନସରଣରୁ ମୁକ୍ତ ହୋଇ ବିବେକାନୁମୋଦିତ କାର୍ଯ୍ୟ କରିବା ।**

ବିଶିଷ୍ଟ ବ୍ୟକ୍ତିମାନେ ବହୁକାଳ ହେଲା କହୁଅଛନ୍ତି—"ନୂଆ ସଂସାର ଗଠନ କର ।" ମାତ୍ର ପ୍ରତ୍ୟେକ ବ୍ୟକ୍ତି ନୂଆ ମନୁଷ୍ୟ ହେବାକୁ କର୍ତ୍ତବ୍ୟବୋଧ ନ କଲେ କେବଳ ଭାଷଣ ଦେବାଦ୍ୱାରା ନୂଆ ସଂସାର ଗଠନ କରାଯାଇପାରିବ ନାହିଁ । ପଣ୍ଡିତ ନେହେରୁ ବାରମ୍ବାର କହୁଅଛନ୍ତି 'ଲୋକେ ପୁରୁଣା ପ୍ରଣାଳୀରେ ଚିନ୍ତା ନ କରି ନୂଆ ପ୍ରଣାଳୀରେ ଚିନ୍ତା କରନ୍ତୁ ।' ଯଦି ନୂଆ ସଂସାର ଗଠନ କରିବାକୁ ହେବ ଏବଂ ସେଥିପାଇଁ ନୂଆ ପ୍ରଣାଳୀରେ ଚିନ୍ତା କରିବାକୁ ହେବ, ତେବେ ବିଶିଷ୍ଟ ବ୍ୟକ୍ତିମାନଙ୍କର ପୂଜା, ଜୟନ୍ତୀ ଇତ୍ୟାଦି ପୁରୁଣା ପ୍ରଥା ସବୁର ଅନ୍ଧାନୁସରଣ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିବା ଏକାନ୍ତ ଆବଶ୍ୟକ ।

ସମାଜରେ କିପରି ପୂଜା ପାଇବେ ଏବଂ ମୃତ୍ୟୁପରେ କିପରି ସ୍ୱର୍ଗରେ ସ୍ଥାନ ପାଇବେ—ଏଥିପାଇଁ ତଥାକଥିତ ଧାର୍ମିକମାନେ ଯେପରି ସର୍ବଦା ବ୍ୟସ୍ତ ଅଛନ୍ତି; ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଠିକ୍ ସେହିପରି ସମାଜରେ କିପରି ପୂଜା ପାଇବେ ଏବଂ ମୃତ୍ୟୁ ପରେ ସେମାନଙ୍କର ନାମ କିପରି ଇତିହାସରେ ସ୍ଥାନ ପାଇବ—ସେଥିପାଇଁ ସେମାନେ ସର୍ବଦା

ବ୍ୟସ୍ତ ଅଛନ୍ତି । ଏହି କାରଣରୁ ମଧ୍ୟ ସେମାନେ ପୂଜା, ଜୟନ୍ତୀ କରିବାରେ ଲାଗି ଅଛନ୍ତି । ମାତ୍ର ପୂଜା, ଜୟନ୍ତୀ ଇତ୍ୟାଦି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଉଚ୍ଚ ନୀଚର ଭେଦଭାବ ସୃଷ୍ଟି କରି ସମାଜରେ ସମତା ଓ ସାମ୍ୟବାଦ ପ୍ରତିଷ୍ଠା କରିବାର ସଂପୂର୍ଣ୍ଣ ଅନ୍ତରାୟ ହେଉଥିବାରୁ ସେ ସବୁର ଅନ୍ଧାନୁସରଣ ଆମ୍ଭେ ଉଚିତ ବୋଧ ହେଉନାହିଁ ।

୧୯୭୩ ମସିହା

# ଭଗବାନ ଓ ଭବିଷ୍ୟତ

●

## "ଅନ୍ଧଦେଶକୁ ଗଲି ଦର୍ପଣ ବିକି"

**ନିବେଦନ—**

ଯେଉଁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ହେତୁ ଭାରତବର୍ଷ ଏତେକାଳ ପରାଧୀନ ହୋଇ ରହିଥିଲା, ଦେଶ ସ୍ୱାଧୀନ ହେବା ପରେ ସେହି ଅନ୍ଧତା ଦୋଷ କ୍ରମେ କ୍ରମେ ଦୂର ହୋଇଯିବ ବୋଲି ବିଶେଷ ଆଶା କରାଯାଉଥିଲା । ଦେଶ ୧୩ ବର୍ଷ ହେଲା ସ୍ୱାଧୀନ ହେଲାଣି; ମାତ୍ର ଦେଶବାସୀଙ୍କର ଅନ୍ଧତାଦୋଷ ଦୂରହେବା ଦୂରକୁ ଥାଉ, ତାହା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ଯେଉଁ ବିଶିଷ୍ଟବ୍ୟକ୍ତିମାନେ ଏହି ଅନ୍ଧତା ଦୋଷ ଦୂର କରନ୍ତେ, ସେମାନେ ଏହି ଅନ୍ଧତାକୁ ଭାରତୀୟ ପରମ୍ପରା, ଭାରତୀୟ ସଭ୍ୟତା ଓ ହିନ୍ଦୁ ସଂସ୍କୃତି ଇତ୍ୟାଦି କହି ଗର୍ବ ଅନୁଭବ କରୁଅଛନ୍ତି ।

୨୫୦୦ ବର୍ଷ ପୂର୍ବେ ବୁଦ୍ଧଦେବ କହିଗଲେ, "ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହୁଅନ୍ତୁ ।" ମହାତ୍ମାଗାନ୍ଧି ଏବେ କହିଗଲେ, "ମୋର ସ୍ୱାଧୀନତାର ଅର୍ଥ ଏହି କି ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ନେତା ଓ ନିଜେ ନିଜର ଗୁରୁ ।" ମାନବ ସମାଜରୁ ଯାବତୀୟ ଭେଦଭାବ ଦୂରକରି ସାମ୍ୟବାଦ ଓ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଏହି ଦୁଇଟି ଉପଦେଶର ସତ୍ୟତା ଉପଲବ୍ଧି କରି ତଦନୁସାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ ହେବ । ଗୁରୁମାନଙ୍କର ଗୁରୁଗିରି ଓ ନେତାମାନଙ୍କର ନେତୃତ୍ୱ ବା କ୍ଷମତା କାଳେ ନଷ୍ଟ-ହୋଇଯିବ ଏଥିପାଇଁ ସେମାନେ ଏଥିପ୍ରତି ଦୃଷ୍ଟି ଦେବେନାହିଁ । ତେଣୁ ଏହି

ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତ୍ୟେକ ବ୍ୟକ୍ତି ଉପରେ, ଅର୍ଥାତ୍ ଆପଣଙ୍କ ଉପରେ ଓ ମୋ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି । ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରତ୍ୟେକ ସମସ୍ୟା ନିଜପାଇଁ ନିଜେ ସ୍ଥିର କରନ୍ତୁ ଏତିକିମାତ୍ର ନିବେଦନ ।

ଲେଖକ

ଏହି ବିଶ୍ୱର ବାହାରେ ଭଗବାନ ବୋଲି ଯଦି କିଏ ଅଛନ୍ତି ବା କେଉଁମାନେ ଅଛନ୍ତି ବା କଅଣ ଅଛି ତାହା ଆମ୍ଭମାନଙ୍କୁ ସମ୍ପୂର୍ଣ୍ଣ ଅଜଣା । ସେହି ଭଗବାନ କେବଳ ଆମ୍ଭମାନଙ୍କୁ ଅଜଣା ନୁହନ୍ତି, ସେ ହୋଇଛନ୍ତି ଅଜ୍ଞେୟ ଓ ଅଚିନ୍ତ୍ୟ ଏ କଥା ଶାସ୍ତ୍ରକାରମାନେ ବାରମ୍ବାର କହିଯାଇ ଅଛନ୍ତି । ଶାସ୍ତ୍ରକାରମାନଙ୍କ କହିବା ଅନୁସାରେ ଭଗବାନଙ୍କୁ ଅଜ୍ଞେୟ ଓ ଅଚିନ୍ତ୍ୟ ବୋଲି ଯଦି ସ୍ୱୀକାର କରାଯିବ, ତେବେ ଯାହା ଅଜ୍ଞେୟ ଅର୍ଥାତ୍ ଜାଣିହେବ ନାହିଁ ତାହା ଜାଣିବାକୁ ଇଚ୍ଛା କରିବା ଏବଂ ଯାହା ଅଚିନ୍ତ୍ୟ ଅର୍ଥାତ୍ ଚିନ୍ତାକରି ହେବ ନାହିଁ ତାହା ଚିନ୍ତା କରିବାକୁ ଇଚ୍ଛାକରିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ସେଥିପାଇଁ ଉପନିଷଦର ଋଷି କହିଗଲେ **'ତତ୍ତ୍ୱମସି'** । ଉପନିଷଦର ଏହି ମହାବାକ୍ୟଟି ତତ୍, ତ୍ୱମ୍ ଓ ଅସି ଏହି ତିନୋଟି କଥାର ସମଷ୍ଟି । ଏହି ତିନୋଟି କଥାର ଅର୍ଥ ତଳେ ଦିଆଗଲା ।

ତତ୍ ( ତାହା ଅର୍ଥାତ୍ ସେହି ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନ ) ତ୍ୱମ୍ (ତୁମ୍ଭେ) ଅସି (ଅଟ) ଅର୍ଥାତ୍ ତୁମ୍ଭେ ନିଜେ ସେହି ଭଗବାନ ଅଟ ।

ଉପନିଷଦର ଋଷି ଏପରି ଉପଦେଶ ଦେବାର ଅଭିପ୍ରାୟ ଏହି କି ଯାହା ଅଜ୍ଞେୟ ଓ ଅଚିନ୍ତ୍ୟ ସେଥିପ୍ରତି ଆସକ୍ତ ନ ରହି ପ୍ରତ୍ୟେକ ବ୍ୟକ୍ତି ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣନ୍ତୁ ଓ ବୁଝନ୍ତୁ ଏବଂ ତାହା ଭଗବାନଙ୍କୁ ଜାଣିବା ସଙ୍ଗେ ସମାନ ହେବ । ଗୀତାକାର ମଧ୍ୟ ଏହି ଅଭିପ୍ରାୟରେ ଦ୍ୱିତୀୟ ଅଧ୍ୟାୟ ୪୫ଶ ଶ୍ଳୋକରେ ସର୍ବଦା ସତ୍ତ୍ୱସ୍ଥ ରହିବାକୁ ଅର୍ଥାତ୍ ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ଜାଣିବାକୁ ଓ ବୁଝିବାକୁ କହିଅଛନ୍ତି । ମୋର 'ଗୀତା ପ୍ରବେଶ' (ପ୍ରଥମଖଣ୍ଡ) ବହିରୁ 'ସତ୍ତ୍ୱସ୍ଥ' କଥାଟିର ପ୍ରକୃତ ଅର୍ଥ ଜାଣି ପାରିବେ । ଅନ୍ୟ କୌଣସି

ଟୀକାକାର ଏହି 'ସତ୍ତ୍ୱସ୍ଥ' କଥାଟିର ପ୍ରକୃତ ଅର୍ଥ କରିନାହାନ୍ତି । ସେ ଯାହାହେଉ, ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ସମ୍ପୂର୍ଣ୍ଣରୂପେ ଜାଣିବାକୁ ଓ ବୁଝିବାକୁ ହେଲେ ନିଜର ସ୍ତ୍ରୀ ସହିତ ପୁତ୍ରକନ୍ୟାଙ୍କ ସହିତ, ବନ୍ଧୁମାନଙ୍କ ସହିତ ନିଜର ଧନ ସମ୍ପତ୍ତି ସହିତ, ସମସ୍ତ ବିଶ୍ୱ ସହିତ, ସମସ୍ତ ମାନବ ସମାଜ ସହିତ ନିଜର ପ୍ରକୃତ ସମ୍ବନ୍ଧ କଅଣ ତାହା ସମ୍ପୂର୍ଣ୍ଣରୂପେ ଜାଣିବା ଓ ବୁଝିବା ଏକାନ୍ତ ଆବଶ୍ୟକ । ତାହା-ଛଡ଼ା ନିଜର ଇନ୍ଦ୍ରିୟସବୁ ସହିତ, ନିଜର ମନ ଓ ମନୋଗତ କାମନାସବୁ ସହିତ, ନିଜର ପବିତ୍ର ବିବେକବୁଦ୍ଧି ସହିତ ନିଜର ସମ୍ବନ୍ଧ କଅଣ ତାହା ମଧ୍ୟ ସମ୍ପୂର୍ଣ୍ଣରୂପେ ଜାଣିବା ଓ ବୁଝିବା ଏକାନ୍ତ ଆବଶ୍ୟକ । ଏଠାରେ ଯାହା ସବୁ କୁହାଗଲା ସେଥିମଧ୍ୟରୁ ଯାହାର ଯାହା ସହିତ ଯେତିକି ଓ ଯେପରି ସମ୍ବନ୍ଧ ରହିଛି ତାହା ସମ୍ପୂର୍ଣ୍ଣରୂପେ ଜାଣିବା ଓ ବୁଝିବା ଏକାନ୍ତ ଆବଶ୍ୟକ । ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନଙ୍କ ବିଷୟରେ ଗୀତାକାରଙ୍କର ମତ ମଧ୍ୟ ବୁଝନ୍ତୁ । ସେ କହିଅଛନ୍ତି :—

"କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାଂ,
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ (୧୨ଶ-୫)

ଅନ୍ୱୟ—ଅବ୍ୟକ୍ତାସକ୍ତଚେତସାଂ ତେଷାଂ ଅଧିକତରଃ କ୍ଲେଶଃ (ଭବତି) । ଦେହବଦ୍ଭିଃ ଅବ୍ୟକ୍ତା ଗତି ଦୁଃଖଂ ଅବାପ୍ୟତେ ॥

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତରେ ଆସକ୍ତ ଅର୍ଥାତ୍ ପୂର୍ବୋକ୍ତ ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନଙ୍କର ପୂଜା, ଉପାସନା, ସ୍ତୁତି ଓ ପ୍ରାର୍ଥନା ଇତ୍ୟାଦିରେ ଆସକ୍ତ, ସେମାନେ ଦୁଃଖଗୁଡ଼ିଏ ଭୋଗ କରନ୍ତି । ଦେହଧାରୀମାନଙ୍କ ପକ୍ଷରେ ଅବ୍ୟକ୍ତା ଗତି କେବଳ ଦୁଃଖପ୍ରଦ ଅଟେ ।

ଗୀତାକାରଙ୍କର ଅଭିପ୍ରାୟ ଏହି କି ଯାହା ଅବ୍ୟକ୍ତ ଅର୍ଥାତ୍ ଅଜଣା ସେଠାକୁ କୌଣସି ଗତି ବା ରାସ୍ତା ରହି ନ ପାରେ । ମନୁଷ୍ୟ ହିନେ ସେହି ଅଜଣା ସ୍ଥାନରେ ପହଞ୍ଚିପାରେ, ମାତ୍ର ସେହି ଅଜଣା ସ୍ଥାନରେ ପହଞ୍ଚିବାକୁ ହେଲେ ଯାହା ବ୍ୟକ୍ତ ବା ଜଣା ସେହି ଜଣା ଉପସ୍ଥିତ ସ୍ଥାନରୁ ଅର୍ଥାତ୍ ନିଜର ପ୍ରକୃତ ଅବସ୍ଥାରୁ କ୍ରମେ କ୍ରମେ ଯିବାକୁ

ହେବ । ଗୀତାକାରଙ୍କ ମତକୁ ସତ୍ୟ ବୋଲି ଗ୍ରହଣ କରିବାକୁ ହେବ, ଏ କଥା ମୁଁ କହୁନାହିଁ । ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ବୁଝିବା ଆବଶ୍ୟକ । ଗୋଟିଏ ଅସୀମ ଗଛର ଅଗକୁ ଯିବାକୁ ହେଲେ ସେହି ଗଛର ମୂଳରୁ ନ ଚଢ଼ି ଅର୍ଥାତ୍ ମୂଳପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହି ଗଛର ଅଜଣା ଅଗପ୍ରତି ଆସକ୍ତ ରହିବା ଅର୍ଥାତ ଗଛର ଅଜଣା ଅଗଆଡ଼େ ଚଢ଼ିବାକୁ ଇଚ୍ଛା କରିବା ହାସ୍ୟାସ୍ପଦ କଥା । ଜନସାଧାରଣଙ୍କର ଠିକ ଏହି ଦୁରବସ୍ଥା । କେବଳ ଜନସାଧାରଣଙ୍କର କାହିଁକି, ବିଶିଷ୍ଟ ବ୍ୟକ୍ତିମାନଙ୍କର ଅତୋଧିକ ଦୁରବସ୍ଥା । କାରଣ ସେମାନେ ଭଗବାନଙ୍କୁ ଅଜ୍ଞେୟ ଓ ଅଚିନ୍ତ୍ୟ ବୋଲି ଧର୍ମଶାସ୍ତ୍ରମାନଙ୍କରୁ ଜାଣି ମଧ୍ୟ ସେହି ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନଙ୍କୁ ଦେଖିବା ପାଇଁ ଓ ଜାଣିବା ପାଇଁ ଅନେକ ଗ୍ରନ୍ଥ ଲେଖିଅଛନ୍ତି ଏବଂ ବିଭିନ୍ନ ପ୍ରକାର ଧ୍ୟାନ, ଧାରଣା ଓ ଯୋଗ ଇତ୍ୟାଦି ଅଭ୍ୟାସ କରିବାକୁ ମଧ୍ୟ ଲେଖିଅଛନ୍ତି । ଏପରି ଅଯୌକ୍ତିକ ଗ୍ରନ୍ଥସବୁ ଲେଖିବାରେ ସେମାନଙ୍କର ଅଭିପ୍ରାୟ ଭଲ ଥାଇପାରେ, ମାତ୍ର ସେହି ଅଭିପ୍ରାୟ କେବଳ ସେହିମାନଙ୍କୁ ଜଣା । ଅନ୍ୟମାନେ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ । ଅନ୍ୟମାନେ କେବଳ ଅନୁମାନ କରିପାରନ୍ତି ମାତ୍ର ଯାହା ଅତୀତର ବିଷୟ ଏବଂ ଯାହା ସତ୍ୟଉପରେ ପ୍ରତିଷ୍ଠିତ ନ ହୋଇ କେବଳ ଅନୁମାନ ଉପରେ ବା ବିଶ୍ୱାସ ଉପରେ ପ୍ରତିଷ୍ଠିତ, ସେ ବିଷୟର ଆଲୋଚନାରେ ସମୟର ଅପବ୍ୟବହାର କରିବା ଉଚିତ ନୁହେଁ । ସେ ଯାହାହେଉ ପରବର୍ତ୍ତୀ ଶାସ୍ତ୍ରଜ୍ଞମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପୂର୍ବୋକ୍ତ ଗ୍ରନ୍ଥମାନଙ୍କରେ ଲେଖାଥିବା ବିଭିନ୍ନ ପ୍ରଣାଳୀ ସବୁର ଅନ୍ଧାନୁସରଣ କରିବାରେ ଲାଗି ରହିଅଛନ୍ତି । ସେହି ଅଜଣା ଭଗବାନଙ୍କୁ ଏମାନେ ଦେଖୁଥିଲେ ଦେଖୁଥିବେ ମାତ୍ର ତାହା ଅନ୍ୟମାନଙ୍କୁ ସମ୍ପୂର୍ଣ୍ଣ ଅଜଣା । ଅଜଣା ହେଲେ ମଧ୍ୟ, ଏମାନେ ଭଗବାନଙ୍କୁ ଦେଖୁଅଛନ୍ତି ଏହି ଧାରଣାର ବଶବର୍ତ୍ତୀ ହୋଇ ଅନେକ ଅଜ୍ଞ ଲୋକ ମଧ୍ୟ ଭଗବାନଙ୍କୁ ଦେଖିବାର ଓ ଜାଣିବାର ଦୁରାଶା ପୋଷଣ କରି ନିଜ ନିଜର ସ୍ୱଭାବନସ୍ତୁତ ସାଂସାରିକ ଜୀବନଯାତ୍ରା ପରିତ୍ୟାଗ କଲେ । ଏମାନଙ୍କ ମଧ୍ୟରୁ ଅନେକ ଲୋକ ସନ୍ନ୍ୟାସୀ ବୋଲାଇଲେ, କେହି କେହି ଯୋଗାଭ୍ୟାସ କରିବାରେ ଲାଗିଲେ, କେହି କେହି ଶରୀରକୁ ନାନାପ୍ରକାର କଷ୍ଟ ଦେଇ କଠୋର ତପସ୍ୟା କଲେ (ଗୀତା ୧୭ଶ ଅଧ୍ୟାୟ ୫ମ ଓ ୬ଷ୍ଠ ଶ୍ଳୋକ ଦେଖି ପାରନ୍ତି ) । ଆଜି ଅନେକ ଲୋକ ଗୁରୁ ଅନ୍ୱେଷଣ

କରିବାକୁ ଲାଗିଲେ । ଏହି ଅନ୍ଧବିଶ୍ୱାସୀ ଓ ଅନ୍ଧାନୁସରଣକାରୀମାନଙ୍କୁ ଅର୍ଥାତ୍ ନିଜ ନିଜର ସ୍ୱଭାବନିୟତ ସାଂସାରିକ ଜୀବନଯାତ୍ରା ପରିତ୍ୟାଗ କରିଥିବା ସନ୍ନ୍ୟାସୀ, ଯୋଗାଭ୍ୟାସୀ ଓ ତପସ୍ୱୀମାନଙ୍କୁ ସତର୍କ କରି ନିମ୍ନୋକ୍ତ ଦୁଇଟି ଶ୍ଳୋକରେ ଗୀତାକାର ଉପଦେଶ ଦେଲେ ଯେ ସେମାନେ ନିଜ ନିଜର ସ୍ୱଭାବନିୟତ ସାଂସାରିକ ଜୀବନଯାତ୍ରା ପରିତ୍ୟାଗ କରିବାର ଆଦର୍ଶ ଦେଖାଇ କର୍ମାସକ୍ତ ଅଜ୍ଞଲୋକମାନଙ୍କର ବୁଦ୍ଧିଭେଦ ଜନ୍ମାନ୍ତୁ ନାହିଁ । କାରଣ ଅଜ୍ଞଲୋକେ ମଧ୍ୟ ଏମାନଙ୍କ କର୍ମର ଅନ୍ଧାନୁସରଣ କରି କିଏ ସନ୍ନ୍ୟାସୀ ବୋଲାଇଲେ, କିଏ ଯୋଗାଭ୍ୟାସ କଲେ, କିଏ କଠୋର ତପସ୍ୟା କଲେ । ଗୀତାକାର ଉପଦେଶ ଦେଲେ ଯେ ଅଜ୍ଞଲୋକେ, ମୋର ସ୍ତ୍ରୀ, ମୋର ପୁଅ, ମୋର ସମ୍ପତ୍ତି ଇତ୍ୟାଦି ଅହମିକା ଓ ମମତା ଦୋଷରୁ ସେ ସବୁ ପ୍ରତି ଆସକ୍ତ ହୋଇ ଯେଉଁ ସାଂସାରିକ ଜୀବନଯାତ୍ରାରେ ନିଯୁକ୍ତ ଅଛନ୍ତି ବିଦ୍ୱାନ୍‌ବ୍ୟକ୍ତି ମଧ୍ୟ ଅନାସକ୍ତ ଭାବରେ ନିଜର ସାଂସାରିକ ଜୀବନଯାତ୍ରାରେ ନିଯୁକ୍ତ ରହି ନିଜର ଆଦର୍ଶଦ୍ୱାରା ଅଜ୍ଞଲୋକମାନଙ୍କୁ ନିଜନିଜର ସ୍ୱଭାବନିୟତ କର୍ମରେ ନିଯୁକ୍ତ ରଖନ୍ତୁ ।

ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।
କୁର୍ଯ୍ୟାଦ୍‌ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ । ୨୫ ।
ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍
ଯୋଜୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ । ୨୬ ।

ଅର୍ଥ—ହେ ଭାରତ ! ଅଜ୍ଞମାନେ କର୍ମରେ ଆସକ୍ତ ରହି ଯେଉଁପରି କର୍ମ କରନ୍ତି ବିଦ୍ୱାନ୍ ବ୍ୟକ୍ତିମାନେ ଅନାସକ୍ତ ହୋଇ ଲୋକମାନଙ୍କୁ କର୍ମରେ ନିଯୁକ୍ତ କରିବା ଇଚ୍ଛାରେ ସେହିପରି କର୍ମ କରିବା ଉଚିତ । ୨୫ । କର୍ମରେ ଆସକ୍ତ ରହିଥିବା ଅଜ୍ଞମାନଙ୍କର ବୁଦ୍ଧିଭେଦ ଜନ୍ମାଇବା ଉଚିତ ନୁହେଁ । ବିଦ୍ୱାନ୍ ବ୍ୟକ୍ତି ବୁଦ୍ଧିଯୁକ୍ତ ହୋଇ ସାଂସାରିକ ଯାବତୀୟ ସ୍ୱଭାବ ନିୟତ କର୍ମ ଅନାସକ୍ତ ଭାବରେ ସମ୍ପନ୍ନ କରି କର୍ମାସକ୍ତ ଅଜ୍ଞ ଲୋକମାନଙ୍କୁ ସେମାନଙ୍କର ନିଜ ନିଜର ସ୍ୱଭାବନିୟତ କର୍ମରେ ନିଯୁକ୍ତ ରଖନ୍ତୁ । ୨୬ ।

ବର୍ତ୍ତମାନ ବୁଝିବା ଯେ ଅଜ୍ଞମାନଙ୍କର କର୍ମ ଓ ବିଦ୍ୱାନ୍ ବ୍ୟକ୍ତିଙ୍କର କର୍ମ ମଧ୍ୟରେ ପାର୍ଥକ୍ୟ ଏହି କି ଅଜ୍ଞଲୋକେ ମମତା ଦୋଷରୁ

ମୋର ସ୍ତ୍ରୀ, ମୋର ପୁଅ, ମୋର ଧନ ଇତ୍ୟାଦିରେ ଆସକ୍ତ ରହି ଦୁଃଖ ଭୋଗ କରନ୍ତି, ମାତ୍ର ବିଦ୍ୱାନ୍ ବ୍ୟକ୍ତିଙ୍କର ମୁଁ ଓ ମୋର ଏହି ଅହମିକା ଓ ମମତାଦୋଷ ନ ଥିବାରୁ ସେ ସୁଖଶାନ୍ତି ଭୋଗ କରନ୍ତି ।

ଏହି ଅହମିକା ଓ ମମତାଦୋଷ ପରିତ୍ୟାଗ କରି ନିଜ ନିଜର ସ୍ୱଭାବନିଯୁତ ସାଂସାରିକ ଜୀବନଯାତ୍ରା ସୁଚାରୁରୂପେ ନିର୍ବାହ କରିବାର ନାମ ବ୍ରାହ୍ମୀସ୍ଥିତି ଅର୍ଥାତ୍ ବ୍ରହ୍ମରେ ଅବସ୍ଥାନ କରି ଭଗବତ୍ ପ୍ରାପ୍ତିର ନିତ୍ୟଶାନ୍ତି ପାଇବାର ଅବସ୍ଥା—ଯାହା ଗୀତାର ନିମ୍ନଲିଖିତ ଉକ୍ତି ଦୁଇଟିରୁ ଜାଣି ପାରିବେ ।

ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିସ୍ପୃହଃ ।
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି । ୭୧ ।
ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି । ୭୨ ।

ଅର୍ଥ—ଯେଉଁ ବ୍ୟକ୍ତି କାମନାସବୁ ତ୍ୟାଗକରି 'ମୁଁ' ଓ 'ମୋର' ଏହି ଅହମିକା ଓ ମମତା ଦୋଷରୁ ମୁକ୍ତ ହୋଇ ସ୍ପୃହାଶୂନ୍ୟ ହୋଇ ବିଷୟ ଭୋଗ କରନ୍ତି ସେ ଶାନ୍ତି ଲାଭକରନ୍ତି । ୭୧ ।

ହେ ପାର୍ଥ ! ଏହି ଅବସ୍ଥାରେ ରହିବାର ନାମ ବ୍ରାହ୍ମୀସ୍ଥିତି । ଏହି ଅବସ୍ଥା ଲାଭକଲେ ମନୁଷ୍ୟ ମୋହଗ୍ରସ୍ତ ନ ହୋଇ ଅନ୍ତିମ କାଳରେ ମଧ୍ୟ ବ୍ରହ୍ମନିର୍ବାଣ ଲାଭ କରନ୍ତି ।

ଜନସାଧାରଣଙ୍କର ଧାରଣା ଏହି କି ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀ-ସବୁର ଅନ୍ଧାନୁସରଣ କରି ବିଭିନ୍ନ ପ୍ରକାର ଧ୍ୟାନ, ଧାରଣା ଓ ଯୋଗାଭ୍ୟାସ ଇତ୍ୟାଦି ଅଭ୍ୟାସ କରୁଥିବା ଅଳ୍ପ କେତେଜଣ ଶାସ୍ତ୍ରଜ୍ଞ ପଣ୍ଡିତ ବ୍ରାହ୍ମୀସ୍ଥିତି ଲାଭ କରିପାରିବେ । ଏହି ଭ୍ରାନ୍ତ ଧାରଣା ଦୂର କରିବା ଅଭିପ୍ରାୟରେ ଗୀତାକାର କହିଲେ ଯେ, କାମନା ସବୁ ତ୍ୟାଗକରି, ଅହମିକା ଓ ମମତାଦୋଷରୁ ମୁକ୍ତହୋଇ ମୂର୍ଖ ପଣ୍ଡିତ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଅନାୟାସରେ ବ୍ରାହ୍ମୀସ୍ଥିତି ଲାଭ କରିପାରିବେ ।

ଭଗବାନ ବୋଲି ଜଣେ ଅଛନ୍ତି କି କେତେ ଜଣ ଅଛନ୍ତି ବା କାହିଁରେ ଅଛନ୍ତି ତାହା କୌଣସି ଧର୍ମଶାସ୍ତ୍ର ପ୍ରମାଣ କରି ପାରିନାହିଁ । ପ୍ରମାଣ କରି ନ ପାରିଲେ ମଧ୍ୟ ଭଗବାନ ବୋଲି ଜଣେ ଅଛନ୍ତି, ଏକଥା ବିଶ୍ୱାସ କରିବାକୁ ପୂର୍ବାଚାର୍ଯ୍ୟମାନେ ଧର୍ମଶାସ୍ତ୍ରମାନଙ୍କରେ ବିଭିନ୍ନ ପ୍ରକାର ଉପଦେଶ ଦେଇଅଛନ୍ତି । ଏପରି ଉପଦେଶ ଦେବାର ଅଭିପ୍ରାୟ ଏହି କି ଭଗବାନ ବୋଲି କେହି ଅଛନ୍ତି ଏ କଥା ଦୃଢ଼ଭାବରେ ବା ଅନ୍ଧଭାବରେ ବିଶ୍ୱାସ କରିନେଲେ ମନୁଷ୍ୟ ଗୋପନରେ ପାପାଚରଣ କରିବ ନାହିଁ, ମିଥ୍ୟା କହି ପାରିବ ନାହିଁ, ମାନବ ସମାଜର ପ୍ରତ୍ୟେକଙ୍କୁ ସେହି ପରମ-ପିତା ଭଗବାନଙ୍କର ସନ୍ତାନ ବୋଲି ଜାଣି କାହାରିକୁ ଘୃଣା ଚକ୍ଷୁରେ ଦେଖିବ ନାହିଁ; ସମସ୍ତଙ୍କୁ ନିଜର ଭାଇ ଓ ଭଉଣୀ ଦୃଷ୍ଟିରେ ଦେଖିବ; ଅନ୍ୟାୟରେ ଅନ୍ୟଠାରୁ ଅର୍ଥ ଶୋଷଣ କରି ନିଜର ବଡ଼ପଣିଆ ଦେଖାଇ ହେବ ନାହିଁ ଇତ୍ୟାଦି । ମାତ୍ର ଆଜି ଲୋକେ କଅଣ କରୁଅଛନ୍ତି ନିଜେ ଭାବନ୍ତୁ । ସେମାନଙ୍କର କ୍ରିୟାକଳାପ କହି ଦେଉଅଛି ଯେ, ସେମାନେ ଭଗବାନଙ୍କର ଅସ୍ତିତ୍ୱକୁ ଆଦୌ ସ୍ୱୀକାର ସୁଦ୍ଧା କରୁନାହାନ୍ତି । ମନ୍ଦିର, ମସ୍‌ଜିଦ, ଗୀର୍ଜା ଇତ୍ୟାଦିକୁ ଯାଇ ଯେତେ ଉପାସନା ଇତ୍ୟାଦି କଲେ, ଯେତେ ମନ୍ତ୍ର ପଢ଼ିଲେ, ଯେତେ ମାଳି ଜପିଲେ ମଧ୍ୟ ସେମାନେ ପ୍ରକୃତରେ ନାସ୍ତିକ ।

## ଗୁରୁ ଓ ଶିଷ୍ୟ ବିଷୟରେ କେତୋଟି କଥା

"ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।"
"ଚକ୍ଷୁରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।"

ଗୁରୁମାନେ ଶିଷ୍ୟମାନଙ୍କର ଆଖି ଖୋଲି ଦେଇ ସେମାନଙ୍କୁ ଅଜଣା ଭଗବାନଙ୍କର ପାଦ ଦେଖାଇ ଦିଅନ୍ତି ବୋଲି ଉପରଲିଖିତ ଦୁଇଟି ଉକ୍ତି ପ୍ରାୟ ସମସ୍ତେ ଜାଣନ୍ତି । ଅନ୍ଧବିଶ୍ୱାସୀ ଜନସାଧାରଣ ଆମ ସମାଜରେ ରହିଥିବା ଅସଂଖ୍ୟ ଗୁରୁମାନଙ୍କ ମଧ୍ୟରୁ କୌଣସି ଜଣକୁ ଗୁରୁ କରି ନିଅନ୍ତି । ଏହି ଗୁରୁମାନଙ୍କର ନାମରେ ଅନେକ ଅନୁଷ୍ଠାନ ଅଛି । ଏହି ଅନୁଷ୍ଠାନମାନଙ୍କରେ ପ୍ରତ୍ୟେକଙ୍କର ଅନେକ ଶିଷ୍ୟ ଅଛନ୍ତି । ଏହି ଶିଷ୍ୟମାନଙ୍କ ମଧ୍ୟରୁ ଅନେକ ଶିଷ୍ୟ ନିଜେ ଗୁରୁ ହୋଇ ଯାଇ ସେମାନେ

ମଧ୍ୟ ଅନେକ ଅନେକ ଶିଷ୍ୟ ସଂଗ୍ରହ କରିବାରେ ଲାଗି ରହିଅଛନ୍ତି । ଶ୍ରୀ ଅରବିନ୍ଦଙ୍କ ଆଶ୍ରମରେ ରହିଥିବା ଜଣେ ସ୍ତ୍ରୀ ଲୋକ ବର୍ତ୍ତମାନ 'ଶ୍ରୀମା' ନାମରେ ପରିଚିତା । ସେହି 'ଶ୍ରୀମା' ତାଙ୍କର ଶିଷ୍ୟମାନଙ୍କୁ ତାଙ୍କର ଫଟୋଟିଏ ରଖିବାକୁ ଏବଂ ସେଥିରେ ଧୂପ ଦୀପ ଇତ୍ୟାଦି ଦେଇ ପୂଜା, ଉପାସନା ଓ ପ୍ରାର୍ଥନା ଇତ୍ୟାଦି କରିବାକୁ ଉପଦେଶ ଦେଉଅଛନ୍ତି । ଜଣେ ୧୬।୧୭ ବର୍ଷର ତରୁଣମତି କଲେଜ ଛାତ୍ରକୁ ଏପରି ଉପଦେଶ ଦିଆଯାଇଥିବା ଜାଣି ମୋ ମନରେ ଦୁଃଖ ଆସିଲା । ଛାତ୍ରଟିକୁ ଅନେକ ବୁଝାଇଲି, ମାତ୍ର ସେ ବୁଝିପାରିଲା ନାହିଁ । ଛାତ୍ରଟି କହିଲା ଯେ ଏପରି ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ତାହାର ବିଶେଷ ଉପକାର ହୋଇଅଛି । ଆମ ସମାଜ ଆଜି ଅସଂଖ୍ୟ ମା, ଅସଂଖ୍ୟ ବାବା, ଅସଂଖ୍ୟ ସ୍ୱାମୀ ଉପାଧିଧାରୀ ଗୁରୁମାନଙ୍କରେ ପୂର୍ଣ୍ଣ ହେଲାଣି । ଏହି କ୍ଷୁଦ୍ର ପୁସ୍ତିକାରେ ଭଗବାନଙ୍କ ବିଷୟରେ ଓ ଗୁରୁମାନଙ୍କ ବିଷୟରେ ବିଶେଷ ଆଲୋଚନା କରିପାରୁ ନାହିଁ; ବର୍ତ୍ତମାନ 'ଭବିଷ୍ୟତ' କଥାଟିର ଆଲୋଚନାରେ ଅଗ୍ରସର ହେଉଅଛୁ ।

ଭବିଷ୍ୟତ ଫଳ ଜାଣିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ସମ୍ପୂର୍ଣ୍ଣ ଅସମ୍ଭବ । ସେଥିପାଇଁ ପୂର୍ବାଚାର୍ଯ୍ୟମାନେ 'ଭବିଷ୍ୟତ'କୁ 'ଅଦୃଷ୍ଟ' ଏହି ନାମ ଦେଇଅଛନ୍ତି । ଆମ୍ଭେମାନେ ମଧ୍ୟ ନିଜେ ଜାଣୁଛୁଁ ଓ ବୁଝୁଛୁ ଯେ, କାଲି କିମ୍ବା ପରମୁହୂର୍ତ୍ତରେ କ'ଣ ଘଟିବ ତାହା କେହି କହି ପାରିବ ନାହିଁ । ଏହି ମାସ ୧୪ ତାରିଖରେ ଯେଉଁ ଅଭୂତପୂର୍ବ ବନ୍ୟା ହେଲା ଏବଂ ସେଥିରେ ଅନେକ ଲୋକ ମରିଗଲେ, ଅନେକ ଗୃହଶୂନ୍ୟ ହେଲେ ତାହା କୌଣସି ଜ୍ୟୋତିର୍ବିଦ କହିପାରେ କି ? ମାତ୍ର ଅଜଣା ଭଗବାନଙ୍କୁ ଜାଣିବା ପାଇଁ ପଣ୍ଡିତମାନେ ଅନେକ ଗ୍ରନ୍ଥ ଲେଖିଅଛନ୍ତି । କୋଟି କୋଟି ମାଇଲ ଦୂରରେ ଥିବା ଗ୍ରହ ଓ ନକ୍ଷତ୍ରମାନଙ୍କର ଅବସ୍ଥାନ ଦୃଷ୍ଟିରେ ଜ୍ୟୋତିଷଜ୍ଞମାନେ କହି ଦେଉଅଛନ୍ତି କିଏ କେବେ ମରିବ, କାହାର ମାର୍କଦଶା ଅଛି, କାହାର ମକଦ୍ଦମା ଡିଗ୍ରୀ ହେବ ଇତ୍ୟାଦି । ଏ ଗଲା ଜ୍ୟୋତିଷ ବ୍ୟବସାୟୀମାନଙ୍କ କଥା । ସେମାନେ ଅନ୍ଧବିଶ୍ୱାସୀ ଜନସାଧାରଣଙ୍କୁ ପୂର୍ବୋକ୍ତ ଭବିଷ୍ୟତ ଫଳ କହି ଦେଇ ସେମାନଙ୍କଠାରୁ ଯେପରି କୌଶଳରେ ଅର୍ଥଶୋଷଣ କରୁଅଛନ୍ତି ତାହା ସମସ୍ତଙ୍କୁ ଜଣାଅଛି ।

ଏସବୁ ଜ୍ୟୋତିଷ ବ୍ୟବସାୟୀ ଓ ଅଜ୍ଞ ଜନସାଧାରଣଙ୍କ କଥା ଛାଡ଼ନ୍ତୁ। ପ୍ରସିଦ୍ଧ ଜ୍ୟୋତିର୍ବିଦମାନେ ବଡ଼ବଡ଼ ଭବିଷ୍ୟତ ବାଣୀ ଘୋଷଣା କରୁଅଛନ୍ତି ଏବଂ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ଏହି ମତକୁ ସମର୍ଥନ କରିବା ପାଇଁ ମିଥ୍ୟା ପ୍ରଚାର ମଧ୍ୟ କରୁଅଛନ୍ତି—ତାହା ନିମ୍ନଲିଖିତ କେତୋଟି ମାତ୍ର ଉଦାହରଣରୁ ଜାଣି ପାରିବେ।

୧। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣାନନ୍ଦ ତା୨୩।୩।୫୮ରିଖ ସମାଜ ସମ୍ବାଦପତ୍ରରେ ଜଣାଇ ଅଛନ୍ତି ଯେ, ୧୯୬୩ ଅକ୍ଟୋବର ଠାରୁ ୧୯୬୪ ଅପ୍ରେଲ ମଧ୍ୟରେ ବିଶ୍ୱ ମହାଯୁଦ୍ଧର ସମ୍ଭାବନା।

୨। ଆଉ ଜଣେ ପ୍ରସିଦ୍ଧ ଜ୍ୟୋତିଷଙ୍କ ୫-୭-୫୯ ସମାଜ ସମ୍ବାଦପତ୍ରରେ ଜଣାଇଅଛନ୍ତି ଯେ, ୧୯୮୦ ସାଲରେ ଭାରତରେ ଦୁର୍ଭିକ୍ଷ ପଡ଼ିବ।

୩। ଲକ୍ଷ୍ନୌର ଜଣେ ପ୍ରସିଦ୍ଧ ଜ୍ୟୋତିଷଙ୍କ ଯେ କି ଅର୍ଥମନ୍ତ୍ରୀ ଶ୍ରୀ ସିଂହଦେଓଙ୍କର ସାକ୍ଷାତ୍ ଗୁରୁ, ସେ ମହାଶୟ ଅନେକ ଏମ.ଏଲ.ଏ, ମୁଖ୍ୟମନ୍ତ୍ରୀ, କେତେ ଜଣ ଉଚ୍ଚପଦସ୍ଥ କର୍ମଚାରୀ, କେତେ ଜଣ ସାମ୍ବାଦିକଙ୍କର ମଧ୍ୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିବରଣୀ ଠିକନଖି କରି ଭୃଗୁସଂହିତାରୁ କହିଗଲେ ଏବଂ ଅନେକଙ୍କର ବାପ, ମା, ଭାଇ ଭଉଣୀଙ୍କର ନାମ ଓ ଠିକଣା ମଧ୍ୟ ଭୃଗୁସଂହିତା ଦେଖି କହିଗଲେ। ସହସ୍ରାଧିକ ବର୍ଷ ପୂର୍ବେ ଲେଖାଯାଇଥିବା ଭୃଗୁସଂହିତାରେ ଯାହା ପୃଥିବୀର ଜନ୍ମ ଠାରୁ ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିବରଣୀ, ବିଶେଷତଃ ପ୍ରତ୍ୟେକଙ୍କର ବାପ, ମା, ଭାଇ ଭଉଣୀଙ୍କର ନାମ ଓ ଠିକଣା ଉଦ୍ଭୃତ ଲେଖାଅଛି, ଏ କଥାକୁ ପୂର୍ବୋକ୍ତ ବିଶିଷ୍ଟ ବ୍ୟକ୍ତିମାନେ ସତ୍ୟ ବୋଲି ଗ୍ରହଣ କଲେ ଏବଂ ଏହି ସମ୍ବାଦ ୫-୭-୫୯ ତାରିଖ ସମାଜ, ପ୍ରଜାତନ୍ତ୍ର ଓ ଇଷ୍ଟର୍ଣ୍ଣ ଟାଇମସ୍ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହେଲା। 'ଫଳିତ ଜ୍ୟୋତିଷ ଓ ମିଥ୍ୟାପ୍ରଚାର' ନାମକ ବନ୍ଧରେ ମୁଁ ଏହି କଥା ଲେଖିଛି। ମାତ୍ର ସେତେ ଲେଖିଲେ ମୋର ଲେଖା ଅରଣ୍ୟ ରୋଦନରେ ପରିଣତ ହେଲା।

୪। ଜୁଲାଇ ୧୪ ତାରିଖ ସନ୍ଧ୍ୟା ୭ଟା ୧୫ ମିନିଟ ବେଳେ ସମଗ୍ର ବିଶ୍ୱ ଧ୍ୱଂସ ହୋଇଯିବ ବୋଲି ଇଟାଲିର ଦଳେ ଅଧ୍ୟାତ୍ମବାଦୀ ଘୋଷଣା କଲେ। ଏହି ସମ୍ବାଦ ୨-୭-୬୦ ତାରିଖ ସମାଜ ଓ ଅମୃତ-

ବଜାର ପ୍ରଭୃତି ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଲା । ଏହି ସମ୍ବାଦ ଶୁଣି ଅନ୍ଧବିଶ୍ୱାସୀ ଜନସାଧାରଣ ଆତଙ୍କିତ ହୋଇଗଲେ । ଅନେକ ଗ୍ରାମରେ ଲୋକେ ଅଷ୍ଟପ୍ରହରୀ ହରିନାମ କୀର୍ତ୍ତନ କଲେ, ଅନେକ ଗ୍ରାମରେ ଯଜ୍ଞାଦି କର୍ମ ହେଲା । ମଫସଲରୁ ଆସି କଟକରେ ମୂଲ ଲାଗିଥିବା ଅନେକ ଲୋକ କାମ ଛାଡ଼ି ଦେଇ ନିଜ ନିଜ ଘରକୁ ଚାଲିଗଲେ । ଯିବା ପୂର୍ବରୁ କହିଗଲେ "ମରିବା ପୂର୍ବରୁ ନିଜର ସ୍ତ୍ରୀ ଓ ପୁଅ ଝିଅଙ୍କୁ ଦେଖି ସେମାନଙ୍କୁ ସଙ୍ଗରେ ନେଇ ମରିବା ।" ଗଣତନ୍ତ୍ର ସମ୍ବାଦପତ୍ରର ସମ୍ପାଦକ ଗୀତାରୁ "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ" ଉକ୍ତିଟି ଉଦ୍ଧାର କରି ଜନସାଧାରଣଙ୍କୁ ସାନ୍ତ୍ୱନା ଦେଲେ ଯେ ମନୁଷ୍ୟ ଜନ୍ମ ହେଲେ ନିଶ୍ଚୟ ମରିବ, ତେଣୁ ୧୪ ତାରିଖ ଦିନ ମରିବାକୁ ଭୟ କରିବା କାପୁରୁଷତାର ପରିଚୟ ଇତ୍ୟାଦି । କଲିକତାରେ କେତେ ଜଣ ଭଦ୍ରଲୋକ ଜ୍ୟୋତିର୍ବିଜ୍ଞାନ ସମାଜର ସଭାପତି ପଣ୍ଡିତ ଶ୍ରୀ ରମେଶଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କୁ ୧୪ ତାରିଖରେ ବିଶ୍ୱ ଧ୍ୱଂସ ହେବ କି ନାହିଁ ପଚାରିଲେ । ସେ ମହାଶୟ ଗ୍ରହ, ନକ୍ଷତ୍ରମାନଙ୍କର ଅବସ୍ଥାନ ଦେଖି ଗଣନା କରି କହିଦେଲେ ଯେ, ୧୪ ତାରିଖ ଜ ଲଇରେ ସମଗ୍ର ବିଶ୍ୱ ଧ୍ୱଂସ ହୋଇ ଯିବାର ସୂଚନା ମିଳୁନାହିଁ । ଏହି ସମ୍ବାଦ ପ୍ରଜାତନ୍ତ୍ର ସମ୍ବାଦପତ୍ରରେ ୬-୨ ୬୨ ତାରିଖରେ ପ୍ରକାଶ ପାଇଲା । ସେଉଁମାନେ ପ୍ରଜାତନ୍ତ୍ରରୁ ଏହି ସମ୍ବାଦ ପଢ଼ିଲେ ଓ ଶୁଣିଲେ ସେମାନଙ୍କର ମୃତ୍ୟୁଭୟ ଅନେକ ପରିମାଣରେ ହ୍ରାସ ହେଲା । ମାତ୍ର ସେ ମହାଶୟ ପୁଣି ସେହି ତାରିଖରେ ଜଣାଇ ଦେଲେ ଯେ, ୧୯୬୨ ସାଲ ପର୍ଯ୍ୟନ୍ତ ଓ ପରବର୍ତ୍ତୀ ୧୨ ବର୍ଷକାଳ ବନ୍ୟା ଓ ଭୂମିକମ୍ପ ଯୋଗୁଁ ବିଶ୍ୱବାସୀ କଷ୍ଟଭୋଗ କରିବାର ସୂଚନା ମିଳୁଛି । ତାପରେ ୨୧-୨-୬୨ ତାରିଖ ସମାଜ ଓ ଷ୍ଟେଟ୍ସମ୍ୟାନ ସମ୍ବାଦ ପତ୍ରମାନଙ୍କରେ ସେହି ଅଧ୍ୟାତ୍ମବାଦୀ ଦଳର ଗୁରୁ ଡକ୍ଟର ଇଲାଓ ତାଙ୍କର ଦୁଇ ଜଣ ଶିଷ୍ୟଙ୍କୁ ଦୁଇ ପାଖରେ ବସାଇ ଗୋଟିଏ ଫଟୋ ଦେଇ ଜଣାଇ ଦେଲେ ଯେ, ୧୪ ତାରିଖରେ ସମଗ୍ର ବିଶ୍ୱ ଧ୍ୱଂସ ହୋଇଯିବ ବୋଲି ସେ ଯାହା କହିଥିଲେ ସେଥିରେ ଗଣନାରେ ଭୁଲ ଥିଲା । ଆଚ୍ଛା କହନ୍ତୁ ଦେଖି, ଜନସାରଣଙ୍କର ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେଉଥିବା ଏବଂ ସେମାନଙ୍କ ମନରେ ଆତଙ୍କ ସୃଷ୍ଟି କରୁଥିବା ଭବିଷ୍ୟତ ବାଣୀ ସବୁ ସମ୍ବାଦପତ୍ରସବୁରେ ପ୍ରକାଶ ପାଇବା ଏବଂ ଆଲୋଚିତ ହେବା ବିଶେଷ ଦୁଃଖର ବିଷୟ ନୁହେଁ କି ? ସମାଜର ଏହି ଦୁରବସ୍ଥା କେବେ

ଦୂର ହେବ କେଜାଣି । ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ଇଚ୍ଛା କଲେ ଆଜି ଦୂର ହେବ । ଅନ୍ୟମାନଙ୍କୁ ଅପେକ୍ଷା କରି ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ଯଦି ନିଶ୍ଚେଷ୍ଟ ରହୁ କିମ୍ବା ଭଗବାନ ଇଚ୍ଛା କଲେ କାଲି ଦୂର ହେବ ବା ଯଥା ସମୟରେ ଦୂର ହେବ ବୋଲି ଭାବ ନିଶ୍ଚିନ୍ତ ରହୁଁ ତେବେ ଆମ୍ଭମାନଙ୍କ ଉପସ୍ଥିତ ଦୁରବସ୍ଥା କେବେହେଲେ ଦୂର ହେବ ନାହିଁ ।

୧୯୭୨ ମସିହା

## ଦ୍ୱିତୀୟ ପରିଚ୍ଛେଦ

# ବ୍ୟକ୍ତି ଓ ସମାଜ

●

ସମାଜ ହେଉଛି କେତେଗୁଡ଼ିଏ ବ୍ୟକ୍ତିଙ୍କର ସମଷ୍ଟି । ସମାଜର ଅସ୍ତିତ୍ୱ ନ ଥିଲା ; ସମାଜକୁ ସୃଷ୍ଟି କଲୁ ଆମେ ପ୍ରତ୍ୟେକ ବ୍ୟକ୍ତି । ସମାଜ ଆମକୁ ସୃଷ୍ଟି କରିନାହିଁ । ଆମେ ପ୍ରତ୍ୟେକ ବ୍ୟକ୍ତି ଭଲ ହେଲେ ସମସ୍ତ ସମାଜ ସେହି ପରିମାଣରେ ଭଲ ହେବ ଏବଂ ଆମେ ପ୍ରତ୍ୟେକ ବ୍ୟକ୍ତି ଖରାପ ହୋଇ ରହିଥିବା ଯାଏ ସମାଜ ମଧ୍ୟ ଖରାପ ହୋଇ ରହିଥିବ । ସତ୍ୟାସତ୍ୟ, ନ୍ୟାୟାନ୍ୟାୟ, ଭଲ ମନ୍ଦ ଇତ୍ୟାଦି ବିଚାର କରି କର୍ମ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିର **ବିବେକ ଶକ୍ତି** ଅଛି । ସେହି **ବିବେକ ଶକ୍ତି** ସମାଜର ନାହିଁ । ସମାଜ ଯେ ଆଜି ଅନ୍ଧତା ଦୋଷରେ ଏବଂ ମିଥ୍ୟା, କପଟତା, ଈର୍ଷା, ହିଂସା ଇତ୍ୟାଦିରେ ପୂର୍ଣ୍ଣ ହୋଇ ରହିଛି—ଏ କଥା ସମସ୍ତଙ୍କ ମୁହଁରୁ ଶୁଣା ଯାଉଅଛି ଏବଂ ଏ ସବୁ ଦୋଷରୁ ସମାଜ କପରି ମୁକ୍ତ ହେବ ଏଥିପାଇଁ ସମସ୍ତେ ଚେଷ୍ଟା କରୁଅଛନ୍ତି ; ମାତ୍ର ସେମାନଙ୍କର ସବୁ ଚେଷ୍ଟା ବିଫଳ ହେଉଅଛି ଓ ହେଉଥିବ । ପ୍ରତ୍ୟେକ ବ୍ୟକ୍ତି ଏ ସବୁ ଦୋଷରେ ପୂର୍ଣ୍ଣ ହୋଇଥିବାରୁ, ସମାଜ ପୂର୍ଣ୍ଣ ହୋଇ ରହିଥିବା ପରି ଆମମାନଙ୍କୁ ବୋଧ ହେଉଅଛି ଏବଂ ଆମେ ପ୍ରତ୍ୟେକ ବ୍ୟକ୍ତି ଏ ସବୁ ଦୋଷରୁ ମୁକ୍ତ ନ ହେବା ଯାଏ ସମାଜ ମୁକ୍ତ ହୋଇ ପାରିବ ନାହିଁ । ଏହି ସରଳ କଥାଟି କାହାରିକୁ ଦେଖା ଯାଉନାହିଁ । ଦେଖାଯିବ ବା କପରି ? ଆବହମାନ କାଳରୁ ସମାଜବଦ୍ଧ ହୋଇ ରହିଥିବାରୁ ଏବଂ ସମାଜର ଅଧିକାଂଶ ଲୋକ ଯାହା

ଯାହା କରୁଅଛନ୍ତି ସେହିସବୁର ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବାରୁ ଆମ୍ଭେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସ୍ୱାଧୀନ ଚିନ୍ତାରେ ଓ ବିବେକ ବୁଦ୍ଧିରେ ଶୃଙ୍ଖଳ ଦେଇ ଅନ୍ଧଭାବରେ କାଳଯାପନ କରୁଅଛୁ । ସେଥିପାଇଁ ଆମ୍ଭମାନଙ୍କର ଧାରଣା ଏହି କି ସମାଜ ଭଲ ହେଲେ କିମ୍ବା ସମାଜକୁ ଭଲ କରି ପାରିଲେ, ସମାଜର ଅନ୍ଧାନୁସରଣ କରି ଆମେ ପ୍ରତ୍ୟେକ ବ୍ୟକ୍ତି ଭଲ ହେବୁ । ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଅଯୌକ୍ତିକ । ପ୍ରତ୍ୟେକ ବ୍ୟକ୍ତି ଭଲ ନ ହେବାଯାଏ ସମାଜ ଭଲ ହୋଇ ପାରିବ ନାହିଁ । ଆଜି ଏକାଦିନେ ପ୍ରତ୍ୟେକ ବ୍ୟକ୍ତି ଭଲ ହୋଇଯିବେ—ମୁଁ ଏ କଥା କହୁନାହିଁ । ଜଣେ ବ୍ୟକ୍ତି ଭଲ ହେଲେ ସମାଜ ସେହି ପରିମାଣରେ ଭଲ ହେବ ଏବଂ ସେହି ଜଣେ ବ୍ୟକ୍ତିର ଆଦର୍ଶରେ କ୍ରମେ ସମସ୍ତ ସମାଜ ଭଲ ହୋଇଯିବ । ଏହା ହିଁ ମହାତ୍ମାଗାନ୍ଧିଙ୍କ କହିବା ଅନୁସାରେ ରାମରାଜ୍ୟ ସ୍ଥାପନ । ସମାଜର ପ୍ରତ୍ୟେକ ବ୍ୟକ୍ତି ଭଲ ହୁଅନ୍ତୁ ଖାଇବାକୁ ଓ ପିନ୍ଧିବାକୁ ପାଇ ପ୍ରତ୍ୟେକ ବ୍ୟକ୍ତି ସୁଖରେ ରୁହନ୍ତୁ, ଏ ଦିଗରେ କାହାରି ଦୃଷ୍ଟି ନାହିଁ । ଆଜି ଯେ ସମାଜର ଅଧିକାଂଶ ଲୋକ ଖାଇବାକୁ ଓ ପିନ୍ଧିବାକୁ ନ ପାଇ ଦୁଃଖରେ ଅଛନ୍ତି; ତାର ଏକମାତ୍ର କାରଣ ହେଉଛି ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର । ଲୋକ କିପରି ଅନ୍ଧତା ଦୋଷରୁ ମୁକ୍ତ ହୋଇ ସତ୍ୟର ପରିଚୟ ପାଇବେ ଏବଂ ଗହଣା, ପୋଷାକ ପରିଚ୍ଛଦ ଓ ନ୍ୟାସୁନମିତ୍ର ଇତ୍ୟାଦିରେ ବୃଥାଡ଼ମ୍ବର ପରିତ୍ୟାଗ କରି ଜୀବନଯାତ୍ରାକୁ ସରଳ ଓ ସୁଖମୟ କରିବେ ଏହି ଉଦ୍ଦେଶ୍ୟରେ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଯଦି ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଆଦି ପରିତ୍ୟାଗ କରନ୍ତି ତେବେ ସେମାନଙ୍କର ଆଦର୍ଶରୁ ପ୍ରତ୍ୟେକ ବ୍ୟକ୍ତିର ଦୁରବସ୍ଥା କାଲି ଦୂର ହୋଇଯିବ । ମାତ୍ର ସେମାନେ ନିଜର ଦୋଷ ବୁଝି ନାହାନ୍ତି କିମ୍ବା କ୍ଷମତାରେ ଅନ୍ଧ ହୋଇ ନିଜର ଦୋଷସବୁ ଛାଡ଼ିବାକୁ କର୍ତ୍ତବ୍ୟବୋଧ କରୁନାହାନ୍ତି । ମହାତ୍ମାଗାନ୍ଧି କହି ଯାଇଛନ୍ତି ଏବଂ ପଣ୍ଡିତ ନେହେରୁ ମଧ୍ୟ ବାରମ୍ବାର କହିଅଛନ୍ତି ଯେ, ଲୋକେ ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରି ସମ୍ପୂର୍ଣ୍ଣ ନୂଆ ପ୍ରଣାଳୀରେ ଚିନ୍ତା କରନ୍ତୁ ଏବଂ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ ଜୀବନ ଗଠନ କରନ୍ତୁ । ମାତ୍ର

ଅତୀତମାନ କାଳରୁ ଏସବୁ ଦୋଷରେ ଅଭ୍ୟସ୍ତ ରହିଥିବାରୁ ଆମେ ପ୍ରତ୍ୟେକ ବ୍ୟକ୍ତି ସମାଜକୁ ଓ ନେତାମାନଙ୍କର ଆଦେଶକୁ ଅପେକ୍ଷା କରି ନିଜେ **ନିଶ୍ଚେଷ୍ଟ** ରହିଅଛୁଁ । ଅଭ୍ୟାସ ଦୋଷରୁ ଆମେ ଏତେ ଅଳସୁଆ ହୋଇ ଯାଇଅଛୁ ଯେ ନୂଆ ପ୍ରଣାଳୀରେ ଚିନ୍ତା କରିବା ଏବଂ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ କର୍ମ କରିବା ଆମ୍ଭମାନଙ୍କୁ କଷ୍ଟସାଧ୍ୟ ବୋଧ ହେଉଅଛି ଏବଂ ପୁରୁଣା ପ୍ରଣାଳୀସବୁର ଅନ୍ଧାନୁସରଣ କରୁଥିବା ଆମ୍ଭମାନଙ୍କୁ ବିଶେଷ ସୁବିଧାଜନକ ବୋଧ ହେଉଅଛି । ସମାଜ କିପରି ଭଲ ହେବ ଏଥିପାଇଁ ଦେଶର ନେତାମାନେ ଓ ବିଶିଷ୍ଟ-ବ୍ୟକ୍ତିମାନେ ନାନାପ୍ରକାର ଭାଷଣ ଦେବାରେ ଓ ପତ୍ରପତ୍ରିକାରେ ନାନା-ପ୍ରକାର ଆଲୋଚନା କରିବାରେ ଲାଗି ଅଛନ୍ତି । ମାତ୍ର ପ୍ରତ୍ୟେକ ବ୍ୟକ୍ତି କିପରି ଅଳସତା ଦୋଷରୁ ଓ ବୃଥାଡ଼ମ୍ବର ଦୋଷରୁ ମୁକ୍ତ ହେବ ଏ ଦିଗରେ ସେମାନଙ୍କର ଦୃଷ୍ଟି ନାହିଁ । ଏ ଦିଗରେ ଦୃଷ୍ଟି ଦେବା ତେଣିକି ଥାଉ, ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଲୋପ କରିବାରେ ସେମାନେ ଲାଗି ଅଛନ୍ତି । ଦେଶ ପରାଧୀନ ଥିବାବେଳେ ଦେଶର ଶାସକମାନଙ୍କର ଧାରଣା ଥିଲା ଯେ, ଲୋକଙ୍କର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଲୋପ କଲେ ଲୋକେ ସେମାନଙ୍କର ଆଦେଶ ମାନି ଚଳିବେ ଏବଂ ଏହା ଫଳରେ ସେମାନ-ଙ୍କର ଶାସନ ଦୃଢ଼ ହେବ । ମାତ୍ର ଆଜି ମଧ୍ୟ ଦେଶର ନେତାମାନେ ସେହି ଶାସକମାନଙ୍କର କ୍ରିୟାକଳାପର ଅନ୍ଧାନୁସରଣ କରି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟକୁ ଲୋପ କରିବାରେ ଲାଗୁଥିବେ—ଏହା ବିଶେଷ ଦୁଃଖର କଥା । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟକୁ ନେତାମାନେ କିପରି ଭାବରେ ଲୋପ କରୁଅଛନ୍ତି ତା'ର ଅନେକ ଉଦାହରଣ ଦିଆଯାଇ ପାରେ । ସେଥି ମଧ୍ୟରୁ ଗୋଟିଏ ମାତ୍ର ଉଦାହରଣ ତଳେ ଦିଆଗଲା— ଅଳ୍ପଦିନ ପୂର୍ବେ ପ୍ରେସିଡେଣ୍ଟ ରାଜେନ୍ଦ୍ର ପ୍ରସାଦ ଅସୁସ୍ଥ ଥିବାରୁ ସେତେ-ବେଳର ଭାଇସ୍ ପ୍ରେସିଡେଣ୍ଟ ଏବଂ ଉପସ୍ଥିତ ପ୍ରେସିଡେଣ୍ଟ ସାର୍ ରାଧାକୃଷ୍ଣନ୍ ନିର୍ଦ୍ଦେଶ ଦେଲେ ଯେ, ତାଙ୍କର ଆରୋଗ୍ୟ ପାଇଁ ସମସ୍ତେ ଜୁଲାଇ ୨୭ ତାରିଖ ଦିନ ପ୍ରାର୍ଥନା କରିବେ ଏବଂ ଏହି ନିର୍ଦ୍ଦେଶ ଅନୁସାରେ ପ୍ରାର୍ଥନା ସଭା ସବୁ ଦେଶରେ ପ୍ରାୟ ସର୍ବତ୍ର ଅନୁଷ୍ଠିତ ହୋଇଗଲା । ରାଜେନ୍ଦ୍ର ପ୍ରସାଦଙ୍କ ଆରୋଗ୍ୟ ପାଇଁ କାହାରି ଇଚ୍ଛା ଥାଉ ବା ନ ଥାଉ ସମସ୍ତେ ପ୍ରାର୍ଥନା ସଭା କରି ପ୍ରାର୍ଥନା କଲେ । ସରଳମତି ଛାତ୍ର ଛାତ୍ରୀମାନେ ମଧ୍ୟ

ପ୍ରାର୍ଥନା ସଭା ସବୁ କରି ପ୍ରାର୍ଥନା କରିବାର ଅନ୍ଧାନୁସରଣ କଲେ । ମନ୍ଦିର, ମସ୍‌ଜିଦ, ଗୀର୍ଜା ଇତ୍ୟାଦିରେ ଗୀତା, କୋରାନ, ବାଇବେଲ ଇତ୍ୟାଦି ଧର୍ମଗ୍ରନ୍ଥ ପରାୟଣ କରାଗଲା । ଏପରି ମିଥ୍ୟାଶ୍ରୟ, ଏପରି ବାଧ୍ୟତାମୂଳକ ପ୍ରାର୍ଥନା ଓ ଅନ୍ଧାନୁସରଣ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟରେ କିପରି ଭାବରେ କୁଠାରାଘାତ କରୁଛି ତାହା ସ୍ୱାଧୀନଭାବରେ ଚିନ୍ତାକରି ସ୍ଥିର କରନ୍ତୁ ।

ଆଉ ଗୋଟିଏ କଥା—ପ୍ରାର୍ଥନା କରିବା ଫଳରେ ଅସୁସ୍ଥ ବ୍ୟକ୍ତି ରୋଗମୁକ୍ତ ହେବ, ଏପରି ଅନ୍ଧବିଶ୍ୱାସ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନିଷ୍ଟ-ପ୍ରଦ । ଏହି ଅନ୍ଧବିଶ୍ୱାସ ହେତୁ ଲୋକେ ଉପଯୁକ୍ତ ଚିକିତ୍ସାରେ ଅବହେଳା କରନ୍ତି । ସେଥିପାଇଁ ଅର୍ଥବ୍ୟୟ ନ କରି କିଏ ଗ୍ରହପୂଜା କରନ୍ତି, କିଏ ଠାକୁରାଣୀଙ୍କୁ ବୋଦା ମାନନ୍ତି ଇତ୍ୟାଦି । ଅତଏବ ସାର୍ ରାଧାକୃଷ୍ଣନ୍‌ଙ୍କର ନିର୍ଦ୍ଦେଶ ଲୋକଙ୍କର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ପ୍ରଶ୍ରୟ ଦେଇ ସେମାନଙ୍କର ଅନିଷ୍ଟସାଧନ କରୁଅଛି । କୌଣସି ସମ୍ପୂର୍ଣ୍ଣ ଅଜଣା ଓ ଅଚିନ୍ତ୍ୟ ସତ୍ତାଙ୍କୁ ପ୍ରାର୍ଥନା କରିବା ସଂପୂର୍ଣ୍ଣ ଅଯୌକ୍ତିକ ହେଲେ ମଧ୍ୟ ପୃଥିବୀର ସବୁ ସଂପ୍ରଦାୟର ଲୋକେ ଆବହମାନ କାଳରୁ ବିଭିନ୍ନ ପ୍ରଣାଳୀରେ ପ୍ରାର୍ଥନା କରିବାର ଅନ୍ଧାନୁସରଣରେ ଅଭ୍ୟସ୍ତ । ପ୍ରାର୍ଥନା କରିବାର କୌଣସି ମୂଲ୍ୟ ନାହିଁ । ବରଂ ପ୍ରାର୍ଥନା କରିବାଦ୍ୱାରା ଆତ୍ମ-ନିର୍ଭରଶୀଳତା ନଷ୍ଟ ହୁଏ । ପ୍ରାର୍ଥନା କରିବାରେ ସମୟ ନଷ୍ଟ ନ କରି ସେହି ସମୟରେ ନିଜର କୌଣସି କର୍ତ୍ତବ୍ୟକର୍ମ କରିବା ଉଚିତ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜର କର୍ମଫଳ ଭୋଗ କରିବାକୁ ପଡ଼େ । ବାଇଗଣ ଲଗାଇ ପ୍ରାର୍ଥନା କଲେ, ସେହି ଅଜଣା ଭଗବାନ କିମ୍ବା ଅନ୍ୟ କେହି ଆମକୁ ଆଳୁ କିମ୍ବା ଲେମ୍ବୁ ଦେବେ ନାହିଁ । କେହି କେହି କାହିଁକି, ଅନେକ ଲୋକ କହିବେ ଯେ, ମହାତ୍ମାଗାନ୍ଧି ଯେ ପ୍ରାର୍ଥନା ସଭା କରୁଥିଲେ ଓ ପ୍ରାର୍ଥନା କରୁଥିଲେ ସେ କ'ଣ ଓଲୁ ଥିଲେ ? ଏପରି ଯୁକ୍ତିର କୌଣସି ମୂଲ୍ୟ ନାହିଁ । ଆବହମାନ କାଳରୁ ସମସ୍ତେ ପ୍ରାର୍ଥନା କରୁଥିବାରୁ ସେ ମଧ୍ୟ ପ୍ରାର୍ଥନା କରିବାର ଅନ୍ଧାନୁସରଣ କରୁଥିଲେ । ପ୍ରାର୍ଥନା କରିବା ଦୁର୍ବଳତାର ପରିଚୟ । ହେ ଭଗବାନ୍ ! ମୋତେ ଶକ୍ତି ଦିଅ, ମୁଁ ସତ କହିବି—ଏପରି ପ୍ରାର୍ଥନା କରିବାରେ

ଅଭ୍ୟସ୍ତ ଥିବାଯାଏଁ ଆମେ କେବଳ ପ୍ରାର୍ଥନା କରୁଥିବୁ । ମାତ୍ର ସତ କହି ପାରିବୁ ନାହିଁ । ଏହା ପ୍ରତ୍ୟକ୍ଷ ସର୍ବତ୍ର ଦେଖା ଯାଉଅଛି । ମହାତ୍ମାଗାନ୍ଧି ପ୍ରାର୍ଥନା ସଭା କରୁଥିଲେ ଓ ପ୍ରାର୍ଥନା କରୁଥିଲେ ବୋଲି ଏବେ ସମସ୍ତେ ପ୍ରାର୍ଥନା ସଭା କରି ପ୍ରାର୍ଥନା କରିବାର ଅନ୍ଧାନୁସରଣ କଲେଣି । ପ୍ରାର୍ଥନା କରିବା କେତେଦୂର ଆବଶ୍ୟକ କି ସମ୍ପୂର୍ଣ୍ଣ ଅନାବଶ୍ୟକ ତାହା ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତାକରି ସ୍ଥିର କରନ୍ତୁ ।

ଗୀତାର ନୂତନ ଶିକ୍ଷା ଗ୍ରହଣ କରିପାରିଲେ ଆମ୍ଭେମାନେ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ବ୍ୟକ୍ତିଗତ ପୂର୍ଣ୍ଣତା, ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟକ୍ତିଗତ ସମତାର ମୂଲ୍ୟ ବୁଝିପାରିବୁ ଏବଂ ଅନ୍ଧତା ଦୋଷରୁ ମୁକ୍ତହୋଇ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ ଜୀବନ ଗଠନ କରିପାରିବୁ । ସମାଜକୁ ଦୃଢ଼ କରିବାକୁ ହେଲେ ଏହା ବ୍ୟତୀତ ଅନ୍ୟ ଉପାୟ ନାହିଁ । ଆମପରି ବିବେକବୁଦ୍ଧିହୀନ ବ୍ୟକ୍ତିଙ୍କୁ ନେଇ ସମାଜକୁ ଦୃଢ ଭାବରେ ଗଠନ କରିବାକୁ ଉଦ୍ୟମ କରିବା ଓ ଭଙ୍ଗା ଇଟାସବୁ ନେଇ ସୁଦୃଢ଼ କୋଠାଟିଏ ଗଠନ କରିବାକୁ ଉଦ୍ୟମ କରିବା ଏ ଦୁହେଁ ଏକାକଥା—

## ଗୀତାର ନୂତନ ଶିକ୍ଷା

ଗୀତାର ଅର୍ଜୁନ ନିଜର ସ୍ୱଭାବନିୟତ କର୍ତ୍ତବ୍ୟକର୍ମରୁ ନିବୃତ୍ତ ହୋଇ କ୍ଳୀବତା ବା ଜଡ଼ତା ଅବଲମ୍ବନ କରିଥିବାରୁ ଶ୍ରୀକୃଷ୍ଣ ତାଙ୍କୁ କହିଥିଲେ—

"ମା କ୍ଳୈବ୍ୟଂ ଗଚ୍ଛ କୌନ୍ତେୟ ! (୨ୟ-୩) ଅର୍ଥାତ୍ ହେ କୁନ୍ତୀ-ପୁତ୍ର ଅର୍ଜୁନ ! ତୁମେ କ୍ଳୀବତା ଅବଲମ୍ବନ କରନାହିଁ । ଅର୍ଜୁନଙ୍କର କ୍ଳୀବତା ଅବଲମ୍ବନ କରିବାର ପ୍ରଧାନ କାରଣ ଏହି କି କୁଳଧର୍ମ, ଜାତିଧର୍ମ ଇତ୍ୟାଦି କୁଳାଚାର ଓ ଦେଶାଚାର ସବୁକୁ ସେ ସନାତନ ଓ ଶାଶ୍ୱତ ଧର୍ମ ମନେ କରିଥିଲେ ଏବଂ ସେହି ସବୁ ତଥାକଥିତ ଧର୍ମରେ ଆବଦ୍ଧ ରହି ନିଜର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ସ୍ୱକୀୟ ବିବେକ ବୁଦ୍ଧି ହରାଇଥିଲେ । କୁଳାଚାର ଓ ଦେଶାଚାର ଇତ୍ୟାଦିକୁ ସନାତନ ଧର୍ମ ମନେକରି ସେ କହିଥିଲେ—

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ (୧ମ-୪୦)
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ (୧ମ-୪୩)
ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ
ନରକେ ନିୟତଂ ବାସୋ ଭବତି, ଇତି ଅନୁଶୁଶ୍ରୁମ (୧ମ-୪୪)

ଅର୍ଥ—କୁଳକ୍ଷୟ ହେଲେ ସନାତନ କୁଳଧର୍ମ ସବୁ ଓ ଜାତି ଧର୍ମ ସବୁ ନଷ୍ଟ ହୁଏ । କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକ ବାସ ହୁଏ । ଏହି ସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ ।

ଏହି ଶ୍ଳୋକରେ ଥିବା "ଅନୁଶୁଶ୍ରୁମ" କଥାଟି ଗୀତାର ମୂଳଭିତ୍ତି ଏବଂ ଅର୍ଜ୍ଜୁନଙ୍କର ସ୍ୱଭାବନିୟତ କର୍ତ୍ତବ୍ୟକର୍ମରୁ ନିବୃତ୍ତ ହେବାର ମୂଳ କାରଣ ।

ଅର୍ଜ୍ଜୁନଙ୍କର ଯେଉଁ ଦୁରବସ୍ଥା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ଦୁରବସ୍ଥା । ଆମ୍ଭେମାନେ ମଧ୍ୟ ଲୋକଙ୍କ ମୁଖରୁ ଓ ଶାସ୍ତ୍ରମାନଙ୍କରୁ ଶୁଣିଆସୁଥିବା କଥାକୁ ସତ୍ୟ ମନେକରି, ସେହି ସବୁ ଶୁଣୁଥିବା କଥାର ଅନ୍ଧାନୁସରଣ ନ କଲେ ନରକ ବାସ ହେବ ବୋଲି ଭୟ କରି, ନିଜ ନିଜର ସ୍ୱଭାବନିୟତ କର୍ତ୍ତବ୍ୟକର୍ମରେ ଅଗ୍ରସର ହୋଇ ପାରୁନାହୁଁ ।

ଗୀତାକାରଙ୍କର ଚିନ୍ତାରୁ ଉତ୍ପନ୍ନ ବିଶ୍ୱଗୁରୁ (ଶ୍ରୀକୃଷ୍ଣ) ଅର୍ଜ୍ଜୁନଙ୍କୁ କିମ୍ବା କ୍ଷତ୍ରିୟ ଜାତିକୁ ଶିକ୍ଷା ଦେଇ ନାହାନ୍ତି— ଶିକ୍ଷା ଦେଇ ଅଛନ୍ତି, ଜାତି-ଧର୍ମ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ । ସବୁ ବିଷୟ ବୁଝାଇ ସାରିବା ପରେ ଶ୍ରୀକୃଷ୍ଣ ପରିଶେଷରେ ଅର୍ଜ୍ଜୁନଙ୍କୁ କହିଲେ—

"ସ୍ୱଭାବ ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ (୧୮ଶ-୪୭)
ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ (୧୮ଶ-୪୮)

ଅର୍ଥ—ସ୍ୱଭାବନିୟତ କର୍ମ କରିବାରେ ପାପ ନାହିଁ । ସ୍ୱଭାବ ନିୟତ କର୍ମ ବା ସହଜାତ କର୍ମ ଯେତେ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

ନିଜ ନିଜର ଦୋଷଯୁକ୍ତ ସ୍ୱଭାବନିୟତ କର୍ମରେ ଅଗ୍ରସର ହେବାପାଇଁ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକୀୟ ବିବେକ ବୁଦ୍ଧି ରହିଛି । ଏହି ବିବେକ ବୁଦ୍ଧିକୁ ଗୀତାରେ ସ୍ୱଧର୍ମ କୁହାଯାଇ ଅଛି । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏହି ସ୍ୱଧର୍ମ କେତେଦୂର ଆବଶ୍ୟକ ତାହା ଗୀତାର ନିମ୍ନଲିଖିତ ଶ୍ଳୋକଟିରୁ ବୁଝନ୍ତୁ ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍,
ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ" (୩ୟ ୩୫)

ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ଅର୍ଥାତ୍ ପରଧର୍ମର ଅନ୍ଧାନୁସରଣ ଅପେକ୍ଷା ନିଜର ଦୋଷଯୁକ୍ତ ସ୍ୱଧର୍ମ ବା ବିବେକ ବୁଦ୍ଧି ମଙ୍ଗଳପ୍ରଦ ଅଟେ । ନିଜର ଦୋଷଯୁକ୍ତ ବିବେକ ବୁଦ୍ଧି ଉପରେ ନିର୍ଭର କରିବା ଫଳରେ ମୃତ୍ୟୁକୁ ବରଣ କରିବା ମଙ୍ଗଳପ୍ରଦ, ମାତ୍ର ଉତ୍ତମରୂପେ ଅନୁଷ୍ଠିତ ପରଧର୍ମର ଅନ୍ଧାନୁସରଣ ଭୟାବହ ଅଟେ ।

ଗୀତା ଯାହା ଶିକ୍ଷା ଦେଉଅଛି, ୨୫୦୦ ବର୍ଷ ପୂର୍ବେ ବୁଦ୍ଧଦେବ ମଧ୍ୟ ସେହି ଶିକ୍ଷା ଦେଇ ଯାଇଅଛନ୍ତି । ଗୀତା ପରି ଧର୍ମଗ୍ରନ୍ଥ କହିଛି କିମ୍ବା ବୁଦ୍ଧଦେବଙ୍କ ପରି ଜଣେ ଶ୍ରେଷ୍ଠ ବ୍ୟକ୍ତି କହିଅଛନ୍ତି ; ତେଣୁ ତାକୁ ସତ୍ୟ ବୋଲି ଗ୍ରହଣ କରିବା ପରଧର୍ମର ଅନ୍ଧାନୁସରଣ ହେତୁ ଭୟାବହ ଅଟେ । ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତା କରି ଅର୍ଥାତ୍ ପଣ୍ଡିତ ନେହରୁଙ୍କ କହିବା ଅନୁସାରେ ସମ୍ପୂର୍ଣ୍ଣ ନୂଆ ପ୍ରଣାଳୀରେ ଚିନ୍ତାକରି ଏ ସବୁ ଉକ୍ତିର ସତ୍ୟତା ଓ ଏକାନ୍ତ ଆବଶ୍ୟକତା ସ୍ଥିର କରିବା ଆବଶ୍ୟକ ।

## ବିଶେଷ ଦ୍ରଷ୍ଟବ୍ୟ—

ପୂର୍ବ ଚିଠିରେ ଥିବା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ପୂର୍ଣ୍ଣତା ବ୍ୟକ୍ତିଗତ ସମତା, ବିବେକ ବୁଦ୍ଧି ଓ ସ୍ୱଭାବ ନିୟତ କର୍ତ୍ତବ୍ୟ କର୍ମ ଏହି କେତୋଟି ଏକାନ୍ତ ଆବଶ୍ୟକୀୟ କଥା ଲୋକେ ସହଜରେ

ବୁଝିପାରିବେ ନାହିଁ ଜାଣି ସେହି କେତୋଟି କଥାର ସାମାନ୍ୟ ଆଲୋଚନା ତଳେ ଦିଆଗଲା :—

ମନୁଷ୍ୟ ରାଜ୍ୟରେ କିଏ ବାଇଗଣ ଗଛ, କିଏ ବରଗଛ, କିଏ ଗୋଲାପ ଗଛ ଇତ୍ୟାଦି ଭାବରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ । ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ପୂର୍ଣ୍ଣତା ପ୍ରାପ୍ତିରେ ସମସ୍ତଙ୍କର ସମାନ ଅଧିକାର ଅଛି । ନିଜ ନିଜର ସେହି ପୂର୍ଣ୍ଣତା ଉପଲବ୍ଧି ଇଚ୍ଛା ନ କରି ବାଇଗଣ ଗଛ ଗୁଡ଼ିକ ଯେ କିପରି ବରଗଛ ପରି ହେବ ଏବଂ ବରଗଛ ଗୁଡ଼ିକ ସେ କିପରି ଗୋଲାପ ଗଛ ପରି ହେବ । ଏହିପରି ଭାବରେ ରହି କେହି ନିଜର ପୂର୍ଣ୍ଣତା ଲାଭ କରି ପାରୁନାହିଁ । କେହି କାହାରି ପରି ହୋଇ ସେଥିରେ ପୂର୍ଣ୍ଣତା ଲାଭ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଏତିକ ବୁଝି ନ ପାରିବାରୁ ମନୁଷ୍ୟ ରାଜ୍ୟରେ ଆପଣା ମଧ୍ୟରେ ସମତାର ଅଭାବ । ଏତିକି ବୁଝିଲେ ଆମ୍ଭେମାନେ ସମାଜରେ ସାମ୍ୟବାଦ ପ୍ରତିଷ୍ଠା କରି ପାରିବୁଁ । ସାମ୍ୟବାଦ ପ୍ରତିଷ୍ଠା କରିବାର ଅନ୍ୟ ଉପାୟ ନାହିଁ । ପ୍ରତ୍ୟେକ ବ୍ୟକ୍ତି ବୁଝନ୍ତୁ ଯେ କାହାରିଠାରୁ ସେ ବଡ଼ ନୁହେଁ କିମ୍ବା କାହାରିଠାରୁ ସେ ଶ୍ରେଷ୍ଠ ନୁହେଁ ।

ଜନ୍ମ ହେବା ଦିନଠାରୁ ଆମ୍ଭେମାନେ କିଏ ହିନ୍ଦୁ ଭାବରେ, କିଏ ମୁସଲମାନ ଭାବରେ, କିଏ ବ୍ରାହ୍ମଣ ଭାବରେ, କିଏ ଶୂଦ୍ର ଭାବରେ ଶିକ୍ଷା ପାଇଅଛୁଁ । ମନୁଷ୍ୟ ଭାବରେ ଶିକ୍ଷା ପାଇ ନଥିବାରୁ ଭବିଷ୍ୟତ ଜୀବନରେ ମନୁଷ୍ୟ ଭାବରେ ଚିନ୍ତା କରି ପାରୁନାହୁଁ ଏବଂ ମନୁଷ୍ୟ ଭାବରେ ବିବେକ ବୁଦ୍ଧିର ଆଶ୍ରୟ ନେଇ ନ ପାରି ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ଅଭ୍ୟସ୍ତ ରହି ଜୀବନଯାତ୍ରାକୁ ଅସ୍ୱାଭାବିକ କରିଅଛୁଁ । ସ୍ୱଭାବନିଯୁକ୍ତ କର୍ତ୍ତବ୍ୟକର୍ମ କ'ଣ ତାହା ଜାଣିବାକୁ ହେଲେ ସର୍ବପ୍ରଥମେ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ସ୍ୱାଧୀନ ଚିନ୍ତା ଓ ବିବେକ ବୁଦ୍ଧିର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ । ଏ ବିଷୟର ବିଶେଷ ଆଲୋଚନା ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜେ କରିବା ଆବଶ୍ୟକ । ଅନ୍ୟ କେହି କାହା ସକାଶେ କରି ପାରିବ ନାହିଁ ।

———

୧୯୬୨ ମସିହା

# ନିଜ ଦୋଷ ନିଜେ ବୁଝ

●

( ବୁଦ୍ଧଦେବ କହିଛନ୍ତି—"ଦୁଃଖର କାରଣ କାମନା, କାମନାର ବିନାଶରେ ଦୁଃଖର ବିନାଶ"। ମୁଁ କହୁଛି—"ଦୁଃଖର କାରଣ ଅନ୍ଧାନୁସରଣ ଓ ବୃଥାଡ଼ମ୍ବର"। ଏ ଦୁହିଁଙ୍କ ବିନାଶରେ ଦୁଃଖର ବିନାଶ )

ନିଜ ଦୋଷ ନିଜେ ନ ବୁଝିଲେ ଓ ତାହା ଛାଡ଼ିବାକୁ ନିଜେ କର୍ତ୍ତବ୍ୟ ବୋଧ ନ କଲେ ଅନ୍ୟ କେହି ଅର୍ଥାତ୍ କୌଣସି ନେତା କିମ୍ବା କୌଣସି ଗୁରୁ, ପଣ୍ଡିତ କିମ୍ବା ସ୍ୱୟଂ ଭଗବାନ ମଧ୍ୟ ତୁମ୍ଭର ଦୋଷ ଛଡ଼ାଇ ପାରିବେ ନାହିଁ । କୌଣସି ଦୋଷ ଛାଡ଼ିବାକୁ ଯେତେ ଚେଷ୍ଟା କଲେ ଅର୍ଥାତ୍ ସେହି ଦୋଷ ବିରୁଦ୍ଧରେ ଯେତେ ଯୁଦ୍ଧ କଲେ ମଧ୍ୟ ତାହା ଛାଡ଼ି ପାରିବେ ନାହିଁ । କୌଣସି ଦୋଷ ଛାଡ଼ିବାର ଏକମାତ୍ର ଉପାୟ ହେଉଛି ସେହି ଦୋଷଟି ପ୍ରତି ସର୍ବଦା ଦୃଷ୍ଟି ରଖି ତାହା ସଂପୂର୍ଣ୍ଣ ରୂପେ ଉପଲବ୍ଧି କରିବା । କେବଳ ଗୀତା ବ୍ୟତୀତ ପ୍ରାୟ ସବୁ ଶାସ୍ତ୍ର କହୁଛି "କାମ, କ୍ରୋଧ, ଲୋଭ ଇତ୍ୟାଦି ରିପୁ ବା ଦୋଷ ସବୁ ବିରୁଦ୍ଧରେ ଯୁଦ୍ଧ କରି ସେମାନଙ୍କୁ ଜୟ କର"—ଅକ୍ରୋଧଦ୍ୱାରା କ୍ରୋଧକୁ, ନିର୍ଲୋଭ ଦ୍ୱାରା ଲୋଭକୁ, ଅହିଂସା ଦ୍ୱାରା ହିଂସାକୁ, ପ୍ରେମଦ୍ୱାରା ଘୃଣାକୁ ଜୟ

କର । ଏହି ଉପଦେଶ ସମ୍ପୂର୍ଣ୍ଣ ଅଯୌକ୍ତିକ ଥିବାରୁ ଉପଦେଶଟିକୁ ଆମ୍ଭେମାନେ କେବଳ ମୁଖସ୍ଥ କରି ରଖିଅଛୁଁ ଏବଂ ଦୋଷ ସବୁ ବିରୁଦ୍ଧରେ ସବୁଦିନେ ଯୁଦ୍ଧ କରିବାରେ ଲାଗିଥିଲେ ମଧ୍ୟ ଦୋଷସବୁ ଛାଡ଼ିବା ତେଣିକି ଥାଉ, ଦୋଷସବୁ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବୋକ୍ତ ଯୁଦ୍ଧ କରିବା ପ୍ରଣାଳୀ ଯେ ସମ୍ପୂର୍ଣ୍ଣ ଅଯୌକ୍ତିକ ତାହା ନିମ୍ନଲିଖିତ ଆଲୋଚନାରୁ ବୁଝି ପାରିବେ । ଭଲ ଗୁଣ ସାହାଯ୍ୟରେ ଯିନା ଲୋକ ତାର ମନ୍ଦଗୁଣ ବିରୁଦ୍ଧରେ ଯୁଦ୍ଧ କରି ତାର ମନ୍ଦଗୁଣକୁ ଜୟ କରନ୍ତା, ମାତ୍ର ମନ୍ଦଗୁଣ ଥିବା ଲୋକର ଭଲଗୁଣ ଆସିବ କପରି ଯେ ସେହି ଭଲଗୁଣଦ୍ୱାରା ସେ ତାର ମନ୍ଦଗୁଣକୁ ଜୟ କରିପାରିବ । ନିମ୍ନୋକ୍ତ ଦୃଷ୍ଟାନ୍ତଟିରୁ କଥାଟିର ସତ୍ୟତା ସଂଶୟଶୂନ୍ୟ ହୋଇ ବୁଝିପାରିବେ । ଚତୁରତା ସାହାଯ୍ୟରେ ଯିନା ନିର୍ବୋଧ ବ୍ୟକ୍ତି ତାର ନିର୍ବୋଧତା ବିରୁଦ୍ଧରେ ଯୁଦ୍ଧ କରି ନିର୍ବୋଧତାକୁ ଜୟ କରନ୍ତା, ମାତ୍ର ନିର୍ବୋଧବ୍ୟକ୍ତିର ଚତୁରତା ଆସିବ କପରି ଯେ ସେହି ଚତୁରତାଦ୍ୱାରା ସେ ତାର ନିର୍ବୋଧତାକୁ ଜୟ କରିବ, ଅର୍ଥାତ୍ ନିର୍ବୋଧତା ଛାଡ଼ିପାରିବ ? ନିର୍ବୋଧତା ଛାଡ଼ିବାର ଏକମାତ୍ର ଉପାୟ ଏହି କି ଯେ ଯଦି ତାର ନିର୍ବୋଧତା ପ୍ରତି ସର୍ବଦା ଦୃଷ୍ଟି ରଖି "ମୁଁ ନିର୍ବୋଧ" ଏ କଥା ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରିପାରିବ ତେବେ ଏପରି ଉପଲବ୍ଧି କରିବା ସଙ୍ଗେ ସଙ୍ଗେ କିମ୍ବା ଯଥା ସମୟରେ ତାର ନିର୍ବୋଧତା ଆପେ ଆପେ ଦୂର ହୋଇଯିବ । ନିର୍ବୋଧତାର ଅର୍ଥାତ୍ ନିଜର ପ୍ରକୃତ ଅବସ୍ଥାର କଳ୍ପିତ ଅବସ୍ଥା ସୃଷ୍ଟି କରି ସେହି କଳ୍ପିତ ଅବସ୍ଥା ସାହାଯ୍ୟରେ ନିର୍ବୋଧତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ ନାହିଁ । ପୂର୍ବୋକ୍ତ ଯୁଦ୍ଧ କରିବା ପ୍ରଣାଳୀ ଅବଲମ୍ବନ କରିବା ଫଳରେ ଆମ୍ଭେମାନେ ନିଜ ନିଜର କୌଣସି ଦୋଷ ଛାଡ଼ି ନ ପାରି ଉପସ୍ଥିତ ଦୁରବସ୍ଥା ଭୋଗୁଅଛୁଁ ଏବଂ ପ୍ରତିଦିନ ଧ୍ୱଂସ ପଥରେ ଅଗ୍ରସର ହେଉଅଛୁ । ଧ୍ୱଂସ ପଥରେ ଅଗ୍ରସର ହେଉଥିବା ଦୁରବସ୍ଥା ଆମ୍ଭମାନଙ୍କୁ ଦେଖାଯାଉ ନାହିଁ । ଅଳ୍ପ କେତେ-ଜଣଙ୍କୁ ସାମାନ୍ୟ ଦେଖା ଯାଉଥିଲେ ମଧ୍ୟ ଧ୍ୱଂସ ପଥରୁ ନିବୃତ୍ତ ହେବାର କୌଣସି ପ୍ରତିକାର ସେମାନଙ୍କୁ ଦେଖା ଯାଉନାହିଁ । ଦେଖାଯିବ ବା କପରି ? ଆବହମାନକାଳରୁ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବା ଫଳରେ ସତ୍ୟର ପରିଚୟ ନ ପାଇ ନିଜ ନିଜର ସ୍ୱାଧୀନ

ଚିନ୍ତାଧାରାରେ ଓ ସ୍ୱକୀୟ ବିବେକ ବୁଦ୍ଧିରେ ଚାଳିତହୋଇ ଆମ୍ଭେମାନେ ଅନ୍ଧ ହୋଇ ସାରିଛୁ । ଆମ୍ଭମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଯେ କେବଳ ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ତାହା ସମସ୍ତଙ୍କୁ ଉତ୍ତମ ରୂପେ ଜଣାଅଛି । ଏହାର ଅସଂଖ୍ୟ ଉଦାହରଣ ଦିଆଯାଇ ପାରେ । ସେ ସବୁ ଲେଖିବା ଅନାବଶ୍ୟକ । ଅଶିକ୍ଷିତ ଲୋକଙ୍କ କଥା ଛାଡ଼ନ୍ତୁ । ଏବେ ଭୂତପୂର୍ବ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କର ମୃତ୍ୟୁ ପରେ ପ୍ରାୟ ଦୁଇମାସ ହେଲା ତାଙ୍କର ଚିତାଭସ୍ମ ଭାରତର ପ୍ରାୟ ସବୁ ତୀର୍ଥରେ ଓ ସବୁ ନଈରେ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ବହୁ ଅର୍ଥ ବ୍ୟୟରେ ଓ ବହୁ ସମୟ ନଷ୍ଟକରି ମହାସମାରୋହରେ ବିସର୍ଜନ କରିବାରେ ବ୍ୟସ୍ତ ଅଛନ୍ତି । ଲୋକେ ଋଣ କରଜ ଦାମ କରି, ଜଣେ ଜମି ବିକି ପିତୃମାତୃଙ୍କର ଚିତାଭସ୍ମ ଗଙ୍ଗା, ଗୋଦାବରୀ, ପ୍ରୟାଗ ଇତ୍ୟାଦିରେ ବିସର୍ଜନ କରିବାର ଅନ୍ଧାନୁସରଣ କରନ୍ତି । ତେଣୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ଏହି ଆଦର୍ଶ ଲୋକଙ୍କର ଅନ୍ଧତା ଓ ବୃଥାଡ଼ମ୍ବରକୁ ପ୍ରଶ୍ରୟ ଦେଉଥିବାରୁ ସମାଜର ବିଶେଷ ଅନିଷ୍ଟ ସାଧନ କରୁଅଛି, ଏଥିରେ ସନ୍ଦେହ ନାହିଁ । ଅନ୍ଧତା ଓ ବୃଥାଡ଼ମ୍ବର ହେତୁ ସାଧାରଣ ଲୋକେ ଯେଉଁ ଦୁଃଖ ଦୁରବସ୍ଥା ଭୋଗୁଅଛନ୍ତି ସେଥିପ୍ରତି ବିଶିଷ୍ଟ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ଉଦାସୀନ ଥିବାରୁ ସେମାନେ ଏପରି ଆଦର୍ଶ ଦେଖାଇବାରୁ ନିବୃତ୍ତ ହୋଇପାରୁ ନାହାନ୍ତି । ସେମାନଙ୍କର ଏହି ଅନ୍ଧତାକୁ ସେମାନେ ଭାରତୀୟ ସଭ୍ୟତା, ହିନ୍ଦୁ ସଂସ୍କୃତି ଇତ୍ୟାଦି ନାମ ଦେଇ ଗର୍ବ ଅନୁଭବ କରିବାରେ ଲାଗିଅଛନ୍ତି । ସେ ଯାହା ହେଉ, ଆମ୍ଭମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଅନ୍ଧତା ଦୋଷରୁ ମୁକ୍ତ ହୋଇ ମନୁଷ୍ୟ ହେବା । ଅନ୍ଧତା ଦୋଷରୁ ମୁକ୍ତ ହେବାର ଏକମାତ୍ର ଉପାୟ ହେଉଛି ନିଜର ଅନ୍ଧତା ପ୍ରତି ସର୍ବଦା ଦୃଷ୍ଟିରଖି "ମୁଁ ଅନ୍ଧ" ଏ କଥା ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରିବା, ଯାହା ପୂର୍ବେ କୁହା ଯାଇଅଛି ।

ଦ୍ୱିତୀୟ ଅଧ୍ୟାୟ ୪୫ ଶ୍ଳୋକରେ ଗୀତା ଉପଦେଶ ଦେଉଛନ୍ତି— "ନିର୍ଦ୍ୱନ୍ଦ୍ୱ ହୁଅ ଓ ନିତ୍ୟ ସତ୍ତ୍ୱସ୍ଥ ହୁଅ" । "ନିର୍ଦ୍ୱନ୍ଦ୍ୱ ହୁଅ" କଥାଟିର ଅର୍ଥ ଏହି କି ନିଜର ଦୋଷ ସବୁର ବିପରୀତ ଅବସ୍ଥା ସୃଷ୍ଟି କରି ସେହି ବିପରୀତ ଅବସ୍ଥା ଦ୍ୱାରା ନିଜର ଦୋଷସବୁକୁ ଜୟ କରିବାକୁ ଇଚ୍ଛା କରନାହିଁ । "ନିତ୍ୟ ଅର୍ଥାତ୍ ସର୍ବଦା ସତ୍ତ୍ୱସ୍ଥ ହୁଅ" କଥାଟିର ଅର୍ଥ

ଏହାକୁ ଯେତେବେଳେ ଯେଉଁ ଅବସ୍ଥାରେ ଅଛ ସେତେବେଳେ ସେହି ଅବସ୍ଥାରେ ରହି ନିଜେ ନିଜକୁ ଜାଣ ଓ ନିଜେ ନିଜକୁ ବୁଝ । ନିଜେ ନିଜକୁ ଜାଣ ଓ ନିଜେ ନିଜକୁ ବୁଝ ଏ କଥା ସବୁ ଶାସ୍ତ୍ର କହୁଛି । ଏହାର ନାମ ଆତ୍ମଜ୍ଞାନ ଲାଭ କରିବା । ମାତ୍ର ନିଜର ଦୋଷପ୍ରତି ସର୍ବଦା ଦୃଷ୍ଟି ନରଖିଲେ ଓ ନିଜର ଦୋଷ ନିଜେ ନ ବୁଝିଲେ ନିଜକୁ ଜାଣି ହେବ ନାହିଁ ଓ ବୁଝି ହେବ ନାହିଁ । ତେଣୁ ଆତ୍ମଜ୍ଞାନ ଲାଭ କରି ହେବନାହିଁ । ମନୁଷ୍ୟ କେତେବେଳେ ମିଛ କହେ, କେତେବେଳେ ଲୋଭକରେ, କେତେବେଳେ ଅନ୍ୟକୁ ଘୃଣା କରେ ଇତ୍ୟାଦି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଦୋଷ କରେ । ସେଥିପାଇଁ ଗୀତା କହୁଛି, "ସର୍ବଦା ସନ୍ତୁଷ୍ଟ ହୁଅ" ଅର୍ଥାତ୍ ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହି ନିଜେ ନିଜକୁ ଜାଣ ଓ ବୁଝ । ଗୀତାର "ନିର୍ଦ୍ୱନ୍ଦ୍ୱ ହୁଅ" ଓ "ନିତ୍ୟ ସତ୍ତ୍ୱସ୍ଥ ହୁଅ" ଏ ଦୁହେଁ ପ୍ରାୟ ଏକା କଥା । "ନିତ୍ୟ ସତ୍ତ୍ୱସ୍ଥ ହୁଅ" କଥାଟିକୁ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଅର୍ଥ କଲେ "ସର୍ବଦା ସତ୍ତ୍ୱଗୁଣକୁ ଆଶ୍ରୟ କରି ରୁହ" । ମାତ୍ର ଏହି ଅର୍ଥ ସମ୍ପୂର୍ଣ୍ଣ ଅଯୌକ୍ତିକ । କାରଣ ଚତୁର୍ଦ୍ଦଶ ଅଧ୍ୟାୟରେ ଗୀତା କହୁଛି ସତ୍ତ୍ୱ, ରଜ ଓ ତମ ଏହି ଗୁଣ (ବା ଦଉଡ଼ି) ତିନୋଟି ପ୍ରକୃତିରୁ ବା ଦେହରୁ ବାହାରି ଦେହୀକୁ ଦେହ ସହିତ ବାନ୍ଧି ରଖନ୍ତି (୫ମଶ୍ଳୋକ) । ଏହି ଗୁଣ ତିନୋଟିକୁ ଛିଣ୍ଡାଇ ଦେଇ ଗୁଣାତୀତ ବା ଆତ୍ମବାନ ହେବାକୁ ଗୀତା ଉପଦେଶ ଦେଉଛି । ଏହି ଅଧ୍ୟାୟ ଷଷ୍ଠ ଶ୍ଳୋକରୁ ବୁଝିବେ ଯେ ସତ୍ତ୍ୱ ଗୁଣ ମଧ୍ୟ ଦେହୀକୁ ଦେହ ସହିତ ବାନ୍ଧି ରଖେ । ଅତଏବ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କର ପୂର୍ବୋକ୍ତ ଅର୍ଥ ଯେ ସଂପୂର୍ଣ୍ଣ ଅଯୌକ୍ତିକ ଏଥିରେ ସନ୍ଦେହ ନାହିଁ । ଏହି ଅର୍ଥ ସଂପୂର୍ଣ୍ଣ ଅଯୌକ୍ତିକ ହୋଇଥିଲେ ମଧ୍ୟ ଗୀତାର ପ୍ରାୟ ସବୁ ଟୀକାକାର ଏହି ଅର୍ଥର ଅନ୍ଧାନୁସରଣ କରି ଅଛନ୍ତି ଏବଂ ଗୀତାର ପାଠକମାନେ ଏହି ଅର୍ଥକୁ ମୁଖସ୍ଥ କରି ସନ୍ତୁଷ୍ଟ ରହି ଅଛନ୍ତି । ସେ ଯାହା ହେଉ, ଗୀତାର "ନିର୍ଦ୍ୱନ୍ଦ୍ୱ ହୁଅ ଓ ନିତ୍ୟ ସତ୍ତ୍ୱସ୍ଥ ହୁଅ" ଏହି ଦୁଇଟି କଥାର ପ୍ରକୃତ ଅର୍ଥ ଓ ବିଶେଷ ଆଲୋଚନା ଜାଣିବାକୁ ହେଲେ ମୋର "ଗୀତା ପ୍ରବେଶ" ବହିରୁ ୨ୟ ଅଧ୍ୟାୟ ୪୫ ଶ୍ଳୋକଟି ମନୋଯୋଗ ପୂର୍ବକ ପଢନ୍ତୁ । 'ନିର୍ଦ୍ୱନ୍ଦ୍ୱ ହେବା ଓ ସର୍ବଦା ସନ୍ତୁଷ୍ଟ ହେବା' ଏ ଦୁଇଟି କଥା ଅତିଶୟ କଠିନ ହେଲେ ମଧ୍ୟ ଜୀବନର ଶେଷକାଳ ପର୍ଯ୍ୟନ୍ତ ଏଥିପ୍ରତି

ସର୍ବଦା ଦୃଷ୍ଟି ରଖିବା ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ବୁଝନ୍ତୁ ଯେ, ଗୀତାର ଉପଦେଶ ଅନୁସାରେ, ନିର୍ଦ୍ଦ୍ୱନ୍ଦ୍ୱ ହେବା ଓ ନିତ୍ୟ ସତ୍ତ୍ୱସ୍ଥ ହେବା ନିଜର ଦୋଷ ପ୍ରତି ସର୍ବଦା ଦୃଷ୍ଟି ରଖି ନିଜ ଦୋଷ ନିଜେ ବୁଝିବା ଏବଂ ଆତ୍ମଜ୍ଞାନ ଲାଭକରିବା ଏ ମାନେ ଏକା କଥା ।

ପ୍ରତ୍ୟେକ ବ୍ୟକ୍ତି ଭଲ ହେଲେ ଅର୍ଥାତ୍ ଆପଣ ଓ ମୁଁ ଭଲ ହେଲେ ସମାଜ ସିନା ଭଲ ହୁଅନ୍ତା, ମାତ୍ର ଦୁଃଖର କଥା ଏହି କି ଆପଣ ଓ ମୁଁ ନିଜେ ଭଲ ହେବାକୁ କର୍ତ୍ତବ୍ୟବୋଧ ନ କରି ସମାଜକୁ ଭଲ କରିବାକୁ ସର୍ବଦା ତତ୍ପର ଅଛୁ । ସମାଜର ଲୋକେ ସମସ୍ତେ ଅନ୍ଧତା ଦୋଷରୁ ମୁକ୍ତ ହୋଇ ମନୁଷ୍ୟ ହୁଅନ୍ତୁ, ସମସ୍ତେ ବୃଥାଡ଼ମ୍ବର ପରିତ୍ୟାଗ କରି ଜୀବନ ଯାତ୍ରାକୁ ସରଳ ଓ ସୁଖମୟ କରନ୍ତୁ, ସମସ୍ତେ ଚରିତ୍ରବାନ ହୋଇ ଦୁର୍ନୀତି ସବୁ ଛାଡ଼ନ୍ତୁ ଇତ୍ୟାଦି ଉପଦେଶ ସବୁ ବିଶିଷ୍ଟ ବ୍ୟକ୍ତି-ମାନେ ସବୁଦିନେ ଦେଉଅଛନ୍ତି । ମାତ୍ର ଏପରି ଉପଦେଶ ସବୁର କୌଣସି ମୂଲ୍ୟ ନାହିଁ । କାରଣ ଏ ସବୁ ଦୋଷ ସମାଜର ନୁହେଁ, ତେଣୁ ଏ ସବୁ ଦୋଷରୁ ମୁକ୍ତ ହେବା ସମାଜର କାର୍ଯ୍ୟ ନୁହେଁ । ଏ ସବୁ ଦୋଷ ପ୍ରତ୍ୟେକ ବ୍ୟକ୍ତିର ଅର୍ଥାତ୍ ଆପଣଙ୍କର ଓ ମୋର ; ତେଣୁ ଏ ସବୁ ଦୋଷରୁ ମୁକ୍ତ ହେବା ଆପଣଙ୍କର କାର୍ଯ୍ୟ ଓ ମୋର କାର୍ଯ୍ୟ । ଆମେ ପ୍ରତ୍ୟେକ ବ୍ୟକ୍ତି ଅର୍ଥାତ୍ ଆପଣ ଓ ମୁଁ ଏକଥା ନ ବୁଝିବା ଯାଏଁ ସମାଜର ମଙ୍ଗଳ ସାଧନ ସମ୍ପୂର୍ଣ୍ଣ ଅସମ୍ଭବ । ଦେଶର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଏସବୁ ଦୋଷରେ ଲିପ୍ତ ଅଛନ୍ତି । ମାତ୍ର ସେମାନେ ନିଜେ ଏ ସବୁ ଦୋଷରୁ ମୁକ୍ତ ହେବାକୁ କର୍ତ୍ତବ୍ୟ ବୋଧ ନ କରି ସମାଜକୁ ଉପଦେଶ ଦେବାରେ ଲାଗି ଅଛନ୍ତି । ସମାଜର ମଙ୍ଗଳ ପାଇଁ ଅସଂଖ୍ୟ ସମିତି ଗଠିତ ହୋଇଛି ଓ ପ୍ରତିଦିନ ନୂଆ ନୂଆ ସମିତି ଗଠିତ ହେଉଛି । ଏ ସବୁ ବିଷୟର ବିଶେଷ ବର୍ଣ୍ଣନା ଅନାବଶ୍ୟକ । ଆବଶ୍ୟକ ମନେକଲେ ମୋର ଏବେ ପ୍ରକାଶିତ "ବ୍ୟକ୍ତି ଓ ସମାଜ" ନାମକ ଗ୍ରନ୍ଥ ବହିଟି ପଢ଼ି ପାରନ୍ତି ।

**ପ୍ରଶ୍ନ** :—ମୋତେ କେତେ ଲୋକ ପଚାରନ୍ତି, ଆପଣ କଟକରେ ବସି ଯେଉଁ କଟକବାସୀଙ୍କର କମ୍ବା ଖୁବ୍ ହେଲେ କେତେଜଣ ଓଡ଼ିଶା ବାସୀଙ୍କର କଲ୍ୟାଣ ସାଧନ କରୁଥିଲେ କରୁଥିବେ, ମାତ୍ର ସାରା ବିଶ୍ୱର

କଲ୍ୟାଣ ସାଧନ କରୁଅଛନ୍ତି କମ୍ବା କରିବେ ବୋଲି ଦୁରାଶା ପୋଷଣ କରଅଛନ୍ତି କପରି ?

**ଉତ୍ତର:**—ପ୍ରତ୍ୟେକ ବ୍ୟକ୍ତିର, ତେଣୁ ସାରା ବିଶ୍ୱର ଅକଲ୍ୟାଣର ଏକମାତ୍ର କାରଣ ହେଉଛି ପ୍ରତ୍ୟେକ-ବ୍ୟକ୍ତିର ଅନ୍ଧତା ଓ ବୃଥାଡ଼ମ୍ବର । ଏକଥା ଅସ୍ୱୀକାର କରି ପାରିବେ କି ? ଏହି ଅନ୍ଧତା ଓ ବୃଥାଡ଼ମ୍ବର ବିରୁଦ୍ଧରେ ମୁଁ ଚିରନ୍ତନ ସଂଗ୍ରାମ କରୁଅଛି ଓ କରୁଥିବି । ଏହା କରିବା ଫଳରେ ମୁଁ ପ୍ରତ୍ୟେକ ବ୍ୟକ୍ତିର, ତେଣୁ ସାରା ବିଶ୍ୱର କଲ୍ୟାଣ ସାଧନ କରୁଅଛି କି ନାହିଁ, ତାହା ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତା କରନ୍ତୁ ।

୧୯୬୪ ମସିହା

# ନୀତିବାକ୍ୟ

●

## ପ୍ରତିଜ୍ଞା

ପ୍ରତିଜ୍ଞା ଦ୍ୱାରା ଆବଦ୍ଧ ନ ଥିବା ମନୁଷ୍ୟ ନଙ୍ଗର ନ ଥିବା ଜାହାଜ ସଙ୍ଗେ ସମାନ ।

**ମହାତ୍ମା ଗାନ୍ଧି**

୧ । ଯାହା ନିଜର ତଥା ସମାଜର ମଙ୍ଗଳପ୍ରଦ ବୋଲି ସ୍ଥିର କରିବ ତାହା କାର୍ଯ୍ୟରେ ପରିଣତ କରିବ ଏବଂ ଯାହା ଅନିଷ୍ଟପ୍ରଦ ବୋଲି ସ୍ଥିର କରିବ ତାହା ପରିତ୍ୟାଗ କରିବ । ସେଥିପାଇଁ କୌଣସି ଲୋକଙ୍କ ମତକୁ ଭ୍ରୂକ୍ଷେପ କରିବ ନାହିଁ କିମ୍ବା କୌଣସି ପରିଣାମକୁ ଭୟ କରିବ ନାହିଁ ।

୨ । ସର୍ବ-ପ୍ରକାର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସମ୍ପୂର୍ଣ୍ଣ ରୂପେ ପରି-ତ୍ୟାଗ କରି ନ ପାରିଲେ ମଧ୍ୟ ନିଜର ତଥା ସମାଜର ଉପସ୍ଥିତ ଆର୍ଥିକ ଦୁରବସ୍ଥା ଦୃଷ୍ଟିରେ ସବୁ ପ୍ରକାର ଅର୍ଥସାପେକ୍ଷ, ଅନ୍ଧ-ବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରିବ ।

୩ । ଲୋକଙ୍କ ସମ୍ପତ୍ତି ଉପରେ କିମ୍ବା ଅସତ୍ ଉପାର୍ଜନ ଉପରେ ନିର୍ଭର ନ କରି ନିଜେ ଯାହା ଉପାର୍ଜନ କରିବ ସେଥିରେ ନିଜର ସମସ୍ତ ଖର୍ଚ୍ଚ ଚଳାଇବ । ଅନ୍ୟଠାରୁ କରଜ ନ କରିବା ଅଭିପ୍ରାୟରେ ପ୍ରତି ମାସରେ ଅନ୍ତତଃ ଗୋଟିଏ ଟଙ୍କା ଡାକଘର ବ୍ୟାଙ୍କରେ ଜମା ରଖିବ । ନିତାନ୍ତ ଆବଶ୍ୟକ ମନେ କଲେ ସେଥିରୁ ଯାହା ଧାର ଆଣିବ ତାକୁ ସୁଧ ସହିତ ପୁଣି ସେହି ବ୍ୟାଙ୍କରେ ଜମା ରଖିବ ।

୪ । ଗହଣାରେ ଓ ବିବାହ-ବ୍ରତାଦି ନ୍ୟାୟ୍ୟ ନିମିତ୍ତରେ ବୃଥାଡ଼ମ୍ବର ଦେଖାଇବାର ଅନ୍ଧାନୁସରଣ କରିବି ନାହିଁ । ସେହି ଉଦ୍‌ବୃତ୍ତ ଅର୍ଥରୁ ଯେତିକି ପାରିବି ସେଥିରେ ଅସହାୟ୍ୟ ଅକର୍ମଣ୍ୟ ପ୍ରତିବେଶୀମାନଙ୍କୁ ସାହାଯ୍ୟ କରିବି ।

୫ । ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ନ୍ୟାୟ୍ୟ-ନିମିତ୍ତରେ ଏବଂ ଦିଆ ନିଆ ଚୁକ୍ତି ଉପରେ ପ୍ରତିଷ୍ଠିତ ବିବାହ ଅନୁଷ୍ଠାନରେ ଯୋଗ ଦେବାକୁ ଅନ୍ୟାୟ୍ୟ ଓ ପାପ ମନେ କରିବି ।

୬ । କେବଳ ବନ୍ଧୁତା ରକ୍ଷା କରିବା ପାଇଁ ବନ୍ଧୁ ବେହାର ଦେବା ଏକାନ୍ତ ଆବଶ୍ୟକ ମନେ କଲେ ଦୁଇ ଅଣାରୁ ବେଶୀ ଦେବି ନାହିଁ କିମ୍ବା ନେବି ନାହିଁ ।

୭ । ବରଂ ଚିରଦିନ ଅବିବାହିତା ରହିବି, କିନ୍ତୁ ଯୌତୁକ ଦାବି କରିବା ବରକୁ ବିବାହ କରି ଦୁଃଖ, ଅଶାନ୍ତି ଓ ଦାସୀତ୍ୱ ବରଣ କରିବି ନାହିଁ । (ବାଳିକାମାନଙ୍କ ପାଇଁ)

୮ । ଚରିତ୍ର ଗଠନକୁ ଏକମାତ୍ର ଧର୍ମ ମନେ କରିବି । ଲୋଭ ଓ କ୍ରୋଧ ସମ୍ବରଣ କରିବି ।

୯ । ପ୍ରତିବେଶୀମାନଙ୍କ ସହିତ ସ୍ନେହ ସଦ୍‌ଭାବ ରଖିବି ଓ ସେମାନଙ୍କର ପ୍ରକୃତ ମଙ୍ଗଳ ପାଇଁ ଆଦର୍ଶ ଜୀବନ ଓ ଆଦର୍ଶ ପରିବାର ଗଠନ କରିବାକୁ ଚେଷ୍ଟା କରିବି ।

୧୦ । ସତ୍ୟ କହିବାକୁ ଓ ସତ୍ୟ ପାଳନ କରିବାକୁ ସର୍ବଦା ଲକ୍ଷ୍ୟ ରଖିବି ।

ଉପର ଲିଖିତ ଦଶଟି ପ୍ରତିଜ୍ଞା ମଧ୍ୟରୁ ଯେଉଁ ଯେଉଁ ପ୍ରତିଜ୍ଞାରେ କିମ୍ବା ଅନ୍ତତଃ ଯେଉଁ ଗୋଟିଏ ମାତ୍ର ପ୍ରତିଜ୍ଞାରେ ଆପଣ ଆବଦ୍ଧ ରହିବାକୁ କର୍ତ୍ତବ୍ୟ ବୋଧ କରିବେ ତାହା ବିଶ୍ୱକଲ୍ୟାଣ ସମିତିକୁ ଜଣାଇବାକୁ ବିଶେଷ ଅନୁରୋଧ । ପ୍ରତିଜ୍ଞାବଦ୍ଧ ଏହି କେତେଜଣ କର୍ମୀଙ୍କ ଉପରେ ବିଶ୍ୱକଲ୍ୟାଣ ସମିତିର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପୂର୍ଣ୍ଣ ନିର୍ଭର କରେ । ଅନ୍ଧତା ଦୋଷ ଓ ବୃଥାଡ଼ମ୍ବର ସମାଜରୁ ଦୂର ହେବା ଅସମ୍ଭବ ବୋଲି କହିଦେଇ ନିଶ୍ଚିନ୍ତ ଓ ନିଶ୍ଚେଷ୍ଟ ରହନ୍ତୁ ନାହିଁ । ନିଜର ଅନ୍ଧତା ଦୋଷ ଓ ବୃଥାଡ଼ମ୍ବର ପରିତ୍ୟାଗ କରିବା ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ଯୁଦ୍ଧ କରନ୍ତୁ ।

ନିମ୍ନଲିଖିତ ଉକ୍ତିରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହି ଅଛନ୍ତି । ହେ ଅର୍ଜୁନ ! ଯୁଦ୍ଧ କରୁ କରୁ ମଲେ ସ୍ୱର୍ଗ ସୁଖ ଏବଂ ଯୁଦ୍ଧ କରି ଜିତିଲେ ରାଜ୍ୟ-ସୁଖ । ଅତଏବ ଯୁଦ୍ଧ କରିବାକୁ କୃତନିଶ୍ଚୟ ହୁଅ ।

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗମ୍
ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍
ତସ୍ମାଦୁତ୍ତିଷ୍ଠ କୌନ୍ତେୟ !
ଯୁଦ୍ଧାୟ କୃତନିଶ୍ଚୟଃ । ୨ୟ-୩୭

---

ବିଶ୍ୱକଲ୍ୟାଣ-୧୯୬୭

# ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କର ଉପଦେଶ

୧ । ଅକ୍ଟୋବର ତା ୧୬ ରିଖ ସମାଜ କାଗଜରେ ଦେଖିଲି ଡକ୍ଟର ମହତାବ କହିଅଛନ୍ତି—"ଶିକ୍ଷିତ ସମାଜ ନିଜର ଆତ୍ମାଭିମାନ ଦୂର ନ କଲେ ସମାଜର ଉନ୍ନତି ଅସମ୍ଭବ ।" ଶିକ୍ଷିତ ଲୋକେ ଅଶିକ୍ଷିତ ଲୋକଙ୍କୁ ଘୃଣା କରୁଅଛନ୍ତି ।"

ଏହା ଅତ୍ୟନ୍ତ ଆବଶ୍ୟକୀୟ ଉପଦେଶ । କାରଣ ଶିକ୍ଷିତ ଲୋକେ ସମାଜର ଶ୍ରେଷ୍ଠବ୍ୟକ୍ତି ଓ ନେତା ଅଟନ୍ତି । ସେମାନଙ୍କ ଆଦର୍ଶରୁ ସମାଜର ଆଜ ଏହି ଦୁରବସ୍ଥା, ମାତ୍ର ସେମାନେ ଏତେ ସ୍ୱାର୍ଥପର, ନିଜର ନାମ ଓ କ୍ଷମତା ପାଇଁ ଏତେ ବ୍ୟାକୁଳ ଏବଂ ସମାଜର ଉନ୍ନତି ବା ମଙ୍ଗଳ ପାଇଁ ଏତେ ଉଦାସୀନ ହୋଇଅଛନ୍ତି ଯେ ଆତ୍ମାଭିମାନ ଛାଡ଼ିବା ସେମାନଙ୍କ ପକ୍ଷରେ ସୁକଠିନ । ସେମାନେ କେହି ନିଜର ଆତ୍ମାଭିମାନ ନଛାଡ଼ିଲେ ମଧ୍ୟ ସମସ୍ତେ ସମାଜ ଉପରେ ଦୋଷାରୋପ କରିବାରେ ବହୁକାଳରୁ ଅଭ୍ୟସ୍ତ । ସେଥିପାଇଁ ମୁଁ କହେଁ, କି ଶିକ୍ଷିତ କି ଅଶିକ୍ଷିତ ଲୋକେ ପ୍ରତ୍ୟେକ ବ୍ୟକ୍ତି ନିଜର ଆତ୍ମାଭିମାନ ଛାଡ଼ନ୍ତୁ । କେହି ଆତ୍ମାଭିମାନ ଦେଖାଇଲେ ତାକୁ ଘୃଣା କରନ୍ତୁ । ଶିକ୍ଷିତ ଲୋକେ ବିବାହ ବ୍ରତାଦି କର୍ମକୁ ସମାରୋହରେ ସମ୍ପନ୍ନ କରୁଥିଲେ ସେଥିରେ ଯୋଗ ଦେବା ଓ ଭୋଜି ଖାଇବା ବନ୍ଦ କରନ୍ତୁ । କେହି କୌଣସି ଚେଷ୍ଟା ନ କରି କେବଳ ବକ୍ତୃତା ଦେବାରେ ଆଦୌ ମୂଲ୍ୟ ନାହିଁ ।

୨ । ଏହି ମାସର ଆଉ ଖଣ୍ଡେ ସମାଜରେ ଦେଖିଲି ପି, ଏନ, ପୁରୋହିତ କଲିକତାରେ ଗୋଟିଏ ସଭାରେ କହିଅଛନ୍ତି "ବ୍ୟକ୍ତିଗତ ଉନ୍ନତି ବିନା ସମାଜ ଉନ୍ନତି ଅସମ୍ଭବ । କୌଣସି ମନୁଷ୍ୟ ବା ଜାତି ନିଜ ମଧ୍ୟରେ ଶାନ୍ତି ଆଣି ନ ପାରିଲେ ବିଶ୍ୱରେ ଶାନ୍ତି ଆଣି ପାରିବ ନାହିଁ ।" ମୁଁ କହେଁ, ବ୍ୟକ୍ତି ଓ ବିଶ୍ୱମଧ୍ୟରେ ଜାତିକୁ ସ୍ଥାନ ନ ଦେଇ ନିଜର ପରିବାରକୁ ସ୍ଥାନ ଦେବା ଆବଶ୍ୟକ । ବିଶ୍ୱରେ ଶାନ୍ତିଆଣିବା ଯେପରି ଅସମ୍ଭବ—ଜାତିରେ ଶାନ୍ତି ଆଣିବା ତତୋଧିକ ଅସମ୍ଭବ । ଅତଏବ ନିଜ ମଧ୍ୟରେ ଓ ନିଜ ନିଜ

ପରିବାରରେ ଶାନ୍ତି ଆଣିପାରିଲେ ସମସ୍ତ ବିଶ୍ୱରେ ଶାନ୍ତି ଆସିବା ସୁନିଶ୍ଚିତ ।

୩ । ଅକ୍ଟୋବର ତା ୨୭ ରିଖ ସମାଜ କାଗଜରେ ଦେଖିଲି, ପଣ୍ଡିତ ନେହରୁ କହିଅଛନ୍ତି—"ମୁଁ ଜାଣେ ଯେ ଆମେ ଦୁର୍ବଳ ଏବଂ ଗାନ୍ଧିଜୀଙ୍କର ଆଦର୍ଶ ଅନୁସରଣ କରି କାର୍ଯ୍ୟ କରି ନ ପାରିବାରୁ ମୁଁ ସମୟେ ସମୟେ ଲଜ୍ଜା ଅନୁଭବ କରେଁ । ଗାନ୍ଧିଙ୍କର ଆଦର୍ଶରେ ପହଞ୍ଚିବାକୁ ଆମକୁ ଅନେକ କାଳ ଲାଗିଯିବ ।"

ପୂର୍ବୋକ୍ତ ଛଅଟି ଉପଦେଶର ସାରାଂଶ ଏହିକି ପ୍ରତ୍ୟେକ ଶିକ୍ଷିତ ଲୋକ ନିଜର ଆତ୍ମାଭିମାନ ଛାଡ଼ନ୍ତୁ—ଅଶିକ୍ଷିତମାନଙ୍କୁ ଘୃଣା କରିବା ଛାଡ଼ନ୍ତୁ—ନିଜର ଦୋଷ ଦୁର୍ବଳତା ଘୋଡ଼େଇ ନରଖି ପଣ୍ଡିତ ନେହେରୁଙ୍କ ପରି ପ୍ରକାଶ କରନ୍ତୁ । ଏଭଳି କଲେ ଆମେ ଅବିଳମ୍ବେ ଗାନ୍ଧିଙ୍କ ଆଦର୍ଶରେ ପହଞ୍ଚି ଯିବୁଁ । ସେଥିପାଇଁ ଅନେକ କାଳ ଲାଗିବ ନାହିଁ । ଆଉ ଗୋଟିଏ କଥା ଏହିକି ଗାନ୍ଧିଙ୍କ ଉପଦେଶର ବା କାର୍ଯ୍ୟର ଅନ୍ଧାନୁସରଣ ନ କରି ପ୍ରତ୍ୟେକ ବ୍ୟକ୍ତି ନିଜର ବୁଝିବା ଅନୁସାରେ କର୍ମ କରନ୍ତୁ । ଏହାହିଁ ଗାନ୍ଧିଙ୍କର ଉପଦେଶ । ପ୍ରତ୍ୟେକ ବ୍ୟକ୍ତିର ଓ ପ୍ରତ୍ୟେକ ପରିବାରର ଉନ୍ନତି ଉପରେ ସମସ୍ତ ମାନବ ସମାଜର ଉନ୍ନତି ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି; ଏହି କଥାଟି ପ୍ରତ୍ୟେକ ବ୍ୟକ୍ତି ବୁଝନ୍ତୁ ।

ବିଶ୍ୱକଲ୍ୟାଣ ୧୯୫୭

# କେତୋଟି ନୀତିବାକ୍ୟ

ବୁଦ୍ଧଦେବ କହିଅଛନ୍ତି—"କାମନାର ବିନାଶରେ ଦୁଃଖର ବିନାଶ ।"

ରାମକୃଷ୍ଣ ପରମହଂସ କହିଅଛନ୍ତି—"କାମିନୀ ଓ କାଞ୍ଚନ ତ୍ୟାଗ କର ।"

ମୁଁ କହେଁ, "କାମନା ବିନାଶ କରିବା ତଥା କାମିନୀ ଓ କାଞ୍ଚନ ତ୍ୟାଗ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଏହା ଯଦି ସମ୍ଭବ, ତେବେ କୋଟିକରେ ଗୋଟିକ ପକ୍ଷରେ ସମ୍ଭବ ହୋଇପାରେ ।"

ଜନସାଧାରଣଙ୍କ ପାଇଁ ବୁଦ୍ଧଦେବଙ୍କର ଗୋଟିଏ ନୀତିବାକ୍ୟ ଅଛି; ଯାହା ବିଶ୍ୱକଲ୍ୟାଣ ସମିତିର ମଧ୍ୟ ନୀତିବାକ୍ୟ । ସେହି ନୀତିବାକ୍ୟଟି ହେଉଛି—"ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି, ବିଶିଷ୍ଟବ୍ୟକ୍ତିମାନଙ୍କର ଉପଦେଶ ସବୁର ଅନ୍ଧାନୁସରଣ ଓ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ ପରିତ୍ୟାଗ କରି—"ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହୁଅ ।" ମହାତ୍ମା-ଗାନ୍ଧି କହିଅଛନ୍ତି । "ନିଜର ପ୍ରୟୋଜନକୁ ଯେଉଁ ଲୋକ ବୃଥାରେ ବଢ଼ାଏ ସେ ହେଉଛି ଅନ୍ଧ" ବିଶ୍ୱକଲ୍ୟାଣ ସମିତି କହୁଛି—"ଲୋକେ ନିଜର ପ୍ରୟୋଜନକୁ ଯେ ବୃଥାରେ ବଢ଼ାନ୍ତି ଓ ବୃଥାଡ଼ମ୍ବର ଦେଖାନ୍ତି ତାହା କେବଳ ଅନ୍ଧତା ଦୋଷରୁ । ଅତଏବ ଯେଉଁଲୋକ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଫଳରେ ନିଜର ଆତ୍ମଜ୍ଞାନ ଓ ପବିତ୍ର ବିବେକ ବୁଦ୍ଧି ରୂପ ଚକ୍ଷୁ ଦୁଇଟିକୁ ବ୍ୟବହାର ନକରେ ସେ ହେଉଛି ଅସଲ ଅନ୍ଧ ।"

---

ବିଶ୍ୱକଲ୍ୟାଣ ୧୯୫୭

## କେତେଜଣ ଶ୍ରେଷ୍ଠ ବ୍ୟକ୍ତିଙ୍କର ମତ

*KARI MARX* :-Religion is the opium of the people.

ଅନୁବାଦ :—ଧର୍ମ ହେଉଛି ଲୋକଙ୍କର ଅଫିମ (ନିଶା)

*BERNARD SHAW* :—God was invented for those who could not help themselves. The present God *is* for the *lazv* and incapable.

ଅନୁବାଦ :—ଈଶ୍ୱର ସେହିମାନଙ୍କ ପାଇଁ ସୃଷ୍ଟି ହୋଇଥିଲେ, ଯେଉଁମାନେ ନିଜକୁ ସାହାଯ୍ୟ କରି ପାରନ୍ତି ନାହିଁ । ବର୍ତ୍ତମାନର ଈଶ୍ୱର କେବଳ ଅଳସୁଆ ଓ ଅକ୍ଷମଙ୍କ ପାଇଁ ।

A learned man is an idler who kills time with study. Beware of his false knowledge ; it is more dangerous than ignorance.

ଅନବାଦ :—ପଣ୍ଡିତ ବ୍ୟକ୍ତି ହେଉଛି ଅଳସୁଆ, କାରଣ ସେ ପଢିବାରେ ସମୟ ନଷ୍ଟ କରେ । ତାହାର ମିଥ୍ୟା ଜ୍ଞାନ ପ୍ରତି ସାବଧାନ ହୁଅ । ଅଜ୍ଞାନତା ଅପେକ୍ଷା ଏହା ଅଧିକ ବିପଜ୍ଜନକ ।

ଗୀତା ମଧ୍ୟ କହୁଛି :—

"ଶ୍ରୁତି ବିପ୍ରତିପନ୍ନା ତେ ବୁଦ୍ଧିଃ (୨ୟ—୫୩)

ଶ୍ରୁତି ଦ୍ୱାରା ବା ଶୁଣିବା କଥା ଦ୍ୱାରା ବା ବେଦ ଦ୍ୱାରା ବା ପାଣ୍ଡିତ୍ୟ ଦ୍ୱାରା ବିକ୍ଷିପ୍ତ ହୋଇଥିବା ବୁଦ୍ଧି ।

*BINOBA JEE* —(Statesman) 20-10-57

Education should not be in the hands of the Government. A cast-iron system of education could only produce cast-iron minds and students who received such education were like machines with no capacity for independent thinking.

# କେତୋଟି ଅମୂଲ୍ୟ କଥା

ଓଲୁଗିର ଆଉ ଫୁଟାଣି ଲାଗି, ଦୁଃଖକୁ କରିଛୁ ତୁ ଚିର ସଙ୍ଗି ।
ଛାଡ଼ ଓଲୁଗିରି ଛାଡ଼ ଫୁଟାଣି, ସୁଖରେ ରହ ମୋ ଭାଇ ଭଉଣୀ ।
ଓଲୁଗିରି ଛାଡ଼ ମଣିଷ ହେବୁ, ଫୁଟାଣି ଛାଡ଼ ତୁ ସୁଖ ପାଇବୁ ।
ନ ଶୁଣି ମୋହର ଏହି କଥାଟି, ହେଉଛୁ ସିନା ତୁ ଦୁଃଖରେ ସାଣ୍ଡି ।
ଛାଡ ସବୁ ଅନ୍ଧ ଅନୁସରଣ, ବୁଦ୍ଧିର ଆଶ୍ରୟ କର ଗ୍ରହଣ ।
ଛାଡ଼ ଯେତେ ଅଛି ଶାସ୍ତ୍ର ପୁରାଣ, ସ୍ୱଭାବ ନିୟତ୍ତ କର ଜୀବନ ।
ଲୋକ ନିନ୍ଦାକୁ ତୁ ଭୟ ନ କର, ଲୋକ ପ୍ରଶଂସାକୁ ଇଚ୍ଛା ନ କର ।
ନିଜ ଗୁଣେ କର ନିନ୍ଦା ନିଜକୁ, ପ୍ରଶଂସା କର ତୁ ନିଜେ ନିଜକୁ ।
ସମାଜକୁ କର ଶ୍ରେଣୀ ବିହୀନ, ମଣିଷ ସମାଜ କର ଗଠନ ।
ପୁରୁଣା ସବୁକୁ ପୋଡ଼ ଦେଇଣ, ନୂଆ ସଂସାର ତୁ କର ନିର୍ମାଣ ।
"ବିଶ୍ୱକଲ୍ୟାଣରେ ନିଜ କଲ୍ୟାଣ, ନିଜେ ଭଲହେଲେ ବିଶ୍ୱକଲ୍ୟାଣ ।"
"ଏହି ମହାମନ୍ତ୍ର କର ଗ୍ରହଣ, ପୃଥିବୀରେ କର ଶାନ୍ତି ସ୍ଥାପନ ।"

ଏହି ବାରଟି କଥାରୁ ଅନ୍ତତଃ ଗୋଟିଏ କଥା ବୁଝି ତାହା କାର୍ଯ୍ୟରେ ପରିଣତ କରନ୍ତୁ — ଉଦାହରଣ ସ୍ୱରୂପ ଗୋଟିଏ କଥା ଲେଖିଲି—"ମିଥ୍ୟା, କପଟତା ଇତ୍ୟାଦି ନିଜର ଅନିଷ୍ଟପ୍ରଦ ଗୁଣ ପାଇଁ ନିଜକୁ ନିନ୍ଦା କରନ୍ତୁ ଏବଂ ସତ୍ୟ, ସରଳତା ଇତ୍ୟାଦି ନିଜର ମଙ୍ଗଳପ୍ରଦ ଗୁଣ ଥିଲେ ନିଜକୁ ପ୍ରଶଂସା କରନ୍ତୁ । ପରନିନ୍ଦାକୁ ଭୟ କରନ୍ତୁ ନାହିଁ ଓ ପର ପ୍ରଶଂସା ଖୋଜନ୍ତୁ ନାହିଁ ।"

—o—

ବିଶ୍ୱକଲ୍ୟାଣ ୧୯୬୮

# ପ୍ରତିଜ୍ଞାପତ୍ରର ବିଶ୍ଳେଷଣ

●

## ପ୍ରତିଜ୍ଞାପତ୍ର

(୧) ମୋର ଆଦର୍ଶରୁ ଅନ୍ୟର ଯେପରି ଅମଙ୍ଗଳ ନ ହୋଇ ମଙ୍ଗଳ ହେବ ସେଥିପ୍ରତି ନିରନ୍ତର ଦୃଷ୍ଟି ରଖିବି (ଗୀତା ୩ୟ—୨୧) ।

(୨) ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରିବି ଏବଂ ଏ ସବୁ ଉପରେ ପ୍ରତିଷ୍ଠିତ ନ୍ୟାୟ ନିମିତ୍ତରେ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନରେ ଯୋଗ ଦେବି ନାହିଁ ।

(୩) ବନ୍ଧୁ ବେଶର ଦେବି ନାହିଁ ଓ ନେବି ନାହିଁ ।

(୪) ଗହଣାରେ ଓ ନ୍ୟାୟ ନିମିତ୍ତରେ ଅର୍ଥର ଅପବ୍ୟୟ ନ କରି ସେହି ଅର୍ଥରେ ଦରିଦ୍ର ପ୍ରତିବେଶୀମାନଙ୍କୁ ସାହାଯ୍ୟ କରିବି ।

(୫) ଲୋକ ନିନ୍ଦାକୁ ଭ୍ରୂକ୍ଷେପ ନ କରି ଏବଂ ଲୋକଙ୍କଠାରୁ ପ୍ରଶଂସା ପାଇବାକୁ ବ୍ୟାକୁଳ ନ ହୋଇ ନିଜର ମନ୍ଦଗୁଣ ପାଇଁ ନିଜକୁ ନିନ୍ଦା କରିବାକୁ ଏବଂ ଭଲଗୁଣ ପାଇଁ ନିଜକୁ ପ୍ରଶଂସା କରିବାକୁ ଅଭ୍ୟାସ କରିବି । ଅର୍ଥାତ୍ ସର୍ବଦା ସନ୍ତୁଷ୍ଟ ରହିବି (ଗୀତା ୨ୟ—୪୫ ) ।

## ପ୍ରତିଜ୍ଞାପତ୍ରର ବିଶ୍ଳେଷଣ

### ଗୋଟିଏ ପ୍ରଶ୍ନର ଉତ୍ତର—

ମୋତେ କେହି କେହି ପଚାରନ୍ତି—"ଆପଣ କଟକରେ ବସି ସେହି କଟକବାସୀଙ୍କର କିମ୍ବା ଖୁବ୍ ହେଲେ ଓଡ଼ିଶାବାସୀଙ୍କର କଲ୍ୟାଣ-

ସାଧନ କରିପାରନ୍ତି; ମାତ୍ର ବିଶ୍ୱକଲ୍ୟାଣ ନାମକ ସମିତିଟିଏ ସ୍ଥାପନ କରି ସମଗ୍ର ବିଶ୍ୱର କଲ୍ୟାଣସାଧନ କରୁଅଛନ୍ତି କିମ୍ବା କରିବେ ବୋଲି ଦୁରିଶା ଘୋଷଣା କରୁଅଛନ୍ତି କିପରି ?

ଉତ୍ତର—ପ୍ରତ୍ୟେକ ଦେଶକୁ ଯାଇ ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣସାଧନ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଆଉ ମଧ୍ୟ ଅକଲ୍ୟାଣର ମୂଳକାରଣ ସ୍ଥିର ନ କରି ଏବଂ ସେହି ମୂଳକାରଣ କିପରି ଦୂର ହେବ ସେଥିପାଇଁ ଚେଷ୍ଟା ନ କରି କେବଳ କଲ୍ୟାଣସାଧନ କରିବାକୁ ଇଚ୍ଛା କରିବା ନିର୍ବୋଧତାର ପରିଚୟ । ରୋଗର ମୂଳକାରଣ ସ୍ଥିର ନ କରି ଏବଂ ସେହି ମୂଳକାରଣ କିପରି ଦୂର ହେବ ସେଥିପ୍ରତି ଦୃଷ୍ଟି ନ ରଖି ରୋଗ ଦୂର କରିବାକୁ ଔଷଧ ଦେଲେ ଅଳ୍ପ ସମୟପାଇଁ ରୋଗର ଉପଶମ ହୋଇପାରେ ; ମାତ୍ର ରୋଗର ମୂଳକାରଣ ଦୂର ନ ହେବାଯାଏ ସେହି ରୋଗ ବାରମ୍ବାର ଆକ୍ରମଣ କରୁଥିବ । ଗଛର ମୂଳକୁ ଉପାଡ଼ି ନ ଦେଇ କେବଳ ଶାଖାପ୍ରଶାଖା ସବୁ କାଟୁଥିଲେ ସେହି ଗଛ ବାରମ୍ବାର ବଢ଼ୁଥିବ । ବହୁକାଳ ହେଲା ଆମ୍ଭେମାନେ କେବଳ ଶାଖାପ୍ରଶାଖା ସବୁ କାଟିବାରେ ଲାଗିଥିଲୁ ଏବଂ ଏହାକୁ ସମାଜ ସଂସ୍କାର ନାମ ଦେଇ ନିଶ୍ଚିନ୍ତ ରହିଥିଲୁ ; ମାତ୍ର ଗଛର ମୂଳୋତ୍ପାଟନ କରିବା ଏକାନ୍ତ ଆବଶ୍ୟକ ଥିବାରୁ ଆଜି ଆଉ ଶାଖାପ୍ରଶାଖା କାଟିବାକୁ ଚେଷ୍ଟା ନ କରି ମୁଁ ଏହି ମୂଳୋତ୍ପାଟନ କରିବାରେ ଲାଗିଛି ।

"ସମସ୍ତଙ୍କୁ ଅନ୍ନ ବସ୍ତ୍ର ଯୋଗାଇବାକୁ ହେବ" ଏ କଥା ଦେଶର ବିଶିଷ୍ଟ ବ୍ୟକ୍ତିମାନେ ବହୁକାଳ ହେଲା ଚିତ୍କାର କରୁଅଛନ୍ତି । ଏହି କେତେ ବର୍ଷ ହେଲା ବିନୋବା ଭାବେ ନାମକ ଜଣେ ଶ୍ରେଷ୍ଠବ୍ୟକ୍ତି ଏବଂ ତାଙ୍କ ମତର ଅନ୍ଧାନୁସରଣକାରୀ ଆଉ କେତେଜଣ ମଧ୍ୟ ଧନୀମାନଙ୍କଠାରୁ କିଛି କିଛି ଜମି ଓ ଅର୍ଥ ମାଗିଆଣି ଅଭାବଗ୍ରସ୍ତ ଲୋକଙ୍କ ମଧ୍ୟରେ ତାକୁ ବାଣ୍ଟିଦେଲେ ସେମାନଙ୍କର ଅନ୍ନ ବସ୍ତ୍ରର ଅଭାବ ଦୂର ହୋଇଯିବ ବୋଲି ଦୁରାଶା ଘୋଷଣା କରିଅଛନ୍ତି । ଏଥିରେ ଅଳ୍ପ କେତେଜଣଙ୍କର ଅଭାବ ଅଳ୍ପ ଦିନ ପାଇଁ ଦୂର ହୋଇପାରେ ; ମାତ୍ର କିଛିଦିନ ପରେ ସେହି ଜମି ଓ ଅର୍ଥ ସେମାନଙ୍କର ଅଧିକ ଅଭାବ ଓ ଅଧିକ ଦୁରବସ୍ଥାର କାରଣ ହେବ । କିଛି କିଛି ଜମି ଓ ଅର୍ଥ ପାଇଗଲେ ସେମାନେ ଗହଣା ଓ ନ୍ୟାୟୁନିମିତ୍ତ

ଇତ୍ୟାଦିରେ ବୃଥାଡ଼ମ୍ବର ଦେଖାଇ ସର୍ବସ୍ୱାନ୍ତ ହୋଇଯିବେ । ମୁଁ ଦେଖିଛି, ଆମ ଗ୍ରାମରେ ଥିବା କେତେଜଣ ମୂଲଆ କଲିକତାକୁ ଯାଇ ଅଳ୍ପଦିନ ମଧ୍ୟରେ ଅନେକ ଅର୍ଥ ଉପାର୍ଜନ କଲେ ଏବଂ ଜମିବାଡ଼ି କିଣିପକାଇଲେ । ତା ପରେ ଗହଣା, ନ୍ୟାୟନିମିତ୍ତ ଓ ନାଟତାମସା ଇତ୍ୟାଦିରେ ବୃଥାଡ଼ମ୍ବର ଦେଖାଇ ପୂର୍ବାପେକ୍ଷା ଅଧିକ ଦୁରବସ୍ଥା ଭୋଗକଲେ । ଲୋକେ ପୈତୃକ ସମ୍ପତ୍ତି ପାଇଲେ ନିଶା ପାଣି, ଗୁଡ଼, ସିଗାରେଟ୍ ଇତ୍ୟାଦି ଅଭ୍ୟାସ କରନ୍ତି ; ସିନେମା, ଥିଏଟର ଇତ୍ୟାଦିରେ ଅର୍ଥ ବ୍ୟୟ କରନ୍ତି, ନ୍ୟାୟ ନିମିତ୍ତ ଇତ୍ୟାଦିରେ ବୃଥା ଆଡ଼ମ୍ବର ଦେଖାଇ ପରିଶେଷରେ ସର୍ବସ୍ୱାନ୍ତ ହୁଅନ୍ତି— ଏପରି ଦୃଷ୍ଟାନ୍ତ ପ୍ରାୟ ସର୍ବତ୍ର ଦେଖାଯାଏ । ନିଜର ଉପାର୍ଜିତ ଅର୍ଥରେ ସେମାନେ ତା' କରିବାକୁ ସମର୍ଥ ହୁଅନ୍ତି ନାହିଁ । ସେଥିପାଇଁ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ କହିଯାଇଅଛନ୍ତି—

"ଅର୍ଥମନର୍ଥମ୍ ଭାବୟ ନିତ୍ୟମ୍ ନାସ୍ତି ତତଃ ସୁଖଲେଶଃ ସତ୍ୟମ୍"

ଅର୍ଥ—ଯାବତୀୟ ଅନର୍ଥର ମୂଳକାରଣ ହେଉଛି ଅର୍ଥ ; ମାତ୍ର ଅର୍ଥରେ ଲେଶମାତ୍ର ସୁଖ ନାହିଁ, ଏହା ସତ୍ୟ ଅଟେ ।

ଆଜି ବୁଝିଲୁ ଯେ ଦୁଃଖ ଦୁରବସ୍ଥାର ମୂଳକାରଣ ଅର୍ଥାଭାବ ନୁହେଁ । ବରଂ ନିରନ୍ତର ଅର୍ଥ ସଞ୍ଚୟ କରିବାର ପ୍ରବୃତ୍ତି ଓ ଅର୍ଥଚିନ୍ତା ହେଉଛି ଦୁଃଖ ଦୁରବସ୍ଥାର ମୂଳକାରଣ ।

ଧନ ଗର୍ବ ଓ ଧନର ବିଷମୟ ଫଳ ଆମ୍ଭେମାନେ ପ୍ରତି କ୍ଷେତ୍ରରେ ଓ ପ୍ରତି ପରିବାରରେ ପ୍ରତ୍ୟକ୍ଷ ଦେଖୁଥିଲେ ମଧ୍ୟ ସେଥିରୁ କୌଣସି ଶିକ୍ଷା ଗ୍ରହଣ କରିପାରୁନାହୁଁ । ଗ୍ରହଣ କରି ନ ପାରିବାର ପ୍ରଧାନ କାରଣ ଏହିକି ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଆମ୍ଭମାନଙ୍କ ସ୍ୱାଧୀନ ଚିନ୍ତାଧାରାରେ ଗୁଡ଼ି ଦେଇ ଆମ୍ଭମାନଙ୍କୁ ଅନ୍ଧ କରି ସାରିଛି । ତା ଛଡ଼ା, ନିରନ୍ତର ଅର୍ଥସଞ୍ଚୟ କରିବାର ପ୍ରବୃତ୍ତି ଓ ଅର୍ଥଚିନ୍ତା ଆମ୍ଭମାନଙ୍କୁ ଅନ୍ୟ ଏକ ପ୍ରକାର ଅନ୍ଧ କରି ରଖିଛି । ଏହି ଦୁଇ ପ୍ରକାର ଅନ୍ଧତାରୁ ଆମ୍ଭେମାନେ କେବେ ମୁକ୍ତ ହେବା ତାହା କହିହେଉନାହିଁ ।

ଆଜି ସଂଶୟଶୂନ୍ୟ ହୋଇ ବୁଝିଲୁ ଯେ, ଆମ୍ଭମାନଙ୍କର ଯାବତୀୟ ଦୁଃଖ ଦୁରବସ୍ଥାର ମୂଳକାରଣ ହେଉଛି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ବା ଅନ୍ଧତା ଦୋଷ ଏବଂ ଏହି ଅନ୍ଧତା ବା ଅମନୁଷ୍ୟତା ଦୋଷରୁ

ବୃଥାଡ଼ମ୍ବର । ଅଳ୍ପ କେତେଜଣଙ୍କୁ ଏହି ଅନ୍ଧତା ଦୋଷରୁ ମୁକ୍ତ କରିପାରିଲେ ସେହି ଅଳ୍ପ କେତେଜଣଙ୍କ ଆଦର୍ଶରୁ ସମସ୍ତ ବିଶ୍ୱର କଲ୍ୟାଣସାଧନ କରିହେବ, ଏହି ଧାରଣାର ବଶବର୍ତ୍ତୀ ହୋଇ ମୁଁ ଚିରଦିନ ଏହି ମୂଳକାରଣ ବିରୁଦ୍ଧରେ ସଂଗ୍ରାମ କରି ଆସୁଅଛି ।

## ପ୍ରଥମ ପ୍ରତିଜ୍ଞା

ମୋର ଆଦର୍ଶରୁ ଅନ୍ୟର ଯେପରି ଅମଙ୍ଗଳ ନ ହୋଇ ମଙ୍ଗଳ ହେବ ସେଥିପ୍ରତି ନିରନ୍ତର ଦୃଷ୍ଟି ରଖିବି ।

"ଯଦ୍ ଯଦାଚରତି ଶ୍ରେଷ୍ଠଃ ତତ୍‌ଦେବେତରୋ ଜନଃ" । (ଗୀତା ୩ଯ୍-୨୧)

ଅର୍ଥ—ଶ୍ରେଷ୍ଠବ୍ୟକ୍ତି ଯାହା ଯାହା କରନ୍ତି, ଇତର ବ୍ୟକ୍ତି ଅର୍ଥାତ୍ ଅନ୍ଧାନୁସରଣରେ ଅଭ୍ୟସ୍ତ ଜନସାଧାରଣ ତାହା ତାହା କରନ୍ତି ।

ଏହି ଉକ୍ତିଟିକୁ ଗୀତାର ଟୀକାକାରମାନେ ଯେପରି ଅର୍ଥ କରୁଅଛନ୍ତି ସେଥିରୁ ଜନସାଧାରଣ ବୁଝିଅଛନ୍ତି ଯେ, ଶ୍ରେଷ୍ଠବ୍ୟକ୍ତିମାନଙ୍କର ମତ ଓ କ୍ରିୟାକଳାପର ଅନ୍ଧାନୁସରଣ କରିବାକୁ ଗୀତାକାର ଏଠାରେ କହିଅଛନ୍ତି । ଆଉ ମଧ୍ୟ, ଅନ୍ଧାନୁସରଣରେ ଅଭ୍ୟସ୍ତ ଜନସାଧାରଣଙ୍କର ମତକୁ ଏହି ଅର୍ଥ ସମର୍ଥନ କରୁଥିବାରୁ ସେମାନେ ଏହି ଅର୍ଥ ଗ୍ରହଣ କରିଅଛନ୍ତି । ମାତ୍ର ଗୀତାକାର ଏଠାରେ ତାହା କହିନାହାନ୍ତି । ସେ ଏଠାରେ ଜନସାଧାରଣଙ୍କୁ କୌଣସି ଉପଦେଶ ଦେଇନାହାନ୍ତି । କେବଳ ଶ୍ରେଷ୍ଠବ୍ୟକ୍ତିମାନଙ୍କୁ ସତର୍କ କରି ଉପଦେଶ ଦେଇଅଛନ୍ତି ଯେ, ସେମାନେ ଲୋକସଂଗ୍ରହ ପ୍ରତି ଦୃଷ୍ଟିରଖି ଅର୍ଥାତ୍ ଜନସାଧାଣଙ୍କର ଯେପରି କୌଣସି ଅମଙ୍ଗଳ ନ ହୋଇ ମଙ୍ଗଳ ହେବ ସେଥିପ୍ରତି ଦୃଷ୍ଟି ରଖି କର୍ମ କରିବା ଆବଶ୍ୟକ । ପୂର୍ବ ଶ୍ଳୋକଟି ଦେଖିପାରନ୍ତି ।

"ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ।"

ଶ୍ରେଷ୍ଠବ୍ୟକ୍ତିମାନଙ୍କୁ ଏପରି ଉପଦେଶ ଦେବା ପରେ ଅନ୍ଧାନୁସରଣରେ ଅଭ୍ୟସ୍ତ ଜନସାଧାରଣଙ୍କୁ ମଧ୍ୟ ସେ ନିମ୍ନଲିଖିତ ଏକାନ୍ତ ଆବଶ୍ୟକୀୟ ଉପଦେଶଟି ଦେଇଅଛନ୍ତି—

"ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।" ( ତୃ—୩୫ । )

ଅର୍ଥ—ଉତ୍ତମ ରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ନିଜର ଦୋଷଯୁକ୍ତ ସ୍ୱଧର୍ମ ଶ୍ରେୟସ୍କର ଅଟେ । ନିଜର ଦୋଷଯୁକ୍ତ ସ୍ୱଧର୍ମ ଉପରେ ନିର୍ଭର କରି ମୃତ୍ୟୁକୁ ବରଣ କରିବା ଶ୍ରେୟସ୍କର ; ମାତ୍ର ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅର୍ଥାତ୍ ଶ୍ରେଷ୍ଠବ୍ୟକ୍ତିମାନଙ୍କର ମତ ଓ କ୍ରିୟାକଳାପର ଅନ୍ଧାନୁସରଣ ଭୟାବହ ଅଟେ ।

ନିଜ ନିଜର ପବିତ୍ର ବିବେକ ବୁଦ୍ଧି ଉପରେ ନିର୍ଭର କରି ନିଜ ନିଜର ସ୍ୱଭାବନିୟତ କର୍ମରେ ଅଗ୍ରସର ହେବା ହିଁ ସ୍ୱଧର୍ମ ଏବଂ ଏହି ସ୍ୱଧର୍ମ ହେଉଛି ସ୍ୱକର୍ମ, ଏକଥା ଅଷ୍ଟାଦଶ ଅଧ୍ୟାୟ ୪୭ ଓ ୪୮ ଶ୍ଳୋକରୁ ବୁଝିପାରିବେ ।

## ଗୀତାକାର ପୁଣି କହିଅଛନ୍ତି—

"ଆତ୍ମୈବ ଆତ୍ମନୋ ବନ୍ଧୁଃ, ଆତ୍ମୈବ ରିପୁରାତ୍ମନଃ" (ଷଷ୍ଠ—୫)

ଅର୍ଥ—ପ୍ରତ୍ୟେକ ବ୍ୟକ୍ତି ନିଜେ ହେଉଛନ୍ତି ନିଜର ବନ୍ଧୁ ଓ ନିଜେ ହେଉଛନ୍ତି ନିଜର ଶତ୍ରୁ ।

ଏହି ଉକ୍ତିଟିରୁ ବୁଝନ୍ତୁ ଯେ, ନିଜର କଲ୍ୟାଣ ପାଇଁ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ଉପରେ କାହିଁକି, ସ୍ୱୟଂ ଭଗବାନଙ୍କ ଉପରେ ମଧ୍ୟ ନିର୍ଭର କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ ।

ଆଜି ଯେଉଁମାନଙ୍କୁ ଆମ୍ଭେମାନେ ଶ୍ରେଷ୍ଠବ୍ୟକ୍ତି ମନେକରି ସମାଜରେ ଉଚ୍ଚସ୍ଥାନ ଦେଇଅଛୁ, ଜନସାଧାରଣଙ୍କର ଦୁଃଖ ଦୁରବସ୍ଥା ପ୍ରତି ସେମାନେ ସମ୍ପୂର୍ଣ୍ଣ ଉଦାସୀନ ଥାଇ ନିଜ ନିଜର ଭୋଗବିଳାସରେ ବୁଡ଼ି ରହିଅଛନ୍ତି । ସେହିମାନଙ୍କର ଆଦର୍ଶରୁ ଜନସାଧାରଣଙ୍କର ଆଜି ଏହି ଦୁରବସ୍ଥା ।

ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ହେଉଛି ପ୍ରତ୍ୟେକ ବ୍ୟକ୍ତିର ଦୁଃଖ ଦୁରବସ୍ଥାର ମୂଳକାରଣ । ଏହି କଥାଟିର ସତ୍ୟତା ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରି ନିଜର ତଥା ଜନସାଧାରଣଙ୍କର

ମଙ୍ଗଳପାଇଁ ଆପଣ ଯଦି ଏ ସବୁକୁ ପରିତ୍ୟାଗ କରିବେ ତେବେ, ଆପଣ ହେଉଛନ୍ତି ପ୍ରକୃତରେ ଶ୍ରେଷ୍ଠବ୍ୟକ୍ତି । କାରଣ ଅନ୍ଧାନୁସରଣରେ ଅଭ୍ୟସ୍ତ ଜନସାଧାରଣ ଆପଣଙ୍କ ଆଦର୍ଶରୁ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଆଡ଼ମ୍ବର ପରିତ୍ୟାଗ କରିବା ଫଳରେ ନିଜ ନିଜର କଲ୍ୟାଣସାଧନ ନିଜେ କରିପାରିବେ । ଲୋକେ ଆପଣଙ୍କୁ ଶ୍ରେଷ୍ଠବ୍ୟକ୍ତି କହି ସମାଜରେ ଉଚ୍ଚସ୍ଥାନ ଦେବେ, ଏପରି ଇଚ୍ଛା କରନ୍ତୁ ନାହିଁ । ଏପରି ଇଚ୍ଛା ଥିଲେ ଆପଣ ଏ ସବୁକୁ ପରିତ୍ୟାଗ କରିପାରିବେ ନାହିଁ । ଲୋକଚକ୍ଷୁରେ ଶ୍ରେଷ୍ଠବ୍ୟକ୍ତି ବୋଲାଇବାପାଇଁ ଆପଣ କେବଳ ସଭାସମିତିମାନଙ୍କରେ 'ଏ ସବୁକୁ ପରିତ୍ୟାଗ କର' ବୋଲି ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ସିନା ଦେଇପାରିବେ । ସମାଜରେ ଶ୍ରେଷ୍ଠବ୍ୟକ୍ତି ବୋଲି ପରିଚିତ ବ୍ୟକ୍ତିମାନଙ୍କର ଏପରି କପଟାଚାର ଓ ମିଥ୍ୟାପ୍ରଚାର ପାଇଁ ସମାଜର ଆଜି ଏହି ଦୁରବସ୍ଥା ।

ସମସ୍ତେ ସୁଖରେ ରହନ୍ତୁ-ଏବଂ କେହିଜଣେ ଦୁଃଖଭୋଗ ନ କରୁ ଏଥିପାଇଁ ସର୍ବଦା ଦୃଷ୍ଟି ରଖି ତଦନୁସାରେ କର୍ମ କରିବା ହେଉଛି ପ୍ରଥମ ପ୍ରତିଜ୍ଞାର ବିଶେଷତ୍ୱ । ମାତ୍ର ସମାଜରେ ଉଚ୍ଚ ସ୍ଥାନ ପାଇଥିବା ଶ୍ରେଷ୍ଠବ୍ୟକ୍ତିମାନଙ୍କର, ତେଣୁ ଜନସାଧାରଣଙ୍କର ମଧ୍ୟ ଏପରି ମନୋଭାବ ନାହିଁ । ତଥାକଥିତ ଧର୍ମାନୁଷ୍ଠାନମାନଙ୍କରେ ଆମ୍ଭେମାନେ ପ୍ରତ୍ୟହ ନିମ୍ନଲିଖିତ ମନ୍ତ୍ରଟି ପାଠକରୁଁ —

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ॥"

ଅର୍ଥ—ସମସ୍ତେ ସୁଖରେ ରହନ୍ତୁ, ସମସ୍ତେ ରୋଗମୁକ୍ତ ହୁଅନ୍ତୁ, ସମସ୍ତେ ଭଦ୍ର ସବୁ ଦେଖନ୍ତୁ, କେହିଜଣେ ଦୁଃଖରେ ନ ରହୁ ।

ଆମ୍ଭେମାନେ ବହୁକାଳ ହେଲା କେବଳ ମନ୍ତ୍ରପାଠର ଅନ୍ଧାନୁସରଣରେ ଅଭ୍ୟସ୍ତ ଥିବାରୁ ମନ୍ତ୍ରଟିର ବିଶେଷତ୍ୱ ପ୍ରତି ଦୃଷ୍ଟି ଦେଇ ପାରୁନାହୁଁ । ସେ ଯାହାହେଉ, ଆଜି ବୁଝନ୍ତୁ ଯେ, ମନ୍ତ୍ରଟିରେ ଥିବା 'ସମସ୍ତେ' ଓ 'କେହିଜଣେ' ଏହି ଦୁଇଟି କଥା ମନ୍ତ୍ରଟିର ସର୍ବପ୍ରଧାନ କଥା । ମାତ୍ର ଆମ୍ଭେମାନେ ଏପରି ସ୍ୱାର୍ଥାନ୍ଧ ଓ ସଂକୀର୍ଣ୍ଣ ହୋଇଯାଇଅଛୁ ଯେ, ଏହି ଦୁଇଟି କଥା ଆମ୍ଭମାନଙ୍କର ହୃଦୟକୁ ଆଦୌ ସ୍ପର୍ଶ କରିପାରୁ ନାହିଁ ।

**ଦ୍ୱିତୀୟ ପ୍ରତିଜ୍ଞା**—ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରିବି ଏବଂ ଏସବୁ ଉପରେ ପ୍ରତିଷ୍ଠିତ ନ୍ୟାୟ ନିମିତ୍ତରେ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନରେ ଯୋଗ ଦେବି ନାହିଁ ।

ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ବହୁକାଳ ହେଲା ଆମ୍ଭମାନଙ୍କର ସ୍ୱାଧୀନ ଚିନ୍ତାଧାରାରେ ଗ୍ରହଣ ଦେଇ ଆମ୍ଭମାନଙ୍କୁ ଅନ୍ଧ କରି ରଖିଛି, ଏ କଥା କେହି ଅସ୍ୱୀକାର କରିପାରିବେ ନାହିଁ । ସେହି ଅନ୍ଧତା ଦୋଷରୁ ଉତ୍ପନ୍ନ ବୃଥାଡ଼ମ୍ବର ଯେ ମନୁଷ୍ୟର ସର୍ବପ୍ରଧାନ ଶତ୍ରୁ ଏବଂ ଏହାର ପରିଣାମ ଯେ ବିଷମୟ ଏକଥା ମଧ୍ୟ କେହି ଅସ୍ୱୀକାର କରିବେ ନାହିଁ । ଅସ୍ୱୀକାର ନ କଲେ ମଧ୍ୟ ଅନ୍ଧତା ଓ ବୃଥାଡ଼ମ୍ବର ଏହି ଦୁହିଙ୍କୁ ଅନେକମାନେ ସୁଖଶାନ୍ତି ପାଇବାର ଏକମାତ୍ର ଅବଲମ୍ବନ ବୋଲି ଗ୍ରହଣ କରିଅଛୁଁ । ତଥାକଥିତ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଆଦର୍ଶରୁ ଅଶିକ୍ଷିତ ଓ ଅଜ୍ଞ ଲୋକେ ନ୍ୟାୟନିମିତ୍ତ ଇତ୍ୟାଦିରେ ବୃଥାଡ଼ମ୍ବର ଦେଖାଇବାରୁ ନିବୃତ୍ତ ହୋଇପାରୁନାହାନ୍ତି । ତେଣୁ ଅଶିକ୍ଷିତ ଓ ଅଜ୍ଞମାନଙ୍କର ନ୍ୟାୟନିମିତ୍ତ ଇତ୍ୟାଦିରେ ବୃଥାଡ଼ମ୍ବର ଦେଖାଇବା ସେତେ ଦୋଷାବହ ନୁହେଁ । ମାତ୍ର ନିଜକୁ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତି ବୋଲି ପରିଚୟ ଦେଉଥିବା ଲୋକେ ନ୍ୟାୟନିମିତ୍ତ ଇତ୍ୟାଦିରେ ବୃଥାଡ଼ମ୍ବର ଦେଖାଇବା ଅତ୍ୟନ୍ତ ଦୋଷାବହ । ମାତ୍ର ଏମାନେ ନ୍ୟାୟନିମିତ୍ତ ଇତ୍ୟାଦିରେ ବୃଥାଡ଼ମ୍ବର ଦେଖାଇବାକୁ ଦୋଷାବହ ଓ ନିନ୍ଦନୀୟ ମନେ ନ କରି ପ୍ରଶଂସାର କଥା ବୋଲି ଗ୍ରହଣ କରିଅଛନ୍ତି ଏବଂ ନ୍ୟାୟନିମିତ୍ତ ଇତ୍ୟାଦିକୁ ମହାସମାରୋହରେ ସମ୍ପନ୍ନ କରି ତାହା ସମ୍ବାଦପତ୍ର ସବୁରେ ପ୍ରକାଶ କରାଉଅଛନ୍ତି । ସମାଜର ବିଶିଷ୍ଟ ବ୍ୟକ୍ତିମାନେ ସମାରୋହରେ ସମ୍ପନ୍ନ ହେଉଥିବା ଅନୁଷ୍ଠାନ ସବୁରେ ଯୋଗଦେବାକୁ ଏବଂ ଏ ସବୁରେ ଭୋଜନ ଖାଇବାକୁ ଦୋଷାବହ ମନେ କରୁନାହାନ୍ତି । ଏ ସବୁ ତଥାକଥିତ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆଦର୍ଶ ମନେକରି ବୃଥାଡ଼ମ୍ବର ପରି ଅନିଷ୍ଟପ୍ରଦ ଓ ନିନ୍ଦନୀୟ କର୍ମକୁ ଆଦୌ ପ୍ରଶ୍ରୟ ଦିଅନ୍ତୁ ନାହିଁ । ଅନ୍ଧତା ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ନ୍ୟାୟନିମିତ୍ତ ଇତ୍ୟାଦିକୁ ଆମେ ଅଜ୍ଞ ଓ ଅଶିକ୍ଷିତମାନେ ଯଦି ଘୃଣା କରିବୁ, ତେବେ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନେ ଆମଠାରୁ ଉପଯୁକ୍ତ ଶିକ୍ଷା ପାଇ

ବୃଥାଡ଼ମ୍ବର ପରି ଅନିଷ୍ଟପ୍ରଦ କର୍ମରେ ଅଗ୍ରସର ହେବାକୁ ଲଜ୍ଜାବୋଧ କରିବେ । **ଅତଏବ ଆମେ ଅଶିକ୍ଷିତ ଓ ଅଜ୍ଞ ଲୋକେ ସେମାନଙ୍କ ଆଦର୍ଶ ମନେ ନ କରି ସେମାନଙ୍କର ଆଦର୍ଶ ହେବା ଏକାନ୍ତ ଆବଶ୍ୟକ ।** ଏକଥା ବୁଝିବାପାଇଁ ପାଣ୍ଡିତ୍ୟର ଆବଶ୍ୟକ ହେବନାହିଁ । ସେମାନେ ତ ଦୁଃଖ ଦୁରବସ୍ଥା ଭୋଗୁନାହାନ୍ତି, ଭୋଗକରୁଅଛୁଁ ଆମେ ଅଶିକ୍ଷିତ ଓ ଦରିଦ୍ରମାନେ । ତେଣୁ ମୋର ଏ ସବୁ କଥା ଶିକ୍ଷିତ ଓ ଧନୀମାନଙ୍କୁ ଆଦୌ ସ୍ପର୍ଶ କରୁନାହିଁ । କେବଳ ଦୁଃଖ ଦୁରବସ୍ଥା ଭୋଗୁଥିବା ଅଶିକ୍ଷିତ ଓ ଦରିଦ୍ରମାନଙ୍କୁ ସାମାନ୍ୟ ଭାବରେ ସ୍ପର୍ଶ କଲେ ମଧ୍ୟ ସେମାନେ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିପାରୁନାହାନ୍ତି । କାରଣ ସେମାନେ ବହୁକାଳ ହେଲା ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରି କରି ଆତ୍ମନିର୍ଭରଶୀଳତା ବା ମନୁଷ୍ୟତା ହରାଇ ଜଡ଼ ହୋଇ ଯାଇଅଛନ୍ତି ।

ଆମ ସମାଜ ବହୁକାଳ ହେଲା ଏକୋଇଶିଆରୁ ଆରମ୍ଭ କରି ଅନ୍ତ୍ୟେଷ୍ଟି କ୍ରିୟା ପର୍ଯ୍ୟନ୍ତ ଅସଂଖ୍ୟ ପ୍ରକାର ନ୍ୟାସ୍ତ ନିମିତ୍ତରେ ଏବଂ ଦୁର୍ଗା ପୂଜା, ଗଣେଶ ପୂଜା ଇତ୍ୟାଦିରୁ ଆରମ୍ଭ କରି ଖୁଦୁରୁକୁଣୀ ଓ ଶୁଖୁଆ ପୂଜା ପର୍ଯ୍ୟନ୍ତ ଅସଂଖ୍ୟପ୍ରକାର ଓଷାବାର ଓ ପୂଜାପାର୍ବଣ ଇତ୍ୟାଦିରେ ପୂର୍ଣ୍ଣ ହୋଇଅଛି । ଏହି ସବୁ ଅନ୍ଧତାରେ ସମୟର ଓ ଅର୍ଥର ଅପବ୍ୟୟ କରିବା ଫଳରେ ଆମ ଦେଶ ଏତେକାଳ ପରାଧୀନ ହୋଇ ରହିଥିଲା । ଦେଶର ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନେ ଏ ସବୁ ଅନ୍ଧତାରୁ ସମାଜକୁ ମୁକ୍ତ କରିବା ତେଣିକି ଥାଉ, ଏସବୁ ଅନ୍ଧତାକୁ ହିନ୍ଦୁ ସଭ୍ୟତା, ଭାରତୀୟ ପରମ୍ପରା ଇତ୍ୟାଦି କହିବାରେ ଗର୍ବ ଅନୁଭବ କରୁଅଛନ୍ତି । ଯେ ଯାହାହେଉ, ଜୀବନଯାତ୍ରା ସହିତ ସମ୍ବନ୍ଧଶୂନ୍ୟ ପୂର୍ବୋକ୍ତ ଅନ୍ଧାନୁସରଣ ସବୁକୁ ସମାଜରୁ ସମ୍ପୂର୍ଣ୍ଣରୂପେ ଉଠାଇଦିଅନ୍ତୁ । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର ବଶବର୍ତ୍ତୀ ହୋଇ ଯେଉଁମାନେ ଏ ସବୁକୁ ସମ୍ପୂର୍ଣ୍ଣରୂପେ ଉଠାଇ ନ ପାରିବେ ସେମାନେ ଏ ସବୁକୁ ଅତି ଅଳ୍ପ ଖର୍ଚ୍ଚରେ ସମ୍ପନ୍ନ କଲେ କୌଣସି କ୍ଷତି ହେବ ନାହିଁ । ଏସବୁରେ ବୃଥାଡ଼ମ୍ବର ଦେଖାଇ ଦାରିଦ୍ର୍ୟ ଦୁଃଖ ବରଣ କରନ୍ତୁ ନାହିଁ । ତଥାକଥିତ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ କିମ୍ବା ସମାଜର ଅନ୍ଧବିଶ୍ୱାସୀ ଅଜ୍ଞମାନଙ୍କୁ

ଅପେକ୍ଷା ନ କରି ଆପଣ ଏକା ଉଠାଇ ଦିଅନ୍ତୁ । ଆପଣ ଏକା ଥର ଉଠାଇଦେଲେ ଯଥା ସମୟରେ ଏ ସବୁ ଆପେ ଆପେ ଉଠିଯିବ ।

**ତୃତୀୟ ପ୍ରତିଜ୍ଞା**—ବନ୍ଧୁବେଭାର ଦେବି ନାହିଁ ଓ ନେବି ନାହିଁ । ନ୍ୟାୟନିମିତ୍ତରେ ବୃଥାଡମ୍ବରକୁ ପ୍ରଶ୍ରୟ ଦେବାପାଇଁ ବନ୍ଧୁବେଭାର ଦେବା ନେବା ପ୍ରଥାର ସୃଷ୍ଟି । ବନ୍ଧୁମାନଙ୍କଠାରୁ ସାହାଯ୍ୟ ଆଣି ବୃଥାଡମ୍ବର ଦେଖାଇବା ନିନ୍ଦାର କଥା ନୁହେଁ କି ? ମାତ୍ର ସମସ୍ତେ ଏହା କରୁଥିବାରୁ ଏ କଥା କାହାରିକୁ ସ୍ପର୍ଶ କରୁନାହିଁ । ଦରିଦ୍ର ବନ୍ଧୁଟି କଂସା ବାସନ ବନ୍ଧା ଦେଇ ପସନ୍ଦଯୋଗ୍ୟ ବେଭାର ଦେବାକୁ ଯଥାସାଧ୍ୟ ଚେଷ୍ଟା କରେ; ମାତ୍ର ବେଭାର ପସନ୍ଦଯୋଗ୍ୟ ନ ହେଲେ ତାକୁ ଅନେକ ନିନ୍ଦା ଓ ଅପମାନ ସହିବାକୁ ପଡ଼େ । ଅଧିକ ବେଭାର ଦେଇଥିବା ଧନୀ ବନ୍ଧୁ ଅଧିକ ମର୍ଯ୍ୟାଦା ପାଆନ୍ତି, ତାଙ୍କୁ ଭୁଖାଆଳିଆରେ ମସଲ୍ ସହିତ ପାନ ମିଳେ, ମାତ୍ର ଦରିଦ୍ର ବନ୍ଧୁଟି ସ୍ଥାନଖଣ୍ଡେ ମାଗିଲେ ମଧ୍ୟ ତା କଥା କେହି ଶୁଣନ୍ତି ନାହିଁ । ଧନୀ ଓ ଦରିଦ୍ର ବନ୍ଧୁ ମଧ୍ୟରେ ଏପରି ପାର୍ଥକ୍ୟ ମୁଁ ପିଲାଦିନରୁ ଦେଖି ଆସୁଛି । ଯେତେ ଦରିଦ୍ର ହେଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିର ଆତ୍ମମର୍ଯ୍ୟାଦା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ମାତ୍ର ଆମ୍ଭେମାନେ ସମସ୍ତେ ଧନର ଉପାସକ ଥିବାରୁ ଆତ୍ମମର୍ଯ୍ୟାଦା ପ୍ରତି ଦୃଷ୍ଟି ଦେଇ ପାରୁନାହୁଁ । ସେ ଯାହା ହେଉ, ବନ୍ଧୁବେଭାର ଦେଇ ବୃଥାଡମ୍ବରକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ । ଅଳ୍ପ ବନ୍ଧୁବେଭାର ଦେଇ ଆତ୍ମମର୍ଯ୍ୟାଦା ନଷ୍ଟ କର ନାହିଁ । ଅଧିକ ବନ୍ଧୁବେଭାର ଦେଇ ପରିଶେଷରେ ଋଣଗ୍ରସ୍ତ ହୁଅନ୍ତୁ ନାହିଁ ।

ଦରିଦ୍ର ବନ୍ଧୁଟି ଜମିବାଡି ବନ୍ଧକୀ କରି କନ୍ୟା ବିଭା ଦେଇ ବିବାହ-ବ୍ରତାଦି ନ୍ୟାୟନିମିତ୍ତରେ ବୃଥାଡମ୍ବର ଦେଖାଇବାପାଇଁ ଧନୀ ବନ୍ଧୁମାନେ ବନ୍ଧୁବେଭାର ଭାବରେ ତାକୁ ଯଥେଷ୍ଟ ସାହାଯ୍ୟ ଦିଅନ୍ତି । କାରଣ ସେଥିପାଇଁ ସେ ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବାରେ ଗର୍ବ ଅନୁଭବ କରନ୍ତି । ମାତ୍ର ଦରିଦ୍ର ବନ୍ଧୁଟିର ପିଲାମାନେ ଖାଦ୍ୟାଭାବରୁ ଦୁଃଖ ଭୋଗୁଥିଲେ ଧନୀ ବନ୍ଧୁମାନେ ସେଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିଥାଆନ୍ତି । ଏପରି ଅନେକ ଉଦାହରଣ ମୁଁ ଦେଖି ଆସୁଛି ।

ବନ୍ଧୁମାନଙ୍କ ସଙ୍ଗେ ପରାମର୍ଶ କରି ବନ୍ଧୁବେଭାର ଦେବା ନେବାରୁ ଅଙ୍ଗ ନିବୃତ୍ତ ହୁଅନ୍ତୁ । ଏହି ଗୋଟିଏ ପ୍ରତିଜ୍ଞା ପାଳନ କଲେ ଅନ୍ୟ କେତୋଟି ପ୍ରତିଜ୍ଞା ପାଳନ କରିବା ସହଜ ହେବ ।

**ଚତୁର୍ଥ ପ୍ରତିଜ୍ଞା**—ଗହଣାରେ ଓ ନ୍ୟାୟୂନମିତ୍ତରେ ଅର୍ଥର ଅପବ୍ୟୟ ନ କରି ସେହି ଅର୍ଥରେ ଦରିଦ୍ର ପ୍ରତିବେଶୀମାନଙ୍କୁ ସାହାଯ୍ୟ କରିବ ।

ଦରିଦ୍ର ପ୍ରତିବେଶୀମାନଙ୍କର ଦୁଃଖ ଦୁରବସ୍ଥା ପ୍ରତି ଉଦାସୀନ ଥିବାରୁ ଗହଣାରେ ଓ ନ୍ୟାୟୂନମିତ୍ତରେ ବୃଥାଡ଼ମ୍ବର ଦେଖାଇ ଆମ୍ଭେମାନେ ଅନେକ ଅର୍ଥ ଅପବ୍ୟୟ କରୁଁ । ମହାତ୍ମାଗାନ୍ଧି କହିଅଛନ୍ତି, **'Wearing ornaments is an offence when our neighbours are not getting proper nutrition'.** ଅର୍ଥାତ୍ ଆମ ପ୍ରତିବେଶୀମାନେ ଉପଯୁକ୍ତ ଖାଦ୍ୟ ପାଉନଥିବା ଦେଖି ଆମ୍ଭମାନଙ୍କର ଗହଣା ପିନ୍ଧିବା ଦୋଷାବହ ଅଟେ । ମାତ୍ର ଦୁଃଖର କଥା ଏହିକି ଖଦଡ଼ ପିନ୍ଧିଥିବା ମହାତ୍ମା ଗାନ୍ଧିଙ୍କର ଉପାସକମାନେ ମଧ୍ୟ ଗହଣାରେ, ନ୍ୟାୟୂନମିତ୍ତରେ ଓ ପୋଷାକ ପରିଚ୍ଛଦ ଇତ୍ୟାଦିରେ ଅଜସ୍ର ଅର୍ଥ ବ୍ୟୟ କରୁଅଛନ୍ତି ।

**ପଞ୍ଚମ ପ୍ରତିଜ୍ଞା**—ଲୋକନିନ୍ଦାକୁ ଭ୍ରୂକ୍ଷେପ ନ କରି ଏବଂ ଲୋକଙ୍କଠାରୁ ପ୍ରଶଂସା ପାଇବା ଇଚ୍ଛା ନ କରି ନିଜର ମନ୍ଦ ଗୁଣପାଇଁ ନିଜକୁ ନିନ୍ଦା କରିବାକୁ ଏବଂ ଭଲ ଗୁଣପାଇଁ ନିଜକୁ ପ୍ରଶଂସା କରିବାକୁ ଅଭ୍ୟାସ କରିବ ଅର୍ଥାତ୍ ସର୍ବଦା ସନ୍ତୁଷ୍ଟ ରହିବ । (ଗୀତା ୨ୟ—୪୫)

ସମାଜର ମଙ୍ଗଳପାଇଁ ଆପଣେ ଯଦି ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରିବେ, ତେବେ ଏ ସବୁରେ **ଅଭ୍ୟସ୍ତ** ଅଜ୍ଞ ଲୋକେ ଆପଣଙ୍କୁ ନିଶ୍ଚୟ ନିନ୍ଦା କରିବେ । ସେହି ଅଜ୍ଞମାନଙ୍କର ନିନ୍ଦାକୁ ଭ୍ରୂକ୍ଷେପ ନ କରି ଏବଂ ସେମାନଙ୍କଠାରୁ ପ୍ରଶଂସା ପାଇବାକୁ ଇଚ୍ଛା ନ କରି ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରନ୍ତୁ । ଗୀତା ୨ୟ ଅଧ୍ୟାୟ ୪୫ ଶ୍ଳୋକରେ ଥିବା 'ସନ୍ତୁଷ୍ଟ' କଥାଟି ଗୀତାର ସର୍ବପ୍ରଧାନ କଥା ; ମାତ୍ର ଗୀତାର କୌଣସି ଟୀକାକାର ଏହି କଥାଟିର ପ୍ରକୃତ ଅର୍ଥ କରିନାହାନ୍ତି । ଏହାର ପ୍ରକୃତ ଅର୍ଥ ଜାଣିବାକୁ ଇଚ୍ଛାକଲେ ମୋର ଗୀତାପ୍ରବେଶ (୧ମ ଖଣ୍ଡ) ବହିରୁ ଜାଣିପାରିବେ ।

# ଉପସଂହାର

ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବାରୁ ଆମେମାନେ ସତ୍ୟର ପରିଚୟ ପାଇନାହୁଁ ଏବଂ ସତ୍ୟର ପରିଚୟ ପାଇନଥିବାରୁ ବୃଥାଆଡ଼ମ୍ବରକୁ ପ୍ରଶ୍ରୟ ଦେଇ ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗକରୁଅଛୁଁ । ଅତଏବ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସର୍ବପ୍ରଥମେ ପରିତ୍ୟାଗ କରି ସତ୍ୟର ପରିଚୟ ପାଆନ୍ତୁ ଏବଂ ଜୀବନଯାତ୍ରାକୁ ସ୍ୱଭାବାନୁସୃତ କରନ୍ତୁ । ସତ୍ୟର ପରିଚୟ ପାଇ ଜୀବନଯାତ୍ରାକୁ ସ୍ୱଭାବାନୁସୃତ କଲା ପରେ ବୃଥାଆଡ଼ମ୍ବର ଆପେ ଆପେ ଉଠିଯିବ ଏବଂ ଆପଣ ଜୀବନଯାତ୍ରାକୁ ଆଡ଼ମ୍ବରପୂର୍ଣ୍ଣ ନ କରି ସରଳ କରିପାରିବେ । ଅଜ୍ଞ ଲୋକମାନଙ୍କ ପକ୍ଷରେ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରୁ ମୁକ୍ତ ହେବା ଯେପରି କଠିନ ସମାଜରେ ଉଚ୍ଚସ୍ଥାନ ଅଧିକାର କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ପକ୍ଷରେ ବୃଥାଆଡ଼ମ୍ବରରୁ ମୁକ୍ତହେବା ସେହିପରି କଠିନ । ଅଶିକ୍ଷିତ ଅଜ୍ଞ ଲୋକମାନଙ୍କୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରୁ ମୁକ୍ତ କରିବାରେ ଶିକ୍ଷିତ ଲୋକେ ସେମାନଙ୍କର ଆଦର୍ଶ ହୁଅନ୍ତୁ ଏବଂ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବୃଥାଆଡ଼ମ୍ବରରୁ ମୁକ୍ତ କରିବାରେ ଅଶିକ୍ଷିତ ଲୋକେ ସେମାନଙ୍କର ଆଦର୍ଶ ହୁଅନ୍ତୁ ।

ଜୀବନଯାତ୍ରା ସହିତ ସମ୍ବନ୍ଧଶୂନ୍ୟ ଅସଂଖ୍ୟ ପ୍ରକାର ନ୍ୟାସ ନିମିତ୍ତ, ପୂଜା ପାର୍ବଣ, ଓଷାବାର ଇତ୍ୟାଦିର ଅନ୍ଧାନୁସରଣରେ ବୃଥାଆଡ଼ମ୍ବର ଓ ଅଯଥା ଅର୍ଥବ୍ୟୟ ହେଉଛି ଜନସାଧାରଣଙ୍କର ଅନ୍ନବସ୍ତ୍ର ଅଭାବର ମୂଳକାରଣ । ନିଜର ଆଦର୍ଶରୁ ଜନସାଧାରଣଙ୍କୁ ଏହି ମୂଳକାରଣରୁ ମୁକ୍ତ କରି ପାରିଲେ, ଅନ୍ନବସ୍ତ୍ରର ଅଭାବ ରହିବ ନାହିଁ ।

---

୧୯୭୧ ମସିହା

## ତୃତୀୟ ପରିଚ୍ଛେଦ

# ବିଶ୍ୱକଲ୍ୟାଣ

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା
(ଗୀତା—୫ମ-୧୦)

ବିଶ୍ୱ କଥାଟିର ଅର୍ଥ ସମସ୍ତ ସଂସାର, ତେଣୁ ବିଶ୍ୱକଲ୍ୟାଣର ଅର୍ଥ ସମସ୍ତ ସଂସାରର କଲ୍ୟାଣ କିମ୍ବା ଅନ୍ତତଃ ସମସ୍ତ ମାନବ ସମାଜର କଲ୍ୟାଣ । ସମସ୍ତ ସଂସାରକୁ ବା ସମସ୍ତ ମାନବ ସମାଜକୁ ଦେଖିବା ଓ ଅନୁଭବ କରିବା ମନୁଷ୍ୟର ସାଧ୍ୟାତୀତ । ସମସ୍ତ ସଂସାର କଥା କିମ୍ବା ମାନବସମାଜ କଥା ପଛକୁ ଥାଉ, ଗୋଟିଏ ଧୂଳିକଣାର ସମସ୍ତଟା ଦେଖିବା ମନୁଷ୍ୟର ସାଧ୍ୟାତୀତ । ସମସ୍ତ ବିଶ୍ୱକୁ ଦେଖିବା କିମ୍ବା ବିଶ୍ୱର କୌଣସି ପଦାର୍ଥର ସମସ୍ତକୁ ଦେଖିବା ଏବଂ ସ୍ୱୟଂ ଭଗବାନଙ୍କୁ ଦେଖିବା ଏ ଦୁହେଁ ଏକା କଥା । କେବଳ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଦିବ୍ୟଦୃଷ୍ଟି ଦେଇ ସମସ୍ତ ବିଶ୍ୱର ତିନି ସଂସାର ମାତ୍ର ତାଙ୍କ ନିଜ ଦେହରେ ଦେଖାଇଥିଲେ ବୋଲି ଆମ୍ଭେମାନେ ଗୀତାରେ ପଢ଼ୁଛୁ । ପ୍ରକୃତରେ ଦେଖାଇଥିଲେ, ଏ କଥା ମୁଁ କହୁନାହିଁ କିମ୍ବା ଦେଖାଇଥିବା କଥା ମିଥ୍ୟା, ଏ କଥା ମଧ୍ୟ କହୁନାହିଁ । ସେ ଯାହାହେଉ ଏହା ଆମ୍ଭମାନଙ୍କର ଆଲୋଚନାର ବିଷୟ ନୁହେଁ ।

ବିଶ୍ୱକଲ୍ୟାଣ ସାଧନ କରିବା କିମ୍ବା ସମସ୍ତ ମାନବ ସମାଜର କଲ୍ୟାଣ ସାଧନ କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ଏହା କେବଳ ଭଗବାନଙ୍କ ପକ୍ଷରେ ସମ୍ଭବ ଏବଂ ଏହା ତାଙ୍କର କାର୍ଯ୍ୟ । ବିଶ୍ୱକଲ୍ୟାଣ କହିବାରେ ମୋର ଅଭିପ୍ରାୟ ଏହିକି—ଯେଉଁବ୍ୟକ୍ତି ଯେତିକି ଦେଖି ପାରୁଛି ଓ ଅନୁଭବ କରିପାରୁଛି, ସେତିକିର ସମସ୍ତ ହେଉଛି—ସେହି ବ୍ୟକ୍ତି ପକ୍ଷରେ ସମସ୍ତ ବିଶ୍ୱ । ମୋଟ କଥା ଏହିକି, ଯେଉଁ କଥାଟିର କୌଣସି ପ୍ରକାର ସ୍ୱାର୍ଥପରତା ସାମ୍ପ୍ରଦାୟିକତା କିମ୍ବା ସଂକୀର୍ଣ୍ଣତାର ସ୍ଥାନ ନାହିଁ, ତାକୁ ମୁଁ 'ବିଶ୍ୱ' ଏହି ନାମ ଦେଇଅଛି ଏବଂ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି ସେହି ଏକ ପରମପିତା ପରମେଶ୍ୱରଙ୍କର ସନ୍ତାନ ବୋଲି ହୃଦୟଙ୍ଗମ କରି ନିଜର ଗ୍ରାମବାସୀମାନଙ୍କ ସଙ୍ଗେ କିମ୍ବା ପ୍ରତିବେଶୀ ମାନଙ୍କ ସଙ୍ଗେ ସ୍ନେହ ସଦ୍‌ଭାବ ରଖି ସମସ୍ତେ ଆନନ୍ଦରେ ରୁହନ୍ତୁ, ଏହି ମନୋଭାବ ପୋଷଣ କରି ଯେଉଁଲୋକ ଯେତିକି ଦେଖି ପାରୁଛି ଓ ଅନୁଭବ କରିପାରୁଛି ସେତିକିର କଲ୍ୟାଣ ସାଧନ ପାଇଁ କର୍ତ୍ତବ୍ୟବୋଧ କରିବାକୁ ମୁଁ "ବିଶ୍ୱକଲ୍ୟାଣ" ନାମ ଦେଇଅଛି ।

ପ୍ରତ୍ୟେକ ବ୍ୟକ୍ତି ମିଶି ସମସ୍ତ ମାନବ ସମାଜ, ତେଣୁ ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ସହିତ ବିଶ୍ୱ କଲ୍ୟାଣର ଘନିଷ୍ଠ ସମ୍ବନ୍ଧ । ସମସ୍ତ ମାନବ ସମାଜ ସୁଖ ବା ଦୁଃଖ ଭୋଗ କରେ ନାହିଁ—ଭୋଗ କରେ ପ୍ରତ୍ୟେକ ବ୍ୟକ୍ତି । ଅତଏବ ପ୍ରତ୍ୟେକ ବ୍ୟକ୍ତିର ସୁଖରେ ସମସ୍ତ ମାନବ ସମାଜର ସୁଖ ଏବଂ ପ୍ରତ୍ୟେକ ବ୍ୟକ୍ତିର ଦୁଃଖରେ ସମସ୍ତ ମାନବ ସମାଜର ଦୁଃଖ ଏଥିରେ ସନ୍ଦେହ ନାହିଁ । ଗୋଟିଏ ଉଦାହରଣ ଦ୍ୱାରା ପ୍ରକୃତ କଥାଟି ବୁଝାଯାଉ ।—ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ଗୋଟିଏ ଗୋଟିଏ ସୁମିଷ୍ଟ ଆମ୍ବ ଦିଆଯାଉ । ଆମ୍ବ ଖାଇବାର ଯେଉଁ ଆନନ୍ଦ ତାହା ପ୍ରତ୍ୟେକ ବ୍ୟକ୍ତି ଭୋଗ କରିବ—ସମସ୍ତ ମାନବ ସମାଜ ଭୋଗକରିବ ନାହିଁ । ସମସ୍ତ ମାନବ ସମାଜ ଭୋଗ କରିବ ବୋଲି ଯଦି କେହି କହନ୍ତି, ତେବେ ପ୍ରତ୍ୟେକ ବ୍ୟକ୍ତି ଯେତିକି ଆନନ୍ଦ ଭୋଗ କରିବ, ସମସ୍ତ ମାନବ ସମାଜ ସେତିକି ଆନନ୍ଦ ଭୋଗ କରିବ ବୋଲି କୁହାଯାଇ ପାରେ । ପ୍ରତ୍ୟେକ ବ୍ୟକ୍ତିଙ୍କର ଆନନ୍ଦର ସମଷ୍ଟିରେ ଗୋଟାଏ ବଡ଼ ଆନନ୍ଦ ହେବ ନାହିଁ ଏବଂ ସମସ୍ତ ମାନବ ସମାଜ ସେହି ବଡ଼ ଆନନ୍ଦ ଭୋଗ କରିବ ନାହିଁ । ତା ପରେ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧରି ପ୍ରତ୍ୟେକଙ୍କର

ଗୋଟିଏ ଗୋଟିଏ ଅଙ୍ଗୁଳିକୁ ଛୁରୀ ଦ୍ୱାରା କାଟି ଦିଆଯାଉ । ପ୍ରତ୍ୟେକଙ୍କ ଯନ୍ତ୍ରଣାର ସମଷ୍ଟିରେ ଗୋଟାଏ ବଡ଼ ଯନ୍ତ୍ରଣା ହେବ ନାହିଁ ଏବଂ ସମସ୍ତ ମାନବ ସମାଜ ସେହି ବଡ଼ ଯନ୍ତ୍ରଣା ଭୋଗ କରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯେଉଁ ଯନ୍ତ୍ରଣା ଭୋଗ କରିବ ତାହାହିଁ ସମସ୍ତ ମାନବ ସମାଜର ଯନ୍ତ୍ରଣା । ଅତଏବ ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ବା ଅକଲ୍ୟାଣ ଓ ସମସ୍ତ ମାନବ ସମାଜର କଲ୍ୟାଣ ବା ଅକଲ୍ୟାଣ ଏ ଦୁହେଁ ଏକା-କଥା । ଉଭୟ ଭିତରେ ପାର୍ଥକ୍ୟ ଏହି କି—ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ହେଉଛି ମନୁଷ୍ୟର କାର୍ଯ୍ୟ ଏବଂ ସମସ୍ତ ମାନବ ସମାଜର କଲ୍ୟାଣ ହେଉଛି ଭଗବାନଙ୍କର କାର୍ଯ୍ୟ । ମନୁଷ୍ୟର କାର୍ଯ୍ୟ ସହିତ ଭଗବାନଙ୍କ କାର୍ଯ୍ୟର ଘନିଷ୍ଠ ସମ୍ବନ୍ଧ ଥିବାରୁ ସମସ୍ତ ମାନବ ସମାଜର କଲ୍ୟାଣ ହେଉ ଏହି ମନୋଭାବ ପୋଷଣ କରି ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ପାଇଁ କର୍ମ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ହେଉ ଅର୍ଥାତ୍ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତାର ସୁଖ ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରନ୍ତୁ—ଏହି ଅଭିପ୍ରାୟରେ କର୍ମ କରି ମହାତ୍ମାଗାନ୍ଧି ନିଜର ଜୀବନ ଉତ୍ସର୍ଗ କରିଯାଇ ଅଛନ୍ତି ଏବଂ ସେ ବାରଂବାର କହିଯାଇ ଅଛନ୍ତି—

"My democracy means that every one is his own master."

ମୋର ସ୍ୱାଧୀନତାର ଅର୍ଥ ଏହି କି—ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ନିଜେ ନିଜର ଗୁରୁ ବା ପ୍ରଭୁ ବା ମାଲିକ । ଅର୍ଥାତ୍ କୌଣସି ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିର କିମ୍ବା ସମ୍ପ୍ରଦାୟର ଅଧୀନ ନୁହନ୍ତି ।

ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ସେହି ବ୍ୟକ୍ତିର ଚେଷ୍ଟା ବା ଶାରୀରିକ ମାନସିକ ଓ ଆଧ୍ୟାତ୍ମିକ କର୍ମ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ମାତ୍ର ଆମ୍ଭେମାନେ କେହି ନିଜର ପ୍ରକୃତ କଲ୍ୟାଣ ପାଇଁ ନିଜର ପ୍ରକୃତ କର୍ତ୍ତବ୍ୟ ନିଜେ ସ୍ଥିର ନ କରି ନିଜ ନିଜର ସାମ୍ପ୍ରଦାୟିକ ଓ ପାରିବାରିକ ଗତାନୁ-ଗତିକ ପନ୍ଥାର ଅନ୍ଧଅନୁସରଣକୁ ଧର୍ମ ଓ କର୍ତ୍ତବ୍ୟ ମନେ କରି ନିଜ ନିଜର ଦୁଃଖ ଦୁରବସ୍ଥା ବରଣ କରୁଅଛୁଁ ଏବଂ ସେଇଥିପାଇଁ ସମସ୍ତ ମାନବ ସମାଜର ଆଜି ଏହି ଦୁରବସ୍ଥା । ସମସ୍ତ ପ୍ରକାର ଅନ୍ଧ ଅନୁସରଣ ପରିତ୍ୟାଗ କରି ନିଜର ତଥା ପ୍ରତ୍ୟେକ ଗ୍ରାମବାସୀଙ୍କର କଲ୍ୟାଣ ସାଧନ

ଅଭିପ୍ରାୟରେ କର୍ମ କଲେ ନିଜର ଓ ସମସ୍ତ ମାନବ ସମାଜର କଲ୍ୟାଣ ସୁନିଶ୍ଚିତଃ ଏକଥା ସମ୍ପୂର୍ଣ୍ଣରୂପେ ବୁଝିପାରିଲେ ସୁଦ୍ଧା, ମନୁଷ୍ୟୋଚିତ ସତ୍ ସାହସର ଅଭାବରୁ ଯାହା ଆମ୍ଭେମାନେ ସମାଜ ପକ୍ଷରେ କଲ୍ୟାଣକର ଓ ନିଜର କର୍ତ୍ତବ୍ୟ ବୋଲି ବୁଝିପାରୁଅଛୁଁ ତାହା କାର୍ଯ୍ୟରେ ପରିଣତ କରି ପାରୁନାହୁଁ ।

## କର୍ତ୍ତବ୍ୟ ପାଳନ କରିବାକୁ ହେଲେ ନିର୍ଭୀକତା ଓ ସତ୍ସାହସ ଏକାନ୍ତ ଆବଶ୍ୟକ

କୌଣସି ବ୍ୟକ୍ତି ନିଜର ଅକଲ୍ୟାଣ ପାଇଁ କର୍ମ କରୁ ନାହାନ୍ତି କିମ୍ବା କରୁଣାମୟ ମଙ୍ଗଳମୟ ପରମପିତା ପରମେଶ୍ୱର ତାଙ୍କର କୌଣସି ସନ୍ତାନର ଅକଲ୍ୟାଣ ପାଇଁ କର୍ମ କରୁ ନାହାନ୍ତି । କି ପୁରୁଷ କି ସ୍ତ୍ରୀ ପ୍ରତ୍ୟେକ ନିଜ ନିଜର କଲ୍ୟାଣ ପାଇଁ ଏବଂ ମଙ୍ଗଳମୟ ପରମେଶ୍ୱର ତାଙ୍କର ପ୍ରତ୍ୟେକ ସନ୍ତାନର କଲ୍ୟାଣ ପାଇଁ କର୍ମ କରୁଥିବା ସ୍ଥଳ ମାନବ ସମାଜରେ ସର୍ବତ୍ର ଆମ୍ଭେମାନେ ଦୁଃଖ ଓ ଅଶାନ୍ତି ଦେଖୁଅଛୁଁ କାହିଁକି ? ନିଜେ ସୃଷ୍ଟିକର୍ତ୍ତା ତାଙ୍କର ଇଚ୍ଛା ପୂର୍ଣ୍ଣ କରି ପାରୁ ନାହାନ୍ତି କାହିଁକି ? ସୃଷ୍ଟିକର୍ତ୍ତାଙ୍କ ଇଚ୍ଛା ବିରୁଦ୍ଧରେ ମନୁଷ୍ୟ କର୍ମ କରୁଅଛି କାହିଁକି ଓ କିପରି ? ଏହି ସବୁ ପ୍ରଶ୍ନର ଉତ୍ତର କେହି କାହାରି ପାଇଁ ସ୍ଥିର କରିଦେଇ ପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତା କରି ପ୍ରକୃତ ଉତ୍ତର ସ୍ଥିର କରନ୍ତୁ ।

ପୁତ୍ର କନ୍ୟାମାନଙ୍କର ପ୍ରକୃତ କଲ୍ୟାଣ ପାଇଁ ଏବଂ ସେମାନଙ୍କୁ ସବୁ ପ୍ରକାର ବିପଦରୁ ଉଦ୍ଧାର କରିବା ପାଇଁ, ପିତା-ମାତା ପ୍ରାଣପଣେ ଚେଷ୍ଟା କରନ୍ତି । ତେଣୁ ପିତା ମାତା ଥିବା ପୁତ୍ର କନ୍ୟାଙ୍କର ଦୁଃଖ କରିବାର କିମ୍ବା ଭୟ କରିବାର କୌଣସି କାରଣ ନ ଥାଏ । ଠିକ୍ ସେହିପରି ଯେଉଁ ବ୍ୟକ୍ତି କରୁଣାମୟ ମଙ୍ଗଳମୟ ପରମ ପିତା ପରମେଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରନ୍ତି; ତାଙ୍କର କୌଣସି ବିଷୟରେ ଦୁଃଖ କରିବାର କିମ୍ବା ଭୟ କରିବାର କାରଣ ନାହିଁ । ଆମ୍ଭମାନଙ୍କର ଦୁଃଖ ଓ ଭୟ ପରିଷ୍କାର ଭାବରେ ପ୍ରମାଣ ଦେଉଅଛି ଯେ ଆମ୍ଭେମାନେ କେବଳ ମୁହଁରେ ଭଗବାନ ଭଗବାନ କହୁଁ, ମାତ୍ର ପ୍ରକୃତରେ ନାସ୍ତିକ ।

ଏହି ଜାତିଭେଦ ହେତୁ ଏବଂ ସାମ୍ପ୍ରଦାୟିକ ପ୍ରଥା ସବୁର ଅନ୍ଧ ଅନୁସରଣ ହେତୁ ଆମ୍ଭେମାନେ ନିଜ ନିଜର ପ୍ରକୃତ କଲ୍ୟାଣ କ'ଣ, ତାହା ଜାଣିପାରୁ ନାହୁଁ ଏବଂ ନିଜ ନିଜର କର୍ତ୍ତବ୍ୟ କ'ଣ ତାହା ସ୍ଥିର କରିପାରୁ ନାହୁଁ । ପ୍ରକୃତ କଲ୍ୟାଣ ଜାଣିଲେ କିମ୍ବା କର୍ତ୍ତବ୍ୟ ସ୍ଥିର କଲେ ମଧ୍ୟ ତଦନୁସାରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ ଭୟ କରୁଅଛୁଁ । ତେଣୁ ନିଜର ତଥା ସମାଜର କଲ୍ୟାଣ ପାଇଁ କର୍ତ୍ତବ୍ୟ ସ୍ଥିର କରିବାକୁ ହେଲେ ସର୍ବ ପ୍ରଥମେ ସମସ୍ତ ପ୍ରକାର ଅନ୍ଧ ଅନୁସରଣରୂପ ତଥା-କଥିତ ସାମ୍ପ୍ରଦାୟିକ ଧର୍ମ ସବୁକୁ ପରିତ୍ୟାଗ କରିବାକୁ ହେବ । ସେଥିପାଇଁ ଶ୍ରୀକୃଷ୍ଣ କହିଲେ—"ସର୍ବ ଧର୍ମାନ୍ ପରିତ୍ୟଜ୍ୟ" । ମାତ୍ର ପୂର୍ବେ କୁହାଯାଇଥିବା ଜାତିଭେଦ ହେତୁ ଆମ୍ଭେମାନେ ତାଙ୍କର ଉପଦେଶ ଶୁଣୁନାହୁଁ ଏବଂ ଅନ୍ଧ ଅନୁସରଣ ସବୁ ପରିତ୍ୟାଗ କରିବାକୁ ପାପ ମନେ କରୁଛୁ ଏବଂ ଭୟ କରୁଛୁ । ସେଇଥିପାଇଁ ସେ ପୁଣି କହିଲେ—

"ଅହଂତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ"

ମୁଁ ତୁମ୍ଭକୁ ସବୁ ପାପରୁ ମୁକ୍ତ କରିବି, ତୁମ୍ଭେ……

## ଦୁଃଖ କରନାହିଁ ଓ ଭୟ କରନାହିଁ

ଶ୍ରୀକୃଷ୍ଣ ପୁଣି କହିଅଛନ୍ତି—"ସେହି ପରମ ପିତା ପରମେଶ୍ୱର ମନୁଷ୍ୟସୃଷ୍ଟ ମନ୍ଦିରରେ, ମସ୍‌ଜିଦ୍‌ରେ କିମ୍ବା ଗୀର୍ଜା ଇତ୍ୟାଦିରେ ନାହାନ୍ତି—ଅଛନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କର ହୃଦୟରୂପ ମନ୍ଦିରରେ ।"

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି

ସେହି ହୃଦୟରୂପ ମନ୍ଦିରରେ ଅବସ୍ଥାନ କରି ଜାତି-ଧର୍ମ ନିର୍ବିଶେଷରେ ପ୍ରତ୍ୟେକବ୍ୟକ୍ତିଙ୍କୁ ନିଜର ହୃଦୟ ମନ୍ଦିରରୁ ଈର୍ଷା, ଘୃଣା, କ୍ରୋଧ, ଅହମିକା ଇତ୍ୟାଦି ଆବର୍ଜନା ଦୂରକରିବାକୁ ସେ ନିରନ୍ତର ଉପଦେଶ ଦେଉଥାଆନ୍ତି । ମାତ୍ର ତାଙ୍କର କୌଣସି ଉପଦେଶ ମନୁଷ୍ୟ ଶୁଣୁନାହିଁ । ଗୋଟିଏ ଦଶ ଏଗାର ବର୍ଷର ପିଲାକୁ ପଚାରି, ସେ କହିବ—"କିଏ ଜଣେ ତା' ଭିତରେ ଥାଇ ତାକୁ ସର୍ବଦା ଉପଦେଶ ଦେଉଅଛି; ମାତ୍ର ସେହି

ଉପଦେଶକୁ ନଶୁଣି ସେ ନିଜର ଇଚ୍ଛାନୁସାରେ କର୍ମ କରିବାକୁ ବାଧ୍ୟ ହେଉଅଛି ।"

ଶ୍ରୀମଦ୍ ଭଗବଦ ଗୀତାରେ ସଂସାରକୁ ଗୋଟିଏ ଅଶ୍ୱତ୍ଥ ଗଛ ସଙ୍ଗେ ତୁଳନା କରାଯାଇଅଛି ଏବଂ ସେହି ଗଛର ମୂଳଟି ଉପରେ ଓ ଶାଖା ଗୁଡ଼ିକ ତଳେ ରହିଛି ବୋଲି କୁହାଯାଇଅଛି ।

ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟଂ । (୧୫ଶ—୧)
ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ହେଉଛୁଁ, ସେହି ଅଶ୍ୱତ୍ଥ ଗଛର ଗୋଟିଏ ଗୋଟିଏ ଶାଖା ଏବଂ ସୃଷ୍ଟି କର୍ତ୍ତାଙ୍କର ଗୋଟିଏ ଗୋଟିଏ ଅଂଶ ।

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ । (୧୫ଶ-୭)

ଅର୍ଥ—ମୋର ଅଂଶ ଜୀବ ଲୋକରେ ସନାତନ ଜୀବରେ ପରିଣତ ହୋଇଅଛି ।

'ସନାତନ ଜୀବ' ଏହି କଥାଟିରୁ ପ୍ରକାଶ ଯେ ପ୍ରତ୍ୟେକ ମନୁଷ୍ୟ ହେଉଛି ଅନନ୍ତର ଅଂଶ ଓ ଅନନ୍ତର ସନ୍ତାନ । ତେଣୁ ମନୁଷ୍ୟର ମୃତ୍ୟୁ ନାହିଁ । ଅଜ୍ଞାନତା ଓ ନାସ୍ତିକତା ହେତୁ ସେ ଯାହାକୁ ମୃତ୍ୟୁ ମନେ କରେ ତାହା ଦେହରୂପ ବନ୍ଧନରୁ ତାହାର ନିଜର ମୁକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ ।

ଗଛର ସବୁ ଶାଖା ପ୍ରଶାଖା ଗୁଡ଼ିକ ବଞ୍ଚିରହି ସମସ୍ତ ଗଛର ସୌନ୍ଦର୍ଯ୍ୟ ଓ ଆନନ୍ଦ ବୃଦ୍ଧି କରନ୍ତୁ—ଏହାହିଁ ସୃଷ୍ଟି କର୍ତ୍ତାଙ୍କର ଅଭିପ୍ରାୟ । ଏହି ଅଭିପ୍ରାୟ ପ୍ରତି ସର୍ବଦା ଦୃଷ୍ଟିରଖି ନିଜ ନିଜର କର୍ତ୍ତବ୍ୟ ସ୍ଥିର କରିବା ଆବଶ୍ୟକ । ସବୁ ଶାଖା ବଞ୍ଚି ନରହିଲେ କୌଣସି ଗୋଟିଏ ଶାଖା ବଞ୍ଚି ରହିପାରିବ ନାହିଁ । ବଞ୍ଚି ରହିପାରିବ ବୋଲି ଯଦି କେହି ମନେ କରନ୍ତି, ସେପରି ବଞ୍ଚି ରହିବା ମନୁଷ୍ୟ ଭାବରେ ବଞ୍ଚି ରହିବା ନୁହେଁ । ମନୁଷ୍ୟ ଭାବରେ ବଞ୍ଚି ରହିବାକୁ ଇଚ୍ଛାକଲେ ଗଛର ମୂଳରେ ପାଣି ଦେବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ଗଛର ମୂଳରେ ପାଣି ଦେଲେ ସବୁ ଶାଖା ପ୍ରଶାଖା ବଞ୍ଚି ରହିବେ; ତେଣୁ ସେ ମଧ୍ୟ ବଞ୍ଚି ରହିବ । ଏହାହିଁ ସୃଷ୍ଟି-

କର୍ତ୍ତାଙ୍କର ସୃଷ୍ଟି କୌଶଳର ବିଧୃମ । ସବୁଶାଖାପ୍ରତି ଗଛର ଯେପରି ସମାନ ଅନୁଗ୍ରହ ପ୍ରତ୍ୟେକ ମନୁଷ୍ୟ ପ୍ରତି ଭଗବାନଙ୍କର ଠିକ୍ ସେହିପରି ସମାନ ଅନୁଗ୍ରହ ।

ଶ୍ରୀକୃଷ୍ଣ କହୁଅଛନ୍ତି :—

> ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋସ୍ତି ନ ପ୍ରିୟଃ ।
> ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହଂ । (୯ମ-୨୯)

ଅର୍ଥ—ମୁଁ ସମସ୍ତଙ୍କ ନିକଟରେ ସମାନ, ମୋର କେହି ଶତ୍ରୁ ନାହିଁ କିମ୍ବା କେହି ପ୍ରିୟ ନାହିଁ । ସମସ୍ତଙ୍କ ପ୍ରତି ମୋର ସମାନ ଅନୁଗ୍ରହ ଥିଲେ ମଧ୍ୟ ଯେଉଁ ବ୍ୟକ୍ତି ବା ଯେଉଁ ଶାଖା ଗଛର ମୂଳରେ ପାଣି ଦେବ ଅର୍ଥାତ୍ ଗଛର ସବୁ ଶାଖା ଗୁଡ଼ିକ ବଞ୍ଚିରହି ଗଛର ସୌନ୍ଦର୍ଯ୍ୟ ଓ ଆନନ୍ଦ ବୃଦ୍ଧି କରନ୍ତୁ ଏହି ମନୋଭାବ ପୋଷଣ କରିବାଦ୍ୱାରା ମୋଠାରେ ଭକ୍ତି ରଖିବ, ସେହି ବ୍ୟକ୍ତି ମୋଠାରେ ରହିବ ଏବଂ ମୁଁ ତାଠାରେ ରହିବି । ମୋଟ କଥା ଏହିକି ସେହି ବ୍ୟକ୍ତି ମନୁଷ୍ୟ ଭାବରେ ବଞ୍ଚିରହି ମନୁଷ୍ୟୋଚିତ ନିର୍ମଳ ଆନନ୍ଦ ଉପଭୋଗ କରିବ ।

ପ୍ରତ୍ୟେକ ମନୁଷ୍ୟ ଅନ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ ଭାବରେ ରହି ଥିଲେ ମଧ୍ୟ, ସମସ୍ତଙ୍କର ଅବସ୍ଥାନ ସେହି ଗୋଟିଏ ସ୍ଥାନରେ ଏବଂ ସେହି ଗୋଟିଏ ସ୍ଥାନରୁ ସମସ୍ତଙ୍କର ବିସ୍ତାର, ଏହି ଅନୁଭୂତି ଯେଉଁମାନଙ୍କର ଆସିବ, ସେମାନେ ବ୍ରହ୍ମ ଲାଭ କରିବେ ବୋଲି ଗୀତା କହୁଅଛି ।

> ଯଦା ଭୂତପୃଥଗ୍‌ଭାବମେକସ୍ଥମନୁପଶ୍ୟତି
> ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା । (୧୩ଶ-୩୧)

ବ୍ରହ୍ମ କଅଣ ତାହା ଆମ୍ଭମାନଙ୍କର ଧାରଣାତୀତ, ସେଥିପାଇଁ ଗୀତା କହୁଅଛି—ବ୍ରହ୍ମ କଅଣ ତାହା ଜାଣିବା ପାଇଁ ବ୍ୟାକୁଳ ନହୋଇ ଉପରୋକ୍ତ ବିଷୟର ଅନୁଭୂତି ଅନୁସାରେ କର୍ମ କଲେ ବ୍ରହ୍ମଲାଭ ହେବ । ମାତ୍ର ଏକା ମୁଁ ଶ୍ରୀକୃଷ୍ଣଙ୍କଠାରେ ରହିବି ବା ଶ୍ରୀକୃଷ୍ଣ ଅନ୍ୟ କାହାଠାରେ ନରହି ଏକା ମୋ ଠାରେ ରହିବେ କିମ୍ବା ମୁଁ ଏକା ବ୍ରହ୍ମଲାଭ କରିବି,

ଏହି ସ୍ୱାର୍ଥପରତା କିମ୍ବା ଅହମିକା ମନରେ ସ୍ଥାନ ପାଇବା ମାତ୍ରେ ସେହି-ବ୍ୟକ୍ତି ସେହି ନିର୍ମଳ ଆନନ୍ଦରୁ କିମ୍ବା ବ୍ରହ୍ମାନନ୍ଦରୂପ ଆନନ୍ଦରୁ ବଞ୍ଚିତ ହେବ । କାରଣ ଏହାହିଁ ସୃଷ୍ଟି କୌଶଳର ନିୟମ । ସମସ୍ତ ମାନବସମାଜ ଗୋଟିଏ ମାତ୍ର କର୍ମନିୟମରେ ଆବଦ୍ଧ । ତାଙ୍କ ରାଜ୍ୟରେ 'ମୁଁ ଓ ମୋର' ସ୍ଥାନ ନାହିଁ କିମ୍ବା 'ଆମେ ଓ ଆମର' ସ୍ଥାନ ନାହିଁ ।

ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଂଜୀଥା ମା ଗୃଧଃ କସ୍ୟସ୍ୱିଦ୍ଧନଂ ।
(ଈଶ-୧ମ ମନ୍ତ୍ର)

ଅର୍ଥ—ସମସ୍ତ ଜଗତ୍ ଏବଂ ଜଗତର ସୂକ୍ଷ୍ମତମ ପରମାଣୁ ପର୍ଯ୍ୟନ୍ତ ସମସ୍ତ ଈଶ୍ୱରମୟ, ଅତଏବ 'ମୁଁ ଓ ମୋର' ଏହି ଭାବ ପରିତ୍ୟାଗ କରି ତ୍ୟାଗଦ୍ୱାରାହିଁ ଭୋଗକର । ଅନ୍ୟର ସମ୍ପତ୍ତିକୁ ପାଇବାପାଇଁ ଇଚ୍ଛା କରନାହିଁ ।

ଧର୍ମରାଜ୍ୟରେ ମଧ୍ୟ 'ଆମର ଧର୍ମ' 'ଆମର ଜାତି' ଇତ୍ୟାଦି ମମତାର ସ୍ଥାନନାହିଁ । ଶିକ୍ଷାବୃଦ୍ଧି, ସ୍ୱାସ୍ଥ୍ୟବୃଦ୍ଧି, ଧନବୃଦ୍ଧି, ଧର୍ମବୃଦ୍ଧି ଏହିସବୁ ଉପାର୍ଜନ କରିବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଅନ୍ୟମାନଙ୍କୁ ଅର୍ଥାତ୍ ପରମପିତା ପରମେଶ୍ୱରଙ୍କର ସନ୍ତାନମାନଙ୍କୁ ସାହାଯ୍ୟ କରିବା-ଦ୍ୱାରା ସମସ୍ତେ ଆନନ୍ଦ ଭୋଗକରିବା । ତାହା ନକରି ଯେ ନିଜର ସଂକୀର୍ଣ୍ଣ ସ୍ୱାର୍ଥପାଇଁ କର୍ମକରେ ଏବଂ ନିଜେ ଖାଇ ପିନ୍ଧି ବଞ୍ଚି ରହିବାକୁ ଇଚ୍ଛାକରେ, ସେ ବ୍ୟକ୍ତି ଚୋର ଅଟେ ଏବଂ ସେ କେବଳ ପାପ ଭକ୍ଷଣ କରେ ବୋଲି ଗୀତାରେ କୁହା ଯାଇଅଛି ।

ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଂକ୍ତେ ସ୍ତେନ ଏବ ସଃ
(୩ୟ—୧୨)

ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍
(୩ୟ—୧୩)

ମହାତ୍ମାଗାନ୍ଧି ମଧ୍ୟ ତାଙ୍କ ନିଜ ଅନୁଭୂତିରୁ ଏବେ କହି ଯାଇ-ଅଛନ୍ତି :—

"Knowledge without character is for evil as seen in the instances of so many talented thieves & 'gentlemen rascale in the world." (Young India 21-2-29)

ଅର୍ଥ—ଅନେକ ପ୍ରତିଭାସମ୍ପନ୍ନ ଚୋର ଏବଂ ଭଦ୍ର ବଦମାସଙ୍କ ଦୃଷ୍ଟାନ୍ତରୁ ଦେଖାଯାଉଅଛି ଯେ ଚରିତ୍ରଗଠନ ପ୍ରତି ଦୃଷ୍ଟି ନ ରଖି ଯେଉଁ ଶିକ୍ଷା ବା ଜ୍ଞାନ ଲାଭ କରାଯାଏ, ତାହା କେବଳ ଅମଙ୍ଗଳର କାରଣ ଅଟେ ।

ମହାତ୍ମା ଗାନ୍ଧିଙ୍କର ଏହି ଗୋଟିଏ ମାତ୍ର ଉପଦେଶର ସତ୍ୟତା ଉପଲବ୍ଧି କରି ବାଳକ ବାଳିକାମାନଙ୍କର ଶିକ୍ଷା ପ୍ରଣାଳୀ ବଦଳାଇ ଦେବାକୁ ହେବ । ଶିକ୍ଷା-ପ୍ରଣାଳୀ ବଦଳାଇବା ଯେପରି ଆବଶ୍ୟକ, ଶିକ୍ଷକମାନେ ଓ ପିତାମାତାମାନେ ସେମାନଙ୍କର ନିଜର ଚରିତ୍ରଗଠନ ପ୍ରତି ଦୃଷ୍ଟି ଦେବା ତଦପେକ୍ଷା ବେଶୀ ଆବଶ୍ୟକ । ମହାତ୍ମା ଗାନ୍ଧିଙ୍କର ଏହି ଉପଦେଶଟିକୁ କାର୍ଯ୍ୟରେ ପରିଣତ କରିବାପାଇଁ ପ୍ରତିଗ୍ରାମରେ ବିଶ୍ୱକଲ୍ୟାଣ ଆଶ୍ରମ ସ୍ଥାପନ କରିବାକୁ ମୁଁ ସ୍ଥିର କରିଅଛି । ଆଶ୍ରମର ଅନ୍ୟ ଉଦ୍ଦେଶ୍ୟ ଏହିକି କୌଣସି ଗ୍ରାମରେ ଖାଦ୍ୟବସ୍ତ୍ର ଅଭାବରୁ କେହି କଷ୍ଟ ଭୋଗ ନ କରୁ, କିମ୍ବା କେହି କାହାରି ପ୍ରତି ଅନ୍ୟାୟ ଓ ନିଷ୍ଠୁର ବ୍ୟବହାର ନ କରୁ । ନିରାଶ୍ରୟା ବିଧବା, ପିତୃମାତୃ ଶୂନ୍ୟ ପିଲା ଏବଂ ଜୀବନ ଯାତ୍ରା ନିର୍ବାହପାଇଁ ଯେଉଁମାନେ ଅକ୍ଷମ, ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ ଦେବାର ବ୍ୟବସ୍ଥା କରାଯାଉ । ଗ୍ରାମବାସିମାନଙ୍କୁ ବୁଝାଇ ଦିଆଯାଉ ଯେ ସେମାନେ ଉଦ୍‌ବୃତ୍ତ ଅର୍ଥକୁ ଗହଣା ଓ ନ୍ୟାୟ୍ୟ ନିମିତ୍ର ଇତ୍ୟାଦିରେ ଅପବ୍ୟୟ ନ କରି କିମ୍ବା ସେଥିରୁ ବ୍ୟୟ ସଙ୍କୋଚ କରି ଏହିମାନଙ୍କୁ ସାହାଯ୍ୟ ଦେବାକୁ କର୍ତ୍ତବ୍ୟ ଓ ଧର୍ମ ମନେ କରନ୍ତୁ । ଆଶ୍ରମର ଅନ୍ୟ ଉଦ୍ଦେଶ୍ୟଗୁଡ଼ିକ ଏଠାରେ ଲେଖିବା ଅନାବଶ୍ୟକ । କାରଣ ଲୋକେ କୌଣସି ଗୋଟିଏ ଉଦ୍ଦେଶ୍ୟ ବୁଝି ତଦନୁସାରେ ନିଜ ଜୀବନର ଗତି ପରିବର୍ତ୍ତନ କରିପାରନ୍ତୁ ଏହାହିଁ ମୋର ଅଭିପ୍ରାୟ । ମୁସଲମାନ କବି ରହିମ କହିଅଛନ୍ତି :—

"ଏକେ ସାଧେ ସବ୍ ସାଧେ, ସବ୍ ସାଧେ ସବ୍ ଯାଏ"

କଥାଟିର ଅର୍ଥ ଏହି ଯେ ଗୋଟିଏ ବିଷୟକୁ କାର୍ଯ୍ୟରେ ପରିଣତ କଲେ ସବୁ ବିଷୟ ଆପେ ଆପେ ଆସିବ । କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ନକରି ସବୁ ବିଷୟ କେବଳ ଜାଣିବାକୁ ଇଚ୍ଛାକଲେ ସବୁ ବିଷୟ ନଷ୍ଟ ହେବ ।

ଗୀତାରେ ଶ୍ରୀକୃଷ୍ଣ ମଧ କହିଅଛନ୍ତି :—

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାଂ । (୨ଯ—୪୧)

ଶ୍ଳୋକଟିର ସାରାଂଶ ଏହି ଯେ ନିଜର ଜୀବନର ଗତି ଭଲ ବାଟରେ କିମ୍ବା ସତ୍ୟ ବାଟରେ ପରିବର୍ତ୍ତନ କରିବାକୁ ଯେଉଁ ବ୍ୟକ୍ତି କର୍ତ୍ତବ୍ୟ ବୋଧ କରନ୍ତି ସେ ଗୋଟିଏ ବିଷୟ ପ୍ରତି ନିରନ୍ତର ଦୃଷ୍ଟି ରଖି ପ୍ରାଣପଣେ ତାହା କାର୍ଯ୍ୟରେ ପରିଣତ କରନ୍ତି । ଯେଉଁମାନେ କୌଣସି ବିଷୟକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ନକରି ସେମାନେ କେବଳ ସବୁ ବିଷୟ ଜାଣିବାକୁ ଇଚ୍ଛାକରନ୍ତି । ଶ୍ରୀକୃଷ୍ଣଙ୍କର ସର୍ବପ୍ରଥମ ଉପଦେଶ ହେଉଛି :—

ପ୍ରଜ୍ଞାବାଦାଂଶ୍ଚ ଭାଷସେ । (୨ଯ—୧୧)

ଅର୍ଥାତ୍ ତୁମ୍ଭେ ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ କହୁଅଛ, ମାତ୍ର ତୁମ୍ଭର କଥାଗୁଡ଼ିକ ସହିତ ତୁମ୍ଭର କାର୍ଯ୍ୟର କୌଣସି ସମ୍ବନ୍ଧ ନାହିଁ ।

ବିଶ୍ୱକଲ୍ୟାଣ ସମିତି ଓ ବିଶ୍ୱକଲ୍ୟାଣ ଆଶ୍ରମ ମୋର କାର୍ଯ୍ୟ ନୁହେଁ କିମ୍ବା ଅନ୍ୟଦ୍ୱାରା କାର୍ଯ୍ୟ ନୁହେଁ । ଯାହା ଭଗବାନଙ୍କର କାର୍ଯ୍ୟ ତାହା ପ୍ରତ୍ୟେକ ବ୍ୟକ୍ତିଙ୍କର କାର୍ଯ୍ୟ ଏକଥା ଯେଉଁ ଅଳ୍ପ କେତେଜଣ ଉପଲବ୍ଧି କରୁଅଛନ୍ତି ସେହିମାନଙ୍କର ସମବେତ ଚେଷ୍ଟାରେ ପ୍ରତ୍ୟେକ ଗ୍ରାମର ପ୍ରତି ପରିବାର ସଂସ୍କାର କରାଯାଉ । ଲୋକଙ୍କୁ ଗଞ୍ଜେଇ ଖାଇବାରେ ପ୍ରବର୍ତ୍ତାଇବାପାଇଁ ଏବଂ ମରଦ ପିଲାଙ୍କୁ ମାଇକିନିଆଁ ସଜେଇ ଠାକୁରଙ୍କ-ପାଇଁ ଦୋଳଯାତ୍ରା, ଝୁଲଣ ଯାତ୍ରା ଇତ୍ୟାଦି କରିବାପାଇଁ ଯେଉଁସବୁ ଆଶ୍ରମ ଓ ଧର୍ମ ମନ୍ଦିର ରହିଛି, ସେହି ସବୁ ଆଶ୍ରମ ଓ ମନ୍ଦିର ସଂସ୍କାର କରାଯାଉ ।

ସମ୍ପୂର୍ଣ ସହମତ ଓ ବିଶ୍ୱକଲ୍ୟାଣମନୋଭାବ ଉପରେ ପ୍ରତିଷ୍ଠିତ ବ୍ୟକ୍ତିଗତ ସ୍ୱାଧୀନତାର ନିର୍ମଳ ଆନନ୍ଦ ଭଗବାନଙ୍କର ପ୍ରତ୍ୟେକ ସନ୍ତାନ ଉପଭୋଗ କରନ୍ତୁ ଏବଂ ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।

---

ଆମ୍ଭମାନଙ୍କର ଉପସ୍ଥିତ ଦୁରବସ୍ଥାର ପ୍ରକୃତ କାରଣ ସମ୍ବନ୍ଧରେ ଅନୁଭବ କରିହେବ, ଏହି ଅଭିପ୍ରାୟରେ ଗୋଟିଏ ଗଳ୍ପ ଦିଆଗଲା :—

କୌଣସି ଗ୍ରାମରେ ଜଣେ ବ୍ରାହ୍ମଣ ପଣ୍ଡିତଙ୍କର ଅନେକ ପୈତୃକ ସମ୍ପତ୍ତି ଥିଲା । ଗହଣାରେ, ନ୍ୟାସ୍ତ ନିମିତ୍ତରେ ଓ ନାଚ ତାମସାରେ ଅନେକ ଅର୍ଥ ବ୍ୟୟ କରି ବା ଅପବ୍ୟୟ କରି ପଣ୍ଡିତେ ପରିଣାମରେ କିଛି ଟଙ୍କା କରଜ କଲେ । ଦଶବର୍ଷ ମଧ୍ୟରେ ସୁଧ ବଢ଼ି ଯାଇ ପଣ୍ଡିତଙ୍କର କେତେକ ସମ୍ପତ୍ତି ମହାଜନଙ୍କ ହସ୍ତଗତ ହେଲା । ପଣ୍ଡିତଙ୍କର ଜଣେ ମଙ୍ଗଳାକାଙ୍କ୍ଷୀ ବନ୍ଧୁ ପଣ୍ଡିତଙ୍କୁ ନିଜର ବ୍ୟୟ ସଙ୍କୋଚ କରିବାକୁ କହିବାରୁ ପଣ୍ଡିତେ କହିଲେ "ମୋର ସମ୍ପତ୍ତିରୁ ଅଧେ କିମ୍ବା ବାରଅଣା ସମ୍ପତ୍ତି ହସ୍ତାନ୍ତର ହେଲେ ମଧ୍ୟ ଯେତିକି ରହିବ ତାହା ଅନ୍ୟ କୌଣସି ଗ୍ରାମବାସୀଙ୍କର ସମ୍ପତ୍ତି ଅପେକ୍ଷା ଅନେକ ଅଧିକ ।" ଏହି ମନୋଭାବରୁ ପଣ୍ଡିତଙ୍କର ସମସ୍ତ ସମ୍ପତ୍ତି ନଷ୍ଟ ହେଲା । ଦାରିଦ୍ର୍ୟ ଦୁଃଖ ଅନୁଭବ କରି ଦିନେ ପଣ୍ଡିତଙ୍କ ସ୍ତ୍ରୀ କହିଲେ, "ଆମେ ଦିଅଁଙ୍କ ପୂଜା ମେଳାରେ ଅନେକ ଅର୍ଥ ବ୍ୟୟ କରିଛୁ, ଆମର ଦୁଃଖ ତାଙ୍କ ନିକଟରେ ଜଣାଇଲେ ସେ ନିଶ୍ଚୟ କିଛି ଅର୍ଥ ଦେବେ କିମ୍ବା ଅର୍ଥଲାଭର ବାଟ କହିଦେବେ ।" ପଣ୍ଡିତେ ନଖାଇ ନପିଇ ଦିଅଁଙ୍କ ପାଖରେ ପଡ଼ିରହି ଦିଅଁଙ୍କୁ ମନେ ମନେ ଅନେକ ଡାକିଲେ । ସାତ ଆଠ ଦିନ ପରେ ଦିଅଁ ପଣ୍ଡିତଙ୍କୁ ଡାକି ତାଙ୍କ ହାତରେ ଗୋଟିଏ ଶଙ୍ଖ ଦେଲେ ଏବଂ କହିଲେ—"ଏହି ଶଙ୍ଖର ନାମ **ସିଦ୍ଧଶଙ୍ଖ**, ତୁ ଏହି ଶଙ୍ଖଟିକୁ ବଜାଇଦେଇ ଯେତେବେଳେ ଯାହା ମାଗିବୁ ତାହା ପାଇବୁ । ମାତ୍ର ମନେରଖ ତୁ ଯାହା ପାଇବୁ ତୋର ଗ୍ରାମବାସୀ ପ୍ରତ୍ୟେକ ତାହାର ଦୁଇଗୁଣ ପାଇବେ ।" ଏତିକି କହିଦେଇ ଦିଅଁ ଅନ୍ତର୍ଦ୍ଧାନ ହେଲେ । ପଣ୍ଡିତେ ଶଙ୍ଖଟି ଧରି ଦୁଃଖମନରେ ଘରକୁ ଫେରିଲେ ଏବଂ ସ୍ତ୍ରୀଙ୍କୁ ଏହି କଥା କହିଲେ । ଶଙ୍ଖଟିକୁ ସ୍ତ୍ରୀଙ୍କ ପାଖରେ ରଖି କିଛି ଉପାର୍ଜନ କରିବା

ପାଇଁ ବିଦେଶ ଗଲେ । ଦିନେ ପଣ୍ଡିତଙ୍କ ସ୍ତ୍ରୀ ଭାବିଲେ, "ଗ୍ରାମବାସିମାନେ ଦୁଇଗୁଣ ପାଇଲେ ଆମର କ୍ଷତି କଅଣ ? ଆମେ ତ ଯେତେବେଳେ ଯାହା ମାଗିବା ତାହା ପାଇ, ଖାଇ ପିନ୍ଧି ସୁଖରେ ରହିବା ।" ଏହିକଥା ଭାବି ପଣ୍ଡିତଙ୍କ ସ୍ତ୍ରୀ ଶଙ୍ଖଟି ବଜାଇ ଦେଇ କହିଲେ "ହେ ସିଦ୍ଧଶଙ୍ଖ, ଆମକୁ ପାଞ୍ଚମହଣ ସୁନା, ପାଞ୍ଚଲକ୍ଷ ଟଙ୍କା, ପାଞ୍ଚ ଅମାର ଧାନ, ପାଞ୍ଚବଖରା କୋଠା ଇତ୍ୟାଦି ଇତ୍ୟାଦି ମିଳୁ ।" ମାଗିବା ମାତ୍ରେ ସବୁ ମିଳିଗଲା ଏବଂ ଗ୍ରାମବାସି ପ୍ରତ୍ୟେକଙ୍କୁ ତାହାର ଦୁଇଗୁଣ ମିଳିଗଲା । କିଛିଦିନ ପରେ ପଣ୍ଡିତେ ବିଦେଶରୁ ଆସି ଦେଖିଲେ ଯେ ଗ୍ରାମର ପ୍ରତ୍ୟେକ ପରିବାର ପଣ୍ଡିତଙ୍କ ଅପେକ୍ଷା ଦୁଇଗୁଣ ଧନୀ ଏବଂ ସମସ୍ତଙ୍କ ତୁଳନାରେ ସେ ଏକା ଦରିଦ୍ର । ପଣ୍ଡିତେ ମନେ ମନେ ଭାବିଲେ, ମୁଁ ଏତେ କଷ୍ଟରେ ଶଙ୍ଖଟି ପାଇଲି, ଅଥଚ ଏମାନେ କିଛି ନକରି ମୋ ଅପେକ୍ଷା ଧନୀ ହେଲେ ।" ପଣ୍ଡିତଙ୍କ ମନ ଦୁଃଖରେ ଅସ୍ଥିର ହେଲା । କଅଣ କଲେ ଗ୍ରାମବାସିମାନଙ୍କ ତୁଳନାରେ ତାଙ୍କ ଅବସ୍ଥା ଭଲ ହେବ ଏହି କଥା ଭାବି ଭାବି ଦିନେ, ଶଙ୍ଖଟି ବଜାଇ ଦେଇ କହିଲେ "ହେ ସିଦ୍ଧଶଙ୍ଖ, ମୋର ଗୋଟିଏ ଆଖି ଫୁଟିଯାଉ ।" ତତ୍‌କ୍ଷଣାତ୍ ପଣ୍ଡିତଙ୍କର ଗୋଟିଏ ଆଖି ଫୁଟିଗଲା ଏବଂ ଗ୍ରାମବାସି ପ୍ରତ୍ୟେକଙ୍କର ଦୁଇ ଆଖି ଫୁଟିଗଲା । ପଣ୍ଡିତଙ୍କ ମନରେ ଟିକେ ସୁଖ ଆସିଲା । ତା ପରେ ପଣ୍ଡିତେ ଶଙ୍ଖଟି ପୁଣି ଥରେ ବଜାଇଦେଇ କହିଲେ—"ମୋର ଗୋଟିଏ ଗୋଡ଼ ଛିଣ୍ଡିଯାଉ ।" ପଣ୍ଡିତଙ୍କର ଗୋଟିଏ ଗୋଡ଼ ଛିଣ୍ଡିଲା ଏବଂ ଗ୍ରାମବାସି ପ୍ରତ୍ୟେକଙ୍କର ଦୁଇଗୋଡ଼ ଛିଣ୍ଡିଗଲା । ପଣ୍ଡିତେ ବାଡ଼ିଟିଏ ଧରି ଖୋଇଁ ଖେଇଁ ଯିବା ଆସିବା କଲେ ମଧ୍ୟ ଗ୍ରାମବାସିଙ୍କ ଦୁରବସ୍ଥା ଦେଖି ତାଙ୍କ ମନରେ ଶାନ୍ତି ଓ ଆନନ୍ଦ ଆସିଲା । ତେବେସୁଦ୍ଧା ପଣ୍ଡିତଙ୍କ ମନ ତୃପ୍ତ ହେଲାନାହିଁ । ପଣ୍ଡିତେ ପୁଣି ଥରେ ଶଙ୍ଖ ବଜାଇ କହିଲେ "ମୋ ଦୁଆର ଆଗରେ ଦଶଟା ଲଙ୍କଳା କୂଅ ହେଉ ।" ଗ୍ରାମବାସିଙ୍କର ଦୁଆର ଆଗରେ କୋଡ଼ିଏ କୋଡ଼ିଏଟା କୂଅ ହୋଇଗଲା । ଗ୍ରାମବାସି ସମସ୍ତେ ଗଡ଼ି ଗଡ଼ି ଆସି କୂଅରେ ପଡ଼ି ପ୍ରାଣ ହରାଇଲେ ।

ପଣ୍ଡିତେ ଯେଉଁ ଶାନ୍ତି ଓ ଆନନ୍ଦ ପାଇଲେ ସେପରି ଶାନ୍ତି ଓ ସେପରି ଆନନ୍ଦ ପାଇବାପାଇଁ ବ୍ୟାକୁଳ ନ ହୋଇ ମନୁଷ୍ୟୋଚିତ ନିର୍ମଳ ଆନନ୍ଦ ପାଇବା ପାଇଁ ଚେଷ୍ଟା କରିବା କର୍ତ୍ତବ୍ୟ ନୁହେଁ କି ?

ସର୍ବେ ବୈ ସୁଖିନଃ ସନ୍ତୁ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ନକଶ୍ଚିଦ୍ ଦୁଃଖମାପ୍ନୁୟାତ୍

୧୯୬୦ ମସିହା

---

# VISHWAKALYANA SAMITI

●

The word 'Samiti' has been so much misused and corrupted and the existing innumerable Samities have brought so much confusion aud misery to the world that one will be naturally unwilling to hear again the name of a Samiti. The sense in which I use this term is quite different form what you mean and this you will come to know later on. Let us first understand the significance of the term Vishwakalyana which is of primary importance.

We have long been talking about and hearing the terms—Universal love, Universal brotherhood, World peace and so on. But instead of establishing any of these, have we not brought about universal hatred, universal envy, universal wars and so on, which are just the opposites of these terms ? In the midst of all these opposites which we see everywhere in the present world is it possible to establish Vishwakalyana or to bring peace and happiness to the whole world ? The plain answer from almost all of you will surely be "No"

and you will therefore rightly say "Why shall I bother about shch a vague thing like Vishwakalyana instead of trying to bring my own Kalyana ?" Before I give you an answer let me ask you one question more. Are you not ever trying your best to bring your own Kalyana ? But have you succeeded in doing so ? Do not you see that the dog of the magistrate saheb is living more peacefully and happily than the magistrate ? You may say that the magistrate has the happiness of being proud of his possessions and power over others which his dog has not. Is it then the peace and happiness of a dog or of a magistrate which you are ever trying to have ? The peace and happiness meant for a man is certainly quite different from and much higher than that of a dog or of a magistrate. Let me now ask you again—Inspite of your constant effort do you live peacefully and happily as a man ? Certainly not. This is because you do not know that your own Kalyana and Vishwakalyana are so interrelated that without the one you cannot get the other. Without the thought of goodwill for all, in all your actions, you cannot bring your own Kalyana and without the thought of your own Kalyana you cannot bring Vishwakalyana. You do not therefore know the way in which you are to think and act so that you can bring your own Kalyana which is not separate from Vishwakalyana. I will therefore not only tell you the way in which you are to think and act but will also show you the simple and direct way to your own Kalyana through Vishwakalyana

and also to Vishwakalyana through your own Kalyana. But I regret to say that to hear from me will be a very difficult task for you, because I am not a Guru, not a leader, and not even a learned personage whom you are long accustomed to hear. In hearing from them you are not required to verify the truth of what they say. You know that they will think for you and even work for you and you can very easily get your Kalyana by following and obeying them and even merely by copying them. But in hearing from me you will have to verify the truth of what I say, to think independently for yourself and to act according to your own decision. This is certainly a troublesome and difficult task for you. However, I must tell you only a few words as I am impelled to do it.

The word 'Vishwa' means the whole world and 'Kalyana' means real good. Vishwakalyana, therefore, means real good of the whole world. But the whole world is beyond your conception and to bring real good to the whole world is beyond your capacity. So Vishwakalyana, as you understand or misunderstand the term, has practically no meaning at all. It will not be out of place to say that the freedom or Kalyana of a country or of a nation has practically no meaning at all if it does not mean the freedon or Kalyana of each individual of the country or nation. By the term Vishwakalyana I, therefore, mean the Kalyana of each individual of the whole world and because you are an individual of the world, by Vishwa-

kalyana I mean your own Kalyana. But I regret to say that you refuse to be an individual of the world. On the otherhand you claim to be an individual of your own sect, your own country, your province, your own caste, your own belief and your innumerable 'Isms' and narrow divisions created by you. So long you remain divided in this way, and keep yourself separate from the whole mankind no Guru, no Leader. no Government and even no God can give you your own Kalyana, because you are not worthy of it. The moment you break down these narrow divisions created by you and live in His undivided world as one with the whole mankind your own Kalyana will naturally come to you. Vishwakalyana is, therefore, not a problem of the whole world. It is the problem of each individual of the world and so it is your own problem. You and I make the whole world and you and I have therefore brought about the misery of the whole world. If you and I join together as individuals of His undivided world or as human beings in the true sense we are sure to bring Kalyana to ourselves and to the whole world.

Those who call themselves Hindus joined together aganst those who call themselves Musalmans and this gave rise to the awful tragedy which recently took place in the Punjab, in East Bengal and many other places. When we read this in newspapers, I wonder, we did not come to our senses; we did not at once throw away our labels and come out of our different 'Isms'. Although we

are now trying to do so, we are, at the same time, going on creating new 'isms' such as Gandhi-ism, Communism, Socialism and so on. This is because we are long accustomed to live within the walls of 'Isms' and we cannot easily give up that habit. If we want our Kalyana we will have to break down all kinds of isms old and new and live as individuals of His world. But, I am sorry, we have lost our individuality or humanity or real strength to do so and we therefore prefer to seek comfort in these 'isms' or bondages.

The division of superiority and inferiority between man and man, is also another cause of our misery. Instead of trying to live in His world where there is no superiority and no inferiority, where each individual knows himself or herself as servant of all humanity, we prefer to live as disciples and followers in the narrow worlds created by our so-called Gurus and leaders. Although we are the disciples and followers of our Gurus and leaders we are also ever trying to be Gurus and leaders and to have our own disciples and own followers. This is beacause we the Gurus and disciples, leaders and followers seek and get our so-called happiness in exercising our superiority over others and in vanity. On the foundation of this greed and vanity we have built our so-called religions and so called education. Our so-called religion lies in belonging to a particular sect, in going to temples and churches, in uttering some meaning less Mantras, in performing some ceremonies and

so on. We do not therefore know that religion lies in character or purification of heart and mind. If you are a really thoughtful man and a man of your own experience you must admit that want of character or want of true religion is the only cause of the present misery of each individual, of each family and therefore of the whole world. As regards education Mahatma Gandhi writes from his own experience as follows—

"Knowledge without character is for evil as seen in the instances of so many talented thieves and gentlemen rascals in the world." Young India, 21-2-29.

We have turned a deaf ear to this statement because we are long accustomed to give all importance to greed and vanity and no importance to character, Although we are now going to pay attention to the characterbuilding of our students, we do so only because it is said by Mahatma Gandhi and not because we heve experienced the evil effect which our so-callad education has produced. Another main difficulty is that we the parents and teachers, owing to our so-called aforesaid religion and so-called education do not realise the true value of character and our own blind followings and our own greed and vanity spoil our childen and students. It is therefore, first of all, necessary to educate the parents and teachers so that they may mend their own character, Then only we can give right education to our children and students. So long we do not feel to do so we

are sure to bring evil to our children and to the whole world. Please think over this independently and seriously.

By the term "Vishwa" I also mean the world around each one of you which means your own neighbourhood. If we can bring Kalyana to our own neighbours we are sure to bring Kalyana to ourselves and to the whole world. There is no other easier way to your own Kalyana and to Vishwakalyana. But I regret to say that instead of bringing Kalyana to our neighbours we have, by our own examples, brought about the poverty and suffering of our neighbours and amidst their poverty and suffering we want to have our so-called Kalyana which is based on greed and vanity. We see with our own eyes that our neighbours, specially widows, orphans and invalids do not get food and cloth but we are going on as before purchasing ornaments, performing meaningless ceremonies, purchasing so-called educated bridegrooms and spending money in many other stupid ways in the name of religion. Our blindness and vanity do not allow us even to look to the health of our own wives, husbands and children whom we do not hesitate to keep half-fed so that we may spend our savings as said above. While going on setting examples of such blindness and such vanity, is it not hypocrisy and a matter of ridicule that we go on preaching universal brotherhood, universal love, Vishwakalyana and so on. If we want our own Kalyana we must learn to live for all humanity and

to help our own neighbours. If we cannot do so all our education, all our riches, all our religion have no value at all. We who call ourselves educated and religious should feel ashamed of going on as before and setting examples of such blindness and such vanity.

## OBJECTS OF THE SAMITI

The Samiti has no hard and fast rules to be obeyed. The only thing it requires from its workers is sincerity of purpose. It invites workers and sympathisers from each village and from all parts of the world without any distinction of caste, creed or sex, Each worker is to work in his or her own way and to see that each individual in his or her field of work may lead a happy and peaceful life and that not a single individual is unjustly or cruelly treated by any other individual or individuals.

The Samiti will establish Ashramas in different places, will give necessary help to helpless widows, orphans and invalids from all communities, will give right education to boys and girls so that they may learn to live for others and by their own examples be the pioneers in guiding others in the right way. It will also give necessary instructions to parents and teachers so that their ways of living may not spoil the children who are in their charge. For instance, they will be explained not to while away their savings in ornaments and in meaningless and lifeless ceremonies which are, no doubt,

the outcome of vanity or blind following or both. By doing so they not only invite poverty and suffering for themselves but purchase vanity and blindness for their children and spoil their future career. It is obviously a very difficult task to find out real instructors for parents and teachers but we will get them very easily if we really feel such necessity.

Another object of the Samiti is to reveal and establish the eternal truths of the Geeta which remained practicallv sealed to the people giving rise to their present pitiable plight. For instance, it was not known to us that the Geeta is purely one non-sectarian scripture. It teaches us not only to give up all sectarian differences and all idea of separative vanity between man and man, but teaches us in clear words to give up all sectarian religions and all family customs and caste customs which are merely based on "Anushushruma" or hearsay or Paradharma and are not based on "Swadharma" or each individual's own understanding and own reason. The Geeta teaches that each individual must depend entirely on his or her own understanding, however little it may be, but should never copy Paradharma. It also teaches us to proceed in "Swakarma" or one's own work as laid down by one's own nature and born with one's own birth, however defective that work may be, but must not imitate the work of others, however welldischarged their work may be. We must not try in vain to follow and obey the above important instruction only because it is laid down

in a sacred scripture like the Geeta but try to understand the true significance of the two important terms "Swadharma" and "Swakarma." The time when people imagined that they would attain by following and obeying is long past. The time to exercise one's own understanding and one's own discriminative reason has already come,

1941 year

# ବିଶ୍ୱକଲ୍ୟାଣ ପତ୍ରିକାର ଉଦ୍ଦେଶ୍ୟ

ଯେଉଁ ଅନ୍ଧତା ଦୋଷ ବା ଅମନୁଷ୍ୟତା ଓ ବୃଥାଡ଼ମ୍ବର ବା ପଠାଣି ଦେଖାଇବା ମନୁଷ୍ୟର ଯାବତୀୟ ଦୁଃଖ ଦୁରବସ୍ଥାର ମୂଳ କାରଣ, ମନୁଷ୍ୟୋଚିତ ସୁଖ ଲାଭର ସର୍ବପ୍ରଧାନ ଅନ୍ତରାୟ ଓ ମନୁଷ୍ୟର ସର୍ବପ୍ରଧାନ ଶତ୍ରୁ ବୋଲି ଜଗତର ସବୁ ଧର୍ମଶାସ୍ତ୍ର ଓ ସବୁ ବିଶିଷ୍ଟ ବ୍ୟକ୍ତି ଆବହମାନ କାଳରୁ ବାରମ୍ବାର କହି ଆସୁ ଅଛନ୍ତି, ସେହି ଦୁହେଁ ଆଜି ଆମ୍ଭମାନଙ୍କର ତଥାକଥିତ ସୁଖ ଲାଭର ଏକମାତ୍ର ଅବଲମ୍ବନ ଓ ସର୍ବପ୍ରଧାନ ବନ୍ଧୁ ହୋଇ ରହିଅଛନ୍ତି । ଆପଣମାନଙ୍କ ସାହାଯ୍ୟରେ ଏହି ଦୁହିଁଙ୍କର ବିନାଶ ସାଧନ କରିବାହିଁ ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ । ଏହା ଅସମ୍ଭବ ବୋଲି କହି ଦେଇ କ୍ଲୀବତା ବା ଜଡ଼ତା ଆଶ୍ରୟ କରିବା ଉଚିତ ନୁହେଁ । ଗୀତା ବାରମ୍ବାର କହୁଛି—"**ଜଡ଼ତା ପରିତ୍ୟାଗ କର ଓ ସର୍ବଦା ଯୁଦ୍ଧ କର ।**" ଗୀତାରୁ ନିମ୍ନଲିଖିତ ଦୁଇଟି ଉକ୍ତି ଭଲ କରି ବୁଝନ୍ତୁ ।

ମା କ୍ଲୈବ୍ୟଂ ଗଚ୍ଛ କୌନ୍ତେୟ ! ନୈତତ୍ତ୍ୱୟ୍ୟୁପପଦ୍ୟତେ
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ! (୨ୟ—୩)

ଅର୍ଥ—ହେ କୌନ୍ତେୟ ! ତୁମ୍ଭେ କ୍ଲୀବତା ବା ଜଡ଼ତା ଅବଲମ୍ବନ କର ନାହିଁ, ଏହା ତୁମ୍ଭ ପକ୍ଷରେ ଉପଯୁକ୍ତ ହେଉନାହିଁ । କ୍ଷୁଦ୍ର ଅର୍ଥାତ୍ ନୀଚ ଜନୋଚିତ ହୃଦୟର ଏହି ଦୁର୍ବଳତା ପରିତ୍ୟାଗ କରି ଉଠ ଓ ଯୁଦ୍ଧ କର ।

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀଂ
ତସ୍ମାଦୁତ୍ତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ । (୨ୟ—୩୭)

ଅର୍ଥ—( ଯୁଦ୍ଧ କରୁ କରୁ ) ଯୁଦ୍ଧରେ ହତ ହେଲେ ବା ମଲେ ସ୍ୱର୍ଗପ୍ରାପ୍ତ ହେବ ଓ ଯୁଦ୍ଧରେ ଜୟୀ ହେଲେ ସଂସାରରେ ସୁଖ ଭୋଗ କରିବ । ଅତଏବ ହେ କୌନ୍ତେୟ ! ଯୁଦ୍ଧ କରିବାକୁ ଦୃଢ଼ ପ୍ରତିଜ୍ଞା ହୋଇ ଉଠ ।

ଏହି ସଂଖ୍ୟାରେ ଥିବା "ଗୀତାର ମୂଳକଥା" ନାମକ ପ୍ରବନ୍ଧରୁ ବୁଝିବେ ଯେ ଏହି ଉପଦେଶ ଗୀତାର ଶ୍ରୀକୃଷ୍ଣ ମହାଭାରତର ଅର୍ଜୁନଙ୍କୁ ଦେଇ ନାହାନ୍ତି, ଦେଇ ଅଛନ୍ତି ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ।

ବିବାହ—ବ୍ରତାଦ୍ଧ ନ୍ୟାସ୍ଥ ନମିତ୍ତିଙ୍କୁ ସମାରୋହରେ ସମ୍ପନ୍ନ କରିବା ନିର୍ବୋଧତା ଓ ଏପରି ନ୍ୟାସ୍ଥ ନମିତ୍ତରେ ଯୋଗଦେଇ ସେଥିରେ ଭୋଜି ଖାଇବା ଅନ୍ୟାୟ ଓ ପାପ, ଏକଥା "ବିଶ୍ୱକଲ୍ୟାଣ ସମିତି" ବାରମ୍ବାର ପ୍ରଚାର କରୁଅଛି । ମାତ୍ର ଦେଶର ତଥା କଥିତ ଶ୍ରେଷ୍ଠ ବ୍ୟକ୍ତିମାନେ ବିବାହ-ବ୍ରତାଦ୍ଧ ନ୍ୟାସ୍ଥ ନମିତ୍ତିଙ୍କୁ ମହା ସମାରୋହରେ ସମ୍ପନ୍ନ କରୁଥିବା ସମ୍ବାଦ ଖବର କାଗଜମାନଙ୍କରେ ବାରମ୍ବାର ପ୍ରକାଶ ପାଉଅଛି । ଏହି ତଥାକଥିତ ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଆଦର୍ଶ ମନେ କରି ଏମାନଙ୍କର କ୍ରିୟା କଳାପକୁ ଅନୁକରଣ କରି ଆଉ ଅଧିକ ଦୁଃଖ-ଦୁରବସ୍ଥା ବରଣ କରନ୍ତୁ ନାହିଁ । କେବଳ ଏମାନଙ୍କୁ କାହିଁକି, କୌଣସି ବ୍ୟକ୍ତିଙ୍କୁ ଆଦର୍ଶ ମନେ କରି ତାଙ୍କର ଉପଦେଶର କିମ୍ବା କ୍ରିୟା-କଳାପର ଅନ୍ଧାନୁସରଣ କରନ୍ତୁ ନାହିଁ ।

ଜଗତର ସର୍ବଶ୍ରେଷ୍ଠ ମାନବ ବୁଦ୍ଧଦେବ ଯାହା କହିଅଛନ୍ତି ଏବଂ ଜଗତର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ ଗୀତା ଯାହା କହୁଛି ତାକୁ ଭଲ କରି ବୁଝନ୍ତୁ । ବୁଦ୍ଧଦେବ କହିଅଛନ୍ତି—ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କର, ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ ପରିତ୍ୟାଗ କର, ସେ ନିଜେ ଦେଇଥିବା ଉପଦେଶର ମଧ୍ୟ ଅନ୍ଧାନୁସରଣ ନକର, ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହୁଅନ୍ତୁ । ଗୀତା କହୁଛି—

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ( ୩ୟ—୩୫ )

ନିଜ ଧର୍ମରେ ବା ନିଜ ବୁଦ୍ଧିରେ ମୃତ୍ୟୁ ବରଣ କରିବା ଭଲ, ମାତ୍ର ପର ଧର୍ମର ଓ ପର କର୍ମର ଅନ୍ଧାନୁସରଣ ଭୟାବହ ଅଟେ ।

ଆପଣା ବୁଦ୍ଧିରେ ଘାସ କାଟିବା ଭଲ ମାତ୍ର ପର ବୁଦ୍ଧିରେ ଘୋଡ଼ା ଚଢ଼ିବାକୁ ଇଚ୍ଛା କରିବା ଆଦୌ ଉଚିତ ନୁହେଁ ।

ବିଶ୍ୱକଲ୍ୟାଣ—୧୯୫୬

# ବିଶ୍ୱକଲ୍ୟାଣ ପତ୍ରିକା ପଢ଼ିବାର ପ୍ରଣାଳୀ

ନୂଆ ନୂଆ କଥା ଶିଖି ଓ ନୂଆ ନୂଆ ସମ୍ବାଦ ସଂଗ୍ରହ କରି ନିଜର ଜ୍ଞାନ ଓ ପାଣ୍ଡିତ୍ୟ ବଢ଼ାଇବା ପାଇଁ ଲୋକେ ବିଭିନ୍ନ ପତ୍ର ପତ୍ରିକା ପଢ଼ିବାରେ ଅଭ୍ୟସ୍ତ । ବିଶ୍ୱକଲ୍ୟାଣ ପତ୍ରିକାକୁ ସେହି ଅଭିପ୍ରାୟରେ ପଢ଼ିଲେ କୌଣସି ଉପକାର ହେବ ନାହିଁ । ଏହି ପତ୍ରିକାର ଉଦ୍ଦେଶ୍ୟ ଅନ୍ୟ ପତ୍ର ପତ୍ରିକାର ଉଦ୍ଦେଶ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପ୍ରତ୍ୟେକ ସଂଖ୍ୟାର କଭର ପୃଷ୍ଠାରୁ ଏହି ପତ୍ରିକାର ଉଦ୍ଦେଶ୍ୟ କଣ ତାହା ଜାଣିପାରିବେ । ଏହି ଉଦ୍ଦେଶ୍ୟ ପ୍ରତି ନିରନ୍ତର ଦୃଷ୍ଟି ରଖି ଏବଂ ନିଜର ତଥା ଦୁର୍ଦ୍ଦଶାଗ୍ରସ୍ତ ସମାଜର କଲ୍ୟାଣ ପ୍ରତି ଦୃଷ୍ଟିରଖି ପ୍ରତ୍ୟେକ ପ୍ରବନ୍ଧରୁ ପ୍ରତ୍ୟେକ ଧାଡ଼ି ମନୋଯୋଗପୂର୍ବକ ଓ ବାରମ୍ବାର ପଢ଼ିବା ଆବଶ୍ୟକ । କୌଣସି ଗୋଟିଏ କଥା ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରି ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବାକୁ ଆରମ୍ଭ କରିବା ମାତ୍ରେ ଆଶ୍ଚର୍ଯ୍ୟଜନକ ଫଳ ପାଇବେ । ସବୁ ବିଷୟ କେବଳ ପଢ଼ିଦିବା ଦ୍ୱାରା କୌଣସି ଉପକାର ପାଇବେ ନାହିଁ ।

କବିବର କହିଅଛନ୍ତି :—

**"ଏକୈ ସାଧେ ସବ୍ ସାଧେ, ସବ୍ ସାଧେ ସବ୍ ଯାୟ୍"**

ବିଶ୍ୱକଲ୍ୟାଣ—୧୯୬୭

## ୪ର୍ଥ ପରିଚ୍ଛେଦ

# ଅନ୍ଧ ଅନୁସରଣ ଓ ଉପନୟନ

●

### ନିବେଦନ

ଅର୍ଥଶୂନ୍ୟ ପ୍ରାଣଶୂନ୍ୟ ପ୍ରଚଳିତ ପ୍ରଥାସବୁର
ଅନ୍ଧ ଅନୁସରଣରେ
ଧର୍ମର ଓ ଅର୍ଥର ଅପବ୍ୟୟ କରି
ଦାରିଦ୍ର୍ୟ ଦୁଃଖ ବରଣ କରନ୍ତୁ ନାହିଁ,
ପଶୁଙ୍କୁ ପ୍ରାଣରୁ ବଧନ୍ତୁ ନାହିଁ,
ପୁତ୍ରକନ୍ୟାଙ୍କୁ ଅନ୍ଧ କରନ୍ତୁ ନାହିଁ ।
ଅନ୍ଧାନୁସରଣ ଧର୍ମର ପ୍ରଧାନ ଅନ୍ତରାୟ
ଏ କଥା ଭଲକରି ବୁଝନ୍ତୁ ।

"ଦେବାପି ଶାନ୍ତନୋର୍ଭ୍ରାତା ମରୁଶ୍ଚେକ୍ଷ୍ୱାକୁବଂଶଜଃ
କଲାପଗ୍ରାମ ଆସାତେ ମହାଯୋଗବଲାନ୍ୱିତୌ ।
ତାବିହେତ୍ୟ କଲେରନ୍ତେ ବାସୁଦେବାନୁଶିକ୍ଷିତୌ
ବର୍ଣ୍ଣାଶ୍ରମଯୁତଂ ଧର୍ମଂ ପୂର୍ବବତ୍ ପ୍ରଥୟିଷ୍ୟତଃ ।"

[ଶ୍ରୀମଦ୍ଭାଗବତ, ୧୨ଶ ସ୍କନ୍ଧ, ୨ୟ ଶ୍ଳୋକ, ୩୭-୩୮]

ଅର୍ଥ—ଶାନ୍ତନୁଙ୍କ ଭାଇ ଦେବାପି ଏବଂ ଇକ୍ଷ୍ୱାକୁବଂଶର ମରୁ ମହାଯୋଗବଳରେ କଳାପ ନାମକ ଗ୍ରାମରେ ଅଛନ୍ତି । ସେ ଦୁହେଁ କଳି ଶେଷରେ ସଂସାରକୁ ଆସି ପୂର୍ବପରି ବର୍ଣ୍ଣାଶ୍ରମ ଧର୍ମ ପ୍ରତିଷ୍ଠା କରିବେ ।

ଶ୍ରୀମଦ୍‌ଭାଗବତରେ ଲେଖାଅଛି ବୋଲି ତାହା ମାନିବାକୁ ହେବ, ଏମନ୍ତ କଥା ମୁଁ କହୁ ନାହିଁ । କଳିଯୁଗ ଶେଷ ହେଲାଣି, କି କେବେ ଶେଷ ହେବ; କେଉଁ ମରୁ ବା କେଉଁ ଦେବାପି ଆସି ସାରିଲେଣି, କି କେବେ ଆସିବେ; ଏହି ସବୁ ଅନାବଶ୍ୟକ ବିଷୟରେ ସମୟର ଅପବ୍ୟୟ କରିବା ଉଚିତ ନୁହେ । ବର୍ଣ୍ଣାଶ୍ରମ ଧର୍ମ କାହାକୁ କହନ୍ତି ଏବଂ ତାହା କେବଳ ଭାରତବର୍ଷରେ, କେବଳ ବ୍ରାହ୍ମଣଜାତିରେ, କେବଳ ପୁରୁଷମାନଙ୍କ ପାଇଁ ପ୍ରତିଷ୍ଠିତ ହେବ, କି ସମସ୍ତ ସଂସାରର କି ପୁରୁଷ, କି ସ୍ତ୍ରୀ, ପ୍ରତ୍ୟେକ ମନୁଷ୍ୟ ପାଇଁ ପ୍ରତିଷ୍ଠିତ ହେବ, ଏହାହିଁ ଆମ୍ଭମାନଙ୍କର ଆଲୋଚନାର ବିଷୟ ।

ଯାହା ସମସ୍ତ ବିଶ୍ୱରେ ପ୍ରତ୍ୟେକ ମନୁଷ୍ୟ ପାଇଁ ସବୁ ସମୟରେ ଓ ସବୁ ଅବସ୍ଥାରେ ପ୍ରଯୁଜ୍ୟ, ତାହାରି ନାମ ସନାତନ ଧର୍ମ ଓ ବର୍ଣ୍ଣାଶ୍ରମ ଧର୍ମ । ବର୍ତ୍ତମାନ ଯୁଗର ତଥାକଥିତ ସନାତନ ଧର୍ମର ସମ୍ପାଦକ ଲେଖି ଅଛନ୍ତି—"ସନାତନ ଧର୍ମାବଲମ୍ବୀ କେଉଁମାନେ ?"

"ଉତ୍ତର—ଯେଉଁମାନେ ବେଦ ଓ ସ୍ମୃତିବିହିତ ସଦାଚାରକୁ ମାନି ଚାଲନ୍ତି କିମ୍ବା ବ୍ୟକ୍ତିଗତ ଭାବରେ ବା ପେଟର ଦାୟରେ ବା ସଂସର୍ଗ ଦୋଷରେ ଗୋପନରେ ଲଙ୍ଘନ କଲେହେଁ ସଂଘଭାବରେ ମାନନ୍ତି, ସେହିମାନେ ସନାତନ ଧର୍ମାବଲମ୍ବୀ ।" (ଜ୍ଞାନପ୍ରଦୀପ—ବିବାହ ମୀମାଂସା)

ଏହିପରି କେତେ ପଣ୍ଡିତଙ୍କର କେତେ ପ୍ରକାର ଲେଖିବା ଫଳରେ ସାଧାରଣ ଲୋକଙ୍କ ମନରେ ଯେଉଁ ସବୁ ଅନିଷ୍ଟପ୍ରଦ ଧାରଣା ବହୁକାଳରୁ ବଦ୍ଧମୂଳ ହୋଇ ରହିଅଛି, ସେହି ସମସ୍ତ ଧାରଣା ମନରୁ ଦୂର କରିଦେଇ ସରଳତାର ଆଶ୍ରୟ ନେଇ ପରବର୍ତ୍ତୀ ଆଲୋଚନାରେ ଅଗ୍ରସର ହେବାକୁ ଅନୁରୋଧ କରୁଅଛି । ଯାହା କି ପୁରୁଷ, କି ସ୍ତ୍ରୀ ପ୍ରତ୍ୟେକ ପାଠକ ସହଜରେ ବୁଝି ପାରିବେ ଏବଂ ଭାଗବତଲିଖିତ ମରୁ ଓ ଦେବାପିଙ୍କର ବର୍ଣ୍ଣାଶ୍ରମଧର୍ମ ପ୍ରତିଷ୍ଠା କାର୍ଯ୍ୟରେ କିମ୍ବା ଭଗବାନଙ୍କ ଇଚ୍ଛାର ଅନୁକୂଳରେ କାର୍ଯ୍ୟ କରି ପାରିବେ, ମୁଁ କେବଳ ସେତିକି କଥା ସଂକ୍ଷେପରେ ଲେଖିବି ।

—ଲେଖକ

# ଅନ୍ଧ ଅନୁସରଣ ଓ ଉପନୟନ

## ସମାଜର ବର୍ତ୍ତମାନ ଦୁରବସ୍ଥା ଓ ତହିଁର ପ୍ରତିକାର

ଅସ୍ଥିକଙ୍କାଳସାର ବୁଢ଼ା ବ୍ରାହ୍ମଣଟିଏ ; ସଙ୍ଗରେ ୮।୯ ବର୍ଷର ପୁଅଟିଏ; ପୁଅଟିର ହାତରେ ପିତ୍ତଳ ଥାଳଟିଏ; ଥାଳୀରେ ପଇତା ପଦାଡ଼ଏ ଓ ନଡ଼ିଆଟିଏ । ବ୍ରାହ୍ମଣଟି ଅନ୍ୟର ଦ୍ୱାରସ୍ଥ ହୋଇ ଡାକୁଛି, "ବାବୁ ! ଗରିବ ବ୍ରାହ୍ମଣକୁ କିଛି ମିଳୁ—ଉ ।"

ଯେଉଁ ବ୍ରାହ୍ମଣଜାତି ଦିନେ ସମାଜର ଗୁରୁଭାବରେ ରାଜାଙ୍କଠାରୁ ବଳି ପୂଜା ପାଉଥିଲା, ସେହି ବ୍ରାହ୍ମଣଜାତିର ଆଜି ଏହି ଦୁରବସ୍ଥା ! ବ୍ରାହ୍ମଣେତର ଜାତିମାନଙ୍କର ଅବସ୍ଥା ଯେ ଭଲ, ତାହା ମୁଁ କହୁ ନାହିଁ । ସମସ୍ତ ହିନ୍ଦୁ ଜାତିର କାହିଁକି—ସମସ୍ତ ଭାରତର ଆଜି ଏହି ଦୁରବସ୍ଥା । ଏହି ଦୁରବସ୍ଥାର ଏକମାତ୍ର କାରଣ ହେଉଛି—ଅନ୍ଧତା, ଅମନୁଷ୍ୟତା ବା ବିବେକଶୂନ୍ୟତା । କି ବ୍ରାହ୍ମଣ, କି କରଣ, କୌଣସି ବ୍ୟକ୍ତିଙ୍କର କୌଣସି କାର୍ଯ୍ୟର ମୂଳରେ ସେହି ବ୍ୟକ୍ତିଙ୍କର ବିବେକ ବା ଯୁକ୍ତିଯୁକ୍ତ ବିଚାର ନାହିଁ । "ଅଧିକାଂଶ ଲୋକେ କରୁଅଛନ୍ତି", "ଅନେକ ଦିନରୁ ଚଳି ଆସୁଛି", "ଆଜିକାଲି ଚଳିଗଲାଣି"; ଏହିପରି କେତୋଟି କଥା ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରତ୍ୟେକ କାର୍ଯ୍ୟର ଏକମାତ୍ର କାରଣ ।

"ସଭାରେ ହୁକୁମ ହେଲେ ବୋହୂ ଲୁଗା ପିନ୍ଧିବ", "ସଭାରେ ହୁକୁମ ହେଲେ ମହାପ୍ରସାଦ ବର୍ଜନ କରିବେ", ଏହାହିଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଜାତୀୟତା । "ନାକ କାନ ଛୁଇଁଲେ ସ୍ୱର୍ଗ ଓ ମୁକ୍ତି ମିଳିବ, ଏହାହିଁ ପ୍ରତ୍ୟେକେ ବ୍ୟକ୍ତିର ଧର୍ମ ଓ ସ୍ୱଧର୍ମ ।"

ଏହି ଦୁରବସ୍ଥା ଦୂର ହେବା ବାଞ୍ଛନୀୟ କି ନୁହେ କି ? ବାଞ୍ଛନୀୟ ହେଲେ ସେଥିପ୍ରତି ପ୍ରତ୍ୟେକ ବ୍ୟକ୍ତିଙ୍କର କିଛି କର୍ତ୍ତବ୍ୟ ଅଛି କି ନାହିଁ ? କର୍ତ୍ତବ୍ୟ ଥିଲେ ତାହା କଅଣ ? ଏ ବିଷୟରେ ସାମାନ୍ୟ ଚିନ୍ତା କରି ନିଜର ସ୍ୱାଧୀନ ମତ ମୋତେ ଜଣାଇବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଅଛି ।

"ଏତେ ଲୋକଙ୍କର ବହୁକାଳର ଏହି ଅନ୍ଧତା ଦୋଷ ଦୂରହେବା ଅସମ୍ଭବ ।" ଏପରି ଦୁର୍ବଳତା ପରିତ୍ୟାଗ କରନ୍ତୁ । ଇତର ଜାତିଙ୍କ ପରି ଦେଶାଚାର, ଲୋକାଚାର, କୁଳାଚାର ଇତ୍ୟାଦିର ଅନ୍ଧ ଅନୁସରଣ ସବୁକୁ ନିର୍ମମଭାବରେ ପରିତ୍ୟାଗ କରନ୍ତୁ । ନିଜର ବ୍ୟକ୍ତିଗତ ଜୀବନ ଗଠନପାଇଁ ଯାହା ପ୍ରକୃତରେ ମଙ୍ଗଳପ୍ରଦ ଏବଂ ପାରିବାରିକ ଜୀବନରେ ଯାହା ପ୍ରକୃତରେ ଆବଶ୍ୟକ, ତାହା କାର୍ଯ୍ୟରେ ପରିଣତ କରନ୍ତୁ । ଏଥିପାଇଁ ଅଜ୍ଞ ଲୋକେ ଯାହା କହିବେ, ତାହା ଧୈର୍ଯ୍ୟ ସହିତ ସହ୍ୟ କରନ୍ତୁ । ଲୋକଙ୍କଠାରୁ ବା ଏହି ଅନ୍ଧଙ୍କଠାରୁ ପ୍ରଶଂସା ପାଇବାର ଇଚ୍ଛା ଓ ନିନ୍ଦା ପାଇବାର ଭୟ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରନ୍ତୁ ।

"ମୁଁ ଭଗବାନଙ୍କ ସନ୍ତାନ--ସତ୍ୟର ସନ୍ତାନ-ଅମୃତର ସନ୍ତାନ—ଜ୍ଞାନର ସନ୍ତାନ-ଆନନ୍ଦର ସନ୍ତାନ"—ବେଦର ଏହି ସତ୍ୟକୁ ଜୀବନର ମୂଳଭିତ୍ତି (ମୂଳଦୁଆ) କରି ନିଜର ଅନ୍ଧତା ଦୋଷ ଦୂର କରିବା ସଙ୍ଗେ ସଙ୍ଗେ ସମାଜର ତଥା ପ୍ରତିବେଶୀମାନଙ୍କର ଅନ୍ଧତା ଦୋଷ ଦୂର କରିବା ଅଭିପ୍ରାୟରେ ନିଃସ୍ୱାର୍ଥଭାବରେ କର୍ମକ୍ଷେତ୍ରରେ ଅଗ୍ରସର ହୁଅନ୍ତୁ ।

ସଭ୍ୟ ଓ ଶିକ୍ଷିତ ସମାଜରୁ କେବଳ ପାଞ୍ଚଜଣ ମାତ୍ର ମନୁଷ୍ୟୋଚିତ ନିର୍ଭୀକତା ଓ ସତ୍‌ସାହସ ସହିତ ଦୁର୍ଦ୍ଦଶାଗ୍ରସ୍ତ ଏହି ଅନ୍ଧ ସମାଜର ଅଗ୍ରଣୀ ଓ ପଥପ୍ରଦର୍ଶକ ହେବାକୁ କର୍ତ୍ତବ୍ୟବୋଧ କଲେ ପାଞ୍ଚବର୍ଷ ମଧ୍ୟରେ ଏହି ମୁମୂର୍ଷୁ ଜାତି ପୁନର୍ଜୀବନ ଲାଭ କରି ମନୁଷ୍ୟତାର ନିର୍ମଳ ଆନନ୍ଦ ଉପଭୋଗ କରିବ, ଏହା ସୁନିଶ୍ଚିତ ।

## ବର୍ଣ୍ଣାଶ୍ରମ ଧର୍ମ ଓ ସନାତନ ଧର୍ମ ମଧ୍ୟରେ ସମ୍ବନ୍ଧ

ପ୍ରତ୍ୟେକ ମନୁଷ୍ୟଜୀବର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ଧର୍ମର ନାମ ବର୍ଣ୍ଣାଶ୍ରମ ଧର୍ମ ଏବଂ ସମସ୍ତ ମାନବ ସମାଜର ବିଶ୍ୱଜନୀନ ସତ୍ୟ ଉପରେ ପ୍ରତିଷ୍ଠିତ ଧର୍ମର ନାମ ସନାତନ ଧର୍ମ । ଜୀବ ଓ ଭଗବାନଙ୍କ ମଧ୍ୟରେ ଯେଉଁ ସମ୍ବନ୍ଧ, ସ୍ୱଧର୍ମ ଓ ଧର୍ମ ମଧ୍ୟରେ ଯେଉଁ ସମ୍ବନ୍ଧ ବର୍ଣ୍ଣାଶ୍ରମ ଧର୍ମ ଓ ସନାତନ ଧର୍ମ ମଧ୍ୟରେ ସେହି ସମ୍ବନ୍ଧ ।

ଆବଶ୍ୟକ ମନେ କଲେ 'ସ୍ୱଧର୍ମ' ଓ 'ଧର୍ମ' ନାମରେ ମୋର ଶ୍ରେଷ୍ଠ ବହି ଦୁଇଖଣ୍ଡି ପଢ଼ନ୍ତୁ କିମ୍ବା ଗୀତାରୁ ଭଗବାନଙ୍କର ତଳଲିଖିତ ଉକ୍ତିର ଅର୍ଥ ଓ ଅଭିପ୍ରାୟ ବୁଝି ତଦନୁସାରେ କର୍ମ କରନ୍ତୁ ।

ଅନ୍ଧ ଅନୁସରଣକୁ ଧର୍ମ ଓ ସ୍ୱଧର୍ମ ମନେ କରିଥିବାରୁ ପ୍ରକୃତ ବୁଝିବା ସହିତ ଆମ୍ଭମାନଙ୍କର କୌଣସି ସମ୍ବନ୍ଧ ନାହିଁ । ନକଲକର କିମ୍ବା କଳାପକୁ ବା ଅନ୍ଧ ଅନୁସରଣକୁ ସମର୍ଥନ କରିବା ଅଭିପ୍ରାୟରେ କିମ୍ବା ପାଣ୍ଡିତ୍ୟ ଦେଖାଇବା ଅଭିପ୍ରାୟରେ ଯେଉଁ ବୁଝିବା କଥାକୁ ଆମ୍ଭେମାନେ 'ବୁଝିବା' ବୋଲି ମନେ କରିଅଛୁ, ସେପରି ବୁଝିବା ପ୍ରକୃତ ବୁଝିବା ନୁହେଁ । ଯେଉଁ ବ୍ୟକ୍ତି ଯେଉଁ ଅର୍ଥ ବୁଝି ତଦନୁସାରେ ନିଜ ଜୀବନର ଗତି ପରିବର୍ତ୍ତନ କରିଅଛନ୍ତି କିମ୍ବା କରି ପାରିବେ ଏବଂ ଯେଉଁ 'ବୁଝିବା' ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ସମାନଭାବରେ ପ୍ରଯୁଜ୍ୟ, ସେହି ବୁଝିବା ସେହି ବ୍ୟକ୍ତିଙ୍କ ପକ୍ଷରେ ପ୍ରକୃତ 'ବୁଝିବା' ସିନା ।

ଧର୍ମ ଓ ସ୍ୱଧର୍ମ ବୁଝିବାରେ କି ସଭ୍ୟ, କି ଅସଭ୍ୟ, କି ପୁରୁଷ, କି ସ୍ତ୍ରୀ, ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଅଧିକାର ଅଛି । କେବଳ ସଂସ୍କୃତ-ପଢ଼ୁଆ ପଣ୍ଡିତମାନେ ବୁଝି, କିଏ ବ୍ୟବସ୍ଥାଦାତା ହେବେ, କିଏ ଗୁରୁଗିରି କିଏ ପୁରୋହିତଗିରି କରିବେ, ଆଉ ସମସ୍ତେ ତାଙ୍କର କଥା ମାନି ମାଙ୍କଡ଼ ହୋଇ ରହିଥିବେ, ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । କେବଳ ପୁରୁଷଜାତି ବୁଝି ପାରିବେ ଏବଂ ସମସ୍ତ ସ୍ତ୍ରୀଜାତି ପୁରୁଷଜାତିର ଦାସୀ ଓ ଖେଳଣା କଣ୍ଢେଇ ହୋଇ ରହିଥିବେ, ଏହା ମଧ୍ୟ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନିଷ୍ଟପ୍ରଦ ।

## ସ୍ୱଧର୍ମ ଓ ଧର୍ମ ମଧ୍ୟରେ ସମ୍ବନ୍ଧ

"ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେ ନିଧନଂଶ୍ରେୟଃ ପରଧର୍ମୋ ଭୟାବହଃ ।"
(ଗୀତା ୩ୟ ଅଧ୍ୟାୟ—୩୫ ଶ୍ଲୋକ)

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚଃ ।"
(ଗୀତା ୧୮ ଅଧ୍ୟାୟ— ୬୬ ଶ୍ଲୋକ)

ପ୍ରଥମ ଶ୍ଳୋକର ଅର୍ଥ:—ପ୍ରତ୍ୟେକ ବ୍ୟକ୍ତିର ଜୀବନବିକାଶପଥରେ ସ୍ୱଧର୍ମ ପାଳନ ଏକମାତ୍ର ଅବଲମ୍ବନ ଏବଂ ପରମଧର୍ମର ଅନ୍ଧ ଅନୁସରଣ ଏକମାତ୍ର ଅନ୍ତରାୟ ଅଟେ । ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, "ଉତ୍ତମରୂପେ ଅନୁଷ୍ଠିତ ପରମଧର୍ମର ଅନ୍ଧ ଅନୁସରଣ ଅପେକ୍ଷା ନିଜର ବିଗୁଣ ବା ଦୋଷଯୁକ୍ତ ସ୍ୱଧର୍ମର ପାଳନ ଶ୍ରେୟସ୍କର ଅଟେ । ସେହି ଦୋଷଯୁକ୍ତ ସ୍ୱଧର୍ମ ପାଳନରେ ମୃତ୍ୟୁ ଶ୍ରେୟସ୍କର ; ମାତ୍ର ପରଧର୍ମ ଭୟାବହ ଅଟେ । ଆପଣା ବୁଦ୍ଧିରେ ଘାସ କାଟିବା ଭଲ, କିନ୍ତୁ ପରବୁଦ୍ଧିରେ ଘୋଡା ଚଢିବାକୁ ଇଚ୍ଛା କରିବା ଉଚିତ ନୁହେଁ ।

ଦ୍ୱିତୀୟ ଶ୍ଳୋକର ଅର୍ଥ:—ମନୁଷ୍ୟସୃଷ୍ଟ ସବୁ ଧର୍ମର ଅନ୍ଧ ଅନୁସରଣ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ । ଅନ୍ଧ ଅନୁସରଣ ପରିତ୍ୟାଗ କଲେ କାଳେ ପାପ ହେବ, ଏଥିପାଇଁ ଦୁଃଖ ନ କର । ମୁଁ ତୁମ୍ଭଙ୍କୁ ସବୁ ପାପରୁ ମୁକ୍ତ କରିବ ।

ସ୍ୱଧର୍ମ ଦୁଇ ପ୍ରକାର—ଜାତିଗତ ବା ସମଷ୍ଟିଗତ ସ୍ୱଧର୍ମ ଓ ବ୍ୟକ୍ତିଗତ ସ୍ୱଧର୍ମ । ଶିଶୁମାନଙ୍କ ପକ୍ଷରେ ତଥା ଅନୁନ୍ନତ ସମାଜ ପକ୍ଷରେ ଜାତିଗତ ସ୍ୱଧର୍ମ ଏବଂ ବୟସ୍କମାନଙ୍କ ପକ୍ଷରେ ତଥା ଉନ୍ନତ ମାନବସମାଜ ପକ୍ଷରେ ବ୍ୟକ୍ତିଗତ ସ୍ୱଧର୍ମ ପାଳନୀୟ । ବ୍ୟକ୍ତିଗତ ସ୍ୱଧର୍ମହିଁ ପ୍ରକୃତ ସମସ୍ୟା ଏହି ବ୍ୟକ୍ତିଗତ ସ୍ୱଧର୍ମ ବ୍ୟତିରେକେ ପରଧର୍ମ ସବୁର ଅନ୍ଧ ଅନୁସରଣ ପରିତ୍ୟାଗ କରି ହେବ ନାହିଁ ଏବଂ ଅନ୍ଧ ଅନୁସରଣ ପରିତ୍ୟାଗ ନ କରି ସତ୍ୟସ୍ୱରୂପ ଏକମାତ୍ର ଭଗବାନଙ୍କର ଶରଣ ନେଇ ହେବନାହିଁ । ସେଥିପାଇଁ ଭଗବାନ ନିମ୍ନଲିଖିତ ଉକ୍ତିରେ ସ୍ୱଧର୍ମ ଯେ ବ୍ୟକ୍ତିଗତ ଏକଥା ଆହୁରି ଉତ୍ତମରୂପେ ବୁଝାଇ ଦେଇଅଛନ୍ତି ।

"ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍"

(୧୮ ଅଧ୍ୟାୟ, ୪୮ ଶ୍ଳୋକ ଶେଷାର୍ଦ୍ଧ)

"ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍"

(୧୮ ଅଧ୍ୟାୟ—୪୮ ଶ୍ଳୋକ ପ୍ରଥମ ଧାଡ଼ି)

ଅର୍ଥ:—ନିଜ ନିଜର ସ୍ୱଭାବ ଅନୁସାରେ କର୍ମ କରିବାରେ କୌଣସି ପାପ ନାହିଁ । ନିଜର ସେହି ସ୍ୱଭାବନିୟତ କର୍ମ ବା ସ୍ୱଧର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

କଂସେଇ ସ୍ୱଭାବର ଲୋକ ପକ୍ଷରେ ଜୀବହିଂସା ସ୍ୱଧର୍ମ ଅଟେ ; କାରଣ ତାହା ତା ପକ୍ଷରେ ସ୍ୱାଭାବିକ । ମାତ୍ର ବାପଅଜା ଗୋରୁ ମାରୁଥିଲେ ବୋଲି ସେହି ବାପଅଜାଙ୍କ କାର୍ଯ୍ୟର ଅନ୍ଧ ଅନୁସରଣ ଫଳରେ ଗୋରୁ ମାରିବା ପରଧର୍ମ ଓ ଅନଷ୍ଟପ୍ରଦ ଅଟେ ।

ବ୍ରାହ୍ମଣସ୍ୱଭାବର ଲୋକଙ୍କ ପକ୍ଷରେ ଆଖି ବୁଜି ଆତ୍ମଚିନ୍ତା କରିବା ସ୍ୱଧର୍ମ ଅଟେ । କିନ୍ତୁ ଧର୍ମଶାସ୍ତ୍ରରେ ଲେଖାଅଛି ବୋଲି, କିମ୍ବା ବାପଅଜା ଆଖି ବୁଜି ବସୁଥିଲେ ବୋଲି ସେହି ବାପଅଜାଙ୍କ କାର୍ଯ୍ୟର ଅନ୍ଧ ଅନୁସରଣ କରି ଆଖି ବୁଜି ନାକ କାନ ଛୁଇଁ 'ନେଷାଭ୍ୟାଂ ବଷଟ୍ ଓ ଅସ୍ତ୍ରାୟ ଫଟ୍' ଇତ୍ୟାଦିରେ ସମୟ ଓ ଅର୍ଥର ଅପବ୍ୟୟ କରିବାର ନାମ ପରଧର୍ମ ଅଟେ ।

ଭଗବାନ୍ କହିଅଛନ୍ତି, ବ୍ୟାସ ଲେଖିଅଛନ୍ତି, ଶଙ୍କରାଚାର୍ଯ୍ୟ ଅର୍ଥ କରିଅଛନ୍ତି, ତେଣୁ ତାହା ସତ୍ୟ ଓ ପାଳନୀୟ, ଏହାର ନାମ ନଷ୍ଟ ପରଧର୍ମ । କୌଣସି ବିଷୟ ନିଜେ ବୁଝି ତଦନୁସାରେ କାର୍ଯ୍ୟ କରିବାର ନାମ ସ୍ୱଧର୍ମ ।

ଗୀତାକାରଙ୍କ ଚିନ୍ତାରୁ ଉତ୍ପନ୍ନ ଶ୍ରୀକୃଷ୍ଣଙ୍କର ଏହି କେତୋଟି ଉକ୍ତିର ଯେଉଁ ଅର୍ଥ ଲେଖାଗଲା, ତାହା କି ପୁରୁଷ, କି ସ୍ତ୍ରୀ, କି ଶିକ୍ଷିତ, କି ଅଶିକ୍ଷିତ, କି କଂସେଇ, କି ବ୍ରାହ୍ମଣ, ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷରେ ସମାନଭାବରେ ପ୍ରଯୁଜ୍ୟ ଏବଂ ପ୍ରତ୍ୟେକ ବ୍ୟକ୍ତି ଏହି ଅର୍ଥ ସହଜରେ ବୁଝି ତଦନୁସାରେ କାର୍ଯ୍ୟ କରି ପାରିବେ । ଅନ୍ଧ ଅନୁସରଣପ୍ରିୟ ରକ୍ଷଣଶୀଳ ପଣ୍ଡିତମାନେ ଅନ୍ୟ କୌଣସି ଯୁକ୍ତିଯୁକ୍ତ ଅର୍ଥ କରି ପାରିଲେ ତାହା ସେମାନେ ଜନସାଧାରଣଙ୍କୁ ବୁଝାଇ ଦିଅନ୍ତୁ କିମ୍ବା ପ୍ରକୃତ କଥା ବୁଝି ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ । ସମାଜର ଆଜି ଏହି ସଙ୍କଟାପନ୍ନ ଅବସ୍ଥାରେ ବ୍ରାହ୍ମଣ ପଣ୍ଡିତମାନଙ୍କର ତଥା ସଭ୍ୟ ଶିକ୍ଷିତ-ସମାଜର ନିଶ୍ଚେଷ୍ଟତା ଓ ଉଦାସୀନତା ଅନ୍ୟାୟ ଅଟେ ।

## ଶୂଦ୍ର ଓ ଦ୍ୱିଜ ମଧ୍ୟରେ ପାର୍ଥକ୍ୟ—

ବ୍ରହ୍ମ କ୍ଷତ୍ରିୟବିଟ୍ ଶୂଦ୍ରା ବର୍ଣ୍ଣାସ୍ତ୍ୱାଦ୍ୟାସ୍ତ୍ରୟୋ ଦ୍ୱିଜାଃ

(ଯାଜ୍ଞବଲ୍କ୍ୟ)

ଅର୍ଥ:—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରିବର୍ଣ୍ଣ ମଧ୍ୟରୁ ପ୍ରଥମ ତିନିବର୍ଣ୍ଣ ଦ୍ୱିଜ ଅଟନ୍ତି ।

ବର୍ଣ୍ଣାଶ୍ରମ ଧର୍ମର ଏହି ବ୍ୟବସ୍ଥା ଅନୁସାରେ ସମସ୍ତ ମାନବସମାଜ ଶୂଦ୍ର ଓ ଦ୍ୱିଜ ଏହି ଦୁଇ ଭାଗରେ ବିଭକ୍ତ । କେଉଁ କେଉଁ ଜାତି ଶୂଦ୍ର ଓ କେଉଁ କେଉଁ ଜାତି ଦ୍ୱିଜ ଏ କଥା ବର୍ଣ୍ଣାଶ୍ରମ ଧର୍ମର କୌଣସି ଗ୍ରନ୍ଥରେ ଲେଖା ନାହିଁ । ତେବେ କଂସେଇ, ପାଣ, ହାଡ଼ି ଇତ୍ୟାଦି ଜାତିର ଲୋକଙ୍କୁ ଏବଂ ପାହାଡ଼ିଆ ଅନାର୍ଯ୍ୟମାନଙ୍କୁ ଶୂଦ୍ରନାମ ଦିଆଯାଇ ପାରେ । ଏତଦ୍‌ବ୍ୟତୀତ ଅନ୍ୟ ଜାତିମାନେ ଦ୍ୱିଜ ଅଟନ୍ତି ।

ଦ୍ୱିଜ, ଏହି କଥାଟିର ଅର୍ଥ—ଯାହାର ଦୁଇଥର ଜନ୍ମ । ପ୍ରଥମଥର ମାତୃଗର୍ଭରୁ ଦେହଭାବରେ ଜନ୍ମ, ଦ୍ୱିତୀୟବାର ପ୍ରକୃତିଗର୍ଭରୁ ଭଗବାନଙ୍କର ସନ୍ତାନଭାବରେ ବା ଜୀବଭାବରେ ଜନ୍ମ । ଏହି ଦ୍ୱିତୀୟବାର ଜନ୍ମ ହେବାର ନାମ ଦ୍ୱିଜତ୍ୱ । ଏହି ସ୍ଥୂଳଦେହ [ସ୍ଥୂଳଦେହ, ପ୍ରାଣ ଦେହ, ମନୋମୟ ଦେହ] ବାପର ସନ୍ତାନ ମାତ୍ର ଜୀବ ବା ପ୍ରକୃତ ମନୁଷ୍ୟ ସେହି ଏକ ଭଗବାନଙ୍କର ସନ୍ତାନ, ଏକଥା ଯେଉଁ ଅବସ୍ଥାରେ ମନୁଷ୍ୟ ଅନୁଭବ କରେ, ସେହି ଅବସ୍ଥାର ନାମ ଦ୍ୱିଜତ୍ୱ ବା ଜୀବର ପ୍ରକୃତ ବ୍ୟକ୍ତିତ୍ୱ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଧର୍ମଜୀବନର ମୂଳଭିତ୍ତି, ବର୍ଣ୍ଣାଶ୍ରମ ଧର୍ମର ମୂଳ କଥା ଏବଂ ଭାରତର ବିଶେଷତ୍ୱ । ଯେଉଁଦିନୁ ଭାରତର ଲୋକେ ଏହି ଦ୍ୱିଜତ୍ୱ ହରାଇ ବସିଲେ, ସେହିଦିନୁ ଭାରତର ଅଧୋଗତି ଆରମ୍ଭ ହେଲା । ଆଜ ଭାରତର ଲୋକେ ସମସ୍ତ ଶୂଦ୍ର, ଏ କଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜୀବର ବ୍ୟକ୍ତିତ୍ୱ କଅଣ ? ଜୀବର କ୍ରମବିକାଶ କଅଣ ? ଜୀବର କ୍ରମବିକାଶ ସହିତ ବର୍ଣ୍ଣାଶ୍ରମ ଧର୍ମର ସମ୍ବନ୍ଧ କଅଣ ? ଏ କଥା ବୁଝିବାକୁ ଯେଉଁମାନେ ଅକ୍ଷମ ସେହିମାନେହିଁ ଶୂଦ୍ର ଅଟନ୍ତି ।

ଦ୍ୱିଜମାନଙ୍କୁ ବା ଉଚ୍ଚଜାତୀୟ ଲୋକମାନଙ୍କୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଏହି ତିନି ଶ୍ରେଣୀରେ ବିଭକ୍ତ କରାଯାଇଥିଲା । କାହିଁକି କରାଯାଇଥିଲା ତାହାର ଆଲୋଚନା ଏଠାରେ ଏବଂ ସମାଜର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ସମ୍ପୂର୍ଣ୍ଣ ଅନାବଶ୍ୟକ ମନେ କଲେ ଗୀତାରୁ ବୁଝିପାରନ୍ତି କିମ୍ବା ବେଦର ନିମ୍ନଲିଖିତ ମନ୍ତ୍ରଟିରୁ ବୁଝି ପାରିଲେ ବୁଝନ୍ତୁ ।

ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ
ଉରୁତଦସ୍ୟ ଯତ୍ ବୈଶ୍ୟଃ ପଦ୍‌ଭ୍ୟାଂଶୂ ଶୂଦ୍ରୋ ଅଜାୟତ ।

ଏହି ମନ୍ତ୍ରଟି ବୁଝିବାକୁ ହେଲେ ବେଦର ଆଉ ଗୋଟିଏ ବିଶେଷକଥା ବୁଝିବା ଆବଶ୍ୟକ । ତାହା ହେଉଛି—'ଏକୋଽହଂ ବହୁ ସ୍ୟାମ୍'—ଅର୍ଥାତ୍ ମୁଁ ଜଣେ ଅଛି—ମୁଁ ବହୁତ ହେବି—ଏହି କଥାଟି କହି ଭଗବାନ ଜୀବସୃଷ୍ଟି ଆରମ୍ଭ କରିଥିଲେ । ବେଦର ଏହି ସତ୍ୟ ଅନୁସାରେ ଆଚଣ୍ଡାଳବ୍ରାହ୍ମଣ ପ୍ରତ୍ୟେକ ଜୀବ ସେହି ଏକ ଭଗବାନଙ୍କର ଅଂଶ ବା ପରମପିତା ଭଗବାନଙ୍କର ସନ୍ତାନ ; ତେଣୁ ଜୀବସୃଷ୍ଟିର ପ୍ରତ୍ୟେକ ଜୀବ ପରସ୍ପର ସହିତ ଭ୍ରାତୃପ୍ରେମରେ ଆବଦ୍ଧ । ବେଦର ଏହି ସତ୍ୟ ଅନୁସାରେ ଜୀବର ପୂଜା ପ୍ରକୃତ ଭଗବାନଙ୍କର ପୂଜା । ଜୀବର ପୂଜା ବା ଜୀବର ପ୍ରକୃତ ମଙ୍ଗଳ ବା ଜୀବର ସମସ୍ତବିକାଶ ପ୍ରତି ଉଦାସୀନ ରହି କଳ୍ପନା ଉପରେ ପ୍ରତିଷ୍ଠିତ ଭଗବାନଙ୍କର ପୂଜା, ଆରାଧନା ପ୍ରାର୍ଥନା ଇତ୍ୟାଦି ନିଷ୍ପ୍ରୟୋଜନ । ଏହି ସତ୍ୟ ଅନୁସାରେ ସମସ୍ତ ଜୀବସୃଷ୍ଟିର ନାମ ବିରାଟପୁରୁଷ—ଭଗବାନ । ବ୍ରାହ୍ମଣ ସେହି ବିରାଟପୁରୁଷଙ୍କ ମୁଖସ୍ୱରୂପ, କ୍ଷତ୍ରିୟ ବାହୁସ୍ୱରୂପ, ବୈଶ୍ୟ ଉରୁ ସ୍ୱରୂପ ଏବଂ ଶୂଦ୍ର ପାଦସ୍ୱରୂପ । ଦ୍ୱିଜମାନଙ୍କ ପକ୍ଷରେ ଅର୍ଥାତ୍ ଉନ୍ନତ ମାନବ-ସମାଜ ପକ୍ଷରେ ଶୂଦ୍ରର ପୂଜା କରିବା ଓ ଭଗବାନଙ୍କ ପାଦପୂଜା କରିବା ଏକା କଥା ।

ଅଜି ଯେଉଁ ବ୍ୟକ୍ତିଙ୍କୁ ବୃଦ୍ଧ ଦେଖୁଛ, ସେହି ବୃଦ୍ଧ ଦିନେ ଶିଶୁ ଥିଲେ ଏବଂ ଆଜି ଯାହାକୁ ଶିଶୁ ଦେଖୁଛ, ସେହି ଶିଶୁ ଦିନେ ବୃଦ୍ଧ ହେବେ । ଠିକ୍ ସେହିପରି ଆଜି ଯେଉଁ ବ୍ୟକ୍ତି ବ୍ରାହ୍ମଣ ନାମରେ ପରିଚିତ ସେହି ବ୍ୟକ୍ତି ଦିନେ ଶୂଦ୍ରଜାତିରେ କଂସେଇଘରେ ବା ହାଡ଼ିଘରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଆଜି ଯେଉଁ ବ୍ୟକ୍ତି ଶୂଦ୍ର ବୋଲି ଗଣ୍ୟ ସେ ଦିନେ ବ୍ରାହ୍ମଣଗୃହରେ ଜନ୍ମଗ୍ରହଣ କରିବେ । ଏ ଯେଉଁ ଜାତିଗତ ପାର୍ଥକ୍ୟ ବର୍ଣ୍ଣାଶ୍ରମ ଧର୍ମରେ ଉଲ୍ଲେଖ ଅଛି, ତାହା ବୁଝିବାକୁ ହେଲେ ଜନ୍ମାନ୍ତର ଓ କର୍ମର ନିୟମ ଉତ୍ତମରୂପେ ବୁଝିବାକୁ ହେବ । ଏହି ଦୁଇଟି ନିୟମ ଉପରେ ଭଗବାନଙ୍କର ସମସ୍ତ ଜୀବନସୃଷ୍ଟି ପ୍ରତିଷ୍ଠିତ । ଏହି ନିୟମ ଦୁଇଟି ଉତ୍ତମ ବୁଝି ପାରିଲେ ଆମ୍ଭେମାନେ ବୁଝି ପାରିବୁ ଯେ ଶୂଦ୍ରମାନେ ମାନବସମାଜରେ ଶିଶୁ ଅଟନ୍ତି, ଆଉ ମଧ୍ୟ ବୁଝି ପାରିବୁ ଯେ ଯେଉଁ

ଜାତିଗତ ପାର୍ଥକ୍ୟର ଆଲୋଚନା ଏଥିପୂର୍ବରୁ ହୋଇଗଲା, ତାହା ପ୍ରକୃତରେ ଜାତିଗତ ନୁହେଁ — ତାହା ବ୍ୟକ୍ତିଗତ । କେବଳ ବ୍ୟକ୍ତିଗତ ପାର୍ଥକ୍ୟ କାହିଁକି, ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ଅବସ୍ଥାକୁ ମଧ୍ୟ ଶୂଦ୍ରତ୍ୱ ଓ ଦ୍ୱିଜତ୍ୱ — ଏହି ଦୁଇଭାଗରେ ବିଭକ୍ତ କରାହୋଇଅଛି । ଏହି ବ୍ୟକ୍ତିଗତ ଅବସ୍ଥାର ପାର୍ଥକ୍ୟ ବୁଝିବା ସର୍ବପ୍ରଥମ କଥା । ଏହି ବ୍ୟକ୍ତିଗତ ଅବସ୍ଥାର ପାର୍ଥକ୍ୟ ବୁଝିବାକୁ ହେଲେ ନିମ୍ନଲିଖିତ ଶ୍ଲୋକର ପ୍ରଥମ ଦୁଇଧାଡ଼ିର ପ୍ରକୃତ ଅର୍ଥ ବୁଝନ୍ତୁ — ପ୍ରକୃତ ଅର୍ଥ କାହାକୁ କହନ୍ତି, ତାହା ପୂର୍ବେ ଲେଖାଯାଇଅଛି ।

ଜନ୍ମନା ଜାୟତେ ଶୂଦ୍ରଃ ସଂସ୍କାରାତ୍ ଦ୍ୱିଜ ଉଚ୍ୟତେ ।
ବେଦାଭ୍ୟାସାତ୍ ଭବେତ୍ ବିପ୍ରଃ ବ୍ରହ୍ମ ଜାନାତି ବ୍ରାହ୍ମଣଃ ।

ଅର୍ଥ — ଜାତିଗତ ଭାବରେ ପ୍ରତ୍ୟେକ ମନୁଷ୍ୟ ଯେପରି ପ୍ରଥମେ ଶୂଦ୍ର ହୋଇ ଜନ୍ମଗ୍ରହଣ କରେ, ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ଶିଶୁ ଯେହିପରି ଶୂଦ୍ର ବା ଦେହସର୍ବସ୍ୱ ହୋଇ ଜନ୍ମ ହୁଏ । ସଂସ୍କାର ଅନୁସାରେ ବା ପ୍ରକୃତ ଶିକ୍ଷାଲାଭ କରି ସେହି ଶୂଦ୍ର ବା ଶିଶୁ, ପରେ ଦ୍ୱିଜତ୍ୱ ଲାଭ କରେ ।

ଶୂଦ୍ରମାନଙ୍କ ପାଇଁ ବା ଶିଶୁ ମାନବସମାଜ ପାଇଁ ମହାଭାରତରେ ଯୁଧିଷ୍ଠିର କହିଛନ୍ତି — "ମହାଜନୋ ଯେନ ଗତଃ ସ ପନ୍ଥାଃ" । ବ୍ରାହ୍ମଣମାନେ ଏହି ଧାଡ଼ିଟିକୁ ମୁଖସ୍ଥ କରି, ଏହାକୁ ଏକମାତ୍ର ବ୍ୟବସ୍ଥା ମନେ କରି, ଧର୍ମଶାସ୍ତ୍ରର ସବୁ ବ୍ୟବସ୍ଥା ଛାଡ଼ି, ପୂର୍ବବର୍ଣ୍ଣିତ ଦ୍ୱିଜତ୍ୱ ହରାଇ ଶୂଦ୍ରଙ୍କ ପରି ଦେଶାଚାର, କୁଳାଚାର ଓ ଲୋକାଚାର ଇତ୍ୟାଦିର ଅନ୍ଧ ଅନୁସରଣକୁ ଏକମାତ୍ର ଧର୍ମ ଓ ସ୍ୱଧର୍ମ ମନେ କଲେ ।

ଗୃହସ୍ଥାଶ୍ରମ ସର୍ବଶ୍ରେଷ୍ଠ ଆଶ୍ରମ । ସେଥି ସକାଶେ ବର୍ଣ୍ଣାଶ୍ରମ ଧର୍ମରେ ବ୍ୟବସ୍ଥା ରହିଲା "ସସ୍ତ୍ରୀକୋ ଧର୍ମମାଚରେତ୍" ଅର୍ଥାତ୍ ସସ୍ତ୍ରୀକ ହୋଇ ଧର୍ମକାର୍ଯ୍ୟ କରିବା ଆବଶ୍ୟକ । ଏହି କଥାର ପ୍ରକୃତ ଅର୍ଥ ନ ବୁଝି ଅଜ୍ଞତାର ବଶବର୍ତ୍ତୀ ହୋଇ କାମ୍ୟ ଛଳନାରେ ପଣ୍ଡିତମାନେ ତିନି ତିନି ଥର ବିବାହ କରି ମୃତ୍ୟୁ ପର୍ଯ୍ୟନ୍ତ ଗୃହସ୍ଥାଶ୍ରମରେ ରହିଲେ । ବାନପ୍ରସ୍ଥ ଓ

ସନ୍ନ୍ୟାସ, ଏହି ଦୁଇଟି ଆଶ୍ରମର ପାଳନ କଠିନ ହେବାରୁ ତାହା ସମାଜରୁ ସମ୍ପୂର୍ଣ୍ଣରୂପେ ଲୋପ ପାଇଲା । ସେହି ବାନପ୍ରସ୍ଥ ଓ ସନ୍ନ୍ୟାସାଶ୍ରମ ରହିଲା ଭଣ୍ଡ ପ୍ରଚାରକମାନଙ୍କ ବେଶରେ, ବର୍ଣ୍ଣାଶ୍ରମ ଧର୍ମ ରହିଲା "କବଚାୟ ହୁଁ" "ଅସ୍ତ୍ରାୟ ଫଟ୍" ଇତ୍ୟାଦି କେତେଗୁଡ଼ିଏ ଅର୍ଥଶୂନ୍ୟ ମନ୍ତ୍ର ଉଚ୍ଚାରଣରେ ଓ ଧେନୁମୁଦ୍ରା, ମହାମୁଦ୍ରା ଇତ୍ୟାଦି କେତେଗୁଡ଼ିଏ ଅବୋଧଗମ୍ୟ ଅବଲମ୍ବରେ ବାଧ୍ୟତାମୂଳକ କଠୋର ବ୍ରହ୍ମଚର୍ଯ୍ୟର ବ୍ୟବସ୍ଥା ରହିଲା ବିବାହକାମୀ ଯୁବତୀବିଧବାମାନଙ୍କ ପାଇଁ ଓ ସ୍ୱାମୀସମ୍ବନ୍ଧଶୂନ୍ୟ ନାବାଳିକା କନ୍ୟାଟିମାନଙ୍କ ପାଇଁ ; ଉପନୟନ ସଂସ୍କାର ରହିଲା ଗୋଟିଏ ପ୍ରହସନର ଅଭିନୟରେ । ସଂକ୍ଷେପରେ କହିବାକୁ ଗଲେ ବ୍ରହ୍ମଚର୍ଯ୍ୟାଶ୍ରମରେ ଦ୍ୱିଜତ୍ୱ ଲାଭ କରି ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥ ମଧ୍ୟ ଦେଇ ସନ୍ନ୍ୟାସାଶ୍ରମ ବା ମନୁଷ୍ୟତା ଆଡ଼କୁ ଅଗ୍ରସର ହେବା କଠିନ ହେଲା । ସହଜ ହେଲା—କେବଳ ମାଙ୍କଡ଼ମାନଙ୍କ ପରି ଅନୁକରଣ କରିବା ଓ ଅନ୍ଧ ଅନୁସରଣ କରିବା ଏବଂ ଭାଗ୍ୟ ଉପରେ ଦୋଷାରୋପ କରି ନିଶ୍ଚେଷ୍ଟ ରହିବା ।

## ଶାସ୍ତ୍ରୋକ୍ତ ଷୋଡ଼ଶ ସଂସ୍କାର—

୧ । ଗର୍ଭାଧାନ ବା ନିଷେକ – ଗୋଟିଏ ମନୁଷ୍ୟ ଜୀବକୁ ଅଭ୍ୟର୍ଥନା କରି ଆଣିବା ଅଭିପ୍ରାୟରେ ଗର୍ଭାଶୟରେ ବୀର୍ଯ୍ୟସ୍ଥାପନ ପକାଶେ ଏହି ସଂସ୍କାର ବା ବିଧି ଅଛି ।

୨ । ପୁଂସବନ: – ଗର୍ଭସ୍ଥ ଜୀବର ପୁଷ୍ଟି ସାଧନ ପାଇଁ ସଂସ୍କାର ।

୩ । ସୀମନ୍ତୋନୟନ: – ଗର୍ଭସ୍ଥ ଜୀବର ପ୍ରଫୁଲ୍ଲତା ପାଇଁ ସଂସ୍କାର ।

୪ । ଜାତକର୍ମ: – ପ୍ରସବବେଦନାର ଉପଶମ ପାଇଁ ସଂସ୍କାର ।

**(ଏହା ସ୍ତ୍ରୀର ପ୍ରସବବେଦନା ନୁହେଁ – ଜନ୍ମ ହେବା ଜୀବର ବେଦନା)**

୫ । ନାମକରଣ – (ପ୍ରଚଳିତ ଏକୋଇଶିଆ)

୬ । ବହିର୍ନିଷ୍କ୍ରମଣ – ଶିଶୁକୁ ବାହାରକୁ ଆଣିବା ।

୭ । ଅନ୍ନପ୍ରାଶନ – ପ୍ରଚଳିତ ଷାଠିଘରା ।

୮ । ଚୂଡ଼ାକର୍ମ—ପ୍ରଥମଥର କେଶ ଛେଦନ (ସାଁଆଁ ବାଳ ଖଣ୍ଡିବା)

୯ । କର୍ଣ୍ଣବେଧ—କାନଫୋଡ଼ା (କାହିଁକି ଥିଲା ତାହା ଅନୁସନ୍ଧାନ କରି ପାରନ୍ତି) ଏହା ବର୍ତ୍ତମାନ ସମ୍ପୂର୍ଣ୍ଣ ଅନାବଶ୍ୟକ ଓ ନିଷ୍ଠୁରତାର ପରିଚୟକ ।

୧୦ । ଉପନୟନ—ଦ୍ୱିଜତ୍ୱ ଲାଭକରିବା ପାଇଁ ଗୁରୁଗୃହକୁ ପଠାଇବା ।

୧୧ । ବେଦାରମ୍ଭ:—ବେଦ ପାଠର ଆରମ୍ଭ ।

୧୨ । ସମାବର୍ତ୍ତନ:—ବେଦଶିକ୍ଷା ସମାପ୍ତି ପରେ ଗୃହସ୍ଥାଶ୍ରମ ପାଳନ ପାଇଁ ଘରକୁ ଫେରିଯିବା ।

୧୩ । ବିବାହ—ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଧର୍ମସମ୍ମତ ସମ୍ବନ୍ଧସ୍ଥାପନ; ଉଭୟଙ୍କର କେତୋଟି ନିୟମରେ ଆବଦ୍ଧ ରହିବା ।

୧୪ । ବାନପ୍ରସ୍ଥ:—ଗୃହସ୍ଥାଶ୍ରମ ଶେଷ କରି ଅମୃତଲାଭପାଇଁ କନ୍ଦରର ନିର୍ଜନରେ ରହିବା ।

୧୫ । ସନ୍ନ୍ୟାସ:—ସଂକୀର୍ଣ୍ଣ ସଂସ୍କାରରୁ ସମସ୍ତ ଆସକ୍ତି ତ୍ୟାଗ କରି ଆତ୍ମାର କଲ୍ୟାଣପାଇଁ କାର୍ଯ୍ୟ କରିବା ।

୧୬ । ଅନ୍ତ୍ୟେଷ୍ଟି:—ଜଡ଼ ଦେହକୁ ଭସ୍ମ କରିବା ଆଦି ସଂସ୍କାର ।

ଋତୁକାଳରେ ଗର୍ଭାଧାନ, ଗର୍ଭରେ ଭ୍ରୂଣର ବୃଦ୍ଧିବା ଅବସ୍ଥାରେ ପୁଂସବନ; ଗର୍ଭୋଦୟହେବାର ଷଷ୍ଠ କିମ୍ବା ଅଷ୍ଟମ ମାସରେ ସୀମନ୍ତୋନ୍ନୟନ, ସନ୍ତାନର ଜନ୍ମ ସମୟରେ ଜାତକର୍ମ, ଜନ୍ମଠାରୁ ଏଗାରଦିନରେ ନାମକରଣ, ଚତୁର୍ଥମାସରେ ନିଷ୍କ୍ରାମଣ, ଷଷ୍ଠ ମାସରେ ଅନ୍ନପ୍ରାଶନ, ଗର୍ଭଧାରଣଠାରୁ ଅଷ୍ଟମ ବର୍ଷରେ ବ୍ରାହ୍ମଣ ସନ୍ତାନର ଉପନୟନ କର୍ତ୍ତବ୍ୟ । ଏପରି ବ୍ୟବସ୍ଥା ରହିଥିବା ସ୍ଥଳେ ଉପନୟନ ଦିନ ଉପନୟନର ପୂର୍ବବର୍ତ୍ତୀ ନଅଟି ସଂସ୍କାର ମଧ୍ୟରୁ ସାତୋଟି ସଂସ୍କାର ଏବଂ ଉପନୟନର ପରବର୍ତ୍ତୀ ଦୁଇଟି ସଂସ୍କାର ଓ ଉପନୟନ, ଏପରି ଦଶୋଟି ସଂସ୍କାର କରିବାକୁ କେଉଁ ଋଷି ବ୍ୟବସ୍ଥା ଦେଲେ ?

ଉପନୟନର ମୂଳଗ୍ରନ୍ଥ ଗୃହ୍ୟସୂତ୍ର; ସେହି ଗୃହ୍ୟସୂତ୍ର ସହିତ ପ୍ରଚଳିତ କର୍ମକାଣ୍ଡ ଓ ପୁରୋହିତସର୍ବସ୍ୱ ପ୍ରଭୃତି ବହିର କୌଣସି ସମ୍ବନ୍ଧ ନାହିଁ । କର୍ମକାଣ୍ଡ ଓ ପୁରୋହିତସର୍ବସ୍ୱ ବହି ସହିତ ପ୍ରଚଳିତ ଉପନୟନ ପ୍ରଥାର ମଧ୍ୟ କୌଣସି ସମ୍ବନ୍ଧ ନାହିଁ । ସେହି କର୍ମକାଣ୍ଡ ବହିରେ ପୁଂସବନ ପାଇଁ ସ୍ୱତନ୍ତ୍ର ବାର ଓ ସ୍ୱତନ୍ତ୍ର ନକ୍ଷତ୍ର ନିର୍ଦ୍ଦେଶ କରା ହୋଇଅଛି । ସେହି ବାରରେ ଓ ସେହି ନକ୍ଷତ୍ରରେ ପୁଂସବନ କର୍ମ ନ କଲେ ସନ୍ତାନର ମୃତ୍ୟୁ ହେବ । ଏପରି ଭୟ ବା ବ୍ୟବସ୍ଥା ଦିଆ ହୋଇଥିବା ସ୍ଥଳେ ଉପନୟନ ପାଇଁ ନିର୍ଦ୍ଦିଷ୍ଟ ବାରରେ ଓ ନକ୍ଷତ୍ରରେ ପୁଂସବନକର୍ମ ହେଉଅଛି ଓ ହେଉଥିବ କାହିଁକି ?

ଯାଜ୍ଞବଲ୍କ୍ୟ ବ୍ୟବସ୍ଥା ଦେଲେ—"ଅହନ୍ୟେକାଦଶେ ନାମ" ଅର୍ଥାତ୍ ଜନ୍ମଠାରୁ ଏଗାର ଦିନରେ ନାମକରଣ କରିବ । ପୁଅଙ୍କର ଏକୋଇଶିଆ ଓ ଝିଅଙ୍କର ମାସିକିଆ ଦିନ ନାମକରଣ କରିବାର ବ୍ୟବସ୍ଥା କେଉଁଠାରୁ ଆସିଲା ? ନାମକରଣ ଦିନ ସତ୍ୟନାରାୟଣ ପାଲା ଓ ସିରଣୀ ଚକଟା କରିବାକୁ କିଏ ବ୍ୟବସ୍ଥା ଦେଲା ? ଅନ୍ନପ୍ରାଶନ ବା ଖିରଖିଆ, ନାମକରଣ ବା ଏକୋଇଶିଆ ଇତ୍ୟାଦି କର୍ମ ଉପନୟନ ପୂର୍ବରୁ ଥରେ ପ୍ରଚଳିତ ପ୍ରଥା ଅନୁସାରେ କରାଯାଇଥିଲେ ସୁଦ୍ଧା ବ୍ରତଘର ଦିନ ବା ତତ୍ପୂର୍ବ ଦିନ ସେହି ସବୁ କର୍ମର ଅଭିନୟ ପୁଣି ଥରେ ହେଉଛି କାହିଁକି ? ଆମେ ଚଉଦ ପୁରୁଷରୁ ପାପ ଓ ପ୍ରାୟଶ୍ଚିତ୍ତ କରି ଆସିଲୁଣି, ବୋଲି ପରବର୍ତ୍ତୀ ଚଉଦ ପୁରୁଷଯାଏ ପୁନଃପୁନଃ ପାପ ଓ ପ୍ରାୟଶ୍ଚିତ୍ତ କରୁଥିବୁ । ଏପରି ବାଧ୍ୟତାମୂଳକ ପାପ ଓ ପ୍ରାୟଶ୍ଚିତ୍ତର ବ୍ୟବସ୍ଥା କୌଣସି ଗ୍ରନ୍ଥରେ ରହି ନ ପାରେ ।

ସମାବର୍ତ୍ତନ କର୍ମ ବର୍ତ୍ତମାନ ଆମ ଭିତରେ କିପରି ଅଭିନୀତ ହେଉଛି; ଟିକିଏ ଶୁଣନ୍ତୁ । ବ୍ରତବେଦିରେ ପିଲାଟିର ବେଦଶିକ୍ଷା ଶେଷ ହୁଏ ଓ ପିଲାଟିର ବୟସ କଳ୍ପନା ବଳରେ ମଧ୍ୟ ୨୦।୨୫ କରିହୁଏ । ପିଲାଟି ସେହି ବେଦିରୁ କୌଣସି ନିକଟବର୍ତ୍ତୀ ଦେବମନ୍ଦିରକୁ ରୁଷି କରି ଯାଏ (ଏହାକୁ ରୁଷିଆଣ କହନ୍ତି); ସେଠାରେ ପିଲାକୁ ପଚାରନ୍ତି, ତୁମେ କାହିଁକି ରୁଷି ଯାଉଛ ? ପିଲା ଉତ୍ତର କରେ—ମାମୁ ବ୍ରତ କଲେ, ମାଇ ବାଣୀ

ମୋତେ ବିବାହ ନ ଦେବାରୁ ମୁଁ ରୁଷି ଯାଉଛି । ପୁରୋହିତ କିମ୍ବା ଆଚାର୍ଯ୍ୟ କହନ୍ତି—"ଆଚ୍ଛା, ତୁମେ କେତେଟା ବିବାହ କରିବ । ପିଲା କହେ, ସାତଟା ପାରେ । ଏକଥା କହିବାକୁ ପିଲାକୁ ପୂର୍ବରୁ ଶିକ୍ଷା ଦିଆ ଯାଇଥାଏ । ଏ ଉତ୍ତର ଶୁଣି ପୁରୋହିତ ଆଦି କହନ୍ତି—ଆଚ୍ଛା ଫେରିଚାଲ, ତୁମକୁ ବିବାହ କରାଇବା । ଏହା ଶୁଣି ପିଲାଟି ଗୃହାଭିମୁଖୀ ହୁଏ । ଏହାହିଁ ଆମ ଭିତରେ ବର୍ତ୍ତମାନ ସମାବର୍ତ୍ତନର ଅଭିନୟ । ଏହି ଉଦ୍ଭଟର ଅନ୍ଧାନୁସରଣ ସର୍ବଥା ଶିକ୍ଷିତସମାଜ ପକ୍ଷରେ ଯୁକ୍ତିଯୁକ୍ତ ନୁହେଁ । ଆଉ ଗୋଟିଏ ଅତ୍ୟନ୍ତ ଅନିଷ୍ଟପ୍ରଦ ଅଭିନୟ ଶୁଣନ୍ତୁ —ଉପନୟନ ଦିନ ପୁଂସବନ ଓ ସୀମନ୍ତୋନ୍ନୟନ କର୍ମର ଅଭିନୟ ପରେ ଜାତକର୍ମର ଅଭିନୟ ହୁଏ । ପିଲାଟି ମାଆଙ୍କ କୋଳରେ ବସେ । ପିଲାର ନାହି ଉପରେ ଗୋଟିଏ ପିଠଉ ତିଆରି କୃତ୍ରିମ ନାହି ରଖାଯାଏ । ସେହି ନାହିକୁ ବାପ ଛୁରିଦ୍ୱାରା କାଟି ଦିଅନ୍ତି । ଏହି ନାହିଟାକୁ ଜାତକର୍ମର ନାମ ଦିଆଯାଇଛି । ବ୍ରାହ୍ମଣଜାତିର ଦ୍ୱିଜତ୍ୱ ବା ଦ୍ୱିତୀୟବାର ଜନ୍ମ ଏହି ଅଜ୍ଞତା ଫଳରେ ପୂର୍ବବର୍ଣ୍ଣିତ ପ୍ରକୃତ ଦ୍ୱିଜତ୍ୱ ବା ଜୀବର ବ୍ୟକ୍ତିତ୍ୱ ଦେଶରୁ ସମ୍ପୂର୍ଣ୍ଣରୂପେ ଲୋପ ହେଲାଣି । ଆଜି କେବଳ ବ୍ରାହ୍ମଣଜାତି କାହିଁକି ? ସମସ୍ତ ଆର୍ଯ୍ୟଜାତି ଦ୍ୱିଜତ୍ୱ ବା ପ୍ରକୃତ ବ୍ୟକ୍ତିତ୍ୱ ବା ସ୍ୱାଧୀନତା ହରାଇ ମାଙ୍କଡ଼ କୁକୁରରେ ପରିଣତ ହେଲେଣି । ତେବେ ସୁଦ୍ଧା ସଭ୍ୟ ଶିକ୍ଷିତ ସମାଜର ବିବେକଚକ୍ଷୁ ଫିଟୁ ନାହିଁ, କିମ୍ବା ଏହି ଅନ୍ଧ ଅନୁସରଣ କେହି ଛାଡ଼ି ପାରୁନାହାନ୍ତି । ଛାଡ଼ି ନ ପାରିବାର ଦୁଇଟି କାରଣ ଅଛି । ଗୋଟିଏ କାରଣ ପରଧର୍ମର ଅନ୍ଧ ଅନୁସରଣ, ଅନ୍ୟ କାରଣଟି ଜୀବର ବ୍ୟକ୍ତିତ୍ୱ ଅଭାବରୁଁ ଦେହର ବ୍ୟକ୍ତିତ୍ୱ ବା ଦେହାଭିମାନ ।

"ଅନ୍ଧ ଅନୁସରଣ କରି କରି ଆମେ ବୁଢ଼ାବୁଢ଼ୀ ହେଲୁଣି, ତେଣୁ ତାହା ଛାଡ଼ି ହେବ ନାହିଁ, ଏ କଥା କେହି କେହି କହି ପାରନ୍ତି । ସେମାନେ ପୂର୍ବପରି ଅନ୍ଧ ରହିଥାଆନ୍ତୁ, ଆପତ୍ତି ନାହିଁ; କିନ୍ତୁ ନିଜେ ଅନ୍ଧ ଅଛୁ ବୋଲି ପୁତ୍ରକନ୍ୟାମାନଙ୍କ ଆଖି ଫୁଟାଇଦେବା ସମ୍ପୂର୍ଣ୍ଣ ଅନ୍ୟାୟ ଅଟେ ।" ଭବିଷ୍ୟତ ବଂଶଧରମାନଙ୍କ ଉପରେ ଭାରତର ତଥା ମାନବସମାଜର ମୁକ୍ତି ସମ୍ପୂର୍ଣ୍ଣ ନିର୍ଭର କରୁଅଛି ।

## ଉପସଂହାର

ଏହି ସନ୍ଦର୍ଭ ପାଠ କରି ଯେବେ ଆଧୁନିକ ଦ୍ୱିଜସମାଜର ଜଣେ ବ୍ୟକ୍ତିଙ୍କ ମନରେ ଆଜିକାଲି ପ୍ରଚଳିତ ଅନ୍ଧ ଅନୁଷ୍ଠାନ ପ୍ରତି ବିତୃଷ୍ଣା ଆସେ, ଏବଂ ତହିଁର ଫଳରେ ସେ ଆପଣାର ବିବେକାନୁମୋଦିତ କର୍ମାଚରଣ କରି ଓ ନିନ୍ଦାସ୍ତୁତିକୁ ଭ୍ରୂକ୍ଷେପ ନ କରି ସତ୍ସାହସ ସହିତ କର୍ମକ୍ଷେତ୍ରରେ ଅଗ୍ରସର ହୁଅନ୍ତି, ତେବେ ମୋ ପରିଶ୍ରମ ସାର୍ଥକ ହେବ ।

୧୯୭୧ ମସିହା

## ଆଦର୍ଶ

# ଉପବୀତ ଗ୍ରହଣ

●

ସର୍ବେ ବୈ ସୁଖିନଃ ସନ୍ତୁନ କଶ୍ଚିଦ୍ ଦୁଃଖ ମାପ୍ନୁୟାତ୍ ॥

ଧର୍ମ ସମ୍ବନ୍ଧୀୟ ବହିର ଆରମ୍ଭରେ ମନ୍ତ୍ରଟିଏ ଲେଖାଯାଏ ବୋଲି ଉପରଲିଖିତ ମନ୍ତ୍ରଟି ଲେଖା ଯାଇନାହିଁ । ଏହି ମନ୍ତ୍ରଟି ଲେଖିବାରେ ମୋର ଅଭିପ୍ରାୟ ଏହି କି ଲୋକେ ମନ୍ତ୍ରଟିର ଅର୍ଥ ଓ ମନ୍ତ୍ରକର୍ତ୍ତାଙ୍କର ଅଭିପ୍ରାୟ ପ୍ରତି ଦୃଷ୍ଟି ଦେଇ ତଦନୁସାରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ । ଏହି ମନ୍ତ୍ରଟିରେ ଚାରୋଟି ଧାଡ଼ି ଥିଲେ ମଧ୍ୟ ମୁଁ ସେହି ଚାରୋଟି ଧାଡ଼ିରୁ ଦୁଇଧାଡ଼ି ଲେଖିଲି । ମୋର ଅଭିପ୍ରାୟ ଏହିକି ଲୋକେ ଗୋଟିଏ କଥା ବୁଝି ତଦନୁସାରେ ଜୀବନ ଗଠନ କରିବାକୁ ଶିଖନ୍ତୁ ।

ଉପରଲିଖିତ ମନ୍ତ୍ରଟିରେ ଥିବା "ସର୍ବେ" ଓ "ନ କଶ୍ଚିଦ୍" ଏହି ଦୁଇଟି କଥାର ବିଶେଷତ୍ୱ ଏହିକି ପ୍ରତ୍ୟେକ ବ୍ୟକ୍ତି ସବୁ ପ୍ରକାର ସାମ୍ପ୍ରଦାୟିକ ମନୋବୃତ୍ତି ଓ ସଙ୍କୀର୍ଣ୍ଣ ସ୍ୱାର୍ଥପରତା ପରିତ୍ୟାଗ କରି ସମସ୍ତ ମାନବ ସମାଜର ମଙ୍ଗଳ ଅଭିପ୍ରାୟରେ ନିଜର ଯାବତୀୟ କର୍ମ ସମ୍ପନ୍ନ କରନ୍ତୁ, ନିଜର ଆଦର୍ଶରୁ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି ଯେପରି ସୁଖ ଶାନ୍ତି ଉପଭୋଗ କରନ୍ତୁ ଏବଂ କେହି ଦୁଃଖ ଭୋଗ ନ କରନ୍ତୁ । କେହି କାହା ପ୍ରତି ଅନ୍ୟାୟ ଓ ନିଷ୍ଠୁର ବ୍ୟବହାର ନ କରନ୍ତୁ । ମାନବ ସମାଜରେ ବିଶ୍ୱଭ୍ରାତୃତ୍ୱ, ବିଶ୍ୱପ୍ରେମ, ବିଶ୍ୱଶାନ୍ତି ପ୍ରତିଷ୍ଠିତ ହେବ

ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତ୍ୟହ ଏହି ମନ୍ତ୍ର ଜପ୍ୟ। ଏହାପରେ ଅନ୍ୟ ମନ୍ତ୍ର ସବୁ ପାଠ କରିବାକୁ ଭାରତର ଋଷିମାନେ ବ୍ୟବସ୍ଥା ଦେଇ ଯାଇଥିଲେ । ମାତ୍ର ଆମ୍ଭେମାନେ ଶୁଆ ଚଢ଼େଇ "ରାଧାକୃଷ୍ଣ" ପଢ଼ିଲା ପରି କେବଳ ମନ୍ତ୍ର ପାଠ କରିବାକୁ ଧର୍ମ ମନେ କଲୁ—ପୂର୍ବାଚାର୍ଯ୍ୟଙ୍କର କୌଣସି ଗୋଟିଏ ମନ୍ତ୍ରର ଅର୍ଥ ଓ ଅଭିପ୍ରାୟ ବୁଝି ତଦନୁସାରେ ଜୀବନ ଗଠନ କରିବାକୁ ଶିଖିଲୁ ନାହିଁ ।

ବର୍ଣ୍ଣାଶ୍ରମଧର୍ମ—ଆମ୍ଭେମାନେ ଯାହାକୁ "ହିନ୍ଦୁଧର୍ମ" ଏହି ନାମ ଦେଇଅଛୁ ତାହାର ଶାସ୍ତ୍ରୋକ୍ତ ନାମ ବା ପ୍ରକୃତ ନାମ ହେଉଛି— ବର୍ଣ୍ଣାଶ୍ରମଧର୍ମ । ଏହା ବର୍ଣ୍ଣଧର୍ମ ଓ ଆଶ୍ରମଧର୍ମ ଏହି ଦୁଇଟି ଧର୍ମର ସମଷ୍ଟି । ଏହା କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପାଇଁ କିମ୍ବା ଉପସ୍ଥିତ ହିନ୍ଦୁ ସମ୍ପ୍ରଦାୟ ପାଇଁ ସୃଷ୍ଟ ହୋଇ ନ ଥିଲା—ସୃଷ୍ଟ ହୋଇଥିଲା ସମସ୍ତ ମାନବ ସମାଜ ପାଇଁ ତଥା ମାନବସମାଜର ପ୍ରତ୍ୟେକ ବ୍ୟକ୍ତିର ମଙ୍ଗଳପାଇଁ । ଶାସ୍ତ୍ର କହୁଛି—ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ର ଏହି ଚାରିବର୍ଣ୍ଣ ବ୍ୟତୀତ ପଞ୍ଚମ ବର୍ଣ୍ଣ ନାହିଁ । ମାତ୍ର ଏହି ଚାରିବର୍ଣ୍ଣରୁ ପ୍ରତ୍ୟେକ ବର୍ଣ୍ଣ ଆଜି ଅସଂଖ୍ୟ ବର୍ଣ୍ଣରେ ବିଭକ୍ତ ହୋଇଅଛି । ଅତଏବ ବର୍ଣ୍ଣଧର୍ମ ସମାଜରୁ ଆଜି ସମ୍ପୂର୍ଣ୍ଣ-ରୂପେ ଲୁପ୍ତ ହୋଇ ଯାଉଛିଲାଣି । ବର୍ଣ୍ଣାଶ୍ରମଧର୍ମ ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ଜୀବନ-କାଳ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଏହି ଚାରି ଆଶ୍ରମରେ ବା ଚାରି ଭାଗରେ ବିଭକ୍ତ ଥିଲା । ଶାସ୍ତ୍ରୋକ୍ତ ଏହି ଚାରି ଆଶ୍ରମରୁ ପ୍ରଥମ, ତୃତୀୟ ଓ ଚତୁର୍ଥ ଏହି ତିନୋଟି ଆଶ୍ରମ ସମ୍ପୂର୍ଣ୍ଣରୂପେ ଲୁପ୍ତ ହୋଇଅଛି—ଏବଂ ରହିଛି କେବଳ କାମୋପଭୋଗ ଉପରେ ପ୍ରତିଷ୍ଠିତ ତଥାକଥିତ ଗୃହସ୍ଥାଶ୍ରମ ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକାଧିପତ୍ୟ ବିସ୍ତାର କରି ରହିଅଛି । ଯେ ଯାହାହେଉ, ବର୍ଣ୍ଣାଶ୍ରମ-ଧର୍ମ ବହୁକାଳ ହେଲା ସମାଜରୁ ଲୁପ୍ତ ହୋଇ ଯାଇଲାଣି ଏବଂ ଲୁପ୍ତ ହୋଇଥିବା ସେହି ବର୍ଣ୍ଣାଶ୍ରମଧର୍ମକୁ ପୁନର୍ବାର ପ୍ରତିଷ୍ଠା କରିବାକୁ ହେବ ଏ କଥା ଶ୍ରୀମଦ୍ ଭାଗବତ ନିମ୍ନଲିଖିତ ଶ୍ଳୋକ ଦୁଇଟିରୁ ଜାଣନ୍ତୁ ।।

**ଦେବାପି ଶାନ୍ତନୋର୍ଭ୍ରାତା ମରୁଶ୍ଚେକ୍ଷ୍ୱାକୁ ବଂଶଜଃ**
**କଳାପ ଗ୍ରାମ ଆସାତେ ମହାଯୋଗବଳାନ୍ୱିତୌ,**

**ତାବଦେହତ୍ୟ କଲେରନ୍ତେ ବାସୁଦେବାନୁଶିକ୍ଷିତୌ**
**ବର୍ଣ୍ଣାଶ୍ରମ ଯୁତଂ ଧର୍ମ୍ମ ପୂର୍ବବତ୍ ପ୍ରଥୟିଷ୍ୟତଃ ।।**

( ୧୨ଶ ସ୍କନ୍ଧ ୨ୟ ୩୭ ଓ ୩୮ )

ଅର୍ଥ—ଶାନ୍ତନୁଙ୍କର ଭାଇ ଦେବାପି ଏବଂ ଇକ୍ଷ୍ୱାକୁ ବଂଶର ମରୁ ମହାଯୋଗ ବଳରେ କଳାପ ନାମକ ଗ୍ରାମରେ ଅଛନ୍ତି । କଳି ଶେଷରେ ସେ ଦୁହେଁ ସଂସାରକୁ ଆସି ବାସୁଦେବଙ୍କ ଦ୍ୱାରା ଅନୁଶିକ୍ଷିତ ହୋଇ ବର୍ଣ୍ଣାଶ୍ରମ ଧର୍ମ୍ମକୁ ପୂର୍ବପରି ପ୍ରତିଷ୍ଠା କରିବେ ।

ଭାଗବତର ଏହି ଉକ୍ତିକୁ ସତ୍ୟ ବୋଲି ମାନି ନେବାକୁ ହେବ ଏପରି କଥା ମୁଁ କହୁ ନାହିଁ । ଯେଉଁମାନେ ଭାଗବତର ଉକ୍ତିକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି ସେମାନେ ବୁଝିବା ଆବଶ୍ୟକ ଯେ, ଏହି ଦୁଇଜଣ ଋଷି କଳାପ ଗ୍ରାମରେ ନିଶ୍ଚେଷ୍ଟ ହୋଇ ବସିନାହାନ୍ତି; ବର୍ଣ୍ଣାଶ୍ରମଧର୍ମକୁ ପୂର୍ବପରି ପ୍ରତିଷ୍ଠା କରିବା ପାଇଁ କିଛି ନା କିଛି ନିଶ୍ଚୟ କରୁଅଛନ୍ତି । କିପରି ଭାବରେ କରୁ ଅଛନ୍ତି କିମ୍ବା କିଛି କରୁନାହାନ୍ତି ସେ ବିଷୟର ଆଲୋଚନା ସମ୍ପୂର୍ଣ୍ଣ ଅନାବଶ୍ୟକ । କାରଣ ବର୍ଣ୍ଣାଶ୍ରମଧର୍ମ ଯେ ସମ୍ପୂର୍ଣ୍ଣରୂପେ ଲୁପ୍ତ ହୋଇ ଯାଇନାହିଁ, ଏକଥା ଆମ୍ଭେମାନେ ଜାଣି ସାରିଲୁଣି—ଯାହା ପୂର୍ବେ କୁହା ଯାଇଅଛି । ଅତଏବ ଲୁପ୍ତ ହୋଇଯାଇଥିବା ବର୍ଣ୍ଣାଶ୍ରମଧର୍ମକୁ ପୂର୍ବପରି ପ୍ରତିଷ୍ଠା କରିବା ପାଇଁ ଯତ୍ନବାନ ହେବା ହିନ୍ଦୁ ନାମ ଗ୍ରହଣ କରିଥିବା ପ୍ରତ୍ୟେକ ତଥାକଥିତ ବର୍ଣ୍ଣାଶ୍ରମଧର୍ମାବଲମ୍ବୀଙ୍କର କର୍ତ୍ତବ୍ୟ ଅଟେ । ବର୍ଣ୍ଣାଶ୍ରମଧର୍ମ ପୂର୍ବେ ଯେଉଁପରି ଥିଲା ଆଜି ସେ ଠିକ୍ ସେହିପରି ରହିବ ଏପରି କଥା ମୁଁ କହୁ ନାହିଁ । କାରଣ ସଂସାରର କୌଣସି ବିଷୟ ପୂର୍ବ ପରି ରହିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅସମ୍ଭବ । ସମ୍ ସରଣାତ୍, ସଂସାରଃ, ଅର୍ଥାତ୍ ଯାହା ପ୍ରତି ମୁହୂର୍ତ୍ତରେ ବଦଳି ଯାଉଛି ତାହାର ନାମ ସଂସାର । ଅତଏବ ପରିବର୍ତ୍ତନଶୀଳ ଏହି ସଂସାରରେ କୌଣସି ବିଷୟ ପୂର୍ବପରି ରହି ନ ପାରେ । କେହି କେହି କହିପାରନ୍ତି ଚିତା, ପଇତା, ଟୋପି, ଦାଢ଼ି, ଠାକୁର, ଠାକୁରାଣୀ, ମନ୍ଦିର, ମସଜିଦ୍, ଗୁରୁ, ପୁରୋହିତ, ପୂଜା, ତର୍ପଣ, ନମାଜ, ପ୍ରାର୍ଥନା ଇତ୍ୟାଦି ସବୁତ ପୂର୍ବପରି ରହିଛି । ଏପରି ଯୁକ୍ତିର ଉତ୍ତର ଏହିକି ପୂର୍ବରୁ ଏହିସବୁ କଥା ଓ ଏହିସବୁ ପ୍ରଥା ବହୁକାଳ ହେଲା ନିଜ

ନିଜର ପ୍ରାଣ ହରାଇ ସାରିଛି ଏବଂ ରହିଛି କେବଳ ସେହି ସବୁର ପଚି ଯାଇଥିବା ଦୁର୍ଗନ୍ଧମୟ ଜଡ଼ ଦେହ—ଯାହା, କ୍ରମେ କ୍ରମେ ନଷ୍ଟ ହେଉଅଛି । ସ୍ୱାଧୀନ ଭାବରେ ଚିନ୍ତା କରି ପ୍ରକୃତ କଥା ବୁଝନ୍ତୁ ଏବଂ ପଚିଯାଇଥିବା ସେହି ସବୁ ଜଡ଼ ଦେହରେ ପ୍ରାଣ ଦେବାକୁ ମଧ୍ୟ ବୃଥା ଚେଷ୍ଟା କରନ୍ତୁ ନାହିଁ । ବର୍ଣ୍ଣାଶ୍ରମଧର୍ମକୁ ପୂର୍ବପରି ପ୍ରତିଷ୍ଠା କରିବାକୁ ହେବ ଏକଥା କହିବାରେ ମୋର ଅଭିପ୍ରାୟ ଏହିକି ବର୍ଣ୍ଣାଶ୍ରମଧର୍ମର ସାର୍ବଜନୀନତା ଓ ସନାତନତ୍ୱ ପୂର୍ବପରି ପ୍ରତିଷ୍ଠା କରିବାକୁ ହେବ ।

ବର୍ଣ୍ଣାଶ୍ରମ ଧର୍ମ ପ୍ରାଚୀନତମ ଧର୍ମ ଓ ସାର୍ବଜନୀନ ଧର୍ମ । ଏହାର ସାର୍ବଜନୀନତା ଲୁପ୍ତ ହେବାକୁ ଆରମ୍ଭ ହେବା ଦେଖି ନୂଆ ନୂଆ ଧର୍ମ ସଂସ୍ଥାପକମାନେ ନୂଆ ନୂଆ ଧର୍ମ ସବୁ ସୃଷ୍ଟି କରିଅଛନ୍ତି । ସେହି ଧର୍ମ ସଂସ୍ଥାପକମାନେ ମଧ୍ୟ ଭିନ୍ନ ଭିନ୍ନ ସମ୍ପ୍ରଦାୟ ପାଇଁ ସେହି ସବୁ ଧର୍ମ ସଂସ୍ଥାପନ କରିନାହାନ୍ତି । ସେମାନଙ୍କର ଅନ୍ଧାନୁସରଣକାରୀମାନେ ନିଜ ନିଜର ଧର୍ମସଂସ୍ଥାପକମାନଙ୍କ ନାମରେ ନୂଆ ନୂଆ ସଂପ୍ରଦାୟ ସବୁ ସୃଷ୍ଟି କରି ବିଲୁଆ କୁକୁରଙ୍କ ପରି ଆପଣା ଆପଣା ମଧ୍ୟରେ ଯେପରି ବିଦ୍ୱେଷ ସୃଷ୍ଟି କରିଅଛନ୍ତି ଏବଂ ଏବେ ମଧ୍ୟ କରୁଅଛନ୍ତି ତାହା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କୁ କାହିଁକି, ସମସ୍ତଙ୍କୁ ଉତ୍ତମ ରୂପେ ଜଣାଅଛି ।

## ଦ୍ୱିଜ ଓ ଶୂଦ୍ର

ଯାଜ୍ଞବଲ୍କ୍ୟ ବ୍ୟବସ୍ଥା ଦେଇ ଅଛନ୍ତି—

**ବ୍ରହ୍ମ କ୍ଷତ୍ରିୟ ବିଟ୍ ଶୂଦ୍ରାଃ ବର୍ଣ୍ଣାସ୍ତ୍ୱାଦ୍ୟାସ୍ତ୍ରୟୋ ଦ୍ୱିଜାଃ**

ଅର୍ଥ—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର, ଏହି ଚାରି ବର୍ଣ୍ଣରୁ ପ୍ରଥମ ତିନି ବର୍ଣ୍ଣର ଲୋକେ ଦ୍ୱିଜ ଅଟନ୍ତି ।

ଏହି ବ୍ୟବସ୍ଥାରୁ ବୁଝି ଯାଉଅଛି ଯେ, ଅତୀତର ଋଷି ମହାପୁରୁଷମାନେ ସମସ୍ତ ସମାଜକୁ ସର୍ବ ପ୍ରଥମେ ଦ୍ୱିଜ ଓ ଶୂଦ୍ର ଏହି ଦୁଇ ଶ୍ରେଣୀରେ ବିଭକ୍ତ କରି ତାପରେ ଦ୍ୱିଜମାନଙ୍କୁ ଗୁଣ କର୍ମ ଅନୁସାରେ ବ୍ରାହ୍ମଣ,

କ୍ଷତ୍ରିୟ ଓ ବୈଶ୍ୟ ଏହି ତିନି ଶ୍ରେଣୀରେ ବିଭକ୍ତ କରିଥିଲେ । ସେ ଯାହା-ହେଉ ଅସଂଖ୍ୟ ବର୍ଣ୍ଣରେ ବିଭକ୍ତ ହୋଇଥିବା ଉପସ୍ଥିତ ସମାଜକୁ ଶାସ୍ତ୍ରୋକ୍ତ ଚତୁର୍ବର୍ଣ୍ଣରେ ବିଭକ୍ତ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଅତଏବ ଉପସ୍ଥିତ ସମାଜକୁ ହିଁ ପ୍ରଥମେ ଦ୍ୱିଜ ଓ ଶୂଦ୍ର ଅର୍ଥାତ୍ ଉନ୍ନତ ଓ ଅନୁନ୍ନତ ଏହି ଦୁଇ ଶ୍ରେଣୀରେ ବିଭକ୍ତ କରିବାକୁ ହେବ । ଆଉ ମଧ୍ୟ ସମାଜକୁ ଏହି ଦୁଇ ଶ୍ରେଣୀରେ ଅନାୟାସରେ ବିଭକ୍ତ କରିହେବ । କାରଣ ସମସ୍ତ ମାନବ ସମାଜ ସବୁଦିନେ ଉନ୍ନତ ଓ ଅନୁନ୍ନତ ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇ ରହିଅଛି । ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇ ରହିଥିଲେ ମଧ୍ୟ ଏହି ଦୁଇଶ୍ରେଣୀ ମଧ୍ୟରେ ଉଚ୍ଚ ଓ ନୀଚ ଭାବରେ କୌଣସି ପାର୍ଥକ୍ୟ ନାହିଁ, ଏକଥା ସର୍ବଦା ସ୍ମରଣ ରଖିବାକୁ ହେବ । ଆମ୍ଭେମାନେ ଆଜି ଯାହାଙ୍କୁ ଉନ୍ନତ ଅବସ୍ଥାରେ ଦେଖୁଅଛୁଁ କିମ୍ବା ଉନ୍ନତ ବୋଲି ମନେ କରୁଅଛୁଁ ଦିନେ ସେ ନିଶ୍ଚୟ ଅନୁନ୍ନତ ଥିଲେ ଏବଂ ଆଜି ଯାହାଙ୍କୁ ଆମ୍ଭେମାନେ ଅନୁନ୍ନତ ବୋଲି ଘୃଣା କରୁଅଛୁଁ ଦିନେ ସେ ନିଶ୍ଚୟ ଉନ୍ନତ ଅବସ୍ଥାରେ ଉପନୀତ ହେବେ । ଆଜି ଯାହାଙ୍କୁ ଏମ୍. ଏ, ଶ୍ରେଣୀରେ ପଢିବାର ଦେଖୁଅଛୁଁ ଦିନେ ସେ ନିଶ୍ଚୟ ଶିଶୁ ଶ୍ରେଣୀରେ କ, ଖ, ପଢ଼ୁଥିଲେ ଏବଂ ଆଜି ଯାହାଙ୍କୁ କ, ଖ ପଢ଼ିବାର ଦେଖୁଅଛୁଁ ଦିନେ ସେ ନିଶ୍ଚୟ ଉଚ୍ଚତର ଶ୍ରେଣୀରେ ପଢ଼ିବେ । ବହିର୍ଜଗତରେ ଦୈନନ୍ଦିନ ଜୀବନରେ ଆମ୍ଭେମାନେ ଯାହାସବୁ ଦେଖୁଅଛୁଁ ଅନ୍ତର୍ଜଗତରେ ଠିକ ସେହିସବୁ କଥା ଅନ୍ୟଭାବରେ ରହିଅଛି । ମନୁଷ୍ୟସୃଷ୍ଟ ତଥାକଥିତ ବିଶ୍ୱବିଦ୍ୟାଳୟମାନଙ୍କରେ ଆମ୍ଭେମାନେ ଯାହାସବୁ ଦେଖୁଅଛୁଁ, ଭଗବାନଙ୍କ ସୃଷ୍ଟ ପ୍ରକୃତ ବିଶ୍ୱବିଦ୍ୟାଳୟରେ ତାହା ସବୁ ଅନ୍ୟ ଭାବରେ ରହିଅଛି । ସୃଷ୍ଟି କୌଶଳର ଏସବୁ ନିୟମ ଉପଲବ୍ଧି କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ । ଦ୍ୱିଜ ଓ ଶୂଦ୍ର ଅର୍ଥାତ୍ ଉନ୍ନତ ଓ ଅନୁନ୍ନତ ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇଥିବା ସମାଜ ଆଜି ଠକ, ଓ ଅନ୍ଧ ଏହି ଦୁଇ ଶ୍ରେଣୀରେ ବିଭକ୍ତ ହୋଇଅଛି । କଏ ଠକ, କଏ ଅନ୍ଧ, କଏ ଠକ ଓ ଅନ୍ଧ ଉଭୟ । ସତ୍ୟ, ସରଳତା, ତ୍ୟାଗ, ବିଶ୍ୱଭ୍ରାତୃତ୍ୱ, ବ୍ରହ୍ମଚର୍ଯ୍ୟ ଇତ୍ୟାଦି ଉପରେ ପ୍ରତିଷ୍ଠିତ ଧର୍ମସବୁ ଆଜି ଜଟା, ଚୁଟିକ, ଟୋପି, ଦାଢ଼ି, ଗେରୁଆଲୁଗା ଇତ୍ୟାଦି ବିଭିନ୍ନ ବେଶ ଉପରେ ପ୍ରତିଷ୍ଠିତ । ଏହି ଛଦ୍ମବେଶଧାରୀ ଠକମାନଙ୍କଠାରେ କିମ୍ବା ଅନ୍ଧମାନଙ୍କଠାରେ ଦୋଷାରୋପ

କରି ନିଜେ ନିଃଶ୍ଚେଷ୍ଟ ରହିବା ଉଚିତ ନୁହେଁ । ଆମ୍ଭେମାନେ ଅନ୍ଧହୋଇ ରହିଥିବାରୁ ଏହି ଠକମାନଙ୍କର ସୃଷ୍ଟି ଏବଂ ଆମ୍ଭେମାନେ ଅନ୍ଧହୋଇ ରହିଥିବା ଯାଏଁ ଠକମାନେ ରହିଥିବେ । ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ନିଜ ନିଜର ଅନ୍ଧତା ଦୋଷ ଦୂର କରିବା । ନିଜ ନିଜର ଅନ୍ଧତା ଦୋଷ ନିଜେ ଦୂର କଲାମାତେ ଆମ୍ଭେମାନେ ନିଜକୁ ତଥା ଅନ୍ଧସମାଜକୁ ଛଦ୍ମବେଶଧାରୀ ଠକମାନଙ୍କର କବଳରୁ ଉଦ୍ଧାର କରିପାରିବୁ । ଆଲୋଚ୍ୟ ବିଷୟରୁ ବାହାରକୁ ଚାଲିଗଲି କ୍ଷମାଦେବେ ।

"ଦ୍ୱିଜ" ଏହି କଥାଟିର ଅର୍ଥ ଦ୍ୱିତୀୟବାର ଜନ୍ମ । ପ୍ରଥମବାର ଜନ୍ମ ହେଉଛି ପିତାଙ୍କର ଔରସରେ ମାତୃଗର୍ଭରୁ ଦେହ ଭାବରେ ଏବଂ ଦ୍ୱିତୀୟବାର ଜନ୍ମ ହେଉଛି ପ୍ରକୃତିର ଗର୍ଭରୁ ଭଗବାନଙ୍କର ଅଂଶ ଭାବରେ ବା ସନ୍ତାନ ଭାବରେ ବା ଆତ୍ମା ଭାବରେ । ଯେଉଁ ଅବସ୍ଥାରେ ଉପନୀତ ହେଲେ ମନୁଷ୍ୟ ନିଜକୁ ନିଜର ଦେହ ବୋଲି ନ ଜାଣି ନିଜକୁ ଭଗବାନଙ୍କର ସନ୍ତାନ ବା ଅଂଶ ବା ଆତ୍ମା ବୋଲି ଉପଲବ୍ଧି କରେ ସେହି ଅବସ୍ଥାର ନାମ ଶାସ୍ତ୍ରୋକ୍ତ ଦ୍ୱିଜତ୍ୱ ବା ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ । ଏହି ଦ୍ୱିଜତ୍ୱ ବା ବ୍ୟକ୍ତିତ୍ୱ ଉପଲବ୍ଧି କଲେ ଆମ୍ଭେମାନେ ନିଜକୁ ଅନ୍ୟଠାରୁ ଉଚ୍ଚ କିମ୍ବା ନୀଚ ମନେ ନ କରି ଅନ୍ୟମାନଙ୍କ ସଙ୍ଗେ ସମାନ ବୋଲି ଜାଣି ପାରିବୁ । ଏହି ସମତା ବା ଦ୍ୱିଜତ୍ୱ ଉପଲବ୍ଧି ନ କରିବା ପର୍ଯ୍ୟନ୍ତ ମନୁଷ୍ୟ ଭଗବାନଙ୍କର ପୂଜା କରିପାରିବ ନାହିଁ । ସେଥିପାଇଁ ବିଷ୍ଣୁପୁରାଣ ଲେଖୁଛି—

"ସମତ୍ୱ ମାରାଧନ ମଚ୍ୟୁତସ୍ୟ" ଅର୍ଥାତ୍ ସମସ୍ତଙ୍କୁ ସମାନ ବୋଲି ଉପଲବ୍ଧି କରିବାହିଁ ଭଗବାନଙ୍କର ପ୍ରକୃତ ପୂଜା । ଏହି ସମତା ବା ଦ୍ୱିଜତ୍ୱ ଉପଲବ୍ଧି କରିବା ଶାସ୍ତ୍ରୋକ୍ତ ଶୂଦ୍ର ପକ୍ଷରେ ବା ଅନୁନ୍ନତ ବ୍ୟକ୍ତି ପକ୍ଷରେ ସମ୍ଭବପର ନୁହେଁ । ଏହା ଶାସ୍ତ୍ରୋକ୍ତ ଅନ୍ୟ ତିନି ବର୍ଣ୍ଣ ପକ୍ଷରେ ଅର୍ଥାତ୍ ଉନ୍ନତ ବ୍ୟକ୍ତି ପକ୍ଷରେ ସମ୍ଭବପର । ଶୂଦ୍ରମାନଙ୍କୁ ଅର୍ଥାତ୍ ଅନୁନ୍ନତ ସମାଜକୁ ବାଦ ଦେଲେ ଆମ୍ଭେମାନେ ସମସ୍ତେ ଦ୍ୱିଜ ଅଟୁଁ । ଶାସ୍ତ୍ରମାନଙ୍କରେ ଏପରି ଯୁକ୍ତିଯୁକ୍ତ ବ୍ୟବସ୍ଥା ରହିଥିଲେ ମଧ୍ୟ ବ୍ରାହ୍ମଣମାନେ

ନିଜ ଜାତିଟିକୁ "ଦ୍ୱିଜଜାତି" କହି ଅନ୍ୟ ସମସ୍ତଙ୍କୁ ଶୂଦ୍ର ଶ୍ରେଣୀରେ ରଖିଅଛନ୍ତି । ସେ ଯାହାହେଉ ଦ୍ୱିଜତ୍ୱ କାହାକୁ କହନ୍ତି ତାହା ଶ୍ରୀମଦ୍‌-ଭଗବଦ ଗୀତା ଚତୁର୍ଦ୍ଦଶ ଅଧ୍ୟାୟ ତୃତୀୟ ଓ ଚତୁର୍ଥ ଶ୍ଳୋକ ଦୁଇଟିରୁ ଜାଣି ପାରିବେ । ସେହି ଦୁଇଟି ଶ୍ଳୋକ ଉଦ୍ଧାର କରାଗଲା । —

ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ! ୩ ।
ସର୍ବଯୋନିଷୁ କୌନ୍ତେୟ ! ମୂର୍ତ୍ତୟଃ ସମ୍ଭବନ୍ତି ଯାଃ,
ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବୀଜପ୍ରଦଃ ପିତା । ୪ ।

ଅର୍ଥ—ହେ ଭାରତ ! ମହତ୍ ବ୍ରହ୍ମ ହେଉଛି—ମୋର ଯୋନି ଅର୍ଥାତ୍ ଗର୍ଭାଧାନର ସ୍ଥାନ । ମୁଁ ସେଥିରେ ବୀଜ ସ୍ଥାପନ କରେ, ତେଣୁ ସବୁ ପ୍ରାଣୀଙ୍କର ଉତ୍ପତ୍ତି ହୁଏ । ୩ । ହେ କୌନ୍ତେୟ ! ସକଳ ଯୋନିରେ ଯେଉଁ ମୂର୍ତ୍ତିସମୂହ ଉତ୍ପନ୍ନ ହୁଅନ୍ତି, ମହତ୍ ବ୍ରହ୍ମ ସମସ୍ତଙ୍କର ମାତା ଏବଂ ମୁଁ ବୀଜପ୍ରଦ ପିତା ଅଟେ । ୪ ।

ସାଧାରଣତଃ ମନୁଷ୍ୟର ଧାରଣା ଏହି କି, ବାପର ଔରସରୁ ଓ ମାଆର ଗର୍ଭରୁ ତାହାର ଉତ୍ପତ୍ତି ଏବଂ ତାହାର ଜୀବନ କାଳ ହେଉଛି ମାତୃଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ । ମାତ୍ର ଯେଉଁଦିନ ମନୁଷ୍ୟ ଉପଲବ୍ଧି କରିବ ଯେ ବାପର ଔରସରୁ ଓ ମାଆର ଗର୍ଭରୁ ତାର ଏହି ଦେହଟାର ଉତ୍ପତ୍ତି, ତାର ନିଜର ଉତ୍ପତ୍ତି ହେଉଛି ପ୍ରକୃତିର ଗର୍ଭରୁ ଏବଂ ବ୍ରହ୍ମ ଚୈତନ୍ୟ ବା ଶ୍ରୀକୃଷ୍ଣ ହେଉଛନ୍ତି ବୀଜପ୍ରଦ ପିତା ଏବଂ ତାର ଜୀବନ କାଳ ହେଉଛି ଅନାଦି ଓ ଅନନ୍ତ ସେହିଦିନ ସେ ଦ୍ୱିଜତ୍ୱ ଲାଭ କରିବ । ସେ ମୁସଲମାନ ନାମ ବା ଖ୍ରୀଷ୍ଟିଆନ୍ ନାମ ବା ହିନ୍ଦୁ ନାମ ବା ଅନ୍ୟ କୌଣସି ନାମ ଗ୍ରହଣ କରିଥାଉ ଏହାହିଁ ପ୍ରତ୍ୟେକ ଲୋକର ଧର୍ମ ଜୀବନର ମୂଳଭିତ୍ତି । ଦ୍ୱିଜତ୍ୱ ଉପଲବ୍ଧି ନ କରିବା ଯାଏ ବିଶ୍ୱଭ୍ରାତୃତ୍ୱ କିମ୍ବା ବିଶ୍ୱଶାନ୍ତି ପ୍ରତିଷ୍ଠା କରି ହେବନାହିଁ ।

ଭଗବଦ୍‌ଗୀତା ଅଷ୍ଟାଦଶ ଅଧ୍ୟାୟ ୪୧ରୁ ୪୪ ଏହି ଚାରୋଟି ଶ୍ଳୋକର ଶେଷରେ "ବ୍ରହ୍ମକର୍ମ ସ୍ୱଭାବଜଂ, କ୍ଷାତ୍ରକର୍ମ ସ୍ୱଭାବଜଂ, ବୈଶ୍ୟକର୍ମ ସ୍ୱଭାବଜଂ ଓ ଶୂଦ୍ରସ୍ୟାପି ସ୍ୱଭାବଜଂ" ଏହି ଚାରୋଟି କଥା ଦେଖାଯାଏ । ସ୍ୱଭାବଜଂ ଏହି କଥାଟିରୁ ପ୍ରକାଶ ଯେ ପ୍ରତ୍ୟେକ ବ୍ୟକ୍ତିର କର୍ମ ନିଜର ବର୍ଣ୍ଣାନୁଯାୟୀ ନୁହେଁ ଏହା ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବଜାତ ଅଟେ । ଗୀତାକଥା ଛାଡ଼ନ୍ତୁ । ଆମ୍ଭେମାନେ ସ୍ୱଚକ୍ଷୁରେ ଦେଖୁଅଛୁ ଯେ ବ୍ରାହ୍ମଣ ଘରେ ଜନ୍ମ ନେଇଥିବା ଏପରି ଅନେକ ଅଛନ୍ତି ଯେଉଁମାନେ ଦ୍ୱିଜତ୍ୱ ଉପଲବ୍ଧି କରିବା ତେଣିକି ଥାଉ ଦ୍ୱିଜତ୍ୱ ବିଷୟରେ ଗୀତା ପ୍ରଭୃତି ଶାସ୍ତ୍ର ଯାହା କହୁଛି ତାହା ବୁଝିପାରିବେ ନାହିଁ । ମାତ୍ର ଶୂଦ୍ର ଘରେ ଜନ୍ମଗ୍ରହଣ କରିଥିବା ଅନେକ ଉନ୍ନତ ବ୍ୟକ୍ତି ଅଛନ୍ତି ଯେଉଁମାନେ ଦ୍ୱିଜତ୍ୱ ସହଜରେ ଉପଲବ୍ଧି କରି ପାରିବେ । ସେ ଯାହାହେଉ, ଶୂଦ୍ରମାନଙ୍କୁ ବାଦ ଦେଲେ ଆମ୍ଭେମାନେ ସମସ୍ତେ ଦ୍ୱିଜଜାତି ଅଟୁ ଏବଂ ଶାସ୍ତ୍ରୋକ୍ତ ଷୋଳ ସଂସ୍କାର କରିବାର ଅଧିକାର କେବଳ ଯେ ବ୍ରାହ୍ମଣ ଜାତିର ଅଛି ତାହା ନୁହେଁ । ଶୂଦ୍ର ବା ଅନୁନ୍ନତ ସମାଜକୁ ବାଦ ଦେଲେ ଏହି ଅଧିକାର ଆମ୍ଭମାନଙ୍କର ସମସ୍ତଙ୍କର ଅଛି । ଅତଏବ ବର୍ଣ୍ଣାଶ୍ରମଧର୍ମ ପ୍ରତିଷ୍ଠା କରିବାକୁ ହେଲେ ଅସଂଖ୍ୟ ବର୍ଣ୍ଣରେ ବିଭକ୍ତ ହୋଇଥିବା ଉପସ୍ଥିତ ସମାଜକୁ ସର୍ବ ପ୍ରଥମେ ଉନ୍ନତ ବା ଦ୍ୱିଜ ଓ ଅନୁନ୍ନତ ବା ଶୂଦ୍ର ଏହି ଦୁଇ ଶ୍ରେଣୀରେ ବିଭକ୍ତ କରିବାକୁ ହେବ । ଶାସ୍ତ୍ରୋକ୍ତ ଷୋଳ ସଂସ୍କାର ଓ ପ୍ରତ୍ୟେକ ସଂସ୍କାରର ଆବଶ୍ୟକତା ତଳେ ଦିଆଗଲା ।

୧—ଗର୍ଭାଧାନ—ଗୋଟିଏ ମନୁଷ୍ୟ ଜୀବନକୁ ଅଭ୍ୟର୍ଥନା କରି ଆଣିବା ପାଇଁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଶାରୀରିକ ସମ୍ବନ୍ଧ ଆବଶ୍ୟକ । ସେହି ସମ୍ବନ୍ଧ ସ୍ଥାପନ କରିବାକୁ ଆବଶ୍ୟକ ମନେ କଲେ ତତ୍‌ପୂର୍ବେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର ଏହି ସଂସ୍କାର କରିବାର ବ୍ୟବସ୍ଥା ଅଛି । ଏହା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏକାନ୍ତ ମଙ୍ଗଳପ୍ରଦ ସଂସ୍କାର । ଏହି ସଂସ୍କାର ବହୁକାଳରୁ ଲୁପ୍ତ ହେଲାଣି ଏବଂ ତାହା ଫଳରେ ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଦାୟିତ୍ୱପୂର୍ଣ୍ଣ ପବିତ୍ର ବିବାହ ସମ୍ବନ୍ଧ ଆଜି କଣା ବିକା ବ୍ୟବସାୟରେ ବା ବ୍ୟଭିଚାରରେ ପରିଣତ ହେଲାଣି । ଆଜି

ଯେ ଆମ୍ଭମାନଙ୍କୁ ଶାସ୍ତ୍ରୋକ୍ତ ଗର୍ଭାଧାନ ସଂସ୍କାରର ଅନ୍ଧାନୁସରଣ କରିବାକୁ ହେବ ଏ କଥା ମୁଁ କହୁନାହିଁ । ପୂର୍ବର ଋଷି ମହାପୁରୁଷମାନଙ୍କର ଅଭିପ୍ରାୟ ବୁଝି, ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀ ଅବଲମ୍ବନ କରି ପୁଣି କନ୍ୟାମାନଙ୍କର ବୈବାହିକ ଜୀବନକୁ ମନୁଷ୍ୟୋଚିତ, ସୁଦୃଢ଼ ଓ ପବିତ୍ର କରିବାକୁ ଯତ୍ନବାନ ହେବା ଏକାନ୍ତ ଆବଶ୍ୟକ । ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ଗୋଟିଏ ବିଛଣାରେ ଶୋଇବାକୁ ଅନୁମତି ଦେବା ପ୍ରଥା ନିନ୍ଦନୀୟ ଓ ଅନିଷ୍ଟପ୍ରଦ । ଏହି କଦର୍ଯ୍ୟ ପ୍ରଥା ସମ୍ପୂର୍ଣ୍ଣ-ରୂପେ ଉଠିଯାଉ, ଉଭୟଙ୍କର ବିଛଣା ସ୍ୱତନ୍ତ୍ର ହେଉ, ପାରିବାରିକ ଜୀବନ ପବିତ୍ର ହେଉ ଏବଂ ସ୍ୱାମୀ ଓ ସ୍ତ୍ରୀଙ୍କର ଏହି ଆଦର୍ଶରୁ ଅନ୍ୟମାନେ ଶିକ୍ଷା-ଲାଭ କରି ନିଜ ନିଜର ପରିବାର ସଂସ୍କାର କରନ୍ତୁ ।

୨ । ପୁଂସବନ—ଗର୍ଭରେ ଭ୍ରୂଣ ବୁଲିବାର ଜାଣିଲେ ଗର୍ଭସ୍ଥ ଜୀବର ରକ୍ଷା ପାଇଁ ଏହି ସଂସ୍କାର ଅଛି ।

୩ । ସୀମନ୍ତୋନୟନ—(ପ୍ରଚଳିତ ସାଦଖିଆ) ଗର୍ଭସ୍ଥ ଜୀବର ଓ ମାଆର ପ୍ରଫୁଲ୍ଲତା ପାଇଁ ଏହି ସଂସ୍କାର ଅଛି ।

୪ । ଜାତକର୍ମ—ପିଲାଟି ଜାତ ହେଲାବେଳେ ତାହାର ଯତ୍ନ ନେବା ପାଇଁ ଏହି ସଂସ୍କାର ଅଛି ।

୫ । ନାମକରଣ—ପିଲାଟିର ଗୋଟିଏ ନାମ ଦେବା ପାଇଁ ଏ ସଂସ୍କାର ଅଛି । ଜନ୍ମଠାରୁ ଏଗାର ଦିନରେ ନାମ କରଣ କରିବାର ବ୍ୟବସ୍ଥା ଅଛି—"ଅହନ୍ୟେକାଦଶେ ନାମ"—ଯାଜ୍ଞବଲ୍କ୍ୟ । ଏକୋଇଶିଆ, ସତ୍ୟନାରାୟଣ ପାଲା—ସମ୍ପୂର୍ଣ୍ଣ ଅଶାସ୍ତ୍ରୀୟ ।

୬ । ବହିର୍ନିଷ୍କ୍ରମଣ—ପିଲାକୁ ପ୍ରଥମେ ବାହାରକୁ ନେବାବେଳେ ଏହି ସଂସ୍କାର କରିବାର ଅଛି ।

୭ । ଅନ୍ନପ୍ରାଶନ—ପ୍ରଚଳିତ କ୍ଷୀରଖିଆ ।

୮ । ଚୂଡ଼ାକର୍ମ—ପ୍ରଥମବାର କେଶଛେଦନ (ପ୍ରଚଳିତ ଜାଉଳ ପକାଇବା ) ।

୯ । କର୍ଣ୍ଣବେଧ—ପୁଅ ଓ ଝିଅ ପୂର୍ବେ ସମସ୍ତେ କାନ ବିନ୍ଧୁଥିବାରୁ ଏହି ସଂସ୍କାର ଥିଲା । ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଅନାବଶ୍ୟକ ।

୧୦ । ଉପନୟନ—ପିଲାର ଅଷ୍ଟମ ବର୍ଷରେ ବେଦ ଶିକ୍ଷା ପାଇଁ ଓ ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ତାକୁ ଗୁରୁ ନିକଟକୁ ପଠାଇବା । ଏହି ସଂସ୍କାର ଗୁରୁ ଗୃହରେ ହେବା ଆବଶ୍ୟକ—ମାସ ଗୁରୁ ଆଉ ନାହାନ୍ତି ।

୧୧ । ବେଦାରମ୍ଭ—ଗୁରୁ ଗୃହରେ ଥାଇ ବେଦଶିକ୍ଷା ଆରମ୍ଭ କଲାବେଳେ ଏହି ସଂସ୍କାର କରିବାର ଅଛି ।

୧୨ । ସମାବର୍ତ୍ତନ—ପିଲାଟି ଗୁରୁଗୃହରେ ବେଦ ଶିକ୍ଷା କରି ଓ ବ୍ରହ୍ମଚର୍ଯ୍ୟ ପାଳନ କରି ୨୫ । ୨୬ ବର୍ଷ ବୟସରେ ନିଜ ଘରକୁ ଫେରି ଆସିବା ।

୧୩ । ବିବାହ—ପୂର୍ବୋକ୍ତ ମତେ ବ୍ରହ୍ମଚର୍ଯ୍ୟ ପାଳନ କରିଥିବା ଯୁବକ ଓ ଯୁବତୀ ମଧ୍ୟରେ ସ୍ୱାମୀ ଓ ସ୍ତ୍ରୀ ଭାବରେ ସମ୍ବନ୍ଧ ସ୍ଥାପନ ।

୧୪ । ବାନପ୍ରସ୍ଥ—ବିବାହ କରିବା ଫଳରେ ନିଜେ ତିଆର କରିଥିବା ସଂକୀର୍ଣ୍ଣ ସଂସାରଟିରୁ ବା ନିଜ ପରିବାରରୁ ବାହାରି ଆସି ବଣରେ କିମ୍ବା କୌଣସି ନିର୍ଜନ ସ୍ଥାନରେ ରହି ସେଠାରେ ସମାଜର ବାଳକ ବାଳିକାମାନଙ୍କୁ ଶିକ୍ଷା ଦେବା ଏବଂ ସମାଜର ମଙ୍ଗଳ ପାଇଁ କର୍ମ କରିବା ।

୧୫ । ସନ୍ନ୍ୟାସ—ସର୍ବକର୍ମ ପରିତ୍ୟାଗ କରି ପରଲୋକରେ ନିଜର ସଦ୍‌ଗତି ପାଇଁ ଆତ୍ମଚିନ୍ତା କରିବାର ଅବସ୍ଥାରେ ପୁତ୍ରକନ୍ୟାମାନେ ଏହି ସଂସ୍କାର କରିବାରେ ବ୍ୟବସ୍ଥା ଅଛି ।

୧୬ । ଅନ୍ତ୍ୟେଷ୍ଟି—ଗର୍ଭାଧାନ ସଂସ୍କାର ଦ୍ୱାରା ଅଭ୍ୟର୍ଥନା କରି ଆଣିଥିବା ଜୀବର ଜଡ଼ଦେହକୁ ଭସ୍ମକରି ସେହି ଜୀବକୁ ପରଲୋକକୁ ଆନନ୍ଦରେ ବିଦାୟ ଦେବା ପାଇଁ ଏହି ସଂସ୍କାର ଅଛି ।

ଏହି ସଂସ୍କାରଗୁଡ଼ିକ କପରି ଯୁକ୍ତିଯୁକ୍ତ ଭାବରେ ସମାଜରେ ଅଛି ସେ ବିଷୟରେ ସାମାନ୍ୟ ଚିନ୍ତା କଲେ ବୁଝିପାରିବେ ଯେ, ଜୀବର ଉତ୍ପତ୍ତି ଓ ଜନ୍ମବିକାଶ ପ୍ରତି ଦୃଷ୍ଟି ରଖିବାହିଁ ମନୁଷ୍ୟର ସର୍ବପ୍ରଧାନ କର୍ତ୍ତବ୍ୟ, ଏକଥା ଲୋକେ ବୁଝନ୍ତୁ ଏହାହିଁ ଋଷି ମହାପୁରୁଷମାନଙ୍କର ଅଭିପ୍ରାୟ ଥିଲା । ମନୁଷ୍ୟର କର୍ମ ବା କର୍ତ୍ତବ୍ୟ କଅଣ ତାହା ବୁଝାଇବାକୁ ଯାଇ ଗୀତା କହୁଛି :—

ଭୂତ ଭାବୋଦ୍‌ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ । (୮ମ-୩)

ଅର୍ଥ—ଜୀବର ଉତ୍ପତ୍ତି ଓ ଜନ୍ମବିକାଶ ପାଇଁ ମନୁଷ୍ୟର ସ୍ୱାର୍ଥ ତ୍ୟାଗକୁ କର୍ମ କୁହାଯାଏ ।

ହିନ୍ଦୁ ସମାଜରେ ଆଜି ପ୍ରକୃତରେ କୌଣସି ସଂସ୍କାର ନାହିଁ । ଅଛି କେବଳ ବ୍ରାହ୍ମଣଜାତିର ପଇତା ପିନ୍ଧିବା କର୍ମର ଅନ୍ଧାନୁସରଣ । ସେହି ପଇତା ପିନ୍ଧିବା କର୍ମର ଅନ୍ଧାନୁସରଣ ସହିତ ଆଉ ୯ଟି କର୍ମର ମଧ୍ୟ ଅନ୍ଧାନୁସରଣ କରାହାଉଅଛି । ଏହିସବୁ ଅଶାସ୍ତ୍ରୀୟ, ଅଯୌକ୍ତିକ ଓ ହାସ୍ୟାସ୍ପଦ ଅନ୍ଧାନୁସରଣ ଓ ବୃଥାଡମ୍ବର ପୁତ୍ରକନ୍ୟାମାନଙ୍କ ପକ୍ଷରେ ବିଶେଷ ଅନିଷ୍ଟପ୍ରଦ । ବହୁକାଳ ହେଲା ନାନାପ୍ରକାର ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବା ଫଳରେ ଆମ୍ଭେମାନେ ଅନ୍ଧ ହୋଇ ଯାଇଅଛୁଁ । ମାତ୍ର ନିଜେ ଅନ୍ଧ ହୋଇ ଯାଇଅଛୁଁ ଏକଥା ଜାଣି ସୁଦ୍ଧା ପୁତ୍ର କନ୍ୟାମାନଙ୍କର ଆଖି ଫୁଟାଇ ଦେବାକୁ ଉଚିତ ହେଲେ କୁଣ୍ଠାବୋଧ କରୁନାହୁଁ, ଏହାହିଁ ଦୁଃଖର କଥା ଓ ଆଶ୍ଚର୍ଯ୍ୟର କଥା ଏ ବିଷୟରେ ଟିକେହେଲେ ଚିନ୍ତା କରନ୍ତୁ ।

ଶାସ୍ତ୍ରାନୁସାରେ ଉପନୟନ ସଂସ୍କାର କରିବାର ସମୟ ହେଉଛି ପିଲାଟିର ଅଷ୍ଟମବର୍ଷ । ଉପନୟନ ସଂସ୍କାରର ଅନ୍ଧାନୁସରଣ କରିବା ଯଦି ସମାଜ ପକ୍ଷରେ ମଙ୍ଗଳପ୍ରଦ, ତେବେ ତାହା ଅଷ୍ଟମ ବର୍ଷରେ କରାନଯାଇ ପିଲାଟିର ବୟସ ୧୫,୧୬ ହେବାଯାଏଁ ରଖାଯାଉଅଛି କାହିଁକି ? ଏହାର ଦୁଇଟି କାରଣ ଅଛି । ସମାଜରେ ଗୁରୁ, ଗୁରୁଗୃହ, ବ୍ରହ୍ମଚର୍ଯ୍ୟଶିକ୍ଷା ଇତ୍ୟାଦି କିଛି ନଥିବାରୁ ଅଧିକାଂଶ ଲୋକ ବୁଝିସାରିଲେଣି ଯେ ଉପନୟନ ସଂସ୍କାରର କୌଣସି ମୂଲ୍ୟ ନାହିଁ । ଅନ୍ୟ କାରଣଟି ହେଉଛି ନିଜର ଶକ୍ତି

ଅନୁସାରେ କିମ୍ବା ସାମାଜିକ ମର୍ଯ୍ୟାଦା ଅନୁସାରେ ବୃଥା ଆଡ଼ମ୍ବର ଦେଖାଇବା ପାଇଁ ଅର୍ଥାଭାବ । ମୁଁ ଅନେକ ଶିକ୍ଷିତ ବ୍ୟକ୍ତିଙ୍କୁ ଜାଣେ, ଯେଉଁମାନେ ପଇତା ପିନ୍ଧିବା ଅନେକ ଦିନରୁ ଛାଡ଼ି ଦେଲେଣି; ମାତ୍ର ନିଜ ନିଜର ପୁଅଟିମାନଙ୍କର ପଇତାଘର ପିଲାର ୧୫,୧୬ ବର୍ଷ ବୟସରେ କରୁଅଛନ୍ତି ଏବଂ ତାହା ମହାସମାରୋହରେ କରୁଅଛନ୍ତି । ଏହି ତଥା-କଥିତ ଶିକ୍ଷିତମାନେ ବୁଝି ପାରୁନାହାନ୍ତି ଯେ, ସେମାନଙ୍କର ଏହି ଆଦର୍ଶରୁ ସମାଜର ଦୁର୍ଦ୍ଦଶାଗ୍ରସ୍ତ ଅଜ୍ଞ ଲୋକ ବୁଝୁଅଛନ୍ତି ଯେ ପିଲମାନଙ୍କର ପଇତାଘର କରିବାକୁ ହେଲେ ଏପରି ଅନ୍ଧାନୁସରଣ କରିବା ଓ ନିଜର ଶକ୍ତିକୁ ବଳେଇ ବୃଥାଡ଼ମ୍ବର ଦେଖାଇବା ଏକାନ୍ତ ଆବଶ୍ୟକ । ମୋର ମତ ଏହି କି ସମାଜରେ ଗୁରୁ କିମ୍ବା ଗୁରୁଗୃହ କିମ୍ବା ବ୍ରହ୍ମଚର୍ଯ୍ୟଶିକ୍ଷା କିମ୍ବା ବେଦାଧ୍ୟୟନ ଇତ୍ୟାଦି କିଛି ନଥିବାରୁ ଉପନୟନ, ବେଦାରମ୍ଭ, ସମାବର୍ତ୍ତନ ଇତ୍ୟାଦି ସଂସ୍କାର ସବୁର ଅନ୍ଧାନୁସରଣ ସମାଜରୁ ସମ୍ପୂର୍ଣ୍ଣରୂପେ ଉଠିଯାଉ ଏବଂ ସବୁପ୍ରକାର ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ବାଦ ଦିଆଯାଇ ବିବେକା-ନୁମୋଦିତ ବୈଦିକ ପ୍ରଣାଳୀରେ କେବଳ ଉପବୀତ ଗ୍ରହଣ କର୍ମଟି ସମ୍ପନ୍ନ କରାଯାଉ । ଏହି କର୍ମ ପାଇଁ ଆବଶ୍ୟକୀୟ ମନ୍ତ୍ର, ଗାୟତ୍ରୀ ଏବଂ ଯଜ୍ଞ ବା ହୋମର ଅର୍ଥ ଆବଶ୍ୟକତା ପିତାମାତାଙ୍କୁ ଓ ଶିକ୍ଷକ ଶିକ୍ଷୟିତ୍ରୀ-ମାନଙ୍କୁ ବୁଝାଇ ଦିଆଯାଉ କିମ୍ବା ସେମାନେ ନିଜେ ନିଜେ ବୁଝନ୍ତୁ ଏବଂ ପୁତ୍ର କନ୍ୟାମାନଙ୍କୁ ଓ ଛାତ୍ର ଛାତ୍ରୀମାନଙ୍କୁ ତଦନୁସାରେ ଜୀବନ ଗଠନ କରିବାକୁ ଶିକ୍ଷା ଦିଅନ୍ତୁ ।

"ଅନ୍ଧ ଅନୁସରଣ ଓ ଉପନୟନ" ନାମକ ଖଣ୍ଡିଏ ଛୋଟ ବହି ୧୯୪୧ ସାଲରେ ମୁଁ ପ୍ରକାଶ କରିଥିଲି ଏବଂ ସେହି ବହିରେ ମୁଁ ବୁଝାଇ ଦେଇଥିଲି ଯେ ଉପନୟନ ସଂସ୍କାର ଦିନ ନଅଛି କର୍ମର ଅନ୍ଧାନୁସରଣ କରିବା ଅଶାସ୍ତ୍ରୀୟ ଓ ଅଯୌକ୍ତିକ ଅଟେ । ଅତଏବ ବ୍ରତଧର ଦିନ ଅନ୍ୟ ନଅଛି କର୍ମ କରା ନ ଯାଇ କେବଳ ଉପନୟନ କର୍ମଟି କରାଯାଉ । ତଦନୁସାରେ ସେହି ବର୍ଷ ମୁଁ ଦୁଇଟି ପିଲାଙ୍କର ଉପନୟନ କର୍ମ କରାଇଥିଲି । ତା ପରେ ମୁଁ ବୁଝିଲି ଯେ ଗୁରୁ, ଗୁରୁଗୃହ, ବେଦ ଶିକ୍ଷା ଇତ୍ୟାଦି କିଛି ନଥିବା ସ୍ଥଳେ ଉପନୟନ କର୍ମ ମଧ୍ୟ ସମ୍ପୂର୍ଣ୍ଣ ଅନାବଶ୍ୟକ । ସେଥିପାଇଁ ଗତବର୍ଷ ପିଲାଙ୍କର ଉପବୀତ ଗ୍ରହଣ କର୍ମ ମୁଁ ନିଜ ପୌରୋହିତ୍ୟରେ

କରାଇଥିଲି । ଏ ବର୍ଷ ଅପ୍ରେଲ ଏଗାର ତାରିଖ ଦିନ କୋଡ଼ିଏଟି ବ୍ରାହ୍ମଣ ପିଲାଙ୍କର ଉପବୀତ ଗ୍ରହଣକର୍ମ ବିଶ୍ୱକଲ୍ୟାଣ ଆଶ୍ରମରେ କରାଯାଇଅଛି । ଉପବୀତ ଗ୍ରହଣ କରିଥିବା ଅଭିଭାବକମାନଙ୍କ ମଧ୍ୟରୁ କେତେକଙ୍କର ନାମ ଦିଆଗଲା ।

ଶ୍ରୀ ବ୍ରଜବନ୍ଧୁ ମହାପାତ୍ର, ପୋଷ୍ଟ ଓ୍ୱାର୍କସପ୍ ସୁପରିଣ୍ଟେଣ୍ଡେଣ୍ଟ, ଶ୍ରୀ ଦୟାନିଧି ଦାଶ, ଷ୍ଟେନୋ ଟାଇପିଷ୍ଟ, ଉତ୍କଳ ୟୁନିଭରସିଟି ଅଫିସ । ଶ୍ରୀ ସଦାଶିବ ମିଶ୍ର, ଯାଜପୁର ହସପିଟାଲ କମ୍ପାଉଣ୍ଡର । ଶ୍ରୀ ଗୋକୁଳଚନ୍ଦ୍ର କର, ହେଡ଼୍ ଆସିଷ୍ଟାଣ୍ଟ ଡ଼ି. ପି. ଆଇ. ଅଫିସ୍ । ଶ୍ରୀ କୁଳମଣି ଆଚାର୍ଯ୍ୟ, ଷ୍ଟୋର କିପର, ଗଭର୍ଣ୍ଣମେଣ୍ଟ ପ୍ରେସ । ଶ୍ରୀ ବସନ୍ତକୁମାର ମିଶ୍ର, ଏକାଉଣ୍ଟାଣ୍ଟ ଟେକ୍ସଟାଇଲ ଅଫିସ । ଶ୍ରୀ ଶରତ୍‌କୁମାର ମିଶ୍ର, କଣ୍ଟ୍ରାକ୍ଟର, ବକ୍ସି-ବଜାର, କଟକ ।

ଉପର୍ଯ୍ୟୁକ୍ତ ସମସ୍ତେ ଏପରି ଉପବୀତ ଗ୍ରହଣ କର୍ମକୁ ଅନୁମୋଦନ କରିଥିଲେ ଏବଂ ଆଦର୍ଶ ଉପବୀତ ଗ୍ରହଣ ନାମରେ ଖଣ୍ଡିଏ ପୁସ୍ତକ ପ୍ରକାଶ କରିବାକୁ ମୋତେ କହିଥିଲେ । ଯେଉଁ ପ୍ରଣାଳୀରେ ଉପବୀତ ଗ୍ରହଣ କର୍ମ କରିବାକୁ ହେବ ତାହା ମୁଁ ପ୍ରକାଶ କଲି । ମନକୁ ଗଲେ ଗ୍ରହଣ କରନ୍ତୁ—ମନକୁ ନଗଲେ ଅନ୍ୟ କୌଣସି ବିବେକାନୁମୋଦିତ ପ୍ରଣାଳୀ ଅବଲମ୍ବନ କରନ୍ତୁ, ମାତ୍ର ପୁଂସବନଠାରୁ ସମାବର୍ତ୍ତନ ପର୍ଯ୍ୟନ୍ତ ଦଶକର୍ମର ଅନ୍ଧାନୁସରଣ କରନ୍ତୁ ନାହିଁ ।

## ଉପବୀତ ଗ୍ରହଣ କର୍ମର ବିଧି

ଆଚାର୍ଯ୍ୟ ମହାଶୟ ଠିଆ ହୋଇ ନିମ୍ନଲିଖିତ ଦୁଇଟି ମନ୍ତ୍ର ପାଠ କରିବେ ଏବଂ ମନ୍ତ୍ର ପାଠ କରୁଥିବା ବେଳେ ମନ୍ତ୍ରର ଅର୍ଥ ଓ ଆବଶ୍ୟକତା ପ୍ରତି ଦୃଷ୍ଟି ରଖିବେ ।

୧—ଓଁ ଅପସର୍ପନ୍ତୁ ତେ ଭୂତାଃ ଯେ ଭୂତାଃ ଭୂମିସଂସ୍ଥିତାଃ
ଯେ ଭୂତାଃ ବିଘ୍ନକର୍ତ୍ତାରଃ—ତେ ନଶ୍ୟନ୍ତୁ ମମାଜ୍ଞୟା ॥

୨—ଓଁ ଉତ୍ତିଷ୍ଠନ୍ତୁ ଭୂତଗଣାଃ ସର୍ବେ ତେ ଭୂମିପାଳକାଃ
ଭୂତାନାମ୍ ଅବିରୋଧେନ ପୂଜାକର୍ମ ସମାଚରେତ୍ ॥

**ଅର୍ଥ**—ରାକ୍ଷସ, ପିଶାଚ ପ୍ରଭୃତି ଯେଉଁ ଭୂତମାନେ ଭୂମିରେ ଅର୍ଥାତ୍ ଏହି ସ୍ଥୂଳ ଜଗତରେ ରହିଅଛନ୍ତି ସେମାନେ ସମସ୍ତେ ଏହି ପୂଜା ସ୍ଥାନରୁ ଚାଲିଯାଆନ୍ତୁ ଏବଂ ଯେଉଁମାନେ ଚାଲି ନ ଯାଇ ପୂଜା କର୍ମରେ ବିଘ୍ନ ଜନ୍ମାଇବା ପାଇଁ ରହିଅଛନ୍ତି ସେମାନେ ମୋ ଆଜ୍ଞାରେ ନଷ୍ଟ ହୁଅନ୍ତୁ । ସଂସାରର ମଙ୍ଗଳ ବିଧାନ କରୁଥିବା ଦେବତାମାନେ ଉଠନ୍ତୁ ଅର୍ଥାତ୍ ଜାଗ୍ରତ ହୁଅନ୍ତୁ ଏବଂ ଅନିଷ୍ଟକାରକ ଭୂତମାନଙ୍କର ବିନା ବିରୋଧରେ ମୁଁ ପୂଜାକର୍ମ ଆରମ୍ଭ କରେଁ ।

ମନ୍ତ୍ର ଦୁଇଟିର ଅର୍ଥ ଅଗ୍ରଣୀ ମହାଶୟ ଉପସ୍ଥିତ ସମସ୍ତଙ୍କୁ ବୁଝାଇ ଦେବା ପରେ ସ୍ତ୍ରୀଲୋକମାନେ ହୁଳହୁଳି ଦେବେ ଓ ଶଙ୍ଖ ବଜାଇବେ ଏବଂ ମନେ ମନେ ଇଚ୍ଛା କରିବେ ଯେ ପୂଜା ସ୍ଥାନରୁ ହିଂସା, ଈର୍ଷା, କ୍ରୋଧ ପ୍ରଭୃତି ଅନିଷ୍ଟକର ଭୂତମାନେ ପଳାୟନ କରନ୍ତୁ ଓ ନଷ୍ଟ ହୁଅନ୍ତୁ । ଏଠାରେ ଜାଣିରଖିବା ଆବଶ୍ୟକ ଯେ, ପ୍ରତ୍ୟେକ ମନୁଷ୍ୟ ସର୍ବଦା କ୍ରୋଧ, ହିଂସା ଇତ୍ୟାଦି ଅନିଷ୍ଟପ୍ରଦ ଚିନ୍ତା ଓ ସ୍ନେହ, ଦୟା ଇତ୍ୟାଦି ମଙ୍ଗଳପ୍ରଦ ଚିନ୍ତା ଉତ୍ପନ୍ନ କରୁଅଛି । ଅନିଷ୍ଟପ୍ରଦ ହେଉ ବା ମଙ୍ଗଳପ୍ରଦ ହେଉ କୌଣସି ଭାବନା କିମ୍ବା ବାସନା ମନରୁ ବାହାରିବା ମାତ୍ରେ ତାହା ମନୋରାଜ୍ୟରେ ବା କାମନା ରାଜ୍ୟରେ ଥିବା ସେହି ସମ୍ବନ୍ଧୀ ପଦାର୍ଥ ଦ୍ୱାରା ତତ୍କ୍ଷଣାତ୍ ଆବୃତ୍ତ ହୋଇଯାଇ ଅନିଷ୍ଟପ୍ରଦ ରାକ୍ଷସ କିମ୍ବା ମଙ୍ଗଳପ୍ରଦ ଦେବତାମାନଙ୍କର ଆକାର ଧାରଣ କରି ସେହି ସବୁଙ୍କୁ ଉତ୍ପନ୍ନ କରିଥିବା ମନୁଷ୍ୟର ଚାରିଆଡ଼େ ଘେରି ରୁହନ୍ତି । ଅତଏବ ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ସର୍ବଦା ନିଜେ ନିଜେ ଉତ୍ପନ୍ନ କରିଥିବା ରାକ୍ଷସ ଓ ଦେବତାମାନଙ୍କ ଦ୍ୱାରା ସର୍ବଦା ପରିବେଷ୍ଟିତ ହୋଇ ରହିଅଛୁଁ । ସାମାନ୍ୟ ଚିନ୍ତା କଲେ ଏ ବିଷୟର ସତ୍ୟତା ନିଜେ ଉପଲବ୍ଧି କରିପାରିବେ । ମନେ କରନ୍ତୁ ଆପଣଙ୍କ ମନରୁ କ୍ରୋଧ ଉତ୍ପନ୍ନ ହେଲା ଏବଂ ତାହା କ୍ରମେ କ୍ରମେ ଭୀଷଣ ଆକାର ଧାରଣ କରି ଆପଣଙ୍କର ମୁଖମଣ୍ଡଳ ନାଲି ହୋଇଗଲା । ଅନ୍ୟ କେହି କ୍ରୋଧପ୍ରକୃତିର ଲୋକ ସେଠାରେ ଉପସ୍ଥିତ ହେଲେ ତାହା ଭୀଷଣତର ଆକାର ଧାରଣ କରି କ୍ରମେ କ୍ରମେ ବୃଦ୍ଧି

ଯାଇଲା । ଯଦି ଅନ୍ୟ କେହି ଠିକ୍ ବିପରୀତ ପ୍ରକୃତିର ଲୋକ ସେଠାରେ ଉପସ୍ଥିତ ହେଲା ତେବେ ତାହା କ୍ରମେ କ୍ରମେ ନଷ୍ଟ ହେବାକୁ ଆରମ୍ଭ କଲା । ଏହି ସବୁ ରାକ୍ଷସ ଓ ଦେବତା ହେଉଛନ୍ତି ଭୂମିସଂସ୍ଥିତା, ଅର୍ଥାତ୍ ଭୁବର୍ଲୋକରେ ବା କାମଲୋକରେ ଥିବା ରାକ୍ଷସ ଓ ଦେବତା ଇତ୍ୟାଦିଙ୍କଠାରୁ ଏମାନେ ସ୍ୱତନ୍ତ୍ର ଅଟନ୍ତି । ଏହି ଭୂମିସଂସ୍ଥିତା ରାକ୍ଷସ ଓ ଦେବତା ମାନଙ୍କର ପରମାୟୁ କାଳ ହେଉଛି ସେମାନଙ୍କୁ ଉତ୍ପନ୍ନ କରିଥିବା ବ୍ୟକ୍ତି । ଏ ବିଷୟରେ ବିଶେଷ ଆଲୋଚନା ଅନାବଶ୍ୟକ ।

ତାପରେ ଆଗ୍ରହୀ ଆସନରେ ବସିବା ପୂର୍ବେ ନିମ୍ନଲିଖିତ ମନ୍ତ୍ରଟି ପାଠ କରିବେ ଓ ମନ୍ତ୍ରର ଅର୍ଥ ଓ ଆବଶ୍ୟକତା ପ୍ରତି ଦୃଷ୍ଟି ରଖିବେ ।

ଓଁ ପୃଥ୍ୱୀ ତ୍ୱୟା ଧୃତା ଲୋକାଃ
ଦେବୀତ୍ୱଂ ବିଷ୍ଣୁନା ଧୃତାଃ
ତ୍ୱମ୍ ଚ ଧାରୟ ମାଂ ଦେବୀ
ପବିତ୍ରମ୍ ଆସନମ୍ କୁରୁ ॥

ଅର୍ଥ—ହେ ପୃଥିବୀ, ତୁମେ ସବୁ ସଂସାରକୁ ଧାରଣ କରିଅଛ । ହେ ଦେବୀ, ତୁମକୁ ବିଷ୍ଣୁ ଧାରଣ କରିଅଛନ୍ତି । ତୁମେ ମୋତେ ଧାରଣ କର ଏବଂ ମୋର ଆସନକୁ ପବିତ୍ର କର । ଭୂଲୋକଠାରୁ ଆରମ୍ଭ କରି ସତ୍ୟଲୋକ ପର୍ଯ୍ୟନ୍ତ ଏହି ସାତଟି ଲୋକକୁ ବା ସାତଟି ସଂସାରକୁ ପୃଥିବୀ କିପରି ଧାରଣ କରିଅଛି ଏବଂ ପୃଥିବୀକୁ ବିଷ୍ଣୁ କିପରି ଧାରଣ କରିଅଛନ୍ତି ତାହା ଗାୟତ୍ରୀର ଅର୍ଥ ବୁଝାଇବା ବେଳେ ସେଥିରୁ ବୁଝି ପାରିବେ ।

ତାପରେ ଆଗ୍ରହୀ ନିମ୍ନଲିଖିତ ମନ୍ତ୍ରଟି ପାଠ କରିବେ ଏବଂ ଅଭିପ୍ରାୟ ପ୍ରତି ଦୃଷ୍ଟି ରଖିଥିବେ ।

**ଓଁ ଅପବିତ୍ରଃ ପବିତ୍ରୋ ବା, ସର୍ବାବସ୍ଥାଂ ଗତୋଽପି ବା, ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ, ସ ବାହ୍ୟାଭ୍ୟନ୍ତରଂ ଶୁଚିଃ ।**

ଅର୍ଥ—ଅପବିତ୍ର ବା ପବିତ୍ର ଯେ କୌଣସି ଅବସ୍ଥାରେ ରହି ମଧ୍ୟ ଭଗବାନଙ୍କୁ ସ୍ମରଣ କଲାମାତ୍ରେ ମନୁଷ୍ୟର ବାହାର ଓ ଭିତର ପବିତ୍ର ହୋଇଯାଏ । ଆଗୃହୀ ସମସ୍ତଙ୍କୁ କହିଦେବେ ଯେ ସେମାନେ ଭଗବାନଙ୍କୁ ସ୍ମରଣ କରନ୍ତୁ । ଭଗବାନଙ୍କୁ ସ୍ମରଣ ନ କରି କେବଳ ବାହାରେ ଚନ୍ଦନ ବୋଳିହେଲେ କିମ୍ବା ଏସେନ୍‌ସ ଲଗାଇଲେ ତାର କୌଣସି ମୂଲ୍ୟ ନାହିଁ । ସେଥିପାଇଁ ଶ୍ରୀମଦ୍ ଭାଗବତ ଲେଖିଲା—

ବିପ୍ରାଦ୍ ଦ୍ୱିଷଡ୍ ଗୁଣଯୁତାଦ୍ ଅରବିନ୍ଦନାଭ—
ପଦାରବିନ୍ଦ ବିମୁଖାତ୍ ସ୍ୱପଚଂ ବରିଷ୍ଠଃ ॥

ଅର୍ଥ—ଦ୍ୱିଷଡ୍ ଗୁଣଯୁକ୍ତ ବିପ୍ର ଅପେକ୍ଷା ଚଣ୍ଡାଳ ଶ୍ରେଷ୍ଠ ଯଦି ସେହି ଦ୍ୱିଷଡ୍ ଗୁଣଯୁକ୍ତ ବିପ୍ର ଭଗବାନଙ୍କର ଅସ୍ତିତ୍ୱ ସ୍ମରଣ ନ କରେ ।

ତାପରେ ଆଗୃହୀ ନିମ୍ନଲିଖିତ ମନ୍ତ୍ର ପାଠ କରି ପ୍ରତ୍ୟେକ ବାଳକକୁ ପଇତା ପିନ୍ଧାଇ ଦେବେ । ସେହି ପଇତା ଯେ କୌଣସି ସୂତାରେ ତିଆରି ହୋଇଥିଲେ ମଧ୍ୟ ତ୍ରିଗୁଣ ହୋଇଥିବ ଅର୍ଥାତ୍ ତିନୋଟି ସୂତାର ସମଷ୍ଟିରେ ସୂତା ତିଆରି ହୋଇଥିବ ଏବଂ ତିନୋଟି ସୂତାରେ ପଟେ ଲେଖାଁ ପଇତା କରି ସେଥିରୁ ତିନିପଟ ପିନ୍ଧାଇବ । (ତିନିଗୁଣ ହେବାର ବିଶେଷତ୍ୱ କଅଣ ତାହା ପରେ ଜାଣି ପାରିବେ ) ।

ଓଁ ଯଜ୍ଞୋପବୀତଂ ପରମଂ ପବିତ୍ରଂ
ପ୍ରଜାପତେ ର୍ଯତ୍ ସହଜଂ ପୁରସ୍ତାତ୍
ଆୟୁଷ୍ୟ ମଗ୍ର୍ୟଂ ପ୍ରତିମୁଞ୍ଚ ଶୁଭ୍ରଂ
ଯଜ୍ଞୋପବୀତଂ ବଳମସ୍ତୁ ତେଜଃ ॥

ଅର୍ଥ—ଯାହା ଅତ୍ୟନ୍ତ ପବିତ୍ର ଅଟେ ଏପରି ଯେ ଯଜ୍ଞ ସ୍ୱରୂପ ଉପବୀତ, ଯାହା ଅର୍ଥାତ୍ ଯେଉଁ ଯଜ୍ଞ ପ୍ରଜାପତିଙ୍କର ସହଜାତ ଅଟେ, ଯେଉଁ ଯଜ୍ଞ ଆୟୁକାରକ, ଶ୍ରେଷ୍ଠ ଓ ଉଜ୍ଜ୍ୱଳ ଅଟେ ସେହି ଯଜ୍ଞ ସ୍ୱରୂପ ଉପବୀତକୁ ଧାରଣ କର ।

ଆଚାର୍ଯ୍ୟ ଏଠାରେ ବୁଝାଇଦେବେ ଯେ, ସୂତାରେ ତିଆରି ପଇତା ପ୍ରଜାପତିଙ୍କ ସହିତ ଜାତ ହୋଇ ନଥିଲା—ଜାତ ହୋଇଥିଲା ଯଜ୍ଞ ଅର୍ଥାତ୍ ନିଜ ନିଜର ତ୍ୟାଗ । ସୂତାରେ ତିଆରି ପଇତା ହେଉଛି ଯଜ୍ଞ ଅଭିପ୍ରାୟରେ କର୍ମ କରିବା ପାଇଁ ସ୍ମାରକ । ଗୀତା କହୁଛି—ଯଜ୍ଞ ଅଭିପ୍ରାୟରେ କର୍ମ ନ କରି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସିଦ୍ଧି ପାଇଁ କର୍ମ କଲେ ମନୁଷ୍ୟ କର୍ମ ବନ୍ଧନରେ ଆବଦ୍ଧ ହୁଏ ଏବଂ ଯଜ୍ଞ ଅଭିପ୍ରାୟରେ କର୍ମ କଲେ କର୍ମବନ୍ଧନରୁ ମନୁଷ୍ୟ ମୁକ୍ତ ହୁଏ ।

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ (୩ୟ—୯)
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥ (୪ର୍ଥ—୨୩)

ପ୍ରଜାପତି ସୃଷ୍ଟି ଆରମ୍ଭ କଲାବେଳେ ଯଜ୍ଞ ସହିତ ପ୍ରଜାସବୁ ସୃଷ୍ଟି କରିଥିଲେ ବୋଲି ନିମ୍ନଲିଖିତ ଉକ୍ତିଟିରେ ଗୀତା ମଧ୍ୟ କହୁଅଛି —

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ॥ (୩ୟ--୧୦)

ଅର୍ଥ—ପୂର୍ବେ ଅର୍ଥାତ୍ ସୃଷ୍ଟି ଆରମ୍ଭ କଲାବେଳେ ଯଜ୍ଞ ସହିତ ପ୍ରଜାସବୁ ସୃଷ୍ଟି କରି ପ୍ରଜାପତି କହିଥିଲେ—

ଉପରଲିଖିତ ବୈଦିକ ମନ୍ତ୍ର କହୁଛି ଏବଂ ଗୀତା କହୁଛି, ଅତଏବ ତାକୁ ସତ୍ୟବୋଲି ମାନି ନେବାଦ୍ୱାରା କୌଣସି ଉପକାର ହେବ ନାହିଁ । ଆମ୍ଭେମାନେ ସର୍ବଦା ଦେଖୁଛୁଁ ଯେ, ମାଟି ଓ ପାଣି ନିଜକୁ ଯଜ୍ଞ କରିବାଦ୍ୱାରା ଉଦ୍ଭିଦରାଜ୍ୟର ଉତ୍ପତ୍ତି ଏବଂ ଉଦ୍ଭିଦରାଜ୍ୟ ନିଜକୁ ଯଜ୍ଞ କରିବା ଦ୍ୱାରା ଜନ୍ତୁ ରାଜ୍ୟର ଉତ୍ପତ୍ତି । ଜନ୍ତୁରାଜ୍ୟ ନିଜକୁ ଯଜ୍ଞ କରିବାଦ୍ୱାରା ମନୁଷ୍ୟରାଜ୍ୟର ଉତ୍ପତ୍ତି ଏ କଥା ଆମ୍ଭେମାନେ ଦେଖିପାରୁ ନାହୁଁ । ସେ ଯାହାହେଉ ମନୁଷ୍ୟେତର ସମସ୍ତେ ନିଜ ନିଜକୁ ଯଜ୍ଞ କରିବାକୁ ବାଧ୍ୟ ଅଟନ୍ତି ; ଅର୍ଥାତ୍ ଭଗବାନଙ୍କର ସୃଷ୍ଟି କୌଶଳର ଯଜ୍ଞରୂପ ନିୟମରେ ଆବଦ୍ଧ ଅଟନ୍ତି । ମାତ୍ର ଯେହେତୁ ମନୁଷ୍ୟକୁ ଭଗବାନ ନିଜ ଅଧୀନରେ ରଖି ନାହାନ୍ତି କିମ୍ବା କୌଣସି ନିର୍ଦ୍ଦିଷ୍ଟ ନିୟମରେ ଆବଦ୍ଧ କରି ନାହାନ୍ତି । ମନୁଷ୍ୟକୁ ନିଜେ ବିଚାର କରି ସ୍ଥିର କରିବାକୁ ହେବ ଯେ ସମସ୍ତ ମାନବ ସମାଜର ମଙ୍ଗଳ ପାଇଁ ତାକୁ ନିଜର ସଂକୀର୍ଣ୍ଣ ସ୍ୱାର୍ଥସବୁକୁ ବା ଆସକ୍ତି ଓ

ମମତା ଦୋଷକୁ ଯଜ୍ଞ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ବା ଜନ ମନୁଷ୍ୟ ସମାଜର ମଙ୍ଗଳପାଇଁ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ଯଜ୍ଞ କରୁ ଏହା ଯଜ୍ଞୋପବୀତ ଗ୍ରହଣ କରିବାର ଅଭିପ୍ରାୟ ।

ତା' ପରେ ଅଗ୍ରଣୀ ପ୍ରତ୍ୟେକ ବାଳକଙ୍କୁ ନିମ୍ନଲିଖିତ ଘୃତାହୁତି ଆହୁତି ଦେବାକୁ କହିବେ ।

୧—ଓଁ ଭୂଃ ଅଗ୍ନୟେ ପ୍ରାଣାୟ ସ୍ୱାହା (୨) ଓଁ ଭୁବଃ ବାୟବେ ଅପାନାୟ ସ୍ୱାହା (୩) ଓଁ ସ୍ୱଃ ଆଦିତ୍ୟାୟ ବ୍ୟାନାୟ ସ୍ୱାହା (୪) ଓଁ ଭୂର୍ଭୁବଃ ସ୍ୱଃ ଅଗ୍ନି ବାୟୁଃ ଆଦିତ୍ୟେଭ୍ୟଃ ପ୍ରାଣାପାନ ବ୍ୟାନେଭ୍ୟଃ ସ୍ୱାହା ।

ତାପରେ ଅଗ୍ରଣୀ ନିମ୍ନଲିଖିତ ଗାୟତ୍ରୀ ମନ୍ତ୍ର ପ୍ରତ୍ୟେକ ବାଳକଙ୍କୁ ଉଚ୍ଚାରଣ କରିବାକୁ କହିବେ ।

ଓଁ ଭୂର୍ଭୁବଃ ସ୍ୱଃ ତତ୍ ସବିତୁ ର୍ବରେଣ୍ୟମ୍ ଭର୍ଗୋ
ଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍ ॥

ଅର୍ଥ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନି ଲୋକକୁ ବା ତିନି ସଂସାରକୁ ପ୍ରସବ କରିଥିବା ଦେବତାଙ୍କର ଉତ୍କୃଷ୍ଟ ତେଜକୁ ଆମ୍ଭେମାନେ ଧ୍ୟାନ କରୁଁ, ସେହି ଉତ୍କୃଷ୍ଟ ତେଜ ଆମ୍ଭମାନଙ୍କର ବୁଦ୍ଧି ସବୁକୁ ପରିଚାଳନା କରନ୍ତୁ ।

ଗାୟତ୍ରୀ ମନ୍ତ୍ର ବୁଝାଇବା ପୂର୍ବରୁ ଯେଉଁ ଘୃତାହୁତି ଆହୁତି ଦିଆଗଲା ସେଥିରେ ଥିବା ଭୂଃ, ଭୁବଃ ଓ ସ୍ୱଃ ଓ ଅଗ୍ନି, ବାୟୁ ଓ ଆଦିତ୍ୟ ଏବଂ ପ୍ରାଣ, ଅପାନ ଓ ବ୍ୟାନ ଏହି ତିନିଟି ମଧ୍ୟରେ ଯେଉଁ ଘନିଷ୍ଠ ସମ୍ବନ୍ଧ ଅଛି ତାହା ବାଳକମାନଙ୍କ ପକ୍ଷରେ ବୁଝିବା କଠିନ । ସେମାନଙ୍କୁ ଆଚାର୍ଯ୍ୟ ମହାଶୟ ଏତିକି ବୁଝାଇ ଦେବେ ଯେ, ସବିତା ଦେବତାଙ୍କର ଉତ୍କୃଷ୍ଟ ତେଜ ଧ୍ୟାନ କଲେ ମନୁଷ୍ୟ ନିଶ୍ଚୟ ତେଜସ୍ୱୀ ହେବ ଏବଂ ବୁଦ୍ଧିମାନ ହେବ । ଅତଏବ ନିଜେ ତେଜସ୍ୱୀ ଓ ବୁଦ୍ଧିମାନ୍ ହେବା ଅଭିପ୍ରାୟରେ ସବିତୃ ମଧ୍ୟବର୍ତ୍ତୀ ତେଜକୁ ଧ୍ୟାନ କରିବା ଆବଶ୍ୟକ ।

ପରିଶେଷରେ ଆଚାର୍ଯ୍ୟ ମହାଶୟ ନିମ୍ନଲିଖିତ ସାର୍ବଜନୀନ ସାତ୍ତ୍ୱିକ ହୋମଟିର ଅର୍ଥ ଉପସ୍ଥିତ ସମସ୍ତଙ୍କୁ ବୁଝାଇ ଦେଇ ସେମାନଙ୍କୁ ଏହି ହୋମରେ ଆହୁତି ଦେବାକୁ କହିବେ । ଜାତି ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ଆହୁତି ଦେବେ । ପ୍ରକୃତ କଥା ନ ବୁଝି କେବଳ ଅନ୍ଧ ଭାବରେ ଆହୁତି ଦେବାର କୌଣସି ମୂଲ୍ୟ ନାହିଁ ।

ଓଁ ଆର୍ଦ୍ରଂ ଜ୍ୱଳତି ଜ୍ୟୋତିରହମସ୍ମି
ଓଁ ଜ୍ୟୋତିର୍ଜ୍ୱଳତି ବ୍ରହ୍ମାହମସ୍ମି
ଯୋଽହମସ୍ମି ବ୍ରହ୍ମାହମସ୍ମି
ଅହମେବାହଂ ମାଂ ଜୁହୋମି ସ୍ୱାହା ।

ଅର୍ଥ—ଆର୍ଦ୍ରଂ, (ପାଣି) ଜ୍ୱଳତି (ଜଳୁଛି), ଅହଂ (ମୁଁ) ଜ୍ୟୋତିଃ ଅସ୍ମି (ଜ୍ୟୋତି ଅଟେ) ; ଜ୍ୟୋତିଃ ( ଜ୍ୟୋତି ) ଜ୍ୱଳତି ( ଜଳୁଛି ), ଅହଂ ( ମୁଁ ) ବ୍ରହ୍ମ ଅସ୍ମି (ବ୍ରହ୍ମ ଅଟେ ) ; ଯଃ ଅହଂ ଅସ୍ମି (ମୁଁ ଯାହା ହେଲେ ମଧ୍ୟ) ଅହଂ ( ମୁଁ ) ବ୍ରହ୍ମ ଅସ୍ମି (ବ୍ରହ୍ମ ଅଟେ), ଅହଂ ଏବ ଅହଂ ( ନିଜେ ମୁଁ ) ମାଂ ( ମୋତେ ) ଜୁହୋମି ( ଯଜ୍ଞ କରୁଛି ) ସ୍ୱାହା ।

ଟିପ୍ପଣୀ—ପାଣି ଜଳୁଛି, ମୁଁ ଜ୍ୟୋତି ଅଟେ, ଏହି କଥାଟିର ଅର୍ଥ ହେଉଛି, ଅପ୍ ତତ୍ତ୍ୱରେ ନିର୍ମିତ ମୋର କାମ ଦେହ ଜଳୁଛି (ମୋର କାମନା ଓ ବାସନା ସବୁ ଜଳୁଛି) ମୁଁ ଜ୍ୟୋତି ଅଟେ ଅର୍ଥାତ୍ ଅଗ୍ନି ତତ୍ତ୍ୱ ବା ତେଜସ୍ତତ୍ତ୍ୱରେ ନିର୍ମିତ ମନୋମୟ ଦେହ ଅଟେ । ଜ୍ୟୋତି ଜଳୁଛି, ମୁଁ ବ୍ରହ୍ମ ଅଟେ ; ଏହି କଥାଟିର ଅର୍ଥ ହେଉଛି, ତେଜସ୍ତତ୍ତ୍ୱରେ ବା ଅଗ୍ନି ତତ୍ତ୍ୱରେ ନିର୍ମିତ ମୋର ମନୋମୟ ଦେହ ଜଳୁଛି, ମୁଁ ବ୍ରହ୍ମ ଅଟେ (ବିଜ୍ଞାନମୟ ଦେହ ବା କାରଣ ଶରୀର ଆଶ୍ରୟ ନେଇଥିବା ବ୍ରହ୍ମ ଅଟେ) ।

ଏହି କେତୋଟି କଥାର ଓ ଗାୟତ୍ରୀ ମନ୍ତ୍ରର ଆରମ୍ଭରେ ଥିବା ଭୂର୍ଭୁବଃ ସ୍ୱଃ କଥାଟିର ଅର୍ଥ ବୁଝିବାକୁ ହେଲେ ଶାସ୍ତ୍ରରୁ କେତୋଟି କଥା ଜାଣିବାକୁ ହେବ । ଏହି କେତୋଟି ଶାସ୍ତ୍ରର କଥା ସତ୍ୟ ବୋଲି ଗ୍ରହଣ କରି ନେବାକୁ ମୁଁ କହୁନାହିଁ । ଏହି ସବୁ ଶାସ୍ତ୍ରର କଥା ଯଦି ଓ ଯେତେ-

କେବଳ ଯୁକ୍ତିଯୁକ୍ତ କାରଣ ଉପରେ ତଥା ନିଜର ଅନୁଭୂତି ବା ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ହେବ ସେତେବେଳେ ଓ ସେତେବେଳେ ମନୁଷ୍ୟ ଏହି ଶାସ୍ତ୍ର କଥାଗୁଡ଼ିକର ଆବଶ୍ୟକତା ବୁଝି ପାରିବ ଏବଂ ତଦନୁସାରେ ନିଜର ଜୀବନ ଗଠନ କରି ପାରିବ ।

ବେଦ କହୁଛି—"ତମ ଆସୀତ ତମସା ଗୂଢ଼ମଗ୍ରେ" ଅର୍ଥାତ୍ ବିଶ୍ୱସୃଷ୍ଟିର ପୂର୍ବେ କେବଳ ଅନ୍ଧକାର ସେହି ଅନ୍ଧକାର ଦ୍ୱାରା ଆଚ୍ଛନ୍ନ ଥିଲା । ଏହି ଅନ୍ଧକାର ହେଉଛି ଋଗ୍‌ବେଦର "ଅପ୍ରାକୃତ ସଲିଳ" ବା "ଅବ୍ୟାକୃତ କାରଣାର୍ଣ୍ଣବ" । ଅନାଦି ଅନନ୍ତ ମହେଶ୍ୱରଙ୍କ ମନରେ ବିଶ୍ୱସୃଷ୍ଟି କରିବାର ଇଚ୍ଛା ଜାଗ୍ରତ ହେବା ମାତ୍ରେ ଏହି ଅବ୍ୟାକୃତ କାରଣାର୍ଣ୍ଣବ ବ୍ୟାକୃତ ହୋଇ ପ୍ରଥମେ ଆକାଶ ତତ୍ତ୍ୱର ଉତ୍ପତ୍ତି ହେଲା । ତାପରେ ଆକାଶ ତତ୍ତ୍ୱରୁ ବାୟୁ ତତ୍ତ୍ୱ, ବାୟୁ ତତ୍ତ୍ୱରୁ ଅଗ୍ନି ତତ୍ତ୍ୱ, ଅଗ୍ନି ତତ୍ତ୍ୱରୁ ଅପ୍ ତତ୍ତ୍ୱ ଏବଂ ପରିଶେଷରେ ଅପ୍ ତତ୍ତ୍ୱରୁ ପୃଥିବୀ ବା କ୍ଷିତି ତତ୍ତ୍ୱର ଉତ୍ପତ୍ତି ହେଲା ।

ଅଧିକାଂଶଙ୍କର ଧାରଣା ଏହି କି କ୍ଷିତି ତତ୍ତ୍ୱ, ଅପ୍ ତତ୍ତ୍ୱ, ତେଜ ତତ୍ତ୍ୱ, ମରୁତ ବା ବାୟୁ ତତ୍ତ୍ୱ ଓ ବ୍ୟୋମ ବା ଆକାଶ ତତ୍ତ୍ୱ ହେଉଛି ଯଥାକ୍ରମେ ମାଟି, ପାଣି, ଅଗ୍ନି, ବାୟୁ ଓ ଶୂନ୍ୟ । ମାତ୍ର ଏପରି ଧାରଣା ଅଶାସ୍ତ୍ରୀୟ ଓ ଭ୍ରାନ୍ତ । ଏହି ପାଞ୍ଚଟି ତତ୍ତ୍ୱର ଶାସ୍ତ୍ରୀୟ ଓ ଯୁକ୍ତିଯୁକ୍ତ ଅର୍ଥ ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ । ଏହି ପାଞ୍ଚଟି ତତ୍ତ୍ୱ ଉତ୍ପତ୍ତି ହେବା ପରେ ଅର୍ଥାତ୍ କାରଣାର୍ଣ୍ଣବ ଏହି ପାଞ୍ଚଟି ତତ୍ତ୍ୱରେ ପରିଣତ ହେବା ପରେ ମହେଶ୍ୱର 'ଲୋକ' ବା ସଂସାର ସୃଷ୍ଟି କରିବାକୁ ସଂକଳ୍ପ କଲେ— "ଏକୋ ହଂ ବହୁ ସ୍ୟାମ୍" ମୁଁ ଏକ ଅଛି ମୁଁ ବହୁ ହେବି । ଏହି ସଂକଳ୍ପ କରି ମହେଶ୍ୱର ନିଜ ପ୍ରକୃତି ଦ୍ୱାରା ନିଜେ ଆବୃତ ହେବା ଫଳରେ ନିଜେ ଛିନ୍ନ ବିଚ୍ଛିନ୍ନ ହୋଇ ଅସଂଖ୍ୟ ସୂକ୍ଷ୍ମତମ ପରମାଣୁରେ ପରିଣତ ହେଲେ । ଏହି ପ୍ରତ୍ୟେକ ସୂକ୍ଷ୍ମତମ ପରମାଣୁ ହେଉଛି ବ୍ରହ୍ମ । ସେଥିପାଇଁ ବେଦ କହୁଛି 'ସର୍ବଂ ଖଲ୍ୱିଦଂ ବ୍ରହ୍ମ', ଅର୍ଥାତ୍ ସମସ୍ତ ବିଶ୍ୱ ବ୍ରହ୍ମମୟ । ଏହି ସୂକ୍ଷ୍ମତମ ପରମାଣୁରେ ସୂକ୍ଷ୍ମତମ ସଂସାର ବା ସତ୍ୟଲୋକର ଉତ୍ପତ୍ତି ହେଲା । ସତ୍ୟଲୋକର ଅସଂଖ୍ୟ ସୂକ୍ଷ୍ମତମ ପରମାଣୁରେ ତପଲୋକର ଉତ୍ପତ୍ତି

ହେଲା । ଏହି କ୍ରମରେ ଜନଲୋକ, ମହର୍ଲୋକ, ସ୍ୱର୍ଲୋକ, ଭୁବର୍ଲୋକ ଓ ପରିଶେଷରେ ସ୍ଥୂଳତମ ପରମାଣୁରେ ନିର୍ମିତ ଭୂର୍ଲୋକର ଉତ୍ପତ୍ତି ହେଲା ।

ଆମ୍ଭେମାନେ ବର୍ତ୍ତମାନ ଆକାଶତତ୍ତ୍ୱରୁ ଆରମ୍ଭ କରି କ୍ଷିତିତତ୍ତ୍ୱ ପର୍ଯ୍ୟନ୍ତ ଏହି ପାଞ୍ଚଟି ତତ୍ତ୍ୱର ଏବଂ ସତ୍ୟଲୋକରୁ ଆରମ୍ଭ କରି ଭୂର୍ଲୋକ ପର୍ଯ୍ୟନ୍ତ ଏହି ସାତଟି ଲୋକର ବା ସଂସାରର ଉତ୍ପତ୍ତି ବିଷୟ ଜାଣିଲୁ । ଶାସ୍ତ୍ରରେ ଏହି ସାତଟି ଲୋକକୁ ତିନି ଭାଗରେ ବିଭକ୍ତ କରାଯାଇଅଛି— ନିମ୍ନତ୍ରିଲୋକୀ, ଉଚ୍ଚତ୍ରିଲୋକୀ ଏବଂ ଅନ୍ତଲୋକ, ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନି ଲୋକର ବା ତିନି ସଂସାରର ମିଳିତ ନାମ ନିମ୍ନ ତ୍ରିଲୋକୀ ବା ମନୁଷ୍ୟ ଲୋକ ଏବଂ ଜନଃ, ତପଃ ଓ ସତ୍ୟଂ ଏହି ତିନି ସଂସାରର ମିଳିତ ନାମ ଉଚ୍ଚତ୍ରିଲୋକୀ ବା ବ୍ରହ୍ମଲୋକ । ନିମ୍ନ ତ୍ରିଲୋକୀ ଓ ଉଚ୍ଚ ତ୍ରିଲୋକୀର ମଧ୍ୟବର୍ତ୍ତୀ ମହର୍ଲୋକର ନାମ ଅନ୍ତଲୋକ ଓ ଉଚ୍ଚ ତ୍ରିଲୋକୀ ଆମ୍ଭମାନଙ୍କର ଅନୁଭୂତିର ବହିର୍ଭୂତ । କେବଳ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ନିମ୍ନ ତ୍ରିଲୋକୀ ବା ମନୁଷ୍ୟ ଲୋକ ହେଉଛି ଆମ୍ଭମାନଙ୍କର ଉପସ୍ଥିତ ଶିକ୍ଷାର ସ୍ଥାନ ।

ଭୂର୍ଲୋକ, ଭୁବର୍ଲୋକ, ସ୍ୱର୍ଲୋକ, ମହର୍ଲୋକ ଏବଂ ଉଚ୍ଚ ତ୍ରିଲୋକୀ ବା ବ୍ରହ୍ମଲୋକରେ ଅବସ୍ଥାନ କରିବା ପାଇଁ ମନୁଷ୍ୟର ପାଞ୍ଚଟି ଦେହ ଅଛି, ସେହି ପାଞ୍ଚଟି ଦେହର ଶାସ୍ତ୍ରୋକ୍ତ ନାମ ଅନ୍ନମୟ କୋଷ, ମନମୟ କୋଷ, ପ୍ରାଣମୟ କୋଷ, ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ । ଏହି ପାଞ୍ଚଟି ଦେହରୁ ପ୍ରତ୍ୟେକ ଦେହ ଯଥାକ୍ରମେ ପୂର୍ବ ବର୍ଣ୍ଣିତ ପାଞ୍ଚଟି ତତ୍ତ୍ୱରେ ଗଠିତ । କ୍ଷିତି ତତ୍ତ୍ୱରେ ଅନ୍ନମୟ କୋଷ ବା ସ୍ଥୂଳଦେହ, ଅପ୍‌ତତ୍ତ୍ୱରେ ପ୍ରାଣମୟ କୋଷ ବା କାମଦେହ, ତେଜସ୍ତତ୍ତ୍ୱରେ ମନୋମୟ ଦେହ, ମରୁତ ବା ବାୟୁତତ୍ତ୍ୱରେ ବିଜ୍ଞାନମୟ ଦେହ, ବା କାରଣ ଶରୀର ଏବଂ ଆକାଶତତ୍ତ୍ୱରେ ଆନନ୍ଦମୟ ଦେହ । ଆନନ୍ଦମୟ କୋଷର ଆଶ୍ରୟ ନେଇ ଆମ୍ଭମାନଙ୍କୁ ବ୍ରହ୍ମଲୋକରେ ବା ଉଚ୍ଚ ତ୍ରିଲୋକୀରେ ଅବସ୍ଥାନ କରିବାକୁ ହେବ ଏବଂ କାରଣ ଶରୀରର ଆଶ୍ରୟ ନେଇ ମହର୍ଲୋକରେ ଅବସ୍ଥାନ କରିବାକୁ ହେବ । ଏହି ଉଚ୍ଚ ତ୍ରିଲୋକୀ ଓ ମହର୍ଲୋକ ଆମ୍ଭମାନଙ୍କର ଅନୁଭୂତିର ବିଷୟ ନୁହେଁ କିମ୍ବା ଆଲୋଚ୍ୟ ବିଷୟ ନୁହେଁ । ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ହେଉଛି ଗାୟତ୍ରୀ ମନ୍ତ୍ରର

ଆରମ୍ଭରେ ଥିବା "ଭୂ ର୍ଭୁବଃ ସ୍ୱଃ" ବା ନିମ୍ନତ୍ରିଲୋକ ବା ମନୁଷ୍ୟ ଲୋକ । ଶାସ୍ତ୍ରୋକ୍ତ ନିମ୍ନ ତ୍ରିଲୋକକୁ ଗୀତାରେ ମନୁଷ୍ୟ ଲୋକ କୁହାଯାଇଅଛି । "କର୍ମାନୁବନ୍ଧୀନି ମନୁଷ୍ୟଲୋକେ" (୧୫ଶ-୨)

ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଯଥାକ୍ରମେ କ୍ଷିତିତତ୍ତ୍ୱ, ଅପତତ୍ତ୍ୱ ଓ ତେଜସ୍ତତ୍ତ୍ୱରେ ଗଠିତ ଏ କଥା ପୂର୍ବେ କୁହାଯାଇଅଛି । ଏହି ତିନି ଲୋକରେ ଯିବା ଆସିବା କରିବାର ଉପଯୋଗୀ (୧) ଅନ୍ନମୟ କୋଷ (ରକ୍ତ ମାଂସ ଗଠିତ ସ୍ଥୂଳଶରୀର ଓ ଲିଙ୍ଗ ଶରୀରର ସମଷ୍ଟି) (୨) ପ୍ରାଣମୟ କୋଷ ବା କାମଦେହ ଓ (୩) ମନୋମୟ କୋଷ ବା ଭାବନା ଦେହ ଯଥାକ୍ରମେ ସେହି କ୍ଷିତିତତ୍ତ୍ୱ, ଅପତତ୍ତ୍ୱ ଓ ତେଜସ୍ତତ୍ତ୍ୱରେ ଗଠିତ । ମାଟିରେ ଯିବା ଆସିବା କରିବାକୁ ହେଲେ ଗାଡ଼ି, ପାଣିରେ ଯିବା ଆସିବା କରିବାକୁ ହେଲେ ନୌକା ଏବଂ ଆକାଶରେ ଯିବା ଆସିବା କରିବାକୁ ହେଲେ ଏରୋପ୍ଲେନର ଯେପରି ଆଶ୍ରୟ ନେବାକୁ ହୁଏ; ଭୂର୍ଲୋକ ଭୁବର୍ଲୋକ ଓ ସ୍ୱର୍ଲୋକରେ ଯିବା ଆସିବା କରିବାକୁ ହେଲେ ଏହିସବୁ ଲୋକର ଉପଯୋଗୀ ବାହନର ଏକାନ୍ତ ଆବଶ୍ୟକ ।

ବର୍ତ୍ତମାନ ଶାସ୍ତ୍ରର କଥା ଛାଡ଼ନ୍ତୁ । ଆମ୍ଭେମାନେ ପ୍ରତିଦିନ କାହିଁକି ପ୍ରତି ମୁହୂର୍ତ୍ତରେ ବାସନା କରୁଁ ବା କାମନା କରୁଁ ବା ଅନୁଭବ କରୁଁ ଏବଂ ତାପରେ ଚିନ୍ତା କରୁଁ ବା ଭାବୁଁ ବା ବିଚାର କରୁଁ ଏବଂ ତାପରେ ଓ ତଦନୁସାରେ କର୍ମ କରୁଁ । ଗୋଟିଏ ଦୁଇଟି ଉଦାହରଣ ଦେଲେ କଥାଟି ବୁଝି ପାରିବେ । ପିଲାଟିଏ କାନ୍ଦିଲା, ଆପଣ ତାହା ପ୍ରଥମେ ଅନୁଭବ କଲେ, ତାପରେ ମନେମନେ ଭାବିଲେ କଣ କଲେ ତାର କାନ୍ଦ ବା ଅଭାବ ଦୂର କରିବେ । ତାପରେ ଗୋଟିଏ ଆମ୍ବ ଦେଲେ କମ୍ବା କୁଣ୍ଢେଇଟିଏ ଦେଲେ ।

ଆପଣଙ୍କର ଅମ୍ବ ଦେବା କମ୍ବା କୁଣ୍ଢେଇ ଦେବା କାର୍ଯ୍ୟ ଆପଣଙ୍କର ଅନୁଭୂତି ଉପରେ ତଥା ଭାବିବା ଉପରେ ନିର୍ଭର କରେ । ଏଠାରେ ମନେରଖିବା ଆବଶ୍ୟକ ଯେ, ଅନୁଭୂତି ଉପରେ ଓ ବିଚାର କରିବା ଉପରେ ଯେଉଁ କର୍ମ ପ୍ରତିଷ୍ଠିତ ନୁହେଁ ସେପରି କର୍ମର କୌଣସି ମୂଲ୍ୟ ନାହିଁ ଏବଂ ତାହା ଅସତ୍ ଅଟେ । ଯାହା ଅନୁଭୂତି ଓ ବିଚାର

ଶୁକ୍ଳକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ
ଏକୟା ଯାତ୍ୟନାବୃତ୍ତିମ ଅନ୍ୟୟା ବର୍ତ୍ତତେ ପୁନଃ ॥ (୮-୨୬)

ଶାସ୍ତ୍ରର କଥା ସ୍ୱତନ୍ତ୍ର ଏବଂ ମହର୍ଲୋକରେ ଓ ଜନର୍ଲୋକରେ କିପରି ଅବସ୍ଥାନ କରିବାକୁ ହୁଏ ତାହା ମଧ୍ୟ ସ୍ୱତନ୍ତ୍ର । ଯେଉଁ ଭୂଲୋକରେ ଆମ୍ଭମାନେ ରହିଅଛୁ ଏବଂ ଯେଉଁ ସ୍ଥୂଳ ଦେହରେ ଆମ୍ଭେମାନେ କର୍ମ କରୁଅଛୁ ସେ ବିଷୟରେ ଆଲୋଚନା କରାଯାଉ । ଯାହାକୁ ଆମ୍ଭେମାନେ ଭୂଲୋକ ବା ସ୍ଥୂଳଜଗତ ବୋଲି ଜାଣୁ ତାହା ପ୍ରକୃତରେ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନି ଲୋକର ବା ତିନୋଟି ଜଗତର ସମଷ୍ଟି ଏବଂ ଯାହାକୁ ଆମ୍ଭେମାନେ ସ୍ଥୂଳଦେହ ବୋଲି ଜାଣୁ ତାହା ପ୍ରକୃତରେ ଅନ୍ନମୟ ପ୍ରାଣମୟ ଓ ମନୋମୟ ଦେହ ଏହି ତିନୋଟି ଦେହର ସମଷ୍ଟି । ସ୍ଥୂଳ ଦେହର ପ୍ରତ୍ୟେକ କର୍ମ ଅନ୍ୟ ଦୁଇଟି ଦେହର କର୍ମ ଉପରେ ପ୍ରତିଷ୍ଠିତ ଏକଥା ପୂର୍ବେ ବୁଝାଯାଇଅଛି । ପ୍ରାଣମୟ କୋଷର ବା କାମଦେହର ଅସ୍ତିତ୍ୱକୁ ଏବଂ ଭୁବର୍ଲୋକର ଅସ୍ତିତ୍ୱ କେହି କେହି କାହିଁକି ଅନେକ ଅସ୍ୱୀକାର କରିପାରନ୍ତି କାରଣ ତାହା ସ୍ଥୂଳ ଇନ୍ଦ୍ରିୟସବୁର ଅଗୋଚର । ମାତ୍ର ଅଗୋଚର ହେଲେ ମଧ୍ୟ ଏହି କାମଦେହର ଓ ଭୁବର୍ଲୋକର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇ ନ ପାରେ । ଏହି ରକ୍ତମାଂସ ଗଠିତ ଦେହର ସାହାଯ୍ୟରେ ଆମ୍ଭେମାନେ କାମନା ବାସନା କରୁନାହୁଁ । ଆମ୍ଭମାନଙ୍କର ଯେଉଁ କାମନା ଓ ବାସନା ଅଛି ତାହା ଏହି ରକ୍ତମାଂସରେ ନାହିଁ ସେସବୁ ନିଶ୍ଚୟ କୌଣସି ନା କୌଣସି ଠାରେ ଅଛି । କ୍ରୋଧ, ହିଂସା, ପରଶ୍ରୀକାତରତା ଇତ୍ୟାଦି ବାସନା ହେଉ ବା ଦୟା, ସ୍ନେହ, ଶ୍ରଦ୍ଧା ଇତ୍ୟାଦି ବାସନା ହେଉ ଏସବୁ ଯେଉଁସ୍ଥାନରେ ଅଛି ତାହା ହେଉଛି ଶାସ୍ତ୍ରୋକ୍ତ ପ୍ରାଣମୟ କୋଷ—ପ୍ରତ୍ୟେକ ବ୍ୟକ୍ତିର ଏହି ଦେହ ଅଛି । ଆମ୍ଭମାନଙ୍କର ସମସ୍ତଙ୍କର ବାସନା ସବୁ ମଧ୍ୟ ନିଶ୍ଚୟ କୌଣସି ସ୍ଥାନରେ ବା ରାଜ୍ୟରେ ଅଛି । ସେହି ରାଜ୍ୟର ନାମ ଭୁବର୍ଲୋକ ବା କାମଲୋକ । ସ୍ୱର୍ଲୋକର କଥା ଠିକ ଏହିପରି ଆମ୍ଭମାନଙ୍କର ଅନୁଭୂତିର କଥା । ଆମ୍ଭମାନଙ୍କର ଏତିକି ଜାଣିବା ଆବଶ୍ୟକ ଯେ ଗାୟତ୍ରୀର ଆରମ୍ଭରେ ଥିବା ଭୂ ର୍ଭୁବଃ ସ୍ୱଃ ହେଉଛି ମନୁଷ୍ୟଲୋକ ଏବଂ ଆମ୍ଭମାନଙ୍କର ଶିକ୍ଷାର ସ୍ଥାନ । ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟେକ କର୍ମ

ସହିତ ସେହି ବ୍ୟକ୍ତିର ବାସନା ଓ ଭାବନାର ଯେପରି ଘନିଷ୍ଠ ସମ୍ବନ୍ଧ ଅଛି—ଯାହା ପୂର୍ବେ କୁହାଯାଇଅଛି, ଭୂର୍ଲୋକ ସହିତ ଭୁବର୍ଲୋକର ଓ ସ୍ୱର୍ଲୋକର ସେହିପରି ଘନିଷ୍ଠ ସମ୍ବନ୍ଧ ଅଛି ।

ଗର୍ଭାଷ୍ଟମ ବର୍ଷରେ ଅର୍ଥାତ୍ ସାତବର୍ଷ ଦୁଇମାସ ବୟସରେ ପିଲାଟିକୁ ଶିକ୍ଷା ସକାଶେ ଗୁରୁ ନିକଟକୁ ପଠାଇବାପାଇଁ ଉପନୟନ ସଂସ୍କାର କରିବାର ବ୍ୟବସ୍ଥା ଥିଲା । "ଉପନୟନ" କଥାଟିର ଅର୍ଥ ହେଉଛି (ଗୁରୁ ନିକଟରେ) ପହଁଚିବା । ରକ୍ତଶୁଦ୍ଧି ନ ହେଲେ, ବତୋଇ ବଷ ନ ହେଲେ, ଉପନୟନ ହେବ ନାହିଁ ଇତ୍ୟାଦି ବ୍ୟବସ୍ଥା କେଉଁଠାରୁ ଆସିଲା ? ଉପନୟନ କର୍ମକରିବାକୁ ହେଲେ ବୃଥାଡ଼ମ୍ବର ଦେଖାଇବାକୁ କିଏ ବ୍ୟବସ୍ଥା ଦେଲା ? ସେ ଯାହାହେଉ ଗୁରୁ, ଗୁରୁଗୃହ, ବେଦଶିକ୍ଷା ଇତ୍ୟାଦି କିଛି ନ ଥିବାରୁ ଉପନୟନ କର୍ମ ସମ୍ପୂର୍ଣ୍ଣ ଅନାବଶ୍ୟକ । ସେହି ଉପନୟନ କର୍ମହିନ ପୂର୍ବବର୍ତ୍ତୀ ସାତଟି କର୍ମର ଓ ପରବର୍ତ୍ତୀ ଦୁଇଟି କର୍ମର ଅନ୍ଧାନୁସରଣ କରିବା କେତେଦୂର ପାଳନୀୟ କି ସମ୍ପୂର୍ଣ୍ଣ ରୂପେ ବର୍ଜନୀୟ ତାହା ସଭ୍ୟ, ଶିକ୍ଷିତ ସମାଜ ବିଚାର କରନ୍ତୁ । ସେମାନଙ୍କର ଆଦର୍ଶରୁ ଜନସାଧାରଣଙ୍କ ମନରେ ଏପରି ଧାରଣା ଜନ୍ମି ପାଇଅଛି ଯେ, ଏହିସବୁ କର୍ମର ଅନ୍ଧାନୁସରଣ କରିବା ଓ ସେଥିରେ ବୃଥାଡ଼ମ୍ବର ଦେଖାଇ ପରିଶେଷରେ ଦାରିଦ୍ର୍ୟ ଦୁଃଖ ବରଣ କରିବା ହେଉଛି କୁଳଧର୍ମ ବା କୁଳାଚାର ଏବଂ ସେହି କୁଳାଚାର ହେଉଛି ସନାତନ ଧର୍ମ । ଏହି କୁଳାଚାର ସବୁକୁ ସନାତନ ଧର୍ମ ମନେକରି ଗୀତାରେ ଅର୍ଜୁନ କହିଅଛନ୍ତି "କୁଳଧର୍ମାଃ ସନାତନାଃ"— (୧ମ—୪୦) । ଅର୍ଜୁନଙ୍କର ଯେଉଁ ଦୁରବସ୍ଥା ଆମ୍ଭମାନଙ୍କର ମଧ୍ୟ ସେହି ଦୁରବସ୍ଥା । ଏହି ଦୁରବସ୍ଥା ଦୂରହେବା ଏକାନ୍ତ ବାଞ୍ଛନୀୟ ଏକଥା ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଅର୍ଜୁନଙ୍କୁ କହିନାହାନ୍ତି—କହିଅଛନ୍ତି ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ।

ଚିତା, ଚୁରକି, ପଇତା, ଗେରୁଆ ଲୁଗା ଇତ୍ୟାଦି ଛଦ୍ମ ବେଶଧାରୀ ତଥାକଥିତ ଧାର୍ମିକମାନଙ୍କୁ କିମ୍ବା ପେଣ୍ଟ, କୋଟ୍, ଗାଉନ, ନେକ୍‌ଟାଇ ଇତ୍ୟାଦି ପିନ୍ଧା ତଥାକଥିତ ଶିକ୍ଷିତ, ସଭ୍ୟ ଓ ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଆଦର୍ଶ ମନେକରନ୍ତୁ ନାହିଁ । ଏହି ତଥାକଥିତ ଶିକ୍ଷିତ ଓ ଶ୍ରେଷ୍ଠ ବ୍ୟକ୍ତିମାନେ

ଏବଂ ଏହି ଛଦ୍ମବେଶଧାରୀ ଧର୍ମ ବ୍ୟବସାୟୀମାନେ ହେଉଛନ୍ତି ଆମ୍ଭମାନଙ୍କର ଉପସ୍ଥିତ ଦୁରବସ୍ଥାର ଏକମାତ୍ର କାରଣ ଏବଂ ସେମାନଙ୍କର ଏହିସବୁ (ଅନ୍ଧାନୁସରଣ ଓ ବୃଥାଡ଼ମ୍ବର) କର୍ମର ଅନ୍ଧାନୁସରଣ ଓ ଅନ୍ଧାନୁକରଣ ପରିତ୍ୟାଗ କରନ୍ତୁ ।

ସବୁ ପ୍ରକାର ଅନ୍ଧାନୁସରଣ ଓ ଅନ୍ଧାନୁକରଣ ପରିତ୍ୟାଗ କରି ନିଜ ନିଜର ସ୍ୱଭାବନିଯୁକ୍ତ କର୍ମସବୁକୁ ବିବେକାନୁମୋଦିତ କରିବା ଏବଂ ସବୁ ପ୍ରକାର ବୃଥାଡ଼ମ୍ବର ଓ ଧର୍ମାଡମ୍ବର ପରିତ୍ୟାଗ କରି ଜୀବନଯାତ୍ରାକୁ ସରଳ ଓ ଅନ୍ୟମାନଙ୍କର ଆଦର୍ଶ କରିବା ହେଉଛି ପ୍ରତ୍ୟେକ ବ୍ୟକ୍ତିର ଧର୍ମ ଜୀବନର ମୂଳଭିତ୍ତି ଓ ଚରମ କଥା । ସବୁ ଧର୍ମଶାସ୍ତ୍ର ବଜ୍ରନିର୍ଘୋଷରେ ଏହି ଉପଦେଶ ଦେଉଥିଲେ ମଧ୍ୟ ଆମ୍ଭେମାନେ ତତ୍ପ୍ରତି କର୍ଣ୍ଣପାତ କରୁନାହୁଁ । ବୃଥାଡ଼ମ୍ବର ସହଜରେ ଛାଡ଼ି ହେବ ନାହିଁ । ଅନ୍ଧାନୁସରଣ ବା ଅନ୍ଧତା ଦୋଷ ସର୍ବପ୍ରଥମେ ଦୂର କରିବାକୁ ହେବ । ନିଜନିଜର ସ୍ୱଭାବନିଯୁକ୍ତ କର୍ମସବୁକୁ ବିବେକାନୁମୋଦିତ କରି ମନୁଷ୍ୟ ଶ୍ରେଣୀରେ ଭୁକ୍ତ ହେବାକୁ ହେବ । ତାପରେ ମନୁଷ୍ୟୋଚିତ ସୁଖଶାନ୍ତି ଓ ମନୁଷ୍ୟୋଚିତ ସ୍ୱାଧୀନତା ପାଇବାକୁ ଏକମାତ୍ର ଲକ୍ଷ୍ୟ ମନେ କରିପାରିଲେ ସବୁପ୍ରକାର ବୃଥାଡ଼ମ୍ବର ଓ ଧର୍ମାଡ଼ମ୍ବର ଆପେ ଆପେ ଦୂର ହୋଇଯିବ ।

୧୯୫୪ ମସିହା

# ଆଦର୍ଶ ଉପବୀତ ଗ୍ରହଣ

ଗତ ଦୁଇବର୍ଷ ହେଲା ବ୍ରାହ୍ମଣ ପିଲାଙ୍କର ଉପବୀତ ଗ୍ରହଣ କର୍ମ ବିଶ୍ୱକଲ୍ୟାଣ ଆଶ୍ରମରେ (ବ୍ରତଘର ତିଥିରେ) ସମ୍ପନ୍ନ ହେଉଅଛି । ଖବର କାଗଜମାନଙ୍କରୁ ତାହା ଜାଣିଥିବେ । ପ୍ରଥମ ଥର ୨୦ ଜଣ, ଦ୍ୱିତୀୟ ଥର ୧୦ ଜଣ ଏବଂ ୩ୟ ଥର ୨୫ ଜଣ ପିଲାଙ୍କର ଉପବୀତ ଗ୍ରହଣ କର୍ମ ସମ୍ପନ୍ନ ହୋଇଅଛି । ପ୍ରତ୍ୟେକ ପିଲା ପାଇଁ ଟ ୧୧ ( ଗୋଟିଏ ଟଙ୍କା ) ଦେବାକୁ ହୁଏ । ୧୯୫୬ ମାର୍ଚ୍ଚ ମାସ ୮ ତାରିଖରେ (ବ୍ରତଘର ତିଥିରେ ) କେତେକ ପିଲାଙ୍କର ଉପବୀତ ଗ୍ରହଣ ସମ୍ପନ୍ନ ହୋଇଅଛି । ଯେଉଁମାନେ ନିଜର ପୁଅ, ପୁତୁରାଙ୍କର ଉପବୀତ ଗ୍ରହଣ କର୍ମ କରିବାକୁ ଚାହାନ୍ତି ସେମାନେ ପ୍ରତ୍ୟେକ ପିଲାର ଉପବୀତ ଗ୍ରହଣ ପାଇଁ ଗୋଟିଏ ଟଙ୍କା ପଠାନ୍ତୁ ।

ବହୁକାଳରୁ ଚାଲିଆସୁଥିବା ପ୍ରାଣଶୂନ୍ୟ ପ୍ରଥା ସବୁର ଅନ୍ଧାନୁସରଣ କରିବାରେ ଏବଂ ସେହି ସବୁ ଅନ୍ଧାନୁସରଣ ବୃଥାଡ଼ମ୍ବର ଦେଖାଇବାରେ ଲୋକେ ଦାରିଦ୍ର୍ୟ ଦୁଃଖ ବରଣ କରିବା ସଙ୍ଗେ ସଙ୍ଗେ ନିଜର ପିଲାମାନଙ୍କର ସରଳ ହୃଦୟରେ ବୃଥାଡ଼ମ୍ବର ଓ ଅନ୍ଧତାର ମଞ୍ଜି ପୋତି ଦେଇ ସେମାନଙ୍କର ଭବିଷ୍ୟତ ଜୀବନକୁ ପଙ୍ଗୁ କରୁଅଛନ୍ତି, ଏ କଥା ପ୍ରତ୍ୟେକ ସଭ୍ୟ ଶିକ୍ଷିତ ବ୍ୟକ୍ତି ନିଶ୍ଚୟ ସ୍ୱୀକାର କରିବେ । ସେମାନଙ୍କୁ ବିଶେଷ ଅନୁରୋଧ, ସେମାନେ ନିଜର ପିଲାଙ୍କର କମ୍ବା ଟ୍ରସ୍ତବେଶୀ ପିଲାଙ୍କର ଉପବୀତ ଗ୍ରହଣ କର୍ମ ବିଶ୍ୱକଲ୍ୟାଣ ଆଶ୍ରମରେ ପୂର୍ବୋକ୍ତ ତିଥିରେ କରାଇ ନିଅନ୍ତୁ । ପିଲାମାନଙ୍କୁ ବିଶ୍ୱକଲ୍ୟାଣ ଆଶ୍ରମକୁ ଆଣିବା ଅସୁବିଧା ଜନକ ମନେ କଲେ ସମିତି ତରଫରୁ ଛପା ଯାଇଥିବା ଆଦର୍ଶ ଉପବୀତ ଗ୍ରହଣ ବହିଟି ନେଇ ତଦନୁସାରେ ନିଜ ଘରେ ମଧ୍ୟ ତାହା କରାଇ ନେଇ ପାରିବେ ।

ଯେଉଁମାନେ ଅନ୍ଧତା ଦୋଷରୁ ପ୍ରକୃତ କଥା ବୁଝିପାରୁନାହାନ୍ତି ସେମାନଙ୍କୁ ମୋର କିଛି କହିବାର ନାହିଁ । ମାତ୍ର ଯେଉଁମାନେ ସଭ୍ୟ ଶିକ୍ଷିତ ଓ ସଂସ୍କାରକ ଭାବରେ ନିଜକୁ ପରିଚୟ ଦେଉଅଛନ୍ତି ସେମାନଙ୍କ

ପକ୍ଷରେ ବିଶେଷତଃ ମହାତ୍ମା ଗାନ୍ଧିଙ୍କର ସତ୍ୟାଗ୍ରହ ଯୁଗରେ ଅନ୍ଧତାକୁ ଓ ନ୍ୟାୟ ନୀତିରେ ବୃଥାଡ଼ମ୍ବରକୁ ପ୍ରଶ୍ରୟ ଦେବା ନିତାନ୍ତ ଦୁଃଖ ଓ ଲଜ୍ଜାର ବିଷୟ । ସେମାନଙ୍କୁ ଅନୁରୋଧ, ସେମାନେ ସମାଜର ଅଗ୍ରଗାମୀ ହୋଇ ନିଜର ଶ୍ରେଷ୍ଠତ୍ୱର ପରିଚୟ ଦିଅନ୍ତୁ । ସେମାନେ ଯଦି ଏହି ଅନାବଶ୍ୟକ ପ୍ରଥା ସବୁର ଅନ୍ଧାନୁସରଣରେ ହଜାର ହଜାର ଟଙ୍କା ବ୍ୟୟ କରି ନିଜର ଶ୍ରେଷ୍ଠତ୍ୱ ଦେଖାଇବାର ଚେଷ୍ଟା କରନ୍ତି ତେବେ ସମାଜର ଭବିଷ୍ୟତ ଅନ୍ଧକାରମୟ ନୁହେଁ କି ।

ବିଶ୍ୱକଲ୍ୟାଣ ୧୯୫୭

# ଗାୟତ୍ରୀ-ତତ୍ତ୍ୱ

●

## ନିବେଦନ

ସମାଜ ସମ୍ବାଦପତ୍ରରେ ୮।୧୦।୫୯, ୧୬।୧୦।୫୯ ଓ ୩୦।୧୦।୫୯ ତାରିଖମାନଙ୍କରେ ଗାୟତ୍ରୀତତ୍ତ୍ୱ ଶୀର୍ଷକ ଗୋଟିଏ ସୁଦୀର୍ଘ ପ୍ରବନ୍ଧ ପ୍ରକାଶ ପାଇଅଛି । ସେଥିରେ ଗାୟତ୍ରୀ ସହିତ ସମ୍ବନ୍ଧ ନଥିବା ଅନେକ ଶାସ୍ତ୍ର ବାକ୍ୟ ଉଦ୍ଧାର କରାଯାଇ ଅନେକ ଅବୋଧଗମ୍ୟ କଥା ଲେଖା ଥିବାର ଦେଖି ଏବଂ ଗାୟତ୍ରୀର ସର୍ବଜନବୋଧ୍ୟ ଓ ସର୍ବଜନ ପ୍ରଯୁଜ୍ୟ ପ୍ରକୃତ ଅର୍ଥ ମୋର ନିଜର ଅନୁଭୂତି ଉପରେ ପ୍ରତିଷ୍ଠିତ ହୋଇ ଥିବାରୁ ଏହି ପୁସ୍ତିକାଟିରେ ତାହା ପ୍ରକାଶ କରିବାକୁ କର୍ତ୍ତବ୍ୟବୋଧ କଲି । ପ୍ରବନ୍ଧଟିରେ ଗାୟତ୍ରୀମନ୍ତ୍ରର ଆରମ୍ଭରେ ଥିବା "ଭୂର୍ଭୁବସ୍ୱ" କଥାଟିକୁ ୧-ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ୨-ସତ୍ତ୍ୱ, ରଜ ଓ ତମ, ୩-ଅଗ୍ନି, ବାୟୁ ଓ ସୂର୍ଯ୍ୟ ୪-ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ୫—ସତ୍ୟ, ପ୍ରେମ ଓ ନ୍ୟାୟ ଏହି ପାଞ୍ଚ ପ୍ରକାର ଅର୍ଥ କରା ଯାଇଅଛି । କହିବାକୁ ଦେଖି, ଏହି ପାଞ୍ଚ ପ୍ରକାର ଅର୍ଥ ମଧ୍ୟରୁ କିଏ କେଉଁ ଅର୍ଥ ଗ୍ରହଣ କରିବେ ଏବଂ ସେହି ଅର୍ଥରୁ କ'ଣ କୁହିଁ କି ଉପକାର ପାଇବେ ? ସ୍ୱର୍ଗ ଓ ପାତାଳ ଏହି ଦୁଇଟି କଥାକୁ ଆମେ ପିଲାଦିନେ ଯଥାକ୍ରମେ ପୃଥିବୀର ଉପରେ ଥିବା ଆକାଶ ଓ ତଳେଥିବା ପାଣି ବୋଲି ଜାଣିଥିଲୁ । ଏବେ ମଧ୍ୟ ଅନେକ ଶିବଲିଙ୍ଗ ଅଛି ଯାହାକୁ ଅଜ୍ଞଲୋକେ ପାତାଳଫୁଟା ବୋଲି କହୁ ଅଛନ୍ତି । ସେ ଯାହାହେଉ :—

### ସତ୍ୟ ନିକଟରେ ବଶିଷ୍ଠତାର ସ୍ଥାନ ନାହିଁ

ଏହି କଥାଟିକୁ ଉତ୍ତମରୂପେ ଉପଲବ୍ଧି କରି କୌଣସି ଉପାଧି କିମ୍ବା ବଶିଷ୍ଠତା ନଥିବା ମୋ ପରି ଜଣେ ନଗଣ୍ୟ ଲୋକର ଲେଖାରୁ

ଯାହା ସତ୍ୟ ଆବଶ୍ୟକ ବୋଲି ସ୍ଥିର କରିବେ ତାହା ଗ୍ରହଣ କରିବେ ଏବଂ ଯାହା ଭ୍ରାନ୍ତ ଓ ଅନାବଶ୍ୟକ ବୋଲି ସ୍ଥିର କରିବେ ତାହା ପରିତ୍ୟାଗ କରିବେ ।

## ଗାୟତ୍ରୀ-ତତ୍ତ୍ୱ

କେବଳ ହିନ୍ଦୁ ସମ୍ପ୍ରଦାୟ ପାଇଁ କିମ୍ବା ବ୍ରାହ୍ମଣମାନେ ସ୍ନାନ ପରେ ଜପିବା ପାଇଁ କିମ୍ବା ପଣ୍ଡିତମାନେ ବିଭିନ୍ନ ପ୍ରକାର ପାଣ୍ଡିତ୍ୟପୂର୍ଣ୍ଣ ଅର୍ଥ କରିବା ପାଇଁ ଗାୟତ୍ରୀମନ୍ତ୍ର ସୃଷ୍ଟି ହୋଇନାହିଁ । ଏପରି ଧାରଣା ଥିଲେ ତାହା ମନରୁ ଦୂର କରିଦେଇ ଉପସ୍ଥିତ ଆଲୋଚନାରେ ଅଗ୍ରସର ହୁଅନ୍ତୁ ।

ଗାୟତ୍ରୀମନ୍ତ୍ର—ଓଁ ଭୂର୍ଭୁବଃସ୍ୱଃ, ତତ୍ ସବିତୁର୍ବରେଣ୍ୟମ୍, ଭର୍ଗୋ ଦେବସ୍ୟ ଧୀମହି, ଧିୟୋ ଯୋ ନଃ ପ୍ରଚୋଦୟାତ୍ ॥

"ଓଁ" ଏହି କଥାଟିର କୌଣସି ଅର୍ଥ ଓ ଆବଶ୍ୟକତା ନାହିଁ । ଗୀତା ସତର ଅଧ୍ୟାୟ ନିମ୍ନଲିଖିତ ଦୁଇଟି ଶ୍ଳୋକରୁ ବୁଝିପାରିବେ ଯେ ଓଁ, ତତ୍ ଓ ସତ୍ ଏହି ତିନୋଟି ହେଉଛି କଳ୍ପନାଶ୍ରିତ ବ୍ରହ୍ମର ବା ଅଜଣା ଭଗବାନଙ୍କର ତିନିପ୍ରକାର ନିର୍ଦ୍ଦେଶ ବା ନାମ । ଏହି ତିନୋଟି କଥା ମଧ୍ୟରୁ କେବଳ ତତ୍ ଓ ସତ୍ ଏହି ଦୁଇଟି କଥାର ଅର୍ଥ ଓ ଆବଶ୍ୟକତା ଏହି ଦୁଇଟି ଶ୍ଳୋକର ପରବର୍ତ୍ତୀ ତିନୋଟି ଶ୍ଳୋକରେ ଦିଆଯାଇଅଛି, ମାତ୍ର ଓଁ ଏହି କଥାଟିର କୌଣସି ଅର୍ଥ ଦିଆନଯାଇ ଏତିକି କୁହାଯାଇ ଅଛି ଯେ, ପୂର୍ବକାଳରେ ଏହା କେବଳ ସବୁ ମନ୍ତ୍ରର ଆରମ୍ଭରେ ଉଚ୍ଚାରଣ କରାଯାଉଥିବାରୁ ଏବେ ମଧ୍ୟ ଉଚ୍ଚାରଣ କରାଯାଉଅଛି ।

ଓଁ ତତ୍ ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ,
ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା । ୨୩ ।
ତସ୍ମାଦୋମିତ୍ୟୁଦାହୃତ୍ୟ, ଯଜ୍ଞଦାନତପଃକ୍ରିୟାଃ,
ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ, ସତତଂ ବ୍ରହ୍ମବାଦିନାମ୍ । ୨୪ ।

ଅର୍ଥ—ଓଁ, ତତ୍ ଓ ସତ୍ ଏହି ତିନୋଟି ହେଉଛି ବ୍ରହ୍ମର ତିନି ପ୍ରକାର ନିର୍ଦ୍ଦେଶ ବା ନାମ । ବ୍ରାହ୍ମଣମାନେ, ବେଦସବୁ ଓ ଯଜ୍ଞସବୁ "ଓଁ ତତ୍ ସତ୍" କଥାଟି ଦ୍ୱାରା ପୁରାକାଳରେ ବିହିତ ହେଉଥିଲେ । ୨୩ । ସେହି କାରଣରୁ "ଓଁ" ଏହି କଥାଟି ଉଚ୍ଚାରଣ କରିବା ଦ୍ୱାରା ବ୍ରହ୍ମବାଦି-ମାନଙ୍କର ଶାସ୍ତ୍ରୋକ୍ତ ଯଜ୍ଞ, ଦାନ ଓ ତପକ୍ରିୟା କରାଯାଏ । ୨୪ ।

ପୂର୍ବୋକ୍ତ ୨୩ ଶ୍ଳୋକରେ ଥିବା 'ପୁରା' ଅର୍ଥାତ୍ ପୂର୍ବ କାଳରେ ଏବଂ ୨୪ ଶ୍ଳୋକରେ ଥିବା "ବ୍ରହ୍ମବାଦିନାମ୍" ଅର୍ଥାତ୍ ବ୍ରହ୍ମବାଦିମାନଙ୍କର ଓ "ବିଧାନୋକ୍ତାଃ" ଅର୍ଥାତ୍ ଶାସ୍ତ୍ରବିଧାନରେ ଥିବା ଏହି ତିନୋଟି କଥାରୁ ବୁଝନ୍ତୁ ଯେ, ବ୍ରାହ୍ମଣମାନେ ବେଦସବୁ ଓ ଯଜ୍ଞସବୁ "ଓଁ ତତ୍ ସତ୍" ଏହି କଥାଟି ଦ୍ୱାରା ପୂର୍ବକାଳରେ ବିହିତ ହେଉଥିଲେ ଅର୍ଥାତ୍ ଏବେ ବିହିତ ହେଉ ନାହାନ୍ତି । ଆଉ ମଧ୍ୟ ବୁଝନ୍ତୁ ଯେ, ଶାସ୍ତ୍ରୋକ୍ତ ଯଜ୍ଞ, ଦାନ ଓ ତପକ୍ରିୟା ସମ୍ପନ୍ନ କଲାବେଳେ କେବଳ ବ୍ରହ୍ମବାଦିମାନେ ଓଁ କଥାଟି ଉଚ୍ଚାରଣ କରୁଥିଲେ । ପୂର୍ବୋକ୍ତ ଦୁଇଟି ଶ୍ଳୋକର ପୂର୍ବବର୍ତ୍ତୀ ୧୨ଟି ଶ୍ଳୋକରୁ ସାତ୍ତ୍ୱିକ ଯଜ୍ଞ, ସାତ୍ତ୍ୱିକ ଦାନ ଓ ସାତ୍ତ୍ୱିକ ତପ କାହାକୁ କହନ୍ତି ତାହା ବୁଝି ପାରିବେ ଏବଂ ଏ ସବୁ କଲାବେଳେ ଓଁ କଥାଟି ଉଚ୍ଚାରଣ କରିବାକୁ କୁହାଯାଇ ନାହିଁ, ଏ କଥା ମଧ୍ୟ ବୁଝିପାରିବେ । ଗୀତାରେ କୁହାଯାଇ ନାହିଁ ବୋଲି ଓଁ କଥାଟି ଉଚ୍ଚାରଣ କରିବା ପରିତ୍ୟାଗ କରନ୍ତୁ ଏ ଏକଥା ମୁଁ କହୁନାହିଁ । ଓଁ କଥାଟି ଉଚ୍ଚାରଣ କରିବା କେତେଦୂର ଆବଶ୍ୟକ କି ସମ୍ପୂର୍ଣ୍ଣ ଅନାବଶ୍ୟକ ଏ କଥା ନିଜ ନିଜର ସ୍ୱାଧୀନ ଚିନ୍ତା ସାହାଯ୍ୟରେ ସ୍ଥିର କରନ୍ତୁ ।

ଓଁ କଥାଟି ହେଉଛି ଅ, ଉ ଓ ମ ଏହି ତିନୋଟି ଅକ୍ଷରର ସମଷ୍ଟି । ତେଣୁ ପଣ୍ଡିତମାନେ ଏହି ତିନୋଟି ଅକ୍ଷରକୁ ବିଭିନ୍ନ ପ୍ରକାର ଅର୍ଥ କରିବାରେ ଏବଂ ସାଧାରଣ ଲୋକେ ସେହିସବୁ ଅର୍ଥ ମୁଖସ୍ଥ କରିବାରେ ଲାଗି ରହିଅଛନ୍ତି । ଓଁ ଏହି କଥାଟିକୁ ଭଗବାନଙ୍କର ଗୋଟିଏ ନାମ ବୋଲି ଗ୍ରହଣ କରି ତାକୁ ଯେ କୌଣସି ସମୟରେ ଓ ଯେ କୌଣସି ଅବସ୍ଥାରେ ଉଚ୍ଚାରଣ କଲେ, ସେହି ଅଳ୍ପ ସମୟ ପାଇଁ, ମନରେ ପବିତ୍ରତା ଆସିପାରେ ଏକଥା ମୁଁ ଅସ୍ୱୀକାର କରୁନାହିଁ ; ମାତ୍ର

ଅର୍ଥଶୂନ୍ୟ, ପ୍ରାଣଶୂନ୍ୟ ମନ୍ତ୍ର ସବୁ ପଢ଼ିଲାବେଳେ "ଓଁ" କଥାଟି ଉଚ୍ଚାରଣ କରିବାଦ୍ୱାରା ଆମର କୌଣସି ଉପକାର ହୋଇ ନାହିଁ ଓ ହେବ ନାହିଁ ।

ଗାୟତ୍ରୀର ଅନ୍ୱୟ—ଓଁ ଭୂର୍ଭୁବସ୍ୱଃ, ତତ୍ ସବିତୁଃ ଦେବସ୍ୟ ବରେଣ୍ୟମ୍ ଭର୍ଗଃ ଧୀମହି; ଯଃ ନଃ ଧିୟଃ ପ୍ରଚୋଦୟାତ୍ ।

ଅର୍ଥ—ଭୂର୍ଭୁବସ୍ୱଃ (ଶାସ୍ତ୍ରୋକ୍ତ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନି ଲୋକରେ ବା ତିନି ସଂସାରରେ ଗଠିତ ଆମର ଏହି ସଂସାର) ତତ୍ (ତାହାକୁ ଅର୍ଥାତ୍ ଏହି ସଂସାରକୁ) ସବିତୁଃ ଦେବସ୍ୟ (ପ୍ରସବ କରିଥିବା ଅର୍ଥାତ୍ ସୃଷ୍ଟି କରିଥିବା ସବିତା ଦେବତାଙ୍କର ବା ସୂର୍ଯ୍ୟ ଦେବତାଙ୍କର) ବରେଣ୍ୟମ୍ (ସର୍ବୋତ୍କୃଷ୍ଟ) ଭର୍ଗଃ (ତେଜକୁ) ଧୀମହି (ଆମ୍ଭେମାନେ ଧ୍ୟାନ କରୁ) ଯଃ (ଯେଉଁ ଉତ୍କୃଷ୍ଟ ତେଜ) ନଃ (ଆମ୍ଭମାନଙ୍କର) ଧିୟଃ (ବୁଦ୍ଧିସବୁକୁ) ପ୍ରଚୋଦୟାତ୍ (ପରିଚାଳନା କରନ୍ତୁ) ।

ଏହି ମନ୍ତ୍ରରେ "ମୁଁ ଧ୍ୟାନ କରୁଛି ଓ ମୋର ବୁଦ୍ଧିକୁ ପରିଚାଳନା କରନ୍ତୁ" ଏ କଥା କୁହା ନ ଯାଇ ଆମ୍ଭେମାନେ ଧ୍ୟାନକରୁ ଓ ଆମ୍ଭମାନଙ୍କର ବୁଦ୍ଧିସବୁକୁ ପରିଚାଳନା କରନ୍ତୁ ଏ କଥା କୁହାଯିବାର ବିଶେଷତ୍ୱ ଏହିକି ଗାୟତ୍ରୀ ଜପ କରିବା ବ୍ୟକ୍ତି ନିଜର ସ୍ୱାର୍ଥସିଦ୍ଧି ପାଇଁ ଜପ ନ କରି ସମସ୍ତ ମାନବ ଜାତିର ମଙ୍ଗଳ ପାଇଁ ଜପ କରିବା ଆବଶ୍ୟକ । ମାତ୍ର ଦୁଃଖର କଥା ଏହିକି ଲୋକେ ମନ୍ତ୍ରଟିର ଅର୍ଥ ପର୍ଯ୍ୟନ୍ତ ବୁଝିବାକୁ କର୍ତ୍ତବ୍ୟ ମନେ ନ କରି କେବଳ ବାପ-ଅଜା ଜପୁଥିଲେ ବୋଲି ଜପ କରିବାର ଅନ୍ଧାନୁସରଣ କରୁଛନ୍ତି । ଏପରି ଜପ କରିବାର କୌଣସି ମୂଲ୍ୟ ନାହିଁ ।

ପୂର୍ବୋକ୍ତ ଅର୍ଥରୁ ବୁଝନ୍ତୁ ଯେ, ଭୂର୍ଭୁବସ୍ୱଃ ଏହି ପ୍ରଥମ କଥାଟି ବୁଝିବା ପାଇଁ ଶାସ୍ତ୍ର କେତୋଟି କଥା ଜାଣିବା ଆବଶ୍ୟକ, ମାତ୍ର ମନ୍ତ୍ରର ଅବଶିଷ୍ଟ ଅଂଶ ବୁଝିବା ପାଇଁ ଶାସ୍ତ୍ରରୁ କୌଣସି କଥା ଜାଣିବା ସମ୍ପୂର୍ଣ୍ଣ ଅନାବଶ୍ୟକ ।

"ଧ୍ୟେୟଃ ସଦା ସବିତୃମଣ୍ଡଳ ମଧ୍ୟବର୍ତ୍ତୀ ନାରାୟଣଃ × × ×" ଏହି ମନ୍ତ୍ରଟିରେ ମଧ୍ୟ ଗାୟତ୍ରୀ ମନ୍ତ୍ରରେ ଥିବା ସବିତା ବା ସୂର୍ଯ୍ୟଦେବତାଙ୍କର ମଧ୍ୟବର୍ତ୍ତୀ ସର୍ବୋତ୍କୃଷ୍ଟ ତେଜକୁ ସ୍ୱୟଂ ନାରାୟଣ ବୋଲି ଧ୍ୟାନ କରିବାକୁ କୁହାଯାଇଅଛି । ଏହି ମନ୍ତ୍ରରୁ ତଥା ଗାୟତ୍ରୀ ମନ୍ତ୍ରରୁ ବୁଝିହୁଏ ଯେ ସୂର୍ଯ୍ୟଙ୍କର ମଧ୍ୟବର୍ତ୍ତୀ ସର୍ବୋତ୍କୃଷ୍ଟ ତେଜକୁ ଧ୍ୟାନ କଲେ ଆମ୍ଭେମାନେ ପୁରୁଷପରି ନିସ୍ତେଜ ଓ ଭୀରୁ ନ ରହି ତେଜସ୍ୱୀ ଓ ନିର୍ଭୀକ ହୋଇ ପାରିବା, ସମସ୍ତ ମାନବ ଜାତିର ମଙ୍ଗଳ ପାଇଁ କାର୍ଯ୍ୟ କରିପାରିବା ଏବଂ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରୁ ମୁକ୍ତ ହୋଇ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରିବା ଫଳରେ ନିଜ ନିଜର ପବିତ୍ର ବୁଦ୍ଧି ପରିଚାଳନା କରିପାରିବା । ବୁଦ୍ଧି କଥାଟିର ପୂର୍ବେ "ପବିତ୍ର" ଏହି କଥାଟି ଯୋଗ କରିବାର କାରଣ ଏହିକି ବିଭିନ୍ନ ଶାସ୍ତ୍ର ଓ ଗ୍ରନ୍ଥସବୁ ପଢି ଆମ୍ଭେ ଯେଉଁ ଜ୍ଞାନ ଅର୍ଜନ କରିଅଛୁ ସେହି ଜ୍ଞାନକୁ ବୁଦ୍ଧି ମନେକରି ଅଛୁ, ମାତ୍ର ତାହା ମନୁଷ୍ୟୋଚିତ ପ୍ରକୃତ ବୁଦ୍ଧି ବା ପବିତ୍ର ବୁଦ୍ଧି ନୁହେଁ । ଏହି ତଥାକଥିତ ବୁଦ୍ଧିକୁ ବୁଦ୍ଧି ନ କହି ଚାଲାକି କୁହାଯାଇପାରେ । ଏହା କେବଳ ଅର୍ଥ ଉପାର୍ଜନ ପାଇଁ ଏବଂ ଲୋକ ଚକ୍ଷୁରେ ପଣ୍ଡିତ ଓ ଧାର୍ମିକ ବୋଲାଇ ନିଜର ଅହମିକା ଓ ଆତ୍ମମର୍ଯ୍ୟାଦା ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକ ହେଉଅଛି । ଏହି ଚାଲାକି ଆମ୍ଭେମାନେ ଯଥେଷ୍ଟ ଅର୍ଜନ କଲୁଣି । ଏହି ତଥାକଥିତ ବୁଦ୍ଧି ବା ଚାଲାକି ହେଉଛି ମାନବ ଜାତିର ଆଜି ଏହି ଦୁରବସ୍ଥା ।

ମନ୍ତ୍ରର ଆରମ୍ଭରେ ଥିବା "ଭୂର୍ଭୁବସ୍ୱଃ" ଏହି କଥାଟି ହେଉଛି ଶାସ୍ତ୍ରୋକ୍ତ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନୋଟି ଲୋକର ବା ତିନୋଟି ସଂସାରର ତିନୋଟି ନାମ । ଏହି ନାମ ତିନୋଟିକୁ ଅର୍ଥ କରିବା ଦ୍ୱାରା ଏହି ସଂସାର ତିନୋଟି କାହାକୁ କହନ୍ତି ତାହା ବୁଝି ହେବନାହିଁ । ନାମ ସବୁକୁ ଅର୍ଥ କରିବା ଦ୍ୱାରା କୌଣସି ବିଷୟ ବୁଝି ହୁଏ ନାହିଁ । ରାମ, ଗୋବିନ୍ଦ ଓ ଗୋପାଳ; ସୂର୍ଯ୍ୟ, ଭଗବାନ ଓ ବ୍ରହ୍ମ, କ୍ରୋଧ ହିଂସା ଓ ସ୍ନେହ ଇତ୍ୟାଦି ନାମ ସବୁକୁ ଅର୍ଥ କରିବା ଦ୍ୱାରା ଏ ସବୁକୁ ବୁଝିହେବ ନାହିଁ । ବରଂ ନାମ ସବୁକୁ ଅର୍ଥ ନକଲେ ଏ ସବୁକୁ ବୁଝିହେବ । ପୂର୍ବୋକ୍ତ ଭୂଃ, ଭୁବଃ ଓ ସ୍ୱଃ ଏହି ତିନୋଟି ସଂସାରକୁ କ, ଖ ଓ ଗ ଏପରି ନାମ ଦିଆଯାଇଥିଲେ ଏହି ତିନୋଟି ସଂସାର କାହାକୁ କହନ୍ତି ତାହା

ବୁଝିବାରେ କୌଣସି ଅସୁବିଧା ହୋଇ ନ ଥାନ୍ତା । ପୂର୍ବୋକ୍ତ ଛଅଗୋଟି ସଂସାର କାହାକୁ କହନ୍ତି ତାହା ନ ଜାଣିଲେ ମଧ୍ୟ ମନ୍ତ୍ରର ଅବଶିଷ୍ଟ ଅଂଶରୁ ଆମେ ଯାହା ବୁଝିଲୁ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିପାରିଲେ ଆମର ମହୋପକାର ସାଧିତ ହେବ । ପୂର୍ବୋକ୍ତ ଭୂଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ, ଏହି ଛଅଗୋଟି ଲୋକ ହେଉଛି ଶାସ୍ତ୍ରୋକ୍ତ ଭୂଲୋକ, ଭୁବର୍ଲୋକ, ସ୍ୱର୍ଲୋକ, ମହର୍ଲୋକ, ଜନଲୋକ, ତପଲୋକ ଓ ସତ୍ୟଲୋକ ଏହି ସାତଟି ଲୋକରୁ ପ୍ରଥମ ଛଅଗୋଟି ଲୋକ ବା ଛଅଗୋଟି ସଂସାର । ଏହି ସାତଟି ସଂସାରରେ ଅବସ୍ଥାନ କରିବାପାଇଁ ପ୍ରତ୍ୟେକ ମନୁଷ୍ୟର ପାଞ୍ଚଟି ଦେହ ଅଛି । ଏହି ପାଞ୍ଚଟି ଦେହର ଶାସ୍ତ୍ରୋକ୍ତ ନାମ ହେଉଛି ୧—ଅନ୍ନମୟ କୋଷ, ୨—ପ୍ରାଣମୟ କୋଷ, ୩—ମନୋମୟ କୋଷ, ୪—ବିଜ୍ଞାନମୟ କୋଷ, ୫—ଆନନ୍ଦମୟ କୋଷ । କୋଷ କଥାଟିର ଅର୍ଥ ହେଉଛି ଆବରଣ ବା ଖୋଳ ବା ଦେହ । ଏହି ପାଞ୍ଚଟି ଦେହ ଓ ପୂର୍ବୋକ୍ତ ସାତଟି ସଂସାର କିପରି ସୃଷ୍ଟି ହେଲା ତାହା କେବଳ ଜାଣିରଖନ୍ତୁ । କାରଣ ଶାସ୍ତ୍ରରେ ଲେଖାଥିବା କଥାକୁ ସତ୍ୟବୋଲି ଗ୍ରହଣ କରିବାକୁ ମୁଁ କହୁନାହିଁ କିମ୍ବା ଅସତ୍ୟ ବୋଲି ମଧ୍ୟ ମୁଁ କହୁନାହିଁ । ଶାସ୍ତ୍ରର କଥା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରତ୍ୟେକ ବ୍ୟକ୍ତି ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ବେଦ କହୁଛି :— "ତମ ଆସୀତ ତମସା ଗୂଢ଼ମଗ୍ରେ" ।

ଅର୍ଥ—ଅଗ୍ରେ (ସବୁ ପ୍ରଥମେ ଅର୍ଥାତ୍ ଏହି ବିଶ୍ୱସୃଷ୍ଟି ହେବାର ପୂର୍ବେ) ଗୁଢ଼ଂ ତମଃ (ଘୋର ଅନ୍ଧକାର) ତମସା (ଅନ୍ଧକାର ଦ୍ୱାରା) ଆସୀତ (ଆଚ୍ଛାଦିତ ହୋଇ ରହିଥିଲା) ।

ଏହି ଅନ୍ଧକାର ହେଉଛି ଋକ୍ ବେଦର "ଅପ୍ରାକୃତ ସଲିଳ" ବା "ଅପ୍ରାକୃତ କାରଣାର୍ଣ୍ଣବ" । ଅନାଦି, ଅନନ୍ତ, କଳ୍ପନାତୀତ ମହେଶ୍ୱର ସଂକଳ୍ପ କଲେ 'ଏକୋଽହଂ ବହୁସ୍ୟାମ୍' ଅର୍ଥାତ୍ ମୁଁ ଏକ ଅଛି, ମୁଁ ବହୁ ହେବି । ତାଙ୍କ ମନରେ ଏହି ସଂକଳ୍ପ ଜାଗ୍ରତ ହେବାମାତ୍ରେ ଅପ୍ରାକୃତ କାରଣାର୍ଣ୍ଣବ ବ୍ୟାକୃତ ହୋଇ ଅର୍ଥାତ୍ ବ୍ୟକ୍ତହୋଇ ପ୍ରଥମେ ବ୍ୟୋମତତ୍ତ୍ୱର ଉତ୍ପତ୍ତି ହେଲା । ତାପରେ ବ୍ୟୋମତତ୍ତ୍ୱରୁ ମରୁତ୍‌ତତ୍ତ୍ୱ, ମରୁତତତ୍ତ୍ୱରୁ ତେଜ-ତତ୍ତ୍ୱ, ତେଜସ୍ତତ୍ତ୍ୱରୁ ଅପ୍‌ତତ୍ତ୍ୱ ଏବଂ ପରିଶେଷରେ ଅପ୍‌ତତ୍ତ୍ୱରୁ କ୍ଷିତିତତ୍ତ୍ୱର

ବା ପୃଥିବୀ ତତ୍ତ୍ୱର ଉତ୍ପତ୍ତି ହେଲା । ଅପ୍ରାକୃତ କାରଣାର୍ଣ୍ଣବ ବ୍ୟାକୃତ ହୋଇ ଏହି ପାଞ୍ଚଟି ତତ୍ତ୍ୱରେ ସଙ୍କଳିତ ହେବାପରେ କେତୋଟି ସଂସାର ସୃଷ୍ଟି କରିବାର ଆବଶ୍ୟକତା ଓ ଇଚ୍ଛା ମହେଶ୍ୱରଙ୍କ ମନରେ ଜାଗ୍ରତ ହେଲା । ଏହି ଇଚ୍ଛା ଜାଗ୍ରତହେବା ମାତ୍ରେ ସେ ନିଜର ପ୍ରକୃତିଦ୍ୱାରା ନିଜେ ଆବୃତ ହେଲେ । ଏପରି ଆବୃତ ହେବା ଫଳରେ ସେ ନିଜେ କଳ୍ପନାତୀତ ବେଗରେ ଘୂରିବାକୁ ଲାଗିଲେ ଏବଂ ନିଜେ ଛିନ୍ନ ବିଚ୍ଛିନ୍ନ ହୋଇ ଅସଂଖ୍ୟ ସୂକ୍ଷ୍ମତମ ପରମାଣୁରେ ପରିଣତ ହେଲେ । ଏହାହିଁ ମହେଶ୍ୱରଙ୍କର ତ୍ୟାଗ ବା ଯଜ୍ଞ । ତାଙ୍କର ଏହି ତ୍ୟାଗ ବା ଯଜ୍ଞକଥା ଭାବିଲେ ମନୁଷ୍ୟ ଗଭୀର ଦୁଃଖରେ ମଗ୍ନହୁଏ । ତାଙ୍କର ଏହି ତ୍ୟାଗରୁ ଶାସ୍ତ୍ରୋକ୍ତ ଯଜ୍ଞ କଥାଟିର ସୃଷ୍ଟି । ସେଥିପାଇଁ ଗୀତା କହୁଛି—

"ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ । ୩ୟ-୧୦

ଅର୍ଥ—ପ୍ରଜାପତି ଅର୍ଥାତ୍ ସୃଷ୍ଟିର କର୍ତ୍ତା ଯଜ୍ଞ ସହିତ ପ୍ରଜାମାନଙ୍କୁ ସୃଷ୍ଟି କରି ସେମାନଙ୍କୁ ପୂର୍ବେ ଅର୍ଥାତ୍ ସୃଷ୍ଟିର ଆରମ୍ଭରେ ଯଜ୍ଞକରିବାକୁ କହିଥିଲେ । (ତାଙ୍କର ଅଭିପ୍ରାୟ ଏହିକ ଯଜ୍ଞକରିବା ଫଳରେ ପ୍ରଜାମାନେ ବୁଝନ୍ତୁ ଯେ ଯଜ୍ଞକରିବାର ଅର୍ଥ ହେଉଛି ସମସ୍ତ ମାନବ ଜାତିର ମଙ୍ଗଳପାଇଁ ନିଜର ସ୍ୱାର୍ଥତ୍ୟାଗ) ।

ପୂର୍ବ ଅର୍ଥାତ୍ ପୂର୍ବକାଳରେ ଏହି କଥାଟିରୁ ବୁଝନ୍ତୁ ଯେ, ଲୋକେ ଘିଅପରି ଖାଦ୍ୟପଦାର୍ଥକୁ ପୋଡ଼ି ପକାଇବାର ଅନ୍ଧାନୁସରଣ ସବୁଦିନେ କରୁଥାଆନ୍ତୁ ଏକଥା ପ୍ରଜାପତି କହିନାହାନ୍ତି ଏବଂ ଏବେ ମଧ୍ୟ ଗୀତାରେ ଶ୍ରୀକୃଷ୍ଣ କହୁନାହାନ୍ତି । ଯଜ୍ଞ କଥାଟିର ଅର୍ଥ ସ୍ୱାର୍ଥ ତ୍ୟାଗ ଏକଥା ଗୀତାର ୩ୟ ଓ ୪ର୍ଥ ଅଧ୍ୟାୟରେ ବିଭିନ୍ନ ପ୍ରକାରରେ ବୁଝାଇ ଦିଆ-ଯାଇଅଛି । ଏହି ସ୍ୱାର୍ଥତ୍ୟାଗ ଅଭିପ୍ରାୟରେ ଯାବତୀୟ କର୍ମ ସମ୍ପନ୍ନ କରିବା ଆବଶ୍ୟକ । ସେଥିପାଇଁ ଗୀତା କହୁଅଛି—

"ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।"
୩ୟ — ୯

ଏଠାରେ ଯଜ୍ଞ ଅଭିପ୍ରାୟରେ କର୍ମ କରିବାକୁ କୁହାଯାଇଅଛି । ଯଜ୍ଞ କରିବାକୁ ଅର୍ଥାତ୍ ଘିଅ ପୋଡ଼ିବାର ଅନ୍ଧାନୁସରଣ କରିବାକୁ

ଲୁହାଯାଇ ନାହିଁ । ବେଦୋକ୍ତ ସାବଜନୀନ ଯଜ୍ଞର ଗୋଟିଏ ଧାଡ଼ି ହେଉଛି —

ଅହମେବାହଂ ମା ଜୁହୋମି ସ୍ୱାହା ।

ଅର୍ଥ:— ମୁଁ ମୋତେ ଯଜ୍ଞାଗ୍ନିରେ ପୋଡ ଦେଉଛି, ସ୍ୱାହା ।

ମହେଶ୍ୱରଙ୍କର ପୂର୍ବୋକ୍ତ ସୂକ୍ଷ୍ମତମ ପରମାଣୁ ହେଉଛି ବ୍ରହ୍ମ ବା ସ୍ୱୟଂ ମହେଶ୍ୱର । (ବରଗଛର ଗୋଟିଏ ମଞ୍ଜିରେ ଅସଂଖ୍ୟ ବରଗଛ ରହିଛି ଏହି କଥାଟି ଭାବନ୍ତୁ) ସେଥିପାଇଁ ବେଦ କହୁଛି, "ସର୍ବଂ ଖଳ୍ୱିଦଂ ବ୍ରହ୍ମ" ଅର୍ଥାତ୍ ସମସ୍ତ ବିଶ୍ୱ ହେଉଛି ବ୍ରହ୍ମମୟ । ମହେଶ୍ୱର ଯେଉଁ ସୂକ୍ଷ୍ମତମ ଅସଂଖ୍ୟ ପରମାଣୁରେ ପରିଣତ ହେଲେ ସେହି ପରମାଣୁରେ ସର୍ବପ୍ରଥମେ ସୂକ୍ଷ୍ମତମ ସଂସାର ବା ଶାସ୍ତ୍ରୋକ୍ତ ସତ୍ୟଲୋକର ଉତ୍ପତ୍ତି ହେଲା । ତାପରେ ସତ୍ୟ ଲୋକର ଅସଂଖ୍ୟ ପରମାଣୁ ମିଶି ତପଲୋକ, ତପଲୋକର ଅସଂଖ୍ୟ ପରମାଣୁ ମିଶି ଜନଲୋକ, ଜନଲୋକର ଅସଂଖ୍ୟ ପରମାଣୁ ମିଶି ମହର୍ଲୋକ, ମହର୍ଲୋକର ଅସଂଖ୍ୟ ପରମାଣୁ ମିଶି ସ୍ୱର୍ଲୋକ, ସ୍ୱର୍ଲୋକର ଅସଂଖ୍ୟ ପରମାଣୁ ମିଶି ଭୁବର୍ଲୋକ ଏବଂ ପରିଶେଷରେ ଭୁବର୍ଲୋକର ଅସଂଖ୍ୟ ପରମାଣୁ ମିଶି ଭୂଲୋକର ବା ଆମେ ବାସ କରିଥିବା ସ୍ଥୂଳଜଗତର ଉତ୍ପତ୍ତି ହେଲା ।

ସୂକ୍ଷ୍ମରୁ ସ୍ଥୂଳ ପୂର୍ବୋକ୍ତ ପାଞ୍ଚଟି ତତ୍ତ୍ୱରେ ପୂର୍ବୋକ୍ତ ଯେଉଁ ପାଞ୍ଚଟି ଦେହର ଉତ୍ପତ୍ତି ହୋଇଅଛି ସେହି ପାଞ୍ଚଟି ଦେହ ମଧ୍ୟରୁ ଅନ୍ନମୟ, ପ୍ରାଣମୟ ଓ ମନୋମୟ ଏହି ପ୍ରଥମ ତିନୋଟି ଦେହ ସହିତ ଆମର ଏହି ଭୂଲୋକରେ ଘନିଷ୍ଠ ସମ୍ବନ୍ଧ । ବିଜ୍ଞାନମୟ ଦେହ ଓ ଆନନ୍ଦମୟ ଦେହ ଏହି ଶେଷ ଦୁଇଟି ଦେହ ସହିତ ଆମର ଏହି ଭୂଲୋକରେ କୌଣସି ସମ୍ବନ୍ଧ ନାହିଁ । ଠିକ୍ ସେହିପରି ସୂକ୍ଷ୍ମରୁ ସ୍ଥୂଳ ଯେଉଁ ସାତଟି ଲୋକର ନାମ କୁହାଗଲା ସେଥିମଧ୍ୟରୁ ଭୂଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ପ୍ରଥମ ତିନୋଟି ଲୋକ ସହିତ ଆମର ଏହି ମନୁଷ୍ୟ ଲୋକରେ ଘନିଷ୍ଠ ସମ୍ବନ୍ଧ । ଜନଲୋକ, ତପଲୋକ ଓ ସତ୍ୟଲୋକ ଏହି ଶେଷ ତିନୋଟି ଲୋକ ସହିତ ଆମର ଏହି ମନୁଷ୍ୟ ଲୋକରେ କୌଣସି ସମ୍ବନ୍ଧ ନାହିଁ । ପ୍ରଥମ ତିନୋଟି ଲୋକର ଶାସ୍ତ୍ରୋକ୍ତ ନାମ ହେଉଛି

ନିମ୍ନ ତ୍ରିଲୋକୀ ବା ମନୁଷ୍ୟଲୋକ ଏବଂ ଶେଷ ତିନୋଟି ଲୋକର ନାମ ହେଉଛି ଉଚ୍ଚ ତ୍ରିଲୋକୀ ବା ବ୍ରହ୍ମଲୋକ । ଚତୁର୍ଥଲୋକଟି ହେଉଛି ମହର୍ଲୋକ । ଜୀବାତ୍ମା ସବୁ ଅନ୍ନମୟ, ପ୍ରାଣମୟ ଓ ମନୋମୟ ଦେହ ନେଇ ଯଥାକ୍ରମେ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନି ସଂସାରରେ ଯଥୋଚିତ ସମୟ ଜୀବନଯାତ୍ରା ସମ୍ପନ୍ନ କଲାପରେ ଏବଂ ଭୂର୍ଲୋକରେ ପୁଣି ଜନ୍ମଗ୍ରହଣ କରିବା ପୂର୍ବେ ବିଜ୍ଞାନମୟ ଦେହ ନେଇ ମହର୍ଲୋକରେ କିଛି ସମୟ ପାଇଁ ବିଶ୍ରାମ କରନ୍ତି ବୋଲି ଶାସ୍ତ୍ରରେ ଅଛି ।

ନମୋ ପାର୍ଥସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ । ୩ୟ-୨୨

ଏହି ଉକ୍ତିଟିରୁ ବୁଝନ୍ତୁ ଯେ, ଗୀତାର ଶ୍ରୀକୃଷ୍ଣ ପୂର୍ବୋକ୍ତ ସାତ ସଂସାରର ପ୍ରଭୁ ବା କର୍ତ୍ତା ନୁହନ୍ତି । ସେ ହେଉଛନ୍ତି ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଆମର ଏହି ତିନି ସଂସାରରେ କର୍ତ୍ତା ବା ପ୍ରଭୁ । "କର୍ମାନୁ-ବନ୍ଧୀନି ମନୁଷ୍ୟ ଲୋକେ" — ୧୫ଶ-୨ । ଗୀତାର ଏହି ଉକ୍ତିଟିରୁ ବୁଝନ୍ତୁ ନିମ୍ନ ତ୍ରିଲୋକୀର ଅନ୍ୟ ନାମ ହେଉଛି ମନୁଷ୍ୟଲୋକ ।

ନିମ୍ନ ତ୍ରିଲୋକୀକୁ ବା ମନୁଷ୍ୟଲୋକକୁ ଗୋଟିଏ ଉଚ୍ଚ ବିଶ୍ୱ-ବିଦ୍ୟାଳୟ ସଙ୍ଗେ ଏବଂ ଉଚ୍ଚ ତ୍ରିଲୋକୀକୁ ବା ବ୍ରହ୍ମଲୋକକୁ ଗୋଟିଏ କଲେଜ ସଙ୍ଗେ ତୁଳନା କରାଯାଇ ପାରେ । ଗୀତାର ଶ୍ରୀକୃଷ୍ଣଙ୍କୁ ଏହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୋଲି କୁହାଯାଇପାରେ । ବର୍ତ୍ତମାନ ଆମର କେବଳ ଏହି ଉଚ୍ଚ ବିଦ୍ୟାଳୟ ସହିତ ସମ୍ବନ୍ଧ । କଲେଜ ସହିତ ଆମର ବର୍ତ୍ତମାନ କୌଣସି ସମ୍ବନ୍ଧ ରଖିବା ଅନାବଶ୍ୟକ । ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ କଲେଜ ସହିତ ସମ୍ବନ୍ଧ ରଖିବାକୁ ହେବ । ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ଅର୍ଥାତ୍ ପୁନର୍ଜନ୍ମରୁ ଉଦ୍ଧାର ପାଇବାକୁ ହେଲେ ମୋର ପୁଅ, ମୋର ଘର, ମୋର ଧନ, ଆମର ଦେଶ, ଆମର ଧର୍ମ ଇତ୍ୟାଦି ମମତା ଦୋଷରୁ ବା ଆସକ୍ତିରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହେବାକୁ ହେବ । ଗୀତା ୧୫ ଅଧ୍ୟାୟ ନିମ୍ନଲିଖିତ ଦୁଇଟି ଶ୍ଳୋକରେ ଏହା କୁହାଯାଇ ଅଛି ।

ଅଶ୍ୱତ୍ଥମେନଂ ସୁବିରୂଢ଼ମୂଳ—
ମସଙ୍ଗଶସ୍ତ୍ରେଣ ଦୃଢ଼େନ ଛିତ୍ତ୍ୱା । ୩ ।

ତତଃ ପଦଂ ତତ୍ ପରିମାର୍ଜିତବ୍ୟଂ
ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।” ।

ଅର୍ଥ—ଅତ୍ୟନ୍ତ ଦୃଢ଼ମୂଳ ଏହି ଅଶ୍ୱତ୍ଥରୂପ ସଂସାରକୁ ଅନାସକ୍ତିରୂପ ଶାସ୍ତ୍ରଦ୍ୱାରା ଦୃଢ଼ଭାବରେ ଛେଦନ କରିସାରି—ତା ପରେ ସେହି ପରମ ପଦର ଅନୁସନ୍ଧାନ କରିବାକୁ ହେବ କିମ୍ବା ବ୍ରହ୍ମ ଲୋକରେ ଗତି କରିବାକୁ ହେବ, ଯେଉଁ ଲୋକକୁ ଗଲେ ସେଠାରୁ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ହେବ ନାହିଁ ।

ଯାହାକୁ ଆମେ ସ୍ଥୂଳ ଦେହ ବୋଲି ଜାଣୁ ତାହା ଅନ୍ନମୟ ଦେହ, ପ୍ରାଣମୟ ଦେହ ଓ ମନୋମୟ ଦେହ, ଏହି ତିନୋଟି ଦେହର ସମଷ୍ଟି ଏବଂ ଯାହାକୁ ଆମେ ସ୍ଥୂଳ ସଂସାର ବୋଲି ଜାଣୁ ତାହା ଭୂଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନୋଟି ଲୋକର ବା ତିନୋଟି ସଂସାରର ସମଷ୍ଟି । ଅନ୍ନମୟ ଦେହ ହେଉଛି ସ୍ଥୂଳଦେହ ଓ ଶାସ୍ତ୍ରୋକ୍ତ ଲିଙ୍ଗ ଦେହର ସମଷ୍ଟି । ରକ୍ତ ମାଂସରେ ଗଠିତ ସ୍ଥୂଳ ଦେହର ପ୍ରତ୍ୟେକ ସୂକ୍ଷ୍ମତମ ପରମାଣୁ ବାୟୁ ଅପେକ୍ଷା ଅନେକଗୁଣରେ ସୂକ୍ଷ୍ମ, ଇଥର ଦ୍ୱାରା ଆବୃତ ଥିବାରୁ ଏହି ଲିଙ୍ଗ ଦେହକୁ ଇଂରାଜୀରେ ଇଥରିକ୍ ଡବଲ କୁହାଯାଏ । କ୍ଷିତିତତ୍ତ୍ୱରେ ଗଠିତ ଅନ୍ନମୟ ଦେହ ସାହାଯ୍ୟରେ ଆମେ ସେହି ଭୂଲୋକରେ କାର୍ଯ୍ୟ କରୁ, ପ୍ରାଣମୟ ଦେହର ସାହାଯ୍ୟରେ ଆମେ ଭୁବର୍ଲୋକରେ ବା କାମଲୋକରେ କାର୍ଯ୍ୟ କରୁ, ଏବଂ ମନୋମୟ ଦେହର ସାହାଯ୍ୟରେ ଆମେ ସ୍ୱର୍ଲୋକରେ କାର୍ଯ୍ୟ କରୁ । ପ୍ରାଣମୟ ଦେହର ସାହାଯ୍ୟରେ ଆମେ କ୍ରୋଧ, ହିଂସା ଇତ୍ୟାଦି ଅନିଷ୍ଟପ୍ରଦ ଗୁଣସବୁକୁ ଓ ସ୍ନେହ ଶ୍ରଦ୍ଧା ସହାନୁଭୂତି ଇତ୍ୟାଦି ମଙ୍ଗଳପ୍ରଦ ଗୁଣସବୁକୁ ଅନୁଭବ କରୁ, ଅନ୍ୟର ଦୁଃଖ ଦେଖି ଦୟା ଅନୁଭବକରୁ, ଧନୀ ହେବାର ଓ ମଠର ଖଣ୍ଡ କିଣିବାର ଇଚ୍ଛା ଅନୁଭବ କରୁ ଇତ୍ୟାଦି । ମନୋମୟ ଦେହ ସାହାଯ୍ୟରେ ଆମେ ଚିନ୍ତାକରୁ ଓ ବିଚାର କରୁ । ଏସବୁ କଥା ଶାସ୍ତ୍ରର କଥା ହେଲେମଧ୍ୟ ଆମର ପ୍ରତ୍ୟକ୍ଷ ଅନୁଭୂତିର ବହିର୍ଭୂତ ନୁହେଁ । ପିଲାଟି କାନ୍ଦିବାର ଦେଖିଲେ ପ୍ରାଣମୟ ଦେହର ସାହାଯ୍ୟରେ ଆମେ ତାହାର ଦୁଃଖ ଅନୁଭବ କରୁ ଏବଂ ସେହି ଦୁଃଖ କିପରି ଦୂରହେବ ତାହା ମନୋମୟ ଦେହ ସାହାଯ୍ୟରେ ଚିନ୍ତା କରୁ । ତାହା ପରେ ଅନ୍ନମୟ ଦେହ ବା ସ୍ଥୂଳ ଦେହର ସାହାଯ୍ୟରେ

ତା ପାଇଁ ଖେଳନା କଣ୍ଢେଇଟିଏ ବା ରସଗୋଲାଟିଏ ଆଣିଦେଉ । ବର୍ତ୍ତମାନ ବୁଝନ୍ତୁ ଯେ, ଆମର ରସଗୋଲା ଦେବା ବା କଣ୍ଢେଇ ଦେବା କାର୍ଯ୍ୟ ଆମର ଅନୁଭୂତି ଓ ଚିନ୍ତା ଉପରେ ପ୍ରତିଷ୍ଠିତ । ଅତଏବ ଅନ୍ନମୟ ଦେହ ସାହାଯ୍ୟରେ ଆମେ ଯେଉଁ ସବୁ କର୍ମ କରୁ ସେହିସବୁ କର୍ମ ପ୍ରାଣମୟ ଦେହ ଓ ମନୋମୟ ଦେହ ଏହି ଦୁଇଟି ଦେହର କର୍ମ ଉପରେ ପ୍ରତିଷ୍ଠିତ ହେବା ଏକାନ୍ତ ଆବଶ୍ୟକ । ମାତ୍ର ଆମେ ଏପରି ଅନେକ କର୍ମ କରୁ ଯାହା ଏହି ଦୁଇଟି ଦେହର କର୍ମ ଉପରେ ପ୍ରତିଷ୍ଠିତ ନହୋଇ କେବଳ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ।

ଗାୟତ୍ରୀ ମନ୍ତ୍ରରେ ଥିବା "ଭୂର୍ଭୁବଃସ୍ୱଃ" ଏହି କଥାଟି ବୁଝିଲେ ଆମ୍ଭେମାନେ ବୁଝିପାରିବୁ ଯେ, ମନୁଷ୍ୟର ମୃତ୍ୟୁ ନାହିଁ । ଯାହାକୁ ସେ ମୃତ୍ୟୁ ମନେକରେ ତାହା କେବଳ ତାହାର ଅନ୍ନମୟ ଦେହର ବିନାଶ । ଭୂର୍ଲୋକରେ ଏହି ଅନ୍ନମୟ ଦେହର ବିନାଶପରେ ଅନ୍ୟ ସୂକ୍ଷ୍ମଟି ଦେହ ନେଇ ସେ ଭୁବର୍ଲୋକରେ ବାସ କରେ । ଭୁବର୍ଲୋକରେ ଯଥା ସମୟରେ ପ୍ରାଣମୟ ଦେହର ବିନାଶ ଘଟେ । ତାପରେ ଅନ୍ୟ ତନୋଟି ଦେହ ନେଇ ସେ ସ୍ୱର୍ଲୋକରେ ବାସକରେ ଏହି ତିନି ଲୋକରେ ମନୁଷ୍ୟ ଯେତେ ସମୟ ବାସ କରେ ସେହି ସମୟ ହେଉଛି ମନୁଷ୍ୟର ପ୍ରକୃତ ପରମାୟୁ । ଭୁବର୍ଲୋକ ବା କାମଲୋକ ଶାସ୍ତ୍ରୋକ୍ତ ପିତୃଲୋକ ଓ ପ୍ରେତଲୋକ ଏହି ଦୁଇ ଭାଗରେ ବିଭକ୍ତ । ହିଂସା ଈର୍ଷା, ଘୃଣା ଇତ୍ୟାଦି ଅନିଷ୍ଟପ୍ରଦ ଗୁଣଗୁଡ଼ିକର କର୍ମଫଳ ଭୂର୍ଲୋକରେ କ୍ଷୟ ହୋଇ ନଥିଲେ ତାହା ପ୍ରେତଲୋକରେ କ୍ଷୟ ହୁଏ ଏବଂ ସ୍ନେହ, ଶ୍ରଦ୍ଧା, ଦୟା ପ୍ରଭୃତି ମଙ୍ଗଳପ୍ରଦ ଗୁଣ ଗୁଡ଼ିକର ସଂସ୍କାର ପିତୃଲୋକରେ ହୁଏ । ମନୁଷ୍ୟ ଏହି ସଂସ୍କୃତି ନେଇ ପୁଣି ଭୂର୍ଲୋକରେ ଜନ୍ମଗ୍ରହଣ କରେ ।

ଅନ୍ନମୟ ଦେହକୁ କଲେରା କମ୍ବା ନିମୋନିଆ ହୋଇଥିବାରୁ ସେହି ଦେହର ବିନାଶ ଘଟିଲା । ମାତ୍ର ଯାହା ସାହାଯ୍ୟରେ ଆମେ ଅନୁଭବ କରୁ ଓ କାମନା କରୁ ଏବଂ ଯାହା ସାହାଯ୍ୟରେ ଆମେ ଚିନ୍ତାକରୁଁ ସେହି ଦୁଇଟି ଦେହକୁ କଲେରା କମ୍ବା ନିମୋନିଆ ହୋଇ ନଥିଲା । ତେଣୁ

ଅନ୍ନମୟ ଦେହର ବିନାଶପରେ ଏହି ଦୁଇଟିଦେହ ଯେଉଁପରି ଥିଲେ ଠିକ୍ ସେହିପରି ରହିଲେ । ଗୀତା କହୁଛି—

ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି । ୧୩ ।

ଏଠାରେ ମନୁଷ୍ୟର ପୁନର୍ଜନ୍ମର କଥା କୁହାଯାଇ ନାହିଁ । ପୁନର୍ଜନ୍ମର କଥା ନିମ୍ନଲିଖିତ ୨୨ଶ ଶ୍ଲୋକରେ କୁହାଯାଇଅଛି ।

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-ନ୍ୟନ୍ୟାନି ସଂଯାତି ନବାନି ଦେହୀ ।

ଏହି ଶ୍ଲୋକରେ ଥିବା ଶରୀରାଣି କଥାଟିରୁ ପ୍ରକାଶ ଯେ ସ୍ଥୂଳ-ଦେହକୁ ଛାଡ଼ି ଦେହୀର ଆଉ କେତୋଟି ଦେହଅଛି । ଯୌବନରେ ମନୁଷ୍ୟ ତାର କୌମାର ଅବସ୍ଥାର କଥା ଭୁଲିଯାଏ ନାହିଁ ।' ମାତ୍ର ପୁନର୍ଜନ୍ମରେ ପୂର୍ବଜନ୍ମର କଥା ଭୁଲିଯାଇ ଥାଏ ।

ପ୍ରାଣମୟ ଦେହ ଓ ମନୋମୟ ଦେହର ଅସ୍ତିତ୍ୱକୁ ଏବଂ ଭୁବ-ର୍ଲୋକ ଓ ସ୍ୱର୍ଲୋକର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ମୁଁ କହୁନାହିଁ । ମାତ୍ର ଯାହା ସ୍ଥୂଳଇନ୍ଦ୍ରିୟର ଅଗୋଚର ତାର ଅସ୍ତିତ୍ୱକୁ ଅସ୍ୱୀକାର କରିବା ଉଚିତ ନୁହେଁ । ଯାହା ସାହାଯ୍ୟରେ ଆମେ ଅନୁଭବ କରୁଁ ତାହା ନିଶ୍ଚୟ ଆମ ଦେହର କୌଣସି ସ୍ଥାନରେ ଅଛି । ଡାକ୍ତର ପରୀକ୍ଷା କଲେ ସେହି ସ୍ଥାନର ସନ୍ଧାନ ପାଇପାରିବେ ନାହିଁ । ତାହା ଯେଉଁ ସ୍ଥାନରେ ଅଛି ତାହା କାମଦେହ ଏବଂ ସମସ୍ତ ମାନବଜାତିର କାମଦେହ ସବୁର ସମଷ୍ଟି ହେଉଛି ଭୁବର୍ଲୋକ । ଠିକ୍ ସେହିପରି ଆମେ ଯାହା ସାହାଯ୍ୟରେ ଚିନ୍ତାକରୁ ତାହା ମନୋମୟ ଦେହ ଏବଂ ସମସ୍ତ ମାନବ ଜାତିର ମନୋମୟ ଦେହ ସବୁର ସମଷ୍ଟି ହେଉଛି ସ୍ୱର୍ଲୋକ । ଶାସ୍ତ୍ରର କଥା ସବୁକୁ କେବଳ ଜାଣିନେବାଦ୍ୱାରା ଆମର କୌଣସି ଉପକାର ହୋଇନାହିଁ କି ହେବନାହିଁ । ଶାସ୍ତ୍ରୋକ୍ତ ବିଷୟ ନିଜେ ଉପ-ଲବ୍ଧି କରି ତଦନୁସାରେ ଜୀବନ ଗଠନ କରିବା ଆବଶ୍ୟକ ।

୧୯୭୧ ମସିହା

---

# ପଇତା ବିସର୍ଜନ

●

"ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା କର" ଏକଥା ସବୁ ଧର୍ମଶାସ୍ତ୍ର ଆବହମାନ କାଳରୁ କହି ଆସୁଛି ଏବଂ ସବୁ ବରିଷ୍ଠ ବ୍ୟକ୍ତି ବହୁକାଳ ହେଲା କହୁଅଛନ୍ତି ; ମାତ୍ର ଏ ପର୍ଯ୍ୟନ୍ତ ଏ ଦିଗରେ କାହାରି କୌଣସି ଚେଷ୍ଟା ଦେଖାଯାଉ ନାହିଁ, ବରଂ ସମସ୍ତେ ଠିକ୍ ବିପରୀତ ଦିଗରେ ଅର୍ଥାତ୍ ବିଶ୍ୱବିଦ୍ରୋହ ଓ ବିଶ୍ୱଅଶାନ୍ତିକୁ ଦୃଢତର କରିବା ଦିଗରେ ଅଗ୍ରସର ହେଉଅଛନ୍ତି । ଏଠାରେ ଲେଖାଥିବା "ସମସ୍ତେ" କଥାଟିକୁ ପୂର୍ବାଭ୍ୟାସ ଦୋଷରୁ ସମସ୍ତ ସମାଜ ବୋଲି ନ ବୁଝି ପ୍ରତ୍ୟେକ ବ୍ୟକ୍ତି ବୋଲି ଅର୍ଥାତ୍ ଆପଣ ଓ ମୁଁ ବୋଲି ବୁଝନ୍ତୁ । ଆପଣ ଓ ମୋ ଭିତରେ ଥିବା ଜାତିଭେଦ, ଶ୍ରେଣୀବିଭାଗ ଓ ଭେଦଭାବ ହେଉଛି ବିଶ୍ୱବିଦ୍ରୋହ ଓ ବିଶ୍ୱଅଶାନ୍ତିର ମୂଳକାରଣ ; ତେଣୁ ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ପ୍ରତିଷ୍ଠାର ସର୍ବପ୍ରଧାନ ଅନ୍ତରାୟ । ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଅବ୍ରାହ୍ମଣ ଓ ବ୍ରାହ୍ମଣ ମଧ୍ୟରେ ଥିବା ଶ୍ରେଣୀବିଭାଗ ଓ ଜାତିଗତ ଭେଦଭାବ ସର୍ବପ୍ରଥମେ ଦୂର କରନ୍ତୁ ଏବଂ ଆପଣ ସର୍ବପ୍ରଥମେ ଦୂର କରନ୍ତୁ । ଇଂରାଜୀରେ ଗୋଟିଏ କଥା ଅଛି—"To go far you must begin near" ଅର୍ଥାତ୍ ଦୂରକୁ ଯିବାକୁ ହେଲେ ମୂଳରୁ ଆରମ୍ଭ କରିବାକୁ ହେବ । ଗଛର ଅଗକୁ ଚଢ଼ିବାକୁ ହେଲେ ମୂଳରୁ ଚଢ଼ିବାକୁ ହେବ । ଏହି ମୂଳ ହେଉଛନ୍ତି ଆପଣ ନିଜେ ଏବଂ ଏହି ମୂଳ ହେଉଛି ବ୍ରାହ୍ମଣ ଓ ଅବ୍ରାହ୍ମଣ ମଧ୍ୟରେ ଥିବା ଜାତିଭେଦ । ଜାତିଗତ ଭେଦଭାବ ଦୂର କଲାପରେ ବ୍ୟକ୍ତିଗତ ଭେଦଭାବ ଦୂର କରିବାକୁ ହେବ । ବ୍ୟକ୍ତିଗତ ଭେଦଭାବ ଦୂର କରିବା ବିଶେଷ କଠିନ ହେବ, କାରଣ ଉପସ୍ଥିତ ଶିକ୍ଷା

ଆମ୍ଭମାନଙ୍କୁ ସହଯୋଗ ଓ ସାମ୍ୟବାଦ ଶିକ୍ଷା ନ ଦେଇ "ମୁଁ କେମିତି ଅନ୍ୟଠାରୁ ବଡ଼ ହେବି" ଏହି ପ୍ରତିଯୋଗିତା ଓ ଅହମିକା ଶିକ୍ଷା ଦେଉଅଛି । ତେଣୁ ବ୍ୟକ୍ତିଗତ ଭେଦଭାବ ଦୂର କରିବାକୁ ହେଲେ ଉପସ୍ଥିତ ଶିକ୍ଷାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଏକାନ୍ତ ଆବଶ୍ୟକ ।

## ଗୀତାରୁ ତିନୋଟି ଅସଲ କଥା

ପ୍ରଥମ ଅଧ୍ୟାୟ ୪୪ ଶ୍ଳୋକରେ ଧର୍ମାତ୍ମା ଅର୍ଜୁନ କହିଥିଲେ—

ଉତ୍ସନ୍ନକୁଳ ଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !
ନରକେ ନିୟତଂ ବାସୋ ଭବତି—ଇତି ଅନୁଶୁଶ୍ରୁମ

ଅର୍ଥ—ହେ ଜନାର୍ଦ୍ଦନ ! କୁଳଧର୍ମ ଉତ୍ସନ୍ନ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହୁଏ—ଏଇ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ । ଯେଉଁସବୁ କାରଣ ପ୍ରଦର୍ଶାଇ ଅର୍ଜୁନ ନିଜର ସ୍ୱଭାବସ୍ୱୟୁତ କର୍ମରୁ ବା ସ୍ୱଭାବନିୟତ ଜୀବନଯୁଦ୍ଧରୁ ନିବୃତ୍ତ ହେଉଥିଲେ ସେଥିମଧ୍ୟରୁ ଏଇ କାରଣଟି ହେଉଛି ମୂଳକାରଣ । ତେଣୁ "ଅନୁଶୁଶ୍ରୁମ" ଏଇ କଥାଟି ହେଉଛି ଗୀତାର ମୂଳଭିତ୍ତି ଓ ଅସଲ କଥା । ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ହେଉଛୁଁ ଗୀତାର ଅର୍ଜୁନ । ଧର୍ମାତ୍ମା ଅର୍ଜୁନଙ୍କର ଯେଉଁ ଦୁରବସ୍ଥା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ଦୁରବସ୍ଥା । ଗୀତାର ଏହି ମୂଳ କଥାଟିକୁ ସଂଶୟଶୂନ୍ୟ ହୋଇ ବୁଝନ୍ତୁ ଏବଂ ଶାସ୍ତ୍ରମାନଙ୍କରୁ ତଥା ଲୋକମୁଖରୁ ଶୁଣିଆସିଥିବା କଥାଗୁଡ଼ିକୁ ସତ୍ୟ ମନେକରି ଏବଂ ସେଇ ସବୁ କଥାର ଅନ୍ଧାନୁସରଣ ନକଲେ ନରକବାସ ହେବ ବୋଲି ଭୟକରି ନିଜ ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ ହୁଅନ୍ତୁ ନାହିଁ । ପଇତା ପିନ୍ଧିବାଟା ଅନୁଶୁଶ୍ରୁମ ଉପରେ ପ୍ରତିଷ୍ଠିତ । ଏହା ନିଜର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ; ତେଣୁ ସ୍ୱଭାବନିୟତ ନୁହେଁ ।

ଦ୍ୱିତୀୟ ଅଧ୍ୟାୟ ୪୨ ଶ୍ଳୋକରେ ଥିବା "ଅବିପଶ୍ଚିତଃ" କଥାଟିର ଅର୍ଥ ହେଉଛି, ଅବିବେକୀମାନେ ବା ମୂଢ଼ମାନେ । ବେଦତତ୍ତ୍ୱ ସବୁର ଅନ୍ଧାନୁସରଣକାରୀମାନଙ୍କୁ ଗୀତାକାର ଏଠାରେ ଅବିବେକୀ ବା ମୂଢ଼ ଆଖ୍ୟା ଦେଇଅଛନ୍ତି ଏ କଥା ସଂଶୟଶୂନ୍ୟ ହୋଇ ବୁଝନ୍ତୁ ଏବଂ

ପଇତା ପିନ୍ଧିବାଟା ଶାସ୍ତ୍ରବିଧିର ଅନ୍ଧାନୁସରଣ ବୋଲି ବୁଝି ତାହା ଆଜି ପରିତ୍ୟାଗ କରନ୍ତୁ ।

ପୂର୍ବ ଶ୍ଳୋକରେ ଅର୍ଥାତ୍ ୨ୟ ଅଧ୍ୟାୟ ୪୧ ଶ୍ଳୋକରେ ଥିବା "ବ୍ୟବସାୟାତ୍ମିକା ବୁଦ୍ଧି" କଥାଟିକୁ ବୁଝି ବୁଦ୍ଧିକୁ ବ୍ୟବସାୟାତ୍ମିକା ବା କର୍ମାତ୍ମିକା କରନ୍ତୁ ଏବଂ ପଇତା ବିସର୍ଜନ ବିଷୟରେ ଯେଉଁ କେତୋଟି କଥା ଲେଖାଗଲା ତାହାର ଯୌକ୍ତିକତା ଓ ସତ୍ୟତା ଉପଲବ୍ଧି କରି ଆଜି ପଇତା ବିସର୍ଜନ କରନ୍ତୁ ଏବଂ ସମାଜକୁ ଶ୍ରେଣୀବିହୀନ କରନ୍ତୁ । କାଲି କରିବି ବା ପରେ କରିବି, ଅନ୍ୟମାନେ କଲାପରେ କରିବି, ଭଗବାନ ଇଚ୍ଛାକଲେ ଆପେ ଆପେ ହୋଇଯିବ ଏହିସବୁ ଦୁର୍ବଳତା, ଜଡ଼ତା ବା କ୍ଳୀବତା ପରିତ୍ୟାଗ କରନ୍ତୁ । ଏହି ଦୁର୍ବଳତା ଦେଖି ବିଶ୍ୱଗୁରୁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ କହିଯାଇଛନ୍ତି—

ମା କ୍ଳୈବ୍ୟଂ ଗଚ୍ଛ କୌନ୍ତେୟ ! ନୈତତ୍ତ୍ୱୟ୍ୟୁପପଦ୍ୟତେ,
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ।

ଅର୍ଥ—ହେ କୌନ୍ତେୟ ! କ୍ଳୀବତା ବା ଜଡ଼ତା ପରିତ୍ୟାଗ କର । ଏହା ତୁମ୍ଭ ପକ୍ଷରେ ଉପଯୁକ୍ତ ହେଉ ନାହିଁ । ନୀଚ ଜନୋଚିତ ହୃଦୟର ଦୁର୍ବଳତା ପରିତ୍ୟାଗ କରି ଉଠ ଅର୍ଥାତ୍ କର୍ମ-କ୍ଷେତ୍ରରେ ଅଗ୍ରସର ହୁଅ ।

ଅନେକ ଶିକ୍ଷିତ ବ୍ୟକ୍ତି ପଇତା ପିନ୍ଧିବା ଅନେକ ଦିନ ହେଲା ଛାଡ଼ିଲେଣି । ମାତ୍ର ନିଜର ପିଲାମାନଙ୍କୁ ପଇତା ପିନ୍ଧାଉଅଛନ୍ତି ଏବଂ ସେହି ପିଲାମାନେ କିଛିଦିନ ପରେ ପଇତା ପିନ୍ଧିବାକୁ ଘୃଣା କରୁଅଛନ୍ତି । ଆଜି ସମସ୍ତେ ବୁଝନ୍ତୁ ଯେ, ପଇତା ପିନ୍ଧିବା ଛାଡ଼ିବା ଓ ପଇତା ବିସର୍ଜନ ଏ ଦୁହେଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଷୟ । ପଇତା ପିନ୍ଧିବା ଯେ ଆମ୍ଭମାନଙ୍କର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ପ୍ରଶ୍ରୟ ଦେଇ ଏବଂ ବ୍ରାହ୍ମଣ ଓ ଅବ୍ରାହ୍ମଣ ମଧ୍ୟରେ ଉଚ୍ଚ ନୀଚର ଭେଦଭାବ ସୃଷ୍ଟିକରି ସମାଜର ଘୋର ଅନିଷ୍ଟ ସାଧନ କରୁଅଛି ଏକଥା ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରି ପଇତା ବିସର୍ଜନ କରିବାକୁ ହେବ । ସହସ୍ରାଧିକ ବ୍ରାହ୍ମଣ ଆଜିକାଲି ପଇତା ପିନ୍ଧିବା

ଛାଡ଼ିଲେଣି । ଏ କଥା ସମାଜର ଶିକ୍ଷିତ ବ୍ୟକ୍ତିମାନଙ୍କୁ ଅବିଦିତ ନାହିଁ । ମାତ୍ର ଏପରି ସହସ୍ରାଧିକ ଲୋକ ପଇତା ପିନ୍ଧିବା ଛାଡ଼ିବାଦ୍ୱାରା ସମାଜର ବିଶେଷ ଉପକାର ହେବନାହିଁ । ପଇତା ବିସର୍ଜନର ପ୍ରକୃତ ଅଭିପ୍ରାୟ ବୁଝି ଦଶଜଣ ମାତ୍ର ବ୍ରାହ୍ମଣ ପଇତା ବିସର୍ଜନ କଲେ ସମାଜର ମହୋପକାର ସାଧିତ ହେବ ।

ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଅଭିପ୍ରାୟରେ କଟକସ୍ଥ ବିଶ୍ୱକଲ୍ୟାଣ ଆଶ୍ରମରେ ୨-୮-୫୯ ତାରିଖ ରବିବାର ସକାଳ ୮ ଟା ସମୟରେ "ପଇତା ବିସର୍ଜନ" ଅନୁଷ୍ଠାନ ସମ୍ପନ୍ନ ହେବ । ସମାଜର ମଙ୍ଗଳକାମୀ ବ୍ୟକ୍ତିମାନଙ୍କୁ ଅନୁରୋଧ, ସେମାନେ ଏହି ଅନୁଷ୍ଠାନରେ ସବାନ୍ଧବେ ଉପସ୍ଥିତ ହୋଇ ପଇତା ବିସର୍ଜନ କରନ୍ତୁ ଏବଂ ଏଣିକି ପିଲାମାନଙ୍କୁ ପଇତା ପିନ୍ଧାଇବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହୁଅନ୍ତୁ । ଏଥି-ପୂର୍ବରୁ ପଇତା ପିନ୍ଧିବା ଛାଡ଼ିଥିଲେ ତାହା ଜଣାଇ ଦିଅନ୍ତୁ । ଦେବତାପୂଜା ଓ ଶ୍ରାଦ୍ଧାଦି କର୍ମର ଅନ୍ଧାନୁସରଣ ପରିତ୍ୟାଗ କରି ନପାରିଲେ ସେହି ସବୁ କର୍ମ ବ୍ରାହ୍ମଣ ଦ୍ୱାରା ନ କରାଇ ଶ୍ରଦ୍ଧା ଓ ଭକ୍ତି ସହକାରେ ନିଜେ ନିଜେ ସେହିସବୁ କର୍ମ କରିବେ ବୋଲି ପ୍ରତିଜ୍ଞାବଦ୍ଧ ହୁଅନ୍ତୁ । ନିଜର ମତାମତ ଓ ପ୍ରତିଜ୍ଞାପତ୍ର ଯେତେ ଶୀଘ୍ର ପାରିବେ ପଠାନ୍ତୁ । ନିଜର ବନ୍ଧୁମାନଙ୍କ ସହିତ ଆଲୋଚନା କରନ୍ତୁ ।

୧୯୬୨ ମସିହା

---

## ୫ମ ପରିଚ୍ଛେଦ

# ନାରୀ-ମଙ୍ଗଳ

●

## ମାତୃ-ପୂଜା

( ୧ )

ଶୃଙ୍ଖଳେ ବାନ୍ଧି    ଅନ୍ଧାର କୋଣେ    କପାଳେଁ କହୁ ତୁ ଦେବୀ
ମିଥ୍ୟା ଗରବେ    ନ ହେବ ମାନବୀ    ଅମର ବିଭବ ଛବି
ଖୋଲ ଖୋଲ    ଆଜ ବନ୍ଦୀ-ମନ୍ଦିର    ପୁଣ୍ୟ-ଅନଳ ଜାଳି
ନ କର ଦାନବୀ,    ମର୍ତ୍ତ୍ୟ ଦେଶରେ    ତୀବ୍ର ଯାତନା ଢାଳି ।

( ୨ )

ଅନ୍ଧାର ଘୋର    ଦେଉଳେ ନାରୀ    ନ ଲୋଡ଼େ ତୋହର ପଜା
ପଥ ଛାଡ଼ି ଦେ ରେ    ମୁକ୍ତି ପାଇ ସେ    ହେଉ ଦୁର୍ଗା ଦଶଭୁଜା
ଏକାକୀ ବାହି ତୁ    ଜୀବନ-ରଥ    ହେଉଛି ଶ୍ରାନ୍ତ କ୍ଳାନ୍ତ
ସଙ୍ଗିନୀ ସଙ୍ଗେ    ଚାଲ ରେ ରଙ୍ଗେ    ସହଜ ହେବ ତୋ ପଥ ।

( ୩ )

ଆଶିଷ କରମେ    ନୂତନ ପ୍ରେରଣା    ଜୀବନେ ନବୀନ ସିଦ୍ଧି
ସତ୍ୟ ଧରମେ    ସଙ୍ଗୀ ସେ ଯେ ରେ    ଲୁହେଁ କାମନାର ଛବି

ଜନନୀ ଜାୟା  କନ୍ୟା ଭଗିନୀ  ସେ ଯେ ତୋ ସମାଜଗୁରୁ
ତୋ ଜାତିଗୌରବ ପୂଜ୍ୟ ମାନବେ  ନମନ୍ତ ତା ପଦେ ଦୁରୁ ।

( ୪ )

ଫିଙ୍ଗରେ ଆଜ  ଝଲମଲ ବେଶ  ଭୁଲଯାଅ ବନ୍ଧୁ ବାରେ
ଚଞ୍ଚଳ ଗଣ୍ଡ  କଠୋଳ ଅଙ୍ଗ  ତରଳ କଟାକ୍ଷଧାରେ
ତା କଳା କଜଳ  ଡୋଳା ଇଙ୍ଗିତେ  ଶରଧା ନ କର ଆଉ
ମହିମାମୟୀ  ମାତୃ-ମୂରତି  ସଜାଅ ସେ ଶୋଭା ପାଉ ।

( ୫ )

ସୁନା ସୁନା ଯେତେ କହିଲେ କି ହେବ  ପିତ୍ତଳ ନ ହେବ ସୁନା
କନକ ପ୍ରତିମା  ଅନ୍ଧାର ଉହାଡେ  ପଡ଼ି ହୋଇଲାଣି ଚନା
ଲୋଡ଼ା ନାହିଁ ତୋର ସହରର ଦେବୀ  ମରଣ କରୁ ସେ ବଜାର
ଦରମଣୀ ବେଶ  ଲୋଡେ ଦେଶ ନାରୀ  ଭାଙ୍ଗୁ ତୋର ସମାଜ ରୋଗ ।

( ୬ )

ନିର୍ଭୀକ ତୁ ଯେ  ଅମୃତ ସୁତ  ମୃତ୍ୟୁହୀନ ତୁ ବନ୍ଧୁ
ପାପ ପ୍ରଲୋଭନେ କି ଲୁହକେ ପଡ଼ି  ଶୟତାନପଦ ବନ୍ଦୁ
ନନ୍ଦିତ ସେ ଯେ,  ନନ୍ଦିତ ସବଶ୍ରେ  ସତ୍ୟ, ଅନନ୍ତ ପ୍ରେମ
ଜାଗ ରେ ଆଜି,  ଫିଙ୍ଗ ରେ ଆଜ  ଜୀର୍ଣ୍ଣ ସେ ପୁରାତନ ।

( ୭ )

ପୂର୍ଣ୍ଣକର ରେ  ଜୀବନ-ଯଜ୍ଞ  ସ୍ୱାହା ସଙ୍ଗେ ଅଗ୍ନି ଜାଳ
ପୁଣ୍ୟ ଜୀବନ  ଯାପି କୁତୂହଳେ  ହୁଅ ବନ୍ଧୁ ତ୍ୟାଗେ ବଳ
ସାଧନା ଯୁଗ ଏ,  ମାନବ ଯୁଗ  ସାମ୍ୟ ଯୁଗ ଏ ଆଜ
କେହି ନ ରହିବେ  ବନ୍ଦୀ କାହାର  ଉଠେ ଜୟଭେରୀ ବାଜ ।

—×—

# ନିବେଦନ

ନାରୀମଙ୍ଗଳ ସମିତିର ଉଦ୍ଦେଶ୍ୟ କେତୋଟି ମୋହର ନିଜର ଅନୁଭୂତି ଓ ବହୁଦର୍ଶିତାରୁ ଉତ୍ପନ୍ନ, ତେଣୁ ତାହା ମୋ ନିକଟରେ ସମ୍ପୂର୍ଣ୍ଣ ଅଭ୍ରାନ୍ତ ଓ ପର୍ବତ ପରି ଦୃଢ଼ । ଏହି ଉଦ୍ଦେଶ୍ୟ କେତୋଟି ଏହି ବହିରେ ସଂକ୍ଷେପରେ ଆଲୋଚନା କରାଯାଇଅଛି ।

୧—ନାରୀ ଜାତିର ମାତୃତ୍ୱର ପ୍ରତିଷ୍ଠା ଓ ପରଦା-ନିର୍ବାସନ ।

୨—ନିରକ୍ଷରତା ଦୂରୀକରଣ ଓ ମାତୃତ୍ୱ ଉପଯୋଗୀ ଶିକ୍ଷାର ପ୍ରଚାର ।

୩—ଶଗୁଣାରେ ଓ ନ୍ୟାସ ନିମିତ୍ତରେ ଅଯଥା ଅପବ୍ୟୟରୁ ନିବୃତ୍ତି ।

୪—ଯୌତୁକବାଦ ଓ ପୁଅ ବିକି ବା କୋଇଁ ଖରିଦ ପ୍ରଥାର ନିନ୍ଦାବାଦ ।

୫—ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତାମୂଳକ ବୈଧବ୍ୟ ବିରୁଦ୍ଧରେ ସଂଗ୍ରାମ ।

ସମାଜ-ସଂସ୍କାର ନାମରେ—ସ୍ୱାଧୀନତା ନାମରେ—ଧର୍ମ ପ୍ରଚାର ନାମରେ ଦେଶରେ ଯେଉଁ ସବୁ ସମିତି ଓ ଅନୁଷ୍ଠାନ ଅଛି, ନାରୀମଙ୍ଗଳ-ସମିତି ସେପରି ଗୋଟିଏ ସମିତି କିମ୍ବା ଅନୁଷ୍ଠାନ ନୁହେଁ । ଶେଷୋକ୍ତ ଉଦ୍ଦେଶ୍ୟଟି ପାଇଁ ଗୋଟିଏ କାହିଁକି, ସମାଜର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଗ୍ରାମେ ଗ୍ରାମେ ଅନୁଷ୍ଠାନର ଆବଶ୍ୟକତା ଅଛି, ମାତ୍ର ତାହା ତୃତୀୟ ଉଦ୍ଦେଶ୍ୟଟି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ତେଣୁ ସେପରି ଅନୁଷ୍ଠାନଟିଏ କିମ୍ବା ଅନୁଷ୍ଠାନମାନ ପ୍ରତିଷ୍ଠା କରିବା ପୂର୍ବରୁ ଦେଶର ବିବେକବାନ୍, ହୃଦୟବାନ୍ ଧନୀ ଓ ଶିକ୍ଷିତ ବ୍ୟକ୍ତିମାନଙ୍କୁ ଅନୁରୋଧ ଯେ, ସେମାନେ ଅନ୍ଧତା ଓ ବୃଥାଭିମାନ ଉପରେ ପ୍ରତିଷ୍ଠିତ ଅର୍ଥଶୂନ୍ୟ ନ୍ୟାସ ନିମିତ୍ତରେ ଓ ଶଗୁଣାରେ ଅଯଥା ଅପବ୍ୟୟ ନ କରି, ସେହି ଅର୍ଥରୁ ସାମାନ୍ୟ କିଛି କିଛି ନାରୀମଙ୍ଗଳ ଅନୁଷ୍ଠାନ ପାଇଁ ଉତ୍ସର୍ଗ କରି ନିଜର ସଦୁପାର୍ଜିତ ଧନର ସଦ୍‌ବ୍ୟବହାର କରନ୍ତୁ ଓ ପ୍ରକୃତ ଶିକ୍ଷାର ପରିଚୟ ଦିଅନ୍ତୁ । ଦାରିଦ୍ର୍ୟ ଓ ଅନୁନ୍ନତ ଭାଇମାନଙ୍କୁ ଅନୁରୋଧ—ସେମାନେ ଏହି

ତଥାକଥିତ ଶିକ୍ଷିତମାନଙ୍କର ଆଦର୍ଶକୁ ଅନୁକରଣ ନ କରି, ବହୁ କଷ୍ଟରେ ଉପାର୍ଜିତ ଅର୍ଥକୁ ନ୍ୟାୟ୍ୟ ନିମିତ୍ତରେ ଓ ଗହଣାରେ ନଷ୍ଟ ନ କରି, ସେହି ଅର୍ଥରେ ନିଜର ସ୍ତ୍ରୀ ଓ ପୁତ୍ର କନ୍ୟାମାନଙ୍କର ଶାରୀରିକ ଓ ନୈତିକ ମଙ୍ଗଳ ପ୍ରତି ଦୃଷ୍ଟି ଦେବାକୁ କର୍ତ୍ତବ୍ୟବୋଧ କରନ୍ତୁ । କି ଧନୀ କି ଦରିଦ୍ର, କି ଶିକ୍ଷିତ କି ଅଶିକ୍ଷିତ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାରରେ ନାରୀମଙ୍ଗଳ ସମିତିର ଏହି ଉଦ୍ଦେଶ୍ୟ କେତୋଟିକୁ କାର୍ଯ୍ୟରେ ପରିଣତ କରି ଦେଶରେ ସତ୍ୟ, ସରଳତା ଓ ପବିତ୍ର ପ୍ରେମର ପ୍ରତିଷ୍ଠା କରନ୍ତୁ । ପ୍ରତ୍ୟେକ ପରିବାର ଅନ୍ୟ ପରିବାରର ଆଦର୍ଶ ହେଉ । ଏହାର ନାମ ପ୍ରକୃତ ସମାଜ-ସଂସ୍କାର, ଏହାର ନାମ ପ୍ରକୃତ ସ୍ୱାଧୀନତାର ପ୍ରତିଷ୍ଠା, ଏହାର ନାମ ପ୍ରକୃତ ଧର୍ମ ପ୍ରଚାର । କଳ୍ପନା ଉପରେ ପ୍ରତିଷ୍ଠିତ ସ୍ୱର୍ଗରେ ଆନନ୍ଦ ପାଇବ, ଏପରି ଭିତ୍ତିଶୂନ୍ୟ ଧାରଣାର ବଶବର୍ତ୍ତୀ ହୋଇ ଭଗବାନଙ୍କର ଏହି ଆନନ୍ଦମୟ ସଂସାରକୁ ନରକରେ ପରିଣତ କରନ୍ତୁ ନାହିଁ ।

ଶେଷରେ ଏତିକି ଅନୁରୋଧ—

ପାଠକମାନଙ୍କ ମଧ୍ୟରୁ କେହି ଜଣେ କୌଣସି ଗୋଟିଏ ଉଦ୍ଦେଶ୍ୟ ବୁଝି ତଦନୁସାରେ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେଲେ ପରିଶ୍ରମ ସାର୍ଥକ ହେବ ।

## ନାରୀ-ମଙ୍ଗଳ

ମାଆମାନେ ଓ ଭାଇମାନେ,

ଯେଉଁ ନାରୀଜାତି ସମାଜର କ୍ରୂର ଶାସନରେ ନାନା ଦୁଃଖ କଷ୍ଟ ଭୋଗକରି ଆଜି ପଶୁ ପରି ବ୍ୟବହାର ପାଉଅଛି, ସେହିମାନଙ୍କର ଦୁରବସ୍ଥା ପ୍ରତିକାର ଆଲୋଚନାକୁ ମୁଁ ନାରୀମଙ୍ଗଳ ନାମ ଦେଇଅଛି ; ମାତ୍ର ନାରୀମଙ୍ଗଳର ଅର୍ଥ କେବଳ ନାରୀଜାତିର ମଙ୍ଗଳ ନୁହେଁ--ଭବିଷ୍ୟତ ମାନବ-ସମାଜର ପ୍ରକୃତ ମଙ୍ଗଳ । କାରଣ ନାରୀଜାତି ମାତା ଏବଂ ତାର ମଙ୍ଗଳ ଉପରେ ଜଗତର ମଙ୍ଗଳ ସମ୍ପୂର୍ଣ୍ଣ ନିର୍ଭର କରୁଅଛି ।

ଯେଉଁ ଶିଶୁ ପରିବାରର କାନ୍ତିକ — ସମସ୍ତ ମାନବ-ସମାଜର ପ୍ରଧାନ ସମ୍ବଳ, ସେ ମାଆ ପେଟରେ ଦଶମାସ ରହି ଜନ୍ମହୁଏ, ମାଆଠାରୁ ସ୍ତନ୍ୟ ଖାଇ ଜୀବନ ଧାରଣ କରେ, ମାଆଦ୍ୱାରା ପ୍ରତିପାଳିତ ହୁଏ । ଶିଶୁର ଯାବତୀୟ ମଙ୍ଗଳ ଯେପରି ମାଆର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ଜଗତର ଯାବତୀୟ ମଙ୍ଗଳ ସେହିପରି ନାରୀଜାତିର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ ; ତେଣୁ ଜଗତରେ ମାଆର ଆସନ ଯେଉଁଠାରେ ନାରୀର ଆସନ ସେହିଠାରେ ।

ଯେଉଁ ନାରୀଜାତି ଜଗତର ମାତା, ଯେଉଁ ନାରୀଜାତି ମାନବସମାଜର ମଙ୍ଗଳପାଇଁ ପ୍ରତି ମୁହୂର୍ତ୍ତରେ ରକ୍ତବଳି ଦେଉଅଛି, କେବେ ମାଆରୂପରେ, କେବେ ଜାୟାରୂପରେ, ଯେଉଁ ନାରୀଜାତି ନିଜର ସୁଖସ୍ୱାଚ୍ଛନ୍ଦ୍ୟ ଓ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଅକାତରରେ ଦାନ କରି ପୁରୁଷର ସମସ୍ତ ଦୁଃଖ, କଷ୍ଟ ହରଣ କରୁଅଛି; ଯେଉଁ ନାରୀଜାତି ଉପରେ ମାନବସମାଜର ଭବିଷ୍ୟତ କଲ୍ୟାଣ ସମ୍ପୂର୍ଣ୍ଣ ନିର୍ଭର କରେ ସେ ଆଜି ନିରକ୍ଷର, ଅନ୍ଧ । ସେ ଆଜି ନାକ କାନ ସିଲାଇ ହୋଇ, ହାତ ଗୋଡ଼ରେ ବେଡ଼ି ପିନ୍ଧି ଘରକଣରେ ବନ୍ଦିନୀ । ତାଉପରେ ଗାଳି ମାଡ଼ର ବାକି ନାହିଁ । ମୁହଁ ଖୋଲି କଥା ପଦେ କହିବାର ଅଧିକାର ତାର ନାହିଁ । ନିଜର ଇଚ୍ଛା ପ୍ରକାଶ କରିବାର ଅଧିକାର ବନ୍ଦୀର ଅଛି, ଦାସୀର ଅଛି; ମାତ୍ର ଗୃହଲକ୍ଷ୍ମୀ ସମସ୍ତ ଶକ୍ତିର ଅଧିକାରିଣୀ ନାରୀର ସେତିକି ଅଧିକାର ସୁଦ୍ଧା ନାହିଁ । ସେ ଆଜି **ନଅ ଦଶ** ବର୍ଷରୁ ବିଧବା । **ପଚାଶ ଷାଠିଏ** ବର୍ଷର ସ୍ୱାର୍ଥାନ୍ଧ ପୁରୁଷ ଆଜି ଧଳା ବାଳକୁ କଳା କରି କଣ୍ଢେଇ କନ୍ୟାର ପାଣିଗ୍ରହଣ କରିବାକୁ ତିଳେମାତ୍ର କୁଣ୍ଠିତ ହେଉ ନାହାନ୍ତି । ଅନ୍ଧ ପିତାମାତା ଅଜ୍ଞ ଅର୍ଥ ଲୋଭରେ କମ୍ବା ଭୁଲ ମର୍ଯ୍ୟାଦା ଆଶାରେ—ବରଟି ବୁଢ଼ା ହେଉ କି ହାଡ଼ା ହେଉ, ଝିଅଟିକୁ ତା ସଙ୍ଗରେ ଛନ୍ଦିଦେଇ କହୁଛନ୍ତି, "ଦେଲି ନାରୀ, ହେଲି ପାର ।" ଝିଅଟି ଷୋଳ ସତର ବର୍ଷରେ ଯୁବତୀ ହୋଇ ଶାଶୁଘରକୁ ଆସି ଦେଖେ—ସ୍ୱାମୀ ମଶାଣି ଭୂଇଁକୁ ଯିବାକୁ ସଜବାଜ ହେଲଣି । କେବଳ ଏତିକି ନୁହେଁ, ନାରୀଜାତି ଉପରେ ଯେ ଅତ୍ୟାଚାର ତାହା ଲେଖିବାକୁ ବସିଲେ ଖଣ୍ଡିଏ ପୋଥି ହେବ । ଏ ସବୁ ଅତ୍ୟାଚାର ସେହି ସର୍ବଂସହା ମାତୃଜାତି ବ୍ୟତୀତ ଆଉ କେହି ଅକାତରରେ ସହ୍ୟ କରି ଭୂଳ ହୋଇ ରହି ପାରିବା ଅସମ୍ଭବ ।

ଯେଉଁ ଝିଅ ମାନବ-ସମାଜକୁ ସତ୍ୟପ୍ରିୟ, ସ୍ୱାଧୀନତାପ୍ରିୟ ସୁସ୍ଥକାୟ ନିର୍ଭୀକ ସନ୍ତାନ ଦାନ କରନ୍ତି, ସେହି ଝିଅକୁ ଆମ୍ଭେମାନେ ହେୟଜ୍ଞାନ କରି ତାର ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଦୃଷ୍ଟି ନ ଦେଇ ସାତ ଆଠ ବର୍ଷ ଦିନୁଁ ଗହଣା ପିନ୍ଧାଇ, କୁଣ୍ଢେଇ ସଜାଇ, ଛୁରୁଣାଟିଏ ଦେଇ, ଶାସ୍ତ୍ରର ଉଦ୍ଦେଶ୍ୟ ନ ବୁଝି କନ୍ୟାଦାନ କର୍ମକୁ ବିବାହ ମନେକରି ବିବାହ କରିଦେଉଛୁଁ । ସେହି କନ୍ୟାଦାନ ପରେ ବା ତଥାକଥିତ ବିବାହ ପରେ ଏପରି ସମୟ ଆସୁଛି, ଦଶ ଏଗାର ବର୍ଷବେଳେ ଗହଣା ଓହ୍ଲାଇ ବିଧବା କରିଦେଉଛୁଁ । ଯେଉଁମାନେ ବିଧବା ନ ହେଲେ ସେମାନଙ୍କୁ ତେର ଚଉଦ ବର୍ଷରେ ମଲା, ଦରମଲା, ରୋଗା ପୁଅ ଝିଅର ମାଆ କରି କାହାରିକୁ ଯମଦ୍ୱାରକୁ ପଠାଇ ଦେଉଛୁଁ ଏବଂ ଆଉ ଗୋଟିଏ କନ୍ୟାର ପାଣିଗ୍ରହଣ କରି ପୁଣି ଆଉ ଥରେ ଗୃହ ସଂସାର ଯୋଡୁଅଛୁଁ । ଯେଉଁମାନେ ବଞ୍ଚି ରହୁଅଛନ୍ତି, ସେମାନେ ସତର ଅଠର ବର୍ଷରେ ଦୁଇ ତିନୋଟି ସନ୍ତାନ ପ୍ରସବ କରି ନାନା ଉତ୍କଟ ରୋଗରେ ପଡ଼ି ଜୀବନ ତମାମ ଯନ୍ତ୍ରଣା ଭୋଗ କରୁଅଛନ୍ତି ଏବଂ ଏହି ଅଳ୍ପ ବୟସରୁ ବୁଢ଼ୀ ମଧ୍ୟ ହୋଇଯାଉଅଛନ୍ତି । ବିଧି ସୃଷ୍ଟିର ଏପରି ଅମୂଲ୍ୟ ଦାନ ନାରୀଜାତିକୁ ଜଡ଼ କୁଣ୍ଢେଇ ପରି ବ୍ୟବହାର କରିବାକୁ ଆମ୍ଭମାନଙ୍କୁ କିଏ ଏପରି ଅଧିକାର ଦେଇଅଛି ? ଗୋଟାଏ ଜାତିକୁ ଦଳାଦଳି କରି ସର୍ବନାଶ କରିବାକୁ ଆମ୍ଭେମାନେ ଏମନ୍ତ ଶକ୍ତିଶାଳୀ ହୋଇଛୁଁ କାହିଁକି ? ପାପରୁ ନା ପୁଣ୍ୟରୁ, ଧ୍ୱଂସ ପାଇଁ ନା ରକ୍ଷା ପାଇଁ ?

ଏସବୁ ଅତ୍ୟାଚାରର କଅଣ ଭୂଲ ହୋଇ ରହିବାର ଫଳ ନା ସେହି ମାତୃଜାତିର ତ୍ୟାଗର ପୁରସ୍କାର ? ଯଦି କୌଣସି ଧର୍ମଶାସ୍ତ୍ର ଏହିପରି ଅତ୍ୟାଚାର କରିବାକୁ ଅନୁମତି ଦେଇଥାଏ, ତେବେ ସେହି ଧର୍ମଶାସ୍ତ୍ରକୁ ପୋଡି ପକାଇବା ବିବେକାନୁମୋଦିତ ଧର୍ମ ଏବଂ ଯେଉଁ ଅନ୍ଧ ସମାଜ ଏସବୁ ଅତ୍ୟାଚାରକୁ ସମର୍ଥନ କରୁଅଛି, ସେହିପରି ସମାଜକୁ ଖଣ୍ଡ ଖଣ୍ଡ କରି ଧ୍ୱଂସ କରିଦେବା ପ୍ରକୃତ ନ୍ୟାୟସଙ୍ଗତ କାର୍ଯ୍ୟ । ତାହା ନ କରି ନିଶ୍ଚେଷ୍ଟ ରହିବା ଘୋର ଅନ୍ୟାୟ ଏବଂ ଉତ୍କଟ ଅପରାଧ ।

ସ୍ୱାର୍ଥାନ୍ଧ ପୁରୁଷ କିନ୍ତୁ ଏସବୁ କଥାରେ କର୍ଣ୍ଣପାତ କରୁ ନାହିଁ । ବରଂ କହୁଛି—

"ଅମ୍ଭେମାନେ ନାରୀଜାତିର ଯଥେଷ୍ଟ ଉପକାର କରୁଅଛୁ । ନାରୀଜାତି, ମଙ୍ଗଳ ପାଇଁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରୁଅଛୁଁ । ଆମ୍ଭେମାନେ ଯେ ଛକରି କରୁଛୁ ଘୂଷ୍ ନେଉଛୁ, ମିଛ କହି ଅନ୍ୟର ତଣ୍ଟି ଚିପି ଛୁରି ପଇସା ଉପୁରି ରୋଜଗାର କରୁଛୁ——ଏ ସବୁ ଆମ୍ଭେମାନେ କାହା ଲାଗି କରୁଛୁ ? ସବୁ କରୁଛୁ ସେହି ନାରୀଜାତିକୁ ବହୁମୂଲ୍ୟ ଗହଣା ଯୋଗାଇବା ସକାଶେ, ମଲ୍ ମଲ୍ ଶାଢ଼ୀ ଯୋଗାଇବା ସକାଶେ, ସେମାନଙ୍କ ପୁଅ ଝିଅର ବ୍ରତ ବିବାହ ଇତ୍ୟାଦିରେ ହଜାର ହଜାର ଟଙ୍କା ଖରଚ କରି ସେମାନଙ୍କର ମନଖୁସି କରିବା ସକାଶେ । ନିଜେ ଟଙ୍କାଟିକର ଧୋତିଟିଏ ପିନ୍ଧି ତାଙ୍କୁ ପଚାଶ ତିରିଶ ଟଙ୍କାର ବନାରସୀ ପାଟ ଯୋଗାଉଅଛୁ ତାଙ୍କର ମନସ୍ତୁଷ୍ଟି ପାଇଁ ତାଙ୍କୁ ବହୁମୂଲ୍ୟ ଗହଣାରେ ମଣ୍ଡି ସୁନା କଣ୍ଢେଇ ପରି ସଜାଇ ରଖିଛୁ । ସବୁବେଳେ ଜଗି ରହିଛୁ — ତାଙ୍କ ଉପରେ ଅନ୍ୟ କାହାର ଛାଇ ସୁଦ୍ଧା ନ ପଡ଼ିବା ପାଇଁ ସେମାନଙ୍କ ଲାଗି ଆମ୍ଭେମାନେ କଅଣ ନ କରିଛୁଁ ? ଯଥେଷ୍ଟ କରିଛୁଁ ।

ଏହି ଦୁର୍ଭାଗା ପୁରୁଷମାନଙ୍କୁ କଅଣ ବା କୁହାଯାଇ ପାରେ ? ସ୍ଥୂଳଦେହ ଓ କାମ ଦେହର ସେବାକୁ ଜୀବନଧାରଣର ଏକମାତ୍ର ଉଦ୍ଦେଶ୍ୟ ମନେ କରି, ଏମାନେ ଏହିପରି ଯୁକ୍ତି କରନ୍ତି । ଜୀବର ପ୍ରକୃତ ମଙ୍ଗଳ ଏମାନେ ବୁଝନ୍ତି ନାହିଁ । ଏମାନେ ବିବେକହୀନ; ତେଣୁ ପ୍ରକୃତରେ ଅନ୍ଧ । ଏମାନଙ୍କର ଅବସ୍ଥା ଅତୀବ ଶୋଚନୀୟ । ନାରୀଜାତିର ନିରକ୍ଷରତା ରୂପ ଅନ୍ଧତା ଦୂର କରିବା ସଙ୍ଗେ ସଙ୍ଗେ ଏହି ଦୁର୍ଭାଗା ପୁରୁଷମାନଙ୍କର ବିବେକହୀନତା ରୂପ ଅନ୍ଧତା ଦୂର କରିବାକୁ ଚେଷ୍ଟା କରିବା ଏକାନ୍ତ ଆବଶ୍ୟକ ।

# ମାତୃତ୍ୱର ପ୍ରତିଷ୍ଠା

●

ଆଜି କେବଳ ଭାରତର ବିଭିନ୍ନ ପ୍ରଦେଶରେ ନୁହେଁ, ପୃଥିବୀର ସର୍ବତ୍ର ନାରୀମଙ୍ଗଳ ଆନ୍ଦୋଳନ ଆରମ୍ଭ ହୋଇଅଛି । ଏହା ବଡ଼ ଆନନ୍ଦର ବିଷୟ ; କିନ୍ତୁ ନାରୀଜାତିର ବିଶେଷତ୍ୱ କଅଣ, ନାରୀଜାତି ସହିତ ପୁରୁଷ-ଜାତିର ବା ମାନବ-ସମାଜର ସମ୍ବନ୍ଧ କଅଣ କିମ୍ବା କିପରି ସମ୍ବନ୍ଧ ରଖିବା ଶ୍ରେୟସ୍କର ଓ ଭଗବାନଙ୍କର ସୃଷ୍ଟି କୌଶଳର ଅଭିପ୍ରାୟ, ତାହା ଉତ୍ତମରୂପେ ଆଲୋଚନା ନ କରି ନାରୀଶିକ୍ଷା, ନାରୀସ୍ୱାଧୀନତା, ପରଦା-ନିଷ୍କାସନ ଇତ୍ୟାଦି ଆନ୍ଦୋଳନ ଦ୍ୱାରା ଆମ୍ଭମାନଙ୍କର ନୈତିକ ଦୁରବସ୍ଥା କେଉଁ ପରିମାଣରେ ଦୂର ହେଉଅଛି କି ନାହିଁ କିମ୍ବା ଅଧିକ ଶୋଚନୀୟ ହେଉଅଛି, ସେଥିପ୍ରତି ଦୃଷ୍ଟି ନ ରଖି ଏହି ସବୁ ଦାୟିତ୍ୱପୂର୍ଣ୍ଣ ଆନ୍ଦୋଳନରେ ଅଧିକ ଦୂର ଅଗ୍ରସର ହେବା ସମାଜ ପକ୍ଷରେ ମଙ୍ଗଳପ୍ରଦ ନୁହେଁ । ଏହିସବୁ ଆନ୍ଦୋଳନର ବିପକ୍ଷରେ ମୁଁ କହୁ ନାହିଁ ; ବରଂ ଏହିସବୁ ଆନ୍ଦୋଳନ ଏକାନ୍ତ ଆବଶ୍ୟକ ବୋଲି କହୁଅଛି । କେବଳ ସମାଜର ମଙ୍ଗଳକାମୀ, ସଂସ୍କାରପ୍ରିୟ, ସ୍ୱାଧୀନତାପ୍ରିୟ ବ୍ୟକ୍ତିମାନଙ୍କୁ ଏତିକି ଅନୁରୋଧ କରୁଅଛି କି, ସେମାନେ ଦେଶର ଓ ସମାଜର ପ୍ରକୃତ ମଙ୍ଗଳ ପ୍ରତି ଦୃଷ୍ଟି ରଖି ଓ ଭଗବାନଙ୍କର ସୃଷ୍ଟି କୌଶଳର ଅଭିପ୍ରାୟ ସହିତ ସମ୍ବନ୍ଧ ରଖି ଏହିସବୁ ଆନ୍ଦୋଳନରେ ନିର୍ଭୀକ ଭାବରେ, ମାତ୍ର ଖୁବ୍ ସାବଧାନତାର ସହିତ ଅଗ୍ରସର ହୁଅନ୍ତୁ । ଆଧୁନିକ ସଭ୍ୟତାର ଅନୁକରଣକୁ ସମାଜସଂସ୍କାର ମନେକରି ଅଧେ ଏ ପାଖ ଅଧେ ସେ ପାଖ ହୁଅନ୍ତୁ ନାହିଁ ।

ନାରୀଜାତିଙ୍କୁ ମାତୃଜାତି ବୋଲି ଗ୍ରହଣ କରିବା ପାଇଁ, ନାରୀମାନଙ୍କୁ ଘରେ ଘରେ ଦେବୀରୂପେ ପୂଜା କରିବା ପାଇଁ, ଭାରତର ପୂର୍ବାଚାର୍ଯ୍ୟ-ମାନେ ନାନା ଉପଦେଶ ଦେଇଯାଇଅଛନ୍ତି; କିନ୍ତୁ ଆମ୍ଭେମାନେ ବହୁକାଳରୁ ଦେଶାଚାର, ଲୋକାଚାର ଇତ୍ୟାଦିର ଅନ୍ଧ ଅନୁସରଣ କରିବା ଫଳରେ ଅନ୍ଧ ହୋଇ ରହି ସେହି ଅନ୍ଧତା ଦୋଷରୁ ପୂର୍ବାଚାର୍ଯ୍ୟମାନଙ୍କର କୌଣସି ଅଭିପ୍ରାୟ ବୁଝି ନ ପାରି ନାରୀଜାତିକୁ କବାଟ କଣରେ ନିଜର ଭୋଗ୍ୟ ବସ୍ତୁ କରି ରଖିଅଛୁଁ କିମ୍ବା ଆଧୁନିକ ସଭ୍ୟତାର ବାହ୍ୟ ଚାକଚକ୍ୟରେ ଭୁଲି ସେହି ସଭ୍ୟତାର ଚିନ୍ତାଶୂନ୍ୟ ଓ ଦାୟିତ୍ୱଶୂନ୍ୟ ଅନୁକରଣକୁ ନାରୀମଙ୍ଗଳ କିମ୍ବା ସମାଜ-ସଂସ୍କାର ନାମ ଦେଇଅଛୁଁ ।

ପତ୍ରପତ୍ରିକାରେ ଓ ବକ୍ତୃତାଦିରେ ନାରୀଜାତିର ମାତୃତ୍ୱର ପ୍ରତିଷ୍ଠା ଯଥେଷ୍ଟ ହେଲାଣି ; ମାତ୍ର ଏହା ବକ୍ତୃତାର ବିଷୟ ନୁହେଁ କିମ୍ବା ପତ୍ର-ପତ୍ରିକାରେ ଲେଖିଦେଇ କର୍ତ୍ତବ୍ୟ ଶେଷ କରିବାର ବିଷୟ ନୁହେଁ । ଏହା ପ୍ରତ୍ୟେକ ବ୍ୟକ୍ତିର ସାଧନାର ବିଷୟ ଅଟେ, ଜୀବନବ୍ୟାପୀ ସାଧନାର ବିଷୟ ଅଟେ । ଏହି ସାଧନାମାର୍ଗରେ ଅଗ୍ରସର ହେବାକୁ ଇଚ୍ଛା କଲେ ପୂର୍ବାଚାର୍ଯ୍ୟମାନଙ୍କର ଉପଦେଶ ବୁଝି "କୁକୁରୀକୁ ସୁଦ୍ଧା ମାତୃଜାତି ବୋଲି ନମସ୍କାର କର ।" ପୂର୍ବାଚାର୍ଯ୍ୟମାନଙ୍କର ଉପଦେଶକୁ ଅନ୍ଧଭାବରେ ସ୍ୱୀକାର କରି ନେବାକୁ ମୁଁ କହୁ ନାହିଁ । ଅନ୍ଧ ଅନୁସରଣର ମୁଁ ସମ୍ପୂର୍ଣ୍ଣ ବିରୋଧୀ ଅଟେ । ସେଥିପାଇଁ ପାଠକମାନଙ୍କୁ ଅନୁରୋଧ କରୁଅଛି କି, ସେମାନେ ଏହି ଗୁରୁତର ବିଷୟଟିକୁ ସ୍ୱାଧୀନଭାବରେ ଚିନ୍ତାକରି କର୍ତ୍ତବ୍ୟ ସ୍ଥିର କରନ୍ତୁ ।

ନାରୀଜାତି ସହିତ ପୁରୁଷଜାତିର ବା ମାନବସମାଜର ସମ୍ବନ୍ଧ କଅଣ, ତାହା ସ୍ଥିର କରିବାକୁ ହେଲେ ଭଗବାନଙ୍କ ସହିତ ମାନବସମାଜର ସମ୍ବନ୍ଧ କଅଣ ତାହା ସର୍ବପ୍ରଥମେ ସ୍ଥିର କରିବାକୁ ହେବ । ଭଗବାନଙ୍କ-ଠାରୁ ସମସ୍ତ ଜୀବସୃଷ୍ଟିର ଉତ୍ପତ୍ତି, ତେଣୁ ଜୀବ ଭାବରେ ବିଚାର କଲେ ଭଗବାନ ସମସ୍ତ ଜୀବସୃଷ୍ଟିର ମାଆ ବା ଉତ୍ପତ୍ତିର କାରଣ ଅଟନ୍ତି । ମାଆ ବୋଲି ଭଗବାନ ନାରୀ ନୁହନ୍ତି ।

ଜୀବ ଭାବରେ ବିଚାର କଲେ ଭଗବାନ ଯେପରି ସମସ୍ତ ଜୀବସୃଷ୍ଟିର ମାଆ ବା ଉତ୍ପତ୍ତିର କାରଣ, ଦେହ ଭାବରେ ବିଚାର କଲେ ଅର୍ଥାତ୍

ପୁରୁଷଜାତି ଓ ନାରୀଜାତି ଭିତରେ ପାର୍ଥକ୍ୟ ରଖି ବସିବାର କେବଳ ନାରୀଜାତି ସେହିପରି ସମସ୍ତ ଦେହସୃଷ୍ଟିର ବା ଜଡ଼ସୃଷ୍ଟିର ମାଆ । କି ପୁରୁଷ-ଜାତି କି ନାରୀଜାତି ସମସ୍ତ ମାନବ ସମାଜ ସେହି ନାରୀଜାତିଠାରୁ ଉତ୍ପନ୍ନ । ସେଥିପାଇଁ ନାରୀଜାତିକୁ ମାତୃଜାତି ବୋଲି ସ୍ୱୀକାର କରିବାକୁ ହେବ ।

ଏ ସଂସାରରେ ଭଗବାନ ଏକମାତ୍ର ପରମ ପୁରୁଷ ଏବଂ କି ପୁରୁଷ କି ନାରୀ ଆମ୍ଭେମାନେ ସମସ୍ତେ ତାଙ୍କର ଅଂଶ ଓ ତାଙ୍କର ସନ୍ତାନ, ତେଣୁ କି ପୁରୁଷ କି ନାରୀ ଆମ୍ଭେମାନେ ସମସ୍ତେ ପୁରୁଷ ଓ ପ୍ରତ୍ୟେକେ ପ୍ରତ୍ୟେକର ଭାଇ । କେହି କେହି କହି ପାରନ୍ତି, ଭଗବାନ ପରମା ନାରୀ ନ ହୋଇ ପରମ ପୁରୁଷ ହେବେ କାହିଁକି ଏବଂ ଆମ୍ଭେମାନେ ପ୍ରତ୍ୟେକେ ପ୍ରତ୍ୟେକର ଭଉଣୀ ନ ହେବୁ କାହିଁକି ? ଆଉ କେହି କେହି କହି ପାରନ୍ତି, ଭଗବାନ ପୁରୁଷ ହୁଅନ୍ତୁ ବା ନାରୀ ହୁଅନ୍ତୁ, ବାପ ହୁଅନ୍ତୁ ବା ମାଆ ହୁଅନ୍ତୁ, ଭଗବାନଙ୍କଠାରୁ ପୁରୁଷଜାତି ଓ ନାରୀଜାତି ଏହି ଦୁଇ ଜାତିର ଉତ୍ପତ୍ତି ; ତେଣୁ ପୁରୁଷଜାତି ପ୍ରତ୍ୟେକେ ପ୍ରତ୍ୟେକର ଭାଇ ଓ ନାରୀଜାତି ପ୍ରତ୍ୟେକେ ପ୍ରତ୍ୟେକର ଭଉଣୀ ଏବଂ ପୁରୁଷଜାତି ମାନବସମାଜର ଭାଇ ଓ ନାରୀଜାତି ମାନବସମାଜର ଭଉଣୀ ।

ଉପରୋକ୍ତ ତିନି ପ୍ରକାର ଯୁକ୍ତି ମଧ୍ୟରୁ ପ୍ରଥମ ଦୁଇଟି ଯୁକ୍ତି ଅଭ୍ରାନ୍ତ ମାତ୍ର ଶେଷ ଯୁକ୍ତିଟି ସମ୍ପୂର୍ଣ୍ଣ ଅଯୌକ୍ତିକ ; କାରଣ ଭାଇ ଭଉଣୀ ନାମରେ ଯେଉଁ ସମ୍ବନ୍ଧ ତାହା ମନୁଷ୍ୟ ସୃଷ୍ଟି କରିଅଛି ଏବଂ ତାହା ସ୍ୱାମି-ସ୍ତ୍ରୀ ସମ୍ବନ୍ଧରୁ ଉତ୍ପନ୍ନ ; ମାତ୍ର ଭଗବାନଙ୍କର କେହି ସ୍ୱାମୀ ନାହାନ୍ତି କିମ୍ବା ସ୍ତ୍ରୀ ନାହାନ୍ତି ; ପୁରୁଷ—ଭଗବାନ ଓ ନାରୀଭଗବାନ ବୋଲି ଦୁଇଟି ଭଗବାନ୍ ନାହାନ୍ତି ଏବଂ ପୁରୁଷ ଜୀବ ଓ ନାରୀ-ଜୀବ ବୋଲି ଦୁଇ ପ୍ରକାର ଜୀବ ନାହାନ୍ତି ।

ସୃଷ୍ଟିରେ ଯେତେ ଜୀବ ଅଛନ୍ତି ପ୍ରତ୍ୟେକ ଜୀବ ଅନ୍ୟଠାରୁ ପୃଥକ୍ ; ମାତ୍ର ସେହି ପାର୍ଥକ୍ୟ ଭଗବାନ ସୃଷ୍ଟି କରି ନାହାନ୍ତି କିମ୍ବା ଭଗବାନ ସେହି ପାର୍ଥକ୍ୟର କାରଣ ନୁହନ୍ତି । ଭଗବାନ ସମସ୍ତଙ୍କ ନିକଟରେ ସମାନ ଏବଂ ସମସ୍ତେ ତାଙ୍କ ନିକଟରେ ସମାନ । ପ୍ରତ୍ୟେକ ଜୀବର ଜନ୍ମଜନ୍ମାନ୍ତର ଜନିତ କର୍ମଫଳ ଅର୍ଥାତ୍ ସଞ୍ଚିତ; ପ୍ରାରବ୍ଧ ଓ କ୍ରିୟମାଣ

କର୍ମର କର୍ମଫଳ ସେହି ପାର୍ଥକ୍ୟର କାରଣ ଅଟେ । ସେ ଯାହା ହେଉ ଜୀବର ଏହି ପାର୍ଥକ୍ୟ ଆମ୍ଭମାନଙ୍କର ଆଲୋଚନାର ବିଷୟ ନୁହେଁ । ପୁରୁଷ ଦେହରେ ଥିବା ଜୀବ ଓ ନାରୀ ଦେହରେ ଥିବା ଜୀବ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି ତାହାହିଁ ଆମ୍ଭମାନଙ୍କର ଆଲୋଚନାର ବିଷୟ ।

ନାରୀ ଦେହରେ ମାତୃତ୍ୱର ଯେଉଁ ସୌନ୍ଦର୍ଯ୍ୟ ଅଛି ତାହା କେହି ଅସ୍ୱୀକାର କରି ନ ପାରେ । କେବଳ ଯେ ଦେହରେ ମାତୃତ୍ୱର ସୌନ୍ଦର୍ଯ୍ୟ ଅଛି ତାହା ନୁହେଁ; ଗୁଣରେ ମଧ୍ୟ ମାତୃତ୍ୱର ସୌନ୍ଦର୍ଯ୍ୟ ଅଛି । ନାରୀ ଦେହରେ ଥିବା ଜୀବଠାରେ ସ୍ନେହ, ଦୟା, କ୍ଷମା, ସହିଷ୍ଣୁତା, ସରଳତା ଓ କୋମଳତା ଇତ୍ୟାଦି ଗୁଣଗୁଡ଼ିକ ଯେପରି ବିଶେଷ ଭାବରେ ବିକଶିତ ହୋଇଅଛି ପୁରୁଷ ଦେହରେ ଥିବା ଜୀବଠାରେ ତାହା ସେପରି ବିକଶିତ ହୋଇନାହିଁ । ନାରୀର ଏହି ବିଶେଷତ୍ୱ ବର୍ତ୍ତମାନ ଯୁଗର ହିଂସା, ଈର୍ଷା, ପରଶ୍ରୀକାତରତାପୂର୍ଣ୍ଣ ସଙ୍କୀର୍ଣ୍ଣ ସ୍ୱାର୍ଥାନ୍ୱେଷିଣୀ ନାରୀମାନଙ୍କଠାରେ ଦେଖି ନ ପାରନ୍ତି ; ମାତ୍ର ଅଳ୍ପବୟସ୍କା କୁମାରୀମାନଙ୍କଠାରେ ତାହା ସୁସ୍ପଷ୍ଟ ଦେଖି ପାରିବେ ।

ମାଆ ତାହାର ଶିଶୁ ସନ୍ତାନକୁ କୌଣସି ଆପଦରୁ ରକ୍ଷା କରିବାରେ ଯେଉଁ ସିଂହବିକ୍ରମ ଓ ନିର୍ଭୀକତାର ପରିଚୟ ଦିଏ ତାହା ନାରୀଜାତିର ମାତୃତ୍ୱର ଜ୍ୱଳନ୍ତ ପ୍ରମାଣ ଏବଂ ଆମ୍ଭମାନଙ୍କର ଚିନ୍ତାର ବିଷୟ ଓ ଶିକ୍ଷାର ବିଷୟ ଅଟେ । ସ୍ୱାଭାବିକ ସରଳତା ଓ କୋମଳତା ଇତ୍ୟାଦି ଗୁଣ ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ରହିଥିବା ଏହି ସିଂହବିକ୍ରମ ଓ ନିର୍ଭୀକତା କେବଳ ରକ୍ଷା ପାଇଁ ରହିଛି, ଧ୍ୱଂସ ପାଇଁ ନୁହେ ।

ମାଆ ଯେପରି ତାର ପୁତ୍ରକନ୍ୟାଙ୍କର ସେବାରେ ଜୀବନ ଧାରଣ କରେ, ଆମ୍ଭେମାନେ କି ପୁରୁଷ କି ନାରୀ ଯେଉଁଦିନ ଜଗତର ସେବାରେ, ଦେଶର ସେବାରେ, ଗ୍ରାମବାସୀଙ୍କର ସେବାରେ ଜୀବନ ଧାରଣ କରିବାକୁ କର୍ତ୍ତବ୍ୟବୋଧ କରିବୁ ସେହିଦିନ ଜୀବନଧାରଣ ସାର୍ଥକ ହେବ, ଭାରତବର୍ଷ ସମସ୍ତ ପୃଥିବୀର ଆଦର୍ଶ ହେବ, ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେବ ।

ମାଆମାନେ ! ତୁମ୍ଭେମାନେ କେବଳ ତୁମର ପୁଅ ଝିଅଙ୍କର ମାଆ ନୁହଁ କିମ୍ବା ତୁମର ପୁଅ ଝିଅଙ୍କର ମାଆ ହେବା ତୁମ ଜୀବନର ଲକ୍ଷ୍ୟ ନୁହେଁ । ସମସ୍ତ ଜଗତକୁ, ସବୁ ନରନାରୀଙ୍କୁ ନିଜର ସନ୍ତାନ ଭାବରେ ଗ୍ରହଣ କରି ଜଗତର ସେବାରେ ଜୀବନ ଧାରଣ କର ବି. ଏ., ଏମ୍. ଏ. ପାଶ କରିବ, ବେଶୀ ଟଙ୍କାର ଚାକିରି ପାଇବ ଭୋଗ ବିଳାସରେ ବୃଥାଭିମାନରେ ଆନନ୍ଦ ପାଇବ ଏହା ତୁମ ଜୀବନର ଲକ୍ଷ୍ୟ ନୁହେଁ । ସତ ଶୁଦ୍ଧ ସରଳ ହୁଅ ଏବଂ ଆଜିର ଏହି ହିଂସା ଈର୍ଷାପରିପୂର୍ଣ୍ଣ ପରିବାରମାନଙ୍କରେ ପବିତ୍ର ପ୍ରେମର ପ୍ରତିଷ୍ଠା କରି ନାରୀଜୀବନ ସାର୍ଥକ କର ।

---

# ତରୁଣୀ ଓ ପରଦା ନିଷ୍କାସନ

●

୧୯୬୭ ସାଲ ବଡ଼ଦିନ ଛୁଟିରେ ମାନ୍ଦ୍ରାଜ ଯାଇ ମୁଁ ଯାହା ଅନୁଭବ କରିଥିଲି, ସେ ସମସ୍ତ ଲେଖିପାରୁ ନାହିଁ । କାରଣ ସେସବୁ ଆଦର୍ଶ ଆମ୍ଭମାନଙ୍କ ନିକଟରେ ସ୍ୱପ୍ନ ପରି । ଫେରିଲା ବେଳର ଗୋଟିଏ ସାମାନ୍ୟ ଘଟଣା ଲେଖୁଅଛି—

ମୁଁ ମୋର ଅନ୍ୟ ଦୁଇଜଣ ବନ୍ଧୁଙ୍କ ସହିତ ମାନ୍ଦ୍ରାଜରୁ ଫେରି 'ଭିଜାଗାପଟ୍ଟମ' ଦେଖିବା ସକାଶେ ରେଳରୁ ଓହ୍ଲାଇଥିଲି । ଅକସ୍ମାତ ଆମ୍ଭେମାନେ ସେଦିନ ୧୧ଟା ବେଳେ ଅପାଲନାରସାମି ଏଡୁ ବୋଲି ଜଣେ ଲୋକର ଘରେ ପହଞ୍ଚି ଥିଲୁ । ତାଙ୍କ ଘର ଠିକ ସମୁଦ୍ରକୂଳରେ । ସେ ଜଣେ ବୁଢ଼ା ପେନସନ୍‌ଭୋଗୀ ଡାକ୍ତର । ସେ ଆମ୍ଭମାନଙ୍କୁ ଘରକୁ ନେଇ ବସାଇ ଦେଇ ଚାଲିଗଲେ ଏବଂ କହିଗଲେ ମୁଁ କୌଣସି ବିଶେଷ କାର୍ଯ୍ୟରେ ଯାଉଛି ।

ସେ ନ ଯାଉଣୁ ତାଙ୍କର ସ୍ତ୍ରୀ, ଝିଅ, ବୋହୂ ପ୍ରାୟ ଆଠ ଦଶଜଣ ଆସି ଆମ ପାଖରେ ପହଞ୍ଚିଲେ । ସେମାନେ ସମସ୍ତେ ପ୍ରାୟ ଇଂରେଜୀ କହି ପାରନ୍ତି । ଆମ୍ଭେମାନେ ଗାଧୁଆ ପାଧୁଆ କରି ନ ଥିଲୁ । ସେମାନଙ୍କ ମଧ୍ୟରୁ କିଏ ତେଲ ଦେଲା, କିଏ ଗାଧୋଇବା ଘର ଦେଖାଇ ଦେଲା । ଆମ୍ଭେମାନେ ଗାଧୋଇଲୁ । ଗାଧୋଇ ସାରିଲା ମାତ୍ରେ ଆମ୍ଭମାନଙ୍କୁ ଆନନ୍ଦରେ ସହିତ ବୁଲାଇ ସବୁ ଘର ଦେଖାଇଲେ ଓ ସେମାନଙ୍କର ପରିଚୟ ଦେଲେ । ପ୍ରାୟ ଗୋଟାକ ବେଳକୁ ଖାଇବାକୁ ଡାକିଲେ ।

ଅନେ୍କମାନେ ଖାଇବସିଲୁ । ସେମାନେ ସମସ୍ତେ ଆମ ପାଖରେ ଉପସ୍ଥିତ ରହି ମାଆ ଭଉଣୀଙ୍କୁ ବଳ ଖାଇବା ଜିନଷ ସବୁ ଯୋଗାଉଥାନ୍ତି । ଅଦ୍ୟାପି ସେ ଦୃଶ୍ୟ ସେମାନଙ୍କର ସ୍ନେହ ପବିତ୍ର ବ୍ୟବହାର ମୋର ମନେ ଅଛି । ମାଆ ସେସମୟରେ "ଆଉ ଟିକେ ଦଏଁ, ଆଉ ଟିକେ ଦଏଁ" କହି ଯେଉଁ ପଦାର୍ଥଟି ଭଲ ହୋଇଥାଏ—ସେହି ପଦାର୍ଥଟି ଯାଚନ୍ତି. ସେମାନେ ସେହିପରି ଜିଦ୍ ଧରି ଆମ୍ଭମାନଙ୍କୁ ଖାଇବାକୁ ଦେଉଥାନ୍ତି । ନାରୀଜାତି ମାତୃଜାତି ବୋଲି ମୋର ସେହିଦିନଠାରୁ ଧାରଣା ଜନ୍ମିଲା । ସେହି ଦିନଠାରୁ ଜାଣିଲି, ନାରୀଜାତି ପ୍ରକୃତରେ ଦେବୀ । ସେମାନଙ୍କ ନାମ ସହିତ ଦେବୀ ଶବ୍ଦଯୁକ୍ତ ହେବାର କାରଣ ସେହିଦିନଠାରୁ ମୁଁ ବୁଝିଲି । ସେହିଦିନଠାରୁ ଆମଦେଶର ଓଢ଼ଣାପ୍ରଥା ପ୍ରତି ମୋର ଘୃଣା ଜନ୍ମିଲା । ମୁଁ ବର୍ତ୍ତମାନ ବେଶ୍ ବୁଝି ପାରୁଅଛି—

ଆମ୍ଭମାନଙ୍କର ଚରିତ୍ରହୀନତାର ପ୍ରଧାନ କାରଣ—ଏହି ଓଢ଼ଣା, ଦେଶରେ ବ୍ୟଭିଚାରର ବୃଦ୍ଧିର ଏକମାତ୍ର କାରଣ ଏହି ଓଢ଼ଣା ଆମ୍ଭମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦୁର୍ବଳତାର ଏକମାତ୍ର କାରଣ ଏହି ଓଢ଼ଣା, ଆମ୍ଭମାନଙ୍କର ସମସ୍ତ ପ୍ରକାର ଅଧୋଗତିର କାରଣ ଏହି ଓଢ଼ଣା ।

ଆମ ଘରକୁ କେହି ଅତିଥି ଆସିଲେ ଆମ ଘରର ଗହଣାପିନ୍ଧା ସ୍ତ୍ରୀଲୋକମାନେ ଝୁମୁରୁ ଝୁମୁରୁ ଶବ୍ଦ କରି କବାଟ ପାଖକୁ ଆସିବେ । ଅତିଥିର ମନ ଆକର୍ଷଣ କଲା ପରେ କବାଟ କଣରେ ସ୍ବୈରଣୀଙ୍କ ପରି ଲୁଚ୍ ପୁଚ୍ ହେଉଥିବେ । ଖଞ୍ଜରେ ଖଞ୍ଜରେ ଟିକିଏ ଟିକିଏ ଓଢ଼ଣା ଭିତରୁ ଚାହୁଁଥିବେ । ନିଜ ନିଜର ଗହଣା କୌଶଳରେ ଦେଖାଉଥିବେ । ଅଧା ପରଦାସରେ ଲୋକ ହେଲେ ତାଙ୍କୁ ଅଧା କଥା ଟିକିଏ ଟିକିଏ କହୁଥିବେ । ଏହି କୁତ୍ସିତ ପ୍ରଥା ଇନ୍ଦ୍ରିୟପରାୟଣ ଲୋକମାନଙ୍କର କାମ ପ୍ରବୃତ୍ତିକୁ ଯଥେଷ୍ଟ ସାହାଯ୍ୟ କରେ । ତେଣୁ ସେହି କାମାଶକ୍ତ ପଶୁମାନେ ଏହି କଦର୍ଯ୍ୟ ପ୍ରଥାକୁ ସମର୍ଥନ କରି ପାରନ୍ତି । ଅନ୍ୟ କେହି ସମର୍ଥନ କରି ନ ପାରେ ।

ଓଢ଼ଣାର ଅର୍ଥ ମୁହଁ ଲୁଚାଇବା । ଏହି ଓଢ଼ଣା ନେବା, ଝିଅ-ପିଲାମାନଙ୍କୁ ବିବାହ ସଙ୍ଗେ ସଙ୍ଗେ ଶିକ୍ଷା ଦିଆଯାଏ । ପୁଅମାନଙ୍କୁ ଶିକ୍ଷା

ନ ଦେଲେ ସୁଦ୍ଧା ସେମାନେ ଆପେ ଆପେ ଶିଖିଯାଇ ମୁହଁ ଲୁଚନ୍ତି । ମୁଣ୍ଡରେ ଲୁଗା ଥିଲେ ସେମାନେ ମଧ୍ୟ ଓଢ଼ଣା ଦିଅନ୍ତି । ବି. ଏ., ଏମ୍. ଏ. ପାଶ କରିଥିବା ଦରବୁଢ଼ା ବରଙ୍କର ମଧ୍ୟ ସେହି ମୁହଁଲୁଚା ! ଧନ୍ୟ ଆମର ଶିକ୍ଷା ! ଧନ୍ୟ ଆମର ସଭ୍ୟତା ! ଧନ୍ୟ ଆମର ସମାଜ ! ବିବାହ ପରି ଦାୟିତ୍ୱପୂର୍ଣ୍ଣ ପବିତ୍ର ବନ୍ଧନ, ପବିତ୍ର ସମ୍ବନ୍ଧକୁ ଆମ୍ଭେମାନେ ଓଢ଼ଣା ଭିତରେ ରଖି କଳୁଷିତ କରି ସାରିଲୁଣି । ହାୟ ! କେବେ ଆମ୍ଭମାନଙ୍କର ଚୈତନ୍ୟ ଉଦୟ ହେବ ? କେବେ ଆମ୍ଭମାନଙ୍କର ଅନ୍ଧ ବିବେକଚକ୍ଷୁ ଫିଟିବ ? କେବେ ଆମ୍ଭମାନଙ୍କର ଦୁର୍ଦ୍ଦଶା ଦୂର ହେବ ? କେବେ ଆମ୍ଭେମାନେ ବୁଝି ପାରିବୁଁ ଯେ—ବିବାହ ଗୋଟିଏ ପବିତ୍ର ଦାୟିତ୍ୱପୂର୍ଣ୍ଣ ସମ୍ବନ୍ଧ ପାପର କଥା ନୁହେଁ—ଲଜ୍ଜାର କଥା ନୁହେଁ—ଲୋକେ ପାପକୁ ଲୁଚନ୍ତି, ଅନ୍ୟାୟକୁ ଲୁଚନ୍ତି, କରଜ କରିଥିଲେ ଲୁଚନ୍ତି, ନିଶା ଖାଉଥିଲେ ଲୁଚନ୍ତି, ଗୁହକୁ ଲୁଚନ୍ତି-ମୁହଁକୁ ଲୁଚାଇବାକୁ କିଏ କହିଚି ? ପବିତ୍ର ବନ୍ଧନ ବିବାହକୁ ଲୁଚାଇବାକୁ, ତାକୁ ଚୋର ଖେଳ ଖେଳିବାକୁ କିଏ କହୁଛି ?

ଯେଉଁମାନେ ପିଲାଟି ଦିନରୁ ଓଢ଼ଣା ଦେଇ ବୁଢ଼ୀ ହେଲେଣି, ସେମାନଙ୍କ କଥା ଛାଡ଼ ; କାରଣ ସେମାନଙ୍କ ପକ୍ଷରେ ଓଢ଼ଣା କାଢ଼ିବା କଠିନ ହେବ । ସେମାନଙ୍କ ନାକ କାନରେ ମରହଟ୍ଟି ଗହଣା ସବୁ ରହିଛି । ବର୍ଷ ବର୍ଷ କରି ସେମାନେ ଗହଣା ଓ ଓଢ଼ଣାରେ କେତେକାଳ କଟାଇ ଦେଲେଣି । ସେମାନଙ୍କୁ ଓଢ଼ଣା କାଢ଼ିବାକୁ, ଗହଣା ଛାଡ଼ିବାକୁ କେହି ବାଧ କରୁନାହିଁ; କିନ୍ତୁ ଓଢ଼ଣାଦିଆ, ଗହଣା ପିନ୍ଧା ବୁଢ଼ୀ ଓ ଦର-ବୁଢ଼ୀମାନଙ୍କୁ ଏତିକି ଅନୁରୋଧ ଯେ, ସେମାନେ ଆସ୍ତେ ଆସ୍ତେ ଟିକେ ଟିକେ କରି ଅଫିମ ଅଭ୍ୟାସ ଛାଡ଼ିଲା ପରି ଏହି କୁତ୍ସିତ ଅଭ୍ୟାସକୁ ଛାଡ଼ନ୍ତୁ । କାରଣ ତାହା ନ କଲେ ସେମାନଙ୍କ ପିଲାମାନଙ୍କର ସର୍ବନାଶ ହେଉଛି ଓ ହେବ । ଯଦି ତାହା କରି ନ ପାରନ୍ତି, ତେବେ ନିଜେ ଅଫିମ ଖାଆନ୍ତୁ ପଛକେ, ଓଢ଼ଣା ଦିଅନ୍ତୁ ପଛକେ, ସାବଧାନ ରହନ୍ତୁ, ଯେପରି ପିଲାମାନେ ତାଙ୍କଠାରୁ ଏହି କୁତ୍ସିତ ପ୍ରଥା ଅନୁକରଣ ନ କରନ୍ତି—ଏହି କଦର୍ଯ୍ୟ ଅଭ୍ୟାସ ଶିକ୍ଷା ନ କରନ୍ତି ।

କେବଳ ମୁହଁରୁ ଲୁଗା କାଢ଼ିଦେଇ ସଭା ସମିତିରେ ଯୋଗ ଦେଲେ ଆମ୍ଭମାନଙ୍କର କାର୍ଯ୍ୟ ଶେଷ ହେଲା ନାହିଁ । ଓଢ଼ଣା ଛାଡ଼ିବା

ଅର୍ଥାତ୍ ଲଜ୍ଜା ଛାଡ଼ିବା ବଡ଼ କଠିନ । ଭୟ ଛାଡ଼ିବା ଯେପରି କଠିନ, ଲଜ୍ଜା ଛାଡ଼ିବା ସେହିପରି କଠିନ । ସତ୍ୟର ଆଶ୍ରୟ ନ ନେଲେ ପ୍ରକୃତରେ ଭୟ ଛାଡ଼ିବା ଅସମ୍ଭବ । ସେହିପରି ହୃଦୟରୁ ଅପବିତ୍ର ଭାବନା ଦୂର ନ ହେବା ପର୍ଯ୍ୟନ୍ତ ହୃଦୟର ପବିତ୍ରତା ଓ ସରଳତା ନ ଆସିବା ପର୍ଯ୍ୟନ୍ତ, ପ୍ରକୃତରେ ଓଢ଼ଣା ବା ଲଜ୍ଜା ଛାଡ଼ିବା କଠିନ ଏବଂ ଓଢ଼ଣା ବା ଲଜ୍ଜା ନ ଛାଡ଼ିବା ପର୍ଯ୍ୟନ୍ତ ହୃଦୟର ପବିତ୍ରତା ଆସିବା ଅସମ୍ଭବ ।

ଓଢ଼ଣା ମଧ୍ୟରେ ଯେଉଁ ଥଟ୍ଟା ତାମସାର ଲୀଳା ସେ ପୁଣି ଆଗ୍ନେୟ ବାୟୁ ସ୍ୱାହା ପରି ଅତି ଭୟଙ୍କର । ଦିଅର ଭାଉଜ ଥଟ୍ଟା, ଶଳା-ଭଣୋଇ ଥଟ୍ଟା, ଆଈ-ନାତୁଣୀ ଥଟ୍ଟା ଇତ୍ୟାଦି ପରିହାସର ମୂଳରେ କଣ ରହିଛି ? ରହିଛି କେବଳ ସେହି ଅପବିତ୍ର ଭାବନା । ଏହିସବୁ ଥଟ୍ଟା ପରିହାସର ବିଷମୟ ଫଳ ସମସ୍ତେ ଅନୁଭବ କରୁଅଛନ୍ତି । ଥଟ୍ଟା ଯଦି ପବିତ୍ର ପଦାର୍ଥ ବୋଲି କେହି କହେ ତେବେ ବାପ ଝିଅର ଥଟ୍ଟା ହେଉ, ଶଶୁର ବୋହୂର ଥଟ୍ଟା ହେଉ, ଦେଢ଼ଶୁର ଭାଇବୋହୂର ଥଟ୍ଟା ହେଉ । ଯାହା ପବିତ୍ର ଯାହା ସତ୍ୟ ତାହା ସବୁଠାରେ ପ୍ରଯୁଜ୍ୟ । ବାଛି ନେଇ କେତୋଟି ଲୋକଙ୍କ ସହିତ ଥଟ୍ଟା କରିବା ଚରିତ୍ରହୀନତା ଓ ଅପବିତ୍ରତାର ଲକ୍ଷଣ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ ।

ମାଆମାନେ ଓ ଭାଇମାନେ ! ତୁମ୍ଭେମାନେ ଯେଉଁଦିନ ବୁଝିବ, ବିବାହ ପରି ପବିତ୍ର ବନ୍ଧନକୁ ଓଢ଼ଣା ଭିତରେ ରଖିବାହାରି ଆମ୍ଭେମାନେ ଦିନକୁ ଦିନ ଚରିତ୍ରହୀନ ହୋଇ ଦୁର୍ବଳ ହେଉଅଛୁଁ, ଯେଉଁଦିନ ବୁଝିବ, ସ୍ତ୍ରୀଲୋକମାନଙ୍କର ମୁହଁ ଲୁଚାଇବା ପ୍ରଥା ଅମ୍ଭମାନଙ୍କୁ ଆସ୍ତେ ଆସ୍ତେ କାମାଶକ୍ତ ପଶୁରେ ପରିଣତ କରି ସାରିଲାଣି, ସେହିଦିନ ଏହି ଓଢ଼ଣାକୁ ପୋଡ଼ି ପକାଇବାକୁ ଇଚ୍ଛା ସ୍ୱତଃ ଜାଗ୍ରତ ହେବ ।

ଅନେକ ସ୍ତ୍ରୀଲୋକଙ୍କର ଧାରଣା, ଖୁବ୍ ବେଶି ପାଠ ପଢ଼ି ସଭା ସମିତିରେ ଯୋଗ ଦେଇ ପାରିଲେ ଓଢ଼ଣା କାଢ଼ିବାକୁ ହେବ ; ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭୁଲ । ଓଢ଼ଣା ସହିତ ପାଠର କିମ୍ବା ସଭାସମିତିର ଆଦୌ ସମ୍ପର୍କ ନାହିଁ । କେବଳ ସ୍ତ୍ରୀଲୋକଙ୍କର ଧାରଣା କାହିଁକି, ଅନେକ ଶିକ୍ଷିତ ଲୋକଙ୍କ ମୁହଁରୁ ଶୁଣାଯାଏ,

"ପ୍ରଥମେ ସ୍ତ୍ରୀ-ଶିକ୍ଷା ବିସ୍ତାର କରାଯାଉ, ତା ପରେ ଉତ୍ତୁଣୀ ପ୍ରଥା ଉଠାଇବାକୁ ଚେଷ୍ଟା କରାଯିବ କିମ୍ବା ତାହା ଆପେ ଆପେ ଉଠିଯିବ ।" କେହି କେହି ମଧ୍ୟ କହନ୍ତି—"ସ୍ତ୍ରୀ-ଶିକ୍ଷା ବିସ୍ତାର ହେବା ପୂର୍ବରୁ ପୁରୁଣା ପ୍ରଥା ଉଠାଇଦେଲେ ବଡ଼ ଖରାପ ହେବ ।" କିନ୍ତୁ ମୁଁ କହେ—"ଶିକ୍ଷା ବିସ୍ତାର କାର୍ଯ୍ୟ ପଛକୁ ରଖି ଉତ୍ତୁଣୀ ପ୍ରଥା ଉଠାଇବାକୁ ସର୍ବପ୍ରଥମେ ଚେଷ୍ଟା କରାଯାଉ । ଉତ୍ତୁଣୀ ଭିତରେ ଶିକ୍ଷା ବିସ୍ତାର କରିବା ଅସମ୍ଭବ, ସୁବିଧାଜନକ ନୁହେଁ ଓ ବହୁ ଅର୍ଥସାପେକ୍ଷ । ଆହୁରି ମଧ୍ୟ ନାନା ବାଧାବିଘ୍ନ ଓ ଅସୁବିଧା ଅତିକ୍ରମପୂର୍ବକ ବହୁତ ଅର୍ଥ ବ୍ୟୟ କରି ଉତ୍ତୁଣୀ ଭିତରେ ଯେଉଁ ସାମାନ୍ୟ ଶିକ୍ଷା କାହିଁକି କୁଶିକ୍ଷା ବିସ୍ତାର କରାଯାଉଛି, ତାହାର ଫଳ ବିଷମୟ ହେଉଛି ଏବଂ ହେବ । ଯେଉଁମାନେ ସାମାନ୍ୟ ଟିକିଏ ଅକ୍ଷର ଚିହ୍ନି କେବଳ ଚିଠିପତ୍ର ଲେଖି ପଢ଼ି ଜାଣିଅଛନ୍ତି, ସେମାନଙ୍କ କଥା ଛାଡ଼; ଯେଉଁମାନେ ଉଚ୍ଚଶିକ୍ଷା ପାଇଅଛନ୍ତି, ସେମାନେ କେବଳ ପାଶ୍ଚାତ୍ୟସଭ୍ୟତା ଅନୁକରଣ କରିବା ସକାଶେ, ସଭାସମିତିରେ ଯୋଗଦେବା ସକାଶେ କିମ୍ବା ଚାକିରି କରିବା ସକାଶେ ବାଧ୍ୟ ହୋଇ ଉତ୍ତୁଣୀ କାଢ଼ିଅଛନ୍ତି ; ମାତ୍ର ଉତ୍ତୁଣୀ ପ୍ରଥାର ଉତ୍ପତ୍ତିର କାରଣ ଓ ବିଷମୟ ଫଳ ସେମାନେ ଏପର୍ଯ୍ୟନ୍ତ ଜାଣି ନାହାନ୍ତି ।

ପୁରୁଷମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର କଲେ ଦେଶରୁ ମିଛ ଉଠିଯିବ, ଅର୍ଥାତ୍ ଲୋକେ ସତ୍ୟଆ ହୋଇଯିବେ—ଏକଥା କହିବା ଯେପରି ଅଯୌକ୍ତିକ, ସ୍ତ୍ରୀ-ଶିକ୍ଷା ବିସ୍ତାର ହେଲେ ଉତ୍ତୁଣୀ ପ୍ରଥା ଆପେ ଆପେ ଉଠିଯିବ କିମ୍ବା ନାରୀଜାତି ଆପେ ଆପେ ସତୀ ହୋଇଯିବେ—ଏ କଥା କହିବା ଆହୁରି ବେଶି ଅଯୌକ୍ତିକ । ଶିକ୍ଷା ସହିତ ଉତ୍ତୁଣୀ ପ୍ରଥାର କୌଣସି ସମ୍ପର୍କ ନାହିଁ । ଉତ୍ତୁଣୀ ପ୍ରଥା ଉଠିବା ଚରିତ୍ରର ଦୃଢ଼ତା ଓ ହୃଦୟର ନିର୍ମଳତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ପାଠ ପଢ଼ି ପାରିଲେ ଚରିତ୍ରକୁ ସୁଦୃଢ଼, ହୃଦୟକୁ ନିର୍ମଳ ଓ ପବିତ୍ର କରିବ ଏବଂ ପାଠ ନ ପଢ଼ିବା ଯାଏ ଉତ୍ତୁଣୀ ଭିତରେ ରହି ଅପବିତ୍ରତା ଓ ଚରିତ୍ରହୀନତାକୁ ହୃଦୟରେ ପୋଷଣ କରୁଥିବ, ଏହା କିପରି କଥା ? ବରଂ ପାଠପଢ଼ା ପଛକୁ ଥାଉ, ହୃଦୟର ପବିତ୍ରତା ସକାଶେ, ନାରୀଜାତିର ଏକମାତ୍ର ସମ୍ପତ୍ତି ସତୀତ୍ୱ ରକ୍ଷା କରିବା ସକାଶେ—ଏହି କଦର୍ଯ୍ୟ ଉତ୍ତୁଣୀ ପ୍ରଥାକୁ

ଦେଶରୁ ସର୍ବପ୍ରଥମେ ଦୂର କରାଯାଉ — ଆଜି ଧ୍ୱଂସ କରାଯାଇ ପାରିଲେ ଧ୍ୱଂସ କରାଯାଉ । ମାତୃତ୍ୱ ଉପରେ ପ୍ରତିଷ୍ଠିତ ହିନ୍ଦୁ ସ୍ତ୍ରୀର ସତୀତ୍ୱ ପରି ସ୍ୱଚ୍ଛ ନିର୍ମଳ ଜ୍ୱଳନ୍ତ ପଦାର୍ଥକୁ ଲୁଚାଇ ରଖିବାକୁ କେଉଁ ବୁଦ୍ଧିମାନ୍ ବ୍ୟକ୍ତି କହିଛି ? କହିଛି ଓ କହୁଛି, ଏହି ସ୍ୱାର୍ଥାନ୍ଧ କାମାସକ୍ତ ପୁରୁଷ । ଭକ୍ତ ଭଗବାନଙ୍କୁ ହୃଦୟର ଗଭୀରତମ ପ୍ରଦେଶରେ ଲୁଚାଇ ରଖିଲା ପରି କାମାନ୍ଧ ପୁରୁଷ ନାରୀଜାତିକୁ ଆପଣାର ଏକମାତ୍ର ଭୋଗ୍ୟ ବସ୍ତୁ ମନେ କରି, ଜୀବନର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ଆନନ୍ଦ ମନେ କରି ଲୁଚାଇ ରଖିବାକୁ ଇଚ୍ଛା କରେ । ଓଢ଼ଣା ପ୍ରଥା ନ ଉଠିବାର ପ୍ରଧାନ କାରଣ ଏହି ପୁରୁଷ । ମୁଁ ଦେଖିଛି ଓ ନାରୀମେମ୍ବରମାନଙ୍କ ଚିଠିପତ୍ରରୁ ବୁଝିଛି — ନାରୀଜାତି ଓଢ଼ଣା ଓ ଗହଣା ଛାଡ଼ିବାକୁ ଚାହେଁ । ମାତ୍ର ପୁରୁଷ ସର୍ବଦା ବାରଣ କରିଛି ଓ କରୁଛି । ଓଢ଼ଣା ଓ ଗହଣା ପ୍ରଥା ଯେ ଏପର୍ଯ୍ୟନ୍ତ ଉଠି ନାହିଁ, ଏହାର ପ୍ରଧାନ କାରଣ ଏହି ସ୍ୱାର୍ଥାନ୍ଧ କାମାସକ୍ତ ପୁରୁଷ ।

ଯଦି ନାରୀଜାତିକୁ ମାତୃଜାତି ବୋଲି ସ୍ୱୀକାର କର, ତେବେ ଏହି କଦର୍ଯ୍ୟ ଅନିଷ୍ଟକାରୀ ଓଢ଼ଣା ପ୍ରଥା କମ୍ବା ମୁହଁ ଲୁଚାଇବା ପ୍ରଥାକୁ ଆଜି ଧ୍ୱଂସ କର ; କାରଣ ମାଆ ପୁଅ ମଧ୍ୟରେ ଓଢ଼ଣାର ଆବଶ୍ୟକତା ନାହିଁ । ତେଣୁ ପୁରୁଷ ଜାତି ଓ ସ୍ତ୍ରୀ ଜାତି ମଧ୍ୟରେ ଓଢ଼ଣାର ପ୍ରୟୋଜନ ନାହିଁ । ପାଠ ପଢ଼ିଲେ ମାଆ ହେବ — ଆଉ ପାଠ ନ ପଢ଼ିଥିବା ପର୍ଯ୍ୟନ୍ତ ମାଇପ ହୋଇ ରହିଥିବ, ଏପରି ଧାରଣା ସମ୍ପୂର୍ଣ୍ଣ ଭୁଲ୍ । ଅପାଠୋଇ କାଣୀ ସତ୍ୟ; ମାତ୍ର କାଣୀ ହେଲେ ମଧ୍ୟ ସେ ମାଆ ।

# ତରୁଣୀ ପ୍ରଥା ବିରୁଦ୍ଧରେ ଗୋଟିଏ ଗଳ୍ପ

●

ବିହମପୁରର ରାଜା ଗୋବିନ୍ଦବଲ୍ଲଭଙ୍କର ସତ୍ୟପ୍ରିୟା ବୋଲି ଗୋଟିଏ ସୁନ୍ଦରୀ ବୁଦ୍ଧିମତୀ କନ୍ୟା ଥିଲା । ସତ୍ୟପ୍ରିୟା ମନଯୋଗ ଦେଇ ପାଠ ପଢ଼ୁଥାଏ । ବୟସ ଅଠର ବର୍ଷ ହେଲାରୁ ରାଜା ସତ୍ୟପ୍ରିୟାର ବିବାହ ପାଇଁ ପାତ୍ର ସ୍ଥିର କଲେ ; ମାତ୍ର ସତ୍ୟପ୍ରିୟା ବିବାହ କରିବାକୁ ସମ୍ପୂର୍ଣ୍ଣ ଅନିଚ୍ଛା ପ୍ରକାଶ କରି କହିଲେ, "ମୁଁ ବିବାହ କରିବି ନାହିଁ, ମୁଁ ବୁଝି ପାରୁଛି ବିବାହ ଗୋଟିଏ ବନ୍ଧନ । ବନ୍ଧନରେ ଆନନ୍ଦ-ଆଶା କରିବା ବୃଥା । ସରଳ ସତ୍ୟ ଓ ପବିତ୍ର ପ୍ରେମ ଉପରେ ପ୍ରତିଷ୍ଠିତ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତାର ଆନନ୍ଦ ଉପଲବ୍ଧି କରିବା ମୋର ଏକମାତ୍ର ଲକ୍ଷ୍ୟ । ମୋତେ ବିବାହ ଦେବା ପ୍ରସ୍ତାବରୁ ବିରତ ହୁଅ । ଯଦି ମୋର ପ୍ରକୃତ ମଙ୍ଗଳ କରିବାକୁ କର୍ତ୍ତବ୍ୟ ମନେକର, ତେବେ ଏହି ରାଜବାଟୀରୁ କିଛି ଦୂରରେ ମୋ ସକାଶେ ଗୋଟିଏ ଘର ପ୍ରସ୍ତୁତ କରିଦେଲେ ମୁଁ ସେହିଠାରେ ରହି ମୋର ଲକ୍ଷ୍ୟ ଦିଗରେ ଅଗ୍ରସର ହେବି ।" ସତ୍ୟ-ପ୍ରିୟାଙ୍କର ଅନୁରୋଧ ଅନୁସାରେ ରାଜା ନିକଟବର୍ତ୍ତୀ ନର୍ମଦା ନଦୀ କୂଳରେ ଗୋଟିଏ ସୁନ୍ଦର ପ୍ରଶସ୍ତ ଘର ପ୍ରସ୍ତୁତ କରିଦେଲେ । ସତ୍ୟପ୍ରିୟା ସେହିଠାରେ ଆଧ୍ୟାତ୍ମିକ ଚର୍ଚ୍ଚାରେ ମହା ଆନନ୍ଦରେ ରହିଲେ । ଅନେକ ଗୃହସ୍ଥ ଓ ସାଧୁ ସନ୍ନ୍ୟାସୀ ସେଠାକୁ ଆସନ୍ତି ଓ ସତ୍ୟପ୍ରିୟାଙ୍କଠାରୁ ଅନେକ ବିଷୟ ଶିକ୍ଷା କରନ୍ତି । ସତ୍ୟପ୍ରିୟାଙ୍କର ଶିକ୍ଷାର ପ୍ରଧାନ ବିଷୟ ଥିଲା —

୧ । ଜୀବର ଦୁଃଖ ଦୂର କରିବାକୁ ପ୍ରାଣପଣେ ଚେଷ୍ଟା କର ।
୨ । କୌଣସି କଥା ହୃଦୟରେ ଗୋପନ ରଖ ନାହିଁ ।

ସତ୍ୟପ୍ରିୟାଙ୍କ ପାଖକୁ ଯେଉଁମାନେ ଯାଆନ୍ତି, ସମସ୍ତେ ଏହି ଉପଦେଶ ଦୁଇଟି ଶୁଣି ଆସନ୍ତି । ଦିନେ ପରୀକ୍ଷିତ ଦାଶ ନାମକ ଜଣେ ଚରିତ୍ରହୀନ ପଣ୍ଡିତ ସତ୍ୟପ୍ରିୟାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବ୍ରହ୍ମଚାରୀ ବେଶ ଧରି ସେଠାରେ ଉପସ୍ଥିତ ହେଲେ । ସତ୍ୟପ୍ରିୟାଙ୍କର ଉପଦେଶ ଯୋଡ଼ିକ ଶୁଣି ଶୁଣି ଦାଶେ ଯେଉଁଦିନ ବୁଝିପାରିଲେ ଯେ, ଏହି ଉପଦେଶ ଯୋଡ଼ିକ ତାଙ୍କର ମନସ୍କାମନା ପୂର୍ଣ୍ଣ କରିବାରେ ଯଥେଷ୍ଟ ସହାୟତା କରିବ, ସେହି ମୁହୂର୍ତ୍ତରୁ ପରୀକ୍ଷିତ ମହାରାଜା ଶୁକଦେବଙ୍କଠାରୁ ଭାଗବତ ଶୁଣିଲା ପରି ଦାଶେ ଏକାଧ୍ୟାନରେ ଏହି ଉପଦେଶ ଯୋଡ଼ିକ ଶୁଣିବାକୁ ଲାଗିଲେ । ଦାଶେ ମରହଟିଆ ପଣ୍ଡିତ ନୁହନ୍ତି — ଜଣେ ଅସଲ ପଣ୍ଡିତ । ବେଦାନ୍ତ, ନ୍ୟାୟ ଇତ୍ୟାଦି ଅନେକ ପଢ଼ି ଅଛନ୍ତି । ଆଇନ କାନୁନ ମଧ୍ୟ କିଛି କିଛି ଜାଣା । ତେଣୁ ଖୁବ୍ ଗୁଲାଖ ଲୋକ । ଏତେ ପଢ଼ି କଣ ହେବ, ଦାଶେ ଗୋଟିଏ ଛଦ୍ମବେଶଧାରୀ କପଟୀ ଓ ଚରିତ୍ରହୀନ ଲୋକ । ସବୁ ଶୁଣି ଶୁଣି ଦାଶେ ଦିନେ ସତ୍ୟପ୍ରିୟାଙ୍କୁ କହିଲେ — "ମହାଶୟା ! ମୋହର ହୃଦୟର କଥା ଓ ପ୍ରକୃତ ଇଚ୍ଛା ପ୍ରକାଶ କରିବାକୁ ସୁଯୋଗ ପାଇ ନ ଥିଲି । ତୁମ୍ଭର ଉପଦେଶ ଯୋଡ଼ିକ ମୋତେ ସମ୍ପୂର୍ଣ୍ଣ ସୁଯୋଗ ଦେଇଅଛି । ଅନୁମତି ଦେଲେ ପ୍ରକାଶ କରିବି ।" ସତ୍ୟପ୍ରିୟା କହିଲେ, "ଆନନ୍ଦର ସହିତ ଅନୁମତି ଦେଲି । ନିଃସଙ୍କୋଚରେ ପ୍ରକାଶ କର ।" ଅନୁମତି ପାଇ ସୁଦ୍ଧା ଦାଶେ ତାଙ୍କର ପାପ ଇଚ୍ଛା ପ୍ରକାଶ କରିବାକୁ ଇତସ୍ତତଃ ହେଉଥାନ୍ତି । ଅନେକ ସମୟ ପରେ ଦାଶେ ଡର ଡର ହୋଇ କହିଲେ — "ମହାଶୟା ! ତୁମ୍ଭ ସହିତ ସହବାସ କରିବାର ଇଚ୍ଛା ମୋ ହୃଦୟରେ ଅନେକ ଦିନରୁ ଜାଗ୍ରତ ହେଲାଣି । ସେହି ଇଚ୍ଛା ପୂରଣ ନ ହେବାରୁ ମୁଁ ବିଶେଷ ଦୁଃଖ ଅନୁଭବ କରୁଅଛି ।" ସତ୍ୟପ୍ରିୟା ପଣ୍ଡିତଙ୍କ କଥାରେ ବିଶେଷ ସନ୍ତୁଷ୍ଟ ହୋଇ କହିଲେ — "ତୁମ୍ଭେ ଅକପଟ ହୃଦୟରେ ତୁମ୍ଭର ହୃଦୟର କଥା ମୋ ନିକଟରେ ପ୍ରକାଶ କରିଅଛ, ଏଥିଲାଗି ମୁଁ ତୁମ୍ଭ ଉପରେ ବିଶେଷ ସନ୍ତୁଷ୍ଟ ହେଲି । ତୁମ୍ଭେ ମୋହର ଉପଦେଶ ବୁଝି ପାରିଅଛ । ସତ୍ୟ ମନୁଷ୍ୟର ଉନ୍ନତି-ପଥରେ ସର୍ବପ୍ରଥମ ସୋପାନ ଓ ଏକମାତ୍ର ଆଶ୍ରୟ ।

ତୁମ୍ଭେ ସତ୍ୟର ଆଶ୍ରୟ ନେଇଅଛ । ଏଣିକି ତୁମ୍ଭର ସଦ୍‌ଗତି ଆରମ୍ଭ ହେଲା । ଏଥିରେ ସନ୍ଦେହ ନାହିଁ । ତୁମ୍ଭେ କାଲି ଦିନ ୩ଟା ସମୟରେ ଉପସ୍ଥିତ ହୁଅ । ମୁଁ ତୁମ୍ଭର ଦୁଃଖ ଦୂର କରିବାକୁ ପ୍ରସ୍ତୁତ ରହିଥିବି ।" ଦାଶେ ଏକଥା ଶୁଣି ମହା ଆନନ୍ଦରେ ବିଦାୟ ନେଲେ । ଆଜି ସତ୍ୟ-ପ୍ରିୟାଙ୍କର ଆନନ୍ଦର ସୀମା ନାହିଁ । ସେ ସକାଳୁ ଉଠି ନିତ୍ୟକର୍ମ ସାରି ସବୁ ସାଧୁ ସନ୍ନ୍ୟାସୀଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଇ ଦେଲେ । ନିମନ୍ତ୍ରଣ ପତ୍ରରେ ଲେଖାଅଛି —

ମହାଶୟ,

ମୁଁ ଆଜି ମୋର ଜଣେ ପ୍ରଧାନ ଭକ୍ତ ପଣ୍ଡିତ ପରୀକ୍ଷିତ ଦ ଶଙ୍କର ଦୁଃଖ ଦୂର କରିବାର ସୁଯୋଗ ପାଇଅଛି । ଆଜି ଦିନ ଘ ୩ ଣ୍ଟା ସମୟରେ ମୋର ଏହି ଶୁଭ କାର୍ଯ୍ୟରେ ଉପସ୍ଥିତ ହୋଇ ସୁଖୀ କରାଇବେ । ଇତି ।

ଆପଣଙ୍କର

ଶ୍ରୀମତୀ ସତ୍ୟପ୍ରିୟା

ସାଧୁ ସନ୍ନ୍ୟାସୀମାନେ ନିମନ୍ତ୍ରଣ ପତ୍ର ପାଇଲେ । ଘର ଦ୍ୱାର ସବୁ ପରିଷ୍କୃତ ପରିଚ୍ଛନ୍ନ ହେଲା । ପଲଙ୍କ ସୁନ୍ଦର ଭାବରେ ସଜା ହେଲା । ସତ୍ୟପ୍ରିୟା ପଲଙ୍କ ଉପରେ ବସିଥାନ୍ତି, କବାଟ ଝରକାସବୁ ଖୋଲା ଥାଏ । ସାଧୁ ସନ୍ନ୍ୟାସୀମାନେ ଆସି ବାରଣ୍ଡାରେ ବସିଥାନ୍ତି । ଦାଶେ ନିରୂପିତ ସମୟରେ ଆସି ଉପସ୍ଥିତ ହେଲେ । ସତ୍ୟପ୍ରିୟା ଯେଉଁ ଘରେ ବସିଥିଲେ, ଦାଶେ ସେହି ଘରକୁ ପ୍ରବେଶ କଲେ । ପ୍ରବେଶ କଲାବେଳେ ଦାଶେ ଦୁଆର ଯୋଡ଼ିକ ଦୁଇ ପାଖରୁ ଧରି ବନ୍ଦ କରିବାକୁ ଯାଉଅଛନ୍ତି ଦେଖି, ସତ୍ୟପ୍ରିୟା ଚମକି ଉଠିଲେ ଓ କହିଲେ, "ଏ କଣ ? ଦ୍ୱାର ଖୋଲିଦିଅ । ବନ୍ଦ କରିବାର କୌଣସି ଆବଶ୍ୟକ ନାହିଁ । ଆଜି ଏହି ଶୁଭ ଦିନରେ ତୁମ୍ଭ ମନରେ ଏପରି ଦୁର୍ବଳତା ଆସୁଛି କାହିଁକି ? ତୁମ୍ଭ ମନରେ କୌଣସି ପାପଚିନ୍ତା ଅଛି କି ? ଏପରି ଶୁଭ ମୁହୂର୍ତ୍ତରେ ଶୁଭକାର୍ଯ୍ୟରେ ଭୟ କରିବାର କିମ୍ବା ଲଜ୍ଜା କରିବାର କୌଣସି କାରଣ ନାହିଁ ।" ଦାଶଙ୍କର ପାପ ଇଚ୍ଛା ଏପର୍ଯ୍ୟନ୍ତ ଦୂର ହୋଇ ନାହିଁ । ଦାଶେ ଆପଣେ ସତ୍ୟପ୍ରିୟାଙ୍କ କଥା ଅନୁସାରେ ଦ୍ୱାର ଖୋଲିଦେଇ ସତ୍ୟପ୍ରିୟା ବସିଥିବା ପଲଙ୍କ

ଆଉକୁ କିଛିଦୂର ଅଗ୍ରସର ନ ହେଉଣୁ ହଠାତ୍ ସତ୍ୟପ୍ରିୟଙ୍କ ଆଡ଼କୁ ଚାହିଁଦେବା ମାତ୍ରେ ସତୀର ସ୍ୱଚ୍ଛ ନିର୍ମଳ ଜ୍ୱଳନ୍ତ ଦୃଷ୍ଟି ନିକ୍ଷେପରେ ତାଙ୍କର ସମସ୍ତ ପାପଚିନ୍ତା ଓ ପାପଇଚ୍ଛା ସେହିଠାରେ ଦଗ୍ଧ ହୋଇଗଲା । ହାଣେ ତତ୍‌କ୍ଷଣାତ୍ ସର୍ବସମକ୍ଷରେ ସତ୍ୟପ୍ରିୟାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ—"ମା, ମୋତେ କ୍ଷମା ଦେଇ ପୁତ୍ରରୂପେ ଗ୍ରହଣ କର । ନାରୀଜାତି ମାତୃଜାତି—ଏ କଥା ମୁଁ ସ୍ପଷ୍ଟରୂପେ ବୁଝି ପାରିଛି । ମୋହର ଆଜ ଆଖି ଫିଟିଛି । ମୁଁ ମନେ କରୁଛି—ଆଜିଠାରୁ ମୁଁ ଜନ୍ମହେଲି ! ସତ୍ୟର ଆଶ୍ରୟ ନେଇଥିବାରୁ ମୋହର ପ୍ରକୃତ କଲ୍ୟାଣର ପଥ ଆଜିଠାରୁ ପରିଷ୍କାର ହେଲା । ମୁଁ ଆଜିଠାରୁ ସେହି ସତ୍ୟର ଆଶ୍ରୟ ନେଇ ଏକମାତ୍ର ସତ୍ୟପଥରେ ସେହି ସତ୍ୟସ୍ୱରୂପ ଭଗବାନଙ୍କ ନିକଟକୁ ଅଗ୍ରସର ହେବି ! ନାରୀମଙ୍ଗଳ-ସମିତିର ଉଦ୍ଦେଶ୍ୟଗୁଡ଼ିକ ଦେଖି ମୁଁ ଉପହାସ କରୁଥିଲି ଓ ସେହି ସମିତି ବିରୁଦ୍ଧରେ ଗୁଣ୍ଡାଆଡ୍ଡେ ପ୍ରଚାର କରି ବୁଲୁଥିଲି ; କିନ୍ତୁ ଆଜ ମୁଁ ଏହି ସମିତିର ମହତ୍ ଉଦ୍ଦେଶ୍ୟ ବୁଝି ପାରିଲି । ଉତ୍ତୁଣା ପ୍ରଥା ବିରୁଦ୍ଧରେ ସଂଗ୍ରାମ କରିବାକୁ ନାରୀଜାତି, ଓ ମାତୃଜାତି ଏ କଥା ଗ୍ରାମେ ଗ୍ରାମେ, ଘରେ ଘରେ ପ୍ରଚାର କରିବାକୁ ମୁଁ ଆଜିଠାରୁ ବାହାରିଲି । ଏହି ଅନିଷ୍ଟକାରୀ କଦର୍ଯ୍ୟ ଉତ୍ତୁଣା ପ୍ରଥାକୁ ସମୂଳେ ଧ୍ୱଂସ କରି ପାରିଲେ ଅନ୍ୟ ଚେଷ୍ଟା ।

# ନିରକ୍ଷରତା ଦୂରୀକରଣ

●

ସ୍ତ୍ରୀ ଓ ପୁରୁଷ ଉଭୟଙ୍କ ଦ୍ୱାରା ସଂସାର । ମିଳିତ ଦୁହିଁଙ୍କ ଚେଷ୍ଟାରେ ସଂସାର ନିର୍ବାହ ହୁଏ । ଗୋଟିଏ ପୁରୁଷ ଗୋଟିଏ ସ୍ତ୍ରୀକୁ ବିବାହ କରି ଆମ୍ଭେମାନେ ଗୋଟିଏ ଗୋଟିଏ ପରିବାର ବା କ୍ଷୁଦ୍ର କ୍ଷୁଦ୍ର ସଂସାର ସୃଷ୍ଟି କରନ୍ତି । ଏହିପରି କେତୋଟି ପରିବାର ମିଳି ଗୋଟିଏ ଗୋଟିଏ ସମାଜ ଗଠିତ ହୋଇଅଛି ଏବଂ ସମସ୍ତ ମାନବସମାଜ ଏହିପରି କେତୋଟି ସମାଜର ସମଷ୍ଟି ଅଟେ, ଅତଏବ ସ୍ତ୍ରୀ ଓ ପୁରୁଷ ଉଭୟଙ୍କର ଉପଯୋଗୀ ସୁଶିକ୍ଷା ଉପରେ ଏବଂ ପ୍ରତ୍ୟେକ ପରିବାରର ସୁଖଶାନ୍ତି ଉପରେ ସମସ୍ତ ମାନବସମାଜର ସୁଖଶାନ୍ତି ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି । ସ୍ତ୍ରୀ ଓ ପୁରୁଷ ଉଭୟ ସୁଶିକ୍ଷିତ ଥିଲେ, ବ୍ୟକ୍ତିଗତ ଜୀବନ ତଥା ପାରିବାରିକ ଜୀବନ ଓ ସାମାଜିକ ଜୀବନ ସୁଖକର ଓ ଶାନ୍ତିଦାୟକ ହୁଅନ୍ତା, ମାତ୍ର ଏପରି ମାହେନ୍ଦ୍ର ଯୋଗ ବର୍ତ୍ତମାନ ଯୁଗରେ ଖୁବ୍ ବିରଳ । ପୁରାଣମାନଙ୍କରୁ ଶୁଣାଯାଏ, ପୂର୍ବେ ପୁରୁଷ ଓ ସ୍ତ୍ରୀ ଉଭୟ ନିଜ ନିଜର ଉପଯୋଗୀ ସୁଶିକ୍ଷା ପାଇ ତଦନୁସାରେ ପାରିବାରିକ ଜୀବନ ଗଠନ କରୁଥିଲେ । କାଳକ୍ରମେ ନାରୀର ଶିକ୍ଷାପ୍ରତି ଲୋକେ ଉଦାସୀନ ହେଲେ । କାହିଁକି ହେଲେ ସେ ସବୁ କଥା ମୁଁ ଲେଖୁ ନାହିଁ । ସେ ଯାହାହେଉ, ସ୍ତ୍ରୀମାନେ ଅଶିକ୍ଷିତା ରହିଥିଲେ ସୁଦ୍ଧା ପୁରୁଷର ସୁଶିକ୍ଷାଦ୍ୱାରା ପାରିବାରିକ ଜୀବନରେ ସୁଖଶାନ୍ତି ଥିଲା । ତା ପରେ ଏହି ପଚିଶ ବର୍ଷ ମଧ୍ୟରେ ସୁଶିକ୍ଷା ପରିବର୍ତ୍ତେ ପୁରୁଷର କୁଶିକ୍ଷା ଆରମ୍ଭ ହେଲା ।

ଚାକିରି ଦ୍ୱାରା କମ୍ବା ପୁରୋହିତଗିରି ଦ୍ୱାରା ଅର୍ଥ ଉପାର୍ଜନ କରିବା ଅଭିପ୍ରାୟରେ ଯେଉଁ ଶିକ୍ଷା ତାକୁ ମୁଁ କୁଶିକ୍ଷା କହୁଅଛି । ଜୀବନ ଗଠନ ସହିତ ଏହି କୁଶିକ୍ଷାର କୌଣସି ସମ୍ବନ୍ଧ ରହିଲ ନାହିଁ । ପୁରୁଷର ଏହି କୁଶିକ୍ଷା ସଙ୍ଗେ ସଙ୍ଗେ ପାରିବାରିକ ଜୀବନରେ ଦୁଃଖ ଓ ଅଶାନ୍ତି ଆରମ୍ଭ ହେଲ । ପୂର୍ବର ଏକାନ୍ନବର୍ତ୍ତୀ ପରିବାର କ୍ରମେ କ୍ରମେ ଦେଶରୁ ଲୋପ ହେଲା । ମୁଁ ଡିପୋଟି, ମୁଁ ଜମିଦାର—ଏହି ଦୁଇପଦ ବ୍ୟକ୍ତିଙ୍କ କୌଣସି ପରିବାରରେ ପ୍ରକୃତ ସୁଖଶାନ୍ତି ରହିଲା ନାହିଁ । ଆଜି ଦେଖୁଛୁ ପୁରୁଷର କୁଶିକ୍ଷା ସଙ୍ଗେ ସଙ୍ଗେ ନାରୀର ମଧ୍ୟ କୁଶିକ୍ଷା ଆରମ୍ଭ ହେଲଣି । ଉଭୟଙ୍କର ଏହି କୁଶିକ୍ଷାର ବିଷମୟ ଫଳ କଅଣ ହେଲାଣି ଏବଂ ପରେ କଅଣ ହେବ, ସେ ବିଷୟରେ ମୁଁ କିଛି ଲେଖୁ ନାହିଁ । ମୋର କହିବାର ଉଦ୍ଦେଶ୍ୟ ଏହି କି, କେବଳ ଚାକିରି କରିବା ଅଭିପ୍ରାୟରେ କମ୍ବା ପୁରୋହିତଗିରି କରି ଚାରିପଇସା ରୋଜଗାର କରିବା ଅଭିପ୍ରାୟରେ ପୁରୁଷ ଯେପରି କୁଶିକ୍ଷା ପାଉଅଛି, ଏଣିକି ଚାକିରି ମିଳୁ ବା ନ ମିଳୁ, ପରୋହିତଗିରି ମିଳୁ ବା ନ ମିଳୁ, ପୁରୁଷ ପୂର୍ବପରି କୁଶିକ୍ଷା ପାଉଥାଉ ; ତାହା ସହ୍ୟ କରାଯାଇ ପାରେ ; ମାତ୍ର ଯେଉଁ ନାରୀଜାତି ଭାରତୀୟ ପରିବାରର ଲକ୍ଷ୍ମୀସ୍ୱରୂପା, ସମାଜର ଗୁରୁସ୍ୱରୂପା, ସେ ଆଜି ପେଟ ପାଇଁ, ଭୋଗ ବିଳାସରେ ଅହମିକା ଦେଖାଇବା ପାଇଁ ପର ଘରେ ଚାକିରି କରିବା ଅଭିପ୍ରାୟରେ ବି. ଏ., ଏମ୍. ଏ. ପାଶ କରିବାକୁ ଜୀବନର ଲକ୍ଷ୍ୟ କରିବ ଏହା ଭାରତ ପକ୍ଷରେ ଗୌରବର କଥା ନୁହେଁ ; ବରଂ ନିନ୍ଦାର କଥା । ସେଥିପାଇଁ କହୁଛି ନାରୀଜାତିର ନିରକ୍ଷରତା ଦୋଷ ସମ୍ପୂର୍ଣ୍ଣରୂପେ ଦୂର କରାଯାଉ ; ମାତ୍ର ସେମାନଙ୍କୁ ଭାରତର ଉପଯୋଗୀ ନିଜ ନିଜର ସାମାଜିକ ଓ ପାରିବାରିକ ଅବସ୍ଥାର ଉପଯୋଗୀ ସୁଶିକ୍ଷା ଦିଆଯାଉ । ସତ୍ୟ, ସରଳତା ଓ ପବିତ୍ରତା ଭାରତୀୟ ନାରୀର ପ୍ରଧାନ ସମ୍ବଳ ହେଉ । ଝିଅମାନଙ୍କୁ ଏହିସବୁ ଗୁଣରେ ଗୁଣବତୀ କରିବା ପାଇଁ ସ୍କୁଲ କଲେଜର କୌଣସି ଆବଶ୍ୟକ ନାହିଁ । ପିତା ମାତାଙ୍କର ଆଦର୍ଶ ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ଶିକ୍ଷିତା ଝିଅ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଗୋଟିଏ ଝିଅର ନିରକ୍ଷରତା ଦୋଷ ଦୂର କରିବାକୁ ପ୍ରତିଜ୍ଞା କରନ୍ତୁ । ଯେଉଁ ଝିଅର ନିରକ୍ଷରତା ଦୋଷ ଦୂର ହେଲା, ସେହି ଝିଅ ଅନ୍ୟ ଗୋଟିଏ ଝିଅର ନିରକ୍ଷରତା ଦୂର କରୁ । ଏହିପରି କଲେ ଖୁବ୍ ଅଳ୍ପଦିନ ମଧ୍ୟରେ ଓ ଅଳ୍ପ ଚେଷ୍ଟାରେ ନାରୀଜାତିର

ନିରକ୍ଷରତା ଦୋଷ ଦୂର ହୋଇ ପାରିବ । ତାହାଛଡ଼ା ବୟସ୍କା ଓ ଶିକ୍ଷିତା ବିଧବାମାନେ ନିଜ ଗ୍ରାମରେ ଗୋଟିଏ ଗୋଟିଏ ଶ୍ରେଷ୍ଠ ଶ୍ରେଷ୍ଠ ବିଦ୍ୟାଳୟ କରି ଝିଅବୋହୂଙ୍କର ନିରକ୍ଷରତା ଦୋଷ ଦୂରକରିବା ସଙ୍ଗେ ସଙ୍ଗେ ବିଧବାର ଜୀବନ ସାର୍ଥକ କରନ୍ତୁ । ଯେଉଁ ଝିଅମାନେ ବାପଘରେ ଲେଖି ପଢ଼ି ଜାଣି ନାହାନ୍ତି, ଶାଶୂଘରକୁ ଆସିବା ପରେ ସ୍ୱାମୀମାନେ ସେମାନଙ୍କର ନିରକ୍ଷରତା ଦୋଷ ଦୂର କରନ୍ତୁ ।

ଆଜ ଏହି ଯୁଗ ପରିବର୍ତ୍ତନ ବେଳେ "ଯାହା ହେବାର ହେଉଛି" ଏପରି ଅର୍ଥଶୂନ୍ୟ କଥା କହି କେହି କଳିଯୁଗ ଉପରେ, କେହି ଇଂରାଜ ରାଜତ୍ୱ ଉପରେ ଦୋଷାରୋପ କରି, ଅକର୍ମା ଶ୍ରେଣୀରେ ନାମ ଲେଖାଇ ଦୁଃଖଯନ୍ତ୍ରଣା ବରଣ କରନ୍ତୁ ନାହିଁ । ନାରୀଜାତି ସୁଶିକ୍ଷିତା ନ ହେବା ପର୍ଯ୍ୟନ୍ତ ଭାରତର ସ୍ୱାଧୀନତା ତଥା ସମସ୍ତ ମାନବ ସମାଜର ଭବିଷ୍ୟତ୍ କଲ୍ୟାଣ ସମ୍ପୂର୍ଣ୍ଣ ଅସମ୍ଭବ ।

## ଗହଣାରେ ଓ ନ୍ୟାୟ ନିମିତ୍ତରେ

# ଅଯଥା ଅପବ୍ୟୟ

●

ଗହଣା — ଆମ୍ଭେମାନେ ଏକୋଇଶିଆ ଦିନରୁ ପିଲାମାନଙ୍କୁ ଗହଣା ଦେବାକୁ ଆରମ୍ଭ କରୁଁ । ପିଲାଟିର ଖାଇବା ସକାଶେ ଦୁଧ ନାହିଁ, ଗାଈଟିଏ କିଣିବାକୁ ଘରେ ପଇସା ନାହିଁ । ଅଥଚ ଏଣେ ଏକୋଇଶିଆ ଦିନ ପିଲାଟି ପାଇଁ ଦୁଇ ଶଜ ଗହଣା ନ କଲେ ଓ ସାଇପଡ଼ିଶାଙ୍କୁ ମୁଠାଏ ଖାଇବାକୁ ନ ଦେଲେ ଲୋକେ କଅଣ କହିବେ ଏହି କଥା ଭାବି ମହାଜନ ଘରୁ ତିନିଟଙ୍କା ଦୁଇଅଣା ସୁଧରେ ଶହେଟି ଟଙ୍କା କରଜ ଆଣିଲ । ମହାଜନଙ୍କୁ କହିଆସିଲ, ସେ ଯେପରି ମୋର କରଜ ଆଣିଥିବା କଥା କାହାକୁ ନ କହେ, କାରଣ ଲୋକେ ଜାଣିଲେ ଘରର ଗୁମର ପଦାରେ ପଡ଼ିଯିବ ।

ତା ପରେ ପିଲାଟି ପାଇଁ ଖଣ୍ଡିଏ ହାର ଓ ଦୁଇଖଣ୍ଡି ଖଡ଼ କିଣିଲ ଓ ସାଇପଡ଼ୋଶୀ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ଭଲକରି ଖାଇବାକୁ ଦେଲ । ସେମାନେ ଯେତିକ ଖାଇଲେ ସେତିକ ପତରରେ ଛାଡ଼ିଲେ । ଖାଇପିଇ ମୋତେ ପ୍ରଶଂସା-ସମୁଦ୍ରରେ ବୁଡ଼ାଇ ଦେଇ ଚାଲିଗଲେ । ପ୍ରଶଂସା ଶୁଣି ମୁଁ ବଞ୍ଚି ଥାଉଁ ଥାଉଁ ସ୍ୱର୍ଗସୁଖ ଭୋଗକଲି ଏଣେ ପିଲାଟି ଦୁଧଟିକେ ନ ପାଇ ଅଳ୍ପଦିନ ପରେ ନାନା ବେରାମରେ ପଡ଼ି ଶୁଖି ଶୁଖି ମଲା । କହ ଦେଖି, ପିଲାଟି ସକାଶେ ଗାଈଟିଏ କିଣିବାର

ଆବଶ୍ୟକତା ବେଶୀ ନା ଗହଣା ଦୁଇଚଳ ଦେବାର ଆବଶ୍ୟତା ବେଶୀ ? ଅନ୍ଧକୁ ପଚାରୁ ସେ କହିବ, ଗାଈଟିର ଆବଶ୍ୟକତା ବେଶୀ ।

ଆମ୍ଭେମାନେ ଜନ୍ମଦିନରୁ ଏହିପରି ଜୀବନ ତମାମ ବାଛି ଦୁଡ଼ ଦୁଡ଼ ବଙ୍ଗାଳ ଚଳ୍ତୀ ନାଁ କଣିଲା ପରି ନାଁ କଣି କଣି ଗୁଲୁଛୁଁ । ଏକୋଇଶିଆ ପରେ କାନ ଫୋଡ଼ା, ତା' ପରେ ବିଦ୍ୟାରମ୍ଭ, ତା ପରେ ବ୍ରତ, ତାପରେ ବିବାହ, ତାପରେ ପୁଅଝିଅଘର, ତା ପରେ ତା ପୁଅ ପାଇଁ ପୁଣି ଏକୋଇଶିଆ ଓ ବାପ ମାଆଙ୍କ ପାଇଁ ବର୍ଷକୁ ବର୍ଷ ଶ୍ରାଦ୍ଧଘର। ଏହିପରି ଜୀବନ ତମାମ ଆମ୍ଭେମାନେ କେବଳ ନାଁ କଣିବାରେ ବ୍ୟସ୍ତ ; ମାତ୍ର ସେ ସମସ୍ତ ଦିନରେ ଆମ୍ଭମାନଙ୍କର ପ୍ରକୃତ କର୍ତ୍ତବ୍ୟ କଅଣ, ତାହା ଆମ୍ଭେମାନେ ପାଶୋରି ସାରିଛୁଁ ।

ଗହଣା ବାଲ୍ୟାବସ୍ଥାରୁ ପିଲାମାନଙ୍କ ମନରେ ଗର୍ବ ଅଣାଏ ଓ ଆପଣା ଆପଣା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରେ । ମୁଁ ମିଶ୍ରଘର ଝିଅ, ମୁଁ ଚଉଧୁରୀଘର ବୋହୂ, ମୁଁ ପ୍ରଧାନରାଜଙ୍କ ଭଣଜା, ମୁଁ ସାଆନ୍ତଙ୍କ ନାତି ଇତ୍ୟାଦି ନାଁ ସଙ୍ଗେ ସଙ୍ଗେ ଗହଣା—ଗର୍ବ ଯୋଡ଼ିହୋଇ ରହିଥାଏ ; ତେଣୁ ବାପମାଆମାନଙ୍କୁ ଅନୁରୋଧ ଯେ, ସେମାନେ ପିଲା-ମାନଙ୍କୁ ଗହଣା ଦେଇ ପବିତ୍ର ଶିଶୁଜୀବନ, ଅମୂଲ୍ୟ ମାନବଜୀବନକୁ ଭବିଷ୍ୟତପାଇଁ ନଷ୍ଟ ନ କରନ୍ତୁ । ଝିଅଟିମାନଙ୍କୁ ପିଲାଦିନରୁ ଗହଣା ଦେଇ ଅଫିମ ନିଶାପରି ଏହି ଗହଣା ନିଶା ଆଉ ଛାଡ଼ୁନାହିଁ ; ବରଂ ବଢ଼ୁଛି । ଏହି ଗହଣା ଯୋଗୁଁ କେତେ ପବିତ୍ର ଦାମ୍ପତ୍ୟଜୀବନ କଳଙ୍କିତ ହେଉଛି, କେତେ ଗୃହ ଉଜ୍ଜନ୍ନ ହେଉଛି, କେତେ ସ୍ତ୍ରୀ ନଷ୍ଟ ଚରିତ୍ରା ହେଉଅଛନ୍ତି । ଆମ୍ଭେମାନେ ଝିଅ ବୋହୂଙ୍କୁ ବେଶୀ ବେଶୀ ଗହଣାଦେଇ କହିଥାଉଁ, "ମୋ ଝିଅର ଠେକ୍ ରହୁ ।" ମୋ ବୋହୂକୁ କେହି ଗରିବ ଘର ଝିଅ ବୋଲି ନ କହୁ" ଆଃ କେଡ଼େ ସୁନ୍ଦର ବୁଦ୍ଧି !

କେହି କେହି ଯୁକ୍ତି କରି କହିଥାଆନ୍ତି – ସ୍ତ୍ରୀଲୋକମାନଙ୍କର ସମ୍ପତ୍ତି ନ ଥାଏ, ତେଣୁ ଗହଣା ଦୁଇଚଳ କରିଥିଲେ ସ୍ୱାମୀ ମଲା ପରେ ସେହି ଗହଣା ତାହାର କାର୍ଯ୍ୟରେ ଆସିବ । ଏହିପରି ଲୋକଙ୍କୁ ଉତ୍ତର ଦ୍ୱାରା ସନ୍ତୁଷ୍ଟ କରିବା ଅସମ୍ଭବ । ତେବେ ଏତିକି ପଚାରୁଛି—ସେମାନେ

ଅନୁଗ୍ରହ କରି ନିଜ ନିଜର ସ୍ତ୍ରୀ, ଝିଅ, ବୋହୂମାନଙ୍କୁ ପଚାରନ୍ତୁ—ସେମାନେ କି ଉଦ୍ଦେଶ୍ୟରେ ଗହଣା ପିନ୍ଧିଅଛନ୍ତି ? ସେମାନଙ୍କଠାରୁ ଯେଉଁ ଉତ୍ତର ମିଳିବ, ତାହାହିଁ ପ୍ରକୃତ ଉତ୍ତର ।

ଆଜିକାଲି କେହି ମୋଫସଲରୁ ସହରକୁ ଆସିଲେ ତାଙ୍କୁ ପ୍ରଥମେ ରୂପା ଗହଣା ବଦଳରେ ସୁନା ଗହଣା କରିବାକୁ ହୁଏ ।

ମୋର ଜଣେ ବନ୍ଧୁଙ୍କ ସ୍ତ୍ରୀ ଅଳ୍ପଦିନ ହେଲା କଟକ ଆସିଥାଆନ୍ତି । ତାଙ୍କର ସୁନାଗହଣା ବଣିଆ ଦେଇ ନଥାଏ, ଏହି ସମୟରେ ଅକସ୍ମାତ୍ ତାଙ୍କର ଅନ୍ୟ ଜଣେ ସୁନା ଗହଣା ପିନ୍ଧା ବନ୍ଧୁ ତାଙ୍କ ଘରକୁ ଆସିଲେ । ସେ ସୁନାଗହଣା ପିନ୍ଧା ବନ୍ଧୁଙ୍କୁ ଦେଖା କରି ନପାରି ଘରେ ଲୁଚି ରହିଲେ । ତିନି ଚାରି ଦିନପରେ ବଣିଆ ଗହଣା ଦେଲାରୁ ସୁନା ଗହଣା ପିନ୍ଧି ସେହି ବନ୍ଧୁଙ୍କ ଘରକୁ ଗଲେ । ଏହିପରି କେତେ ଅଭିନୟ ପ୍ରତି-ଘରେ ଲାଗିଛି । ସମାନକୁ ସମାନ ନ ହେଲେ ମାନ ତଳେ ପଡ଼ିଯିବ । ଗହଣା ଯେପରି ଗୋଟିଏ ସଦ୍‌ଗୁଣ । ମାଆମାନେ ! ଗହଣା ଗଢ଼ିବାଦ୍ୱାରା ସ୍ୱାଭାବିକ ସୌନ୍ଦର୍ଯ୍ୟ ନଷ୍ଟ ହୁଏ । "ସରଳତା ହିଁ ପ୍ରକୃତ ସୌନ୍ଦର୍ଯ୍ୟ" ।

ନ୍ୟାୟ ନିମିତ୍ତ—ଜଣେ ଗରିବ ବ୍ରାହ୍ମଣ ନିଜର ବନ୍ଧୁ ଘରୁ ଗୋଟିଏ ୮ । ୯ ବର୍ଷର ପିଲାକୁ ପୋଷ୍ୟପୁତ୍ର କରି ଆଣି ତାର ଉପନୟନ କରୁଥାନ୍ତି । ଖୁବ୍ ସମାରୋହରେ କାର୍ଯ୍ୟ ଚାଲିଥାଏ । ମୁଁ ଉପନୟନ କାର୍ଯ୍ୟ ସମୟରେ ଅକସ୍ମାତ ସେଠାରେ ପହଞ୍ଚିଲି । କାର୍ଯ୍ୟକର୍ତ୍ତା ମୋତେ ଆମନ୍ତ୍ରଣ କଲେ । ମୁଁ ଯାଇ ହୋମ ନିକଟରେ ବସିଲି । ଦେଖିଲି—ବ୍ରାହ୍ମଣମାନେ ଉଚ୍ଚସ୍ୱରରେ ମନ୍ତ୍ର ପଢ଼ି ଘିଅ ପୋଡ଼ୁଥାନ୍ତି । ଏଣେ ଅଳ୍ପ ଦୂରରେ ମାଛସବୁ ଧୂଆ ହେଉଥାଏ ଓ ବସ୍ତ୍ର ଲାଗିଥାଏ ଆଇଁଷ ଦୁର୍ଗନ୍ଧରେ ସେଠି ଆଉ ବସି ହେଲା ନାହିଁ । ଘିଅର ପବିତ୍ର ଗନ୍ଧ ସହିତ ମାଛର ଗନ୍ଧ କପରି ଘୃଣ୍ୟ ତାହା ଅନୁଭବୀ ମାନେ ଜାଣନ୍ତି । ଆଉ କଣ କହିବି ?

ତା ପରେ ଯାହା ଖାଇବାକୁ କରିଥିଲେ, ତାହା ଗ୍ରାମର ସବୁଠାରୁ ଧନୀଲୋକ ସୁଦ୍ଧା କରନ୍ତି ନାହିଁ । ବାଜା, ରୋଷନି ଧୂମ୍‌ଧାମ୍‌ରେ ମୁଁ ସେଦିନ ଆଉ ଶୋଇ ପାରିଲି ନାହିଁ । ଖାଇବା ବେଳେ, ଦେବା,

ନେବାବେଳେ ଲୋକଟିର ସାବାସର ସୀମା ରହିଲା ନାହିଁ । ସମସ୍ତେ କ୍ଷଣକ ପାଇଁ ଧନ୍ୟ ଧନ୍ୟ କରିଦେଲେ ; ମାତ୍ର ମୁଁ ପରେ ଶୁଣିଲି ସେ ଲୋକଟିର ମୋଟେ ଦୁଇ ତିନ ମାଣ ଜମି ସମ୍ପତ୍ତି । ସେ ସେଥିରୁ କେତେ ଗୁଣ୍ଠ ବିକ୍ରୟ କରିଛି ଓ କେତେକ ବନ୍ଧକ ଦେଇଛି । ଏପରି ପ୍ରାୟ ୩୦୦ଟଙ୍କା ଯାଏ କରଜ ଆଣି ଜାକଜମକରେ ବ୍ରତଘର କରୁଛି ।

ସ୍ଥାନୀୟ ମାଇନର ସ୍କୁଲରେ ପିଲାଟିର ନାମଲେଖା ହୋଇଥାଏ, ଅଥଚ ସ୍କୁଲରେ ଦରମା ଦେବାକୁ ପଇସା ନାହିଁ । ପିଲାଟି ଯଦି ସ୍କୁଲରେ ପାଠପଢ଼ି କଚେରିରେ ପର ଘରେ ଚାକିରୀ କରିବ କିମ୍ବା ତେଲ ଲୁଣ ଦୋକାନ କରି ପେଟ ପୋଷିବ, ତେବେ ଗୁରି ପାଞ୍ଚଟଙ୍କାରେ ସରଳ ଭାବରେ ବ୍ରତଘର ନ କରି ଏତେ ଆଡ଼ମ୍ବର ଓ ଏତେ ଯାଗଯଜ୍ଞର ପ୍ରୟୋଜନ କଅଣ ?

ମେଲେରିଆ ଜରରେ ପିଲାଟିର ପେଟରେ ପ୍ଲୀହା, ଗାଲ ଶୁଖି ଗଲାଣି । ଦୁଧ ଘିଅ ପାଇବା ତ ଦୂରର କଥା, ଔଷଧ ଖାଇବାକୁ କିମ୍ବା ମଶାରି ଖଣ୍ଡିଏ କିଣିବାକୁ ଘରେ ପଇସା ନାହିଁ । କୁହନ୍ତୁ ଦେଖି, ବାପର ଏ ସବୁ ସଦ୍‌ବ୍ୟୟ ନା ଅପବ୍ୟୟ ? ଏହା ପୁଅ ପ୍ରତି ବାପର କର୍ତ୍ତବ୍ୟ ନା ଅକର୍ତ୍ତବ୍ୟ ? ଏପରି ଅବସ୍ଥାରେ ପୁରି, କ୍ଷୀରି, ମାଛତରକାରି ଖାଇ ବିଚରା ଗରିବ ବ୍ରାହ୍ମଣକୁ ପ୍ରଶଂସାର ଭୁଜ୍ଞ ମୋହରେ ପକାଇ ସର୍ବନାଶ କରିବା ଆମ୍ଭମାନଙ୍କର ତଥା ଜ୍ଞାତିକୁଟୁମ୍ବଙ୍କର କର୍ତ୍ତବ୍ୟ ନା ଅକର୍ତ୍ତବ୍ୟ ? ହୃଦୟବାନ୍, ବିବେକବାନ୍ ସଭ୍ୟ ଶିକ୍ଷିତ ବ୍ୟକ୍ତିମାନଙ୍କର ଏହିସବୁ ଅପବ୍ୟୟ ଦେଖି ଉଦାସୀନ ରହିବା ନ୍ୟାୟ ନା ଅନ୍ୟାୟ ? କେହି କେହି ଯୁକ୍ତି କରି କହନ୍ତି, ଯାହାର ପଇସା ଅଛି ସେ ଗହଣା କିଣି ପିନ୍ଧୁ ଓ ନ୍ୟାୟ ନିମିତ୍ତରେ ଯଥେଷ୍ଟ ଖର୍ଚ୍ଚ କରୁ । ସେହି ଅର୍ଥରେ କେତେ ମୂଲିଆ ମୂଲ ପାଇବେ, କେତେ ଲୋକଙ୍କୁ କେତେ ରୋଜଗାର ମିଳିବ । ନିଜର ଗର୍ହିତ କାର୍ଯ୍ୟକୁ ସମର୍ଥନ କରିବାପାଇଁ ଏମାନେ ଏହିପରି ଯୁକ୍ତି କରନ୍ତି । ଆମର ଏହି ଆଦର୍ଶରୁ ଓ ଏହି ଯୁକ୍ତିରୁ ଦେଶର ଆଜ ଏହି ଦୁରବସ୍ଥା ।" ଦେଶର ଦୁରବସ୍ଥା ଅନୁଭବ କରି ନ ପାରନ୍ତି ଉତ୍କଳର ଦାରିଦ୍ର୍ୟ ଦୁଃଖ ଅନୁଭବ କରି ନ ପାରନ୍ତି ; କିନ୍ତୁ ନିଜର

ଗ୍ରାମର ଦୁରବସ୍ଥା—ପ୍ରତି ପରିବାରର ଦୁରବସ୍ଥା। ସ୍ୱଚକ୍ଷୁରେ ଦେଖି ସୁଦ୍ଧା ଚୈତନ୍ୟ ଉଦୟ ହେଉନାହିଁ—ଏହାହିଁ ଦୁଃଖର କଥା ।

ଏହି ଅଳ୍ପ କେତେ ବର୍ଷ ମଧ୍ୟରେ ପ୍ରତ୍ୟେକ ଗ୍ରାମରୁ ବିଶେଷତଃ ପ୍ରତ୍ୟେକ ବ୍ରାହ୍ମଣଶାସନରୁ କେତେ ପରିବାର ଲୋପ ହେଲଣି । ଆଉ ଯେଉଁ କେତୋଟି ଅସ୍ଥିକଙ୍କାଳସାର ପରିବାର ରହିଛି, ତାହା କ୍ରମେ କ୍ରମେ ଲୋପ ହେବାକୁ ବସିଲାଣି । ଯେଉଁ ଅଳ୍ପ କେତେଜଣ ପାଠ ପଢି ଚାକିରି କରି, ଘୁଷ୍ ନେଇ, ଗହଣାରେ ଓ ନ୍ୟାସ୍ତୁନିମିତ୍ତରେ ଆଡ଼ମ୍ବର ଦେଖାଇ ସେହି ଦରିଦ୍ରଙ୍କ ଆଗରେ ଛାତି ଫୁଲେଇ ବାଟ ଚାଲନ୍ତି, ସେମାନେ ପ୍ରତିବେଶୀମାନଙ୍କର ଦୁରବସ୍ଥା ବିଷୟରେ ଉଦାସୀନ ରହିବା ସ୍ୱାଭାବିକ ; କିନ୍ତୁ ସେମାନଙ୍କର ଏହି ଆଦର୍ଶରେ ସେମାନଙ୍କର ନିଜର ପୁଅ ନାତିଙ୍କର ଅବସ୍ଥା କଅଣ ହେବ, ଥିରେ ଭାବନ୍ତୁ ।

# ଯାଏ ଜବାବ ଓ ପୁଅ ବିକ୍ରି

### ବା

# ଜୋଇଁ ଖରିଦ ପ୍ରଥା

ବିବାହ ପୂର୍ବରୁ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ଦେବା ଓ ନେବାର ଯେଉଁ ଚୁକ୍ତି ହୁଏ, ତାହାର ନାମ ଯାଏଜବାବ । "ମୁଁ ଜମିଦାର", "ମୁଁ ମହାଜନ", "ମୋ ପୁଅ ବି.ଏ."; ତେଣୁ ମୋ ପୁଅ ତୁମ ଝିଅକୁ ବିବାହ କଲେ ମୁଁ ନଗଦ ଏତେ ଟଙ୍କା ଓ ଏତେ ଭରି ସୁନାଗହଣା ନେବି । ଏହାର ନାମ ପୁଅ ବିକି । ମୁଁ ଗରିବ ହୁଏ ପଛକେ ମୋ ଝିଅ ଜମିଦାର ଘର ବୋହୂ ହେବ, ଡିପୋଟି ବାବୁଙ୍କ ସ୍ତ୍ରୀ ହେବ— ଏହି ଆଶାରେ କନ୍ୟାପିତା ବରପିତାକୁ ଟଙ୍କା ଓ ଗହଣାର ଲୋଭ ଦେଖାଇ ବିବାହ ପ୍ରସ୍ତାବ ସ୍ଥିର କରିବାର ନାମ ଜୋଇଁ ଖରିଦ ପ୍ରଥା ।

ବର ପକ୍ଷର ଲୋଭରୁ ଏବଂ କନ୍ୟା ପକ୍ଷର ଅନ୍ଧତା ଦୋଷରୁ ଏହି ସବୁ କଦର୍ଯ୍ୟ ପ୍ରଥାର ଉତ୍ପତ୍ତି ହୋଇଅଛି ଏବଂ ଆଧୁନିକ କୁଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ତାହା କ୍ରମେ କ୍ରମେ ବୃଦ୍ଧି ପାଉଅଛି । ଏହି କୁତ୍ସିତ ପ୍ରଥାର ଫଳରୁ ପୁଅ-ଝିଅମାନେ ଯଥା ସମୟରେ ବିବାହ କରି ନ ପାରି ଯୌବନ ଆରମ୍ଭରେ ବିପଥଗାମୀ ହେଉଅଛନ୍ତି । ଯାହାର ତିନି ଚାରୋଟି ଝିଅ ଅଛନ୍ତି, ସେ ବିଚରା ଜୋଇଁ ଖରିଦ୍ କରି କରି ସର୍ବସ୍ୱାନ୍ତ ହେଉଅଛି । ଏତିକି ନୁହେଁ ଏହି କୁତ୍ସିତ ପ୍ରଥାର ଫଳରୁ ଆଜି ପୂର୍ବର

ପ୍ରକୃତ ବନ୍ଧୁତା ବା ବନ୍ଧୁସ୍ନେହ ସମାଜରୁ ଲୋପ ହୋଇ ଆଜକାଲିକାର ନକଲି ବନ୍ଧୁତା କେବଳ ଦେବା ନେବା ଉପରେ, ନିଜ ନିଜର ଅହମିକା ଉପରେ ଓ ପ୍ରତିଯୋଗିତା ଉପରେ ପ୍ରତିଷ୍ଠିତ ହୋଇଅଛି । ସରଳତା ଓ ପବିତ୍ରତା ଉପରେ ପ୍ରତିଷ୍ଠିତ ପବିତ୍ର ଦାମ୍ପତ୍ୟ-ପ୍ରେମ ଆଜି କେବଳ କଣାକଡ଼ା ବ୍ୟବସାୟ ଉପରେ ପ୍ରତିଷ୍ଠିତ ହୋଇ ବ୍ୟଭିଚାରରେ ପରିଣତ ହୋଇଅଛି । କି ବ୍ରାହ୍ମଣ, କି କରଣ, କି ମୁସଲମାନ, କି ଖ୍ରୀଷ୍ଟାନ ସମସ୍ତେ ଏହି କୁତ୍ସିତ ପ୍ରଥାର ବିଷମୟ ଫଳ ଅନୁଭବ କଲେଣି । ଏହି କୁତ୍ସିତ ପ୍ରଥାର ବିରୁଦ୍ଧରେ କେତେ ଲୋକ କେତେ କଥା ଲେଖିଲେଣି, କେତେ ବକ୍ତୃତା ଦେଲେଣି ; କିନ୍ତୁ କେହି ଏ ଦିଗରେ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେଲା ପରି ବୋଧ ହେଉ ନାହିଁ । ସମାଜର ମଙ୍ଗଳ ପାଇଁ, ବିବାହର ପବିତ୍ରତା ରକ୍ଷା କରିବା ପାଇଁ ଲୋଭ ସମ୍ବରଣ କରିବା ସାଧାରଣ ପକ୍ଷରେ ସହଜ ନୁହେଁ । ତେଣୁ ବକ୍ତୃତାଦ୍ୱାରା କିମ୍ବା ବହି ଲେଖିବାଦ୍ୱାରା କୌଣସି ଉପକାର ହେବ ନାହିଁ । ପ୍ରତ୍ୟେକ ଜାତିରୁ କିମ୍ବା ପ୍ରତ୍ୟେକ ସମାଜରୁ ଦଶ ଜଣ ଲୋକ ଏହି ପ୍ରଥା ବିରୁଦ୍ଧରେ ନିର୍ଭୀକ ଭାବରେ ଅଗ୍ରସର ହେବା ଆବଶ୍ୟକ ଏବଂ ଅଗ୍ରସର ହେବା ପୂର୍ବରୁ ନିମ୍ନଲିଖିତମତେ ଦୃଢ଼ସଂକଳ୍ପ କରିବା ଆବଶ୍ୟକ । କେବଳ ଏହି ପ୍ରଥା ବିରୁଦ୍ଧରେ କାହିଁକି, ଯେ କୌଣସି କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିବାକୁ ହେଲେ ପ୍ରଥମେ ଦୃଢ଼ସଂକଳ୍ପ ଏକାନ୍ତ ଆବଶ୍ୟକ ।

୧ । ଝିଅଟି ବରଂ ଅବିବାହିତା ରହିଯିବ, କୌଣସି ପ୍ରକାର ଯାଏ-ଜବାବ କରିବ ନାହିଁ ।

୨ । ଝିଅକୁ ବରଂ ଅନ୍ୟ ଦେଶରେ ଓ ଅନ୍ୟ ଜାତିରେ ବିବାହ ଦେବ, ଜୋଇଁ ଖରିଦ୍ କଦାପି କରିବ ନାହିଁ । ଯେଉଁ ଜୋଇଁ ଟଙ୍କା ଦାବି କରେ କିମ୍ବା ଟଙ୍କା ଆଶା କରେ, ତାକୁ କୁକୁର ବୋଲି ଘୃଣା କରିବ ।

୩ । ଝିଅଟି ବରଂ କୌଣସି ସଦ୍‌ଗୁଣସମ୍ପନ୍ନ ଗରିବ ଘରେ ଶାଗଭାତ ଖାଇ ସୁଖ ଶାନ୍ତି ପାଇବ ; କିନ୍ତୁ ଯେଉଁ ଧନୀ ଲୋକ କିମ୍ବା ତଥାକଥିତ ଶିକ୍ଷିତ ଲୋକ ବିବାହ ପୂର୍ବରୁ ଯାଏଜବାବ କରି ଟଙ୍କା ଓ ଗହଣା ଦାବି କରେ, ସେପରି ନିର୍ଲଜ୍ଜ ସମାଜଦ୍ରୋହୀ କଂସେଇ ଘରେ

ଝିଅର ସୁଖଶାନ୍ତି ଆଶା କରିବା ନିର୍ବୋଧତାର କାର୍ଯ୍ୟ । ଏପରି ଲୋକଙ୍କୁ ଟଙ୍କା ଦେଇ ଝିଅଟି ପାଇଁ ଦୁଃଖ ଓ ଅଶାନ୍ତି ବରଣ କରିବା ଅପେକ୍ଷା ସେହି ଟଙ୍କାରେ କୌଣସି ସଦ୍‌ଗୁଣସମ୍ପନ୍ନ ବ୍ୟକ୍ତିର ସମ୍ମାନ କରିବା ଶତଗୁଣେ ଶ୍ରେୟସ୍କର ।

ବିବାହର ପବିତ୍ରତା ଉପରେ ମାନବ-ସମାଜର ସ୍ୱରାଜ ବା ପ୍ରକୃତ କଲ୍ୟାଣ ସମ୍ପୂର୍ଣ୍ଣ ନିର୍ଭର କରୁଅଛି । ଦେଶର ଓ ସମାଜର ମଙ୍ଗଳ ପାଇଁ ଯଦି ଏତିକି ତ୍ୟାଗ ସ୍ୱୀକାର କରିବାକୁ ଏବେ ଭୟ, ତେବେ ସ୍ୱରାଜ ପାଇଁ ଚେଷ୍ଟା କରିବା ନିରର୍ଥକ ଓ ନିଷ୍ପ୍ରୟୋଜନ ।

ବିବାହପରି ପବିତ୍ର ସମ୍ବନ୍ଧକୁ କଳଙ୍କିତ କରି, କଣା ବିକା ବ୍ୟବସାୟରେ ପରିଣତ କରି, ଭବିଷ୍ୟତ୍ ସମାଜର କଳଙ୍କ ହୋଇ ବିବାହରେ ଆଡ଼ମ୍ବର ଦେଖାଇବା ନିର୍ବୋଧତାର ପରିଚୟ, ନିନ୍ଦାର କଥା; ବୁଦ୍ଧିମାନର କାର୍ଯ୍ୟ ନୁହେଁ କିମ୍ବା ପ୍ରଶଂସାର କଥା ନୁହେଁ । ଏପରି ନିନ୍ଦିତ କାର୍ଯ୍ୟ କରି ମଧ୍ୟ ଯଦି ସମାଜର ପ୍ରଶଂସାଭାଜନ ହେବାକୁ ଇଚ୍ଛା କରନ୍ତି, ଏହି ଗର୍ହିତ ପାପରୁ ମୁକ୍ତ ହେବାକୁ ଇଚ୍ଛା କରନ୍ତି, ତେବେ ଏହି ଅର୍ଥରୁ ସାମାନ୍ୟ କିଛି ନ ଗ୍ରାମଙ୍ଗଳ ଅନୁଷ୍ଠାନ ପାଇଁ କିମ୍ବା କୌଣସି ଜୀବର ସେବା କାର୍ଯ୍ୟରେ ଦାନ କରନ୍ତୁ । କେବଳ ଏତିକି କରି ପାରିଲେ ଏହି ଅଳ୍ପଦିନ ମଧ୍ୟରେ ଏହି କୁତ୍ସିତ ପ୍ରଥା ଧ୍ୱଂସ ହେବା ସଙ୍ଗେ ସଙ୍ଗେ ଦେଶର ମହୋପକାର ସାଧିତ ହେବ ।

# ଅନ୍ୟାଯ୍ୟ ବୈଧବ୍ୟ

# ଓ

# ବାଧ୍ୟତାମୂଳକ ବୈଧବ୍ୟ

# ବିରୁଦ୍ଧରେ ସଂଗ୍ରାମ

●

ଦୂର୍ବାକ୍ଷତ କର୍ମ ବା ପ୍ରକୃତ ବିବାହ କର୍ମ ସାରି ନଥିବା କନ୍ୟାର ବର ମରିଗଲେ ସେପରି କନ୍ୟା ବର ପାଇଁ ମୃତାଶୌଚ ଓ ବୈଧବ୍ୟ ବ୍ରତ ଅନେକ ଦିନ ହେଲା ପାଳି ଆସୁଥିବା ପ୍ରଥା ସମ୍ପୂର୍ଣ୍ଣ ଅଶାସ୍ତ୍ରୀୟ ଓ ଅଯୌକ୍ତିକ, ଏହି କଥା ବୁଝାଇ ଦିଆଯାଇ ସେପରି କନ୍ୟାକୁ ବାଳବିଧବା ନାମ ପରିବର୍ତ୍ତେ ବିବଗ୍ଧା ନାମ ଦିଆଯାଇଅଛି ଏବଂ ଏହି ଦଶବର୍ଷ ମଧ୍ୟରେ ସେହି ବିବଗ୍ଧା ନାମରେ ଉତ୍କଳର ବିଭିନ୍ନ ସ୍ଥାନରେ ସହସ୍ରାଧିକ ବିବଗ୍ଧା-ବିବାହ ହୋଇଯାଇଅଛି ; ମାତ୍ର ଦୁଃଖର କଥା, ଅଭିଭାବକମାନଙ୍କର ଅଜ୍ଞତା ଦୋଷରୁ ଏ ପର୍ଯ୍ୟନ୍ତ ବିବଗ୍ଧାମାନେ ଅନେକ ସ୍ଥଳରେ ବର ପାଇଁ ପୂର୍ବପରି ମୃତାଶୌଚ ପାଳୁଅଛନ୍ତି ଓ ବିବାହ କରିବାର ସୁଯୋଗ ମିଳିବା ପର୍ଯ୍ୟନ୍ତ ବୁଢ଼ୀ ବିଧବାମାନଙ୍କ ପରି ବୈଧବ୍ୟ ବ୍ରତ ମଧ୍ୟ ପାଳୁଅଛନ୍ତି ଏବଂ ବିବାହ କରିବାର ସୁଯୋଗ ପାଇଲେ ସେହି ବିବାହକୁ ବିଧବା-ବିବାହ ମନେ କରି ଅଧିକାଂଶ ସ୍ଥଳରେ ଦୋବେଇ ସ୍ୱାମୀକୁ ବିବାହ କରି ନିଶ୍ଚେଷ୍ଟ ଓ ନିଶ୍ଚିନ୍ତ ରହି ଅଛନ୍ତି ।

ବିଦ୍ୱାମାନେ ବିଧବା ନୁହନ୍ତି ଏବଂ ଶାସ୍ତ୍ରୋକ୍ତ ବାଳବିଧବା ଓ ଅକ୍ଷତଯୋନି ବିଧବା କେଉଁମାନେ, ଏ କଥା ମୁଁ "ବାଳବିଧବା ବିବାହ" ବହିରେ ବୁଝାଇ ଦେଇଥିଲେ ସୁଦ୍ଧା ଏତେ ଦିନର ବଦ୍ଧମୂଳ ଭ୍ରାନ୍ତ ଧାରଣା ଓ ଦେଶାଚାର ଏତେ ଶୀଘ୍ର ଦୂର ହେବା ଆମ ଅନ୍ଧ ସମାଜ ପକ୍ଷରେ ସହଜ ନୁହେଁ ଜାଣି ଆଜ ଆଉ ଥରେ ସେହି କଥା ସଂକ୍ଷେପରେ ଲେଖିବାକୁ ଆବଶ୍ୟକ ମନେ କଲି ।

ବେଦୋକ୍ତ ଷୋଳ ସଂସ୍କାର ମଧ୍ୟରେ ବିବାହ ଗୋଟିଏ ସଂସ୍କାର ଏବଂ ଗର୍ଭାଧାନ ଅନ୍ୟ ଗୋଟିଏ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସଂସ୍କାର । ସ୍ୱାମୀ ଓ ସ୍ତ୍ରୀ ଭାବରେ ସମ୍ବନ୍ଧ ସ୍ଥାପନର ନାମ ବିବାହ-ସଂସ୍କାର ଏବଂ ସନ୍ତାନ ଉତ୍ପାଦନ ପାଇଁ ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନର ନାମ ଗର୍ଭାଧାନ ସଂସ୍କାର ।

ବୈଦିକ ଯୁଗରେ ଯୁବକ ସହିତ ଯୁବତୀର ବିବାହ-ସଂସ୍କାର କରାଯାଉଥିଲା । ସେହି ବିବାହ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଥିଲା । ବିବାହ କରିବାର କିଛି ଦିନ ପରେ କେହି ବର୍ଷେ, କେହି ଦୁଇବର୍ଷ ପରେ ସେହି ସ୍ୱାମୀ ଓ ସ୍ତ୍ରୀ ସନ୍ତାନ ଉତ୍ପାଦନ କରିବାକୁ କର୍ତ୍ତବ୍ୟ ବୋଧକଲେ କିମ୍ବା ଅନ୍ୟ ଗୋଟିଏ ଜୀବକୁ ଅଭ୍ୟର୍ଥନା କରି ଆଣିବାକୁ ନିଜକୁ କ୍ଷମ ମନେ କଲେ ସେମାନଙ୍କୁ ଗର୍ଭାଧାନ ସଂସ୍କାର ବୋଲି କର୍ମଟିଏ କରିବାକୁ ହେଉଥିଲା । ବୈଦିକ ଯୁଗ ପରେ ଏପରି ସମୟ ଆସିଲା ଯେ, ପୁଅ ଝିଅମାନଙ୍କୁ କନ୍ୟାଦାନ ଓ ଦୂର୍ବାକ୍ଷତ ପ୍ରଥାରେ ବିବାହ ଦେବା ଆବଶ୍ୟକ ହେଲା । ପ୍ରାପ୍ତବୟସ୍କ ହେବା ପୂର୍ବରୁ ଝିଅଟି ପାଇଁ ଉପଯୁକ୍ତ ବରପାତ୍ରଟିଏ ଏବଂ ପୁଅଟି ପାଇଁ ଯଥାଯୋଗ୍ୟା ଝିଅଟିଏ ସ୍ଥିର କରିବା କନ୍ୟାଦାନ କର୍ମର ଉଦ୍ଦେଶ୍ୟ ରହିଲା ଏବଂ ଦୂର୍ବାକ୍ଷତ କର୍ମକୁ ବିବାହ-ସଂସ୍କାର ବୋଲି ଗ୍ରହଣ କରାଯାଉଥିଲା । ବିବାହ-ସଂସ୍କାର କିମ୍ବା ଦୂର୍ବାକ୍ଷତ କର୍ମ ପରେ, ମାତ୍ର ପ୍ରଥମ ଗର୍ଭାଧାନ ସଂସ୍କାର ପୂର୍ବରୁ ସ୍ୱାମୀର ମୃତ୍ୟୁ ହେଲେ ସେହି ସ୍ତ୍ରୀକୁ ଅକ୍ଷତଯୋନି ବିଧବା କୁହାଯାଉଥିଲା ଏବଂ ଅବିବାହିତା ଝିଅପରି ଗ୍ରହଣ କରାଯାଇ ବଶିଷ୍ଠଙ୍କର "ପୁନଃସଂସ୍କାର-ମର୍ହତି" ଏହି ବ୍ୟବସ୍ଥା ଅନୁସାରେ ପୁନର୍ବିବାହ ଦିଆଯାଉଥିଲା । ଦୂର୍ବାକ୍ଷତ କର୍ମ ପୂର୍ବରୁ ବରଟି ମରିଗଲେ "କୁମାରୀ ପିତୁରେବ ସା" ଏହି ବ୍ୟବସ୍ଥା ଅନୁସାରେ ସେହି ବିଚରା ଝିଅଟି କୁମାରୀ ଭାବରେ ବାପର

ଅଧିକାରରେ ରହୁଥିଲା ଏବଂ ଝିଅଟି ଋତୁମତୀ ହୋଇ ନ ଥିଲେ "ଅନ୍ୟସ୍ମୈ ବିଧିବତ୍ ଦେୟା" ଏହି ବ୍ୟବସ୍ଥା ଅନୁସାରେ ତାହାର ପୁଣି ଥରେ କନ୍ୟାଦାନ କର୍ମ ମଧ୍ୟ କରାଯାଉଥିଲା । ବଶିଷ୍ଠଙ୍କର ଏହି ଉକ୍ତିଟି ବ୍ୟବସ୍ଥାର ଅର୍ଥ ପରେ ଭଲକରି ବୁଝାଇ ଦିଆଯାଇଅଛି ।

ବର୍ତ୍ତମାନ ବୁଝନ୍ତୁ, ପୂର୍ବୋକ୍ତ ଗର୍ଭାଧାନ ସଂସ୍କାର ଥିବା ପର୍ଯ୍ୟନ୍ତ ଆମ ଦେଶରେ ଅକ୍ଷତଯୋନି ବିଧବା ଓ ପ୍ରକୃତ ବିଧବା ଏହି ଦୁଇପ୍ରକାର ବିଧବା ଥିଲେ ଏବଂ ଏହି ଦୁଇ ପ୍ରକାର ବିଧବାଙ୍କର ବିବାହ ପାଇଁ ଭିନ୍ନ ଭିନ୍ନ ଦୁଇ ପ୍ରକାର ବ୍ୟବସ୍ଥା ଦିଆଯାଇଅଛି । କାଳକ୍ରମେ ଗର୍ଭାଧାନ ସଂସ୍କାର ଲୋପ ହେବାରୁ ଲୋକେ ଦୂର୍ବାକ୍ଷତ କର୍ମକୁ ଗର୍ଭାଧାନ କର୍ମରେ ପରିଣତ କଲେ । ଦୂର୍ବାକ୍ଷତ କର୍ମ ବା ବିବାହ-ସଂସ୍କାର ଗର୍ଭାଧାନ କର୍ମରେ ପରିଣତ ହେବାରୁ କନ୍ୟାଦାନ କର୍ମକୁ ଲୋକେ ବିବାହ-ସଂସ୍କାରରେ ପରିଣତ କରି ଖୁବ୍ ଆଡ଼ମ୍ବର ସହକାରେ ସମ୍ପନ୍ନ କରିବାକୁ ଲାଗିଲେ । ସେହିଦିନଠାରୁ ଅକ୍ଷତ ଯୋନି କଥାଟି କେବଳ ଶାସ୍ତ୍ରରେ ରହିଲା ; ମାତ୍ର ଦେଶରେ ଆଉ ସେପରି ବିଧବା ରହିଲେ ନାହିଁ । ବ୍ୟବସ୍ଥାମାନଙ୍କରେ "ଅକ୍ଷତ ଯୋନି" କଥାଟି ଅନେକ ସ୍ଥଳରେ ବ୍ୟବହୃତ ହୋଇଅଛି ; ମାତ୍ର "ବାଳବିଧବା" କଥାଟିର ପ୍ରୟୋଗ କେବଳ ବୌଧାୟନ ସ୍ମୃତିର ନିମ୍ନଲିଖିତ ବ୍ୟବସ୍ଥା ବ୍ୟତୀତ ଅନ୍ୟତ୍ର ନାହିଁ । ଏଠାରେ ମଧ୍ୟ ବାଳବିଧବାର ଅର୍ଥ ଅଳ୍ପବୟସ୍କା ଅର୍ଥାତ୍ ବିବାହ-ଯୋଗ୍ୟା ଯୁବତୀ ବିଧବା, ଆଠ ନଅ-ବର୍ଷର ଶିଶୁ ବିଧବା ନୁହେଁ ।

"ଯଦି ସା ବାଳବିଧବା ବଳାତ୍ତ୍ୟକ୍ତାଥବା କ୍ୱଚିତ୍,
ତଦା ଭୂୟସ୍ତୁ ସଂସ୍କାର୍ଯ୍ୟା ଗୃହୀତ୍ୱା ଯେନ କେନଚିତ୍ ।"

ଏହି ବ୍ୟବସ୍ଥାରେ ଅଳ୍ପବୟସ୍କା ଯୁବତୀ ବିଧବା ଓ ସ୍ୱାମିପରିତ୍ୟକ୍ତା ଯୁବତୀ ସ୍ତ୍ରୀଙ୍କର ପୁନର୍ବିବାହ ପାଇଁ ବ୍ୟବସ୍ଥା ଦିଆଯାଇଅଛି । କାରଣ ଆଠ ନଅ ବର୍ଷର ତଥାକଥିତ ଶିଶୁଭାର୍ଯ୍ୟା ସ୍ୱାମିପରିତ୍ୟକ୍ତା ହେବା ସମ୍ପୂର୍ଣ୍ଣ ଅସଙ୍ଗତ ଏବଂ ସେପରି ଶିଶୁଭାର୍ଯ୍ୟା କମ୍ବା ଶିଶୁବିଧବାକୁ ଯେନ କେନଚିତ୍ ଅର୍ଥାତ୍ ଯେ କୌଣସି ଲୋକ ସହିତ ଅତି ଶୀଘ୍ର ପୁନର୍ବିବାହର ବ୍ୟବସ୍ଥା ଦେବା ସମ୍ପୂର୍ଣ୍ଣ ଅଯୌକ୍ତିକ ।

ବ୍ୟବସ୍ଥାମାନଙ୍କରେ ଯେଉଁ ଅକ୍ଷତଯୋନି କଥାଟି ବାରମ୍ବାର ବ୍ୟବହୃତ ହୋଇଅଛି ସେହି ଅକ୍ଷତଯୋନି କଥାଟିର ସମାଲୋଚନା ଅନେକ ଦିନ ହେଲା ଚାଲିଥିଲା । ରକ୍ଷଣଶୀଳମାନେ ଦେଶାଚାରକୁ ସମର୍ଥନ କରି ଅକ୍ଷତଯୋନି କଥାଟିର ଅର୍ଥ କରୁଥିଲେ—"ନ ଋତୁମତୀ" ଅର୍ଥାତ୍ ଅପ୍ରାପ୍ତବୟସ୍କା କନ୍ୟା । ଅନ୍ୟାନ୍ୟମାନେ ବୁଝିଥିଲେ "ନ ଭର୍ତ୍ତୃସଙ୍ଗମବତୀ" ଅର୍ଥାତ୍ ସ୍ୱାମିସଂସର୍ଗ କରି ନ ଥିବା କନ୍ୟା । ପ୍ରଥମ ପ୍ରକାର ଅର୍ଥ ଅର୍ଥାତ୍ ଋତୁମତୀ ଏପରି ଅର୍ଥ ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ କୌଣସି ବ୍ୟବସ୍ଥାରେ ଅକ୍ଷତଯୋନି କଥାଟି ଏପରି ଅର୍ଥରେ ବ୍ୟବହୃତ ହୋଇନାହିଁ । ଅକ୍ଷତଯୋନି କଥାଟି ବ୍ୟବସ୍ଥାମାନଙ୍କରେ ଦୁଇପ୍ରକାର ଅର୍ଥରେ ପ୍ରୟୋଗ କରାଯାଇଅଛି । ଗୋଟିଏ ଅର୍ଥ ହେଉଛି "ନ ଭର୍ତ୍ତୃସଙ୍ଗମବତୀ" ଅର୍ଥାତ୍ ସ୍ୱାମିସଂସର୍ଗ କରି ନଥିବା କନ୍ୟା । ଅନ୍ୟ ଅର୍ଥଟି ହେଉଛି "ନ ଅନ୍ୟପୁରୁଷ ସଂସର୍ଗବତୀ"—ଅର୍ଥାତ୍ ନିଜର ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସଂସର୍ଗ କରି ନ ଥିବା ବିଧବା । ପ୍ରଥମ ପ୍ରକାର ବିଧବା ଆଜକାଲି ନାହାନ୍ତି ଏବଂ କାହିଁକି ନାହାନ୍ତି ସେ କଥା ପୂର୍ବେ ଲେଖାଯାଇଅଛି । ବର୍ତ୍ତମାନ ଯେଉଁ ଗୋଟିଏ ପ୍ରକାର ବିଧବା ଦେଶରେ ଅଛନ୍ତି ସେମାନଙ୍କ ମଧ୍ୟରୁ ଯେଉଁମାନେ ଅନ୍ୟ ପୁରୁଷ ସଂସର୍ଗ କରିଥିବେ ସେମାନଙ୍କ ବିବାହ ପାଇଁ କୌଣସି ଶାସ୍ତ୍ରୀୟ ବ୍ୟବସ୍ଥା ନାହିଁ । କେବଳ ଯେଉଁ ବିଧବାମାନେ ଅନ୍ୟ ପୁରୁଷ ସଂସର୍ଗ କରି ନ ଥିବେ ସେହିମାନେ ବର୍ତ୍ତମାନ ଯୁଗର ଅକ୍ଷତଯୋନି ବିଧବା ଅଟନ୍ତି ଏବଂ ସେମାନଙ୍କ ପାଇଁ ବିବାହର ବ୍ୟବସ୍ଥା ଅଛି । ସେହି ଅକ୍ଷତଯୋନି କଥାଟିର ଶାସ୍ତ୍ରୀୟ ଆଲୋଚନା ପରେ କରାଯିବ । ବର୍ତ୍ତମାନ କହିବାର ବିଷୟ ଏହି କି, ବିଧବାମାନଙ୍କର ବିବାହ ପାଇଁ ଶାସ୍ତ୍ରରେ ଅନେକ ବ୍ୟବସ୍ଥା ରହିଛି; ମାତ୍ର ବିବାହିତାମାନଙ୍କର ବିବାହପାଇଁ କିମ୍ବା ସେପରି କନ୍ୟାମାନଙ୍କୁ ଲକ୍ଷ୍ୟ କରାଯାଇ କୌଣସିଠାରେ କୌଣସି ବ୍ୟବସ୍ଥା ନାହିଁ । କେବଳ ବଶିଷ୍ଠସଂହିତା ସତର ଅଧ୍ୟାୟ ଶେଷରେ ଗୋଟିଏ ସ୍ଥାନରେ ନିମ୍ନଲିଖିତ ଯେଉଁ ତିନୋଟି ବ୍ୟବସ୍ଥା ଅଛି ତାହା ନିମ୍ନରେ ଅର୍ଥ ସହିତ ପ୍ରକାଶ କରାଗଲା । ବିବାହିତାମାନଙ୍କର ଅନ୍ୟାୟ ଓ ଅମାନୁଷିକ ବୈଧବ୍ୟ ବିରୁଦ୍ଧରେ, ମୂର୍ଖତା ଓ ଅନ୍ଧତା ଉପରେ

ପ୍ରବର୍ତ୍ତିତ ଶିଶୁବୈଧବ୍ୟ ବିରୁଦ୍ଧରେ ଏପରି ଅକାଟ୍ୟ ଓ ସୁସ୍ପଷ୍ଟ ବ୍ୟବସ୍ଥା ଅନ୍ୟତ୍ର ଅଛି କି ନାହିଁ ସନ୍ଦେହ ।

୧ । ଅଦ୍ଭିର୍ବାଚା ଚ ଦତ୍ତାୟାଂ ମ୍ରିୟେତାଥୋ ବରୋ ଯଦି
ନ ଚ ମନ୍ତ୍ରୋପନୀତା ସ୍ୟାତ୍ କୁମାରୀ ପିତୁରେବ ସା ।
୨ । ତାବଦୋଦାହୃତା କନ୍ୟା ମନ୍ତ୍ରୈର୍ୟଦି ନ ସଂସ୍କୃତା
ଅନ୍ୟସ୍ମୈ ବିଧିବଦ୍ଦେୟା ଯଥା କନ୍ୟା ତଥୈବ ସା ।
୩ । ପାଣିଗ୍ରହାନ୍ମୃତେ ବାଲା କେବଲଂ ମନ୍ତ୍ରସଂସ୍କୃତା
ସା ଚେଦକ୍ଷତଯୋନିଃ ସ୍ୟାତ୍ ପୁନଃ ସଂସ୍କାରମର୍ହତି ।

ପ୍ରଥମ ବ୍ୟବସ୍ଥା— ଅଦ୍ଭିଃ [ଜଳଦ୍ୱାରା] ଚ [ଏବଂ] ବାଚା [ବାକ୍ୟ-ଦ୍ୱାରା] ଦତ୍ତାୟାଂ [କନ୍ୟାଦାନ କର୍ମ ସାରିଥିବା କନ୍ୟାର] ମ୍ରିୟେତାଥୋ ବରୋ ଯଦି [ଯଦି ବର ମରିଯାଏ] ନ ଚ ମନ୍ତ୍ରୋପନୀତାସ୍ୟାତ୍ [ସେ କନ୍ୟାର ମନ୍ତ୍ରୋପନୟନ ବା ମନ୍ତ୍ରସଂସ୍କାର ବା ବିବାହସଂସ୍କାର ବା ବର୍ତ୍ତମାନ ପ୍ରଚଳିତ ହୁତାଶନ କର୍ମ ହୋଇ ନଥିଲେ] ସେହି କନ୍ୟା କୁମାରୀ [ଅବିବାହିତା ଝିଅପରି] ପିତୁଃ ଏବ [ବାପର ଅଧିକାରରେ ରହିବ] ; ଅର୍ଥାତ୍ ବର୍ତ୍ତମାନ ପ୍ରଚଳିତ ଅଶାସ୍ତ୍ରୀୟ ଓ ଅନ୍ୟାଯ୍ୟ ବୈଧବ୍ୟ ବ୍ରତ କଦାପି ପାଳିବ ନାହିଁ କିମ୍ବା ଯେଉଁ ଘର ପରେ ତାହାର ଶାଶୁଘର ହୋଇଥାଆନ୍ତା, ସେହି ତଥାକଥିତ ଶାଶୁଘରେ ରହିବ ନାହିଁ ।

"କୁମାରୀ ପିତୁରେବ ସା" –ଏହି ବ୍ୟବସ୍ଥା ଅନୁସାରେ କି ଯୁବତୀ ବିଧବା କି ବୃଦ୍ଧା ବିଧବା ସମସ୍ତେ କୁମାରୀ ଭାବରେ ନରହି ମାଛ ଶୁଖୁଆ ନ ଖାଇ ପାଟି ମୁହଁ ବନ୍ଦ କରି ବୈଧବ୍ୟ ବ୍ରତ ପାଳିବେ, କେଉଁ ବ୍ୟବସ୍ଥା ଅନୁସାରେ ଓ ସମାଜର କେଉଁ ବିଶେଷ ଉପକାର କରିବା ପାଇଁ ? ଯେଉଁମାନେ ଶାସ୍ତ୍ର ଅନୁସାରେ ପ୍ରକୃତରେ ବିଧବା, ସେମାନଙ୍କ ମଧ୍ୟରୁ ଯେଉଁମାନେ ସମାଜର ମଙ୍ଗଳ ପାଇଁ ନିସ୍ୱାର୍ଥପର ସେବାରେ ଜୀବନ ଧାରଣ କରିବାକୁ କର୍ତ୍ତବ୍ୟ ବୋଧ କରନ୍ତି, ସେମାନେ ପ୍ରକୃତ ବୈଧବ୍ୟ ବ୍ରତ ପାଳନ କରନ୍ତୁ ; କିନ୍ତୁ ଯେଉଁ ବିଧବାମାନେ ଉପର୍ଯ୍ୟୁକ୍ତ ବ୍ୟବସ୍ଥା ଅନୁସାରେ ଆଦୌ ବିଧବା ନୁହନ୍ତି, ସେମାନେ ବୈଧବ୍ୟ ପାଳିବେ

କାହିଁକି ଓ କପରି ? ଯେଉଁମାନେ ଜାତିରେ ବ୍ରାହ୍ମଣ, ସେମାନେ ବ୍ରାହ୍ମଣ ଧର୍ମ ବୁଝନ୍ତୁ ବା ନ ବୁଝନ୍ତୁ, କେବଳ ବଡା-ପଇତା ପିନ୍ଧି ବ୍ରାହ୍ମଣ ବୋଲାଇବା ପରି ଯେଉଁମାନେ ପ୍ରକୃତିରେ ବିଧବା-ପଦବାଚ୍ୟା, ସେମାନେ ବିଧବାର ନିଃସ୍ୱାର୍ଥପର ଧର୍ମ ବୁଝନ୍ତୁ ବା ନାହିଁ, ବିଧବା ଆଖ୍ୟା ଧରି ରହି ଥାଆନ୍ତୁ ; ମାତ୍ର ଯେଉଁମାନେ ଜାତିରେ ଶୂଦ୍ର, ସେମାନେ ବଡା ପଇତା ପିନ୍ଧି ବ୍ରାହ୍ମଣ ବୋଲାଇବା ପରି ବିବଗ୍ରମାନେ ବିଧବା ବୋଲାଇବେ କାହିଁକି ?

**"ନ ଚ ମନ୍ତ୍ରୋପନୀତା ସ୍ୟାତ୍"** ଅର୍ଥାତ୍ କନ୍ୟାଦାନ କର୍ମ କନ୍ୟାର ମନ୍ତ୍ରୋପନୟନ ବା ମନ୍ତ୍ରସଂସ୍କାର ବା ବିବାହ-ସଂସ୍କାର ନୁହେଁ । ଏତିକି ବୁଝି ନ ଥିବା ଦୋଷରୁ ସରକାରଙ୍କର ହିନ୍ଦୁ ବିବାହ ଆଇନ କନ୍ୟାଦାନ କର୍ମକୁ ବିବାହ ବୋଲି ଗ୍ରହଣ କଲା । ସେହି ହିନ୍ଦୁ-ବିବାହ ଆଇନ ଅନୁସାରେ ବାର ତେର ବର୍ଷର ବରଟି ବା ବାଳକଟି ସ୍ୱାମୀ ବୋଲାଇଲା ଏବଂ ସାତ ଆଠ ବର୍ଷର ଝିଅଟି ଭାର୍ଯ୍ୟାରେ ପରିଣତ ହେଲା । ସେହି ତଥାକଥିତ ସ୍ୱାମୀର ମୃତ୍ୟୁରେ ତାହାର ଶିଶୁଭାର୍ଯ୍ୟାଟି ବିଧବାର ଅଧିକାର ପାଇଲା ଏବଂ ବରର ତ୍ୟକ୍ତ ସମ୍ପତ୍ତି ପାଇବା ଆଶାରେ ସେହି ଝିଅଟି ତାହାର ତଥାକଥିତ ଶାଶୁଘରେ ରହି ଦାସୀବୃତ୍ତି କଲା ଏବଂ ଅନ୍ତ ଯାହା ଯାହା କଲା ତାହା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ, ଏତିକି ବୁଝି ନ ଥିବା ଫଳରୁ ଆଜି ସାରଦା ଆଇନ ପାଶ ହୋଇ ଦେଶରୁ ଜୀବନ୍ତ କନ୍ୟାଦାନ ପ୍ରଥା ଲୋପ ହେଲା । ତେବେ ସୁଦ୍ଧା ବ୍ରାହ୍ମଣ ସମାଜର ସଭ୍ୟ ଶିକ୍ଷିତ ସମାଜର ନିଶ୍ଚେଷ୍ଟତା ଦୂର ହେଲା ନାହିଁ କିମ୍ବା ବିବେକଚକ୍ଷୁ ଫିଟିଲା ନାହିଁ । ଆଜି ବ୍ରାହ୍ମଣ-ସମାଜ ଦେଶର ସଭ୍ୟ ଶିକ୍ଷିତ ସମାଜ—ଶାସ୍ତ୍ରର ବ୍ୟବସ୍ଥା ବୁଝି ନିଜେ ସ୍ୱାଧୀନ ଭାବରେ ଚିନ୍ତା କରି ଭାରତବର୍ଷର ଉପଯୋଗୀ, ବର୍ତ୍ତମାନ ଯୁଗର ଉପଯୋଗୀ ବିବାହର ନୂତନ ବ୍ୟବସ୍ଥା ସ୍ଥିର କରୁ ।

ଏହି ନୂତନ ବ୍ୟବସ୍ଥା ଅନୁସାରେ ହିନ୍ଦୁ-ବିବାହ ଆଇନ ସଂଶୋଧିତ ହେଉ ଏବଂ ସାରଦା ଆଇନ ସମ୍ପୂର୍ଣ୍ଣରୂପେ ଉଠିଯାଉ । ହିନ୍ଦୁ-ବିବାହ ଆଇନ ସଂଶୋଧିତ ହେଉ ବା ନ ହେଉ, ସାରଦା ଆଇନ ଉଠୁ ବା ନ ଉଠୁ 'ବଶିଷ୍ଠଙ୍କର କୁମାରୀ ପିତୃରେବ ସା' ଏହି

ବ୍ୟବସ୍ଥା ଅନୁସାରେ ବିବର୍ଣ୍ଣିମାନେ ବରପାଇଁ ମୃତାଶୌଚ ପାଳନ୍ତୁ ନାହିଁ ଏବଂ ପୂର୍ବପରି କୁମାରୀ ଭାବରେ ବାପଘରେ ରହନ୍ତୁ । ବଶିଷ୍ଠଙ୍କର ଏହି ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କଲେ ବ୍ରାହ୍ମଣ-ସମାଜ କଦାଚ ନରକଗାମୀ ହେବନାହିଁ ; ବରଂ କନ୍ୟା ଦାନକୁ ବିବାହ କହି ବିବର୍ଣ୍ଣମାନଙ୍କୁ ବାଲ-ବିଧବା ନାମ ଦେଇ ବ୍ରାହ୍ମଣ-ସମାଜ ଯେଉଁ ନରକରେ ପଡ଼ି ସଡ଼ୁଛି, ସେଥିରୁ ଉଦ୍ଧାର ପାଇବ ।

ଦ୍ୱିତୀୟ ବ୍ୟବସ୍ଥା 'ତାବଚ୍ଚୋଦାହୃତା କନ୍ୟା' [ସେ ପର୍ଯ୍ୟନ୍ତ କନ୍ୟା କୁହାଯାଏ] ମନ୍ତ୍ରୈର୍ଯଦି ନ ସଂସ୍କୃତା [ସେ ପର୍ଯ୍ୟନ୍ତ କନ୍ୟାର ମନ୍ତ୍ର ସଂସ୍କାର ବା ବିବାହ ସଂସ୍କାର ବା ଦୂର୍ବାକ୍ଷତ କର୍ମ ହୋଇ ନଥାଏ] ଅନ୍ୟସ୍ମୈ ବିଧିବଦ୍‌ଦେୟା [ଅନ୍ୟ ବରକୁ ବିଧିପୂର୍ବକ ଦିଆଯିବ] ଯଥା କନ୍ୟା ତଥୈବ ସା [ଅବିବାହିତା କନ୍ୟା ଯେପରି ସେ କନ୍ୟା ସେହିପରି] ଏଠାରେ ବିବର୍ଣ୍ଣ କନ୍ୟାର ପୁନର୍ବିବାହ ବା ପୁନଃ ସଂସ୍କାର ପାଇଁ ବ୍ୟବସ୍ଥା ଦିଆ ନ ଯାଇ ପୁଣି କନ୍ୟାଦାନ କର୍ମ ହୋଇ ପାରିବ ବୋଲି ବ୍ୟବସ୍ଥା ଦିଆଯାଇଅଛି ।

ତୃତୀୟ ବ୍ୟବସ୍ଥା—ପାଣି ଗ୍ରହାତ୍ ମୃତ [ପାଣିଗ୍ରହଣ ପରେ ଓ ପାଣିଗ୍ରହୀତାର ମୃତ୍ୟୁରେ] ବାଲା [ସେହି ଝିଅ] କେବଳ ମନ୍ତ୍ର ସଂସ୍କୃତା [କେବଳ ମନ୍ତ୍ର ସଂସ୍କାର ବା ଦୂର୍ବାକ୍ଷତ କର୍ମ ସାରିଥିଲେ] ସା ଚେତ୍ ଅକ୍ଷତଯୋନିଃ ସ୍ୟାତ୍ [ଯଦି ସେହି ଝିଅ ଅକ୍ଷତଯୋନି ଥାଏ] ପୁନଃ ସଂସ୍କାରମର୍ହତି [ତାହାର ପୁନର୍ବିବାହ-ସଂସ୍କାର ହୋଇ ପାରିବ]

ବାଧ୍ୟତାମୂଳକ ବୈଧବ୍ୟ ଓ ପ୍ରକୃତ ବୈଧବ୍ୟ—ପ୍ରକୃତ ବୈଧବ୍ୟ ଅତି ପବିତ୍ର ବିଷୟ ଓ ସମାଜର ମଙ୍ଗଳପାଇଁ-ଆବଶ୍ୟକ ; ମାତ୍ର ବିବାହ-ଯୋଗ୍ୟା ଯୁବତୀ ବିଧବାର ବାଧ୍ୟତାମୂଳକ ବୈଧବ୍ୟ ଅଶାସ୍ତ୍ରୀୟ ଓ ନିନ୍ଦନୀୟ । ବୈଧବ୍ୟ ପବିତ୍ର ବିଷୟ ବୋଲି ବିବାହ ଅପବିତ୍ର ବିଷୟ ନୁହେଁ । କାମପ୍ରବୃତ୍ତି ଚରିତାର୍ଥ କରିବା ବିବାହର ଏକମାତ୍ର ଲକ୍ଷ୍ୟ ନୁହେଁ । ବୈବାହିକ ସମ୍ବନ୍ଧର ଉଦ୍ଦେଶ୍ୟ ଅତି ମହତ୍ । ଏହା ସତ୍ୟ ଉପରେ ଓ ପବିତ୍ର ପ୍ରେମ ଉପରେ ପ୍ରତିଷ୍ଠିତ । ସେଥିପାଇଁ କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କୁ ସବୁ ଅବସ୍ଥାରେ ବିବାହ କରିବାପାଇଁ ଶାସ୍ତ୍ରକାରମାନେ

ବ୍ୟବସ୍ଥା ଦେଇଯାଇଛନ୍ତି । ବିବାହ କରିବା ପରେ କାହାର ସ୍ତ୍ରୀ କିମ୍ବା କାହାର ସ୍ୱାମୀ ମରିଗଲେ ସେହି ବିପତ୍ନୀକ ପୁରୁଷ କିମ୍ବା ବିଧବା ସ୍ତ୍ରୀ ପୁନର୍ବାର ବିବାହ କରିବେ ଏବଂ ପୁନର୍ବାର ବିବାହ କରିବାରେ ଉଭୟଙ୍କର ସମାନ ଅଧିକାର ରହିବ ; ଏ କଥା ଶାସ୍ତ୍ରକାରମାନେ ନିମ୍ନଲିଖିତ ବ୍ୟବସ୍ଥାରେ ସ୍ପଷ୍ଟାକ୍ଷରରେ ଲେଖି ଯାଇଅଛନ୍ତି । ଶାସ୍ତ୍ରକାରମାନେ ଲେଖି ଯାଇଅଛନ୍ତି ବୋଲି ତାହା ଅନ୍ଧ ଭାବରେ ପାଳନ କରିବାକୁ ହେବ — ଏପରି କଥା ମୁଁ କେବେ କହି ନାହିଁ କିମ୍ବା କହୁ ନାହିଁ । ସେମାନେ ଯାହା ଲେଖି ଯାଇ ଅଛନ୍ତି, ସେଥିରେ କୌଣସି କଥା ଅଯୌକ୍ତିକ ଥିଲେ ତାହା ଜନସାଧାରଣଙ୍କୁ ବୁଝାଇ ଦିଅନ୍ତୁ ବୋଲି ରକ୍ଷଣଶୀଳ ସମାଜକୁ ଅନୁରୋଧ କରୁଅଛି ।

## ଅବିବାହିତ ଯୁବକମାନଙ୍କର ବିବାହ ପାଇଁ ବ୍ୟବସ୍ଥା

ପଣ୍ଡିତସର୍ବସ୍ୱ — ଦତ୍ତାହୃତା ଚ ଯା କନ୍ୟା ନ ଚ ସମ୍ପ୍ରାପ୍ତମୈଥୁନା
ପୁନଃ ପ୍ରାପ୍ନୋତି ଭର୍ତ୍ତାରଂ ଯଥା କନ୍ୟା ତଥୈବ ସା ।

ନିର୍ଣ୍ଣୟସିନ୍ଧୁ — ଉଦ୍‌ବାହିତାପି ଯା କନ୍ୟା ନ ଚ ସମ୍ପ୍ରାପ୍ତମୈଥୁନା
ପୁନଃ ପ୍ରାପ୍ନୋତି ଭର୍ତ୍ତାରଂ ଯଥା କନ୍ୟା ତଥୈବ ସା ।

ମହାନିର୍ବାଣ — ପରିଣୀତା ନ ରମିତା କନ୍ୟକା ବିଧବା ଭବେତ୍
ସାପ୍ୟୁଦ୍‌ବାହ୍ୟା ପୁନଃ ପିତ୍ରା ଶୈବଧର୍ମେଷ୍ୱୟଂ ବିଧିଃ ।

ମାର୍କଣ୍ଡେୟ — ନିଷେକାନନ୍ତରଂ ସ୍ତ୍ରୀଣାଂ ଭର୍ତ୍ତୁ ଭର୍ତ୍ତୃତ୍ୱମୁଚ୍ୟତେ
ପାଣିଗ୍ରହଣମାତ୍ରେଣ ନ ଭର୍ତ୍ତା ସର୍ବଯୋଷିତାମ୍ ।

ଚ୍ୟବନ — ପୂର୍ବଂ ନିଷେକାତ୍ ନାରୀଣାଂ ମୃତେ ପତ୍ୟୌ ବିଧେର୍ବଶାତ୍
ଦଶାହାଭ୍ୟନ୍ତରେ କୁର୍ଯ୍ୟାତ୍ ପୁନଃ ପରିଣୟଂ ପିତା ।

ନାରଦ — କନ୍ୟୈବାକ୍ଷତଯୋନିର୍ଯା ପାଣିଗ୍ରହଣଦୂଷିତା
ପୁନର୍ଭୂଃ ପ୍ରଥମା ପ୍ରୋକ୍ତା ପୁନଃ ସଂସ୍କାରମର୍ହତି ।

ବିଶ୍ୱାମିତ୍ର — ଅପ୍ରୃଷ୍ଟଲିଙ୍ଗଯୋଗାନାମାବିଂଶତିବୟଃ ସ୍ତ୍ରିୟାଂ
ପୁନର୍ବିବାହଃ କର୍ତ୍ତବ୍ୟଃ ଚତୁର୍ଷ୍ୱପି ଯୁଗେଷ୍ୱପି ।

## ବିପତ୍ନୀକମାନଙ୍କର ବିବାହ ପାଇ ବ୍ୟବସ୍ଥା

ବୃହସ୍ପତି - ବିବାହେଚ୍ଛା ଯଦି ସ୍ତ୍ରୀଣାଂ ଭର୍ତ୍ତୁର୍ନାଶାତ୍ ପ୍ରଜାୟତେ
ପୁନରକ୍ଷତଯୋନୀନାଂ ବିବାହକରଣଂ ମତମ୍ ।

ମନୁ—ସା ଚେଦକ୍ଷତଯୋନିଃ ସ୍ୟାତ୍ ଗତପ୍ରତ୍ୟାଗତାପି ବା
ପୌନର୍ଭବେଣ ଭର୍ତ୍ତ୍ରା ସା ପୁନଃ ସଂସ୍କାରମର୍ହତି ।

ପରାଶର — ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ ।

ଅତ୍ରି—ନଷ୍ଟେ ସନ୍ନ୍ୟାସମାପନ୍ନେ ବ୍ୟାଧିଗ୍ରସ୍ତେ ନ ଭର୍ତ୍ତରି
ପୁନଃ ସ୍ତ୍ରୀଣାଂ ବିବାହଃ ସ୍ୟାତ୍ କଳାବପି ନ ସଂଶୟଃ ।

ଯାଜ୍ଞବଲ୍କ୍ୟ—ଅକ୍ଷତା ବା କ୍ଷତାବାପି ପୁନର୍ଭୂଃ ସଂସ୍କୃତା ପୁନଃ

କଶ୍ୟପ — ଅଷୋଡ଼ଶବୟସ୍କୋନାର୍ଯ୍ୟୋ ଯଦି ତାଃ ମୃତଭର୍ତ୍ତୃକାଃ
ପୁନର୍ବିବାହ ମର୍ହନ୍ତି ନ ତତ୍ର ବିଷୟୋ ମହାନ୍ ।

ବୌଧାୟନ — ଯଦି ସା ବାଳବିଧବା ବଳାତ୍ତ୍ୟକ୍ତାଥବା କ୍ୱଚିତ୍
ତଦା ଭୂୟସ୍ତୁ ସଂସ୍କାର୍ଯ୍ୟା ଗୃହୀତ୍ୱା ଯେନ କେନଚିତ୍ ।

ବୈଶମ୍ପାୟନ — ପୁରୁଷାଣାମିବ ସ୍ତ୍ରୀଣାଂ ବିବାହା ବହବୋ ମତାଃ
ଭର୍ତ୍ତୁର୍ନ ଶାନ୍ତ୍ର ପୁନଃସ୍ତ୍ରୀଣାଂ ପୁଂସାଂ ପତ୍ନୀଳୟେ ଯଥା ।

ବ୍ୟାଘ୍ରପଦାଗୃହ୍ୟ — ପତ୍ନୀନାଶେ ଯଥା ପୁଂସୋ ଭର୍ତ୍ତୃନାଶେ ତଥା ସ୍ତ୍ରିୟାଃ
ପୁନର୍ବିବାହଃ କର୍ତ୍ତବ୍ୟଃ କଳାବପି ଯୁଗେ ତଥା ।

ଜାବାଳ — ବ୍ରାହ୍ମଣାଃ କ୍ଷତ୍ରିୟା ବୈଶ୍ୟାଃ ଶୂଦ୍ରାଃ ସ୍ୱକୁଳଯୋଷିତାମ୍,
ପୁନର୍ବିବାହଂ କୁର୍ବୀରନ୍ ଅନ୍ୟଥା ପାପସମ୍ଭବଃ ।

ଅଗସ୍ତି — ଭର୍ତ୍ତ୍ରାଭାବେ ବଧୂଃ ସ୍ତ୍ରୀଣାଂ ପୁନଃ ପରିଣୟୋନ୍ନତଃ
ନ ତତ୍ର ପାପଂ ନାରୀଣାମନ୍ୟଥା ତଦ୍‌ଗର୍ତ୍ତର୍ନ ହି ।

ଉପରେ ବିପତ୍ନୀକମାନଙ୍କର ବିବାହପାଇଁ ଯେଉଁ ବ୍ୟବସ୍ଥାଗୁଡ଼ିକ ଦିଆଗଲା, ସେଥି ମଧ୍ୟରୁ ପ୍ରଥମୋକ୍ତ ବୃହସ୍ପତି ଓ ମନୁଙ୍କର ବ୍ୟବସ୍ଥା ଦୁଇଟିରେ ଯେଉଁ ଅକ୍ଷତଯୋନି କଥାଟି ବ୍ୟବହୃତ ହୋଇଅଛି, ସେହି ଅକ୍ଷତଯୋନି କଥାଟିର ଅର୍ଥ ବିଚାରଯୋଗ୍ୟ ।

ବୃହସ୍ପତି ଲେଖିଲେ, "ବିବାହେଚ୍ଛା ଯଦି ସ୍ତ୍ରୀଣାଂ ଭର୍ତ୍ତୃନାଶାତ୍ ପ୍ରଜାୟତେ" ଅର୍ଥାତ୍ ସ୍ୱାମୀର ମୃତ୍ୟୁରେ ଯଦି ସ୍ତ୍ରୀମାନଙ୍କର ଅନ୍ୟ ବିବାହ କରିବାକୁ ଇଚ୍ଛା ହୁଏ, "ପୁନରକ୍ଷତଯୋନୀନାଂ ବିବାହକରଣଂ ମତଂ" ଅର୍ଥାତ୍ ସେହି ସ୍ତ୍ରୀମାନେ ଅକ୍ଷତଯୋନି ଅବସ୍ଥାରେ ରହିଥିଲେ ସେମାନଙ୍କର ପୁନର୍ବିବାହ କରିବା ଉଚିତ୍। ବୃହସ୍ପତି ଯଦି ସ୍ୱାମିସମ୍ବନ୍ଧଶୂନ୍ୟା କନ୍ୟା-ମାନଙ୍କୁ ଲକ୍ଷ୍ୟକରି ଥାଆନ୍ତେ, ତେବେ "ସ୍ତ୍ରୀଣାଂ" ଅର୍ଥାତ୍ ସ୍ତ୍ରୀମାନଙ୍କର ଏପରି କଥା ନ ଲେଖି ଅନ୍ୟାନ୍ୟମାନେ ଯେପରି "କନ୍ୟା", "କନ୍ୟକା" "ବାଳା" ଇତ୍ୟାଦି କଥା ବ୍ୟବହାର କରିଅଛନ୍ତି, ସେପରି ଗୋଟିଏ ଶବ୍ଦ ବ୍ୟବହାର କରି ଥାଆନ୍ତେ। ଆଉ ମଧ୍ୟ ବୁଝନ୍ତୁ, ଅପ୍ରାପ୍ତବୟସ୍କା କନ୍ୟାମାନଙ୍କର କିମ୍ବା ସ୍ୱାମିସମ୍ବନ୍ଧଶୂନ୍ୟା ଝିଅମାନଙ୍କର ବିବାହ କରିବାର ଇଚ୍ଛା ଜାଗ୍ରତ ହେବା ଅଯୌକ୍ତିକ ଏବଂ ଅସ୍ୱାଭାବିକ ; ତେଣୁ ଏହି ବ୍ୟବସ୍ଥାରେ ଅକ୍ଷତଯୋନି କଥାଟିର ଅର୍ଥ ହେଉଛି, ଯେଉଁ ବିଧବା ତାହାର ପୂର୍ବ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସଂସର୍ଗ କରି ନ ଥିବ। ମନୁସଂହିତା ନବମ ଅଧ୍ୟାୟ ୧୭୫ ଓ ୧୭୬ ଶ୍ଳୋକରେ ମଧ୍ୟ ଏହି ଅକ୍ଷତଯୋନି କଥାଟି ଏହିପରି ଅର୍ଥରେ ବ୍ୟବହୃତ ହୋଇଅଛି। ଏହି ଦୁଇଟି ବ୍ୟବସ୍ଥାର ସମାଲୋଚନା ତଳେ କରାଗଲା।

୧୭୫ — ଯା ପତ୍ୟା ବା ପରିତ୍ୟକ୍ତା ବିଧବା ବା ସ୍ୱୟେଚ୍ଛୟା
ଉତ୍ପାଦୟେତ୍ ପୁନର୍ଭୂତ୍ୱା ସ ପୌନର୍ଭବ ଉଚ୍ୟତେ।
୧୭୬ — ସା ଚେଦକ୍ଷତଯୋନିଃ ସ୍ୟାତ୍ ଗତପ୍ରତ୍ୟାଗତାପି ବା
ପୌନର୍ଭବେଣ ଭର୍ତ୍ତ୍ରା ସା ପୁନଃ ସଂସ୍କାରମର୍ହତି।

ଅର୍ଥ — ଯେଉଁ ପତିପରିତ୍ୟକ୍ତା ସ୍ତ୍ରୀ କିମ୍ବା ବିଧବା ସ୍ତ୍ରୀ "ସ୍ୱୟେଚ୍ଛୟା ପୁନର୍ଭୂତ୍ୱା ଉତ୍ପାଦୟେତ୍" ଅର୍ଥାତ୍ ନିଜ ଇଚ୍ଛାରେ ଅନ୍ୟ ପୁରୁଷ ସଂସର୍ଗ କରି ପିଲା ଜନ୍ମ କରେ, (ପୁଅ ଜନ୍ମ କରେ) ସେହି ପୁଅକୁ ପୌନର୍ଭବ ପୁଅ କୁହାଯାଏ।—୧୭୫।

ସା [ସେହି ସ୍ତ୍ରୀ—ସେହି ପତିପରିତ୍ୟକ୍ତା କିମ୍ବା ବିଧବା ସ୍ତ୍ରୀ] ଅକ୍ଷତଯୋନି ସ୍ୟାତ୍ [ଯଦି ଅକ୍ଷତଯୋନି ହୋଇ ରହିଥାଏ ଅର୍ଥାତ୍ ତାହାର

ପୂର୍ବ ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟପୁରୁଷ ସଂସର୍ଗ କରି ନ ଥାଏ] ତେବେ "ପୌନର୍ଭବେଣ ଭର୍ତ୍ତା" (ପୌନର୍ଭବ ଭର୍ତ୍ତା ସହିତ ଅର୍ଥାତ୍ ନିଜର ସ୍ତ୍ରୀ ସମ୍ଭୋଗ କରିଥିବା ବିପତ୍ନୀକ ବା ଦୋବେଇ ସ୍ୱାମୀ ସହିତ) ସା ପୁନଃ ସଂସ୍କାର ମର୍ହତି (ସେ ପୁଣି ବିବାହ କରି ପାରିବ) ବିବାହିତା ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସଂସର୍ଗ କରିଥିଲେ କେବଳ ସେପରି ବିଧବା ଅଭି ବିବାହ କରି ପାରିବ ନାହିଁ । ସେହି ଦୋବେଇ ସ୍ୱାମୀ ମଧ୍ୟ ଅନ୍ୟ ସ୍ତ୍ରୀ ସଂସର୍ଗ କରିଥିବାର ଜାଣିଲେ ସେପରି ପୁରୁଷକୁ କୌଣସି ସ୍ତ୍ରୀ ବିବାହ କରିବ ନାହିଁ ।

ଯେଉଁ ସ୍ତ୍ରୀ ( ୧୭୫ ଶ୍ଳୋକ ) ସ୍ୱାମୀ ପରିତ୍ୟକ୍ତା ହୋଇ କିମ୍ବା ବିଧବା ଥାଇ ସ୍ୱ ଇଚ୍ଛାରେ ଅନ୍ୟ ପୁରୁଷ ସଂସର୍ଗରେ ପୌନର୍ଭବ ପୁତ୍ର ଜନ୍ମ କରିପାରେ, ସେହି ସ୍ତ୍ରୀ ( ୧୭୬ ଶ୍ଳୋକ ) ଅକ୍ଷତଯୋନି ଅର୍ଥାତ୍ ସ୍ୱାମିସମ୍ଭୋଗଶୂନ୍ୟା ହେଲା କିପରି ? ଆଉ ମଧ୍ୟ ପୌନର୍ଭବଭର୍ତ୍ତା ଅର୍ଥାତ୍ ଦୋବେଇ ସ୍ୱାମୀ ସହିତ ସେପରି ଅକ୍ଷତଯୋନି ବିଧବାର ପୁନର୍ବିବାହର ବ୍ୟବସ୍ଥା ଦିଆଗଲା କାହିଁକି ? ବିଧବାର ପୁନର୍ବିବାହ ପାଇଁ ଯେତେ ବ୍ୟବସ୍ଥା ଦିଆଯାଇଅଛି, କୌଣସି ବ୍ୟବସ୍ଥାରେ ସ୍ୱାମୀ ସକାଶେ କୌଣସି ବିଶେଷଣ ଦିଆଯାଇ ନାହିଁ । ମନୁଙ୍କର ଏହି ବ୍ୟବସ୍ଥାରେ ସ୍ୱାମୀ ସକାଶେ "ପୌନର୍ଭବ" ଅର୍ଥାତ୍ "ଦୋବେଇ" ଏହି ବିଶେଷଣ ଥିବାରୁ ଏଠାରେ "ଅକ୍ଷତଯୋନି" କଥାଟି ଦ୍ୱାରା ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସଂସର୍ଗ କରି ନ ଥିବା ବିଧବାକୁ ଲକ୍ଷ୍ୟ କରାଯାଇଅଛି ।

ଏହି ବ୍ୟବସ୍ଥାରେ ମନୁ ଅକ୍ଷତଯୋନି ବିଧବା ସହିତ ପୌନର୍ଭବ ଭର୍ତ୍ତାର ପୁନର୍ବିବାହର ବ୍ୟବସ୍ଥା ଦେବାଦ୍ୱାରା ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ବିବାହର ପବିତ୍ରତା ପ୍ରତି ଦୃଷ୍ଟି ରଖିବା ପାଇଁ କିପରି ସମାନ ଅଧିକାର ଦେଇଅଛନ୍ତି, ତାହା ବ୍ରାହ୍ମଣ ପଣ୍ଡିତମାନେ ଓ ବ୍ୟବସ୍ଥାଦାତାମାନେ ଜନସାଧାରଣଙ୍କୁ ଆହୁରି ଭଲକରି ବୁଝାଇ ଦିଅନ୍ତୁ । ଯୁବତୀ ବିଧବାମାନଙ୍କର ବାଧ୍ୟତାମୂଳକ ବୈଧବ୍ୟ ଦୃଷ୍ଟିରେ ଦୋବେଇ ସ୍ୱାମୀମାନଙ୍କ ସହିତ ଅବିବାହିତା ଝିଅମାନଙ୍କର କିମ୍ବା ବିବାହିତାମାନଙ୍କର ବିବାହ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନ୍ୟାୟ—ଏକଥା ମଧ୍ୟ ବୁଝାଇଦିଅନ୍ତୁ । କେବଳ ସେତିକି ନୁହେଁ, ସେହିପରି ପତି-ପରିତ୍ୟକ୍ତା କିମ୍ବା ବିଧବା ସ୍ତ୍ରୀ ସହିତ ଦୋବେଇ

ସ୍ୱାମୀର ପୁନର୍ବିବାହରେ ଯେଉଁ ପୁତ୍ର ହେବ, ସେହିପୁତ୍ର ୧୭୫ ଶ୍ଳୋକ ଲିଖିତ ପୌନର୍ଭବ ପୁତ୍ର ପରି ନିମ୍ନ ଶ୍ରେଣୀର ପୁତ୍ର ନ ହୋଇ ଔରସ ପୁତ୍ର ପରି ପ୍ରଥମ ଶ୍ରେଣୀର ପୁତ୍ର ହେବ, ଏକଥା ମଧ୍ୟ ବୁଝାଇ ଦଅନ୍ତୁ। ଏହି ଶେଷ କଥାଟି ବୁଝିବାକୁ ହେଲେ ସେହି ନବମ ଅଧ୍ୟାୟ ୧୭୬ ଶ୍ଳୋକ ଠାରୁ ୧୮୦ ଶ୍ଳୋକ ପର୍ଯ୍ୟନ୍ତ ପଢ଼ି ବୁଝନ୍ତୁ। ଏତକ ପଢ଼ିବାକୁ ଓ ବୁଝିବାକୁ ବିଶେଷ କଷ୍ଟ ହେବ ନାହିଁ।

ଏହି କେତୋଟି ଶ୍ଳୋକରେ ମନୁ ଊଲୁଜ, କାନୀନ ଇତ୍ୟାଦି ଯେଉଁ ବାର ପ୍ରକାର ପୁତ୍ରଙ୍କର ବର୍ଣ୍ଣନା କରିଅଛନ୍ତି, ତାହା ଲେଖିବା ଅନାବଶ୍ୟକ। ୧୭୫ ଶ୍ଳୋକରେ ପୌନର୍ଭବ ପୁତ୍ରର ସଂଜ୍ଞା ଲେଖି ଲେଖି ୧୭୬ ଶ୍ଳୋକରେ "ପୌନର୍ଭବେଣ ଭର୍ତ୍ତ୍ରା ସା ପୁନଃ ସଂସ୍କାରମର୍ହତି" ଏପରି ବ୍ୟବସ୍ଥା ଲେଖିଗଲେ। ଏହି ବ୍ୟବସ୍ଥା ଅନୁସାରେ ଯେଉଁ ପୁତ୍ର ହେବ ସେ ପୁତ୍ର ଔରସପୁତ୍ରକୁ ଛାଡ଼ି ଅନ୍ୟ ଏଗାର ପ୍ରକାର ପୁତ୍ର ମଧ୍ୟରୁ କୌଣସି ପ୍ରକାର ପୁତ୍ର ନୁହେଁ; ତେଣୁ ସେପରି ପୁତ୍ର ଔରସ ପୁତ୍ର ଅଟେ, ଏହି କଥା ବୁଝାଇଦେଇ ୧୮୦ ଶ୍ଳୋକରେ ବ୍ୟବସ୍ଥା ଦେଲେ—

କ୍ଷେତ୍ରଜାଦୀନ୍ ସୁତାନେତାନେକାଦଶ ଯଥୋଦିତାନ୍
ପୁତ୍ରପ୍ରତିନିଧୀନାହୁଃ କ୍ରିୟାଲୋପାତ୍ ମନୀଷିଣଃ।

ଏହି ବ୍ୟବସ୍ଥାରେ ଥିବା "କ୍ରିୟାଲୋପାତ୍ ମନୀଷିଣଃ" କଥାଟି ଭଲକରି ବୁଝନ୍ତୁ। କ୍ରିୟା ଲୋପ ନ ହେବ ଅର୍ଥାତ୍ କୀଳେ କ୍ରିୟା ଲୋପ ହେବ ଏହି ଆଶଙ୍କାରେ କ୍ଷେତ୍ରଜଠାରୁ ଆରମ୍ଭ କରି ଏହି ଏଗାର ପ୍ରକାର ପୁତ୍ରମାନେ ପୁତ୍ର ପ୍ରତିନିଧିରୂପେ ଶ୍ରାଦ୍ଧ କର୍ମ କରି ପାରିବେ ବୋଲି ମନୀଷୀମାନେ ଆଦେଶ ଦେଇଯାଇଅଛନ୍ତି।

କେବଳ ମନୁ କାହିଁକି ପରାଶର, ବଶିଷ୍ଠ ପ୍ରଭୃତି ସବୁ ପୂର୍ବାଚାର୍ଯ୍ୟମାନେ ବିବାହ ବିଷୟରେ ଏହିପରି ଉଦାର ଏବଂ ଯୁକ୍ତିଯୁକ୍ତ ବ୍ୟବସ୍ଥା ଦେଇ ଯାଇଥିଲେ ସୁଦ୍ଧା ଆମେ ଅନ୍ଧ—ଦେଶାଚାରକୁ ଏକମାତ୍ର ଧର୍ମ ମନେକରି କେବଳ ମୁହଁରେ ଶାସ୍ତ୍ର ଶାସ୍ତ୍ର କହି ଶାସ୍ତ୍ରମତର ଠିକ୍ ବିପରୀତ ଦିଗରେ, ମୃତ୍ୟୁ ଦିଗରେ, ନରକ ଦିଗରେ, ଧ୍ୱଂସ ଦିଗରେ ଅଗ୍ରସର ହେଉଅଛୁଁ।

ବର୍ତ୍ତମାନ କନ୍ୟାବାର ଷଷ୍ଠ ଏହାର ପୁଅ ଝିଅ କଲ୍ଲ କରିଥିବା ବିଧବାର ବିବାହ ବିରୁଦ୍ଧରେ ସୁଦ୍ଧା କୌଣସି ଗୋଟିଏ ବ୍ୟବସ୍ଥା କାହାରିଠାରୁ କେବେ ଶୁଣାଯାଇ ନାହିଁ । ଯଦି ସେପରି କୌଣସି ବ୍ୟବସ୍ଥା ଅଛି, ତାହା ଆପତ୍ତିକାରୀମାନେ ଶୀଘ୍ର ପ୍ରକାଶ କରନ୍ତୁ । ଯଦି ନାହିଁ, ତେବେ ସଂସ୍କୃତଜ୍ଞ ପଣ୍ଡିତମାନେ ଦେଶାଚାରକୁ ସମର୍ଥନ କରି ଗୋଟିଏ ଯୋଡ଼ିଏ ବ୍ୟବସ୍ଥା ରଚନା କରନ୍ତୁ ଏବଂ ଆପତ୍ତିକାରୀମାନେ ସେହି ନୂତନ ବ୍ୟବସ୍ଥାରେ କାର୍ଯ୍ୟ କରନ୍ତୁ । ଦେଶାଚାରକୁ ବ୍ୟବସ୍ଥାରେ ପରିଣତ କରି ପୂର୍ବ ଋଷିମାନଙ୍କର ବ୍ୟବସ୍ଥାକୁ ଅବଜ୍ଞା କରିବା ଉଚିତ ନୁହେଁ ।

ଦେଶରୁ ଗୋପନ ବ୍ୟଭିଚାର ଓ ଭ୍ରୂଣହତ୍ୟା ରହିତ କରିବା ଅଭିପ୍ରାୟରେ ପୂର୍ବାଚାର୍ଯ୍ୟମାନେ କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କୁ ସବୁ ଅବସ୍ଥାରେ ପବିତ୍ର ପ୍ରକାଶ୍ୟ ବିବାହ କରିବାକୁ ବ୍ୟବସ୍ଥା ଦେଲେ ; ମାତ୍ର ଆଧୁନିକ ବ୍ୟବସ୍ଥାଦାତାମାନେ ବିବାହକୁ ଏପରି ନୀଚସ୍ଥାନ ଦେଲେ ଯେ, ଲୋକେ ବିବାହର ନାମ ଧରିବାକୁ ସୁଦ୍ଧା ଲଜ୍ଜା ବୋଧ କଲେ ଏବଂ ଗୋପନ ଲଙ୍ଘନ ଓ ଭ୍ରୂଣହତ୍ୟାକୁ ଧର୍ମ ମନେ କଲେ । ବର୍ତ୍ତମାନ ବୁଝନ୍ତୁ, ଶାସ୍ତ୍ରବିଧି ଓ ବିବେକର ଆଦେଶ ମାନି କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କର ପ୍ରକାଶ୍ୟ ବିବାହ କରିବା ଉଚିତ ? ନାଁ — ଦେଶାଚାର ଓ ଲୋକନିନ୍ଦାକୁ ଭୟ କରି ଗୋପନ ବ୍ୟଭିଚାରକୁ ପ୍ରଶ୍ରୟ ଦେଇ ଲୋକଚକ୍ଷୁରେ ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ବୋଲାଇବା ଉଚିତ ?

# ସାରଦା ଆଇନ ଅନିଷ୍ଟପ୍ରଦ

ମନୁସଂହିତା ନବମ ଅଧ୍ୟାୟ ୮୮, ୮୯, ୯୦ ଶ୍ଳୋକରେ କନ୍ୟାଦାନପ୍ରଥା ଓ ଯୁବତୀ-ବିବାହ ପ୍ରଥା ବିଷୟରେ ଯେଉଁ ବ୍ୟବସ୍ଥା ଦିଆଯାଇଅଛି, ତାହା ନିମ୍ନରେ ପ୍ରକାଶ କରାଗଲା ।

୮୮ । ଉତ୍କୃଷ୍ଟାୟାଭିରୂପାୟ ବରାୟ ସଦୃଶାୟ ଚ
ଅପ୍ରାପ୍ତାମପି ତାଂ ତସ୍ମୈ କନ୍ୟାଂ ଦଦ୍ୟାଦ୍ ଯଥା ବିଧି ।
୮୯ । କାମମାମରଣାତ୍ତିଷ୍ଠେଦ୍ ଗୃହେ କନ୍ୟର୍ତୁମତ୍ୟପି
ନ ଚୈବୈନାଂ ପ୍ରଯଚ୍ଛେତ୍ତୁ ଗୁଣହୀନାୟ କର୍ହିଚିତ୍ ।
୯୦ । ତ୍ରୀଣିବର୍ଷାଣ୍ୟୁଦୀକ୍ଷେତ କୁମାର୍ୟୃତୁମତୀ ସତୀ
ଊର୍ଦ୍ଧ୍ୱନ୍ତୁ କାଲାଦେତସ୍ମାଦ୍ ବିନ୍ଦେତ ସଦୃଶଂ ପତିମ୍ ।

ପ୍ରଥମ ବ୍ୟବସ୍ଥା—ଉତ୍କୃଷ୍ଟ, ଅଭିରୂପ ଓ ସଦୃଶ ବରପାତ୍ର ପାଇଲେ କନ୍ୟା ଅପ୍ରାପ୍ତବୟସ୍କା ହୋଇଥିଲେ ସୁଦ୍ଧା ସେହି ବର ସହିତ ତାହାର କନ୍ୟାଦାନ କର୍ମ କରାଇବ ।

ଦ୍ୱିତୀୟ ବ୍ୟବସ୍ଥା—କନ୍ୟା ଋତୁମତୀ ହୋଇ ବରଂ ମରଣ ପର୍ଯ୍ୟନ୍ତ ବାପଘରେ ରହିବ କିନ୍ତୁ କନ୍ୟା ଋତୁମତୀ ହୋଇଗଲେ ଧର୍ମ ନଷ୍ଟ ହୋଇଯିବ ଏପରି ଆଶଙ୍କା କରି ଗୁଣହୀନ ବରକୁ କଦାଚ କନ୍ୟାଦାନ କରିବ ନାହିଁ ।

ତୃତୀୟ ବ୍ୟବସ୍ଥା—କନ୍ୟା ଋତୁମତୀ ହେଲେ ଆଉ କନ୍ୟାଦାନ କରିବ ନାହିଁ କିମ୍ବା ଯୁବତୀବିବାହ ମଧ୍ୟ କରିବ ନାହିଁ । ଋତୁମତୀ ହେବା ପରେ ତିନିବର୍ଷ ଅପେକ୍ଷା କରି ଅର୍ଥାତ୍ ସନ୍ତାନ ପ୍ରସବ କରିବାର ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଅବସ୍ଥା ପ୍ରତି ଦୃଷ୍ଟି ରଖି ଯୁବତୀ ବିବାହ ସଂସ୍କାର କରାଇବ ।

[ଦ୍ୱିରାଗମନ କର୍ମ ବେଳେ ମଧ୍ୟ କନ୍ୟାର ସ୍ୱାସ୍ଥ୍ୟପ୍ରତି ଦୃଷ୍ଟି ରଖି ଦୁଇ ତିନିବର୍ଷ ଅପେକ୍ଷା କରିବା ଆବଶ୍ୟକ । ]

ଉପରଲିଖିତ ତିନୋଟି ବ୍ୟବସ୍ଥା ଏବଂ ବଶିଷ୍ଠ ସଂହିତା ସତର ଅଧ୍ୟାୟ ଶେଷରେ ଥିବା ଯେଉଁ ତିନୋଟି ବ୍ୟବସ୍ଥା ପୂର୍ବେ ଆଲୋଚନା କରାଯାଇଅଛି ଏହି ଛଅଟି ବ୍ୟବସ୍ଥା ଭାରତବର୍ଷର ବିବାହ ପ୍ରଣାଳୀ ପାଇଁ ସର୍ବୋତ୍କୃଷ୍ଟ ବ୍ୟବସ୍ଥା । ଏହି ଛଅଟି ବ୍ୟବସ୍ଥା ନ ବୁଝି ଭାରତର ବିବାହ ସମସ୍ୟାକୁ ଆଇନ ଉପରେ ପ୍ରତିଷ୍ଠା କରିବା ମଙ୍ଗଳପ୍ରଦ ନୁହେଁ । ଏହି ଛଅଟି ବ୍ୟବସ୍ଥା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ସମସ୍ତଙ୍କ ପାଇଁ ଦିଆଯାଇଥିବା ସ୍ଥଳେ ଏବଂ କନ୍ୟାଦାନ ଓ ଯୁବତୀ ବିବାହ ପ୍ରଥାର ଆବଶ୍ୟକତା ସ୍ୱତନ୍ତ୍ର ଭାବରେ ବୁଝାଇଦିଆଯାଇଥିବା ସ୍ଥଳେ କରଣମାନେ ବୃଦ୍ଧା-ବିବାହ ପ୍ରଥାର ଓ ବ୍ରାହ୍ମଣମାନେ କନ୍ୟାଦାନ ପ୍ରଥାର ଅନ୍ଧ ଅନୁସରଣ କରୁଅଛନ୍ତି କିପରି ଓ କାହିଁକି ?

କି କରଣ, କି ବ୍ରାହ୍ମଣ ଯେଉଁମାନେ ଯୁବତୀ-ବିବାହ ପ୍ରଥାରେ ଝିଅଟିମାନଙ୍କୁ ବିବାହ ଦେବାକୁ କର୍ତ୍ତବ୍ୟବୋଧ କରୁଅଛନ୍ତି, ସେମାନେ ତାହା କରନ୍ତୁ ; ମାତ୍ର ଆଇନ ସାହାଯ୍ୟରେ ଭାରତରେ ବାଧ୍ୟତାମୂଳକ ଯୁବତୀ-ବିବାହର ପ୍ରଚଳନ ନିନ୍ଦନୀୟ ଓ ଅନିଷ୍ଟପ୍ରଦ । ଅନ୍ଧତା ଉପରେ ପ୍ରତିଷ୍ଠିତ ଶିଶୁ-ବୈଧବ୍ୟ ରହିତ କରିବା ପାଇଁ ଆଜି ସାରଦା ଆଇନ ଅଭ୍ୟର୍ଥନା କରାଯାଇଅଛି । ଆଉ କିଛି ଦିନ ପରେ ଯୁବତୀ ବୈଧବ୍ୟ ରହିତ କରିବା ପାଇ ବାଧ୍ୟତାମୂଳକ ବୃଦ୍ଧା ବିବାହପାଇଁ ମଧ୍ୟ ଆଇନ କରାଯାଇପାରେ । ସେ ଯାହା ହେଉ ଭାରତର ବିବାହ ସମସ୍ୟାକୁ ଆଇନ ଉପରେ ପ୍ରତିଷ୍ଠା କରିବା ଶ୍ରେୟସ୍କର ନୁହେଁ । ଅତଏବ ଦେଶାଚାର ଉପରେ କିମ୍ବା ଆଇନ ଉପରେ କିମ୍ବା ଅର୍ଥଶୂନ୍ୟ ମନ୍ତ୍ର ଉପରେ ନିର୍ଭର ନ କରି ଆମ୍ଭମାନଙ୍କୁ ଆଜି କନ୍ୟାଦାନ ଓ ଯୁବତୀ-ବିବାହ ପ୍ରଥାର ନୂତନ ପ୍ରଣାଳୀ କିମ୍ବା ଶାସ୍ତ୍ରାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀ ସ୍ଥିର କରିବାକୁ ହେବ । ତେବେ ଯାଇଁ ଭାରତବର୍ଷ ସମସ୍ତ ପୃଥିବୀର ଆଦର୍ଶ ହେବ ।

କନ୍ୟାଦାନ କର୍ମର ଏକବର୍ଷ ପରେ ବର୍ଷବୃଦ୍ଧି ବୋଲି ଯେଉଁ କର୍ମ ହୁଏ ସେହି କର୍ମରେ "ଆବୟୋବରକନ୍ୟୟୋ ର୍ବିବାହାଙ୍ଗ"

ଏହି ମନ୍ତ୍ରଟି ପଢ଼ାହୁଏ । ବର୍ଷବୃଦ୍ଧି କର୍ମ ପୂର୍ବରୁ କନ୍ୟା ଋତୁମତୀ ହୋଇଗଲେ ସେହି ବର୍ଷବୃଦ୍ଧି କର୍ମକୁ ଦୂର୍ବାକ୍ଷତ କର୍ମ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇ ଦୂର୍ବାକ୍ଷତ କର୍ମ ଦିନ ସମ୍ପନ୍ନ କରାଯାଏ । ଆମେ ଅନ୍ଧ—ବଶିଷ୍ଠଙ୍କର ବ୍ୟବସ୍ଥା କିମ୍ବା ମନୁଙ୍କର ବ୍ୟବସ୍ଥା ନ ବୁଝିଲୁ ନାହିଁ ; କିନ୍ତୁ ଉପରେ ଯେଉଁ "ବରକନ୍ୟା ଓ "ବିବାହାଙ୍ଗ" ଏହି ଯୋଡ଼ିଏ କଥା ପ୍ରତ୍ୟେକ କର୍ମରେ ପଡ଼ୁଁ ସେହି ଯୋଡ଼ିକ କଥା ନ ବୁଝି କନ୍ୟାଦାନକୁ ବିବାହ ମନେକଲୁଁ —ଯେଉଁ ମୁକୁଟ ଦୁବ-ବରକୋଳି ପାନ, ଗୁଆ, ଅରୁଆ ଚାଉଳ ପ୍ରଭୃତି ପଦାର୍ଥ କନ୍ୟାଦାନ କର୍ମରେ ବ୍ୟବହୃତ ହୋଇଥାଏ, ସେ ସବୁକୁ ପାଣିକି ପକେଇ ନ ଦେଇ ବର୍ଷବୃଦ୍ଧି କିମ୍ବା ଦୂର୍ବାକ୍ଷତ ଦିନ ପର୍ଯ୍ୟନ୍ତ ବାନ୍ଧି ରଖିଥାଉ କାହିଁକି ଏ କଥା ମଧ୍ୟ ଠିକେ ନ ବୁଝି ଆଠନଅ ବର୍ଷରୁ ଝିଅଟିମାନଙ୍କୁ ବିଧବା କଲୁଁ । ଯାହା ହେବାର ହେଲାଣି ବର୍ତ୍ତମାନ ବ୍ରାହ୍ମଣ ସମାଜ ଭଲ କରି ବୁଝନ୍ତୁ ଯେ, ଦୂର୍ବାକ୍ଷତ କର୍ମରେ ତଥା ସପ୍ତପଦୀ କର୍ମରେ ବିବାହର ସମାପ୍ତି ହୁଏ; ତେଣୁ ଏଣିକି ଯେଉଁମାନେ କନ୍ୟାଦାନ କର୍ମ କରିବେ ସେମାନେ ସପ୍ତପଦୀ କର୍ମଟିକୁ କନ୍ୟାଦାନ କର୍ମ ଦିନ ସମ୍ପନ୍ନ ନ କରି ଦୂର୍ବାକ୍ଷତ କର୍ମ ଦିନ କରନ୍ତୁ । ବଲାଙ୍ଗିର ଷ୍ଟେଟର ବ୍ରାହ୍ମଣମାନେ ସପ୍ତପଦୀ କର୍ମକୁ ଚତୁର୍ଥୀ ଦିନ କରନ୍ତି ବୋଲି ଶୁଣିଆସିଲି । ଏହି ସପ୍ତପଦୀ କର୍ମଟିକୁ ଦୂର୍ବାକ୍ଷତ କର୍ମଦିନ ସମ୍ପନ୍ନ କଲେ ବାଲ୍ୟବିବାହ ନିରୋଧ ଆଇନ ଆପେ ଆପେ ଉଠିଯିବ ଏବଂ ଆମ୍ଭମାନଙ୍କର ବହୁଦିନର ବଦ୍ଧମୂଳ ଭ୍ରାନ୍ତଧାରଣା ଦୂର ହୋଇଯିବ । ଏତିକି ପରିବର୍ତ୍ତନ ସ୍ୱୀକାର ନ କଲେ ଝିଅଟିମାନଙ୍କୁ ଚଉଦବର୍ଷ କାହିଁକି ଅତି କଷ୍ଟଦିନ ପରେ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଅବିବାହିତା ରଖି ଶିଶୁ-ବୈଧବ୍ୟ ପରିବର୍ତ୍ତେ ଆଉ ଏକପ୍ରକାର ନରକ ଯନ୍ତ୍ରଣା ଭୋଗିବାକୁ ପଡ଼ିବ । ଶାସ୍ତ୍ରକାରମାନେ ଓଲୁ ନୁହଁନ୍ତି, ଅନ୍ଧ ନୁହଁନ୍ତି । ଆମେ ଓଲୁ, ଆମେ ଅନ୍ଧ ।

To

**HIS EXCELLENCY,**

# The Governor of Orissa

●

**Subject—Protest against Child Marriage Restraint Act XIX of 1929 and its subsequent amendments.**

*The humble memorial of Bairagi Charan Misra, Secretary of the Narimangal Samity (Womens' Welfair Society) of Cuttack, representing a large number of His Majesty's subjects of Orissa, more specially representing the Brahmin and Baishya section of the Hindu community whom only the said Act practically affects. most respectfully sheweth :*

That in considering the necessity of the Child Marriage Restraint Act and how far the Act is based on truth and justice, and how far it is beneficial or otherwise to the society, attention may kindly be paid to the following matters —

The general notion that there is child marrige in India is wrong. The marriage of a child is obvi-

ously absurd and unsastric. This longstanding wrong notion is the outcome of the misunderstanding of the wise sastric principles underlving Kanyadana and Durbakshata custom of marriage prevalent among the Brahmin and Baishya communities in India.

For each human life sixteen "Sanskaras" or sacraments have been prescribed in the Hindu Sastras. Of these "Sanskaras" "Garvadhana" is the first, and is meant to be performed by the husband and wife when they go to welcome a human life, and 'Antyesty' is the last, and is performed by the sons and grandsons, when they give farewell to that life from the physical world. Bibaha or marriage is the Sanskara which establishes the relationship as husband and wife. This Bibaha Sanskara has, on reasonable grounds stated below, been converted to the present custom of Kanyadana and Durbakshata. Kanyadana is not Bibaha Sanskara as expounded by the Hindu Law. It is the Karma or religious performance from which Bibaha Sanskara commences, and Durbakshata is the Karma in which it ends. It is a clear mistake to name and admit Kanyadana as Bibaha or marriage, and Durbakshata as 'Punar-Bibaha' or re-marriage. Durbakshata is Bibaha or marriage in the true sense, because it is in this Karma that the relationship as husband and wife is established Kanyadana Karma does not establish the relationship as husband and wife, and cannot therefore, be admitted as marriage. Kanyadana in its true sense

is nothing but a mere vow made by the guardians of a boy and of a girl that when they will be considered fit to lead worldly life, and specially when the girl will be considered physically fit to be a mother, they will be allowed to establish their relationship as husband and wife by the performance of the Karma named Durbakshata.

From Kanyadana till Durbakshata other Karmas or religious performances are also celebrated ; such as, Chandra-Puja and Bastra-Granthi-Mochana and in all these Karmas we utter the Mantras "Abayor-Barakanyayor-Bibahanga". The literal meaning of this statement of the marriage Mantra is :—"This Karma, which we, the bridegroom and bride are performing, is a part of Bibaha or marriage."

The Karma Bastra-Granthi-Mochana is required to be performed at least one year after Kanyadana and is therefore also called "Barsa-Brudhi" (Barsa means year and Brudhi means over). In case the bride attains puberty before. Barsa-Brudhi Karma is performed, that Karma is postponed to be performed on the day of Durbakshata. This is because an adult bride and her bridegroom cannot reasonably be allowed to sit side by side which is allowed on and from the day of Durbakshata, when bridegroom and bride become husband and wife.

The articles used in one Karma or religious performance are considered impure for use in any

other Karma. But because Hindu marriage consists of all the Karmas performed from Kanyadana till Durbakshata, the articles used in Kanyadana Karma are preserved for use in all the Karmas performed till Durbakshata.

The terms "Barakanyaor" (Bridegroom and bride) and "Bibahanga" (a part of marriage) in the aforesaid statement of the marriage Mantras uttered specially in the Bastra-Granthi-Mochana Karma, the performance of that Karma even on the day of Durbakshata Karma and the preserving of the articles already used in Kanyadana Karma and the use of these articles in all the Karmas performed till the day of Durbakshata, leave no room for doubt and prove without any ambiguity whatsoever, that Kanyadana is not marriage. In the Hindu society, therefore, there is practically no child marriage at all, and hence Child Marriage Restraint Act is absolutely unnecessary for that society.

Had proper attention been paid to the simple and clear meaning of the two aforesaid terms of the Marriage Mantras, which is verified by the longstanding customs stated above, Hindu Law would not have admitted Kanyadana as Bibaha Sanskara, and in consequence the girls losing their bridegrooms before completing Durbakshata would not have been admitted and neglected as widows, and to prevent this unsastric and meaningless widowhood this present Act would not have been

invited in the name of Child Marriage Restraint Act.

Kanyadana and Durbakshata custom is a very good and healthy custom, and has been given preference to adult marriage custom in consideration of the sacred responsibility of the father in selecting a suitable match for his daughter anyhow before she attaias puberty, so that there may not arise the least possible doubt as to the purity of the marriage, and that the indifference on the part of the father in selecting a match in time may not be the cause of his daughter's going astray. While recommending Kanyadana custom Hindu Sastras have not omitted to lay down instructions that those girls who would lose their bridegrooms before completing Durbakshata Karma are to be treated as unmarried girls and not as widows. The prevalent unjust widowhood of such girls is not based on any Sastric authority, and hence Kanyadana custom is not at all responsible for this.

With a view to prevent this meaningless, unjust widowhood the representatives of the people have invited this Act, into being, which not only fails to serve its purpose but on the contrary brings worse result. The Act in action induces litigant and mischievous people to make it a business to collect bribes from innocent people by threatening them with the bugbear of criminal cases.

The Act was given effect to from April 1930. As a result of the steps taken by the Narimangal Samiti that filed some child-marriage cases, many adult girls have been given in marriage and there are now hundreds of adult girls in the Brahmin and Baishya communities who are unmarried still for fear of prosecution. It is pitiable to note that the marriages of these adult girls have all been performed and will be performed in the prevalent Kanyadana and Durbakshata custom. Not to speak of the illiterate mass, even the educated and enlightened persons of the society have followed the prevalent kanyadana custom, having kept concealed the fact of their daughters having attained puberty, though their supposed secret was open to all.

From the time the bride attains puberty till Durbakshata is performed the bridegroom is not allowed to go to the bride's place nor to see the bride. Being compelled by the Act to perform the marriage of adult girls in the prevalent Kanyadana custom the bridegroom and the adult bride are allowed to sit side by side, to touch each other, to play in "Kauries" and so on, not for the day of Kanyadan but for seven days together from the day of Kanyadan according to the prevailing custom, but are prevented from exercising conjugal rights, at least for one year till Durbakshata is performed. Durbakshata Karma was so long being performed at the 16th or 17th year of the girl, when she was considered physically fit to be a

mother, But by the introduction of the Act the guardians of the boy and the girl are indirectly being compelled to perform Durbakshata very soon after Kanyadana, that is at the 13th year of the girl. This Act therefore encourages Child Marriage in the true sense, instead of restraining it.

Although the Act prevents the marriage of girls under 14 years of age people do not hesitate to perform Kanyadana at the 12th cr 13th year of the girl, just before or just after her attainment of puberty on the strength that it is not possible to ascertain and prove the exact age of such girl. The Act therefore while preventing the aforesaid meaningless and false widowhood of girls under 12 or 13 years of age encourages in fact true widowhood of girls who will lose their husbands at their 13th or 14th year of age,

Had proper enquiry been made into these sorts of present troubles and difficulties of the fBrahmin and the Vaisya communities and the uture evils they are apprehending by the increase of age of Kanyadana to 14 years, the enthusiasts in avour of the Act would never have proceeded to make the Act more cruel by the present amended Acts, and it is more regrettable that fproposals are going on to increase the age of Kanyadana to 16 years and make the offence cognisible by Police.

All different communities of this country rely upon their respective religious beliefs, specially

in the matter of marriage. This Act which destroys the religious beliefs and out-rages the sacred sentiments of Brahmins and Vaisyas only seems, therefore, to have been based on the irresponsible opinions of those among whom adult marriage is prevalent, and not on the responsible opinions from among Brahmin and Vaisya communities whom only the Act affects.

Besides the evil consequences resulting from the Act it is not for the good that in a responsible matter like Hindu marriage, which is admitted by Hindu Law to be a religious sacrament, the individual freedom of the people should be destroyed by an Act.

All social evils in the country are but the outcome of the want of understanding and consequent blind following of the past through fear only (—fear of heven and hell). To remove these social evils it is the duty of the educated and civilized community to make people understand things by examples. To compell people to obey and follow an Act through fear only and not through understanding is worse than blind following of the past.

Your Excellency's humble memorialist, therefore, most respectfully prays that in view of the facts and reasons stated above. Your Excellency may be graciously pleased to take necessary steps to repeal the Child Marriage

Restraint Act at a very early date, and also to effect necessary changes in the Hindu Law to the extent that Kanyadana is not Bibaha Sanskara or marriage and that girls losing their bridegrooms before completing Durbakshata karma are not widows.

Bairagi Ch. Misra
*MEMORIALIST*

# ନିବେଦନ

**ବାଧ୍ୟତାମୂଳକ ବୈଧବ୍ୟ** ସମ୍ପୂର୍ଣ୍ଣ ଅଶାସ୍ତ୍ରୀୟ, ଅଯୌକ୍ତିକ ଓ ନିନ୍ଦନୀୟ । ଯେଉଁ ବିଧବାମାନେ ବିବାହ କରିବାକୁ ଇଚ୍ଛା କରନ୍ତି ସେମାନେ ନିଜ ଜୀବନକୁ କଳୁଷିତ ନ କରି ଶାସ୍ତ୍ରାନୁସାରେ ନିଃସଙ୍କୋଚରେ ସର୍ବ ସମକ୍ଷରେ ବିବାହ କରନ୍ତୁ । ଯାହା ସତ୍ୟ ଯାହା ବିବେକାନୁମୋଦିତ ସେଥିରେ ଲଜ୍ଜା କରିବା କିମ୍ବା ଭୟ କରିବାର କୌଣସି କାରଣ ନାହିଁ । ଯେଉଁମାନେ ବ୍ରହ୍ମଚାରିଣୀ ରହିବାକୁ ଇଚ୍ଛା କରନ୍ତି ସେମାନେ ଉପଯୁକ୍ତ ଶିକ୍ଷା ପାଇ ସମାଜର ଓ ଦେଶର ମଙ୍ଗଳ କରି ନିଜ ନିଜର ଜୀବନକୁ ସାର୍ଥକ କରନ୍ତୁ । ବ ୨୫ ର୍ଷରୁ କମ୍ ଉଣେଇଶ ଲକ୍ଷ ବିଧବାଙ୍କୁ ବାଧ୍ୟତାମୂଳକ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ କରି ସେମାନଙ୍କର ମୂଲ୍ୟବାନ ମନୁଷ୍ୟ ଜୀବନକୁ ନଷ୍ଟ ଓ କଳୁଷିତ କରିବା ଘୋର ଅନ୍ୟାୟ ।

**ବାଲ ବୈଧବ୍ୟ** ସମାଜର ଅବିବେକିତାର ପରିଚୟ ଓ ନାରୀଜାତି ପ୍ରତି ପୁରୁଷର ଅମାନୁଷିକ ଅତ୍ୟାଚାରର ଜ୍ୱଳନ୍ତ ପ୍ରମାଣ । ଦେଶରେ ବ ୧୫ ର୍ଷରୁ କମ୍ ବାଳବିଧବାଙ୍କର ସଂଖ୍ୟା ସାଢ଼େ ତିନି ଲକ୍ଷ । ଯେଉଁମାନେ ବାଲ୍ୟବିବାହ ପ୍ରଥାକୁ ପ୍ରଶ୍ରୟ ଦେଉଅଛନ୍ତି, ସେହିମାନେ ଏହି ସାଢ଼େ ତିନିଲକ୍ଷ ବିଧବା ବାଳିକାମାନଙ୍କୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ କରୁ ନାହାନ୍ତି କି ? କନ୍ୟାଟିମାନଙ୍କୁ ବ ୧୫ ର୍ଷ ପରେ ବିବାହ ଦେଲେ ଦେଶର ବାଲବୈଧବ୍ୟ ରହିବ କି ? ଏହି ବାଳବିଧବାମାନଙ୍କର ଅଭିଶାପ କାହା ଉପରେ ପଡୁଛି— ଭାବି ଉତ୍ତର ଦିଅନ୍ତୁ ଓ ଯାହା କର୍ତ୍ତବ୍ୟ ତାହା କରନ୍ତୁ । ଏତିକି ମାତ୍ର ସାଧାରଣରେ ନିବେଦନ ।

ଲେଖକ

# ସଭୁ ଅଥବା ବିବାହ କରିପାରିବେ

## ( ଶାସ୍ତ୍ରୀୟ ପ୍ରମାଣ )

●

ପରାଶର ସଂହିତା ଓ ନାରଦ ସଂହିତାରେ ଲେଖାଅଛି—

ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ ।
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ ॥

ଅନୁବାଦ — ପତି ନିରୁଦ୍ଦେଶ ହେଲେ, ମଲେ, କ୍ଲୀବ ବୋଲି ସ୍ଥିର ହେଲେ ସନ୍ନ୍ୟାସୀ ହେଲେ କିମ୍ବା ପତିତ ହେଲେ ; ଏହି ପାଞ୍ଚ ପ୍ରକାର ଆପଦ ପଡ଼ିଲେ ନାରୀମାନଙ୍କର ଅନ୍ୟ ପତି ଗ୍ରହଣ କରିବା ଉଚିତ ।

ବ୍ୟାଘ୍ରପଦାଚାର୍ଯ୍ୟ ଲେଖିଅଛନ୍ତି :—

ପତ୍ନୀନାଶେ ଯଥା ପୁଂସୋ ଭର୍ତ୍ତୃନାଶେ ତଥା ସ୍ତ୍ରୀୟଃ ।
ପୁନର୍ବାହ କର୍ତ୍ତବ୍ୟଃ କଳି ବପି ଯୁଗେ ତଥା ॥

ଅନୁବାଦ — ପତ୍ନୀ ମଲେ ପୁରୁଷ ଯେପରି ବିବାହ କରେ ସ୍ୱାମୀ ମଲେ ସ୍ତ୍ରୀମାନେ ସେହିପରି ପୁନରାୟ ବିବାହ କରିପାରିବେ ।

ବୈଶମ୍ପାୟନ ଲେଖିଅଛନ୍ତି :—

ପୁରୁଷାଣାମିବ ସ୍ତ୍ରୀଣାଂ ବିବାହା ବହବୋ ମତାଃ ।
ଭର୍ତ୍ତୃନାଶାତ୍ ପୁନଃସ୍ତ୍ରୀଣାଂ ପୁଂସା ପତ୍ନୀ ଲୟେ ଯଥା ॥

ଅନୁବାଦ—ପୁରୁଷମାନଙ୍କ ପରି ସ୍ତ୍ରୀମାନେ ମଧ୍ୟ ବାରମ୍ବାର ବିବାହ କରି ପାରନ୍ତି । ପତ୍ନୀ ମଲେ ପୁରୁଷ ଯେପରି ପୁନର୍ବାର ବିବାହ କରେ, ସ୍ୱାମୀ ମଲେ ସ୍ତ୍ରୀ ମଧ୍ୟ ସେହିପରି ପୁନର୍ବାର ବିବାହ କରିବ ।

ଅତ୍ରି ଋଷି ଲେଖିଅଛନ୍ତି :—

ନଷ୍ଟେ ସନ୍ନ୍ୟାସମାପନ୍ନେ ବ୍ୟାଧିଗ୍ରସ୍ତେ ଚ ଭର୍ତ୍ତରି ।
ପୁନଃ ସ୍ତ୍ରୀଣାଂ ବିବାହ ସ୍ୟାତ୍ କଳାବପି ନ ସଂଶୟଃ ॥

ଅନୁବାଦ—ସ୍ୱାମୀ ମଲେ, ସନ୍ନ୍ୟାସୀ ହେଲେ କିମ୍ବା ବ୍ୟାଧିଗ୍ରସ୍ତ ହେଲେ ସ୍ତ୍ରୀମାନେ ପୁନର୍ବିବାହ କରି ପାରନ୍ତି ।

ଜାବାଲି ଲେଖିଅଛନ୍ତି :—

ବ୍ରାହ୍ମଣାଃ କ୍ଷତ୍ରିୟା ବୈଶ୍ୟାଃ ଶୂଦ୍ରା ସ୍ୱକୁଳ ଯୋଷିତାଂ ।
ପୁନର୍ବିବାହଂ କୁର୍ବୀରନ୍ ଅନ୍ୟଥା ପାପସମ୍ଭବଃ ॥

ଅନୁବାଦ—ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ଯେ କେହି ବିଧବା ହେଲେ ନିଜର କୁଳାଙ୍ଗନାମାନଙ୍କୁ ବିବାହ ଦେବା ଉଚିତ । ତାହା ନ କଲେ ପାପାଗ୍ନିର ବୃଦ୍ଧି ହେବା ସମ୍ଭବ ।

ଅଗସ୍ତି ଋଷି ଲେଖିଅଛନ୍ତି :—

ଭର୍ତ୍ତ୍ରାନ୍ତରେବ ବିଧୁଃସ୍ତ୍ରୀଣାଂ ପୁନଃ ପରିଣୟୋ ମତଃ ।
ନଭଗ୍ନୁ ପାପଂ ନାରୀଣାଂ ଅନ୍ୟଥା ତଦପାତିର୍ନହି ।

ଅନୁବାଦ—ପତିର ମୃତ୍ୟୁ ପରେ ବିଧବାମାନଙ୍କର ବିବାହ ଶାସ୍ତ୍ରସଙ୍ଗତ । ଏଥିରେ କୌଣସି ପ୍ରକାର ପାପ ନାହିଁ । ଏହା ଛଡ଼ା ନାରୀମାନଙ୍କର ଅନ୍ୟ କୌଣସି ସଦ୍ ଉପାୟ ନାହିଁ ।

ଅଙ୍ଗିରା କହିଅଛନ୍ତି—

ଅବୀରାୟାସ୍ତୁ ଯୋଭୁଂକ୍ତେ ସଭୁଂକ୍ତେ ପୃଥିବୀମଳଂ ।

ଅର୍ଥାତ୍ ଅବୀରାର (ପୁତ୍ରହୀନ ବିଧବାର) ଅନ୍ନ ଯେଉଁ ଲୋକ ଭକ୍ଷଣ କରେ ସେ ପୃଥିବୀର ମଳ ଭକ୍ଷଣ କରେ ।

ଯାଜ୍ଞବଲ୍କ୍ୟ ଲେଖିଅଛନ୍ତି :—

ଅକ୍ଷତା ବା କ୍ଷତା ବାପି ପୁନର୍ଭୂଃ ସଂସ୍କୃତା ପୁନଃ ।

ଅକ୍ଷତଯୋନି ହେଉ ବା କ୍ଷତଯୋନି ହେଉ ବିଧବା ପୁନରାୟ ବିବାହ କଲେ ତାହାକୁ ପୁନର୍ଭୂ କୁହାଯାଏ ।

ବିଧବାର କଥା ତେଣିକି ଥାଉ ।

ନାରଦ ଲେଖିଅଛନ୍ତି :—

ଅନ୍ୟସ୍ୟାଂ ଯୋ ମନୁଷ୍ୟଃ ସ୍ୟାଦନୁଷ୍ଠଃ ସ୍ୱଯୋଷିତି ।
ଲଭତେ ସାନ୍ୟ ଭର୍ତ୍ତାର ମେତତ୍କାର୍ଯ୍ୟଂ ପ୍ରଜାପତେଃ ॥

ଯଦି ପୁରୁଷ ନିଜ ସ୍ତ୍ରୀ ସହିତ ନ ରହି ଅନ୍ୟ ସ୍ତ୍ରୀ ସଂସର୍ଗ କରେ, ତେବେ ସେହି ସ୍ତ୍ରୀ ମଧ୍ୟ ଅନ୍ୟ ପତି ବରଣ କରିପାରିବ । ଏହା ପ୍ରଜାପତି କହିଅଛନ୍ତି ।

ଅଥର୍ବବେଦରେ ଲେଖାଅଛି —

ସମାନଲୋକୋ ଭବତି ପୁନର୍ଭୁବା ଽପରଂ ପତିଃ ।

ବିଧବା ପୁନର୍ବାର ବିବାହ କଲେ ସେ ତାହାର ନୂତନ ପତି ସହିତ ପତିଲୋକ ଲାଭ କରେ ।

ନାରଦ ସଂହିତାରେ ଲେଖାଅଛି :—

ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ ।
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ । ୧ ।
ଅଷ୍ଟୌ ବର୍ଷାଣ୍ୟପେକ୍ଷେତ ବ୍ରାହ୍ମଣୀ ପ୍ରୋଷିତଂ ପତିଂ ।
ଅପ୍ରସୂତା ତୁ ଚତ୍ୱାରି ପରତୋଽନ୍ୟଂ ସମାଶ୍ରୟେତ । ୨ ।
କ୍ଷତ୍ରିୟାଃ ଷଟ୍ ସମାସ୍ତିଷ୍ଠେଦପ୍ରସୂତା ସମାତ୍ରୟଂ ।
ବୈଶ୍ୟା ପ୍ରସୂତା ଚତ୍ୱାରି ଦ୍ୱେବର୍ଷେ ତ୍ୱିତରା ବସେତ୍ । ୩ ।
ନ ଶୂଦ୍ରାୟାଃ ସ୍ମୃତଃ କାଲ ଏଷ ପ୍ରୋଷିତ ଯୋଷିତାଂ ।
ଜୀବତି ଶ୍ରୂୟମାଣେ ତୁ ସ୍ୟାଦେଷ ଦ୍ୱିଗୁଣଂ ବିଧିଃ । ୪ ।
ଅପ୍ରବୃତ୍ତୌ ତୁ ଭୂତାନାଂ ଦୃଷ୍ଟିରେଷା ପ୍ରଜାପତେଃ ।
ଅତୋଽନ୍ୟ ଗମନେ ସ୍ତ୍ରୀଣା ମେଷଦୋଷୋ ନ ବିଦ୍ୟତେ । ୫ ।

ଅର୍ଥ :—

୧ମ — ସ୍ୱାମୀ ନିରୁଦ୍ଦେଶ ହେଲେ, ମଲେ, କ୍ଲୀବ ବୋଲି ସ୍ଥିର ହେଲେ, ସନ୍ନ୍ୟାସୀ ହେଲେ କିମ୍ବା ପତିତ ହେଲେ, ଏହି ପାଞ୍ଚ ପ୍ରକାର ଆପଦ ପଡ଼ିଲେ ନାରୀମାନଙ୍କର ଅନ୍ୟ ପତି ଗ୍ରହଣ କରିବା ଉଚିତ ।

୨ୟ — ସ୍ୱାମୀ ନିରୁଦ୍ଦେଶ ହେଲେ ବ୍ରାହ୍ମଣ ଜାତୀୟା ସ୍ତ୍ରୀ ଆଠ ବର୍ଷ ଅପେକ୍ଷା କରିବ । ଯଦି ସନ୍ତାନ ହୋଇ ନ ଥାଏ ତେବେ ଚାରି ବର୍ଷ ମାତ୍ର ଅପେକ୍ଷା କରି ତା ପରେ ବିବାହ କରିବ ।

୩ୟ — କ୍ଷତ୍ରିୟ ଜାତୀୟା ସ୍ତ୍ରୀର ସନ୍ତାନ ଥିଲେ ଛଅ ବର୍ଷ ଓ ସନ୍ତାନ ନ ଥିଲେ ତିନିବର୍ଷ ଅପେକ୍ଷା କରି ବିବାହ କରିବ । ବୈଶ୍ୟ ଜାତୀୟା ସ୍ତ୍ରୀ ସନ୍ତାନ ଥିଲେ ଚାରି ବର୍ଷ ସନ୍ତାନ ନ ଥିଲେ ଦୁଇ ବର୍ଷ ଅପେକ୍ଷା କରି ବିବାହ କରିବ ।

୪ର୍ଥ — ଶୂଦ୍ରାସ୍ତ୍ରୀମାନେ କୌଣସି କାଳ ବିଚାର ନ କରି ବିବାହ କରିବେ । ସ୍ୱାମୀ ଜୀବିତ ଥିବାର ଶୁଣାଗଲେ ପୂର୍ବୋକ୍ତ ସମୟର ଦୁଇଗୁଣ ସମୟ ଅପେକ୍ଷା କରିବାକୁ ହେବ । କୌଣସି ସମ୍ବାଦ ପାଇ ନ ଥିଲେ ପୂର୍ବୋକ୍ତ ସମୟ ଅପେକ୍ଷା କରି ବିବାହ କରିବ ।

୫ମ — ଭଗବାନଙ୍କର ସୃଷ୍ଟି ରକ୍ଷାକରିବା ଆବଶ୍ୟକ, ସୁତରାଂ ବ୍ରହ୍ମା ନିଜେ ବିଧି ଦେଉଅଛନ୍ତି ଯେ, ନିରୁଦ୍ଦେଶ ସନ୍ନ୍ୟାସୀ ବା ଦୀର୍ଘ ପ୍ରବାସୀ ସ୍ୱାମୀକୁ ତ୍ୟାଗ କରି ନାରୀ ପୁନର୍ବାର ବିବାହ କରିଲେ ତାହାର କୌଣସି ପାପ ହେବ ନାହିଁ ।

ଅଥର୍ବବେଦରେ ଲେଖାଅଛି :—

ଅପଶ୍ୟଂ ଯୁବତିଂ ନୀୟମାନାଂ ଜୀବାଂମୃତେଭ୍ୟଃ ପରିଣୀୟମାନାଂ ।
ଅନ୍ଧେନ ଯତ୍ତମସା ପ୍ରାବୃତାସୀତ୍ ପ୍ରୋକ୍ତୋ ଆପାଚୀନୟଂ ତଦେନାଂ ॥

ଅନୁବାଦ :— ଯୁବତୀ ବିଧବାକୁ ମୃତପତିଠାରୁ ସ୍ୱତନ୍ତ୍ର କରି (ସହ ମରଣ କରିବାକୁ ଦିଆ ନ ହୋଇ) ପୁନଶ୍ଚ ବିବାହ ଦିଆଯାଇ ଦେଖାଯାଇଅଛି ଯେ ସେ ବର୍ତ୍ତମାନ ସୁଖୀ ଅଛି ।

ଋଗ୍‌ବେଦରେ ଲେଖାଅଛି :—

ଉଦୀର୍ଷ୍ୱ ନାର୍ଯ୍ୟଭିଜୀବଲୋକମିତାସୁମେତ ମୁପଶେଷ ଏହି ।
ହସ୍ତଗ୍ରାଭସ୍ୟ ଦଧିଷୋସ୍ତବେଦଂ ପତ୍ୟୁର୍ଜନିତ୍ୱ ମଭିସମ୍ବଭୂବ ॥

ଅନୁବାଦ :—ହେ ନାରୀ, ତୁମ୍ଭେ ମୃତପତି ନିକଟରେ (ପତି ମରଣ ସକାଶେ) ଶୟନ କରିଅଛ ? ଏଠାରୁ ଉଠି ସଂସାର ଲାଗି ଫେରିଚାଲ । ଯେଉଁ ବ୍ୟକ୍ତି ତୁମ୍ଭର ହାତ ଧରି ଉଠାଉ ଅଛନ୍ତି ସେ ତୁମ୍ଭଙ୍କୁ ବିବାହ କରିବାକୁ ଇଚ୍ଛା କରନ୍ତି । ବର୍ତ୍ତମାନ ତୁମ୍ଭେ ତାହାଙ୍କର ପତ୍ନୀ ହୁଅ ।

ଉପରେ ଯେଉଁ ସବୁ ଋଷି-ମତ ଦିଆଗଲା ସେଥିରୁ ସ୍ପଷ୍ଟ ପ୍ରମାଣ ମିଳୁଅଛି କି, କ୍ଷତଯୋନି ହେଉ ବା ଅକ୍ଷତ ଯୋନି ହେଉ କୌଣସି ବିଧବା ବିବାହ କରିବାକୁ ଇଚ୍ଛା କଲେ ତାଙ୍କୁ ବିବାହ ଦେବା ଉଚିତ ; କାହାରିକୁ ବାଧ କରି ବ୍ରହ୍ମଚାରିଣୀ କରାଇବା ଅଶାସ୍ତ୍ରୀୟ ଓ ଅଯୌକ୍ତିକ— କାରଣ ସେପରି ବିଧବାଙ୍କୁ ବିବାହ ନ ଦେଲେ ପାପାଚାରର ବୃଦ୍ଧି ହେବାର ସମ୍ଭବ । ଯେଉଁମାନେ ଏତିକି ବୁଝିବାକୁ ଅକ୍ଷମ, ସେମାନଙ୍କୁ ଅନ୍ଧ ନ କହି, ଯେଉଁ ଋଷିମାନେ ଯୁକ୍ତିଯୁକ୍ତ ବିଚାର କରି ବିବାହ କରିବାକୁ ଅନୁମତି ଦେଇଗଲେ ସେହିମାନଙ୍କୁ କଣ ଅନ୍ଧ କହିବା ?

# ବାଲ ବିଧବାମାନଙ୍କର ବିବାହ

## ଏକାନ୍ତ ଆବଶ୍ୟକ

### ( ଶାସ୍ତ୍ରୀୟ ପ୍ରମାଣ )

ଚ୍ୟବନ ଋଷି ଲେଖିଅଛନ୍ତି :—

ପୂର୍ବଂ କ୍ଷତେ କାଚିତ୍ ବ୍ରାହ୍ମଣାଂ ମୃତେ ପତ୍ୟୌ ବିଧେର୍ବଶାତ୍ ।
ଦଶାହାଭ୍ୟନ୍ତରେ କୁର୍ଯ୍ୟାତ୍ ପୁନଃ ପରିଣୟଂ ପିତା ॥

ଅନୁବାଦ :—ସ୍ୱାମୀ ସଙ୍ଗ କରିବା ପୂର୍ବେ ଯେଉଁ ସ୍ତ୍ରୀ ବିଧବା ହୁଏ, ସ୍ୱାମୀ ମରିବାର ଦଶଦିନ ମଧ୍ୟରେ ପିତାର ତାହାକୁ ବିବାହ ଦେବା ଉଚିତ ।

ବୃହସ୍ପତି ଲେଖିଅଛନ୍ତି :—

ବିବାହେଚ୍ଛା ଯଦି ସ୍ତ୍ରୀଣାଂ ଭର୍ତ୍ତୃନାଶେ ତୁ ପ୍ରଜାୟତେ ।
ପୁନରକ୍ଷତଯୋନିନାଂ ବିବାହ କରଣଂମତଂ ॥

ଅନୁବାଦ :—ଅକ୍ଷତଯୋନି ସ୍ତ୍ରୀମାନେ ବିଧବା ହୋଇ ପୁନରାୟ ବିବାହ କରିବାକୁ ଇଚ୍ଛା କଲେ ସେମାନଙ୍କୁ ବିବାହ ଦେବା ଉଚିତ ।

କଶ୍ୟପ ଲେଖିଅଛନ୍ତି :—

ଆଷୋଡଶ ବୟସ୍କାନାର୍ଯ୍ୟା ଯଦିତାଃ ମୃତଭର୍ତ୍ତୃକାଃ ।
ପୁନର୍ବିବାହ ମର୍ହନ୍ତିନତତ୍ର ବିଷୟେ ମହାନ୍ ॥

ଅନୁବାଦ :—କୌଣସି ସ୍ତ୍ରୀ ଷୋଳବର୍ଷ ମଧ୍ୟରେ ବିଧବା ହେଲେ ତାହାକୁ ବିବାହ ଦେବା ଏକାନ୍ତ ଆବଶ୍ୟକ । ଏଥିରେ କୌଣସି ସନ୍ଦେହ ନାହିଁ ।

ବିଶ୍ୱାମିତ୍ର ଲେଖିଅଛନ୍ତି :—

ଅସ୍ପୃଷ୍ଟଲିଙ୍ଗଯୋନିନା ମାବିଂଶତି ବୟୁଃସ୍ତ୍ରୀୟଃ ।
ପୁନର୍ବିବାହଃ କର୍ତ୍ତବ୍ୟଶ୍ଚତୁର୍ଷ୍ୱପି ଯୁଗେଷ୍ୱପି ।।

ସ୍ତ୍ରୀ ପୁରୁଷର ସଂସର୍ଗ ହେବା ପୂର୍ବେ କୌଣସି ସ୍ତ୍ରୀ ବିଧବା ହେଲେ ଚାରିଯୁଗରେ ସେହି ସ୍ତ୍ରୀ ବିବାହ କରିପାରିବ ।

ମନୁ ଲେଖିଅଛନ୍ତି :—

ସାଚେଦକ୍ଷତଯୋନିଃ ସ୍ୟାଦ୍ଗତ ପ୍ରତ୍ୟାଗତାପିବା ।
ପୌନର୍ଭବେନ ଭର୍ତ୍ତ୍ରା ସା ପୁନଃ ସଂସ୍କାର ମର୍ହତି ।।

ଅନୁବାଦ :—ଅକ୍ଷତଯୋନି କୌଣସି ସ୍ତ୍ରୀ ଯଦି ପରିତ୍ୟକ୍ତା କିମ୍ବା ବିଧବା ହୁଏ ତେବେ ତାହାକୁ ପୁନର୍ବାର ବିବାହ ଦେବା ଉଚିତ । ସେ ତାହାର ନୂତନ ପତିର ପୁନର୍ଭୂ ପତ୍ନୀ ହେବ ।

ନାରଦ ଲେଖିଅଛନ୍ତି :—

କନ୍ୟୈବାକ୍ଷତଯୋନିର୍ଯା ପାଣିଗ୍ରହଣ ଦୂଷିତାଃ ।
ପୁନର୍ଭୂଃ ପ୍ରଥମା ପ୍ରୋକ୍ତା ପୁନଃ ସଂସ୍କାରମର୍ହତି ।।

ଅନୁବାଦ :—ଯେଉଁ କନ୍ୟା ପାଣିଗ୍ରହଣ ପରେ ବିଧବା ହୁଏ ସେ ଅକ୍ଷତ ଯୋନି ଥିଲେ ତାହାର ପୁନର୍ବାର ବିବାହ ସଂସ୍କାର ହେବା ଉଚିତ । ତିନିପ୍ରକାର ପୁନର୍ଭୂ ମଧ୍ୟରେ ତାହାକୁ ପ୍ରଥମ ପ୍ରକାର ପୁନର୍ଭୂ କୁହାଯିବ ।

ମହାନିର୍ବାଣ ତନ୍ତ୍ରରେ ଲେଖାଅଛି :—

ପରିଣିତା ନ ରମିତା କନ୍ୟକା ବିଧବାଭବେତ୍ ।
ସାପ୍ୟୁଦ୍ବାହ୍ୟା ପୁନଃ ପିତ୍ରା ଶୈବଧର୍ମ୍ମେ ସ୍ୱୟଂ ବିଧିଃ ।।

ଅନୁବାଦ :—ସ୍ୱାମୀ ସହିତ ରମଣ ହେବାର ପୂର୍ବେ କୌଣସି ସ୍ତ୍ରୀ ବିଧବା ହେଲେ ପିତା ସେହି କନ୍ୟାକୁ ବିବାହ ଦେବେ ।

## ଜ୍ୟୋତିଷ ଶାସ୍ତ୍ରରୁ କେତୋଟି ପ୍ରମାଣ

ଜ୍ୟୋତିଃସାର୍ଣ୍ଣବରେ ଲେଖାଅଛି :—

ଭୂମିର୍ନ୍ନ ସ୍ପୃଶ୍ୟତେ ଯସ୍ୟା ଅଙ୍ଗୁଲ୍ୟା ଚ କନିଷ୍ଠୟା ।
ଭର୍ତ୍ତାରଂ ପ୍ରଥମଂ ହନ୍ୟାଦ୍ ଦ୍ୱିତୀୟଞ୍ଚାଭିନନ୍ଦତି ॥

ଅନୁବାଦ :—ଯାହାର କନିଷ୍ଠ ଅଙ୍ଗୁଳି ଭୂମି ସ୍ପର୍ଶକରେନା ତାହାର ପ୍ରଥମ ପତିର ମୃତ୍ୟୁ ହେବ ଏବଂ ସେ ଦ୍ୱିତୀୟ ପତି ସହ ସୁଖରେ ରହିବ ।

ଜ୍ୟୋତିଷ୍କଳ୍ପ ବୃକ୍ଷରେ ଲେଖାଅଛି :—

ଚେଲ୍ଲଗ୍ନେନ୍ଦ୍ୱୋର୍ଦ୍ୟୂନଗୌ ସୌରିଭୌମୌ ତଦାମ୍ନୀଂ
ଭାର୍ଯ୍ୟା ମର୍ତ୍ତ୍ୟସ୍ୟୈବ ପୌନର୍ଭବା ସ୍ୟାତ୍ ।

ଅନୁବାଦ :—ପୁରୁଷର ଲଗ୍ନରେ ଚନ୍ଦ୍ର ଓ ଶନି ସପ୍ତମସ୍ଥ ହେଲେ ତାହାର ପୌନର୍ଭବା (ଦୁଇବାର ବିବାହିତା ସ୍ତ୍ରୀର ଗର୍ଭୋଦ୍ଭବା କନ୍ୟା) ଭାର୍ଯ୍ୟା ହୁଏ ।

ଜ୍ୟୋତିର୍ବିଜ୍ଞାନ କଳ୍ପଲତିକାରେ ଲେଖାଅଛି :—

ଖଳୈଃ କଳତ୍ରେ ଚ ଗତୈର୍ବିଭର୍ତ୍ରୀ
କାନ୍ତା ବିମିଶ୍ରୈସ୍ତୁ ଭବେତ୍ ପୁନର୍ଭୂଃ ॥

ଅନୁବାଦ—ଲଗ୍ନ ବା ଚନ୍ଦ୍ରଠାରୁ ସପ୍ତମ ସ୍ଥାନରେ ପାପଗ୍ରହ ଅବସ୍ଥାନ କରିଥିଲେ, ନାରୀ ପତିହୀନା ହୁଏ ଏବଂ ଶୁଭାଶୁଭ ଗ୍ରହ ଅବସ୍ଥାନ କରିଥିଲେ, ନାରୀ ପୁନର୍ଭୂ ଅର୍ଥାତ୍ ଦୁଇବାର ବିବାହିତା ହୁଏ ।

କ୍ରୂରେହସ୍ତେ ବିଧବା ଭବତି ପୁନର୍ଭୂସ୍ତୁ ଶୁଭାଶୁଭୈଃ ।

ଅନୁବାଦ—ଲଗ୍ନଠାରୁ ସପ୍ତମ ସ୍ଥାନରେ ଅଶୁଭ ଗ୍ରହ ଥିଲେ ନାରୀ ପୁନର୍ଭୂ ଅର୍ଥାତ୍ ଦୁଇବାର ବିବାହିତା ହୁଏ ।

ଯସ୍ୟାଃ ସଂସ୍ପୃଶତେ ଭୂମିମଙ୍ଗୁଳିର୍ନ କନିଷ୍ଠିକା ।
ଭର୍ତ୍ତାରଂ ପ୍ରଥମଂ ହତ୍ୱା ଦ୍ୱିତୀୟଂ ସୈବ ବିନ୍ଦତି ॥

ଅନୁବାଦ—ଯାହାର କନିଷ୍ଠାଙ୍ଗୁଳି ମାଟିରେ ନ ଲାଗେ, ସେ ତାହାର ପ୍ରଥମ ପତିର ମୃତ୍ୟୁର ପରେ ଦ୍ୱିତୀୟ ବାର ବିବାହ କରେ ।

କେବଳ ଏତିକି ନୁହନ୍ତି ଶତାତପ, ଭରଦ୍ୱାଜ, କାତ୍ୟାୟନ, ବଶିଷ୍ଠ ପ୍ରଭୃତି ଅନ୍ୟାନ୍ୟ ଋଷିମାନେ ମଧ୍ୟ ବିଧବା ବିବାହ ସପକ୍ଷରେ ମତ ଦେଇଅଛନ୍ତି । ଆଉ ବିରୁଦ୍ଧରେ ମତ ଦେବାକୁ କେଉଁ ଋଷି କହିଗଲେ ? ଯେଉଁ ଋଷିମାନେ ଏପରି ଲେଖିଗଲେ ଏମାନେ କଣ ସମସ୍ତେ ଓଲୁ ନା ପାଗଳ ଥିଲେ ।

"ବିଧବାମାନଙ୍କୁ କଦାଚ ବିବାହ କରାଇ ଦିଅ ନାହିଁ । କେହି ବିବାହ କରିବାକୁ ଇଚ୍ଛା କଲେ ତାକୁ ସମାଜ ଭୟ ଦେଖାଇ ବାଧ କରି ବ୍ରହ୍ମଚାରିଣୀ କରି ରଖ । ତାହା ନ କଲେ ତୁମ୍ଭ ଘୋଷେଇ କାର୍ଯ୍ୟ ଓ ଧାନକୁଟା କାର୍ଯ୍ୟ ଚଳିବ କପରି ? ଯଦି କେହି ବିବାହ କଲା ତାକୁ ଏପରି ହରକତ କର ଯେପରି କି ତାକୁ ଦେଖି କେହି ବିବାହ କରିବାକୁ ଇଚ୍ଛା ନ କରୁ ।"

ଉପରୋକ୍ତ ମତ କେଉଁ ଋଷି ଦେଇଗଲେ ? ଘରେ ଘରେ ପୂଜାପାଉଥିବା ମହର୍ଷି ଦେଶାଚାର ? ଏହି ମହାତ୍ମାଙ୍କର ପରିଚୟ ଅନ୍ୟତ୍ର ଦିଆଯାଇଅଛି ।

# କଳିଯୁଗରେ ପରାଶରଙ୍କର ମତ ଗ୍ରହଣୀୟ

●

ଅନ୍ୟେ କୃତଯୁଗେ ଧର୍ମା ସ୍ତ୍ରେତାୟାଂ ଦ୍ୱାପରେଽପରେ ।
ଅନ୍ୟେ କଳିଯୁଗେ ନୃଣାଂ ଯୁଗ ହ୍ରାସାନୁରୂପତଃ ॥ ( ମନୁ )

ଅନୁବାଦ—ସତ୍ୟ ଯୁଗର ଧର୍ମ ଅନ୍ୟ, ତ୍ରେତା ଯୁଗର ଧର୍ମ ଅନ୍ୟ, ଦ୍ୱାପର ଯୁଗର ଧର୍ମ ଅନ୍ୟ ଓ କଳିଯୁଗର ଧର୍ମ ଅନ୍ୟ, କାରଣ ଯୁଗ ଅନୁସାରେ ମନୁଷ୍ୟର ଶକ୍ତି ହ୍ରାସ ହୁଏ । ସେଥିଯୋଗୁଁ ଋଷିମାନେ ସ୍ଥିର କରିଅଛନ୍ତି ଓ ପରାଶର ସଂହିତାର ପ୍ରଥମ ଅଧ୍ୟାୟରେ ଲେଖାଅଛି :—

କୃତେ ତୁ ମାନବା ଧର୍ମା ସ୍ତ୍ରେତାୟାଂ ଗୌତମାଃ ସ୍ମୃତାଃ ।
ଦ୍ୱାପରେ ଶଙ୍ଖଲିଖିତାଃ କଳୌ ପାରାଶରାଃ ସ୍ମୃତାଃ ।

ଅନୁବାଦ—ମନୁ ନିରୂପିତ ଧର୍ମ ସତ୍ୟଯୁଗର, ଗୌତମ ନିରୂପିତ ଧର୍ମ ତ୍ରେତା ଯୁଗର, ଶଙ୍ଖଲିଖିତ ଧର୍ମ ଦ୍ୱାପର ଯୁଗର ଓ ପରାଶର ନିରୂପିତ ଧର୍ମ କଳିଯୁଗର ଧର୍ମ ।

"ସର୍ବେଷ୍ୱପି କଳ୍ପେଷୁ ପରାଶରସ୍ମୃତେଃ
କଳିଯୁଗ ଧର୍ମ ପକ୍ଷପାତିତ୍ୱାତ୍ ।" ( ମାଧବାଚାର୍ଯ୍ୟ )

ଅର୍ଥାତ୍ ସବୁ କଳ୍ପରେ ( ଅଧ୍ୟାୟରେ ) କଳିଯୁଗର ଧର୍ମ ନିରୂପଣ କରିବା ପରାଶର ସଂହିତାର ଉଦ୍ଦେଶ୍ୟ । ପରାଶର ସଂହିତାର ୪ର୍ଥ ଅଧ୍ୟାୟରେ ଲେଖାଅଛି—

ନଷ୍ଟେମୃତେ ପ୍ରବ୍ରଜିତେ କ୍ଳୀବେ ଚ ପତିତେ ପତୌ ।
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ । ୧ ।
ମୃତେ ଭର୍ତ୍ତରି ଯା ନାରୀ ବ୍ରହ୍ମଚର୍ଯ୍ୟେ ବ୍ୟବସ୍ଥିତା ।।
ସାମୃତା ଲଭତେ ସ୍ୱର୍ଗଂ ଯଥାତେ ବ୍ରହ୍ମଚାରିଣଃ । ୨ ।
ତିସ୍ରଃ କୋଟ୍ୟର୍ଦ୍ଧ କୋଟି ଚ ଯାନି ଲୋମାନି ମାନବେ ।
ତାବତ୍ କାଳଂ ବସେତ୍ସ୍ୱର୍ଗଂ ଭର୍ତ୍ତାରଂ ଯାନୁଗଚ୍ଛତି । ୩ ।

ଶ୍ଳୋକର ଅର୍ଥ :—

୧ମ—ସ୍ୱାମୀ ଅନୁଦ୍ଦେଶ ହେଲେ, ମଲେ, କ୍ଳୀବ ବୋଲି ସ୍ଥିର ହେଲେ, ସଂସାର ଧର୍ମ୍ମ ପରିତ୍ୟାଗ କଲେ କମ୍ବା ପତିତ ହେଲେ, ସ୍ତ୍ରୀମାନଙ୍କର ଏହି ପାଞ୍ଚ ପ୍ରକାର ଆପଦ ପଡ଼ିଲେ ଅନ୍ୟପତି ବରଣ କରିବା ଉଚିତ ।

୨ୟ—ଯେଉଁ ସ୍ତ୍ରୀ ସ୍ୱାମୀର ମୃତ୍ୟୁ ହେଲେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ରହେ ସେ ଦେହାନ୍ତେ ବ୍ରହ୍ମଚାରୀମାନଙ୍କ ପରି ସ୍ୱର୍ଗ ଲାଭ କରେ ।

୩ୟ—ଯେଉଁ ସ୍ତ୍ରୀ ସ୍ୱାମୀର ମୃତ୍ୟୁ ପରେ ସେହି ସ୍ୱାମୀର ସହଗମନ କରେ ସେ ସାଢ଼େ ତିନିକୋଟି ବର୍ଷ ( ମନୁଷ୍ୟ ଦେହରେ ଯେତେ ଲୋମ ଅଛି ସେତେ ବର୍ଷ ) ସ୍ୱର୍ଗଲାଭ କରେ ।
ଉପରୋକ୍ତ ଶ୍ଳୋକ ତିନୋଟିରୁ ସ୍ପଷ୍ଟ ବୁଝା ଯାଉଅଛି କି ପରାଶର ବିଧବାମାନଙ୍କ ସକାଶେ ତିନିପ୍ରକାର ବିଧି ନିର୍ଦ୍ଦେଶ କରିଅଛନ୍ତି । ବିବାହ, ବ୍ରହ୍ମଚର୍ଯ୍ୟ ଓ ସହଗମନ ।

ଆଇନ ଅନୁସାରେ ସହଗମନ ବିଧି ବନ୍ଦ ହୋଇ ସାରିଲାଣି । ବର୍ତ୍ତମାନ କେବଳ ଦୁଇପ୍ରକାର ବିଧି ଅଛି ।

**ବିବାହ ଓ ବ୍ରହ୍ମଚର୍ଯ୍ୟ ।**

କଳିଯୁଗରେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ଜୀବନଯାତ୍ରା ନିର୍ବାହ କରିବା ବଡ଼ କଠିନ । ସେଥି ସକାଶେ ପରାଶର ୧ମ ଶ୍ଳୋକରେ ବିବାହର ବ୍ୟବସ୍ଥା ଦେଇଅଛନ୍ତି । ସେହି ଶ୍ଳୋକଟିକୁ ଏତେ ସରଳ ଓ ସହଜ କରିଅଛନ୍ତି ଯେ ତାଙ୍କର ମତ ଯେ, କୌଣସି ଲୋକ ସଂସ୍କୃତ ପଢ଼ିଥାଉ ଅବା ନ ପଢ଼ିଥାଉ ଅତି ସହଜରେ ବୁଝି ପାରିବ । ସେ କଛୁ ନ ବୁଝି ପ୍ରଚ୍ଛକେ "ନାରୀଣାଂ ଅନ୍ୟଃ ପତିଃ ବିଧୀୟତେ" ଅର୍ଥାତ୍ ନାରୀମାନଙ୍କର ଅନ୍ୟ ପତି

ବିଧାନ କରିବା ଉଚିତ, କେବଳ ଏତିକିରୁ ତାହାର ସମସ୍ତ ସନ୍ଦେହ ଦୂର ହେବ ।

ମୋ ପାଖକୁ ୬୫ ଜଣ ପଣ୍ଡିତ କେବଳ ପତୌ ଶବ୍ଦର ଅର୍ଥ ବୁଝାଇବା ସକାଶେ ଆସିଲେଣି । ମୁଁ ସେହି ପଣ୍ଡିତମାନଙ୍କର ମୂର୍ଖତା ଦେଖି ଆଶ୍ଚର୍ଯ୍ୟ ହେଲଣି । ଜଣେ କହିଲେ, ଏହି ଶ୍ଳୋକରେ ଥିବା ପତୌ ଶବ୍ଦର ଅର୍ଥ ପ୍ରକୃତରେ "ଅପତୌ" । ପତୌ ଶବ୍ଦ ଅପତୌ ହେଉ ବା ଯାହା ଇଚ୍ଛା ତାହା ହେଉ "ନାରୀଣାଂ ଅନ୍ୟଃ ପତିଃ ବିଧୀୟତେ" ଏତିକିରୁ ତ ସବୁ ଅର୍ଥ ପରିଷ୍କାର ବୁଝା ଯାଉଛି । ଏହି କେତୋଟି ଶବ୍ଦର ଅର୍ଥ ଆପତ୍ତିକାରୀମାନେ କଅଣ କହୁଅଛନ୍ତି କୁହନ୍ତୁ । ଏ ଗଲା ୧ମ ଶ୍ଳୋକ । ଏ ଶ୍ଳୋକରେ ପରାଶର ବିଧବାମାନଙ୍କୁ ବିବାହ କରିବାକୁ ସ୍ପଷ୍ଟରୂପେ ଲେଖିଗଲେ । କେବଳ ବିଧବାମାନଙ୍କୁ ନୁହେଁ କୌଣସି ସ୍ତ୍ରୀର ସ୍ୱାମୀ ନିରୁଦ୍ଦେଶ ହେଲେ କ୍ଳୀବ ହେଲେ ସନ୍ନ୍ୟାସୀ ହେଲେ, କିମ୍ବା ପତିତ ହେଲେ ସେହି ସ୍ତ୍ରୀ ଅନ୍ୟ ପତି ଗ୍ରହଣ କରିପାରେ ।

୨ୟ ଶ୍ଳୋକରେ ଲେଖିଗଲେ କି ଯେଉଁ ନାରୀ ସ୍ୱାମୀର ମୃତ୍ୟୁ ପରେ ବ୍ରହ୍ମଚାରିଣୀ ହୋଇ ରହି ପାରିବ, ସେ ଦେହାନ୍ତେ ସ୍ୱର୍ଗ ଲାଭ କରିବ । ପରାଶର ଏହି ଶ୍ଳୋକରେ ସ୍ପଷ୍ଟ ଲେଖିଅଛନ୍ତି, "ଯାନାରୀ" ଅର୍ଥାତ୍ ଯେଉଁ ସ୍ତ୍ରୀ ( ଇଚ୍ଛା କରିବ ) । ସବୁ ସ୍ତ୍ରୀମାନଙ୍କୁ ବାଧ୍ୟ କରି ବ୍ରହ୍ମଚାରିଣୀ କରି ରଖିବାକୁ କଦାପି ବ୍ୟବସ୍ଥା ଦେଇ ନାହାନ୍ତି । ଆଉ ମଧ୍ୟ କନ୍ୟା କିମ୍ବା ବାଳିକା ନ ଲେଖି ଲେଖିଅଛନ୍ତି 'ନାରୀ' ।

ପରାଶର ଏପରି ଅନ୍ଧ ନ ଥିଲେ ଯେ ନଅ ଦଶ ବର୍ଷର ବାଳିକାମାନଙ୍କୁ ବାଧ୍ୟ କରି ବ୍ରହ୍ମଚାରିଣୀ କରି ରଖିବାକୁ ଆଉ ପୁରୁଷମାନଙ୍କୁ ୭୦ ବର୍ଷ ଯାଏ ବିବାହ କରିବାକୁ ବ୍ୟବସ୍ଥା ଦେଇଗଲେ । ଯେଉଁମାନେ ନଅ ଦଶ ବର୍ଷର ବିଧବା ବାଳିକାମାନଙ୍କୁ ବ୍ରହ୍ମଚାରିଣୀ କରି ରଖିବାକୁ ମତ ଦେଉଅଛନ୍ତି, ସେମାନେ ଯଦି ସମାଜର ଏତେ ମଙ୍ଗଳ କାମନା କରନ୍ତି, ଦେଶ ଓ ଜାତିର ଭବିଷ୍ୟତ ମଙ୍ଗଳ ଲାଗି ଯଦି ସେମାନେ ଏତେ ବ୍ୟାକୁଳ ତେବେ ସେମାନେ କିଛି କିଛି ଅର୍ଥ ସାହାଯ୍ୟ କରି ସେହି ବିଧବା ବାଳିକାମାନଙ୍କ ସକାଶେ ଆଶ୍ରମ ଖୋଲି ଦିଅନ୍ତୁ । ସେମାନେ

ଉପଯୁକ୍ତ ଶିକ୍ଷା ପାଇ ଦେଶର ଓ ଜାତିର ଯଥେଷ୍ଟ ଉପକାର କରି ପାରିବେ । ଏପରି କରିବାକୁ ସେମାନଙ୍କୁ କିଏ ବାଧା ଦେଉଛି କି ? ଆପତ୍ତିକାରୀମାନଙ୍କର ଯଥେଷ୍ଟ ଟଙ୍କା ପଇସା ଅଛି । ବିବାହ ବ୍ରତରେ ହଜାର ହଜାର ଟଙ୍କା ଖର୍ଚ୍ଚକଲା ବେଳକୁ ତ ପଇସା ଅଛି । ଗହଣା କିଣିଲା ବେଳକୁ ତ ପଇସା ଅଛି । ଝୁଲଣ ଯାତ୍ରାରେ ମରଦ ପିଲାମାନଙ୍କୁ ମାଇକିନିଆ ସଜାଇ ନଚାଇଲା ବେଳକୁ ତ ପଇସା ଅଛି । ସେହି ଖର୍ଚ୍ଚର ଦଶଭାଗରୁ ଭାଗେ ବିଧବାମାନଙ୍କ ଲାଗି ଦେଲେ ଆପତ୍ତିକାରୀମାନଙ୍କର କଣ କ୍ଷତି ହୁଅନ୍ତା ? କିଛି ନ କରି କେବଳ କହିବ ବିଧବାମାନଙ୍କୁ ବିବାହ କରାଇ ଦେବୁ ନାହିଁ । ବିଧବା ବାଳିକାମାନେ ତୁମ୍ଭମାନଙ୍କ ଲାଗି ମାଛ, ଶୁଖୁଆ ଜିରାବେଶର ଦେଇ ରାନ୍ଧି ଦେବେ । ତୁମ୍ଭେ ବୁଢ଼ା ବୁଢ଼ୀ ତାଙ୍କର ଆଗରେ ବସି ଖାଉଥିବ । ଏହା କେଉଁ ଶାସ୍ତ୍ରରେ ଅଛି ଦେଖାଇ ପାରିବ କି ?

ଧନ୍ୟରେ ସମାଜ, ଧନ୍ୟରେ ପିତା ମାତା, ତୁମ୍ଭମାନଙ୍କର ହୃଦୟ ଏକାବେଳକେ ପଥର ହୋଇଗଲାଣି । ବୁଦ୍ଧି ଓ ବିବେକ ଏକାବେଳକେ ଲୋପ ହୋଇଗଲାଣି ।

ବାପ ପୁରୁଷ, ତାହାର ହୃଦୟ ପଥର ହେବା କିଛି ଆଶ୍ଚର୍ଯ୍ୟ ନୁହେ କିନ୍ତୁ ମାଆମାନଙ୍କର ହୃଦୟ କଣ ପଥର ହୋଇଗଲା । ମୁଁ କେବଳ ସେହି ବିଧବା ଝିଅମାନଙ୍କର ମାଆମାନଙ୍କୁ କହୁ ନାହିଁ, ସବୁ ମାତୃଜାତିକୁ କହୁଅଛି ।

———

## ଆପତ୍ତିକାରୀମାନଙ୍କର କେତୋଟି ପ୍ରଶ୍ନର ଉତ୍ତର

୧ମ ପ୍ରଶ୍ନ– ଆଜଯାଏ କେହି ଶାସ୍ତ୍ର କିମ୍ବା ବେଦର ମତ ଦେଖୁ ନ ଥିଲେ କାହିଁକି ? ସମସ୍ତେ କଣ ଅନ୍ଧ ଥିଲେ ।

ଉତ୍ତର—(୧) ଭାଇ ବର୍ତ୍ତମାନ ଦେଖୁ ନାଁ, ସମସ୍ତେ ଅନ୍ଧ ହୋଇଛନ୍ତି ତ ଆଜି କଣ ? ଆଜି ଶାସ୍ତ୍ରମତ କେତେଜଣ ଖୋଜୁଛନ୍ତି ? ଯଦି କେହି ଖୋଜୁଥାନ୍ତି ସେମାନେ କେବଳ ମର୍ଖମାନଙ୍କୁ ଭୁଲାଇ କପଟ ରୂପେ ପଇସା ରୋଜଗାର ହେବ, ଏଥିଲାଗି ଫିକର କରୁ ଅଛନ୍ତି । ପ୍ରକୃତରେ ଦେଶର ମଙ୍ଗଳ ଲାଗି, ସମାଜର ପବିତ୍ରତା ରକ୍ଷା କରିବା ଲାଗି ନିଜ ନିଜର ଜାତିର ଶାରୀରିକ, ମାନସିକ ଓ ଅଧ୍ୟାତ୍ମିକ ଉନ୍ନତିଲାଗି କେତେଜଣ ଶାସ୍ତ୍ରମତ ଖୋଜୁ ଅଛନ୍ତି ?

(୨) ଅଚ୍ଛା ପଛକଥା ଧରିବାର ପ୍ରୟୋଜନ ନାହିଁ । ଏ ଯେଉଁ ଋଷି ମତ ଓ ବେଦମତ ସବୁ ବାହାରିଗଲା ଏ ସବୁ ମତ ତ ଆଜି କେହି ଲେଖି ଦେଲା ନାହିଁ । ବର୍ତ୍ତମାନ ଋଷି ମତ ଦେଖି କାର୍ଯ୍ୟ କରୁନାହଁ କାହିଁକି ? କିଏ ମନା କରୁଛି ? ଯେଉଁମାନେ ମନା କରୁଅଛନ୍ତି ସେମାନଙ୍କୁ ପଚାରୁ ନାହଁ କାହିଁକି ? କାହାରିକୁ ନ ପଚାରି କିଛି ନ ବୁଝି ଝିଅଟି ମାନଙ୍କୁ ପିଲାଦିନୁଁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍‌ଧ କରୁଅଛ । ତୁମ୍ଭେ ଅନ୍ଧ ନୁହଁ ତ ଅନ୍ଧ କିଏ ?

୨ୟ ପ୍ରଶ୍ନ—ଆମ ବାପ ଅଜାଙ୍କ ଅମଳରୁ ଆମ୍ଭେମାନେ ଯାହା କରି ଆସିଲୁଣି ସେହି ଦେଶାଚାରକୁ ଆମ୍ଭେମାନେ ଛାଡ଼ିବୁ କପରି ?

ଉତ୍ତର—ବାପ ଅଜା ଅମଳରୁ କେଉଁ କଥାଟା ତୁମ୍ଭେମାନେ କରି ଆସିଲଣି କହିପାରିବ କି ? ସମ୍ ପରିଷ୍କାର ସଂସାର । ଯାହା ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତିତ ହେଉଅଛି ତାହାର ନାମ ସଂସାର । ସେହି ସଂସାରରେ ଜନ୍ମ ହୋଇ ପରିବର୍ତ୍ତନକୁ ସ୍ୱୀକାର ନ କରିବା ମୂର୍ଖତା ନୁହେଁ କି ? ପ୍ରତି ମୁହୂର୍ତ୍ତରେ ସେହି ପରିବର୍ତ୍ତନର ମଧ୍ୟ ଦେଇ ଭଗବାନଙ୍କର ଇଚ୍ଛା କାର୍ଯ୍ୟ କରୁଅଛି । ପରିବର୍ତ୍ତନକୁ

ସ୍ୱୀକାର ନ କରିବା ଓ ଭଗବାନଙ୍କର ଇଚ୍ଛା ବିରୁଦ୍ଧରେ ଦଣ୍ଡାୟମାନ ହୋଇ ଯାବତୀୟ ଦୁଃଖକୁ ବରଣ କରିବା ଏ ଦୁହେଁ ମୋ ନିକଟରେ ଏକା କଥା । ଅଜାଙ୍କ ଅମଳରୁ ଠିକ ସେହିପରି ଚାଲି ଆସୁଅଛି, ଏପରି କୌଣସି ଜଣେ ଲୋକକୁ କେହି ଦେଖାଇ ଦେଇପାରିବ କି ? ଆଜି ନୁହେଁ ଏହିପରି ସବୁ ଯୁଗରେ ଭଗବାନଙ୍କର ଇଚ୍ଛା କାର୍ଯ୍ୟ କରି ଅସୁଅଛି । ପରିବର୍ତ୍ତନକୁ ଅସ୍ୱୀକାର କରିବା ମନୁଷ୍ୟର ଅଜ୍ଞାନତା ଓ ତେଣୁ ଦୁଃଖର କାରଣ । ଯେଉଁ ଲୋକ ଏହି ପରିବର୍ତ୍ତନର ଆବଶ୍ୟକତା ନ ବୁଝିଛି, ସଂସାର ପ୍ରକୃତିରେ କଣ ତାହା ସେ ବୁଝିନାହିଁ । ସଂସାରର ଅର୍ଥ ବୁଝ, ଭଗବାନଙ୍କର ଇଚ୍ଛା କଣ ତାହା ନିଜେ ନିଜେ ସ୍ଥିର କର । ଭଗବାନଙ୍କର ଉଦ୍ଦେଶ୍ୟ ବୁଝି ତଦନୁସାରେ ନିଜ ନିଜର କର୍ତ୍ତବ୍ୟ ସ୍ଥିର କର । ଜାଣି ପାରିବ ପ୍ରତ୍ୟେକଙ୍କର ପରିବର୍ତ୍ତନ ସ୍ୱତଃସିଦ୍ଧ । ପରିବର୍ତ୍ତନକୁ ତୁମ୍ଭେ ସ୍ୱୀକାର କର ନାହିଁ; କରୁ ନାହିଁ ଓ କରିବ ନାହିଁ ବୋଲି ଜିଦ୍‌ଧରି ବସିଅଛ । କିନ୍ତୁ ତୁମ୍ଭର ଜିଦ୍ କେବେ ହେଲେ ରହି ନାହିଁ କି ରହିବ ନାହିଁ । ଭଗବାନଙ୍କର ଇଚ୍ଛା ତୁମ୍ଭର ପ୍ରକୃତ ମଙ୍ଗଳ ସକାଶେ ଯୋରକରି, ବାଧ୍ୟ କରି ତୁମ୍ଭଙ୍କୁ ପରିବର୍ତ୍ତିତ ଓ ନୂତନ କରିଅଛି, କରୁଅଛି ଓ କରିବ । ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ ।"

ତୁମ୍ଭେ ତ ଏତେ କାଇଦା କରି ଏତେ ଶାସନ କରି ସ୍ତ୍ରୀଜାତିକୁ ଅନ୍ଧ କରିସୁଦ୍ଧା ଘରକଣରେ ରଖିଥିଲ । ମନେ କରିଥିଲ ଆମ୍ଭେମାନେ ଯିନା ସରକାର ଘରେ ଗୁକରି କଲୁଁ ଓ ସେଥିସକାଶେ ବଦଳିଲୁଁ । ଏହି ସ୍ତ୍ରୀ ଜାତିକୁ କଦାଚ ବଦଳାଇବାକୁ ଦେବୁ ନାହିଁ କିନ୍ତୁ ଭାବିଦେଖ ଯେଉଁ ସ୍ତ୍ରୀ ଜାତିକୁ ତୁମ୍ଭେ ଏତେ ଜଗିଥିଲ ସେ ଆଜି ବଦଳିଛି ନା ପୂର୍ବପରି ଅଛି ? ତୁମ୍ଭର ଆଇଙ୍କ ଅମଳ କଥା ଭାବ, ତୁମ୍ଭର ମାଆଙ୍କ ଅମଳ କଥା ଭାବ, ସ୍ତ୍ରୀ, ଝିଅ, ବୋହୂଙ୍କ ଅମଳ ଦେଖ । ତାଙ୍କ ଝିଅ ଓ ତାଙ୍କ ବୋହୂ କଣ ହେବେ ଟିକେ ଅନୁମାନ କର । ତୁମ୍ଭର ଝିଅ ବୋହୂଙ୍କୁ ତୁମ୍ଭର ଆଇଙ୍କ ଅମଳକୁ ଆଉ ଫେରାଇ ନେଇ ପାରିବ କି ? ଫେରାଇ

ନେବାକୁ ଚେଷ୍ଟା କରିବା ତୁମ୍ଭର ଅଜ୍ଞାନତା ଜନିତ ଦୁଃଖଭୋଗ ବ୍ୟତୀତ ଅନ୍ୟ କିଛି ହୋଇପାରେ କି ? ଆଜି ଯେ ଘରେ ଘରେ କଳି ଘରେ ଘରେ ଅଶାନ୍ତି ତାହାର ପ୍ରଧାନ କାରଣ ଏହି କି ମୁରବିମାନେ ପରିବର୍ତ୍ତନର ଆବଶ୍ୟକତା ନ ବୁଝି ପିଲାମାନଙ୍କୁ ତାଙ୍କର ପରି ଚଳିବାକୁ ବାଧ କରୁଅଛନ୍ତି, ଶାଶୁ ବୋହୂକୁ ବାଧ କରୁଛି, ମାଆ ଝିଅକୁ ବାଧ କରୁଛି, ବାପ ପୁଅକୁ ବାଧ କରୁଛି ମାତ୍ର ପୁଅର ବାପ ପରି ଚଳିବା, ବୋହୂର ଶାଶୁପରି ଚଳିବା ଓ ଝିଅର ମାଆପରି ଚଳିବା ସମ୍ପୂର୍ଣ୍ଣ ଅସମ୍ଭବ । ସମୟର ସ୍ରୋତ, ସମସ୍ତଙ୍କୁ ବଦଳାଇ ସାରିଲାଣି ।

ସଂସାରରେ କେହି ପଛକୁ ଯାଇ ନ ପାରେ, ସମସ୍ତଙ୍କୁ ଅଗ୍ରସର ହେବାକୁ ହେବ । ସମୟର ସ୍ରୋତ କାହାରିକୁ ନିଶ୍ଚେଷ୍ଟ ରଖିଦେବ ନାହିଁ । ନିଜର ହୃଦୟକୁ ପଚାର, ବିବେକରୂପ ଆଖିକୁ ଖୋଲ । ସଂସାର ରୂପ ପରିବର୍ତ୍ତନର ମଧ୍ୟ ଦେଇ ସେହି ସତ୍ୟ ସ୍ୱରୂପ ଭଗବାନଙ୍କ ନିକଟକୁ ଅଗ୍ରସର ହୁଅ "ଭୟକର ନାହିଁ ।"

## ସତ୍ୟ ସର୍ବଦା ତୁମ୍ଭ ସମ୍ମୁଖରେ, କଦାଚ ପଛରେ ନାହିଁ !

୩ୟ ପ୍ରଶ୍ନ—ବିଧବାକୁ କେଉଁମନ୍ତ୍ର ଦ୍ୱାରା ବିବାହ ଦିଆଯିବ ? ପିତା ଯେଉଁ କନ୍ୟାକୁ ଥରେ ଦାନ କରିଅଛି, ତାକୁ ଆଉ ଥରେ କିପରି ଦାନ କରାଯାଇ ପାରିବ ? ବିଧବା ବିବାହ ସମୟରେ କନ୍ୟାର ଗୋତ୍ର କଣ ହେବ ?

ଉତ୍ତର—ଏ ବିଷୟରେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ମହାତ୍ମା ଗାନ୍ଧି ନିମ୍ନଲିଖିତ ମତେ ଉତ୍ତର ଦେଇଅଛନ୍ତି ।

(୧) ପୁରୁଷର ଦ୍ୱିତୀୟ ବାର ବିବାହ ଯେପରି ପ୍ରଥମ ବିବାହର ବୈଦିକ ମନ୍ତ୍ର ଦ୍ୱାରା ସମ୍ପନ୍ନ ହୁଏ ସ୍ତ୍ରୀମାନଙ୍କର ଦ୍ୱିତୀୟବାର ବିବାହ ମଧ୍ୟ ସେହି ମନ୍ତ୍ରଦ୍ୱାରା ସମ୍ପନ୍ନ ହେବ ।

(୨) କନ୍ୟାଦାନ ଗୋରୁ, ଛେଳି କିମ୍ବା କଂସା ଥାଳି ଦାନ ପରି ନୁହେଁ । ଏହା ଆଧାତ୍ମିକ ଦାନ । ଶାସ୍ତ୍ରରେ ଅଛି ପିତାର

ଅନୁମତି ନେଇ କନ୍ୟାର ଭାଇ, ମାମୁଁ ବା ମାତାମହ ଯାହାର କୌଣସି ସତ୍ତ୍ୱ ନାହିଁ ସେ କନ୍ୟା ଦାନ କରି ପାରିବ । ଅବିବାହିତା ହେଉ ବା ବିଧବା ହେଉ ଯେଉଁ କନ୍ୟା ସାବାଳିକା ସେ ନିଜର ଇଚ୍ଛାନୁଯାୟୀ ବିବାହ କରି ପାରିବ । ଏହା ଶାସ୍ତ୍ର ସଙ୍ଗତ ଓ ଆଇନ ସଙ୍ଗତ । ବିବାହ ସମୟରେ ସ୍ୱାମୀକୁ ପାଳନ ସତ୍ତ୍ୱ ଦିଆଯାଏ । ସ୍ୱାମୀ ମଲେ କନ୍ୟାକୁ ଅନ୍ୟକୁ ଦାନ କରିବା ଅଶାସ୍ତ୍ରୀୟ କିମ୍ବା ଅଯୌକ୍ତିକ ନୁହେଁ ।

(୩) ଗୋତ୍ର ଶବ୍ଦର ଅର୍ଥ ବଂଶ । ବଂଶର ଆଦି ପୁରୁଷର ପରିଚୟ ଦେବା ଗୋତ୍ର ଉଚ୍ଚାରଣର ଉଦ୍ଦେଶ୍ୟ । ଅତଏବ ଦ୍ୱିତୀୟବାର ବିବାହ ସମୟରେ ପ୍ରଥମବାର ବିବାହପରି ପିତୃଗୋତ୍ର ଦ୍ୱାରା ବିବାହ ଦିଆଯିବ । କନ୍ୟା ଯେଉଁ ଗୋତ୍ରରେ ଜନ୍ମିଅଛି ମୃତ୍ୟୁ ପର୍ଯ୍ୟନ୍ତ ତାହାର ସେହି ଗୋତ୍ର ରହିବ ।

୪ର୍ଥ ପ୍ରଶ୍ନ—କେତେ ବର୍ଷ ପର୍ଯ୍ୟନ୍ତ ବିଧବା କନ୍ୟାମାନଙ୍କୁ ବିବାହ ଦିଆଯିବା ଦରକାର ?

ଉତ୍ତର—ମହାତ୍ମା ଗାନ୍ଧି ଏହି ପ୍ରଶ୍ନର ଉତ୍ତରରେ କହିଅଛନ୍ତି, "ଯଦି ବିଧବା କନ୍ୟାମାନଙ୍କର ପୁନର୍ବିବାହ ସକାଶେ କୌଣସି ନିର୍ଦ୍ଦିଷ୍ଟ ସମୟ ରହିବ, ତେବେ ବିପତ୍ନୀକ ପୁରୁଷମାନଙ୍କର ମଧ୍ୟ ସେହିପରି କୌଣସି ନିୟମ ରହିବା ଆବଶ୍ୟକ । ଯେଉଁ ନିୟମ ନାରୀ ଜାତି ସକାଶେ ହେବ ସେହି ନିୟମ ପୁରୁଷଜାତି ସକାଶେ ହେବା ଦରକାର । ବ ୫୦ ର୍ଷର ବିପତ୍ନୀକ ଯଦି ପୁନର୍ବିବାହ କରି ପାରେ ତେବେ ବ୫୦ର୍ଷର ବିଧବାର ମଧ୍ୟ ପୁନର୍ବିବାହରେ ଅଧିକାର ରହିବା ଦରକାର ।"

# ପୁରୁଷର ବିବାହ ଶାସ୍ତ୍ର ବିରୁଦ୍ଧ

"ମରଣଂ ବିନ୍ଦୁ ପାତେନ ଜୀବନଂ ବିନ୍ଦୁ ଧାରଣାତ୍" ଇତ୍ୟାଦି ଶାସ୍ତ୍ର ବାକ୍ୟରୁ ସ୍ପଷ୍ଟ ଦେଖାଯାଉଅଛି କି ଶାସ୍ତ୍ର କର୍ତ୍ତାମାନେ ପୁରୁଷମାନଙ୍କୁ ଥରେ ନୁହେଁ ଶତବାର ତାକିଦ୍ କରିଅଛନ୍ତି ଯେ ସେମାନେ କେବେହେଲେ ବ୍ରହ୍ମଚର୍ଯ୍ୟ ନଷ୍ଟ ନ କରନ୍ତୁ । ସ୍ତ୍ରୀମାନଙ୍କୁ ମଧ୍ୟ ସେହିପରି ବାରମ୍ବାର ତାକିଦ୍ କରିଅଛନ୍ତି ସେମାନେ ଯେପରି କେହି ଏକ ପତିବ୍ରତରୁ ଟିଳେ ହେଲେ ବିଚଳିତ ନ ହୁଅନ୍ତୁ ।

ପୁରୁଷମାନଙ୍କୁ ତ ଜୀବନ ତମାମ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ରହିବାକୁ ଅନେକ ଜାଗାରେ ଅନେକ ଋଷି ଉପଦେଶ ଦେଇଗଲେ, ତେବେ ପୁରୁଷମାନେ ବ୍ରହ୍ମଚର୍ଯ୍ୟ ନ ରଖି ବିବାହ କରୁଅଛନ୍ତି କାହିଁକି ? ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ରହି ପାରିଲେ ଶାସ୍ତ୍ରାନୁସାରେ ସ୍ୱର୍ଗଲାଭ କରିପାରିବେ । ତାହା ସେମାନେ କରୁନାହାନ୍ତି କାହିଁକି ? ବ୍ରହ୍ମଚର୍ଯ୍ୟ ନଷ୍ଟକରି ପୁରୁଷମାନଙ୍କର ବିବାହ କରିବା ଶାସ୍ତ୍ର ବିରୁଦ୍ଧ ନୁହେଁ କି ? ଆଜୀବନ ବ୍ରହ୍ମଚାରୀ ରହି ସ୍ୱର୍ଗଲାଭ ନ କରି ବିବାହ କରିବା ଦ୍ୱାରା ପୁରୁଷମାନେ ନର୍କଗାମୀ ହେଉଅଛନ୍ତି କାହିଁକି ? ପୁରୁଷମାନଙ୍କର ଆଜୀବନ ବ୍ରହ୍ମଚର୍ଯ୍ୟ ରକ୍ଷାକରିବା ଯେଉଁ ପରିମାଣରେ ଶାସ୍ତ୍ରସିଦ୍ଧ, ସ୍ତ୍ରୀମାନଙ୍କର ଶୈଶବରୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧହେବା ସେହି ପରିମାଣରେ ଶାସ୍ତ୍ରସିଦ୍ଧ । ଶାସ୍ତ୍ର ଅନୁସାରେ ପୁରୁଷ ଯଦି ଆଜନ୍ମ ବ୍ରହ୍ମଚାରୀ ହୋଇ ରହି ନପାରିବ ତେବେ ସ୍ତ୍ରୀ କାହିଁକି ଶୈଶବରୁ ବିଧବା ହୋଇ ରହିବ । ଶାସ୍ତ୍ର-କର୍ତ୍ତାମାନେ ପୁରୁଷକୁ ବାଧ୍ୟ କରି ଆଜନ୍ମ ବ୍ରହ୍ମଚାରୀ କରିବାକୁ କହି ଯାଇ ନାହାନ୍ତି କିମ୍ବା ସ୍ତ୍ରୀମାନଙ୍କୁ ବାଧ୍ୟ କରି ବିଧବା କରିବାକୁ କହି ନାହାନ୍ତି ।

ପୁରୁଷ ପକ୍ଷରେ ବାଧ୍ୟତା ମୂଳକ ବ୍ରହ୍ମଚର୍ଯ୍ୟ ଯେଉଁପରି ଦୋଷାବହ, ଅଶାସ୍ତ୍ରୀୟ, ଅଯୌକ୍ତିକ ଓ ନିନ୍ଦନୀୟ, ସ୍ତ୍ରୀ ପକ୍ଷରେ ବାଧ୍ୟତାମୂଳକ ବୈଧବ୍ୟ ସେହିପରି ଅଶାସ୍ତ୍ରୀୟ, ଅଯୌକ୍ତିକ, ଦୋଷାବହ ଓ ନିନ୍ଦନୀୟ ।

ଶାସ୍ତ୍ରକର୍ତ୍ତାମାନେ ପୁରୁଷମାନଙ୍କୁ ବ୍ରହ୍ମଚର୍ଯ୍ୟ ରକ୍ଷାକରିବାକୁ ଏପରି ତାକିଦ୍ କରି ପୁଣି ବିବାହ କରିବାକୁ କାହିଁକି କହିଲେ ଓ ସ୍ତ୍ରୀମାନଙ୍କୁ ଏକପତିବ୍ରତା ରହିବାକୁ କହି ପୁଣି ବିଧବାକୁ ବିବାହ କରିବାକୁ କାହିଁକି ବାରମ୍ବାର କହିଗଲେ ; ତାହାର ତୁଳନାମୂଳକ ଆଲୋଚନା ନ କରି ସ୍ତ୍ରୀମାନଙ୍କୁ ଶୈଶବରୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ କରିବା କେବଳ ନିର୍ବୋଧତା, ସ୍ୱାର୍ଥପରତା ଓ ନିଷ୍ଠୁରତା କିମ୍ବା ଏକ କଥାରେ କହିବାକୁ ଗଲେ ଅମନୁଷ୍ୟତାର ପରିଚୟ ନୁହେଁ କି ?

ଅତଏବ ବିଧବାର ବିବାହ ଯଦି ଶାସ୍ତ୍ରବିରୁଦ୍ଧ, ପୁରୁଷର ବିବାହ ମଧ୍ୟ ଶାସ୍ତ୍ରବିରୁଦ୍ଧ ।

## ପୁରୁଷ ଅପେକ୍ଷା ସ୍ତ୍ରୀର ଆସନ ବହୁ ଉଚ୍ଚରେ

ମନୁ କହିଅଛନ୍ତି — ଉପାଧ୍ୟାୟାନ ଦଶାଚାର୍ଯ୍ୟ ଆଚାର୍ଯ୍ୟାନାଂ ଶତଂ ପିତା
ସହସ୍ରନ୍ତୁ ପିତୃନ୍ମାତା ଗୌରବେଣାତି ରିଚ୍ୟତେ ॥

ଅନୁବାଦ — ଉପାଧ୍ୟାୟ ଅପେକ୍ଷା ଆଚାର୍ଯ୍ୟର ଗୌରବ ଦଶଗୁଣ ଅଧିକ । ଆଚାର୍ଯ୍ୟ ଅପେକ୍ଷା ପିତାର ଗୌରବ ଶତଗୁଣ ଅଧିକ ଏବଂ ପିତା ଅପେକ୍ଷା ମାତାର ଗୌରବ ସହସ୍ର ଗୁଣ ଅଧିକ ।

ଆହୁରି ମଧ୍ୟ କହିଅଛନ୍ତି—

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ॥

ଅନୁବାଦ — ଯେଉଁଠାରେ ନାରୀର ପୂଜା ହୁଏ ସେଠାରେ ଦେବତାମାନେ ପ୍ରସନ୍ନ ହୁଅନ୍ତି । ଯେଉଁଠାରେ ସେମାନଙ୍କର ପୂଜା ନାହିଁ ସେଠାରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହୁଏ ।

ସ୍ତ୍ରୀଜାତି ମାତୃଜାତି, ଜଗତର ମାତା, ତେଣୁ ମାତାର ଆସନ ଯେଉଁଠାରେ ହେବାର ଆବଶ୍ୟକ ସ୍ତ୍ରୀ ଜାତିର ଆସନ ସେହିଠାରେ । ପୁଣି ମାତା ଜଗତର ଆଦିଗୁରୁ (୧ମ ଶ୍ଳୋକରେ ମନୁ କହିଅଛନ୍ତି)

ଅତଏବ ପୁରୁଷର ଆସନ ଯେଉଁଠାରେ ନାରୀର ଆସନ ସେହିଠାରେ ହେବାର ଆବଶ୍ୟକ ।

## ମାତୃଜାତିର ଦୁରବସ୍ଥା

୧ । ଯେଉଁ ସ୍ତ୍ରୀ ଜାତି ସମାଜର ଗୁରୁ, ଯେଉଁ ସ୍ତ୍ରୀ ଜାତି ଜଗତର ମାତା ତାହାର ଆସନ ଆଜି ଦାସୀର ଆସନରେ ପରିଣତ ହୋଇଅଛି । କଂସ ଯେପରି ମୃତ୍ୟୁ ଭୟରେ ନିଜର ଭଉଣୀ ଦେବକୀ ଓ ଭଣୋଇ ବସୁଦେବଙ୍କୁ କାରାରୁଦ୍ଧ କରି ରଖିଥିଲା ଠିକ ସେହିପରି ସ୍ତ୍ରୀ ଜାତିର ଆଖି ଖୋଲିଲେ କାଳେ ସେ ପୁରୁଷଠାରୁ ସମାନ ଅଧିକାର ଦାବି କରିବ ଓ କାଳେ ପୁରୁଷର ପାରିବାରିକ ସୁଖ ଶାନ୍ତିରେ ବାଧା ଘଟିବ, ଏହି ଭୟରେ ସ୍ୱାର୍ଥପର ପୁରୁଷ ଆଜି ସେହି ପରମପୂଜ୍ୟା ମାତୃଜାତିକୁ ନିରକ୍ଷର ଅନ୍ଧ ଓ ଘରକୋଣରେ ବନ୍ଦିନୀ କରି ରଖିଅଛି ।

୨ । ଯଥେଚ୍ଛାଚାରୀ ପୁରୁଷଜାତି ଆଜି ତାହାର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସମସ୍ତ ଶକ୍ତି ନଷ୍ଟ କରି ସବୁ ପ୍ରକାର ଉନ୍ନତି ପଥରେ ବାଧାଦେଇ ନିଜର ଭୋଗବିଳାସ ସକାଶେ ତାହାକୁ ପଶୁଠାରୁ ହୀନ ଜଡ଼ କୁଣ୍ଢେଇ ପରି ବ୍ୟବହାର କରୁଅଛି । ଶାସ୍ତ୍ରଶୂନ୍ୟ, ଧର୍ମଶୂନ୍ୟ ଓ ବିବେକଶୂନ୍ୟ ଅନ୍ଧ ସମାଜର କ୍ରୂର ଶାସନରେ ସେହି ପୂଜନୀୟା ମାତୃଜାତି ଆଜି ୮ । ୯ ବର୍ଷ ବୟସରୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ ହେଉଅଛି ଓ ଏପରି ବୈଧବ୍ୟ ଯନ୍ତ୍ରଣାକୁ ସେହି ଅନ୍ଧସମାଜ ନାମ ଦେଇଅଛି "ବାଧ୍ୟତା ମୂଳକ ସଂଯମ ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନ" କେଉଁ ଧର୍ମଶାସ୍ତ୍ରରେ କେଉଁ ଋଷି ଏପରି ବାଧ୍ୟତାମୂଳକ ସଂଯମଶିକ୍ଷା ଓ ବ୍ରହ୍ମଚର୍ଯ୍ୟର ବ୍ୟବସ୍ଥା ଦେଇ ଯାଇଅଛନ୍ତି କେହି କହି ପାରିବେ କି ? ପୋଥିରେ ତ କୌଣସିଠାରେ ଦେଖାଯାଉ ନାହିଁ । କହିଗଲେ କଣ ଏହି କେତେ ଜଣ ସ୍ୱାର୍ଥପର, ହୃଦୟହୀନ ଓ ବିବେକହୀନ ଅନ୍ଧଙ୍କ କାନରେ ?

୩ । ଦେଶରେ ୨୫ ବର୍ଷରୁ କମ ବିଧବାଙ୍କର ସଂଖ୍ୟା ଊଣେଇଶି ଲକ୍ଷ ଓ ତନ୍ମଧ୍ୟରୁ ୧୫ ବର୍ଷରୁ କମ ବିଧବାଙ୍କର ସଂଖ୍ୟା ସାଢ଼େ ତିନି ଲକ୍ଷ । ଏହି ସାଢ଼େ ତିନିଲକ୍ଷ ବାଳବିଧବାମାନଙ୍କର ଶୋଚନୀୟ ଅବସ୍ଥା ପ୍ରତି ପୁରୁଷମାନଙ୍କର ଉଦାସୀନତା ଦେଖି ମନେ ହୁଏ ଯଦି ହୋଇ

ବିଳାସରେ କୌଣସି ବାଧା ନ ହୁଅନ୍ତା, ତେବେ ଏହି ନଷ୍ଟରେ ଯଥେଚ୍ଛାଚାରୀ ପୁରୁଷ ଜାତି ଜନ୍ମବେଳରୁ ଝିଅ ପିଲାଟିମାନଙ୍କର ଆଖି ଯୋଡ଼ିକ ଫୁଟାଇ ଦେଉଥାଆନ୍ତା । ପୁରୁଷ ଜାତି ଏତକ କରି ନାହିଁ, ଏହା ସ୍ତ୍ରୀଜାତିର ବଡ଼ଭାଗ୍ୟ ।

୪ । ଆସ୍ତା ପୁଅଟିମାନଙ୍କର ସ୍ତ୍ରୀ ମରିଗଲେ ସେମାନଙ୍କୁ ତ ଏପରି ବାଧ୍ୟତାମୂଳକ ସଂଯମଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନର ବ୍ୟବସ୍ଥା ଦେଉ ନାହଁ । ୫୦ । ୬୦ ବର୍ଷର ଚିରରୋଗୀ ଗୋଦଡ଼ ବୁଢ଼ାକୁ ତ କେହି ବାଧ୍ୟତାମୂଳକ ସଂଯମଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନର ବ୍ୟବସ୍ଥା ଦେଖାଉ ନାହଁ । କେବଳ ଝିଅଟିମାନଙ୍କ ଉପରେ ତୁମ୍ଭମାନଙ୍କର ଏତେ ଦୟା କାହିଁକି ? ମାତୃଜାତି ବୋଲି ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ସକାଶେ ? ଝିଅଟିମାନଙ୍କୁ ବୁଢ଼ାବରଙ୍କୁ ବିକି କରି ଦେଉଛ କିନ୍ତୁ ପୁଅଟିମାନଙ୍କୁ ତ ବୁଢ଼ୀକନ୍ୟାଙ୍କୁ କେବେ ହେଲେ କେହି ବିକି କରୁ ନାହଁ ?

୫ । କେଉଁ ଶାସ୍ତ୍ରପଣ୍ଡି ଗୋଦଡ଼ ବୁଢ଼ାକୁ ୧୦ । ୧୧ ବର୍ଷର ଝିଅଟିକୁ ବିକିକରି ଦେଉଛ ? ସେହି ବୁଢ଼ାକୁ କମ୍ପା ଯେଉଁ ବାପ ଝିଅ ବିକି କଲା ତାକୁ ଅଟକ କରିବାକୁ ତ କେହି ଦିନେ ସଭା କରି ନାହିଁ କମ୍ପା କରୁନାହିଁ । ସେହି ବିବାହରେ ଯୋଗ ଦେଇ ମାଛଭାତ ଖିରିପିଠା ପେଟେ ପେଟେ ଖାଇ ଗୁଲ ଆସୁଛ କିନ୍ତୁ ବିଧବାଟିଏ ଶାସ୍ତ୍ର ଅନୁସାରେ ବିବାହ ହେଲେ ତାକୁ ଧୋବାଭଣ୍ଡାରି ଅଟକ କରି ହରକତ କରିବା ଲାଗି ଯେଉଁମାନେ ଏପରି ଚେଷ୍ଟା କରୁଅଛନ୍ତି ଓ ସେଥିସକାଶେ ସଭାକରି ସଭାତଳେ ବକ୍ତୃତା ଦେଇ ମୂର୍ଖମାନଙ୍କ ନିକଟରେ ପାଣ୍ଡିତ୍ୟ ଦେଖାଇ ଲୋକଙ୍କୁ ଭୁଲାଇବାକୁ ଚେଷ୍ଟା କରୁଅଛନ୍ତି ସେମାନଙ୍କୁ ନିର୍ଲଜ୍ଜନକହି ଆଉ କେଉଁ ବିଶେଷଣ ଦିଆଯାଇ ପାରେ । ଏହି ଶ୍ରେଣୀର ଜଣେ ତଥାକଥିତ ପଣ୍ଡିତଙ୍କୁ ପଚାରିବାରୁ ସେ ହାତମୁଣ୍ଡ ହଲାଇ କହିଲେ, "ଯଦ୍ୟପି ସିଦ୍ଧଂ ଲୋକ ବିରୁଦ୍ଧଂ ନାଦରଣୀୟଂ ନାଚରଣୀୟଂ ।" ତାଙ୍କ କହିବା ଶ୍ଳୋକର ଅର୍ଥ ଏହିକି ବୁଢାର କଶେରୀ ବିବାହ ଓ ବାପର କନ୍ୟା ବିକ୍ରୟ ଏସବୁ ଦେଶାଚାର, ତେଣୁ ଆଦରଣୀୟ ମାତ୍ର ବାଳବିଧବାର ପୁନର୍ବିବାହ ଶାସ୍ତ୍ରସଙ୍ଗତ ହେଲେ ସୁଦ୍ଧା ତାହା ଦେଶାଚାର ବିରୁଦ୍ଧ ଥିବାରୁ ଆଚରଣ

କରିବା ଉଚିତ ନୁହେଁ । ସେହି ପଣ୍ଡିତଙ୍କ ମତ ଅନୁସାରେ ଘରେ ଘରେ ବ୍ୟଭିଚାର, ଘରେ ଘରେ ଭ୍ରୂଣହତ୍ୟା, ଅର୍ଥ ଲୋଭରେ ଘରେ ଘରେ ସେହି ପଣ୍ଡିତଙ୍କ ଦ୍ୱାରା ତିଳ ସୁବର୍ଣ୍ଣ ପ୍ରାୟଶ୍ଚିତ୍ତ ମଧ୍ୟ ଦେଶାଚାର ।

୬ । ଆଚ୍ଛା ପଣ୍ଡିତେ ! ଦେଶାଚାରର ଦାସତ୍ୱ ସ୍ୱୀକାର କରି ତୁମ୍ଭର ଝିଅ ବୋହୂମାନଙ୍କୁ ପିଲାଦିନୁ ବିଧବା କର ଓ ସେମାନଙ୍କୁ ବାଧ୍ୟ କରି ମାରି ଧରି ଜମ୍ମା ବାକ୍ସରେ ବନ୍ଦ କରି ବ୍ରହ୍ମଚାରିଣୀ କରି ରଖ, କେହି ମନା କରୁ ନାହିଁ, କିନ୍ତୁ ଯେଉଁ ବିଧବାଟିମାନେ ବିବାହ କଲେ ସେମାନଙ୍କୁ ହରକତ କରିବାକୁ ନାନାବିଧ ଚେଷ୍ଟା କରିବା କେତେଦୂର ଯୁକ୍ତିଯୁକ୍ତ ଓ କେତେଦୂର ଶାସ୍ତ୍ରାନୁମୋଦିତ ତାହା ତୁମ୍ଭ ମନକୁ ପଚାର । କେତେଦୂର ଧର୍ମକାର୍ଯ୍ୟ ତାହା ତୁମ୍ଭର ସହଧର୍ମିଣୀମାନଙ୍କୁ ପଚାର । ତୁମ୍ଭଙ୍କୁ କଣ ଲେଖିବି, ବିଧବାମାନଙ୍କୁ ହରକତ କରିବା ମଧ୍ୟ ତୁମ୍ଭ ମତରେ ଦେଶାଚାର ।

# ଦେଶାଚାରର ଏକାଧିପତ୍ୟ

●

ଯାହାର ଦୌରାତ୍ମ୍ୟରେ ଆଜ ସେହି ପରମପୂଜ୍ୟା ମାତୃଜାତି ଶୈଶବରୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ ହେଉଅଛି, ସେହି ଦେଶାଚାରର **ଜନ୍ମକଥା** କଅଣ ଦେଖାଯାଉ । ଶାସ୍ତ୍ରରେ ଲେଖାଅଛି—

"କେବଳଂ ଶାସ୍ତ୍ରମାଶ୍ରିତ୍ୟ ନ କର୍ତ୍ତବ୍ୟୋ ବିନିର୍ଣ୍ଣୟଃ ।
ଯୁକ୍ତିହୀନ ବିଚାରେଣ ଧର୍ମହାନିଃ ପ୍ରଜାୟତେ ॥"

ଅର୍ଥ:—କେବଳ ଶାସ୍ତ୍ର ଅବଲମ୍ବନ କରି କର୍ତ୍ତବ୍ୟ ନିରୂପଣ କରିବା ଉଚିତ ନୁହେଁ । ଯୁକ୍ତିହୀନ ବିଚାର ଦ୍ୱାରା ଧର୍ମହାନି ହୁଏ ।

ସ୍କନ୍ଦ ପୁରାଣ ଲେଖୁଛନ୍ତି :-

"ନ ଯତ୍ର ସାକ୍ଷାତ୍ ବିଧୟୋ ନ ନିଷେଧାଃ ଶ୍ରୁତୌ ସ୍ମୃତୌ ।
ଦେଶାଚାର କୁଳାଚାରୈସ୍ତତ୍ର ଧର୍ମ ନିରୂପ୍ୟତେ ॥"

ଅର୍ଥ:—ବେଦ କିମ୍ବା ସ୍ମୃତିରେ ସ୍ପଷ୍ଟ ବିଧି କିମ୍ବା ସ୍ପଷ୍ଟ ନିଷେଧ ନ ଥିଲେ ଦେଶାଚାର ଓ କୁଳାଚାର ଦ୍ୱାରା କର୍ତ୍ତବ୍ୟ ନିରୂପଣ କରିବ ।

"ସ୍ମୃତେ ବେଦଂ ବିରୋଧେତୁ ପରିତ୍ୟାଗ ଯଥା ଭବେତ୍ ।
ତଥୈବ ଲୌକିକଂ ବାକ୍ୟ ସ୍ମୃତି ବାଧେ ପରିତ୍ୟଜେତ୍ ॥"

ଅର୍ଥ:—ସ୍ମୃତି ଓ ବେଦ ପରସ୍ପର ବିରୋଧୀ ହେଲେ, ସ୍ମୃତିକୁ ପରିତ୍ୟାଗ କରିବ । ସ୍ମୃତି ଓ ଦେଶାଚାର ପରସ୍ପର ବିରୋଧୀ ହେଲେ **"ଦେଶାଚାରକୁ ପରିତ୍ୟାଗ କରିବ"** ।

ଯୁକ୍ତିଯୁକ୍ତ ବିଚାର କରି ଶାସ୍ତ୍ରର ତୁଳନାମୂଳକ ଆଲୋଚନା କଲେ ଦେଖାଯିବ ସତ୍ୟର ସ୍ଥାନ ସର୍ବପ୍ରଥମ, ଯୁକ୍ତିଯୁକ୍ତ ବିଚାର ବା ବିବେକର ସ୍ଥାନ ଦ୍ୱିତୀୟ, ବେଦର ସ୍ଥାନ ତୃତୀୟ, ଧର୍ମଶାସ୍ତ୍ରର ସ୍ଥାନ ଚତୁର୍ଥ ଓ ଦେଶାଚାରର ସ୍ଥାନ ସର୍ବନିମ୍ନ, ସେଥି ସକାଶେ ଶାସ୍ତ୍ର ସ୍ପଷ୍ଟ ଲେଖୁଛି **"ଦେଶାଚାରକୁ" ପରିତ୍ୟାଗ କରିବ ।** ଦେଶାଚାରକୁ ଏତେ ଉଚ୍ଚସ୍ଥାନ ଦେଇ ଆଜ୍ଞାକରି ମୁଠେଇ ଧରିବାକୁ କେଉଁ ଋଷି କେଉଁଠି ଲେଖିଗଲେ କେହି ଦେଖାଇ ଦେଇ ପାରିବ କି ? ନିଜ ନିଜର ହୃଦୟ କଅଣ କହୁଛି ନ ଶୁଣି, ବିବେକ କଅଣ କହୁଛି ନ ଶୁଣି, ବେଦ ଓ ଶାସ୍ତ୍ର କଅଣ ଲେଖୁଛି ନ ଦେଖି ଦେଶାଚାର ଉପରେ ନିର୍ଭର କରି ଯାବଜ୍ଜୀବ ଦୁଃଖକୁ ବରଣ କରିବା ମୂର୍ଖତା ଓ ନିଶ୍ଚେଷ୍ଟତାର ପରିଚୟ ।

ସାଧାରଣ ଲୋକେ ଯାହା କରନ୍ତି ତାହାର ଅନ୍ୟ ନାମ ଦେଶାଚାର ନୁହେଁ କି ? ବ୍ରାହ୍ମଣମାନଙ୍କର ଆମିଷ ଭକ୍ଷଣ, ଝିଅ ବିକ୍ରୀ, ପୁଅ ବିକ୍ରୀ, ବୃଦ୍ଧର କିଶୋରୀ ବିବାହ, ଏହି ସବୁର ନାମ ତ ଦେଶାଚାର ? କେବଳ ଏତିକି କାହିଁକି, ଘରେ ଘରେ ବ୍ୟଭିଚାର, ଘରେ ଘରେ ଭ୍ରୁଣହତ୍ୟା ଓ ଅର୍ଥ ଲୋଭରେ ବ୍ୟବସ୍ଥାଦାତାମାନଙ୍କର ଘରେ ଘରେ ତିଳ ସୁବର୍ଣ୍ଣ ପ୍ରାୟଶ୍ଚିତ୍ତ ମଧ୍ୟ ଆସ୍ତେ ଆସ୍ତେ ଦେଶାଚାରରେ ପରିଣତ ହେବାକୁ ବସିଲାଣି । ଆଚ୍ଛା, କୁହନ୍ତୁ ଦେଖି ଆମ୍ଭମାନଙ୍କର ଗର୍ହିତ କାର୍ଯ୍ୟ ଅର୍ଥାତ୍ ଦେଶାଚାରକୁ ସଂଶୋଧନ କରିବା ସକାଶେ ଶାସ୍ତ୍ରର ସୃଷ୍ଟି, ନା ଶାସ୍ତ୍ର ବାକ୍ୟକୁ ଖଣ୍ଡନ କରିବାକୁ ଦେଶାଚାରର ସୃଷ୍ଟି ?

ଗୋଟିଏ ଉଦାହରଣ ।—

କେତେଜଣ ଭଦ୍ରଲୋକ ବର୍ଷାରୁ ରକ୍ଷା ପାଇବା ସକାଶେ ଥରେ ଗୋଟିଏ ଛୋଟ କୋଠରୀରେ ବସିଥିଲେ । ଗୋଟିଏ ଓଟ ବର୍ଷାରେ ତିନ୍ତି ସେହିଠାରେ ଉପସ୍ଥିତ ହେଲା ଓ ସେହି କୋଠରୀରେ ଥିବା ଭଦ୍ରଲୋକ-ମାନଙ୍କୁ କହିଲା ! "ଭାଇମାନେ, ମୁଁ ତିନ୍ତିଗଲିଣି । ମୋତେ ବିଶେଷ କଷ୍ଟ ହେଉଅଛି, ତୁମ୍ଭର ଏହି କୋଠରୀ ଭିତରେ କେବଳ ମୋର ମୁଣ୍ଡଟି ରଖିବାକୁ ଅନୁମତି ଦିଅ ଯାଉ ।" ଦୟାପରବଶ ହୋଇ ସମସ୍ତେ ଅନୁମତି

ବିଦେଲେ ମାତ୍ର ୱଟିଏ ଆସ୍ତେ ଆସ୍ତେ ଘର ଭିତରେ ପଶି ଲୋକମାନଙ୍କୁ ସେଠାରୁ ବାହାର କଲା ।

ଦେଶାଚାରରୂପ ପାପକୁ ଶାସ୍ତ୍ର ବାକ୍ୟ ମଧ୍ୟରେ ସାମାନ୍ୟ ଟିକିଏ ସ୍ଥାନ ଦେଇ ଥିବାରୁ ଆଜି ତାହାର ଏହି ଦୌରାତ୍ମ୍ୟ ।

ପାପକୁ ପ୍ରଶ୍ରୟ ଦେଲେ ସେ ପଛକୁ କଣ ନ କରେ । ନିତ୍ୟ ପରିବର୍ତ୍ତନଶୀଳ, ତେଣୁ ମିଥ୍ୟା, ଯେଉଁ ଦେଶାଚାରକୁ ଦୟା କରି ସଙ୍କୁଚିତ ମନରେ ସାମାନ୍ୟ ଟିକିଏ ସ୍ଥାନ ଦିଆଯାଇଥିଲା, ସେହି ଅକୃତଜ୍ଞ ଦେଶାଚାର ସତ୍ୟର ଛଦ୍ମବେଶ ଧରି, ଶାସ୍ତ୍ରମତ ଉପରେ ପଦାଘାତ କରି, ନ୍ୟାୟକୁ ଅନ୍ୟାୟ କରି, ଅନ୍ୟାୟକୁ ନ୍ୟାୟ କରି, ଶାସ୍ତ୍ରକୁ ଅଶାସ୍ତ୍ର କରି, ଅଶାସ୍ତ୍ରକୁ ଶାସ୍ତ୍ର କରି ଆଜି ଦେଶରେ ଏକାଧିପତ୍ୟ ବିସ୍ତାର କରି ରହିଅଛି । ଦେଶାଚାର ଦୌରାତ୍ମ୍ୟରେ ଆଜି ଦେଶରେ ସତ୍ୟ ନାହିଁ, ନ୍ୟାୟ ନାହିଁ, ଦୟା ନାହିଁ, ଶାସ୍ତ୍ରର ତୁଳନାମୂଳକ ଆଲୋଚନା ନାହିଁ, ଲୋକଙ୍କର ହୃଦୟ ନାହିଁ, ବୁଦ୍ଧି ନାହିଁ କି ବିବେକ ନାହିଁ ।

ଯେଉଁ ଦେଶାଚାର ଶାସ୍ତ୍ରାନୁମୋଦିତ ନୁହେଁ କିମ୍ବା ବିବେକାନୁମୋଦିତ ନୁହେଁ ସେହି ଦେଶାଚାରକୁ ସଂଶୋଧନ କରିବା ପ୍ରତ୍ୟେକ ବିବେକବାନ୍ ଲୋକର କର୍ତ୍ତବ୍ୟ । ଲୋକନିନ୍ଦା ଭୟରେ ଦେଶାଚାରକୁ ପ୍ରଶ୍ରୟ ଦେବା କାପୁରୁଷତା ଓ ନିଶ୍ଚେଷ୍ଟତାର ପରିଚୟ ।

ଦେଶାଚାର ରୂପ ପାପର ଦୌରାତ୍ମ୍ୟରୁ, ମାତୃ ଜାତିର ଆଜି ଏ ଦୁରବସ୍ଥା । ହେ ଚିର ନିଷ୍ପେଷିତ ମାତୃଜାତି ତୁମ୍ଭେମାନେ ସତ୍ୟ ସ୍ୱରୂପ ସେହି ଭଗବାନଙ୍କ ନିକଟରେ ପ୍ରାର୍ଥନା କର, କେବେ ସେହି ଦେଶାଚାରର ଯଥେଚ୍ଛାଚାର ରାଜତ୍ୱ ସମାଜରୁ ଲୋପ ପାଇବ । **ତାହା ନ ହେବା ପର୍ଯ୍ୟନ୍ତ ଦେଶରେ ସତ୍ୟର ପ୍ରତିଷ୍ଠା ଅସମ୍ଭବ ।**

ଏହି ପୁସ୍ତକରେ ମୁଁ ଯେଉଁଠାରେ ଆପତ୍ତିକାରୀମାନଙ୍କର ପ୍ରଶ୍ନର ଉତ୍ତର ଦେଇଅଛି ସେହିଠାରେ ଏହି ଦେଶାଚାରର ପରିବର୍ତ୍ତନ କିପରି ସ୍ୱତଃସିଦ୍ଧ ଓ ସ୍ୱଭାବସିଦ୍ଧ, ସେ ବିଷୟରେ ଆଲୋଚନା କରିଅଛି ।

# ପୁରୁଷର ଯଥେଚ୍ଛାଚାରିତା

ମହାନିର୍ବାଣ ତନ୍ତ୍ରରେ ଭଗବାନ ଶଙ୍କର ଲେଖିଗଲେ :—

କନ୍ୟାପ୍ୟେବଂ ପାଳନୀୟା ।
ଶିକ୍ଷଣୀୟାତି ଯତ୍ନତଃ ॥

ଅର୍ଥାତ୍ ଝିଅପିମାନଙ୍କୁ ଅତି ଯତ୍ନର ସହିତ ଶିକ୍ଷା ଦେଇ ପାଳନ କରିବ । ମାତ୍ର ପୁରୁଷଜାତି ନାରୀ ଜାତିକୁ ଶିକ୍ଷା ନ ଦେଇ ଏପରି ନିରକ୍ଷର ଅନ୍ଧ କରି ରଖିଛି କାହିଁକି ? ଏହା ପୁରୁଷର ମାତୃଜାତି ପ୍ରତି ଅବିଚାର ନୁହେଁ କି ? ଯେଉଁମାନେ ଶାସ୍ତ୍ରର ପଛଆଡ଼ୁ ବୁଝି କେବଳ ଶାସ୍ତ୍ର ଶାସ୍ତ୍ର ଡାକ ପକାଉଛନ୍ତି ସେମାନଙ୍କୁ କଣ ଶଙ୍କରଙ୍କର ଏହି ଶାସ୍ତ୍ରବାକ୍ୟ ଦିଶୁ ନାହିଁ ।

ଆଜିଯାଏ ଦିଶୁ ନଥିଲା ନାହିଁ କାରଣ "ଦେଲି ନାରୀ ହେଲି ପାରି" କହି ବରକର୍ତ୍ତାଙ୍କୁ ଟଙ୍କା ପଇସାର ଲୋଭ ଦେଖାଇ ଝିଅପିମାନଙ୍କୁ ୮-୯ ବର୍ଷରୁ ହାତକୁ ଦୁଇହାତ କରି ଦେଇ କନ୍ୟାଦାୟରୁ ରକ୍ଷା ପାଉଥିଲି । ମାତ୍ର ବାଲ୍ୟବିବାହ ବନ୍ଦ ହେଲାଣି । ଏଣିକି ଝିଅମାନଙ୍କୁ ୧୬-୧୭ ବର୍ଷ ଯାଏ ରଖି ଉପଯୁକ୍ତ ଶିକ୍ଷା ଦେବାକୁ ହେବ । ନିରକ୍ଷର, ଅନ୍ଧ ରଖିଲେ କଣ ହେବ ତାହା ଆଗରୁ ଭାବି ସ୍ଥିର କରି ଓ ତଦନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୁଅ ।

ପୁରୁଷର ଯେପରି ଶରୀର ହୃଦୟ ଓ ମନ ଅଛି ସ୍ତ୍ରୀର ମଧ୍ୟ ସେହିପରି ଶରୀର ହୃଦୟ ଓ ମନ ଅଛି । ପୁରୁଷର ଶାରୀରିକ

ମାନସିକ, ଆଧ୍ୟାତ୍ମିକ ଉନ୍ନତି ଯେଉଁପରି ଆବଶ୍ୟକ ସ୍ତ୍ରୀର ମଧ୍ୟ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସେହିପରି ଆବଶ୍ୟକ । ମାତ୍ର ପୁରୁଷ ଜାତି ସ୍ତ୍ରୀଜାତିର ସବୁ ପ୍ରକାର ଉନ୍ନତିରେ ବାଧା ଦେଇ ସ୍ତ୍ରୀ ଜାତିକୁ କେବଳ ତାହାର ଭୋଗ୍ୟବସ୍ତୁ କରି ରଖିଛି, କେଉଁ ଶାସ୍ତ୍ର ଦେଖି ? ଏହା ପୁରୁଷର ସ୍ତ୍ରୀ ଜାତି ପ୍ରତି ଅବିଚାର ନୁହେଁ କି ? ସ୍ତ୍ରୀ ଯେଉଁ ପରିମାଣରେ ପୁରୁଷର ଭୋଗ୍ୟବସ୍ତୁ, ପୁରୁଷ ସେହି ପରିମାଣରେ ସ୍ତ୍ରୀର ଭୋଗ୍ୟବସ୍ତୁ ।

ପୁରୁଷ ସବୁଦିନେ ଭୋଗୀ ହୋଇ ରହିଥିବ କାହିଁକି ? ସ୍ତ୍ରୀ ଜାତି ସବୁଦିନେ ପୁରୁଷର ଭୋଗ୍ୟବସ୍ତୁ ବା ଖେଳଣା କୁଣ୍ଢେଇ ହୋଇ ରହିଥିବ କାହିଁକି ? ପୁରୁଷ ସବୁଦିନେ ସ୍ତ୍ରୀଜାତି ଉପରେ ଅତ୍ୟାଚାର କରୁଥିବ କାହିଁକି ? ସ୍ତ୍ରୀଜାତି ସବୁଦିନେ ଅତ୍ୟାଚାରିତ ହୋଇ ରହିଥିବ କାହିଁକି ?

ଶାନ୍ତିପର୍ବରେ ବ୍ୟାସଦେବ ଲେଖିଗଲେ :—

ଏବଂ ସ୍ତ୍ରୀ ନାପରାଧ୍ନୋତି ନରଏବାପରାଧ୍ୟତି ।
ବ୍ୟୁଚ୍ଚରଂଶ୍ଚ ମହାଦୋଷଂ ନରଏବାପରାଧ୍ୟତି ॥

ଅର୍ଥାତ୍ ନାରୀର ବ୍ୟଭିଚାର ସକାଶେ ପୁରୁଷ ଏକମାତ୍ର ଦାୟୀ । ବ୍ୟଭିଚାର ସକାଶେ କୌଣସି ସ୍ତ୍ରୀ ଅପରାଧିନୀ ନୁହେଁ, କାରଣ ପୁରୁଷ ପ୍ରାର୍ଥୀ ନ ହେଲେ ସ୍ତ୍ରୀ ବ୍ୟଭିଚାରିଣୀ ହୋଇ ନ ପାରେ ।

ମାତ୍ର ପୁରୁଷକୁ ସାତଖୁଣ୍ ମାଫ୍ ।

ଏକା ସ୍ତ୍ରୀଟିକୁ ଦୋଷୀ କରି ସମାଜରୁ ବାହାର କରିଦେବା ଅନ୍ୟାୟ ନୁହେଁକି ? ଶାସ୍ତ୍ର ଅନୁସାରେ ପୁରୁଷକୁ ସମାଜରୁ ବାହାର କରିଦେବାର କଥା । ମାତ୍ର ପୁରୁଷଟିକୁ ସମାଜରେ ରଖୁଛନ୍ତି କେଉଁ ଶାସ୍ତ୍ର ଦେଖି ? ଏ ସବୁ ପୁରୁଷର ଯଥେଚ୍ଛାଚାରିତାର ପରିଚୟ ନୁହେଁ ତ ଆଉ କଣ ?

ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ନେଇ ସମାଜ । ସ୍ତ୍ରୀକୁ ଛାଡ଼ି ଏକା ପୁରୁଷ ସମାଜ ରକ୍ଷା କରି ପାରେ ନାହିଁ । କିମ୍ବା ପୁରୁଷକୁ ଛାଡ଼ି ଏକା ସ୍ତ୍ରୀ ସମାଜ ରକ୍ଷା କରିପାରେ ନାହିଁ । ସମାଜ ଶାସନରେ ପୁରୁଷର ଯେତିକି ଅଧିକାର

ରହିବା ଆବଶ୍ୟକ, ନାରୀ ଜାତିର ସେତିକି ; ବରଂ ତାହାଠାରୁ ବେଶୀ ରହିବା ଆବଶ୍ୟକ ।

ସମାଜ ଶାସନର ଭାର ଏକା ପୁରୁଷ ଜାତି ଉପରେ ନ୍ୟସ୍ତ ଥିବାରୁ ସ୍ୱାର୍ଥପର ପୁରୁଷ ଜାତି ନିଜର ସ୍ୱାର୍ଥ ସିଦ୍ଧି ସକାଶେ ନାରୀ ଜାତିକୁ ନିଜର କରକବଳରେ ରଖି ଏପରି ଅତ୍ୟାଚାର ଓ ପକ୍ଷପାତ ବିଚାର କରି ଆସୁଅଛି । ବାଲବିଧବାମାନଙ୍କୁ ବିବାହ ଦେବା କି ନ ଦେବା ଏ ବିଷୟରେ ସ୍ତ୍ରୀ ଜାତିର ମତ ନେବା ଏକାନ୍ତ ଆବଶ୍ୟକ ନୁହେଁ କି ? ଶାସ୍ତ୍ର ଅନୁସାରେ ସ୍ତ୍ରୀ ପରା ତୁମ୍ଭର ସହଧର୍ମିଣୀ—ସେମାନଙ୍କୁ ନ ପଚାରିବା ତୁମ୍ଭର ଯଥେଚ୍ଛାଚାରିତାର ପରିଚୟ ନୁହେଁ କି ?

# ପିତାମାତାଙ୍କର ଅନ୍ଧତା

ଅନ୍ଧ ପିତାମାତା ଝିଅଟିମାନଙ୍କୁ ପିଲାଦିନୁ କୁଣ୍ଡେଇବାହା ଦେଇ ୧୨-୧୩ ବର୍ଷରୁ ବିଧବା କରି ରଖି ଦୋଷ ଦେଉଅଛନ୍ତି କର୍ମର, ଦୋଷ ଦେଉଅଛନ୍ତି ଭଗବାନଙ୍କର । କରୁଣାମୟ ଭଗବାନଙ୍କୁ ନିଷ୍ଠୁର, ଅବିବେକ ଓ ଅନ୍ଧ ବୋଲି ଗାଳି ଦେଉଅଛନ୍ତି ।

ଭାଇ, କର୍ମଦେବତାର ଭଲେ ହେଲେ ଦୋଷ ନାହିଁ । ବାଲ୍ୟ-ବିବାହର ପ୍ରକୃତ ଫଳ ବାଳ-ବୈଧବ୍ୟ । ଭଗବାନ କଦାଚ ଅନ୍ଧ ନୁହଁନ୍ତି । ପିତାମାତା ନିଜେ ଅନ୍ଧ । ଭଗବାନ ଅବିବେକ କିମ୍ବା ନିଷ୍ଠୁର ନୁହଁନ୍ତି । ଏହି ଅନ୍ଧସମାଜ ନିଜେ ଅବିବେକ ଓ ନିଷ୍ଠୁର । ଶାସ୍ତ୍ରକର୍ତ୍ତା ଋଷିମାନେ କେହି ଅନ୍ଧ ନୁହଁନ୍ତି କିମ୍ବା ପୁରୁଷ ଜାତିଠାରୁ ଘୁଷ ନେଇ ନାରୀଜାତିର ବିରୁଦ୍ଧରେ କେହି ଏପରି ପକ୍ଷପାତ ବିଚାର କରିନାହାନ୍ତି । ସେହି ସତ୍ୟନିଷ୍ଠ, ହୃଦୟବାନ୍, ବିବେକବାନ୍ ସମାଜର ଓ ଦେଶର ମଙ୍ଗଳାକାଂକ୍ଷୀ ଋଷିମାନେ ଯାହା ଲେଖିଯାଇଅଛନ୍ତି, ତାକୁ ଏହି କପଟାଚାରୀ, ହୃଦୟହୀନ, ସ୍ୱାର୍ଥପର ବ୍ରାହ୍ମଣମାନେ, ପୁରୋହିତମାନେ, ବ୍ୟବସ୍ଥାଦାତାମାନେ କିପରି ବୁଝିବେ ? ଶାସ୍ତ୍ର ବୁଝିବାକୁ ହେଲେ ବୁଦ୍ଧି ଦରକାର, ବିବେକ ଦରକାର, ହୃଦୟ ଦରକାର, ସତ୍ୟରେ ନିଷ୍ଠା ଦରକାର, ଚରିତ୍ର ଦରକାର, ଶେଷରେ ଦରକାର "ନିଃସ୍ୱାର୍ଥପରତା" । କେବଳ ଅନୁସ୍ୱାର ବିସର୍ଗ ପ୍ରୟୋଗ ମୁଖସ୍ଥ କରି ନ୍ୟାୟରତ୍ନ, ବେଦାନ୍ତରତ୍ନ ଉପାଧିଟିମାନ ପାଇ ମନେ କରୁଅଛନ୍ତି ଯେ ସେମାନେ ଶାସ୍ତ୍ର ଓ ପୁରାଣର ମର୍ମ ବୁଝିବାକୁ ସକ୍ଷମ । ମାତ୍ର ତାହା କଦାଚ ନୁହେଁ । ସେମାନେ ଲୋକଙ୍କୁ ଧପେଇ ଦୁଇପଇସା ରୋଜଗାର କରିବାର ଉପାୟମାନ ପଢିଅଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ସେମାନେ ଶାସ୍ତ୍ର ପୁରାଣ ବୁଝିବାକୁ

କେତେଦୂର ସକ୍ଷମ ତାହା ସେମାନଙ୍କର କାର୍ଯ୍ୟକଳାପରୁ ସ୍ପଷ୍ଟ ପ୍ରମାଣ ମିଳୁଅଛି ।

ହୃଦୟବାନ୍ ଚିରସ୍ମରଣୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ଆଜି ଘରେ ଘରେ ପରିଚିତ ସତ୍ୟ ଓ ଅହିଂସାର ଅବତାର ସ୍ୱରୂପ ମହାତ୍ମା ଗାନ୍ଧି ଶାସ୍ତ୍ରାଲୋଚନା କରି କଣ ମତ ଦେଇଅଛନ୍ତି ତାହା ଦେଖ, ପଢ଼ ଓ ବୁଝ । ଶାସ୍ତ୍ର ବ୍ୟବସାୟୀ ପଣ୍ଡିତମାନେ ସିନା ସ୍ୱାର୍ଥାନ୍ଧ ହୋଇ ବୁଝିପାରୁ ନାହାନ୍ତି କିମ୍ବା କାଳେ ସେମାନଙ୍କର ସ୍ୱାର୍ଥରେ ବାଧା ପଡ଼ିବ ଏଥି ସକାଶେ ତୁମ୍ଭମାନଙ୍କୁ ପ୍ରକୃତ କଥା ବୁଝାଇବାକୁ କୁଣ୍ଠିତ, ତୁମ୍ଭେମାନେ ତ ବେଶ ବୁଝି ପାରିବ । କାରଣ ତୁମ୍ଭମାନଙ୍କର ସ୍ୱାର୍ଥ-ସିଦ୍ଧିର କୌଣସି ଆଶା ନାହିଁ ।

ଯଦି ନିତାନ୍ତ ବୁଝି ନ ପାରୁଛ, ଶୈଶବରୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ ହେଉଥିବା ଝିଅ ବୋହୂମାନଙ୍କ ପ୍ରତି ତୁମ୍ଭମାନଙ୍କର କର୍ତ୍ତବ୍ୟ ଯଦି ସ୍ଥିର କରି ନ ପାରୁଛ, ତେବେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ମହାତ୍ମାଗାନ୍ଧି ନିରପେକ୍ଷ ଭାବରେ ଶାସ୍ତ୍ରାଲୋଚନା କରି ଯେଉଁ ମତ ଦେଇ ଯାଇଅଛନ୍ତି ସେଥିରେ ବିଶ୍ୱାସ ସ୍ଥାପନ କର । ତାହା ନ କରି ଏହି କପଟାଗ୍ରସ୍ତ, ସ୍ୱାର୍ଥପର ଶାସ୍ତ୍ର ବ୍ୟବସାୟୀମାନଙ୍କ କଥାରେ ବିଶ୍ୱାସ ସ୍ଥାପନ କରି ତୁମ୍ଭମାନଙ୍କର ଯେ ସର୍ବନାଶ ହେଲାଣି ତାହା କଣ ବୁଝିବାକୁ ଆଉ ବାକି ଅଛି ?

# ମାତୃଜାତିକୁ ଅନୁରୋଧ

ମାଆମାନେ ! ପ୍ରାଣପ୍ରିୟା କନ୍ୟାଟିମାନେ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ ହେଉଅଛନ୍ତି, ଦେଖି ସୁଦ୍ଧା ତୁମ୍ଭମାନଙ୍କ ହୃଦୟରେ ଦୟାର ସଞ୍ଚାର ହେଉନାହିଁ । ସେମାନେ ଦୁର୍ନିବାର ରିପୁର ବଶୀଭୂତ ହୋଇ ବ୍ୟଭିଚାର ଦୋଷରେ କଳଙ୍କିତ ହେଲେ ଲୋକନିନ୍ଦାରୁ ରକ୍ଷା ପାଇବା ସକାଶେ ଭ୍ରୂଣହତ୍ୟା ପାପରେ ସହାୟତା କରି ସପରିବାର ପାପ-ପଙ୍କରେ କଳଙ୍କିତ ହେବାକୁ ପ୍ରସ୍ତୁତ ଅଛ । କିନ୍ତୁ କି ଆଶ୍ଚର୍ଯ୍ୟ ! ଶାସ୍ତ୍ର ବିଧି ଅବଲମ୍ବନ କରି ବିଧବା ଝିଅଟିମାନଙ୍କୁ ସତ୍ପାତ୍ରରେ ବିବାହ ଦେଇ ସେମାନଙ୍କୁ ଏହି ବୈଧବ୍ୟଯନ୍ତ୍ରଣାରୁ ପରିତ୍ରାଣ କରିବା ସଙ୍ଗେ ସଙ୍ଗେ ନିଜେ ନିଜେ ସମସ୍ତ ପ୍ରକାର ବିପଦରୁ ମୁକ୍ତ ହେବାକୁ ପ୍ରସ୍ତୁତ ନୁହଁ । ତୁମ୍ଭମାନଙ୍କର ଲୋକଲଜ୍ଜା ଭୟ ବେଶୀ କଷ୍ଟକର ନା ଝିଅଟିମାନଙ୍କର ବୈଧବ୍ୟ ଯନ୍ତ୍ରଣା ବେଶୀ କଷ୍ଟକର ? ଭାବି ଦେଖ ଓ ତଦନୁସାରେ କାର୍ଯ୍ୟ କର ।

ଆଉ କେତେଦିନ ତୁମ୍ଭେମାନେ ଏହି ମୋହନିଦ୍ରାରେ ଅଭିଭୂତ ରହିଥିବ ? ଆଉ କେତେଦିନ ଏହି ସ୍ୱାର୍ଥାନ୍ଧ ପୁରୁଷଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ଯାବଜ୍ଜୀବ ଦୁଃଖ ଯନ୍ତ୍ରଣାରେ ସଡୁଥିବ ? ଆଉ କେତେଦିନ ଏହି ପୁରୁଷ ଜାତିର ଖେଳନା କୁଣ୍ଢେଇ ହୋଇ ରହିଥିବ ?

ଅରେ ଆଖି ଖୋଲି ଦେଖ । ଦେଶ ଓ ସମାଜ ଆଜି ବ୍ୟଭିଚାର ଦୋଷରେ ଓ ଭ୍ରୂଣହତ୍ୟା ପାପରେ ଉତ୍ସନ୍ନ ହେବାକୁ ବସିଲାଣି । ତୁମ୍ଭେମାନେ ଜଗତର ମାତା । ଶିଶୁର ଯାବତୀୟ ମଙ୍ଗଳ ଯେପରି ମାଆ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ଜଗତର ଯାବତୀୟ ମଙ୍ଗଳ ସେହିପରି ତୁମ୍ଭମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ଏହି ଧର୍ମ ଯୁଦ୍ଧ ସମୟରେ ତୁମ୍ଭେମାନେ ଉଦାସୀନ ରହିଲେ ମାନବ ସମାଜର ଭବିଷ୍ୟତ୍ ମଙ୍ଗଳର ଆଶା ଅସମ୍ଭବ ।

ଆଜି କିଏ ଲେଖିବ । ପୁରୁଷର ଏହି ଅମାନୁଷିକ ଅତ୍ୟାଚାରର ବିରୁଦ୍ଧରେ ସଂଗ୍ରାମ କରି ଯଦି ନାରୀଜାତିର ପ୍ରକୃତ ଅଧିକାର ଫେରି ପାଇବାକୁ ଇଚ୍ଛାକର, ଯଦି ନାରୀ ଜାତିର ଦୁଃଖ ଯନ୍ତ୍ରଣା ହୃଦୟଙ୍ଗମ କରି ସେହି ନାରୀଜାତିର ମଙ୍ଗଳସାଧନା କରିବା ସଙ୍ଗେ ସଙ୍ଗେ ଜଗତର ମଙ୍ଗଳ ସାଧନ କରିବାକୁ କର୍ତ୍ତବ୍ୟ ମନେକର ତେବେ ଏହି ଧର୍ମ୍ମଯୁଦ୍ଧ ସମୟରେ ଉଦାସୀନ ନ ରହି ନିମ୍ନଲିଖିତମତେ ପ୍ରତିଜ୍ଞା କର ।

୧—ଝିଅ ପିଲାଟିମାନଙ୍କୁ ଅନ୍ତତଃ ଅକ୍ଷର ପରିଚୟ କରାଇ ସେମାନଙ୍କର ଆଖି ଫିଟେଇବା ।

୨—୧୫ ବର୍ଷରୁ କମ୍‌ରେ କୌଣସି କନ୍ୟାର ବିବାହ ଦେବା ନାହିଁ ।

୩—ଯେଉଁ କନ୍ୟା ୧୬ ବର୍ଷ ମଧ୍ୟରେ ବିଧବା ହୋଇଅଛି ତାକୁ ଅବିବାହିତା ଜ୍ଞାନ କରି ତାହା.ର ବିବାହ ସକାଶେ ଯଥାସାଧ୍ୟ ଚେଷ୍ଟା କରିବା ।

୪—ଯେଉଁମାନେ କେବଳ ଲୋକଲଜ୍ଜା ଭୟରୁ ବିବାହ ହେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ସେମାନଙ୍କୁ ବୁଝାଇ ସୁଝାଇ ସେମାନଙ୍କର ମତ ନେଇ ବିବାହ ଦେବା ।

୫—ଯେଉଁମାନଙ୍କର ପ୍ରକୃତରେ ବିବାହ କରିବାକୁ ଇଚ୍ଛା ନାହିଁ ସେମାନଙ୍କର ଶିକ୍ଷାଲାଗି ସୁବନ୍ଦୋବସ୍ତ କରିବା ।

୬—ବିଧବାମାନଙ୍କୁ ଘୃଣା ଚକ୍ଷୁରେ ନ ଦେଖି ସେମାନଙ୍କୁ ସର୍ବଦା ସ୍ନେହ ଓ ଆଦର କରିବା ।

୭—ଯେ ପର୍ଯ୍ୟନ୍ତ ପୁରୁଷ ଜାତି ବାଳବିଧବାମାନଙ୍କୁ ବିବାହ ଦେବାର ସୁବ୍ୟବସ୍ଥା ନ କରିଛି, ସେ ପର୍ଯ୍ୟନ୍ତ କୌଣସି ବିପତ୍ନୀକ ପୁରୁଷକୁ ଅର୍ଥାତ୍ ଦୋବେଇ ବରକୁ କଦାଚ କନ୍ୟା ଦେବା ନାହିଁ । ସେହି ଦୋବେଇ ବରର ବୟସ ୨୦ ବର୍ଷ ହେଉ ବା ୧୫ ବର୍ଷ ହେଉ ତାହାର ବଂଶ ରହିଲେ କେତେ ଗଲେ କେତେ ? ତା'ହାର ସମ୍ପତ୍ତି ପାଣି ଖାଇଲେ କେତେ ହାଣ୍ଡି ଖାଇଲେ କେତେ ? କନ୍ୟାକୁ ବରଂ ଅବିବାହିତା ରଖିବା, ଦୋବେଇ ବରକୁ କଦାଚ କନ୍ୟା ଦେବା ନାହିଁ ।

# ବିଧବାମାନଙ୍କର ଅଭିଭାବକମାନଙ୍କୁ ଅନୁରୋଧ

ହେ ବିଧବା ବାଳିକାମାନଙ୍କର ଅଭିଭାବକମାନେ ! ତୁମ୍ଭମାନଙ୍କୁ ଧର୍ମର ଦୋହାଇ ଦେଇ ପଚାରୁଛି । କୁହ ଦେଖି, ତୁମ୍ଭେମାନେ ଆଜି ଯେ ଝିଅ ପିଲାଟିମାନଙ୍କୁ ବିବାହ ଦେବାକୁ ଚେଷ୍ଟା ନ କରି ସେମାନଙ୍କୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ କରି ରଖିଛ, ତାହା ତୁମ୍ଭମାନଙ୍କର ଶାସ୍ତ୍ର ବାକ୍ୟ ମାନିବାର ଫଳ ନା ଦେଶାଚାରର ଓ ଲୋକନିନ୍ଦାର ଭୟର ଫଳ ? ସତ୍ୟ ଲଙ୍ଘନ କରି ଉତ୍ତର ଦେବାକୁ ମୁଁ ବାଧ କରୁନାହିଁ । ତୁମ୍ଭମାନଙ୍କ ଲାଗି ମୁଁ ଶପଥ କରି କହୁଛି ତୁମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ଦେଶାଚାର ଓ ଲୋକଲଜ୍ଜା ଭୟରୁ ରଖିଅଛ ।

ଯଦି ଶାସ୍ତ୍ରର ପ୍ରକୃତ ଅର୍ଥ ନ ବୁଝି ଓଲଟା ବୁଝି ଏପରି କରୁଥାଅ ତେବେ ଅନୁଗ୍ରହ କରି ଏହି ଶାସ୍ତ୍ର ବ୍ୟବସାୟୀଙ୍କ ନିକଟକୁ ନ ଯାଇ କୌଣସି ହୃଦୟବାନ୍, ବିବେକବାନ୍ ଶାସ୍ତ୍ରଜ୍ଞ ନିକଟକୁ ଯାଇ ତୁମ୍ଭର ଭ୍ରମ ସଂଶୋଧନ କର । ତୁମ୍ଭମାନଙ୍କ ମନକୁ ମନାଅ । ଲୋକନିନ୍ଦା କିମ୍ବା ଦେଶାଚାରକୁ ଟିକେ ହେଲେ ଭୟ ନ କରି ମନ ଯେପରି ମାନିବ ସେହିପରି କର ।

ତୁମ୍ଭେମାନେ କେଉଁ ଶାସ୍ତ୍ରକୁ ମାନି ଚଳୁଛ କି ? ଶାସ୍ତ୍ର ତ କହୁଛି ପ୍ରତ୍ୟହ ତିନିଥର ସନ୍ଧ୍ୟା କର । ତାହା କେତେଜଣ ମାନୁଛ ? ଶାସ୍ତ୍ର ତ କହୁଛି ମିଛ କୁହ ନାହିଁ, କେତେଜଣ ମାନୁଛ ? ଶାସ୍ତ୍ର ତ କହୁଛି ପଡ଼ୋଶୀମାନଙ୍କ ପ୍ରତି ସଦୟ ହୁଅ । କେତେ ଜଣ ମାନୁଛ ? ଇତ୍ୟାଦି ଇତ୍ୟାଦି । ମନୁଷ୍ୟ ପ୍ରକୃତରେ କାହାରିକୁ ମାନେ ନାହିଁ । ସେ କେବଳ

ନିଜକୁ ମାନେ । ନିଜ ନିଜର ମନ ଯେପରି ମାନୁଛି ସେହିପରି କରୁଛ । ଏଥିରେ କିଛି ଭୁଲ ଅଛି କି ? ତେବେ ଝିଅଟିମାନଙ୍କୁ ବିବାହ ଦେବା କି ନ ଦେବା ଏ କଥାଟି ମନକୁ ପଚାରୁନାହଁ କାହିଁକି ? ଯେତେଦିନ ଉଦାସୀନ ରହିଲ, ରହିଲ । ଏଣିକି ଏହି ଉଦାସୀନତାରୂପ ପାପର ପ୍ରାୟଶ୍ଚିତ କରିବାକୁ ପଡ଼ିବ । ପାପର ଫଳ ଭୋଗ କରିବା ଅପେକ୍ଷା ସେହି ପାପର ପ୍ରାୟଶ୍ଚିତ୍ତ କରିବା ବୁଦ୍ଧିମାନର କାର୍ଯ୍ୟ ।

ଏଣୁ କାଳବିଳମ୍ବ ନକରି ବିଧବା ଝିଅ ବୋହୂମାନଙ୍କୁ ପଚର ଉପଯୁକ୍ତ ବରପାତ୍ର ଅନୁସନ୍ଧାନ କରି ନିଜ ନିଜର କର୍ତ୍ତବ୍ୟ ପାଳନ କର ।

ଦେଶାଚାର ଯେପରି ଗୋଟିଏ ପାପ, ଲୋକନିନ୍ଦା ଭୟ ସେହିପରି ଗୋଟିଏ ପାପ । ଏହି ପାପୀମାନଙ୍କୁ ଭୟ ନକରି ଯାହା ସତ୍ୟ, ଯାହା ତୁମ୍ଭର ହୃଦୟ ଡାକୁଛି, ଯାହା ତୁମ୍ଭର ବିବେକାନୁମୋଦିତ ତାହା କର । ଆଉ ଝିଅଟିମାନଙ୍କୁ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ କରନ୍ତୁ ନାହିଁ--ଏତିକି ମାତ୍ର ଅନୁରୋଧ ।

# ଯୁବକମାନଙ୍କୁ ଅନୁରୋଧ

ଦେଶର ଯୁବକ ସମ୍ପ୍ରଦାୟ ! ତୁମ୍ଭମାନଙ୍କୁ ନ ଲେଖି ରହି ପାରୁନାହିଁ ; କାରଣ ତୁମ୍ଭେମାନେ ଦେଶର କାହିଁକ ମାନବସମାଜର ଏକମାତ୍ର ଆଶା ଓ ଭରସା ।

ଯେତେବେଳେ ତୁମ୍ଭର ମୁରବୀମାନେ ଅର୍ଥଲୋଭରେ ତୁମ୍ଭମାନଙ୍କୁ ବିକ୍ରୟ କରି ତୁମ୍ଭମାନଙ୍କ ଲାଗି ଗହଣା ପିନ୍ଧା ଡରୁଣୀଦିଆ କୁଣ୍ଡେଇଟିମାନ କିଣନ୍ତି ସେତେବେଳେ ତୁମ୍ଭମାନଙ୍କର ମୌନବ୍ରତ ଅବଲମ୍ବନ ଦେଖି ପ୍ରାଣରେ କଷ୍ଟ ଆସେ ।

ବନ୍ଦି ହେବା ଓ ଘରକୋଣିଆଁ ହୋଇ ରହିବା ଏ ଦୁହେଁ ମୋ ନିକଟରେ ପ୍ରାୟ ଏକ କଥା । ବନ୍ଦି ହେଲେ ହୁଅ ସେଥିରେ ତୁମ୍ଭମାନଙ୍କର କିଛି କହିବାର ଅଧିକାର ଥାଇ ନ ପାରେ କାରଣ ତୁମ୍ଭର ମୁରବୀମାନେ ତୁମ୍ଭଲାଗି ଅନେକ ଖର୍ଚ୍ଚ କରି ତୁମ୍ଭଙ୍କୁ ପାଠ ପଢ଼େଇ ମନୁଷ୍ୟ କରି-ଅଛନ୍ତି । ସେମାନେ ତୁମ୍ଭଙ୍କୁ ବନ୍ଦି କରି ସେହି ଟଙ୍କାରୁ କିଛି ପରିଶୋଧ କରିନେବେ । ମାତ୍ର ତୁମ୍ଭମାନଙ୍କର ଇଚ୍ଛା ବିରୁଦ୍ଧରେ ତୁମ୍ଭମାନଙ୍କୁ ଗୋଟିଏ ଗୋଟିଏ କୁଣ୍ଡେଇଙ୍କୁ ବିବାହ କରାଇ ଦେବାରେ ସେମାନଙ୍କର କୌଣସି ଅଧିକାର ନାହିଁ ।

ଯଦି ବାଲ୍ୟବିବାହର ବିଷମୟ ଫଳ ଅନୁଭବ କରିଥାଅ, ଯଦି ବିବାହର ଦାୟିତ୍ୱ ଓ ହିନ୍ଦୁ ବିବାହର ପବିତ୍ରତା ବୁଝିଥାଅ, ତେବେ ଏହି ଗର୍ହିତ କାର୍ଯ୍ୟରେ ମୁରବୀମାନଙ୍କୁ ବାଧା ଦେବାରେ ତୁମ୍ଭମାନଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି ।

କର୍ତ୍ତବ୍ୟ ପଥରୁ ବିଚଳିତ ହେବା କାପୁରୁଷତାର ଲକ୍ଷଣ । ମୋର ସମ୍ପୂର୍ଣ୍ଣ ଆଶା ଯୁବକମାନେ ନିମ୍ନଲିଖିତ ମତେ ପ୍ରତିଜ୍ଞା କରିବାକୁ କର୍ତ୍ତବ୍ୟ ବୋଧ କରିବେ ।

୧—୧୫ ବର୍ଷରୁ କମ୍ କୌଣସି ବାଳିକାକୁ ବିବାହ କରିବୁ ନାହିଁ ।

୨—ଦେଶରୁ ବାଲ୍ୟବିବାହ ନ ଉଠିବା ପର୍ଯ୍ୟନ୍ତ ୧୫ ବର୍ଷରୁ କମ୍ ଯେଉଁ ବାଳିକାମାନଙ୍କୁ ବାଧ କରି ବିଧବା କରାଯାଉଅଛି ସେମାନଙ୍କୁ ବିଧବା ବୋଲି ଘୋଷଣା ନକରି ଅବିବାହିତା ବୋଲି ଜ୍ଞାନ କରି ସେମାନଙ୍କ ବ୍ୟତୀତ ଅନ୍ୟ କାହାକୁ ବିବାହ କରିବୁ ନାହିଁ ।

୩—ନାରୀଜାତିର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସକାଶେ ଯତ୍ନବାନ ହେବୁ ।

ଯୁବକମାନେ ସାବଧାନ—ଏହି ଧର୍ମଯୁଦ୍ଧ ସମୟରେ ପଛଘୁଞ୍ଚା ଦିଅ ନାହିଁ ।

---

# ବିଧବା ବିବାହ ଆଇନର ସାରାଂଶ

(୧) ହିନ୍ଦୁ ବିଧବାଙ୍କ ବିବାହ ବୈଧ । ବିଧବାର ପୁନର୍ବିବାହ ହେଲେ ସେ ପୈତୃକ ସମ୍ପତ୍ତିରେ ଅନଧିକାରୀ ହେବ ନାହିଁ ।

(୨) ପୁନର୍ବିବାହ କରିଥିବା ବିଧବାର ପୂର୍ବପତିର ସମ୍ପତ୍ତିରେ ଅଧିକାର ରହିବ ନାହିଁ ।

(୩) ନାବାଳକ ସନ୍ତାନ ଥାଇ କୌଣସି ବିଧବା ବିବହ କରିବାକୁ ଇଚ୍ଛା କଲେ ମୃତପତିର ପିତା, ପିତାମହ, ମାତା, ମାତାମହ କିମ୍ବା ଅନ୍ୟ କେହି ପୁରୁଷ ଆତ୍ମୀୟ ନାବାଳକର ଉପଯୁକ୍ତ ଅଭିଭାବକ ନିଯୁକ୍ତ କରିବା ଲାଗି ଅଦାଲତରେ ଦରଖାସ୍ତ କରି ପାରିବେ ।

(୪) କୁମାରୀର ବିବାହ ସମୟରେ ଯେଉଁ ମନ୍ତ୍ର ପଢ଼ା ହୁଏ, ବିଧବାର ବିବାହ ସମୟରେ ସେହି ସବୁ ମନ୍ତ୍ର ପଢ଼ିବାକୁ ହେବ ।

(୫) ପତି ସହବାସ କରି ନ ଥିବା ନାବାଳିକା ବିଧବା ଅଭିଭାବକର ଅନୁମତି ନ ନେଇ ବିବାହ କରି ପାରିବ ନାହିଁ । ୧୮ ବର୍ଷ କିମ୍ବା ତଦୂର୍ଦ୍ଧ ସାବାଳିକା ବିଧବା ନିଜ ଇଚ୍ଛା ଅନୁସାରେ ବିବାହ କରି ପାରିବ । ପତି ସହବାସ କରିଥିବା ବିଧବା ୧୮ ବର୍ଷରୁ କମ ହୋଇଥିଲେ ସୁଦ୍ଧା ନିଜ ଇଚ୍ଛା ଅନୁସାରେ ବିବାହ କରିପାରିବ ।

୧୯୩୨ ମହିନା

# ଅପ୍ରକୃତ ବିଧବାର ପ୍ରକୃତ ବିବାହ

●

(Truth lies ahead, not behind put aside the past. Go forward & discover Truth. Don't fear. Don't follow. Don't copy. Don't imitate. Don't obey any authority. Obey and be loyal to your own understanding, however little it be. That is the only way to "Truth)".

[ ସାଧନା ଯୁଗ ଏ        ମାନବ ଯୁଗ ଏ
ସାମ୍ୟ ଯୁଗ ଏ ଆଜ
କେହି ନ ରହିବେ        ବନ୍ଦୀ କାହାର
ଉଠେ ଜୟଭେରୀ ବାଜ । ]

ଏହି ବର୍ଷକ ମଧ୍ୟରେ ଉତ୍କଳ ବ୍ରାହ୍ମଣ ସମାଜରେ ବିଧବା ବିବାହ ନାମରେ ଯେଉଁ ପଚ୍ଚିଶରୁ ଷାଠିଏ ସଂଖ୍ୟକ ବିବାହ ହୋଇଗଲା, ସେସବୁ ପ୍ରକୃତରେ ବିଧବା ବିବାହ ନୁହେଁ, ସେସବୁ ବିବାହକୁ "ପ୍ରକୃତ ବିବାହ" କିମ୍ବା "ଯୁବତୀ ବିବାହ" କହିଥିଲେ ଠିକ୍ ହୋଇଥାନ୍ତା ।

ଖବରକାଗଜରେ ଲୋକମୁଖରେ ସର୍ବତ୍ର ଶୁଣାଗଲା "ବିଧବା ବିବାହ" "ବିଧବା ବିବାହ", ମାତ୍ର ବ୍ରାହ୍ମଣ ସମାଜରେ ଏ ପର୍ଯ୍ୟନ୍ତ ବିଧବା ବିବାହ ଆଦୌ ହୋଇ ନାହିଁ । ପ୍ରକୃତ ବିଧବା ବିବାହ ନାମର

ଯେଉଁ ବିବାହ, ତାହା ଉତ୍କଳରେ କେତେକ ଜାତି ମଧ୍ୟରେ ପ୍ରଚଳିତ ଥିଲେହେଁ ଲୋକେ ତାକୁ "ବିଧବା ବିବାହ" ନ କହି "ଦ୍ୱିତୀୟ ଘର" ବୋଲି କହି ଥାଆନ୍ତି । ଯାହାକୁ ଲୋକେ "ଦ୍ୱିତୀୟ ଘର" ବୋଲି ନାମ ଦେଇଅଛନ୍ତି, ସେହି ସବୁ ବିବାହକୁ "ବିଧବା ବିବାହ" କହିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ସେପରି ପ୍ରକୃତ ବିଧବାମାନଙ୍କର ବିବାହ ବ୍ରାହ୍ମଣ ସମାଜରେ ଚଳାଇବାର ପ୍ରୟୋଜନ ହେବ କି ନାହିଁ, ସେ ବିଷୟ ବର୍ତ୍ତମାନ ଆଲୋଚନା କରାଯାଉ ନାହିଁ । ବର୍ତ୍ତମାନ ଆଲୋଚନାର ବିଷୟ ଏହି ଯେ, ବିଧବା ନାମ ସ୍ୱଇଚ୍ଛାରେ ଗ୍ରହଣ କରିବାକୁ ଦେଶରେ ଅନେକ ନାରୀ ରହିଥିବା ସ୍ଥଳେ ଯେଉଁମାନଙ୍କୁ ବିଧବା ନାମରେ ନାମିତ କରିବାର କୌଣସି କାରଣ ନାହିଁ, ସେହି ସୁକୁମାରୀ କୁମାରୀଗୁଡ଼ିକ ହାତରୁ କାନରୁ ବାଧି କରି, ଜୋର କରି ଗହଣା କାଢ଼ି ଅକାରଣରେ ବିଧବା କହିବା ପିତା ମାତାଙ୍କର ଅଜ୍ଞତା ଓ ସମାଜର ଯଥେଚ୍ଛାଚାରିତା ଭିନ୍ନ ଆଉ କଣ ହୋଇପାରେ ?

ଚିନ୍ତାଶୀଳ ସମାଜସଂସ୍କାରକମାନେ ଓ ସମାଲୋଚକମାନେ ପତ୍ର ପତ୍ରିକାରେ ଓ ସଭା ସମିତିରେ ଏହି "ବିଧବା ବିବାହ" ନାମ ବ୍ୟବହାର କରି ଚାଲି ଅଛନ୍ତି ; କିନ୍ତୁ ଯେଉଁମାନଙ୍କ ପାଇଁ ସେମାନେ "ବିଧବା" ଶବ୍ଦଟି ବ୍ୟବହାର କରୁଅଛନ୍ତି, ସେମାନେ ପ୍ରକୃତରେ ହେଉ କି ଅପ୍ରକୃତ ହେଉ, ବିବେକ ଅନୁସାରେ ହେଉ କି ଶାସ୍ତ୍ର ଅନୁସାରେ ହେଉ, କୌଣସି ପ୍ରକାରେ ବିଧବା ନୁହନ୍ତି । ପ୍ରଥମରେ ଦେଖନ୍ତୁ, ବିଧବାର ଅର୍ଥ ସ୍ୱାମିହୀନା; ସ୍ୱାମିସୁଖ ଭୋଗ କରି ଗୃହସ୍ଥ ଜୀବନରୁ ଯାହାଠେ ହେଉ, ଦୂର ଛାହାଠ ହେଉ, ଯେଉଁମାନେ କିଛି ନା କିଛି ଦୂର ଯାଇଅଛନ୍ତି ସ୍ୱାମୀହୀନା ହେଲେ ସେହିମାନଙ୍କୁ ବିଧବା କହିବା ଯୁକ୍ତିଯୁକ୍ତ ଓ ଶାସ୍ତ୍ରସଙ୍ଗତ; କିନ୍ତୁ ଯେଉଁ ୭।୮ ବର୍ଷର ଅଥବା ଖୁବ୍ ବେଶୀ ହେଲେ ୧୦।୧୧ ବର୍ଷର କିଶୋରୀ ବାଳିକା ଜାଡ଼ି କୁଣ୍ଢେଇ ପଡ଼ି ପିତା ମାତାଙ୍କର କୁହୁକରେ ପଡ଼ି ନଜର କେତେକ ଘଣ୍ଟା ମାତ୍ର ବେଦୀତଳେ ... ତଳେ ବସି ଗ୍ରାମ୍‌ଫୋନ୍‌ରେ ଗୀତ ଶୁଣିଲା ପରି "କଣ୍ଠେ ... ମଧ୍ୟମାଭ୍ୟାଂ ବସନ୍ତୁ ଓ ଅସ୍ମାସୁ ପତନ୍ତୁ" ଇତ୍ୟାଦି ମନ୍ତ୍ର ଓ ଅବୋଧ୍ୟ ... ହିନ୍ଦି ଅବୋଧ ଶୁଣିଥିଲା କି ନାହିଁ, ଯେଉଁ କନ୍ୟା ସ୍ୱାମୀକୁ ମନ ମଧ୍ୟ ... ଛା ବରଣ କରିବାର କଥା

ଯଛକେ ଆଜି, ସେହି ତଥାକଥିତ ସ୍ୱାମୀର ଚେହେରା ସୁଦ୍ଧା ଦେଖି ନ ଥିଲା, ସେପରି କନ୍ୟା ବିବାହ କଲା କିପରି ? କାହାକୁ ? ସେପରି କନ୍ୟାର ତଥାକଥିତ ବିବାହକୁ ବିବାହ ବୋଲି କହିବା ଯେପରି ଅଯୌକ୍ତିକ, ସେ ପରି କନ୍ୟାକୁ ବିଧବା ବୋଲି କହିବା ଆହୁରି ବେଶୀ ଅଯୌକ୍ତିକ । ନିର୍ବୋଧ ପିତାମାତା ଯେଉଁ ଅନ୍ଧତାର ବଶବର୍ତ୍ତୀ ହୋଇ ଏହି କୁଣ୍ଢେଇ ଖେଳକୁ ବିବାହ କହୁଅଛନ୍ତି, ସେହି ଅନ୍ଧତାର ବଶବର୍ତ୍ତୀ ହୋଇ, ଶାସ୍ତ୍ରର ଅର୍ଥ ନ ବୁଝି କନ୍ୟାଟିମାନଙ୍କ ହାତରୁ କାନରୁ ଜୋର୍ କରି ଗହଣାସବୁ କାଢ଼ି ଅକାରଣରେ ନିର୍ଦ୍ଦୋଷ ବାଳିକାଗୁଡ଼ିକୁ ବିଧବା ବୋଲି କହି ସେମାନଙ୍କର ସର୍ବନାଶ କରୁଅଛନ୍ତି ।

ଏହି ନିଷ୍ଠୁରତା, ଅଯୌକ୍ତିକତା ଅନ୍ଧତା ଓ ନିର୍ବୋଧତାର ନାମ ଦିଆଯାଉଅଛି ଧର୍ମ, ବିବାହ, ବ୍ରହ୍ମଚର୍ଯ୍ୟ, ବୈଧବ୍ୟ ଇତ୍ୟାଦି, ଇତ୍ୟାଦି ।

ଆଉ ଗୋଟିଏ କଥା—ଯେଉଁ ଅର୍ଥଶୂନ୍ୟ "କିବର୍ଗୁସ୍ତୁହଁ" ଓ "ଅସ୍ତାପୁ ଫଟ୍" ଇତ୍ୟାଦି ମନ୍ତ୍ର ଉପରେ ବ୍ରାହ୍ମଣ ପୁରୋହିତମାନେ ବିଶ୍ୱାସ ସ୍ଥାପନ କରି ଏପରି ଅଯୌକ୍ତିକତା, ନିର୍ବୋଧତା ଓ ଅମାନୁଷିକ ଅତ୍ୟାଚାରକୁ ସମର୍ଥନ କରୁଅଛନ୍ତି, ସେହି ମନ୍ତ୍ରର କାର୍ଯ୍ୟ ବିବାହ ବେଳେ ଶେଷ ହୋଇଥାଏ କି ? ବିବାହ ବେଳେ ବିବାହର ପ୍ରଥମ କର୍ମ କିମ୍ବା ପ୍ରଥମ ରହସ୍ୟ ମାତ୍ର ଶେଷ ହୋଇଥାଏ ; ତା ପରେ ଦୁର୍ବାକ୍ଷତ ଘର ସମ୍ମୁଖରେ ବିବାହର ଶେଷ କର୍ମ କରାଯାଇଥାଏ । ମହାପ୍ରସାଦ ନିର୍ବନ୍ଧଠାରୁ ଆରମ୍ଭ କରି ବିବାହ, ଚତୁର୍ଥୀ, ସପ୍ତମଙ୍ଗଳା, ଚନ୍ଦ୍ରପୂଜା, ବର୍ଷବୃଦ୍ଧି, ନିଷେକ, ଏ ସମସ୍ତ କର୍ମର ସମଷ୍ଟିକୁ ବିବାହ କର୍ମ କୁହାଯାଏ ; କାରଣ ସ୍ୱାମୀ ସ୍ତ୍ରୀର ସମ୍ବନ୍ଧ ସ୍ଥାପନ ଲାଗି ଏ ସମସ୍ତ କର୍ମ ଆବଶ୍ୟକ । ନିଷେକ କର୍ମ ଅର୍ଥାତ୍ ବିବାହର ଶେଷ କର୍ମ ନ ହେବା ଯାଏ ବିବାହ ଅପୂର୍ଣ୍ଣ ରହିଥାଏ, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । "ପୂର୍ଣ୍ଣ ହୋଇଅଛି" ବୋଲି କେହି ଅଷାତ ଚିତ୍କାର କଲେ ସେ କଥା ସ୍ୱୀକାର କରିବ କିଏ ? କାହିଁକି ? ଅତଏବ ଯେଉଁ କନ୍ୟାର ବିବାହ ଅପୂର୍ଣ୍ଣ ରହିଅଛି, ବିବାହକର୍ମ ପୂର୍ଣ୍ଣ ନ ହେବାଯାଏ ସ୍ୱାମୀ ମଧ୍ୟ ଅପୂର୍ଣ୍ଣ ରହିଛି । ଏପରି ଅପୂର୍ଣ୍ଣ ରହିଥିବା ସ୍ୱାମୀ କିମ୍ବା ବାରଅଣା କି ଅଧା କି ଚଉଠେ ସ୍ୱାମୀର ମୃତ୍ୟୁରେ ସେହି

ଅପୂର୍ଣ୍ଣ ରହିଥିବା ସ୍ତ୍ରୀ ( କମ୍ବା କନ୍ୟା ) ଅଧେ କମ୍ବା ଚଉଠେ ବିଧବା ନ ହୋଇ ଷୋଳଅଣା ବିଧବା ହେବ କପରି ? ଅଧେ ବିଧବା କମ୍ବା ଚଉଠେ ବିଧବାଙ୍କର ବିବାହକୁ **ବିଧବା ବିବାହ କୁହାଯିବ ବା କପରି** ?

ପୁଣି ଗୋଟିଏ କଥା—ଦ୍ୱିରାଗମନ କର୍ମ ନ ହେବା ଯାଏ ବିବାହ କରିଥିବା ବାଳକ ବାଳିକାମାନଙ୍କୁ ବର କନ୍ୟା କୁହାଯାଏ । ଦ୍ୱିରାଗମନ ପରେ ବର ସ୍ୱାମୀ ନାମରେ କନ୍ୟା ସ୍ତ୍ରୀ ନାମରେ ଅଭିହିତ ହୁଏ । ଶାସ୍ତ୍ରରେ ଅଛି ଓ ପ୍ରତ୍ୟେକଙ୍କର ବିବେକ କହୁଛି—ସ୍ୱାମୀ ମଲେ ତାହାର ସ୍ତ୍ରୀ ବିଧବା ହେବ ; କିନ୍ତୁ ବର ମଲେ କନ୍ୟା ବିଧବା ହେବ କାହିଁକି ? କେଉଁ ଶାସ୍ତ୍ର ଅନୁସାରେ ।

ଆଉ ଗୋଟିଏ କଥା—ସ୍ୱାମୀର ରୂପ, ଗୁଣ, ସ୍ନେହ ଓ ପ୍ରେମ ସ୍ତ୍ରୀ ଭୁଲିପାରେ ନାହିଁ, ତେଣୁ ସ୍ୱାମୀର ମୃତ୍ୟୁରେ ସ୍ତ୍ରୀର ମନରେ ଦୁଃଖ ଆସେ । ସେହି ଦୁଃଖର ନାମ ବୈଧବ୍ୟ ଦୁଃଖ ବା ବୈଧବ୍ୟ ଯନ୍ତ୍ରଣା । ଏହି ଦୁଃଖ ଯନ୍ତ୍ରଣାରୁ ରକ୍ଷା ପାଇବା ସକାଶେ ବୈଧବ୍ୟ ବ୍ରତ ପାଳନ ଆବଶ୍ୟକ । ଯେଉଁ କନ୍ୟା ବା କୁମାରୀ ସ୍ୱାମୀ କଣ ଜାଣି ନାହିଁ, ସେ କାହା ସକାଶେ କେଉଁ ଦୁଃଖରୁ ରକ୍ଷାପାଇବା ସକାଶେ କେଉଁ ପ୍ରକାର ବ୍ରତ ପାଳନ କରିବ ? ସ୍ୱାମିହୀନା ବା ପ୍ରକୃତ ବିଧବା କଣ ସାକାର ଓ ସଗୁଣ ବ୍ରତ ପାଳନ କରିବ ଓ ବରହୀନା ବିଧବା ବା ଅପ୍ରକୃତ ବିଧବା କଣ ନିରାକାର ଓ ନିର୍ଗୁଣ ବ୍ରତ ପାଳନ କରିବ ? ନିରାକାର ଓ ନିର୍ଗୁଣ ବ୍ରତପାଳନର ବ୍ୟବସ୍ଥା ହିନ୍ଦୁ ଶାସ୍ତ୍ରରେ ଆଉ କାହାଲାଗି ଆଉ କେଉଁଠାରେ ଅଛି, ନା କେବଳ ବାଳ୍ୟବିଧବାଙ୍କ ଲାଗି ଏହି ବାଳ ବୈଧବ୍ୟ ବ୍ରତରେ ଅଛି ?

ଆଉ ଗୋଟିଏ କଥା—ଶାସ୍ତ୍ର କୁହ, ଧର୍ମ କୁହ, ଋଷି ଦେବତା ଠାକୁର-ଠାକୁରାଣୀ କୁହ, ବ୍ରତ ଉପବାସ କୁହ, ପୂଜା-ମେଳା କୁହ ଏସବୁ କାହିଁକି କିଏ କରିଛି ? ଯିଏ କରିଛି ସେ ଆମ ସୁଖ ଲାଗି କରିଛି ନା ଦୁଃଖ ଲାଗି କରିଛି ? ସୁଖଲାଗି କରିଥିଲେ ସେ ସବୁ ରହୁ, କାହାରି କିଛି ଆପତ୍ତି ନାହିଁ—ଦୁଃଖ ଦେବା ସକାଶେ ଯଦି କେହି ତିଆରି କରିଥାଏ, ତେବେ ସେସବୁକୁ ଆଜି ଧ୍ୱଂସ କରା ନ ଯିବ କାହିଁକି ? ଯଦି ଶାସ୍ତ୍ର ଅନୁସାରେ ଦେଶର ମଙ୍ଗଳ ସକାଶେ, ସମାଜର ବ୍ୟକ୍ତିତ୍ୱର ବନ୍ଧକତା

ବ୍ରହ୍ମଚର୍ଯ୍ୟର ପ୍ରତିଷ୍ଠା କରିବା ସକାଶେ ୯।୧୦ ବର୍ଷର କନ୍ୟାଟିମାନଙ୍କୁ ବିଧବା କରୁଛ, ତେବେ ଜୀବନତମାମ୍ କାନ୍ଦୁଛ କାହିଁକି ? ଟଙ୍କା ପଇସା ଖର୍ଚ୍ଚ କରି କାନ୍ଦ ଶୁଣିବାକୁ କେହି ଶାସ୍ତ୍ର କହୁଛି ? ହସି ହସି ଧର୍ମ ପାଳନ କର, ହସି ହସି କନ୍ୟାଟିମାନଙ୍କୁ ୯।୧୦ ବର୍ଷ ବୟସରୁ ବିଧବା କରି ଦେଶରେ ବ୍ରହ୍ମଚର୍ଯ୍ୟର ପ୍ରତିଷ୍ଠା କର—କାନ୍ଦୁଛ କାହିଁକି ?

ଆଉ ଗୋଟିଏ କଥା—**କର୍ମଫଳ** ; କାହାରି କାହାରି କାହିଁକି ଅନେକଙ୍କର ବିଶ୍ୱାସ, ବାଲବୈଧବ୍ୟ-କର୍ମ୍ମର ଫଳ । ମୁଁ କହୁଛି—ହଁ, କର୍ମ୍ମର ଫଳ ; କିନ୍ତୁ କାହାର କେଉଁ କର୍ମର ଫଳ ତାହା ନ ବୁଝି ନ ସୁଝି କେବଳ ଅନ୍ଧବିଶ୍ୱାସରେ କର୍ମ୍ମ କର୍ମ୍ମ କହି ନିଶ୍ଚେଷ୍ଟ ରହି ଯାବଜ୍ଜୀବ ଦୁଃଖକୁ ଅପଥା ବରଣ କରିବା ଉଚିତ କି ? କର୍ମ ଓ କର୍ମଫଳ ବୁଝିବା ବଡ଼ କଠିନ ; ତେବେ ଏଠାରେ ଯେତିକି ଆବଶ୍ୟକ ସେତିକି ମାତ୍ର ଲେଖୁଛି ।

କର୍ମ ତିନି ପ୍ରକାର—ସଞ୍ଚିତ କର୍ମ୍ମ, ପ୍ରାରବ୍ଧ କର୍ମ୍ମ ଓ କ୍ରିୟମାଣ କର୍ମ୍ମ । ସଞ୍ଚିତ କର୍ମ ବିଷୟ ଏଠାରେ ଆଲୋଚନା କରିବା ଅନାବଶ୍ୟକ; କେବଳ ପ୍ରାରବ୍ଧ ଓ କ୍ରିୟମାଣ କର୍ମ୍ମ ବିଷୟରେ ଯେତିକି ଆବଶ୍ୟକ ଓ ସର୍ବସାଧାରଣଙ୍କର ବୋଧଗମ୍ୟ, ସେତିକି ମାତ୍ର ଲେଖୁଛି ।

ଏହି ଜନ୍ମର ଦୈନନ୍ଦିନ କର୍ମ୍ମକୁ କ୍ରିୟମାଣ କର୍ମ କୁହାଯାଏ । ପୂର୍ବ ଜନ୍ମର କର୍ମ୍ମର ଫଳକୁ ଏହି ଜନ୍ମର ପ୍ରାରବ୍ଧ କର୍ମ୍ମ କୁହାଯାଏ । ପୂର୍ବଜନ୍ମରେ ଯାହା କରାଯାଇଥାଏ, ଏହି ଜନ୍ମରେ ତାହା ପ୍ରାରବ୍ଧ ହୁଏ । ପ୍ରାରବ୍ଧ କର୍ମ୍ମ ହେତୁରୁ ଜୀବ ଅମୁକ ଦେଶରେ, ଅମୁକ ଜାତିରେ ଅମୁକ ସାଧୁ ବା ଅସାଧୁ, ଧନୀ ବା ଦରିଦ୍ର, ଦୟାଳୁ ବା ନିଷ୍ଠୁର ଲୋକର ଘରେ ଜନ୍ମଗ୍ରହଣ କରେ । ଏତିକି ମାତ୍ର ପ୍ରାରବ୍ଧ । ଏହି ପ୍ରାରବ୍ଧକୁ କେହି ଅନ୍ୟଥା କରି ନ ପାରେ ।

ଏହି ପ୍ରାରବ୍ଧ କର୍ମ୍ମ ହେତୁରୁ କନ୍ୟାଟି ଏହି ଅନ୍ଧ ସମାଜରେ ଏହି ନିର୍ବୋଧ ସ୍ୱାର୍ଥପର ପିତା ମାତାଙ୍କ ଘରେ ଜନ୍ମଗ୍ରହଣ କରିଅଛି । ନିର୍ବୋଧ ପିତା ମାତା କନ୍ୟାଟିର ଶିକ୍ଷା ଦୀକ୍ଷା ଓ ଭବିଷ୍ୟତର ପ୍ରକୃତ

ମଙ୍ଗଳ ପ୍ରତି ଦୃଷ୍ଟି ନ ରଖି ନିଜର ବିବେକକୁ ନ ପଚାରି ଅନ୍ଧ ସମାଜର ପ୍ରଚଳିତ ପ୍ରଥାନୁସାରେ କନ୍ୟାଟିକୁ ଗହଣା ପିନ୍ଧାଇ, ଜରୁଣାଟିଏ ଦେଇ, କୁଣ୍ଢେଇ ସଜାଇ, ବହୁ ଅର୍ଥ ବ୍ୟୟକରି ଆଠବର୍ଷ ବେଳୁ ବୁଢ଼ା ହେଉ, ହଡ଼ା ହେଉ, ଗୋଟାଏ ବର ସାଙ୍ଗରେ ଛନ୍ଦ ଦେଇ ନିଶ୍ଚିନ୍ତ ହେଲେ। ପିତା ମାତାଙ୍କର ଏହି କର୍ମ—ସେମାନଙ୍କର କ୍ରିୟମାଣ କର୍ମ।

## ଏହି କ୍ରିୟମାଣ କର୍ମର ଫଳ ବାଲବୈଧବ୍ୟ

ପିତାମାତାଙ୍କର ଏହି କ୍ରିୟମାଣ କର୍ମ ପରଜନ୍ମରେ ସେହି ପିତାମାତାଙ୍କର ପ୍ରାରବ୍ଧ ହେବ। ଅତଏବ କନ୍ୟାଟି ଯେ ଆଠବର୍ଷରୁ କୁଣ୍ଢେଇ ବିବାହ ହୋଇ ନଅ ବର୍ଷରେ ବିଧବା ହେଲା, ତାହା କନ୍ୟାର ପ୍ରାରବ୍ଧ କର୍ମ ଓ ପିତାମାତାଙ୍କର କ୍ରିୟମାଣ କର୍ମର ଫଳ। ପିତାମାତାଙ୍କର କ୍ରିୟମାଣ କର୍ମର ଫଳରୁ ପିତାମାତା ଦଣ୍ଡ ପାଇ ପାରନ୍ତି ; କିନ୍ତୁ କନ୍ୟା ଦଣ୍ଡ ପାଇବ କାହିଁକି ? କ୍ରିୟମାଣ କର୍ମ ସକାଶେ ଦଣ୍ଡ ଦେବାକୁ ଆଇନ କିମ୍ବା ଶାସ୍ତ୍ରର ଅଧିକାର ଅଛି ; ମାତ୍ର ପ୍ରାରବ୍ଧ କର୍ମ ସକାଶେ ଦଣ୍ଡ ଦେବାକୁ କୌଣସି ଶାସ୍ତ୍ର ବା କୌଣସି ଆଇନର ଅଧିକାର ନାହିଁ। ପିତାମାତାଙ୍କର କ୍ରିୟମାଣ କର୍ମ ସକାଶେ କନ୍ୟା ଦଣ୍ଡ ପାଇବ କିପରି ? —କେଉଁ ଶାସ୍ତ୍ର ଅନୁସାରେ ? ଶାସ୍ତ୍ରକାରମାନେ ଓଲୁ କିମ୍ବା ଅନ୍ଧ ନ ଥିଲେ। ସେହି ହେତୁରୁ ସେମାନେ ପ୍ରତ୍ୟେକ ସ୍ପଷ୍ଟ ଲେଖିଗଲେ— "ବାଲ୍ୟ ବିଧବାକୁ ଅତି ଶୀଘ୍ର ନିଃସନ୍ଦେହରେ ବିବାହ ଦିଅ।"

ଋଗ୍‌ବେଦ, ଅଥର୍ବବେଦ, ପରାଶର, ବୋଧାୟନ, ବଶିଷ୍ଠ ଇତ୍ୟାଦିରୁ ଦୁଇଶହ କିମ୍ବା ବେଶୀ ଋଷିମତ ଛପାଇ ଦିଆଗଲା। "ବାଲ୍ୟ ବିଧବାକୁ ବିବାହ ଦିଅ ନାହିଁ"—ଏପରି ଗୋଟିଏ ନିଷେଧ ମତ କେହି ପଣ୍ଡିତେ ଆଜଯାଏ ଦେଖାଇ ପାରିଲେ କି ? ଶାସ୍ତ୍ରରେ ନିଷେଧ ଆଜ୍ଞା ଥିଲେ ଦେଖାଇ ନାହାନ୍ତି କାହିଁକି ?

ଆଉ ଗୋଟିଏ ଅସଲ କଥା—ସ୍ୱାମୀ ମଲେ ତାର ବିଧବା ସ୍ତ୍ରୀ ନିଜର ଅଳଙ୍କାର ଓ ବେଶଭୂଷା ସ୍ୱଇଚ୍ଛାରେ ପରିତ୍ୟାଗ କରିବା ଯୁକ୍ତି-ଯୁକ୍ତ ଓ ଶାସ୍ତ୍ରସଙ୍ଗତ ; ମାତ୍ର ଅଜ୍ଞାନ କୁମାରୀଠାରୁ ଜୋର କରି, ବାଧ୍ୟକରି

ଗହଣା କାଢିବାକୁ ତୁମେ କିଏ ? ଏପରି ଅମାନୁଷିକ ଅତ୍ୟାଚାର କରିବାକୁ କେଉଁ ଶାସ୍ତ୍ର କେଉଁଠାରେ ତାହାକୁ ଅଧିକାର ଦେଇଛି ? କହିପାର, ଆମେ ଗହଣା ପିନ୍ଧାଇଥିଲୁ ; ଅତଏବ ଆମର ଗହଣା କାଢ଼ିବାର ଅଧିକାର ଅଛି । ମୁଁ କହୁଛି, ତୁମର ପିନ୍ଧାଇବା ଯେପରି ମୂର୍ଖତା, କାଢିବା ତାଠାରୁ ବେଶୀ ମୂର୍ଖତା । ପ୍ରତ୍ୟେକ ଲୋକର ଯେପରି ରୁଚି ହେବ, ସେ ସେହି ରୁଚି ବା ଇଚ୍ଛା ଅନୁସାରେ ପିନ୍ଧିବ । ପିନ୍ଧିବା ଅନାବଶ୍ୟକ ମନେ କଲେ ସ୍ୱଇଚ୍ଛାରେ ବାହାର କରି ପକାଇ ଦେବ । ତୁମେ ବାଧ କରି ଗହଣା ପିନ୍ଧାଇ ଭୂଷଣରେ ସଜାଇବାକୁ କିଏ ଓ ବାଧକରି ଗହଣା କାଢି ରାଣ୍ଡି କରିବାକୁ କିଏ ? ଭଗବାନ ପ୍ରତ୍ୟେକ ମନୁଷ୍ୟକୁ ବୁଦ୍ଧି ଓ ବିବେକ ଦେଇଅଛନ୍ତି—କାହାର ବେଶୀ, କାହାର କମ୍ । ବେଶୀ ହେଉ ବା କମ୍ ହେଉ, ପ୍ରତ୍ୟେକ ମନୁଷ୍ୟ ତାର ବୁଦ୍ଧି ବିବେକ ପରିଚାଳନା କରି ସଂସାର ଯାତ୍ରା ନିର୍ବାହ କରିପାରିବ ଏବଂ କରିବା ଶ୍ରେୟସ୍କର ଓ ଯୁକ୍ତିଯୁକ୍ତ । ତାହା ନକରି ପ୍ରତ୍ୟେକ ସେମାନଙ୍କର ବୁଦ୍ଧି ଓ ବିବେକରେ ଗୁଡ଼ିଦେଇ ଅନ୍ଧ ହୋଇ ରହିଥିବେ କାହିଁକି ? ସବୁ ଅନ୍ଧଯାକ ଯେଉଁ ବାଟରେ ଯାଉଅଛନ୍ତି, ଅନ୍ଧ ହୋଇ ସେହି ବାଟରେ ଚାଲୁଥିବେ କାହିଁକି ? ବ୍ୟବସ୍ଥା ଦାତାଙ୍କର ହୁକୁମ ମାନି ମାନି, ଲାଞ୍ଚ ଦେଇ ଦେଇ, ଭୟକରି ଚାଲୁଥିବେ କାହିଁକି ? ଆଉ କେତେ ଦିନ ? ଆଉ ତୁମେ ଜାତିର ଦେବହେରା ହୋଇ, ସମାଜର ବ୍ୟବସ୍ଥାଦାତା ହୋଇ, ଦେଶର ନେତା ହୋଇ ସେହି ଅନ୍ଧଙ୍କ ଉପରେ ରାଜତ୍ୱ କରୁଥିବ କାହିଁକି ? ଆଉ କେତେଦିନ ? ସେ ଯାହି.ହେଉ ; ବର୍ତ୍ତମାନ କହିବାର ବିଷୟ ଏହି ଯେ ; କେବଳ ଅପ୍ରକୃତ ବିଧବା କାହିଁକି—ପ୍ରକୃତ ବିଧବା ମଧ୍ୟ ସ୍ୱଇଚ୍ଛାରେ ବେଶଭୂଷା ପରିତ୍ୟାଗ କରିବ । ସ୍ୱଇଚ୍ଛାରେ ପିନ୍ଧିଥିବା ଗହଣା ଥିଲେ ତାହା ସ୍ୱଇଚ୍ଛାରେ କାଢ଼ିବ କିମ୍ବା ତାହାର ଅନୁରୋଧରେ ତୁମେ କେହି କାଢ଼ିପାର ; କିନ୍ତୁ ନାବାଳିକାର ଇଚ୍ଛା ବିରୁଦ୍ଧରେ ତାହାଠାରୁ ଗହଣା କାଢ଼ିବାକୁ ତୁମକୁ କିଏ ଅଧିକାର ଦେଇଛି ?—ବାଳିକାର ତୁମେ କିଏ ?

ମୁଁ ଆଜି ସର୍ବସାଧାରଣଙ୍କୁ ଜଣାଇ ଦେଉଅଛି ଯେ—ନାବାଳିକା କନ୍ୟାଟିମାନଙ୍କ ଦେହରୁ ଗହଣା କାଢିବା କିମ୍ବା ତାହାର ପିନ୍ଧିଥିବା

ଜାତକୁ ବାଡ଼େଇ ବାହାର କରିବା ଘୋର ଅନ୍ୟାୟ ଓ ପାପକାର୍ଯ୍ୟ କରିବାକୁ ଯାହାର ସାହସ ଅଛି, ସେ କରୁ, ମୁଁ ପ୍ରତ୍ୟେକଙ୍କୁ ସାବଧାନ କରିଦେଲି । ନିଜ ନିଜର ହୃଦୟକୁ ପଚାରି, ବିବେକକୁ ପଚାରି ଏହି ଅନ୍ୟାୟ କାର୍ଯ୍ୟରେ ହସ୍ତକ୍ଷେପ କର । ଶାସ୍ତ୍ର ଯଦି କାହାକୁ ଏପରି ଅମାନୁଷିକ ଅତ୍ୟାଚାର ଓ ଯଥେଚ୍ଛାଚାରିତାର ଅଧିକାର ଦେଇଛି, କେବଳ ସେହି ଲୋକ ଏଥିରେ ହସ୍ତକ୍ଷେପ କରୁ, ଆଉ କିଏ କାହିଁକି କରିବ ।

ଯେଉଁ ପଣ୍ଡିତମାନେ, ବ୍ୟବସ୍ଥାଦାତାମାନେ ବାଲ୍ୟବୈଧବ୍ୟକୁ ସମର୍ଥନ କରୁଅଛନ୍ତି, ବାଲ୍ୟବୈଧବ୍ୟର ବିବାହରେ ବାଧା ଦେଉଅଛନ୍ତି, ଯେଉଁମାନଙ୍କ ମତରେ ବାଲ୍ୟବୈଧବ୍ୟ ଧର୍ମକାର୍ଯ୍ୟ ଓ ଶାସ୍ତ୍ରସଙ୍ଗତ ; ସେହିମାନେ ଏହି କାର୍ଯ୍ୟ କରନ୍ତୁ । ସେହିମାନେ ଜାତଖଣ୍ଡୁ କାଢ଼ନ୍ତୁ । ଏପରି ବ୍ୟବସ୍ଥାଦାତା ପଣ୍ଡିତେ ପ୍ରତି ଗ୍ରାମରେ ଜଣେ ଦୁଇଜଣ ଅଛନ୍ତି; ସେମାନଙ୍କର କିଛି କିଛି ଅର୍ଥ ଉପାର୍ଜ୍ଜନ ମଧ୍ୟ ହେବ ।

ଏପରି ଧର୍ମକାର୍ଯ୍ୟ ଓ ଦେଶ ହିତକର କାର୍ଯ୍ୟ ସେମାନେ ନିଜେ ନ କରି ନିରୀହ ଅଜ୍ଞ ଲୋକମାନଙ୍କୁ ଏହି ଉତ୍କଟ ପାପରେ ନିଯୁକ୍ତ କରୁଅଛନ୍ତି କାହିଁକି ?

ମନେକର, ଗୋଟିଏ ନଅ ବର୍ଷର କନ୍ୟାର ବର ମଲା । କେହି ତାହାଠାରୁ ଗହଣା କାଢ଼ିବା ରୂପ ନିଷ୍ଠୁର ଅନ୍ୟାୟ କାର୍ଯ୍ୟ କରିବାକୁ ସାହସ କଲେ ନାହିଁ । ମୁଁ ପଚାରୁଛି, ସେହି କନ୍ୟାର ଗହଣା ବର୍ତ୍ତମାନ କିଏ କାଢ଼ିବ ? କନ୍ୟାର ମାଆ କାଢ଼ିବ ନା ବାପ କାଢ଼ିବ ? ପ୍ରକୃତ ଅଧିକାରୀ ବା ଅଧିକାରିଣୀ କିଏ ?

ଏତେ ଶୁଣି ଶୁଣି ସୁଦ୍ଧା କେହି କେହି କହି ପାରନ୍ତି, ଧୋବଣୀ କିମ୍ବା ଭଣ୍ଡାରୁଣୀ କାଢ଼ିବା ସେ କାଢ଼ିବ ସତ ; ମାତ୍ର ତାକୁ କାଢ଼ିବାକୁ ହୁକୁମ ଦେବ କିଏ ? ଏହି ପାପରେ ଦାୟୀ ରହିବ କିଏ ? ପଣ୍ଡିତମାନେ, ବ୍ୟବସ୍ଥାଦାତାମାନେ, ଆପତ୍ତିକାରୀମାନେ ଦାୟୀ ହେବା ଯୁକ୍ତିଯୁକ୍ତ ନୁହେଁ କି ? —ମୁଁ କହେଁ ଆଜିଠାରୁ ଗହଣା ସେହିମାନେ କାଢ଼ନ୍ତୁ ।

ସମାଜରେ ଚଳି ଆସୁଛି—ତେଣୁ ତାହା ଅବାଧରେ ଚଳିବ, ଏପରି ଅଯଥା ଓ ଅମୂଳକ ଯୁକ୍ତି ଆମ୍ଭେମାନେ ଶୁଣିବାକୁ ଆଦୌ ଚାହୁଁ ନା ।

ଏତିକି କାହିଁକି, ଏପରି ଅନେକ କଦର୍ଯ୍ୟ ନିଷ୍ଠୁର ପ୍ରଥା ଦେଶରେ ଚାଲି ଆସୁଛି । ୫୦ ବର୍ଷର ଦୋବେଇ ବର ୨୦୦ ଟଙ୍କା କି ୨୫୦ ଟଙ୍କା ଦେଇ ୯।୧୦ ବର୍ଷର ଝିଅଟିଏ କିଣିଆଣି ବିବାହ କରୁଅଛି । ବାପ ଝିଅକୁ ଯେତେ ବୁଢ଼ାବର ସେତେ ବେଶୀ ଟଙ୍କାରେ ବିକ୍ରି କରୁଛି । ପୁଅ ଝିଅ ଥିବା ଦୋବେଇ ବୁଢ଼ା ବର କନ୍ୟାର ଇଚ୍ଛା ବିରୁଦ୍ଧରେ ସେହି କନ୍ୟାକୁ ବିବାହ କରୁଛି । ବ୍ୟବସ୍ଥାଦାତାମାନେ ଟଙ୍କା ଉତ୍କୋଚ ନେଇ ଘରେ ଘରେ ଉତ୍କଟ ପାପସବୁର ପ୍ରାୟଶ୍ଚିତ୍ତର ବ୍ୟବସ୍ଥା କରୁଅଛନ୍ତି । ଏପରି କେତେ ପାପ ସମାଜରେ ଚାଲି ଆସୁଅଛି ଓ କେତେ ନୂଆ ନୂଆ ପାପ ମଧ୍ୟ ଚାଲିବାକୁ ବସିଲାଣି । ଚାଲି ଆସୁଅଛି ବୋଲି ସବୁଦିନେ ଚାଲୁଥିବ, ଏକଥା ଯଦି କେହି ବର୍ତ୍ତମାନ ଯୁଗରେ କହେ, ସେ ନିତାନ୍ତ ଅନ୍ଧ । ପ୍ରକୃତ ଯୁକ୍ତିଯୁକ୍ତ କାରଣ କିଛି ଥିଲେ ତାହା ପୁସ୍ତକାକାରରେ କିମ୍ବା ପତ୍ରିକାରେ ଜନସାଧାରଣଙ୍କୁ ସରଳ ଭାଷାରେ ବୁଝାଇ ଦିଅନ୍ତୁ । ଆମ୍ଭ-ମାନଙ୍କର କୌଣସି ଆପତ୍ତି ନାହିଁ ।

ଉପର୍ଯ୍ୟୁକ୍ତ ଯୁକ୍ତିଯୁକ୍ତ କାରଣ ଦୃଷ୍ଟିରେ "ନାରୀମଙ୍ଗଳ ସମିତି"ର ସମ୍ପାଦକ ଭାବରେ ମୁଁ ପିତାମାତାମାନଙ୍କୁ ଏହି ନିବେଦନ କରୁଅଛି ଯେ, ସେମାନେ ଏଣିକି ନିଷେକ କର୍ମ ସରି ନଥିବା କନ୍ୟାଟିମାନଙ୍କୁ ବିଧବା ନ କରନ୍ତୁ । ସେମାନଙ୍କ ହାତରୁ କାଚଖଡ଼ୁ ବାହାର ନ କରନ୍ତୁ । ଯଦି କରିଥାଆନ୍ତି, ତେବେ ବିବାହ ଦିଅନ୍ତୁ ବା ନ ଦିଅନ୍ତୁ, ବର୍ତ୍ତମାନ ସେମାନଙ୍କୁ କାଚ ସିନ୍ଦୂର ପିନ୍ଧାଇ ସାଧାରଣ ବାଳିକାମାନଙ୍କ ସଙ୍ଗେ ମିଳିମିଶି ପଢ଼ା ଶୁଣା କରିବାର ଓ ଖେଳବୁଲ ଖୁସିରେ ରହିବାର ବ୍ୟବସ୍ଥା କରନ୍ତୁ । ଏପରି ବ୍ୟବସ୍ଥା କରିବାକୁ ନିଜକୁ ଅକ୍ଷମ ମନେ କଲେ **ନାରୀମଙ୍ଗଳ ସମିତିର ସମ୍ପାଦକଙ୍କ ସହିତ ପରାମର୍ଶ କରନ୍ତୁ** । ଦୂର୍ବାକ୍ଷତ ପୂର୍ବରୁ ଯେଉଁ ଯୁବକମାନଙ୍କର ତଥାକଥିତ ସ୍ତ୍ରୀର ମୃତ୍ୟୁ ହୋଇଅଛି ସେମାନେ ଓ ଅବିବାହିତ ଶିକ୍ଷିତ ଯୁବକମାନେ ମଧ୍ୟ ଏହି କନ୍ୟାଗୁଡ଼ିକୁ ଅବିବାହିତା ଜ୍ଞାନ କରି ନିଃସଙ୍କୋଚରେ ବିବାହ କରନ୍ତୁ । ଯେଉଁମାନେ ପ୍ରକୃତରେ ବିପତ୍ନୀକ, ସେମାନେ ବିବାହ କରିବାକୁ ଇଚ୍ଛା କଲେ ପ୍ରକୃତ ବିଧବାକୁ ବିବାହ କରନ୍ତୁ । ପୁଅ ଝିଅ ଥିବା ଦୋବେଇ ବର ବିବାହ କରିବାକୁ ଇଚ୍ଛା କଲେ ପୁଅ ଝିଅ ଥିବା ଦୋବେଇ କନ୍ୟାକୁ ସେହି

କନ୍ୟାର ମତ ନେଇ ବିବାହ କରୁ । ବିବାହ ସମ୍ପର୍କରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ସମାନ ଅଧିକାର ଦିଆଯାଉ । ସମାନ କାହିଁକି—ପୁରୁଷ ଅପେକ୍ଷା ସ୍ତ୍ରୀଙ୍କୁ ବେଶୀ ଅଧିକାର ଦିଆଯାଉ ; କାରଣ ପୁରୁଷ ଆଇନ-ଅନୁସାରେ ଯେତେ ଇଚ୍ଛା ସେତେ ବିବାହ କରିପାରେ ଓ କରୁଛି ; କିନ୍ତୁ ନାରୀଜାତିର ଭାଗ୍ୟର ସେଇଠାରେ ଶେଷ ନିଷ୍ପତ୍ତି । ବୁଢ଼ା ଦରବୁଢ଼ା ଦୋବେଇ ବରମାନେ, ବାଛି ବାଛି ୯।୧୦ ବର୍ଷର କୁମାରୀମାନଙ୍କୁ ବିବାହ କରିବେ କାହିଁକି, ଆଉ କନ୍ୟାଟିମାନଙ୍କ ମୁହଁରେ ତୁଣ୍ଡି ବନ୍ଧାହୋଇ ରହିଥିବ କାହିଁକି ? କନ୍ୟାଟିମାନଙ୍କ ସ୍ୱାର୍ଥାନ୍ଧ ନିର୍ବୋଧ ପିତାମାତାଙ୍କର କଥାରେ ବାଧ ହୋଇ ସେହି ଦୋବେଇ ବୁଢ଼ାବରଙ୍କୁ ବିବାହ କରିବାକୁ ରାଜି ହେବେ ବା କାହିଁକି ? ଏପରି ବାଧତାମୂଳକ ପିତା ମାତା ଭକ୍ତି ଓ ପତିଭକ୍ତି ସମାଜରୁ ଆଜି ଧ୍ୱଂସ କରି ନ ଯିବ କାହିଁକି ? ବାପ ଗୋଟିଏ ୯ ବର୍ଷର କନ୍ୟାକୁ ଗୋଟିଏ ବୁଢ଼ାବର ସଙ୍ଗେ ବିବାହ ଦେଲା । କନ୍ୟାଟି ଯୁବତୀ ହୋଇ ଶାଶୁ ଘରକୁ ଯିବାବେଳକୁ ବରକୁ ହେଲାଣି ୬୦ ବର୍ଷ । କନ୍ୟା ଶାଶୁଘରକୁ ଯିବାକୁ ମନା କଲା । ବୁଢ଼ାବର କନ୍ୟାକୁ ନେବା ସକାଶେ ଅଦାଲତରେ ନାଲିସ କଲା । କନ୍ୟା କୌଣସି ମତେ ଗଲା ନାହିଁ । କହିଲା—

"ଡର ନାହିଁ ମୋର ସରକାରକୁ
ରାଜି ନାହିଁ ମୋର ବୁଢ଼ା ବରକୁ"

ବାପମାଆମାନେ ଝିଅଟିମାନଙ୍କୁ ଯଦି ଦୋବେଇ ବରରେ କିମ୍ବା ଅନ୍ୟ କୌଣସି ଅପାତ୍ରରେ ବିବାହ ଦେବାର ପ୍ରସ୍ତାବ କରନ୍ତି, ଅଥବା ବିବାହ ଦିଅନ୍ତି, ତେବେ ଝିଅମାନେ ଭୟ ନ କରି, ଲଜ୍ଜା ନ କରି ଏହିପରି କହନ୍ତୁ—ଅପାତ୍ରରେ, ନିଜର ଇଚ୍ଛା ବିରୁଦ୍ଧରେ ବିବାହ କରିବାକୁ ସ୍ପଷ୍ଟ ମନା କରନ୍ତୁ । ଆବଶ୍ୟକ ହେଲେ ବେଦୀରୁ ମଧ୍ୟ ଉଠି ଆସନ୍ତୁ—ଶାଶୁଘରକୁ ଏପରି ସ୍ୱାମୀ ପାଖକୁ ଯିବାକୁ ମନା କରନ୍ତୁ ; ଏହା ଛଡ଼ା ଅନ୍ୟ ଉପାୟ ନାହିଁ; ମୁଁ ନିଜେ ଗୋଟିଏ ୩୪।୩୫ ବର୍ଷର ବାଲ୍ୟ ବିଧବା ଠାରୁ ତାହାର ଜୀବନ ବୃତ୍ତାନ୍ତ ଶୁଣିଲି ବେଳେ ସେ ମୋତେ କହିଲା—"ମୋର ମନେ ଅଛି, ୫୦।୫୨ ବର୍ଷର ଗୋଟିଏ ଦୋବେଇ ବର ବାପାଙ୍କୁ

୨୦୦ ଟଙ୍କା ଦେଲାବେଳେ ବାପା ଟଙ୍କାଗୁଡ଼ିକ ଗଣେଇ ସାରି ସେହି ଟଙ୍କା ଭିତରୁ ୧୦।୧୨ ଟଙ୍କା ଅଚଳିଣି ଖରାପ ଟଙ୍କା ଥିବାରୁ ଫେରାଇ ଦେଲେ । ସେହି ଦୋବେଇ ବର ଟଙ୍କା ଫେରାଇ ନେଇ ପୁଣି ୧୦।୧୨ ଟଙ୍କା ସଂଗ୍ରହ କରି ଆଣି ବାପାଙ୍କୁ ଦେଲା । ମୋତେ ସେତେବେଳେ ୧୩ ବର୍ଷ ମୋ ମନରେ କଷ୍ଟ ହେଉଥିଲେ ସୁଦ୍ଧା ବାପାଙ୍କୁ କିଛି କହି ନପାରି ସେପରି ମନ କଷ୍ଟରେ ବେଦୀରେ ବସି ବିବାହ କରିଛି, ସେ କଥା ମୋର ବେଶ୍ ମନେ ଅଛି ?"

ମୁଁ କହେ, ସେହି କନ୍ୟା ବେଦୀରୁ ଉଠି ଆସିଥିଲେ ଠିକ୍ ହୋଇଥାଆନ୍ତା । ଯାହାହେଉ, ତାଙ୍କୁ ଶାଶୁଘର ଯିବାକୁ ପଡ଼ିନାହିଁ — ସେହି ଦୋବେଇ ବରଟି ସ୍ୱାମୀ ନ ହେଉଣୁ ଅର୍ଥାତ୍ ତାହାର ଦୁବ ଷତ ଘର ନ ହେଉଣୁ ନିମୋନିଆରେ ମରିଗଲା ।

ଏହିପରି ଶତ ଶତ ଦୃଷ୍ଟାନ୍ତ ଦିଆଯାଇ ପାରେ, ଦୁର୍ଭାଗ୍ୟର କଥା — ଯେଉଁ ଆର୍ଯ୍ୟ ଜାତି ବ୍ରାହ୍ମଣ, ପୁରୋହିତ ଓ ଭାଇବନ୍ଧୁ ସମସ୍ତଙ୍କ ସମକ୍ଷରେ ଗର୍ଭାଧାନ, ସୀମନ୍ତୀକରଣ, ପୁଂସବନ ଇତ୍ୟାଦି କର୍ମ ପବିତ୍ର ଭାବରେ ସମ୍ପନ୍ନ କରୁଥିଲା, ସେହି ଆର୍ଯ୍ୟଜାତିର ବଂଶଧର ଆମ୍ଭେମାନେ ଆଜି ବିବାହର ନାମ ଧରିବାକୁ ଲଜ୍ଜାବୋଧ କରୁଅଛୁ । ବିବାହରେ ଆଜି ସେହି ପବିତ୍ରତା ନାହିଁ । ବିବାହ ପବିତ୍ର ପ୍ରେମର ସମ୍ବନ୍ଧ ଆଜି ପୁଅ ବିକି, ଝିଅବିକି, ଦିଆ ନିଆ, କିଣାବିକା ବ୍ୟବସାୟରେ ବା ବ୍ୟଭିଚାରରେ ପରିଣତ ହେଲାଣି — 'ଜରୁଣୀ' ଭିତରେ ରହି କଳୁଷିତ ହୋଇସାରିଲାଣି । ଯେଉଁ ନାରୀଜାତି ଦିନେ ମାତୃଜାତି ବୋଲି ପୂଜା ପାଉଥିଲା, ସେହି ମାତୃଜାତି ଆଜି ନିରକ୍ଷର ଅନ୍ଧ ହୋଇ ସୁନା ରୁପା ଗହଣାରେ କୁଣ୍ଢେଇଟି ପରି ସଜବାଜ ହୋଇ କବାଟକଣରେ, ଜରୁଣୀ ଭିତରେ ନୋଲକ ହଲାଇ ସ୍ୱାର୍ଥାନ୍ଧ କାମାସକ୍ତ ପୁରୁଷର ଭୋଗ୍ୟବସ୍ତୁ ହେବାକୁ ସୁଖ ମନେ କରୁଅଛି — ପିଞ୍ଜରା ଭିତରେ ଆବଦ୍ଧ ରହି ପିଞ୍ଜରାକାଠିକୁ ସୁନାରେ ମଢ଼େଇବାକୁ ଗର୍ବ ଅନୁଭବ କରୁଅଛି । ଏସବୁ କଥା କେତେ ଲେଖିବି ? ଲେଖିଲେ ଏହି ଅନ୍ଧଙ୍କୁ ଦିଶୁ ନାହିଁ କି ଏ କାଲଙ୍କୁ ଶୁଭୁନାହିଁ । ସୁଖର କଥା — ବର୍ତ୍ତମାନ ଅନେକ ଶିକ୍ଷିତ ଲୋକ ଦେଖିଲେଣି, ଶୁଣିଲେଣି, ବୁଝିଲେଣି; କେବଳ ଏହି ଅନ୍ଧ ନିଷ୍ଠୁର ସମାଜକୁ ଭୟକରି କିଛି କରି

ଚାହୁଁନାହାନ୍ତି । ତେବେ ଯଥେଷ୍ଟ ହେଲାଣି, ଯେଉଁଦିନ ମିସନ୍ ସ୍କୁଲର ହେଡ ପଣ୍ଡିତ ଶ୍ରୀଯୁକ୍ତ ମାୟାଧର ଦାଶ କାବ୍ୟତୀର୍ଥ ୩୫ ବର୍ଷର ଗୋଟିଏ ବାଳବିଧବା କନ୍ୟାକୁ ଶାସ୍ତ୍ରୀୟ ମତରେ ବିବାହ କଲେ ସେହି ଦିନଠାରୁ ମୋ ମନରେ ଅନେକ ଆଶାର ଉଦୟ ହେଲାଣି । ଆଜି ସର୍ବସାଧାରଣଙ୍କୁ ମୁଁ ଏହି ନିବେଦନ କରୁଅଛି ଯେ, ସେମାନେ ଏହି ନିରୀହା କୁମାରୀମାନଙ୍କୁ ( ନିଷେକ କର୍ମ ବା ଦ୍ୱିବାଷତ କର୍ମ ସରି ନଥିବା କନ୍ୟାଟି ମାନଙ୍କୁ ) ବିଧବା ବିଧବା ବୋଲି ଅକାରଣରେ ହୁରି ନ ପକାନ୍ତୁ । ସେମାନେ ପ୍ରକୃତରେ ଅବିବାହିତା, ସେପରି କନ୍ୟାମାନଙ୍କର ବିବାହକୁ 'ବିଧବା ବିବାହ' ନ କହି ଏଣିକି ପ୍ରକୃତ ବିବାହ କୁହାଯାଉ ।

ଆଜି ଏତିକି—

୧୯୩୭ ମସିହା

# ବିଧବା ବିବାହ

●

## ଚଳି ଆସୁଅଛି

"ଚଳି ଆସୁଛି" ଏ କଥା ନିତାନ୍ତ ଅଯୌକ୍ତିକ, ଅନ୍ଧତାର ପରିଚୟସୂଚକ । ମିଛ କହିବା ଚଳିଆସୁଛି, ଚୋରି କରିବା ଚଳିଆସୁଛି, ନିଶା ଖାଇବା ଚଳିଆସୁଛି, ବୁଢ଼ା ଦୋବେଇ ବରଙ୍କୁ ୭ ବା ୮ ବର୍ଷର କନ୍ୟାର ବିବାହ ବା ବିକ୍ରୟ ଚଳି ଆସୁଛି, ଔଷଧ ପ୍ରୟୋଗ କରି ପାପଗର୍ଭ ନଷ୍ଟ କରିବା ମଧ୍ୟ ଚଳିଆସୁଛି । "ଚଳିଆସୁଛି" ଏପରି ଯୁକ୍ତି କରିବା କେତେଦୂର ଯୁକ୍ତିଯୁକ୍ତ, ଅପରେ ମାନେ ଭାବନ୍ତୁ । ସାତ ଆଠ ବର୍ଷର କନ୍ୟାମାନଙ୍କୁ ବିଧବା କରି ଆସୁଥିବା ପ୍ରଥା ସେହିପରି ଚଳି ଆସୁଛି, ଆଉ କିଛି ନୁହେଁ । "ଚଳିଆସୁଛି" ଏ ଯୁକ୍ତି ଛାଡ଼ି ଶାସ୍ତ୍ରବାକ୍ୟ ଥିଲେ ଦେଖାନ୍ତୁ ।

ଯେଉଁସବୁ ପ୍ରଥା ଚଳିବା ଦ୍ୱାରା ସମାଜର କିମ୍ବା କୌଣସି ଲୋକର କିଛି କ୍ଷତି ନାହିଁ, ସେପରି ପ୍ରଥା ସବୁ ଚଳୁଥାଉ, କିଛି ଆପତ୍ତି ନାହିଁ, କିନ୍ତୁ ୭।୮ ବର୍ଷର ନାବାଳିକା କନ୍ୟାର ବୈଧବ୍ୟ ପରି ହୃଦୟ-ବିଦାରକ ସମାଜଧ୍ୱଂସକାରୀ ପ୍ରଥା ଚଳି ଆସୁଅଛି ବୋଲି ଚଳୁଥିବ—ଏହା ନିତାନ୍ତ ଆପତ୍ତିଜନକ ।

ସ୍ମୃତେର୍ବେଦ ବିରୋଧେଷୁ ପରିତ୍ୟାଗୋ ଯଥା ଭବେତ୍ ।  
ତଥୈବ ଲୌକିକଂ ବାକ୍ୟଂ ସ୍ମୃତିବାଧେ ପରିତ୍ୟଜେତ୍ ॥

ଶାସ୍ତ୍ରରୁ ଯଥେଷ୍ଟ ପ୍ରମାଣ ମିଳୁଛି ଯେ, ବନ୍ଦାପନା କର୍ମ ଶେଷ ହୋଇ ନଥିବା କନ୍ୟାମାନେ କଦାପି ବିଧବା ହୁଅନ୍ତି । ଏପରି କନ୍ୟାମାନଙ୍କୁ ଅବିବାହିତା କନ୍ୟା ପରି ଗ୍ରହଣ କର—ଏକଥା ଋଷି ମହାପୁରୁଷମାନେ ଥରେ ନୁହେଁ, ବାରମ୍ବାର କହି ଯାଇଅଛନ୍ତି । "ସାତ ଆଠ ବର୍ଷର କନ୍ୟାକୁ ବିଧବା କର"—ଏପରି ଗୋଟିଏ ମାତ୍ର ଶାସ୍ତ୍ରବାକ୍ୟ କେହି କେବେ କାହାରଠାରୁ ଶୁଣିଲେଣି କି? ଅନ୍ୟର ଦୁଃଖ ଯେଉଁମାନଙ୍କ ହୃଦୟକୁ ସ୍ପର୍ଶ କରିପାରେ ନାହିଁ ଏବଂ ସ୍ୱାର୍ଥହାନି ଭୟରେ ଯେଉଁମାନେ ନିଜର ମତ ପରିବର୍ତ୍ତନ କରିବାକୁ କୁଣ୍ଠିତ, ସେହିମାନଙ୍କ ମଧ୍ୟରୁ କେତେକ ମନେ ମନେ ବୁଝି ସୁଦ୍ଧା ଏହି ନିଷ୍ଠୁର ପ୍ରଥା ରହିତ କରିବା ପାଇଁ ବାଧା ଦେଉଅଛନ୍ତି । ଯେଉଁମାନେ ଏଥିରେ ବାଧା ଦେଉଅଛନ୍ତି, ସେହିମାନଙ୍କ କନ୍ୟାସବୁ ଯେଉଁଦିନ ବିଧବା ହେବେ, ସେହିଦିନ କାହିଁକି-ସେଇ ମୁହୂର୍ତ୍ତରେ ସେମାନେ ନିଜର ମତ ପରିବର୍ତ୍ତନ କରିବେ । ଏପରି ଦୃଷ୍ଟାନ୍ତ ବହୁତ ଦେଖାଗଲାଣି । ତେଣୁ ସେମାନଙ୍କ ମତକୁ ଅପେକ୍ଷା ନ କରି ନିଜ ନିଜର କନ୍ୟାମାନଙ୍କଠାରେ ଅକାରଣରେ ବୈଧବ୍ୟର କଳଙ୍କ ଲଗାନ୍ତୁ ନାହିଁ । ପାବସ୍ଥ କରିବାକୁ ଚେଷ୍ଟା କରନ୍ତୁ ଓ 'ନାରୀମଙ୍ଗଳ ସମିତି' ସହିତ ପରାମର୍ଶ କରନ୍ତୁ । ଏପରି କନ୍ୟାମାନେ ପାବସ୍ଥ ନ ହେବା ପର୍ଯ୍ୟନ୍ତ କୌଣସି ଦୋବେଇ ବର ସହିତ ଅବିବାହିତା କନ୍ୟାର ବିବାହ ଦିଅନ୍ତୁ ନାହିଁ—ସେପରି ବିବାହ ବର୍ତ୍ତମାନ ସମ୍ପୂର୍ଣ୍ଣ ଦୋଷାବହ

ଚଳି ଆସୁଛି—ଏହି ଅନ୍ଧତାର (ସଂସ୍କୃତ) ନାମ ଦେଶାଚାର, କୁଳାଚାର ବା ଲୋକାଚାର । ସ୍ଥାନ ବିଶେଷରେ ଯାହା ଚଳିଆସୁଛି, ତାହାର ନାମ ଦେଶାଚାର—କୁଳବିଶେଷରେ ଯାହା ଚଳିଆସୁଛି, ତାହାର ନାମ କୁଳାଚାର—ଆଉ ଲୋକମତ ଉପରେ ନିର୍ଭର କରି ଯେଉଁସବୁ କଥା ଚଳିଆସୁଛି, ତାହାର ନାମ ଲୋକାଚାର ।

ଚଳିଆସୁଛି, ଏହି ଅନ୍ଧତା ଦେଶରେ ଏପରି ଏକାଧିପତ୍ୟ ବିସ୍ତାର କରି ରହିଛି ଯେ, ଏହି ଅନ୍ଧତାର ରାଜତ୍ୱରେ ଦେଶରେ ଆଜି ଶାସ୍ତ୍ର ନାହିଁ—ଲୋକଙ୍କର ଆଜି ବିବେକ ନାହିଁ ।

ସାତ ଆଠ ବର୍ଷର କନ୍ୟାକୁ ବିଧବା କରିବା କି ନ କରିବା, ଏଥିଲାଗି ଆଜ ଶାସ୍ତ୍ର ଖୋଜା ଯାଉଛି । କି ଆଶ୍ଚର୍ଯ୍ୟ ! ଏପରି ଅଯୌକ୍ତିକ ଅନିଷ୍ଟକର ବିଷୟ କୌଣସି ଶାସ୍ତ୍ରରେ ରହି ପାରେ କି ?

ଭାଇମାନେ, ମା ଆମାନେ ! ମନୁଷ୍ୟର ସର୍ବପ୍ରଧାନ ଆଶ୍ରୟ ସେହି ବିବେକର ସାହାଯ୍ୟ ନେଇ "ଚଳି ଆସୁଛି" ଏହି ଅନ୍ଧତାକୁ ଦେଶରୁ ଆଜ ଦୂର କରିପାରିଲେ ମଙ୍ଗଳ ।

ବନ୍ଦାପନା କର୍ମ ଶେଷ କରିନଥିବା କନ୍ୟାକୁ ବିଧବା କରନାହିଁ ।

**ଶାସ୍ତ୍ରୀୟ ପ୍ରମାଣ –**

ନିଷେକାନନ୍ତରଂ ସ୍ତ୍ରୀଣାଂ ଭର୍ତ୍ତା ଭର୍ତ୍ତୃର୍ଭିରୁଚ୍ୟତେ ।
ପାଣିଗ୍ରହଣମାତ୍ରେଣ ନ ଭର୍ତ୍ତା ସର୍ବଯୋଷିତାଂ ॥

— ମାର୍କଣ୍ଡେୟ

ଅର୍ଥ - ନିଷେକ ବା ସ୍ୱାମୀ ସହବାସ ପରେ ବର ଭର୍ତ୍ତା ନାମରେ ନାମିତ ହୁଏ । ପାଣି ଗ୍ରହଣ ମାତ୍ରେ ବର ଭର୍ତ୍ତା ହୋଇ ନପାରେ !

ଉଦ୍‌ବାହିତାପି ଯା କନ୍ୟା ନଚେତ୍ ସଂପ୍ରାପ୍ତମୈଥୁନା ।
ସାପୁଂ‌ଦ୍‌ବାହ୍ୟା ପୁନଃ ପିତ୍ରା ଯଥା କନ୍ୟା ତଥୈବସା ॥
(ପୁନଃ ସଂସ୍କାରମର୍ହତି ଯଥା କନ୍ୟା ତଥୈବସା)

—ନାରଦସ୍ମୃତି, ନିର୍ଣ୍ଣୟସିନ୍ଧୁ, ପଣ୍ଡିତ ସର୍ବସ୍ୱ

ଅର୍ଥ—କୌଣସି କନ୍ୟା ବିବାହ କରି ସୁଦ୍ଧା ସ୍ୱାମୀ ସହବାସ କରି ନଥିଲେ ତାହାର ପିତା ତାକୁ ପୁଣି ବିବାହ ଦେବେ ; କାରଣ ଅବିବାହିତା କନ୍ୟା ଯେପରି, ଏ କନ୍ୟା ସେହିପରି ।

ପୂର୍ବଂ ନିଷେକାତ୍ ନାଶାଣାଂ ମୃତେ ପତ୍ୟୌ ବିଧିର୍ବଶାତ୍ ।
ଦଶାହାଭ୍ୟନ୍ତରେ କୁର୍ଯ୍ୟାତ୍ ପୁନଃ ପରିଣୟଂ ପିତା (ଚ୍ୟବନ)

ଅର୍ଥ — ନିଷେକ ପୂର୍ବରୁ ପତିର ମୃତ୍ୟୁ ହେଲେ ଦଶାହ ମଧ୍ୟରେ ପିତାର ସେହି କନ୍ୟାକୁ ବିବାହ ଦେବା ଉଚିତ ।

ବର୍ତ୍ତମାନ ଚଳୁଥିବା ବିବାହ ମନ୍ତ୍ର ସମସ୍ତେ ଜାଣିଥିବେ । ନ ଜାଣି-ଥିଲେ ବା ମନେ ନଥିଲେ, 'ପୁରୋହିତ ସର୍ବସ୍ୱ' ବହି ତ ପ୍ରାୟ ପ୍ରତି ପୁରୋହିତଙ୍କ ପାଖରେ ଥିବ, ଦେଖିବେ । ବନ୍ଦାପନା ପର୍ଯ୍ୟନ୍ତ ବର ଯେତେ ମନ୍ତ୍ର ପଢ଼େ, ସବୁଠାରେ କହେ—"ଆବୟୋଃ ବରକନ୍ୟୟୋଃ ।" କିନ୍ତୁ ବନ୍ଦାପନା ଦିନ କହେ-"ମମ ଭାର୍ଯ୍ୟା" । ···ଏଥିରୁ କଣ ଦେଖୁଛନ୍ତି ? ବିବାହ କର୍ମ ଶେଷ ନ ହେବା ପର୍ଯ୍ୟନ୍ତ କନ୍ୟାର କନ୍ୟାତ୍ୱ ଯାଇଥାଏ କି ? ତେଣୁ ସେପର୍ଯ୍ୟନ୍ତ ସେ କାହାର ସ୍ତ୍ରୀ ହୋଇପାରେ କି ? ସ୍ୱାମୀ ହେବା ପୂର୍ବରୁ କେବଳ ବରଣ ହୋଇଥିବା ପୁରୁଷର ଅର୍ଥାତ୍ ବରର ମୃତ୍ୟୁରେ କନ୍ୟା ବିଧବା ହୋଇପାରେ କି? ପାଠଥିଲେ ଦେଖାନ୍ତୁ । ଆଜି ମଧ୍ୟ ବନ୍ଦାପନା ପର୍ଯ୍ୟନ୍ତ ଯେତେ କର୍ମ ଅଛି, ସବୁ କର୍ମ ବିବାହର ଅଙ୍ଗ ବୋଲି ଲେଖା ଅଛି ; ଅତଏବ ବିବାହ ନ ସରୁଣୁ କନ୍ୟାକୁ ବିଧବା କରାଯାଇ ପାରେ କି ?

ଶାସ୍ତ୍ରର ତୁଳନାମୂଳକ ଆଲୋଚନା କଲେ ଦେଖାଯିବ, ପ୍ରକୃତ ବିଧବାମାନଙ୍କଠାରୁ ଏପରି କନ୍ୟାମାନଙ୍କୁ ସଂପୂର୍ଣ୍ଣ ପୃଥକ୍ ଦୃଷ୍ଟିରେ ଦେଖିବାକୁ ଶାସ୍ତ୍ରକାରମାନେ ବାରମ୍ବାର ଲେଖି ଯାଇଅଛନ୍ତି । କିନ୍ତୁ ବର୍ତ୍ତମାନ ଧୂଆ ମୂଳା ଅଧୂଆ ମୂଳା ସବୁ ସମାନ । ଖଜା ସେର ଟଙ୍କାଏ, ଶାଗ ସେର ବି ଟଙ୍କାଏ ।

"ଅବୁଝ୍ ନଗରୀରେ ବେବୁଝ ରାଜା
ଟଙ୍କା ସେର୍ ଭାଜି ଟଙ୍କା ସେର ଖାଜା ।"

ଦୁର୍ବାକ୍ଷତ କର୍ମ ସାରି ନଥିବା କନ୍ୟାମାନଙ୍କୁ ଅକାରଣରେ ବିଧବା କରି ଆସୁଥିବା ପ୍ରଥା ଶାସ୍ତ୍ରସିଦ୍ଧ ବୋଲି କୌଣସି ଶ୍ଳୋକ ପ୍ରମାଣ କରିପାରିଲେ 'ନାରୀମଙ୍ଗଳ ସମିତି' ଠାରୁ ଶହେ ଟଙ୍କା ପୁରସ୍କାର ପାଇବେ —ଏକଥା ଅପ୍ରେଲ ମାସରୁ 'ସତ୍ୟସମାଚାର'ରେ ଓ 'ସହକାର'ରେ ଘୋଷଣା କରାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କେହି ଶାସ୍ତ୍ରବାକ୍ୟ ଦେଖାଇ ପାରିଲେ ନାହିଁ । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ, ଏ ପ୍ରଥା ସମ୍ପୂର୍ଣ୍ଣ ଅଶାସ୍ତ୍ରୀୟ ।

ଯେଉଁମାନେ ଶାସ୍ତ୍ରବାକ୍ୟ ବୁଝିବାକୁ ନିଜକୁ ଅକ୍ଷମ ମନେ କରନ୍ତି, ସେମାନଙ୍କ ସକାଶେ ଗୋଟିଏ ଅସଲ କଥା ଲେଖାଗଲା :—ଯେଉଁମାନଙ୍କ ମନରେ ୭।୮ ବର୍ଷର କନ୍ୟାର ବୈଧବ୍ୟ ଶାସ୍ତ୍ରସିଦ୍ଧ ଓ ଶ୍ରେୟସ୍କର, ସେମାନଙ୍କ ମଧ୍ୟରୁ କୌଣସି ଲୋକ ବରଦାସ୍ତ ନାହିଁ ଏପରି କୌଣସି କନ୍ୟାଠାରୁ ତାହାର ଇଚ୍ଛା ବିରୁଦ୍ଧରେ ତାର ପିନ୍ଧିଥିବା କାଚକୁ ସର୍ବ-ସମକ୍ଷରେ ଭାଙ୍ଗି ଦିଅନ୍ତୁ ଓ ସିନ୍ଦୂରକୁ ପୋଛି ଦିଅନ୍ତୁ । ଯାହା ଶାସ୍ତ୍ରସିଦ୍ଧ ଓ ଶ୍ରେୟସ୍କର, ସେପରି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି କାହିଁକି ? ହେବାର ତ କୌଣସି କାରଣ ନାହିଁ !

## ବିବାହ ଓ ବୈଧବ୍ୟ

ବିଧବା-ବିବାହ କଥାଟିରେ ବିବାହ ଓ ବୈଧବ୍ୟ ଏହି ଯୋଡ଼ିକ ଶବ୍ଦ ରହିଥିବାରୁ ଆଜି ଏହି ଯୋଡ଼ିକ ଶବ୍ଦ ଆଲୋଚନା କରିବା ଆବଶ୍ୟକ ହେଲା ।

ବିବାହ ଓ ବୈଧବ୍ୟ ଏହି ଯୋଡ଼ିକ ବିଷୟ ଯେପରି ଦାୟିତ୍ୱପୂର୍ଣ୍ଣ ସେହିପରି ମଧ୍ୟ ପବିତ୍ର । ଉଭୟ ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ । ମାତ୍ର ବାଧ୍ୟତାମୂଳକ ବିବାହ ଓ ବାଧ୍ୟତାମୂଳକ ବୈଧବ୍ୟ ସମ୍ପୂର୍ଣ୍ଣ ଅଯୌକ୍ତିକ, ଅଶାସ୍ତ୍ରୀୟ, ଅନିଷ୍ଟକର ତଥା ନିନ୍ଦନୀୟ ।

ଗୋପନ ବ୍ୟଭିଚାର ରହିତ କରିବା ସକାଶେ ଶାସ୍ତ୍ରରେ ବିବାହର ବ୍ୟବସ୍ଥା ହେଲା । କି ପୁରୁଷ କି ସ୍ତ୍ରୀ, ବିବାହକାମୀ ପ୍ରତ୍ୟେକ ଲୋକ ଯେ କୌଣସି ବୟସରେ, ଯେ କୌଣସି ଅବସ୍ଥାରେ ସୁଦ୍ଧା ବିବାହ କରିବାକୁ ଇଚ୍ଛାକଲେ ବିବାହ କରିବା ଉଚିତ । ଗୋପନ ବ୍ୟଭିଚାରରେ ପାପ ଅଛି, କିନ୍ତୁ ବିବାହରେ ପାପ ନାହିଁ—ତେଣୁ ବିବାହରେ ବାଧା ଦେବା ମୂର୍ଖତା ।

ବୈଧବ୍ୟ ଅତି ପବିତ୍ର ବିଷୟ । ବୈଧବ୍ୟ ପରି ପବିତ୍ର ବିଷୟକୁ ଧ୍ୱଂସ କରି ବିଧବା-ବିବାହକୁ ଉତ୍ସାହିତ କରିବା ଶାସ୍ତ୍ରକାରମାନଙ୍କର

ଉଦ୍ଦେଶ୍ୟ ନୁହେଁ । କିମ୍ବା କାହାର ଉଦ୍ଦେଶ୍ୟ ହେବା ମଧ୍ୟ ଉଚିତ ନୁହେଁ । କିନ୍ତୁ ବୈଧବ୍ୟକୁ ବାଧ୍ୟତାମୂଳକ କରି ବିବାହକାମୀ ବିଧବାର ବିବାହରେ ବାଧା ଦେବା ଦ୍ୱାରା ଗୋପନବ୍ୟଭିଚାରକୁ ପ୍ରଶ୍ରୟ ଦେବା ଅନୁଚିତ । ସେ ଯାହାହେଉ ବିଧବାବିବାହ ବିଷୟ ବର୍ତ୍ତମାନ ଆଲୋଚନା କରିବା ଆବଶ୍ୟକ ନାହିଁ ; କାରଣ ପ୍ରକୃତ ବିଧବାମାନଙ୍କର ବିବାହ ସମାଜରେ ଏପର୍ଯ୍ୟନ୍ତ ଚଳନାହିଁ ।

“ବିଧବାବିବାହ” ଶବ୍ଦ ଖବରକାଗଜରେ, ବିଜ୍ଞାପନରେ ସମସ୍ତେ ଲେଖିଅଛନ୍ତି; ମାତ୍ର ଭାବି ଦେଖନ୍ତୁ, ଏପରି ଲେଖିବା ସମ୍ପୂର୍ଣ୍ଣ ଭୁଲ୍ । ଯେଉଁମାନଙ୍କ ବିବାହରେ ବିଧବାବିବାହ ଲେଖା ଯାଉଅଛି, ସେମାନେ କଦାପି ବିଧବା ନୁହନ୍ତି — ସେମାନେ “ବିବରା” । ସେମାନଙ୍କର ବିବାହକୁ ‘ବିବରା-ବିବାହ’ କହିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ।

## ବିବରା-ବିବାହ

ବିଗତ ହୋଇଅଛି ବା ମରିଯାଇଅଛି ‘ଧବ’ ଯାହାର, ସେ ‘ବିଧବା’, ଠିକ୍ ସେହିପରି ‘ବିଗତ’ ହୋଇଅଛି ‘ବର’ ଯାହାର ସେ ‘ବିବରା’ । “ବୃଞ୍ ବରଣେ” ଧାତୁରୁ ଉତ୍ତର କର୍ମବାଚ୍ୟରେ ବ୍ରିୟତେ ଯଃ ସଃ ଅର୍ଥାତ୍ ଯାହାକୁ ବରଣ କରାଯାଏ—ଏହି ଅର୍ଥରେ ଅଲ୍ ପ୍ରତ୍ୟୟ ଦ୍ୱାରା ‘ବର’ ଶବ୍ଦ ନିଷ୍ପନ୍ନ ହୋଇଅଛି । ସେହି ବରହୀନା ବା ବିବରା କନ୍ୟାମାନଙ୍କୁ ବିଧବା କରାଇବା କିମ୍ବା ସେମାନଙ୍କର ବିବାହକୁ ବିଧବା-ବିବାହ କହିବା କେବଳ ଯେ ଅଯୌକ୍ତିକ ତା ନୁହେଁ, ଘୋର ଅନିଷ୍ଟକର କାରଣ ସେମାନେ କେବେହେଁ ବିଧବା ନୁହନ୍ତି ।

ବର ଓ ଧବ ଏ ଦୁହେଁ ସ୍ୱତନ୍ତ୍ର ଯୋଡ଼ିଏ କଥା—ଏକା କଥା କଦାପି ନୁହେଁ । Bridegroom & husband are two separate tnings. Bridegroom means would be husband ସେହିପରି ବର ଏହି ଶବ୍ଦର ଅର୍ଥ ସ୍ୱାମୀ ନୁହେଁ—ଭବିଷ୍ୟତ୍ ସ୍ୱାମୀ ।

ବିବଗ୍ ବା ବରହୀନା କନ୍ୟାମାନଙ୍କ ବିବାହକୁ ବିଧବାବିବାହ କହିବା ଦ୍ୱାରା ୭/୮ ବର୍ଷର ନାବାଳିକା କନ୍ୟାମାନଙ୍କର ଅଶାସ୍ତ୍ରୀୟ ଓ ଅଯୌକ୍ତିକ ବୈଧବ୍ୟକୁ ସମର୍ଥନ କରାଯାଉଅଛି । କେବଳ ସେତିକି ନୁହେଁ—ଏପରି କନ୍ୟାମ,ନଙ୍କର ବିବାହକୁ ନ୍ୟାୟତଃ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ପ୍ରକୃତ ବିଧବାମାନଙ୍କର ବିବାହକୁ ମଧ୍ୟ ସମାନ ଭାବରେ ଉତ୍ସାହିତ କରାଯାଉଅଛି ଏବଂ ବୈଧବ୍ୟ ପରି ପବିତ୍ର ଜିନିଷର ମର୍ଯ୍ୟାଦା ମଧ୍ୟ ଲୋପ କରାଯାଉଅଛି ; ତେଣୁ ଯେ ପର୍ଯ୍ୟନ୍ତ ଏହି ବରହୀନା କନ୍ୟା-ମାନଙ୍କର ବିବାହକୁ ବିଧବାବିବାହ କହିବା ସମ୍ପୂର୍ଣ୍ଣ ଅନ୍ୟାୟ ଅଟେ ।

ବିଧବା ବିବାହ—ଏ କଥା ଅନେକ ଦିନରୁ କହି ଆସିଲୁଣି; ତେଣୁ ତାହା ଅନିଷ୍ଟକର ହେଲେ ସୁଦ୍ଧା କହୁଥିବୁ—ଏ ଯୁକ୍ତି ଠିକ୍ ନୁହେଁ । ସାତ ଆଠ ବର୍ଷ ବେଳୁ କନ୍ୟାମାନଙ୍କୁ ଅନେକ ଦିନରୁ ବିଧବା କରି ସାରିଲୁଣି ; ତଦ୍ଦ୍ୱାରା ସମାଜର ଅନିଷ୍ଟ ଘଟୁଥିଲେ ସୁଦ୍ଧା ପୂର୍ବପରି ବିଧବା କରୁଥିବୁ—ଏ କଥା କହିବା ଯୁକ୍ତିଯୁକ୍ତ । ବିଧବା ବିବାହ ଶବ୍ଦ ବ୍ୟବହାର କରିବା ସେହିପରି ଯୁକ୍ତିଯୁକ୍ତ ହୋଇପାରେ ! ଯେଉଁଦିନ ବିବାହକାମୀ ପ୍ରକୃତ ବିଧବାର ବିବାହ ସମାଜରେ ଚଳିବ, ସେଦିନ ବିଧବା ଶବ୍ଦ ବ୍ୟବହାର କରାଯିବ ଏବଂ ତାହା ଯୁକ୍ତିଯୁକ୍ତ ହେବ, ଆଜି ନୁହେଁ ।

ବାଟବରଣଠାରୁ ଆରମ୍ଭ କରି ବିବାହ କର୍ମ ଶେଷ ହେବାଯାଏ ପୁରୁଷକୁ ବର କୁହାଯାଏ ; ବିବାହ କର୍ମ ଶେଷ ହେବା ପରେ ସେହି ବର ସ୍ୱାମୀ ବା ଭର୍ତ୍ତା ନାମରେ ଅଭିହିତ ହୁଏ—ଏ କଥା ସମସ୍ତେ ଜାଣନ୍ତି । କାରଣ, ମହାନାୟକମାନଙ୍କ ଘରେ ସେହି ବିବାହ ଦିନଟି ସକାଶେ ପୁରୁଷକୁ ବର ଓ ସ୍ତ୍ରୀକୁ କନ୍ୟା କୁହାଯାଏ । ପାଶ୍ଚାତ୍ୟ ଦେଶରେ ବର ଓ କନ୍ୟାକୁ ଯଥାକ୍ରମେ Bridegroom ଓ Bride କୁହାଯାଏ । ବ୍ରାହ୍ମଣ ଓ ବୈଶ୍ୟ କୁଳରେ ଉକ୍ତ ବରକନ୍ୟା ନାମ କନ୍ୟାଦାନ ଠାରୁ ଆରମ୍ଭ କରି ବନ୍ଦାପନା ପର୍ଯ୍ୟନ୍ତ ରହେ । କାରଣ ଏମାନଙ୍କର ବିବାହ କର୍ମ କନ୍ୟାଦାନ ଦିନ ଆରମ୍ଭ ହୁଏ ଏବଂ ବନ୍ଦାପନା କର୍ମରେ ଶେଷ ହୁଏ ।

ବ୍ରାହ୍ମଣେତର ଜାତିରେ 'ବିଧବା-ବିବାହ'କୁ 'ଦ୍ୱିତୀୟ ଘର' କହନ୍ତି । 'ବିବର୍ଗ-ବିବାହ'କୁ ବା ବରଦ୍ଧୀନା କନ୍ୟାର ବିବାହକୁ 'କାଣ୍ଡ ବିବାହ' କହନ୍ତି । ଦେଖନ୍ତୁ କାଣ୍ଡ ବିବାହ, ଏଥିରେ ବିବାହ ଶବ୍ଦ ରହିଛି କିନ୍ତୁ ଦ୍ୱିତୀୟ ଘର ଏହି କଥାରେ ବିବାହ ଶବ୍ଦ ନାହିଁ । କେବଳ ନଆ ଶାଢ଼ୀ ଓ ନୂଆ ଶଙ୍ଖାରେ ମନ୍ତ୍ର ପାଣି ଛୁଆଁଇଦେଇ ପୁରୋହିତମାନେ 'ଦ୍ୱିତୀୟ ଘର' କାର୍ଯ୍ୟ ସମ୍ପନ୍ନ କରନ୍ତି ; କିନ୍ତୁ 'କାଣ୍ଡ ବିବାହ'ରେ ନିୟମିତ ରୂପେ ମନ୍ତ୍ର ପଢ଼ା ହୁଏ ଏବଂ ବିବାହର ସମସ୍ତ ନିୟମ ପାଳନ କରାଯାଏ । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ, ସେମାନେ ସୁଦ୍ଧା ବିଧବାବିବାହକୁ ଉତ୍ସାହିତ କରୁନାହାନ୍ତି—ବିବାହକାମୀ ବିଧବାର ବିବାହରେ ବାଧା ନ ଦେଇ ଶାସ୍ତ୍ର ଅନୁସାରେ ସମାଜରେ ତାକୁ ଦ୍ୱିତୀୟ ଘର ନାମରେ ଚଳାଉଅଛନ୍ତି । ଅତଏବ ଆମ୍ଭମାନଙ୍କର ସମାଜରେ ଏହି ଦୁଇ ପ୍ରକାର ସ୍ୱତନ୍ତ୍ର ବିବାହ ସକାଶେ 'ବିବର୍ଗ-ବିବାହ' ଓ 'ବିଧବା ବିବାହ' ଏହି ଦୁଇଟି ସ୍ୱତନ୍ତ୍ର ନାମ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ ।

ମସିହା ୧୯୩୩

# ବିବାହ

ବିବାହ ଜୀବନର ପବିତ୍ର ସମ୍ବନ୍ଧ, ତାହା ପୁରୁଷସ୍ତ୍ରୀନିର୍ବିଶେଷରେ ଜୀବନର ସବୁ ଅବସ୍ଥା ପାଇଁ ସବୁ ସମୟରେ ପ୍ରୟୋଜନ ଏବଂ ଗୋପନ ବ୍ୟଭିଚାରକୁ ପ୍ରଶ୍ରୟ ଦେଇ ବିପଥଗାମୀ ହେଉଥିବା ସମାଜକୁ ଧ୍ୱଂସ ପଥରୁ ରକ୍ଷା କରିବା ପାଇଁ ତାହା ଜୀବନର ଏକାନ୍ତ ଆବଶ୍ୟକ, ଏହି ନୂତନ କଥା ଲୋକଙ୍କୁ ବୁଝାଇ ଦେବା ଆମର ଉଦ୍ଦେଶ୍ୟ ।

ସମାଜରେ ଯଥେଚ୍ଛା ବ୍ୟଭିଚାର—ବିଶେଷତଃ ଗୋପନ-ବ୍ୟଭିଚାର ରହିତ କରି ବ୍ରହ୍ମଚର୍ଯ୍ୟ ଓ ସତ୍ୟର ପ୍ରତିଷ୍ଠା କରିବା ପାଇଁ ଏବଂ ଗୋଟିଏ ପୁରୁଷ ସହିତ ଗୋଟିଏ ସ୍ତ୍ରୀକୁ ପ୍ରେମ-ସୂତ୍ରରେ ଆବଦ୍ଧ ରଖି ମାନବ-ସମାଜରେ ଶାନ୍ତି ସ୍ଥାପନ କରିବା ଅଭିପ୍ରାୟରେ ସମାଜର ବୁଦ୍ଧିମାନ୍ ଲୋକମାନେ ଅର୍ଥାତ୍ ଋଷି ଓ ମହାପୁରୁଷମାନେ ଗୋଟିଏ ଦାୟିତ୍ୱପୂର୍ଣ୍ଣ ପବିତ୍ର ସମ୍ବନ୍ଧର ବ୍ୟବସ୍ଥା କରିଯାଇଅଛନ୍ତି । ସତ୍ୟ, ଶାନ୍ତି, ପ୍ରେମ ଓ ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଏହି ପବିତ୍ର ସମ୍ବନ୍ଧର ନାମକରଣ ହୋଇଛି—ବିବାହ ।

ସାଧାରଣତଃ ଦେଖିବାକୁ ଗଲେ ପ୍ରତ୍ୟେକ ଜୀବର କାମପ୍ରବୃତ୍ତି ଅଛି । ଈଶ୍ୱର-ପ୍ରଦତ୍ତ ଏହି ପ୍ରବୃତ୍ତି ସୃଷ୍ଟି ରକ୍ଷା ପାଇଁ ଏକାନ୍ତ ଆବଶ୍ୟକ । ଖାଦ୍ୟ ଖାଇବା, ମଳମୂତ୍ର ତ୍ୟାଗ କରିବା ଯେପରି ସ୍ୱାଭାବିକ ଏବଂ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକାନ୍ତ ଆବଶ୍ୟକ—କାମ-ପ୍ରବୃତ୍ତି ଚରିତାର୍ଥ କରିବା ସେହିପରି ସ୍ୱାଭାବିକ ଓ ଶାରୀରିକ ଧର୍ମରକ୍ଷା ପାଇଁ ପ୍ରତ୍ୟେକ ଲୋକ ପକ୍ଷରେ ଏକାନ୍ତ ଆବଶ୍ୟକ ।

କାଳେ ଏହି କାମ-ପ୍ରବୃତ୍ତି ଚରିତାର୍ଥ କରିବାକୁ ମାନବସମାଜ ଜୀବନର ଏକମାତ୍ର ନିର୍ଦ୍ଦେଶ ମନେକରି ତାହାର ଉଚ୍ଚତର ଲକ୍ଷ୍ୟ ଓ ଉଚ୍ଚତର ଆନନ୍ଦ ଲାଭରୁ ପରାଙ୍ମୁଖ ହେବ – ଏଥି ସକାଶେ ଋଷି ଓ ମହାପୁରୁଷମାନେ ବ୍ରହ୍ମଚର୍ଯ୍ୟ ଓ ବୈଧବ୍ୟର ପ୍ରଶଂସା କରିଯାଇ ଅଛନ୍ତି ।

ପ୍ରଶଂସା କରିଯାଇ ଅଛନ୍ତି ବୋଲି ସମାଜରେ ବର୍ତ୍ତମାନ ପ୍ରଚଳିତ ବାଧ୍ୟତାମୂଳକ ବ୍ରହ୍ମଚର୍ଯ୍ୟ, ବାଧ୍ୟତାମୂଳକ ବୈଧବ୍ୟ କିମ୍ବା ଆଜନ୍ମ ବ୍ରହ୍ମଚର୍ଯ୍ୟ ଓ ଆଜନ୍ମ-ବୈଧବ୍ୟ ପରି ଅପୌରୁଷେୟ ନିନ୍ଦନୀୟ ଓ ଅନିଷ୍ଟକର ପ୍ରଥାର ବ୍ୟବସ୍ଥା କେହି କୌଣସିଠାରେ ଦେଇ ଯାଇ ନାହାନ୍ତି । ଅର୍ଥାତ୍ ନା ପୁରୁଷ, ନା ସ୍ତ୍ରୀ କାହାରିକୁ କୌଣସି ବୟସରେ ବା କୌଣସି ଅବସ୍ଥାରେ ବିବାହ କରିବାକୁ ବାରଣ କରିଯାଇ ନାହାନ୍ତି । ବରଂ –

କାହାର ସ୍ୱାମୀ କିମ୍ବା ସ୍ତ୍ରୀ ମରିଗଲେ, ତାକୁ ଗୋପନ ବ୍ୟଭିଚାରରୁ ରକ୍ଷିତ ହୋଇ ବାରମ୍ବାର ବିବାହ କରିବାକୁ ଶତାଧିକ ବ୍ୟବସ୍ଥା ଦେଇ ଯାଇଅଛନ୍ତି । ଏପରି ବ୍ୟବସ୍ଥାମାନଙ୍କ ମଧ୍ୟରୁ କେବଳ ତିନୋଟି ମାତ୍ର ବ୍ୟବସ୍ଥା ବା ଋଷିବାକ୍ୟ ଏଠାରେ ଉଦ୍ଧାର କରାଯାଇଅଛି : –

ବ୍ୟାଘ୍ରପଦାଚାର୍ଯ୍ୟ –

ପତ୍ନୀନାଶେ ଯଥା ପୁଂସୋ ଭର୍ତ୍ତୃନାଶେ ତଥା ସ୍ତ୍ରିୟଃ
ପୁନର୍ବିବାହଃ କର୍ତ୍ତବ୍ୟଃ କଳାବପି ଯୁଗେ ତଥା ।

ବୈଶମ୍ପାୟନ –

ପୁରୁଷାଣାମିବ ସ୍ତ୍ରୀଣାଂ ବିବାହା ବହବୋ ମତାଃ
ଭର୍ତ୍ତୃନାଶାତ୍ ପୁନଃ ସ୍ତ୍ରୀଣାଂ ପୁଂସାଂ ପତ୍ନୀଲୟେ ଯଥା ।

ଅଗସ୍ତି –

ଭର୍ତ୍ତୃଭାବେ ବସ୍ତୁଃ ସ୍ତ୍ରୀଣାଂ ପୁନଃ ପରିଣୟୋ ମତଃ
ନ ତସ୍ୟ ପାପଂ ନାରୀଣାଂ ଅନ୍ୟଥା ତଦ୍‌ଗତିର୍ନହି ।

ଶ୍ଳୋକ ତିନୋଟିର ମୋଟାମୋଟି ସହଜ ଅର୍ଥ ଏହି ଯେ – ପୁରୁଷର ସ୍ତ୍ରୀ ମଲେ ଯେପରି ସେ ବାରମ୍ବାର ବିବାହ କରେ, ସ୍ତ୍ରୀମାନଙ୍କର

ସ୍ୱାମୀ ମଲେ ସେମାନଙ୍କର ମଧ୍ୟ ବାରମ୍ବାର ବିବାହ କରିବା ଉଚିତ । ବିବାହ କରିବାରେ କୌଣସି ପାପ ନାହିଁ; ବରଂ ବିବାହ କରିବା ବ୍ୟତୀତ ନାରୀମାନଙ୍କର ଅନ୍ୟ ଉପାୟ ନାହିଁ ।

ଦୁଃଖର କଥା — ପ୍ରେମ ଉପରେ ପ୍ରତିଷ୍ଠିତ ଏହି ବିବାହସମ୍ବନ୍ଧ ଆଜି "ଯାଏ ଜବାବ" ବା "ଦିଆ ନିଆ ଚୁକ୍ତି" ଉପରେ ପ୍ରତିଷ୍ଠିତ । ଏପରି କି ତାକୁ ପୁଅବିକି ବା ଝିଅବିକି ବ୍ୟବସାୟ କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ । ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଦାୟିତ୍ୱପୂର୍ଣ୍ଣ ବିବାହ ସମ୍ବନ୍ଧ ଆଜି ପିଲାଖେଳରେ ପରିଣତ । ବିବାହ ଗୋଟିଏ ପବିତ୍ର ସମ୍ବନ୍ଧ — ଏ କଥା ଅନେକ ଦିନରୁ ଲୋକେ ଭୁଲି ସାରିଲେଣି । ବିବାହର ନାମ ଶୁଣିଲେ ଆଜି ଲୋକଙ୍କୁ ଲଜ୍ଜା ଆସୁଛି । ବିବାହ କରିବା ଯେପରି ଗୋଟାଏ ପାପର କଥା ବା ଲଜ୍ଜାର କଥା, ସାତ ଆଠ ବର୍ଷର ଝିଅଟିକୁ ଜଡ଼ କୁଣ୍ଢାଇଟି ପରି ବେଦୀରେ ବସାଇ ବିବାହ ଦେବା ସମୟରେ ତାହାର ମୁଣ୍ଡରୁ ଗୋଡ଼ପର୍ଯ୍ୟନ୍ତ ଓଢ଼ଣା ଦିଆଯାଏ-ସେ ପୁଣି ବିବାହ ବେଦୀକୁ ସିଧା ନ ଆସି କୁଜା ବୁଢ଼ୀଟି ପରି ଲଇଁ ଲଇଁ ଆସେ । ତଥାକଥିତ ସଭ୍ୟ ଶିକ୍ଷିତ ମାନଙ୍କ ଘରେ ମଧ୍ୟ ଆଜି ଏହି ଅଭିନୟ । ଏପରି ଅଭିନୟ କେଉଁ ଶାସ୍ତ୍ରର ବ୍ୟବସ୍ଥା ? ସମାଜରେ ବିବାହ ପରି ପବିତ୍ର ସମ୍ବନ୍ଧକୁ କିପରି ନୀଚ ସ୍ଥାନ ଦିଆଯାଇଛି — ଏହି ଅଭିନୟରୁ ତାହାର ସ୍ପଷ୍ଟ ପ୍ରମାଣ ମିଳୁଛି ।

**ବିବାହ ଗୋଟିଏ ପବିତ୍ର ସମ୍ବନ୍ଧ** — ଏ କଥା ଯେଉଁଦିନ ଲୋକେ ବୁଝିପାରିବେ, ସେ ଦିନ ଏହି ଅଭିନୟ ରହିତ ହେବ । ସେହି ଦିନଠାରୁ ବାଧ୍ୟତାମୂଳକ ବୈଧବ୍ୟ କାହିଁକି, ସମାଜରୁ ସମସ୍ତ ପ୍ରକାର ଦୁଃଖ ଦୁରବସ୍ଥା ଦୂର ହେବ ।

ଏ କଥା ସମସ୍ତଙ୍କର ସ୍ୱୀକାର କରିବା ଉଚିତ ଯେ — ଖାଦ୍ୟ ଖାଇବା ଓ ମଳମୂତ୍ର ତ୍ୟାଗ କରିବାରେ ବାଧା ଦେବା ଯେପରି ମୂର୍ଖତା, ଅନ୍ଧତା ଓ ଯଥେଚ୍ଛାଚାରିତାର ପରିଚାୟକ, ବାଧ୍ୟତାମୂଳକ ବ୍ରହ୍ମଚର୍ଯ୍ୟ କିମ୍ବା ବାଧ୍ୟତାମୂଳକ ବୈଧବ୍ୟର ବ୍ୟବସ୍ଥା ଦେବା ଅର୍ଥାତ୍ କୌଣସି ପୁରୁଷ ବା କୌଣସି ସ୍ତ୍ରୀକୁ ବିବାହ କରିବାକୁ ବାରଣ

କରିବା ସମାଜର ସେହିପରି – ସେହିପରି କାହିଁକ ଉତ୍ତୋଽଧିକ ମୂର୍ଖତା, ଅନ୍ଧତା ଓ ଯଥେଚ୍ଛାଚାରିତାର ନିଦର୍ଶନ । ବିବାହ କରିବାକୁ ବାରଣ କରିବା ଓ ଗୋପନ ବ୍ୟଭିଚାରକୁ ପ୍ରଶ୍ରୟ ଦେବା – ଏ ଦୁଇଟି ଏକା କଥା

ଗୋପନ ବ୍ୟଭିଚାରରେ କାହିଁକି ସମାଜ ଧ୍ୱଂସ ହେବ ସେଥିପାଇଁ ଋଷି ଓ ମହାପୁରୁଷମାନେ ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ବାରମ୍ବାର ବିବାହ କରିବାକୁ ବ୍ୟବସ୍ଥା ଦେଇଗଲେ । ଋଷି ମହାପୁରୁଷମାନଙ୍କର ବ୍ୟବସ୍ଥା ମାନିବାରୁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ, ପଚାଶ ଷାଠିଏ ବର୍ଷର ଦ୍ୱିତୀୟ ପକ୍ଷ, ତୃତୀୟ ପକ୍ଷ, ପୁଣି ସ୍ଥାନେ ସ୍ଥାନେ ଚତୁର୍ଥ ପକ୍ଷର ବୁଢ଼ାମାନେ ସୁଦ୍ଧା ବିବାହ କରିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି । କେବଳ ଉପରୋକ୍ତ ବ୍ୟବସ୍ଥାର ଅନ୍ୟ 'ଅଧିକ' କାର୍ଯ୍ୟରେ ପରିଣତ ନ ହେବା ଦୋଷରୁ ଅର୍ଥାତ୍ ସ୍ତ୍ରୀମାନଙ୍କୁ ବାରମ୍ବାର ବିବାହ କରିବାକୁ ଏହି ଅନ୍ଧ ସମାଜ ବାଧା ଦେଉଥିବାରୁ ସେହି ବୁଢ଼ାମାନେ ବାଧ୍ୟ ହୋଇ କିଏ ଦୁଇଶ କିଏ ତିନିଶ, କିଏ ପାଞ୍ଚଶ ଟଙ୍କା ଦେଇ ନଅ ଦଶବର୍ଷର ଅଜ୍ଞାନା କିଶୋରୀ ବାଳିକାମାନଙ୍କୁ ଅନ୍ଧ, ଅର୍ଥଲୋଭୀ, କଂସେଇ ପିତା ମାତାଙ୍କଠାରୁ କିଣି ଆଣି କନ୍ୟାର ଇଚ୍ଛା ବିରୁଦ୍ଧରେ ତା ସହିତ ପାଶବିକ ଅତ୍ୟାଚାର କରୁଅଛନ୍ତି ଏବଂ ଏହି ଅତ୍ୟାଚାରର ନାମ ଦେଇଛନ୍ତି – ବିବାହ !!

ବାଲ୍ୟ-ବିବାହ ପ୍ରଥା ବା କୁଣ୍ଢେଇ ଖେଳ ପ୍ରଥା ନ ଥିଲେ କନ୍ୟା-ମାନଙ୍କର ଏପରି ଦୁରବସ୍ଥା ହୁଅନ୍ତା ନାହିଁ । କନ୍ୟାର ଜ୍ଞାନ ଥିଲେ ସେ ବେଦୀରେ ବସି ଏପରି ବୁଢ଼ା ବରକୁ ବିବାହ କରନ୍ତା କି ? କନ୍ୟାର ଇଚ୍ଛା ବିରୁଦ୍ଧରେ ସେହି କନ୍ୟାକୁ ବିବାହ କରିବାକୁ କେଉଁ ଶାସ୍ତ୍ର କେଉଁଠାରେ ବ୍ୟବସ୍ଥା ଦେଇଅଛି – କେହି କହି ପାରିବେ କି ? ଏଥିଲାଗି ବୁଢ଼ାମାନଙ୍କର ବିବାହରେ ବାଧା ଦେବାକୁ କେହି କହୁ ନାହାନ୍ତି ; କାରଣ କୌଣସି ବିବାହରେ ବାଧା ଦେଲେ ଗୋପନ ବ୍ୟଭିଚାର ବୃଦ୍ଧି ହେବ – ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ତେଣୁ ସେମାନେ ବିବାହ କରନ୍ତୁ – ଖୁବ୍ ଭଲ କଥା ବରଂ ସମାଜର ମଙ୍ଗଳ କଥା । କିନ୍ତୁ –

**ସେମାନେ ସେମାନଙ୍କର ସମବୟସ୍କା ଓ ସମଦଶାପନ୍ନା**
**ସ୍ତ୍ରୀମାନଙ୍କୁ ସେମାନଙ୍କର ମତ ନେଇ ବିବାହ କରନ୍ତୁ ।**

ଯେ କୌଣସି ବୟସରେ ଓ ଯେ କୌଣସି ଅବସ୍ଥାରେ କି ପୁରୁଷ, କି ସ୍ତ୍ରୀ, ଯେଉଁମାନଙ୍କୁ ନିଜର ଉପଯୁକ୍ତା କନ୍ୟା ବା ଉପଯୁକ୍ତ ବରପାତ୍ର ମିଳୁଛି, ସେମାନେ କେହି ବିବାହ କରିବାକୁ ପାପ ବା ଘୃଣାର ବିଷୟ ବୋଲି ନ ଭାବି ଓ କେହି ଗୋପନ ବ୍ୟଭିଚାର ନ କରି ସମସ୍ତେ ବିବାହ କରି ସୁଖ ଶାନ୍ତିରେ ରହନ୍ତୁ – ବିବାହ କରିବାରେ ପାପ ନାହିଁ, ଲଜ୍ଜା ନାହିଁ । ପବିତ୍ର ପ୍ରକାଶ୍ୟ ବିବାହ ନ କରି ଗୋପନ ବ୍ୟଭିଚାର ଦ୍ୱାରା ସମାଜର ଧ୍ୱଂସ ସାଧନ କରିବା କଦାପି ଉଚିତ ନୁହେଁ । ଯେଉଁମାନେ ଉପଯୁକ୍ତ ବରପାତ୍ର ଅଭାବରୁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ, ଆଜନ୍ମ ବ୍ରହ୍ମଚର୍ଯ୍ୟ ପାଳିବାକୁ ବାଧ ଓ କର୍ତ୍ତବ୍ୟ ବୋଧ କରନ୍ତି କମ୍ବା ସ୍ୱାମୀ ମଲା ପରେ ସ୍ୱଇଚ୍ଛାରେ ପ୍ରକୃତ ବୈଧବ୍ୟ ପାଳିବାକୁ କର୍ତ୍ତବ୍ୟ ମନେ କରନ୍ତି, ସେମାନେ ପାରିବାରିକ ଜୀବନ ଯାପନ ନ କରି ସମାଜର, ଦେଶର, ଜାତିର ତଥା ମାନବ ସମାଜର ମଙ୍ଗଳ କାର୍ଯ୍ୟରେ ଜୀବନକୁ ଉତ୍ସର୍ଗ କରି ସମାଜକୁ ଧ୍ୱଂସ ପଥରୁ ରକ୍ଷା କରି ଉଚ୍ଚତର ଆନନ୍ଦ ଲାଭ କରନ୍ତୁ ।

କେବଳ ହିନ୍ଦୁ ସମାଜ ନୁହେ – ପ୍ରତ୍ୟେକ ସମାଜରେ ଅର୍ଥାତ୍ ସମଗ୍ର ଭାରତରେ ଆଜି ବିଶୃଙ୍ଖଳା ଓ ଅଶାନ୍ତି ଘୋଟି ରହିଅଛି । କାହିଁକି ? ଭ୍ରୂଣହତ୍ୟା, ଆତ୍ମହତ୍ୟା, ଗୋପନ ଓ ପ୍ରକାଶ୍ୟ ବ୍ୟଭିଚାରରେ ସମଗ୍ର ଦେଶ ଉଚ୍ଛନ୍ନ ହେବାକୁ ବସିଲାଣି । ଦେଶରୁ ପ୍ରତିଦିନ ୨୫।୩୦ ଜଣ ସ୍ତ୍ରୀ ଘର ଛାଡ଼ି, ପରିବାର ମାୟା ମମତା ଛାଡ଼ି, କିଏ ବେଶ୍ୟା ହେଉଛି – କିଏ ମୁସଲମାନ ହେଉଛି – କିଏ କଣ ବୋଲି କଣ କରୁଛି । ଦେଶର ସଭ୍ୟ ଶିକ୍ଷିତ ସମାଜ କଣ ଦେଶର ଏହି ଦୁରବସ୍ଥା ଦେଖି ପାରୁ ନାହାନ୍ତି ? ଅବଶ୍ୟ କେହି କେହି 'ସମାଜ ସଂସ୍କାର କର' – 'ସମାଜ ସଂସ୍କାର କର' ବୋଲି ବକ୍ତୃତା କରୁଅଛନ୍ତି । କିନ୍ତୁ ବକ୍ତୃତା କରିବାକୁ ଆଉ କଣ ବେଳ ଅଛି ? ବକ୍ତୃତା, ସଭାସମିତି ତ ଦେଶରେ ଯଥେଷ୍ଟ ହୋଇଯାଇଛି, ବର୍ତ୍ତମାନ କର୍ମର ସମୟ । ସମାଜର ଦୁରବସ୍ଥା ବିଷୟ ଭାବି, ସଭ୍ୟ

ସମଷ୍ଟିରେ ବକ୍ତୃତା କରିବାରେ ଆଉ ସମୟ ନଷ୍ଟ ନ କରି ଏବେ କର୍ମ-କ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତୁ ।

ସମାଜର ସାଧାରଣ ଲୋକେ ଅନ୍ଧ ହେଲେହେଁ ଖୁବ୍ ସରଳ – ବୁଝାଇ ଦେଲେ ବୁଝନ୍ତି । ବିତଣ୍ଡା ଯୁକ୍ତି କରିବାକୁ ଜାଣନ୍ତି ନାହିଁ । ସେମାନଙ୍କର ଏକମାତ୍ର ସରଳ ଯୁକ୍ତି — "ଯାହା ଚଳନାହିଁ ତାହା କିପରି ଚଳିବ ?" ସୁଖର ବିଷୟ — ସେମାନେ ବିବର୍ଗ ବିବାହ, ଯୁବତୀ ବିବାହ ଓ ବିଧବା ବିବାହର ଆବଶ୍ୟକତା କିଛି କିଛି ବୁଝିଲେଣି ଓ ନିର୍ଭୟରେ ମଧ୍ୟ କଲେଣି । କିନ୍ତୁ ବିଶେଷ ଦୁଃଖର କଥା — ଯେଉଁମାନେ ସମାଜର, ଜାତିର, ପ୍ରଜାସାଧାରଣର ନେତା ନାମରେ ନିଜକୁ ପରିଚୟ ଦେଇଅଛନ୍ତି ଓ ଦେଉଅଛନ୍ତି, ସେମାନଙ୍କ ଅବସ୍ଥା ଅତି ଶୋଚନୀୟ । ବକ୍ତୃତା ଦେବା ବେଳକୁ, ଅଶିକ୍ଷିତ ସମାଜକୁ ଉପଦେଶ ଦେବା ବେଳକୁ କାହିଁକି, ଉପହାସ କଲା ବେଳକୁ ସେମାନେ ସଭା ସମିତିରେ ଅଗ୍ରଗାମୀ; ଅଥଚ ନିଜ ଉପଦେଶକୁ କାର୍ଯ୍ୟରେ ପରିଣତ କଲାବେଳକୁ ସମାଜର ସାଧାରଣ ଲୋକଙ୍କର ଅନେକ ପଛରେ !

ସଭ୍ୟ ଶିକ୍ଷିତ ସମାଜର ଏହି ଭୟ ବା ଦୁର୍ବଳତା ( ଏହି ଭଦ୍ର ଠକାମୀ) ଦୂର ନ ହେବାଯାଏ ସମାଜର ମଙ୍ଗଳ ଆଶା ଅସମ୍ଭବ । ସଭ୍ୟ ଶିକ୍ଷିତ ବ୍ୟକ୍ତିମାନଙ୍କୁ ବିଶେଷ ଅନୁରୋଧ :—

"ସେମାନେ ଏହି ଦୁର୍ଦ୍ଦଶାଗ୍ରସ୍ତ ଓ ବିପଥଗାମୀ ସମାଜକୁ ଭୟ ନ କରି, ଲୋକମାନଙ୍କର ମଙ୍ଗଳସାଧନ ଓ ଦୁର୍ଦ୍ଦଶାମୋଚନକୁ କର୍ତ୍ତବ୍ୟ ମନେ କରନ୍ତୁ । ସମାଜର ଦୂରବସ୍ଥାର କାରଣ ସ୍ଥିର କରି ତାହାର ପ୍ରତିକାର ଶୀଘ୍ର କରନ୍ତୁ ।" ଚିରନ୍ତନ ପ୍ରଥା ଅନୁସରଣ କରି ନିଶ୍ଚେଷ୍ଟ ରହିବାକୁ ଯେଉଁମାନେ ଏକମାତ୍ର ଧର୍ମ ମନେ କରିଅଛନ୍ତି, ସେମାନଙ୍କୁ ପ୍ରକୃତ ପଥ ଦେଖାଇ ଦିଅନ୍ତୁ । ବିବାହ କରିବା କେବେହେଁ ପାପର ବିଷୟ ନୁହେ, ଲଜ୍ଜାର ବିଷୟ ନୁହେ, ଏ କଥା ସେମାନଙ୍କୁ ଭଲ କରି ବୁଝାଇ ଦେଇ ପ୍ରକାଶ୍ୟ ବିବାହକୁ ଉତ୍ସାହିତ କରନ୍ତୁ — ପ୍ରତ୍ୟେକ ପୁରୁଷ ସସ୍ତ୍ରୀକ ରହନ୍ତୁ ଓ ପ୍ରତ୍ୟେକ ସ୍ତ୍ରୀ ସଧବା ରହନ୍ତୁ । ବୈଧବ୍ୟ-ଦୁଃଖ ବା ନାରୀଜାତିର ଆଶ୍ରୟହୀନତା ସମାଜରୁ ସମ୍ପୂର୍ଣ୍ଣରୂପେ ଉଠିଯାଉ । ନିଜ ନିଜ ପରି-

ଭାରତରେ ଆଦର୍ଶ ବିବାହ କରି ବିବାହର ଓ ଗାର୍ହସ୍ଥ୍ୟଜୀବନର ପବିତ୍ରତା ଦେଖାଇ ଦିଅନ୍ତୁ । ବିବାହ ନ କରି ରକ୍ଷିତା ରଖିବା ଦ୍ୱାରା ବର୍ଣ୍ଣସଙ୍କର ବା ଆଉ ଗୋଟିଏ 'ଗୋଲାମ' ଜାତି ସୃଷ୍ଟି ହୋଇ ପରିବାରର ଓ ସମାଜର ଉପରେ ଅନିଷ୍ଟ ଘଟାଉଅଛି, ତାହା ଲୋକଙ୍କୁ ଉତ୍ତମରୂପେ ବୁଝାଇ ଦିଅନ୍ତୁ । ସନ୍ତାନ ଉତ୍ପାଦନ କରିପାରିବାର ଉପଯୁକ୍ତ ବୟସ ଓ ଉପଯୁକ୍ତ ଅବସ୍ଥା ଦେଖି ପୁଅଝିଅଙ୍କର ମତ ନେଇ ସେମାନଙ୍କୁ ଉପଯୁକ୍ତ ପାତ୍ରରେ ବିବାହ ଦିଆଯାଉ । ବିବାହ ପୂର୍ବରୁ "ଜାପୁ ଜବାବ" କରିବା ପ୍ରଥା ବା ପୁଅବିକି ବା ଝିଅବିକି ସମାଜରୁ ସମ୍ପୂର୍ଣ୍ଣରୂପେ ଉଠିଯାଉ । ପବିତ୍ରତା, ସରଳତା ଓ ଦାୟିତ୍ୱ ଉପରେ ପ୍ରତ୍ୟେକ ବିବାହ ପ୍ରତିଷ୍ଠିତ ହେଉ । ବିବାହବେଳେ କନ୍ୟାମୁଣ୍ଡରେ ଓଢ଼ଣା ଦିଆ ନ ଯାଉ ।

ବ୍ୟଭିଚାର କରିବାକୁ ଯାଉଥିବା ଲୋକ ଲଜ୍ଜାରେ ମୁଣ୍ଡରେ ଓଢ଼ଣା ଦେଇ ମୁହଁ ଲୁଚାଇବା ଯୁକ୍ତିଯୁକ୍ତ ; କିନ୍ତୁ ଗୁରୁ, ପୁରୋହିତ, ପିତା, ମାତା, ଭାଇ, ବନ୍ଧୁ ସମସ୍ତଙ୍କ ସମକ୍ଷରେ ପବିତ୍ର ବିବାହ ସମ୍ବନ୍ଧ ସ୍ଥାପନ କରିବାକୁ ଯାଉଥିବା ଲୋକ ପକ୍ଷରେ ଓଢ଼ଣା ଦେବା ସମ୍ପୂର୍ଣ୍ଣ ଅଯୌକ୍ତିକ ।

ଓଢ଼ଣା ପ୍ରଥା ଏକାବେଳେ ଉଠିଯାଉ—ଏ କଥା ସଭ୍ୟ ଶିକ୍ଷିତ ସମ୍ପ୍ରଦାୟ ଅନେକ ଦିନରୁ ଚିତ୍କାର କରୁଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ ଉଠି ନାହିଁ କିମ୍ବା ଉଠିବାର ଆଶା ପର୍ଯ୍ୟନ୍ତ ଦେଖା ଯାଉ ନାହିଁ । କାରଣ ଓଢ଼ଣା ପ୍ରଥାର ଭିତ୍ତି ବା ମୂଳ ବିବାହର ଅପବିତ୍ରତାରେ ରହିଛି—ସ୍ତ୍ରୀଲୋକମାନଙ୍କ ମୁହଁରେ ନାହିଁ । ପବିତ୍ର ବିବାହ କାମନାକୁ ପିତା ମାତା ଉପରେ ହୀନ ଓ କଳୁଷିତ କରିବାକୁ ଯାଉଅଛନ୍ତି, ତହିଁର ଗୋଟିଏ ପ୍ରତ୍ୟକ୍ଷ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ ।

ଜଣକର ୧୫।୧୬ ବର୍ଷର ଗୋଟିଏ ସଧବା ଝିଅ ବା ବିଧବା ଝିଅ । ତାର ଇଚ୍ଛା—ସେ ଆଉଥରେ ବିବାହ କରନ୍ତା, ତାର ମାଆ ପରି ସନ୍ତାନର ଜନନୀ ହୁଅନ୍ତା । ତେଣୁ ସେ ବାପକୁ ସ୍ପଷ୍ଟ କହିଲା—"ବାପା ! ଅମୁକ ଲୋକ ଆମର ସ୍ୱଜାତି । ତାଙ୍କର ସ୍ତ୍ରୀ ଅଳ୍ପ ଦିନ ହେଲା

ମରି ଯାଇଛନ୍ତି । ବୟସ ତାଙ୍କର ଚାଳିଶ ବୟାଳିଶ ହେବ । ସେ ମଧ୍ୟ ମୋତେ ବିବାହ କରିବାକୁ ସ୍ୱୀକାର କରୁଅଛନ୍ତି । ତାଙ୍କ ସହିତ ମୋର ବିବାହ ହେଲେ ମୁଁ ସୁଖରେ ରହନ୍ତି ।''

ବାପ ଜଣେ ତଥାକଥିତ ସନାତନ ଧର୍ମାବଲମ୍ବୀ । ସେ ଏ କଥା ଶୁଣି ମୁହଁ ତଳକୁ ପୋତି ନୀରବ ହେଲେ ; ଅଥଚ ତାଙ୍କର ଷାଠିଏ ବର୍ଷ ବୟସରେ ନିକଟରେ ଗୋଟିଏ ପୁଅ ଜନ୍ମ ହୋଇଥାଏ । ସେ ଝିଅର ସନ୍ନିର୍ବନ୍ଧ ଅନୁରୋଧରେ ବାଧ୍ୟ ହୋଇ ପ୍ରତ୍ୟକ୍ଷରେ କହିଲେ :—

"ମା, ସେ କଥା ମୁହଁରେ ଧରିବୁ ନାହିଁ । ବ୍ରହ୍ମଚର୍ଯ୍ୟ ପାଳନ କରିବା ବିଧବାର ଧର୍ମ । ତୁ ବିବାହ କଲେ ମୋତେ ସମାଜରେ ବାଧା ଦେବେ ।'' ଏଣେ ପରୋକ୍ଷରେ କହିଲେ —

"ମାଆ, ତୁ ବରଂ ଗୋପନରେ ବ୍ୟଭିଚାର କରିବୁ, ଆବଶ୍ୟକ ହେଲେ ମୁଁ ତୋର ମାଆକୁ କହି ଅମୁକ ଗଉଡୁଣୀ ଠାରୁ ଔଷଧ ଆଣି ଭ୍ରୂଣହତ୍ୟା କରାଇପାରେ, ଯଦି ଜଣାପଡ଼େ ତେବେ ସମାଜକୁ କିଛି ଓ ଠାକୁର ଘରକୁ କିଛି ଜୋରିମାନା ଦେଇ ସମାଜରେ ରହିପାରିବି; କିନ୍ତୁ ତୁ ବିବାହ କରି କୁଳରେ କଳଙ୍କ ଲଗାନା ।''

"ତୁ ଜାଣୁ ଆମ୍ଭେମାନେ ସନାତନ ଧର୍ମାବଲମ୍ବୀ । ସନାତନ ଧର୍ମର ବିଧାନାନୁସାରେ ଚଳିବା ଆମର ଉଚିତ । ଜଣେ ଆଧୁନିକ ସନାତନଧର୍ମୀ ସ୍ପଷ୍ଟଭାବରେ ଲେଖି ଯାଇଅଛନ୍ତି —

"ଯେଉଁମାନେ ବେଦସ୍ମୃତିବିହିତ ପ୍ରଚଳିତ ସଦାଚାରକୁ ମାନି ଚାଲନ୍ତି କିମ୍ବା ବ୍ୟକ୍ତିଗତ ଭାବରେ ବା ପେଟର ଦାୟରେ ବା ସଂସର୍ଗ ଦୋଷରେ ଗୋପନରେ ଲଙ୍ଘନ କରୁଥିଲେହେଁ ସଂଘ ଭାବରେ ଆଚରଣ କରନ୍ତି ବା ମାନନ୍ତି, ସେହିମାନେ ସନାତନ ଧର୍ମାବଲମ୍ବୀ ।'' (ଜ୍ଞାନପ୍ରଚାର ବିବାହ ମୀମାଂସା ପୃ ୧୧୩ ସ୍ଥା )

ପବିତ୍ର ସନାତନ ଧର୍ମ ସତ୍ୟ ଉପରେ ପ୍ରତିଷ୍ଠିତ । ଏପରି ଗୋପନ ଲଙ୍ଘନ ବ୍ୟବସ୍ଥାକୁ ପ୍ରଶ୍ରୟ ଦେବା ଶୁଣି ସରଳପ୍ରାଣା ଝିଅଟି

ଆଶ୍ଚର୍ଯ୍ୟ ହେଲି ଓ ବିରକ୍ତ ହୋଇ କହିଲି, "ବାପା ! ଏପରି ସନାତନ ଧର୍ମାବଲମ୍ବିନୀ ହେବାକୁ ମୁଁ ଚାହେଁ ନାହିଁ । ଗୋପନ ଲଙ୍ଘନ ରୂପ ଏପରି ମହାପାପକୁ ପ୍ରଶ୍ରୟ ଦେବାକୁ ମୁଁ ଆଦୌ ଧର୍ମ ବୋଲି ସ୍ୱୀକାର କରେ ନାହିଁ । ବାପା ! ମୁଁ ଧବଳେଶ୍ୱରଠାରେ ନାରୀମଙ୍ଗଳ ସମିତିର ସମ୍ପାଦକ ଏବଂ କେତେକ ବ୍ରାହ୍ମଣଙ୍କର କଥାବାର୍ତ୍ତା ଶୁଣିଥିଲି । ମୋର ମନେ ଅଛି, ନାରୀମଙ୍ଗଳ ସମିତିର ସମ୍ପାଦକ ବ୍ରାହ୍ମଣମାନଙ୍କୁ କହୁଥିଲେ—

"ଯେଉଁମାନଙ୍କର ବିବାହ କର୍ମ ଶେଷ ହୋଇ ନାହିଁ, ସେମାନେ ବିଧବା ନୁହନ୍ତି—ସେମାନେ କନ୍ୟା ବୋଲି ଶାସ୍ତ୍ରମାନଙ୍କରେ ଓ ବିବାହ ମନ୍ତ୍ରମାନଙ୍କରେ ବାରମ୍ବାର ଲେଖାଅଛି । ଯେଉଁମାନେ କିଛି ନ ବୁଝି ନ ଶୁଝି ସେମାନଙ୍କଠାରୁ କାଚ ସିନ୍ଦୂର ବାହାର କରିଅଛନ୍ତି, ସେମାନେ ସେପରି କନ୍ୟାମାନଙ୍କୁ କାଚ ସିନ୍ଦୂର ପିନ୍ଧାଇ ଅତିଶୀଘ୍ର ବିବାହ ଦିଅନ୍ତୁ । ବିବାହକର୍ମ ଶେଷ ହୋଇଥିଲେ ସୁଦ୍ଧା ଯେଉଁମାନେ ବିବାହପାଇଁ ଇଚ୍ଛା କରନ୍ତି, ସେମାନଙ୍କୁ ସମସ୍ତଙ୍କୁ ବିବାହ ଦିଆଯାଉ । ଯେଉଁମାନଙ୍କର ବିବାହ କରିବାକୁ ଇଚ୍ଛା ଅଛି, ସେମାନେ ଲଜ୍ଜା ନକରି, ଭୟ ନ କରି ଅଭିଭାବକମାନଙ୍କୁ ସ୍ପଷ୍ଟ ନିଜ ନିଜର ଇଚ୍ଛା ଜଣାନ୍ତୁ—ଅଭିଭାବକମାନେ ନ ଶୁଣିଲେ ନାରୀମଙ୍ଗଳ ସମିତିକୁ ଚାଲିଆସି ବିବାହ କରନ୍ତୁ—ସମିତି ସେମାନଙ୍କର ସମସ୍ତ ପ୍ରକାର ସୁବିଧା କରିବାକୁ ସର୍ବଦା ପ୍ରସ୍ତୁତ ରହିଛି । ଆଉ ମଧ୍ୟ କହିଲେ—

"ବିବାହ ନ କରି, ବିବାହ କରିବାର ଇଚ୍ଛା ଅଭିଭାବକମାନଙ୍କୁ ନ କହି, କି ବିବରା, କି ବିଧବା କେହି ଗୋପନ ବ୍ୟଭିଚାର କଲେ ତାକୁ ସର୍ବ ସମକ୍ଷରେ ନିଆଁ ଲଗେଇ ପୋଡ଼ିଦେବାର ଅଧିକାର ଯଦି ଥାଏ, ତେବେ ପୋଡ଼ିଦେବା ଯୁକ୍ତିସଙ୍ଗତ ଓ ଶ୍ରେୟସ୍କର—ଗୋପନ ଲଙ୍ଘନକୁ ଧ୍ୱଂସ କରିବା ନାରୀମଙ୍ଗଳ ସମିତିର ଧର୍ମ । *

* ନେପାଳରେ କୌଣସି ପୁରୁଷ ଗୋପନ ବ୍ୟଭିଚାର କରିବାର ଜଣାପଡ଼ିଲେ ସର୍ବ ସମକ୍ଷରେ ସେ ପୁରୁଷ ହତ ହୁଏ ଏବଂ ସେପରି ଦୋଷରେ ସ୍ତ୍ରୀକୁ ଯାବଜ୍ଜୀବନ ଜେଲ ଦିଆଯାଏ ବୋଲି ମୁଁ ଶୁଣିଛି ।

"ବାପା — ସମ୍ପାଦକଙ୍କର ଏ ସବୁ ସରଳ ସୁନ୍ଦର ଯୁକ୍ତିଯୁକ୍ତ କଥା କେତୋଟି ମୋ ମନକୁ ବେଶ୍ ଲାଗିଛି । ମୁଁ ଜାଣେ ମୋର ଭଳି କେତେ ଝିଅ ତାଙ୍କୁ ବାପ ପରି ମାନି ପାଠ ପଢ଼ି ଖୁବ୍ ଆନନ୍ଦରେ ସେଠାରେ ରହିଅଛନ୍ତି ଓ ସୁବିଧାନୁସାରେ ଉପଯୁକ୍ତ ବରପାତ୍ର ସହିତ ବିବାହିତ ହୋଇ ଯାଉଅଛନ୍ତି । ମୁଁ ସେଠାକୁ ଯାଇ ମୋର ଭବିଷ୍ୟତ୍ ମଙ୍ଗଳର ପଥ ପରିଷ୍କାର କରିବି । ମୋତେ ସେଠାକୁ ଶୀଘ୍ର ପଠାଅ ।

"ଯଦି ସମାଜକୁ ଭୟ କରି କିମ୍ବା ନିଜର ବଂଶମର୍ଯ୍ୟାଦା ହାନି ହେବ ବୋଲି ଭାବି ମୋତେ ପଠାଇବାକୁ କୁଣ୍ଠିତ, ସେ କଥା ସ୍ପଷ୍ଟ କହିଲେ ମୁଁ ନିଜେ ସେଠାକୁ ଚାଲିଯିବି ।"

୧୯୩୪

# ବାଲବିଧବା-ବିବାହ

●

## ବିଶେଷ ଦ୍ରଷ୍ଟବ୍ୟ

କନ୍ୟାଦାନ କନ୍ୟାର ବିବାହ ନୁହେଁ । କନ୍ୟାବିବାହ ବେଦରେ ନାହିଁ କିମ୍ବା ଶାସ୍ତ୍ରରେ ନାହିଁ । ଅଶାସ୍ତ୍ରୀୟ କନ୍ୟାବିବାହରୁ ଉତ୍ପନ୍ନ ବିବଗ୍ର କଥାଟିର ଉଲ୍ଲେଖ କୌଣସି ଶାସ୍ତ୍ରରେ ନ ଥିବାରୁ ବିବଗ୍ର କହିଲେ ଲୋକେ ଶାସ୍ତ୍ରୋକ୍ତ ବାଲବିଧବା କିମ୍ବା ଅକ୍ଷତଯୋନି ବିଧବା ବୋଲି ବୁଝୁଅଛନ୍ତି; ମାତ୍ର ବିବଗ୍ରମାନେ ବାଲବିଧବା କିମ୍ବା ଅକ୍ଷତଯୋନି ବିଧବା ନୁହନ୍ତି । ବୈଧବ୍ୟ ସେମାନଙ୍କୁ ସ୍ପର୍ଶ କରି ନାହିଁ ।

'ସମାଜ'ର ସମ୍ପାଦକ ମହାଶୟ ଅନେକ ଦିନ ଯାଏ "ବିବଗ୍ର-ବିବାହ" ଓ "ବିବଗ୍ର କନ୍ୟା" ଲେଖି ସମ୍ବାଦ ଦେଇ ସୁଦ୍ଧା କେଜାଣି କାହିଁକି ଏବେ ୨୭-୨-୩୭ ତାରିଖ କାଗଜରେ ବିବଗ୍ର ବିବାହର ଦୁଇଟି ସମ୍ବାଦରେ ପ୍ରତ୍ୟେକର ଶିରୋନାମାରେ "ବିଧବା-ବିବାହ" ଓ ସମ୍ବାଦରେ "ବାଲ୍ୟବିଧବା କନ୍ୟା" ଲେଖି ସମ୍ବାଦ ଦେଇଅଛନ୍ତି ଏବଂ ୨୨।୩।୩୭ ତାରିଖ କାଗଜରେ "ବିଧବା ବିବାହ" ଓ "ବିଧବା କନ୍ୟା" ଲେଖି ସମ୍ବାଦ ଦେଇଥିବାରୁ କନ୍ୟାଟି ବିଧବା କି ବାଲବିଧବା କିଛି ଜଣାଯାଉ ନାହିଁ । ବିବଗ୍ର, ବିଧବା ଓ ବାଲବିଧବା ସମସ୍ତଙ୍କୁ ଏକଦୃଷ୍ଟିରେ ଦେଖି ନିଜର ଇଚ୍ଛା ଅନୁସାରେ ଏପରି ସନ୍ଦେହଜନକ ସମ୍ବାଦ ପ୍ରକାଶ କରୁଥିବାରୁ ଉକ୍ତ ସମ୍ପାଦକ ମହାଶୟଙ୍କର ତଥା ସାଧାରଣ ଲୋକଙ୍କର ଏହି ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ଶାସ୍ତ୍ରୋକ୍ତ ବାଲବିଧବାମାନେ ବିବଗ୍ରମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍, ଏହି କଥାଟି ବୁଝାଇଦେବା ପାଇଁ ଓ ବାଲବିଧବାମାନଙ୍କର ବିବାହ ବର୍ତ୍ତମାନ ସମାଜରେ ଚଳାଇବା ପାଇଁ ଏହି ବହିଟି ଲେଖିବାକୁ କର୍ତ୍ତବ୍ୟ ବୋଧକଲି ।

—ଲେଖକ

# ବାଲବିଧବା-ବିବାହ

ଶାସ୍ତ୍ରୋକ୍ତ ଷୋଳ ସଂସ୍କାର—

ଆପଣମାନେ ପ୍ରାୟ ସମସ୍ତେ ଜାଣନ୍ତି ଯେ, ବର୍ଣ୍ଣାଶ୍ରମ ଧର୍ମରେ [ପ୍ରଚଳିତ ହିନ୍ଦୁ ଧର୍ମରେ] ମାନବ ସମାଜ ପାଇଁ (୧) ବ୍ରାହ୍ମଣ, (୨) କ୍ଷତ୍ରିୟ, (୩) ବୈଶ୍ୟ, (୪) ଶୂଦ୍ର—ଏହି ଚାରିବର୍ଣ୍ଣ, (୧) ବ୍ରହ୍ମଚର୍ଯ୍ୟ (୨) ଗାର୍ହସ୍ଥ୍ୟ, (୩) ବାନପ୍ରସ୍ଥ (୪) ସନ୍ନ୍ୟାସ—ଏହି ଚାରି ଆଶ୍ରମ ଏବଂ ନିମ୍ନୋକ୍ତ ଷୋଳଟି ସଂସ୍କାରର ବ୍ୟବସ୍ଥା ରହିଛି ।

(୧) ଗର୍ଭାଧାନ—ଗର୍ଭାଶୟରେ ବୀର୍ଯ୍ୟ ସ୍ଥାପନ ସକାଶେ ଯେଉଁ ସଂସ୍କାର ବା ବିଧି ଅଛି ।
(୨) ପୁଂସବନ—ଗର୍ଭସ୍ଥ ଜୀବର ପୁଷ୍ଟି ସାଧନ ପାଇଁ ଯେଉଁ ସଂସ୍କାର ଅଛି ।
(୩) ସୀମନ୍ତୋନ୍ନୟନ—ଗର୍ଭସ୍ଥ ଜୀବର ମାନସିକ ଉନ୍ନତି ଓ ପ୍ରଫୁଲ୍ଲତା ପାଇଁ ଯେଉଁ ସଂସ୍କାର ଅଛି ।
(୪) ଜାତକର୍ମ—ପ୍ରସବ ବେଦନାର ଉପଶମ ପାଇଁ ଯେଉଁ ସଂସ୍କାର ।
(୫) ନାମକରଣ—ବର୍ତ୍ତମାନ ପ୍ରଚଳିତ ଏକୋଇଶିଆ ।
(୬) ବହିର୍ନିଷ୍କ୍ରମଣ—ଶିଶୁକୁ ମୁକ୍ତବାୟୁକୁ ଆଣିବା ।
(୭) ଅନ୍ନପ୍ରାଶନ—ବର୍ତ୍ତମାନ ପ୍ରଚଳିତ ଖୀରଖିଆ ।
(୮) ଚଡ଼ାକର୍ମ—ଶିଶୁର ପ୍ରଥମବାର କେଶ ଛେଦନ ।
(୯) କର୍ଣ୍ଣବେଧ—କାନଫୋଡ଼ା ।
୧୦) ଉପନୟନ—ବିଦ୍ୟା ଶିକ୍ଷା ପାଇଁ ଗୁରୁ ଗୃହକୁ ପଠାଇବା ।
(୧୧) ବେଦାରମ୍ଭ—ବେଦଶିକ୍ଷା ।
(୧୨) ସମାବର୍ତ୍ତନ—ବେଦଶିକ୍ଷା ପରେ ଗାର୍ହସ୍ଥ୍ୟଧର୍ମ ପାଳନ ପାଇଁ ଘରକୁ ଫେରିବା ।
(୧୩) ବିବାହ—ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଧବ ଓ ଭାର୍ଯ୍ୟାର ସମ୍ବନ୍ଧ ସ୍ଥାପନ ପାଇଁ ଉଭୟେ କେତୋଟି ନିୟମରେ ଆବଦ୍ଧ ରହିବାର ନାମ ବିବାହ ସଂସ୍କାର ।

(୧୪) ବାନପ୍ରସ୍ଥ — ଗୃହସ୍ଥାଶ୍ରମ ଶେଷ କରି ପରିବାର ପ୍ରତି ସମସ୍ତ-ଆସକ୍ତି ତ୍ୟାଗପୂର୍ବକ ଆତ୍ମଚିନ୍ତା ପାଇଁ କିଛିଦିନ ନିର୍ଜନରେ ରହିବା ।

(୧୫) ସନ୍ନ୍ୟାସ — ସମସ୍ତ ଭୋଗବିଳାସରୁ ରହିତ ହୋଇ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ।

(୧୬) ଅନ୍ତ୍ୟେଷ୍ଟି — ମୃତ୍ୟୁ ପରେ ଜଡ଼ ଦେହକୁ ଭସ୍ମ କରିବା ।

ଉପରୋକ୍ତ ସଂସ୍କାରଗୁଡ଼ିକ କାର୍ଯ୍ୟରେ ପରିଣତ କରିପାରନ୍ତୁ ବା ନ ପାରନ୍ତୁ, ଶାସ୍ତ୍ରର ବ୍ୟବସ୍ଥା ବୋଲି ମାନିବାକୁ ଅନୁରୋଧ କରୁଁ । ଜୀବ ଗର୍ଭସ୍ଥ ହେବା ପୂର୍ବରୁ ମୃତ୍ୟୁ ପର୍ଯ୍ୟନ୍ତ ସଂସ୍କାରଗୁଡ଼ିକ କେଡ଼େ ସରଳ ଭାବରେ କ୍ରମାନ୍ୱୟରେ ଗୋଟିକ ପରେ ଅନ୍ୟଟି ରଖାଯାଇଅଛି, ଟିକେ ଭଲକରି ଦେଖନ୍ତୁ । ଏହି ଷୋଳଟି ସଂସ୍କାର ମଧ୍ୟରୁ ବିବାହ ସଂସ୍କାର ଓ ଗର୍ଭାଧାନ ସଂସ୍କାର ବିଷୟରେ ସାମାନ୍ୟ ଚିନ୍ତା କରନ୍ତୁ । କାରଣ ଏହି ଯୋଡ଼ିକ ସଂସ୍କାର ଆମ୍ଭମାନଙ୍କର ଏକାନ୍ତ ଆବଶ୍ୟକ । ଏ ଯୋଡ଼ିକ ସଂସ୍କାର ଭଲକରି ବୁଝି ପାରିଲେ ବିବାହ କାହାକୁ କହନ୍ତି ଓ ବୈଧବ୍ୟ କାହାକୁ କହନ୍ତି, ତାହା ବୁଝିବା ସହଜ ହେବ । ତା ପରେ ବାଲବିଧବା ଓ ଅକ୍ଷତଯୋନି ବିଧବା, ବିବର୍ଗ ଓ ପ୍ରକୃତ ବିଧବା କାହାକୁ କହନ୍ତି, ତାହା ବୁଝିପାରିବେ । ସେଥିପାଇଁ କ୍ରମରେ ଶାସ୍ତ୍ରୋକ୍ତ ଷୋଳ ସଂସ୍କାର ଓ ପ୍ରତ୍ୟେକ ସଂସ୍କାରର ସରଳ ଅର୍ଥ ଉଲ୍ଲେଖ କରାଗଲା ।

## ସମାଜର ବର୍ତ୍ତମାନ ଦୁରବସ୍ଥା

ଆମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥା ଅତି ଶୋଚନୀୟ । ଉପରେ ଯେଉଁ ବର୍ଣ୍ଣ, ଆଶ୍ରମ ଓ ସଂସ୍କାର କଥା ଲେଖାଗଲା, ସେସବୁ ସହିତ କିମ୍ବା ଯେଉଁ ବେଦରେ କିମ୍ବା ଧର୍ମଶାସ୍ତ୍ରରେ ଏ ସବୁ ବର୍ଣ୍ଣ, ଆଶ୍ରମ ଓ ସଂସ୍କାରର ବ୍ୟବସ୍ଥା ଅଛି, ସେସବୁ ବେଦ କିମ୍ବା ଧର୍ମଶାସ୍ତ୍ର ସହିତ ଆମ୍ଭ-ମାନଙ୍କର ବାସ୍ତବରେ କୌଣସି ସମ୍ପର୍କ ନାହିଁ । ବେଦ କିମ୍ବା ଧର୍ମଶାସ୍ତ୍ର ସହିତ ସମସ୍ତ ସମ୍ପର୍କ ଆମ୍ଭେମାନେ ଅନେକ ଦିନୁଁ ଛାଡ଼ିଲୁଣି । ଏପରି କି

ଭଗବାନ-ପ୍ରଦତ୍ତ ମାନବର ସର୍ବୋତ୍କୃଷ୍ଟ ଅଧିକାର ବିବେକ ବା ପ୍ରକୃତ ଚକ୍ଷୁ ସତ୍ତ୍ୱେ ମଧ୍ୟ ସମସ୍ତ ସମ୍ପର୍କ ଗୁଡ଼ ଅନେକଙ୍କୁ ଅନ୍ଧ ହୋଇ ବସିଲୁଣି । ଏହି ଅନ୍ଧତା ହେତୁରୁ "ଯାହା ଚଳି ଆସୁଛି", ଏହି କଥାଟିକୁ ଏକମାତ୍ର ଧର୍ମଶାସ୍ତ୍ର କରି ରଖିଲୁଣି ।

ଆମ୍ଭମାନଙ୍କର କ୍ରିୟାକଳାପ ପ୍ରତି ପୁରୁଷରେ କାହିଁକି ପ୍ରତିବର୍ଷ ବଦଳିଯାଉଛି । ଏହା ଦେଖି ସୁଦ୍ଧା, ବଦଳିଯିବା ସୃଷ୍ଟିର ସ୍ୱାଭାବିକ ନିୟମ, ଏହା ବୁଝି ସୁଦ୍ଧା, ସେହି "ଚଳି ଆସୁଛି"କୁ ଧର୍ମଶାସ୍ତ୍ର ଓ ସର୍ବସ୍ୱ ମନେ କରି ଧର୍ମଶାସ୍ତ୍ର ଓ ବିବେକକୁ ଛୁଟି ଦେଇ ରଖିଲ ପରି ରଖିବା କେତେଦୂର ଯୁକ୍ତିଯୁକ୍ତ, ଥରେ ଚିନ୍ତା କରନ୍ତୁ । ସଂସ୍କୃତରେ ଏହି ଚଳି ଆସୁଛିର ନାମ ଦେଇଅଛନ୍ତି ଦେଶାଚାର, ଲୋକାଚାର ଓ କୁଳାଚାର । ଆମ୍ଭମାନଙ୍କର କ୍ରିୟାକଳାପକୁ କିମ୍ବା "ଚଳି ଆସୁଛି" ଧର୍ମକୁ ସଂଶୋଧନ କରିବାପାଇଁ ଶାସ୍ତ୍ରମାନଙ୍କର ସୃଷ୍ଟି ଏବଂ ବିବେକର ଆବଶ୍ୟକତା, ଏ କଥା ପଣ୍ଡିତମାନଙ୍କର ବ୍ୟବସ୍ଥାଦାତାମାନଙ୍କର ଓ ବ୍ରାହ୍ମଣମାନଙ୍କର ଭଲ କରି ବୁଝି ରଖିବା ଉଚିତ । ଯାଣ, କଣ୍ଡରା ପ୍ରଭୃତି ଇତର ଜାତିଙ୍କ ପରି ଯଦି ଆପଣମାନେ "ଚଳି ଆସୁଛି"କୁ ଧର୍ମ ମନେ କଲେ, ତେବେ ଧର୍ମଶାସ୍ତ୍ରକୁ ପୋଡ଼ି ପକାନ୍ତୁ ଧର୍ମଶାସ୍ତ୍ର ଧରି ପ୍ରତାରଣା ଦ୍ୱାରା ଜୀବିକା ନିର୍ବାହ କରନ୍ତୁ ନାହିଁ । ଆମ୍ଭେମାନେ ଯେଉଁ "ଚଳି ଆସୁଛି"କୁ ବା ଆମ୍ଭମାନଙ୍କର କ୍ରିୟାକଳାପକୁ ଏକମାତ୍ର ଧର୍ମ ମନେକରି ନିଶ୍ଚିନ୍ତ ରହିଛୁଁ, ତାହା ସମ୍ପୂର୍ଣ୍ଣ ଭୁଲ । ଏହି ଭ୍ରାନ୍ତ ଅବସ୍ଥାରୁ ବା ସମ୍ପୂର୍ଣ୍ଣ ଓଲଟ ଅବସ୍ଥାରୁ ବା "ଚଳି ଆସୁଛି" ଅବସ୍ଥାରୁ ପ୍ରକୃତ ଅବସ୍ଥାରେ ପହଞ୍ଚିବାକୁ ଅନେକ ସମୟ ଲାଗିବ ଓ ଅନେକ କଷ୍ଟ ସ୍ୱୀକାର କରିବାକୁ ହେବ । ଧର୍ମଶାସ୍ତ୍ର ମନୁଷ୍ୟ-ପ୍ରଦତ୍ତ, ବିବେକ ଭଗବାନ-ପ୍ରଦତ୍ତ । ଧର୍ମଶାସ୍ତ୍ର ସମାଜର ଆଖି, ବିବେକ ପ୍ରତ୍ୟେକ ମନୁଷ୍ୟର ଆଖି — ଏ କଥା ଭଲକରି ବୁଝି ସମାଜରେ ଧର୍ମଶାସ୍ତ୍ର ଓ ବିବେକର ପ୍ରତିଷ୍ଠା କରି "ଚଳି ଆସୁଅଛି" କୁ ଆଜି ଧ୍ୱଂସ କରିବାକୁ କର୍ତ୍ତବ୍ୟ ମନେ କରନ୍ତୁ । ଗଭୀର ଦୁଃଖର କଥା, ଜଣେ ପଣ୍ଡିତ "ଚଳି ଆସୁଛି" ଧର୍ମକୁ ଆହୁରି ଦୃଢ଼ରୂପେ ସମାଜରେ ପ୍ରତିଷ୍ଠା କରିବାକୁ ଉପଦେଶ ଦେଇ ସନାତନ ଧର୍ମ ପ୍ରଚାର କରୁଅଛନ୍ତି । ଲେଖିବାକୁ ଦୁଃଖ ଲାଗୁଛି, ଉକ୍ତ ମହାଶୟ "ବିବାହ-ମୀମାଂସା" ବହିର ୧୧୩ ପୃଷ୍ଠାରେ ଛପାଇଅଛନ୍ତି—"ଯେଉଁମାନେ

ପ୍ରଚଳିତ ସଦାଚାରକୁ ଗୋପନରେ ଲଙ୍ଘନ କଲେହେଁ ସଙ୍ଘବଦ୍ଧ ଭାବରେ ମାନି ଚଳନ୍ତି, ସେହିମାନେ ସନାତନ ଧର୍ମାବଲମ୍ବୀ ।"

ଉପରୋକ୍ତ ସଂଜ୍ଞାରେ ଉଲ୍ଲେଖି ଥିବା "ପ୍ରଚଳିତ" ଓ "ଗୋପନ ଲଙ୍ଘନ" ଏହି ଦୁଇଟି କଥା ସମାଜର ଅଧୋଗତିର ଏକମାତ୍ର କାରଣ ।

ପଣ୍ଡିତ ମହାଶୟ "ଶାସ୍ତ୍ରୋକ୍ତ ସଦାଚାର" ନ ଲେଖି "ପ୍ରଚଳିତ ସଦାଚାର" ଲେଖିବାର ଉଦ୍ଦେଶ୍ୟ ବୁଝନ୍ତୁ । ପ୍ରଚଳିତ କଥାଟିର ଅର୍ଥ ଯାହା "ଚଳି ଆସୁଛି ।" ଏହି ପ୍ରଚଳିତ ବା "ଚଳି ଆସୁଛି"ର ଘାଜଭିରେ ଶାସ୍ତ୍ରୋକ୍ତ ସଦାଚାରସବୁ ସମାଜରୁ ଲୋପ ହୋଇସାରିଲାଣି କିମ୍ବା "ପ୍ରଚଳିତ" ଏହି ବିଶେଷଣ ଯୋଗରେ ସଦାଚାର ସବୁ ପ୍ରଚଳିତ ଦୁରାଚାର, ଅବିଚାର ଓ ଅତ୍ୟାଚାରରେ ପରିଣତ ହେଲାଣି । ପ୍ରଚଳିତ ଏହି ବିଶେଷଣଟି ସମାଜର କିପରି ଅନିଷ୍ଟ ସାଧନ କରୁଅଛି, ତାହା ବିଚାର କରି "ପ୍ରଚଳିତ" ବା "ଚଳି ଆସୁଅଛି"କୁ ଆଜ ଧ୍ୱଂସ କରିପାରିଲେ କରନ୍ତୁ ଏବଂ "ପ୍ରଚଳିତ" ବା "ଚଳି ଆସୁଛି" ପରିବର୍ତ୍ତେ ବିବେକ ଓ ଧର୍ମଶାସ୍ତ୍ରକୁ ସ୍ଥାନ ଦିଅନ୍ତୁ ।

ଆହୁରି ଦୁଃଖର କଥା, ପ୍ରଚଳିତ ବା "ଚଳି ଆସୁଛି" ସହିତ "ଗୋପନ ଲଙ୍ଘନର ପ୍ରଶ୍ରୟ" !

ଯେଉଁ ଜାତି, ଯେଉଁ ସମାଜ, ଯେଉଁ ଦେଶ ସତ୍ୟର ପ୍ରତିଷ୍ଠା ପାଇଁ ଗୋପନ ଲଙ୍ଘନକୁ ଧ୍ୱଂସ କରିବାକୁ ଏକମାତ୍ର ଧର୍ମ ବୋଲି ଗ୍ରହଣ କରିଥିବାରୁ ସମଗ୍ର ପୃଥିବୀରେ ପୂଜା ପାଉଥିଲା, ସେହି ଜାତି ଆଜ ଧର୍ମଶାସ୍ତ୍ର ଛାଡ଼ି ପ୍ରଚଳିତ ପ୍ରଥାକୁ ଏକମାତ୍ର ଧର୍ମ ମନେ କରି ଗୋପନ ଲଙ୍ଘନକୁ ପ୍ରଶ୍ରୟ ଦେଇ ସନାତନ ଧର୍ମାବଲମ୍ବୀ ହେବାକୁ ଲଜ୍ଜା ବୋଧ ନକରି ଗର୍ବ ଅନୁଭବ କରୁଅଛୁ । "ପ୍ରଚଳିତ" ବା "ଚଳି ଆସୁଅଛି" ସହିତ "ଗୋପନ ଲଙ୍ଘନ"କୁ ସମୂଳେ ଧ୍ୱଂସ କରିବାକୁ କର୍ତ୍ତବ୍ୟ ବୋଧ କରନ୍ତୁ ।

**ବିବାହ**—କୁମାର ଓ କୁମାରୀ ମଧ୍ୟରେ ଧବ ଓ ଭାର୍ଯ୍ୟାର ସମ୍ବନ୍ଧ ସ୍ଥାପନର ନାମ ବିବାହ ସଂସ୍କାର । [ବିବାହ ସଂସ୍କାର ନ ହେବାଯାଏ ପୁରୁଷକୁ କୁମାର ଓ ସ୍ତ୍ରୀକୁ କୁମାରୀ କୁହାଯାଏ ।]

ଷୋଳ ସଂସ୍କାର ମଧ୍ୟରେ ବିବାହ ସଂସ୍କାରର ଉପଯୁକ୍ତ ସ୍ଥାନ ଦେଖନ୍ତୁ । ସମାବର୍ତ୍ତନ ସଂସ୍କାର ପରେ ବିବାହକୁ ସ୍ଥାନ ଦିଆଯାଇଅଛି । ସମାବର୍ତ୍ତନ ସଂସ୍କାରର ଅର୍ଥ ବେଦଶିକ୍ଷା ପରେ ଗୁରୁ ଗୃହରୁ ପ୍ରତ୍ୟାବର୍ତ୍ତନ ! ଆଜିକାଲି ବେଦ ଶିକ୍ଷା ନାହିଁ କିମ୍ବା ଗୁରୁଗୃହରୁ ପ୍ରତ୍ୟାବର୍ତ୍ତନ ନାହିଁ ସତ୍ୟ; ମାତ୍ର ପୁତ୍ରକନ୍ୟାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପରେ, ବିବାହର ଉପଯୁକ୍ତ ବୟସରେ ସେମାନଙ୍କର ମତ ଉପରେ ନିର୍ଭର କରି ବିବାହ ଦେବା ଆବଶ୍ୟକ । ଏହା ଶାସ୍ତ୍ରାନୁମୋଦିତ ଓ ବିବେକାନୁମୋଦିତ । ବାଳକବାଳିକାର ବିବାହ ଅଯୌକ୍ତିକ ଓ ଅଶାସ୍ତ୍ରୀୟ । ଯେଉଁମାନେ କନ୍ୟାଦାନ ପ୍ରଥାକୁ ସମର୍ଥନ କରନ୍ତି, ସେମାନେ କନ୍ୟାଦାନ ପ୍ରଥାର ଅର୍ଥ ବୁଝନ୍ତୁ । କନ୍ୟାଦାନ କର୍ମକୁ ବିବାହ ସଂସ୍କାର ବୋଲି ଗ୍ରହଣ କରନ୍ତୁ ନାହିଁ ।

ପ୍ରଚଳିତ ଦୂର୍ବାକ୍ଷତ ବା ପୁନର୍ବିବାହ କର୍ମକୁ ବେଦୋକ୍ତ ବିବାହ ସଂସ୍କାର କହିବା ଯୁକ୍ତିଯୁକ୍ତ । କାରଣ ସେହି ପୁନର୍ବିବାହ ଦିନ ଯୁବକ ଯୁବତୀ ମଧ୍ୟରେ ଧବଭାର୍ଯ୍ୟାର ସମ୍ବନ୍ଧ ସ୍ଥାପିତ ହୁଏ । ଯେତେବେଳେ ଶାସ୍ତ୍ରୋକ୍ତ ବିବାହ ସଂସ୍କାର କନ୍ୟାଦାନଠାରୁ ଆରମ୍ଭ ହୋଇ ଦୂର୍ବାକ୍ଷତ କର୍ମରେ ଶେଷ ହେବାର ସ୍ଥିର ହେଲା, ସେତେବେଳେ କନ୍ୟାଦାନ ପ୍ରଥାର ମନ୍ତ୍ରକର୍ତ୍ତାମାନେ ସମାଜକୁ ବାରମ୍ବାର ସତର୍କ କରି ଲେଖିଗଲେ—"କନ୍ୟାଦାନ କଦାପି ବିବାହ ନୁହେଁ । ଏହା ନୂତନ ପ୍ରଚଳିତ ବିବାହ ପ୍ରଥାର ପ୍ରଥମ ଅଙ୍ଗ ।" ସେଥିପାଇଁ କନ୍ୟାଦାନଠାରୁ ଦୂର୍ବାକ୍ଷତ ପର୍ଯ୍ୟନ୍ତ ଯେତେଗୁଡ଼ିଏ କର୍ମ ହୁଏ, ପ୍ରତ୍ୟେକ କର୍ମ ଶେଷରେ "ବିବାହାଙ୍ଗ" କଥାଟି ବାରମ୍ବାର ଉଚ୍ଚାରିତ ହୁଏ । ଆଜି ସବୁ ଶାସ୍ତ୍ରୀୟ ପ୍ରମାଣ ପଛକୁ ରଖନ୍ତୁ, "ବିବାହାଙ୍ଗ" ଏହି ଗୁଟିଏ ଅକ୍ଷର ବଜ୍ରନିର୍ଘୋଷରେ କହିଦେଉଛି—"କନ୍ୟାଦାନ" ବିବାହ ନୁହେଁ, ବିବାହର ପ୍ରଥମ ଅଙ୍ଗ । ସେଥିପାଇଁ ଆମ୍ଭେମାନେ ଖୁବ୍ ଦମ୍ଭର ସହିତ କହୁଛୁ, ଦୂର୍ବାକ୍ଷତ କର୍ମ ସାରି ନ ଥିବା କନ୍ୟାର ପ୍ରଚଳିତ ବୈଧବ୍ୟ ସମ୍ପୂର୍ଣ୍ଣ ଅନ୍ୟାୟ ଅଟେ ।

**କନ୍ୟାଦାନ**—କନ୍ୟାଦାନ ବୋଲି କୌଣସି ସଂସ୍କାର ବେଦରେ ନାହିଁ, ଏହା ପ୍ରଚଳିତ ପ୍ରଥା । ବାଳକ ବାଳିକା ଯୁବକ ଯୁବତୀ ହେବା ପରେ ଦୂର୍ବାକ୍ଷତ ବା ପୁନର୍ବିବାହ ଦିନ ଧବଭାର୍ଯ୍ୟା ହେବେ । ଏଥିରେ

ଅଭିଭାବକମାନଙ୍କର ସମ୍ମତି ପ୍ରଦାନକୁ କନ୍ୟାଦାନ ନାମ ଦିଆଯାଇଅଛି । ଏ କଥା ସମସ୍ତଙ୍କର ଭଲ କରି ବୁଝିବା ଉଚିତ । କନ୍ୟାଦାନ ପ୍ରଥାର ଉତ୍ପତ୍ତିର କାରଣ ଓ କନ୍ୟାଦାନର ଅର୍ଥ ନ ବୁଝି "ଚଳି ଆସୁଛି" ଶାସ୍ତ୍ରଦ୍ୱାରା କନ୍ୟାଦାନକୁ ବିବାହ ବୋଲି ଗ୍ରହଣ କରନ୍ତୁ ନାହିଁ ।

ତ୍ରିଣି ବର୍ଷାଣ୍ୟୁଦୀକ୍ଷେତ କୁମାର୍ଯୃତୁ ମତୀ ସତି ।
ଊର୍ଦ୍ଧ୍ୱନ୍ତୁ କାଳାଦେତସ୍ମାଦ୍ ବିନ୍ଦେତ ସଦୃଶଂ ପତି ॥

ମନୁ-୯ମ ୯୦ ଶ୍ଳୋକ

ଅର୍ଥ—କୁମାରୀ ଋତୁମତୀ ହେବା ପରେ ତିନବର୍ଷ ଅପେକ୍ଷା କରି ତା ପରେ ଆପଣା ସଦୃଶ ଗୁଣବାନ୍ ପତି ବରଣ କରିବ । କୌଣସି ଶାସ୍ତ୍ର ବେଦର ବହିର୍ଭୂତ ନୁହେଁ, ତେଣୁ ବେଦରେ ଯଦି କନ୍ୟା ବିବାହର ବ୍ୟବସ୍ଥା ଅଛି, ତେବେ କନ୍ୟାଦାନକୁ କନ୍ୟାର ବିବାହ ମନେ କରି କନ୍ୟାଦାନ ପରେ ପରେ ୮।୯ ବର୍ଷର କନ୍ୟାଟିମାନଙ୍କୁ ବିଧବା କରନ୍ତୁ ଓ ସେମାନଙ୍କୁ ବାଲବିଧବା ଓ ଅକ୍ଷତଯୋନି ବିଧବା ନାମ ଦିଅନ୍ତୁ ।

**ଦୂର୍ବାକ୍ଷତ**—ଦୂର୍ବାକ୍ଷତ କର୍ମକୁ ପୁନର୍ବିବାହ କର୍ମ ମଧ୍ୟ କୁହାଯାଏ ମାତ୍ର ଏହା ପୁନର୍ବିବାହ ବା ଦ୍ୱିତୀୟ ଥର ବିବାହ ନୁହେଁ । କନ୍ୟାଦାନ ଦିନ ପ୍ରଥମ ଥର ବିବାହ ଓ ପୁନର୍ବିବାହ ଦିନ ଦ୍ୱିତୀୟ ଥର ବିବାହ ଏପରି କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅସୁନ୍ଦର । ଦୂର୍ବାକ୍ଷତ ଦିନ ବରକନ୍ୟାଙ୍କର ଧବଭାର୍ଯ୍ୟାରୂପେ ସମ୍ବନ୍ଧ ସ୍ଥାପିତ ହୁଏ ; ତେଣୁ ଏହି ଦୂର୍ବାକ୍ଷତ କର୍ମକୁ ବିବାହ କର୍ମ କହିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ଆଜିକାଲି ଯେଉଁ ଦୂର୍ବାକ୍ଷତ କର୍ମ ହେଉଛି, ସେହି ଦୂର୍ବାକ୍ଷତ କର୍ମକୁ ସ୍ୱାମୀ ସ୍ତ୍ରୀଙ୍କର ସଙ୍ଗମର ଦିନ କହିଲେ ଚଳେ । ଶାସ୍ତ୍ର ଅନୁସାରେ ସ୍ୱାମୀ ସ୍ତ୍ରୀଙ୍କର ସଙ୍ଗମ ଗର୍ଭାଧାନ ସଂସ୍କାର ଉପରେ ବା ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଥିଲା । ସନ୍ତାନ ଉତ୍ପାଦନ ପାଇଁ ଗର୍ଭାଧାନ ସଂସ୍କାର ଆବଶ୍ୟକ ହେଉଥିଲା । ଗର୍ଭାଧାନ ସଂସ୍କାର ନ କରି କେହି ସ୍ତ୍ରୀ ସଙ୍ଗମ କରୁ ନ ଥିଲେ । ଆଜିକାଲି ଦୂର୍ବାକ୍ଷତ କର୍ମ ଦିନ ଅର୍ଥାତ୍ ଯୁବକଯୁବତୀଙ୍କର ଧବଭାର୍ଯ୍ୟାରୂପେ ସମ୍ବନ୍ଧ ସ୍ଥାପିତ ହେବା ଦିନ ଯୁବକଯୁବତୀ ଗର୍ଭାଧାନ ସଂସ୍କାର କରିବାକୁ ଅପେକ୍ଷା

କରି ନ ପାରି ସେହି ଦିନ ସଙ୍ଗମ କଲେ; ତେଣୁ ଗର୍ଭାଧାନ ସଂସ୍କାର ସମାଜରୁ ଲୋପ ହେଲା । ଗର୍ଭାଧାନ ସଂସ୍କାର ନ କରି ସନ୍ତାନ ଜନ୍ମ କରିଥାଆନ୍ତି ବୋଲି ପ୍ରତ୍ୟେକ ପିତାମାତାଙ୍କୁ ପ୍ରତ୍ୟେକ ପୁତ୍ରର ଉପନୟନ ସଂସ୍କାର ଦିନ ଅନାଦେଶ ପ୍ରାୟଶ୍ଚିତ୍ତ କରିବାକୁ ହେଲା । ଏ କଥା ସବୁ ବ୍ରାହ୍ମଣ ବ୍ରାହ୍ମଣୀଙ୍କୁ ଭଲରୂପେ ଜଣା । ତେଣୁ ଦୁର୍ବାକ୍ଷତ କର୍ମକୁ ଗର୍ଭାଧାନ ସଂସ୍କାର ବୋଲି କହିବା ସମ୍ପୂର୍ଣ୍ଣ ଭୁଲ ଓ ଅଶାସ୍ତ୍ରୀୟ । ଏହା ପ୍ରକୃତରେ ବିବାହ ସଂସ୍କାର ।

**ଗର୍ଭାଧାନ**—ଷୋଳ ସଂସ୍କାର ମଧ୍ୟରେ ଏହା ସର୍ବପ୍ରଥମ ସଂସ୍କାର । ସନ୍ତାନ ଉତ୍ପାଦନ ପାଇଁ କିମ୍ବା ଅନ୍ୟ ଗୋଟିଏ ଜୀବକୁ ଅଭ୍ୟର୍ଥନା କରି ଆଣିବା ପାଇଁ, ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନ ପାଇଁ ଏହି ସଂସ୍କାରର ଆବଶ୍ୟକତା । ଆଜିକାଲି ଏପରି ସଂସ୍କାର ନାହିଁ—ରହିବା ଅସମ୍ଭବ । ଦୁର୍ବାକ୍ଷତ କର୍ମଦିନ ଯୁବକଯୁବତୀଙ୍କର ଧବଭାର୍ଯ୍ୟାରୂପେ ସମ୍ବନ୍ଧ ସ୍ଥାପିତ ହେବାମାତ୍ରେ ଅର୍ଥାତ୍ ପ୍ରକୃତ ବିବାହ କର୍ମ ଶେଷ ହେବାମାତ୍ରେ ସେମାନେ କାମ ପ୍ରବୃତ୍ତି ଚରିତାର୍ଥ କରିବାକୁ ତତ୍ପର ହେଲେ । ସେଥିପାଇଁ ଦୁର୍ବାକ୍ଷତ କର୍ମ ବା ପ୍ରକୃତ ବିବାହ କର୍ମ ସ୍ତ୍ରୀ ସଙ୍ଗମ କର୍ମରେ ପରିଣତ ହେଲା । ଦୁର୍ବାକ୍ଷତ କର୍ମ ସ୍ତ୍ରୀ ସଙ୍ଗମ କର୍ମରେ ପରିଣତ ହେବାରୁ କନ୍ୟାଦାନ କନ୍ୟାର ବିବାହରେ ପରିଣତ ହୋଇଅଛି । ଏହି ଗର୍ଭାଧାନ ସଂସ୍କାରରୁ ଅକ୍ଷତଯୋନି ବିଧବା କଥାଟିର ଉତ୍ପତ୍ତି ।

**ଅକ୍ଷତଯୋନି ବିଧବା**—ଯୁବକଯୁବତୀଙ୍କର ବିବାହ ସଂସ୍କାର ଶେଷ ହୋଇଛି ଅର୍ଥାତ୍ ଧବଭାର୍ଯ୍ୟାରୂପେ ସମ୍ବନ୍ଧ ସ୍ଥାପିତ ହୋଇସାରିଛି, ଅଥଚ ସନ୍ତାନ ଉତ୍ପାଦନ ପାଇଁ ବା ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନ ପାଇଁ, ଗର୍ଭାଧାନ ସଂସ୍କାର ହୋଇ ନାହିଁ ଏପରି ଅବସ୍ଥାରେ ସ୍ୱାମୀର ମୃତ୍ୟୁ ହେଲେ ସେହି ବିଧବାକୁ ଅକ୍ଷତଯୋନି ବିଧବା କୁହାଯାଉଥିଲା । ଗର୍ଭାଧାନ ସଂସ୍କାର ଲୋପ ହୋଇଥିବାରୁ କେଉଁ ବିଧବା କ୍ଷତଯୋନି, କେଉଁ ବିଧବା ଅକ୍ଷତଯୋନି, ଏକଥା ଜାଣିବାର କୌଣସି ଉପାୟ ନାହିଁ । ସେଥିପାଇଁ ଯେଉଁ ବିଧବାମାନଙ୍କର ସନ୍ତାନ ହୋଇ ନାହିଁ ବା ଗର୍ଭଧାରଣ ହୋଇ ନାହିଁ, ସେପରି ବିଧବାମାନଙ୍କୁ ଅକ୍ଷତଯୋନି ବିଧବା ବୋଲି ଗ୍ରହଣ କରି ଦୋବେଇବର ସହିତ ବିବାହ ଦେବା ଉଚିତ ।

ଅକ୍ଷତଯୋନି ବିଧବାର ବିବାହ ପାଇଁ ଶାସ୍ତ୍ରମାନଙ୍କରୁ ଯଥେଷ୍ଟ ପ୍ରମାଣ ବିଧବାବିବାହ ଓ ବିବର ବିବାହ ବିଷୟରେ ଦିଆଯାଇଅଛି ।

**ବାଲବିଧବା**—ମୁଣ୍ଡରୁ ବାଳ ସବୁ କାଟି ଦିନରେ ଥରେ ମାତ୍ର ହବିଷ୍ୟାନ୍ନ ଖାଇ ଶାସ୍ତ୍ରବିଧି ଅନୁସାରେ ବୈଧବ୍ୟ ବ୍ରତ ପାଳନ କରିବା ଅସମ୍ଭବ ଜାଣି ଦେଶରେ ପ୍ରକୃତ ବୈଧବ୍ୟର ପ୍ରତିଷ୍ଠା ପାଇଁ ଅଳ୍ପବୟସ୍କା ବିଧବାମାନଙ୍କୁ ବିବାହ କରିବାର ବ୍ୟବସ୍ଥା ଦିଆଯାଇଅଛି —

ଆଷୋଡ଼ଶ ବୟୋନାର୍ଯ୍ୟା ଯଦି ଚାମୃତଭର୍ତ୍ତୃକା
ପୁନର୍ବିବାହ ମର୍ହନ୍ତି ନ ଚାତ୍ର ବିଷୟୋମହାନ୍ ।

ଅର୍ଥ—ଷୋଳ ବର୍ଷ ପୂର୍ବରୁ କୌଣସି ସ୍ତ୍ରୀ ବିଧବା ହେଲେ ତାହାକୁ ପୁନର୍ବିବାହ ଦେବା ଏକାନ୍ତ ଆବଶ୍ୟକ । ଏଥିରେ କୌଣସି ସନ୍ଦେହ କର ନାହିଁ ।

ସମାଜର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ୫୦।୫୨ ବର୍ଷର ପୁଅଝିଅ ଥିବା ଦୋବେଇ ସ୍ୱାମୀମାନେ ବିବାହ କରୁଥିବା ସ୍ଥଳେ ବାଲବିଧବା-ମାନଙ୍କର ବିବାହର ବୟସ ଅନ୍ତତଃ ୨୫ ବର୍ଷ ରଖିବା ଆବଶ୍ୟକ— ଦୋବେଇ ସ୍ୱାମୀମାନଙ୍କର ବିବାହର ବୟସ କମିଯିବା ସଙ୍ଗେ ସଙ୍ଗେ ବାଲବିଧବାମାନଙ୍କର ବିବାହର ବୟସ ଆପେ ଆପେ କମିଯିବ । କାରଣ ଦୋବେଇ ସ୍ୱାମୀମାନଙ୍କର ବିବାହ ସହିତ ବାଲବିଧବାମାନଙ୍କର ବିବାହର ଘନିଷ୍ଠ ସମ୍ବନ୍ଧ ।

ଗର୍ଭାଧାନ ସଂସ୍କାର ନଥିବାରୁ କେଉଁ ବିଧବା କ୍ଷତଯୋନି, କେଉଁ ବିଧବା ଅକ୍ଷତଯୋନି ଏକଥା ଜାଣିବାର କୌଣସି ଉପାୟ ନ ଥିବାରୁ ଅକ୍ଷତଯୋନି କଥାଟି ଉଠାଇଦେଇ ସନ୍ତାନ ପ୍ରସବ କରି ନ ଥିବା ବିଧବାମାନଙ୍କ ପାଇଁ ଏବଂ ଅଳ୍ପବୟସ୍କା ବିଧବ ମାନଙ୍କ ପାଇଁ ବାଲବିଧବା ଏହି ଗୋଟିଏ ନାମ ରଖାଯାଉ ।

**ଉପସଂହାର**—ବର୍ତ୍ତମାନ ବୁଝନ୍ତୁ, ଶାସ୍ତ୍ରୋକ୍ତ ବିବାହସଂସ୍କାରରୁ ବୈଧବ୍ୟର ଉତ୍ପତ୍ତି । ଶାସ୍ତ୍ରୋକ୍ତ ଗର୍ଭାଧାନ ସଂସ୍କାରରୁ ଅକ୍ଷତଯୋନି

ବିଧବା କଥାଟିର ଉତ୍ପତ୍ତି । ଦେଶରେ ପ୍ରକୃତ ବୈଧବ୍ୟ ପ୍ରତିଷ୍ଠା କରିବା ପାଇଁ ଏବଂ ବାଧତାମୂଳକ ବୈଧବ୍ୟ ରହିତ କରି ଅଳ୍ପବୟସ୍କା ବିଧବା-ମାନଙ୍କୁ ବିବାହ ଦେବା ପାଇଁ ବାଳବିଧବା କଥାଟିର ଉତ୍ପତ୍ତି । ଅଶାସ୍ତ୍ରୀୟ କନ୍ୟାଦାନ ପ୍ରଥାକୁ ବିବାହ ମନେ କରିଥିବାରୁ ଏହି କନ୍ୟାଦାନ ପ୍ରଥାରୁ ନାବାଳିକା କନ୍ୟାଟିମାନଙ୍କର ଅନ୍ୟାୟ ବୈଧବ୍ୟ ବା ବିବରିମାନଙ୍କର ଉତ୍ପତ୍ତି ।

ଯେଉଁଦିନ ଆମ ସମାଜର ଆଖି ଖୋଲିବ, "ଚଳି ଆସୁଛି" ଓ "ଗୋପନ ଲଙ୍ଘନ" ଏହି ଯୋଡ଼ିକ ବିଷୟ ସମାଜର କିପରି ଅନିଷ୍ଟ ସାଧନ କରୁଅଛି, ତାହା ଲୋକେ ଭଲକରି ବୁଝିବେ, ସେହିଦିନ ଅଳ୍ପ-ବୟସ୍କା ବିଧବା କିମ୍ବା ବାଳବିଧବାମାନଙ୍କର ବିବାହ ସମାଜରେ ଚଳିବ । ସେହିଦିନ ସେପରି ବିବାହକୁ ବିଧବା ବିବାହ କୁହାଯିବ । ବିବରିମାନଙ୍କୁ ବିଧବା ନାମ ଦେଇ ସେଥିରେ "ବାଳ" ଏହି ବିଶେଷଣଟି ଯୋଗ କରି ସେମାନଙ୍କର ବିବାହକୁ ବିଧବା ବିବାହ କହିବା ସମ୍ପୂର୍ଣ୍ଣ ଅନ୍ୟାୟ ଓ ସମାଜ ପକ୍ଷରେ ଅନିଷ୍ଟପ୍ରଦ ।

ସନ୍ତାନ ପ୍ରସବ କରି ନଥିବା ଓ ଅଳ୍ପବୟସ୍କା ବିଧବାମାନେ ବାଳବିଧବା ଅଟନ୍ତି ଏବଂ ସେମାନଙ୍କ ବିବାହ ଏକାନ୍ତ ଆବଶ୍ୟକ । ଉପରୋକ୍ତ ପ୍ରସ୍ତାବ ସମାଜରେ ଚଳାଇବା ପୂର୍ବରୁ ବିପକ୍ଷ ମତାବଲମ୍ବୀ-ମାନଙ୍କୁ ନିମ୍ନଲିଖିତ ଦୁଇଟି ପ୍ରଶ୍ନର ଉତ୍ତର ଦେବାକୁ ଅନୁରୋଧ କରୁଅଛୁଁ ।

ପ୍ରଥମ ପ୍ରଶ୍ନ—ସ୍ତ୍ରୀ ଭୋଗ କରିଥିବା ଦୋବେଇ ସ୍ୱାମୀମାନେ କାହାକୁ ବିବାହ କରିବେ ?

କେହି କେହି କହିପାରନ୍ତି ଯେ, ବାଳବିଧବାମାନଙ୍କର ବିବାହ ବନ୍ଦ ହେବା ସଙ୍ଗେ ସଙ୍ଗେ ଦୋବେଇ ସ୍ୱାମୀମାନଙ୍କର ବିବାହ ମଧ୍ୟ ବନ୍ଦ ହେଉ । ସେମାନଙ୍କ କଥା ଅନୁସାରେ ବର୍ତ୍ତମାନ ପ୍ରଚଳିତ ବୁଢ଼ା ଦୋବେଇ ସ୍ୱାମୀମାନଙ୍କର ବିବାହକୁ ବନ୍ଦ ରଖାଯାଇ ପାରେ; ମାତ୍ର ଅଳ୍ପ ବୟସର ଦୋବେଇ ସ୍ୱାମୀମାନଙ୍କର ବିବାହକୁ ବନ୍ଦ କରିବା ଅସମ୍ଭବ ଓ ଅନିଷ୍ଟକର ; ତେଣୁ—

୨ୟ ପ୍ରଶ୍ନ—ସ୍ତ୍ରୀ ଭୋଗ କରିଥିବା ଅଳ୍ପ ବୟସର ଦୋବେଇ ସ୍ୱାମୀମାନେ କାହାକୁ ବିବାହ କରିବେ ?

କେହି କେହି କହି ପାରନ୍ତି, "ବିଧବା-ବିବାହ" ସମାଜରେ ଚଳିଲାଣି ; ଅତଏବ ଅଳ୍ପ ବୟସର ଦୋବେଇ ସ୍ୱାମୀମାନେ ବିଧବା କନ୍ୟାମାନଙ୍କୁ ବିବାହ କରିବେ ; ମାତ୍ର ଆମ୍ଭେମାନେ କହୁଛୁ, ସ୍ତ୍ରୀ ଭୋଗ କରିଥିବା ଦୋବେଇ ସ୍ୱାମୀମାନେ ବିଧବାମାନଙ୍କୁ ବିବାହ କରିବାକୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ବିଧବାମାନେ ସ୍ୱାମୀ ସ୍ପର୍ଶ କରି ନାହାନ୍ତି । ସ୍ୱାମୀଦ୍ୱାରା ଅଇଣ୍ଠା ହୋଇନାହାନ୍ତି । ଦୋବେଇ ସ୍ୱାମୀମାନେ ସ୍ତ୍ରୀ ଦ୍ୱାରା ଅଇଣ୍ଠା ହୋଇଅଛନ୍ତି ।

୩ୟ ପ୍ରଶ୍ନ—ଅଇଣ୍ଠା ହୋଇ ନ ଥିବା ଯୁବତୀ ଅଇଣ୍ଠା ହୋଇଥିବା ପୁରୁଷକୁ ବିବାହ କରିବାକୁ ଘୃଣା ନ କରିବ କାହିଁକି ?

କେହି କେହି କହିପାରନ୍ତି, "ଆମ ସମାଜରେ ବିବାହ ପାଇଁ କନ୍ୟାର ମତ ନିଆଯାଏ ନାହିଁ, ତେଣୁ ଉପରୋକ୍ତ ପ୍ରଶ୍ନର ଉତ୍ତର ଅନାବଶ୍ୟକ ।" ଏପରି ପ୍ରତିବାଦ କରିବା ଲୋକମାନଙ୍କର ଜାଣିବା ଆବଶ୍ୟକ ଯେ, ସାରଦା ଆଇନ ହେବା ଦିନରୁ କନ୍ୟାମାନଙ୍କର କନ୍ୟାଦାନର ବୟସ ବଢ଼ିଗଲାଣି । କେହି କେହି ଯୁବତୀ ହେବା ପର୍ଯ୍ୟନ୍ତ ଏବଂ ଅଧିକାଂଶ କନ୍ୟା ଆସନ୍ନଯୁବତୀ ହେବା ପର୍ଯ୍ୟନ୍ତ ରହିଲେଣି । ଆମ୍ଭେମାନେ ଜାଣୁଁ, ଭଲରୂପେ ଜାଣୁଁ, ଏପରି ଯୁବତୀ ଓ ଆସନ୍ନ ଯୁବତୀ କନ୍ୟାମାନେ ଅଳ୍ପ ବୟସର ଦୋବେଇ ସ୍ୱାମୀମାନଙ୍କୁ ବିବାହ କରିବେ ନାହିଁ ବୋଲି କହିଲେଣି । ଅଳ୍ପ ବୟସର ଦୋବେଇ ସ୍ୱାମୀମାନେ ଅବିବାହିତା କନ୍ୟା ବିବାହ କରି ନ ପାରି ହତାଶ ହୋଇ ରହିଲେଣି ଏବଂ ବିଧବା ବିବାହ କରିବାକୁ ଇଚ୍ଛା କଲେଣି ।

କୌଣସି ଶାସ୍ତ୍ର, କୌଣସି ସମାଜ, କୌଣସି ପିତାମାତା ଏପରି ଅଯୌକ୍ତିକ ଅନ୍ୟାଯ୍ୟ ପ୍ରଥାକୁ ସମର୍ଥନ କରିବାକୁ କୌଣସି ଅବିବାହିତା ଯୁବତୀକୁ ବାଧ କରି ନ ପାରେ ।

"ଭଲ—ଭଲକୁ ବିବାହ କରୁ । ମନ୍ଦ—ମନ୍ଦକୁ ବିବାହ କରୁ ।"

ଅକ୍ଷତଯୋନି କନ୍ୟା ଅକ୍ଷତବୀର୍ଯ୍ୟ ଯୁବକକୁ ବିବାହ କରୁ ।

ଷଡବର୍ଷୀୟ ପୁରୁଷ ଷଡଯୋନ ସ୍ତ୍ରୀକୁ ବିବାହ କରୁ—
ଏହା ନ୍ୟାୟସଙ୍ଗତ, ଯୁକ୍ତିଯୁକ୍ତ, ବିବେକାନୁମୋଦିତ ଓ
ଶାସ୍ତ୍ରାନୁମୋଦିତ ।

୪ର୍ଥ ପ୍ରଶ୍ନ—ଅଇଣ୍ଠା ହୋଇ ସୁଦ୍ଧା, ପୁଅଝିଅର ବାପ ହୋଇ ସୁଦ୍ଧା, ପୁରୁଷମାନେ ଅବିବାହିତା ଝିଅଟିମାନଙ୍କୁ ବାସିବେ କାହିଁକି, ଝିଅଟିମାନେ ସ୍ୱାମୀ ନାମ ଗ୍ରହଣ ନ କରୁଣୁ ସେପରି ପୁରୁଷମାନଙ୍କୁ ଗନ୍ଧେଇବେ କାହିଁକି ?

ଉପରୋକ୍ତ ପ୍ରଶ୍ନ କେତୋଟିର ଯୁକ୍ତିଯୁକ୍ତ ଉତ୍ତର ନ ପାଇବା ପର୍ଯ୍ୟନ୍ତ ଅଳ୍ପ ବୟସର ବିଧବାମାନଙ୍କୁ ବିବାହ ଦିଆଯାଉ ।

ପ୍ରାୟ ପାଞ୍ଚ ଶହ ବିବର୍ଗ କନ୍ୟା ବିବାହ କଲେଣି ; ସେମାନଙ୍କ ପୁଅଝିଅରେ କେତେ ପରିବାର ହସି ଉଠିଲାଣି—ମାତ୍ର ବିବର୍ଗର ବିବାହ ବିଧବା-ବିବାହ ନୁହେଁ । ବିଧବାର ବିବାହ ସ୍ୱତନ୍ତ୍ର ସମସ୍ୟା ଏବଂ ଏକାନ୍ତ ଆବଶ୍ୟକ ସମସ୍ୟା । ବିବର୍ଗ-ବିବାହକୁ ବିଧବା ବିବାହ କହି ନିଶ୍ଚିନ୍ତ ରହିବା ସମାଜ ପକ୍ଷରେ ଅନିଷ୍ଟକର ।

---

୧୯୩୭ ମସିହା

# ଅଳ୍ପାୟୁ-ବୈଧବ୍ୟ
## ଓ
# ବିଧବା-ବିବାହ

●

ଭବନ୍ତୁ ସୁଖିନଃ ସର୍ବେ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖମାପ୍ନୁୟାତ୍ ॥

## ଭୂମିକା

"ଦେବାପିଃ ଶାନ୍ତନୋର୍ଭ୍ରାତା ମରୁଶ୍ଚେକ୍ଷ୍ୱାକୁବଂଶଜଃ
କଳାପଗ୍ରାମ ଆସାତେ ମହାଯୋଗବଳାନ୍ୱିତୌ ।
ତାବିହେତ୍ୟ କଳେରନ୍ତେ ବାସୁଦେବାନୁଶିକ୍ଷିତୌ
ବର୍ଣ୍ଣାଶ୍ରମଯୁତଂ ଧର୍ମଂ ପୂର୍ବବତ୍ ପ୍ରଥୟିଷ୍ୟତଃ ।"
[ଶ୍ରୀମଦ୍‌ଭାଗବତ; ୧୨ଶ ସ୍କନ୍ଧ, ୨ୟ ଅ—୩୭-୩୮ ଶ୍ଳୋକ । ]

ଅର୍ଥ—ଶାନ୍ତନୁଙ୍କ ଭାଇ ଦେବାପି ଏବଂ ଇକ୍ଷ୍ୱାକୁବଂଶର ମରୁ ମହାଯୋଗବଳରେ କଳାପ ନାମକ ଗ୍ରାମରେ ଅଛନ୍ତି । ସେ ଦୁହେଁ କଳି ଶେଷରେ ସଂସାରକୁ ଆସି ବାସୁଦେବଙ୍କଦ୍ୱାରା ଅନୁଶିକ୍ଷିତ ହୋଇ ପୂର୍ବପରି ବର୍ଣ୍ଣାଶ୍ରମ ଧର୍ମ ପ୍ରତିଷ୍ଠା କରିବେ ।

"ପୂର୍ବବତ୍ ପ୍ରଥୟିଷ୍ୟତଃ" ଅର୍ଥାତ୍ "ପୂର୍ବପରି ପ୍ରତିଷ୍ଠା କରିବେ" ଏହି କଥାଟିରୁ ପ୍ରକାଶ ଯେ ଭାଗବତ ରଚିତ ହେବା ପୂର୍ବରୁ

ବର୍ଣ୍ଣାଶ୍ରମଧର୍ମ ଲୋପ ହୋଇସାରିଛି ॥ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ କହିଅଛନ୍ତି :—

ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟଂ ।
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍
ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ।
( ଗୀତା ୪ର୍ଥ-୧-୨

ଅର୍ଥ—ଏହି ଅବ୍ୟୟ ଯୋଗ ମୁଁ ବିବସ୍ୱାନଙ୍କୁ କହିଥିଲି । ବିବସ୍ୱାନ୍ ମନୁଙ୍କୁ ଏବଂ ମନୁ ଇକ୍ଷ୍ୱାକୁଙ୍କୁ କହିଥିଲେ ।୧। ଏହିପରି ପରମ୍ପରା ପ୍ରାପ୍ତ ଏହି ଯୋଗ ରାଜର୍ଷିମାନେ ଜାଣିଥିଲେ । ହେ ପରନ୍ତପ ! କାଳର ପ୍ରଭାବରୁ ସେହି ଯୋଗ ନଷ୍ଟ ହୋଇ ଯାଇଅଛି ।୨।

ମନୁ ଓ ମୈତ୍ରେୟଦେବଙ୍କଦ୍ୱାରା ସଂସ୍ଥାପିତ ବର୍ଣ୍ଣାଶ୍ରମଧର୍ମ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କଦ୍ୱାରା ସଂସ୍ଥାପିତ ପୁରାତନ ଗୀତା ଧର୍ମ—ଏହି ଉଭୟ ପ୍ରକାର ଧର୍ମ ବହୁକାଳରୁ ନଷ୍ଟ ହୋଇ ସାରିଥିବା କଥାକୁ ସତ୍ୟବୋଲି ଗ୍ରହଣ କରିବାକୁ ମୁଁ କହୁନାହିଁ । ଯେଉଁମାନେ ଭାଗବତ ଓ ଗୀତା ଲିଖିତ ବିଷୟକୁ ସତ୍ୟବୋଲି ଗ୍ରହଣ କରିବାରେ ଅଭ୍ୟସ୍ତ, ସେମାନେ ଏହି କଥା ଉତ୍ତମରୂପେ ବୁଝି ସମାଜର ବର୍ତ୍ତମାନ ଦୂରବସ୍ଥା କଳ୍ପନା କରନ୍ତୁ । ବର୍ଣ୍ଣାଶ୍ରମ ଧର୍ମ ବିଷୟରେ ମୁଁ ବର୍ତ୍ତମାନ କିଛି କହୁନାହିଁ । ବୁଦ୍ଧିଯୋଗ ଉପରେ ପ୍ରତିଷ୍ଠିତ ଗୀତା-ଧର୍ମ ନଷ୍ଟ ହୋଇଥିବାରୁ ଶ୍ରୀକୃଷ୍ଣ କହିଅଛନ୍ତି :—

ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । (୧୮ଶ-୬୬)

ଅର୍ଥ — ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିର ଶରଣ ନିଅ । "ବୁଦ୍ଧୌ ଶରଣମନ୍ୱିଚ୍ଛ ।" (୨ୟ-୪୯)

ଶ୍ରୀକୃଷ୍ଣ ପୁଣି କହିଅଛନ୍ତି :—

ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ॥ (୧୮ଶ-୫୭)

ଅର୍ଥ—ବୁଦ୍ଧିଯୋଗର ଆଶ୍ରୟ ନେଇ ସର୍ବଦା ମୋଠାରେ ଚିତ୍ତ ରଖ ।

ଶ୍ରୀକୃଷ୍ଣ ପୁଣି କହିଅଛନ୍ତି :—

"କେବଳ ମୋଠାରେ ଚିତ୍ତରଖି ଜଡ଼ତା ଅବଲମ୍ବନ କରିବାକୁ ମୁଁ କହୁନାହିଁ । ମୋଠାରେ ଚିତ୍ତରଖ ଏବଂ ସର୍ବଦା ଯୁଦ୍ଧକର ।"

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ ॥ (୮ମ-୭)

ବୁଦ୍ଧିଯୋଗର ଆଶ୍ରୟ ନେଇ ସର୍ବଦା ଯୁଦ୍ଧ କରିବା ହେଉଛି ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମ । ବୁଦ୍ଧିଯୋଗର ପରିବର୍ତ୍ତେ ଅନ୍ଧତାର ଉପାସନା ଏବଂ ଯୁଦ୍ଧ କରିବା ପରିବର୍ତ୍ତେ ଜଡ଼ତାର ଉପାସନା ହିଁ ଧର୍ମର ସ୍ଥାନ ଅଧିକାର କରିଛି । ଏହି ଅନ୍ଧତା ଓ ଜଡ଼ତା ଉପରେ ପ୍ରତିଷ୍ଠିତ ସଂକୀର୍ଣ୍ଣ ହିନ୍ଦୁଧର୍ମ ମଧ୍ୟ ଉଦାର ସାର୍ବଜନୀନ ବର୍ଣ୍ଣାଶ୍ରମଧର୍ମର ସ୍ଥାନ ଅଧିକାର କରିଛି । ଏହି କେତୋଟି କଥା ଭଲକରି ବୁଝି ଅନ୍ଧତା, ଜଡ଼ତା ଓ ସଂକୀର୍ଣ୍ଣତା ଉପରେ ପ୍ରତିଷ୍ଠିତ ସମସ୍ତପ୍ରକାର ବଦ୍ଧମୂଳ ଭ୍ରାନ୍ତଧାରଣା ମସ୍ତିଷ୍କରୁ ଦୂର କରିଦେଇ ନିଜର ପବିତ୍ର ବିବେକ ବୁଦ୍ଧି ଓ ସରଳ ସତ୍ୟର ଆଶ୍ରୟ ନେଇ ଆଲୋଚ୍ୟ ବିଷୟରେ ଅଗ୍ରସର ହୁଅନ୍ତୁ ଏବଂ "ମୁଁ ଭଗବାନଙ୍କର ସନ୍ତାନ — ସତ୍ୟର ସନ୍ତାନ — ଅମୃତର ସନ୍ତାନ — ଆନନ୍ଦର ସନ୍ତାନ," ଉପନିଷଦର ଏହି ସତ୍ୟକୁ ଜୀବନର ମୂଳଭିତ୍ତି କରି ବିଧବାମାନଙ୍କର ହୃଦୟ ବିଦାରକ ଅନ୍ୟାଯ୍ୟ-ବୈଧବ୍ୟ ବିରୁଦ୍ଧରେ ଏବଂ ବିଧବାମାନଙ୍କର ଅଶାସ୍ତ୍ରୀୟ ଓ ନିନ୍ଦନୀୟ ବାଧିତା ମୂଳକ ବ୍ରହ୍ମଚର୍ଯ୍ୟ ବିରୁଦ୍ଧରେ ଯୁଦ୍ଧ କରି ନିଜର ପ୍ରକୃତ ଶିକ୍ଷା ଓ ସଭ୍ୟତାର ତଥା ମନୁଷ୍ୟତାର ପରିଚୟ ଦେବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କର ଗୀତା-ଧର୍ମ ସଂସ୍ଥାପନ କାର୍ଯ୍ୟରେ ଏବଂ ମନୁ ଓ ଦେବାପିଙ୍କର ଉଦାର ବର୍ଣ୍ଣାଶ୍ରମଧର୍ମର ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରନ୍ତୁ ।

ସଭ୍ୟ ଓ ଶିକ୍ଷିତ ସମାଜରୁ ଦଶଜଣ ମାତ୍ର ବ୍ୟକ୍ତି ମନୁଷ୍ୟୋଚିତ ସତ୍‌ସାହସରେ ଧର୍ମଭ୍ରଷ୍ଟ ଓ ଦୁର୍ଦ୍ଦଶାଗ୍ରସ୍ତ ଏହି ଅନ୍ଧସମାଜର ଅଗ୍ରଣୀ ଓ ପଥପ୍ରଦର୍ଶକ ହେବାକୁ କର୍ତ୍ତବ୍ୟ ବୋଧକଲେ ଅତିଶୀଘ୍ର ଏହି ମୁମୂର୍ଷୁ ସମାଜ ପୁନର୍ଜୀବନ ଲାଭକରି ମନୁଷ୍ୟତାର ନିର୍ମଳ ଆନନ୍ଦ ବା ପ୍ରକୃତ ସ୍ୱରାଜର ସୁଖ ଉପଭୋଗ କରିବ ଏହା ସୁନିଶ୍ଚିତ ।

ଦୁର୍ବାକ୍ଷତ କର୍ମ ସାର ନ ଥିବା କନ୍ୟାମାନଙ୍କୁ ନାରୀମଙ୍ଗଳ ସମିତି "ବାଳ-ବିଧବା" ନାମ ପରିବର୍ତ୍ତେ "ବିବସା" ନାମ ଦେଇଅଛି ଏବଂ ଏହି ଦଶ ବାର ବର୍ଷ ମଧ୍ୟରେ ଉତ୍କଳର ବିଭିନ୍ନସ୍ଥାନରେ ସହସ୍ରାଧିକ ବିବସା-ବିବାହ ଏବଂ କୋଡ଼ିଏଟି ସଧବା-ବିବାହ ମଧ୍ୟ ହୋଇ ସାରିଅଛି । ହୋଇ ଗଲଣି ତେଣୁ ହୋଇସିବ ଏପରି ଯୁକ୍ତି ନ କରି ଭାରତର ପୁର୍ବାର୍ଥୀ-ମାନଙ୍କର ପ୍ରଶ୍ନପୂର୍ଣ୍ଣ ଯୁକ୍ତିଯୁକ୍ତ ବ୍ୟବସ୍ଥା ଗୁଡ଼ିକ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ଜନସାଧାରଣଙ୍କୁ ବୁଝାଇ ଦିଅନ୍ତୁ ଏତିକ ଅନୁରୋଧ ।

ଲେଖକ

# ଅନ୍ୟାୟ୍ୟ ବୈଧବ୍ୟ ଓ ବିଧବା-ବିବାହ

ବଶିଷ୍ଠ ସଂହିତାର ସପ୍ତଦଶ ଅଧ୍ୟାୟ ଶେଷରେ କ୍ରମାନ୍ୱୟରେ ଥିବା ନିମ୍ନୋକ୍ତ ତିନୋଟି ବ୍ୟବସ୍ଥାର ଅର୍ଥ ଭଲକରି ବୁଝନ୍ତୁ ।

ଅଦ୍ଭିର୍ବାଚା ଚ ଦତ୍ତାୟାଂ ମ୍ରିୟେତାଥୋ ବରୋ ଯଦି ।
ନ ଚ ମନ୍ତ୍ରୋପନୀତା ସ୍ୟାତ୍ କୁମାରୀ ପିତୁରେବ ସା ॥
ଯାବଚ୍ଚେଦାହୃତା କନ୍ୟା ମନ୍ତ୍ରୈର୍ଯଦି ନ ସଂସ୍କୃତା ।
ଅନ୍ୟସ୍ମୈ ବିଧିବଦ୍ଦେୟା ଯଥାକନ୍ୟା ତଥୈବ ସା ॥

ପାଣିଗ୍ରହାତ୍ ମୃତେ ବାଲା କେବଲଂ ମନ୍ତ୍ର ସଂସ୍କୃତା ।
ସା ଚେଦକ୍ଷତଯୋନିଃ ସ୍ୟାତ୍ ପୁନଃ ସଂସ୍କାର ମର୍ହତି ॥

ଅର୍ଥ — ଜଳ ଓ ବାକ୍ୟଦ୍ୱାରା ଦତ୍ତା ହୋଇଥିବା ଅଥଚ ମନ୍ତ୍ରୋପନୀତା ହୋଇ ନଥିବା କନ୍ୟାର ବର ମରିଗଲେ ସେହି କନ୍ୟା କୁମାରୀ ଭାବରେ ରହିବ ଏବଂ ପିତାର ଅଧିକାରରେ ରହିବ ।

ଦ୍ୱିତୀୟ ବ୍ୟବସ୍ଥା — ମନ୍ତ୍ରସଂସ୍କୃତା ନ ହେବାଯାଏ କନ୍ୟାର କନ୍ୟାତ୍ୱ ରହିଥାଏ, ତେଣୁ ସେପରି କନ୍ୟାକୁ ଅନ୍ୟପାଇଁ ସହିତ କନ୍ୟାଦାନ ବିଧିରେ ବିବାହ ଦେଇପାରିବ ।

ତୃତୀୟ ବ୍ୟବସ୍ଥା—ମନ୍ତ୍ର ସଂସ୍କୃତା ହୋଇ ସୁଦ୍ଧା କନ୍ୟାଟି ଅକ୍ଷତଯୋନି ଅବସ୍ଥାରେ ଥିଲେ ଅର୍ଥାତ୍ ସେହି କନ୍ୟାର ଗର୍ଭାଧାନ ସଂସ୍କାର ହୋଇ ନଥିଲେ ପାଣିଗ୍ରହୀତାର ମୃତ୍ୟୁରେ ସେହି ଯୁବତୀର ପୁନର୍ବାର ବିବାହ ସଂସ୍କାର ହେବ ।

ପ୍ରଥମ ବ୍ୟବସ୍ଥାରେ ବଶିଷ୍ଠ କେଉଁ ଅଭିପ୍ରାୟରେ "ବର" ଏହି କଥାଟି ବ୍ୟବହାର କରିଅଛନ୍ତି ତାହା ଭଲକରି ବୁଝନ୍ତୁ ।

ବର ଓ ଧବ—ବୃଞ୍ ବରଣେ ଧାତୁରୁ ଉତ୍ତର କର୍ମବାଚ୍ୟରେ ବ୍ରିୟତେ ଯଃ ସଃ, ଅର୍ଥାତ୍ ଯାହାକୁ ବରଣ କରାଯାଏ ଏହି ଅର୍ଥରେ, ଅଲ୍ ପ୍ରତ୍ୟୟ ଯୋଗେ "ବର" ଶବ୍ଦଟି ନିଷ୍ପନ୍ନ ହୋଇଅଛି । ବର ଓ ଧବ ଏ ଦୁହେଁ ସ୍ୱତନ୍ତ୍ର ଯୋଡ଼ିଏ କଥା । ବିଗତ ହୋଇଅଛି ଧବ ଯାହାର ସେ ବିଧବା; ଠିକ୍ ସେହିପରି ବିଗତ ହୋଇଅଛି ବର ଯାହାର ସେ "ବିବରା" । ବାଟବରଣ କର୍ମଠାରୁ ଆରମ୍ଭକରି ଦୁର୍ବାକ୍ଷତ କର୍ମଯାଏ ଯେତେ କର୍ମ ହୁଏ ପ୍ରତି କର୍ମରେ "ଆବୟୋର୍ବର କନ୍ୟାୟୋର୍ବିବାହାଙ୍ଗ" ଏହି କଥାଟି ଉଚ୍ଚାରିତ ହୁଏ । କନ୍ୟାଦାନ କର୍ମର ଏକବର୍ଷ ପରେ ବର୍ଷବୃଦ୍ଧି ବା ଗଇଁଠାଳ ଫିଟା ନାମରେ ଗୋଟିଏ କର୍ମ ହୁଏ । ବର୍ଷବୃଦ୍ଧି କର୍ମ ନ ହେଉଣୁ କନ୍ୟାଟି ପ୍ରାପ୍ତବୟସ୍କା ହେଲେ ଦୁର୍ବାକ୍ଷତ କର୍ମ ହେବାଯାଏ ସେହି ବର୍ଷବୃଦ୍ଧି କର୍ମକୁ ସ୍ଥଗିତ କରାଯାଏ । କାରଣ ଦୁର୍ବାକ୍ଷତ କର୍ମ ପୂର୍ବରୁ ଯୁବକ ଓ ଯୁବତୀ ଏକ ସଙ୍ଗେ ବସି କର୍ମ କରିବା ଅଯୌକ୍ତିକ । ଏପରିସ୍ଥଳେ ଦୁର୍ବାକ୍ଷତ କର୍ମ ଦିନ ମଧ୍ୟ "ଆବୟୋର୍ବରକନ୍ୟାୟୋ—ର୍ବିବାହାଙ୍ଗ ବସ୍ତ୍ରଗ୍ରନ୍ଥି ମୋଚନ ଯତ୍କୃତଂ ତତ୍ ସୁକୃତମସ୍ତୁ" ଏହି କଥାଟି ଉଚ୍ଚାରିତ ହୁଏ । କେବଳ ଦୁର୍ବାକ୍ଷତ କର୍ମରେ "ମଦ୍‌ଭାର୍ଯ୍ୟା" ଏହି କଥାଟି ବର ଉଚ୍ଚାରଣ କରେ । ଏହି ପ୍ରଚଳିତ ମନ୍ତ୍ର ଓ ପ୍ରଥା ଅଭ୍ରାନ୍ତ ଭାବରେ କହି ଦେଉଛି ଯେ ଦୁର୍ବାକ୍ଷତ କର୍ମହିଁ ପ୍ରକୃତରେ କନ୍ୟାର ବିବାହ ସଂସ୍କାର । ଏହି ଦୁର୍ବାକ୍ଷତ କର୍ମପରେ ବର ଓ କନ୍ୟା ଯଥାକ୍ରମେ ଧବ ଓ ଭାର୍ଯ୍ୟା ନାମରେ ଅଭିହିତ ହୁଅନ୍ତି । ସେଥିପାଇଁ ପୂର୍ବୋକ୍ତ ଦ୍ୱିତୀୟ ବ୍ୟବସ୍ଥାରେ ଋଷିଙ୍କ ଆଦେଶ ଦେଲେ, "ତାବଚୋଦାହୃତା କନ୍ୟା ମନ୍ତ୍ରୈର୍ଯାବଦ୍ଧ ନ ସଂସ୍କୃତା" ।

ପ୍ରଥମ ବ୍ୟବସ୍ଥାରେ ଥିବା "ଅଦ୍ଭିର୍ବାଗ୍‌ଭିର୍ବଦତ୍ତାୟାଂ" ଏବଂ "ନ ଚ ମନ୍ତ୍ରୋପନୀତାସ୍ୟାତ୍" ଏହି ଦୁଇଟି କଥାର ଅର୍ଥ ହେଉଛି "କନ୍ୟାଟି ବାକ୍ୟୋଦକ ଦ୍ୱାରା ଦତ୍ତ ହୋଇଅଛି ଅଥଚ ମନ୍ତ୍ରୋପନୀତା ହୋଇ ନାହିଁ ।" ତେଣୁ ଏହି ଦୁଇଟି କଥା ମଧ୍ୟ ସୁସ୍ପଷ୍ଟ ଭାବରେ ସମାଜକୁ ସତର୍କ କରି କହି ଦେଉଅଛି ଯେ କନ୍ୟାଦାନ କର୍ମ କନ୍ୟାର ବିବାହ ସଂସ୍କାର ନୁହେଁ । ଏତିକି ନ ବୁଝି କନ୍ୟା ଦାନକୁ ବାଲ୍ୟ-ବିବାହ ମନେ କରିବା ଫଳରେ ଅଯୌକ୍ତିକ ଶିଶୁ-ବୈଧବ୍ୟର ଉତ୍ପତ୍ତି ହେଲା ଏବଂ ସେହି ଶିଶୁ ବୈଧବ୍ୟ

ରକ୍ଷିତ କରିବା ଅଭିପ୍ରାୟରେ ସାରଦା ଆଇନ୍ ସୃଷ୍ଟି ହୋଇ ପ୍ରକୃତ କନ୍ୟା-ଦାନ ପ୍ରଥା ସମାଜରୁ ଲୋପ ହେବାକୁ ବସିଲା । ତେବେ ସୁଦ୍ଧା ଆମ ଆଖି ଫିଟିଲା ନାହିଁ ।

ସେହି ପ୍ରଥମ ବ୍ୟବସ୍ଥାରେ ଥିବା "କୁମାରୀ ପିତୃରେବ ସା" କଥାଟିରେ ବଶିଷ୍ଠ ଆଦେଶ ଦେଲେ ଯେ ବାକ୍ୟାଦିକ ଦ୍ୱାରା ଦତ୍ତ ହୋଇଥିବା କନ୍ୟାଟିମାନେ ବରର ମୃତ୍ୟୁରେ ସେହି ବର ପାଇଁ ମୃତାଶୌଚ ପାଳନ କରିବେ ନାହିଁ ଏବଂ ପୂର୍ବପରି କୁମାରୀ ଭାବରେ ପିତାର ଅଧିକାରରେ ରହିବେ । ସ୍ୱାମୀ ପାଇଁ ସ୍ତ୍ରୀ ମୃତାଶୌଚ ପାଳନ କରିବାର ବ୍ୟବସ୍ଥା ଅଛି । ମାତ୍ର ବରପାଇଁ କନ୍ୟା ମୃତାଶୌଚ ପାଳନ କରିବାର ବ୍ୟବସ୍ଥା କେଉଁ ଶାସ୍ତ୍ରରେ ଅଛି କେହି କହି ପାରିବ କି ?

ଦ୍ୱିତୀୟ ବ୍ୟବସ୍ଥାରେ ଥିବା "ଅନ୍ୟସ୍ମୈ ବିଧିବଦ୍ଦେୟା" କଥାଟିରେ ବଶିଷ୍ଠ ଆଦେଶ ଦେଲେ ଯେ ପ୍ରଥମ ବ୍ୟବସ୍ଥା ଲିଖିତ ବିବରା କନ୍ୟାମାନେ ପ୍ରାପ୍ତ-ବୟସ୍କା ହେଲେ ମଧ୍ୟ କନ୍ୟାଦାନ ବିଧିରେ ବିବାହ କରି ପାରିବେ ।

ତୃତୀୟ ବ୍ୟବସ୍ଥାରେ "ପୁନଃସଂସ୍କାରମର୍ହତି" ଏପରି ସ୍ୱତନ୍ତ୍ର ବ୍ୟବସ୍ଥା ଦେବାରେ ବଶିଷ୍ଠଙ୍କର ଅଭିପ୍ରାୟ ଏହିକି ଦୁର୍ବାକ୍ଷତ କର୍ମ ବା ବିବାହ ସଂସ୍କାର ସରିଥିଲେ ସୁଦ୍ଧା ପ୍ରଥମ ଗର୍ଭାଧାନ ସଂସ୍କାର ସରି ନଥିବା — ତେଣୁ ଅକ୍ଷତ ଯୋନି ଅବସ୍ଥାରେ ଥିବା ବାଳ-ବିଧବାମାନେ ଅବିବାହିତ ଯୁବକଙ୍କୁ ମଧ୍ୟ ବିବାହ କରି ପାରିବେ । ମାତ୍ର କନ୍ୟାଦାନ ବିଧିରେ ବିବାହ ନକରି ବେଦୋକ୍ତ ଯୁବତୀ-ବିବାହ ବିଧିରେ ବିବାହ କରିବେ ।

(କନ୍ୟାଦାନ ବିଧିରେ କନ୍ୟାପିତା, ଯେଉଁ ବାଳକ ଦୁର୍ବାକ୍ଷତ କର୍ମରେ ସେହି କନ୍ୟାର ସ୍ୱାମୀ ହେବ ସେହି ବାଳକକୁ ଜ୍ୱାଇଁ ଭାବରେ ବରଣ କରେ; ବେଦୋକ୍ତ ଯୁବତୀ—ବିବାହ ବିଧିରେ ଯୁବତୀ କନ୍ୟା ଯୁବକଙ୍କୁ ସ୍ୱାମୀ ଭାବରେ ବରଣ କରେ । କନ୍ୟାଦାନ ବିଧିର ମନ୍ତ୍ର ଓ ଯୁବତୀ ବିବାହ ମନ୍ତ୍ର ପଢ଼ି ପ୍ରକୃତ କଥା ବୁଝନ୍ତୁ ) ।

ଆମେ ଅନ୍ଧ, ମନ୍ତ୍ର ନ ବୁଝିଲୁ ନାହିଁ, ବଶିଷ୍ଠଙ୍କର ପୂର୍ବୋକ୍ତବ୍ୟବସ୍ଥା ନଦେଖିଲୁ ନାହିଁ ; କିନ୍ତୁ ପ୍ରତି ମନ୍ତ୍ରରେ ଉଚ୍ଚାରିତ ହେଉଥିବା ପୂର୍ବୋକ୍ତ "ବରକନ୍ୟା" ଓ "ବିବାହାଙ୍ଗ" ଏହି ଦୁଇଟି ସରଳ କଥାର ଅର୍ଥ ନବୁଝି କନ୍ୟା ଦାନକୁ କନ୍ୟାର ବିବାହ ବୋଲି ଧରି ନେଇ ବରର ମୃତ୍ୟୁରେ ସେହି ବିବରୀମାନଙ୍କୁ ବାଲବିଧବା ନାମ ଦେଇ ତଥାକଥିତ ବାଧ୍ୟତା-ମୂଳକ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଉପଦେଶ ଦେଲୁଁ ଏବଂ ଆଉ ଯାହା ଯାହା କଲୁଁ ତାହା ଲେଖିବା ଅନାବଶ୍ୟକ ।

ପୂର୍ବୋକ୍ତ ଦ୍ୱିତୀୟ ଓ ତୃତୀୟ ବ୍ୟବସ୍ଥାକୁ ସମର୍ଥନ କରି ପଣ୍ଡିତ-ସର୍ବସ୍ୱରେ ନିମ୍ନୋକ୍ତ ବ୍ୟବସ୍ଥାଟି ଅଛି ।

ଦତ୍ତାହିତା ଚ ଯା କନ୍ୟା ନ ତୁ ସଂପ୍ରାପ୍ତ-ମୈଥୁନା।
ପୁନଃ ପ୍ରାପ୍ନୋତି କର୍ତ୍ତାରଂ ଯଥା କନ୍ୟା ତଥୈବସା ॥

ଅର୍ଥ— ଦତ୍ତାହିତା କନ୍ୟା ଅର୍ଥାତ୍ କନ୍ୟାଦାନ କର୍ମ ସାରିଥିବା କନ୍ୟା ସ୍ୱାମୀ ସଂସର୍ଗ କରିନଥିଲେ ଅନ୍ୟଭର୍ତ୍ତା ପାଇପାରିବ । ଅବିବାହିତା କନ୍ୟା ଯେପରି ସେ କନ୍ୟା ମଧ୍ୟ ସେହିପରି ଅଟେ ।

ଆଠମଲ୍ଲିକ ଷ୍ଟେଟର ରାଜା ସାହେବ ପଣ୍ଡିତସର୍ବସ୍ୱ ବହିର ଯେଉଁ ନୂତନ ସଂସ୍କରଣ ଏବେ ପ୍ରକାଶ କରିଛନ୍ତି, ତାହାର ବ୍ୟାଖ୍ୟା-କର୍ତ୍ତା "ନ ତୁ ସଂପ୍ରାପ୍ତ-ମୈଥୁନା" କଥାଟିକୁ "ନ ରିତୁମତୀ" ବୋଲି ବ୍ୟାଖ୍ୟା କରିଛନ୍ତି; ମାତ୍ର ପ୍ରକୃତ ଅର୍ଥ ତାହା ନହୋଇ "ନ ଭର୍ତ୍ତୃସଙ୍ଗମବତୀ" ହେବ ।

ଆଉ ଗୋଟିଏ ବ୍ୟବସ୍ଥା—

ବରୋ ଯଦ୍ୟନ୍ୟ-ଜାତୀୟଃ ପତିତଃ କ୍ଲୀବ ଏବ ଚ
ବିକର୍ମସ୍ଥ ସଗୋତ୍ରୋ ବା ଦାସୋଦୀର୍ଘାମୟୋଽପିବା
ଊଢାପି ଦେୟା ସାନ୍ୟସ୍ମୈ ସହାବରଣ ଭୂଷଣା ॥

( ନିର୍ଣ୍ଣୟସିନ୍ଧୁ, ୨୨୭ପୃଷ୍ଠା )

ଅର୍ଥ—ବର ଯଦି ଅନ୍ୟଜାତୀୟ, ପତିତ, କ୍ଲୀବ, ବିକର୍ମୀ, ସଗୋତ୍ର, ଦାସ କିମ୍ବା ଦୀର୍ଘକାଳ ରୋଗାକ୍ରାନ୍ତ ଥିବାର ଜଣାଯାଏ, ତେବେ ବିବାହ କର୍ମ ସାରିଲେ ସୁଦ୍ଧା ଯୁବତୀଙ୍କୁ ଆଭରଣ-ଭୂଷଣ ସହ ଅନ୍ୟପାତ୍ରରେ ବିବାହ ଦେବ । ଏଠାରେ ସଧବାମାନଙ୍କର ପୁନର୍ବିବାହ ପାଇଁ ବ୍ୟବସ୍ଥା ଦିଆଯାଇ ଅଛି କି ନାହିଁ କହନ୍ତୁ ।

ଯେଉଁ ବ୍ୟବସ୍ଥା ଉପରେ ନିର୍ଭର କରି ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା-ବିବାହ ପ୍ରଚଳନ ପାଇଁ ଭାରତ ବ୍ୟାପୀ ଆନ୍ଦୋଳନ କରିଥିଲେ ଏବଂ ଯେଉଁ ବ୍ୟବସ୍ଥାକୁ ଭାରତର ଶ୍ରେଷ୍ଠ ବ୍ୟକ୍ତିମାନେ ସମର୍ଥନ କରିବା ଫଳରେ ୧୮୫୬ ସାଲର ବିଧବା ବିବାହ ଆଇନ ସୃଷ୍ଟି ହୋଇ-ଅଛି, ପରାଶରସଂହିତାର ସେହି ବ୍ୟବସ୍ଥାଟି ବୁଝନ୍ତୁ ।

ନଷ୍ଟେମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେପତୌ
ପଞ୍ଚସ୍ୱାପତ୍ସୁ ନାରୀଣାଂ ପତିରନ୍ୟୋ ବିଧୀୟତେ ।

ଅର୍ଥ—ପତି ନଷ୍ଟ ହେଲେ, ମରିଗଲେ, ସନ୍ନ୍ୟାସୀ ହେଲେ, କ୍ଲୀବ ହେଲେ କିମ୍ବା ପତିତ ହେଲେ, ଏହି ପାଞ୍ଚଟି ଆପଦରେ ନାରୀମାନେ ଅନ୍ୟପତି ବିବାହ କରିପାରିବେ ।

ଏହି ବ୍ୟବସ୍ଥାରେ ଥିବା 'କ୍ଲୀବ' କଥାଟିକୁ ସନାତନ ଧର୍ମର ସମ୍ପାଦକ ନାମରେ ପରିଚିତ ପଣ୍ଡିତ ପରୀକ୍ଷିତ ଦାଶ ତାଙ୍କ ବିଧବାବିବାହ ଖଣ୍ଡନ ବହିର ପୃ ୬୪ ଷ୍ଠାରେ ଯେପରି ଖଣ୍ଡନ କରିଅଛନ୍ତି ତାହାର ଅବିକଳ ନକଲ ନିମ୍ନରେ ଦିଆଗଲା—

ଯଦି ପତି କ୍ଲୀବ ହୁଏ, ତେବେ ସ୍ତ୍ରୀ ଗୋରୁମୁଣ୍ଡ ଥୋଇ କପା ତୋଳିବା ନ୍ୟାୟରେ ଇଚ୍ଛାନୁସାରେ ପରପୁରୁଷ କରିବାର ସୁବିଧା ପାଇବା ସ୍ଥଳେ, ଅନ୍ୟ ଏକମାତ୍ର ପୁରୁଷର ଆୟତ୍ତ ହେବାକୁ କାହିଁକି ଇଚ୍ଛା କରିବ ଯେ, ପରାଶର ପତି କ୍ଲୀବ ହେଲେ ସ୍ତ୍ରୀ ଅନ୍ୟକୁ ବିବାହ କରିବ ବୋଲି ଆଦେଶ ଦେବେ । ଏତିକି ବିଚାରିବା ଶକ୍ତି କି ପରାଶର-ଙ୍କର ନ ଥିଲା । ଲେଖିବାକୁ ଦୁଃଖ ଲାଗୁଛି ; ମାତ୍ର ନ ଲେଖି ରହିପାରୁ

ନାହିଁ—ସେହି ପଣ୍ଡିତେ ସେହି ବର୍ଷର ୭୮।୭୯ ପୃଷ୍ଠାରେ ପଣ୍ଡିତ-ସର୍ବସ୍ୱରେ ଥିବା ପୂର୍ବୋକ୍ତ ବ୍ୟବସ୍ଥାକୁ "ଦଣ୍ଡହତା" ପରିବର୍ତ୍ତେ "ଭର୍ତ୍ତ୍ରା-ହତା" ଲେଖି ଯେପରି ବ୍ୟାଖ୍ୟା କରିଅଛନ୍ତି ତାହାର ମଧ୍ୟ ଅବିକଳ ନକଲ ନିମ୍ନରେ ଦିଆଗଲା ।

ଭର୍ତ୍ତ୍ରାହତା ଚ ଯା କନ୍ୟା ନ ସା ପ୍ରପ୍ନୋତି ମୈଥୁନଂ ।
ପୁନର୍ଲଭେତ ଭର୍ତ୍ତାରଂ ଯଥାକନ୍ୟା ତଥୈବ ସା । ଅ ୪—୭୪ ।

ଯେଉଁ କନ୍ୟାକୁ ତାହାର ଦୁର୍ଗୁଣଯୋଗେ ବା ଅନ୍ୟ କାରଣରୁ ତାର ବିବାହିତ ଭର୍ତ୍ତା ବାଡ଼ିଆଏ ; ସେ କନ୍ୟା ଆଉ ମୈଥୁନଯୋଗ୍ୟା ହୋଇ ନପାରେ । ଏଭଳି ସ୍ତ୍ରୀକୁ ଗୃହରେ ସ୍ଥାନ ଦେବା ଉଚିତ ନୁହେଁ । କାରଣ ଗାର୍ହସ୍ଥ୍ୟ ଜୀବନ ଅଶାନ୍ତିମୟ ଓ ଅଧର୍ମମୟ ହୁଏ । ଆଉ ଏକକଥା ଯେ ଯେଉଁ ସ୍ତ୍ରୀକୁ ପ୍ରହାର ଦିଆଯାଇଥାଏ ତାହାସଙ୍ଗେ ମୈଥୁନବେଳେ ସ୍ତ୍ରୀର ଭାବଶୁଦ୍ଧି ଅସମ୍ଭବ ହୁଏ । କାରଣ ସେତେବେଳେ ସେ ସ୍ତ୍ରୀ ପତିର ପୂର୍ବଦତ୍ତ ଦଣ୍ଡକୁ ସ୍ମରଣ କରି ସ୍ନେହ ପରିବର୍ତ୍ତେ କ୍ରୋଧଯୁକ୍ତା ହୁଏ । ଏଣୁ ପରାଶର କହନ୍ତି, ଯେଉଁ ସ୍ତ୍ରୀକୁ ବାଡ଼େଇବ ସେ ସ୍ତ୍ରୀ ସଙ୍ଗେ ଆଉ ସତ୍ପୁତ୍ର-ଲାଭାର୍ଥେ ମୈଥୁନ କରିବ ନାହିଁ । ଏପରି ସଂସର୍ଗଜାତ ସନ୍ତାନ ଭାବଶୁଦ୍ଧ-ସନ୍ତାନ ହୋଇ ନପାରେ । ଦ୍ୱିଜ ଜାତିର ବିବାହ ମୈଥୁନ ସୁଖଲାଳସାରେ କରାଯାଏ ନାହିଁ—ଏକମାତ୍ର ଭାବଶୁଦ୍ଧ ସନ୍ତାନ ଲାଭ ନିମନ୍ତେ । ମୈଥୁନ ସୁଖ ଓ ଭାବଶୁଦ୍ଧସନ୍ତାନଲାଭ, ଏ ଉଭୟ ଏଭଳି ସ୍ତ୍ରୀଠାରେ ଅସମ୍ଭବ ହେତୁ ତ୍ୟଜ୍ୟା ଅଟେ । ପୁଣି କହୁଛନ୍ତି କି, ଯଦ୍ୟପି ଏଭଳି ସ୍ତ୍ରୀକୁ ତ୍ୟାଗ କଲାପରେ ସେ ଯଦି ଅନନ୍ୟ-ଗତିକା ହୋଇ ପୁନର୍ବାର ସେହି ସ୍ୱାମୀର ଆଶ୍ରୟ ଲୋଡ଼େ, ତେବେ ତାହାକୁ ଗୃହରେ ରଖିବ । କିନ୍ତୁ ସେ କନ୍ୟାଅବସ୍ଥାରେ ଯେପରି ଥିଲା, ସେହିପରି ରହିବ । ଅର୍ଥାତ୍ ପୂର୍ବୋକ୍ତ କାରଣରୁ ଯୁବତୀ ଅବସ୍ଥାର ଉପଯୋଗୀ ମୈଥୁନ କର୍ମ ତାହା ସଙ୍ଗେ କରିବ ନାହିଁ ।

ନିଜର ଭ୍ରାନ୍ତମତକୁ ସମର୍ଥନ କରୁଥିବା ସଂସ୍କୃତଜ୍ଞ ପଣ୍ଡିତ-ମାନଙ୍କର ଏପରି ବ୍ୟାଖ୍ୟା ଦେଖି ସମାଜର ଉପସ୍ଥିତ ଦୁରବସ୍ଥା କଳ୍ପନା କରନ୍ତୁ । ପ୍ରକୃତ ଅର୍ଥ ବୁଝି ସୁଦ୍ଧା ଏପରି ଗୁରୁତର ବିଷୟରେ ଯେଉଁମାନେ ଏପରି ବିପରୀତ ଓ କଦର୍ଯ୍ୟ ବାଖ୍ୟା କରିପାରନ୍ତି, ମୁଁ କହେଁ—

"ସମାଜରେ ଅସ୍ପୃଶ୍ୟ ବୋଲି ଯଦି କେହି ଥାଆନ୍ତି, ତେବେ ଏହି ଶ୍ରେଣୀୟ ବ୍ରାହ୍ମଣ ପଣ୍ଡିତମାନେହିଁ ପ୍ରକୃତରେ ଅସ୍ପୃଶ୍ୟ ।"

ଏ ସବୁ ବିଷୟରୁ ଓ ବ୍ୟବସ୍ଥାରୁ ପ୍ରକୃତ କଥା ବୁଝନ୍ତୁ ବା ନାହିଁ, ବଶିଷ୍ଠସଂହିତାରୁ ଯେଉଁ ତିନୋଟି ବ୍ୟବସ୍ଥା ସର୍ବପ୍ରଥମେ ବ୍ୟାଖ୍ୟା କରାଯାଇଅଛି, ତାହା ଆଉଥରେ ଉତ୍ତମରୂପେ ବୁଝନ୍ତୁ ।

ପ୍ରଥମ ଦୁଇଟି ବ୍ୟବସ୍ଥା ଯେ କୌଣସି ପ୍ରକାରେ ବୁଝିପାରିବେ, ମାତ୍ର ତୃତୀୟ ବ୍ୟବସ୍ଥାଟି ବୁଝିବା ଜନସାଧାରଣଙ୍କ ପକ୍ଷରେ କାହିଁକି, ପଣ୍ଡିତମାନଙ୍କ ପକ୍ଷରେ ମଧ୍ୟ କଠିନ ହେବ । କାରଣ ଯେଉଁ ଗର୍ଭାଧାନ ସଂସ୍କାରକୁ ଲକ୍ଷ୍ୟକରି ତୃତୀୟ ବ୍ୟବସ୍ଥାଟି ଲେଖାଯାଇ ଅଛି, ସେ ଗର୍ଭାଧାନ ସଂସ୍କାର ଦିନେ ଆମ ସମାଜରେ ଥିଲା । ଏକଥା ଆଜି ଜନସାଧାରଣଙ୍କର କଳ୍ପନାତୀତ ।

ପୁରୁଷ ଓ ସ୍ତ୍ରୀ ବିବାହ ସଂସ୍କାର ଦ୍ୱାରା ଧବ-ଭାର୍ଯ୍ୟାରୂପେ ସମ୍ବନ୍ଧ ସ୍ଥାପନ କରି ମଧ୍ୟ ସନ୍ତାନ ଉତ୍ପାଦନ କରିବାକୁ କର୍ତ୍ତବ୍ୟବୋଧ ନ କରିବା ପର୍ଯ୍ୟନ୍ତ ଉଭୟଙ୍କୁ ପରସ୍ପର ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି ରହିବାକୁ ହେଉଥିଲା । ସନ୍ତାନ ଉତ୍ପାଦନ କରିବା ପାଇଁ ଭଗବାନଙ୍କର ଆଦେଶ ପାଇବା ପରେ—ଅର୍ଥାତ୍ ମନୁଷ୍ୟ ଜୀବଟିଏ ଅଭ୍ୟର୍ଥନା କରି ଆଣିବା କର୍ତ୍ତବ୍ୟ, ଏକଥା ପୁରୁଷ ଓ ସ୍ତ୍ରୀ ଉଭୟ ସ୍ଥିର କଲା ପରେ – ସର୍ବ ସମକ୍ଷରେ ଗର୍ଭାଧାନ ସଂସ୍କାର ସମ୍ପନ୍ନ କରୁଥିଲେ । ବର୍ତ୍ତମାନ ବୁଝନ୍ତୁ ଯେ ଏହି ଗର୍ଭାଧାନ ସଂସ୍କାର ଥିବା ପର୍ଯ୍ୟନ୍ତ ଆମ ସମାଜରେ ଅକ୍ଷତ-ଯୋନି ବାଳ-ବିଧବା ଓ ପ୍ରକୃତ ବିଧବା ଏହି ଦୁଇପ୍ରକାର ବିଧବା ଥିଲେ ଏବଂ ଏହି ଦୁଇପ୍ରକାର ବିଧବାଙ୍କର ପୁନର୍ବିବାହ ପାଇଁ ଦୁଇପ୍ରକାର ଭିନ୍ନ ଭିନ୍ନ ବ୍ୟବସ୍ଥା ମଧ୍ୟ ଦିଆଯାଇଥିଲା; ଯାହା ପରେ ଜାଣିପାରିବେ । କାଳକ୍ରମେ ଏହି ଗର୍ଭାଧାନ ସଂସ୍କାର ଲୋପହେବା ସଙ୍ଗେ ସଙ୍ଗେ ଲୋକେ ଦୁର୍ବାକ୍ଷତ କର୍ମକୁ ବାଧ୍ୟତାମୂଳକ (ତେଣୁ ନିନ୍ଦନୀୟ) ଗର୍ଭାଧାନ ସଂସ୍କାରରେ ଏବଂ କନ୍ୟାଦାନ କର୍ମକୁ ବିବାହ ସଂସ୍କାରରେ ପରିଣତ କଲେ ଏବଂ କନ୍ୟାଦାନ କର୍ମ ପରିବର୍ତ୍ତେ ମହାପ୍ରସାଦ ନିର୍ବନ୍ଧ ନାମରେ ଗୋଟିଏ ନୂଆପ୍ରଥା ସୃଷ୍ଟି କଲେ । ସେହିଦିନଠାରୁ ଅକ୍ଷତ-ଯୋନି ବାଳ-ବିଧବା

କଥାଟି କେବଳ ଶାସ୍ତ୍ରରେ ରହିଲା, ମାତ୍ର ଦେଶରେ ଆଉ ସେପରି ବାଳ-ବିଧବା ରହିଲେ ନାହିଁ । ତେଣୁ ଆମେ ଅନ୍ଧ, ଦୁର୍ବୀକ୍ଷତ କର୍ମ ସାର ନଥିବା ବିବାହିତମାନଙ୍କୁ "ବାଳ ବିଧବା" ଆଖ୍ୟା ଦେଲୁଁ । ଗର୍ଭାଧାନ ସଂସ୍କାର ସମାଜରୁ ଲୋପ ହୋଇଥିବାରୁ ଏବଂ ସେଥିପାଇଁ କେଉଁ ବିଧବା ସ୍ୱାମୀ ସଂସର୍ଗ କରିଛି ଓ କେଉଁ ବିଧବା ସ୍ୱାମୀ ସଂସର୍ଗ କରି ନାହିଁ ତାହା ଜାଣିବାର କୌଣସି ଉପାୟ ନଥିବାରୁ ସନ୍ତାନ ଉତ୍ପାଦନ କରି ନଥିବା ବିଧବାମାନଙ୍କୁ ବାଳ-ବିଧବା ବୋଲି ଗ୍ରହଣ କରିବାକୁ ହେବ । ଏଥିପାଇଁ ସନ୍ତାନ ଉତ୍ପାଦନ ନ କରିଥିବା ବିଧବାମାନଙ୍କର ବିବାହ ଅଶାସ୍ତ୍ରୀୟ ବୋଲି ମୁଁ କହୁନାହିଁ । ଯାଜ୍ଞ୍ୟବଲ୍‌କ୍ୟ ବ୍ୟବସ୍ଥା ଦେଇ ଅଛନ୍ତି :—

ଅକ୍ଷତ ବା କ୍ଷତବାପି ପୁନର୍ଭୂଃ ସଂସ୍କୃତା ପୁନଃ

ବିବାହିତା, ଅକ୍ଷତ-ଯୋନି ବାଳ-ବିଧବା, ପ୍ରକୃତ ବିଧବା ଓ ସଧବା ସମସ୍ତଙ୍କ ପାଇଁ ପୁନର୍ବିବାହର ବ୍ୟବସ୍ଥା ଅଛି :—

ମାର୍କଣ୍ଡେୟ — ନକ୍ଷେକାନନ୍ତରଂ ସ୍ତ୍ରୀଣାଂ ଭର୍ତ୍ତୃ ଭର୍ତ୍ତୃତ୍ୱ ମୁଚ୍ୟତେ ।
ପାଣି ଗ୍ରହଣ ମାତ୍ରେଣ ନଭର୍ତ୍ତୃ ସର୍ବଯୋଷିତାଂ ॥

ମହାନିର୍ବାଣ — ପରିଣୀତା ନ ରମିତା କନ୍ୟକା ବିଧବା ଭବେତ୍ ।
ସାପ୍ୟୁଦ୍‌ବାହ୍ୟା ପୁନଃ ପିତ୍ରା ଶୈବଧର୍ମେସ୍ୱୟଂବିଧିଃ ॥

ବଶିଷ୍ଠ — ଭର୍ତ୍ତୃ ସମ୍ବନ୍ଧ ଶୂନ୍ୟାନାଂ ଭର୍ତ୍ତୃ ନାଶେତୁ ଯୋଷିତାମ୍
ପୁନର୍ବିବାହଃ କୁର୍ବୀତ ନୈବଂ ପାପଂ ମନାଗପି ॥

ଚ୍ୟବନ — ପୂର୍ବଂ କନ୍ୟେକାତ୍ ନାରୀଣାଂ ମୃତେପତୌ ବିଧେବଶାତ୍ ।
ଦଶାହାଭ୍ୟନ୍ତରେ କୁର୍ଯ୍ୟାତ୍ ପୁନଃ ପରିଣୟଂ ପିତା ॥

ଅତ୍ରି — ନଷ୍ଟେ ସନ୍ୟାସମାପନ୍ନେ ବ୍ୟାଧିଗ୍ରସ୍ତେ ଚ ଭର୍ତ୍ତରି
ପୁନଃ ସ୍ତ୍ରୀଣାଂ ବିବାହାସ୍ୟାତ୍ କଳାବପି ନ ସଂଶୟଃ ।

ନାରଦ — କନ୍ୟୈବାକ୍ଷତଯୋନିର୍ଯା ପାଣିଗ୍ରହଣ ଦୂଷିତା ।
ପୁନର୍ଭୂଃ ପ୍ରଥମା ପ୍ରୋକ୍ତା ପୁନଃ ସଂସ୍କାରମର୍ହତି ॥

ବୃହସ୍ପତି — ଅଜ୍ଞାତଭର୍ତ୍ତୃ ସମ୍ବନ୍ଧା ଲଭନ୍ତୁ ଯଦି ଯୋଷିତଃ ।
ଗତପ୍ରିୟା ଯଦା ତାସାଂ ପୁନଃ ପରିଣୟୋ ଭବେତ୍ ।

ନିର୍ଣ୍ଣୟ ସିନ୍ଧୁ — ଉଦ୍‌ବାହିତାପି ଯା କନ୍ୟା ନଚ ସଂପ୍ରାପ୍ତ-ମୈଥୁନା ।
ସାପ୍ୟୁଦ୍‌ବାହ୍ୟା ପୁନଃ ପିତ୍ରା ଯଥା କନ୍ୟା ତଥୈବ ସା ।

ବୈଶମ୍ପାୟନ — ପୁରୁଷାଣାମିବ ସ୍ତ୍ରୀଣାଂ ବିବାହା ବହବୋ ମତାଃ ।
ଭର୍ତ୍ତୃନାଶାତ୍ ପୁନଃ ସ୍ତ୍ରୀଣାଂ ପୁଂସାଂ ପତ୍ନୀଲୟେଯଥା ।

ବ୍ୟାଘ୍ର ପଦାଚାର୍ଯ୍ୟ — ପତ୍ନୀନାଶେ ଯଥା ପୁଂସୋ ଭର୍ତ୍ତୃନାଶେ ତଥାସ୍ତ୍ରୀୟାଃ
ପୁନର୍ବିବାହଃ କର୍ତ୍ତବ୍ୟ କଳାବପି ଯୁଗେ ତଥା ।

ଜାବାଳି — ବ୍ରାହ୍ମଣାଃ କ୍ଷତ୍ରିୟା ବୈଶ୍ୟାଃ ଶୂଦ୍ରାଃ ସ୍ୱକୁଳ ଯୋଷିତାଂ ।
ପୁନର୍ବିବାହଂ କୁର୍ବୀରନ୍ ଅନ୍ୟଥା ପାପ ସମ୍ଭବ ॥

ଅଗସ୍ତି — ଭର୍ତ୍ତୃ ଭାବେ ବୟଃ ସ୍ତ୍ରୀଣାଂ ପନଃ ପଞ୍ଚଣେୟାଃ ମତଃ
ନ ଚେଦ ପାପଂ ନାରୀଣାଂ ଅନ୍ୟଥା ତଦ୍‌ଗର୍ଭନିସ୍ୱ ।

ବୃହସ୍ପତି — ବିବାହେଚ୍ଛା ଯଦି ସ୍ତ୍ରୀଣାଂ ଭର୍ତ୍ତୃ ନାଶାତ୍ ପ୍ରଜାୟତେ ।
ପୁନରକ୍ଷତ ଯୋନୀନାଂ ବିବାହକରଣଂ ମତମ୍ ॥

ବିଶ୍ୱାମିତ୍ର — ଅସ୍ପୃଷ୍ଟ ଲିଙ୍ଗଯୋନୀନା ମାବିଂଶତି ବୟଃ ସ୍ତ୍ରୀୟାଃ ।
ପୁନର୍ବିବାହଃ କର୍ତ୍ତବ୍ୟଃ ଚତୁର୍ଷ୍ୱପି ଯୁଗେଷ୍ୱପି ।

କଶ୍ୟପ — ଆଷୋଡ଼ଶ ବୟୋନାର୍ଯ୍ୟା ଯଦିତାଃ ମୃତ ଭର୍ତ୍ତୃକାଃ ।
ପୁନର୍ବିବାହମର୍ହନ୍ତି ନ ଚେଦ ବିଷୟୋ ମହାନ୍ ॥

ବୌଧାୟନ — ଯଦି ସା ବାଲ ବିଧବା ବଳାତ୍ ତ୍ୟକ୍ତାଥବା କ୍ୱଚିତ୍ ।
ତଦା ଭୂୟସ୍ତୁ ସଂସ୍କାର୍ଯ୍ୟା ଗୃହୀତ୍ୱା ଯେନ କେନଚିତ୍ ।

ମନୁ — ଯା ପତ୍ୟା ବା ପରିତ୍ୟକ୍ତା ବିଧବା ବା ସ୍ୱାଇଚ୍ଛୟା
ଉତ୍ପାଦୟେତ୍ ପୁନର୍ଭୂତ୍ୱା ସ ପୌନର୍ଭବ ଉଚ୍ୟତେ ॥

( ୯ମ-୧୭୫ )

ସା ଚେଦକ୍ଷତଯୋନିଃ ସ୍ୟାତ୍ ଗତପ୍ରତ୍ୟାଗତାପି ବା
ପୌନର୍ଭବେନ ଭର୍ତ୍ତ୍ରା ସା ପୁନଃ ସଂସ୍କାରେ ମର୍ହତି ।

(୯ମ-୧୭୬)

**ଅର୍ଥ**—କୌଣସି ସ୍ତ୍ରୀ ପତି ପରିତ୍ୟକ୍ତା ହୋଇ କମ୍ବା ବିଧବା ହୋଇ ସ୍ୱଇଚ୍ଛାରେ ଅନ୍ୟପୁରୁଷ ସଂସର୍ଗ କରି ସନ୍ତାନ ଉତ୍ପାଦନ କଲେ ସେହି ସନ୍ତାନକୁ ପୌନର୍ଭବ କୁହାଯାଏ । (୯ମ-୧୭୫)

ସେହି ପତି ପରିତ୍ୟକ୍ତା ସ୍ତ୍ରୀ କମ୍ବା ବିଧବା ଘରୁ ଗ୍ଳଲଯାଇ ଯଦି ଅକ୍ଷତ-ଯୋନି ଅବସ୍ଥାରେ ଫେରିଆସେ ତେବେ ପୌନର୍ଭବ ଭର୍ତ୍ତା ସହିତ ସେହି ସ୍ତ୍ରୀର କମ୍ବା ବିଧବାର ପୁନର୍ବିବାହ ସଂସ୍କାର ହୋଇ ପାରିବ ।

(୯ମ-୧୭୬)

ଏହି ୧୭୬ ଶ୍ଳୋକରେ ଥିବା "ଅକ୍ଷତ ଯୋନି" ଏବଂ "ପୌନର୍ଭବ ଭର୍ତ୍ତା" ଏହି ଦୁଇଟି କଥାର ଅର୍ଥ ଭଲକରି ବୁଝନ୍ତୁ । ଅକ୍ଷତ-ଯୋନି କହିଲେ ସମସ୍ତେ ବୁଝନ୍ତି ସ୍ୱାମୀ ସଂସର୍ଗ କରି ନଥିବା ସ୍ତ୍ରୀ । ମାତ୍ର ଏଠାରେ ସେପରି ଅର୍ଥ ସମ୍ପୂର୍ଣ୍ଣ ଅଯୌକ୍ତିକ । କାରଣ ଯେଉଁ ସ୍ତ୍ରୀ ସ୍ୱଇଚ୍ଛାରେ ଅନ୍ୟ ପୁରୁଷ ସଂସର୍ଗ କରି ପୌନର୍ଭବ ସନ୍ତାନ ଜନ୍ମ କଲା (୧୭୫ ଶ୍ଳୋକ) ସେପରି ସ୍ତ୍ରୀ ସ୍ୱାମୀ ସଂସର୍ଗ ନ କରିଛି କପରି ? ଆଉ ମଧ୍ୟ ଅକ୍ଷତ-ଯୋନିର ଅର୍ଥ ଯଦି ସ୍ୱାମୀ ସଂସର୍ଗ କରି ନଥିବା ସ୍ତ୍ରୀ ହେଲା ତେବେ ସେପରି ସ୍ତ୍ରୀକୁ ପୌନର୍ଭବ ଭର୍ତ୍ତା ସହିତ ବିବାହ କରିବାର କୌଣସି କାରଣ ନାହିଁ । ତେଣୁ ଏଠାରେ ଅକ୍ଷତ-ଯୋନି କଥାଟିର ଅର୍ଥ ହେଉଛି ନିଜର ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସଂସଗ କରି ନଥିବା ସ୍ତ୍ରୀ । ଏହି ଅର୍ଥ ଆମ୍ଭମାନଙ୍କୁ ଅସଙ୍ଗତ ବୋଧ ହୋଇପାରେ । ମାତ୍ର ଏହି ନବମ ଅଧ୍ୟାୟ ୧୭୬ ଶ୍ଳୋକରୁ ୧୮୦ ଶ୍ଳୋକ ପର୍ଯ୍ୟନ୍ତ ଭଲକରି ବୁଝିଲେ ସବୁ ସନ୍ଦେହ ଦୂର ହେବ ! ଏହି କେତୋଟି ଶ୍ଳୋକରେ ମନୁ କ୍ଷେତ୍ରଜ, ଜଳ୍ପଜ, କାମାନ ସହୋଢ଼ ଇତ୍ୟାଦି ଏଗାର ପ୍ରକାର ସନ୍ତାନଙ୍କର ବର୍ଣ୍ଣନା କରି ଏମାନେ ସମସ୍ତେ ପୁତ୍ର ପ୍ରତିନିଧି ରୂପେ ଶ୍ରାଦ୍ଧାଦି ସବୁ କର୍ମ କରି ପାରିବେ ବୋଲି ୧୮୦ ଶ୍ଳୋକରେ କହି ଅଛନ୍ତି —

କ୍ଷେତ୍ରଜାଦୀନ୍ ସୁତାନେତାନ୍ ଏକାଦଶ ଯଥୋଦିତାନ
ପୁତ୍ର-ପ୍ରତିନିଧିନାହୁଃ କ୍ରିୟାଲ୍ଲୋପାତ୍ ମନୀଷିଣଃ ॥

"ପୌନର୍ଭବ ଭର୍ତ୍ତା" ଏହି କଥାଟିର ଦୁଇପ୍ରକାର ଅର୍ଥ କରା-ଯାଇପାରେ । ଗୋଟିଏ ଅର୍ଥ ହେଉଛି ଯେଉଁ ପୁରୁଷ ସଂସର୍ଗରେ ସେହି ପତିପରିତ୍ୟକ୍ତା ସ୍ତ୍ରୀ କିମ୍ବା ବିଧବା ପୌନର୍ଭବ ସନ୍ତାନ ଜନ୍ମକଲା ସେହି ପୁରୁଷକୁ ସେ ବିବାହ କରିପାରେ । ଏହି ଅର୍ଥ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ଅନ୍ୟ ଅର୍ଥ ହେଉଛି ନିଜର ସ୍ତ୍ରୀସଂସର୍ଗ କରିଥିବା ବିପତ୍ନୀକ ବା ଦୋବେଇ ସ୍ୱାମୀକୁ ବିବାହ କରିବ । ଏହି ଦୁଇପ୍ରକାର ଅର୍ଥ ବ୍ୟତୀତ ଅନ୍ୟ କୌଣସି ଯୁକ୍ତିଯୁକ୍ତ ଅର୍ଥ ସ୍ଥିର କରିପାରିଲେ କରନ୍ତୁ ଏବଂ ତଦନୁସାରେ କାର୍ଯ୍ୟ କରନ୍ତୁ । ଏହି ବ୍ୟବସ୍ଥାରୁ ବୁଝାଯାଉଛି ଯେ, ନିଜର ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସଂସର୍ଗ କରିଥିବା ସ୍ତ୍ରୀ କେବଳ ସେହି ପୁରୁଷକୁ ବିବାହ କରିପାରିବ, ଅନ୍ୟ ପୁରୁଷକୁ ନୁହେଁ । ଏହି ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରନ୍ତୁ ବା ନାହିଁ ପ୍ରକୃତ ଅର୍ଥ ବୁଝିବାକୁ ଚେଷ୍ଟା କରନ୍ତୁ ।

## ସାରଦା ଆଇନ ଅନିଷ୍ଟପ୍ରଦ

ମନୁ ସଂହିତା ନବମ ଅଧ୍ୟାୟ ୮୮, ୮୯, ଓ ୯୦ ଶ୍ଳୋକରେ ଥିବା ବ୍ୟବସ୍ଥା ତିନୋଟି ଭଲକରି ବୁଝନ୍ତୁ ।

୮୮ — ଉତ୍କୃଷ୍ଟାୟା ଭିରୂପାୟ ବରାୟ ସଦୃଶାୟ ଚ
ଅପ୍ରାପ୍ତାମପି ତାଂ ତସ୍ମୈ କନ୍ୟାଂ ଦଦ୍ୟାଦ୍ ଯଥାବିଧି ।
୮୯ — କାମ ମାମରଣା ତ୍ତିଷ୍ଠେଦ୍ ଗୃହେ କନ୍ୟର୍ତ୍ତୁମତ୍ୟପି
ନ ଚୈବୈନାଂ ପ୍ରଯଚ୍ଛେତ୍ତୁ ଗୁଣହୀନାୟ କର୍ହିଚିତ୍ ॥
୯୦ — ତ୍ରୀଣି ବର୍ଷାଣ୍ୟୁଦୀକ୍ଷେତ କୁମାର୍ୟ୍ୟୃତୁମତୀ ସତୀ
ଊର୍ଦ୍ଧ୍ୱନ୍ତୁ କାଲାଦେତସ୍ମାଦ୍ ବିନ୍ଦେତ ସଦୃଶଂ ପତିଂ ।

ପ୍ରଥମ ବ୍ୟବସ୍ଥା--- ଉତ୍କୃଷ୍ଟ, ଅଭିରୂପ ଓ ସଦୃଶ ବରପାତ୍ର ପାଇଲେ କନ୍ୟା ଅପ୍ରାପ୍ତ-ବୟସ୍କା ଥିଲେ ମଧ୍ୟ ସେହି ବର ସହିତ ସେହି କନ୍ୟାର କନ୍ୟାଦାନ କର୍ମ କରାଇବ ।

ଦ୍ୱିତୀୟ ବ୍ୟବସ୍ଥା — କନ୍ୟାଟି ଋତୁମତୀ ହୋଇ ବରଂ ମରଣ ପର୍ଯ୍ୟନ୍ତ ବାପଘରେ ରହିବ, କିନ୍ତୁ ( ଗୌରୀଦାନ ନ କଲେ ପାପ ହେବ, ଏପରି ଆଶଙ୍କା କରି ) ଗୁଣହୀନ ବରକୁ କଦାପି କନ୍ୟା ଦେବନାହିଁ ।

ତୃତୀୟ ବ୍ୟବସ୍ଥା — କନ୍ୟା ଋତୁମତୀ ହେବା ପୂର୍ବରୁ ବରପାତ୍ର ସ୍ଥିର କରି ନ ପାରିଲେ କନ୍ୟା ଋତୁମତୀ ହେବା ପରେ ପରେ କନ୍ୟାଦାନ କିମ୍ବା ଯୁବତୀବିବାହ ନକରି ତିନିବର୍ଷ ଅପେକ୍ଷା କରିବ । ତାପରେ ସଦୃଶ ପାତ୍ର ସହିତ ବିବାହ ଦେବ ।

କନ୍ୟାମାନେ ସାଧାରଣତଃ ବାର ତେର ବର୍ଷ ବୟସରେ ଋତୁମତୀ ହୁଅନ୍ତି । ମାତ୍ର ଷୋହଳ, ସତର ବର୍ଷ ବୟସ ନ ହେଲେ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ଓ ସନ୍ତାନ ପ୍ରସବ କରିବା ଅସ୍ୱାସ୍ଥ୍ୟକର ଭାବି ମନୁ ତିନିବର୍ଷ ଅପେକ୍ଷା କରିବାକୁ ବ୍ୟବସ୍ଥା ଦେଲେ । ମନୁଙ୍କର ଅନ୍ୟ କୌଣସି ଅଭିପ୍ରାୟ ଥିବାର ଯୁକ୍ତିଯୁକ୍ତ ମନେ କଲେ ତଦନୁସାରେ କାର୍ଯ୍ୟ କରନ୍ତୁ ।

ମନୁଙ୍କର ଏହି ତିନୋଟି ବ୍ୟବସ୍ଥା ଏବଂ ବଶିଷ୍ଠଙ୍କର ପୂର୍ବୋକ୍ତ ତିନୋଟି ବ୍ୟବସ୍ଥା, ଏହି ଛଅଟି ବ୍ୟବସ୍ଥା ଉତ୍ତମରୂପେ ବୁଝି କନ୍ୟାଦାନ-ଦୁର୍ବାକ୍ଷତ-ପ୍ରଥା ଏବଂ ଯୁବତୀ-ବିବାହ ପ୍ରଥା ଏହି ଉଭୟ ପ୍ରଥା ସମାଜରେ ଚଳାଇବାକୁ ହେବ । କି କରଣ କି ବ୍ରାହ୍ମଣ କେହି ପ୍ରଚଳିତ ପ୍ରଥାର ଅନ୍ଧ ଅନୁସରଣ ନ କରି ଯିଏ ଯେଉଁ ପ୍ରଥାରେ ଝିଅଟିକୁ ବିବାହ ଦେବାକୁ କର୍ତ୍ତବ୍ୟବୋଧ କରିବେ ସେ ତାହାହିଁ କରନ୍ତୁ । ପୁଅ-ଝିଅଙ୍କୁ ବିବାହ ଦେବାରେ ପିତାମାତାଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନତା ଥିବା ଆବଶ୍ୟକ । ତେର ଚଉଦ ବର୍ଷରେ ବିବାହ ଦେବାର ବାଧ୍ୟତାମୂଳକ ଯୁବତୀ ବିବାହର ପ୍ରଚଳନ ପାଇଁ ଆଇନ ଅଭ୍ୟର୍ଥନା କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନିଷ୍ଟପ୍ରଦ । ଅନ୍ଧତା ଉପରେ ପ୍ରତିଷ୍ଠିତ ଶିଶୁ ବୈଧବ୍ୟ ରହିତ କରିବା ପାଇଁ ଯଦି ଆଇନ ଅଭ୍ୟର୍ଥନା କରାଗଲା ଆଜ କାଲି ଦିନପରେ ଯୁବତୀ-ବୈଧବ୍ୟ ରହିତ କରିବା ପାଇଁ ବାଧ୍ୟତାମୂଳକ ବୃଦ୍ଧା-ବିବାହ ପ୍ରଚଳନର ଆଇନ ହୋଇପାରେ । ଗତ-ଯୌବନ ପର୍ଯ୍ୟନ୍ତ ଝିଅଟି-ମାନଙ୍କୁ ଅବିବାହିତା ରଖିବା ଦ୍ୱାରା ଶିଶୁ-ବୈଧବ୍ୟ ପରିବର୍ତ୍ତେ ଅନ୍ୟ ଏକ ପ୍ରକାର ନରକଯନ୍ତ୍ରଣା ଭୋଗିବାକୁ ହେବ ।

ଶାରଦା ଆଇନକୁ ଭୟ କରିବାର କୌଣସି କାରଣ ନାହିଁ । କାରଣ କେହି ମୋକଦ୍ଦମା ନ କଲେ ଆଇନ ସେହିପରି ରହିଥିବ । ଆଜି

ମଧ୍ୟ କାଳେ କେହି ମକଦ୍ଦମା କରିବ ସେଥିପାଇଁ ସମ୍ପ୍ରଦାୟୀ କର୍ମିଙ୍କୁ କନ୍ୟାଦାନ ବିଧି ନ କରି ଦୁର୍ବାକ୍ଷତ କର୍ମ ବିଧି କଲେ ମୋକଦ୍ଦମା ଭୟରୁ ରକ୍ଷା ପାଇବେ ଏବଂ ଏପରି କଲେ ଧର୍ମହାନି ହେବ ନାହିଁ ।

## ଉପସଂହାର

ସମାଜକୁ ଗୋପନ ବ୍ୟଭିଚାର ଓ ଭ୍ରୂଣ-ହତ୍ୟା ଇତ୍ୟାଦି ପାପରୁ ରକ୍ଷା କରିବା ପାଇଁ ଏବଂ କେହି ବିଧବା ହେବାର ତଥା ବିପତ୍ନୀକ ହେବାର ଦୁଃଖ ଓ ଅସୁବିଧା ଭୋଗ ନ କରୁ ଏହି ଅଭିପ୍ରାୟରେ ପୂର୍ବା-ଚାର୍ଯ୍ୟମାନେ କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କୁ ସବୁ ଅବସ୍ଥାରେ ପବିତ୍ର ପ୍ରକାଶ୍ୟ ବିବାହ କରିବାକୁ ଏପରି ଉଦାର ବ୍ୟବସ୍ଥା ଦେଇ ଯାଇଥିବା ସ୍ଥଳେ ଆମେ ଅନ୍ଧ, ଦେଶାଚାରକୁ ଏକମାତ୍ର ଧର୍ମ ମନେ କରି ; କେବଳ ମୂର୍ଖଙ୍କୁ ଶାସ୍ତ୍ର ଶାସ୍ତ୍ର କହି ଦୁର୍ବାକ୍ଷତ କର୍ମ ସାରି ନ ଥିବା ବିବାହିତମାନଙ୍କୁ ବୈଧବ୍ୟ ବ୍ରତ ପାଳନ କରିବାକୁ ଏବଂ ବିବାହ-ଯୋଗ୍ୟ ଓ ବିବାହକାମୀ ଯୁବତୀ ବିଧବାମାନଙ୍କୁ ବାଧ୍ୟତାମୂଳକ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଉପଦେଶ ଦେଇ ଶାସ୍ତ୍ର ମତର ଠିକ୍ ବିପରୀତ ଦିଗରେ, ମୃତ୍ୟୁ ଦିଗରେ, ନର୍କ ଦିଗରେ, ଧ୍ୱଂସ ଦିଗରେ, ଅଗ୍ରସର ହେଉଅଛୁଁ ।

ବର୍ତ୍ତମାନ ବୁଝନ୍ତୁ—ଶାସ୍ତ୍ରବିଧି ବୁଝି ଓ ନିଜର ପବିତ୍ର ବିବେକକୁ ପଚାରି କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କର ପବିତ୍ର ପ୍ରକାଶ୍ୟ ବିବାହ କରିବା ଉଚିତ ?—ନା, ବିବାହକୁ ଏପରି ନୀଚ ସ୍ଥାନ ଦେଇ ଲୋକଲଜ୍ଜା ଭୟରେ ଗୋପନ ବ୍ୟଭିଚାରକୁ ପ୍ରଶ୍ରୟ ଦେଇ ଲୋକଚକ୍ଷୁରେ ବ୍ରହ୍ମଚାରୀ ଓ ବ୍ରହ୍ମ-ଚାରିଣୀ ବୋଲାଇବା ଉଚିତ ?

---

୧୯୪୭ ମସିହା

# ଆଦର୍ଶ ବିବାହ

●

ବିବାହ କଥାଟି ବୁଝିବା ପୂର୍ବରୁ "ଆଦର୍ଶ" ଏହି ଏକାନ୍ତ ଆବଶ୍ୟକୀୟ କଥାଟି ବୁଝନ୍ତୁ । ୩ୟ ଅଧ୍ୟାୟ ୧୯ ଶ୍ଳୋକରେ ଗୀତା କହିଛି—

ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତ ଦେବେତରୋ ଜନଃ

ଅର୍ଥ—ଶ୍ରେଷ୍ଠ ବ୍ୟକ୍ତି ଯାହା ଯାହା ଆଚରଣ କରନ୍ତି ଇତର ଲୋକେ ତାହା ତାହା କରନ୍ତି ।

ଏଥିରୁ ଜାଣନ୍ତୁ ଏବଂ ସ୍ୱାଧୀନଭାବରେ ଚିନ୍ତାକରି ମଧ୍ୟ ବୁଝନ୍ତୁ ଯେ ଦୁଃଖ ଦୁରବସ୍ଥା ଭୋଗୁଥିବା ଜନସାଧାରଣଙ୍କର ଦୁଃଖ ଦୁରବସ୍ଥା ଅନୁଭବ କରି ସେହି ଦୁଃଖଦୁରବସ୍ଥାର ମୂଳକାରଣ ସ୍ଥିର କରି ସେହି କାରଣ ଦୂରକରିବା ପ୍ରତି ଦୃଷ୍ଟିରଖି ଯେଉଁ ବ୍ୟକ୍ତି ନିଜର ଯାବତୀୟ କର୍ମ ସମ୍ପନ୍ନ କରନ୍ତି ସେ ହେଉଛନ୍ତି ପ୍ରକୃତରେ ଶ୍ରେଷ୍ଠ ବ୍ୟକ୍ତି ଓ ପ୍ରକୃତରେ ସମାଜର ନେତା । ମାତ୍ର ଦୁଃଖର କଥା ଏହିକି ଯେଉଁମାନେ ଇତର ଜନସାଧାରଣଙ୍କର ଦୁରବସ୍ଥା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ଏବଂ ଯାହାଙ୍କ ଆଦର୍ଶରେ ସେମାନଙ୍କର ଦୁରବସ୍ଥା ପ୍ରତିଦିନ ବୃଦ୍ଧି ପାଉଅଛି ସେହିମାନେ ଆଜି ଶ୍ରେଷ୍ଠବ୍ୟକ୍ତି ଓ ନେତା ବୋଲି ପରିଚିତ । ଏହି ତଥାକଥିତ ଶ୍ରେଷ୍ଠବ୍ୟକ୍ତିମାନେ ଓ ନେତାମାନେ ନ୍ୟାୟ ନିମିତ୍ତକୁ ମହାସମାରୋହରେ ସମ୍ପନ୍ନ କରି ନିଜକୁ ଧନ୍ୟ ମନେ କରୁଛନ୍ତି । ଏମାନେ ନିଜ ନିଜର ଭୋଗବିଳାସରେ ରହିଥାଆନ୍ତି, ମାତ୍ର ଯେଉଁ ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ହେତୁ ନ୍ୟାୟ ନିମିତ୍ତରେ ଅଯଥା ଅପବ୍ୟୟ କରି ଲୋକେ ଦାରିଦ୍ର୍ୟ

ଦୁଃଖ ବରଣ କରୁଅଛନ୍ତି ସେଥିରୁ ନିବୃତ୍ତ ହୁଅନ୍ତୁ । ସେମାନଙ୍କ ଆଦର୍ଶରେ ଜନସାଧାରଣଙ୍କର ଅନ୍ନ-ବସ୍ତ୍ରର ଅଭାବ ଅବିଳମ୍ବେ ଦୂର ହୋଇଯିବ ।

ଯେଉଁ ବିବାହରେ ଅନ୍ଧାନୁସରଣ ଓ ବୃଥାଆଡ଼ମ୍ବରର ସ୍ଥାନ ନାହିଁ, ଘର-ଦେଖାର ଓ ଭୂରିଭୋଜନ ଇତ୍ୟାଦି ଦିଆ ନିଆର ସ୍ଥାନ ନାହିଁ, ଯେଉଁ ବିବାହରେ ନାରୀଜାତି ପ୍ରତି ସମ୍ମାନ ଦେଖାଇ ବରପକ୍ଷ କନ୍ୟାକୁ ବିବାହ ପୂର୍ବରୁ ଗୋଟିଏ ମାତ୍ର ଟଙ୍କା ଦିଏ ତାହାର ନାମ, 'ମୁଁ କହେଁ' ଆଦର୍ଶ ବିବାହ । ଏପରି ଗୋଟିଏ ଆଦର୍ଶ ବିବାହ ଗତ ୧୧-୫-୪୮ ତାରିଖରେ ବିଶ୍ୱ-କଲ୍ୟାଣ ଆଶ୍ରମରେ ସମ୍ପନ୍ନ ହୋଇଅଛି ।

---

ବିଶ୍ୱକଲ୍ୟାଣ ୧୯୪୮

## ଷଷ୍ଠ ପରିଚ୍ଛେଦ

# ଯୌତୁକ ଓ ପୁଅବିକ୍ରି

●

ପ୍ରେମ ଉପରେ ପ୍ରତିଷ୍ଠିତ ପବିତ୍ର ବିବାହ ସମ୍ବନ୍ଧକୁ ଦିଆନିଆ ଚୁକ୍ତିରେ ବା ବ୍ୟବସାୟରେ ବା ବ୍ୟଭିଚାରରେ ପରିଣତ କରି ସମାଜର ଧ୍ୱଂସ ସାଧନ କରନ୍ତୁ ନାହିଁ —

ଅର୍ଥଲୋଭରେ ଅନ୍ଧ ହୋଇ, ନିଜର ଆତ୍ମମର୍ଯ୍ୟାଦାରେ ଜଳାଞ୍ଜଳି ଦେଇ ଯେଉଁ ଲୋକ ପୁଅ ବିକି କରି ବିବାହର ପବିତ୍ରତା ନଷ୍ଟ କରୁଅଛି ସମାଜଦ୍ରୋହୀ ସେହି ନିର୍ଲଜ୍ଜ ଘରେ ଝିଅଟି ସୁଖରେ ରହିବ ବୋଲି ଆଶାକରି ଜୋଇଁ ଖରିଦ କରନ୍ତୁ ନାହିଁ—

**ପୁଅ ବିକି—**

ବିବାହସମ୍ବନ୍ଧ ସ୍ଥିର କରିବା ସକାଶେ ବରକର୍ତ୍ତା ଓ କନ୍ୟା-କର୍ତ୍ତାଙ୍କ ମଧ୍ୟରେ ଦେବାନେବାର ଯେଉଁ ଚୁକ୍ତି ହୁଏ, ତାହାର ନାମ "ଯୌତୁକ" । ଏହି ଯୌତୁକ ପ୍ରଥାକୁ ଶିକ୍ଷିତସମାଜ ଯୌତୁକ ପ୍ରଥା ( Dowary system ) କହନ୍ତି । ନାରୀମଙ୍ଗଳ ସମିତି ଏହି ପ୍ରଥାର ନାମ ଦେଇଅଛି—ପୁଅବିକି ବା ଜୋଇଁ ଖରିଦ । ଏହି ପୁଅବିକି ପ୍ରଥା ବିଷୟରେ ଆଲୋଚନା କରିବା ପୂର୍ବରୁ ବିବାହ ବିଷୟରେ ଆମ୍ଭମାନଙ୍କର ସାମାନ୍ୟ ଚିନ୍ତା କରିବା ପ୍ରୟୋଜନ ।

## ବିବାହ —

ମାନବଜାତିକୁ ଗୋପନ ବ୍ୟଭିଚାର ଓ ଯଥେଚ୍ଛା ବ୍ୟଭିଚାରରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଗୋଟିଏ ପୁରୁଷକୁ ଗୋଟିଏ ସ୍ତ୍ରୀ ସହିତ ପ୍ରେମସୂତ୍ରରେ ଆବଦ୍ଧ ରଖି ପରସ୍ପର ମଧ୍ୟରେ ଶାନ୍ତି ସ୍ଥାପନ କରିବା ପାଇଁ ମାନବସମାଜ ବିବାହ ବୋଲି ଗୋଟିଏ ପବିତ୍ରସମ୍ବନ୍ଧ ସୃଷ୍ଟି କରିଅଛି ।

ବିବେକ ଯେପରି ମାନବସମାଜକୁ ମାନବେତର ସମାଜରୁ ପୃଥକ୍ କରିଅଛି, ବିବାହ ସେହିପରି ମାନବ ସମାଜକୁ ଅନ୍ୟ ସମାଜରୁ ପୃଥକ୍ କରି ରଖିଅଛି ।

ଆମ୍ଭେମାନେ ବି. ଏ., ଏମ୍. ଏ. ପାଶ କରୁଛୁଁ—ଗତାନୁଗତିକ ପ୍ରଥାର ଅନୁସରଣ କରି ବିବାହ ଦିଅନ୍ତି ବୋଲି ବିବାହ ଦେଉଛୁ ; ମାତ୍ର ଗଭୀର ଦୁଃଖର କଥା, ଯେଉଁ ବିବାହ ମାନବସମାଜର ପିତାମାତା ଏବଂ ଗାର୍ହସ୍ଥ୍ୟ ଜୀବନର ମୂଳଭିତ୍ତି, ଯେଉଁ ବିବାହ ଉପରେ ମାନବସମାଜର ମଙ୍ଗଳ ସମ୍ପୂର୍ଣ୍ଣରୂପେ ନିର୍ଭର କରେ, ଯେଉଁ ବିବାହ ଆମ୍ଭମାନଙ୍କର ସର୍ବ-ପ୍ରଥମ ଶିକ୍ଷାର ବିଷୟ ହେବା ଆବଶ୍ୟକ, ସେହି ବିବାହର ଅର୍ଥ ପର୍ଯ୍ୟନ୍ତ ଜାଣିବାକୁ ଆମ୍ଭେମାନେ କର୍ତ୍ତବ୍ୟ ବୋଧ କରୁ ନାହିଁ । ଏପରି କି ସେହି ବିବାହ ବିଷୟରେ ଦିନେହେଲେ ସାମାନ୍ୟ ଚିନ୍ତାପର୍ଯ୍ୟନ୍ତ କରୁ ନାହୁଁ ।

ବିବାହ ପରି ଆବଶ୍ୟକ ବିଷୟରେ ଏପରି ଉଦାସୀନତା ଓ ଚିନ୍ତାଶୂନ୍ୟତା ଆମ୍ଭମାନଙ୍କର ନୈତିକ ଦୁରବସ୍ଥାର ଓ ସମସ୍ତ ପ୍ରକାର ଅଧୋଗତିର ଏକମାତ୍ର କାରଣ, ଏଥିରେ ସନ୍ଦେହ ନାହିଁ । ଏହି ଉଦା-ସୀନତା ଓ ଚିନ୍ତାଶୂନ୍ୟତାର ଫଳରୁ ବିବାହ କର୍ମ ସାରି ନ ଥିବା କନ୍ୟାଟିମାନେ ସମାଜରେ ବାଧ୍ୟତାମୂଳକ ଅନ୍ୟାୟ ବୈଧବ୍ୟ ଭୋଗ କରୁଅଛନ୍ତି ଓ ଆଉ ପିତାମାତାମାନେ ସ୍ତ୍ରୀ-ଭୋଗ କରିଥିବା ଦୋବେଇ ସ୍ୱାମୀମାନଙ୍କ ସହିତ ଅବିବାହିତା କନ୍ୟାମାନଙ୍କୁ ସେମାନଙ୍କର ଅନିଚ୍ଛା-ସତ୍ତ୍ୱେ ବିବାହ ଦେବାକୁ ଟିକେହେଲେ ପଶ୍ଚାତ୍ପଦ ହେଉ ନାହାନ୍ତି । ଯେଉଁ ଦିନ ସଭ୍ୟ ଶିକ୍ଷିତ ସମାଜ ବିବାହର ପବିତ୍ରତା ପ୍ରତି ଦୃଷ୍ଟି ଦେବେ,

ସେହି ଦିନ ସମାଜରୁ ଏହିସବୁ ଅନ୍ୟାୟ, ଅବିଚାର, ଅତ୍ୟାଚାର ଦୂର ହେବ । ବିବାହ ନ୍ୟାୟ ବିଚାର ଉପରେ ପ୍ରତିଷ୍ଠିତ ହୋଇ ସମାଜରୁ ସମସ୍ତ ପ୍ରକାର କଳଙ୍କ ଦୂର ହେବ । ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତାମୂଳକ ବୈଧବ୍ୟ ଲୋପ ହୋଇ ପ୍ରକୃତ ବୈଧବ୍ୟ ପ୍ରତିଷ୍ଠିତ ହେବ—ଗାର୍ହସ୍ଥ୍ୟ ଜୀବନ ପବିତ୍ର ଓ ସୁଖମୟ ହେବ, ନାରୀଜାତି ମାତୃଜାତି ବୋଲି ସମାଜରେ ପୂଜା ପାଇବ [ ପୁରୁଷର ଭୋଗ୍ୟବସ୍ତୁ ବୋଲି ନୁହେଁ ] ।

ଯୌତୁକ ପ୍ରଥା ବା ଜୋଇଁ ଖରିଦ ପ୍ରଥା ଉଠିଯାଉ—ଏ କଥା ସଭ୍ୟ ଶିକ୍ଷିତ ସମାଜରୁ ଅନେକ ଦିନ ହେଲା ଶୁଣାଯାଉଥିଲେ ସୁଦ୍ଧା ତାହା ଏ ପର୍ଯ୍ୟନ୍ତ ଉଠୁ ନାହିଁ, ତଥାକଥିତ ସଭ୍ୟତା ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ବରଂ କ୍ରମେ କ୍ରମେ ବୃଦ୍ଧି ପାଉଅଛି । ଯେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ବିବାହ ବିଷୟରେ ଏହିପରି ଚିନ୍ତାଶୂନ୍ୟ ଓ ଉଦାସୀନ ରହିଥିବୁଁ, ସେତେ ଦିନ ଏହି ସମାଜ ଧ୍ୱଂସକାରୀ ପ୍ରଥା ଉଠିପାରିବା ଅସମ୍ଭବ; ସେତେ ଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଦୁରବସ୍ଥାର ପ୍ରତିକାର ଅସମ୍ଭବ ।

ଗଛ ଚେରରେ ଉଈ ଲାଗିଲେ ତାହା ବଞ୍ଚିରହିବା ଯେପରି ଅସମ୍ଭବ, ପବିତ୍ର ବିବାହ ପ୍ରଥା କଳଙ୍କିତ ହେଲେ ସମାଜର ପ୍ରକୃତ ମଙ୍ଗଳ ହେବା ସେପରି ଅସମ୍ଭବ । କାରଣ ବିବାହ ସମାଜର ଚେର କହିଲେ ଚଳେ । ଏ କଥା ସଭ୍ୟଶିକ୍ଷିତ ସମାଜ ଭଲକରି ବୁଝିବା ଉଚିତ ।

## ପୁଅ ବିକ୍ରି ପ୍ରଥାର ଉତ୍ପତ୍ତି

୧ । କନ୍ୟାପିତା କନ୍ୟାକୁ ଦାନ ଦେବା ପରେ କନ୍ୟାଦାନର ଦକ୍ଷିଣାସ୍ୱରୂପ ଅଥବା ସ୍ନେହବଶତଃ ଜୋଇଁର ଅବସ୍ଥା ଦୃଷ୍ଟିରେ କିଛି ସାହାଯ୍ୟ ଦେଉଥିଲେ । ଏହାରି ନାମ ଥିଲା ଯୌତୁକ ।

ଯାହା ସ୍ନେହ ଉପରେ ପ୍ରତିଷ୍ଠିତ ଥିଲା, ଦାତାର ଇଚ୍ଛା ଉପରେ ନିର୍ଭର କରୁଥିଲା, ଗ୍ରହୀତା ବା ଜୋଇଁର ଅବସ୍ଥା ଉପରେ ଆସ୍ଥା ରଖି ରହିଥିଲା, ତାହା କାଳକ୍ରମେ ଆମ୍ଭମାନଙ୍କର ବିବେକ ଶୂନ୍ୟତା ଫଳରୁ ପ୍ରଥାରେ ପରିଣତ ହେଲା, ଅର୍ଥାତ୍ ବାଧ୍ୟତାମୂଳକ ହୋଇଗଲା ।

ବାହୁଆ ବ୍ରାହ୍ମଣମାନଙ୍କର ପରବର୍ତ୍ତୀ କାଳରେ ଲୋଭ ବଢ଼ିବା ପରେ ଜୋଇଁମାନଙ୍କର ଓ ବରକର୍ତ୍ତାମାନଙ୍କର ଲୋଭ ବଢ଼ିବାକୁ ଲାଗିଲା ଓ ଯୌତୁକ ପ୍ରଥା କାଳକ୍ରମେ ଯାଏ-ଜବାବ ବା ଦିଆନିଆ ଚୁକ୍ତିରେ ପରିଣତ ହେଲା ।

ପହିଲେ ଜବାବ ହେଲା—ଖଟ୍ଟୁ, କୋଳ, କଣ୍ଠି, ବାଜା, ପାଲିଙ୍କି । ତା ପରେ ହେଲା—ସାଇକେଲ, ଚେନ୍, ଘଡ଼ି । ଏବେ ହୋଇଛି—ଗହଣା କେତେ ଭରି, ନଗଦ କେତେ ଟଙ୍କା ?

୨ । ବଂଶରକ୍ଷା ବା ପୁତ୍ରକାମନା ବିବାହର ଏକମାତ୍ର ଉଦ୍ଦେଶ୍ୟ ଥିଲା; ପୁଣି ବିବାହକୁ ଲୋକେ ଗୋଟିଏ ପବିତ୍ର ସମ୍ବନ୍ଧ ବୋଲି ମନେ କରୁଥିଲେ । ବିଶେଷତଃ ବିବାହ ସମ୍ବନ୍ଧ ନାରୀଜାତିର ମାତୃତ୍ୱ ଉପରେ ପ୍ରତିଷ୍ଠିତ ଥିଲା । ଗୁରୁ, ପୁରୋହିତ, ଭାଇ, ବନ୍ଧୁ କୁଟୁମ୍ବ ସମସ୍ତେ ବରକନ୍ୟାଙ୍କୁ ବିବାହ ବେଦୀରେ ଦେଖି ଆନନ୍ଦିତ ହେଉଥିଲେ ଓ ଆଶିର୍ବାଦ କରୁଥିଲେ । ବିବାହକାର୍ଯ୍ୟ ସେଥିପାଇଁ ପ୍ରକାଶ୍ୟରେ ଘରର ବାହାରେ ସମ୍ପନ୍ନ ହେଉଥିଲା । ଅଦ୍ୟାପି ବିବାହ ବେଦୀ ଘର ବାହାରେ କରାଯିବାର ପ୍ରଥା ବ୍ରାହ୍ମଣମାନଙ୍କ ଘରେ ରହିଅଛି ।

ଯେଉଁ ଦିନଠାରୁ ଲୋକେ ବିବାହର ପବିତ୍ରତା ଭୁଲି କାମପ୍ରବୃତ୍ତି ଚରିତାର୍ଥ କରିବାକୁ ବିବାହର ଉଦ୍ଦେଶ୍ୟ ମନେ କଲେ, ସେହି ଦିନଠାରୁ ନାରୀଜାତିର ମାତୃତ୍ୱର ମର୍ଯ୍ୟାଦା କ୍ରମେ ଲୋପ ପାଇଲା, ଓଢ଼ଣୀ ପ୍ରଥାର ଉତ୍ପତ୍ତି ହେଲା, ବିବାହ ବେଦୀରେ କନ୍ୟାମୁଣ୍ଡରେ ଓଢ଼ଣୀ ଦିଆଗଲା, ନାରୀଜାତି ଗହଣା ପିନ୍ଧି ପୁରୁଷର ଖେଳନା କୁଣ୍ଢେଇ ବା ଭୋଗ୍ୟବସ୍ତୁ ହେବାକୁ ଏକମାତ୍ର କର୍ତ୍ତବ୍ୟ ମନେ କଲା ; କ୍ରମେ କ୍ରମେ ଦାମ୍ପତ୍ୟପ୍ରୀତି ପବିତ୍ର ବିବାହ 'ଯାଏଜବାବ' ବା ଦିଆନିଆ ଚୁକ୍ତି ଅଥବା କିଣାବିକା ବ୍ୟବସାୟରେ ପରିଣତ ହେଲା । ନାରୀଜାତି ପ୍ରତି ନାନା ଅତ୍ୟାଚାର ଓ ଅବଜ୍ଞା କରିବାକୁ ପୁରୁଷ ସୁଯୋଗ ପାଇଲା ।

## ଯାଏଜବାବ ପ୍ରଥାର ବିଷମୟ ଫଳ

୧ । ଏହି ଦେବାନେବାର ଚୁକ୍ତି ହେତୁରୁ ଅନେକ ପୁତ୍ରକନ୍ୟା ଯଥା ସମୟରେ ବିବାହ କରି ନ ପାରି ନଷ୍ଟଚରିତ୍ର ହେଉଅଛନ୍ତି ।

୨ । ବରକର୍ତ୍ତା ଅର୍ଥ ଲୋଭରେ ଓ କନ୍ୟାକର୍ତ୍ତା ଭୁଲ ମର୍ଯ୍ୟାଦା ଆଶାରେ ଅନ୍ଧ ହୋଇ ବର ଓ କନ୍ୟାଙ୍କର ସ୍ୱାସ୍ଥ୍ୟ, ରୂପ ଓ ଗୁଣପ୍ରତି ସମ୍ୟକ୍ ଦୃଷ୍ଟି ଦେଇପାରୁ ନାହାନ୍ତି । ତେଣୁ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ଦାମ୍ପତ୍ୟ ଜୀବନ କଳୁଷିତ ଓ ଦୁଃଖମୟ ହେଉଅଛି ।

୩ । ବରକର୍ତ୍ତା ପୁଅ ବିକି କରି ଯେଉଁ ଟଙ୍କା ଆଣେ, ସେହି ଟଙ୍କାକୁ ନିଜର ଅହମିକା ଦେଖାଇବାରେ ବା ଗର୍ବ କିଣିବାରେ ଖର୍ଚ୍ଚ କରେ । ଏହି ଆଦର୍ଶରୁ ପୁତ୍ରକନ୍ୟାମାନେ ପିଲାଦିନୁଁ ସରଳତା ହରାଇ ଗର୍ବ କିଣିବାକୁ ଆନନ୍ଦ ଅନୁଭବ କରନ୍ତି—ଏହିପରି ସମାଜର ଅଧଃପତନ ହେଉଅଛି । ଜୋଇଁ ଖରିଦ କରିବାକୁ ଓ ନ୍ୟାଯ୍ୟ ନିମିତ୍ତରେ ଅହମିକା ବା ଦୁଇ ପଦ ପ୍ରଶଂସା ଖରିଦ କରିବାକୁ ଆମ୍ଭମାନଙ୍କୁ ନାନା ଅସତ୍ ପ୍ରଥାର ଆଶ୍ରୟ ନେଇ ପରିଶେଷରେ ଦାରିଦ୍ର୍ୟଦୁଃଖ ଭୋଗ କରିବାକୁ ହୁଏ । ତେଣୁ ଏହି କଦର୍ଯ୍ୟ ପ୍ରଥା ସମାଜର ଦାରିଦ୍ର୍ୟ ଓ ନୈତିକ ଦୁରବସ୍ଥାର ପ୍ରଧାନ କାରଣ ।

୪ । ଅନେକ ସ୍ଥଳରେ ଦେଖାଯାଏ, କନ୍ୟାପିତା 'ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କରିବି'—ଏହି ଆଶା ଦେଖାଇ, କୁକୁରକୁ ଖାଦ୍ୟ ପଦାର୍ଥର ଲୋଭ ଦେଖାଇଲା ପରି ଜୋଇଁ ସଂଗ୍ରହ କରନ୍ତି । ଜୋଇଁଙ୍କୁ ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ ଦେବା ଦୋଷାବହ ନୁହେଁ । କିନ୍ତୁ ବିବାହ ପୂର୍ବରୁ ଏପରି ଚୁକ୍ତି କରି ପବିତ୍ର ବିବାହକୁ ବ୍ୟବସାୟରେ ପରିଣତ କରିବା ସମ୍ପୂର୍ଣ୍ଣ ଦୋଷାବହ । ଆଉ ମଧ୍ୟ ଉଚ୍ଚଶିକ୍ଷା ପାଇବା ସକାଶେ ନିଜର ଆତ୍ମମର୍ଯ୍ୟାଦାକୁ ଜଳାଞ୍ଜଳି ଦେବା ଶିକ୍ଷିତ ଯୁବକମାନଙ୍କ ପକ୍ଷରେ ନିତାନ୍ତ ନିନ୍ଦନୀୟ । ଶ୍ୱଶୁର ପଇସାରେ ଶିକ୍ଷିତ ହୋଇ ମନୁଷ୍ୟତା ନଷ୍ଟ କରିବା ଅପେକ୍ଷା ମୂର୍ଖ ରହିବା ଖୁବ୍ ଭଲ ।

୫ । ଯେଉଁ କନ୍ୟାକର୍ତ୍ତା ଏପରି ଧନୀ ବା ଏପରି ତଥାକଥିତ ଶିକ୍ଷିତ ଲୋକ ଘରେ ଝିଅ ଦେଇ ଝିଅଟି ସୁଖରେ ରହିବ ବୋଲି ଆଶା କରି ଜୋଇଁ ଖରିଦ କରେ, ସେ ନିତାନ୍ତ ନିର୍ବୋଧ । କାରଣ ସେ ବୁଝିପାରୁ ନାହିଁ ଯେ, ଏପରି ଲୋଭଗ୍ରସ୍ତ ସମାଜର ଅନିଷ୍ଟସାଧକ, ପ୍ରତାରକ, ଆତ୍ମମର୍ଯ୍ୟାଦ ଶୂନ୍ୟ ଘରେ ଝିଅର ସୁଖଶାନ୍ତି ଆଶା କରିବା ବିଡ଼ମ୍ବନା ।

୬ । ପୁରୁଷକୁ ଟଙ୍କା ଦେଇ ବିବାହ କରିବାର ଅର୍ଥ ସ୍ୱାମୀମାନଙ୍କୁ ସ୍ତ୍ରୀମାନଙ୍କର କ୍ରୀତଦାସ କରି ରଖିବା ସହିତ ସମାନ । ଅଥଚ ଟଙ୍କା ନେଇ ସୁଦ୍ଧା ନିଜକୁ ବିକ୍ରୟ କରି ସେହି ନିର୍ଲ୍ଲଜ ସ୍ୱାମୀମାନେ ସେମାନଙ୍କର ସ୍ତ୍ରୀମାନଙ୍କୁ ଅଯୌକ୍ତିକ ବାଧ୍ୟତାମୂଳକ ଦାସୀତ୍ୱ ସ୍ୱୀକାର କରାଇବାକୁ ଆଶା କରନ୍ତି । ଏପରି ଅଯୌକ୍ତିକ ବାଧ୍ୟତାମୂଳକ ଦାସୀତ୍ୱ ନାରୀଜାତିର ମାତୃତ୍ୱର ମର୍ଯ୍ୟାଦା ଲୋପ କରିବା ସଙ୍ଗେ ସଙ୍ଗେ ନାରୀଜାତିକୁ ପୁରୁଷ-ଜାତିର ଦାସୀ କରି ରଖିଅଛି ଓ ଏହି ଅଯୌକ୍ତିକ ଦାସୀତ୍ୱ ପ୍ରତି ପରିବାରରେ ଅଶାନ୍ତି ସୃଷ୍ଟି କରୁଅଛି ।

ସ୍ୱାମୀମାନେ ସ୍ତ୍ରୀମାନଙ୍କୁ ମାତୃଜାତି ବୋଲି ପୂଜା ଓ ଆଦର କରିବା ଆବଶ୍ୟକ । ତେବେଯାଇଁ ସ୍ତ୍ରୀମାନଙ୍କର ସ୍ୱାମୀମାନଙ୍କୁ ଗୁରୁ ଭାବରେ ପୂଜା କରିବା ଉଚିତ । ସ୍ୱାମୀର ସ୍ୱାମିତ୍ୱର ମର୍ଯ୍ୟାଦା ଅପେକ୍ଷା ସ୍ତ୍ରୀଜାତିର ମାତୃତ୍ୱର ମର୍ଯ୍ୟାଦା ଅନେକ କାରଣରୁ ବେଶୀ । ଶାସ୍ତ୍ରରୁ ଯଥେଷ୍ଟ ପ୍ରମାଣ ମିଳୁଛି, ମାତ୍ର ଏହି ଅଯୌକ୍ତିକ ପ୍ରତାରଣାପୂର୍ଣ୍ଣ ପୁଅବିକି ପ୍ରଥା ନାରୀଜାତିର ମାତୃତ୍ୱ ଲୋପ କରିବା ସଙ୍ଗେ ସଙ୍ଗେ ଦାମ୍ପତ୍ୟ ଜୀବନକୁ କଳୁଷିତ ଓ ଦୁଃଖମୟ କରି ରଖିଅଛି ।

୭ । ମାମୁ, ମାଇଁ, ମାଉସୀ, ପିଉସୀ ଇତ୍ୟାଦି ଯେତେ ପ୍ରକାର ବନ୍ଧୁତା ଅଛି, ସବୁ ବନ୍ଧୁତାର ଉତ୍ପତ୍ତି ବିବାହରୁ । ବିବାହ ବ୍ୟବସାୟ ଉପରେ ପ୍ରତିଷ୍ଠିତ ହେବା ଫଳରେ ସ୍ନେହ ଉପରେ ପ୍ରତିଷ୍ଠିତ ବନ୍ଧୁତା ମଧ୍ୟ ଘରବେଘର ଉପରେ ବା ବ୍ୟବସାୟ ଉପରେ, ସ୍ୱାର୍ଥସିଦ୍ଧି ଉପରେ ପ୍ରତିଷ୍ଠିତ ହୋଇ ପ୍ରକୃତ ବନ୍ଧୁତା ସମାଜରୁ ଲୋପ କରୁଅଛି ।

## ଝିଅ ବିକି ଅପେକ୍ଷା ପୁଅବିକି ନିତାନ୍ତ ଅଯୌକ୍ତିକ ଓ ନିନ୍ଦନୀୟ

ଗରିବ ଘରେ ବିଶେଷତଃ ଗରିବ ବ୍ରାହ୍ମଣ ଘରେ ଝିଅ ବିକି ହୁଏ । ଝିଅବିକି ଅନେକ ଦିନରୁ ଆମ ଓଡ଼ିଶାରେ ଥିଲେ ସୁଦ୍ଧା ତାହା ଅଶାସ୍ତ୍ରୀୟ — ତେଣୁ ଦୋଷାବହ । ଝିଅବିକି ଦୋଷାବହ ହେଲେ ସୁଦ୍ଧା

ପୁଅବଳି ତୁଳନାରେ ଯୁକ୍ତିଯୁକ୍ତ । କାରଣ ଗରିବ ବ୍ରାହ୍ମଣ ବଡଘର ଝିଅ ବାହି କରି ଯେଉଁ ଟଙ୍କା ଆଣେ, ସେଥିରୁ ଟଙ୍କା ଦେଇ ପୁଅ ପାଇଁ ବୋହୂଟିଏ ଖରିଦ କରିଆଣେ, ବିବାହରେ ଅଯଥା ଅପବ୍ୟୟ କରେ ନାହିଁ । ମାତ୍ର ପୁଅ ବଳି ହେବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଦରିଦ୍ରର ଲୋଭ, ଅଶିକ୍ଷିତ ଲୋକର ସମାଜ ମଙ୍ଗଳ କାମନା ପ୍ରତି ଉଦାସୀନତା କ୍ଷମଣୀୟ । କିନ୍ତୁ ଧନୀ ଲୋକର ଅଯୌକ୍ତିକ ଲୋଭ ବା ପ୍ରତାରଣା — ଶିକ୍ଷିତ ଲୋକର ସମାଜର ମଙ୍ଗଳ ପ୍ରତି ଉଦାସୀନତା ସମ୍ପୂର୍ଣ୍ଣ ଦୋଷାବହ ଓ ନିନ୍ଦନୀୟ ।

କନ୍ୟାପିତା କନ୍ୟାଟି ଦାନ ଦିଏ । ଦାନ ନେବା ବ୍ୟକ୍ତିର ଟଙ୍କା ଦାବି କରିବାର କୌଣସି କାରଣ ନାହିଁ । ଯେଉଁ ଲୋକ ଟଙ୍କା ନେଲା, ସେ ଲୋକ ଯଦି ତାହାର ପୁଅଟିକୁ କନ୍ୟାପିତାକୁ ଦାନ ଦିଅନ୍ତି ଓ କନ୍ୟାର ଘରକୁ ପଠାଇଦିଅନ୍ତି, ତେବେ ଝିଅ ବଳି ପରି ପୁଅବଳି ନିନ୍ଦନୀୟ ହେଲେ ସୁଦ୍ଧା ଯୁକ୍ତିଯୁକ୍ତ ହୋଇଥାନ୍ତା ।

ଯଦି ନାରୀଜାତି ପୁରୁଷର ଖେଳଣା କୁଣ୍ଢେଇ ବା ଭୋଗ୍ୟ ବସ୍ତୁ ବୋଲି ନିଜକୁ ମନେ କରେ, ତେବେ ପୁରୁଷ ଟଙ୍କା ଦେଇ ତାହାର ଖେଳଣା କୁଣ୍ଢେଇ କିଣିନେଉ କିମ୍ବା ଯଦି ପୁରୁଷ ଟଙ୍କା ନେଲା, ତେବେ ପୁରୁଷ ନାରୀଜାତିର ଖେଳଣା କୁଣ୍ଢେଇ ହେଉ । ପୁରୁଷଜାତି ଟଙ୍କାନେଇ ନାରୀଜାତି ଉପରେ ଆଧିପତ୍ୟ ବା ସ୍ୱାମିତ୍ୱ ବିସ୍ତାର କରିବାର କୌଣସି କାରଣ ନାହିଁ ।

ଝିଅଟି ବଳି କରାଯାଇପାରେ ; କାରଣ ଝିଅଟି ଶାଶୁଘରେ ଦାସୀ ପରି ସବୁ କାମ କରିବ । ନିଜେ ଆତ୍ମବଳି ଦେଇ ସନ୍ତାନ ପ୍ରସବ କରି ଶାଶୁଘରର ବଂଶ ରକ୍ଷାକରିବ । ଏପରି କି ନିଜର ସୁଖଶାନ୍ତିରେ ଜଳାଞ୍ଜଳି ଦେଇ, ଶାଶୁଘରେ ପ୍ରତ୍ୟେକଙ୍କର ସୁଖଶାନ୍ତିର କାରଣ ହେବ ।

ଗାର୍ହସ୍ଥ୍ୟ ଜୀବନରେ ପୁଅର ମୂଲ୍ୟ ଅପେକ୍ଷା ଝିଅର ମୂଲ୍ୟ ଅନେକ ବେଶୀ । ଯଦି ବିବାହ ବ୍ୟବସାୟରେ ପରିଣତ ହେଲା, ତେବେ କନ୍ୟାପିତା ଟଙ୍କା ଦାବି ନ କରି, ବରପକ୍ଷ ଟଙ୍କା ଦାବି କରିବାର

କୌଣସି କାରଣ ନାହିଁ । ପୁଅବିକି ତୁଳନାରେ ଝିଅବିକି ଯୁକ୍ତିଯୁକ୍ତ ବୋଲି ବୋଧହୁଏ ସ୍ୱାମୀମାନଙ୍କୁ ଯେତେ ବୁଢ଼ା ସ୍ୱାମୀ ସେତେ ବେଶୀ ଟଙ୍କାରେ ବିକି କରିବା ପ୍ରଥା ନିତାନ୍ତ ଦୋଷାବହ ।

## ପୁଅ ବିକ୍ରି ପ୍ରଥା ବିରୁଦ୍ଧରେ ବର୍ତ୍ତମାନ କର୍ତ୍ତବ୍ୟ

ସମାଜର ମଙ୍ଗଳକାମୀ ପ୍ରତ୍ୟେକ ହୃଦୟବାନ୍ ବ୍ୟକ୍ତିର ଏହି ସମାଜ ଧ୍ୱଂସକାରୀ ପ୍ରଥା ବିରୁଦ୍ଧରେ ସଂଗ୍ରାମ କରିବାକୁ ନିମ୍ନଲିଖିତମତେ ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ—କନ୍ୟାଟିମାନଙ୍କୁ ବରଂ ଯାବଜ୍ଜୀବନ ଅବିବାହିତା ରଖିବି କୋଇଁ ଖରିଦ୍ କଦାପି କରିବି ନାହିଁ । ବିବାହ ପୂର୍ବରୁ ଦେବାନେବାର କୌଣସି ଚୁକ୍ତି କରିବି ନାହିଁ । କନ୍ୟାଟିମାନେ ଅବିବାହିତା ରହିଗଲେ, ଲୋକେ ନିନ୍ଦା କରିବେ, ଏପରି ଭୟ ବା ଦୁର୍ବଳତାକୁ ହୃଦୟରେ ସ୍ଥାନ ଦେବି ନାହିଁ । ନ୍ୟାୟ ପାଇଁ, ସତ୍ୟ ପାଇଁ ସମାଜର ମଙ୍ଗଳ ପାଇଁ ଯେଉଁ ପରିବାରରେ କେହି ବିବାହ ପୂର୍ବରୁ ଯୌତୁକ କରିଛି, ପୁଅ ବିକି କରି ଟଙ୍କା ଆଣିଛି, ସେପରି ପରିବାରରେ କନ୍ୟା ଦେବି ନାହିଁ—ସେ ଲୋକ ଲକ୍ଷପତି ହେଉ ବା ଡିପୋଟି ମାଜିଷ୍ଟ୍ରେଟ ହେଉ । ଜମିଦାର ଘରେ, ଡିପୋଟି ବାବୁଙ୍କ ଘରେ କନ୍ୟା ଦେବାକୁ ଯେଉଁ ଅର୍ଥ ବ୍ୟୟ କରନ୍ତେ, ସେହି ଟଙ୍କାର ଅଧେ କିମ୍ବା ଏକଚତୁର୍ଥାଂଶ ଟଙ୍କାରେ ସଦ୍‌ଗୁଣସମ୍ପନ୍ନ ଦରିଦ୍ର କୋଇଁର ସନ୍ଧାନ କରିଦେବା ଶତଗୁଣେ ଶ୍ରେୟସ୍କର ।

ସଦ୍‌ଗୁଣସମ୍ପନ୍ନ ଦରିଦ୍ର ଘରେ ଝିଅଦେଲେ ଝିଅଟି ଶାଗ ପଖାଳ ଖାଇ ସୁଖରେ ରହିବ । ଜମିଦାର ଘର ବୋହୂ, ଡିପୋଟି ବାବୁଙ୍କ ସ୍ତ୍ରୀ— ଏହି ଦୁଇ ପଦ ଶୁଣିବା ବ୍ୟତୀତ ଝିଅଟିମାନଙ୍କର ଅନ୍ୟ କୌଣସି ସୁଖ ନାହିଁ, ଏ କଥା କନ୍ୟାପିତାମାନଙ୍କର ଭଲ କରି ବୁଝିବା ଉଚିତ ।

ଆଜିକାଲି କେତେକ ଶିକ୍ଷିତ ବ୍ୟକ୍ତି ଲୋକନିନ୍ଦା ଭୟରେ ଦେବାନେବା ଚୁକ୍ତି ନକରି ବିବାହ ସମ୍ବନ୍ଧ ସ୍ଥିର କରନ୍ତି ; ମାତ୍ର ମନେ ମନେ ବୁଝି ରଖିଥାଆନ୍ତି ଯେ, ଚୁକ୍ତି କରି ଯାହା ମିଳିଥାନ୍ତା,

ଚୁକ୍ତି ନ କରି ଭାରବେଭାରରେ ତଦପେକ୍ଷା ବେଶି ମିଳିପାରିବ । ଏହି ପ୍ରଥାର ମୂଳ କାରଣ ଲୋଭ, ଏକଥା ଭଲକରି ବୁଝ । ଯେତେଦିନ ପର୍ଯ୍ୟନ୍ତ ବରପକ୍ଷ ମନରୁ ଲାଭର ଆଶା ବା ଲୋଭ ଦୂର ହୋଇ ନାହିଁ, ସେତେ ଦିନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବେଭାର ବା ବାଧ୍ୟତାମୂଳକ ଦିଆନିଆରୁ ରହିତ ହେବା ଆବଶ୍ୟକ । ଆଉ ମଧ୍ୟ ଭାରବେଭାର ଅନେକ ସମୟରେ ପସନ୍ଦଯୋଗ୍ୟ ନ ହୋଇ ଦୁଇ ବନ୍ଧୁ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟିକରେ । ଅର୍ଥ ବ୍ୟୟ କରି ମନୋମାଳିନ୍ୟ ଖରିଦ କରିବା ଅପେକ୍ଷା ବେଭାର ଦିଆନିଆରୁ ରହିତହେଲେ ପରସ୍ପର ମଧ୍ୟରେ ସ୍ନେହ ଅକ୍ଷୁଣ୍ଣ ରହିବ ।

ଶିକ୍ଷିତ ଯୁବକମାନଙ୍କୁ ବିଶେଷ ଅନୁରୋଧ, ସେମାନେ ସମାଜର ବର୍ତ୍ତମାନ ଅବସ୍ଥାଦୃଷ୍ଟିରେ କୌଣସି ପ୍ରକାର ବାଧ୍ୟତାମୂଳକ ଭାରବେଭାର ଗ୍ରହଣ କରନ୍ତୁ ନାହିଁ ; ଘିତ ଖାଇବା ପରରୁ ଜୋଡ଼ି ପିନ୍ଧିବା ନିତାନ୍ତ ନିନ୍ଦାର କଥା, ଲଜ୍ଜାର କଥା ବୋଲି ଜାଣନ୍ତୁ ।

ଯେଉଁମାନେ ବିବାହ ପୂର୍ବରୁ ଯାଏଜବାବ କରିବାକୁ କନ୍ୟା ଜ୍ୱାଇଁ ଖରିଦ କରିବାକୁ ଆବଶ୍ୟକ ମନେ କରୁଅଛନ୍ତି, ସେମାନେ ବରପକ୍ଷ ସହିତ କୌଣସି ବନ୍ଧୁତାକୁ ସ୍ଥାନ ଦିଅନ୍ତୁ ନାହିଁ; କାରଣ ବନ୍ଧୁତା ସହିତ ଯାଏଜବାବ ବା ଚୁକ୍ତିର କୌଣସି ସମ୍ପର୍କ ନାହିଁ ।

## ନାରୀମଙ୍ଗଳ ସମିତିର କେତୋଟି ଅଭିମତ

ଦୋଦେଇ ସ୍ୱାମୀ—ଅବିବାହିତା କନ୍ୟାକୁ ଦୋବେଇ ସ୍ୱାମୀ ସହିତ ବିବାହ ଦିଅନ୍ତୁ ନାହିଁ । ସେହି ଦୋବେଇ ସ୍ୱାମୀ ଲକ୍ଷପତି ହୁଅନ୍ତୁ ବା ପଚିଶ ଛବିଶ ବର୍ଷର ଯୁବକ ହୁଅନ୍ତୁ, ଏପରି ସମ୍ବନ୍ଧ ସମ୍ପୂର୍ଣ୍ଣ ଅଯୌକ୍ତିକ, ସମ୍ପୂର୍ଣ୍ଣ ଅନ୍ୟାୟ ।

ଅନ୍ୟାୟ ବୈଧବ୍ୟ—ଦୁର୍ବାକ୍ଷତ କର୍ମ ପୂର୍ବରୁ ବସ୍ତ୍ରଗ୍ରନ୍ଥି ମୋଚନ ବା ଗଇଣ୍ଠାଳ ଫିଟା ବୋଲି ଗୋଟିଏ କର୍ମ ହୁଏ । ସେହି କର୍ମରେ "ବିବାହାଙ୍ଗ" ବୋଲି ଯେଉଁ ଚାରୋଟି ଅକ୍ଷର ବରକନ୍ୟା ଉଚ୍ଚାରଣ

କରନ୍ତୁ, ସେହି ଗୋଟିଗୋଟି ଅକ୍ଷର ବଜ୍ରନିର୍ଘୋଷ ସ୍ୱରରେ ଘୋଷଣା କରୁଛି-- “କନ୍ୟାଦାନ ଦିନ ବିବାହ ଶେଷ ହୋଇ ନାହିଁ, ଦୁର୍ବାକ୍ଷତ କର୍ମ ବା ପୁନର୍ବିବାହ ଦିନ ଶେଷ ହେବ । ତେଣୁ ଦୁର୍ବାକ୍ଷତ କର୍ମ ସାରି ନ ଥିବା କନ୍ୟାଟିମାନଙ୍କୁ ବିଧବା କରନ୍ତୁ ନାହିଁ । ଯେଉଁମାନଙ୍କୁ ଅନ୍ୟାୟରେ ବିଧବା କରାଯାଇଅଛି, ସେମାନେ ବିବାହ କରନ୍ତୁ ବା ନ କରନ୍ତୁ, କି ଯୁବତୀ କି ବୃଦ୍ଧା ସମସ୍ତେ ଆଜି କାଚ ସିନ୍ଦୂର ପିନ୍ଧନ୍ତୁ, ମାଛ ଶୁଖୁଆ ଖାଆନ୍ତୁ । ଦେଶରେ ପ୍ରକୃତ ବୈଧବ୍ୟର ପ୍ରତିଷ୍ଠା ପାଇଁ ଏପରି ଅନ୍ୟାୟ ବୈଧବ୍ୟ ଆଜି ଛାଡ଼ନ୍ତୁ ।

ପ୍ରକୃତ ବୈଧବ୍ୟ—ପ୍ରକୃତ ବିଧବାମାନେ ଶାସ୍ତ୍ର ଅନୁସାରେ ମୁଣ୍ଡରୁ ବାଳସବୁ କାଟି ଦିନରେ ଥରେମାତ୍ର ଆହାର କରି ପ୍ରକୃତ ବୈଧବ୍ୟ ପାଳନ କରନ୍ତୁ । ଯେଉଁମାନେ ପ୍ରକୃତ ବୈଧବ୍ୟ ପାଳନ କରିବାକୁ ଅନିଚ୍ଛା ପ୍ରକାଶ କରିବେ, ସେମାନେ ଗୋପନ ବ୍ୟଭିଚାର ନ କରି ପ୍ରକାଶ୍ୟରେ ବିବାହ କରନ୍ତୁ ।

ଚଳି ଆସୁଅଛି ଓ ଗୋପନ ଲଙ୍ଘନ—“ଚଳି ଆସୁଛି” ଏହି ଦୁଇଟି ପଦକୁ ଶାସ୍ତ୍ର ଓ ଧର୍ମ ମନେ କରି ଶାସ୍ତ୍ର ଓ ବିବେକର ଅବଜ୍ଞା କରନ୍ତୁ ନାହିଁ । “ଚଳି ଆସୁଛି”କୁ ଧର୍ମ ମନେ କରିବା ଇତର ଲୋକ ପକ୍ଷରେ ବା ଇତର ଜାତି ପକ୍ଷରେ ଯୁକ୍ତିଯୁକ୍ତ ହୋଇପାରେ; କିନ୍ତୁ ବିବେକବାନ୍ ଶିକ୍ଷିତ ବ୍ୟକ୍ତି ପକ୍ଷରେ କିମ୍ବା ଶାସ୍ତ୍ରାଧିକାରୀ ବ୍ରାହ୍ମଣ ଜାତି ପକ୍ଷରେ ସମ୍ପୂର୍ଣ୍ଣ ଅଯୌକ୍ତିକ—ଦୋଷାବହ ।

ଦୁଃଖର କଥା—ଏହି “ଚଳି ଆସୁଛି”ର ନାମ ଦିଆଯାଇଛି ସନାତନ ଧର୍ମ । ଏହି ତଥାକଥିତ ସନାତନ ଧର୍ମର ସମ୍ପାଦକ ଲେଖି-ଅଛନ୍ତି, “ଯେଉଁମାନେ ପ୍ରଚଳିତ ସଦାଚାରକୁ (ଚଳିଆସୁଛିକୁ) ଗୋପନରେ ଲଙ୍ଘନ କଲେ ହେଁ ସଙ୍ଘବଦ୍ଧ ଭାବରେ ମାନନ୍ତି, ସେହିମାନେ ସନାତନ ଧର୍ମାବଲମ୍ବୀ—”

ଗଭୀର ଦୁଃଖର କଥା—କେବଳ ଚଳିଆସୁଛି ନୁହେଁ, ଚଳି ଆସୁଛି ସହିତ ଗୋପନ ଲଙ୍ଘନର ପ୍ରଶ୍ରୟ—ଭଲକରି ବୁଝନ୍ତୁ—ମନକୁ ମନାନ୍ତୁ—

ଦେଶରେ ସତ୍ୟର ଓ ନ୍ୟାୟର ପ୍ରତିଷ୍ଠା ପାଇଁ ମୁମୂର୍ଷୁ ସମାଜକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ "ଚଳ ଆଗୁଣ୍ଠି"କୁ ଓ "ଗୋପନ ଲଙ୍ଘନ"କୁ ସମୂଳେ ଧ୍ୱଂସ କରନ୍ତୁ ।

ଗହଣା — ବିବାହ ପୂର୍ବରୁ ଝିଅମାନଙ୍କୁ ଗହଣରେ ସଜାଇ ସେମାନଙ୍କୁ ପୁରୁଷର ଭୋଗ୍ୟବସ୍ତୁ ମନେ କରନ୍ତୁ ନାହିଁ । ଗହଣାରେ ଅର୍ଥ ବ୍ୟୟ ନ କରି ସେହି ଅର୍ଥରେ ସେମାନଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାନ୍ତୁ, ଉପଯୁକ୍ତ ଶିକ୍ଷା ଏବଂ ସତ୍ୟ ଓ ସରଳତା ଇତ୍ୟାଦି ମାତୃତ୍ୱଉପଯୋଗୀ ଗୁଣସବୁର ବିକାଶ ପାଇଁ ଯତ୍ନବାନ୍ ହୁଅନ୍ତୁ । ମନେ ରଖନ୍ତୁ, ସେମାନେ ବର୍ତ୍ତମାନ ସମାଜର ଝିଅ, ଭବିଷ୍ୟତ୍ ସମାଜର ମାଆ ।

ମାତୃପୂଜା — ସ୍ତ୍ରୀଜାତିକୁ ଦେଖିବାମାତ୍ରେ ଜାତି ଓ ବୟସ ନିର୍ବିଶେଷରେ ପ୍ରକାଶ୍ୟରେ ହେଉ ବା ମନେ ମନେ ହେଉ, ନମସ୍କାର କରନ୍ତୁ ।

ଓଢ଼ଣା — ଅଯୌକ୍ତିକ ମା ଓ ପୁଅ ଅସମ୍ଭବ ମାତୃତ୍ୱ ବା ସତୀତ୍ୱର ପ୍ରତିଷ୍ଠା ପାଇଁ ଓଢ଼ଣା ପ୍ରଥା ବା ମୁହଁ ଲୁଚାଇବା ପ୍ରଥାର ସମୂଳୋତ୍ପାଟନ କରନ୍ତୁ ।

ନାରୀମଙ୍ଗଳ —

ସନ୍ତାନର ମଙ୍ଗଳ ଯେପରି ମାଆର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ଭବିଷ୍ୟତ ମାନବ ସମାଜର ମଙ୍ଗଳ ଠିକ୍ ସେହିପରି ନାରୀଜାତିର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ତେଣୁ ନାରୀମଙ୍ଗଳର ଅର୍ଥ କେବଳ ଜାତିର ମଙ୍ଗଳ ନୁହେଁ — ଭବିଷ୍ୟତ ମାନବ ସମାଜର ମଙ୍ଗଳ, ଏ କଥା ଭଲ କରି ବୁଝି । ଉପରୋକ୍ତମତେ ପ୍ରତ୍ୟେକ ପରିବାର ସଂସ୍କାର କରନ୍ତୁ ।

୧୯୩୭ ମସିହା

# Unjust demand of bridegrooms

●

Please keep the daughters unmarried but never go to satisfy the demand and greed of the bridegrooms.

Bolangir,
17-7-53.

To
Sri.......................................................
Cuttack.

Dear Doctor Babu,

I had been to Cuttack on the 12th and returned on the 13th with my family. Sorry, I had no time to go to you. I could know of the engagement. The articles given by you are of very low standard. It seems you have low estimated us. I think, your marriage purchases and gifts will be of the standard. You know I have arranged this proposal and my responsibilities are more than yours. So let me be clear to let you know that unless you give the articles suggested by me, it is not possible

to fix the marriage during November, 1953. Further you have to agree that I will personally make all the purchases. If you so like, please, write to me so that I will try to go to Cuttack for orders for jewellery, furniture, cycle, watch, radio etc. You know that the boy is only 23 years old and we think of fixing his marriage after two years as we intended sending him for further studies. If you are particular of the marriage to be fixed in November, though there is no demand from our side you have to spend a sum of Rs. 5000/- for the articles, I have suggested which I have noted below :—

| For the bride :— | | For the bridegroom— | |
|---|---|---|---|
| Ornament | ···Rs. 2000/- | Radio | ··· Rs. 400/- |
| Clothings, etc. | ···Rs. 500/- | Cycle | ··· Rs. 400/- |
| Utensils | ···Rs. 500/- | Pen | ··· Rs. 100/- |
| Furniture | ···Rs. 800/- | Watch | ··· Rs. 300/- |
| | Rs. 3800/- | | Rs. 1200/- |

Total :— Rs. 5000/-

I do not think this will be much for you.

Yours sincerely,

Sd..............................

**Notes on the above letter** **17.7.53.**

In this case Mahaprasad Nirbandha took place in Chandi Mandira, Cuttack on 8th July and the son-in-law of bridegroom's father writes this letter

to the father-in-law of bride's father on the 17th. July. The parties concerned belong to respectable Brahmin families and are related to me. The addressee showed me this letter and on my request sent me its copy.

First of all, please note that Chandi Mandira is not the proper place for Mahaprasad and such Nirbandhas are nothing but blind followings and have therefore no value at all. The bride's party should not therefore hesitate at all to break such marriage propsals when they find such treachery and greed of the bridegro. m party.

The next thing is to notice the foolish prestige, unjust greed and stupidity of the bride-groom party from the statements—(1) The articles given by you are of very low standard (2) It seems you have low estimated us (3) You have to agree that I will personally make all the purchases. Please also notice the foolishness of the writer from the statement "Though there is no demand from our side, yet you have to spend a sum of Rs. 5000/- for the articles I have suggested."

The bridegroom party in this particular case is not to blame. The same conduct is more or less seen in all of us and specially when we are the bridegroom party. I think you will agree with me that such conduct in us is specially due to our so-called education. However, the parties concerned are requested to make this marriage an ideal one. By ideal Marriage, I mean a marrage free from blind followings, greed and vanity.

Recently on 9th March the marriage of Bijayananda Tripathy, one Asst. Engineer took place in Baripada with the daughter of Harish Chandra Mahapatra. This marriage was an ideal one. Only 'Saptapadi' and 'Bibaha Homa' which is necessary according to Hindu Law for the solemnisation of marriage was followed at a nominal cost of -/8/- or less. All other blind followings were totally avoided. In marriage day feast and other performances there wes no display of vanity which is generally found in all marrage ceremonies. There are many other things to be said in connection with this marriage. But it is needless to describe everything in detail. The most important thing which this marriage has taught us is that Bijaya Babu and his guardians had not only no demand and no greed but Bijaya Babu refused to accept even one pair of cloth and one ring in the marriage Vadi and also the next day although he was asked by the bride's guardians to receive this only as a token of affection. This is well known to everyone in Baripada and also to both the parties of this marriage which we have criticised above. Have we learnt anything from the example shown by Bijaya Babu ? Have we taken any notice of the sacrifice which Bijaya Baboo and his guardians made for the good of the society ? The plain answer from the majority of us will be, No. On the other hand the socalled educated friends of Bijaya Baboo must have directly or indirectly criticised him as a fool not to accept anything from bride's father. Both the parties must have also been criticised as misers

and fools as well that they made no display of their respective vanity and foolish family prestige which are absolutely necessary in all marriage ceremonies.

Dear friends and brothers, the root cause of this evil as well as of all other evils in us is that being long accustomed to various kinds of blind followings, both ancient and modern we have really become blind. We have become incapable to think independently. We have therefore ceased to be human beings in the true sense, however educated and civilised we may foolishly claim ourselves to be. However, those few of us who really feel to save themselves and the society from the clutches of this evil, that is, from the clutches of blind following, greed and vanity must, first of all, give up all kinds of blind followings and do that only which is based on their own reason and own understanding. Before we do so we will not be able to see the evil effect of blind followings, greed and vanity and how they are all closely interrelated.

If we cannot give up all blind followings, vanity and greed all at once and in all cases which will really be a difficult task for us because, we are long accustomed to these and specially because our so-called education and civilisation are all based on greed and vanity, we must try to do so at least when we go to establish the relationship of marriage, because on this relationship the peace and happiness of everyone of us, of every family

and hence of the whole society entirely depend. Please also consider it wrong and sin to attend or co-operate such marriage ceremonies where there is greed and demand of the bridegroom party either in money or in kinds. If the bridegroom is really poor and deserves help for its right use, the guardians of the bride must naturally feel it their duty to help him if they are able to do so. It is not only the duty of the guardians of the bride but it is the duty of the guardians of both the parties to see that the boy and girl whom they are allowing to build their new world may not be inconvenienced in anyway and may not also go astray by being supplied more than what they really deserve.

It is laid down in all our sacred scriptures that women are to be respected as mother and worshipped even as Goddesses in the family. It is therefore desirable that the bride should demand something from the bridegroom—be it even one rupee—as a token of respect towards her. But although our sacred scriptures say so, in fact we are long accustomed to treat women as slaves and we call it our religion. The bride's guardian goes to satisfy the demand and greed of the bridegroom only because he knows that the place of the bride in the bridegroom's house is worse than that of a slave.

If out of greed, marriage is to be treated as a business at all, the bridegroom who is the purchaser or receiver of the bride must pay certain amount

to the bride's guardian according to the merit of the bride. Is there any reason at all that the bridegroom will make any demand ? If marriage is necessary, it is equally necessary both for the bride and bridegroom. Please therefore keep the daughters unmarried till bridegrooms understand that their demand is unjust and ruinous to the society. It is needless to write more. One line is enough, if it takes root in your heart and is translated into action. If only ten persons of good will feel to save the society from the clutches of this ruinous evil, the whole society, I am sure, will be transformed to-morrow. But I am sorry—

# ଯୌତୁକ ପ୍ରଥା

●

## ବିବାହକୁ ବ୍ୟବସାୟରେ ପରିଣତ କରନ୍ତୁ ନାହିଁ

ଅକ୍ଟୋବର ୨୩ ତାରିଖ ସମାଜ କାଗଜରେ "ଯୌତୁକ ପ୍ରଥା ସପକ୍ଷରେ" ଶୀର୍ଷକ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇଅଛି । ଏହାର ଲେଖକ ଶ୍ରୀମାନ କୁମାର ଯୌତୁକ ପ୍ରଥାର ସପକ୍ଷରେ ଯେଉଁ ଯୁକ୍ତିସବୁ ଦେଖାଇ ଅଛନ୍ତି ତାହା ଦେଖି ଏବଂ ସମାଜ ପରି କାଗଜ ଏପରି ଅନିଷ୍ଟପ୍ରଦ ପ୍ରବନ୍ଧ ପ୍ରକାଶ କରିଥିବା ଦେଖି ମନରେ ଦୁଃଖ ଆସିଲା । ଲେଖକ ଯେଉଁସବୁ ଯୁକ୍ତି ଦେଖାଇ ଅଛନ୍ତି ତାହା ଗୋଟି ଗୋଟି ଆଲୋଚନା କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ । ମୁଁ କେବଳ ପ୍ରବନ୍ଧର ଆରମ୍ଭରେ ଓ ଶେଷରେ ଥିବା ଦୁଇଟି ବାକ୍ୟ ଉଦ୍ଧାର କଲି । ଆରମ୍ଭରେ ଥିବା ବାକ୍ୟଟି ହେଉଛି, "ଏ ଆଡ଼େ କଟକରେ ଶ୍ରୀଯୁକ୍ତ ଦାମୋଦର ଦାସଙ୍କ ନେତୃତ୍ୱରେ ଝିଅ-ମାନେ କୁଆଡ଼େ ମେଳ ଆରମ୍ଭ କରିଦେଲେଣି—ଯେ ଯୌତୁକ ନେବ ତାକୁ ବାହା ହେବେ ନାହିଁ ।"

ଶେଷରେ ଥିବା ବାକ୍ୟଟି ହେଉଛି, "ଏହାକୁ ଉଠାଇ ଦେଲେ ମେଳରେ ଯୋଗଦେଇଥିବା କେତେଜଣଙ୍କର ସ୍ୱାର୍ଥ ସାଧନ ହୋଇପାରେ, କିନ୍ତୁ ସମୂହ କ୍ଷତି ହେବ ।"

ପ୍ରଥମେ ବୁଝିବା, ବିବାହ କଥାଟିରୁ ଯୌତୁକ କଥାଟିର ଉତ୍ପତ୍ତି । ତେଣୁ ଯୌତୁକ ବିଷୟରେ କୌଣସି ମତାମତ ଦେବାକୁ ହେଲେ ବିବାହ ଜିନିଷଟା କଅଣ ତାହା ଉତ୍ତମରୂପେ ବୁଝିବା ଏକାନ୍ତ ଆବଶ୍ୟକ । ବିବାହ

ଜିନଷଟି କଅଣ ତାହା ଉତ୍ତମରୂପେ ବୁଝିବା ସଙ୍ଗେ ସଙ୍ଗେ ଯୌତୁକ ପ୍ରଥାକୁ ସମାଜରୁ ମୂଳୋତ୍ପାଟନ କରିବାକୁ ହେବ କି ଏହାକୁ ସମାଜରେ ସ୍ଥାନ ଦେବାକୁ ହେବ, ତାହା ଆପେ ଆପେ ସ୍ଥିର ହୋଇଯିବ । ମାତ୍ର ଦୁଃଖର କଥା ଏହିକି ପ୍ରଚଳିତ ପ୍ରଥାସବୁର ଅନ୍ଧାନୁସରଣ କରିବାରେ ବହୁ-କାଳରୁ ଅଭ୍ୟସ୍ତ ରହିଥିବା ଫଳରୁ ଆମ୍ଭେମାନେ ନିଜ ନିଜର ସ୍ୱାଧୀନ ଚିନ୍ତା-ଧାରାକୁ ଲୁଚ ଦେଇ ଅନ୍ଧ ଭାବରେ ଜୀବନ ଯାପନ କରୁଅଛୁଁ । ସେଥି-ପାଇଁ ବି. ଏ., ଏମ୍. ଏ. ପାଶ କରି ବଡ ବଡ ଗୁରୁ ହେଲେ ମଧ୍ୟ ବିବାହ ଜିନିଷଟି କଅଣ ଏବଂ ତାହା କିପରି ଭାବେ ସମ୍ପନ୍ନ ହେବା ଆବଶ୍ୟକ, ସେ ବିଷୟରେ ଆମ୍ଭେମାନେ ବିନେହେଲେ ଚିନ୍ତା କରିନାହୁଁ କିମ୍ବା ଚିନ୍ତା କରିବାର ଆବଶ୍ୟକତା ମଧ୍ୟ ଅନୁଭବ କରିନାହୁଁ । ଅତଏବ ବିବାହ ଜିନିଷଟି କଅଣ ସେ ବିଷୟରେ ସାମାନ୍ୟ ଆଲୋଚନା କରାଯାଉ ।

ବିବାହ ଜିନିଷଟି ଈଶ୍ୱର ସୃଷ୍ଟି କରିନାହାନ୍ତି । ମାନବ ସମାଜକୁ ଗୋପନ ବ୍ୟଭିଚାରରୁ ଓ ଯଥେଚ୍ଛା ବ୍ୟଭିଚାରରୁ ରକ୍ଷା କରିବା ଅଭି-ପ୍ରାୟରେ ଗୋଟିଏ ପୁରୁଷକୁ ଗୋଟିଏ ସ୍ତ୍ରୀ ସହିତ ପ୍ରେମ ସୂତ୍ରରେ ଆବଦ୍ଧ ରଖି ସମାଜରେ ବ୍ରହ୍ମଚର୍ଯ୍ୟ ଓ ସତ୍ୟର ପ୍ରତିଷ୍ଠା କରିବା ଅଭିପ୍ରାୟରେ ଅତୀତର ବୁଦ୍ଧିମାନ ଲୋକମାନେ ଏହି ସମ୍ବନ୍ଧଟି ସୃଷ୍ଟି କରିଅଛନ୍ତି । ବିବାହ ବିଷୟରେ ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ରହି ଆମ୍ଭେମାନେ କେବଳ ଗତାନୁଗତିକ ପ୍ରଥାର ଅନ୍ଧାନୁସରଣ କରି, ସମସ୍ତେ ବିବାହ କରନ୍ତି ବୋଲି ବିବାହ କରୁଛୁଁ ; ପୁଣି କନ୍ୟାମାନଙ୍କୁ ବିବାହ ଦିଅନ୍ତି ବୋଲି ବିବାହ ଦେଉଛୁଁ । ଏହି ଅନ୍ଧାନୁସରଣ ଦୋଷରୁ ଯେଉଁ ବିବାହ ଗାର୍ହସ୍ଥ୍ୟ ଜୀବନର ମୂଳଭିତ୍ତି, ମାନବ ସମାଜର ପିତା ମାତା କହିଲେ ଚଳେ, ଯେଉଁ ବିବାହ ଉପରେ ପ୍ରତ୍ୟେକ ବ୍ୟକ୍ତିର, ପ୍ରତ୍ୟେକ ପରିବାରର, ତେଣୁ ସମସ୍ତ ମାନବ ସମାଜର ସୁଖ-ଶାନ୍ତି ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି, ସେହି ବିବାହ ଆଜି ଯୌତୁକ ପ୍ରଥାର ଅନ୍ଧାନୁସରଣ ଉପରେ ବା ବିକାକିଣା ବ୍ୟବସାୟ ଉପରେ ବା ବ୍ୟଭିଚାର ଉପରେ ପ୍ରତିଷ୍ଠିତ ହୋଇ କଳୁଷିତ ହୋଇ ସାରିଲାଣି । ପୂର୍ବୋକ୍ତ ଅନ୍ଧତା ଦୋଷଛଡ଼ା ଅର୍ଥଲୋଭ ମଧ୍ୟ ଆମ୍ଭମାନଙ୍କୁ ଆଜି ଏକପ୍ରକାର ଅନ୍ଧ କରି ସାରିଛି ଏବଂ ଆଧୁନିକ କୁଶିକ୍ଷା ଦୋଷରୁ ଏହି ଅର୍ଥଲୋଭ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ୩୦।୮୦

ବର୍ଷ ପୂର୍ବେ ଓଡ଼ିଶାରେ ଯୌତୁକ ପ୍ରଥା ଆଦୌ ନ ଥିଲା । ଏହା ଯେ ଓଡ଼ିଶାରେ ପ୍ରବେଶ କଲା ଏବଂ କ୍ରମ କ୍ରମେ ବୃଦ୍ଧି ପାଇ ଆଜି ଗୋଟିଏ ପ୍ରଥାରେ ପରିଣତ ହେବାକୁ ବସିଲା, ତାର ପ୍ରଧାନ କାରଣ ହେଉଛି ଆଧୁନିକ କୁଶିକ୍ଷା ଦୋଷରୁ କୁଶିକ୍ଷିତ ବର ପକ୍ଷର ଓ ବରର ଅଯଥା ଅର୍ଥ ଲୋଭ ଏବଂ ବର ପକ୍ଷ ଓ କନ୍ୟା ପକ୍ଷର ଅନ୍ଧତା ଦୋଷ । ସମାଜରୁ ଯୌତୁକ ପ୍ରଥା ଉଠିଯାଉ ବୋଲି ଶିକ୍ଷିତ ସମାଜରୁ ଅନେକଙ୍କର ହେଲା ଶୁଣା ଯାଉଥିଲା । ମାତ୍ର ସମାଜରୁ ତାହା ଉଠିଯିବା ତେଣିକି ଥାଉ, କ୍ରମେ କ୍ରମେ ବୃଦ୍ଧି ପାଇ ଆଜି ତା ଏପରି ଆକାର ଧାରଣ କଲାଣି ଯେ, ଯୌତୁକ ପ୍ରଥା ସପକ୍ଷରେ ପ୍ରବନ୍ଧ ଲେଖିବାକୁ ଓ ଯୁକ୍ତି କରିବାକୁ ଲୋକେ ଲଜ୍ଜା ବୋଧ କରୁ ନାହାନ୍ତି ।

ଏହି ପ୍ରବନ୍ଧଟି ଦେଖି ମନରେ ଯେପରି ଦୁଃଖ ଆସିଲା, ପ୍ରବନ୍ଧର ଆରମ୍ଭରେ ଥିବା ବାକ୍ୟଟି ପଢ଼ିବାମାତ୍ରେ ମନରେ ସେହିପରି ଆଶା ଓ ଆନନ୍ଦ ଆସିଲା । ଯୌତୁକ ଦାବି କରିବା ବରକୁ ବାହା ହେବେ ନାହିଁ ବୋଲି ଯେଉଁ ଝିଅମାନେ ପ୍ରତିଜ୍ଞା କରିଅଛନ୍ତି ସେମାନଙ୍କୁ ମୁଁ ଅନ୍ତରର ଧନ୍ୟବାଦ ଜଣାଉଅଛି । ଏହି ପ୍ରତିଜ୍ଞା ସଙ୍ଗେ ଆଉ ଗୋଟିଏ ପ୍ରତିଜ୍ଞା କରିବା ମଧ୍ୟ ଏକାନ୍ତ ଆବଶ୍ୟକ । ଯେଉଁ ଝିଅ ଯୌତୁକ ଦାବି କରିଥିବା ବରକୁ ବିବାହ କରିବ, ସେହି ଝିଅର ବିବାହରେ ଯୋଗ ଦେବାକୁ ଅନ୍ୟାୟ ଓ ପାପ ମନେ କରିବୁଁ ।

ଅନେକ ସ୍ଥଳରେ ଦେଖାଯାଏ ଯେ ବିଲୁକନ୍ଦା ଉପରେ ବର ପକ୍ଷ ଯୌତୁକ ଦାବି କରନ୍ତି ନାହିଁ । କିନ୍ତୁ ମନେ ମନେ ଭାବନ୍ତି ଯେ, କନ୍ୟା ପକ୍ଷ ଧନୀ ଲୋକ, ତେଣୁ ଯୌତୁକ ଦାବି ନ କଲେ ମଧ୍ୟ ଏହି ବିବାହରେ କନ୍ୟା ପକ୍ଷରୁ ଯଥେଷ୍ଟ ମିଳିବ । ମାତ୍ର ମହାପ୍ରସାଦ ନିର୍ବନ୍ଧ କର୍ମରେ କିମ୍ବା ବିବାହ କର୍ମ ଶେଷ ହେବା ପୂର୍ବରୁ କନ୍ୟା ପକ୍ଷରୁ ଯାହା ମିଳେ ତାହା ଆଶାନୁରୂପ ନ ହେଲେ ବିବାହ ମଣ୍ଡପ ଭାଙ୍ଗି ଦିଅନ୍ତି ଓ ବର ବେଦୀରେ ମଧ୍ୟ ବିବାହ କର୍ମ ବନ୍ଦ କରି ଦେଇ ନଗଦ ଟଙ୍କା ଦାବି କରନ୍ତି । ଏହା କେତେଦୂର ସତ୍ୟ ତାହା କଟକରେ ଏବେ ଘଟିଥିବା ନିମ୍ନଲିଖିତ ଦୁଇଟି ଘଟଣାରୁ ଜାଣି ପାରିବେ ।

ଜଣେ ଶିକ୍ଷିତ ଓଡ଼ିଆ ବ୍ରାହ୍ମଣ କୌଣସି ଯୌତୁକ ଦାବି ନ କରି ମହାପ୍ରସାଦ ନିର୍ବନ୍ଧ କଲେ । ନିର୍ବନ୍ଧ କର୍ମର ୧୫ ଦିନ ନ ଯାଉଣୁ ନଗଦ ପାଞ୍ଚହଜାର ଟଙ୍କା ଦାବିକରି କନ୍ୟା ପକ୍ଷକୁ ଚିଠି ଲେଖିଥିଲେ । "ନିର୍ବନ୍ଧରେ ଦେଇ ଥିବା କନକ ପତ୍ରରୁ ଜଣାଯାଉଛି ଯେ, ତୁମ୍ଭେମାନେ ଯାହା ଦେବ ତାହା ତାଙ୍କର ମର୍ଯ୍ୟାଦାର ଓ ଆଶାର ଅନୁରୂପ ହେବ ନାହିଁ । ଦାବି ଟଙ୍କା ନଗଦ ଦେବାକୁ ହେବ ।" ଏହି ଚିଠିଟି ଉଦ୍ଧାର କରି ମୁଁ "Unjust demand of bridegrooms" ନାମରେ ଇଂରାଜିରେ ଖଣ୍ଡେ ଛୋଟ ବହି ଲେଖିଛି । ଏହା ଦୁଇବର୍ଷ ପୂର୍ବର କଥା ।

ଅନ୍ୟଜଣେ ଉଚ୍ଚଶିକ୍ଷିତ ଓଡ଼ିଆ ବ୍ରାହ୍ମଣ ଯୌତୁକ ଦାବି ନ କରି ବିବାହ ସ୍ଥିର କଲେ । ବିବାହ ବେଦୀରେ ଦେଖିଲେ ଯେ କନ୍ୟା ପକ୍ଷ ଯାହା ଦେବାକୁ ଆରମ୍ଭ କଲେ ତାହା ତାଙ୍କର ଆଶାନୁରୂପ ନୁହେଁ । ଏହି କାରଣ ପ୍ରଦର୍ଶାଇ ସେ ବିବାହ ବେଦୀରୁ ଉଠି ଆସି ନଗଦ ଦୁଇ ହଜାର ଟଙ୍କା ଦାବୀ କଲେ । କନ୍ୟା ପିତା ବାଧ୍ୟ ହୋଇ ଟ ୨୦୦୦ ସର୍ବ ସମକ୍ଷରେ ଦେବା ପରେ ହାତଗଣ୍ଠି ପଡ଼ିଲା । ଏହା ଗତବର୍ଷର ଘଟଣା । ଏହି ବିବାହରେ ଅନେକ ବିଶିଷ୍ଟ ଭଦ୍ରବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ । ଏହିପରି କେତେ ଅଘଟଣ ଯେ ଘଟୁଛି ତାହା ଅନୁମାନ କରିପାରିବେ ।

ଯୌତୁକ ଦାବି କରିବା ଅପେକ୍ଷା ଏପରି ଅଯଥା ଲୋଭକୁ ପୋଷଣ କରିବା ଓ ପ୍ରଶ୍ରୟ ଦେବା ଝିଅମାନଙ୍କ ପକ୍ଷରେ ବିଶେଷ ଯନ୍ତ୍ରଣାଦାୟକ । କନ୍ୟା ପକ୍ଷ ଦେଇଥିବା ଗହଣା, ଜିନିଷପତ୍ର ଓ ବର ବେଶର ଆଶାନୁରୂପ ନ ହେଲେ ଝିଅମାନଙ୍କୁ ଶାଶୁଘରେ ଚିରଦିନ ଅନେକ ନିନ୍ଦା ଅପମାନ ସହିବାକୁ ପଡ଼େ । ସେହି ନିନ୍ଦାକୁ ଭୟକରି କନ୍ୟାପକ୍ଷ କରଜ ଦାମ କରି କିମ୍ବା ଜମିବାଡ଼ି ବିକି ବରପକ୍ଷର ଲୋଭକୁ ପୂରଣ କରିବାକୁ ଚେଷ୍ଟା କରନ୍ତି । ତେବେ ମଧ୍ୟ ଅନେକ ସ୍ଥଳରେ ମନୋମାଳିନ୍ୟ ଘଟିବାର ଦେଖାଯାଏ । ଯଥେଷ୍ଟ ଯୌତୁକ ଦେଇ ମଧ୍ୟ ବର ବେଶର ଆଶାନୁରୂପ ନ ହେଲେ କନ୍ୟା ପକ୍ଷକୁ ଅନେକ ଅପମାନ ସହିବାକୁ ପଡ଼େ । ଆଜି ଗୋଟିଏ ଦୃଷ୍ଟାନ୍ତ ଶୁଣନ୍ତୁ । ଏହି ୫।୬ ମାସ ପୂର୍ବେ ଜଣେ ବଙ୍ଗାଳି ବ୍ରାହ୍ମଣ ଓ ପ୍ରଫେସର ତାଙ୍କର ଝିଅର ବିବାହକୁ

ମୋତେ ନିମନ୍ତ୍ରଣ କରିଥିଲେ । ଏପରି ବିବାହରେ ମୁଁ ଯୋଗ ଦିଏ ନାହିଁ । ପ୍ରଫେସର ବାବୁଙ୍କ ଅନୁରୋଧ ରକ୍ଷା କରି ପ୍ରାୟ ସନ୍ଧ୍ୟା ୫ଟାରେ ପହଞ୍ଚିଲି । ପହଞ୍ଚିବାମାତ୍ରେ ପ୍ରଫେସର ବାବୁଙ୍କର ଓ ମୋର ଉଭୟଙ୍କର ପରିଚିତ ଜଣେ ବନ୍ଧୁ ମୋତେ ଗୋଟିଏ କୋଠରିକୁ ନେଇ ଦେଖାଇଦେଲେ ଯେ, ଗୋଟିଏ ଗ୍ଲେଟ ଟେବୁଲ ଉପରେ ଗୋଟିଏ ଥାଳିରେ ପାଞ୍ଚହଜାର ରୂପାଟଙ୍କା ସଜାହୋଇ ରଖାଯାଇଛି ଏବଂ ତା ଉପରେ ଖଣ୍ଡେ ସୁନ୍ଦର ରୁମାଲ ରହିଛି । ଏହି ପାଞ୍ଚହଜାର ରୂପାର ମୁଦ୍ରା ବର ପକ୍ଷର ଦାବି । ନୋଟ ନ ଆଣିଯାଇ ରୂପା ମୁଦ୍ରା ଦେବାର କାରଣ ପଚାରିବାରୁ ସେ ମହାଶୟ କହିଲେ ଯେ ଶୁଭ କର୍ମରେ ନୋଟ ନଦେଇ ରୂପାଟଙ୍କା ଦେବାକୁ ବରର ମାଆ କହିଅଛନ୍ତି । ମୁଁ ସେଠାରେ ବସି ନାହିଁ କିମ୍ବା ପାନ ଖଣ୍ଡେ ମଧ୍ୟ ଖାଇନାହିଁ । ଫେରିବାବେଳେ ଦେଖିପକାଇଲି ବର ପାଇଁ ସଜା ହୋଇଥିବା ବିଛଣାଟି । ତାହା ରାଜା ମହାରାଜାଙ୍କର ବସିବାର ଉପଯୋଗୀ ହୋଇଅଛି । ଏପରି ନିର୍ଲଜ୍ଜ ବରପ୍ରତି ଏତେ ସମ୍ମାନ ଦେଖି ମନରେ ଦୁଃଖ ଆସିଲା । ଦୁର୍ଗାପୂଜା ପରେ ଦିନେ ସେହି ପ୍ରଫେସରଙ୍କ ଠାରୁ ଶୁଣିଲି ଯେ ଝିଅର ଦୁର୍ଗାପୂଜା ଖର୍ଚ୍ଚ ପାଇଁ ତାଙ୍କର ସ୍ତ୍ରୀ ୬୦ ଟଙ୍କା ମନିଅର୍ଡ଼ର କରି ପଠାଇଥିଲେ । ଝିଅର ଶାଶୁଘରୁ ଚିଠି ଆସିଛି ଯେ ୬୦ଟଙ୍କା ପଠାଇବା ଦ୍ୱାରା ତାଙ୍କର ସମ୍ମାନରେ ବାଧା ପଡ଼ୁଛି ଏବଂ ଏହି ଟଙ୍କା ଫେରାଇ ଦେବାକୁ ସେମାନେ ସ୍ଥିର କରିଥିଲେ । ବର୍ତ୍ତମାନ ବୁଝିହେଉ, ଏଥିପାଇଁ ଝିଅକୁ କେତେ ନିନ୍ଦା ସହିବାକୁ ହୋଇଥିବ ଏବଂ ଏହିପରି କେତେ ନିନ୍ଦା ଚିରଦିନ ସହିବାକୁ ପଡ଼ିବ । କି ଧନୀ କି ଦରିଦ୍ର ପ୍ରତ୍ୟେକ ପରିବାରରେ ଝିଅବୋହୂମାନଙ୍କର ଏହି ଦୁରବସ୍ଥା । ଏହିସବୁ ଘଟଣା ଦେଖି କନ୍ୟାପକ୍ଷକୁ ମୋର ଅନୁରୋଧ ଏହିକି, ଯେଉଁ ଲୋକ ଅର୍ଥଲୋଭରେ ଅନ୍ଧହୋଇ ନିଜର ଆତ୍ମମର୍ଯ୍ୟାଦାରେ ଜଳାଞ୍ଜଳି ଦେଇ ଯୌତୁକ ଦାବୀ କରେ ସେହି ଲୋକ ଡିପୋଟି ମାଜିଷ୍ଟ୍ରେଟ ହେଉ ବା ବିଲାତ ଫେରନ୍ତା ଇଞ୍ଜିନିୟର ହେଉ ବା ଲକ୍ଷପତି ହେଉ ବିବାହର ପବିତ୍ରତା ନଷ୍ଟ କରୁଥିବା **ସମାଜଦ୍ରୋହୀ ସେହି ନିର୍ଲଜ୍ଜ ବ୍ୟକ୍ତିର ପରିବାରରେ ଝିଅଟି ସୁଖରେ ରହିବାର ଦୁରାଶା ପୋଷଣ କରି କେହି ଖରିଦ କରନ୍ତୁ ନାହିଁ ।**

ଝିଅମାନଙ୍କର ବିବାହ ଯେପରି ଆବଶ୍ୟକ ପୁଅମାନଙ୍କର ବିବାହ ମଧ୍ୟ ସେପରି ଆବଶ୍ୟକ । ଏପରି ସ୍ଥଳେ ବର ପକ୍ଷର ଅର୍ଥଲୋଭକୁ ପ୍ରଶ୍ରୟ ଦିଆଯିବ କାହିଁକି ? ଅତଏବ ବରପକ୍ଷର ଅଯୌକ୍ତିକ ଓ ଅନ୍ୟାୟ ଅର୍ଥଲୋଭ ସମ୍ପୂର୍ଣ୍ଣରୂପେ ଦୂର ନହେବା ପର୍ଯ୍ୟନ୍ତ ଝିଅମାନେ ଆଦୌ ବାହାହେବେ ନାହିଁ ବୋଲି ପ୍ରତିଜ୍ଞା କରନ୍ତୁ । ଝିଅମାନେ ବାହା ନହେଲେ ପୁଅମାନେ ମଧ୍ୟ ବାହା ହୋଇ ପାରିବେ ନାହିଁ । ତାପରେ ଦେଖାଯିବ ପୁଅ ଝିଅପାଖକୁ ଯାଇ ବାହାହେବାକୁ କହିବ, କି ଝିଅ ବାହାହେବାକୁ ପୁଅ ପାଖକୁ ଯାଇ ଟଙ୍କା ଓ ଗହଣା ଇତ୍ୟାଦି ଯାଚିବ । ଝିଅ ଶାଶୁଘରକୁ ଯିବାବେଳେ ଜୋଇଁର ପରିବାରରେ ଥିବା ସମସ୍ତଙ୍କ ପାଇଁ ଜୋଡ଼ା, ଶାଢ଼ି ଇତ୍ୟାଦି ଦେବାର ଅନ୍ଧାନୁସରଣ, ଜୋଇଁକୁ ସାଇକେଲ ରିଷ୍ଟୱାଚ, ଫାଉଣ୍ଟେନପେନ୍ ଇତ୍ୟାଦି ଦେବାର ଅନ୍ଧାନୁସରଣ, ଭାତଖୋଇବା ପୂର୍ବରୁ ଜୋଡ଼ ପିନ୍ଧାଇବା ଇତ୍ୟାଦିର ଅନ୍ଧାନୁସରଣ, ଦୁର୍ଗାପୂଜା, କୁମାରପୂର୍ଣ୍ଣିମା, ସାବିତ୍ରୀ ଅମାବାସ୍ୟା ଇତ୍ୟାଦିରେ ଓ ନ୍ୟାୟ ନିମିତ୍ତରେ ଭାର-ବେଭାର ଦେବାର ଅନ୍ଧାନୁସରଣ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିବାକୁ ଉଭୟ ପକ୍ଷ ଯଦି ରାଜି ହୁଅନ୍ତି, ତେବେ ବିବାହ ପ୍ରସ୍ତାବ ସ୍ଥିର କରାଯାଉ । ବହୁ କାଳରୁ ଦାସୀ ହୋଇ ରହିଥିବା ନାରୀ ଜାତିକୁ ଦାସୀତ୍ୱ ବନ୍ଧନରୁ ମୁକ୍ତ କରିବାକୁ ହେଲେ ଏପରି ସଂଗ୍ରାମ ଏକାନ୍ତ ଆବଶ୍ୟକ ।

ବିଶ୍ୱକଲ୍ୟାଣ ୧୯୫୭

# ଯୌତୁକ ପ୍ରଥାର ମୂଳୋତ୍ପାଟନ କରନ୍ତୁ

ଯୌତୁକ ପ୍ରଥା ସମାଜରୁ ଉଠିଯାଉ ବୋଲି ବହୁକାଳ ହେଲା ଲୋକେ କେବଳ ଚିତ୍କାର କରୁଅଛନ୍ତି । ସେଥିପାଇଁ ତାହା ଉଠିଯିବା ତେଣିକି ଥାଉ ପ୍ରତିଦିନ ବୃଦ୍ଧି ପାଉଅଛି । 'ଚିତ୍କାର କରୁଅଛନ୍ତି' ଏହି କଥାଟି ମୁଁ କାହିଁକି ବ୍ୟବହାର କଲି ତାହା ଟିକେ ଭାବନ୍ତୁ । "ସମାଜରୁ ଉଠିଯାଉ ବୋଲି ଚିତ୍କାର କରିବା ଗୋଟିଏ ମାରାତ୍ମକ ରୋଗ । ଏହି ରୋଗରେ ସମାଜରୁ ଅଧିକାଂଶ ଲୋକ ବହୁକାଳ ହେଲା ଆକ୍ରାନ୍ତ । ସେହିଁଦିନ ସମାଜରୁ ଅଳ୍ପ କେତେଜଣ ଲୋକ "ସମାଜରୁ ଉଠିଯାଉ" ଏକଥା ନ କହି "ମୋଠାରୁ ଉଠିଯାଉ" ବୋଲି କହିବାକୁ ଶିଖିବେ ସେହିଦିନ କେବଳ ଯୌତୁକ ପ୍ରଥା କାହିଁକି ସବୁ ପ୍ରକାର ଅନିଷ୍ଟପ୍ରଦ ପ୍ରଥା ଆପେ ଆପେ ଉଠିଯିବ । ଯୌତୁକ ପ୍ରଥାର ଉତ୍ପତ୍ତି ହେଲା କିପରି, ତାହା ପ୍ରତିଦିନ ବୃଦ୍ଧି ପାଇବାର କାରଣ କଣ, ଯୌତୁକ ପ୍ରଥା କିପରି ଭାବରେ ସମାଜର ଧ୍ୱଂସ ସାଧନ କରୁଅଛି, ଇତ୍ୟାଦି ବିଷୟରେ ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ରହି ଯୌତୁକ ପ୍ରଥା ମୋଠାରୁ ଉଠିଯାଉ ବୋଲି କେହି ନକହି ସମାଜରୁ ଉଠିଯାଉ ବୋଲି ସମସ୍ତେ ଚିତ୍କାର କରିବାର କୌଣସି ମୂଲ୍ୟ ନାହିଁ ।

ବିବାହ କର୍ମ ସମ୍ପନ୍ନ ହେବାପରେ ଜ୍ୱାଇଁ ପ୍ରତି କନ୍ୟାର ପିତା ମାତାଙ୍କର ସ୍ନେହ ଆସିବା ସ୍ୱାଭାବିକ । ସେହି ସ୍ନେହର ଚିହ୍ନ ସ୍ୱରୂପ ସେମାନେ ନିଜର ଶକ୍ତି ଅନୁସାରେ ତାଙ୍କୁ ଯାହା କିଛି ଦେଉଥିଲେ ତାହାର ନାମ ଥିଲା ଯୌତୁକ । କାଳକ୍ରମେ ଆଧୁନିକ କୁଶିକ୍ଷାପ୍ରାପ୍ତ ଯୁବକମାନେ ଓ ସେମାନଙ୍କର ଅଭିଭାବକମାନେ ଲୋଭର ବଶବର୍ତ୍ତୀ ହୋଇ ସେହି ସ୍ନେହ ଓ ବନ୍ଧୁତା ମୂଳରେ କୁଠାରାଘାତ କରି ବେଶୀ ପାଇବା ଆଶାରେ ବିବାହ ପୂର୍ବରୁ ଯୌତୁକ ଦାବୀ କଲେ ଏବଂ ଯେଉଁଠାରୁ ବେଶୀ ପାଇବାର ଜବାବ ପାଇଲେ ସେହିଠାରେ ବିବାହ ସମ୍ବନ୍ଧ ସ୍ଥାପନ

କଲେ । କିଏ କହିଲା ମୁଁ ଡିପୋଟି, କିଏ କହିଲା ମୁଁ ଇଞ୍ଜିନିଅର । ଏହି ସବୁ ଯୋଗ୍ୟତା ଦେଖାଇ ଯୌତୁକ ଦାବୀ କଲେ । ଯେଉଁଲୋକ ଯୌତୁକ ଦାବୀ କରିବା ଫଳରେ ବିବାହକୁ ବ୍ୟବସାୟରେ ପରିଣତ କରି ବିବାହର ପବିତ୍ରତା ନଷ୍ଟ କରୁଅଛି, ବନ୍ଧୁତା ମୂଳରେ କୁଠାରାଘାତ କରି ସମାଜର ଧ୍ୱଂସ ସାଧନ କରୁଅଛି, ସମାଜଦ୍ରୋହୀ ସେହି ବ୍ୟକ୍ତି ବିଲାତ ଫେରନ୍ତା ଇଞ୍ଜିନିଅର ହେଉ ବା ଡିପୋଟି ମାଜିଷ୍ଟ୍ରେଟ୍ ହେଉ ବା ଆଉ ଯାହା ଇଚ୍ଛା ତାହାହେଉ ସେପରି ଲୋକର ଘରେ ଝିଅଟି ସୁଖରେ ରହିବାର ଦୁରାଶା ପୋଷଣ କରି ସେପରି ଲୋକକୁ ଜ୍ୱାଇଁ କରିବାକୁ ବ୍ୟାକୁଳହେବା ପିତାମାତାଙ୍କର ନିର୍ବୋଧତାର ପରିଚୟ ନୁହେଁ କି ? ଆମ୍ଭେମାନେ ଯଦି ସେମାନଙ୍କର ଯୌତୁକ ଦାବୀ କରିବାକୁ ଘୃଣା ଚକ୍ଷୁରେ ଦେଖନ୍ତେ ଏବଂ ସେମାନଙ୍କର ବିବାହରେ ଯୋଗଦେବାକୁ ଅନ୍ୟାୟ ଓ ପାପ ବୋଲି ବୁଝନ୍ତେ, ତେବେ ଯୌତୁକ ଦାବୀ କରିବା ପ୍ରଥା ଆଜି ଉଠିଯାଆନ୍ତା । ମାତ୍ର ଘୃଣା ଚକ୍ଷୁରେ ଦେଖିବେ କିଏ ? ସେପରି ବିବାହରେ ଯୋଗ ନ ଦେବେ କିଏ ? ଆମ୍ଭେମାନେ ସମସ୍ତେ ଯେ ସେହି ଶ୍ରେଣୀଭୁକ୍ତ । ଇଞ୍ଜିନିଅର କିମ୍ବା ଡିପୋଟି ହୋଇଥିଲେ ଆମ୍ଭେମାନେ ମଧ୍ୟ ଦାବୀ କରନ୍ତୁ । ମୋ କଥା ଅନେକଙ୍କୁ ଶ୍ରୁତି କଟୁ ହୋଇପାରେ, ମାତ୍ର ମୋ କଥା କେତେଦୂର ସତ୍ୟ ଟିକେ ଭାବନ୍ତୁ ।

ଯୌତୁକ ପ୍ରଥା ଉଠିଯାଉ ଏ କଥା ପ୍ରକୃତରେ କେହି କହୁନାହାନ୍ତି । କହୁଛି କେବଳ କନ୍ୟାପକ୍ଷ । ସେ ମଧ୍ୟ ନିଜର ପୁଅଟିକୁ ବିବାହ ଦେବା ବେଳେ ଏ କଥା କହୁନାହିଁ । ନିଜର ଝିଅଟିକୁ କିପରି ଖୁବ ଅଳ୍ପ ଖର୍ଚ୍ଚରେ ବିବାହ ଦେବ କେବଳ ଏଇଥିପାଇଁ କହୁଛି । ବରପକ୍ଷର ଦାବୀ ଯଦି କନ୍ୟାପକ୍ଷର ଅବସ୍ଥା ଦୃଷ୍ଟିରେ ହୁଅନ୍ତା ଓ ଖୁବ୍ ଅଳ୍ପ ହୁଅନ୍ତା, ତେବେ ଯୌତୁକ ପ୍ରଥା ଉଠିଯାଉ ବୋଲି ସେ ମଧ୍ୟ କହନ୍ତା ନାହିଁ । ଯୌତୁକ ଦାବୀ କରିବା ଫଳରେ ବିବାହର ପବିତ୍ରତା ନଷ୍ଟ ହେଉଅଛି ଏବଂ ବନ୍ଧୁ ସ୍ନେହ ମଧ୍ୟ ନଷ୍ଟ ହେଉଅଛି ଏଥିପ୍ରତି କାହାରି ଦୃଷ୍ଟି ନାହିଁ । ସମସ୍ତଙ୍କର ଦୃଷ୍ଟି କେବଳ ଅର୍ଥ ଉପରେ । ଅନେକଙ୍କଠାରୁ ଶୁଣାଯାଉଅଛି ଯେ ପୈତୃକ ସମ୍ପତ୍ତିରେ ପୁଅ ଝିଅମାନଙ୍କର ସମାନ ଅଧିକାର ରହିବ ବୋଲି ଆଇନ ହୋଇଗଲାଣି । ଅତଏବ ଏଣିକି

*

ଯୌତୁକ ପ୍ରଥା ରହିବନାହିଁ । ଏହିସବୁ କଥା ଶୁଣିଲେ ଦୁଃଖ ଆସେ ଓ ହସ ମାଡେ । ସମ୍ପତ୍ତି ସହିତ ଯୌତୁକ ପ୍ରଥାର ଆଦୌ ସମ୍ବନ୍ଧ ନାହିଁ । "ଅର୍ଥମନର୍ଥଂ ଭାବୟ ନିତ୍ୟମ୍" ଏହି କଥାଟି ଉତ୍ତମରୂପେ ଉପଲବ୍ଧି କରନ୍ତୁ । ଯେଉଁ ଅର୍ଥଲିପ୍ସା ଫଳରୁ ଯୌତୁକ ପ୍ରଥାର ଉତ୍ପତ୍ତି ସେହି ଅର୍ଥଲିପ୍ସାକୁ ପ୍ରଶ୍ରୟ ଦେଇ ଯୌତୁକ ପ୍ରଥାକୁ ଉଠାଇବା କେତେଦୂର ଯୁକ୍ତିଯୁକ୍ତ ଟିକେ ଭାବନ୍ତୁ । ଯେଉଁ ଅର୍ଥଲିପ୍ସା ହେତୁ ଲୋକେ କଳହରେ ଓ ମାଲିମୋକଦ୍ଦମାରେ ଲିପ୍ତ ରହି ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛନ୍ତି, ଯେଉଁ ଅର୍ଥ ଲିପ୍ସା ସକାଶେ କୌଣସି ପରିବାରରେ ତଥା ସମାଜରେ ଆଜି ସ୍ନେହ ସଦ୍‌ଭାବ ନାହିଁ ଓ ତେଣୁ ସୁଖ-ଶାନ୍ତି ମଧ୍ୟ ନାହିଁ । ସେହି ଅର୍ଥଲିପ୍ସା ଆଜି ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ।

ଯୌତୁକ ପ୍ରଥା ଉତ୍ପତ୍ତିର ଓ ବୃଦ୍ଧି ପାଇବାର ମୂଳ କାରଣ ହେଉଛି ଲୋଭ ଏବଂ ଲୋଭର ମୂଳ କାରଣ ହେଉଛି ବୃଥାଡ଼ମ୍ବର । ଲୋଭ ସହିତ ଯୌତୁକ ପ୍ରଥାର ଯେପରି ଘନିଷ୍ଠ ସମ୍ବନ୍ଧ, ବୃଥାଡ଼ମ୍ବର ସହିତ ଲୋଭର ସେହିପରି ଘନିଷ୍ଠ ସମ୍ବନ୍ଧ । ଅତଏବ ଯୌତୁକ ପ୍ରଥାକୁ ସମାଜରୁ ଉଠାଇବାପାଇଁ ବୃଥା ଚେଷ୍ଟା ନ କରି ଏହାର ମୂଳକାରଣରୁ ଅର୍ଥାତ ବୃଥାଡ଼ମ୍ବରରୁ ଓ ଲୋଭରୁ ଅବ୍ୟାହତି ପାଇବାକୁ ଚେଷ୍ଟା କରିବା ଏକାନ୍ତ ଆବଶ୍ୟକ । ବୃଥାଡ଼ମ୍ବରରୁ ଅବ୍ୟାହତି ପାଇବା ଅତ୍ୟନ୍ତ କଠିନ । କାରଣ ଆମ୍ଭମାନଙ୍କର ଉପସ୍ଥିତ ଶିକ୍ଷା ଓ ସଭ୍ୟତା କେବଳ ବୃଥାଡ଼ମ୍ବର ଓ ଲୋଭ ଉପରେ ପ୍ରତିଷ୍ଠିତ । ଅତଏବ ବୃଥାଡ଼ମ୍ବର ଓ ଲୋଭରୁ ପ୍ରତ୍ୟକ୍ଷଭାବରେ ସମ୍ପୂର୍ଣ୍ଣ ରୂପେ ଅବ୍ୟାହତି ନ ପାଇଲେ ମଧ୍ୟ ପ୍ରେମ ଉପରେ ପ୍ରତିଷ୍ଠିତ ବିବାହ ପରି ପବିତ୍ର ସମ୍ବନ୍ଧ ସ୍ଥାପନ କଲାବେଳେ ଏହି ଦୁହିଁଙ୍କ କବଳରୁ କିମ୍ବା ଅନ୍ତତଃ ଲୋଭର କବଳରୁ ଅବ୍ୟାହତି ପାଇବାକୁ ଚେଷ୍ଟା କରିବା ଆବଶ୍ୟକ । ଏହି କେତୋଟି କଥାର ସତ୍ୟତା ଉପଲବ୍ଧି କରି ତାହା କାର୍ଯ୍ୟରେ ପରିଣତ କରନ୍ତୁ ।

ବିବାହରେ ବରପକ୍ଷ ଓ କନ୍ୟାପକ୍ଷ ଉଭୟ ନିଜ ନିଜର ବୃଥାଡ଼ମ୍ବର ଦେଖାନ୍ତି । ବରପକ୍ଷ ଲୋଭର ବଶବର୍ତ୍ତୀ ହୋଇ ବିବାହର

ପବିତ୍ରତା ନଷ୍ଟ କରିବାକୁ ଲଜ୍ଜା ବୋଧ ନ କରି କନ୍ୟା ପକ୍ଷରୁ ଯାହା ଦାବୀ କରି ନିଏ ସେଥିରୁ ମଧ୍ୟ ଅନେକ ଟଙ୍କା ସେ ବାଜା ଓ ବାଣ ରୋଷଣୀ ଇତ୍ୟାଦି ବୃଥାଡ଼ମ୍ବରରେ ଖର୍ଚ୍ଚ କରେ । କନ୍ୟାପକ୍ଷ ମଧ୍ୟ କରଜ କରି କିମ୍ବା ଜମି ବିକି ଯାହା ଆଣେ ସେଥିରୁ ବରପକ୍ଷର ଦାବୀ ପୂରଣ କରି ସାରି ବୃଥାଡ଼ମ୍ବର ଦେଖାଇବାରେ ମଧ୍ୟ ଅନେକ ଟଙ୍କା ଖର୍ଚ୍ଚ କରେ । ବରପକ୍ଷର ଦାବୀ ପୂରଣ କରିବାକୁ କନ୍ୟାପକ୍ଷ ଯେ କୁଣ୍ଠିତ ହୁଏ ତା'ର ମୂଳ କାରଣ ଏହିକି ସେହି ଟଙ୍କା ରହିଲେ ସେଥିରେ ସେ ପୁଅର ଏକୋଇଶିଆ ବିଦ୍ୟାରମ୍ଭ ଓ ବାପ-ମାଆଙ୍କର ଶୁଦ୍ଧି କିମ୍ବା ଇତ୍ୟାଦିର ଅନ୍ଧାନୁସରଣରେ ବୃଥାଡ଼ମ୍ବର ଦେଖାଇ ପାରିବ । ବରପକ୍ଷ ମଧ୍ୟ ସେହି କାରଣରୁ କନ୍ୟାପକ୍ଷଠାରୁ ଯୌତୁକ ଦାବୀ କରେ । ବରପକ୍ଷର ବୃଥାଡ଼ମ୍ବର ଦେଖାଇବା କଥା ଛାଡ଼ନ୍ତୁ । କନ୍ୟାପକ୍ଷ ଯଦି ବୃଥାଡ଼ମ୍ବରରୁ ନିବୃତ୍ତ ହୁଅନ୍ତେ ତେବେ ବରପକ୍ଷର ବୃଥାଡ଼ମ୍ବର ମଧ୍ୟ ଆପେ ଆପେ ଚାଲିଯାଆନ୍ତା । କିପରି ଭାବରେ ଚାଲିଯାଆନ୍ତା ତାହା ନିଜେ ସ୍ଥିର କରନ୍ତୁ । କନ୍ୟାପକ୍ଷକୁ ବୃଥାଡ଼ମ୍ବର ଛାଡ଼ିବାକୁ କହିଲେ ସେ କହନ୍ତି- ବୃଥାଡ଼ମ୍ବର ଆମ୍ଭମାନଙ୍କର ସୁଖ ଶାନ୍ତି ପାଇବାର ଏକମାତ୍ର ଅବଲମ୍ବନ । ତେଣୁ ବୃଥାଡ଼ମ୍ବରକୁ ମୁଁ ଛାଡ଼ିପାରିବି ନାହିଁ । ବୃଥାଡ଼ମ୍ବର ପୂର୍ବପରି ରହିଥିବ ମାତ୍ର ଯୌତୁକ ପ୍ରଥା ଉଠିଯିବ ଏପରି କୌଣସି ଉପାୟ ଥିଲେ କରନ୍ତୁ । ୭ମ ବର୍ଷ ପ୍ରଥମ ସଂଖ୍ୟା ପତ୍ରିକାରେ "ବିବାହକୁ ବ୍ୟବସାୟରେ ପରିଣତ କରନ୍ତୁ ନାହିଁ" ନାମକ ପ୍ରବନ୍ଧରେ ମୁଁ ଯାହା ଲେଖିଛି ତାହା ମନେ ନଥିଲେ ସେହି ଲେଖାଟି ଆଉଥରେ ପଢ଼ନ୍ତୁ । ବୃଥା-ଡ଼ମ୍ବର ରହିଥିବା ପର୍ଯ୍ୟନ୍ତ ଲୋଭ ରହିଥିବ ଏବଂ ଲୋଭ ରହିଥିବା ପର୍ଯ୍ୟନ୍ତ ଯୌତୁକ ପ୍ରଥା ରହିଥିବ ଏ କଥା ଉତ୍ତମ ରୂପେ ବୁଝି ବୃଥାଡ଼ମ୍ବରକୁ ପ୍ରଥମେ ଧ୍ୱଂସ କରନ୍ତୁ । ବୃଥାଡ଼ମ୍ବରକୁ ଧ୍ୱଂସ କରି ପାରିଲେ ଲୋଭ ଓ ଯୌତୁକ ପ୍ରଥା ଆପେ ଆପେ ଧ୍ୱଂସ ପ୍ରାପ୍ତ ହେବ । ବୃଥାଡ଼ମ୍ବର କେବଳ ଯେ ଯୌତୁକ ପ୍ରଥାର ମୂଳ କାରଣ ତାହା ନୁହେଁ । ଏହା ଆମ୍ଭମାନଙ୍କର ଉପସ୍ଥିତ ଯାବତୀୟ ଦୁରବସ୍ଥାର ମୂଳ କାରଣ । ବୃଥାଡ଼ମ୍ବର ଚିରଦିନ ରହିଥାଉ ଓ ପ୍ରତିଦିନ ବୃଦ୍ଧି ପାଉଥାଉ, ମାତ୍ର ଲୋଭ ଓ ଯୌତୁକ

ପ୍ରଥା ଉଠିଯାଉ ଏବଂ ଆମ୍ଭମାନଙ୍କର ଉପସ୍ଥିତ ଦୁରବସ୍ଥା ଗ୍ଭଲଯାଉ ଏକଥା କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଏ ବିଷୟରେ ଗୋଟିଏ କୌତୁକ-ପୂର୍ଣ୍ଣ ଗପ ଶୁଣନ୍ତୁ—

ଜଣେ ସ୍ତ୍ରୀ ଲୋକ ରମାବୋଉ ନାମକ ଅନ୍ୟ ଜଣେ ସ୍ତ୍ରୀ ଲୋକ ଉପରେ ରାଗିଯାଇ ତାକୁ କହିଲା—"ରମା ବୋଉ ! ତୁ ଆଜ ରାଣ୍ଡ ହୋ ।" ଏହିକଥା ଶୁଣି ସେହି ସ୍ତ୍ରୀଲୋକର ଜଣେ ବନ୍ଧୁ କହିଲା—"ତୁମେ ତ ରମା—ବାପାଙ୍କୁ ଗ୍ଭରେ ଭଲପାଅ, ରମା ବୋଉକୁ ଏପରି ଅଭିଶାପ ଦେଉଛ କିପରି ?" ସେହି ସ୍ତ୍ରୀଲୋକଟି କହିଲା—"ରମା ବାପା ସବୁଦିନେ ବଞ୍ଚିଥାଆନ୍ତୁ ମାତ୍ର ରମା ବୋଉ ରାଣ୍ଡ ହେଉ ।" ଏହି ସ୍ତ୍ରୀଲୋକର ଯେହିଁ ଅନ୍ଧତା ଓ ଦୁରବସ୍ଥା ଆମ୍ଭମାନଙ୍କର ମଧ ଠିକ ସେହି ଅନ୍ଧତା ଓ ସେହି ଦୁରବସ୍ଥା । ଆମ୍ଭେମାନେ କହୁଛୁଁ—"ବୃଥାଡ଼ମ୍ବର ସବୁଦିନେ ରହିଥାଉ ; ମାତ୍ର ଲୋଭ ଓ ଯୌତୁକ ପ୍ରଥା ଉଠିଯାଉ" ।

ବିଶ୍ୱକଲ୍ୟାଣ ୧୯୫୭

# ଝିଅମାନେ ଯୌତୁକ ଦାବୀ କରନ୍ତୁ

ସମାଜଧ୍ୱଂସକାରୀ ଯୌତୁକ ପ୍ରଥାର ଉତ୍ପତ୍ତି ଏବଂ ତାହା ପ୍ରତିଦିନ ବୃଦ୍ଧି ପାଉଥିବାର ମୂଳ କାରଣ ହେଉଛି—ଆଧୁନିକ କୁଶିକ୍ଷା ଫଳରେ ସ୍ୱାର୍ଥାନ୍ଧ ବର ପକ୍ଷର ଅପଥ ଲୋଭ ଏବଂ ବରପକ୍ଷ ଓ କନ୍ୟାପକ୍ଷ ଉଭୟ ପକ୍ଷର ଅନ୍ଧତା ଦୋଷ ଓ ବୃଥାଡ଼ମ୍ବର । ଏହି ମୂଳ-କାରଣ ପ୍ରତି ଦୃଷ୍ଟି ନ ଦେଇ ଲୋକେ ଯୌତୁକ ପ୍ରଥାର ସପକ୍ଷରେ ଓ ବିପକ୍ଷରେ ବହୁକାଳ ହେଲା ନାନାପ୍ରକାର ଯୁକ୍ତି ଦେଖାଉଅଛନ୍ତି । ପୁଅ, ଝିଅ ଜନ୍ମକରିବା ଓ ସେମାନଙ୍କୁ ଲାଳନପାଳନ କରିବା କେତେ ଯନ୍ତ୍ରଣା-ମୟ ତାହା ଭାବିଲେ ନାରୀଜାତିକୁ ସ୍ୱାର୍ଥତ୍ୟାଗର ଅବତାର ନ କହି ରହି ହେବ ନାହିଁ । ଝିଅମାନଙ୍କୁ ଏ କଥା କେହି ବୁଝାଉ ନାହାନ୍ତି କିମ୍ବା ଝିଅମାନେ ମଧ୍ୟ ନିଜେ ତାହା ବୁଝି ନାହାନ୍ତି । ବୁଝିଥିଲେ ସେମାନେ ଏମ୍.ଏ, ଏମ୍.ଡି, ଇତ୍ୟାଦି ତୁଚ୍ଛ ଉପାଧିରେ ଅନ୍ଧ ହୋଇ ଯୌତୁକ ଦାବୀ କରୁଥିବା ନିର୍ଲଜ୍ଜ ଲୋଭୀ ବରପାତ୍ରକୁ ବିବାହ କରିବାକୁ ଲାଳାୟିତ ହୁଅନ୍ତେ ନାହିଁ । ଝିଅମାନଙ୍କର ବିବାହ କଥା ଭାବିଲେ ଦ୍ରୌପଦୀଙ୍କର ବସ୍ତ୍ରହରଣ କଥା ମନେପଡ଼େ । ମାତୃଜାତିର ଏହି ଦୁରବସ୍ଥା ରହିଥିବା ଯାଏ ଦେଶର ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ଦେଶର ସ୍ୱାଧୀନତା ପାଇଁ ଯେପରି ଯୁଦ୍ଧ କରିବାକୁ ପଡ଼ିଥିଲା, ମାତୃଜାତିର ସ୍ୱାଧୀନତା ପାଇଁ ଆଜି ଏକପ୍ରକାର ଭୀଷଣତର ଯୁଦ୍ଧ କରିବାକୁ ହେବ । ଝିଅମାନେ ଯୌତୁକ ଦାବୀ କରନ୍ତୁ । ଏହି ଦାବୀ ଅର୍ଥ ଲୋଭପାଇଁ ନୁହେଁ, ଏହା ମାତୃଜାତିର ସମ୍ମାନ ପାଇଁ ଦାବୀ । ଏହା ଟଙ୍କାଟିଏ ମାତ୍ର ରହୁ । ଏହି ସମ୍ମାନ ନ ପାଇଲେ ବିବାହ କରିବେ ନାହିଁ ବୋଲି ଝିଅମାନେ ପ୍ରତିଜ୍ଞା କରନ୍ତୁ । ଯୌତୁକ ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ବିବାହ ଅନୁଷ୍ଠାନ ସବୁରେ ଭୋଜି ଖାଇବା ଓ ଯୋଗଦେବା ବନ୍ଦ କରନ୍ତୁ । ଏହାହିଁ ଏହି ଯୁଦ୍ଧର ଆରମ୍ଭ । ଏହି ଯୁଦ୍ଧରେ ଯୋଗ ଦେବାକୁ ଭୟ କରନାହିଁ । ସ୍ୱାର୍ଥାନ୍ଧ ପୁରୁଷଜାତିକୁ ତୁମଜାତିର ଦୁରବସ୍ଥା ଦେଖାଯାଉ ନାହିଁ । ମାତ୍ର ତୁମ-ଜାତିର ଦୁରବସ୍ଥା ତୁମ୍ଭମାନଙ୍କୁ ଦେଖା ନ ଯିବା ଦୁଃଖର କଥା ।

ବିଶ୍ୱକଲ୍ୟାଣ ୧୯୫୭

# ଝିଅମାନେ ଯୌତୁକ ଦାବୀ କରିବା ବିଷୟରେ ଆପତ୍ତି

ପୂର୍ବ ସଂଖ୍ୟା ପତ୍ରିକାରେ ଆପଣ ଲେଖିଛନ୍ତି—"ଝିଅମାନେ ଯୌତୁକ ଦାବୀ କରନ୍ତୁ, ଏହା ମାତୃଜାତିର ସମ୍ମାନ ପାଇଁ ଏକଟଙ୍କା ମାତ୍ର ରହୁ । ବରପକ୍ଷ ଏହି ଏକଟଙ୍କା ନ ଦେଲେ ତାଙ୍କୁ ବିବାହ କରିବେ ନାହିଁ ବୋଲି ଝିଅମାନେ ପ୍ରତିଜ୍ଞା କରନ୍ତୁ ।" ଏହା କ'ଣ ସମ୍ଭବ ?

ଖଣ୍ଡିଏ ବେନାମୀ ଚିଠିରୁ

ଉତ୍ତର—ହଁ, ନିଶ୍ଚୟ ସମ୍ଭବ । ଆମର ଉପସ୍ଥିତ ଦୁରବସ୍ଥା ଦୃଷ୍ଟିରେ ଏହା ଆପଣଙ୍କୁ ଅସମ୍ଭବ ବୋଧ ହେଉଅଛି । ମାତ୍ର ଯାହା ଯୁକ୍ତିଯୁକ୍ତ ଓ ମଙ୍ଗଳପ୍ରଦ ତାହା ଅସମ୍ଭବ ବୋଧ ହେଲେ ମଧ୍ୟ ତାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ । ନାରୀଜାତିକୁ ବହୁଦିନର ଦାସତ୍ୱ ଶୃଙ୍ଖଳରୁ ମୁକ୍ତ କରି ନାରୀ ସ୍ୱାଧୀନତା ପ୍ରତିଷ୍ଠା କରିବାକୁ ହେବ-- ଯେଉଁ ନାରୀ ସ୍ୱାଧୀନତା ପ୍ରତିଷ୍ଠା କରାଯାଉ ବୋଲି ଶିକ୍ଷିତ ସମାଜ ବହୁକାଳ ହେଲା ଚିତ୍କାର କରୁଅଛି ; ନାରୀ ସ୍ୱାଧୀନତାର ଅର୍ଥ ଆଜିକାଲିର ତଥାକଥିତ ଶିକ୍ଷିତା ଝିଅ-ବୋହୂମାନଙ୍କର ଯଥେଚ୍ଛାଚାରିତା ନୁହେଁ କିମ୍ବା ମନୁଷ୍ୟୋଚିତ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତା ମଧ୍ୟ ନୁହେଁ । ମନୁଷ୍ୟୋଚିତ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତାର ଆନନ୍ଦ କି ପୁରୁଷ କି ସ୍ତ୍ରୀ କେହି ଉପଲବ୍ଧି କରିନାହାନ୍ତି । ପୁରୁଷ ଜାତିର ଦାସତ୍ୱରୁ ଓ ଦୌରାତ୍ମ୍ୟରୁ ନାରୀଜାତିକୁ ମୁକ୍ତ କରିବାହିଁ ଉପରେ କୁହାଯାଇଥିବା ନାରୀ ସ୍ୱାଧୀନତା ।

ଯେଉଁ ଝିଅଟିକୁ ତୁମେ ବିବାହ କରିବାକୁ ଯାଉଛ ସେଇ ଝିଅଟି ବିବାହ ପୂର୍ବରୁ ନିଶ୍ଚୟ ତୁମର ମାଆ ଅଛି, ଏକଥା ତୁମେ ଅସ୍ୱୀକାର କରି ପାରିବ କି ? ତୁମେ ସେହି ଝିଅକୁ ମାତୃତ୍ୱୋପଯୋଗୀ ସମ୍ମାନ ଦେବାକୁ ଲଜ୍ଜାବୋଧ କରିବାର କୌଣସି କାରଣ ନାହିଁ । ଦେଶର

ଶିକ୍ଷିତ ଯୁବକମାନେ ବିଶେଷତଃ ଅବିବାହିତ ଯୁବକମାନେ ସମାଜର ଅଗ୍ରଗାମୀ ହୋଇ ବାହାରି ନ ପଡ଼ିଲେ ନାରୀଜାତିକୁ ଦାସତ୍ୱ ଶୃଙ୍ଖଳରୁ ମୁକ୍ତକରି ହେବନାହିଁ ଏବଂ ନାରୀଜାତିକୁ ଦାସତ୍ୱ ଶୃଙ୍ଖଳରୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ସମାଜ ଧ୍ୱଂସକାରୀ ଯୌତୁକ ଦାବୀ ପ୍ରଥା ଉଠିବ ନାହିଁ । ନାରୀଜାତି ପୁରୁଷ ଜାତିର ଖେଳଣା କଣ୍ଢେଇ ଓ ଦାସୀ ହୋଇ ରହିଥିବା ଫଳରୁ ଓ ବରପକ୍ଷର ଅଯଥା ଅର୍ଥଲୋଭର ଯୌତୁକ ଦାବୀ ପ୍ରଥାର ଉତ୍ପତ୍ତି । ବରପିତା ନିଜଘରକୁ ବୋହୂଟିଏ ଆଣିବାପାଇଁ କନ୍ୟାପିତାର ଦ୍ୱାରସ୍ଥ ହେବାକୁ ଲଜ୍ଜାବୋଧ କରୁଛନ୍ତି କାହିଁକି ? କନ୍ୟାପିତା ବରପିତାର ଦ୍ୱାରସ୍ଥ ହେବା ପରେ ବରପିତା କହୁଛନ୍ତି—"ମୁଁ ନଗଦ ଏତେଟଙ୍କା ଓ ଏତେ ଗହଣା ନେବି ।" କନ୍ୟାପିତା କହୁଛନ୍ତି—"ଏତେ ଦେବାକୁ ମୋର ଶକ୍ତି ନାହିଁ, ମୁଁ ତୁମର ଗୋଡ଼ଧରି କହୁଛି, ଏତିକି ନେଇ ମୋତେ କନ୍ୟାଦାୟରୁ ଉଦ୍ଧାର କର ।" ନାରୀଜାତି ପ୍ରତି ଏହା କେତେଦୂର ଅବମାନନା, ଟିକେ ଭାବନ୍ତୁ । ପୁଅଟିକୁ ବିବାହଦେବା ବେଳେ କନ୍ୟାପିତା ଉପରେ ଆପଣଙ୍କର ଯେତିକି ଦୌରାତ୍ମ୍ୟ, ଝିଅଟିକୁ ବିବାହ ଦେବାବେଳେ ବରପିତା ନିକଟରେ ଆପଣଙ୍କର ସେତିକି ହୀନତା ଓ ଅବମାନନା । ଯେଉଁମାନଙ୍କର ଆଦୌ ଝିଅ ନାହିଁ ସେଇ ଅଳ୍ପ କେତେକଙ୍କୁ ବାଦଦେଲେ ଆଜି ସମସ୍ତଙ୍କୁ ଏହି ହୀନତା ଓ ଅବମାନନା ସହିବାକୁ ପଡ଼ୁଛି । ଏଥିରୁ ଉଦ୍ଧାର ପାଇବାକୁ ହେଲେ ଆଜିଠାରୁ ନିଜର ସ୍ତ୍ରୀମାନଙ୍କୁ ସମ୍ମାନ ଦେଖାଅ । ତାହା ଦେଖିଲେ ପୁଅ ଝିଅମାନେ ନିଜ ନିଜର ମନୋବୃତ୍ତି ବଦଳାଇ ଦେବେ ଏବଂ ତା'ପରେ ଝିଅମାନେ ସମ୍ମାନ ଦାବୀ କରିବାକୁ ଏବଂ ପୁଅମାନେ ସମ୍ମାନ ଦେଖାଇ ଏକଟଙ୍କା ଦେବାକୁ ପଶ୍ଚାତ୍‌ପଦ ହେବେନାହିଁ । ଏଇ କେତେଦିନ ହେଲା ଅନେକ ଶିକ୍ଷିତ ଲୋକେ କହୁଅଛନ୍ତି—ନୂଆ ଆଇନ ଅନୁସାରେ ପୁଅ ଓ ଝିଅଙ୍କର ପୈତୃକ ସମ୍ପତ୍ତିରେ ସମାନ ଅଧିକାର ରହିଲେ ଯୌତୁକ ଦାବୀ ପ୍ରଥା ଆପେ ଆପେ ଉଠିଯିବ । ଏପରି କଥାସବୁ ଶୁଣିଲେ ହସମାଡ଼େ ଏବଂ ସବୁ କଥାରେ ଲୋକେ ଆଇନକୁ ଅପେକ୍ଷା କରିବାର ଦୁରବସ୍ଥା କଥା ଭାବିଲେ ଦୁଃଖ ଆସେ । ଆଇନ ଅନୁସାରେ ଝିଅର ସମ୍ପତ୍ତି ଅଧିକ ହେଲେ ପୁଅପାଇ ଝିଅଘରେ ରହିବ ଏବଂ ତାପରେ ଯାହା ଯାହା ଘଟିବ ଟିକେ ଭାବନ୍ତୁ ।

ଯୌତୁକ ଦାବୀ ପୂରଣ କରିବାକୁ ଯାଇ କନ୍ୟା ପିତା ଋଣଗ୍ରସ୍ତ ଓ ସର୍ବସ୍ୱାନ୍ତ ହେଉଅଛନ୍ତି—ଏହି କାରଣ ଦେଖାଇ ଲୋକେ ଯୌତୁକ ଦାବୀ ପ୍ରଥାକୁ ଘୃଣା କରୁଅଛନ୍ତି, ମାତ୍ର ବିଶ୍ୱକଲ୍ୟାଣ ସମିତି ସେପରି ଦୃଷ୍ଟିରେ ବିଚାର କରୁନାହିଁ । ବିବାହ ହେଉଛି ପ୍ରେମ ଉପରେ ପ୍ରତିଷ୍ଠିତ ଗୋଟିଏ ପବିତ୍ର ସମ୍ବନ୍ଧ । ବିବାହ ସହିତ ସମ୍ପତ୍ତିର କମ୍ବା ଦବା ନବାର କୌଣସି ସମ୍ବନ୍ଧ ରଖିବା ନିର୍ବୋଧତା ଅଟେ । ଆପଣ ଲେଖି ଅଛନ୍ତି ଗୋଟିଏ ଟଙ୍କା ଦେଇ ଝିଅକୁ ସମ୍ମାନ ଦେଖାଇବା ଅସମ୍ଭବ । ସବୁ କଥାକୁ ଅସମ୍ଭବ ବୋଲି କହି ଦେଇ ନିଶ୍ଚେଷ୍ଟ ରହନ୍ତୁ ନାହିଁ— ଆମ୍ଭମାନଙ୍କର ଏହି ନିଶ୍ଚେଷ୍ଟତା ଓ ଦୁର୍ବଳତା ଦେଖି ଗୀତାରେ ଶ୍ରୀକୃଷ୍ଣ କହିଅଛନ୍ତି— ମା କ୍ଲୈବ୍ୟଂ ଗଚ୍ଛ କୌନ୍ତେୟ ! ନୈତତ୍ତ୍ୱୟ୍ୟୁପପଦ୍ୟତେ କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟମ୍ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ! ୨ୟ—୩ ଅର୍ଥ— ହେ ଅର୍ଜ୍ଜୁନ, ଅର୍ଥାତ୍ ହେ ପ୍ରତ୍ୟେକ ମାନବ ! କ୍ଲୀବତା ବା ନିଶ୍ଚେଷ୍ଟତା ଅବଲମ୍ବନ କରନାହିଁ । ଏହା ତୁମ୍ଭ ପକ୍ଷରେ ଉପଯୁକ୍ତ ହେଉନାହିଁ । ନୀଚ ଜନୋଚିତ ହୃଦୟର ଦୁର୍ବଳତା ଛାଡ଼ି ଉଠ ଅର୍ଥାତ୍ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଯୁଦ୍ଧକର ।

ଶ୍ରୀ ଅନ୍ତର୍ଯ୍ୟାମୀ ଶତପଥି ନାମକ ଜଣେ ଶିକ୍ଷିତ ଯୁବକ ବିବାହ ପ୍ରସ୍ତାବ ସ୍ଥିର କରି ନାରୀ ଜାତି ପ୍ରତି ସମ୍ମାନ ସ୍ୱରୂପ ମୋ ନିକଟକୁ ଗୋଟିଏ ଟଙ୍କା ମନିଅର୍ଡର ଯୋଗେ ପଠାଇଅଛନ୍ତି ଏବଂ ମିସନ ସ୍କୁଲର ଶିକ୍ଷକ ଶ୍ରୀ ବିବେକାନନ୍ଦ ଦାସ, ସା—ବାଙ୍କି ମଧ୍ୟ ପ୍ରତିଜ୍ଞାପତ୍ର ଲେଖିଦେଇ ଅଛନ୍ତି ଯେ ଯେଉଁ ଝିଅକୁ ସେ ବିବାହ କରିବେ ବିବାହ ପୂର୍ବରୁ ସେହି ଝିଅକୁ ସମ୍ମାନ ସ୍ୱରୂପ ଗୋଟିଏ ଟଙ୍କା ଦେବେ—

ବିଶ୍ୱକଲ୍ୟାଣ ୧୯୫୮

———

# ଯୌତୁକ ପ୍ରଥା ଓ ବିବାହ ପ୍ରଥା

ଯୌତୁକ ପ୍ରଥା ବିଷୟରେ ଅନେକ ପ୍ରକାର ଆଲୋଚନା କରାଗଲାଣି । ଯୌତୁକ ପ୍ରଥାକୁ ବିବାହ ପ୍ରଥା ସଙ୍ଗେ ତୁଳନା କରି ଆଜି ଗୋଟିଏ ନୂଆ ପ୍ରକାର ଆଲୋଚନା କରାଗଲା । ଯାହା ପୂର୍ବରୁ ଚଳି ଆସୁଛି କିମ୍ବା ଏବେ ଚଳିଗଲାଣି ତାର ଅନ୍ଧାନୁସରଣକୁ ପ୍ରଥା କୁହାଯାଏ । ଏହି ଦୁଇ ପ୍ରକାର ଅନ୍ଧାନୁସରଣ ମିଶି ଏବେ ଗୋଟିଏ ନୂଆ ପ୍ରକାର ପ୍ରଥା ସୃଷ୍ଟି ହେଲାଣି । ଏହି ପ୍ରଥା ବା ଅନ୍ଧାନୁସରଣ ଆମର ସ୍ୱାଧୀନ ଚିନ୍ତାଧାରାକୁ ରୁନ୍ଧି ଦେଇ ରଖିଛି । ଅତଏବ ଏହି ପ୍ରଥା ସବୁରୁ ବା ଅନ୍ଧାନୁସରଣ ସବୁରୁ ମୁକ୍ତ ନ ହେବାଯାଏ ବିବାହ କିମ୍ବା ଯୌତୁକ କିମ୍ବା ଅନ୍ୟ କୌଣସି ବିଷୟରେ ଆମେ କିଛି ଚିନ୍ତା କରି ପାରୁନାହିଁ । ପ୍ରଥମେ ବୁଝିବା ବିବାହ ପ୍ରଥାରୁ ଯୌତୁକ ପ୍ରଥାର ଉତ୍ପତ୍ତି, ତେଣୁ ବିବାହ ପ୍ରଥାରୁ ଅନ୍ଧାନୁସରଣ ଓ ବୃଥାଡ଼ମ୍ବରକୁ ବିଦାୟ ଦେଲେ ଯୌତୁକ ପ୍ରଥା ଆପେ ଆପେ ଉଠିଯିବ । କାରଣ ଅନ୍ଧାନୁସରଣ ଓ ବୃଥାଡ଼ମ୍ବରକୁ ବିଦାୟ ଦେଲେ ଯୌତୁକ ପ୍ରଥା ଆପେ ଉଠିଯିବ । କାରଣ ଅନ୍ଧାନୁସରଣ ଓ ବୃଥାଡ଼ମ୍ବରରେ ଖର୍ଚ୍ଚ କରିବାପାଇଁ ହିଁନା ବରପକ୍ଷ ଯୌତୁକ ଦାବୀ କରେ । ଯେତେ ଟଙ୍କା କନ୍ୟାପକ୍ଷ ଅନ୍ଧାନୁସରଣରେ ଓ ବୃଥାଡମ୍ବରରେ ଖର୍ଚ୍ଚ କରନ୍ତି ସେତେ ଟଙ୍କା ଯଦି ସେ କନ୍ୟା ନାମରେ ଡ଼ାକଘର ବହିରେ ଜମା କରି ଦିଅନ୍ତି ତେବେ ବରପକ୍ଷ କଦାଚ ଯୌତୁକ ଦାବୀ କରନ୍ତି ନାହିଁ ଏବଂ କନ୍ୟାପକ୍ଷର ଆଦର୍ଶରୁ ଉପଯୁକ୍ତ ଶିକ୍ଷା ପାଇଁ ବରପକ୍ଷ ମଧ୍ୟ ଯାବତୀୟ ଅଯଥା ଅପବ୍ୟୟରୁ ନିବୃତ୍ତ ହୁଅନ୍ତି ।

ଅନ୍ୟ ଗୋଟିଏ ଉପାୟ ଏହିକି ଯେଉଁମାନେ ଯୌତୁକପ୍ରଥାକୁ ପ୍ରକୃତରେ ଘୃଣା କରନ୍ତି ସେମାନେ ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ବିବାହ ଉତ୍ସବରେ ଓ ବିଶେଷତଃ ବିବାହଭୋଜିରେ ଯୋଗଦେବେ ନାହିଁ ବୋଲି ପ୍ରତିଜ୍ଞା କରନ୍ତୁ । କେବଳ ଦଶଜଣ ଲୋକ ଏପରି ପ୍ରତିଜ୍ଞାବଦ୍ଧ ହେଲେ ଯୌତୁକ ପ୍ରଥା କାଲି ଉଠିଯିବ । ମାତ୍ର ଦୁଃଖର କଥା ଓ ଲଜ୍ଜାର କଥା ଏହିକି ଏପରି ଦଶଜଣ ଲୋକ

*

ବାହାରିବା ସୁକଠିନ । ସମସ୍ତେ କେବଳ ବଡ଼ ବଡ଼ ସ୍ୱକଷ୍ଟ ପାଇଁ ବଡ଼ ବଡ଼ ନେତା ହେବାପାଇଁ ବ୍ୟାକୁଳ ।

ଆଜକାଲି ଯୌତୁକଦାବୀ କରିବାକୁ କେହି କେହି ଲଜ୍ଜାବୋଧ କଲେଣି । ମାତ୍ର ମନେ ମନେ ବୁଝନ୍ତି ଯେ, ଏଠାରେ ବିବାହ କଲେ ନିଶ୍ଚୟ ଅନେକ ମିଳିବ । କେହି କେହି କହନ୍ତି,—"ଆମର କିଛି ଦାବୀ ନାହିଁ, ଆପଣ ଯାହା ଦେବେ" ଇତ୍ୟାଦି । ଓଃ ! ଏହା କିପରି ନୀଚ ମନୋବୃତ୍ତି ଟିକେ ଭାବନ୍ତୁ । ଆଉ ମଧ୍ୟ ଯୌତୁକ ଦାବୀ କରିବା ଅପେକ୍ଷା ଏହା ବେଶୀ ଅନିଷ୍ଟପ୍ରଦ । କାରଣ ଲୋଭୀର ଆଶା ପୂରଣ କରିବା ସୁକଠିନ । ତେଣୁ କନ୍ୟାପକ୍ଷର ଦିଆ ଜିନିଷ ବରପକ୍ଷର ଆଶାନୁରୂପ ନ ହେବାରୁ ଅନେକ ସ୍ଥଳରେ ମନାନ୍ତର ସୃଷ୍ଟି ହୁଏ, ଝିଅଟିକୁ ଅନେକ କର୍କଶ କଥା ଶୁଣିବାକୁ ପଡ଼େ ଏବଂ ପରିଶେଷରେ ବନ୍ଧୁ ସ୍ନେହ ଲୋପ ହୁଏ । ସମାଜ ଧ୍ୱଂସକାରୀ ଯୌତୁକ ପ୍ରଥାର ମୂଳୋତ୍ପାଟନ କରିବାକୁ ହେଲେ ବିବାହରୁ ଦିଆନିଆ ପ୍ରଥା ସମ୍ପୂର୍ଣ୍ଣରୂପେ ଉଠିଯିବା ଏକାନ୍ତ ଆବଶ୍ୟକ । ବନ୍ଧୁତା କିମ୍ବା ସ୍ନେହର ନିଦର୍ଶନ ନାମରେ ମଧ୍ୟ ବରପକ୍ଷ କିମ୍ବା ବରପାତ୍ର କନ୍ୟାପକ୍ଷରୁ କିମ୍ବା କନ୍ୟାର ବନ୍ଧୁବାନ୍ଧବମାନଙ୍କଠାରୁ କିଛିମାତ୍ର ଗ୍ରହଣ ନକରୁ ।

ବିଶ୍ୱକଲ୍ୟାଣ ୧୯୬୮

# ଯୌତୁକ ଦାବୀ ଓ ନାରୀ ସ୍ୱାଧୀନତା

ନାରୀ ସ୍ୱାଧୀନତା ପ୍ରତିଷ୍ଠା କରିବାକୁ ହେବ, ଯୌତୁକ ପ୍ରଥାର ମୂଳୋତ୍ପାଟନ କରିବାକୁ ହେବ ଇତ୍ୟାଦି କଥା ସବୁ ଯେଉଁ ଶିକ୍ଷିତ ସମାଜ ଶତାଧିକ ବର୍ଷ ହେଲା ଚିତ୍କାର କରୁଅଛି ସେହି ଶିକ୍ଷିତ ସମାଜ ଯୌତୁକ ପ୍ରଥାକୁ ପ୍ରଶ୍ରୟ ଦେଇ ନାରୀ ସ୍ୱାଧୀନତା ମୂଳରେ କୁଠାରାଘାତ କରୁଅଛି । ବରପାତ୍ର ହାପୋଟି ହୁଅନ୍ତୁ ବା ଜମିଦାର ହୁଅନ୍ତୁ, ସେ ଯଦି ଯୌତୁକ ଦାବୀ କରନ୍ତି ସମାଜଦ୍ରୋହୀ ସେହି ନିର୍ଲ୍ଲଜକୁ ଫେରାଇ ଦିଅନ୍ତୁ ।

ସ୍କୁଲ୍ କଲେଜରେ ପଢୁଥିବା ଅବିବାହିତା ଝିଅମାନଙ୍କୁ ଦେଖିଲେ ମନରେ ଆନନ୍ଦ ଆସେ, ମାତ୍ର ଯୌତୁକ ପ୍ରଥା ମନେ ପଡ଼ିଯାଇ ଦୁଃଖ ଆସେ । ସ୍ୱାଧୀନତାର ସୁଖ କଣ ତାହା ପୁରୁଷମାନେ ଏ ପର୍ଯ୍ୟନ୍ତ ଜାଣିନାହାନ୍ତି । ଜାଣିଥିଲେ ସେମାନେ ସ୍ତ୍ରୀ ଜାତିକୁ ଏପରି ଖେଳଣା କୁଣ୍ଢେଇ ଓ ଦାସୀକରି ରଖି ନଥାନ୍ତେ । ଦେଶକୁ ଅନ୍ୟ ଦେଶର କବଳରୁ ମୁକ୍ତ କରିବାପାଇଁ ଯେପରି ଯୁଦ୍ଧ କରିବାକୁ ହେଲା ନାରୀଜାତିକୁ ପୁରୁଷ ଜାତିର କବଳରୁ ମୁକ୍ତ କରିବା ପାଇଁ ଅନେକ ପ୍ରକାର ଭୀଷଣତର ଯୁଦ୍ଧ କରିବାକୁ ପଡ଼ିବ । ତେବେ ଯାଇଁ କି ପୁରୁଷ କି ସ୍ତ୍ରୀ ସମସ୍ତେ ବ୍ୟକ୍ତିଗତ ସ୍ୱାଧୀନତାର ସୁଖ ପାଇ ପାରିବେ । ପୁରୁଷମାନଙ୍କପରି ବଡ଼ ବଡ଼ ଚାକିରୀ କରି ନିଜର ଭୋଗବିଳାସରେ ରହିବା ଓ କାହାରି କଥା ନ ଶୁଣି ଯାହାଇଚ୍ଛା ତାହା କରିବା ନାରୀ ସ୍ୱାଧୀନତା ନୁହେଁ-ଯୌତୁକ ପ୍ରଥା ସହିତ ନାରୀ ପରାଧୀନତାର ଘନିଷ୍ଟ ସମ୍ବନ୍ଧ । ସମାଜରୁ ଯୌତୁକ ପ୍ରଥା ନ ହଟିବା ଯାଏଁ ମନେରଖ ପୁରୁଷଜାତି କବଳରୁ ନାରୀ ଜାତି ମୁକ୍ତ ହୋଇ ନାହିଁ । ସେତେଦିନ ପର୍ଯ୍ୟନ୍ତ ଦେଶର ସ୍ୱାଧୀନତାର କନ୍ୟା ରତ୍ନମାନଙ୍କର ତଥାକଥିତ ଶିକ୍ଷାର ମଧ୍ୟ କୌଣସି ମୂଲ୍ୟ ନାହିଁ ।

ବିଶ୍ୱକଲ୍ୟାଣ ୧୯୫୭

## ୭ମ ପରିଚ୍ଛେଦ

# ଅନ୍ଧ ଅନୁସରଣ ଓ ବୃଥାଡମ୍ବର

ଗୋଟିଏ ବୃଦ୍ଧ ଆଜନ୍ମ ବ୍ରହ୍ମଚାରୀ ଚଣ୍ଡୀ ମନ୍ଦିରରେ ବସି ଚଣ୍ଡୀପାଠ କରୁଅଛନ୍ତି ।

"ଭାର୍ଯ୍ୟା ମନୋରମାଂ ଦେହି ମନୋବୃତ୍ତ୍ୟନୁସାରିଣୀମ୍"

କଥାଟିର ଅର୍ଥ ଏହିକି ମନୋବୃତ୍ତିକୁ ଅନୁସରଣ କରିବ ଏପରି ଗୋଟିଏ ମନୋରମା ଭାର୍ଯ୍ୟା ପାଇବା ପାଇଁ ବୃଦ୍ଧ ବ୍ରହ୍ମଚାରୀ ମା ଚଣ୍ଡୀଙ୍କୁ ପ୍ରାର୍ଥନା କରୁଅଛନ୍ତି । ଚଣ୍ଡୀପାଠ ଶେଷ କରି ବ୍ରହ୍ମଚାରୀ ମହାଶୟ ଗୀତାପାଠ ଆରମ୍ଭ କଲେ :—

"ବୁଦ୍ଧୌ ଶରଣ ମନ୍ୱିଚ୍ଛ କୃପଣାଃ ଫଳ ହେତବଃ" (୨ୟ—୪୯)
"କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟ ଦେବତାଃ (୭ମ—୨୦)

ଗୀତାର ପ୍ରଥମ କଥାଟିର ଅର୍ଥ ଏହି କି ( ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଅଛନ୍ତି ) ଯେଉଁମାନେ ଫଳକାମନା କରି କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି । ତୁମ୍ଭେ ତାହା ନ କରି ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଇଚ୍ଛା କର । ଦ୍ୱିତୀୟ କଥାଟିର ଅର୍ଥ ଏହି କି ନିଜ ନିଜର କାମନା ସବୁଦ୍ୱାରା ହୃତଜ୍ଞାନ ହୋଇ ଲୋକେ ଭିନ୍ନ ଭିନ୍ନ ଦେବତା ପୂଜା

କୁରନ୍ତି । ବର୍ତ୍ତମାନ ବୁଝନ୍ତୁ ଚଣ୍ଡୀପାଠ ଓ ଦେବତାପୂଜା ଇତ୍ୟାଦିର ଅନ୍ଧ ଅନୁସରଣ କରିବାକୁ ଅର୍ଥାତ୍ ଫଳକାମନା କରି କର୍ମ କରିବାକୁ ଗୀତା ବାରମ୍ବାର ନିନ୍ଦା କରୁଥିବା ସ୍ଥଳେ ଚଣ୍ଡୀପାଠ ଓ ଦେବତା ପୂଜା କରିବା ବ୍ୟକ୍ତି, କିମ୍ବା ମନୋରମା ଭାର୍ଯ୍ୟାଟିଏ ପାଇବା ପାଇଁ ମା ଚଣ୍ଡୀଙ୍କୁ ପ୍ରାର୍ଥନା କରୁଥିବା ବ୍ୟକ୍ତି ପକ୍ଷରେ ଗୀତା ପାଠ କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ ଏବଂ ଗୀତା ପାଠ କରିବା ବ୍ୟକ୍ତି ପକ୍ଷରେ ଚଣ୍ଡୀ ପାଠ ଓ ଦେବତା ପୂଜା କରିବା ଏବଂ ମନୋରମା ଭାର୍ଯ୍ୟାଟିଏ ପାଇବା ପାଇଁ ମା ଚଣ୍ଡୀଙ୍କୁ ପ୍ରାର୍ଥନା କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ । ପ୍ରକୃତରେ ବୁଝିବାକୁ ଗଲେ ବ୍ରହ୍ମଗ୍ରସ୍ତ ମହାଶୟ ଚଣ୍ଡୀପାଠ କରୁନାହାନ୍ତି କିମ୍ବା ଗୀତା ପାଠ କରୁ ନାହାନ୍ତି କିମ୍ବା ଦେବତା ପୂଜା କରୁନାହାନ୍ତି କିମ୍ବା ମନୋରମା ଭାର୍ଯ୍ୟାଟିଏ ପାଇବା ପାଇଁ ପ୍ରାର୍ଥନା ମଧ କରୁ ନାହାନ୍ତି । ସେ ଯାହା କରୁଛନ୍ତି ତାହା ହେଉଛି ଅତୀତ ଓ ପରମ୍ପରାର ଅନ୍ଧ-ଅନୁସରଣ ବା ଅନ୍ଧତା । ଏହି ଅନ୍ଧତା କେବଳ ଯେ ହିନ୍ଦୁ ସମ୍ପ୍ରଦାୟରେ ଅଛି ତାହା ନୁହେଁ, ଏହା ଭିନ୍ନ ଭିନ୍ନ ପ୍ରକାରରେ କି ମୁସଲମାନ କି ଖ୍ରୀଷ୍ଟିଆନ ସବୁ ସମ୍ପ୍ରଦାୟରେ ଅଛି । ତଥାକଥିତ ଶିକ୍ଷିତ ସମାଜ ଏହି ସବୁ ଅନ୍ଧ-ଅନୁସରଣ ପରିତ୍ୟାଗ କରି ନ ପାରି ନିଜର ଅନ୍ଧତାକୁ ଓ ଦୁର୍ବଳତାକୁ ସମର୍ଥନ କରିବା ଅଭିପ୍ରାୟରେ ନାନା ପ୍ରକାର ବୈଜ୍ଞାନିକ ଓ ଦାର୍ଶନିକ ଯୁକ୍ତିସବୁ ଦେଖାଉଅଛି ଏବଂ ଏହି ଅନ୍ଧତାକୁ ସାମାଜିକତା ନାମ ଦେଇ ଗର୍ବ ଅନୁଭବ ମଧ କରୁଅଛି ।

ଚଣ୍ଡୀପାଠ ଓ ଦେବତା ପୂଜା ଇତ୍ୟାଦିର ବ୍ୟବସ୍ଥା କେବେ ଦିଆଯାଇଥିଲା, କାହାଙ୍କ ଦ୍ୱାରା ଦିଆଯାଇ ଥିଲା ଓ କାହାପାଇଁ ଦିଆଯାଇଥିଲା ଏବଂ ଏହି ସବୁ ବ୍ୟବସ୍ଥାର ଅନ୍ଧ-ଅନୁସରଣ କରିବାକୁ ଗୀତା କେବେ ବାରଣ କଲା ଓ କାହାଙ୍କ ବାରଣ କଲା ଏବଂ କି ମୁସଲମାନ, କି ଖ୍ରୀଷ୍ଟିଆନ ସବୁ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ପ୍ରକାର ଅନ୍ଧ-ଅନୁସରଣ ସବୁ କିପରି ଭାବରେ ପ୍ରବେଶ କଲା—ଏହି ସବୁ ବିଷୟ ମୁଁ ଆଲୋଚନା କରିବାକୁ ଯାଉନାହିଁ । କାରଣ ଅତୀତର ଆଲୋଚନାରେ ସତ୍ୟାନ୍ୱେଷୀ ପାଠକ ମାନଙ୍କର ମୂଲ୍ୟବାନ ସମୟକୁ ନଷ୍ଟ କରିବାକୁ ମୁଁ କର୍ତ୍ତବ୍ୟବୋଧ କରୁନାହିଁ । ଆଉମଧ ଅନ୍ଧ-ଅନୁସରଣକୁ ସମର୍ଥନ କରୁଥିବା ପାଠକ-

ମାନଙ୍କୁ ପ୍ରକୃତ କଥା ବୁଝାଇ ସେମାନଙ୍କର ସଂଶୟ ଦୂର କରିବା ମୋର କାର୍ଯ୍ୟନୁହେଁ କିମ୍ବା ଅନ୍ୟ କାହାର ମଧ୍ୟ କାର୍ଯ୍ୟ ନୁହେଁ, ଏହା ସେମାନଙ୍କର ନିଜ ନିଜର କାର୍ଯ୍ୟ ଅଟେ । ଗୀତାର ନିମ୍ନଲିଖିତ ଶ୍ଲୋକଟିରୁ ମୋର ଅଭିପ୍ରାୟ ଏବଂ ପ୍ରକୃତ କଥା ବୁଝି ପାରିବେ ।

"ତସ୍ମାଦଜ୍ଞାନ ସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ
ଛିତ୍ତ୍ୱୈନଂ ସଂଶୟଂ ଯୋଗ ମାତିଷ୍ଠୋତ୍ତିଷ୍ଠ ଭାରତ । (୪ର୍ଥ—୪୨)

ଅର୍ଥ—( ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହୁଅଛନ୍ତି ) ଅତଏବ ହେ ଭାରତ ଅଜ୍ଞାନରୁ ଜାତ ଏବଂ ହୃଦୟରେ ସ୍ଥିତ ଏହି ସଂଶୟକୁ ନିଜର ଜ୍ଞାନ-ରୂପ ଖଣ୍ଡା ଦ୍ୱାରା ଛିନ୍ନ କରି ଉଠ ଏବଂ କାମରେ ପ୍ରବୃତ୍ତ ହୁଅ ।

ଏହି ଶ୍ଲୋକରେ ଥିବା "ଜ୍ଞାନାସିନାତ୍ମନଃ" ଅର୍ଥାତ୍ ନିଜର ଜ୍ଞାନ-ରୂପ ଖଣ୍ଡାଦ୍ୱାରା—ଏହି କଥାଟିରୁ ପ୍ରକାଶ ଯେ ଅଜ୍ଞାନ ଜାତ ହୃଦୟସ୍ଥିତ ନିଜର ସଂଶୟକୁ ଦୂର କରିବାକୁ ହେଲେ ନିଜର ଜ୍ଞାନ ବା 'ଆତ୍ମଜ୍ଞାନ' ଏକାନ୍ତ ଆବଶ୍ୟକ । କୌଣସି ଗୁରୁଙ୍କଠାରୁ କିମ୍ବା କୌଣସି ଧର୍ମ ଗ୍ରନ୍ଥରୁ ଧାର ଆଣିବା ଜ୍ଞାନଦ୍ୱାରା ସଂଶୟ ଦୂର କରିହେବ ନାହିଁ ।

ପ୍ରକୃତ କଥା ବୁଝିଲେ ସୁଦ୍ଧା ଯେଉଁମାନେ, ପରମ୍ପରାର ଅନ୍ଧ-ଅନୁସରଣ ଛାଡ଼ିବେ ନାହିଁ ବୋଲି ଜିଦ୍‌ଧରି ରହିଅଛନ୍ତି କିମ୍ବା ନିଜର ଦୁର୍ବଳତା ଦୋଷରୁ ଅନ୍ଧ-ଅନୁସରଣ ସବୁ ଛାଡ଼ି ପାରୁ ନାହାନ୍ତି, ସେମାନଙ୍କୁ ବର୍ତ୍ତମାନ ମୋର କିଛି କହିବାର ନାହିଁ । ସ୍ୱାର୍ଥାନ୍ଧ ଧର୍ମ-ବ୍ୟବସାୟୀମାନଙ୍କ କଥା ମଧ୍ୟ ଛାଡ଼ିଦିଅନ୍ତୁ । କାରଣ ସମାଜର ଦୁରବସ୍ଥାର ପ୍ରତିକାର ପାଇଁ ସେମାନେ ଉଦାସୀନ ନ ରହିବା ସ୍ୱାଭାବିକ । କେବଳ ବିବେକବାନ୍ ହୃଦୟବାନ୍ ସତ୍ୟାନ୍ୱେଷୀ ପାଠକ ମାନଙ୍କୁ ଅନୁରୋଧ ଏହି କି ସବୁ ପ୍ରକାର ଅନ୍ଧାନୁସରଣ ପରିତ୍ୟାଗ କରିବାକୁ ଏବଂ ସମାଜକୁ ଅନ୍ଧ-ଅନୁସରଣରୁ ମୁକ୍ତ କରିବାକୁ ସେମାନେ ଆଜି ଏହି ମୁହୂର୍ତ୍ତରୁ କର୍ତ୍ତବ୍ୟ-ବୋଧ କରନ୍ତୁ ।

ଅନ୍ଧ-ଅନୁସରଣ ସହିତ ଧର୍ମାଡ଼ମ୍ବରର ଯେ ସମ୍ବନ୍ଧ ତାହା ପୁଣି "ଅଗ୍ନୟେ ବାୟୁ ସ୍ୱାହା" ପରି ସମାଜରେ ଅତି ଭୟଙ୍କର ଅବସ୍ଥା ସୃଷ୍ଟି କରୁଅଛି । ଏ ସବୁ ଅନ୍ଧ-ଅନୁସରଣରେ ଧର୍ମାଡ଼ମ୍ବର ଦେଖାଇ ଆମ୍ଭେ-ମାନେ କୋଟି କୋଟି ଟଙ୍କା ଅପବ୍ୟୟ କରୁଅଛୁଁ ଏବଂ ବହୁ ମୂଲ୍ୟ ସମୟର ଅପବ୍ୟବହାର କରି ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗ କରୁଅଛୁ ।

ଚରିତ୍ର ଗଠନ ହେଉଛି ସନାତନ-ଧର୍ମ ଏବଂ ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଧର୍ମ ଏ କଥା ପ୍ରତ୍ୟେକ ସମ୍ପ୍ରଦାୟର ଧର୍ମଗ୍ରନ୍ଥ ସବୁ ବାରମ୍ବାର କହୁଅଛି; ମାତ୍ର ଚରିତ୍ର-ଗଠନ ଆମ୍ଭମାନଙ୍କ ପକ୍ଷରେ କଷ୍ଟସାଧ ବୋଧ ହେବାରୁ ଏବଂ ଚରିତ୍ର-ଗଠନ ଅପେକ୍ଷା ଚଣ୍ଡୀପାଠ, ଗୀତା ପାଠ ଓ ଦେବତା ପୂଜା ଇତ୍ୟାଦିର ଅନ୍ଧ-ଅନୁସରଣ ସହଜସାଧ ଓ ସୁବିଧା-ଜନକ ବୋଧ ହେବାରୁ ଚରିତ୍ର ଗଠନ ସହିତ ଆମ୍ଭେମାନେ କୌଣସି ସମ୍ବନ୍ଧ ରଖି ନ ପାରି ଏହିସବୁ ଅନ୍ଧ-ଅନୁସରଣକୁ ଏକମାତ୍ର ଧର୍ମ ବୋଲି ଗ୍ରହଣ କରିଅଛୁ । ଚରିତ୍ରଗଠନ ସହିତ ସମ୍ବନ୍ଧ ରଖି ନ ଥିବାରୁ ଆମ୍ଭେମାନେ ନଷ୍ଟଚରିତ୍ର ହୋଇଅଛୁ ଏବଂ ସମାଜର ମଙ୍ଗଳ କାମନା ପ୍ରତି ଉଦାସୀନ ହୋଇଅଛୁ । ବହୁକାଳ ହେଲା ଅନ୍ଧ ଅନୁସରଣରେ ଅଭ୍ୟସ୍ତ ହୋଇ ଥିବାରୁ ଅନ୍ଧ ଭାବରେ ଜୀବନ-ଯାତ୍ରା ନିର୍ବାହ କରି ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛୁ ।

ବିବାହ ବ୍ରତାଦି କର୍ମରେ ଓ ପିତୃ ମାତୃଙ୍କ ଶ୍ରାଦ୍ଧାଦି କର୍ମରେ ଚରିତ୍ର-ହୀନ ଲୋଭୀ ପୁରୋହିତ ବ୍ୟବସାୟୀମାନେ ବହୁ ଦିନରୁ ଚଳି ଆସୁଥିବା "ଯଥା ରାବଣସ୍ୟ ମନ୍ଦୋଦରୀ" ଇତ୍ୟାଦି କେତେଗୁଡ଼ିଏ ସଂସ୍କୃତ ବାକ୍ୟ ପଢ଼ି ଏବଂ ଆଉ ଯାହା ଯାହା କରି ଯେପରି ଭାବରେ ଅର୍ଥ-ଶୋଷଣ କରନ୍ତି ତାହା ଲେଖିବା ଅନାବଶ୍ୟକ । ବର୍ତ୍ତମାନ ଯୁଗରେ ସୁଦ୍ଧା ଏ ସବୁ ଅନ୍ଧାନୁସରଣକୁ ଯେଉଁମାନେ ଧର୍ମ ମନେ କରୁଅଛନ୍ତି, ସେମାନେ ଏହି ସବୁ କର୍ମ ନିରାଡ଼ମ୍ବରରେ ଅର୍ଥାତ୍ ପାଞ୍ଚ ଛଟି ଟଙ୍କା ଖର୍ଚ୍ଚରେ ଏବଂ ଶ୍ରଦ୍ଧା ଓ ଭକ୍ତି ସହକାରେ ସମ୍ପନ୍ନ କଲେ କାହାରି ଧର୍ମହାନି ହେବ ନାହିଁ । ଏହି ଟଙ୍କାରେ ସେମାନେ ଅକର୍ମଣ୍ୟ ଓ ନିରାଶ୍ରୟ ପ୍ରତିବେଶୀ ମାନଙ୍କୁ ସାହାଯ୍ୟ ଦେଇ ପାରିବେ କିମ୍ବା ଅନ୍ୟ କୌଣସି ସମାଜ ହିତକର କାର୍ଯ୍ୟ

କରି ପାରିବେ ଏବଂ ତାହା ପ୍ରକୃତରେ ଧର୍ମକାର୍ଯ୍ୟ ହେବ । ତାହା ଛଡ଼ା ଯେଉଁ ମର୍ଯ୍ୟାଦା ଓ ନାମ ସକାଶେ ସେମାନେ ସର୍ବଦା ଏତେ ଲାଳାୟିତ ତାହା ମଧ୍ୟ ଯଥେଷ୍ଟ ପରିମାଣରେ ବୃଦ୍ଧି ହେବ । ମାତ୍ର ଏହି ସବୁ ପ୍ରଚଳିତ ପ୍ରଥାକୁ ଧର୍ମ ମନେକରି ଏବଂ ଏହିସବୁ ପ୍ରଥାର ଅନ୍ଧ-ଅନୁସରଣରେ ବୃଥାଡମ୍ବର ଦେଖାଇ ଆମ୍ଭେମାନେ ଯେ ନିଜ ନିଜ ପୁତ୍ରକନ୍ୟାମାନଙ୍କର ସରଳ ହୃଦୟରେ ପିଲାଟି ଦିନରୁ ଏହି ଅନ୍ଧତାର ଓ ବୃଥାଡ଼ମ୍ବରର ମଞ୍ଜି ପୋତି ଦେଇ ସେମାନଙ୍କର ଭବିଷ୍ୟତ ଜୀବନକୁ କଳୁଷିତ କରୁଅଛୁ ଏବଂ ଆମ୍ଭମାନଙ୍କର ଏହି ଆଦର୍ଶରେ ସମାଜର ପ୍ରତ୍ୟେକ ପରିବାର ଯେ ଉଚ୍ଛନ୍ନ ହେଉଅଛି ଏହା କାହାରିକୁ ଦେଖାଯାଉ ନାହିଁ । ଗୃଷୀ ମୂଲିଆ ମାନଙ୍କର ଓ ହରିଜନ ମାନଙ୍କର ଉନ୍ନତି ପ୍ରତି ଦୃଷ୍ଟିଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ—ଏକଥା ଆମ୍ଭେମାନେ ମହାତ୍ମା ଗାନ୍ଧିଙ୍କଠାରୁ ଶିକ୍ଷା ପାଇଅଛୁଁ । ମାତ୍ର ପରମ୍ପରାର ଅନ୍ଧ-ଅନୁସରଣ ଫଳରୁ ସେମାନେ ଯେଉଁ ଦାରିଦ୍ର୍ୟ, ଦୁଃଖ ଓ ଅଶାନ୍ତି ଭୋଗ କରୁଅଛନ୍ତି ଆମ୍ଭେମାନେ ସେଥିପ୍ରତି ଦୃଷ୍ଟି ଦେଇ ପାରୁନାହୁଁ । କାରଣ ପୂର୍ବ ବର୍ଣ୍ଣିତ ଅନ୍ଧ-ଅନୁସରଣ ହେଉଛି ଆମ୍ଭମାନଙ୍କର ମଧ୍ୟ ଦୁଃଖ ଦୁରବସ୍ଥାର ଏକମାତ୍ର କାରଣ ଏକଥା ଆମ୍ଭେମାନେ ନିଜେ ଉପଲବ୍ଧି କରିନାହୁଁ । ହରିଜନ ମାନଙ୍କର ତଥା ସମାଜର ଉପସ୍ଥିତ ଦୁଃଖ ଦୁରବସ୍ଥା ପାଇଁ ତଥାକଥିତ ଶିକ୍ଷିତ ଓ ଶ୍ରେଷ୍ଠ ବ୍ୟକ୍ତିମାନେ ସଂପୂର୍ଣ୍ଣ ରୂପେ ଦାୟୀ ଅଟନ୍ତି ଏବଂ ଧନୀମାନେ ମଧ୍ୟ କେତେକ ପରିମାଣରେ ଦାୟୀ ଅଟନ୍ତି । କାରଣ ଏହି ତଥାକଥିତ ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଓ ଧନୀମାନଙ୍କୁ ଆଦର୍ଶ ମନେକରି ଏବଂ ସେହିମାନଙ୍କୁ ଅନୁକରଣ କରି ସେମାନେ ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛନ୍ତି । ଧନୀମାନଙ୍କ କଥା ଛାଡ଼ନ୍ତୁ । କେବଳ ଶିକ୍ଷିତ ଓ ଶ୍ରେଷ୍ଠ ବ୍ୟକ୍ତିମାନେ ଯଦି ପ୍ରକୃତ କଥା ବୁଝନ୍ତେ ଏବଂ ସମାଜର କଲ୍ୟାଣ ପାଇଁ ଆଦର୍ଶ ଜୀବନ ଯାପନ କରିବାକୁ କର୍ତ୍ତବ୍ୟବୋଧ କରି ସବୁ ପ୍ରକାର ଅନ୍ଧ-ଅନୁସରଣ ପରିତ୍ୟାଗ କରନ୍ତେ ଏବଂ ନ୍ୟାୟ୍ୟ ନିମିତ୍ତରେ ବୃଥାଡମ୍ବର ଦେଖାଇବାରୁ ନିବୃତ୍ତ ହୁଅନ୍ତେ ତେବେ ଧନୀମାନେ ମଧ୍ୟ ବାଧ୍ୟ ହୋଇ ସେମାନଙ୍କର ଜୀବନର ଗତି ପରିବର୍ତ୍ତନ କରି ଦିଅନ୍ତେ । ଏହି ଶିକ୍ଷିତ ମାନଙ୍କର ଆଦର୍ଶରେ ଓ ଧନୀମାନଙ୍କର ଅର୍ଥରେ ସମାଜର ଦୁରବସ୍ଥା ଅତିଶୀଘ୍ର ଦୂର ହୋଇଯାନ୍ତା ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ମାତ୍ର ଦୁଃଖର କଥା ଏହିକି ଯେଉଁମାନେ ସମାଜ-ସଂସ୍କାର,

ହରିଜନ ସଂସ୍କାର ଇତ୍ୟାଦି କରୁଅଛନ୍ତି ବୋଲି କହି ସମାଜରେ ନିଜକୁ ଶ୍ରେଷ୍ଠ ବ୍ୟକ୍ତି ବୋଲି ପରିଚୟ ଦେଉଅଛନ୍ତି, ସେମାନେ କେବଳ ନିଜର ନାମ ବଢ଼ାଇବା ଅଭିପ୍ରାୟରେ ମହାତ୍ମା ଗାନ୍ଧି ଯାହା ସବୁ କରିବାକୁ କହି ଯାଇଅଛନ୍ତି, ସେ ସବୁର ଅନ୍ଧ ଅନୁସରଣ ମାତ୍ର କରୁଅଛନ୍ତି ବୋଲି ମୋର ଧାରଣା । ଏହି ସବୁ ଶ୍ରେଷ୍ଠ ବ୍ୟକ୍ତି ମାନଙ୍କଠାରେ ମୁଁ ଦୋଷାରୋପ କରୁନାହିଁ ; କାରଣ ମୁଁ ଭଲରୂପେ ବୁଝିପାରୁଛି ଯେ ପରମ୍ପରାର ଅନ୍ଧ-ଅନୁସରଣ କରିବାରେ ଏବଂ ନିଜର ନାମ ବଢାଇବାକୁ ଇଚ୍ଛା କରିବାରେ ବହୁକାଳରୁ ଅଭ୍ୟସ୍ତ ଥିବାରୁ ଏହି ବହୁକାଳର ଅଭ୍ୟାସ ସେମାନେ ଛାଡ଼ି ପାରୁ ନାହାନ୍ତି । ସେ ଯାହାହେଉ ମୋର ଅଭିପ୍ରାୟ ଏହିକି, ସମାଜ-ସଂସ୍କାର ଓ ହରିଜନ ସଂସ୍କାର ଇତ୍ୟାଦି କାର୍ଯ୍ୟ ପଛକୁ ରଖି ଅନ୍ଧ ଅନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରିବାକୁ ଚେଷ୍ଟା କରିବା ସର୍ବ ପ୍ରଥମେ ଏକାନ୍ତ ଆବଶ୍ୟକ ।

ଏହିସବୁ ଦୂରବସ୍ଥାର ମୂଳ କାରଣ ଏହିକି ସମାଜର ଲୋକେ ଏ ପର୍ଯ୍ୟନ୍ତ ପ୍ରକୃତ ଶିକ୍ଷା ପାଇ ନାହାନ୍ତି । ସ୍କୁଲ କଲେଜରେ ଯେଉଁ ତଥାକଥିତ ଶିକ୍ଷା ଦିଆଯାଉଅଛି ତାହା କେବଳ ଉପାଧି ପାଇବା ପାଇଁ, ଚାକିରି ପାଇବା ପାଇଁ, ଓକିଲାତି ଓ ମୁକ୍ତିଆରି ଇତ୍ୟାଦି କରି ଯେ କୌଣସି ଉପାୟରେ ଟଙ୍କା ରୋଜଗାର କରିବା ପାଇଁ ଏବଂ ବୃଥାଡ଼ମ୍ବର ଦେଖାଇ ନିଜର ମର୍ଯ୍ୟାଦା ବଢ଼ାଇବା ପାଇଁ । କାଲି ରାତିରେ ପ୍ରଭାତ ନାମକ ଗୋଟିଏ ଛ' ବର୍ଷର ଶିଶୁ ତାହାର ଶିଶୁପାଠ ବହିରୁ ଯାହା ପଢୁଥିଲା, ମୁଁ ତାର ପ୍ରଥମ ଦୁଇଧାଡ଼ି ଲେଖୁଛି :—

"ବଡ଼ ହେଲେ ମୁହିଁ ଦେଶର କାମ
କରି ବଢ଼ାଇବି ମୋହର ନାମ ।"

ବର୍ତ୍ତମାନ ଭଲକରି ବୁଝିଲୁ ନାମ ବଢ଼ାଇବା ହେଉଛି ଆମ୍ଭମାନଙ୍କର ତଥାକଥିତ ଶିକ୍ଷାର ଚରମ ଲକ୍ଷ୍ୟ । ଶିକ୍ଷା ବିଭାଗର କେହି ଜଣେ ବୁଝିବେ ନାହିଁ ଯେ, ନାମ ବଢ଼ାଇବାକୁ ଇଚ୍ଛା କରୁଥିବା ବ୍ୟକ୍ତି ପକ୍ଷରେ ଦେଶର କାମ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ଶିଶୁମାନଙ୍କ ହୃଦୟରେ ଏପରି ଧାରଣା ଜନ୍ମାଇବା ବିଶେଷ ଅନିଷ୍ଟପ୍ରଦ । ନାମ ବଢ଼ାଇବାକୁ

*

ଇଚ୍ଛା କରିବା ଓ ବୃଥାଡ଼ମ୍ବର ଦେଖାଇବା ଏ ଦୁହେଁ ଏକା କଥା କହିଲେ ଚଳେ । ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ଏହିକି ନାମ ବଢ଼ାଇବା ଇଚ୍ଛାଟି ଦେଶର କାମ କରିବା ଛଦ୍ମବେଶଧରି ସମାଜରେ ନିଜକୁ ଶ୍ରେଷ୍ଠ ବ୍ୟକ୍ତି ବୋଲି ପରିଚୟ ଦେଉଅଛି । ନାମ ବଢ଼ାଇବାକୁ ଏବଂ ବୃଥାଡ଼ମ୍ବର ଦେଖାଇବାକୁ ଆମ୍ଭେମାନେ ଗୋଟିଏ ସଦ୍‌ଗୁଣ ବୋଲି ଗ୍ରହଣ କରି ସାରିଲୁଣି । ହାୟ ! କେବେ ଆମ୍ଭମାନଙ୍କର ଅନ୍ଧତା ଦୋଷ ଦୂର ହେବ ? କେବେ ଆମ୍ଭମାନଙ୍କର ବିବେକ ଚକ୍ଷୁ ଫିଟିବ ? କେବେ ଆମ୍ଭେମାନେ ପ୍ରକୃତ ଶିକ୍ଷା ପାଇ ପାରିବୁ ? କେବେ ଆମ୍ଭେମାନେ ଅନ୍ଧ ଅନୁସରଣ ସବୁ ପରିତ୍ୟାଗ କରି ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଶିଖିବୁ ? କେବେ ଆମ୍ଭେମାନେ ବୁଝି ପାରିବୁ ଯେ ଅନ୍ଧ ଅନୁସରଣ ଓ ବୃଥାଡମ୍ବର ଏହି ଦୁହେଁ ହେଉଛନ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଦୁଃଖ ଦୁରବସ୍ଥାର ଏକମାତ୍ର କାରଣ ।

ଏହି କୁଶିକ୍ଷାର ଯେଉଁସବୁ ବିଷମୟ ଫଳ ଆମ୍ଭେମାନେ ପ୍ରତ୍ୟେକ ପରିବାରରେ ପ୍ରତିଦିନ ଭୋଗ କରୁଅଛୁଁ ତାହା ବର୍ଣ୍ଣନା କଲେ ସ୍ୱତନ୍ତ୍ର ଖଣ୍ଡିଏ ବହି ହେବ । ଏହିସବୁ ବିଷୟ ମୁଁ ବର୍ଣ୍ଣନା କରିବାକୁ ଯାଉନାହିଁ । କେବଳ ଗୋଟିଏ ମାତ୍ର ବିଷୟ ଏଠାରେ ଲେଖିବାକୁ ଆବଶ୍ୟକ ମନେ କରୁଅଛି । ସେହି ବିଷୟଟି ହେଉଛି ସମାଜ-ଧ୍ୱଂସକାରୀ ଯୌତୁକ-ପ୍ରଥା । ତଥାକଥିତ ଶିକ୍ଷିତମାନେ ବିବାହ ପୂର୍ବରୁ ଦେବା ନେବାର ଚୁକ୍ତି କରିବାକୁ ତିଳେମାତ୍ର ଲଜ୍ଜା ବୋଧ କରୁନାହାନ୍ତି । ଏହା ଫଳରେ ସମାଜରୁ ପ୍ରକୃତ ବନ୍ଧୁତା ବା ବନ୍ଧୁ ସ୍ନେହ ସଂପୂର୍ଣ୍ଣରୂପେ ଲୋପ ହୋଇ ସାରିଲାଣି ଏବଂ ପ୍ରେମ ଉପରେ ପ୍ରତିଷ୍ଠିତ ପବିତ୍ର ବିବାହ-ସମ୍ବନ୍ଧ ଆଜି କିଣା-ବିକା ବ୍ୟବସାୟରେ ପରିଣତ ହୋଇ ସାରିଲାଣି । ସମାଜ ଧ୍ୱଂସ ସାଧନ କରୁଥିବା ଏହିସବୁ ନିର୍ଲଜ ତଥାକଥିତ ଶିକ୍ଷିତମାନଙ୍କ ଘରେ ଏବଂ ଲୋଭୀ ଧନୀ-ମାନଙ୍କ ଘରେ ଝିଅମାନେ ଦୁଃଖ ଅଶାନ୍ତି ଭୋଗ କରିବା ଅବଶ୍ୟମ୍ଭାବୀ, ଏତିକି କଥା ବୁଝି ନପାରି ଏହିମାନଙ୍କ ଘରୁ ଜ୍ୱାଇଁ ଖରିଦ କରିବାପାଇଁ ଆମ୍ଭେମାନେ ସର୍ବଦା ବ୍ୟାକୁଳ ହେଉଅଛୁ ଏବଂ ଯେ କୌଣସି ଉପାୟରେ ଏପରି ଜ୍ୱାଇଁଟିଏ ଖରିଦ କରି ପାରିଲେ ଖୁବ୍ ଆନନ୍ଦ ଅନୁଭବ ମଧ୍ୟ କରୁଅଛୁଁ ।

ବାପ ଅଜା ଧନ ସମ୍ପତ୍ତି ଓ ଜମିବାଡ଼ି ରଖି ଯାଉଅଛନ୍ତି କାରଣ ପୁଅ ନାତିମାନେ ଏହି ସମ୍ପତ୍ତିରୁ ଖାଇ ପିଇ ସୁଖରେ ରହିବେ, ମାତ୍ର ଏହାର ଫଳ ବିଷମୟ ହେଉଅଛି । କାରଣ ଏହି ସମ୍ପତ୍ତି ଉପରେ ନିର୍ଭର କରି ପୁଅ ନାତିମାନେ ଅକର୍ମା ହେଉଅଛନ୍ତି ଏବଂ ଅକର୍ମା ହେବା ଫଳରୁ ନଷ୍ଟଚରିତ୍ର ମଧ୍ୟ ହେଉଅଛନ୍ତି କାରଣ ଇଂରାଜୀରେ ଗୋଟିଏ କଥା ଅଛି—

"Idle man's brain is devils work-shop"

ଅର୍ଥାତ୍ ଅଲସୁଆ ବା ଅକର୍ମା ଲୋକର ମସ୍ତିଷ୍କ ହେଉଛି ସଇତାନ ବା ରାକ୍ଷସ ମାନଙ୍କର କର୍ମକ୍ଷେତ୍ର । ଏହି ପୁଅ ନାତିମାନେ ବିଳାସବ୍ୟସନରେ, ନାଚ-ତାମସାରେ ଓ ବିବାହ, ବ୍ରତାଦି ନ୍ୟାୟୁନିମିତ୍ତରେ ବୃଥା ଆଡ଼ମ୍ବର ଦେଖାଇ ପରିଶେଷରେ ଦାରିଦ୍ର୍ୟ ଦୁଃଖ ମଧ୍ୟ ବରଣ କରୁଅଛନ୍ତି । ଏହି ସବୁ ଉଦାହରଣ ଆମ୍ଭେମାନେ ସମାଜରେ ସର୍ବତ୍ର ଓ ସର୍ବଦା ଦେଖୁଥିଲେ ସୁଦ୍ଧା ଅନ୍ଧତା ଦୋଷରୁ ଏହି ସବୁ ଉଦାହରଣରୁ ଆମ୍ଭେମାନେ କୌଣସି ଶିକ୍ଷା ଗ୍ରହଣ କରି ପାରୁନାହୁଁ ଏବଂ ପ୍ରକୃତ କଥା ବୁଝିଲେ ସୁଦ୍ଧା ନିଜର ବୁଝିବା ଅନୁସାରେ ଜୀବନର ଗତି ପରିବର୍ତ୍ତନ କରି ପାରୁନାହୁଁ ।

ଅନ୍ଧ-ଅନୁସରଣ ଓ ବୃଥାଡମ୍ବର ଏହି ଦୁହେଁ ବହୁକାଳ ହେଲା ଆମ ସମାଜରେ ରାଜତ୍ୱ ବିସ୍ତାର କରି ରହିଅଛନ୍ତି । ବିଦେଶୀୟମାନଙ୍କର ରାଜତ୍ୱରେ ଆମ୍ଭମାନଙ୍କୁ ଯେଉଁ ଦୁଃଖ ଦୁରବସ୍ଥା ଭୋଗ କରିବାକୁ ହେଉଥିଲା ଏହି ଦୁହିଁଙ୍କର ରାଜତ୍ୱରେ ଆମ୍ଭମାନଙ୍କୁ ଅନ୍ୟ ଗୋଟିଏ ପ୍ରକାର ମାତ୍ର ତଦପେକ୍ଷା ଅଧିକ ଦୁଃଖ ଦୁରବସ୍ଥା ଭୋଗ କରିବାକୁ ହେଉଅଛି । ଦେଶକୁ ବିଦେଶୀୟମାନଙ୍କର ରାଜତ୍ୱରୁ ମୁକ୍ତ କରିବା ପାଇଁ ଆମ୍ଭମାନଙ୍କୁ ଯେପରି ଯୁଦ୍ଧ କରିବାକୁ ହୋଇଥିଲା ନିଜକୁ ତଥା ସମାଜକୁ ଏହି ଦୁହିଁଙ୍କର ରାଜତ୍ୱରୁ ମୁକ୍ତ କରିବାକୁ ହେଲେ ଆମ୍ଭମାନଙ୍କୁ ଅନ୍ୟ ଗୋଟିଏ ପ୍ରକାର ଯୁଦ୍ଧ, ମାତ୍ର ତଦପେକ୍ଷା ବଡ଼ ଯୁଦ୍ଧ ଘୋଷଣା କରିବାକୁ ହେବ । ନିଜକୁ ତଥା ସମାଜକୁ । ଏହି ଦୁହିଁଙ୍କର କରକବଳରୁ ମୁକ୍ତ କରି ପାରିଲେ ସମାଜରେ କାହାରି ଜଣଙ୍କର ସୁଦ୍ଧା ଅନ୍ନବସ୍ତ୍ରର ଅଭାବ ରହିବ ନାହିଁ,

ସ୍ବେର-ଉଚ୍ଚାରିତ ରହିବେ ନାହିଁ, ଶାସନ କରିବା ପାଇଁ କୌଣସି ପ୍ରକାର ସରକାର ରହିବା ମଧ୍ୟ ଆବଶ୍ୟକ ହେବ ନାହିଁ ।

ସମସ୍ତେ ଅନ୍ଧ-ଅନୁସରଣ କରୁଅଛନ୍ତି ଏବଂ ସମସ୍ତେ ବୃଥାଡ଼ମ୍ବର ଦେଖାଉଅଛନ୍ତି ଏ କଥା ପ୍ରାୟ ପ୍ରତ୍ୟେକଙ୍କ ମୁହଁରୁ ଶୁଣାଯାଉଅଛି । ମାତ୍ର କହିବା ଲୋକ ଯେ ନିଜେ ଏ ଦୁର୍ବୃତ୍ତିଙ୍କ କରକବଳରୁ ମୁକ୍ତ ନୁହେଁ, ଏକଥା କାହାରିକୁ ଦେଖା ଯାଉନାହିଁ । ଅନ୍ୟମାନଙ୍କ ଉପରେ ଦୋଷାରୋପ କରିବା, କିମ୍ବା ଅନ୍ୟମାନଙ୍କୁ ଅପେକ୍ଷା କରି ନିଜେ ନିଶ୍ଚେଷ୍ଟ ବସି ରହିବା ନିର୍ବୋଧତାର ଓ କାପୁରୁଷତାର ପରିଚୟ । ମୂର୍ଖ ପଣ୍ଡିତ ନିର୍ବିଶେଷରେ, ଧନୀ ଦରିଦ୍ର ନିର୍ବିଶେଷରେ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଆଜି ଏହି ଯୁଦ୍ଧରେ ଯୋଗଦିଅନ୍ତୁ ଏବଂ କେହି ପଛକୁ ରହିବାକୁ ଇଚ୍ଛା ନ କରି ପ୍ରତ୍ୟେକ ବ୍ୟକ୍ତି ଅନ୍ୟମାନଙ୍କ ଅଗ୍ରଗାମୀ ହେବାକୁ କର୍ତ୍ତବ୍ୟ ବୋଧ କରନ୍ତୁ । ଏଥିପାଇଁ କୌଣସି ପ୍ରକାର ଶିକ୍ଷାର କିମ୍ବା ଧନ ସମ୍ପତ୍ତିର ଆବଶ୍ୟକ ହେବ ନାହିଁ । ଆବଶ୍ୟକ ହେବ କେବଳ ଗୋଟିଏ ମାତ୍ର କଥା ଏବଂ ସେ କଥାଟି ହେଉଛି ଜାତି ଧର୍ମ ନିର୍ବିଶେଷରେ ସମାଜର ସମସ୍ତଙ୍କର ଓ ପ୍ରତ୍ୟେକଙ୍କର ପ୍ରକୃତ କଲ୍ୟାଣ ପାଇଁ ସଦିଚ୍ଛା ଓ ଆଗ୍ରହ ।

୧୯୫୨ ମସିହା

— —

# ଜ୍ୟୋତିଷ

●

## ଅନ୍ଧବିଶ୍ୱାସୀର ଦୁରବସ୍ଥା

### ( ପ୍ରକୃତ ଘଟଣା )

'ପ୍ରକୃତ ଘଟଣା' ଏ କଥାଟି ଲେଖିବାଦ୍ୱାରା ମୁଁ କହୁନାହିଁ ଯେ ଆପଣମାନେ ଏହାକୁ ପ୍ରକୃତ ଘଟଣା ବୋଲି ଗ୍ରହଣ କରନ୍ତୁ । ଘଟଣାଟି ମୋତେ ପ୍ରକୃତ ହେଲେ ମଧ୍ୟ ଆପଣମାନଙ୍କୁ ତାହା ପ୍ରକୃତ ବା ସତ୍ୟ ହୋଇ ନ ପାରେ । ଏହି ସବୁ ଘଟଣା ଆମ୍ଭେମାନେ ସବୁଦିନେ ଦେଖୁଛୁଁ । ତେଣୁ ନିମ୍ନଲିଖିତ ଘଟଣାଟି ପ୍ରକୃତ କି ଅପ୍ରକୃତ ତାହା ଅନୁସନ୍ଧାନ କରିବାର ଆବଶ୍ୟକ ହେବ ନାହିଁ ।

ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଦେଇଥିବା ୧୬-୧୭ ବର୍ଷର ଗୋଟିଏ ପୁଅ ଫଳ ବାହାରିବାର ୫-୬ ଦିନ ପୂର୍ବେ ନିକଟସ୍ଥ ଜଣେ ଜ୍ୟୋତିଷଙ୍କ ବ୍ରାହ୍ମଣ ପଣ୍ଡିତଙ୍କୁ ପାଶ କରିବ କି ନାହିଁ ପ୍ରଶ୍ନ କଲାରୁ ଜ୍ୟୋତିଷଜ୍ଞ ପଣ୍ଡିତେ କହିଲେ "ପାଶ କରିବା କଥା ତାକୁ ନାହିଁ । ତେବେ ମୁଁ ଥରେ ଚେଷ୍ଟା କରିବି; ପାଶ ହୋଇ ଯାଇପାରେ । ତୁ କାଲି ସକାଳେ ଅଳ୍ପ ଅରୁଆ ଚାଉଳ, ଗୋଟିଏ ଗୁଆ ଓ ଗୋଟିଏ ଟଙ୍କା ଆଣି ଆସିବୁ । ଉପବାସ ରହିଥିବୁ, ପୂଜା ପରେ ଖାଇବୁ ।" ପଣ୍ଡିତଙ୍କ କହିବା ଅନୁସାରେ ପିଲାଟି ଚାଉଳ, ଗୁଆ ଓ ଟଙ୍କାଟି ନେଇ ପଣ୍ଡିତଙ୍କୁ ଦେଲା । ପଣ୍ଡିତେ ସେ ସବୁ ରଖି ପିଲାଟିକୁ ବସିବାକୁ କହି ଅନ୍ୟ କୌଣସି କାର୍ଯ୍ୟରେ ଚାଲିଗଲେ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଫେରିଲେ ନାହିଁ । ପିଲାଟି ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସ ରହିଥିବାରୁ ପିଲାର ବାପାଙ୍କ ମନରେ ଦୁଃଖ ଆସିଥିଲା । ତେଣୁ ମୋତେ ଏସବୁ କଥା କହିଲେ । ଆଉ କିଛି ଖର୍ଚ୍ଚ ହୋଇ ତହିଁ ଆରଦିନ ପୂଜା ହେଲା । ଦିନେ ଦୁଇଦିନ ପରେ ଫଳ ବାହାରିଲା । ମୋର ଜଣେ ଓକିଲ ବନ୍ଧୁଙ୍କ ସଙ୍ଗେ ଯିବାବେଳେ ପିଲାଟି ମୋତେ ନିଜର ଫେଲ ହେବା ସମ୍ବାଦ କହିଲା । ପୂଜା ଉପରେ ହେଲା ପଚାରିବାରୁ ପିଲାଟି

କହିଲା, "ପଣ୍ଡିତେ ପୂଜା ଭଲ କଲେ ନାହିଁ ।" ପିତାମାତାମାନେ ପୁତ୍ର କନ୍ୟାମାନଙ୍କର ସରଳ ହୃଦୟରେ ଅନ୍ଧବିଶ୍ୱାସର ମଞ୍ଜି ପୋତି ଦେଇ ସେମାନଙ୍କର ଭବିଷ୍ୟତ ଜୀବନକୁ କପରି ଅନ୍ଧକାରମୟ କରୁଅଛନ୍ତି ଏହି କଥା ଭାବି ମନରେ ଦୁଃଖ ଆସିଲା । ଦୁଇ ତିନିଦିନ ପରେ ସେହି ଜ୍ୟୋତିଷଜ୍ଞ ପଣ୍ଡିତଙ୍କୁ ପିଲାର ବାପାଙ୍କ ପାଖରେ ବସିଥିବାର ଦେଖିଲି । ତହିଁଆରଦିନ ପିଲାର ବାପାଙ୍କୁ ଜ୍ୟୋତିଷଜ୍ଞ ପଣ୍ଡିତେ ବସିଥିବାର କାରଣ ପଚାରିବାରୁ ସେ କହିଲେ – "ପିଲାର ଜାତକ ଦେଖି ପଣ୍ଡିତେ କହୁଅଛନ୍ତି ଯେ ବୃହସ୍ପତି ଗ୍ରହ ଖରାପ ଥିବାହେତୁ ପିଲା ଯାହା ପଢୁଛି ତାହା ମନେରଖି ପାରୁନାହିଁ । ବୃହସ୍ପତିଙ୍କପାଇଁ ଗ୍ରହପୂଜାଟିଏ କରିଦେଲେ ଏଣିକି ପିଲା ଯାହା ପଢିବ ମନେରଖିବ ।" ଏକଥା ଶୁଣି ମୁଁ ଯାହା କହିଲି ତାହା ଲେଖିବା ଅନାବଶ୍ୟକ । ଶେଷରେ ସେହି ଭଦ୍ରଲୋକ କହିଲେ, "ଗୋଟିଏ ଗ୍ରହପୂଜା କରିଦେଲେ ଯିବ ।"

ଏହି ଜ୍ୟୋତିଷଜ୍ଞ ପଣ୍ଡିତମାନଙ୍କର ନଜର କମ୍ଭା ସେମାନଙ୍କର ପରିବାରସ୍ଥ କାହାରି ଦିନେ କୌଣସି ଗ୍ରହ ଖରାପ ରହିବାର ଦେଖାଯାଏ କି ? ଗ୍ରହଶାନ୍ତି ପାଇଁ ଏହି ପଣ୍ଡିତମାନେ ଗ୍ରହପୂଜା କରିବାର ମଧ୍ୟ ଦେଖାଯାଏ କି ? ଅନ୍ଧବିଶ୍ୱାସୀମାନେ ଓ ଅନ୍ଧାନୁସରଣକାରୀମାନେ ଅନ୍ତତଃ ଏତିକି କଥା ଅନୁସନ୍ଧାନ କରିବାକୁ ଅନୁରୋଧ । ଜନସାଧାରଣଙ୍କର ଦୋଷହିଁ ଏହି ଦୁରବସ୍ଥାର କାହିଁକି, ଯାବତୀୟ ଦୁରବସ୍ଥାର ମୂଳକାରଣ । ଏହି ମୂଳକାରଣ ଦୂର ନକରି ଡାଳପତ୍ର କାଟିବାର କୌଣସି ମୂଲ୍ୟ ନାହିଁ ।

୧୯୫୪ ମସିହା

# ରାଶିଫଳ

ମାତୃଭୂମି ଓ ପ୍ରଜାତନ୍ତ୍ର ଇତ୍ୟାଦି ସମ୍ବାଦପତ୍ରମାନଙ୍କରେ ଓ କେତେକ ପତ୍ରିକାରେ ମଧ୍ୟ ମାସିକ, ସାପ୍ତାହିକ ଓ ଦୈନିକ ରାଶିଫଳ ଧାରାବାହିକ ଭାବରେ ପ୍ରକାଶ ପାଉଅଛି । ନିଜ ନିଜର ଭାଗ୍ୟକୁ ଆଦରି ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗୁଥିବା ଅନ୍ଧବିଶ୍ୱାସୀମାନେ ମଧ୍ୟ ରାଶିଫଳକୁ ଅପେକ୍ଷା କରି ରହିଅଛନ୍ତି । ରାଶିଫଳ ସ୍ଥିର କରିବା ଯେ ସମ୍ପୂର୍ଣ୍ଣ ଅସମ୍ଭବ ଓ ସଂପୂର୍ଣ୍ଣ ଅଯୌକ୍ତିକ ତାହା ନିମ୍ନଲିଖିତ ଆଲୋଚନାରୁ ଜାଣି ପାରିବେ ।

ମେଷ ବୃଷ ଇତ୍ୟାଦି ୧୨ଟି ରାଶିରେ ବା ୧୨ଟି ଭାଗରେ ସମସ୍ତ ପୃଥିବୀର ଜନସଂଖ୍ୟାକୁ ବିଭକ୍ତ କରାଯାଇଛି । ପୃଥିବୀର ଲୋକସଂଖ୍ୟା ଯଦି ଦୁଇଶହ କୋଟି ଧରାଯାଏ ତେବେ ପ୍ରତ୍ୟେକ ରାଶିରେ ଜନ୍ମିଥିବା ଲୋକଙ୍କର ସଂଖ୍ୟା ହେଉଛି ୨୦୦ ÷ ୧୨ = ପ୍ରାୟ ୧୭କୋଟି । ଏହି ୧୭ କୋଟି ଲୋକଙ୍କର ରାଶିଫଳ ସମାନ ହୋଇ ପାରେ କି ? ପୃଥିବୀ କଥା ଛାଡ଼ନ୍ତୁ । ଆପଣଙ୍କ ଗ୍ରାମର ଲୋକସଂଖ୍ୟା ଯଦି ଦୁଇହଜାର ହୁଏ ତେବେ ସେହି ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ରାଶିରେ ଜନ୍ମିଥିବା ଲୋକଙ୍କର ସଂଖ୍ୟା ହେଉଛି ୨ହଜାର ÷ ୧୨ = ପ୍ରାୟ ୧୬୬ । ଏହି ଲୋକମାନଙ୍କର ରାଶିଫଳ ବା ଭାଗ୍ୟଫଳ ସମାନ ହୋଇ ପାରେ କି ? ଗ୍ରାମର କଥା ଛାଡ଼ନ୍ତୁ, ନିଜ ନିଜ ପରିବାରରେ ପରୀକ୍ଷା କରି ଦେଖନ୍ତୁ । ମନେକରନ୍ତୁ ଆପଣଙ୍କ ଘରେ ଦିନେ ନିଆଁ ଲାଗି ସବୁ ଘର ପୋଡ଼ିଗଲା । ଆପଣମାନେ ଘରର ସମସ୍ତେ ଆଠଦିନ ପର୍ଯ୍ୟନ୍ତ ଗଛତଳେ ପଡ଼ିରହିଲେ । ଘରର ସମସ୍ତଙ୍କର ଜନ୍ମ ଗୋଟିଏ ରାଶିରେ ହୋଇଥିଲା କି ? ଗଛତଳେ ପଡ଼ି ରହିବା ସମସ୍ତଙ୍କ ରାଶିରେ ରହିପାରେ କି ? ଜଣଙ୍କର ପୁଅ ଝିଅ ମିଶି ଦଶଜଣ । ସେହି ଲୋକର ସ୍ତ୍ରୀ ମଲା । ପୁଅ ଝିଅ ଏହି ଦଶଜଣଙ୍କର ରାଶି ଫଳରେ ମାତୃ ବିୟୋଗ ରହିପାରିବ କି ? ସେହି ସ୍ତ୍ରୀର ବାପ ଓ ମାଆ ଉଭୟଙ୍କ ରାଶିରେ କନ୍ୟା ବିୟୋଗ ରହି ପାରିବ କି ? ତାଙ୍କର ବନ୍ଧୁମାନଙ୍କ ରାଶିରେ ବନ୍ଧୁବିୟୋଗ ରହିପାରିବ କି ?

ରାଶିଫଳ ଉପରେ ନିର୍ଭର କରିବା ଓ ନିଜ ନିଜର ଭାଗ୍ୟକୁ ଆଦର ଦୁଃଖ ବରଣ କରିବା ଏ ଦୁହେଁ ଏକା କଥା । ଅତଏବ ଅଜ୍ଞାନତା ଦୋଷରୁ ନିଜ ନିଜର ଭାଗ୍ୟକୁ ଆଦର ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗୁଥିବା ଅନ୍ଧବିଶ୍ୱାସୀମାନଙ୍କୁ ସେମାନଙ୍କର ରାଶିଫଳ ଜଣାଇଦେବା ଉଚିତ ବୋଧ ହେଉନାହିଁ । ଏପରି ବ୍ୟବସାୟରେ ଅର୍ଥ ଉପାର୍ଜନ କରିବା ନିନ୍ଦନୀୟ ଅଟେ । ସମ୍ବାଦପତ୍ର ସବୁର ମାଲିକମାନେ ଅର୍ଥ ଲୋଭରେ ଏପରି ସମ୍ବାଦ ପ୍ରକାଶ କରିବାରୁ ବିରତ ହେଲେ ଲୋକଙ୍କର ବହୁତ ମଙ୍ଗଳ ହୁଅନ୍ତା ।

ବିଶ୍ୱକଲ୍ୟାଣ ୧୯୫୫

# ଅନ୍ଧବିଶ୍ୱାସୀମାନଙ୍କୁ ସତର୍କବାଣୀ

ଜ୍ୟୋତିଷ ସମ୍ରାଟ, ଜ୍ୟୋତିଷାର୍ଣ୍ଣବ, ଏମ୍, ଆର, ଏ. ଏସ୍ (ଲଣ୍ଡନ), ଇଂଲଣ୍ଡର ରାଜା ପଞ୍ଚମ ଜର୍ଜଙ୍କ ଦ୍ୱାରା ପ୍ରଶଂସିତ ପଣ୍ଡିତ ଶ୍ରୀ ରମେଶଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ସମାଜ' କାଗଜରେ ଅନେକଥର ବିଜ୍ଞାପନ ଦେଇଥିବା ଅନେକଙ୍କୁ ଜଣାଥିବ । ସେହିସବୁ ବିଜ୍ଞାପନ ଉପରେ ପଣ୍ଡିତଙ୍କର ଫଟୋ ଥାଏ । ଗତ ଫେବୃଆରି ୧୪ ତାରିଖ ସମାଜ କାଗଜରେ ନିମ୍ନଲିଖିତ ବିଜ୍ଞାପନଟି ସେ ଦେଇଅଛନ୍ତି ।

## ଆଶ୍ଚର୍ଯ୍ୟ କବଚ (ଗ୍ୟାରେଣ୍ଟେଡ୍)

( ବିଫଳ ହେଲେ ମୂଲ୍ୟ ଫେରସ୍ତ )

ଧନଦା କବଚ—ଏହା ଧାରଣ କଲେ ଅଳ୍ପ କଷ୍ଟରେ ବହୁ ଧନ ମିଳେ । ( ତଦନୁଯାୟୀ ) ମୂଲ୍ୟ ଟ ୭-୬୨, ସ୍ୱତନ୍ତ୍ର ଓ ଶୀଘ୍ର ଫଳପ୍ରଦ ଟ ୨୪·୬୮; ସର୍ବୋତ୍କୃଷ୍ଟ ସାରାଜୀବନସ୍ଥାୟୀ ଟ ୧୨୯-୬୮ ।

ବଗଳାମୁଖୀ କବଚ—ଶତ୍ରୁ ଜିଣିବାରେ ଏହାର ଶକ୍ତି ଅତୁଳନୀୟ । ମୂଲ୍ୟ ଟ ୯-୧୨ ; ସ୍ୱତନ୍ତ୍ର ଓ ଶୀଘ୍ର ଫଳପ୍ରଦ ଟ୩୪-୧୨ ; ସର୍ବୋତ୍କୃଷ୍ଟ ଟ ୧୮୪-୨୫ ।

ମୋହିନୀ କବଚ—ଶତ୍ରୁକୁ ମିତ୍ରରେ ଓ ମିତ୍ରକୁ ଅତି ମିତ୍ରରେ ପରିଣତ କରେ । ମୂଲ୍ୟ ଟ ୧୧-୫୦; ସ୍ୱତନ୍ତ୍ର ଓ ଶୀଘ୍ର ଫଳପ୍ରଦ ଟ ୩୪-୧୨ ସର୍ବୋତ୍କୃଷ୍ଟ ସାରାଜୀବନସ୍ଥାୟୀ ଟ ୩୮୭-୮୭ ।

ନରସିଂହ କବଚ—ଯାବତୀୟ ସ୍ତ୍ରୀରୋଗ ଦୂର ହୁଏ । ମୂଲ୍ୟ ଟ ୭-୨୫ ; ସ୍ୱତନ୍ତ୍ର ଓ ଶୀଘ୍ର ଫଳପ୍ରଦ ଟ ୧୩-୫୫ ; ସର୍ବୋତ୍କୃଷ୍ଟ ସାରା-ଜୀବନ ସ୍ଥାୟୀ ଟ ୭୩-୫୫ ।

*

ସରସ୍ୱତୀ କବଚ—ମାନସିକ ଶକ୍ତି ଦୁର୍ବଳତା ଯୋଗୁ ବାରମ୍ବାର ଫେଲ୍ ହେଲେ ଏହା ଧାରଣ କରିବା ଉଚିତ । ମୂଲ୍ୟ ଟ ୯-୫୫ , ସ୍ୱତନ୍ତ୍ର ଟ ୩୮-୫୫ ।

ଆବେଦନ କଲେ କାଟ୍‌ଲଗସହ ପ୍ରଶଂସାପତ୍ର ମାଗଣା ଦିଆଯାଏ ।

ବର୍ତ୍ତମାନ ଯୁଗରେ ମଧ୍ୟ ଆମ ସମାଜରେ ଏତେ ଅନ୍ଧବିଶ୍ୱାସୀ ଅଛନ୍ତି ଏ କଥା ଭାବିଲେ ଦୁଃଖ ଆସେ । କେବଳ ଯେ ଜ୍ୟୋତିଷ ବ୍ୟବସାୟୀମାନେ ଏପରି ଭାବରେ ଅର୍ଥ ଉପାର୍ଜ୍ଜନ କରୁଅଛନ୍ତି ତାହା ନୁହେଁ । ଜନସାଧାରଣଙ୍କର ଅନ୍ଧତାର ସୁବିଧାନେଇ ସମାଜରେ ଆଜି ନାନା ପ୍ରକାର ପ୍ରତାରକ ନାନା ଉପାୟରେ ସେମାନଙ୍କଠାରୁ ଅର୍ଥଶୋଷଣ କରୁଅଛନ୍ତି । ଏହି ପାଞ୍ଚପ୍ରକାର କବଚ ଜ୍ୟୋତିଷ ସମ୍ରାଟ ନିଶ୍ଚୟ ଧାରଣ କରିଥିବେ । ପ୍ରଥମ କବଚ ଅର୍ଥାତ୍ ଧନଦା କବଚ ଧାରଣ କରି ନଥିଲେ ଏତେ ସହଜ ଉପାୟରେ ଅନ୍ଧବିଶ୍ୱାସୀମାନଙ୍କଠାରୁ ସେ ଏତେ ଧନ ଉପାର୍ଜ୍ଜନ କରୁ ନ ଥାନ୍ତେ । ସମସ୍ତ ସମାଜ ଆଜି ଅନ୍ଧ ଓ ଠକ ଏହି ଦୁଇଶ୍ରେଣୀରେ ବିଭକ୍ତ, ଏ କଥା କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁମାନେ ଠକବୃତ୍ତି ଅବଲମ୍ବନ କରିଅଛନ୍ତି ସେମାନେ ଯେ ଅନ୍ଧ ନୁହଁନ୍ତି ଏ କଥା ମୁଁ କହୁନାହିଁ । ଅନ୍ଧଥାଇ ମଧ୍ୟ ଯେଉଁମାନେ ସେମାନଙ୍କ ଅପେକ୍ଷା ବଡ଼ ଅନ୍ଧ କିମ୍ବା କମ୍ ବୁଝାଳି ସେମାନଙ୍କଠାରୁ ଏମାନେ ଅର୍ଥଶୋଷଣ କରନ୍ତି । ସେ ଯାହାହେଉ ଏହି ଠକମାନଙ୍କଠାରେ ଦୋଷାରୋପ ନ କରି ନିଜକୁ ତଥା ସମାଜକୁ ଅନ୍ଧବିଶ୍ୱାସର କବଳରୁ ମୁକ୍ତ କରନ୍ତୁ ।

ବିଶ୍ୱକଲ୍ୟାଣ ୧୯୫୫

# ପଞ୍ଚଗ୍ରହକୂଟ ଓ ଭାଗ୍ୟଫଳ

ଗତ ଜୁଲାଇ ୨୭ ତାରିଖରୁ ପଞ୍ଚଗ୍ରହକୂଟ ପଡ଼ୁଛି ବୋଲି ପାଞ୍ଜିରେ ଲେଖାଅଛି । କଟକ ଜିଲ୍ଲା ଅଲଗି ଗାଁରୁ ଶ୍ରୀ ହରେକୃଷ୍ଣ ମହତାବ ଚିଠି ଯାଇଛନ୍ତି ଯେ ପଞ୍ଚଗ୍ରହକୂଟ ହେତୁ ଗାଁଏ ଗାଁଏ ସପ୍ତା ବସିଛି ଓ ଅହରହ ହରିନାମ କୀର୍ତ୍ତନ ହେଉଛି । ଏ ସମ୍ବନ୍ଧରେ ଅଗଷ୍ଟ ୧୪ ତାରିଖ ପ୍ରଜାତନ୍ତ୍ର କାଗଜରେ ସେ ଲେଖିଛନ୍ତି—"ପଞ୍ଚଗ୍ରହକୂଟ ପାଇଁ ସପ୍ତା କୀର୍ତ୍ତନ ହେଉଛି । ଅନେକେ ମୋ କଥାରେ ହସି ପାରନ୍ତି । ମୁଁ ଏ ସବୁଥିରେ ବିଶ୍ୱାସ କରେଁ । ୧୯୪୩ ସାଲରେ ଏପରି ଏକ ଗ୍ରହକୂଟ ପଡ଼ିଥିଲା ଯେ ଅହମଦ୍‌ନଗର ଜେଲରୁ ମୁଁ ଆମ ଘରକୁ ଲେଖିଥିଲି କୀର୍ତ୍ତନ କରିବାପାଇଁ ।"

ମହତାବ ମହାଶୟ ପଞ୍ଚଗ୍ରହକଟପାଇଁ ସପ୍ତାକୀର୍ତ୍ତନ ଇତ୍ୟାଦିର ଅନ୍ଧାନୁସରଣକୁ ବିଶ୍ୱାସ ଓ ସମର୍ଥନ କରନ୍ତୁ ଆପତ୍ତି ନାହିଁ । ଏପରି ଅନ୍ଧ ବିଶ୍ୱାସ ଓ ଅନ୍ଧାନୁସରଣ ଆମ ସମାଜରେ ଅନେକ ବିଶିଷ୍ଟବ୍ୟକ୍ତିଙ୍କ-ଠାରେ ଦେଖାଯାଏ । ମାତ୍ର ତାଙ୍କର ଏ ସବୁଥିରେ ବିଶ୍ୱାସ କରିବା କଥା ଜନସାଧାରଣଙ୍କୁ ଜଣାଇଦେବାଦ୍ୱାରା ସେମାନଙ୍କର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ପ୍ରଶ୍ରୟ ଦେବା ଉଚିତ ବୋଧ ହେଉନାହିଁ । ଅନେକେ ତାଙ୍କୁ ଏଥିପାଇଁ ହସିବେ ବୋଲି ସେ ନିଜେ ଜାଣୁଥିଲେ ସୁଦ୍ଧା ନିଜର ବିଶ୍ୱାସ କରିବା କଥା ଜନସାଧାରଣଙ୍କୁ ଜଣାଇବାର ଅଭିପ୍ରାୟ କଣ ?

ପଞ୍ଚଗ୍ରହକୂଟ କାହାକୁ କହନ୍ତି ତାହା ଶତକଡ଼ା ୯୯ ଜଣଙ୍କୁ ଅଜଣା । ଏହା କେଉଁ ସ୍ଥାନରେ, କାହା କାହା ଉପରେ, କିପରି ଭାବରେ ଓ କେଉଁ କାରଣରୁ ପଡ଼େ, ସେଥିପ ଇଁ କୌଣସି ଯୁକ୍ତିଯୁକ୍ତ ପ୍ରତିକାର ଥିଲେ ତାହା କ'ଣ ? ଏସବୁ କଥା ମହତାବ ମହାଶୟଙ୍କୁ କିମ୍ବା ଅନ୍ୟ କୌଣସି ବୈଜ୍ଞାନିକଙ୍କୁ ଜଣାଥିଲେ ତାହା ସେ ଜନସାଧାରଣଙ୍କୁ ବୁଝାଇ ଦେବା ଏକାନ୍ତ ଆବଶ୍ୟକ । ମାତ୍ର ତାହା ନ କରି "ମୁଁ ଏ ସବୁଥିରେ ବିଶ୍ୱାସ କରେ" ଏପରି ମତ ସବୁ ପ୍ରକାଶ କରିବା ଫଳରେ ଲୋକେ "ନଈ ନ ଦେଖି ଲଙ୍ଗଳା" ହେଲାପରି ସପ୍ତା-କୀର୍ତ୍ତନ ଇତ୍ୟାଦିର

ଅନ୍ଧାନୁସରଣରେ ଅର୍ଥ ବ୍ୟୟ କରି ଓ ସମୟ ନଷ୍ଟ କରି ବୃଥାରେ ଦୁଃଖ ଭୋଗକରୁଅଛନ୍ତି କାହିଁକି ? ପଞ୍ଚଗ୍ରହକୂଟର ବିପଦ ପଡ଼ୁ ବା ନପଡ଼ୁ କାଳେ ପଡ଼ିବ ଭାବି ଆଗରୁ ହତୋତ୍ସାହ ହୋଇ ବଞ୍ଚି ଥାଉଁ ଥଉଁ ମୃତ୍ୟୁ ଯନ୍ତ୍ରଣା ଭୋଗୁଛନ୍ତି କାହିଁକି ? ଆଉ ଗୋଟିଏ ପ୍ରଧାନ କଥା ଏହିକି ସତ୍ୟାଗ୍ରହ ସାହାଯ୍ୟରେ ମହାତ୍ମାଗାନ୍ଧି ଦେଶକୁ ସ୍ୱାଧୀନ କରିବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ସତ୍ୟର ପରିଚୟ ଦେଇଗଲେ । ମାତ୍ର ଦୁଃଖର କଥା ଏହିକି ଦେଶର ବିଶିଷ୍ଟ ବ୍ୟକ୍ତିମାନେ ଜନସାଧାରଣଙ୍କୁ ସତ୍ୟାଗ୍ରହ ପରିଚୟ ଦେବା ଦୂରେ ଥାଉ ନିଜେ ଆଜିପର୍ଯ୍ୟନ୍ତ ସତ୍ୟର ପରିଚୟ ପାଇବାକୁ ଚେଷ୍ଟା କଲେ ନାହିଁ । ସତ୍ୟ ନିକଟରେ ବିଶ୍ୱାସର ସ୍ଥାନ ନାହିଁ ଏ କଥା ବୁଝି ନଥିବାରୁ ସିନା ମହତାବ ମହାଶୟ ଲେଖିଛନ୍ତି "ଏସବୁଥିରେ ମୁଁ ବିଶ୍ୱାସ କରେଁ ।"

ବିଶ୍ୱକଲ୍ୟାଣ ୧୯୫୭

# ଜାତକରୁ ଭାଗ୍ୟଫଳ ନିର୍ଣ୍ଣୟ

ପଞ୍ଚଗ୍ରହକୂଟରେ ସପ୍ତା, ଖାଉଁକ ଇତ୍ୟାଦିର ଅନ୍ଧାନୁସରଣ ପରି ଜାତକରୁ ଭାଗ୍ୟଫଳ ନିର୍ଣ୍ଣୟ କରି ଗ୍ରହପୂଜା ଇତ୍ୟାଦିର ଅନ୍ଧାନୁସରଣ କରିବା ମଧ୍ୟ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନିଷ୍ଟପ୍ରଦ । ଅଧିକାଂଶଙ୍କର ବିଶ୍ୱାସ ଏହିକି ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଯାହା ଯାହା ଘଟିବାର ଅଛି ତାହା ତାହାର କପାଳରେ (ଜନ୍ମ ହେବା ପୂର୍ବରୁ) ଭାଗ୍ୟବିଧାତା ଲେଖିଦେଇ ଥାଆନ୍ତି । ସେଥିପାଇଁ ହିନ୍ଦୁମାନେ କହନ୍ତି—"ଏହା ମୋ ଭାଗ୍ୟରେ ଲେଖାଅଛି ।" ମୁସଲମାନମାନେ କହନ୍ତି—"ଏହା ମୋ କିସମତ୍‌ରେ ଲେଖାଅଛି ।" ତାହାଛଡ଼ା ହିନ୍ଦୁମାନଙ୍କର ବିଶ୍ୱାସ ଏହିକି ଯାହା ଭାଗ୍ୟରେ ଲେଖାଅଛି ତାହା ଜାତକରୁ ସ୍ଥିର କରାଯାଇପାରେ । ସେଥିପାଇଁ ସେମାନେ ପିଲାଟିଏ ଜନ୍ମହେବା ବେଳେ ସେହି ବେଳାରେ ଥିବା ଗ୍ରହ, ନକ୍ଷତ୍ର ଓ ରାଶିର ଅବସ୍ଥାନ ଲେଖି ଗୋଟିଏ ଗୋଟିଏ ଜାତକ ପ୍ରସ୍ତୁତ କରାନ୍ତି ଏବଂ ତାକୁ ଯତ୍ନସହକାରେ ରଖିଥାଆନ୍ତି । କେହି ଅସୁସ୍ଥ ହେଲେ ଓ ଶୀଘ୍ର ଆରୋଗ୍ୟ ଲାଭ ନ କଲେ ଲୋକେ ଜ୍ୟୋତିଷ ବ୍ୟବସାୟୀଙ୍କୁ ଜାତକ ଦେଖାନ୍ତି । ମାର୍କଦଶା ଅଛି ବୋଲି ଜ୍ୟୋତିଷ ବ୍ୟବସାୟୀମାନେ କହନ୍ତି । ଆରୋଗ୍ୟ ପାଇଁ ଗ୍ରହପୂଜା କରାଯାଏ । ଗ୍ରହପୂଜା କରିବାକୁ ଅସମର୍ଥ ହେଲେ ଲୋକେ କଟକ ଚଣ୍ଡୀଙ୍କୁ କିମ୍ବା ଧବଳେଶ୍ୱରଙ୍କୁ ଭୋଗ ଯାଚନ୍ତି ଓ ପ୍ରାର୍ଥନା କରି କହନ୍ତି—"ହେ ମା ଚଣ୍ଡି ! ମୋ ପୁଅକୁ ଭଲକରି ଦେଲେ ମୁଁ ତୁମ୍ଭଙ୍କୁ ବୋଦାଟିଏ ଦେବି । ହେ ଧବଳଲିଙ୍ଗ ! ମୋ ସ୍ୱାମୀଙ୍କୁ ଭଲ କରି ଦେଲେ ମୁଁ ତୁମ୍ଭଙ୍କୁ ପ୍ରତିବର୍ଷ ଗଜମଣ୍ଡା ଦେବି ।"

ବର୍ତ୍ତମାନ ଯୁଗରେ ମଧ୍ୟ ସମାଜରେ ଏପରି ଅନ୍ଧବିଶ୍ୱାସୀ ବହୁ ଅଛନ୍ତି, ଏ କଥା ଭାବିଲେ ମନରେ ଦୁଃଖ ଆସେ । ଜନସାଧାରଣଙ୍କର ଏ ସବୁ ଅନ୍ଧବିଶ୍ୱାସ ଦୂର କରିବ ବା କିଏ ? ଶିକ୍ଷିତ ସମାଜରେ ମଧ୍ୟ ଅନେକଙ୍କର ଏପରି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଅଛି । ଏପରି ଅନ୍ଧ ବିଶ୍ୱାସ କରିବା ଉଚିତ ନୁହେଁ ବୋଲି ଅଶିକ୍ଷିତମାନଙ୍କୁ କହିଲେ ସେମାନେ କହନ୍ତି—"ଅମୁକ ଡିପୋଟି ବାବୁ ଯେ ତାଙ୍କର ସ୍ତ୍ରୀଙ୍କର ଆରୋଗ୍ୟପାଇଁ

ଗ୍ରହପୂଜା କରିଥିଲେ । ଅମୁକ ପ୍ରୋଫେସର ବାବୁ ଯେ ତାଙ୍କର ପୁଅପାଇଁ କଟକଚଣ୍ଡୀଙ୍କୁ ବୋଦାଟିଏ ମାନିବା ପରେ ପରେ ତାଙ୍କର ପୁଅ ଭଲ ହୋଇଗଲା । ସେମାନେ କ'ଣ ବୁଝି ନାହାନ୍ତି ?'' ଅନେକ ଡେପୋଟି ଓ ପ୍ରୋଫେସର ଯେ ସେମାନଙ୍କ ଅପେକ୍ଷା ଅଧିକ ପରିମାଣରେ ଅନ୍ଧ ଏ କଥା ନ ଜାଣି ସେମାନେ ଏହିପରି କହନ୍ତି ।

ରୋଗୀର ଆରୋଗ୍ୟ ଲାଭ କରିବାର ଥିଲେ ମଧ୍ୟ ଜାତକରେ ମାର୍କଦଶା ଅଛି ଓ ସେଥିପାଇଁ ଗ୍ରହପୂଜାର ବ୍ୟବସ୍ଥା କରାଯାଉଛି ଜାଣିବା ମାତ୍ରେ ରୋଗୀ ହତାଶ ହୋଇଯାଇ ଶୀଘ୍ର ମୃତ୍ୟୁକୁ ବରଣ କରେ କିମ୍ବା କଂସ ମହାରାଜାଙ୍କ ପରି ମରିବି ମରିବି ବୋଲି ଭୟ କରି ମୃତ୍ୟୁ ପର୍ଯ୍ୟନ୍ତ ମୃତ୍ୟୁ ଅପେକ୍ଷା ଅଧିକ ଯନ୍ତ୍ରଣା ଭୋଗ କରେ ।

ଜାତକରୁ ଭାଗ୍ୟଫଳ ଜାଣିବା ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ବୋଲି ଅନେକ ଶିକ୍ଷିତ ଲୋକ ମଧ୍ୟ କହନ୍ତି । ଯାହା ଯୁକ୍ତିଯୁକ୍ତ କାରଣରୁ ବହିର୍ଭୂତ ତାହା ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ନ ପାରେ । ଜ୍ୟୋତିଷ ଶାସ୍ତ୍ରମାନଙ୍କରେ ଅଛି—

ଜୀବେ ଦ୍ୱିତୀୟେ ଧନ-ଧାନ୍ୟ ଭୋଗଃ
ସୁତାର୍ଥଲାଭଃ ନବ ପଞ୍ଚକେଷୁ—ଇତ୍ୟାଦି ।

ଅର୍ଥ—ବୃହସ୍ପତି ଦ୍ୱିତୀୟରେ ଥିଲେ ଧନଧାନ୍ୟ ଭୋଗ ହୁଏ । ନବମ କିମ୍ବା ପଞ୍ଚମରେ ଥିଲେ ସୁତଲାଭ ଓ ଅର୍ଥଲାଭ ହୁଏ ।

ଆସ୍ତୁ ଟିକେ ଭାବନ୍ତୁ—କଟକରେ ଯେଉଁ କାଙ୍ଗାଳମାନେ ଭିକ ମାଗନ୍ତି ସେମାନଙ୍କ ମଧ୍ୟରୁ କାହାରି ୨ୟରେ କିମ୍ବା ୯ମରେ କିମ୍ବା ୫ମରେ ବୃହସ୍ପତି ରହିଲେ ନାହିଁ । ଆପଣଙ୍କର ନିଜ ଗ୍ରାମରେ କିମ୍ବା ପରିବାରରେ ପରୀକ୍ଷା କରି ଦେଖନ୍ତୁ । ଜାତକରୁ ଫଳ ଜାଣିବା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅସଙ୍ଗତ, ଏହାର ଦୃଷ୍ଟାନ୍ତ ଦେବାକୁ ଗଲେ ସ୍ୱତନ୍ତ୍ର ଖଣ୍ଡିଏ ବହି ହେବ । ହଉ, ସେ କଥା ଛାଡ଼ନ୍ତୁ; ଜାତକରୁ ଫଳ ଜାଣିବା ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ଓ ଅଭ୍ରାନ୍ତ ବୋଲି ଯଦି ସ୍ୱୀକାର କରାଯାଏ ତେବେ ମଧ୍ୟ ସେହି ଫଳ ଆଗରୁ ଜାଣିବାକୁ ବ୍ୟାକୁଳ ହେବାର

ପ୍ରୟୋଜନ କଅଣ ? ଆଗରୁ ଜାଣିବା କେବଳ ଅନିଷ୍ଟପ୍ରଦ ଓ ଦୁଃଖଦାୟକ ବ୍ୟତୀତ ଆଉ କ'ଣ ହୋଇପାରେ ? ଅନେକ ସ୍ଥଳରେ ଦେଖାଯାଏ ରୋଗୀର ଚିକିତ୍ସା ପାଇଁ ଲୋକେ ଆଠ ଦଶ ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠିତ ହୁଅନ୍ତି । ମାତ୍ର ଗ୍ରହପୂଜା ଇତ୍ୟାଦିର ଅନ୍ଧାନୁସରଣ କରିବାରେ ଶତାଧିକ ଟଙ୍କା ଅପବ୍ୟୟ କରନ୍ତି । ଏହି ଅନ୍ଧତା ଦୋଷରୁ ଓ ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗୀର ମୃତ୍ୟୁ ଘଟିଲେ କହନ୍ତି—"ଜାତକରେ ମାର୍କଦଶା ଥିଲା"—"ତାର ଆୟୁ ସେତିକି ଦିନ ଥିଲା"—ଇତ୍ୟାଦି । ଅନ୍ଧତା ଦୋଷରୁ ଲୋକେ ଯେଉଁସବୁ ଦୁର୍ଦ୍ଦଶା ଭୋଗୁଅଛନ୍ତି ସେଥି ମଧ୍ୟରୁ ଜାତକରୁ ଭାଗ୍ୟଫଳ ଜାଣିବା ବିଶେଷ ଅନିଷ୍ଟପ୍ରଦ ।

ସାରଦା ଆଇନ କାର୍ଯ୍ୟକାରୀ ହେବା ପୂର୍ବେ ଅର୍ଥାତ୍ ଏହି ୨୫ ବର୍ଷ ପୂର୍ବେ ବ୍ରାହ୍ମଣ ଜାତିର ଝିଅମାନଙ୍କର ବିବାହଯୋଗ ଓ ବୈଧବ୍ୟ ଯୋଗ ୧୪ ବର୍ଷ ପୂର୍ବେ ଘଟିବା ସେମାନଙ୍କ କପାଳରେ ଭାଗ୍ୟବିଧାତା ଲେଖିଥିଲା ଓ ସେମାନଙ୍କର ଜାତକରୁ ମଧ୍ୟ ବାହାରୁଥିଲା । ବିଧବା ଓ ବିଧବାମାନଙ୍କର ପୁନର୍ବିବାହର ଯୋଗ ଓ ସନ୍ତାନ ପ୍ରସବକରି ଗୋଟିଏ ଗୋଟିଏ ପରିବାର ସୃଷ୍ଟି କରିବାର ଯୋଗ କାହାରି ଜାତକରୁ ବାହାରୁ ନଥିଲା ଓ କାହାରି ଭାଗ୍ୟରେ ଲେଖା ନଥିଲା । ଆଜିକାଲି ବାହାରୁଛି କିପରି ? ବର୍ତ୍ତମାନ ଯୁଗରେ ମଧ୍ୟ ଅନେକ ଶିକ୍ଷିତ ବରପାତ୍ର ଓ କନ୍ୟାପାତ୍ର ସ୍ଥିର କରିବା ପୂର୍ବେ ପ୍ରଥମେ ଜାତକ ମିଳାନ୍ତି । ଜାତକ ନ ମିଳିଲେ ବିବାହ ପ୍ରସ୍ତାବ ଭାଙ୍ଗିଦିଅନ୍ତି । ଏହା ବିଶେଷ ଅନିଷ୍ଟପ୍ରଦ । ବରପାତ୍ର ଯେତେ ସୁସ୍ଥ ସବଳ ଓ ଚରିତ୍ରବାନ ଥିଲେ ଓ କନ୍ୟା ପାତ୍ର ଯେତେ ରୂପବତୀ ଓ ଗୁଣବତୀ ଥିଲେ ମଧ୍ୟ ଯଦି ଜାତକ ନ ପଡ଼ିଲା କିମ୍ବା ଜାତକରୁ ଅଳ୍ପ ବୟସରେ ବୈଧବ୍ୟ ଯୋଗ କିମ୍ବା ବିପତ୍ନିକ ହେବା ବାହାରିଲା ତେବେ ବିବାହ ପ୍ରସ୍ତାବ ଭାଙ୍ଗିଦିଅନ୍ତି । ଜ୍ୟୋତିଷ ବ୍ୟବସାୟୀମାନେ ଆଜିକାଲି ଗ୍ରହପୂଜା ଇତ୍ୟାଦିର ବ୍ୟବସ୍ଥା ନଦେଇ କବଚ ପିନ୍ଧିବାର ବ୍ୟବସ୍ଥା ଦେଲେଣି । ୫ଟଙ୍କା କିମ୍ବା ୧୦ଟଙ୍କା କିମ୍ବା ଅଧିକ ହେଲେ ୧୫ଟଙ୍କା ଦେଇ କବଚଟିଏ ଜ୍ୟୋତିଷ ବ୍ୟବସାୟୀଙ୍କଠାରୁ କିଣି ନେଇ ଗ୍ରହଦଶା ଖରାପଥିବା ଯାହା ଜାତକରୁ ବାହାରୁଛି ତାକୁ ପିନ୍ଧାଇ ଦେଲେ ଗ୍ରହଶାନ୍ତି ହୋଇଯିବ ଏବଂ ଗ୍ରହପୂଜା କରିବାର ଆବଶ୍ୟକ

ହେବନାହିଁ ଏପରି ବ୍ୟବସ୍ଥା ଜ୍ୟୋତିଷ ବ୍ୟବସାୟୀମାନେ ଦେଲେଣି । ଗ୍ରହପୂଜା କରି ଗ୍ରହଶାନ୍ତି କରିବାକୁ ଗଲେ ଯଦି ଶତାଧିକ ଟଙ୍କା ଖର୍ଚ୍ଚ ହେବ ଏବଂ ଦଶଟଙ୍କାରେ କବଚଟିଏ କିଣି ନେଇ ପିନ୍ଧିଲେ ଯଦି ଗ୍ରହଶାନ୍ତି ହେବ ଲୋକେ କବଚ ନପିନ୍ଧି ଗ୍ରହପୂଜା କରିବେ କାହିଁକି ? କବଚ ପିନ୍ଧିବା କଥା ମୁଁ କାହିଁକି ଲେଖିଲି ତାହା ତଳଲିଖିତ ଘଟଣାରୁ ଜାଣି ପାରିବେ ।

ଗତ ଜୁନମାସରେ ମୁଁ ଦିନେ ଜଣେ କରଣ ଭଦ୍ର ଲୋକଙ୍କ ଘରକୁ ଯାଇଥିଲି । ଉକ୍ତ ଭଦ୍ର ଲୋକଙ୍କର ସ୍ତ୍ରୀ ଯାହା ମୋତେ କହିଲେ ମୁଁ ତାହା ଖୁବ୍ ସଂକ୍ଷେପରେ ଲେଖିଲି—

"ମୋର ଭାଇ ଅଳ୍ପ ଦିନ ପୂର୍ବେ କଟକର ଜଣେ ବିଖ୍ୟାତ ଜ୍ୟୋତିଷ ବ୍ୟବସାୟୀଙ୍କୁ ପାଞ୍ଚଟଙ୍କା ଦେଇ ତାଙ୍କର ସ୍ତ୍ରୀଙ୍କ ଜାତକରୁ ସବୁଫଳ ଲେଖାଇ ଆଣିଲେ । ଅଳ୍ପଦିନ ମଧ୍ୟରେ ଅନେକ ଖରାପ ଗ୍ରହ ଦଶା ଅଛି ବୋଲି ସେ ମହାଶୟ ଲେଖିଦେଲେ । ମୋର ଭାଇ ପୁଣି ସେହି ଜ୍ୟୋତିଷ ବ୍ୟବସାୟୀଙ୍କ ନିକଟକୁ ଯାଇ ତାଙ୍କୁ ପଚାରିଲେ— "ଏହି ସବୁ ଖରାପ ଦଶାରୁ ମୋର ସ୍ତ୍ରୀ ଉଦ୍ଧାର ପାଇବ କିପରି ? ମୋତେ କଅଣ ସେଥିପାଇଁ ଗ୍ରହପୂଜା କରିବାକୁ ହେବ ?" ଜ୍ୟୋତିଷ ବ୍ୟବସାୟୀ କହିଲେ—"ଦଶଟଙ୍କା ଦେଇ ମୋଠାରୁ ଗୋଟିଏ କବଚ ନେଇ ଆପଣଙ୍କର ସ୍ତ୍ରୀଙ୍କୁ ପିନ୍ଧାଇଦିଅନ୍ତୁ । କବଚ ପିନ୍ଧିଥିବା ଯାଏଁ କୌଣସି ଗ୍ରହ କୌଣସି ଅନିଷ୍ଟ କରି ପାରିବେ ନାହିଁ । ଅନିଷ୍ଟ କଲେ ମୁଁ ଏହି ଦଶଟଙ୍କା ଫେରାଇଦେବି ।" ଭାଇଙ୍କ ପାଖରେ ଟଙ୍କା ନଥିବାରୁ ସେ ମୋତେ କବଚ କିଣିବା ପାଇଁ ଦଶଟଙ୍କା ଧାର ମାଗିଥିଲେ ।"

କଟକ ଷ୍ଟେସନରେ ସଡ଼କ କଡ଼ରେ ଛୋଟ ଛୋଟ ଜ୍ୟୋତିଷ ବ୍ୟବସାୟୀମାନେ ଅନ୍ଧବିଶ୍ୱାସୀ ଅଜ୍ଞଲୋକଙ୍କ ମନକୁ ଆକର୍ଷଣ କଲାଭଳି ଚିତା-ଫଇତା ପିନ୍ଧି ସାମନାରେ କେତେଖଣ୍ଡି ପୋଥି ଓ ଶଙ୍ଖସବୁ ରଖି ବୁଢ଼ିଆଣି ଜାଲ ପାତିଲାପରି ଅଜ୍ଞ ଲୋକଙ୍କୁ ଅପେକ୍ଷା କରି ବସିଥାଆନ୍ତି । ଏମାନେ ଅଜ୍ଞ ଲୋକଙ୍କୁ ଯେପରି ଭୁଲାନ୍ତି ଓ ସେମାନଙ୍କଠାରୁ ଯେପରି ଅର୍ଥ ଶୋଷଣ କରନ୍ତି ତାହା ଲେଖିବା ଅନାବଶ୍ୟକ । ଅନ୍ଧବିଶ୍ୱାସୀ-

ମାନେ ଜ୍ୟୋତିଷ ବ୍ୟବସାୟୀମାନଙ୍କ କବଳରୁ କିପରି ରକ୍ଷା ପାଇବେ ଏବଂ ଜ୍ୟୋତିଷ ବ୍ୟବସାୟୀମାନେ ଏହି ଅସତ୍ ବ୍ୟବସାୟ ପରିତ୍ୟାଗ କରି ପରିବାର ପୋଷଣ ପାଇଁ କିପରି ଅନ୍ୟ କୌଣସି ସତ୍ ବ୍ୟବସାୟ ଅବଲମ୍ବନ କରିବେ ସମାଜର ମଙ୍ଗଳକାମୀ ପ୍ରତ୍ୟେକ ବ୍ୟକ୍ତି ସେଥିପାଇଁ ଚେଷ୍ଟା କରିବା ଆବଶ୍ୟକ । କେବଳ ଯେ ଜ୍ୟୋତିଷ ବ୍ୟବସାୟଟି ଅସତ୍ ଓ ଅନ୍ୟ ବ୍ୟବସାୟ ସବୁ ସତ୍ ଏକଥା ମୁଁ କହୁନାହିଁ । ଅର୍ଥ ଉପାର୍ଜନ କରିବାପାଇଁ ଲୋକେ ଆଜି ଏତେ ଅନ୍ଧ ହୋଇଅଛନ୍ତି ଯେ କେଉଁ ବ୍ୟବସାୟ ସତ୍ ଓ କେଉଁ ବ୍ୟବସାୟ ଅସତ୍ ଏକଥା ବିଗ୍ଭର କରିବାକୁ କାହାର ଅବସର ନାହିଁ । ତେବେ ଅନ୍ୟ ବ୍ୟବସାୟ ଅପେକ୍ଷା ଜ୍ୟୋତିଷ ବ୍ୟବସାୟ ବିଶେଷ ଅନିଷ୍ଟପ୍ରଦ ଥିବାରୁ ଏହା ବିଶେଷ ଘୃଣ୍ୟ ବ୍ୟବସାୟ ବୋଲି ମୋର ଧାରଣା ।

ଲୋକ ଯଦି ଗହଣାରେ ଓ ବିବାହ-ବ୍ରତାଦି ନ୍ୟାୟ ନିମିତ୍ତରେ ଅନ୍ଧ ବିଶ୍ୱାସ; ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ପରିତ୍ୟାଗ କରନ୍ତେ ଓ ସରଳ ଭାବରେ ଜୀବନ ଯାପନ କରିବାକୁ ବୁଝନ୍ତେ ତେବେ କେବଳ ଜ୍ୟୋତିଷ ବ୍ୟବସାୟୀମାନଙ୍କୁ କାହିଁକି କାହାରିକୁ ଅସତ୍ ଉପାୟ ଅବଲମ୍ବନ କରିବାକୁ ହୁଅନ୍ତା ନାହିଁ ।

ବିଶ୍ୱକଲ୍ୟାଣ—୧୯୫୬

# ଅନ୍ଧବିଶ୍ୱାସର ବିଷମୟ ଫଳ

## ପ୍ରକୃତ ଘଟଣା

ଚଳିତ ଡିସେମ୍ବର ମାସ ଦୁଇ ତାରିଖ ଦିନ ସନ୍ଧ୍ୟା ୫ ଟା ବେଳେ କଟକ ଲାଲବାଗ ଦେଉଡ଼ିରେ ହୋମିଓପାଥିକ ଡାକ୍ତର ଶ୍ରୀ ରଘୁନାଥ ସାହୁଙ୍କର ଦୋକାନରେ ମୁଁ ବସିଥିଲି । ମୁଁ ଅନେକ ସମୟରେ ତାଙ୍କ ଦୋକାନରେ ବସେ । ମୁଁ ଅନ୍ଧବିଶ୍ୱାସ ବିରୁଦ୍ଧରେ ପ୍ରଚାର କରୁଥିବାରୁ ଅନେକ ସମୟରେ ସେ ମୋ ସହିତ ଯୁକ୍ତି ତର୍କ କରନ୍ତି । ମାଳିକା, ପଞ୍ଚଗ୍ରହ କୁଟ ଇତ୍ୟାଦି ବିଷୟ କହନ୍ତି । ସେଦିନ ସେ ମୋତେ ନିମ୍ନଲିଖିତ ଘଟଣାଟି କହିଲେ ।

"ଗତ ଜୁନ୍ ମାସରେ ଖୋରଧାର ଜଣେ ଜ୍ୟୋତିଷ ବ୍ୟବସାୟୀଙ୍କୁ ମୁଁ ମୋର ଜାତକଟା ଗଣନା କରିବାକୁ ଦେଇଥିଲି । ଗଣନା କରିସାରି ସେ ମୋତେ ଜୁଲାଇ ମାସରେ ଜଣାଇ ଦେଲେ ଯେ ଏହି ସେପ୍ଟେମ୍ବର ୧୪ ତାରିଖରୁ ୧୭ ତାରିଖ ଦିନ ୧୨ଟା ଭିତରେ ମୋର ମୃତ୍ୟୁ ଘଟିବ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ମଧ୍ୟ କେହି ମୋର ମୃତ୍ୟୁକୁ ବନ୍ଦ କରି ପାରିବେ ନାହିଁ । ଏ କଥା ଶୁଣି ମୋର ସ୍ତ୍ରୀ ଓ ପୁଅ ପୂଜା, ଦାନ ଇତ୍ୟାଦି ଅନେକ କଲେ । ମୋ ଠାରୁ ଯାହାର ଯାହା ପାଇବାର ଥିଲା ସବୁ ଛୁଟାଇ ଦେଲି । ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଏହିପରି ଗଲା । ୧୪ ତାରିଖ ସକାଳେ ପାଇଖାନାରୁ ଆସିବା ପରେ ମୋ ପେଟରେ ସାମାନ୍ୟ ବେଦନା ଅନୁଭବ କଲି । କିଛି ସମୟ ପରେ ସେହି ବେଦନା ଗୁରୁତରେ ଅନୁଭବ କଲି—ବିଶେଷ କଷ୍ଟ ହେଲା । ମୋର ମନେ ହେଲା ମୋର ଯମ ଆସିଗଲା । ମୋର ଯନ୍ତ୍ରଣା ଦେଖି ଡାକ୍ତର ସୁରେନ୍ ସାହୁଙ୍କୁ ଡକାଗଲା । ସେ କିଛି ଜାଣି ପାରିଲେ ନାହିଁ । ଜାତକ କଥା ଶୁଣିଲେ । ସେ ଔଷଧ ଦେଲେ । ବକ୍ସିବଜାର ଗଣେଶ ପ୍ରସାଦ ଭଗତ ଓ ନିମଚୌଡ଼ି ବିନବିହାରି ପାଲିତ ଏହି ଅନ୍ଧବିଶ୍ୱାସ ଫଳରେ

ମରିଥିବାର ଉଦାହରଣ ଦେଇ ମୋତେ ବୁଝାଇଲେ ମଧ୍ୟ ମୋ ମନ ମାନିଲା ନାହିଁ । ତା ପରେ ଅନ୍ୟ କେତେକଙ୍କୁ ମଧ୍ୟ ଜଣକ ପରେ ଜଣେ ଡକାଗଲା । ସେମାନେ ଅନେକ ଇନ୍‌ଜେକ୍‌ସନ୍ ଓ ଅନେକ ଔଷଧ ଦେଲେ । ମୋର ଯନ୍ତ୍ରଣା ଆଦୌ କମିଲା ନାହିଁ । ତା ପରେ ୧୫ ତାରିଖ ଦିନ ବଡ଼ ଡାକ୍ତର ଶ୍ରୀ ରଘୁନାଥ ସାହୁଙ୍କୁ ଜେନେରାଲ୍ ହସ୍‌ପିଟାଲରୁ ଡକାଗଲା । ସେ ମଧ୍ୟ ଅନେକ ଇନ୍‌ଜେକ୍‌ସନ୍ ଓ ଅନେକ ଔଷଧ ଦେଲେ । ଯନ୍ତ୍ରଣା କମିଲା ନାହିଁ । ୧୬ ତାରିଖ ଦିନ ୧୨ ବାଜିବାକୁ କିଛି ସମୟ ଅଛି ମୋର ଚେତା ବୁଡ଼ିଗଲା । ପରିବାରରେ ସମସ୍ତେ କନ୍ଦାକଟା ଆରମ୍ଭ କଲେ । ମୋର ସ୍ତ୍ରୀ ଆଖଣ୍ଡଳମଣିଙ୍କୁ ହାରଦେବେ ବୋଲି ପାଣି ଛଡ଼ାଇ ଦେଲେ । ଧବଳେଶ୍ୱରଙ୍କୁ ପାଞ୍ଚଟଙ୍କା ଭୋଗ ଯାଚିଲେ । କିଛି ସମୟ ପରେ ମୋର ଚେତା ଆସିଲା । ତା ପରେ ମୁଁ ଭାବିଲି ମରିବା ଯୋଗ କଟିଗଲା । ଯନ୍ତ୍ରଣା କ୍ରମେ କ୍ରମେ କମିଗଲା । ୧୭ ତାରିଖ ସକାଳେ ମୁଁ ଟିକେ ସୁସ୍ଥ ବୋଧ କଲି । ମାତ୍ର ଅନାହାରରେ ଓ ଇନ୍‌ଜେକ୍‌ସନ୍ ଇତ୍ୟାଦିର ଫଳରେ ଏତେ ଦୁର୍ବଳ ହୋଇଗଲି ଯେ ଦୁଇମାସ ପର୍ଯ୍ୟନ୍ତ ଦୋକାନକୁ ଆସି ପାରିଲି ନାହିଁ । ଏବେ ୧୫ ଦିନ ହେଲା ଦୋକାନକୁ ଆସୁଛି । ୧୬ ତାରିଖ ୧୨ ଟା ଭିତରେ ମଲିନାହିଁ ବୋଲି ମୁଁ ଉକ୍ତ ଜ୍ୟୋତିଷ ବ୍ୟବସାୟୀଙ୍କୁ ଚିଠି ଲେଖିଲି । ସେ ଉତ୍ତର ଦେଲେ ଯେ ମୋର ସ୍ତ୍ରୀ ଓ ପୁଅଙ୍କର ଭାଗ୍ୟ ଭଲ ଥିବାରୁ ମୁଁ ବଞ୍ଚିଗଲି । ଅନ୍ଧବିଶ୍ୱାସୀମାନେ କହିବେ ଯେ ଜାତକରୁ ଯେଉଁ ଫଳ ବାହାରିଲା ତାହା ଠିକ୍ ଫଳିଗଲା । କେବଳ କୌଣସି କାରଣରୁ ମୃତ୍ୟୁ ହେଲା ନାହିଁ ସିନା ; ମୃତ୍ୟୁ ଯନ୍ତ୍ରଣା ତ ଭୋଗ ହେଲା । ଜ୍ୟୋତିଷଙ୍କ ଯଦି ୨୦ ତାରିଖ ଯାଏଁ ସମୟ ଦେଇଥାନ୍ତେ ତେବେ ଜ୍ୟୋତିଷ ବ୍ୟବସାୟୀଙ୍କ କଥା ସମ୍ପୂର୍ଣ୍ଣ ଠିକ୍ ହୋଇଥାନ୍ତା ।

ମନୁଷ୍ୟର ମୃତ୍ୟୁ ସମୟଟା ଯେଉଁ ଲୋକ ଜାତକରୁ କହିଦେଇ ପାରନ୍ତି, ମୁଁ କହେଁ, ତାଙ୍କୁ ମନୁଷ୍ୟ ଶ୍ରେଣୀରେ ସ୍ଥାନଦେବା ଉଚିତ ନୁହେଁ । ହୁଏତ ସେ ଜଣେ ଦେବତା କିମ୍ବା ରାକ୍ଷସ । ଏପରି ମୃତ୍ୟୁ ଘଟଣା କିମ୍ବା ଅନ୍ୟ କୌଣସି ମନ୍ଦଫଳ ଜାତକରୁ ବାହାରିଲେ ମଧ୍ୟ ତାହା ପ୍ରକାଶ କରିବା ନିଶ୍ଚୟ ଦୋଷାବହ ।

କେବଳ ବିଶେଷ ଭୟ ଓ ଦୁଃଖରୁ ଏକ ଅଚହ୍ନା ରୋଗର ଉତ୍ପତ୍ତି ଏଥିରେ ସନ୍ଦେହ ନାହିଁ । ଲୋଭ, କ୍ରୋଧ, ହିଂସା ପରଶ୍ରୀକାତରତା ମାନସିକ ଦୁଃଖ ଓ ଦୁଶ୍ଚିନ୍ତା ଅଧିକ ହେଲେ ଲୋକେ ତଦନୁସାରେ ଭିନ୍ନ ଭିନ୍ନ ପ୍ରକାର ବ୍ୟାଧିଗ୍ରସ୍ତ ହୁଅନ୍ତି । ଏହା ମୁଁ ମୋର ବନ୍ଧୁ ଓ ପ୍ରତିବେଶୀମାନଙ୍କର ଜୀବନରୁ ଅନୁଭବ କରିଛି — ଆପଣମାନେ ମଧ୍ୟ ପରୀକ୍ଷା କଲେ ଏ କଥାର ସତ୍ୟତା ଉପଲବ୍ଧି କରିପାରିବେ । ଅନ୍ଧବିଶ୍ୱାସର ସୁବିଧା ନେଇ ଜ୍ୟୋତିଷ ବ୍ୟବସାୟୀ ଯାହାସବୁ କରୁଅଛନ୍ତି ଏବଂ ଅନ୍ଧବିଶ୍ୱାସୀମାନେ କିଏ କେତେ କେତେ ପ୍ରକାର ଦୁଃଖ ଯନ୍ତ୍ରଣା ଭୋଗୁଛନ୍ତି ତାହା ଅନୁମାନ କରିପାରିବେ ।

ବର୍ତ୍ତମାନ ଯୁଗର ତଥାକଥିତ ଶିକ୍ଷିତଲୋକେ ନିଜ ନିଜର ସ୍ୱାର୍ଥଚିନ୍ତାରେ ଓ ଭୋଗ ବିଳାସରେ ଏପରି ମଗ୍ନ ଅଛନ୍ତି ଯେ, ଜନସାଧାରଣଙ୍କର ଏକ ଦୁରବସ୍ଥା ବିଷୟରେ ଟିକେ ଭାବିବାକୁ ମଧ୍ୟ ସେମାନଙ୍କର ଅବସର ନାହିଁ । ତଥାକଥିତ ଧାର୍ମିକମାନଙ୍କର ମଧ୍ୟ ଏହି ଦୁରବସ୍ଥା । ଦେଶର ନେତାମାନେ ଓ ସରକାର ମଧ୍ୟ ଏସବୁ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ

ସମସ୍ତଙ୍କୁ ମୋର ଅନୁରୋଧ, ଏହି ଘଟଣାଟି ସମ୍ପୂର୍ଣ୍ଣରୂପେ ତଦନ୍ତ କରାଯାଇ ଉକ୍ତ ଜ୍ୟୋତିଷ ବ୍ୟବସାୟୀଙ୍କୁ ଉପଯୁକ୍ତ ପୁରସ୍କାର କିମ୍ବା ଉପଯୁକ୍ତ ଦଣ୍ଡ ବିଧାନ କରାଯାଉ । ସରକାରଙ୍କର ପ୍ରଚାର ବିଭାଗର କର୍ମଚାରୀମାନେ ଜନସାଧାରଣଙ୍କୁ ପ୍ରକୃତ କଥା ବୁଝାଇଦେଇ ସେମାନଙ୍କୁ ଜ୍ୟୋତିଷ ବ୍ୟବସାୟୀମାନଙ୍କ କବଳରୁ ତଥା ଅନ୍ଧବିଶ୍ୱାସର କବଳରୁ ମୁକ୍ତ କରିବାକୁ ଯତ୍ନବାନ ହୁଅନ୍ତୁ ।

ଜନସାଧାରଣଙ୍କୁ ମୋର ଅନୁରୋଧ ଏହିକି ସେମାନେ କେବଳ ବୟସ ଜାଣିବାପାଇଁ ଜନ୍ମ ତାରିଖଟା ଟିପି ରଖନ୍ତୁ । ଭାଗ୍ୟଫଳ ଜାଣିବା ଅଭିପ୍ରାୟରେ ରାଶି, ନକ୍ଷତ୍ର ଓ ଗ୍ରହ ଇତ୍ୟାଦି ଲେଖି ରଖିବାର ଅନ୍ଧାନୁସରଣ ପରିତ୍ୟାଗ କରନ୍ତୁ ।

ବିଶ୍ୱକଲ୍ୟାଣ ୧୯୫୭

# ଜାତକରୁ ଭାଗ୍ୟଫଳ ବୁଝିବା ନିର୍ବୋଧତା

ଜାତକରୁ ଭାଗ୍ୟଫଳ ସ୍ଥିର କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ, ଜନ୍ମହେବା ପିଲାଙ୍କର ଜାତକ ତିଆରି କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ, ଜାତକରୁ ଭାଗ୍ୟଫଳ ବୁଝିବା ବିଶେଷ ଅନିଷ୍ଟପ୍ରଦ ଇତ୍ୟାଦି ବିଷୟର ବିଶେଷ ଆଲୋଚନା ଗତସଂଖ୍ୟା ପତ୍ରିକାରେ କରାଯାଇଅଛି । ବିଶିଷ୍ଟ ବ୍ୟକ୍ତିମାନଙ୍କର ମତକୁ ଅନ୍ଧଭାବରେ ଗ୍ରହଣ କରିବାରେ ବହୁକାଳରୁ ଅଭ୍ୟସ୍ତ ରହିଥିବା ସମାଜ, ମୁଁ ଯେତେ ବୁଝାଇଲେ ମଧ୍ୟ ବୁଝିବାକୁ ଇଚ୍ଛା କରିହେବ ନାହିଁ । ଅପ୍ରେଲ ୭ ତାରିଖ ସମାଜ କାଗଜରେ ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହେରୁ ଏ ବିଷୟରେ ଦେଇଥିବା ମତ ବାହାରିଛି । ସେଇ ମତର ଅବିକଳ ନକଲ ତଳେ ଦିଆଗଲା :—

ବିଶ୍ୱକଲ୍ୟାଣ ୧୯୫୭

## ବିପଜ୍ଜନକ ଲୋକ

ଏଲାହାବାଦ, ତା ୫।୩।୫୬ରେ ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହେରୁ ଏଠାରେ କହିଲେ ଯେ ଜ୍ୟୋତିଷମାନେ ବିପଜ୍ଜନକ ଲୋକ । ପୁଣି ସେମାନଙ୍କ ନିକଟରୁ ଯେଉଁମାନେ ଭାଗ୍ୟଫଳ ବୁଝିବାକୁ ଯାଆନ୍ତି ସେମାନେ ଅଧିକ ବିପଜ୍ଜନକ ।

ପଣ୍ଡିତ ନେହେରୁଙ୍କର ମତକୁ ଲୋକେ ନିଶ୍ଚୟ ଗ୍ରହଣ କରିବେ । ତେଣୁ ସେହି ମତର ସାମାନ୍ୟ ଆଲୋଚନା କରିବାର କର୍ତ୍ତବ୍ୟ ବୋଧକଲି । ଜ୍ୟୋତିଷମାନଙ୍କୁ ଓ ଯେଉଁମାନେ ଜାତକରୁ ଭାଗ୍ୟଫଳ ବୁଝନ୍ତି ଏହି ଉଭୟଙ୍କୁ ପଣ୍ଡିତ ନେହେରୁ ବିପଜ୍ଜନକ ବୋଲି କହିବା ଠିକ୍ ହୋଇନାହିଁ । ଏ ଦୁହେଁ ଏକା ଶ୍ରେଣୀର ଲୋକ ନୁହନ୍ତି । ଜ୍ୟୋତିଷମାନେ ହେଉଛନ୍ତି ଠକ ଓ ବିପଜ୍ଜନକ । ମାତ୍ର ଯେଉଁମାନେ ଭାଗ୍ୟଫଳ ବୁଝନ୍ତି ସେମାନେ ହେଉଛନ୍ତି ଅନ୍ଧ ଓ ଅନ୍ୟମାନଙ୍କର ଦୟାର ପାତ୍ର । ଜ୍ୟୋତିଷମାନେ ଯେ ଅନ୍ଧ ନୁହନ୍ତି ଏକଥା ମୁଁ କହୁନାହିଁ । ସେମାନେ ଅନ୍ଧ ଓ ଠକ ଉଭୟ । ଅନ୍ଧତା ଦୃଷ୍ଟିରେ ଉଭୟଙ୍କୁ ଅଳ୍ପ ବହୁତ ପରିମାଣରେ ଏକା ଶ୍ରେଣୀରେ ରଖାଯାଇପାରେ । ମାତ୍ର ଭାଗ୍ୟଫଳ ବୁଝିବା ଲୋକେ ଠକ ଓ ବିପଜ୍ଜନକ ନୁହନ୍ତି । କେବଳ ଜ୍ୟୋତିଷମାନେ ଓ ଭାଗ୍ୟଫଳ ବୁଝିବା ଲୋକେ କାହିଁକି, ଅନ୍ଧାନୁସରଣ ଓ ଅନ୍ଧବିଶ୍ୱାସରେ ବହୁକାଳରୁ ଅଭ୍ୟସ୍ତ ରହିଥିବା ଫଳରେ ଜନସାଧାରଣ ପ୍ରାୟ ସମସ୍ତେ ଅଳ୍ପ ବହୁତ ପରିମାଣରେ ଅନ୍ଧ ଅଟନ୍ତି । ଏହି ଅନ୍ଧତା ଦୋଷରୁ ଲୋକଙ୍କୁ ମୁକ୍ତ କରିବାହିଁ ସମାଜର ମଙ୍ଗଳକାମୀ ପ୍ରତ୍ୟେକ ବ୍ୟକ୍ତିଙ୍କର ସର୍ବପ୍ରଧାନ କର୍ତ୍ତବ୍ୟ । ଆମେ ଅନ୍ଧ ଥିବାରୁ ଠକମାନଙ୍କର ଉତ୍ପତ୍ତି ଏବଂ ଆମେ ଅନ୍ଧ ରହିଥିବା ଯାଏ ଠକମାନେ ରହିଥିବେ । ଅତଏବ ସେହି ଠକମାନଙ୍କ ଉପରେ ଦୋଷାରୋପ ନକରି ନିଜନିଜର ଅନ୍ଧତା ନିଜେ ନିଜେ ଦୂର କରିବା ଏକାନ୍ତ ଆବଶ୍ୟକ ।

ବିଶ୍ୱକଲ୍ୟାଣ—୧୯୫୬

## "୫୨ ଘାଟୀ" ପାରିହେବ କିପରି ?

କଟକ ନୟାବାଗ ଦେହୁରି ହୋମିଓପାଥିକ ଡାକ୍ତର ଶ୍ରୀ ରଘୁନାଥ ସାହୁ ଅନ୍ଧବିଶ୍ୱାସ ଫଳରେ ଗତ ସେପ୍ଟେମ୍ବର ୧୩, ୧୪, ୧୫ ଏହି ତିନିଦିନ ମଧ୍ୟରେ କିପରି ଭାବରେ ମରି ଯାଉଥିଲେ ତାହା ପୂର୍ବରୁ ଲେଖାଅଛି । ମନେ ନଥିଲେ କିମ୍ବା ପଢ଼ିନଥିଲେ ସେହି ଲେଖାଟି ଆଉଥରେ ମନଯୋଗ ପୂର୍ବକ ପଢ଼ନ୍ତୁ । ସେ ମହାଶୟ ଉକ୍ତ ତିନିଦିନିଆ ଘାଟୀ ଏହି ସେପ୍ଟେମ୍ବର ମାସରେ ବହୁକଷ୍ଟରେ ପାର ହେବାପରେ ଏହି ୫-୬ ମାସ ହେଲା "୫୨ ଘାଟୀ ପାରି ହେବ କିପରି ?" ଏହି ଚିନ୍ତାରେ ସର୍ବଦା ମଗ୍ନ ହୋଇଅଛନ୍ତି । ୫୨ ବର୍ଷରେ ଗୋଟିଏ ବଡ଼ ଘାଟୀ ଅଛି ବୋଲି ଜଣେ ଜ୍ୟୋତିଷ ପଣ୍ଡିତ ତାଙ୍କୁ କହିଅଛନ୍ତି । ତାଙ୍କୁ ବର୍ତ୍ତମାନ ୫୧ ବର୍ଷ ୬ ମାସ । ଏହି ଛମାସ ଭିତରେ ସେ ମହାଶୟ ଦିନକୁଦିନ ଶୁଖିଶୁଖି ଅଧେ ମଲେଣି କହିଲେ ଅତ୍ୟୁକ୍ତି ହେବନାହିଁ । ବାକି ୬ ମାସ ଭିତରେ ସେ ମହାଶୟଙ୍କର ଅବସ୍ଥା ଯେ କଣ ହେବ, ଭାବିଲେ ଦୁଃଖ ଆସୁଛି । ନିଜର ଦୋକାନ ପିଣ୍ଡାରେ ମୁଣ୍ଡରେ ହାତ ଦେଇ ମନକଷ୍ଟରେ ବସିଥିବା ୩-୪ ଥର ଦେଖି ଥରେ ତାଙ୍କୁ ଏପରିଭାବରେ ବସୁଥିବାର କାରଣ ପଚାରିବାରୁ ତାଙ୍କଠାରୁ ଏହି ୫୨ ଘାଟୀ କଥା ଶୁଣିଲି । ସେ କହିଲେ, "ଏହି ଛମାସ ହେଲା ମୁଁ କେତେ ରୋଗ ଭୋଗିଲେଣି । ପ୍ରାୟ ଦୁଇମାସ ହେଲା ପରିଶ୍ରାରେ ଚିନି ପଡ଼ୁଛି । ଧ୍ରୁବ, ପ୍ରହଲ୍ଲାଦ ପ୍ରଭୃତି ସମସ୍ତଙ୍କ ଡ଼ାକ ଭଗବାନ ଶୁଣିଅଛନ୍ତି, ମୁଁ ଏତେ ଡାକୁଛି, ମୋ ଡାକ ସେ ଶୁଣୁନାହାନ୍ତି କାହିଁକି ?" ଏହିପରି ଅନ୍ଧବିଶ୍ୱାସର କଥା ସେ ଅନେକ କହିଲେ । ମୁଁ କହିଲି, "ଆପଣଙ୍କ ପୁଅ ପ୍ରଫୁଲ୍ଲକୁ ମୋ ପାଖକୁ ପଠାଇବେ । ଆପଣ କିପରି ସହଜରେ ୫୨ ଘାଟୀ ପାରିହେବେ ମୁଁ ତାକୁ ବୁଝାଇଦେବି ।" ଅଳ୍ପଦିନପରେ ତାଙ୍କୁ କହିଲି, "ଆପଣ ପ୍ରଫୁଲ୍ଲକୁ ପଠାଇଲେ ନାହିଁ କାହିଁକି ?" ସେ କହିଲେ "ମୁଁ ଏ ବିଷୟରେ ମୋର ଗୁରୁଦେବଙ୍କ ନିକଟକୁ ଲେଖିଛି ଏବଂ ସେ ଯେଉଁ ଉତ୍ତର ଦେବେ

ତାଙ୍କୁ ଅପେକ୍ଷା ଋଷିଛନ୍ତି ।" ଗୁରୁଦେବ ଯେଉଁ ଉତ୍ତର ଦେବେ ତାହା ଅନୁମାନ କରିପାରିବେ । ପଣ୍ଡିତ ନେହେରୁଙ୍କ ମତରେ ଜ୍ୟୋତିଷ-ମାନେ ଯେପରି ବିପଦଜନକ ଲୋକ, ଗୁରୁଦେବମାନେ ସେମାନଙ୍କ ଅପେକ୍ଷା ଅଳ୍ପ ବିପଜ୍ଜନକ ନୁହନ୍ତି ।

ବିଶ୍ବକଲ୍ୟାଣ— ୯୫୭

---

# ଫଳିତ ଜ୍ୟୋତିଷ

ଓ

# ମିଥ୍ୟାପ୍ରଚାର

●

## ଫଳିତ ଜ୍ୟୋତିଷ ପ୍ରତି ପୋଷଣ କରୁଥିବା ଅନ୍ଧବିଶ୍ୱାସରୁ ଆଜି ମୁକ୍ତ ହୁଅନ୍ତୁ

## ନିବେଦନ

ଜଗତର ସର୍ବଶ୍ରେଷ୍ଠ ମାନବ ବୁଦ୍ଧଦେବ ୨୫୦୦ ବର୍ଷ ପୂର୍ବେ କହିଗଲେ, "ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହୁଅ, ଅନ୍ୟ କାହାରି ଉପରେ ନିର୍ଭର ନ କରି ନିଜ ଉପରେ ନିର୍ଭର କର; ଶାସ୍ତ୍ରରେ ଲେଖାଅଛି କିମ୍ବା ଗୁରୁ କହୁଅଛନ୍ତି ବୋଲି ତାକୁ ସତ୍ୟ ବୋଲି ଗ୍ରହଣ କରନାହିଁ; ମୁଁ ନିଜେ ଦେଇଥିବା ଉପଦେଶଗୁଡ଼ିକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରନାହିଁ" ଇତ୍ୟାଦି ଗୀତାକାର ଓ ଅନ୍ୟ ମହାପୁରୁଷମାନେ ମଧ୍ୟ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ସତ୍ୟର ଆଶ୍ରୟ ନେବାକୁ ଉପଦେଶ ଦେଇ ଯାଇଅଛନ୍ତି । ମାତ୍ର ଆମେ କାହାରି ଉପଦେଶ ପ୍ରତି ମଧ୍ୟ କର୍ଣ୍ଣପାତ ନ କରି, ମହାତ୍ମାଗାନ୍ଧି ଏବେ

*

ଦେଇଥିବା ଉପଦେଶ ପ୍ରତି ମଧ୍ୟ କର୍ଣ୍ଣପାତ ନକରି ସେହି ମହାତ୍ମାମାନଙ୍କର ଫଟୋ ପୂଜା କରିବାକୁ ଓ ସେମାନଙ୍କ ନାମରେ ଗୀତା ଜୟନ୍ତୀ, ଗାନ୍ଧି ଜୟନ୍ତୀ, ବୁଦ୍ଧ ଜୟନ୍ତୀ ଇତ୍ୟାଦି କରିବାକୁ ଏକମାତ୍ର କର୍ତ୍ତବ୍ୟ ମନେକରି ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗ କରୁଅଛୁଁ ।

ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଏହି ତିନିଙ୍କ କବଳରୁ ଜନସାଧାରଣ କିପରି ମୁକ୍ତ ହେବେ ଏଥିପାଇଁ ବହୁଦିନ ହେଲା ନାନା ଉପାୟରେ ମୁଁ ଚେଷ୍ଟା କରୁଅଛି । ମାତ୍ର ଏହା କେବଳ ମୋର କାର୍ଯ୍ୟ ନୁହେଁ । କୌଣସି ଗୁରୁ କିମ୍ବା କୌଣସି ନେତା କିମ୍ବା ସମ୍ପ୍ରଦାୟର କାର୍ଯ୍ୟ ନୁହେଁ । ଏହା ଆପଣମାନଙ୍କର ପ୍ରତ୍ୟେକଙ୍କର କାର୍ଯ୍ୟ । ମାତ୍ର ଦୁଃଖର କଥା ଏହିକି ଗୋଷ୍ଠିବଦ୍ଧ ବା ସମାଜବଦ୍ଧ ହୋଇ ରହିଥିବାରୁ ଆମ୍ଭେମାନେ ବ୍ୟକ୍ତିତ୍ୱ ହରାଇ ରହିଅଛୁଁ । ଯାହା ସେ ହେଉ ଏହି ପୁସ୍ତକଟି ପାଠକରି ଫଳିତ ଜ୍ୟୋତିଷ ପ୍ରତି ପୋଷଣ କରିଥିବା ଅନ୍ଧବିଶ୍ୱାସରୁ ଜଣେମାତ୍ର ବ୍ୟକ୍ତି ମୁକ୍ତ ହେଲେ ମୋର ପରିଶ୍ରମ ସଫଳ ହେବ—

ଲେଖକ

# ଫଳିତ ଜ୍ୟୋତିଷ ଓ ମିଥ୍ୟା ପ୍ରଚାର

ଆମ ସମାଜରେ ଅନେକଙ୍କର ବିଶ୍ୱାସ ଏହିକି ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଯାହା ଯାହା ଘଟିବ, ଜନ୍ମ ହେବାବେଳେ ଭାଗ୍ୟବିଧାତା ତାହା ତାର କପାଳରେ ଲେଖି ଦେଇ ଥାଆନ୍ତି । ସେଥିପାଇଁ ହିନ୍ଦୁମାନେ କହନ୍ତି, "ଏହା ମୋ କପାଳରେ ଲେଖାଅଛି, ଏହା ମୋ ଭାଗ୍ୟରେ ଅଛି ।" ମୁସଲମାନମାନେ କହନ୍ତି, "ଏହା ମୋ କିସ୍‌ମତ୍‌ରେ ଅଛି ।" ତାହାଛଡ଼ା ହିନ୍ଦୁମାନଙ୍କର ବିଶ୍ୱାସ ଏହିକି କପାଳରେ ଯାହା ଲେଖାଅଛି ତାହା ଜାତକରୁ ସ୍ଥିର କରାଯାଇପାରେ । ସେଥିପାଇଁ ପିଲାଟିଏ ଜନ୍ମ ହେବାପରେ ସେମାନେ କୌଣସି ଜ୍ୟୋତିଷୀଙ୍କୁ ଡାକି ଜାତକଟିଏ ପ୍ରସ୍ତୁତ କରାନ୍ତି । କେହି ବିପଦଗ୍ରସ୍ତ ହେଲେ କିମ୍ବା ବିଶେଷ ଅସୁସ୍ଥ ହେଲେ କିଛି ଅର୍ଥ ବ୍ୟୟ କରି ଜ୍ୟୋତିଷ ବ୍ୟବସାୟୀଙ୍କୁ ଜାତକ ଦେଖାନ୍ତି, ଗ୍ରହ-ମାନଙ୍କର ଅଶୁଭଦୃଷ୍ଟି ହେତୁ ମାର୍କଦଶା ଅଛି ବୋଲି ଜ୍ୟୋତିଷ ବ୍ୟବସାୟୀ କହିଦିଅନ୍ତି ଏବଂ ଗ୍ରହମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗ୍ରହ ପୂଜାର ବ୍ୟବସ୍ଥା ଦିଅନ୍ତି । ତଦନୁସାରେ ଲୋକଟି ବ୍ରାହ୍ମଣଙ୍କୁ ଡାକି କିଛି ଅର୍ଥ ବ୍ୟୟକରି ଗ୍ରହପୂଜା କରେ । ଅଧିକ ଅର୍ଥ ନଥିବାରୁ ଉପଯୁକ୍ତ ଚିକିତ୍ସା କରିପାରେ ନାହିଁ । ଚିକିତ୍ସା ଅଭାବରୁ ରୋଗୀର ମୃତ୍ୟୁ ଘଟିଲେ କହେ —"ତାର ପରମାୟୁ ବଳ ନଥିଲା ।" ଧନ୍ୟ ଅନ୍ଧବିଶ୍ୱାସ । ଗ୍ରହପୂଜା ବି ଠିକ୍, ପରମାୟୁ ବଳ ବି ଠିକ୍ ।

ଟଙ୍କା ଖର୍ଚ୍ଚ କରିବାକୁ ସମର୍ଥ ଥିବା ଧନୀ ଲୋକେ ଓ ଶିକ୍ଷିତ ଲୋକେ ଗ୍ରହପୂଜା କରନ୍ତି ଓ ଉପଯୁକ୍ତ ଚିକିତ୍ସା ବି କରନ୍ତି । ଉପଯୁକ୍ତ ଚିକିତ୍ସାରେ ଅର୍ଥ ବ୍ୟୟ ନ କରି ଗ୍ରହପୂଜା ଇତ୍ୟାଦିରେ ଅର୍ଥବ୍ୟୟ କରିବା ଉଚିତ ନୁହେଁ ବୋଲି ଅଶିକ୍ଷିତ ଜନସାଧାରଣଙ୍କୁ କହିଲେ ସେମାନେ କହନ୍ତି—"ଅମୁକ ଡିପୋଟି ବାବୁ ସେ ତାଙ୍କର ସ୍ତ୍ରୀଙ୍କର ଆରୋଗ୍ୟ ପାଇଁ ଗ୍ରହପୂଜା କରିଥିଲେ ଏବଂ ତାଙ୍କର ସ୍ତ୍ରୀ ଆରୋଗ୍ୟ ହୋଇଗଲେ । ଅମୁକ ପ୍ରଫେସର ବାବୁ ସେ ତାଙ୍କର ପୁଅ ଅସୁସ୍ଥ ଥିବାରୁ ଜଣେ ତାନ୍ତ୍ରିକ ପଣ୍ଡିତ କହିବା ଅନୁସାରେ କଟକଚଣ୍ଡୀଙ୍କୁ ବୋଦାଟିଏ ଯାଚିଥିଲେ ଏବଂ ଯାଚିବାର ପରେ ପରେ ତାଙ୍କର ପୁଅ ଭଲ

ହୋଇଗଲି । ଆମେ ସିନା ମୂର୍ଖ ଥିବାରୁ ଆପଣ ଆମକୁ ଅନ୍ଧ କହୁଅଛନ୍ତି। ଏମାନେ ତ ଅନେକ ପାଠ ପଢ଼ିଅଛନ୍ତି । ଏମାନେ କଣ ଅନ୍ଧ ।''

ଏହି ଅଶିକ୍ଷିତମାନଙ୍କର ବୁଝିବା ଆବଶ୍ୟକ ଯେ ଅନେକ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏମାନଙ୍କ ଅପେକ୍ଷା ଅଧିକ ପରିମାଣରେ ଅନ୍ଧ । ସେମାନେ ଯେଉଁ ଶିକ୍ଷା ପାଇଅଛନ୍ତି ଓ ପାଉଅଛନ୍ତି ତାହା କେବଳ ଉପାଧି ହାସଲ କରି ନିଜର ନାମ ବଢ଼ାଇବା ପାଇଁ ; ଚାକିରି କରିବା ପାଇଁ କିମ୍ବା ଓକିଲାତି ମୁକ୍ତିଆରି ଇତ୍ୟାଦି କରି ଯେ କୌଣସି ଉପାୟରେ ଅର୍ଥ ଉପାର୍ଜନ କରିବା ପାଇଁ । ଉପସ୍ଥିତ ଶିକ୍ଷା ସେମାନଙ୍କୁ ବହୁକାଳରୁ ଅନ୍ଧ-ବିଶ୍ୱାସରୁ ମୁକ୍ତ କରିବା ତେଣିକି ଥାଉ, ସେମାନଙ୍କର ଅନ୍ଧବିଶ୍ୱାସକୁ ଦୃଢ଼ତର କରୁଅଛି ।

ହରିଜ (ହରିଜ ପୂର୍ବେ ଯେଉଁମାନଙ୍କୁ ବାଳବିଧବା କୁହା ଯାଉ-ଥିଲା ନାରୀମଙ୍ଗଳ ସମିତି ସେମାନଙ୍କୁ ହରିଜ ନାମ ଦେଇଅଛି ) ଓ ବିଧବାମାନଙ୍କର ପୁନର୍ବିବାହ ଯୋଗ ଏବଂ ସନ୍ତାନ ପ୍ରସବ କରି ଗୋଟିଏ ଗୋଟିଏ ପରିବାର ସୃଷ୍ଟି କରିବାର ଯୋଗ ୨୫-୩୦ ବର୍ଷ ପୂର୍ବେ ସେମାନଙ୍କର ଜାତକରୁ ବାହାରୁ ନଥିଲା କିମ୍ବା ଭାଗ୍ୟବିଧାତା ସେମାନଙ୍କ କପାଳରେ ଲେଖି ନଥିଲେ କାହିଁକି ? ଏହି ୨୫।୩୦ ବର୍ଷ ହେଲା ସେମାନଙ୍କ ଜାତକରୁ ବାହାରୁଛି ଓ କପାଳରେ ଲେଖାଯାଉଛି କପରି ? ଯେଉଁ ରାଶି ନକ୍ଷତ୍ରରେ ପୂର୍ବେ ସେମାନେ ଜନ୍ମୁଥିଲେ ଆଜିକାଲି କଣ ସେହି ରାଶି ନକ୍ଷତ୍ରରେ ସେମାନେ ଜନ୍ମୁ ନାହାନ୍ତି ?

ଏହି ୫-୭-୫୯ ତାରିଖ ସମାଜ ସମ୍ବାଦ ପତ୍ରରେ ଜଣେ ପ୍ରସିଦ୍ଧ ଜ୍ୟୋତିଷୀ ଜଣାଇଅଛନ୍ତି ଯେ ୧୯୮୦ ସାଲରେ ଭାରତରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିବ । ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣାନନ୍ଦ ୨୩-୩-୫୮ ସମାଜ କାଗଜରେ ଜଣାଇଅଛନ୍ତି ଯେ ୧୯୬୩ ଅକ୍ଟୋବର ଠାରୁ ୧୯୬୪ ଜୁଲାଇ ମଧ୍ୟରେ ଭୀଷଣ ମହାଯୁଦ୍ଧର ସମ୍ଭାବନା । ଏହିପରି କେତେ ପ୍ରସିଦ୍ଧ ଜ୍ୟୋତିର୍ବିଦ୍ କେତେପ୍ରକାର ଭବିଷ୍ୟତ ବାଣୀ ଘୋଷଣା କରୁଅଛନ୍ତି ।

"୩୨ ବର୍ଷ ବେଳେ ତୋତେ ଶନିସପ୍ତା ପଡ଼ିବ, ୫୨ ବର୍ଷବେଳେ ତୋର ମାର୍କ ଦଶା ଅଛି" ଇତ୍ୟାଦି ଭାଗ୍ୟଫଳ କହିଦେଇ ଜ୍ୟୋତିଷ ବ୍ୟବସାୟୀମାନେ ଅନ୍ଧବିଶ୍ୱାସୀ ଭୟାକୁଳ ଜନସାଧାରଣଙ୍କର ଭୟ ବଢ଼ାଇବା ଯେପରି ଅନିଷ୍ଟପ୍ରଦ, ପ୍ରସିଦ୍ଧ ଜ୍ୟୋତିଷୀ ମାନଙ୍କର ଏପରି ଭବିଷ୍ୟତ ବାଣୀସବୁ ଘୋଷଣା କରିବା ସେହିପରି ଅନିଷ୍ଟପ୍ରଦ । ପାର୍ଥକ୍ୟ ଏତିକି ଯେ ଏହିସବୁ ଘୋଷଣା ସାରା ଭାରତର ଓ ସାରା ପୃଥିବୀର ଭାଗ୍ୟଫଳ ଥିବାରୁ କେହି ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଦୈନିକ ଓ ସାପ୍ତାହିକ ପତ୍ରିକା ମାନଙ୍କରେ ଧାରାବାହିକ ଭାବରେ "ରାଶିଫଳ" ପ୍ରକାଶ ପାଉଅଛି ଏବଂ ଅନ୍ଧବିଶ୍ୱାସୀ ଜନସାଧାରଣ ରାଶିଫଳ ଜାଣିବାକୁ ଅପେକ୍ଷାକରି ରହିଅଛନ୍ତି । ରାଶିରୁ ଫଳ ଜାଣିବା ଯେ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅସମ୍ଭବ ତାହା ବର୍ତ୍ତମାନ ବୁଝନ୍ତୁ ।

ପୃଥିବୀର ଲୋକସଂଖ୍ୟା ମେଷ, ବୃଷ ଇତ୍ୟାଦି ୧୨ ଟି ରାଶିରେ ବା ୧୨ ଟି ଭାଗରେ ବିଭକ୍ତ । ପୃଥିବୀର ଲୋକସଂଖ୍ୟା ଯଦି ୨୫୦ କୋଟି ଧରାଯାଏ ତେବେ ପ୍ରତ୍ୟେକ ରାଶିରେ ଜନ୍ମିଥିବା ଲୋକଙ୍କର ସଂଖ୍ୟା ୨୫୦ ÷ ୧୨ = ପ୍ରାୟ ୨୧ କୋଟି । ଏହି ୨୧ କୋଟିଲୋକଙ୍କର ରାଶିଫଳ ସମାନ ହେଲା କପରି ? ଆପଣଙ୍କର ଗ୍ରାମର ଲୋକସଂଖ୍ୟା ୨୦୦୦ ଧରାଗଲେ ପ୍ରତ୍ୟେକ ରାଶିରେ ଜନ୍ମିଥିବା ଲୋକଙ୍କର ସଂଖ୍ୟା ୨୦୦୦ ÷ ୧୨ = ପ୍ରାୟ ୧୬୭ । ଏହି ୧୬୭ ଜଣଙ୍କର ରାଶିଫଳ ସମାନ ହୋଇ ପାରେ କି ? ଗୋଟିଏ ଘରେ ନିଆଁ ଲାଗିବାରୁ ସେହି ଘରର ସମସ୍ତେ ଦୁଇଦିନ ପର୍ଯ୍ୟନ୍ତ ଗଛ ମୂଳେ ପଡ଼ି ରହିଲେ । ସେହି ଘରର ସମସ୍ତେ ଗୋଟିଏ ରାଶିରେ ଜନ୍ମିଥିଲେ କି ? ବର୍ତ୍ତମାନ ବୁଝନ୍ତୁ ରାଶିରୁ ଫଳ ସ୍ଥିର କରାଯାଇ ନ ପାରେ । ଅନ୍ଧବିଶ୍ୱାସୀମାନଙ୍କୁ ରାଶିଫଳ ଜଣାଇ ଦେଇ ଅର୍ଥ ଉପାର୍ଜନ କରିବା ଉଚିତ ନୁହେଁ ।

ଜାତକ ଦେଖି ଜ୍ୟୋତିଷୀ ମହାଶୟ କହିଦେଲେ "ତୋର ପରମାୟୁ ୭୨ ବର୍ଷ । ମୁଁ ୫୨ ବର୍ଷ ବେଳେ ବିଶେଷ ରୋଗାକ୍ରାନ୍ତ ହେଲି । ମୃତ୍ୟୁକୁ ଭୟକରି ମୁଁ ଡାକ୍ତର ଖୋଜିବି କାହିଁକି ? ଜାତକରେ ମୋର ବୈଧବ୍ୟ ଯୋଗ ନାହିଁ । ସ୍ୱାମୀ କଲେରା ରୋଗରେ ଆକ୍ରାନ୍ତ ହେଲେ ମୁଁ ଉଦ୍‌ବିଗ୍ନ ହୋଇ କଟକଚଣ୍ଡୀଙ୍କୁ ବୋଦା ଯାଚିବି କାହିଁକି ?

ଡ଼ାକ୍ତର ଖୋଳିବା ଓ ବୋଦା ଯାଚିବା ଇତ୍ୟାଦି ପ୍ରମାଣ କରି ଦେଉଛି ଯେ ଜାତକର ଫଳ ପ୍ରତି ଆମର ପ୍ରକୃତରେ ବିଶ୍ବାସ ନାହିଁ । କଟକ ଷ୍ଟେସନରେ ଓ କଲେକ୍ଟର କଚେରି ନିକଟରେ ରାସ୍ତା କଡ଼ରେ ଶ୍ରେଷ୍ଠ ଶ୍ରେଷ୍ଠ ଜ୍ୟୋତିଷ ବ୍ୟବସାୟୀମାନେ ଅଜ୍ଞଲୋକମାନଙ୍କର ମନକୁ ଆକର୍ଷଣ କରାଉଥିବା ଛତା, ପଇତା ଇତ୍ୟାଦି ପିନ୍ଧି ସାମନାରେ କେତେଖଣ୍ଡି ପୋଥି ଓ ଶଙ୍ଖ ରଖି ଦେଇ ବୁଢ଼ିଆଣି ଜାଲପାତି ମାଛି ଧରିଲା ପରି ଅନ୍ଧବିଶ୍ବାସୀ-ମାନଙ୍କୁ ଯେପରି ଫାନ୍ଦରେ ପକାଇ ସେମାନଙ୍କଠାରୁ ଅର୍ଥ ଶୋଷଣ କରନ୍ତି ତାହା ଦେଖିଲେ ଦୁଃଖ ଆସେ । ଶ୍ରେଷ୍ଠ ଶ୍ରେଷ୍ଠ ଜ୍ୟୋତିଷ ବ୍ୟବସାୟୀଙ୍କ ଠାରୁ ଅଜ୍ଞ ଲୋକେ ଯେପରି ଭାଗ୍ୟଫଳ ବୁଝନ୍ତି ବଡ଼ ବଡ଼ ଜ୍ୟୋତିଷ ବ୍ୟବସାୟୀଙ୍କଠାରୁ ବଡ଼ ବଡ଼ ଶିକ୍ଷିତ ଲୋକେ ସେହିପରି ଭାଗ୍ୟ ଫଳ ବୁଝନ୍ତି । କିପରି ବୁଝନ୍ତି ତାହା ପରବର୍ତ୍ତୀ ଆଲୋଚନାରୁ ବୁଝି ପାରିବେ ।

ସମାଜ, ପ୍ରଜାତନ୍ତ୍ର ଓ ଇଷ୍ଟର୍ଣ୍ଣ ଟାଇମ୍‌ସ ସମ୍ବାଦପତ୍ରମାନଙ୍କରୁ ୫।୭।୫୨ ତାରିଖରେ ପ୍ରକାଶ ପାଇଥିବା ସମ୍ବାଦ ସବୁ ପଢ଼ି ମନରେ ଦୁଃଖ ଆସିଲା ।

ସମାଜ କାଗଜରେ ପ୍ରକାଶିତ ସମ୍ବାଦର କେତେକ ଅଂଶ :—

ଅର୍ଥମନ୍ତ୍ରୀ ଶ୍ରୀ ସିଂହଦେଓଙ୍କର ପାଖାଗୁରୁ ଓ ଲକ୍ଷ୍ନୌର ଜଣେ ପ୍ରସିଦ୍ଧ ଜ୍ୟୋତିର୍ବିଦ ତିନ୍ଦିନରେ ଥିବା ମୂଳ ଭୃଗୁ ସଂହିତାରୁ କେତେକ ଅଂଶ ଉଦ୍ଧାର ଆଣିଛନ୍ତି, ଯାହା ଓଜନରେ ୧୨୦ ମହଣ । ସେ ମହାଶୟ ମୁଖ୍ୟମନ୍ତ୍ରୀ ଡ଼କ୍ଟର ମହତାବଙ୍କର, କେତେଜଣ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କର ଓ କେତେଜଣ ଏମ୍. ଏଲ. ଏ. ଙ୍କର ପ୍ରତ୍ୟେକଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ବିବରଣୀ ଠିକିନାଖିକରି ସଠିକ ଭାବରେ କହିଗଲେ ଏବଂ ଅନେକଙ୍କର ବାପ, ମା, ଭାଇ ଭଉଣୀ-ଙ୍କର ନାମ ଓ ଠିକଣା ପ୍ରଭୃତି ମଧ୍ୟ କହିଗଲେ—ଯାହା ଏମାନେ ସମସ୍ତେ ଏକମୁଖରେ ସ୍ବୀକାର କରିଅଛନ୍ତି । ଗୁରୁଜୀଙ୍କର ଅଲୌକିକ କୃତିତ୍ବ ଶୁଣି ସାମ୍ବାଦିକମାନେ ତାଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ସେମାନେ ମଧ୍ୟ ଏହି ଅନୁଭୂତି ନେଇ ଫେରିଥିଲେ ।

ପ୍ରଜାତନ୍ତ୍ର କାଗଜରେ ପ୍ରକାଶିତ ସମ୍ବାଦର କେତେକ ଅଂଶ :—

ନୂଆ ରାଜଧାନୀରେ ଗତ ଦୁଇଦିନ ହେଲା ଜ୍ୟୋତିଷ ଶାସ୍ତ୍ରପ୍ରତି ବିଶେଷ ବିଶ୍ୱାସ ଓ ଆଗ୍ରହ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ମହତାବ ଓ ଅର୍ଥମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ବିଶ୍ୱାସୀମାନଙ୍କ ମଧ୍ୟରେ ପ୍ରଧାନ । ଓଡ଼ିଶାର ରାଜନୀତିକ ଗଣନା କ୍ଷେତ୍ରରେ ମଧ୍ୟ ଏହା ଆଲୋଡ଼ନ ସୃଷ୍ଟି କରିଛି । ସମ୍ବାଦଦାତା ଶ୍ରୀ ଗୋପାଳ ମିଶ୍ର ଲେଖିଅଛନ୍ତି ଯେ ତାଙ୍କର ରାଶି ଶ୍ରେଣୀ ଓ ହସ୍ତରେଖା ଦେଖି ଜ୍ୟୋତିଷୀ ମହାଶୟ କୁଣ୍ଡଳୀ ପ୍ରସ୍ତୁତ କଲେ ଏବଂ ସଂହିତା ମିଳାଇ ତାଙ୍କର ନାମ, ଧାମ, ଅତୀତ, ଭବିଷ୍ୟତ ଓ ସବୁ ପ୍ରକାର ସଠିକ ବିବରଣୀ ସେଥିରୁ ପଢ଼ିଗଲେ । ଏହି ସବୁ କଥା ଦେବନାଗରୀ ଲିପିରେ ଲେଖାଥିବା ସେ ନିଜେ ଦେଖିଥିଲେ । ସବୁଠାରୁ କୌତୁହଳପ୍ରଦ ଘଟଣା ବର୍ଣ୍ଣନା କଲେ ନିଜେ ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ । ସାମ୍ବାଦିକମାନେ ତାଙ୍କୁ ଭେଟିବାବେଳେ ସେ ଉକ୍ତ ପଣ୍ଡିତ କପରି ତାଙ୍କର ଓ ତାଙ୍କ ସ୍ତ୍ରୀଙ୍କର ସମସ୍ତ ବିବରଣୀ ସଂହିତାରୁ ବାହାର କଲେ ତାହା ବର୍ଣ୍ଣନା କରି ଓଡ଼ିଶାର ମିଳିତ ମନ୍ତ୍ରୀମଣ୍ଡଳ ସମ୍ପର୍କରେ ମଧ୍ୟ କପରି ସଂହିତାରେ ଲେଖାଅଛି ତାହା ପ୍ରକାଶ କରିଥିଲେ ।

ଇଷ୍ଟର୍ଣ୍ଣ ଟାଇମ୍‌ସ ଇଂରାଜି ସମ୍ବାଦପତ୍ରରୁ ଦୁଇଟି କଥା :—

The first to call on him was no other than *the Chief Minister of Orissa Dr Mahatab.* The astrologer told Dr. Mahatab that the Ministry will be expanded soon and even mentioned eight names to be included in the cabinet.

ଅନୁବାଦ —ଯେଉଁ ବ୍ୟକ୍ତି ଜ୍ୟୋତିଷୀଙ୍କ ସହିତ ପ୍ରଥମେ ଦେଖା କରିଥିଲେ ସେ ବ୍ୟକ୍ତି ଅନ୍ୟ କେହି ନୁହନ୍ତି । ସେ ହେଉଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍‌ଟର ମହତାବ । ଜ୍ୟୋତିଷୀ ମହାଶୟ ତାଙ୍କୁ କହିଦେଲେ ଯେ ମନ୍ତ୍ରୀମଣ୍ଡଳ ଶୀଘ୍ର ବୃଦ୍ଧି ପାଇବ ଏବଂ ଯେଉଁ ଆଠଜଣ ମିଳିତ ମନ୍ତ୍ରୀମଣ୍ଡଳରେ ନିଆଯିବେ ସେହି ଆଠଜଣଙ୍କର ନାମ ମଧ୍ୟ କହିଲେ ।

ସହସ୍ରାଧିକ ବର୍ଷ ପୂର୍ବେ ଲେଖାଯାଇଥିବା ଭୃଗୁ ସଂହିତାରେ ସାରା ପୃଥିବୀ କିମ୍ବା ସାରା ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିବରଣୀ, ପ୍ରତ୍ୟେକ ବ୍ୟକ୍ତିଙ୍କର ବାପ, ମା, ଭାଇ, ଭଉଣୀଙ୍କର ନାମ ଓ ଠିକଣା, କେଉଁମାନେ କେବେ ମନ୍ତ୍ରୀ ହେବେ ସେମାନଙ୍କର ନାମ ଇତ୍ୟାଦି ଲେଖା ରହିଛି ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅସମ୍ଭବ । ଯେଉଁମାନେ ଜ୍ୟୋତିଷଙ୍କଠାରୁ ଏହିସବୁ କଥା ଶୁଣିଥିଲେ ଓ ଦେଖିଥିଲେ କେବଳ ସେହିମାନଙ୍କ ପାଇଁ ଏହା ସତ୍ୟ ହୋଇପାରେ । ସାମାନ୍ୟ ସାଧାରଣ ଜ୍ଞାନ ଥିବା ଅନ୍ୟ କୌଣସି ବ୍ୟକ୍ତି ଏହିସବୁକୁ ସତ୍ୟ ବୋଲି ଗ୍ରହଣ କରି ନ ପାରେ । ଡକ୍‌ଟର ମହତାବଙ୍କ ଭଳି ଜଣେ ବିଶିଷ୍ଟବ୍ୟକ୍ତି କହୁଅଛନ୍ତି, ତେଣୁ ତାହା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅସମ୍ଭବ ହୋଇଥିଲେ ମଧ୍ୟ ତାକୁ ସତ୍ୟ ବୋଲି ଗ୍ରହଣ କରିବା ଉଚିତ ନୁହେଁ । ସତ୍ୟ ନିକଟରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତାର ସ୍ଥାନ ନାହିଁ ; ଲୋକମୁଖରୁ ଶାସ୍ତ୍ରମାନଙ୍କରୁ ଆସିଥିବା କଥା ସବୁର ମଧ୍ୟ ସ୍ଥାନ ନାହିଁ । ଗୀତା ୧ମ ଅଧ୍ୟାୟ ୪୨ ଶ୍ଳୋକରେ ଅର୍ଜୁନ କହିଥିବ "ଅନୁଶୁଶ୍ରୁମ" କଥାଟି ବୁଝନ୍ତୁ ଏବଂ ସେହି ଅନୁଶୁଶ୍ରୁମକୁ ଖଣ୍ଡନ କରିଥିବା "ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ" ( ୨ୟ-୫୨ ) ଓ ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ (୨ୟ-୫୩) ଏହି ଦୁଇଟି କଥା ମଧ୍ୟ ବୁଝନ୍ତୁ । ଶୁଣିବା କଥା ସବୁକୁ ସତ୍ୟ ବୋଲି ଗ୍ରହଣ କରି ନେଇ ଅନ୍ୟମାନଙ୍କ ନିକଟରେ ତାହା ପ୍ରଚାର କରିବାର ନାମ ମିଥ୍ୟା ପ୍ରଚାର । ନୂଆ ରାଜଧାନୀରେ ପ୍ରଚାରିତ ଏହି ଘଟଣାକୁ କି ଶିକ୍ଷିତ କି ଅଶିକ୍ଷିତ ସମସ୍ତେ ନିଶ୍ଚୟ ମିଥ୍ୟାପ୍ରଚାର ବୋଲି କହିବେ । ଜନସାଧାରଣଙ୍କର ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେଉଥିବା ଏହି ସମ୍ବାଦ ସବୁକୁ ମିଥ୍ୟା ପ୍ରଚାର ବୋଲି ଜାଣି ମଧ୍ୟ ସଭ୍ୟ ଓ ଶିକ୍ଷିତ ବୋଲି ନିଜକୁ ପରିଚୟ ଦେଉଥିବା ବିଶିଷ୍ଟ ବ୍ୟକ୍ତିମାନେ ଏଥିପ୍ରତି ଉଦାସୀନ ରହିବା ଦୁଃଖର କଥା । ଏହିସବୁ ସମ୍ବାଦମୂଳରେ ସତ୍ୟ ନଥିଲେ ମଧ୍ୟ କିଛିନା କିଛି ରହସ୍ୟ ନିଶ୍ଚୟ ଅଛି । ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଯେଉଁମାନେ ଜ୍ୟୋତିଷୀଙ୍କଠାରୁ ଏହିସବୁ କଥା ଶୁଣିଥିଲେ ଓ ଭୃଗୁସଂହିତାରେ ଲେଖାଥିବାର ଦେଖିଥିଲେ ସେମାନେ ଏସବୁ ସମ୍ବାଦକୁ ମିଥ୍ୟା ପ୍ରଚାର ବୋଲି ନ କହିଲେ ମଧ୍ୟ ଏହା କେଉଁ ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ କିମ୍ବା ଏହାର ମୂଳରେ କେଉଁ ରହସ୍ୟ ରହିଛି ତାହା

ସ୍ଥିର ନ କରିବା ପର୍ଯ୍ୟନ୍ତ ସେମାନଙ୍କ ମନରେ ମଧ୍ୟ ସଂଶୟ ଉତ୍ପନ୍ନ ଆସିବ ।

ଜନସାଧାରଣଙ୍କର ସଂଶୟ ଦୂର କରିବାକୁ ସେମାନେ କର୍ତ୍ତବ୍ୟ-ବୋଧ ନ କଲେ ମଧ୍ୟ ନିଜ ନିଜର ସଂଶୟକୁ ଦୂର କରିବା ଉଚିତ । ଆଜି ଆମ୍ଭମାନଙ୍କର ବୁଝିବା ଆବଶ୍ୟକ ଯେ ଅଜ୍ଞାନତାରୁ ବା ଅନ୍ଧତା ଦୋଷରୁ ବିଶ୍ୱାସର ଉତ୍ପତ୍ତି ଏବଂ ବିଶ୍ୱାସରୁ ସଂଶୟର ଉତ୍ପତ୍ତି । ବିଶ୍ୱାସ ଉପରେ ନିର୍ଭର କରିବା ଫଳରେ ସଂଶୟାତ୍ମା ହୋଇ ଜୀବନ ଯାପନ କରିବାରେ ଆମ୍ଭେମାନେ ବହୁକାଳରୁ ଅଭ୍ୟସ୍ତ ଥିବାରୁ ସତ୍ୟର ପରିଚୟ ଦେବାକୁ ଯାଉଥିବା ଗୀତାକାର କହିଅଛନ୍ତି—

"ସଂଶୟାତ୍ମା ବିନଶ୍ୟତି ନାୟଂ ଲୋକୋଽସ୍ତି
ନ ପରୋ ନ ସୁଖଂ ସଂଶୟାତ୍ମନଃ (୪ର୍ଥ-୪୦)

ଅର୍ଥ—ସଂଶୟାତ୍ମା ବ୍ୟକ୍ତି ବିନାଶପ୍ରାପ୍ତ ହୁଏ । ସଂଶୟାତ୍ମା ବ୍ୟକ୍ତିର ଇହଲୋକ ନାହିଁ କି ପରଲୋକ ନାହିଁ ଏବଂ ସୁଖ ନାହିଁ ।

ଗୀତାକାର କହିଅଛନ୍ତି ବୋଲି ତାକୁ ସତ୍ୟ ବୋଲି ଗ୍ରହଣ କରନ୍ତୁ ନାହିଁ । ଏପରି ଗ୍ରହଣ କରିବାରେ କୌଣସି ମୂଲ୍ୟ ନାହିଁ । ନିଜେ ସଂଶୟଶୂନ୍ୟ ହୋଇ ବୁଝନ୍ତୁ ଯେ ସତ୍ୟ ନିକଟରେ ବିଶ୍ୱାସର ସ୍ଥାନ ନାହିଁ, ସଂଶୟର ସ୍ଥାନ ନାହିଁ ।

ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଫଳିତ ଜ୍ୟୋତିଷ ବିରୁଦ୍ଧରେ ଅନେକବାର କହିଲେଣି ବୋଲି ମୁଁ ଶୁଣିଛି । "ଥରେ ୬।୩।୫୬ ତାରିଖ ସମାଜ ସମ୍ବାଦପତ୍ରରେ ତାଙ୍କର ମତ ପଡ଼ିଥିଲି । ସେଥିରେ ସେ ଲେଖି-ଅଛନ୍ତି— "ଜ୍ୟୋତିଷୀମାନେ ବିପଜ୍ଜନକ ଲୋକ; ପୁଣି ଯେଉଁମାନେ ସେମାନଙ୍କ ଠାରୁ ଭାଗ୍ୟଫଳ ବୁଝିବାକୁ ଯାଆନ୍ତି ସେମାନେ ଅଧିକ ବିପଜ୍ଜନକ ।" ପଣ୍ଡିତ ନେହେରୁଙ୍କର ଏହି ମତକୁ ଯଦି ସତ୍ୟ ବୋଲି ଗ୍ରହଣ କରାଯାଏ ତେବେ ଏହି ମତ ଅନୁସାରେ ଜ୍ୟୋତିଷୀ ମହାଶୟ ବିପଜ୍ଜନକ ଲୋକ ଏବଂ ତାଙ୍କଠାରୁ ଭାଗ୍ୟଫଳ ବୁଝିବାକୁ ଯାଇଥିବା ଡକ୍ଟର ମହତାବ, ଅର୍ଥମନ୍ତ୍ରୀ ସିଂହଦେଓ ଓ ଅନ୍ୟମାନେ ଅଧିକ
*

ବିପଜ୍ଜନକ । ଜ୍ୟୋତିଷୀମାନେ ଓ ଭାଗ୍ୟଫଳ ବୁଝିବା ଲୋକେ, ମୁଁ କହେ ଏକଶ୍ରେଣୀର ଲୋକ ନୁହନ୍ତି । ଜ୍ୟୋତିଷୀମାନେ ପ୍ରତାରକ ଥିବାରୁ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ଲେଖାଥିବା କଥାକୁ ସତ୍ୟ ମନେ କରି ତାହା ପ୍ରଚାର କରୁଥିବାରୁ ଅଥାତ୍ ମୁଁ ପୂର୍ବେ ଲେଖିଥିବା ଅନୁଯାରେ ମିଥ୍ୟା ପ୍ରଚାର କରୁଥିବାରୁ ବିପଜ୍ଜନକ ଅଟନ୍ତି । ମାତ୍ର ଭାଗ୍ୟଫଳ ବୁଝିବା ଲୋକେ ତାହା ନୁହନ୍ତି । ସେମାନେ ହେଉଛନ୍ତି ଅନ୍ଧବିଶ୍ୱାସୀ ବା ଅନ୍ଧ । ଜ୍ୟୋତିଷୀମାନେ ଯେ ଅନ୍ଧ ନୁହନ୍ତି ଏ କଥା ମୁଁ କହୁନାହିଁ । ଆମ ସମାଜରେ ପ୍ରାୟ ସମସ୍ତେ ଅଳ୍ପାଧିକ ପରିମାଣରେ ଅନ୍ଧବିଶ୍ୱାସୀ ବା ଅନ୍ଧ ।

ଜନସାଧାରଣଙ୍କୁ ଅନ୍ଧବିଶ୍ୱାସରୁ ବା ଅନ୍ଧତା ଦୋଷରୁ ମୁକ୍ତ କରିବା ଯେଉଁମାନଙ୍କର କର୍ତ୍ତବ୍ୟ, ସେମାନେ ଯଦି ଜନସାଧାରଣଙ୍କର ଅନ୍ଧବିଶ୍ୱାସକୁ ଏପରି ଭାବରେ ପ୍ରଶ୍ରୟ ଦିଅନ୍ତି—ରକ୍ଷକମାନେ ଯଦି ଭକ୍ଷକ ହୁଅନ୍ତି—ତେବେ ସମାଜର ଭବିଷ୍ୟତ ଅନ୍ଧକାରମୟ, ଏଥିରେ ସନ୍ଦେହ ନାହିଁ । ସେ ଯାହାହେଉ, ଜନସାଧାରଣଙ୍କୁ ମୋର ଅନୁରୋଧ ଏହିକି, ସେମାନେ ପ୍ରତ୍ୟେକ ନିଜ ନିଜର ଅନ୍ଧବିଶ୍ୱାସ ବା ଅନ୍ଧତାଦୋଷ ନିଜେ ଦୂର କରିବାକୁ ଯତ୍ନବାନ ହୁଅନ୍ତୁ । ଅନ୍ଧତା ଦୋଷରୁ ଅନ୍ୟ କେହି କାହାକୁ ମୁକ୍ତ କରି ପାରିବେ ନାହିଁ ।

"ନୂଆ ରାଜଧାନୀରେ ଗତ ଦୁଇଦିନ ହେଲା ଜ୍ୟୋତିଷ ଶାସ୍ତ୍ର ପ୍ରତି ବିଶେଷ ବିଶ୍ୱାସ ଓ ଆଗ୍ରହ ସୃଷ୍ଟି ହୋଇଛି" ପ୍ରଜାତନ୍ତ୍ରରେ ପ୍ରକାଶିତ ଏହି ସମ୍ବାଦରୁ ବୁଝିଲୁ—ଜ୍ୟୋତିଷ ଶାସ୍ତ୍ରପ୍ରତି ଲୋକଙ୍କର ବିଶେଷ ବିଶ୍ୱାସ ଓ ଅଗ୍ରହ ନଥିଲା । ଏପରି ଅଯୌକ୍ତିକ ଶାସ୍ତ୍ର ପ୍ରତି ବିଶ୍ୱାସ ଓ ଆଗ୍ରହ ରହିବ ବା କିପରି ? "ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ, ଅର୍ଥମନ୍ତ୍ରୀ ଶ୍ରୀ ସିଂହଦେଓ ହେଉଛନ୍ତି ଏହି ବିଶ୍ୱାସୀମାନଙ୍କ ମଧ୍ୟରେ ପ୍ରଧାନ", ପ୍ରଜା-ତନ୍ତ୍ରରେ ପ୍ରକାଶିତ ଏହି ସମ୍ବାଦରୁ ଅନୁମାନ ହୁଏ ଯେ, ଏହି ଦୁହିଁଙ୍କଠାରୁ ଅନ୍ୟମାନେ ଯାହା ଶୁଣିଅଛନ୍ତି ସେଥିରେ ଆଉକିଛି ଯୋଡ଼ିଦେଇ ଅନ୍ୟ-ମାନଙ୍କ ନିକଟରେ ତାହା ପ୍ରକାଶ କରିଅଛନ୍ତି । ସେ ଯାହାହେଉ ଏପରି ଅଯୌକ୍ତିକ ସମ୍ବାଦ ସବୁକୁ ସତ୍ୟ ବୋଲି ଗ୍ରହଣ କରିବା ଫଳରେ ନିଜ ନିଜର ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେଇ ଦୃଢ଼ତର କରନ୍ତୁ ନାହିଁ ।

ଅନେକ ଶିକ୍ଷିତ ଲୋକଙ୍କଠାରୁ ଶୁଣେ, "ଆପଣ ଯେ ଫଳିତ ଜ୍ୟୋତିଷ ଶାସ୍ତ୍ରକୁ ସମ୍ପୂର୍ଣ୍ଣ ରୂପେ ଉଡ଼େଇ ଦେଉଛନ୍ତି, ତାହା ଠିକ୍ ନୁହେଁ । ଏତେ ବଡ଼ ଜ୍ୟୋତିଷ ଶାସ୍ତ୍ରଟା ମିଛ ନୁହେଁ ? ସେଥିରୁ ଭାଗ୍ୟଫଳ ନିଶ୍ଚୟ ବାହାରିବ ।" ସେହିମାନେ ପୁଣି କହନ୍ତି – "ଭାଗ୍ୟଫଳ ବୁଝିବା ଉଚିତ ନୁହେଁ ଏବଂ ବୁଝିଲେ ମଧ୍ୟ ସେହି ଭାଗ୍ୟଫଳ ଉପରେ ନିର୍ଭର କରି ନିଶ୍ଚେଷ୍ଟ ରହିବା ଅନିଷ୍ଟପ୍ରଦ । ଆଚ୍ଛା, ଯଦି ଭାଗ୍ୟଫଳ ବୁଝିବା ଠିକ୍ ନୁହେଁ ଏବଂ ଭାଗ୍ୟଫଳ ଉପରେ ନିର୍ଭର କରିବା ଅନିଷ୍ଟପ୍ରଦ ତେବେ ଏପରି ଶାସ୍ତ୍ର ରହିବାର ଆବଶ୍ୟକ କଅଣ ?

## ଉପସଂହାର

ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ବା ଅଧର୍ମିକାରୁ ମୁକ୍ତ ନ ହେବାଯାଏ ଯେତେ ଉପାଧି ହାସଲ କଲେ ମଧ୍ୟ, ଯେତେ କ୍ଷମତା ଲାଭ କରିଥିଲେ ମଧ୍ୟ, ଆମ୍ଭେମାନେ ମନୁଷ୍ୟ ନୋହୁଁ – ଏକଥା ସ୍ୱୀକାର କରିବାକୁ ଲଜ୍ଜାବୋଧ କରନ୍ତୁ ନାହିଁ । ବାରବର୍ଷ ହେଲା ଦେଶ ସ୍ୱାଧୀନ ହେଲା, ଅନେକ ଲୋକ ଅନେକ ଉପାଧି ହାସଲ କଲେ, ଅନେକ କ୍ଷମତା ଲାଭକଲେ, ମାତ୍ର ଦେଶବାସୀଙ୍କର ଅନ୍ଧତା ଦୋଷ ଦୂରହେବା ଚେଶିକି ଥାଉ, ବରଂ ବୃଦ୍ଧି ପାଇବାରେ ଲାଗିଛି । ଦେଶର ଉପାଧିଧାରୀ ତଥାକଥିତ ବିଶିଷ୍ଟ ବ୍ୟକ୍ତିମାନେ ଯଜ୍ଞକରି ଘିଅପୋଡ଼ି ବିଶ୍ୱ-ଶାନ୍ତି ଓ ବିଶ୍ୱ ଭ୍ରାତୃତ୍ୱ ସ୍ଥାପନ କରିବାରେ ଲାଗିଛନ୍ତି । ଘିଅ ପୋଡ଼ିଲେ ବର୍ଷା ହେବ । ତିଳତର୍ପଣ କଲେ ପରଲୋକରେ ମୃତବ୍ୟକ୍ତିର ସଦ୍‌ଗତି ହେବ ଇତ୍ୟାଦି ଅସଂଖ୍ୟ ପ୍ରକାର ଅନ୍ଧବିଶ୍ୱାସ ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଭିତରେ ଦେଖାଯାଉଛି । ଆମ୍ଭେମାନେ ଯେ ପ୍ରତିଦିନ ଧ୍ୱଂସପଥରେ ଅଗ୍ରସର ହୋଇ ଆଜି ଏହି ସଂକଟାପନ୍ନ ଅବସ୍ଥାରେ ଉପନୀତ ହେଲୁଣି ତାହା କାହାରିକୁ ଦେଖା-ଯାଉନାହିଁ, ଦେଖାଯିବ ବା କପରି ? ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ବହୁକାଳରୁ ଅଭ୍ୟସ୍ତ ରହି ଆମ୍ଭେମାନେ ଯେ ଆମ୍ଭମାନଙ୍କର ସ୍ୱାଧୀନ ଚିନ୍ତାରେ ଜଳାଞ୍ଜଳି ଦେଇ ଅନ୍ଧ ଭାବରେ ଜୀବନଯାତ୍ରା ନିର୍ବାହ କରୁଅଛୁଁ । ଅନ୍ଧର ଯେଉଁ ଦୁରବସ୍ଥା, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର – ତେଣୁ ସମସ୍ତ ମାନବ ସମାଜର, ସେହି ଦୁରବସ୍ଥା । ଆଉ ଗୋଟିଏ କାରଣ ଏହିକି ହିନ୍ଦୁ,

ମୁସଲମାନ, କମ୍ୟୁନିଷ୍ଟ, ସୋସିଆଲିଷ୍ଟ ଇତ୍ୟାଦି ବିଭିନ୍ନ ସମ୍ପ୍ରଦାୟରେ ଆବଦ୍ଧ ରହିଥିବାରୁ ଆମ୍ଭେମାନେ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ ସ୍ୱାଧୀନ ଚିନ୍ତା ହରାଇବସିଛୁ । ଏହି ଅନ୍ଧତା ଦୋଷରୁ ମୁକ୍ତ ନହେବାଯାଏ ଆମର ସମସ୍ତ ଚେଷ୍ଟା ବିଫଳ ହୋଇଅଛି ଓ ହେଉଥିବ । ଅତଏବ ଅନ୍ଧତା ଦୋଷରୁ ମୁକ୍ତହେବା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସର୍ବପ୍ରଧାନ ଓ ସର୍ବ-ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ । ଏଥିପାଇଁ କୌଣସି ଗୁରୁ କିମ୍ବା ନେତା କିମ୍ବା କୌଣସି ପ୍ରକାର ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରିବାକୁ ହେବନାହିଁ । ସମସ୍ତ ବିଶ୍ୱର ମଙ୍ଗଳ ପ୍ରତ୍ୟେକ ବ୍ୟକ୍ତିର ମଙ୍ଗଳ ଉପରେ, ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ଚିନ୍ତା ଉପରେସମ୍ପୂର୍ଣ୍ଣ ନିର୍ଭର କରେ । ପ୍ରତ୍ୟେକ ବ୍ୟକ୍ତିର ଚିନ୍ତା କରିବାର ଶକ୍ତି ଅଛି । ତେଣୁ ସମସ୍ତ ଆଶା ଭରସା ପ୍ରତ୍ୟେକ ବ୍ୟକ୍ତି ଉପରେ ଅର୍ଥାତ୍ ଆପଣଙ୍କ ଉପରେ ଓ ମୋ' ଉପରେ । କୌଣସି ଗୁରୁ କିମ୍ବା ନେତା କିମ୍ବା ସମ୍ପ୍ରଦାୟ ଉପରେ କୌଣସି ଆଶା ନାହିଁ—

୧୯୬୦ ମସିହା

# ଅନ୍ଧାନୁସରଣ

●

## ଚୈତନ୍ୟ ମାଳା

ଅଳ୍ପଦିନ ତଳେ ମୁଁ ତାଙ୍କୁ ବିଶ୍ୱକଲ୍ୟାଣ ପତ୍ରିକାଟି ପଢ଼ିବାକୁ ଦେଲି ଓ ଗ୍ରାହକ ହେବାକୁ କହିଲି । ସେ ମହାଶୟ କଭର ପୃଷ୍ଠାରେ ମୂଳରେ ଦେଖିଲେ—ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରିବାକୁ ବୁଝାଇବା ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ । ଏତିକି ଦେଖି ସେ ମହାଶୟ କହିଲେ, "ପତ୍ରିକାଟି ମୁଁ ପଢ଼ିବି ନାହିଁ, କାରଣ ଆମପୂର୍ବପୁରୁଷରୁ ଯେଉଁ ସବୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଆମେ କରି ଆସିଅଛୁ; ତାହା ଆମେ ଛାଡ଼ିପାରିବୁ ନାହିଁ ।" ସେ ମହାଶୟ ପ୍ରକୃତରେ ଜଣେ ଅନ୍ଧବିଶ୍ୱାସୀ ଓ ଓ ଅନ୍ଧାନୁସରଣକାରୀ ନୈଷ୍ଠିକ ବ୍ରାହ୍ମଣ । ତାଙ୍କ ଗଳାରେ ଚୈତନ୍ୟ ଧର୍ମର ତୁଳସୀମାଳା ଅଛି । 'ଚୈତନ୍ୟ ଧର୍ମର ତୁଳସୀମାଳା', ଏପରି ଲେଖିବାର କାରଣ ଏହାକି ତାହା ଗଳାରେ ଲଟିକରି ବନ୍ଧା ହୋଇଥାଏ । ମୁଁ କହିଲି, "ଆପଣଙ୍କର ପୂର୍ବପୁରୁଷରୁ କେହି ଚୈତନ୍ୟଧର୍ମର ତୁଳସୀ-ମାଳା ପିନ୍ଧିଥିଲେ କି ? ଆପଣ ଯଦି ଚୈତନ୍ୟଧର୍ମର ମାଳା ପିନ୍ଧିଲେ ତେବେ ବର୍ଣ୍ଣାଶ୍ରମ ଧର୍ମର ପଇତା ପିନ୍ଧି ଅଛନ୍ତି କିପରି ? ପଇତା ଓ ଚୈତନ୍ୟମାଳା ଉଭୟ ପିନ୍ଧିବାକୁ ଆମ ପୂର୍ବ ପୁରୁଷଙ୍କ ଧର୍ମ କହୁନାହିଁ କିମ୍ବା ଚୈତନ୍ୟଧର୍ମ ମଧ୍ୟ କହୁନାହିଁ । ଚୈତନ୍ୟ ଧର୍ମ କହୁଛି—"ବ୍ରାହ୍ମଣ ଚଣ୍ଡାଳ କରେ କୋଳାକୋଳି କବେ ବା ଛିଲ ଏ ରଙ୍ଗ ?' ଚଣ୍ଡାଳ ସଙ୍ଗେ ଆପଣ କୋଳାକୋଳି କରନ୍ତି କି ?" ମୁଁ ପୁଣି କହିଲି—ଆପଣଙ୍କର

ପୂର୍ବପୁରୁଷ ଜଗନ୍ନାଥ ଦେଉଳରେ ସଅର ରାନ୍ଧିଥିବା ଭାତ ଖାଉଥିଲେ କି ? ଖଣ୍ଡେ କୁଡ଼ୁଆରେ ବ୍ରାହ୍ମଣେତର ମାନଙ୍କ ସଙ୍ଗେ ଏକାଠି ବସି ଖାଉଥିଲେ କି ? ସୂର୍ଯ୍ୟଙ୍କ ମଧ୍ୟବର୍ତ୍ତୀ ନାରାୟଣଙ୍କୁ ସର୍ବଦା ଧ୍ୟାନ କରିବାକୁ ବ୍ରାହ୍ମଣଧର୍ମରେ ବ୍ୟବସ୍ଥା ଅଛି । ଆଜି ମଧ୍ୟ ବ୍ରାହ୍ମଣମାନେ ଏହି ବ୍ୟବସ୍ଥାଟିର ଅର୍ଥ ଓ ଅଭିପ୍ରାୟ ନ ବୁଝିଲେ ମଧ୍ୟ ଶୁଆ ପଢ଼େଇ "ରାଧାକୃଷ୍ଣ" ଡାକିବା ପରି "ଧ୍ୟେୟଃ ସଦା ସବିତୃମଣ୍ଡଳ ମଧ୍ୟବର୍ତ୍ତୀ ନାରାୟଣମ୍" ଏହି କଥାଟି ପ୍ରତ୍ୟହ ପାରାୟଣ କରନ୍ତି । ପୁରୀ ଜଗନ୍ନାଥ ଓ ଭୁବନେଶ୍ୱର ଲିଙ୍ଗରାଜ ଇତ୍ୟାଦିଙ୍କ ମଧ୍ୟବର୍ତ୍ତୀ ନାରାୟଣଙ୍କୁ ଧ୍ୟାନ କରିବାକୁ ଓ ପୂଜା କରିବାକୁ ବେଦ, ମନୁ, ପରାଶର ପ୍ରଭୃତି କୌଣସି ଧର୍ମଶାସ୍ତ୍ର ବ୍ୟବସ୍ଥା ଦେଇଅଛି କି ? ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ କରି ପାରିଲେ କରନ୍ତୁ, ଖୁବ ଭଲ କଥା । ମାତ୍ର ଅଧେ ଏପାଖ ଅଧେ ସେପାଖ ହେଉଅଛନ୍ତି କାହିଁକି ? ଅନ୍ଧତା ଦୋଷ ଦୂର ନ ହେବା ଯାଏ ଆମ୍ଭେ-ମାନେ ଏହିପରି ଏପାଖ ସେପାଖ ହୋଇ ଉପସ୍ଥିତ ଦୁରବସ୍ଥା ଭୋଗୁଥିବୁଁ ।

ବିଶ୍ୱକଲ୍ୟାଣ ୧୯୫୫

## ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ କେବେ ଉଠିବ ?

ଏହି ପ୍ରଶ୍ନର ଉତ୍ତରରେ ଅଧିକାଂଶ ଲୋକଙ୍କଠାରୁ ଶୁଣାଯାଏ—ଆମ୍ଭେମାନେ ସମାଜରେ ଆବଦ୍ଧ, ଅତଏବ ସମାଜର ସମସ୍ତେ ଯେଉଁଦିନ ଏଥିପାଇଁ ଚେଷ୍ଟା କରିବେ ସେହିଦିନ ଉଠିବ । ଅନେକ ତଥାକଥିତ ସଭ୍ୟ ଓ ଶିକ୍ଷିତ ଲୋକଙ୍କଠାରୁ ଶୁଣାଯାଏ—ଦେଶର ନେତାମାନେ ଓ ବିଶିଷ୍ଟ ବ୍ୟକ୍ତିମାନେ ଏଥିପାଇଁ ଚେଷ୍ଟା କରୁଅଛନ୍ତି ଏବଂ ସରକାର ମଧ୍ୟ ଏଥିପାଇଁ ଆଇନ ସବୁ କରୁଅଛନ୍ତି ; ଯଥା ସମୟରେ ତାହା ନିଶ୍ଚୟ ଉଠିବ । ଆଉ ଦଳେ ଲୋକ ଅଛନ୍ତି ଯେଉଁମାନଙ୍କଠାରୁ ଶୁଣାଯାଏ—କେହି ଚେଷ୍ଟା ନ କଲେ ମଧ୍ୟ ଭଗବାନ ଇଚ୍ଛା କଲେ ତାହା ଆପେ ଆପେ ଉଠିଯିବ । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରିବାକୁ ପତ୍ର ପତ୍ରିକାର ଲେଖକମାନେ ଓ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ବହୁକାଳ ହେଲା ଉପଦେଶ ଦେଉଥିଲେ ମଧ୍ୟ ତାହା ସେମାନେ ନିଜେ ଛାଡ଼ି ନାହାନ୍ତି କିମ୍ବା ଛାଡ଼ିବାକୁ ଚେଷ୍ଟା ପର୍ଯ୍ୟନ୍ତ କରୁନାହାନ୍ତି । ସେଥିପାଇଁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସମାଜରୁ ଦୂର ହେବା ପଛକୁ ଥାଉ, ତାହା ନୂଆ ନୂଆ ଆକାର ଧାରଣ କରି ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ଅତଏବ ସମାଜର ଏହି ଦୁରବସ୍ଥା ଦୂର ନ ହେବା ପର୍ଯ୍ୟନ୍ତ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର କବଳରୁ ନିଜକୁ ତଥା ସମାଜକୁ ମୁକ୍ତ କରିବା ସମ୍ପୂର୍ଣ୍ଣ ଅସମ୍ଭବ । 'ସମାଜର ଏହି ଦୁରବସ୍ଥା' ନ ଲେଖି 'ପ୍ରତ୍ୟେକ ବ୍ୟକ୍ତିଙ୍କର ଏହି ଦୁରବସ୍ଥା' ଏ କଥା ଲେଖିଥିଲେ ଠିକ୍ ହୋଇଥାଆନ୍ତା । ସେ ଯାହାହେଉ ଯେଉଁଦିନ ସମାଜର ଅଳ୍ପ କେତେଜଣ ମାତ୍ର ଲୋକ, କି ସମାଜ, କି ନେତା, କି ଲେଖକ, କି ବକ୍ତୃତାଦାତା, କି ଭଗବାନଙ୍କର ଇଚ୍ଛା କାହାରିକୁ ଅପେକ୍ଷା ନ କରି କହିବେ—'ଯାବଜ୍ଜୀବ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଆଜି ଏହି ମୁହୂର୍ତ୍ତରୁ ସର୍ବପ୍ରଥମେ ମୋଠାରୁ ଉଠିଯାଉ' ସେହି ଅଳ୍ପ କେତେଜଣଙ୍କ ଦ୍ୱାରା ପ୍ରକୃତ କାର୍ଯ୍ୟ ହେବ । ଏପରି ଦଶଜଣ ଲୋକ ଆଜି ବାହାରିଲେ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସମସ୍ତ ସମାଜରୁ କାଲି ଦୂର ହୋଇଯିବ । ମାତ୍ର ଦୁଃଖର କଥା, ଏପରି ଦଶଜଣ ଲୋକ ବାହାରିବା ସୁକଠିନ । ସମାଜ ସଂସ୍କାର କରିବାକୁ, ନୂଆ ନୂଆ ଗଠନ କରିବାକୁ, ଶ୍ରେଣୀବିହୀନ ସମାଜ ଗଠନ କରିବାକୁ ଶତ ଶତ ବ୍ୟକ୍ତି

ତାହିଁକି ସହସ୍ର ସହସ୍ର ବ୍ୟକ୍ତି ବାହାରିଲେଣି ଓ ପ୍ରତିଦିନ ଲୋକେ ଅଧିକ ସଂଖ୍ୟାରେ ବାହାରୁଅଛନ୍ତି । କିନ୍ତୁ ଏମାନଙ୍କ ମଧ୍ୟରୁ କେହି ଜଣେ ନିଜକୁ ସଂସ୍କାର କରିବାକୁ, ନିଜର ପରିବାର ସଂସ୍କାର କରିବାକୁ, ନିଜେ ନୂଆ ମନୁଷ୍ୟ ହେବାକୁ କିମ୍ବା ନିଜେ ଶ୍ରେଣୀବିହୀନ ହେବାକୁ କର୍ତ୍ତବ୍ୟବୋଧ କରୁନାହାନ୍ତି । ମୁଁ କହେଁ ଏପରି ପ୍ରଚାର ମିଥ୍ୟା ପ୍ରଚାର ଅଟେ ଏବଂ ଏପରି ପ୍ରଚାରର ଫଳ ବିଷମୟ ହୋଇଅଛି ଓ ଅଧିକ ବିଷମୟ ହେବ । ତେଣୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର କବଳରୁ ସମାଜକୁ ମୁକ୍ତ କରିବାକୁ ହେଲେ ସମାଜର ମଙ୍ଗଳକାମୀ ଅନ୍ତତଃ ଦଶଜଣ ବ୍ୟକ୍ତି ଏଥିପାଇଁ ପ୍ରତିଜ୍ଞାବଦ୍ଧ ହେବା ଏକାନ୍ତ ଆବଶ୍ୟକ । ଏହି ଗୋଟିଏ ମାତ୍ର ଉତ୍ତର ଶୁଣି ସନ୍ତୁଷ୍ଟ ରହନ୍ତୁ ନାହିଁ ଅନ୍ୟ ଗୋଟିଏ ଉତ୍ତର ଶୁଣନ୍ତୁ ।

ସବୁପ୍ରକାର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର ମୂଳୋତ୍ପାଟନ କରିଛି ଭଗବଦ୍‌ଗୀତା । ଅନ୍ୟ ଧର୍ମଶାସ୍ତ୍ର ସବୁ ଅନ୍ଧବିଶ୍ୱାସ । ଅନ୍ଧାନୁସରଣକୁ ପ୍ରଶ୍ରୟ ଦେଉଥିବାରୁ ସବୁ ଧର୍ମଶାସ୍ତ୍ର ପରିତ୍ୟାଗ କରିବାକୁ "ଯାବାନ୍ ସର୍ବେଷୁ ବେଦେଷୁ" (୨ୟ—୪୬) "ଶ୍ରୁତିବିପ୍ରତିପନ୍ନା ତେ ବୁଦ୍ଧିଃ" (୨ୟ—୫୩) ଇତ୍ୟାଦି ଉକ୍ତିଗୁଡ଼ିକରେ ଗୀତା ବାରମ୍ବାର କହିଅଛି । କେବଳ ସେତିକି ନୁହେଁ, ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ମନୁଷ୍ୟସୃଷ୍ଟ ସାମ୍ପ୍ରଦାୟିକ ଧର୍ମ ସବୁକୁ ପରିତ୍ୟାଗ କରିବାକୁ "ସର୍ବଧର୍ମାନ୍ ପରିତ୍ୟଜ୍ୟ" କଥାଟିରେ ଗୀତା ସ୍ପଷ୍ଟାକ୍ଷରରେ କହିଅଛି । ମାତ୍ର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ବହୁକାଳରୁ ଅଭ୍ୟସ୍ତ ରହିଥିବା ଗୀତାର ଭାଷ୍ୟକାରମାନେ ନିଜ ନିଜର ମତକୁ ସମର୍ଥନ କରୁଥିବା ଶାସ୍ତ୍ରବାକ୍ୟ ସବୁ ଉଦ୍ଧାର କରି ଗୀତା-ପ୍ରଦର୍ଶିତ ନୂତନ ଶିକ୍ଷାର ସମ୍ପୂର୍ଣ୍ଣ ବିପରୀତ ଅର୍ଥ କରିଅଛନ୍ତି ଓ କରୁଅଛନ୍ତି । ଗୀତାର ସାତଶହ ଶ୍ଳୋକ ଆଲୋଚନା କରିବାକୁ ମୁଁ ଯାଉନାହିଁ । କେବଳ ପ୍ରଥମ ଅଧ୍ୟାୟ ୪୦ରୁ ୪୪ ଏହି ପାଞ୍ଚୋଟି ମାତ୍ର ଶ୍ଳୋକର ଆଲୋଚନା କଲେ ଆମ୍ଭେମାନେ ପ୍ରକୃତ କଥା ବୁଝିପାରିବୁ । ଯେଉଁଦିନ ଆମ୍ଭେମାନେ ପ୍ରଥମ ଅଧ୍ୟାୟରୁ ଏହି ପାଞ୍ଚୋଟି ମାତ୍ର ଶ୍ଳୋକର ପ୍ରକୃତ ଅର୍ଥ ବୁଝିବୁଁ, ଧର୍ମାତ୍ମା ଅର୍ଜ୍ଜୁନଙ୍କ ମୁହଁରେ ଏହି ପାଞ୍ଚୋଟି ଶ୍ଳୋକ ଗୀତାକାର କେଉଁ ଅଭିପ୍ରାୟରେ କହାଇଅଛନ୍ତି ତାହା ସଂଶୟଶୂନ୍ୟ ହୋଇ ଜାଣିପାରିବୁ ନିଜ ନିଜର ସଂଶୟ

ଦୂର କରିବା ପାଇଁ ଆପଣା ଆପଣା ମଧ୍ୟରେ ଆଲୋଚନା କରନ୍ତୁ ଏବଂ ଏପରି ଆଲୋଚନା କରିବା ପରେ ଯାହା ସ୍ଥିର କଲେ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବାକୁ ପ୍ରତିଜ୍ଞାବଦ୍ଧ ହେବୁ । ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସେହିଦିନ ସମାଜରୁ ସମ୍ପୂର୍ଣ୍ଣ ରୂପେ ଦୂର ହୋଇ ସତ୍ୟ ପ୍ରତିଷ୍ଠିତ ହେବ । ଅନ୍ୟ କୌଣସି ଅଧ୍ୟାୟ ଆଲୋଚନା ନକରି ପ୍ରଥମ ଅଧ୍ୟାୟରୁ ଏହି ପାଞ୍ଚୋଟି ଶ୍ଳୋକ ଆଲୋଚନା କରିବାକୁ କହିବାର ଅଭିପ୍ରାୟ ଏହିକି, କୌଣସି ଗଛର ମୂଳରୁ ଚଢ଼ିବାକୁ ଚେଷ୍ଟା ନ କରି ଗଛର ମଝିରୁ କିମ୍ବା ଶେଷରୁ ଚଢ଼ିବାକୁ ଚେଷ୍ଟା କରିବ ଯେପରି ହାସ୍ୟାସ୍ପଦ କଥା, ଗୀତାକାରଙ୍କର ଅଭିପ୍ରାୟ କଅଣ ତାହା ପ୍ରଥମ ଅଧ୍ୟାୟରୁ ସ୍ଥିର କରିବାକୁ ଚେଷ୍ଟା ନକରି ପରବର୍ତ୍ତୀ ଅଧ୍ୟାୟମାନଙ୍କର ଆଲୋଚନାରେ ପ୍ରବୃତ୍ତ ହେବା ଠିକ୍ ସେହିପରି ହାସ୍ୟାସ୍ପଦ କଥା । ସେହି ପାଞ୍ଚଟି ଶ୍ଳୋକ ଓ ତାର ଅର୍ଥ ତଳେ ଦିଆଗଲା । ଅର୍ଜ୍ଜୁନ କହିଥିଲେ—

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ
ଅଧର୍ମାଭିଭବାତ୍ କୃଷ୍ଣ ! ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ! ଜାୟତେ ବର୍ଣ୍ଣସଙ୍କରଃ
ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ
ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କର କାରକୈଃ
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ
ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !
ନରକେ ନିୟତଂ ବାସୋ ଭବତି—ଇତି ଅନୁଶୁଶ୍ରୁମ ।

ଅର୍ଥ—ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ—"ତୁମେ ମୋତେ ଯୁଦ୍ଧ କରିବାକୁ କହୁଅଛ ; ମାତ୍ର ତାହା ମୁଁ କରିବାକୁ ଉଚିତ ମନେ କରୁନାହିଁ, କାରଣ ଯୁଦ୍ଧ କଲେ କୁଳକ୍ଷୟ ହେବ । 'କୁଳକ୍ଷୟ ହେଲେ ସନାତନ

କୁଳଧର୍ମ ସବୁ ନଷ୍ଟ ହୁଏ, ଧର୍ମ ନଷ୍ଟ ହେଲେ ସମସ୍ତ କୁଳ ଅଧର୍ମଦ୍ୱାରା ଅଭିଭୂତ ହୁଏ, ହେ କୃଷ୍ଣ ! ଅଧର୍ମ ହେତୁ କୁଳସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି । ସ୍ତ୍ରୀମାନେ ଦୁଷ୍ଟା ହେଲେ ବର୍ଣ୍ଣ-ସଙ୍କର ଉତ୍ପନ୍ନ ହୁଏ ଅର୍ଥାତ୍ ବର୍ଣ୍ଣଧର୍ମ ନଷ୍ଟ ହୁଏ । ଏହି ବର୍ଣ୍ଣସଙ୍କର କୁଳ ନାଶକମାନଙ୍କର ଓ ସେମାନଙ୍କର କୁଳର ନରକବାସର କାରଣ ହୁଏ, ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ ଏମାନଙ୍କର ପିତୃଗଣଙ୍କର ପତନ ହୁଏ । ଶାଶ୍ୱତ କୁଳଧର୍ମ ସବୁ ଓ ଜାତିଧର୍ମ ସବୁ ନଷ୍ଟ ହୁଏ । କୁଳଧର୍ମ ଉଚ୍ଛନ୍ନ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହୁଏ । ଏହି ସବୁ କଥା ଆମ୍ଭେମାନେ ପରମ୍ପରା କ୍ରମେ ଶୁଣି ଆସିଅଛୁଁ ।"

ଯେଉଁ ସବୁ କାରଣ ପ୍ରଦର୍ଶାଇ ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିଲେ ସେଗୁଡିକ ଆମ୍ଭମାନଙ୍କୁ ଯୁକ୍ତିଯୁକ୍ତ ବୋଧ ହେବା ସ୍ୱାଭାବିକ । କାରଣ ଆମ୍ଭେମାନେ ମଧ୍ୟ ଗୋଟିଏ ଗୋଟିଏ ଅର୍ଜୁନ ଏବଂ ଆମ୍ଭେମାନେ ମଧ୍ୟ ଅର୍ଜୁନଙ୍କ ପରି ଧର୍ମାନ୍ଧ । ମାତ୍ର ଅର୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣଙ୍କ ମତରେ ଅର୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକ ନିଶ୍ଚୟ ଅର୍ଜୁନଙ୍କର ଧର୍ମାନ୍ଧତାର ପରିଚୟ ଦେଉଅଛି ଏଥିରେ ଦ୍ୱିରୁକ୍ତି କରାଯାଇ ନପାରେ । ଅର୍ଜୁନ ଯାହା କହିଥିଲେ ତାର ସାରାଂଶ ଏହିକି, ଯୁଦ୍ଧ କଲେ ସନାତନ କୁଳଧର୍ମ ସବୁ, ଜାତି ଧର୍ମ ସବୁ ଓ ବର୍ଣ୍ଣ ଧର୍ମ ସବୁ ନଷ୍ଟ ହୁଏ, ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ ପିତୃଗଣଙ୍କର ପତନ ହୁଏ । କୁଳଧର୍ମ ନଷ୍ଟ ହେଲେ ଚିରକାଳ ପାଇଁ ନରକବାସ ହୁଏ । ଅର୍ଜୁନଙ୍କ ପ୍ରଦର୍ଶିତ ସବୁ କାରଣଗୁଡ଼ିକର ଅଯୌକ୍ତିକତା ବିଷୟ ଆଲୋଚନା କରି ସମୟ ନଷ୍ଟ କରିବା ଅନାବଶ୍ୟକ । ରେଖାଙ୍କିତ ତିନୋଟି କଥାର ସମାଲୋଚନା କଲେ ଆମ୍ଭମାନଙ୍କର ସଂଶୟ ଦୂର ହେବ । ସେହି ତିନୋଟି କଥା ହେଉଛି (୧) କୁଳଧର୍ମାଃ ସନାତନାଃ (୨) ଜାତିଧର୍ମାଃ କୁଳଧର୍ମାଃ, ଚ ଶାଶ୍ୱତାଃ (୩) ଇତି ଅନୁଶୁଶ୍ରୁମ ।

ଯାହା ସନାତନ ଧର୍ମ ବା ଶାଶ୍ୱତ ଧର୍ମ ତାହା ମନୁଷ୍ୟ ଧର୍ମ ଏବଂ ତାହା ଏକ । ମାତ୍ର ବହୁବଚନ ପ୍ରୟୋଗ କରି ଅର୍ଜୁନ କହିଥିଲେ 'ସନାତନାଃ' ଓ 'ଶାଶ୍ୱତାଃ' । କୁଳଧର୍ମ ସବୁ ବା କୁଳାଚାର ସବୁ ଓ

ଜାତିଧର୍ମ ସବୁ ବା ଦେଶାଚାର ଓ ଲୋକାଚାର ସବୁ ସନାତନ ଧର୍ମ ଓ ଶାଶ୍ବତ ଧର୍ମ ହୋଇ ନପାରେ । ବର୍ତ୍ତମାନ ବୁଝନ୍ତୁ ଧର୍ମାନ୍ଧ ଅର୍ଜୁନଙ୍କର ଯେଉଁ ଦୁରବସ୍ଥା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ଦୁରବସ୍ଥା । ଗୀତାର ଭାଷ୍ୟକାରମାନଙ୍କର ମଧ୍ୟ ସେହି ଦୁରବସ୍ଥା । କୁଳଧର୍ମ ସବୁକୁ ଓ ଜାତିଧର୍ମ ସବୁକୁ ସେମାନେ ସନାତନ ଓ ଶାଶ୍ବତ ଧର୍ମ ବୋଲି ଗ୍ରହଣ କରିଥିବାରୁ ଅର୍ଜୁନଙ୍କର ପ୍ରଦର୍ଶିତ ଏହି କାରଣଗୁଡ଼ିକର ଅଯୌକ୍ତିକତା ବିଷୟରେ ସେମାନେ କୌଣସି ସମାଲୋଚନା କରିନାହାନ୍ତି । ଜନସାଧାରଣଙ୍କର ଅନ୍ଧତା ଦୋଷ ଦୂର କରି ସେମାନଙ୍କୁ ନିଜ ନିଜର ସ୍ବଭାବନିୟତ କର୍ମରେ ବା ସ୍ବଭାବନିୟତ ଜୀବନ ଯୁଦ୍ଧରେ ନିଯୁକ୍ତ କରି ସତ୍ୟର ପରିଚୟ ଦେବାହିଁ ଗୀତାକାରଙ୍କର ଏକମାତ୍ର ଲକ୍ଷ୍ୟ । ଆଉ ଗୋଟିଏ ସର୍ବପ୍ରଧାନ କଥା ଏହିକି ଅର୍ଜୁନ ଯେଉଁସବୁ କାରଣ ଦେଖାଇଥିଲେ ତାହା ନିଜର ଆତ୍ମଜ୍ଞାନ ଉପରେ ବା ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ, ସେ ସବୁ କେବଳ ଶୁଣିବା କଥା ଉପରେ ପ୍ରତିଷ୍ଠିତ, ଯାହା "ଇତି, ଅନୁଶୁଶ୍ରୁମ" ଏହି କଥାଟିରୁ ପ୍ରକାଶ ପାଉଅଛି । ଅର୍ଜୁନ ଯେଉଁସବୁ କାରଣ ଦେଖାଇଥିଲେ ସେହି ସବୁ କାରଣର ମୂଳକାରଣ ହେଉଛି "ଇତି ଅନୁଶୁଶ୍ରୁମ" ଅର୍ଥାତ୍ ଆମ୍ଭେ-ମାନେ ପରମ୍ପରା କ୍ରମେ ଶୁଣି ଆସୁଅଛୁଁ । ଅର୍ଜୁନଙ୍କର ପ୍ରଦର୍ଶିତ ଏହି ମୂଳ କାରଣଟିକୁ ଶ୍ରୀକୃଷ୍ଣ ଯେଉଁସବୁ ଉକ୍ତିରେ ଖଣ୍ଡନ କରି ଅଛନ୍ତି ସେଥି ମଧ୍ୟରୁ ତିନୋଟି ମାତ୍ର ଉକ୍ତି ତଳେ ଦିଆଗଲା—

ଯାବାନର୍ଥଃ ଉଦପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ

୨ୟ-୪୬

ଅର୍ଥ—ସବୁଆଡ଼ ଜଳପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳାଶୟଟିରେ ଯେଉଁ ପ୍ରୟୋଜନ ବିଜ୍ଞାନୀ ବ୍ରାହ୍ମଣର ବେଦ ସବୁରେ ସେତିକି ପ୍ରୟୋଜନ । ଏଠାରେ ବେଦେଷୁ କଥାଟିର ଅର୍ଥ—କେବଳ ବେଦସବୁ ନୁହେଁ ଏବଂ ବ୍ରାହ୍ମଣ କଥାଟିର ଅର୍ଥ କେବଳ ବ୍ରାହ୍ମଣ ଜାତି ନୁହେଁ । କାରଣ କେବଳ ବ୍ରାହ୍ମଣ ଜାତିକୁ ବେଦ ସବୁର ଅନାବଶ୍ୟକତା ବୁଝାଇ ବିଜ୍ଞାନର ବା ବୁଦ୍ଧିର ପରିଚୟ ଦେବା-

ତାଙ୍କ ଶ୍ରୀକୃଷ୍ଣ ଜଗତକୁ ଆସି ନ ଥିଲେ । ସେ କିଷ୍ଣୁ ଆସିଥିଲେ ସମସ୍ତ ମନୁଷ୍ୟ ଜାତିକୁ ଧର୍ମଶାସ୍ତ୍ର ସବୁର ଅନାବଶ୍ୟକତା ବୁଝାଇ ପ୍ରତ୍ୟେକ ମନୁଷ୍ୟକୁ ବିଜ୍ଞାନର ବା ବୁଦ୍ଧିର ପରିଚୟ ଦେବାପାଇଁ । ଅତଏବ ଏହି ଶ୍ଳୋକରେ ଥିବା ବେଦେଷୁ କଥାଟିର ଅର୍ଥ ହେଉଛି ସବୁ ପ୍ରକାର ଧର୍ମଶାସ୍ତ୍ର ଏବଂ ବ୍ରାହ୍ମଣ କଥାଟିର ଅର୍ଥ ହେଉଛି ଜଗତର ପ୍ରତ୍ୟେକ ମନୁଷ୍ୟ ।

ଯଦାତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ

୨ୟ-୫୨

ଅର୍ଥ— ଯେତେବେଳେ ତୁମ୍ଭର ବୁଦ୍ଧି ମୋହରୂପ ଜଟିଳତାକୁ ଅତିକ୍ରମ କରିବ ସେତେବେଳେ ତୁମ୍ଭେ ଯାହା ସବୁ ଶୁଣିଅଛ ଏବଂ ଯାହା ଶୁଣିବାକୁ ଇଚ୍ଛା କରୁଅଛ ସେଥିରୁ ଉଦାସୀନ ରହିବ ।

ଶୁଣିବା କଥାକୁ ସତ୍ୟ ମନେ କରି ଏବଂ ସେଥିରୁ ନାନାପ୍ରକାର ବିଶ୍ୱାସ ସୃଷ୍ଟି କରି ଆମ୍ଭେମାନେ ଜୀବନ ଯାତ୍ରାକୁ ଜଟିଳ ଏବଂ ଦୁଃଖମୟ କରି ରଖିଥିବାରୁ ଶ୍ରୀକୃଷ୍ଣ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଆମ୍ଭେମାନେ ନିଜର ବୁଦ୍ଧିର ସାହାଯ୍ୟରେ ସବୁ ପ୍ରକାର ଜଟିଳତାକୁ ଅତିକ୍ରମ କରି ଜୀବନ ଯାତ୍ରାକୁ ସରଳ ଓ ସୁଖମୟ କରିବାକୁ ଚେଷ୍ଟା କରୁଁ ।

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପସ୍ୟସି

୨ୟ-୫୩

ଅର୍ଥ— ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବାକଥା ଦ୍ୱାରା କିମ୍ବା ବେଦ ଦ୍ୱାରା, କିମ୍ବା ପୁସ୍ତକଗତ ଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଯେତେବେଳେ ଦୃଢ଼ ହୋଇ ରହିବ, ସେତେବେଳେ ଯାଇ ତୁମ୍ଭେ (ଗୀତା-ପ୍ରଦର୍ଶିତ) ଯୋଗ ପାଇବ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତଥା ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ନିଜର ସ୍ୱଭାବନିୟତ କର୍ମରେ ବା ସ୍ୱଭାବନିୟତ ଜୀବନ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଇଅଛନ୍ତି ବୋଲି ପୂର୍ବେ କୁହାଯାଇଅଛି । ମାତ୍ର ନିଜର ସ୍ୱଭାବନିୟତ କର୍ମ କଅଣ, ତାହା ଜାଣିବା ଆମ୍ଭମାନଙ୍କ ପକ୍ଷରେ ବିଶେଷ କଠିନ ହେବ । କାରଣ ଅର୍ଜୁନ ଯେପରି କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ଇତ୍ୟାଦିକୁ ସନାତନ ଧର୍ମ ମନେକରି, ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରି ସେହି ସବୁର ଅନ୍ଧାନୁସରଣକୁ କର୍ତ୍ତବ୍ୟ ମନେକରି ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ ହୋଇଥିଲେ ଆମ୍ଭେମାନେ ମଧ୍ୟ କୁଳଧର୍ମ, ବର୍ଣ୍ଣଧର୍ମ ଇତ୍ୟାଦିକୁ ସନାତନ ଧର୍ମ ମନେକରି ଜାତିଧର୍ମର କୁଳାଚାର ଦେଶାଚାର ଓ ଲୋକାଚାର ଇତ୍ୟାଦିର ଅନ୍ଧାନୁସରଣକୁ ଏକମାତ୍ର କର୍ତ୍ତବ୍ୟ ମନେକରି ଏବଂ ଶୁଣିବା କଥା ସବୁକୁ ଅର୍ଥାତ୍ ଯାବତୀୟ ଅନ୍ଧବିଶ୍ୱାସକୁ ସତ୍ୟ ମନେକରି ନିଜ ନିଜର ସ୍ୱଭାବନିୟତ କର୍ମରୁ ବହୁକାଳ ହେଲା ନିବୃତ୍ତ ହୋଇଅଛୁଁ । ଗୋଟିଏ ଉଦାହରଣ ଦେଲେ କଥାଟି ବୁଝି-ପାରିବେ । କଣ୍ଠକଣ୍ଠୀରେ ପ୍ରତିଦିନ ସନ୍ଧ୍ୟାରେ ମୁଣ୍ଡିଆମାରିବା, ମସ୍‌ଜିଦ୍‌ରେ କୌଣସି ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଠିଆହୋଇ ବଡ଼ପାଟିରେ "ଆଲ୍ଲାହୋ ଆକବର" ଇତ୍ୟାଦି ଡାକିବା, ଗୀର୍ଜାରେ "ଯୀଶୁ ହେ ! ପାପରୁ ପରିତ୍ରାଣ କର" ଇତ୍ୟାଦି ପ୍ରାର୍ଥନା କରିବା, ଠାକୁରଙ୍କୁ ଜର କଲି, ଠାକୁରେ ଔଷଧ ଓ ଦହି ପଖାଳ ଖାଇ ଭଲହେଲେ ଇତ୍ୟାଦିକୁ ସତ୍ୟ ବୋଲି ଗ୍ରହଣ କରିବା ନିଜର ସ୍ୱଭାବ ନିୟତ କର୍ମ ନୁହେଁ । ଏ ସବୁ ହେଉଛି ନିଜ ନିଜର କୁଳଧର୍ମର, ଜାତିଧର୍ମର ଓ ବର୍ଣ୍ଣଧର୍ମର ବା ବାପ ଅଜାଙ୍କ କର୍ମର ବା ପରଧର୍ମର ଅନ୍ଧାନୁସରଣ । ଅନେକ ଦିନରୁ ଚଳି ଆସୁଛି, ସମସ୍ତେ ଏପରି କରୁଅଛନ୍ତି, ଦେଶର ବିଶିଷ୍ଟବ୍ୟକ୍ତିମାନେ ମଧ୍ୟ ଏପରି କରୁଅଛନ୍ତି—ଏହାହିଁ ଏହି ଅନ୍ଧବିଶ୍ୱାସୀ ଓ ଅନ୍ଧାନୁସରଣ-କାରୀମାନଙ୍କର ଏକମାତ୍ର ଯୁକ୍ତି । ସତ୍ୟର ପରିଚୟ ପାଇବାକୁ ହେଲେ ସବୁପ୍ରକାର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ମନରୁ ସମ୍ପୂର୍ଣ୍ଣରୂପେ ଦୂର କରିଦେବା ଏକାନ୍ତ ଆବଶ୍ୟକ । ଏହାହିଁ ଗୀତାକାରଙ୍କର ଅଭିପ୍ରାୟ । ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତା ଉପରେ ନିର୍ଭରକରି ସେମାନଙ୍କର କର୍ମସବୁର ଅନ୍ଧାନୁସରଣ କରିବା ଓ ଶାସ୍ତ୍ରବାକ୍ୟ ସବୁକୁ ସତ୍ୟ ବୋଲି

ଗ୍ରହଣ କର ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରିବା ସତ୍ୟର ଅନ୍ତରାୟ ଅଟେ ।

ଶ୍ରୀକୃଷ୍ଣ ଯେ ଅର୍ଜୁନଙ୍କୁ ନିଜର ସ୍ୱଭାବନିୟତ କର୍ମରେ ବା ସହଜାତ କର୍ମରେ ନିଯୁକ୍ତ ରହିବାକୁ ଉପଦେଶ ଦେଇଥିଲେ ତାହା ଗୀତାର ନିମ୍ନଲିଖିତ ଉକ୍ତି ଦୁଇଟିରୁ ଜାଣିପାରିବେ । ଗୀତାରୁ ଏହି ଦୁଇଟି ଉକ୍ତି ସଂଶୟ ଶୂନ୍ୟ ହୋଇ ବୁଝିଲେ ଗୀତାର ପ୍ରକୃତ ଶିକ୍ଷା ଓ ନୂତନ ଶିକ୍ଷା ଗ୍ରହଣ କରିପାରିବେ ।

ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷଂ । ୧୮ଶ—୪୭

ଅର୍ଥ—ସ୍ୱଭାବନିୟତ କର୍ମ କରିବାରେ ପାପ ନାହିଁ ।
ସହଜଂ କର୍ମକୌନ୍ତେୟ । ସଦୋଷମପି ନ ତ୍ୟଜେତ୍ । ୧୮ଶ—୪୮

ଅର୍ଥ – ହେ କୌନ୍ତେୟ ! ନିଜର ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

"ଗୀତାରେ ବ୍ରାହ୍ମୀସ୍ଥିତି" ନାମକ ବହିରେ ଏହି କଥାଟିର ବିଶେଷ ଆଲୋଚନା କରାଯାଇଅଛି । ସେହି ବହିଟି ପଢ଼ି ପାରନ୍ତି ।"

## ଗୀତାରୁ ଗୋଟିଏ ମଙ୍ଗଳପ୍ରଦ ଉପଦେଶ

୧ – ନିଜର ସ୍ୱଭାବନିୟତ କର୍ମ ସବୁକୁ ନିଜର ବିବେକାନୁମୋଦିତ କରନ୍ତୁ ଅର୍ଥାତ୍ ପରଧର୍ମର ଓ ପରକର୍ମର ଅନ୍ଧାନୁସରଣ ପରିତ୍ୟାଗ କରନ୍ତୁ । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସତ୍ୟବସ୍ତୁ ପ୍ରାପ୍ତିର ଅନ୍ତରାୟ ଅଟେ । ଏହା ନିଜର ଆତ୍ମଜ୍ଞାନକୁ, ନିଜର ପବିତ୍ର ବିବେକବୁଦ୍ଧିକୁ ଓ ନିଜର ଚିନ୍ତା ଶକ୍ତିକୁ ପଙ୍ଗୁ କରିଦିଏ ଏବଂ ନିଜକୁ ମନୁଷ୍ୟଶ୍ରେଣୀରୁ କାଢ଼ିଆଣି ପଶୁଶ୍ରେଣୀରେ ଭର୍ତ୍ତି କରିଦିଏ । ସେଥିପାଇଁ ଗୀତା କହୁଛି –

ବିଶ୍ୱକଲ୍ୟାଣ ୧୯୫୪

**ପରଧର୍ମୋ ଭୟାବହଃ** ୩ୟ —୩୫

## ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଛାଡ଼ିବା ଉଚିତ କି ?

ମାନନୀୟ ସମ୍ପାଦକ ମହାଶୟ,

ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଏହି ତିନୋଟିଙ୍କ ବିନାଶରେ ଦୁଃଖର ବିନାଶ, ଏକଥା ଆପଣ ବାରମ୍ବାର ବୁଝାଉ ଅଛନ୍ତି । ଅବଶ୍ୟ ବୃଥାଡ଼ମ୍ବର କେହି ପରିତ୍ୟାଗ କରି ନ ପାରିଲେ ମଧ୍ୟ ଏହା ଅନିଷ୍ଟପ୍ରଦ, ଏକଥା ପ୍ରାୟ ସମସ୍ତେ ସ୍ୱୀକାର କରିବେ । ମାତ୍ର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କଲେ ତ ମନୁଷ୍ୟ ଯଥେଚ୍ଛାଚାରୀ ଓ ବିପଥ-ଗାମୀ ହେବ । ଧର୍ମଶାସ୍ତ୍ର ସବୁକୁ ଅନ୍ଧଭାବରେ ବିଶ୍ୱାସ କରିବାକୁ ଓ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରିବାକୁ ଜଗତର ସବୁ ଧର୍ମଶାସ୍ତ୍ର ଉପଦେଶ ଦେଉଥିବାସ୍ଥଳେ ଆପଣ ଏପରି ଗୋଟିଏ ନୂଆ କଥା ପ୍ରଚାର କରିବାକୁ ଉଦ୍ୟତ ହୋଇଅଛନ୍ତି କାହିଁକି ?

ଶ୍ରୀ ଲିଙ୍ଗରାଜ ମିଶ୍ର, ପଟିଆ

## ପୂର୍ବୋକ୍ତ ପ୍ରଶ୍ନର ଉତ୍ତର

ମହାଶୟ,

ଆପଣ ଯାହା ପଚାରି ଅଛନ୍ତି ତାହା ପତ୍ରିକାର ମୂଳକଥା । ଏହି କଥା ଆଲୋଚନା କରିବାପାଇଁ ପତ୍ରିକାଟିର ଜନ୍ମ । ତେଣୁ ଆପଣ ପଚାରିଥିବା ବିଷୟ ଗୁଡ଼ିକ ଆଜି ଏକାଦିନେ ଆଲୋଚନା କରି ଆପଣଙ୍କର ସଂଶୟ ଦୂର କରିହେବ ନାହିଁ । ଆଜି କେବଳ ଗୋଟିଏ ଦୁଇଟି କଥା ଲେଖିଲି ।

ଶୈଶବାବସ୍ଥାରେ କିମ୍ବା ଯୌବନାବସ୍ଥାରେ ଆପଣ ଯେପରି ଥିଲେ ଆଜି ସେହିପରି ରହି ଅଛନ୍ତି କି ? ସେହି ସେହି ଅବସ୍ଥାରେ ଯାହା ଯାହା କରୁଥିଲେ ଆଜି ସେହି ସବୁର ଅନ୍ଧାନୁସରଣ କରୁଅଛନ୍ତି କି ? ବୟସ-ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରତ୍ୟେକ ବ୍ୟକ୍ତିର ଯେପରି ପରିବର୍ତ୍ତନ ଘଟୁଛି ସଂସାରର ବୟସ ବୃଦ୍ଧିହେବା ସଙ୍ଗେ ସଙ୍ଗେ ସମସ୍ତ ମାନବ ସମାଜର

ଠିକ ସେହିପରି ପରିବର୍ତ୍ତନ ଘଟୁଅଛି । ମାନବ ସମାଜର ଶୈଶବାବସ୍ଥା ବହୁକାଳ ହେଲା ଅତୀତ ହୋଇଯାଇଅଛି । କୁଣ୍ଢେଇ ତିଆରି କରି ସେହି କୁଣ୍ଢେଇ ଖେଳରେ ଆନନ୍ଦ ଉପଲବ୍ଧି କରିବାର ସମସ୍ତ ମାନବ ସମାଜର ଆଜ ନାହିଁ । ଲୋକେ ପୂର୍ବର ସେହି କୁଣ୍ଢେଇ ଖେଳର ଅନ୍ଧାନୁସରଣ କରୁଅଛନ୍ତି । ମାତ୍ର ପୂର୍ବେ କୁଣ୍ଢେଇ ଖେଳରେ ଲୋକେ ଯେଉଁ ଆନନ୍ଦ ପାଉଥିଲେ, ଆଜ ସେ ଆନନ୍ଦ ପାଇବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁପାଇଁ କାହାରି ମୁହଁରେ ହେଁ ଆନନ୍ଦର ଚିହ୍ନ ଦେଖାଯାଉ ନାହିଁ । ସମ୍ ସରତି ଇତି ସଂସାରଃ ॥ ଯାହା ପ୍ରତି ମୁହୂର୍ତ୍ତରେ ବଦଳି ଯାଉଅଛି ତାହାର ନାମ ସଂସାର । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଜ ଏହି ମୂଳ କଥାଟି ବୁଝିବାକୁ ହେବ ଏବଂ ପରିବର୍ତ୍ତନର ଏକାନ୍ତ ଆବଶ୍ୟକତା ଉପଲବ୍ଧି କରିବାକୁ ହେବ । ମାନବ ସମାଜର ଶୈଶବାବସ୍ଥା ଅତୀତ ହୋଇ ଯୌବନାବସ୍ଥା ମଧ୍ୟ ଅତୀତ ହେବାକୁ ବସିଲାଣି । ଆମ ଦେଶ, ଆମ ଧର୍ମ, ଆମ ଜାତି କହି ମାନବ ସମାଜ ନରହତ୍ୟାରେ ପ୍ରବୃତ୍ତ ହୋଇଥିଲା । ମାତ୍ର ଆଜ ସେହି ହିଂସାତ୍ମକ ମନୋବୃତ୍ତି ପରିତ୍ୟାଗ କରି ବିଶ୍ୱଭ୍ରାତୃତ୍ୱ, ବିଶ୍ୱପ୍ରେମ, ବିଶ୍ୱକଲ୍ୟାଣ ଓ ବିଶ୍ୱଶାନ୍ତି ସ୍ଥାପନ କରିବାକୁ ମନୁଷ୍ୟ ଉଦ୍ୟତ ହେଲଣି । ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ସ୍ଥାପନ କରିବାକୁ ହେଲେ ମମତା ଦୋଷ ଓ ନରହତ୍ୟା ପରିତ୍ୟାଗ କରିବାକୁ ହେବ ଏ କଥା ଆଜ ମାନବ ସମାଜ ବୁଝି ସାରିଲାଣି, ମାତ୍ର ମମତା ଦୋଷ ଓ ନରହତ୍ୟା ପରିତ୍ୟାଗ କରି ପାରୁନାହିଁ । ରାଜନୈତିକ କ୍ଷେତ୍ରରେ ଯେଉଁ ଦୁରବସ୍ଥା ତଥାକଥିତ ଧର୍ମ ରାଜ୍ୟରେ ମଧ୍ୟ ସେହି ଦୁରବସ୍ଥା । ଏହି ଦୁରବସ୍ଥା ଦୂର ହେବା ସମୟସାପେକ୍ଷ ହେଲେ ମଧ୍ୟ ନିଶ୍ଚୟ ଦୂର ହେବ ଏଥିରେ ସନ୍ଦେହ ନାହିଁ ।

ଆପଣ ଲେଖିଅଛନ୍ତି ଯେ ମୁଁ ଗୋଟିଏ ନୂଆ କଥା ପ୍ରଚାର କରିବାକୁ ଯାଉଅଛି । ମୁଁ ମଧ୍ୟ ସ୍ୱୀକାର କରୁଛି ଯେ ମୁଁ ଯାହା ପ୍ରଚାର କରିବାକୁ ଯାଉଅଛି ତାହା ସମ୍ପୂର୍ଣ୍ଣ ନୂଆ କଥା । ଲୋକେ ଆଜ ପର୍ଯ୍ୟନ୍ତ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ନିର୍ଭର କରିଥିଲେ ଓ କରିଅଛନ୍ତି । ସେମାନଙ୍କର ସାମ୍ପ୍ରଦାୟିକ ଧର୍ମ ସବୁ ଓ ସେମାନଙ୍କର ଭଗବାନ ମଧ୍ୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ । ଏହି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ମାନବ ସମାଜ ପାଇଁ ଦିନେ ଆବଶ୍ୟକ

ଥିଲା, ଯାହା ପୂର୍ବେ କୁହାଯାଇଅଛି । ମାତ୍ର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ଧର୍ମ ପ୍ରକୃତରେ ଧର୍ମ ନୁହେଁ କିମ୍ବା ସେପରି ଭଗବାନ ମଧ୍ୟ ପ୍ରକୃତରେ ଭଗବାନ ନୁହନ୍ତି । ଧର୍ମ ଓ ଭଗବାନ ଉଭୟ ସତ୍ୟ ସ୍ୱରୂପ ଓ ସତ୍ୟ ଉପରେ ବା ନିଜ ନିଜର ଉପଲବ୍ଧି ଉପରେ ପ୍ରତିଷ୍ଠିତ । ଏହି ନୂଆକଥା ଲୋକେ ଆଜି ବୁଝିବା ଆବଶ୍ୟକ । ଅଶିତର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ଲୋକେ ସତ୍ୟର ପରିଚୟ ପାଆନ୍ତୁ, ଏହି ନୂଆ କଥା ପ୍ରଚାର କରିବା ବିଶ୍ୱକଲ୍ୟାଣ ପତ୍ରିକାର ଉଦ୍ଦେଶ୍ୟ । କୌଣସି ନୂଆ କଥା ଗ୍ରହଣ କରିବାକୁ ହେଲେ ମନରେ ସ୍ଥାନ ଅଧିକାର କରିଥିବା ପୁରୁଣା କଥା ସବୁକୁ ମନରୁ ସମ୍ପୂର୍ଣ୍ଣରୂପେ ଦୂର କରିବା ଏକାନ୍ତ ଆବଶ୍ୟକ ।

"ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ", ୪ର୍ଥ—

ଗୀତାରେ ଥିବା ଏହି ଉକ୍ତିଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ-ଭଗବାନ ଗୋଟିଏ ନୂଆଧର୍ମ ସଂସ୍ଥାପନ କରିବାପାଇଁ ଅର୍ଥାତ୍ ସମ୍ପୂର୍ଣ୍ଣ ନୂଆକଥା ପ୍ରଚାର କରିବାପାଇଁ ଜଗତକୁ ଆସିଥିଲେ । ଗୀତାର ନୂଆ ଉପଦେଶ ଗ୍ରହଣ କରି ତଦନୁସାରେ ଜୀବନ ଗଠନ କରିବାକୁ ହେଲେ ଅତୀତର ସମସ୍ତ ବଦ୍ଧମୂଳ ଧାରଣା ସମ୍ପୂର୍ଣ୍ଣ ରୂପେ ଦୂର କରିବାକୁ ହେବ ଏବଂ ଶାସ୍ତ୍ର ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ବୁଦ୍ଧିକୁ ଦୃଢ଼ କରିବାକୁ ହେବ ଏହି କଥା ଗୀତା ନିମ୍ନଲିଖିତ ଉକ୍ତିରେ କହିଥିଲେ ମଧ୍ୟ ଲୋକେ ଗୀତାର ଏହି ଉପଦେଶ ପ୍ରତି ଆଜିପର୍ଯ୍ୟନ୍ତ ଦୃଷ୍ଟିପାତ କରି ନାହାନ୍ତି ।

ଶ୍ରୁତିବିପ୍ରତିପନ୍ନା ତେ ବୁଦ୍ଧିଃ ଯଦା ନିଶ୍ଚଳା ସ୍ଥାସ୍ୟତି ତଦା ଉଂ ଯୋଗମ୍ ଅବାପସ୍ୟସି । ୨ୟ—୫୩

ଭାବାର୍ଥ—ଶ୍ରୁତି ଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କିମ୍ବା ବେଦଦ୍ୱାରା କିମ୍ବା ଶାସ୍ତ୍ରଗତ ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଦୃଢ଼ ନହେବା ଯାଏ ତୁମ୍ଭେ ଗୀତା-ପ୍ରଦର୍ଶିତ ନୂତନ ପଥରେ ଅଗ୍ରସର ହୋଇପାରିବ ନାହିଁ ।

ଗୀତାର ଏହି ଉପଦେଶ କେତେଦୂର ସତ୍ୟ ତାହା ପ୍ରତ୍ୟେକ ବ୍ୟକ୍ତି ନିଜେ ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ବିଶ୍ୱକଲ୍ୟାଣ—୧୯୫୫

*

## "ବିନୋବାଜୀ ଆସୁଛନ୍ତି"

ନଭେମ୍ବର ୪ ତାରିଖର 'ସମାଜ'ରେ "ବିନୋବାଜୀ ଆସୁଛନ୍ତି" ସମ୍ବାଦଟି ଦେଖିଲି । ଉକ୍ତ ସମ୍ବାଦ ତଳେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କର ନାମ ମଧ୍ୟ ଦେଖିଲି । ବିନୋବାଜୀ 'ସନ୍ଥ ବିନୋବା' ନାମ ଗ୍ରହଣ କରି ଜନସାଧାରଣଙ୍କର ଗୁରୁତ୍ବ ସ୍ଥାନ ଅଧିକାର କରି ସାରିଲେଣି ବୋଲି ଏହି ସମ୍ବାଦରୁ ଜାଣିଲି । ସେଥିରେ ଗୋଟିଏ କଥା ପଢ଼ି ମନରେ ବିଶେଷ ଦୁଃଖ ଆସିଲା—ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଜନସାଧାରଣଙ୍କୁ ବିନୋବାଜୀଙ୍କ ସମ୍ପର୍କରେ କହୁଅଛନ୍ତି, "ସେ ଏ ଯୁଗର ଆଉ ଜଣେ ଶ୍ରେଷ୍ଠ ମହାପୁରୁଷ । × × × × × ଲୋକେ ତ ସନ୍ଥ ଦର୍ଶନ ପାଇଁ ଚୂଡ଼ା ଗୁଡ଼ଲ ବାନ୍ଧି ବହୁ ଦୂରକୁ ଚାଲି ଚାଲି ଯାଇଥାନ୍ତି । ତାଙ୍କ 'ଦର୍ଶନ' ପାଇଁ କ'ଣ ଆମେ ଦଶ ବାଟ ଚାଲିବାକୁ କୁଣ୍ଠିତ ହେବା ?"

ପୁଣି ଲେଖା ଅଛି, "କେତେ ଯୁଗରେ ଥରେ ଏଭଳି ମହାପୁରୁଷଙ୍କର 'ଦର୍ଶନ'ର ସୁଯୋଗ ମିଳେ । ଆପଣ ମା, ଭଉଣୀ, ସ୍ତ୍ରୀ, ପିଲାମାନଙ୍କୁ ସେଥିରୁ ବଞ୍ଚିତ କରନ୍ତୁ ନାହିଁ । ସେମାନଙ୍କୁ ମଧ୍ୟ ସାଙ୍ଗରେ ନେବାପାଇଁ ସ୍ଥିର କରନ୍ତୁ" ।

"ବିନୋବାଜୀ ଏ ଯୁଗର ଆଉ ଜଣେ ଶ୍ରେଷ୍ଠ ମହାପୁରୁଷ" ବୋଲି କହି "କେତେ ଯୁଗରେ ଥରେ ଏଭଳି ମହାପୁରୁଷଙ୍କର ଦର୍ଶନ ମିଳେ" ବୋଲି କହିବାରେ ଏ ଦେଶର ନେତୃସ୍ଥାନୀୟ ବ୍ୟକ୍ତିଙ୍କର "ମହାପୁରୁଷ" ସମ୍ପର୍କରେ ବିଚିତ୍ର ଧାରଣା ଦେଖି ଦୁଃଖ ଲାଗୁଛି । ପ୍ରଥମ କଥା, ବିନୋବାଜୀ ଏ ଯୁଗର କେତେଜଣଙ୍କ ଭିତରୁ ଜଣେ ହୁଅନ୍ତୁ ବା କେତେ ଯୁଗରେ ଜଣେ ହୁଅନ୍ତୁ ସେ ଯେ ଜଣେ ମହାପୁରୁଷ ଏକଥା ଯେଉଁମାନେ ଉପଲବ୍ଧି କରିଛନ୍ତି ସେମାନେ ତାଙ୍କର ଦର୍ଶନ କରନ୍ତୁ; ଆପତ୍ତି ନାହିଁ । ମାତ୍ର ଜନସାଧାରଣଙ୍କୁ ଏପରି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ପ୍ରବର୍ତ୍ତାଇବା ସମାଜପକ୍ଷେ ଘୋର ଅନିଷ୍ଟକାରକ । ଲୋକେ ଚୂଡ଼ା ଗୁଡ଼ଲ ବାନ୍ଧି ସନ୍ଥ ଦର୍ଶନ ବା ଦେବ ଦର୍ଶନକୁ ଚାଲି ଚାଲି ଯାଇ ବୃଥା କି କଷ୍ଟ ଭୋଗ କରନ୍ତି ତାହା ଯେଉଁମାନଙ୍କୁ ଆଦୌ ନବାଧେ

କେବଳ ସେହିମାନେହିଁ ଜନସାଧାରଣଙ୍କୁ ଏ ପ୍ରକାର ଉପଦେଶ ଦେଇ ପାରନ୍ତି ।

ପୁଣି ଅଧିକ ଦୁଃଖର କଥା, ସମସ୍ତଙ୍କର ମା, ଭଉଣୀ, ସ୍ତ୍ରୀ, ପିଲାମାନଙ୍କୁ ନେଇ ବିନୋବାଜୀଙ୍କୁ 'ଦର୍ଶନ' କରାଇବା ଲାଗି ଉପଦେଶ ଦିଆଯାଉଛି । ଆଗ୍ରା, କହନ୍ତୁ ଦେଖି, ସ୍ତ୍ରୀ, ମା, ଭଉଣୀ ଓ ପିଲାମାନେ କାହିଁକି ଯିବେ ? କେବଳ ବିନୋବାଙ୍କୁ 'ଦର୍ଶନ' କରିଦେଲେ ସେମାନଙ୍କ ଦୁର୍ଦ୍ଦଶା କେତେ ପରିମାଣରେ ଦୂର ହେବ ? ଉନ୍ତଲେଇ ବାବାଙ୍କୁ ଦର୍ଶନ କରି ତାଙ୍କଠାରୁ ହୁକୁମ ଔଷଧନେବା ପାଇଁ ଯେଉଁବେଳେ ଲକ୍ଷ ଲକ୍ଷ ସ୍ତ୍ରୀ ପୁରୁଷ ଧାଇଁଥିଲେ ସେତେବେଳେ ମଧ୍ୟ ଆମ ସମାଜନେତାମାନଙ୍କର ସେଥିରେ ପ୍ରତ୍ୟକ୍ଷ ସମର୍ଥନ ଥିଲା । ସେଠାକୁ ଧାଇଁ ଲୋକେ କିପରି ରୋଗମୁକ୍ତ ହେଲେ ତାହା ଏହି ଅଳ୍ପଦିନ ମଧ୍ୟରେ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଭୁଲିଗଲେ । ନିଜର ସ୍ତ୍ରୀ, ମା, ଭଉଣୀମାନେ କାଳିଆବୋଦା ଗୁରୁକ୍ଷେତ୍ରରେ ପାଗଳାବାବା ପ୍ରଭୃତି ମହାପୁରୁଷମାନଙ୍କୁ ଦର୍ଶନ କରି ଓ ସେମାନଙ୍କର ଗୋଡ଼ଧୂଳି ସେବାକରି କିପରି ମୋକ୍ଷ ପାଇଗଲେ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଏହି ଅଳ୍ପଦିନ ମଧ୍ୟରେ ତାହା ବି ଭୁଲିଗଲେ । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର ବଶବର୍ତ୍ତୀ ହୋଇ ଜନସାଧାରଣ କେତେ ଦୁରବସ୍ଥା ଭୋଗ କରୁଅଛନ୍ତି ତାହା ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଆଦୌ ଅନୁଭବ କରୁନାହାନ୍ତି । ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ କବଳରୁ ମୁକ୍ତକରିବା ତେଣିକି ଥାଉ ବିଶିଷ୍ଟ ବ୍ୟକ୍ତିମାନେ ସେହି ଅନ୍ଧ-ବିଶ୍ୱାସ ଓ ଅନ୍ଧାନୁସରଣକୁ ପ୍ରଶ୍ରୟ ଦେଉଅଛନ୍ତି । ଏ ବିଷୟରେ ଏହିପରି ଅନେକ ଉଦାହରଣ ଦିଆଯାଇପାରେ । ମୋର ଅଭିପ୍ରାୟ ଏହି କି, ଜନସାଧାରଣ ବିଶିଷ୍ଟ ବ୍ୟକ୍ତିମାନଙ୍କ କଥାରେ ଅନ୍ଧାନୁସରଣ ନ କରନ୍ତୁ । ସାଧୁ ସନ୍ଥ ଦର୍ଶନ କରିବା, 'ମୋକ୍ଷ' ପାଇଯିବା ଆଶାରେ ତାଙ୍କର ଗୋଡ଼ଧୂଳି ସେବା କରିବା ଇତ୍ୟାଦି ପୂର୍ବାଭ୍ୟାସ ଆପଣମାନେ ସହଜରେ ଛାଡ଼ି ପାରିବେ ନାହିଁ, ଏକଥା ମୁଁ ଭଲରୂପେ ଜାଣେ । ମାତ୍ର ନିଜେ ଏହିସବୁ ପୂର୍ବାଭ୍ୟାସ ଛାଡ଼ି ନ ପାରିଲେ ମଧ୍ୟ ନିଜର ପୁତ୍ର କନ୍ୟାମାନଙ୍କୁ ସେସବୁ ପୂର୍ବାଭ୍ୟାସର ଅନ୍ଧାନୁସରଣ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ମଧ୍ୟ ନିଜପରି ଅନ୍ଧ କରନ୍ତୁ ନାହିଁ । ନିଜର ସ୍ତ୍ରୀ, ମା, ଭଉଣୀମାନଙ୍କୁ

ଅନ୍ୟର ଗୋଡ଼ତଳେ ପକାଇ ମାତୃଜାତିର ସମ୍ମାନରେ ଆଘାତ କରନ୍ତୁ ନାହିଁ ।

ନାରୀ ଜାତିର ପ୍ରଗତି ଓ ନାରୀ ଜାତିକୁ ମାତୃଜାତି ବୋଲି ପୂଜା କରିବାଲାଗି ପୃଥିବୀବ୍ୟାପୀ ଆନ୍ଦୋଳନ ଚାଲିଥିବା ସ୍ଥଳେ ଆମ ସମାଜରେ ନାରୀଜାତି ପ୍ରତି ସମସ୍ତ ପ୍ରକାର ଦୁର୍ବ୍ୟବହାର ଯେ ଏବେ ସୁଦ୍ଧା ଚାଲିଛି ସେଥିପାଇଁ ଆମର ତଥାକଥିତ ବିଶିଷ୍ଟ ବ୍ୟକ୍ତିମାନେ କେତେଦୂର ଦାୟୀ, ଆଲୋଚ୍ୟ ସମ୍ବାଦ ମଧ୍ୟରୁ ଉଦ୍ଧୃତ ଲେଖାଟି ତା'ର ଜ୍ୱଳନ୍ତ ପ୍ରମାଣ ।

ମୋର ମତ ଏହିକି, କି ମୃତ କି ଜୀବିତ କୌଣସି ମନୁଷ୍ୟକୁ ବିଶିଷ୍ଟ ବ୍ୟକ୍ତି କିମ୍ବା ମହାପୁରୁଷ ବୋଲି ପୂଜା କରିବା ଅନିଷ୍ଟପ୍ରଦ । କାରଣ ସେହି ବ୍ୟକ୍ତିଙ୍କୁ ପୂଜା କରିବା ଫଳରୁ ଲୋକେ ସେହି ବିଶିଷ୍ଟ ବ୍ୟକ୍ତି ଦେଇଥିବା ଉପଦେଶ ଗ୍ରହଣ କରିପାରୁ ନାହାନ୍ତି । କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ଉପଦେଶ ଗ୍ରହଣ କରିବା ଏବଂ ତଦନୁସାରେ ଜୀବନ ଗଠନ କରିବା ସେହି ବ୍ୟକ୍ତିଙ୍କର କିମ୍ବା ସେ କୌଣସି ଉପଦେଶ ଦାତାଙ୍କର ପ୍ରକୃତ ପୂଜା ।

ବିଶିଷ୍ଟ ବ୍ୟକ୍ତିଙ୍କର ପୂଜା ପରିତ୍ୟାଗ ନ କରିବା ପର୍ଯ୍ୟନ୍ତ ସେମାନଙ୍କର ଉପଦେଶର ପୂଜା କରି ହେବନାହିଁ । ସେମାନଙ୍କର ଉପଦେଶଗୁଡ଼ିକୁ ମଧ୍ୟ ଅନ୍ଧଭାବରେ ପୂଜା କରିବା କଥା ମୁଁ କହୁନାହିଁ । କାରଣ ଅନ୍ଧ ଭାବରେ ପୂଜା କରିବାଦ୍ୱାରା ତଦନୁସାରେ ଜୀବନଗଠନ କରିହେବ ନାହିଁ । ମୋର ଅଭିପ୍ରାୟ ଏହିକି, ବିଶିଷ୍ଟ ବ୍ୟକ୍ତିମାନେ ଦେଇଥିବା ଉପଦେଶ ନିଜ ପକ୍ଷରେ ଓ ଜନସାଧାରଣଙ୍କ ପକ୍ଷରେ କେତେଦୂର ମଙ୍ଗଳପ୍ରଦ ତାହା ନିଜେ ସ୍ୱାଧୀନ ଭାବରେ ଚିନ୍ତା କରି ନିଜର କର୍ତ୍ତବ୍ୟ ସ୍ଥିର କରିବା ଉଚିତ ।

ଚିରାଚରିତ ଅନ୍ଧ ବିଶ୍ୱାସ ଓ ଅନ୍ଧାନୁସରଣ ଜନସାଧାରଣଙ୍କର ସ୍ୱାଧୀନ ଚିନ୍ତାଧାରାକୁ ଚାପିଦେଇ ରଖିଛି । ମୋର ଅନୁରୋଧ, ଦେଶର ବିଶିଷ୍ଟ ବ୍ୟକ୍ତିମାନେ ତା ଉପରେ ଆଉ ଏକ ନୂଆ ରକମର ଚାପ ପକାନ୍ତୁ ନାହିଁ !

ବିଶ୍ୱକଲ୍ୟାଣ ୧୯୫୫

## ଗୁରୁ ଓ ନେତା କଣ ଅନାବଶ୍ୟକ ?

### ( ପ୍ରାପ୍ତପତ୍ର )

ପ୍ରିୟ ସମ୍ପାଦକ ମହାଶୟ,

ବିଶ୍ୱକଲ୍ୟାଣ ପତ୍ରିକାର ପ୍ରଥମ ସଂଖ୍ୟାରେ ( ୨ୟ ପୃଷ୍ଠା ) ଆପଣ ଲେଖିଅଛନ୍ତି—"ଅନ୍ଧ ଯେପରି ଅନ୍ୟ ଉପରେ ନିର୍ଭର ନ କରି ବାଟ ଚାଲି ପାରେ ନାହିଁ, ଆମ୍ଭେମାନେ ଠିକ୍ ସେହିପରି କୌଣସି ଗୁରୁ କିମ୍ବା ନେତାଙ୍କ ଉପରେ ନିର୍ଭର ନ କରି ଜୀବନଯାତ୍ରା ନିର୍ବାହ କରିପାରୁ ନାହୁଁ ।"

ଗୁରୁ ଓ ନେତା ବେଶୀ ଅଭିଜ୍ଞ ଓ ଜ୍ଞାନବାନ୍ ହେତୁ ତାଙ୍କଠାରୁ ସଦୁପଦେଶ ମିଳିବା ସମ୍ଭବ । ଏ ଅବସ୍ଥାରେ ତାଙ୍କର ଉପଦେଶ ଉପରେ ନିର୍ଭର କରିବା ଦୋଷଯୁକ୍ତ କାହିଁକି ?

ସେହି ପ୍ରଥମ ସଂଖ୍ୟାରେ ( ୧୬ ପୃଷ୍ଠା ) ଆପଣ ଲେଖିଅଛନ୍ତି—"ନିଜର ଅଜ୍ଞାନତାକୁ ଓ ଅଜ୍ଞାନତାରୁ ଜାତ ସଂଶୟକୁ ନିଜର ଜ୍ଞାନଦ୍ୱାରା ବା ଆତ୍ମଜ୍ଞାନଦ୍ୱାରା ଦୂର କରିବାହିଁ ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ × × × ନିଜର ଜ୍ଞାନ ଯେତେ ସାମାନ୍ୟ ହୋଇଥିଲେ ମଧ୍ୟ ସେହି ସତ୍‌ସାମାନ୍ୟ ଜ୍ଞାନଦ୍ୱାରା ନିଜର ଅଜ୍ଞାନତାକୁ ଦୂର କରିବା ଆବଶ୍ୟକ ।"

ଯଦି ଏହା ସମ୍ଭବ ହୋଇଥାନ୍ତା ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ବୁଝାଇବା କି ଦରକାର ଥିଲା ? ଯେଉଁ ଜଟିଳ ବିଷୟ ନିଜର ଜ୍ଞାନଦ୍ୱାରା ଓ ନିଜର ବୁଦ୍ଧିଦ୍ୱାରା ସମାଧାନ ହୋଇ ପାରିବ ନାହିଁ ତହିଁପାଇଁ ମନୁଷ୍ୟ କରିବ କଅଣ ?

ଶ୍ରୀ ବଳଭଦ୍ର ବହିଦାର, ବଲଙ୍ଗୀର
ତା ୧୨ । ୧୨ । ୫୮

# ପ୍ରାପ୍ତପତ୍ରର ଉତ୍ତର

ମହାଶୟ,

ଆପଣଙ୍କର ପତ୍ରଟି ବିଳମ୍ବରେ ( ୧୪ । ୧୨ । ୫୬ ତାରିଖରେ) ପାଇଲି । ଏହି ସଂଖ୍ୟାର ପାଣ୍ଡୁଲିପି ଗତକାଲି ଛାପାଖାନାକୁ ପଠାଇ ଦେଇଛୁ । ସେଥିପାଇଁ ପରବର୍ତ୍ତୀ ସଂଖ୍ୟାରେ ଆପଣ ପଚାରିଥିବା ବିଷୟ ଆଲୋଚନା କରିବି ବୋଲି ସ୍ଥିର କରିଥିଲି । ମାତ୍ର ପରେ ଭାବିଲି, ଯାହାର କ୍ଷୁଧା ଯେତେବେଳେ ତାକୁ ସେତେବେଳେ କିଛି ନା କିଛି ଖାଦ୍ୟ ନ ଦେଇ ଆଉ ତିନିମାସ ଅପେକ୍ଷା କରିବାକୁ କହିବା ଠିକ ହେବନାହିଁ । ଏହି କଥା ଭାବି ଆପଣ ପଚାରିଥିବା ପ୍ରଶ୍ନଟିର ଆଲୋଚନା ଖୁବ୍ ସଂକ୍ଷେପରେ କରୁଅଛୁ ।

ପ୍ରଥମ ସଂଖ୍ୟା ପତ୍ରିକାର ୨ୟ ପୃଷ୍ଠାରୁ ଆପଣ ଯେଉଁ ତିନୋଟି ଧାଡ଼ି ଉଦ୍ଧାର କରିଅଛନ୍ତି ତାର ପୂର୍ବ ତିନୋଟି ଧାଡ଼ି ବିଷୟରେ ଆପଣ କିଛି ପଚାରି ନ ଥିବାରୁ ବୁଝାଯାଉଛି ଯେ ସେହି ତିନୋଟି ଧାଡ଼ିରେ ଯାହା ଲେଖାଅଛି ତାକୁ ଆପଣ ଯୁକ୍ତିଯୁକ୍ତ ଓ ଯଥାର୍ଥ ବୋଲି ସ୍ୱୀକାର କରୁଅଛନ୍ତି । ଯଥାର୍ଥ ବୋଲି ସ୍ୱୀକାର କଲେ ମଧ୍ୟ ସେହି ତିନୋଟି ଧାଡ଼ି ବିଷୟରେ ବୋଧହୁଏ ବିଶେଷ ଚିନ୍ତା କରିନାହାନ୍ତି । କାରଣ ସେହିତକ ସଂଶୟଶୂନ୍ୟ ହୋଇ ବୁଝିଥିଲେ ଆପଣଙ୍କର ପ୍ରଥମ ପ୍ରଶ୍ନଟିର ଉତ୍ତର ଆପଣ ନିଜେ ସ୍ଥିର କରି ପାରିଥାଆନ୍ତେ । ସେହି ତିନୋଟି ଧାଡ଼ିରେ ଥିବା ବିଷୟଟି କେତେଦୂର ସତ୍ୟ ତାହା ଉତ୍ତମରୂପେ ବୁଝନ୍ତୁ । ସେଥିପାଇଁ ସେହି ତିନୋଟି ଧାଡ଼ି ଆଉଥରେ ଏଠାରେ ଉଦ୍ଧାର କଲି ।

“ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ବହୁକାଳରୁ ଅଭ୍ୟସ୍ତ ରହିଥିବା ଫଳରୁ ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱାଧୀନ ଚିନ୍ତାଶକ୍ତି ଓ ବିବେକ ବୁଦ୍ଧି ହରାଇ ଅନ୍ଧଭାବରେ ଜୀବନଯାତ୍ରା ନିର୍ବାହ କରୁଅଛି ।”

ଏହି ଅନ୍ଧତା ଦୋଷରୁ ଆମ୍ଭେମାନେ ନିଜ ନିଜର ସ୍ୱଭାବନିଯୁକ୍ତ କର୍ମ କଅଣ ଏବଂ ସେହି ସ୍ୱଭାବନିଯୁକ୍ତ କର୍ମରେ ଅଗ୍ରସର ହେବାପାଇଁ

ନିଜ ନିଜର କର୍ତ୍ତବ୍ୟ କଅଣ ତାହା ସ୍ଥିର କରିବାକୁ ଅସମର୍ଥ ହୋଇ ଗୁରୁ ବା ନେତାଙ୍କ ଉପରେ 'ନିର୍ଭର' କରି ରହିଅଛୁ । ଏଇଠି 'ନିର୍ଭର' ଶବ୍ଦଟିକୁ ଯଥାର୍ଥ ଧ୍ୟାନ ଦେଇ ବୁଝିବାକୁ ହେବ । ଏହି ଗୁରୁ ଓ ନେତାମାନଙ୍କୁ କିଏ ସୃଷ୍ଟି କରିଛି ? ଏହି ପ୍ରଶ୍ନର ଉତ୍ତର ଏହିକି ପୂର୍ବୋକ୍ତ ଅନ୍ଧତା ଦୋଷରୁ ଆମ୍ଭେମାନେ ନିଜେ ସୃଷ୍ଟି କରିଅଛୁଁ । ଆପଣ ଲେଖିଅଛନ୍ତି, "ଗୁରୁ ଓ ନେତା ବେଶୀ ଅଭିଜ୍ଞ ଓ ଜ୍ଞାନବାନ୍ ।" ମାତ୍ର ଏମାନେ ଯେ ବେଶୀ ଅଭିଜ୍ଞ ବା ଜ୍ଞାନବାନ୍ ଏକଥା ଆପଣ କିପରି ଜାଣିଲେ ? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ ଗୋଟିଏ ଉଦାହରଣ ଦେଉଅଛି । ପୁରୀର ଜଗନ୍ନାଥ ହେଉଛନ୍ତି ସାକ୍ଷାତ୍ ଭଗବାନ ଏକଥା ଆପଣ ଯେପରି ଜାଣିଅଛନ୍ତି, ଗୁରୁମାନେ ଓ ନେତାମାନେ ବେଶୀ ଅଭିଜ୍ଞ ଓ ଜ୍ଞାନବାନ୍ ଏକଥା ଆପଣ ସେହିପରି ଜାଣିଅଛନ୍ତି । ପୁରୀ ଓ ଜଗନ୍ନାଥଙ୍କୁ ହିନ୍ଦୁ ସମ୍ପ୍ରଦାୟର ସମସ୍ତେ କିମ୍ବା ଅଧିକାଂଶ ଲୋକେ ସାକ୍ଷାତ୍ ଭଗବାନ ରୂପେ ମାନି ଆସୁଅଛନ୍ତି ବୋଲି ଏବଂ ହିନ୍ଦୁସମ୍ପ୍ରଦାୟଭୁକ୍ତ ଥିବାରୁ ଆପଣ ମଧ୍ୟ ମାନିନେଲେ । ଏପରି ମାନିନେବା ଯେପରି ଆପଣଙ୍କର ବ୍ୟକ୍ତିଗତ ସତ୍ୟ ଉପରେ ଅର୍ଥାତ୍ ନିଜର ବୁଝିବା ଉପରେ କିମ୍ବା ଉପଲବ୍ଧି ଉପରେ ପ୍ରତିଷ୍ଠିତ ନୁହେଁ ଗୁରୁମାନଙ୍କୁ ଓ ନେତାମାନଙ୍କୁ ବେଶୀ ଅଭିଜ୍ଞ ଓ ଜ୍ଞାନବାନ୍ ବୋଲି ମାନିନେବା ଠିକ୍ ସେହିପରି ଆପଣଙ୍କର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ । ଆଉ ଗୋଟିଏ କଥା ଏହିକି ଯେଉଁ ଗୁରୁମାନଙ୍କର ଓ ନେତାମାନଙ୍କର ଯେତେ ବେଶୀ ଶିଷ୍ୟ ଓ ଯେତେ ବେଶୀ ଅନ୍ଧାନୁସରଣ-କାରୀ ଅଛନ୍ତି ସେହି ଗୁରୁମାନେ ଓ ସେହି ନେତାମାନେ ସେତେ ବେଶୀ ଅଭିଜ୍ଞ ଓ ଜ୍ଞାନବାନ୍ ବୋଲି ଆପଣ ଜାଣନ୍ତି । ଆପଣ କହିପାରନ୍ତି, ଗୁରୁମାନେ ଓ ନେତାମାନେ ଅନେକ ଶାସ୍ତ୍ର ଆଲୋଚନା କରିଅଛନ୍ତି, ଦେଶ ବିଦେଶର ଅନେକ ସମ୍ବାଦ ଜାଣିଅଛନ୍ତି ଇତ୍ୟାଦି । ସେଥିପାଇଁ ସେମାନେ ବେଶୀ ଅଭିଜ୍ଞ ଓ ଜ୍ଞାନବାନ୍ । ଆପଣ ଯଦି ଶାସ୍ତ୍ରମାନଙ୍କରୁ କିଛି ଜାଣିବାକୁ କିମ୍ବା ଦେଶବିଦେଶର ସମ୍ବାଦ ଜାଣିବାକୁ ଇଚ୍ଛା କରନ୍ତି ଗୁରୁମାନେ ଓ ନେତାମାନେ ଆପଣଙ୍କୁ ସାହାଯ୍ୟ ଦେଇପାରିବେ । ମାତ୍ର ସେମାନଙ୍କର ତଥାକଥିତ ଜ୍ଞାନ ଆପଣଙ୍କର ଜୀବନର ଗତି ପରିବର୍ତ୍ତନ କରି ପାରିବ କି ? ଆପଣଙ୍କର ସ୍ତ୍ରୀ, ପୁତ୍ର, କନ୍ୟା ଓ ପ୍ରତିବେଶୀମାନଙ୍କ

ପ୍ରତି ଆପଣଙ୍କୁ କିପରି ବ୍ୟବହାର କରିବାକୁ ହେବ, ଏମାନଙ୍କୁ କିପରି ସ୍ନେହ କରିବାକୁ ହେବ, ଏମାନଙ୍କ ସହିତ କିପରି ଭାବରେ ସମ୍ବନ୍ଧ ରଖିବାକୁ ହେବ ଇତ୍ୟାଦି ବିଷୟରେ ଗୁରୁମାନେ ଓ ନେତାମାନେ ଆପଣଙ୍କୁ ସାହାଯ୍ୟ କରିପାରିବେ କି ? ଆପଣ ଜଣେ ସାହିତ୍ୟିକ ଏକଥା ମୁଁ ଜାଣେ । ପଣ୍ଡିତ ନୀଳକଣ୍ଠ ଦାସ ଆପଣଙ୍କ ଅପେକ୍ଷା ବେଶୀ ଜ୍ଞାନବାନ୍ ଥିବାରୁ ସାହିତ୍ୟ ବିଷୟରେ ଆପଣଙ୍କର ଯେଉଁସବୁ ସନ୍ଦେହ ଅଛି ତାହା ସେ ଆପଣଙ୍କୁ ବୁଝାଇ ଦେଇପାରିବେ । ଏ ସବୁ ସ୍ଥଳରେ ଅନ୍ୟ ଉପରେ ନିର୍ଭର କରିବା ଦୋଷଯୁକ୍ତ ବୋଲି ମୁଁ କହୁନାହିଁ । ମାତ୍ର ଜୀବନର ଲକ୍ଷ୍ୟ ଜୀବନର ଗତି ଓ ଜୀବନର ସୁଖ ଶାନ୍ତି ସ୍ଥିର କରିବା ପାଇଁ ଗୁରୁ ଓ ନେତାଙ୍କ ଉପରେ ନିର୍ଭର କରିବା ଦୋଷଯୁକ୍ତ ଅଟେ । ସେଥିପାଇଁ ଗୀତା କହିଛି—

"ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।"

ଗୀତା—୩।୩୫

ଧର୍ମ ଓ ରାଜନୀତି ନାମରେ ଗୁରୁ ଓ ନେତାମାନଙ୍କର ସଂଖ୍ୟା କିପରି ଭାବରେ ବୃଦ୍ଧି ପାଉଅଛି ତାହା ଆପଣ ଦେଖୁଅଛନ୍ତି ତ ? ନିଶ୍ଚୟ ଦେଖୁଅଛନ୍ତି । ଏମାନଙ୍କର ସଂଖ୍ୟା କାହିଁକି ପ୍ରତିଦିନ ବୃଦ୍ଧି ପାଉଅଛି ତାହା ଆପଣ ନିଜେ ସ୍ଥିର କରନ୍ତୁ । ଏମାନଙ୍କର ସଂଖ୍ୟା ବୃଦ୍ଧି ହେବା ଫଳରେ ଆପଣଙ୍କର ତଥା ସମାଜର ଦୁରବସ୍ଥା ପ୍ରତିଦିନ ହ୍ରାସ ହେଉଛି ନା ବୃଦ୍ଧି ପାଉଛି ? ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର—ଏହି ତିନୋଟି ହେଉଛି ପ୍ରତ୍ୟେକ ବ୍ୟକ୍ତିର, ତଥା ସମସ୍ତ ମାନବ ସମାଜର ଦୁରବସ୍ଥାର କାରଣ—ଏ କଥା ମୁଁ ପତ୍ରିକାର କେତେ ପୃଷ୍ଠାରେ ଲେଖିଛି । ମୋର ଏହି ମୂଳକଥାଟି କେତେଦୂର ସତ୍ୟ ତାହା ଆପଣ ନିଶ୍ଚୟ ଜାଣି ପାରୁଅଛନ୍ତି । ଗୁରୁମାନେ ଓ ନେତାମାନେ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବରକୁ ପ୍ରଶ୍ରୟ ଦେଉଅଛନ୍ତି, ଏ କଥା ଆପଣ ସାମାନ୍ୟ ଚିନ୍ତା କଲେ ଜାଣି ପାରିବେ । ଏସବୁକୁ ସେମାନେ କାହିଁକି ପ୍ରଶ୍ରୟ ଦେଉଅଛନ୍ତି ତାହା ଆଜି ଆଲୋଚନା କରି ପାରୁନାହିଁ ।

ଆପଣ ଲେଖିଛନ୍ତି, "ଯେଉଁ ଜଟିଳ ବିଷୟ ନିଜର ଜ୍ଞାନଦ୍ୱାରା ବା ନିଜର ବୁଦ୍ଧିଦ୍ୱାରା ସମାଧାନ ହୋଇପାରିବ ନାହିଁ ତହିଁ ପାଇଁ ମନୁଷ୍ୟ କରିବ କଅଣ ?" ଏ ବିଷୟ ଆଲୋଚନା କରିବାକୁ ଯାଇ ମୁଁ ଗୀତାର ଗୋଟିଏ ଶ୍ଳୋକ ଉଦ୍ଧାର କରୁଛି—

ଯଦା ତେ ମୋହକଲିଳଂ ବୁଦ୍ଧିର୍ବ୍ୟତିତରିଷ୍ୟତି
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ (୨ୟ-୫୨)

ଅର୍ଥ—ଯେତେବେଳେ ତୁମର ବୁଦ୍ଧି ମୋହରୂପ ଜଟିଳତାକୁ ଅତିକ୍ରମ କରିବ ସେତେବେଳେ ତୁମେ ଯାହା ସବୁ ଶୁଣିଅଛ ଏବଂ ଯାହା ଶୁଣିବାକୁ ଇଚ୍ଛା କରୁଅଛ ସେଥିରୁ ଉଦାସୀନ ରହିବ ଅର୍ଥାତ୍ ଶୁଣିବା କଥା ଉପରେ ନିର୍ଭର ନ କରି ନିଜର ବୁଝିବା ଉପରେ ନିର୍ଭର କରିବ ।

ଶୁଣିବା କଥାକୁ ସତ୍ୟ ମନେକରି ଏବଂ ସେଥିରୁ ନାନାପ୍ରକାର ବିଶ୍ୱାସ ସୃଷ୍ଟିକରି ଆମ୍ଭେମାନେ ଜୀବନଯାତ୍ରାକୁ ଜଟିଳତାପୂର୍ଣ୍ଣ ଏବଂ ଦୁଃଖମୟ କରିଅଛୁଁ । ମୋହକଲିଳ ଅର୍ଥାତ୍ ସମସ୍ତ ମୋହଜନିତ ଜଟିଳତାକୁ ନିଜର ବିବେକବୁଦ୍ଧି ସାହାଯ୍ୟରେ ଅତିକ୍ରମ କରି ଜୀବନଯାତ୍ରାକୁ ସରଳ ଓ ସୁଖମୟ କରିବାକୁ ହେବ ।

ଏଇଥିରୁ ବର୍ତ୍ତମାନ ସ୍ପଷ୍ଟ ବୁଝିପାରିବେ ଯେ, କୌଣସି ଗୁରୁଙ୍କ ଉପଦେଶ ଦ୍ୱାରା ଆପଣଙ୍କ ହୃଦୟର ଜଟିଳତା ଦୂର କରିପାରିବ ନାହିଁ ; ଗୁରୁଙ୍କଠାରୁ ଶୁଣିବା କଥା ଜଟିଳତା ବୃଦ୍ଧି କରିବ ମାତ୍ର । ଜଟିଳତା ଦୂର କରିବାକୁ ହେଲେ ଅନ୍ୟ ଉପରେ ନିର୍ଭର କରିବା ଛାଡ଼ି ନିଜର ବିବେକ ବୁଦ୍ଧି ଯତ୍‌ସାମାନ୍ୟ ହେଲେ ସୁଦ୍ଧା ତା ଉପରେ ପୂର୍ଣ୍ଣମାତ୍ରାରେ ନିର୍ଭର କରିବାକୁ ହେବ ।

"ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇବା କି ଦରକାର ଥିଲା" ଏ ବିଷୟଟିର ଆଲୋଚନା ପରବର୍ତ୍ତୀ ସଂଖ୍ୟାରେ କରିବା ।

ବିଶ୍ୱକଲ୍ୟାଣ ୧୯୫୫

*

## ପୁଣି ଏକପତ୍ର

ପୁରୀ ଜିଲ୍ଲା, ହାଟ ବଜାର, ପୋଷ୍ଟ ଜଟଣୀ, ଶ୍ରୀମଦ୍ ଗୀତା-ପରିଷଦର ସମ୍ପାଦକ ଶ୍ରୀ ହରିହର ପଣ୍ଡାଙ୍କଠାରୁ ୨୮।୧୨।୫୪ ତାରିଖରେ ଖଣ୍ଡିଏ ପତ୍ର ପାଇଲି । ସେଥିରେ କେତୋଟି ପ୍ରଶ୍ନ ସେ ପଚାରିଅଛନ୍ତି । ସେଥିମଧ୍ୟରୁ ଗୋଟିଏ ପ୍ରଶ୍ନ ତଳେ ଦିଆଗଲା ।

ଆପଣଙ୍କ ପତ୍ରିକାରେ ଓଁ, ଓ ତତ୍ ସତ୍, ଓଁ ଶାନ୍ତିଃ ଇତ୍ୟାଦି କୌଣସି ଠାରେ ନାହିଁ କାହିଁକି ?

## ପତ୍ରର ଉତ୍ତର

ମହାଶୟ,

ଅନେକ ପୁସ୍ତକରେ ବିଶେଷତଃ ଧର୍ମସମ୍ବନ୍ଧୀୟ ପୁସ୍ତକମାନଙ୍କରେ ଓ ଅନେକଙ୍କର ଚିଠିପତ୍ରରେ ମଧ୍ୟ ଓଁ, ଓଁ ତତ୍ ସତ୍, ଓ ଶାନ୍ତିଃ ଇତ୍ୟାଦିରୁ ଗୋଟିଏ କିଛି ଥାଏ, ଏ କଥା ମୁଁ ଜାଣେ । ଚିଠିପତ୍ରରେ ଆଜିକାଲି ଅନେକେ 'ଜୟହିନ୍ଦ୍' କଥାଟି ଲେଖିଲେଣି । କେଉଁ ଅଭିପ୍ରାୟରେ ମୁଁ "ଜୟହିନ୍ଦ୍" କଥାଟି ଲେଖିଲି ତାହା ବୋଧହୁଏ ଜାଣି ପାରିବେ । ସେ ଯାହାହେଉ ଆପଣ ପଚାରିଥିବା ଓଁ, ଓଁ ତତ୍ ସତ୍, ଓଁ ଶାନ୍ତିଃ ଇତ୍ୟାଦି କାହିଁକି ରହୁଥିଲା, କାହିଁକି ରହିବ, ରହିବା ଦ୍ୱାରା ଜନସାଧାରଣଙ୍କର କି ଉପକାର ହେଉଥିଲା, ନ ରହିଲେ କି ଅପକାର ହେବ ଇତ୍ୟାଦି ବିଷୟରେ ଆପଣ ବୋଧହୁଏ କେବେହେଲେ ଚିନ୍ତା କରିନାହାନ୍ତି । ଅନେକଦିନରୁ ଚଳି ଆସୁଛି, ଅନେକ ବିଶିଷ୍ଟ ଲୋକ ଏପରି ଲେଖୁଅଛନ୍ତି ଓ ସେମାନଙ୍କୁ ଅନୁକରଣ କରି ଅଧିକାଂଶ ଲୋକ ଏପରି ଲେଖୁଅଛନ୍ତି । ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରୁ ମୁକ୍ତ କରି ସତ୍ୟର ପରିଚୟ ଦେବା ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ଥିବାରୁ ଓଁ, ଓଁ ତତ୍ ସତ୍, ଓଁ ଶାନ୍ତିଃ ଇତ୍ୟାଦିର ଗତାନୁଗତିକ ବ୍ୟବହାର ମୁଁ କରିନାହିଁ ।

ଅନ୍ୟ ପ୍ରଶ୍ନଟିର ଉତ୍ତର ଏ ସଂଖ୍ୟାରେ ଦେଇ ପାରିଲି ନାହିଁ । ପରବର୍ତ୍ତୀ ସଂଖ୍ୟାରେ ଦେବାର ବାସନା ରହିଲା । ପତ୍ରିକାର ବାଲ୍ୟ-ଅବସ୍ଥାରେ ତାହାର ଆକାର ବଢ଼ାଇ ପାରୁନାହିଁ ।

ଆଉ ଗୋଟିଏ କଥା —ଏହି ପତ୍ରିକାର ପ୍ରଥମ ସଂଖ୍ୟାଟି ବାହାର କରିବା ପରେ ଉତ୍ତର ପାଇବା ପାଇଁ ଅନେକ ପ୍ରଶ୍ନ ଆସୁଛି । ପତ୍ରିକାରେ ଥିବା ବିଷୟଗୁଡ଼ିକ ପ୍ରଚଳିତ ଧାରଣା ସବୁର ବିପରୀତ ଥିବାରୁ ଅନେକଙ୍କ ମନରେ ସଂଶୟ ଉପସ୍ଥିତ ହେବା ସ୍ୱାଭାବିକ ଏବଂ ସେହି ସଂଶୟ ଦୂର କରିବା ପାଇଁ ସେମାନେ ପ୍ରଶ୍ନ କରୁଅଛନ୍ତି । ପ୍ରଶ୍ନକର୍ତ୍ତା ମାନଙ୍କୁ ଗୋଟିଏ କଥା ଜଣାଇ ଦେବାକୁ କର୍ତ୍ତବ୍ୟ ବୋଧ କରୁଅଛି ଯେ କେବଳ ପ୍ରତିବାଦ କରିବା ଅଭିପ୍ରାୟରେ ଯଦି କେହି ପ୍ରଶ୍ନ କରନ୍ତି ତେବେ ମୋର ଉତ୍ତରରୁ ସେମାନେ କୌଣସି ସତ୍ୟ ଗ୍ରହଣ କରି ପାରିବେ ନାହିଁ । ନିଜର ଜୀବନ ଗଠନ କରିବା ଅଭିପ୍ରାୟରେ ସତ୍ୟର ସନ୍ଧାନ ପାଇଁ ଯେଉଁମାନେ ପ୍ରଶ୍ନ କରିବେ କେବଳ ସେହିମାନେ ମୋର ଉତ୍ତରରୁ ପ୍ରକୃତ କଥା ଗ୍ରହଣ କରି ଉପକୃତ ହେବେ ।

ବିଶ୍ୱକଲ୍ୟାଣ—୧୯୫୫

# ଅଜ୍ଞତାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ

ଜଗଦ୍‌ଗୁରୁ ଶ୍ରୀ ଶ୍ରୀ ଶଙ୍କରାଚାର୍ଯ୍ୟ ଭାରତୀ କୃଷ୍ଣତୀର୍ଥ ଗୋସ୍ୱାମୀ ଗତ ନଭେମ୍ବର ୨୮, ୨୯ ଓ ୩୦ ଏହି ତିନିଦିନ ଧରି ପୁରୀଠାରେ ଗୋଟିଏ ସୁଦୀର୍ଘ ଭାଷଣ ଦେଇଥିଲେ । ଏହି ତିନିଦିନିଆ ସଭା ଜଗନ୍ନାଥ ସମିତି ଓ ମଠ ମନ୍ଦିରାଧୀଶ ସମ୍ମିଳନୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ଭାଷଣଟି ଗତ ଡିସେମ୍ବର ୩ ତାରିଖ ସମାଜରେ "ବିଜ୍ଞାପନ ଓ ପ୍ରକୃତିର ସଂଘର୍ଷ ବରାବର ଲାଗିରହିଛି" ଶିରୋନାମାରେ ପୂର୍ଣ୍ଣ ତିନୋଟି ସ୍ତମ୍ଭ ଅଧିକାର କରିଥିଲା । ସମାଜର ପାଠକମାନଙ୍କ ମଧ୍ୟରୁ ଅଧିକାଂଶ ଏହି ଭାଷଣଟିକୁ ମନଯୋଗପୂର୍ବକ ପଢ଼ି ନଥିଲେ କିମ୍ବା ପଢ଼ିଥିଲେ ମଧ୍ୟ ସେ ବିଷୟରେ ବିଶେଷ ଚିନ୍ତା କରି ନଥିବେ । ସେଥିପାଇଁ ସେହି ଭାଷଣରୁ କେତୋଟି ମାତ୍ର ଅଂଶ ଉଦ୍ଧାର କରିବାକୁ କର୍ତ୍ତବ୍ୟ ବୋଧ କଲି ।

୧—ଆଧୁନିକ ବୈଜ୍ଞାନିକମାନେ ପ୍ରକୃତିକୁ ନିଜ ଆୟତ୍ତରେ ବିଦ୍ୟୁତ୍ ସାହାଯ୍ୟରେ ରଖିବାର ପ୍ରୟାସ କରୁଛନ୍ତି । କିନ୍ତୁ ପ୍ରକୃତିର କୌଣସି ନିୟମରୁ ସେମାନଙ୍କର ନିଷ୍କୃତି ନାହିଁ । × × × ବିଜ୍ଞାନ ଓ ପ୍ରକୃତିର ସଂଘର୍ଷ ବରାବର ଲାଗିରହିଛି ।

୨—ଆୟୁର୍ବେଦ ସମ୍ବନ୍ଧରେ ପାଶ୍ଚାତ୍ୟ ଦେଶମାନଙ୍କର ଧାରଣା କ୍ରମେ କ୍ରମେ ବଦଳୁଛି ଏବଂ ସେମାନେ ନିଜ ନିଜ ପନ୍ଥା ଛାଡ଼ି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛନ୍ତି । × × × ଇଂଲଣ୍ଡ, ୱେଲ୍‌ସ୍ ଓ ସ୍କଟ୍‌ଲଣ୍ଡର ହେଲ୍‌ଥ୍ ଡାଇରେକ୍ଟର "ନୂତନ ପ୍ରଧାନ ଆବିଷ୍କାର" ଶିରୋନାମାରେ କହିଛନ୍ତି ଯେ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ସମୟରେ × × × ପ୍ରତ୍ୟେକଙ୍କ ଯକୃତ୍ ଓ ପାକସ୍ଥଳୀ ଭୀଷଣ ଭାବରେ ରୁଗ୍‌ଣ ଅବସ୍ଥାରେ ଥାଏ ।

୩—ଗଙ୍ଗାଜଳରେ ହଇଜା, ଆମାଶୟ ଓ ସାନ୍ନିପାତିକ ଜ୍ୱର ଜୀବାଣୁ ନଷ୍ଟ ଓ ବିଲୋପ କରିବାର ମହିମାପୂର୍ଣ୍ଣ ଶକ୍ତି ରହିଛି । × × × ପାରିସ୍ ସହର ହାସପାତାଳରେ ହଇଜା, ଆମାଶୟ ଓ ସାନ୍ନିପାତିକ

ଜ୍ୱରର ପ୍ରତିକାର ପାଇଁ ଗଙ୍ଗାଜଳ ବ୍ୟବହାର କରାଯାଉଛି । ଏହି ଜଳ ଇନ୍ଦ୍ରଜାଲ୍ ପରି କାର୍ଯ୍ୟ କରୁଛି ବୋଲି ତାର ନାମ 'ବାକ୍ଟେରିମାଜି' (ବାକ୍ଟେରିଆ+ମ୍ୟାଜିକ୍) ରଖା ଯାଇଛି । ଏପରି କି ହଇଜା ରୋଗୀର ମଳରେ ଗଙ୍ଗାଜଳ ନିକ୍ଷେପ କରି ହଇଜା ରୋଗୀକୁ ଇଞ୍ଜେକ୍ସନ୍ ଦେବା ପରେ ରୋଗୀ ଭଲ ହେବାର ଦେଖାଯାଇଛି ।

୪—ଇଂଲଣ୍ଡର ଟେମ୍ସ୍ ନଦୀ ଓ ଫ୍ରାନ୍ସର ରାଇନ୍ ନଦୀ କିପରି ଗଙ୍ଗାଜଳ ଦ୍ୱାରା ଏବେ ପବିତ୍ର ହୋଇପାରିବ ଏଥିପାଇଁ ଗଙ୍ଗାଜଳ ବୁହାହୋଇ ଯାଇ ଉକ୍ତ ନଦୀମାନଙ୍କ ପାଣିରେ ମିଶାଇ ଦିଆଯାଉଛି ।

୫—ଜଣେ ପାଶ୍ଚାତ୍ୟ ଦାର୍ଶନିକ ଭାରତୀୟ ଧରଣର ଲୁଗା ପିନ୍ଧି ଗଙ୍ଗାତଟରେ ଗଙ୍ଗାଙ୍କୁ ବୃନ୍ଦି ବସିଥିବା ଦେଖି ଭାରତୀକୃଷ୍ଣ ପଚାରିବାରୁ ଉକ୍ତ ଦାର୍ଶନିକ କହିଲେ ଯେ ସେ ଭାରତୀୟମାନଙ୍କର ପ୍ରତ୍ୟେକ ବ୍ୟବସ୍ଥା ଯେ ବୈଜ୍ଞାନିକ ଭିତ୍ତିଉପରେ ପ୍ରତିଷ୍ଠିତ ତାହା କ୍ରମେ କ୍ରମେ ଗବେଷଣା ଦ୍ୱାରା ଜଣାପଡ଼ିବାରୁ ଏପରି ଲୁଗା ପିନ୍ଧିବାରେ ଯେ କିଛି ମହତ୍ତ୍ୱ ନିଶ୍ଚୟ ରହିଥିବ ଏହା ଅନୁମାନ କରି ସେ ଭାରତୀୟ ଧରଣର ଲୁଗା ପିନ୍ଧିଛନ୍ତି ।

୬—ଭାଗ୍ୟବାନ୍ ଲୋକେ ଯେ କେବଳ ଭାରତରେ ଜନ୍ମଗ୍ରହଣ କରନ୍ତି ଏବଂ ପରଜନ୍ମରେ ଜନ୍ମଗ୍ରହଣ କରିବାକୁ ଇଚ୍ଛା କରନ୍ତି ଏ ବିଷୟରେ ବିଭିନ୍ନ ଦେଶର ବିଶିଷ୍ଟ ଲୋକେ ମତ ପ୍ରକାଶ କରିଥିବା ସେ କହିଲେ ।

୭—ସେ ପୁଣି କହିଲେ ଯେ ବେଦରେ ଯାହା ନାହିଁ ତାହା ଅନ୍ୟତ୍ର ନାହିଁ ।

ଉକ୍ତ ଭାଷଣ ସମ୍ପର୍କରେ ଡାକ୍ତର ବିଭୂତିଭୂଷଣ ତ୍ରିପାଠୀ, ଏମ୍. ବି. ବି. ଏସ୍ (ପାଟନା) ଓ ଡାକ୍ତର ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଏମ. ବି. ବି. ଏସ୍., ଡି. ବାକ୍ଟ (ଲଣ୍ଡନ) ଲେଖିଛନ୍ତି—

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ଭାରତୀ କୃଷ୍ଣ ତୀର୍ଥ ଗୋସ୍ୱାମୀଙ୍କର ଭାଷଣ ବୈଜ୍ଞାନିକ ଭ୍ରମରେ ସମ୍ପୂର୍ଣ୍ଣରୂପେ କଳୁଷିତ ହୋଇଛି ।

ଆଧୁନିକ ବୈଜ୍ଞାନିକମାନେ ପ୍ରକୃତିକୁ ନିଜ ଅଧୀନରେ ବିଦ୍ୟୁତ୍ ସାହାଯ୍ୟରେ ରଖିବାର ପ୍ରୟାସ କରୁଛନ୍ତି କହିଲେ ଠିକ୍ ହେବନାହିଁ । ବୈଜ୍ଞାନିକମାନେ ପ୍ରକୃତିର ବିରୁଦ୍ଧରେ ଯିବାକୁ ଚେଷ୍ଟା କରିନାହାନ୍ତି; ପ୍ରକୃତିରୁ ନାନା ତଥ୍ୟ ଆହରଣ କରି ମନୁଷ୍ୟର ସୁବିଧାରେ ଲଗାଇବାର ଚେଷ୍ଟାରେ ଅଛନ୍ତି । ଆଦିମ ମାନବ ଅଗ୍ନି ସଂଯୋଗ କରି ଓ ପରେ ବସ୍ତ୍ର ବୟନ କରି ଯାହା କରିଥିଲା ବର୍ତ୍ତମାନ ତାର ଅପରିସୀମ ଉନ୍ନତି ହୋଇଛି ମାତ୍ର । ମାନବଜାତିର ହଜାର ବର୍ଷର ଅଭିଜ୍ଞତା ଓ ଚେଷ୍ଟା ଏଥିରେ ସାହାଯ୍ୟ କରୁଛି ।

ଆୟୁର୍ବେଦ ସମ୍ବନ୍ଧରେ ପାଶ୍ଚାତ୍ୟ ଦେଶମାନଙ୍କର ଧାରଣା କ୍ରମେ କ୍ରମେ ବଦଳୁଛି ଏବଂ ସେମାନେ ନିଜ ନିଜ ଚିନ୍ତା ଛାଡ଼ି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛନ୍ତି ଏ ଖବରଟି ଆମ୍ଭମାନଙ୍କର ନାନା ଦେଶୀ ଓ ବିଦେଶୀ ପତ୍ର ପତ୍ରିକା ପଢ଼ିବା ଭିତରେ ଦୃଷ୍ଟିରେ ପଡ଼ିନାହିଁ । କେତୋଟି ଶ୍ରୁତି-ମଧୁର କଥାକହି ଶ୍ରୋତାମାନଙ୍କୁ ଭୁଲାଇ ନେବା ଜଗଦ୍‌ଗୁରୁଙ୍କର ସମୀଚୀନ କାର୍ଯ୍ୟ ନୁହେଁ । ଆୟୁର୍ବେଦ ପ୍ରତି ବିଦେଶରେ ତଥା ଆମ୍ଭମାନଙ୍କର ସମସ୍ତଙ୍କର ସେହି ଶ୍ରଦ୍ଧା ଅଛି ଯାହା ଏକ ଐତିହାସିକର ଅଜାତଶତ୍ରୁଙ୍କ ଉପରେ ଥାଏ ।

ଇଂଲଣ୍ଡ, ଓ୍ୱେଲସ୍ ଓ ସ୍କଟ୍‌ଲଣ୍ଡର ହେଲଥ୍ ଡାଇରେକ୍ଟର ‘ନୂତନ ଆବିଷ୍କାର’ ଶିରୋନାମାରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟରୋଗ ବିଷୟରେ କେଉଁ ପତ୍ରିକାରେ ପ୍ରକାଶ କରିଛନ୍ତି ତାହା ଆମ୍ଭମାନଙ୍କୁ ଜଣାଇଦେଇ ପାରିଲେ କୃତଜ୍ଞ ରହିବୁଁ ।

ହଇଜା, ଆମାଶୟ ଓ ସାନ୍ନିପାତିକ ଜ୍ୱର ଜୀବାଣୁ ନଷ୍ଟ ଓ ବିଲୋପ କରିବା ଶକ୍ତି କେବଳ ଗଙ୍ଗାଜଳର ମାହାତ୍ମ୍ୟ ବା ବିଶେଷତ୍ୱ ନୁହେଁ । ଏହା ମହାନଦୀ ଜଳରେ ବି ମିଳେ ଓ ଗାଁର ପୋଖରୀ ପାଣିରେ ବି କମ୍ ବହୁତ ଦେଖାଯାଏ । ନର୍ଦ୍ଦମା ପାଣି ଜୀବାଣୁଶୂନ୍ୟ ହେବା କଥାରେ ୧୯୩୫ରେ ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ — ରେଲଗାଡ଼ି ଦେଖି ୧୮୩୪ରେ ଯେପରି ହୋଇଥିବେ କିନ୍ତୁ ୧୯୩୬ ବେଳକୁ ସବୁ କଥା ପରିଷ୍କାର ବୁଝାଯାଇ ଥିଲା । ‘ବାକ୍‌ଟେରିଆମାଜ’ ବା ‘ବାକ୍‌ଟେରିଆ + ମାଜକ’

ଶବ୍ଦର ମାଜିକ ଆଡ଼ମ୍ବରରେ ଆମ୍ଭେମାନେ କପାଳରେ ହାତ ନ ମାରି ରହିପାରୁ ନାହୁଁ । ଆମ୍ଭମାନଙ୍କ ମଧ୍ୟରୁ ଜଣେ ବାକ୍‌ଟେରିଓଲଜିରେ ବିଶେଷଜ୍ଞ । 'ବାକ୍‌ଟେରିଆମାଜି' କଥା ସେ କେବେହେଲେ ଶୁଣି ନାହାନ୍ତି । ଗଙ୍ଗାଜଳ ମିଶ୍ରିତ ମଳ ଇଞ୍ଜେକ୍‌ସନ ଦେବା ଏବଂ ଇଂଲଣ୍ଡ ଓ ଫ୍ରାନ୍‌ସକୁ ଗଙ୍ଗାଜଳ ବୁହାହୋଇ ଯିବା ଇତ୍ୟାଦି 'ଇନ୍ଦ୍ରଜାଲ' ବିସ୍ତାରି ଭାରତର ସରଳବିଶ୍ୱାସୀ ଲୋକଙ୍କ ମନକୁ ଭୁଲାଇବାର ଚେଷ୍ଟା ଅତି ମାରାତ୍ମକ ।

ଜଗଦ୍‌ଗୁରୁଙ୍କ ଭାଷଣ ସମ୍ପର୍କରେ ଉକ୍ତ ଡାକ୍ତର ଦୁଇଜଣଙ୍କ ଟିପ୍‌ପଣୀ ତ ପଢ଼ିଲେ । ବର୍ତ୍ତମାନ ଅନ୍ୟ କେତୋଟି ବିଷୟ ଆଲୋଚନା କରାଯାଉ ।

ଗଙ୍ଗାକୂଳରେ ଜଣେ ପାଶ୍ଚାତ୍ୟ ଭଦ୍ରଲୋକ ଭାରତୀୟ ଧରଣରେ ଲୁଗାପିନ୍ଧି ବସିଥିବା କଥା ଯଦି ଶ୍ରୀ ଭାରତୀକୃଷ୍ଣ ଦେଖିଥାନ୍ତି ତେବେ ସେ ଘଟଣା ତାଙ୍କର ପାଇଁ କେବଳ ସତ୍ୟ ହୋଇପାରେ । ତା ଛଡ଼ା ଉକ୍ତ ଭଦ୍ରଲୋକ ଯେ ଜଣେ ଦାର୍ଶନିକ ଏ କଥା ସେ ଜାଣିଲେ କିପରି ? ଦାର୍ଶନିକ କାହାକୁ କୁହାଯାଏ ତାହା ଜଗଦ୍‌ଗୁରୁଙ୍କୁ ବୋଧହୁଏ ଜଣା ନାହିଁ । ଜାଣିଥିଲେ ଅନୁମାନ ଉପରେ ନିର୍ଭର କରି ଏପରି ଜଣେ ଅନ୍ଧାନୁସରଣକାରୀଙ୍କୁ ଦାର୍ଶନିକ ଆଖ୍ୟାଦେଇ ଏଭଳି ଏକ ହାସ୍ୟାସ୍ପଦ (ହାସ୍ୟୋଦ୍ଦୀପକ ନୁହେଁ) ଗଳ୍ପ ସୃଷ୍ଟି କରିବାକୁ ସେ ଇଚ୍ଛା କରି ନଥାନ୍ତେ ।

ଭାଗ୍ୟବାନ ଲୋକେ କେବଳ ଭାରତରେ ଜନ୍ମଗ୍ରହଣ କରନ୍ତି ଓ କରିବାକୁ ଇଚ୍ଛା କରନ୍ତି, ଏ ମତ କେଉଁ କେଉଁ ଦେଶର କେଉଁ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଅଛନ୍ତି ତାହା ଜଗଦ୍‌ଗୁରୁ ତାଙ୍କ ଭାଷଣରେ କହିଦେଇଥିଲେ ଭଲ ହୋଇଥାଆନ୍ତା । ତାହା ହେଲେ ଭାରତରେ ଜନ୍ମଗ୍ରହଣ କରିବା ପାଇଁ ପୃଥିବୀବ୍ୟାପୀ ସମସ୍ତେ ସବୁବେଳେ ଭଗବାନଙ୍କୁ ପ୍ରାର୍ଥନା କରୁଥାନ୍ତେ ।

ବାସ୍ତବିକ୍ ଭାରତବାସୀ ଭାଗ୍ୟବାନ୍ ନ ହୋଇଥିଲେ ପୁଅ ଝିଅ ଥିବା ବିପତ୍ନୀକ ବୃଦ୍ଧମାନଙ୍କୁ ୯।୧୦ ବର୍ଷ ବୟସ୍କା କନ୍ୟା ବିବାହ କରିବାର ସୁଯୋଗ ମିଳୁ ନ ଥାନ୍ତା କିମ୍ବା ଭାଗ୍ୟବତୀ ନ ହୋଇଥିଲେ ୯।୧୦ ବର୍ଷର ଭାରତୀୟ ବାଳିକାକୁ କଠୋର ବୈଧବ୍ୟବ୍ରତ ପାଳନ କରିବାର ସୁଯୋଗ

ମିଳୁ ନଥାନ୍ତା । ଭାରତବାସୀ ଭାଗ୍ୟବାନ୍ ହୋଇ ନଥିଲେ ଏତେକାଳ ପରାଧୀନ ରହିବାର ସୌଭାଗ୍ୟ ପାଇ ନଥାନ୍ତେ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କ ଶ୍ରେଣୀସ୍ଥ କେତେକ ଉପାଧିଧାରୀ ଲୋକେ ଭାରତରେ ଜନ୍ମ-ଗ୍ରହଣ କରି ନଥିଲେ ଏଭଳି ଅବାନ୍ତର ଭାଷଣ ଦେବାର ସୁଯୋଗ ପାଆନ୍ତେ ନାହିଁ ।

'ବେଦରେ ଯାହା ନାହିଁ ତାହା ଅନ୍ୟତ୍ର ନାହିଁ' ଏହି ସଙ୍କୀର୍ଣ୍ଣ ମନୋଭାବକୁ ଲକ୍ଷ କରି ଗୀତାକାର କହିଅଛନ୍ତି "ନାନ୍ୟଦସ୍ତିତିବାଦିନଃ— ଅର୍ଥାତ୍ ବେଦବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଯେଉଁମାନେ କହନ୍ତି ସେମାନେ 'ଅବିପଶ୍ଚିତଃ' ଅର୍ଥାତ୍ ଅବିବେକୀ ବା ମୂଢ଼ ଅଟନ୍ତି ।" ଏଇ ସଂଖ୍ୟାରେ ଥିବା 'ଅବିପଶ୍ଚିତଃ' ଶୀର୍ଷକ ପ୍ରବନ୍ଧରେ ଏ ବିଷୟର ବିଶେଷ ଆଲୋଚନା କରାଯାଇଅଛି । ଗୀତାକାରଙ୍କର ଏଇ ମତ ଯେ ଅଭ୍ରାନ୍ତ ଆମେ ତା କହୁ ନାହୁଁ । କିନ୍ତୁ ଗୀତାକାର ଏଇକଥା ସ୍ପଷ୍ଟଭାବରେ କହିଅଛନ୍ତି କି ନା ତାହାହିଁ ଆଲୋଚନା କରିବାକୁ ଅନୁରୋଧ କରୁଛୁ ।

ବିଶେଷ କଥା, ସମାଜର ମଙ୍ଗଳପାଇଁ ଅର୍ଥାତ୍ ସମାଜକୁ ଅନ୍ଧାନୁ-ସରଣ ଓ ଅନ୍ଧବିଶ୍ୱାସରୁ ମୁକ୍ତ କରିବାପାଇଁ ଯେଉଁ "ସମାଜ" କାଗଜ ପ୍ରତିଷ୍ଠିତ ହୋଇଥିଲା ତାହା ଆଜି ଏହିସବୁ କାଳ୍ପନିକ ଓ ଅନିଷ୍ଟପ୍ରଦ ଲେଖା ପ୍ରକାଶକରି ଜନସାଧାରଣଙ୍କର ଅନ୍ଧତାକୁ ପ୍ରଶ୍ରୟ ଦେବା ଅତି ଦୁଃଖର ବିଷୟ । ଜଗଦ୍‌ଗୁରୁଙ୍କ ଉପରେ କିମ୍ବା ସମାଜ କାଗଜର ସମ୍ପାଦକଙ୍କ ଉପରେ ଆମ୍ଭେମାନେ ଦୋଷାରୋପ କରୁନାହୁଁ । ଏମାନଙ୍କ-ଠାରେ ଦୋଷାରୋପକରି ଆମ୍ଭମାନଙ୍କର କୌଣସି ଉପକାର ହୋଇନାହିଁ କିମ୍ବା ହେବନାହିଁ । ଆମ୍ଭମାନଙ୍କର ନିଜ ନିଜର ଅନ୍ଧତା ଦୋଷ ଦୂର କରିବାହିଁ ଆମର ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

ବିଶ୍ୱକଲ୍ୟାଣ—୧୯୫୬

## ଗୋଟିଏ ପ୍ରଶ୍ନ

ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଏହି ତିନୋଟିକୁ ପରିତ୍ୟାଗ କରିବାକୁ ଆପଣ ବାରମ୍ବାର ଲେଖିଛନ୍ତି ଏବଂ ଏହାହିଁ ଆପଣଙ୍କର ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ । ଏହି ତିନୋଟି ଯେ ପ୍ରତ୍ୟେକ ବ୍ୟକ୍ତିର ଦୁଃଖ ଦୁରବସ୍ଥାର ଓ ଦାରିଦ୍ର୍ୟର ମୂଳକାରଣ ଏକଥା କେବଳ ମୁଁ କାହିଁକି, ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ବୁଝିଲେ ମଧ୍ୟ କେହି ଏହି ତିନୋଟିକୁ ପରିତ୍ୟାଗ କରୁ ନାହାନ୍ତି କାହିଁକି ? ଲୋକେ ଏସବୁକୁ କିପରି ପରିତ୍ୟାଗ କରିବେ ତାହା ବୁଝାଇ ଦେବାକୁ ଅନୁରୋଧ ।

ଆପଣଙ୍କର
ଶ୍ରୀ ହରିହର ମିଶ୍ର
ଫରେଷ୍ଟ ଅଫିସ, ଟାଙ୍ଗାବିଲ, ମୟୂରଭଞ୍ଜ

## ପୂର୍ବୋକ୍ତ ପ୍ରଶ୍ନର ଉତ୍ତର

ମହାଶୟ,

ଆପଣଙ୍କ ପ୍ରଶ୍ନର ଉତ୍ତର ଆପଣଙ୍କ ପ୍ରଶ୍ନରେ ହିଁ ରହିଛି । ମୋଠାରୁ ଏହାର ଉତ୍ତର ପାଇବାକୁ ଅପେକ୍ଷା କରିବା ଅନାବଶ୍ୟକ । ତେବେ ମଧ୍ୟ ଖୁବ୍ ସଂକ୍ଷେପରେ ଗୋଟିଏ ଦୁଇଟି କଥା ଲେଖିଲି । ମୁଁ ଯାହା ଲେଖୁଛି ଆପଣ ତାହା ପଢ଼ିସିବେ ଏବଂ ମୋର ଲେଖା ଖୁବ୍ ଯୁକ୍ତିଯୁକ୍ତ ଓ ଭଲ ହୋଇଅଛି ବୋଲି କହିଦେଇ ସନ୍ତୁଷ୍ଟ ଓ ନିଶ୍ଚେଷ୍ଟ ରହିବେ । ଏହାଦ୍ୱାରା ଆପଣଙ୍କର କୌଣସି ଉପକାର ନହୋଇ ବରଂ ସମୟର ଅପବ୍ୟୟ ହେବ । ମୋର ଲେଖା କେତେଦୂର ସତ୍ୟ ତାହା ଆପଣ ସ୍ୱାଧୀନ ଭାବରେ ଚିନ୍ତା କରନ୍ତୁ ଏବଂ ଯାହା ସତ୍ୟ ବୋଲି ସ୍ଥିର କଲେ ତାକୁ କାର୍ଯ୍ୟରେ ପାଳନ କରନ୍ତୁ । ଏହି ପତ୍ରିକାରେ ଥିବା 'ବ୍ୟବସାୟାତ୍ମିକା ବୁଦ୍ଧି'

*

ପ୍ରବନ୍ଧଟି ମନଯୋଗପୂର୍ବକ ପଢ଼ନ୍ତୁ ଏବଂ ଆପଣଙ୍କର ପଢ଼ିବାକୁ ଓ ବୁଝିବାକୁ ବ୍ୟବସାୟାତ୍ମିକା ବା କର୍ମାତ୍ମିକା କରିବାକୁ ଶିଖନ୍ତୁ ।

ଆପଣ ଲେଖିଅଛନ୍ତି ଏହି ଭାବନାଟିକୁ ଲୋକେ କପରି ପରିତ୍ୟାଗ କରିବେ ତାହା ବୁଝାଇ ଦିଅନ୍ତୁ । ଏହି ଲେଖାଟିରୁ ବୁଝାଯାଉଛି ଯେ ଲୋକେ ଏହି ଭାବନାଟିକୁ ପରିତ୍ୟାଗ କରିବାକୁ ଆପଣ ଅପେକ୍ଷା କରି ରହିଅଛନ୍ତି । ଏପରି ଅପେକ୍ଷା କରିବାର ଦୁର୍ବଳତା ଓ ନିର୍ବୋଧତା ଆମ ସମାଜରେ ପ୍ରାୟ ପ୍ରତ୍ୟେକଙ୍କର ଅଛି, ତେଣୁ ଆପଣଙ୍କର ମଧ୍ୟ ଅଛି । ଅତଏବ ଅନ୍ୟମାନଙ୍କୁ ଅପେକ୍ଷା କରିବାର ଦୁର୍ବଳତା ଓ ନିର୍ବୋଧତା ପରିତ୍ୟାଗ କରି ଆପଣ ନିଜେ ଯାହା ବୁଝିଲେ ତାକୁ ଆଜି ଏହି ମୁହୂର୍ତ୍ତରୁ ଅର୍ଥାତ୍ ବୁଝିବାମାତ୍ରେ କାର୍ଯ୍ୟରେ ପରିଣତ କରନ୍ତୁ ।

ଆପଣ ଓ ଅନ୍ୟମାନେ ଯାହାକୁ ବୁଝିବା ମନେ କରିଅଛନ୍ତି ତାହା ପ୍ରକୃତରେ ବୁଝିବା ନୁହେଁ । ଆପଣମାନେ ମନେ କରିଥିବା ବୁଝିବା ଓ ପ୍ରକୃତ ବୁଝିବା ଏ ଦୁହିଁଙ୍କ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି । ଏ ବିଷୟର ବିଶେଷ ଆଲୋଚନା କରି ପତ୍ରିକାର ଆକାର ବୃଦ୍ଧି କରିବାକୁ ମୁଁ ଯାଉନାହିଁ । ଅନ୍ୟ ସଂଖ୍ୟାରେ ଏ ବିଷୟର ଆଲୋଚନା କରାଯାଇ ପାରେ । ଆଜି କେବଳ ଗୋଟିଏ ଦୁଇଟି କଥା ବୁଝନ୍ତୁ । କୌଣସି ବିଷୟ ପରିତ୍ୟାଗ କରିବାକୁ ଇଚ୍ଛାକଲେ କିମ୍ବା ଚେଷ୍ଟାକଲେ ଆପଣ ତାହା ପରିତ୍ୟାଗ କରିପାରିବେ ନାହିଁ । ନିଜର ସ୍ୱାଧୀନ ଚିନ୍ତାଦ୍ୱାରା କୌଣସି ବିଷୟ ସଂଶୟଶୂନ୍ୟ ହୋଇ ବୁଝିବା ମାତ୍ରେ ତାହା ଆପେ ଆପେ ଛୁଟିଯିବ । ପରିତ୍ୟାଗ କରିବା ପାଇଁ ଧର୍ମଶାସ୍ତ୍ରମାନଙ୍କର କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର କିମ୍ବା ଗୁରୁଙ୍କର ଆଶ୍ରୟ ନେବା ସମ୍ପୂର୍ଣ୍ଣ ଅନାବଶ୍ୟକ । ଗୋଟିଏ ଉଦାହରଣ ଦେଲେ କଥାଟି ବୁଝି ପାରିବେ । ବୃଥାଡମ୍ବର ବା ଅହମିକା ବା ନିଜର ବଡ଼ପଣିଆ ବା ଫୁଟାଣି ଦେଖାଇ ହେବା ଧର୍ମ ଜୀବନର ପ୍ରଧାନ ଅନ୍ତରାୟ ଓ ମନୁଷ୍ୟର ସର୍ବ ପ୍ରଧାନ ଶତ୍ରୁ ଏକଥା ସବୁ ଧର୍ମଶାସ୍ତ୍ର ଓ ସବୁ ଗୁରୁ ବାରମ୍ବାର ଉପଦେଶ ଦେଇଥିଲେ ମଧ୍ୟ ଆପଣ ତାହା ପରିତ୍ୟାଗ କରିପାରୁ ଅଛନ୍ତି କି ? ପରିତ୍ୟାଗ କରିବାର

ଆବଶ୍ୟକତା ନିଜେ ଉପଲବ୍ଧି ନ କରିବା ପର୍ଯ୍ୟନ୍ତ ଆପଣ ତାହା ପରି-ତ୍ୟାଗ କରି ପାରିବେ ନାହିଁ । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଆମ୍ଭମାନଙ୍କୁ ଅନ୍ଧକରି ସାରିଛି । ଏହି ଅନ୍ଧତା ବା ଅମନୁଷ୍ୟତା ବା ଓଲୁଗିରି ସହଜରେ ଛାଡ଼ିହେବ ନାହିଁ । ଏ ଦୁହିଁଙ୍କୁ ବର୍ତ୍ତମାନ ଛାଡ଼ି ନ ପାରିଲେ ମଧ୍ୟ ନିଜର ତଥା ସମାଜର ଆର୍ଥିକ ଦୁରବସ୍ଥା ଦୃଷ୍ଟିରେ ସବୁପ୍ରକାର ଅର୍ଥସାପେକ୍ଷ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ (ବୃଥାଡ଼ମ୍ବରକୁ) ସର୍ବପ୍ରଥମେ ପରିତ୍ୟାଗ କରନ୍ତୁ । ବାପ-ମାଆ ଯଦି ସେମାନଙ୍କର ଜୀବିତାବସ୍ଥାରେ ଅନ୍ୟର ଅନିଷ୍ଟସାଧନ କରିଥିବେ, ବ୍ରାହ୍ମଣ ମୁହଁରେ ବିଶେଷତଃ ଆଜିକାଲିକାର ମିଛୁଆ, ଲୋଭି ଓ ଠକ ବ୍ରାହ୍ମଣଙ୍କ ମୁହଁରେ ହଜାରେ ମନ୍ତ୍ର ପଢ଼ାଇଲେ, ହଜାର ମେର ଗୁଆଳର ପିଣ୍ଡଦେଲେ ବା ହଜାରେ ଟଙ୍କା ଖର୍ଚ୍ଚ କଲେ ଆପଣ ସେମାନଙ୍କୁ ସ୍ୱର୍ଗକୁ ପଠାଇ ପାରିବେ କି ? ଅତଏବ ବାପ-ମାଆ-ଙ୍କର ଶୁଦ୍ଧି କ୍ରିୟାରେ ଠ ୫ ୧ ଙ୍କାରୁ ଅଧିକା ଖର୍ଚ୍ଚ କରନ୍ତୁ ନାହିଁ । ମୋ ପୁଅର ଏକୋଇଶିଆ ଏହି ମମତା ଦୋଷ ଓ ଅଧର୍ମିକା ପରିତ୍ୟାଗ କରି ଗୁରୁଅଣୀ ଖର୍ଚ୍ଚରେ ଏକୋଇଶିଆର ଅନ୍ଧାନୁସରଣ କରି ଠାକୁରଙ୍କୁ ଭକ୍ତି ସହକାରେ ପୂଜାକରି ପାରନ୍ତି । ପଚଶ ଦିନ ପିଲାଟି ବେମାର ପଡ଼ି ମରିପାରେ ଏତିକି ନ ଭାବି ୨୧ ଶ ଦିନ ଫୁଟାଣି ଦେଖାଇବା ଓ ୨୫ ଶ ଦିନ କାନ୍ଦିବା ଉଚିତ କି ?

ଆଜ୍ଞ ଲୋକଙ୍କର ଉପହାସକୁ ଭୟକରି ଓ ପ୍ରଶଂସାକୁ ଅପେକ୍ଷା କରି ଆପଣ ଯଦି ନିଜର ଉପାର୍ଜିତ ଅର୍ଥକୁ କିମ୍ବା ବହୁ କଷ୍ଟରେ ସଞ୍ଚିତ ପୈତୃକ ସମ୍ପତ୍ତିକୁ ନିଜର ଅନ୍ଧତା ଦୋଷରୁ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ନ୍ୟାସ୍ତ-ନିମିତ୍ତରେ, ଯେଉଁ ନ୍ୟାସ୍ତ ନିମିତ୍ତକୁ ପ୍ରଶ୍ରୟ ଦେବାପାଇଁ ଚନ୍ଦ୍ର ବେଭାର ଇତ୍ୟାଦିରେ ଓ ଗହଣାରେ ଅପବ୍ୟୟ କରି ପରିଶେଷରେ ଦାରିଦ୍ର୍ୟ ଦୁଃଖ ବରଣ କରନ୍ତି ଓ ଖାଦ୍ୟାଭାବରୁ ମରନ୍ତି, କୌଣସି ଗୁରୁ, କୌଣସି ନେତା, କୌଣସି ସରକାର କିମ୍ବା କଟକ ଚଣ୍ଡୀ, ଧବଳେଶ୍ୱର, ଜଗନ୍ନାଥ ପ୍ରଭୃତି କୌଣସି ଭଗବାନ ଆପଣଙ୍କର ଦୁରବସ୍ଥା ଓ ଦାରିଦ୍ର୍ୟ ଦୂରକରି ପାରିବେ କି ? ଓଡ଼ିଆରେ ଗୋଟିଏ କଥା ଅଛି—

ଆପଣା ହସ୍ତେ ଜିହ୍ୱା ଛେଦି
କେ ତାରି ଅଛି ପ୍ରତିବାଦୀ ।

ଗୀତାରୁ ମଧ୍ୟ ଗୋଟିଏ କଥା ଶୁଣନ୍ତୁ :—

ଆତ୍ମୈବ ଆତ୍ମନୋ ବନ୍ଧୁଃ
ଆତ୍ମୈବ ରିପୁରାତ୍ମନଃ ।

ଅର୍ଥ—ଆପଣ ନିଜେ ଆପଣଙ୍କର ବନ୍ଧୁ ଏବଂ ଆପଣ ନିଜେ ଆପଙ୍କର ଶତ୍ରୁ ଅଟନ୍ତି ।

ବିଶ୍ୱକଲ୍ୟାଣ—୧୯୫୭

# ବିଶେଷ ଦୁଃଖର ବିଷୟ

ଦେଶର ବଡ଼ ବଡ଼ ନେତାମାନେ ଚଳାଚଳିତ ପ୍ରଥାସବୁର ଅନ୍ଧାନୁସରଣ କରିବା, ସେହିସବୁ ଅନ୍ଧାନୁସରଣରେ ବୃଥାଡ଼ମ୍ବର ଦେଖାଇ ବହୁଅର୍ଥ ଅପବ୍ୟୟ କରିବା, ଦେଶର ଲୋକେ ଖାଦ୍ୟାଭାବରେ ମରୁଥିବା ବେଳେ ଦେଶର ନେତାମାନେ ଆମୋଦରେ ମତ୍ତରହିବା ଇତ୍ୟାଦି ଆଦର୍ଶ ଜନସାଧାରଣଙ୍କର ବିଶେଷ ଅନିଷ୍ଟ ସାଧନ କରୁଅଛି । ନିମ୍ନଲିଖିତ ତିନୋଟି ଘଟଣାରୁ ପ୍ରକୃତ କଥା ବୁଝିପାରିବେ ।

୧ । କିଛିଦିନ ପୂର୍ବେ ପଟେଲଙ୍କ ଚିତାଭସ୍ମ ମହାସମାରୋହରେ ବହୁ ଅର୍ଥବ୍ୟୟରେ ପ୍ରୟାଗଠ ରେ ପଡ଼ିଥିବା ସମ୍ବାଦ ଖବର କାଗଜମାନଙ୍କରୁ ପଢ଼ି ମନରେ ବିଶେଷ ଦୁଃଖ ଆସିଥିଲା । କାରଣ ପଟେଲଙ୍କ ଚିତାଭସ୍ମ ବହୁଅର୍ଥ ବ୍ୟୟରେ ପ୍ରୟାଗଠାରେ ପକାଇବା ଫଳରେ ଯଦି ତାଙ୍କର ପାପସବୁ କ୍ଷୟ ହୋଇ ସ୍ୱର୍ଗପ୍ରାପ୍ତି ହେବ, ତେବେ ଆମେ ଜନସାଧାରଣ ଆମର ବାପ-ମାଆଙ୍କ ଚିତାଭସ୍ମକୁ ଗଙ୍ଗା କିମ୍ବା ଗୋଦାବରୀରେ ପକାଇ ବାପା ମାଆଙ୍କର ପାପ କ୍ଷୟକରି ସେମାନଙ୍କୁ ସ୍ୱର୍ଗକୁ ପଠାଇବୁ ନାହିଁ କାହିଁକି ? କରଜଦାମ କରି କିମ୍ବା ଜମିବାଡ଼ି ବନ୍ଧା କରି ବାପ-ମାଆଙ୍କ ଶୁଦ୍ଧିକ୍ରିୟା ମହାସମାରୋହରେ ସମ୍ପନ୍ନ କରିବୁ ନାହିଁ କାହିଁକି ?

୨ । ଏବର୍ଷ ହୋରିଖେଳ ଦିନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହେରୁ ରଙ୍ଗ ଖେଳର ଅନ୍ଧାନୁସରଣ କରି ଆମୋଦ ପ୍ରମୋଦରେ ମତ୍ତ ରହିଥିବା ସମ୍ବାଦ ଖବରକାଗଜମାନଙ୍କରୁ ଜାଣି ଆଉ ଏକପ୍ରକାର ଦୁଃଖ ଲାଗିଲା । ଏହି ଆଦର୍ଶରୁ ଆମେ ପୁରୀ କଟକ ପ୍ରଭୃତି ସହରର ଲୋକେ ଅବିର କିଣିବାକୁ ଟଙ୍କା ନ ପାଇଲେ ମଧ୍ୟ ଆଲକାତରା କିମ୍ବା ନର୍ଦ୍ଦମା ପାଣି ବୋଳାବୋଳି ହେବାର ଅନ୍ଧାନୁଶରଣ ନ କରିବୁ କାହିଁକି ? ଦେଶର ଲୋକେ ଖାଇବାକୁ ନପାଇ ମରୁଥିବା ବେଳେ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀ ଯଦି ସେଥିପ୍ରତି ଉଦାସୀନ ରହି ନିଜେ ଆମୋଦ ପ୍ରମୋଦରେ ମତ୍ତ ରହିବେ, ଆମେ

ଆମର ସ୍ତ୍ରୀ ଓ ପୁତ୍ରକନ୍ୟାମାନଙ୍କୁ ଉପଯୁକ୍ତ ଖାଦ୍ୟ ନଦେଇ ସେମାନଙ୍କର ଦୁରବସ୍ଥାପ୍ରତି ଉଦାସୀନ ରହି ନିଜେ ଆମୋଦ ପ୍ରମୋଦରେ ମସ୍ତ ରହିବୁ ନାହିଁ କାହିଁକି ? ଦୁର୍ଗା ମେଢ଼ ପାଣିରେ ପକାଇବା ବେଳେ ଘରେ ଖାଇବାକୁ ଥାଉ ବା ନଥାଉ ଲୋକେ ଫୁଲ ହାର ବେକରେ ପକାଇ ମେଢ଼ ଆଗରେ ଯିବା ଅନେକେ ଦେଖିଥିବେ । ପ୍ରକୃତ କଥା ବୁଝିଲୁ । ବର୍ଣ୍ଣନା କରିବା ଅନାବଶ୍ୟକ ।

ଶାସନରତ ପଦପଦବୀ, ଯାନ ଯାହା ଓ ନ୍ୟାୟନୀତିର ଅନ୍ଧାନୁସରଣ କରି ଏବଂ ସେ ସବୁରେ ବୃଥାଡ଼ମ୍ବର ଦେଖାଇ ନିଜ ନିଜ ଶକ୍ତିକୁ ବଳାଇ ଅର୍ଥବ୍ୟୟ କରି ଲୋକେ ଯେ ଦିନକୁ ଦିନ ଦରିଦ୍ରରୁ ଦରିଦ୍ରତର ହେଉଛନ୍ତି ଏ କଥା ନେତାମାନେ ଆଦୌ ଅନୁଭବ କରି ନାହାନ୍ତି । ଅନୁଭବ କରିବେ ବା କିପରି ? ଅନ୍ୟଦେଶ କିମ୍ବା ଅନ୍ୟଜାତି ସଙ୍ଗେ ପ୍ରତିଦ୍ୱନ୍ଦ୍ୱିତା କରି ନିଜ ଦେଶର ଓ ନିଜ ଜାତିର ପ୍ରାଧାନ୍ୟ ବଜାଏ ରଖିବାହିଁ ଏମାନଙ୍କର କାର୍ଯ୍ୟ । ଲୋକେ ଦୁଃଖଭୋଗ କଲେ ବା ଖାଦ୍ୟା-ଭାବରୁ ମଲେ ସେଥିପ୍ରତି ସେମାନେ ଉଦାସୀନ ରହିବା ସ୍ୱାଭାବିକ । ମୋର ଅଭିପ୍ରାୟ ଏହିକି ଆମର ସୁଖଶାନ୍ତି ସକାଶେ ଆମେ ସେମାନଙ୍କ ଉପରେ ନିର୍ଭର କରିବା ଅନାବଶ୍ୟକ । ଆଉ ମଧ୍ୟ ଆମର ଉପସ୍ଥିତ ଦୁଃଖ, ଅଶାନ୍ତି ପାଇଁ ସେମାନଙ୍କ ଉପରେ ଦୋଷାରୋପ ନକରି ନିଜ ନିଜ ଉପରେ ଦୋଷାରୋପ କରିବା ଆବଶ୍ୟକ । ଉପସ୍ଥିତ ଦୁଃଖ ଦୁରବସ୍ଥାର କାରଣ ସ୍ଥିର କରି ସେହି କାରଣ ଦୂର କରିବା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର କାର୍ଯ୍ୟ । ଏହା ନେତାମାନଙ୍କର କିମ୍ବା ଗୁରୁମାନଙ୍କର କାହାରି କାର୍ଯ୍ୟ ନୁହେଁ । ଧର୍ମନିରପେକ୍ଷ ରାଷ୍ଟ୍ର, ଶ୍ରେଣୀବିହୀନ ସମାଜ ଓ ନୂଆଦୁନିଆ ଇତ୍ୟାଦି ଗଠନ କରିବାକୁ ହେବ ବୋଲି ଦେଶର ନେତାମାନେ ଅନେକ ଲେଖା ଲେଖିଅଛନ୍ତି ଓ ଅନେକ ବକ୍ତୃତା ଦେଇଅଛନ୍ତି । ଦିନେ ଅମୃତ-ବଜାର ପତ୍ରିକାରେ ଦେଖିଲି ପ୍ରଧାନମନ୍ତ୍ରୀ ନେହେରୁ ଛାତ୍ରମାନଙ୍କୁ ବକ୍ତୃତା ଦେଇ କହିଅଛନ୍ତି, "Students shoul l think in a new way and not in the old way." ଅର୍ଥାତ୍ ଛାତ୍ରମାନେ ପୁରୁଣା-ପ୍ରଣାଳୀରେ ଚିନ୍ତା ନକରି ନୂଆ ପ୍ରଣାଳୀରେ ଚିନ୍ତା କରିବା ଉଚିତ । ଏପରି ବକ୍ତୃତା ଦେଇ ନିଜେ ରଙ୍ଗ ଖେଳରେ ବା ପୁରୁଣା ପ୍ରଥାର ଅନ୍ଧାନୁସରଣ

କରିବା ଉଚିତ ବୋଧ ହେଉନାହିଁ । ଏହିସବୁ ଅନ୍ଧାନୁସରଣ ଧର୍ମ ନିରପେକ୍ଷ ରାଷ୍ଟ୍ର, ଶ୍ରେଣୀବିହୀନ ସମାଜ ଓ ନୂଆ ଦୁନିଆ ଗଠନ କରିବାର ସହାୟକ କି ସମ୍ପୂର୍ଣ୍ଣ ଅନ୍ତରାୟ ଟିକେ ଭଲକରି ଭାବନ୍ତୁ ।

ଏହି ଅପ୍ରେଲ ୫ ତାରିଖରେ ପଣ୍ଡିତ ନୀଳକଣ୍ଠ ଦାଶ ତାଙ୍କର ଦୁଇ ନାତିଙ୍କର ବ୍ରତୋପନୟନ କର୍ମର ଅନ୍ଧାନୁସରଣ ମହା ସମାରୋହରେ ସମ୍ପନ୍ନ କରିଥିବା ଏବଂ ସେଥିରେ ଗୋଟିଏ ବଡ଼ଭୋଜିର ଆୟୋଜନ କରିଥିବା, କଟକର ଅନେକ ବିଶିଷ୍ଟ ବ୍ୟକ୍ତି ଏହି ଭୋଜିରେ ଯୋଗଦେଇ ତାଙ୍କର ଅନ୍ଧାନୁସରଣକୁ ବୃଥାଡ଼ମ୍ବରକୁ ସମର୍ଥନ କରିଥିବା ଓ ପ୍ରଶ୍ରୟ ଦେଇଥିବା ଖବରକାଗଜମାନଙ୍କରୁ ଜାଣି ଆଉ ଏକ ପ୍ରକାର ଦୁଃଖ ଆସିଲା । ପଣ୍ଡିତ ନୀଳକଣ୍ଠ ଦାଶଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ ମୁଁ ଦିନେ କହିଲି, "ଆପଣ ଏସବୁ ଭୋଜିରେ ଯୋଗଦେବା ଦ୍ୱାରା ଅନ୍ଧାନୁସରଣ ଓ ବୃଥାଡ଼ମ୍ବରକୁ ପ୍ରଶ୍ରୟ ଦେଉ ନାହାନ୍ତି କି ? ଆପଣମାନେ ଯଦି ଭୋଜି ଖାଇବାକୁ ଯାଇ ନଥାନ୍ତେ, ପଣ୍ଡିତ ମହାଶୟ କାହାକୁ ଭୋଜି ଦେଇ ଥାନ୍ତେ ?" ସେ ମହାଶୟ କହିଲେ, "ବ୍ରତୋପନୟନର ଅନ୍ଧାନୁସରଣ କରିବା ବର୍ତ୍ତମାନ ଯୁଗରେ ଉଚିତ ନୁହେଁ । ଆପଣଙ୍କର ଏହି ମତରେ ମୁଁ ଏକମତ । ମାତ୍ର ଯାହାର ଭୋଜି ଦେବାରେ ଶକ୍ତିଅଛି ସେ ଦେବାରେ ଦୋଷ କଅଣ ଏବଂ ସେହି ଭୋଜିରେ ଯୋଗଦେବା ଅନ୍ୟାୟ ହେଲା କପରି ?"

ସେ ମହାଶୟଙ୍କୁ ମୁଁ କୌଣସି ଉତ୍ତର ଦେଇ ନାହିଁ । କାରଣ ଆମ ଦୁହିଁଙ୍କର ରାସ୍ତା ଉପରେ କଥୋପକଥନ ହେଲା । ଶେଷ କଥାଟିର ସଂକ୍ଷିପ୍ତ ଉତ୍ତର ଏହିକି ନୀଳକଣ୍ଠ ଦାଶ ହେଉଛନ୍ତି ଗ୍ରାମଲୋକ ଏବଂ ଜନସାଧାରଣଙ୍କର ଆଦର୍ଶସ୍ଥାନୀୟ । ମାରୱାଡ଼ିମାନଙ୍କ ପରି କମ୍ବା ଜମିଦାରମାନଙ୍କ ପରି ସେ କେବଳ ଧନୀ ନୁହନ୍ତି । ମାରୱାଡ଼ିମାନେ କମ୍ବା ଜମିଦାରମାନେ ଏପରି ଭାବରେ ଅର୍ଥବ୍ୟୟ କରିବା ଦୋଷାବହ ନୁହେଁ । ପଣ୍ଡିତ ମହାଶୟ ବୃଥାଡ଼ମ୍ବର ଦେଖାଇ ଭୋଜି ଇତ୍ୟାଦିରେ ଯେଉଁ ୫-୬ ହଜାର ଟଙ୍କା ଖର୍ଚ୍ଚ କରିଥିବେ ସେଥିରୁ ସାହାଯ୍ୟପ୍ରାର୍ଥୀ ନିଜର ଦରିଦ୍ର ବନ୍ଧୁ ଓ ପ୍ରତିବେଶୀମାନଙ୍କୁ କାହାକୁ ଟ ୫୦୲ କାହାକୁ, ଟ ୨୫ ୲ ସାହାଯ୍ୟ ଦେଇ

ଥିଲେ ସମାଜର କେତେ ଯେ ମଙ୍ଗଳ ସାଧନ ହୋଇଥାଆନ୍ତା **ଟିକେ ଭାବନ୍ତୁ** । ଗୀତାରୁ ଗୋଟିଏ ଉକ୍ତି ଏଠାରେ ଉଲ୍ଲେଖ କଲି :—

ଶ୍ରେୟାନ୍ ଦ୍ରବ୍ୟମୟାତ୍ ଯଜ୍ଞାତ ଜ୍ଞାନଯଜ୍ଞଃ ପରନ୍ତପ ।

ଅର୍ଥ—ଦ୍ରବ୍ୟମୟ ଯଜ୍ଞ ବା ଦ୍ରବ୍ୟମୟ ଦାନ ଅପେକ୍ଷା ଜ୍ଞାନଯଜ୍ଞ ବା ଜ୍ଞାନଦାନ ବା ନିଜର ଆଦର୍ଶଦାନ ଶ୍ରେଷ୍ଠ ଅଟେ ।

ଟିପ୍ପଣୀ—କୌଣସି ମାରୱାଡ଼ କମ୍ବା କୌଣସି ଧନୀବ୍ୟକ୍ତି ହଜାରେ ଦରିଦ୍ର ବ୍ୟକ୍ତିଙ୍କୁ ଖାଇବାକୁ ଦେଇ ପାରିବେ, ମାତ୍ର ଯେଉଁ ଅଜ୍ଞତା ଓ ବୃଥାଡ଼ମ୍ବର ଫଳରୁ ଲୋକେ ଦରିଦ୍ର ହୋଇ ଧନୀ ଲୋକର ସାହାଯ୍ୟ ଭିକ୍ଷା କରୁଛନ୍ତି, ଜ୍ଞାନୀମାନେ ନିଜ ଆଦର୍ଶରୁ ସେହି କାରଣ ଦୂର କରିବା ଉଚିତ ।

ବିଶ୍ୱକଲ୍ୟାଣ—୧୯୫୬

# ଅନ୍ଧତା ଦୋଷର ମୂଳୋତ୍ପାଟନ କରନ୍ତୁ

ବିବାହ, ବ୍ରତ, କାନଫୋଡ଼ା, ବିଦ୍ୟାରମ୍ଭ, ଗୃହପ୍ରତିଷ୍ଠା, ନିଷେକ ଇତ୍ୟାଦି ବିଭିନ୍ନ କର୍ମ କରିବାପାଇଁ ବିଭିନ୍ନ ପଞ୍ଜିକାର ବିଭିନ୍ନ ଶୁଭଦିନ ସବୁ ସ୍ଥିର କରୁଅଛନ୍ତି । କେଉଁ ଗ୍ରହ, କେଉଁ ନକ୍ଷତ୍ର କେଉଁ ରାଶି ଦେଖି ସେମାନେ ବିଭିନ୍ନ କର୍ମପାଇଁ ବିଭିନ୍ନ ଶୁଭଦିନ ସବୁ ସ୍ଥିର କରୁଅଛନ୍ତି ତାହା କେବଳ ସେହିମାନେ ଜାଣିଥିବେ । ସେ ବିଷୟର ସତ୍ୟତା ସ୍ଥିର କରିବା ଜନସାଧାରଣଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଅତଏବ ସେ ବିଷୟ ଆଲୋଚନା କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ । ଆମ୍ଭମାନଙ୍କର କେବଳ ଏତିକି ଆଲୋଚନା କରିବା ଆବଶ୍ୟକ ଯେ ସେମାନେ ସ୍ଥିର କରିଥିବା ଶୁଭଦିନ ସବୁର ଅନ୍ଧାନୁସରଣ କରିବା ଫଳରେ ଆମ୍ଭେମାନେ କୌଣସି ଉପକାର ପାଉଅଛୁଁ କି ନାହିଁ । ଆମ୍ଭେମାନେ ଯଦି କୌଣସି ଉପକାର ପାଉଅଛୁଁ ତେବେ ତାହା କଣ, ଏ କଥା ଦେଶର ବିଶିଷ୍ଟ ବୈଜ୍ଞାନିକମାନେ ବୁଝାଇଦେଇ ପାରିଲେ ବୁଝାଇ ଦିଅନ୍ତୁ । ଏହି ସବୁ ଅନ୍ଧାନୁସରଣ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ତେଣୁ ସମସ୍ତ ସମାଜର ଉପସ୍ଥିତ ଦୁଃଖ-ଦୁରବସ୍ଥାର ମୂଳକାରଣ ଏ କଥା ଆଜି ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରନ୍ତୁ ।

ଆପଣ ଜଗନ୍ନାଥ ପାଞ୍ଜିର ଅନ୍ଧାନୁସରଣ କରନ୍ତୁ । ଆପଣଙ୍କର ଆଉଜଣେ ପ୍ରତିବେଶୀ ବିରଜା ପାଞ୍ଜିର ଅନ୍ଧାନୁସରଣ କରନ୍ତି ଏବଂ ଆଉ ଜଣେ ପ୍ରତିବେଶୀ ବଙ୍ଗଳାପାଞ୍ଜିର ଅନ୍ଧାନୁସରଣ କରନ୍ତୁ ; ଯେହେତୁ ବହୁଦିନ ପୂର୍ବେ ତାଙ୍କ ଘର ବଙ୍ଗଦେଶରେ ଥିଲା । ଲାଗି ଲାଗି ରହିଥିବା ତିନୋଟି ପରିବାରରେ ଗ୍ରହ, ନକ୍ଷତ୍ର ଓ ରାଶି ସ୍ୱତନ୍ତ୍ର ହୋଇପାରେ କି ? ଅତଏବ ପାଞ୍ଜିରେ ଥିବା ଶୁଭଦିନର ଅନ୍ଧାନୁସରଣ କରିବାର ଏକମାତ୍ର କାରଣ ଆମ୍ଭମାନଙ୍କର ବହୁକାଳର ଅନ୍ଧତାଦୋଷ ବ୍ୟତୀତ ଆଉ କିଛି ନୁହେଁ । ଏ ବର୍ଷ ଜଗନ୍ନାଥ ପାଞ୍ଜିରେ ବିବାହ ତିଥି ଫାଲ୍‌ଗୁନ ମାସରୁ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ଏହି ଖରା ଗ୍ରୀଷ୍ମମାସରେ ନଥାଇ ଆଷାଢ଼ ମାସରେ ଅର୍ଥାତ୍ ଘୋର ବର୍ଷାଦିନେ ଅଛି । ଲୋକେ ବସନ୍ତ ଓ

*

ଗ୍ରୀଷ୍ମ ଋତୁରେ ସୁବିଧା ଅନୁସାରେ ବିବାହ କର୍ମ ନକରି ସେହି ବର୍ଷାଦିନେ କରିବେ । କାରଣ ପାଞ୍ଜିର ଅନ୍ଧାନୁସରଣ ନ କଲେ ନରକବାସ ସୁନିଶ୍ଚିତ ।

## ଏହି ଅନ୍ଧତା ଦୋଷ କେବେ ଦୂର ହେବ କେଜାଣି ?

ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ଏକମାତ୍ର ଯୁକ୍ତି ଶୁଣାଯାଏ ଜ୍ୟୋତିଷ ଶାସ୍ତ୍ର କଣ ମିଛ ? ବହୁକାଳ ହେଲା ସମସ୍ତେ ଯେ ଏପରି କରୁଅଛନ୍ତି ସମସ୍ତେ କଣ ଓଲୁ ଓ ସମସ୍ତେ କଣ ଅନ୍ଧ ? ମୁଁ କହେ ଯେଉଁମାନେ ଏପରି ଯୁକ୍ତି କରନ୍ତି ସେମାନେ ଓଲୁ ଓ ଅନ୍ଧ ନୁହନ୍ତି ତ ଓଲୁ ଓ ଅନ୍ଧ ଆଉ କେଉଁମାନେ ? ସମାଜର ସବୁ ଓଲୁ ଓ ସବୁ ଅନ୍ଧ ପ୍ରତ୍ୟେକ ଯଦି ଏହି ଯୁକ୍ତି କରି ନିଜ ନିଜର ଅନ୍ଧତାକୁ ସମର୍ଥନ କରନ୍ତି ଓ ପ୍ରଶ୍ରୟ ଦିଅନ୍ତି ତେବେ ସମାଜରୁ ଅନ୍ଧତାଦୋଷ କେବେ ହେଲେ ଦୂର ହୋଇ ପାରିବ କି ?

ଆମଘର ଝିଅ-ବୋହୂମାନେ ଯେ ୮-୯ ବର୍ଷରୁ ବିଧବା, ଆମ-ଘରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଯେ ପ୍ରତ୍ୟହ ଏତେ କଳହ ଓ ଅଶାନ୍ତି, ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ଯେ ଏତେ ଆତ୍ମହତ୍ୟା ଓ ଏତେ ଗୁଡ଼ପଥ, ସେ ସବୁ କଣ ପାଞ୍ଜିରେ ଥିବା ଶୁଭଦିନରେ ଘୋର ବର୍ଷାଦିନେ ନାନା ଅସୁବିଧା ଭୋଗକରି ବିବାହ କର୍ମ ସମ୍ପାଦନ କରିଥିବାର ଅମୃତମୟ ଫଳ ?

କେହି କୌଣସି ସ୍ଥାନକୁ ଯିବାକୁ ହେଲେ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଏହି ଚାରିଦିଗ ପାଇଁ ଏବଂ ଅଗ୍ନି, ବାୟୁ, ନୈରୁତ ଓ ଐଶାନ୍ୟ ଏହି ଚାରିକୋଣ ପାଇଁ ବିଭିନ୍ନ ଶୁଭଦିନ ଓ ଶୁଭବେଳା ପାଞ୍ଜିରେ ସ୍ଥିର କରାଯାଇଅଛି ଏବଂ ସମାଜର ବହୁ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ତାର ଅନ୍ଧାନୁସରଣ କରିଆସୁଅଛନ୍ତି ।

ମୁଁ ଥରେ ବନାରସରେ ଥିବାବେଳେ ଗୀତାର ଅସଙ୍ଗତ ଟୀକା ବିଷୟରେ କେତେକ କଥା ପଚାରିବାକୁ ସେଠାରେ ଥିବା ଚିଦ୍‌ଘନାନନ୍ଦ ନାମକ ଜଣେ ବିଶିଷ୍ଟ ପଣ୍ଡିତଙ୍କ ପାଖକୁ ଯାଇଥିଲି । ସେ ଜଣେ

ବେଦାନ୍ତସ୍ତ୍ର ଏବଂ ଏମ୍. ଏ. ପାଶ କରିଅଛନ୍ତି । ମୁଁ ସେଠାରେ ବସିଥିବା ବେଳେ ଖଣ୍ଡେ ଚିଠି ରେଜେଷ୍ଟ୍ରି କରିବାକୁ ସେ ଡାକ ଘରକୁ ପଠାଇଲେ । ପଠାଇଲାବେଳେ ସମୟଟା ବାରବେଳା ଥିବାରୁ ବାର ବେଳା ଗଡ଼ିଯିବା ପର୍ଯ୍ୟନ୍ତ ସେ ଚିଠି ପଠାଇବା ବନ୍ଦ କରିଦେଲେ । ଦେଶର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଏପରି ଅନ୍ଧବିଶ୍ୱାସୀ ଓ ଅନ୍ଧାନୁସରଣକାରୀ ଅଛନ୍ତି, ଏ କଥା ଭାବିଲେ ଦୁଃଖ ଆସେ । ଯେଉଁମାନେ ଶୁଭଦିନ ଓ ଶୁଭବେଳାର ଅନ୍ଧାନୁସରଣ କରନ୍ତି ସେମାନେ କୌଣସି କାର୍ଯ୍ୟରେ ଅକୃତ କାର୍ଯ୍ୟ ନହୋଇ ପ୍ରତ୍ୟେକ କାର୍ଯ୍ୟରେ କୃତକାର୍ଯ୍ୟ ହେବା ସମ୍ପୂର୍ଣ୍ଣ ଅଯୌକ୍ତିକ । ତେଣୁ ଏ ବିଷୟ ପରୀକ୍ଷା କରିବା ମଧ୍ୟ ସମ୍ପୂର୍ଣ୍ଣ ଅନାବଶ୍ୟକ । ପରୀକ୍ଷା କରିବାକୁ କେହି ଇଚ୍ଛା କଲେ ପରୀକ୍ଷା କରନ୍ତୁ ।

ଜଣେ ଲୋକ ଗୁରୁବାର ସକାଳେ ଖବର ପାଇଲେ ଯେ, ପୂର୍ବଦିନ ରାତିରେ ତାଙ୍କର ସବୁ ଘର ଓ ଜିନିଷପତ୍ର ପୋଡ଼ିଯାଇଛି ଏବଂ ତାଙ୍କର ସ୍ତ୍ରୀ ଓ ପିଲାମାନେ ଗଛମୂଳେ ଆଶ୍ରୟ ନେଇଅଛନ୍ତି । ଗୁରୁବାର ଦିନ ସହରରୁ ବାହାରିବା ନିଷେଧ ଥିବାରୁ ସେଦିନ ସେ ଯାଇ ପାରିଲେ ନାହିଁ । ଶୁକ୍ରବାର ଦିନ ଉତ୍ତର ଦିଗକୁ ଯିବା ନିଷେଧ ଥିବାରୁ ଏବଂ ତାଙ୍କର ଘର ଉତ୍ତର ଦିଗରେ ଥିବାରୁ ସେଦିନ ମଧ୍ୟ ସେ ଯାଇ ପାରିଲେ ନାହିଁ । ଶନିବାର ସକାଳ ଦୁଇଘଣ୍ଟା ବାରବେଳା । ତେଣୁ ବାରବେଳା ଗଡ଼ିଯିବା ପରେ ଘରକୁ ବାହାରିଲେ । ( ଏହା ମୋର ପ୍ରତ୍ୟକ୍ଷ ଘଟଣା )

ଲୋକେ ନିଜନିଜର ଅନ୍ଧତାଦୋଷ ଦୂର କରି ସତ୍ୟର ପରିଚୟ ପାଆନ୍ତୁ ଏବଂ ଜୀବନଯାତ୍ରାକୁ ସରଳ ଓ ସୁଖମୟ କରନ୍ତୁ । ଏଥିପାଇଁ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ବହୁକାଳ ହେଲା ନାନା ଉପଦେଶ ଦେଇ ଯାଇଅଛନ୍ତି । ପୃଥିବୀର ସର୍ବଶ୍ରେଷ୍ଠ ବ୍ୟକ୍ତି ବୁଦ୍ଧଦେବ ୨୫୦୦ ବର୍ଷ ପୂର୍ବେ ଉପଦେଶ ଦେଇଗଲେ "କେହି କୌଣସି ପ୍ରକାର ଅନ୍ଧାନୁସରଣ ନ କରି, ଏପରି କି ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ ନ କରି ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହୁଅନ୍ତୁ ।" ମହାତ୍ମା ଗାନ୍ଧି ଏବେ କହିଗଲେ "ମୋର ସ୍ୱାଧୀନତାର ଅର୍ଥ ଏହିକି ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଗୁରୁ

ଓ ନେତା ।" ମାତ୍ର ଆମ୍ଭେମାନେ କି ବୁଦ୍ଧଦେବ କି ଗାନ୍ଧି କାହାରି କୌଣସି ଉପଦେଶ ପ୍ରତି କର୍ଣ୍ଣପାତ ନ କରି ରାମ ଜୟନ୍ତୀ, ହରି ଜୟନ୍ତୀ ଇତ୍ୟାଦିର ଅନ୍ଧାନୁସରଣ କରିବାରେ ଅଭ୍ୟସ୍ତ ଥିବାରୁ ବୁଦ୍ଧଜୟନ୍ତୀ, ଗାନ୍ଧି ଜୟନ୍ତୀ ଇତ୍ୟାଦିର ଅନ୍ଧାନୁସରଣକୁ ଏକମାତ୍ର କର୍ତ୍ତବ୍ୟ ମନେ କରି ସନ୍ତୁଷ୍ଟ ରହିଅଛୁଁ । ଏହିକଥା ଗତସଂଖ୍ୟା ପତ୍ରିକାରେ ମଧ୍ୟ ମୁଁ ଲେଖିଛି । ମାତ୍ର ଯେତେ ଲେଖିଲେ ମଧ୍ୟ ଲୋକଙ୍କର ଅନ୍ଧତାଦୋଷ ଦୂର ନ ହେବା ପର୍ଯ୍ୟନ୍ତ କୌଣସି କଥା ସେମାନେ ଗ୍ରହଣ କରି ପାରିବେ ନାହିଁ । ଅତଏବ ଲୋକଙ୍କର ଅନ୍ଧତାଦୋଷ ଦୂର କରିବା ସର୍ବପ୍ରଧାନ ଓ ସର୍ବପ୍ରଥମ କଥା । ମାତ୍ର ଏଥିପ୍ରତି କାହାରି ଦୃଷ୍ଟି ନାହିଁ । ଦୃଷ୍ଟି ରହିବ କିପରି ? ଲୋକଙ୍କର ଗୁରୁ କିମ୍ବା ନେତା ହେବାକୁ ହେଲେ ସେମାନଙ୍କର ଅନ୍ଧତା-ଦୋଷକୁ ପ୍ରଶ୍ରୟ ଦେବାକୁ ହେବ । ଯେଥିପାଇଁ ମୁଁ କହୁଛି ନେତା ଯଦି ନିଜର ନାଁ ପାଇଁ କିମ୍ବା କ୍ଷମତା ପାଇଁ ଗୁରୁ କିମ୍ବା ନେତା ହେବାକୁ ବ୍ୟାକୁଳ ନ ହୋଇ ଲୋକଙ୍କର ପ୍ରକୃତ ମଙ୍ଗଳ ସାଧନ କରିବାକୁ କର୍ତ୍ତବ୍ୟ ବୋଧ କରନ୍ତି ତେବେ ଲୋକନିନ୍ଦାକୁ ଭ୍ରୂକ୍ଷେପ ନ କରି ଲୋକଙ୍କଠାରୁ ପ୍ରଶଂସା ପାଇବାକୁ ବ୍ୟାକୁଳ ନ ହୋଇ କୌଣସି ତଥାକଥିତ ବିଶିଷ୍ଟ ବ୍ୟକ୍ତିଙ୍କ ମତକୁ ଅପେକ୍ଷା ନ କରି ନିଜର ଅନ୍ଧତାଦୋଷ ଗୋଟି ଗୋଟି କରି ନିଜେ ଦୂର କରନ୍ତୁ । ମୁଁ ଆଜି କେବଳ ଏତିକି କହୁଛି, ପାଞ୍ଜିରେ ଥିବା ବିବାହ ତିଥିର ଅନ୍ଧାନୁସରଣ ପରିତ୍ୟାଗ କରନ୍ତୁ ଏବଂ ନିଜ ନିଜର ସୁବିଧା ଅନୁସାରେ ଯେ କୌଣସି ଦିନ ବିବାହକର୍ମ ସମ୍ପନ୍ନ କରନ୍ତୁ । ଆମେ ଅନ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ କୌଣସି ଗୁରୁ, କୌଣସି ନେତା କିମ୍ବା କୌଣସି ଭଗବାନ ମଧ୍ୟ ଆମର ଏ ଦୁଃଖ ଦୁରବସ୍ଥା ଦୂରକରି ପାରିବେ ନାହିଁ ।

ବିଶ୍ୱକଲ୍ୟାଣ—୧୯୫୭

# ମନୁଷ୍ୟତା ଓ ଅମନୁଷ୍ୟତା

ଈଶ୍ୱରଦତ୍ତ ନିଜ ନିଜର ସ୍ୱାଧୀନ ଚିନ୍ତା ଓ ପବିତ୍ର ବିବେକ ବୁଦ୍ଧିର ଆଶ୍ରୟ ନେଇ ନିଜର ତଥା ମାନବ ସମାଜର ପ୍ରକୃତ କଲ୍ୟାଣ ଓ ଅକଲ୍ୟାଣ ପ୍ରତି ନିରନ୍ତର ଦୃଷ୍ଟିରଖି ନିଜ ନିଜର ସ୍ୱଭାବ ନିଯୁତ ଓ ପରିବର୍ତ୍ତନମୟ ଜୀବନ ଯୁଦ୍ଧରେ ନିର୍ଭିକ ଭାବରେ ଅଗ୍ରସର ହେବାକୁ ମନୁଷ୍ୟତା ।

ମନୁଷ୍ୟ ସୃଷ୍ଟି ଯାବତୀୟ ଅନ୍ଧବିଶ୍ୱାସ ଓ ପ୍ରଚଳିତ ପ୍ରଥା ସବୁର ଅନ୍ଧାନୁସରଣର ବଶବର୍ତ୍ତୀ ହେବା ଫଳରେ ନିଜନିଜର ସ୍ୱାଧୀନ ଚିନ୍ତା ଓ ପବିତ୍ର ବିବେକ ବୁଦ୍ଧିରେ ଜଳାଞ୍ଜଳି ଦେଇ ନିଜର ନାମ ଓ କ୍ଷମତା ସକାଶେ ଲାଳାୟିତ ହୋଇ, ତେଣୁ ସମାଜର ଦୁଃଖ ଦୁରବସ୍ଥା ପ୍ରତି ଉଦାସୀନ ରହି, ଗହଣାରେ ନ୍ୟାୟ ନିମିତ୍ତରେ ଓ ନିଜ ନିଜର. ଭୋଗବିଳାସରେ ବୃଥା-ଡ଼ମ୍ବର ବା ଫୁଟାଣି ଦେଖାଇବା ପାଇଁ ଗୁଳିକିଣା କରିବା କିମ୍ବା ଯେକୌଣସି ଉପାୟରେ ଅଧିକ ଅର୍ଥ ଉପାର୍ଜନ କରିବାରେ ଲିପ୍ତ ରହିବାକୁ ଅମନୁଷ୍ୟତା ।

ବିଶ୍ୱକଲ୍ୟାଣ ୧୯୫୭

# ବିଶିଷ୍ଟ ବ୍ୟକ୍ତିଙ୍କର ଅନ୍ଧତା ପ୍ରଚାର

ମୋର ଧାରଣା ଥିଲା ଯେ ଶିକ୍ଷିତ ଲୋକେ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର ବିଷମୟ ଫଳ କ୍ରମେ କ୍ରମେ ବୁଝୁଅଛନ୍ତି ; ମାତ୍ର କିଛିଦିନ ପୂର୍ବେ ଝଙ୍କାର ପତ୍ରିକାର ୯ମ ବର୍ଷ ତୃତୀୟ ସଂଖ୍ୟା ପତ୍ରିକାରୁ ପ୍ରଥମ ପ୍ରବନ୍ଧଟି ପଢ଼ି ମୋର ସେହି ଧାରଣା ଦୂର ହୋଇଗଲା । ପ୍ରବନ୍ଧଟିର ନାମ "ସପ୍ତାଙ୍ଗ ଯୋଗ" ଏବଂ ତାର ଲେଖକ ହେଉଛନ୍ତି ଅଧ୍ୟକ୍ଷ ପ୍ରହ୍ଲାଦ ପ୍ରଧାନ । ପ୍ରବନ୍ଧର ଆରମ୍ଭରେ ଅଛି—"୮ମ ବର୍ଷ ୭ମ ସଂଖ୍ୟା ପତ୍ରିକାରେ ମୁଁ "ସପ୍ତାଙ୍ଗ ଯୋଗଧାରଣମ୍" ପ୍ରବନ୍ଧ ଲେଖିଥିଲି । ସେଥିରେ ମୋର ମନ ସନ୍ତୁଷ୍ଟ ନ ହେବାରୁ ଏବଂ କେତେକ ପାଠକବନ୍ଧୁ ସପ୍ତାଙ୍ଗର ଅର୍ଥକୁ ସ୍ୱୀକାର କରିନେଇଥିଲେ ମଧ୍ୟ ସ୍ୱରୂପ ଜାଣିବାକୁ ଆଗ୍ରହ ପ୍ରକାଶ କରିବାରୁ ସେ ବିଷୟରେ ମୋର ଅଧ୍ୟୟନ ଚାଲିଥିଲା । ତେଣୁ ଆଉ କିଛି ତଥ୍ୟ ମିଳିବାରୁ ତାକୁ ପାଠକମାନଙ୍କ ନିକଟରେ ଉପସ୍ଥାପିତ କରୁଅଛି । ପ୍ରବନ୍ଧର ଶେଷରେ ଅଛି "ସପ୍ତାଙ୍ଗ ଯୋଗର ଅର୍ଥ ଓ ସ୍ୱରୂପ ସମ୍ବନ୍ଧରେ ଯଥା-ସମ୍ଭବ ଆଲୋଚନା କଲି, ଅଷ୍ଟାଙ୍ଗ ଯୋଗ ସମ୍ବନ୍ଧରେ ମଧ୍ୟ କେତୋଟି ସମସ୍ୟା ଅଛି । ପ୍ରସଙ୍ଗାନ୍ତେ ପୁଣି ଆଲୋଚନା କରିବାର ବାସନା ରହିଲା ।" ଏଥିରୁ ଜଣାଯାଉଛି ଯେ ଲେଖକ ମହାଶୟ ବହୁଦିନଧରି ଏହି ବିଷୟର ଅଧ୍ୟୟନ ଓ ପ୍ରଚାର କାର୍ଯ୍ୟରେ ଲାଗିଅଛନ୍ତି ଏବଂ ପରେ ମଧ୍ୟ ଲାଗି ରହିବେ । ଏହି ସବୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପ୍ରଚାର କରିବା ବିଶେଷ ଅନିଷ୍ଟପ୍ରଦ ଜାଣି ଏହି ସମାଲୋଚନାଟି ପ୍ରକାଶ କଲି ।

ଲେଖକ ମହାଶୟ ଜମର ସଂହିତା, ସୁଧାସାରଗୀତା, ଗଣେଶ-ବିଭୂତି ପ୍ରଭୃତି ଗ୍ରନ୍ଥମାନଙ୍କରୁ ଅନେକ ଉକ୍ତି ଉଦ୍ଧାର କରି ଅନେକ କଥା ବୁଝାଇ ଅଛନ୍ତି । ସବୁ ବିଷୟ ଆଲୋଚନା କରି ପାଠକମାନଙ୍କର ସମୟ ନଷ୍ଟ କରିବାକୁ ମୁଁ ଉଚିତ ମନେ କରୁ ନାହିଁ । ନିମ୍ନଲିଖିତ କେତୋଟି ବିଷୟରୁ ପ୍ରକୃତ କଥା ଓ ମୋର ଅଭିପ୍ରାୟ ଜାଣି ପାରିବେ ।

ଜମର ସଂହିତାରୁ ପଦ—

ସପତାଙ୍ଗ ଯେଉଁଜନ କହିବ ସେଠାରେ ।
ସେହି ସେ ଜାଣିବ ନାଥ କାଳଆବୋରାରେ ॥

କାଳିଆ ବୋଦାକୁ ପାଗଳବାବା ଏବେ ଗୁରୁକ୍ଷେତ୍ର କରୁ କରୁ ସେହି ଗୁରୁକ୍ଷେତ୍ରର ନାମ ଲୋପ ହୋଇଛି । ଜୁମର ସଂହିତାକୁ କାଳିଆ-ବୋଦାର ନାମ ଆସିଲା କପରି ?

ସପତାଙ୍ଗ ଯୋଗ ତୁ ପୁଚ୍ଛିଲୁ ଯାହା, ଶୁଣ ହୋଇ ସାବଧାନ ।
ଏକାମ୍ରକାନନେ ପାର୍ବତୀଙ୍କୁ ଏହା କହିଥିଲେ ତ୍ରିଲୋଚନ ॥

ଏକାମ୍ରକାନନରେ ପାର୍ବତୀଙ୍କୁ ତ୍ରିଲୋଚନ କହିଥିବା ଅନ୍ତର୍ବିଶ୍ୱାସର କଥା ।

ଏହିପରି କରି ରବିବାର ଦିନ ବଞ୍ଚିବୁ ବ୍ରହ୍ମ ରଜନୀ ।
କାରୁଣ୍ୟ ଜଳରେ ସ୍ନାହାନ କରିବୁ ଅଜପା ଗାୟତ୍ରୀ ଗୁଣି ॥
ସୋମବାର ଦିନ ସମାଧି ପବନ ଦଣ୍ଡେ ନ ଛାଡ଼ିବୁ ମନ ।
ଷଟଚକ୍ର ଭେଦି ଜ୍ୟୋତି ଦରଶନ ନିରତେ କରିବୁ ଧ୍ୟାନ ॥
ମଙ୍ଗଳବାର ବୋଲି ଯେଉଁ ଦିବସ ପ୍ରମାଦ ଅଟଇ ସେହି ।
ଚନ୍ଦ୍ରସରେ ବାୟୁ ଦଣ୍ଡେ ନ ଛାଡ଼ିବୁ ବାମପାଶେ ଆଶା ଥୋଇ ॥

ଲେଖକ ମହାଶୟ ଯାହାସବୁ ବୁଝାଇଅଛନ୍ତି ସେଥିରୁ କେତୋଟି କଥା ଲେଖିଲି—

"ରବିବାର ଦିନ ପ୍ରଭାତରୁ ସ୍ନାନ କରି ପଦ୍ମାସନରେ ବସିବ । ବାଁ ଗୋଡ଼କୁ ଡ଼ାହାଣ ହାତରେ ଓ ଡାହାଣ ଗୋଡ଼କୁ ବାଁ ହାତରେ ପଛଅଡ଼ୁ ଧରିବ । ମୂଳାଧାର ଚକ୍ରକୁ ମାଡ଼ିବସି, ମୂଳ କମଳରୁ ପବନକୁ ଊର୍ଦ୍ଧ୍ୱକୁ ନେଇ ନାଭି କମଳରେ ରଖିବ । ନାଭିକମଳରୁ ହୃଦୟ କମଳରେ ରଖିବ । କଣ୍ଠ ଚକ୍ରରେ ଉଦାନ ଓ ବ୍ୟାନ ବାୟୁକୁ ରଖିବ । ଅନାହତ ଚକ୍ରରେ ଜ୍ଞାନକୁ ରଖି ଓଁକାରକୁ ସ୍ମରଣ କରିବ । ରବିବାର ଦିନ ରାତିରେ ଡ଼ାହାଣରେ ପବନକୁ ରଖିବ । ଦିନରେ ଚନ୍ଦ୍ର-ସ୍ୱରେ ରଖିବ ଓ ବେଳ ବୁଡ଼ିଗଲେ ପୁଣି ଡାହାଣରେ ସୂର୍ଯ୍ୟସ୍ୱରେ ରଖିବ । ରାତି ଆସିବା ମାତ୍ରେ ପ୍ରହରକଠାରୁ ଜାଗି ରହିଥିବ । ରାତିର ମଧ୍ୟ-ଭାଗରେ ପ୍ରହରେ ଉଜାଗର ରହି ବାମକଡ଼ ମାଡ଼ି ଶୋଇବ । ଏ ଗଲା ରବିବାର ଦିନର ସମାଧି ଯୋଗ ଓ ସ୍ୱରସାଧନା । ମଙ୍ଗଳବାରଟି ବଡ଼

ପ୍ରମାଦପୂର୍ଣ୍ଣ ଦିନ । ଏଣୁ ଏଦିନ ବି ଁ କାଖରେ ଆଶାବାଡ଼ି ଜ କରଖି ଦଣ୍ଡେ ହେଲେ ଚନ୍ଦ୍ରଘରେ ପବନ ଛାଡ଼ିବ ନାହିଁ, ସବୁବେଳେ ସୂର୍ଯ୍ୟଘରେ ରଖିଥିବ ।

ସାତବାରେ ପୂର ସୂର୍ଯ୍ୟଘରେ ବାୟୁ ରହିଲ ଫେର ଯାହାର ।
ସତ୍ୟ ସତ୍ୟ ଏହି ସଦଗୁରୁ ଅଜ୍ଞା ନିଶ୍ଚୟ ହେବ ଅମର ॥
ସପ୍ତାଙ୍ଗ ଯୋଗ ଯେ ଜାଣିଗଲାଠାରୁ ଅଷ୍ଟାଙ୍ଗ ଯୋଗେ ପଶଇ ।
ଅଷ୍ଟାଙ୍ଗ ଯୋଗରେ ପଶିପାରିଲେଟି ଅଉ ଜନ୍ମ ମୃତ୍ୟୁ ନାହିଁ ॥

ସପ୍ତାଙ୍ଗ ଯୋଗ ସାଧନ କରି ଯଦି ଅମର ହେବ, ତେବେ ଜନ୍ମ-ମୃତ୍ୟୁରୁ ରକ୍ଷାପାଇବା ପାଇଁ ଅଷ୍ଟାଙ୍ଗ ଯୋଗରେ ପଶିବାର ପ୍ରୟୋଜନ କଣ ?

ଯେଉଁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ଚିନ୍ତାଧାରା ମୂଳରେ କୁଠାରାଘାତ କରି ଆମ୍ଭମାନଙ୍କୁ ବହୁକାଳ ହେଲା ଅନ୍ଧ ଓ ପଙ୍ଗୁରେ ପରିଣତ କରିଅଛି ଏବଂ ଯେଉଁ ଅନ୍ଧତା ଦୋଷରୁ ଭାରତବର୍ଷ ଏତେକାଳ ପରାଧୀନ ହୋଇ ରହିଥିଲା, ସେହି ଅନ୍ଧକାର ମୂଳୋତ୍ପାଟନ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର ସର୍ବପ୍ରଧାନ କର୍ତ୍ତବ୍ୟ ହେବା ଆବଶ୍ୟକ । ମାତ୍ର ଯେଉଁମାନେ ଭବିଷ୍ୟତ ସମାଜ ଗଠନ କରନ୍ତି, ସେମାନେ ଯଦି ଏସବୁ ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦିଅନ୍ତି, ତେବେ ସମାଜର ଭବିଷ୍ୟତ ଅନ୍ଧକାରମୟ ନୁହେଁ କି ?

ପ୍ରାୟ ସବୁ ସନ୍ନ୍ୟାସୀ ଓ ଅନେକ ଗୃହୀ ଗଞ୍ଜେଇ ଖାଆନ୍ତି; ପଚାରିଲେ କହନ୍ତି—"ମନର ଏକାଗ୍ରତା ଆଣିବା ପାଇଁ ଶିବ ଗଞ୍ଜେଇ ଖାଉଥିଲେ ।" ଏହିସବୁ ଗଞ୍ଜେଇ ଆଖଡ଼ାରୁ ଏହିପରି ଅନେକ କଥା ଅନେକ ଦିନ ହେଲା ଶୁଣାଯାଉଥିଲା । ସେମାନଙ୍କଠାରୁ ଏସବୁ କଥା ଏବେ ଶୁଣାଯାଉନାହିଁ । ମାତ୍ର ଶିକ୍ଷକ ସମାଜରୁ ଏସବୁ କଥା ଆଜିକାଲି ଅନେକ ଶୁଣାଗଲାଣି ଏହା ବିଶେଷ ଦୁଃଖର କଥା । ଏସବୁ ପାଠକରି ଛାତ୍ରମାନେ ସପ୍ତାଙ୍ଗ ଯୋଗ ଓ ଅଷ୍ଟାଙ୍ଗ ଯୋଗ ଇତ୍ୟାଦି ଅଭ୍ୟାସ କରି ବିପଥଗାମୀ ହେବା ଅସମ୍ଭବ ନୁହେଁ । କେହି କେହି କହିପାରନ୍ତି ବର୍ତ୍ତମାନ ଯୁଗର ଛାତ୍ରମାନେ ଏସବୁ ଲେଖା ଆଦୌ ପଢ଼ିବେ ନାହିଁ । ଏହା ଅନେକ

ପରମାଣରେ ସତ୍ୟ । ତେବେ ଲେଖକ ମହାଶୟ କେଉଁମାନଙ୍କ ପାଇଁ ଏ ବିଷୟର ଅଧ୍ୟୟନ ଓ ପ୍ରଚାର କାର୍ଯ୍ୟରେ ଏତେ ବ୍ୟସ୍ତ ଅଛନ୍ତି ? ବୋଧହୁଏ ନିଜର ପାଣ୍ଡିତ୍ୟ ଦେଖାଇ ଅନ୍ଧବିଶ୍ବାସୀମାନଙ୍କର ଅନ୍ଧତାକୁ ପ୍ରଶ୍ରୟ ଦେବାକୁ ସେ ଏତେ ବ୍ୟାକୁଳ ।

ଆଜିକାଲି ଅଧିକାଂଶ ଲେଖକଙ୍କର ଏହି ଦୁରବସ୍ଥା । ଏମାନେ ନିଜର ପାଣ୍ଡିତ୍ୟ ଦେଖାଇବାକୁ ଯାଇ ଜନସାଧାରଣଙ୍କର ଅନ୍ଧତାକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ପତ୍ର-ପତ୍ରିକାର ମାଲିକମାନେ ମଧ୍ୟ ଏପରି ପ୍ରବନ୍ଧସବୁ ପ୍ରକାଶ କରିବାରୁ କ୍ଷାନ୍ତ ହୁଅନ୍ତୁ ।

## ଅନ୍ଧତାକୁ ସଭ୍ୟତା କୁହନ୍ତୁ ନାହିଁ

ଅକ୍ଟୋବର ତା ୨୧ ତାରିଖ ସମାଜ କାଗଜରେ ଦେଖିଲି "ଦୀପାବଳୀ ଉତ୍ସବ ଓ ଭାରତୀୟ ପରମ୍ପରା" ଶୀର୍ଷକ ପ୍ରବନ୍ଧଟିରେ ଜଣେ ପଣ୍ଡିତ କାଳୀପୂଜା ଇତ୍ୟାଦିର ଅନ୍ଧାନୁସରଣକୁ ଭାରତୀୟ ସଭ୍ୟତା କହି ଧର୍ମଶାସ୍ତ୍ରମାନଙ୍କରୁ ଅନେକ ବିଷୟ ଲେଖିଅଛନ୍ତି ଏବଂ ଅନେକ ବୈଜ୍ଞାନିକ ଯୁକ୍ତି ଦେଖାଇ ଅଛନ୍ତି । ସେ ଲେଖିଛନ୍ତି ଯେ ବୈଶ୍ୟମାନେ ସେଦିନ ଲକ୍ଷ୍ମୀପୂଜା କରି ଲକ୍ଷ୍ମୀଙ୍କର ସ୍ନେହ ଭାଜନ ହୁଅନ୍ତି ; ତାନ୍ତ୍ରିକମାନେ ପେଚା ଓ ଖଞ୍ଜନପକ୍ଷୀମାନଙ୍କୁ ବଶ କରି ଅସାଧ୍ୟ ସାଧନ କରନ୍ତି । ଶ୍ମଶାନରେ କାଳୀପୂଜା କରି ସିଦ୍ଧିଲାଭ କରନ୍ତି । ଦୀପ ଜାଳିବା ଫଳରେ ଓ ବାରୁଦ ଗନ୍ଧରେ ଦୂଷିତ ଜୀବାଣୁ ସବୁ ଧ୍ୱଂସ ପାନ୍ତି ଇତ୍ୟାଦି । ଏହି ଭାରତୀୟ ସଭ୍ୟତା ପୃଥିବୀରେ ଆଦର୍ଶ ସ୍ଥାନୀୟ ହୋଇଅଛି ବୋଲି ସେ ମହାଶୟ ଲେଖିଅଛନ୍ତି ।

ଭାରତୀୟ ଅଜ୍ଞତା ସବୁକୁ ଭାରତୀୟ ସଭ୍ୟତା କୁହନ୍ତୁ ନାହିଁ । ଲୋକେ ଖାଦ୍ୟାଭାବରୁ ମରୁଥିବା ଦେଖି କାଳୀମେଢ଼, ଗଣେଶମେଢ଼, ଦୁର୍ଗାମେଢ଼ ଇତ୍ୟାଦିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବା ଭାରତୀୟ ସଭ୍ୟତା ନୁହେଁ, ଏହା ଅଜ୍ଞତା ଓ ଅମନୁଷ୍ୟତା ।

ବିଶ୍ୱକଲ୍ୟାଣ - ୧୯୫୭

# ଆଉ ଗୋଟିଏ ପ୍ରଶ୍ନ

ଶାସ୍ତ୍ର ବିଧି ସବୁ ପାଳନ କରିବାକୁ ମଧ୍ୟ ଆପଣ ଅନ୍ଧାନୁସରଣ ବୋଲି କହୁଅଛନ୍ତି । ଯେଉଁମାନେ ଶାସ୍ତ୍ରବିଧି ସବୁର ବ୍ୟବସ୍ଥା ଦେଇଥିଲେ ସେମାନେ କଣ ଓଲୁ ଥିଲେ ?

ଶ୍ରୀ ଘାନାନାଥ ସରଖେଲ

ପ୍ରାୟ ପ୍ରତ୍ୟେକ କର୍ମରେ ବ୍ରାହ୍ମଣ ଭୋଜନର ବ୍ୟବସ୍ଥା ଅଛି । ସେମାନେ ଏପରି ବ୍ୟବସ୍ଥା ଦେଇଥିବା ବେଳେ ବ୍ରାହ୍ମଣମାନେ ଜମି କିଣୁ ନଥିଲେ, ଗହଣା କରୁ ନଥିଲେ, ତେଲ ଲୁଣର ଦୋକାନ କରୁ ନଥିଲେ, ଚାକିରି କରୁ ନଥିଲେ । ସେମାନଙ୍କୁ ଯାହା ଦାନ ଓ ଦକ୍ଷିଣା ଦିଆଯାଉଥିଲା ସେମାନେ ତାହା ଗରିବମାନଙ୍କୁ ବାଣ୍ଟି ଦେଉଥିଲେ । ଯେଉଁ ପଡ଼ାରେ ବ୍ରାହ୍ମଣ ଥିଲେ ସେହି ପଡ଼ାରେ ଅନ୍ନବସ୍ତ୍ରର ଅଭାବ କେହି ଅନୁଭବ କରୁ ନଥିଲେ । ସେମାନଙ୍କର ଶିକ୍ଷା ଓ ଆଦର୍ଶରୁ ଲୋକେ ବୃଥାଡ଼ମ୍ବରକୁ ଘୃଣା କରୁଥିଲେ ଏବଂ ଜୀବନଯାତ୍ରାକୁ ସରଳ ଓ ସୁଖମୟ କରୁଥିଲେ । ଆଜି ବ୍ରାହ୍ମଣମାନେ ସମ୍ପୂର୍ଣ୍ଣ ସ୍ୱାର୍ଥାନ୍ଧ ଏବଂ ଅନ୍ୟମାନଙ୍କର ଦୁଃଖ ଦୁରବସ୍ଥା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ । ଏମାନେ ଆଜି କିଏ ଡେପୁଟି, କିଏ ଡାକ୍ତର, କିଏ ଜମିଦାର, କାହାର ଜୋତା ଦୋକାନ, କାହାର ମଦ ଦୋକାନ । ଏପରି ବ୍ରାହ୍ମଣମାନଙ୍କୁ ଭୋଜନ ଦେଇ ତାକୁ ବ୍ରାହ୍ମଣ ଭୋଜନ କହିବା ଏବଂ ଏପରି ବ୍ରାହ୍ମଣମାନେ ବ୍ରାହ୍ମଣ ଭୋଜନରେ ଯୋଗ ଦେଇ ଓ ଦକ୍ଷିଣା ଗ୍ରହଣ କରିବା ଆମ୍ଭମାନଙ୍କର ଅନ୍ଧତା ଓ ନିର୍ବୋଧତାର ସୁସ୍ପଷ୍ଟ ପ୍ରମାଣ ।

ଗୀତାରେ ଅଛି, "ଯଜ୍ଞାତ୍ ଭବତି ପର୍ଜନ୍ୟଃ" (୩ୟ-୧୪)-ଅର୍ଥାତ୍ ଯଜ୍ଞ କଲେ ବର୍ଷା ହୁଏ । ଗୀତା କେଉଁ ଅଭିପ୍ରାୟରେ ଏପରି କହିଛି ତାହା ନ ବୁଝି ଅନ୍ଧତା ଦୋଷରୁ ଘିଅପରି ମୂଲ୍ୟବାନ୍ ଖାଦ୍ୟ ପଦାର୍ଥକୁ ପୋଡ଼ିଦେବା ଆମ୍ଭମାନଙ୍କର ଅନ୍ଧତା ନୁହେଁ କି ? ଆଜି ମଧ୍ୟ ଘିଅ ପୋଡ଼ିଲେ ଧର୍ମ ହୁଏ, ମୃତ୍ୟୁପରେ ସ୍ୱର୍ଗଲାଭ ହୁଏ, ମନକାମନା ପୂର୍ଣ୍ଣ ହୁଏ ଏପରି ଧାରଣା ମଧ୍ୟ ଅନେକଙ୍କର ଅଛି । ଏମାନଙ୍କୁ, ଅର୍ଥାତ୍ ଶାସ୍ତ୍ର ବିଧି ସବୁର ଅନ୍ଧାନୁସରଣ କାରୀମାନଙ୍କୁ "ଅବିପଶ୍ଚିତଃ" ଅର୍ଥାତ୍ ଅବିବେକୀ ଓ ମୂଢ଼ ବୋଲି ୨ୟ ଅଧ୍ୟାୟ ୪୨ ଶ୍ଳୋକରେ ଗୀତା ସ୍ପଷ୍ଟାକ୍ଷରରେ କହିଅଛି ।

ବିଶ୍ୱକଲ୍ୟାଣ-୧୯୫୮

## ମଙ୍ଗଳା ମା

ଲେଖିକା—ବାସନ୍ତୀ ଦେବୀ

ମଞ୍ଚେଶ୍ୱର ଷ୍ଟେସନ ନିକଟରେ ଗାଡକଣା ଗ୍ରାମରେ ୫୦ । ୫୫ ବର୍ଷର ଗୋଟିଏ ଗୌଡୁଣୀ ଆଜକୁ ୧୦ ବର୍ଷ ହେଲା କହୁଛି ଯେ ସେ ହେଉଛି—'ମଙ୍ଗଳା ମା' । ପ୍ରତି ମଙ୍ଗଳବାର ଦିନ ଲୋକେ ତାଙ୍କଠାରୁ ହୁକୁମ ଆଣନ୍ତି । କାହାର ବେମାର ଭଲ ହୁଏ, କାହାର ପିଲା ହେଉ ନଥିଲେ ପିଲା ହୁଏ । ଆମ ଘରକୁ ଲାଗି ଅଲଣାବଜାରରେ ଗୋଟିଏ ପରିବାରରେ ମା, ପୁଅ ଓ ପୁଅର ସ୍ତ୍ରୀ ଏହି ତିନିଜଣ ରହନ୍ତି । ଆଜକୁ ୧୦ । ୧୨ ବର୍ଷ ହେଲା ବୋହୂର ପିଲା ନ ହେବାରୁ ଶାଶୁ ଓ ବୋହୂ ଗତବର୍ଷ ଏହି ମଙ୍ଗଳା ମା'ଙ୍କଠାରୁ ହୁକୁମ ଆଣିବାକୁ ଗଲେ । ଅଲଣା-ବଜାରରୁ ଆଉ ଅନେକ ମଧ୍ୟ ତାଙ୍କ ସାଙ୍ଗରେ ଯାଇଥିଲେ । ମଙ୍ଗଳା ମା ବୋହୂକୁ କହିଲେ, "ତୁ ତୋର ଶାଶୁର ଭଲ ସେବା ନ କରିବାରୁ ତୋର ପିଲା ହେଉନାହିଁ । ଶାଶୁର ସେବା କଲେ ତୋର ପିଲା ହେବ । ଆଉ ୪ ମାସ ଭିତରେ ତୋର ଶାଶୁ ମରିବ ।" ସେହି ଦିନଠାରୁ ଶାଶୁ ମନଦୁଃଖରେ ଦିନ କାଟୁଥାଏ । ବୋହୂ ଶାଶୁର ଭଲ ସେବା କରୁଥାଏ । ବର୍ତ୍ତମାନ ୧୪ମାସ ଗଲାଣି, ମାତ୍ର ଶାଶୁ ମରିନାହିଁ । ଶାଶୁର ସ୍ୱାସ୍ଥ୍ୟ ପୂର୍ବାପେକ୍ଷା ଭଲ ହୋଇଥିବା ଦେଖି ଆମେ ବେଳେ ବେଳେ ଶାଶୁକୁ ତାର ମରିବା କଥା ପଚାରିଲେ, ସେ ହସି ହସି କହେ, "ଆଜି କାଲି ଲୋକେ କେତେ ମିଛ କହି ଲୋକଙ୍କୁ କେତେ ଠକାଉଅଛନ୍ତି ଏକଥା ମୁଁ ଏବେ ବୁଝିଲି ।"

ଲେଖିକା ବାସନ୍ତୀ ହେଉଛି କଟକ କଲେକ୍ଟରୀ କଚେରୀର ଜଣେ କିରାଣି ନରହରି ସାହୁଙ୍କର ଝିଅ ।

## ପ୍ରତିଜ୍ଞା ପତ୍ର

ମୋର ବୟସ ୭୫ ବର୍ଷ । ପୁଅ ନାତିମାନଙ୍କୁ ମୁଁ କହିଯାଉଛି ଯେ ମୋର ମୃତ୍ୟୁପରେ ସେମାନେ ମୋର ଶବକୁ ପୋଡ଼ିଦେବାରେ ଯାହା

ଖର୍ଚ୍ଚ ହେବ ସେତିକ ଗ୍ରୁଡ଼ି ଅନ୍ୟ କୌଣସି ଖର୍ଚ୍ଚ କରିବେ ନାହିଁ । ମଲାଲୁଗା ପିନ୍ଧିବା ଦାଢ଼ି ବଢ଼ାଇବା ଇତ୍ୟାଦ ଅସ୍ୱାସ୍ଥ୍ୟକର ପ୍ରଥା ସବୁର ଅନ୍ଧାନୁସରଣ ମଧ୍ୟ କରିବେ ନାହିଁ ।

(୨) ଶ୍ରୀ ପଦନ ସାହୁଙ୍କର ଏହି ମତରେ ମୁଁ ସମ୍ପୂର୍ଣ୍ଣ ଏକମତ । ମୋର ମାଆଙ୍କର ବୟସ ୭୨ ବର୍ଷ । ମୋ ଆଗରେ ତାଙ୍କର ମୃତ୍ୟୁ ହେଲେ ମୁଁ ଠିକ୍ ପଦନ ସାହୁଙ୍କ ମତ ଅନୁସାରେ କାର୍ଯ୍ୟ କରିବି । ବନ୍ଧୁ ବେଭାର ଦେଇ ବନ୍ଧୁତା ରକ୍ଷା କରିବାକୁ ହେଲେ ଦୁଇ ଅଣାରୁ ଅଧିକା ଦେବିନାହିଁ କମ୍ବା ନେବି ନାହିଁ । ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ କୌଣସି ଅନୁଷ୍ଠାନରେ ଯୋଗ ଦେବିନାହିଁ ।

ଶ୍ରୀ ବଂଶୀଧର ଜେଠୀ, ମାନସିଂହ ପାଟଣା ।

(୩) ୨ୟ ବର୍ଷର ୧ମ ସଂଖ୍ୟାରେ ଥିବା ଦଶଟି ପ୍ରତିଜ୍ଞା ମଧ୍ୟରୁ ୩, ୫, ଓ ୭ ନମ୍ବର ବ୍ୟତୀତ ଅନ୍ୟ ପ୍ରତିଜ୍ଞାଗୁଡ଼ିକ ପାଳନ କରିବି ।

ଶ୍ରୀ ହରିହର ମିଶ୍ର,
ଫରେଷ୍ଟ ଅଫିସ ପୋ: ଅ: ଝାଙ୍ଗାହଲ, ମୟୂରଭଞ୍ଜ

ବିଶ୍ୱ କଲ୍ୟାଣ—୧୯୫୭

# କୌଣସି କାମ
# ମହାସମାରୋହରେ ସମ୍ପନ୍ନ କରିବା ନିର୍ବୋଧତା

ସମାଜର ସହକାରୀ ସମ୍ପାଦକ ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କର କନ୍ୟାର ବିବାହକର୍ମ ଗୋପବନ୍ଧୁ ଭବନରେ ମହାସମାରୋହରେ ସମ୍ପନ୍ନ ହୋଇଥିବା ସମ୍ବାଦ ଗତ ମଇମାସ ୮ ତାରିଖ ସମାଜ କାଗଜରେ ପ୍ରକାଶ ପାଇଥିବା ଦେଖି ଦୁଃଖ ଆସିଲା । ଅର୍ଥ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ରାଧାନାଥ ରଥ ଉପମନ୍ତ୍ରୀ ଶ୍ରୀ ଭୈରବଚନ୍ଦ୍ର ମହାନ୍ତି, ଡାକ୍ତର ସଦାଶିବ ମିଶ୍ର, ଡାକ୍ତର ମାୟାଧର ମାନସିଂହ ପ୍ରଭୃତି ବହୁ ବିଶିଷ୍ଟବ୍ୟକ୍ତି ଓ ଭଦ୍ର ମହିଳା ଯୋଗଦେଇ ଏହି ସମାରୋହକୁ ପ୍ରଶ୍ରୟ ଦେଇଥିବା ଜାଣି ଅଧିକ ଦୁଃଖ ଆସିଲା ।

ନିଜର ବାସଭବନ କୁଡ଼ିଆଟିଏ ଥିଲେ ମଧ୍ୟ ସେଠାରେ ନ୍ୟାୟନିମିତ୍ତକୁ ସରଳ ଭାବରେ ସମ୍ପନ୍ନ କରି ନିଜର ଭାଇ, ବନ୍ଧୁ, କୁଟୁମ୍ବ ଓ ପ୍ରତିବେଶୀମାନଙ୍କୁ "ଶାକାନ୍ନ" ଦେଇ ଲୋକେ ନିର୍ମଳ ଆନନ୍ଦ ଭୋଗ କରୁଥିଲେ । ଆଜି କାଲି ଲୋକେ ବଡ଼ ବଡ଼ କୋଠାଘର ଭଡ଼ାନେଇ କମ୍ପା ମାରିଆଣି ନିଜର ଭାଇ, ବନ୍ଧୁ ଓ ପ୍ରତିବେଶୀମାନଙ୍କ ପ୍ରତି ଉଦାସୀନ ରହି ମନ୍ତ୍ରୀ, ଉପମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରୀତିଭୋଜନରେ ଆପ୍ୟାୟିତ କରିବା ଦୁଃଖର କଥା । ଏହା ଉପସ୍ଥିତ ଶିକ୍ଷା ଓ ସଭ୍ୟତାର ବିଷମୟ ଫଳ ନୁହେଁ କି ?

ନ୍ୟାୟ ନିମିତ୍ତକୁ ମହା ସମାରୋହରେ ସମ୍ପନ୍ନ କରି ଦାରିଦ୍ର୍ୟ ଦୁଃଖ ବରଣ କରନ୍ତୁ ନାହିଁ ବୋଲି ସାଧାରଣ ଲୋକଙ୍କୁ କହିଲେ ସେମାନେ ମନ୍ତ୍ରୀ, ଉପମନ୍ତ୍ରୀ ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନଙ୍କର ଉଦାହରଣ ଦେଇ ନିଜର ନିର୍ବୋଧତାକୁ ସମର୍ଥନ କରୁଅଛନ୍ତି । ଷଡ଼ଙ୍ଗୀ ମହାଶୟଙ୍କ-ଠାରେ ମୁଁ ବିଶେଷ ଦୋଷାରୋପ କରୁନାହିଁ, ଦୋଷାରୋପ କରୁଛି ମନ୍ତ୍ରୀ ଉପମନ୍ତ୍ରୀ ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ । ସେମାନେ ଯଦି ଜନସାଧାରଣଙ୍କର ଏପରି ସମାରୋହକୁ ନିନ୍ଦା କରନ୍ତେ ଏବଂ ପ୍ରୀତି

ଭୋଜନ ଇତ୍ୟାଦିରେ ଯୋଗ ନ ଦିଅନ୍ତେ ତେବେ ସମାଜର ଯଥେଷ୍ଟ ମଙ୍ଗଳ ହୁଅନ୍ତା । ମାତ୍ର ଦୁଃଖର କଥା ଏହିକ ଅନ୍ଧାନୁକରଣ ଓ ବୃଥାଡ଼ମ୍ବର ଏମାନେ ନିଜେ ଛାଡ଼ୁନାହାନ୍ତି । ତେଣୁ ଏଥିରେ ଏମାନେ ବାଧାଦେବେ କିପରି ।

ନିଜର ପୁଅ ଝିଅଙ୍କୁ ଅର୍ଦ୍ଧଭକ୍ଷ ରଖି ନ୍ୟାସ୍ତ-ନିମିତ୍ତକୁ ମହାସମାରୋହରେ ସମ୍ପନ୍ନ କରିବାର ନିର୍ବୋଧତା ପରିତ୍ୟାଗ କରନ୍ତୁ । ବଡ଼ ବଡ଼ଙ୍କୁ ଆଦର୍ଶ ମନେ କରିବା ଓ ସେମାନଙ୍କୁ ଅନୁକରଣ କରିବାର ନିର୍ବୋଧତା ମଧ୍ୟ ପରିତ୍ୟାଗ କରନ୍ତୁ ।

ବିଶ୍ୱ କଲ୍ୟାଣ—୧୯୫୬

## ଖଣ୍ଡେ ଚିଠିର କେତେକ ଅଂଶ

ମାନନୀୟ ବୈରାଗୀ ବାବୁ,

ପାଖାପାଖି ୨୫୦୦ ବର୍ଷ ପୂର୍ବେ ମଣିଷଜାତି ଲାଗି ବୁଦ୍ଧ ଯେଉଁ ବାଣୀ ଶୁଣାଇଥିଲେ ଆପଣ ତାହା ବା ସେହିପରି କିଛି ମୂଲ୍ୟବାନ ସନ୍ଦେଶ ମାନବ ଜାତିକୁ ଦାନ କରି ଚାଲିଅଛନ୍ତି । ସେ କହିଥିଲେ—"ନିଜେ ନିଜର ଆଲୋକ ହୁଅ ।" ଆପଣ ସେହିପରି କହୁ-ଅଛନ୍ତି "ଅନ୍ଧାନୁସରଣ ତ୍ୟାଗ କର ।" ୨୫୦୦ ବର୍ଷପରେ ବୁଦ୍ଧ ଆଜି ପୂଜା ପାଉଅଛନ୍ତି । ତେଣୁ ଆପଣ ଜୀବନକାଳ ମଧ୍ୟରେ ପୂଜିତ ହେଲେ ନାହିଁ ବୋଲି ଚିନ୍ତା କରିବାର କିଛି ନାହିଁ । ଜାତି ଆପଣଙ୍କର ମହତ୍ତ୍ୱ ଦିନେ ନା ଦିନେ ଉପଲବ୍‌ଧି କରିବ ।

ନରସିଂହପୁର ଷ୍ଟେଟ୍
ତା ୨୮ । ୫ । ୫୬ — ସ୍ନେହର ଚନ୍ଦ୍ରଧର

## ପୂର୍ବୋକ୍ତ ଚିଠିର ଉତ୍ତର

ଶ୍ରୀମାନ୍ ଚନ୍ଦ୍ରଧର,

ବୁଦ୍ଧ ଯାହା କହିଥିଲେ ମୁଁ ମଧ୍ୟ ତାହା ଚିରଦିନ ଧରି କହି ଆସୁଛି ବୋଲି ତୁମେ ଲେଖିଛ । ମୋ ଜୀବନକାଳ ମଧ୍ୟରେ ମୁଁ ପୂଜା ପାଇଲି ନାହିଁ ବୋଲି କାଳେ ମୋ ମନରେ ଦୁଃଖ ଆସୁଥିବ ଭାବି ତୁମେ ମୋତେ ସାନ୍ତ୍ୱନା ଦେଇ ଲେଖିଅଛ ଯେ ମୃତ୍ୟୁ ପରେ ଦିନେ ନା ଦିନେ ମୁଁ ପୂଜା ପାଇବି । ଏହି ମନୋଭାବ ବା ଏହି ନିର୍ବୋଧତା ଆମ ସମାଜରେ ପ୍ରାୟ ସମସ୍ତଙ୍କଠାରେ ଦେଖା ଯାଉଅଛି । ନିର୍ବୋଧତା କଥାଟି ବ୍ୟବହାର କଲି ବୋଲି ମନରେ ଦୁଃଖ କରିବ ନାହିଁ । ଲୋକଙ୍କଠାରୁ ପୂଜା ପାଇବା ପାଇଁ ଏବଂ ମୃତ୍ୟୁପରେ ମଧ୍ୟ ନିଜର ନାମଟା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରଖିବାପାଇଁ ସମସ୍ତେ ବହୁକାଳରୁ ଲାଳାୟିତ । ଏପରି ହେବାକୁ ଉପଯୁକ୍ତ ଶିକ୍ଷା ଆମ୍ଭମାନଙ୍କୁ ପିଲାଟିଦିନରୁ ଶିକ୍ଷା ଦେଉଅଛି । ଏହିକଥା ପିଲାମାନଙ୍କର ପିତା ମାତାମାନେ ମଧ୍ୟ ଶିକ୍ଷା ଦେଉଅଛନ୍ତି । ଗୋଟିଏ ପିଲା ତାର ପାଠ୍ୟ ପୁସ୍ତକରୁ ପଢ଼ୁଛି :—

ବଡ଼ହେଲେ ମୁହିଁ ଦେଶର କାମ, କରି ବଢ଼ାଇବି ମୋହର ନାମ
ଜୀବନେ ଯେବେ ବାବୁ ଲଭିବୁ ଯଶ, କରମେ ଲଗିପଡ଼ ତେଜି ଅଳସ ।

ଏହି ନାମ ବଢ଼ାଇବା ଓ ଯଶ ଲାଭ କରିବା ପ୍ରବୃତ୍ତି ଗୋଟିଏ ମାରାତ୍ମକ ବ୍ୟାଧି । ଏହି ବ୍ୟାଧିରୁ ଆରୋଗ୍ୟଲାଭ ନ କରିବାଯାଏଁ ସୁଖ ଶାନ୍ତିର ଆଶା ନାହିଁ । ଦେଶର ବିଶିଷ୍ଟ ବ୍ୟକ୍ତିମାନେ ଓ ନେତାମାନେ ଏହି ବ୍ୟାଧିରେ ଆକ୍ରାନ୍ତ ହୋଇଥିବାରୁ ସମାଜର ଆଜି ଏହି ଦୁରବସ୍ଥା ।

ଗାନ୍ଧିଜୟନ୍ତୀ ଓ ବୁଦ୍ଧଜୟନ୍ତୀ ଇତ୍ୟାଦିର ଅନ୍ଧାନୁସରଣ ଆଜି ଯେ ପାଳିତ ହେଉଅଛି ତାକୁ ଭୁମେ ସେମାନଙ୍କର ପୂଜା ମନେ କରୁଅଛ। ମାତ୍ର ଏହା ସେମାନଙ୍କର ପ୍ରକୃତ ପୂଜା ନୁହେ । ସେମାନେ ଯଦି ପରଲୋକରେ ଥାଇ ଏହି ସବୁ ଅନ୍ଧାନୁସରଣ ଦେଖୁଥିବେ, ସେମାନଙ୍କ ମନରେ ନିଶ୍ଚୟ ଦୁଃଖ ଆସୁଥିବ । ସେ ଯାହାହେଉ, ଲୋକେ ହରିଜୟନ୍ତୀ ଓ ରାମଜୟନ୍ତୀ ଇତ୍ୟାଦିର ଅନ୍ଧାନୁସରଣରେ ଅଭ୍ୟସ୍ତ ଥିବାରୁ ସେହି ପୂର୍ବାଭ୍ୟାସ ଦୋଷରୁ ଗାନ୍ଧିଜୟନ୍ତୀ ଓ ବୁଦ୍ଧଜୟନ୍ତୀ ଇତ୍ୟାଦିର ଅନ୍ଧାନୁସରଣ କଲେ ମଧ୍ୟ ସେମାନଙ୍କର ଉପଦେଶ ଅନୁସାରେ କାର୍ଯ୍ୟ କରନ୍ତୁ ।

ଗାନ୍ଧି କହିଅଛନ୍ତି—ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ନେତା ଓ ଗୁରୁ ହେବାକୁ ଶିଖନ୍ତୁ ।

ବୁଦ୍ଧ କହିଅଛନ୍ତି— ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହେବାକୁ ଶିଖନ୍ତୁ ।

ଉଭୟଙ୍କର ଉପଦେଶ ଏକା କହିଲେ ଚଳେ । ଲୋକେ ଏହି ଉପଦେଶକୁ ପାଳନ କରନ୍ତୁ ।

ବିଶ୍ୱକଲ୍ୟାଣ-୧୯୫୬

# ନୂଆ ପ୍ରଣାଳୀରେ ଚିନ୍ତା କରନ୍ତୁ

ପଣ୍ଡିତ ନେହେରୁ କହିଅଛନ୍ତି—"Students should think in a new way & not in the old way" ଅର୍ଥାତ୍ ଛାତ୍ରମାନେ ପୁରୁଣା ପ୍ରଣାଳୀରେ ଚିନ୍ତା ନ କରି ନୂଆ ପ୍ରଣାଳୀରେ ଚିନ୍ତା କରିବା ଉଚିତ । ଏହି କଥା ମୁଁ ଗତସଂଖ୍ୟା ପତ୍ରିକାରେ ମଧ୍ୟ ପ୍ରକାଶ କରିଅଛି ଏବଂ ଦେଶର ଲୋକେ ଖାଦ୍ୟାଭାବରୁ ମରୁଥିବା ବେଳେ ନେହେରୁ ପୁରୁଣା ପ୍ରଥାର ଅର୍ଥାତ୍ ହୋରିଖେଳର ଅନ୍ଧାନୁସରଣରେ ଆମୋଦ ପ୍ରମୋଦରେ ମସ୍ତ ଥିବାରୁ ମୁଁ ତାଙ୍କଠାରେ ଦୋଷାରୋପ ମଧ୍ୟ କରିଅଛି । ନେହେରୁ କାର୍ଯ୍ୟରେ ଠିକ୍ ବିପରୀତ ହେଲେ ମଧ୍ୟ ତାଙ୍କର ଏହି ଉପଦେଶଟି ଅତ୍ୟନ୍ତ ଆବଶ୍ୟକୀୟ ଉପଦେଶ । ଲୋକେ ଏହି ଉପଦେଶଟିକୁ ଉତ୍ତମରୂପେ ଉପଲବ୍ଧି କରନ୍ତୁ ଏବଂ ପୁରୁଣା ପ୍ରଣାଳୀରେ ଚିନ୍ତା କରିବାର ଅଭ୍ୟାସ ପରିତ୍ୟାଗ କରି ନୂଆ ପ୍ରଣାଳୀରେ ଚିନ୍ତା କରିବାକୁ ଶିଖନ୍ତୁ ।

ପିତା ମାତାମାନେ, ଅଧ୍ୟାପକମାନେ ଓ ବିଶିଷ୍ଟ ବ୍ୟକ୍ତିମାନେ ପୁରୁଣା ପ୍ରଣାଳୀ ସବୁର ଅନ୍ଧ ନୁସରଣ ପରିତ୍ୟାଗ ନ କଲେ କେବଳ ଛାତ୍ରମାନେ ତାହା କରି ପାରିବେ ନାହିଁ । ଅତଏବ ବଡ଼ ବଡ଼ ମାନେ ଯେପରି ପୁରୁଣା ପ୍ରଣାଳୀ ସବୁର ଅନ୍ଧାନୁସରଣ ପରିତ୍ୟାଗ କରି ନୂଆ ପ୍ରଣାଳୀରେ ଚିନ୍ତା କରିବେ ଏଥିପାଇଁ ଉପଯୋଗୀ ଶିକ୍ଷାକେନ୍ଦ୍ରସବୁ ସ୍ଥାପନ କରିବା ଆବଶ୍ୟକ । ବଡ଼ମାନେ ପୁରୁଣା ପ୍ରଥା ସବୁର ଅନ୍ଧାନୁସରଣ କରୁଥିବେ ଅଥଚ ଛାତ୍ରମାନେ ନୂଆ ପ୍ରଣାଳୀରେ ଚିନ୍ତା କରିବେ, ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ । ଆଜିକାଲି ଲୋକେ ପୁରୁଣା ପ୍ରଥା ସବୁର ଅନ୍ଧାନୁସରଣ କ୍ରମେ କ୍ରମେ ପରିତ୍ୟାଗ କରି ନୂଆ ନୂଆ ପ୍ରଥାସବୁର ଅନ୍ଧାନୁସରଣ କରୁଥିବାରୁ ନେହେରୁଙ୍କର ଏହି ଉପଦେଶରୁ ଅନେକଙ୍କ ମନରେ ଏପରି ଧାରଣା ଆସିବା ସ୍ୱାଭାବିକ ଯେ ଛାତ୍ରମାନଙ୍କୁ ନୂଆ ନୂଆ ପ୍ରଥା ସବୁର ଅନ୍ଧାନୁସରଣ କରିବାକୁ ନେହେରୁ କହୁଅଛନ୍ତି । କେବଳ ଛାତ୍ରମାନେ

*

କାହିଁକି ପ୍ରତ୍ୟେକ ବ୍ୟକ୍ତି ଅଜ୍ଞ କି ପୁରୁଣା କି ନୂଆ କୌଣସି ପ୍ରଥାର ଅନ୍ଧାନୁସରଣ ନ କରି ନିଜ ପ୍ରଣାଳୀରେ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରନ୍ତୁ ଏବଂ ତଦନୁସାରେ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ । ମାତ୍ର ପୂର୍ବର ଜ୍ଞାନ ଓ ପୂର୍ବର ଅନୁଭୂତି ମସ୍ତିଷ୍କରେ ରହିଥିବା ପର୍ଯ୍ୟନ୍ତ ନୂଆ ପ୍ରଣାଳୀରେ ଚିନ୍ତା କରି ହେବନାହିଁ । ତେଣୁ ନୂଆ ପ୍ରଣାଳୀରେ ଚିନ୍ତା କରିବାକୁ ହେଲେ ପୂର୍ବର ଯାବତୀୟ ଅନ୍ଧାନୁସରଣ ଓ ବୃଥାଡମ୍ବର, ଯାବତୀୟ ବଦ୍ଧମୂଳ ଧାରଣା, ପୂର୍ବର ଯାବତୀୟ ଜ୍ଞାନ ଓ ଅନୁଭୂତି ମସ୍ତିଷ୍କରୁ ସମ୍ପୂର୍ଣ୍ଣରୂପେ ବିଦାୟ ଦେବାକୁ ହେବ ଏବଂ ସମ୍ପୂର୍ଣ୍ଣ ନୂଆ ଜୀବନ ଗଠନ କରିବାକୁ ହେବ । ଏ ବିଷୟର ବିଶେଷ ଆଲୋଚନା ପରବର୍ତ୍ତୀ ସଂଖ୍ୟାରେ କରାଯାଇପାରେ ।

କେବଳ ପଢ଼ିଯିବା ମାତ୍ରେ ତାହା କାର୍ଯ୍ୟକାରୀ କରିବା ପ୍ରତି ଦୃଷ୍ଟି ନ ଦେବା ଆମ୍ଭମାନଙ୍କର ଗୋଟିଏ ମାରାତ୍ମକ ପୁରୁଣା ପ୍ରଣାଳୀ । ନୂଆ ପ୍ରଣାଳୀରେ ଚିନ୍ତା କରିବାକୁ ହେଲେ ଏପରି ଅନେକ ପୁରୁଣା ପ୍ରଣାଳୀ ମଧ୍ୟ ପରିତ୍ୟାଗ କରିବାକୁ ହେବ । ପଣ୍ଡିତ ନେହେରୁ ଏହି ଯେଉଁ ନୂଆ ଉପଦେଶଟି ଦେଲେ ତାହା ଶିକ୍ଷକ, ଅଧ୍ୟାପକ ଓ ଛାତ୍ର ସମସ୍ତେ କେବଳ ପଢ଼ିଗଲେ । ମାତ୍ର ଏ ବିଷୟରେ କେହି କୌଣସି ଆଲୋଚନା କଲେ କି ? ଏପରି ଉପଦେଶ ଦେବାର କୌଣସି ମୂଲ୍ୟ ନାହିଁ ଏବଂ ଏପରି ପଢ଼ିବାର କୌଣସି ମୂଲ୍ୟ ନାହିଁ ।

ବିଶ୍ୱକଲ୍ୟାଣ ୧୯୫୭

## ଗୋଟିଏ ପ୍ରଶ୍ନ

ମହାଶୟ,

ଉପସ୍ଥିତ ଶିକ୍ଷାକୁ କୁଶିକ୍ଷା ଓ ଅନିଷ୍ଟପ୍ରଦ ବୋଲି ଆପଣଙ୍କର ପତ୍ରିକାରେ ଆପଣ ବାରମ୍ବାର କହୁଅଛନ୍ତି, କାହିଁକି କହୁଅଛନ୍ତି ତାହା ବୁଝାଇ ଦିଅନ୍ତୁ ।

କୁମାରୀ ବାସନ୍ତୀ ମିଶ୍ର, ମହିଳା କଲେଜ, ପ୍ରଥମ ବର୍ଷ

## ପୂର୍ବୋକ୍ତ ଚିଠିର ଉତ୍ତର

କଲ୍ୟାଣୀୟା ବାସନ୍ତୀ,

ତୁମ୍ଭେ କଲେଜରେ କାହିଁକି ପଢ଼ୁଛ ଏବଂ ତୁମ୍ଭର ପିତା ମାତାମାନେ ତୁମ୍ଭଙ୍କୁ କାହିଁକି ପଢ଼ାଉ ଅଛନ୍ତି, ଏତିକି ସ୍ଥିର କଲେ ଉପସ୍ଥିତ ଶିକ୍ଷା କୁଶିକ୍ଷା କି ସୁଶିକ୍ଷା ତାହା ତୁମ୍ଭେ ନିଜେ ସ୍ଥିରକରି ପାରିବ । ଜୀବନର ଉଦ୍ଦେଶ୍ୟ ସହିତ ଓ ଚରିତ୍ର ଗଠନ ସହିତ ଉପସ୍ଥିତ ଶିକ୍ଷାର କୌଣସି ସମ୍ବନ୍ଧ ନ ଥିବାରୁ ମୁଁ ଏହାକୁ କୁଶିକ୍ଷା କହୁଅଛି । ମହାତ୍ମାଗାନ୍ଧିଙ୍କର ଗୋଟିଏ ଆପ୍ତବାକ୍ୟ ତଳେ ଉଦ୍ଧାର କଲି । ଏଥିରୁ ବୁଝିପାରିବ ଯେ ଉପସ୍ଥିତ ଶିକ୍ଷା ଅନିଷ୍ଟପ୍ରଦ ଅଟେ । ସେ କହିଛନ୍ତି :—

"Knowledge without character is a power for evil as seen from the instances of so many talented thieves and gentlemen rascals in the world"-young India 21-2-29.

ଅର୍ଥ :—ଏତେ ବେଶି ପ୍ରତିଭାସମ୍ପନ୍ନ ଚୋର ଏବଂ ଭଦ୍ର ବଦ୍‌ମାସଙ୍କ ଦୃଷ୍ଟାନ୍ତରୁ ଦେଖାଯାଉଅଛି ଯେ, ଚରିତ୍ରଗଠନ ପ୍ରତି ଦୃଷ୍ଟି ନ ଦେଇ ଯେଉଁ ଜ୍ଞାନଲାଭ କରାଯାଉଅଛି, ତାହା କେବଳ ଅମଙ୍ଗଳ ପାଇଁ, କ୍ଷମତା ଲାଭ ପାଇଁ ।

ବିଶ୍ୱକଲ୍ୟାଣ—୧୯୫୭

# ଗୋଟିଏ ପ୍ରଶ୍ନ

ଆଜି କାଲି ଶିକ୍ଷିତ ଲୋକେ ପଇତା ପିନ୍ଧିବା ଛାଡ଼ିଲେଣି, କିଛିଦିନ ପରେ ତାହା ଆପେ ଆପେ ଉଠିଯିବ । ଆପଣ ଯେ ଗୋଟିଏ ଗୋଟିଏ ଟଙ୍କା ନେଇ ପଇତା ଦେଉଅଛନ୍ତି ସେଥିରୁ ଅନେକ ମନେ କରିବେ ଯେ ପଇତା ପିନ୍ଧିବାର ଆବଶ୍ୟକତା ଅଛି । ପଇତା ପିନ୍ଧିବା ସମ୍ପୂର୍ଣ୍ଣରୂପେ ଉଠିଯାଉ ଏଥିପାଇଁ ଚେଷ୍ଟା ନ କରି ପଇତା ପିନ୍ଧିବାର ଅନ୍ଧାନୁସରଣକୁ ପ୍ରଶ୍ରୟ ଦେବାର ପ୍ରୟୋଜନ କଣ ?

ସମାଜର ସମ୍ପାଦକ-ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ଉତ୍ତର—ଯେଉଁମାନଙ୍କ ମନରୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସମ୍ପୂର୍ଣ୍ଣରୂପେ ଦୂର ହୋଇ ନାହିଁ ସେମାନେ ପିଲାମାନଙ୍କର ପଇତାଘର କର୍ମରେ ଅଯଥା ଅର୍ଥ ବ୍ୟୟ ନ କରି ଗୋଟିଏ ଗୋଟିଏ ଟଙ୍କାରେ ତାହା କରନ୍ତୁ—ପଇତା ପିନ୍ଧିବାଟା ଅନ୍ଧାନୁସରଣ ଓ ଅନିଷ୍ଟପ୍ରଦ ବୋଲି ଯେଉଁମାନେ ବୁଝିଅଛନ୍ତି ଏବଂ ଶ୍ରେଣୀ-ବିହୀନ ସମାଜ ବା ନୂଆ ସଂସାର ଗଠନ କରିବାର ଆବଶ୍ୟକତା ଉପଲବ୍ଧି କରୁଅଛନ୍ତି ସେମାନେ ପଇତା ପିନ୍ଧିବା ଛାଡନ୍ତୁ । ଶିକ୍ଷିତ ଲୋକେ ଯେ ପଇତା ପିନ୍ଧିବା ଛାଡ଼ିଲେଣି ତାହା ଆଧୁନିକ ସଭ୍ୟତାର ଅନ୍ଧାନୁସରଣ ହୋଇ ପାରେ । ସେମାନେ ପଇତା ପିନ୍ଧିବା ଛାଡ଼ିଥିଲେ ମଧ୍ୟ ନିଜର ପିଲାମାନଙ୍କୁ ଦଶକର୍ମର ଅନ୍ଧାନୁସରଣରେ ପଇତା ପିନ୍ଧାଉଅଛନ୍ତି ଏବଂ ଏଥିରେ ବୃଥାଡମ୍ବର ଦେଖାଇ କିଏ ଟ ୫୦୦୦୲ କିଏ ଟ ୩୦୦୦୲ ବ୍ୟୟ କରି ଋଣଗ୍ରସ୍ତ ମଧ୍ୟ ହେଉଅଛନ୍ତି । ଏହି ତଥାକଥିତ ଶିକ୍ଷକମାନଙ୍କର ଆଦର୍ଶରୁ ସମାଜର ଆଜି ଏହି ଦୁରବସ୍ଥା—ଏମାନଙ୍କଠାରେ ମୁଁ ଦୋଷାରୋପ କରୁନାହିଁ । କାରଣ ନିଜ ନିଜର ନାମ ସକାଶେ ଓ କ୍ଷମତା ସକାଶେ ଏମାନେ ବହୁକାଳ ହେଲା ଦେଶ ସେବାର ଅନ୍ଧାନୁସରଣରେ ଲାଗିଥିଲେ ଏବଂ ଏବେ ମଧ୍ୟ ଲାଗି ରହିଅଛନ୍ତି । ସେମାନଙ୍କର ଓ ଆମ ସମସ୍ତଙ୍କର ଆଜି ବୁଝିବା ଆବଶ୍ୟକ ଯେ ଦେଶସେବା ଓ ସମାଜ ସେବା ଅର୍ଥାତ୍ ମନୁଷ୍ୟର ସେବା ଏ ଦୁହେଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଷୟ । ନାମ ଓ କ୍ଷମତା ସକାଶେ ଦେଶ ସେବାର ଅନ୍ଧାନୁସରଣ ମଙ୍ଗଳପ୍ରଦ ହେଉ ବା

ଅନସ୍ଥ ପ୍ରତି ହେଉ ଦେଶସେବା ହେଉଛି ସରକାରଙ୍କର କାର୍ଯ୍ୟ, ମାତ୍ର ସମାଜ ସେବା ଅର୍ଥାତ୍ ମନୁଷ୍ୟର ସେବା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର କାର୍ଯ୍ୟ ।

ପିଲାମାନଙ୍କୁ ଗୋଟିଏ ଗୋଟିଏ ଟଙ୍କାରେ ପଇଡ଼ା ପିନ୍ଧାଇବା ଫଳରେ ଲୋକେ ଅଯଥା ଅର୍ଥ ବ୍ୟୟରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ କ୍ରମେ କ୍ରମେ ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବରରୁ, ମୁକ୍ତ ହୋଇ ସମାଜ ସେବା ଅର୍ଥାତ୍ ଲୋକସେବା ପ୍ରତି ଦୃଷ୍ଟି ଦେବାର ସୁଯୋଗ ପାଇବେ । ଲୋକସେବା କାର୍ଯ୍ୟ ଶିକ୍ଷିତ ସମାଜ ଆଡ଼ୁ ଅର୍ଥାତ୍ ଗଛର ଅଗ ଆଡ଼ୁ ଆରମ୍ଭ ନକରି ଗଛର ମୂଳ ଆଡ଼ୁ ଅର୍ଥାତ୍ ଅଶିକ୍ଷିତ ଜନସାଧାରଣଙ୍କ ଠାରୁ ଆରମ୍ଭ କରିବାକୁ ହେବ । ପାଣ୍ଡିତ୍ୟର ଗର୍ବ ଓ ଧନର ଗର୍ବ ଯେଉଁମାନଙ୍କର ଅଛି ସେମାନେ ସହଜରେ ସମାଜ ସେବା ପ୍ରତି ଓ ବିଶ୍ୱକଲ୍ୟାଣ ସମିତିର ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ଦେବେ ନାହିଁ; ଦୃଷ୍ଟି ଦେବେ ଅଶିକ୍ଷିତ ଜନସାଧାରଣ, ଯେଉଁମାନଙ୍କୁ ପାଣ୍ଡିତ୍ୟର ଗର୍ବ ଓ ଧନର ଗର୍ବ ସ୍ପର୍ଶ କରିନାହିଁ ଏବଂ ଯେଉଁମାନେ ଅର୍ଥାଭାବରୁ ଦୁଃଖ ଭୋଗୁ ଅଛନ୍ତି ।

ବିଶ୍ୱକଲ୍ୟାଣ—୧୯୫୮

# ଗୋଟିଏ ଝିଅର ପ୍ରଶ୍ନ ଓ ତାର ଉତ୍ତର

ଅନ୍ଧତା ଓ ବୃଥାଡ଼ମ୍ବର ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ଦୁଃଖ ଦୁରବସ୍ଥାର ମୂଳକାରଣ ଏ କଥା ସତ୍ୟ ଏବଂ ଏ କଥା ସମସ୍ତେ ବୁଝୁଅଛନ୍ତି । ମାତ୍ର ଏହି ଦୁହିଁଙ୍କ କବଳରୁ ମୁକ୍ତ ହେବାର ଉପାୟ କଣ ?

## ଶ୍ରୀମତୀ ଗାୟତ୍ରୀ ମହାପାତ୍ର

ତୃତୀୟ ବର୍ଷର ଛାତ୍ରୀ ବାରିପଦା କଲେଜ

କଲ୍ୟାଣୀୟା ଗାୟତ୍ରୀ,

ଏହି ଦୁହିଁଙ୍କ କବଳରୁ ମୁକ୍ତ ହେବାର ଉପାୟ ପୂର୍ବସଂଖ୍ୟା ପତ୍ରିକାସବୁରେ କୁହାଯାଇଅଛି । ପତ୍ରିକାଗୁଡ଼ିକ ମନୋଯୋଗ ପୂର୍ବକ ପଢ଼ ଓ ବୁଝ । ଯାହାକୁ ତୁମ୍ଭେମାନେ ପଢ଼ିବା ଓ ବୁଝିବା ମନେ କରିଅଛ ତାହା ପ୍ରକୃତରେ ପଢ଼ିବା ନୁହେଁ ଓ ବୁଝିବା ନୁହେଁ । ଅନ୍ଧତା ଓ ବୃଥାଡ଼ମ୍ବର ଏହି ଦୁହିଁଙ୍କ କବଳରୁ ମୁକ୍ତ ହେବାପାଇଁ କୌଣସି ଚେଷ୍ଟା କରିବାକୁ ହେବ ନାହିଁ । ପ୍ରକୃତ କଥା ସଂଶୟ ଶୂନ୍ୟ ହୋଇ ବୁଝିବା ମାତ୍ରେ ତାହା ଆପେ ଆପେ ଚାଲିଯିବ । ତେବେ ଆଜି ଗୋଟିଏ ନୂଆକଥା ଓ ଅସଲ କଥା ଲେଖୁଛି—ଆମ୍ଭେମାନେ ବହୁକାଳ ହେଲା ହିନ୍ଦୁ, ମୁସଲମାନ ଶାକ୍ତ, ବୈଷ୍ଣବ ଇତ୍ୟାଦି ବିଭିନ୍ନ ସମ୍ପ୍ରଦାୟ ସୃଷ୍ଟିକରି ଓ ସେଥିରେ ଆବଦ୍ଧ ରହି ନିଜ ନିଜର ବ୍ୟକ୍ତିଗତ ସ୍ୱାଧୀନ ଚିନ୍ତାଧାରା ମୂଳରେ ବା ମନୁଷ୍ୟତା ମୂଳରେ କୁଠାରଘାତ କରିଅଛୁଁ । ଆଜି ମଧ୍ୟ କମ୍ୟୁନିଷ୍ଟ, ସୋସିଆଲିଷ୍ଟ ଇତ୍ୟାଦି ବିଭିନ୍ନ ସମ୍ପ୍ରଦାୟରେ ଆବଦ୍ଧ ରହି ନିଜ ନିଜର ବ୍ୟକ୍ତିତ୍ୱ ମୂଳରେ କୁଠାରଘାତ କରିଅଛୁ । ତେଣୁ ଅନ୍ଧତା ଓ ବୃଥାଡ଼ମ୍ବର ଏହି ଦୁହିଁଙ୍କ କବଳରୁ ମୁକ୍ତ ହେବାକୁ ହେଲେ କି ପୁରୁଣା କି ନୂଆ ସବୁ ସମ୍ପ୍ରଦାୟରୁ ବାହାରି ଆସିବାକୁ ହେବ । ବ୍ୟକ୍ତିଗତ ସ୍ୱାଧୀନ ଚିନ୍ତା ବିନା କୌଣସି କାର୍ଯ୍ୟ କରି ହେବ ନାହିଁ ।

## ସମସ୍ତଙ୍କୁ ଅନ୍ନବସ୍ତ୍ର ଯୋଗାଇବାକୁ ହେବ

ଦଳେ ଲୋକ କହନ୍ତି—"ପ୍ରତିବର୍ଷ ଲୋକସଂଖ୍ୟା ବୃଦ୍ଧି ପାଉଥିବାରୁ ଅନ୍ନବସ୍ତ୍ରର ଅଭାବ ହେଉଅଛି ; ତେଣୁ ଜନ୍ମନିରୋଧ କରାଯାଇ ଲୋକସଂଖ୍ୟା ହ୍ରାସ କରାଯାଉ।" ଆଉ ଦଳେ କହନ୍ତି—'ଜମିଦାର ଓ ଧନୀମାନଙ୍କ ପାଖରୁ ଜମି ଓ ଧନ ସମ୍ପତ୍ତି କାଢ଼ିଆଣି ସମସ୍ତଙ୍କୁ ସମାନ ଭାବରେ ବାଣ୍ଟି ଦିଆଯାଉ।' ଆଉ ଦଳେ କହନ୍ତି—'ଜମିଦାରମାନେ ଗରିବମାନଙ୍କ ପାଇଁ ଭୂଦାନ ଯଜ୍ଞ କରନ୍ତୁ' ଇତ୍ୟାଦି। ଏସବୁ ମତକୁ ମୁଁ ଆଦୌ ସମର୍ଥନ କରୁନାହିଁ। ଯେଉଁ ସମାଜରେ ଗୁଣ୍ଠେ ଜମି ସକାଶେ ଭାଇ ଭାଇ ମଧ୍ୟରେ ମୁଣ୍ଡ ଫଟାଫଟି ଓ ହଜାର ହଜାର ଟଙ୍କା ମକଦ୍ଦମା ଖର୍ଚ୍ଚ ହେଉଛି ସେହି ସମାଜରେ ଭୂଦାନ ଯଜ୍ଞ କରୁଛି କିଏ ? ଯେଉଁମାନେ କରୁଥିବେ ସେମାନେ ନିଜର ନାମ ବଢ଼ାଇବା ପାଇଁ ତାହା କରୁଥିବେ। ଆଉ ଗୋଟିଏ ପ୍ରଧାନ କଥା ଏହିକି ଲୋକେ ଯେତେ ଜମି ଓ ଯେତେ ଟଙ୍କା ପାଇଲେ ମଧ୍ୟ ଅନ୍ଧାନୁସରଣରେ ଓ ବୃଥାଡ଼ମ୍ବର ଦେଖାଇ ସେମାନେ ପୁନରାୟ ଦାରିଦ୍ର୍ୟ ବରଣ କରିବେ। ଏହା ଆଜି ସର୍ବତ୍ର ଦେଖାଯାଉଅଛି। ସେଥିପାଇଁ ମୁଁ କହୁଛି ଅନ୍ନ-ବସ୍ତ୍ର ଅଭାବର ମୂଳକାରଣ ହେଉଛି ତଥାକଥିତ ଶିକ୍ଷିତ ମାନଙ୍କର ତଥା ଧନୀମାନଙ୍କର ସ୍ୱାର୍ଥାନ୍ଧତା ଏବଂ ଅନ୍ୟମାନଙ୍କର ଦୁରବସ୍ଥା ପ୍ରତି ଉଦାସୀନତା। ଦ୍ୱିତୀୟ କାରଣ ଏହିକି ଅନ୍ଧାନୁସରଣରେ ଓ ବୃଥାଡ଼ମ୍ବର ଦେଖାଇବାରେ ଏମାନେ ଅନେକ ଅର୍ଥ ବ୍ୟୟ କରୁଅଛନ୍ତି ଯାହା ଏମାନଙ୍କୁ ଆଦୌ ବାଧୁ ନାହିଁ। ଏମାନଙ୍କୁ ଶ୍ରେଷ୍ଠ ବ୍ୟକ୍ତି ବା ମହାଜନ ମନେକରି "ମହାଜନୋ ଯେନ ଗତଃ ସ ପନ୍ଥା" ଏହି ଉକ୍ତିଟିର ଅନ୍ଧ ନୁସରଣ କରି ଲୋକେ ସେମାନଙ୍କର ସ୍ୱଳ୍ପ ଉତ୍ପାଦନର ଓ ଉପାର୍ଜନର ବାରଅଣା କି ଚଉଦଅଣା ଅଂଶ କେବଳ ଅର୍ଥ ଶୂନ୍ୟ କ୍ରିୟା ନିମିତ୍ତରେ ଓ ଭାର-ବେଭାର ଆଦାନ ପ୍ରଦାନ ଇତ୍ୟାଦି ଅନ୍ଧାନୁସରଣରେ ଓ ବୃଥାଡ଼ମ୍ବର ଦେଖାଇବାରେ ବ୍ୟୟ କରି ଋଣଗ୍ରସ୍ତ ହେଉଅଛନ୍ତି ଏବଂ ପରିଶେଷରେ ଅନ୍ନ-ବସ୍ତ୍ର ଅଭାବରୁ ଦୁଃଖ ଭୋଗୁ ଅଛନ୍ତି। ସେଥିପାଇଁ ମୁଁ ବାରମ୍ବାର କହୁଛି—"ଏହି ତଥାକଥିତ ଶିକ୍ଷିତମାନଙ୍କୁ ଓ ଧନୀମାନଙ୍କୁ ମହାଜନ ମନେକରି ଏମାନଙ୍କର କ୍ରିୟାକଳାପର ଅନ୍ଧାନୁସରଣ କରନ୍ତୁ ନାହିଁ। ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଯେ ପ୍ରତ୍ୟେକ

ପରିବାରର, ତେଣୁ ସମସ୍ତ ସମାଜର ଧ୍ୱଂସ ସାଧନ କରୁଅଛି ଏକଥା ସମସ୍ତେ ବୁଝୁଥିଲେ ମଧ୍ୟ ଅନ୍ଧତା ଦୋଷରୁ ବା ଅମନୁଷ୍ୟତା ଦୋଷରୁ କେହି ଜଣେ ସମାଜର ଅଗ୍ରଗାମୀ ହୋଇ ବୃଥାଡ଼ମ୍ବର ଛାଡ଼ି ପାରୁ ନାହାନ୍ତି । ସେଥିପାଇଁ ମୁଁ କହୁଛି—"ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ସର୍ବପ୍ରଥମେ ଅନ୍ଧତା ଦୋଷରୁ ବା ଅମନୁଷ୍ୟତା ଦୋଷରୁ ମୁକ୍ତ ହେବାକୁ ହେବ । ଅମନୁଷ୍ୟତା ଦୋଷରୁ ମୁକ୍ତ ହେବାପରେ ବୃଥାଡ଼ମ୍ବର କବଳରୁ ଆମ୍ଭେମାନେ ଅନାୟାସରେ ମୁକ୍ତ ହୋଇ ପାରିବୁ । ଅନ୍ଧାନୁସରଣରେ ଓ ବୃଥାଡ଼ମ୍ବର ଦେଖାଇବାରେ ଅର୍ଥଶ୍ରାଦ୍ଧ କରିବାକୁ ଯଥେଷ୍ଟ ଅର୍ଥ ଥିଲେ ମଧ୍ୟ ଅନ୍ନ-ବସ୍ତ୍ର ଅଭାବରୁ ପ୍ରାଣ ହରାଉଥିବା ଲୋକଙ୍କର ଦୁରବସ୍ଥା ପ୍ରତି ଦୃଷ୍ଟିରଖି ସେ ସବୁ ଅଯଥା ଅର୍ଥ ବ୍ୟୟରୁ ନିବୃତ୍ତ ହୁଅନ୍ତୁ । ଆପଣମାନଙ୍କ ଆଦର୍ଶରୁ ଜନସାଧାରଣ ମଧ୍ୟ ଅନ୍ଧାନୁସରଣ ଓ ବୃଥାଡ଼ମ୍ବରରୁ ନିବୃତ୍ତ ହେବେ ଏବଂ ସେମାନଙ୍କର ଅନ୍ନ-ବସ୍ତ୍ରର ଅଭାବ ରହିବ ନାହିଁ । ଅନ୍ଧାନୁସରଣରେ ଓ ବୃଥାଡ଼ମ୍ବରରେ ଅର୍ଥବ୍ୟୟ କରିବେ ନାହିଁ ବୋଲି ଯେଉଁମାନେ ପ୍ରତିଜ୍ଞାବଦ୍ଧ ହେବେ ସେମାନଙ୍କ ମଧ୍ୟରୁ ଯଦି କେହି ଅନ୍ନବସ୍ତ୍ରର ଅଭାବ ଅନୁଭବ କରନ୍ତି ସେହି ଅଭାବ ଦୂର କରିବାକୁ ବିଶ୍ୱକଲ୍ୟାଣ ସମିତି ପ୍ରତିଜ୍ଞାବଦ୍ଧ। ବିଶ୍ୱକଲ୍ୟାଣ ସମିତିର ପୃଷ୍ଟପୋଷକମାନେ ବାସ କରିଥିବା ପଡ଼ାରେ ଅନ୍ନ-ବସ୍ତ୍ରର ଅଭାବ କାହାରି ରହିବ ନାହିଁ ।

ବିଶ୍ୱକଲ୍ୟାଣ — ୧୯୫୮

# ଆମେ କାହିଁକି ବଞ୍ଚିଛୁ ?

ଏହି ପ୍ରଶ୍ନର ଉତ୍ତର କେହି କାହାକୁ ବୁଝାଇ ଦେବାର ବିଷୟ ନୁହେଁ । ପ୍ରତ୍ୟେକ ମନୁଷ୍ୟକୁ ଏହାର ଉତ୍ତର ନିଜେ ସ୍ୱାଧୀନ ଭାବରେ ଚିନ୍ତାକରି ସ୍ଥିର କରିବାକୁ ହେବ । ନିଜ ନିଜର ଏହି ସ୍ୱାଧୀନ ଚିନ୍ତାକୁ ସାହାଯ୍ୟ ଦେବା ପାଇଁ କେତୋଟି ସରଳ କଥା ମୁଁ ଲେଖୁଛି । ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ଏହା ଏକାନ୍ତ ଆବଶ୍ୟକୀୟ ପ୍ରଶ୍ନ । ଏହା ସମସ୍ତେ ନିଶ୍ଚୟ ସ୍ୱୀକାର କରିବେ ।

ଖାଇବା ଓ ବିବାହ କରିବା ଏହି ଦୁଇଟି କଥା କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କର ଏକାନ୍ତ ଆବଶ୍ୟକ । ସ୍ଥୂଳ ଦେହର କ୍ଷୁଧା ନିବାରଣ ପାଇଁ ଖାଇବା ଯେପରି ଏକାନ୍ତ ଆବଶ୍ୟକ, ପ୍ରବୃତ୍ତିର କ୍ଷୁଧା ଅର୍ଥାତ୍ କାମ ଦେହର କ୍ଷୁଧା ନିବାରଣ ପାଇଁ ବିବାହ ସେପରି ଏକାନ୍ତ ଆବଶ୍ୟକ । ସ୍ଥୂଳ ଦେହର କ୍ଷୁଧା ନିବାରଣ ପାଇଁ ପୁରୁଷକୁ ସ୍ତ୍ରୀ ଉପରେ କିମ୍ବା ସ୍ତ୍ରୀକୁ ପୁରୁଷ ଉପରେ ନିର୍ଭର କରିବାକୁ ପଡ଼େ ନାହିଁ । ମାତ୍ର ପ୍ରବୃତ୍ତିର କ୍ଷୁଧା ନିବାରଣ ପାଇଁ ପୁରୁଷକୁ ସ୍ତ୍ରୀ ଉପରେ ଓ ସ୍ତ୍ରୀକୁ ପୁରୁଷ ଉପରେ ନିର୍ଭର କରିବାକୁ ପଡ଼େ । ଗୋଟିଏ ପୁରୁଷକୁ ଗୋଟିଏ ସ୍ତ୍ରୀ ସହିତ ଆବଦ୍ଧ ରଖିବା ଅଭିପ୍ରାୟରେ "ବିବାହ" ବୋଲି ଗୋଟିଏ କଥା ମନୁଷ୍ୟ ସୃଷ୍ଟି କରିଅଛି । ପ୍ରବୃତ୍ତିର କ୍ଷୁଧା ସ୍ୱଭାବିକ ଅର୍ଥାତ୍ ଈଶ୍ୱର ସୃଷ୍ଟି କରିଅଛନ୍ତି, ମାତ୍ର ବିବାହ କଥାଟା ମନୁଷ୍ୟ ସୃଷ୍ଟି କରିଅଛି । ଏହି ବିବାହରେ ପ୍ରତ୍ୟେକ ମନୁଷ୍ୟ ଗୋଟିଏ ଗୋଟିଏ ପରିବାର ସୃଷ୍ଟି କରି ରହିଅଛି । ପ୍ରତ୍ୟେକ ପରିବାର ହେଉଛି ଗୋଟିଏ ଗୋଟିଏ କ୍ଷୁଦ୍ର ସଂସାର ଏବଂ ଏହି କ୍ଷୁଦ୍ର କ୍ଷୁଦ୍ର ସଂସାର ସବୁର ସମଷ୍ଟି ହେଉଛି ସମସ୍ତ ସଂସାର ବା ସମସ୍ତ ମାନବ ସମାଜ । ବର୍ତ୍ତମାନ ବୁଝିଲୁ ବିବାହ ହେଉଛି ସମସ୍ତ ମାନବ ସମାଜର ମୂଳଭିତ୍ତି ଏବଂ ପ୍ରତ୍ୟେକ ମନୁଷ୍ୟର ପିତା-ମାତା । ଯେଉଁ ବିବାହ ଉପରେ ପ୍ରତ୍ୟେକ ମନୁଷ୍ୟର, ପ୍ରତ୍ୟେକ ପରିବାରର ତେଣୁ ସମସ୍ତ ମାନବ ସମାଜର ସୁଖ ଶାନ୍ତି ସମ୍ପୂର୍ଣ୍ଣ-ରୂପେ ନିର୍ଭର କରୁଅଛି, ଅର୍ଥ ଲୋଭରେ ଅନ୍ଧହୋଇ ସେହି ବିବାହକୁ

ଆମ୍ଭେମାନେ କଣାଶକା ବ୍ୟବସାୟରେ ବା ବ୍ୟଭିଚାରରେ ପରିଣତ କରି କଳୁଷିତ କରିଅଛୁ । ବିବାହ ଜନଷଠା କଳୁଷିତ ହୋଇଥିବାରୁ ପ୍ରତ୍ୟେକ ପରିବାର ତେଣୁ ସମସ୍ତ ମାନବ ସମାଜ ଆଜି କଳୁଷିତ ହୋଇଅଛି । ଗଛର ଡାଳପତ୍ରରେ ଯେତେ ପାଣି ଦେଲେ ମଧ୍ୟ ଗଛର ଚେରରେ ଉଇ ଲାଗିଥିଲେ ଗଛର ବଞ୍ଚି ରହିବା ଯେପରି ଅସମ୍ଭବ, ପରିବାରର ତଥା ସମାଜର ଉନ୍ନତି ପାଇଁ ଯେତେ ଚେଷ୍ଟା କଲେ ବିବାହ ଜନଷଠା କଳୁଷିତ ହୋଇ ରହିଥିବାଯାଏଁ ପରିବାର ସବୁ ତେଣୁ ସମସ୍ତ ସମାଜ ବଞ୍ଚିରହିବା ଅସମ୍ଭବ । ଲୋକେ ଯୁକ୍ତି କରି କହିପାରନ୍ତି ପରିବାର ସବୁ ତ ବଞ୍ଚି-ରହିଅଛି ଓ ବଞ୍ଚି ରହିଥିବ । ଏପରି ବଞ୍ଚି ରହିବା ପ୍ରକୃତରେ ବଞ୍ଚି ରହିବା ନୁହେଁ ।

ବିଶ୍ୱକଲ୍ୟାଣ—୧୯୫୮

# ପ୍ରଗତି ନାମରେ ଅଧୋଗତି

ଗତ ୮।୬।୫୮ ତାରିଖ ଦିନ ଜଣେ ବନ୍ଧୁଙ୍କର ଅନୁରୋଧରେ ଜନତା ରଙ୍ଗମଞ୍ଚରେ ହେଉଥିବା "ମାଟିର ମଣିଷ" ଅଭିନୟ ଦେଖିବାକୁ ଗଲି । ଦୁଇଟି ଶିକ୍ଷିତ ବ୍ରାହ୍ମଣ ପରିବାରର ଦୁଇଟି ଅବିବାହିତା ଯୁବତୀ ଝିଅଙ୍କର ବଡ଼ବୋହୂ ଓ ସାନବୋହୂ ଅଭିନୟ ଦେଖି ବିସ୍ମିତ ଓ ଦୁଃଖିତ ହେଲି । ଏହା ଭାରତୀୟ ନାରୀର ନାରୀତ୍ୱ ମୂଳରେ କୁଠାରାଘାତ ପରି ମୋର ମନେ ହେଲା । ଆଧୁନିକ ତଥାକଥିତ ସଭ୍ୟତାର ଅନ୍ଧାନୁସରଣକୁ ପ୍ରଗତି ମନେ କରି ଅନେକ ପ୍ରକାର ଅଧୋଗତି ଦେଖାଯାଉଛି ଓ ଶୁଣାଯାଉଛି । ମାତ୍ର ଅବିବାହିତା ଯୁବତୀ ଝିଅମାନଙ୍କୁ ସେମାନଙ୍କର ପିତାମାତା ଅନ୍ୟ ଯୁବକମାନଙ୍କର ସ୍ତ୍ରୀ ହୋଇ ଅଭିନୟ ଦେଖାଇବାକୁ ଅନୁମତି ଦେବା ଦେଖାଯାଇ ନ ଥିଲା ।

କି ପୁରାତନ କି ଆଧୁନିକ ସବୁପ୍ରକାର ଅନ୍ଧାନୁସରଣରୁ ମୁକ୍ତ ନ ହେବାଯାଏ ଆମେ ଅଧୋଗତିକୁ ପ୍ରଗତି, ଅବନତିକୁ ଉନ୍ନତି, କୁଶିକ୍ଷାକୁ ଶିକ୍ଷା, ଅଧର୍ମକୁ ଧର୍ମ ଇତ୍ୟାଦି ସବୁ ଜିନିଷକୁ ବିପରୀତ ଦେଖୁଥିବୁ ।

ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ! ତାମସୀ—ଗୀତା-୧୮ଶ-୩୨

ବିଶ୍ୱକଲ୍ୟାଣ—୧୯୫୮

## ୮ମ ପରିଚ୍ଛେଦ

# ଜାଗରଣ

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ୪ର୍ଥ ୭ । ୮

ଶ୍ରୀମଦ୍ ଭାଗବତ୍ ଗୀତାର ଶ୍ରୀ ଭଗବାନଙ୍କର ଏହି ଆଶ୍ୱାସବାଣୀ ପ୍ରତି ଆଜି ସମସ୍ତ ମାନବ ଜାତିର ଚିତ୍ତ ଆକୃଷ୍ଟ ହୋଇଅଛି । କୋରାନ ଓ ବାଇବେଲରେ ମଧ୍ୟ ଶ୍ରୀ ଭଗବାନଙ୍କର ଏହି ଆଶ୍ୱାସ ବାଣୀର ଉଲ୍ଲେଖ ଅଛି । ଆମେରିକା, ଇଉରୋପ, ଅଷ୍ଟ୍ରେଲିଆ ଓ ଏସିଆର ପ୍ରାୟ ପ୍ରତ୍ୟେକ ସ୍ଥାନରେ ଆଜି ଏହି ଏକ ଆଶ୍ୱାସ ବାଣୀର ଆନ୍ଦୋଳନ ଲାଗିଅଛି, ଅନ୍ୟାନ୍ୟ ଦେଶ ପ୍ରଦେଶର କଥା ଦୂରେ ଥାଉ, ଦୁର୍ଭିକ୍ଷ ପୀଡ଼ିତ ଓଡ଼ିଶା ପ୍ରଦେଶରେ ମଧ୍ୟ ଆଜି ଏହି ଆଶ୍ୱାସବାଣୀର ଆନ୍ଦୋଳନ ।

ଥରେ ମାତ୍ର ଏହି ଆଶ୍ୱାସବାଣୀର ଏପରି ଅଭୂତପୂର୍ବ ପୃଥିବୀ ବ୍ୟାପୀ ଆନ୍ଦୋଳନର ଭିତ୍ତି ଓ ଭିନ୍ନ ଭିନ୍ନ ଧର୍ମଶାସ୍ତ୍ରମାନଙ୍କରେ ଉପରୋକ୍ତ ଏକ ଆଶ୍ୱାସବାଣୀ ଥିବାର କାରଣ ନିର୍ଦ୍ଦେଶ କରିବାକୁ ଚେଷ୍ଟା କରନ୍ତୁ । ଆପଣା ଆପଣାର ଗର୍ବ ଦମ୍ଭ ଅଭିମାନକୁ ଅଳ୍ପ ସମୟ ସକାଶେ ହୃଦୟରୁ ତଡ଼ିଦେଇ ଆପଣା ଆପଣାର ପ୍ରକୋଷ୍ଠର ଦ୍ୱାର ବନ୍ଦ କରି କିମ୍ବା ନିର୍ଜ୍ଜନରେ ବସି ଥରେ ମାତ୍ର ଚିନ୍ତା କରନ୍ତୁ ।

ଧୀର ଭାବରେ ଚିନ୍ତା କଲେ ପ୍ରତ୍ୟେକଙ୍କ ମନରେ ନିମ୍ନୋକ୍ତ ପ୍ରଶ୍ନ କେତୋଟି ସ୍ୱତଃ ଜାତ ହେବ ।

୧ । ଭିନ୍ନ ଭିନ୍ନ ଧର୍ମ ସମ୍ପ୍ରଦାୟର ନେତାମାନେ କିମ୍ବା ଶାସ୍ତ୍ରକାରମାନେ ପରସ୍ପର ସହିତ ବିଚାର କରି ଗୋଟିଏ ସଭା ଆହ୍ୱାନ କରି ଏପରି ଗୋଟିଏ ନିର୍ଦ୍ଧାରଣ (Resolution) ସ୍ଥିର କରିଥିଲେ କି ?

୨ । ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟର କାର୍ଯ୍ୟ ପ୍ରଣାଳୀ ଅନ୍ୟଧର୍ମ ସମ୍ପ୍ରଦାୟର କାର୍ଯ୍ୟ ପ୍ରଣାଳୀଠାରୁ ସମ୍ପୂର୍ଣ୍ଣ ପୃଥକ ଥିବା ସ୍ଥଳେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଭିନ୍ନ ଭିନ୍ନ ଧର୍ମ ଗ୍ରନ୍ଥମାନଙ୍କରେ ଉପରୋକ୍ତ ଏକ ଆଶ୍ୱାସବାଣୀ ପ୍ରଚାରିତ ହେଲା କିପରି ଓ କାହିଁକି ? ଏହି ଆଶ୍ୱାସବାଣୀ ଅନାଦି କାଳରୁ ପ୍ରଚାରିତ ହୋଇଥିବା ସ୍ଥଳେ ଓ ଶ୍ରୀ ଭଗବାନ ଯୁଗେ ଯୁଗେ ଅବତାରମାନ ଗ୍ରହଣ କରିଥିବା ସ୍ଥଳେ ସେ ସବୁ ଯୁଗରେ ତ ସମସ୍ତ ମାନବଜାତିର ଚିତ୍ତ ଏହି ଆଶ୍ୱାସବାଣୀ ପ୍ରତି ଆକୃଷ୍ଟ ହୋଇ ନଥିଲା ; ମାତ୍ର ଆଜି ଏହି ଆଶ୍ୱାସବାଣୀର ଏପରି ପୃଥିବୀବ୍ୟାପୀ ଆନ୍ଦୋଳନର କାରଣ କଣ ?

ଭିନ୍ନ ଭିନ୍ନ ସମ୍ପ୍ରଦାୟର ଭିନ୍ନ ଭିନ୍ନ ଧର୍ମ ଗ୍ରନ୍ଥମାନ ପରସ୍ପର ତୁଳନା କରି ଉତ୍ତର ପାଇପାରିବୁଁ କିମ୍ବା ତତ୍ତ୍ୱ ବିଦ୍ୟା ସମିତିର କେତେକ ପୁସ୍ତକମାନ ପାଠକଲେ ମଧ୍ୟ ଆମ୍ଭେମାନେ ଉପରୋକ୍ତ ପ୍ରଶ୍ନମାନଙ୍କର ସନ୍ତୋଷଜନକ ଉତ୍ତର ପାଇପାରିବୁଁ । ଯେଉଁମାନେ ଉପରୋକ୍ତମତେ ଅଧ୍ୟୟନ କରିବାକୁ କଷ୍ଟକର ମନେ କରନ୍ତି ମାତ୍ର ଏସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ଶ୍ରଦ୍ଧାର ସହିତ ଇଚ୍ଛା କରନ୍ତି, ସେହିମାନଙ୍କ ସକାଶେ କେତେକ ବିଷୟ ଏହି ପୁସ୍ତକରେ ଉଲ୍ଲେଖ କରାଗଲା ।"

ଶ୍ରୀ ମୈତ୍ରେୟଦେବଃ ଜଗଦ୍‌ଗୁରୁ ରୂପେ ଧରାଧାମରେ ଅବତୀର୍ଣ୍ଣ ହୋଇ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତ ଜଗତକୁ "ବସୁଧୈବ କୁଟୁମ୍ବକମ୍" ଏହି ମହାମନ୍ତ୍ରରେ ଦୀକ୍ଷିତ କରି ଶ୍ରୀ ଭଗବାନଙ୍କର କରୁଣାମୟ ପତିତପାବନ ନାମ ସାର୍ଥକ କରିବେ । ତାହାଙ୍କର ଶୁଭାଗମନର ସମୟ ଅତି ସନ୍ନିକଟ, ତେଣୁ ଉପରୋକ୍ତ ଆଶ୍ୱାସବାଣୀ ପ୍ରତି ଆଜି ସମସ୍ତ ମାନବଜାତିର ଚିତ୍ତ ଆକୃଷ୍ଟ ହୋଇଅଛି ଓ ସେହି ହେତୁରୁ ଏ ସମସ୍ତ ବିରାଟ ଆୟୋଜନ ଓ ଏପରି ଅଭୂତପୂର୍ବ ପୃଥିବୀବ୍ୟାପି ଆନ୍ଦୋଳନ

ଋଷି ମହା-ପୁରୁଷମାନଙ୍କର ବାସ୍ତବିକ ଏକ ମହାସଭା ବା ଋଷିସଂଘ ଅଛି ଓ ସେହି ସବୁ ଜୀବନ୍ମୁକ୍ତଙ୍କ ଋଷି ମହାପୁରୁଷମାନେ ଏହି ବିରାଟ ଆୟୋଜନରେ ଆମ୍ଭମାନଙ୍କୁ ଯଥେଷ୍ଟ ସାହାଯ୍ୟ ଦେଉଅଛନ୍ତି । ଉପରୋକ୍ତ ଜୀବନ୍ମୁକ୍ତ ଋଷିମାନେ ପୃଥିବୀର ପ୍ରାୟ ସର୍ବତ୍ର ମାନବ ଭ୍ରାତୃତ୍ୱର କେନ୍ଦ୍ରସବୁ ସ୍ଥାପନ କଲେଣି, କରୁଅଛନ୍ତି ଓ ଗ୍ରାମେ ଗ୍ରାମେ ସ୍ଥାପନ କରିବେ ଏହା ସୁନିଶ୍ଚିତ । ସମସ୍ତ ପୃଥିବୀ ଆଜି ସେହି ଜଗଦ୍‌ଗୁରୁଙ୍କର ଶୁଭାଗମନକୁ ଅପେକ୍ଷା କରି ରହିଅଛି ।

ମାତ୍ର ନିଶ୍ଚେଷ୍ଟଭାବରେ ଅପେକ୍ଷା କରି ବସି ରହିଲେ ଚଳିବ ନାହିଁ । ହୃଦୟର ଗର୍ବ ଦମ୍ଭ ଅଭିମାନ ଦୂର କରିଦେଇ ପରସ୍ପର ମଧ୍ୟରେ ଦ୍ୱେଷ, ହିଂସା ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ଦୂର କରି ଦେଇ ସର୍ବୋକ୍ତ ଜୀବନ୍ମୁକ୍ତ ଋଷି ମହାପୁରୁଷମାନଙ୍କ ସାହାଯ୍ୟରେ ପରସ୍ପର ମଧ୍ୟରେ ମାନବ ଭ୍ରାତୃତ୍ୱ ପ୍ରଚାର କରିବା ଅଭିପ୍ରାୟରେ ଗ୍ରାମେ ଗ୍ରାମେ ତଦୁପଯୋଗୀ କେନ୍ଦ୍ର ସବୁ ସ୍ଥାପନ କରି ଜଗଦ୍‌ଗୁରୁଙ୍କ ଅଭ୍ୟର୍ଥନା ସକାଶେ ପ୍ରତ୍ୟେକ ଲୋକ ପ୍ରାଣ-ପଣେ ଚେଷ୍ଟା କରିବା ଆବଶ୍ୟକ । ଏପରି ସମୟ କିମ୍ବା ଏପରି ସୁଯୋଗ ଆଉ ମିଳିବ ନାହିଁ ।

ଆମ୍ଭମାନଙ୍କ ମଧ୍ୟରୁ କେତେକ ଲୋକ କହିବେ "କଳିଯୁଗର ଅବସାନ ହୋଇନାହିଁ ; ତେଣୁ ଭଗବାନଙ୍କର ଆବିର୍ଭାବର ସମୟ ହୋଇ ନାହିଁ-ଅନେକ ବିଳମ୍ବ ଅଛି ।"

କଳିଯୁଗର ଅବସାନ ହୋଇ ନାହିଁ ସତ୍ୟ, ମାତ୍ର ଶନିଦଶା ମଧ୍ୟରେ ଯେପରି ଅନ୍ତର୍ଦଶା ପଡ଼େ ଠିକ୍ ସେହିପରି କଳିଯୁଗ ମଧ୍ୟରେ ଜଗଦ୍‌ଗୁରୁଙ୍କର ଶୁଭାଗମନ ରୂପ ଏକ ଅଦ୍ଭୁତ ପରିବର୍ତ୍ତନ ଅଚିରାତ୍ ଘଟିବ । ଏହା କାହାରି ମନଗଢ଼ା କଥା ନୁହେଁ । ଏହା ଶାସ୍ତ୍ରସିଦ୍ଧ । ଆହୁରି ମଧ୍ୟ ଭିନ୍ନ ଭିନ୍ନ ଧର୍ମଗ୍ରନ୍ଥମାନଙ୍କରେ ଏହି ଏକ ବାର୍ତ୍ତା ।

ହେ ହିନ୍ଦୁ, ମୁସଲମାନ, ବ୍ରାହ୍ମ, ଖ୍ରୀଷ୍ଟିୟାନ୍ ସମସ୍ତ ଭାଇ ଭଉଣୀ-ମାନେ ! ଶାସ୍ତ୍ରୋକ୍ତ ମହାପୁରୁଷମାନେ କଦାଚ ପାଗଳ ନୁହନ୍ତି, କିମ୍ବା ବେଦ, କୋରାନ୍, ବାଇବେଲ ପ୍ରଭୃତି ଧର୍ମଗ୍ରନ୍ଥ ସବୁ କଦାଚ ପାଗଳର ପ୍ରଳାପ ନୁହେଁ । ଏ ସମସ୍ତ ଅଭ୍ରାନ୍ତ ଓ ମହାସତ୍ୟ ଅଟେ । ଆମ୍ଭେମାନେ

ପ୍ରତ୍ୟେକ ମନେକରୁଁ କେବଳ ଆମ୍ଭେମାନେ ସତ୍ୟ ବାକି ସବୁ ମିଥ୍ୟା ; ଏପରି କି ଭଗବାନ ମଧ୍ୟ ମିଥ୍ୟ ; କିନ୍ତୁ ଭାଇ ତାହା ନୁହେଁ । କେବଳ ଆମ୍ଭେମାନେ ମିଥ୍ୟା ଅବଶିଷ୍ଟ ସତ୍ୟ । ବେଦ ଓ ପୁରାଣରେ ଥିବା ମହାକାବ୍ୟ ସବୁକୁ ମହାସତ୍ୟ ବୋଲି ଗ୍ରହଣ କରି, ଅବିଶ୍ୱାସକୁ ହୃଦୟରେ ସ୍ଥାନ ନ ଦେଇ କାଳବିଳମ୍ବ ନ କରି ଜଗଦ୍‌ଗୁରୁଙ୍କର ଅଭ୍ୟର୍ଥନା କାର୍ଯ୍ୟରେ ଯୋଗ ଦେବା ସକାଶେ ଆମ୍ଭମାନଙ୍କର ସର୍ବଦା ସତର୍କ ରହିବା ଆବଶ୍ୟକ ।

ଯୁଗେ ଯୁଗେ ଶ୍ରୀ ଭଗବାନ ଆସିଅଛନ୍ତି କିନ୍ତୁ ଦୁଃଖର ବିଷୟ ଆମ୍ଭେମାନେ ତାହାଙ୍କର ଉପଯୁକ୍ତ ଅଭ୍ୟର୍ଥନା କରି ପାରି ନାହୁଁ । ବର୍ତ୍ତମାନ ଆବିର୍ଭାବ କିନ୍ତୁ ସେପରି ନୁହେଁ । ଏହା ଗୋଟିଏ ଅଭୂତ-ପୂର୍ବ ନୂତନ ରକମର ଆବିର୍ଭାବ । ଶାସ୍ତ୍ରୋକ୍ତ ଜୀବନ୍ମୁକ୍ତ ମହାପୁରୁଷମାନେ ଉପରୋକ୍ତ ଅଭ୍ୟର୍ଥନା କାର୍ଯ୍ୟରେ ଆମ୍ଭମାନଙ୍କୁ ଯଥେଷ୍ଟ ସାହାଯ୍ୟ ଦେଉଅଛନ୍ତି ଓ ଦେବେ ।

ବିବାହ ଦିନ କେବଳ ବରର ନୁହେଁ ସମସ୍ତ ବରଯାତ୍ରୀଙ୍କର ଅଭ୍ୟର୍ଥନା ସକାଶେ (ଗଉଡ଼ ଭଣ୍ଡାରି ଓ ବାଜାବାଲା ପର୍ଯ୍ୟନ୍ତ) କନ୍ୟାକର୍ତ୍ତାଙ୍କର ଯେପରି ପରିଶ୍ରମ ଓ ଆୟୋଜନର ଆବଶ୍ୟକ ଜଗଦ୍‌ଗୁରୁଙ୍କର ଅଭ୍ୟର୍ଥନା ସକାଶେ ଠିକ୍ ସେହିପରି ମାତ୍ର ଅନେକ ଗୁଣରେ ବେଶି ଆୟୋଜନ ଆବଶ୍ୟକ । ଗ୍ରାମେ ଗ୍ରାମେ ଉପରୋକ୍ତ ମତେ କେନ୍ଦ୍ର ସବୁ ସ୍ଥାପନ କରି ମିଥ୍ୟା, କପଟତା, ହିଂସା, ଦ୍ୱେଷ ଇତ୍ୟାଦି ବିରୁଦ୍ଧରେ ଯୁଦ୍ଧ କରି ସଂସାର ସଂଗ୍ରାମରେ କ୍ଷତ ବିକ୍ଷତ ହୋଇ ପରସ୍ପର ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରି ଶ୍ରୀ ଜଗଦଗୁରୁଙ୍କ ଅଭ୍ୟର୍ଥନା ସକାଶେ ପ୍ରସ୍ତୁତ ହେବାକୁ ହେବ ।

ଜଗଦ୍‌ଗୁରୁଙ୍କ ଆଗମନ ବାର୍ତ୍ତାରେ ଅନେକ ଲୋକଙ୍କର ଅବିଶ୍ୱାସ ଜନ୍ମି ପାରେ ଓ ଅନେକ ଲୋକ ଏ ବିଷୟକୁ ଉପହାସ କରି ଉଡ଼ାଇ ଦେଇ ପାରନ୍ତି ; କାରଣ ଆମ୍ଭେମାନେ ଆମ୍ଭମାନଙ୍କର ପ୍ରକୃତ ଶିକ୍ଷା, ଦୀକ୍ଷା ଛାଡ଼ି ଆଧୁନିକ ଶିକ୍ଷାରେ ଦୀକ୍ଷିତ ହେବା ଦିନରୁ ଅବିଶ୍ୱାସ ଆମ୍ଭମାନଙ୍କ ହୃଦୟରେ ଆସ୍ତେ ଆସ୍ତେ ପ୍ରବେଶ କରୁ କରୁ ବର୍ତ୍ତମାନ ବଦ୍ଧମୂଳ ହୋଇ

ସାରିଲଣି । ଜଗଦ୍‌ଗୁରୁଙ୍କର ଆଗମନ ବାର୍ତ୍ତା ଉପରେ ବିଶ୍ୱାସ ସ୍ଥାପନ କରି ତେଣିକି ଥାଉ ଏ ସୃଷ୍ଟିର କର୍ତ୍ତା ଶ୍ରୀଭଗବାନଙ୍କ ଅସ୍ତିତ୍ୱରେ ପ୍ରକୃତ ବିଶ୍ୱାସ ସ୍ଥାପନ କରନ୍ତି କେତେଜଣ ? ଆମ୍ଭମାନଙ୍କ ମଧ୍ୟରୁ ଅନେକ କହିବେ "ଭଗବାନଙ୍କଠାରେ ଓ ଶାସ୍ତ୍ରବାକ୍ୟ ସବୁରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି" ମାତ୍ର ଏହା କେବଳ ଆମ୍ଭମାନଙ୍କର ମୁହଁର କଥା, ହୃଦୟର କଥା ନୁହେଁ । ଭଗବାନଙ୍କ ଠାରେ କିମ୍ବା ଶାସ୍ତ୍ରବାକ୍ୟରେ ବିଶ୍ୱାସ ଅଛି କି ନାହିଁ ଏ ବିଷୟରେ ନିଜ ନିଜକୁ ପରୀକ୍ଷା କରିବାକୁ ହେଲେ ଆମ୍ଭମାନଙ୍କର ନିଜ ନିଜର କାର୍ଯ୍ୟପ୍ରଣାଳୀ ଦ୍ୱାରା ତାହା ପରୀକ୍ଷା କରିବା ଆବଶ୍ୟକ । ଭଗବାନଙ୍କ ଅସ୍ତିତ୍ୱରେ ଓ "ସତ୍ୟାନ୍ନାସ୍ତି ପରୋଧର୍ମ୍ମଃ" ଶାସ୍ତ୍ରୋକ୍ତ ଏହି ମହାବାକ୍ୟ ଉପରେ ଯଦି ଆମ୍ଭମାନଙ୍କର ତିଳମାତ୍ର ବିଶ୍ୱାସ ଥାଆନ୍ତା ତେବେ କି ଆମ୍ଭେମାନେ ମିଥ୍ୟାକୁ ଆଜି ଆମ୍ଭମାନଙ୍କର ଜୀବିକା ନିର୍ବାହର ଏକମାତ୍ର ଉପାୟ କରି ଥାଆନ୍ତୁ । ଭାଇ ହେ ! ମୋଟ କଥାରେ କହିବାକୁ ଗଲେ ଆମ୍ଭମାନଙ୍କର ସର୍ବଦା ଏତିକି ସ୍ମରଣ ରଖିବା ଉଚିତ ଯେ ଆମ୍ଭମାନଙ୍କର ବାକ୍ୟ, ଚିନ୍ତା ଓ କାର୍ଯ୍ୟ ଆମ୍ଭମାନଙ୍କର ବିଶ୍ୱାସର ପରିମାପକ ହେବା ଆବଶ୍ୟକ । ଶ୍ରୀ ଜଗନ୍ନାଥ ଦାସଙ୍କର "ବିଶ୍ୱାସମୂଳେ ଏ ଜଗତ" ଏହା ଅକ୍ଷରେ ଅକ୍ଷରେ ସତ୍ୟ ଏଥିଲାଗି ନ ବୁଝି ନ ସୁଝି ଅନ୍ଧଭାବରେ ବିଶ୍ୱାସ ସ୍ଥାପନ କରିବାକୁ କେହି ଆମ୍ଭମାନଙ୍କୁ ବାଧ୍ୟ କରୁ ନାହିଁ । କିନ୍ତୁ ସମସ୍ତ ଭାଇଭଉଣୀମାନଙ୍କୁ ଏତିକିମାତ୍ର ଅନୁରୋଧ କରୁଅଛୁଁ କି ଭିନ୍ନ ଭିନ୍ନ ଧର୍ମ୍ମ ସମ୍ପ୍ରଦାୟର ଭିନ୍ନ ଭିନ୍ନ ଧର୍ମ୍ମ ପୁସ୍ତକମାନ ଆଲୋଚନା କରି ପରସ୍ପର ତୁଳନା କରି ନିଜ ନିଜର ବିଶ୍ୱାସ ଦୃଢ଼ କରନ୍ତୁ ଓ ବିଶ୍ୱାସ କେତେଦୂର ଦୃଢ଼ ହେଲା ତାହା ନିଜ ନିଜର କାର୍ଯ୍ୟ ଦ୍ୱାରା ପରୀକ୍ଷା କରନ୍ତୁ । କିନ୍ତୁ ତାହା ନ କରି ସବୁ ବିଷୟ ଉପହାସ କରି ଉଡ଼ାଇ ଦେବା ନିତାନ୍ତ ଅକର୍ତ୍ତବ୍ୟ ନୁହେଁ କି ? କେବଳ ପାଶ୍ଚାତ୍ୟ ଦେଶବାସୀ କାହିଁକି ପ୍ରାୟ ପୃଥିବୀର ସମସ୍ତ ଧର୍ମ୍ମ ସମ୍ପ୍ରଦାୟ ହିନ୍ଦୁମାନଙ୍କୁ ପୌତ୍ତଳିକ ବୋଲି ଘୃଣା କରୁଥିଲେ । କିନ୍ତୁ ଆଜି ସେମାନେ ସମସ୍ତେ ପିତୁଳା ପୂଜାର ଆବଶ୍ୟକତା ସ୍ୱୀକାର କଲେଣି । ହିନ୍ଦୁମାନଙ୍କୁ ଓ ସେମାନଙ୍କର ଧର୍ମ୍ମ ପୁସ୍ତକକୁ ଆଦରର ସହିତ ପଢ଼ିଲେଣି । କିନ୍ତୁ ହାୟ ! ଆମ୍ଭେମାନେ ଯାହାକୁ ଆମ୍ଭମାନଙ୍କର "ଗଣ୍ଠି ଧନ" କରି ରଖିଥିଲୁଁ ତାହାକୁ ଛାଡ଼ିଦେଇ ଆଜି ମଣିହରା ଫଣୀ ସଦୃଶ ଇତସ୍ତତ ବୁଲୁଅଛୁଁ ।

ଏପରି କି ଆମ୍ଭମାନଙ୍କର ସେହି ହଜିଥିବା "ଗଣ୍ଡି ଧନ" ଆମ୍ଭମାନଙ୍କୁ ଯାଚିଲେ ସୁଦ୍ଧା ଆମ୍ଭେମାନେ ଆଜି ତାହା ଗ୍ରହଣ କରିବାକୁ ଅକ୍ଷମ ।

ବହୁ ପୂର୍ବର କଥା ତେଣିକି ଥାଉ ସମସ୍ତ ପୃଥିବୀରେ ସୁପରିଚିତ ସ୍ୱାମୀ ବିବେକାନନ୍ଦଙ୍କ ସମୟରୁ ଭିନ୍ନ ଭିନ୍ନ ମହାପୁରୁଷମାନଙ୍କର ଇତିହାସ ଓ ତାହାର କାରଣ ଅନୁସନ୍ଧାନ କଲେ ଜଗଦ୍‌ଗୁରୁଙ୍କର ଆଗମନ ଆଗତ ପ୍ରାୟ ଏ ବିଷୟରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମିବ । ଏ ବିଷୟରେ ବିଶେଷ ଆଲୋଚନା କରିବା ନିଷ୍ପ୍ରୟୋଜନ ।

ହେ ମୁସଲମାନ୍ ଭାଇ ଭଉଣୀମାନେ ! ଆଲ୍ଲା କଣ କେବଳ ତୁମ୍ଭ-ମାନଙ୍କର ଆଲ୍ଲା ? ସେ ଆଲ୍ଲା କଣ ହିନ୍ଦୁମାନଙ୍କର ଆଲ୍ଲା ନୁହନ୍ତି ? ହେ ହିନ୍ଦୁ ଭାଇ ଭଉଣୀମାନେ, ଶ୍ରୀକୃଷ୍ଣ କଣ କେବଳ ତୁମ୍ଭମାନଙ୍କର, ମୁସଲମାନ-ମାନଙ୍କର ନୁହନ୍ତି ?

କେବଳ ମୁହଁରେ ସ୍ୱୀକାର କଲେ ଆମ୍ଭମାନଙ୍କର କାର୍ଯ୍ୟ ଶେଷ ହେଲା ନାହିଁ । ତଦନୁସାରେ କାର୍ଯ୍ୟକରି ପରସ୍ପର ମଧ୍ୟରେ ଘୃଣା ଅନାଦର ପ୍ରତିଦ୍ୱନ୍ଦିତା ପ୍ରଭୃତି ଦୂର ନ ହେବା ପର୍ଯ୍ୟନ୍ତ ଆମ୍ଭମାନଙ୍କର ଉପରୋକ୍ତ ଭ୍ରମଧାରଣା ଦୂର ହୋଇନାହିଁ ବୋଲି ଜାଣିବାକୁ ହେବ । ଜଗଦ୍‌ଗୁରୁଙ୍କର ଅଭ୍ୟର୍ଥନା ସକାଶେ ନିଜ ନିଜକୁ ପ୍ରସ୍ତୁତ କରିବାକୁ ହେଲେ "ନାସ୍ତି ସତ୍ୟାତ୍ ପରୋଧର୍ମ୍ମ" ଏହି ମହାବାକ୍ୟକୁ ଜୀବନର ଭିତ୍ତିରୂପେ ଗ୍ରହଣ କରିବାକୁ ହେବ । ଏହି ଭିତ୍ତି ଉପରେ ଲୋକସେବା ରୂପ ଧର୍ମ ଜୀବନ ଗଠନ କରିବାକୁ ହେବ ।

"ବସୁଧୈବ କୁଟୁମ୍ବକଂ" ଏହି ମହାମନ୍ତ୍ରରେ ନିଜେ ଦୀକ୍ଷିତ ହୋଇ ପୂର୍ବକଥିତ ଜୀବନ୍ମୁକ୍ତ ଋଷି ମହାପୁରୁଷମାନଙ୍କ ସାହାଯ୍ୟରେ ସମସ୍ତ ପୃଥିବୀକୁ ଏହି ଏକ ମହାମନ୍ତ୍ରରେ ଦୀକ୍ଷିତ କରିବାକୁ ହେବ । ଯେତେ ଶୀଘ୍ର ଆମ୍ଭେମାନେ ନିଜ ନିଜକୁ ଉପରୋକ୍ତ ମତେ ପ୍ରସ୍ତୁତ କରିପାରିବୁ ସେତେ ଶୀଘ୍ର ଜଗଦ୍‌ଗୁରୁ ଶ୍ରୀ ମୈତ୍ରେୟଦେବ ଆମ୍ଭମାନଙ୍କ ମଧ୍ୟରେ ଅବତୀର୍ଣ୍ଣ ହୋଇ ଆମ୍ଭମାନଙ୍କର ହୃଦୟରୁ ସମସ୍ତ ମଳିନତା ଦୂର କରାଇ ଦେଇ ଜାତି ବର୍ଣ୍ଣ ଧର୍ମ୍ମ ନିର୍ବିଶେଷରେ ତାହାଙ୍କର ଆନନ୍ଦମୟ ଲୀଳା ପ୍ରଚାର କରିବେ ।

❋

ସନାତନ ଧର୍ମ୍ମର (ପ୍ରକୃତ ଧର୍ମର) ପୁନରୁତ୍‌ଥାନ ସମୟ ଉପସ୍ଥିତ । ମୋହନିଦ୍ରା ଭାଙ୍ଗି, ଜାଗ୍ରତ ହୁଅ । ଏତିକି ମାତ୍ର ଅନୁରୋଧ ।

ଏ ସମ୍ବନ୍ଧେ ବିଶେଷ ଜାଣିବାକୁ ଇଚ୍ଛା କଲେ ଶ୍ରୀ ହୀରେନ୍ଦ୍ରନାଥ ଦତ୍ତ ବେଦାନ୍ତ ରତ୍ନ, ଏମ୍. ଏ. ବି. ଏଲ୍.ଙ୍କ ପ୍ରଣୀତ 'ଜଗତ୍‌ଗୁରୁ ଆବିର୍ଭାବ' ଓ ଶ୍ରୀ କୁଳଦାପ୍ରସାଦ ମଲ୍ଲିକ ଭାଗବତରତ୍ନ, ବି. ଏ.ଙ୍କ ପ୍ରଣୀତ 'ପ୍ରତୀକ୍ଷା 'ଓ 'ବିଶ୍ୱାସର କାରଣ' ପୁସ୍ତକମାନ ପାଠ କରନ୍ତୁ ।

୧୯୬୫ ମସିହା

# ଭୟ କର ନାହିଁ

## ( Fearlessness is Spirituality )

●

**ନ ମିଥ୍ୟା ପାତକଂ ପରଂ**—ମିଛଠାରୁ ବଳି ପାପ ନାହିଁ, ଏକଥା ସମସ୍ତେ ପିଲାଦିନରୁ ଜାଣନ୍ତି ; କିନ୍ତୁ ମିଛକୁ କେହି ଛାଡ଼ି ପାରୁ ନାହାନ୍ତି ।

**"ବସୁଧୈବ କୁଟୁମ୍ବକଂ"** ସମସ୍ତ ବସୁଧା ଗୋଟିଏ କୁଟୁମ୍ବ । ଆମ୍ଭେମାନେ ସମସ୍ତେ ଏକ ପରମପିତା ପରମେଶ୍ୱରଙ୍କର ସନ୍ତାନ—ତେଣୁ ପ୍ରକୃତ କର୍ତ୍ତବ୍ୟରେ ଯେ ଆମ୍ଭେମାନେ ସମସ୍ତେ ଭାଇ । ଏକଥା ସମସ୍ତେ ବାଧା ଦିଏ ସେହି ଭୟ । ପରିଷ୍କାର ଭାବରେ ବୁଝି ପାରୁଅଛୁଁ, କିନ୍ତୁ ପରସ୍ପର ପ୍ରତି ଘୃଣା ହିଂସା ଛାଡ଼ି ପାରୁନାହୁଁ ।

କେବଳ ସେତିକି ନୁହେଁ; ଆମ୍ଭେମାନେ ଅନେକ ବିଷୟ ଜାଣି ପାରୁଅଛୁଁ, ବହୁତ ବିଷୟ ବୁଝି ପାରୁଅଛୁଁ, କିନ୍ତୁ କାର୍ଯ୍ୟରେ କିଛି କରି ପାରୁ ନାହୁଁ କାହିଁକି ? ବୁଝି ପାରିବା ଓ ଜାଣିବା ବିଷୟରୁ ଆମ୍ଭମାନଙ୍କ କାର୍ଯ୍ୟ ଏପରି ଓଲଟା କାହିଁକି ?

ଏହି ପ୍ରଶ୍ନ ପ୍ରତ୍ୟେକ ବିବେକବାନ୍ ବ୍ୟକ୍ତିର ନିତାନ୍ତ ପ୍ରୟୋଜନୀୟ ପ୍ରଶ୍ନ । ଅନୁସନ୍ଧାନ କଲେ ଦେଖାଯିବ ଯେ—ଭୟ ଏହାର ଏକମାତ୍ର କାରଣ । କେତେବେଳେ ବାପମାଆଙ୍କୁ ଭୟ, କେବେ ସମାଜକୁ ଭୟ, କେବେ ଅବା ଲୋକନିନ୍ଦା ପ୍ରତି ଭୟ ।

ମିଥ୍ୟାର ଆଶ୍ରୟ ନେଇଥିବାରୁ ମୁଁ ଗୃର ପଇସା ଉପାର୍ଜନ କରି ଭଲରେ ଅଛି । ମିଛ କଥା କହି କହି ମୁଁ ପୁଅନାତିଙ୍କ ପାଇଁ ଦଶମାଣ ଜମି କିଣି ଦେଇଛି । ମିଛ ଛାଡ଼ିଦେଲେ ମୋର ରୋଜଗାର ବନ୍ଦହୋଇ ଯିବ । ମୁଁ ଅସୁବିଧାରେ ପଡ଼ିବି । ମୋତେ କେହି ଖାତିର କରିବେ ନାହିଁ, ଆମ ବଂଶର ନାମ ବୁଡ଼ିଯିବ ଏହିପରି କେତେପ୍ରକାର ଭୟ ଆସି ମୋର କର୍ତ୍ତବ୍ୟ ପଥରେ ଅନବରତ ବାଧା ଦେଉଅଛି । ମୁଁ ବୁଝି ନ ବୁଝିଲାପରି ରହୁଛି । ମୁଁ ଜାଣି ନ ଜାଣିଲାପରି ରହୁଛି । ଭୟ ଆମ୍ଭମାନଙ୍କର କଲ୍ୟାଣ ପଥରେ କଣ୍ଟକପରି ରହି କୌଣସି କାର୍ଯ୍ୟ କରିଦେଉନାହିଁ ; ଏହା ପ୍ରତ୍ୟେକ ଲୋକଙ୍କୁ ପରିଷ୍କାର ଭାବରେ ବୁଝିବାକୁ ହେବ ।

ଭୟ ପ୍ରକୃତ କର୍ତ୍ତବ୍ୟ ପଥରେ କଣ୍ଟକ ।

କେବଳ କଣ୍ଟକ ନୁହେଁ—ଭୟ ଗୋଟିଏ ବ୍ୟାଧି । ଜ୍ୱର, ଅମାଶୟ, ଅତିସାର ଏମାନେ ଗୋଟିଏ ଗୋଟିଏ ବ୍ୟାଧି ; ଏ ଗୁଡ଼ିକ ମୋର **ସ୍ଥୂଳ ଦେହର** ବ୍ୟାଧି । ମୋର ନିଜର ବ୍ୟାଧି ନୁହନ୍ତି । ହିଂସା, ଘୃଣା ପରଶ୍ରୀକାତରତା ଏମାନେ ମଧ୍ୟ ଗୋଟିଏ ଗୋଟିଏ ବ୍ୟାଧି, ଏ ଗୁଡ଼ିକ ମୋହର ହୃଦୟର ବ୍ୟାଧି ବା **କାମ-ଦେହର** ବ୍ୟାଧି, ମୋର ନିଜର ବ୍ୟାଧି ନୁହନ୍ତି । ଅସଚ୍ଚିନ୍ତା, ଦୁଶ୍ଚିନ୍ତା ବାତୁଳତା ଏଗୁଡ଼ିକ ମୋର ମନର ବ୍ୟାଧି ବା **ମନୋମୟ ଦେହର** ବ୍ୟାଧି, ମୋର ନିଜର ବ୍ୟାଧି ନୁହନ୍ତି ।

ମୋର ନିଜ ବ୍ୟାଧିର ନାମ ଭୟ ।

ମୋର ନିଜର ଗୋଟିଏ ବ୍ୟାଧି ଅଛି ସେହି ବ୍ୟାଧିର ନାମ ଭୟ । ଏକଥା ମନେ ରଖିବାକୁ ହେବ ଯେ ମୋର ସ୍ଥୂଳଦେହ ମୁଁ ନୁହେଁ, ମୋର ହୃଦୟ ବା କାମ ଦେହ ମୁଁ ନୁହେଁ ; ମୋର ମନ ବା ମନୋମୟ ଦେହ ମୁଁ ନୁହେଁ । ମୁଁ ଏମାନଙ୍କ ଠାରୁ ସ୍ୱତନ୍ତ୍ର; ଏମାନେ ମୋର ଦେହ ବା ଆବରଣ । ମୁଁ ଏହି ଆବରଣ ମଧ୍ୟରେ ବାସ କରିଥାଏ । କେତେବେଳେ ପୁରୁଷ ଦେହରେ, କେତେବେଳେ ସ୍ତ୍ରୀ ଦେହରେ ଜନ୍ମ ଗ୍ରହଣ କରେଁ । କେତେବେଳେ ବିଲାତରେ, କେତେବେଳେ ଆମେରିକାରେ, କେତେବେଳେ ଭାରତବର୍ଷରେ ଜନ୍ମ ହୋଇଥାଏ ।

ଏହିପରି ଭିନ୍ନ ଭିନ୍ନ ଦେହ ଯୋନି ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜନ୍ମରେ ଭିନ୍ନ ଭିନ୍ନ ବସ୍ତୁଦର୍ଶିତା ଲାଭ କରି ମୁଁ ସତ୍ୟ ସ୍ୱରୂପ, ପ୍ରେମସ୍ୱରୂପ ଭଗବାନଙ୍କ ନିକଟକୁ ଅଗ୍ରସର ହେଉଥାଏ ।

**ମୁଁ-ମୋର ଦେହ, ମନଠାରୁ ସ୍ୱତନ୍ତ୍ର । ମୋର ନାମ ଜୀବ ।**

ମୋର ପ୍ରକୃତ ଶିକ୍ଷା, ପ୍ରକୃତ କଲ୍ୟାଣ ବା ମୋର ପ୍ରକୃତ ଉନ୍ନତି — ମୋର ନିଜର ଅନୁଭୂତି ଓ ବସ୍ତୁଦର୍ଶିତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ମୁଁ ପ୍ରତିଦିନ କାହିଁକି ପ୍ରତିମୁହୂର୍ତ୍ତରେ ବସ୍ତୁଦର୍ଶିତା ଲାଭକରି ଅଗ୍ରସର ହେଉଅଛି । ମୋର ନାମ ଜୀବ, ମୁଁ ଜୀବନ ନୁହେଁ, ମୁଁ ଆତ୍ମା କିମ୍ବା ସୋଽହଂ ନୁହେଁ । *

ଭୟ କରିବାକୁ କେହି ଇଚ୍ଛା କରେ କି ? ଭୟ କରିବାକୁ କେହି ସୁଖ ପାଏ କି ? ବେମାରରେ ପଡ଼ିବାକୁ କେହି ଯେପରି ସୁଖ ପାଏ ନାହିଁ, ଭୟ କରିବାକୁ ସେହିପରି କେହି ସୁଖ ପାଆନ୍ତି ନାହିଁ ।

**ଭୟ ମନୁଷ୍ୟର ପ୍ରଧାନ ରୋଗ ଉନ୍ନତି ପଥରେ କଣ୍ଟକ ଓ ପ୍ରଧାନ ଶତ୍ରୁ**

ଇଚ୍ଛା ନଥିଲେ ସୁଦ୍ଧା ମନୁଷ୍ୟ ବାଧ୍ୟ ହୋଇ ଭୟ କରେ । ଆମ୍ଭେମାନେ ଧର୍ମକୁ ଭୟ କରୁ । ବାଘକୁ ଭୟ କରୁଁ, ସାପକୁ ଭୟ କରୁଁ ବାପମାଆଙ୍କୁ ଭୟ କରୁଁ, ଶିକ୍ଷକଙ୍କୁ ଭୟ କରୁ, ସମାଜକୁ ଭୟ କରୁଁ, ସାଇ ପଡ଼ିଶାଙ୍କୁ ଭୟ କରୁଁ, ଲୋକନିନ୍ଦାକୁ ଭୟ କରୁଁ, ରାଜାଙ୍କୁ ଭୟ କରୁଁ, ଠାକୁରଙ୍କୁ ଭୟ କରୁ, ପାପକୁ ଭୟ କରୁଁ ଇତ୍ୟାଦି ଇତ୍ୟାଦି ନାନା ପ୍ରକାର ଭୟ କରୁଁ ।

ଭୟ କରୁଁ ବୋଲି ଯେ—ଭୟକୁ ଆଦର କରୁଁ କିମ୍ବା ପ୍ରେମ କରୁ ତାହା ନୁହେଁ । ଭୟ ଆମ୍ଭମାନଙ୍କୁ ସୁଖ ନଦେଇ ଦୁଃଖ ଦିଏ, କୌଣସି ପ୍ରକାର ସାହାଯ୍ୟ ନଦେଇ ପ୍ରତ୍ୟେକ କାର୍ଯ୍ୟରେ ବାଧା ଦିଏ—ଏହା ଆମ୍ଭେମାନେ ସୁନ୍ଦର ରୂପେ ବୁଝି ପାରୁଛୁଁ, ଅନୁଭବ କରୁଛୁଁ; କିନ୍ତୁ ଭୟକୁ କେବେ ଛାଡ଼ି ପାରୁ ନାହୁଁ ।

---

* ଏହି ମୁଁ ର ସ୍ୱରୂପ ବେଦାନ୍ତ ଆଲୋଚନା କଲେ ଜଣାଯିବ ତେବେ ମୋର ଅନ୍ୟ ପୁସ୍ତକ ସତ୍ୟାନୁସନ୍ଧାନ ପାଠକଲେ ସେଥିରୁ ମୁଁ ର ପରିଚୟ ପାଠକେ ପାଇପାରିବେ ।

ହେ ଭାଇ, ନିଜ ନିଜର ଗର୍ହିତ କାର୍ଯ୍ୟକୁ ସମର୍ଥନ କରିବା ଲାଗି ନାନାଦି ଯୁକ୍ତି ନାନାଦି ସମାଲୋଚନା କରିପାର—ଶାସ୍ତ୍ର ପୁରାଣର ନଜିର ଦେଖାଇ ପୂର୍ବ ପଶ୍ଚିମର ତୁଳନା କରି ଭୟକୁ ଅଭ୍ୟର୍ଥନା କରିପାର—ଭୟ ମନୁଷ୍ୟର ଉପକାରୀ ବନ୍ଧୁ—ତେଣୁ ଆଦରର ବସ୍ତୁ ବୋଲି ପ୍ରମାଣ କରିପାର । ମାତ୍ର ଯଦି ନିଜ ନିଜର ସରଳ ସତ୍ୟ ଉପରେ ବିଶ୍ୱାସ କର—ଯଦି ଈଶ୍ୱର ଦତ୍ତ ନିଜ ନିଜର ବୁଦ୍ଧି ବିବେକ ଓ ବହୁଦର୍ଶିତା ଉପରେ ନିର୍ଭର କରି ନିର୍ମଳ ମନରେ ନିରପେକ୍ଷ ଭାବରେ ବିଚାର କର, ତେବେ ଦେଖିପାରିବ ଭୟ ଆଦର କରିବାର ବସ୍ତୁ ନୁହେଁ—

## ଭୟ ମନୁଷ୍ୟର ଗୋଟିଏ ବ୍ୟାଧି
## ଭୟ ମନୁଷ୍ୟର ଉନ୍ନତି ପଥରେ କଣ୍ଟକ
## ଭୟ ମନୁଷ୍ୟର ସର୍ବପ୍ରଧାନ ଶତ୍ରୁ

*ଭୟକୁ ମନୁଷ୍ୟ ନିଜେ ସୃଷ୍ଟି କରିଛି*

ମନୁଷ୍ୟର ପ୍ରକୃତ ମଙ୍ଗଳ ସକାଶେ ଭଗବାନ ମନୁଷ୍ୟକୁ ଦେହ, ହୃଦୟ, ମନ, ବୁଦ୍ଧି, ବିବେକ, ବହୁଦର୍ଶିତା, ଅନୁଭୂତି ଇତ୍ୟାଦି ଅନେକ-ପଦାର୍ଥ ଦେଇଅଛନ୍ତି । ଏହିସବୁର ସାହାଯ୍ୟରେ ମନୁଷ୍ୟ ତାହାର ପ୍ରକୃତ ପଥରେ—କର୍ମୋନ୍ନତି ପଥରେ ଅଗ୍ରସର ହେବ, ଏହା ତାଙ୍କର ଉଦ୍ଦେଶ୍ୟ କିନ୍ତୁ ମନୁଷ୍ୟ ଭଗବାନଙ୍କ ଦତ୍ତ ଏ ସବୁ ପଦାର୍ଥ ଉପରେ ନିର୍ଭର ନ କରି ଭୟ ବୋଲି ପଦାର୍ଥଟିଏ ନିଜେ ସୃଷ୍ଟି କରିଅଛି । ଏହି ଭୟ ମନୁଷ୍ୟର ନିଜର ସୃଷ୍ଟି-ମନୁଷ୍ୟର ଗର୍ବ, ଦମ୍ଭ, ଅଭିମାନର ଫଳ—ଅଜ୍ଞାନତାର ଫଳ—ମିଥ୍ୟାର ଫଳ ।

ମୋର ଜମି, ମୋର କୋଠା, ମୋର ପୁଅ, ମୋର ବଂଶ-ମର୍ଯ୍ୟାଦା, ମୋର ଉଚ୍ଚପଦ, ମୋର ଉପାଧି, ମୋର ଗୁରୁ, ମୋର ଠାକୁର ଇତ୍ୟାଦି ମିଥ୍ୟା ଉପରେ ନିର୍ଭର କରୁଥିବାରୁ ମନୁଷ୍ୟ ଭୟ ବୋଲି ଗୋଟିଏ କିମ୍ଭୂତ କିମାକାର ପଦାର୍ଥ ସୃଷ୍ଟି କରିଛି ।

**ମନୁଷ୍ୟ ସ୍ୱାଧୀନ ଜୀବ – ସ୍ୱାଧୀନତା ତାର ଜନ୍ମଗତ ଦାବୀ**—ସେ କାହାରିକୁ ମାନିବାକୁ ଚାହେଁ ନାହିଁ, କେବଳ ମୁହଁରେ କହେ—ମୁଁ ଠାକୁରଙ୍କୁ ମାନେ, ଶାସ୍ତ୍ର ପୁରାଣକୁ ମାନେ, ମହା ପୁରୁଷମାନଙ୍କୁ ମାନେ ; ମାତ୍ର ପ୍ରକୃତରେ ସେ ତାହାର ନିଜ ବ୍ୟତୀତ ଅନ୍ୟ କାହାରିକୁ ମାନେ ନାହିଁ । ଏହା ମନୁଷ୍ୟର ଦୋଷ ନୁହେଁ – ଏହା ତାହାର ସ୍ୱଭାବ । ମୁକ୍ତି ତାହାର ଜନ୍ମଗତ ଲକ୍ଷ୍ୟ ।

ସଂସାରର ଯାବତୀୟ ବନ୍ଧନରେ ପଡ଼ି ସେ ସର୍ବଦା ଛଟପଟ ହେଉଛି – ସର୍ବଦା ଭୟରେ ଥରୁଛି—ଅଥଚ ପ୍ରତି ମୁହୂର୍ତ୍ତରେ ସେ ମୁକ୍ତ ହେବାକୁ ଲୋଡ଼ୁଅଛି । ଏହି ସ୍ୱଭାବର ଗୁଣରୁ ମନୁଷ୍ୟ ଭଗବାନଙ୍କୁ ସୁଦ୍ଧା ମାନିବାକୁ ନାରାଜ – କେବଳ ଭୟ ଯୋଗୁଁ ମୁହଁରେ କହେ ମୁଁ ଭଗବାନଙ୍କୁ ମାନେ ।

ମନୁଷ୍ୟ ନିଜେ ଅନେକ ଭଗବାନ ତିଆରି କରିଅଛି ଓ ଭୟରେ ସେହି ତିଆରି କରିଥିବା ଭଗବାନମାନଙ୍କୁ ବିଶ୍ୱାସ କରୁଛି । ପୁଣି ଭଗବାନ ଦତ୍ତ ବିବେକ ଶକ୍ତିକୁ ନମାନି କିଣ ନ୍ୟାୟ, କିଣ ଅନ୍ୟାୟ ସ୍ଥିର କରିବା ସକାଶେ ଅନେକ ଶାସ୍ତ୍ର ପୁରାଣ ମଧ୍ୟ ସୃଷ୍ଟି କରିଛି । ଅବଶ୍ୟ ମନୁଷ୍ୟ ବହୁଚେଷ୍ଟାରେ ବହୁତ ବୁଦ୍ଧି ପ୍ରୟୋଗ କରି ଶାସ୍ତ୍ର, ପୁରାଣ, ମନ୍ଦିର, ମସଜିଦ୍ ଗଠନ କରିଛି, ଏହା ପ୍ରଶଂସାର ବିଷୟ । ଏହାଦ୍ୱାରା ବହୁତ ଉପକାର ସାଧିତ ହୋଇଛି ମାତ୍ର ଏଥିଲାଗି କିଣ ଆମ୍ଭେମାନେ ଭଗବାନ ଜଣେ ଅଛନ୍ତି ବୋଲି ମାନିବା ନାହିଁ ? କିମ୍ୱା ସେ ଦେଇଥିବା ବିବେକର ପ୍ରୟୋଜନୀୟତା ସ୍ୱୀକାର କରିବା ନାହିଁ ?

ହେ ଭାଇ, ଥରେ ଗଭୀର ଧ୍ୟାନରେ ଏହି କଥାଟି ବୁଝ । ମନୁଷ୍ୟ ସୃଷ୍ଟ ଭଗବାନଙ୍କୁ ବାଦ୍ ଦେଲେ ସଂସାର ଚଳିବ ; ମାତ୍ର ସତ୍ୟ ସ୍ୱରୂପ ଭଗବାନଙ୍କୁ ବାଦ୍‌ଦେଲେ ସଂସାର ଏକ ମୁହୂର୍ତ୍ତ ଚଳିପାରେ କି ? ଶାସ୍ତ୍ର ପୁରାଣକୁ ବାଦ୍ ଦେଲେ ମନୁଷ୍ୟ ଚଳିପାରେ ଓ ଚଳୁଛି ମାତ୍ର, ଈଶ୍ୱର-ଦତ୍ତ

ବୁଦ୍ଧି ବିବେକକୁ ବାଦ୍ ଦେଲେ ମନୁଷ୍ୟର ଅସ୍ତିତ୍ୱ ଅସମ୍ଭବ । ଆମ୍ଭେମାନେ ଭଗବାନଙ୍କ ଉପରେ କିମ୍ବା ଭଗବାନ ଦେଇଥିବା ବିବେକ ଓ ବୁଦ୍ଧି ଇତ୍ୟାଦି ଶକ୍ତି ଉପରେ ନିର୍ଭର ନ କରି ଅର୍ଥାତ୍ ଯାହା ସତ୍ୟ ତାହା ଉପରେ ନିର୍ଭର ନ କରି ନିଜ ତିଆରି ମିଥ୍ୟା ଶକ୍ତି ଉପରେ ନିର୍ଭର କରିଥିବାରୁ ଭୟ ବୋଲି ଏପରି ଗୋଟିଏ କୁତ୍ସିତ ବ୍ୟାଧି ସୃଷ୍ଟି କରି ତାହାର କବଳରେ ପଡ଼ିଅଛୁଁ ; ନଚେତ୍ ସତ୍ୟ ସ୍ୱରୂପ ଭଗବାନ ଏବଂ ତାଙ୍କ ପ୍ରଦତ୍ତ ଅହିଂସା ପ୍ରେମ ବିବେକ ଆଦି ଶକ୍ତିହିଁ ମନୁଷ୍ୟର ବିଶ୍ୱାସ ଯୋଗ୍ୟ ।

ସତ୍ୟ ସ୍ୱରୂପ ଏକ ଭଗବାନ ଓ ତାଙ୍କ ପ୍ରଦତ୍ତ ଶକ୍ତି ବିବେକହିଁ ମାନବର ବିଶ୍ୱାସ

ଭୟ କର ନାହିଁ--ଏ କଥା ବାରମ୍ବାର କୁହା ଯାଉଅଛି । କାହାକୁ କୁହା ଯାଉଅଛି--ଯେଉଁମାନେ ପ୍ରତି ଦେଶରେ, ପ୍ରତି ଜାତିରେ, ପ୍ରତି ସମ୍ପ୍ରଦାୟରେ, ପ୍ରତି ପରିବାରରେ ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ଅନୁଭବ କରୁଅଛନ୍ତି ଓ ସେହି ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ହେତୁ ପରସ୍ପର ମଧ୍ୟରେ ହିଂସା ଘୃଣା ପରଶ୍ରୀକାତରତା, ନାନାଦି ଯୁଦ୍ଧ, ନାନା କଳହ--ତଜ୍ଜନିତ ନାନା ଦୁଃଖ--ନାନା ଅଶାନ୍ତି ଅନୁଭବ କରୁଅଛନ୍ତି--ଯେଉଁମାନେ ବୁଝି ପାରୁଅଛନ୍ତି--କଣ କଲେ ମାନବ ସମାଜର ଏହି ଦୁଃଖ, ଏହି ଅଶାନ୍ତି ଦୂର ହେବ । କଣ କଲେ ସବୁପ୍ରକାର କଳହ ଯୁଦ୍ଧ ଦୂର ହୋଇ ମାନବ ସମାଜରେ ଭ୍ରାତୃଭାବ ପ୍ରତିଷ୍ଠିତ ହେବ । ସେମାନେ ବକ୍ତୃତାରେ, କାଗଜ କଲମରେ, ଖବର କାଗଜରେ, ସମାଜ ସଂସ୍କାର କରିବାରେ ଚେଷ୍ଟିତ ଅଛନ୍ତି ; ମାତ୍ର ନିଜେ ଭୟରେ କିଛି କହିପାରୁ ନାହାନ୍ତି । ସର୍ବଦା ଭୟ କରୁଅଛନ୍ତି--କାଳେ ସ୍ୱାର୍ଥପର ବାପ ମାଆ ଅସନ୍ତୁଷ୍ଟ ହେବେ, କାଳେ ବଂଶ ମର୍ଯ୍ୟାଦା ଲୋପ ହୋଇଯିବ, କାଳେ ଲୋକେ ହସିବେ । ସେହିମାନଙ୍କୁ ଅହରହ କହୁଅଛୁଁ, ହେ ଭାଇ ! ଭୟ କରନାହିଁ (Don't fear) ପାପୀ, ଅନ୍ୟାୟୀ ଭୟ କରେ, ମିଥ୍ୟାବାଦୀ ଓ ପରଶ୍ରୀକାତର ଭୟ କରେ । ତୁମେ ନିର୍ମଳ, ଉଦାର ହୁଅ, ଭୟ ଛାଡ଼ । ତୁମେ ଭୟ ଛାଡ଼ିବା ସଙ୍ଗେ ସଙ୍ଗେ ତୁମର ହୃଦୟର ଅନ୍ୟାୟ ସଙ୍କୋଚ ସତ୍ୟ ପ୍ରେମ ଅଶ୍ରୁରେ ଧୋଇ ହୋଇଯିବ । ସମସ୍ତ ଅହଙ୍କାର ଅଭିମାନ କେଉଁଆଡେ ଭାସିଯିବ ।

ଭୟ କରନାହିଁ କିଏ ଶୁଣିବ ?

ଭୟ ଛାଡ଼, ଭୟ ଛାଡ଼, ଆଉ କାହାକୁ କହୁଛୁ ? ଦୁର୍ବଳକୁ କହୁଛୁ, ହେ ଦୁର୍ବଳ ! ତୁମେ ଭୟ ଛାଡ଼, ସବଳ ପ୍ରତି ମୁହୂର୍ତ୍ତରେ ତୁମ ଉପରେ ଅତ୍ୟାଚାର କରୁଛି, ତୁମେ ଅତ୍ୟାଚାରରେ ପୀଡ଼ା ପାଉଛ । ହେ ଚିର ନିଷ୍ପେଷିତ ଦୁର୍ବଳ ନାରୀଜାତି, ଅସ୍ପୃଶ୍ୟ ଜାତି, ଦୁର୍ବଳ ସବଳ ସମସ୍ତେ ଏକ କୃଷକ ଜାତି, କରାଣୀ ଜାତି—ତୁମେ ଭୟ ପରମପିତାଙ୍କ ସନ୍ତାନ କର ନାହିଁ । ମନେରଖ —ତୁମ୍ଭେମାନେ ମନୁଷ୍ୟ, ତୁମ୍ଭେମାନେ ଯେଉଁ ପରମେଶ୍ୱରଙ୍କର ସନ୍ତାନ୍, ଯେଉଁମାନେ ତୁମ୍ଭମାନଙ୍କୁ ଭୟ ଦେଖାଇ, ତୁମ୍ଭର ହୃଦୟକୁ ସଂକୋଚ କରି ତୁମ ଉପରେ ଅତ୍ୟାଚାର କରୁଅଛନ୍ତି—ସେମାନେ ସେହି ଭଗବାନଙ୍କ ସନ୍ତାନ—ସେମାନେ ତୁମର ବଡ଼ ଭାଇ ।

ମନେରଖ — ସେମାନେ କେବଳ ସ୍ୱାର୍ଥାନ୍ଧ ହୋଇ ତୁମ୍ଭମାନଙ୍କୁ (ସାନଭାଇମାନଙ୍କୁ) କାହାକୁ ଭୁଲେଇ, କାହାକୁ ଧମେଇ, ତୁମର ସର୍ବସ୍ୱ ନେଇ, ତୁମର ଖାଇବା ପଦାର୍ଥ ସୁଦ୍ଧା ଛଡ଼ାଇ ନେଇ ତୁମ୍ଭମାନଙ୍କୁ ସର୍ବଦା ଭୟ ଦେଖାଇ ରଖି ଅଛନ୍ତି । ସେମାନେ ତୁମ୍ଭଠାରୁ ସବୁ ନେଇ ପାରନ୍ତି—ତୁମର ନିଜ ତିଆରି, ନିଜେ ପରିଶ୍ରମ କରି ଆଣିଥିବା ପଦାର୍ଥ କାଢ଼ି ନେଇ ପାରନ୍ତି କିନ୍ତୁ ଯାହା ତୁମ୍ଭଙ୍କୁ ଭଗବାନ ଦେଇଅଛନ୍ତି— ତୁମର ବିବେକ, ତୁମର ସ୍ୱାଧୀନତା, ତୁମର ମାନବୋଚିତ ଅଧିକାର କାଢ଼ି ନେଇ ପାରିବେ ନାହିଁ । ତୁମେ ଭଗବାନ ଦେଇଥିବା ନିଜ ନିଜର ଅନୁଭୂତି; ନିଜ ନିଜର ମନୁଷ୍ୟୋଚିତ ଅଧିକାର ଅନ୍ୟକୁ ଦେଇ ବିବେକ ସ୍ୱାଧୀନତା ହରାଇ ପଶୁତ୍ୱ ବରଣ କର ନାହିଁ—ଦୁଃଖମୟ ଜୀବନଯାପନ କରନାହିଁ — ସାବଧାନ !

ମନେରଖ ଦୁର୍ବଳ, ସଂକୀର୍ଣ୍ଣତାରେ ବୁଡ଼ି ରହି ତୁମର ଅତ୍ୟାଚାରୀ ବଡ଼ଭାଇମାନଙ୍କ ପ୍ରତି କଦାଚ ହିଂସାଭାବ ପୋଷଣ କରନାହିଁ । ଅତ୍ୟାଚାରୀ ତୁମର ଭାଇ କିନ୍ତୁ ସାବଧାନ ବଡ଼ଭାଇ ବୋଲି ସେପରି ତାକୁ କ୍ଷମାକର । ସେମାନଙ୍କ ଅନ୍ୟାୟ କାର୍ଯ୍ୟକୁ, ସେମାନଙ୍କ ସ୍ୱାର୍ଥପରତା, ସଂକୀର୍ଣ୍ଣତାକୁ ଭକ୍ତି ନକର କିମ୍ବା ସେମାନଙ୍କ କାର୍ଯ୍ୟକୁ ଅନୁକରଣ ନକର ; ତୁମ୍ଭେମାନେ ତ ସବୁଦିନେ

*

ସାନ ନଥିବ, ସବୁଦିନେ ଅତ୍ୟାଗ୍ରହ ନଥିବ — ତୁମର ହୃଦୟ, ମନ ଓ ନିଜକୁ ପବିତ୍ର ଓ ଉନ୍ନତ କର । କେବେହେଲେ ଭୟ କରନାହିଁ । ଭାଇ, କଦାପି ଭୟ କର ନାହିଁ । ତୁମେ ନିଷ୍ପେଷିତ ହେଲେହେଁ, ଅଭାବଗ୍ରସ୍ତ ହେଲେହେଁ ତୁମର ଭୟହୀନ ପ୍ରାଣହିଁ ଉନ୍ନତ ସୁନ୍ଦର, ମହିମାମୟ !

ଭାଇ, ଯଦି ନିଜର ପ୍ରକୃତ କଲ୍ୟାଣ ଇଚ୍ଛା କର, ଦେଶର, ଜାତିର, ମାନବ ସମାଜର ପ୍ରକୃତ କଲ୍ୟାଣ ଇଚ୍ଛାକର, ତେବେ ଭୟକୁ ସମ୍ପୂର୍ଣ୍ଣରୂପେ ବିଦାୟ ଦିଅ । ଭଗବାନଙ୍କୁ ସୁଦ୍ଧା ଭୟକର ନାହିଁ । ସେ କରୁଣାମୟ, ତାଙ୍କୁ ଭୟ କରିବାର କୌଣସି କାରଣ ନାହିଁ । ନିଜ ତିଆରି ଭଗବାନଙ୍କୁ ଭୟ କରଯାଉ — କାରଣ ସେ ଠିକ ସମୟରେ ମୁଠାଏ ଖାଇବାକୁ ନ ପାଇଲେ ରାଗ କରିପାରନ୍ତି ବା କଷ୍ଟ ଅନିଷ୍ଟ କରିପାରନ୍ତି ; ମାତ୍ର ସତ୍ୟ ସ୍ୱରୂପ ପ୍ରକୃତ ଭଗବାନ କେତେବେଳେ ହେଲେ ରାଗ କରନ୍ତି ନାହିଁ । ସେ ପରମପିତା, ପରମ ଗୁରୁ, କରୁଣାମୟ । ସେ ଆମ୍ଭମାନଙ୍କ ପରି ସ୍ୱାର୍ଥପର ପିତା ନୁହନ୍ତି । ସେ ଆମ୍ଭମାନଙ୍କଠାରୁ କିଛି ଚାହାନ୍ତି ନାହିଁ, ଖାଇବାକୁ ଲୋଡ଼ନ୍ତି ନାହିଁ, ପିଣ୍ଡ ପ୍ରତି ଆଶା କରନ୍ତି ନାହିଁ — ଏପରି କି ଶ୍ରଦ୍ଧା, ଭକ୍ତି କିମ୍ବା ପ୍ରାର୍ଥନା ସୁଦ୍ଧା ଚାହାନ୍ତି ନାହିଁ । କେବଳ ଚାହାନ୍ତି — ଆମ୍ଭମାନଙ୍କର ପ୍ରକୃତ ମଙ୍ଗଳ—ଜୀବର ଉତ୍ତରୋତ୍ତର ଉନ୍ନତି ବା ସ୍ୱାଧୀନ ବିକାଶ ।

ଭଗବାନଙ୍କୁ ସୁଦ୍ଧା ଭୟକର ନାହିଁ

ସେ ଆମ୍ଭମାନଙ୍କର ପରମଗୁରୁ, କିନ୍ତୁ ମାଟିବଂଶ ଅବଧାନ ସାଧୁ ନାୟକ ପରି ନିଷ୍ଠୁର ନୁହନ୍ତି । ଆମ୍ଭେମାନେ ସାଧୁ ନାୟକର ଶିଷ୍ୟ ତେଣୁ ତାହାର ନିଷ୍ଠୁରତାକୁ ପ୍ରକୃତ ଗୁରୁଗିରି ମନେକରି ପରମଗୁରୁ ଭଗବାନଙ୍କୁ ଭୟ କରୁଅଛୁଁ । ମାତ୍ର ଭଗବାନ ମାଟିବଂଶ ଅବଧାନ ନୁହନ୍ତି, ତାଙ୍କୁ ଭୟ କରିବାର କୌଣସି କାରଣ ନାହିଁ ।

ଆମ୍ଭମାନଙ୍କୁ ନିଜ ନିଜର କର୍ମଫଳ ଭୋଗ କରିବାକୁ ପଡ଼ିଥାଏ । ବାଇଗଣ ଲଗାଇଲେ ବାଇଗଣ ପାଇବୁ, କଖାରୁ ଲଗାଇଲେ

**କର୍ମ ଅନୁସାରେ ଫଳ ଫଳେ ଭଲରେ ଭଲ ମନ୍ଦରେ ମନ୍ଦ**

କଖାରୁ ପାଇବୁ; କଖାରୁ ଲଗାଇ ବାଇଗଣ ଖୋଜିଲେ କିମ୍ବା ବାଇଗଣ ଲଗାଇ କଖାରୁ ଖୋଜିଲେ ମିଳିବ ନାହିଁ । ଠାକୁରଙ୍କୁ ଯେତେ ଭୋଗ ଦେଲେ ସୁଦ୍ଧା ଗୋଡ଼ତଳେ, ହାତତଳେ ପଡ଼ି ଯେତେ କାନ୍ଦି ଗଡ଼ିଲେ ସୁଦ୍ଧା ବାଇଗଣ ଗଛରୁ କଖାରୁ କିମ୍ବା କଖାରୁ ଗଛରୁ ବାଇଗଣ ଆଶା କରିବା ବୃଥା ।

**ପାପକୁ ସୁଦ୍ଧା ଭୟ କର ନାହିଁ**

ମନେକର ପାଞ୍ଚଥାଅ—କେତେକ ମୋହର-ଦିଆ କାର୍ଯ୍ୟ ଅଛି, ସେହି କାର୍ଯ୍ୟଗୁଡ଼ିକ ଖରାପ ପୁଣି କେତେକ ମୋହରଦିଆ କାର୍ଯ୍ୟ ଅଛି, ସେ ଗୁଡ଼ିକ ଭଲ । ସେହି ଖରାପ କାର୍ଯ୍ୟ କଲେ ଭଗବାନଙ୍କ ପିଅନ ଯମ କଣ୍ଟା ବଣରେ ଘୋଷାରିବ ଓ ସେହି ଭଲ କାର୍ଯ୍ୟ କଲେ ସ୍ୱର୍ଗରେ ଅମୃତକୁଣ୍ଡ ଓ ରସଗୋଲା ମିଳିବ ଏପରି ଧାରଣା ସମ୍ପୂର୍ଣ୍ଣ ଭୁଲ—ଆକାଶ କୁସୁମ ପରି ଅନସ୍ତିତ୍ୱ—କଳ୍ପନା ମାତ୍ର । ଭୟହିଁ ମିଥ୍ୟା କଳ୍ପନାର ଜନନୀ ।

ମନେକର ପାଞ୍ଚଥାଅ—ଯେତେ ଖରାପ କାର୍ଯ୍ୟ କଲେ ସୁଦ୍ଧା ଗଙ୍ଗାରେ ଥରେ ବାରଣୀ ବୁଡ଼ ପକାଇଦେଲେ, ମସଜିଦ୍‌କୁ ଯାଇ ଖୁବ୍ ଜୋରରେ ନମାଜ ପଢ଼ିଦେଲେ କିମ୍ବା ମନ୍ଦିରକୁ ଯାଇ ଆଖି ବୁଜି ପ୍ରାର୍ଥନା କଲେ ତୁମକୁ ସ୍ୱର୍ଗରେ ରସଗୋଲା ମିଳିଯିବ, ମାତ୍ର ଏପରି ଧରଣା କରିବା ସମ୍ପୂର୍ଣ୍ଣ ଭୁଲ । ଖରାପ କାର୍ଯ୍ୟର ଫଳ ଖରାପ ହେବ, ଭଲ କାର୍ଯ୍ୟର ଫଳ ଭଲ ହେବ—ସେଥିରେ ଭଗବାନଙ୍କୁ ଭୟ କରିବାର କୌଣସି ହେତୁ ନାହିଁ । ସୁତରାଂ ମଙ୍ଗଳମୟ ସତ୍ୟ ସ୍ୱରୂପ ଭଗବାନଙ୍କଠାରୁ ସୁଦ୍ଧା ଭୟ ଛାଡ଼ିବା କର୍ତ୍ତବ୍ୟ, ଭଗବାନଙ୍କଠାରେ ଭୟ ଯେଉଁ ସ୍ଥାନ ମାଡ଼ି ବସିଅଛି ସେହି ସ୍ଥାନରେ ସେହି 'ମହତୋମହୀୟାନ' ଆସନରେ ପରିଶୁଦ୍ଧ ବିବେକରେ ସତ୍ୟ ଓ ପ୍ରେମକୁ ସ୍ଥାନ ଦିଅ । ହେ ଭାଇ, ଅନ୍ତର ଶୁଣ ପାପକୁ ଭୟ କରୁଛ, ଶୟତାନକୁ ଭୟ କରୁଛ । ଏମାନଙ୍କୁ ସୁଦ୍ଧା ଭୟ-

କରନାହିଁ । ଭୟକଲେ ତୁମେ ଦୁର୍ବଳ ହୋଇଯିବ, ସଂକୀର୍ଣ୍ଣ ହୋଇଯିବ । ପାପର ଆକ୍ରମଣରେ ତୁମର ଧ୍ୱଂସ ହେବ । ତୁମର ସର୍ବନାଶ ହେବ । ଯୁଦ୍ଧ କରିବ କିଏ ? ସତ୍ୟର ଆଶ୍ରୟ ନେଇ ଶୟତାନ ସହ ଭୀଷଣ ଯୁଦ୍ଧ କର, ପାପକୁ ନିର୍ବାସିତ କର, ଦେଖିବ ତୁମେ ନିର୍ମଳ ମୁକ୍ତ ହୋଇଛ । ତୁମର ଦେହ, ମନ, ହୃଦୟରୁ ମନ୍ତ୍ର ଝଙ୍କାର ଉଠୁଛି—**ଭୟ ନାହିଁ ! ଭୟ ନାହିଁ !**

**ମୃତ୍ୟୁକୁ ଭୟ କରନାହିଁ**

ଜନ୍ମ ଓ ମୃତ୍ୟୁ ଏ ଦୁଇଟି ଯୋଡ଼ିଏ ଦ୍ୱାର ମାତ୍ର—ପ୍ରତ୍ୟେକ ଜୀବ ଜନ୍ମ ଦ୍ୱାର ଦେଇ ଭୂଲୋକ ଅର୍ଥାତ୍ ପୃଥିବୀରେ ପ୍ରବେଶ କରେ ଓ ସ୍ଥୂଳଦେହକୁ ଏହି ସ୍ଥୂଳ ଜଗତ ବା ଭୂଲୋକରେ ଛାଡ଼ି ମୃତ୍ୟୁଦ୍ୱାର ଦେଇ ଭୁବର୍ଲୋକକୁ ଯାତ୍ରା କରେ । ଜନ୍ମ ଜୀବର ଆରମ୍ଭ ନୁହେଁ କିମ୍ବା ମୃତ୍ୟୁ ଜୀବର ଶେଷ ନୁହେଁ । ଜନ୍ମ ଭଗବାନଙ୍କର ଅନୁଗ୍ରହ ନୁହେଁ କିମ୍ବା ମୃତ୍ୟୁ ଭଗବାନଙ୍କର ଦଣ୍ଡ ନୁହେଁ । ଯାହା ପ୍ରତ୍ୟେକ ଜୀବକୁ ଭୋଗିବାକୁ ପଡ଼େ ତାହା ଅନୁଗ୍ରହ କିମ୍ବା ଦଣ୍ଡ ହୋଇ ନ ପାରେ । ତୁମେ ଅମୃତର ସନ୍ତାନ, ତୁମେ ଅମର, ଯାହାର ମୃତ୍ୟୁ ଅଛି ବୋଲି ତୁମେ ଭୟ କରୁଛ ସେ ତୁମେ ନୁହଁ ତୁମରସ୍ଥୂଳଦେହ । ତୁମର ଆହୁରି କେତୋଟି ସୂକ୍ଷ୍ମ ଦେହ ଅଛି । ଯେଉଁଲୋକ ମୃତ୍ୟୁକୁ ଭୟ କରେ ସେ ପ୍ରକୃତରେ ନାସ୍ତିକ । ମୃତ୍ୟୁ ଆମମାନଙ୍କର ଗୁରୁ—ପୁଣି ଆନନ୍ଦମୟ ଗୁରୁ ।

ଯେଉଁ ମିଥ୍ୟା ମାନବ ପ୍ରାଣକୁ ନିତ୍ୟ ସଂକୁଚିତ କରେ, ଯାହା ଯୋଗୁଁ ସ୍ୱଭାବସୁନ୍ଦର ଅଧଃପତିତ ହେବାକୁ ପଡ଼େ—ସେହି ମିଥ୍ୟା ସହିତ ଭୟର ଘନିଷ୍ଠ ସମ୍ପର୍କ । ଭୟରୁ ମିଥ୍ୟାର ଉତ୍ପତ୍ତି । ଭୟକୁ ମିଛର ମାଆ ବୋଲି କହିବାକୁ ହେବ । ମାଆ କୋଳରେ ଶିଶୁ ରହିଲା ପରି, ଭୟ କୋଳରେ ମିଛ ପ୍ରଶ୍ରୟସୂତ୍ର ଆଶ୍ଳେଷିତ ହୋଇ ରହିଅଛି । ଭୟ ମଧ୍ୟ ତାର ସନ୍ତାନ-ସ୍ୱରୂପୀ ମିଥ୍ୟାକୁ ରକ୍ଷା କରିବାପାଇଁ ତା ପାଖେ ପାଖେ ଅନବରତ ରହିଅଛି । ଭୟ ଓ ମିଥ୍ୟାର ଏହି ନିଗୂଢ଼ ପ୍ରେମ ରହସ୍ୟ ପାଇଁ ଗୋଟିଏ ଚିର ପ୍ରଚଳିତ ସାଧାରଣ ଉଦାହରଣ ଦେଲେ କଥାଟା

ପରିସ୍ଫୁଟ ହୋଇଯିବ । ପାଞ୍ଚ କି ଛଅ ବର୍ଷର ପିଲା ଘରୁ କାଚ ଗ୍ଲାସଟି ଭାଙ୍ଗି ଦେଇଛି । ମା' କାଳେ ମାରିବ ଏଥିପାଇଁ ସେ ସମସ୍ତଙ୍କ ଅନୁପସ୍ଥିତିରେ ଭଙ୍ଗା କାଚ ଗୁଡ଼ିକ ଗୋଟେଇ ଦୂରକୁ ଫିଙ୍ଗି ଦେଇଛି । ମାଆ ଯେବେ ଗ୍ଲାସ ଖୋଜିଲା ବେଳକୁ ଗ୍ଲାସ ପାଇ ପାରିଲା ନାହିଁ । ସବୁ ପିଲାଙ୍କୁ ପଚାରିଲା ସମସ୍ତେ ନାହିଁ କଲେ, ଯେ ଭାଙ୍ଗିଛି ସେ ମଧ୍ୟ ନାହିଁ କଲା, କାରଣ କାଳେ ମାଆ ମାରିବ ସେଥିଲାଗି ସେ ମିଛ କହିବାକୁ ବାଧ୍ୟ ହେଲା । ପିଲାଟି ଯଦି ସରଳ ସତ୍ୟର ଆଶ୍ରୟ ନେଇ ନିଜେ ଭାଙ୍ଗିଛି ବୋଲି କହିଥାଆନ୍ତା ତେବେ ମାଆ ତାକୁ ଗୋଟିଏ ଯୋଡ଼ିଏ ଉତ୍ତମ ମଧ୍ୟମ ବସାଇ ଥାଆନ୍ତା । ମାଆର ମାଡ଼ ଭୟରୁ ପିଲାଟି ମିଛ କହିବାକୁ ଶିଖିଲା । ଆହୁରି ମଧ୍ୟ ଶିଖିଲା ଯେ ମିଛ କହିଲେ ମନୁଷ୍ୟ ବିପଦରୁ ରକ୍ଷାପାଏ ।

ଭୟ ସହିତ ମିଥ୍ୟାର ଘନିଷ୍ଠ ସମ୍ପର୍କ

ଏହିସବୁ ଶିକ୍ଷା—ଏହି ସବୁ ଅନୁଭୂତି ପିଲାଦିନରୁ ଏପରି ବଦ୍ଧମୂଳ ହୋଇଗଲା ଯେ ପରେ ଶାସ୍ତ୍ର ପୁରାଣରେ 'ନ ମିଥ୍ୟା ପାତକଂ ପରଂ' (There is no sin blacker than falsehood) 'ଅହିଂସା ପରମୋଧର୍ମ' (There is no power greater than Love) 'ନାସ୍ତି ସତ୍ୟାତ୍ ପରୋଧର୍ମ' (There is no religion higher than Truth) ଗ୍ରିଷ୍ଟିମ୍ ଓ ଗୀତେବ ରଙ୍ଗାଏ ଖୋଦା ଅସ୍ତୁ ପ୍ରଭୃତି ସଂସ୍କୃତ, ଇଂରାଜୀ, ଉର୍ଦ୍ଦୁରୁ ପିଲାଟି ଯେତେ ମୁଖସ୍ଥ କଲା—ସେ ସବୁ କେବଳ ମୁଖସ୍ଥ ହୋଇ ରହିଲା—ହୃଦୟ ଛୁଇଁ ପାରିଲା ନାହିଁ । ତେଣୁ ଏ ମିଛକୁ ଏକମାତ୍ର ଭରସା କରି ଭୁମିର ସୃଷ୍ଟି କଲା । ଶିଶୁ ଜୀବନରୁ ମାନବ ସନ୍ତାନ କାପୁରୁଷ ହେଉଅଛି—ଭୟ କରି କରି ।

ଭୟର ଆଉ ଗୋଟିଏ ଭଉଣୀ ଅଛି । ତାର ନାମ ଲଜ୍ଜା । ଏହି ଲଜ୍ଜା ବଡ଼ ଅପବିତ୍ର । ଏହାଯୋଗୁଁ ମନୁଷ୍ୟର ଉନ୍ନତି, ଜୀବର ବିକାଶ ବହୁ ପରିମାଣରେ ହାନି ହୁଏ । ଗୁରୁଙ୍କୁ, ବାପାଙ୍କୁ, ଶ୍ୱଶୁରଙ୍କୁ, ମାନ୍ୟଙ୍କୁ, ଅମାନ୍ୟଙ୍କୁ ଲାଜ କରି କରି ପୁରୁଷ ଯେପରି ଦୁର୍ବଳ ଓ ଅପବିତ୍ର ହେଉଛି

—ତାହାଠାରୁ ଅନ୍ତବେଶୀ ମାତୃକାନ୍ତ। ନାରୀର ଲଜ୍ଜା ସାରା ସଂସାରରୁ ବାହାର। ଲଜ୍ଜାର ଅଭିନୟ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ।

**ଭୟର ଭଉଣୀ ଲଜ୍ଜା**

ଯେଉଁଠି ଅପବିତ୍ରତା ସେଇଠି ଲଜ୍ଜା। ଅନୁଚିତ କାର୍ଯ୍ୟ ପାଇଁ ଅନ୍ତରର ସଙ୍କୋଚକୁ ଲଜ୍ଜା କହନ୍ତି। ଏହି ସଙ୍କୋଚ ଅନ୍ୟାୟ କାର୍ଯ୍ୟପାଇଁ ନ ହୋଇ ଏବେ ଭଲ କାର୍ଯ୍ୟରେ, ଠିଆ ହେଉ ହେଉ, ଦେଖା କରୁ କରୁ ସ୍ୱତଃ ଉଦୟ ହେଉଅଛି। ଭୟ ସହିତ ଏହି ପାପିଷ୍ଠ ସଦାବେଳେ ସମ୍ପର୍କ ରଖି ରହିଛି। *

ବାପା ମାଆମାନେ ପୁଅ ଝିଅଙ୍କୁ ପିଲାଦିନରୁ ଭୟ ଓ ଲଜ୍ଜା ଶିକ୍ଷା ଦିଅନ୍ତି—ମାତ୍ର ତାହା ନିତାନ୍ତ ଭୁଲ। ମନୁଷ୍ୟ ଯେତେବେଳେ ମିଥ୍ୟାର ଆଶ୍ରୟ ନେବ, ସେତେବେଳେ ସେ ନିଜେ ଭୟର ସୃଷ୍ଟି କରିବ। ବାପ ମାଆଙ୍କ ଦୋଷରୁ ଓ ପ୍ରତିବେଶୀଙ୍କ ଦୋଷରୁ ଯେତେବେଳେ ହୃଦୟରେ କୌଣସି ଅପବିତ୍ରତାର ଭାବ ଜାଗ୍ରତ ହେବ, ସେତେବେଳେ ସେ ଆପେ ଆପେ ମୁହଁ ଲୁଚାଇ ଲଜ୍ଜାଦେବୀଙ୍କୁ ବରଣ କରିବ। ବାପମାଆମାନଙ୍କର ସର୍ବଦା ସତର୍କ ରହିବା ଉଚିତ। ଯେପରି ମିଥ୍ୟା ଓ ଅପବିତ୍ରତା, ଏହି ଭୟ ଓ ଲଜ୍ଜାର ଆଶ୍ରୟ ନେଇ ପିଲାମାନଙ୍କର ମନରେ ଓ ହୃଦୟରେ ପ୍ରବେଶ କରି ନ ପାରେ। ସର୍ବଦା ମନେ ରଖିଥିବା ଉଚିତ ଯେ, ଭୟରୁ ମିଥ୍ୟାର ଉତ୍ପତ୍ତି ହୁଏ ଓ ଲଜ୍ଜାରୁ ହୃଦୟର ଅପବିତ୍ରତା ଉତ୍ପତ୍ତି ହୋଇଥାଏ।

ବାପ ମାଆମାନଙ୍କୁ ଆନ୍ତରିକ ଅନୁରୋଧ ଯେ, ସେମାନେ ପିଲାମାନଙ୍କୁ ଭୟଦ୍ୱାରା ଶାସନ ନ କରି ପ୍ରେମଦ୍ୱାରା ଶାସନ କରିବାକୁ ଶିଖନ୍ତୁ।

ପ୍ରତ୍ୟେକ ଜୀବର ଲକ୍ଷ୍ୟ ମୁକ୍ତି। ପ୍ରତ୍ୟେକ ଜୀବ ସରଳ ସତ୍ୟ ଓ ପବିତ୍ରପ୍ରେମର ଆଶ୍ରୟ ନେଇ ନିର୍ମଳ ଆନନ୍ଦ ଭୋଗ କରିବା ସଙ୍ଗେ ସଙ୍ଗେ ବହୁଦର୍ଶିତା ଲାଭକରି କ୍ରମୋନ୍ନତି ପଥରେ ସେହି ମୁକ୍ତି ଆଡ଼କୁ ଅଗ୍ରସର ହେଉ—ଏହା ଆମ୍ଭମାନଙ୍କର ପରମପିତା ପରମେଶ୍ୱରଙ୍କର ଜୀବ ସୃଷ୍ଟିର ଏକମାତ୍ର ଉଦ୍ଦେଶ୍ୟ।

---

* ଏହି ବିଷୟରେ ବିଶେଷ ଆଲୋଚନା ମୋର **ନାରୀମଙ୍ଗଳ** ନାରୀମଙ୍ଗଳ ପୁସ୍ତକରେ କରାଯାଇଅଛି।

ଭଗବାନଙ୍କର ଏହି ଉଦ୍ଦେଶ୍ୟରେ ସହାୟତା କରିବା ଆମ୍ଭମାନଙ୍କର ଏକମାତ୍ର କାର୍ଯ୍ୟ, ଯଦି ଏହି ଜନମୋନ୍ନତ କାର୍ଯ୍ୟରେ ସହାୟତା କରି ନପାର, ଯଦି ଭଗବାନଙ୍କ ଆଦର୍ଶରେ ପିଲାମାନଙ୍କୁ ଶିକ୍ଷା ଦେଇ ନ ପାର— ତେବେ ଶିକ୍ଷା କାର୍ଯ୍ୟରୁ ଉଦାସୀନ ରହିବା ବରଂ ଭଲ, କିନ୍ତୁ ଭୟ ଓ ଲଜ୍ଜା ଦ୍ୱାରା ମିଥ୍ୟା ଓ ହୃଦୟର ଅପବିତ୍ରତା ଶିକ୍ଷା ଦେଇ ନିଜ ନିଜକୁ ଗୌରବାନ୍ୱିତ ମନେ କରିବା ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ । ବନ୍ଧନରେ ଜୀବର ଦୁଃଖ ଓ ମୁକ୍ତିରେ ଜୀବର ପ୍ରକୃତ ଆନନ୍ଦ । ଏହା ପ୍ରତ୍ୟେକ ଅନୁଭବ କରି ପାରିବେ । ମନୁଷ୍ୟ କଥା ପଛକୁ ଥାଉ ସାମାନ୍ୟ ଚଢ଼ାଇଟିଏ ପିଞ୍ଜରାରେ ଥିବାଯାଏ ତାହାର ଦୁଃଖ । ପିଞ୍ଜରାରୁ ମୁକ୍ତ ହେଲେ ତାହାର ଆନନ୍ଦ । ଏହି ମୁକ୍ତିରେ ଆମ୍ଭମାନଙ୍କର ପ୍ରକୃତ ଆନନ୍ଦ ତେଣୁ ମୁକ୍ତି ଆମ୍ଭମାନଙ୍କର ଏକମାତ୍ର ଲକ୍ଷ୍ୟ । ଯଦି ମୁକ୍ତିକୁ ଜୀବନର ଲକ୍ଷ ବୋଲି ନିଜେ ନିଜେ ସ୍ଥିର କରିଥାଅ—(ଶାସ୍ତ୍ର ପୁରାଣରେ ନୁହେଁ କିମ୍ବା ଗୁରୁ ପୁରୋହିତଙ୍କଠାରୁ ନୁହେଁ) ପ୍ରକୃତ ଲକ୍ଷ୍ୟରେ ପହଞ୍ଚିବା ସକାଶେ ଇଚ୍ଛା କରିଥାଅ, ତେବେ ସତ୍ୟ ଓ ବିଶୁଦ୍ଧପ୍ରେମର ଆଶ୍ରୟ ନିଅ । ମିଥ୍ୟା, ଅପବିତ୍ର କାମନା ଓ ଅପବିତ୍ର ଭାବନାକୁ ଦୂର କରିବା ସଙ୍ଗେ ସଙ୍ଗେ ଭୟକୁ ଓ ଲଜ୍ଜାକୁ ମନରୁ ଏବଂ ହୃଦୟରୁ ସମ୍ପୂର୍ଣ୍ଣ ରୂପେ ନିର୍ବାସନ କର— ଏତିକି ପ୍ରାର୍ଥନା ।

୧୯୩୦ ମସିହା

୯ମ ପରିଚ୍ଛେଦ

# ସ୍ୱଭାବ ନିୟୁତ ଜୀବନ ଯୁଦ୍ଧ

●

## ନିବେଦନ

ବିଶୃଙ୍ଖଳାପୂର୍ଣ୍ଣ ଉପସ୍ଥିତ ମାନବ ସମାଜରେ ସତ୍ୟ, ସାମ୍ୟବାଦ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତା, ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାକୁ କର୍ତ୍ତବ୍ୟ ବୋଧ କଲେ ଏବଂ ନିଜେ ଅନ୍ତଃସୁଖ ଓ ଅନ୍ତଃଶାନ୍ତି ଉପଲବ୍ଧି କରିବାକୁ ହେଲେ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ଉପରେ ପ୍ରତିଷ୍ଠିତ ଉପସ୍ଥିତ ଅସ୍ୱାଭାବିକ ଜୀବନ ଯାତ୍ରାକୁ ସ୍ୱଭାବନିୟୁତ କରନ୍ତୁ । ବହୁକାଳର ପୂର୍ବାଭ୍ୟାସ ନିଜେ ପରିତ୍ୟାଗ କରି ନ ପାରିଲେ ମଧ୍ୟ ସର୍ବଦା ସତର୍କ ରୁହନ୍ତୁ, ଯେପରି ଆମର ଭବିଷ୍ୟତ ବଂଶଧରମାନେ ଆମକୁ ଅନୁକରଣ ନ କରନ୍ତୁ ଏବଂ ସେମାନଙ୍କର ଜୀବନ ଯାତ୍ରାକୁ ସ୍ୱଭାବ ନିୟୁତ କରିବାକୁ ଶିଖନ୍ତୁ ।

## ଭୂ ମି କା

କର୍ମ ନ କରି କେହି କ୍ଷଣେ ମାତ୍ର ରହିପାରିବ ନାହିଁ, ଏହା ସୃଷ୍ଟି କୌଶଳର ସର୍ବପ୍ରଧାନ ନିୟମ । ସେଥିପାଇଁ ଗୀତା କହୁଛି—ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍—(୩ୟ-୫)

ଗୀତା କହୁଛି, ଏଣୁ କଥାଟିକୁ ସତ୍ୟ ବୋଲି ଗ୍ରହଣ କରିବାକୁ ହେବ ଏହା ମୁଁ କହୁ ନାହିଁ । କଥାଟି କେତେଦୂର ସତ୍ୟ ତାହା ପ୍ରତ୍ୟେକ ବ୍ୟକ୍ତି ନିଜେ ଉପଲବ୍ଧି କରିବା ଏକାନ୍ତ ଆବଶ୍ୟକ । ଏଠାରେ କର୍ମ

କଥାଟିର ଅର୍ଥ ସ୍ୱଭାବନିୟତ କର୍ମ । କୌଣସି ପ୍ରକାର ଅନ୍ଧବିଶ୍ୱାସ କିମ୍ବା ଅନ୍ଧାନୁସରଣକୁ ପ୍ରଶ୍ରୟ ନ ଦେଇ ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱଭାବନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହେବା ଏକାନ୍ତ ଆବଶ୍ୟକ, ଏହାହିଁ ଗୀତା-କାରଙ୍କ ଅଭିପ୍ରାୟ ଏବଂ ଗୀତାର ସର୍ବପ୍ରଧାନ ଉପଦେଶ ।

ମୁଁ ଆମେରିକା ବାସୀ, ଭାରତ ବାସୀ ଇତ୍ୟାଦି ଜାତିୟତା ଦୋଷରୁ ଏବଂ ମୁଁ ହିନ୍ଦୁ, ମୁଁ ମୁସଲମାନ ଇତ୍ୟାଦି ସାମ୍ପ୍ରଦାୟିକତା ଦୋଷରୁ ବହୁକାଳ ହେଲା ଆମ୍ଭେମାନେ ଯେଉଁ ଯୁଦ୍ଧରେ ଲିପ୍ତ ରହିଅଛୁଁ ଏବଂ ଆମ ଦେଶ, ଆମ ଜାତି, ଆମ ଧର୍ମ ଇତ୍ୟାଦି ମମତା ଦୋଷରୁ ରାଜ୍ୟଲାଭ ଓ ଯଶଲାଭ ପାଇଁ ନରହତ୍ୟାରୂପ ଯେଉଁ ଯୁଦ୍ଧରେ ଲିପ୍ତ ରହି ଉପସ୍ଥିତ ଦୁରବସ୍ଥା ଭୋଗୁଅଛୁଁ "ଜୀବନ ଯୁଦ୍ଧ" କଥାଟିରେ ଥିବା "ଯୁଦ୍ଧ" ଶବ୍ଦଟିର ଅର୍ଥ ତାହା ନୁହେଁ । ଏଠାରେ ଯୁଦ୍ଧ ଶବ୍ଦଟିର ଅର୍ଥ ସ୍ୱଭାବନିୟତ ଯୁଦ୍ଧ । ସେଥିପାଇଁ ଏହି ପୁସ୍ତକର ନାମ କେବଳ "ଜୀବନ ଯୁଦ୍ଧ" ଦିଆ ନ ଯାଇ ସେଥିରେ "ସ୍ୱଭାବନିୟତ" ଏହି ବିଶେଷଣଟି ଯୋଗ କରାଯାଇଅଛି ।

ସ୍ୱଭାବନିୟତ କର୍ମ କଅଣ ତାହା ବୁଝାଇବା ଅଭିପ୍ରାୟରେ ସ୍ୱଭାବନିୟତ କର୍ମକୁ ଗୀତାରେ ସହଜମ କର୍ମ ବା ସହଜାତ କର୍ମ କୁହା-ଯାଇଅଛି । ଏହି ସ୍ୱଭାବନିୟତ କର୍ମ ବା ସହଜାତ କର୍ମ ଦୋଷଯୁକ୍ତ ଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ଏବଂ ଏହି ଦୋଷଯୁକ୍ତ କର୍ମ କରିବାରେ ପାପ ନାହିଁ । ଏହି କଥାକୁ ସମର୍ଥନ କରି ଗୀତା କହୁଛି :—

ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ (୧୮ଶ ୪୭)
ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ (୧୮ଶ-୪୮)

ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ, ଅହମିକା ଓ ମମତା ଦୋଷଜନିତ ଯାବତୀୟ ବୃଥାଡମ୍ବର ପରିତ୍ୟାଗ କରି ଲୋକେ ନିଜ ନିଜର ପବିତ୍ର ବିବେକବୁଦ୍ଧିର ଶରଣ ନେଇ ସର୍ବଦା ନିଜ ନିଜର ସ୍ୱଭାବନିୟତ କର୍ମରେ ବା ସ୍ୱଭାବନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହୁଅନ୍ତୁ, ଏହି କଥାକୁ ସମର୍ଥନ କରି ଗୀତା କହୁଛି ।

*

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ (୮ଶ ୭)

ଅର୍ଥ — ଅତଏବ ସର୍ବଦା ମୋତେ ସ୍ମରଣ କର ଓ ଯୁଦ୍ଧ କର । ଏଠାରେ ଥିବା "ସର୍ବଦା" ଏହି କଥାଟିର ଅର୍ଥ ଏହି କି ପ୍ରତ୍ୟେକ ବ୍ୟକ୍ତି ନିଜର ନିରବଚ୍ଛିନ୍ନ ସ୍ୱଭାବନିଯୁକ୍ତ କର୍ମରେ ଅଗ୍ରସର ହୁଅନ୍ତୁ । ଗୀତାର ଏହି ଉପଦେଶ ମାନବ ଜାତିର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୀତାର ପ୍ରତ୍ୟକ୍ଷ ଓ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣ ଦେଇଅଛନ୍ତି ।

ଗୀତାର ସେହି ବ୍ୟକ୍ତ ଓ ପ୍ରତ୍ୟକ୍ଷ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ଆମ୍ଭମାନଙ୍କର ପବିତ୍ର ବିବେକ ବୁଦ୍ଧି ଏବଂ ସମସ୍ତ ମନୁଷ୍ୟ ଲୋକର ବୁଦ୍ଧି ତତ୍ତ୍ୱ । ଏ ବିଷୟର ବିଶେଷ ଆଲୋଚନା ମୋର "ଗୀତା" ବା ଗୀତା-ସଂକ୍ରାନ୍ତ ଯେ କୌଣସି ପୁସ୍ତକରୁ ଜାଣିପାରିବେ ।

ଲେଖକ

# ପିଲାଦିନର ଅନୁଭୂତି

କଟକ ଜିଲ୍ଲା ସାଲେପୁର ଥାନା, ମୂଳବସନ୍ତ ଗ୍ରାମରେ ଗୋଟିଏ ଏକାନ୍ନବର୍ତ୍ତୀ କୁଳୀନ ବ୍ରାହ୍ମଣ ପରିବାରରେ ମୋର ଜନ୍ମ । ଜାତକରୁ ଭାଗ୍ୟଫଳ ବୁଝିବା ନିର୍ବୋଧତା ଓ ଅନିଷ୍ଟପ୍ରଦ ବୁଝି ମୁଁ ନିଜେ ମୋର ୨୫-୨୬ ବର୍ଷ ବେଳେ ଜାତକଟା ଚିରି ଦେଇଥିଲି । ଚିରିଦେବା ବେଳେ ଜନ୍ମ ତାରିଖ ଟିପି ରଖିବାକୁ ଭୁଲିଗଲି । ତେଣୁ ମୋର ଜନ୍ମର ପ୍ରକୃତ ତାରିଖଟା ମୋତେ ଜଣା ନାହିଁ । ମୋର କକେଇ ପୁଅ ଭାଇ ମୋଠାରୁ ୩-୪ ମାସ ବଡ଼ । ତେଣୁ ତାଙ୍କଠାରୁ ବୁଝିଲି ଯେ ତାଙ୍କର ଜନ୍ମ ୧୮୮୫ ସାଲ ସେପ୍ଟେମ୍ବର ମାସରେ; ତେଣୁ ମୋର ଜନ୍ମ ସେହି ସାଲ ନଭେମ୍ବର କିମ୍ବା ଡିସେମ୍ବର ମାସରେ ।

"ଏକାନ୍ନବର୍ତ୍ତୀ ପରିବାରରେ ମୋର ଜନ୍ମ" ଏକଥା ଲେଖିବାର ଅଭିପ୍ରାୟ ଏହିକି ମୋ ପିଲାବେଳେ ଓଡ଼ିଶାରେ ଏକାନ୍ନବର୍ତ୍ତୀ ପରିବାର ଅନେକ ଥିଲା । ଲୋକେ କିଏ ତିନିପୁରୁଷ କିଏ ଚାରିପୁରୁଷ ପର୍ଯ୍ୟନ୍ତ ଏକାନ୍ନବର୍ତ୍ତୀ ହୋଇ ରହୁଥିଲେ । ଅନେକ ପରିବାରରେ ୫୦।୬୦ ଜଣ ଲୋକ ଏକାନ୍ନବର୍ତ୍ତୀ ହୋଇ ସୁଖ ସ୍ୱଚ୍ଛନ୍ଦରେ ରହୁଥିବା ମୁଁ ଦେଖିଛି । ପ୍ରତ୍ୟେକ ପରିବାରରେ ଗାଈ ଗୋରୁ ଯଥେଷ୍ଟ ଥିଲେ । ଲୋକେ ଦୁଧ, ଘିଅ ଯଥେଷ୍ଟ ପରିମାଣରେ ଖାଇବାକୁ ପାଇ ଖୁବ୍ ସୁସ୍ଥ ଓ ସବଳ ଥିଲେ । ଆପଣା ଆପଣା ମଧ୍ୟରେ ସେମାନଙ୍କର ସ୍ନେହ ସଦ୍‌ଭାବ ଓ ସହଯୋଗ ଯଥେଷ୍ଟ ଥିଲା । ଲୋକେ ସତ୍ୟପ୍ରିୟ ଥିଲେ ଏବଂ ସେମାନଙ୍କର ଆଚାର ବ୍ୟବହାର ଖୁବ୍ ସରଳ ଥିଲା । ସ୍ତ୍ରୀ ଲୋକମାନେ ମୋଟା ମୋଟା ରୁପାର ଗହଣା ପିନ୍ଧୁଥିଲେ । ସୁସ୍ଥକାୟ ଥିବାରୁ ସେହି ମୋଟା ଗହଣାରେ ସେମାନେ ବିଶେଷ ଶୋଭା ପାଉଥିଲେ । ବିଂଶଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରେ ଉପସ୍ଥିତ ପାଶ୍ଚାତ୍ୟ ଶିକ୍ଷା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସଂକୀର୍ଣ୍ଣ ସ୍ୱାର୍ଥପରତା ଓ ବୃଥାଡ଼ମ୍ବର କ୍ରମେ କ୍ରମେ ବୃଦ୍ଧି ପାଇଲା ଏବଂ ଆପଣା ଆପଣା ମଧ୍ୟରେ ଥିବା ସ୍ନେହ ସଦ୍‌ଭାବ ଓ ସହଯୋଗ କ୍ରମେ ଲୋପ ହେବାକୁ ଲାଗିଲା । ଯେଉଁ ଅଳ୍ପ କେତେଜଣ ପାଠ ପଢ଼ିଲେ ଏବଂ ଚାକିରି କରିବା ପାଇଁ ସହରକୁ ଆସିଲେ ସେମାନେ ବଙ୍ଗାଳୁଣୀମାନଙ୍କୁ ଓ ଅନ୍ୟ ସ୍ତ୍ରୀମାନଙ୍କୁ

ଅନୁକରଣ କରି ନିଜର ସ୍ତ୍ରୀମାନଙ୍କୁ ରୂପା ଗହଣା ପରିବର୍ତ୍ତେ ସୁନା ଗହଣା ପିନ୍ଧାଇଲେ । ଗହଣାରେ ବୃଥାଡ଼ମ୍ବର ଦେଖାଇବା ଓ ଗହଣା ପ୍ରତି ଆଶକ୍ତି ଏପରି ବୃଦ୍ଧି ପାଇଲା ଯେ ଲୋକେ ଦୁଧ, ଘିଅ ବିକ୍ରିକରି ଆବଶ୍ୟକ ହେଲେ ଗାଈ ଗୋରୁ ମଧ୍ୟ ବିକ୍ରିକରି ବିକ୍ରି-ଲବ୍ଧ ଅର୍ଥରେ ଗହଣା କିଣିଲେ । ଏହି ଗହଣା ସକାଶେ ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ଥିବା ସ୍ନେହ ସଦ୍‌ଭାବ ଲୋପ ହେଲା ଏବଂ ଈର୍ଷା ଓ ପରଶ୍ରୀକାତରତା ବୃଦ୍ଧି ପାଇଲା । ଏହି ଗହଣା ସକାଶେ ଅନେକ ଏକାନ୍ନବର୍ତ୍ତୀ ପରିବାର ଉଚ୍ଛନ୍ନ ହେଲା ।

ଗୃହ ପ୍ରତି ଲୋକଙ୍କର ଯଥେଷ୍ଟ ଆଗ୍ରହ ଥିଲା । ଆଧୁନିକ ଶିକ୍ଷାର ବିସ୍ତାର ହେବା ସଙ୍ଗେ ସଙ୍ଗେ ଗୃହ ପ୍ରତି ଆଗ୍ରହ ହ୍ରାସ ପାଇବାକୁ ଆରମ୍ଭ କଲା । ଲୋକେ ଜମି ବାଡ଼ି ବିକ୍ରିକରି ପୁଅମାନଙ୍କୁ ପାଠ ପଢ଼ାଇଲେ । ଯେଉଁମାନେ ପାଠପଢ଼ି ଚାକିରି କଲେ ସେମାନେ ଅଳ୍ପ ପରିଶ୍ରମରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଉପାର୍ଜ୍ଜନ କଲେ ଏବଂ ଉପାର୍ଜ୍ଜିତ ଅର୍ଥକୁ ନିଜର ଭୋଗ ବିଳାସରେ ଓ ବୃଥାଡ଼ମ୍ବର ଦେଖାଇବାରେ ଖର୍ଚ୍ଚ କଲେ । ସେହିମାନଙ୍କୁ ଦେଖି ଯେଉଁ ସବଳ ଓ ସୁସ୍ଥକାୟ ମୂଲିଆମାନେ ଗୃହକାମ କରୁଥିଲେ ସେମାନେ କଲିକତା ଓ ଖଡ଼ଗ୍‌ପୁର ଯାଇ ଅଧିକ ଟଙ୍କା ଉପାର୍ଜ୍ଜନ କଲେ । ତେଣୁ ଗୃହ କାମ ରହିଲା ନିତାନ୍ତ ବୁଢ଼ା ଓ ଅକର୍ମଣ୍ୟ ଲୋକଙ୍କ ହାତରେ । କ୍ରମେ କ୍ରମେ ଗୃହ ପ୍ରତି ଲୋକଙ୍କର ଆଗ୍ରହ ହ୍ରାସ ପାଇଲା ଏବଂ ଚାକିରି ପ୍ରତି ଆଗ୍ରହ ବୃଦ୍ଧି ପାଇଲା । ଗହଣାରେ ଓ ନ୍ୟାସ୍ତ ନିମିତ୍ତରେ ବୃଥାଡ଼ମ୍ବର ଦେଖାଇବାର ପ୍ରବୃତ୍ତି ମଧ୍ୟ କ୍ରମେ କ୍ରମେ ବୃଦ୍ଧି ପାଇଲା । ୧୯୨୫-୨୭ ସାଲ ବେଳକୁ ଅନେକ ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗିଯାଇ ଶତକଡ଼ା ୨-୩ ଟି ମାତ୍ର ଏକାନ୍ନବର୍ତ୍ତୀ ପରିବାର ରହିଛି । ଏହି କେତୋଟି ପରିବାରରେ ମଧ୍ୟ ପୂର୍ବର ସ୍ନେହ ସଦ୍‌ଭାବ ରହିଥାରୁ ନାହିଁ । ନାନା ପ୍ରକାର ଦୁଃଖ ଅଶାନ୍ତି ଭୋଗ କରି ମଧ୍ୟ କେହି ଲୋକନିନ୍ଦାକୁ ଭୟକରି ଲୋକେ ଏକାନ୍ନବବର୍ତ୍ତୀ ପରିବାର ରକ୍ଷାକଲେ ଯେଉଁ ଲୋକ ପ୍ରଥମ ପୃଥକ୍ ହେବାକୁ କହିବ ତାହାର ଅମଙ୍ଗଳ ଘଟିବ ଏପରି ଅନ୍ଧବିଶ୍ୱାସ ଭୟ ମଧ୍ୟ ପ୍ରାୟ ସମସ୍ତଙ୍କର ଥାଏ । ଏକାନ୍ନବର୍ତ୍ତୀ ପରିବାର ରହିବାର ମଙ୍ଗଳପ୍ରଦ କି ଅନିଷ୍ଟପ୍ରଦ ଏ ବିଷୟରେ ସ୍କୁଲ କଲେଜମାନଙ୍କରେ ଅନେକ ଆଲୋଚନା ଚାଲିଲା । ଏପରି ଅନେକ ଆଲୋଚନାରେ ମୁଁ ଯୋଗଦେଇଛି । ମୁଁ ଥାଏ

ଏକାନ୍ନବର୍ତ୍ତୀ ପରିବାର ରହିବା ସପକ୍ଷରେ । "କୁଳୀନ ବ୍ରାହ୍ମଣ ପରିବାରରେ ମୋର ଜନ୍ମ" ଏକଥା ଲେଖିବାର ଅଭିପ୍ରାୟ ଏହିକି ମୋ ପିଲାବେଳେ ସମାଜରେ କୁଳୀନ ବ୍ରାହ୍ମଣ ପରିବାରମାନଙ୍କର ଯଥେଷ୍ଟ ସମ୍ମାନ ଥିଲା । ସମୁକର, ବାଜପେଇ, ଭରଦ୍ୱାଜ, ଏକୋଦ୍ଦିଷ୍ଟ ବ୍ରାହ୍ମଣ ଭାବରେ ଆମ ପରିବାରର ମଧ୍ୟ ଯଥେଷ୍ଟ ସମ୍ମାନ ଥିଲା । କୁଳୀନ ବ୍ରାହ୍ମଣ ପରିବାରମାନଙ୍କର ସମ୍ମାନ ଶ୍ରେଣିକି ଥାଉ ବ୍ରାହ୍ମଣ ଜାତି ପ୍ରତି ଲୋକଙ୍କର ଯେଉଁ ସମ୍ମାନ ଥିଲା, ତାହା ଆଜି ସମ୍ପୂର୍ଣ୍ଣରୂପେ ଲୋପ ପାଇ ସାରିଲାଣି । ଆଜି କାଲି ସବୁ ସମ୍ମାନ ରହିଲାଣି ଧନରେ, ବି.ଏ. ଏମ୍,ଏ ପ୍ରଭୃତି ଉପାଧିରେ ଓ ବଡ଼ ବଡ଼ ଚାକିରିରେ । ନିଜ ଅପେକ୍ଷା ଉଚ୍ଚକୁଳ ଖୋଜି ଲୋକେ ଝିଅମାନଙ୍କୁ ବିବାହ ଦେଉଥିଲେ ଏବଂ "ସ୍ତ୍ରୀରତ୍ନ ଦୁଷ୍କୁଳାଦପି" ଏହି ଶାସ୍ତ୍ରୀୟ ବ୍ୟବସ୍ଥା ଅନୁସାରେ ନିଜ ଅପେକ୍ଷା ନ୍ୟୂନ କୁଳରୁ ମଧ୍ୟ କନ୍ୟା ଆଣି ବିବାହ କରୁଥିଲେ । ମୁଁ ମୋର ବଡ ଝିଅକୁ କର ବଂଶରେ ଅର୍ଥାତ୍ ଆମ ଅପେକ୍ଷା ନ୍ୟୂନ କୁଳରେ ବିବାହ ଦେଇଥିଲି । ମୋର ୫୦ ବର୍ଷ ବେଳେ ମୋର ସ୍ତ୍ରୀଙ୍କର ମୃତ୍ୟୁ ହେବାରୁ ମୋର ମାଆ କହିଲେ "କରବଂଶ ଆମର ଝିଅ ଆଣିବା ବଂଶ, ମାତ୍ର ଝିଅ ଦେବା ବଂଶ ନୁହନ୍ତି । ତୁ କର ବଂଶରେ ଝିଅ ଦେଇଥିବାରୁ ତୋର ସ୍ତ୍ରୀ ମଲା । ଏପରି ଅନ୍ଧ ବିଶ୍ୱାସ ଆଜି କାଲି ନାହିଁ । ଲୋକେ ଧନ ଦେଖି ଓ ଚାକିରି ଦେଖି ନିଜ ଅପେକ୍ଷା ନ୍ୟୂନ କୁଳରେ ଝିଅ ଦେଲେଣି । ଉଚ୍ଚକୁଳ ଓ ନୀଚକୁଳ ମଧ୍ୟରେ ଥିବା ଭେଦଭାବ କାହିଁକି ବ୍ରାହ୍ମଣ ଓ ଅବ୍ରାହ୍ମଣ ମଧ୍ୟରେ ଥିବା ଭେଦଭାବ ମଧ୍ୟ କ୍ରମେ କ୍ରମେ ଲୋପ ହେଉଅଛି । ସମାଜରୁ ଯାବତୀୟ ଭେଦଭାବ ଦୂର ହେବା ଯେ ବାଞ୍ଛନୀୟ ଏଥିରେ ସନ୍ଦେହ ନାହିଁ ମାତ୍ର ବିବାହ ବିଷୟରେ ପୂର୍ବୋକ୍ତ ରୂପେ ଭେଦଭାବ ରଖିବା ବାଞ୍ଛନୀୟ କି ନୁହେଁ ଏ ବିଷୟରେ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତାକରି ତଦନୁସାରେ କାର୍ଯ୍ୟ କରିବା ଆବଶ୍ୟକ । ବାପାଙ୍କର ଦୁଇ ପୁଅ ମଧ୍ୟରେ ମୁଁ ହେଉଛି ବଡ଼ । ଦାଦେଇଙ୍କର ଦୁଇପୁଅ । କକେଇ ନିଃସନ୍ତାନ ଥିବାରୁ ଦାଦେଇଙ୍କର ସାନ ପୁଅକୁ ସେ ପୋଷ୍ୟପୁତ୍ର କରିଥିଲେ । ଦାଦେଇ କକେଇ ଓ ବାପାଙ୍କୁ ଆମେ ସବୁ ଭାଇ ଯଥାକ୍ରମେ ଦାଦେଇ ବାପା, ଦାଣ୍ଡିଆ ବାପା ଓ ଲୋଚନା ବାପା ବୋଲି ଡାକୁଥିଲୁ ଏବଂ ଜେଠେଇ ଖୁଡ଼ି ଓ ବୋଉକୁ

ମଆଙ୍କୁ ଯଥାକ୍ରମେ ଦୁଧିବୋଉ ଆଉବୋଉ, ଓ ସୁନ ବୋଉ ବୋଲି ଡାକୁଥିଲୁ । ଡାକିବାର ପ୍ରଥା ଏପରି ରହିବାର ପ୍ରଧାନ କାରଣ ଏହିକି ପରିବାରସ୍ଥ ପିଲାମାନଙ୍କ ମଧ୍ୟରେ ଦଦେଇ, କକେଇ ଓ ବାପା କମ୍ବା ଜେଠେଇ ଖୁଡ଼ି ଓ ବୋଉ ଏପରି କୌଣସି ଭେଦଭାବ ନ ଆସୁ । ତେଣୁ ପିଲାମାନେ ବାପା, ଦଦେଇ ଓ କକେଇ ସମସ୍ତଙ୍କୁ ବାପା ଦୃଷ୍ଟିରେ ଦେଖୁଥିଲେ ଏବଂ ବୋଉ ଜେଠେଇ ଓ ଖୁଡ଼ି ସମସ୍ତଙ୍କୁ ବୋଉ (ମା) ଦୃଷ୍ଟିରେ ଦେଖୁଥିଲେ । କକେଇ ଦାଣ୍ଡିଆ ସ୍କୁଲରେ ଉଚ୍ଚ ଶିକ୍ଷକତା କରୁଥିବାରୁ ଆମେ ଗୁରୁଭାଇ ତାଙ୍କୁ ଡାରିଆ ବାପା ବୋଲି ଡ଼ାକୁଥିଲୁଁ । ମୋ ବାପଙ୍କର ନାମ ପଦ୍ମଲୋଚନ ମିଶ୍ର । ଦଦେଇ ତାଙ୍କୁ 'ଲୋଚନ' ବୋଲି ଡାକୁଥିବାରୁ ଆମେ "ଲୋଚନା ବାପା" ବୋଲି ଡ଼ାକୁଥିଲୁ । ମୋ ବଡ଼ ଭଉଣୀର ନାଁ ସୁନା ଥିବାରୁ ମୋ ବୋଉକୁ "ସୁନବୋଉ" ବୋଲି ଡ଼ାକୁଥିଲୁ । ଦଦେଇ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଏବଂ ଆଦର୍ଶ ଗୃହସ୍ଥ ଥିଲେ । ମମତା ଦୋଷ ତାଙ୍କର ଆଦୌ ନ ଥିଲା କହିଲେ ଚଳେ । ଲୋଭ ଓ କ୍ରୋଧ ତାଙ୍କୁ ସ୍ପର୍ଶ କରି ନ ଥିଲା । ଶିକ୍ଷା ବିଭାଗରେ ଇନ୍‌ସ୍ପେକ୍‌ଟିଂ ପଣ୍ଡିତ ଥାଇ ମାସିକ ଟ ୧୮ ଦରମା ପାଉଥିଲେ । ସେହି ଟଙ୍କାକୁ ସେ ଗୋଟିଏ କାଠ ସିନ୍ଦୁକର କୋଣରେ ଗୋଟିଏ ପଥୁରି ଗିଲାସରେ ରଖନ୍ତି । ବାପା ଘର ଖର୍ଚ୍ଚ ଓ ଗୃହ କାମ ବୁଝନ୍ତି । କକେଇ ଚୈତନ୍ୟ ଧର୍ମ ଗ୍ରହଣ କରି ଚୈତନ୍ୟ ମାଳା ପିନ୍ଧି ଥିଲେ । ସେଥିପାଇଁ ସାମାଜିକ ଭୋଜି ପ୍ରଭୃତିରେ ସେ ଯୋଗ ଦେଇ ପାରୁ ନ ଥିଲେ । ସେ ଯାହା ଉପାର୍ଜ୍ଜନ କରୁଥିଲେ ସେଥିରୁ ଅଧିକାଂଶ ଟଙ୍କା ସେ ଗରିବ ଦୁଃଖୀଙ୍କୁ ସାହାଯ୍ୟ କରିବାରେ ଓ ମେଳା ମଉଛବରେ ଖର୍ଚ୍ଚ କରୁଥିଲେ । ଗଞ୍ଜେଇ ଖାଇଲେ ମନର ଏକାଗ୍ରତା ଆସେ ଏହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସେ ଗଞ୍ଜେଇ ଖାଉଥିଲେ । ଏହି ତିନିଭାଇଙ୍କ ପ୍ରକୃତି ସମ୍ପୂର୍ଣ୍ଣ ଭିନ୍ନ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ମନାନ୍ତର ଓ କଳହ କେବେହେଲେ ହୋଇନାହିଁ । ଏପରି ଏକାନ୍ନବର୍ତ୍ତୀ ପରିବାରରେ ରହି ମୁଁ ପିଲାବେଳେ ଯେଉଁ ସୁଖ ଉପଲବ୍ଧି କରିଥିଲି ତାହା ଆଜି କୌଣସି ପରିବାରରେ ଦେଖାଯାଉ ନାହିଁ । ସ୍ୱର୍ଗପରି ପରିବାର ସବୁ ଆଜି ନରକରେ ପରିଣତ ହେଲାଣି ଏକଥା ମୁଁ ଅନେକ ଦିନରୁ ଅନୁଭବ କଲିଣି । ଆଜି କୌଣସି ପରିବାରରେ ଆପଣା ଆପଣା ମଧ୍ୟରେ ସ୍ନେହ ସଦ୍‌ଭାବ ନାହିଁ, ତେଣୁ ସୁଖ ଶାନ୍ତି ମଧ୍ୟ ନାହିଁ । କକେଇ

ଯାହାଙ୍କୁ ପୋଷ୍ୟପୁତ୍ର କରିଥିଲେ ସେ ମୋଠାରୁ ୩।୪ ମାସ ବଡ଼ ଥିବାରୁ ତାଙ୍କର ଓ ମୋର ବ୍ରତ, ବିବାହ, ବୋହୂ ଆସିବା ଏକାଦିନେ ହୋଇଥିଲା । ୧୩-୧୪ ବର୍ଷ ବୟସରେ ଆମ ଦୁହିଙ୍କର ବିବାହ ହେଲା । ବିବାହର ଅଳ୍ପ ସମୟ ପରେ ଦଦେଇ ଆମ ଦୁହିଙ୍କୁ ଉଚ୍ଚ ବିଦ୍ୟାଳୟରେ ପଢିବାପାଇଁ ବାରିପଦା ପଠାଇଲେ । ସେତେବେଳେ ବାରିପଦାକୁ ରେଳଗାଡ଼ି ଯାଇ ନଥିଲା । ବାଲେଶ୍ୱରରୁ ବାରିପଦା ୩୫-୩୬ ମାଇଲ ରାସ୍ତା ବଳଦ-ଗାଡ଼ିରେ ଯିବାକୁ ପଡ଼େ । ରାତିରେ ବଳଦ ଗାଡ଼ିରେ ଯିବାବେଳେ ଆମକୁ ଡର ମାଡ଼େ । ଏତେ ଦୂରକୁ ପଢ଼ିବାକୁ ପଠାଇବାର କାରଣ ଏହିକି ସେତେବେଳେ ବାରିପଦାରେ ବୋର୍ଡ଼ିଂ ଖର୍ଚ୍ଚ ମାସକୁ ଟ ୨ ୲ ପଡ଼ୁଥିଲା । ସେଠା ମହାରାଜା ରାମଚନ୍ଦ୍ର ଭଞ୍ଜ ବୋର୍ଡିଂର ପୂଷ୍ଟାର ଓ ଗୃଜରଙ୍କର ଦରମା ଦେଉଥିଲେ । ବିଦେଶୀ ପିଲାମାନଙ୍କୁ ସ୍କୁଲ ଦରମା ଦେବାକୁ ପଡ଼ୁ ନଥିଲା । ୧୯୦୭ ସାଲରେ ଆମେ ଦୁହେଁ ଏଣ୍ଟ୍ରାନ୍ସ ପରୀକ୍ଷାରେ (ଆଜିକାଲି ମାଟ୍ରିକ୍) ବୃତ୍ତି ପାଇ କଟକ କଲେଜରେ ପଢ଼ିଲୁ । ବକ୍ସି-ବଜାର ରାଧାପ୍ରସାଦ ଭଗତଙ୍କ ଦୁଇପୁଅଙ୍କୁ ଟ୍ୟୁସନ କରି ମାସକୁ ଟ ୧୫ ୲ ପାଉଁ । ଯେଉଁ ଦଦେଇ ଆମକୁ ପଢ଼ାଉଥିଲେ ୧୯୦୭ ସାଲରେ ତାଙ୍କର ମୃତ୍ୟୁ ଘଟିବାରୁ ଏବଂ ଆମର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଆମେ ଦୁହେଁ ଆଉ ପଢି ପାରିଲୁ ନାହିଁ ।

## ଯଥେଚ୍ଛାଚାରିତାର କାରଣ

ବାରିପଦାରେ ପଢୁଥିବା ବେଳେ ଆମେ ବୋର୍ଡ଼ିଂ ପିଲା ଅନେକ ସମୟରେ ସେଠା ରାଣୀବାଗ ନାମକ ବଗିଚାକୁ ବୁଲିବାକୁ ଯାଉଁ । ସେହି ବଗିଚାର ମଝିରେ ମାର୍ବଲ ପଥରରେ ଲେଖାଥାଏ 'Thy will be done' —ଏବେ ମଧ୍ୟ ଲେଖା ଅଛି । ସେତେବେଳେ ଏହି କଥାଟିର ଅର୍ଥ ମୁଁ ଯାହା ଅନ୍ୟମାନଙ୍କଠାରୁ ବୁଝିଥିଲି ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ, ଏକଥା କେତେଦିନ ପରେ ମୁଁ ବୁଝିପାରିଲି । ଏକଥା ଟିର ପ୍ରକୃତ ଅର୍ଥ ଏହିକି "ହେ ଈଶ୍ୱର ମୁଁ ଯାହା କରୁଛି ତାହା ଯେପରି ତୁମ୍ଭ ଇଚ୍ଛାର ଅନୁକୂଳ ହେଉ ।" ଏହି କଥାଟିକୁ ଲୋକେ ଅର୍ଥ କରୁଥିଲେ ଓ ଏବେ ମଧ୍ୟ ଅର୍ଥ କରୁଅଛନ୍ତି- ମନୁଷ୍ୟ ଯାହା କରୁଅଛି ତାହା କରିବାହିଁ ଈଶ୍ୱରଙ୍କର ଇଚ୍ଛା । କୌଣସି

କାର୍ଯ୍ୟ କରିବାରେ ମନୁଷ୍ୟର କୌଣସି ଆୟତ୍ତ ନାହିଁ । ଗୀତା ଏକାଦଶ ଅଧ୍ୟାୟ ୩୩ ଶ୍ଳୋକରେ ଥିବା "ନିମିତ୍ତ ମାତ୍ରଂ ଭବସବ୍ୟସାଚିନ୍ ।" ଉକ୍ତିଟିକୁ ଗୀତାର ଭାଷ୍ୟକାରମାନେ ଏହିପରି ଅର୍ଥ କରୁଅଛନ୍ତି । ମହାଭାରତରେ ଥିବା "ତ୍ୱୟା ହୃଷିକେଶ ! ହୃଦିସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି" ଏହି ଉକ୍ତିଟିକୁ ମଧ୍ୟ ଲୋକେ ପୂର୍ବୋକ୍ତ ପ୍ରକାର ଅର୍ଥ କରି ନିଜ ନିଜର ଗର୍ହିତ କାର୍ଯ୍ୟକୁ ସମର୍ଥନ କରନ୍ତି । ଅନେକ ତଥାକଥିତ ଧାର୍ମିକ ଲୋକ ଓ ସଂସ୍କୃତଜ୍ଞ ପଣ୍ଡିତ କ୍ରୋଧର ବଶବର୍ତ୍ତୀ ହୋଇ ନିଜର ସ୍ତ୍ରୀଙ୍କୁ ମାଡ଼ ମାରନ୍ତି, ମିଥ୍ୟା ସାକ୍ଷ୍ୟଦେଇ ଅର୍ଥ ଉପାର୍ଜନ କରନ୍ତି ଇତ୍ୟାଦି । ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ ହୋଇ ଏବଂ ଧାର୍ମିକ ଲୋକ ହୋଇ ଅର୍ଥାତ୍ ଗେରୁଆ ଲୁଗା ପିନ୍ଧି, ପ୍ରତ୍ୟହ ସନ୍ଧ୍ୟା ତର୍ପଣ ଇତ୍ୟାଦି କରି ଆପଣ ଏପରି ସବୁ କିପରି କରୁଅଛନ୍ତି ବୋଲି ପଚାରିଲେ ସେ ମହାଭାରତରୁ ପୂର୍ବୋକ୍ତ "ଯଥା ନିଯୁକ୍ତୋଽସ୍ମି ତଥା କରୋମି" ଏହି ଉକ୍ତିଟି ଉଦ୍ଧାର କରି କହନ୍ତି—"ତମ୍ଭମାନଙ୍କର ଯାହା ଇଚ୍ଛା ମୋର ସେଥିରେ କୌଣସି ଆୟତ୍ତ ନାହିଁ" । ପୂର୍ବୋକ୍ତ "Thy will be done" କଥାଟିର ଏତେ ଆଲୋଚନା କରିବାର କାରଣ ଏହିକି ମୋର ନିଜର ମଧ୍ୟ ଏହି ଦୁରବସ୍ଥା କିଛିଦିନ ପାଇଁ ଘଟିଥିଲା—ଯାହା ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ । ବର୍ତ୍ତମାନ କେବଳ ନିମ୍ନଲିଖିତ କଥାଟି ବୁଝନ୍ତୁ ।

ମୋର ଏଫ୍. ଏ. ( ଆଜିକାଲି ଆଇ. ଏ. ) ପରୀକ୍ଷାରେ ଫେଲ୍ ହେବାର ପ୍ରଧାନ କାରଣ ହେଉଛି ପୂର୍ବୋକ୍ତ ରାଣୀବାଗ ବଗିଚାର ମନ୍ଦିରରେ ଲେଖାଥିବା ଏହି "Thy will be done" କଲେଜରେ ପଢ଼ିବାବେଳେ ମୁଁ ତାସ ଖେଳିବାକୁ ଶିଖିଲି । ତାସ ଖେଳିବାରେ ମୁଁ ଖୁବ୍ ଆନନ୍ଦ ପାଏଁ । ଅନେକ ଦିନ ଅନିଦ୍ରା ହୋଇ ଭୋର ହେବାଯାଏ ତାସ ଖେଳିଛି । ତାସ ଖେଳିବାକୁ କେହି ବାରଣ କଲେ ମୁଁ କହେଁ "Thy will be done" ଅର୍ଥାତ୍ ମୋର ତାସ ଖେଳିବାଟା ଈଶ୍ୱରଙ୍କର ଇଚ୍ଛା । ତାଙ୍କର ଇଚ୍ଛା ବିରୁଦ୍ଧରେ ମନୁଷ୍ୟ କିଛି କରିପାରିବ ନାହିଁ । ତାଙ୍କର ଇଚ୍ଛା ନଥିଲେ ମୁଁ ତାସ ଖେଳନ୍ତି କିପରି ? କଲେଜରେ ପଢ଼ିବାବେଳେ ମୁଁ ଆଉ ଗୋଟିଏ କଥା ଜାଣିଥିଲି । ସେହି କଥାଟି ହେଉଛି—"Failure is the pillar of success" ଅର୍ଥାତ୍ ଫେଲ୍ ହେବାହିଁ କୃତକାର୍ଯ୍ୟ

ହେବାର ପ୍ରମୁଖ ସ୍ୱରୂପ । ମୁଁ ଯେତେବେଳେ ଏମ୍. ଏ. ଫେଲ୍ ହେବାର ସମ୍ବାଦ ଶୁଣିଲି ଏହି ଦୁଇଟି କଥା ମୋ ମନରେ ସାନ୍ତ୍ୱନା ଆଣିଲା । ଫେଲ୍ ହେବାଟା ଈଶ୍ୱରଙ୍କର ଇଚ୍ଛା ଏବଂ କୃତକାର୍ଯ୍ୟ ହେବାର ପ୍ରମୁଖ ସ୍ୱରୂପ ଉପର ଚାହିଁ ଅତିଶୀଘ୍ର ସ୍ଥିର କରିନେଲି । ମୁଁ ପୂର୍ବରୁ ଦେଖିଥିଲି ଓ ଅନୁଭବ କରିଥିଲି ଯେ ବଡ଼ ବଡ଼ ଉପାଧି ପାଇ ଯେଉଁମାନେ ବେଶୀ ଦରମାରେ ବଡ଼ ବଡ଼ ଚାକିରି କରୁଅଛନ୍ତି ସେମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସ୍ୱାର୍ଥପର ହେଉଅଛନ୍ତି, ଅଧିକ ପରିମାଣରେ ନିଜର ବଡ଼ପଣିଆ ଦେଖାଇ ଦରିଦ୍ର ଅଶିକ୍ଷିତ ପ୍ରତିବେଶୀମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଅଛନ୍ତି । ନିଜର ସ୍ତ୍ରୀମାନଙ୍କୁ ରୂପା ଗହଣା ବଦଳରେ ସୁନା ଗହଣା ପିନ୍ଧାଇବାରେ ଏବଂ ନ୍ୟାୟ ନିମିତ୍ତରେ ନିଜର ବଡ଼ପଣିଆ ଦେଖାଇବାରେ ନିଜକୁ ଧନ୍ୟ ମନେ କରୁଅଛନ୍ତି । ଏମାନଙ୍କ ଆଦର୍ଶରେ ସମାଜର କୌଣସି ଉପକାର ନ ହୋଇ ବରଂ ଅପକାର ହେଉଅଛି । ମୁଁ ସ୍ଥିରକରିନେଲି ଯେ ବି. ଏ., ଏମ୍. ଏ. ପାଶ୍ କରି ବେଶି ଟଙ୍କା ଦରମା ପାଇଲେ ମୋର ମଧ୍ୟ ଏହି ଅବସ୍ଥା ଘଟିବ ଏବଂ ମୋ ଆଦର୍ଶରେ ସମାଜର ଅମଙ୍ଗଳ ଘଟିବ ।

ଆମ ପରିବାରର ଆର୍ଥିକ ଅବସ୍ଥା ଭଲ ନଥିଲେ ମଧ୍ୟ ଚାକିରି କରିବାକୁ ମୋର ଆଦୌ ଇଚ୍ଛା ନ ଥିଲା । ପୂର୍ବୋକ୍ତ କକେଇ ପୁଅ ଭାଇଙ୍କର ସାଂସାରିକ ବୁଦ୍ଧି ମୋ ଅପେକ୍ଷା ଖୁବ୍ ଅଧିକ ଥିଲା । ସଂସାର ପ୍ରତି ମୋର ଉଦାସୀନତା ଓ ବିପରୀତ ମନୋବୃତ୍ତି ଲକ୍ଷ୍ୟକରି ସେ ସର୍ବଦା ମୋର ମୁରବୀ ପରି ରହୁଥାନ୍ତି । କଟକ କଲେକ୍ଟର କଚେରୀରେ ପ୍ରୋବେଶନର ହେବାପାଇଁ ଦରଖାସ୍ତ କରିବାକୁ ସେ ମୋତେ କହିଲେ । ମୁଁ ବାଧ୍ୟ ହୋଇ ଦରଖାସ୍ତ ଦେଲି ଏବଂ ପ୍ରୋବେଶନର ନିଯୁକ୍ତ ହେଲି । ସେତେବେଳେ ପ୍ରବେଶନରମାନଙ୍କୁ ମାସକୁ ଟ ୧୦ ୲ ମିଳୁଥିଲା । ସେହି ଟ ୧୦ ୲ ବେତନରେ ମୋତେ ଯାଜପୁର ସବ୍‌ଡିଭିଜନ ଅଫିସରେ କାମ କରିବାକୁ ଆଦେଶ ଦେଲା । ମୋର ଇଚ୍ଛା ବିରୁଦ୍ଧରେ କେବଳ କକେଇ ପୁଅ ଭାଇଙ୍କ କଥା ମାନି ମୁଁ ଯାଜପୁର ଗଲି । କଚେରୀରେ ଉପସ୍ଥିତ ହେବାର ସମୟ ହେଉଛି ୧୦ଟା ଘଣ୍ଟା । ମୁଁ ପ୍ରାୟ ସବୁଦିନେ କେବେ ୧୨ ଘଣ୍ଟା କେବେ ୧୨୲ଘଣ୍ଟାରେ

*

କଚେରୀରେ ପଡ଼ନ୍ତେ । ମୋର ମନ ଥାଏ ଯେ ମୋତେ କାମରୁ ବାହାର କରି ଦେଲେ ଭଲ ହେବ । ମୁଁ ନିଜେ ଚାକିରୀ ଛାଡ଼ିଦେଲେ ମାମାଏ ମୋଠାରେ ଦୋଷାରୋପ କରିବେ । ଆଉ ମଧ୍ୟ ପ୍ରବାକ୍ୟ "Thy will be done" କଥାଟି ମୋର ସର୍ବଦା ମନେ ଥାଏ । କାମ କରିବାରେ ମୋର ଅବହେଳା ଦେଖି ସେଠା ସିରସ୍ତାଦାର ଅନେକ ସମୟରେ ମୋ ଉପରେ ବିରକ୍ତ ହୁଅନ୍ତି ଏବଂ ବେଳେ ବେଳେ କଦର୍ଯ୍ୟ ଭାଷାରେ ଗାଳି ଦିଅନ୍ତି । ଗାଳି ଦେଲେ ମୁଁ କହେଁ "ଆପଣ ମୋତେ କାମରୁ ବାହାର କରି ଦିଅନ୍ତୁ, ମୋର ଆପତ୍ତି ନାହିଁ, ମାତ୍ର ଏପରି ଗାଳିଦେବା ଉଚିତ ନୁହେଁ ।" ଏପରି ଉତ୍ତର ଶୁଣି ସେ ନୀରବ ରହନ୍ତି । ମୁଁ ସେଠାରେ ଦଶଆଇନ ସିରସ୍ତାରେ କାମ କଲାବେଳେ ଅନେକ କାମ ବାକି ଥିବାରୁ ଡିପୋଟି ଆଦେଶ ଦେଲେ ଯେ, କେହି ସେ ବର୍ଷ ପୂଜା ଛୁଟିରେ ଘରକୁ ନଯାଇ ବାକିଥିବା କାମସବୁ ଶେଷ କରିବେ । ଆମ ଘର ସେଠାରୁ ୨୨।୨୪ ମାଇଲ । ମୁଁ ପୂର୍ବରୁ ଘରୁ ଯାଉ ନ ଥାଏ । ମୋର ଭାରି ଇଚ୍ଛା ଥାଏ ଘରକୁ ଆସିବା ପାଇଁ । ସିରସ୍ତାଦାରଙ୍କ ଘରକୁ ଯାଇଁ ମୁଁ ଘରକୁ ଆସିବା ପାଇଁ ଅନୁମତି ମାଗିଲି । ସେ ବିରକ୍ତ ହୋଇ କହିଲେ, "ତୁମେ ଘରକୁ ଯାଅ, ମାତ୍ର ଏଥର ଘରୁ ଫେରିଲେ ମୁଁ ତୁମ୍ଭଙ୍କୁ ଡିସ୍‌ମିସ୍ କରିଦେବି ।" ଏତିକି ଶୁଣି ମୁଁ ଘରକୁ ଆସିଲି । ଛୁଟି ପରେ ହାଜର ହେବା ମାତ୍ରେ ଡିପୋଟି ମୋତେ କୈଫିୟତ ମାଗିଲେ । ମୁଁ କୈଫିୟତରେ ଲେଖିଦେଲି "ସିରସ୍ତାଦାରଙ୍କ ଅନୁମତି ନେଇ ମୁଁ ଘରକୁ ଯାଇଥିଲି । ତୁମେ ଘରକୁ ଯାଅ ବୋଲି ସେ ମୋତେ କହିଲେ । ସେଥିରୁ ଡିପୋଟି ମୋତେ ଡିସ୍‌ମିସ୍ କଲେ ନାହିଁ ।

ମୋ ସଙ୍ଗେ ସେଠାରେ ଆଉ ଦୁଇଜଣ ପ୍ରୋବେଶନର କାମ କରୁଥାନ୍ତି । ସେମାନେ ବର୍ଷରେ ୮-୯ ମାସ ଠିକା କାମ ପାଆନ୍ତି—କେବେ ମାସିକ ଟ ୨୫୲ କେବେ ଟ ୩୦୲ । ସିରସ୍ତାଦାର ମୋତେ ଠିକାକାମ ଦିଅନ୍ତି ନାହିଁ । ମୁଁ ସେହି ଟ ୧୦ ଙ୍କା ପାଇ ସେଠାରେ ଚାରିବର୍ଷ ରହିଲି । ସବୁବେଳେ ମନ ଥାଏ କଟକ କଚେରୀକୁ ଆସିବାକୁ । ୧୯୧୨ ସାଲରେ ସେଠା ଅଫିସ ଇନ୍‌ସ୍ପେକ୍‌ସନ୍ କରିବାକୁ କଲେକ୍ଟର ଇଫଟନ୍ ସାହେବ ଆସିଲେ । ସେ ଆସିବାର ପୂର୍ବଦିନ ମୁଁ ଖଣ୍ଡେ ଦରଖାସ୍ତ ଲେଖି ସିରସ୍ତା-

ଦାରଙ୍କୁ ଦେଲି । ଦରଖାସ୍ତରେ ଲେଖିଲି—"ମୁଁ ଏଠାରେ ଟ ୧୦୯ ପାଇ ଚାରିବର୍ଷ ରହିଲଣି । ମୋ ଘର କଟକ ସବ୍‌ଡ଼ିଭିଜନରେ । ମୋତେ କଟକକୁ ନିଆଯାଉ ।" ଦରଖାସ୍ତଟି ପଢ଼ିବାମାତ୍ରେ ସିରସ୍ତାଦାର କହିଲେ, "ମୁଁ ତୁମର ଦରଖାସ୍ତରେ କିଛି ଲେଖିବି ନାହିଁ—ତୁମର ଦରଖାସ୍ତ ଫେରାଇ ନିଅ ।" ମୁଁ କହିଲି, ଆପଣ ମୋ ସପକ୍ଷରେ କିମ୍ବା ମୋର କଟକ ବଦଳି ହେବା ପାଇଁ ଲେଖି ନ ପାରନ୍ତି ମାତ୍ର ସାହେବଙ୍କ ପାଖକୁ ଫରୱାର୍ଡ଼ କରି ଦିଅନ୍ତୁ । ସେ କହିଲେ, "Forwarded, so many letters ! If I touch your paper I must write something against you" ଏହାର ଅର୍ଥ ଏହିକି "ଫରୱାର୍ଡେଡ଼୍ ତ ଏତେ ଗୁଡ଼ାଏ ଅକ୍ଷର, ମୁଁ ତୁମର କାଗଜ ଛୁଇଁଲେ ତୁମ ବିରୁଦ୍ଧରେ ନିଶ୍ଚୟ କିଛି ଲେଖିବି ।" ମୁଁ ଦରଖାସ୍ତଟି ମନକଷ୍ଟରେ ଫେରାଇ ଆଣିଲି । ତହିଁ ପରଦିନ ସାହେବ ଇନ୍‌ସ୍ପେକ୍‌ସନ କଲେ । ମନଟା ଖରାପ ଥିବାରୁ ସେଦିନ ସକାଳୁ ମୁଁ ବୁଲି ଚାଲିଗଲି ଏବଂ ପୂର୍ବାହ୍ନ ୧୨ଟା ପରେ କଚେରୀକୁ ଆସିଲି । ମୋ ଆସିବା ପୂର୍ବରୁ ସାହେବ ମୋ ସିରସ୍ତାର କାମ ଇନ୍‌ସ୍ପେକ୍‌ସନ କରି ମୋତେ ଖୋଜିଲେଣି । ମୋର ଅନୁପସ୍ଥିତି ପାଇଁ ସିରସ୍ତାଦାର ମୋ ଉପରେ ମନେ ମନେ ବିରକ୍ତ ହେଲେଣି । ଏହି ସମୟରେ ଭଗବାନ ବାବୁ ନାମକ ଜଣେ ପେସ୍‌କାର ମୋତେ ଦେଖିଲେ ଯେ ମୁଁ ଛତା ଖଣ୍ଡିଏ ଧରି କଚେରୀକୁ ଆସୁଛି । ସେ ମୋ ପାଖକୁ ଦୌଡ଼ିଯାଇ ମୋତେ ଟାଣି ଆଣିଲେ ଏବଂ ମୋ ଛତା ଖଣ୍ଡିକ କଚେରୀ ଘର ଭିତରକୁ ପକାଇ ଦେଇ ମୋତେ ସାହେବଙ୍କ ନିକଟକୁ ନେଇ ଗଲେ । ଖରାରେ ଆସିଥିବାରୁ ଓ ଭଗବାନ ବାବୁଙ୍କ ଟଣାଟଣିରେ ମୋ ଠାରୁ ଖୁବ୍ ଝାଳ ବୋହୁଥାଏ । ମୋଠାରୁ ଏପରି ଝାଳ ବୋହୁଥିବା ଦେଖି ସାହେବ କହିଲେ, "ଏହି ପ୍ରୋବେଶନର ଖୁବ୍ ପରିଶ୍ରମୀ ଓ ବୁଦ୍ଧିମାନ ପରି ମନେହେଉଛନ୍ତି ; ଅନ୍ୟ ଦୁଇଜଣ ପ୍ରୋବେଶନରଙ୍କ ଅପେକ୍ଷା ଏ ଲୋକର ଯୋଗ୍ୟତା ମଧ୍ୟ ଅଧିକ । ସେମାନେ ବର୍ଷରେ ୮-୯ ମାସ ଠିକା କାମ ପାଉଛନ୍ତି । ଏ ଲୋକକୁ ଆଦୌ ଠିକା କାମ ଦିଆଯାଉ ନାହିଁ କାହିଁକି ?" ସିରସ୍ତାଦାର କୌଣସି ଉତ୍ତର ନ ଦେଉଣୁ ମୁଁ କହିଲି "ସାର, ମୋ ଘର କଟକ ସବ୍‌ଡ଼ିଭିଜନରେ । ମୁଁ ଏଠାରେ ଚାରିବର୍ଷ କାଳ ମାସିକ ଟ ୧୦୯ ମାତ୍ର ପାଇ ବଡ଼ କଷ୍ଟରେ ରହିଛି ।"

ସାହେବ ମୋଠାରୁ ଶୁଣିବା ମାତ୍ରେ ସିରସ୍ତାଦାରଙ୍କୁ କହିଲେ, "କଟକରେ ଗିରିଧାରୀ ବାବୁ ଛୁଟି ପାଇଁ ଦରଖାସ୍ତ କରିଅଛନ୍ତି; ଏ ଲୋକଙ୍କୁ ତାଙ୍କ ଜାଗାରେ କଟକ ନିଆଯାଉ । ସିରସ୍ତାଦାର କହିଲେ, "ଏ ଲୋକ ତାଙ୍କ ଯାଗାରେ କାମ କରି ପାରିବ ନାହିଁ ।" ମୁଁ କହିଲି—"ସାର, ମୁଁ ସେଠାରେ ନିଶ୍ଚୟ କାମ କରିପାରିବି ।" ସାହେବ ସିରସ୍ତାଦାରଙ୍କର ମତକୁ ଅପେକ୍ଷା ନ କରି ଇନ୍‌ସ୍ପେକ୍‌ସନ ନୋଟରେ ଗିରିଧାରୀ ବାବୁଙ୍କ ଯାଗାରେ ମୋର ବଦଳି ହେବା ଆଦେଶ ଲେଖିଦେଲେ । ଗିରିଧାରୀ ବାବୁଙ୍କର ବେତନ ଥାଏ ଟ ୪୫ଙ୍କା । ସବୁ କିରାନି କହିଲେ—"ବୈରାଗୀ ବାବୁ, ତୁମ୍ଭର ଭାଗ୍ୟ ଖୁବ୍ ଭଲ ।" ମୁଁ ମଧ୍ୟ ମନେ ମନେ ଭାରି ଖୁସି ହେଲି । ମାତ୍ର ସେତେବେଳେ କଟକ କଲେକ୍ଟରରେ ସିରସ୍ତାଦାର ଥାନ୍ତି ଆଉ ଜଣେ ଗିରିଧାରୀ ବାବୁ । ସେ ଜଣେ ଖାଣ୍ଟି ଲୋକ, ସର୍ବଦା ନିୟମ ମାନି କାମ କରନ୍ତି । ସେ ଦେଖିଲେ, ସାହେବଙ୍କର ଏପରି ଆଦେଶ ନିୟମର ବହିର୍ଭୂତ । କାରଣ ଯେଉଁ ଲୋକ ଟ୪୦/ ପାଉଥିବ ସେ ଲୋକକୁ ଟ ୪୫/ କାମ ଦେବାର ନିୟମ । ସାହେବଙ୍କର ଆଦେଶ ସେ ମାନିଲେ ନାହିଁ । ମୋର କଟକ ଆସିବା ବନ୍ଦ ହେଲା । ୩ ୪ ମାସ ପରେ ମୁଁ ସାହେବଙ୍କୁ ମୋର ଯାଜପୁରଠାରେ କଷ୍ଟରେ ରହିଥିବା କଥା ସ୍ମରଣ କରାଇ ଦେଇ ଦରଖାସ୍ତ କରିବାରୁ ସାହେବ ମୋତେ ଟ ୨୫/ ଠିକା କାମରେ କଟକ ଆଣାଇଲେ ।

ଯାଜପୁରରେ କାମ କଲାବେଳେ ମୁଁ ସେଠାରେ ସମସ୍ତଙ୍କୁ ମୂର୍ତ୍ତି-ପୂଜା ବିରୁଦ୍ଧରେ କହେଁ । ମୋତେ ଅନେକ ଲୋକ ଅନେକ ବୁଝାଇଲେ ମୋର ମନ ମାନେ ନାହିଁ । ମୋର ମାମୁଁ ଗୋବିନ୍ଦ ଚନ୍ଦ୍ର କର ସେଠା ସବ୍‌ରେଜିଷ୍ଟ୍ରାର୍ ଅଫିସରେ ହେଡ୍‌କ୍ଲର୍କ କାମ କରୁଥାନ୍ତି । ମୁଁ ତାଙ୍କ ବସାରେ ଥାଏଁ । ସେ ପ୍ରତ୍ୟହ ଶିବମନ୍ଦିରକୁ ଯାଇ ଶିବଙ୍କୁ ଚନ୍ଦନ ଓ ବେଲପତ୍ର ଇତ୍ୟାଦି ଦିଅନ୍ତି । ଶିବଙ୍କର ଗୃହପାଖ ଧୋଇ ସଫା କରନ୍ତି । ସେ ମୋତେ କହିଲେ—"ତୁ ମୋ ସଙ୍ଗେ ଶିବ ମନ୍ଦିରକୁ ଯାଇ ଶିବଙ୍କ ଗୃହପାଖ ଧୋଇ ସଫା କରିବୁ ଏବଂ ଶିବଙ୍କ ମୁଣ୍ଡରେ ଚନ୍ଦନ ଓ ବେଲପତ୍ର ଦେବୁ । ତାପରେ ଦେଖିବୁ ଶିବଙ୍କ ପ୍ରତି ତୋର ଭକ୍ତି ଆସିବ ।" ମୁଁ

ତାଙ୍କ କଥା ମାନ ପ୍ରାୟ ଏକମାସ ଯେଉଁପରି କଲି । ମାତ୍ର ମୋର ଭକ୍ତି ଆସିଲା ନାହିଁ ।

ସେଠା କଚେରୀରେ ଆତ୍ମାରାମ ଅଗ୍ନିହୋତ୍ରୀ ନାମକ ଜଣେ ବ୍ରାହ୍ମଣ କରାଣ କାମ କରୁଥିଲେ । ତାଙ୍କ ଘର ସେଠା ବିରଜା ଠାକୁରାଣୀଙ୍କ ନିକଟରେ । ସେହି ଠାକୁରାଣୀଙ୍କୁ ଦୁର୍ଗାଷ୍ଟମୀ ଦିନ ମଦ ଭୋଗ ଦିଆଯାଏ ଏବଂ ବ୍ରାହ୍ମଣମାନେ ପ୍ରସାଦ ସେବା କରନ୍ତି । ତେଣୁ ସେଠା ବ୍ରାହ୍ମଣମାନେ ମଦ ଖାଇଲେ ସମାଜରେ କେହି ତାଙ୍କୁ ବାଧା ଦିଅନ୍ତି ନାହିଁ । ଅଗ୍ନିହୋତ୍ରୀ ମହାଶୟ ପ୍ରକାଶ୍ୟରେ ମଦ ଖାଆନ୍ତି । ସେ ମହାଶୟ ଦିନେ ମୋତେ କହିଲେ—"ସଂସାରରେ ଯଦି କିଛି ସୁଖପ୍ରଦ ପଦାର୍ଥ ଅଛି, ତାହା ହେଉଛି ମଦ । ତୁମେ ଥରେ ପରୀକ୍ଷା କଲେ ଜାଣିପାରିବ । ସତକୁ ସତ ମୁଁ ମୋର ଅନ୍ୟ ଦୁଇଜଣ ବନ୍ଧୁଙ୍କ ସଙ୍ଗେ ମଦ ଖାଇଲି । ମନରେ ଆନନ୍ଦ ଆସିଲା । ସେଠାରେ ଆଉ କେତେଥର ମଦ ଖାଇଲି । ଅଳ୍ପଦିନ ପରେ ମୋର କଟକ ବଦଳି ହେଲା । କଟକ କଲେଜରେ ପଢ଼ୁଥିଲା ବେଳେ ଯେଉଁ ରାଧାପ୍ରସାଦ ଭଗତଙ୍କ ଘରେ ରହି ଆମେ ଦୁଇଭାଇ ତାଙ୍କର ଦୁଇ ପୁଅଙ୍କୁ ପଢ଼ାଉଥିଲୁ ସେ ମହାଶୟ ମୋତେ ତାଙ୍କ ଘରେ ରଖାଇଲେ । କଟକରେ ସେ ଜଣେ ପ୍ରଧାନ ଧନୀଲୋକ ଥିଲେ । ସେ ପ୍ରାୟ ସର୍ବଦା ଭୋଗବିଳାସରେ ରହି ଥାଆନ୍ତି । ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଭୋଗ ବିଳାସରେ ମାତିଗଲି । ମୁଁ ଯାହା କରୁଥାଏ ପୂର୍ବୋକ୍ତ "Thy will be done" କଥାଟିର ପ୍ରେରଣାରେ ପ୍ରକାଶ୍ୟରେ କରୁଥାଏ । ମୋ ବସାକୁ ଲାଗି ଗୋଟିଏ ମୁସଲମାନ ପରିବାର ଥାଏ । ମୁଁ ଅଧିକାଂଶ ଦିନ ସେଠାରେ ପ୍ରକାଶ୍ୟରେ ଖାଏଁ । ଯୌବନର ଆରମ୍ଭରେ ମୋର ଏହି ସବୁ କାର୍ଯ୍ୟ-କଳାପ ଦେଖି ମୋର ଭାଇମାନେ ଓ ଅନ୍ୟମାନେ ମୋତେ ଏପରି ଆଚ-ରଣରୁ ନିବୃତ୍ତ ହେବାକୁ କହିଲେ ମୁଁ କହେଁ, "Thy will be done" ଅର୍ଥାତ୍ ଏହା ଈଶ୍ୱରଙ୍କର ଇଚ୍ଛା । ତାଙ୍କର ଇଚ୍ଛା ବିରୁଦ୍ଧରେ ମୁଁ କୌଣସି କାର୍ଯ୍ୟ କରିପାରିବି କି ?" ଏପରି ଉତ୍ତର ଶୁଣି ସେମାନେ କୌଣସି ସନ୍ତୋଷଜନକ ଯୁକ୍ତି କରିପାରନ୍ତି ନାହିଁ । ଏହିପରି ଭାବରେ ମୁଁ ପ୍ରାୟ ଦୁଇ ବର୍ଷ ରହିଲି ।

## ପ୍ରଥମ ପରିବର୍ତ୍ତନ

କଟକ କଲେଜର ଦର୍ଶନ ବିଭାଗର ପ୍ରଫେସର ଜୀବନତାରା ସରକାର ଦିନେ ବାଲୁବଜାର ସଙ୍ଗତ ମଠରେ ବକ୍ତୃତା ଦେଉଥିଲେ । ବକ୍ତୃତାର ବିଷୟ ଥିଲା " ବିବେକ ବୁଦ୍ଧି " । ବାରଦୋରେ ସେ ଓ ମୁଁ ୨-୩ ବର୍ଷ ଏକା ଶ୍ରେଣୀରେ ପଢ଼ିଥିଲୁଁ । ମୁଁ ସେଦିନ ତାଙ୍କ ବକ୍ତୃତା ଶୁଣି ବୁଝିପାରିଲି ଯେ ଇଚ୍ଛା ପ୍ରଣୋଦିତ ହୋଇ ମୁଁ ଯାହା ସବୁ କରୁଥିଲି ତାହା ଈଶ୍ୱରଙ୍କ ପ୍ରଦତ୍ତ ବିବେକ ବୁଦ୍ଧିର ବିରୁଦ୍ଧରେ ଥିବାରୁ ଈଶ୍ୱରଙ୍କର ଇଚ୍ଛା ବିରୁଦ୍ଧ ଅଟେ । ସେଦିନ ସକାଳୁ ଉଠି ମୁଁ ସେହି ଜୀବନ ବାବୁଙ୍କ ଘରକୁ ଗଲି । ସେ ମୋଠାରୁ ସବୁ ଘଟଣା ଶୁଣିଲେ ଏବଂ ମୋତେ ଏପରି ଭାବରେ ବୁଝାଇ ଦେଲେ ଯେ, ଇଚ୍ଛା-ପ୍ରଣୋଦିତ ହୋଇ ମୁଁ ଯାହାସବୁ କରୁଥିଲି ତାହା ଛାଡ଼ିଦେବାକୁ ସେହିଦିନ ପ୍ରତିଜ୍ଞା-ବଦ୍ଧ ହେଲି । ସେହିଦିନ ମୁଁ ବୁଝିପାରିଲି ଯେ, ଲୋକେ ଅନ୍ଧ-ବିଶ୍ୱାସର ବଶବର୍ତ୍ତୀ ହୋଇ ଏବଂ ବିବେକ ବୁଦ୍ଧିର ପରିଚୟ ନ ପାଇ ବିପଥଗାମୀ ହେଉଅଛନ୍ତି । ମୁଁ ପିଣ୍ଡାରେ ବସିଥିବା ବେଳେ କେହି ସେ ବାଟ ଦେଇ ଯାଉଥିଲେ ମୁଁ ତାଙ୍କୁ ଡାକି ମୋ ପାଖରେ ବସାଏଁ ଏବଂ କହେ—"ମୁଁ ଗୋଟିଏ ଅସଲ ଜିନିଷ ପାଇଛି, ଯାହା ଲୋକେ କେହି ପାଇ ନାହାନ୍ତି । ସେହି ଜିନିଷଟି ହେଉଛି ପ୍ରତ୍ୟେକ ଲୋକର ପବିତ୍ର ବିବେକ ବୁଦ୍ଧି ।" ପୂର୍ବୋକ୍ତ ସୁଧାପ୍ରସାଦ ଭଗତ ଓ ମୋର ଅନ୍ୟ ସଙ୍ଗୀମାନେ ମୋତେ ପୂର୍ବପରି ସେମାନଙ୍କ ସଙ୍ଗୀ ରଖିବାକୁ ଅନେକ ଚେଷ୍ଟା କଲେ । ମାତ୍ର ମୁଁ ଆଉ ବଦଳିଲି ନାହିଁ । ସେହି ଦିନଠାରୁ ଈଶ୍ୱରଙ୍କ ସମ୍ପର୍କରେ କୌଣସି ବିଷୟ ମୋତେ ସ୍ପର୍ଶ କଲାନାହିଁ । ତା ପରେ ମୁଁ ମୋର କର୍ତ୍ତବ୍ୟ ସ୍ଥିର କରିବାକୁ ଲାଗିଲି । ପ୍ରାୟ ସର୍ବଦା ଗୋଟିଏ ଛୋଟ କୋଠରୀରେ ବସି ଲୋକେ କିପରି ନିଜ ନିଜର ପବିତ୍ର ବିବେକ ବୁଦ୍ଧିର ପରିଚୟ ପାଇବେ ଏବଂ ଯାବତୀୟ ଅନ୍ଧବିଶ୍ୱାସ ପରିତ୍ୟାଗ କରି ବିବେକାନୁମୋଦିତ କାର୍ଯ୍ୟ କରିବେ ଏହି ସବୁ ବିଷୟରେ ଅନେକ ଭାବିଲି । ମୋର ସେହି କୋଠ-ରୀକୁ ଯିବାକୁ କାହାରିକୁ ଦେଲିନାହିଁ । ମୋର ଏହି ପରିବର୍ତ୍ତିତ ମନୋଭାବ ଓ କାର୍ଯ୍ୟକଳାପ ଦେଖି ମୁଁ ପାଗଳ ହେଲି ବୋଲି କେତେ ଲୋକ ମନେ

କଲେ । ମୁଁ ଅନେକ ଥର ସ୍ୱପ୍ନ ଦେଖିଲି ଯେ, ମୁଁ ନିର୍ଭୀକ ଭାବରେ ଆକାଶରେ ଉଡ଼ୁଛି । ଲୋକେ ତଳେ ତଳେ ମୋ ପଛରେ ଗୋଡ଼ାଇ ମୋତେ ଆକ୍ରମଣ କରିବାକୁ ଚେଷ୍ଟା କରୁଅଛନ୍ତି । ମାତ୍ର କେହି ମୋର କୌଣସି କ୍ଷତି କରି ପାରୁନାହାନ୍ତି । ଲୋକେ କିପରି ବିବେକ ବୁଦ୍ଧିର ପରିଚୟ ପାଇବେ ଓ ସୁଖରେ ରହିବେ ଏହି ଅଭିପ୍ରାୟରେ ମୁଁ "ସୁଖାନ୍ୱେଷଣ" ନାମକ ଖଣ୍ଡିଏ ବହି ଲେଖିଲି । ମନର ଭାବ ପ୍ରକାଶ କରି କୌଣସି ବିଷୟ ଲେଖିବାକୁ ମୁଁ ସେତେବେଳେ ଜାଣି ନ ଥିଲି । ସେହି ବହିରୁ ଦୁଇ ତିନୋଟି କଥା ତଳେ ଉଦ୍ଧାର କଲି । ମୋ ମନରେ ସେତେବେଳେ ଯେଉଁସବୁ ବିଷୟ ଉଦୟ ହୋଇଥିଲା ତାହା ଏହି କେତୋଟି ଉକ୍ତିରୁ ଅନୁମାନ କରିପାରିବେ ।

୧—ମନୁଷ୍ୟ ଧର୍ମ ପାଳନ କରିବା ଏବଂ ବିବେକାନୁମୋଦିତ କାର୍ଯ୍ୟ କରିବା ଏ ଦୁହେଁ ଏକା କଥା । ବିବେକ ବୁଦ୍ଧିର ପରିଚୟ ପାଇ ଥିବାରୁ ଲୋକେ ଚିରାଚରିତ ପ୍ରଥାସବୁର ଅନ୍ଧାନୁସରଣକୁ କର୍ତ୍ତବ୍ୟ ମନେକରି ଅଛନ୍ତି । ଲୋକନିନ୍ଦାକୁ ଭୟକରି ଏବଂ ଲୋକଙ୍କଠାରୁ ପ୍ରଶଂସା ପାଇବାକୁ ଲାଳାୟିତ ହୋଇ ଲୋକେ ଯାହାସବୁ କରୁଅଛନ୍ତି ତାହା ପ୍ରକୃତରେ ସେମାନଙ୍କର କର୍ତ୍ତବ୍ୟ ନୁହେଁ ।

୨—ଯେଉଁ ଲୋକର ବିବେକ ବୁଦ୍ଧି ନାହିଁ ବା ମନୁଷ୍ୟଧର୍ମ ବା ମନୁଷ୍ୟତା ନାହିଁ ସେ ଲୋକ ବ୍ରାହ୍ମଣ କିମ୍ବା ମୁସଲମାନ କିମ୍ବା ବ୍ରାହ୍ମ ହୋଇ ନ ପାରେ । କାରଣ ତାହା ଯଦି ସମ୍ଭବ ତେବେ ଗୋଟିଏ ମାଙ୍କଡ଼କୁ ଧରି ତାକୁ ଟିକା ଓ ପଇତା ପିନ୍ଧାଇ ଦେଇ ସଭାରେ ବସାଇ ଦେଲେ ସେ ମଧ୍ୟ ବ୍ରାହ୍ମଣ ଏବଂ ଶୁଆଟିଏ ଧରିଆଣି ତାକୁ "ଓଁ ଶାନ୍ତିଃ, ଶାନ୍ତିଃ" ଏପରି କହିବାକୁ ଶିଖାଇଦେଲେ ସେ ମଧ୍ୟ ବ୍ରାହ୍ମ ।

୩—ଅନ୍ନ-ବସ୍ତ୍ର ସଂସ୍ଥାନ କରିବାକୁ ପରିଶ୍ରମ କରିବା ଆମ୍ଭମାନଙ୍କ ମତରେ ବଡ଼ ନୀଚ କାର୍ଯ୍ୟ । ଯେଉଁମାନେ ଅନ୍ନ-ବସ୍ତ୍ରର ସଂସ୍ଥାନ ପାଇଁ ପରିଶ୍ରମ କରନ୍ତି ସେମାନଙ୍କୁ ଆମ୍ଭେମାନେ ଚଷା ଓ ତନ୍ତି ବୋଲି କହି ଘୃଣାଚକ୍ଷୁରେ ଦେଖୁ । ଆମ୍ଭମାନଙ୍କର ଧାରଣା ଏହିକି

ଆମ୍ଭମାନଙ୍କର ପିଲମାନେ ପାଠପଢ଼ି ଚାକରୀ କଲେ ଅଧିକ ଉପାର୍ଜନ କରି ସୁଖରେ ରହିବେ । ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ମନେକର ଗ୍ରାମରେ ଲୋକେ ସମସ୍ତେ ପାଠପଢ଼ି ଚାକରୀ କଲେ ଏବଂ କିଏ ଟ ୫୦୦୯ ଙ୍କା କିଏ ଟ ୩୦୦୯ ବେତନ ପାଇ ପ୍ରତି ଗ୍ରାମକୁ ପ୍ରତିମାସରେ ଲକ୍ଷାଧିକ ଟଙ୍କା ଆସିଲା । ଏହି ଟଙ୍କାକୁ ଖାଇ ଓ ଏହି ଟଙ୍କାକୁ ପିନ୍ଧି ଆମ୍ଭେମାନେ ବଞ୍ଚି ରହିବା କି ?

୪ — ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ଯଦି ସମାଜ ଉପରେ ନିର୍ଭର କରି ଓ ସମାଜ ଉପରେ ଦୋଷାରୋପ କରି ନିଜେ ନିଶ୍ଚେଷ୍ଟ ରହୁ ଅର୍ଥାତ୍ ସମାଜରେ ସମସ୍ତେ ଯାହାସବୁ କରୁଅଛନ୍ତି ତାର ଅନ୍ଧାନୁସରଣ କରୁଁ, ତେବେ ସମାଜର ଦୁରବସ୍ଥା ଦୂର ହୋଇ ପାରିବ କି ?

୫ — ଆମ୍ଭେମାନେ ସର୍ବଦା ସୁଖ ପାଉଅଛୁ ସତ୍ୟ କିନ୍ତୁ ପାଗଳ ବା ଅନ୍ଧପରି ଛାଡ଼ି ଦେଉଅଛୁ । ଯେତେବେଳେ କୌଣସି ପଦାର୍ଥ ଲାଭକରି ଆମ୍ଭେମାନେ ସୁଖ ପାଉଁ ସେତେବେଳେ ଯଦି ଆମ୍ଭେମାନେ ସେହି ଚିରବାଞ୍ଛିତ ସୁଖଟିକୁ ଧରିବାକୁ ଚେଷ୍ଟା କରନ୍ତୁ, ତେବେ ଆଉ କଷ୍ଟ ରହନ୍ତା ନାହିଁ କିନ୍ତୁ ଆମ୍ଭେମାନେ ତାହା ନ କରି ପ୍ରଥମେ ( ସୁଖମୟ ) ଜିନିଷଟିକୁ ଆଗ୍ରହକରି ଧରିବାକୁ ଚେଷ୍ଟାକରୁ ଓ ମନେକରୁଁ ଏହି ଜିନିଷଟିରେ ସମସ୍ତ ସୁଖ ରହିଅଛି । ଯଦି ଆମ୍ଭେମାନେ ଜିନିଷଟି ପାଇଲାବେଳେ କେବଳ ଏତିକି ମାତ୍ର ମନେ କରି ପାରନ୍ତୁ ଯେ, ଜିନିଷଟି ସକାଶେ ମୋର ସୁଖ ନୁହେ କିନ୍ତୁ ମୋର ସୁଖ ସକାଶେ ଏ ସବୁ ଜିନିଷର ସୃଷ୍ଟି, ତେବେ ଏ ସଂସାର ମୋ ପକ୍ଷରେ ଆନନ୍ଦମୟ ହୁଅନ୍ତା । ଗୋଟିଏ ଉଦାହରଣରୁ ବିଷୟଟି ସ୍ପଷ୍ଟ ବୁଝାଯିବ । ଅନେକ ଦିନ ବାଞ୍ଛିତ ଗୋଟିଏ ସନ୍ତାନ ଜାତ ହେଲା । ଅବଶ୍ୟ ସନ୍ତାନର ଉତ୍ପତ୍ତି ସଙ୍ଗେ ସଙ୍ଗେ ସୁଖର ମଧ୍ୟ ଉତ୍ପତ୍ତି ହେଲା; ଉଭୟ ଜିନିଷର ଉତ୍ପତ୍ତି ହେଲା ସତ୍ୟ ମାତ୍ର ମୁଁ ସୁଖଟିକୁ ଧରିବାକୁ ଚେଷ୍ଟା ନ କରି ସେହି ଅନିତ୍ୟ ସନ୍ତାନଟିକୁ ସୁଖ ବୋଲି ଆଗ୍ରହ କରି ଧରିଲି । ସଂସାର ଯଥା ସମୟରେ ସନ୍ତାନଟିକୁ କାଡ଼ି ନେବାକୁ ଆସିଲା । ସଂସାର ସଙ୍ଗେ ଅନେକ ଯୁଦ୍ଧ କଲି । ମାତ୍ର ସଂସାର ଜୟୀ ହେଲା ଓ ସନ୍ତାନଟିକୁ ନେଇଗଲା । ମୁଁ ସଂସାର ଉପରେ ନିର୍ଦ୍ଦୟ

ବୋଲି ଦୋଷାରୋପ କଲି । ସଂସାର କହିଲା, "ଭାଇରେ, ଏହି ସନ୍ତାନଟି ଜନ୍ମ ହେବାବେଳେ ମୁଁ କହିଦେଇଅଛି ଯେ ସୁଖଟି ତୋର ମାତ୍ର ଜଞ୍ଜାଳଟି ମୋର । " ତୁ ବାବୁ ! ସୁଖଟିକୁ ନ ଧରି, ସୁଖ କଣ ତାହା ନ ବୁଝି ଜଞ୍ଜାଳଟିକୁ ସୁଖବୋଲି ଧରିଲୁ କାହିଁକି ? ମୋର ଦୋଷ କଣ" ?

## ଋଣ ପରିଶୋଧ ଓ ଗୃହତ୍ୟାଗ

ଆମ ଘର ନିକଟରେ ଗୋଟିଏ ପରିବାର ଋଣଗ୍ରସ୍ତ ଥିବାରୁ ମହାଜନ ନାଲିସ୍ କରି ସେହି ପରିବାରର ଘର କୋରକ୍ କଲାବେଳେ ସେହି ପରିବାରର ଲୋକେ କିପରି ଅପମାନ ଓ ଦୁଃଖ ଭୋଗିଥିଲେ ତାହା ମୁଁ ଅନୁଭବ କରିଥିଲି ଏବଂ ପରେ ଜାଣିପାରିଲି ଯେ, ସେଇ ପରିବାର ଋଣଗ୍ରସ୍ତ ହେବାର ପ୍ରଧାନ କାରଣ ହେଉଛି ଗହଣାରେ ଓ ନ୍ୟାସ ନିମିତ୍ତରେ ଅଯଥା ଅପବ୍ୟୟ । ଆମ ଏକାନ୍ନବର୍ତ୍ତୀ ପରିବାରରେ ଆମର କରଜ ଥିଲା ସୁଧ ଓ ଅସଲ ମିଶି ପ୍ରାୟ ୧୫୦୦ ଟଙ୍କା । ଆମ ପରିବାରକୁ କିପରି ଋଣମୁକ୍ତ କରିବି ଏହା ମୋ ମନକୁ ପ୍ରଥମେ ସ୍ପର୍ଶ କଲା । ପ୍ରାୟ ୫୦୦ ଟଙ୍କା କ୍ରମେ କ୍ରମେ ପରିଶୋଧ କଲି । ଆମ ଗ୍ରାମ ନିକଟରେ କୁମୁଡ଼ା-ଜୟପୁର ଗ୍ରାମର ଗୋପୀ ଷଡ଼ଙ୍ଗୀ ନାମକ ଜଣେ ମହାଜନଠାରୁ ଆମର କରଜ ଥିଲା । ଅସଲ ୫୦୦ ଟଙ୍କା । ଏହି ଟଙ୍କାର ସୁଧ ଥିଲା ଶତକଡ଼ା ୨୫ଟଙ୍କା । ମୁଁ ତାଙ୍କୁ ୨-୩ ବର୍ଷ ନିୟମିତ ଭାବରେ ପ୍ରତିବର୍ଷ ବର୍ଷକୁ ୧୨୫ ଟଙ୍କାସୁଧ ଦେଲି । ସେହି ମହାଜନ କଚେରୀକୁ ଆସି ମୋତେ ଗୋଟିଏ ବର୍ଷର ସୁଧ ଦେବାକୁ କହିଲେ । ମୁଁ ତାଙ୍କୁ କହିଲି—"ଆପଣ ମୋଠାରୁ ଯେଉଁ ଟଙ୍କା ପ୍ରତିବର୍ଷ ସୁଧ ଆଡ଼କୁ ନେଉଅଛନ୍ତି ସେହି ଟଙ୍କା ଆପଣ ଅନ୍ୟକୁ କରଜ ଦେଇ ସେଥିରୁ ମଧ୍ୟ ସୁଧ ପାଉଅଛନ୍ତି । ତେଣୁ ମୁଁ ଯେଉଁ ୧୨୫ ଟଙ୍କା ଦେଉଛି ଆପଣ ସେଥିରୁ ୧୦୦ ଟଙ୍କା ସୁଧ ଆଡ଼କୁ ନେଇ ଅବଶିଷ୍ଟ ୨୫ ଟଙ୍କା ଅସଲ ଆଡ଼କୁ ନିଅନ୍ତୁ ।

ସେ କହିଲେ—"ମୁଁ ବର୍ତ୍ତମାନ କିଛି ଛାଡ଼ିବି ନାହିଁ । ସମସ୍ତ ଟଙ୍କା ପରିଶୋଧ କଲାବେଳେ ମୁଁ କିଛି ଟଙ୍କା ଛାଡ଼ିଦେବି ।" ମୁଁ କହିଲି—"କିଛି ଛାଡ଼ି ଦେବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁନାହିଁ ଏବଂ ପରିଶୋଧ

*

କିଛିବେଳେ ମଧ୍ୟ ମୋ କଥା ସ୍ୱୀକାର କରନ୍ତୁ ଏବଂ କିଛି ଟଙ୍କା ଛାଡ଼ି ଦିଅନ୍ତୁ ବୋଲି ଅନୁରୋଧ କରିବି ନାହିଁ । ନିୟମିତ ରୂପେ ସୁଧ ଦେଇଥିବାରୁ ତଦନୁସାରେ କିଛି ଟଙ୍କା ଅସଲ ଟଙ୍କା ଆଉକୁ ନିଅନ୍ତୁ ବୋଲି ମୁଁ ଦାବି କରୁଛି ।" ସେ ମହାଶୟ ମୋର କଥା ଶୁଣିଲେ ନାହିଁ । ମୁଁ ତାଙ୍କୁ ୧୨୫ ଟଙ୍କା ଦେଇ ଆସନ୍ତି, ତାହା ନ ଦେବାରୁ ସେ ମୋ ଉପରେ ବିରକ୍ତ ହୋଇ ଚାଲିଗଲେ । ସେ ଫେରିଯିବା ବେଳେ ମୁଁ ତାଙ୍କୁ କହିଲି — ଆପଣ ମନେ ରଖନ୍ତୁ, ଆପଣଙ୍କର ସବୁ ଟଙ୍କା ମୁଁ ଏହି ତିନି ବର୍ଷ ଭିତରେ ପରିଶୋଧ କରିବି ସେତେବେଳେ ମୁଁ କଚେରୀରୁ ଦରମା ପାଉଥାଏଁ ମାସିକ ଟ ୩୦ କି ୩୨ ଟଙ୍କା ଏବଂ ପୂର୍ବୋକ୍ତ ରାଧାପ୍ରସାଦ ଭଗତଙ୍କ ଘରୁ ପାଉଥାଏ ମାସିକ ୧୦ ଟଙ୍କା । ହିସାବ କରି ଦେଖିଲି ତିନିବର୍ଷ ପରେ ମହାଜନର ଆମ ଉପରେ ସୁଧ ୪୦୦ ଟଙ୍କା ଓ ମୂଳ ୫୦୦ ଟଙ୍କା । ଏରୂପ ୯୦୦ ଟଙ୍କା ହୋଇଯିବ । ଏତିକି ଟଙ୍କାରେ ସବୁ ଟଙ୍କା କପରି ସୁଝିବ କିଛି ସ୍ଥିର କରି ପାରିଲି ନାହିଁ । ତିନିବର୍ଷ ଭିତରେ ସବୁଟଙ୍କା ପରିଶୋଧ କରିବି ବୋଲି ମୁଁ ଯେ ମହାଜନ ନିକଟରେ ପ୍ରତିଜ୍ଞା କରିଛି ସେ କଥା ମୋ ମନରେ ସର୍ବଦା ଜାଗ୍ରତ ରହିଲା । ସେହିଦିନ ଠାରୁ ମୁଁ ଡାଲି ନ ଖାଇ ଡାଲି ପରିବର୍ତ୍ତେ କିଛିଦିନ ଓଉ ଝୋଳ ଖାଇଲି । ପୋଖରୀରୁ କଳମ ସାଗ ଆଣି ତରକାରୀ କଲି । ନୂଆ କମିଜ, କମ୍ବା ଯୋଡ଼ା କିଣିଲି ନାହିଁ । ମୋର ପୋଷାକ ଓ କାର୍ଯ୍ୟକଳାପ ଦେଖି ମୋତେ ସମସ୍ତେ ପାଗଳ ମନେ କଲେ । ଅଳ୍ପଦିନ ପରେ ମୋ ପାଖରେ କିଛି ଟଙ୍କା ଜମା ହେବାରୁ ମୁଁ କଚେରୀର କିରାଣିମାନଙ୍କୁ କରଜ ଦେଇ ସେମାନଙ୍କଠାରୁ ଅନେକ ଟଙ୍କା ସୁଧ ଆଦାୟ କଲି । କେହି ୨୦ ଟଙ୍କା କରଜ ମାଗିଲେ ମୁଁ ତାଙ୍କଠାରୁ ୩୦ ଟଙ୍କା ର ହାଣ୍ଡନୋଟ ଲେଖାଇ ନେଇ ତାଙ୍କୁ ତାଗିଦ୍ କରିଦିଏଁ ଯେ ମାସ ଶେଷରେ ସୁଧ ଏକ ଟଙ୍କା ମିଶାଇ ୨୧ ଟଙ୍କା ନ ଦେଲେ ମୁଁ ୩୦ ଟଙ୍କା ଦେଇଛି ବୋଲି ନାଲିସ କରିଦେବି । କେତେକଙ୍କ ଠାରୁ ଗହଣା ବନ୍ଧକ ରଖି ବେଶୀ ସୁଧରେ କରଜ ଦେଲି । ମୋର ସାଇକେଲ, ଅଲଷ୍ଟର, ଓ୍ୱାଚ ପ୍ରଭୃତି ଯାହା ବିକିବା ଜିନିଷ ଥିଲା ସବୁ ବିକିଲି । ମାତ୍ର ସବୁ ଟଙ୍କା ତିନିବର୍ଷ ମଧ୍ୟରେ ସଂଗ୍ରହ କରି ନ ପାରି ପୂର୍ବୋକ୍ତ ରାଧା ପ୍ରସାଦ ଭଗତଙ୍କର ପୁତୁରା ଲଛମି ପ୍ରସାଦ ଭଗତଙ୍କଠାରୁ ଶହେ କି ଦେଢ଼ଶହ ଟଙ୍କା ଧାର ଆଣି ମହାଜନର ସବୁ ଟଙ୍କା ପରିଶୋଧ କଲି । ସେହି ଟଙ୍କା ଗୁରୁଭାଇଙ୍କର

ଯୁଝିବାର କଥା ତାହା ମୁଁ ଏକା ଯୁଝିବା ଦେଖି ମୋତେ ସମସ୍ତେ ନିର୍ବୋଧ ମନେକଲେ । ପରିବାରକୁ ଋଣରୁ ମୁକ୍ତ କଲାବେଳେ ମୋ ମନରେ ବିଶେଷ ଆନନ୍ଦ ଆସିଥିଲା । ମୁଁ ସେହିଦିନ ମୋର ଭାଇମାନଙ୍କ ନିକଟରେ ପ୍ରତିଜ୍ଞା କଲି ଯେ ମୋ ଜୀବନରେ ମୁଁ ଟଙ୍କାଟିଏ ସୁଦ୍ଧା କରଜ କରିବି ନାହିଁ ଏବଂ ଆମ ପରିବାରରେ ପୁଣି କେହି କରଜ କଲେ ମୁଁ ଆମ ପରିବାରରେ ରହିବି ନାହିଁ । ଏହି ଘଟଣାର ଦୁଇବର୍ଷ ପରେ ମୁଁ ଜାଣିଲି ଯେ ବଡ଼ଭାଇ ପୁଣି ୨୦୦ ଟଙ୍କା କରଜ କରିଅଛନ୍ତି । ମୁଁ କହିଲି, "ମୁଁ ଆଉ ଏହି ପରିବାରରେ ରହିବି ନାହିଁ ।" ମୋର ଏହି କଥା ଶୁଣି ବାପା କହିଲେ— "ତୁ ତୋର ସ୍ତ୍ରୀ ଓ ପୁଅ ଝିଅଙ୍କୁ ସଙ୍ଗରେ ନେଇ ଯା ।" ସେ ଭାବିଲେ, କାଳେ ମୁଁ ସେମାନଙ୍କୁ ଛାଡ଼ିଦେଇ ଘରୁ ଚାଲିଗଲେ ସେମାନଙ୍କର ଅବସ୍ଥା ଖରାପ ହେବ । ସେତେବେଳେ କେହି ନିଜର ସ୍ତ୍ରୀକୁ ବିଦେଶକୁ ନେଉ ନ ଥିଲେ । ଆମ ଗ୍ରାମର ଜଣେ ଓକିଲ ତାଙ୍କର ସ୍ତ୍ରୀଙ୍କୁ କଟକ ଆଣିଥିବାରୁ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ଗ୍ରାମର ଲୋକେ ବାଧ୍ୟ କରିଥିଲେ । ଆମ ଘରଠାରୁ ନିକଟବର୍ତ୍ତୀ ଧାନମଣ୍ଡଳ ଷ୍ଟେସନ ପ୍ରାୟ ୬ ମାଇଲ ଦୂର । ସେତେବେଳେ ବର୍ଷା ଦିନ ଥିବାରୁ ବଳଦ ଗାଡ଼ି ମିଳିଲା ନାହିଁ । ମୁଁ ମୋର ସ୍ତ୍ରୀ, ଦୁଇ ପୁଅ ଓ ଦୁଇ ଝିଅ ସମସ୍ତେ ଚାଲି ଚାଲି ଷ୍ଟେସନକୁ ଆସିଲୁ । ରାସ୍ତାସବୁ ପାଣିରେ ବୁଡ଼ି ରହିଥିବାରୁ ପୁଅ ଦୁହେଁ ଦୁଇଖଣ୍ଡ ବାଡ଼ିଧରି ଚାଲିଲେ ଏବଂ ଦୁଇ ସାନଝିଅଙ୍କୁ ଆଣିବାକୁ ସଙ୍ଗରେ ଜଣେ ମୂଲିଆ ଆସିଲା । ଆମେ ଘରୁ ବାହାରିବାବେଳେ ସେ ଦୃଶ୍ୟ ଦେଖିବାକୁ ଗ୍ରାମର ପ୍ରାୟ ସମସ୍ତେ ଗ୍ରାମ ମଝିରେ ଦାଣ୍ଡି ଚଉରା ନାମକ ଗୋଟାଏ ଜାଗାରେ ରୁଣ୍ଡ ହୋଇଥାନ୍ତି । ଧାନମଣ୍ଡଳ ଷ୍ଟେସନ ନିକଟରେ ମୋର ଶ୍ୱଶୁର ଘର । ଘରୁ ଏପରି ଭାବରେ ଚାଲି ଚାଲି ଆସୁଥିବା ଦେଖି ସେମାନେ ବିଶେଷ ଦୁଃଖ ପ୍ରକାଶ କଲେ । ଆମେ ସେଠାରେ ଖାଇ ପିଇ ଷ୍ଟେସନକୁ ଆସିଲୁ । ଗଙ୍ଗାମନ୍ଦିରରେ ରେଭେନ୍ସା ବାଳିକା ସ୍କୁଲକୁ ଲାଗିଥିବା ଗୋଟିଏ ଘରେ ମାସିକ ୧୧ ଟଙ୍କା ଭଡ଼ାରେ ରହିଲୁ । ସେତେବେଳେ ମୁଁ ଦରମା ପାଉଥାଏ ୩୪ ଟଙ୍କା । କରଜ କରିବି ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିବାରୁ ଘରଭଡ଼ା ୧୧ ଟଙ୍କା ଯାଇ ବାକି ୨୩ ଟଙ୍କାରେ ଆମକୁ ଚଳିବାକୁ ପଡ଼ିଲା ।

ମୁଁ ମୋର ସ୍ତ୍ରୀଙ୍କୁ କହିଦେଲି ଯେ ଏହି ୨୩ ଟଙ୍କାରୁ ବରଂ ୧ ଟଙ୍କା ବଳିବ ମାତ୍ର ୧ ଟଙ୍କା ଅଧିକ ଖର୍ଚ୍ଚ ହେବ ନାହିଁ । ମୋର ସ୍ତ୍ରୀ ମୋର ପ୍ରତିଜ୍ଞା

ଜାଣିଥିବାରୁ ଖର୍ଚ୍ଚ ପକ୍ଷରେ ସର୍ବଦା ସତର୍କ ରହିଲେ । ଗର୍ହଣାରେ ଓ ନ୍ୟାୟନିମିତ୍ତରେ ଅଯଥା ଅପବ୍ୟୟର ବିଷମୟ ଫଳ ଅନେକଦିନ ପୂର୍ବରୁ ଅନୁଭବ କରିଥିବାରୁ ବର୍ତ୍ତମାନ କଟକ ଆସିବା ପରେ ମୁଁ ପ୍ରତିଜ୍ଞାବଦ୍ଧ ହେଲି ଯେ ଗର୍ହଣାରେ ଓ ନ୍ୟାୟ ନିମିତ୍ତରେ ଅଯଥା ଅର୍ଥବ୍ୟୟ କରିବି ନାହିଁ ।

ମୋର କଟକ ଆସିବାର ପ୍ରାୟ ଦୁଇବର୍ଷ ପରେ ବାପାଙ୍କର ମୃତ୍ୟୁ ହେଲା । ଆମ ପରିବାରର ଅବସ୍ଥା ଦୃଷ୍ଟିରେ ବାପାଙ୍କର ଶୁଦ୍ଧିକ୍ରିୟାରେ ଅନ୍ତତଃ ୨୦୦ ଟଙ୍କା ଖର୍ଚ୍ଚ ହେବା ଆବଶ୍ୟକ । ମାତ୍ର ଶୁଦ୍ଧିକ୍ରିୟାର ଅନ୍ଧାନୁସରଣରେ ଅର୍ଥ ବ୍ୟୟ କରିବା ମୋର ମତ ନୁହେଁ । ସେତେବେଳେ ମୋ ପାଖରେ ୮୦ ଟଙ୍କାରୁ ଅଧିକ ନ ଥିଲା । ଶୁଦ୍ଧି କ୍ରିୟାରେ ୫ ଟଙ୍କାରୁ ଅଧିକ ଖର୍ଚ୍ଚ ମୁଁ କରିବି ନାହିଁ ବୋଲି କହିବାରୁ ମାଆଙ୍କ ମନରେ ବିଶେଷ ଦୁଃଖ ଆସିଲା । ମାଆଙ୍କର କଥାମାନି ମୋ ପାଖରେ ଥିବା ୭୫ ଟଙ୍କା କି ୪୦ ଟଙ୍କା ମୋତେ ଖର୍ଚ୍ଚ କରିବାକୁ ପଡ଼ିଲା ଏବଂ କିଛି କିଛି ଅନ୍ଧାନୁସରଣ ମଧ୍ୟ କରିବାକୁ ପଡ଼ିଲା । ମୋର ବଡ଼ଭାଇଙ୍କର ମାମୁଁ ଓ ସାନଭାଇଙ୍କ ଶ୍ୱଶୁର ମୋତେ ବିନାସୁଧରେ ଟଙ୍କା ଯାଚିଲେ । ମାତ୍ର ପ୍ରତିଜ୍ଞାବଦ୍ଧ ଥିବାରୁ ମୁଁ ତାହା ନେଲି ନାହିଁ । ସେମାନେ ବିରକ୍ତି ପ୍ରକାଶ କରି ଚାଲି- ଗଲେ । ଆମ ଗ୍ରାମରେ (ମୂଳବସନ୍ତରେ) ମୋର ମାଆଙ୍କର ମୃତ୍ୟୁ ହେଲା । ମୁଁ ଥାଏଁ କଟକରେ । ଶୁଦ୍ଧି କ୍ରିୟାର କୌଣସି ଅନ୍ଧାନୁସରଣ ମୁଁ କଲି ନାହିଁ । ମୋତେ ଅନେକ ଲୋକ କହିଲେ—"ଶୁଦ୍ଧିକ୍ରିୟା କିଛି ନ କଲ ନାହିଁ, କେବଳ ଦଶାହ ଦିନ ଖିଅର ହୁଅ ଏବଂ ବସାରେ ପୁରୁଣାହାଣ୍ଡି ପକେଇ ଦେଇ ନୂଆ ହାଣ୍ଡିକର ।" ମୁଁ କହିଲି "୨୦—୨୫ ମାଇଲ ଦୂରରେ ମାଆ ମଲେ । ଏତେ ଦୂରରେ ମୋର ହାଣ୍ଡି ଅଶୁଦ୍ଧ ହେଲା କିପରି ? ନବମ ଦିନ କିମ୍ବା ଅଷ୍ଟମ ଦିନ ଖିଅର ନ ହୋଇ ଦଶାହ ଦିନ ଖିଅର ହେବାର କୌଣସି କାରଣ ନ ଥିବାରୁ ମୁଁ ଏ ସବୁ ଅନ୍ଧାନୁସରଣ କରିପାରିବି ନାହିଁ । ଏହି ଖିଅର ନ ହେବା କଥା ଓ ନୂଆହାଣ୍ଡି ନ କରିବା କଥା କଟକରେ ଅନେକ ଲୋକ ଜାଣିଲେ ।" ଏହି ଖିଅର ନ ହେବା ପଣ୍ଡିତ ଦାସ ତାଙ୍କ "ଦାୟିକାମାଡ଼" ବହିରେ ଲେଖିଅଛନ୍ତି—ଯାହା "ବିଦଗ୍ଧ ବିବାହ" ପ୍ରବନ୍ଧ ଶେଷରେ ଦେଖି ପାରିବେ ।

# ପୈତୃକ ସମ୍ପତ୍ତି ପରିତ୍ୟାଗ

ବାପାଙ୍କର ମୃତ୍ୟୁଘଟଣାର ପ୍ରାୟ ଏକବର୍ଷ ପରେ ଅନ୍ୟ ତିନିଭାଇ ଅର୍ଥାତ୍ ମୋର ସାନଭାଇ ଓ ଅନ୍ୟ ଦୁଇଭାଇ ଏକଜ ରହି ନ ପାରି ପୃଥକ୍ ହେବାକୁ ବାଧ୍ୟ ହେଲେ । ପୃଥକ୍ ହେବାବେଳେ ମୋତେ ଡାକିଲେ, ମାତ୍ର ମୁଁ ଗଲି ନାହିଁ । ପୃଥକ୍ ହେଉଥିବା ଜାଣି ମୋ ମନରେ ବିଶେଷ ଦୁଃଖ ଆସିଲା । ବଡ଼ଭାଇ କଟକ ଆସି ବଣ୍ଟନ ପତ୍ରରେ ମୋଠାରୁ ମୋର ଦସ୍ତଖତ ନେଇଗଲେ । ବଣ୍ଟନପତ୍ରରେ କଣ ଲେଖାଥିଲା ମୁଁ ତାହା ଦେଖିଲି ନାହିଁ । ମୁଁ ପୂର୍ବରୁ ଅନୁଭବ କରିଥିଲି ଯେ ଲୋକେ ପୈତୃକ-ସମ୍ପତ୍ତି ଉପରେ ନିର୍ଭର କରିବା ଫଳରେ ଗହଣାରେ ଓ ନ୍ୟାୟ୍ୟନିମିତ୍ତରେ ବୃଥାଡ଼ମ୍ବର ଦେଖାଇ ପରିଶେଷରେ ସେହି ଗହଣା ବିକ୍ରୟ କରି ଦାରିଦ୍ର୍ୟ ଦୁଃଖ ବରଣ କରୁଅଛନ୍ତି । ତେଣୁ ପୈତୃକସମ୍ପତ୍ତିରୁ କିଛି ନେବି ନାହିଁ ବୋଲି ମୁଁ ପ୍ରତିଜ୍ଞାବଦ୍ଧ ହେଲି । ଉତ୍ତମରୂପେ ଚିନ୍ତାକରି ମୁଁ ସ୍ଥିର କଲି ଯେ ଯାହାର ହାତ ଗୋଡ଼ ଅଛି ସେ ଅନ୍ୟର ବାସନ ମାଜି ମଧ୍ୟ ଯାହା ଉପାର୍ଜନ କରିବ ସେଥିରେ ସେ ନିଶ୍ଚୟ ସ୍ୱଚ୍ଛନ୍ଦରେ ନିଜର ଜୀବିକା ନିର୍ବାହ କରିପାରିବ । ସେହି ଦିନଠାରୁ ଏହି ଧାରଣା ଆଜି ପର୍ଯ୍ୟନ୍ତ ମୋ ମନରେ ଜାଗ୍ରତ ରହିଅଛି । ଲୋକେ ମିଛ କହି, ଘୁଷ୍ ନେଇ, ଅନ୍ୟର ପରାଧୀନତା ସ୍ୱୀକାର କରି ଯାହା ଉପାର୍ଜନ କରୁଅଛନ୍ତି ତାହା ସେମାନେ ଗହଣାରେ ଓ ନ୍ୟାୟ୍ୟନିମିତ୍ତରେ ବ୍ୟୟ କରୁଅଛନ୍ତି ଦେଖି ମୋ ମନରେ ଦୁଃଖ ଆସେ ।

କଚେରୀରେ ଚାକିରି କଲାବେଳେ ମୁଁ ମୋର ସଙ୍ଗୀ କିରାଣିମାନଙ୍କୁ ଅନେକ ସମୟରେ କହେଁ, "ଗହଣାରେ ଓ ନ୍ୟାୟ୍ୟନିମିତ୍ତରେ ବୃଥାଡ଼ମ୍ବର ଦେଖାଇବା ପାଇଁ ସିନା ଏତେ ମିଛ, ଏତେ ଘୁଷ୍‌ନେବା ଓ ଏତେ ପରା-ଧୀନତା ସ୍ୱୀକାର କରିବାକୁ ପଡ଼ୁଛି ଏବଂ କାଲେ ଚାକିରି ଖଣ୍ଡିକ ଚାଲିଯିବ ବୋଲି ଏତେ ଭୟ ମାଡ଼ୁଛି । ସେତିକ ଛାଡ଼ିଦେଇ ସରଳ ଭାବରେ ଜୀବନଯାପନ କରିବାର ଦୃଢ଼ତା ଆସିଲେ ଏପରି ଅସତ୍ ଉପାୟ ଅବ-ଲମ୍ବନ କରିବାକୁ ହେବନାହିଁ, ଏପରି ହୀନତା ଓ ପରାଧୀନତା ମଧ୍ୟ ସ୍ୱୀକାର କରିବାକୁ ହେବନାହିଁ । କାଲେ ଚାକିରିଟା ଚାଲିଯିବ ବୋଲି ମନରେ ଏପରି ଭୟ ମଧ୍ୟ ରହିବ ନାହିଁ, ଇତ୍ୟାଦି ।"

## ପୁଅ ସ୍କୁଲରୁ କାଢ଼ି ଆଣିବା

ଉପସ୍ଥିତ କୁଶିକ୍ଷାର ବିଷମୟ ଫଳ ମୁଁ ପିଲାଦିନରୁ ଅନୁଭବ କରିଥିବା କଥା ସର୍ବପ୍ରଥମେ ଲେଖାଯାଇଅଛି । ମହାତ୍ମା ଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନବେଳେ ସେହି ଧାରଣା ଦୃଢ଼ତର ହେବାରୁ ମୁଁ ମୋର ଦୁଇପୁଅଙ୍କୁ ସ୍କୁଲକୁ ପଠାଇଲି ନାହିଁ । ସେମାନଙ୍କର ନାମ ସ୍କୁଲରୁ କଟିଗଲା । ବଡ଼ପୁଅ ଶରତ କୁମାର କିଛିଦିନ ସଂସ୍କୃତ ଟୋଲରେ ପଢ଼ି ମୋର ଅଜ୍ଞାତସାରରେ ଘରୁ ଚାଲିଗଲା ଏବଂ କଲିକତାରେ ମୋର ଜଣେ ବନ୍ଧୁ କେଦାରନାଥ ମଲ୍ଲିକଙ୍କୁ ମୋର ଏପରି ମନୋବୃତ୍ତି ବିଷୟ କହିଲା । ଉକ୍ତ କେଦାର ନାଥ ମଲ୍ଲିକ ହେଉଛନ୍ତି ବ୍ରହ୍ମବିଦ୍ୟା ସମିତିର ଜଣେ ବିଶିଷ୍ଟ ସଭ୍ୟ । ମୁଁ ସେହି ସମିତିର ଜଣେ ସଭ୍ୟ ଥିବାରୁ ଏବଂ ତାଙ୍କ ସହିତ ମୋର ଘନିଷ୍ଠ ସମ୍ବନ୍ଧ ଥିବାରୁ ତାଙ୍କୁ ମୋର ଏପରି ମନୋବୃତ୍ତି ବିଷୟ ପୂର୍ବରୁ ଜଣାଥିଲା । ଶରତକୁମାରକୁ ସେ କଲିକତା ଶ୍ୟାମ.ଦାସ କବିରାଜଙ୍କର କବିରାଜ ବିଦ୍ୟାଳୟରେ ପଢ଼ିବାର ସୁବିଧା କରାଇ ଦେଲେ । ସାନପୁଅକୁ ମୋର ପୂର୍ବୋକ୍ତ କଟକର ପୁଅ ଭାଇ ନେଇଯାଇ ସେ ଯେଉଁ ବଡ଼ଚଣା ମାଇନରସ୍କୁଲରେ ମାଷ୍ଟର ଥିଲେ ତାକୁ ସେହିଠାରେ ମାଇନର ପାଶ କରିବା ପର୍ଯ୍ୟନ୍ତ ପଢ଼ାଇଲେ ଏବଂ କଟକ ଏକାଡେମି ସ୍କୁଲରେ ତାର ନାମ ଲେଖାଇ ଦେଲେ । ମୋର ଉଦାସୀନତା ଯୋଗୁଁ ସେ ଦୁଇଥର ମାଟ୍ରିକ୍ ପରୀକ୍ଷାରେ ଫେଲ ହେଲା । ସେ ବର୍ତ୍ତମାନ ଟେକ୍‌ସ୍ଟାଇଲ ଅଫିସରେ ଏକାଉଣ୍ଟାଣ୍ଟ ଅଛି । ବଡ଼ପୁଅ ବକ୍ସିବଜାରରେ ଗୋଟିଏ କବିରାଜ ଔଷଧାଳୟ କରୁଥିଲା । ଏହି ଅଳ୍ପଦିନ ହେଲା ୧୯୫୭ ନଭେମ୍ବର ୭ ତାରିଖ ଦିନ ହଠାତ୍ ରକ୍ତଚାପରେ ୪୭ ବର୍ଷ ବୟସରେ ତାର ମୃତ୍ୟୁ ଘଟିଛି । ବଡ଼ପୁଅର ବର୍ତ୍ତମାନ ୭ଟି ପୁଅ ଓ ଦୁଇଟି ଝିଅ । ସାନପୁଅର ପ୍ରଥମ ବିବାହରୁ ଗୋଟିଏ ଝିଅ ଓ ଗୋଟିଏ ପୁଅ । ପ୍ରଥମ ସ୍ତ୍ରୀର ମୃତ୍ୟୁପରେ ସେ ଆଉଥରେ ବିବାହ କରିଛି । ଏହି ଦ୍ୱିତୀୟ ସ୍ତ୍ରୀର ବର୍ତ୍ତମାନ ଗୋଟିଏ ଝିଅ ଓ ଗୋଟିଏ ପୁଅ ।

# ତଲେଇ ଓ ତାଳପତ୍ର ଛତା

ମହାତ୍ମାଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନବେଳେ ମୋ ମନରେ ଧାରଣା ଜନ୍ମିଲା ଯେ ବିଦେଶୀ ଜିନିଷ ବ୍ୟବହାର ନ କଲେ ଭାରତବର୍ଷ ନିଶ୍ଚୟ ସ୍ୱାଧୀନ ହେବ । ତେଣୁ ମୁଁ ଓ ମୋର ସ୍ତ୍ରୀ ସୂତାକାଟି ଲୁଗା ପିନ୍ଧିଲୁଁ । ମୁଁ ବିଦେଶୀ ଛତା ବ୍ୟବହାର ନ କରି ତାଳପତ୍ର ତିଆରି ତଲେଇ ଓ ଛତା ବ୍ୟବହାର କଲି । ବିଶେଷ ବର୍ଷା ହେଲେ ତାଳପତ୍ର ତିଆରି ପଖିଆ ମଧ୍ୟ ବ୍ୟବହାର କଲି । ଆଣ୍ଠୁ ପର୍ଯ୍ୟନ୍ତ ମୋଟା ଖଦଡ଼ ଲୁଗା ପିନ୍ଧି ଓ ମୁଣ୍ଡରେ ତାଳପତ୍ର ତିଆରି ତଲେଇ ନେଇ କଚେରୀକୁ ଯିବାବେଳେ ଛୋଟ ଛୋଟ ପିଲାମାନେ କୋଠା ଉପରେ ଠିଆ ହୋଇ ଦେଖନ୍ତି ଏବଂ "ତଲେଇ ବାବୁ ଆସିଲା" କହି ଆନନ୍ଦ ଉପଭୋଗ କରନ୍ତି । ଏପରି ବେଶରେ ପ୍ରାୟ ୨ ବର୍ଷ କଚେରୀକୁ ଯିବାପରେ ପୋଲିସ ସାହେବ ଶ୍ରୀକୃଷ୍ଣ ମହାପାତ୍ର ମୋ ନାମରେ ମାଜିଷ୍ଟ୍ରେଟ ସାହେବଙ୍କୁ ରିପୋର୍ଟ କଲେ । ମୁଁ ସେତେବେଳେ ନାଜରଖାନାରେ କାମ କରୁଥାଏ । ମାଜିଷ୍ଟ୍ରେଟ ସାହେବ ମୋତେ ତାଙ୍କ ଇଜଲାସକୁ ଡକାଇ ନେଇ କହିଲେ, "ତୁମେ ସକାଳ ୮ଟା ବେଳେ ମୋ କୋଠିରେ ମୋ ସଙ୍ଗେ ଦେଖା କରିବ ।" ନାଜର ଓ ସିରସ୍ତାଦାର ସମସ୍ତେ ଅନୁମାନ କରିନେଲେ ଯେ ମାଜିଷ୍ଟ୍ରେଟ ସାହେବ ନିଶ୍ଚୟ ମୋତେ ଡ଼ିସ୍‌ମିସ୍ କରିଦେବେ । ମୋର ପୂର୍ବ ଇତିହାସ ଓ ଆର୍ଥିକ ଅବସ୍ଥା ସେମାନଙ୍କୁ ଜଣାଥିବାରୁ ସେମାନଙ୍କ ମନରେ ଦୁଃଖ ଆସିଲା । ମୁଁ ସେମାନଙ୍କୁ କହିଲି—"ମୋତେ ଡ଼ିସ୍‌ମିସ୍ କଲେ ମଧ୍ୟ ସେଥି-ପାଇଁ ମୁଁ ଆଦୌ ଦୁଃଖିତ ହେବି ନାହିଁ । ଯାହାର ହାତ ଗୋଡ଼ ଅଛି ସେ ନିଶ୍ଚୟ ଯେ କୌଣସି ଉପାୟରେ ନିଜର ପେଟ ପୋଷି ଏ ସଂସାରରେ ରହିପାରିବ । ମୋର ସ୍ତ୍ରୀ ଯଦି କାହାର ବାସନମାଜି ପିଲାମାନଙ୍କୁ ପୋଷି-ପାରିବ ସେଥିପାଇଁ ମଧ୍ୟ ମୁଁ ଆଦୌ ଦୁଃଖ କରିବି ନାହିଁ ଇତ୍ୟାଦି ।" ତହିଁ ଆରଦିନ ସକାଳେ ୮ଟା ବେଳେ ମୁଁ ମାଜିଷ୍ଟ୍ରେଟ ସାହେବଙ୍କ କୋଠିକୁ ଗଲି । ସେ ମୋତେ କହିଲେ, ପୋଲିସ ସାହେବ ରିପୋର୍ଟ କରିଅଛନ୍ତି ଯେ ତୁମେ ଜଣେ ଡ଼ିକ୍ଲେୟାର୍ଡ ନନ୍ କୋ-ଅପରେଟର୍ (**Declared non-co-operator**) । ମୁଁ ସାହେବଙ୍କୁ କହିଲି, "ସାର ଡ଼ିକ୍ଲେୟାର୍ଡ ନନ୍ କୋ-ଅପରେଟର ଏହି କଥାଟିର ଅର୍ଥ କଣ ?" ସାହେବ ମୋତେ ଏହି

କଥାଟିର ଅର୍ଥ ବୁଝାଇ ଦେଲେ । ମୁଁ କହିଲି, ସାର୍, କୌଣସି ନନକୋ-ଅପରେଟର ମୋର ନାମ ପର୍ଯ୍ୟନ୍ତ ଜାଣନ୍ତି ନାହିଁ କିମ୍ବା ମୁଁ କାହାକୁ ଜାଣେ ନାହିଁ ।" ସାହେବ କହିଲେ, "ତୁମ୍ଭେ ଖଦଡ଼କୁର୍ତ୍ତା ପିନ୍ଧି ଓ ତାଳପତ୍ର ଛତା ନେଇ କଚେରୀକୁ ଆସୁଛ କାହିଁକି ?" ମୁଁ ମୋର ପୂର୍ବର ସମସ୍ତ ଇତିହାସ ସାହେବଙ୍କୁ କହିଲି ଏବଂ ମୋର ସବୁ କଥା ସାହେବ ମନଦେଇ ଶୁଣିଲେ । ତାପରେ ମୁଁ କହିଲି, "ମୁଁ ୩୪ ଟଙ୍କା ଦରମା ପାଏ ସେଥିରୁ ୧୧ ଟଙ୍କା ଘରଭଡ଼ା ଦେଇ ବାକି ୨୩ ଟଙ୍କାରେ ମୋର ସ୍ତ୍ରୀ, ଦୁଇ ପୁଅ, ଦୁଇ ଝିଅ ଓ ମୁଁ ଚଳୁଁ । ଘୁଷ୍ ନେବି ନାହିଁ ଓ କରଜ କରିବି ନାହିଁ ବୋଲି ମୁଁ ପ୍ରତିଜ୍ଞାବଦ୍ଧ । ମୁଁ ୧୫ ଟଙ୍କା ଦେଇ ଛତା ଖଣ୍ଡିଏ କିଣିଥିଲି । ସେହି ଛତାଟି ନାଜରଖାନାରେ ଚୋରି ଗଲା । ମୁଁ ପୁଣି ୧୫ ଟଙ୍କା କି ୨ ଟଙ୍କା ଦେଇ ଆଉଖଣ୍ଡେ ଛତା କିଣିପାରିବି ନାହିଁ; ତେଣୁ ତାଳପତ୍ର ଛତାର ଚଳେଇ ଓ ଛତା ଟ ୦ । ୬ କିମ୍ବା ଟ ୦ ।୵ ରେ କିଣୁଛି ମୁଁ ଉବେକାନୁମୋଦିତ ହୋଇ ଏହା କରୁଛି ।" ସାହେବ ମୋତେ ନିର୍ଦ୍ଦୋଷୀ ବୋଲି ଛାଡ଼ି ଦେଲେ ମାତ୍ର କହିଲେ "You may use any kind of umbrella and any dress but outside my office compound. If you come to my office as a pilgrim I must give you a good-bye " ଅର୍ଥାତ୍ "ତୁମେ ମୋର କଚେରୀ ହତା ବାହାରେ ଯେ କୌଣସି ଛତା ଓ ଯେ କୌଣସି ପୋଷାକ ବ୍ୟବହାର କରିପାର ମାତ୍ର; ଯାତ୍ରୀଙ୍କ ପରି ଏପରି ବେଶରେ ମୋ କଚେରୀକୁ ଆସିଲେ ମୁଁ ତୁମ୍ଭଙ୍କୁ ବିଦାୟ ଦେବି ।" ସେହି ଦିନଠାରୁ ମୁଁ ତାଳପତ୍ର ଛତାଟି କଚେରୀ ନିକଟରେ ଥିବା ଗୋଟିଏ ଦୋକାନରେ ରଖିଦେଇ କଚେରୀକୁ ଗଲି ।

## ଦ୍ୱିତୀୟ ପରିବର୍ତ୍ତନ

ଅଳ୍ପଦିନ ପରେ ଥିଓସଫିକାଲ୍ ସୋସାଇଟି ବା ବ୍ରହ୍ମବିଦ୍ୟା ସମିତିର ଜଣେ ପ୍ରଚାରକ ଶୁଦ୍ଧାନନ୍ଦ ବ୍ରହ୍ମଚାରୀଙ୍କ ସଙ୍ଗେ ମୋର ଦେଖା ହେଲା । ତାଙ୍କଠାରୁ ବୁଝିଲି ଯେ, ଏହି ସମିତିର ପ୍ରଧାନ ମନ୍ତ୍ର ହେଉଛି ସତ୍ୟ ଓ ବିଶ୍ୱଭ୍ରାତୃତ୍ୱ (Truth and universal Brother

hood) ଏହି ଦୁଇଟି ଜିନିଷ ମୋତେ ବିଶେଷ ଭାବରେ ସ୍ପର୍ଶ କରିବାରୁ ମୁଁ ଏହି ସମିତିର ମେମ୍ବର ହେଲି ।

ମୁ ବୁଝିଲି ଯେ ସମସ୍ତ ମାନବ ସମାଜରେ ବିଶ୍ୱଭ୍ରାତୃତ୍ୱ ସ୍ଥାପନ କରିବା ଏବଂ ସମସ୍ତ ମାନବ ସମାଜର କଲ୍ୟାଣ ପାଇଁ କର୍ମ କରିବା ମୋର ଜୀବନର ଲକ୍ଷ୍ୟ ହେବା ଆବଶ୍ୟକ । ନିଜ ପରିବାର କହିବା ଯେପରି ମମତାଦୋଷ ଓ ସ୍ୱାର୍ଥପରତା, ନିଜର ଦେଶପ୍ରତି ଆସକ୍ତ ହେବା ଠିକ ସେହିପରି ମମତାଦୋଷ ଓ ସ୍ୱାର୍ଥପରତା । ସେହି ଦିନଠାରୁ ମୋ ମନରେ ଅନ୍ୟ ଗୋଟିଏ ପ୍ରକାର ପରିବର୍ତ୍ତନ ଆସିଲା । ମୋ ମନରେ ଗୋଟିଏ ସଂଶୟ ମଧ୍ୟ ଆସିଲା । ମୁଁ ଭାବିଲି, ଯେତେବେଳେ ନିଜ ପରିବାରରେ ଭାଇ ଭାଇ ମଧ୍ୟରେ ଭ୍ରାତୃତ୍ୱ ସ୍ଥାପନ କରି ହେଉ ନାହିଁ, ସମସ୍ତ ମାନବ ସମାଜରେ ଭ୍ରାତୃତ୍ୱ ସ୍ଥାପନ କରିହେବ କିପରି ?

ଅତଏବ କ୍ରମେ କ୍ରମେ ଭାଙ୍ଗିଯାଉଥିବା ଏକାନ୍ନବର୍ତ୍ତୀ ପରିବାରସବୁ କିପରି ରହିବ ଏବଂ ଭାଇ ଭାଇ ମଧ୍ୟରେ ଥିବା ସ୍ନେହ ସଦ୍‌ଭାବ ଓ ସହଯୋଗ କିପରି ପୂର୍ବପରି ରହିବ ସେଥିପାଇଁ ପ୍ରଥମେ ଚେଷ୍ଟା କରିବା ଏକାନ୍ତ ଆବଶ୍ୟକ । ଏହି ସଂଶୟ ଦୂରକରିବାପାଇଁ ମୁଁ ସେହି ସମିତିର ପ୍ରେସିଡେଣ୍ଟ ଡକ୍ଟର ବେଶାନ୍ତ ଓ କେତେକ ବିଶିଷ୍ଟ ସଭ୍ୟମାନଙ୍କୁ ଚିଠିପତ୍ର ଲେଖିଲି । ଅନେକ ସଭ୍ୟଙ୍କ ସଙ୍ଗେ ଅନେକ ଆଲୋଚନା ମଧ୍ୟ କଲି । ଲକ୍ଷ୍ମୀନାରାୟଣ ସାହୁ ଏହି ସମିତିର ଜଣେ ସଭ୍ୟ ଥିଆନ୍ତି । ମୁଁ ତାଙ୍କ ଜରିଆରେ ଅନ୍ୟ ମେମ୍ବରମାନଙ୍କୁ ପଚାରିଲି । ସେମାନେ କେହି କୌଣସି ଲିଖିତ ଉତ୍ତର ଦେଲେ ନାହିଁ । ଲକ୍ଷ୍ମୀନାରାୟଣ ସାହୁ କହିଲେ, ଯେ ନିଜେ ସେମାନଙ୍କ ସଙ୍ଗେ କଥାବାର୍ତ୍ତା ନ କଲେ ଏହି ସଂଶୟ କାଗଜ କଲମରେ ଦୂର କରି ହେବ ନାହିଁ । କିଛିଦିନ ପରେ ଏହି ସମିତିର ଜଣେ ବିଶିଷ୍ଟ ସଭ୍ୟ ବାନାରସ୍‌ର ପାଣ୍ଡା ବଇଜ୍‌ନାଥ ଥରେ କଟକ ଆସିଥିଲେ । ମୁଁ ତାଙ୍କ ନିକଟକୁ ଯାଇ ମୋର ଏହି ସଂଶୟ ତାଙ୍କୁ କହିବାରୁ ସେ ମୋତେ କହିଲେ, "ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ଏବଂ ପ୍ରତ୍ୟେକ ବ୍ୟକ୍ତିର ମୁକ୍ତି ହେଉଛି ଭଗବାନଙ୍କର ସୃଷ୍ଟି କୌଶଳର ନିୟମ । ସେଥିପାଇଁ କୌଣସି ପାରିବାରିକ ବନ୍ଧନ ଓ ସମଷ୍ଟିଗତ ବନ୍ଧନ

*

ରହୁ ନାହିଁ ଓ ରହିବ ନାହିଁ ।" ସେ ମହାଶୟ ମୋତେ ଏପରି ଭାବରେ ବୁଝାଇଦେଲେ ଯେ ସେହି ଦିନଠାରୁ ମୋ ମନରେ ଆଉ ଏକ ପ୍ରକାର ପରିବର୍ତ୍ତନ ଆସିଲା । କୌଣସି ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗିଯାଉଥିବା ଦେଖିଲେ ମୋ ମନରେ ଦୁଃଖ ଆସୁଥିଲା । ଏବେ ଆଉ ଦୁଃଖ ଆସିଲା ନାହିଁ । ପୃଥକ୍ ହେବାଟା କେବଳ ଅବଶ୍ୟମ୍ଭାବୀ ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପାଇଁ ଏକାନ୍ତ ଆବଶ୍ୟକ, ଏକଥା ମୁଁ ବୁଝି ପାରିଲି । ଲୋକନିନ୍ଦାକୁ ଭୟକରି ଯେଉଁମାନେ ଦୁଃଖ ଅଶାନ୍ତି ଭୋଗକରି ମଧ୍ୟ ଏକାନ୍ନବର୍ତ୍ତୀ ପରିବାରରେ ରହିବାକୁ ଚେଷ୍ଟା କରୁଥାନ୍ତି ମୁଁ ସେମାନଙ୍କୁ ବୁଝାଇ ଦିଏଁ ଯେ ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପାଇଁ ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗିଯିବା ସୃଷ୍ଟି କୌଶଳର ନିୟମ । ସେମାନଙ୍କୁ ପୃଥକ୍ ହୋଇ ରହିବାର ଉପକାରିତା ମଧ୍ୟ ବୁଝାଇ ଦେଇ ପୃଥକ୍ ହେବାକୁ କହିଲି ।

## ତୃତୀୟ ପରିବର୍ତ୍ତନ

ଥିଓସଫିକାଲ୍ ସୋସାଇଟିର କନଭେନ୍‌ସନ୍ ଦେଖିବାକୁ ୧୯୨୭ ସାଲରେ ମୁଁ ମାନ୍ଦ୍ରାଜ ଗଲି । କଟକର ଅନ୍ୟ ଦୁଇଜଣ ସଭ୍ୟ ମଧ୍ୟ ମୋ ସଙ୍ଗେ ମାନ୍ଦ୍ରାଜ ଯାଇଥିଲେ । ମୁଁ ସେଠାରେ ଜେ. କୃଷ୍ଣମୂର୍ତ୍ତିଙ୍କୁ ପ୍ରଥମେ ଦେଖିଲି । ତାଙ୍କୁ ସମସ୍ତେ ଜଗଦ୍‌ଗୁରୁ (World teacher) ବୋଲି କହୁଥାନ୍ତି । ସେତେବେଳେ ତାଙ୍କର ବୟସ ୩୦।୩୧ ବର୍ଷ । ସୋସାଇଟିର ଅନେକ ସଭ୍ୟ ତାଙ୍କଠାରୁ ବୟସରେ ଅନେକ ବଡ଼ ଥାଇ ମଧ୍ୟ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ତାଙ୍କର ଗୋଡ଼ଧୂଳି ନିଅନ୍ତି । କୃଷ୍ଣମୂର୍ତ୍ତି ଗୋଡ଼ଟାଣି ନେଇ ତାହା କରିବାକୁ ବାରଣ କଲେ ମଧ୍ୟ କେହି ମାନନ୍ତି ନାହିଁ । ସେଠାରେ ଆଉ ଗୋଟିଏ ନୂଆ କଥା ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲି । ହିନ୍ଦୁମାନଙ୍କର ମନ୍ଦିର ପରି ତିଆରି ହୋଇଥିବା ଗୋଟିଏ ମନ୍ଦିର ସାମନାରେ ଜଣେ ଲୋକ ଠିଆହୋଇ ବେଦରୁ ପୁରୁଷସୁକ୍ତ ଇତ୍ୟାଦି ମନ୍ତ୍ରପାଠ କଲେ । ତାପରେ ଧୂପ ଓ ଆଳତି ଇତ୍ୟାଦି ମଧ୍ୟ କଲେ । ମନ୍ଦିରରେ କୌଣସି ମୂର୍ତ୍ତି ନଥାଏ । ଏହି ପୂଜାର ବିଶେଷତ୍ୱ ଏହିକି ଅନେକ ମୁସଲମାନ ଓ ଖ୍ରୀଷ୍ଟିଆନ ସଭ୍ୟ ମଧ୍ୟ ଏହି ପଜାରେ ଯୋଗଦେଇ-ଥିଲେ ପୁରୁଷ, ସ୍ତ୍ରୀ, ହିନ୍ଦୁ, ମୁସଲମାନ ସମସ୍ତେ ଏହି ମନ୍ଦିର ସାମନାରେ ବସି

ତୁଳସିପତ୍ରକୁ ପାଣିରେ ପକାଇ ଯେଉଁ ପାଦୁକା ଥିଲା ତାହା ସେବା କଲେ ଏବଂ ଆଳତି ଶେଷରେ ସେହି ବତୀରୁ ଯେଉଁ ଧୂଆଁ ବାହାରେ ତାକୁ ହାତରେ ନେଇ ସୁଙ୍ଘିବାରେ ଅନ୍ଧାନୁସରଣ ମଧ୍ୟ କଲେ । ଏହି ପୂଜାର ନାମ ଦିଆଯାଇଥିଲା ଭାରତ ସମାଜ ପୂଜା କିମ୍ବା କଙ୍ଗ୍ରିଗେସନାଲ୍ ପୂଜା (Congrigational Puja) । ପୂର୍ବୋକ୍ତ "କୃଷ୍ଣମୂର୍ତ୍ତି" ଏପରି ପୂଜାର ସୃଷ୍ଟିକର୍ତ୍ତା ଥିଲେ । ବ୍ରହ୍ମବିଦ୍ୟା ସମିତିର କନ୍‌ଭେନସନ୍ ବର୍ଷେ ମାନ୍ଦ୍ରାଜରେ ଓ ବର୍ଷେ ବାନାରସ୍‌ରେ ବସିବାର ନିୟମ ଅଛି । ୧୯୩୦ ସାଲରେ କନ୍‌ଭେନ୍‌ସନ୍ ଦେଖିବାକୁ ମୁଁ ବନାରସ୍ ଗଲି । ପ୍ରାୟ ପ୍ରତିବର୍ଷ କନ୍‌ଭେନ୍‌ସନ୍‌ର ପ୍ରେସିଡେଣ୍ଟ ହୁଅନ୍ତି ଡାକ୍ତର ବେଶାନ୍ତ । ସେ ବର୍ଷ ସେ ବୋଧହୁଏ କଂଗ୍ରେସର ପ୍ରେସିଡେଣ୍ଟ ହେବାକୁ ଅନ୍ୟତ୍ର ଚାଲିଗଲେ ଏବଂ କୃଷ୍ଣମୂର୍ତ୍ତିଙ୍କୁ କନ୍‌ଭେନସନ୍‌ର ପ୍ରେସିଡେଣ୍ଟ ନିଯୁକ୍ତ କରିଗଲେ । କୃଷ୍ଣମୂର୍ତ୍ତି ବର୍ତ୍ତମାନ ଭାରତ ସମାଜ ପୂଜା କରାଇଥିବା ମାନ୍ଦ୍ରାଜର କୃଷ୍ଣମୂର୍ତ୍ତି ନାହାନ୍ତି । ତାଙ୍କର ମତ ସମ୍ପୂର୍ଣ୍ଣରୂପେ ବଦଳି ଯାଇଛି । ସେ ଆଦେଶ ଦେଲେ ଯେ, କନ୍‌ଭେନସନ୍ ହତାଭିତରେ ସେ ବର୍ଷ କେହି କୌଣସିପ୍ରକାର ପୂଜା କରିପାରିବେ ନାହିଁ । ଅନେକ ସଭ୍ୟ ଏଥିରେ ଆପତ୍ତି କଲେ । ସଭ୍ୟମାନଙ୍କ ମଧ୍ୟରେ ଏହି ବିଷୟ ନେଇ ଅନେକ ଆଲୋଚନା ହେଲା ମାତ୍ର କେହି କୌଣସିପ୍ରକାର ପୂଜା କରିପାରିଲେ ନାହିଁ । ଲୋକେ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ସତ୍ୟର ପରିଚୟ ପାଆନ୍ତୁ ଏହାହିଁ କୃଷ୍ଣମୂର୍ତ୍ତିଙ୍କର ଅଭିପ୍ରାୟ । ତାପରେ ତାଙ୍କର କେତେ ଖଣ୍ଡ ବହି ପଢ଼ିବାପରେ ମୁଁ ବୁଝିପାରିଲି ଯେ ବ୍ରହ୍ମବିଦ୍ୟା ସମିତି ମଧ୍ୟ ଅନେକ ପ୍ରକାର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ପ୍ରଶ୍ରୟ ଦେଉଅଛି । ସେହିଦିନଠୁ ସେହି ସମିତିରେ ସଭ୍ୟ ରହିବାକୁ ମୋର ମନ ହେଲାନାହିଁ । ମନ ନ ହେଲେ ମଧ୍ୟ ଆଉ ୯-୧୦ ବର୍ଷ ମୁଁ ଏହି ସମିତିର ସଭ୍ୟ ହୋଇ ରହିଲି । ପରେ ମୁଁ କେଉଁଦିନ ପର୍ଯ୍ୟନ୍ତ ବ୍ରହ୍ମବିଦ୍ୟା ସମିତି ସହିତ ସମ୍ବନ୍ଧ ରଖିଲିନାହିଁ ।

## ଡାଇନିଂ ସମିତି

୧୯୪୦ ରୁ ୧୯୫୧ ସାଲରେ ଗୋପାଳଚନ୍ଦ୍ର ପ୍ରହରାଜ, କଟକ ବ୍ରହ୍ମବିଦ୍ୟା ସମିତିର ପ୍ରେସିଡେଣ୍ଟ ଥାଆନ୍ତି । ସେ ମୋତେ କହିଲେ, "ଆପଣ

ପୁଣି ଥରେ ଏହି ସମିତିରେ ଯୋଗଦେଇଅଛୁ” ମୁଁ କହିଲି—“କୌଣସି ଗଠନମୂଳକ କାର୍ଯ୍ୟ କରାନଗଲେ ମୁଁ ପୂର୍ବପରି କେବଳ ଅନ୍ଧାନୁସରଣ କରିବାକୁ ଯୋଗ ଦେବି ନାହିଁ।” ମୋ କଥାରେ ସେ ଏକମତ ହୋଇ ଗଠନମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ମୋତେ କହିଲେ । ମୁଁ ସ୍ଥିର କଲି ଯେ, ଡାଇନିଂ ସମିତି ନାମରେ ଗୋଟିଏ ସମିତି କରାଯାଉ। ସେଥିରେ ନିରାମିଶ ଖାଦ୍ୟ ହେବ । ସମିତିର ସଭ୍ୟ ନ ଥିଲେ ମଧ୍ୟ ଜାତିଧର୍ମ ନିର୍ବିଶେଷରେ ସମସ୍ତେ ଏଥିରେ ଯୋଗ ଦେବେ । ପ୍ରତ୍ୟେକଙ୍କ ଠାରୁ ମାସିକ ଗୃହଅଣା ନିଆଯାଇ ପ୍ରତିମାସରେ ଥରେ ଏହି ଭୋଜୀ ସମିତି ହେବ । ସମିତିର ସଭ୍ୟ ଓ ଅନ୍ୟ କେତେଜଣ ମିଶି ପ୍ରାୟ ୩୦ ଜଣ ଏହି ଭୋଜୀ ସମିତିରେ ଯୋଗ ଦେଲେ । ଏହି ଭୋଜୀ ସମିତି ମୋ ବସାରେ ତିନିଥର ହେଲା । ମାନସିଂହ ପଟ୍ଟନାୟକ ଘର ପଣ୍ଡା ନାମକ ଜଣେ ବ୍ରାହ୍ମଣ ନିରାମିଷ ରୋଷେଇ କରେ । ମୁନ୍‌ସି ଜହିର ହୋମିଓପ୍ୟାଥିକ ଡାକ୍ତର ଏବଂ ମହମ୍ମଦ ଏରଫାନ କଲେକ୍‌ଟରୀ କଚେରିର ଜଣେ କିରାନି, ଏହି ଦୁଇଜଣ ମୁସଲମାନ ଏହି ଭୋଜୀରେ ଯୋଗ ଦିଅନ୍ତି । ଦୁଇ ଧାଡ଼ିରେ ଦୁଇଖଣ୍ଡି ସତରଞ୍ଜି ଆସନ ପଡ଼େ । ଏହି ଦୁଇଜଣ ମୁସଲମାନ ଦୁଇ-ପାଖରେ ମଝିରେ ବସନ୍ତି । ରାମଚନ୍ଦ୍ର ରଥ ଡାକ୍ତରଙ୍କ ଘରେ ଚତୁର୍ଥ ଥର ଭୋଜୀ ହେଲା । ପଞ୍ଚମ ଥର ଭୋଜୀବେଳେ ମୁଁ ପ୍ରସ୍ତାବ କଲି ଯେ, ଜଣେ ମୁସଲମାନ ଏଥର ରୋଷେଇ କରିବ । ଏହି ପ୍ରସ୍ତାବରେ କେତେଜଣ ଏକମତ ହେଲେ ନାହିଁ । ଜଗନ୍ନାଥ ତ୍ରିପାଠୀ ଓ ବାଳକୃଷ୍ଣ ମହାପାତ୍ର ବ୍ରହ୍ମବିଦ୍ୟା ସମିତିର ଦୁଇଜଣ ବିଶିଷ୍ଟ ବ୍ରାହ୍ମଣ ସଭ୍ୟ ଏକମତ ନ ହେବାରୁ ମୁଁ ଏହି ବ୍ରହ୍ମବିଦ୍ୟା ସମିତିର ସଭ୍ୟ ରହିଲି ନାହିଁ ।

## ବଡ଼ଝିଅ ଉଷାମଣିର ବିବାହ

ଧାନମଣ୍ଡଳ ଷ୍ଟେସନ ନିକଟରେ ପୁରୁଷୋତ୍ତମପୁର ଶାସନରେ ମୋର ଶଶୁର ଘରକୁ ଲାଗି ଚିନ୍ତାମଣି କରଙ୍କର ଘର । ତାଙ୍କର ପାଞ୍ଚୋଟି ଝିଅ ଓ ଗୋଟିଏ ମାତ୍ର ପୁଅ । ତେଣୁ ପୁଅଟିକୁ ସେ ବିଶେଷ ସ୍ନେହ କରନ୍ତି । ପୁଅଟିର ନାମ ଶ୍ରୀମାନ୍ ଦାମୋଦର କର । ସେହି ଗ୍ରାମକୁ ଲାଗି

ବଡ଼ଚଣା ମାଇନର ସ୍କୁଲରେ ସେ ପଢୁଥାଏ । ସେହି ସ୍କୁଲରେ ମୋର ଜକେଇପୁଅ ଭାଇ ହେଡ଼ମାଷ୍ଟର ଥାଆନ୍ତି । ପିଲାଟିର ସ୍ୱାସ୍ଥ୍ୟ ଓ ସ୍ୱଭାବରେ ସନ୍ତୁଷ୍ଟ ହୋଇ ସେହି ପିଲାଟି ସହିତ ମୋର ବଡ଼ଝିଅ ଉଷାମଣିଙ୍କୁ ବିବାହ ଦେବାକୁ ସେ କହିଲେ । ମୋର ଶ୍ୱଶୁର, ଶାଶୁ ଓ ସ୍ତ୍ରୀ ସମସ୍ତେ ପିଲାଟିକୁ ପିଲା ଦିନରୁ ଦେଖିବାର ସୁଯୋଗ ପାଇଥିବାରୁ ସେମାନେ ମଧ୍ୟ କହିଲେ । ସେତେବେଳେ ଉଷାମଣିର ବୟସ ୧୨ ବର୍ଷ । ଏହି ବିବାହ ପ୍ରସ୍ତାବ ସ୍ଥିର କରିବାକୁ ମୋର ସ୍ତ୍ରୀ ମୋତେ କଟକରୁ ପଠାଇଲେ । ମୁଁ ଚିନ୍ତାମଣି କରଙ୍କ ଘରକୁ ଗଲି । ଯିବାବେଳେ ମୋର ଶଶୁର ଓ ପୂର୍ବୋକ୍ତ ଜକେଇପୁଅ ଭାଇ ମୋ ସଙ୍ଗେ ଗଲେ । କାରଣ ମୋର ପୂର୍ବ ଇତିହାସ ସେମାନଙ୍କୁ ଜଣାଥିବାରୁ କାଳେ ମୁଁ ଏହି ପ୍ରସ୍ତାବ ଭାଙ୍ଗିଦେବି ଏହି ଆଶଙ୍କା ସେମାନଙ୍କର ଥାଏ । ଚିନ୍ତାମଣି କର, ମୁଁ ଓ ସେ ଦୁହେଁ ଗୋଟିଏ କୋଠରୀରେ ବସିଲୁଁ । ବସିବାର କିଛି ସମୟ ପରେ ସେ ଦୁହିଁଙ୍କୁ ମୁଁ ସେଠାରେ ବସିବାକୁ କହି କେବଳ ଚିନ୍ତାମଣି କରଙ୍କୁ ତାଙ୍କ ଖଲାକୁ ଡାକି ନେଲି ଏବଂ ତାଙ୍କୁ ନିମ୍ନଲିଖିତ ବିଷୟ ବୁଝାଇ ଦେଲି ।

କାହାର ବନ୍ଧୁବେଭାର ସରସ ହେଲା ଓ କାହାର ବଂଧୁବେଭାର ନୀରସ ହେଲା ଏହି ମତ ପ୍ରକାଶ କରି ସମାଜର ଲୋକେ ଦୁଇବଂଧୁଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରନ୍ତି ଏବଂ ଅନେକ ସ୍ଥଳରେ ଦୁଇବଂଧୁଙ୍କ ମଧ୍ୟରେ ମନାନ୍ତର ଓ କଳହ ସୃଷ୍ଟି କରନ୍ତି । ନିଜର ବଡ଼ପଣିଆ କମିଯିବ ବୋଲି ଭୟ କରି ନିଜର ବେଭାର ଅନ୍ୟ ଅପେକ୍ଷା କିପରି ସରସ ହେବ ଏଥିପାଇଁ ପ୍ରତ୍ୟେକ ବଂଧୁ ଯଥାସାଧ୍ୟ ଚେଷ୍ଟା କରନ୍ତି । ଆମେ ଦୁହେଁ ପରସ୍ପରରେ ପ୍ରକୃତ ମଙ୍ଗଳ ପ୍ରତି ଦୃଷ୍ଟି ଦେବା ଏବଂ ଲୋକ ନିନ୍ଦାକୁ ଭୟ ନକରି ଯାବତୀୟ ଅନ୍ଧାନୁସରଣ ଓ ବନ୍ଧୁବେଭାର ଇତ୍ୟାଦି ଅଯଥା ଅର୍ଥ-ବ୍ୟୟରୁ ନିବୃତ୍ତ ହେବା । ଗହଣାରେ ନ୍ୟାୟନିମିତ୍ତରେ ଓ ବଂଧୁବେଭାର ଦେବାରେ ବୃଥାଡ଼ମ୍ବର ଦେଖାଇ ଲୋକେ ପରିଶେଷରେ କିପରି ଋଣଗ୍ରସ୍ତ ଓ ସର୍ବସ୍ୱାନ୍ତ ହେଉଅଛନ୍ତି ତାହା ତାଙ୍କୁ ଭଲରୂପେ ବୁଝାଇ ଦେଲି ଏବଂ କେତୋଟି ଧନୀ ପରିବାର ଏଥିଯୋଗୁଁ ଦରିଦ୍ର ହୋଇଥିବାର ଦୃଷ୍ଟାନ୍ତ ତାଙ୍କୁ କହିଲି । ସେ ନିଜେ ଏଥି ପୂର୍ବରୁ ତିନୋଟି ଝିଅଙ୍କୁ ବିବାହ ଦେଇ ଋଣଗ୍ରସ୍ତ ହୋଇଥିବାରୁ ମୋ କଥା ସେ ଉତ୍ତମରୂପେ ହୃଦୟଙ୍ଗମ

କରି ପାରିଲେ । ଆଜି ମଧ୍ୟ ଆମ ପରିବାରକୁ ମୁଁ କପରି ଋଣମୁକ୍ତ କରିଛି ଏବଂ କପରି ଭାବରେ କଷ୍ଟକରେ ସପରିବାରରେ ରହିଛି ଇତ୍ୟାଦି ବିଷୟ ତାଙ୍କୁ ଜଣାଇଲି । ଗହଣାରେ ଓ ନ୍ୟାୟ ନିମିତ୍ତରେ ଅଯଥା ଅପବ୍ୟୟରୁ ନିବୃତ୍ତ ହେବାକୁ ସେ ମୋ ସହିତ ଏକମତ ହେଲେ । ମୁଁ ତାଙ୍କୁ କହିଲି "ଏହି ଖଳାଟରେ ଆମେ ଦୁହେଁ ଭଗବାନଙ୍କୁ ସାକ୍ଷୀ ରଖି ସତ୍ୟ କରିବା । ମହାପ୍ରସାଦ ନିବନ୍ଧର ଅନ୍ଧ ନୁସରଣରେ ଅର୍ଥବ୍ୟୟ କରିବା ନାହିଁ ।" ଆମେ ତଦନୁସାରେ ସେହି ଖଳାରେ ସତ୍ୟ କଲୁଁ । ଖଳାରୁ ଫେରିବା ପରେ ମୋର ଶଶୁର ଓ କକେଇ ପୁଅ ଭାଇ କଣ କଥାବାର୍ତ୍ତା ହେଲ ବୋଲି ପଚାରିଲେ । "ମୁଁ କହିଲି ଆମେ ଦୁହେଁ ଯାହା କଥାବାର୍ତ୍ତା କଲୁଁ ତାହା ଅନ୍ୟ କାହାର ଜାଣିବା କୌଣସି ଆବଶ୍ୟକ ନାହିଁ; କାରଣ ଅନ୍ୟ କେହି ଜାଣିଲେ ଆମ ପ୍ରସ୍ତାବ ସେମାନଙ୍କର ମନକୁ ଯିବ ନାହିଁ ଏବଂ ବିବାହ ପ୍ରସ୍ତାବ ଭାଙ୍ଗି ଯାଇପାରେ । ଆପଣ ଦୁହେଁ କେବଳ ଏତିକି ଜାଣନ୍ତୁ ଯେ, ବିବାହ ପ୍ରସ୍ତାବ ସ୍ଥିର ହେଲା । ଭଗବାନଙ୍କୁ ସାକ୍ଷୀ ରଖି ଆମେ ଖଳାରେ ସତ୍ୟ କରି ସାରିଛୁଁ ।" ଏପରି ଶୁଣି ସେମାନେ କହିଲେ, "ସତ୍ୟ କରି ଥିଲେ ମଧ୍ୟ ପ୍ରଚଳିତ ପ୍ରଥା ଅନୁସାରେ ନିବନ୍ଧ କରିବାକୁ ହେବ ।" ମୁଁ କହିଲି ନିବନ୍ଧରେ କିଛି ଖର୍ଚ୍ଚ କରିବୁ ନାହିଁ ବୋଲି ଆମେ ସତ୍ୟ କରି-ସାରିଛୁ । ସେମାନେ କହିଲେ, "କିଛି ଖର୍ଚ୍ଚ ନ କଲେ ମଧ୍ୟ ଗ୍ରାମରୁ କେତେଜଣଙ୍କୁ ଡାକି ନିବନ୍ଧ କରିବାକୁ ହେବ ।" ସେମାନଙ୍କର କହିବା ଅନୁସାରେ ତାର ପରଦିନ ମହାପ୍ରସାଦ ନିବନ୍ଧର ଅନ୍ଧାନୁସରଣ କରାଗଲା । ପୂର୍ବୋକ୍ତ କକେଇ ପୁଅ ଭାଇ କର୍ମରେ ବସିଲେ । ଜ୍ୱାଇଁ ପୁରୁଣା ଲୁଗା ପିନ୍ଧି କର୍ମରେ ବସିବା ଦେଖି ତାଙ୍କ ମା ଓ ବୁଢ଼ିମା ପ୍ରଭୃତିଙ୍କ ମନରେ ବିଶେଷ ଦୁଃଖ ଆସିଲା । ସେମାନଙ୍କ ମନରେ ଦୁଃଖ ଆସୁଥିବା ଶୁଣି ମୋ ମନରେ ମଧ୍ୟ ଟିକେ ଦୁଃଖ ଆସିଲା, ମାତ୍ର ମୁଁ ଭାବିଲି ସମାଜର ମଙ୍ଗଳ ପାଇଁ ଏ ସବୁ ଦୁଃଖ ସହି ନେବାକୁ ହେବ । କର୍ମ ନିକଟରେ ବସିଥିବା ଗ୍ରାମବାସିମାନଙ୍କ ମଧ୍ୟରୁ ଚିନ୍ତାମଣି କରଙ୍କର ଖୁଡ଼ୁତା ପୁଅ ଭାଇ ଯଦୁନାଥ କର ନାମକ ଜଣେ ମୁଖିଆ ଲୋକ କହିଲେ, "ଅମ୍ଭମାନଙ୍କୁ ଖାଇବାକୁ ନ ଦେଲେ ଆମ୍ଭେମାନେ ବରଯାତ୍ରୀ ହୋଇ ଯିବୁ ନାହିଁ । ମୁଁ କହିଲି, "ବର-ଯାତ୍ରୀମାନେ କେବଳ କଳହ ସୃଷ୍ଟିକରିବାକୁ ଯାଆନ୍ତି । ଆପଣମାନେ ଏତେ ଦୂରକୁ ବୃଥାରେ ଯିବେ କାହିଁକି ? ଆପଣମାନଙ୍କର ଯିବାର

ଆବଶ୍ୟକତା ମୁ ଦେଖୁନାହିଁ ।" ସେ ମହାଶୟ ବିଶେଷ ରାଗାନ୍ୱିତ ହେଲେ ଏବଂ କର୍ମ ନିକଟରୁ ଉଠିଗଲେ । ବିବାହ ଦିନ ସେ ମହାଶୟ ବରଯାତ୍ରୀ ହୋଇ ଗଲେ ନାହିଁ । ଚିନ୍ତାମଣି କର୍‌ଙ୍କର ୨—୩ ଜଣ ଖୁବ୍ ନିକଟ ସମ୍ପର୍କ ବନ୍ଧୁ ଏବଂ ଗ୍ରାମରୁ ୨—୩ ଜଣ ମାତ୍ର ବରଯାତ୍ରୀ ହୋଇ ଯାଇଥିଲେ । ଆଳପଣା ସଭାରେ ଓ ସଙ୍ଖୁଡ଼ି ସଭାରେ ଯାହା ଖାଇବାକୁ ଦିଆଗଲା ସେଥିରେ ଘିଅ ଭାତ ପିଠା କିମ୍ବା ପୁରି କିମ୍ବା ମାଛ ଇତ୍ୟାଦି ଦିଆଯାଇ ନଥିଲା । ଆଜି ମଧ୍ୟ ସାମାଜିକ ଭୋଜିରେ ମାଛ ଖାଇବାକୁ ଦେବାରେ ମୁଁ ସମ୍ପୂର୍ଣ୍ଣ ବିରୋଧୀ ଥିଲି । କାରଣ ବ୍ରହ୍ମବିଦ୍ୟା ସମିତିର ମେମ୍ବର ଥିବାରୁ ମୁଁ ନିଜେ ମଧ୍ୟ ସେତେବେଳେ ମାଛ ମାଂସ ଖାଇବା ପରିତ୍ୟାଗ କରିଥାଏ । ମୋର ଅଭିପ୍ରାୟ ଏହି କି ନ୍ୟାୟନିମିତ୍ତରେ ଅଯଥା ଅପବ୍ୟୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେଲେ ତାର ମୂଳୋତ୍ପାଟନ କରିବା ଆବଶ୍ୟକ । ମୋର ଏପରି ମନୋବୃତ୍ତି ସମସ୍ତେ ଜାଣି ଥିବାରୁ କେହି କୌଣସି ଆପତ୍ତି କଲେ ନାହିଁ । ବିବାହର ପରଦିନ ସକାଳେ ବରପିତା ବୋହୂକୁ କିଛି ଗହଣା ପିନ୍ଧାଇବାର ପ୍ରଥା ଥିଲା । ଏବେ ମଧ୍ୟ କେତେ ଜାଗାରେ ଏହି ପ୍ରଥାର ଅନ୍ଧାନୁସରଣ ଅଛି । ମୋର କହିବା ଅନୁସାରେ ବରପିତା କୌଣସି ଗହଣା ନେଇ ନ ଥିଲେ । ସେଥିପାଇଁ ଅନେକ ଲୋକ ତାଙ୍କ ଉପରେ ଦୋଷାରୋପ କଲେ; କାରଣ ବରପିତା ଯେ ଗହଣା ବିରୁଦ୍ଧରେ ସଂଗ୍ରାମ କରିବାକୁ ମୋ ନିକଟରେ ସତ୍ୟ କରିଛନ୍ତି ଏ କଥା ସେମାନଙ୍କୁ ଜଣା ନ ଥିଲା । ପ୍ରଚଳିତ ପ୍ରଥାନୁସାରେ ଜ୍ୱାଇଁ ଆମ ଘରେ ସାତଦିନ ରହିଲେ । ସେ ନିଜ ଘରକୁ ଫେରିବାର ପୂର୍ବଦିନ ମୋତେ ମୋର ସ୍ତ୍ରୀ କହିଲେ, "ତୁମ୍ଭେ କିଛି ନ ଦେଲେ ନାହିଁ, ଜ୍ୱାଇଁ ସଙ୍ଗେ ବାରିକ ଯାଉଛି । ବାରିକ ହାତରେ ହାଣ୍ଡିଏ ଉଖୁଡ଼ା ଓ ଦୁଇ ଚାରିଅଣାର ଛେନାଗୁଡ଼ ପଠାଇଲେ ଭଲ ହେବ ।" ମୁଁ କହିଲି, ଦୁଇପଇସାର ଛେନାଗୁଡ଼ କିମ୍ବା ଦୁଇ ପଇସାର ଉଖୁଡ଼ା ପଠାଇଲେ ମୁଁ ସତ୍ୟଭ୍ରଷ୍ଟ ହେବି । ବାରିକ କିଛି ନ ନେଇ ଜ୍ୱାଇଁ ସଙ୍ଗରେ ଗଲା । ବର୍ଷାଦିନ ଥିବାରୁ ବଳଦ ଗାଡ଼ି ମିଳିଲା ନାହିଁ । ଆମ ଘରଠାରୁ ଜ୍ୱାଇଁଙ୍କ ଘର ୪-୫ ମାଇଲ ବାଟ । ଜ୍ୱାଇଁ ଓ ବାରିକ ଚାଲି ଚାଲି ଗଲେ । ବାରିକ କିଛି ନ ନେଇ ଜ୍ୱାଇଁ ସଙ୍ଗରେ ଯାଉଥିବା ଦେଖି ମୋର ମାଆ ଓ ସ୍ତ୍ରୀଙ୍କ ମନରେ ଦୁଃଖ ଆସିଲା । ସପ୍ତମଙ୍ଗଳା ପରେ ଏପରି ଭାବରେ ଜ୍ୱାଇଁ ଆସିବା

ଦେଖି ସେହି ଗ୍ରାମର ସମସ୍ତେ ରାଗାନ୍ୱିତ ହେଲେ । ଜ୍ୱାଇଁଙ୍କ ପରିବାରର ସମସ୍ତଙ୍କ ମନରେ ବିଶେଷ ଦୁଃଖ ଆସିଲା । ବାଳକକୁ ସେମାନେ ସେଠାରେ ଗାଧୋଇବାକୁ କହିଲେ ନାହିଁ ଏବଂ ଖାଇବାକୁ ଦେଲେ ନାହିଁ । ବାଳକ ଉପବାସରେ ଫେରି ଏ ସବୁ ଘଟଣା କହିଲା । ଏ ସବୁ ଶୁଣି ମୁଁ ବିଚଳିତ ହେଲି ନାହିଁ କାରଣ ମୁଁ ବୁଝିଲି ଯେ ଉଷାମଣିର ଶାଶୁ ଶ୍ୱଶୁର ଓ ଗ୍ରାମବାସୀମାନେ ରାଗାନ୍ୱିତ ହୋଇ ମୋତେ ଗାଳି ଦେବା ଏବଂ ବାଳକକୁ ଉପବାସରେ ଫେରାଇବା ସ୍ୱାଭାବିକ । କିଛିଦିନ ପରେ ମୁଁ କଟକ ଆସିଲି । ମୁଁ କଟକ ଆସିବାର ୪-୫ ଦିନ ପୂର୍ବରୁ ମୋର ସ୍ତ୍ରୀ ମୋର ଦୁଇଟି ଝିଅଙ୍କୁ ସଙ୍ଗରେ ଆଣି ମୋର ଶ୍ୱଶୁର ଘରକୁ ଆସିଲେ । ମୋର ଶ୍ୱଶୁରଘର ନିକଟରେ ଉଷାମଣିର ଶ୍ୱଶୁର ଘର । ବିବାହିତା ଝିଅ କିଛି ଗହଣା ପିନ୍ଧି ନଥିବା ଦେଖି ସମସ୍ତେ ଆପତ୍ତି କରିବାରୁ ଉଷାମଣିର ଶାଶୁ କିଛି ଗହଣା ଆଣି ମୋ ଶ୍ୱଶୁର ଘରେ ତାଙ୍କୁ ପିନ୍ଧାଇ ଦେଲେ । ମୁଁ ଆସି ସବୁ ଘଟଣା ଶୁଣିଲି ଓ ଉଷାମଣିର ଶାଶୁ ତାଙ୍କୁ ଗହଣା ପିନ୍ଧାଇଥିବା ଦେଖିଲି । ଜ୍ୱାଇଁ ସପ୍ତମଙ୍ଗଳା ପରେ ଘରକୁ ଫେରିବା ଦିନ ଉଷାମଣିର ଶ୍ୱଶୁର ଓ ଗ୍ରାମବାସୀମାନେ ମୋତେ ଯେପରି କଦର୍ଯ୍ୟ ଭାଷାରେ ଗାଳି ଦେଇଥିଲେ ତାହା ମୋର ଶ୍ୱଶୁର ଓ ଶାଶୁ ପ୍ରଭୃତି ଶୁଣିଥିଲେ ।

ମୁଁ ସେମାନଙ୍କୁ ବୁଝାଇ ଦେଲି ଯେ, ଉଷାମଣିର ଶ୍ୱଶୁର ମହାପ୍ରସାଦ ନିର୍ବନ୍ଧର ପୂର୍ବଦିନ ମୋ ନିକଟରେ ସତ୍ୟ କରିଥିଲେ ଯେ ଚିରାଚରିତ ପ୍ରଥା ସବୁର ଅନ୍ଧାନୁସରଣ କରାଯିବ ନାହିଁ, ଅଯଥା ଅପବ୍ୟୟ କରାଯିବ ନାହିଁ ଇତ୍ୟାଦି । ଏପରି ସତ୍ୟ କରି ସେ ଆମକୁ ଏପରି ଗାଳି-ଦେବା ଉଚିତ ନଥିଲା । ଉଷାମଣିର ଶ୍ୱଶୁର ନିଜର ଦୋଷ ସ୍ୱୀକାର ନ କରିବା ଯାଏ ଆମେ ତାଙ୍କର କୌଣସି ଜିନିଷ ଗ୍ରହଣ କରିବା ନାହିଁ । ସେମାନେ ମୋ କଥା ବୁଝିଲେ । ମୁଁ ଉଷାମଣିଠାରୁ ଗହଣାସବୁ କାଢିଆଣି ଖଣ୍ଡେ ରୁମାଲରେ ବାନ୍ଧି ଉଷାମଣିର ଶ୍ୱଶୁରଙ୍କୁ ଫେରାଇ ଦେଲି । ଉଷାମଣିର ଶ୍ୱଶୁରଙ୍କୁ ତାଙ୍କର ମୋତେ ଗାଳି ଦେଇଥିବା କଥା କିଛି କହିଲି ନାହିଁ ; କାରଣ ମୁଁ ବୁଝିଥାଏ ଯେ ମୋତେ ଗାଳି-ଦେବାରେ ତାଙ୍କର ଦୋଷ ନାହିଁ । ମୁଁ ତାଙ୍କୁ କହିଲି, ଗହଣା ପିନ୍ଧିବାରେ ଉଷାମଣିର ଅଭ୍ୟାସ ନାହିଁ ଓ ଇଚ୍ଛା ନାହିଁ । ଗହଣା ସବୁ ସେ ରଖିଲେ । ତାପରେ ଆମ୍ଭେମାନେ କଟକ ଆସିଲୁଁ ।

ଏହି ବିବାହର ପ୍ରାୟ ଦୁଇବର୍ଷପରେ ୧୯୨୫ ଡିସେମ୍ବର ୨୫ ତାରିଖ ରାତ୍ରି ୧୨ଟା ବେଳେ ମୋର ସ୍ତ୍ରୀଙ୍କର ମୃତ୍ୟୁ ହେଲା । ମୋର ମା ପୁରୀରୁ ଫେରି ମୋ ବସାରେ ଥିଲେ । କୁନ୍ତଳା କୁମାରୀ ଡାକ୍ତରାଣୀ ମୋର ସ୍ତ୍ରୀଙ୍କୁ ମାଉସୀ ବୋଲି ଡାକନ୍ତି ଏବଂ ଖୁବ୍ ଭଲ ପାଆନ୍ତି । ସେ ଚିକିତ୍ସା କରୁଥିଲେ । ଯେଉଁଦିନ ମୋର ସ୍ତ୍ରୀଙ୍କର ମୃତ୍ୟୁ ହେବ ସେହିଦିନ ଖରାବେଳେ ସେ ମୋତେ କହିଦେଲେ ଯେ, ମାଉସୀ ବଞ୍ଚିବେ ନାହିଁ । ସେଦିନ ସନ୍ଧ୍ୟା-ବେଳେ ଖୁବ୍ ଶୀଘ୍ର ସ୍ତ୍ରୀଙ୍କର ମୃତ୍ୟୁ ହେବ ଜାଣିପାରି ମୁଁ ପୁରି ରସଗୋଲା ପ୍ରଭୃତି ଭଲ ଜଳଖିଆ କିଣିଆଣି ପିଲାମାନଙ୍କୁ ଖାଇବାକୁ ଦେଲି । ସେମାନେ ଖାଇସାରି ଶୋଇ ପଡ଼ିଲେ । ମୋର ଅଭିପ୍ରାୟ ଏହିକି ପିଲା-ମାନେ ଖାଇପିଇ ଶୋଇପଡ଼ିଲେ ସେମାନେ ମୃତ୍ୟୁ ଘଟଣା କିଛି ଜାଣିବେ ନାହିଁ ଏବଂ ସେମାନଙ୍କ ମନରେ ବିଶେଷ ଦୁଃଖ ଆସିବ ନାହିଁ । ମାଆଙ୍କ ମନରେ ବିଶେଷ ଦୁଃଖ ଆସିଲା ; ମାତ୍ର ମୁଁ ଅତିଶୀଘ୍ର ଭାବିନେଲି ଯେ ମୋର ମୃତ୍ୟୁ ଘଟିଥିଲେ ମୋର ବିଧବା ସ୍ତ୍ରୀ ଓ ପିଲାମାନଙ୍କର ଭବିଷ୍ୟତ ଦୁଃଖମୟ ହୋଇଥାନ୍ତା । ଈଶ୍ୱର ମଙ୍ଗଳମୟ, ସେ ଯାହା କରନ୍ତି ସବୁ ଆମର ମଙ୍ଗଳ ପାଇଁ କରନ୍ତି । ତାପରେ ଦୁଇଝିଅଙ୍କୁ ମାଆଙ୍କ ପାଖରେ ରଖିବାକୁ ମୋତେ ସମସ୍ତେ କହିଲେ । ମାତ୍ର ମଫସଲରେ ଝିଅମାନେ ଯେପରି ଭାବରେ ରହନ୍ତି ଓ ଯେପରି କୁଶିକ୍ଷା ପାଆନ୍ତି ତାହା ଅନୁଭବ କରିଥିବାରୁ ମୁଁ କାହାରି କଥା ନମାନି ଦୁଇଝିଅଙ୍କୁ ରେଭେନ୍‌ସା ବାଳିକା ସ୍କୁଲ ହଷ୍ଟେଲରେ ରଖିଦେଲି । ସେତେବେଳେ ବ୍ରାହ୍ମଣ ଘରର ଝିଅ ଓ ବିଶେଷତଃ ବିବାହିତା ଝିଅ ହଷ୍ଟେଲ୍‌ରେ ରହିବା ସମସ୍ତଙ୍କର କଳ୍ପନାତୀତ । ଉଷାମଣିର ଶାଶୁ ଓ ଶଶୁର ଉଷାମଣିକୁ ତାଙ୍କ ଘରକୁ ନେବା ପାଇଁ ଅନେକ ଚେଷ୍ଟା କଲେ । ତାଙ୍କ ଗ୍ରାମରେ ମୋ ବିରୁଦ୍ଧରେ କେତେ ଥର ସଭା ହେଲା । ପୁଅକୁ ଅନ୍ୟତ୍ର ବିବାହ ଦେବେ ବୋଲି ଉଷାମଣିର ଶଶୁର ଓ ଗ୍ରାମବାସୀମାନେ ମୋତେ ଅନେକଥର ଭୟ ଦେଖାଇଲେ । ମୁଁ ସେଥିରେ କର୍ଣ୍ଣପାତ କଲି ନାହିଁ । କିଛିଦିନ ପରେ ଉଷାମଣିର ଶଶୁର ତାଙ୍କ ଗ୍ରାମରୁ କେତେଜଣ ଭଦ୍ରଲୋକଙ୍କୁ ସଙ୍ଗରେ ଆଣି ମୋ ବସାକୁ ଆସିଲେ ଏବଂ ପୁଅକୁ ଅନ୍ୟତ୍ର ବିବାହ ଦେବେ ବୋଲି ମୋତେ ଭୟ ଦେଖାଇଲେ । ମୁଁ କହିଲି ; "ମୁଁ ତୁମ ପୁଅପାଇଁ ଅନ୍ୟ କନ୍ୟା ପାତ୍ର ସ୍ଥିର କରିଦେବି, କାରଣ ମୁ ମତ ନ ଦେଲେ କେହି

*

ଝିଅ ଦେବେ ନାହିଁ ।'' ମୋଠାରୁ ଏପରି ଶୁଣି ଗ୍ରାମବାସିମାନେ ସାଶାନ୍ଦ୍‌ତ ହୋଇ ଉଠିଗଲେ । ଉଷାମଣିର ଶଶୁର ଗଲେ ନାହିଁ । କାରଣ ମୋ କଥା ସେ ପୂର୍ବରୁ ଭଲରୂପେ ଜାଣିଥିଲେ । ମୁ ତାଙ୍କୁ କହିଲି, ତୁମ୍ଭେ ଏକା ନ ଆସି ଏମାନଙ୍କୁ ସଙ୍ଗରେ ଆଣିବା ଉଚିତ୍ ନଥିଲା । ପଠାଇବାକୁ ମୁଁ ଯେତେବେଳେ ଉଚିତ ମନେ କରିବି ସେତେବେଳେ ତୁମ୍ଭଙ୍କୁ ସମ୍ବାଦ ଦେବି । କେତେ ଝିଅ ୧୩-୧୪ ବର୍ଷ ବେଳେ ପିଲାଜନ୍ମ କରି ନ ପାରି ମରୁଅଛନ୍ତି, କେତେ ଝିଅ ୧୯-୨୦ ବର୍ଷ ନ ହେଉଣୁ ୨-୩ଟି ପିଲା ଜନ୍ମକରି ଯୌବନ ନଷ୍ଟ କରୁଅଛନ୍ତି ଏବଂ ଜୀବନ ତମାମ ନାନାପ୍ରକାର ଉତ୍କଟ ରୋଗ ଭୋଗ କରୁଅଛନ୍ତି ତୁମ୍ଭେ କଣ ଏସବୁ ଦେଖୁ ନାହଁ । ଆଉ ଗୋଟିଏ କଥା ଏହି କି, ତୁମ୍ଭର ଅନେକ ଟଙ୍କା କରଜ ଅଛି । ତୁମ୍ଭେ ସମସ୍ତ କରଜ ପରିଶୋଧ ନ କରିବା ଯାଏ ମୁଁ ଝିଅ ପଠାଇବି ନାହିଁ । କରଜ ଥିବା ଘରେ ସୁଖ ନାହିଁ ଏକଥା ମୁଁ ଭଲରୂପେ ବୁଝିଛି । ମୋର ଏହି ମନୋବୃତ୍ତି ଓ ପ୍ରତିଜ୍ଞା କଥା ଜାଣିଥିବାରୁ ସେ ବାଧ୍ୟ ହୋଇ ନିଜର ଜମିରୁ ପ୍ରାୟ ଅଧେ ଜମି ବିକି କରି ସବୁ କରଜ ପରିଶୋଧ କଲେ । ଉଷାମଣି ଓ ନିଶାମଣି ପ୍ରାୟ ୩ବର୍ଷ ବୋର୍ଡ଼ିଂରେ ରହିଲେ । ଉଷାମଣିର ବୟସ ୧୭ବର୍ଷ ହେଲାରୁ ମୁଁ ତାକୁ ପଠାଇବି ବୋଲି ସ୍ଥିର କରି ସମ୍ବାଦ ଦେଲି । ଉଷାମଣିର ଶାଶୁ ଓ ଶଶୁର ତାକୁ ନେବାପାଇଁ ଚାତକପରି ରହିଁ ରହିଥିଲେ । ମୁଁ ତଥି ଓ ବାର କିଛି ନ ବୁଝି ଝିଅ ପଠାଇବାରେ ସେମାନେ କୌଣସି ଆପତ୍ତି କଲେ ନାହିଁ । ମୁଁ ସ୍ଥିର କରିଥିବା ଦିନ ଉଷାମଣିର ଶଶୁର ବୋହୂ ନେବାପାଇଁ ମୋ ବସାରେ ପହଁଚିଲେ । ଉଷାମଣି, ନିଶାମଣି, ସେ ଓ ମୁଁ ଆମେ ଚାରିଜଣ ଗୋଟିଏ ବଗିଗାଡ଼ିରେ କଟକ ଷ୍ଟେସନକୁ ଆସିଲୁ । ବୋର୍ଡ଼ିଂରେ ଥିବାବେଳେ ଉଷାମଣି ଯେଉଁ ଷ୍ଟ୍ରେଟ ଟ୍ରଙ୍କଟିରେ ତାର ଲୁଗା-ପଟା ରଖିଥିଲା ସେହି ଟ୍ରଙ୍କଟି ନେଇ ସେ ଆସିଲା । ଅଳ୍ପଦିନ ପରେ ମୁଁ ଆଉ ଗୋଟିଏ ବଡ଼ ଟ୍ରଙ୍କ ଦେଇଛି । ଝିଅ ପଠାଇବା ଦିନ ଯାହାସବୁ ଦେବାର ପ୍ରଥା ଅଛି ତାହାର ଅନ୍ଧାନୁସରଣ କରିବା ଏବଂ ତାପରେ ଚିରଦିନ ପାଇଁ ଝିଅପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବା ହେତୁ ବାପ ଓ ଝିଅ ମଧ୍ୟରେ ଓ ଦୁଇବନ୍ଧୁଙ୍କ ମଧ୍ୟରେ ପ୍ରକୃତ ସ୍ନେହ ରହୁ ନାହିଁ ଏହା ମୁ କିଛି କିଛି ଅନୁଭବ କରିଥିଲି । ଆଜିକାଲି ଏହା ମୁଁ ସମ୍ପୂର୍ଣ୍ଣରୂପେ ଅନୁଭବ

କଲଣି । ଆଜକାଲି ପ୍ରକୃତ ସ୍ନେହ ସମ୍ପୂର୍ଣ୍ଣରୂପେ ଲୋପ ହେଲାଣି । ଆଜ-କାଲି ଯେଉଁ ତଥା କଥିତ ସ୍ନେହ ଦେଖାଯାଏ ତାହା କେବଳ ଦେବା ନେବା ଉପରେ ରହିଲାଣି ।

ଧାନମଣ୍ଡଳ ଷ୍ଟେସନରୁ ଉଷାମଣିର ଶଶୁର ଘର ପ୍ରାୟ ଏକ ମାଇଲ । ଷ୍ଟେସନକୁ ସୁଆରି ଆସିଥିଲା ଏବଂ ପ୍ରଚଳିତ ପ୍ରଥାନୁସାରେ ଦୁବ ବରକୋଳି ପତ୍ର ଓ ଅରୁଆ ଚାଉଳ ଇତ୍ୟାଦି ଉଷାମଣିର ଆଞ୍ଜୁଳାରେ ଦିଆଗଲା । ଉଷାମଣି ଓ ନିଶାମଣି ଦୁହେଁ ସୁଆରିରେ ବସିବା ପରେ ସୁଆରିର ଦୁଇପାଖ କବାଟ ବନ୍ଦକରି ଦିଆଗଲା । ମୁଁ ଯେତେ ବାରଣ କଲେ ମଧ୍ୟ ଉଷାମଣିର ଶଶୁର ମୋ କଥାରେ କର୍ଣ୍ଣପାତ କଲେ ନାହିଁ । ମୁଁ ବିଶେଷ ଆପତ୍ତି କଲି ନାହିଁ । କାରଣ ମୁଁ ବୁଝିଲି ଏଣିକି ମୋ କଥା ରହିବ ନାହିଁ । ଉଷାମଣିର ଶଶୁର ଓ ମୁଁ ଚାଲି ଚାଲି ଗଲୁଁ । ଝିଅ ଦୁହେଁ ବୋଡ଼ିଂରେ ଯେପରି ରହିଥିଲେ, ସେହିପରି ଭାବରେ ମୁଣ୍ଡରେ ଲୁଗା ନ ଥାଇ ସୁଆରିରୁ ବାହାରିଲେ । ବିନା ଓଢ଼ଣା, ବିନା ଗହଣା, ବିନା ଘର ବେଭାରରେ ବୋହୂ ଆସୁଥିବା କଥା ସମସ୍ତଙ୍କୁ ପୂର୍ବରୁ ଜଣାଥିବାରୁ ତାହା ଦେଖିବାକୁ ଅନେକ ଲୋକ ଉଷାମଣିର ଶାଶୁ ଘର ନିକଟରେ ସମା ହୋଇଥିଲେ । ଦେଖିଯିବା ଲୋକେ ଏହି ଘଟଣାକୁ ଅନ୍ୟମାନଙ୍କ ନିକ-ଟରେ ଅତିରଞ୍ଜିତ କରି ବର୍ଣ୍ଣନା କଲେ । ଏହି ବର୍ଣ୍ଣନା ଶୁଣି ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଅନେକ ସ୍ତ୍ରୀଲୋକ ତିନି ଆରଦିନ ପର୍ଯ୍ୟନ୍ତ ଦେଖିବାକୁ ଆସିଲେ ।

ଉଷାମଣି ଶାଶୁଘରେ ପହଞ୍ଚିବାର ପରଦିନ ତାର ଶାଶୁ ତାର ଗୋଡ଼ରେ ଦୁଇଟା ମଲି ଓ ହାତରେ ବଟଫଳ ପିନ୍ଧାଇ ଦେଲେ । ମୁଁ ସେଠାରେ ଥିଲି । ସେହି ଗହଣା ପିନ୍ଧିବ ନାହିଁ ବୋଲି ଉଷାମଣି ମୋତେ କହିବାରୁ ମୁଁ କହିଲି "ସେମାନେ ବର୍ତ୍ତମାନ ଯେଉଁ ଗହଣା ପିନ୍ଧାଉ ଅଛନ୍ତି ତୁ ସେଥିରେ ଆପତ୍ତି କରିବୁ ନାହିଁ । କିଛିଦିନ ପରେ ସୁବିଧା ଅନୁସାରେ ସେ ସବୁକୁ କାଢିଦେବୁ" ଇତ୍ୟାଦି । ଶାଶୁଘରେ ପ୍ରାୟ ଦୁଇମାସ ରହିବା ପରେ ମୁଁ ତାକୁ କଟକ ଆଣିଲି, । ପ୍ରାୟ ୨ମାସ ରହିବା ପରେ ସେ ଶାଶୁ ଘରକୁ ଫେରିଲା । ପ୍ରଥମଥର ଶାଶୁଘରକୁ ଯିବାବେଳେ ମୋ ଇଚ୍ଛା

ବିରୁଦ୍ଧରେ ସୁଆର କବାଟ ବନ୍ଦ କରିଥିବା ଘଟଣା ମୋର ମନେଥାଏ । ଏଥର ଯିବାବେଳେ ମୁଁ କେଉଁଦିନ ଯିବ ଏ କଥା ଉଷାମଣିର ଶ୍ୱଶୁରଙ୍କୁ ଜଣାଇଲି ନାହିଁ । କାରଣ ତାହା ଜାଣିଲେ ଷ୍ଟେସନକୁ ସେ ସୁଆର ପଠାଇଥାନ୍ତେ ଏବଂ ପୂର୍ବପରି ସୁଆର କବାଟ ବନ୍ଦକରି ତାଙ୍କୁ ନେଇ ଥାନ୍ତେ । ମୁଁ ଉଷାମଣିଙ୍କୁ ସଙ୍ଗରେ ନେଇ ଦିନ ଗାଡ଼ିରେ ଧାନମଣ୍ଡଳ ଷ୍ଟେସନରୁ ପ୍ରାୟ ଏକ ମାଇଲ ବାଟ ଗାଁ ଭିତର ଦେଇ ଆମେ ଦୁହେଁ ଚାଲି ଚାଲି ଯାଇ ପହଞ୍ଚିଲୁ । ଉଷାମଣିର ଶ୍ୱଶୁର ଦାଣ୍ଡଘରେ ଶୋଇଥିଲେ । ମୁଁ କବାଟରେ ହାତମାରି ଡାକିବାରୁ ସେ କବାଟ ଫିଟାଇଲେ ଏବଂ ମୋ ସଙ୍ଗେ ଉଷାମଣିଙ୍କୁ ଦେଖି ଅବାକ୍ ହୋଇଗଲେ । ଉଷାମଣିର ଶାଶୁ ଓ ଅନ୍ୟ ସ୍ତ୍ରୀଲୋକମାନେ ମୋତେ ଏଥିପାଇଁ ଅନେକ ଗାଳିଦେଲେ । ସେମାନଙ୍କର ମୋତେ ଗାଳିଦେବା ମୁଁ ଦୋଷାବହ ମନେ କଲି ନାହିଁ । କିଛିଦିନ ପରେ ମୁଁ ଥରେ ମୋର ସାନଝିଅ ନିଶାମଣି ଓ ଭୀମବାବୁଙ୍କ ସ୍ତ୍ରୀ ସୁରମାଙ୍କୁ ସଙ୍ଗରେ ନେଇ ଉଷାମଣି ଘରକୁ ଗଲି । ଏହି ଭୀମବାବୁ ଓ ସୁରମାର ପରିଚୟ ପରେ ଜାଣିବେ । ଉଷାମଣିଙ୍କୁ ସଙ୍ଗରେ ନେଇ ନିକଟବର୍ତ୍ତୀ ନଆଶାସନ ଗ୍ରାମକୁ ଯିବା ଏବଂ ଓଢ଼ଣା ଓ ଗହଣା ବିରୁଦ୍ଧରେ ସେଠା ସ୍ତ୍ରୀ ଲୋକମାନଙ୍କୁ ବୁଝାଇବା ମୋର ଉଦ୍ଦେଶ୍ୟ ଥାଏ । ଆମେ ଚାରିଜଣ ସକାଳୁ ବାହାରିଲୁଁ । ଆମ ପଛେ ପଛେ ଉଷାମଣିର ଶାଶୁ ଆସୁଥାନ୍ତି । ଆମେ ଦାଣ୍ଡ ଦରଜା ଡେଇଁ ଆସିବାର ଠିକ ପୂର୍ବେ ଉଷାମଣିର ଲୁଗାକୁ ତାର ଶାଶୁ ଟାଣି ଧରିବାରୁ ସେ ଆମ ସଙ୍ଗେ ଆସି ପାରିଲା ନାହିଁ । ଆମେ ତିନିଜଣ ନୂଆ ଶାସନ ଯାଇ ଅଳ୍ପ ସମୟ ପରେ ଫେରି ଆସିଲୁଁ ।

# ସାନ ଝିଅ ନିଶାମଣିର ବିବାହ

ମୋର ବଡ଼ଝିଅ ଉଷାମଣିକୁ ପ୍ରଚଳିତ କନ୍ୟାଦାନ ପ୍ରଥାରେ ଅଳ୍ପ ବୟସରେ ବିବାହ ଦେବା ଫଳରେ ମୋତେ ଅନେକ ଦୁଃଖ କରିବାକୁ ହୋଇଥିଲା । ତେଣୁ ମୋର ସାନଝିଅ ନିଶାମଣିକୁ ୧୬ ବର୍ଷ ପୂର୍ଣ୍ଣ ନ ହେବା ଯାଏ ବିବାହ ଦେବି ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହେଲି । ଗୋଟିଏ ପ୍ରତିଜ୍ଞାପତ୍ର ଛପାଇ ସେଥିରେ କେତେଜଣ ସଂସ୍କାରପ୍ରିୟ ଶିକ୍ଷିତ ଯୁବକମାନଙ୍କଠାରୁ ସ୍ୱାକ୍ଷର ସଂଗ୍ରହ କଲି । ପ୍ରତିଜ୍ଞାପତ୍ର ହେଉଛି "୧୬ ବର୍ଷରୁ କମ୍ କୌଣସି ଝିଅକୁ ବିବାହ କରିବି ନାହିଁ ।" ଅଳ୍ପ କେତେଜଣ ଯୁବକ ସ୍ୱାକ୍ଷର ଦେଲେ, ମାତ୍ର କେହି ପ୍ରତିଜ୍ଞା ରଖି ପାରିଲେ ନାହିଁ । ନିଶାମଣିକୁ ୧୪-୧୫ ବର୍ଷ ଯାଏ ଅବିବାହିତା ରହିଥିବା ଦେଖି ମୋର ବନ୍ଧୁମାନେ ଏବଂ ଅନେକ ରକ୍ଷଣଶୀଳ ବ୍ରାହ୍ମଣ ଅନେକ ଆପତ୍ତି କଲେ । ଜଣେ ନିକଟ ସମ୍ପର୍କ ବନ୍ଧୁଙ୍କ ଜରିଆରେ ଗୋଟିଏ ବରପାତ୍ର ନିକଟକୁ ସମ୍ବାଦ ଦେଲି । ସେହି ବନ୍ଧୁ ବରପାତ୍ରଠାରୁ ବୁଝି ମୋତେ କହିଲେ "ତୁମ୍ଭେ ୫୦୦ ଟଙ୍କା ନଗଦ ଦେଲେ ଉକ୍ତ ବରପାତ୍ର ବିବାହ କରିବ ଏବଂ ତୁମ୍ଭେ ତାହା କଲେ ଭଲ ହେବ ।" ମୁଁ କହିଲି, "ହଁ, ମୁଁ ୫୦୦ ଟଙ୍କା ଦେବି, ମାତ୍ର ମାସେ ଦୁଇ ମାସ ପରେ ଯଦି ବରପାତ୍ର ମରିଯିବ କିମ୍ବା ମୋର ଝିଅ ମରିଯିବ ତେବେ ଏହି ୫୦୦ ଟଙ୍କା ମୋତେ କିଏ ଫେରାଇଦେବ ? ବିବାହକୁ ଯଦି ଦବା ନବାର ବ୍ୟବସାୟ କରାଯିବ ତେବେ ତାକୁ ପ୍ରକୃତରେ ବ୍ୟବସାୟ ଭାବରେ ଗ୍ରହଣ କରାଯାଉ । ଅଧେ ବ୍ୟବସାୟ ଓ ଅଧେ ବନ୍ଧୁତା ରହି ନ ପାରେ ।" ମୋଠାରୁ ଏପରି ଶୁଣି ସେ ମୋତେ କିଛି କହିଲେ ନାହିଁ । ଏହି ପ୍ରସ୍ତାବ ଭାଙ୍ଗିଗଲା । କିଛିଦିନ ପରେ ନିଶାମଣିକୁ ସଙ୍ଗରେ ନେଇ ମୁଁ କଟକ କଲେଜ ହଷ୍ଟେଲକୁ ବୁଲିବାକୁ ଗଲି । ଲକ୍ଷ୍ମଣ ମିଶ୍ର ନାମକ ଜଣେ ଛାତ୍ର ବି.ଏ. ପଢୁଥାନ୍ତି ଏବଂ ଇଷ୍ଟ ହଷ୍ଟେଲରେ ରହୁଥାନ୍ତି । ନାରୀ ମଙ୍ଗଳ ସମିତିର ମେମ୍ବର ହେବାକୁ ସେ ଇଚ୍ଛା ପ୍ରକାଶ କଲେ । ନିଶାମଣିକୁ ବିବାହ କରିବା ନିମିତ୍ତ ତାଙ୍କର ଇଚ୍ଛା ଏବଂ ସେଥିପାଇଁ ସେ ନାରୀମଙ୍ଗଳ ସମିତିର ମେମ୍ବର ହେବାକୁ କହୁଅଛନ୍ତି ଏ କଥା ତାଙ୍କର ଚିଠିପତ୍ରରୁ ମୁଁ

ପରେ ବୁଝିଲି । ସେତେବେଳେ ଓଡ଼ିଶାରେ ବ୍ରାହ୍ମଣ ସମାଜରେ କେହି ଯୁବତୀ ବିବାହ କରି ନଥିବାରୁ ଏବଂ ଯୁବତୀ ବିବାହ କରିବାକୁ ସେ ସମ୍ମତ ହେବାରୁ ମୁଁ ତାଙ୍କୁ ଜବାବ ଦେଲି । ଅଳ୍ପଦିନ ପରେ ସେ ମୋତେ ବିବାହ କର୍ମ ସମ୍ପନ୍ନ କରିବାକୁ କହିଲେ । ସେତେବେଳେ ନିଶାମଣିର ବୟସ ୧୬ ବର୍ଷ ପୂର୍ଣ୍ଣ ହେବାକୁ ୪-୫ ମାସ ଥାଏ । ମୁଁ ପ୍ରତିଜ୍ଞା କରିଥାଏ ଯେ ୧୬ ବର୍ଷ ପୂର୍ଣ୍ଣ ନ ହେଲେ ବିବାହ ଦେବି ନାହିଁ, ତେଣୁ ମୁଁ ଲକ୍ଷ୍ମଣ ମିଶ୍ରକୁ ୪-୫ ମାସ ଅପେକ୍ଷା କରିବାକୁ କହିଲି । ସେ କହିଲେ, "ନିଶାମଣି ମୋ ନିକଟକୁ ଆସି ମୋତେ ଯଦି ବିବାହ କରିବାର ମତ ପ୍ରକାଶ କରିବ ତେବେ ମୁଁ ଅପେକ୍ଷା କରିବି ।" ମୁଁ ସେଥିରେ ଏକମତ ନ ହେବାରୁ ଲକ୍ଷ୍ମଣ ମିଶ୍ର ମୋତେ ଭୟ ଦେଖାଇବା ଅଭିପ୍ରାୟରେ କହିଲେ, "Then I withdraw my word" ଅର୍ଥାତ୍ ତେବେ ମୁଁ ମୋର ଜବାବ ଉଠାଇ ନେଲି । ମୁଁ ମଧ୍ୟ କହିଦେଲି:"I also withdraw my word" ଅର୍ଥାତ୍ ମୁଁ ମଧ୍ୟ ମୋର ଜବାବ ଉଠାଇ ନେଲି । ଦୁଇ ତିନିଦିନ ପର୍ଯ୍ୟନ୍ତ ଲକ୍ଷ୍ମଣ ମିଶ୍ର ମୋ ପାଖକୁ କେତେ ଭଦ୍ର ଲୋକ ପଠାଇଲେ । ମୁଁ ସେମାନଙ୍କୁ କହିଲି, "ମୁଁ ଯେତେବେଳେ ଥରେ ମୋର ଜବାବ ଉଠାଇ ନେଇଛି ମୁଁ ତାହା ଅନ୍ୟଥା କରି ପାରିବି ନାହିଁ ।" ତାପରେ ଲକ୍ଷ୍ମଣମିଶ୍ର ପ୍ରିନ୍‌ସିପାଲଙ୍କୁ କହି ମୋ ପାଖକୁ ଚିଠି ଲେଖାଇଲେ ଏବଂ ଅନେକ ପ୍ରକାର ଚେଷ୍ଟା କଲେ । ମାତ୍ର ମୁଁ ମୋର ପ୍ରତିଜ୍ଞା ଭାଙ୍ଗି ପାରିଲି ନାହିଁ । ଅନ୍ୟ ବରପାତ୍ର ସ୍ଥିର କରିବା ବିଷୟ ମୋତେ ସ୍ପର୍ଶ କଲା । ବାରିପଦାରେ ପଢ଼ୁଥିବାବେଳେ ମୁଁ ସେଠା ଭଗୀରଥ ମାହାପାତ୍ରଙ୍କୁ ଏବଂ ତାଙ୍କ ପରିବାରକୁ କିଛି କିଛି ଜାଣିଥିଲି । ବାରିପଦାରେ ସେ ଓକିଲାତି କାମ କରୁଥାନ୍ତି । ତାଙ୍କର ପାଞ୍ଚ ପୁଅ ମଧ୍ୟରୁ ୨ୟ ପୁତ୍ରକୁ ଦିଲ୍ଲୀର ଜଣେ ବଙ୍ଗାଳି ବ୍ରାହ୍ମଣ ଘରର ଗୋଟିଏ ଯୁବତୀ କନ୍ୟା ସହିତ ସେ ବିବାହ ଦେଇଥାନ୍ତି । ତେଣୁ ମୁଁ ଜାଣିଲି ଯୁବତୀ ବିବାହ କରିବାକୁ ସେ ପଶ୍ଚାତ୍‌-ପଦ ହେବେନାହିଁ । ତାଙ୍କର ୩ୟ ପୁତ୍ର ମହେଶଚନ୍ଦ୍ରଙ୍କ ବିବାହ ବିଷୟରେ ମୁଁ ତାଙ୍କୁ ଲେଖିଲି । ସେ ଲେଖିଲେ "ଯୁବତୀ ବିବାହରେ ମୋର କୌଣସି ଆପତ୍ତି ନାହିଁ । ମୁଁ ଅଳ୍ପଦିନ ପରେ କଟକ ଯାଇ ଆପଣଙ୍କର ଝିଅକୁ ଦେଖି ଆସିବି । ତାଙ୍କ ଆସିବାଯାଏ ଅପେକ୍ଷା ନ କରି ମୁଁ ନିଶାମଣିକୁ

ସଙ୍ଗରେ ନେଇ ବାରିପଦା ଗ୍ଲଲଗଲି । ନାରାୟଣ ବାରିକ ବୋଲି ଆମ ଗ୍ରାମର ଜଣେ ଭଦ୍ରଲୋକ ସେଠାରେ ଅଡ଼ିଟର କାମ କରୁଥିଲେ । ତାଙ୍କର ବାପା ଓ ଭାଇମାନେ ଆମ ଘରେ ବାରିକ କାମ କରୁଥିବାରୁ ତାଙ୍କ ସହିତ ମୋର ଖୁବ ସଦ୍‌ଭାବ ଥାଏ । ମୁଁ ବାରିପଦା ଯାଇ ତାଙ୍କ ବସାରେ ରହିଲି । ମୋର ଓ କଣାମଣିର ଆସିବା ଜାଣି ଭଗିରଥ ବାବୁ ଆମ ଦୁହିଁଙ୍କୁ ତାଙ୍କ ଘରକୁ ଡାକିବାକୁ ସେଠାକୁ ଆସିଲେ । ତାଙ୍କ ଘରକୁ ଯିବା ମୁଁ ଉଚିତ ବୋଧ କଲିନାହିଁ । ପରଦିନ ସକାଳେ ମୁଁ ଓ କଣାମଣି ତାଙ୍କ ଘରକୁ ଗଲୁଁ । ମୁଁ ବରପାତ୍ର ସ୍ଥିର କରିବାକୁ ଆସିଛି ବୋଲି କଣାମଣିକୁ ଜଣା ନ ଥାଏ । ଆମେ ତାଙ୍କ ଘରେ ୨।୩ ଘଣ୍ଟା ରହିଲୁ । ଭଗିରଥ ବାବୁଙ୍କର ସ୍ତ୍ରୀ ଏବଂ ଝିଅ ବୋହୂମାନେ ସମସ୍ତେ କଣାମଣିକୁ ଦେଖିବାର ଓ ତା ସହିତ କଥାବାର୍ତ୍ତା କରିବାର ସୁଯୋଗ ପାଇଲେ । ଆମେ ବସାକୁ ଫେରିବା ପୂର୍ବରୁ ଭଗିରଥ ବାବୁ ଆମ ଦୁହିଁଙ୍କୁ ତାଙ୍କ ଘରକୁ ସନ୍ଧ୍ୟାବେଳେ ଖାଇବାକୁ ଆସିବା ପାଇଁ କହିଲେ । ସନ୍ଧ୍ୟାବେଳେ ମୁଁ ଓ କଣାମଣି ଆସିଲୁଁ । ମୁଁ ଦେଖିଲି ଭଗିରଥ ବାବୁ ଗୋଟିଏ ଭୋଜିର ଆୟୋଜନ କରି ୨୦-୨୫ ଜଣଙ୍କୁ ନିମନ୍ତ୍ରଣ କରିଅଛନ୍ତି । ଆମେ ଦୁହେଁ ସେହି ଭୋଜିରେ ଯୋଗ ଦେଲୁଁ । ଏହି ଭୋଜିର ଆୟୋଜନ ଦେଖି ମୁଁ ବୁଝିପାରିଲି ଯେ ତାଙ୍କ ଘରେ ସମସ୍ତଙ୍କର ଏହି ବିବାହରେ ମତ ଅଛି । ମତ ରହିବା ସ୍ୱାଭାବିକ, କାରଣ ତାଙ୍କ ପରିବାରରେ ପ୍ରାୟ ସମସ୍ତେ ସଂସ୍କାର ପ୍ରିୟ । ତହିଁ ଆରଦିନ ସକାଳେ ଭଗିରଥ ବାବୁ ମୋତେ ତାଙ୍କ ଘରକୁ ଡାକିଲେ । ସେଠାକାର ସରକାରୀ ଉକିଲ ଲାଲମୋହନ ପତି ଓ ସେ ମୋଠାରୁ ବିବାହ ସମ୍ପର୍କରେ ମୋର ମତ ଶୁଣିଲେ । ମୁଁ ସେମାନଙ୍କୁ ମୋର ବଡ଼ଝିଅର ବିବାହ ଘଟଣା କହିଲି । ସେମାନେ ବୁଝିପାରିଲେ ଯେ, ବିବାହ ପୂର୍ବରୁ ଦିବାନବାର କୌଣସି ଚୁକ୍ତି କରିବା, ଗହଣା ଓ ନ୍ୟାସନିମିତ୍ତରେ ଅଯଥା ଅର୍ଥବ୍ୟୟ କରିବା ଏବଂ ପ୍ରଚଳିତ ପ୍ରଥାର ଅନ୍ଧାନୁସରଣ କରିବା ମୋର ମତବିରୁଦ୍ଧ ଏବଂ ଏସବୁ ହେଉଛି ମୁଁ ପ୍ରତିଷ୍ଠା କରିଥିବା ନାରୀମଙ୍ଗଳ ସମିତିର ମୁଖ୍ୟ ଉଦ୍ଦେଶ୍ୟ । ମୋଠାରୁ ଏହିସବୁ କଥା ଶୁଣି ମଧ୍ୟ ଲାଲମୋହନ ପତି ମୋ ସଙ୍ଗେ ଅନେକ ଯୁକ୍ତି-ତର୍କ କଲେ । ସେ କହିଲେ—"ଗହଣା ଝିଅମାନଙ୍କର ଗୋଟିଏ ପ୍ରଧାନ ସମ୍ପତ୍ତି । ଟଙ୍କାର ଏକାନ୍ତ ଆବଶ୍ୟକ ହେଲେ ଲୋକେ ଗହଣା ବନ୍ଧକ

ରଖି କାମ ଚଳାଇ ନ ଅନ୍ତି। ଗହଣା ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି କରେ'' ଇତ୍ୟାଦି । ମୁଁ କହିଲି—''ହଜାର ଟଙ୍କାର ଗହଣା ଥିଲେ ମଧ୍ୟ ତାର ପଇସାଟିକର ମୂଲ୍ୟ ନାହିଁ । ମଧ୍ୟବିତ୍ତ ଲୋକେ ଯେଉଁ ଗହଣା କରିଥାନ୍ତି ସେମାନେ ପରେ ତାହା ବନ୍ଧକ ଦିଅନ୍ତି କିମ୍ବା ବିକ୍ରି କରନ୍ତି ଏହା ମୁଁ ଅନେକ ଜାଗାରେ ଦେଖିଛି । ନିଜର ସ୍ତ୍ରୀଠାରୁ ଗହଣା କାଢ଼ିଆଣି ତାକୁ ବନ୍ଧକ ଦେବାବେଳେ ସ୍ତ୍ରୀର ମନରେ ଯେଉଁ ଦୁଃଖ ଆସେ ତାହା ମରଣ-ଠାରୁ ଅଧିକ । ଟଙ୍କା ଖର୍ଚ୍ଚ କରି ଗହଣା କିଣିବ କାହିଁକି ଏବଂ ଟଙ୍କା ସରିଗଲେ ତାହା ବନ୍ଧକ ଦେବ କାହିଁକି ? ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ଯଦି ଗହଣା ଆବଶ୍ୟକ ତେବେ ତାହା ସ୍ୱାମୀ ଓ ସ୍ତ୍ରୀଙ୍କର କରିବାର କଥା । ଗହଣା ଦେବା ଶାଶୁ-ଶଶୁରଙ୍କର କିମ୍ବା ବାପ ମାଆଙ୍କର କାର୍ଯ୍ୟ ନୁହେଁ । ସେ ପୁଣି କହିଲେ—''ଶଶୁର ଘରୁ ଯୌତୁକ ଟଙ୍କା ନେଇ ସେହି ଟଙ୍କାରେ ପାଠପଢ଼ି ବଙ୍ଗାଳୀ ଜାତି ଆଜି ଏତେ ଉନ୍ନତ'' । ମୁଁ କହିଲି-''ଯାହାକୁ ଆପଣ ଉନ୍ନତି ମନେ କରିଅଛନ୍ତି ତାହା ପ୍ରକୃତରେ ଉନ୍ନତି ନୁହେଁ ।'' ଉନ୍ନତି ହେଲେ ମଧ୍ୟ ମୁଁ କହୁଛି, ଓଡ଼ିଆ ଜାତି ପୂର୍ବପରି ଅଶିକ୍ଷିତ ଓ ଅନୁନ୍ନତ ହୋଇ ରହିଥାଉ, ମୋର ଦୁଃଖ ନାହିଁ, ଓଡ଼ିଆ ଜାତି ଧ୍ୱଂସ ହେଲେ ମଧ୍ୟ ମୋର ଦୁଃଖ ନାହିଁ । ମାନ ବହୁତା ଉପରେ ପ୍ରତିଷ୍ଠିତ ବିବାହ ପରି ଦାୟିତ୍ୱପୂର୍ଣ୍ଣ ପବିତ୍ର ସମ୍ବନ୍ଧକୁ ଦବାନବା ଚୁକ୍ତି ଉପରେ ବା ବ୍ୟବସାୟରେ ପରିଣତ କରିବା ମୋର ନୀତିବିରୁଦ୍ଧ ଅଟେ'' ଇତ୍ୟାଦି । ଲାଲମୋହନ ପଣ୍ଡିତଙ୍କର ଓ ମୋର ଏହି ସବୁ ଯୁକ୍ତିତର୍କ ଶୁଣି ଭଗିରଥ ବାବୁ ନୀରବ ରହିଥାନ୍ତି । ବିବାହ ବିଷୟରେ ତାଙ୍କର ମତ ପଚାରିବାରୁ ସେ କହିଲେ, ''ମୋର ମତାମତ ମୁଁ ପରେ ଜଣାଇବି ।'' ବାରିପଦାରୁ ଫେରିବା ବେଳେ ନିଶାମଣି ବୋଧହୁଏ ଜାଣିପାରିଲା ଯେ ଭଗିରଥ ବାବୁ-ଙ୍କର ତୃତୀୟ ପୁତ୍ର ମହେଶଚନ୍ଦ୍ରଙ୍କ ସହିତ ତାର ବିବାହ ସ୍ଥିର ହେଉଛି । ଟ୍ରେନରେ ଫେରୁଥିବାବେଳେ ସେ ମୋତେ କହିଲା—''ଆମ କଟକ ଆଡ଼େ ବ୍ରାହ୍ମଣ ଜାତିରେ ଏପରି ପରିବାର ଦେଖାଯାଏ ନାହିଁ । ଏମାନଙ୍କର ଚାଲିଚଳନ ଓ ବ୍ୟବହାର ଖୁବ ଭଲ'' ଇତ୍ୟାଦି । ଅଳ୍ପଦିନପରେ ସେଠା ସେସନ୍‌ସ ଜଜ୍ ବିଦ୍ୟାଧର ମହାପାତ୍ର ମୋ ପାଖକୁ ଖଣ୍ଡେ ଚିଠି ଦେଲେ । ସେଥିରେ ସେ ଲେଖିଲେ—''ଭଗିରଥ ବାବୁଙ୍କର ଇଚ୍ଛା ଏହି କି ଭୁମ୍ଭେ କେବଳ ସୁନାକାଚ, ସୁନାହାର ଓ କାନଫୁଲ ଦିଅ, ଏତିକି ନ

ହେଲେ ତାଙ୍କ ସମାଜରେ ବାଧା ଜନ୍ମିବ ଏବଂ ଲୋକଚକ୍ଷୁରେ ତାହା ଅସୁନ୍ଦର ଦିଶିବ ।" ସେହି ଚିଠି ପାଇ ମୁଁ ଭାବିଲି, ବିବାହ ପ୍ରସ୍ତାବ ଭାଙ୍ଗିଯିବ । ଆମ କଚେରୀର ସିରସ୍ତାଦାର ରଘୁନାଥ ରାଉତଙ୍କ ସହିତ ଭଗିରଥ ବାବୁଙ୍କର ପୂର୍ବରୁ ଖୁବ୍ ସଦ୍‌ଭାବ ଥିଲା । ମୁଁ ଏହି ଚିଠିଟି ରଘୁନାଥ ରାଉତଙ୍କୁ ଦେଖାଇଲି ଏବଂ ଏପରି ଜବାବ କରିବା ମୋର ନୀତି-ବିରୁଦ୍ଧ ଏ କଥା ଭଗିରଥ ବାବୁଙ୍କୁ ଲେଖିବାକୁ ମୁଁ ତାଙ୍କୁ ଅନୁରୋଧ କଲି । ସେ ମୋ ଉପରେ ବିରକ୍ତ ହେଲେ ଏବଂ କହିଲେ--"ତୁମେ ଜଣେ ଡେପୁଟି ମାଜିଷ୍ଟ୍ରେଟଙ୍କ ଘରେ ବନ୍ଧୁତା ସ୍ଥାପନ କରିବାକୁ ଯାଉଛ । ତୁମେ ଯଦି ଏତିକି ଦେବ ନାହିଁ ତେବେ ମୁ କିଛି ଲେଖିପାରିବି ନାହିଁ ।" ପୂର୍ବୋକ୍ତ ବିଦ୍ୟାଧର ବାବୁ ଓ ମୁଁ ପଢ଼ିବାବେଳେ ସେଠା ବୋର୍ଡିଂରେ ଏକା କୋଠରୀରେ ରହିଥିଲୁ । ତେଣୁ ତାଙ୍କର ଓ ମୋର ପଢ଼ିବା ବେଳେ ଖୁବ୍ ସଦ୍‌ଭାବ ଥିଲା । ତାଙ୍କୁ ମୁଁ ଲେଖିଲି—"ବିବାହ ପୂର୍ବରୁ ଦବାନବାର କୌଣସି କଥାବାର୍ତ୍ତା କରିବି ନାହିଁ ଓ ଗହଣା କିଛି ଦେବି ନାହିଁ ବୋଲି ମୁଁ ଭଗିରଥ ବାବୁଙ୍କୁ ଲାଲମୋହନ ପଣ୍ଡା ଆଇ କହି ଦେଇଛି । ତୁମେ ଭଗିରଥ ବାବୁଙ୍କୁ କହିବ ସେ କିଣ ମୋର ସବୁକଥା ଭୁଲିଗଲେ ? ତାଙ୍କୁ କହିବ ସେ ବିବାହର ଦିନ ସ୍ଥିର କରି ପଠାଇ ଦିଅନ୍ତୁ । ମୁଁ ପ୍ରାୟ ଦୁଇମାସ ଅପେକ୍ଷା କଲି । ମାତ୍ର ଭଗିରଥ ବାବୁଙ୍କଠାରୁ କୌଣସି ସ୍ଥିର ଜବାବ ପାଇଲି ନାହିଁ । ମୁ ବାଧ୍ୟ ହୋଇ ପୁଣି ଥରେ ବାରିପଦା ଗଲି ଏବଂ ପୂର୍ବପରି ସେହି ନାରାୟଣ ବାରିକଙ୍କ ବସାରେ ରହିଲି । ମୁଁ ଏଥର ବାରିପଦାକୁ ଯିବାବେଳେ ମୋ ମନରେ ସାମାନ୍ୟ ଦୁର୍ବଳତା ଆସିଲା । ମୁଁ ଭାବିଲି ସୁନାହାର ଓ କାନଫୁଲ ଦେବି ନାହିଁ ମାତ୍ର ସୁନା କାଚ ଦେବି ଏବଂ ତାହା ଟିକେ ବେଶୀ ମୂଲ୍ୟର ଦେବି । ମୋ ମନରେ ଯୁକ୍ତି ଏହିକି ସୁନାକାଚ ଗହଣାରେ ଅନ୍ତର୍ଭୁକ୍ତ ନୁହେଁ କାରଣ କାଚ ଓ ସିନ୍ଦୂର ସଧବା ସ୍ତ୍ରୀଙ୍କ ପାଇଁ ଏକାନ୍ତ ଆବଶ୍ୟକ । ସେହିଦିନ ରାତି ୪ ଟା କି ୪॥ଟା ବେଳେ ନିଦରୁ ଉଠିବା ମାତ୍ରେ ମୁଁ ଦେଖିଲି ମୋର ଏହି ଦୁର୍ବଳତା ସମ୍ପୂର୍ଣ୍ଣ ରୂପେ ଦୂର ହୋଇ ଯାଇଛି । ମୁଁ ଉତ୍ତମରୂପେ ଚିନ୍ତାକରି ସ୍ଥିରକଲି ସେ ସୁନାକାଚ ଦେବି ଏପରି ଚୁକ୍ତି ମୁଁ କରିପାରିବି ନାହିଁ । ବିବାହ ପ୍ରସ୍ତାବ ଭାଙ୍ଗିଗଲେ ଯିବ, କିନ୍ତୁ ମୁ ମୋର ପ୍ରତିଜ୍ଞା ଭାଙ୍ଗିବି ନାହିଁ । ଏହିପରି ଭାବିବା କଥା ନାରାୟଣ ବାରିକଙ୍କୁ କହିଲି ଏବଂ ସକାଳୁ ଉଠି

*

ମନକୁ ଖୁବ୍ ଦୃଢ଼କରି ଭଗିରଥ ବାବୁଙ୍କ ନିକଟକୁ ଗଲି । ତାଙ୍କ ପାଖକୁ ଯିବା ପୂର୍ବରୁ ପୂର୍ବୋକ୍ତ ବିଦ୍ୟାଧର ମହାପାତ୍ରଙ୍କୁ ଏବଂ ଭଗିରଥ ବାବୁଙ୍କର ଭଣଜାଇ କପିଳ ମିଶ୍ରଙ୍କୁ ସଙ୍ଗରେ ଡ଼ାକି ଆଣିଲି । ସେ ଦୁଇଜଣଙ୍କୁ ମୁଁ କହିଦେଇ ଥାଏ ଯେ ଭଗିରଥ ବାବୁ ବିବାହ ପ୍ରସ୍ତାବ ରଖିବେ କି ଭାଙ୍ଗି ଦେବେ କେବଳ ଏତିକି କଥା ସେମାନେ ଭଗିରଥ ବାବୁଙ୍କୁ ପଚାରିବେ ଏବଂ ତାଙ୍କଠାରୁ ହଁ କି ନାହିଁ କେବଳ ଏତିକି ଉତ୍ତର ଆଣିବେ । ମୁଁ ଅନ୍ୟ କୌଣସି କଥା କହିବି ନାହିଁ କିମ୍ବା ଶୁଣିବି ନାହିଁ । ମୋ କହିବା ଅନୁସାରେ ବିଦ୍ୟାଧର ବାବୁ ଭଗିରଥ ବାବୁଙ୍କୁ ପଚାରିଲେ, "ଆପଣ ବିବାହ ପ୍ରସ୍ତାବ ରଖିବେ କି ନାହିଁ ଏତିକି ଉତ୍ତର ବୈରାଗୀ ବାବୁ ଚାହାନ୍ତି । ସେ ଅନ୍ୟ କିଛି କଥାବାର୍ତ୍ତା କରିବେ ନାହିଁ ବୋଲି ଆମ ଦୁଇଜଣଙ୍କୁ କହି ଦେଇଅଛନ୍ତି । ହଁ କି ନାହିଁ ଆପଣ କେବଳ ଏତିକି କୁହନ୍ତୁ ।" ଭଗିରଥ ବାବୁ କହିଲେ "ମୁଁ ଘର ତିଆରି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏ ପର୍ଯ୍ୟନ୍ତ ବିଳମ୍ବ ହେଲା, ଏହି ମାଘ ମାସରେ ବିବାହ ହେବା ସ୍ଥିର କରିଛି ।

ଭଗିରଥ ବାବୁଙ୍କଠାରୁ ଏପରି ଶୁଣିବା ମାତ୍ରେ କହିଲି—"ତେବେ ପାଞ୍ଜି ମଗାଇ ଦିନ ସ୍ଥିର କରନ୍ତୁ" । ପାଞ୍ଜି ମଗାଗଲା ଓ ଦିନ ସ୍ଥିର ହେଲା । ମୁଁ ତାପରେ ଭଗିରଥ ବାବୁଙ୍କୁ ପଚାରିଲି—"ଆପଣଙ୍କ ସଙ୍ଗେ ବରଯାତ୍ରୀ କେତେଜଣ ଯିବେ ? ଆମର ସେଠାରୁ ବରଧରା ଆସିବେ କି ନାହିଁ ? ଆପଣଙ୍କ ସଙ୍ଗେ ଆପଣଙ୍କ ପୁରୋହିତ ଓ ବାହକ ଯିବେ କି ନାହିଁ ।" ଭଗିରଥ ବାବୁ କହିଲେ—"ଆମର ଏଠାରୁ ପୁରୋହିତ ବା ବାହକ କେହି ଯିବେ ନାହିଁ । ବରଯାତ୍ରୀ ୬-୭ ଜଣରୁ ଅଧିକ ଯିବେ ନାହିଁ । ସେଠାରୁ ବରଧରା ଆସିବା ଆବଶ୍ୟକ ନାହିଁ" ଇତ୍ୟାଦି ।"ମୁଁ କହିଲି ଆଜି ସକାଳେ ଯାହା ସ୍ଥିର ହେଲା ଆପଣ ତାହା ଲେଖି ଦିଅନ୍ତୁ, କାରଣ ମୋ କଥାକୁ ସତ୍ୟ ବୋଲି କେହି ଗ୍ରହଣ କରି ନ ପାରନ୍ତି । ସେ କହିଲେ – "ମୋର କଟେରିକୁ ଯିବାର ସମୟ ହେଲାଣି, ମୁଁ କଚେରିରୁ ଯାଇ ଲେଖି ପଠାଇବି ।" ମୁଁ ବାରିପଦା ଷ୍ଟେସନରେ ଟିକେଟ କାଟିବା ବେଳକୁ ତାଙ୍କର ପିଅନ ମୋତେ ଚିଠିଖଣ୍ଡି ଦେଲା । ମୁଁ ଚିଠିଖଣ୍ଡି ପାଇ ଖୁସି ହେଲି । ଚିଠିରେ ଲେଖାଅଛି—"As decided thi

morning Baradhara need not come. A letter of invitation will do. Our number won't exceed seven. Priest and barber you will arrange." ଅର୍ଥାତ୍ ବରଧରା ଆସିବା ଦରକାର ନାହିଁ, ଖଣ୍ଡେ ନିମନ୍ତ୍ରଣ ପତ୍ର ପଠାଇଦେଲେ ଚଳିବ, ପୁରୋହିତ ଓ ବାରିକ ଆପଣ ଠିକ କରିବେ" ଇତ୍ୟାଦି । ବିବାହ ଦିନ ମେଲଗାଡ଼ିରେ ବରପକ୍ଷର ସମସ୍ତେ ଆସିଲେ ଏବଂ ମୋ ବସାର ଅତି ନିକଟରେ ଠିକ୍ ହୋଇଥିବା ଗୋଟିଏ ଘରେ ରହିଲେ । ସେମାନଙ୍କର ଜଳଖିଆ ଓ ରୋଷେଇ କରିବା ପାଇଁ ମୁଁ ଜଣେ ବ୍ରାହ୍ମଣ ପୂଜାରି ସ୍ଥିର କରିଥିଲି ମାତ୍ର ସେ ଅନ୍ୟତ୍ର ଚାଲିଗଲା କାରଣ ସେଦିନ ତିଥିରେ କଟକରେ ଅନେକ ବିବାହ ହେଉଥିବାରୁ ପୂଜାରି ବ୍ରାହ୍ମଣ ମିଳୁ ନ ଥିଲେ । ସେମାନେ ସମସ୍ତେ ଆସି ମୋ ବସାରେ ଜଳଖିଆ ଓ ଚା ଖାଇଲେ । ସେମାନଙ୍କର ଖାଇବାପାଇଁ ହୋଟେଲରୁ ଆଠ ଦଶଟା ମିଲ ମଗାଇବ ବୋଲି ସ୍ଥିର କଲି ମାତ୍ର ମୋ ବସା ନିକଟରେ ରହିଥିବା ଶ୍ରୀ ଜଗନ୍ନାଥ ରାଓ ଏବଂ ସାରସ୍ୱତ ପ୍ରେସର ଶ୍ରୀ ବାଳକୃଷ୍ଣ କର ପ୍ରଭୃତି କେତେଜଣ ଭଦ୍ରଲୋକ ମୋତେ ତାହା କରିବାକୁ ବାରଣ କଲେ ଏବଂ ସେମାନଙ୍କ ପାଇଁ ରୋଷେଇର ବନ୍ଦୋବସ୍ତ କରିଦେଲେ । ବାଳକୃଷ୍ଣ ବାବୁଙ୍କର ପୂଜାରି ରୋଷେଇ କଲା । ବର ଓ ବରଯାତ୍ରୀମାନଙ୍କର ରେଳ ଭଡ଼ା ମୁଁ ଭଗିରଥ ବାବୁଙ୍କୁ ଯାଚିଲି । ସେ ତାହା ନେଲେ ନାହିଁ । ସେ କହିଲେ—"ରେଳ ଭଡ଼ା ନେବା ମୋ ପକ୍ଷରେ ନିନ୍ଦାର କଥା, ଆପଣ ଯଦି କିଛି ଦେବାକୁ ଇଚ୍ଛା କରୁଛନ୍ତି ତେବେ ବର ପାଇଁ ଗୋଟିଏ ରିଷ୍ଟୱାଚ ଦେଲେ ଭଲ ହେବ ।" ମୁଁ ରିଷ୍ଟୱାଚର ମୂଲ୍ୟ ପଚାରିଲି । ତାଙ୍କର ଜଣେ ଜ୍ୱାଇଁ ବ୍ରହ୍ମାନନ୍ଦ ଦାସ ତାଙ୍କ ହାତରେ ପିନ୍ଧିଥିବା ରିଷ୍ଟୱାଚ ଦେଖାଇଲେ ଏବଂ କହିଲେ ଏହି ରିଷ୍ଟୱାଚର ମୂଲ୍ୟ ଟ ୫୦ ୲ ମୁଁ ବ୍ରହ୍ମାନନ୍ଦ ବାବୁଙ୍କୁ ଟ ୫୦ ୲ ଦେଲି ଏବଂ ରିଷ୍ଟୱାଚଟିଏ ସେ କିଣି ଆଣିଲେ । "ଆଦର୍ଶ ହିନ୍ଦୁ ବିବାହ" ଶୀର୍ଷକ ନିମନ୍ତ୍ରଣ ପତ୍ର ଛପାଯାଇ ବ୍ରାହ୍ମଣ ଓ ଅବ୍ରାହ୍ମଣ ଅନେକ ଭଦ୍ରଲୋକଙ୍କୁ ନିମନ୍ତ୍ରଣ କରାଗଲା । ପ୍ରାୟ ଦିନ ୧୨ ଟା ବେଳେ ଭଗିରଥ ବାବୁ ମୋତେ କହିଲେ—"ବରର ଯିବା ସକାଶେ ଆପଣ ମଟରଟିଏ ଠିକ୍ କରିଅଛନ୍ତି ତ ? ମୁଁ କହିଲି—"ନାଁ, ମୁଁ ମଟର ଠିକ୍ କରି ନାହିଁ, ମୋର ବସା ଅତି ନିକଟରେ ଥିବାରୁ ଏବଂ ବର ଓ ବରଯାତ୍ରୀ

ସମସ୍ତେ ମୋ ବସା ବାଟେ ଯିବା ଆସିବା କରୁଥିବାରୁ ମଟର ଠିକ୍ କରିବା ମୁଁ ଆବଶ୍ୟକ ମନେ କରୁନାହିଁ ।" ସେ କହିଲେ—"ମଟର ଖଣ୍ଡିଏ ବନ୍ଦୋବସ୍ତ କରିବାକୁ ହେବ, ସେତକ ନକଲେ ଲୋକେ ଉପହାସ କରିବେ ।" ହରମୋହନ ପଟ୍ଟନାୟକ ଓ ସୂର୍ଯ୍ୟକାନ୍ତ ରାଓ ଏମାନେ ମୋର ପରିଚିତ ବନ୍ଧୁ । ମଟର ସକାଶେ ଏମାନଙ୍କ ନିକଟକୁ ସମ୍ବାଦ ଦେଲି । ମାତ୍ର ସେମାନଙ୍କଠାରୁ ମଟର ମିଳିଲା ନାହିଁ । ମଟର ନପାଇବାରୁ ମୁଁ ମନ କଷ୍ଟରେ ଆମ ବସା ଆଗରେ ସଡ଼କରେ ବୁଲୁଥାଏ । ଦୈବାତ୍ ବିବାହ ସମୟର ପ୍ରାୟ ଅଧଘଣ୍ଟା ପୂର୍ବେ ମୋର ଜଣେ ପରିଚିତ ବନ୍ଧୁ ଢେଙ୍କା-ନାଳର ଶ୍ରୀ ଚନ୍ଦ୍ରଧର ମିଶ୍ର ନିଜର ମଟର ନେଇ ସେହି ବାଟରେ ଆସୁଥିଲେ ମୁଁ ତାଙ୍କୁ ମଟର ବନ୍ଦ କରିବାକୁ ହାତ ଠାରିବାରୁ ସେ ମଟର ରଖିଲେ ଏବଂ ମୋର ଅନୁରୋଧ ଅନୁସାରେ ବରକୁ ମଟରରେ ଆଣି ମୋ ବସାରେ ଛାଡ଼ିଦେଲେ । ନିମନ୍ତ୍ରଣ ପତ୍ର ଅନୁସାରେ ଠିକ୍ ଦିନ ୨ଟା ବେଳେ ବିବାହ କର୍ମ ଆରମ୍ଭ ହେଲା । ବ୍ରାହ୍ମଣ ସମାଜରେ ଏହା ପ୍ରଥମ ଯୁବତୀ ବିବାହ ହେଉଥିବାରୁ ତାହା ଦେଖିବାକୁ ଅନେକ ଲୋକ ଆସିଥିଲେ । ବିବାହ ବେଦୀ ନିକଟରେ ଉପସ୍ଥିତ ଥିବା କେତେ ଜଣ ବ୍ରାହ୍ମଣ ଭଦ୍ରଲୋକ ପଚାରିଲେ—"ଚତୁର୍ଥୀ, ସପ୍ତମଙ୍ଗଳା, ବର୍ଷବୃଦ୍ଧି ଇତ୍ୟାଦି କର୍ମ ସବୁ କଣ ଲୋପ ହୋଇଯିବ ?" ମୁଁ କହିଲି—"ପୁରୋହିତ ଏହି ବେଦୀରେ ସବୁକର୍ମର ସବୁ ମନ୍ତ୍ର ବୋଲି ଯାଆନ୍ତୁ ।"

ଏହି ବିବାହର ଅଳ୍ପଦିନ ପୂର୍ବରୁ ୧୯୩୨ ସାଲରେ ମୁଁ ବାଲ୍ୟ-ବିବାହ ବିରୁଦ୍ଧରେ ଗୋଟିଏ ମୋକଦ୍ଦମା କରିଥିଲି ଏବଂ ସେହି ମୋକ-ଦ୍ଦମାରେ ମାଜିଷ୍ଟ୍ରେଟ ମାରଉଡ୍ ସାହେବ ବର ପିତା ଓ କନ୍ୟା ପିତାଙ୍କୁ ଶହେଟଙ୍କା ଜୋରିମାନା କରିଥିଲେ ଏବଂ ସେହି ଶହେଟଙ୍କା ନାରୀମଙ୍ଗଳ ସମିତିକୁ ସେ ପୁରସ୍କାର ସ୍ୱରୂପ ଦେଇଥିଲେ । ତେଣୁ ଯୁବତୀ ବିବାହ ସକାଶେ କେହି କୌଣସି ଆପତ୍ତି ନକରି ମୋର ଭାଇବନ୍ଧୁମାନେ ସମସ୍ତେ ଯୋଗ ଦେଇଥିଲେ ।

ବିବାହ ପୂର୍ବରୁ କନ୍ୟା ଯେପରି ମୁଣ୍ଡରେ ଲୁଗା ନଦେଇ ବେକ ପାଖରେ ଲୁଗା ରଖିଥିଲା ବିବାହ ବେଦୀରେ ମଧ୍ୟ ସେହିପରି ବସିଲା ।

ଏହା ଉପସ୍ଥିତ ଅନେକଙ୍କର ଦୃଷ୍ଟିକଟୁ ହେଲା । ଏଥିପାଇଁ ଅନେକ ଲୋକ ମୋତେ ଅନେକ କଥା କହିଲେ, ବ୍ରାହ୍ମ ସମାଜର ସୁକାନ୍ତ ରାଓ ଏବଂ ରଘୁନାଥ ରାଓ କହିଲେ—"ଆମ ସମାଜରେ କମ୍ବା ଖ୍ରୀଷ୍ଟିଆନ୍ ସମାଜରେ ବିବାହ ବେଦୀରେ କନ୍ୟାମାନେ ମୁହଁରେ ଲୁଗା ନଦେଲେ ମଧ୍ୟ ମୁଣ୍ଡରେ ଲୁଗାଦେଇ ବସନ୍ତି । ଆପଣ ତାହା କରିବା ଉଚିତ ଥିଲା । ଆପଣ ସେ ସମସ୍ତଙ୍କୁ ଏଡ଼ି ଦେଇ ସ୍ୱତନ୍ତ୍ର ବାଟରେ ଗଲେ ।" ମୁଁ କହିଲି, ମୁଁ କୌଣସି ସମାଜର ଅନ୍ଧାନୁସରଣ କରୁନାହିଁ ଓ କରିବି ନାହିଁ । ବିବାହ ପୂର୍ବରୁ କନ୍ୟା ଯେପରି ଥିଲା ବେଦୀ ଉପରେ ଠିକ୍ ସେହିପରି ରହିବ ନାହିଁ କାହିଁକି ? ବେଦୀରେ ବସିବାବେଳେ କନ୍ୟାକୁ ମୁଣ୍ଡରେ ଲୁଗା ଦେବାପାଇଁ ଶିକ୍ଷା ଦିଆଯିବ କାହିଁକି ? ମୁଁ କହେଁ ସ୍ତ୍ରୀଲୋକମାନେ ଯେ ଓଢ଼ଣା ଦେଇ ଅଛନ୍ତି ତାର ଉତ୍ପତ୍ତି ହେଉଛି ବିବାହ ବେଦୀରୁ । ଓଢ଼ଣା ପ୍ରଥାର ମୂଳୋତ୍ପାଟନ କରିବା ପାଇଁ ଏବଂ ବିବାହର ପବିତ୍ରତା ରକ୍ଷା କରିବା ଅଭିପ୍ରାୟରେ ମୁଁ ଏହା କରିଅଛି ।" ଏହିପରି ଭାବରେ ନିଶାମଣିର ବିବାହ କର୍ମ ନାରୀ-ମଙ୍ଗଳ ଆଶ୍ରମରେ ସମ୍ପନ୍ନ ହେଲା । ସେତେବେଳେ ନାରୀମଙ୍ଗଳ ଆଶ୍ରମରେ ୫।୬ଟି ବିବାହ କନ୍ୟା ରହିଥିଲେ ଏବଂ ବିବାହ ଦିନ ଖିଆବେଳେ ଜେମା ବୋଲି ଗୋଟିଏ ୨୦-୨୧ ବର୍ଷର ବିଧବା କନ୍ୟା ଆସି ପହଞ୍ଚିଲା ଓ ଆଶ୍ରମରେ ରହିଲା ।

ବିବାହ ପ୍ରସ୍ତାବ ସ୍ଥିର ହେବାବେଳେ ମୁଁ ଭଗିରଥ ବାବୁଙ୍କ ସଙ୍ଗେ ସ୍ଥିର କରିଥିଲି ଯେ, ବିବାହର ପରଦିନ ସମସ୍ତେ ଝିଅ ପଠାନ୍ତି । ଏହା କନ୍ୟା ପିତା ପକ୍ଷରେ ସୁବିଧାଜନକ ନୁହେଁ । ସେଥିପାଇଁ ଏବଂ ଅନ୍ୟ କେତେକ କାରଣରୁ ମୁଁ ଏହି ପ୍ରଥାର ଅନ୍ଧାନୁସରଣ ନକରି ମାସେ ଦୁଇମାସ ପରେ ମୋର ସୁବିଧା ଅନୁସାରେ ଝିଅ ପଠାଇବି । ବିବାହର ପରଦିନ ବର ଓ ବରପକ୍ଷର ସମସ୍ତେ ବାରିପଦାକୁ ଫେରିଲେ । ଫେରିବା ବେଳେ ମୁଁ ଭଗିରଥ ବାବୁଙ୍କୁ ପଚିଶ ଟଙ୍କା ଦେଇ କହିଦେଲି ଯେ ଏତିକି ଟଙ୍କାରେ ସେ ଯାହା ଆବଶ୍ୟକ ମନେ କରିବେ ତାହା କରିବେ । ଝିଅକୁ ପଠାଇବା ବେଳେ ମୁଁ ଏଠାରୁ କିଛି ନେବି ନାହିଁ । ଲୋକେ ପାଞ୍ଜି ଦେଖି ପାଞ୍ଜିରେ ଲେଖାଥିବା ତିଥିରେ ଝିଅ ପଠାନ୍ତି । ଏହି ପ୍ରଥାର ଅନ୍ଧାନୁସରଣ ମୁଁ କରେ ନାହିଁ । ବିବାହର

ଯାତ୍ରା ଦୁଇସପ୍ତାହ ପରେ ଭୋଜନୁଷ୍ଠିରେ ମୁଁ ହିଁଅଲୁ ନେଇ ଯାଉଥିଲା ଗଲି । ବାଣପୁର ଷ୍ଟେସନରେ ଚନ୍ଦ୍ରଶେଖରବାବୁ ଠିକ୍ ମୁଦେଙ୍କ ନମସ୍କାର କରି ନେଇ ହାତରେ ଥିବା ଲୁଗାକୁ ଟାଣି ଏପରି ଭାବରେ ମୁଣ୍ଡରେ ଦେଲେ ଯେ, ମୁଁ ସେପରି ମୁଣ୍ଡରେ ଲୁଗା ଦେବା ଜାଣିବି ନାହିଁ । ତାଙ୍କର ସେ ମନେ କରିଥିଲେ ଯେ, ମୁଣ୍ଡରେ ଲୁଗା ଦେବାରେ ମୁଁ ଆପତ୍ତି କରି-ପାରେ । ମୁଁ କିଛି ନ ଜାଣିଲା ପରି ରହିଲି । କାରଣ ଏହା ସ୍ୱାଭାବିକ ।

ବିବାହ ପ୍ରସ୍ତାବ ସ୍ଥିର କଲାବେଳେ ଭଗିରଥ ବାବୁଙ୍କୁ ମୁଁ କହିଥିଲି ଯେ, ବୋହୂପାଇଁ ସେ ସିଲ୍କ ବମ୍ବା ପାଟଶାଢ଼ୀ ନଆଣି ଖଣ୍ଡେ ସୂତାଶାଢ଼ୀ ଆଣିବେ ଏବଂ ମୁଁ ମଧ୍ୟ ଜ୍ୱାଇଁଙ୍କ ସକାଶେ ଖଣ୍ଡେ ସୂତା ଲୁଗା ନେବି । ଏହି କଥା ଭୁଲି ଯାଇ ଜ୍ୱାଇଁଙ୍କ ସକାଶେ ମୁଁ ଖଣ୍ଡେ ସିଲ୍କ ଲୁଗା ନେଇଥିବାରୁ ଭଗିରଥ ବାବୁ ମୋ ଠାରେ ଦୋଷାରୋପ କରିଥିଲେ ଏବଂ ମୁଁ ଦୋଷ ସ୍ୱୀକାର କରିଥିଲି ।

## ନାରୀମଙ୍ଗଳ ସମିତି ଓ ବାଲ୍ୟବିବାହ ମୋକଦ୍ଦମା

୧୯୩୦ ସାଲରେ ନାରୀମଙ୍ଗଳ ସମିତି ନାମରେ ଗୋଟିଏ ସମିତି ସ୍ଥାପନ କଲି । ଏହି ସମିତିର ଉଦ୍ଦେଶ୍ୟ ରହିଲା :—

୧ । ଗହଣାରେ ଓ ନ୍ୟାସ ନିମିତ୍ତରେ ଅଯଥା ଅପବ୍ୟୟରୁ ନିବୃତ୍ତି ।

୨ । ଓଢ଼ଣା ଓ ପରଦା ପ୍ରଥା ବିରୁଦ୍ଧରେ ସଂଗ୍ରାମ ।

୩ । ଯୌତୁକ ଦାନ ନେବା ପ୍ରଥାର ନିରାକରଣ ।

୪ । ନାରୀଜାତିର ଅସହାୟତା ଦୂରୀକରଣ ।

୫ । କୁଟୀର ଶିଳ୍ପର ପ୍ରଚାର ।

ଏହି ସମିତି ସ୍ଥାପନ କରିବାର ଅଳ୍ପଦିନ ପରେ ବାଲ୍ୟବିବାହ ନିରୋଧ ଆଇନ୍ (ଶାରଦା ଆଇନ୍) ଗୃହୀତ ହେଲା । ଏହି ଆଇନ୍ ଗୃହୀତ ହେବା ପରେ ଅଳ୍ପ କେତେକଜଣ ଶିକ୍ଷିତ ବ୍ୟକ୍ତି ଯେଉଁ ଯୁବତୀ ବିବାହର ଆର୍ଜି ଦେଖାଇଥାନ୍ତି ସେମାନେ ମୋକଦ୍ଦମାର ସାହାଯ୍ୟ ନେବାକୁ ମୋତେ ଖୋଜି ନ ଥାନ୍ତି । ମାତ୍ର ଏହି ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଆଇନ ଲଙ୍ଘନ କରି ପୂର୍ବପରି ବାଲ୍ୟବିବାହ କରୁଥିବା ଦେଖି କଟକ ମାଜିଷ୍ଟ୍ରେଟ ସାହେବଙ୍କ କୋର୍ଟରେ କେତୋଟି ବାଲ୍ୟବିବାହ ମୋକଦ୍ଦମା ଦାଏର କରିବାକୁ ମୁଁ ବାଧ୍ୟ ହେଲି । ପ୍ରଥମ ମୋକଦ୍ଦମା ଦାଏର କରିବା ପୂର୍ବ ୨—୩ ଜଣ ଭଦ୍ରଲୋକଙ୍କ ସଙ୍ଗେ ପରାମର୍ଶ କରି ଏବଂ ମୋତେ ସାହାଯ୍ୟ ଦେବାକୁ କହିଲି । ସେମାନେ କହିଲେ—"ସମାଜରେ ମୋର ପପୁଲାରିଟି Popularity* ନଷ୍ଟ ହୋଇଯିବ ଅର୍ଥାତ୍ ମୋ ଉପରେ ଲୋକଙ୍କର ଯେଉଁ ଭଲ ଧାରଣା ଥିଲା ତାହା ଆଉ ରହିବ ନାହିଁ । ଜଣେ ଭଦ୍ରଲୋକ ମୋତେ କହିଲେ—"ମୋକଦ୍ଦମା କଲେ ଆପଣଙ୍କୁ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ । କାହାରି କଥା ମୁଁ ମାନିଲି ନାହିଁ । ବାଲୁ-ବଜାରରେ ଉତ୍କଳ ଟ୍ୟାନେରୀ ଜୋତା ଦୋକାନ ଚଳାଉଥିବା ଶ୍ରୀ ଶ୍ୟାମ-ଚରଣ ଚଉଧୁରୀ ମୋତେ ଅନେକ ସାହାଯ୍ୟ କରିଅଛନ୍ତି । କୌଣସି ଧର୍ମ

ଲୋକ ଜମ୍ୱା କୌଣସି ଲୋକ ବିରୁଦ୍ଧରେ ମୋକଦ୍ଦମା କଲେ ପ୍ରମାଣ ଦେବା କଠିନ ହେବା ଜାଣି ମଫସଲରେ କୌଣସି ଗରିବ ଲୋକ ବିରୁଦ୍ଧରେ ମୋକଦ୍ଦମା କରିବାକୁ ସ୍ଥିର କଲି । ମୋକଦ୍ଦମାରେ ଯେଉଁ ଲୋକ ମୁଦ୍ଦଇ ହେବ କନ୍ୟାକୁ ତାର ଦେଖିଥିବା ଆବଶ୍ୟକ ହେବାରୁ ଓକିଲ କହିଲେ । ସରକାରୀ ଚାକିରି କରୁଥିବାରୁ ପୂର୍ବୋକ୍ତ ଶ୍ୟାମ ବାବୁଙ୍କୁ ନାରୀମଙ୍ଗଳ ସମିତି ତରଫରୁ ମୁଦ୍ଦଇ ହେବାକୁ ସ୍ଥିର କଲି ।

ମଫସଲରେ ଜଣେ ଗରିବ ବ୍ରାହ୍ମଣ ତାର କନ୍ୟାକୁ ବାଲ୍ୟ ବିବାହ ଦେଇଥିବାର ସମ୍ବାଦ ପାଇ ମୁଁ ଓ ଶ୍ୟାମ ବାବୁ କନ୍ୟାକୁ ଦେଖିବା ପାଇଁ ସେଠାକୁ ଗଲୁଁ । ସେଠାକୁ ଯିବାକୁ ହେଲେ ଗୋଟିଏ ବଡ଼ ପାଠ ମଝିରେ ଚାଲି ଚାଲି ଯିବାକୁ ପଡ଼େ । ଆମେ ଦୁହେଁ ସନ୍ଧ୍ୟା ସମୟରେ ସେହି ଗ୍ରାମରେ ପହଞ୍ଚିଲୁଁ । କନ୍ୟା ଘରକୁ ଯାଇ କନ୍ୟା ପିତାକୁ କଣ କହିବା ଓ କନ୍ୟାକୁ କିପରି ଦେଖିବା କିଛି ସ୍ଥିର କରି ପାରିଲୁ ନାହିଁ । କନ୍ୟା ଘରେ ପହଞ୍ଚିବା ପରେ ଶ୍ୟାମବାବୁ କନ୍ୟା ପିତାକୁ କହିଲେ—'ଆମେ ବାଟ ଭୁଲିଯାଇ ଏଠାକୁ ଚାଲି ଆସିଲୁଁ । କେଉଁବାଟେ ଗଲେ ଆମେ ସଡ଼କ ପାଇବୁ ଆପଣ ଟିକେ ଦେଖାଇ ଦିଅନ୍ତୁ । କନ୍ୟା ପିତା ଆମ ଦୁହିଁଙ୍କୁ ଜଳଖିଆ ଓ ପାନ ଦେଇ ବସାଇଲେ । କନ୍ୟାକୁ କୌଶଳରେ ଆମେ ଦେଖି ପାରିଲୁଁ ଏବଂ କନ୍ୟା ପିତାଠାରୁ ସେହି କନ୍ୟାର ବିବାହ କଥା ବୁଝିଲୁଁ । ଆମ ସଙ୍ଗେ କିଛି ବାଟ ଆସି କନ୍ୟା ପିତା ଆମକୁ ବାଟ ଦେଖାଇ ଦେଲେ । ଆମେ ଦୁହେଁ ରାତିରେ ପାଠ ମଝିରେ ଫେରିବା ବେଳେ ବାଟ ଭୁଲିଯାଇ ଅନେକ କଷ୍ଟ ଭୋଗ କଲୁଁ । ସୁବିଧାରେ ପ୍ରମାଣ କରି ହେବ ନାହିଁ ଜାଣିପାରି ସେ ମୋକଦ୍ଦମା ଦାଏର କଲୁ ନାହିଁ । ଧାନମଣ୍ଡଳ ଷ୍ଟେସନ ନିକଟରେ ଶାସନ ପୁରୁଷୋତ୍ତମପୁର ଗ୍ରାମରେ ଜଣେ ବ୍ରାହ୍ମଣ ତାର କନ୍ୟାକୁ ବାଲ୍ୟ ବିବାହ ଦେଇଥିଲେ । ସେହି ଲୋକ ବିରୁଦ୍ଧରେ ପ୍ରଥମ ମୋକଦ୍ଦମା ଦାଏର କରାଗଲା । ସରକାରୀ ଚାକିରି କରୁଥିବାରୁ ମୁଁ ମୁଦ୍ଦଇ ହୋଇ ପାରିଲି ନାହିଁ । ତେଣୁ ନାରୀମଙ୍ଗଳ ସମିତିର ମେମ୍ବର ଭାବରେ ନାରୀମଙ୍ଗଳ ସମିତି ତରଫରୁ ଶ୍ୟାମବାବୁ ମୋକଦ୍ଦମା ଦାଏର କଲେ । ଏହି ମୋକଦ୍ଦମା ମାଉଣ୍ଡ ସାହେବ ବିଚାର କରି ବରପିତା ଓ କନ୍ୟା ପିତାଙ୍କୁ ଶହେଟଙ୍କ

ଜୋରିମାନା କଲେ ଏବଂ ଏହି ଶହେଟଙ୍କା ନାରୀମଙ୍ଗଳ ସମିତିକୁ ପୁରସ୍କାର ଦେଲେ ।

ଏହି ମୋକଦ୍ଦମାରେ ଶହେଟଙ୍କା ଜୋରିମାନା ହୋଇଯିବା ପରେ ବାଲ୍ୟବିବାହ କରିବାକୁ ଲୋକେ ଭୟ କଲେ । ଅନେକ ଶିକ୍ଷିତ ଲୋକ ମଧ୍ୟ ବାଲ୍ୟବିବାହ କରିବା ପାଇଁ ମୋର ଅନୁମତି ମାଗିଲେ ଏବଂ କେହି କେହି ସେଥିପାଇଁ ମୋତେ ଟଙ୍କା ଯାଚିଲେ । କଟକର କେତେ ବୁଢ଼ା ବୁଢ଼ୀ ମୋ ବସାକୁ ଆସି ମୋର ଗୋଡ଼ତଳେ ପଡ଼ିଲେ ଏବଂ କହିଲେ—"ମୁଁ ସବୁ ସଜିଲ କରି ସାରିଲଣି, ବିବାହ ଆଉ ୪।୫ ଦିନ ଅଛି । ମୁଁ ମରି-ଯିବା ପୂର୍ବରୁ ନାତୁଣୀର ବିବାହ ଦେଖି ପାରିବି ନାହିଁ ଇତ୍ୟାଦି । ଏହିସବୁ ଘଟଣାରେ ମୋତେ ବିଶେଷ ଦୁଃଖ ଅନୁଭବ କରିବାକୁ ହୋଇଥିଲା । ମାତ୍ର ସମସ୍ତେ ହତାଶ ହୋଇ ଫେରିଲେ । କିଛିଦିନ ପର୍ଯ୍ୟନ୍ତ ଭୟରେ ମୁଁ ରାତିରେ ବସାରୁ ବାହାରି ପାରିଲି ନାହିଁ ।

କିଛିଦିନ ପରେ ଆଉ ଗୋଟିଏ ମୋକଦ୍ଦମା ଦାଏର କରିବାକୁ ବାଧ ହେଲି । ଏହି ବିବାହରେ ବରର ବୟସ ଥିଲା ୫୦ ବର୍ଷରୁ ଅଧିକ । ଗୋଟିଏ ୧୦-୧୧ ବର୍ଷର କନ୍ୟାକୁ ସେ ବିବାହ କରିଥାନ୍ତି । ମାଜିଷ୍ଟ୍ରେଟ୍ ବି. କେ. ଶର୍ମା ଏହି ମୋକଦ୍ଦମା ବିଚାର କରି ବରକୁ ଶହେଟଙ୍କା, କନ୍ୟାପିତାକୁ ଶହେ ଟଙ୍କା ଏବଂ ପୁରୋହିତ ଓ ବାରିକ ପ୍ରତ୍ୟେକଙ୍କୁ ଟ ୫୦୲ ଏ ରୂପ ତିନିଶହ ଟଙ୍କା ଜୋରିମନା କଲେ ଏବଂ ଏହି ଟଙ୍କାରୁ ଶହେ ଟଙ୍କା ନାରୀ ମଙ୍ଗଳ ସମିତିକୁ ପୁରସ୍କାର ଦେଲେ । ସେହି ଶର୍ମା ସାହେବଙ୍କ କୋର୍ଟରେ ଆଉ ଗୋଟିଏ ମୋକଦ୍ଦମା ଦାଏର କଲି । ମୁଦାଲମାନଙ୍କ ଘର ଅଡ଼ଙ୍ଗ ଶାସନରେ । ବିବାହ କର୍ମ ଆଦୌ ହୋଇ ନାହିଁ ବୋଲି ସେମାନେ ଜବାବ ଦେଲେ । ଶର୍ମା ସାହେବ ଜାଣି ପାରିଲେ ଯେ, ଏହି ମୋକଦ୍ଦମା ପ୍ରମାଣ କରି ହେବ ନାହିଁ । କାରଣ ହିନ୍ଦୁ ଆଇନ ଅନୁସାରେ ବିବାହ କର୍ମ ସମ୍ପନ୍ନ ହୋଇଅଛି ବୋଲି ପ୍ରମାଣ କରିବାକୁ ହେଲେ ସପ୍ତପଦୀ ଓ ବିବାହ ହୋମ ହୋଇଅଛି ବୋଲି ପ୍ରମାଣ ଦେବା ଏକାନ୍ତ ଆବଶ୍ୟକ । ଏହି ମୋକଦ୍ଦମାରେ ପୂର୍ବୋକ୍ତ ଶ୍ୟାମ ବାବୁ ମୁଦେଇ ଥିଲେ । ଶର୍ମା ସାହେବ ଏହି ମୋକଦ୍ଦମା ଉଠାଇ ନେବାକୁ ଶ୍ୟାମ ବାବୁଙ୍କୁ କହିଲେ ।

*

ଭୀମ ବାବୁ ମୋତେ ପଚାରିବାକୁ ଆସିଲେ । ମୁଁ ଖୁବ୍ ବଡପାଟିରେ କହିଲି—"ମୁଦାଲମାନେ ଖଲାସ ହେଲେ ହେବେ, ତୁମ୍ଭେ ମୋକଦ୍ଦମା ଉଠାଅ ନାହିଁ । ଶର୍ମା ସାହେବଙ୍କ କଥା ମୁଁ ମାନି ପାରିବି ନାହିଁ । ଶର୍ମା ସାହେବ ମୋ କଥା ଶୁଣି ପାରିଲେ । ସେ ଭୀମ ବାବୁଙ୍କୁ ପ୍ରକୃତ କଥା ବୁଝାଇ ଦେଲେ ଏବଂ ଭୀମ ବାବୁ ବୁଝିପାରି ମୋକଦ୍ଦମା ଉଠାଇ ନେଲେ । ଅଳ୍ପଦିନ ପରେ ଶର୍ମା ସାହେବ ପୁରୀକୁ ବଦଳି ହେଲେ ଏବଂ ବି. ସି. ମୁଖର୍ଜି ମାଜିଷ୍ଟ୍ରେଟ ରହିଲେ । ମୁଖର୍ଜି ସାହେବଙ୍କ କୋର୍ଟରେ କେତେଗୁଡ଼ିଏ ମୋକଦ୍ଦମା ଦାଏର ହେଲା । ସବୁ ମୋକଦ୍ଦମାରେ ମୁଦାଲମାନଙ୍କୁ ଜୋରିମାନା ହେଲା । ପ୍ରତ୍ୟେକ ମୋକଦ୍ଦମାରେ ମୁଖର୍ଜି ସାହେବ କେବେ ଟ ୨୫ ୲ କେବେ ଟ ୨୦ ୲ କେବେ ଟ ୧୫ ୲ ନାଗମଙ୍ଗଳ ସମିତିକୁ ମୋକଦ୍ଦମାର ଖର୍ଚ୍ଚ ସ୍ୱରୂପ ଦେଲେ । ନାଗମଙ୍ଗଳ ସମିତିକୁ ଟଙ୍କା ମିଳୁଥିବା ଜାଣିପାରି ଶର୍ମା ସାହେବ ପୁରୀରେ ମାଜିଷ୍ଟ୍ରେଟ ଥିବାବେଳେ ଜଣେ ଲୋକ ମୋତେ ନ ଜଣାଇ ନିଜକୁ ନାଗମଂଗଳ ସମିତିର ମେମ୍ବର ବୋଲି ଲେଖି ନିଜେ ମୁଦେଇ ହୋଇ ଗୋଟିଏ ମୋକଦ୍ଦମା ଦାଏର କଲେ । ଏହି ମୋକଦ୍ଦମାରେ ନାଗମଂଗଳ ସମିତିକୁ ଶହେ ଟଙ୍କା ଦେବାକୁ ଶର୍ମା ସାହେବ ମୁଦାଲମାନଙ୍କୁ କହିଲେ । ମୁଦାଲମାନେ ତାଙ୍କ କଥା ମାନି ଶହେ ଟଙ୍କା ଦେଲେ । ଶର୍ମା ସାହେବ କଟକରେ ଥିବାବେଳେ ମୋର ଉଦ୍ଦେଶ୍ୟ ଏବଂ ନାଗମଂଗଳ ସମିତି ଯେ ଏକା ମୁଁ ଏକଥା ବୁଝିଥିଲେ । ସେ ମୁଦାଲକୁ କହିଲେ—"ତୁମ୍ଭେ ନାଗମଂଗଳ ସମିତିର ସମ୍ପାଦକ ବୈରାଗୀ ବାବୁଙ୍କୁ ଡାକି ଆଣିଲେ ଏହି ଶହେ ଟଙ୍କା ମୁଁ ନିଜେ ତାଙ୍କୁ ଦେବି ।" ମୁଦେଇ ବିଚରା ବାଧ ହୋଇ ସେହି ରାତିରେ ମୋ ପାଖକୁ ଆସି ନାଗମଂଗଳ ସମିତିର ଜଣେ ମେମ୍ବର ହେବାକୁ ମୋତେ କହିଲେ । ମେମ୍ବର ହେବାକୁ ହେଲେ ଏକ ଟଙ୍କା ଦେବାକୁ ହୁଏ । ସେ ଏହି ଏକ ଟଙ୍କା ଦେଇ ମୋଠାରୁ ଖଣ୍ଡେ ଛାପା ରସିଦ ପାଇବା ପରେ ମୋତେ ଏହିସବୁ କଥା କହିଲେ । ମୁଦେଇ ସଙ୍ଗରେ ମୁଁ ପୁରୀକୁ ଯାଇଁ ଶର୍ମା ସାହେବଙ୍କଠାରୁ ପୂର୍ବୋକ୍ତ ଶହେ ଟଙ୍କା ଆଣିଲି । ମୁଦେଇର ଏପରି ପ୍ରତାରଣା ବିଷୟ ଶର୍ମା ସାହେବଙ୍କୁ କିଛି କହିଲି ନାହିଁ । ମୁଦେଇ ବିଶେଷ ଅନୁରୋଧ କରିବାରୁ ସେହି ଶହେ ଟଙ୍କାରୁ ମୁଦେଇକୁ ତିରିଶି ଟଙ୍କା ଦେଲି ।

କେତେ ମୋକଦ୍ଦମାରେ ଲୋକେ ଜାଲ୍ ଜାତକ ଦେଖାଇ କନ୍ୟାର ବୟସ ୧୪ ବର୍ଷ ବୋଲି ଜବାବ ଦେଲେ ସେସବୁ କନ୍ୟାମାନଙ୍କୁ ଡାକ୍ତର-ପରୀକ୍ଷା ସକାଶେ ପଠାଯାଉ ବୋଲି ଆମ ତରଫରୁ କୁହାଯାଏ । ଏପରି ଗୋଟିଏ ମୋକଦ୍ଦମା ବିଚାର କରୁଥିଲେ ମାଜିଷ୍ଟ୍ରେଟ କାର୍ତ୍ତିକଚନ୍ଦ୍ର ଚନ୍ଦ୍। ବ୍ରାହ୍ମଣ ଘରର ସଦ୍ୟ ବିବାହିତା ଝିଅମାନଙ୍କୁ ଡାକ୍ତରପରୀକ୍ଷା ସକାଶେ ପଠାଯାଇ ଏପରି ହଟହଟା କରିବା ତାଙ୍କୁ ବୋଧହୁଏ ଭଲ ଲାଗିଲା ନାହିଁ। ସେ ମୋତେ ତାଙ୍କ କୋର୍ଟକୁ ଡାକିନେଲେ ଏବଂ ମୋ ଉପରେ ରାଗିଯାଇ ମୋତେ ପଚାରିଲେ—"ନାରୀମଂଗଳ ସମିତି କରିବାକୁ ତୁମେ [illegible]ଲର କମ୍ବା କମିସନରଙ୍କ କାହାଠାରୁ ଅନୁମତି ପାଇଅଛ କି ? ମୁଁ କହିଲି—"କାହାଠାରୁ ଅନୁମତି ଆଣିବାର କୌଣସି ଆବଶ୍ୟକତା ମୁଁ ଅନୁଭବ କରୁନାହିଁ ।

ମୁଁ ଏକା ନାରୀମଙ୍ଗଳ ସମିତି ଏବଂ ମୁଁ ନିଜେ ମୋତେ ଏହି ସମିତିର ସମ୍ପାଦକ କରିଅଛି । ସମିତିର ପରିଚାଳନା ପାଇଁ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ କେବେ କୌଣସି ସଭା-ସମିତି ବସିନାହିଁ ଓ ବସିବ ନାହିଁ । ମୋର ନିଜ ପରିବାରର ମଂଗଳ ପାଇଁ ମୁଁ ଯେପରି କାର୍ଯ୍ୟ କରୁଛି, ଠିକ୍ ସେହିପରି ମୋର ସମାଜର ମଙ୍ଗଳ ପାଇଁ ମଧ୍ୟ କାର୍ଯ୍ୟ କରୁଛି ଇତ୍ୟାଦି ।" କାର୍ତ୍ତିକ ବାବୁ ମୋ ଉପରେ ରାଗିଯାଇ ମୋତେ ବିଦାୟ ଦେଲେ । ତାପରେ ଅନୁସନ୍ଧାନ କରି ସେ ବୁଝିଲେ ଯେ, ମୋର ଏପରି କହିବା ଅର୍ଥାତ୍ ମୁଁ ଯେ ଏକା ନାରୀମଂଗଳ ସମିତି, ଏହା ସମ୍ପୂର୍ଣ୍ଣ ସତ୍ୟ । ତେଣୁ ସେ ମୋ ବିରୁଦ୍ଧରେ କିଛି କରିପାରିଲେ ନାହିଁ । ମାତ୍ର ମନେ ମନେ ମୋଠାରେ ଆକ୍ରୋଶ ରଖିଲେ । ଏହି ଘଟଣାର ଅଳ୍ପଦିନ ପରେ ମୋତେ ରେଭେନ୍ୟୁ ଅଫିସରୁ ଏକାଉଣ୍ଟସ୍ ଅଫିସକୁ ବଦଳି କରି ଦିଆଗଲା । ମୋତେ ବଦଳି କରି ଦେବାର ଅଭିପ୍ରାୟ ଏହିକି ଏକାଉଣ୍ଟସ୍ ଅଫିସରେ ଅଧିକ ପରିଶ୍ରମ କରିବାକୁ ପଡ଼ିଲେ ନାରୀମଂଗଳ ସମିତିରେ ଏସବୁ କାର୍ଯ୍ୟ କରିବାକୁ ମୁଁ ଅବସର ପାଇବି ନାହିଁ ।

———

# କଚେରୀରେ ବିଦ୍ରୋହ

ରୋଡ଼ସେସ୍ ବିଭାଗରୁ ଏକାଉଣ୍ଟସ୍ ବିଭାଗକୁ ବଦଳି ହେବାର କାରଣ ପୂର୍ବେ ଲେଖାଯାଇଅଛି । କଚେରୀରେ କାମ କରିବାର ନିର୍ଦ୍ଦିଷ୍ଟ ସମୟ ହେଉଛି ୧୦ଟା ଘଣ୍ଟାରୁ ୫ଟା ଘଣ୍ଟା । ଏହି ସମୟ ଛଡ଼ା ମୁଁ ଅନ୍ୟ ସମୟରେ କଚେରୀକୁ ଆସେ ନାହିଁ । କିଛି ଦିନପରେ ମୋ ସିରସ୍ତାରେ ଅନେକ କାମ ବାକି ପଡ଼ିଗଲା । ସକାଳେ କିମ୍ବା ସନ୍ଧ୍ୟାବେଳେ ଆସି ବାକି କାମ ସବୁ ଶେଷ କରିବାକୁ ମୋତେ ଆଦେଶ ହେଲା । ସେତେବେଳେ ହାକିମ ଥିଲେ ଭରତଚନ୍ଦ୍ର ନାୟକ । ମୁଁ କହିଲି—"କଚେରୀରେ ପୂର୍ଣ୍ଣ ଛ ଘଣ୍ଟା ପରିଶ୍ରମ କଲା ପରେ ଆଉ ଅଧିକ ପରିଶ୍ରମ କଲେ, ମୋ ସ୍ୱାସ୍ଥ୍ୟ ନଷ୍ଟ ହେବ ବୋଲି ବୁଝୁଚି । ଅଧିକ ପରିଶ୍ରମ କରିବାକୁ ଡାକ୍ତର ଯଦି ରିପୋର୍ଟ କରିବେ ତେବେ ମୁଁ ତାହା କରିପାରେ । ଭରତ ବାବୁ ଏପରି ଉତ୍ତର ଶୁଣି ନୀରବ ରହିଲେ । ଆଉଥରେ ଅନେକ କାମ ବାକି ପଡ଼ିବାରୁ ସମସ୍ତଙ୍କୁ ସକାଳେ ଆସି ବାକି କାମ ଶେଷ କରିବାକୁ ଆଦେଶ ହେଲା । ହାକିମ ଥିଲେ ତାଜମୁଲ ଅଲି । ମୁଁ ଆସିଲି ନାହିଁ ବୋଲି ଜାଣି ସେ ମୋତେ ତାଙ୍କ ଇଜଲାସକୁ ଡାକି ନେଇ କହିଲେ "If yau disobey my order I shall drive you out from office" ଅର୍ଥାତ୍ ତୁମ୍ଭେ ମୋର ଆଦେଶ ନ ମାନିଲେ ମୁଁ ତୁମ୍ଭଙ୍କୁ କଚେରୀରୁ ତଡ଼ିଦେବି । ମୁଁ ହଠାତ୍ ବଡ଼ପାଟିରେ କହିଲି "Whatever you have to do, please do that in pen and paper. I am ready to be dismissed, You have no right to say in this way, please speak no further" ଅର୍ଥାତ୍ ଆପଣ ଯାହା କରିବେ ତାହା କାଗଜ କଲମରେ କରନ୍ତୁ । ମୁଁ ଡିସ୍‌ମିସ୍ ହେବାକୁ ପ୍ରସ୍ତୁତ ଅଛି । ଆପଣଙ୍କର ଏପରି କହିବାର ଅଧିକାର ନାହିଁ । ଆଉ କିଛି କୁହନ୍ତୁ ନାହିଁ । ଏହି ସବୁ କଥା ମୁଁ ଖୁବ୍ ବଡ଼ ପାଟିରେ କହିବାରୁ ମୁକ୍ତାରମାନେ ଓ ଅନ୍ୟମାନେ ଜମା ହୋଇଗଲେ । ସିରସ୍ତାଦାର ରଘୁନାଥ ଗୁପ୍ତ ଏବଂ ଡିପୋଟି ରାଜକିଶୋର ଦାସ ମଧ୍ୟ ପହଞ୍ଚିଗଲେ । ରାଜକିଶୋର ବାବୁ କହିଲେ—"ବୈରାଗୀ ମିଶ୍ରେ ତ

ଜାଣିଶୁଣି ପାଗଲ, ତାଙ୍କମୁଲ ଅଲ ଡେପୋଟି ବୁଡ଼ା ହୋଇ ମଧ୍ୟ ତାଙ୍କର ପର ପାଗଲ ହେଲେ ।" ଏପରି କହି ମୋତେ ଅନ୍ୟ ଯାଗାକୁ ବଦଳି କରିଦେବାକୁ ସିରସ୍ତାଦାରଙ୍କୁ କହି ଗ୍ଭଲଗଲେ ।

ସେହି ଏକାଉଣ୍ଟସ୍ ସିରସ୍ତାରେ ଦିନେ ଖଣ୍ଡେ ଅତି ଜରୁରୀ ଚିଠି ପଠାଇବାକୁ ଭୁଲିଯାଇ ମୁଁ ଗ୍ଭଲି ଆସିଲି । ମୁଁ ଗ୍ଭଲି ଆସିବା ପରେ ହେଡ୍ କରାଣ୍ଡି ବିହାରି ସାହୁ ସେହି ଚିଠିଟି ପଠାଇ ଦେଲେ । ତହିଁ ପର-ଦିନ ପ୍ରଥମ କଚେରୀରେ ବିହାରି ବାବୁ ମୋର ଚିଠିଟା ପଠାଇ ନଥିବା କଥା ଡେପୋଟିଙ୍କୁ କହିଲେ । ସେତେବେଳେ ଡେପୋଟି ଥିଲେ ଭରତ ଚନ୍ଦ୍ର ନାୟକ । ସେ ମୋତେ ଡ଼କାଇ ନେଇ ମୋ ଉପରେ ରାଗିଗଲେ । ମୁଁ ଡେପୋଟିଙ୍କ ସମ୍ମୁଖରେ ହେଡ୍ କରାଣୀଙ୍କୁ କହିଲି—ଆପଣ ଯଦି ଚିଠିଟା ପଠାଇ ଦେଇଅଛନ୍ତି ସେ ବିଷୟ ଡେପୋଟିଙ୍କୁ କହିବାର କି ଦରକାର ଥିଲା । ଦରକାର ଥିଲା କେବଳ ଆପଣଙ୍କର ନିଜର ବାହାଦୁରୀ ଦେଖାଇବା । ମୁଁ ଜାଣିଶୁଣି କୌଣସି ଅପରାଧ କରିନାହିଁ ।" ମୋର ଏପରି କଥା ଶୁଣି ଡେପୋଟି ଅଧିକ ପରିମାଣରେ ରାଗିଗଲେ । ମୁଁ କହିଲି —"ସେଦିନ ଆପଣ ଯେ କଚେରୀରେ ଗୋଟିଏ ଟେଲିଗ୍ରାମ ଆପଣଙ୍କ କୋଟ ପକେଟରେ ନେଇଯାଇ ଘରେ ଛାଡ଼ି ଆସିଲେ । କଚେରୀରେ ଅନେକ ଖୋଜାଗଲା, ମାତ୍ର ସେଦିନ ତାହା ମିଳିଲା ନାହିଁ । ପରଦିନ ଆପଣଙ୍କ ଘରୁ ଆପଣଙ୍କ କୋଟ ପକେଟରୁ ଆପଣ ଆଣିଲେ । ଆପଣଙ୍କର ଭୁଲିଯିବାଟା ଦୋଷାବହ ନୁହେଁ, କିନ୍ତୁ ମୋର ଭୁଲିଯିବାଟା ଦୋଷାବହ ।" ମୁଁ ଟିକେ ବଡ଼ପାଟିରେ କହିବାରୁ ଅନେକ ଲୋକ କୋର୍ଟରେ ଜମା ହୋଇଗଲେ । ଭରତ ବାବୁ କହିଲେ—"ବୈରାଗୀ ବାବୁ ! ତୁମେ କୋର୍ଟ ପ୍ରତି ଅବମାନନା ଦେଖାଉଅଛ, ଏକଥା ବୁଝୁଅଛ ତ ?" ପୂର୍ବରୁ ମୋର ଭରତ ବାବୁଙ୍କ ସଙ୍ଗେ ସଦ୍‌ଭାବ ଥିଲା । ମୁଁ ହଠାତ୍ ତାଙ୍କ ନିକଟକୁ ଗ୍ଭଲି ଯାଇ ଖୁବ୍ ଆସ୍ତେ ଆସ୍ତେ ତାଙ୍କୁ କହିଲି, 'ମୋର ଦୋଷ ମୁଁ ବୁଝି-ପାରୁଛି, ଆପଣ ଆଉ କିଛି କୁହନ୍ତୁ ନାହିଁ । ସେହିଦିନ ଏକମାସ ଛୁଟି ସକାଶେ ମୁଁ ଦରଖାସ୍ତ କଲି ଏବଂ ଭରତ ବାବୁ ବିନା ଆପତ୍ତିରେ ତାହା ମଞ୍ଜୁର କଲେ । ଛୁଟିରୁ ଫେରିବାପରେ ଭରତ ବାବୁ ମୋତେ ସେଠାରେ

ରଖିବାକୁ ଅନିଚ୍ଛା ପ୍ରକାଶ କରିବାରୁ ସିରସ୍ତାଦାର ମୋତେ ମୋର ସେହି ପୂର୍ବ ଯାଗା ରେଭେନସ୍ ଅଫିସକୁ ବଦଳି କରିଦେଲେ ।

## ବୟସ୍କା ସ୍ତ୍ରୀମାନଙ୍କ ପାଇଁ ବିଦ୍ୟାଳୟ

ସମାଜରୁ ଯାବତୀୟ କୁସଂସ୍କାର ଦୂର କରିବାକୁ ହେଲେ ଏବଂ ସ୍ତ୍ରୀ ଜାତିର ନିରକ୍ଷରତା ଦୋଷ ଦୂର କରିବାକୁ ହେଲେ ପ୍ରତି ଗ୍ରାମରେ ଗୋଟିଏ ଗୋଟିଏ ଶିକ୍ଷାକେନ୍ଦ୍ର ସ୍ଥାପନ କରିବା ଏକାନ୍ତ ଆବଶ୍ୟକ ଏକଥା ଉପଲବ୍‌ଧି କରି ଶିକ୍ଷା ବିଭାଗର ଇନ୍‌ସ୍ପେକ୍ଟର ଶ୍ରୀ ସୁକାନ୍ତ ରାଓ ଏବଂ ରେଭେନ୍‌ସା ବାଳିକା ବିଦ୍ୟାଳୟର ପ୍ରିନ୍‌ସିପାଲ ମିସ୍. ଏନ୍. ନାୟକଙ୍କ ସଙ୍ଗେ ଏ ବିଷୟରେ ପରାମର୍ଶ କଲି । ସେମାନେ ମୋର ଏହି ପ୍ରସ୍ତାବରେ ଏକମତ ହେଲେ । ତାପରେ କଟକ ଟାଉନହଲ୍‌ରେ ମିସ୍. ଏନ୍. ନାୟକଙ୍କୁ ସଭାପତି କରି ଗୋଟିଏ ସଭା କଲି । ସଭାରେ ସ୍ଥିର ହେଲା ଯେ, ଗ୍ରାମର କୌଣସି ଶିକ୍ଷିତା ସ୍ତ୍ରୀ ଲୋକକୁ କମ୍ଭା ଲେଖାପଢି ଜାଣିଥିବା ବୟସ୍କା ବିଧବାକୁ ଶିକ୍ଷୟିତ୍ରୀ ରଖି ତାକୁ ମାସିକ ଆଠ ଦଶ ଟଙ୍କା ଦେଇ ପ୍ରଥମେ ଗୋଟିଏ ଦୁଇଟି ଗ୍ରାମରେ ଏପରି ବିଦ୍ୟାଳୟ ଖୋଲାଯାଉ । ଗ୍ରାମର ସ୍ତ୍ରୀ ଲୋକମାନେ ଅନେକ ଅଯଥା ଅପବ୍ୟୟରୁ ନିବୃତ୍ତ ହୋଇ ଏହି ଆଠ ଦଶ ଟଙ୍କା ଅନାୟାସରେ ସଂଗ୍ରହ କରିପାରିବେ ।

ସର୍ବ ପ୍ରଥମେ ବଡ଼ଚଣା ଥାନା କଣ୍ଡେଇ ଗ୍ରାମରେ ଏପରି ଗୋଟିଏ ବିଦ୍ୟାଳୟ ସ୍ଥାପନ କରାଗଲା । ସେହି ଗ୍ରାମର ଅଯୋଧ୍ୟା ନାମ୍ନୀ ଗୋଟିଏ ବୟସ୍କା ବିଧବାକୁ ଶିକ୍ଷୟିତ୍ରୀ ରଖାଗଲା । ସେହି ଶିକ୍ଷୟିତ୍ରୀ ଉଚିତ୍ତ ବେତନ ପାଇ ନପାରିଲେ ମଧ୍ୟ ବିଦ୍ୟାଳୟକୁ ନିୟମିତରୂପେ ଆସୁଥିଲେ । ବୟସ୍କା ସ୍ତ୍ରୀମାନେ କହିଲେ "ଆମେ ଆଉ କାହିଁକି ପଢିବୁ" ? ମୁଁ ସେମାନଙ୍କୁ ବୁଝାଇ ଦେଲି ( ମୋର ବୁଝାଇବା ଠିକ୍ ହେଉ ବା ଭୁଲ ହେଉ ) ଯେ ତୁମ୍ଭେମାନେ ବର୍ତ୍ତମାନ ପାଠ ପଢିବା ଫଳରେ ଏ ଜନ୍ମରେ କିଛି ଉପକାର ନ ପାଇଲେ ମଧ୍ୟ ଏହି ପଢ଼ିବା ପରଜନ୍ମରେ କାର୍ଯ୍ୟରେ ଆସିବ ଅର୍ଥାତ୍ ତୁମ୍ଭମାନଙ୍କର ବୁଦ୍ଧିବୃତ୍ତି ପରଜନ୍ମରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ହେବ । ତୁମ୍ଭେମାନେ ଶୀଘ୍ର ଶୀଘ୍ର ପାଠ ଶିଖି ପାରିବ । ତୁମ୍ଭ-

ବିଦ୍ୟା ସମିତିର ସଭ୍ୟଥାଇ ମୁଁ ଯାହା ଜାଣିଥିଲି ତାହା ସେମାନଙ୍କୁ କହିବାରୁ ସେମାନେ ବୁଝିଲେ । ମୁଁ କହିଲି—"ଏହି ଜନ୍ମରେ ଭଲ କର୍ମ ମନୁଷ୍ୟ ଯାହା ସବୁ କରିଥାଏ ମୃତ୍ୟୁପରେ ଏବଂ ପୁନର୍ଜନ୍ମ ନେବା ପୂର୍ବ ପିତୃଲୋକରେ ସେହି ସବୁ କର୍ମର ସଂସ୍କାର ହୁଏ ଏବଂ ସେହି ଲୋକ ଅଧିକ ପରିମାଣରେ ଭଲଗୁଣ ନେଇ ପୁଣି ଜନ୍ମଗ୍ରହଣ କରେ । ମୋ କଥା ଅନେକଙ୍କ ହୃଦୟକୁ ସ୍ପର୍ଶ କଲା ଏବଂ ୫୦-୬୦ ବର୍ଷର କେତେ ଜଣ ବୁଢ଼ୀ ମଧ୍ୟ ବର୍ଣ୍ଣବୋଧକ ବହି ମଗାଇ ସେହି ବିଦ୍ୟାଳୟରେ ଅକ୍ଷର ଶିଖିଲେ । କିଛିଦିନ ପରେ ସୁକାନ୍ତ ଗୁପ୍ତଙ୍କ ଚେଷ୍ଟାରେ ସେହି ବିଦ୍ୟାଳୟକୁ ମାସିକ ଟ ୮, ରୁ ଟ ୧୦, ଡିଷ୍ଟ୍ରିକ୍ଟବୋର୍ଡ ଗ୍ରାଣ୍ଟ ମିଳିଲା । ମାତ୍ର ଦୁଃଖର କଥା ଏହିକି ମୁଁ ଯେଉଁ ଅଭିପ୍ରାୟରେ ଏହି ବିଦ୍ୟାଳୟ ସ୍ଥାପନ କରାଇଥିଲି ସେଥିପ୍ରତି କାହାରି ଦୃଷ୍ଟି ରହିଲା ନାହିଁ । ସାଧାରଣତଃ ନିମ୍ନପ୍ରାଥମିକ ବିଦ୍ୟାଳୟ ସବୁରେ ଯେପରି ସିଲାବସ୍ ଅନୁଯାୟୀ ଶିକ୍ଷା ଦିଆଯାଏ ତାହାର ଅନୁକରଣ କରିବାକୁ ଶିକ୍ଷା ବିଭାଗର ପରିଦର୍ଶକମାନେ କହିଲେ । କୁସଂସ୍କାର ସବୁ ଦୂର କରିବା ପ୍ରତି କାହାରି ଦୃଷ୍ଟି ରହିଲା ନାହିଁ । ସେହି ବିଦ୍ୟାଳୟର ସେକ୍ରେଟେରୀ ଶ୍ରୀ ବାଞ୍ଛାନିଧି ଦାସ ମଧ୍ୟ ମୋ ସହିତ କୌଣସି ସମ୍ବନ୍ଧ ରଖିବାକୁ ଇଚ୍ଛା କଲେ ନାହିଁ । ୨-୩ ବର୍ଷ ପରେ ଏହି ବିଦ୍ୟାଳୟଟି ଉଠିଗଲା । ତା ପରେ ଶିକ୍ଷୟିତ୍ରୀ ଅଯୋଧ୍ୟା ଦେବୀ କଟକ ବିଧବା ସ୍କୁଲରେ ଟ୍ରେନିଂ ପାଇ ବର୍ତ୍ତମାନ ସେଠା ବାଳିକା ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି ।

## ଓଢ଼ଣା ଓ ପରଦା

କୋଠପଦା ମାଇନର ସ୍କୁଲର ହେଡ୍‌ମାଷ୍ଟର ଶ୍ରୀ ଦୁର୍ଗାଚରଣ ମହାନ୍ତିଙ୍କ ଘର ଆମ ଘରଠାରୁ ପ୍ରାୟ ଏକମାଇଲ ଦୂର । ତାଙ୍କର ଓ ମୋର ପିଲାଦିନେ ସଦ୍‌ଭାବ ଥିଲା । ନାରୀମଙ୍ଗଳ ସମିତି ସ୍ଥାପନ କରିବାର ଅଳ୍ପଦିନ ପରେ ୧୯୩୦ କି ୩୧ ସାଲରେ ମୁଁ ଦିନେ ତାଙ୍କ ଘରକୁ ଯାଇଥିଲି । ସେ ଅଳ୍ପଦିନ ପୂର୍ବେ ମଲ୍ଲୀମାଳା ବୋଲି ଗୋଟିଏ ଶିକ୍ଷିତା ସ୍ତ୍ରୀ ବିବାହ କରିଥାନ୍ତି । ଦୁର୍ଗାଚରଣ ବାବୁ ଓ ମୁଁ ଗୋଟିଏ ଘରେ ବସି କଥାବାର୍ତ୍ତା କରୁଥାଉଁ । ମଲ୍ଲୀମାଳା ତାର ମୁଣ୍ଡରେ ଓଢ଼ଣା ଦେଇ ସେହି ଘରର କବାଟ ପାଖରେ ଠିଆ ହୋଇ ଆମ କଥାବାର୍ତ୍ତା ଶୁଣୁଥିବାର

ଦେଖି ମୁଁ ହଠାତ୍ ଉଠିଗଲି ଏବଂ ମଲ୍ଲୀମାଳାର ମୁଣ୍ଡରୁ ଓଢ଼ଣା କାଢ଼ି-ଦେଇ ତାର ବାହୁକୁ ଧରି କବାଟ ପାଖରୁ ଟାଣି ଆଣିଲି ଓ ଦୁର୍ଗାଚରଣ ବାବୁଙ୍କ ପାଖରେ ବସେଇ ଦେଲି । କାରଣ ଘରର ବୋହୂ । ସେ ଗୋଟିଏ ବଡ଼ ନୋଥ ପିନ୍ଧିଥାଏ । ତାର ମୁହଁ ଲାଲ ପଡିଗଲା । ସେ ଚେହେରା ମୋର ଆଜିଯାଏ ମନେ ଅଛି । ମୁଁ ତାଙ୍କୁ କହିଲି—"ଆମ କଥାବାର୍ତ୍ତା ଶୁଣିବାର ଯଦି ଇଚ୍ଛାଥିଲା, ତୁମେ ତୁମ ସ୍ୱାମୀ ନିକଟରେ ନ ବସି ଗୃହିଣୀଙ୍କ ପରି କବାଟ ପାଖରେ ଠିଆ ହେବା ମୋତେ ଭଲ ଲାଗିଲା ନାହିଁ ।" ମଲ୍ଲୀମାଳାର ଶାଶୁ ଦୂରରୁ ଦେଖି ପାରିଲେ ଯେ ତାଙ୍କର ବୋହୂ ଆମ ପାଖରେ ବସିଛି । ସେ ବୋହୂ ଉପରେ ରାଗିଗଲେ । ପରେ ଦୁର୍ଗା-ଚରଣ ବାବୁ ତାଙ୍କୁ ମୋର ଅଭିପ୍ରାୟ ବୁଝାଇ ଦେଲେ । ସେହି ଦିନଠାରୁ ମଲ୍ଲୀମାଳା ନାରୀମଙ୍ଗଳ ସମିତିର ମେମ୍ବର ହେଲା ଏବଂ ମୁହଁରେ ଓଢ଼ଣା ଦେଲା ନାହିଁ ।

ଆମ ଗ୍ରାମ ନିକଟରେ କୁସୁପୁର ଗ୍ରାମରେ ଗୋଟିଏ ସଭା ହେଉଥାଏ । ପ୍ରତିବର୍ଷ ଦୁର୍ଗା ପୂଜା ବେଳେ ଏପରି ଗୋଟିଏ ସଭା ସେଠାରେ ହୁଏ । ସେ ବର୍ଷ ମୁଁ ସେହି ସଭାକୁ ନିମନ୍ତ୍ରିତ ହୋଇ ଯାଇଥିଲି । ପୂର୍ବୋକ୍ତ ଶ୍ୟାମ ବାବୁଙ୍କର ସ୍ତ୍ରୀ ସୁରମା ଏବଂ ମୋର ସାନଝିଅ ନଶାମଣି ଏହି ଦୁଇ ଜଣ ମଧ୍ୟ ମୋ ସଙ୍ଗେ ଯାଇଥିଲେ । ମୁଁ ଦେଖିଲି ପୁରୁଷ ଓ ସ୍ତ୍ରୀ ସ୍ୱତନ୍ତ୍ର ବସିଥାନ୍ତି ଏବଂ ମଝିରେ ଗୋଟିଏ ବାଉଁଶ କାଠିର ପରଦାଟିଏ ଟଙ୍ଗା ହୋଇଥାଏ । କେତେଜଣଙ୍କ ସଙ୍ଗେ ପରାମର୍ଶ କରି ସଭା ଆରମ୍ଭ ହେବାର ଅଳ୍ପ ସମୟ ପରେ ସ୍ତ୍ରୀ ଲୋକମାନଙ୍କର ଅଜ୍ଞାତସାରରେ ମୁଁ ପରଦାଟିକୁ କୌଶଳରେ ତଳକୁ ଖସେଇ ଦେଲି । ସେଠା ସ୍ତ୍ରୀ ଲୋକମାନେ ଅଧିକାଂଶ ଶିକ୍ଷିତା ଏବଂ ସମାଜରୁ ଓଢ଼ଣା ଓ ଗହଣା ଇତ୍ୟାଦି କୁସଂସ୍କାର ଦୂର କରିବା ସେମାନଙ୍କର ମତ । ତେଣୁ ସେମାନେ ଏଥିରେ କିଛି ଆପତ୍ତି କଲେ ନାହିଁ ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ଝିଅ ଓ ବୋହୂ ନାରୀମଙ୍ଗଳ ସମିତିର ମେମ୍ବର ହେଲେ ।

## ଜାତିଭେଦ ବିରୁଦ୍ଧରେ

କୋର୍ଟରେ ତେଲୁଗୁ ଜମାନବନ୍ଦୀ ବୁଝାଇବା ପାଇଁ ନରହରି ପାତ୍ର ନାମକ ଜଣେ କରାଣ ତେଲୁଗୁ ଇନ୍‌ଟରପ୍ରିଟର କାମରେ ଗଞ୍ଜାମରୁ

କଟକ ଆସିଲେ । ସେ ଜଣେ ସଂସ୍କାରପ୍ରିୟ ଯୁବକ । ପରିଷ୍କାର ପରିଚ୍ଛନ୍ନତା ପ୍ରତି ତାଙ୍କର ଯେପରି ଦୃଷ୍ଟି ଅଛି, ତାହା ବ୍ରାହ୍ମଣ ସମାଜରେ କାହିଁକି ଶିକ୍ଷିତ ସମାଜରେ ମଧ୍ୟ ଖୁବ୍ ଅଳ୍ପ ଲୋକଙ୍କର ଅଛି । ତାଙ୍କର ସ୍ୱଭାବ ମଧ୍ୟ ଅତି ଉତ୍କୃଷ୍ଟ । ସେ ଜାତିରେ ଶୁଣ୍ଢି ଥିବାରୁ କୌଣସି ମେସ୍‌ରେ ରହିବାକୁ ସ୍ଥାନ ପାଇ ପାରିଲେ ନାହିଁ । ବହୁ ଚେଷ୍ଟାରେ ଗୋଟିଏ ମେସ୍‌ରେ ସ୍ଥାନ ପାଇଲେ ମଧ୍ୟ ସେଠାରେ କାହାରି ଖାଇବା ପାଣି ସେ ଛୁଇଁ ପାରିଲେ ନାହିଁ । ତାଙ୍କଠାରୁ ଏହିସବୁ କଥାଶୁଣି ମୁଁ ତାଙ୍କୁ ମୋ ବସାରେ ରଖାଇଲି । ଅଳ୍ପଦିନ ପରେ ସେ ତାଙ୍କର ନବ-ବିବାହିତା ସ୍ତ୍ରୀକୁ ମଧ୍ୟ ମୋ ବସାରେ ରଖାଇଲେ । ଭୀମଚରଣ ଚୌଧୁରୀ ନାମକ ଜଣେ ସଂସ୍କାରପ୍ରିୟ ସ୍ୱାଧୀନଚେତା ବ୍ରାହ୍ମଣ ଯୁବକ ମାଟ୍ରିକ ପାଶ୍ କରିଥିଲେ ମଧ୍ୟ ଓ ସେତେବେଳେ ମାଟ୍ରିକ ପାଶ୍ କରିଥିବା ଯୁବକମାନଙ୍କୁ ଅନାୟାସରେ ସରକାରୀ ଚାକିରି ମିଳୁଥିଲେ ମଧ୍ୟ ସରକାରୀ ଚାକିରି କରିବାକୁ ଘୃଣା କରି ସେ ଉତ୍କଳର ମଙ୍ଗଳ ପାଇଁ ମିଷ୍ଟର ଦାସ ସ୍ଥାପନ କରିଥିବା ଟ୍ୟାନେରିରେ କିରାଣୀ କାମ କରୁଥିଲେ । ସେ ମଧ୍ୟ ତାଙ୍କର ନବ ବିବାହିତା ସ୍ତ୍ରୀଙ୍କୁ ଆଣି ମୋ ବସାରେ ରହିଲେ । ଭୀମ ବାବୁଙ୍କ ସ୍ତ୍ରୀ ସୁରମା ଓ ନରହରି ବାବୁଙ୍କ ସ୍ତ୍ରୀ ନିଶାମଣି ମୋର ଝିଅପରି ଏବଂ ଦୁଇଭଉଣୀ ପରି ମୋ ବସାରେ ରହିଲେ । ମୁଁ ମୋର ଦୁଇପୁଅ ସାନଝିଅ ଓ ସେମାନେ ଚାରିଜଣ ଏକାନ୍ନବର୍ତ୍ତୀ ପରିବାରରେ ପ୍ରାୟ ତିନିବର୍ଷ ରହିଲୁଁ । ମୋର ଉପଦେଶ ବୁଝି ସୁରମା ଓ ନିଶାମଣି ଗହଣା ଓ ଓଢ଼ଣା ଇତ୍ୟାଦି କୁସଂସ୍କାରରୁ ମୁକ୍ତ ହେଲେ । ଭୀମ ବାବୁ ଓ ନରହରି ବାବୁ ମଧ୍ୟ ସେମାନଙ୍କୁ ଲେଖିପଢ଼ି ଶିଖାଇଲେ । ଭୀମ ବାବୁଙ୍କର ଓ ମୋର କେତେ ଘରର କନ୍ୟା ବନ୍ଧୁ ଆସିଲେ ଶୁଣ୍ଢୀଆଣି ଓ ବ୍ରାହ୍ମଣୀ ମିଶି ଚଳାଚଳ କରୁଥିବା ଜାଣି ଅନ୍ୟତ୍ର ରହିଲେ । ତା ପରେ ବିଧବା ଓ ସଧବା ଝିଅମାନେ ମୋ ବସାରେ ରହିବାରୁ ଏବଂ ମୋ ବସା ନାରୀମଙ୍ଗଳ ଆଶ୍ରମରେ ପରିଣତ ହେବାରୁ ଭୀମ ବାବୁ ଓ ନରହରି ବାବୁ ଅନ୍ୟତ୍ର ରହିଲେ । ନରହରି ବାବୁ ବର୍ତ୍ତମାନ ଫୌଜଦାରୀ ଅଫିସରେ କାମ କରନ୍ତି ଏବଂ ଭୀମବାବୁ ବାଲୁବଜାରରେ ଉତ୍କଳ ଟ୍ୟାନେରି ନାମକ ଜୋତା ଦୋକାନ କରନ୍ତି ।

ଭୀମବାବୁଙ୍କ ସ୍ତ୍ରୀ ସୁରମା ଦୁଇଟି ପୁଅ ଓ ଗୋଟିଏ ଝିଅ ଛାଡ଼ି ମରିଯିବାରୁ କଲେକ୍ଟରୀ କଚେରୀର କିରାଣୀ, ମଉଦା ଗ୍ରାମର ଯଦୁନାଥ

*

ମିଶ୍ରଙ୍କର ୨୪-୨୫ ବର୍ଷର ବିଧବା ଝିଅକୁ ସେ ବିବାହ କରିଅଛନ୍ତି । ଏହି ବିଧବା ଝିଅର ବର୍ତ୍ତମାନ ଗୁଟିଏ ପୁଅ ଓ ଗୋଟିଏ ଝିଅ । "ପେନ୍‌ସନ୍ ନେବା" ପ୍ରବନ୍ଧରେ ଯେଉଁ ବିଧବା ଝିଅ ବିଷୟ ଲେଖାଅଛି ସେ ହେଉଛି ଏହି ଝିଅ ।

## ପଇତା ବିସର୍ଜନ

ଧାନମଣ୍ଡଳ ଷ୍ଟେସନ୍ ନିକଟରେ ଯେମାଦେଇପୁର ଶାସନରେ ମୋର ବଡ଼ଝିଅ ଘର । ମୁଁ ଥରେ ସେଠାକୁ ଯାଇ ଦେଖିଲି ଯେ, କଣ୍ଡୁରିଆ ନାମକ ଗୋଟିଏ ୨୫—୨୬ ବର୍ଷର ଯୁବକ ଦୁଇ ତିନି ବର୍ଷ ପୂର୍ବରୁ ଖିଅର ହୋଇ ନ ପାରି ତା ମୁଣ୍ଡରେ ଜଟା ଓ ଯାଦୁ ହୋଇ ଯାଇଥାଏ । ଛିଣ୍ଡା ଓ ମଇଳା କନ୍ଥା ଖଣ୍ଡିଏ ପିନ୍ଧି ଅର୍ଦ୍ଧଲଗ୍ନ ଅବସ୍ଥାରେ ସେ ସେହି ଗ୍ରାମରେ ବୁଲୁଥାଏ । ତାକୁ ସେଠା ପିଲାମାନେ କଣ୍ଡୁରିଆ ପାଗଳା ବୋଲି ଡାକୁଥାନ୍ତି । କଣ୍ଡୁରିଆ ସଂଗେ କଥାବାର୍ତ୍ତା କରି ମୁଁ ବୁଝିଲି କଣ୍ଡୁରିଆ ପ୍ରକୃତରେ ପାଗଳ ନୁହେଁ । ଏପରି ଅବସ୍ଥାରେ ବୁଲୁଥିବାର କାରଣ ପଚାରିବାରୁ ବୁଝିଲି ଯେ କଣ୍ଡୁରିଆର ୧୮-୧୯ ବର୍ଷ ବୟସରେ ତାକୁ ଗୋଟିଏ ୧୪-୧୫ ବର୍ଷର ଝିଅ ସଂଗେ ବିବାହ ଦିଆଯାଇ ଥିଲା । ବିବାହର ୫-୬ ଦିନ ପରେ କଣ୍ଡୁରିଆ ଯୋଗକୁ ପାଗଳ ହୋଇ ଘରୁ ବାହାରିଗଲା ଏବଂ ଜାତି ଧର୍ମ ନ ମାନି ସମସ୍ତଙ୍କ ଘରେ ଖାଇଲା । ଝିଅର ବାପ ବର୍ଷେ ପର୍ଯ୍ୟନ୍ତ ଅପେକ୍ଷା କରି ଝିଅଟିକୁ ଅନ୍ୟତ୍ର ବିବାହ କରିଦେଲା । ୨-୩ ବର୍ଷ ପରେ କଣ୍ଡୁରିଆର ପାଗଳାମି ଛାଡ଼ିଗଲା । କଣ୍ଡୁରିଆର ବାପ ମରିଯାଇଥାଏ । ସେଠା ବ୍ୟବସ୍ଥାଦାତା ଓ ବ୍ରାହ୍ମଣମାନେ କଣ୍ଡୁରିଆର ଖୁଡ଼ୁତା ଦନେଇ ବେହେରାକୁ ପ୍ରାୟଶ୍ଚିତ୍ତ କରିବାକୁ କହିଲେ ଏବଂ ପ୍ରାୟଶ୍ଚିତ୍ତ କଲେ ପ୍ରାୟ ଏକଶତ ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ବୋଲି କହିଲେ ।

ଏତେ ଟଙ୍କା ଖର୍ଚ୍ଚ କରିବାକୁ ଅକ୍ଷମ ଥିବାରୁ ଦନେଇ ବେହେରା କଣ୍ଡୁରିଆକୁ ପ୍ରାୟଶ୍ଚିତ୍ତ କରି ପାରିଲା ନାହିଁ । ମୁଁ କଣ୍ଡୁରିଆକୁ କହିଲି— "ମୁଁ ତୋତେ ପ୍ରାୟଶ୍ଚିତ୍ତ କରିଦେବି ।"

କଣ୍ଡୁରିଆ ଖୁସି ହେଲା । ମୁଁ ତାକୁ ଦିନେ ସେଠା ନାଳ ପାଖକୁ ନେଇ ତାର ଜଟା ସବୁ କାଟିଦେଲି । କଣ୍ଡୁରିଆକୁ ପ୍ରାୟଶ୍ଚିତ୍ତ କରୁଥିବା ଶୁଣି ଗ୍ରାମର ପିଲାମାନେ ତାହା ଦେଖିବାକୁ ନାଳ ପାଖକୁ ଦଉଡ଼ିଲେ । ସେଦିନ ତାକୁ ଖିଅର କରି ପାରିଲି ନାହିଁ । ୨-୩ ଦିନ ପରେ ତାକୁ ସେହି ନାଳ ପାଖକୁ ନେଇ ବ୍ଲେଡ୍ ସାହାଯ୍ୟରେ ଖିଅର କରିଦେଲି । ତାକୁ ସାବୁନ ଲଗେଇ ଗାଧୋଇବାକୁ କହିଲି । ଗାଧୋଇ ସାରିବା ପରେ ତାକୁ ଖଣ୍ଡେ ସଫା ପୁରୁଣା ଲୁଗା ଓ ଖଣ୍ଡେ ପୁରୁଣା କୁରୁତା ପିନ୍ଧାଇ ମୋ ପଛେ ପଛେ ଗ୍ରାମକୁ ଆଣିଲି । ଗ୍ରାମର ବ୍ୟବସ୍ଥାଦାତା ଓ ଅନ୍ୟ କେତେ ଜଣ ବ୍ରାହ୍ମଣ ଏହା ଦେଖି ବିଶେଷ ଉତ୍ତ୍ୟକ୍ତ ହେଲେ ଏବଂ ମୋର ବଡ଼ ଝିଅକୁ ଅଟକ ରଖିବେ ବୋଲି ଭୟ ଦେଖାଇଲେ । କଣ୍ଡୁରିଆକୁ ନିଜ ଘରେ ସ୍ଥାନ ଦେବାକୁ ମଧ୍ୟ ତାର ଖୁଡ଼ୁତାକୁ ବାରଣ କଲେ । ବ୍ରାହ୍ମଣମାନଙ୍କୁ ଭୟକରି କଣ୍ଡୁରିଆର ଖୁଡ଼ୁତା କଣ୍ଡୁରିଆକୁ ଘରେ ସ୍ଥାନ ଦେଇ ପାରିଲା ନାହିଁ । କଣ୍ଡୁରିଆକୁ ସେହି ଦିନଠାରୁ ସେ ତାର ପିଣ୍ଡାରେ ଖାଇବାକୁ ଦେଲା ଏବଂ କଣ୍ଡୁରିଆ ପ୍ରତିଦିନ ବିଲକୁ ଯାଇ ବିଲ କାମ କଲା । ଅଳ୍ପଦିନ ପରେ କଣ୍ଡୁରିଆ ଅକସ୍ମାତ୍ ବିଶେଷ ଅସୁସ୍ଥ ହେଲା । ଅସୁସ୍ଥ ଅବସ୍ଥାରେ ମଧ୍ୟ ତାର ମାଆ ତାକୁ ଛୁଇଁ ପାରିଲେ ନାହିଁ । ସେ ସେହି ପିଣ୍ଡାରେ ଏହିପରି ଅବହେଳିତ ହୋଇ ପଡ଼ି ରହିଲା । ପୁଅର ମୁମୂର୍ଷୁ ଅବସ୍ଥାରେ ତାର ମାଆ ତାକୁ ଛୁଇଁ ତାର ସେବା କରିବାକୁ ଅନୁମତି ମାଗିଲା, ମାତ୍ର ବ୍ୟବସ୍ଥାଦାତା ଓ ବ୍ରାହ୍ମଣମାନେ ଅନୁମତି ଦେଲେ ନାହିଁ । କଣ୍ଡୁରିଆ ସେହି ପିଣ୍ଡାରେ ଏହିପରି ଭାବରେ ପ୍ରାଣ ହରାଇଲା । ତାର ଖୁଡ଼ୁତା ତାକୁ ଶ୍ମଶାନକୁ ନେଇ ପକାଇ ଦେଲା । ଶବକୁ ଛୁଇଁ ଶ୍ମଶାନକୁ ନେଇଥିବାରୁ ବ୍ରାହ୍ମଣମାନେ ଦିନେଇ ବେହେରାକୁ ପ୍ରାୟଶ୍ଚିତ୍ତ କରିବାକୁ ବାଧ୍ୟ କଲେ । ଦିନେଇ ବେହେରା କିଛି ଜମି ବିକିକରି ଶତାଧିକ ଟଙ୍କା ଖର୍ଚ୍ଚରେ ପ୍ରାୟଶ୍ଚିତ୍ତ କଲା । ପ୍ରାୟଶ୍ଚିତ୍ତ କରିବାର କିଛିଦିନ ପରେ ମୁଁ ସେହି ଗ୍ରାମକୁ ଯାଇ ଏସବୁ ଘଟଣା ଶୁଣିଲି । ବ୍ରାହ୍ମଣମାନଙ୍କର ଏପରି ହୃଦୟ-ହୀନତା ଦେଖି ମୋ ମନରେ ବିଶେଷ ଦୁଃଖ ଆସିଲା । ମୁଁ ବୁଝିଲି ପଇତା ଏ ବ୍ରାହ୍ମଣ ଜାତିକୁ ଏପରି ଲୋଭୀ, ନିଷ୍ଠୁର ଓ ଅକର୍ମା କରିଅଛି । ଏଥି ପୂର୍ବରୁ ମୁଁ ପୁରୀ, ଗୟା, କାଶୀ, ବୃନ୍ଦାବନ, ପ୍ରୟାଗ ଇତ୍ୟାଦି ତୀର୍ଥସ୍ଥାନମାନଙ୍କରେ

ବ୍ରାହ୍ମଣମାନଙ୍କର ପ୍ରତାରଣା ଦେଖିଥିଲି । ସେମାନେ ଉଚ୍ଚପିଣ୍ଡାରେ ଅକର୍ମା ହୋଇ ବସିଥାନ୍ତି । ଅକର୍ମା ହେବା ଫଳରେ ଚରିତ୍ରହୀନ ହୁଅନ୍ତି । ଏଥି ପୂର୍ବରୁ ମୁଁ ଯେଉଁ ପଇତା ପିନ୍ଧିଥିଲି ତାହା କେବଳ ଗୁଡ଼ିକାଠି ବାନ୍ଧିବାରେ ଦରକାର ଆସୁଥିଲା । ଅକସ୍ମାତ୍ ସୂତାର ଆବଶ୍ୟକ ହେଲେ ସେହି ପଇତାରୁ ଖିଏ ସୂତା ଛିଣ୍ଡେଇ କାମ ଚଳାଉଥିଲି । ଏହି ଘଟଣା ଦେଖି ପଇତା ପ୍ରତି ମୋର ବିଶେଷ ଘୃଣା ଜନ୍ମିଲା ।

ସେହି ଗ୍ରାମରେ ଜଣକର ପିଲାର ପଇତା-ଘର ପାଇଁ ଅନେକ ଗ୍ରାମରୁ ଅନେକ ବନ୍ଧୁବାନ୍ଧବ ଆସିଥିଲେ । ସେଠା ନାଳରେ ସେମାନଙ୍କ ସଙ୍ଗରେ ଗାଧୋଉଥିବା ବେଳେ ସେମାନଙ୍କୁ ଏହି ସବୁ କଥା କହି ମୁଁ ପଇତାକୁ ଛିଣ୍ଡେଇ ଦେଲି ଓ ପଇତା ଆଉ ପିନ୍ଧିବି ନାହିଁ ବୋଲି ସେମାନଙ୍କ ନିକଟରେ ପ୍ରତିଜ୍ଞା କଲି । ସେହିଦିନଠାରୁ ମୁଁ ପଇତା ପିନ୍ଧି-ନାହିଁ । ପଇତା ନ ପିନ୍ଧିବାର କାରଣ ମୋତେ କେହି ପଚାରିଲେ ମୁଁ କହେ—"ଏହି ପଇତା ଯୋଗୁଁ ବ୍ରାହ୍ମଣ ଜାତି ଆଜି ଏପରି ଲୋଭୀ, ନିଷ୍ଠୁର ଓ ଚରିତ୍ରହୀନ ହୋଇଅଛି ।" ଯେତେ ଚରିତ୍ରହୀନ ହେଲେ ମଧ୍ୟ ବ୍ରାହ୍ମଣର ଯେଉଁ ସମ୍ମାନ ଅଛି ତାହା ଅନ୍ୟ କୌଣସି ଚରିତ୍ରବାନ ଅବ୍ରାହ୍ମଣର ନାହିଁ । ମନୁଷ୍ୟ ଏ ସଂସାରରେ ସାଧାରଣତଃ ଦୁଇଟି ବିଷୟ ପାଇବାକୁ ଲାଳାୟିତ ଯଥା !—ଅର୍ଥଲାଭ ଏବଂ ଅନ୍ୟଠାରୁ ସମ୍ମାନ । ବ୍ରାହ୍ମଣ ଯଦି କେତେଗୁଡ଼ିଏ ପ୍ରାଣଶୂନ୍ୟ ମନ୍ତ୍ର ଉଚ୍ଚାରଣ କରି ଖୁବ୍ ଅଳ୍ପ ପରିଶ୍ରମରେ ଅନେକ ଅର୍ଥ ଉପାର୍ଜନ କଲା ତେବେ ସେ ହଳ ବୁଲାଇ ଏତେ ପରିଶ୍ରମ କରିବ କାହିଁକି ? ତେଣୁ ସେ ଉଚ୍ଚପିଣ୍ଡାରେ ବସି ତାସ ଓ ପଶା ଖେଳିବାରେ ଏବଂ ଭାଙ୍ଗଖାଇ ଆମୋଦ ପ୍ରମୋଦରେ ରହି ଉଚ୍ଛନ୍ନ ହେଲା । ଅତଏବ ଯେଉଁ ପଇତା ବ୍ରାହ୍ମଣ ଜାତିକୁ ଅକର୍ମା ଓ ଚରିତ୍ରହୀନ କରୁଅଛି ସେହି ପଇତା ପରିତ୍ୟାଗ କରିବା ଆବଶ୍ୟକ ନୁହେଁ କି ? ଇତ୍ୟାଦି ।"

# ମୁଣ୍ଡରୁ ଚୁରୁକି ଓ ଚୁଟି କାଟିବା

ହିନ୍ଦୁମାନଙ୍କ ମୁଣ୍ଡରେ ବିଚିତ୍ର ପ୍ରକାର ଚୁଟି ଓ ଚୁର୍କି ଦେଖିଲେ ଏବଂ ମୁସଲମାନମାନଙ୍କର ବିଚିତ୍ର ପ୍ରକାର ଦାଢ଼ି ଦେଖିଲେ ମୋତେ ହସ ମାଡ଼େ ଏବଂ ଦୁଃଖ ଆସେ । ଶିକ୍ଷିତ ସମାଜରେ ମଧ୍ୟ ଆଜି ପର୍ଯ୍ୟନ୍ତ ଅନେକଙ୍କର ଏପରି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଦେଖାଯାଉଅଛି । ଯେଉଁମାନେ କେବେହେଲେ ଚୁର୍କି ରଖନ୍ତି ନାହିଁ ସେମାନେ ମଧ୍ୟ ଦଶାହ ଦିନ ଖିଅର ହେବାବେଳେ ମୁଣ୍ଡ ସମସ୍ତଟା ଖିଅର ନ ହୋଇ ମଝିରେ ଟିକେ ଚୁର୍କି ରଖନ୍ତି । ଚୁଟି ଓ ଚୁର୍କି ରଖିବାର ଅନ୍ଧାନୁସରଣ ନକରିବାକୁ ମୁଁ ଅନେକଙ୍କୁ ବୁଝାଇଅଛି ଏବଂ ମୋ କଥା ବୁଝି ମୋର କେତେ ଜଣ ବନ୍ଧୁ ଚୁଟି ଓ ଚୁର୍କି ପରିତ୍ୟାଗ କରିଅଛନ୍ତି ।

ପ୍ରାୟ ୨୫-୨୬ ବର୍ଷ ପୂର୍ବେ ମୋର ବଡ଼ଝିଅର ଶ୍ୱଶୁର ପୂର୍ବୋକ୍ତ ଚିନ୍ତାମଣି କର ଥରେ ମୋ ବସାକୁ ଆସିଥିଲେ । ସେ ମୁଣ୍ଡରେ ଚୁଟି ରଖିଥାନ୍ତି । ମୁଁ ତାଙ୍କୁ କହିଲି—"ଅସଭ୍ୟଙ୍କ ପରି ଆପଣ ଏପରି ଚୁଟି ରଖିଅଛନ୍ତି କାହିଁକି ? ଆପଣଙ୍କୁ ମୋର ସମୁଧି ବୋଲି ପରିଚୟ ଦେବାକୁ ମୋତେ ଲାଜ ମାଡ଼ୁଛି । ଆପଣଙ୍କ ପୁଅ ମନରେ ମଧ୍ୟ କଷ୍ଟ ଆସୁଥିବ । ନିଜର ବନ୍ଧୁମାନଙ୍କ ନିକଟରେ ଆପଣଙ୍କୁ ବାପ ବୋଲି ପରିଚୟ ଦେବାକୁ ସେ ନିଶ୍ଚୟ ଲଜ୍ଜାବୋଧ କରୁଥିବେ । ସେ ମୋ କଥା ବୁଝି କୌଣସି ପ୍ରତିବାଦ କଲେ ନାହିଁ । ଦିନେ ଚୌକିରେ ବସିଥିବା ବେଳେ ମୁଁ କତୁରିଟିଏ ଧରି ତାଙ୍କ ମୁଣ୍ଡରୁ ଚୁଟିଟା କାଟିଦେଲି ଏବଂ ତାପରେ ଭଣ୍ଡାରିକୁ ଡାକି ଖିଅର କରିଦେଲି ।

ଗୁହୋଲ ଗ୍ରାମର ମାୟାଧର ମହାନ୍ତି ମୋର ଜଣେ ପରିଚିତ ଲୋକ । ୬-୭ ବର୍ଷ ପୂର୍ବେ ସେ ଥରେ ଆମ ବସାକୁ ଆସିଥିଲେ । ସେ ମହାଶୟଙ୍କ ମୁଣ୍ଡରେ ଗୋଟିଏ ଚୁର୍କି ଥିଲା । ମୁଁ ତାଙ୍କୁ ଅନେକ ବୁଝାଇଲି । ମୋ କଥା ସେ ବୁଝିଲେ ମଧ୍ୟ ଚୁର୍କିଟା କାଟିଦେବାକୁ

ଅନିଚ୍ଛା ପ୍ରକାଶ କଲେ । ମୁଁ ଦେଖିଲି ଯେ ନିଜ ଇଚ୍ଛାରେ ସେ ତାଙ୍କର ଏତେ ଦିନର ଚୁର୍ କି କାଟି ପାରିବେ ନାହିଁ । ମୁଁ କତୁରିଟିଏ ଧରି ତାଙ୍କର ଚୁର୍‌କିଟା କାଟିଦେଲି । ସେହି ଚୁର୍‌କିକୁ ପ୍ରାୟ ଏକବର୍ଷ ମୋ ପାଖରେ ଯତ୍ନ ସହକାରେ ରଖିଥିଲି । କେହି ଆସିଲେ ମୁଁ ତାଙ୍କୁ ଏହି ଚୁର୍‌କି ଦେଖାଏଁ ଏବଂ ଏହା ମାୟାଧର ମହାନ୍ତିଙ୍କର ଚୁର୍‌କି ବୋଲି କହେଁ ।

ଜଣେ ବ୍ରାହ୍ମଣ ଭଦ୍ରଲୋକ ଏହି ବର୍ଷ ( ନଭେମ୍ବର ୧୯୫୭ ) ମରିଥାନ୍ତି । ତାଙ୍କର ଶୁଦ୍ଧିକ୍ରିୟାର ଦଶାହ ଦିନ ତାଙ୍କର ୪-୫ଟି ପୁଅ ମୁଣ୍ଡରୁ ସବୁବାଳ ଖିଅର ହୋଇ ମଝିରେ ଟିକେ ଟିକେ ଚୁରକି ରଖିଥିବା ଦେଖିଲି । ସମସ୍ତଙ୍କ ଅପେକ୍ଷା ବଡପୁଅର ବୟସ ତେର ବର୍ଷ । ଚୁରକି ରଖିବାଟା ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଏକଥା ତାଙ୍କୁ ବୁଝାଇ ଦେବାରୁ ସେ ବୁଝିଲି । ମୁଁ ବ୍ଲେଡ୍‌ଟିଏ ଆଣି ତାର ସେହି ଚୁର୍‌କିଟା କାଟିଦେଲି । ସେହି ପିଲାର ଅଭିଭାବକମାନଙ୍କୁ ବୁଝାଇଦେଲି ଯେ, ସେମାନେ ପର୍ବାଭ୍ୟାସ ଦୋଷରୁ ପ୍ରଚଳିତ ପ୍ରଥାସବୁର ଅନ୍ଧାନୁସରଣ ପରିତ୍ୟାଗ କରି ନ ପାରିଲେ ମଧ୍ୟ ସର୍ବଦା ସତର୍କ ରହିବା ଆବଶ୍ୟକ ! ଯେପରି ସେମାନଙ୍କର ପିଲାମାନଙ୍କୁ ସେମାନେ ସେମାନଙ୍କ ପରି ଅନ୍ଧାନୁସରଣ କରିବାକୁ କୁହନ୍ତୁ ନାହିଁ । ମୋତେ ଜଣେ କହିଲେ—"ଚୁରକି ରଖିବା ଦ୍ୱାରା କୌଣସି କ୍ଷତି ହେଉଛି କି ?" ମୁଁ କହିଲି—"ହଁ, ଆର୍ଥିକ କିମ୍ବା ଶାରୀରିକ କ୍ଷତି ହେଉନାହିଁ । ମାତ୍ର ଏସବୁ ପ୍ରାଣଶୂନ୍ୟ ଅନ୍ଧାନୁସରଣ ପିଲାମାନଙ୍କୁ ବିବେକଶୂନ୍ୟ ଓ ଅନ୍ଧ କରିଦେଉଅଛି ।"

## ବନ୍ଧ୍ୟ ବେଭାର ଦେବାରୁ ନିବୃତ୍ତି

୩୦-୩୨ ବର୍ଷ ପୂର୍ବେ ମୁଁ ଦିନେ ଆମ ଗ୍ରାମ ନିକଟର କୁମୁଣ୍ଡା ହାଟକୁ ଯାଇଥିଲି । ଜଣେ ବ୍ରାହ୍ମଣ ଭଦ୍ରଲୋକଙ୍କର ସ୍ତ୍ରୀ ଦୁଇଟି ପୁଅ ଓ ଦୁଇଟି ଝିଅ ରଖି ଅଳ୍ପ ବୟସରେ ମରି ଯାଇଥାନ୍ତି । ତାଙ୍କ ସାନଭାଇର ଶଶୁର ଏହି ସମ୍ବାଦ ଜଣକଠାରୁ ଶୁଣିବାମାତ୍ରେ କହିଲେ—"ଏବେ ଗୋଟିଏ ବେଭାର ଦେବାରେ ୧୫ ଟଙ୍କା ପଡ଼ୁଛି ପୁଣି ୧୪-୧୫ ଟଙ୍କା ବେଭାର

ଦେବାକୁ ପଡ଼ିଲା । ଜଣେ ନିକଟ ସମ୍ପର୍କ ବନ୍ଧୁର ସ୍ତ୍ରୀ ଏପରି ଅବସ୍ଥାରେ ମରିଯାଇଥିବା ସମ୍ବାଦରେ ଲୋକଟିର ଦୁଃଖ ଆସିଲା ନାହିଁ । ମାତ୍ର ବନ୍ଧୁ ବେଭାର ଦେବାରେ ଟଙ୍କା ଖର୍ଚ୍ଚ ପାଇଁ ଦୁଃଖ ଆସିଲା । ମୁଁ ଭାବିଲି ଏପରି ବନ୍ଧୁ ବେଭାର ନେଇ ଶ୍ରାଦ୍ଧାଦିକ୍ରିୟାରେ ଓ ନ୍ୟାୟ ନିମିତ୍ତରେ ନିଜର ବଡ଼ପଣିଆ ଦେଖାଇବା ଉଚିତ ନୁହେଁ । ବନ୍ଧୁ ବେଭାର ଦେବାକୁ ସେହି ଲୋକର ଯଦି ଏତେ ଦୁଃଖ ଆସୁଛି, ତେବେ ଟଙ୍କାଟିଏ ବନ୍ଧୁ ବେଭାର ଦେଇ ବନ୍ଧ ତା ରକ୍ଷା କରିପାରନ୍ତା ଏବଂ ଯେଉଁ ଲୋକର ସ୍ତ୍ରୀ ମରିଯାଇଛି ସେହି ଲୋକ ସ୍ତ୍ରୀର ଶୁଦ୍ଧିକ୍ରିୟାକୁ ଖୁବ ସରଳ ଭାବରେ କରିପାରନ୍ତା । ମାତ୍ର ସେହି ଲୋକଟି ଟଙ୍କାଟିଏ ବେଭାର ଦେବାକୁ ଲଜ୍ୟାବୋଧ କରୁଛି । କାରଣ ଟଙ୍କାଟିଏ ଦେଲେ ତାର ସମ୍ମାନରେ ବ୍ୟାଘାତ ଘଟିବ । ବେଶୀ ବେଭାର ଦେଇଥିବା ବନ୍ଧୁମାନେ ବେଶୀ ସମ୍ମାନ ପାଆନ୍ତି ଏବଂ ଅଳ୍ପ ବେଭାର ଦେଇଥିବା ବନ୍ଧୁମାନେ ସେପରି ସମ୍ମାନ ପାଆନ୍ତି ନାହିଁ । ଧନୀ-ବନ୍ଧୁ ଓ ଗରିବ ବନ୍ଧୁ ମଧ୍ୟରେ ଏପରି ଭେଦଭାବ ଦେଖି ବନ୍ଧୁ ବେଭାର ଦେଇ ପ୍ରାଣଶୂନ୍ୟ ନ୍ୟାୟନିମିତ୍ତର ଅନ୍ଧାନୁସରଣରେ ବୃଥା ଡମ୍ବର ଦେଖାଇବାକୁ ପ୍ରଶ୍ରୟ ଦେବାରୁ ମୁଁ ନିବୃତ୍ତ ହୋଇଅଛି ।

୧୦-୧୨ ବର୍ଷ ପୂର୍ବେ ମୁଁ ଗୋଟିଏ ବିବାହ ସମ୍ବନ୍ଧ ସ୍ଥିର କରିଥିଲି । ସେଥିରେ ବରପିତା କୌଣସି ଯୌତୁକ ଦାବୀ କରି ପାରି ନ ଥିଲେ । ତେଣୁ କନ୍ୟାପିତା ମୋ ଉପରେ ସନ୍ତୁଷ୍ଟ ହୋଇ ବିବାହ ଦିନ ବରଯାତ୍ରୀଙ୍କ ସଙ୍ଗରେ ଯିବାକୁ ମୋତେ ବିଶେଷ ଅନୁରୋଧ କରିଥିବାରୁ ତାଙ୍କର ଅନୁରୋଧ ରକ୍ଷାକରି ମୁଁ ଗଲି ।

ବିବାହର ପରଦିନ ସକାଳେ ବରଯାତ୍ରୀମାନେ କନ୍ୟାର ମୁହଁ ଦେଖନ୍ତି ଏବଂ ଦେଖି ସାରିବା ପରେ କିଏ ୫ ଟଙ୍କା କିଏ ୧ ଟଙ୍କା ମୁହଁ-ଦେଖା ଦିଅନ୍ତି । ମୁଁ ଏହି ପ୍ରଥାର ସମ୍ପୂର୍ଣ୍ଣ ବିରୋଧୀ ଥିଲେ ମଧ୍ୟ ସମସ୍ତଙ୍କ ଅନୁରୋଧରେ ମୋତେ ପ୍ରଥମେ ମୁହଁଦେଖା ଦେବାକୁ ପଡ଼ିଲା । ମୁଁ ମୁହଁଦେଖା ଏକଅଣା ମାତ୍ର ଦେଲି । ସେଥିରେ କେତେ ଜଣ ଆପତ୍ତି କଲେ ଓ କାରଣ ପଚାରିଲେ । ମୁଁ କହିଲି—"ଆଗ ୮-୯ ବର୍ଷର ବାଳିକାମାନଙ୍କର ବିବାହରେ ସେମାନଙ୍କୁ କୁଣ୍ଢେଇ ଜ୍ଞାନ କରି ଲୋକେ

ଏପରି ଗୋଟିଏ ଅଭିନୟ କରୁଥିଲେ । ବର୍ତ୍ତମାନ ଯୁବକ ବିବାହରେ ଏପରି ଅଭିନୟ ସବୁର ଅନ୍ଧାନୁସରଣ ଶୋଭନୀୟ ନୁହେଁ । ଆଉମଧ୍ୟ ମୁହଁ ଦେଖି କିଛି ଦେବା ଯଦି ସ୍ନେହର ନିଦର୍ଶନ ହେବ ଏକଅଣା ଦେବାରେ ଆପତ୍ତି କାହିଁକି ? ନିଜର ବଡ଼ପଣିଆ ଦେଖାଇ ବେଶୀ ଟଙ୍କା ମୁହଁଦେଖା ଦେବା ଯେପରି ଦୋଷାବହ କନ୍ୟାପକ୍ଷ ଲୋଭପରବଶ ହୋଇ ତାହା ଗ୍ରହଣ କରିବା ତତୋଧିକ ଦୋଷାବହ ।" ଗତବର୍ଷ ମଧ୍ୟ ବାଧ୍ୟହୋଇ ମୁଁ ଜଣେ ନିକଟ ସମ୍ପର୍କ ବନ୍ଧୁଙ୍କର ବୋହୂ ଦେଖିବାକୁ ଯାଇଥିଲି । ସେଠାରେ ଏପରି ଅଭିନୟର ଅନ୍ଧାନୁସରଣ ଆଜିକାଲି ମଧ୍ୟ ହେଉଛି ଦେଖି ଦୁଃଖ ଆସିଲା । ଅନ୍ୟ ସ୍ତ୍ରୀ ଲୋକମାନଙ୍କ ଅନୁରୋଧରେ ମୋତେ ମୁହଁଦେଖା ଦେବାକୁ ପଡ଼ିଲା । ମୁହଁଦେଖା ମୁଁ ଏକ ଅଣା ଦେଲି । ମୁଁ ଆଉ କେତେ ଘରକୁ ବୋହୂ ଦେଖିବାକୁ ଯାଇଛି ମାତ୍ର ମୁହଁଦେଖା କିଛି ଦେଇ ନାହିଁ ।

## ଋଣ କରି ଗହଣା କରିବା

କଲେକ୍ଟରୀ କଚେରୀ କର୍ମଚାରୀମାନେ ମିଶି ଗୋଟିଏ ଋଣ ଦେବା ସମବାୟ ସମିତି ଗଠନ କଲେ । ସେହି ସମିତିର ନାମ ଦେଲେ— "Ministrial Officer's Co-operative Society" ପ୍ରାୟ ସବୁ କିରାଣି ଏବଂ କେତେକ ପିଅନ ମଧ୍ୟ ଏହି ସମିତିରେ ମେମ୍ବର ରହିଲେ । ସମିତିର ବିଶେଷତ୍ୱ ଏହିକି ଯେଉଁ ମେମ୍ବରମାନେ ଟ ୧୦୲ ଜମା ରଖିବେ ସେମାନେ ମାସକୁ ଟ ୦୲୧ ସୁଧରେ ପ୍ରତି ଟ ୧୦୲ ରେ ଟ ୧୦୦୲ ଋଣ ନେଇ ପାରିବେ । ସାଧାରଣତଃ ଲୋକେ ଟଙ୍କାରେ ମାସକୁ ଟ ୦୲୩, ଟ ୦୲୬, ଏକଅଣା ସୁଧରେ ଋଣ କରନ୍ତି ଏବଂ ଆବଶ୍ୟକ ହେଲେ କାବୁଲିଠାରୁ ଛଅପଇସା ସୁଧରେ ମଧ୍ୟ ଋଣ କରନ୍ତି । ସମସ୍ତେ ୧ ପାହୁଲା ସୁଧରେ ଋଣ କରିବାକୁ ମାହେନ୍ଦ୍ର ସୁଯୋଗ ମନେ କଲେ । ଯେଉଁ କିରାଣି ଓ ପିଅନମାନେ ଏତେ ସୁଧ ଦେଇ ନ ପାରି ଅନେକ ହରକତ ହେଉଛନ୍ତି ସେମାନଙ୍କର ଅନେକ ଉପକାର ହେବ, ଏହି କାରଣ ଦେଖାଇ ମୋତେ ଏଥିରେ ମେମ୍ବର ହେବାକୁ ସମସ୍ତେ କହିଲେ । ମାତ୍ର ଋଣ କରିବାରେ ପ୍ରଶ୍ରୟ ଦେବା ମୋର ମତବିରୁଦ୍ଧ

ଥିବାରୁ ମୁଁ ମେମ୍ବର ହେବାକୁ ମନା କଲି । ମୁଁ ଦେଖିଲି ଯେଉଁମାନେ କେବେ କାହାଠାରୁ ଋଣ ନେଇ ନ ଥିଲେ ସେମାନେ ମଧ୍ୟ କଏ ଟ ୨୦୦୲ କଏ ଟ ୩୦୦୲ ଋଣ ନେଲେ । କେହି କେହି ମଧ୍ୟ ଏହି ଟ୦୲ ୧ ସୁଧରେ ଋଣ ନେଇ ଅନ୍ୟଙ୍କୁ ଋଣ ଦେଲେ ଏବଂ ବେଶୀ ସୁଧ ଆଦାୟ କଲେ । କର୍ମଚାରୀମାନଙ୍କ ମଧ୍ୟରୁ ପ୍ରାୟ ୯୦ ଜଣ ଋଣ ନେବାର ଦେଖିଲି । ସେମାନେ ଏହି ଅଳ୍ପ ସୁଧରେ ଋଣ ପାଇଲେ ସତ୍ୟ, ମାତ୍ର ସେମାନଙ୍କର ଋଣ କରିବାର ମନୋବୃତ୍ତି ଓ ଅଭ୍ୟାସ କ୍ରମେ କ୍ରମେ ବୃଦ୍ଧି ପାଇଲା ।

ଥରେ ରଘୁଆ ବୋଲି ଗୋଟିଏ ଗଞ୍ଜେଡ଼ି ପିଲା ମାସିକ ନଅ ଦଶ ଟଙ୍କା ଦରମାରେ କଚେରୀର ଚୌକିଦାର ଚାକିରି କରୁଥାଏ । ତାକୁ ସମସ୍ତେ ଭଲ ପାଆନ୍ତି । ତାର ବିବାହ ପାଇଁ ତାକୁ ଋଣ ନେବାକୁ ପଡ଼ିବାରୁ ସେ ଟ ୨୦୲ ସମିତିରେ ଦାଖଲ କରି ଟ୨୦୦୲ ଋଣ ନେଲା । କଚେରୀର ନାଜର ଓ ଅନ୍ୟମାନେ ତାକୁ ଏହି ସୁଯୋଗ କରିଦେଲେ । ଏହି ଟ ୨୦୦୲ ଛଡ଼ା ସେ ଆଉ କିଛି ଟଙ୍କା ଅନ୍ୟଠାରୁ ଋଣ ଆଣି ବିବାହଟା ଟିକେ ସମାରୋହରେ ସମ୍ପନ୍ନ କଲା । ଆଉମଧ୍ୟ କଚେରୀରେ ଚାକିରି କରୁଥିବାରୁ ଅନ୍ୟମାନଙ୍କ ଅପେକ୍ଷା ଟିକେ ଅଧିକ ସମାରୋହରେ ସମ୍ପନ୍ନ କରିବାକୁ ତାକୁ ସମସ୍ତେ କହିଥିବେ । ବିବାହ ଦିନ ନାଜରଖାନାର ସବୁ କର୍ମଚାରୀଙ୍କୁ ଓ ଅନ୍ୟ ଯେଉଁ କର୍ମଚାରୀମାନେ ତାକୁ ଋଣ କରିବାରେ ସାହାଯ୍ୟ ଦେଇଥିଲେ ସେମାନଙ୍କୁ ନିମନ୍ତ୍ରଣ କରି ଭୋଜିଟିଏ ଦେଲା । ମୁଁ ସେତେବେଳେ ନାଜରଖାନାରେ କାମ କରୁଥିଲି । ସେହି ଭୋଜିରେ ମୁଁ ମଧ୍ୟ ଯୋଗ ଦେଇଥିଲି । ଭୋଜି ଖାଇସାରି ଫେରିବାବେଳେ ଆମ ଭିତରୁ କେତେଜଣ ପ୍ରସ୍ତାବ କଲେ "ରଘୁଆ ଆମ ପାଇଁ ଏତେ ଟଙ୍କା ଖର୍ଚ୍ଚ କଲା, ଆମେ ସମସ୍ତେ କିଛି କିଛି ଚାନ୍ଦା ଦେଇ ତାର ସ୍ତ୍ରୀ ସକାଶେ ଗୋଟିଏ ଗହଣା କିଣିଦେବା" । ଏହି ପ୍ରସ୍ତାବରେ ସମସ୍ତେ ଏକମତ ହେଲେ । ମାତ୍ର ମୁଁ ସେମାନଙ୍କ ସଙ୍ଗେ ଏକମତ ହୋଇ ପାରିଲି ନାହିଁ । ମୁଁ କହିଲି—"ମୁଁ ଋଣ କରିବାକୁ ପ୍ରଶ୍ରୟ ଦେବାର ବିରୋଧୀ, ବିବାହକୁ ସମାରୋହରେ ସମ୍ପନ୍ନ କରିବାର ବିରୋଧୀ ଏବଂ ଗହଣାର ମଧ୍ୟ ସମ୍ପୂର୍ଣ୍ଣ ବିରୋଧୀ । ଆପଣମାନେ ରଘୁଆକୁ ଋଣ କରାଇଦେବା ଫଳରେ ତାର ଉପକାର ନ କରି ଅପକାର କରାଇଛନ୍ତି । ସେ ତାର ସ୍ତ୍ରୀ ସକାଶେ ଯେଉଁ ଗହଣା କରିଛି ତାକୁ ବିକି କରି ସେ ତାର ଋଣ ପରିଶୋଧ

କରୁ ଏବଂ ଆମେ ଯେଉଁ ଚାନ୍ଦା ଦେଇ ତାର ସ୍ତ୍ରୀ ପାଇଁ ଗହଣା ଦେଇଥାନ୍ତେ ସେହି ଟଙ୍କାରେ ତାର ଋଣରୁ କିଛି ପରିଶୋଧ କରିଦେଲେ ଭଲ ହୁଅନ୍ତା ।" ମୋର ଏହି ପ୍ରସ୍ତାବରେ କେହି ଏକମତ ହେବା ତେଣିକି ଥାଉ ପ୍ରାୟ ସମସ୍ତେ ମୋତେ କିଛି କିଛି ଗାଳିଦେଲେ ।

## ବାଧ୍ୟତାମୂଳକ ଚାନ୍ଦା

କଟକରେ ପ୍ରାୟ ସବୁ ପଡ଼ାରେ ଦୁର୍ଗା ମେଢ଼ ହୁଏ । ପଡ଼ା ଲୋକଙ୍କ ଘରେ ଖାଇବାକୁ ନଥିଲେ ମଧ୍ୟ ପଡ଼ାର କେତେଜଣ ମାମଲତକାରଙ୍କୁ ଭୟକରି ସମସ୍ତେ ଚାନ୍ଦା ଦିଅନ୍ତି । ଅନେକ କର୍ମଚାରୀ ମଧ୍ୟ ସେହି ମାମଲତକାର କେତେଜଣଙ୍କୁ ଭୟକରି ନିଜର ଇଚ୍ଛା ବିରୁଦ୍ଧରେ ଚାନ୍ଦା ଦିଅନ୍ତି । ଏପରି ଭାବରେ ଚାନ୍ଦା ସଂଗ୍ରହ କରିବା ଏବଂ ନିଜର ଇଚ୍ଛା ବିରୁଦ୍ଧରେ ଏପରି ଚାନ୍ଦା ଦେବା ମୋର ମତ ବିରୁଦ୍ଧ ଥିବାରୁ ମୁଁ ଏପରି ଚାନ୍ଦା କେବେହେଲେ ଦିଏ ନାହିଁ । ମହମ୍ମଦିଆ ବଜାରରେ ମାସିକ ଟ୧୭୯ ଭଡ଼ାରେ ମୁଁ ଗୋଟିଏ ବସାରେ ରହୁଥାଏଁ । ମୋ ପୂର୍ବରୁ ଯେଉଁମାନେ ସେହି ଘରେ ରହୁଥିଲେ ସେମାନେ କିଏ ଟ୫୯ କିଏ ଟ୪୯ ଚାନ୍ଦା ଦେଉଥିଲେ । ଶଙ୍ଖୀ ଖଲିପା ପ୍ରଭୃତି ସେଠାର କେତେଜଣ ମାମଲତକାର ମୋତେ ଚାନ୍ଦା ଦେବାକୁ ବାଧ କଲେ ଏବଂ ମୁଁ ଚାନ୍ଦା ନ ଦେଲେ ମୋତେ ସେ ପଡ଼ାରେ ରଖାଇ ଦେବେ ନାହିଁ ବୋଲି ଭୟ ଦେଖାଇଲେ । କଟକରେ ମୁସଲମାନମାନେ ମଧ୍ୟ ଦୁର୍ଗାମେଢ଼ କରିବାରେ ଯୋଗ ଦିଅନ୍ତି ତାହା ମୁଁ ସେହିଦିନ ଜାଣିଲି । ମୁଁ କହିଲି—"ଏପରି ଚାନ୍ଦା ଦେବାକୁ ମୁଁ ଅନ୍ୟାୟ ମନେ କରୁଛି । ମୁଁ ଯାହା ଅନ୍ୟାୟ ବୋଲି ବୁଝୁଛି ତାହା କରିପାରିବି ନାହିଁ । ତୁମମାନଙ୍କୁ ମଦ ଖାଇବାକୁ ନଦେଲେ ତୁମ୍ଭେମାନେ ଯଦି ମୋତେ ଏହି ପଡ଼ାରେ ରଖାଇଦେବ ନାହିଁ ବୋଲି ଭୟ ଦେଖାଅ, ମୁଁ ତାହା କରିପାରିବି ନାହିଁ ।" ମୋର ଏବଂ ଶଙ୍ଖୀ ଖଲିପା ପ୍ରଭୃତିଙ୍କର ଏପରି ବାଦ ପ୍ରତିବାଦ ଶୁଣି ଅନେକ ଲୋକ ଜମା ହୋଇଗଲେ । ଭାରତ ସେବକ ସମିତିର ସଭ୍ୟ ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ଦୈବାତ୍ ସେଠାରେ ପହଞ୍ଚିଗଲେ ଏବଂ ସେଠା ମାମଲତକାରମାନଙ୍କୁ ମୋର ଅଭିପ୍ରାୟ ବୁଝାଇ ଦେଇ ମୁଁ ଲେଖିଥିବା "ସତ୍ୟାନୁସନ୍ଧାନ" ନାମକ

ଖଣ୍ଡିଏ ବସ୍ତ୍ର ସେମାନଙ୍କୁ ଦେଲେ । ସେମାନେ ମୋ ବସାରୁ ଫେରିଗଲେ । ସେହି ଦିନଠାରୁ ମୋତେ କେହି କୌଣସି ଚାନ୍ଦା ମାଗନ୍ତି ନାହିଁ ।

## ବିଧବା-ବିବାହ

ବିଗତ ହୋଇଅଛି ଧବ ଯାହାର ସେ ବିଧବା
ବିଗତ ହୋଇଅଛି ବର ଯାହାର ସେ ବିବରା

( ବର ଓ ଧବ-ଏ ଦୁହେଁ ସ୍ୱତନ୍ତ୍ର ଯୋଡ଼ିଏ କଥା । ବିବାହ କର୍ମ ଶେଷ ହେଲେ ବରକୁ ଧବ କୁହାଯାଏ । ଉକ୍ତ କର୍ମ ଶେଷ ନ ହେବା ପର୍ଯ୍ୟନ୍ତ "ଧବ" କୁହାଯାଇ ନ ପାରେ । ଆମ୍ଭମାନଙ୍କର ବିବାହ କର୍ମ କନ୍ୟାଦାନ ଦିନ ଆରମ୍ଭ ହୁଏ ଓ ଦୂର୍ବାକ୍ଷତ ଦିନ ଶେଷ ହୁଏ । ତେଣୁ କନ୍ୟାଦାନଠାରୁ ଦୂର୍ବାକ୍ଷତ ପର୍ଯ୍ୟନ୍ତ ବିବାହ କରୁଥିବା ବାଳକ ବାଳିକାମାନଙ୍କୁ ବରକନ୍ୟା କୁହାଯାଏ । କେବଳ ଯେ ଲୋକେ କହନ୍ତି ତା ନୁହେଁ, ଏହି ସୁଦୀର୍ଘ ୩ । ୪ ବର୍ଷ ମଧ୍ୟରେ ବର୍ଷବୃଦ୍ଧି ଓ ଚନ୍ଦ୍ର ବନ୍ଦାପନା ଇତ୍ୟାଦି ଯେତେ କର୍ମ ହୁଏ, ସବୁ କର୍ମର ମନ୍ତ୍ରରେ 'ବର କନ୍ୟା' ଓ 'ବିବାହାଙ୍ଗ' ଶବ୍ଦମାନଙ୍କର ବ୍ୟବହାର ସୁସ୍ପଷ୍ଟ ଭାବରେ ବାରମ୍ବାର ରହିଛି । ଏପରି ସ୍ଥଳେ ଅର୍ଥାତ୍ "ଧବ" ଏହି ନାମରେ ଉତ୍ପତ୍ତି ନ ହେଉଣୁ ଧବ ମଲା କପରି ଓ କନ୍ୟା ବିଧବା ହେଲା କିପରି ? ଯେଉଁ ଲୋକ ମଲା, ସେ ଲୋକ କନ୍ୟାର ବର ଅଟେ-- ଭାର୍ଯ୍ୟାର ଧବ କଦାପି ନୁହେଁ । ଏପରି କନ୍ୟାମାନଙ୍କୁ "ବିଧବା" କହିବା କିମ୍ବା ସେମାନଙ୍କର ବିବାହକୁ "ବିଧବା ବିବାହ" କହିବା ସମ୍ପୂର୍ଣ୍ଣ ଅନ୍ୟାୟ । ସେମାନଙ୍କୁ ବିବରା କହିବା ଓ ସେମାନଙ୍କର ବିବାହକୁ ବିବରା ବିବାହ କହିବା ସମ୍ପୂର୍ଣ୍ଣରୂପେ ଯୁକ୍ତିଯୁକ୍ତ । )

ଜଗତ୍‌ସିଂହପୁର ଥାନା ବରଡ଼ାଶାସନର ଶ୍ରୀ ରାମଚନ୍ଦ୍ର ଦାସ ନାମକ ଜଣେ ବ୍ରାହ୍ମଣ ଭଦ୍ରଲୋକଙ୍କର ଗୋଟିଏ ୧୨ । ୧୩ ବର୍ଷ ଝିଅର ଅଳ୍ପ ଦିନ ହେଲା ବିବରା ହୋଇଥିବାର ସମ୍ବାଦ ପାଇ ମୁଁ ସେଠାକୁ ଗଲି । ଝିଅଟି ତାର ମା ପାଖରେ ଚୁଲିପାଖରେ ବସିଛି ଏବଂ ମା ଓ ଝିଅ ସେହି ଚୁଲି ପାଖରେ ବସି ଅନବରତ କାନ୍ଦୁଅଛନ୍ତି । ଏହା ଦେଖି ମୁଁ ରାମବାବୁଙ୍କୁ କହିଲି—"ଝିଅଟି ମା ପାଖରେ ଆଉ କିଛିଦିନ ଏପରି ଭାବରେ ରହିଲେ ତାର ସ୍ୱାସ୍ଥ୍ୟ ନଷ୍ଟ ହୋଇଯିବ" । ଆପଣ ଝିଅଟିକୁ

ମୋତେ ଝିଅକର ଦିଅନ୍ତୁ ଏବଂ ମୋ ସଙ୍ଗେ କଟକ ପଠାଇ ଦିଅନ୍ତୁ । ବରପାତ୍ର ସ୍ଥିର କରି ମୁଁ ତାକୁ ଯଥା ସମୟରେ ବିବାହ ଦେବି । ଆପଣ ମୋ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତୁ ।" ରାମ ବାବୁ ଜଣେ ସଂସ୍କାରପ୍ରିୟ ଶିକ୍ଷିତ ଲୋକ । ମୋ କଥା ସେ ଭଲରୂପେ ବୁଝିପାରିଲେ ଏବଂ ପରଦିନ ସକାଳେ ସେ ଝିଅଟିକୁ ମୋ ପାଖରେ ଆଣି ମୋ ବସାରେ ଛାଡ଼ି ଦେଇଗଲେ । ଝିଅଟିକୁ ମୁଁ କାଚ-ସିନ୍ଦୂର ପିନ୍ଧାଇ ଅବିବାହିତା ଝିଅପରି ରଖିଲି । ୪ । ୬ ମାସ ପରେ ରାମ ବାବୁ ଝିଅଟିକୁ ପୁଣି ନିଜଘରକୁ ନେଇଗଲେ । ଝିଅଟି କାଚ-ସିନ୍ଦୂର ପିନ୍ଧି ଅବିବାହିତା ଝିଅପରି ରହିଥିବା ଦେଖି ଗ୍ରାମର ବ୍ରାହ୍ମଣମାନେ ରାମ ବାବୁଙ୍କୁ ସମାଜରୁ ଅଟକ ରଖିଲେ ଓ ଧୋବା-ଭଣ୍ଡାରି ମଧ୍ୟ ବନ୍ଦ କରିଦେଲେ । ରାମ ବାବୁ ନିଜହାତରେ ଖିଅର ହେଲେ ଓ ନିଜ ହାତରେ ଲୁଗା ସଫାକରି ଚଳିଲେ । ଦୁଇବର୍ଷ ପରେ ଝିଅଟିକୁ ଗୋଟିଏ ପାତ୍ର ସଙ୍ଗେ ବିବାହ ଦେବାକୁ ସ୍ଥିର କରି ରାମ ବାବୁ ଝିଅଟିକୁ ନାରୀମଙ୍ଗଳ ଆଶ୍ରମକୁ ଆଣିଲେ । ଯେଉଁ ବରପାତ୍ର ବିବାହ କରିବାକୁ ଜବାବ ଦେଇଥିଲେ ଶେଷ ମୁହୂର୍ତ୍ତରେ ସେ ମନା କରିଦେଲେ । ବହୁ ଚେଷ୍ଟା ପରେ ସାଲେପୁର ଥାନା ସତ୍ୟଭାମାପୁର ଗ୍ରାମର ଜଳଧର ଶତପଥି ବିବାହ କରିବାକୁ ଜବାବ ଦେଲେ ଏବଂ ନାରୀମଙ୍ଗଳ ଆଶ୍ରମରେ ତାଙ୍କ ସହିତ ଏଇ ଝିଅର ବିବାହ ସମ୍ପନ୍ନ ହେଲା ।

ବ୍ରାହ୍ମଣ ସମାଜରେ ଏବଂ ନାରୀମଙ୍ଗଳ ଆଶ୍ରମରେ ବିଧବା-ବିବାହ ନାମରେ ଏହା ପ୍ରଥମ ବିବାହ ହେଉଥିବାରୁ ସହରରୁ ଅନେକ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା ତାହା ଦେଖିବାକୁ ଆସିଥିଲେ । ଏହି ବିବାହରେ ବାଧା ଜନ୍ମାଇବା ଉଦ୍ଦେଶ୍ୟରେ କେତେଜଣ ରକ୍ଷଣଶୀଳ ବ୍ରାହ୍ମଣ ଭଦ୍ରଲୋକ ମଧ୍ୟ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ ମୋତେ ଶାସ୍ତ୍ରମତ ଦେଖାଇବାକୁ କହିବାରୁ ମୁଁ କହିଲି, "ମୁଁ ଶାସ୍ତ୍ରମତ ଜାଣେ ନାହିଁ ଏବଂ ଏପରି ଝିଅମାନଙ୍କର ବିବାହ ପାଇଁ ଶାସ୍ତ୍ରମତ ଖୋଜିବାର ଆବଶ୍ୟକତା ମୁଁ ଦେଖୁନାହିଁ । ଗୋଟିଏ ଛେଳିର ରକ୍ଷକ ମରିଯିବାରୁ ଛେଳିଟି ଖାଇବାକୁ ନ ପାଇ "ମେଁ ମେଁ" ଶବ୍ଦ କରିବା ଦେଖି ମୁଁ ଛେଳିଟିକୁ ଅନ୍ୟଜଣେ ରକ୍ଷକର ସିମାରେ ରଖୁଛି । ଏଥିପାଇଁ

ଉତ୍ତରରେ ପଢ଼ିବାକୁ ଦେଲେ ମୁଁ ପଢ଼ିବି" । ଜଣେ ବ୍ରାହ୍ମଣଙ୍କ ମୋ କଥାରେ ବିଶ୍ୱାସ ନ କରି ପରୀକ୍ଷା ପୂର୍ବକ କରିବାକୁ ବସିବାରୁ ମୁଁ ତାଙ୍କୁ ଛାଡ଼ିଦେବାକୁ କହିଲି । ଏହି ଘଟଣା ଦେଖି ଉପନ୍ୟାସ ଲେଖକ— ଶ୍ରୀ କାହ୍ନୁଚରଣ ମହାନ୍ତି "ଶାସ୍ତି" ନାମକ ଖଣ୍ଡେ ଉପନ୍ୟାସ ରଚନାରେ ଏହି ଘଟଣା ଉଲ୍ଲେଖ କରି ବହିଟିକୁ ନାସ୍ତିକମାନଙ୍କ ସମିତିକୁ ଉତ୍ସର୍ଗ କରିଛନ୍ତି ।

କଣ୍ଟୁଉକନ ପରେ ଶାସ୍ତ୍ରୀୟ ପ୍ରମାଣସବୁ ଦେଖାଇ ମୁଁ "ସଧବା ବିବାହ" ନାମକ ଖଣ୍ଡିଏ ବହି ପ୍ରକାଶ କଲି । ତାପରେ ମୁଁ ବୁଝିପାରିଲି ଯେ ଦୁର୍ବୋଷତ କର୍ମ ହୋଇନଥିବା ଝିଅମାନଙ୍କୁ ବିଧବା ବୋଲି କହିବା ଠିକ୍ ହେଉନାହିଁ । ତେଣୁ ମୁଁ "ଅପ୍ରକୃତ ବିଧବାର ପ୍ରକୃତ ବିବାହ" ନାମକ ବହି ଖଣ୍ଡିଏ ପ୍ରକାଶ କଲି । ଏତେ ବଡ଼ ନାମଟା ଭଲ ଲାଗିଲା ନାହିଁ । ତେଣୁ ଗୋଟିଏ ଯୁକ୍ତିଯୁକ୍ତ ଶ୍ରେଷ୍ଠ ନାମ ଖୋଜିବା ଆବଶ୍ୟକ ମନେ କଲି । ବିବାହ ମନ୍ତ୍ର, ମନୁସଂହିତା ଓ ବଶିଷ୍ଠସଂହିତା ଇତ୍ୟାଦି ପଢ଼ି ବୁଝିଲି ଯେ, କନ୍ୟାଦାନ କର୍ମ ପ୍ରକୃତରେ କନ୍ୟାର ବିବାହ ସଂସ୍କାର ନୁହେଁ । ବିବାହ ମନ୍ତ୍ରମାନଙ୍କରୁ ଦେଖିଲି ଯେ, କନ୍ୟାଦାନ ପରେ ଚତୁର୍ଥୀ ସପ୍ତମଙ୍ଗଳା, ଚନ୍ଦ୍ର ବନ୍ଦାପନା ଓ ବର୍ଷବୃଦ୍ଧି ପ୍ରଭୃତି ଯେତେ କର୍ମ ହୁଏ ସେସବୁ କର୍ମରେ "ଆବୟୋର୍ବର କନ୍ୟାୟୋ ର୍ବିବାହାଙ୍ଗ ବସ୍ତ୍ର ଗ୍ରନ୍ଥି ମୋଚନ" ଇତ୍ୟାଦି ମନ୍ତ୍ର ପଢ଼ାଯାଏ । ଏଥିରୁ ସ୍ପଷ୍ଟ ବୁଝିପାରିଲି ଯେ, କନ୍ୟାଦାନ କର୍ମର ବର୍ଷେ ବା ଦୁଇବର୍ଷ ପରେ ସମ୍ପନ୍ନ ହେଉଥିବା ବର୍ଷ ବୃଦ୍ଧି କର୍ମ ମଧ୍ୟ ବିବାହ କର୍ମର ଅଙ୍ଗ । ତା ପରେ ମୁଁ ବାଳ-ବିଧବା ପରିବର୍ତ୍ତେ "ଅବରା" ଏହି ନୂଆ ଶବ୍ଦଟି ସୃଷ୍ଟି କଲି ଏବଂ "ଅବରା-ବିବାହ" ନାମକ ଆଉ ଖଣ୍ଡିଏ ବହି ଲେଖିଲି । କେତେଜଣ ରକ୍ଷଣଶୀଳ ପଣ୍ଡିତ ଓ ଜୟପୁର ମହାରାଜା ଏପରି ଗୋଟିଏ ନୂଆଶବ୍ଦ ଗ୍ରହଣ କରାନଯାଉ ବୋଲି ପତ୍ର-ପତ୍ରିକାରେ ଅନେକ ଲେଖିଲେ । ମାତ୍ର ତାହାର ଆପତ୍ତି ରହିଲା ନାହିଁ । ଅବରା କନ୍ୟାମାନଙ୍କର ବିବାହ "ଅବରା-ବିବାହ" ନାମରେ ନାସ୍ତିମଙ୍ଗଳ ଆଶ୍ରମରେ ସମ୍ପନ୍ନ ହେଲା ଏବଂ ସମ୍ବାଦପତ୍ର ସବୁରେ "ଅବରା-ବିବାହ" କଥାଟି ପ୍ରକାଶ ପାଇଲା । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷ ଅଭିଧାନରେ "ଅବରା-ବିବାହ". ଶବ୍ଦଟି ରହିଲା ।

ନାଗିମଙ୍ଗଳ ଆଶ୍ରମରେ ୬ । ୭ଟି ବିଧବା-ବିବାହ ହେବାପରେ ମିସନ ସ୍କୁଲର ହେଡ଼ପଣ୍ଡିତ ଶ୍ରୀ ମାୟାଧର ଦାସ ୪୪ । ୪୫ ବର୍ଷ ବେଳେ ଗୋଟିଏ ୨୪ । ୨୫ ବର୍ଷର ବିଧବା କନ୍ୟାକୁ ବିବାହ କଲେ । ଏପରି ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ ହୋଇ ବିଧବା-ବିବାହ କରିଥିବା ଦେଖି ଅନେକଙ୍କର ଧାରଣା ଜନ୍ମିଲା ଯେ ବିଧବା-ବିବାହ ଶାସ୍ତ୍ରାନୁମୋଦିତ । ମାୟାଧର ଦାସ ପଣ୍ଡିତଙ୍କର ବିବାହ ପରେ ତାଙ୍କ ଗ୍ରାମର ବଂଶୀଧର କର ନାଗିମଙ୍ଗଳ ଆଶ୍ରମରେ ରହିଥିବା ପଦ୍ମାବତୀ ବୋଲି ଗୋଟିଏ ୧୪ । ୧୫ ବର୍ଷର ବିଧବା କନ୍ୟାକୁ ବିବାହ କଲେ । ତାପରେ ସେହି ଗ୍ରାମରୁ ନୀଳମଣି ବୋଲି ଗୋଟିଏ ୨୨ । ୨୩ ବର୍ଷର ବିଧବା କନ୍ୟା ନାଗିମଙ୍ଗଳ ଆଶ୍ରମକୁ ଆସିଲା ଏବଂ ୩ । ୪ ମାସ ଆଶ୍ରମରେ ରହିବା ପରେ ସାଲେପୁର ଥାନା ରୁଦ୍ରପୁର ଗ୍ରାମର ଶ୍ରୀ ରଘୁନାଥ ପଣ୍ଡାଙ୍କ ସହିତ ତାର ବିବାହ କର୍ମ ସମ୍ପନ୍ନ ହେଲା । ମାୟାଧର ପଣ୍ଡିତଙ୍କର ଗ୍ରାମ ନିକଟରେ ଅଣରେଇ ଗ୍ରାମର ଗୋଟିଏ ୨୪ । ୨୫ ବର୍ଷର ବିଧବା-ଝିଅ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ସେହି ଝିଅର ଖୁଡ଼ୁତା ଭୂତପୂର୍ବ ହେଡ଼ପୋଷ୍ଟ ଚିନ୍ତାମଣି ଆଚାର୍ଯ୍ୟ ମୋ ପାଖକୁ ଚିଠିଦେଲେ ଏବଂ ସେହି ଝିଅଟିକୁ ଆଶ୍ରମରେ ରଖିବାକୁ ଲେଖିଲେ । ମୁଁ ସେଠାକୁ ଗଲି । ଗ୍ରାମର ଲୋକଙ୍କୁ ଭୟକରି ଝିଅର ମା' ମୋତେ ଅନ୍ୟତ୍ର ରହିବାକୁ କହି ପଠେଇଲେ ଏବଂ ତାଙ୍କ ଘରକୁ ଯିବାକୁ ମନାକରି ପଠାଇଲେ । ମୁଁ ସେ କଥା ନ ମାନି ତାଙ୍କ ଘରକୁ ଗଲି । ଝିଅକୁ ମୋ ସଙ୍ଗରେ ପଠାଇବାକୁ ଝିଅର ମାଆ ମନା କଲା ଏବଂ ଅଳ୍ପଦିନ ମଧ୍ୟରେ ସୁବିଧା ଅନୁସାରେ ଝିଅକୁ ମୋ ଆଶ୍ରମକୁ ପଠାଇ ଦେବେ ବୋଲି କହିଲେ । କିଛିଦିନ ପରେ ଝିଅଟି ଚିନ୍ତାମଣି ଆଚାର୍ଯ୍ୟଙ୍କର ବଡ ପୁଅ ସୁରେନ୍ଦ୍ର ସଙ୍ଗେ ଆସି ଆଶ୍ରମରେ ରହିଲା । ଆଶ୍ରମରେ ପ୍ରାୟ ଏକବର୍ଷ ରହିବା ପରେ ପଟ୍ଟାମୁଣ୍ଡାଇ ଥାନା କଦଳୀବଣି ଗ୍ରାମର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ତାର ବିବାହ ହେଲା ।

କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ଶିକ୍ଷିତ ଯୁବକ । ଆଇ.ଏ. ପର୍ଯ୍ୟନ୍ତ ପଢ଼ିଥିଲେ । ସେ, ବର୍ତ୍ତମାନ କେନାଲ ରେଭିନ୍ୟୁ ଅଫିସରେ ଜଣେ କର୍ମଚାରୀ ଅଛନ୍ତି । ତାଙ୍କର ବଡ଼ପୁଅ ଢେଙ୍କାନାଳ କଲେଜରେ ପଢ଼ୁଛି ।

ବିଧବା ଝିଅମାନେ ବିବାହ କରନ୍ତୁ ବା ନ କରନ୍ତୁ ସେମାନେ କାଚ ସିନ୍ଦୂର ପିନ୍ଧି ଅବିବାହିତା ଝିଅମାନଙ୍କ ପରି ରହନ୍ତୁ ଏହା ମୋର ମତ । ମୁଁ ଯେତେ ବିଧବା ଝିଅ ସେଇଁଠାରୁ ଆଣେ କିମ୍ବା ସେଇଁମାନେ ସ୍ୱଇଚ୍ଛାରେ ଆଶ୍ରମକୁ ଆସନ୍ତି ସେମାନଙ୍କୁ ପ୍ରଥମେ କାଚ ସିନ୍ଦୂର ପିନ୍ଧାଏ ଏବଂ ମାଛ ଖାଇବାକୁ ଦିଏ । ଧାନମଣ୍ଡଳ ଷ୍ଟେସନ ନିକଟରେ ନୂଆଶାସନ ଗ୍ରାମର ଗୋଟିଏ ୧୩ । ୧୪ ବର୍ଷର ଝିଅ ଅଳ୍ପଦିନ ପୂର୍ବେ ବିଧବା ହୋଇଥିବା ଏବଂ ତାହାଠାରୁ କାଚ ସିନ୍ଦୂର କଢ଼ାଯାଇଥିବା ସମ୍ବାଦ ଶୁଣି ମୁଁ ସେଠାକୁ ଗଲି । ଝିଅର ପିତାମାତାଙ୍କୁ ବୁଝାଇ ଦେଇ ମୁଁ ସେହି ଝିଅର ମାଆକୁ କାଚ ଓ ସିନ୍ଦୂର ଦେବାକୁ କହିଲି । ଝିଅର ମା' କାଚ ସିନ୍ଦୂର ଦେବାରୁ ମୁଁ ସେହି ବିଧବା ଝିଅକୁ କାଚ ଓ ସିନ୍ଦୂର ପିନ୍ଧାଇ ଦେଲି । କେତେଜଣ ରକ୍ଷଣଶୀଳ ବ୍ରାହ୍ମଣ ବିଶେଷ ଆପତ୍ତି କରିବାରୁ ମୁଁ କହିଲି—"ମୁଁ ପିନ୍ଧାଇଥିବା କାଚ ଓ ସିନ୍ଦୂର ଆପଣମାନେ କାଢ଼ି ଦିଅନ୍ତୁ ମୋର ଆପତ୍ତି ନାହିଁ । କାଚ ସିନ୍ଦୂର କାଢ଼ି ଏପରି ଝିଅମାନଙ୍କୁ ବିଧବା କରିବା ଯଦି ଶାସ୍ତ୍ର ସମ୍ମତ ଓ ବିବେକାନୁମୋଦିତ ଆପଣମାନେ କାଚ ସିନ୍ଦୂର କାଢ଼ିବାକୁ ଭୟ କରୁଅଛନ୍ତି କାହିଁକି ? ଫେରିବାବେଳେ ସେହି ଗ୍ରାମର ଜଣେ ପ୍ରଧାନ ବ୍ୟକ୍ତି ବିମ୍ବାଧର ଆଚାର୍ଯ୍ୟଙ୍କ ସଙ୍ଗେ ମୋର ଦେଖାହେଲା । ସେ ମୋତେ ତାଙ୍କ ଘରକୁ ଡାକି ନେଇ ବିଶେଷ ସମ୍ମାନ ଦେଖାଇଲେ । ମାତ୍ର ସେ ଓ ଅନ୍ୟ କେତେଜଣ ବ୍ରାହ୍ମଣ ମୁଁ ସେହି ଝିଅକୁ କାଚ ସିନ୍ଦୂର ପିନ୍ଧାଇଥିବା ଏବଂ ତାଙ୍କ ଗ୍ରାମରେ ଏପରି ବିଶୃଙ୍ଖଳା ସୃଷ୍ଟି କରିବା ଅନ୍ୟାୟ ବୋଲି କହିଲେ । ମୁଁ କହିଲି—"ମୁଁ ଯଦି ଏପରି ଅଶାସ୍ତ୍ରୀୟ ଓ ଅନ୍ୟାୟ କାର୍ଯ୍ୟ କରୁଛି ଆପଣମାନେ ମୋତେ ଘୃଣା ନ କରି ସମ୍ମାନ ଦେଖାଉଅଛନ୍ତି କିପରି ?

ଏହି ଘଟଣାର ପ୍ରାୟ ଏକବର୍ଷ ପରେ ଝିଅର ପିତା ମାତା ବରପାତ୍ର ସ୍ଥିର କରି ଝିଅଟିକୁ ବିବାହ ଦେଲେ । ଏହି ଝିଅର ବିବାହର କିଛି ଦିନ ପରେ ସେହି ଗ୍ରାମର ଅନ୍ୟ ଗୋଟିଏ ୧୫ । ୧୬ ବର୍ଷର ବିଧବା ଝିଅକୁ ବିବାହ ଦେବାପାଇଁ ଝିଅର ମା ମୋତେ ସମ୍ବାଦ ଦେଲେ । ମୁଁ ସେହି ଗ୍ରାମକୁ ଗଲି । ଝିଅର ମାଆ ମୋତେ ତାଙ୍କ ଘରକୁ ନେବାକୁ

ଭସ୍ମ କଲେ । ମୁଁ ଅନ୍ୟଜଣଙ୍କ ଘରେ ରହିଲି । ଝିଅର ମା ସେଠାକୁ ଆସି ମୋତେ ଝିଅର ବିବାହ ପାଇଁ କହିଲେ । ମୁଁ କହିଲି—ଝିଅର ବାପା ମତ ଦେଉଛନ୍ତି ତ ? ଝିଅର ମା କହିଲେ—"ତାଙ୍କର ଏଥିରେ ଆପତ୍ତି ମତ ନାହିଁ । ସେଥିପାଇଁ ମୁଁ ତୁମ୍ଭଙ୍କୁ ଆମ ଘରକୁ ଡାକିଲି ନାହିଁ । ମୁଁ ସ୍ୱିତା ସ୍ତ୍ରୀ ଲୋକ ହୋଇଥିବାରୁ ଝିଅର ବୈଧବ୍ୟ ଦୁଃଖ ଅନୁଭବ କରୁଛି । ପୁରୁଷଲୋକ ତାହା ଅନୁଭବ କରିବେ କିପରି ? ସେହି ବିଧବା ଝିଅର ମାଆଠାରୁ ମୁଁ ଏହି ନୂଆ କଥାଟି ଶିଖିଲି ଓ ମନେ ରଖିଲି ।

ଯୁବକଙ୍କ ବିବାହ ପ୍ରଚଳନ ପରେ ଆଜିକାଲି ଶିକ୍ଷିତ ଲୋକେ ମାଆର ମତକୁ ଉପେକ୍ଷା କରି ଝିଅମାନଙ୍କର ବିବାହ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ ରହି ଅନେକ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ କଲେଜରେ ପଢ଼ାଉଥିବା ଦେଖିଲେ ସେହି ବିଧବା ଝିଅର ମାଆର କଥା ମୋର ମନେପଡ଼େ । ଝିଅମାନଙ୍କୁ ଅନେକ ବର୍ଷ ପର୍ଯ୍ୟନ୍ତ ଅବିବାହିତା ରଖି ସେମାନଙ୍କୁ ସ୍କୁଲ୍ କଲେଜରେ ପଢ଼ାଇବାର ସପକ୍ଷରେ କିମ୍ବା ବିପକ୍ଷରେ ମୁଁ କିଛି କହୁ ନାହିଁ । ମୋର ମତ ଏହିକି ଆମ୍ଭମାନଙ୍କର ସ୍ତ୍ରୀମାନେ ଅଶିକ୍ଷିତା ଥିଲେ ମଧ୍ୟ ଏବଂ ଆମ୍ଭେମାନେ ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ଝିଅମାନଙ୍କର ବିବାହ ବିଷୟରେ ମାଆମାନଙ୍କ ସଙ୍ଗେ ପରାମର୍ଶ କରିବା ଏକାନ୍ତ ଆବଶ୍ୟକ ।

ଜଗତ୍‌ସିଂହପୁର ଥାନାର କରଡ଼ା ଶାସନରୁ ଦୁଇଟି ଝିଅ ନାଗାମଙ୍ଗଳ ଆଶ୍ରମରେ ରହି ବିବାହ କରିଥିବା ବିଷୟ ପୂର୍ବେ ଲେଖା-ଯାଇଅଛି । ସେହି ଗ୍ରାମର ଆଉ ଗୋଟିଏ ୧୬ । ୧୭ ବର୍ଷର ବିଧବା ଝିଅକୁ ନାଗାମଙ୍ଗଳ ଆଶ୍ରମକୁ ପଠାଇବେ ବୋଲି ଝିଅର ମା' ମୋତେ ସମ୍ବାଦ ଦେଲେ । ମୁଁ ସେଠାକୁ ଯାଇ ବୁଝିଲି ଯେ, ଝିଅକୁ ପଠାଇବା କଥା ଝିଅର ବାପକୁ ଜଣାନାହିଁ । ବାପର ଅଜ୍ଞାତସାରରେ ଝିଅର ମାଆ ଓ ଅନ୍ୟ କେତେଜଣ ସ୍ତ୍ରୀଲୋକ ମୋର ପରାମର୍ଶ ଅନୁସାରେ ଝିଅଟିକୁ ସଙ୍ଗରେ ଆଣି ତରଣ୍ଡା ମଠର ଷ୍ଟାଣ୍ଡରେ ଛାଡ଼ିଦେଲେ । ମୁଁ ଝିଅଟିକୁ ଆଣି ନାଗାମଙ୍ଗଳ ଆଶ୍ରମରେ ରଖିଲି । ପ୍ରାୟ ଏକବର୍ଷ ପରେ ଝିଅଟିକୁ ବିବାହ ଦିଆଗଲା ।

୧୯୩୩ ସାଲ ନଭେମ୍ବର ୨୭ ତାରିଖରେ ମାର୍ଗଶିର ତିଥିରେ ନାରୀମଙ୍ଗଳ ଆଶ୍ରମରେ ରହିଥିବା ତିନୋଟି ବିଧବା କନ୍ୟାଙ୍କୁ ବିବାହ ଦିଆଯିବାର ସ୍ଥିର ହୋଇ ତଦନୁସାରେ ନିମନ୍ତ୍ରଣପତ୍ର ସବୁ ଦିଆଗଲା । ମାତ୍ର କୌଣସି ବିଶେଷ କାରଣରୁ ଲାବଣ୍ୟବତୀ (ବାସନ୍ତୀ) ବୋଲି ଗୋଟିଏ କନ୍ୟାର ବିବାହ ସେଦିନ ହୋଇ ନପାରି ପରବର୍ତ୍ତୀ ତିଥିରେ ଡିସେମ୍ବର ୯ ତାରିଖରେ ସମ୍ପନ୍ନ ହେଲା । ଅନ୍ୟ ଦୁଇଟି ବିଧବା କନ୍ୟାଙ୍କର ବିବାହ ନାରୀମଙ୍ଗଳ ଆଶ୍ରମର ସାମନା ଛକ ଉପରେ ଦୁଇଜଣ ପୁରୋହିତଙ୍କ ଦ୍ୱାରା ଏକା ସମୟରେ ଏକା ବେଦୀରେ ସମ୍ପନ୍ନ ହେଲା । ମୋର ନିର୍ଦ୍ଦେଶ ଅନୁସାରେ ପୁରୋହିତ ଦୁହେଁ ଖୁବ୍ ଉଚ୍ଚ ସ୍ୱରରେ ବିବାହ ମନ୍ତ୍ର ଉଚ୍ଚାରଣ କଲେ ଏବଂ ଉପସ୍ଥିତ ସ୍ତ୍ରୀ ଲୋକମାନେ ହୁଳହୁଳି ପକାଇଲେ । ଏହା ଦେଖି ସାଧାରଣ ଲୋକଙ୍କର ଏବଂ ସ୍ତ୍ରୀ ଲୋକମାନଙ୍କର ଧାରଣା ହେଲା ଯେ ଏପରି ବିବାହ ଶାସ୍ତ୍ରାନୁମୋଦିତ । ଏହି ବିବାହ କର୍ମ ହେବାବେଳେ ବିଧବା କନ୍ୟାମାନେ ମୁଣ୍ଡରେ ଓଢ଼ଣା ଦେଇ ନଥିବା ଦେଖି ବିବାହ ଦେଖିବାକୁ ସହରରୁ ଅନିମନ୍ତ୍ରିତ ଅସଂଖ୍ୟ ଲୋକ ଜମା ହୋଇଗଲେ । ଗାଡ଼ି, ମଟର ପ୍ରଭୃତି ସବୁପ୍ରକାର ଯାନ-ବାହାନ ବନ୍ଦ ହୋଇଗଲା । ଅନେକ ଭଦ୍ରବ୍ୟକ୍ତି ଓ ଭଦ୍ର ମହିଳା ଗାଡ଼ିରୁ ଓହ୍ଲାଇ ଓ ଗାଡ଼ିରେ ବସି ବିବାହ କର୍ମ ଦେଖିଲେ । ଭୂତପୂର୍ବ ଡେପୋଟି ମାଜିଷ୍ଟ୍ରେଟ ମାଧବଚନ୍ଦ୍ର ମିଶ୍ର ଓ ଭୂତପୂର୍ବ ଓକିଲ ଜାନକୀନାଥ ବୋଷ ବିବାହ ବେଦୀର ନିକଟରେ ଠିଆହୋଇ ଉପସ୍ଥିତ ଜନସାଧାରଣଙ୍କୁ ଏପରି ବିବାହ ସପକ୍ଷରେ ଅନେକ କଥା ବୁଝାଇଲେ ।

ଭାଷଣ ଦେବାବେଳେ ମାଧବଚନ୍ଦ୍ର ମିଶ୍ର ଲୋତକ ସମ୍ବରଣ କରିପାରିଲେ ନାହିଁ ଏବଂ ତାଙ୍କର କଣ୍ଠରୋଧ ହେବାରୁ ସେ ଆଉ କିଛି କହି ପାରିଲେ ନାହିଁ । ମାତ୍ର ସେ ଯେତିକି କହିଲେ ଓ ଯେପରି ଭାବରେ କହିଲେ ତାହା ସମସ୍ତଙ୍କର ହୃଦୟକୁ ବିଶେଷ ଭାବରେ ସ୍ପର୍ଶ କଲା । ଜଣେ ଶିକ୍ଷିତ ଭଦ୍ରବ୍ୟକ୍ତି ମୋତେ ସେଠାରେ କହିଲେ—"ଆପଣ ବିଧବା ବିବାହକୁ ସମର୍ଥନ କରୁଅଛନ୍ତି । ଯେଉଁମାନଙ୍କର ଦୁର୍ବାକ୍ଷତ କର୍ମ ହୋଇ ଯାଇଅଛି ସେହି ବିଧବମାନେ କଣ ବିବାହ କରିବେ ନାହିଁ ।" ଉତ୍ତରରେ ମୁଁ କହିଲି—"ବିଧବା ଝିଅମାନେ ବିବାହ କରନ୍ତୁ ଏବଂ ବିଧବାମାନେ

ବିବାହ ନ କରନ୍ତୁ ଏ କଥା ମୁଁ କହୁନାହିଁ—ମୁଁ କହୁଛି ଯେ ବିଧବା ଝିଅମାନେ ଅବିବାହିତା ଝିଅମାନଙ୍କ ପରି ରହିବେ । ସେମାନେ ବୈଧବ୍ୟ ପାଳିବେ ନାହିଁ । ମୋ କଥା ଶୁଣି ଜାନକୀ ବାବୁ କହିଲେ— "Yes, you are quite right. I fully support what you say" ଅର୍ଥାତ୍ ତୁମ୍ଭେ ଯାହା କହିଲ ମୁଁ ତାହା ସମ୍ପୂର୍ଣ୍ଣରୂପେ ସମର୍ଥନ କରୁଛି । ସେହିଦିନ ମାଧବଚନ୍ଦ୍ର ମିଶ୍ର କହିଲେ—"ମୁଁ ନାରୀମଙ୍ଗଳ ସମିତିକୁ ପ୍ରତି ମାସରେ ଟ ୧୨ ଚାନ୍ଦା ଦେବି । ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେ ଠିକ୍ ହିସାବ କରି କେବେ ଚାରି ମାସର ଟ ୪୨ କେବେ ଛଅ ମାସର ଟ ୭୨ ମନିଅର୍ଡ଼ର କରି ପଠାଉଥିଲେ । ଏହି ଦୁଇଟି ବିଧବା କନ୍ୟାଙ୍କର ବିବାହର ୧୬ ଦିନ ପରେ ପୂର୍ବୋକ୍ତ ବାସନ୍ତୀର ବିବାହ ସେହି ବେଦୀରେ ସମ୍ପନ୍ନ ହେଲା । ଏହି ତିନୋଟି ବିଧବା କନ୍ୟାଙ୍କର ବିବାହ ଦେଖିସାରି ସହକାର ନାମକ ମାସିକ ପତ୍ରିକାର ସମ୍ପାଦକ ଶ୍ରୀ ବାଳକୃଷ୍ଣ କର ତାଙ୍କ ପତ୍ରିକାରେ ନିମ୍ନଲିଖିତ ମତ ପ୍ରକାଶ କଲେ ଏବଂ ଏହାପରେ ଅନେକ ବିଧବା କନ୍ୟା ଆଶ୍ରମକୁ ଆସି ବିବାହ କଲେ ।

( ସହକାରରେ ପ୍ରକାଶିତ )

## ନାରୀମଙ୍ଗଳ ସମିତି ଓ ବିବାହ ସଂସ୍କାର

ଶ୍ରୀଯୁକ୍ତ ବୈରାଗୀ ଚରଣ ମିଶ୍ରଙ୍କ ସମ୍ପାଦକ ରୂପେ ପାଣ୍ଡ କଟକର ନାରୀମଙ୍ଗଳ ସମିତି ସାମାଜିକ କେତେକ କୁସଂସ୍କାର ଓ ଚିରାଚରିତ ପ୍ରଥା ବିରୁଦ୍ଧରେ ଯେପରି ଭାବରେ ତୁମୁଳ ଅଭିଯାନ ଆରମ୍ଭ କରିଅଛି ତାହା ଏକା କଟକ ପକ୍ଷରେ କାହିଁକି ସମଗ୍ର ଉତ୍କଳଖଣ୍ଡ ପକ୍ଷରେ ଅତ୍ୟନ୍ତ ସୁଖର କଥା ବୋଲି ସ୍ୱୀକାର କରିବାକୁ ହେବ । ୧୯୩୦ ମସିହାରେ ଅକ୍ଟୋବର ମାସରେ ଏହି ସମିତି ଜନ୍ମଲାଭ କରି ଲୋକଲୋଚନରେ ପତିତ ହୋଇଥିଲା ସତ୍ୟ, କିନ୍ତୁ ତାହାର ବହୁ ବର୍ଷ ପୂର୍ବରୁ ହିନ୍ଦୁ ସମାଜରେ ନାନା ଅନ୍ୟାୟ, ଅନୀତି ଓ ନିପୀଡ଼ନ ପ୍ରତ୍ୟକ୍ଷ କରି ଏବଂ ନିଜର ପାରିବାରିକ ଜୀବନରେ ସେ ସମସ୍ତ ଅନୁଭବ କରି ବୈରାଗୀ ବାବୁଙ୍କର ସଂସ୍କାରପ୍ରିୟ ହୃଦୟ ବିଦ୍ରୋହୀ ହୋଇ ଉଠିଥିଲା । ନିଜର ପାରିବାରିକ ଜୀବନରେ ପ୍ରଥମେ ସଂସ୍କାରର ସୂତ୍ରପାତ କରି ଲୋକଙ୍କ

ଦେଶରେ ସଂସ୍କାର ଉଦ୍ୟମ ଚଳାଇବା ପାଇଁ ସେ ୧୯୩୦ରେ ନାରୀମଙ୍ଗଳ ସମିତି ପ୍ରତିଷ୍ଠା କଲେ । ସମିତି ତାର ଏହି ସାମାନ୍ୟ କେତୋଟି ବର୍ଷର କ୍ଷୁଦ୍ର ଜୀବନ କାଳ ମଧ୍ୟରେ ଯଥାରେ ଅଧିକ ଦୂର ଅଗ୍ରସର ହୋଇ ନଥିଲେ ହେଁ କାର୍ଯ୍ୟରେ ଯେତିକି ଦୂର ଗତି କରିଅଛି ତାହା ପ୍ରକୃତରେ ପ୍ରଶଂସନୀୟ । ସଂଗଠନ ଦିଗରୁ ସମିତିର ସାର୍ଥକତା କଥା ବିଚାର କଲେ ଜଣାଯିବ ଯେ, ଏ ପର୍ଯ୍ୟନ୍ତ କର୍ମୀମାନଙ୍କର ସଂଖ୍ୟା ଆଶାନୁରୂପ ହୋଇ ନାହିଁ । ଅଳ୍ପ କେତେଜଣ ନାରୀକର୍ମୀ ଓ ସଭ୍ୟଙ୍କୁ ଘେନି ସମ୍ପାଦକ ଶ୍ରୀଯୁକ୍ତ ବୈରାଗୀ ଚରଣ ମିଶ୍ର ଏକାକୀ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛନ୍ତି । ହିନ୍ଦୁ ସମାଜରେ ଆଜି ଯେପରି ମୂର୍ଖତା ଓ ଅନ୍ଧବିଶ୍ୱାସର ପ୍ରସାର ବୃଦ୍ଧି ଲାଭ କରିଅଛି, ସେ କଥା ବିଚାର କଲେ ସାମାଜିକ ସଂସ୍କାର କ୍ଷେତ୍ରରେ ଏକୁଟିଆ ହୋଇ ଗତି କରିବା ଦୁଃସାହସ, ଆଉ ତାହା କାହାରିକୁ ବୁଝାଇବାକୁ ହେବ ନାହିଁ । କିନ୍ତୁ ସୁଖର କଥା, ବୈରାଗୀ ବାବୁ ସେ କ୍ଷେତ୍ରରେ ନିତାନ୍ତ ଏକୁଟିଆ ଭାବରେ ଅଭିଯାନ ଚଳାଇ ଅଛନ୍ତି । ତହିଁରୁ ତାଙ୍କର ସତ୍‌ସାହସ ଓ କର୍ମନିଷ୍ଠା ସହଜରେ ଅନୁମିତ ହୁଏ ଏବଂ ସମିତିର କାର୍ଯ୍ୟକାରିତା ମଧ୍ୟ ଜଣାପଡ଼େ ।

ବିବାହ ସଂସ୍କାର ଦିଗରେ ନାରୀମଙ୍ଗଳ ସମିତିର କାର୍ଯ୍ୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ବାଲ୍ୟ ବିବାହ ନିରୋଧ ପାଇଁ ବ୍ୟବସ୍ଥାପକ ମହାସଭାରେ "ଶାରଦା ଆଇନ" ଗୃହୀତ ହୋଇଥିଲେ ହେଁ ତାହାର ଫଳ ଆଶାଜନକ ହୋଇନାହିଁ । ସୁଖର କଥା, ବୈରାଗୀ ବାବୁ ଯଥା ସମୟରେ ମୋକଦ୍ଦମାର ଭୟ ଦେଖାଇ ବ୍ରାହ୍ମଣ ପରିବାରରେ କେତୋଟି ବାଲ୍ୟବିବାହ ନିରୋଧ କରି ଯୁବତୀ ବିବାହର ପଥ ଉନ୍ମୁକ୍ତ କରି ଦେଇ-ଅଛନ୍ତି । ନିକଟରେ ବ୍ରାହ୍ମଣ ସମାଜରେ କେତୋଟି ଯୁବତୀ ବିବାହ କଟକରେ ଏବଂ ଉତ୍କଳର ଅନ୍ୟତ୍ର ଅନୁଷ୍ଠିତ ହୋଇଅଛି । ଏସବୁ ଯେ ନାରୀମଙ୍ଗଳ ସମିତିର ପ୍ରଚେଷ୍ଟା ଯୋଗୁଁ ସମ୍ଭବପର ହୋଇଅଛି, ତହିଁରେ କୌଣସି ସନ୍ଦେହ ନାହିଁ ।

ବିଧବା ବିବାହ ଦିଗରେ ନାରୀମଙ୍ଗଳ ସମିତି ଏ ପର୍ଯ୍ୟନ୍ତ ଯାହା କରିଅଛି, ତାହାକୁ ପ୍ରଶଂସା ନ କରି ରହି ହୁଏ ନାହିଁ । ବାଲ୍ୟ ବିବାହ

ହେତୁ ଯେଉଁ ବାଳିକାମାନେ ଯୌବନୋଦ୍‌ଗମ ହେବା ପୂର୍ବରୁ ଅକାଳରେ ବିଧବା ହୁଅନ୍ତି, ସେମାନେ ଯେ ପ୍ରକୃତ ବିଧବା ନୁହଁନ୍ତି ଏବଂ ସେମାନଙ୍କର ବିବାହ ଯେ ପ୍ରକୃତ ବିଧବା ବିବାହ ନୁହେଁ, ଏ ପ୍ରସଙ୍ଗରେ ସମ୍ପାଦକ ଶ୍ରୀଯୁକ୍ତ ବୈରାଗୀ ଚରଣ ମିଶ୍ର ଏକାଧିକ ପୁସ୍ତିକା ପ୍ରଚାର କରି ଦେଶର ଜନସାଧାରଣଙ୍କ ନିକଟରେ ଏକ ନୂତନ କଥା ଉପସ୍ଥାପିତ କରିଅଛନ୍ତି । ତାଙ୍କ ମତରେ ଏଭଳି ଅକାଳରେ ବରର ମୃତ୍ୟୁ ହେଲେ ତାହାର ବିବାହିତା କନ୍ୟାକୁ ବିଧବା ବୋଲି ନକହି "ବିବରି" ବୋଲି କହିବା ଏକାନ୍ତ ଯୁକ୍ତିସଙ୍ଗତ, କାରଣ ମୃତ ବାଳକ ସେ ପର୍ଯ୍ୟନ୍ତ ତାହାର ବର ହୋଇ ରହିଥାଏ । ବିବାହର ଶେଷରେ ଅର୍ଥାତ୍ ନିବନ୍ଧଠାରୁ ନିଷେକ ଯାଏ ସମସ୍ତ ବୈବାହିକ କର୍ମ ଶେଷ ହେଲେ ବର କନ୍ୟାର ଧବ ବା ସ୍ୱାମୀ ହେବାର କଥା । ବୈବାହିକ ମନ୍ତ୍ରମାନଙ୍କରେ ମଧ୍ୟ ଏକଥା ଏକାଧିକ ବାର ଉଦ୍‌ଘୋଷିତ ହୋଇଥିବାର ଦେଖାଯାଏ । ପ୍ରାପ୍ତବୟସ୍କା ଯୁବତୀ ବିଧବାଙ୍କ ତୁଳନାରେ ଏଭଳି ଅପ୍ରାପ୍ତବୟସ୍କା ବାଳ ବିଧବା ବା 'ବିବରି'ଙ୍କ ସଂଖ୍ୟା କିଛି ଅଳ୍ପ ନୁହେଁ । ଅବିବାହିତା ବାଳିକାମାନଙ୍କ ପରି ଏଭଳି ବାଳବିଧବାମାନଙ୍କର ପୁନର୍ବିବାହ ଯେପରି ବିବେକାନୁମୋଦିତ, ସେହିପରି ମଧ୍ୟ ଶାସ୍ତ୍ରସଙ୍ଗତ । ଏ ସମ୍ପର୍କରେ ନାରୀ-ମଙ୍ଗଳ ସମିତି ଯେ କେବଳ କଥାରେ କହି ଓ ଲେଖାରେ ପୁସ୍ତିକା ପ୍ରଚାର କରି ନିଜର କାମ ଶେଷ କରିଅଛି, ତାହା ନୁହେଁ; ପରନ୍ତୁ କାର୍ଯ୍ୟରେ ମଧ୍ୟ ଆଶାନୁରୂପ ଭାବରେ ଅଗ୍ରସର ହୋଇଅଛି । ଗତ ମାର୍ଗଶିର ମାସରେ ବିବାହ ତିଥିରେ ଏଭଳି ତିନୋଟି ବିବାହ ସମିତି ଗୃହରେ ଅନୁଷ୍ଠିତ ହୋଇ ଯାଇଅଛି ।

କଟକର ବହୁ ମାନ୍ୟଗଣ୍ୟ ଶିକ୍ଷିତ ବ୍ୟକ୍ତି ଓ ପଣ୍ଡିତ ଏଥିରେ ଯୋଗଦେଇ ସମିତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥିଲେ ।

ବୈଦିକ ବିବାହର ବିଧି ବିଧାନ ଅନୁଯାୟୀ ଏହି ବିବାହମାନ ସମ୍ପନ୍ନ ହୋଇଥିଲା । ଯେଉଁ ପରିବାରରେ ଏଭଳି ବିଧବା ଅଛନ୍ତି, ସେ ପରିବାରର ପିତାମାତାମାନଙ୍କର ସେଭଳି କନ୍ୟାମାନଙ୍କୁ ପୁନର୍ବାର ବିବାହ ଦେବା ଉଚିତ । ସମିତି ଗୃହରେ ବର୍ତ୍ତମାନ ମଧ୍ୟ ମଫସଲରୁ

ଆମ୍ଭର ଏଭଳି କେତୋଟି ବାଲବିଧବୀ ବିବାହ ନିମିତ୍ତ ସ୍ଥାନ ପାଇଅଛନ୍ତି । ସୁରପଲ୍ଲୀର କୌଣସି ପିତା ମାତା ଯଦ୍ୟପି ଏଭଳି କାର୍ଯ୍ୟରେ ନାରୀମଙ୍ଗଳ ସମିତିର ସାହାଯ୍ୟ ଖୋଜନ୍ତି, ତାହାହେଲେ ସମିତିର ସମ୍ପାଦକ ସେଥିପାଇଁ ନିଶ୍ଚିତ୍‌ପଦ ହେବେ ନାହିଁ ବୋଲି ଆମ୍ଭମାନଙ୍କର ବିଶ୍ୱାସ । ଆମ୍ଭେମାନେ ଆଶା କରୁ, ଅଦୂର ଭବିଷ୍ୟତରେ ଏ ଧରଣର ବିବାହ ଉତ୍କଳର ଗ୍ରାମେ ଗ୍ରାମେ ଘରେ ଘରେ ଅନୁଷ୍ଠିତ ହେବ । ନାରୀମଙ୍ଗଳ ସମିତି ଏ ଦିଗରେ ପଥ ପ୍ରଦର୍ଶନ ମାତ୍ର କରିଅଛନ୍ତି, ଏଣିକି ଜନସାଧାରଣଙ୍କୁ ସେହି ପଥରେ ଗତି କରିବାକୁ ହେବ, ତା ନହେଲେ ପ୍ରତ୍ୟେକ ସ୍ଥାନରେ ଏଭଳି ବିବାହ ଅନୁଷ୍ଠାନ କରାଇବା ସମିତି ପକ୍ଷରେ ସମ୍ଭବପର ହେବ କି ?

## ଦୁଇ ପଅଙ୍କର ବିବର୍ତ୍ତି ବିବାହ

ଜଗତସିଂହପୁର ଥାନାନ୍ତର୍ଗତ ରାଣୀପଡ଼ା ଗ୍ରାମର ଶ୍ରୀ ଭଗିରଥି ମିଶ୍ରଙ୍କର ଗୋଟିଏ ୧୪ । ୧୫ ବର୍ଷର ଝିଅ ବିଧବା ହୋଇଥିବାରୁ ଭଗିରଥି ବାବୁ ତାକୁ ବିବାହ ଦେବେ ବୋଲି ମୋତେ ଚିଠି ଲେଖିଲେ । ସେତେବେଳେ ସେ ପାଠନାରେ ଅଡ଼ିଟର କାମ କରୁଥିଲେ । ମୁଁ ତାଙ୍କୁ ଲେଖିଲି—"ଆପଣ ଝିଅଟିର ବିବାହ ପାଇଁ ଆଦୌ ଭାବିବେ ନାହିଁ, ମୁଁ ଉପଯୁକ୍ତ ବରପାତ୍ର ସ୍ଥିରକରି ଆପଣଙ୍କୁ ଲେଖିବି । ଉପଯୁକ୍ତ ବରପାତ୍ର ନ ପାଇଲେ ମୋର ବଡ଼ପୁଅ ସହିତ ତାକୁ ବିବାହ ଦେବି ।" ଝିଅଟିକୁ ନ ଦେଖି ମଧ୍ୟ ମୁଁ ଏହିପରି ଲେଖିଦେଲି । ତାର କିଛିଦିନ ପରେ ମୁଁ ସେହି ଝିଅଟିକୁ ଦେଖିବାକୁ ଗଲି । ମନ କଷ୍ଟରେ ଓ ମେଲେରିଆ ଜ୍ୱରରେ ଝିଅଟିର ସ୍ୱାସ୍ଥ୍ୟ ନଷ୍ଟ ହୋଇ ଯାଇଥାଏ । ମୋ ମନରେ ସାମାନ୍ୟ ଦ୍ୱିଧା ଜନ୍ମିଲେ ମଧ୍ୟ ମୁଁ ପୂର୍ବରୁ ଯବାବ ଦେଇଥିବାରୁ ମୋର ବଡ଼ପୁଅ ଶରତ କୁମାର ସହିତ ତାର ବିବାହ ସ୍ଥିର କଲି । ମୋର ଭାଇମାନେ ଓ ବନ୍ଧୁ ବାନ୍ଧବମାନେ ଅନେକ ବାଧା ଦେଲେ । ମୋର ମାଆ ଆତ୍ମହତ୍ୟା କରିବାକୁ ବସିଥିଲେ ବୋଲି ସମ୍ବାଦ ପାଇଲି । ମାତ୍ର ମୁଁ ପୂର୍ବରୁ ଭଗିରଥି ବାବୁଙ୍କୁ ଯବାବ ଦେଇଥିବାରୁ ଏବଂ ଏହା ମୋର ବିବେକାନୁମୋଦିତ ଥିବାରୁ ମୁଁ ଏଥିରୁ ନିବୃତ୍ତ ହୋଇ ପାରିଲି ନାହିଁ । ଏହି ବିବାହ ଭଗିରଥି ବାବୁଙ୍କ ଘରଠାରେ ରାଣୀପଡ଼ାରେ ସମ୍ପନ୍ନ ହେଲା । ନରସିଂହପୁର

କ୍ଷେତ୍ରର ଶ୍ରୀ ଚକ୍ରଧର ମହାପାତ୍ର, ମୂଳବସନ୍ତ ଗ୍ରାମର ଶ୍ରୀ କୃଷ୍ଣଚନ୍ଦ୍ର କର ଏବଂ କଟକରୁ ଅନେକ ବ୍ରାହ୍ମଣ ଭଦ୍ରଲୋକ ବରଯାତ୍ରୀ ହୋଇ ଯାଇଥିଲେ । ନିକଟବର୍ତ୍ତୀ ବ୍ରାହ୍ମଣ ଶାସନମାନଙ୍କରୁ ଅନେକ ବ୍ରାହ୍ମଣ ଓ ବ୍ରାହ୍ମଣେତର ଭଦ୍ରବ୍ୟକ୍ତି ଏହି ବିବାହରେ ଯୋଗ ଦେଇଥିଲେ । ମୁଁ ଭଗିରଥି ବାବୁଙ୍କୁ ପୂର୍ବରୁ ଚିଠି ଲେଖିଥିଲି ଓ କହିଥିଲି ଯେ ଏହି ବିବାହରେ ସେ ଖଣ୍ଡେ ସପ କିମ୍ବା ଭରିଏ ସୁନା ମୁଦ୍ଧା ଦେଇ ପାରିବେ ନାହିଁ । ଦେଲେ ମୁଁ ତାହା ପୋଡ଼ି ଦେବି । ବିବାହର ପରଦିନ ଝିଅଟିକୁ ପଠାଇବାବେଳେ ଭଗିରଥି ବାବୁ ଝିଅସଙ୍ଗେ କିଛି ଦେଇ ପାରିଲେ ନାହିଁ ବୋଲି ତାଙ୍କ ସହିତ ସମସ୍ତଙ୍କ ମନରେ ଦୁଃଖ ଆସିଥିଲା ।

ଏକାଡେମୀ ସ୍କୁଲର ହେଡ଼ପଣ୍ଡିତ ଶ୍ରୀ ଭୋଳାନାଥ ମିଶ୍ର ( ଭୋଳ ପଣ୍ଡିତେ ) ବିଧବା ବିବାହ ବିରୁଦ୍ଧରେ ଓ ମୋ ବିରୁଦ୍ଧରେ ପ୍ରଚାର କରୁଥିଲେ । ତାଙ୍କର ସାନଭାଇ ଜନାର୍ଦ୍ଦନ ମିଶ୍ରଙ୍କ ଝିଅକୁ ସେ ଝିଅ କରିଥିଲେ । ସେହି ଝିଅଟି ୧୪ । ୧୫ ବର୍ଷ ବୟସରେ ବିଧବା ହେଲା । ଭୋଳ ପଣ୍ଡିତେ କଲେକ୍ଟରୀ କଚେରୀରେ ମୋ ପାଖକୁ ଆସି କହିଲେ— "ମୁଁ ଆପଣଙ୍କ ବିରୁଦ୍ଧରେ ପ୍ରଚାର କରୁଥିବାରୁ ମୋ ଝିଅ ବିଧବା ହେଲା । କୌଣସି ଶାସ୍ତ୍ରୀୟ ପ୍ରମାଣ ମୋତେ ଏ ପର୍ଯ୍ୟନ୍ତ ସ୍ପର୍ଶ କରୁ ନଥିଲା । ମୁଁ ବର୍ତ୍ତମାନ ବୁଝି ପାରୁଛି ଏପରି ଝିଅମାନଙ୍କର ବିବାହ ଶାସ୍ତ୍ରସମ୍ମତ । ଝିଅଟିକୁ ବିବାହ ଦେବା ମୋର ଏକାନ୍ତ ଇଚ୍ଛା ।" ଭୋଳ ପଣ୍ଡିତେ ଝିଅଟିକୁ ବିବାହ ଦେବେ ଶୁଣି ଝିଅର ଶଶୁର ତାକୁ ନେଇଯାଇ ନିଜ ଘରେ ୨ । ୩ ବର୍ଷ ରଖିଲେ । ଝିଅଟି ଶଶୁର ଘରୁ ଆସିବା ପରେ ଭୋଳ ପଣ୍ଡିତେ ପୁଣି ମୋ ପାଖକୁ ଆସି କହିଲେ— "ମୁଁ ସମାଜକୁ ଭୟ କରି ଝିଅଟିକୁ ନାରୀମଙ୍ଗଳ ଆଶ୍ରମକୁ ପଠାଇ ପାରୁନାହିଁ । ଝିଅଟିକୁ ଆଣି ମୁଁ ମୋର କଟକ ବସାରେ ରଖାଇବି । ମୁଁ ବସାରେ ନଥିବାବେଳେ ଆପଣ ତାକୁ ନେଇଯାଇ ଆପଣଙ୍କ ଆଶ୍ରମରେ ରଖିବେ । ମୁଁ ଏଥିରେ ମତ ଦେଇଥିବା କଥା ଯେପରି କେହି ଜାଣିବେ ନାହିଁ । ଝିଅଟି ନିଜ ଇଚ୍ଛାରେ ମୋତେ ନ ଜଣାଇ ଘରୁ ଚାଲିଗଲା ବୋଲି ମୁଁ ସମସ୍ତଙ୍କୁ କହିବି ।" ପଣ୍ଡିତ ମହାଶୟଙ୍କ ବସାରୁ ଜଣେ ଲୋକ ମୋ ଆଶ୍ରମକୁ ଆସି ଝିଅଟିକୁ ଆଣିବା ବିଷୟ ମୋତେ କହିଲା । ସେଦିନ ଦେଓ୍ୱାଳି ଅମାବାସ୍ୟା ଥାଏ ।

ମୁଁ ପଣ୍ଡିତଙ୍କ ବସାରେ ପହଞ୍ଚିବା ପୂର୍ବରୁ ଭୋଳ ପଣ୍ଡିତେ ବସାରୁ ଚାଲି ଯାଇଥାନ୍ତି । ମୁଁ ଝିଅଟିକୁ ଆଣି ନାରୀମଙ୍ଗଳ ଆଶ୍ରମରେ ରଖିଲି । ଝିଅଟି ୩ । ୪ ମାସ ରହିବା ପରେ ମୋ ସାନପୁଅ ବସନ୍ତ କୁମାର ସହିତ ତାକୁ ବିବାହ ଦେଲି । ଗୋଟିଏ ଝିଅ ଓ ଗୋଟିଏ ପୁଅ ରଖି ସେ ଝିଅଟି ମରିଗଲା । କିଛିଦିନ ପରେ ବାଲକୁଦା ଥାନାରୁ ଆଉ ଗୋଟିଏ ବିବଗ୍ର କନ୍ୟାକୁ ବସନ୍ତ ବିବାହ କରିଅଛି । ଏହି ଦ୍ୱିତୀୟ ସ୍ତ୍ରୀର ବର୍ତ୍ତମାନ ଗୋଟିଏ ଝିଅ ଓ ଗୋଟିଏ ପୁଅ ।

## ବୈଶ୍ୟ ବଣିଆ ଜାତିରେ ବିବଗ୍ର ଓ ବିଧବା ବିବାହ

ମହମ୍ମଦିଆ ବଜାର ହାଡ଼ିବନ୍ଧୁ ସାହୁଙ୍କର ନାରାୟଣୀ ବୋଲି ଗୋଟିଏ ୧୮ । ୧୯ ବର୍ଷର ବିଧବା ଝିଅ ସଙ୍ଗେ ନବାପାଟଣାର ଶଶୀଭୂଷଣ ସାହୁଙ୍କର ବିବାହ ପ୍ରସ୍ତାବ ସ୍ଥିର କରିବା ପାଇଁ ଦିନେ ସନ୍ଧ୍ୟାବେଳେ ୨ । ୩ ଜଣ ସଂସ୍କାରପ୍ରିୟ ବଣିଆ ମୋତେ ଡାକି ନେଲେ । ମୁଁ ଯାଇ ଦେଖିଲି ଉପସ୍ଥିତ ବଣିଆମାନଙ୍କ ମଧ୍ୟରୁ କେତେଜଣ ରକ୍ଷଣଶୀଳ ବଣିଆ ବିଶେଷ ବାଧା ଦେଉଅଛନ୍ତି । ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ କିଛି ସ୍ଥିର ନ ହେବାରୁ ମୁଁ କହିଲି—"ମୁଁ ଆଉ ରହି ପାରିବି ନାହିଁ । ମୋର ଆସିବା କଥା ଶୁଣି ଆପତ୍ତିକାରୀମାନେ ଚାଲିଗଲେ । ଯେଉଁମାନେ ଏହି ବିବାହର ସପକ୍ଷରେ ଥିଲେ ମୁଁ ସେମାନଙ୍କୁ କହିଲି—"ଝିଅର ବୟସ ୧୮ ବର୍ଷରୁ ଅଧିକ ଏବଂ ସେ ନିଜର ଇଚ୍ଛା ଅନୁସାରେ ବିବାହ କରିପାରିବ । ତେଣୁ କାହାର ମତକୁ ଅପେକ୍ଷା କରିବାର ଦରକାର ନାହିଁ । ଚାଲ ଆମ୍ଭେମାନେ ୨ । ୩ ଘଣ୍ଟା ବିଶ୍ରାମ କରିବା ଏବଂ ଭୋର ହେବା ପୂର୍ବରୁ ମୁଁ ଝିଅକୁ ନାରୀମଙ୍ଗଳ ଆଶ୍ରମକୁ ନେଇଯାଇ ବିବାହ ଦେବି । ମୋ କଥାରେ ସମସ୍ତେ ଏକମତ ହେଲେ । ରାତି ପ୍ରାୟ ୪ଟାବେଳେ ଗୋଟିଏ ବଗିଗାଡ଼ି ମଗାଇ ମୁଁ ଝିଅଟିକୁ ମୋ ସଙ୍ଗେ ନେଇ ଆସିଲି । ପରଦିନ ସକାଳେ ବଣିଆମାନଙ୍କ ତରଫରୁ ସାଧୁଚରଣ ସାହୁ ଦିପୋଟି ଏବଂ ଭ୍ରମରବର ସାହୁ ଆଶ୍ରମକୁ ଆସି ଝିଅଟିକୁ ଛାଡ଼ିଦେବାକୁ ମୋତେ କହିବାରୁ ମୁଁ କହିଲି—"ଏଠାରୁ ଯିବାକୁ ଝିଅର ଇଚ୍ଛା ନାହିଁ । ଆପଣମାନେ ତାକୁ କିପରି ନେବେ କହନ୍ତୁ । ମୁଁ ତାକୁ ଆଶ୍ରମରୁ ବାହାର କରିଦେବି କିପରି ?"

ମୋ ଠାରୁ ଏପରି ଶୁଣି ସେମାନେ ଚାଲିଗଲେ । ଏହି ଘଟଣାର ୨ । ୩ ଦିନ ପରେ ନବାପାଟଣାର ପୂର୍ବୋକ୍ତ ଶଶୀଭୂଷଣ ସାହୁଙ୍କ ସଙ୍ଗେ ନାରୀମଙ୍ଗଳ ଆଶ୍ରମରେ ସେହି ଝିଅର ବିବାହ କର୍ମ ସମ୍ପନ୍ନ ହେଲା । ବରର ବନ୍ଧୁ ବାନ୍ଧବମାନେ ଏବଂ ନବାପାଟଣାର ଅନେକ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା ଏହି ବିବାହରେ ଯୋଗ ଦେଇଥିଲେ । ରେଭେନ୍ସା କଲେଜର ହେଡ଼କିରାଣି ଶ୍ରୀ ନଟବର ସାହୁଙ୍କର ବାପୁଣୀ ବୋଲି ଗୋଟିଏ ବିଧବା ଝିଅ ସେଠା ସ୍ତ୍ରୀ ଲୋକମାନଙ୍କ ସଙ୍ଗେ ଆସିଥିଲା । ନାରୀପୂର୍ଣ୍ଣାର ବିବାହର ପରଦିନ ବରକନ୍ୟା ଓ ଅନ୍ୟମାନେ ଖାଇପିଇ ସାରି ଘରକୁ ବାହାରିଲେ ଏବଂ ମୁଁ ମଧ୍ୟ କଚେରୀକୁ ଆସିଲି । ନଟବର ବାବୁଙ୍କର ଏହି ବିଧବା ଝିଅଟି ସେମାନଙ୍କ ସଙ୍ଗେ ଯିବାକୁ ମନା କଲା ଏବଂ ଅନ୍ୟ ବିଧବା ଝିଅମାନଙ୍କ ସଙ୍ଗେ ଆଶ୍ରମରେ ରହିବ ବୋଲି ଜିଦ୍ ଧରି ବସି ରହିଲା । ମୁଁ କଚେରୀରୁ ୫ଟାବେଳେ ଆସି ଏହି ଘଟଣା ଦେଖିଲି । ବର କନ୍ୟା ଓ ଅନ୍ୟମାନେ ତାକୁ ଛାଡ଼ିଦେଇ ଯାଇ ପାରୁନାହାନ୍ତି ଦେଖି ମୁଁ ଝିଅଟିକୁ ଯିବାକୁ କହିଲି ଏବଂ ନିଶ୍ଚୟ ବିବାହ ଦେବି ବୋଲି ଯବାବ ଦେଲି ପ୍ରାୟ ସନ୍ଧ୍ୟା ୬ଟା ବେଳେ ଝିଅଟି ମୋ କଥା ମାନି ଅନ୍ୟମାନଙ୍କ ସଙ୍ଗେ ଗଲା । ଡାକ୍ତର ଚିନ୍ତାମଣି ସାହୁଙ୍କ ସଙ୍ଗେ ଏହି ଝିଅର ବିବାହ ପ୍ରସ୍ତାବ ଅନେକ ଦିନ ପୂର୍ବେ ପଡ଼ିଥିଲା । ସେହି ଚିନ୍ତାମଣି ସାହୁ ଅବିବାହିତ ଥିଲେ । ଏହି ସବୁ କଥା ବର୍ଣ୍ଣନା କରି ଏହି ଝିଅଟିକୁ ବିବାହ କରିବାକୁ ଅନୁରୋଧ କରି ମୁଁ ତାଙ୍କୁ ଚିଠି ଲେଖିଲି ଏବଂ ବିବାହ କରିବାକୁ ସେ ରାଜି ହେଲେ । ଅଳ୍ପଦିନ ପରେ ଝିଅଟି ନବାପାଟଣାରୁ ଆସିଲା ଏବଂ ନାରୀମଙ୍ଗଳ ଆଶ୍ରମରେ ତାର ବିବାହ କର୍ମ ସମ୍ପନ୍ନ ହେଲା । ଏହି ବିବାହରେ କଟକର ଅନେକ ଭଦ୍ରଲୋକ ଓ ଭଦ୍ରମହିଳା ଯୋଗ ଦେଇଥିଲେ । ଏହି ବିବାହର ଅଳ୍ପଦିନ ପରେ ମହମ୍ମଦିଆ ବଜାର ରଘୁନାଥ ସାହୁଙ୍କର ଶଶୀ ବୋଲି ଗୋଟିଏ ବିଧବା ଝିଅ ବିବାହ କରିବ ବୋଲି ମୋତେ ସମ୍ବାଦ ଦେଲା । ଅଳ୍ପଦିନ ପରେ ଫୁଲନଖରା କାର୍ତ୍ତିକଚନ୍ଦ୍ର ସାହୁଙ୍କ ସଙ୍ଗେ ସେହି ଝିଅର ବିବାହ ନାରୀମଙ୍ଗଳ ଆଶ୍ରମରେ ସମ୍ପନ୍ନ ହେଲା । ଏହି ତିନୋଟି ବିବାହ ନାରୀମଙ୍ଗଳ ଆଶ୍ରମରେ ହୋଇଯିବା ପରେ ମଫସଲରେ ବୈଶ୍ୟ ବଣିଆ ଜାତିରେ ଆଉ କେତୋଟି ବିବାହ ହେଲା ।

ନାଗାମଙ୍ଗଳ ଆଶ୍ରମରେ ୪୦ ରୁ ୫୨ ବିବଗ୍ର ଓ ବିଧବା ଝିଅଙ୍କର ବିବାହ ହେବାପରେ ଓଡ଼ିଶାରେ ବର୍ତ୍ତମାନ ସହସ୍ରାଧିକ ସେପରି ବିବାହ ହୋଇଗଲାଣି ଏବଂ ବିଧବା-ବିବାହ ସମାଜରେ ଚଳିଗଲାଣି । ବିବଗ୍ର ଓ ବିଧବା ବିବାହ ପ୍ରଚଳନବେଳେ ରକ୍ଷଣଶୀଳ ବ୍ରାହ୍ମଣମାନେ କିପରି ଉତ୍ତ୍ୟକ୍ତ ହୋଇଥିଲେ ତାହା ସନାତନ ଧର୍ମର ସମ୍ପାଦକ ସ୍ୱର୍ଗତ ପଣ୍ଡିତ ଶ୍ରୀ ପରୀକ୍ଷିତ ଦାସଙ୍କ ଲିଖିତ "ଦାସିକା ମାଣ୍ଡ" ନାମକ ଖଣ୍ଡିଏ ଛୋଟ ବହିରେ ଥିବା ନିମ୍ନଲିଖିତ କେତୋଟି କୌତୁକ ଜନକ ପଂକ୍ତିରୁ ଜାଣି ପାରିବେ ।

ସେଦିନ ସଭାରେ ବୈରାଗୀ ମିଶ୍ରେ କହିଲେ ଗଣ୍ଡିଏ ଆସି ।
କରନ୍ତି ଦର୍ଖାସ୍ତ ଘଇତା ନିମିତ୍ତ ତାଙ୍କର ନିକଟେ ରସି ହେ ।
ଆଉ କେହି ଏ ସହରେ, ନାହିଁ ଅଣ୍ଡିରା ଏ କାରବାରେ ହେ ।
ସ୍ତ୍ରୀଙ୍କ ଦୋଷେଁ ସ୍ତ୍ରୀଙ୍କ ଝିଅଙ୍କୁ ବିବାହ ନକଲେ କେହି ବ୍ରାହ୍ମଣ ।
ତେଣୁ ଏ ବ୍ରାହ୍ମଣ ଜାତିର ବିଦ୍ୱେଷୀ ହୋଇ ଦେଖାଉଛି ପଣ ହେ ।
କାଳ ଓଲଟା ହୋଇଛି, ନିଜ ଦୋଷ କିଏସେ ମାନୁଛି ହେ ।
ଗୋପୀନାଥପୁରେ ମୂରୁଖା ବ୍ରାହ୍ମଣୀ ରାଣ୍ଡ ମିଶ୍ରଙ୍କୁ କହିଲା ।
ଆମ କର୍ମଦୋଷେ ବିଧବା ହୋଇଲୁଁ ସ୍ୱାମୀ କିସ ଦୋଷ କଲା ରେ ।
ତାକୁ ନରକେ ପେଷିବୁ, ଯେବେ ଆମେ ଦ୍ୱିଗାସୁ ହୋଇବୁ ରେ ।
ଛି ଛି ଏକଥା ନକହ, ଯା ଯା ନଦେଖା ବେହେଲ ମୁହଁରେ ।
ଏତେକେ ମିଶ୍ରଙ୍କ ଚୈତନ୍ୟ ନୋହିଲା ପୂର୍ବଶିକ୍ଷା କେତେ ଟାଣ ।
ରାଣ୍ଡେ ଦରଖାସ୍ତ କରନ୍ତି କହନ୍ତି ସଭାରେ ବାନ୍ଧି ଏ ପଣ ହେ ।
ମଫସଲେ ରାଣ୍ଡ ଦ୍ୱିଗାସୁ ବେପାର ଯେଣୁ ବୋଲାଇଲା ନାହିଁ ।
ହଟହଟା ହେଲେ ରାଣ୍ଡୁଆ ଭଣ୍ଡୁଆ ସମାଜେ ବାଛନ୍ଦ ରହି ହେ ।
ଏବେ ମିଶ୍ର ବସାପଇ, ତୀର୍ଥ ହେଲା ରାଣ୍ଡ ଦ୍ୱିଗାସୁର ହେ ।
ବୈରାଗୀ ମିଶ୍ରର ବସା ହୋଇଅଛି ଏବେ ରାଣ୍ଡଙ୍କର ଆଡ୍ଡା ହେ
ଗାଆଁ ଗାଆଁ ବୁଲି ରାଣ୍ଡଙ୍କୁ ମତାଇ ଗୋଟାଇବା ଘଡ଼େ ଲୋଡ଼ା ହେ
ସ୍କୁଲଘରୁ ଛୁଟି ନେଇ, ମଫସଲରେ ରାଣ୍ଡ ଧୁଣ୍ଡାଇ ହେ ।
ପହିଲେ ବୁଢ଼ୀରୁ ଟୋକୀ ପରିଯନ୍ତେ ଦ୍ୱିଗାସୁ ମିଆଦ ସ୍ଥିଲା ।
ଏବେ ସିଆଣୀଙ୍କ ଗୁଞ୍ଜୁଣୀ ପାହାର ରାଣ୍ଡୁଆଙ୍କୁ ବୁଝି ହେଲା ହେ ।

*

ତେଣୁ ବକଗ୍-ବକାହ୍, କାଢିଲେଣି ଜାତ ଯୋଗ୍ୟ ପୁଅ ହେ ।
ବରଷ ବୋଲଇଲେ ଗାତକୁ କହନ୍ତି ମୂର୍ଖେ କହନ୍ତି ବମ୍ବର ।
ସେହି ବମ୍ବରକୁ ହିସାପ୍ କରନ୍ତେ ଗାତରେ ଯଶିବ ବର ହେ ।
ଧନ୍ୟ ମୂର୍ଖ ପଣ୍ଡିତଙ୍କୁ, ପାଠ ଡରଲାଣି ତ ଏହାଙ୍କୁ ।
ବୈରାଗୀ ମିଶର କେବେ ହିନ୍ଦୁ ନୁହେଁ ପରୁର ଏ ମିଛ ଯେବେ
ମାଆ ମଶଗଲା ଖିଅର ନ ହେଲା ହିନ୍ଦୁ କରେ କ ସ୍ତ୍ରୀ କେବେ ।
ଏ କ ଦେବତା ବନଛି, ବେଦ ବଧିକ ବଧା ମାରୁଛି ।

## ପ୍ରମୋସନ ବନ୍ଦ

ଭର୍ଣ୍ଣିଙ୍ଗ୍ ସାହେବ ନାମକ ଜଣେ ଖୁବ୍ କଡ଼ା କଲେକ୍ଟର ଥରେ କଟକକୁ ଆସିଥିଲେ । ଆସିବାମାତ୍ରେ କିରାଣୀମାନଙ୍କର ଚୌକି ଓ ଟେବୁଲ ସବୁ ସଫା ନଥିବା ଦେଖି ସେ ଆଦେଶ ଦେଲେ ଯେ ଚୌକି ଓ ଟେବୁଲ ସବୁକୁ ସେମାନେ ନିଜ ହାତରେ ସଫା କରିବେ । ଏଥିପାଇଁ କଚେରୀରୁ କିଛି ଖର୍ଚ୍ଚ ହେବ ନାହିଁ ଏବଂ ସେମାନେ ମଧ୍ୟ ନିଜ ପଇସାରେ ମୂଲିଆ ଲଗେଇ ସଫା କରିବେ ନାହିଁ । ସେ ଲେଖିଲେ—"Clerks must do that in their own elbow grease" ଅର୍ଥାତ୍ କିରାଣୀମାନେ ନିଜ କହୁଣିରେ ଘଷି ସଫା କରିବେ । ଏହି ଆଦେଶ ଅନୁସାରେ ୫୨୫୦୧ ବେତନ ପାଉଥିବା ରାଏସାହେବ ଗିରିଧାରୀ ରାଏ ମଧ୍ୟ ଅନ୍ୟ କିରାଣୀମାନଙ୍କ ସଙ୍ଗେ ଚୌକି ଓ ଟେବୁଲ ସବୁକୁ ଘରୁ ବାହାରକୁ ଆଣିଲେ ଏବଂ ନଈରୁ ପାଣି ବୋହିଆଣି ଚୌକି ଓ ଟେବୁଲ ସବୁ ନିଜ ହାତରେ ସଫା କଲେ । କିରାଣୀମାନଙ୍କର ପରାଧୀନତାର ଏହି ବିଚିତ୍ର ଦୃଶ୍ୟ ମୋର ଆଜ ପର୍ଯ୍ୟନ୍ତ ମନେ ପଡ଼େ । ଏହା ଦେଖି ମୁଁ ଅନେକ ସମୟରେ ଭାବେ ଯେ ପ୍ରତିବେଶୀ ଓ ବନ୍ଧୁବାନ୍ଧବମାନଙ୍କ ନିକଟରେ ବୃଥାଡ଼ମ୍ବର ବା ଫୁଟାଣି ଦେଖାଇବା ପାଇଁ କିନା ଏହି ପରାଧୀନତାର ଓ ହୀନତାର ଆଶ୍ରୟ ନେବାକୁ ପଡ଼ୁଛି ।

ମୁଁ ନାଜରଖାନାରେ କାମ କଲାବେଳେ ସେ ନାଜରଖାନା ଇନ୍‌ସ୍ପେକ୍‌ସନ କଲେ । ମୋ ପାଖରେ ନ ୪ଟା ନମ୍ବର ବହି ଥାଏ । ଭିନ୍ନ ଭିନ୍ନ ସିରସ୍ତାରୁ ଯେଉଁ ସବୁ ସମନ ଆସେ ତାହା ସେହି ବହିରେ ଲେଖାଯାଇ ଜାରି କରିବା ପାଇଁ ପିଅନମାନଙ୍କୁ ଦିଆଯାଏ ଏବଂ ପିଅନମାନେ ସମନ

ସବୁ ଜାରିକରି ଫେରାଇ ଦେବାପରେ ତାହା ଯେଉଁ ଯେଉଁ ସିରସ୍ତାକୁ ସେହି ଦିନରେ ଫେରାଇ ଦିଆଯାଏ । କିରାଣୀମାନଙ୍କର ଦୋଷ ଖୋଜିବା ଏବଂ କିରାଣୀମାନଙ୍କୁ ଗାଳିଦେବା ଓ ଭୟ ଦେଖାଇବା ଉକ୍ତ ସାହେବଙ୍କର ପ୍ରକୃତି । ମୋର ନ ୪ଟ ମ୍ବର ବହିରୁ ସେ ଦେଖିଲେ ଯେ ପିଅନମାନେ ଯେଉଁ ତାରିଖରେ ସମନସବୁ ଫେରାଇଅଛନ୍ତି ବିଭିନ୍ନ ସିରସ୍ତାର କିରାଣୀମାନେ ସେହି ତାରିଖରେ ତାହା ନ ନେଇ ଅନେକ ବିଳମ୍ବରେ ନେଇଅଛନ୍ତି ।

ସାହେବ ମୋତେ କହିଲେ—"ଜାରି ହୋଇଥିବା ସମନ ସବୁ ତୁମ୍ଭେ ଯେଉଁଦିନ ପିଅନଙ୍କଠାରୁ ପାଇଲ ସେହିଦିନ ସିରସ୍ତାକୁ ପଠାଇ ନଦେଇ ତୁମ୍ଭ ପାଖରେ ଏତେଦିନ କାହିଁକି ରଖିଲ ? ସାହେବ କହିଲେ, "Have you any excuse" ଅର୍ଥାତ୍ ଏଥିପାଇଁ ତୁମ୍ଭର କୌଣସି କୈଫିୟତ ଅଛି କି ? ମୁଁ କହିଲି— "Yes sir" ଅର୍ଥାତ୍ ହଁ ଅଛି । ସାହେବ କହିଲେ— "What excuse" "ଅର୍ଥାତ୍ କି କୈଫିୟତ ? ମୁଁ କହିଲି, "ମୋକଦ୍ଦମା ସବୁର ତାରିଖ ପୂର୍ବରୁ ଜାରି ସମନ ସବୁ ଫେରାଇ ଦିଆଯାଇଛି । କିରାଣୀମାନେ ବିଳମ୍ବରେ ସମନ ସବୁ ନେବା ଫଳରେ ମୋକଦ୍ଦମାରେ କୌଣସି କ୍ଷତି ହୋଇନାହିଁ । ପିଅନମାନେ ସମନସବୁ ଜାରି କଲାପରେ ଯେଉଁଦିନ ଦିଅନ୍ତି ତାହା ସେହି ଦିନ ଯେଉଁ ସିରସ୍ତାକୁ ପଠାଇ ଦିଆଯାଏ । ମାତ୍ର "The clerks were perhaps busy in their work and so they received only those summons whose dates were near and returned the rest" ଅର୍ଥାତ୍ କିରାଣୀମାନେ ବୋଧହୁଏ କାର୍ଯ୍ୟବ୍ୟସ୍ତ ଥିବାରୁ ନିକଟରେ ତାରିଖ ଥିବା ସମନ୍ ସବ୍ ନେଇ ବାକି ସବୁ ଫେରାଇ ଦିଅନ୍ତି । ପ୍ରକୃତ କଥା ନ ବୁଝି ସାହେବ ହଠାତ୍ ରାଗିଯାଇ ମୋର ଗୋଡ଼ଠାରୁ ମୁଣ୍ଡ ଉପର ପର୍ଯ୍ୟନ୍ତ ଦୁଇ ତିନି ଥର ଚାହିଁଲେ ଏବଂ ପରିଶେଷରେ କହିଲେ, "Perhaps your services will be dispensed with perhaps" ଏହାର ଅର୍ଥ ଏହିକି ବୋଧହୁଏ ତୁମ୍ଭର ଚାକିରି ଚାଲିଯିବ ବୋଧହୁଏ । ମୁଁ "ପରହାପସ" ଏହି କଥାଟି କହିଥିବାରୁ ସାହେବ ପ୍ରଥମ "ପରହାପ୍ସ" କଥାଟି ଗୋଡ଼ ପାଖରୁ

ଆରମ୍ଭ କଲେ ଏବଂ ଦ୍ୱିତୀୟ "ପରହାପ୍‌ସ" କଥାଟି ମୁଣ୍ଡ ଉପରେ ଲେଖିକଲେ । ମୋର କୌଣସି ଦୋଷ ନ ଥାଇ ସାହେବ ଏପରି ସମ୍ଭୁଥିବା ଦେଖି ମୋତେ ମନେ ମନେ ହସ ମାଡୁଥାଏ । ସାହେବ ବୋଧହୁଏ ମୋର ହସ ମାଡିବା ଜାଣି ପାରିଲେ ଏବଂ ଇନ୍‌ସ୍ପେକସନ ନୋଟରେ ଲେଖି ଦେଲେ—"Bairagi Charan Misra is the worst offender in office Superintendent will suggest suitable punishment for him" ଅର୍ଥାତ୍ ବୈରାଗୀ ଚରଣ ମିଶ୍ର କଚେରୀରେ ସବୁଠାରୁ ବଡ ଦୋଷୀ—ସୁପରିଣ୍ଟେଣ୍ଡେଣ୍ଟ ତାଙ୍କପାଇଁ ଉପଯୁକ୍ତ ଦଣ୍ଡ ସ୍ଥିର କରିବେ । ମୋଠାରୁ କୈଫିୟତ ମଗାଗଲା । ମୁଁ ଲେଖିଲି,—"ମୋର ଆଦୌ ଦୋଷ ନାହିଁ । ସାହେବ ପ୍ରକୃତ କଥା ବୁଝି ନପାରି ବିନା ଦୋଷରେ ମୋଠାରେ ଦୋଷାରୋପ କରୁଅଛନ୍ତି"— ମୋର କୈଫିୟତ ପଢ଼ି ସିରସ୍ତାଦାର କହିଲେ —"ତୁମର ପ୍ରମୋସନ ହେବାକୁ ଉଚିତ ନାହିଁ ଏ କଥା ମୁଁ ଜାଣେ ମାତ୍ର ଏହି କୈଫିୟତ ସାହେବଙ୍କ ପାଖକୁ ମୁଁ ପଠାଇଲେ ମୋର ଚାକିରି ରହିବଟି ? ମୁଁ ଯେପରି କହୁଛି ତୁମେ ସେହିପରି ଲେଖ ।" ତାଙ୍କ କହିବା ଅନୁସାରେ ମୁଁ କ୍ଷମା ପ୍ରାର୍ଥନା କରି କୈଫିୟତ ଲେଖିଲି । ସେଥିରେ ସାହେବଙ୍କର ଆଦେଶ ହେଲା—"ଅନ୍ୟ ଆଦେଶ ପର୍ଯ୍ୟନ୍ତ ପ୍ରମୋସନ୍ ବନ୍ଦ ରହିଲା ।" ତାପରେ ମୋତେ କନ୍ଧମାଳ ଯିବାକୁ ଆଦେଶ ହେଲା । ମାତ୍ର କୌଣସି କାରଣରୁ ମୋର କନ୍ଧମାଳ ବଦଳି ହେଲା ନାହିଁ । ବିନା ଅପରାଧରେ ମୋର ପ୍ରମୋସନ୍ ୫ । ୬ ବର୍ଷ ବନ୍ଦ ରହିଲା । ପେନସନ୍ ନେବା ପୂର୍ବେ ମୋର ଦରମା ଥିଲା ଟ ୭୦୲ ଏବଂ ମୁଁ ବହୁତ କଷ୍ଟରେ ଟ ୩୫୲ ପେନସନ ପାଇଲି । ଏହି ଟ ୩୫୲ ପେନସନ୍ ମୁଁ କିପରି ପାଇଲି ତାହା ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ ।

## ପେନ୍‌ସନ୍ ନେବା

୩୦ ବର୍ଷ ଚାକିରି କଲାପରେ ସରକାରୀ କର୍ମଚାରୀମାନଙ୍କୁ ଅଧାଦରମାରେ ପେନ୍‌ସନ ଦେବାର ନିୟମ ଅଛି । ମାତ୍ର ଓଡ଼ିଶା ସରକାରଙ୍କର ଏପରି ଗୋଟିଏ ବିଶେଷ ନିୟମ ଅଛି ଯେ, ତିରିଶ ବର୍ଷ ପୂରିବାର ଦୁଇବର୍ଷ ଚାରିମାସ ପୂର୍ବରୁ ମଧ୍ୟ କେହି ଇଚ୍ଛା କଲେ ଅଧା

ଦରମାରେ ଛୁଟି ନେଇ ତାପରେ ପେନ୍‌ସନ ପାଇ ପାରିବ । ଅନେକ ଦିନରୁ ମୁଁ ସେହି ଛୁଟି ନେବାକୁ ଅପେକ୍ଷାକରି ରହିଥିଲି । ଠିକ୍ ସମୟରେ ୧୯୦୨ ସାଲରେ ସେହି ଛୁଟି ସକାଶେ ମୁଁ ଦରଖାସ୍ତ କଲି । ଦରଖାସ୍ତରେ ଲେଖିଲି—"ମୋର ଆଉ ଚାକିରି କରିବାକୁ ଇଚ୍ଛା ନାହିଁ, ନିୟମ ଅନୁସାରେ ମୋତେ ଦୁଇବର୍ଷ ଚାରିମାସ ଅଧା ଦରମାରେ ଛୁଟି ଦିଆଯାଉ ।" ମୋ ଦରଖାସ୍ତରେ ଭଗବାନ ମହାପାତ୍ର ଡିପୋଟି ଲେଖିଲେ, ନିୟମ ଥିଲେ ମଧ୍ୟ ଏପରି ଛୁଟି କେହି କେବେ ନେଇ ନାହାନ୍ତି, ତେଣୁ ଏପରି ଛୁଟି ଦିଆଗଲେ କଚେରୀ କାମରେ ପୂର୍ବ ଶୃଙ୍ଖଳା ରହିବ ନାହିଁ । ଏହି କିରାଣି ଦୁର୍ବଳ ଦେଖାଯାଉଅଛି, ସେ ଇନ୍‌ଭାଲିଡ୍ ସାର୍ଟିଫିକେଟ୍ ଦେଇ ପେନ୍‌ସନ ନେଲେ ଭଲ ହେବ ।" ସେତେବେଳେ ନିତ୍ୟାନନ୍ଦ ମିଶ୍ର ନାମକ ଜଣେ ରକ୍ଷଣଶୀଳ ବ୍ରାହ୍ମଣ ଅଳ୍ପଦିନ ପାଇଁ ରାଧାନାଥ ମିଶ୍ର ସିରସ୍ତାଦାରଙ୍କ ଯାଗାରେ କାମ କରୁଥିଲେ । ଭଗବାନ ବାବୁ ମୋ ଦରଖାସ୍ତରେ ଯେପରି ଲେଖିଥିଲେ ସେ ମହାଶୟ ଡାକ୍ତର ସାହେବଙ୍କ ପାଖକୁ ଯଦି ତାହା ଲେଖି ଥାଆନ୍ତେ ତେବେ ଡାକ୍ତର ସାହେବ ଭଗବାନ ବାବୁ ଡିପୋଟିଙ୍କର ପ୍ରକୃତ ଅଭିପ୍ରାୟ ବୁଝି ବୋଧହୁଏ ମୋତେ ଇନ୍‌ଭ୍ୟାଲିଡ଼ ସାର୍ଟିଫିକେଟ ଦେଇଥାଆନ୍ତେ । ମାତ୍ର ସେ ମହାଶୟ ଡାକ୍ତର ସାହେବଙ୍କ ପାଖକୁ ପ୍ରକୃତ ବିଷୟ ନଲେଖି ଲେଖିଦେଲେ "ଚାକିରି କରିବାକୁ ଇଚ୍ଛାନାହିଁ ବୋଲି ଏ କିରାଣି ଦରଖାସ୍ତ କରିଛି । ସେ ଇନ୍‌ଭ୍ୟାଲିଡ୍ ଅଛି କି ନାହିଁ ରିପୋର୍ଟ କର ।" ଏପରି ଲେଖାରୁ ଡାକ୍ତର ସାହେବ ବୁଝିଲେ ଯେ ମୁଁ ଇନ୍‌ଭ୍ୟାଲିଡ୍ ସାର୍ଟିଫିକେଟ ଦେଇ ପେନସନ୍ ନିଏ ଏହା କଲେକ୍ଟର ସାହେବଙ୍କର ଅଭିପ୍ରାୟ ନୁହେଁ; ତେଣୁ ସେ ମୋତେ କହିଲେ, ଚାକିରି କରିବାକୁ ଯଦି ତୁମ୍ଭର ଇଚ୍ଛା ନାହିଁ ତୁମ୍ଭେ ଇସ୍ତଫା ଦିଅ । ଏହି କାରଣରୁ ମୁଁ ତୁମ୍ଭଙ୍କୁ ଇନ୍‌ଭ୍ୟାଲିଡ଼ ସାର୍ଟିଫିକେଟ ଦେଇ ପାରିବି ନାହିଁ । ତାପରେ ମୁଁ ବିଶେଷ ଅନୁରୋଧ କରିବାରୁ ସେ ମୋତେ ପାଇଓରିଆ ବା ଦାନ୍ତ ରୋଗର ଚିକିତ୍ସା ପାଇଁ ଏକମାସ ଛୁଟି ଦେବାକୁ ରିପୋର୍ଟ କଲେ । ପୂର୍ବୋକ୍ତ ନିତ୍ୟାନନ୍ଦ ବାବୁ ଡାକ୍ତର ସାହେବଙ୍କୁ ପ୍ରକୃତ କଥା ନ ଜଣାଇ ଏପରି ଲେଖିବାର ବୋଧହୁଏ କାରଣ ଏହିକି ତାଙ୍କର ଗୋଟିଏ ୧୫ । ୧୬ ବର୍ଷର ନାତୁଣୀ ଏଗାର ବାର ବର୍ଷ ବେଳେ ବିଧବା ହୋଇଥାଏ । ସେହି ଝିଅଟି ହେଉଛି ତାଙ୍କର ପଡ଼ୋଶୀ ଯଦୁନାଥ

ମିଶ୍ରଙ୍କ ଝିଅ । ଯଦୁନାଥ ମିଶ୍ର କଲେକ୍ଟରୀ କଚେରୀରେ ଜଣେ କିରାଣି ଥିଲେ । ତାଙ୍କର ଏହି ଝିଅଟିର ବିବାହରେ ନିତ୍ୟାନନ୍ଦ ବାବୁ ସର୍ବଦା ବାଧା ଦେଉଥିଲେ । ନିତ୍ୟାନନ୍ଦ ବାବୁ ଦ୍ୱିତୀୟ ବାର ବିବାହ କରି ତାଙ୍କର ୫୨ । ୫୩ ବର୍ଷବେଳେ ଅଳ୍ପଦିନ ପୂର୍ବେ ଗୋଟିଏ ପୁଅ ହୋଇଥାଏ । କେତେଜଣ କିରାଣିଙ୍କ ସମକ୍ଷରେ ମୁଁ ତାଙ୍କୁ ଦିନେ କହିଥିଲି "ଏ ବୟସରେ ପେନ୍‌ସନ୍ (ନେବାବେଳେ) ଆପଣଙ୍କର ପୁଅ ହେଉଛି ଏବଂ ଆପଣଙ୍କର ପନ୍ଦର ଷୋଳ ବର୍ଷର ନାତୁଣୀ ବ୍ରହ୍ମଚର୍ଯ୍ୟ ପାଳୁଛି, ଏହା କେଉଁ ଧର୍ମଶାସ୍ତ୍ର କହୁଛି ?" ଏହି ଝିଅଟିକୁ ପଚିଶ ଛବିଶ ବର୍ଷ ବୟସରେ ମୁଁ ଉତ୍କଳ ଡ୍ୟାନାଣ୍ଡି ଶ୍ୟାମ ଚରଣ ଚୌଧୁରୀଙ୍କ ସହିତ ବିବାହ ଦେଇଛି । ଏହି ବିଷୟ ଏଥି ପୂର୍ବେ ଲେଖା ଯାଇଅଛି । ମୋର ଏହି କଥାରେ ନିତ୍ୟାନନ୍ଦ ବାବୁ ବୋଧହୁଏ ରାଗିଥିବାରୁ ଡାକ୍ତର ସାହେବଙ୍କ ପାଖକୁ ଏପରି ଲେଖିଥିଲେ ।

ଅଳ୍ପଦିନ ପରେ ରାଧାନାଥ ମିଶ୍ର ସିରସ୍ତାଦାର ଛୁଟିରୁ ଫେରିଲେ । ସେ ମଧ୍ୟ ଏହି ମାସକ ଛୁଟି ମୋତେ ଦେବେ ଦେବେ ବୋଲି କହି ପ୍ରାୟ ୨ ମାସ ଗଡ଼ାଇଦେଲେ । ଛୁଟି ଦେଉ ନଥିବା ବିଷୟ ମୁଁ କଲେକ୍ଟର ସାହେବଙ୍କୁ ଜଣାଇବାରୁ ସିରସ୍ତାଦାର ତାଙ୍କୁ ବୁଝାଇଦେଲେ ଯେ ପାଇଓରିଆ ଏପରି ଗୋଟାଏ ବେମାରି ନୁହେଁ ଯେ ଏ କିରାଣି କଚେରୀରେ କାମ କରି ପାରିବ ନାହିଁ । କଲେକ୍ଟର ସାହେବ ତଦନୁସାରେ ଆଦେଶ ଦେଲେ "Let Civil Surgeon report, if the clerk is absolutely unfit to do his work' ଅର୍ଥାତ୍ ଏ କିରାଣି ଯେ କାମ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ଏକଥା ଡାକ୍ତର ସାହେବ ରିପୋର୍ଟ କରନ୍ତୁ । ଏପରି ରିପୋର୍ଟ କରିବାକୁ ଡାକ୍ତର ସାହେବ ପ୍ରଥମେ ଅନିଚ୍ଛା ପ୍ରକାଶ କଲେ । ତାପରେ ମୁଁ ପ୍ରକୃତ ବିଷୟ ବୁଝାଇ ଦେବାରୁ ସିରସ୍ତାଦାର ମୋତେ ଏପରି ହଇରାଣ କରୁଅଛନ୍ତି ବୋଲି ବୁଝି ପାରି ରିପୋର୍ଟ କଲେ- "Although I recommended one month leave the clerk has not yet undergone any treatment. If further delay occurs in his treatment he will become absolutely unfit in future" ଅର୍ଥାତ୍ "ମୁଁ ଏକମାସ

ଛୁଟି ସକାଶେ ଲେଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ କାଗଜ କୌଣସି ଚିକିତ୍ସା କରିନାହିଁ । ଚିକିତ୍ସାରେ ଅଧିକ ବିଳମ୍ବ ଘଟିଲେ ଭବିଷ୍ୟତରେ ସେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯିବ। କଲେକ୍ଟର ସାହେବ ଯେଉଁ 'Absolutely unfit' ଅର୍ଥାତ୍ ସମ୍ପୂର୍ଣ୍ଣ ଅକ୍ଷମ ହେବା କଥା ଲେଖିଥିଲେ ଡାକ୍ତର ସାହେବ ଠିକ୍ ସେହି "Absolutely unfit" ଅର୍ଥାତ୍ ସମ୍ପୂର୍ଣ୍ଣ ଅକ୍ଷମ ହେବା କଥା ଲେଖି ରିପୋର୍ଟ କରିବାରୁ ସିରସ୍ତାଦାର ସେଥିରେ ଅପମାନିତ ହେଲେ ମଧ୍ୟ ମୋତେ ଛୁଟି ଦେବାକୁ ବାଧ୍ୟ ହେଲେ । ମୋ ସଙ୍ଗେ ଦେଖା ହେବା ମାତ୍ରେ ସିରସ୍ତାଦାର ମୋ ଉପରେ ରାଗିଯାଇ ମୋତେ କହିଲେ, "Mind Bairagi Babu, I won't grant you one day's extension" ଅର୍ଥାତ୍ ମନେରଖ ବୈରାଗୀ ବାବୁ ମୁଁ ତୁମକୁ ଆଉ ଦିନେ ସୁଦ୍ଧା ଅଧିକ ଛୁଟି ଦେବି ନାହିଁ । ମୁଁ ସାଙ୍ଗେ ସାଙ୍ଗେ କହି ପକାଇଲି—"Mind Radhanatha Babu I won't return to office. Pension money of Rs 35 per month won't stand in my way." ଅର୍ଥାତ୍ ମନେରଖ ରାଧାନାଥ ବାବୁ ମୁଁ ଆଉ କଚେରୀକୁ ଫେରିବି ନାହିଁ । ପେନସନ ଟ ୩୫୲ ମୋର ପ୍ରତିବନ୍ଧକ ହେବ ନାହିଁ । ମୋର ଛୁଟି ପାଇଥିବା କଥା ସିରସ୍ତାଦାର ମୋତେ ଖଣ୍ଡିଏ ସ୍ଲିପରେ ଜଣାଇଦେଲେ ଏବଂ ସେହି ସ୍ଲିପ୍‌ରେ ମୋତେ ଅନ୍ୟଜଣକୁ ଚାର୍ଜ ଦେବାକୁ ଲେଖିଲେ । କଲେକ୍ଟରଙ୍କର ଆଦେଶ ଦେଖି ସମସ୍ତେ ସେହି ଆଦେଶ ତଳେ ଚାର୍ଜ ଦେବା କଥା ଲେଖନ୍ତି । ତେଣୁ ମୁଁ ସେହି ସ୍ଲିପ୍‌ରେ ଚାର୍ଜ ଦେଲି ନାହିଁ ଏବଂ ମୋ ପାଖକୁ ଫାଇଲ୍ ପଠାଇବାକୁ ଲେଖିଲି, ମାତ୍ର ସିରସ୍ତାଦାର ମୋ ପାଖକୁ ଫାଇଲ ନ ପଠାଇ ମୋତେ ତାଙ୍କ ନିକଟକୁ ଡକାଇଲେ । ମୁଁ ଗଲିନାହିଁ । ସିରସ୍ତାଦାର ମୋତେ ଫାଇଲ ନ ଦେଖାଇ ସ୍ଲିପ୍‌ରେ ଚାର୍ଜ ଦେବାକୁ କହିବା ବିଷୟ ଡେପୁଟିଙ୍କ ଜରିଆରେ କଲେକ୍ଟରଙ୍କୁ ଜଣାଇଲି । ସିରସ୍ତାଦାର ମୋତେ ଆଉ ଦିନେ ମାତ୍ର ଛୁଟି ଦେବେ ନାହିଁ ବୋଲି କାହିଁକି କହିଲେ ତାହା ମଧ୍ୟ ସେହି ଦରଖାସ୍ତରେ ଜଣାଇଲି । ଡେପୁଟି ସବୁକଥା ବୁଝି ପାରି ସିରସ୍ତାଦାରଙ୍କ-ଠାରୁ ଫାଇଲ ଅଣାଇ ମୋତେ ଦେଲେ ଏବଂ କହିଲେ, "ତୁମେ ତ ଛୁଟିଲ ଆଉ କଲେକ୍ଟରଙ୍କୁ ଏହି ଦରଖାସ୍ତ ଦିଅନାହିଁ । ଡେପୁଟିଙ୍କ କଥା ମାନି ମୁଁ ଦରଖାସ୍ତଟି ଫେରାଇ ଆଣିଲି । ସେତେବେଳେ କଚେରୀ ସବୁଜୁଆ

ହେଉଥାଏ । ୧୯୪୨ ସାଲ୍ ମଇମାସ ତା ୮ ରିଖ ୧୨ଟା ବେଳେ ମୁଁ ଚାର୍ଜ ଦେଇ କଚେରୀରୁ ବିଦାୟ ନେଲି । ସେହିଦିନ ସନ୍ଧ୍ୟାବେଳେ କାଞ୍ଚବଜାର ଛକରେ ରାଧାନାଥ ମିଶ୍ର ସିରସ୍ତାଦାରଙ୍କ ସଙ୍ଗେ ମୋର ଦେଖା ହେଲା । ସେ ମୋତେ କହିଲେ, "ଆଜି ସକାଳେ ତୁମେ ମୋ ଉପରେ ରାଗିଲ କାହିଁକି ? ମୁଁ କହିଲି, "ମୁଁ ଆପଣଙ୍କ ଉପରେ ଆଦୌ ରାଗି ନାହିଁ । ରାଗିଥିଲେ ରାଗିଚି, କଚେରୀର ସିରସ୍ତାଦାରଙ୍କ ଉପରେ । ଆପଣ ମୋର ଜଣେ ବନ୍ଧୁ ଓ ଭାଇ" । ସେ ମୋ ପିଠିରେ ହାତ ମାରି କହିଲେ—"ତୁମେ ଯେ କୌଣସି ଡାକ୍ତର କିମ୍ବା କବିରାଜଙ୍କ ପାଖରୁ ମଧ୍ୟ ସାର୍ଟିଫିକେଟ୍ ପଠାଇଦେଲେ ମୁଁ ତୁମର ଛୁଟି ମଞ୍ଜୁର କରାଇଦେବି ।" ଏପରି କହିଲେ ସୁଦ୍ଧା ପୂର୍ବ ରାଗ ତାଙ୍କ ମନରୁ ଯାଇ ନଥିଲା ବୋଲି ମୁଁ ପରେ ବୁଝି ପାରିଲି । ଏହି ଛୁଟି ପାଇବା ପରେ ମୁଁ ମୋର ସାନ ଝିଅ ଘର ବାରିପଦାକୁ ଗଲି । ସେଠାରୁ ଜଣେ ଆସିଷ୍ଟାଣ୍ଟ ସର୍ଜନଙ୍କଠାରୁ ସାର୍ଟିଫିକେଟ ଦେଇ ପୁଣି ୩ମାସ ଛୁଟି ମାଗିଲି । ସିରସ୍ତାଦାର ସେଥିରେ କଟକ ଡାକ୍ତର ସାହେବଙ୍କଠାରୁ ସାର୍ଟିଫିକେଟ୍ ଦେବାକୁ ଆଦେଶ କରାଇଲେ । ମୁଁ ତାପରେ ମୋର ବଡ଼ଝିଅ ନିକଟକୁ ହଜାରିବାଗ ଜିଲା ଅରଗଡ଼ା ନାମକ ସ୍ଥାନକୁ ଚାଲିଗଲି ଏବଂ ସେଠାରୁ ଲେଖିଲି ହଜାରିବାଗ ଡାକ୍ତର ସାହେବଙ୍କଠାରୁ ସାର୍ଟିଫିକେଟ୍ ଦେବାକୁ ମୋତେ ଆଦେଶ ହେଉ । ଇତି ମଧ୍ୟରେ ୩ମାସ ବିନା ଛୁଟିରେ ଶେଷ ହେଲା ଏବଂ ମୋ ପାଖକୁ ଚିଠି ଗଲା "ତୁମ୍ଭେ ବିନାଛୁଟିରେ ରହିଥିବାରୁ କାହିଁକି ଡିସ୍‌ମିସ୍ ନହେବ ତାର କାରଣ ଦେଖାଅ ?" ଅରଗଡ଼ାର ଡାକ୍ତରଙ୍କ ସଙ୍ଗେ ମୋର ସଦ୍‌ଭାବ ଥିଲା । କଲେକ୍ଟର ସାହେବଙ୍କର ଏହି ଚିଠି ମୁଁ ତାଙ୍କୁ ଦେଖାଇଲି । ମୁଁ ଡିସ୍‌ମିସ୍ ହେବା ଖୁବ୍ ସମ୍ଭବ ଏ କଥା ସେ ବୁଝି ପାରି ହଜାରିବାଗ ଡାକ୍ତର ସାହେବଙ୍କ ପାଖକୁ ମୋ ହାତରେ ଖଣ୍ଡେ ଚିଠି ଦେଲେ । ସେହି ଚିଠି ଦେଖି ଡାକ୍ତର ସାହେବ ମୋତେ ୬ମାସ ଛୁଟି ପାଇଁ ସାର୍ଟିଫିକେଟ୍ ଦେଲେ । ଏହି ଛୁଟି ପୂର୍ଣ୍ଣ ନ ହେଉଣୁ ମୁଁ ସେହି ଡାକ୍ତର ସାହେବଙ୍କଠାରୁ ଇନଭାଲିଡ୍ ସାର୍ଟିଫିକେଟ ଆଣି ପେନସନ ନେଲି ଏବଂ ବଡ଼ଝିଅ ଘରେ ରହି ରାଞ୍ଚି ଟ୍ରେଜେରୀରୁ ପେନ୍‌ସନ ଟଙ୍କା ଆଣିଲି ।

ସିରସ୍ତାଦାରଙ୍କର ଏପରି ରିପୋର୍ଟ କରିବା କଥା ଏବଂ କଟକର ଡାକ୍ତର ସାହେବ ମୋତେ ଇନ୍‌ଭାଲିଡ୍ ସାର୍ଟିଫିକେଟ ନ ଦେବା କଥା ମୁଁ ଯଦି ଯଥା ସମୟରେ ଆପତ୍ତି କରିଥାନ୍ତି ତେବେ କଲେକ୍ଟର ସାହେବ ନିୟମ ଅନୁସାରେ ମୋତେ ଛୁଟି ଦେବାକୁ ବାଧ୍ୟ ହୋଇଥାନ୍ତେ । ମାତ୍ର ମୋର ଟିକେ ଏକଜିଦିଆ ସ୍ୱଭାବ ହେତୁ ଦୁଇ ସିରସ୍ତାଦାରଙ୍କ ସଙ୍ଗେ ମୁଁ ଯୁଦ୍ଧ କରିବାରେ ରହିଗଲି ଏବଂ ଦୁଇବର୍ଷ ଚାରିମାସ ଛୁଟି ପାଇବା ଯେ ମୋର ନ୍ୟାଯ୍ୟ ଅଧିକାର ଏକଥା ମୁଁ ସେତେବେଳେ ଭୁଲିଗଲି । ଏହି ଏକଜିଦିଆ ସ୍ୱଭାବ ମୋର ଆଜି ପର୍ଯ୍ୟନ୍ତ ରହିଛି ଏବଂ ଏଥିପାଇଁ ମୋତେ ବେଳେ ବେଳେ ଅନେକ ହରକତ ହେବାକୁ ହୁଏ । ଆଉ ମଧ୍ୟ ମୁଁ ଯଦି ନିତ୍ୟାନନ୍ଦ ବାବୁ ସିରସ୍ତାଦାରଙ୍କୁ ତାଙ୍କର ବୃଦ୍ଧ ବୟସରେ ପୁଅ ହେବା କଥା ଓ ୧୫-୧୭ ବର୍ଷର ନାତୁଣୀ ବୈଧବ୍ୟ ପାଳିବା କଥା ଅନ୍ୟ କିରାଣୀମାନଙ୍କ ସମ୍ମୁଖରେ ନ କହି ଏକୁଟିଆ ତାଙ୍କୁ ନମ୍ର ଭାବରେ ବୁଝାଇ ଦେଇଥାନ୍ତି ତେବେ ସେ ମହାଶୟ ମଧ୍ୟ ଡାକ୍ତର ସାହେବଙ୍କ ନିକଟକୁ ଏପରି ଲେଖି ନ ଥାନ୍ତେ ।

## ଗୀତାର ନୂଆ ବ୍ୟାଖ୍ୟା

ରାଞ୍ଚି ଟ୍ରେଜେରୀରୁ ପେନ୍‌ସନ ଆଣି ହଜାରିବାଗ ଜିଲ୍ଲା ଅରଗଡ଼ାଠାରେ ମୋର ବଡ଼ଝିଅ ନିକଟରେ ମୁଁ ପ୍ରାୟ ଏକବର୍ଷ ରହିଲି । ସେଠାରେ ଗୋଟିଏ କୋଇଲା ଖଣି ଅଛି । ସେହି କୋଇଲାଖଣିର କର୍ମଚାରୀମାନଙ୍କ ସଙ୍ଗେ ମୁଁ ସନ୍ଧ୍ୟାବେଳେ ବୁଲିବାକୁ ଯାଏ । ବୁଲିଲାବେଳେ ଆମ୍ଭମାନଙ୍କ ମଧ୍ୟରେ ଅନେକ ସମୟରେ ଧର୍ମ ଓ ସଂସାର ବିଷୟରେ କଥାବାର୍ତ୍ତା ହୁଏ । ଦିନେ ସେଠା ଡାକ୍ତରଖାନା କମ୍ପାଉଣ୍ଡର ମୂର୍ତ୍ତିପୂଜା ବିରୁଦ୍ଧରେ ଏବଂ କୋଇଲାଖଣି ଅଫିସ ହେଡ୍ କିରାଣୀ ମୂର୍ତ୍ତିପୂଜା ସପକ୍ଷରେ ଯୁକ୍ତିକରି ହେଡ଼କିରାଣୀ କହିଲେ ଯେ ଭଗବଦ୍ ଗୀତାରେ ମୂର୍ତ୍ତିପୂଜାର ପ୍ରଶଂସା କରାଯାଇଅଛି । ଦୁହେଁ ମୋର ମତ ପଚାରିବାରୁ ମୁଁ କହିଲି, ମୁଁ ଭଗବଦ୍‌ଗୀତା ପଢ଼ିନାହିଁ । ଭଗବଦ୍‌ଗୀତାରେ କେଉଁଠାରେ ମୂର୍ତ୍ତିପୂଜାର ପ୍ରଶଂସା କରାଯାଇଅଛି ବୋଲି ହେଡ୍ କିରାଣୀଙ୍କୁ ପଚାରିବାରୁ ସେ ମହାଶୟ ଗୀତାରୁ ମୂଳଶ୍ଳୋକ ଉଦ୍ଧାର କରି ପ୍ରକୃତ କଥା ବୁଝାଇ ପାରିଲେ ନାହିଁ । କାରଣ ମନ

ଶ୍ଳୋକରେ ଯାହା ଅଛି ତାହା ତାଙ୍କୁ ଜଣା ନାହିଁ । କେବଳ ଟୀକାକାର-ମାନଙ୍କର ଟୀକା ପଢ଼ି ତାଙ୍କ ମନରେ ଏପରି ଧାରଣା ଜନ୍ମିଅଛି । ସେ ମୋତେ କହିଲେ—"ଆପଣ ଦ୍ୱାଦଶ ଅଧ୍ୟାୟ ପ୍ରଥମ ପାଞ୍ଚୋଟି ଶ୍ଳୋକ ପଢ଼ିଲେ ଜାଣି ପାରିବେ ।" ଫେରିବା ପରେ ସେହି ସନ୍ଧ୍ୟାବେଳେ ସେହି ହେଡ୍‌କରାଣୀଙ୍କ ପରେ ମୁଁ ଏହି ପାଞ୍ଚୋଟି ଶ୍ଳୋକ ପଢ଼ିଲି ମୁଁ ଦେଖିଲି ଗୀତାର ଭାଷା ଅତି ସରଳ । ମୂଳଶ୍ଳୋକରେ ପୂଜାର କଥା କିଛି ନାହିଁ । ଏହି ପାଞ୍ଚୋଟି ଶ୍ଳୋକରୁ ବୁଝିଲି ଯେ ଗୀତାର ଟୀକାକାରମାନେ ମୂଳ-ଶ୍ଳୋକରେ ଧାକାର ଓ ନକାର ଏହି ଦୁଇଟି ନୂଆ କଥା ଯୋଗ କରିଦେଇ ମୂର୍ତ୍ତିପୂଜାର ପ୍ରଶଂସା କରିଅଛନ୍ତି । ପଞ୍ଚମ ଶ୍ଳୋକଟିରୁ ବୁଝିଲି ଯେ ମୂର୍ତ୍ତି-ପୂଜାର ପ୍ରଶଂସା କରିବା ତେଣିକି ଥାଉ, ଅବ୍ୟକ୍ତ ଭଗବାନ୍, ଅବ୍ୟକ୍ତ ପରମାତ୍ମା ଇତ୍ୟାଦି କୌଣସି ଅବ୍ୟକ୍ତରେ ଆସକ୍ତ ରହିବାକୁ ଗୀତା ସ୍ପଷ୍ଟାକ୍ଷରରେ ବାରଣ କରିଅଛି । ଗୀତାର ଏହି ନୂତନ ଶିକ୍ଷା ମୋ ମନକୁ ବିଶେଷ ଭାବରେ ସ୍ପର୍ଶ କଲା ଏବଂ ଗୀତା ପଢିବାକୁ ମୋର ବିଶେଷ ଆଗ୍ରହ ଜନ୍ମିଲା । ପ୍ରଥମ ଅଧ୍ୟାୟ ୪୪ ଶ୍ଳୋକରେ ଥିବା "ଅନୁଶୁଶ୍ରୁମ" କଥାଟିରୁ ବୁଝିଲି ଯେ ଏହି "ଅନୁଶୁଶ୍ରୁମ" କଥାଟି ହେଉଛି ଗୀତାର ମୂଳଭିତ୍ତି ଏବଂ ଅର୍ଜ୍ଜୁନଙ୍କ ମୁହଁରେ ଏହି କଥାଟି କୁହାଇବା ଦ୍ୱାରା ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ମୂଳରେ ଗୀତାକାର କୁଠାରାଘାତ କରିଅଛନ୍ତି । ଗୀତାର ଏହି ମୂଳଭିତ୍ତି ଉପରେ କାହାରି ଦୃଷ୍ଟି ପଡ଼ିନାହିଁ ଦେଖି "ଗୀତାର ଅନୁଶୁଶ୍ରୁମ" ନାମକ ଖଣ୍ଡିଏ ବହି ମୁଁ ପ୍ରକାଶ କଲି । ତୃତୀୟ ଅଧ୍ୟାୟ ୨୨ ଶ୍ଳୋକରେ ଥିବା 'ସଙ୍କରସ୍ୟ' କଥାଟିକୁ ଗୀତାର ଟୀକାକାରମାନେ "ବର୍ଣ୍ଣ ସଙ୍କରସ୍ୟ" ବୋଲି ଅର୍ଥ କରିଅଛନ୍ତି । "ସଙ୍କର" କଥାଟିକୁ ଅର୍ଥ କଲାବେଳେ ସେଥିରେ "ବର୍ଣ୍ଣ" ଏହି ବିଶେଷଣଟି ଯୋଗକରି "ସଙ୍କର" କଥାଟିର ସାର୍ବଜନୀନତା ନଷ୍ଟ କରିବାର କୌଣସି କାରଣ ନଦେଖି ମୁଁ "ସଙ୍କରରୁ ବର୍ଣ୍ଣ ସଙ୍କର" ନାମକ ବହି ଖଣ୍ଡିଏ ପ୍ରକାଶ କଲି । ଦ୍ୱିତୀୟ ଅଧ୍ୟାୟ ୩୯ ଶ୍ଳୋକଟି ପଢ଼ି ବୁଝିଲି ଯେ, ଗୀତାର ପ୍ରକୃତ ଶିକ୍ଷା ଓ ସମ୍ପୂର୍ଣ୍ଣ ନୂତନ ଶିକ୍ଷା ଏହିଠାରୁ ଆରମ୍ଭ ହୋଇଅଛି । ସେହି ଶ୍ଳୋକଟି ହେଉଛି—

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ ! କର୍ମବନ୍ଧଂ ପ୍ରହାସ୍ୟସି ।

ଅନ୍ୱୟ—ଏଷା ବୁଦ୍ଧିଃ ତେ ସାଂଖ୍ୟେ ଅଭିହିତା; ଯୋଗେ ତୁ ଇମାଂ (ବୁଦ୍ଧିଂ) ଶୃଣୁ ; ଯୟା ବୁଦ୍ଧ୍ୟା ଯୁକ୍ତଃ ସନ୍ ହେ ପାର୍ଥ ! (ତ୍ୱଂ) କର୍ମବନ୍ଧଂ ପ୍ରହାସ୍ୟସି ।

ଅର୍ଥ—ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା, ଏହି ବୁଦ୍ଧି ତୁମ୍ଭେ (ବର୍ତ୍ତମାନ) ଯୋଗରେ ଶୁଣ, ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ ହେ ପାର୍ଥ ! ତୁମ୍ଭେ କର୍ମ ବନ୍ଧନରୁ ମୁକ୍ତ ହେବ ।

ଗୀତାକାର ସର୍ବ ପ୍ରଥମେ ଏହିଠାରେ "ବୁଦ୍ଧି" କଥାଟିକୁ ସାଂଖ୍ୟ-ବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇ ଭାଗରେ ବିଭକ୍ତ କରି ସାଂଖ୍ୟ ବୁଦ୍ଧିକୁ ଅର୍ଥାତ୍ ପୁସ୍ତକଗତ ବୁଦ୍ଧିକୁ ନିନ୍ଦା କରିଅଛନ୍ତି ଏବଂ ଯୋଗ ବୁଦ୍ଧିକୁ ଅର୍ଥାତ୍ କର୍ମାତ୍ମିକା ବୁଦ୍ଧିକୁ ପ୍ରଶଂସା କରିଅଛନ୍ତି । ମାତ୍ର ଗୀତାର ଟୀକା-କାରମାନେ ନିଜର ମନଗଢ଼ା କଥା ସବୁ ଯୋଗ କରିଦେଇ ଠିକ୍ ବିପରୀତ ଅର୍ଥ କରିଅଛନ୍ତି ଅର୍ଥାତ୍ ସାଂଖ୍ୟ ବୁଦ୍ଧିକୁ ପ୍ରଶଂସା କରି ଯୋଗ ବୁଦ୍ଧିକୁ ତଦ୍‌ପେକ୍ଷା ନିମ୍ନତର ସ୍ଥାନ ଦେଇ ଅଛନ୍ତି । ଏହି ଅଧ୍ୟାୟ ୪୧ ଶ୍ଲୋକରେ ଥିବା "ବ୍ୟବସାୟାତ୍ମିକା" "ବୁଦ୍ଧି" କଥାଟିକୁ ସମସ୍ତେ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିଅଛନ୍ତି ଏବଂ ଈଶ୍ୱରଙ୍କୁ ଭକ୍ତି କଲେ ମୁକ୍ତି ନିଶ୍ଚୟ ମିଳିବ ଏହି ବୁଦ୍ଧିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଶ୍ରୀଧର ସ୍ୱାମୀ ପ୍ରଭୃତି ଅନେକ ଟୀକାକାର ବ୍ୟାଖ୍ୟା କରିଅଛନ୍ତି । ମୁଁ ଦେଖିଲି ପୂର୍ବୋକ୍ତ ୩୯ ଶ୍ଲୋକରେ କହିଥିବା ଯୋଗବୁଦ୍ଧି କଥାଟିକୁ ବୁଝାଇବା ଅଭିପ୍ରାୟରେ ୨ୟ ଅଧ୍ୟାୟ ୪୧ ଶ୍ଲୋକରେ ଯୋଗବୁଦ୍ଧି କଥାଟି ପରିବର୍ତ୍ତେ ଗୀତାକାର "ବ୍ୟବସାୟାତ୍ମିକା ବୁଦ୍ଧି" କଥାଟି ବ୍ୟବହାର କରିଅଛନ୍ତି । ଏହି କଥାଟିର ପ୍ରକୃତ ଅର୍ଥ ହେଉଛି କର୍ମାତ୍ମିକା ବୁଦ୍ଧି" । ଏହି ଅଧ୍ୟାୟ ୪୨ ଶ୍ଲୋକରେ ଥିବା "ଅବିପଶ୍ଚିତ" କଥାଟିରୁ ବୁଝିଲି ଯେ ଶାସ୍ତ୍ରବିଧି ସବୁର ଅନ୍ଧାନୁ-ସରଣକାରୀମାନଙ୍କୁ ଗୀତାକାର ଅବିବେକୀ ବା ମୂଢ଼ ବୋଲି କହିଅଛନ୍ତି । ଏହି ଅଧ୍ୟାୟ ୪୯ ଶ୍ଲୋକରେ ଥିବା "ବୁଦ୍ଧୌ ଶରଣମନ୍ୱିଚ୍ଛ" କଥାଟିର ପ୍ରକୃତ ଅର୍ଥ ହେଉଛି "ବୁଦ୍ଧିର ଶରଣ ନେବାକୁ ଇଚ୍ଛାକର ।" ଏହି ସରଳ କଥାଟିକୁ ଶଙ୍କରାଚାର୍ଯ୍ୟ ଅର୍ଥ କରିଅଛନ୍ତି "ସାଂଖ୍ୟବୁଦ୍ଧିର ଶରଣ ନେବାକୁ ଇଚ୍ଛାକର" ଏବଂ ଶ୍ରୀଧର ସ୍ୱାମୀ ଅର୍ଥ କରିଅଛନ୍ତି "ଈଶ୍ୱରଙ୍କର ଶରଣ ନେବାକୁ ଇଚ୍ଛା କର" । ମୁଁ ବୁଝିଲି ଗୀତାକାର

ନିନ୍ଦା କରୁଥିବା ସାଙ୍ଖ୍ୟ ବୁଦ୍ଧିକୁ ଅର୍ଥାତ୍ ସ୍ୱତନ୍ତ୍ରଚରିତ ବୁଦ୍ଧିକୁ ସମର୍ଥନ କରିବା ଅଭିପ୍ରାୟରେ ଶଙ୍କରସ୍ୱାମୀ "ସାଙ୍ଖ୍ୟ" ଏହି ବିଶେଷଣଟି ଯୋଗ କରିଅଛନ୍ତି । ସେ ସାହାବେଳର "ବୁଦ୍ଧି" ଏହି କଥାଟି ଅର୍ଥ କଲବେଳେ ସେଥିରେ "ସାଙ୍ଖ୍ୟ" ଏହି ବିଶେଷଣଟି ବାକ୍ୟିକ ଯୋଗ କରାଯିବ ଏବଂ "ବୁଦ୍ଧି" ଏହି କଥାଟିର ଅର୍ଥ ସେହି ବୁଦ୍ଧି ନଦରହି ସାଙ୍ଖ୍ୟବନ୍ଧି କମ୍ବା ଈଶ୍ୱର ନାହିଁକି ହେବ ତାର କୌଣସି କାରଣ ନାହିଁ । ନିମ୍ନଲିଖିତ ଦୁଇଟି ଶ୍ଳୋକରୁ ମୁଁ ବୁଝିପାରିଲି ଏବଂ ଆପଣମାନେ ମଧ୍ୟ ପରବର୍ତ୍ତୀ ଆଲୋଚନାରୁ ସଂଶୟଶୂନ୍ୟ ହୋଇ ବୁଝିପାରିବେ ଯେ ଗୀତାର ଉପଦେଶ ସମ୍ପୂର୍ଣ୍ଣ ନୂତନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣା ସବୁର ସମ୍ପୂର୍ଣ୍ଣ ବିପରୀତ ଥିବାରୁ ଗୀତାର ଟୀକାକାରମାନେ ଏପରି ବିପରୀତ ଅର୍ଥ କରି ନିଜର ବଦ୍ଧମୂଳ ଧାରଣାକୁ ସମର୍ଥନ କରିବାକୁ ଚେଷ୍ଟା କରିଅଛନ୍ତି । ଶ୍ଳୋକ ଦୁଇଟି ତଳେ ଦିଆଗଲା—

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ !
ନିର୍ଦ୍ୱନ୍ଦ୍ୱୋ ନିତ୍ୟ ସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ । (୨ୟ-୪୫)
ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ॥ (୧୮ଶ-୪୭)

ପ୍ରଥମ ଶ୍ଳୋକର ଅନ୍ୱୟ—ବେଦାଃ ତ୍ରୈଗୁଣ୍ୟଃ ବିଷୟାଃ,
ହେ ଅର୍ଜୁନ ! (ତ୍ୱଂ) ନିସ୍ତ୍ରୈଗୁଣ୍ୟଃ ଭବ; ନିର୍ଦ୍ୱନ୍ଦ୍ୱଃ,
ନିତ୍ୟ ସତ୍ତ୍ୱସ୍ଥଃ, ନିର୍ଯୋଗକ୍ଷେମଃ ଆତ୍ମବାନ୍ ଭବ ॥

ଅର୍ଥ—ବେଦ ସବୁ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣ ସମ୍ବନ୍ଧୀୟ । ହେ ଅର୍ଜୁନ ! ତୁମ୍ଭେ ଏହି ତିନିଗୁଣରୁ ବାହାର ହୁଅ, ଏବଂ ଦ୍ୱନ୍ଦ୍ୱାତୀତ ହୁଅ, ଯୋଗ ଓ କ୍ଷେମରୁ ବାହାର ହୁଅ, ଆତ୍ମବାନ୍ ହୁଅ ଏବଂ ସର୍ବଦା ସତ୍ତ୍ୱସ୍ଥ ହୁଅ ।

ପୂର୍ବବର୍ତ୍ତୀ ୪୨ ଓ ୪୪ ଶ୍ଳୋକରୁ ଜାଣିପାରିବେ ଯେ ଏଠାରେ ଗୀତାକାର ବେଦାତୀତ ହେବାକୁ ଉପଦେଶ ଦେଇଅଛନ୍ତି ଏବଂ ବେଦାତୀତ ହେବାକୁ ଉପଦେଶ ଦେବାକୁ ଯାଇ ଗୁଣାତୀତ, ଦ୍ୱନ୍ଦ୍ୱାତୀତ, ଯୋଗକ୍ଷେମରୁ

ଅଶାତ, ଆତ୍ମବାନ୍ ଓ ସତ୍ତ୍ୱସ୍ଥ ହେବାକୁ କହୁଅଛନ୍ତି । ଅତଏବ ଗୀତା-କାରଙ୍କର ଏଠାରେ ଅଭିପ୍ରାୟ ଏହି କି ମନୁଷ୍ୟ ବେଦାଶ୍ରିତ ହୋଇ ପାରିଲେ ଦ୍ୱନ୍ଦ୍ୱାଶ୍ରିତ, ଯୋଗ ଓ କ୍ଷେମରୁ ଅଶାତ ଆତ୍ମବାନ୍ ଓ ସତ୍ତ୍ୱସ୍ଥ ହୋଇ ପାରିବ । ବର୍ତ୍ତମାନ ବୁଝନ୍ତୁ, ବେଦାଶ୍ରିତ ହେବା, ଗୁଣାଶ୍ରିତ ହେବା, ଦ୍ୱନ୍ଦ୍ୱାଶ୍ରିତ ହେବା, ଯୋଗକ୍ଷେମରୁ ଅଶାତ ହେବା, ଆତ୍ମବାନ୍ ହେବା ଓ ସତ୍ତ୍ୱସ୍ଥ ହେବା ଏମାନେ ସମସ୍ତେ ଏକା କଥା ।

ଏହି ଶ୍ଳୋକରେ ଥିବା ପୂର୍ବୋକ୍ତ ପାଞ୍ଚଟି କଥାର ଆଲୋଚନା ଏଠାରେ ସମ୍ପୂର୍ଣ୍ଣ ଅନାବଶ୍ୟକ । ଆଉ ମଧ୍ୟ ତାହାସବୁ ଆଲୋଚନା କଲେ ସ୍ୱତନ୍ତ୍ର ଖଣ୍ଡିଏ ବହି ହେବ । ତେଣୁ "ସତ୍ତ୍ୱସ୍ଥ ହୁଅ" କେବଳ ଏହି କଥାଟିର ଆଲୋଚନାରେ ଅଗ୍ରସର ହୁଅନ୍ତୁ । "ସତ୍ତ୍ୱସ୍ଥ ହୁଅ" ଏହି କଥାଟିକୁ ଶଙ୍କରସ୍ୱାମୀ ଅର୍ଥ କରିଅଛନ୍ତି "ସତ୍ତ୍ୱଗୁଣମାଶ୍ରିତୋ ଭବ"—ଅର୍ଥାତ୍ "ସତ୍ତ୍ୱଗୁଣକୁ ଆଶ୍ରୟ କରି ରୁହ, ଯାହା ସମ୍ପୂର୍ଣ୍ଣ ଅସଙ୍ଗତ । କାରଣ ଏହି ଶ୍ଳୋକର ପ୍ରଥମ ଧାଡ଼ିରେ ଗୀତାକାର ଗୁଣାଶ୍ରିତ ହେବାକୁ କହି ଅର୍ଥାତ୍ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣରୁ ବାହାରି ଯିବାକୁ କହି ଦ୍ୱିତୀୟ ଧାଡ଼ିରେ ସତ୍ତ୍ୱଗୁଣର ଆଶ୍ରୟ ନେବାକୁ କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଆଉ ମଧ୍ୟ ଚତୁର୍ଦ୍ଦଶ ଅଧ୍ୟାୟରେ ଗୀତାକାର କହିଅଛନ୍ତି ଯେ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣ ବନ୍ଧନର କାରଣ ଅଟନ୍ତି । ସତ୍ତ୍ୱଗୁଣ ଯେ ବନ୍ଧନର କାରଣ ଏ କଥା ଗୀତାର ନିମ୍ନଲିଖିତ ଶ୍ଳୋକରେ କୁହାଯାଇ ଅଛି ।

ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟଂ
ସୁଖ ସଙ୍ଗେନ ବଧ୍ନାତି ଜ୍ଞାନ ସଙ୍ଗେନ ଚାନଘ !

ଅର୍ଥ—ହେ ଅନଘ ! ସତ୍ତ୍ୱଗୁଣ ନିର୍ମଳ, ଉଜ୍ଜ୍ୱଳ ଓ ଅନାମୟ ଥିବାରୁ ତାହା ମନୁଷ୍ୟକୁ ସୁଖ ଓ ଜ୍ଞାନ ସଙ୍ଗେ ଆବଦ୍ଧ କରେ ।

ଏପରି ସ୍ଥଳେ ସତ୍ତ୍ୱଗୁଣର ଆଶ୍ରୟ ନେବାକୁ ଗୀତାକାର କଦାପି କହିନାହାନ୍ତି । ମାତ୍ର ଏହି ଅଯୌକ୍ତିକ ଅର୍ଥର ଅନ୍ଧାନୁସରଣ ପ୍ରାୟ ସବୁ ଟୀକାକାର କରିଅଛନ୍ତି । କେବଳ ମହାତ୍ମାଗାନ୍ଧି ଏପରି ଅର୍ଥ କରିନାହାନ୍ତି । ସେ ଅର୍ଥ କରିଅଛନ୍ତି "ସତ୍ୟ ବସ୍ତୁରେ ରୁହ ।" ମାତ୍ର ଏହି ଅର୍ଥ ମଧ୍ୟ ଠିକ

ନୁହେଁ, କାରଣ ମୂଳ ଶ୍ଳୋକରେ ସତ୍ୟସ୍ଥ ନଥାଇ "ସତ୍ତ୍ୱସ୍ଥ" ଅଛି । ଆଉ ମଧ୍ଯ କେବଳ ବିଶିଷ୍ଟ ବ୍ୟକ୍ତିମାନଙ୍କ ସତ୍ୟବସ୍ତୁରେ ରହିବା ପାଇଁ ଉପଦେଶ ଦେବାକୁ ଶ୍ରୀକୃଷ୍ଣ ଜଗତକୁ ଆସି ନଥିଲେ । ସେ ଯଦି ବିବେ ବିଶ୍ୱଗୁରୁ ଭାବରେ ଜଗତକୁ ଆସିଥିଲେ, ସେ ଆସିଥିଲେ ରାମା ବାଉରୀ-ଠାରୁ ରାମଚନ୍ଦ୍ର ମହାପ୍ରଭୁଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସତ୍ତ୍ୱସ୍ଥ ହୋଇ କର୍ମ କରିବାକୁ ଉପଦେଶ ଦେବା ପାଇଁ । ବର୍ତ୍ତମାନ ବୁଝନ୍ତୁ "ସତ୍ତ୍ୱସ୍ଥହୁଅ" ଏହି କଥାଟି ଗୀତାର ସର୍ବପ୍ରଧାନ କଥା ଓ ସମ୍ପୂର୍ଣ୍ଣ ନୂଆ କଥା । କାରଣ ଏହି କଥାଟିରେ ଗୀତାକାର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ବ୍ୟକ୍ତିଗତ ପୂର୍ଣ୍ଣତା, ବ୍ୟକ୍ତିଗତ ସ୍ୱାଧୀନତା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ମାନବସମାଜରେ ପ୍ରକୃତ ସାମ୍ୟବାଦ ପ୍ରତିଷ୍ଠା କରିଅଛନ୍ତି ।

ଦ୍ୱିତୀୟ ଶ୍ଳୋକଟି ଆଲୋଚନା କରିବା ପରେ "ସତ୍ତ୍ୱସ୍ଥ ହୁଅ" ଏହି କଥାଟିର ବିଶେଷତ୍ୱ, ନୂତନତ୍ୱ ଓ ପ୍ରକୃତ ଅର୍ଥ ସଂଶୟ ଶୂନ୍ୟ ହୋଇ ବୁଝି ପାରିବେ ।

ଦ୍ୱିତୀୟ ଶ୍ଳୋକର ଅନ୍ୱୟ—ସ୍ୱ ଅନୁଷ୍ଠିତାତ୍ ପରଧର୍ମାତ୍ ବିଗୁଣଃ ସ୍ୱଧର୍ମଃ ଶ୍ରେୟାନ୍; ସ୍ୱଭାବନିୟତଂ କର୍ମ କୁର୍ବନ୍ (ନରଃ) କିଲ୍ବିଷଂ ନ ଆପ୍ନୋତି ।

ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ନିଜର ବିଗୁଣ ସ୍ୱଧର୍ମ ଶ୍ରେଷ୍ଠ ଅଟେ । ସ୍ୱଭାବନିୟତ କର୍ମ କରିବାରେ ମନୁଷ୍ୟ ପାପ କରେ ନାହିଁ ।

ଏହି ଶ୍ଳୋକର ପୂର୍ବ ଧାଡ଼ିଟି ହେଉଛି :—

ସ୍ୱ କର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।

ଅନ୍ୱୟ—ସ୍ୱ କର୍ମଣା ତମ୍ ଅଭ୍ୟର୍ଚ୍ଚ୍ୟମାନବଃ ସିଦ୍ଧିଂ ବିନ୍ଦତି ।

ଅର୍ଥ—ନିଜ ନିଜର କର୍ମଦ୍ୱାରା ତାଙ୍କୁ ଅର୍ଥାତ୍ ସେହି ଅବ୍ୟକ୍ତ ସତ୍ତ୍ୱଙ୍କୁ ଅଭ୍ୟର୍ଚ୍ଚନା କରି ( ଗୀତାର ଶ୍ରୀକୃଷ୍ଣଙ୍କୁ ନୁହେଁ ) ପ୍ରତ୍ୟେକ ମନୁଷ୍ୟ ସିଦ୍ଧିଲାଭକରେ ।

ଏହି ଶ୍ଳୋକର ପୂର୍ବ ଶ୍ଳୋକରେ ଅଛି—

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।

ଅର୍ଥ—ନିଜ ନିଜ କର୍ମରେ ନିଯୁକ୍ତ ରହି ପ୍ରତ୍ୟେକ ବ୍ୟକ୍ତି ସିଦ୍ଧି ଲାଭ କରେ ( ୧୮ଶ—୪୫ ) ପୂର୍ବୋକ୍ତ ଦୁଇଟି ଉକ୍ତିରୁ ବୁଝିହୁଏ ଯେ ଏଠାରେ ଥିବା ସ୍ୱଧର୍ମ କଥାଟିର ଅର୍ଥ ସ୍ୱକର୍ମ ଏବଂ ସ୍ୱକର୍ମ କଥାଟିର ଅର୍ଥ ନିଜର ସ୍ୱଭାବନିୟତ କର୍ମ । ପୂର୍ବୋକ୍ତ ଶ୍ଳୋକର ପରବର୍ତ୍ତୀ ଧାଡ଼ିଟି ହେଉଛି—

ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ ।

ଅର୍ଥ—ହେ କୌନ୍ତେୟ ! ନିଜର ସହଜାତ କର୍ମ ଅର୍ଥାତ୍ ନିଜର ଜାତ ହେବା ସଙ୍ଗେ ଜାତ ହୋଇଥିବା କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । କ୍ରମାନ୍ୱୟରେ ଥିବା ଏହି କେତୋଟି ଧାଡ଼ିରୁ ବୁଝିହୁଏ ଯେ, ସ୍ୱଭାବନିୟତ କର୍ମ, ସହଜାତ କର୍ମ ସ୍ୱକର୍ମ ଓ ସ୍ୱଧର୍ମ ଏମାନେ ସମସ୍ତେ ଏକା କଥା । ପୁଣି ବୁଝିହୁଏ ଯେ ଏହି ସ୍ୱକର୍ମ ବା ସ୍ୱଧର୍ମ ବିଗୁଣ ବା ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରି ଉତ୍ତମରୂପେ ଅନୁଷ୍ଠିତ ପରଧର୍ମର ଓ ପରକର୍ମର ଅନ୍ଧାନୁସରଣ କରିବା ଉଚିତ ନୁହେଁ ।

ବର୍ତ୍ତମାନ ବୁଝିହୁଏ ଯେ ସ୍ୱକର୍ମ ବା ସ୍ୱଭାବନିୟତ କର୍ମ ଜାତିଗତ ବା ବର୍ଣ୍ଣଗତ ବା କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ଇତ୍ୟାଦି କୌଣସି ଗୋଷ୍ଠୀଗତ ନୁହେଁ କିମ୍ବା ଶାକ୍ତ ଓ ବୈଷ୍ଣବ ଇତ୍ୟାଦି କୌଣସି ବିଶ୍ୱାସଗତ କର୍ମ ମଧ୍ୟ ନୁହେଁ । ଏହା ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ କର୍ମ ଏଥିରେ ସନ୍ଦେହ ନାହିଁ । ଆପଣ ଓକିଲି କରି, ଆପଣଙ୍କର ଭାଇ ବ୍ୟବସାୟ କରି, ଆପଣଙ୍କର ସ୍ତ୍ରୀ ରୋଷେଇ କରି, ନିଜ ନିଜ କର୍ମରେ ସେହି ଅବ୍ୟକ୍ତ ସତ୍ତାଙ୍କୁ ଅଭ୍ୟର୍ଚ୍ଚନା କରି ପାରିଲେ ପ୍ରତ୍ୟେକ ବ୍ୟକ୍ତି ସିଦ୍ଧି ପାଇ ପାରିବେ ଏହାହିଁ ଗୀତାକାରଙ୍କର ମତ । ମାତ୍ର ଆମ୍ଭେମାନେ ବହୁକାଳରୁ ଗୋଷ୍ଠି ବା ସମଷ୍ଟିଗତ ହୋଇ ରହି ନିଜ ନିଜ ଗୋଷ୍ଠିଗତ କର୍ମସବୁର ଅନ୍ଧାନୁସରଣ କରୁଥିବାରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ମହାତ୍ମା-

ଗାନ୍ଧିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଠାରେ ଥିବା ସ୍ୱକର୍ମ କଥାଟିକୁ "ବର୍ଣ୍ଣାନୁଯାୟୀ କର୍ମ" ବୋଲି ଅର୍ଥ କରିଅଛନ୍ତି । ଏହିସବୁ ଏବଂ ଆଉ ଅନେକ ଅଯୌକ୍ତିକ ଓ ବିପରୀତ ଅର୍ଥ ଦେଖି ଗୀତାର ଗୋଟିଏ ସର୍ବଜନବୋଧ୍ୟ ଓ ସର୍ବଜନପ୍ରଯୁଜ୍ୟ ନୂଆଭାଷ୍ୟ ଲେଖି ଗୀତା ଓ ଗୀତାସଂକ୍ରାନ୍ତ କେତେ ଖଣ୍ଡି ବହି ମୁଁ ପ୍ରକାଶ କରିଅଛି ।

ଗୀତାର ଭାଷା ଏତେ ସରଳ ଏବଂ ପ୍ରତ୍ୟେକ ଶ୍ଳୋକ ସହିତ ପରବର୍ତ୍ତୀ ଶ୍ଳୋକ ସବୁର ଏପରି ଘନିଷ୍ଠ ସମ୍ବନ୍ଧ ଅଛି ଯେ ଓଡ଼ିଆ କିମ୍ବା ବଙ୍ଗଳା କିମ୍ବା ହିନ୍ଦୀ ଯେ କୌଣସି ଭାଷା ଜାଣିଥିବା ଯେ କୌଣସି ବ୍ୟକ୍ତି କେବଳ ସନ୍ଧି ବିଚ୍ଛେଦ କରିଦେଲେ ଗୀତାର ପ୍ରକୃତ ଶିକ୍ଷା ଓ ନୂତନ ଶିକ୍ଷା ଗ୍ରହଣ କରିପାରିବେ ଏବଂ ବ୍ୟକ୍ତିଗତ ଜୀବନରେ ତାହା ପ୍ରୟୋଗ କରି ଉପକୃତ ହେବେ । ମାତ୍ର ଦୁଃଖର କଥା ଏହିକି ଆମ୍ଭମାନଙ୍କର ମସ୍ତିଷ୍କ ଦ୍ୱିତୀୟ ଅଧ୍ୟାୟ ୫୩ ଶ୍ଳୋକରେ ଥିବା "ଶ୍ରୁତି-ବିପ୍ରତିପନ୍ନା" ଥିବାରୁ ଅର୍ଥାତ୍ ଶାସ୍ତ୍ରଗତ ଏବଂ ଦେଶାଚାର, କୁଳାଚାର ଓ ଲୋକାଚାରଗତ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଇତ୍ୟାଦିରେ ପୂର୍ଣ୍ଣ ହୋଇ ରହିଥିବାରୁ ଅର୍ଥାତ୍ ପୁରୁଣା ବିଷୟ ସବୁରେ ପୂର୍ଣ୍ଣ ଥିବାରୁ ଆମ୍ଭେମାନେ ଗୀତାର ନୂତନ ଉପଦେଶ ଗ୍ରହଣ କରିପାରୁନାହୁଁ । ତେଣୁ ସତ୍ୟ ଉପରେ ପ୍ରତିଷ୍ଠିତ ଗୀତାର ନୂତନ ଶିକ୍ଷା ଗ୍ରହଣ କରିବାକୁ ହେଲେ ମସ୍ତିଷ୍କରୁ ସର୍ବପ୍ରକାର ପୁରୁଣା ଜ୍ଞାନ ଏବଂ ପୁରୁଣା ବଦ୍ଧମୂଳ ଧାରଣା ସବୁ-ସମ୍ପୂର୍ଣ୍ଣରୂପେ ଦୂର କରି ଦେବାକୁ ହେବ । ମୁଁ ହିନ୍ଦୁ, ମୁଁ ମୁସଲମାନ, ମୁଁ ଭାରତ ବାସୀ, ମୁଁ ଆମେରିକା ବାସୀ, ମୁଁ ଶାକ୍ତ, ମୁଁ ବୈଷ୍ଣବ, ମୁଁ କମ୍ୟୁନିଷ୍ଟ, ମୁଁ ସୋସିଆଲିଷ୍ଟ ଇତ୍ୟାଦି ଧାରଣାକୁ ଦୂର କରିଦେଇ ମୁଁ ପଣ୍ଡିତ, ମୁଁ ଧନୀ ଇତ୍ୟାଦି ଅହମିକା ମଧ୍ୟ ଦୂର କରିଦେଇ ମୁଁ ମନୁଷ୍ୟ ଏହି ଧାରଣାକୁ ମସ୍ତିଷ୍କରେ ସ୍ଥାନ ଦେବାକୁ ହେବ—କାରଣ ଗୀତା ହେଉଛି **ମନୁଷ୍ୟ ଧର୍ମ** ।

## ବିଶ୍ୱକଲ୍ୟାଣ ସମିତି

ଯେଉଁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତେଣୁ ସମସ୍ତ ମାନବ ସମାଜକୁ ବହୁକାଳ ହେଲା ଆକ୍ରମଣ କରି ପ୍ରତ୍ୟେକ

ବ୍ୟକ୍ତିର ତେଣୁ ସମସ୍ତ ମାନବ ସମାଜର ଧ୍ୱଂସ ସାଧନ କରୁଅଛି ସେହି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ମୂଳରେ ଗୀତା କୁଠାରାଘାତ କରି ସତ୍ୟର ଓ ସରଳତାର ପ୍ରତିଷ୍ଠା କରିଅଛି ବୁଝିପାରି ଗୀତା-ଧର୍ମ ସଂସ୍ଥାପନ କରିବା ଅଭିପ୍ରାୟରେ ୧୯୪୯ ସାଲରେ ମୁଁ ବିଶ୍ୱକଲ୍ୟାଣ ସମିତି ସ୍ଥାପନ କଲି । କେତେଜଣ ବନ୍ଧୁଙ୍କ ପ୍ରସ୍ତାବ ଅନୁସାରେ ୧୯୫୨ ସାଲରେ "ବିଶ୍ୱକଲ୍ୟାଣ" ନାମକ ଖଣ୍ଡିଏ ତ୍ରୈମାସିକ ପତ୍ରିକା ପ୍ରକାଶ କରିଅଛି । ଗହଣାରେ ଓ ନ୍ୟାୟ ନିମିତ୍ତରେ ବୃଥାଡ଼ମ୍ବର ଦେଖାଇ ସାଧାରଣ ଲୋକେ ଦାରିଦ୍ର୍ୟ ଦୁଃଖ ବରଣ କରୁଥିବା ଅନେକ ଦିନରୁ ଅନୁଭବ କରିଥିବାରୁ ଗୀତା ଧର୍ମ ସଂସ୍ଥାପନ କରିବା ସଙ୍ଗେ ସଙ୍ଗେ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡ଼ମ୍ବର ବିରୁଦ୍ଧରେ ସଂଗ୍ରାମ କରିବା ମଧ୍ୟ ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ରହିଲା ।

## ଆଦର୍ଶ ଉପବୀତ ଗ୍ରହଣ

## ଓ

## ଉପବୀତ ବିସର୍ଜନ

ବ୍ରାହ୍ମଣ ପିଲାମାନଙ୍କର ଉପନୟନ କର୍ମ କଲାବେଳେ କେବଳ ସେହି ଉପନୟନ କର୍ମଟି କରା ନଯାଇ ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ ଇତ୍ୟାଦି ପୂର୍ବବର୍ତ୍ତୀ ସାତଟି କର୍ମ ଏବଂ ବେଦାରମ୍ଭ ଓ ସମାବର୍ତ୍ତନ ଏହି ପରବର୍ତ୍ତୀ ଦୁଇଟି କର୍ମର ଅନ୍ଧାନୁସରଣ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅଶାସ୍ତ୍ରୀୟ ବୋଲି ବୁଝିପାରି ମୁଁ ଅନ୍ଧାନୁସରଣ ଓ ଉପନୟନ ନାମକ ଖଣ୍ଡିଏ ବହି ପ୍ରକାଶ କଲି । ତାପରେ କେତେଜଣଙ୍କୁ ପ୍ରକୃତ କଥା ବୁଝାଇ ୮ଟି ବ୍ରାହ୍ମଣ ପିଲାଙ୍କର ଉପନୟନ କର୍ମ କଲାବେଳେ ଅନ୍ୟ ନଅଟି କର୍ମର ଅନ୍ଧାନୁସରଣ ନ କରାଇ କେବଳ ଉପନୟନ କର୍ମଟି ଖୁବ୍ ଅଳ୍ପ ଖର୍ଚ୍ଚରେ କରାଇଲି । ମାତ୍ର ସମାଜରେ ବର୍ତ୍ତମାନ ଗୁରୁ ଓ ଗୁରୁଗୃହ ଇତ୍ୟାଦି କିଛି ନଥିବାସ୍ଥଳେ ଉପନୟନ କର୍ମର ଅନ୍ଧାନୁସରଣରେ ମଧ୍ୟ ଅର୍ଥବ୍ୟୟ କରି ଅନ୍ଧତାକୁ ପ୍ରଶ୍ରୟ ଦେବା ଅନିଷ୍ଟପ୍ରଦ ବୋଲି ବୁଝିପାରି ଆଦର୍ଶ ଉପବୀତ ଗ୍ରହଣ ନାମକ ଖଣ୍ଡିଏ ବହି ପ୍ରକାଶ କଲି । ରକ୍ଷଣଶୀଳ ଅଶିକ୍ଷିତ ଲୋକେ ପଇତା ପିନ୍ଧିବାର ଅନ୍ଧାନୁସରଣ ସହକାରେ ସ୍ଥିତ

*

ପାରିବେ ନାହିଁ ଜାଣି ୧୯୫୪ ସାଲରେ ଏକସଙ୍ଗେ ୨୦ଜଣ, ୧୯୫୫ ସାଲରେ ଏକସଙ୍ଗେ ୨୫ଜଣ, ୧୯୫୬ ସାଲରେ ଥରେ ୯ଜଣ, ଥରେ ୪ ଜଣ ଏବଂ ଏହି ବର୍ଷ ଗତ ଦୁଇମାସରେ ୪ଜଣ ବ୍ରାହ୍ମଣ ପିଲାଙ୍କର ଉପବୀତ ଗ୍ରହଣ କର୍ମ ବିଶ୍ୱକଲ୍ୟାଣ ଆଶ୍ରମରେ ସମ୍ପନ୍ନ କରାଯାଇଅଛି । ଏହି ଉପବୀତ ଗ୍ରହଣ ପାଇଁ ପ୍ରତ୍ୟେକ ପିଲାଠାରୁ ଏକଟଙ୍କା ନିଆଯାଏ । ଏତଦ୍ୱାରା ଶାସ୍ତ୍ରବିଧି ସବୁ ଲୋପ ହେଉଅଛି କହି ରକ୍ଷଣଶୀଳ ବ୍ରାହ୍ମଣମାନେ ପ୍ରଥମେ ମୋଠାରେ ଦୋଷାରୋପ କରୁଥିଲେ ଏବଂ "ଟଙ୍କାକିଆ ପଇତାଘର ହେଉଅଛି" କହି କେତେ ଲୋକ ଉପହାସ ମଧ୍ୟ କରୁଥିଲେ । ମାତ୍ର ଏବେ ସମାଜର ଅନ୍ଧତାଦୋଷ ଏବଂ ମୋର ଅଭିପ୍ରାୟ ପ୍ରାୟ ସମସ୍ତେ ବୁଝିପାରି ନୀରବ ରହିଲେଣି ।

## ପ୍ରତିଜ୍ଞାପତ୍ର

ଯେଉଁମାନଙ୍କର ଅନ୍ଧବିଶ୍ୱାସ ଦୂର ହୋଇ ନାହିଁ ସେମାନେ ସେମାନଙ୍କର ପିଲାମାନଙ୍କର ଉପବୀତ ଗ୍ରହଣ କର୍ମ କରନ୍ତୁ ଏବଂ ସେଥିପାଇଁ ଏକ ଟଙ୍କାରୁ ଅଧିକ ଅର୍ଥବ୍ୟୟ କରନ୍ତୁ ନାହିଁ । ମାତ୍ର ଯେଉଁମାନେ ପଇତା ପିନ୍ଧିବାଟା ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ସମାଜର ଅନିଷ୍ଟପ୍ରଦ ବୋଲି ଉପଲବ୍ଧି କରୁଅଛନ୍ତି ଏବଂ ଶ୍ରେଣୀବିହୀନ ସମାଜ ଓ ନୂଆଦୁନିଆ ଗଠନ କରିବାର ଆବଶ୍ୟକତା ବୁଝୁଅଛନ୍ତି ସେମାନେ ପଇତା ବିସର୍ଜନ କରନ୍ତୁ ଏବଂ ନିଜର ପିଲାମାନଙ୍କୁ ପଇତା ପିନ୍ଧାଇବାରୁ ନିବୃତ୍ତ ହୁଅନ୍ତୁ ।

ନିମ୍ନଲିଖିତ ବ୍ୟକ୍ତିମାନେ ଉପବୀତ ବିସର୍ଜନ କରିଅଛନ୍ତି ଏବଂ ସେମାନଙ୍କର ପିଲାମାନଙ୍କୁ ପଇତା ପିନ୍ଧାଇବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହୋଇ ବିଶ୍ୱକଲ୍ୟାଣ ସମିତିକୁ ପ୍ରତିଜ୍ଞାପତ୍ର ଲେଖି ଦେଇଅଛନ୍ତି । ଅନ୍ୟମାନଙ୍କ ଠାରୁ ମଧ୍ୟ ଏପରି ପ୍ରତିଜ୍ଞାପତ୍ର ଲେଖି ନିଆଯିବ ଏବଂ ସାମାଜିକ ଭେଦଭାବ ସମ୍ପୂର୍ଣ୍ଣ ରୂପେ ଦୂର କରିବାକୁ ହେବ ଏହା ମୋର ଅଭିପ୍ରାୟ ।

୧ । ଡାକ୍ତର ଶ୍ରୀ ବିଭୂତି ଭୂଷଣ ତ୍ରିପାଠୀ ( ଆଠଗଡ଼ )
୨ । ଶ୍ରୀ ନିଶାମଣି ତ୍ରିପାଠୀ ( ପଟିଆ )
୩ । ଶ୍ରୀ ରାଜକିଶୋର ମହାପାତ୍ର ( ବନ୍ତଲା )
୪ । ଶ୍ରୀ ମୁରଲୀଧର ହୋତା ( ବରହମ୍ପୁର )

## ଆଦର୍ଶ ବିବାହ

୧୯୫୧ ସାଲରେ ବ୍ରାହ୍ମଣ ସମାଜରେ ଗୋଟିଏ ଆଦର୍ଶ ବିବାହ କଟକ ଷ୍ଟେସନ ନିକଟରେ କନ୍ୟାପିତାଙ୍କର ବସାଘରଠାରେ ସମ୍ପନ୍ନ ହୋଇଅଛି । ବରପିତା ହେଉଛନ୍ତି ଧର୍ମଶାଳାଥାନା ପ୍ରତାପପୁର ଶାସନର ଜଣେ ରକ୍ଷଣଶୀଳ ନୈଷ୍ଠିକ ବ୍ରାହ୍ମଣ ଏବଂ କନ୍ୟାପିତା ହେଉଛନ୍ତି ବଡ଼ଚଣା ଥାନା ପୁରୁଷୋତ୍ତମପୁର ଶାସନର ଶ୍ରୀ ଦାମୋଦର କର । ସେ ରେଲ ବିଭାଗ ଇଞ୍ଜିନିୟର ଅଫିସରେ ଷ୍ଟୋର କ୍ଲର୍କ କାମ କରନ୍ତି । ବରପିତା ଓ କନ୍ୟାପିତାଙ୍କୁ ଅନେକ ଦିନ ଅନେକ କଥା ବୁଝାଇବା ପରେ ସେମାନେ ମୋର ନିର୍ଦ୍ଦେଶ ଅନୁସାରେ ବିବାହ କର୍ମ ସମ୍ପନ୍ନ କରିବାକୁ ରାଜି ହେଲେ । ସାତ ଆଠ ଅଣା ମାତ୍ର ଖର୍ଚ୍ଚରେ ଏହି ବିବାହ ବୈଦିକ ବିଧିରେ ସମ୍ପନ୍ନ ହୋଇଅଛି । ପୁରୋହିତ ବ୍ରାହ୍ମଣଙ୍କୁ ମୁଁ କହିଲି "ତୁମ୍ଭେ ବଡ଼ ବଡ଼ କଦଳୀ ପତ୍ରରେ ୧୦ । ୧୨ ସେର ଅରୁଆ ଚାଉଳ ନ ଦେଇ ପଣସ ପତ୍ରରେ ଛଟାଙ୍କିଏ ଚାଉଳ ଦେଲେ ଏବଂ ୨ ସେର କି ୨½ ସେର ଘିଅ ନ ପୋଡ଼ି ଅଧ ଛଟାଙ୍କିଏ ଘିଅ ହୋମ କଲେ ଚଳିବ ।" ସବୁ ମନ୍ତ୍ର ବୋଲାଯାଇ ପାର କୌଣସି ଆପତ୍ତି ନାହିଁ । ପୁରୋହିତ ଓ ଅନ୍ୟମାନେ ବୁଝିପାରିଲେ ଏବଂ ତାହାହିଁ କରାଗଲା । ମୋଟକଥା ଏହି କି ଅର୍ଥସାପେକ୍ଷ ଅନ୍ଧାନୁସରଣ ଓ ବୃଥାଡମ୍ବର ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରାଗଲା । ବରକନ୍ୟାଙ୍କ ପାଇଁ ନୂଆ ଲୁଗା ଓ ନୂଆ ଶାଢ଼ୀ ବରପିତା ଓ କନ୍ୟାପିତା ନିଜେ ନିଜେ କିଣି ଆଣିଲେ । କାରଣ ଜଣେ ଦେଇଥିବା ଲୁଗା କିମ୍ବା ଶାଢ଼ୀ ଅନ୍ୟର ମନକୁ ନଗଲେ ଦୁଇବନ୍ଧୁଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବା ଆଜକାଲି ସ୍ୱାଭାବିକ ଏବଂ ତାହା ପ୍ରାୟ ସର୍ବତ୍ର ଘଟୁଛି । ବନ୍ଧୁ ବାନ୍ଧବମାନଙ୍କଠାରୁ କୌଣସି ପ୍ରକାର ବନ୍ଧୁ ବେଭାର ଗ୍ରହଣ କରାଯାଇ ନାହିଁ । କନ୍ୟାପକ୍ଷର ୨ । ୩ ଜଣ ବନ୍ଧୁଙ୍କଠାରୁ ଦୁଇଅଣା ମାତ୍ର ବନ୍ଧୁ ବେଭାର ରଖାଯାଇଅଛି । ନିମନ୍ତ୍ରଣ ପତ୍ରରେ ଲେଖାଥିବା ମୋର ଅନୁରୋଧ ଅନୁସାରେ କନ୍ୟା ପିତାଙ୍କର ଜଣେ ବନ୍ଧୁ ଟ ୫୦୦୯ ବେତନ ପାଉଥିଲେ ମଧ୍ୟ ଦୁଇଅଣା ମାତ୍ର ବନ୍ଧୁ ବେଭାର ମନିଅର୍ଡର କରି ପଠାଇ ବନ୍ଧୁତାରକ୍ଷା କରିଥିଲେ । ବିବାହ ସଭାରେ ଉପସ୍ଥିତ ଥିବା ଜଣେ ପ୍ରଫେସରଙ୍କୁ ଦେଖାଇ ମୁଁ କହିଲି ପ୍ରଫେସର କାମ

କରୁଥିବା ଏପରି ଜଣେ ଯୋଗ୍ୟ ବରପାତ୍ର କିଣିବାକୁ ହେଲେ କନ୍ୟାପିତାଙ୍କୁ ଅନ୍ତତଃ ନଗଦ ୩୦୦୦ ଟଙ୍କା ଦେବାକୁ ପଡୁଛି । ତାହାଛଡ଼ା ଗହଣା, ବାସନ ଓ ପ୍ରୀତିଭୋଜନ ଇତ୍ୟାଦିରେ ଅନ୍ତତଃ ଟ ୫୦୦୦୲ ପଡୁଛି । ଏଥିପାଇଁ ଅନେକ କନ୍ୟା ପିତା ଜମିବାଡ଼ି ବିକି କରୁଅଛନ୍ତି କିମ୍ବା ବନ୍ଧକ ଦେଉଅଛନ୍ତି । ଏହା ସ୍ୱଚକ୍ଷୁରେ ଦେଖି ସୁଦ୍ଧା ଲୋକେ କନ୍ୟାଘରେ ପ୍ରୀତିଭୋଜନରେ ଯୋଗ ଦେଇ ପଲଉ, ମାଛ, ପାୟସ, ରସଗୋଲା ଇତ୍ୟାଦି ଖାଇବା ଦୁଃଖର କଥା । ମୋଠାରୁ ଏହି କଥା ଶୁଣି ଜଣେ ଭଦ୍ରଲୋକ କହିଲେ— "ଆପଣ କଣ ଆମ୍ଭମାନଙ୍କୁ ଏଠାରେ ଖାଇବାକୁ ବାରଣ କରୁଅଛନ୍ତି ?" ମୁଁ କହିଲି—"ଏଠାରେ ଭାତ, ଡାଲି ଓ ତରକାରୀ ଛଡ଼ା ଏସବୁ କିଛି କରା ଯାଉନାହିଁ । ପ୍ରତ୍ୟେକ ବ୍ୟକ୍ତି ପାଇଁ ଚାରିଅଣାରୁ ଅଧିକ ଖର୍ଚ୍ଚ କରାଯାଇନାହିଁ । ଏହା ଦେଖି କାଲେ ଆପଣମାନେ କନ୍ୟାପିତା ଉପରେ ଦୋଷାରୋପ କରିବେ, ସେଥିପାଇଁ ମୁଁ ପୂର୍ବରୁ ସତର୍କ କରିଦେଲି ।" କନ୍ୟାକୁ ଗୋଟିଏ ପଇସାର ସୁଦ୍ଧା ଗହଣା ଦିଆଯାଇ ନାହିଁ । ଏପରି ବିବାହ କରିବା ଫଳରେ ଲୋକେ ପାରିବାରିକ ଜୀବନ ଯାତ୍ରାକୁ କିପରି ସରଳ ଓ ସୁଖପ୍ରଦ କରିପାରିବେ ତାହା ବିବାହ ସଭାରେ ଉପସ୍ଥିତ ସମସ୍ତଙ୍କୁ ବୁଝାଇ ଦିଆଯାଇଥିଲା ।

ବ୍ରାହ୍ମଣ ସମାଜରେ ୧୯୫୩ ସାଲରେ ଆଉ ଗୋଟିଏ ଆଦର୍ଶ ବିବାହ ବାରିପଦାରେ ସମ୍ପୂର୍ଣ୍ଣ ହୋଇଅଛି । ପୂର୍ବଲିଖିତ ବିବାହପରି ଏହି ବିବାହରେ ମଧ୍ୟ ବେଦୀଖର୍ଚ୍ଚ ସାତ ଆଠ ଅଣାରୁ ଅଧିକ ହୋଇ ନାହିଁ । ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ କୌଣସି ପ୍ରକାର ବନ୍ଧୁ ବେଭାର ଆଦାନ ପ୍ରଦାନ ହୋଇନାହିଁ । ପ୍ରୀତି ଭୋଜନରେ ଭାତ, ଡାଲି, ତରକାରୀ ଛଡ଼ା ପାୟସ, ରସଗୋଲା, ପଲଉ, ମାଂସ ଇତ୍ୟାଦି ଦିଆଯାଇ ନାହିଁ । ବେଦ ବିଧି ସବୁ ଲୋପ ହେଉଅଛି ବୋଲି ଜଣେ ଦୁଇଜଣ ରକ୍ଷଣଶୀଳ ବ୍ରାହ୍ମଣ ଆପତ୍ତି କରିବାରୁ ମୁଁ କହିଲି, " ବରପାତ୍ରଙ୍କ ବେକରେ କିମ୍ବା ତାଙ୍କର ବଡ଼ଭାଇ ବିଭୂତି ବାବୁ ଡାକ୍ତରଙ୍କ ବେକରେ ପଇତା ନାହିଁ ।" ଏପରି ସ୍ଥଳେ "ଯଥା ରାବଣସ୍ୟ ମନ୍ଦୋଦରୀ" ଇତ୍ୟାଦି ମନ୍ତ୍ର ସବୁ କେଉଁ ପୁରୋହିତ କାହିଁକି ପଢିବ ? ଆଉ ମଧ୍ୟ ବରପାତ୍ର ପାଇବାକୁ ହେଲେ

ଆଜିକାଲି ଅନ୍ତତଃ ଟ ୧୦,୦୦୦ଙ୍କା ଖର୍ଚ୍ଚ କରିବାକୁ ପଡ଼ନ୍ତା । ବେକରେ ପଇଡା ନାହିଁ ବୋଲି କନ୍ୟାପିତା ଏପରି ବରପାତ୍ର ଛାଡ଼ି ପାରିବେ କି ?"

"ଆଦର୍ଶ ବିବାହ କରିଥିବା ଦମ୍ପତିଙ୍କର ପରିଚୟ"—

ବର—ଡାକ୍ତର ବିଭୂତିଭୂଷଣ ତ୍ରିପାଠୀ, ଏମ୍.ଡ଼ି. ଙ୍କର ସାନଭାଇ ଆସିଷ୍ଟାଣ୍ଟ ଇଞ୍ଜିନିଅର ଶ୍ରୀ ବିଜୟାନନ୍ଦ ତ୍ରିପାଠୀ—

କନ୍ୟା—ଶ୍ରୀ ହରିଶ୍ଚନ୍ଦ୍ର ମହାପାତ୍ରଙ୍କର ଜ୍ୟେଷ୍ଠାକନ୍ୟା ଶ୍ରୀମତି କମଳା ।

ଏପରି ଆଉ କେତୋଟି ଆଦର୍ଶ ବିବାହ କରାଇବାକୁ ମୁଁ ଚେଷ୍ଟା କରୁଅଛି ଏବଂ ସେଥିପାଇଁ ଅବିବାହିତ ଯୁବକମାନଙ୍କଠାରୁ ପ୍ରତିଜ୍ଞାପତ୍ର ଲେଖି ନେଉଅଛି ।

—o—

## ଦ୍ୱିତୀୟ ଭାଗ

# ଗୀତା

## ମୁଖବନ୍ଧ

# ମୁଁ ଗୀତା ପଢ଼ିଲି କାହିଁକି

ସରକାରୀ କାମରୁ ପେନ୍‌ସନ ନେଇ ୧୯୭୩ ସାଲରେ ଜଳବାୟୁ ପରିବର୍ତ୍ତନ ପାଇଁ ହଜାରିବାଗ ଜିଲ୍ଲାର ଅରଗଡ଼ା ନାମକ ସ୍ଥାନରେ ଅନେକ ଦିନ ଥିଲି । ସେଠାରେ ଥିବାବେଳେ ସ୍ଥାନୀୟ କେତେଜଣ କର୍ମଚାରୀଙ୍କ ସଙ୍ଗେ ପ୍ରାୟ ପ୍ରତ୍ୟହ ସନ୍ଧ୍ୟାବେଳେ ମୁଁ ବୁଲିବାକୁ ଯାଏଁ । ବୁଲିବାବେଳେ ଆମ ଭିତରେ ଅନେକ ସମୟରେ ଧର୍ମ ଓ ସମାଜ ସଂସ୍କାର ବିଷୟରେ କଥାବାର୍ତ୍ତା ହୁଏ । ସେଠା ଡାକ୍ତରଖାନା କମ୍ପାଉଣ୍ଡର ଦିନେ ସାକାର ପୂଜାର ବିରୁଦ୍ଧରେ କହିବାରୁ ସେଠା କୋଇଲାଖଣି ହେଡ଼କିରାଣୀ କହିଲେ କି ଗୀତା ଦ୍ୱାଦଶ ଅଧ୍ୟାୟରେ ନିରାକାର ପୂଜା ଅପେକ୍ଷା ସାକାର ପୂଜା ଶ୍ରେଷ୍ଠ ବୋଲି କୁହାଯାଇଅଛି । ମୋର ମତ ପଚାରିବାରୁ ମୁଁ କହିଲି ଦ୍ୱାଦଶ ଅଧ୍ୟାୟରେ କଅଣ ଅଛି ମୁଁ ପଢ଼ିନାହିଁ, ପଢ଼ି ସାରିଲେ ମତ ଦେବି । ବସାକୁ ଆସି ସେହିଦିନ ଦ୍ୱାଦଶ ଅଧ୍ୟାୟ ପଢ଼ିଲି । ପ୍ରଥମ ଶ୍ଳୋକଟି ପଢ଼ିବାମାତ୍ରେ ଦେଖିଲି ଯେ, ନିରାକାର ପୂଜା ଅପେକ୍ଷା ସାକାର ପୂଜା ଶ୍ରେଷ୍ଠ, ଏକଥା ଟୀକାକାରମାନେ ଲେଖିଅଛନ୍ତି । ମାତ୍ର ମୂଳଶ୍ଳୋକରେ ସାକାର-ନିରାକାର ପୂଜାର କଥା ଆଦୌ ନାହିଁ । ପରବର୍ତ୍ତୀ ଆଠଟି ଶ୍ଳୋକ ପଢ଼ି ପ୍ରକୃତ କଥା ବୁଝିଲି । ଏହି ନଅଟି ଶ୍ଳୋକର ଅର୍ଥ ଏହି ବହିରେ ମୁଁ ଲେଖିଛି ।

ତାପରେ ଗୀତାର ମୂଳରୁ ପଢ଼ିବାକୁ ମୋର ଆଗ୍ରହ ଜନ୍ମିଲା । ମୁଁ ଦେଖିଲି ଗୀତାର ଭାଷା ଅତି ସରଳ ଏବଂ ଧ୍ୱଂସୋନ୍ମୁଖ ସମାଜର ମଙ୍ଗଳ ପାଇଁ ଗୀତାର ନୂତନ ଶିକ୍ଷାର ପ୍ରଚାର ଏକାନ୍ତ ଆବଶ୍ୟକ ।

ଟୀକାସବୁ ପଢ଼ି ବୁଝିଲି ଯେ ଟୀକାକାରମାନେ ଗୀତା ଓ ଗୀତାପାଠକ ଏହି ଉଭୟଙ୍କ ମଝିରେ ରହି ପାଠକମାନଙ୍କୁ ଗୀତାର ମୂଳଶ୍ଳୋକରେ ଥିବା ପ୍ରକୃତ ଶିକ୍ଷା ଆଡ଼କୁ ନ ନେଇ—ନେଇଯାଇଅଛନ୍ତି ନିଜ ନିଜର ବଦ୍ଧମୂଳ ମତ ଆଡ଼କୁ ଏବଂ ଗୀତା ପାଠକମାନେ ଗୀତାର ନୂତନ ଶିକ୍ଷା ଗ୍ରହଣ କରି ନପାରି ପୂର୍ବୋକ୍ତ ହେତୁକାରୀମାନଙ୍କ ପରି ଟୀକାକାରମାନଙ୍କ ବିଭିନ୍ନ ମତସବୁ ପଢ଼ିବାକୁ ଗୀତା ପଢ଼ିବା ମନେକରି ସନ୍ତୁଷ୍ଟ ରହିଅଛନ୍ତି । ମୂଳଶ୍ଳୋକରେ ବ୍ୟାସଦେବ ଲେଖିଲେ "ବୁଦ୍ଧୌ ଶରଣମନ୍ୱିଚ୍ଛ" ଅର୍ଥାତ୍ ବୁଦ୍ଧିର ଶରଣ ନେବାକୁ ଇଚ୍ଛା କର । ବ୍ୟାସଦେବଙ୍କର ଅଭିପ୍ରାୟ ଏହିକି ଲୋକେ ପରଧର୍ମର ଅନ୍ଧାନୁସରଣ ପରିତ୍ୟାଗ କରି ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଶିଖନ୍ତୁ । ଏହି କଥାଟିକୁ ଶ୍ରୀଧର ସ୍ୱାମୀ ଅର୍ଥ କଲେ 'ଈଶ୍ୱରଙ୍କର ଶରଣ ନେବାକୁ ଇଚ୍ଛା କର" । ବୁଦ୍ଧି କଥାଟିର ଅର୍ଥ ଏଠାରେ ଈଶ୍ୱର କିପରି ହେଲା ତାହା ନ ବୁଝି ମଧ୍ୟ ଏହି ଅର୍ଥକୁ ଗ୍ରହଣ କରି ଲୋକେ ଆଜଯାଏ ସନ୍ତୁଷ୍ଟ ରହିଅଛନ୍ତି । ଏହି ଅର୍ଥକୁ ସମଥନ କରିବାକୁ ଆଜି ମଧ୍ୟ ଅନେକ ପଣ୍ଡିତ ବାହାରିବେ, କାହିଁକି ବାହାରିବେ ଟିକେ ଭାବନ୍ତୁ । ମୁଁ ଯଦି ଏହି ଅର୍ଥ କରିଥାଆନ୍ତି ମୋତେ କେହି ସମର୍ଥନ କରନ୍ତେ କି ? ପ୍ରାଚୀନ ଟୀକାକାରମାନଙ୍କ ସହିତ ମୋତେ ତୁଳନା କରିବାକୁ ମୁଁ କହୁନାହିଁ । ବିଶିଷ୍ଟତା ଦୃଷ୍ଟିରେ ମୁଁ ସେମାନଙ୍କ ନିକଟରେ ତୁଳନାର ସମ୍ପୂର୍ଣ୍ଣ ଅଯୋଗ୍ୟ ଏକଥା ମୁଁ ଭଲକରି ଜାଣେ । ମାତ୍ର ମୁଁ ଏକଥା ମଧ୍ୟ ଭଲକରି ଜାଣେ ଯେ ସତ୍ୟ ନିକଟରେ ବିଶିଷ୍ଟତାର ସ୍ଥାନ ନାହିଁ । ସେ ଯାହାହେଉ, ମୋର ଅଭିପ୍ରାୟ ଏହିକି ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତା ଉପରେ ବା ପରଧର୍ମର ଅନ୍ଧ ଅନୁସରଣ ଉପରେ ନିର୍ଭର କରିବା ଫଳରୁ ଲୋକେ ସତ୍ୟର ପରିଚୟ ପାଇନପାରି ଆଜି ଏହି ଦୁରବସ୍ଥା ଭୋଗ କରୁଅଛନ୍ତି ବୋଲି ଶ୍ରୀକୃଷ୍ଣ କହିଅଛନ୍ତି—"ପରଧର୍ମୋ ଭୟାବହଃ ।"

ଅନ୍ଧ ଅନୁସରଣର ପ୍ରମାଣ ଦେବା ଅଭିପ୍ରାୟରେ ମୁଁ "ସଙ୍କରରୁ ବର୍ଣ୍ଣ ସଙ୍କର" ନାମକ ବହିଖଣ୍ଡି ଲେଖିଲି । ଯେତେ ଲେଖିଲେ କଅଣ ହେବ ଯିଏ ଅନ୍ଧ ସିଏ କୌଣସି ପଦାର୍ଥର ସୌନ୍ଦର୍ଯ୍ୟ ଉପଲବ୍ଧି କରିବ ବା କିପରି ? ସେ ଯାହାହେଉ, ଯେଉଁ ଅଳ୍ପ କେତେଜଣ ମୋର

*

ଅଭିପ୍ରାୟ ବୁଝି ପାରିବେ ସେମାନେ ମୋର କୌଣସିଠାରେ ଭ୍ରମ ଥିଲେ ତାହା ଅନୁଗ୍ରହ କରି ମୋତେ ଜଣାନ୍ତୁ । ଯଦି କୌଣସି ଠାରେ ସଂଶୟ ଆସେ ସେହି ସଂଶୟ ଦୂର କରିବାପାଇଁ ବାରମ୍ବାର ଚେଷ୍ଟା କରନ୍ତୁ ଏବଂ ଯେତିକ କଥା ସଂଶୟଶୂନ୍ୟ ହୋଇ ବୁଝିଲେ ତାହା କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରନ୍ତୁ । କେହି ମୋର ଭ୍ରମ ଦେଖାଇଦେଲେ ମୁଁ ତାଙ୍କୁ ନିଜର ବନ୍ଧୁ ମନେ କରିବି । ସମାଜର ଦୋଷ ଦୁର୍ବଳତା ଦେଖାଇବାରେ ମୁଁ ଅନେକ ଦିନ ହେଲା ଲାଗିଥିବାରୁ ଲୋକେ ମୋତେ ସମାଜର ଶତ୍ରୁ ମନେ କରୁଅଛନ୍ତି ; କାରଣ ସେମାନେ ନିଜର ଦୋଷ ସବୁକୁ ଘୋଡାଇ ରଖି କେବଳ ଗୁଣ ଦେଖାଇବାରେ ବ୍ୟସ୍ତ, ମାତ୍ର ମୁଁ କହେଁ ନିଜର ଦୋଷ ଦୁର୍ବଳତା ସ୍ୱୀକାର କରି ତାହା ଦୂର କରିବାପାଇଁ ଚେଷ୍ଟା କଲେ ସମାଜର ପ୍ରକୃତ ମଙ୍ଗଳ ସାଧିତ ହେବ ।

ଗୀତା-ଧର୍ମର ପ୍ରଚାର ଓ ପ୍ରତିଷ୍ଠା ପରି ଗୁରୁତର କାର୍ଯ୍ୟରେ ମୁଁ ହସ୍ତକ୍ଷେପ କରିଅଛି ସତ୍ୟ, ମାତ୍ର ଏକାର୍ଯ୍ୟ ମୋର ନୁହେଁ କିମ୍ବା ଅନ୍ୟ କାହାର ନୁହେଁ—କାର୍ଯ୍ୟ ଭଗବାନଙ୍କର । ଆମ୍ଭମାନଙ୍କୁ କେବଳ ନିମିତ୍ତ ହୋଇ ଯୁଦ୍ଧ କରିବାକୁ ହେବ ।

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ ।

ଗୀତାର ସାରକଥା—୧୯୫୯

# ଗୀତା-ପରିଚୟ

ଶ୍ରୀମଦ୍ଭଗବଦ୍‌ଗୀତାରେ ଆମ୍ଭେମାନେ ଦୁଇଜଣ ଜଗଦ୍‌ଗୁରୁଙ୍କର ନାମ ପାଉଁ । ଜଣେ ହେଉଛନ୍ତି ଗ୍ରନ୍ଥକର୍ତ୍ତା ବ୍ୟାସଦେବ ଏବଂ ଅନ୍ୟ ଜଣକ ହେଉଛନ୍ତି ବ୍ୟକ୍ତ ବା ପ୍ରତ୍ୟକ୍ଷ ଭଗବାନ୍ ଶ୍ରୀକୃଷ୍ଣ । ବ୍ୟାସଦେବ ହେଉଛନ୍ତି ସମସ୍ତ ବହିର୍ଜଗତର ଗୁରୁ ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ଅନ୍ତର୍ଜଗତ ତଥା ପ୍ରତ୍ୟେକ ଆତ୍ମାର ଗୁରୁ । ବହିର୍ଜଗତର ଗୁରୁ ବ୍ୟାସଦେବଙ୍କର କାର୍ଯ୍ୟ ହେଉଛି ଗୀତାର ପାଠକମାନଙ୍କୁ ସୁକୌଶଳରେ କ୍ରମେ କ୍ରମେ ଅନ୍ତର୍ଜଗତର ଗୁରୁ ଶ୍ରୀକୃଷ୍ଣଙ୍କ ନିକଟକୁ ନେଇଯିବା ଏବଂ ଶ୍ରୀକୃଷ୍ଣଙ୍କ ସହିତ ପରିଚୟ କରାଇଦେବା; ତେଣୁ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧେ ଗୀତା ପାଠକମାନଙ୍କର କୌଣସି ଧାରଣା ପ୍ରଥମରୁ ସୃଷ୍ଟି କରିବା ଅନାବଶ୍ୟକ । କୌଣସି ଭ୍ରାନ୍ତ ଧାରଣା ଥିଲେ ତାହା ସମ୍ପୂର୍ଣ୍ଣରୂପେ ଦୂର କରିଦେଇ ସରଳତାର ଆଶ୍ରୟ ନେଇ ଗୀତାପାଠରେ ଅଗ୍ରସର ହେବାକୁ ହେବ । ଶ୍ରୀକୃଷ୍ଣ କିଏ ଏବଂ ତାଙ୍କର ବିଶେଷତ୍ୱ କଅଣ ତାହା ଆମ୍ଭେମାନେ ପରେ ଆଲୋଚନା କରିବୁଁ । ବହିର୍ଜଗତର ଆଧ୍ୟାତ୍ମିକ ଗୁରୁମାନଙ୍କର କାର୍ଯ୍ୟ କଅଣ, ତାହାହିଁ ସର୍ବପ୍ରଥମେ ଜାଣିବା ଆବଶ୍ୟକ ।

ବିଦ୍ୟାଳୟର ଶିକ୍ଷକମାନଙ୍କ କାର୍ଯ୍ୟପ୍ରଣାଳୀ ସହିତ ଆଧ୍ୟାତ୍ମିକ ଗୁରୁମାନଙ୍କର କାର୍ଯ୍ୟପ୍ରଣାଳୀର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଅଛି । କାହିଁକି ଅଛି ତାହା ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । ବିଦ୍ୟାଳୟର ଶିକ୍ଷକ-ମାନେ ଛାତ୍ରମାନଙ୍କୁ ପ୍ରତିଦିନ ଓ ପ୍ରତିବର୍ଷ ଯେପରି ନୂତନ ନୂତନ ବିଷୟ ଶିକ୍ଷା ଦିଅନ୍ତି, ସଂସାର ରୂପ ବିଶ୍ୱବିଦ୍ୟାଳୟର ଆଧ୍ୟାତ୍ମିକ ଗୁରୁମାନେ ବିଧି ସମସ୍ତ ମାନବ ସମାଜକୁ ଓ ପ୍ରତ୍ୟେକ ବ୍ୟକ୍ତିକୁ ଠିକ୍ ସେହିପରି ଯୁଗକୁ ଯୁଗ ଓ ଜନ୍ମକୁ ଜନ୍ମ ନୂତନ ନୂତନ ବିଷୟ ଶିକ୍ଷା ଦିଅନ୍ତି ।

ଗୋଟିଏ ପୁରୁଣା ପାଠକୁ ଚିରନ୍ତନପାଇଁ ଘୋଷି ରହିବାକୁ କୌଣସି ଶିକ୍ଷକ ତଥା କୌଣସି ଆଧ୍ୟାତ୍ମିକ ଗୁରୁ କହନ୍ତି ନାହିଁ ।

ବୁଦ୍ଧଦେବ, ଚୈତନ୍ୟ, ଶଙ୍କରାଚାର୍ଯ୍ୟ, ମହମ୍ମଦ ଓ ଯୀଶୁ ପ୍ରଭୃତି ଆଧ୍ୟାତ୍ମିକ ଗୁରୁମାନେ ଦେଶକାଳୋପଯୋଗୀ ନୂତନ ଶିକ୍ଷା ଦେବାପାଇଁ ଜଗତକୁ ଆସିଥିଲେ । ସେମାନଙ୍କର ନୂତନ ଶିକ୍ଷା ଜନସାଧାରଣଙ୍କର ସେହି ପୁରୁଣା ପାଠରୁ ଓ ବିଶେଷତଃ ସେହି ପୁରୁଣା ପାଠର ଅନ୍ଧ ଅନୁସରଣରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେହି ସମୟର ଲୋକେ ସେହି ଗୁରୁମାନଙ୍କ ପ୍ରଦତ୍ତ ନୂତନ ଶିକ୍ଷା ଗ୍ରହଣ କରିବା କଥା ପଛକୁ ଥାଉ, ସେହି ଗୁରୁମାନଙ୍କୁ ବିଧର୍ମୀ ମନେକରି ସେମାନଙ୍କ ପ୍ରତି ନାନାପ୍ରକାର ଅମାନୁଷିକ ଅତ୍ୟାଚାର କରିଅଛନ୍ତି ଏ କଥା ପ୍ରତ୍ୟେକ ପାଠକ ଇତିହାସ ମାନଙ୍କରୁ ଜାଣିଥିବେ । ଆହୁରି ଦୁଃଖର କଥା, ସେହି ଗୁରୁମାନଙ୍କର ଜୀବନକାଳ ପରେ ସେମାନଙ୍କର ତଥାକଥିତ ଉତ୍ତାଧିକମାନେ ନିଜ ନିଜ ଗୁରୁମାନଙ୍କ ନାମରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ସୃଷ୍ଟି କରି ନିଜ ନିଜ ସାମ୍ପ୍ରଦାୟିକ ଗୁରୁମାନଙ୍କର ଫଟୋ ବା ଚିତ୍ରପଟ ପୂଜା କରିବାକୁ ଏବଂ ନିଜ ନିଜ ସମ୍ପ୍ରଦାୟର ସଙ୍କୀର୍ଣ୍ଣ ସ୍ୱାର୍ଥ ସକାଶେ ବିଲୁଆ କୁକୁରଙ୍କ ପରି ପରସ୍ପର ସହିତ କଳହ କରିବାକୁ ସ୍ୱଧର୍ମ ଓ ଧର୍ମ ମନେ କରିଅଛନ୍ତି । କୌଣସି ସମ୍ପ୍ରଦାୟର କୌଣସି ବ୍ୟକ୍ତି କୌଣସି ଗୁରୁଙ୍କର କୌଣସି ଗୋଟିଏ ଶିକ୍ଷା ଗ୍ରହଣ କରିବା ଏବଂ ତଦନୁସାରେ କାର୍ଯ୍ୟ କରିବା ଏ ପର୍ଯ୍ୟନ୍ତ ଦେଖାଯାଇ ନାହିଁ ।

ଏହି ଆଧ୍ୟାତ୍ମିକ ଗୁରୁମାନଙ୍କର ଅବସ୍ଥା ଯାହା, ଜଗଦ୍‌ଗୁରୁ ବ୍ୟାସଦେବଙ୍କର ଅବସ୍ଥା ତାହା ନ ହେଲେ ମଧ୍ୟ ପ୍ରାୟ ସେହିପରି । ଗୀତାର ପ୍ରସିଦ୍ଧ ଟୀକାକାରମାନେ ବ୍ୟାସଦେବ ବ୍ୟବହାର କରିଥିବା ଶବ୍ଦଗୁଡ଼ିକୁ ଟାଣି ଓଟାରି ଏପରି ଭାବରେ ଟୀକା କରିଅଛନ୍ତି, ଯେପରି କି ତାହା ସେମାନଙ୍କର ସେହି ପୁରୁଣା ପାଠର ଅନ୍ଧ ଅନୁସରଣ ସହିତ ଏବଂ ନିଜ ନିଜର ଭିନ୍ନ ଭିନ୍ନ ସଙ୍କୀର୍ଣ୍ଣ ମତ ଓ କ୍ରିୟାକଳାପ ସହିତ ଠିକ୍ ମିଳିଯାଇ ପାରିବ । ଏପରି ଟୀକା କରିବା ଫଳରେ ଗୀତାର ନୂତନ ଶିକ୍ଷା ସେହି ଗୀତା ପୁସ୍ତକରେ ଖୁବ ଚାପାହୋଇ ରହିଲାପରି ରହିଛି । ଜନସାଧାରଣ ଏ ପର୍ଯ୍ୟନ୍ତ ସେହି ନୂତନ ଶିକ୍ଷାର ଆଭାସ ସୁଦ୍ଧା ପାଇ ନ

ଯାର ଆଜ ଏହି ଦୁରବସ୍ଥା ଭୋଗ କରୁଅଛନ୍ତି ଏବଂ ଯେତେଦିନ ପର୍ଯ୍ୟନ୍ତ ଗୀତାର ନୂତନ ଶିକ୍ଷା ଏହିପରି ଲୁଚି ଦବାହୋଇ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ଏହି ଦୁରବସ୍ଥା ଭୋଗ କରିବାକୁ ହେଉଥିବ, ଏଥିରେ ସନ୍ଦେହ ନାହିଁ । ଲେଖକଙ୍କର ଏହି ଧାରଣା ତାଙ୍କର ଜୀବନର ଅନୁଭୂତି ଉପରେ ପ୍ରତିଷ୍ଠିତ ଅଟେ—ବିଶ୍ୱାସ ଉପରେ ନୁହେଁ । ଟୀକାକାରମାନେ ସମସ୍ତେ ବିଦ୍ୱାନ, ଧର୍ମପରାୟଣ, ଜନସାଧାରଣଙ୍କର ମଙ୍ଗଳକାମୀ ଓ ଗୁରୁଶ୍ରେଣୀୟ ଥିଲେ, ଏଥିରେ ସନ୍ଦେହ ନାହିଁ । ନିଜ ନିଜର ସଂକୀର୍ଣ୍ଣ ସ୍ୱାର୍ଥସିଦ୍ଧିପାଇଁ ସେମାନେ ଯେ ଏପରି ଟୀକା କରିଅଛନ୍ତି ତାହା ମଧ୍ୟ ନୁହେଁ । ସେମାନଙ୍କର ଏପରି ଟୀକା କରିବାର କାରଣ ଏହିକି ଧର୍ମ ଓ ସ୍ୱଧର୍ମକୁ ସେମାନେ ଯେପରି ଭାବରେ ବୁଝିଥିଲେ ତାହା ଜଗଦ୍‌ଗୁରୁ ବ୍ୟାସଦେବଙ୍କ ପ୍ରଚରିତ ବିଶ୍ୱଜନୀନ ନୂତନ ଧର୍ମର ଠିକ୍ ବିପରୀତ ଅଟେ ।

ଦ୍ୱିତୀୟ ଅଧ୍ୟାୟ ୩୯ ଶ୍ଳୋକରୁ ଗୀତାର ନୂତନ ଶିକ୍ଷା ଆରମ୍ଭ । ଏହିଠାରୁ ଆରମ୍ଭ କରି ଏହି ଅଧ୍ୟାୟର ଶେଷ ପର୍ଯ୍ୟନ୍ତ ଅଧିକାଂଶ ଶ୍ଳୋକରେ ବ୍ୟାସଦେବ 'ବୁଦ୍ଧି' ଶବ୍ଦଟି ବ୍ୟବହାର କରିଅଛନ୍ତି । ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ ସେହି "ବୁଦ୍ଧି" ଶବ୍ଦଟିକୁ ଦ୍ୱିତୀୟ ଅଧ୍ୟାୟ ୩୯ ଶ୍ଳୋକର ପ୍ରଥମ ଧାଡ଼ିରେ ଅର୍ଥ କଲେ, "ଆତ୍ମତତ୍ତ୍ୱ" ଦ୍ୱିତୀୟ ଧାଡ଼ିରେ "ପରମେଶ୍ୱରାର୍ପିତ କର୍ମଯୋଗ", ୪୦ ଶ୍ଳୋକର ପ୍ରଥମ ଧାଡ଼ିରେ "ନିଷ୍କାମ କର୍ମଯୋଗ", ଦ୍ୱିତୀୟ ଧାଡ଼ିରେ "ଈଶ୍ୱର ଆରାଧନାର୍ଥ କର୍ମଯୋଗ", ୫୨ ଶ୍ଳୋକରେ "ଦେହାଦିରେ ଆତ୍ମବୁଦ୍ଧି", ୬୩ ଶ୍ଳୋକରେ "ଚେତନା", ତୃତୀୟ ଅଧ୍ୟାୟ ପ୍ରଥମ ଶ୍ଳୋକରେ "ଜ୍ଞାନଯୋଗ" ।

ଦ୍ୱିତୀୟ ଅଧ୍ୟାୟ ୪୯ ଶ୍ଳୋକର ପ୍ରଥମ ଧାଡ଼ିରେ "ବୁଦ୍ଧିଯୋଗ"ର ଅର୍ଥ କଲେ "ଜ୍ଞାନଯୋଗ", ଅଷ୍ଟାଦଶ ଅଧ୍ୟାୟ ୫୭ ଶ୍ଳୋକରେ ସେହି "ବୁଦ୍ଧି-ଯୋଗ"ର ଅର୍ଥ କଲେ "କର୍ମଯୋଗ" ଦଶମ ଅଧ୍ୟାୟ ୧୦ ଶ୍ଳୋକରେ ସେହି "ବୁଦ୍ଧିଯୋଗ"ର ଅର୍ଥ କଲେ "ବୁଦ୍ଧିରୂପ ଉପାୟ" । ଦ୍ୱିତୀୟ ଅଧ୍ୟାୟ ୪୯ ଶ୍ଳୋକର ୨ୟ ଧାଡ଼ିରେ "ବୁଦ୍ଧୌ ଶରଣ ମନ୍ୱିଚ୍ଛ" କଥାଟିର ଅର୍ଥ କଲେ "ଈଶ୍ୱରଙ୍କର ଶରଣ ନିଅ କିମ୍ବା ଜ୍ଞାନର ଶରଣ ନିଅ ।" ଦ୍ୱିତୀୟ ଅଧ୍ୟାୟ ୫୦ ଶ୍ଳୋକରେ "ବୁଦ୍ଧିଯୁକ୍ତ"ର ଅର୍ଥ

କଲେ "ବ୍ୟବସାୟାତ୍ମିକାବୁଦ୍ଧି ଯୁକ୍ତ ଜ୍ଞାନଯୋଗୀ", ୫୧ ଶ୍ଲୋକରେ ସେହି ବୁଦ୍ଧିଯୁକ୍ତର ଅର୍ଥ କଲେ "କେବଳ ଈଶ୍ୱର ଆରାଧନାର୍ଥ କର୍ମ କରୁଥିବା ଜ୍ଞାନୀମାନେ" । ତୃତୀୟ ଅଧ୍ୟାୟ ୮ ଶ୍ଲୋକରେ "କର୍ମ" କଥାଟିର ଅର୍ଥ କଲେ ସନ୍ଧ୍ୟା ଉପାସନାଦି କର୍ମ" । ସେହି ଅଧ୍ୟାୟ ୧୦ ଶ୍ଲୋକରେ "ପ୍ରଜାଃ ସୃଷ୍ଟ୍ୱା" କଥାଟିର ଅର୍ଥ କଲେ "ଯଜ୍ଞାଧିକାରୀ ବ୍ରାହ୍ମଣ ପ୍ରଭୃତି ପ୍ରଜାମାନଙ୍କୁ ସୃଷ୍ଟି କରି" ଇତ୍ୟାଦି ଇତ୍ୟାଦି ।

"ବୁଦ୍ଧି" ଏହି ଗୋଟିଏ କଥାକୁ ଏପରି ଭିନ୍ନ ଭିନ୍ନ ଅର୍ଥ କରିବାରେ ଏବଂ "ପ୍ରଜା" କଥାଟିକୁ ଯଜ୍ଞାଧିକାରୀ ବ୍ରାହ୍ମଣାଦି ପ୍ରଜା ବୋଲି ଅର୍ଥ କରିବାରେ ଶ୍ରୀଧର ସ୍ୱାମୀଙ୍କର ଅଭିପ୍ରାୟ କଅଣ ଏବଂ ସେହିସବୁ ଅର୍ଥ ଯୁକ୍ତିଯୁକ୍ତ କି ଅଯୌକ୍ତିକ ତାହା ସ୍ଥିର କରିବା କଠିନ ହୋଇପାରେ ; ମାତ୍ର ତୃତୀୟ ଅଧ୍ୟାୟ ୮ ଶ୍ଲୋକରେ ଥିବା "କର୍ମ" କଥାଟିକୁ "ସନ୍ଧ୍ୟା-ଉପାସନାଦି କର୍ମ" ବୋଲି ଅର୍ଥ କରିବା ସମ୍ପୂର୍ଣ୍ଣ ଅସଙ୍ଗତ, ଏହା ଯେ କୌଣସି ପାଠକ ସହଜରେ ଜାଣି ପାରିବେ । ଟୀକାକାରମାନଙ୍କର ଅର୍ଥ ଯୁକ୍ତିଯୁକ୍ତ କି ଅଯୌକ୍ତିକ ଏବଂ ଏପରି ଅର୍ଥ କରିବାରେ ସେମାନଙ୍କର ଅଭିପ୍ରାୟ କଅଣ ଏସବୁ ବିଷୟର ଆଲୋଚନା ଅନାବଶ୍ୟକ ବୋଲି କେହି କେହି କହିପାରନ୍ତି, ମାତ୍ର ଏହି ଆଲୋଚନା ଯେ ଏକାନ୍ତ ଆବଶ୍ୟକ ତାହା ସେମାନେ ବର୍ତ୍ତମାନ ସ୍ୱୀକାର ନ କଲେ ସୁଦ୍ଧା ଗୀତା ବୁଝିସାରିବା ପରେ ସ୍ୱୀକାର କରିବେ । ଯେଉଁ କାରଣରୁ ଟୀକାକାରମାନେ ଏପରି ଅସଙ୍ଗତ ଅର୍ଥ କରିଅଛନ୍ତି, ସେହି କାରଣରୁ ଜନସାଧାରଣ ଗୀତାର ନୂତନ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଏବଂ ସେହି କାରଣ ଦୂର ନ ହେବା ଯାଏ ଗ୍ରହଣ କରିପାରିବେ ନାହିଁ । ତେଣୁ ସେହି କାରଣ ଦୂର କରିବା ପାଇଁ ଟୀକାକାରମାନଙ୍କର ଅଭିପ୍ରାୟ ଜାଣିବା ଏକାନ୍ତ ଆବଶ୍ୟକ ।

ସାମାନ୍ୟ ରାଜ୍ୟ ସକାଶେ ନିଜର ଭାଇ, ବନ୍ଧୁ ଓ ଗୁରୁ ପ୍ରଭୃତିଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କର ମତ ଓ ଇଚ୍ଛା ବିରୁଦ୍ଧରେ ଶିକ୍ଷା ଦେବା ଏବଂ ସେହି ଶିକ୍ଷାର ସତ୍ୟତା ବୁଝି ଅର୍ଜୁନ ନିଜର ଭାଇ, ବନ୍ଧୁ ଓ ଗୁରୁ ପ୍ରଭୃତିଙ୍କୁ ନିହତ କରିବା—ଗୀତାର ଏହି ଯେଉଁ ସରଳ ସହଜ ଐତିହାସିକ ଘଟଣା ଉପରେ ଗୀତା-ଧର୍ମ ପ୍ରତିଷ୍ଠିତ,

ତାହା ବଜ୍ର ନିର୍ଘୋଷରେ ଘୋଷଣା କରୁଛି ଯେ ଗୀତା ପ୍ରଚାରିତ ଧର୍ମ ସଂପୂର୍ଣ୍ଣ ନୂତନ ଏବଂ ଜନସାଧାରଣଙ୍କର ବଦ୍ଧମୂଳ ଧାରଣାର ସଂପୂର୍ଣ୍ଣ ବିରୁଦ୍ଧ ଅଟେ ।

ଯେଉଁମାନେ ତର୍କ କରିବେ ଯେ ବ୍ୟାସଦେବ ଗୀତାରେ କୌଣସି ନୂତନ ଶିକ୍ଷା ନ ଦେଇ ବୈଦିକ ଯୁଗର ସେହି ପୁରୁଣା ପାଠକୁ ଘୋଷି ରହିବାକୁ ଶିକ୍ଷା ଦେଇଅଛନ୍ତି ସେମାନଙ୍କୁ ଲେଖକର କିଛି କହିବାର ନାହିଁ । ଅନ୍ୟମାନେ ଗୀତାର ନୂତନ ଶିକ୍ଷା କଅଣ ତାହା ଜାଣିବାକୁ ଏବଂ ସେହି ନୂତନ ଶିକ୍ଷା ଜଗତରେ ପ୍ରଚାର କରିବାକୁ ଅଗ୍ରସର ହୁଅନ୍ତୁ । ବୁଝିଲେ ସୁଦ୍ଧା ଯେଉଁମାନେ ଅଭ୍ୟାସ ଦୋଷରୁ କିମ୍ବା ଅନ୍ୟ କୌଣସି କାରଣରୁ ଏହି ନୂତନ ଶିକ୍ଷା ଗ୍ରହଣ କରିବାକୁ ନିଜକୁ ଅସମର୍ଥ ମନେ କରନ୍ତି ସେମାନେ ସେହି ପୁରୁଣା ପାଠର ଅନ୍ଧାନୁସରଣ କରୁଥାଆନ୍ତୁ ଆପତ୍ତି ନାହିଁ, ମାତ୍ର ସତର୍କ ରହନ୍ତୁ ଯେପରି କି ସେମାନଙ୍କର ଭବିଷ୍ୟତ ବଂଶଧରମାନେ ଅତୀତର ଅନ୍ଧ ଅନୁସରଣ ପରିତ୍ୟାଗ କରିବା ସଙ୍ଗେ ସଙ୍ଗେ ଗୀତାର ନୂତନ ଶିକ୍ଷା ଗ୍ରହଣ କରି ଜଗତର ଦୁଃଖ ଦୁରବସ୍ଥା ଦୂର କରିବାକୁ ଉପଯୁକ୍ତ ହେବେ ଏବଂ ମନୁଷ୍ୟତାର ନିର୍ମଳ ଆନନ୍ଦ ଉପଭୋଗ କରି ଜୀବନ ସାର୍ଥକ କରିବେ ।

ଯୁଦ୍ଧକ୍ଷେତ୍ରରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଥିଲା ଗୀତା ହେଉଛି ତାହାର ସମ୍ବାଦ । ଯୁଦ୍ଧ କରିବାପାଇଁ ଅର୍ଜୁନ ତାଙ୍କର ଚିରସଖା ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରିଥିଲେ । ତା ପରେ "ଯୁଦ୍ଧ କରିବି କି ନାହିଁ" ଏହି ସଂଶୟ ତାଙ୍କ ହୃଦୟକୁ ଆସିବାରୁ ସେ ଶ୍ରୀକୃଷ୍ଣଙ୍କୁ ଗୁରୁ ଭାବରେ ଗ୍ରହଣ କଲେ । ଏକା ଯେ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ହୋଇଥିଲା ଏବଂ "ଯୁଦ୍ଧ କରିବି କି ନାହିଁ" ଏହି ସଂଶୟ ଏକା ଯେ ଅର୍ଜୁନଙ୍କ ହୃଦୟକୁ ଆସିଥିଲା ତାହା ନୁହେଁ, ସଂସାରରେ ପ୍ରତ୍ୟେକ ମନୁଷ୍ୟକୁ ଯୁଦ୍ଧ କରିବାକୁ ହୁଏ ଏବଂ "ଯୁଦ୍ଧ କରିବି କି ନାହିଁ" ଏହି ସଂଶୟ ସମସ୍ତଙ୍କ ହୃଦୟକୁ ଆସେ । ଶ୍ରୀକୃଷ୍ଣ ଯେ କେବଳ ଅର୍ଜୁନଙ୍କ ଚିରସଖା ତାହା ନୁହେଁ, ସେ ପ୍ରତ୍ୟେକ ମନୁଷ୍ୟର ଚିରସଖା—

ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତି ମୃଚ୍ଛତି ( ୫ମ-୨୯ )

ଶରସଖା ସେହି ଶ୍ରୀକୃଷ୍ଣ କିଏ, ତାହା ସ୍ଥିର କରିବା ଗୀତା ପାଠକମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ।

ଏକାଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ତାଙ୍କର ବିଶ୍ୱରୂପ ଦେଖାଇବା ପରେ ଏବଂ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ପ୍ରତ୍ୟକ୍ଷ ଭଗବାନ ବୋଲି ସ୍ୱୀକାର କଲାପରେ ଭକ୍ତିଯୋଗର ଆରମ୍ଭରେ ଦ୍ୱାଦଶ ଅଧ୍ୟାୟ ପ୍ରଥମ ଶ୍ଳୋକରେ ପଚାରିଲେ—

ଏବଂ ସତତଯୁକ୍ତାଃ ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ।

ଅର୍ଥ—ଯେଉଁ ଭକ୍ତମାନେ ଏହିପରି ସତତ ଯୁକ୍ତ ହୋଇ ଆପଣଙ୍କର ଉପାସନା କରନ୍ତି ଏବଂ ଯେଉଁମାନେ ଅକ୍ଷର ଓ ଅବ୍ୟକ୍ତଙ୍କୁ ଉପାସନା କରନ୍ତି—ଏହି ଉଭୟଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ଯୋଗୀ ।

ଶ୍ରୀକୃଷ୍ଣ ଯେଉଁ ଉତ୍ତର ଦେଲେ ତାହା ଦ୍ୱାଦଶ ଅଧ୍ୟାୟରେ ଦେଖନ୍ତୁ । ସେହି ଅଧ୍ୟାୟର ୫ମ ଶ୍ଳୋକରେ ଏହି ସମ୍ପର୍କରେ କହିଲେ—

କ୍ଳେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାଂ
ଅବ୍ୟକ୍ତା ହି ଗତିର୍ଦୁଃଖଂଦେହବଦ୍ଭିରବାପ୍ୟତେ ।

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତରେ ଆସକ୍ତ ସେମାନଙ୍କର ଅଧିକତର କ୍ଳେଶ ହୁଏ । ଦେହଧାରୀମାନଙ୍କ ପକ୍ଷରେ 'ଅବ୍ୟକ୍ତା ଗତି' ଦୁଃଖଦାୟକ ଅଟେ ।

ଏହି ଶ୍ଳୋକରୁ ସ୍ପଷ୍ଟ ଜଣାଯାଉଅଛି ଯେ ସଂସାରରେ ବ୍ୟକ୍ତା ଗତି ଓ ଅବ୍ୟକ୍ତା ଗତି, ଏହି ଦୁଇ ପ୍ରକାର ଗତି ଅଛି; ଏହି ଦୁଇପ୍ରକାର ଗତି ମଧ୍ୟରୁ ଅବ୍ୟକ୍ତା ଗତି ବିଷୟ ଅଷ୍ଟମ ଅଧ୍ୟାୟ ୨୧ ଶ୍ଳୋକରେ ଏବଂ ୧୫ଶ ଅଧ୍ୟାୟ ୬ ଶ୍ଳୋକରେ ଅଛି—ଯାହା ପାଠକମାନେ ପରେ ବୁଝି ପାରିବେ । ବର୍ତ୍ତମାନ, ଏତିକି ଜାଣି ରଖିବା ଆବଶ୍ୟକ ଯେ ଗୀତା-ପ୍ରଦର୍ଶିତ ଗତି ହେଉଛି ବ୍ୟକ୍ତାଗତି, ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ବ୍ୟକ୍ତ

ଭଗବାନ ଏବଂ ମନୁଷ୍ୟଲୋକରେ ଦେହଧାରୀମାନଙ୍କ ପକ୍ଷରେ ଗୀତା-ପ୍ରଦର୍ଶିତ ବ୍ୟକ୍ତା ଗତି ହେଉଛି ସରଳ ଓ ସୁଖପ୍ରଦ ଗତି । ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତ ଭଗବାନ ବୋଲି ବ୍ୟାସଦେବ କାହିଁକି ଓ କିପରି କହିଲେ, ଏହାହିଁ ଆମ୍ଭମାନଙ୍କର ଆଲୋଚନାର ବିଷୟ ।

କେହି କେହି କହିପାରନ୍ତି ଶ୍ରୀକୃଷ୍ଣ ଦ୍ୱାପର ଯୁଗରେ ମାନବ ସମାଜ ନିକଟରେ ବ୍ୟକ୍ତ ହୋଇଥିଲେ । ସେଥିପାଇଁ ବ୍ୟାସଦେବ ତାଙ୍କୁ ବ୍ୟକ୍ତ ଭଗବାନ୍ ବୋଲି ବର୍ଣ୍ଣନା କଲେ । ଆଉ କେହି କେହି କହିପାରନ୍ତି ଗୀତାର ଏକାଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ନିକଟରେ ବ୍ୟକ୍ତ ହୋଇଥିଲେ । ସେଥିଯୋଗୁ ସେ ହେଉଛନ୍ତି ବ୍ୟକ୍ତ ଭଗବାନ୍ । ମାତ୍ର ଦ୍ୱାପର ଯୁଗରେ ବ୍ୟକ୍ତ ହୋଇଥିବା ଭଗବାନ ଏବଂ ଅର୍ଜୁନ ନାମକ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ ବ୍ୟକ୍ତ ହୋଇଥିବା ଭଗବାନ ଆମ୍ଭମାନଙ୍କର ନିତ୍ୟ ଉପାସିତ ସନାତନ ଅବ୍ୟକ୍ତ ଭଗବାନଙ୍କ ଅପେକ୍ଷା ଆହୁରି ବେଶୀ ଅବ୍ୟକ୍ତ । ଏପରି ବ୍ୟକ୍ତ ଭଗବାନଙ୍କୁ ବର୍ତ୍ତମାନ ଯୁଗର ମାନବ ସମାଜ ଏବଂ ପ୍ରତ୍ୟେକ ମାନବ ବ୍ୟକ୍ତି ଭଗବାନ ବୋଲି ସ୍ୱୀକାର କରିବାର କୌଣସି କାରଣ ନାହିଁ । ନିଜ ନିଜର ମତ ଓ କ୍ରିୟା କଳାପକୁ ସମର୍ଥନ କରିବାପାଇଁ ସ୍ୱୀକାର କଲେ ମଧ୍ୟ ତଦ୍ୱାରା ମାନବ ସମାଜର କୌଣସି ଉପକାର ନାହିଁ, ବରଂ ଅପକାର । ତେଣୁ ଏପରି ଉତ୍ତରରେ ସନ୍ତୁଷ୍ଟ ନ ରହି ପ୍ରକୃତ ଉତ୍ତର ସ୍ଥିର କରିବାକୁ ଅଗ୍ରସର ହୁଅନ୍ତୁ ।

କେବଳ ଏହି ପ୍ରଶ୍ନର ଉତ୍ତର କାହିଁକି, ଗୀତା ସମ୍ବନ୍ଧେ ଯେ କୌଣସି ପ୍ରଶ୍ନର ଉତ୍ତର ସ୍ଥିର କରିବାକୁ ହେଲେ ଉପନିଷଦ୍‌ର ଆଶ୍ରୟ ଗ୍ରହଣ କରିବାକୁ ହେବ । କାରଣ ଗୀତା ହେଉଛି ଉପନିଷଦ ସବୁର ସାର କଥା ।

ସର୍ବୋପନିଷଦୋ ଗାବୋ ଦୋଗ୍‌ଧା ଗୋପାଳନନ୍ଦନଃ
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍‌ଧଂ ଗୀତାମୃତଂମହତ୍ ।

କଠୋପନିଷଦରେ ଅଛି—

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ
ଇନ୍ଦ୍ରିୟାଣି ହୟାନାହୁଃ ବିଷୟାଂସ୍ତେଷୁ ଗୋଚରାନ୍ ।

* * * *

ବିଜ୍ଞାନସାରଥିର୍ଯସ୍ତୁ ମନଃ ପ୍ରଗ୍ରହବାନ୍ ନରଃ
ସୋଽଧ୍ୱନଃ ପାରମାପ୍ନୋତି ତଦ୍ବିଷ୍ଣୋଃ ପରମଂ ପଦଂ ।

ଅର୍ଥ—ନିଜକୁ ରଥୀ ବା ଯୋଦ୍ଧା, ଶରୀରକୁ ରଥ, ବୁଦ୍ଧିକୁ ସାରଥି, ମନକୁ ଲଗାମ, ଇନ୍ଦ୍ରିୟମାନଙ୍କୁ ଘୋଡ଼ା ଏବଂ ବିଷୟସବୁକୁ ଗୋଚର ବା ସେହି ଘୋଡ଼ାମାନଙ୍କର ଚରିବାର ସ୍ଥାନ ବୋଲି ଜାଣ ।

ବିଜ୍ଞାନ ଯାହାଙ୍କର ସାରଥି ଏବଂ ମନ ଯାହାଙ୍କର ଲଗାମ, ସେ ଏହି ସଂସାରକୁ ପାର ହୋଇ ବିଷ୍ଣୁଙ୍କର ପରମପଦ ଲାଭ କରନ୍ତି ।

ଉପନିଷଦର ଏହି କେତୋଟି ସରଳ କଥାର ଆଶ୍ରୟ ଗ୍ରହଣ କରି ଗୀତାପାଠରେ ଅଗ୍ରସର ହେଲେ କିମ୍ବା ତଦନୁସାରେ ଜୀବନ ଗଠନ କଲେ ପାଠକମାନେ ସେହି ଗୀତାରୁ ଏବଂ ନିଜ ନିଜ ଜୀବନର ଅନୁଭୂତିରୁ ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ପାଇ ପାରିବେ । ଯେ ଯାହାହେଉ ଯଦି କଠୋପନିଷଦର ଋଷିଙ୍କର ଉପଦେଶ ଅନୁସାରେ ବିଜ୍ଞାନକୁ ସାରଥି ଓ ମନକୁ ଲଗାମ ଭାବରେ ଗ୍ରହଣ କରି ମନୁଷ୍ୟ ବିଷ୍ଣୁଙ୍କର ପରମପଦ ଲାଭ କରିପାରିବ, ତେବେ ସେହି ପରମପଦ ଲାଭ କରିବାପାଇଁ କଳ୍ପନା ଉପରେ ପ୍ରତିଷ୍ଠିତ ଅଚିନ୍ତ୍ୟ ଓ ଅବ୍ୟକ୍ତ ଭଗବାନଙ୍କୁ ଉପାସନା କରିବାର ଦୁଃଖଦାୟକ ପଥ ଅବଲମ୍ବନ କରିବାର କୌଣସି ପ୍ରୟୋଜନ ନାହିଁ ।

ବ୍ୟାସଦେବ ଗୀତାରେ ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ବର୍ଣ୍ଣନା କରିବା, କଠୋପନିଷଦର ଋଷି ବିଷ୍ଣୁଙ୍କର ପରମପଦ ପାଇବା ପାଇଁ ବୁଦ୍ଧି ବା ବିଜ୍ଞାନକୁ ସାରଥି ଭାବରେ ଗ୍ରହଣ କରିବାକୁ ଉପଦେଶ ଦେବା ଏବଂ ଗୀତା ଉପନିଷଦ ସବୁର ସାରମର୍ମ ହୋଇଥିବା—ଏହି ତିନୋଟି କଥା ଅଭ୍ରାନ୍ତ ଭାବରେ ପ୍ରମାଣ ଦେଉଅଛି ଯେ ଶ୍ରୀକୃଷ୍ଣ ହେଉଛନ୍ତି "ବୁଦ୍ଧି" ବା "ବିଜ୍ଞାନ" ।

ଆଉ ଗୋଟିଏ କଥା—ଅର୍ଜୁନଙ୍କର ଚିରସଖା ଥିଲେ ମଧ୍ୟ ସେହି ଶ୍ରୀକୃଷ୍ଣ ଯେ ନିଜେ ପ୍ରତ୍ୟକ୍ଷ ଭଗବାନ, ଏହା ଅର୍ଜୁନ ଆଗରୁ ଜାଣିପାରି ନଥିଲେ । ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେବାର ଆବଶ୍ୟକତା ପଡ଼ିବାରୁ ଅର୍ଜୁନ ସେହି ସଖାଙ୍କୁ ସାରଥି ଭାବରେ ଗ୍ରହଣ କଲେ ( ପ୍ରଥମ ଅଧ୍ୟାୟ ୧୪ ଶ୍ଲୋକ ) । ମାତ୍ର ଭାଇ, ବନ୍ଧୁ, କୁଟୁମ୍ବ ଓ ଗୁରୁ ପ୍ରଭୃତିଙ୍କ ବିରୁଦ୍ଧରେ ଯୁଦ୍ଧ କରିବେ କି ନାହିଁ, ଏହି ସଂଶୟ ଉପସ୍ଥିତ ହେବାରୁ ସେ ଶ୍ରୀକୃଷ୍ଣଙ୍କୁ ଗୁରୁ ଭାବରେ ଗ୍ରହଣ କଲେ ( ଦ୍ୱିତୀୟ ଅଧ୍ୟାୟ ୭ ଶୋକ ) । ଅର୍ଜୁନଙ୍କର ସଂଶୟ ଯେତେ ଯେତେ ଦୂର ହେଉଥାଏ ଏବଂ କ୍ରମବିକାଶ ପଥରେ ସେ ଯେତେ ଯେତେ ଅଗ୍ରସର ହେଉଥାଆନ୍ତି, ଶ୍ରୀକୃଷ୍ଣ ତାଙ୍କ ନିକଟରେ ସେତେ ସେତେ ନିଜକୁ ପ୍ରକାଶ କରୁଥାଆନ୍ତି । ପ୍ରଥମେ ନିଜର ଦିବ୍ୟ ଜନ୍ମ ଓ ଦିବ୍ୟ କର୍ମ ବିଷୟ ବର୍ଣ୍ଣନା କଲେ ( ଚତୁର୍ଥ ଅଧ୍ୟାୟ ) । ତାପରେ ତାଙ୍କର ପରା ଓ ଅପରା ପ୍ରକୃତିର ପରିଚୟ ଦେଇ ( ସପ୍ତମ ଅଧ୍ୟାୟ ), ନିଜର ବିଶ୍ୱରୂପ ବା ତ୍ରିଲୋକବ୍ୟାପୀ ଆକାର ଅର୍ଜୁନଙ୍କୁ ଦେଖାଇଲେ ( ଏକାଦଶ ଅଧ୍ୟାୟ ) । ପରିଶେଷରେ ଶ୍ରୀକୃଷ୍ଣ ପୁରୁଷୋତ୍ତମ ରୂପେ ନିଜର ସମ୍ପୂର୍ଣ୍ଣ ପରିଚୟ ନିଜେ ଦେଲେ ( ପଞ୍ଚଦଶ ଅଧ୍ୟାୟ ) । ଏଥିରୁ ପରିଷ୍କାର ପ୍ରମାଣ ମିଳୁଛି ଯେ, ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିର ଚିରସଖା, ସାରଥି, ଏକମାତ୍ର ଗୁରୁ ଏବଂ ଭବିଷ୍ୟତ୍ ଜୀବନର ବ୍ୟକ୍ତ ବା ପ୍ରତ୍ୟକ୍ଷ ଭଗବାନ ।

ଗୀତା ହେଉଛି ଗୋଟିଏ ଯୋଗଶାସ୍ତ୍ର । ଏଥିରେ ଅଠରଟି ଯୋଗ ଅଛି । ଏହିସବୁ ଯୋଗର ନାମ ପ୍ରତି ଅଧ୍ୟାୟର ଆରମ୍ଭରେ ଓ ଶେଷରେ ଅଛି । ବିଷାଦଯୋଗଠାରୁ ଆରମ୍ଭ କରି ମୋକ୍ଷଯୋଗ ପର୍ଯ୍ୟନ୍ତ ଗୀତା-ଲିଖିତ ଏହି ଅଠରଟି ଯୋଗ ହେଉଛି ମନୁଷ୍ୟର କ୍ରମୋନ୍ନତି ପଥରେ ବା ସାଧନ ପଥରେ ଅଠରଟି ବିଭିନ୍ନ ସୋପାନ । ଏହି ଅଠରଟି ଯୋଗ ବ୍ୟତୀତ ଆଉ ଗୋଟିଏ ଯୋଗର ନାମ ଦ୍ୱିତୀୟ ଅଧ୍ୟାୟ ୪୯ ଶ୍ଲୋକରେ, ଦଶମ ଅଧ୍ୟାୟ ୧୦ ଶ୍ଲୋକରେ ଏବଂ ଅଷ୍ଟାଦଶ ଅଧ୍ୟାୟ ୫୭ ଶ୍ଲୋକରେ ଅଛି । ଏହି ଯୋଗର ନାମ "ବୁଦ୍ଧିଯୋଗ" । ଏହି ତିନୋଟି ଶ୍ଲୋକରେ ବ୍ୟାସଦେବ ସୁକୌଶଳରେ କହି ଦେଉଅଛନ୍ତି ଯେ, ଗୀତା ଏହି ଯୋଗଶାସ୍ତ୍ରର ଅନ୍ୟ ନାମ "ବୁଦ୍ଧିଯୋଗ" ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ । (୨ଯ୍‌-୪୯)
ଦଦାମି ବୁଦ୍ଧିଯୋଗଂତଂ ଯେନ ମାମୁପଯାନ୍ତି ତେ (୧୦ ମ-୧୦)
ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । (୧୮ଶ-୫୭)

ଜନସାଧାରଣଙ୍କ ବଦ୍ଧମୂଳ ଧାରଣା ଏହି କି ଯାହା ଧର୍ମ ତାହା ପ୍ରତ୍ୟକ୍ଷ ଅନୁଭୂତିର ବିଷୟ ନୁହେଁ ଏବଂ ତତ୍‌ସାଧନ ପଥରେ ଅଗ୍ରସର ହେବା ଦୁଃସାଧ୍ୟ ଓ ଦୁଃଖଦାୟକ । ଏହି ଭ୍ରାନ୍ତ ଧାରଣା ଦୂର କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ କହିଲେ—

"ପ୍ରତ୍ୟକ୍ଷାବଗମଂ ଧର୍ମ୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟଂ । (୯ ମ-୩୨)

ଅର୍ଥ—ମୋର ପ୍ରଦର୍ଶିତ ଧର୍ମ ପ୍ରତ୍ୟକ୍ଷ ବୋଧଗମ୍ୟ, ଧର୍ମ-ସମ୍ମତ କାର୍ଯ୍ୟରେ ପରିଣତ କରିବା ସହଜ ଓ ସୁଖପ୍ରଦ ।

ଗୀତା ଗୋଟିଏ ଗୁହ୍ୟ ବିଦ୍ୟା ଏ କଥା ଶ୍ରୀକୃଷ୍ଣ ଅନେକ ସ୍ଥଳରେ କହିଅଛନ୍ତି । ଯଥା :—

"ଇତି ଗୁହ୍ୟତମଂ ଶାସ୍ତ୍ରଂ"
"ଗୁହ୍ୟାତ୍ ଗୁହ୍ୟତରଂ ମୟା",
"ସର୍ବ ଗୁହ୍ୟତମଂ ଭୂୟଃ ।"

ଗୁହ୍ୟ ବିଦ୍ୟା ଏହି କଥାଟିର ଅର୍ଥ ଲୁଚାଇ ରଖିବା ବିଦ୍ୟା ନୁହେଁ । ଗୁରୁ ଯେଉଁ କୌଶଳରେ ଶିଷ୍ୟଙ୍କୁ ଏବଂ ଜଗଦ୍‌ଗୁରୁ ଯେଉଁ କୌଶଳରେ ସମସ୍ତ ମାନବ ସମାଜକୁ ବର୍ତ୍ତମାନ ଅବସ୍ଥାରୁ ଉଚ୍ଚତର ଅବସ୍ଥାକୁ ନେଇଯାଆନ୍ତି ସେହି କୌଶଳର ନାମ ଗୁହ୍ୟବିଦ୍ୟା । ଏହି ଗୁହ୍ୟବିଦ୍ୟା ବା କୌଶଳ କେହି କାହାରିକୁ ବୁଝାଇଦେବାର କଥା ନୁହେଁ । ପ୍ରତ୍ୟେକ ଗୀତାପାଠକ ନିଜ ନିଜର ସ୍ୱାଧୀନ ଅନୁସନ୍ଧିତ୍ସା ଦ୍ୱାରା ସେହି କୌଶଳ ନିଜେ ସ୍ଥିର କରିବାର କଥା । କେବଳ ସେଇଥିପାଇଁ ପ୍ରତ୍ୟହ ଗୀତାପାଠର ବ୍ୟବସ୍ଥା ଅଛି ।

୧୯୪୫—ମସିହା

# ଗୀତା ବୁଝିବାର ଏକମାତ୍ର ପ୍ରଣାଳୀ

ଗୀତାର ପ୍ରକୃତ ଶିକ୍ଷା ଦ୍ୱିତୀୟ ଅଧ୍ୟାୟ ଅଣଚାଳିଶ ଶ୍ଲୋକରୁ ଆରମ୍ଭ ହୋଇଅଛି । ଏହିଠାରୁ ଆରମ୍ଭକରି ପନ୍ଦରଟି ଶ୍ଲୋକରେ ଶ୍ରୀକୃଷ୍ଣଙ୍କର ପ୍ରଥମ ଉକ୍ତି ଶେଷ ହୋଇଅଛି । ଏହି କେତୋଟି ମାତ୍ର ଶ୍ଲୋକର ପ୍ରକୃତ ଅର୍ଥ ସଂଶୟ ଶୂନ୍ୟ ହୋଇ ବୁଝିପାରିଲେ ବ୍ୟାସଦେବଙ୍କର ଅଭିପ୍ରାୟ କଅଣ ତାହା ଜାଣି ପାରିବେ ଏବଂ ପରବର୍ତ୍ତୀ ବିଷୟ ଗୁଡ଼ିକ କ୍ରମେ କ୍ରମେ ବୁଝିବା ସମ୍ଭବ ହେବ । କୌଣସି ଗଛର ମୂଳରୁ ଚଢ଼ିବାକୁ ଯଥାସାଧ୍ୟ ଚେଷ୍ଟା ନକରି ମଝିରୁ ଚଢିବାକୁ ଇଚ୍ଛାକରିବା ଯେପରି ହାସ୍ୟାସ୍ପଦ କଥା ଗୀତାର ଆରମ୍ଭରୁ ଏହି କେତୋଟି ଶ୍ଲୋକ ନବୁଝି ମଝିରୁ ବୁଝିବାକୁ ମନେ କରିବା ସେହିପରି କଥା । ଗୀତାପାଠକ-ମାନଙ୍କର ଆଜି ଏହି ଦୁରବସ୍ଥା ଏକଥା ମୁଁ ଦୃଢ଼ତାର ସହିତ କହୁଅଛି । ସେ ଯାହାହେଉ, ଏହି ପନ୍ଦରଟି ଶ୍ଲୋକର ପ୍ରକୃତ ଅର୍ଥ ଓ ସମ୍ପୂର୍ଣ୍ଣ ନୂତନ ଅର୍ଥ ଆଜି ବୁଝନ୍ତୁ । ବୁଝିବାପାଇଁ ଶାସ୍ତ୍ରଜ୍ଞାନର କୌଣସି ଆବଶ୍ୟକ ହେବନାହିଁ ।

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ ! କର୍ମବନ୍ଧଂ ପ୍ରହାସ୍ୟସି । (୨ୟ-୩୯)

ଅନ୍ୱୟ– ଏଷା ବୁଦ୍ଧିଃ ତେ ସାଂଖ୍ୟେ ଅଭିହିତା; ଇମାଂ (ବୁଦ୍ଧିଂ) ତ୍ୱଂ ଯୋଗେ ଶୃଣୁ । ଯୟା ବୁଦ୍ଧ୍ୟା ଯୁକ୍ତଃ (ସନ୍) ହେ ପାର୍ଥ ! ତ୍ୱଂ କର୍ମବନ୍ଧଂ ପ୍ରହାସ୍ୟସି ।

ଅର୍ଥ—ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା; ଏହି ବୁଦ୍ଧି ତୁମ୍ଭେ ବର୍ତ୍ତମାନ ଯୋଗରେ ଶୁଣ । ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ, ହେ ପାର୍ଥ ! ତୁମ୍ଭେ କର୍ମବନ୍ଧନ ପରିତ୍ୟାଗ କରିପାରିବ ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତ ହୋଇପାରିବ ।

ଟିପ୍ପଣୀ—"କର୍ମବନ୍ଧଂ ପ୍ରହାସ୍ୟସି" ଅର୍ଥାତ୍ କର୍ମବନ୍ଧନ ପରିତ୍ୟାଗ କରିବ ଏହି କଥାଟିରୁ ପ୍ରକାଶ ଯେ କପରି ଭାବରେ କର୍ମ କଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇପାରିବ ଏହାହିଁ ଗୀତାର ପ୍ରତିପାଦ୍ୟ ବିଷୟ ।

ବୁଦ୍ଧିକୁ କେହି କହନ୍ତି ନାହିଁ କମ୍ବା ଶୁଣନ୍ତି ନାହିଁ ; ମାତ୍ର ଶ୍ରୀକୃଷ୍ଣ କହିଲେ "ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ଏବଂ ଏହି ବୁଦ୍ଧି ତୁମ୍ଭେ ଯୋଗରେ ଶୁଣ" । ଏହି ବିଷୟ ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ଏବଂ ଏହି ବିଷୟ ତୁମ୍ଭେ ଯୋଗରେ ଶୁଣ ଏପରି କହିଥିଲେ କଥାଟି ସୁଶ୍ରାବ୍ୟ ହୋଇଥାଆନ୍ତା । ମାତ୍ର ତାହା ନକହି ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ଏପରି କହିବାର କାରଣ ଏହିକି "ବୁଦ୍ଧି" କଥାଟି ହେଉଛି ଗୀତାର ସର୍ବପ୍ରଧାନ କଥା, ଯାହା ଶ୍ରୀକୃଷ୍ଣ ଏହିଠାରୁ ଆରମ୍ଭ କରି ବୁଝାଇବେ । ଅନ୍ୟ କାରଣ ଏହିକି ବୁଦ୍ଧି କଥାଟିକୁ ସର୍ବପ୍ରଥମେ ଏଠାରେ ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇଭାଗରେ ବିଭକ୍ତ କରିବାର ଆବଶ୍ୟକ ଥିବାରୁ ଶ୍ରୀକୃଷ୍ଣ ଏଠାରେ ବୁଦ୍ଧି କଥାଟି ବ୍ୟବହାର କରି ଏପରି କହିଅଛନ୍ତି ।

"ଯୟା ବୁଦ୍ଧ୍ୟା ଯୁକ୍ତଃ" ଅର୍ଥାତ୍ ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ ଏହି କଥାଟିରୁ ପ୍ରକାଶ ଯେ ବୁଦ୍ଧି କଥାଟିକୁ ବ୍ୟାସଦେବ ସାଂଖ୍ୟ-ବୁଦ୍ଧି ଓ ଯୋଗାବୁଦ୍ଧି ଏହି ଦୁଇଭାଗରେ ବିଭକ୍ତ କରିଅଛନ୍ତି ଏବଂ ଯୋଗ-ବୁଦ୍ଧିରେ ଯୁକ୍ତ ହୋଇ କର୍ମ କଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହେବ-ବୋଲି କହିଅଛନ୍ତି । ଯୋଗବୁଦ୍ଧି କାହାକୁ କହନ୍ତି ତାହା ଜାଣିବାପାଇଁ ବର୍ତ୍ତମାନ ପ୍ରତ୍ୟେକଙ୍କ ମନରେ ଆଗ୍ରହ ଜନ୍ମିବା ସ୍ୱାଭାବିକ । ଏହି ଆଗ୍ରହ ଦୂର କରିବାପାଇଁ ପରବର୍ତ୍ତୀ ଦୁଇଟି ଶ୍ଳୋକରେ ବ୍ୟାସଦେବ ଯୋଗ-ବୁଦ୍ଧି କଥାଟିର ପରିଚୟ ଦେବେ । ସାଂଖ୍ୟବୁଦ୍ଧି କଅଣ, ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ମଧ୍ୟରେ ସମ୍ବନ୍ଧ କଅଣ ଓ ପ୍ରଭେଦ କଅଣ ଇତ୍ୟାଦି ବିଷୟ ସେ ନିଜେ ଯଥା ସ୍ଥାନରେ ଓ ଯଥା ସମୟରେ ବୁଝାଇବେ । ତୃତୀୟ ଅଧ୍ୟାୟ ଓ ପଞ୍ଚମ ଅଧ୍ୟାୟରେ ଏହି ସବୁ ବିଷୟରେ କେତେକ କଥା ଆମ୍ଭେମାନେ ଜାଣିପାରିବୁଁ । ପାଠକମାନଙ୍କର ଆଗ୍ରହ ଦୂର କରିବା ପାଇଁ ମୁଁ ଏଠାରେ ଏତିକି କହିପାରେ ଯେ ସାଂଖ୍ୟ କଥାଟିର ଅର୍ଥ ହେଉଛି ଜ୍ଞାନ ଏବଂ ଯୋଗ କଥାଟିର ଅର୍ଥ ହେଉଛି କର୍ମ । ଅତଏବ

ନିଜର ସ୍ୱାଭାବିକ ଜୀବନ-ଯୁଦ୍ଧରେ ଅଗ୍ରସର ହେବାପାଇଁ ଯେଉଁ ବୁଦ୍ଧିର ପ୍ରୟୋଜନ ସେହି ବୁଦ୍ଧିକୁ ବ୍ୟାସଦେବ ଯୋଗବୁଦ୍ଧି କହିଅଛନ୍ତି ଏବଂ ନିଜର ସ୍ୱାଭାବିକ ଜୀବନ-ଯାତ୍ରା ସହିତ ସମ୍ବନ୍ଧ-ଶୂନ୍ୟ ଶାସ୍ତ୍ର ଜ୍ଞାନକୁ ବା ପୁସ୍ତକଗତ ଜ୍ଞାନକୁ ସେ ସାଂଖ୍ୟ ବୁଦ୍ଧି କହିଅଛନ୍ତି । ଗୀତାରୁ ପରେ ଯାହା ବୁଝିବେ ତାହାହିଁ ଗ୍ରହଣ କରିବେ । ବର୍ତ୍ତମାନ କେବଳ ଏତିକି ଜାଣିରଖନ୍ତୁ ଯେ ସାଂଖ୍ୟ ବୁଦ୍ଧିରେ ଯୁକ୍ତଥିବା ଜନସାଧାରଣଙ୍କୁ ଯୋଗ ବୁଦ୍ଧି ସହିତ ପରିଚୟ କରାଇବାହିଁ ଜଗଦ୍‌ଗୁରୁ ବ୍ୟାସଦେବଙ୍କର ଅଭିପ୍ରାୟ ।

ଏହି ଶ୍ଳୋକରେ ବ୍ୟାସଦେବ ସର୍ବପ୍ରଥମେ ସାଂଖ୍ୟ, ବୁଦ୍ଧି, ଯୋଗ ଓ କର୍ମବନ୍ଧ ଏହି ଚାରିଗୋଟି କଥା ବ୍ୟବହାର କରିଅଛନ୍ତି । ଏହି ଚାରିଗୋଟି କଥା ମଧ୍ୟରୁ ବୁଦ୍ଧି ଓ ଯୋଗ ଏହି ଦୁଇଟି କଥାର ସଂଯୋଗରୁ ଉତ୍ପନ୍ନ ହୋଇଥିବା ବୁଦ୍ଧିଯୋଗ ଓ ଯୋଗବୁଦ୍ଧି ଏହି ଦୁଇଟି କଥା ହେଉଛି ଗୀତାର ସର୍ବପ୍ରଧାନ କଥା ଏବଂ ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମ । ବୁଦ୍ଧିଯୋଗ କଥାଟି ଗୀତାରେ ନିମ୍ନଲିଖିତ ତିନୋଟି ସ୍ଥାନରେ ଅଛି ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧି ଯୋଗାଦ୍ଧନଞ୍ଜୟ । ୨ୟ—୪୯

ଅର୍ଥ—ବୁଦ୍ଧିଯୋଗ ଅପେକ୍ଷା କର୍ମ ଅନେକ ନିକୃଷ୍ଟ ।

ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ । ୧୦ମ—୧୦

ଅର୍ଥ—ମୁଁ ସେହି ବୁଦ୍ଧିଯୋଗ ଦିଏଁ ଯାହାଦ୍ୱାରା ସେମାନେ ମୋ ନିକଟକୁ ଯାଆନ୍ତି ।

ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ—୫୭

ଅର୍ଥ—ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତରଖ । ଏହି କେତୋଟି କଥା ବର୍ତ୍ତମାନ କେବଳ ଜାଣି ରଖନ୍ତୁ । ବ୍ୟାସଦେବ ପରେ ଯେପରି ବୁଝାଇବେ ତାହାହିଁ ବୁଝିବାକୁ ହେବ । ବ୍ୟାସଦେବଙ୍କର ବୁଝାଇବାକୁ ସତ୍ୟବୋଲି ଗ୍ରହଣ କରିବାକୁ ହେବ, ଏପରି କଥା ମୁଁ କହୁନାହିଁ, କାରଣ ତାହାମଧ୍ୟ ପରଧର୍ମ । ସେ ଯାହାହେଉ ପରବର୍ତ୍ତୀ ଶ୍ଳୋକ ଦୁଇଟିରୁ ଯୋଗବୁଦ୍ଧି କଥାଟି କଅଣ ତାହା ବୁଝନ୍ତୁ ।

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ । ୨ଯ୍—୪୦

ଅନ୍ୱୟ—ଇହ ଅଭିକ୍ରମ ନାଶଃ ନ ଅସ୍ତି, ପ୍ରତ୍ୟବାୟଃ ନ ବିଦ୍ୟତେ, ଅସ୍ୟ ଧର୍ମସ୍ୟ ସ୍ୱଳ୍ପଂ ଅପି ମହତଃ ଭୟାତ୍ ତ୍ରାୟତେ ।

ଅର୍ଥ—ଏହି ଯୋଗ ବୁଦ୍ଧିରେ ଆରମ୍ଭର ନାଶ ନାହିଁ ଏବଂ କୌଣସି ବାଧା ବିଘ୍ନ ମଧ୍ୟ ନାହିଁ । ଏହି ଧର୍ମର ସାମାନ୍ୟ ମଧ୍ୟ ମହାଭୟରୁ ତ୍ରାଣ କରେ ।

ଟିପ୍ପଣି—ଅଭିକ୍ରମ ଅର୍ଥାତ୍ ଆରମ୍ଭ ଏହି କଥାଟିର ବିଶେଷଭାବେ ଏହିକି ଯୋଗବୁଦ୍ଧିରେ ଯୁକ୍ତ ହୋଇ ଜୀବନ-ଯୁଦ୍ଧ ଆରମ୍ଭ କରିବାହିଁ ପ୍ରତ୍ୟେକ ମନୁଷ୍ୟର ସର୍ବପ୍ରଧାନ କର୍ତ୍ତବ୍ୟ କାହିଁକି ଏକମାତ୍ର କର୍ତ୍ତବ୍ୟ । ସେପରି ଜୀବନ-ଯୁଦ୍ଧ ଆରମ୍ଭ କରିବା ଏବଂ ସାଧନପଥର ପ୍ରଥମ ସୋପାନରେ ପଦକ୍ଷେପ କରିବା ଏ ଦୁହେଁ ଏକାକଥା

"ଅଭିକ୍ରମନାଶଃ ଅସ୍ତି" ଅର୍ଥାତ୍ ଆରମ୍ଭର ନାଶ ନାହିଁ ଏହି କଥାଟିରୁ ପ୍ରକାଶ ଯେ ଯୋଗବୁଦ୍ଧିରେ ଯୁକ୍ତହୋଇ ଜୀବନ-ଯୁଦ୍ଧ ଆରମ୍ଭ କରିପାରିଲେ ଯେତେ ସମୟ ପରେ ହେଉ ବା ଯେତେ ଜନ୍ମପରେ ହେଉ ମନୁଷ୍ୟ ଦିନେ ନିଶ୍ଚୟ ତାହାର ଉଚ୍ଚତମ ଲକ୍ଷ୍ୟରେ ପହଞ୍ଚିବାର ଆଶା ପୋଷଣ କରି ନିଜର ଉପସ୍ଥିତ ଜୀବନଯାତ୍ରାକୁ ଆନନ୍ଦମୟ କରିପାରିବ ।

"ପ୍ରତ୍ୟବାୟଃ ନ ବିଦ୍ୟତେ" ଅର୍ଥାତ୍ ବାଧା ବିଘ୍ନ ନାହିଁ ଏହି କଥାଟିରୁ ପ୍ରକାଶ ଯେ ଯୋଗବୁଦ୍ଧିରେ ଯୁକ୍ତ ହୋଇ ଜୀବନ-ଯୁଦ୍ଧ ଆରମ୍ଭ କରିପାରିଲେ କୌଣସି ପ୍ରକାର ବାଧା-ବିଘ୍ନ ମନୁଷ୍ୟର ଗତିରୋଧ କରିପାରିବ ନାହିଁ ।

ଏହି ଶ୍ଳୋକରେ ବ୍ୟାସଦେବ ପରୋକ୍ଷରେ କହିଲେ ଯେ ସାଂଖ୍ୟ ବୁଦ୍ଧିରେ ଯୁକ୍ତହୋଇ ଜୀବନ ଯାତ୍ରା ଆରମ୍ଭ କଲେ ସେପରି ଆରମ୍ଭର ନାଶ ଅଛି ଏବଂ ସେପରି ଆରମ୍ଭରେ ବାଧା-ବିଘ୍ନ ମଧ୍ୟ ଅଛି ; କାରଣ ସେପରି ଜୀବନ ଯାତ୍ରା ନିଜର ବ୍ୟକ୍ତିଗତ ସତ୍ତ୍ୟ ଉପରେ ପ୍ରତିଷ୍ଠିତ କି

ହୋଇ କେବଳ ପୁସ୍ତକଗତ ଜ୍ଞାନ ଉପରେ, ବା ବିଶ୍ୱାସ ଉପରେ ବା ପରଧର୍ମର ଅନ୍ଧ ଅନୁସରଣ ଉପରେ ପ୍ରତିଷ୍ଠିତ ।

ଯୋଗ-ବୁଦ୍ଧିରେ ଯୁକ୍ତହେବାରୂପ ଧର୍ମକୁ ବା ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମକୁ ବା ନୂତନ ଧର୍ମକୁ ସାଂଖ୍ୟ ବୁଦ୍ଧିରେ ଯୁକ୍ତଥିବା ଜନ-ସାଧାରଣ କାଳେ ଅଧର୍ମ ବୋଲି ଭାବି ଅବଜ୍ଞା କରିବେ ସେଥିପାଇଁ ବ୍ୟାସଦେବ କହିଲେ "ଅସ୍ୟ ଧର୍ମସ୍ୟ" ଅର୍ଥାତ୍ ଯୋଗ-ବୁଦ୍ଧିରେ ଯୁକ୍ତ ହେବା ରୂପ ଧର୍ମର । ବ୍ୟାସଦେବଙ୍କର ଅଭିପ୍ରାୟ ଏହିକି ଯୋଗ-ବୁଦ୍ଧିରେ ଯୁକ୍ତ ହୋଇ ଜୀବନଯାତ୍ରାରେ ଅଗ୍ରସର ହେବା ଅଧର୍ମ ନୁହେଁ ।

"ତ୍ରାୟତେ ମହତୋ ଭୟାତ୍" ଅର୍ଥାତ୍ ମହାଭୟରୁ ତ୍ରାଣ କରେ ଏହି କଥାଟିରୁ ପ୍ରକାଶ ଯେ ମନୁଷ୍ୟକୁ ସବୁପ୍ରକାର ଭୟରୁ ଯାହା ତ୍ରାଣ କରେ ତାହାହିଁ ପ୍ରକୃତରେ ଧର୍ମ ।

ଶାସ୍ତ୍ରଜ୍ଞାନ ଉପରେ ବା ପରଧର୍ମ ଉପରେ ବା ବିଶ୍ୱାସ ଉପରେ ପ୍ରତିଷ୍ଠିତ ସାମ୍ପ୍ରଦାୟିକ ଧର୍ମସବୁ ମନୁଷ୍ୟକୁ କୌଣସି ପ୍ରକାର ଭୟରୁ ତ୍ରାଣ କରେନାହିଁ ବୋଲି ସେହିସବୁ ଧର୍ମ ପରିତ୍ୟାଗ କରିବାକୁ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଉପଦେଶରେ "ସର୍ବଧର୍ମାନ ପରିତ୍ୟଜ୍ୟ" କଥାଟିରେ ସେଇଥିପାଇଁ କହିଅଛନ୍ତି । ସବୁଧର୍ମ ପରିତ୍ୟାଗ କରିବା କଥା ଅର୍ଥାତ୍ ଗୀତାର ଶେଷ କଥା ଓ ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ କଥା ବର୍ତ୍ତମାନ ଆମ୍ଭମାନଙ୍କର ଆଲୋଚନାର ବିଷୟ ନୁହେଁ । ପରବର୍ତ୍ତୀ ଶ୍ଳୋକଟିର ଆଲୋଚନାରେ ଅଗ୍ରସର ହୁଅନ୍ତୁ ।

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାଂ । ୨ୟ—୪୧

ଅନ୍ୱୟ—ହେ କୁରୁନନ୍ଦନ ! ଇହ ବ୍ୟବସାୟାତ୍ମିକା ବୁଦ୍ଧିଃ ଏକା; ଅବ୍ୟବସାୟିନାଂ ବୁଦ୍ଧୟଃ ବହୁଶାଖାଃ ଅନନ୍ତାଃ ଚ ।

ଅର୍ଥ—ହେ କୁରୁନନ୍ଦନ । ଏଥିରେ ଅର୍ଥାତ୍ ଯୋଗବୁଦ୍ଧିରେ ବ୍ୟବସାୟାତ୍ମିକା ବୁଦ୍ଧି ଏକବିଷୟିଣୀ ଅଟେ । ଅବ୍ୟବସାୟୀମାନଙ୍କର ବୁଦ୍ଧି ସବୁ ବହୁଶାଖା ବିଶିଷ୍ଟ ଓ ଅନନ୍ତ ।

ଟିପ୍ପଣୀ - ପୂର୍ବ ଦୁଇଶ୍ଳୋକରେ କୁହାଯାଇଥିବା ଯୋଗବୁଦ୍ଧି କଥାଟିକୁ ବୁଝାଇବା ଅଭିପ୍ରାୟରେ ବ୍ୟାସଦେବ ଏଠାରେ ବ୍ୟବସାୟାତ୍ମିକା ବୁଦ୍ଧି କଥାଟି ବ୍ୟବହାର କରିଅଛନ୍ତି ଏବଂ ଏହି ଶ୍ଳୋକରେ ଥିବା ଅବ୍ୟବସାୟିନାଂ କଥାଟିକୁ ସେ ଏହି ଶ୍ଳୋକରେ ଥିବା ଅବ୍ୟବସାୟିନାଂ କଥାଟିକୁ ସେ ଏହି ଶ୍ଳୋକର ପରବର୍ତ୍ତୀ ତିନୋଟି ଶ୍ଳୋକରେ ବୁଝାଇବେ । ରଚନା କୌଶଳର ଏହି ବିଶେଷତ୍ୱ ଗୀତାରେ ପ୍ରାୟ ପ୍ରତ୍ୟେକ ଶ୍ଳୋକରେ ଦେଖି ପାରିବେ । ଏହି ବିଶେଷତ୍ୱ ଗୀତା ରଚୟିତାଙ୍କର ଜଗଦ୍‌ଗୁରୁ ଆଖ୍ୟାର ସମ୍ପୂର୍ଣ୍ଣ ପରିଚୟ ଦେଉଅଛି ।

ପ୍ରଥମ ତିନୋଟି ଶ୍ଳୋକରୁ ବୁଝାଗଲା ଯେ, ଯୋଗବୁଦ୍ଧିରେ ବା ବ୍ୟବସାୟାତ୍ମିକା ବୁଦ୍ଧିରେ ଯୁକ୍ତ ହୋଇ ଜୀବନ ଯୁଦ୍ଧ ଆରମ୍ଭ କଲେ ସିଂହାଦ୍ୱାରଠାରୁ ଆରମ୍ଭ କରି ରାମଚନ୍ଦ୍ର ମହାପ୍ରଭୁଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି କର୍ମ ବନ୍ଧନରୁ ମୁକ୍ତ ହୋଇପାରିବେ । ଅତଏବ ବ୍ୟବସାୟାତ୍ମିକା ବୁଦ୍ଧି ଏହି ପଦପ୍ରଧାନ କଥାଟିର ଅର୍ଥ ସ୍ଥିର କରିବା ଆବଶ୍ୟକ ।

"ଅବ୍ୟବସାୟିନାଂ ବୁଦ୍ଧୟଃ" ଅର୍ଥାତ୍ ଅବ୍ୟବସାୟିମାନଙ୍କର ବୁଦ୍ଧି ସବୁ ଏହି କଥାଟିରୁ ପ୍ରକାଶ ଯେ "ବ୍ୟବସାୟାତ୍ମିକା ବୁଦ୍ଧି" କଥାଟିର ଅର୍ଥ ହେଉଛି ବ୍ୟବସାୟିମାନଙ୍କର ବା କର୍ମୀମାନଙ୍କର ବୁଦ୍ଧି ।

ବ୍ୟବସାୟ କଥାଟିର ଅର୍ଥ ହେଉଛି ଅଧିବସାୟ ବା କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି । ଅତଏବ ବ୍ୟବସାୟ ବା କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି ଯେଉଁ ବୁଦ୍ଧିର ଆତ୍ମା ସ୍ୱରୂପ ତାହାହିଁ ବ୍ୟବସାୟାତ୍ମିକା ବୁଦ୍ଧି ଏବଂ ଏହି ଅର୍ଥ ସହିତ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଜୀବନ ଗଠନର ଘନିଷ୍ଠ ସମ୍ବନ୍ଧ ରହିବା ଆବଶ୍ୟକ ।

ଗୀତାର ଟୀକାକାରମାନେ ବ୍ୟବସାୟାତ୍ମିକା ବୁଦ୍ଧି କଥାଟିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିଅଛନ୍ତି ଏବଂ ପରମେଶ୍ୱରଙ୍କୁ ଭକ୍ତି କଲେ ମୁକ୍ତି ନିଶ୍ଚୟ ମିଳିବ ଏହି ବିଶ୍ୱାସରେ ଦୃଢ଼ତା ସ୍ଥାପନ କରିବା ବୁଦ୍ଧିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ବ୍ୟାଖ୍ୟା କରିଅଛନ୍ତି । ମାତ୍ର ଏପରି ବିଶ୍ୱାସର କଥା ଏବଂ ଏପରି ବିଶ୍ୱାସରେ ଦୃଢ଼ତା ସ୍ଥାପନ କରିବା କଥା

ଗୀତାରେ କୌଣସିଠାରେ ନାହିଁ । ଆଉମଧ୍ୟ ଶ୍ରୀକୃଷ୍ଣ ଏପର୍ଯ୍ୟନ୍ତ ଏପରି କୌଣସି କଥା କହିନଥିବାରୁ ଏପରି ଅର୍ଥ ଏଠାରେ ସମ୍ପୂର୍ଣ୍ଣ ଅସଙ୍ଗତ । ଆଉମଧ୍ୟ ଗୀତାଧର୍ମ ବିଶ୍ୱାସ ଉପରେ ପ୍ରତିଷ୍ଠିତ ନୁହେଁ ଏହା ସମ୍ପୂର୍ଣ୍ଣରୂପେ ସତ୍ୟ ଉପରେ ପ୍ରତିଷ୍ଠିତ । ଶ୍ରୀକୃଷ୍ଣ କହିଅଛନ୍ତି—

ପ୍ରତ୍ୟକ୍ଷାବଗମଂ ଧର୍ମ୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟଂ । ୯ମ—୨

ଅର୍ଥ—ଗୀତା-ଧର୍ମ ପ୍ରତ୍ୟକ୍ଷ ବୋଧଗମ୍ୟ, ଧର୍ମ ସମ୍ମତ, କାର୍ଯ୍ୟରେ ପରିଣତ କରିବା ସହଜ ଓ ସୁଖପ୍ରଦ ଏବଂ ଅବ୍ୟୟ ଅଟେ ।

ବ୍ୟବସାୟ କଥାଟିର ଅନ୍ୟଗୋଟିଏ ଅର୍ଥ ହେଉଛି ନିଶ୍ଚୟ । ଏହି ଯୁକ୍ତି ଦେଖାଇ ବ୍ୟବସାୟାତ୍ମିକା ବୁଦ୍ଧି କଥାଟିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିବା ଯୁକ୍ତିଯୁକ୍ତ ଏକଥା କେହି କେହି କହିପାରନ୍ତି । ମାତ୍ର ଅର୍ଥଟାକୁ ଠିକ୍ ବୋଲି ପ୍ରମାଣ କରିବା କିମ୍ବା ଶ୍ରୀଧର ସ୍ୱାମୀ ଓ ଶଙ୍କରାଚାର୍ଯ୍ୟ ପ୍ରଭୃତିଙ୍କ ଅର୍ଥଟାକୁ ସମର୍ଥନ କରିବାଦ୍ୱାରା ଗୀତାପାଠକମାନଙ୍କର କୌଣସି ଉପକାର ହୋଇନାହିଁ କି ହେବନାହିଁ । ପୂର୍ବାପର ସହିତ ଯେଉଁ ଅର୍ଥର ସମ୍ବନ୍ଧ ଅଛି ଏବଂ ଯେଉଁ ଅର୍ଥ ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନଯାତ୍ରାପାଇଁ ସମାନଭାବରେ ପ୍ରଯୁଜ୍ୟ ଓ ମଙ୍ଗଳପ୍ରଦ ସେହି ଅର୍ଥହିଁ ଗ୍ରହଣୀୟ ।

ବ୍ୟବସାୟ କଥାଟିର ଅର୍ଥ ହେଉଛି କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି ଏକଥା ପୂର୍ବେ କୁହାଯାଇଅଛି । ଅତଏବ ଅବ୍ୟବସାୟିନାଂ ଅର୍ଥାତ୍ ଅବ୍ୟବସାୟିମାନଙ୍କର ଏହି କଥାଟିର ଅର୍ଥ ହେଉଛି କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି ନଥିବା ବ୍ୟକ୍ତିମାନଙ୍କର । ମାତ୍ର ଶ୍ରୀକୃଷ୍ଣ କହିଅଛନ୍ତି—

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ୍ । ୩ୟ—୫

ଅର୍ଥ—କର୍ମ ନକରି କୌଣସି ବ୍ୟକ୍ତି କ୍ଷଣେ ମାତ୍ର ରହିନପାରେ । ତେବେ ଅବ୍ୟବସାୟିମାନଙ୍କର ଏହି କଥାଟିର ଅର୍ଥ କଅଣ ? ଗୀତାର କୌଣସି କଥାର ଅର୍ଥ କାହାରିକୁ ସ୍ଥିର କରିବାକୁ ହେବନାହିଁ । ପ୍ରତ୍ୟେକ କଥାର ଅର୍ଥ ବ୍ୟାସଦେବ ନିଜେ ବୁଝାଇଦେଇଅଛନ୍ତି । ଅବ୍ୟବସାୟି ବା ଅକର୍ମୀ କେଉଁମାନେ ତାହା ସେ ପରବର୍ତ୍ତୀ ତିନୋଟି ଶ୍ଳୋକରେ ପରିଷ୍କାର ଭାବରେ ବୁଝାଇ ଦେଇଅଛନ୍ତି ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାଂ
କ୍ରିୟାବିଶେଷ-ବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ।
ଭୋଗୈଶ୍ୱର୍ଯ୍ୟ ପ୍ରସକ୍ତାନାଂ ତୟାପହୃତଚେତସାଂ
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ । ୨ୟ
୪୨ ରୁ ୪୪

ଅନ୍ୱୟ—ହେ ପାର୍ଥ ! ବେଦବାଦରତାଃ, ଅନ୍ୟତ୍ ନ ଅସ୍ତି ଇତି ବାଦିନଃ, କାମାତ୍ମାନଃ, ସ୍ୱର୍ଗପରାଃ, ଅବିପଶ୍ଚିତଃ,—ଜନ୍ମକର୍ମଫଳପ୍ରଦାଂ, କ୍ରିୟାବିଶେଷ ବହୁଳାଂ, ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ଯାଂ ଇମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତି ତୟା ଅପହୃତଚେତସାଂ ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ବ୍ୟବ ାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।

ଅର୍ଥ—ହେ ପାର୍ଥ ! ଯେଉଁମାନେ ବେଦବାଦରେ ରତ ଥାଆନ୍ତି, ବେଦ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି କହନ୍ତି, କାମ ଯେଉଁମାନଙ୍କର ଆତ୍ମା, ସ୍ୱର୍ଗ ଯେଉଁମାନଙ୍କର ଲକ୍ଷ୍ୟ ସେହି ଅବିବେକୀମାନେ ବା ମୂଢ଼ମାନେ, ଜନ୍ମ, କର୍ମ ଓ କର୍ମଫଳ ପ୍ରଦାନ କରୁଥିବା, ଯଜ୍ଞାଦି କ୍ରିୟା ବିଶେଷରେ ପୂର୍ଣ୍ଣଥିବା, ଭୋଗ ଓ ଐଶ୍ୱର୍ଯ୍ୟ ପାଇବା ର ପଥ ସ୍ୱରୂପ ହୋଇଥିବା ଯେଉଁ ଶ୍ରୁତି ମଧୁର କଥାଗୁଡ଼ିକ କହନ୍ତି ତଦ୍ୱାରା ଅପହୃତ-ଚିତ୍ତ ଭୋଗୈଶ୍ୱର୍ଯ୍ୟ-ପ୍ରସକ୍ତ ବ୍ୟକ୍ତିମାନଙ୍କର ବ୍ୟବସାୟାତ୍ମିକା ବୁଦ୍ଧି ସମାଧିରେ ରହିପାରେ ନାହିଁ ଅର୍ଥାତ୍ ଦୃଢ଼ଭାବରେ ରହି କାର୍ଯ୍ୟକାରୀ ହୋଇପା'ରେ ନାହିଁ ।

ଟିପ୍ପଣୀ— ବେଦବାଦରେ ରତଥିବା ଓ ଯଜ୍ଞାଦି କର୍ମରେ ନିଯୁକ୍ତ ଥିବା ବ୍ୟକ୍ତିମାନଙ୍କୁ ବ୍ୟାସଦେବ ଅବ୍ୟବସାୟୀ ବା ଅକର୍ମା କହିବାର କାରଣ ଏହିକି ସେମାନେ ନିଜର ବ୍ୟବସାୟାତ୍ମିକା ବୁଦ୍ଧିର ପ୍ରେରଣାରେ ଏହିସବୁ କର୍ମ ନକରି କେବଳ ଅଜ୍ଞତାର ଓ ଶାସ୍ତ୍ରବିଧିର ଅନ୍ଧଅନୁସରଣ କରନ୍ତି ଏବଂ ଫଳକାମନା କରି କର୍ମ କରିବାରୁ କର୍ମବନ୍ଧନରୁ ମୁକ୍ତ ହୋଇପାରନ୍ତି ନାହିଁ ।

ଏଠାରେ ସମାଧି କଥାଟିର ଅର୍ଥ ପ୍ରାଣାୟାମ ଇତ୍ୟାଦି ଦ୍ୱାରା ସମାଧି ଅବସ୍ଥା ନୁହେଁ । ପୂର୍ବ ଶ୍ଲୋକରେ ଥିବା "ଏକା" ଏହି କଥାଟିକୁ ବୁଝାଇବା ଅଭିପ୍ରାୟରେ ବ୍ୟାସଦେବ ଏଠାରେ ସମାଧୌ କଥାଟି ବ୍ୟବହାର କରିଅଛନ୍ତି ।

ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ ଅନୁସରଣକାରୀମାନଙ୍କୁ ତଥା ବେଦ ସର୍ବସ୍ୱ ବ୍ୟକ୍ତିମାନଙ୍କୁ ଏହି ତିନୋଟି ଶ୍ଲୋକରେ ବ୍ୟାସଦେବ ଅବ୍ୟବସାୟୀ ବା ଅକର୍ମା ଓ ମୂଢ଼ ବୋଲି ବର୍ଣ୍ଣନା କରି ପରବର୍ତ୍ତୀ ଦୁଇଟି ଶ୍ଲୋକରେ ବେଦସବୁ ଅନାବଶ୍ୟକ ବୋଲି ସ୍ପଷ୍ଟାକ୍ଷରରେ କହିଅଛନ୍ତି ।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ
ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ । ୨ୟ—୪୫

ଅନ୍ୱୟ—ବେଦାଃ ତ୍ରୈଗୁଣ୍ୟ ବିଷୟାଃ, ହେ ଅର୍ଜୁନ ! ତ୍ୱଂ ନିସ୍ତ୍ରୈଗୁଣ୍ୟଃ ଭବ । ନିର୍ଦ୍ୱନ୍ଦ୍ୱଃ, ନିତ୍ୟସତ୍ତ୍ୱସ୍ଥଃ, ନିର୍ଯୋଗକ୍ଷେମଃ ତଥା ଆତ୍ମବାନ୍ ଭବ ।

ଅର୍ଥ—ବେଦସବୁ ତିନିଗୁଣ ସମ୍ବନ୍ଧୀୟ, ହେ ଅର୍ଜୁନ ! ତୁମ୍ଭେ ନିସ୍ତ୍ରୈଗୁଣ୍ୟ ହୁଅ ଅର୍ଥାତ୍ ବେଦ ସବୁରୁ ବାହାରେ ରୁହ । ତୁମ୍ଭେ ସୁଖ-ଦୁଃଖାଦି ଦ୍ୱନ୍ଦ୍ୱରୁ ରହିତ ହୁଅ । ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରୁହ ; ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ଏବଂ ପ୍ରାପ୍ତ ବସ୍ତୁର ରକ୍ଷାପାଇଁ ଯତ୍ନଶୂନ୍ୟ ହୁଅ ଏବଂ ଆତ୍ମବାନ ହୁଅ ।

ଟିପ୍ପଣୀ—ତୁମ୍ଭେ ଆତ୍ମବାନ ହୁଅ ଏହି କଥାଟିରୁ ପ୍ରକାଶ ଯେ ଆତ୍ମବାନ୍ ବ୍ୟକ୍ତି ପକ୍ଷରେ ବେଦସବୁ ଅନାବଶ୍ୟକ—ଆବଶ୍ୟକ କେବଳ ଦେହ ସର୍ବସ୍ୱ ମାନଙ୍କପାଇଁ । ଦେହ ସର୍ବସ୍ୱ ବ୍ୟକ୍ତିମାନେ ଜାଣନ୍ତି ଯେ ଜୀବନକାଳ ହେଉଛି ମାତୃଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ । ସେମାନେ ସେଇଥିପାଇଁ ଭୋଗ ଓ ଐଶ୍ୱର୍ଯ୍ୟକୁ ଜୀବନର ଏକମାତ୍ର ଲକ୍ଷ୍ୟ ମନେକରି ତାହା ପାଇବାପାଇଁ ଯତ୍ନ କରନ୍ତି ଓ ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ ଅନୁସରଣ କରନ୍ତି । ଆତ୍ମବାନ ବ୍ୟକ୍ତି ବୁଝନ୍ତି ଯେ ପ୍ରକୃତ ଜୀବନକାଳ ହେଉଛି ଅନନ୍ତ କାଳ ବ୍ୟାପୀ ଏବଂ ଭୋଗ ଓ ଐଶ୍ୱର୍ଯ୍ୟ କେବଳ ଏହି

ଗୋଟିଏ ଜନ୍ମପାଇଁ । ଯାହା ଅନନ୍ତ କାଳପାଇଁ ପ୍ରୟୋଜନ ଆତ୍ମବାନ ବ୍ୟକ୍ତି ସେଥିପାଇଁ ଯତ୍ନ କରନ୍ତି ।

ଏହି ଶ୍ଳୋକରେ ସତ୍ତ୍ୱସ୍ଥ କଥାଟିକୁ ଅଧିକାଂଶ ଟୀକାକାର ଅର୍ଥ କରିଅଛନ୍ତି—ସତ୍ତ୍ୱଗୁଣରେ ରହ, କେହି କେହି ଅର୍ଥ କରିଅଛନ୍ତି ବ୍ରହ୍ମରେ ରହ, ସତ୍ୟବସ୍ତୁରେ ରହ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିସ୍ତ୍ରୈଗୁଣ୍ୟ ହେବାକୁ କହିବା ସଙ୍ଗେ ସଙ୍ଗେ ସତ୍ତ୍ୱଗୁଣରେ ରହିବାକୁ କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଆଉ ମଧ୍ୟ ସତ୍ୟବସ୍ତୁରେ ରହିବା ଓ ସତ୍ତ୍ୱସ୍ଥ ହେବା ଏ ଦୁହେଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କଥା । ଏଠାରେ ସତ୍ତ୍ୱସ୍ଥ ହେବାକୁ କହିବାର ଅଭିପ୍ରାୟ ଏହିକି ବେଦୋକ୍ତ ସଙ୍କଳ୍ପ କର୍ମର ଅନ୍ଧ ଅନୁସରଣ ନକରି ନିଜର ପ୍ରକୃତ ଅବସ୍ଥାରେ ରହି କର୍ମ କରିବା ଆବଶ୍ୟକ । ଗୀତାର ସାରକଥା ନାମକ ମୋର ବହିରେ ସତ୍ତ୍ୱସ୍ଥ କଥାଟିର ବିଶେଷ ଆଲୋଚନା କରାଯାଇ ଅଛି ।

ସତ୍ତ୍ୱ ରଜ ଓ ତମ ଏହି ଗୁଣ ତିନୋଟି ପ୍ରକୃତିରୁ ବା ଦେହରୁ ଜାତହୋଇ ଦେହକୁ ବା ପ୍ରକୃତ ମନୁଷ୍ୟକୁ ତାହାର ଦେହ ସହିତ ବାନ୍ଧି ରଖନ୍ତି । ସେହି ଗୁଣରୂପ ବନ୍ଧନରୁ ମୁକ୍ତ ହେବାହିଁ ପ୍ରତ୍ୟେକ ମନୁଷ୍ୟର ଏକାନ୍ତ ଲକ୍ଷ୍ୟହେବା ଆବଶ୍ୟକ ।

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ । ୧୪ଶ-୫

ଅତଏବ ଶ୍ରୀକୃଷ୍ଣ ସତ୍ତ୍ୱ, ରଜ, ତମ ଏହି ତିନିଗୁଣରୂପ ବନ୍ଧନରୁ ମୁକ୍ତ ହେବାକୁ କହି, ସତ୍ତ୍ୱଗୁଣରେ ରହିବାକୁ କଦାଚ କହି ନାହାନ୍ତି ।

ଯାବାନର୍ଥଃ ଉଦପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ । ୨ୟ—୪୬

ଅନ୍ୱୟ—ସର୍ବତଃ ସଂପ୍ଲୁତୋଦକେ ଉଦପାନେ ଯାବାନ୍ ଅର୍ଥଃ ବିଜାନତଃ ବ୍ରାହ୍ମଣସ୍ୟ ସର୍ବେଷ ବେଦେଷୁ ତାବାନ୍ ଅର୍ଥଃ ।

ଅର୍ଥ—ସବୁଆଡ଼ ଜଳପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳାଶୟଟିରେ ଯେଉଁ ପ୍ରୟୋଜନ ବିଜ୍ଞାନୀ ବ୍ରାହ୍ମଣର ଅର୍ଥାତ୍ ବ୍ୟବସାୟାତ୍ମିକା ବୁଦ୍ଧି-ଯୁକ୍ତ

ବ୍ରାହ୍ମଣର ବେଦସବୁରେ ସେତିକି ପ୍ରୟୋଜନ ଅର୍ଥାତ୍ କୌଣସି ପ୍ରୟୋଜନ ନାହିଁ ।

ଟିପ୍ପଣି—"ସର୍ବେଷୁ ବେଦେଷୁ" କଥାଟିକୁ ଗୀତାର ଟୀକାକାର-ମାନେ ସର୍ବେଷୁ କର୍ମ କାଣ୍ଡେଷୁ ବୋଲି ଅର୍ଥ କରୁଅଛନ୍ତି । ମାତ୍ର କର୍ମକାଣ୍ଡ କଥା ଗୀତାରେ କୌଣସିଠାରେ ନାହିଁ । ପ୍ରଥମ ଅଧ୍ୟାୟ ଚତୁର୍ବିଂଶ ଶ୍ଲୋକରେ ଥିବା ସଙ୍କର କଥାଟିକୁ ବର୍ଣ୍ଣସଙ୍କର ବୋଲି ଅର୍ଥ କଲାପରି ବେଦ କଥାଟିକୁ ବେଦର କର୍ମକାଣ୍ଡ ବୋଲି ଅର୍ଥ କରାଯିବ କାହିଁକି ? "ସଙ୍କରରୁ ବର୍ଣ୍ଣସଙ୍କର" ନାମକ ମୋର ବହିଟି ଥରେ ପଢ଼ନ୍ତୁ ।

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି । ୨ୟ-୪୭

ଅନ୍ୱୟ—କର୍ମଣି ଏବ ତେ ଅଧିକାରଃ, ଫଳେଷୁ କଦାଚନ ମା (ଅସ୍ତୁ); (ତ୍ୱଂ) କର୍ମଫଳ ହେତୁଃ ମା ଭୂଃ, ତେ ଅକର୍ମଣି ସଙ୍ଗଃ ମା ଅସ୍ତୁ ।

ଅର୍ଥ—କର୍ମରେହିଁ ତୁମ୍ଭର ଅଧିକାର; ଫଳରେ ଅଧିକାର କଦାଚ ନାହିଁ । ତୁମ୍ଭେ କର୍ମଫଳ ହେତୁ ହୁଅନାହିଁ ଅର୍ଥାତ୍ କର୍ମଫଳ ପ୍ରାପ୍ତିର ଆଶା ତୁମ୍ଭର କର୍ମ ପ୍ରବୃତ୍ତିର କାରଣ ନହେଉ ଏବଂ ଅକର୍ମରେ ଅର୍ଥାତ୍ କର୍ମ ନ କରିବାରେ ତୁମ୍ଭର ଆସକ୍ତି ନରହୁ ।

ଟିପ୍ପଣୀ—"ଅଧିକାର" ଏହି କଥାଟିରୁ ପ୍ରକାଶ ଯେ କର୍ମ କରିବା ହେଉଛି ଜୀବନର ନିୟମ ଅର୍ଥାତ୍ ମନୁଷ୍ୟ ଜନ୍ମହୋଇଛି କେବଳ କର୍ମ୍ମ କରିବାପାଇଁ, ସେହି କର୍ମ୍ମ କରିବାପାଇଁ ବୁଦ୍ଧିର ପ୍ରୟୋଜନ, ଜ୍ଞାନର ପ୍ରୟୋଜନ, ଏବଂ ଅନ୍ୟସବୁର ପ୍ରୟୋଜନ । ମାତ୍ର ମନୁଷ୍ୟ ଠିକ୍ ବିପରୀତ ବାଟରେ ରହି ମନେ କରିଛି ବୁଦ୍ଧି ଜ୍ଞାନ ଏବଂ ଅନ୍ୟସବୁ ଅର୍ଜନ କରିବା ସକାଶେ କର୍ମ୍ମ କରିବା ଆବଶ୍ୟକ । କିପରିଭାବରେ କର୍ମ କରିବାକୁ ହେବ ତାହା ପରବର୍ତ୍ତୀ ଶ୍ଳୋକରେ କୁହାଯାଇଅଛି ।

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ । ୨ୟ-୪୮

ଅନ୍ୱୟ—ହେ ଧନଞ୍ଜୟ ! ଯୋଗସ୍ଥଃ ସନ୍, ସଙ୍ଗତ୍ୟକ୍ତ୍ୱା ସିଦ୍ଧ୍ୟସିଦ୍ଧ୍ୟୋଃ ସମଃ ଭୂତ୍ୱା କର୍ମାଣି କୁରୁ । ସମତ୍ୱଂ ଯୋଗଃ ଉଚ୍ୟତେ ।

ଅର୍ଥ—ହେ ଧନଞ୍ଜୟ ! ତୁମ୍ଭେ ଯୋଗସ୍ଥ ହୋଇ କର୍ମ କର ଅର୍ଥାତ୍ ଆସକ୍ତି ତ୍ୟାଗକରି, ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କର । ସମତ୍ୱକୁ ଯୋଗ କୁହାଯାଏ ।

ଟିପ୍ପଣୀ—ଯୋଗସ୍ଥ ହୋଇ କର୍ମ କରିବାକୁ କହିବା ସଙ୍ଗେ ସଙ୍ଗେ ଯୋଗ କାହାକୁ କହନ୍ତି ତାହା ବ୍ୟାସଦେବ ନିଜେ ବୁଝାଇଦେଇ କହିଲେ ଯେ ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କରିବାର ନାମ ଯୋଗ । ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କରିବାକୁ ହେଲେ ନିଜର ପବିତ୍ର ବିବେକ-ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା ଆବଶ୍ୟକ । ସେଇଥିପାଇଁ ପରବର୍ତ୍ତୀ ଶ୍ଳୋକରେ ବ୍ୟାସଦେବ ବୁଦ୍ଧିଯୋଗ କଥାଟି କହିବେ ଏବଂ ବୁଦ୍ଧିର ଶରଣ ନେଇ କର୍ମ କରିବାକୁ କହିବେ ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ । ୨ୟ-୪୯

ଅନ୍ୱୟ—ହେ ଧନଞ୍ଜୟ ! ବୁଦ୍ଧି-ଯୋଗାତ୍ କର୍ମ ହି ଦୂରେଣ ଅବରଂ; ତ୍ୱଂ ବୁଦ୍ଧୌ ଶରଣଂ ଅନ୍ୱିଚ୍ଛ, ଫଳହେତବଃ କୃପଣାଃ ।

ଅର୍ଥ—ହେ ଧନଞ୍ଜୟ ! ବୁଦ୍ଧିଯୋଗ ଅପେକ୍ଷା ଅର୍ଥାତ୍ ବୁଦ୍ଧି ସହିତ ସମ୍ବନ୍ଧ ରଖି କର୍ମ କରିବା ଅପେକ୍ଷା କର୍ମ, ଅର୍ଥାତ୍ ବୁଦ୍ଧି ସହିତ ସମ୍ବନ୍ଧ ନରଖି କର୍ମ କରିବା ଅନେକ ନିକୃଷ୍ଟ । ତୁମ୍ଭେ ବୁଦ୍ଧିର ଶରଣ ନେବାପାଇଁ ଇଚ୍ଛାକର । ଫଳ ପାଇବାପାଇଁ ଯେଉଁମାନେ କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି ।

ଟିପ୍ପଣୀ—ଯୋଗ କହିଲେ ଲୋକେ ଯାହା ବୁଝନ୍ତି ଗୀତା-ପ୍ରସ୍ତାବିତ ଯୋଗ ତାହା ନୁହେଁ । ବୁଦ୍ଧିଯୋଗ କହିଲେ କାଳେ ଲୋକେ ଜ୍ଞାନଯୋଗ କିମ୍ବା ଅନ୍ୟ କୌଣସି ପ୍ରକାର ଯୋଗ ବୁଝିବେ ବ୍ୟାସଦେବ ସେଥିପାଇଁ ପରବର୍ତ୍ତୀ ଶ୍ଳୋକ ଦୁଇଟିରେ କହିବେ ଯେ ବୁଦ୍ଧିଯୋଗ କଥାଟିର ଅର୍ଥ ହେଉଛି ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା ।

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତ-ଦୁଷ୍କୃତେ
ତସ୍ମାତ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳଂ । ୨ୟ-୫୦

ଅନ୍ୱୟ —ବୁଦ୍ଧିଯୁକ୍ତଃ ଇହ ସୁକୃତଦୁଷ୍କୃତେ ଉଭେ ଜହାତି; ତସ୍ମାତ୍ (ତ୍ୱଂ) ଯୋଗାୟ ଯୁଜ୍ୟସ୍ୱ, କର୍ମସୁ କୌଶଳଂ ଯୋଗଃ (ଉଚ୍ୟତେ) ।

ଅର୍ଥ—ବୁଦ୍ଧିଯୁକ୍ତ ବ୍ୟକ୍ତି ଏହି ସଂସାରରେ ସୁକୃତ ଓ ଦୁଷ୍କୃତ ଉଭୟ ତ୍ୟାଗ କରନ୍ତି । ଅତଏବ ତୁମ୍ଭେ ଯୋଗ ସକାଶେ ଯତ୍ନ କର, କର୍ମସବୁରେ ଯେ କୌଶଳ ତାହାର ନାମ ଯୋଗ ।

ଟିପ୍ପଣୀ—"ତସ୍ମାତ୍ ଅର୍ଥାତ୍ ଅତଏବ" ଏହି କଥାଟିରୁ ପ୍ରକାଶ ଯେ ଯୋଗ କଥାଟିର ଅର୍ଥ ହେଉଛି ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା । ଏହି ଏହି କର୍ମ ଭଲ ଅର୍ଥାତ୍ ଏହି ଏହି କର୍ମ କଲେ ମୁଁ ସିଦ୍ଧି ପାଇପାରିବ ଏବଂ ଏହି ଏହି କର୍ମ ମନ୍ଦ ଅର୍ଥାତ୍ ଏହି ଏହି କର୍ମ କଲେ ମୁଁ ସିଦ୍ଧି ପାଇପାରିବନାହିଁ ଏକଥା ବୁଦ୍ଧିଯୁକ୍ତ ବ୍ୟକ୍ତିର ଜାଣିବାର କୌଣସି ଆବଶ୍ୟକ ନାହିଁ ।

ସର୍ବପ୍ରଥମେ ମୁଁ କହିଥିଲି "ଯୋଗ କଥାଟିର ଅର୍ଥ ହେଉଛି କର୍ମ ଏକଥା ମନେ ରଖନ୍ତୁ, ଗୀତାରୁ ପରେ ଯାହା ବୁଝିବେ ତାହାହିଁ ଗ୍ରହଣ କରିବେ ।" ଗୀତାରୁ ବର୍ତ୍ତମାନ ବୁଝାଗଲା ଯେ ଯୋଗ କଥାଟିର ଅର୍ଥ ହେଉଛି ଯୁକ୍ତ ହେବା । କାହା ସହିତ ଯୁକ୍ତ ହେବା ? ଏହି ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଲେ, "ଯୋଗଃ କର୍ମସୁ କୌଶଳଂ" ଅର୍ଥାତ୍ ଯୁକ୍ତ ହେବାର ଅର୍ଥ ହେଉଛି କର୍ମ ସହିତ ଯୁକ୍ତହେବା କିମ୍ବା କର୍ମକୁ ବୁଦ୍ଧି ସହିତ ଯୋଗ କରିବା

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ
ଜନ୍ମବନ୍ଧବିନିର୍ମୁକ୍ତା ପଦଂ ଗଚ୍ଛନ୍ତ୍ୟନାମୟଂ । ୨ୟ-୫୧

ଅନ୍ୱୟ—ବୁଦ୍ଧିଯୁକ୍ତାଃ ମନୀଷିଣଃ କର୍ମଜଂ ଫଳଂତ୍ୟକ୍ତ୍ୱା ଜନ୍ମବନ୍ଧ ବିନିର୍ମୁକ୍ତ୍ୱା ଅନାମୟଂ ପଦଂ ଗଚ୍ଛନ୍ତି ।

ବୁଦ୍ଧିଯୁକ୍ତ ମନୀଷିମାନେ କର୍ମରୁ ଜାତ ଯେ ଫଳ ତାହା ତ୍ୟାଗ କରି ଜନ୍ମବନ୍ଧରୁ ବିମୁକ୍ତ ହୋଇ ଅନାମୟ ପଦକୁ ଯାଆନ୍ତି ।

ଟିପ୍ପଣୀ—ସର୍ବପ୍ରଥମେ କୁହାଯାଇଥିବା କର୍ମବନ୍ଧ କଥାଟିକୁ ବୁଝାଇବା ଅଭିପ୍ରାୟରେ ବ୍ୟାସଦେବ ଏଠାରେ ଜନ୍ମବନ୍ଧ କଥାଟି ବ୍ୟବହାର କରିଅଛନ୍ତି ।

ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟାସ୍ୟ ଶ୍ରୁତସ୍ୟ ଚ । ୨ୟ-୫୨

ଅନ୍ୱୟ—ଯଦା ତେ ବୁଦ୍ଧିଃ ମୋହକଲିଲଂ ବ୍ୟତିତରିଷ୍ୟତି, ତଦା (ତ୍ୱଂ) ଶ୍ରୋତବ୍ୟସ୍ୟ ଚ ଶ୍ରୁତସ୍ୟ ନିର୍ବେଦଂ ଗନ୍ତାସି ।

ଅର୍ଥ—ଯେତେବେଳେ ତୁମର ବୁଦ୍ଧି ମୋହରୂପ ଜଟିଳତାକୁ ଅତିକ୍ରମ କରିବ ସେତେବେଳେ ତୁମେ ଯାହାସବୁ ଶୁଣିଅଛ ଏବଂ ଯାହା ଶୁଣିବାକୁ ଇଚ୍ଛା କରୁଅଛ ସେଥିରୁ ଉଦାସୀନ ରହିବ ।

ଶ୍ରୁତି-ବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି । ୨ୟ-୫୩

ଅନ୍ୱୟ—ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ ଯଦା ସମାଧୌ ନିଶ୍ଚଳା ( ତଥା ) ଅଚଳା ସ୍ଥାସ୍ୟତି ତଦା ( ତ୍ୱଂ ) ଯୋଗଂ ଅବାପ୍ସ୍ୟସି ।

ଅର୍ଥ—ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କିମ୍ବା ବେଦଦ୍ୱାରା କିମ୍ବା ଶାସ୍ତ୍ର ଜ୍ଞାନଦ୍ୱାରା କିମ୍ବା ପୁସ୍ତକଗତ ଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମର ବୁଦ୍ଧି ଯେତେବେଳେ ଏକବିଷୟିଣୀ ହୋଇ ନିଶ୍ଚଳ ଓ ଅଚଳ ରହିବ ସେତେବେଳେ ଯାଇ ତୁମେ ଗୀତା-ପ୍ରଦର୍ଶିତ ଯୋଗ ପାଇପାରିବ ଅର୍ଥାତ୍ ଗୀତା-ପ୍ରଦର୍ଶିତ ସରଳ, ସୁଖପ୍ରଦ ଓ ନୂତନ ପଥର ଆଶ୍ରୟ ନେଇ ନିଜର ସ୍ୱଭାବ-ନିୟତ ଜୀବନ-ଯୁଦ୍ଧରେ ଅଗ୍ରସର ହେବାକୁ ଆରମ୍ଭ କରିପାରିବ ।

ଟିପ୍ପଣୀ—ଏହି ଶ୍ଳୋକଟିରୁ ପ୍ରକାଶ ଯେ ଗୀତା-ପ୍ରଦର୍ଶିତ ଯୋଗ ପାଇବାପାଇଁ କିମ୍ବା ପ୍ରକୃତ ଜୀବନଯାତ୍ରା ଆରମ୍ଭ କରିବାପାଇଁ ଶାସ୍ତ୍ରଜ୍ଞାନ ଓ ଶାସ୍ତ୍ରବିଧିର ଅନ୍ଧ ଅନୁସରଣ କେବଳ ଯେ ଅନାବଶ୍ୟକ ତାହା ନୁହେଁ ବରଂ ଅନ୍ତରାୟ ଅଟେ ।

ଏହି ଶେଷ ଦୁଇଟି ଶ୍ଳୋକ ବୁଝିବାକୁ ହେଲେ ପ୍ରଥମ ଅଧ୍ୟାୟରେ ଅର୍ଜୁନ ଯାହା କହିଥିଲେ ସେଥିରୁ ଗୋଟିଏ ଧାଡ଼ି ଜାଣିବା ଆବଶ୍ୟକ । ଅର୍ଜୁନ କହିଥିଲେ —

ନିୟତଂ ନରକେ ବାସୋ ଭବତୀତ୍ୟ—ଅନୁଶୁଶ୍ରୁମ । ୧ମ-୪୪

ଅର୍ଥ— ଚିରକାଳ ନରକବାସ ହୁଏ – ଏହି କଥା ଆମ୍ଭେମାନେ ଶୁଣି ଆସୁଅଛୁଁ ।

ଚିରକାଳ ନରକବାସ ହେବା ସମ୍ପୂର୍ଣ୍ଣ ଅଯୌକ୍ତିକ ; ମାତ୍ର ଆମ୍ଭେମାନେ ଶୁଣି ଆସୁଅଛୁଁ ଏହି କଥା କହି ଏବଂ ଏହି କାରଣ ପ୍ରଦର୍ଶାଇ ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିବାରୁ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟଚ । ( ୨ୟ – ୫୨ ) ଓ ଶ୍ରୁତି-ବିପ୍ରତିପନ୍ନା (୨ୟ – ୫୩) ଏହି ଦୁଇଟି କଥାରେ ଅର୍ଜୁନଙ୍କ ପ୍ରଦର୍ଶିତ ଅନୁଶୁଶ୍ରୁମ କଥାଟିକୁ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ଖଣ୍ଡନ କରିଅଛନ୍ତି । ମୋର "ଗୀତାର ସାରକଥା" ନାମକ ବହିରୁ ଏହି କଥାଟିର ବିଶେଷ ଆଲୋଚନା ଦେଖିପାରିବେ ।

ଏହି ପନ୍ଦରଟି ଶ୍ଳୋକରେ ଶ୍ରୀକୃଷ୍ଣଙ୍କର ପ୍ରଥମ ଉକ୍ତି ଶେଷ-ହେବାରୁ ପରବର୍ତ୍ତୀ ଶ୍ଳୋକରେ ଅର୍ଜୁନ ପଚାରିଲେ, "ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କର ଲକ୍ଷଣ କଅଣ ? ଅର୍ଜୁନଙ୍କର ଏହି ପ୍ରଶ୍ନରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ଏପର୍ଯ୍ୟନ୍ତ ବାରମ୍ବାର ବ୍ୟବହାର କରିଥିବା "ବୁଦ୍ଧି" କଥାଟିର ଅର୍ଥ ହେଉଛି ପ୍ରଜ୍ଞା, ଏ କଥା ଅର୍ଜୁନ ବୁଝିଲେ ।

## ଉପସଂହାର

ଏକଚାଳିଶ ଶ୍ଳୋକରେ କୁହାଯାଇଥିବା ' ବୁଦ୍ଧି ବହୁଶାଖା ବିଶିଷ୍ଟ ହେବା" କଥାଟିର ଅର୍ଥ ଯାହା ତେପନ ଶ୍ଳୋକରେ "ବୁଦ୍ଧି ଶ୍ରୁତି-ବିପ୍ରତିପନ୍ନା ହେବା" କଥାଟିର ଅର୍ଥ ତାହା । ଅବ୍ୟବସାୟୀ ଜନସାଧାରଣଙ୍କର ବୁଦ୍ଧି ଶ୍ରୁତି-ବିପ୍ରତିପନ୍ନା ଓ ବହୁଶାଖା ବିଶିଷ୍ଟ ହୋଇଥିବାରୁ ସେମାନେ ଗୀତା ପ୍ରଚାରିତ ନୂତନ ଶିକ୍ଷାର ଏବଂ ଗୀତା-ପ୍ରଦର୍ଶିତ ନୂତନ ପଥର ପରିଚୟ ପାଇ ପାରିନାହାନ୍ତି । ଶ୍ରୀକୃଷ୍ଣ-ଭଗବାନଙ୍କ ଅନୁଗ୍ରହରୁ ଗୀତା-ପ୍ରଦର୍ଶିତ ସେହି ନୂତନ ପଥର ପରିଚୟ ମୁଁ ପାଇଅଛି

ବୋଲି ମୋର ଦୃଢ଼ଧାରଣା ଜନ୍ମିଛି । ସେ ଯାହାହେଉ ସମସ୍ତେ ସେହି ଗୀତା-ପ୍ରଦର୍ଶିତ ପଥର ପରିଚୟ ପାଆନ୍ତୁ ଏହାହିଁ ମୋର ଏକାନ୍ତ ଇଚ୍ଛା । ସେହି ଇଚ୍ଛାର ବଶବର୍ତ୍ତୀ ହୋଇ ଗୀତା-ଧର୍ମର ପ୍ରଚାର ଓ ପ୍ରତିଷ୍ଠା ପରି ଗୁରୁତର କାର୍ଯ୍ୟରେ ଅଗ୍ରସର ହେବାକୁ ମୁଁ କର୍ତ୍ତବ୍ୟ ବୋଧ କରୁଅଛି । ଏପରି ଗୁରୁତର ବିଷୟର ଆଲୋଚନା କରିବାକୁ ଯାଇ କୌଣସି କୌଣସିଠାରେ ମୋର ଭ୍ରମ ରହିବା ସ୍ୱାଭାବିକ । ସେହିସବୁ ଭ୍ରମ ସଂଶୋଧନ କରି ପ୍ରକୃତ କଥା ବୁଝନ୍ତୁ ଏବଂ ଯେଉଁ କେତୋଟି କଥା ସଂଶୟଶୂନ୍ୟ ହୋଇ ବୁଝିଲେ ତଦନୁସାରେ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ । ଆଜିମଧ୍ୟ ନିଜର ଜୀବନର ଗତି ପରିବର୍ତ୍ତନ କରିବାର ଅଭିପ୍ରାୟ ନଥିଲେ ଗୀତାର କୌଣସି କଥାର ପ୍ରକୃତ ଅର୍ଥ ବୁଝିହେବନାହିଁ । ସବୁକଥା କେବଳ ବୁଝିବାକୁ ଇଚ୍ଛା ନକରି ଅର୍ଥାତ୍ ବୁଦ୍ଧିକୁ ବହୁଶାଖା ବିଶିଷ୍ଟ ନ କରି ଗୋଟିଏ କଥାକୁ ଭଲକରି ବୁଝି ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବା ଆବଶ୍ୟକ । ଏହି ବୁଦ୍ଧିକୁ ଗୀତାରେ ବ୍ୟବସାୟାତ୍ମିକା-ବୁଦ୍ଧି କୁହାଯାଇଅଛି । ନିଜର ଉପସ୍ଥିତ ଅବସ୍ଥା ନିଜକୁ ଓ ଲୋକଚକ୍ଷୁରେ ଯେତେ ଅଭ୍ରାନ୍ତ ବୋଧ ହେଲେ ମଧ୍ୟ ତାହା ପ୍ରକୃତରେ ଭ୍ରାନ୍ତ ଏକଥା ସର୍ବଦା ସ୍ମରଣ ରଖିବାକୁ ହେବ । ଭ୍ରାନ୍ତ ବା ବିଗୁଣ ହେଲେ ମଧ୍ୟ ସେହି ଭ୍ରାନ୍ତ ଓ ବିଗୁଣ ସ୍ୱଧର୍ମ ଉପରେ ବା ନିଜର ବ୍ୟକ୍ତିଗତ ସତ୍ୟ ଉପରେ ନିର୍ଭର କରିବା ବ୍ୟତୀତ ମନୁଷ୍ୟର ଅନ୍ୟ ଗତି ନାହିଁ । ସେହି ସ୍ୱଧର୍ମରେ ବା ସେହି ତଥାକଥିତ ଅଭ୍ରାନ୍ତ ଅବସ୍ଥାରେ ରହି ମଧ୍ୟ ସର୍ବଦା ମନେରଖିବାକୁ ହେବ ଯେ ଆମ୍ଭେମାନେ ରହିଛୁଁ ଅସତ୍ୟରେ, ଅନ୍ଧକାରରେ ଓ ମୃତ୍ୟୁରେ ଏବଂ ଏହି ଅବସ୍ଥାରୁ ଆମ୍ଭମାନଙ୍କୁ ସତ୍ୟ ଆଡ଼କୁ, ଆଲୋକ ଆଡ଼କୁ ଓ ଅମୃତ ଆଡ଼କୁ ଅଗ୍ରସର ହେବାକୁ ହେବ । ଅତଏବ ନିଜର ଜୀବନର ଗତି ପରିବର୍ତ୍ତନ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଏକାନ୍ତ ଆବଶ୍ୟକ ।

ଅସତୋ ମା ସଦ୍ ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋ ର୍ମାଽମୃତଂ ଗମୟ ।

# ଗୀତାର ନୂତନ ସତ୍ୟ

ଯୁଦ୍ଧକ୍ଷେତ୍ରରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଥିଲା ଏବଂ ଯାହା ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଞ୍ଜୟ କହିଥିଲେ, ଗୀତା ହେଉଛି ତାହାର ସମ୍ବାଦ । ମାତ୍ର ଯେଉଁ ଯୁଦ୍ଧକୁ ଅବଲମ୍ବନ କରି ଗୀତାକାର ଗୀତା ରଚନା କରିଅଛନ୍ତି, ତାହା ମହାଭାରତର ଐତିହାସିକ ଯୁଦ୍ଧ ନୁହେଁ ଏବଂ ଯେଉଁ ଶ୍ରୀକୃଷ୍ଣଙ୍କୁ ଓ ଅର୍ଜୁନଙ୍କୁ ଅବଲମ୍ବନ କରି ସେ ଗୀତା ରଚନା କରିଅଛନ୍ତି, ସେହି ଶ୍ରୀକୃଷ୍ଣ ଓ ଅର୍ଜୁନ ମହାଭାରତର ଐତିହାସିକ ଶ୍ରୀକୃଷ୍ଣ ଓ ଐତିହାସିକ ଅର୍ଜୁନ ନୁହନ୍ତି । କାରଣ, କେବଳ ଅର୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ କରିବା ପାଇଁ ଶ୍ରୀକୃଷ୍ଣ ଜଗତକୁ ଆସିନଥିଲେ । ସେ ଯଦି କେବେ ଜଗତକୁ ଆସିଥିଲେ, ସେ ନିଶ୍ଚୟ ଆସିଥିଲେ, ଆମ ସମସ୍ତଙ୍କ ପାଇଁ, ସମସ୍ତ ମାନବସମାଜକୁ ତଥା ପ୍ରତ୍ୟେକ ମନୁଷ୍ୟଙ୍କୁ ଯୁଦ୍ଧରେ ନିଯୁକ୍ତ କରିବାପାଇଁ । ଅତଏବ ଗୀତାର ଯୁଦ୍ଧକ୍ଷେତ୍ର ହେଉଛି, ସଂସାର ରୂପ ଯୁଦ୍ଧକ୍ଷେତ୍ର ବା କୁରୁକ୍ଷେତ୍ର ବା କର୍ମକ୍ଷେତ୍ର ଏବଂ ଏହି କର୍ମକ୍ଷେତ୍ର ହେଉଛି ପ୍ରକୃତରେ ଧର୍ମକ୍ଷେତ୍ର । ଏହି କଥା ବୁଝାଇବାପାଇଁ ଗୀତାକାର ଗୀତାର ଆରମ୍ଭରେ ଲେଖିଅଛନ୍ତି—

"ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ" ।

ଗୀତାର ଅର୍ଜୁନ ହେଉଛନ୍ତି, ଜାତି-ଧର୍ମ ନିର୍ବିଶେଷରେ କି ପୁରୁଷ, କି ସ୍ତ୍ରୀ, ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ । ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ମାନବ ଜାତିର ତଥା ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଗୁରୁ ବା ଜଗଦ୍‌ଗୁରୁ । ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ ହେଉଛୁଁ, ସେହି ଏକମାତ୍ର ଜଗଦ୍‌ଗୁରୁଙ୍କର ଗୁରୁଭାଇ । "ଗୁରୁଭାଇ" ଏହି କଥାଟିର ଅର୍ଥ ହିନ୍ଦୁ ସମାଜର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି । ମାତ୍ର ମୁସଲମାନ, ଖ୍ରୀଷ୍ଟିଆନ ପ୍ରଭୃତି ଅନ୍ୟ ଅନ୍ୟ ସମାଜ ସବୁର ଅଧିକାଂଶ ଲୋକ ଗୁରୁଭାଇ

କଥାଟିର ବିଶେଷତ୍ୱ ବୁଝିପାରିବେ ନାହିଁ । କୌଣସି ନିର୍ଦ୍ଦିଷ୍ଟ ଗୁରୁଙ୍କଠାରୁ ଯେଉଁମାନେ ଗୁରୁମନ୍ତ୍ର ଗ୍ରହଣ କରିଥାଆନ୍ତି କିମ୍ବା କୌଣସି ଗୁରୁଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିବା ସମ୍ପ୍ରଦାୟରେ ଦଳଭୁକ୍ତ ହୁଅନ୍ତି, ସେପରି ଶିଷ୍ୟମାନେ ହେଉଛନ୍ତି, ସେହି ଗୁରୁଙ୍କର ବା ସେହି ସମ୍ପ୍ରଦାୟର ଗୁରୁଭାଇ । କୌଣସି ପିତାଙ୍କର ସନ୍ତାନମାନେ ଯେପରି ପ୍ରତ୍ୟେକ ପ୍ରତ୍ୟେକର ଭାଇ, କୌଣସି ଗୁରୁଙ୍କର କିମ୍ବା କୌଣସି ସମ୍ପ୍ରଦାୟର ଶିଷ୍ୟମାନେ ସେହିପରି ପ୍ରତ୍ୟେକ ପ୍ରତ୍ୟେକର ଭାଇ । କାରଣ, ଗୁରୁ ହେଉଛନ୍ତି ପିତା କିମ୍ବା ପିତାଙ୍କଠାରୁ ମଧ୍ୟ ଅଧିକ, ଏହା ଶିଷ୍ୟମାନଙ୍କର ବିଶ୍ୱାସ । ଜାତି-ଧର୍ମ ନିର୍ବିଶେଷରେ ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ ହେଉଛୁ, ଶ୍ରୀକୃଷ୍ଣଙ୍କର ଅଂଶ ବା ଶ୍ରୀକୃଷ୍ଣଙ୍କର ସନ୍ତାନ, ଏକଥା ଶ୍ରୀକୃଷ୍ଣ ନିମ୍ନଲିଖିତ ଉକ୍ତିରେ କହିଅଛନ୍ତି :—

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ । ୧୫ଶ-୭

"କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍"—ଏହି କଥାଟି ଆମ୍ଭେମାନେ ଭଲରୂପେ ଜାଣୁ । ମାତ୍ର "କୃଷ୍ଣ", ଏହି ନାମଟିକୁ ସର୍ବଦା ମାଳି ଧରି ଜପିଲେ କିମ୍ବା କୃଷ୍ଣଙ୍କର ମୂର୍ତ୍ତିଟିଏ କଳ୍ପନା କରି ସେହି ମୂର୍ତ୍ତିଟିକୁ ଫୁଲ ଚନ୍ଦନ ଦେଇ ପୂଜାକଲେ ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ପ୍ରକୃତ ବନ୍ଦନା ହେବ ନାହିଁ । ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି, ପ୍ରତ୍ୟେକ ମନୁଷ୍ୟର ତଥା ସମସ୍ତ ମନୁଷ୍ୟ-ଜାତିର ଏକମାତ୍ର ଗୁରୁ, ଏ କଥା ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରିବା ଏବଂ ସେହି ଶ୍ରୀକୃଷ୍ଣଙ୍କୁ ଗୁରୁଭାବରେ ଗ୍ରହଣ କରି ତାଙ୍କର ଉପଦେଶ ଅନୁସାରେ ଜୀବନଗଠନ କରିବା ଏକାନ୍ତ ଆବଶ୍ୟକ । ସେହି ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ପରିଚୟ ପାଇ ନ ଥିବାରୁ ଲୋକେ ମାୟାଜଡ଼ିତ ମନୁଷ୍ୟଗୁରୁଙ୍କ ଭିନ୍ନ ଭିନ୍ନ ମନୁଷ୍ୟଙ୍କୁ ଗୁରୁ କରି ଭିନ୍ନ ଭିନ୍ନ ସମ୍ପ୍ରଦାୟ ସୃଷ୍ଟି କରିଅଛନ୍ତି ଓ କରୁଅଛନ୍ତି । ଭିନ୍ନ ଭିନ୍ନ ସମ୍ପ୍ରଦାୟ ସୃଷ୍ଟିକରି ଯାହା ଯାହା କରିଅଛନ୍ତି ଓ ଆଜିମଧ୍ୟ କରୁଅଛନ୍ତି ତାହା ଲେଖିବା ଅନାବଶ୍ୟକ । ଶ୍ରୀକୃଷ୍ଣଙ୍କର ପରିଚୟ ପାଇ ତାଙ୍କୁ ଗୁରୁଭାବରେ ଗ୍ରହଣ କରି ପାରିଲେ ମନୁଷ୍ୟଙ୍କୁ ଗୁରୁ କରି ଉପସ୍ଥିତ ଦୁରବସ୍ଥା ଭୋଗ କରିବାକୁ ହେବନାହିଁ । ସେହି ସେହି ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ପରିଚୟ ଦେବାହିଁ ଗୀତାକାରଙ୍କର ଅଭିପ୍ରାୟ । ଅତଏବ ଗୀତାରୁ ଶ୍ରୀକୃଷ୍ଣଙ୍କର ପ୍ରକୃତ ଓ ପ୍ରତ୍ୟକ୍ଷ ପରିଚୟ

ପାଇବାକୁଁ ଗୀତାପାଠର ଚରମ ଲକ୍ଷ୍ୟ ହେବା ଆବଶ୍ୟକ । ଏହି ଲକ୍ଷ୍ୟ ପ୍ରତି ଦୃଷ୍ଟି ରଖି ଗୀତାକୁ ଥରେ ମାତ୍ର ମନଯୋଗ ପୂର୍ବକ ପଢ଼ିଲେ ଆମ୍ଭେମାନେ ଶ୍ରୀକୃଷ୍ଣଙ୍କର ପରିଚୟ ପାଇପାରିବୁ । ଶ୍ରୀକୃଷ୍ଣଙ୍କର ପରିଚୟ ପାଇ ତାଙ୍କୁ ଗୁରୁଭାବରେ ଗ୍ରହଣ କରିପାରିଲେ ଆଉ ଗୀତା ପଢ଼ିବାର କିମ୍ବା ଅନ୍ୟ କୌଣସି ଧର୍ମଗ୍ରନ୍ଥ ପଢ଼ିବାର ଆବଶ୍ୟକ ହେବନାହିଁ ।

ଶ୍ରୀକୃଷ୍ଣଙ୍କୁ ଗୀତାକାର ଅର୍ଜୁନଙ୍କର ଚିରସଖା, ସାରଥି ଓ ଗୁରୁ ଭାବରେ ବର୍ଣ୍ଣନା କରିଅଛନ୍ତି ଏବଂ ସେହି ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ମନୁଷ୍ୟଜାତିର ତଥା ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟକ୍ଷ ଭଗବାନ, ଏ କଥା ମଧ୍ୟ ଅତି ସୁକୌଶଳରେ ବର୍ଣ୍ଣନା କରିଅଛନ୍ତି । ଅର୍ଜୁନ ସର୍ବପ୍ରଥମେ ଶ୍ରୀକୃଷ୍ଣଙ୍କୁ ନିଜର ଚିରସଖା ବୋଲି ଜାଣିଥିଲେ । ମାତ୍ର ସେହି ଶ୍ରୀକୃଷ୍ଣ ଯେ ଜୀବନଯୁଦ୍ଧରେ ଏକମାତ୍ର ସାରଥି, ଏକଥା ଅର୍ଜୁନ ପ୍ରଥମରୁ ଜାଣି ନଥିଲେ । ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବା ପରେ ଅର୍ଜୁନ ସେହି ଚିରସଖା ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରିଥିଲେ (୧ମ-୧୬) । ସେହି ସାରଥି ଯେ ସବୁ ପ୍ରକାର ସଂଶୟ ଦୂର କରିବା ପାଇଁ ଏକମାତ୍ର ଗୁରୁ, ଏ କଥା ମଧ୍ୟ ଅର୍ଜୁନ ଜାଣି ନଥିଲେ । ନିଜର ଭାଇ, ବନ୍ଧୁ ଓ ଗୁରୁଶ୍ରେଣୀୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବେ କି ନାହିଁ ଏବଂ ଯୁଦ୍ଧ କଲେ କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ନଷ୍ଟ ହୋଇଯିବ ଏବଂ କୁଳଧର୍ମ ନଷ୍ଟ ହେଲେ ଚିରକାଳ ପାଇଁ ନରକବାସ ହେବ ଏବଂ ପିଣ୍ଡୋଦକକ୍ରିୟା ଲୁପ୍ତ ହୋଇ ପିତୃଗଣଙ୍କର ପତନ ହେବ, ଏହି ସବୁ ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରିବା ଫଳରୁ ( ୧ମ-୪୦.୪୬ ) ଅର୍ଜୁନଙ୍କ ହୃଦୟରେ ନାନା ପ୍ରକାର ସଂଶୟ ଉପସ୍ଥିତ ହେଲା ଏବଂ ଏହିସବୁ ସଂଶୟ ଦୂର କରିବାପାଇଁ ସେ ଶ୍ରୀକୃଷ୍ଣଙ୍କୁ ଗୁରୁ ଭାବରେ ଗ୍ରହଣ କରି ମଧ୍ୟ ସେହି ଶ୍ରୀକୃଷ୍ଣ ଯେ ସମସ୍ତ ମନୁଷ୍ୟଜାତିର ଏକମାତ୍ର ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ଏକଥା ଅର୍ଜୁନ ଜାଣି ନଥିଲେ । ନିଜର ପ୍ରତ୍ୟେକ ସଂଶୟ ଅର୍ଜୁନ ଗୋଟି ଗୋଟି କରି ଶ୍ରୀକୃଷ୍ଣଙ୍କ ସାହାଯ୍ୟରେ ଦୂର କରାଇଲେ ଏବଂ ଅର୍ଜୁନଙ୍କର ସଂଶୟ ସବୁ ଦୂର କରିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ ଅତି ସୁକୌଶଳରେ ଅର୍ଜୁନଙ୍କୁ ନିଜର ପ୍ରକୃତ ପରିଚୟ ଓ ପ୍ରତ୍ୟକ୍ଷ ପରିଚୟ ଦେଲେ । ଗୀତାକାରଙ୍କର ଏପରି ବର୍ଣ୍ଣନାରୁ ଜାଣିବା ଆବଶ୍ୟକ ଯେ ନିଜର

ସ୍ୱଭାବନିଯୁତ ଜୀବନଯୁଦ୍ଧରେ ଅବତୀର୍ଣ୍ଣ ନ ହେଉଣୁ ଶ୍ରୀକୃଷ୍ଣଙ୍କୁ ପ୍ରତ୍ୟକ୍ଷ ଭଗବାନ ବୋଲି ଜାଣିନେବାକୁ ବ୍ୟାକୁଳ ହେବାର କୌଣସି ମୂଲ୍ୟ ନାହିଁ । ଯଥା ସମୟରେ ଶ୍ରୀକୃଷ୍ଣ ନିଜର ପ୍ରକୃତ ପରିଚୟ ଓ ପ୍ରତ୍ୟକ୍ଷ ପରିଚୟ ପ୍ରତ୍ୟେକ ମନୁଷ୍ୟଙ୍କୁ ନିଜେ ଦେବେ । ଆମ୍ଭମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି, ଶ୍ରୀକୃଷ୍ଣଙ୍କୁ ଚିରସଖା ଓ ସାରଥି ଭାବରେ ଗ୍ରହଣ କରି ନିଜ ନିଜର ସ୍ୱଭାବନିଯୁତ ଜୀବନଯୁଦ୍ଧରେ ଅବତୀର୍ଣ୍ଣ ହେବା ଏବଂ ସବୁ ପ୍ରକାର ରକ୍ଷଣଶୀଳତା ବା ଜଡ଼ତା ଓ ସବୁପ୍ରକାର ଅନ୍ଧ ଅନୁସରଣ ପରିତ୍ୟାଗ କରି ବିବେକାନୁମୋଦିତ କର୍ମ କରିବା । ସେଥିପାଇଁ ଶ୍ରୀକୃଷ୍ଣ ସର୍ବପ୍ରଥମେ ଅର୍ଜୁନଙ୍କୁ କହିଅଛନ୍ତି —

> ମା କ୍ଲୈବ୍ୟଂ ଗଚ୍ଛ କୌନ୍ତେୟ । ନୈତତ୍ତ୍ୱୟ୍ୟୁପପଦ୍ୟତେ । ୨ୟ-୩

ଅର୍ଥ—ହେ କୌନ୍ତେୟ ! ଜଡ଼ତା ଅବଲମ୍ବନ କର ନାହିଁ; ଏହା ତୁମ୍ଭ ପକ୍ଷରେ ଉପଯୁକ୍ତ ହେଉନାହିଁ ।

ଗୀତାର ସର୍ବପ୍ରଧାନ ଉପଦେଶ ହେଉଛି—ଜଡ଼ତା ପରିତ୍ୟାଗ କର ଓ ଯୁଦ୍ଧ କର । ଶ୍ରୀକୃଷ୍ଣ ବାରମ୍ବାର କହୁଛନ୍ତି—ଉଠ, ଯୁଦ୍ଧ କର, କର୍ତ୍ତବ୍ୟନିଷ୍ଠ ହୁଅ ଓ ଆନନ୍ଦ ଭୋଗ କର ।

> ତସ୍ମାତ୍ ଉତ୍ତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ । ୨ୟ-୩୭ ।
> ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ ୭ ।
> ତସ୍ମାତ୍ ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
> ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ । ୧୧ଶ-୩୩ ।

ଅର୍ଥ—ଅତଏବ ହେ କୌନ୍ତେୟ ! ଯୁଦ୍ଧ କରିବାକୁ କୃତସଙ୍କଳ୍ପ ହୋଇ ଉଠ (୨ୟ-୩୭) ॥ ସର୍ବଦା ମୋତେ ସ୍ମରଣ କର ଓ ଯୁଦ୍ଧ କର (୮ମ-୭) ॥ ଉଠ, ଯଶଲାଭ କର ଓ ଶତ୍ରୁମାନଙ୍କୁ ଜୟକରି ସମୃଦ୍ଧରାଜ୍ୟ ଭୋଗକର (୧୧ଶ-୩୩) ॥

ଉଠ, ଯୁଦ୍ଧକର ଓ ସମୃଦ୍ଧରାଜ୍ୟ ଭୋଗକର — ଏକଥା ଶ୍ରୀକୃଷ୍ଣ ଆମ ସମସ୍ତଙ୍କୁ ଓ ପ୍ରତ୍ୟେକଙ୍କୁ କହୁଛନ୍ତି । ମହାଭାରତର କୁନ୍ତୀପୁତ୍ର ଅର୍ଜୁନଙ୍କୁ

କେବଳ୍ କଳ୍ପନାପ୍ରାନ୍ତ । ଏକଥା ଉତ୍ତମରୂପେ ଉପଲବ୍ଧି କରିବା ଆବଶ୍ୟକ । ତାହା ନହେଲେ ଗୀତାର କୌଣସି ମୂଲ୍ୟ ନାହିଁ ।

ସମସ୍ତ ଅଠର ଅଧ୍ୟାୟ ବୁଝାଇସାରି ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହି-ଅଛନ୍ତି—

ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ । ୧୮ଶ-୪୮ ।

ଅର୍ଥ – ହେ କୌନ୍ତେୟ ! ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

ଯଶଲାଭ ପାଇଁ ଓ ରାଜ୍ୟସୁଖ ଭୋଗ କରିବାପାଇଁ ନରହତ୍ୟା କରିବା ହେଉଛି, ଅର୍ଜ୍ଜୁନଙ୍କର ସହଜାତ କର୍ମ ବା ସ୍ୱଭାବନିୟତ କର୍ମ ବା ସ୍ୱଧର୍ମ । ପୂର୍ବବର୍ତ୍ତୀ ଶ୍ଳୋକଟି ବୁଝିଲେ ଜାଣିପାରିବେ ଯେ ସ୍ୱଧର୍ମ, ସ୍ୱଭାବ ନିୟତ କର୍ମ ଓ ସହଜାତ କର୍ମ ଏମାନେ ଏକା କଥା । ଅର୍ଜ୍ଜୁନଙ୍କର ଏହି ସହଜାତ କର୍ମ ଅର୍ଥାତ୍ ଯଶଲାଭ କରିବା ପାଇଁ ଓ ରାଜ୍ୟ ସୁଖ ଭୋଗ କରିବାପାଇଁ ନରହତ୍ୟା କରିବା ହେଉଛି ଗୋହତ୍ୟା କରି ଜୀବିକା ନିର୍ବାହ କରିବା ଅପେକ୍ଷା ଅନେକ ଗୁଣରେ ଅଧିକ ଦୋଷଯୁକ୍ତ । ମାତ୍ର ଏପରି ଦୋଷଯୁକ୍ତ କର୍ମରେ ନିଯୁକ୍ତ ରହିବାକୁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କପରି ଉପଦେଶ ଦେଉଅଛନ୍ତି, ତାହା ଉତ୍ତମରୂପେ ଚିନ୍ତା କରିବା ଆବଶ୍ୟକ ।

"ସହଜାତ କର୍ମ" ଏହି କଥାଟିର ଆଲୋଚନା ଗୀତାରେ ଯଥା ସ୍ଥାନରେ ଦେଖିପାରିବେ । ଏଠାରେ କେବଳ ଏତିକି ଜାଣିବା ଆବଶ୍ୟକ ଯେ, ଅର୍ଜ୍ଜୁନଙ୍କର ନରହତ୍ୟା ରୂପ ଏହି ଦୋଷ ଯୁକ୍ତ କର୍ମ ନିଶ୍ଚୟ ବ୍ୟକ୍ତିଗତ କର୍ମ ଅଟେ, ଏହା କଦାଚ ଜାତିଗତ କର୍ମ ବା ସମଷ୍ଟିଗତ କର୍ମ ନୁହେଁ । କାରଣ ଅର୍ଜ୍ଜୁନ ହେଉଛନ୍ତି ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି, ଯାହା ସର୍ବପ୍ରଥମେ କୁହାଯାଇଅଛି ।

ନରହତ୍ୟା କରୁଥିବା ବ୍ୟକ୍ତିଠାରୁ ଆରମ୍ଭ କରି ମାନବସମାଜର ମଙ୍ଗଳ ପାଇଁ ନିଜର ଜୀବନ ପର୍ଯ୍ୟନ୍ତ ଉତ୍ସର୍ଗ କରୁଥିବା ଦେବୋପମ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ମାନବ ସମାଜ ଗୋଟିଏ ମାତ୍ର ନିୟମରେ ଆବଦ୍ଧ ଓ ପରିଚାଳିତ, ଅତଏବ ନରହତ୍ୟା କରୁଥିବା ବ୍ୟକ୍ତି ପକ୍ଷରେ ଯେଉଁ ଉପଦେଶ ପ୍ରଯୁଜ୍ୟ, ନିଜର ଜୀବନ ପର୍ଯ୍ୟନ୍ତ ଉତ୍ସର୍ଗ କରୁଥିବା ବ୍ୟକ୍ତି

ପକ୍ଷରେ ମଧ୍ୟ ସେହି ଉପଦେଶ ପ୍ରଯୁଜ୍ୟ । ନରହତ୍ୟା ରୂପ ଦୋଷଯୁକ୍ତ କର୍ମର ଉପମାଟି ଦେଇ ଗୀତାକାର ଗୀତା ରଚନା କରିବାର ଅଭିପ୍ରାୟ ଏହିକି ନରହତ୍ୟା କରୁଥିବା ବ୍ୟକ୍ତି ଯାହା ବୁଝିପାରିବ, ନିଜର ଜୀବନ ପର୍ଯ୍ୟନ୍ତ ଉତ୍ସର୍ଗ କରୁଥିବା ବ୍ୟକ୍ତି ତାହା ସହଜରେ ବୁଝିପାରିବ । ମାତ୍ର ନିଜର ଜୀବନ ଉତ୍ସର୍ଗ କରୁଥିବା ବ୍ୟକ୍ତି ପକ୍ଷରେ ଯାହା ପ୍ରଯୁଜ୍ୟ ଓ ସେ ଯାହା ଯାହା ବୁଝିପାରିବ, ନରହତ୍ୟା କରୁଥିବା ବ୍ୟକ୍ତି ତାହା ବୁଝି-ପାରିବ ନାହିଁ ।

ଅନ୍ୟ ଗୋଟିଏ କଥା ଏଠାରେ ମନେ ରଖିବାକୁ ହେବ ଯେ ନରହତ୍ୟା କରିବାକୁ ଅର୍ଜ୍ଜୁନ ପାପ ମନେ କରୁନାହାନ୍ତି, ପାପ ମନେ କରୁଅଛନ୍ତି ସ୍ୱଜନ ହତ୍ୟା କରିବାକୁ, ଯାହା ଅର୍ଜ୍ଜୁନଙ୍କର ନିମ୍ନଲିଖିତ ଉକ୍ତି ଗୁଡ଼ିକରୁ ପ୍ରକାଶ ।

ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ । ୧ମ-୩୭ ।
କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ । ୧ମ-୩୯ ।

ତାପରେ ଅର୍ଜ୍ଜୁନ କହିଲେ—"ଯୁଦ୍ଧ କଲେ କୁଳକ୍ଷୟ ହେବ । କୁଳକ୍ଷୟ ହେଲେ କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ନଷ୍ଟ ହୋଇଯିବ । ଏହି ସବୁ ଧର୍ମ ନଷ୍ଟ ହେଲେ ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ ପିତୃଗଣଙ୍କର ପତନ ହେବ ଏବଂ କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହେବ ।" ୧ମ-୪୦, ୪୪ । ଏହି ସବୁ କଥା କହିସାରି ଅର୍ଜ୍ଜୁନ ପରିଶେଷରେ କହିଲେ—"ଇତି ଅନୁଶୁଶ୍ରୁମ" ଅର୍ଥାତ୍ ଏହି ସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁ । ଅର୍ଜ୍ଜୁନଙ୍କଠାରୁ ଏହି କଥା ଶୁଣି ଶ୍ରୀକୃଷ୍ଣ ତାଙ୍କୁ ଅନାର୍ଯ୍ୟ, କ୍ଲୀବ ଓ କ୍ଷୁଦ୍ର ବୋଲି ତିରସ୍କାର କଲେ । ୨ୟ-୨ ଓ ୩ । ତାପରେ ଶ୍ରୀକୃଷ୍ଣ ଯୁକ୍ତିଯୁକ୍ତ କାରଣ ଦେଖାଇ ବୁଝାଇ ଦେଲେ ଯେ, ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରି ନିଜ ନିଜର କର୍ତ୍ତବ୍ୟରୁ ବା ସ୍ୱଧର୍ମରୁ ନିବୃତ୍ତ ହେବା ଉଚିତ ନୁହେଁ ।

ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ୧୮ଶ-୬୬ ।

ଏହି ଉପଦେଶଟି ହେଉଛି ଶ୍ରୀକୃଷ୍ଣଙ୍କର ଚରମ ଉପଦେଶ । ଏହି ଉପଦେଶରେ ଅର୍ଜ୍ଜୁନଙ୍କ ଯୁକ୍ତିକୁ ଖଣ୍ଡନ କରି ସେ କହୁଛନ୍ତି—

"କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଓ ପିଣ୍ଡୋଦକ କ୍ରିୟା ପ୍ରଭୃତି ଯାବତୀୟ ଧର୍ମ ବା ଧର୍ମ ନାମରେ ଯାବତୀୟ ଅନ୍ଧ ଅନୁସରଣ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ, ଅର୍ଥାତ୍, ନିଜର ପବିତ୍ର ବିବେକବୁଦ୍ଧିର ଶରଣ ନେଇ କର୍ମ କର ।"

ଗୋଟିଏ ଉଦାହରଣ ଦ୍ୱାରା କଥାଟିକୁ ଉତ୍ତମ ରୂପେ ବୁଝାଯାଉ । ଗୋହତ୍ୟା କରି ଜୀବିକା ନିର୍ବାହ କରିବା ଯେଉଁ ବ୍ୟକ୍ତିର ସହଜାତ କର୍ମ, ଏପରି କଂସେଇ ସ୍ୱଭାବ ନେଇ ଜନ୍ମଗ୍ରହଣ କରିଥିବା କୌଣସି ବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ କହିଲା—"ଗୋହତ୍ୟା କଲେ ଚିରକାଳ ପାଇଁ ନରକବାସ ହୁଏ, ଏପରି କଥା ମୁଁ ଲୋକମୁଖରୁ ଓ ଧର୍ମଗ୍ରନ୍ଥମାନଙ୍କରୁ ଶୁଣି ଆସୁଅଛି । ଅତଏବ ମୁଁ ବରଂ ଭିକ୍ଷାନ୍ନ ଦ୍ୱାରା ଜୀବିକାନିର୍ବାହ କରିବି, ମାତ୍ର ଗୋହତ୍ୟାରୂପ ଏପରି ଦୋଷଯୁକ୍ତ କର୍ମ କରିବି ନାହିଁ ।" ସେହି ବ୍ୟକ୍ତିଠାରୁ ଏପରି କଥା ଶୁଣି ଶ୍ରୀକୃଷ୍ଣ କହିଲେ—"ଶୁଣିବା କଥା ଉପରେ ନିର୍ଭର କରି, ଅର୍ଥାତ୍, ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରି ନିଜର ସହଜାତ କର୍ମ ପରିତ୍ୟାଗ କରିବା ଉଚିତ ନୁହେଁ । ସ୍ୱଭାବ ନିୟତ କର୍ମ ବା ସହଜାତ କର୍ମ କରିବାରେ କୌଣସି ପାପ ନାହିଁ ।"

ସ୍ୱଭାବ ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ । ୧୮ଶ-୪୭ ।

ଗୋହତ୍ୟା କରି ମଧ୍ୟ ସେହି କର୍ମ ଦ୍ୱାରା ତାହାଙ୍କୁ ( ସେହି ଅନ୍ତର୍ଯ୍ୟାମୀ ସତ୍ତ୍ୱଙ୍କୁ ) ଅଭ୍ୟର୍ଚ୍ଚନା କରି ତୁ ସିଦ୍ଧି ପାଇପାରିବୁ ।
ସ୍ୱ କର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬ ।

"ମାତ୍ର ତୁ ଯଦି ଗୋହତ୍ୟା ରୂପ ତୋର ଏହି ସ୍ୱଭାବନିୟତ କର୍ମ ପରିତ୍ୟାଗ କରି ପରଧର୍ମର ତଥା ପରକର୍ମର ଅନ୍ଧାନୁସରଣ କରୁ, ଅର୍ଥାତ୍, ସ୍ୱକର୍ମ ପରିତ୍ୟାଗ କରି ସନ୍ନ୍ୟାସବ୍ରତ ଅବଲମ୍ବନ କରୁ କିମ୍ବା ଭିକ୍ଷା ପୋଡ଼ି ଏବଂ ନିଜର ଉପାର୍ଜିତ ଅର୍ଥର ଅସଦ୍ ବ୍ୟବହାର କରି ସ୍ୱର୍ଗକୁ ଯିବାର ଦୁରାଶା ପୋଷଣ କରୁ, ତୁ ସିଦ୍ଧି ପାଇ ପାରିବୁ ନାହିଁ । ମୁଁ ସାରଥି ଭାବରେ କର୍ମ କରୁଛି, ତୁ ଗୋହତ୍ୟା କରି ଜୀବିକା ନିର୍ବାହ

କର ।" ଏହାହିଁ ଗୀତାଧର୍ମର ବିଶେଷତ୍ୱ ଓ ନୂତନତ୍ୱ । ଏହିପରି ଅନେକ ଉପଦେଶ ଦେଇସାରି ଶ୍ରୀକୃଷ୍ଣ ପରିଶେଷରେ କହିଲେ—

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାତ୍ ଗୁହ୍ୟତରଂ ମୟା,
ବିମୃଶ୍ୟୈତଦ ଶେଷେଣ ଯଥେଚ୍ଛସି ତଥା କୁରୁ । ୧୮ ଶ-୬୩ ।

ଅର୍ଥ—ମୁଁ ତୁମ୍ଭଙ୍କୁ ଗୁହ୍ୟରୁ ଗୁହ୍ୟତର କଥା ସବୁ କହିଲି । ଏହିସବୁ କଥା ସମ୍ପୂର୍ଣ୍ଣରୂପେ ବିଚାର କରି, ତୁମ୍ଭର ଯାହା ଇଚ୍ଛା ତାହା କର । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ତାଙ୍କ ପ୍ରତି ଗୁରୁଭକ୍ତି ଦେଖାଇ ତାଙ୍କ ଉପଦେଶର ମଧ୍ୟ ଅନ୍ଧ ଅନୁସରଣ କର ନାହିଁ । ଏଠାରେ ଗୀତାକାର ଯେଉଁ ଉପଦେଶ ଦେଇଅଛନ୍ତି, ଭାରତର ସର୍ବଶ୍ରେଷ୍ଠ ମାନବ ବୁଦ୍ଧଦେବ ମଧ୍ୟ ଠିକ୍ ସେହି ଉପଦେଶ ଦେଇଅଛନ୍ତି । ବୁଦ୍ଧଦେବ ଯେଉଁସବୁ ଉପଦେଶ ଦେଇଅଛନ୍ତି ତାହା ସେ ଖୁବ୍ ସରଳ ଭାବରେ ଦେଇଅଛନ୍ତି । ବୁଦ୍ଧଦେବ ଦେଇଥିବା ସରଳ ଉପଦେଶ ଗୁଡ଼ିକ ପ୍ରାୟ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ପଢିଅଛନ୍ତି । ମାତ୍ର ପଢ଼ିଥିଲେ ସୁଦ୍ଧା ସେଥିମଧ୍ୟରୁ ଗୋଟିଏ ମାତ୍ର ଉପଦେଶକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ପର୍ଯ୍ୟନ୍ତ କରିନାହାନ୍ତି କିମ୍ବା କରୁନାହାନ୍ତି । ବୁଦ୍ଧଦେବ ଦେଇଥିବା ଉପଦେଶଗୁଡିକ ଜନସାଧାରଣଙ୍କ ନିକଟରେ ଯେପରି ଗୁପ୍ତ ହୋଇଆହୋଇ ରହିଅଛି, ଗୀତାକାର ଦେଇଥିବା ଉପଦେଶଗୁଡ଼ିକ ମଧ୍ୟ ତଦପେକ୍ଷା ଅଧିକ ଗୁପ୍ତହୋଇ ହୋଇ ରହିଲପରି ରହିଅଛି । ଗୀତାର ଭାଷ୍ୟକାର ମାନେ ଗୀତାରେ ଥିବା ସେହିସବୁ ଉପଦେଶଗୁଡ଼ିକରେ ନିଜ ନିଜର ମନଗଢ଼ା କଥାସବୁ ଯୋଗ କରି ଦେଇ ଗୀତାକାରଙ୍କର ମତକୁ ଚପାଇ ଦେଇ ସମ୍ପୂର୍ଣ୍ଣ ବିପରୀତ ଅର୍ଥ କରିଅଛନ୍ତି । ସେ ଯାହାହେଉ, ବୁଦ୍ଧଦେବ ଦେଇଥିବା ଉପଦେଶ ମଧ୍ୟରୁ କେତୋଟି ମାତ୍ର ଉପଦେଶ ତଳେ ଦିଆଗଲା ।

୧ । ଶୁଣିବା କଥାକୁ ସତ୍ୟବୋଲି ଗ୍ରହଣ କର ନାହିଁ ।

୨ । କୌଣସି ବିଷୟ ପୁରୁଷାନୁକ୍ରମେ ଚଳି ଆସୁଅଛି ବୋଲି କିମ୍ବା ଅଧିକାଂଶ ଲୋକେ ବିଶ୍ୱାସ କରି ଆସୁଅଛନ୍ତି ବୋଲି ତାହାର ଅନ୍ଧ ଅନୁସରଣ କର ନାହିଁ ।

୩ । ଧର୍ମଗ୍ରନ୍ଥମାନଙ୍କରେ ଲେଖାଅଛି ବୋଲି ତାକୁ ସତ୍ୟ ବୋଲି ଗ୍ରହଣ କର ନାହିଁ ।

୪ । ନିଜର ଗୁରୁ କହିଅଛନ୍ତି ବୋଲି ତାକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କର ନାହିଁ ।

୫ । ନିଜର ଶିଷ୍ୟମାନଙ୍କୁ ସେ କହିଥିଲେ—"ହେ ଭିକ୍ଷୁମାନେ ! ମୋ ପ୍ରତି ଭକ୍ତି ଦେଖାଇ ମୁଁ ଦେଇଥିବା ଉପଦେଶ ସବୁର ମଧ୍ୟ ଅନ୍ଧ ଅନୁସରଣ କରନାହିଁ ।"

୬ । କଷଟି ପଥରରେ ଘଣିଆ ଯେପରି ସୁନା ପରୀକ୍ଷା କରିସାରି ତାହା ଗ୍ରହଣ କରେ କିମ୍ବା ପରିତ୍ୟାଗ କରେ, ଠିକ୍ ସେହିପରି ନିଜ ନିଜର ଯୁକ୍ତିଯୁକ୍ତ ବିଚାର ରୂପ କଷଟି ପଥରରେ ପ୍ରତ୍ୟେକ ବିଷୟ ପରୀକ୍ଷା କରିସାରି ଯଦି ତାହା ସତ୍ୟବୋଲି ବିବେଚନା କର ଏବଂ ଯଦି ତାହା କେବଳ ନିଜର ନୁହେଁ, ମାତ୍ର ସମସ୍ତ ମାନବ ସମାଜର ପ୍ରକୃତ କଲ୍ୟାଣ ସାଧନ କରିବ ବୋଲି ବିବେଚନା କର, ତେବେ ତଦନୁସାରେ ଜୀବନ ଗଠନ କର ।

ଯେଉଁ ଯେଉଁଠାରେ ଗୀତାକାର ମଧ୍ୟ ଏହି ଉପଦେଶ ଦେଇ ଅଛନ୍ତି, ସେଥିମଧ୍ୟରୁ କେତୋଟି ମାତ୍ର ଉପଦେଶ ତଳେ ଦିଆଗଲା ।

୧ । ଇତି ଅନୁଶୁଶ୍ରୁମ—( ୧ମ-୪୪ )
୨ । ତାବାନ୍ ସର୍ବେଷୁ ବେଦେଷୁ—( ୨ୟ-୪୬ )
୩ । ବୁଦ୍ଧୌ ଶରଣମନ୍ୱିଚ୍ଛ—( ୨ୟ-୪୯ )
୪ । ଶ୍ରୋତବ୍ୟାସ୍ୟ ଶ୍ରୁତସ୍ୟ ଚ—( ୨ୟ-୫୨ )
୫ । ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ—( ୨ୟ-୫୩ )

ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବାକୁ ହେଲେ ସର୍ବପ୍ରଥମେ ଜାଣିବା ଆବଶ୍ୟକ ଯେ, ଗୀତା ହେଉଛି ଗୁହ୍ୟତମ ଶାସ୍ତ୍ର, ଯାହା ଗୀତାର ନିମ୍ନଲିଖିତ ଉକ୍ତିଗୁଡ଼ିକରୁ ଜାଣି ପାରିବେ ।

ଇଦଂ ତୁତେ ଗୁହ୍ୟତମଂ ( ୯ମ-୧ ),
ରାଜବିଦ୍ୟା ରାଜଗୁହ୍ୟଂ ( ୯ମ-୨ )

ଇତି ଗୁହ୍ୟତମଂ ଶାସ୍ତ୍ରଂ ( ୧୫ଶ-୨୦ ),
ଗୁହ୍ୟାତ୍ ଗୁହ୍ୟତରଂ ମୟା ( ୧୮ଶ-୬୩ )
ସର୍ବଗୁହ୍ୟତମଂ ଭୂୟଃ··· ( ୧୮ଶ-୬୪ )
ଯ ଇମଂ ପରମଂ ଗୁହ୍ୟଂ··· ( ୧୮ଶ-୬୮ )

ଗୀତାକୁ ଗୁହ୍ୟତମ ଶାସ୍ତ୍ର ବୋଲି ଗୀତାକାର କାହିଁକି କହି ଅଛନ୍ତି, ତାହା ନ ଜାଣିବା ପର୍ଯ୍ୟନ୍ତ ଗୀତାଶାସ୍ତ୍ରରେ ପ୍ରବେଶ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ଦୁଃଖର କଥା ଏହି କି, ଗୀତାଶାସ୍ତ୍ରରେ ପ୍ରବେଶ କରିବା ପାଇଁ ଯାହା ଜାଣିବା ଏକାନ୍ତ ଆବଶ୍ୟକ, ଗୀତାର ଟୀକାକାର-ମାନେ ସେ ବିଷୟରେ ସମ୍ପୂର୍ଣ୍ଣ ନୀରବ ରହିଅଛନ୍ତି ଏବଂ ଗୀତାପାଠକ-ମାନେ ମଧ୍ୟ ତାହା ଜାଣିବାକୁ ଆଦୌ ଇଚ୍ଛା କରୁନାହାନ୍ତି । ସେଥିପାଇଁ ଗୀତାର ପ୍ରକୃତ ଶିକ୍ଷା ଆଜି ପର୍ଯ୍ୟନ୍ତ ସେହି ଗୀତାରେ ଗୁପ୍ତ ହୋଇ ରହିବା ପରି ରହିଅଛି । ସେ ଯାହାହେଉ, ଗୀତାକୁ ଗୁହ୍ୟତମ ଶାସ୍ତ୍ର ବୋଲି ଗୀତାକାର କାହିଁକି କହିଅଛନ୍ତି, ତାହା ପ୍ରତ୍ୟେକ ଗୀତାପାଠକ ଆଜି ସ୍ଥିର କରିବା ଏକାନ୍ତ ଆବଶ୍ୟକ । ସେହି ଗୀତାରୁ ମୁଁ ଯାହା ସ୍ଥିର କରିଛି, ତାହା ଖୁବ୍ ସଂକ୍ଷେପରେ ଲେଖୁଛି; ମନକୁ ଗଲେ ଗ୍ରହଣ କରିବେ, ମନକୁ ନ ଗଲେ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରି ପ୍ରକୃତ କାରଣ ସ୍ଥିର କରିବେ ।

ଗୁହ୍ୟମନ୍ତ୍ର କହିଲେ ଲୋକେ ବୁଝନ୍ତି ଗୋପନୀୟ ମନ୍ତ୍ର ବା ଲୁଚାଇ ରଖିବା ମନ୍ତ୍ର ; ତେଣୁ ଗୁହ୍ୟଶାସ୍ତ୍ର କହିଲେ ଲୋକେ ବୁଝିବେ ଗୋପନୀୟ ଶାସ୍ତ୍ର ବା ଲୁଚାଇ ରଖିବା ଶାସ୍ତ୍ର । ମାତ୍ର ଗୀତା ପାଠରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କର ସମାନ ଅଧିକାର ଅଛି । ଅତଏବ ଗୀତା ଗୋପନୀୟ ଶାସ୍ତ୍ର ବା ଲୁଚାଇ ରଖିବା ଶାସ୍ତ୍ର ନୁହେଁ । କେହି କେହି କହିପାରନ୍ତି, କେବଳ ଶାସ୍ତ୍ରଜ୍ଞ ପଣ୍ଡିତମାନେ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିପାରିବେ ଏବଂ ସେମାନେ ଯାହା କହିବେ ଅନ୍ୟମାନେ ତାହା ଅନ୍ଧ ଭାବରେ ମାନିନେବେ । ଅତଏବ ଗୀତାର ପ୍ରକୃତ ଶିକ୍ଷା ଜନସାଧାରଣଙ୍କ ପାଇଁ ଗୋପନୀୟ ହୋଇ ରହିଅଛି । ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଅଟେ । କାରଣ କୌଣସି ପ୍ରକାର ଅନ୍ଧ ଅନୁସରଣକୁ ଗୀତା ସମର୍ଥନ କରୁନାହିଁ, ବରଂ ସବୁପ୍ରକାର

ଅନ୍ଧ ଅନୁସରଣ ପରିତ୍ୟାଗ କରିବାକୁ ଗୀତା ବାରମ୍ବାର ଶିକ୍ଷା ଦେଉ-ଅଛି । ଆଉ ମଧ୍ୟ ଶାସ୍ତ୍ରଜ୍ଞାନର କଥା ଗୀତାରେ ଆଦୌ ନାହିଁ କହିଲେ ଚଳେ ଏବଂ ଗୀତାର ଭାଷା ମଧ୍ୟ ଏତେ ସରଳ ଯେ କେବଳ ସନ୍ଧିବିଚ୍ଛେଦ କରି ପଢ଼ିଗଲେ ଯେ କୌଣସି ବ୍ୟକ୍ତି ଏହାର ଅଧିକାଂଶ ଶ୍ଳୋକର ଅର୍ଥ ସହଜରେ ଜାଣି ପାରିବେ । ଏପରି ସରଳ ସଂସ୍କୃତ ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ଦେଖାଯାଏ ନାହିଁ । ୨ୟ ଅଧ୍ୟାୟ ୫୩ ଶ୍ଳୋକଟି ମନଯୋଗ ପୂର୍ବକ ପଢିଲେ ଜାଣିପାରିବେ ଯେ, ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରି ତଦନୁସାରେ ଜୀବନ ଗଠନ କରିବାକୁ ହେଲେ ଶାସ୍ତ୍ରଜ୍ଞାନ କେବଳ ଅନାବଶ୍ୟକ ନୁହେଁ, ବରଂ ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ ।

ଗୁହ୍ୟତମ ଶାସ୍ତ୍ର ଏହି କଥାଟିରୁ ପ୍ରକାଶ ଯେ, ଯାହା ପ୍ରକୃତରେ ଧର୍ମଶାସ୍ତ୍ର ତାହା ଗୁହ୍ୟଶାସ୍ତ୍ର ଏବଂ ସବୁ ଧର୍ମଶାସ୍ତ୍ର ମଧ୍ୟରେ ଗୀତା ହେଉଛି ଗୁହ୍ୟତମ ଶାସ୍ତ୍ର । ଯେଉଁ ସବୁ ଉକ୍ତି ସର୍ବପ୍ରଥମେ ଉଦ୍ଧାର କରାଯାଇଅଛି, ସେଥିମଧ୍ୟରୁ ଗୋଟିଏ ଉକ୍ତି ହେଉଛି, "ଗୁହ୍ୟାତ୍ ଗୁହ୍ୟତରଂ ମୟା" ଏବଂ ଅନ୍ୟ ଗୋଟିଏ ଉକ୍ତି ହେଉଛି, "ସର୍ବଗୁହ୍ୟତମଂ ଭୂୟଃ ।" ଏହି ଦୁଇଟି ଉକ୍ତିରୁ ପ୍ରକାଶ ଯେ ଗୀତାରେ ଗୁହ୍ୟ, ଗୁହ୍ୟତର ଓ ଗୁହ୍ୟତମ ୨ ଗୁ ବିଷୟ ରହିଅଛି । "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ"—ଏହି କଥାଟି ହେଉଛି ଗୀତାର ସର୍ବ ଗୁହ୍ୟତମ ଉପଦେଶ । "ସର୍ବଧର୍ମାନ୍ ପରିତ୍ୟଜ୍ୟ" ଏହି କଥାଟିର ଅର୍ଥ ବୁଝିବା କଠିନ ନୁହେଁ, ସବୁ ପ୍ରକାର ଧର୍ମ ପରିତ୍ୟାଗ କରିବା ମଧ୍ୟ କଠିନ ନୁହେଁ, ମାତ୍ର "ମାମେକଂ ଶରଣଂ ବ୍ରଜ" ଅର୍ଥାତ୍ ଏକମାତ୍ର ମେ ର ଶରଣ ନିଅ—ଏହି କଥାଟିର ଅର୍ଥ ବୁଝିଲେ ମଧ୍ୟ, ଗୀତାରୁ ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ନ ପାଇବା ପର୍ଯ୍ୟନ୍ତ ତାଙ୍କର ଶରଣ ନେବା ସମ୍ପୂର୍ଣ୍ଣ ଅସମ୍ଭବ । ସେଥିପାଇଁ "ମାମେକଂ ଶରଣଂ ବ୍ରଜ" ଏହି କଥାଟି ହେଉଛି ଗୀତାର ସର୍ବ ଗୁହ୍ୟତମ ଉପଦେଶ । "ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ" ଏହି କଥାଟି ମଧ୍ୟ ଗୀତାର ସର୍ବ ଗୁହ୍ୟତମ ଉପଦେଶ । ଏହି କଥାଟିର ଅର୍ଥ ବୁଝିବା ଆଦୌ କଠିନ ନୁହେଁ । ଶ୍ରୀକୃଷ୍ଣ କହୁଛନ୍ତି, "ତୁମ୍ଭେ ମୋଠାରେ ମନଟିକୁ ରଖ, ମୋର ଭକ୍ତ ହୁଅ, ମୋତେ ନମସ୍କାର କର" ଇତ୍ୟାଦି । ୯ମ ଅଧ୍ୟାୟର ଶେଷରେ ମଧ୍ୟ ଶ୍ରୀକୃଷ୍ଣ ଅବିକଳ ଏହି କଥାଟି କହିଅଛନ୍ତି ।

ଏପରି ସରଳ କଥାଟିକୁ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଓ ପରମ ଉପଦେଶ ବୋଲି କାହିଁକି କହିଅଛନ୍ତି, ତାହା ସ୍ଥିରକରିବା ପାଇଁ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ । ପ୍ରକୃତ କଥା ଏହି କି, ଯେ ପର୍ଯ୍ୟନ୍ତ ଆମ୍ଭେମାନେ ଗୀତାରୁ ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ପାଇନାହୁଁ, ସେ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କୁ ଗୁରୁଭାବରେ ଓ ଭଗବାନ୍ ଭାବରେ ଗ୍ରହଣ କରି ତାଙ୍କୁ ଭକ୍ତି କରିବା କିମ୍ବା ନମସ୍କାର କରିବା ସମ୍ପୂର୍ଣ୍ଣ ଅସମ୍ଭବ । ମୋତେ ଭଗବାନ୍ ଭାବରେ ମାନ, ମୋତେ ପୂଜାକର, ମୋତେ ନମସ୍କାର କର, ମୋର ଭକ୍ତ ହୁଅ, ଏପରି କଥାସବୁ ଶ୍ରୀକୃଷ୍ଣ କେଉଁ ଅଭିପ୍ରାୟରେ ବାରମ୍ବାର କହିଅଛନ୍ତି, ତାହାମଧ୍ୟ ସ୍ଥିର କରିବା ପାଇଁ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ ।

ଗୀତାର ଆଉ ଗୋଟିଏ ସରଳ କଥା ଏବଂ ଏକାନ୍ତ ଆବଶ୍ୟକୀୟ କଥା ହେଉଛି—"ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍" (୧୮ଶ-୪୮)—ଏହି କଥାଟିର ଅର୍ଥ ଏହି କି, ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଅଛନ୍ତି, "ହେ କୌନ୍ତେୟ ! ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।"

ଯେଉଁ କର୍ମକୁ ସଙ୍ଗରେ ନେଇ ପ୍ରତ୍ୟେକ ମନୁଷ୍ୟ ଏହି ସଂସାରରେ ଜାତ ହୋଇଅଛି, ସେହି କର୍ମ ହେଉଛି ସେହି ମନୁଷ୍ୟର ସହଜାତ କର୍ମ । ଆମ୍ଭମାନଙ୍କର ଧାରଣା ଏହି କି, ନିଜର କୌଣସି କର୍ମ ଦୋଷଯୁକ୍ତ ହୋଇଥିଲେ ତାହା ପରିତ୍ୟାଗ କରିବା ଉଚିତ । ମାତ୍ର ଗୀତା କହୁଛି—ନିଜର ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ଅତଏବ କେଉଁ କର୍ମକୁ ସଙ୍ଗରେ ନେଇ ପ୍ରତ୍ୟେକ ମନୁଷ୍ୟ ଜାତ ହୋଇଅଛି ତାହା ସ୍ଥିର କରିବା ପାଇଁ ଏବଂ ସେହି କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ, ଏପରି ଅସଙ୍ଗତ ଉପଦେଶ ଗୀତା କାହିଁକି ଦେଉଅଛି, ତାହା ବୁଝିବାପାଇଁ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଅବଶ୍ୟକ । ଗୀତାରୁ ଏହିପରି ଅନେକ ଦୃଷ୍ଟାନ୍ତ ଦିଆ ଯାଇପାରେ । ଗୀତାରେ ଥିବା ଏହିସବୁ ସରଳ କଥା ଗୁଡ଼ିକ ମଧ୍ୟରେ ଗୀତାର ପ୍ରକୃତ ଶିକ୍ଷା ଏବଂ ଗୀତାକାରଙ୍କର ଅଭିପ୍ରାୟ ଏପରି ପ୍ରଚ୍ଛନ୍ନ ଭାବରେ ରହିଅଛି ଯେ, ତାହାର ସନ୍ଧାନ

ପାଇବାକୁ ହେଲେ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ । କୌଣସି ଟୀକାକାର କିମ୍ବା କୌଣସି ଗୁରୁ କିମ୍ବା କୌଣସି ଧର୍ମଗ୍ରନ୍ଥ ତାହାର ସନ୍ଧାନ ଦେଇ ପାରିବେ ନାହିଁ ।

ବ୍ୟବସାୟୀ ଗୁରୁମାନେ ଅତି ଗୋପନରେ ଶିଷ୍ୟର କାନରେ ମନ୍ତ୍ରଟିଏ କହିଦିଅନ୍ତି ଏବଂ ସେହି ମନ୍ତ୍ରଟିକୁ ସେ ଅନ୍ୟ କାହାକୁ କହିବ ନାହିଁ ବୋଲି ତାକୁ ଆଦେଶ ଦିଅନ୍ତି । ଏହା ଆମ୍ଭମାନଙ୍କୁ ସମସ୍ତଙ୍କୁ ଉତ୍ତମରୂପେ ଜଣା ଅଛି । କାରଣ, ଏହି ପ୍ରାଣଶୂନ୍ୟ ପ୍ରଥାର ଅନ୍ଧ ଅନୁସରଣ ଭାରତବର୍ଷରେ ସର୍ବତ୍ର ଦେଖାଯାଏ । ଏହି ପ୍ରାଣଶୂନ୍ୟ ପ୍ରଥାର ମୂଳକାରଣ ଏହି କି, ଶିଷ୍ୟ ଅନ୍ୟ କାହାରି ଉପରେ ନିର୍ଭର ନ କରି ଏବଂ ନିଜେ ସ୍ୱାଧୀନ ଭାବରେ ଚିନ୍ତାକରି ମନ୍ତ୍ରଟିର ଆବଶ୍ୟକତା ଓ ଗୁରୁଦେବଙ୍କର ଅଭିପ୍ରାୟ ସ୍ଥିର କରିବା ଏକାନ୍ତ ଆବଶ୍ୟକ । କାରଣ, ତାହା ନ କରିବା ପର୍ଯ୍ୟନ୍ତ ଶିଷ୍ୟ ନିଜର ପ୍ରକୃତ ମଙ୍ଗଳ ଦିଗରେ ନିଜର ଜୀବନର ଗତି ପରିବର୍ତ୍ତନ କରିପାରିବ ନାହିଁ । ଠିକ୍ ସେହିପରି ନିଜର ସ୍ୱାଧୀନ ଚିନ୍ତା ବ୍ୟତୀତ ଗୀତାକାରଙ୍କର ପ୍ରକୃତ ଅଭିପ୍ରାୟ ବୁଝି ହେବ ନାହିଁ ଏବଂ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରି ତଦନୁସାରେ ନିଜର ଜୀବନର ଗତି ପରିବର୍ତ୍ତନ କରି ହେବନାହିଁ । ମାତ୍ର ଦୁଃଖର କଥା ଏହି କି ପୂର୍ବୋକ୍ତ ଶିଷ୍ୟମାନଙ୍କର ଯେଉଁ ଦୁରବସ୍ଥା, ଗୀତା ପାଠକମାନଙ୍କର ମଧ୍ୟ ସେହି ଦୁରବସ୍ଥା । ମୃତ୍ୟୁ ପରେ ମୁକ୍ତି ପାଇବାର ଦୁରାଶା ପୋଷଣ କରି ଗୁରୁ ଦେଇଥିବା ମନ୍ତ୍ରଟିକୁ ଶିଷ୍ୟମାନେ ଜୀବନ ତମାମ ଜପିବାରେ ଲାଗି ରହିଛନ୍ତି ଏବଂ ଗୀତାପାଠକମାନେ ମଧ୍ୟ ସେହି ଦୁରାଶା ପୋଷଣ କରି ଜୀବନ ତମାମ ଗୀତା ପୁସ୍ତକକୁ ପୂଜା କରିବାରେ ଓ ଗୀତାପାରାୟଣ କରିବାରେ ଲାଗି ରହିଅଛନ୍ତି ।

ଗୀତାକୁ ଗୁହ୍ୟତମ ଶାସ୍ତ୍ର କହିବାର ଅନ୍ୟ ଗୋଟିଏ ପ୍ରଧାନ କାରଣ ଏହି କି, ପିତାମାତାମାନେ ଓ ଶିକ୍ଷକମାନେ ପୁତ୍ର କନ୍ୟାମାନଙ୍କୁ ଓ ଛାତ୍ରମାନଙ୍କୁ ସେମାନଙ୍କର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ନେଇଯିବା ଅଭିପ୍ରାୟରେ ଯେଉଁ ସୁକୌଶଳର ଆଶ୍ରୟ ନିଅନ୍ତି, ତାହା ଜାଣିପାରିବା ପୁତ୍ରକନ୍ୟାମାନଙ୍କ ପକ୍ଷରେ ଓ ଛାତ୍ରମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଠିକ ସେହିପରି ସମସ୍ତ ମନୁଷ୍ୟଜାତିକୁ

ତଥା ପ୍ରତ୍ୟେକ ମନୁଷ୍ୟଙ୍କୁ ତାହାର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ନେଇଯିବା ଅଭିପ୍ରାୟରେ ଗୀତାକାର ଯେଉଁ ସୁକୌଶଳରେ ଗୀତା ରଚନା କରିଅଛନ୍ତି, ତାହା ଜାଣିପାରିବା ଜନସାଧାରଣଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଗୀତାକାରଙ୍କର ସେହି ସୁକୌଶଳ ଜାଣିବାକୁ ହେଲେ ନିଜର ଜୀବନର ଗତି ପରିବର୍ତ୍ତନ କରିବାର ଇଚ୍ଛା ଏବଂ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ । ଅତଏବ ଯେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ କର୍ତ୍ତବ୍ୟବୋଧ କରିନାହୁଁ ଏବଂ ନିଜ ନିଜର ସ୍ୱାଧୀନ ଚିନ୍ତା ଉପରେ ନିର୍ଭର କରି କର୍ମ କରିବାକୁ ଶିଖିନାହୁଁ, ସେତେଦିନ ପର୍ଯ୍ୟନ୍ତ ଗୀତାର ନୂତନ ଶିକ୍ଷା ଆମ୍ଭମାନଙ୍କ ନିକଟରେ ପୂର୍ବପରି ଗୁପ୍ତ ହୋଇ ରହିଥିବ । ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏକାନ୍ତ ଆବଶ୍ୟକ—ଏକଥା ଉପନିଷଦର ନିମ୍ନଲିଖିତ ମନ୍ତ୍ରଟି ଶିକ୍ଷା ଦେଉଅଛି—

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋ ର୍ମା ଅମୃତଂ ଗମୟ

ଅର୍ଥ—ଅସତ୍ୟରୁ ମତେ ସତ୍ୟକୁ ନେଇଯାଅ ।
ଅନ୍ଧକାରରୁ ମତେ ଜ୍ୟୋତିକୁ ନେଇଯାଅ ।
ମୃତ୍ୟୁରୁ ମତେ ଅମୃତ୍ୟୁକୁ ନେଇଯାଅ ।

ନିଜର ଉପସ୍ଥିତ ଅବସ୍ଥା ଲୋକଚକ୍ଷୁରେ କିମ୍ବା ନିଜକୁ ଯେତେ ଅଭ୍ରାନ୍ତ ବୋଧ ହେଲେ ମଧ୍ୟ ତାହା ପ୍ରକୃତରେ ଭ୍ରାନ୍ତ, ଏହି କଥାଟିକୁ ସର୍ବଦା ସ୍ମରଣ ରଖି ଏହି ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥା ଆଡ଼କୁ ଅଗ୍ରସର ହେବାକୁ କର୍ତ୍ତବ୍ୟବୋଧ କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏକାନ୍ତ ଆବଶ୍ୟକ । ଏହି ଅଭିପ୍ରାୟରେ ଉପନିଷଦ ଆମ୍ଭମାନଙ୍କୁ ଏହି ମନ୍ତ୍ରଟି ଶିକ୍ଷା ଦେଉଅଛି । ଅତଏବ ଏହି ମନ୍ତ୍ରଟିର ଆବଶ୍ୟକତା ଉପଲବ୍‌ଧି କରି ନିଜ ନିଜର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥା ଆଡ଼କୁ ଅଗ୍ରସର ହେବାର ଅଭିପ୍ରାୟକୁ ହୃଦୟରେ ସ୍ଥାନ ଦେଇ

ଗୀତାପାଠରେ ତଥା ନିଜ ନିଜର ଜୀବନଯୁଦ୍ଧରେ ଅଗ୍ରସର ହେବା ଏକାନ୍ତ ଆବଶ୍ୟକ । ମାତ୍ର ଦୁଃଖର କଥା ଏହି ରକ୍ଷଣଶୀଳତାକୁ ଓ ଜଡ଼ତାକୁ ଆମ୍ଭେମାନେ ଏକମାତ୍ର ଧର୍ମ ମନେ କରୁଅଛୁଁ ଏବଂ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ ଆମ୍ଭେମାନେ ଅଧର୍ମ ମନେ କରୁଅଛୁଁ । କୌଣସି ବିଷୟ ସମ୍ପୂର୍ଣ୍ଣରୂପେ ବୁଝିପାରିଲେ ମଧ୍ୟ ସେହି ବୁଝିବା ଅନୁସାରେ ନିଜର ଜୀବନର ଗତି ବଦଳାଇବାକୁ ଆମ୍ଭେମାନେ ଭୟ କରୁଅଛୁଁ । ସେହି ଭୟ ହେଉଛି—ନିଜର ମର୍ଯ୍ୟାଦାହାନି ଭୟ, ଲୋକଲଜ୍ଜା ଭୟ, ନରକପତନ ଭୟ ଇତ୍ୟାଦି । ଏହିସବୁ ଭୟରୁ ରକ୍ଷା ପାଇବାକୁ ହେଲେ ମନୁଷ୍ୟୋଚିତ ସତ୍ସାହସ ଏକାନ୍ତ ଆବଶ୍ୟକ ଏବଂ ଏହି ସତ୍ସାହସ ଲାଭ କରିବାକୁ ହେଲେ ନିଜର ସହଜ ବିବେକ ବୁଦ୍ଧି ସ୍ୱରୂପ ଶ୍ରୀକୃଷ୍ଣ ଭଗବାନଙ୍କର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ । ଅତଏବ ଯେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ କର୍ତ୍ତବ୍ୟ ବୋଧ କରିନାହୁଁ, ସେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ଗୀତାର ପ୍ରକୃତ ଶିକ୍ଷା ଓ ନୂତନ ଉପଦେଶ ଗ୍ରହଣ କରିପାରିବୁ ନାହିଁ ।

ଗୀତାର ପ୍ରକୃତ ଶିକ୍ଷା ସମ୍ପୂର୍ଣ୍ଣ ନୂତନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣା ସବୁର ସମ୍ପୂର୍ଣ୍ଣ ବିପରୀତ ଅଟେ, ଯାହା ପୂର୍ବବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ । ଅତଏବ ଏହି ନୂତନ ଶିକ୍ଷା ଗ୍ରହଣ କରିବାକୁ ହେଲେ ମନରୁ ସମସ୍ତ ପ୍ରକାର ବଦ୍ଧମୂଳ ଧାରଣା ଦୂର କରିଦେଇ ନିଜର ସ୍ୱାଧୀନ ଚିନ୍ତାର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ । କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ବିଶିଷ୍ଟତା ଉପରେ କିମ୍ବା ଅନ୍ୟ କାହାରି ଟୀକା ଉପରେ କିମ୍ବା କୌଣସି ଶାସ୍ତ୍ରବାକ୍ୟ ଉପରେ ନିର୍ଭର ନକରି ମୂଳ ଶ୍ଳୋକରେ ଯେତିକି ଅଛି ସେତିକିର ଅର୍ଥ ସ୍ଥିର କରିବାକୁ ହେବ ଏବଂ ଗୀତାକାରଙ୍କର ଅଭିପ୍ରାୟ ବୁଝିବା ପାଇଁ ସେ ବିଷୟରେ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ହେବ । ଗୀତାର ବିଶିଷ୍ଟ ଭାଷ୍ୟକାରମାନେ ମୂଳ ଶ୍ଳୋକରେ ଥିବା ଶବ୍ଦଗୁଡ଼ିକରେ ବିଶେଷଣ ଓ କ୍ରିୟା ବିଶେଷଣ ସବୁ ଯୋଗ କରିଦେଇ ଏବଂ ଅନେକ ସ୍ଥଳରେ ନିଜ ନିଜର ମନଗଢ଼ା କଥା ସବୁ ଯୋଗକରି ଦେଇ ଗୀତାକାରଙ୍କର ଅଭିପ୍ରାୟକୁ ଚପାଇଦେଇ ଏବଂ ନିଜ ନିଜର ମତକୁ ସମର୍ଥନ କରି ବିଭିନ୍ନ ପ୍ରକାର ଅର୍ଥ କରିଅଛନ୍ତି । ମୂଳଶ୍ଳୋକ ସହିତ ଏହିସବୁ

ଅର୍ଥର କୌଣସି ସମ୍ବନ୍ଧ ନାହିଁ । ସେଥିପାଇଁ ଗୀତାପାଠକମାନେ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରି ନ ପାରି ଏହି ସବୁ ଭାଷ୍ୟକାରମାନଙ୍କର ଅବୋଧଗମ୍ୟ ଅର୍ଥ ଓ ମତ ସବୁ ପଢ଼ିବାକୁ ଗୀତା ପଢ଼ିବା ମନେକରି ସନ୍ତୁଷ୍ଟ ରହିଥାନ୍ତି । ଏହି ସବୁ ବିଭିନ୍ନ ପ୍ରକାର ଅର୍ଥ ଓ ମତସବୁ ଦେଖି ଗୀତାପାଠକମାନଙ୍କ ମନରେ ତଥା ଜନସାଧାରଣଙ୍କ ମନରେ ଏପରି ଧାରଣା ଜନ୍ମି ଯାଇଅଛି ଯେ ଭିନ୍ନ ଭିନ୍ନ ବ୍ୟକ୍ତି ନିଜ ନିଜ ଦୃଷ୍ଟିକୋଣରୁ ଗୀତାକୁ ଭିନ୍ନ ଭିନ୍ନ ପ୍ରକାର ଅର୍ଥ କରି ପାରନ୍ତି । ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଅଟେ । ସମସ୍ତ ଗୀତାରେ ଗୀତାକାରଙ୍କର ଗୋଟିଏ ମାତ୍ର ଅଭିପ୍ରାୟ, ତେଣୁ ସମସ୍ତ ଗୀତାର ଗୋଟିଏ ପ୍ରକାର ଅର୍ଥ । ଉଦାହରଣ ସ୍ୱରୂପ ଗୀତାରୁ ଚାରୋଟି ମାତ୍ର ଉପଦେଶ ନିମ୍ନରେ ଦିଆଗଲା—

୧ । ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ । ୨ୟ-୪୯ ।

୨ । ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ-୭ ।

୩ । ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ-୫୭ ।

୪ । ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ୧୮ ଶ ୬୬ ।

ଏହି ଚାରୋଟି ଉପଦେଶର ତୁଳନାତ୍ମକ ଆଲୋଚନା କଲେ ଜଣାପିବ ଯେ ଏହି ଚାରୋଟି ଉପଦେଶରେ ଗୀତାକାରଙ୍କର ଗୋଟିଏ ମାତ୍ର ଅଭିପ୍ରାୟ । ଏହି ଚାରୋଟି ଉପଦେଶରୁ କୌଣସି ଗୋଟିଏ ଉପଦେଶ ସଂଶୟ ଶୂନ୍ୟ ହୋଇ ବୁଝିଲେ ଏବଂ ଏହି ଉପଦେଶଟିରେ ଗୀତାକାର ସମସ୍ତ ମାନବ ସମାଜକୁ ଯେଉଁ ନୂତନ ଶିକ୍ଷା ଦେଉଅଛନ୍ତି ତାହା ଉପଲବ୍ଧି କରି ତଦନୁସାରେ ଜୀବନ ଗଠନ କଲେ ଅନ୍ୟ ତିନୋଟି ଉପଦେଶ କାହିଁକି, ଗୀତାର ସବୁ ଉପଦେଶଗୁଡ଼ିକ ଅନାୟାସରେ ବୁଝି ହେବ । କାରଣ ଗୋଟିଏ ଉପଦେଶରେ ଗୀତାକାରଙ୍କର ଗୋଟିଏ ଅଭିପ୍ରାୟ ଏବଂ ଅନ୍ୟ ଉପଦେଶରେ ଠିକ ତାର ବିପରୀତ ଅଭିପ୍ରାୟ ରହି ନ ପାରେ । ସେ ଯାହାହେଉ, ଏହି ଚାରୋଟି ଉପଦେଶର ତୁଳନା-ମୂଳକ ଆଲୋଚନା କରି ପ୍ରକୃତ କଥା ବୁଝାଯାଉ । ପ୍ରଥମ ଉପଦେଶଟି ହେଉଛି—

ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ । ୨ୟ-୪୯ ।

ଏହି ଉପଦେଶଟିର ଅର୍ଥ ହେଉଛି---ଯେଉଁମାନେ ଫଳକୁ ହେତୁ କରି ଅର୍ଥାତ୍ ଫଳକାମନା କରି କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି, ତୁମ୍ଭେ ତାହା ନକରି ନିଜର ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଇଚ୍ଛା କର । ଲୋକେ ଶାସ୍ତ୍ର ବାକ୍ୟ ସବୁର ଅନ୍ଧ ଅନୁସରଣ କରି କିମ୍ବା ଲୋକାଚାର ଓ ଦେଶାଚାର ଇତ୍ୟାଦି ପରମ୍ପରାର ଅନ୍ଧ ଅନୁସରଣ କରି ଯେଉଁ ସବୁ କର୍ମ କରନ୍ତି ତାହା ସେମାନେ ଫଳ କାମନା କରି କରନ୍ତି । ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଜାଣି ନଥିବାରୁ ସେମାନେ ଫଳକାମନା କରି ଏପରି ଅନ୍ଧ ଅନୁସରଣ କରନ୍ତି । ସେମାନଙ୍କର ଫଳ କାମନା ଓ ଅନ୍ଧ ଅନୁସରଣ ସକାଶେ ଶ୍ରୀକୃଷ୍ଣ ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ସେମାନଙ୍କୁ କୃପାର ପାତ୍ର ବୋଲି କହି ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଉପଦେଶ ଦେଉଅଛନ୍ତି । ଏହି ଉପଦେଶଟି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଗ୍ରହଣୀୟ । ଦ୍ୱିତୀୟ ଉପଦେଶଟି ହେଉଛି—

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ-୭ ।

ଏହି ଉପଦେଶଟିରେ ଶ୍ରୀକୃଷ୍ଣ କହୁଅଛନ୍ତି—"ସର୍ବଦା ମତେ ସ୍ମରଣ କର ଓ ଯୁଦ୍ଧ କର ।" ବର୍ତ୍ତମାନ ବୁଝନ୍ତୁ - ପ୍ରଥମ ଉପଦେଶରେ ଥିବା "ବୁଦ୍ଧିର ଶରଣ ନେଇ କର୍ମ କରିବା" ଏବଂ ଏହି ଉପଦେଶରେ ଥିବା "ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଯୁଦ୍ଧ କରିବା", ଏ ଦୁହେଁ ନିଶ୍ଚୟ ଏକା କଥା । କାରଣ ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ହେଲେ କଅଣ ସତ୍ୟ, କଅଣ ଅସତ୍ୟ, କଅଣ ନ୍ୟାୟ, କଅଣ ଅନ୍ୟାୟ, କଅଣ ଆବଶ୍ୟକ, କଅଣ ଅନାବଶ୍ୟକ, କଅଣ ମଙ୍ଗଳପ୍ରଦ, କଅଣ ଅନିଷ୍ଟପ୍ରଦ, ଏକଥା ପ୍ରତି ପଦକ୍ଷେପରେ ବିଚାର କରିବାକୁ ହେବ ଏବଂ ଯାହା ଅସତ୍ୟ, ଅନ୍ୟାୟ, ଅନାବଶ୍ୟକ ଓ ଅନିଷ୍ଟପ୍ରଦ, ସେସବୁ ବିରୁଦ୍ଧରେ ଯୁଦ୍ଧକରି ସେହି ସବୁକୁ ପରିତ୍ୟାଗ କରିବାକୁ ହେବ । କାରଣ ବିନାଯୁଦ୍ଧରେ କୌଣସି ବିଷୟ ପରିତ୍ୟାଗ କରି ହେବନାହିଁ । ବିବେକାନୁମୋଦିତ କର୍ମ କରିବାକୁ ହେଲେ ଯୁଦ୍ଧ କରିବା ଯେପରି ଏକାନ୍ତ ଆବଶ୍ୟକ, ଫଳକାମନା ଉପରେ ପ୍ରତିଷ୍ଠିତ ସବୁ ପ୍ରକାର ଅନ୍ଧ ଅନୁସରଣ ପରିତ୍ୟାଗ କରିବାକୁ ହେଲେ ଅନ୍ଧ ଅନୁସରଣ ବିରୁଦ୍ଧରେ ଯୁଦ୍ଧ କରିବା ସେପରି ଏକାନ୍ତ ଆବଶ୍ୟକ ।

ଅତଏବ ତୃତୀୟ ଉପଦେଶଟି ସହିତ ଦ୍ୱିତୀୟ ଉପଦେଶର ଘନିଷ୍ଠ ସମ୍ବନ୍ଧ । ତୃତୀୟ ଉପଦେଶଟି ହେଉଛି :—

"ବୁଦ୍ଧି ଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ" (୧୮ଶ-୫୭)

ଏହି ଉପଦେଶଟିରେ ଶ୍ରୀକୃଷ୍ଣ କହୁଅଛନ୍ତି—"ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ ।" ବର୍ତ୍ତମାନ ବୁଝନ୍ତୁ—ପ୍ରଥମ ଉପଦେଶରେ ଥିବା "ବୁଦ୍ଧିର ଶରଣ ନେଇ କର୍ମକର," ଦ୍ୱିତୀୟ ଉପଦେଶରେ ଥିବା "ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଯୁଦ୍ଧ କର" ଏବଂ ତୃତୀୟ ଉପଦେଶରେ ଥିବା "ବୁଦ୍ଧି ଯୋଗକୁ ଆଶ୍ରୟ କରି ଶ୍ରୀକୃଷ୍ଣଙ୍କ ଠାରେ ଚିତ୍ତ ରଖ"—ଏମାନେ ସମସ୍ତେ ଏକା କଥା । ତୃତୀୟ ଉପଦେଶରେ ଥିବା ବୁଦ୍ଧି ଯୋଗକୁ ଆଶ୍ରୟ କରିବା ଏବଂ ଶ୍ରୀକୃଷ୍ଣଙ୍କ ଠାରେ ଚିତ୍ତ ରଖିବା, ଏ ଦୁହେଁ ମଧ୍ୟ ଏକା କଥା । ଚତୁର୍ଥ ଉପଦେଶଟି ହେଉଛି :—

"ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" ( ୧୮ଶ-୬୬ ) ।

ଏହି ଉପଦେଶଟିରେ ଶ୍ରୀକୃଷ୍ଣ କହିଅଛନ୍ତି—ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ । ବର୍ତ୍ତମାନ ବୁଝନ୍ତୁ, ପ୍ରଥମ ଉପଦେଶରେ ଥିବା "ବୁଦ୍ଧିର ଶରଣ ନେଇ କର୍ମକର," ଦ୍ୱିତୀୟ ଉପଦେଶରେ ଥିବା "ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଯୁଦ୍ଧକର", ତୃତୀୟ ଉପଦେଶରେ ଥିବା "ବୁଦ୍ଧି ଯୋଗକୁ ଆଶ୍ରୟ କରି ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ରଖ" ଏବଂ ଚତୁର୍ଥ ଉପଦେଶରେ ଥିବା "ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ଶ୍ରୀକୃଷ୍ଣଙ୍କର ଶରଣ ନିଅ"—ଏମାନେ ସମସ୍ତେ ଏକା କଥା । ପ୍ରଥମ ଉପଦେଶରେ ଥିବା "ଫଳକାମନା ଉପରେ ପ୍ରତିଷ୍ଠିତ ସବୁ ପ୍ରକାର ଅନ୍ଧ ଅନୁସରଣ ପରିତ୍ୟାଗ କରିବା" ଏବଂ ଚତୁର୍ଥ ଉପଦେଶରେ ଥିବା "ସବୁ ଧର୍ମ ପରିତ୍ୟାଗ କରିବା" ଏ ଦୁହେଁ ଏକା କଥା ।

ଏହି ଚାରୋଟି ଉପଦେଶର ପ୍ରତ୍ୟେକରେ ଦୁଇଟି କରି, ଆଠଟି ଉପଦେଶ ଅଛି । ଏହି ଆଠଟି ଉପଦେଶ ନିମ୍ନରେ ଦିଆଗଲା—

୧ । ବୁଦ୍ଧିର ଶରଣ ନେଇ କର୍ମ କର ।

୨ । ଫଳକାମନା କରି ଯେଉଁ ସବୁ କର୍ମ କରୁଅଛ ବା ଅନ୍ଧ ଅନୁସରଣ କରୁଅଛ ତାହା ପରିତ୍ୟାଗ କର ।

୩। ସର୍ବଦା ଶ୍ରୀକୃଷ୍ଣଙ୍କୁ ସ୍ମରଣ କର।
୪। ସର୍ବଦା ଯୁଦ୍ଧ କର।
୫। ବୁଦ୍ଧିଯୋଗର ଆଶ୍ରୟ ନେଇ କର୍ମ କର।
୬। ସର୍ବଦା ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ରଖ।
୭। ସବୁପ୍ରକାର ଧର୍ମ ବା ଧର୍ମନାମରେ ଯେଉଁସବୁ ଅନ୍ଧ ଅନୁସରଣ ଅଛି ତାହା ପରିତ୍ୟାଗ କର।
୮। ଶ୍ରୀକୃଷ୍ଣଙ୍କର ବା ବୁଦ୍ଧିର ଏକମାତ୍ର ଶରଣ ନେଇ କର୍ମ କର।

ଏହି ଆଠଟି ଉପଦେଶ ଦେବାରେ ଗୀତାକାରଙ୍କର ଗୋଟିଏ ମାତ୍ର ଅଭିପ୍ରାୟ ଏବଂ ସେହି ଅଭିପ୍ରାୟଟି ହେଉଛି—ଫଳକାମନା କରି ଶାସ୍ତ୍ରବାକ୍ୟ ସବୁର ଓ ପ୍ରଚଳିତ ପ୍ରଥାସବୁର ଅନ୍ଧ ଅନୁସରଣ କରି ପରିତ୍ୟାଗ କର ଏବଂ ବୁଦ୍ଧିର ଏକମାତ୍ର ଶରଣ ନେଇ କର୍ମ କର। ପ୍ରଥମ ଅଧ୍ୟାୟରେ ଅର୍ଜୁନ କହିଥିବା କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଓ ପିଣ୍ଡୋଦକ କ୍ରିୟା ପ୍ରଭୃତି ଅନ୍ଧ ଅନୁସରଣ ପରିତ୍ୟାଗ କର ଏବଂ ଶ୍ରୀକୃଷ୍ଣଙ୍କୁ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିକୁ ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ବୋଲି ଉପଲବ୍ଧି କରି ସର୍ବଦା ଯୁଦ୍ଧ କର ଓ କର୍ମ କର।

ବୁଦ୍ଧିକୁ ପ୍ରତ୍ୟକ୍ଷ ଭଗବାନ ବୋଲି ଗ୍ରହଣ କରିବାକୁ ଗୀତା ଯେପରି ଶିକ୍ଷା ଦେଉଅଛି, ଚଣ୍ଡୀ ମଧ୍ୟ ସେହିପରି ଶିକ୍ଷା ଦେଉଅଛି। ଚଣ୍ଡୀ କହୁଛି—

ଯା ଦେବୀ ସର୍ବଭୂତେଷୁ ବୁଦ୍ଧିରୂପେଣ ସଂସ୍ଥିତା।

ଅଭିପ୍ରାୟ ଏହି କି ଯେଉଁ ଦେବୀ କଳ୍ପନାର ଅତୀତ ତାଙ୍କୁ ନମସ୍କାର କରିବା ସମ୍ପୂର୍ଣ୍ଣ ଅସମ୍ଭବ ଅଟେ। ଅତଏବ ଲୋକେ କଳ୍ପନାର ଅତୀତ ମା ଚଣ୍ଡୀଙ୍କୁ ନମସ୍କାର କରିବା ପରିବର୍ତ୍ତେ ବୁଦ୍ଧିକୁ ନମସ୍କାର କରିବା ଶିଖିଲେ। ଶାନ୍ତିପର୍ବରେ କୁହାଯାଇଅଛି—

ବୁଦ୍ଧିରାତ୍ମା ମନୁଷ୍ୟସ୍ୟ ବୁଦ୍ଧିରେବାତ୍ମନୋ ଗତିଃ।

ଅର୍ଥ—ବୁଦ୍ଧି ହେଉଛି ମନୁଷ୍ୟର ଆତ୍ମା ଏବଂ ବୁଦ୍ଧି ହେଉଛି ମନୁଷ୍ୟର ଏକମାତ୍ର ଗତି।

ଏଠାରେ ମଧ୍ୟ ଅଭିପ୍ରାୟ ଏହିକି ଆତ୍ମା ହେଉଛି ଅବ୍ୟକ୍ତ ଓ ଅଚିନ୍ତ୍ୟ । ଅତଏବ ସେହି ଆତ୍ମା ଓ ପରମାତ୍ମା କଅଣ ତାହା ଜାଣିବାକୁ ବ୍ୟାକୁଳ ନ ହୋଇ ଲୋକେ ସର୍ବପ୍ରଥମେ ନିଜ ନିଜର ବୁଦ୍ଧି କଅଣ ତାହା ବୁଝନ୍ତୁ ଓ ସେହି ବୁଦ୍ଧିର ଶରଣ ନେଇ କର୍ମ କରନ୍ତୁ । ସେହି ଅଭିପ୍ରାୟରେ ଗୀତା କହୁଛି—

ମନସସ୍ତୁ ପରା ବୁଦ୍ଧିର୍ଯୋବୁଦ୍ଧେଃ ପରତସ୍ତୁ ସଃ । ୩ୟ-୪୧ ।

ଅର୍ଥ—ମନଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଉପରେ ଯେ ଶ୍ରେଷ୍ଠ, ସେ ହେଉଛନ୍ତି—ସେ ।

ଶେଷରେ ଥିବା "ସେ" କଥାଟି ଆତ୍ମାକୁ ବୁଝାଉଥିଲେ ମଧ୍ୟ ଶ୍ରୀକୃଷ୍ଣ ଏଠାରେ ଆତ୍ମା ନ କହି ଆତ୍ମା ପରିବର୍ତ୍ତେ "ସେ" ଏହି କଥାଟି ବ୍ୟବହାର କରିଅଛନ୍ତି । କାରଣ ଆତ୍ମା ହେଉଛି ଅବ୍ୟକ୍ତ ଓ ଅଚିନ୍ତ୍ୟ । ପଞ୍ଚତନ୍ତ୍ରରେ ଗୋଟିଏ ସୁନ୍ଦର ଉପମା ଦିଆଯାଇଅଛି—

ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ବୁଦ୍ଧିସ୍ତସ୍ୟ କରୋତି କିମ୍
ନେତ୍ରାଭ୍ୟାଂ ତୁ ବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି ।

ଅର୍ଥ—ଯାହାର ନିଜର ପ୍ରଜ୍ଞା ବା ବୁଦ୍ଧି ନାହିଁ ଶାସ୍ତ୍ର ତାହାର କଅଣ କରିପାରିବ ? ଆଖି ଦୁଇଟି ନ ଥିବା ବ୍ୟକ୍ତିର ଦର୍ପଣ କଅଣ କରି ପାରିବ ?

ଧର୍ମଗ୍ରନ୍ଥମାନଙ୍କରେ ବୁଦ୍ଧିକୁ ଏପରି ଉଚ୍ଚସ୍ଥାନ ଦିଆଯାଇଥିଲେ ସୁଦ୍ଧା ଲୋକେ ବୁଦ୍ଧି ସହିତ କୌଣସି ସମ୍ବନ୍ଧ ନ ରଖି ଅନ୍ଧ ଅନୁସରଣରେ ଓ ଅନ୍ଧ ବିଶ୍ୱାସରେ ଅଭ୍ୟସ୍ତ ଥିବାରୁ ଗୀତାକାର ସୁକୌଶଳରେ ଶ୍ରୀକୃଷ୍ଣଙ୍କୁ ମନୁଷ୍ୟର ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ଭାବରେ ଅର୍ଥାତ୍ ବୁଦ୍ଧି ଭାବରେ ବର୍ଣ୍ଣନା କରିଅଛନ୍ତି । ବୁଦ୍ଧି ବ୍ୟତୀତ ଅନ୍ୟ କାହାରିଠାରେ ଏପରି ବର୍ଣ୍ଣନା ପ୍ରଯୁଜ୍ୟ ନୁହେଁ ।

ଗୀତାର ସର୍ବଶ୍ରେଷ୍ଠ ଭାଷ୍ୟକାର ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଗୀତାକାରଙ୍କର ସରଳ କଥାଟିକୁ ଚପାଇ ଦେଇ କିପରି ଭାବରେ ବିକୃତ

ମତ ସଂସ୍ଥାପନ କରିଅଛନ୍ତି ସେଥିମଧ୍ୟରୁ ଗୋଟିଏ ମାତ୍ର ଦୃଷ୍ଟାନ୍ତ ମୁଁ ଦେଉଅଛି । ୨ୟ ଅଧ୍ୟାୟ ୪୯ ଶ୍ଳୋକରେ ଥିବା "ବୁଦ୍ଧୌ ଶରଣମନ୍ୱିଚ୍ଛ" ଏହି ସରଳ କଥାଟିର ଅର୍ଥ ହେଉଛି—ବୁଦ୍ଧିର ଶରଣ ନେବାକୁ ଇଚ୍ଛାକର । ଏହି ଉପଦେଶଟି ହେଉଛି ଗୀତାର ସର୍ବପ୍ରଧାନ ଉପଦେଶ । "ବୁଦ୍ଧୌ" କଥାଟିର ପୂର୍ବେ "ସାଂଖ୍ୟ" ଏହି ବିଶେଷଣଟି ଯୋଗ କରିଦେଇ ଏହି କଥାଟିକୁ ଶଙ୍କରାଚାର୍ଯ୍ୟ ଅର୍ଥ କରିଅଛନ୍ତି—ସାଂଖ୍ୟବୁଦ୍ଧିର ଶରଣ ନେବାକୁ ଇଚ୍ଛାକର । ସାଂଖ୍ୟବୁଦ୍ଧି କଥାଟିକୁ ପରମାର୍ଥଜ୍ଞାନ ବୋଲି ବୁଝାଇଅଛନ୍ତି । "ବୁଦ୍ଧୌ" ଏହି ସରଳ କଥାଟିକୁ ସାଂଖ୍ୟବୁଦ୍ଧୌ ଏବଂ ସାଂଖ୍ୟବୁଦ୍ଧୌ କଥାଟିକୁ ପରମାର୍ଥ ଜ୍ଞାନ ବୋଲି ଅର୍ଥ କରାଯିବ କାହିଁକି ? ଏହି ଅଧ୍ୟାୟ ୩୯ଶ ଶ୍ଳୋକରେ ଗୀତାକାର "ବୁଦ୍ଧି" ଓ "ସାଂଖ୍ୟ" ଏହି ଦୁଇଟି କଥା ବ୍ୟବହାର କରିଅଛନ୍ତି ଏବଂ ଏହି ଦୁଇଟି କଥା ସେ କେଉଁ ଅଭିପ୍ରାୟରେ ବ୍ୟବହାର କରିଅଛନ୍ତି ତାହା ସେ ନିଜେ ଯଥା ସ୍ଥାନରେ ବୁଝାଇଦେଇ ଅଛନ୍ତି । ଗୀତାକାର ଯାହା ବୁଝାଇଅଛନ୍ତି ତାକୁ ଅପେକ୍ଷା ନ କରି ପୂଜ୍ୟପାଦ ଶଙ୍କର "ସାଂଖ୍ୟ" କଥାଟିକୁ ଅର୍ଥ କଲେ—"ପରମାର୍ଥ ବସ୍ତୁ ବିବେକ ବିଷୟେ" ଏବଂ ବୁଦ୍ଧି କଥାଟିକୁ ଅର୍ଥ କଲେ—"ଜ୍ଞାନ" ଏବଂ "ଜ୍ଞାନ" କଥାଟିକୁ ଅର୍ଥକଲେ—"ସାକ୍ଷାତ—ଶୋକମୋହାଦି ସଂସାର-ହେତୁ-ଦୋଷ ନିବୃତ୍ତି କାରଣ ।" ଗୀତାକାର ବ୍ୟବହାର କରିଥିବା ସରଳ କଥାଟି ବୁଝି ତଦନୁସାରେ ଜୀବନ ଗଠନ ନ କରି, ଯେଉଁସବୁ ଶବ୍ଦ ଗୀତାର କୌଣସିଠାରେ ନାହିଁ ଏପରି ଅବୋଧଗମ୍ୟ ଶବ୍ଦ ସବୁ ମୁଖସ୍ଥ କରାଯିବ କାହିଁକି ? ମୋର ଅଭିପ୍ରାୟ ଏହିକି ପୂର୍ବାଚାର୍ଯ୍ୟମାନଙ୍କୁ ଏବଂ ବର୍ତ୍ତମାନ ଯୁଗର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଅନ୍ଧଭାବରେ ସମର୍ଥନ ନ କରି ସ୍ୱାଧୀନ ଭାବରେ ଓ ନିରପେକ୍ଷ ଭାବରେ ଚିନ୍ତାକରି ପ୍ରକୃତ ଅର୍ଥ ସ୍ଥିର କରନ୍ତୁ, ସ୍ୱାଧୀନ ଚିନ୍ତା ନିକଟରେ ଅର୍ଥାତ୍ ସତ୍ୟ ଓ ନ୍ୟାୟ ନିକଟରେ ବିଶିଷ୍ଟତାର ସ୍ଥାନ ନାହିଁ, ଏହି କଥାଟି ଭଲରୂପେ ବୁଝନ୍ତୁ ।

ଏହି ଅଧ୍ୟାୟର ୩୯ରୁ ୪୧, ଏହି ତିନୋଟି ଶ୍ଳୋକ ସଂଶୟ ଶୂନ୍ୟ ହୋଇ ବୁଝିଲେ ଜାଣିପାରିବେ ଯେ ସାଂଖ୍ୟ ବୁଦ୍ଧିର ଶରଣ ନେବା ପରିତ୍ୟାଗ କରିବାକୁ ଏବଂ ସାଂଖ୍ୟ ବୁଦ୍ଧି ପରିବର୍ତ୍ତେ ଯୋଗବୁଦ୍ଧିର ଶରଣ ନେବାକୁ ଗୀତାକାର କହିଅଛନ୍ତି । ସାଂଖ୍ୟ ବୁଦ୍ଧିକୁ ଅବଲମ୍ବନ କରିଥିବା

ଶଙ୍କରାଚାର୍ଯ୍ୟ ନିଜର ମତକୁ ଅର୍ଥାତ୍ ଗୀତାକାର ସମର୍ଥନ କରି ନଥିବା ସାଂଖ୍ୟ ବୁଦ୍ଧିକୁ ସମର୍ଥନ କରିବା ଅଭିପ୍ରାୟରେ "ବୁଦ୍ଧୌ" କଥାଟିର ପୂର୍ବେ "ସାଂଖ୍ୟ" ଏହି ବିଶେଷଣଟି ଯୋଗ କରିଅଛନ୍ତି ।

ଅନ୍ୟ ଗୋଟିଏ ଦୃଷ୍ଟାନ୍ତ—"ସର୍ବଧର୍ମାନ୍ ପରିତ୍ୟଜ୍ୟ" ଏହି କଥାଟିର ପ୍ରକୃତ ଅର୍ଥ ହେଉଛି—ସବୁ ଧର୍ମ ପରିତ୍ୟାଗ କରି ଏହି ସରଳ କଥାଟିକୁ ଶଙ୍କରାଚାର୍ଯ୍ୟ ଅର୍ଥକଲେ—ସବୁ ଧର୍ମ ଓ ଅଧର୍ମ ପରିତ୍ୟାଗ କରି । ଧର୍ମ ଶବ୍ଦର ଅର୍ଥ ସେହି ଧର୍ମ ନ ରହି ଧର୍ମ ଓ ଅଧର୍ମ ବାହିନି ହେବ ତାହାର କୌଣସି କାରଣ ନାହିଁ । ଏହି କଥାଟିକୁ ଭିନ୍ନ ଭିନ୍ନ ଭାଷ୍ୟକାର ଭିନ୍ନ ଭିନ୍ନ ପ୍ରକାର ଅର୍ଥ କରିଅଛନ୍ତି । ଭାରତର ସର୍ବଶ୍ରେଷ୍ଠ ଦାର୍ଶନିକ ସାର୍ ରାଧାକୃଷ୍ଣନ ଏବଂ ବ୍ରହ୍ମବିଦ୍ୟା ସମିତିର ଭୂତପୂର୍ବ ସଭାପତି ଡକ୍ଟର ବେଶାନ୍ତ ମଧ୍ୟ ଏହି କଥାଟିକୁ ଅର୍ଥ କରିଅଛନ୍ତି—ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କର । ମାତ୍ର ଯେଉଁ ଗୀତା ବାରମ୍ବାର କହୁଛି—"କାର୍ଯ୍ୟଂ କର୍ମ ସମାଚର" (୩ଯ୍-୧୯) ଅର୍ଥାତ୍ ସର୍ବଦା କର୍ତ୍ତବ୍ୟ କର୍ମ କର, "ମାମନୁସ୍ମର ଯୁଦ୍ଧ୍ୟ ଚ" (୮ମ-୭) ଅର୍ଥାତ୍ ସର୍ବଦା ଯୁଦ୍ଧ କର, ସେହି ଗୀତା ସବୁ ପ୍ରକାର କର୍ତ୍ତବ୍ୟ କର୍ମ ପରିତ୍ୟାଗ କରିବାକୁ କହିବା ସମ୍ପୂର୍ଣ୍ଣ ଅସଙ୍ଗତ ଅଟେ । ଗୀତା କହୁଛି—"କ୍ଳେଶୋଽଧିକତରସ୍ତେଷାଂ ଅବ୍ୟକ୍ତା ସକ୍ତ ଚେତସାମ୍" (୧୨ଶ-୫) ଅର୍ଥାତ୍ ଅବ୍ୟକ୍ତ ଓ କଳ୍ପନାଶ୍ରିତ ସେହି ଅଜ୍ଞେୟ ସତ୍ତାଙ୍କ ପ୍ରତି ଆସକ୍ତ ନ ହୋଇ ସର୍ବଦା ବ୍ୟକ୍ତର ଉପାସନା କର ଅର୍ଥାତ୍ ସର୍ବଦା ନିଜର କର୍ତ୍ତବ୍ୟ କର୍ମ କର ଓ ଯୁଦ୍ଧ କର । ସାରୁ ଲଗାଇଲେ ସାରୁ ପାଇବ ଓ ଆମ୍ବ ଲଗାଇଲେ ଆମ୍ବ ପାଇବ । ସାରୁ ଲଗାଇ ସେହି ଅବ୍ୟକ୍ତଙ୍କର ଶରଣ ନେଲେ ସେ ତୁମ୍ଭଙ୍କୁ ଆମ୍ବ ଦେବେ ନାହିଁ । ସେଥିପାଇଁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କରି ଅବ୍ୟକ୍ତଙ୍କର ଶରଣ ନେବାକୁ ଗୀତା ସମର୍ଥନ କରୁନାହିଁ ।

ଅନ୍ୟ ଗୋଟିଏ ଦୃଷ୍ଟାନ୍ତ—"ସ୍ୱକର୍ମଣା ତମ୍ ଅଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ" (୧୮ଶ-୪୬) ଏହି କଥାଟିର ଅର୍ଥ ହେଉଛି ନିଜର କର୍ମଦ୍ୱାରା ତାଙ୍କୁ (ସେହି ଅବ୍ୟକ୍ତ ସତ୍ତାଙ୍କୁ) ଅଭ୍ୟର୍ଚ୍ଚନା କରି ପ୍ରତ୍ୟେକ ମନୁଷ୍ୟ ସିଦ୍ଧି ପାଇ ପାରିବ । ଏଠାରେ ଥିବା "ସ୍ୱକର୍ମଣା" କଥାଟିକୁ ଅନ୍ୟ ଭାଷ୍ୟକାରମାନଙ୍କ ପରି ମହାତ୍ମାଗାନ୍ଧି ମଧ୍ୟ ଅର୍ଥ କରିଅଛନ୍ତି—

ନିଜର ବର୍ଣ୍ଣାନୁଯାୟୀ କର୍ମଦ୍ୱାରା । ମାତ୍ର କର୍ମ କଥାଟିର ଅର୍ଥ ବର୍ଣ୍ଣାନୁଯାୟୀ କର୍ମ କାହିଁକି ହେବ ତାହାର କୌଣସି କାରଣ ନାହିଁ । ଆଉ ମଧ୍ୟ ନିଜର ବର୍ଣ୍ଣାନୁଯାୟୀ କର୍ମ କରିବାକୁ ଗୀତାକାର କୌଣସିଠାରେ କହି ନାହାନ୍ତି । ଅନ୍ୟ ଗୋଟିଏ କଥା ଏହି କି ମହାତ୍ମା ଗାନ୍ଧି ବର୍ଣ୍ଣରେ ବୈଶ୍ୟ ଥିଲେ ମଧ୍ୟ ସେ ନିଜେ ବର୍ଣ୍ଣାନୁଯାୟୀ କର୍ମ କରିନାହାନ୍ତି । ଯାହା ନିଜଠାରେ ପ୍ରଯୁଜ୍ୟ ନୁହେଁ, ତାହା ଅନ୍ୟମାନଙ୍କୁ ଅର୍ଥାତ୍ ସମାଜକୁ କହିବା ଉଚିତ ବୋଧ ହେଉନାହିଁ । ୩ୟ ଅଧ୍ୟାୟ ୩୫ଶ ଶ୍ଳୋକରେ ଥିବା ସ୍ୱଧର୍ମ କଥାଟିକୁ ମଧ୍ୟ ମହାତ୍ମା ଗାନ୍ଧି ବର୍ଣ୍ଣାନୁଯାୟୀ ଧର୍ମବୋଲି ବ୍ୟାଖ୍ୟା କରିଅଛନ୍ତି ।

ଏହିସବୁ ପୂର୍ବାଚାର୍ଯ୍ୟମାନଙ୍କର ତଥା ଆଧୁନିକ ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଅର୍ଥ ଓ ମତ ଅଭ୍ରାନ୍ତ ହୋଇପାରେ ଏବଂ ମୋର ଅର୍ଥ ଓ ମତ ଭ୍ରାନ୍ତ ହୋଇପାରେ, ଏ କଥା ମୁଁ ଅସ୍ୱୀକାର କରୁନାହିଁ । ମୋର ଅଭିପ୍ରାୟ ଏହିକି ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଅର୍ଥ ଓ ମତ ସମ୍ପୂର୍ଣ୍ଣ ଅସଙ୍ଗତ ବୋଲି ବିବେଚିତ ହେଲେ ମଧ୍ୟ ସେହିସବୁ ଅସଙ୍ଗତ ଅର୍ଥକୁ ଓ ଅସଙ୍ଗତ ମତକୁ ଅଭ୍ରାନ୍ତ ବୋଲି କହିବା ଏବଂ ନିଜର ସ୍ୱାଧୀନ ମତକୁ ଚାପି ଦେଇ ରଖିବା ମଙ୍ଗଳପ୍ରଦ ନୁହେଁ । ଏହି ସବୁ ଅସଙ୍ଗତ ଅର୍ଥ ଓ ଅସଙ୍ଗତ ମତକୁ ଅନ୍ଧଭାବରେ ସମର୍ଥନ କରିବାଦ୍ୱାରା ସେହି ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତା ବଢ଼ିଯିବ ନାହିଁ ଏବଂ ସମର୍ଥନ ନ କଲେ ସେମାନଙ୍କର ବିଶିଷ୍ଟତା କମିଯିବ ନାହିଁ । ବିଶିଷ୍ଟ ବ୍ୟକ୍ତିମାନଙ୍କର ମତ ଉପରେ ଅନ୍ଧ ଭାବରେ ନିର୍ଭର କରିବା ଫଳରୁ ଆମ୍ଭେମାନେ ନିଜ ନିଜର ସ୍ୱାଧୀନ ଚିନ୍ତାଧାରାରେ ବା ମନୁଷ୍ୟତାରେ କୁଠାରାଘାତ କରି ଏବଂ ସତ୍ୟର ପରିଚୟ ପାଇବାକୁ ଚେଷ୍ଟା ନ କରି ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛୁଁ ।

## ଗୀତା ବୁଝିବାର ପ୍ରଣାଳୀ—

ଗୀତାକୁ ପ୍ରଧାନ ତିନି ଭାଗରେ ବିଭକ୍ତ କରାଯାଇଅଛି—

ପ୍ରଥମ ଭାଗ—ଗୀତାର ଆରମ୍ଭରୁ ୨ୟ ଅଧ୍ୟାୟ ୧୦ମ ଶ୍ଳୋକ । ଏହି ୧ମ ଭାଗରେ କୁହାଯାଇଅଛି ଯେ, ମମତା ଦୋଷରୁ ଏବଂ ଧର୍ମାନ୍ଧତା ଦୋଷରୁ ମନୁଷ୍ୟ ନିଜ ଜୀବନ ଯୁଦ୍ଧରେ ବା କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇପାରୁ ନାହିଁ । ମମତା ଦୋଷରୁ ଦୁଃଖ ଏବଂ ଧର୍ମାନ୍ଧତା ଦୋଷରୁ

ନରକ ପତନ ଇତ୍ୟାଦି ଭୟ। ଏହି ଦୁଃଖ ଓ ଭୟ ମନୁଷ୍ୟଙ୍କୁ ତାଙ୍କ କର୍ତ୍ତବ୍ୟ ପଥରେ ସବଦା ବାଧା ଦେଉଅଛି । ଏହି ଉପଦେଶ ଆମ୍ଭମାନଙ୍କର ପ୍ରତ୍ୟେକଙ୍କ ଜୀବନରେ ପ୍ରଯୁଜ୍ୟ ।

ଦ୍ୱିତୀୟ ଭାଗ—୨ୟ ଅଧ୍ୟାୟ ୧୧ଶ ଶ୍ଲୋକରୁ ଏହି ଅଧ୍ୟାୟ ୩୮ଶ ଶ୍ଲୋକ ପର୍ଯ୍ୟନ୍ତ । ଏହି ୨ୟ ଭାଗରେ କୁହାଯାଇଅଛି ଯେ, ମନୁଷ୍ୟର ମୃତ୍ୟୁ ନାହିଁ, ଯାହାକୁ ସେ ମୃତ୍ୟୁ ମନେ କରେ, ତାହା ହେଉଛି ଦେହର ମୃତ୍ୟୁ ବା ଦେହର ଅବସ୍ଥାର ପରିବର୍ତ୍ତନ । ମନୁଷ୍ୟର ପୂର୍ବଜନ୍ମ ଓ ପରଜନ୍ମ ଅଛି । ମାତ୍ର ଏହି ସବୁ ହେଉଛି ଶାସ୍ତ୍ରଜ୍ଞାନର କଥା ଏବଂ ଏହି ସବୁ ଶାସ୍ତ୍ରଜ୍ଞାନକୁ ସତ୍ୟ ମନେକରି ଏବଂ ଏହିତକୁ ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି ବିଚାର କଲେ, ବୁଝାଯାଉଅଛି ଯେ ମୃତ୍ୟୁ ପାଇଁ ଦୁଃଖ କରିବା ଉଚିତ ନୁହେଁ । ଅତଏବ ନିଜର କିମ୍ବା ଅନ୍ୟର ତଥାକଥିତ ମୃତ୍ୟୁ ପାଇଁ ଦୁଃଖ ନକରି ଓ ଭୟ ନକରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ସ୍ୱଭାବନିୟତ ଜୀବନ ଯୁଦ୍ଧରେ ଆନନ୍ଦରେ ଓ ନିର୍ଭୀକ ଭାବରେ ଅଗ୍ରସର ହେବା ଉଚିତ । ଏହି ଦୁଇଟି କଥା ବୁଝାଇ ଦେଇ ଏବଂ ସ୍ୱଧର୍ମ ପ୍ରତି ଦୃଷ୍ଟି ଦେବାକୁ ବୁଝାଇ ଦେଇ ଶ୍ରୀକୃଷ୍ଣ ପରିଶେଷରେ କହିଲେ—

"ତସ୍ମାତ୍ ଉତ୍ତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ (୨ୟ-୩୭)

ଅର୍ଥ—ହେ କୌନ୍ତେୟ ! ଯୁଦ୍ଧ କରିବାକୁ କୃତ ନିଶ୍ଚୟ ହୋଇ ଉଠ ।

ତୃତୀୟ ଭାଗ—୨ୟ ଅଧ୍ୟାୟର ୩୯ଶ ଶ୍ଲୋକରୁ ଗୀତାର ଶେଷ । ଏହି ୩ୟ ଭାଗରେ ବୁଝାଇ ଦିଆଯାଇଅଛି ଯେ, ପୁତ୍ରକାମନା, ଧନକାମନା ସ୍ୱର୍ଗକାମନା ଇତ୍ୟାଦିର ବଶବର୍ତ୍ତୀ ହୋଇ ଯଜ୍ଞାଦି ଶାସ୍ତ୍ରବିଧି ସବୁର ଅନ୍ଧ ଅନୁସରଣ କରନାହିଁ । ଏହି ସବୁ ଅନ୍ଧ ଅନୁସରଣକୁ ବିଶେଷ ଆଡ଼ମ୍ବରରେ ସମ୍ପନ୍ନ କରି ( କ୍ରିୟାବିଶେଷ ବହୁଳାଂ ) ଅର୍ଥାତ୍ ଅସତ୍ ବ୍ୟବହାର କରନାହିଁ । ଶାସ୍ତ୍ରଜ୍ଞାନ ଉପରେ ଅନ୍ଧ ଭାବରେ ନିର୍ଭର କରି କର୍ମବନ୍ଧନରୁ ମୁକ୍ତି ପାଇବା ଆଶାରେ କର୍ମସନ୍ନ୍ୟାସ ମଧ୍ୟ ଅବଲମ୍ବନ କରନାହିଁ । ନିଜର ବୁଦ୍ଧିକୁ ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ଭାବରେ ଗ୍ରହଣ କରି ସର୍ବଦା ନିଜର ସ୍ୱଭାବନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହୁଅ ।

ନିଜର ସେହି ସ୍ୱଭାବଜସୃଷ୍ଟ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ସେହି ଦୋଷଯୁକ୍ତ କର୍ମଦ୍ୱାରା ସର୍ବବ୍ୟାପୀ ସତ୍ତାଙ୍କୁ ଅଭ୍ୟର୍ଚ୍ଚନା କରିପାରିଲେ ପ୍ରତ୍ୟେକ ବ୍ୟକ୍ତି ସିଦ୍ଧି ପାଇପାରିବ । ଧର୍ମାନ୍ଧତା ଉପରେ ପ୍ରତିଷ୍ଠିତ ତଥାକଥିତ ଧର୍ମ ବା ଅନ୍ଧ ଅନୁସରଣ ସବୁ ପରିତ୍ୟାଗ କରି ନିଜର ବୁଦ୍ଧିର ଶରଣ ନେଇ କର୍ମକର ।

"ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ" (୨ୟ-୪୯)
"ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍" । ୧୮-୪୮ ।
"ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" । (୧୮-୬୬) ।

ଗୀତାରେ ୧୮ଟି ଅଧ୍ୟାୟ ଅଛି । ଏହି ୧୮ଟି ଅଧ୍ୟାୟରେ ୭୦୦ ଶ୍ଲୋକ ଅଛି । ଏହି ୭୦୦ ଶ୍ଲୋକ ମଧ୍ୟରୁ ପ୍ରାୟ ୫୦୦ ଶ୍ଲୋକ କେବଳ ବର୍ଣ୍ଣନାରେ ପୂର୍ଣ୍ଣ । ଏହିସବୁ ବର୍ଣ୍ଣନାରେ ଗୀତାର ପ୍ରକୃତ ଶିକ୍ଷାର କୌଣସି ସମ୍ବନ୍ଧ ନାହିଁ । ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବାକୁ ହେଲେ ୨୦୦ରୁ ଅଧିକ ଶ୍ଲୋକ ବୁଝିବାକୁ ହେବନାହିଁ । ପ୍ରତ୍ୟେକ ସତ୍ୟାନ୍ୱେଷୀ ଗୀତାପାଠକ ଏହି ସବୁ ଶ୍ଲୋକ ନିଜେ ବାଛି ନେଇ ପାରିବେ ଏବଂ ନିଜେ ବାଛିନେବା ମଧ୍ୟ ଏକାନ୍ତ ଆବଶ୍ୟକ । ପାଞ୍ଚଟି ଶ୍ଲୋକ ହେଉ ପଛେ ତାହା ନିଜେ ବାଛି ନ ନେଲେ ତଦନୁସାରେ ଜୀବନ ଗଠନ କରି ହେବ ନାହିଁ । ଯେଉଁମାନେ ପ୍ରଥମାବସ୍ଥାରେ ନିଜେ ବାଛି ନେବାକୁ ଅକ୍ଷମ, ସେମାନଙ୍କ ପାଇଁ ମୁଁ ଯାହା ବାଛି ନେଇଛି ଏବଂ ଗୀତାପାଠକ ମାନଙ୍କର ଯାହା ସର୍ବପ୍ରଥମେ ଜାଣିବା ଆବଶ୍ୟକ ବୋଲି ମୁଁ ଅନୁଭବ କରୁଛି, ସେଥିମଧ୍ୟରୁ କେତୋଟି ଶ୍ଲୋକ ମୁଁ ଏଠାରେ ଲେଖିଲି । ସେହି କେତୋଟି ଶ୍ଲୋକ ହେଉଛି—ପ୍ରଥମ ଅଧ୍ୟାୟ ୪୦ରୁ ୪୬ ଶ୍ଲୋକ, ୨ୟ ଅଧ୍ୟାୟ ୩୯ରୁ ୫୩ ଶ୍ଲୋକ, ( ଏହି ୩୯ ଶ୍ଲୋକରୁ ଗୀତାର ପ୍ରକୃତ ଶିକ୍ଷା ଆରମ୍ଭ ହୋଇଅଛି । ଅତଏବ ଏହି ଆରମ୍ଭରୁ ଏହି କେତୋଟି ମାତ୍ର ଶ୍ଲୋକର ଅର୍ଥ ଓ ଗୀତାକାରଙ୍କର ଅଭିପ୍ରାୟ ସଂଶୟଶୂନ୍ୟ ହୋଇ ବୁଝିପାରିଲେ ଏବଂ ସେହି ଅଭିପ୍ରାୟ ପ୍ରତି ଦୃଷ୍ଟି ରଖିଲେ ସମସ୍ତ ଗୀତା ଅନାୟାସରେ ବୁଝିପାରିବେ ), ୩ୟ ଅଧ୍ୟାୟ ୧ରୁ ୯, ୧୯ରୁ ୨୭ ଓ ୩୫ ଶ୍ଲୋକ, ୪ର୍ଥ ଅଧ୍ୟାୟ ୪୦ରୁ ୪୨ ଶ୍ଲୋକ, ପଞ୍ଚମ ଅଧ୍ୟାୟ ପ୍ରଥମ ୨ଟି ଶ୍ଲୋକ, ୬ଷ୍ଠ ଅଧ୍ୟାୟ ପ୍ରଥମ

୬ଟି ଶ୍ଳୋକ, ୭ମ ଅଧ୍ୟାୟ ୨୪ ଶ୍ଳୋକ, ୮ମ ଅଧ୍ୟାୟ ୭ରୁ ୧୦ ଶ୍ଳୋକ, ୯ମ ଅଧ୍ୟାୟ ୧୧ ଓ ଶେଷ ସ୍ୱେଟି ଶ୍ଳୋକ, ବା ୧୧ଶ ଅଧ୍ୟାୟ ୩୩ ଶ୍ଳୋକ, ୧୨ଶ ଅଧ୍ୟାୟ ପ୍ରଥମ ୫ଟି ଶ୍ଳୋକ, ୧୭ଶ ଅଧ୍ୟାୟ ପ୍ରଥମ ୪ଟି ଶ୍ଳୋକ, ୧୮ଶ ଅଧ୍ୟାୟ ୧୭, ୪୮, ୬୩ ଓ ୬୬ ଶ୍ଳୋକ । ଏହି କେତୋଟି ଶ୍ଳୋକ ମୁଁ କେବଳ ଉଦାହରଣ ସ୍ୱରୂପ ଲେଖିଲି । ଗୀତାପାଠକମାନେ ନିଜର ଉପଯୋଗୀ ଶ୍ଳୋକ ନିଜେ ବାଛି ନେବା ଆବଶ୍ୟକ ।

ଗୀତାରେ ଥିବା ୧୮ଟି ଅଧ୍ୟାୟର ନାମ ଦିଆଯାଇଅଛି, ବିଷାଦ ଯୋଗଠାରୁ ମୋକ୍ଷଯୋଗ ପର୍ଯ୍ୟନ୍ତ ଅଠରଟି ଯୋଗ । ମାତ୍ର ଯୋଗ କହିଲେ ଆମ୍ଭେମାନେ ଯାହା ବୁଝୁ ଏହି ସବୁ ଯୋଗ ତାହା ନୁହେଁ । ଗୀତା ଗ୍ରନ୍ଥରେ ପ୍ରବେଶ କରିବା ପାଇଁ ଏହି ୧୮ଟି ଯୋଗ ହେଉଛି ଅଠରଟି ସୋପାନ । ଅତଏବ ସର୍ବପ୍ରଥମେ ପ୍ରଥମ ସୋପାନରେ ପଦକ୍ଷେପ କରିବା ଏକାନ୍ତ ଆବଶ୍ୟକ । ଏହି ପ୍ରଥମ ସୋପାନରେ ପଦକ୍ଷେପ କରିପାରିଲେ ଅର୍ଥାତ୍ ପ୍ରଥମ ଅଧ୍ୟାୟରେ ଥିବା କେତୋଟି ମାତ୍ର ଉପଦେଶ ଗ୍ରହଣ କରି ତଦନୁସାରେ ଜୀବନଗଠନ କରିବାକୁ ଚେଷ୍ଟା କଲାପରେ ୨ୟ ଓ ୩ୟ ସୋପାନରେ କ୍ରମେ କ୍ରମେ ଅଗ୍ରସର ହୋଇପାରିବେ । ପ୍ରଥମ ତିନୋଟି ଅଧ୍ୟାୟର ଅର୍ଥ ଉପଲବ୍ଧି କରି ତଦନୁସାରେ ଜୀବନ ଗଠନ କରିବାକୁ ଚେଷ୍ଟା କଲେ ଅନ୍ୟ ଅଧ୍ୟାୟଗୁଡ଼ିକ ଅନାୟାସରେ ଅତିକ୍ରମ କରିହେବ । ପ୍ରଥମ ଅଧ୍ୟାୟର ପ୍ରଥମ କେତୋଟି ଶ୍ଳୋକରେ କେବଳ ଯୁଦ୍ଧର ବର୍ଣ୍ଣନା କରାଯାଇଅଛି । ଦଶମ ଓ ଏକାଦଶ ଅଧ୍ୟାୟ ମଧ୍ୟ କେବଳ ବର୍ଣ୍ଣନାରେ ପୂର୍ଣ୍ଣ । ତା ପରେ ୪ର୍ଥ, ୭ମ, ୯ମ, ୧୩ଶ, ୧୪ଶ, ୧୬ଶ, ୧୭ଶ, ୧୮ଶ ଅଧ୍ୟାୟମାନଙ୍କରେ ମଧ୍ୟ ଅଧିକାଂଶ ଶ୍ଳୋକ କେବଳ ବର୍ଣ୍ଣନାରେ ପୂର୍ଣ୍ଣ । ଏହି ସବୁ ବର୍ଣ୍ଣନା କରିବାରେ ଗୀତାକାରଙ୍କର କୌଣସି ଅଭିପ୍ରାୟ ଅଛି ଏ କଥା ମୁଁ ଅସ୍ୱୀକାର କରୁନାହିଁ । ମାତ୍ର ଏହି ସବୁ ଅନାବଶ୍ୟକ ବିଷୟ ଜାଣିବାକୁ ବ୍ୟାକୁଳ ନହୋଇ ସର୍ବପ୍ରଥମେ ପ୍ରଥମ ତିନୋଟି ଅଧ୍ୟାୟର ଅର୍ଥ ସଂଶୟଶୂନ୍ୟ ହୋଇ ବୁଝନ୍ତୁ ଏବଂ ନିଜର ବୁଝିବା ଅନୁସାରେ ଜୀବନ ଗଠନ କରିବାକୁ କର୍ତ୍ତବ୍ୟବୋଧ କରନ୍ତୁ । ତାପରେ ଏହି ସବୁ ବର୍ଣ୍ଣନା କାହିଁକି ସମସ୍ତ ଗୀତା ଅନାୟାସରେ ବୁଝି ପାରିବେ ।

ଗୀତାରେ ଅନେକ ଉପଦେଶ ଅଛି, ଯାହା ପ୍ରତ୍ୟେକ ମନୁଷ୍ୟର ବୋଧଗମ୍ୟ, ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ପ୍ରଯୁଜ୍ୟ ଓ ପ୍ରତ୍ୟେକ ମନୁଷ୍ୟର ଗ୍ରହଣୀୟ । ତା'ଛଡ଼ା ଭିନ୍ନ ଭିନ୍ନ ଅବସ୍ଥାରେ ଥିବା ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ଉପଦେଶ ମଧ ଅଛି । ଏପରି ସ୍ଥଳେ, ଯେଉଁସବୁ ଉପଦେଶ ପ୍ରତ୍ୟେକ ମନୁଷ୍ୟପାଇଁ ସମାନ ଭାବରେ ପ୍ରଯୁଜ୍ୟ, ତାହା ସର୍ବପ୍ରଥମେ ବାଛିନେବା ଆବଶ୍ୟକ । ଏହିସବୁ ଉପଦେଶ ବାଛିନେବା ପରେ କିମ୍ବା ବାଛିନେବା ସଙ୍ଗେ ସଙ୍ଗେ ଯେଉଁ ଉପଦେଶ ଗ୍ରହଣ କରିବାକୁ ଯେଉଁ ବ୍ୟକ୍ତି କର୍ତ୍ତବ୍ୟବୋଧ କରନ୍ତି ତାହା ସେ ନିଜେ ବାଛି ନେବା ଆବଶ୍ୟକ । ଗୀତାରୁ ଯେ କୌଣସି ନୂତନ ଉପଦେଶ ବା ନୂତନ ସତ୍ୟ ବାଛିନେଇ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବାକୁ ଚେଷ୍ଟା କଲାମାତ୍ରେ ଅବଶିଷ୍ଟ ଉପଦେଶଗୁଡ଼ିକ ବୁଝିବା ଓ ଗ୍ରହଣ କରିବା ସହଜ ହେବ । ଏହିସବୁ କଥା ମୋର ନିଜର ଅନୁଭୂତିରୁ ମୁଁ ଲେଖୁଛି । ୧୯୫୩ ସାଲରେ ସରକାରୀ କାମରୁ ପେନ୍‌ସନ୍ ନେବାପରେ ମୁଁ ପ୍ରଥମେ ଗୀତା ପଢ଼ିବାର ସୁଯୋଗ ପାଇଲି । କିପରି ପାଇଲି ଓ କାହିଁକି ପାଇଲି ତାହା ଲେଖିବା ଅନାବଶ୍ୟକ । ମୁଁ ପ୍ରଥମେ ଭକ୍ତିଯୋଗ ନାମକ ଦ୍ୱାଦଶ ଅଧ୍ୟାୟଟି ପଢ଼ିଲି । ଏହି ଅଧ୍ୟାୟରେ ୨୦ଟି ମାତ୍ର ଶ୍ଳୋକ ଅଛି । ଶ୍ଳୋକ କେତୋଟି ଅତି ସହଜରେ ବୁଝିହେଲା, ମାତ୍ର ଏହି ଅଧ୍ୟାୟର ପ୍ରଥମ ଶ୍ଳୋକଟିକୁ ଗୀତାର ଭାଷ୍ୟକାରମାନେ ଯେପରି ଅର୍ଥ କରିଅଛନ୍ତି, ତାହା ମୋତେ ସମ୍ପୂର୍ଣ୍ଣ ଭ୍ରାନ୍ତ ବୋଧ ହେଲା । ପରବର୍ତ୍ତୀ ୭-୮ଟି ଶ୍ଳୋକର ଅର୍ଥ ସ୍ଥିର କଲାପରେ ମୁଁ ସଂଶୟଶୂନ୍ୟ ହୋଇ ବୁଝି ପାରିଲି ଯେ ଗୀତାର ଭାଷ୍ୟକାରମାନେ ସାମ୍ପ୍ରଦାୟିକ ମନୋବୃତ୍ତି ପୋଷଣ କରି ଏହି କେତୋଟି ଶ୍ଳୋକର ଯେଉଁ ଅର୍ଥ କରିଅଛନ୍ତି ତାହା ଭ୍ରାନ୍ତ ଅଟେ । ମୁଁ ବୁଝିଲି ଯେ, ଏହି କେତୋଟି ଶ୍ଳୋକ ବୁଝିଲେ ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ମିଳିବ । ତାପରେ ଗୀତା ପଢ଼ିବାକୁ ମୋର ଆଗ୍ରହ ଜନ୍ମିଲା । ମୁଁ ଦେଖିଲି ଯେ ଗୀତାର ପ୍ରକୃତ ଶିକ୍ଷା ୨ୟ ଅଧ୍ୟାୟ ୩୯ ଶ୍ଳୋକରୁ ଆରମ୍ଭ ହୋଇଅଛି । ଏହି ଶ୍ଳୋକରେ ଥିବା "ସାଂଖ୍ୟେ" ଗୀତାକାର କେଉଁ ଅଭିପ୍ରାୟରେ ବ୍ୟବହାର କରିଅଛନ୍ତି ତାହା ସ୍ଥିର କରିବାକୁ ମୋତେ ଅନେକ ସମୟ ଲାଗିଲା । ୨ୟ ଅଧ୍ୟାୟ ୪୨ରୁ ୪୭ ଶ୍ଳୋକ ଓ ୫ମ ଅଧ୍ୟାୟ ପ୍ରଥମ ୨ଟି ଶ୍ଳୋକରୁ ମୁଁ ବୁଝି ପାରିଲି ଯେ ଫଳ କାମନା କରି ଶାସ୍ତ୍ରବିଧି ସବୁର ଅନ୍ଧ

ଅନୁସରଣ କରିବାକୁ ଏବଂ ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି କର୍ମବନ୍ଧନରୁ ମୁକ୍ତି ପାଇବା ଆଶାରେ କର୍ମ ସନ୍ନ୍ୟାସ ଅବଲମ୍ବନ କରିବାକୁ ଗୀତାକାର ସାଂଖ୍ୟବୁଦ୍ଧି କହିଅଛନ୍ତି । ଗୀତାରେ ଯଥାସ୍ଥାନରେ ଏ ବିଷୟର ବିଶେଷ ଆଲୋଚନା ଦେଖି ପାରିବେ । ତାପରେ ଗୀତାରୁ ମୁଁ କେତୋଟି ନୂତନ ସତ୍ୟ ପାଇଲି । ସେଥିମଧ୍ୟରୁ ସର୍ବଜନ ପ୍ରଯୁଜ୍ୟ କେତୋଟି ମାତ୍ର ଉକ୍ତି ମୁଁ ଉଦ୍ଧାର କରୁଅଛି—

୧ । ଇତି ଅନୁଶୁଶ୍ରୁମ—୧ମ-୪୪
୨ । ବ୍ୟବସାୟାତ୍ମିକା ବୁଦ୍ଧିଃ—୨ୟ-୪୧
୩ । ତାବାନ୍ ସର୍ବେଷୁ ବେଦେଷୁ—୨ୟ-୪୬ ।
୪ । ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ—୨ୟ-୫୨ ।
୫ । ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ—୨ୟ-୫୩ ।
୬ । ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ—୩ୟ ୩୫ ।
୭ । ସୁହୃଦଂ ସର୍ବ ଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି—୫ମ-୨୯ ।
୮ । ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାଂ ଅବୁଦ୍ଧୟଃ—୭ମ-୨୪ ।
୯ । ତସ୍ମାତ୍ ସର୍ବେଷୁ କାଲେଷୁ ମାମ୍ ଅନୁସ୍ମର ଯୁଧ ଚ—୮ମ-୭ ।
୧୦ । ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ।—୧୭ଶ-୩ ।
୧୧ । ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ସାତ୍ତ୍ୱିକଂ ସ୍ମୃତଂ (—୧୮-) ।

ଯେଉଁସବୁ କଥା ମୁଁ ଲେଖିଲି ତାକୁ ସତ୍ୟ ବୋଲି ଗ୍ରହଣ କରି ନେଇ ଗୀତାପାଠରେ ଅଗ୍ରସର ହେବାକୁ ହେବ, ଏପରି କଥା ମୁଁ କହୁନାହିଁ । ଏପରି କହିବାରେ ମୋର ଅଧିକାର ମଧ୍ୟ ନାହିଁ । ଏହି ସବୁ କଥା କେହି ଜଣେ ବିଶିଷ୍ଟ ବ୍ୟକ୍ତି ( ଗୁରୁ କିମ୍ବା ନେତା ) କହିଥିଲେ କିମ୍ବା ମୁଁ ଜଣେ ବିଶିଷ୍ଟ ବ୍ୟକ୍ତି ହୋଇଥିଲେ ଗୀତାପାଠକମାନେ ତାହା ବିନା ଆପତ୍ତିରେ ଗ୍ରହଣ କରିଥାଆନ୍ତେ । ମାତ୍ର ତଦ୍ଦ୍ୱାରା ସେମାନଙ୍କର କୌଣସି ଉପକାର ହୋଇ ନଥାନ୍ତା । କାରଣ, ବହୁକାଳରୁ ଅଭ୍ୟାସ ଦୋଷରୁ ସେମାନେ ସେହି ବିଶିଷ୍ଟତା ଉପରେ ନିର୍ଭର କରିଥାଆନ୍ତେ ଏବଂ ଏପରି ନିର୍ଭର କରିବାହେତୁ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବା ପାଇଁ ଯେଉଁ ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ, ସେହି ସ୍ୱାଧୀନ ଚିନ୍ତା ଉପରେ ନିର୍ଭର କରିବାର ସୁଯୋଗ ସେମାନେ ପାଇ ପାରି ନଥାନ୍ତେ । ମୋର

କୌଣସି ବିଶିଷ୍ଟତା ନ ଥିବାରୁ ଗୀତା ପାଠକମାନେ ପ୍ରକୃତ ବିଷୟ ଜାଣିବା ପାଇଁ ନିଜ ନିଜର ସ୍ୱାଧୀନ ଚିନ୍ତାର ଆଶ୍ରୟ ନେବାକୁ ବାଧ୍ୟ ହେବେ ଏବଂ ଏହି ସୁଯୋଗ ପାଇବା ମାତ୍ରେ ସେମାନେ ଅନାୟାସରେ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରି ତଦନୁସାରେ ଜୀବନ ଗଠନ କରିପାରିବେ । ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତା ଉପରେ ବା ପରଧର୍ମର ଅନ୍ଧ ଅନୁସରଣ ଉପରେ ନିର୍ଭର କରିବାର ଅନିଷ୍ଟପ୍ରଦ ଅଭ୍ୟାସ ଲୋକେ ପରିତ୍ୟାଗ କରନ୍ତୁ ଏବଂ ନିଜର ସ୍ୱାଧୀନ ଚିନ୍ତା ଉପରେ ଓ ସ୍ୱଧର୍ମ ଉପରେ ନିର୍ଭର କରି ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ ଶିଖନ୍ତୁ, ଏହାହିଁ ଗୀତାର ସର୍ବପ୍ରଧାନ ଉପଦେଶ । ଏହି ଅଭିପ୍ରାୟରେ ଗୀତାକାର ଗୀତାକୁ ଗୁହ୍ୟତମ ଶାସ୍ତ୍ର ବୋଲି କହିଅଛନ୍ତି । ଅତଏବ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବା କଥା ପଛକୁ ରଖି ନିଜ ନିଜର ସ୍ୱାଧୀନ ଚିନ୍ତାର ଆଶ୍ରୟ ନେବାକୁ ଚେଷ୍ଟା କରିବା ଏକାନ୍ତ ଆବଶ୍ୟକ । ମାତ୍ର ସ୍ୱାଧୀନ ଭାବରେ ଚିନ୍ତା କରିବା ଏବଂ ଏହି ସ୍ୱାଧୀନ ଚିନ୍ତା ଉପରେ ନିର୍ଭର କରି କର୍ମ କରିବା ଆମ୍ଭମାନଙ୍କ ପକ୍ଷରେ ବିଶେଷ କଷ୍ଟସାଧ୍ୟ ବୋଧ ହେବ । କାରଣ ବିଶିଷ୍ଟ ବ୍ୟକ୍ତିମାନଙ୍କର ମତ ଉପରେ ଓ ବିଭିନ୍ନ ଧର୍ମଗ୍ରନ୍ଥ ଉପରେ ନିର୍ଭର କରିବା ଫଳରୁ ଆମ୍ଭେମାନେ ବହୁକାଳ ହେଲା ନିଜ ନିଜର ସ୍ୱାଧୀନ ଚିନ୍ତାଧାରାକୁ ରୁଦ୍ଧ ଦେଇ ରଖିଅଛୁ । ଆଜି ଗୋଟିଏ କଥା ଏହିକି ଆମ୍ଭେମାନେ କିଏ ହିନ୍ଦୁଭାବରେ, କିଏ ମୁସଲମାନ ଭାବରେ ଏବଂ କିଏ ବୈଷ୍ଣବ ଭାବରେ ଓ କିଏ ଶାକ୍ତ ଭାବରେ ଚିନ୍ତା କରିବାକୁ ବହୁ କାଳରୁ ଅଭ୍ୟସ୍ତ । ମାତ୍ର ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ହେଲେ ଏହି ସବୁ ସଂକୀର୍ଣ୍ଣ ମନୋବୃତ୍ତି ଏବଂ ପୁରାତନ ବଦ୍ଧମୂଳ ଧାରଣା ସବୁ ମନରୁ ସମ୍ପୂର୍ଣ୍ଣ ରୂପେ ଦୂର କରିଦେବାକୁ ହେବ ଏବଂ ମୁଁ ମନୁଷ୍ୟ, ଏହି ସରଳ ମନୋବୃତ୍ତି ପୋଷଣ କରିବାକୁ ହେବ । ତା ପରେ ଆମ୍ଭେମାନେ ଗୀତାର ନୂତନ ଶିକ୍ଷା ଅନାୟାସରେ ଗ୍ରହଣ କରିପାରିବା କିମ୍ବା ଗୀତାର ନୂତନ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକ ମଧ୍ୟ ହୋଇ ନ ପାରେ ।

୧୯୫୧ ମସିହା

# ଗୀତାର ଧ୍ୟାନ

ଓଁ ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ,
ବ୍ୟାସେନ ଗ୍ରଥିତାଂ ପୁରାଣମୁନିନା ମଧ୍ୟେ ମହାଭାରତେ ।
ଅଦ୍ୱୈତାମୃତବର୍ଷିଣୀଂ ଭଗବତୀମଷ୍ଟାଦଶାଧ୍ୟାୟିନୀମ୍ ।
ଅମ୍ବ ! ତ୍ୱାମନୁସନ୍ଦଧାମି ଭଗବଦ୍‌ଗୀତେ ଭବଦ୍ୱେଷିଣୀମ୍ । ୧ ।

ଯାହା ସ୍ୱୟଂ ଭଗବାନ ନାରାୟଣ ପାର୍ଥଙ୍କୁ ବୁଝାଇଅଛନ୍ତି, ଯାହା ପ୍ରାଚୀନ ମୁନି ବ୍ୟାସଦେବ ମହାଭାରତ ମଧ୍ୟରେ ରଚନା କରିଅଛନ୍ତି, ଯାହା ଅଦ୍ୱୈତ ରୂପ ଅମୃତ ବର୍ଷଣ କରୁଅଛି, ଯାହା ଅଠରଟି ଅଧ୍ୟାୟରେ ପୂର୍ଣ୍ଣ, ସଂସାରର ଦୁଃଖ-ତାପବିନାଶିନୀ ହେ ମା ଭଗବତୀ ଭଗବଦ୍ ଗୀତେ ମୁଁ ତୁମ୍ଭଙ୍କୁ ଧ୍ୟାନ କରୁଅଛି । ୧ ।

ନମୋଽସ୍ତୁ ତେ ବ୍ୟାସ ବିଶାଳବୁଦ୍ଧେ ! ଫୁଲ୍ଲାରବିନ୍ଦାୟତପତ୍ରନେତ୍ର ।
ଯେନ ତ୍ୱୟା ଭାରତତୈଳପୂର୍ଣ୍ଣଃ, ପ୍ରଜ୍ୱାଳିତୋ ଜ୍ଞାନମୟଃ ପ୍ରଦୀପଃ ।୨।

ହେ କମଳପତ୍ରନୟନ ବିଶାଳ ବୁଦ୍ଧି ବ୍ୟାସଦେବ ! ଆପଣଙ୍କୁ ନମସ୍କାର । ଆପଣ ଗୀତା ରଚନା କରିବାଦ୍ୱାରା ଭାରତରୂପ ତୈଳଦ୍ୱାରା ପୂର୍ଣ୍ଣହୋଇଥିବା ଜ୍ଞାନମୟ ପ୍ରଦୀପକୁ ପ୍ରଦୀପ୍ତ କରିଅଛନ୍ତି । ୨ ।

ପ୍ରପନ୍ନପାରିଜାତାୟ ତୋତ୍ରବେତ୍ରୈକପାଣୟେ ।
ଜ୍ଞାନମୁଦ୍ରାୟ କୃଷ୍ଣାୟ ଗୀତାମୃତଦୁହେ ନମଃ । ୩ ।

ଶରଣାପନ୍ନ ବ୍ୟକ୍ତିର ପାରିଜାତ ସଦୃଶ, ତାଙ୍କଠାରେ ନିଜର ମନରୂପ ଲଗାମକୁ ଅର୍ପଣ କରିଥିବା ବ୍ୟକ୍ତିର ଇନ୍ଦ୍ରିୟରୂପ ଘୋଡ଼ାମାନଙ୍କୁ ପରିଚାଳନା କରିବାପାଇଁ ଯେ ଶାସନ କରିବାର ବେତ୍ର ହାତରେ ଧରି

ଅଛନ୍ତି, ଯେ ଜ୍ଞାନର ମୁଦ୍ରା, ଅର୍ଥାତ୍, ସମାଧିଭୂତ ଜ୍ଞାନ ଅଟନ୍ତି, ଯେ ଗୀତାମୃତକୁ ଦୋହନ କରିଅଛନ୍ତି, ଏପରି ଯେ ହେ ଶ୍ରୀକୃଷ୍ଣ ! ଆପଣଙ୍କୁ ନମସ୍କାର । ୩ ।

ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ,
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ । ୪ ।

ଉପନିଷଦ୍ ରୂପ ଗାଈମାନଙ୍କଠାରୁ ଗୋପାଳନନ୍ଦନ ଶ୍ରୀକୃଷ୍ଣ ପାର୍ଥରୂପ ବାଛୁରିର ଆଶ୍ରୟ ନେଇ ଗୀତାମୃତ ରୂପ ଦୁଧ ଦୁହିଁ ସୁଧୀମାନଙ୍କୁ ଖାଇବାକୁ ଦେଇଅଛନ୍ତି । ୪ ।

ବସୁଦେବସୁତଂ ଦେବଂ କଂସଚାଣୂର ମର୍ଦ୍ଦନମ୍,
ଦେବକୀପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍ । ୫ ।

ବସୁଦେବଙ୍କର ପୁତ୍ର, କଂସ ଓ ଚାଣୂରଙ୍କର ବିନାଶକାରୀ, ଦେବକୀଙ୍କର ପରମ ଆନନ୍ଦଦାତା, ସମସ୍ତ ଜଗତର ଗୁରୁ ଓ ଦେବତା ଶ୍ରୀକୃଷ୍ଣଙ୍କୁ ମୁଁ ବନ୍ଦନା କରୁଅଛି । ୫ ।

ଭୀଷ୍ମଦ୍ରୋଣତଟା ଜୟଦ୍ରଥଜଳା ଗାନ୍ଧାର ନୀଳୋତ୍ପଳା,
ଶଲ୍ୟଗ୍ରାହବତୀ କୃପେଣ ବହନୀ କର୍ଣ୍ଣେନ ବେଳାକୁଳା,
ଅଶ୍ୱତ୍ଥାମ ବିକର୍ଣ୍ଣଘୋରମକରା ଦୁର୍ଯ୍ୟୋଧନାବର୍ତ୍ତିନୀ,
ସୋତ୍ତୀର୍ଣ୍ଣା ଖଳୁ ପାଣ୍ଡବୈ ରଣନଦୀ, କୈବର୍ତ୍ତକଃ କେଶବଃ । ୬ ।

ଭୀଷ୍ମ ଓ ଦ୍ରୋଣ ଯେଉଁ ରଣନଦୀର ତଟ, ଜୟଦ୍ରଥ ଯାହାର ଜଳ, ଗାନ୍ଧାର ଯାହାର ନୀଳୋତ୍ପଳ, ଶଲ୍ୟ ଯହିଁରେ କୁମ୍ଭୀର, କୃପ ଯାହାର ସ୍ରୋତ, କର୍ଣ୍ଣ ଯାହାର ବେଳାଭୂମି, ଅଶ୍ୱତ୍ଥାମା ଓ ବିକର୍ଣ୍ଣ ଯହିଁରେ ଭୀଷଣ ମକର, ଦୁର୍ଯ୍ୟୋଧନ ଯହିଁରେ ଭଉଁରି, ତାହାକୁ ପାଣ୍ଡବମାନେ କେଶବଙ୍କୁ କର୍ଣ୍ଣଧାର କରି ପାର ହୋଇଥିଲେ । ୬ ।

ପାରାଶର୍ଯ୍ୟବଚଃ ସରୋଜମମଳଂ ଗୀତାର୍ଥଗନ୍ଧୋତ୍କଟଂ,
ନାନାଖ୍ୟାନକକେଶରଂ ହରିକଥା ସଂବୋଧନାବୋଧିତଂ,

ଲୋକେ ସଜ୍ଜନଷଟ୍‌ପଦୈରହରହଃ ପେପୀୟମାନଂ ମୁଦା,
ଭୂୟାଦ୍ ଭାରତପଙ୍କଜଂ କଲିମଲପ୍ରଧ୍ୱଂସିନଃ ଶ୍ରେୟସେ । ୭ ।

ବ୍ୟାସଦେବଙ୍କର ବାଙ୍‌ମୟ ସରୋବର ଜାତ ଯେଉଁ ଭାରତ ପଙ୍କଜରୁ ଗୀତାର ଅର୍ଥରୂପ ଉତ୍କଟ ଗନ୍ଧ କଳିଯୁଗର ଦୋଷ ଦୁର୍ବଳତା ଧ୍ୱଂସ କରୁଅଛି, ଯାହା ହରିକଥା ସମ୍ବନ୍ଧୀୟ ନାନା ଆଖ୍ୟାନରେ ପୂର୍ଣ୍ଣ ହୋଇଥିବାରୁ ସେହି ଆଖ୍ୟାନରୂପ କେଶରରୁ ସଜ୍ଜନରୂପ ଭ୍ରମରମାନେ ସର୍ବଦା ଆନନ୍ଦରେ ମଧୁପାନ କରୁଅଛନ୍ତି, ତାହା ଆମ୍ଭମାନଙ୍କର ସମସ୍ତଙ୍କର ମଙ୍ଗଳ ବିଧାନ କରୁ । ୭ ।

ଟିପ୍‌ପଣୀ—ଗୀତାପାଠ ପୂର୍ବରୁ ଏହି ସାତଟି ଶ୍ଳୋକ ଧ୍ୟାନ କରିବାର ବ୍ୟବସ୍ଥା ଅଛି । ମାତ୍ର ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବାକୁ ହେଲେ ଏହି ସାତୋଟି ଶ୍ଳୋକ ଧ୍ୟାନ କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ । ଏହି କେତୋଟି ଶ୍ଳୋକ କେହି ଜଣେ ଅଦ୍ୱୈତବାଦୀ ରଚନା କରିଅଛନ୍ତି ଯାହା ପ୍ରଥମ ଶ୍ଳୋକରେ ଥିବା "ଅଦ୍ୱୈତାମୃତବର୍ଷିଣୀଂ" କଥାଟିରୁ ପ୍ରକାଶ ପାଉଅଛି । ମାତ୍ର ଗୀତାରେ କୌଣସି ପ୍ରକାର "ବାଦ"ର ବା ସାମ୍ପ୍ରଦାୟିକତାର ସ୍ଥାନ ନାହିଁ । ପଞ୍ଚମଶ୍ଳୋକରେ ଶ୍ରୀକୃଷ୍ଣଙ୍କ ଦେବକୀ ଓ ବସୁଦେବଙ୍କର ସନ୍ତାନ ବୋଲି ଧ୍ୟାନ କରିବାକୁ କୁହାଯାଇଅଛି । ମାତ୍ର "ଅଜୋଽପିସନ୍" (୪ର୍ଥ-୬), ଯୋ ମାମଜ ମନାଦିଂ ଚ" (୧୦ମ-୩) ଇତ୍ୟାଦି ଉକ୍ତି ଗୁଡ଼ିକରୁ ପ୍ରକାଶ ଯେ, ଗୀତାର ଶ୍ରୀକୃଷ୍ଣ ଦେବକୀ ଓ ବସୁଦେବଙ୍କର ସନ୍ତାନ ନୁହନ୍ତି । ଅତଏବ ଏପରି ଧ୍ୟାନ କରିବା ଫଳରୁ ଗୀତାପାଠକମାନେ ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ପାଇ ପାରିବେ ନାହିଁ ଯାହା ଗୀତାପାଠର ଚରମ ଲକ୍ଷ୍ୟ ହେବା ଆବଶ୍ୟକ ।

ପ୍ରଥମ ଶ୍ଳୋକରେ ମା ଭଗବଦ୍‌ଗୀତାଙ୍କୁ, ୨ୟ ଶ୍ଳୋକରେ ଗୀତାର ଲେଖକ ବ୍ୟାସଦେବଙ୍କୁ ଓ ୩ୟ ଶ୍ଳୋକରେ ଶ୍ରୀକୃଷ୍ଣଙ୍କୁ ନମସ୍କାର କରିବାକୁ କୁହାଯାଇଅଛି । ମାତ୍ର ଗୀତାର ଉପଦେଶ ଅନୁସାରେ ଜୀବନ ଗଠନ କରିବାକୁ ହେଲେ ଏମାନଙ୍କୁ ନମସ୍କାର କରିବା କେବଳ ଅନାବଶ୍ୟକ ନୁହେଁ, ବରଂ ଅନ୍ତରାୟ ଅଟେ । କିପରି ଅନ୍ତରାୟ ଅଟେ, ତାହା ପରବର୍ତ୍ତୀ ଆଲୋଚନାରୁ ବୁଝିପାରିବେ । ଗୀତାର ଗୋଟିଏ ଉପଦେଶ ହେଉଛି—

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ,
କାମଃ କ୍ରୋଧସ୍ତଥା ଲୋଭଃ ତସ୍ମାତ୍ ଏତତ୍ ତ୍ରୟଂ ତ୍ୟଜେତ୍ ।
(୧୬ଶ-୨୧)

ଅର୍ଥ— କାମ, କ୍ରୋଧ ଓ ଲୋଭ, ଏମାନେ ହେଉଛନ୍ତି ନରକର ତିନିପ୍ରକାର ଦ୍ୱାର ଏବଂ ନିଜର ବିନାଶର ହେତୁ । ଅତଏବ ଏହି ତିନୋଟିକୁ ପରିତ୍ୟାଗ କରିବା ଉଚିତ । ବର୍ତ୍ତମାନ ବୁଝନ୍ତୁ, ବିନାଯୁଦ୍ଧରେ ଏହିସବୁ ପରିତ୍ୟାଗ କରିହେବ ନାହିଁ ଏବଂ ସମାଜକୁ ଏମାନଙ୍କର କରକବଳରୁ ମୁକ୍ତ କରି ହେବ ନାହିଁ । ସେଥିପାଇଁ ଶ୍ରୀକୃଷ୍ଣ ବାରମ୍ବାର କହିଅଛନ୍ତି "ଯୁଦ୍ଧକର" ।

ତସ୍ମାତ୍ ଉତ୍ତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତ ନିଶ୍ଚୟଃ (୧ମ-୩୭)
ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଦ୍ଧ୍ୟ ଚ ! (୮ମ-୭) ।

ଯୁଦ୍ଧ କରିବାକୁ ହେଲେ ଗୀତାର ୧୨ଶ ଅଧ୍ୟାୟ ୧୬ଶ ଶ୍ଳୋକରେ ଥିବା "ଅନପେକ୍ଷ" ହେବା ଅର୍ଥାତ୍, ଆତ୍ମନିର୍ଭର ହେବା ଏକାନ୍ତ ଆବଶ୍ୟକ । ମାତ୍ର ନମସ୍କାର ଓ ପ୍ରାର୍ଥନା ଇତ୍ୟାଦି କରିବା ଦ୍ୱାରା ଆତ୍ମନିର୍ଭରତା ନଷ୍ଟ ହୁଏ । ଅତଏବ ଗୀତାର ଉପଦେଶ ଅନୁସାରେ ଯୁଦ୍ଧ କରିବାକୁ ହେଲେ ଏପରି ଧ୍ୟାନ କରିବା କିମ୍ବା ନମସ୍କାର ଓ ପ୍ରାର୍ଥନା ଇତ୍ୟାଦି କରିବା କେବଳ ଅନାବଶ୍ୟକ ନୁହେଁ, ବରଂ ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ ।

୧୯୫୨ ମସିହା

# ଗୀତା

## ପ୍ରଥମ ଅଧ୍ୟାୟ—ବିଷାଦଯୋଗ

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।୧।

ଅର୍ଥ—( ଧୃତରାଷ୍ଟ୍ର ସଞ୍ଜୟଙ୍କୁ କହିଲେ ) ହେ ସଞ୍ଜୟ ! ଯୁଦ୍ଧାଭିଳାଷୀ ମୋର ଲୋକେ ଓ ପାଣ୍ଡବମାନେ ଧର୍ମକ୍ଷେତ୍ର ରୂପ କୁରୁକ୍ଷେତ୍ରରେ ସମବେତ ହୋଇ କଅଣ କଲେ ।୧।

ଟିପ୍‌ପଣୀ—'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ' ଏହି କଥାଟିରୁ ପ୍ରକାଶ ଯେ ଗୀତାକାର ଯେଉଁ କୁରୁକ୍ଷେତ୍ରକୁ ଅବଲମ୍ବନ କରି ଗୀତା ରଚନା କରିଅଛନ୍ତି ତାହା ମହାଭାରତର ଐତିହାସିକ କୁରୁକ୍ଷେତ୍ର ନୁହେଁ, ସେହି କୁରୁକ୍ଷେତ୍ର ହେଉଛି ଧର୍ମକ୍ଷେତ୍ର । କୁରୁକ୍ଷେତ୍ର କଥାଟିର ଅର୍ଥ ହେଉଛି କର୍ମକ୍ଷେତ୍ର । ସଂସାରରୂପ କୁରୁକ୍ଷେତ୍ର ବା କର୍ମକ୍ଷେତ୍ର ହେଉଛି ପ୍ରକୃତରେ 'ଧର୍ମକ୍ଷେତ୍ର' ଏହି ନୂତନ ଶିକ୍ଷା ଦେବାହିଁ ଗୀତାକାରଙ୍କର ଅଭିପ୍ରାୟ ।

ଧର୍ମ କହିଲେ ଲୋକେ ଯାହା ବୁଝିଥିଲେ ସଂସାର ସହିତ ବା ସାଂସାରିକ ସୁଖ-ଶାନ୍ତି ସହିତ ତାହାର କୌଣସି ସମ୍ବନ୍ଧ ନଥିଲା, ଆଜି ମଧ୍ୟ ନାହିଁ । ମାତ୍ର ଗୀତା-ସଂସ୍ଥାପିତ ଧର୍ମ ତାହା ନୁହେଁ—ବରଂ ଠିକ ତାର ବିପରୀତ । ଗୀତା-ସଂସ୍ଥାପିତ ଧର୍ମ ହେଉଛି – ସାଂସାରିକ ସୁଖଶାନ୍ତି ଭୋଗ କରିବାପାଇଁ ସର୍ବଦା ଯୁଦ୍ଧକରିବା ଓ କର୍ମ କରିବା । ଶ୍ରୀକୃଷ୍ଣ କହିଅଛନ୍ତି :—

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୂନ୍ ଭୁଙ୍‌କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ॥ ୧୧ଶ—୩୩

ଅର୍ଥ—ଅତଏବ ତୁମ୍ଭେ ଉଠ, ଯଶ ଲାଭ କର ଏବଂ ଶତ୍ରୁମାନଙ୍କୁ ଜୟକରି ସମୃଦ୍ଧ ରାଜ୍ୟ ଭୋଗ କର ।

'ଯୁଯୁତ୍ସବଃ' ଅର୍ଥାତ୍ ଯୁଦ୍ଧାଭିଳାଷୀ, ଏହି କଥାଟିରୁ ପ୍ରକାଶ ଯେ ଏହି ସଂସାରରୂପ କର୍ମକ୍ଷେତ୍ର କେବଳ ଧର୍ମକ୍ଷେତ୍ର ନୁହେଁ, ଏହା ଧର୍ମକ୍ଷେତ୍ର ଓ ଯୁଦ୍ଧକ୍ଷେତ୍ର ।

କର୍ତ୍ତବ୍ୟ କର୍ମ କରିବାକୁ ହେଲେ କଅଣ ଆବଶ୍ୟକ, କଅଣ ଅନାବଶ୍ୟକ, କଅଣ ସତ୍ୟ, କଅଣ ଅସତ୍ୟ, କଅଣ ନ୍ୟାଯ୍ୟ, କଅଣ ଅନ୍ୟାଯ୍ୟ ତାହା ପ୍ରତି ପଦକ୍ଷେପରେ ବିଚାର କରି ଯାହା ଅନାବଶ୍ୟକ, ଅସତ୍ୟ ଓ ଅନ୍ୟାଯ୍ୟ ତାହା ପରିତ୍ୟାଗ କରିବାକୁ ହେବ ଏବଂ ଯାହା ଆବଶ୍ୟକ, ସତ୍ୟ ଓ ନ୍ୟାଯ୍ୟ ତାହାହିଁ କରିବାକୁ ହେବ । ଏମାନଙ୍କୁ ପରିତ୍ୟାଗ କରିବାକୁ ହେଲେ ଏମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ଏକାନ୍ତ ଆବଶ୍ୟକ । କାରଣ ବିନା ଯୁଦ୍ଧରେ କୌଣସି ବିଷୟ ପରିତ୍ୟାଗ କରି ହେବନାହିଁ । ଅତଏବ ପ୍ରତ୍ୟେକ କର୍ତ୍ତବ୍ୟ କର୍ମ ସହିତ ଯୁଦ୍ଧର ଘନିଷ୍ଠ ସମ୍ବନ୍ଧ । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି—

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ ॥ ୮ମ—୭

ଅର୍ଥ—ଅତଏବ ସର୍ବଦା ମୋତେ ସ୍ମରଣ କର ଓ ଯୁଦ୍ଧକର ।

### ସଞ୍ଜୟ ଉବାଚ

ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢଂ ଦୁର୍ଯ୍ୟୋଧନସ୍ତଦା ।
ଆଚାର୍ଯ୍ୟମୁପସଙ୍ଗମ୍ୟ ରାଜା ବଚନମବ୍ରବୀତ୍ । ୨ ।
ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂଂ ।
ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା । ୩ ।
ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜ୍ଜୁନସମାଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ । ୪ ।

ଧୃଷ୍ଟକେତୁଶ୍ଚେକିତାନଃ କାଶୀରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍ କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ । ୫ ।
ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ ।
ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବ ଏବ ମହାରଥାଃ । ୬ ।
ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ ।
ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍ ବ୍ରବୀମି ତେ । ୭ ।
ଭବାନ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।
ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିର୍ଜୟଦ୍ରଥଃ । ୮ ।
ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ
ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧ ବିଶାରଦାଃ । ୯ ।
ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତଂ ।
ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତଂ । ୧୦ ।
ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି । ୧୧ ।
ତସ୍ୟ ସଞ୍ଜନୟନ ହର୍ଷଂ କୁରୁବୃଦ୍ଧଃ ପିତାମହ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖ ଦଧ୍ମୌ ପ୍ରତାପବାନ୍ । ୧୨ ।
ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ । ୧୩ ।
ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ । ୧୪ ।

ଅର୍ଥ—ସଞ୍ଜୟ କହିଲେ

ପାଣ୍ଡବମାନଙ୍କୁ ବ୍ୟୂହାକାରରେ ଅବସ୍ଥିତ ଦେଖି ରାଜା ଦୁର୍ଯ୍ୟୋଧନ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ କହିଲେ । ୨ । ହେ ଆଚାର୍ଯ୍ୟ ! ଆପଣଙ୍କର ଶିଷ୍ୟ ଧୀମାନ ଦ୍ରୁପଦପୁତ୍ରଙ୍କ ଦ୍ୱାରା ବ୍ୟୂହାକାରରେ ଅବସ୍ଥାପିତ, ପାଣ୍ଡୁ-ପୁତ୍ରମାନଙ୍କର ଏହି ମହତୀ ସେନା ଦେଖନ୍ତୁ । ୩ । ଏହି ସେନା ମଧ୍ୟରେ ଶୂରମାନେ ମହା ଧନୁର୍ଦ୍ଧାରୀ ଏବଂ ଯୁଦ୍ଧରେ ଭୀମ ଅର୍ଜ୍ଜୁନଙ୍କ ସମାନ ଅଟନ୍ତି—ଯୁଯୁଧାନ, ବିରାଟ ମହାରଥ ଦ୍ରୁପଦ, । ୪ । ଧୃଷ୍ଟକେତୁ, ଚେକିତାନ, ବୀର୍ଯ୍ୟବାନ କାଶୀରାଜ, ପୁରୁଜିତ୍, କୁନ୍ତିଭୋଜ, ନରଶ୍ରେଷ୍ଠ

ଶୈବ୍ୟ । ୫ । ବିକ୍ରମଶୀଳ ଯୁଧାମନ୍ୟୁ, ବୀର୍ଯ୍ୟବାନ ଉତ୍ତମୌଜା, ସୁଭଦ୍ରା କୁମାର ଏବଂ ଦ୍ରୌପଦୀପୁତ୍ରମାନେ ଏମାନେ ସମସ୍ତେ ମହାରଥୀ ଅଟନ୍ତି ।୬। ହେ ଦ୍ୱିଜୋତ୍ତମ ! ଆମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ବିଶିଷ୍ଟ ଏବଂ ମୋ ସେନାର ନାୟକ, ସେମାନଙ୍କୁ ମଧ୍ୟ ଜଣାନ୍ତୁ । ଆପଣଙ୍କର ଜାଣିବା ପାଇଁ ସେମାନଙ୍କର ନାମ କହୁଛି । ୭ । ଆପଣ ଭୀଷ୍ମ, କର୍ଣ୍ଣ, ରଣଜୟୀ କୃପାଚାର୍ଯ୍ୟ, ଅଶ୍ୱତ୍ଥାମା, ବିକର୍ଣ୍ଣ, ସୋମଦତ୍ତ, ଜୟଦ୍ରଥ । ୮ । ଏବଂ ନାନାଶାସ୍ତ୍ର ବ୍ୟବହାରକ୍ଷମ ଓ ଯୁଦ୍ଧବିଶାରଦ ଆଉ ଅନେକ ବୀର ମୋ ପାଇଁ ଜୀବନ ଉତ୍ସର୍ଗ କରି ରହିଅଛନ୍ତି । ୯ । ଭୀଷ୍ମଙ୍କ ଦ୍ୱାରା ଅଭିରକ୍ଷିତ ଆମ୍ଭମାନଙ୍କର ବଳ ଅପର୍ଯ୍ୟାପ୍ତ ଏବଂ ଭୀମଙ୍କ ଦ୍ୱାରା ଅଭିରକ୍ଷିତ ଏମାନଙ୍କର ଏହି ବଳ ପର୍ଯ୍ୟାପ୍ତ ଅଟେ । ୧୦ । ଆପଣମାନେ ସମସ୍ତେ ସବୁ ବ୍ୟୂହଦ୍ୱାରରେ ବିଭାଗ ଅନୁସାରେ ରହି ଭୀଷ୍ମଙ୍କୁ ସର୍ବତୋଭାବେ ରକ୍ଷା କରନ୍ତୁ । ୧୧ । ଦୁର୍ଯ୍ୟୋଧନଙ୍କର ଆନନ୍ଦ ଉତ୍ପାଦନ ପାଇଁ ପ୍ରତାପଶାଳୀ କୁରୁ ବୃଦ୍ଧ ପିତାମହ ଭୀଷ୍ମ ଉଚ୍ଚସ୍ୱରରେ ସିଂହନାଦ କରି ଶଙ୍ଖ ବଜାଇଲେ । ୧୨ । ତା ପରେ ଶଙ୍ଖ, ଭେରୀ, ପଣବ, ଆନକ ଓ ଗୋମୁଖ ସବୁ ହଠାତ୍ ବାଜି ଉଠିଲା ଓ ସେହି ଶବ୍ଦ ତୁମୁଳ ହେଲା ।୧୩। ତାପରେ ଶ୍ୱେତ ଅଶ୍ୱମାନଙ୍କ ଦ୍ୱାରା ଯୁକ୍ତ ବୃହତ୍ ରଥରେ ଅବସ୍ଥିତ ମାଧବ ଓ ପାଣ୍ଡବ ଦିବ୍ୟଶଙ୍ଖ ବଜାଇଲେ । ୧୪ ।

ଟିପ୍ପଣୀ—୧୪ଶ ଶ୍ଳୋକରେ ଥିବା ଶ୍ୱେତଅଶ୍ୱ ଓ ବୃହତ୍-ରଥ ଏହି ଦୁଇଟି କଥା ଯଥାକ୍ରମେ ଅର୍ଜ୍ଜୁନଙ୍କର ପବିତ୍ର ଇନ୍ଦ୍ରିୟମାନଙ୍କୁ ଏବଂ ତାଙ୍କର ସୁସ୍ଥ ଓ ସବଳ ଶରୀରକୁ ବୁଝାଉଅଛି । ଗୀତାକାରଙ୍କର ଅଭିପ୍ରାୟ ଏହିକି ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରିବାକୁ ହେଲେ ଶରୀରକୁ ସୁସ୍ଥ ଓ ସବଳ ରଖିବା ଏବଂ ଇନ୍ଦ୍ରିୟମାନଙ୍କୁ ପବିତ୍ର ରଖିବା ଏକାନ୍ତ ଆବଶ୍ୟକ । ଦିବ୍ୟ ଶଙ୍ଖ ଏହି କଥାଟିରୁ ପ୍ରକାଶ ଯେ ଗୀତା ବର୍ଣ୍ଣିତ ଯୁଦ୍ଧ ହେଉଛି ଦିବ୍ୟଯୁଦ୍ଧ ବା ଜୀବନଯୁଦ୍ଧ । ପରବର୍ତ୍ତୀ ବର୍ଣ୍ଣନାରୁ ଆମ୍ଭେମାନେ ଜାଣି ପାରିବୁଁ ଯେ ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନ ଯଥାକ୍ରମେ ପାଞ୍ଚଜନ୍ୟ ଶଙ୍ଖ ଓ ଦେବଦତ୍ତ ଶଙ୍ଖ ବଜାଇଲେ । ଅର୍ଜ୍ଜୁନଙ୍କର ଭାଇମାନେ ଓ ଅନ୍ୟ ଯୋଦ୍ଧାମାନେ ମଧ୍ୟ ନିଜ ନିଜର ଶଙ୍ଖ ବଜାଇଲେ ॥ କେବଳ ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନ ଦିବ୍ୟ ଶଙ୍ଖ ବଜାଇଲେ ॥ ଏହି ବର୍ଣ୍ଣନାରୁ ଜଣାଯାଉଅଛି ଯେ,

ଗୀତା ବର୍ଣ୍ଣିତ ଦିବ୍ୟଯୁଦ୍ଧ ସହିତ ଅନ୍ୟ ଯୋଦ୍ଧାମାନଙ୍କର କିମ୍ବା ଯୁଧିଷ୍ଠିର ପ୍ରଭୃତିଙ୍କର କୌଣସି ସମ୍ବନ୍ଧ ନାହିଁ ।

ଟିପ୍ପଣୀ—ଶ୍ୱେତ ଅଶ୍ୱ, ବୃହତରଥ ଓ ଦିବ୍ୟଶଙ୍ଖ ଏହି ତିନୋଟି କଥା ଗୀତାକାର କେଉଁ ଅଭିପ୍ରାୟରେ ବ୍ୟବହାର କରିଅଛନ୍ତି ତାହା ବୁଝିବାକୁ ହେଲେ କଠୋପନିଷଦର ନିମ୍ନଲିଖିତ ମନ୍ତ୍ରଟି ବୁଝିବା ଏକାନ୍ତ ଆବଶ୍ୟକ । ଆଉ ମଧ୍ୟ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବାକୁ ହେଲେ କିମ୍ବା ନିଜ ନିଜର ସ୍ୱଭାବନିୟତ ଜୀବନଯୁଦ୍ଧରେ ଅଗ୍ରସର ହେବାକୁ ହେଲେ ଏହି ମନ୍ତ୍ରଟିର ଅର୍ଥ ଉପଲବ୍ଧି କରିବା ଏକାନ୍ତ ଆବଶ୍ୟକ । ମନ୍ତ୍ରଟି ହେଉଛି—

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ
ଇନ୍ଦ୍ରିୟାଣି ହୟାନାହୁଃ ବିଷୟାଂସ୍ତେଷୁ ଗୋଚରାନ୍ ।

* * * * *

ବିଜ୍ଞାନସାରଥିର୍ଯସ୍ତୁ ମନଃ ପ୍ରଗ୍ରହବାନ ନରଃ
ସୋଽଧ୍ୱନଃ ପାରମାପ୍ନୋତି ତଦ୍‌ବିଷ୍ଣୋଃ ପରମଃ ପଦଂ ।

ଅର୍ଥ—ନିଜକୁ ରଥୀ ବା ଯୋଦ୍ଧା, ଶରୀରକୁ ରଥ, ବୁଦ୍ଧିକୁ ସାରଥି, ମନକୁ ଲଗାମ, ଇନ୍ଦ୍ରିୟମାନଙ୍କୁ ଘୋଡ଼ା ଏବଂ ବିଷୟ ସବୁକୁ ଗୋଚର ବା ସେହି ଘୋଡ଼ାମାନଙ୍କର ଚରିବାର ସ୍ଥାନ ବୋଲି ଜାଣ ।

ବିଜ୍ଞାନ ଯାହାଙ୍କର ସାରଥି ଏବଂ ମନ ଯାହାଙ୍କର ଲଗାମ, ସେ ଏହି ସଂସାରକୁ ପାର ହୋଇ ବିଷ୍ଣୁଙ୍କର ପରମପଦ ଲାଭ କରନ୍ତି ।

ଗୀତାକାର ଶ୍ରୀକୃଷ୍ଣଙ୍କୁ ଅର୍ଜ୍ଜୁନଙ୍କର ସାରଥି ଭାବରେ ବର୍ଣ୍ଣନା କରିବା ଏବଂ କଠୋପନିଷଦର ଋଷି ଏହି ମନ୍ତ୍ରଟିରେ ନିଜର ବୁଦ୍ଧିକୁ ବା ବିଜ୍ଞାନକୁ ସାରଥି ଭାବରେ ଗ୍ରହଣ କରିବାକୁ ଉପଦେଶ ଦେବା, ଏହି ଦୁଇଟି କଥା ଅଭ୍ରାନ୍ତ ଭାବରେ ପ୍ରମାଣ ଦେଉଅଛି ଯେ, ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିର ବିଜ୍ଞାନ ବା ଶୁଦ୍ଧ ବିବେକ ବୁଦ୍ଧି

ଏବଂ ଜୀବନ ଯୁଦ୍ଧରେ ଏକମାତ୍ର ସାରଥି । ସେଥିପାଇଁ ଗୀତାକାର କହିଅଛନ୍ତି: -

ବୁଦ୍ଧୌ ଶରଣମନ୍ୱିଚ୍ଛ (୨ଯ୍-୪୯) ଅର୍ଥାତ୍ ବୁଦ୍ଧିକୁ ସାରଥି ଭାବରେ ଗ୍ରହଣ କରି କର୍ମ କରିବାକୁ ଇଚ୍ଛାକର ॥

ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ।୧୫।
ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ ସୁଘୋଷ ମଣିପୁଷ୍ପକୌ । ୧୬ ।
କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ । ୧୭ ।
ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ
ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ । ୧୮ ।
ସଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍
ନଭଶ୍ଚ ପୃଥିବୀଞ୍ଚୈବ ତୁମୁଲୋବ୍ୟନୁନାଦୟନ୍ । ୧୯ ।
ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ
ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ॥
ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ । ୨୦ ।

ଅର୍ଥ—ହୃଷୀକେଶ "ପାଞ୍ଚଜନ୍ୟ" ଶଙ୍ଖ, ଧନଞ୍ଜୟ "ଦେବଦତ୍ତ" ଶଙ୍ଖ ଏବଂ ଭୀମକର୍ମା ବୃକୋଦର "ପୌଣ୍ଡ୍ର" ନାମକ ମହାଶଙ୍ଖ ବଜାଇଲେ । ୧୫ । କୁନ୍ତୀପୁତ୍ର ରାଜା ଯୁଧିଷ୍ଠିର "ଅନନ୍ତ ବିଜୟ" ଶଙ୍ଖ ନକୁଳ ଓ ସହଦେବ "ସୁଘୋଷ" ଓ "ମଣିପୁଷ୍ପକ" ନାମକ ଶଙ୍ଖଦ୍ୱୟ ବଜାଇଲେ । ୧୬ । ମହାଧନୁର୍ଦ୍ଧାରୀ କାଶୀପତି, ମହାରଥ ଶିଖଣ୍ଡି, ଧୃଷ୍ଟଦ୍ୟୁମ୍ନ, ବିରାଟ, ଅପରାଜିତ ସାତ୍ୟକି । ୧୭ । ଦ୍ରୁପଦ ଓ ଦ୍ରୌପଦୀ ତନୟମାନେ ଏବଂ ମହାବାହୁ ସୁଭଦ୍ରାକୁମାର ସମସ୍ତେ ସବୁ ଦିଗରୁ ପୃଥକ୍ ପୃଥକ୍ ଶଙ୍ଖ ବଜାଇଲେ । ୧୮ । ସେହି ତୁମୁଳ ଶବ୍ଦ ଆକାଶ ପୃଥିବୀକୁ ପ୍ରତିଧ୍ୱନିତ କରି ଧାର୍ତ୍ତରାଷ୍ଟ୍ରମାନଙ୍କର ହୃଦୟ ସବୁ ବିଦୀର୍ଣ୍ଣ କଲା । । ୧୯ । ତା ପରେ ହେ ମହୀପତେ ! ଶସ୍ତ୍ର ସମ୍ପାତ ଆରମ୍ଭରେ

ଧାର୍ତ୍ତରାଷ୍ଟ୍ରମାନଙ୍କୁ ବ୍ୟବସ୍ଥିତ ଦେଖି କପିଧ୍ୱଜପାଣ୍ଡବ ଧନୁ ଉତ୍ତୋଳନ ପୂର୍ବକ ହୃଷୀକେଶଙ୍କୁ ଏହି କଥା କହିଲେ । ୨୦ ।

### ଅର୍ଜ୍ଜୁନ ଉବାଚ

ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ । ୨୧ ।
ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ
କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ । ୨୨ ।
ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।
ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ । ୨୩ ।

### ଅର୍ଜ୍ଜୁନ କହିଲେ

ଅର୍ଥ – ହେ ଅଚ୍ୟୁତ ! ଯେ ପର୍ଯ୍ୟନ୍ତ ଅବସ୍ଥିତ ଏହି ଯୁଦ୍ଧାର୍ଥୀମାନଙ୍କୁ ମୁଁ ନିରୀକ୍ଷଣ ନ କରିଛି ଏବଂ ଯୁଦ୍ଧରେ କେଉଁମାନଙ୍କ ସହିତ ମୋତେ ଯୁଦ୍ଧ କରିବାକୁ ହେବ ଏବଂ ଦୁର୍ମ୍ମତି ଦୁର୍ଯ୍ୟୋଧନଙ୍କର ହିତୈଷୀ, ସମାଗତ ଯୁଦ୍ଧୋଦ୍ୟତମାନଙ୍କୁ ମୁଁ ଯେ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣ ନ କରିଛି, ସେ ପର୍ଯ୍ୟନ୍ତ ଏହି ଉଭୟ ସେନା ମଧ୍ୟରେ ମୋର ରଥ ସ୍ଥାପନ କର ।

୨୧ । ୨୨ । ୨୩ ।

ଟିପ୍ପଣୀ—ଯୁଦ୍ଧକ୍ଷେତ୍ରକୁ ଆସିବା ପୂର୍ବରୁ ଅର୍ଜ୍ଜୁନଙ୍କର ଜାଣିବା ସ୍ୱାଭାବିକ ଯେ ତାଙ୍କୁ ନିଜର ଭାଇ, ବନ୍ଧୁ ଓ ଗୁରୁଶ୍ରେଣୀସ୍ଥ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ମାତ୍ର ଯୁଦ୍ଧକ୍ଷେତ୍ରକୁ ଆସି ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରି ସାରି ନିଜେ ଧନୁ ଉତ୍ତୋଳନ କଲାପରେ ସେ ଶ୍ରୀକୃଷ୍ଣଙ୍କୁ କହୁଅଛନ୍ତି—"କେଉଁମାନଙ୍କ ବିରୁଦ୍ଧରେ ମୋତେ ଯୁଦ୍ଧ କରିବାକୁ ହେବ ତାହା ମୁଁ ନଦେଖିବା ପର୍ଯ୍ୟନ୍ତ ମୋର ରଥ ସେହିଠାରେ ରଖ ।" ପ୍ରକୃତ କଥା ଏହିକି ଯଶଲାଭ ଏବଂ ରାଜ୍ୟ ସୁଖ ଭୋଗ ପାଇଁ ନରହତ୍ୟା କରିବା ହେଉଛି ଅର୍ଜ୍ଜୁନଙ୍କର ସହଜାତ କର୍ମ ବା ସ୍ୱଭାବନିୟତ କର୍ମ । ସେହି ସ୍ୱଭାବ ନିୟତ କର୍ମଦ୍ୱାରା ପରିଚାଳିତ ହୋଇ ସଂସାର ରୂପ ଯୁଦ୍ଧକ୍ଷେତ୍ରକୁ ଅର୍ଜ୍ଜୁନ ଆସିଥିଲେ । ମାତ୍ର ନିଜର ସ୍ୱଭାବନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହେବା ସମୟରେ ମୋର ଭାଇ, ମୋର ବନ୍ଧୁ ଆମର

ଗୁରୁ ଇତ୍ୟାଦି ମମତା ଦୋଷ ଅର୍ଜ୍ଜୁନଙ୍କ ମନରେ ଉପସ୍ଥିତ ହେବାରୁ ସେ ନିଜର ସ୍ୱଭାବନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହୋଇପାରୁ ନାହାନ୍ତି । ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବୁଝାଇଦେବେ ଯେ ନିଜର କର୍ତ୍ତବ୍ୟ ନିକଟରେ ବା ସ୍ୱଧର୍ମ ନିକଟରେ ମୋର ଭାଇ, ମୋର ବନ୍ଧୁ, ଆମର ଦେଶ, ଆମର ଜାତି, ଆମର ଧର୍ମ ଇତ୍ୟାଦି ମମତାର ବା ସଂକୀର୍ଣ୍ଣତାର ସ୍ଥାନ ନାହିଁ ॥

'ସେ ପର୍ଯ୍ୟନ୍ତ' ଓ 'ମୋର ରଥ' ଏହି ଦୁଇଟି କଥାରୁ ପ୍ରକାଶ ଯେ ଶ୍ରୀକୃଷ୍ଣଙ୍କୁ ଅର୍ଜ୍ଜୁନ ନିଜର ସାରଥି ବା ରଥର ଚାଳକ ଭାବରେ ଆଦେଶ ଦେଉଅଛନ୍ତି ଏବଂ ସେହି ଶ୍ରୀକୃଷ୍ଣ ଯେ ସମସ୍ତ ମାନବ ଜାତିର ତଥା ପ୍ରତ୍ୟେକ ବ୍ୟକ୍ତିର ଏକମାତ୍ର ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ଏକଥା ଅର୍ଜ୍ଜୁନ ବର୍ତ୍ତମାନ ଜାଣିନାହାନ୍ତି । ବାସ୍ତବିକ ଅର୍ଜ୍ଜୁନ ହେଉଛନ୍ତି ରଥର ମାଲିକ ଓ ଯୋଦ୍ଧା ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ତାଙ୍କର ରଥର ଚାଳକ, ଯାହା କଠୋପନିଷଦର ପୂର୍ବୋକ୍ତ ମନ୍ତ୍ରଟିରେ କୁହାଯାଇଅଛି ।

ସଞ୍ଜୟ ଉବାଚ

ଏବମୁକ୍ତୋ ହୃଷୀକେଶୋ ଗୁଡ଼ାକେଶେନ ଭାରତ ।
ସେନୟୋରୁଭୟୋର୍ମ୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ । ୨୪ ।
ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବ୍ବେଷାଞ୍ଚ ମହୀକ୍ଷିତାଂ ।
ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି । ୨୫ ।
ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୃନାଥ ପିତାମହାନ୍ ।
ଆଚାର୍ଯ୍ୟାନ୍ ମାତୁଲାନ୍ ଭ୍ରାତୃନ୍ ପୁତ୍ରାନ୍ ପୌତ୍ରାନ୍ ସଖୀଂସ୍ତଥା ।
ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି ।
ତାନ୍ ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବ୍ବାନ୍ ବନ୍ଧୂନବସ୍ଥିତାନ ।
କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ । ୨୭ ।

ସଞ୍ଜୟ କହିଲେ

ଅର୍ଥ—ହେ ଭାରତ ! ଗୁଡ଼ାକେଶଙ୍କ ଦ୍ୱାରା ଏହିପରି କଥିତ ହୋଇ ହୃଷୀକେଶ ଉଭୟ ସେନା ମଧ୍ୟରେ ଭୀଷ୍ମଦ୍ରୋଣାଦିଙ୍କ ସମ୍ମୁଖରେ ଓ ସବୁ ରାଜାମାନଙ୍କର ସମ୍ମୁଖରେ ଅର୍ଜ୍ଜୁନଙ୍କର 'ଉତ୍ତମ' ରଥ ରଖି କହିଲେ,

"ହେ ପାର୍ଥ ! ସମବେତ ଏହିସବୁ କୁରୁମାନଙ୍କୁ ଦେଖ"—୨୫ । ୨୬
ପାର୍ଥ ସେଠାରେ ଉଭୟ ସେନା ମଧ୍ୟରେ ଅବସ୍ଥିତ ପିତୃବ୍ୟ, ପିତାମହ, ଆଚାର୍ଯ୍ୟ, ମାତୁଳ, ଭ୍ରାତା, ପୁତ୍ର, ପୌତ୍ର, ସଖା, ଶ୍ୱଶୁର ଏବଂ ସୁହୃଦ୍‌ମାନଙ୍କୁ ଦେଖିଲେ । ସେହି କୌନ୍ତେୟ ଅବସ୍ଥିତ ସେହିସବୁ ବନ୍ଧୁମାନଙ୍କୁ ଦେଖି ଅତୀବ କୃପାବିଷ୍ଟ ଓ ବିଷାଦ ଯୁକ୍ତ ହୋଇ କହିଲେ । ୨୬-୨୭ ।

## ମମତା ଦୋଷରୁ ଦୁଃଖ ଓ କର୍ତ୍ତବ୍ୟରୁ ନିବୃତ୍ତି

### ଅର୍ଜୁନ ଉବାଚ

ଦୃଷ୍ଟ୍ୱେମାନ୍ ସ୍ୱଜନାନ୍ କୃଷ୍ଣ ଯୁଯୁତ୍ସୂନ୍ ସମବସ୍ଥିତାନ୍
ସୀଦନ୍ତି ମମ ଗାତ୍ରାଣି ମୁଖଞ୍ଚ ପରିଶୁଷ୍ୟତି । ୨୮ ।
ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ
ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ ତ୍ୱକ୍ ଚୈବ ପରିଦହ୍ୟତେ । ୨୯ ।
ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ
ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ । ୩୦ ।
ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ
ନ କାଙ୍କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟ ସୁଖାନି ଚ । ୩୧ ।
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା
ଯେଷାମର୍ଥେ କାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ । ୩୩ ।
ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ
ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସମ୍ବନ୍ଧିନସ୍ତଥା । ୩୪ ।
ଏତାନ୍ନହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂନୁ ମହୀକୃତେ । ୩୫ ।
ନିହତ୍ୟ ଧାର୍ତ୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦ୍ଦନ ।
ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ । ୩୬ ।
ତସ୍ମାନ୍ନାର୍ହାବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ।
ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ । ୩୭ ।

ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।
କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକଂ । ୩୮ ।
କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।
କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ଜନାର୍ଦ୍ଦନ । ୩୯ ।

## ଅର୍ଜୁନ କହିଲେ

ଅର୍ଥ -ହେ କୃଷ୍ଣ ! ଯୁଦ୍ଧାଭିଳାଷୀ ଏହିସବୁ ସ୍ୱଜନମାନଙ୍କୁ ସମବସ୍ଥିତ ଦେଖି ମୋର ଗାତ୍ର ଅବସନ୍ନ ହେଉଛି ଏବଂ ମୁଖ ଶୁଷ୍କ ହେଉଛି । ୨୮ । ଶରୀରରେ କମ୍ପ ଓ ରୋମହର୍ଷ ଜନ୍ମୁଛି, ହାତରୁ ଗାଣ୍ଡିବ ଖସି ପଡୁଛି ଏବଂ ଚର୍ମ୍ମ ଦଗ୍‌ଧପ୍ରାପ୍ତ ହେଉଛି । ୨୯ । ହେ କେଶବ ! ମୁଁ ସ୍ଥିର ହୋଇ ରହି ପାରୁନାହିଁ, ମୋର ମନ ଯେପରି କି ଘୂରୁଛି ଏବଂ ମୁଁ ବିପରୀତ ଲକ୍ଷଣ ସବୁ ଦେଖୁଛି । ୩୦ । ହେ କୃଷ୍ଣ ! ଯୁଦ୍ଧରେ ସ୍ୱଜନମାନଙ୍କୁ ବିନାଶ କରିବାରେ ମୁଁ ମଙ୍ଗଳ ଦେଖୁନାହିଁ । ମୁଁ ବିଜୟ, ରାଜ୍ୟ ଓ ସୁଖ କିଛି ମାତ୍ର ଆକାଂକ୍ଷା କରୁନାହିଁ । ୩୧ । ହେ ଗୋବିନ୍ଦ ! ରାଜ୍ୟ, ଭୋଗ ଓ ଜୀବନ ଧାରଣରେ ଆମ୍ଭମାନଙ୍କର କ'ଣ ହେବ ? ୩୨ । ଯେଉଁମାନଙ୍କ ପାଇଁ ଏହି ରାଜ୍ୟ, ଭୋଗ ଓ ସୁଖ ଆକାଂକ୍ଷିତ ସେହି ଆଚାର୍ଯ୍ୟ, ପିତୃବ୍ୟ, ପୁତ୍ର, ପିତାମହ, ମାତୁଳ, ଶ୍ୱଶୁର, ପୌତ୍ର ଶ୍ୟାଳକ ଓ ସମ୍ବନ୍ଧୀମାନେ ଧନ ଓ ପ୍ରାଣର ଆଶା ପରିତ୍ୟାଗ କରି ଯୁଦ୍ଧରେ ଅବସ୍ଥିତ । । ୩୩ । ୩୪ । ହେ ମଧୁସୂଦନ ! ଏମାନେ ମୋତେ ନିହତ କଲେ ସୁଦ୍ଧା କେବଳ ପୃଥିବୀ କାହିଁକି, ତ୍ରୈଲୋକ୍ୟ ରାଜ୍ୟ ସକାଶେ ମଧ୍ୟ ମୁଁ ଏମାନଙ୍କୁ ବଧ କରିବାକୁ ଇଚ୍ଛା କରୁନାହିଁ । ୩୫ । ହେ ଜନାର୍ଦ୍ଦନ ! ଧାର୍ତ୍ତରାଷ୍ଟ୍ରମାନଙ୍କୁ ବଧ କରି ଆମ୍ଭମାନଙ୍କର କି ସୁଖ -ହବ ? ହେ ମାଧବ ! ଏହି ସବୁ ଆତତାୟୀମାନଙ୍କୁ ବଧ କଲେ ଆମ୍ଭମାନଙ୍କୁ ପାପ ଆଶ୍ରୟ କରିବ । ୩୬ । ସୁତରାଂ ଆପଣାର ବନ୍ଧୁ ଏବଂ ଧାର୍ତ୍ତରାଷ୍ଟ୍ରମାନଙ୍କୁ ବଧ କରିବା ଉଚିତ ନୁହେଁ । ସ୍ୱଜନମାନଙ୍କୁ ବଧ କରି ଆମ୍ଭେମାନେ କିପରି ସୁଖୀ ହେବା । ୩୭ । ହେ ଜନାର୍ଦ୍ଦନ ! ଲୋଭାଭିଭୂତ ହୋଇ ଯଦି ଏମାନେ କୁଳକ୍ଷୟ-ଜନିତ ଦୋଷ ଓ ମିତ୍ରଦ୍ରୋହଜନିତ ପାତକ ଦେଖୁନାହାନ୍ତି, ଆମ୍ଭେମାନେ ଏହା ଦେଖି ଏହି ପାପରୁ ନିବୃତ୍ତ ହେବା କଥା କାହିଁକି ନ ବୁଝିବା । ୩୮ । ୩୯ ।

ଟିପ୍ପଣୀ—ଯୋଡ଼ିଏ ମାତ୍ର କାରଣରୁ ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ କର୍ତ୍ତବ୍ୟ ମନେ କରୁଥିଲେ । ଗୋଟିଏ କାରଣ ହେଉଛି ମମତା ଦୋଷ ଅର୍ଥାତ୍ ମୋର ଭାଇ, ମୋର ବନ୍ଧୁ, ଆମର ଜାତି, ଆମର ବଂଶ, ଯାହା ପୂର୍ବବର୍ତ୍ତୀ ବାରଟି ଶ୍ଳୋକରେ କୁହାଯାଇଅଛି ଏବଂ ଅନ୍ୟ କାରଣଟି ହେଉଛି ଧର୍ମାନ୍ଧତା ଯାହା ପରବର୍ତ୍ତୀ ପାଞ୍ଚଟି ଶ୍ଳୋକରେ ଅର୍ଜୁନ କହୁଅଛନ୍ତି ।

## ଧର୍ମାନ୍ଧତା ଦୋଷରେ କର୍ତ୍ତବ୍ୟରୁ ନିବୃତ୍ତି

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।
ଧର୍ମେନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ
ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ । ୪୧ ।
ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ । ୪୨ ।
ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ । ୪୩ ।
ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେ ନିୟତଂ ବାସୋ ଭବତୀତ—ଅନୁଶୁଶ୍ରୁମ । ୧-୪୪

ଅର୍ଥ କୁଳକ୍ଷୟ ହେଲେ ସନାତନ କୁଳଧର୍ମ ସବୁ ନଷ୍ଟ ହୁଏ । କୁଳଧର୍ମ ନଷ୍ଟ ହେଲେ ସମୁଦାୟ କୁଳକୁ ଅଧର୍ମ ଅଭିଭୂତ କରେ । ୪୦ । କୁଳ ଅଧର୍ମ ଦ୍ୱାରା ଅଭିଭୂତ ହେଲେ କୁଳ ସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି । ହେ ବାର୍ଷ୍ଣେୟ ! କୁଳସ୍ତ୍ରୀମାନେ ଦୁଷ୍ଟା ହେଲେ ବର୍ଣ୍ଣସଙ୍କର ବା ବର୍ଣ୍ଣର ବିଶୃଙ୍ଖଳା ଉତ୍ପନ୍ନ ହୁଏ । ୪୧ । ଏହି ବର୍ଣ୍ଣ ବିଶୃଙ୍ଖଳା କୁଳବିନାଶକମାନଙ୍କର ଏବଂ କୁଳର ନରକର କାରଣ ହୁଏ । ଏମାନଙ୍କର ପିତୃଗଣ ଲୁପ୍ତପିଣ୍ଡୋଦକ ହୋଇ ପତିତ ହୁଅନ୍ତି । ୪୨ । କୁଳଘାତକମାନଙ୍କର ବର୍ଣ୍ଣସଙ୍କରକାରକ ଏହି ସବୁ ଦୋଷଦ୍ୱାରା ଶାଶ୍ୱତ ଜାତିଧର୍ମ ଓ କୁଳଧର୍ମ ଉତ୍ସନ୍ନ ହୁଏ । ୪୩ ହେ ଜନାର୍ଦ୍ଦନ ! କୁଳଧର୍ମ ଉତ୍ସନ୍ନ ହେଲେ ମନୁଷ୍ୟମାନଙ୍କର ନିୟତ ନରକବାସ ହୁଏ, ଏହା ଆମ୍ଭେମାନେ ଶୁଣି ଆସୁଅଛୁ । ୪୪ ।

ଟିପ୍ପଣୀ—ଯୁଦ୍ଧରୁ ନିବୃତ୍ତ ହେବାକୁ ଯାଉଥିବା ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ଏହି କାରଣଗୁଡ଼ିକ ତାଙ୍କୁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣଙ୍କ ମତରେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ ଏଥିରେ ସନ୍ଦେହ ନାହିଁ । ଅର୍ଜ୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ କରିବାକୁ ହେଲେ ତାଙ୍କ ପ୍ରଦର୍ଶିତ କାରଣଗୁଡ଼ିକୁ ଖଣ୍ଡନ କରିବା ଏକାନ୍ତ ଆବଶ୍ୟକ ଅଟେ । ଏଣୁ ଶ୍ରୀକୃଷ୍ଣ ଗୀତାରେ ଏହି କାରଣଗୁଡ଼ିକୁ ନିଶ୍ଚୟ ଖଣ୍ଡନ କରିଅଛନ୍ତି । କିପରି ଯୁକ୍ତିକୌଶଳରେ ଶ୍ରୀକୃଷ୍ଣ ଏହି ସବୁ କାରଣଗୁଡିକ ଖଣ୍ଡନ କରିଅଛନ୍ତି ତାହା ଆମ୍ଭେମାନେ ସେହି ଗୀତାରୁ ପରେ ଜାଣି ପାରିବୁ । ଅର୍ଜ୍ଜୁନଙ୍କର ପ୍ରଦର୍ଶିତ କାରଣଗୁଡ଼ିକର ଅଯୌକ୍ତିକତା ବିଷୟରେ ଗୀତାର ଟୀକାକାର ମାନେ ସମ୍ପୂର୍ଣ୍ଣ ନୀରବ ରହିଅଛନ୍ତି । ଗୀତା ପାଠକମାନେ ମଧ୍ୟ ଏ ବିଷୟରେ ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ଅଛନ୍ତି । କାରଣ ସେମାନେ ମଧ୍ୟ ଅର୍ଜ୍ଜୁନଙ୍କ ପରି ମମତା ଦୋଷରେ ଓ ଧର୍ମଜ୍ଞତା ଦୋଷରେ ମୋହଗ୍ରସ୍ତ । ଅର୍ଜ୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକ ଯେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ, ତାହା ତାଙ୍କର ନିଜର ଉକ୍ତି ଗୁଡ଼ିକରୁ ମଧ୍ୟ ଜାଣିପାରିବେ ।

ଅର୍ଜ୍ଜୁନ ସର୍ବପ୍ରଥମେ କହିଲେ—

"କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ" ଅର୍ଥାତ୍ କୁଳକ୍ଷୟ ହେଲେ ସନାତନ କୁଳଧର୍ମ ସବୁ ନଷ୍ଟ ହୁଏ ! ଯାହା ସନାତନ ଧର୍ମ ତାହା ଏକ ଏବଂ ତାହା ନଷ୍ଟ ହେବା ଅସମ୍ଭବ । ନିଜର ଚରିତ୍ର ଗଠନ ହେଉଛି ସନାତନଧର୍ମ ଏହା ଧର୍ମଗ୍ରନ୍ଥମାନଙ୍କରେ ଅଛି । କୁଳଧର୍ମ ସବୁ ବା କୁଳାଚାର ସବୁ ସନାତନ ଧର୍ମ ନୁହେଁ, ଏକଥା ଅର୍ଜ୍ଜୁନ ଜାଣି ନପାରି କହିଲେ, "କୁଳଧର୍ମାଃ ସନାତନାଃ" । ଆଉ ଗୋଟିଏ କଥା ଏହିକି କୁଳରକ୍ଷା ପାଇଁ ଓ କୁଳରେ ଥିବା ଲୋକଙ୍କର ମଙ୍ଗଳ ପାଇଁ ଯିନା କୁଳଧର୍ମ ସବୁ ପ୍ରୟୋଜନ । ଯଦି କୁଳ କ୍ଷୟ ହେଲା ତେବେ କୁଳଧର୍ମ ସବୁ ରହିବାର ପ୍ରୟୋଜନ କଣ ? ଅର୍ଜ୍ଜୁନଙ୍କର ଧର୍ମଜ୍ଞତା ଏତେ ବେଶି ଥିଲା ଯେ କୁଳକ୍ଷୟ ହେବ ଏଥିପାଇଁ ସେ ଦୁଃଖ ପ୍ରକାଶ ନ କରି କୁଳକ୍ଷୟ ହେବା ଫଳରେ କୁଳଧର୍ମ ସବୁ ନଷ୍ଟ ହେବ ବୋଲି ଦୁଃଖ ପ୍ରକାଶ କଲେ । ଆଉମଧ୍ୟ ଯଦି କୁଳକ୍ଷୟ ହେବା ଫଳରେ କୁଳଧର୍ମ ସବୁ ନଷ୍ଟ ହେବ, ତେବେ ଆଉ କୁଳ ରହିବ କିପରି ଯେ ଅର୍ଜ୍ଜୁନ କହିଲେ, "ଧର୍ମେ

ନଷ୍ଟେ କୁଳଂ କୃତସ୍ନଂ ଅଧର୍ମୋଽଭିଭବତ୍ୟୁତ” ଅର୍ଥାତ୍ ଧର୍ମ ନଷ୍ଟ ହେଲେ ସମସ୍ତ କୁଳ ଅଧର୍ମ ଦ୍ୱାରା ଅଭିଭୂତ ହୁଏ । ପରବର୍ତ୍ତୀ କାରଣ ଗୁଡ଼ିକ ବିଶ୍ଳେଷଣ କରିବା ଅନାବଶ୍ୟକ ଅଟେ । ସେହି କାରଣ ଗୁଡ଼ିକ ହେଉଛି ଅଧର୍ମ ଦ୍ୱାରା କୁଳ ଅଭିଭୂତ ହେଲେ ସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି । ସ୍ତ୍ରୀମାନେ ଦୁଷ୍ଟା ହେଲେ ବର୍ଣ୍ଣସଙ୍କର ଜାତ ହୁଏ, ବର୍ଣ୍ଣସଙ୍କର ଫଳରେ ଶ୍ରାଦ୍ଧାଦି ପିଣ୍ଡୋଦକ କ୍ରିୟା ଲୋପ ହୁଏ, ପିଣ୍ଡୋଦକ କ୍ରିୟା ଲୋପ ହେଲେ ପିତୃଗଣଙ୍କର ପତନ ହୁଏ । କୁଳ ଧର୍ମ ନଷ୍ଟ ହେବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହୁଏ । ପରିଶେଷରେ ଅର୍ଜୁନ କହନ୍ତି— “ଇତି ଅନୁଶୁଶ୍ରୁମ” ଅର୍ଥାତ୍ ଏହି ସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ ।

ଅର୍ଜୁନ ଯେଉଁ ସବୁ କାରଣ ଦେଖାଇଲେ ସେହି ସବୁ କାରଣର ମୂଳ କାରଣ ହେଉଛି, “ଇତି ଅନୁଶୁଶ୍ରୁମ” ଅର୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣ ନିଶ୍ଚୟ ଏହି ମୂଳ କାରଣକୁ ଖଣ୍ଡନ କରିଅଛନ୍ତି, କାରଣ ଏହି ମୂଳ କାରଣକୁ ଖଣ୍ଡନ ନ କଲେ ଅର୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ କରିହେବ ନାହିଁ । ଆମ୍ଭେମାନେ ପରେ ଜାଣି ପାରିବୁ ଯେ, “ତାବାନ୍ ସର୍ବେଷୁ ବେଦେଷୁ (୨ଯ—୪୬) “ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ” (୨ଯ—୫୨) “ଶ୍ରୁତିବିପ୍ରତିପନ୍ନାତେ ବୁଦ୍ଧିଃ” (୨ଯ—୫୩) ଏହିସବୁ କଥାଦ୍ୱାରା ଅନୁଶୁଶ୍ରୁମ କଥାଟିକୁ ଶ୍ରୀକୃଷ୍ଣ ପ୍ରସ୍ତାବରେ ଖଣ୍ଡନ କରିଅଛନ୍ତି । ଏହିସବୁ କଥା କହିବାରେ ଗୀତାକାରଙ୍କର ଅନ୍ୟ କୌଣସି ଅଭିପ୍ରାୟ ଥିଲେ ତାହା ସ୍ଥିର କରନ୍ତୁ । “ଇତି ଅନୁଶୁଶ୍ରୁମ” ଅର୍ଥାତ୍ ଏହିସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ । ଏହି ସରଳ କଥାଟି ଅର୍ଜୁନଙ୍କ ମୁହଁରେ କୁହାଇବା ଦ୍ୱାରା ଅନ୍ଧ ଅନୁସରଣ ସ୍ୱରୂପରେ ପ୍ରଚଳିତ ତଥାକଥିତ ଧର୍ମ ରାଜ୍ୟରେ ଗୀତାକାର ଯେଉଁ ବିପ୍ଳବ ସୃଷ୍ଟି କରିଥାଇ ଅଛନ୍ତି ତାହା ତାଙ୍କର ଜଗଦ୍‌ଗୁରୁ ଆଖ୍ୟାର ସମ୍ପୂର୍ଣ୍ଣ ପରିଚୟ ଦେଉଅଛି । ଗୀତାର ଏହି ମୂଳମନ୍ତ୍ର ପ୍ରତି ଏତେକାଳ ଉଦାସୀନ ରହିବା ଫଳରୁ ଆମ୍ଭମାନଙ୍କୁ ଆଜ ଏହି ଦୁରବସ୍ଥା ଭୋଗ କରିବାକୁ ହେଉଅଛି । ଅନ୍ଧତାର ବଶବର୍ତ୍ତୀ ହୋଇ ଏବଂ ଅହଙ୍କାରକୁ ଆଶ୍ରୟ କରି ଯେତେଦିନ ପର୍ଯ୍ୟନ୍ତ ଆମ୍ଭେମାନେ ଗୀତାର ଏହି ମୂଳମନ୍ତ୍ର ପ୍ରତି ଉଦାସୀନ ରହିଥିବା ସେତେଦିନ

ଗଡ଼ୀଁର ଆମ୍ଭମାନଙ୍କୁ ଏହି ଦୁରବସ୍ଥା ଭାଳିକ, ଅତୋଧିକ ଦୁରବସ୍ଥା ଭୋଗ କରିବାକୁ ହେବ ଓ ହେଉଥିବ । ଗୀତାର ମୂଳରେ ଥିବା "ଅନୁଶୁଶ୍ରୁମ" କଥାଟି ଯେପରି ଗୀତାର ମୂଳମନ୍ତ୍ର, ଗୀତାର ଶେଷରେ ଥିବା "ସର୍ବ ଧର୍ମାନ୍ ପରିତ୍ୟଜ୍ୟ" କଥାଟି ଠିକ୍ ସେହିପରି ଗୀତାର ଶେଷମନ୍ତ୍ର । ଅନୁଶୁଶ୍ରୁମ ବିରୁଦ୍ଧରେ ସଂଗ୍ରାମ କରିବା ଏବଂ ଅନୁଶୁଶ୍ରୁମ ଉପରେ ପ୍ରତିଷ୍ଠିତ ସବୁ ପ୍ରକାର ଧର୍ମ ପରିତ୍ୟାଗ କରିବା ଏ ଦୁଟିହିଁ ଏକା କଥା ।

ଅର୍ଜୁନ ପୁଣି କହିଲେ—

ଅହୋବତ ମହତ୍ ପାପଂ କର୍ତ୍ତୁଂ ବ୍ୟବସିତା ବୟଂ ।
ଯଦ୍ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ । ୪୫ ।
ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।
ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ । ୪୬ ।

ଅର୍ଥ—ହାୟ ! ଆମ୍ଭେମାନେ ମହାପାପ କରିବାକୁ ବସିଛୁଁ, ଯେଣୁକରି ରାଜ୍ୟସୁଖ ଲୋଭରେ ସ୍ୱଜନ ବଧ କରିବାକୁ ଉଦ୍ୟତ ହୋଇଅଛୁ । ୪୫ । ଯଦି ଶସ୍ତ୍ରପାଣି ଧାର୍ତ୍ତରାଷ୍ଟ୍ରମାନେ ମୋତେ ଅଶସ୍ତ୍ର ଓ ପ୍ରତିକାର-ପରାଙ୍ମୁଖ ଦେଖି ଯୁଦ୍ଧରେ ହତ୍ୟା କରନ୍ତି, ତାହା ମୋ ପକ୍ଷରେ କଲ୍ୟାଣକର ହେବ । ୪୬ ।

ଟିପ୍ପଣୀ—୪୫ ଶ୍ଳୋକରୁ ପ୍ରକାଶ ଯେ, ସ୍ୱଜନମାନଙ୍କୁ ହତ୍ୟା କରିବାକୁ ଅର୍ଜ୍ଜୁନ ମହାପାପ ମନେକଲେ । ନରହତ୍ୟା କଲେ ପାପ ହେବ ଏପରି ଧାରଣା ଅର୍ଜ୍ଜୁନଙ୍କ ମନରେ ପ୍ରବେଶ କରୁନାହିଁ । କାରଣ ରାଜ୍ୟ ସୁଖ ଲୋଭରେ ନରହତ୍ୟା କରିବା ହେଉଛି ତାଙ୍କର ସ୍ୱଧର୍ମ ବା ସ୍ୱଭାବ ନିୟତ କର୍ମ । ଅନ୍ୟ ସମସ୍ତେ ମରନ୍ତୁ ଏଥିପାଇଁ ଅର୍ଜ୍ଜୁନଙ୍କର ଦୁଃଖ ନାହିଁ ଏବଂ ଏଥିରେ ପାପ ନାହିଁ ମାତ୍ର ନିଜର ଭାଇ ବନ୍ଧୁ ମରିଯିବେ ଏହାହିଁ ଅର୍ଜ୍ଜୁନଙ୍କର ଦୁଃଖର କାରଣ ଏବଂ ଏହାହିଁ ଅର୍ଜ୍ଜୁନଙ୍କ ମତରେ ମହାପାପ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱାର୍ଜ୍ଜୁନ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ । ୪୭ ।

ସଞ୍ଜୟ କହିଲେ —

ଅର୍ଥ—ଏହି କଥା କହି ଅର୍ଜୁନ ଶର ସହିତ ଧନୁ ପରିତ୍ୟାଗ କରି ଶୋକସଂବିଗ୍ନ ମନରେ ରଥ ଉପରେ ବସି ରହିଲେ । ୪୭ ।

### ସାରକଥା

ଶ୍ରୀକୃଷ୍ଣଙ୍କୁ ସଖାଭାବରେ ଗ୍ରହଣ କରି, କପଟତା ଓ ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବା ହେଉଛି ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ, ଏକଥା ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରି ଏବଂ ତାପରେ ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରି ଯୁଦ୍ଧ କରିବାକୁ ପ୍ରସ୍ତୁତ ଥିଲେ ମଧ୍ୟ କେବଳ ମମତା ଦୋଷରୁ ଏବଂ ଧର୍ମାନ୍ଧତା ଦୋଷରୁ ମନୁଷ୍ୟ ନିଜର କର୍ତ୍ତବ୍ୟ ପଥରେ ଅର୍ଥାତ୍ ସ୍ୱଭାବନିଯୁକ୍ତ ଜୀବନଯୁଦ୍ଧରେ ଅଗ୍ରସର ହୋଇ ପାରୁନାହିଁ । ଅତଏବ ମମତା ଦୋଷ ଏବଂ ଧର୍ମାନ୍ଧତା ଏହି ଦୁଇଟି ହେଉଛି ପ୍ରତ୍ୟେକ ମନୁଷ୍ୟର ବିଷାଦ ଯୋଗ । ମମତା ଦୋଷ ହେଉଛି—ଆମର ଭାଇ, ଆମର ବନ୍ଧୁ, ଆମର ଜାତି, ଆମର ଦେଶ, ଆମର ଧର୍ମ ଇତ୍ୟାଦି ସଙ୍କୀର୍ଣ୍ଣତା ସ୍ୱାର୍ଥପରତା । ଧର୍ମାନ୍ଧତା ଦୋଷ ହେଉଛି—ଶୁଣିବା କଥାକୁ ବିଶ୍ୱାସ କରିବା ଅର୍ଥାତ୍ ଶୁଣିବା କଥାକୁ ସତ୍ୟବୋଲି ଗ୍ରହଣ କରିବା ।

# ଦ୍ୱିତୀୟ ଅଧ୍ୟାୟ—ସାଂଖ୍ୟଯୋଗ

ଟିପ୍ପଣୀ—ଏହି ଅଧ୍ୟାୟରେ ୭୨ଟି ଶ୍ଲୋକ ଅଛି । ଏହି ୭୨ଟି ଶ୍ଲୋକ ମଧ୍ୟରୁ କେବଳ ଗୋଟିଏ ମାତ୍ର ଶ୍ଲୋକରେ ଗୀତାକାର ସାଂଖ୍ୟ ଏହି ଶବ୍ଦଟି ବ୍ୟବହାର କରିଅଛନ୍ତି । ଏପରି ସ୍ଥଳେ ଏହି ଅଧ୍ୟାୟର ନାମ ସାଂଖ୍ୟଯୋଗ କାହିଁକି ଦିଆଯାଇଅଛି, ତାହା ସର୍ବପ୍ରଥମେ ସ୍ଥିର କରିବା ଏକାନ୍ତ ଆବଶ୍ୟକ । ସାଂଖ୍ୟ କଥାଟିର ଅର୍ଥ ହେଉଛି ଜ୍ଞାନ । ମାତ୍ର ଏଠାରେ ସାଂଖ୍ୟଯୋଗ କଥାଟିର ଅର୍ଥ ଜ୍ଞାନ ଯୋଗ ନୁହେଁ । କାରଣ ଚତୁର୍ଥ ଅଧ୍ୟାୟର ନାମ ହେଉଛି ଜ୍ଞାନଯୋଗ । ପ୍ରକୃତ କଥା ଏହିକି ସଂସାରରେ ଦୁଇପ୍ରକାର ଜ୍ଞାନ ଅଛି । ଗୋଟିଏ ପ୍ରକାର ଜ୍ଞାନ ହେଉଛି ଶାସ୍ତ୍ରଗତ ଜ୍ଞାନ ଏବଂ ଅନ୍ୟ ପ୍ରକାର ଜ୍ଞାନ ହେଉଛି ନିଜର ଜ୍ଞାନ ବା ଆତ୍ମଜ୍ଞାନ । 'ଜ୍ଞାନାଗ୍ନିଦଗ୍ଧକର୍ମାଣଂ' ଅର୍ଥାତ୍ ନିଜର ଜ୍ଞାନ ଦ୍ୱାରା (୪ର୍ଥ—୧୯) ଏହି କଥାଟିରୁ ପ୍ରକାଶ ଯେ ଚତୁର୍ଥ ଅଧ୍ୟାୟରେ ଥିବା ଜ୍ଞାନଯୋଗର ଅର୍ଥ ହେଉଛି ନିଜର ଜ୍ଞାନ ବା ଆତ୍ମଜ୍ଞାନ ଏବଂ ଏହି ଅଧ୍ୟାୟରେ ଥିବା ସାଂଖ୍ୟଜ୍ଞାନର ଅର୍ଥ ହେଉଛି ଶାସ୍ତ୍ରଗତ ଜ୍ଞାନ । ଏହି ଅଧ୍ୟାୟରେ ଶ୍ରୀକୃଷ୍ଣ ଶାସ୍ତ୍ରଗତ ଜ୍ଞାନକୁ ସମର୍ଥନ କରିନାହାନ୍ତି ଏବଂ ଶାସ୍ତ୍ରଗତ ଜ୍ଞାନର ଅନ୍ଧ ଅନୁସରଣ ପରିତ୍ୟାଗ କରିବାକୁ ଏବଂ ନିଜର ବିବେକ ବୁଦ୍ଧିର ଏବଂ ଆତ୍ମଜ୍ଞାନର ଆଶ୍ରୟ ନେଇ କର୍ମ କରିବାକୁ ଶିକ୍ଷା ଦେଇଅଛନ୍ତି । ତେଣୁପାଇଁ ଏହି ଅଧ୍ୟାୟର ନାମ ଦିଆଯାଇଅଛି ସାଂଖ୍ୟଯୋଗ । ଆମ୍ଭେମାନେ ଉପରେ ବୁଝିପାରିବୁଁ ଯେ ନିଜର ବିବେକ ବୁଦ୍ଧିର ଆଶ୍ରୟ ନେଇ କର୍ମ କରିବା ଓ ଆତ୍ମଜ୍ଞାନର ବା ନିଜର ଜ୍ଞାନର ଆଶ୍ରୟ ନେଇ କର୍ମ କରିବା ଏ ଦୁହେଁ ପ୍ରାୟ ଏକା କଥା । ନିଜର ବିବେକ ବୁଦ୍ଧି ସହିତ ନିଜର ଆତ୍ମଜ୍ଞାନର ଘନିଷ୍ଠ ସମ୍ବନ୍ଧ ।

ସଞ୍ଜୟ ଉବାଚ

ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଳେକ୍ଷଣଂ ।
ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ । ୧ ।

ଅର୍ଥ—( ସଞ୍ଜୟ କହିଲେ ) ଅର୍ଜୁନଙ୍କୁ ଏହିପରି କୃପାବିଷ୍ଟ, ଅଶ୍ରୁପୂର୍ଣ୍ଣାକୁଳଲୋଚନ ଓ ବିଷାଦଯୁକ୍ତ ଦେଖି ମଧୁସୂଦନ କହିଲେ । ୧ ।

### ଶ୍ରୀକୃଷ୍ଣ ଉବାଚ

କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତଂ ।
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ । ୨ ।
ମା କ୍ଲୈବ୍ୟଂ ଗଚ୍ଛ କୌନ୍ତେୟ ନୈତତ୍ ତ୍ୱୟ୍ୟୁପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ । ୩ ।

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ହେ ଅର୍ଜୁନ ! ଏହି ବିଷମ ସମୟରେ ଏପରି ଅନାର୍ଯ୍ୟସେବିତ, ଅସ୍ୱର୍ଗକର ଓ ଅକୀର୍ତ୍ତିକର ମୋହ କାହିଁକି ତୁମଠାରେ ସମୁପସ୍ଥିତ ହେଲା । ୨ । ହେ କୌନ୍ତେୟ ! ତୁମେ କ୍ଳୀବତା ବା କାତରତା ଅବଲମ୍ବନ କରନାହିଁ । ଏହା ତୁମ ପକ୍ଷରେ ଉପଯୁକ୍ତ ହେଉନାହିଁ । ହେ ପରନ୍ତପ ! କ୍ଷୁଦ୍ର ହୃଦୟଦୌର୍ବଲ୍ୟ ତ୍ୟାଗ କରି ଉଠ । ୩ ।

ଟିପ୍ପଣୀ--ଯୁଦ୍ଧ କଲେ କୁଳଧର୍ମ, ଜାତି ଧର୍ମ ଓ ବର୍ଣ୍ଣ ଧର୍ମ ନଷ୍ଟ ହୋଇଯିବ, ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ ପିତୃଗଣଙ୍କର ପତନ ହେବ। କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକ ବାସ ହେବ, ଏହି ସବୁ କଥା ଅର୍ଜୁନଙ୍କଠାରୁ ଶୁଣିବାର ଠିକ ପରେ ଏବଂ ବିଶେଷତଃ "ଇତି ଅନୁଶୁଶ୍ରୁମ" ଅର୍ଥାତ୍ ଏହି ସବୁକଥା ଆମ୍ଭେମାନେ ଶୁଣି ଆସିଅଛୁଁ ଏହି କଥା ଶୁଣିବାର ଠିକ୍ ପରେ ଶ୍ରୀକୃଷ୍ଣ କପଟ ଯୁକ୍ତିକୌଶଳରେ ଅର୍ଜୁନଙ୍କୁ ଅନାର୍ଯ୍ୟ, କ୍ଳୀବ ଓ କ୍ଷୁଦ୍ର ବୋଲି ତିରସ୍କାର କରିଅଛନ୍ତି ତାହା ଭଲ କରି ବୁଝନ୍ତୁ ଏବଂ ଅର୍ଜୁନଙ୍କୁ ଏପରି ତିରସ୍କାର କରିବାର ଅନ୍ୟ କୌଣସି କାରଣ ଥିଲେ ତାହା ସ୍ଥିର କରନ୍ତୁ ।

### ଅର୍ଜୁନ ଉବାଚ

କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଞ୍ଚ ମଧୁସୂଦନ ।
ଇଷୁଭିଃ ପ୍ରତିଯୋତ୍ସ୍ୟାମି ପୂଜାର୍ହାବରିସୂଦନ । ୪ ।
ଗୁରୂନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ

ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ
ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ । ୫ ।
ନ ଚୈତଦ୍ୱିଦ୍ମଃ କତରନ୍ନୋ ଗରୀୟୋ
ଯଦ୍ୱା ଜୟେମ ଯଦି ବା ନୋ ଜୟେୟୁଃ ।
ଯାନେବ ହତ୍ୱା ନ ଜିଜୀବିଷାମ—
ସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ । ୬ ।
କାର୍ପଣ୍ୟଦୋଷୋପହତସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମ୍ମସଂମୂଢ଼ଚେତାଃ
ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ । ୭ ।

ଅର୍ଥ—ଅର୍ଜ୍ଜୁନ କହିଲେ—ହେ ଅରିସୂଦନ ! ହେ ମଧୁସୂଦନ ! ପୂଜାର୍ହ ଭୀଷ୍ମ ଓ ଦ୍ରୋଣଙ୍କ ସହିତ ମୁଁ କିପରି ଯୁଦ୍ଧ କରିବି । ୪ । ମହାନୁଭବ ଗୁରୁମାନଙ୍କୁ ହତ୍ୟା ନ କରି ଇହଲୋକରେ ଭିକ୍ଷାନ୍ନ ଭୋଜନ କରିବା ଶ୍ରେୟ, କିନ୍ତୁ ଅର୍ଥକାମୀ ଗୁରୁମାନଙ୍କୁ ହତ୍ୟା କଲେ ମୁଁ ଇହଲୋକରେ ରୁଧିରାକ୍ତ ଭୋଗ୍ୟସବୁ ଭୋଗ କରିବି ସିନା । ୫ । ଆମ୍ଭେମାନେ ଜୟ କରୁଁ ବା ସେମାନେ ଆମ୍ଭମାନଙ୍କୁ ଜୟ କରନ୍ତୁ, ଏହି ଦୁଇ କଥା ମଧ୍ୟରେ କେଉଁଟି ଶ୍ରେୟ, ତାହା ମୁଁ ବୁଝିପାରୁନାହିଁ । ଯେଉଁମାନଙ୍କୁ ବଧକରି ଆମ୍ଭେମାନେ ବଞ୍ଚି ରହିବାକୁ ଇଚ୍ଛା କରୁନାହୁଁ ସେହି ଧାର୍ତ୍ତରାଷ୍ଟ୍ର-ମାନେ ସମ୍ମୁଖରେ ଅବସ୍ଥିତ । ୬ । ମୋର ସ୍ୱଭାବ କାର୍ପଣ୍ୟଦୋଷରେ ଅଭିଭୂତ ଏବଂ ମୁଁ କର୍ତ୍ତବ୍ୟବିମୂଢ଼ ହୋଇଥିବାରୁ ଆପଣଙ୍କୁ ପଚାରୁଛି ଯେ ମୋର ଯାହା ଶ୍ରେୟ, ତାହା ମୋତେ ନିଶ୍ଚୟ କରି କହନ୍ତୁ । ମୁଁ ଆପଣଙ୍କର ଶରଣାପନ୍ନ ଶିଷ୍ୟ, ମୋତେ ଶିକ୍ଷା ଦିଅନ୍ତୁ । ୭ ।

ଟିପ୍ପଣୀ—ଅର୍ଜ୍ଜୁନ ଏ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କୁ ନିଜର ବନ୍ଧୁସଖା ଓ ସାରଥି ଭାବରେ ଗ୍ରହଣ କରିଥିଲେ । ବର୍ତ୍ତମାନ ଶ୍ରୀକୃଷ୍ଣଙ୍କୁ ସେ ନିଜର ଗୁରୁ ଭାବରେ ଗ୍ରହଣ କଲେ । ଅତଏବ ଗୀତାର ସମ୍ବାଦ ହେଉଛି ଗୁରୁ-ଶିଷ୍ୟ ସମ୍ବାଦ ।

ନହି ପ୍ରପଶ୍ୟାମି ମମାପନୁଦ୍ୟାଦ
ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାଂ

ଅବାପ୍ୟ ଭୂମାବସପତ୍ନମୃଦ୍ଧଂ
ରାଜ୍ୟଂ ସୁରାଣାମପି ଚାଧିପତ୍ୟଂ । ୮ ।

ଅର୍ଥ—ଭୂମଣ୍ଡଳରେ ନିଷ୍କଣ୍ଟକ ସମୃଦ୍ଧିସମ୍ପନ୍ନ ରାଜ୍ୟ ଏବଂ ସୁରମାନଙ୍କ ଉପରେ ଆଧିପତ୍ୟ ପାଇଲେ ମଧ୍ୟ ତାହା ମୋହର ଇନ୍ଦ୍ରିୟମାନଙ୍କର ଅତ୍ୟନ୍ତ ଶୋଷଣକାରୀ ଏହି ଦୁଃଖକୁ ଅପନୋଦନ କରିବ, ଏହା ମୁଁ ଦେଖୁନାହିଁ । ୮ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ହୃଷୀକେଶଂ ଗୁଡ଼ାକେଶଃ ପରନ୍ତପ ।
ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ । ୯ ।
ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତ ମିଦଂ ବଚଃ । ୧୦ ।

ଅର୍ଥ—( ସଞ୍ଜୟ କହିଲେ ) ପରନ୍ତପ ଅର୍ଜୁନ ହୃଷୀକେଶଙ୍କୁ ଏହିପରି କହିଲେ ଏବଂ ମୁଁ ଯୁଦ୍ଧ କରିବି ନାହିଁ ଏହି କଥା କହି ନୀରବ ରହିଲେ । ୯ । ଉଭୟ ସେନା ମଧ୍ୟରେ ବିଳାପକାରୀ ଅର୍ଜୁନଙ୍କୁ ହୃଷୀକେଶ ହସି ହସି ଏହି କଥା କହିଲେ । ୧୦ ।

## ଗୁରୁ ଭାବରେ ଶ୍ରୀକୃଷ୍ଣଙ୍କର ପ୍ରଥମ ଉକ୍ତି

ଶ୍ରୀକୃଷ୍ଣ ଉବାଚ

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ । ୧୧ ।
ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।
ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମିତଃ ପରଂ । ୧୨ ।
ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି । ୧୩ ।

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ତୁମ୍ଭେ ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ କହୁଅଛ, କିନ୍ତୁ ଅଶୋଚ୍ୟମାନଙ୍କ ପାଇଁ ଶୋକ କରୁଅଛ । ପଣ୍ଡିତମାନେ କି ଜୀବିତ କି ମୃତ କାହାରି ପାଇଁ ଶୋକ କରନ୍ତି ନାହିଁ । ୧୧ । ମୁଁ, ତୁମ୍ଭେ ଓ ଏହି ସବୁ ରାଜାମାନେ ଯେ କେବେ ନଥିଲୁଁ ତାହା ନୁହେଁ ଏବଂ ପରେ ଆମ୍ଭେମାନେ ସମସ୍ତେ ଯେ ନ ରହିବୁଁ ତାହା ମଧ୍ୟ ନୁହେଁ । ୧୨ । ଏହି ଦେହରେ ଥିବା ଦେହୀର ଦେହାନ୍ତର ପ୍ରାପ୍ତି, କୌମାର, ଯୌବନ ଓ ଜରା ପରି କେବଳ ଅବସ୍ଥାର ପରିବର୍ତ୍ତନ ଅଟେ । ଧୀରମାନେ ସେଥିରେ ମୋହିତ ହୁଅନ୍ତି ନାହିଁ । ୧୩ ।

ଟିପ୍ପଣୀ—ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଥିବା ସର୍ବପ୍ରଥମ କଥାଟି ହେଉଛି **"ପ୍ରଜ୍ଞାବାଦାଂଶ୍ଚ ଭାଷସେ"** ଅର୍ଥାତ୍ ତୁମ୍ଭେ ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ କେବଳ କହୁଅଛ, ମାତ୍ର ତୁମ୍ଭେ ଯେ ଦୁଃଖ କରୁଅଛ ଓ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଅଛ ଏହା ତୁମ୍ଭର ପ୍ରଜ୍ଞାର ପରିଚୟ ନ ଦେଇ ନିର୍ବୋଧତାର ପରିଚୟ ଦେଉଅଛି । ତୁମ୍ଭର ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ ସହିତ ତୁମ୍ଭର କ୍ରିୟାକଳାପର କୌଣସି ସମ୍ବନ୍ଧ ନାହିଁ । ଜନ-ସାଧାରଣଙ୍କର ଏହି ଦୁରବସ୍ଥା ଆଜି ମଧ୍ୟ ଆମ୍ଭେମାନେ ପ୍ରତିକ୍ଷେତ୍ରରେ ଅନୁଭବ କରୁଅଛୁଁ । ଏହି ଦୁରବସ୍ଥା ଦୂର କରିବା ଅଭିପ୍ରାୟରେ ଏବଂ ଲୋକେ ଗୀତାର ଉପଦେଶ ଗୁଡ଼ିକ କେବଳ ମୁଖସ୍ଥ ନକରି କିମ୍ବା ପାରାୟଣ ନ କରି ଗୀତାର ଉପଦେଶ ଅନୁଯାୟୀ ଜୀବନ ଗଠନ କରିବାକୁ ଶିଖନ୍ତୁ ଏହି ଅଭିପ୍ରାୟରେ ଗୀତାକାର ସର୍ବପ୍ରଥମେ ଏହି ଉପଦେଶଟି ଦେଇଅଛନ୍ତି ।

୧୩ଶ ଶ୍ଳୋକରେ ଥିବା ଦେହୀର ଦେହାନ୍ତର ପ୍ରାପ୍ତି କଥାଟିକୁ ଦେହୀର ଜନ୍ମାନ୍ତର ଗ୍ରହଣ ବୋଲି ଲୋକେ ବୁଝନ୍ତି । ମାତ୍ର ଦେହାନ୍ତର ପ୍ରାପ୍ତିକୁ କୌମାର, ଯୌବନ ଓ ଜରା ସହିତ ତୁଳନା କରି ଗୀତାକାର ଗୋଟିଏ ସମ୍ପୂର୍ଣ୍ଣ ନୂତନ ବିଷୟ ଶିକ୍ଷା ଦେଉଅଛନ୍ତି । ଏହି ଅଧ୍ୟାୟ ୨୨ଶ ଶ୍ଳୋକରେ ଦେହୀର ଜନ୍ମାନ୍ତର ଗ୍ରହଣ କଥା କୁହାଯାଇଅଛି ମାତ୍ର ଏଠାରେ କେବଳ ସ୍ଥୂଳଦେହକୁ ଭୂଲୋକରେ ପରିତ୍ୟାଗ କରିବା କଥା କୁହାଯାଇଅଛି ।

ଯୌବନରେ ମନୁଷ୍ୟ ତାହାର କୌମାର ଅବସ୍ଥାର କଥା ଭୁଲିଯାଇ ନ ଥାଏ କିମ୍ବା ଜରା ଅବସ୍ଥାରେ ଯୌବନର କଥା ଭୁଲିଯାଇ ନଥାଏ । ଠିକ୍ ସେହିପରି ଦେହୀ ବା ପ୍ରକୃତ ମନୁଷ୍ୟ ତାହାର ସ୍ଥୂଳଦେହକୁ ଏହି ଭୂଲୋକରେ ପରିତ୍ୟାଗ କଲାପରେ ଭୂଲୋକର କୌଣସି ବିଷୟ ସେ ଭୁଲିନଯାଇ ପୂର୍ବପରି ରହିଥାଏ । କିପରି ଭାବରେ ରହେ ଓ କେଉଁଠାରେ ରହେ ଗୀତାକାର ସେ ବିଷୟ କିଛି କହିନାହାନ୍ତି ଏବଂ କହିବାର ଆବଶ୍ୟକ ମଧ୍ୟ ନାହିଁ । କାରଣ ଏହି ସବୁ କଥା ହେଉଛି ସାଂଖ୍ୟର କଥା ବା ଶାସ୍ତ୍ରଜ୍ଞାନର କଥା । ଏହି ଅଧ୍ୟାୟ ୩୯ଶ ଶ୍ଳୋକରୁ ଆମ୍ଭେମାନେ ଜାଣିପାରିବୁ ଯେ ଏହି ଶାସ୍ତ୍ରଗତ ଜ୍ଞାନ ସହିତ ଗୀତାର ପ୍ରକୃତ ଶିକ୍ଷାର କୌଣସି ସମ୍ବନ୍ଧ ନାହିଁ । ସେ ଯାହାହେଉ, ପାଠକ-ମାନଙ୍କର ଆଗ୍ରହ ଦୂର କରିବା ପାଇଁ ମୁଁ ଏ ବିଷୟରେ ସଂକ୍ଷେପରେ କିଛି କହିବି, ଯାହା ପ୍ରତ୍ୟେକ ବ୍ୟକ୍ତି ନିଜେ ଅନୁଭବ କରି ପାରିବେ । ଦେହୀ ବା ପ୍ରକୃତ ମନୁଷ୍ୟ ହେଉଛି ତାହାର କାମନା, ମନ ଓ ବୁଦ୍ଧିର ସମଷ୍ଟି, ସେ କେବଳ ତାହାର ସ୍ଥୂଳ ଦେହ ନୁହେଁ । ସ୍ଥୂଳଦେହକୁ ଏହି ଭୂଲୋକରେ ପରିତ୍ୟାଗ କଲାବେଳେ ଦେହୀ ତାହାର କାମନାକୁ କିମ୍ବା ମନକୁ କିମ୍ବା ବୁଦ୍ଧିକୁ କାହାରିକୁ ପରିତ୍ୟାଗ କରେ ନାହିଁ ଏବଂ ସ୍ଥୂଳଦେହର ବିନାଶରେ ଏମାନଙ୍କର ବିନାଶ ଘଟେନାହିଁ । ଏ ବିଷୟରେ ନିଜେ ସାମାନ୍ୟ ଚିନ୍ତା କଲେ ପ୍ରକୃତ କଥା ବୁଝିପାରିବେ । ସ୍ଥୂଳଦେହକୁ କଲେରା କିମ୍ବା ନିମୋନିଆ ଜର ହୋଇଥିବାରୁ ଏହି ସ୍ଥୂଳଦେହର ବିନାଶ ଘଟିଲା । ମାତ୍ର ମନୁଷ୍ୟର କାମନାକୁ, ମନକୁ କିମ୍ବା ବୁଦ୍ଧିକୁ କାହାରିକୁ କଲେରା କିମ୍ବା ନିମୋନିଆ ଜର ହୋଇନଥିଲା । ଅତଏବ ଦେହୀ ବା ପ୍ରକୃତ ମନୁଷ୍ୟ ଏହି ଭୂଲୋକରେ ସ୍ଥୂଳଦେହକୁ ପରିତ୍ୟାଗ କଲାପରେ ଏମାନଙ୍କ ସହିତ ପୂର୍ବପରି ରହିଥାଏ ଏଥିରେ ସନ୍ଦେହ ନାହିଁ । ସେ ଯେଉଁଠାରେ ଓ ଯେଉଁପରି ରହିଥିଲା ସେହିଠାରେ ଓ ସେହିପରି ରହିଥାଏ । ଏହି ଅଧ୍ୟାୟ ୨୨ଶ ଶ୍ଳୋକରେ ଥିବା 'ଶରୀରାଣି', ଅର୍ଥାତ୍ 'ଦେହସବୁ', ଏହି କଥାଟିରୁ ପ୍ରକାଶ ଯେ ସ୍ଥୂଳଦେହ ଛଡ଼ା ମନୁଷ୍ୟର ଆଉ କେତୋଟି ଦେହ ଅଛି । ମନୁଷ୍ୟର କାମନା, ମନ ଓ ବୁଦ୍ଧି ଏମାନେ ପ୍ରତ୍ୟେକ ହେଉଛନ୍ତି ଏହି ଦେହୀର ଭିନ୍ନ ଭିନ୍ନ ଦେହ । ସେ ଯାହାହେଉ, ଏହିସବୁ ବିଷୟ

ସହିତ ଗୀତାର ପ୍ରକୃତ ଶିକ୍ଷାର କୌଣସି ସମ୍ବନ୍ଧ ନାହିଁ, ଏକଥା ଆମ୍ଭେମାନେ ଏହି ଅଧ୍ୟାୟ ୩୯ଶ ଶ୍ଳୋକରୁ ଜାଣି ପାରିବୁଁ ।

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ । ୧୪ ।
ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ । ୧୫ ।

ଅର୍ଥ—ହେ କୌନ୍ତେୟ ! ବିଷୟ ସବୁ ସହିତ ଇନ୍ଦ୍ରିୟମାନଙ୍କର ଯେ ସମ୍ବନ୍ଧ ତାହା ଶୀତ ଓ ଉଷ୍ଣ, ସୁଖ ଓ ଦୁଃଖର କାରଣ ଅଟେ । ଏମାନେ ଅନିତ୍ୟ ଅଟନ୍ତି । ଏମାନେ ଆସନ୍ତି ଏବଂ ଚାଲିଯାଆନ୍ତି ; ତେଣୁ ହେ ଭାରତ ! ତୁମ୍ଭେ ସେହି ସବୁକୁ ସହ୍ୟ କର । ୧୪ । ହେ ପୁରୁଷର୍ଷଭ ଯେଉଁ ପୁରୁଷକୁ ଏମାନେ ବ୍ୟଥିତ କରି ପାରନ୍ତି ନାହିଁ, ସୁଖ ଦୁଃଖରେ ସମାନ ଓ ଧୀର ସେହି ବ୍ୟକ୍ତି ଅମୃତତ୍ୱ ପାଇବାର ଯୋଗ୍ୟ ଅଟନ୍ତି । ୧୫ ।

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ । ୧୬ ।

ଅନ୍ୱୟ—ଅସତଃ ଭାବଃ ନ (ବିଦ୍ୟତେ), ସତଃ ଅଭାବଃ ନ ବିଦ୍ୟତେ । ଉଭୟୋଃ ଅପି ଅନ୍ତଃ ତତ୍ତ୍ୱଦର୍ଶିଭିଃ ଦୃଷ୍ଟଃ ।

ଅର୍ଥ—ଅସତ୍ୟର ଭାବ ବା ଅସ୍ତିତ୍ୱ ନାହିଁ, ସତ୍ୟର ଅଭାବ ବା ଅନସ୍ତିତ୍ୱ ନାହିଁ, ତତ୍ତ୍ୱଦର୍ଶୀମାନେ ସତ୍ୟ ଓ ଅସତ୍ୟ ଏହି ଉଭୟର ପରିଣାମ ବା ଅସ୍ତିତ୍ୱ ଦେଖିଅଛନ୍ତି ।

ଟିପ୍ପଣୀ—ଦେହ ହେଉଛି ଅସତ୍ୟ ଏବଂ ଦେହ ଭିତରେ ଥିବା ଦେହୀ ହେଉଛି ସତ୍ୟ ଏହା ଆମ୍ଭେମାନେ ସାଧାରଣତଃ ବୁଝୁଁ । ମାତ୍ର ତତ୍ତ୍ୱଦର୍ଶୀମାନେ ଦେଖିଅଛନ୍ତି ଯେ ଦେହ ଓ ଦେହୀ ଏହି ଉଭୟ ସତ୍ୟ ଅଟନ୍ତି ଅର୍ଥାତ୍ ଦେହ କିମ୍ବା ଦେହୀ କାହାରି ବିନାଶ ନାହିଁ । ଗୀତାକାରଙ୍କର ଅଭିପ୍ରାୟ ଏହିକି ଅସତ୍ୟରୁ ସତ୍ୟର ଉତ୍ପତ୍ତି ଅସମ୍ଭବ ଏବଂ ସତ୍ୟରୁ

ଅସତ୍ୟର ଉତ୍ପତ୍ତି ଅସମ୍ଭବ । ଦେହର ଅସ୍ତିତ୍ୱ ଅଛି ବୋଲି ଆମ୍ଭେମାନେ ଦେହକୁ ଦେଖୁଛୁ ଏବଂ ସୁଖ ଦୁଃଖ ଅନୁଭବ କରୁଛୁ । ଅତଏବ ଏହି ଦେହର ଉତ୍ପତ୍ତି ହେଉଛି ସତ୍ୟରୁ । ଦେହର ବିନାଶ, ଯାହା ଆମ୍ଭେମାନେ ଦେଖୁଛୁ ତାହା ପ୍ରକୃତରେ ବିନାଶ ନୁହେଁ, ତାହା ହେଉଛି ଦେହରୁ ଦେହୀର ଅନ୍ତର ଓ ଦେହର ଅବସ୍ଥାର ପରିବର୍ତ୍ତନ । ୧୫ଶ ଅଧ୍ୟାୟ ୮ମ ଶ୍ଳୋକ ଦେଖିଲେ ଜାଣିପାରିବେ ଯେ ଦେହର କୌଣସି ଅଂଶର ବିନାଶ ନାହିଁ । ଦେହୀ ଯେତେବେଳେ ଦେହ ଗ୍ରହଣ କରେ ଓ ଦେହ ଛାଡ଼େ ସେତେବେଳେ ବାୟୁ, ଫୁଲ ପ୍ରଭୃତିରୁ ଗନ୍ଧ ଗ୍ରହଣ କଲାପରି ପ୍ରକୃତିରେ ରହିଥିବା ଇନ୍ଦ୍ରିୟମାନଙ୍କୁ ଓ ମନକୁ ନେଇଆସେ ଓ ଛାଡିଯାଏ ।

ଦେହ ଭିତରେ ଥିବା ଦେହୀ କିପରି ଭାବରେ ଅଛି ଓ କେଉଁଠାରେ ଅଛି ଏବଂ ଦେହୀର ବିନାଶ କାହିଁକି ଅସମ୍ଭବ ପରବର୍ତ୍ତୀ ଶ୍ଳୋକଟିରେ ତାହା କୁହାଯାଇଅଛି । ଅନ୍ୱୟ ଓ ଅର୍ଥ ଏଠାରେ ପ୍ରଥମେ ଦିଆଗଲା ।

ଅନ୍ୱୟ—ଯେନ ଇଦଂ ସର୍ବଂ ତତଂ ତତ୍ ଅବିନାଶି ବିଦ୍ଧି । ଅସ୍ୟ ଅବ୍ୟୟସ୍ୟ ବିନାଶଂ କର୍ତ୍ତୁଂ କଶ୍ଚିତ୍ ନ ଅର୍ହତି ।

ଅର୍ଥ—କିନ୍ତୁ ଯାହାଦ୍ୱାରା ଅର୍ଥାତ୍ ଯେଉଁ ଦେହୀଦ୍ୱାରା ଏହି ସମଗ୍ର ସଂସାର ବ୍ୟାପ୍ତ ହୋଇ ରହିଅଛି ସେହି ଦେହୀକୁ ଅବିନାଶ ବୋଲି ଜାଣ । ଏହି ଅବିନାଶୀ ଦେହୀର ବିନାଶ ସାଧନ କରିବାକୁ କେହି ଯୋଗ୍ୟ ନୁହେଁ ।

ଟିପ୍ପଣୀ—ଏଠାରେ ଗୀତାକାର କହୁଅଛନ୍ତି ଯେ ଦେହୀ ବା ପ୍ରତ୍ୟେକ ମନୁଷ୍ୟ ସମସ୍ତ ବିଶ୍ୱକୁ ବ୍ୟାପି ରହିଅଛି । ପ୍ରତ୍ୟେକ ମନୁଷ୍ୟ ହେଉଛି ସ୍ୱୟଂ ଭଗବାନ—ଯାହା ଶଙ୍କରାଚାର୍ଯ୍ୟଙ୍କର ସୋଽହଂବାଦ ଅଟେ । ଏହି ଦେହୀ ବା ପ୍ରକୃତ ମନୁଷ୍ୟ ସମଗ୍ର ବିଶ୍ୱକୁ ବ୍ୟାପି ରହିଥିବାରୁ ନିଜର ଦେହକୁ ମଧ୍ୟ ବ୍ୟାପି ରହିଅଛି । ଅତଏବ ଦେହୀକୁ ଦେହରୁ ପ୍ରକୃତରେ ପୃଥକ କରି ହେବନାହିଁ । ଏଠାରେ ଏତିକି ମନେ ରଖିବା ଆବଶ୍ୟକ ଯେ ମନୁଷ୍ୟ ଅନ୍ୟ ସମସ୍ତଙ୍କଠାରୁ ପୃଥକ ନୁହେଁ । ଏତିକି ବୁଝିନପାରି ସେ

ଅନ୍ୟମାନଙ୍କୁ ନିଜଠାରୁ ସମ୍ପୂର୍ଣ୍ଣ ପୃଥକ ମନେ କରେ ଏବଂ ସର୍ବଦା ନିଜର ସଙ୍କୀର୍ଣ୍ଣ ସ୍ୱାର୍ଥ ଚିନ୍ତାରେ ବ୍ୟସ୍ତ ରହିଥାଏ । ସେଥିପାଇଁ ମନୁଷ୍ୟୋଚିତ ପ୍ରକୃତ ସୁଖଶାନ୍ତି ସେ ପାଇ ପାରେ ନାହିଁ । ବିଶ୍ୱର କଲ୍ୟାଣ ଓ ଅକଲ୍ୟାଣ ସହିତ ତାହାର ନିଜର କଲ୍ୟାଣ ଓ ଅକଲ୍ୟାଣର ଘନିଷ୍ଠ ସମ୍ବନ୍ଧ ଅଛି, ଏକଥା ମନୁଷ୍ୟ ବୁଝିପାରୁ ନାହିଁ ।

ଅବିନାଶି ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍ ।
ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତ୍ତୁମର୍ହତି । ୧୭ ।
ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।
ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍‌ଯୁଧ୍ୟସ୍ୱ ଭାରତ । ୧୮ ।
ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ । ୧୯ ।
ନ ଜାୟତେ ମ୍ରିୟତେ ବା କଦାଚିତ୍ ।
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ।
ନ ହନ୍ୟତେ ହନ୍ୟମାନେ ଶରୀରେ । ୨୦ ।
ବେଦାବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟମ୍ ।
କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ । ୨୧ ।
ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂଯାତି ନବାନି ଦେହୀ । ୨୨ ।
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ । ୨୩ ।
ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ
ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ । ୨୪ ।
ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ଯ୍ୟୋଽୟମୁଚ୍ୟତେ ।
ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି । ୨୫ ।

ଅର୍ଥ—ନିତ୍ୟ, ଅବିନାଶୀ ଓ ଅପ୍ରମେୟ ଦେହୀର ଏହିସବୁ ଦେହ ଅନିତ୍ୟ ବୋଲି କଥିତ; ତେଣୁ ହେ ଭାରତ ! ତୁମ୍ଭେ ଯୁଦ୍ଧକର । ଯେଉଁ ବ୍ୟକ୍ତି ଏହି ଦେହୀକୁ ହନନ କର୍ତ୍ତା ବୋଲି ଜାଣେ ଏବଂ ଯେ ଏହାକୁ ହତ ବୋଲି ମନେ କରେ, ସେ ଦୁହେଁ ଅଜ୍ଞ ଅଟନ୍ତି । ଏହି ଦେହୀ କାହାରିକୁ ହନନ କରେ ନାହିଁ କିମ୍ବା କାହାଦ୍ୱାରା ହତ ହୁଏ ନାହିଁ । ୧୯ । ଦେହୀ ଜନ୍ମ ହୁଏ ନାହିଁ କିମ୍ବା ମରେ ନାହିଁ ଏବଂ ଅସ୍ତିତ୍ୱ ପ୍ରାପ୍ତ ହୋଇ ପରିଣାମ ପ୍ରାପ୍ତ ହୁଏ ନାହିଁ । ଏହା ଜନ୍ମ ରହିତ, ନିତ୍ୟ, ଶାଶ୍ୱତ ଏବଂ ବହୁ କାଳରୁ ଅସ୍ତିତ୍ୱ ପ୍ରାପ୍ତ । ଶରୀର ହତ ହେଲେ ଶରୀରୀ ହତ ହୁଏ ନାହିଁ । ( ଅସ୍ତିତ୍ୱ ପ୍ରାପ୍ତ ଏହି କଥାଟିରୁ ପ୍ରକାଶ ଯେ ଦେହୀର ଅସ୍ତିତ୍ୱ ପ୍ରାପ୍ତି ଅଛି, ମାତ୍ର ଜନ୍ମ ନାହିଁ କିମ୍ବା ମରଣ ନାହିଁ । ) ୨୦ । ହେ ପାର୍ଥ ! ଏହି ଦେହୀକୁ ଯେଉଁ ବ୍ୟକ୍ତି ଅବିନାଶୀ, ନିତ୍ୟ ଜନ୍ମରହିତ ଓ ଅବ୍ୟୟ ବୋଲି ଜାଣନ୍ତି ସେ କିପରି ଓ କାହାକୁ ହତ କରିବେ କରାଇବେ ? । ୨୧ । ମନୁଷ୍ୟ ଯେପରି ଜୀର୍ଣ୍ଣବସ୍ତ୍ରସବୁ ପରିତ୍ୟାଗ କରି ନୂତନ ବସ୍ତ୍ରସବୁ ଗ୍ରହଣ କରନ୍ତି, ଏହି ଦେହୀ ସେହିପରି ଜୀର୍ଣ୍ଣଦେହ ସବୁ ପରିତ୍ୟାଗ କରି ଅନ୍ୟ ନୂତନ ଦେହସବୁ ଗ୍ରହଣ କରନ୍ତି । ୨୨ । ଶସ୍ତ୍ରସବୁ ଏହାକୁ ଛେଦନ କରିପାରେ ନାହିଁ ; ଅଗ୍ନି ଦଗ୍ଧ କରିପାରେ ନାହିଁ, ଜଳ ଆର୍ଦ୍ର କରିପାରେ ନାହିଁ ଏବଂ ପବନ ଶୁଷ୍କ କରିପାରେ ନାହିଁ । ୨୩ । ଏହା ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଲେଦ୍ୟ, ଅଶୋଷ୍ୟ, ନିତ୍ୟ, ସର୍ବଗତ, ସ୍ଥିର, ଅଚଳ, ସନାତନ, ଅବ୍ୟକ୍ତ, ଅଚିନ୍ତ୍ୟ ଏବଂ ଅବିକାରୀ ବୋଲି କଥିତ । ଅତଏବ ଏହି ଦେହୀକୁ ଏହିପରି ଜାଣି ତୁମ୍ଭର ଅନୁଶୋଚନା କରିବା ଉଚିତ ନୁହେଁ । ୨୪-୨୫

ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତଂ
ତଥାପି ତ୍ୱଂ ମହାବାହୋ ନୈନଂ ଶୋଚିତୁମର୍ହସି । ୨୬ ।
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁ ମର୍ହସି । ୨୭ ।
ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା । ୨୮ ।
ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନମ୍
ଆଶ୍ଚର୍ଯ୍ୟବଦ୍ ବଦତି ତଥୈବ ଚାନ୍ୟଃ ।

ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି
ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ । ୨୯ ।
ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।
ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି । ୩୦ ।

ଅର୍ଥ—ଯଦି ଏହି ଦେହୀକୁ ନିତ୍ୟଜାତ ଓ ନିତ୍ୟମୃତ ବୋଲି ମନେକର, ତେବେ ମଧ୍ୟ ହେ ମହାବାହୋ ! ଏଥିପାଇଁ ଶୋକ କରିବା ଉଚିତ ନୁହେଁ । ୨୬ । ଜାତର ମୃତ୍ୟୁ ଏବଂ ମୃତର ଜନ୍ମ ସୁନିଶ୍ଚିତ ଅଟେ; ସୁତରାଂ ଅପରିହାର୍ଯ୍ୟ ବିଷୟରେ ଶୋକ କରିବାର କୌଣସି କାରଣ ନାହିଁ । ୨୭ । ପ୍ରାଣୀମାନେ ପ୍ରଥମେ ଅବ୍ୟକ୍ତ ଥାଆନ୍ତି, ମଧ୍ୟରେ ବ୍ୟକ୍ତ ହୁଅନ୍ତି, ନିଧନ ପରେ ପୁଣି ଅବ୍ୟକ୍ତ ହୁଅନ୍ତି; ଅତଏବ ଯାହା ପୂର୍ବେ ନଥିଲା ଏବଂ ପରେ ରହିବ ନାହିଁ, ତାହା ପାଇଁ ଶୋକ କରିବାର କୌଣସି କାରଣ ନାହିଁ । ୨୮ । ଏହି ଦେହୀକୁ କେହି ଆଶ୍ଚର୍ଯ୍ୟ ପରି ଦେଖନ୍ତି, କେହି ଆଶ୍ଚର୍ଯ୍ୟ ପରି ବର୍ଣ୍ଣନା କରନ୍ତି, ଅନ୍ୟମାନେ ଆଶ୍ଚର୍ଯ୍ୟ ପରି ଶୁଣନ୍ତି । ଶୁଣିଲେ ମଧ୍ୟ କେହି ଏହାକୁ ଜାଣିପାରନ୍ତି ନାହିଁ । ୨୯ । ହେ ଭାରତ ! ସମସ୍ତଙ୍କର ଦେହରେ ଥିବା ଏହି ଦେହୀ ସର୍ବଦା ଅବଧ୍ୟ ଅଟେ । ଅତଏବ ସବୁ ପ୍ରାଣୀମାନଙ୍କ ପାଇଁ ତୁମର ଶୋକ କରିବା ଉଚିତ ନୁହେଁ । ୩୦ ।

ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।
ଧର୍ମ୍ମାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ । ୩୧ ।
ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ । ୩୨ ।
ଅଥଚେତ୍ତ୍ୱମିମଂ ଧର୍ମ୍ୟଂ ସଙ୍ଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂ କୀର୍ତ୍ତିଞ୍ଚ ହିତ୍ୱା ପାପମବାପ୍ସ୍ୟସି । ୩୩ ।
ଅକୀର୍ତ୍ତିଞ୍ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।
ସମ୍ଭାବିତସ୍ୟ ଚାକୀର୍ତ୍ତିର୍ମରଣାଦତିରିଚ୍ୟତେ । ୩୪ ।
ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।
ଯେଷାଞ୍ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ । ୩୫ ।
ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।
ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ । ୩୬ ।

ହତୋ ବା ପ୍ରାପ୍‌ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।
ତସ୍ମା ଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ । ୩୭ ।
ସୁଖ ଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍‌ସ୍ୟସି । ୩୮ ।

ଅର୍ଥ—ସ୍ୱଧର୍ମ୍ମ ପ୍ରତି ଦୃଷ୍ଟି ରଖି ବିଚାର କଲେ ମଧ୍ୟ ତୁମ୍ଭର ବିଚଳିତ ହେବା ଉଚିତ ନୁହେଁ । ଧର୍ମ୍ମଯୁଦ୍ଧ ଅପେକ୍ଷା କ୍ଷତ୍ରିୟର ଅନ୍ୟ ଶ୍ରେୟ କିଛି ନାହିଁ । ୩୧ । ହେ ପାର୍ଥ ! ଅପ୍ରାର୍ଥିତ ରୂପେ ଉପସ୍ଥିତ ଉନ୍ମୁକ୍ତ ସ୍ୱର୍ଗଦ୍ୱାର ସ୍ୱରୂପ ଏପରି ଯୁଦ୍ଧ ସୁଖୀ କ୍ଷତ୍ରିୟମାନେ ଲାଭ କରନ୍ତି । ୩୨ । ଯଦି ତୁମ୍ଭେ ଏହି ଧର୍ମ ଯୁଦ୍ଧ ନ କର, ତେବେ ଆପଣାର ଧର୍ମ୍ମ ଓ ଯଶନାଶ କରି ପାପପ୍ରାପ୍ତ ହେବ । ୩୩ । ଲୋକମାନେ ସବୁଦିନ ପାଇଁ ତୁମ୍ଭର ଅକୀର୍ତ୍ତି ଘୋଷଣା କରିବେ । ମାନୀ ବ୍ୟକ୍ତି ପକ୍ଷରେ ଅକୀର୍ତ୍ତି ମରଣ ଅପେକ୍ଷା ଅଧିକ ଅଟେ । ୩୪ । ତୁମ୍ଭେ ଭୟ କରି ଯୁଦ୍ଧରୁ ନିବୃତ୍ତ ହେଲ ବୋଲି ମହାରଥମାନେ ମନେକରିବେ । ଯେଉଁମାନଙ୍କ ନିକଟରେ ତୁମ୍ଭେ ଆଦରଣୀୟ ହୋଇଥିଲ, ସେମାନଙ୍କ ନିକଟରେ ଲଘୁତ୍ୱ ପ୍ରାପ୍ତ ହେବ । । ୩୫ । ତୁମ୍ଭର ଶତ୍ରୁମାନେ ତୁମ୍ଭର ସାମର୍ଥ୍ୟକୁ ନିନ୍ଦା କରି ଅନେକ ଅବାଚ୍ୟ କଥା କହିବେ । ତାହା ଅପେକ୍ଷା ଅଧିକତର ଦୁଃଖ କଅଣ ଅଛି । ୩୬ । ହତ ହେଲେ ସ୍ୱର୍ଗ ପ୍ରାପ୍ତ ହେବ ଏବଂ ଜୟକଲେ ପୃଥିବୀ ଭୋଗ କରିବ ; ଅତଏବ ହେ କୌନ୍ତେୟ ! ଯୁଦ୍ଧ କରିବାକୁ କୃତନିଶ୍ଚୟ ହୋଇ ଉଠ । ୩୭ । ସୁଖ-ଦୁଃଖ, ଲାଭାଲାଭ ଓ ଜୟ ପରାଜୟକୁ ସମାନ ମନେକରି ଯୁଦ୍ଧ ସକାଶେ ଉଦ୍ୟତ ହୁଅ । ତାହାହେଲେ ତୁମ୍ଭେ ପାପପ୍ରାପ୍ତ ହେବନାହିଁ । ୩୮ ।

ଟିପ୍‌ପଣୀ—୩୧ଶ ଶ୍ଲୋକରେ, ଗୀତାକାର ସର୍ବପ୍ରଥମେ ସ୍ୱଧର୍ମ କଥାଟି ବ୍ୟବହାର କରିଅଛନ୍ତି । ଜଗତରେ ଧର୍ମ ନାମରେ ଯେତେ ପ୍ରକାର ଧର୍ମ ଅଛି ସେ ସବୁକୁ ପରିତ୍ୟାଗ କରିବାକୁ ଏବଂ ସ୍ୱଧର୍ମର ଏକମାତ୍ର ଆଶ୍ରୟ ନେବାକୁ ଗୀତାକାର ଶିକ୍ଷା ଦେଇଅଛନ୍ତି । ଅତଏବ ସ୍ୱଧର୍ମ କଥାଟି ହେଉଛି ଗୀତାର ସର୍ବପ୍ରଧାନ କଥା । ୩ୟ ଅଧ୍ୟାୟ ୩୫ଶ ଶ୍ଲୋକରେ ଏବଂ ଅଷ୍ଟାଦଶ ଅଧ୍ୟାୟ ୪୭ଶ ଓ ୪୮ଶ ଶ୍ଲୋକରେ ଏହି ସ୍ୱଧର୍ମ କଥାଟି ବୁଝାଇ ଦିଆଯାଇଅଛି ।

୩୧ଶ ଶ୍ଳୋକରେ ଥିବା କ୍ଷତ୍ରିୟ କଥାଟିର ଅର୍ଥ କ୍ଷତ୍ରିୟ ଜାତି ନୁହେଁ କିମ୍ବା କ୍ଷତ୍ରିୟ ଜାତିରେ ଜନ୍ମଗ୍ରହଣ କରିଥିବା ଅର୍ଜ୍ଜୁନ ନୁହନ୍ତି । କାରଣ କେବଳ କ୍ଷତ୍ରିୟ ଜାତିଙ୍କ ପାଇଁ କିମ୍ବା କେବଳ ଅର୍ଜ୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ କରିବା ପାଇଁ ଶ୍ରୀକୃଷ୍ଣ ଗୀତା-ଧର୍ମ ସଂସ୍ଥାପନ କରିନାହାନ୍ତି— ସଂସ୍ଥାପନ କରିଅଛନ୍ତି ସମସ୍ତ ମାନବ ଜାତି ପାଇଁ ଏବଂ ପ୍ରତ୍ୟେକ ମନୁଷ୍ୟ ପାଇଁ । ଅତଏବ ଏଠାରେ କ୍ଷତ୍ରିୟ କଥାଟିର ଅର୍ଥ ହେଉଛି କ୍ଷତ୍ରିୟ ସ୍ୱଭାବସମ୍ପନ୍ନ ପ୍ରତ୍ୟେକ ମନୁଷ୍ୟ । ମନୁଷ୍ୟୋଚିତ ବୀରତ୍ୱ ବା କ୍ଷତ୍ରିୟତ୍ୱ ହେଉଛି ପ୍ରତ୍ୟେକ ମନୁଷ୍ୟର ସ୍ୱଧର୍ମ ଏବଂ ପ୍ରତ୍ୟେକ ମନୁଷ୍ୟଠାରେ ଏହି କ୍ଷତ୍ରିୟତ୍ୱ ରହିବା ଏକାନ୍ତ ଆବଶ୍ୟକ ।

'ଧର୍ମ୍ୟାଦ୍ଧି ଯୁଦ୍ଧାତ୍' ଅର୍ଥାତ୍ ଧର୍ମଯୁଦ୍ଧ ଅପେକ୍ଷା ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ଯେଉଁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଅର୍ଜ୍ଜୁନଙ୍କୁ ତଥା ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ଉପଦେଶ ଦେଉଅଛନ୍ତି ତାହା ହେଉଛି ଧର୍ମଯୁଦ୍ଧ ଅର୍ଥାତ୍ ଜୀବନ ଯୁଦ୍ଧ ।

ଏହି ଅଧ୍ୟାୟ ୧୧ଶ ଶ୍ଳୋକରୁ ୩୮ଶ ଶ୍ଳୋକ ପର୍ଯ୍ୟନ୍ତ, ଏହି ଅଠେଇଶଟି ଶ୍ଳୋକକୁ ଚାରି ଭାଗରେ ବିଭକ୍ତ କରାଯାଇ ଅଛି । ପ୍ରଥମ ପନ୍ଦରଟି ଶ୍ଳୋକର ସାରାଂଶ ଏହି କି ଏହି ସ୍ଥୂଳଦେହ ଛଡ଼ା ମନୁଷ୍ୟର ଆଉ କେତୋଟି ଦେହ ଅଛି । ଏହି ସବୁ ଦେହ ଭିତରେ ଯେଉଁ ଦେହୀ ଅଛି ତାହାର ମୃତ୍ୟୁ ନାହିଁ ଏବଂ ତାହାର ପୂର୍ବଜନ୍ମ ଓ ପରଜନ୍ମ ଅଛି । ଏହି ସବୁ କଥା ଶାସ୍ତ୍ରଜ୍ଞାନର କଥା ବା ସାଂଖ୍ୟର କଥା । ଯେଉଁମାନଙ୍କର ଶାସ୍ତ୍ରଜ୍ଞାନ ନାହିଁ କିମ୍ବା ଶାସ୍ତ୍ରଜ୍ଞାନକୁ ଯେଉଁମାନେ ସତ୍ୟ ବୋଲି ଗ୍ରହଣ କରନ୍ତି ନାହିଁ ସେମାନଙ୍କୁ ପରବର୍ତ୍ତୀ ପାଞ୍ଚୋଟି ଶ୍ଳୋକରେ କୁହାଯାଇ ଅଛି ଯେ ମନୁଷ୍ୟର ମୃତ୍ୟୁ ଅଛି ବୋଲି ଯଦି ସ୍ୱୀକାର କରାଯାଏ, ତେବେ ମଧ୍ୟ ଏକଥା ବୁଝିବା ଆବଶ୍ୟକ ଯେ ମୃତ୍ୟୁ ହେଉଛି ଅନିବାର୍ଯ୍ୟ । ଅତଏବ ଯାହା ଅନିବାର୍ଯ୍ୟ ସେଥିପାଇଁ ଦୁଃଖ କରିବା ଉଚିତ ନୁହେଁ । ଯାହା ପୂର୍ବେ ନଥିଲା ଏବଂ ପରେ ରହିବ ନାହିଁ, ଯାହା କେବଳ ମଝିରେ କେତେଦିନ ପାଇଁ ରହିବ ସେଥିପାଇଁ ଦୁଃଖ କରିବା ଉଚିତ ନୁହେଁ । ଦୁଇ ଶ୍ରେଣୀର ଲୋକଙ୍କୁ ଏହି ଦୁଇପ୍ରକାର ଉପଦେଶ ଦେବା ପରେ ୩୧ଶ ଶ୍ଳୋକରୁ ୩୬ଶ ଶ୍ଳୋକ ପର୍ଯ୍ୟନ୍ତ ଏହି ଛଅଟି ଶ୍ଳୋକରେ ସମସ୍ତ ମାନବ ଜାତିକୁ

ଉପଦେଶ ଦିଆଯାଇ ଅଛି ଯେ ଯୁଦ୍ଧ କରିବା ହେଉଛି ପ୍ରତ୍ୟେକ ମନୁଷ୍ୟର ସ୍ୱଧର୍ମ । ଏହି ସ୍ୱଧର୍ମ ପ୍ରତି ଦୃଷ୍ଟି ରଖିଲେ ଯୁଦ୍ଧ କରିବାକୁ ଭୟ କରିବା ଉଚିତ ନୁହେଁ । ଅବଶିଷ୍ଟ ଦୁଇଟି ଶ୍ଳୋକରେ କୁହାଯାଇଅଛି ଯେ, ସୁଖ-ଦୁଃଖ, ଲାଭ-ଅଲାଭ ଓ ଜୟ-ପରାଜୟକୁ ସମାନ ମନେ କରି ଯୁଦ୍ଧ କଲେ ପାପ ନାହିଁ । ଯୁଦ୍ଧ କରୁ କରୁ ବା କର୍ମ କରୁ କରୁ ମଲେ ସେପରି ମୃତ୍ୟୁ ହେଉଛି ସ୍ୱର୍ଗ ଲାଭ ବା ପ୍ରକୃତ ଜୀବନ ଧାରଣ ଏବଂ ଯୁଦ୍ଧରେ ଜୟୀ ହେଲେ ସାଂସାରିକ ସୁଖଲାଭ । ମାତ୍ର ଯୁଦ୍ଧ କରିବାକୁ ଅସ୍ୱୀକାର ଅର୍ଥାତ୍ ଜଡ଼ତା ଅବଲମ୍ବନ କରି ଜୀବନଧାରଣ କରିବା ହେଉଛି ପ୍ରକୃତରେ ମୃତ୍ୟୁ ବା ନରକ ଭୋଗ । ଅତଏବ ଜଡ଼ତା ପରିତ୍ୟାଗ କରି ଯୁଦ୍ଧ କରିବାକୁ ଏବଂ କର୍ମ କରିବାକୁ ଗୀତା ଶିକ୍ଷା ଦେଉଅଛି ।

## ଗୀତାର ପ୍ରକୃତ ଶିକ୍ଷା ଓ ନୂତନ ଶିକ୍ଷା ଏହିଠାରୁ ଆରମ୍ଭ

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି । ୩୯ ।

ଅନ୍ୱୟ—ଏଷା ବୁଦ୍ଧିଃ ତେ ସାଂଖ୍ୟେ ଅଭିହିତା; ଇମାଂ (ବୁଦ୍ଧିଂ) ତୁଂ ଯୋଗେ ଶୃଣୁ । ଯୟା ବୁଦ୍ଧ୍ୟା ଯୁକ୍ତଃ (ସନ୍) ହେ ପାର୍ଥ ! ତ୍ୱଂ କର୍ମବନ୍ଧଂ ପ୍ରହାସ୍ୟସି ।

ଅର୍ଥ—ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା, ଏହି ବୁଦ୍ଧି ତୁମ୍ଭେ ବର୍ତ୍ତମାନ ଯୋଗରେ ଶୁଣ । ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ, ହେ ପାର୍ଥ ! ତୁମ୍ଭେ କର୍ମବନ୍ଧନ ପରିତ୍ୟାଗ କରିବ ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତ ହୋଇପାରିବ ।

ଟିପ୍ପଣୀ—"କର୍ମବନ୍ଧଂ ପ୍ରହାସ୍ୟସି" ଅର୍ଥାତ୍ କର୍ମବନ୍ଧନ ପରିତ୍ୟାଗ କରିବ ଏହି କଥାଟିରୁ ପ୍ରକାଶ ଯେ କପରି ଭାବରେ କର୍ମ କଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇପାରିବ ଏହାହିଁ ଗୀତାର ପ୍ରତିପାଦ୍ୟ ବିଷୟ ।

ବୁଦ୍ଧିକୁ କେହି କହନ୍ତି ନାହିଁ କିମ୍ବା ଶୁଣନ୍ତି ନାହିଁ; ମାତ୍ର ଶ୍ରୀକୃଷ୍ଣ କହିଲେ, "ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ଏବଂ ଏହି ବୁଦ୍ଧି ତୁମ୍ଭେ ଯୋଗରେ ଶୁଣ" । ଏହି ବିଷୟ ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ଏବଂ ଏହି ବିଷୟ ତୁମ୍ଭେ ଯୋଗରେ ଶୁଣ—ଏପରି କହିଥିଲେ କଥାଟି ସୁଶ୍ରାବ୍ୟ ହୋଇଥାଆନ୍ତା । ମାତ୍ର ତାହା ନକହି ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ଏପରି କହିବାର କାରଣ ଏହିକି "ବୁଦ୍ଧି" କଥାଟି ହେଉଛି ଗୀତାର ସର୍ବପ୍ରଧାନ କଥା, ଯାହା ଶ୍ରୀକୃଷ୍ଣ ଏଠାରୁ ଆରମ୍ଭ କରି ବୁଝାଇବେ । ଅନ୍ୟ କାରଣ ଏହିକି ବୁଦ୍ଧି କଥାଟିକୁ ସର୍ବପ୍ରଥମେ ଏଠାରେ ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇଭାଗରେ ବିଭକ୍ତ କରିବାର ଆବଶ୍ୟକ ଥିବାରୁ ଶ୍ରୀକୃଷ୍ଣ ଏଠାରେ ବୁଦ୍ଧି କଥାଟି ବ୍ୟବହାର କରି ଏପରି କହିଅଛନ୍ତି ।

"ଯୟା ବୁଦ୍ଧ୍ୟା ଯୁକ୍ତଃ" ଅର୍ଥାତ୍ ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ, ଏହି କଥାଟିରୁ ପ୍ରକାଶ ଯେ ବୁଦ୍ଧି ଏହି ପ୍ରଧାନ କଥାଟିକୁ ଶ୍ରୀକୃଷ୍ଣ ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇଭାଗରେ ବିଭକ୍ତ କରିଅଛନ୍ତି ଏବଂ ସାଂଖ୍ୟବୁଦ୍ଧିକୁ ସମର୍ଥନ ନକରି ଯୋଗବୁଦ୍ଧିରେ ଯୁକ୍ତ ହୋଇ କର୍ମ କରିବାକୁ ଉପଦେଶ ଦେଇଅଛନ୍ତି । ମାତ୍ର ସାଂଖ୍ୟବୁଦ୍ଧିରେ ଯୁକ୍ତଥିବା ଗୀତାର ପ୍ରାଚୀନ ଟୀକାକାରମାନେ ଯୋଗବୁଦ୍ଧି ଅପେକ୍ଷା ସାଂଖ୍ୟବୁଦ୍ଧିକୁ ଉଚ୍ଚତର ସ୍ଥାନ ଦେବା ଅଭିପ୍ରାୟରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ଗୀତାର ଏହି ମୂଳ ଶ୍ଳୋକଟିକୁ ଅର୍ଥ କରିଅଛନ୍ତି—"ସାଂଖ୍ୟଯୋଗ ନାମକ ଏହି ତତ୍ତ୍ୱଜ୍ଞାନ ତୁମ୍ଭଙ୍କୁ କୁହାଗଲା" ଇତ୍ୟାଦି । ମାତ୍ର ପୂର୍ବବର୍ତ୍ତୀ ଅଠେଇଶଟି ମାତ୍ର ଶ୍ଳୋକରେ ଶ୍ରୀକୃଷ୍ଣ ସାଂଖ୍ୟଯୋଗ ବୁଝାଇ ନାହାନ୍ତି । ଆଉ ମଧ୍ୟ ସର୍ବପ୍ରଥମେ ସାଂଖ୍ୟଯୋଗ ନାମକ ତତ୍ତ୍ୱଜ୍ଞାନ ବୁଝାଇବାର ଆବଶ୍ୟକ ନଥିଲା । ପ୍ରକୃତ କଥା ଏହିକି ଏହି ଅଧ୍ୟାୟ ବାର ଶ୍ଳୋକଠାରୁ ପଚିଶ ଶ୍ଳୋକ ପର୍ଯ୍ୟନ୍ତ ଏହି ଚଉଦଟି ମାତ୍ର ଶ୍ଳୋକରେ ଶ୍ରୀକୃଷ୍ଣ ଯାହା କହିଅଛନ୍ତି ତାର ସାରାଂଶ ଏହିକି—ଦେହୀର ଅର୍ଥାତ୍ ଦେହ ଭିତରେ ଥିବା ପ୍ରକୃତ ମନୁଷ୍ୟର ମୃତ୍ୟୁ ନାହିଁ ଏବଂ ସେହି ଦେହୀର ପୂର୍ବଜନ୍ମ ଓ ପରଜନ୍ମ ଅଛି । ଏହି ସବୁ କଥା ଜନସାଧାରଣଙ୍କର ଅନୁଭୂତିର କଥା ନୁହେଁ ବୋଲି ଏବଂ ଏହି ସବୁ ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି କେହି ନିଜର ଜୀବନର ଗତି ପରିବର୍ତ୍ତନ କରି ପାରିବେ ନାହିଁ ବୋଲି

ଏହି ସବୁ ଶାସ୍ତ୍ରଜ୍ଞାନର କଥାକୁ ଶ୍ରୀକୃଷ୍ଣ ସାଂଖ୍ୟବୁଦ୍ଧି ବୋଲି କହିଅଛନ୍ତି । ଏହି ସବୁ ଶାସ୍ତ୍ରଜ୍ଞାନ ସହିତ ଗୀତାର ପ୍ରକୃତ ଶିକ୍ଷାର କୌଣସି ସମ୍ବନ୍ଧ ନ ଥିବାରୁ ଶ୍ରୀକୃଷ୍ଣ କହିଲେ ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ।"

ଏହି ଶ୍ଳୋକରେ ଅର୍ଥାତ୍ ଗୀତାର ପ୍ରକୃତ ଶିକ୍ଷାର ଆରମ୍ଭରେ ଗୀତାକାର ସାଂଖ୍ୟ, ଯୋଗ ଓ ବୁଦ୍ଧି ଏହି ତିନୋଟି କଥା ବ୍ୟବହାର କରିଅଛନ୍ତି । ଏହି ତିନୋଟି କଥା ମଧ୍ୟରୁ 'ସାଂଖ୍ୟ' ଏହି କଥାଟିକୁ ସେ ସମର୍ଥନ କରିନାହାନ୍ତି—ସମର୍ଥନ କରିଅଛନ୍ତି ଯୋଗ ଓ ବୁଦ୍ଧି ଏହି ଦୁଇଟି କଥା । 'ସାଂଖ୍ୟ' ଏହି କଥାଟି ଗୀତାକାର କେଉଁ ଅଭିପ୍ରାୟରେ ବ୍ୟବହାର କରିଅଛନ୍ତି ତାହା ଆମ୍ଭେମାନେ ପରେ ବୁଝି ପାରିବୁ । ବର୍ତ୍ତମାନ କେବଳ ଏତିକି ମନେ ରଖନ୍ତୁ ଯେ ସାଂଖ୍ୟ କଥାଟିର ଅର୍ଥ ହେଉଛି ଶାସ୍ତ୍ରଜ୍ଞାନର କଥା । ଯୋଗ କଥାଟିର ଅର୍ଥ ହେଉଛି କର୍ମ ଅର୍ଥାତ୍ ନିଜର ସ୍ୱବିବେକଯୁକ୍ତ କର୍ମ ଏବଂ ବୁଦ୍ଧି କଥାଟିର ଅର୍ଥ ହେଉଛି ନିଜ ପବିତ୍ର ବିବେକ ବୁଦ୍ଧି । ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି ଏବଂ ଶାସ୍ତ୍ରବିଧି ସବୁର ଅନ୍ଧ ଅନୁସରଣ କରି ଫଳ କାମନା ଆଶାରେ କର୍ମ କରୁଥିବା ବିପଥଗାମୀ ଜନସାଧାରଣଙ୍କୁ ଯୋଗ ଓ ବୁଦ୍ଧି ଏହି ଦୁଇଟି କଥା ସହିତ ଏବଂ ଯୋଗବୁଦ୍ଧି ସହିତ ପରିଚୟ କରାଇବାକୁ ଗୀତାକାରଙ୍କର ଏକମାତ୍ର ଅଭିପ୍ରାୟ ।

ଏହି ଅଧ୍ୟାୟ ୪୨ରୁ ୪୪ ଏହି ତିନୋଟି ଶ୍ଳୋକରୁ ଆମ୍ଭେମାନେ ଜାଣି ପାରିବୁ ଯେ ଫଳକାମନା ଆଶାରେ ଶାସ୍ତ୍ରବିଧି ସବୁର ଅନ୍ଧ ଅନୁସରଣକୁ ଗୀତାକାର ସାଂଖ୍ୟବୁଦ୍ଧି କହିଅଛନ୍ତି । ପଞ୍ଚମ ଅଧ୍ୟାୟ ଚତୁର୍ଥ ଶ୍ଳୋକର ଟିପ୍ପଣୀରୁ ଆମ୍ଭେମାନେ ଜାଣିପାରିବୁ ଯେ ଶାସ୍ତ୍ରଜ୍ଞାନର ଅନ୍ଧ ଅନୁସରଣ ଫଳରୁ ଶାସ୍ତ୍ରଜ୍ଞମାନଙ୍କର କର୍ମ ସନ୍ୟାସ ଅବଲମ୍ବନକୁ ମଧ୍ୟ ସେ ସାଂଖ୍ୟ ବୁଦ୍ଧି କହିଅଛନ୍ତି । ବର୍ତ୍ତମାନ କେବଳ ଏତିକି ବୁଝିବା ଆବଶ୍ୟକ ଯେ ସାଂଖ୍ୟବୁଦ୍ଧିକୁ ସେ ସମର୍ଥନ କରିନାହାନ୍ତି ।

ବୁଦ୍ଧି କଥାଟିକୁ ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇଭାଗରେ ବିଭକ୍ତ କରି ଗୀତାକାର କହିଅଛନ୍ତି ଯେ ଯୋଗବୁଦ୍ଧିରେ ଯୁକ୍ତହୋଇ କର୍ମ କଲେ ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତ ହୋଇ ପାରିବ । ଏହି କଥାଟି

କହିବା ଦ୍ୱାରା ସେ ପରୋକ୍ଷ ଭାବରେ କହିଦେଲେ ଯେ ସାଂଖ୍ୟବୁଦ୍ଧିରେ ଯୁକ୍ତ ହୋଇ ଶାସ୍ତ୍ରବିଧି ସବୁର ଅନ୍ଧ ଅନୁସରଣ କଲେ କିମ୍ବା କର୍ମସନ୍ନ୍ୟାସ ଅବଲମ୍ବନ କଲେ ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତ ହେବ ନାହିଁ । ଯେଉଁ ଯୋଗବୁଦ୍ଧିରେ ଯୁକ୍ତହେଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇ ପାରିବ ସେହି ଯୋଗବୁଦ୍ଧି କାହାକୁ କହନ୍ତି ତାହା ଜାଣିବା ପାଇଁ ପ୍ରତ୍ୟେକଙ୍କ ମନରେ ଆଗ୍ରହ ଜନ୍ମିବା ସ୍ୱାଭାବିକ । ଏହି ଆଗ୍ରହ ଦୂର କରିବା ପାଇଁ ପରବର୍ତ୍ତୀ ଦୁଇଟି ଶ୍ଳୋକରେ ଗୀତାକାର ଯୋଗବୁଦ୍ଧି କଥାଟିର ବିଶେଷ ପରିଚୟ ଦେଇଅଛନ୍ତି ।

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ । ୪୦ ।

ଅନ୍ୱୟ—ଇହ ଅଭିକ୍ରମ ନାଶଃ ନ ଅସ୍ତି, ପ୍ରତ୍ୟବାୟଃ ନ ବିଦ୍ୟତେ, ଅସ୍ୟ ଧର୍ମସ୍ୟ ସ୍ୱଳ୍ପଂ ଅପି ମହତଃ ଭୟାତ୍ ତ୍ରାୟତେ ।

ଅର୍ଥ —ଏହି ବୁଦ୍ଧିରେ ଅର୍ଥାତ୍ ପୂର୍ବ ଶ୍ଳୋକରେ ଯେଉଁ ବୁଦ୍ଧିରେ ଯୁକ୍ତ ହେବା କଥା କୁହାଗଲା, ସେହି ଯୋଗବୁଦ୍ଧିରେ ଅଭିକ୍ରମର ବା ଆରମ୍ଭର ନାଶ ନାହିଁ, ପ୍ରତ୍ୟବାୟ ବା ବାଧା ବିଘ୍ନ ମଧ୍ୟ ନାହିଁ । ଏହି ଧର୍ମର ଅତି ଅଳ୍ପ ମଧ୍ୟ ମହାଭୟରୁ ତ୍ରାଣ କରେ ।

ଟିପ୍ପଣୀ—ଅଭିକ୍ରମ ଅର୍ଥାତ୍ ଆରମ୍ଭ, ଏହି କଥାର ବିଶେଷତ୍ୱ ଏହିକି ଯୋଗବୁଦ୍ଧିରେ ଯୁକ୍ତ ହୋଇ ଜୀବନ ଯୁଦ୍ଧ ଆରମ୍ଭ କରିବାହିଁ ପ୍ରତ୍ୟେକ ମନୁଷ୍ୟର ସର୍ବପ୍ରଧାନ କର୍ତ୍ତବ୍ୟ ନୀହିଁକି ଏକମାତ୍ର କର୍ତ୍ତବ୍ୟ । ସେପରି ଜୀବନ ଯୁଦ୍ଧ ଆରମ୍ଭ କରିବା ଏବଂ ସାଧନ ପଥର ପ୍ରଥମ ସୋପାନରେ ପଦକ୍ଷେପ କରିବା ଏ ଦୁହେଁ ଏକାକଥା ।

"ଅଭିକ୍ରମନାଶଃ ନ ଅସ୍ତି" ଅର୍ଥାତ୍ ଆରମ୍ଭର ନାଶ ନାହିଁ ଏହି କଥାଟିରୁ ପ୍ରକାଶ ଯେ ଯୋଗବୁଦ୍ଧିରେ ଯୁକ୍ତହୋଇ ଜୀବନ-ଯୁଦ୍ଧ ଆରମ୍ଭ କରିପାରିଲେ ଯେତେ ସମୟ ପରେ ହେଉ ବା ଯେତେ ଜନ୍ମ ପରେ ହେଉ ମନୁଷ୍ୟ ନିଶ୍ଚୟ ଦିନେ ତାହାର ଉଚ୍ଚତମ ଲକ୍ଷ୍ୟରେ ପହଞ୍ଚିବାର ଆଶା ପୋଷଣ କରି ନିଜର ଉପସ୍ଥିତ ଜୀବନ ଯାତ୍ରାକୁ ଆନନ୍ଦମୟ କରି ପାରିବ ।

"ପ୍ରତ୍ୟବାୟଃ ନ ବିଦ୍ୟତେ" ଅର୍ଥାତ୍ ବାଧା-ବିଘ୍ନ ନାହିଁ ଏହି କଥାଟିରୁ ପ୍ରକାଶ ଯେ ଯୋଗବୁଦ୍ଧିରେ ଯୁକ୍ତ ହୋଇ ଜୀବନ-ଯୁଦ୍ଧ ଆରମ୍ଭ କରିପାରିଲେ କୌଣସି ପ୍ରକାର ବାଧା-ବିଘ୍ନ ମନୁଷ୍ୟର ଗତିରୋଧ କରି ପାରିବ ନାହିଁ ।

ଏହି ଶ୍ଳୋକରେ ଶ୍ରୀକୃଷ୍ଣ ପରୋକ୍ଷରେ କହିଲେ ଯେ ସାଂଖ୍ୟବୁଦ୍ଧିରେ ଯୁକ୍ତ ହୋଇ ଜୀବନ ଯାତ୍ରା ଆରମ୍ଭ କଲେ ସେପରି ଆରମ୍ଭର ନାଶ ଅଛି ଏବଂ ସେପରି ଆରମ୍ଭରେ ବାଧା ବିଘ୍ନ ମଧ୍ୟ ଅଛି । କାରଣ ସେପରି ଜୀବନ ଯାତ୍ରା ନିଜର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ନ ହୋଇ କେବଳ ଶାସ୍ତ୍ରଗତ ଜ୍ଞାନ ଉପରେ, ବା ବିଶ୍ବାସ ଉପରେ ବା ପରଧର୍ମର ଅନ୍ଧ ଅନୁସରଣ ଉପରେ ପ୍ରତିଷ୍ଠିତ ।

ଯୋଗ-ବୁଦ୍ଧିରେ ଯୁକ୍ତହେବାରୂପ ଧର୍ମକୁ ବା ଶ୍ରୀକୃଷ୍ଣଙ୍କର ସଂସ୍ଥାପିତ ଗୀତା-ଧର୍ମକୁ ବା ନୂତନ ଧର୍ମକୁ ସାଂଖ୍ୟ ବୁଦ୍ଧିରେ ଯୁକ୍ତଥିବା ଜନସାଧାରଣ ଜାଣିକି ଅଧର୍ମ ବୋଲି ଭାବି ଅବଜ୍ଞା କରିବେ ସେଥିପାଇଁ ସେ କହିଲେ "ଅସ୍ୟ ଧର୍ମସ୍ୟ" ଅର୍ଥାତ୍ ଯୋଗବୁଦ୍ଧିରେ ଯୁକ୍ତହେବା ରୂପ ଧର୍ମର । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଯୋଗ-ବୁଦ୍ଧିରେ ଯୁକ୍ତହୋଇ ଜୀବନଯାତ୍ରାରେ ଅଗ୍ରସର ହେବା ଅଧର୍ମ ନୁହେଁ ।

"ତ୍ରାୟତେ ମହତୋ ଭୟାତ୍" ଅର୍ଥାତ୍ ମହାଭୟରୁ ତ୍ରାଣ କରେ ଏହି କଥାଟିରୁ ପ୍ରକାଶ ଯେ ମନୁଷ୍ୟକୁ ସବୁ ପ୍ରକାର ଭୟରୁ ଯାହା ତ୍ରାଣ କରେ ତାହାହିଁ ପ୍ରକୃତରେ ଧର୍ମ ।

ପ୍ରଥମ ଅଧ୍ୟାୟ ୪୪ ଶ୍ଳୋକରୁ ଆମ୍ଭେମାନେ ଜାଣିଛୁଁ ଯେ ଅର୍ଜୁନ ଶୁଣିବା କଥା ଉପରେ ନିର୍ଭର କରି ଏବଂ ନରକ-ବାସକୁ ଭୟକରି କର୍ମତ୍ୟାଗ କରିବାକୁ ବସିଥିଲେ । ବିଶ୍ବାସ ଉପରେ ଅର୍ଥାତ ଶୁଣିବା କଥା ଉପରେ ନିର୍ଭର କରିବା ଦ୍ୱାରା ମନୁଷ୍ୟ କେବଳ ନରକବାସ ଭୟ କାହିଁକି, ନାନା ପ୍ରକାର ଭୟରେ ସର୍ବଦା ତ୍ରସ୍ତ ହୋଇ ଯାହା କର୍ତ୍ତବ୍ୟ ବୋଲି ସ୍ଥିର କରୁଛି, ତାହା ସେ କରିପାରୁ ନାହିଁ । ସାଧନ ପଥରେ ଭୟ ହେଉଛି ମନୁଷ୍ୟର ସର୍ବପ୍ରଧାନ ଶତ୍ରୁ । ସେଥିପାଇଁ ଶ୍ରୀକୃଷ୍ଣ ତାଙ୍କର

ନୂତନ ଶିକ୍ଷାର ଆରମ୍ଭରେ ମହାଭୟରୁ ତ୍ରାଣ ପାଇବା କଥାଟି କହିଲେ ।

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାଂ । ୪୧

ଅନ୍ୱୟ—ହେ କୁରୁନନ୍ଦନ ! ଇହ ବ୍ୟବସାୟାତ୍ମିକା ବୁଦ୍ଧିଃ ଏକା, ଅବ୍ୟବସାୟିନାଂ ବୁଦ୍ଧୟଃ ବହୁଶାଖାଃ ଅନନ୍ତାଃ ଚ ହି ।

ଅର୍ଥ—ହେ କୁରୁନନ୍ଦନ ! ଏଥିରେ ଅର୍ଥାତ୍ ଯୋଗବୁଦ୍ଧିରେ ବ୍ୟବସାୟାତ୍ମିକା ବୁଦ୍ଧି ଏକନିଷ୍ଠସ୍ୱରୂପିଣୀ ଅଟେ । ଅବ୍ୟବସାୟୀମାନଙ୍କର ବୁଦ୍ଧିସବୁ ବହୁଶାଖା ବିଶିଷ୍ଟ ଓ ଅନନ୍ତ ।

ଟିପ୍ପଣୀ – ପ୍ରଥମ ଶ୍ଳୋକଟି ଶ୍ଳୋକରୁ ବୁଝାଗଲା ଯେ ଯୋଗ-ବୁଦ୍ଧିରେ ବା ବ୍ୟବସାୟାତ୍ମିକା ବୁଦ୍ଧିରେ ଯୁକ୍ତହୋଇ ଜୀବନ ଯୁଦ୍ଧ ଆରମ୍ଭ କରିପାରିଲେ ସାମାନ୍ୟ ହାଡ଼ିଠାରୁ ଆରମ୍ଭ କରି ରାମଚନ୍ଦ୍ର ମହାପ୍ରଭୁଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି କର୍ମବନ୍ଧନରୁ ମୁକ୍ତ ହୋଇ ପାରିବେ । ଅତଏବ ବ୍ୟବସାୟାତ୍ମିକା ବୁଦ୍ଧି ଏହି ସର୍ବପ୍ରଧାନ କଥାଟିର ଅର୍ଥ ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ଗୀତାର ଟୀକାକାରମାନେ ବ୍ୟବସାୟାତ୍ମିକା ବୁଦ୍ଧି, ଏହି କଥାଟିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିଅଛନ୍ତି ଏବଂ ପରମେଶ୍ୱରଙ୍କୁ ଭକ୍ତି କଲେ ମୁକ୍ତି ନିଶ୍ଚୟ ମିଳିବ ଏହି ବିଶ୍ୱାସରେ ଦୃଢ଼ତା ସ୍ଥାପନ କରିବା ବୁଦ୍ଧିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ବ୍ୟାଖ୍ୟା କରିଅଛନ୍ତି । ମାତ୍ର ଏପରି ବିଶ୍ୱାସର କଥା ଏବଂ ଏପରି ବିଶ୍ୱାସରେ ଦୃଢ଼ତା ସ୍ଥାପନ କରିବା କଥା ଶ୍ରୀକୃଷ୍ଣ ଏ ପର୍ଯ୍ୟନ୍ତ କୌଣସିଠାରେ କହିନାହାନ୍ତି ଏବଂ ଏପରି କଥା ଗୀତାରେ ଅନ୍ୟତ୍ର ମଧ୍ୟ ନାହିଁ । ଅତଏବ ଏପରି ଅର୍ଥ ଏଠାରେ ସମ୍ପୂର୍ଣ୍ଣ ଅସଙ୍ଗତ ଅଟେ । ଆଉମଧ୍ୟ ଗୀତା-ଧର୍ମ ବିଶ୍ୱାସ ଉପରେ ପ୍ରତିଷ୍ଠିତ ନୁହେଁ ଏହା ସତ୍ୟ ଉପରେ ପ୍ରତିଷ୍ଠିତ ଅଟେ—ଯାହା ଶ୍ରୀକୃଷ୍ଣଙ୍କର ନିମ୍ନଲିଖିତ ଉକ୍ତିଟିରୁ ବୁଝାଯାଉଅଛି ।

ସ୍ୱଚ୍ଛନ୍ଦୟା ବରମଂ ଧର୍ମ୍ମ୍ୟ ସୁସୁଖଂ କର୍ତ୍ତୁମବ୍ୟୟଂ । ୯ମ—୨

ଅର୍ଥ —ଗୀତା-ଧର୍ମ ପ୍ରତ୍ୟକ୍ଷ ବୋଧଗମ୍ୟ, ଧର୍ମସମ୍ମତ, କାର୍ଯ୍ୟରେ ପରିଣତ କରିବା ସହଜ ଓ ସୁଖପ୍ରଦ ଏବଂ ଅବ୍ୟୟ ଅଟେ ।

ବ୍ୟବସାୟ କଥାଟିର ଅର୍ଥ ହେଉଛି ଅଧ୍ୟବସାୟ ବା କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି । ଅତଏବ ବ୍ୟବସାୟ ବା କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି ଯେଉଁ ବୁଦ୍ଧିର ଆତ୍ମାସ୍ୱରୂପ ତାହାହିଁ ବ୍ୟବସାୟାତ୍ମିକା ବୁଦ୍ଧି । ଏହି ଅର୍ଥ ହିଁ ତ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଜୀବନଗଠନର ଘନିଷ୍ଠ ସମ୍ବନ୍ଧ ଅଛି । ଏହି ଅର୍ଥ ଗ୍ରହଣ କରିବା ପ୍ରତ୍ୟେକଙ୍କ ପକ୍ଷରେ ମଙ୍ଗଳପ୍ରଦ ଥିବାରୁ ଏହି ଅର୍ଥହିଁ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ।

କେହି କେହି ଯୁକ୍ତି କରି କହିପାରନ୍ତି ଯେ, ବ୍ୟବସାୟ କଥାଟିର ଅନ୍ୟ ଗୋଟିଏ ଅର୍ଥ ହେଉଛି ନିଶ୍ଚୟ, ଅତଏବ ବ୍ୟବସାୟାତ୍ମକା ବୁଦ୍ଧି କଥାଟିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିବା ଯୁକ୍ତିଯୁକ୍ତ । ମାତ୍ର ପ୍ରାଚୀନ ଟୀକାକାରମାନଙ୍କୁ ସମର୍ଥନ କରିବା ଅଭିପ୍ରାୟରେ ସେମାନେ କରିଥିବା ଅର୍ଥଟାକୁ ଠିକ ବୋଲି ପ୍ରମାଣ କରିବାଦ୍ୱାରା ଆମ୍ଭମାନଙ୍କର କୌଣସି ଉପକାର ହୋଇନାହିଁ ଓ ହେବନାହିଁ ।

ବ୍ୟବସାୟ କଥାଟିର ଅର୍ଥ ହେଉଛି କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି—ଏ କଥା ପୂର୍ବେ କୁହାଯାଇ ଅଛି । ଅତଏବ 'ଅବ୍ୟବସାୟିନାଂ' ଅର୍ଥାତ୍ 'ଅବ୍ୟବସାୟିମାନଙ୍କର' ଏହି କଥାଟିର ଅର୍ଥ ହେଉଛି କର୍ମ କରିବାର ସ୍ୱାଭାବିକ ପ୍ରବୃତ୍ତି ନଥିବା ବ୍ୟକ୍ତିମାନଙ୍କର । ମାତ୍ର "ନହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।" । ଅଧ୍ୟାୟ-୫ ଗୀତାର ଏହି ଉକ୍ତିଟିରୁ ପ୍ରକାଶ ଯେ, କର୍ମ ନକରି କୌଣସି ବ୍ୟକ୍ତି କ୍ଷଣେ ମାତ୍ର ରହି ନପାରେ । ତେବେ 'ଅବ୍ୟବସାୟିମାନଙ୍କର' ଏହି କଥାଟିର ଅର୍ଥ କଅଣ ଏବଂ କେଉଁ ଅଭିପ୍ରାୟରେ ଗୀତାକାର ଏଠାରେ ଏହି କଥାଟି ବ୍ୟବହାର କରିଅଛନ୍ତି ତାହା ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ଯେଉଁମାନେ ସବୁକଥା ମଙ୍ଗଳପ୍ରଦ ବୋଲି ଜାଣିଲେ ସୁଦ୍ଧା କୌଣସି ଗୋଟିଏ କଥା କାର୍ଯ୍ୟରେ ପରିଣତ କରିବାକୁ କର୍ତ୍ତବ୍ୟବୋଧ କରନ୍ତି ନାହିଁ ସେହିମାନେ ହେଉଛନ୍ତି ଅବ୍ୟବସାୟି ବା ଅକର୍ମା । ଏହି ଅବ୍ୟବସାୟିମାନେ ଜୀବନ ତମାମ ଶାସ୍ତ୍ରସବୁ ପଢୁଥାନ୍ତି—ମହାଭାରତ

କିଏ କଣ କହିଲା, ଗୀତା କଅଣ କହିଲା, ଭାଗବତ କଅଣ କହିଲା, ଗାନ୍ଧି କଅଣ କହିଲେ, ଜହରଲାଲ କଅଣ କହିଲେ ଏହିସବୁ କଥା କେବଳ ଆଲୋଚନା କରୁଥାନ୍ତି, ମାତ୍ର କୌଣସି ଶାସ୍ତ୍ରର କିମ୍ବା କୌଣସି ବ୍ୟକ୍ତିଙ୍କର କୌଣସି ଗୋଟିଏ ଉପଦେଶକୁ କାର୍ଯ୍ୟରେ ପରିଣତ କରନ୍ତି ନାହିଁ ।

ପୂର୍ବ ଦୁଇଶ୍ଳୋକରେ କୁହାଯାଇଥିବା 'ଯୋଗବୁଦ୍ଧି' କଥାଟିକୁ ବୁଝାଇବା ଅଭିପ୍ରାୟରେ ଗୀତାକାର ଏଠାରେ 'ବ୍ୟବସାୟାତ୍ମିକା' ବୁଦ୍ଧି କଥାଟି ବ୍ୟବହାର କରିଅଛନ୍ତି ଏବଂ ଏହି ଶ୍ଳୋକ ଶେଷରେ ଥିବା 'ଅବ୍ୟବସାୟିନାଂ' କଥାଟିକୁ ସେ ଏହି ଶ୍ଳୋକର ପରବର୍ତ୍ତୀ ତିନୋଟି ଶ୍ଳୋକରେ ବୁଝାଇବେ । ରଚନା କୌଶଳର ଏହି ବିଶେଷତ୍ୱ ଗୀତାରେ ପ୍ରାୟ ପ୍ରତ୍ୟେକ ଶ୍ଳୋକରେ ଦେଖି ପାରିବେ । ଏହି ବିଶେଷତ୍ୱ ଗୀତାକାରଙ୍କର ଜଗଦଗୁରୁ ଆସନର ସମ୍ପୂର୍ଣ୍ଣ ପରିଚୟ ଦେଉଅଛି ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟ ବିପଶ୍ଚିତଃ
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ । ୪୨
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାଂ
କ୍ରିୟାବିଶେଷ ବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି । ୪୩ ।
ଭୋଗୈଶ୍ୱର୍ଯ୍ୟ ପ୍ରସକ୍ତାନାଂ ତୟାପହୃତ ଚେତସାଂ
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ । ୪୪

ଅନ୍ୱୟ—ହେ ପାର୍ଥ ! ବେଦବାଦରତାଃ, ଅନ୍ୟତ୍ ନ ଅସ୍ତି ଇତି ବାଦିନଃ, କାମାତ୍ମାନଃ, ସ୍ୱର୍ଗପରାଃ, ଅବିପଶ୍ଚିତଃ-ଜନ୍ମକର୍ମଫଳପ୍ରଦାଂ, କ୍ରିୟାବିଶେଷ ବହୁଳାଂ, ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ଯାଂ ଇମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତି ତୟା ଅପହୃତଚେତସାଂ ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।

ଅର୍ଥ—ହେ ପାର୍ଥ ! ଯେଉଁମାନେ ବେଦବାଦରେ ରତ ଥାଅନ୍ତି, ବେଦ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି କହନ୍ତି, କାମ ଯେଉଁମାନଙ୍କର ଆତ୍ମା, ସ୍ୱର୍ଗ ଯେଉଁମାନଙ୍କର ଲକ୍ଷ୍ୟ ସେହି ଅବିବେକୀମାନେ ବା ମୂଢ଼ମାନେ, ଜନ୍ମ କର୍ମ ଓ କର୍ମଫଳ ପ୍ରଦାନ କରୁଥିବା ଯଜ୍ଞାଦି କ୍ରିୟା ବିଶେଷରେ ପୂର୍ଣ୍ଣଥିବା, ଭୋଗ ଓ ଐଶ୍ୱର୍ଯ୍ୟ ପାଇବାର ପଥ ସ୍ୱରୂପ

ହୋଇଥିବା ଯେଉଁ ଶ୍ରୁତିମଧୁର କଥାଗୁଡ଼ିକ କହନ୍ତି ତଦ୍ୱାରା ଅପହୃତ-ଚିତ୍ତ ଭୋଗୈଶ୍ୱର୍ଯ୍ୟପ୍ରସକ୍ତ ବ୍ୟକ୍ତିମାନଙ୍କର ବ୍ୟବସାୟାତ୍ମିକା ବୁଦ୍ଧି ସମାଧିରେ ରହିପାରେ ନାହିଁ ଅର୍ଥାତ୍ ଦୃଢ଼ ଭାବରେ ରହି କାର୍ଯ୍ୟକାରୀ ହୋଇପାରେ ନାହିଁ ।

ଟିପ୍ପଣୀ—ବେଦବାଦରେ ରତଥିବା ଓ ସଜ୍ଞାଦି କର୍ମରେ ନିଯୁକ୍ତ ଥିବା ବ୍ୟକ୍ତିମାନଙ୍କୁ ଗୀତାକାର ଅବ୍ୟବସାୟୀ ବା ଅକର୍ମୀ କହିବାର କାରଣ ଏହିକି ସେମାନେ ନିଜର ବ୍ୟବସାୟାତ୍ମିକା ବୁଦ୍ଧିର ପ୍ରେରଣାରେ ଏହିସବୁ କର୍ମ ନକରି କେବଳ ଅଭ୍ୟାସରେ ଓ ଶାସ୍ତ୍ରବିଧିର ଅନ୍ଧ ଅନୁସରଣ କରନ୍ତି ଏବଂ ଫଳକାମନା କରି କର୍ମ କରିବାରୁ କର୍ମବନ୍ଧନରୁ ମୁକ୍ତ ହୋଇପାରନ୍ତି ନାହିଁ ।

ଏଠାରେ ସମାଧି କଥାଟିର ଅର୍ଥ ପ୍ରାଣାୟାମ ଇତ୍ୟାଦିଦ୍ୱାରା ସମାଧି ଅବସ୍ଥା ନୁହେଁ । ପୂର୍ବ ଶ୍ଳୋକରେ ଥିବା "ଏକା" ଏହି କଥାଟିକୁ ବୁଝାଇବା ଅଭିପ୍ରାୟରେ ଗୀତାକାର ଏଠାରେ ସମାଧୌ କଥାଟି ବ୍ୟବହାର କରିଅଛନ୍ତି । ସମାଧି କଥାଟି ଏହି ଅଧ୍ୟାୟ ତେପନ ଶ୍ଳୋକରେ ମଧ୍ୟ ଲୁହାଯାଇଅଛି ।

ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ ଅନୁସରଣକାରୀମାନଙ୍କୁ ତଥା ବେଦ ସର୍ବସ୍ୱ ବ୍ୟକ୍ତିମାନଙ୍କୁ ଏହି ତିନୋଟି ଶ୍ଳୋକରେ ଅବ୍ୟବସାୟୀ ବା ଅକର୍ମୀ ଓ ମୂଢ଼ ବୋଲି ବର୍ଣ୍ଣନା କରି ପରବର୍ତ୍ତୀ ଦୁଇଟି ଶ୍ଳୋକରେ ବେଦସବୁ ଅନାବଶ୍ୟକ ବୋଲି ସ୍ପଷ୍ଟାକ୍ଷରରେ କହିଅଛନ୍ତି ।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ
ନିର୍ଦ୍ୱନ୍ଦ୍ୱୋନିତ୍ୟ ସତ୍ତ୍ୱସ୍ଥୋ ନିର୍ଯୋଗ କ୍ଷେମ ଆତ୍ମବାନ୍ ।—୪୫

ଅନ୍ୱୟ—ବେଦାଃ ତ୍ରୈଗୁଣ୍ୟ ବିଷୟାଃ, ହେ ଅର୍ଜୁନ ! ତ୍ୱଂ ନିସ୍ତ୍ରୈଗୁଣ୍ୟଃ ଭବ । ନିର୍ଦ୍ୱନ୍ଦ୍ୱଃ, ନିତ୍ୟସତ୍ତ୍ୱସ୍ଥଃ, ନିର୍ଯୋଗକ୍ଷେମଃ ତଥା ଆତ୍ମବାନ୍ ଭବ ।

ଅର୍ଥ—ବେଦସବୁ ତିନିଗୁଣ ସମ୍ବନ୍ଧୀୟ; ହେ ଅର୍ଜୁନ ! ତୁମ୍ଭେ ନିସ୍ତ୍ରୈଗୁଣ୍ୟ ହୁଅ ଅର୍ଥାତ୍ ବେଦସବୁରୁ ବାହାରେ ରୁହ ଅର୍ଥାତ୍ ସତ୍ତ୍ୱ,

ରଜ ଓ ତମ ଏହି ତିନିଗୁଣରୁ ବାହାରେ ରୁହ ଅର୍ଥାତ୍ ଗୁଣାତୀତ ହୁଅ । ତୁମେ ସୁଖ-ଦୁଃଖାଦି ଦ୍ୱନ୍ଦ୍ୱରୁ ରହିତ ହୁଅ, ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରୁହ, ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ଏବଂ ପ୍ରାପ୍ତ ବସ୍ତୁର ରକ୍ଷାପାଇଁ ଯତ୍ନ-ଶୂନ୍ୟ ହୁଅ ଏବଂ ଆତ୍ମବାନ ହୁଅ ।

ଟିପ୍ପଣୀ—ତୁମେ ଆତ୍ମବାନ୍ ହୁଅ ଏହି କଥାଟିରୁ ପ୍ରକାଶ ଯେ ଆତ୍ମବାନ ବ୍ୟକ୍ତି ପକ୍ଷରେ ବେଦସବୁ ଅନାବଶ୍ୟକ—ଆବଶ୍ୟକ କେବଳ ଦେହ ସର୍ବସ୍ୱମାନଙ୍କ ପାଇଁ । ଦେହ ସର୍ବସ୍ୱ ବ୍ୟକ୍ତିମାନେ ଜାଣନ୍ତି ଯେ, ଜୀବନ କାଳ ହେଉଛି ମାତୃଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ । ସେମାନେ ସେଥିପାଇଁ ଭୋଗ ଓ ଐଶ୍ୱର୍ଯ୍ୟକୁ ଜୀବନର ଏକମାତ୍ର ଲକ୍ଷ୍ୟ ମନେକରି ତାହା ପାଇବା ପାଇଁ ଯତ୍ନ କରନ୍ତି ଓ ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ ଅନୁସରଣ କରନ୍ତି । ଆତ୍ମବାନ ବ୍ୟକ୍ତି ବୁଝନ୍ତି ଯେ ପ୍ରକୃତ ଜୀବନକାଳ ହେଉଛି ଅନନ୍ତ କାଳ ବ୍ୟାପୀ ଏବଂ ଭୋଗ ଓ ଐଶ୍ୱର୍ଯ୍ୟ କେବଳ ଏହି ଗୋଟିଏ ଜନ୍ମପାଇଁ । ଯାହା ଅନନ୍ତ କାଳପାଇଁ ପ୍ରୟୋଜନ ଆତ୍ମବାନ ବ୍ୟକ୍ତି ସେଥିପାଇଁ ଯତ୍ନ କରନ୍ତି ।

ଏହି ଶ୍ଳୋକରେ 'ସତ୍ତ୍ୱସ୍ଥ' କଥାଟିକୁ ଅଧିକାଂଶ ଟୀକାକାର ଅର୍ଥ କରିଅଛନ୍ତି—ସତ୍ତ୍ୱଗୁଣରେ ରହ । କେହି କେହି ଅର୍ଥ କରିଅଛନ୍ତି ବ୍ରହ୍ମରେ ରହ । ମହାତ୍ମାଗାନ୍ଧି ଅର୍ଥ କରିଅଛନ୍ତି ସତ୍ୟବସ୍ତୁରେ ରହ । ମାତ୍ର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣରୁ ବାହାର ହେବାକୁ କହିବା ସଙ୍ଗେ ସଙ୍ଗେ ସତ୍ତ୍ୱଗୁଣରେ ରହିବାକୁ କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଆଉମଧ୍ୟ ସତ୍ୟବସ୍ତୁରେ ରହିବା ଓ ସତ୍ତ୍ୱସ୍ଥ ହେବା ଏ ଦୁହେଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କଥା । ଏଠାରେ ସତ୍ତ୍ୱସ୍ଥ ହେବାକୁ କହିବାର ଅଭିପ୍ରାୟ ଏହିକି ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧଅନୁସରଣ ନକରି ନିଜର ପ୍ରକୃତ ଅବସ୍ଥାରେ ରହି କର୍ମକରିବା ଆବଶ୍ୟକ । ପ୍ରକୃତ କଥା ଏହିକି ଏହି ଶ୍ଳୋକର ଠିକ୍ ପୂର୍ବବର୍ତ୍ତୀ ତିନୋଟି ଶ୍ଳୋକରେ ଶ୍ରୀକୃଷ୍ଣ ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧଅନୁସରଣ ବିରୁଦ୍ଧରେ କହିଥିବାରୁ ଯେ ଏଠାରେ ସତ୍ତ୍ୱସ୍ଥ ହେବାକୁ କହିଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ବେଦୋକ୍ତ ଯଜ୍ଞାଦି କର୍ମ କଲେ ଇହଲୋକରେ ଭୋଗ ଓ ଐଶ୍ୱର୍ଯ୍ୟ ମିଳେ ଏବଂ ପରଲୋକରେ ସ୍ୱର୍ଗଲାଭ ହୁଏ ଏହି ଭରସାର ବଶବର୍ତ୍ତୀ ହୋଇ ସମସ୍ତେ ସେହି ଯଜ୍ଞାଦି

କର୍ମର ଅନ୍ଧ ଅନୁସରଣ କରିବା ମଙ୍ଗଳପ୍ରଦ ନୁହେ । ଏପରି ଅନ୍ଧ ଅନୁସରଣରେ ସମୟର ଓ ଅର୍ଥର ଅପବ୍ୟବହାର ନକରି ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରକୃତ ଅବସ୍ଥା ପ୍ରତି ଦୃଷ୍ଟି ରଖି ନିଜର ସ୍ୱଭାବ-ନିୟତ କର୍ମ କରିବା ଉଚିତ । ଅତଏବ ସନ୍ତୁଷ୍ଟ ହେବାର ଅର୍ଥ ହେଉଛି ନିଜର ପ୍ରକୃତ ଅବସ୍ଥାରେ ରହି କର୍ମ କରିବା ଅର୍ଥାତ୍ ପରଧର୍ମର ଅନ୍ଧ ଅନୁସରଣ ନକରି ନିଜର ବ୍ୟକ୍ତିଗତ ସ୍ୱଧର୍ମ ପାଳନ କରିବା ।

ଯାବାନର୍ଥଃ ଉଦପାନେ ସର୍ବତଃ ସମ୍ପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ । ୪୬

ଅନ୍ୱୟ—ସର୍ବତଃ ସମ୍ପ୍ଲୁତୋଦକେ ଉଦପାନେ ଯାବାନ୍ ଅର୍ଥ ବିଜାନତଃ ବ୍ରାହ୍ମଣସ୍ୟ ସର୍ବେଷୁ ବେଦେଷୁ ତାବାନ ଅର୍ଥଃ ।

ଅର୍ଥ—ସବୁଆଡ଼ ଜଳପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳାଶୟଟିରେ ଯେଉଁ ପ୍ରୟୋଜନ ବିଜ୍ଞାନୀ ବ୍ରାହ୍ମଣର ଅର୍ଥାତ୍ ବ୍ୟବସାୟାତ୍ମିକା ବୁଦ୍ଧି-ଯୁକ୍ତ ବ୍ରାହ୍ମଣର ବେଦସବୁରେ ସେତିକ ପ୍ରୟୋଜନ ଅର୍ଥାତ୍ କୌଣସି ପ୍ରୟୋଜନ ନାହିଁ ।

ଟିପ୍ପଣୀ—"ସର୍ବେଷୁ ବେଦେଷୁ" କଥାଟିକୁ ଗୀତାର ଟୀକାକାର-ମାନେ ସର୍ବେଷୁ କର୍ମ କାଣ୍ଡେଷୁ ବୋଲି ଅର୍ଥ କରୁଅଛନ୍ତି । ମାତ୍ର କର୍ମକାଣ୍ଡ କଥାଟି ଏହି ଶ୍ଳୋକରେ ନାହିଁ କିମ୍ବା ଗୀତାର ଅନ୍ୟ କୌଣସିଠାରେ ମଧ୍ୟ ନାହିଁ । ଅତଏବ ବେଦେଷୁ କଥାଟିର ଅର୍ଥ କେବଳ ବେଦ ସବୁ ନୁହେଁ ଏବଂ ବ୍ରାହ୍ମଣ କଥାଟିର ଅର୍ଥ କେବଳ ବ୍ରାହ୍ମଣ ଜାତି ନୁହେଁ । କାରଣ କେବଳ ବ୍ରାହ୍ମଣଜାତିକୁ ବେଦସବୁର ଅନାବଶ୍ୟକତା ବୁଝାଇବା ପାଇଁ ଏବଂ କେବଳ ବ୍ରାହ୍ମଣମାନଙ୍କୁ ବିଜ୍ଞାନର ବା ବୁଦ୍ଧିର ପରିଚୟ ଦେବାପାଇଁ ଶ୍ରୀକୃଷ୍ଣ ଜଗତକୁ ଆସି ନଥିଲେ । ସେ ଯଦି କେବେ ଜଗତକୁ ଆସିଥିଲେ, ସେ ନିଶ୍ଚୟ ଆସିଥିଲେ ସମସ୍ତ ମନୁଷ୍ୟ ଜାତିକୁ ଧର୍ମଶାସ୍ତ୍ର ସବୁର ଅନାବଶ୍ୟକତା ବୁଝାଇବା ପାଇଁ ଏବଂ ପ୍ରତ୍ୟେକ ମନୁଷ୍ୟକୁ ବିଜ୍ଞାନର ବା ବୁଦ୍ଧିର ପରିଚୟ ଦେବାପାଇଁ । ଅତଏବ ଏହି ଶ୍ଳୋକରେ ଥିବା ବେଦେଷୁ କଥାଟିର ଅର୍ଥ ହେଉଛି ସବୁ ପ୍ରକାର ଧର୍ମଶାସ୍ତ୍ର ଏବଂ ବ୍ରାହ୍ମଣ କଥାଟିର ଅର୍ଥ ହେଉଛି ଜଗତର ପ୍ରତ୍ୟେକ ମନୁଷ୍ୟ ।

ପ୍ରଥମ ଅଧ୍ୟାୟ ୪୪ ଶ୍ଲୋକରେ ଅର୍ଜୁନ କହିଥିବା ଅନୁଶୁଶ୍ରୁମ କଥାଟିକୁ ଖଣ୍ଡନ କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ ସର୍ବପ୍ରଥମେ ବେଦ ସବୁ ଅର୍ଥାତ୍ ଧର୍ମଶାସ୍ତ୍ର ସବୁ ବୁଦ୍ଧିଯୁକ୍ତ ବ୍ୟକ୍ତି ପକ୍ଷରେ ସମ୍ପୂର୍ଣ୍ଣ ଅନାବଶ୍ୟକ ବୋଲି କହିଲେ । କାରଣ ଧର୍ମଶାସ୍ତ୍ର ସବୁ ହେଉଛି ଶୁଣିବା କଥା, ଏହି ଅଧ୍ୟାୟ ୫୨ ଓ ୫୩ ଶ୍ଲୋକରେ ମଧ୍ୟ ଏହି ଅନୁଶୁଶ୍ରୁମ କଥାଟିକୁ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ଖଣ୍ଡନ କରିଅଛନ୍ତି ।

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳ ହେତୁର୍ଭୁର୍ମା ତେ ସଙ୍ଗୋ ସ୍ତ୍ୱକର୍ମଣି । ୪୭ ।

ଅନ୍ୱୟ—କର୍ମଣି ଏବ ତେ ଅଧୀକାରଃ, ଫଳେଷୁ କଦାଚନ ମା (ଅସ୍ତୁ) (ତ୍ୱଂ) କର୍ମଫଳ ହେତୁଃ ମା ଭୂଃ, ତେ ଅକର୍ମଣି ସଙ୍ଗଃ ମା ଅସ୍ତୁ ।

ଅର୍ଥ—କର୍ମରେହିଁ ତୁମ୍ଭର ଅଧିକାର; ଫଳରେ ଅଧିକାର କଦାଚ ନାହିଁ । ତୁମ୍ଭେ କର୍ମଫଳ ହେତୁ ହୁଅ ନାହିଁ ଅର୍ଥାତ୍ କର୍ମଫଳ ପ୍ରାପ୍ତିର ଆଶା ତୁମ୍ଭର କର୍ମ ପ୍ରବୃତ୍ତିର କାରଣ ନ ହେଉ ଏବଂ ଅକର୍ମରେ ଅର୍ଥାତ୍ କର୍ମ ନ କରିବାରେ ତୁମ୍ଭର ଆସକ୍ତି ନ ରହୁ ।

ଟିପ୍ପଣୀ—"ଅଧିକାର" ଏହି କଥାଟିରୁ ପ୍ରକାଶ ଯେ କର୍ମ କରିବା ହେଉଛି ଜୀବନର ନିୟମ ଅର୍ଥାତ୍ ମନୁଷ୍ୟ ଜନ୍ମ ହୋଇଛି କେବଳ କର୍ମ କରିବାପାଇଁ ଏବଂ ସେହି କର୍ମ୍ମ କରିବାପାଇଁ ବୁଦ୍ଧିର ପ୍ରୟୋଜନ, ଜ୍ଞାନର ପ୍ରୟୋଜନ, ଏବଂ ଅନ୍ୟସବୁର ପ୍ରୟୋଜନ । ମାତ୍ର ମନୁଷ୍ୟ ଠିକ୍ ବିପରୀତ ଢଙ୍ଗରେ ରହି ମନେ କରୁଛି ବୁଦ୍ଧି, ଜ୍ଞାନ ଏବଂ ଅନ୍ୟ ସବୁ ଅର୍ଜ୍ଜନ କରିବା ସକାଶେ କର୍ମ୍ମ କରିବା ଆବଶ୍ୟକ । ଆମ୍ଭେମାନେ ଯଥେଷ୍ଟ ବୁଦ୍ଧି ଓ ଯଥେଷ୍ଟ ଜ୍ଞାନ ଅର୍ଜ୍ଜନ କରି ସାରିଲୁଣି ଏବଂ ଆହୁରି ଜ୍ଞାନ ଅର୍ଜ୍ଜନ କରିବାରେ ଲାଗିଛୁ । ମାତ୍ର କର୍ମ ହେଉଛି ବୁଦ୍ଧିର ଓ ଜ୍ଞାନର ଆତ୍ମା, ଏ କଥା ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ଶିଖି ପାରିଲୁ ନାହିଁ । ବୁଦ୍ଧି ବ୍ୟବସାୟାତ୍ମିକା କରିବା ଆବଶ୍ୟକ ଏ କଥା ଏହି ଅଧ୍ୟାୟ ୪୧ ଶ୍ଲୋକରେ କୁହାଯାଇଅଛି । କିପରି ଭାବରେ କର୍ମ କରିବାକୁ ହେବ ତାହା ପରବର୍ତ୍ତୀ କେତୋଟି ଶ୍ଲୋକରେ କୁହାଯାଇଅଛି ।

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ । ୪୮

ଅନ୍ୱୟ—ହେ ଧନଞ୍ଜୟ ! ଯୋଗସ୍ଥଃ ସନ୍, ସଙ୍ଗଂତ୍ୟକ୍ତ୍ୱା ସିଦ୍ଧ୍ୟସିଦ୍ଧ୍ୟୋଃ ସମଃ ଭୂତ୍ୱା କର୍ମାଣି କୁରୁ । ସମତ୍ୱଂ ଯୋଗଃ ଉଚ୍ୟତେ । ୪୮

ଅର୍ଥ—ହେ ଧନଞ୍ଜୟ ! ତୁମ୍ଭେ ଯୋଗସ୍ଥ ହୋଇ କର୍ମକର ଅର୍ଥାତ୍ ଆସକ୍ତି ତ୍ୟାଗକରି ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମକର । ସମତ୍ୱକୁ ଯୋଗ କୁହାଯାଏ ।

ଟିପ୍ପଣୀ—ଯୋଗସ୍ଥ ହୋଇ କର୍ମ କରିବାକୁ କହିବା ସଙ୍ଗେ ସଙ୍ଗେ ଯୋଗ କାହାକୁ କହନ୍ତି ତାହା ଶ୍ରୀକୃଷ୍ଣ ନିଜେ ବୁଝାଇଦେଇ କହିଲେ ଯେ, ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କରିବାର ନାମ ଯୋଗ । ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କରିବାକୁ ହେଲେ ନିଜର ସବଳ ବିବେକ-ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା ଆବଶ୍ୟକ । ସେଥିପାଇଁ ପରବର୍ତ୍ତୀ ଶ୍ଳୋକରେ ଶ୍ରୀକୃଷ୍ଣ ବୁଦ୍ଧିଯୋଗ କଥାଟି କହିବେ ଏବଂ ବୁଦ୍ଧିର ଶରଣ ନେଇ କର୍ମକରିବାକୁ କହିବେ ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ । ୪୯ ।

ଅନ୍ୱୟ—ହେ ଧନଞ୍ଜୟ ! ବୁଦ୍ଧି-ଯୋଗାତ୍ କର୍ମ ହି ଦୂରେଣ ଅବରଂ; ତ୍ୱଂ ବୁଦ୍ଧୌ ଶରଣଂ ଅନ୍ୱିଚ୍ଛ, ଫଳ ହେତବଃ କୃପଣାଃ ।

ଅର୍ଥ—ହେ ଧନଞ୍ଜୟ ! ବୁଦ୍ଧିଯୋଗ ଅପେକ୍ଷା ଅର୍ଥାତ୍ ବୁଦ୍ଧି ସହିତ ସମ୍ବନ୍ଧରଖି କର୍ମ କରିବା ଅପେକ୍ଷା କର୍ମ, ଅର୍ଥାତ୍ ବୁଦ୍ଧି ସହିତ ସମ୍ବନ୍ଧ ନରଖି କର୍ମ କରିବା ଅନେକ ନିକୃଷ୍ଟ । ତୁମ୍ଭେ ବୁଦ୍ଧିର ଶରଣ ନେବାପାଇଁ ଇଚ୍ଛାକର । ଫଳ ପାଇବାପାଇଁ ଯେଉଁମାନେ କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି ।

ଟିପ୍ପଣୀ—"ବୁଦ୍ଧୌ ଶରଣମନ୍ୱିଚ୍ଛ" ଏହି କଥାଟିର ଅର୍ଥ ହେଉଛି ବୁଦ୍ଧିରେ ବା ବୁଦ୍ଧିର ଶରଣ ନେବାକୁ ଇଚ୍ଛାକର । ଏହି ଉପଦେଶଟି ଗୀତାର ସର୍ବ ପ୍ରଧାନ ଉପଦେଶ । ବୁଦ୍ଧିର ଶରଣ ନେବା

ଏବଂ ଶ୍ରୀକୃଷ୍ଣଙ୍କର ଶରଣ ନେବା ଏ ଦୁହେଁ ଏକାକଥା । ସେଥିପାଇଁ ଶ୍ରୀକୃଷ୍ଣ ତାଙ୍କର ସର୍ବ ଗୁହ୍ୟତମ ଉପଦେଶରେ "ମାମେକଂ ଶରଣଂ ବ୍ରଜ" ଏହି କଥାଟି କହିଅଛନ୍ତି । ପୂର୍ବବର୍ତ୍ତୀ ଆଲୋଚନାରୁ ବୁଝାଯାଇଅଛି ଯେ, ଫଳ କାମନା କରି ଶାସ୍ତ୍ର ବିହିତ କର୍ମସବୁର ଅନ୍ଧ ଅନୁସରଣକୁ ଗୀତାକାର ପ୍ରାଶସ୍ତ୍ୟବୁଦ୍ଧି କହିଅଛନ୍ତି । ଏହି ପ୍ରାଶସ୍ତ୍ୟବୁଦ୍ଧି ସହିତ ଜନସାଧାରଣଙ୍କର ଏକମାତ୍ର ସମ୍ବଳ ଥିବାରୁ ଏପରି କର୍ମ ବା ଏପରି ଅନ୍ଧ ଅନୁସରଣ ବୁଦ୍ଧିଯୋଗ ଅପେକ୍ଷା ଅର୍ଥାତ୍ ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା ଅପେକ୍ଷା ଅନେକ ନିକୃଷ୍ଟ, ଏକଥା ଏହି ଶ୍ଳୋକରେ କୁହାଯାଇଅଛି । ଗୀତାକାରଙ୍କର ଅଭିପ୍ରାୟ ଏହିକି ଲୋକେ ଫଳକାମନାର ବଶବର୍ତ୍ତୀ ହୋଇ ଶାସ୍ତ୍ରବିଧି ସବୁର ଅନ୍ଧଅନୁସରଣ ପରିତ୍ୟାଗ କରନ୍ତୁ ଏବଂ ବୁଦ୍ଧିଯୋଗର ଶରଣ ନେଇ କର୍ମ କରିବାକୁ ଇଚ୍ଛା କରନ୍ତୁ ବା ଶିଖନ୍ତୁ । ଏହି କଥାଟିର ବିଶେଷ ଆଲୋଚନା ଏହି ବହିର ଭୂମିକାରେ ଦେଖି-ପାରିବେ ।

ଏହି ଶ୍ଳୋକରେ ଥିବା ବୁଦ୍ଧିଯୋଗ କଥାଟିକୁ କାଳେ ଲୋକେ ଜ୍ଞାନ ଯୋଗ କିମ୍ବା ଅନ୍ୟ କୌଣସି ପ୍ରକାର ଯୋଗ ମନେ କରିବେ ସେଥିପାଇଁ ପରବର୍ତ୍ତୀ ଦୁଇଟି ଶ୍ଳୋକରେ ଗୀତାକାର "ବୁଦ୍ଧିଯୁକ୍ତଃ" ଓ "ବୁଦ୍ଧିଯୁକ୍ତାଃ" ଏହି ଦୁଇଟି କଥା ବ୍ୟବହାର କରି ବୁଝାଇ ଦେଇଅଛନ୍ତି ଯେ ବୁଦ୍ଧିଯୋଗ କଥାଟିର ଅର୍ଥ ହେଉଛି ନିଜର ବୁଦ୍ଧି ସହିତ ଯୁକ୍ତହୋଇ କର୍ମକରିବା । ମାତ୍ର ଗୀତାର ଟୀକାକାରମାନେ ଗୀତାକାରଙ୍କର ରଚନା କୌଶଳ ପ୍ରତି ଦୃଷ୍ଟି ନଦେଇ ବୁଦ୍ଧିଯୋଗ କଥାଟିକୁ ଜ୍ଞାନଯୋଗ ବୋଲି ଅର୍ଥ କରୁଅଛନ୍ତି । ସେ ଯାହାହେଉ ବର୍ତ୍ତମାନ ପ୍ରକୃତ କଥା ବୁଝନ୍ତୁ ।

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତ ଦୁଷ୍କୃତେ
ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳଂ । ୫୦

ଅନ୍ୱୟ—ବୁଦ୍ଧିଯୁକ୍ତଃ ଇହ ସୁକୃତଦୁଷ୍କୃତେ ଉଭେ ଜହାତି; ତସ୍ମାତ୍ (ତ୍ୱଂ) ଯୋଗାୟ ଯୁଜ୍ୟସ୍ୱ, କର୍ମସୁ କୌଶଳଂ ଯୋଗଃ (ଉଚ୍ୟତେ) ।

ଅର୍ଥ—ବୁଦ୍ଧିଯୁକ୍ତ ବ୍ୟକ୍ତି ଏହି ସଂସାରରେ ସୁକୃତ ଏବଂ ଦୁଷ୍କୃତ ଉଭୟ ତ୍ୟାଗ କରନ୍ତି । ଅତଏବ ତୁମ୍ଭେ ଯୋଗ ସକାଶେ ଯତ୍ନ କର, କର୍ମସବୁରେ ଯେ କୌଶଳ ତାହାର ନାମ ଯୋଗ ।

ଟିପ୍ପଣୀ—ଏହି କର୍ମ ସୁକୃତ ବା ପୁଣ୍ୟକର୍ମ ଅର୍ଥାତ୍ ଏହି ଏହି କର୍ମକଲେ ମୁଁ ସ୍ୱର୍ଗଲାଭ କରିବି ଏବଂ ଏହି ଏହି କର୍ମ ଦୁଷ୍କୃତ ଅର୍ଥାତ୍ ପାପକର୍ମ ଅର୍ଥାତ୍ ଏହି ଏହି କର୍ମ କଲେ ମୁଁ ନରକକୁ ଯିବି ଏପରି ଧାରଣା ବୁଦ୍ଧିଯୁକ୍ତ ବ୍ୟକ୍ତିର ନଥାଏ । ବୁଦ୍ଧିଯୁକ୍ତ ବ୍ୟକ୍ତି ନିଜର ବୁଦ୍ଧିର ପ୍ରେରଣାରେ କର୍ମ କରେ । ସେ ନିଜେ ଯାହା ମଙ୍ଗଳପ୍ରଦ ବୋଲି ସ୍ଥିର କରେ ଯାହା ସତ୍ୟ ବୋଲି ଓ ନ୍ୟାୟସଙ୍ଗତ ବୋଲି ସ୍ଥିର କରେ ତାହାହିଁ କରେ ।

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ
ଜନ୍ମବନ୍ଧ ବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟଂ । ୫୧ ।

ଅନ୍ୱୟ—ବୁଦ୍ଧିଯୁକ୍ତାଃ ମନୀଷିଣଃ କର୍ମଜଂ ଫଳଂ ତ୍ୟକ୍ତ୍ୱା ଜନ୍ମବନ୍ଧ ବିନିର୍ମୁକ୍ତାଃ ଅନାମୟଂ ପଦଂ ଗଚ୍ଛନ୍ତି ।

ଅର୍ଥ—ବୁଦ୍ଧିଯୁକ୍ତ ମନୀଷିମାନେ କର୍ମରୁ ଜାତ ଯେ ଫଳ ତାହା ତ୍ୟାଗ କରି ଜନ୍ମବନ୍ଧରୁ ବିମୁକ୍ତ ହୋଇ ଅନାମୟ ପଦକୁ ଯାଆନ୍ତି ।

ଟିପ୍ପଣୀ—ଏହି ଅଧ୍ୟାୟ ୩୯ଶ ଶ୍ଳୋକରେ କୁହାଯାଇଥିବା କର୍ମବନ୍ଧ କଥାଟିକୁ ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ ଏଠାରେ ଜନ୍ମବନ୍ଧ କଥାଟି ବ୍ୟବହାର କରିଅଛନ୍ତି । ଅନାମୟ ପଦ ହେଉଛି ଦୁଃଖଶୂନ୍ୟ ସ୍ଥାନ । ଏହି ଦୁଃଖଶୂନ୍ୟ ସ୍ଥାନକୁ ଲୋକେ ସ୍ୱର୍ଗ କହନ୍ତି । ଏହି ଦୁଃଖଶୂନ୍ୟ ସ୍ଥାନକୁ ବା ସ୍ୱର୍ଗକୁ ଯିବାର ଦୁରାଶା ପୋଷଣ କରି ଲୋକେ କର୍ମସନ୍ନ୍ୟାସ ଅବଲମ୍ବନ କରନ୍ତି ବୋଲି ଶ୍ରୀକୃଷ୍ଣ ଏଠାରେ ଅନାମୟ ପଦକୁ ଯିବାକଥା କହିଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି କର୍ମ ପରିତ୍ୟାଗ ନକରି କର୍ମର ଫଳ ପରିତ୍ୟାଗ କରିବା ଉଚିତ । କର୍ମ ପରିତ୍ୟାଗ କରିବା ଶ୍ରୀକୃଷ୍ଣଙ୍କ ମତରେ ନିବୋଧିତା ଅଟେ ।

ଯଦାତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟଚ । ୫୨

ଅନ୍ୱୟ—ଯଦା ତେ ବୁଦ୍ଧିଃ ମୋହକଲିଲଂ ବ୍ୟତିତରିଷ୍ୟତି, ତଦା (ତ୍ୱଂ) ଶ୍ରୋତବ୍ୟସ୍ୟ ଚ ଶ୍ରୁତସ୍ୟ ନିର୍ବେଦଂ ଗନ୍ତାସି ।

ଅର୍ଥ—ଯେତେବେଳେ ତୁମ୍ଭର ବୁଦ୍ଧି ମୋହରୂପ ଜଟିଳତାକୁ ଅତିକ୍ରମ କରିବ ସେତେବେଳେ ତୁମ୍ଭେ ଯାହାସବୁ ଶୁଣିଅଛ ଏବଂ ଯାହା ଶୁଣିବାକୁ ଇଚ୍ଛା କରୁଅଛ ସେଥିରୁ ଉଦାସୀନ ରହିବ ଅର୍ଥାତ ସେତେବେଳେ ତୁମ୍ଭେ ଶୁଣିବାକଥା ଉପରେ ନିର୍ଭର ନକରି ନିଜର ବୁଝିବା ଉପରେ ନିର୍ଭର କରି କର୍ମ କରିବ ।

ଟିପ୍ପଣୀ—ଶୁଣିବା କଥାକୁ ସତ୍ୟ ମନେ କରି ଏବଂ ସେଥିରୁ ନାନା ପ୍ରକାର ବିଶ୍ୱାସ ସୃଷ୍ଟିକରି ଆମ୍ଭେମାନେ ଜୀବନ ଯାତ୍ରାକୁ ଜଟିଳତା ପୂର୍ଣ୍ଣ ଏବଂ ଦୁଃଖମୟ କରିଅଛୁଁ । ମୋହକଲିଳ ଅର୍ଥାତ୍ ମୋହ ଜନିତ ଜଟିଳତା ଏହି କଥାଟି କହି ଶ୍ରୀକୃଷ୍ଣ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଆମ୍ଭେମାନେ ନିଜର ବିବେକ ବୁଦ୍ଧିର ସାହାଯ୍ୟରେ ସବୁ ପ୍ରକାର ଜଟିଳତାକୁ ଅତିକ୍ରମ କରି ଜୀବନ ଯାତ୍ରାକୁ ତଥା ପାରିବାରିକ ଜୀବନକୁ ସରଳ ଓ ସୁଖମୟ କରିବାକୁ ଚେଷ୍ଟା କରୁଁ ।

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି—୫୩

ଅନ୍ୱୟ—ଶ୍ରୁତି-ବିପ୍ରତିପନ୍ନାତେ ତ ବୁଦ୍ଧିଃ ଯଦା ସମାଧୌ ନିଶ୍ଚଳ (ତଥା) ଅଚଳା ସ୍ଥାସ୍ୟତି; ତଦା (ତ୍ୱଂ) ଯୋଗଂ ଅବାପ୍ସ୍ୟସି ।

ଅର୍ଥ—ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କିମ୍ବା ବେଦ ଦ୍ୱାରା କିମ୍ବା ଶାସ୍ତ୍ରଜ୍ଞାନ ଦ୍ୱାରା କିମ୍ବା ପୁସ୍ତକଗତ ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ସେତେବେଳେ ସମାଧିରେ ନିଶ୍ଚଳ ଓ ଅଚଳ ରହିବ, ସେତେବେଳେ ଯାଇ ତୁମ୍ଭେ ( ଗୀତା-ପ୍ରଦର୍ଶିତ ) ଯୋଗ ପାଇପାରିବ ।

*

ଟିପ୍ପଣୀ—"ଶ୍ରୁତି" କଥାଟିର ଅର୍ଥ ହେଉଛି ଶୁଣିବା କଥା । ଯାହା ନିଜେ ନ ଦେଖି କିମ୍ବା ନିଜେ ନ ବୁଝି କେବଳ ଲୋକ ମୁଖରୁ ଶୁଣି କିମ୍ବା ଶାସ୍ତ୍ରମାନଙ୍କରୁ ପଢ଼ି ବିଶ୍ୱାସ କରାଯାଏ ତାହାର ନାମ ଶ୍ରୁତି । ସେଥିପାଇଁ ହେଉ ବା ଅନ୍ୟ କାରଣରୁ ହେଉ ବେଦକୁ ଶ୍ରୁତି କୁହାଯାଏ । ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରିବାର ନାମ ବିଶ୍ୱାସ । ଏହି ବିଶ୍ୱାସ ସହିତ ଆମ୍ଭମାନଙ୍କର ବହୁକାଳରୁ ଘନିଷ୍ଠ ସମ୍ବନ୍ଧ ଥିବାରୁ ସତ୍ୟ ସହିତ ଆମ୍ଭେମାନେ କୌଣସି ସମ୍ବନ୍ଧ ରଖିପାରୁ ନାହୁଁ । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି—"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" ଅର୍ଥାତ୍ ଶୁଣିବା କଥା ଉପରେ ବା ବିଶ୍ୱାସ ଉପରେ ପ୍ରତିଷ୍ଠିତ ସବୁ ପ୍ରକାର ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ବା ସତ୍ୟର ଶରଣ ନିଅ । ଆମ୍ଭମାନଙ୍କର ଧାରଣା ଏହିକି ଶାସ୍ତ୍ରଜ୍ଞାନ ଦ୍ୱାରା କିମ୍ବା ପୁସ୍ତକଗତ ଜ୍ଞାନ ଦ୍ୱାରା ବୁଦ୍ଧି ସ୍ଥିର ହୁଏ । ମାତ୍ର ଏଠାରେ ଶ୍ରୀକୃଷ୍ଣ କହୁଅଛନ୍ତି "ଶ୍ରୁତି ଦ୍ୱାରା କିମ୍ବା ଶାସ୍ତ୍ରଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ।" ଆଉ ମଧ୍ୟ ଆମ୍ଭମାନଙ୍କର ଧାରଣା ଏହିକି ଶାସ୍ତ୍ରଜ୍ଞାନ ନଥିଲେ ଗୀତାର ଗୂଢ଼ତତ୍ତ୍ୱ ବୁଝି ହେବନାହିଁ; ମାତ୍ର ଏହି ଶ୍ଳୋକରୁ ପ୍ରକାଶ ଯେ ଗୀତା-ପ୍ରଦର୍ଶିତ ଯୋଗ ପାଇବା ପାଇଁ ଶାସ୍ତ୍ରଜ୍ଞାନ କେବଳ ଅନାବଶ୍ୟକ ନୁହେଁ, ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ । ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ଆମ୍ଭମାଙ୍କର ଧାରଣାର ଓ ବିଶ୍ୱାସର ସମ୍ପୂର୍ଣ୍ଣ ବିପରୀତ ହେଲେ ମଧ୍ୟ କେବଳ ଶ୍ରୀକୃଷ୍ଣ ଭଗବାନ କହିଅଛନ୍ତି କିମ୍ବା ଗୀତା ପରି ଧର୍ମ ଗ୍ରନ୍ଥରେ ଲେଖା ଅଛି ବୋଲି ଆମ୍ଭେମାନେ ଏହି ଉପଦେଶକୁ ଅଭ୍ରାନ୍ତ ବୋଲି ଗ୍ରହଣ କରି ସନ୍ତୁଷ୍ଟ ରହିଅଛୁ । ମାତ୍ର ଏପରି ସନ୍ତୁଷ୍ଟ ରହିବା ଦ୍ୱାରା ଆମ୍ଭମାନଙ୍କର ଅବସ୍ଥା ଯଥା ପୂର୍ବଂ ତଥା ପରଂ ରହିଅଛି ଓ ରହିଥିବ । ଅର୍ଥାତ୍ ଏପରି ସନ୍ତୁଷ୍ଟ ରହିବାରେ ଆମ୍ଭମାନଙ୍କର କୌଣସି ଉପକାର ହୋଇନାହିଁ ଓ ହେବନାହିଁ । ଯଦି ଶ୍ରୀକୃଷ୍ଣଙ୍କର ଏହି ଉପଦେଶକୁ ଅଭ୍ରାନ୍ତ ବୋଲି ଗ୍ରହଣ କରାଯିବ, ତେବେ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାକୁ ପରିତ୍ୟାଗ କରିବା ଆବଶ୍ୟକ ଏବଂ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବା ଆବଶ୍ୟକ । ନିଜର ବଦ୍ଧମୂଳ ଧାରଣାକୁ ଅଭ୍ରାନ୍ତ ବୋଲି ଗ୍ରହଣ କରାଯିବ, ତେବେ ଶ୍ରୀକୃଷ୍ଣଙ୍କର ଏହି ଉପଦେଶକୁ ଭ୍ରାନ୍ତ ଓ ଅନିଷ୍ଟପ୍ରଦ ବୋଲି ଜାଣି ଗୀତା ପାଠରେ ଅଧିକ ଦୂର ଅଗ୍ରସର ହେବାରୁ କ୍ଷାନ୍ତ ହେବା ଆବଶ୍ୟକ ।

ପ୍ରତ୍ୟହ ସ୍ନାନ କଲା ପରେ ଗୀତାପାରାୟଣ କଲେ ପାପ ମୁକ୍ତ ହେବ କମ୍ବା ଲୋକ ଚକ୍ଷୁରେ ଧାର୍ମିକ ବୋଲାଇବ କମ୍ବା ଗୀତାର ଟୀକାଗୁଡ଼କ ମୁଖସ୍ଥ କର ପଣ୍ଡିତ ବୋଲାଇଲେ କଛି ଅର୍ଥ ଉପାର୍ଜନ କର ପାରବ ଏପର ମନୋଭାବ ଯେଉଁମାନଙ୍କର ଅଛି ସେମାନଙ୍କୁ ମୋର କଛି କହବାର ନାହିଁ । ଅନ୍ୟମାନଙ୍କ ଅନୁରୋଧ, ସେମାନେ ସ୍ୱାଧୀନ ଭାବରେ ଚନ୍ତା କର ଗୀତାର ବଶେଷତ୍ୱ ବୁଝନ୍ତୁ ଏବଂ ନଜର ବୁଝିବା ଅନୁସାରେ ଜୀବନର ଗତ ପରବର୍ତ୍ତନ କରବାକୁ ଯତ୍ନବାନ୍ ହୁଅନ୍ତୁ ।

ଏହ ଅଧ୍ୟାୟ ୫୩ ଶ୍ଳୋକରେ ଶ୍ରୀକୃଷ୍ଣ ସମାଧି କଥାଟି ବ୍ୟବହାର କରଥିଲେ ଏବଂ ଏହ ଶ୍ଳୋକରେ ମଧ୍ୟ ବ୍ୟବହାର କରଅଛନ୍ତ । ଯେଉଁ ଅର୍ଥରେ ଓ ଯେଉଁ ଅଭପ୍ରାୟରେ ସମାଧି କଥାଟି ଶ୍ରୀକୃଷ୍ଣ ବ୍ୟବହାର କର ଅଛନ୍ତ ତାହା ବୁଝିନପାର ପରବର୍ତ୍ତୀ ଶ୍ଳୋକରେ ଅର୍ଜୁନ ମଧ୍ୟ ସମାଧି କଥାଟି ବ୍ୟବହାର କର ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରଅଛନ୍ତ । ସମାଧି କଥାଟି ଗୀତାରେ ଅନ୍ୟତ୍ର ନାହିଁ । ସମାଧି କହଲେ ଲୋକେ ଯାହା ବୁଝନ୍ତ । ଶ୍ରୀକୃଷ୍ଣ ବ୍ୟବହାର କରଥିବା ସମାଧି କଥାଟିର ଅର୍ଥ ତାହ ନୁହେଁ । ଶ୍ରୀକୃଷ୍ଣ ବ୍ୟବହାର କରଥିବା ସମାଧି କଥାଟିର ଅର୍ଥ ହେଉଛି, ବୁଦ୍ଧି ନଶ୍ଚଳ ଓ ଅଚଳ ରହବା ଅବସ୍ଥା । ସମାଧି କଥାଟିର ବଶେଷ ଆଲୋଚନା ପରବର୍ତ୍ତୀ ଶ୍ଳୋକର ଟିପ୍ପଣୀରେ କରାଯାଇ ଅଛି ।

ଅର୍ଜୁନ ଉବାଚ

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ !
ସ୍ଥିତଧୀଃ କିଂ ପ୍ରଭାଷେତ କମାସୀତ ବ୍ରଜେତ କିଂ ।୫୪ ।

ଅନ୍ୱୟ—ଅର୍ଜୁନଃ ଉବାଚ । ହେ କେଶବ ! ସମାଧିସ୍ଥସ୍ୟ ସ୍ଥିତପ୍ରଜ୍ଞସ୍ୟ କା ଭାଷା, ସ୍ଥିତଧୀଃ କି ପ୍ରଭାଷେତ, କିଂ ଆସୀତ କିଂ ବ୍ରଜେତ । ୫୪ ।

ଅର୍ଥ—( ଅର୍ଜୁନ କହଲେ ) ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କର ଲକ୍ଷଣ ବା ଚହ୍ନ କଅଣ ? ସ୍ଥିତଧୀ ବ୍ୟକ୍ତି କପର କଥା କହନ୍ତ, କପର ଆସନ କରନ୍ତ, କେଉଁଠାରେ ରହନ୍ତ ଏବଂ କପର ଯିବା ଆସିବା କରନ୍ତ ।

ଟିପ୍ପଣୀ—ପୂର୍ବ ଶ୍ଳୋକରେ ସମାଧିରେ ଅବସ୍ଥାନ କରିଥିବା ବ୍ୟକ୍ତିର କଥା ଶ୍ରୀକୃଷ୍ଣ କହୁଛନ୍ତି ନାହାନ୍ତି । ସେ କହିଛନ୍ତି, "ତୁମର ବୁଦ୍ଧି ଯେତେବେଳେ ସମାଧିରେ ରହିବ ଅର୍ଥାତ୍ ଶୁଣିବା କଥା ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମର ବୁଦ୍ଧି ଯେତେବେଳେ ନିଶ୍ଚଳ ଓ ଅଚଳ ରହିବ ।" ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ବୁଝି ନ ପାରି ଅର୍ଜୁନ ପଚାରିଲେ, "ସମାଧିରେ ଅବସ୍ଥିତ ସ୍ଥିତପ୍ରଜ୍ଞ ବ୍ୟକ୍ତିର ଲକ୍ଷଣ କଅଣ, ସେ କିପରି କଥା କହନ୍ତି, କେଉଁଠାରେ ରହନ୍ତି ଓ କିପରି ଆସନ କରନ୍ତି, କିପରି ଯିବା ଆସିବା କରନ୍ତି ?" ଏପରି ପ୍ରଶ୍ନ କରିବାର କାରଣ ଏହିକି, ଜ୍ଞାନୀମାନେ ଓ ଯୋଗୀମାନେ ସମାଧି ଅବସ୍ଥାରେ ରହିବା କଥା ଅର୍ଜୁନ ଜାଣିଥିଲେ । ସେମାନଙ୍କ ମଧ୍ୟରୁ କିଏ ଜଙ୍ଗଲରେ ରହି ତପସ୍ୟା କରୁଥିଲେ, କିଏ ବିଭିନ୍ନ ପ୍ରକାର ଆସନରେ ବସି ଯୋଗାଭ୍ୟାସ କରୁଥିଲେ, କିଏ ମୌନବ୍ରତ ଅବଲମ୍ବନ କରୁଥିଲେ, କିଏ ଜଟା ରଖୁଥିଲେ, କିଏ ଲେଙ୍ଗୁଟି ପିନ୍ଧୁଥିଲେ, କିଏ ପାଗଳ ବୋଲି ହୋଇ ରହୁଥିଲେ ଇତ୍ୟାଦି । ସେମାନଙ୍କର ବାହାର ଲକ୍ଷଣ ସବୁ ସାଧାରଣ ଲୋକଙ୍କର ବାହାର ଲକ୍ଷଣରୁ ସମ୍ପୂର୍ଣ୍ଣ ପୃଥକ ଥିଲା । ଅର୍ଜୁନ ମନେକଲେ ସେହି ବାହାର ଲକ୍ଷଣ ସବୁ ଦେଖି ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କୁ ଚିହ୍ନିବାକୁ ହେବ । ଆଜି ମଧ୍ୟ କୌଣସି ବ୍ୟକ୍ତିର ବାହାର ଲକ୍ଷଣ ସବୁ ଦେଖି ଆମ୍ଭେମାନେ ତାଙ୍କୁ ଯୋଗୀ, ଜ୍ଞାନୀ, ସାଧୁ ଓ ଧାର୍ମିକ ଲୋକ ବୋଲି ଜାଣିନେଉ । ମୋହଗ୍ରସ୍ତ ଅର୍ଜୁନଙ୍କ ପକ୍ଷରେ ଏପରି ପ୍ରଶ୍ନ ପଚାରିବା ସ୍ୱାଭାବିକ । ପରବର୍ତ୍ତୀ ଶ୍ଳୋକ ଗୁଡିକରେ ଶ୍ରୀକୃଷ୍ଣ ଉତ୍ତର ଦେବେ ଯେ ପୋଷାକ ପରିଚ୍ଛଦ ଓ ଚାଲିଚଳଣ ଇତ୍ୟାଦି ବାହାର ଲକ୍ଷଣ ସବୁ ସହିତ ସ୍ଥିତପ୍ରଜ୍ଞ ବ୍ୟକ୍ତିର କୌଣସି ସମ୍ବନ୍ଧ ନାହିଁ, ଚରିତ୍ର ଗଠନ ସହିତ ସ୍ଥିତପ୍ରଜ୍ଞ ବ୍ୟକ୍ତିର ଏକମାତ୍ର ସମ୍ବନ୍ଧ । ୧୪ଶ ଅଧ୍ୟାୟ ୨୧ଶ ଶ୍ଳୋକରେ ମଧ୍ୟ ଗୁଣାତୀତ ବ୍ୟକ୍ତିର ବାହାର ଲକ୍ଷଣ ସବୁ ଜାଣିବା ପାଇଁ ଅର୍ଜୁନ ଏହିପରି ପ୍ରଶ୍ନ ପଚାରି ଅଛନ୍ତି ଏବଂ ପରବର୍ତ୍ତୀ ଶ୍ଳୋକ ଗୁଡିକରେ ଶ୍ରୀକୃଷ୍ଣ ଏହିପରି ଉତ୍ତର ଦେଇଅଛନ୍ତି । ୧୨ଶ ଅଧ୍ୟାୟରେ ମଧ୍ୟ ଭକ୍ତର ପରିଚୟ ଦେବାକୁ ଯାଇ ଶ୍ରୀକୃଷ୍ଣ କହିଅଛନ୍ତି ଯେ ଚରିତ୍ର ଗଠନ ସହିତ ଭକ୍ତିର ଏକମାତ୍ର ସମ୍ବନ୍ଧ । ମନ୍ଦିର, ମସଜିଦ୍ ଓ ଗୀର୍ଜା ଇତ୍ୟାଦିକୁ ଯାଇ ସେଠାରେ ପ୍ରାର୍ଥନା କରିବା ସହିତ କିମ୍ବା ମାଳି ଜପିବା

ସହିତ କମ୍ବା କୌଣସି ପ୍ରକାର ବାହାର ଲକ୍ଷଣ ସହିତ ଭକ୍ତର କୌଣସି ସମ୍ବନ୍ଧ ନାହିଁ ।

ଏହି ଅଧ୍ୟାୟ ୩୯ଶ ଶ୍ଳୋକରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ବୁଦ୍ଧି କଥାଟି ଶ୍ରୀକୃଷ୍ଣ ବାରମ୍ବାର ବ୍ୟବହାର କରିଅଛନ୍ତି । ସେହି ବୁଦ୍ଧି କଥାଟି ବ୍ୟବହାର ନ କରି ଅର୍ଜୁନ କହିଲେ, "ସ୍ଥିତପ୍ରଜ୍ଞ ଓ ସ୍ଥିତଧୀ" ଏଥିରୁ ବୁଝାଗଲା ଯେ ଶ୍ରୀକୃଷ୍ଣ ବ୍ୟବହାର କରିଥିବା ବୁଦ୍ଧି କଥାଟିର ଅର୍ଥ ହେଉଛି "ପ୍ରଜ୍ଞା ଓ ଧୀ" ଏ କଥା ଅର୍ଜୁନ ବୁଝିପାରିଲେ ।

## ଚରିତ୍ର ଗଠନ ହେଉଛି ସର୍ବଶ୍ରେଷ୍ଠ ଧର୍ମ

### ଶ୍ରୀକୃଷ୍ଣ ଉବାଚ

ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ । ୫୫
ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ । ୫୬
ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭଂ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୫୭
ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୫୮ ।
ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।
ରସବର୍ଜ୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ । ୫୯ ।
ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ । ୬୦ ।
ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ।
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୬୧ ।
ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ । ୬୨ ।
କ୍ରୋଧାଦ୍ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି । ୬୩ ।

ରାଗଦ୍ୱେଷବିମୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି । ୬୪ ।
ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ । ୬୫ ।
ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖଂ । ୬୬ ।
ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି । ୬୭ ।
ତସ୍ମାଦ୍ୟସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୬୮ ।

ଅର୍ଥ—ଯେତେବେଳେ ମନୁଷ୍ୟ ମନୋଗତ କାମନାସବୁ ପରିତ୍ୟାଗ କରି ନିଜଦ୍ୱାରା ନିଜେ ସନ୍ତୁଷ୍ଟ ରହେ ଅର୍ଥାତ୍ ନିଜର ସନ୍ତୋଷ ପାଇଁ ଅନ୍ୟ କାହାରିକୁ ଅପେକ୍ଷା ନକରେ ସେତେବେଳେ ତାହାଙ୍କୁ ସ୍ଥିତପ୍ରଜ୍ଞ କୁହାଯାଏ ।୫୫। ଦୁଃଖରେ ଅନୁଦ୍‌ବିଗ୍ନ ଚିତ୍ତ, ସୁଖରେ ସ୍ପୃହାଶୂନ୍ୟ, ଅନୁରାଗ, ଭୟ ଓ କ୍ରୋଧ ବର୍ଜ୍ଜିତ ବ୍ୟକ୍ତିଙ୍କୁ ( ମୁନିଙ୍କୁ ) ସ୍ଥିରଧୀ ବା ସ୍ଥିତପ୍ରଜ୍ଞ କୁହାଯାଏ ।୫୬। ସବୁ ବିଷୟରେ ଯେ ସ୍ନେହଶୂନ୍ୟ ଶୁଭ ପାଇଲେ ଯେ ଆନନ୍ଦିତ ହୁଅନ୍ତି ନାହିଁ କିମ୍ବା ଅଶୁଭ ପାଇଲେ ଯେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ।୫୭। କୂର୍ମ୍ମ ତାହାର ଅଙ୍ଗ ସବୁ ସଙ୍କୋଚ କରି ରଖିବା ପରି ଯେଉଁ ଲୋକ ଇନ୍ଦ୍ରିୟମାନଙ୍କର ବିଷୟ ସବୁରୁ ଇନ୍ଦ୍ରିୟମାନଙ୍କୁ ସଙ୍କୋଚ କରି ରଖନ୍ତି, ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ।୫୮। ନିରାହାର ଦେହୀର ବିଷୟସବୁ ରସବର୍ଜ୍ଜିତରୂପେ ନିବୃତ୍ତ ହୁଏ ଅର୍ଥାତ୍ ବିଷୟ ଭୋଗ ପରିତ୍ୟାଗ କଲେ ସୁଦ୍ଧା ବିଷୟ ପ୍ରତି ଯେ ରସ ବା କାମନା ତାହା ସେ ପରିତ୍ୟାଗ କରିପାରନ୍ତି ନାହିଁ । କୌଣସି ଉତ୍କୃଷ୍ଟତର ବିଷୟ ବା ଉତ୍କୃଷ୍ଟତର ଆନନ୍ଦ ଦେଖିଲେ ନିକୃଷ୍ଟତର ବିଷୟର ରସ ବା କାମନା ପର୍ଯ୍ୟନ୍ତ ଚାଲିଯାଏ ।୫୯

ଟିପ୍‌ପଣୀ—ମିଛ କହିଲେ ମୋତେ ୫୦୦ଟଙ୍କା ଉତ୍କୋଚ ମିଳିବ । ପାପ ଭୟରୁ ହେଉ କିମ୍ବା କାଳେ ଜାଣିଲେ ମୋର ମର୍ଯ୍ୟାଦା ନଷ୍ଟ ହେବ ସେଥିପାଇଁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ମୁଁ ମିଛ କହିଲି

ନାହିଁ ଓ ୫୦୦ ଟଙ୍କା ନେଇ ନାହିଁ । ମୁଁ ୫୦୦ ଟଙ୍କା ନେବାରୁ ନିବୃତ୍ତ ହେଲି ସତ, ମାତ୍ର ଟଙ୍କାର ରସ ଅର୍ଥାତ୍ ଟଙ୍କା ପ୍ରତି ମୋର ଯେ କାମନା ତାହା ଗଲା ନାହିଁ । ସତ୍ୟ କହିବାର ଯେ ନିର୍ମଳ ଆନନ୍ଦ ତାହା ଉପଲବ୍ଧି କରିଥିଲେ ଏବଂ ସେ ଆନନ୍ଦ ସହିତ ଟଙ୍କାର ଯେଉଁ କାମୋପଭୋଗ ତାହା ତୁଳନା କରି ସତ୍ୟର ନିର୍ମଳ ଆନନ୍ଦକୁ ଉତ୍କୃଷ୍ଟତର ବୋଲି ଦେଖିଥିଲେ ଟଙ୍କାର ରସ ପର୍ଯ୍ୟନ୍ତ ଚାଲି ଯାଇଥାନ୍ତା । ଗୁଡ଼ପ୍ରତି ଯେ କାମନା ତାହା ମିଶ୍ରିର ସ୍ୱାଦ ଜାଣିଥିଲେ ମିଶ୍ରି ଦେଖିଲେ ଚାଲିଯାଏ ।

ହେ କୌନ୍ତେୟ ! ଯତ୍ନବାନ୍ ବିବେକୀ ପୁରୁଷର ମନକୁ ମଧ୍ୟ ପ୍ରମତ୍ତ ଇନ୍ଦ୍ରିୟ ସବୁ ବଳପୂର୍ବକ ହରଣ କରନ୍ତି । ୬୦ । ସେହି ସବୁ ଇନ୍ଦ୍ରିୟ-ମାନଙ୍କୁ ସଂଯତ କରି ମତ୍ପରାୟଣ ହୋଇ ଅର୍ଥାତ୍ ମୋତେ ଏକମାତ୍ର ଲକ୍ଷ୍ୟ ରଖି ଓ ମୋ ସହିତ ଯୁକ୍ତହୋଇ ରହିବା ଉଚିତ ଅର୍ଥାତ୍ ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ସମଭାବରେ ରଖି କର୍ମ କରିବା ଉଚିତ । ଇନ୍ଦ୍ରିୟମାନେ ଯାହାଙ୍କର ବଶୀଭୂତ ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ । ୬୧ । ବିଷୟ ସବୁକୁ ଧ୍ୟାନ କରୁ କରୁ ପୁରୁଷର ସେଥିରେ ସଙ୍ଗ ବା ଆସକ୍ତି ଜନ୍ମେ । ସଙ୍ଗରୁ କାମନା ଓ କାମନାରୁ କ୍ରୋଧ ଜନ୍ମେ । ୬୨ । କ୍ରୋଧରୁ ସମ୍ମୋହ, ସମ୍ମୋହରୁ ସ୍ମୃତିବିଭ୍ରମ ଏବଂ ସ୍ମୃତିଭ୍ରଂଶରୁ ବୁଦ୍ଧି ନାଶ ହୁଏ । ବୁଦ୍ଧି ନଷ୍ଟ ହେଲେ ଲୋକ ନିଜେ ନଷ୍ଟ ହୁଏ । ୬୩ । କିନ୍ତୁ ସଂଯତାତ୍ମା ବ୍ୟକ୍ତି ରାଗ ଓ ଦ୍ୱେଷରୁ ବିମୁକ୍ତ ଏବଂ ଆତ୍ମବଶୀଭୂତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟଭୋଗ କରି ପ୍ରସାଦ ବା ପ୍ରସନ୍ନତା ଲାଭ କରନ୍ତି । ୬୪ । ପ୍ରସନ୍ନତା ଲାଭ କଲେ ତାହାଙ୍କର ସବୁ ଦୁଃଖର ବିନାଶ ହୁଏ । ପ୍ରସନ୍ନଚେତା ବ୍ୟକ୍ତିଙ୍କର ବୁଦ୍ଧି ଶୀଘ୍ର ପ୍ରତିଷ୍ଠିତ ହୁଏ । ୬୫ । ଇନ୍ଦ୍ରିୟ, ମନ ଓ ବୁଦ୍ଧି ସହିତ ଯୁକ୍ତ ନଥିବା ବ୍ୟକ୍ତିଙ୍କର ବୁଦ୍ଧି ନାହିଁ ଏବଂ ଏକାଗ୍ରତା ମଧ୍ୟ ନାହିଁ । ଏକାଗ୍ରତା ନଥିବା ବ୍ୟକ୍ତିର ଶାନ୍ତି ନାହିଁ । ଶାନ୍ତି ନଥିବା ବ୍ୟକ୍ତିର ସୁଖ କପରି ଆସିପାରେ ? । ୬୬ । ଚରୁଥିବା ଅର୍ଥାତ୍ ବିଷୟ ଭୋଗ କରୁଥିବା ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଯେଉଁ ଗୋଟିଏ ମାତ୍ର ଇନ୍ଦ୍ରିୟକୁ ମନ ଅନୁଗମନ କରେ, ସେହି ଇନ୍ଦ୍ରିୟ ସେହି ଲୋକର ପ୍ରଜ୍ଞା ବା ବୁଦ୍ଧିକୁ ସମୁଦ୍ରରେ ନୌକାକୁ ବାୟୁ ହରଣ କଲାପରି ହରଣ କରେ । ୬୭ । ଅତଏବ ହେ ମହାବାହୋ ! ଯାହାଙ୍କର ଇନ୍ଦ୍ରିୟମାନେ ସେମାନଙ୍କର ବିଷୟ ସବୁରୁ ସର୍ବତୋଭାବେ ନିଗୃହୀତ, ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ୬୮ ।

ଟିପ୍‌ପଣୀ—ସ୍ଥିତପ୍ରଜ୍ଞ ହେବାକୁ ହେଲେ ଯେଉଁ ସବୁ ସଦ୍‌ଗୁଣ ଅର୍ଜନ କରବାକୁ ହେବ ବୋଲି ଏହି କେତୋଟି ଶ୍ଳୋକରେ କୁହାଗଲା ସେହି ସବୁ ସଦ୍‌ଗୁଣରୁ ଗୋଟିଏ ମାତ୍ର ସଦ୍‌ଗୁଣ ଅର୍ଜନ କରିବାକୁ କର୍ତ୍ତବ୍ୟବୋଧ ନ କରି ପ୍ରତ୍ୟେକ ଏହି କେତୋଟି ଶ୍ଳୋକ ପାଳପୂର୍ଣ କରିବାକୁ ଆମ୍ଭେମାନେ ଏକମାତ୍ର କର୍ତ୍ତବ୍ୟ ବୋଧକରୁଁ । ଗୀତାକାରଙ୍କର ଅଭିପ୍ରାୟ ଏହିକ ଏହି ସଦ୍‌ଗୁଣ ଅର୍ଜନ କରିବାକୁ ଯତ୍ନକଲେ ନିଜର ପ୍ରଜ୍ଞା ବା ବୁଦ୍ଧି ଆପେ ଆପେ ଦୃଢ଼ ହେବ ଏବଂ ନିଜର ବୁଦ୍ଧିକୁ ବା ପ୍ରଜ୍ଞାକୁ ଦୃଢ଼ କରି ପାରିଲେ ମନୁଷ୍ୟ ଅନାୟାସରେ ଏହି ସବୁ ସଦ୍‌ଗୁଣ ଅର୍ଜନ କରି ପାରିବ ।

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ । ୬୯ ।

ଅର୍ଥ—ଯାହା ଜନସାଧାରଣଙ୍କର ନିଶା ବା ରାତ୍ରି ସ୍ୱରୂପ, ସଂଯମୀ ବ୍ୟକ୍ତି ସେଥିରେ ଜାଗରିତ ଥାଆନ୍ତି ଏବଂ ଯହିଁରେ ଜନସାଧାରଣ ଜାଗରିତ ଥାଆନ୍ତି, ସତ୍ୟଦର୍ଶୀ ମୁନି ପକ୍ଷରେ ତାହା ରାତ୍ରି ସ୍ୱରୂପ । ୬୯ ।

ଟିପ୍‌ପଣୀ—ଧନ ସକାଶେ, କ୍ଷମତା ସକାଶେ ଓ ନାମ ସକାଶେ ଜନସାଧାରଣ ସର୍ବଦା ଜାଗ୍ରତ ଥାଆନ୍ତି ଅର୍ଥାତ୍ ଏହି ସବୁ ପାଇବା ପାଇଁ ସେମାନେ ସର୍ବଦା ମନ୍ତ୍ର କରନ୍ତି । ମାତ୍ର ସଂଯମୀ ବ୍ୟକ୍ତି ଏହି ସବୁରୁ ଦୂରରେ ରହିବାକୁ ସର୍ବଦା ଯତ୍ନ କରନ୍ତି । ସଂଯମୀ ବ୍ୟକ୍ତି ଜଗତର ମଙ୍ଗଳ ପାଇଁ ସର୍ବଦା ଜାଗ୍ରତ ଥାଆନ୍ତି । ମାତ୍ର ଜନସାଧାରଣ ଜଗତର ମଙ୍ଗଳ ବିଷୟରେ ଉଦାସୀନ ରହି ସ୍ୱାର୍ଥ ଚିନ୍ତାରେ ଅର୍ଥାତ୍ ଧନ, କ୍ଷମତା ଓ ନାମ ସକାଶେ ସର୍ବଦା ଜାଗ୍ରତ ରହନ୍ତି ।

ଆପୂର୍ଯ୍ୟମାଣମଚଳ ପ୍ରତିଷ୍ଠଂ
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ । ୭୦ ।
ବିହାୟ କାମାନ ଯଃ ସର୍ବାନ୍ ପୁମାଂଶ୍ଚରତି ନିଷ୍ପୃହଃ
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି । ୭୧ ।

ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି । ୭୨ ।

ଜଳରାଶିକୁ କାମନା କରୁ ନଥିବା ପରିପୂରିତ ଓ ଅଚଳ ପ୍ରତିଷ୍ଠିତ ସମୁଦ୍ର ମଧ୍ୟରେ ଜଳରାଶି ଯେପରି ପ୍ରବେଶ କରେ, କାମନା ସବୁ ଯାହାଙ୍କଠାରେ ସେହିପରି ପ୍ରବେଶ କରେ ସେହି ବ୍ୟକ୍ତି ଶାନ୍ତି ପାଆନ୍ତି । କାମକାମୀ ଅର୍ଥାତ୍ କାମନାକୁ କାମନା କରୁଥିବା ବ୍ୟକ୍ତି ପ୍ରକୃତ ଶାନ୍ତି ପାଇ ପାରନ୍ତି ନାହିଁ । ୭୦

ଟିପ୍ପଣୀ—ମୋକ୍ଷ ପାଇବା ଆଶାରେ ବିଷୟଭୋଗ ତ୍ୟାଗ କରିବା ବ୍ୟକ୍ତିର କାମନା ଯାଏ ନାହିଁ । ତେଣୁ ସେ କାମନାକୁ କାମନା କରି ଶାନ୍ତି ପାଏ ନାହିଁ । ଏହି ଅଧ୍ୟାୟର ୫୯ ଶ୍ଲୋକରେ ମଧ୍ୟ ଏହି କଥା କୁହାଯାଇଅଛି— ।

ଯେଉଁ ପୁରୁଷ କାମନାସବୁ ତ୍ୟାଗ କରି, ମୁଁ ଓ ମୋର ଏପରି ଭାବ ନ ରଖି ଅର୍ଥାତ୍ ମୁଁ କର୍ତ୍ତା, ମୋର ସମ୍ପତ୍ତି, ମୋର ପୁଅ ଏପରି ଭାବ ନ ରଖି ସ୍ପୃହାଶୂନ୍ୟ ହୋଇ ବିଷୟ ଭୋଗ କରନ୍ତି ସେ ଶାନ୍ତି ପାଆନ୍ତି ।୭୧। ( ଏହି ଅଧ୍ୟାୟ ୬୪ ଶ୍ଲୋକରେ ମଧ୍ୟ ଏହି କଥା କୁହାଯାଇଅଛି ) । ହେ ପାର୍ଥ ! ଏହିପରି ଅବସ୍ଥାରେ ରହିବାର ନାମ ବ୍ରାହ୍ମୀ-ସ୍ଥିତି । ଏହି ଅବସ୍ଥା ପାଇ ମନୁଷ୍ୟ ମୋହପ୍ରାପ୍ତ ହୁଏ ନାହିଁ । ଅନ୍ତିମ କାଳରେ ସୁଦ୍ଧା ଏହି ଅବସ୍ଥାରେ ରହି ବ୍ରାହ୍ମନିର୍ବାଣ ପ୍ରାପ୍ତ ହୁଅନ୍ତି । ୭୨ ।

## ସାରକଥା

ପିଣ୍ଡୋଦକ କିମ୍ବା ଲୋପ ହେଲେ ପିତୃଗଣଙ୍କର ପତନ ହେବ ଏବଂ କୁଳଧର୍ମ ନଷ୍ଟ ହେଲେ ଚିରକାଳ ପାଇଁ ନରକବାସ ହେବ ଇତ୍ୟାଦି ଶୁଣିବା କଥା ଉପରେ ନିର୍ଭର କରି ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିବାରୁ ଶ୍ରୀକୃଷ୍ଣ ତାଙ୍କୁ ପ୍ରଥମେ ଶାସ୍ତ୍ରର କଥା ଶୁଣାଇ ବୁଝାଇଦେଲେ ଯେ ଦେହୀର ବା ପ୍ରକୃତ ମନୁଷ୍ୟର ମୃତ୍ୟୁ ନାହିଁ ଏବଂ ତାହାର ପୂର୍ବଜନ୍ମ ଓ ପରଜନ୍ମ ଅଛି, ଏହି ଶାସ୍ତ୍ରର କଥାକୁ ବା ଶୁଣିବା କଥାକୁ ଯଦି ସତ୍ୟ ବୋଲି ଗ୍ରହଣ କରୁଅଛ, ତେବେ ସ୍ୱଜନ ବଧ ପାଇଁ ଦୁଃଖ କରୁଅଛ କିପରି ? ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଶ ସ୍ତ୍ରଜ୍ଞାନ ଉପରେ ନିର୍ଭର କରି ମନୁଷ୍ୟ ତାହାର

*

ସୁଭ୍ରବନସ୍ଥିତ ଜୀବନ ଯୁଦ୍ଧରେ ଅଗ୍ରସର ହୋଇ ପାରିବ ନାହିଁ । ସେଥିପାଇଁ ସେ ଏହି ଅଧ୍ୟାୟ ୩୯ଶ ଶ୍ଳୋକରେ ଶାସ୍ତ୍ରଜ୍ଞାନରେ ବା ସାଂଖ୍ୟବୁଦ୍ଧିର ଅନାବଶ୍ୟକତା ବିଷୟ କହି ଯୋଗବୁଦ୍ଧିର ବା ବ୍ୟବସାୟାତ୍ମିକା ବୁଦ୍ଧିର ପରିଚୟ ଦେଲେ ଏବଂ ଶାସ୍ତ୍ରବିଧି ସବୁର ଅନ୍ଧଅନୁସରଣ ପରିତ୍ୟାଗ କରିବାକୁ ଏବଂ ବିବେକବୁଦ୍ଧିର ଶରଣ ନେଇ କର୍ମ କରିବାକୁ କହିଲେ ।

ସ୍ଥିତପ୍ରଜ୍ଞ ବ୍ୟକ୍ତି ବା ବିବେକବାନ ବ୍ୟକ୍ତି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସକାଶେ କର୍ମ ନକରି ସମସ୍ତ ମାନବ ସମାଜର ମଙ୍ଗଳ ପାଇଁ କର୍ମ କରନ୍ତି। ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କର ଅଭିପ୍ରାୟ ଏହିକି ସେ ହେଉଛନ୍ତି ସମସ୍ତ ମାନବସମାଜର ଅଂଶ । ଅତଏବ ସମସ୍ତ ମାନବ ସମାଜ ଯେଉଁ ଫଳ ଭୋଗ କରିବେ ସେ ମଧ୍ୟ ସମସ୍ତ ମାନବ ସମାଜର ଅଂଶ ଭାବରେ ସେହିଫଳ ଭୋଗ କରିବେ

# ତୃତୀୟ ଅଧ୍ୟାୟ—କର୍ମଯୋଗ

### ଅର୍ଜୁନ ଉବାଚ

ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।
ତତ୍ କିଂ କର୍ମଣି ଘୋରେ ମାଂ ନିଯୋଜୟସି କେଶବ । ୧
ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀ ମେ ।
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାଂ । ୨

ଅର୍ଥ—ଅର୍ଜୁନ କହିଲେ, ହେ ଜନାର୍ଦ୍ଦନ ! ହେ କେଶବ ! ଯଦି କର୍ମ ଅପେକ୍ଷା ବୁଦ୍ଧିଶ୍ରେଷ୍ଠ ଏହା ଆପଣଙ୍କର ମତ, ତେବେ ମୋତେ ଏହି ଘୋର କର୍ମରେ ନିଯୁକ୍ତ କରୁଅଛନ୍ତି କାହିଁକି ? ୧ । କେତେବେଳେ କର୍ମ ଶ୍ରେଷ୍ଠ କେତେବେଳେ ବୁଦ୍ଧି ଶ୍ରେଷ୍ଠ ଏପରି ମିଶ୍ରିତ ବାକ୍ୟ ଦ୍ୱାରା ମୋର ବୁଦ୍ଧିକୁ କେବଳ ମୋହଯୁକ୍ତ କରୁଅଛନ୍ତି । ଯହିଁରେ ମୁଁ ଶ୍ରେୟ ପାଇବି ଏପରି ଗୋଟିଏ କଥା ମୋତେ ନିଶ୍ଚୟ କରି କହନ୍ତୁ । ୨ ।

ଟିପ୍ପଣୀ—ଅର୍ଜୁନଙ୍କର ଇଚ୍ଛା ଏହି କି ତାଙ୍କର ଗୁରୁ ଶ୍ରୀକୃଷ୍ଣ ତାଙ୍କୁ ନିଶ୍ଚୟ କରି ଗୋଟିଏ କଥା କହିଦେଲେ ସେ ତାହା ମାନିନେବେ ଏବଂ ଏପରି ଅନ୍ଧ ଅନୁସରଣ ତାଙ୍କୁ ସହଜ ଓ ସୁବିଧାଜନକ ହେବ । ମାତ୍ର ଶ୍ରୀକୃଷ୍ଣ ସେପରି ଗୁରୁ ନୁହନ୍ତି । ସେ ଏପରି କୌଶଳରେ ଶିକ୍ଷା ଦେବେ ଯେପରି କି ଶିଷ୍ୟ ଗୁରୁଙ୍କ ଉପଦେଶ ଅନ୍ଧଭାବରେ ମାନିବାକୁ ବୃଥା ଚେଷ୍ଟା ନକରି ପ୍ରକୃତ କଥା ନିଜେ ବୁଝିପାରିବ ଏବଂ ନିଜର କର୍ତ୍ତବ୍ୟ ନିଜେ ସ୍ଥିର କରିପାରିବ—।

କର୍ମ କଅଣ ଓ ବୁଦ୍ଧି କଅଣ ଏବଂ କର୍ମ ସହିତ ବୁଦ୍ଧିର ସମ୍ବନ୍ଧ କଅଣ ତାହା ଲୋକେ ଜାଣି ନଥିଲେ । ଆଜି ମଧ୍ୟ ଜାଣି ନାହାନ୍ତି । ସେଥିପାଇଁ ସେମାନେ ଫଳକାମନା କରି ଶାସ୍ତ୍ର ବାକ୍ୟ ସବୁର ଅନ୍ଧ ଅନୁସରଣ କରୁଥିଲେ ଏବଂ ଏହି ଅନ୍ଧଅନୁସରଣକୁ ସେମାନେ ଧର୍ମ ଓ କର୍ମ ମନେ କରୁଥିଲେ । ଜନସାଧାରଣଙ୍କର ଯେଉଁ ଦୁରବସ୍ଥା ଅର୍ଜୁନଙ୍କର ସେହି ଦୁରବସ୍ଥା । ଅର୍ଜୁନଙ୍କର ଏକମାତ୍ର ସମ୍ବଳ ଥିଲା "ଅନୁଶ୍ରୁତମ୍"

ସହିତ, ଏକଥା ଆମ୍ଭେମାନେ ପ୍ରଥମ ଅଧ୍ୟାୟ ୪୭ଶ ଶ୍ଲୋକରୁ ବୁଝି ପାରିଅଛୁଁ । ସେଥିପାଇଁ ଦ୍ୱିତୀୟ ଅଧ୍ୟାୟ ୪୯ଶ ଶ୍ଲୋକରେ ଶ୍ରୀକୃଷ୍ଣ କହିଥିଲେ, "ବୁଦ୍ଧୌ ଶରଣମନ୍ୱିଚ୍ଛ' ଅର୍ଥାତ୍ ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ ନକରି ନିଜର ବୁଦ୍ଧିର ଶରଣ ନେବାକୁ ଇଚ୍ଛା କର । ନିଜର ସ୍ୱଭାବ ନିୟତ କର୍ମ୍ମ ସହିତ ନିଜର ବିବେକ ବୁଦ୍ଧିର ଘନିଷ୍ଠ ସମ୍ବନ୍ଧ ରହିବା ଆବଶ୍ୟକ । ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ବୁଝି ନପାରି ଅର୍ଜ୍ଜୁନ ତାଙ୍କୁ ପଚାରିଲେ—"ଯଦି ବୁଦ୍ଧି ଶ୍ରେଷ୍ଠ ଏହା ଆପଣଙ୍କର ମତ, ମୋତେ କର୍ମରେ ନିଯୁକ୍ତ କରୁଅଛନ୍ତି କିପରି ?" ମୁଁ ବୁଦ୍ଧିର ଆଶ୍ରୟ ନେବି କି କର୍ମର ଆଶ୍ରୟ ନେବି ମୋତେ ଗୋଟିଏ କଥା ସ୍ଥିର କରି କହନ୍ତୁ । ଅର୍ଜ୍ଜୁନଙ୍କଠାରୁ ଏପରି ପ୍ରଶ୍ନ ଶୁଣି ଶ୍ରୀକୃଷ୍ଣ କହିଲେ—

ଶ୍ରୀକୃଷ୍ଣ ଉବାଚ

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାଂ । ୩ ।
ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସନ୍ନ୍ୟାସନାଦେବ ସିଦ୍ଧିଂ ସମଧିଗଚ୍ଛତି । ୪ ।

ଅର୍ଥ—( ଶ୍ରୀକୃଷ୍ଣ କହିଲେ ) ହେ ଅନଘ ! ମୁଁ ପୂର୍ବେ ଯାହା କହିଛି ତାହାର ମର୍ମ୍ମ ଏହି କି, ଏହି ସଂସାରରେ ଦୁଇ ପ୍ରକାର ନିଷ୍ଠା ଅଛି । ଜ୍ଞାନଯୋଗଦ୍ୱାରା ସାଂଖ୍ୟମାନଙ୍କର ଏବଂ କର୍ମ୍ମଯୋଗ ଦ୍ୱାରା ଯୋଗୀ-ମାନଙ୍କର । ୩ । କର୍ମ୍ମ ଆରମ୍ଭ ନ କଲେ କେହି ନୈଷ୍କର୍ମ୍ମ୍ୟ ବା କର୍ମ ବନ୍ଧନରୁ ମୁକ୍ତି ବା ପ୍ରକୃତ ବୁଦ୍ଧି ଲାଭ କରିପାରେ ନାହିଁ । କେବଳ ସନ୍ନ୍ୟାସ ବ୍ରତ ଅବଲମ୍ବନ କରିବା ଦ୍ୱାରା ଅର୍ଥାତ୍ କର୍ମ୍ମତ୍ୟାଗ କରିବା ଦ୍ୱାରା କେହି ସିଦ୍ଧି ଲାଭ କରିପାରେ ନାହିଁ । ୪ ।

ଟିପ୍ପଣୀ—ସାଂଖ୍ୟ ଓ ଯୋଗ ଏହି ଦୁଇଟି କଥା ଦ୍ୱିତୀୟ ଅଧ୍ୟାୟ ୩୯ଶ ଶ୍ଲୋକରେ ଶ୍ରୀକୃଷ୍ଣ କେଉଁ ଅଭିପ୍ରାୟରେ ବ୍ୟବହାର କରିଥିଲେ ତାହା ବୁଝାଇ ଦେବାପାଇଁ ସେ ଏଠାରେ ତୃତୀୟ ଶ୍ଲୋକରେ "ସାଂଖ୍ୟାନାମ୍ ଓ ଯୋଗୀନାମ୍" ଏହି ଦୁଇଟି କଥା ବ୍ୟବହାର କଲେ ।

ଶ୍ରୀକୃଷ୍ଣ କହିଲେ, ଏହି ସଂସାରରେ ସାଂଖ୍ୟ ସମ୍ପ୍ରଦାୟ ଓ ଯୋଗ ସମ୍ପ୍ରଦାୟ ଏହି ଦୁଇ ସମ୍ପ୍ରଦାୟ ଅଛନ୍ତି । ସାଂଖ୍ୟ ଉପରେ ଅର୍ଥାତ୍ ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି କର୍ମ ବନ୍ଧନରୁ ମୁକ୍ତି ପାଇବା ଆଶାରେ ଯେଉଁମାନେ କର୍ମସନ୍ନ୍ୟାସ ଅବଲମ୍ବନ କରନ୍ତି ସେମାନେ ସାଂଖ୍ୟ ସମ୍ପ୍ରଦାୟ ଏବଂ କର୍ମଯୋଗର ଆଶ୍ରୟ ନେଇ ଯେଉଁମାନେ କର୍ମ କରନ୍ତି ସେମାନେ ଯୋଗ-ସମ୍ପ୍ରଦାୟ । ଚତୁର୍ଥ ଶ୍ଳୋକରେ ଶ୍ରୀକୃଷ୍ଣ ସାଂଖ୍ୟଜ୍ଞାନକୁ ଅର୍ଥାତ୍ କର୍ମ ସନ୍ନ୍ୟାସକୁ ସମର୍ଥନ ନକରି କର୍ମଯୋଗକୁ ସମର୍ଥନ କରିଅଛନ୍ତି ।

'ନୈଷ୍କର୍ମ୍ୟ' କଥାଟିର ଅର୍ଥ ହେଉଛି କର୍ମବନ୍ଧନରୁ ମୁକ୍ତି । ଏହି ଅଧ୍ୟାୟ ପ୍ରଥମ ଶ୍ଳୋକରେ କର୍ମ ଓ ବୁଦ୍ଧି ଏହି ଦୁଇଟି କଥା ଅର୍ଜୁନ ବ୍ୟବହାର କରିଥିଲେ । ଏହି ଦୁଇଟି କଥା ପରିବର୍ତ୍ତେ ଶ୍ରୀକୃଷ୍ଣ ଏଠାରେ କର୍ମ ଓ ନୈଷ୍କର୍ମ୍ୟ ଏହି ଦୁଇଟି କଥା ବ୍ୟବହାର କରିବା ଦ୍ୱାରା ବୁଝାଇ-ଦେଲେ ଯେ, ମନୁଷ୍ୟ ଯାହାର ଆଶ୍ରୟ ନେଇ କର୍ମବନ୍ଧନରୁ ମୁକ୍ତ ହୋଇ ପାରିବ ତାହାହିଁ ପ୍ରକୃତ ବୁଦ୍ଧି ! ଚତୁର୍ଥ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ ଯେ, କର୍ମ ସନ୍ନ୍ୟାସ ଅବଲମ୍ବନ କରିବା ଦ୍ୱାରା ମନୁଷ୍ୟ ସିଦ୍ଧିଲାଭ କରିପାରିବ ନାହିଁ । ତାପରେ ଶ୍ରୀକୃଷ୍ଣ ବୁଝାଇଦେଇ କହିଲେ ଯେ, କର୍ମ କରିବାକୁ ପ୍ରତ୍ୟେକ ମନୁଷ୍ୟ ବାଧ୍ୟ ଅଟେ । ଏହି ସ୍ୱଭାବନିୟତ କର୍ମ କରିବାପାଇଁ ଯେଉଁ ବୁଦ୍ଧିର ଆବଶ୍ୟକ ତାହା ଆପେ ଆପେ ଅର୍ଥାତ୍ କର୍ମ କରିବା ସଙ୍ଗେ ସଙ୍ଗେ ଆସିବା ସ୍ୱାଭାବିକ । ଏହି ବୁଦ୍ଧିକୁ ଦ୍ୱିତୀୟ ଅଧ୍ୟାୟ ୪୧ଶ ଶ୍ଳୋକରେ ଶ୍ରୀକୃଷ୍ଣ ବ୍ୟବସାୟାତ୍ମିକା ବୁଦ୍ଧି ବୋଲି କହିଅଛନ୍ତି ।

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ । ୫ ।
କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ । ୬ ।
ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ !
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ । ୭ ।
ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ
ଶରୀରଯାତ୍ରାଽପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣ । ୮ ।

ଅର୍ଥ— କର୍ମ୍ମ ନ କରି କେହି କ୍ଷଣେ ମାତ୍ର ରହିପାରେ ନାହିଁ । ପ୍ରକୃତିଜାତ ଗୁଣ ଦ୍ୱାରା ଅବଶ ହୋଇ ସମସ୍ତଙ୍କୁ କର୍ମ କରିବାକୁ ହୁଏ ।୫। କର୍ମେନ୍ଦ୍ରିୟମାନଙ୍କୁ ସଂଯମ କରି ଇନ୍ଦ୍ରିୟମାନଙ୍କ ବିଷୟସବୁକୁ ଯେଉଁ ବ୍ୟକ୍ତି ମନଦ୍ୱାରା ସ୍ମରଣ କରି ରହେ ସେହି ବିମୂଢ଼ାତ୍ମା ମିଥ୍ୟାଚାରୀ ଅଟେ । ୬ । ହେ ଅର୍ଜ୍ଜୁନ ! ଯେଉଁ ବ୍ୟକ୍ତି କିନ୍ତୁ ଇନ୍ଦ୍ରିୟମାନଙ୍କୁ ମନଦ୍ୱାରା ନିଜର ଅଧୀନରେ ରଖି ନିଜେ ବିଷୟସବୁ ସହିତ ଅନାସକ୍ତ ରହି କର୍ମେନ୍ଦ୍ରିୟମାନଙ୍କ ଦ୍ୱାରା କର୍ମଯୋଗ ଆରମ୍ଭ କରନ୍ତି, ସେହି ବ୍ୟକ୍ତି ଶ୍ରେଷ୍ଠ ଅଟନ୍ତି । ୭ ।

ତୁମ୍ଭେ ସର୍ବଦା କର୍ମ କର । ଅକର୍ମ ଅପେକ୍ଷା କର୍ମ ଶ୍ରେଷ୍ଠ ଅଟେ । କର୍ମ ନ କଲେ ତୁମ୍ଭର ଶରୀରଯାତ୍ରା ସୁଦ୍ଧା ଚଳିବ ନାହିଁ । ୮ ।

ଟିପ୍ପଣୀ— ଅଷ୍ଟମ ଶ୍ଲୋକରେ ଥିବା "କୁରୁ କର୍ମ ତ୍ୱଂ" କଥାଟିକୁ ଗୀତାର ଟୀକାକାରମାନେ କିଏ ଶାସ୍ତ୍ର ବିହିତ କର୍ମ, କିଏ ସନ୍ଧ୍ୟା ଉପାସନାଦି କର୍ମ କିଏ ନ୍ୟାୟ ସଙ୍ଗତ କର୍ମ ବୋଲି ଅର୍ଥ କରିଅଛନ୍ତି । ମାତ୍ର ଗୀତାକାର କର୍ମ, କଥାଟିକୁ କୌଣସି ବିଶେଷଣ ଦ୍ୱାରା ସଂକୀର୍ଣ୍ଣ କରି ନାହାନ୍ତି । ସଂକୀର୍ଣ୍ଣ କରିବାର କୌଣସି କାରଣ ମଧ୍ୟ ନାହିଁ । କିପରି ଭାବରେ କର୍ମ କଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇ ପାରିବ ତାହା ପରବର୍ତ୍ତୀ ଶ୍ଲୋକରେ କୁହାଯାଇ ଅଛି । ଅତଏବ ଏଠାରେ କର୍ମ କଥାଟି ସଂସାରର ଯାବତୀୟ ସ୍ୱଭାବନିଯୁକ୍ତ କର୍ମକୁ ବୁଝାଉଅଛି—ଯାହା ପଞ୍ଚମ ଶ୍ଲୋକରୁ ପ୍ରକାଶ ।

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ! ମୁକ୍ତସଙ୍ଗଃ ସମାଚର । ୯ ।

ଅର୍ଥ —ଯଜ୍ଞ ଅଭିପ୍ରାୟ ଭିନ୍ନ ଅନ୍ୟ ଅଭିପ୍ରାୟରେ କର୍ମ କରିବା-ଦ୍ୱାରା ଏହି ସଂସାର କର୍ମବନ୍ଧନରେ ଆବଦ୍ଧ ହୁଏ । ଅତଏବ ହେ କୌନ୍ତେୟ ! ତୁମ୍ଭେ ସଙ୍ଗ ବା ଆସକ୍ତିରୁ ମୁକ୍ତ ହୋଇ ଯଜ୍ଞ ଅଭିପ୍ରାୟରେ କର୍ମ କର । ୯ ।

ଟିପ୍ପଣୀ—ଯଜ୍ଞ କଥାଟିର ପ୍ରକୃତ ଅର୍ଥ ନ ବୁଝି ଲୋକେ ବୈଦିକ ଯଜ୍ଞର ଅନ୍ଧ ଅନୁସରଣ କରୁଥିବାରୁ ଶ୍ରୀକୃଷ୍ଣ ଏହି ଶ୍ଲୋକରେ ଯଜ୍ଞ ଶବ୍ଦଟି ବ୍ୟବହାର କଲେ ଏବଂ ଯଜ୍ଞ କରିବାକୁ ନ କହି ଯଜ୍ଞ

ଅଭିପ୍ରାୟରେ କର୍ମ କରିବାକୁ କହିଲେ । ଯଜ୍ଞ ଅଭିପ୍ରାୟରେ କର୍ମ କରିବା କଥାଟିକୁ ବୁଝାଇଦେବା ପାଇଁ ମୁକ୍ତ ସଙ୍ଗ ହୋଇ ଅର୍ଥାତ୍ ଅନାସକ୍ତ ହୋଇ କର୍ମ କରିବାକୁ ଉପଦେଶ ଦେଲେ । ଯଜ୍ଞ କିପରି ସୃଷ୍ଟି ହେଲା ଓ କାହିଁକି ସୃଷ୍ଟି ହେଲା, ତାହା ସେ ପରବର୍ତ୍ତୀ ଶ୍ଳୋକମାନଙ୍କରେ କହି ଅଛନ୍ତି । ୯ ।

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।
ଅନେନ ପ୍ରସବିଷ୍ୟଧ୍ୱମେଷବୋଽସ୍ତ୍ୱିଷ୍ଟକାମଧୁକ୍ । ୧୦ ।
ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ
ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ । ୧୧ ।
ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।
ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ । ୧୨ ।

ଅର୍ଥ—ପ୍ରଜାମାନଙ୍କୁ ଅର୍ଥାତ୍ ମାନବ ଜାତିକୁ ଯଜ୍ଞ ସହିତ ସୃଷ୍ଟି କରି ପ୍ରଜାସୃଷ୍ଟିର କର୍ତ୍ତା ପ୍ରଜାପତି ପୂର୍ବକାଳରେ କହିଥିଲେ—"ଏହି ଯଜ୍ଞଦ୍ୱାରା ତୁମ୍ଭେମାନେ ଉତ୍ତରୋତ୍ତର ବୃଦ୍ଧିଲାଭ କର, ଏହା ତୁମ୍ଭମାନଙ୍କର ଅଭିଷ୍ଟଦାତା ହେଉ । ୧୦ । ଏହି ଯଜ୍ଞଦ୍ୱାରା ତୁମ୍ଭେମାନେ ଦେବତାମାନଙ୍କୁ ସମ୍ବର୍ଦ୍ଧିତ କର ଏବଂ ଦେବତାମାନେ ତୁମ୍ଭମାନଙ୍କୁ ସମ୍ବର୍ଦ୍ଧିତ କରନ୍ତୁ । ପରସ୍ପରର ସମ୍ବର୍ଦ୍ଧନା ଦ୍ୱାରା ତୁମ୍ଭେମାନେ ପରମ ଶ୍ରେୟ ପ୍ରାପ୍ତ ହେବ ।୧୧ ଯଜ୍ଞଦ୍ୱାରା ସମ୍ବର୍ଦ୍ଧିତ ହୋଇ ଦେବତାମାନେ ତୁମ୍ଭମାନଙ୍କୁ ବାଞ୍ଛିତ ଭୋଗ୍ୟ ସବୁ ପ୍ରଦାନ କରିବେ । ସେମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଗ୍ୟବସ୍ତୁସବୁ ସେମାନଙ୍କୁ ନ ଦେଇ ଯେ ନିଜେ ଭୋଗ କରେ ସେ ଚୋର ଅଟେ । ୧୨ ।

ଟିପ୍ପଣୀ—ଏହି ସବୁକଥା ସୃଷ୍ଟି ଆରମ୍ଭରେ ସେହି ସମୟର ସମସ୍ତ ମାନବ ଜାତିକୁ ପ୍ରଜାପତି କହିଥିଲେ । ୧୧ଶ ଓ ୧୨ଶ ଏହି ଦୁଇଟି ଶ୍ଳୋକରୁ ପ୍ରକାଶ ଯେ, ପୂର୍ବ କାଳରେ ମାନବ ଜାତି ସହିତ ଦେବତାମାନଙ୍କର ଘନିଷ୍ଠ ସମ୍ବନ୍ଧ ଥିଲା । ପ୍ରକୃତରେ ଘନିଷ୍ଠ ସମ୍ବନ୍ଧ ଥିଲା କି ନଥିଲା ସେ କଥା ଆଜି କେହି କେହି ପାରିବ ନାହିଁ । ସେ ଯାହା ହେଉ ସୃଷ୍ଟିର ଆରମ୍ଭରେ ପ୍ରଜାପତି ସେହି ସମୟର ମାନବ ସମାଜକୁ ଯାହା କହିଥିଲେ ଗୀତା ପାଠକମାନଙ୍କର ତାହା ବର୍ତ୍ତମାନ ଜାଣିବାର

କୌଣସି ଆବଶ୍ୟକ ନାହିଁ । ଶ୍ରୀକୃଷ୍ଣ ବର୍ତ୍ତମାନ ମାନବ ସମାଜକୁ ଯାହା ଶିକ୍ଷା ଦେଉଅଛନ୍ତି ତାହା ସମ୍ପୂର୍ଣ୍ଣରୂପେ ବୁଝିପାରିବା ପରେ ଶ୍ରୀକୃଷ୍ଣ ଏଠାରେ ପ୍ରଜାପତିଙ୍କ କଥା କାହିଁକି କହିଅଛନ୍ତି ତାହା ବୁଝିବାକୁ ଇଚ୍ଛା କରିପାରନ୍ତି ।

ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।
ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ । ୧୩ ।

ଅର୍ଥ—ଯଜ୍ଞାବଶିଷ୍ଟ ଭୋଗୀ ସାଧୁମାନେ ସବୁ ପାପରୁ ମୁକ୍ତ ହୁଅନ୍ତି । ଯେ କେବଳ ନିଜ ସକାଶେ ପାପ କରନ୍ତି ସେହି ପାପାତ୍ମାମାନେ ପାପ ଭକ୍ଷଣ କରନ୍ତି ।

ଅନ୍ନାଦ୍‌ଭବନ୍ତି ଭୂତାନି ପର୍ଜ୍ଜନ୍ୟାଦନ୍ନସମ୍ଭବଃ ।
ଯଜ୍ଞାଦ୍‌ଭବତି ପର୍ଜ୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍‌ଭବଃ । ୧୪ ।
କର୍ମ ବ୍ରହ୍ମୋଦ୍‌ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍‌ଭବଂ ।
ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତଂ । ୧୫ ।
ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ! ସ ଜୀବତି । ୧୬ ।

ଅର୍ଥ—ପ୍ରାଣୀମାନେ ଅନ୍ନରୁ ଉତ୍ପନ୍ନ । ଅନ୍ନ ବୃଷ୍ଟିରୁ, ବୃଷ୍ଟି ଯଜ୍ଞରୁ, ଯଜ୍ଞ କର୍ମରୁ, କର୍ମ ବ୍ରହ୍ମରୁ ଏବଂ ବ୍ରହ୍ମ ଅକ୍ଷରରୁ ଉତ୍ପନ୍ନ ଏହା ଜାଣ । ତେଣୁ ସର୍ବଗତ ବ୍ରହ୍ମ ସର୍ବଦା ଯଜ୍ଞରେ ପ୍ରତିଷ୍ଠିତ । ୧୪-୧୫ । ହେ ପାର୍ଥ ! ଏହିପରି ପ୍ରବର୍ତ୍ତିତ ଚକ୍ରକୁ ଇହଲୋକରେ ଯେ ଅନୁସରଣ ନ କରେ ସେହି ପାପଜୀବନ, ଇନ୍ଦ୍ରିୟପରାୟଣ ବ୍ୟକ୍ତି ବୃଥା ଜୀବନ ଧାରଣ କରେ । ୧୬ ।

ଟିପ୍ପଣୀ—ଘିଅ ପୋଡିଲେ ବର୍ଷା ହେବ, ବର୍ଷା ହେଲେ ଧାନ୍ୟାଦି ଫସଲ ହେବ ଏବଂ ଜଗତର ପ୍ରାଣୀମାନେ ତାହା ଖାଇଲେ ବଞ୍ଚିବେ, ଜନ୍ମିବେ ଏବଂ ବୃଦ୍ଧି ପାଇବେ । ଏହି ଅଭିପ୍ରାୟରେ ଲୋକେ ନିଜର ଉତ୍‌କୃଷ୍ଟ ଦ୍ରବ୍ୟ ସବୁକୁ ଯଜ୍ଞ କରନ୍ତୁ । ଏହା ପ୍ରଜାପତିଙ୍କର ଅଭିପ୍ରାୟ ଏବଂ ଏହି ଅଭିପ୍ରାୟରେ ଲୋକେ ପୂର୍ବକାଳରେ ଯଜ୍ଞ କରୁଥିଲେ

ବର୍ତ୍ତମାନ ମଧ୍ୟ ଯେଉଁମାନଙ୍କର ଏପରି ଧାରଣା ଅଛି ସେମାନେ ନିଜର ଉଦ୍‌ବୃତ୍ତ ଦ୍ରବ୍ୟ ସବୁକୁ ଏବଂ ଘିଅ, ଚାଉଳ, ନଡ଼ିଆ ଇତ୍ୟାଦି ଖାଦ୍ୟ-ଦ୍ରବ୍ୟ ସବୁକୁ ଅଗ୍ନିରେ ଯଜ୍ଞ କରିପାରନ୍ତି, ଖୁବ୍ ଭଲ କଥା । ମାତ୍ର ଯଜ୍ଞର ଏହି ପ୍ରବର୍ତ୍ତିତ ଚକ୍ରକୁ ଅନୁସରଣ ନ କରି ଅର୍ଥାତ୍ ଜଗତର ପ୍ରାଣୀମାନେ ବଞ୍ଚନ୍ତୁ ଓ ବୃଦ୍ଧି ପାଆନ୍ତୁ ଏହି ଅଭିପ୍ରାୟ ନଥାଇ କେବଳ ଶାସ୍ତ୍ରବିଧିର ଓ ଦେଶାଚାରର ଅନ୍ଧଅନୁସରଣ ଫଳରେ ଖାଦ୍ୟ ଦ୍ରବ୍ୟ ସବୁକୁ ନିଆଁରେ ପୋଡ଼ିଦେବା କେବଳ ନିର୍ବୋଧତାର ପରିଚୟ । ଯେଉଁମାନଙ୍କ ଘରେ ଘିଅ, ଚାଉଳ ପ୍ରଭୃତି ଖାଦ୍ୟ ଦ୍ରବ୍ୟ ସବୁ ଉଦ୍‌ବୃତ୍ତ ହେଉଛି ସେମାନେ ତାହା, ଯେଉଁମାନେ ଖାଇବାକୁ ପାଉନାହାନ୍ତି ସେମାନଙ୍କୁ ଦେବା ମଙ୍ଗଳପ୍ରଦ ।

କେହି କେହି କହିପାରନ୍ତି ଅନ୍ୟମାନଙ୍କୁ ଖାଇବାକୁ ଦେବାର ବ୍ୟବସ୍ଥା ନ ଦେଇ ଅଗ୍ନିରେ ପୋଡ଼ି ଦେବାର ବ୍ୟବସ୍ଥା ପ୍ରଜାପତି କାହିଁକି ଦେଲେ । ପ୍ରଜାପତି କଅଣ ଓଲୁ ଥିଲେ ? ପ୍ରକୃତ କଥା ଏହିକି, ପ୍ରଜାପତି ଓଲୁ ନଥିଲେ । ଅନ୍ୟମାନଙ୍କୁ ଦେବା ଅପେକ୍ଷା ଦେବାର ଇଚ୍ଛା ଓ ମନୋଭାବକୁ ସେ ଉଚ୍ଚତର ସ୍ଥାନ ଦେଇଥିଲେ । ଆଜି ମଧ୍ୟ ଅଳ୍ପ କେତେ ଜଣ ଲୋକ କିମ୍ବା ନିଜର ଭାଇ, ବନ୍ଧୁ ଖାଇ ପିନ୍ଧି ସୁଖରେ ରହିବେ କିମ୍ବା କେବଳ ଓଡ଼ିଶାର ଲୋକେ କିମ୍ବା କେବଳ ଭାରତବର୍ଷର ଲୋକେ ସୁଖରେ ରହିବେ ଏପରି ସଂକୀର୍ଣ୍ଣତା ପ୍ରଜାପତିଙ୍କର ବ୍ୟବସ୍ଥାରେ ନଥିଲା । ଜଗତର ସମସ୍ତେ ଖାଇ ପିନ୍ଧି ସୁଖ-ଶାନ୍ତି ଭୋଗ କରନ୍ତୁ ଏହି ମନୋଭାବ ଲୋକେ ପୋଷଣ କରନ୍ତୁ ଏହାହିଁ ପ୍ରଜାପତିଙ୍କର ଅଭିପ୍ରାୟ ।

ନିଜର ଆବଶ୍ୟକ ଅପେକ୍ଷା ଯେଉଁମାନେ ବେଶୀ ଉପାର୍ଜନ କରୁଥିଲେ, ବିଶେଷତଃ ଯେଉଁ ନିର୍ଲୋଭ ବ୍ରାହ୍ମଣମାନେ ବେଶୀ ଉପାର୍ଜନ କରୁଥିଲେ, ସେମାନେ ସେହି ଉଦ୍‌ବୃତ୍ତ ଅର୍ଥରେ ଅକର୍ମଣ୍ୟ ଓ ଅସହାୟ ବ୍ୟକ୍ତିମାନଙ୍କୁ ସେମାନଙ୍କର ଆବଶ୍ୟକ ଅନୁସାରେ ସାହାଯ୍ୟ ଦେବା ପରେ ତଥାପି ଯାହା ଉଦ୍‌ବୃତ୍ତ ରହୁଥିଲା ତାକୁ ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ ଯଜ୍ଞକରୁଥିଲେ ଅର୍ଥାତ୍ ପୋଡ଼ିଦେବାକୁ ଆବଶ୍ୟକ ମନେ କରୁଥିଲେ । କାରଣ ଛାଡ଼ି ନ ଦେଇ ପୁତ୍ର କନ୍ୟାଙ୍କ ପାଇଁ ତାହା ସଞ୍ଚୟ କଲେ, ପୁତ୍ର କନ୍ୟା-ମାନେ ସେହି ସଞ୍ଚିତ ସମ୍ପତ୍ତି ଉପରେ ନିର୍ଭର କରି ଅକର୍ମା ହୋଇଯିବେ,

*

ଅକର୍ମା ହେବା ଫଳରୁ ନଷ୍ଟ ଚରିତ ହୋଇପିବେ ଏବଂ ବିଳାସ ବ୍ୟସନରେ, ଗହଣାରେ ଓ ବିବାହ ବ୍ରତାଦି ନ୍ୟାୟ ନିମିତ୍ତ ଇତ୍ୟାଦିରେ ଆଡମ୍ବର ଦେଖାଇ ସମାଜର ସର୍ବନାଶ ଘଟାଇବେ ।

ଆଉ ଗୋଟିଏ ପ୍ରଧାନ କଥା ଏହିକି ଯେଉଁମାନେ ଯଜ୍ଞାଦି କରିବାକୁ ବ୍ୟବସ୍ଥା ଦେଇଅଛନ୍ତି, ସେମାନେ ସେହି ସବୁ ଅନୁଷ୍ଠାନ ପରିତ୍ୟାଗ କରିବାକୁ ମଧ୍ୟ ବ୍ୟବସ୍ଥା ଦେଇଅଛନ୍ତି । ସବୁ ଦିନେ ଓ ସବୁ ଅବସ୍ଥାରେ ଯଜ୍ଞାଦି କୌଣସି ଅନୁଷ୍ଠାନର ଅନ୍ଧଅନୁସରଣ କରିବାକୁ କେହି କହି-ନାହାନ୍ତି । ଷଷ୍ଠ ଅଧ୍ୟାୟ ପ୍ରଥମ ଶ୍ଳୋକର ଟିପ୍‌ପଣୀ ଦେଖିଲେ ପ୍ରକୃତ କଥା ବୁଝି ପାରିବେ ।

## ଯଜ୍ଞ ବିଷୟରେ ଶ୍ରୀକୃଷ୍ଣଙ୍କର ମତ

ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ । ୧୭
ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ । ୧୮
ତସ୍ମାଦସକ୍ତଃ ସତତଂ କାର୍ଯଂ କର୍ମ ସମାଚର ।
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୁରୁଷଃ । ୧୯

ଅର୍ଥ—କିନ୍ତୁ ଯେଉଁ ବ୍ୟକ୍ତି ନିଜ ଦ୍ୱାରା ନିଜେ ଆନନ୍ଦିତ, ନିଜ ଦ୍ୱାରା ନିଜେ ତୃପ୍ତ, ନିଜ ଦ୍ୱାରା ନିଜେ ସନ୍ତୁଷ୍ଟ ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜର ଆନନ୍ଦ, ତୃପ୍ତି ଓ ସନ୍ତୋଷ ସକାଶେ ଅନ୍ୟ ଉପରେ ନିର୍ଭର କରନ୍ତି ନାହିଁ ସେପରି ବ୍ୟକ୍ତିଙ୍କର ଯଜ୍ଞାଦି ଅନୁଷ୍ଠାନର କିମ୍ବା କୌଣସି ଅନୁଷ୍ଠାନର ପ୍ରୟୋଜନ ନାହିଁ ।୧୭। ଯଜ୍ଞ କରିବାରେ ତାଙ୍କର କୌଣସି ସ୍ୱାର୍ଥ ନ ଥାଏ କିମ୍ବା ନ କରିବାରେ ତାଙ୍କର କୌଣସି ସ୍ୱାର୍ଥ ହାନି ହୁଏ ନାହିଁ । ସ୍ୱାର୍ଥ ସିଦ୍ଧି ସକାଶେ ଜଗତରେ ସେ କାହାରି ଆଶ୍ରୟ ଲୋଡ଼ନ୍ତି ନାହିଁ । ୧୮ । ଅତଏବ ତୁମ୍ଭେ ଅନାସକ୍ତ ହୋଇ ସର୍ବଦା ତୁମ୍ଭର କର୍ତ୍ତବ୍ୟ କର୍ମ କର । ଅନାସକ୍ତ ହୋଇ କର୍ତ୍ତବ୍ୟ କର୍ମ କଲେ ମନୁଷ୍ୟ ପରମପଦ ଲାଭ କରେ । ୧୯ ।

ଟିପ୍‌ପଣୀ—୧୯ଶ ଶ୍ଳୋକରୁ ପ୍ରକାଶ ଯେ ନିଜର କର୍ତ୍ତବ୍ୟ କର୍ମକୁ ଅନାସକ୍ତ ହୋଇ କରିବାର ନାମ ଶ୍ରୀକୃଷ୍ଣଙ୍କ ମତରେ ପ୍ରକୃତ ଯଜ୍ଞ ।

ଶାସ୍ତ୍ରୋକ୍ତ ପରମପଦ ଲାଭ କରିବାର ଦୁରାଶା ପୋଷଣ କରି ଲୋକ ଯଜ୍ଞାଦି ଅନୁଷ୍ଠାନ ସବୁର ଅନ୍ଧଅନୁସରଣ କରନ୍ତି ବୋଲି ଶ୍ରୀକୃଷ୍ଣ ଏଠାରେ ପରମ-ପଦ ଲାଭ କରିବା କଥାଟି କହିଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଯେଉଁ କଳ୍ପନାଶ୍ରିତ ପରମପଦ ଲାଭ କରିବା ପାଇଁ ଲୋକେ ଯଜ୍ଞାଦି ଶାସ୍ତ୍ରୋକ୍ତ ବିଧି ସବୁର ଅନ୍ଧଅନୁସରଣ କରି ନିଜ ନିଜର ଜୀବନଯାତ୍ରାକୁ ଅସ୍ୱାଭାବିକ ଜଟିଳ ଓ ଦୁଃଖମୟ କରନ୍ତି, କେବଳ ଅନାସକ୍ତ ହୋଇ ନିଜ ନିଜର ସ୍ୱଭାବନିୟତ କର୍ତ୍ତବ୍ୟ କର୍ମ କଲେ ମନୁଷ୍ୟ ସେହି ପରମପଦ ମିଳପାରିବ । ପରମପଦ ଲାଭ କରିବା କଥା ଗୀତାରେ ଶ୍ରୀକୃଷ୍ଣ ଅନେକ ସ୍ଥାନରେ କହିଅଛନ୍ତି । ଯେଉଁ ଯେଉଁ ସ୍ଥାନରେ କହିଅଛନ୍ତି ସବୁଠାରେ ତାଙ୍କର ଏହି ଅଭିପ୍ରାୟ ।

## ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଶ୍ରୀକୃଷ୍ଣଙ୍କର ଉପଦେଶ

କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ
ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି । ୨୦ ।
ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ । ୨୧

ଅର୍ଥ—ଜନକାଦି ଋଷିମାନେ କର୍ତ୍ତବ୍ୟ କର୍ମ କରି ସିଦ୍ଧି ପାଇ-ଅଛନ୍ତି । ଲୋକ ସଂଗ୍ରହ ପାଇଁ ଅର୍ଥାତ୍ ଜନସାଧାରଙ୍କୁ କର୍ତ୍ତବ୍ୟ କର୍ମରେ ନିଯୁକ୍ତ କରାଇବା ଅଭିପ୍ରାୟରେ କର୍ମ କରିବା ଉଚିତ । ୨୦ । କାରଣ ଶ୍ରେଷ୍ଠ ବ୍ୟକ୍ତି ଯାହା ଯାହା ଆଚରଣ କରନ୍ତି ଇତର ବ୍ୟକ୍ତିମାନେ ତାହା କରନ୍ତି । ସେ ଯାହା ପ୍ରମାଣ କରନ୍ତି ଲୋକେ ତାହାର ଅନୁଗମନ କରନ୍ତି । ୨୧ ।

ଟିପ୍ପଣୀ—ଶାସ୍ତ୍ରୋକ୍ତ ଅଗ୍ନିହୋତ୍ରାଦି କର୍ମ ଓ ତପୋଦାନାଦି କର୍ମ ପରିତ୍ୟାଗ କଲେ ମନୁଷ୍ୟ ପରମପଦ ଲାଭ କରିପାରିବ ଏ କଥା ଶ୍ରୁତିଶାସ୍ତ୍ର, ସ୍ମୃତିଶାସ୍ତ୍ର ଓ ଯୋଗଶାସ୍ତ୍ରମାନଙ୍କରେ ଅଛି । ୬ଷ୍ଠ ଅଧ୍ୟାୟ ପ୍ରଥମ ଶ୍ଳୋକର ଟିପ୍ପଣୀରୁ ଦେଖି ପାରିବେ । ଏହି ଶାସ୍ତ୍ର ବାକ୍ୟ ସବୁର ପ୍ରକୃତ ଅଭିପ୍ରାୟ ବୁଝି ନ ପାରି ଏବଂ ଏହି ସବୁ ଶାସ୍ତ୍ରବାକ୍ୟର

ଅନ୍ଧଅନୁସରଣ କରି ଶ୍ରେଷ୍ଠବ୍ୟକ୍ତିମାନେ ଅର୍ଥାତ୍ ଶାସ୍ତ୍ରଜ୍ଞ ପଣ୍ଡିତମାନେ କର୍ମ ସନ୍ନ୍ୟାସ ଅବଲମ୍ବନ କଲେ ଏବଂ ସେମାନଙ୍କର ଆଦର୍ଶରୁ ଅନେକ ଅଜ୍ଞ ଲୋକ ମଧ୍ୟ ସନ୍ନ୍ୟାସୀ ହେଲେ । ଏଠାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଶ୍ରେଷ୍ଠବ୍ୟକ୍ତିମାନେ ନିଜ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ ନ କରନ୍ତୁ । କାରଣ ସେମାନଙ୍କର ଆଦର୍ଶ ଦେଖି ଜନସାଧାରଣ ମଧ୍ୟ ନିଜ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ କରି ସନ୍ନ୍ୟାସୀ ହୋଇଯିବେ । ଅତଏବ ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଏପରି ଭାବରେ କର୍ମ କରିବା ଆବଶ୍ୟକ ଯେ ସେମାନଙ୍କ ଆଦର୍ଶରୁ ଜନସାଧାରଣଙ୍କର ଯେପରି କୌଣସି ଅମଙ୍ଗଳ ନ ହୋଇ ମଙ୍ଗଳ ହେବ । ଜନସାଧାରଣଙ୍କର ମଙ୍ଗଳ ଓ ଅମଙ୍ଗଳର କାରଣ ହେଉଛନ୍ତି ସମାଜର ଶ୍ରେଷ୍ଠବ୍ୟକ୍ତିମାନେ । ଏହି ଅଭିପ୍ରାୟରେ ଶ୍ରେଷ୍ଠବ୍ୟକ୍ତିମାନଙ୍କୁ ଶ୍ରୀକୃଷ୍ଣ ଏପରି ଉପଦେଶ ଦେଉଅଛନ୍ତି । ଶ୍ରେଷ୍ଠବ୍ୟକ୍ତିମାନେ ଯାହା କରିବେ ଜନସାଧାରଣ ତାହାର ଅନ୍ଧ ଅନୁସରଣ କରନ୍ତୁ, ଏଭଳି ଅସଙ୍ଗତ କଥା ଶ୍ରୀକୃଷ୍ଣ ଏଠାରେ କହିନାହାନ୍ତି । ଏହି ଅଧ୍ୟାୟ ପାଇଁ ୩୫ ଶ୍ଲୋକରେ ଏବଂ ଅଷ୍ଟାଦଶ ଅଧ୍ୟାୟ ୪୭ ଓ ୪୮ ଶ୍ଲୋକରେ ଜନସାଧାରଣଙ୍କୁ ସତର୍କ କରି ଶ୍ରୀକୃଷ୍ଣ ଉପଦେଶ ଦେଇଅଛନ୍ତି ଯେ, ସେମାନେ ଶ୍ରେଷ୍ଠବ୍ୟକ୍ତିମାନଙ୍କର ଉତ୍ତମ ରୂପେ ଅନୁଷ୍ଠିତ ମତସବୁର ଏବଂ କ୍ରିୟା କଳାପର ଅନ୍ଧ ଅନୁସରଣ ନକରି, ନିଜ ନିଜର ବିବେକ ବୁଦ୍ଧି ଓ ଆତ୍ମଜ୍ଞାନ ଦୋଷଯୁକ୍ତ ହେଲେ ମଧ୍ୟ ସେହି ଦୋଷଯୁକ୍ତ ବିବେକ ବୁଦ୍ଧି ଉପରେ ନିର୍ଭର କରି କର୍ମ ଦୋଷଯୁକ୍ତ ହେଲେମଧ୍ୟ ସେହି ଦୋଷଯୁକ୍ତ କର୍ମରେ ନିଯୁକ୍ତ ରହନ୍ତୁ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ପ୍ରତ୍ୟେକ ବ୍ୟକ୍ତି ଆତ୍ମନିର୍ଭର ହେବାକୁ ଶିଖନ୍ତୁ ଏବଂ ଶ୍ରେଷ୍ଠ ବ୍ୟକ୍ତିମାନେ ନିଜର ଆଦର୍ଶ ଦ୍ୱାରା ଜନସାଧାରଣଙ୍କୁ ସେମାନଙ୍କର ନିଜ ନିଜର ସ୍ୱଭାବ ନିୟତ କର୍ମରେ ନିଯୁକ୍ତ କରାଇ ସେମାନଙ୍କର ମଙ୍ଗଳ ସାଧନ କରନ୍ତୁ । ମାତ୍ର ଦୁଃଖର କଥା ଏହିକି ଶ୍ରେଷ୍ଠ ବ୍ୟକ୍ତିମାନେ ତଥା ଜନସାଧାରଣ ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ଆଜି ପର୍ଯ୍ୟନ୍ତ ଗ୍ରହଣ କଲେନାହିଁ । କେବଳ ସେଥିପାଇଁ ସମାଜର ଏହି ଦୁରବସ୍ଥା ।

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି । ୨୨ ।

**ଅର୍ଥ**—ହେ ପାର୍ଥ ! ଏହି ତିନି ଲୋକରେ ବା ତିନି ସଂସାରରେ ମୋର କିଛି କର୍ତ୍ତବ୍ୟ ନାହିଁ । ମୋର ଅପ୍ରାପ୍ତ ଏବଂ ପ୍ରାପ୍ତିଯୋଗ୍ୟ କିଛି ନଥିଲେ ମଧ୍ୟ ମୁଁ ସର୍ବଦା କର୍ମରେ ପ୍ରବୃତ୍ତ ରହିଅଛି । ୨୨ ।

**ଟିପ୍ପଣୀ**—ତିନି ସଂସାର କଥାଟି ଲେଖିବାର ଅଭିପ୍ରାୟ ଏହିକି ଶାସ୍ତ୍ରୋକ୍ତ ଭୂଃ,ଭୁବଃ, ସ୍ୱଃ ଏହି ତିନି ଲୋକର ସମଷ୍ଟିକୁ ମନୁଷ୍ୟଲୋକ ବା ନିମ୍ନତ୍ରି-ଲୋକ କୁହାଯାଏ ଏବଂ ଏହି ମନୁଷ୍ୟ ଲୋକର ବା ତିନି ସଂସାରର କର୍ତ୍ତା ହେଉଛନ୍ତି ଗୀତାର ଶ୍ରୀକୃଷ୍ଣ । ଶାସ୍ତ୍ରୋକ୍ତ ଜନଃ, ତପଃ, ସତ୍ୟ ଏହି ତିନି ଲୋକର ସମଷ୍ଟିକୁ ବ୍ରହ୍ମଲୋକ ବା ଉଚ୍ଚ-ତ୍ରିଲୋକୀ କୁହାଯାଏ । ଏହି ଉଭୟ ତ୍ରିଲୋକୀର କର୍ତ୍ତା ହେଉଛନ୍ତି ଶାସ୍ତ୍ରୋକ୍ତ ଅନାଦି ଓ ଅବ୍ୟକ୍ତ ଭଗବାନ । ନବମ ଅଧ୍ୟାୟ ୧୯ଶ ଶ୍ଳୋକର ଟିପ୍ପଣୀ ଦେଖିଲେ ଆମ୍ଭେମାନେ ଏହି ତିନି ସଂସାର ବିଷୟରେ ଆଉ କେତେକ କଥା ଜାଣିପାରିବୁଁ । ସେ ଯାହାହେଉ ଏହି ସବୁ କଥା ହେଉଛି ଶାସ୍ତ୍ରଗତ ଜ୍ଞାନର କଥା ଏବଂ ଏହିସବୁ ଶାସ୍ତ୍ରଜ୍ଞାନ ସହିତ ଗୀତାର ପ୍ରକୃତ ଶିକ୍ଷାର କୌଣସି ସମ୍ବନ୍ଧ ନାହିଁ । ସେଥିପାଇଁ ଏହି ତିନି ସଂସାର ବିଷୟରେ ଗୀତାକାର କୌଣସିଠାରେ କିଛି କହି ନାହାନ୍ତି ଏବଂ କହିବାର ଆବଶ୍ୟକ ମଧ୍ୟ ନାହିଁ । ନିଜ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ ନ କରିବାକୁ ଏବଂ ସର୍ବଦା ନିଜ ନିଜର କର୍ମରେ ନିଯୁକ୍ତ ରହିବାକୁ ଗୀତାକାର ଏଠାରେ ଶିକ୍ଷା ଦେଉଅଛନ୍ତି । ଗୀତାକାରଙ୍କର ଏହି ଶିକ୍ଷା ଗ୍ରହଣ କରିବା ପାଇଁ ତିନି ସଂସାର ବିଷୟ ଜାଣିବାର ଆବଶ୍ୟକ ନାହିଁ । ଗୀତାକାରଙ୍କର ପ୍ରକୃତ ଶିକ୍ଷା ଗ୍ରହଣ କଲା ପରେ ଆବଶ୍ୟକ ମନେ କଲେ ତିନି ସଂସାର ବିଷୟରେ ଆଲୋଚନା କରି ପାରନ୍ତି । ପ୍ରକୃତ ଶିକ୍ଷା ଗ୍ରହଣ କରିବାକୁ ଚେଷ୍ଟା ନ କରି ଏହିସବୁ ଅନାବଶ୍ୟକ ବିଷୟ ଜାଣିବା ପାଇଁ ବ୍ୟାକୁଳ ହୁଅନ୍ତୁ ନାହିଁ ।

ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ! ସର୍ବଶଃ । ୨୩
ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହଂ
ସଙ୍କରସ୍ୟ ଚ କର୍ତ୍ତାସ୍ୟାମୁପହନ୍ୟାମିମାଃ ପ୍ରଜାଃ । ୨୪ ।

ଅର୍ଥ—ହେ ପାର୍ଥ ! ଯଦି ମୁଁ ନିରଳସ ହୋଇ କର୍ମରେ ପ୍ରବୃତ୍ତ ନ ହୁଏ, ତେବେ ମନୁଷ୍ୟମାନେ ମୋର ପଥ ଅନୁଗମନ କରିବେ । ୨୩ । ମୁଁ କର୍ମ ନକଲେ ଏହି ତିନି ସଂସାର ଉଚ୍ଛନ୍ନ ହୋଇଯିବ ଏବଂ ମୁଁ ସଙ୍କରର ଅର୍ଥାତ୍ ବିଶୃଙ୍ଖଳାର କର୍ତ୍ତା ହେବି ଓ ଏହି ସବୁ ପ୍ରାଣୀମାନେ ନଷ୍ଟ ହେବେ । ୨୪ ।

ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।
କୁର୍ଯ୍ୟାଦ୍ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହଂ । ୨୫
ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାଂ
ଯୋଜୟେତ୍ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ । ୨୬

ଅର୍ଥ—ହେ ଭାରତ ! ଅଜ୍ଞମାନେ କର୍ମରେ ଆସକ୍ତ ରହି ଯେଉଁପରି କର୍ମ କରନ୍ତି ବିଦ୍ୱାନ୍ ବ୍ୟକ୍ତିମାନେ ଅନାସକ୍ତ ହୋଇ ଲୋକମାନଙ୍କୁ କର୍ମରେ ନିଯୁକ୍ତ କରିବା ଇଚ୍ଛାରେ ସେହିପରି କର୍ମ କରିବା ଉଚିତ । ୨୫ । କର୍ମରେ ଆସକ୍ତ ରହିଥିବା ଅଜ୍ଞମାନଙ୍କର ବୁଦ୍ଧିଭେଦ ଜନ୍ମାଇବା ଉଚିତ ନୁହେଁ । ବିଦ୍ୱାନ୍ ବ୍ୟକ୍ତି ( ସୃଷ୍ଟିକୌଶଳର ନିୟମ ସହିତ ) ଯୁକ୍ତ ହୋଇ ( ଅର୍ଥାତ୍ ନିଜ କର୍ମକୁ ମୋ କର୍ମ ସହିତ ସାମଞ୍ଜସ୍ୟ ରଖି ) ସବୁ କର୍ମ ଆଚରଣ କରି ( ମୁଁ ଯେଉଁପରି ସମସ୍ତଙ୍କୁ ନିଜ ନିଜ କର୍ମରେ ନିଯୁକ୍ତ ରଖିଛି ସେହିପରି ) ଅଜ୍ଞମାନଙ୍କୁ କର୍ମରେ ନିଯୁକ୍ତ ରଖିବା ଉଚିତ । ୨୬ ।

ଟିପ୍ପଣୀ—୨୫ଶ ଶ୍ଳୋକରୁ ପ୍ରକାଶ ଯେ ଅଜ୍ଞମାନଙ୍କର କର୍ମ ଓ ଶ୍ରେଷ୍ଠବ୍ୟକ୍ତିମାନଙ୍କ କର୍ମ ଭିତରେ କୌଣସି ପାର୍ଥକ୍ୟ ନାହିଁ । ଅଜ୍ଞମାନେ ଆସକ୍ତ ହୋଇ ଯେଉଁସବୁ କର୍ମ କରନ୍ତି ଶ୍ରେଷ୍ଠ ବ୍ୟକ୍ତିମାନେ ଅନାସକ୍ତ ହୋଇ ସେହି ସବୁ କର୍ମ କରିବା ଉଚିତ । ୨୬ଶ ଶ୍ଳୋକଟିର ପ୍ରକୃତ ମର୍ମ ବୁଝିବା ପାଇଁ ଇଶୋପନିଷଦର ନିମ୍ନଲିଖିତ ଶ୍ଳୋକଟି ବିଶେଷ ସାହାଯ୍ୟ କରିବ । ସେହି ଶ୍ଳୋକଟି ହେଉଛି—

ଅନ୍ଧଂ ତମଃ ପ୍ରବିଶନ୍ତି ଯେଽବିଦ୍ୟାଂ ଉପାସତେ ।
ତତୋ ଭୂୟ ଇବ ତେ ତମୋ ଯେ ଉ ବିଦ୍ୟାୟାଂ ରତାଃ ।

ଅନୁବାଦ—ଯେ ଅବିଦ୍ୟାର ଉପାସନା କରନ୍ତି ସେ ଘୋର ଅନ୍ଧକାରରେ ପ୍ରବେଶ କରନ୍ତି । ଯେ ବିଦ୍ୟାରେ ରତ ସେ ତଦପେକ୍ଷା ଆହୁରି ଘୋର ଅନ୍ଧକାରରେ ପ୍ରବେଶ କରନ୍ତି ।

ସଂକ୍ଷେପରେ କହିବାକୁ ଗଲେ ଏହି ଶ୍ଳୋକର ଅର୍ଥ ଏହି କି, ଯେଉଁ ଜନସାଧାରଣ ନିଜ ନିଜର ସଂକୀର୍ଣ୍ଣ ସଂସାରକୁ ଅର୍ଥାତ୍ ସ୍ତ୍ରୀ ପୁତ୍ର ଧନ ସମ୍ପତ୍ତି ଇତ୍ୟାଦିକୁ ଏକମାତ୍ର ସତ୍ୟ ମନେ କରନ୍ତି, ସେମାନେ ଅନ୍ଧ ଅଟନ୍ତି । ମାତ୍ର ଯେଉଁମାନେ ସଂସାରକୁ ମିଥ୍ୟା ମନେକରି କେବଳ ତତ୍ତ୍ୱଜ୍ଞାନ ଲାଭ କରିବାରେ ନିଯୁକ୍ତ, ସେମାନେ ଆହୁରି ବେଶି ଅନ୍ଧ । ପ୍ରକୃତ କଥା ଏହିକି ସଂସାର ସତ୍ୟ ଏବଂ ଭଗବାନ ମଧ୍ୟ ସତ୍ୟ । ଭଗବାନ ସତ୍ୟ ସ୍ୱରୂପ ଥିବାରୁ ସଂସାର ମଧ୍ୟ ସତ୍ୟ । ଅତଏବ ସଂସାର ସହିତ ଭଗବାନଙ୍କର ଘନିଷ୍ଠ ସମ୍ବନ୍ଧ । ଯେଉଁମାନେ ସାଂସାରିକ କର୍ମ ପରିତ୍ୟାଗ କରି ସନ୍ନ୍ୟାସବ୍ରତ ଅବଲମ୍ବନ କରନ୍ତି ସେମାନେ ଭଗବାନଙ୍କ ସହିତ କୌଣସି ସମ୍ବନ୍ଧ ରଖିନଥିବା ଗୃହସ୍ଥ ଅପେକ୍ଷା ଆହୁରି ବେଶି ଅନ୍ଧ । ଇଶୋପନିଷଦର କଥା ଶୁଣନ୍ତୁ । ଏଠାରେ ଶ୍ରୀକୃଷ୍ଣ ଜ୍ଞାନୀମାନଙ୍କୁ ଉପଦେଶ ଦେବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ପରୋକ୍ଷ ଭାବରେ ଏହି ଉପଦେଶ ଦେଉଅଛନ୍ତି ଯେ, ସେମାନେ ଜ୍ଞାନୀମାନଙ୍କ କଥାରେ ବିଶ୍ୱାସ କରି କିମ୍ବା ସେମାନଙ୍କର କ୍ରିୟାକଳାପର ଅନ୍ଧ ଅନୁସରଣ କରି ନିଜ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ ନ କରନ୍ତୁ; ଜ୍ଞାନୀମାନେ ସେମାନଙ୍କର ବୁଦ୍ଧିଭେଦ ଜନ୍ମାଇଲେ ସୁଦ୍ଧା ସେଥିରେ ବିଚଳିତ ନ ହୋଇ ନିଜ ନିଜର ସ୍ୱଭାବଜାତ ବିଶ୍ୱର ବୁଦ୍ଧି ଉପରେ ନିର୍ଭର କରି ନିଜ ନିଜର ସ୍ୱଭାବନିୟତ କର୍ମରେ ନିଯୁକ୍ତ ରହନ୍ତୁ । କାରଣ, ଏତଦ୍‌ବ୍ୟତୀତ ଶ୍ରୀକୃଷ୍ଣଙ୍କ ମତରେ ମନୁଷ୍ୟର ଅନ୍ୟ ସହଜସାଧ୍ୟ ଓ ସୁଖପ୍ରଦ ପଥ ନାହିଁ । ଅନ୍ୟ ପଥ, ଅର୍ଥାତ୍ ପରଧର୍ମ ଓ ପରକର୍ମର ଅନ୍ଧ ଅନୁସରଣ ଭୟାବହ ଅଟେ । ଏ କଥା ଶ୍ରୀକୃଷ୍ଣ ପରବର୍ତ୍ତୀ ୩୫ ଶ୍ଳୋକରେ କହିବେ ।

କେହି କେହି ଯୁକ୍ତି କରି କହି ପାରନ୍ତି ଯେ, ପୂର୍ବକାଳରେ ଜ୍ଞାନୀମାନେ ଗୃହସ୍ଥାଶ୍ରମ ଛାଡ଼ି ବଣରେ ଫଳମୂଳ ଖାଇ ତପସ୍ୟା କରୁଥିଲେ ଏବଂ ଜନସାଧାରଣ ସେହିମାନଙ୍କ ଆଦର୍ଶରେ ବିପଥଗାମୀ ହେଉଥିଲେ । ସେଥିପାଇଁ ଗୀତାକାର ଏପରି ଲେଖିଅଛନ୍ତି ଏବଂ ଶ୍ରୀକୃଷ୍ଣ ଏପରି କହି

ଅଛନ୍ତି । ତେଣୁ ଏହି ଉପଦେଶ କେବଳ ସେହି ସମୟର ମାନବସମାଜ ପାଇଁ ଦିଆ ଯାଇଥିଲା, ବର୍ତ୍ତମାନର ସମସ୍ତ ମାନବ ସମାଜ ପାଇଁ ନୁହେଁ । ଏପରି ଯୁକ୍ତି କେତେକ ପରିମାଣରେ ସତ୍ୟ, ମାତ୍ର ବର୍ତ୍ତମାନ ଯୁଗର ମାନବ ସମାଜ ପାଇଁ ଏହା ଅନ୍ୟ ଭାବରେ ଏବଂ ତତୋଽଧିକ ପ୍ରଯୁଜ୍ୟ । କିପରି ଭାବରେ ପ୍ରଯୁଜ୍ୟ ତହିଁର ଅନେକ ଉଦାହରଣ ଦିଆଯାଇ ପାରେ । ତନ୍ମଧ୍ୟରୁ ଗୋଟିଏ ମାତ୍ର ଉଦାହରଣ ଏଠାରେ ଦିଆଗଲା ।

ମୋର ସ୍ତ୍ରୀ, ମୋର ପୁଅ, ମୋର ସମ୍ପତ୍ତି, ପ୍ରକୃତ ଜାତ ଏହି ଅଜ୍ଞାନର ବଶବର୍ତ୍ତୀ ହୋଇ ନିଜର ସଙ୍କୀର୍ଣ୍ଣ ସଂସାରରେ ଲିପ୍ତ ରହିଥିବା ଅଜ୍ଞଙ୍କୁ ଜ୍ଞାନୀ ବ୍ୟକ୍ତି କହିଲେ "ଶାସ୍ତ୍ର କହୁଛି ଏ ସଂସାର ମିଥ୍ୟା, ଏକମାତ୍ର ଭଗବାନ ସତ୍ୟ । ତୁ ଏହି ମିଥ୍ୟା ସଂସାରରେ ଲିପ୍ତ ନରହି ବେଳେ ବେଳେ ଆମ ମଠକୁ ଆସି ହରିନାମ କୀର୍ତ୍ତନ କଲେ ମୋକ୍ଷ ପାଇବୁ ।" ଜ୍ଞାନୀଙ୍କ କଥାରେ ବିଶ୍ୱାସ କରି ସରଳମତି ସେହି ମୂର୍ଖ ଲୋକଟି ପ୍ରତ୍ୟହ ମଠକୁ ଯାଇ ହରିନାମ କୀର୍ତ୍ତନରେ ଯୋଗ ଦେଲା । କିଛିଦିନ ପରେ ହରିନାମ କୀର୍ତ୍ତନର ନିଶା ତାହାର ଏତେ ବେଶି ହେଲା ଯେ, ସେ ତାହାର ନିଜ ସଂସାର କର୍ମ ବା ସ୍ୱଧର୍ମ ପ୍ରତି ଉଦାସୀନ ହୋଇ ମଠର ତତ୍ତ୍ୱାବଧାନ କର୍ମରେ ସର୍ବଦା ଲିପ୍ତ ରହିଲା । ତେଣେ ତାହାର ସ୍ତ୍ରୀ ପୁତ୍ରାଦି ଅନ୍ନବସ୍ତ୍ର ନ ପାଇ ନାନା ପ୍ରକାର ଦୁଃଖ ଭୋଗ କଲେ । ହରିନାମ କୀର୍ତ୍ତନ ଅନାବଶ୍ୟକ ବୋଲି କୁହାଯାଉ ନାହିଁ; ମୂର୍ଖ ବିଚରା ମୋକ୍ଷ ପାଇଲା, କି ସ୍ତ୍ରୀ ପୁତ୍ରାଦିଙ୍କ ଅଭିଶାପରେ ନରକକୁ ଗଲା ତାହା ମଧ୍ୟ କୁହାଯାଉ ନାହିଁ । ଶ୍ରୀକୃଷ୍ଣ ଏଠାରେ ବିଦ୍ୱାନ୍‌ମାନଙ୍କୁ ତଥା ଶ୍ରେଷ୍ଠବ୍ୟକ୍ତିମାନଙ୍କୁ ଉପଦେଶ ଦେଉଅଛନ୍ତି ଯେ ସେମାନେ କର୍ମରେ ଆସକ୍ତ ଜନସାଧାରଣଙ୍କର ବୁଦ୍ଧି ଭେଦ ଜନ୍ମାଇ ସେମାନଙ୍କୁ ନିଜ ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ କରନ୍ତୁ ନାହିଁ ।

"ନ ବୁଦ୍ଧିଭେଦଂ ଜନୟେତ୍" ଏହି କଥାଟିର ଟୀକା କରିବାକୁ ଯାଇ ଗୀତାର ପ୍ରାଚୀନ ଟୀକାକାରମାନେ ଲେଖିଅଛନ୍ତି—"କୌଣସି ପ୍ରକାର ଧର୍ମବିଶ୍ୱାସକୁ ଦୁର୍ବଳ କରନାହିଁ କିମ୍ବା ବଦଳାଇ ଦିଅନାହିଁ । ମାତ୍ର ଧର୍ମବିଶ୍ୱାସକୁ ଦୁର୍ବଳ କରିବା କଥା ଏହି ଶ୍ଲୋକରେ ନାହିଁ କିମ୍ବା ଗୀତାରେ ଅନ୍ୟତ୍ର ମଧ୍ୟ ନାହିଁ । ପ୍ରାଚୀନ ଟୀକାକାରମାନଙ୍କର କଥା ଗୁଡ଼ିକୁ

ଦୁଃଖର କଥା ଓ ଆଶ୍ଚର୍ଯ୍ୟର କଥା ଏହିକ ଗୀତାର ଆଧୁନିକ ଟୀକାକାର ସାର୍ ରାଧାକୃଷ୍ଣନ୍, ଯେ କି ଦେଶର ସର୍ବଶ୍ରେଷ୍ଠ ଦାର୍ଶନିକ ସେ ମଧ୍ୟ ଏହି କଥାଟିର ଟୀକାରେ ଲେଖିଅଛନ୍ତି **"Do not weaken religious devotion of any kind"** ଅର୍ଥାତ୍ କୌଣସି ପ୍ରକାର ଧର୍ମ ବିଶ୍ୱାସକୁ ଦୁର୍ବଳ କରନାହିଁ । ସେ ଯାହାହେଉ, ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତା ଉପରେ ନିର୍ଭର କରିବାର ଅନିଷ୍ଟପ୍ରଦ ଅଭ୍ୟାସ ପରିତ୍ୟାଗ କରନ୍ତୁ ଏବଂ ନିଜର ସ୍ୱାଧୀନ ଚିନ୍ତାର ଆଶ୍ରୟ ନେଇ ପ୍ରକୃତ କଥା ବୁଝନ୍ତୁ । ପରବର୍ତ୍ତୀ ୨୯ଶ ଶ୍ଳୋକରୁ ମଧ୍ୟ ଗୀତାକାରଙ୍କର ଅଭିପ୍ରାୟ ବୁଝିପାରିବେ ।

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଙ୍କାର ବିମୂଢାତ୍ମା କର୍ତ୍ତାହମିତି ମନ୍ୟତେ । ୨୭
ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।
ଗୁଣାଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ । ୨୮
ପ୍ରକୃତେର୍ଗୁଣସଂମୂଢାଃ ସଜ୍ଜନ୍ତେ ଗୁଣକର୍ମସୁ ।
ତାନ୍‌କୃତ୍ସ୍ନବିଦୋ ମନ୍ଦାନ୍‌କୃତ୍ସ୍ନବିନ୍ନ ବିଚାଳୟେତ୍ । ୨୯

ଅର୍ଥ—ପ୍ରକୃତିଜାତ ଗୁଣ ସକଳ ଦ୍ୱାରା ସବୁ ପ୍ରକାର କର୍ମ ସମ୍ପନ୍ନ ହେଉଅଛି । ଅହଂକାରବିମୂଢ଼ ବ୍ୟକ୍ତି;ମନେ କରେ "ମୁଁ କର୍ତ୍ତା" । ୨୭ । ହେ ମହାବାହୁ ! ଗୁଣ ଓ କର୍ମର ବିଭାଗର ତତ୍ତ୍ୱ ଜାଣିଥିବା ବ୍ୟକ୍ତି ଜାଣନ୍ତି ଯେ ଗୁଣ ସବୁ, ଅର୍ଥାତ୍ ଇନ୍ଦ୍ରିୟମାନେ ଗୁଣରେ, ଅର୍ଥାତ୍ ବିଷୟ ଭୋଗରେ ପ୍ରବୃତ୍ତ ଅଛନ୍ତି । ଏହା ଜାଣି ସେ କର୍ମରେ ଆସକ୍ତ ରହନ୍ତି ନାହିଁ । ୨୮ । ପ୍ରକୃତିଜାତ ଗୁଣ ଦ୍ୱାରା ମୋହିତ ଲୋକମାନେ ଗୁଣ ଦ୍ୱାରା କ୍ରିୟ-ମାଣ କର୍ମସବୁକୁ ନିଜର କ୍ରିୟମାଣ କର୍ମ ମନେ କରି ଗୁଣଦ୍ୱାରା କ୍ରିୟମାଣ କର୍ମରେ ନିଜେ ଆସକ୍ତ ହୁଅନ୍ତି । ସେହି ମନ୍ଦମତି ଅଳ୍ପ ଜ୍ଞାନୀମାନଙ୍କୁ ପୂର୍ଣ୍ଣ-ଜ୍ଞାନୀମାନଙ୍କର ବିଚଳିତ କରିବା ଉଚିତ ନୁହେଁ । ୨୯ ।

ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ । ୩୦ ।

ଅଧ୍ୟାତ୍ମଚିତ୍ତଦ୍ୱାରା ମୋଠାରେ ସବୁ କର୍ମ ଅର୍ପଣ କରି ନିରାଶୀ ହୋଇ ଆର୍ଥାତ୍ ରାଜ୍ୟଲାଭ କିମ୍ବା ଜୟର ଆଶା ନ ରଖି ଏବଂ ନିର୍ମମ ହୋଇ

ଅର୍ଥାତ୍ ମୋର ଭାଇ, ମୋର ବନ୍ଧୁ, ମୋର କୁଟୁମ୍ବ, ମୋର ଗୁରୁ ଇତ୍ୟାଦି ମମତା ନ ରଖି ମାନସିକ ଜ୍ୱରରୁ ବା ଦୁର୍ବଳତାରୁ ଆରୋଗ୍ୟ ଲାଭ କରି ଯୁଦ୍ଧକର । ୩୦

ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।
ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ । ୩୧
ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।
ସର୍ବଜ୍ଞାନବିମୂଢାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ । ୩୨

ମୋ ମତକୁ ନିନ୍ଦା ନ କରି ମୋ ମତ ପ୍ରତି ଶ୍ରଦ୍ଧାବନ୍ତ ହୋଇ ଯେଉଁମାନେ ମୋହର ଏହି ମତ ଅନୁସାରେ ସର୍ବଦା କର୍ମ କରନ୍ତି, କର୍ମ କଲେ ମଧ୍ୟ ସେମାନେ ନିଜର କର୍ମମାନଙ୍କଦ୍ୱାରା କର୍ମ ବନ୍ଧନରୁ ମୁକ୍ତ ହୁଅନ୍ତି । ୩୧ । ଯେଉଁମାନେ କିନ୍ତୁ ମୋହର ଏହି ମତକୁ ନିନ୍ଦା କରି ମୋର ମତ ଅନୁସାରେ କର୍ମ ନ କରନ୍ତି ସେହି ସବୁ ଅବିବେକୀ ସର୍ବଜ୍ଞାନ-ବିମୂଢ଼ମାନଙ୍କୁ ନଷ୍ଟ ବୋଲି ଜାଣ । ୩୨ ।

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି । ୩୩ ।
ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।
ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ । ୩୪ ।

ଅର୍ଥ—ଜ୍ଞାନବାନ୍ ଲୋକ ମଧ୍ୟ ନିଜର ପ୍ରକୃତିର ଅନୁରୂପ କର୍ମ କରନ୍ତି । ପ୍ରାଣୀମାନେ ପ୍ରକୃତିର ଅନୁସରଣ କରନ୍ତି; ତେଣୁ ନିଗ୍ରହ ବା ନିଷେଧ କିଣ କରିପାରେ । ୩୩ । ( ପରଧର୍ମର କିମ୍ବା ପ୍ରଚଳିତ ପ୍ରଥାର ଅନ୍ଧ ଅନୁସରଣ ଫଳରେ ଇନ୍ଦ୍ରିୟ ନିଗ୍ରହ କରିବାକୁ ଚେଷ୍ଟା କରିବା ବୃଥା) । ପ୍ରତ୍ୟେକ ଇନ୍ଦ୍ରିୟର ନିଜ ନିଜର ବିଷୟରେ ଅନୁରାଗ ଓ ଦ୍ୱେଷ ଅଛି । ସେ ଦୁହିଁଙ୍କର ବଶୀଭୂତ ହୁଅନା । ସେ ଦୁହେଁ ଲୋକର ଜୀବନ ପଥରେ ପ୍ରତିବନ୍ଧକ ଅଟନ୍ତି । ୩୪ ।

ଟିପ୍ପଣୀ—ଆଖି, କାନ, ଜିଭ ଇତ୍ୟାଦି ଇନ୍ଦ୍ରିୟମାନଙ୍କର ନିଜ ନିଜର ବିଷୟ ସବୁ ପ୍ରତି ଆସକ୍ତି ଓ ଦ୍ୱେଷ ରହିବା ସ୍ୱାଭାବିକ । ସେହି

ଆସକ୍ତି ଓ ଦ୍ୱେଷର ବଶବର୍ତ୍ତୀ ହେବା ଅର୍ଥାତ୍ ଇନ୍ଦ୍ରିୟମାନଙ୍କଦ୍ୱାରା ପରିଚାଳିତ ହୋଇ ବିଷୟଭୋଗ କରିବା ମଙ୍ଗଳପ୍ରଦ ନୁହେଁ ମାତ୍ର ଆସକ୍ତି ଓ ଦ୍ୱେଷର ବଶବର୍ତ୍ତୀ ନହୋଇ ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ଦ୍ୱାରା ପରିଚାଳିତ ନହୋଇ ବିଷୟଭୋଗ କରିବା ଆବଶ୍ୟକ ! ଏପରି ଭାବରେ ବିଷୟଭୋଗ କରିବା ପାଇଁ ୨ୟ ଅଧ୍ୟାୟ ୬୪ ଶ୍ଳୋକରେ ମଧ୍ୟ କୁହାଯାଇଅଛି । ପ୍ରକୃତି-ଜାତ ଗୁଣ ଅନୁସାରେ କର୍ମ କରିବାକୁ ଓ ବିଷୟଭୋଗ କରିବାକୁ କାଳେ ଲୋକ ଅଧର୍ମ ମନେକରି ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ମତର ଓ କ୍ରିୟା କଳାପର ଅନ୍ଧଅନୁସରଣ କରିବେ ଅର୍ଥାତ୍ କର୍ମ ସବୁ ପରିତ୍ୟାଗ କରି ସନ୍ନ୍ୟାସୀ ହେବେ, ସେଥିପାଇଁ ପରବର୍ତ୍ତୀ ଶ୍ଳୋକରେ ଶ୍ରୀକୃଷ୍ଣ ସ୍ୱଧର୍ମ କଥାଟିର ପ୍ରକୃତ ଅର୍ଥ ବୁଝାଇ ଦେଇଅଛନ୍ତି ।

## ଜନସାଧାରଣଙ୍କୁ ଶ୍ରୀକୃଷ୍ଣଙ୍କର ଉପଦେଶ

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥ ୩୫ ॥

ଅନ୍ୱୟ—ସ୍ୱନୁଷ୍ଠିତାତ୍ ପରଃଧର୍ମାତ୍ ବିଗୁଣ ସ୍ୱଧର୍ମଃ ଶ୍ରେୟାନ୍, ସ୍ୱଧର୍ମେ ନିଧନଂ ଶ୍ରେୟଃ (ତୁ) ପରଧର୍ମଃ ଭୟାବହଃ ।

ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ନିଜର ବିଗୁଣ ବା ଦୋଷଯୁକ୍ତ ସ୍ୱଧର୍ମ ଶ୍ରେୟସ୍କର ଅଟେ । ସେହି ଦୋଷଯୁକ୍ତ ସ୍ୱଧର୍ମରେ ମୃତ୍ୟୁ ବରଣ କରିବା ଶ୍ରେୟସ୍କର, ମାତ୍ର ପରଧର୍ମ ଅର୍ଥାତ୍ ପରଧର୍ମର ଅନ୍ଧ ଅନୁସରଣ ଭୟାବହ ଅଟେ ।

ଟିପ୍ପଣୀ—ଏହି ଶ୍ଳୋକରେ ଶ୍ରୀକୃଷ୍ଣ କର୍ମରେ ଆସକ୍ତ ରହିଥିବା ଅଜ୍ଞାନୀ ଜନସାଧାରଣଙ୍କୁ କହିଅଛନ୍ତି ଯେ ସେମାନେ ପରଧର୍ମର ଅନ୍ଧ ଅନୁସରଣ ଫଳରେ ନିଜ ନିଜର ଦୋଷଯୁକ୍ତ ସ୍ୱଭାବ-ନିୟତ କର୍ମ ବା ସହଜାତ-କର୍ମ ପରିତ୍ୟାଗ ନ କରନ୍ତୁ । ଏହି ଉପଦେଶ ଦେବା ପୂର୍ବରୁ, ଏହି ଅଧ୍ୟାୟ ୨୬ଶ ଶ୍ଳୋକରେ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ କରି ବିପଥଗାମୀ ହୋଇଥିବା ବିଦ୍ୱାନ୍‌ମାନଙ୍କୁ ଓ ପୂର୍ଣ୍ଣଜ୍ଞାନୀମାନଙ୍କୁ ଉପଦେଶ ଦେଇ ଶ୍ରୀକୃଷ୍ଣ କହିଅଛନ୍ତି ଯେ ସେମାନେ ନିଜର ଆଦର୍ଶ ଦ୍ୱାରା ନିଜ ନିଜର

ସ୍ୱଭାବଜନ୍ୟତ କର୍ମରେ ଆସକ୍ତ ଅଜ୍ଞାନୀ ଜନସାଧାରଣଙ୍କର ବୁଦ୍ଧିଭେଦ ଜନ୍ମାଇ ସେମାନଙ୍କୁ ନିଜନିଜର ସ୍ୱଭାବଜନ୍ୟତ କର୍ମରୁ ନିବୃତ୍ତ କରାନ୍ତୁ ନାହିଁ :—

ଶ୍ରେୟାନ୍ କଥାଟିକୁ ଟୀକାକାରମାନେ ଉତ୍କୃଷ୍ଟତର ବୋଲି ଅର୍ଥ କରିଅଛନ୍ତି । ମାତ୍ର "ପରଧର୍ମୋ ଭୟାବହ" ଏହି କଥାଟିରୁ ପ୍ରକାଶ ଯେ ପରଧର୍ମ ସମ୍ପୂର୍ଣ୍ଣରୂପେ ତ୍ୟାଜ୍ୟ । ତେଣୁ ଶ୍ରେୟାନ୍ କଥାଟି ଅର୍ଥ ଉତ୍କୃଷ୍ଟ-ତର ନୁହେଁ । ପ୍ରକୃତ କଥା ଏହିକି ଉପନିଷଦରେ 'ଶ୍ରେୟ' 'ପ୍ରେୟ' ଏହି ଦୁଇଟି କଥା ଅଛି । ଶ୍ରେୟ କଥାଟିର ଅର୍ଥ ହେଉଛି, ଯାହା ପ୍ରକୃତରେ ମଙ୍ଗଳପ୍ରଦ ଏବଂ ପ୍ରେୟ କଥାଟିର ଅର୍ଥ ହେଉଛି, ଯାହା ପ୍ରୀତିକର ଅର୍ଥାତ ଯାହା କରିବାକୁ ସହଜ ଓ ସୁଖପ୍ରଦ ବୋଧହୁଏ ! ତେଣୁ ଏଠାରେ ସ୍ୱଧର୍ମ ହେଉଛି ଶ୍ରେୟ ଏବଂ ପରଧର୍ମ ହେଉଛି ପ୍ରେୟ । ପରଧର୍ମ ଅନୁକରଣ କରିବା କିମ୍ବା ପରଧର୍ମର ଅନ୍ଧଅନୁସରଣ କରିବା ବାସ୍ତବିକ ଅତି ସହଜ ଓ ପ୍ରୀତିକର ମଧ୍ୟ ବୋଧହୁଏ, ମାତ୍ର ସ୍ୱଧର୍ମ ପାଳନ କରିବା ଅର୍ଥାତ୍ ନିଜର ବିବେକବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ସତ୍ୟପଥରେ ଅଗ୍ରସର ହେବା ଅତି କଠିନ । ସ୍ୱଧର୍ମ ପାଳନ କରିବା ଓ ହିମାଳୟ ପର୍ବତପରି ଦୃଢ଼ଭାବରେ ରହି ସମସ୍ତ ପ୍ରକାର ପରଧର୍ମର ଅନ୍ଧ ଅନୁସରଣ ବିରୁଦ୍ଧରେ ସଂଗ୍ରାମ କରି, ସତ୍ୟର ବା ଗୀତା-ଧର୍ମର ପ୍ରତିଷ୍ଠା କରିବା ଏ ଦୁହେଁ ଏକା କଥା । ସତ୍ୟର ପ୍ରତିଷ୍ଠା ସକାଶେ ଅସତ୍ୟ ଓ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରି ସେହି ସଂଗ୍ରାମରେ ମୃତ୍ୟୁ ବରଣ କରିବା ଭଲ ମାତ୍ର ପରଧର୍ମର ଅନ୍ଧଅନୁସରଣ କରି ଜଡ଼ତା ଅବଲମ୍ବନ କରିବା ପ୍ରୀତିକର ବୋଧହେଲେ ମଧ୍ୟ ପ୍ରକୃତରେ ମଙ୍ଗଳପ୍ରଦ ନୁହେଁ ।

ସାଧାରଣ କଥାରେ ଅଛି ଆପଣା ବୁଦ୍ଧିରେ ଘାସକାଟିବା ଭଲ ମାତ୍ର ପରବୁଦ୍ଧିରେ ଘୋଡ଼ା ଚଢ଼ିବା ଭଲ ନୁହେଁ । ଏଠାରେ ଶ୍ରୀକୃଷ୍ଣ ସେହି କଥା କହିଅଛନ୍ତି ଅର୍ଥାତ୍ ନିଜର ବିବେକ-ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ କର୍ମ କରିବାକୁ କହିଅଛନ୍ତି । ଅଷ୍ଟାଦଶ ଅଧ୍ୟାୟ ୪୭ ଓ ୪୮ ଶ୍ଳୋକରେ ଶ୍ରୀକୃଷ୍ଣ ଏହି ସ୍ୱଧର୍ମ କଥାଟିକୁ ସ୍ୱକର୍ମ ଭାବରେ ବୁଝାଇ ଅଛନ୍ତି । ସ୍ୱଧର୍ମ ଓ ସ୍ୱକର୍ମ କହିଲେ ଆମ୍ଭେମାନେ ଯାହା ବୁଝୁଁ, ଗୀତା-ପ୍ରବର୍ତ୍ତିତ ସ୍ୱଧର୍ମ ଓ ସ୍ୱକର୍ମ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶ୍ରୀକୃଷ୍ଣଙ୍କଠାରୁ ଏହି ନୂତନ ଉପଦେଶ ଶୁଣି ଅର୍ଜୁନ ପଚାରିଲେ—

## ଅର୍ଜ୍ଜୁନ ଉବାଚ

ଅଥ କେନ ପ୍ରଯୁକ୍ତୋଽୟଂ ପାପଞ୍ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ ବଳାଦିବ ନିୟୋଜିତଃ । ୩୬ ।

ଅର୍ଥ—( ଅର୍ଜ୍ଜୁନ କହିଲେ ) "ହେ ବାର୍ଷ୍ଣେୟ ! ପ୍ରକୃତିଜାତ ଗୁଣଦ୍ୱାରା ନିୟୋଜିତ ହୋଇ କର୍ମ କରିବା ଯଦି ଧର୍ମସମ୍ମତ ଓ ପ୍ରତ୍ୟେକ ମନୁଷ୍ୟର ସ୍ୱଧର୍ମ, ତେବେ କାହାଦ୍ୱାରା ପ୍ରେରିତ ହୋଇ ବଳପୂର୍ବକ ନିୟୋଜିତ ହେବାପରି ମନୁଷ୍ୟ ପାପ ଆଚରଣ କରେ" ? ୩୬ ।

## ଶ୍ରୀକୃଷ୍ଣ ଉବାଚ

କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣଂ । ୩୭ ।

ଅର୍ଥ—( ଶ୍ରୀକୃଷ୍ଣ କହିଲେ ) ଏହା କାମ, ଏହା କ୍ରୋଧ, ଏହା ରଜୋଗୁଣରୁ ସମୁଦ୍ଭୂତ । ଏହା ଦୁଷ୍ପୂରଣୀୟ ଏବଂ ଅତି ଉଗ୍ର ଅଟେ । ଏହି ସଂସାରରେ ଏହାକୁ ପରମ ଶତ୍ରୁ ବୋଲି ଜାଣ । ୩୭ ।

ଟିପ୍ପଣୀ—ରଜୋଗୁଣରୁ କାମ ଓ କ୍ରୋଧର ଉତ୍ପତ୍ତି ଏ କଥା କହିବାର ଅଭିପ୍ରାୟ ଏହିକି ରଜୋଗୁଣ ସହିତ ତଥା କାମ ଓ କ୍ରୋଧ ସହିତ ଦେହୀର ବା ପ୍ରକୃତ ମନୁଷ୍ୟର କୌଣସି ସମ୍ବନ୍ଧ ନାହିଁ । ପ୍ରକୃତିରୁ ଅର୍ଥାତ୍ ଦେହରୁ ରଜୋଗୁଣର ଉତ୍ପତ୍ତି । ଏହା ଦେହୀକୁ ବା ପ୍ରକୃତ ମନୁଷ୍ୟକୁ ଦେହ ସହିତ ବାନ୍ଧିରଖେ ।

( ସତ୍ତ୍ୱ ରଜ ସ୍ତମ ଇତି ଗୁଣାଃ ପ୍ରକୃତି ସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟଂ । ୧୪ଶ)—
ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଲେନ ଚ ।
ଯଥୋଲ୍ବେ ନାବୃତୋ ଗର୍ଭସ୍ତଥା ତେନେଦମାବୃତଂ । ୩୮ ।
ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା
କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ । ୩୯ ।
ଇନ୍ଦ୍ରିୟାଣି ମନୋ ବୁଦ୍ଧି ରସ୍ୟାଧିଷ୍ଠାନମୁଚ୍ୟତେ ।
ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନଂ । ୪୦ ।

ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।
ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନଂ । ୪୧ ।

ଅର୍ଥ—ଯେପରି ଅଗ୍ନି ଧୂମ ଦ୍ୱାରା, ଦର୍ପଣ ମଳଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ୍ତ ଥାଏ, ସେହିପରି ସମସ୍ତ ସଂସାର ଏହି କାମ ଦ୍ୱାରା ଆବୃତ । ୩୮ । ହେ କୌନ୍ତେୟ ! ଦୁଷ୍ପୂରଣୀୟ ଏହି କାମ ମନୁଷ୍ୟର ଚିରଶତ୍ରୁ ଅଟେ । ଜ୍ଞାନୀର ଜ୍ଞାନ ମଧ୍ୟ ଏହି କାମଦ୍ୱାରା ଆବୃତ । ୩୯ । ଇନ୍ଦ୍ରିୟ, ମନ ଓ ବୁଦ୍ଧି ଏମାନେ କାମର ରହିବାର ସ୍ଥାନ । ଏହି କାମ ଏମାନଙ୍କ ଦ୍ୱାରା ଜ୍ଞାନକୁ ଆବୃତ କରି ଦେହୀକୁ ମୋହରେ ପକାଏ । ୪୦ । ଅତଏବ ହେ ଭରତର୍ଷଭ ! ତୁମ୍ଭେ ସର୍ବପ୍ରଥମେ ଇନ୍ଦ୍ରିୟମାନଙ୍କୁ ସଂଯତ କରି ଜ୍ଞାନ ଓ ବିଜ୍ଞାନର ବିନାଶକ ପାପ ସ୍ୱରୂପ ଏହି କାମକୁ ବିନାଶ କର । ୪୧ ।

ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ
ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ । ୪୨ ।
ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦଂ । ୪୩ ।

ଅର୍ଥ—ଦେହ ଅପେକ୍ଷା ଇନ୍ଦ୍ରିୟମାନେ ଶ୍ରେଷ୍ଠ, ଇନ୍ଦ୍ରିୟମାନଙ୍କ ଅପେକ୍ଷା ମନ ଶ୍ରେଷ୍ଠ, ମନ ଅପେକ୍ଷା ବୁଦ୍ଧି ଶ୍ରେଷ୍ଠ । କିନ୍ତୁ ଯେ ବୁଦ୍ଧି ଅପେକ୍ଷା ଶ୍ରେଷ୍ଠ, ସେ ହେଉଛନ୍ତି "ସେ" । ୪୨ । ହେ ମହାବାହୋ ! ଏହିପରି ଭାବରେ ବୁଦ୍ଧିଠାରୁ ଯେ ଶ୍ରେଷ୍ଠ ତାଙ୍କୁ ଜାଣି ନିଜକୁ ନିଜ ଦ୍ୱାରା ଦୃଢ଼କରି କାମରୂପ ଦୁର୍ଜ୍ଜୟ ଶତ୍ରୁକୁ ବିନାଶ କର । ୪୩ ।

## ସାରକଥା

ପ୍ରକୃତିଜାତ ଗୁଣସବୁର ବଶବର୍ତ୍ତୀ ହୋଇ ପ୍ରତ୍ୟେକ ମନୁଷ୍ୟ କର୍ମ କରିବାକୁ ବାଧ୍ୟ ଏହା ସୃଷ୍ଟି କୌଶଳର ନିୟମ । କର୍ମେନ୍ଦ୍ରିୟମାନଙ୍କୁ ଦମନ କରି କର୍ମସବୁ ପରିତ୍ୟାଗ କଲେ ମଧ୍ୟ ଇନ୍ଦ୍ରିୟମାନଙ୍କର ବିଷୟସବୁକୁ ମନେ ମନେ ଚିନ୍ତା କରିବା ସ୍ୱାଭାବିକ । ସେଥିପାଇଁ କର୍ମ

ପରିତ୍ୟାଗୀ କର୍ମସନ୍ନ୍ୟାସୀମାନେ ବିମୂଢ଼ାତ୍ମା ଓ ମିଥ୍ୟାଚାରୀ ଅଟନ୍ତି ବୋଲି ଷଷ୍ଠ ଶ୍ଳୋକରେ କୁହାଯାଇ ଅଛି । ସମସ୍ତ ବିଶ୍ୱର କଲ୍ୟାଣ ଅଭିପ୍ରାୟରେ ଅର୍ଥାତ୍ ଅନାସକ୍ତ ହୋଇ ସର୍ବଦା ନିଜନିଜର ସ୍ୱଭାବନିୟତ କର୍ମରେ ନିଯୁକ୍ତ ରହିବା ଉଚିତ । ଶ୍ରେଷ୍ଠବ୍ୟକ୍ତିମାନଙ୍କର କର୍ମ ଓ ଇତର ବ୍ୟକ୍ତି-ମାନଙ୍କର କର୍ମ ଭିତରେ ପାର୍ଥକ୍ୟ ଏହିକି ଇତର ବ୍ୟକ୍ତିମାନେ ଆସକ୍ତ ହୋଇ ଅର୍ଥାତ୍ ସ୍ୱାର୍ଥସିଦ୍ଧି ଅଭିପ୍ରାୟରେ କର୍ମ କରନ୍ତି ଏବଂ ଶ୍ରେଷ୍ଠବ୍ୟକ୍ତିମାନେ ଅନାସକ୍ତ ହୋଇ ଅର୍ଥାତ୍ ସମସ୍ତ ମାନବ ସମାଜର ମଙ୍ଗଳ ଅଭିପ୍ରାୟରେ କର୍ମ କରନ୍ତି । ଇତର ବ୍ୟକ୍ତି ଯେଉଁ କର୍ମ କରନ୍ତି ଶ୍ରେଷ୍ଠବ୍ୟକ୍ତି ମଧ୍ୟ ସେହି କର୍ମ କରନ୍ତି । ଉଭୟଙ୍କର କର୍ମ ଏକା, କେବଳ ଅଭିପ୍ରାୟରେ ପାର୍ଥକ୍ୟ । ଅତଏବ ଶ୍ରେଷ୍ଠବ୍ୟକ୍ତିମାନେ ଏପରି ଭାବରେ କର୍ମ କରିବା ଉଚିତ ଯେ ସେମାନଙ୍କ ଆଦର୍ଶରେ ଇତର ବ୍ୟକ୍ତିମାନଙ୍କର କୌଣସି ଅମଙ୍ଗଳ ନ ହେଉ । କର୍ମସନ୍ନ୍ୟାସ ଅବଲମ୍ବନ କରିବା ଶ୍ରେଷ୍ଠବ୍ୟକ୍ତିମାନଙ୍କର ଆଦୌ ଉଚିତ ନୁହେଁ । ଇତର ବ୍ୟକ୍ତିମାନେ ତଥା ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ବିବେକ ବୁଦ୍ଧି ଉପରେ ନିର୍ଭର କରି କର୍ମ କରିବା ଉଚିତ । ଶ୍ରେଷ୍ଠ ବ୍ୟକ୍ତି ମାନଙ୍କର ମତ ଉପରେ ନିର୍ଭର କରି କର୍ମ କରିବା କିମ୍ବା ସେମାନଙ୍କର କ୍ରିୟା କଳାପ ସବୁର ଅନୁକରଣ କରିବା କିମ୍ବା ଅନ୍ଧଅନୁସରଣ କରିବା ମଙ୍ଗଳପ୍ରଦ ନୁହେଁ ।

କାମରୂପ ଦୁର୍ଜ୍ଜୟ ଶତ୍ରୁକୁ ଜୟ କରିବାକୁ ହେଲେ ପ୍ରଥମେ ନିଜର ଇନ୍ଦ୍ରିୟମାନଙ୍କୁ, ତାପରେ ମନକୁ ଏବଂ ତାପରେ ବୁଦ୍ଧିକୁ ବୁଝିବାକୁ ହେବ । ଏମାନଙ୍କୁ ବୁଝିସାରିବା ପରେ ବୁଦ୍ଧି ଉପରେ ଯେ ଶ୍ରେଷ୍ଠ ସେହି ଆତ୍ମାକୁ ବା ନିଜକୁ ସମ୍ପୂର୍ଣ୍ଣରୂପେ ବୁଝି ଅର୍ଥାତ୍ ନିଜେ ନିଜଦ୍ୱାରା ଦୃଢ଼ ହୋଇ ତାପରେ କାମରୂପ ଶତ୍ରୁକୁ ଜୟ କରିବାକୁ ହେବ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି, କେବଳ କର୍ମ ପରିତ୍ୟାଗ କଲେ ଅର୍ଥାତ୍ କର୍ମସନ୍ନ୍ୟାସ ଅବଲମ୍ବନ କଲେ କାମରୂପ ଶତ୍ରୁକୁ ଜୟ କରି ହେବନାହିଁ ।

# ଚତୁର୍ଥ ଅଧ୍ୟାୟ—ଜ୍ଞାନଯୋଗ

## ଶ୍ରୀକୃଷ୍ଣ ଉବାଚ

ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ । ୧ ।

ଅନ୍ୱୟ—ଇମଂ ଅବ୍ୟୟଂ ଯୋଗଂ ଅହଂ ବିବସ୍ୱତେ ପ୍ରୋକ୍ତବାନ୍, ବିବସ୍ୱାନ୍ ମନବେ ପ୍ରାହ, ମନୁ ଇକ୍ଷ୍ୱାକବେ ଅବ୍ରବୀତ୍ ।

ଅର୍ଥ—ଏହି ଅବ୍ୟୟ ଯୋଗ ବା ଅବ୍ୟୟ ଗୀତା-ଧର୍ମ ମୁଁ ସୂର୍ଯ୍ୟଙ୍କୁ କହିଥିଲି । ସୂର୍ଯ୍ୟ ମନୁଙ୍କୁ ଏବଂ ମନୁ ଇକ୍ଷ୍ୱାକୁଙ୍କୁ କହିଥିଲେ । ୧ ।

ଟିପ୍ପଣୀ—ଶ୍ରୀକୃଷ୍ଣ ସୂର୍ଯ୍ୟଙ୍କୁ କହିଥିଲେ ଏକଥା କଳ୍ପନା କରି-ଯାଇ ନପାରେ । ଏପରି କଥାର କୌଣସି ମୂଲ୍ୟ ନାହିଁ । ପ୍ରକୃତ କଥା ଏହିକି ମନୁଷ୍ୟଜାତି ସୃଷ୍ଟିହେବା ପୂର୍ବରୁ ସୂର୍ଯ୍ୟଙ୍କର ସୃଷ୍ଟି । ଅତଏବ ଶ୍ରୀକୃଷ୍ଣଙ୍କର ଏହି ଉକ୍ତିଟିରୁ ବୁଝାପାଉଅଛି ଯେ ସ୍ୱୟଂ ଭଗବାନ ସମସ୍ତ ମନୁଷ୍ୟଜାତି ପାଇଁ ଯେଉଁ ସ୍ୱତନ୍ତ୍ର ନିୟମ ବା ମନୁଷ୍ୟ ଧର୍ମ ସୃଷ୍ଟି କରି-ଅଛନ୍ତି ତାହାହିଁ ଗୀତା ଧର୍ମ । ଏହି ମନୁଷ୍ୟ-ଧର୍ମ ହେଉଛି ବୁଦ୍ଧିଯୋଗ । କାରଣ ଏହି ବୁଦ୍ଧିଯୋଗହିଁ ମନୁଷ୍ୟଙ୍କୁ ଅନ୍ୟମାନଙ୍କଠାରୁ ପୃଥକ କରି ରଖିଅଛି । ଏହି ମନୁଷ୍ୟ-ଧର୍ମର ବା ବୁଦ୍ଧିଯୋଗର ପରିଚୟ ନପାଇ ମନୁଷ୍ୟ ଆଜି ପଶୁଠାରୁ ହୀନ ହୋଇ ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛି । ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମ ଆମ୍ଭମାନଙ୍କୁ ସେହି ବୁଦ୍ଧି-ଯୋଗର ପରିଚୟ ଦେଉଅଛି । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି—ବୁଦ୍ଧୌଶରଣମନ୍ୱିଚ୍ଛ ( ୨ୟ—୪୯ )

ଅବ୍ୟୟଯୋଗ ବା ଅବ୍ୟୟଧର୍ମ ଏହି କଥାଟିରୁ ପ୍ରକାଶ ଯେ ବିଶ୍ୱାସ ଉପରେ ପ୍ରତିଷ୍ଠିତ ମନୁଷ୍ୟ ସୃଷ୍ଟି ସାମ୍ପ୍ରଦାୟିକ ଧର୍ମ ସବୁର ବିନାଶ ସୁନିଶ୍ଚିତ, ମାତ୍ର ବୁଦ୍ଧିଯୋଗ ଉପରେ ବା ସତ୍ୟ ଉପରେ ପ୍ରତିଷ୍ଠିତ ଭଗବାନଙ୍କ ସୃଷ୍ଟି ମନୁଷ୍ୟ-ଧର୍ମର ବିନାଶ ସମ୍ପୂର୍ଣ୍ଣ ଅସମ୍ଭବ । ଆଜି ଯେଉଁ ବ୍ୟକ୍ତି କୌଣସି ସାଂପ୍ରଦାୟିକ ଧର୍ମ ଗ୍ରହଣ କରିଅଛି, କାଲି ସେ

ଅନାସ୍ଥାସରେ ଅନ୍ୟ କୌଣସି ଧର୍ମ ଗ୍ରହଣ କରିପାରେ ଏବଂ ଗ୍ରହଣ କରିବାର ଆମ୍ଭେମାନେ ସବୁଦିନେ ଦେଖୁଅଛୁଁ । ମାତ୍ର ଯେଉଁ ବ୍ୟକ୍ତି ମନୁଷ୍ୟ-ଧର୍ମର ବା ବୁଦ୍ଧିଯୋଗର ବା ଗୀତା-ଧର୍ମର ପରିଚୟ ପାଇଅଛି, ଅନ୍ୟ କୌଣସି ଧର୍ମ ଗ୍ରହଣ କରିବାକୁ ଅର୍ଥାତ୍ ପଶୁବୃତ୍ତି ଅବଲମ୍ବନ କରିବାକୁ କିମ୍ବା ଦେବତା ହେବାକୁ ସେ କଦାଚ ଇଚ୍ଛା କରିବ ନାହିଁ ।

ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ । ୨ ।
ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।
ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମଂ । ୩ ।

ଅର୍ଥ—ଏହିପରି ପରମ୍ପରାପ୍ରାପ୍ତ ଏହି ଯୋଗ ରାଜର୍ଷିମାନେ ଜାଣିଥିଲେ । ହେ ପରନ୍ତପ ! କାଳର ପ୍ରଭାବରୁ ସେହି ଯୋଗ ନଷ୍ଟ ହୋଇ ଯାଇଅଛି । ୨ । ସେହି ପୁରାତନ ଯୋଗ ଓ ଅତୀବ ଗୋପନୀୟ ବିଷୟ ମୁଁ ଆଜ ତୁମ୍ଭକୁ କହିଲି । କାରଣ ତୁମ୍ଭେ ମୋର ଭକ୍ତ ଓ ସଖା ଅଟ । ୩ ।

ଟିପ୍‌ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ପରମ୍ପରାର ଅନ୍ଧ-ଅନୁସରଣ ଫଳରୁ ସ୍ୱାଭାବିକ ମନୁଷ୍ୟ-ଧର୍ମ ନଷ୍ଟ ହୋଇ ଯାଇଅଛି ଏବଂ ମନୁଷ୍ୟ ସୃଷ୍ଟ ସାମ୍ପ୍ରଦାୟିକ ଧର୍ମସବୁ ବା ସାମ୍ପ୍ରଦାୟିକତା ବା ସାମ୍ପ୍ରଦାୟିକ ବିଦ୍ୱେଷ ମନୁଷ୍ୟ-ଧର୍ମର ସ୍ଥାନ ଅଧିକାର କରିଅଛି ।

ଅର୍ଜୁନ ଉବାଚ

ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।
କଥମେତଦ୍ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି । ୪ ।

ଅର୍ଥ—( ଅର୍ଜୁନ କହିଲେ ) ଆପଣଙ୍କର ଜନ୍ମ ବର୍ତ୍ତମାନର କଥା । ବିବସ୍ୱାନଙ୍କର ଜନ୍ମ ପୂର୍ବେ ହୋଇଥିଲା । ଆପଣ ଏହା ପ୍ରଥମେ ବିବସ୍ୱାନଙ୍କୁ କହିଥିଲେ, ଏହା ମୁଁ କିପରି ଜାଣିବି ? ୪ ।

*

### ଶ୍ରୀକୃଷ୍ଣ ଉବାଚ

ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ।୫।

ଅର୍ଥ—( ଶ୍ରୀକୃଷ୍ଣ କହିଲେ ) ହେ ଅର୍ଜୁନ ! ମୋର ଏବଂ ତୁମ୍ଭର ବହୁଜନ୍ମ ଅତୀତ ହୋଇଯାଇଛି । ସେ ସବୁ ମୁଁ ଜାଣେ, ମାତ୍ର ତୁମ୍ଭେ ଜାଣ ନାହିଁ । ୫ ।

ଟିପ୍ପଣୀ—ଏହି ଶ୍ଳୋକଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ଅର୍ଜୁନଙ୍କର ଏହି ଗୋଟିଏ ଜନ୍ମର ଚିରସଖା ନୁହନ୍ତି । ସେ ହେଉଛନ୍ତି ଅର୍ଜୁନଙ୍କର ତଥା ଅମ୍ଭମାନଙ୍କର ପ୍ରତ୍ୟେକଙ୍କର ସବୁ ଜନ୍ମର ଚିରସଖା । ଏହି ଶ୍ଳୋକରୁ ବୁଝାଗଲା ଯେ, ମନୁଷ୍ୟର ପୂର୍ବଜନ୍ମ ଓ ପରଜନ୍ମ ଅଛି ବୋଲି ଶ୍ରୀକୃଷ୍ଣ କହୁଅଛନ୍ତି । ମାତ୍ର ଶ୍ରୀକୃଷ୍ଣ କହୁଅଛନ୍ତି ବୋଲି ଗୀତା ପାଠକ-ମାନଙ୍କୁ ମଧ୍ୟ ତାହା ସ୍ୱୀକାର କରିବାକୁ ହେବ ଏକଥା ସେ କହୁନାହାନ୍ତି । ମନୁଷ୍ୟର ପୂର୍ବଜନ୍ମ ଓ ପରଜନ୍ମ ଥିବା କଥା ସେ ଦ୍ୱିତୀୟ ଅଧ୍ୟାୟ ୧୨ଶ ଶ୍ଳୋକରେ ମଧ୍ୟ କହିଅଛନ୍ତି । ମାତ୍ର ଏହି ସବୁ କଥାକୁ ସେ ସାଂଖ୍ୟବୁଦ୍ଧି ବୋଲି କହିଅଛନ୍ତି । ଏହି ସବୁ କଥା ଗୀତାର ପ୍ରକୃତ ଶିକ୍ଷାର ଅନ୍ତର୍ଗତ ନୁହେଁ ଏକଥା ଦ୍ୱିତୀୟ ଅଧ୍ୟାୟ ୩୯ଶ ଶ୍ଳୋକରୁ ଆମ୍ଭେମାନେ ଜାଣିଅଛୁଁ । ଅତଏବ ପୂର୍ବଜନ୍ମ ଓ ପରଜନ୍ମ ଅଛି ବୋଲି ଯେଉଁମାନେ ନିଜେ ଉପଲବ୍ଧି କରିପାରିନାହାନ୍ତି ସେମାନଙ୍କର ଜାଣିବା ଆବଶ୍ୟକ ଯେ ଶ୍ରୀକୃଷ୍ଣ ହେଉଛନ୍ତି ଅମ୍ଭମାନଙ୍କର ବର୍ତ୍ତମାନ ଜନ୍ମର ଚିରସଖା । ଏତିକି ବୁଝିଲେ ଆମ୍ଭମାନଙ୍କର ଯଥେଷ୍ଟ ଉପକାର ହେବ ।

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ।୬।
ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।୭।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।୮।

ଅର୍ଥ—ମୁଁ ଜନ୍ମ ରହିତ, ଅବ୍ୟୟ ଆତ୍ମା ଏବଂ ପ୍ରାଣୀମାନଙ୍କର ଈଶ୍ୱର ହୋଇଲେ ମଧ୍ୟ ମୁଁ ମୋର ପ୍ରକୃତିକୁ ଆଶ୍ରୟ କରି ମୋହର ନିଜର ମାୟା ଶକ୍ତିଦ୍ୱାରା ( ପ୍ରତ୍ୟେକ ବ୍ୟକ୍ତି ନିକଟରେ ) ସମ୍ଭବ ହୁଏଁ, ( ତୁମ୍ଭ ନିକଟରେ ଯେପରି ସମ୍ଭବ ହୋଇଅଛି ) । ୬ । ହେ ଭାରତ ! ଯେତେ-ବେଳେ ଜଗତରେ ଧର୍ମର ଗ୍ଲାନି ଏବଂ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ମୁଁ ମୋତେ ସୃଷ୍ଟି କରେ । ସାଧୁମାନଙ୍କର ପରିତ୍ରାଣ ଏବଂ ଅସାଧୁମାନଙ୍କର ବିନାଶ ପାଇଁ ଏବଂ ଜଗତରେ ଧର୍ମ ସଂସ୍ଥାପନ ପାଇଁ ମୁଁ ଯୁଗେ ଯୁଗେ ସମ୍ଭବ ହୁଏ । ୮ ।

ଟିପ୍ପଣୀ—ଆମ୍ଭମାନଙ୍କର ନିତ୍ୟ ଉପାସିତ ଈଶ୍ୱର କୌଣସି ବ୍ୟକ୍ତି ନିକଟରେ ବ୍ୟକ୍ତ ହୁଅନ୍ତି ନାହିଁ । ମାତ୍ର ୬ଷ୍ଠ ଶ୍ଳୋକରେ ଥିବା "ସମ୍ଭବାମି ଆତ୍ମମାୟୟା" ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ପ୍ରତ୍ୟେକ ବ୍ୟକ୍ତି ନିକଟରେ ଯଥାସମୟରେ ବ୍ୟକ୍ତ ହୁଅନ୍ତି । "ଈଶ୍ୱରୋଽପି ସନ୍" ଅର୍ଥାତ୍ 'ଈଶ୍ୱର ହୋଇ ମଧ୍ୟ' ଏହି କଥାଟିରୁ ପ୍ରକାଶ ଯେ, ଶ୍ରୀକୃଷ୍ଣ ଈଶ୍ୱର ଅଟନ୍ତି, ମାତ୍ର ଈଶ୍ୱର ହେଲେ ମଧ୍ୟ ତାଙ୍କର ବିଶେଷତ୍ୱ ଏହିକି ସେ ପ୍ରତ୍ୟେକ ବ୍ୟକ୍ତି ନିକଟରେ ବ୍ୟକ୍ତ ହୁଅନ୍ତି । ଯେଉଁ ଶ୍ରୀକୃଷ୍ଣଙ୍କୁ ଅର୍ଜୁନ ପ୍ରଥମେ ନିଜର ଚିରସଖା ଭାବରେ ଗ୍ରହଣ କରିଥିଲେ ଏବଂ ତାପରେ ସାରଥି ଭାବରେ ଏବଂ ତାପରେ ଗୁରୁଭାବରେ ଗ୍ରହଣ କଲେ ସେହି ଶ୍ରୀକୃଷ୍ଣ ବର୍ତ୍ତମାନ ନିଜର ପରିଚୟ ଦେଉଅଛନ୍ତି ଯେ, ସେ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିର ତଥା ସମସ୍ତ ମାନବ ସମାଜର ଈଶ୍ୱର । ମାତ୍ର ଈଶ୍ୱର ଓ ତାଙ୍କ ମଧ୍ୟରେ ପାର୍ଥକ୍ୟ ଏହିକି ଈଶ୍ୱର ମନୁଷ୍ୟ ନିକଟରେ ବ୍ୟକ୍ତ ହୁଅନ୍ତି ନାହିଁ ମାତ୍ର ସେ ବ୍ୟକ୍ତ ହୁଅନ୍ତି । ଅଷ୍ଟମ ଶ୍ଳୋକରେ ଥିବା "ବିନାଶାୟ ଚ ଦୁଷ୍କୃତାଂ" ଅର୍ଥାତ୍ ଅସାଧୁ ମାନଙ୍କର ବିନାଶପାଇଁ ଏହି କଥାଟିରୁ କେହି କେହି ମନେ କରିପାରନ୍ତି ଯେ ଅସାଧମାନଙ୍କୁ ବିନାଶ କରିବା ହେଉଛି ଶ୍ରୀକୃଷ୍ଣଙ୍କର କର୍ମ । ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ପ୍ରକୃତ କଥା ଏହିକି ସାଧୁମାନେ ସ୍ଥୂଳଦେହ ପରିତ୍ୟାଗ କରିବାକୁ ନିଜର ପରିତ୍ରାଣ ମନେ କରନ୍ତି ମାତ୍ର ଅସାଧୁମାନେ ସେହି ସ୍ଥୂଳଦେହ ପରିତ୍ୟାଗକୁ ନିଜର ବିନାଶ ମନେ କରନ୍ତି । ଏଠାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ସେ ବ୍ୟକ୍ତହେବା ମାତ୍ରେ ଅସାଧୁ ବ୍ୟକ୍ତିର ମନ୍ଦ କର୍ମସବୁ ବିନାଶ ପ୍ରାପ୍ତ

ହୁଏ । ସେ କହିଅଛନ୍ତି ଷିପ୍ରଂ ଭବତି ଧର୍ମାତ୍ମା ( ୯ମ—୩୧ ) ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ ଆଶ୍ରୟ କରିବା ମାତ୍ରେ ଅସାଧୁ ବ୍ୟକ୍ତି ତତ୍‌କ୍ଷଣାତ୍ ଧର୍ମାତ୍ମା ହୋଇଯାଏ ।

'ଧର୍ମ ସଂସ୍ଥାପନାର୍ଥାୟ' ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ଯଦିନେ ଜଗତକୁ ଆସି ଗୀତା-ଧର୍ମ ସଂସ୍ଥାପନ କରିଯାଇ ଅଛନ୍ତି । ମାତ୍ର ସେ ଯଦିନେ ଜଗତକୁ ଆସିଥିଲେ ଏକଥା କେହି କହିପାରିବେ ନାହିଁ, କିମ୍ବା ଆସିନଥିଲେ ଏକଥା ମଧ କେହି କହିପାରିବେ ନାହିଁ । ଆସିଥିଲେ ବୋଲି ଯଦି ସ୍ୱୀକାର କରାଯାଏ, ତେବେ ଦେବକୀ ଓ ବସୁଦେବଙ୍କର ସନ୍ତାନ ଭାବରେ ସେ ଆସିନଥିଲେ, କାରଣ ୬ଷ୍ଠ ଶ୍ଳୋକରେ ସେ କହିଅଛନ୍ତି ଯେ ତାଙ୍କର ଜନ୍ମ ନାହିଁ । ଶ୍ରୀକୃଷ୍ଣ କିଏ ଓ କିପରି ଭାବରେ ସେ ଜଗତକୁ ଆସନ୍ତି ଏକଥା ଆମ୍ଭେମାନେ ଏ ପର୍ଯ୍ୟନ୍ତ ଜାଣିନାହୁଁ । ଜାଣିଲେ ମଧ ସେହି ଶ୍ରୀକୃଷ୍ଣ ଯେ ଗୀତା ଧର୍ମ ସଂସ୍ଥାପନ କରିଅଛନ୍ତି ଏକଥା କେହି କହିପାରିବେ ନାହିଁ । ଅତଏବ ଏକଥା ସ୍ୱୀକାର କରିବା ଆବଶ୍ୟକ ଯେ, ଗୀତାନାମକ ଗ୍ରନ୍ଥରେ ଗୀତାକାର ଯେଉଁ ନୂତନ ଶିକ୍ଷା ଦେଇଅଛନ୍ତି ତାହାହିଁ ଗୀତା ଧର୍ମ । ଯେହି ଗୀତାକାର କିଏ ଓ ତାଙ୍କର ବିଶେଷତ୍ୱ କଅଣ ଏହି ସବୁ ଅନାବଶ୍ୟକ ବିଷୟ ଜାଣିବାକୁ ଆମ୍ଭେମାନେ ଏକମାତ୍ର କର୍ତ୍ତବ୍ୟ ବୋଧ କରୁ ମାତ୍ର ଗୀତା-ଧର୍ମର ବିଶେଷତ୍ୱ ଓ ନୂତନତ୍ୱ କଅଣ ଏବଂ ଯାହା ଜାଣିଲେ ଆମ୍ଭେମାନେ ନିଜ ନିଜର ଜୀବନଯାତ୍ରାକୁ ସୁଖମୟ କରିପାରିବୁ ତତ୍‌ପ୍ରତି ଆମ୍ଭେମାନେ ସମ୍ପୂର୍ଣ୍ଣ ଉଦାସୀନ । ଯାହା ଆବଶ୍ୟକ ତତ୍‌ପ୍ରତି ଉଦାସୀନ ରହି ଯାହା ସମ୍ପୂର୍ଣ୍ଣ ଅନାବଶ୍ୟକ ତାହା ଜାଣିବାକୁ ଆମ୍ଭେମାନେ କାହିଁକି ବ୍ୟାକୁଳ ତାହା ତଳେ ଦିଆଗଲା—

ବେଦ-ଧର୍ମକୁ ସ୍ୱୟଂ ଭଗବାନ ସୃଷ୍ଟି କରିଅଛନ୍ତି ଏକଥା ଧର୍ମଗ୍ରନ୍ଥ ସବୁରୁ ପଢି କିମ୍ବା ଲୋକମୁଖରୁ ଶୁଣି ଏବଂ ଏହି ଶୁଣିବା କଥାକୁ ସତ୍ୟ-ବୋଲି ଗ୍ରହଣ କରି, ଏହି ସଂସାରରେ ଭୋଗ ଓ ଐଶ୍ୱର୍ଯ୍ୟ ଲାଭ ଆଶାରେ ଏବଂ ମୃତ୍ୟୁପରେ ସ୍ୱର୍ଗଲାଭ ଆଶାରେ ଆମ୍ଭେମାନେ ବେଦୋକ୍ତ ଯଜ୍ଞାଦି ଅନୁଷ୍ଠାନ ସବୁର ଅନ୍ଧ ଅନୁସରଣ କରୁଁ । ଇସଲାମ ଧର୍ମକୁ ସ୍ୱୟଂ ଭଗବାନଙ୍କର ଦୂତ ମହମ୍ମଦ୍ ସଂସ୍ଥାପନ କରିଅଛନ୍ତି ବୋଲି ବିଶ୍ୱାସ କରି ଆମ୍ଭେମାନେ "ଆଲ୍ଲା ହୋ ଆକବର" ଇତ୍ୟାଦି ଉଚ୍ଚାରଣ କରୁଁ

ଏବଂ ତଦ୍ୱାରା ମୃତ୍ୟୁପରେ ସ୍ୱର୍ଗଲାଭର ଦୃଢ଼ଣା ଘୋଷଣା କରି ଶାନ୍ତିଲାଭ କରୁଁ । ବାଇବଲ ଧର୍ମକୁ ସ୍ୱୟଂ ଭଗବାନଙ୍କର ଅବତାର ଯିଶୁ ସଂସ୍ଥାପନ କରିଅଛନ୍ତି ବୋଲି ବିଶ୍ୱାସ କରି ଆମ୍ଭେମାନେ ରବିବାର ଦିନ ଗିର୍ଜାକୁ ଯାଇ ପ୍ରାର୍ଥନା କରୁଁ—"ହେ ଯିଶୁ ! ଆମ୍ଭମାନଙ୍କୁ ସବୁ ପାପରୁ ମୁକ୍ତ କରି ମୃତ୍ୟୁପରେ ସ୍ୱର୍ଗରେ ସ୍ଥାନ ଦିଅନ୍ତୁ" । ଏହି ସବୁ ଅଭ୍ୟାସର ବଶବର୍ତ୍ତୀ ହୋଇଥିବାରୁ ଗୀତା-ଧର୍ମକୁ ସ୍ୱୟଂ ଭଗବାନଙ୍କର ଅବତାର ସଂସ୍ଥାପନ କରିଅଛନ୍ତି ବୋଲି ସ୍ୱୀକାର କରିବାକୁ ଆମ୍ଭେମାନେ ସର୍ବଦା ବ୍ୟାକୁଳ । କାରଣ ଏକଥା ସ୍ୱୀକାର କରିବାମାତ୍ରେ ଆମ୍ଭେମାନେ ଗୀତା ପୁସ୍ତକକୁ ପୂଜାକରି ପାରିବୁଁ ଏବଂ ପ୍ରତ୍ୟହ ଗୀତା ପାରାୟଣ କରି ମୃତ୍ୟୁପରେ ସ୍ୱର୍ଗକୁ ଯିବାର ଦୃଢ଼ଣା ଘୋଷଣା କରିପାରିବୁଁ । ସେ ଯାହାହେଉ, ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ବୋଲି କହିବାକୁ ଯେଉଁମାନେ ବ୍ୟାକୁଳ ଏବଂ ସେହି ଶ୍ରୀକୃଷ୍ଣ ଗୀତା-ଧର୍ମ ସଂସ୍ଥାପନ କରିଅଛନ୍ତି ବୋଲି ଯେଉଁମାନେ କହନ୍ତି, ସେମାନଙ୍କର ଅନ୍ତତଃ ଏତିକ ଜାଣିବା ଆବଶ୍ୟକ ଯେ ଅନ୍ଧ-ଅନୁସରଣ ଓ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ଅମ୍ଭମାନଙ୍କର ପ୍ରଚଳିତ କ୍ରିୟା କଳାପକୁ ଦୃଢ଼ଭାବରେ ସମର୍ଥନ କରିବା ପାଇଁ ସେ ଜଗତକୁ ଆସିନଥିଲେ । ସେ ଯଦି କେବେ ଜଗତକୁ ଆସିଥିଲେ, ସେ ନିଶ୍ଚୟ ଆସିଥିଲେ ସମସ୍ତ ମାନବ ସମାଜକୁ କୌଣସି ନୂତନ ଉପଦେଶ ଦେବା-ପାଇଁ ଏବଂ ଦୁଃଖ ଦୁରବସ୍ଥା ଭୋଗ କରୁଥିବା ସମାଜକୁ କୌଣସି ନୂତନ ପଥର ଓ ସୁଖମୟ ପଥର ପରିଚୟ ଦେବାପାଇଁ । ସେହି ନୂତନ ଉପଦେଶ ଓ ନୂତନ ପଥ କଅଣ ଏବଂ କେଉଁ ପରିମାଣରେ ଆମ୍ଭେମାନେ ତଦନୁସାରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିଅଛୁଁ କିମ୍ବା ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଅଛୁଁ, ସମାଜର ମଙ୍ଗଳକାମୀ ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତିଙ୍କର ତାହା ବିଚାର କରିବାର ବିଷୟ । ଆମ୍ଭେମାନେ ଏ ପର୍ଯ୍ୟନ୍ତ ଗୀତାରୁ ଯାହା ଜାଣିଲୁଁ ସେଥିରୁ ବୁଝାଯାଉଅଛି ଯେ, ସାଂଖ୍ୟବୁଦ୍ଧି ପରିବର୍ତ୍ତେ ଯୋଗବୁଦ୍ଧିର ପ୍ରତିଷ୍ଠା କରିବା ପାଇଁ, ଶାସ୍ତ୍ରଜ୍ଞାନର ଅନ୍ଧଅନୁସରଣ ପରିବର୍ତ୍ତେ ଆତ୍ମଜ୍ଞାନର ପ୍ରତିଷ୍ଠା କରିବା ପାଇଁ, ଧର୍ମର ବା ପରଧର୍ମର ଅନ୍ଧଅନୁସରଣ ପରିବର୍ତ୍ତେ ସ୍ୱଧର୍ମର ପ୍ରତିଷ୍ଠା କରିବାପାଇଁ ଏବଂ ଜଡ଼ତା ପରିବର୍ତ୍ତେ ଯୁଦ୍ଧର ପ୍ରତିଷ୍ଠା କରିବା ପାଇଁ ଶ୍ରୀକୃଷ୍ଣ ଜଗତକୁ ଆସିଥିଲେ ।

ଜନ୍ମ କର୍ମ୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋର୍ଜ୍ଜୁନ । ୯ ।

ଅର୍ଥ—ହେ ଅର୍ଜ୍ଜୁନ ! ଯେ ମୋର ଏପରି ଦିବ୍ୟଜନ୍ମ ଓ ଦିବ୍ୟ କର୍ମତତ୍ତ୍ୱର ସତ୍ୟତା ଜାଣନ୍ତି, ଦେହତ୍ୟାଗ କରି ସେ ଆଉ ଜନ୍ମ ଗ୍ରହଣ କରନ୍ତି ନାହିଁ । ସେ ମୋତେ ପ୍ରାପ୍ତ ହୁଅନ୍ତି । ୯ ।

ଟିପ୍ପଣୀ—ଲୋକେ ଦେହତ୍ୟାଗ ପରେ ପୁନର୍ଜନ୍ମରୁ ଉଦ୍ଧାର ପାଇବାର ଦୁରାଶା ପୋଷଣ କରି ଶାସ୍ତ୍ରୋକ୍ତ ଉପାୟ ସବୁର ଅନ୍ଧ-ଅନୁସରଣ କରନ୍ତି ବୋଲି ଶ୍ରୀକୃଷ୍ଣ ଏଠାରେ ପୁନର୍ଜନ୍ମ ନ ପାଇବା କଥା ଏବଂ ତାଙ୍କୁ ପାଇବା କଥା କହିଲେ । କାଳେ ଲୋକେ ତାଙ୍କୁ ପାଇବା ପାଇଁ ଶାସ୍ତ୍ର ଅନୁସନ୍ଧାନ କରିବେ କିମ୍ବା ଶାସ୍ତ୍ରୋକ୍ତ କୌଣସି ବିଧିର ଅନ୍ଧ-ଅନୁସରଣ କରିବେ ସେଥିପାଇଁ ପରବର୍ତ୍ତୀ ଶ୍ଳୋକରେ ସେ ବୁଝାଇ ଦେଇଅଛନ୍ତି ଯେ, ତାଙ୍କୁ ପାଇବାକୁ ହେଲେ ଆସକ୍ତି, ଭୟ ଓ କ୍ରୋଧ ପରିତ୍ୟାଗ କରିବା ଆବଶ୍ୟକ ଏବଂ ତାଙ୍କୁ ପାଇବାର ଅର୍ଥ ହେଉଛି ତାଙ୍କର ଭାବକୁ ପ୍ରାପ୍ତ ହେବା । ଆସକ୍ତି, ଭୟ ଓ କ୍ରୋଧ ପରିତ୍ୟାଗ କରି ସେ ଯେପରି କର୍ମ କରୁଅଛନ୍ତି, ଆମ୍ଭମାନଙ୍କୁ ସେହିପରି ଭାବରେ କର୍ମ କରିବାକୁ ହେବ, ଏହାହିଁ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ।

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ । ୧୦ ।

ଅର୍ଥ—ଅସକ୍ତି, ଭୟ ଓ କ୍ରୋଧ ପରିତ୍ୟାଗ କରି, ଏକମାତ୍ର ମୋଠାରେ ମନ ରଖି, ମୋତେ ଆଶ୍ରୟ କରି, ଆତ୍ମଜ୍ଞାନ ଏବଂ ତପସ୍ୟା ଦ୍ୱାରା ପବିତ୍ର ହୋଇ ଅନେକ ଲୋକ ମୋ ଭାବକୁ ପ୍ରାପ୍ତ ହୋଇ-ଅଛନ୍ତି । ୧୦ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଲୋକେ ତାଙ୍କର ଆଶ୍ରୟ ନେଇ ଆସକ୍ତି, ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିର ଆଶ୍ରୟ ନେଇ ଭୟ ଓ କ୍ରୋଧ ପରିତ୍ୟାଗ କରନ୍ତୁ ଏବଂ ଆତ୍ମଜ୍ଞାନର ଆଶ୍ରୟ ନେଇ ହୃଦୟକୁ ପବିତ୍ର କରନ୍ତୁ ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହଂ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ । ୧୧ ।
କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।
କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା । ୧୨ ।

ଅର୍ଥ—ଯେଉଁମାନେ ଯେପରି ଭାବରେ ମୋ ନିକଟକୁ ଆସନ୍ତି ମୁଁ ସେମାନଙ୍କୁ ସେହି ଭାବରେ ଅନୁଗ୍ରହ କରେ । ମନୁଷ୍ୟମାନେ ସବୁଭାବରେ ମୋ ପ୍ରଦର୍ଶିତ ପଥର ଅନୁସରଣ କରନ୍ତି । ୧୧ । କର୍ମ ସବୁର ସିଦ୍ଧି ଇଚ୍ଛାକରି ଲୋକେ ଦେବତା ପୂଜା କରନ୍ତି, କାରଣ ତଦ୍ଦ୍ୱାରା କର୍ମଜନିତସିଦ୍ଧି ମନୁଷ୍ୟଲୋକରେ ଶୀଘ୍ର ଲାଭ ହୁଏ ।

ଟିପ୍ପଣୀ—ନିଜର ବିବେକବୁଦ୍ଧିର ଆଶ୍ରୟନେବା ବ୍ୟତୀତ ମନୁଷ୍ୟର ଅନ୍ୟ ପଥ ନାହିଁ । ସାଧନ ପଥରେ ଅଗ୍ରସର ହେବାକୁ ହେଲେ ବିବେକବୁଦ୍ଧିର ଆଶ୍ରୟ ନେଇ କର୍ମ କରିବା ଏକାନ୍ତ ଆବଶ୍ୟକ । ଅନ୍ୟ ପଥ ନଥିଲେ ସୁଦ୍ଧା ଫଳ କାମନା କରି ଏବଂ ସେହି ଫଳ ଶୀଘ୍ର ଲାଭ କରିବା ପାଇଁ ଲୋକେ ଦେବତା ପୂଜା କରନ୍ତି । 'କର୍ମଜା' ଅର୍ଥାତ୍ କର୍ମଜନିତ ଏହି କଥାଟିରୁ ପ୍ରକାଶ ଯେ କର୍ମ ନକରି କେବଳ ଦେବତା ପୂଜା କରିବାର କୌଣସି ମୂଲ୍ୟ ନାହିଁ । ଅତଏବ ଦେବତା ପୂଜା କଲେ ମଧ୍ୟ ନିଜର ବିବେକ ବୁଦ୍ଧିର ଆଶ୍ରୟ ନେଇ କର୍ମ କରିବା ଆବଶ୍ୟକ ଏହାହିଁ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ । ଦ୍ୱିତୀୟ ଅଧ୍ୟାୟ ଅଣଚାଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି—ବୁଦ୍ଧୌଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ।

ଏହି କଥାଟିରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ, ଫଳକାମନା କରି ଯେଉଁମାନେ କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି । ତୁମ୍ଭେ ବୁଦ୍ଧିର ଶରଣନେଇ କର୍ମ କରିବାକୁ ଇଚ୍ଛା କର । ଏହି ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ କହୁଅଛନ୍ତି ଯେ, କର୍ମସବୁର ସିଦ୍ଧି ଇଚ୍ଛା କରି ଅର୍ଥାତ୍ ଫଳକାମନା କରି ଲୋକେ ଦେବତା ପୂଜା କରନ୍ତି, ତୁମ୍ଭେ ତାହା ନକରି ମୋ ପ୍ରଦର୍ଶିତ ପଥର ଅନୁସରଣ କର ଅର୍ଥାତ୍ ମୋର ଶରଣ ନେଇ କର୍ମ କର । ଦ୍ୱିତୀୟ ଅଧ୍ୟାୟ ଅଣଚାଶ ଶ୍ଳୋକରେ ଶ୍ରୀକୃଷ୍ଣ ଯେଉଁ ଉପଦେଶ ଦେଇଅଛନ୍ତି ଏହି ଦୁଇଟି ଶ୍ଳୋକରେ ମଧ୍ୟ ସେ ସେହି ଉପଦେଶ ଦେଇଅଛନ୍ତି । ଉଭୟ

ଉପଦେଶର ତୁଳନା ମୂଳକ ଆଲୋଚନା କଲେ ଆମ୍ଭେମାନେ ଜାଣି-ପାରିବୁଁ ଯେ ବୁଦ୍ଧିର ଶରଣ ନେଇ କର୍ମ କରିବା ଏବଂ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥର ଅନୁସରଣ କରିବା ଏ ଦୁହେଁ ଏକାକଥା ।

ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟଂ । ୧୩ ।

ଅର୍ଥ—ଗୁଣ-କର୍ମର ବିଭାଗ ଅନୁସାରେ ଚାତୁର୍ବର୍ଣ୍ୟ କଥାଟି ମୋ' ଦ୍ୱାରା ସୃଷ୍ଟ ହୋଇଅଛି । ମୁଁ ଏହି ଚାତୁର୍ବର୍ଣ୍ୟର କର୍ତ୍ତା ହେଲେ ମଧ୍ୟ ମୋତେ ତାହାର ଅକର୍ତ୍ତା ଓ ଅବ୍ୟୟ ବୋଲି ଜାଣ । ୧୩ ।

ଟିପ୍ପଣୀ—ଗୁଣ-କର୍ମ କଥାଟିର ଅର୍ଥ ହେଉଛି ପ୍ରକୃତିଜାତ ଗୁଣସବୁରୁ ଯେଉଁ କର୍ମର ଉତ୍ପତ୍ତି । ଅତଏବ ଏହି ଗୁଣ-କର୍ମ ବ୍ୟକ୍ତିଗତ କର୍ମ୍ମ ଅଟେ, ଏହା ସମଷ୍ଟିଗତ କିମ୍ବା ଜାତିଗତ ହୋଇ ନ ପାରେ । ଚାତୁର୍ବର୍ଣ୍ଣ୍ୟ କଥାଟିର ଅର୍ଥ ହିନ୍ଦୁ ସମ୍ପ୍ରଦାୟରେ ଥିବା ମନୁଷ୍ୟସୃଷ୍ଟ ଚାରିବର୍ଣ୍ଣ ନୁହେଁ । ଚାତୁର୍ବର୍ଣ୍ଣ୍ୟ କଥାଟିର ଅର୍ଥ ହେଉଛି ଚାରିବର୍ଣ୍ଣର ଭାବ—ଯାହା ପ୍ରତ୍ୟେକ ମନୁଷ୍ୟଠାରେ ଏବଂ ସମସ୍ତ ମନୁଷ୍ୟ ଜାତିରେ ଅଛି । ଈଶ୍ୱରଙ୍କ ବିଷୟ ଚିନ୍ତାକଲା ବେଳେ ବ୍ରାହ୍ମଣର ଭାବ, ନିଜକୁ କିମ୍ବା ଅନ୍ୟକୁ ବିପଦରୁ ରକ୍ଷା କଲାବେଳେ କ୍ଷତ୍ରିୟର ଭାବ, ଗୃହରେ ଭାଲି ବିକି-ଖରିଦି କଲାବେଳେ ବୈଶ୍ୟର ଭାବ ଏବଂ କୌଣସି ରୋଗୀର କିମ୍ବା ସାହାଯ୍ୟ-ପ୍ରାର୍ଥୀ ବ୍ୟକ୍ତିର ସେବା ଓ ସାହାଯ୍ୟ କଲାବେଳେ ଶୁଦ୍ରର ଭାବ ପ୍ରତ୍ୟେକ ମନୁଷ୍ୟଠାରେ ଅଛି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ତାଙ୍କଦ୍ୱାରା ସୃଷ୍ଟ ଏହି ଚାତୁର୍ବର୍ଣ୍ୟରୁ ହିନ୍ଦୁ ସମ୍ପ୍ରଦାୟ ଚାରିବର୍ଣ୍ଣ ସୃଷ୍ଟି କରିଅଛି । ଏହି ଚାରିବର୍ଣ୍ଣରୁ ବର୍ତ୍ତମାନ ସହସ୍ରାଧିକ ବର୍ଣ୍ଣ ସୃଷ୍ଟି ହେଲାଣି । ସେ ଯାହାହେଉ, ଚାତୁର୍ବର୍ଣ୍ଣ୍ୟ ବିଷୟରେ କିମ୍ବା ଚାରିବର୍ଣ୍ଣ ବିଷୟରେ ଶ୍ରୀକୃଷ୍ଣ ଏଠାରେ କିମ୍ବା ଅନ୍ୟତ୍ର କହିଛି କହିନାହାନ୍ତି ।

ପ୍ରତ୍ୟେକ ମନୁଷ୍ୟ ନିଜର ପୂର୍ବକୃତ କର୍ମ ଅନୁସାରେ ନିଜର ଗୁଣ-କର୍ମ୍ମ ପାଇଥାଏ । ତେଣୁ ପ୍ରତ୍ୟେକ ମନୁଷ୍ୟ ନିଜର ଗୁଣ-କର୍ମ୍ମର କର୍ତ୍ତା ଅଟେ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି କର୍ମ୍ମ କରି ସୁଦ୍ଧା ସେ ଯେପରି କର୍ମ୍ମରେ ଲିପ୍ତ ନହନ୍ତି ପ୍ରତ୍ୟେକ ମନୁଷ୍ୟ ସେହିପରି କର୍ମ୍ମ କରୁ,

ମାତ୍ର କର୍ମରେ ଲିପ୍ତ ନହୁଅ ଏବଂ କର୍ମବନ୍ଧନରୁ ମୁକ୍ତହେବା ଆଶାରେ କର୍ମସବୁ ପରିତ୍ୟାଗ ନକରୁ ଅର୍ଥାତ୍ କର୍ମସନ୍ନ୍ୟାସ ବ୍ରତ ଅବଲମ୍ବନ ନକରୁ । ପରବର୍ତ୍ତୀ ଶ୍ଳୋକରେ ସେ ଏହିକଥା କହିଅଛନ୍ତି ।

ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।
ଇତି ମାଂ ଯୋଽଭିଜାନାତି କର୍ମଭିର୍ନସ ବଧ୍ୟତେ । ୧୪
ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।
କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତଂ । ୧୫
କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।
ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ । ୧୬
କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ । ୧୭

ଅର୍ଥ—କର୍ମସବୁ ମୋତେ ଲିପ୍ତକରି ପାରେ ନାହିଁ । କର୍ମ ଫଳରେ ମୋର ସ୍ପୃହା ନାହିଁ । ମୋତେ ଏହିପରି ଯେ ଜାଣନ୍ତି କର୍ମସବୁଦ୍ୱାରା ସେ ଆବଦ୍ଧ ହୁଅନ୍ତି ନାହିଁ । ୧୪ । ମୋତେ ଏହିପରି ଜାଣି ପ୍ରାଚୀନ ମୁମୁକ୍ଷୁ-ମାନେ କର୍ମ କରିଥିଲେ । ପ୍ରାଚୀନମାନେ ପୂର୍ବେ ଯେପରି କର୍ମ କରିଥିଲେ, ତୁମ୍ଭେ ମଧ୍ୟ ସେହିପରି କର୍ମରେ ଲିପ୍ତ ନହୋଇ ଓ କର୍ମ-ଫଳରେ ସ୍ପୃହା ନରଖି ସର୍ବଦା କର୍ମ କର ଅର୍ଥାତ୍ କର୍ମସବୁ ପରିତ୍ୟାଗ କରି ସନ୍ନ୍ୟାସୀ ହୁଅ ନାହିଁ । ୧୫ । କର୍ମ କଅଣ ଓ ଅକର୍ମ ଅର୍ଥାତ୍ କର୍ମଶୂନ୍ୟତା ବା କର୍ମ-ତ୍ୟାଗ ବିଷୟରେ ପଣ୍ଡିତମାନେ ମଧ୍ୟ ମୋହରେ ପଡ଼ନ୍ତି । ଯାହା ଜାଣିଲେ ତୁମ୍ଭେ ଅଶୁଭରୁ ମୁକ୍ତ ହେବ ସେହି କର୍ମର କଥା ମୁଁ ତୁମ୍ଭଙ୍କୁ କହିବି । ୧୬ । କର୍ମର କଥା ଜାଣିବାକୁ ହେଲେ କର୍ମ କଅଣ ବିକର୍ମ କଅଣ ଓ ଅକର୍ମ କଅଣ ପ୍ରତ୍ୟେକ ବିଷୟ ନିଜର ବିଚାର ବୁଦ୍ଧିଦ୍ୱାରା ସ୍ଥିର କରିବା ଆବଶ୍ୟକ । କର୍ମର ଗତି ଜାଣିବା ଅତି କଠିନ । ୧୭ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଯେଉଁ କର୍ମ ନିୟମରେ ସମସ୍ତ ବିଶ୍ୱ ପରିଚାଳିତ ତାହା ଜାଣିବା ଅତି କଠିନ । କେଉଁ କର୍ମ ମଙ୍ଗଳପ୍ରଦ, କେଉଁ କର୍ମ ଅନିଷ୍ଟପ୍ରଦ, କେଉଁ କର୍ମ ଆବଶ୍ୟକ ଓ କେଉଁ କର୍ମ ସମ୍ପୂର୍ଣ୍ଣ ଅନାବଶ୍ୟକ, ତାହା ପ୍ରତ୍ୟେକ ବ୍ୟକ୍ତି ନିଜର ବିବେକ-ବୁଦ୍ଧିର ଆଶ୍ରୟ ନେଇ ସ୍ଥିର କରିବା ଉଚିତ ।

*

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ । ୧୮

ଅର୍ଥ—ଯେଉଁ ବ୍ୟକ୍ତି କର୍ମରେ ଅକର୍ମ ଦେଖନ୍ତି ଓ ଅକର୍ମରେ କର୍ମ ଦେଖନ୍ତି, ମନୁଷ୍ୟମାନଙ୍କ ମଧ୍ୟରେ ସେ ବୁଦ୍ଧିମାନ ଅଟନ୍ତି । ସକଳ କର୍ମ କରି ମଧ୍ୟ ସେ ମୁକ୍ତ ଅଟନ୍ତି ବା ଯୋଗୀ ଅଟନ୍ତି ।

ଟିପ୍ପଣୀ—ଶାସ୍ତ୍ରଙ୍କ ଉପରେ ନିର୍ଭରକରି ପଣ୍ଡିତମାନେ କର୍ମବନ୍ଧନରୁ ମୁକ୍ତହେବା ଆଶାରେ କର୍ମସନ୍ନ୍ୟାସ ଅବଲମ୍ବନ କଲେ । ସେଥିପାଇଁ ଶ୍ରୀକୃଷ୍ଣ ଏଠାରେ କହୁଅଛନ୍ତି ଯେ କର୍ତ୍ତବ୍ୟକର୍ମ କରିବାରେ ଯେଉଁ ବ୍ୟକ୍ତି ଅକର୍ମ ଦେଖେ ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତି ଦେଖେ ଏବଂ ଅକର୍ମରେ ଅର୍ଥାତ୍ କର୍ମ ପରିତ୍ୟାଗ କରିବାରେ ଯେଉଁ ବ୍ୟକ୍ତି କର୍ମବନ୍ଧନ ଦେଖେ ସେ ବ୍ୟକ୍ତି ପ୍ରକୃତରେ ବୁଦ୍ଧିମାନ୍ । କର୍ମ କରିବାରେ ଅକର୍ମ ବା କର୍ମଶୂନ୍ୟତା ବା କର୍ମବନ୍ଧନରୁ ମୁକ୍ତି ଦେଖିବାକୁ ହେଲେ କିପରି ଭାବରେ କର୍ମ କରିବା ଆବଶ୍ୟକ, ତାହା ଶ୍ରୀକୃଷ୍ଣଙ୍କର ନିମ୍ନଲିଖିତ ଉକ୍ତି କେତୋଟିରୁ ଜାଣି ପାରିବେ ।

"ଅହଙ୍କାର ବିମୂଢାତ୍ମା କର୍ତ୍ତାଽହମିତି ମନ୍ୟତେ" । ୩ୟ—୨୭
"ଗୁଣାଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ" । ୩ୟ—୨୮
"କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ" । ୪ର୍ଥ-୨୦
ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ । ୧୯ ।
ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।
କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ । ୨୦ ।
ନିରାଶୀର୍ଯତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।
ଶାରୀରଂ କେବଳଂ କର୍ମ କୁର୍ବାନ୍ନାପ୍ନୋତି କିଲ୍ବିଷଂ । ୨୧ ।
ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ । ୨୨ ।

ଅର୍ଥ—କର୍ମସବୁରେ ଯାହାଙ୍କର କାମର ସଂକଳ୍ପ ସୁଦ୍ଧା ନାହିଁ, ନିଜର ଜ୍ଞାନରୂପ ଅଗ୍ନି ଦ୍ୱାରା ଯାହାଙ୍କର ସବୁ କର୍ମ ଦଗ୍ଧ ହୋଇଅଛି, ଜ୍ଞାନୀମାନେ ତାହାଙ୍କୁ ପଣ୍ଡିତ ବୋଲି କହନ୍ତି । ୧୯ । କର୍ମଫଳ ପ୍ରତି ଆସକ୍ତି ତ୍ୟାଗ, ସର୍ବଦା ତୃପ୍ତ ଭାବ, କାହାରି ଆଶ୍ରୟ ନ ଲୋଡ଼ି, କର୍ମରେ ପ୍ରବୃତ୍ତ ହେଲେ ମଧ୍ୟ ସେ କିଛି କରନ୍ତି ନାହିଁ । ୨୦ । ଯାହାଙ୍କର କୌଣସି ବିଷୟରେ ଆଶା ନାହିଁ, ଯାହାଙ୍କର ଚିତ୍ତ ଓ ଆତ୍ମା ସଂଯତ, ଯେ ସବୁ-ପ୍ରକାର ଲୋଭ ପରିତ୍ୟାଗ କରିଅଛନ୍ତି କେବଳ ଶରୀର ଦ୍ୱାରା କର୍ମ କରି ସେ କୌଣସି ପାପ କରନ୍ତି ନାହିଁ । ୨୧ । ଯାହା କିଛି ମିଳିଲା ସେଥିରେ ଯେ ସନ୍ତୁଷ୍ଟ, ସୁଖ ଦୁଃଖାଦି ଦ୍ୱନ୍ଦ୍ୱରୁ ଯେ ଅତୀତ, ଯାହାଙ୍କର କାହାରି ପ୍ରତି ଦ୍ୱେଷ ନାହିଁ, ସିଦ୍ଧି ଓ ଅସିଦ୍ଧିକୁ ଯେ ସମାନ ମନେ କରନ୍ତି, କର୍ମ କରି ସୁଦ୍ଧା ସେ କର୍ମରେ ଆବଦ୍ଧ ହୁଅନ୍ତି ନାହିଁ । ୨୨ ।

ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ । ୨୩ ।

ଅର୍ଥ—କାହାରି ପ୍ରତି ଯାହାଙ୍କର ଆସକ୍ତି ନାହିଁ, ରାଗ ଓ ଦ୍ୱେଷରୁ ଯେ ମୁକ୍ତ, ଯାହାଙ୍କର ଚିତ୍ତ ଜ୍ଞାନରେ ଅବସ୍ଥିତ, ଯଜ୍ଞ ଅଭିପ୍ରାୟରେ କର୍ମ ଆଚରଣ କରୁଥିବା ଏପରି ବ୍ୟକ୍ତିଙ୍କର ସମୁଦାୟ କର୍ମ ବିଲୁପ୍ତ ହୁଏ । ୨୩ ।

ଟିପ୍ପଣୀ—ତୃତୀୟ ଅଧ୍ୟାୟ ୯ମ ଶ୍ଳୋକରେ ମଧ୍ୟ ଯଜ୍ଞର ଅଭିପ୍ରାୟରେ କର୍ମ କରିବାକୁ ଉପଦେଶ ଦିଆଯାଇଅଛି । ସେଠାରେ କିମ୍ବା ଏଠାରେ ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରକାର ଯଜ୍ଞ ସବୁର ଅନ୍ଧ ଅନୁସରଣ କରିବାକୁ କୁହାଯାଇ ନାହିଁ । ଯଜ୍ଞାୟ ଅର୍ଥାତ୍ ଯଜ୍ଞ ଅଭିପ୍ରାୟରେ ଏହି କଥାଟିର ଅର୍ଥ ହେଉଛି ସବୁ ପ୍ରାଣୀଙ୍କର ମଙ୍ଗଳପାଇଁ ଆତ୍ମତ୍ୟାଗ ଅଭିପ୍ରାୟରେ ଭିନ୍ନ ଭିନ୍ନ ପ୍ରକାର ଯଜ୍ଞ ।

ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତଂ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା । ୨୪ ।
ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି । ୨୫ ।

ଶ୍ରୋତ୍ରାଦୀନୀନ୍ଦ୍ରିୟକର୍ମାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି ।
ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି । ୨୬ ।
ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ । ୨୭ ।
ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ । ୨୮ ।
ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ । ୨୯ ।
ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।
ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଲ୍ମଷାଃ । ୩୦
ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନଂ ।
ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ । ୩୧ ।
ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।
କର୍ମଜାନ୍ ବିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ । ୩୨ ।

ଅର୍ଥ—ଅର୍ପଣ ଅର୍ଥାତ୍ ସ୍ରୁବ ଇତ୍ୟାଦି ଦ୍ରବ୍ୟ ବ୍ରହ୍ମ, ଘିଅ ବ୍ରହ୍ମ, ଅଗ୍ନି ବ୍ରହ୍ମ ହୋମ କରିବା ଲୋକ ବ୍ରହ୍ମ ଏବଂ ବ୍ରହ୍ମରୂପ କର୍ମରେ ଏକାଗ୍ରଚିତ୍ତ ବ୍ୟକ୍ତିର ଗନ୍ତବ୍ୟ ସ୍ଥାନ ମଧ୍ୟ ବ୍ରହ୍ମ । ୨୪ । ଅନ୍ୟ ଯୋଗୀମାନେ ଦେବତାପୂଜାରୂପ ଯଜ୍ଞ କରନ୍ତି । ଅନ୍ୟମାନେ ବ୍ରହ୍ମରୂପ ଅଗ୍ନିରେ ଯଜ୍ଞ-କର୍ମଦ୍ୱାରା ସେହି ଯଜ୍ଞ-କର୍ମକୁ ଯଜ୍ଞ କରନ୍ତି । ୨୫ । ଅନ୍ୟମାନେ ସଂଯମ ରୂପ ଅଗ୍ନିରେ ଶ୍ରୋତ୍ରାଦି ଇନ୍ଦ୍ରିୟମାନଙ୍କୁ ଯଜ୍ଞ କରନ୍ତି । ଅନ୍ୟମାନେ ଶବ୍ଦାଦି ବିଷୟସବୁକୁ ଇନ୍ଦ୍ରିୟରୂପ ଅଗ୍ନିରେ ଯଜ୍ଞ କରନ୍ତି । ଅନ୍ୟମାନେ ଜ୍ଞାନଦ୍ୱାରା ପ୍ରଜ୍ୱଳିତ ଆତ୍ମସଂଯମରୂପ ଯୋଗାଗ୍ନିରେ ସମୁଦାୟ ଇନ୍ଦ୍ରିୟରୂପ ଓ ପ୍ରାଣକର୍ମକୁ ଯଜ୍ଞ କରନ୍ତି । ୨୭ । ଅନ୍ୟମାନେ କେହି ଦ୍ରବ୍ୟଯଜ୍ଞ, କେହି ତପଯଜ୍ଞ, କେହି ଯୋଗଯଜ୍ଞ କରନ୍ତି; ଦୃଢ଼ପ୍ରତିଜ୍ଞ ଯତିମାନେ କେହି ଅଧ୍ୟୟନ ଯଜ୍ଞ, କେହି ଜ୍ଞାନ ଯଜ୍ଞ କରନ୍ତି । ୨୮ । ଅନ୍ୟମାନେ ପ୍ରାଣାୟାମ ପରାୟଣ ହୋଇ ଅପାନ ବାୟୁରେ ପ୍ରାଣବାୟୁକୁ ଯଜ୍ଞ କରନ୍ତି ଏବଂ ପ୍ରାଣ ଓ ଅପାନର ଗତିରୋଧ କରି ଅପାନକୁ ପ୍ରାଣରେ ଯଜ୍ଞ କରନ୍ତି । ୨୯ । ଅନ୍ୟମାନେ ମିତାହାରୀ ହୋଇ ପ୍ରାଣରେ ପ୍ରାଣକୁ ଯଜ୍ଞ କରନ୍ତି । ଏହି ସବୁ ଯଜ୍ଞ ଜାଣିବା ବ୍ୟକ୍ତିମାନେ ମଧ୍ୟ ଯଜ୍ଞଦ୍ୱାରା ପାପକ୍ଷୟ

କରି ଯଜ୍ଞଶେଷ ରୂପ ଅମୃତଭୋଜୀ ହୋଇ ସନାତନ ବ୍ରହ୍ମକୁ ଯାଆନ୍ତି । ହେ କୁରୁସତ୍ତମ ! ଯଜ୍ଞହୀନ ବ୍ୟକ୍ତିର, ପରଲୋକ କଥା ପଛକୁ ଥାଉ, ଇହଲୋକ ସୁଦ୍ଧା ନାହିଁ । ୩୦-୩୧ । ବେଦରେ ଏହି ସବୁ ବହୁପ୍ରକାର ଯଜ୍ଞ କଥିତ ଅଛି । ସେହି ବିଭିନ୍ନ ପ୍ରକାର ଯଜ୍ଞ ସବୁ କର୍ମରୁ ଜାତ ଏକଥା ଜାଣିଲେ ତୁମ୍ଭେ ମୁକ୍ତ ହେବ । ୩୨ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଲୋକେ କର୍ମସନ୍ନ୍ୟାସ ଅବଲମ୍ବନ ନ କରନ୍ତୁ ଏବଂ ଯେତେପ୍ରକାର ଯଜ୍ଞର ବିଧାନ ଅଛି ତାହା କର୍ମରୁ ଜାତ, ଏକଥା ଉପଲବ୍ଧି କରି ଯଜ୍ଞ ଅଭିପ୍ରାୟରେ ଅର୍ଥାତ୍ ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ କର୍ମ କରନ୍ତୁ ।

## ଦ୍ରବ୍ୟଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ ଅଟେ

ଶ୍ରେୟାନ୍ ଦ୍ରବ୍ୟମୟାଦ୍‌ଯଜ୍ଞାଜ୍‌ଜ୍ଞାନଯଜ୍ଞଃ ପରନ୍ତପ ।
ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ । ୩୩ ।
ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ । ୩୪ ।
ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି । ୩୫ ।
ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି । ୩୬ ।
ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା । ୩୭ ।
ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି । ୩୮ ।
ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି । ୩୯ ।

ଅର୍ଥ—ହେ ପରନ୍ତପ ! ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଶ୍ରେଷ୍ଠ ଅଟେ । ହେ ପାର୍ଥ ! ସମୁଦାୟ ଅଖିଳ କର୍ମ ଜ୍ଞାନରେ ପରିସମାପ୍ତ ହୁଏ । । ୩୩ । ତୁମ୍ଭେ ନମ୍ରତା ଅବଲମ୍ବନ କରି ପରିପ୍ରଶ୍ନ ଦ୍ୱାରା ଓ ସେବାଦ୍ୱାରା

ସେହି ଜ୍ଞାନକୁ ଜାଣ । ତତ୍ତ୍ୱଦର୍ଶୀ ଜ୍ଞାନୀମାନେ ତୁମ୍ଭଙ୍କୁ ତାହା ଶିକ୍ଷା ଦେବେ । ୩୪ । ହେ ପାଣ୍ଡବ ! ଯାହା ଜାଣି ଆଉ ତୁମ୍ଭେ ଏପରି ମୋହ ପ୍ରାପ୍ତ ହେବ ନାହିଁ, ଯେଉଁ ଜ୍ଞାନଦ୍ୱାରା ତୁମ୍ଭେ ସବୁ ପ୍ରାଣୀଙ୍କୁ ନିଜଠାରେ ଏବଂ ତାପରେ ମୋଠାରେ ସମ୍ପୂର୍ଣ୍ଣ ରୂପେ ଦେଖିବ, ସେହି ଜ୍ଞାନ ପ୍ରକୃତ ଜ୍ଞାନ । ୩୫ ।

ଯଦି ତୁମ୍ଭେ ସବୁ ପାପୀଙ୍କଠାରୁ ଅଧିକତର ପାପୀ ହୋଇଥାଅ, ତେବେ ସୁଦ୍ଧା ସେହି ଜ୍ଞାନରୂପ ନୌକାଦ୍ୱାରା ତୁମ୍ଭେ ସମୁଦାୟ ପାପସାଗର ପାରି ହେବ । ୩୬ । ହେ ଅର୍ଜୁନ ! ପ୍ରଜ୍ୱଳିତ ଅଗ୍ନି ଯେପରି କାଠ ସବୁକୁ ଭସ୍ମ କରେ, ଜ୍ଞାନରୂପ ଅଗ୍ନି ସେହିପରି ସବୁ କର୍ମକୁ ଭସ୍ମ କରେ । ୩୭ । ଜ୍ଞାନ ପରି ପବିତ୍ର ପଦାର୍ଥ ଏହି ସଂସାରରେ ଆଉ କିଛି ନାହିଁ । କର୍ମ କରିବାଦ୍ୱାରା ସିଦ୍ଧିଲାଭ କରି ଯଥା ସମୟରେ ନିଜଠାରେ ମନୁଷ୍ୟ ତାହା ଲାଭ କରେ । ୩୮ । ଶ୍ରଦ୍ଧାବାନ୍ ଓ ତତ୍ପର ଏବଂ ସଂଯତେନ୍ଦ୍ରିୟ ବ୍ୟକ୍ତି ଜ୍ଞାନଲାଭ କରନ୍ତି ଏବଂ ଜ୍ଞାନଲାଭ କରି ଶୀଘ୍ର ପରମ ଶାନ୍ତି ଲାଭ କରନ୍ତି । ୩୯ ।

ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ । ୪୦ ।

ଅର୍ଥ—ଅଜ୍ଞ, ଶ୍ରଦ୍ଧାହୀନ ଏବଂ ସଂଶୟାତ୍ମା ବ୍ୟକ୍ତି ବିନାଶ ପ୍ରାପ୍ତ ହୁଏ । ସଂଶୟାତ୍ମା ବ୍ୟକ୍ତିର ଇହଲୋକ ନାହିଁ, ପରଲୋକ ନାହିଁ ଏବଂ ସୁଖ ମଧ୍ୟ ନାହିଁ । ୪୦ ।

ଟିପ୍ପଣୀ—ଅଜ୍ଞ କହିଲେ ଲୋକେ ବୁଝନ୍ତି ଯେଉଁ ବ୍ୟକ୍ତି ପାଠ ପଢ଼ିନାହିଁ କିମ୍ବା ବେଦ, ପୁରାଣ, ବାଇବେଲ ଇତ୍ୟାଦି କୌଣସି ଧର୍ମଗ୍ରନ୍ଥ ପଢ଼ିନାହିଁ । ମାତ୍ର ଏଠାରେ ଅଜ୍ଞ କଥାଟିର ଅର୍ଥ ତାହା ନୁହେଁ । ବି. ଏ.; ଏମ୍. ଏ., କାବ୍ୟତୀର୍ଥ ଇତ୍ୟାଦି ପାଶ୍ କରିଥିବା ବ୍ୟକ୍ତି ଏବଂ ଧର୍ମଗ୍ରନ୍ଥ ସବୁ ଉତ୍ତମ ରୂପେ ଅଧ୍ୟୟନ କରିଥିବା ମଧ୍ୟ ଅଜ୍ଞ ହୋଇପାରେ । ଯେଉଁ ବ୍ୟକ୍ତି କୁଳାଚାର, ଦେଶାଚାର ଇତ୍ୟାଦିର ଅନ୍ଧ ଅନୁସରଣ କରି କର୍ମ କରେ କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତିର ମତ ଉପରେ କିମ୍ବା କୌଣସି ଧର୍ମଗ୍ରନ୍ଥ ଉପରେ ନିର୍ଭର କରି କର୍ମ କରେ ସେ ହେଉଛି ପ୍ରକୃତରେ

ଅଜ୍ଞ । କାରଣ ନିଜର ଜ୍ଞାନ ଉପରେ ଅର୍ଥାତ୍ ଆତ୍ମଜ୍ଞାନ ଉପରେ ନିର୍ଭର କରି ସେ କର୍ମ କରେ ନାହିଁ । ସେପରି ବ୍ୟକ୍ତି ସଂଶୟାତ୍ମା ହେବା ସ୍ୱାଭାବିକ ଏବଂ ଏପରି ସଂଶୟାତ୍ମା ବ୍ୟକ୍ତି ଆମ୍ଭେମାନେ ସର୍ବଦା ଦେଖିବାକୁ ପାଉଁ ।

ଶ୍ରଦ୍ଧାହୀନ ବ୍ୟକ୍ତି କିଏ ତାହା ବୁଝିବାକୁ ହେଲେ ଶ୍ରଦ୍ଧା କଥାଟିର ପ୍ରକୃତ ଅର୍ଥ ବୁଝିବା ଆବଶ୍ୟକ । ଶ୍ରଦ୍ଧା କାହାକୁ କହନ୍ତି ତାହା ଶ୍ରୀକୃଷ୍ଣ ସପ୍ତଦଶ ଅଧ୍ୟାୟ ଦ୍ୱିତୀୟ ଓ ତୃତୀୟ ଶ୍ଳୋକରେ ବୁଝାଇ ଅଛନ୍ତି । ଶ୍ରଦ୍ଧା କଥାଟିର ଅର୍ଥ ସେହିଠାରେ ଦେଖନ୍ତୁ । ଶ୍ରଦ୍ଧାହୀନ କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି କୌଣସି ନିର୍ଦ୍ଦିଷ୍ଟ କର୍ମ କରିବାରେ ଯେଉଁ ବ୍ୟକ୍ତିର ସ୍ୱଭାବଜାତ ଶ୍ରଦ୍ଧା ନାହିଁ; ଅଥଚ କେବଳ ବାପ ଅଜା କରି ଆସୁଅଛନ୍ତି ବୋଲି ସେ ତାହାର ଅନ୍ଧ ଅନୁସରଣ କରେ କିମ୍ବା କୌଣସି ଧର୍ମଗ୍ରନ୍ଥରେ ଲେଖାଅଛି ବୋଲି ସେଥିରେ ବିଶ୍ୱାସ କରି କର୍ମ କରେ, ସେହି ବ୍ୟକ୍ତି ହେଉଛି ସେହି ନିର୍ଦ୍ଦିଷ୍ଟ କର୍ମରେ ଶ୍ରଦ୍ଧାହୀନ । ସେହି ବ୍ୟକ୍ତି ସେହି କର୍ମକୁ ସଂଶୟାତ୍ମା ହୋଇ କରେ । ସପ୍ତଦଶ ଅଧ୍ୟାୟର ତୃତୀୟ ଶ୍ଳୋକରୁ ଆମ୍ଭେମାନେ ବୁଝିପାରିବୁ ଯେ କୌଣସି ବ୍ୟକ୍ତି ଶ୍ରଦ୍ଧାହୀନ ନୁହେଁ । ଅତଏବ ଏଠାରେ ଶ୍ରଦ୍ଧାହୀନ କଥାଟିର ଅର୍ଥ ହେଉଛି କୌଣସି ନିର୍ଦ୍ଦିଷ୍ଟ କର୍ମରେ ଶ୍ରଦ୍ଧା ନଥିବା ବ୍ୟକ୍ତି ।

ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟଂ ।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ । ୪୧ ।

ଅର୍ଥ—ହେ ଧନଞ୍ଜୟ ! କର୍ମ ସବୁକୁ ଯୋଗରେ ଯେ ଅର୍ପଣ କରିଅଛନ୍ତି, ଏବଂ ସଂଶୟ ସବୁକୁ ଜ୍ଞାନଦ୍ୱାରା ଯେ ଛିନ୍ନ କରିଅଛନ୍ତି, ସେହି ଆତ୍ମାବାନ୍ ବ୍ୟକ୍ତିଙ୍କୁ କର୍ମସବୁ ଆବଦ୍ଧ କରିପାରେ ନାହିଁ । ୪୧ ।

ତସ୍ମାଦଜ୍ଞାନସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ ।
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ । ୪୨ ।

ଅନ୍ୱୟ—ହେ ଭାରତ ! ତସ୍ମାତ୍ ଅଜ୍ଞାନସମ୍ଭୂତଂ ହୃତ୍‌ସ୍ଥଂ ଏନଂ ସଂଶୟଂ ଆତ୍ମନଃ ଜ୍ଞାନାସିନାଛିତ୍ତ୍ୱା ଆତିଷ୍ଠ, ଉତ୍ତିଷ୍ଠ ।

ଅର୍ଥ—ଅତଏବ ହେ ଭାରତ ! ତୁମ୍ଭେ ଅଜ୍ଞାନରୁ ଜାତ, ହୃଦୟରେ ସ୍ଥିତ ଏହି ସଂଶୟକୁ ନିଜର ଜ୍ଞାନରୂପ ଅସିଦ୍ୱାରା ଛିନ୍ନ କରି ଯୋଗର ଅର୍ଥାତ୍ କର୍ମର ଆଶ୍ରୟ ନିଅ ଏବଂ ଉଠ । ୪୨ ।

ଟିପ୍ପଣୀ—ଜ୍ଞାନାସିନାତ୍ମନଃ ଅର୍ଥାତ୍ ନିଜର ଜ୍ଞାନରୂପ ଅସିଦ୍ୱାରା ଏହି କଥାଟିରୁ ପ୍ରକାଶ ଯେ ଅଜ୍ଞାନରୁ ଜାତ ଏବଂ ହୃଦୟରେ ସ୍ଥିତ ସଂଶୟକୁ ଛିନ୍ନ କରିବାକୁ ହେଲେ ନିଜର ଜ୍ଞାନ ଅର୍ଥାତ୍ ଆତ୍ମଜ୍ଞାନ ଏକାନ୍ତ ଆବଶ୍ୟକ । କୌଣସି ଗୁରୁଙ୍କଠାରୁ କମ୍ବା କୌଣସି ଧର୍ମଗ୍ରନ୍ଥରୁ ଧାର ଆଣିଥିବା ଜ୍ଞାନଦ୍ୱାରା ସଂଶୟକୁ ଛିନ୍ନ କରି ହେବନାହିଁ । ଶାସ୍ତ୍ରଜ୍ଞାନ ଉପରେ ଓ ବିଶ୍ୱାସ ଉପରେ ନିର୍ଭର କରିଥିବା ପର୍ଯ୍ୟନ୍ତ ସଂଶୟ ରହିବା ସ୍ୱାଭାବିକ । ଶାସ୍ତ୍ରଜ୍ଞାନ ପରିବର୍ତ୍ତେ ଆତ୍ମଜ୍ଞାନର ପ୍ରତିଷ୍ଠା କରିବା ଏବଂ ବିଶ୍ୱାସ ପରିବର୍ତ୍ତେ ସତ୍ୟର ପ୍ରତିଷ୍ଠା କରିବା ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ । ସାଧନ ପଥରେ ସଂଶୟ ହେଉଛି ମନୁଷ୍ୟର ପ୍ରଧାନ ଶତ୍ରୁ ।

## ସାରକଥା

ଶ୍ରୀକୃଷ୍ଣ ସର୍ବପ୍ରଥମେ ନିଜର ପରିଚୟ ଦେଇ କହିଲେ ଯେ, ତାଙ୍କର ଜନ୍ମ ନାହିଁ ଅର୍ଥାତ୍ ସେ ଦେବକୀ ଓ ବସୁଦେବଙ୍କର ସନ୍ତାନ ନୁହନ୍ତି । ପ୍ରତ୍ୟେକ ବ୍ୟକ୍ତି ନିକଟରେ ସେ ଯଥା ସମୟରେ ବ୍ୟକ୍ତ ହୋଇ ତାଙ୍କୁ ପ୍ରକୃତପଥ ଦେଖାଇ ଦିଅନ୍ତି । ତାଙ୍କ ପ୍ରଦର୍ଶିତ ପଥ ବ୍ୟତୀତ ମନୁଷ୍ୟର ଅନ୍ୟପଥ ନାହିଁ । ଆତ୍ମଜ୍ଞାନ ଅଭାବରୁ ଏବଂ ପ୍ରକୃତ ଶ୍ରଦ୍ଧା ନଥାଇ ଲୋକେ ଯେଉଁ ସବୁ କର୍ମ କରନ୍ତି ତାହା ସେମାନେ ସଂଶୟାତ୍ମା ହୋଇ କରନ୍ତି । ସଂଶୟାତ୍ମା ଲୋକର ଇହଲୋକରେ କମ୍ବା ପରଲୋକରେ କୌଣସିଠାରେ ସୁଖ ନାହିଁ । ନିଜର ସ୍ୱଭାବ ନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହେବାକୁ ହେଲେ ଅଜ୍ଞାନରୁ ଜାତ ସଂଶୟକୁ ଆତ୍ମଜ୍ଞାନ ଦ୍ୱାରା ଛିନ୍ନ କରିବା ଏକାନ୍ତ ଆବଶ୍ୟକ । ମୋଟକଥା ଏହିକି ସଂଶୟାତ୍ମା ବ୍ୟକ୍ତି କୌଣସି କର୍ମ ନିର୍ଭୀକ ଭାବରେ କରିପାରେ ନାହିଁ ।

# ପଞ୍ଚମ ଅଧ୍ୟାୟ—କର୍ମସଂନ୍ୟାସ ଯୋଗ

ଟିପ୍ପଣୀ—ସାଂଖ୍ୟ ବୁଦ୍ଧିକୁ ସମର୍ଥନ ନକରି ସାଂଖ୍ୟବୁଦ୍ଧି ପରିବର୍ତ୍ତେ ଯୋଗବୁଦ୍ଧିକୁ ସମର୍ଥନ କରିବା ଅଭିପ୍ରାୟରେ ଦ୍ୱିତୀୟ ଅଧ୍ୟାୟର ନାମ ଯେପରି ସଂଖ୍ୟାଯୋଗ ଦିଆ ଯାଇଅଛି, କର୍ମସଂନ୍ୟାସକୁ ସମର୍ଥନ ନକରି କର୍ମସଂନ୍ୟାସ ପରିବର୍ତ୍ତେ କର୍ମଯୋଗକୁ ସମର୍ଥନ କରିବା ଅଭି-ପ୍ରାୟରେ ଏହି ଅଧ୍ୟାୟର ନାମ କର୍ମସଂନ୍ୟାସ ଯୋଗ ଦିଆଯାଇଅଛି ।

ଅର୍ଜୁନ ଉବାଚ

ସଂନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଞ୍ଚ ଶଂସସି ।
ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତଂ । ୧ ।

ଅର୍ଥ—(ଅର୍ଜୁନ କହିଲେ) ହେ କୃଷ୍ଣ ! ଆପଣ କର୍ମତ୍ୟାଗର ପ୍ରଶଂସା କରୁଅଛନ୍ତି, ପୁଣି ଯୋଗର ପ୍ରଶଂସା କରୁଅଛନ୍ତି । ଏ ଦୁହିଁଙ୍କ ମଧ୍ୟରେ ଯାହା ମୋ ପକ୍ଷରେ ଶ୍ରେୟ, ସେହି ଗୋଟିକ କଥା ମୋତେ ନିଶ୍ଚୟ କରି କହନ୍ତୁ । ୧ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ବୁଝିନପାରି ତୃତୀୟ ଅଧ୍ୟାୟ ପ୍ରଥମ ଶ୍ଳୋକରେ ଅର୍ଜୁନ ଯେପରି ପ୍ରଶ୍ନ କରିଥିଲେ ଏଠାରେ ମଧ୍ୟ ଅର୍ଜୁନ ଠିକ୍ ସେହିପରି ପ୍ରଶ୍ନ କରିଅଛନ୍ତି । ତୃତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଯେପରି ଉତ୍ତର ଦେଇଅଛନ୍ତି ଏଠାରେ ମଧ୍ୟ ଶ୍ରୀକୃଷ୍ଣ ଠିକ୍ ସେହିପରି ଉତ୍ତର ଦେବେ— ଯାହା ପରବର୍ତ୍ତୀ ଶ୍ଳୋକ ଗୁଡ଼ିକରୁ ବୁଝିପାରିବେ ।

ଶ୍ରୀକୃଷ୍ଣ ଉବାଚ

ସଂନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।
ତୟୋସ୍ତୁ କର୍ମସଂନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ । ୨ ।
ଜ୍ଞେୟଃ ସ ନିତ୍ୟସଂନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ । ୩ ।
ସାଂଖ୍ୟଯୋଗୌ ପୃଥଗ୍‌ବାଳାଃ ପ୍ରବଦନ୍ତି ନ ପଣ୍ଡିତାଃ ।
ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳଂ । ୪ ।

*

ଯତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍‌ଯୋଗୈରପି ଗମ୍ୟତେ
ଏକଂ ସାଂଖ୍ୟଞ୍ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି । ୫ ।
ସଂନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।
ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନ ଚିରେଣାଧିଗଚ୍ଛତି । ୬ ।

ସଂନ୍ୟାସ ଓ କର୍ମଯୋଗ, ଦୁହେଁ ମୋକ୍ଷଜନକ । କିନ୍ତୁ ଏ ଦୁହିଙ୍କ ମଧ୍ୟରେ କର୍ମସଂନ୍ୟାସ ଅପେକ୍ଷା କର୍ମଯୋଗ ଶ୍ରେଷ୍ଠ ଅଟେ । ୨ । ଯେ ଦ୍ୱେଷ କରନ୍ତି ନାହିଁ ଓ ଆକାଙ୍‌କ୍ଷା କରନ୍ତି ନାହିଁ ତାଙ୍କୁ ନିତ୍ୟ ସଂନ୍ୟାସୀ ବୋଲି ଜାଣ । ହେ ମହାବାହୋ ! ଯାହାଙ୍କର ରାଗଦ୍ୱେଷାଦି ଦ୍ୱନ୍ଦ୍ୱ ନାହିଁ ସେ ସହଜରେ ବନ୍ଧନରୁ ମୁକ୍ତ ହୁଅନ୍ତି । ୩ । ପିଲାମାନେ ବା ଅଜ୍ଞମାନେ ସାଂଖ୍ୟ ଓ ଯୋଗକୁ ପୃଥକ୍ ବୋଲି କହନ୍ତି । ପଣ୍ଡିତମାନେ ତାହା କହନ୍ତି ନାହିଁ । କୌଣସି ଗୋଟିକରେ ସମ୍ୟକ୍‌ରୂପେ ଅବସ୍ଥିତ ହେଲେ ଉଭୟଙ୍କର ଫଳ ଲାଭ ହୁଏ । ୪ । ସାଂଖ୍ୟମାନେ ଯେଉଁ ସ୍ଥାନକୁ ଯାଆନ୍ତି ଯୋଗୀମାନେ ମଧ୍ୟ ସେହି ସ୍ଥାନକୁ ଯାଆନ୍ତି । ସାଂଖ୍ୟ ଓ ଯୋଗକୁ ଯେ ଏକ ବୋଲି ଦେଖନ୍ତି ସେ ପ୍ରକୃତରେ ଦେଖନ୍ତି । ୫ । ହେ ମହାବାହୋ ! ଯୋଗ ବ୍ୟତୀତ ଯେ ସଂନ୍ୟାସ ତାହା ଦୁଃଖର ହେତୁ ଅଟେ । ଯୋଗଯୁକ୍ତ ମୁନି ଶୀଘ୍ର ବ୍ରହ୍ମକୁ ଯାଆନ୍ତି । ୬ ।

ଟିପ୍ପଣୀ—ପ୍ରଥମ ଶ୍ଳୋକରେ ଅର୍ଜୁନ 'କର୍ମଣା' ସଂନ୍ୟାସଂ ଅର୍ଥାତ୍ କର୍ମସବୁର ପରିତ୍ୟାଗ ଓ ଯୋଗ ଏହି ଦୁଇଟି କଥା ବ୍ୟବହାର କରିଅଛନ୍ତି ଏବଂ ଏହି ଦୁଇଟି ମଧ୍ୟରେ କିଏ ଶ୍ରେଷ୍ଠ ତାହା ଜାଣିବାକୁ ଇଚ୍ଛା କରିଅଛନ୍ତି । ଚତୁର୍ଥ ଶ୍ଳୋକରେ ଶ୍ରୀକୃଷ୍ଣ 'ସାଖ୍ୟଯୋଗୌ' ଏହି କଥାଟି ବ୍ୟବହାର କରି ବୁଝାଇ ଦେଇଅଛନ୍ତି ଯେ କର୍ମସବୁର ସନ୍ନ୍ୟାସ ବା ପରିତ୍ୟାଗ ଏହି କଥାଟି ପରିବର୍ତ୍ତେ ସେ ସାଖ୍ୟ ଏହି କଥାଟି ବ୍ୟବହାର କରିଅଛନ୍ତି ।

ଷଷ୍ଠ ଶ୍ଳୋକର ଶେଷରେ ଥିବା 'ବ୍ରହ୍ମ ଅଧିଗଚ୍ଛତି' ଅର୍ଥାତ୍ 'ବ୍ରହ୍ମକୁ ଯାଆନ୍ତି ବା ବ୍ରହ୍ମତ୍ୱ ଲାଭ କରନ୍ତି' ଏହି କଥାଟିର ଅର୍ଥ ହେଉଛି ସବୁପ୍ରକାର ସଂକୀର୍ଣ୍ଣ ମନୋଭାବ ଏବଂ ସବୁପ୍ରକାର ମମତା ଦୋଷ ଏବଂ ଅହଂକାର ପରିତ୍ୟାଗ କରି ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ କର୍ମ କରନ୍ତି ।

ଦ୍ୱିତୀୟ ଅଧ୍ୟାୟ ୩୯ଶ ଶ୍ଳୋକରେ ଶ୍ରୀକୃଷ୍ଣ ଯେଉଁ ସାଂଖ୍ୟ କଥାଟିର ବ୍ୟବହାର କରିଅଛନ୍ତି ତାହା ସେ କର୍ମ ସନ୍ନ୍ୟାସକୁ ଲକ୍ଷ୍ୟ ରଖି ବ୍ୟବହାର କରିଅଛନ୍ତି । ଏ କଥା ୪ର୍ଥ ଶ୍ଳୋକରେ ଥିବା "ସାଂଖ୍ୟଯୋଗୌ" କଥାଟିରୁ ବୁଝାଗଲା ।

୨ୟ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ ସାଂଖ୍ୟ ଓ ଯୋଗ ଏହି ଉଭୟ ସମ୍ପ୍ରଦାୟ ମୁକ୍ତିଲାଭ କରନ୍ତି । କାରଣ ଦୁଇ ସମ୍ପ୍ରଦାୟ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିବା ତାଙ୍କର ଅଭିପ୍ରାୟ ନୁହେଁ । ଏଠାରେ ମନେ ରଖିବା ଆବଶ୍ୟକ ଯେ ଶାସ୍ତ୍ରବିଧି ସବୁର ଅନ୍ଧ ଅନୁସରଣ କରି ଯେଉଁମାନେ କର୍ମ କରନ୍ତି ସେମାନେ ଯୋଗ ସମ୍ପ୍ରଦାୟ ଏବଂ ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି ଯେଉଁମାନେ କର୍ମସଂନ୍ୟାସ ଅବଲମ୍ବନ କରନ୍ତି ସେମାନେ ସାଂଖ୍ୟ ସମ୍ପ୍ରଦାୟ ।

ଯୋଗ ଅର୍ଥାତ୍ କର୍ତ୍ତବ୍ୟ କର୍ମର ପ୍ରକୃତ ଅନୁଷ୍ଠାନ କରିବାକୁ ହେଲେ କର୍ମଫଳର ସଂନ୍ୟାସ ବା ତ୍ୟାଗ ଏକାନ୍ତ ଆବଶ୍ୟକ । ଅତଏବ ଯେଉଁ ଯୋଗକୁ ଶ୍ରୀକୃଷ୍ଣ ଶ୍ରେଷ୍ଠ ସ୍ଥାନ ଦେଇଅଛନ୍ତି ତାହା ସଂନ୍ୟାସ ଉପରେ ପ୍ରତିଷ୍ଠିତ ଅଟେ ।

ସଂନ୍ୟାସୀ ଓ ଗୃହୀ ମଧ୍ୟରେ ଗୃହୀ ଶ୍ରେଷ୍ଠ ବୋଲି କେହି କେହି କହନ୍ତି ଏବଂ ସଂନ୍ୟାସୀ ଶ୍ରେଷ୍ଠ ବୋଲି କେହି କେହି କହନ୍ତି । ଶ୍ରୀକୃଷ୍ଣଙ୍କର ମତ ଏହିକି କର୍ମର ଫଳ ସଂନ୍ୟାସ କରି ଗୃହୀ ହେବା ଶ୍ରେଷ୍ଠ ।

ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।
ସର୍ବଭୂତାତ୍ମ ଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ । ୭ ।
ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍
ପଶ୍ୟନ୍ ଶୃଣ୍ୱନ୍ ସ୍ପୃଶନ୍ ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପନ୍ ଶ୍ୱସନ୍ । ୮ ।
ପ୍ରଲପନ୍ ବିସୃଜନ୍ ଗୃହ୍ଣନ୍ନୁନ୍ମିଷନ୍ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ । ୯ ।
ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା । ୧୦ ।

କାୟେନ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି ।
ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ।୧୧।
ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀଂ ।
ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ ।୧୨।

ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ ।
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ ନ କାରୟନ୍ ।୧୩।

ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ।୧୪।

ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ।୧୫।

ଅର୍ଥ—ଯୋଗଯୁକ୍ତ, ବିଶୁଦ୍ଧାତ୍ମା, ବିଜିତାତ୍ମା, ଜିତେନ୍ଦ୍ରିୟ ବ୍ୟକ୍ତି ଓ ଯାହାଙ୍କର ଆତ୍ମା ସବୁ ପ୍ରାଣୀଙ୍କର ଆତ୍ମା, ସେ କର୍ମ କଲେ ସୁଦ୍ଧା କର୍ମରେ ଲିପ୍ତ ହୁଅନ୍ତି ନାହିଁ ।୭। ପ୍ରକୃତ ତତ୍ତ୍ୱ ଜାଣିଥିବା ଯୋଗଯୁକ୍ତ ବ୍ୟକ୍ତି ଦେଖିଲେ, ଶୁଣିଲେ, ସୁଙ୍ଘିଲେ, ଖାଇଲେ, ନିଃଶ୍ୱାସ ମାରିଲେ, କହିଲେ, ଦେଲେ, ନେଲେ, ଆଖି ମେଲି କଲେ ଓ ଆଖି ବୁଜିଲେ ମନେ କରନ୍ତି, "ଇନ୍ଦ୍ରିୟମାନେ ନିଜ ନିଜ କାର୍ଯ୍ୟ କରୁଅଛନ୍ତି, ମୁଁ କିଛି କରୁନାହିଁ ।" ୮-୯ । କର୍ମ ସବୁକୁ ବ୍ରହ୍ମଙ୍କରେ ଅର୍ପଣ କରି ଅର୍ଥାତ୍ ବିଶ୍ୱ-ଜମାନ ମଙ୍ଗଳପାଇଁ କର୍ମ କରି ଏବଂ ଆସକ୍ତି ତ୍ୟାଗ କରି ଯେ କର୍ମ କରନ୍ତି, ପଦ୍ମପତ୍ର ଜଳଦ୍ୱାରା ଲିପ୍ତ ନ ହେବା ପରି ସେ ବ୍ୟକ୍ତି ପାପରେ ଲିପ୍ତ ହୁଅନ୍ତି ନାହିଁ ।୧୦। ଯୋଗୀମାନେ ଆସକ୍ତି ତ୍ୟାଗ କରି କେବଳ ଚିତ୍ତଶୁଦ୍ଧି ପାଇଁ ଶରୀର, ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କଦ୍ୱାରା କର୍ମ କରନ୍ତି । ।୧୧। ଯୁକ୍ତ ବ୍ୟକ୍ତି ଅର୍ଥାତ୍ କର୍ମରେ ନିଯୁକ୍ତ ଥିବା ବ୍ୟକ୍ତି କେବଳ କର୍ମର ଫଳ ତ୍ୟାଗ କରି ନୈଷ୍ଠିକୀ ଶାନ୍ତି ଲାଭ କରନ୍ତି । ଅଯୁକ୍ତ ବ୍ୟକ୍ତି ଅର୍ଥାତ୍ କର୍ମତ୍ୟାଗ କରିଥିବା ବ୍ୟକ୍ତି କର୍ମର ଫଳ ପ୍ରତି ଯେ କାମନା ସେହି କାମନାର ତାଡ଼ନାରେ କର୍ମ ଫଳରେ ଆସକ୍ତ ହୋଇ ଆବଦ୍ଧ ହୁଅନ୍ତି ।୧୨। ବଶୀ ଅର୍ଥାତ୍ ଜିତଚିତ୍ତ ଦେହୀ ସବୁ କର୍ମ ମନଦ୍ୱାରା ସଂନ୍ୟାସ କରି ନଅଟି ଦ୍ୱାରବିଶିଷ୍ଟ ଶରୀରରେ ସୁଖରେ ଅବସ୍ଥାନ କରନ୍ତି । ନିଜେ କିଛି କରନ୍ତି ନାହିଁ କିମ୍ବା କରାନ୍ତି ନାହିଁ ।୧୩। ପ୍ରଭୁ

କାହାର କର୍ତ୍ତୃତ୍ୱ କମ୍ବା କର୍ମ ସବୁ କମ୍ବା କର୍ମଫଳ ସହିତ ସେ ସଂଯୋଗ ତାହା ସୃଷ୍ଟି କରନ୍ତ ନାହିଁ । ପ୍ରତ୍ୟେକ ମନୁଷ୍ୟର ନଜର ସ୍ୱଭାବ ସେ ସବୁକୁ ସୃଷ୍ଟି କରେ । ୧୪ । ଈଶ୍ୱର କାହାର ପାପ କମ୍ବା ସୁକୃତ ଗ୍ରହଣ କରନ୍ତ ନାହିଁ । ଅଜ୍ଞାନ ଦ୍ୱାରା ଜ୍ଞାନ ଆବୃତ ଥିବାରୁ ଲୋକେ ମୋହରେ ପଡ ଏପର ମନେ କରନ୍ତ । ୧୫ ।

ଟିପ୍‌ପଣୀ—ମନୁଷ୍ୟର ପାପ ଓ ସୁକୃତ ବଚାର କର ତଦନୁସାରେ ଦଣ୍ଡ ଓ ପୁରସ୍କାର ଦେବା ଈଶ୍ୱରଙ୍କର କର୍ମ ନୁହେଁ । କୃତକର୍ମର ଫଳ ଭୋଗ କରବାକୁ ହେବ ଏହା ତାଙ୍କର ସୃଷ୍ଟି କୌଶଳର ନୟମ । ସଂସାରରେ ଜନ୍ମ ହେଲେ ପାପାଚରଣ କରବାକୁ ହୁଏ ଏବଂ ସେହ ପାପକର୍ମର ଫଳରୁ ଅବ୍ୟାହତ ପାଇବା ଅଭପ୍ରାୟରେ ଭଗବାନଙ୍କୁ ପ୍ରାର୍ଥନା କରବା ଆବଶ୍ୟକ ଏପର ଯେ ଭ୍ରାନ୍ତ ଧାରଣା ତାହା ମନୁଷ୍ୟର ଅଜ୍ଞାନଜନତ ମୋହ ଅଟେ ।

ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।
ତେଷାମାଦତ୍ୟବଜ୍‌ଜ୍ଞାନଂ ପ୍ରକାଶୟତି ତତ୍ପରଂ । ୧୬ ।
ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନର୍ଦ୍ଧୂତକଳ୍ମଷାଃ । ୧୭ ।

ଅର୍ଥ—ନଜର ଜ୍ଞାନଦ୍ୱାରା ଯେଉଁମାନଙ୍କର ସେହ ଅଜ୍ଞାନ ନଷ୍ଟ ହୋଇଅଛି ସେମାନଙ୍କର ସେହ ଜ୍ଞାନ ସୂର୍ଯ୍ୟ ସମସ୍ତ ଜଗତକୁ ପ୍ରକାଶ କଲପର ପରମାତ୍ମାଙ୍କୁ ପ୍ରକାଶ କରେ । ୧୬ । ସେହ ପରମାତ୍ମାଙ୍କଠାରେ ଯେଉଁମାନଙ୍କର ବୁଦ୍ଧି, ଯେଉଁମାନଙ୍କର ଆତ୍ମା, ଯେଉଁମାନଙ୍କର ନଷ୍ଠା ଏବଂ ସେହ ପରମାତ୍ମା ଯେଉଁମାନଙ୍କର ଏକମାତ୍ର ଆଶ୍ରୟ ସେମାନେ ନଜର ଜ୍ଞାନଦ୍ୱାରା ପାପ ଧୌତ କର ଆଉ ଏ ଭୂଲୋକରେ ଜନ୍ମଗ୍ରହଣ କରନ୍ତ ନାହିଁ । ୧୭ ।

ଟିପ୍‌ପଣୀ—୧୬ଶ ଶ୍ଳୋକରେ ଶ୍ରୀକୃଷ୍ଣଙ୍କର ଅଭପ୍ରାୟ ଏହକ ପରମାତ୍ମାଙ୍କୁ କପର ପାଇବ ଓ କପର ଦେଖିବ ଏଥିପାଇଁ ନାନାପ୍ରକାର ଉପାୟ ଅବଲମ୍ବନ କରବାକୁ ବୃଥାରେ ଚେଷ୍ଟା ନକର ମନୁଷ୍ୟ ନଜର

ଆତ୍ମଜ୍ଞାନ ସାହାଯ୍ୟରେ ନିଜର ଅଜ୍ଞାନତାକୁ ଦୂର କରିବାକୁ ଚେଷ୍ଟା କରିବା ଆବଶ୍ୟକ । ତାହା କଲେ ନିଜର ଅଜ୍ଞାନତା ଯେତେ ଯେତେ ଦୂର ହେଉଥିବ ପରମାତ୍ମା ଆପେ ସେତେ ସେତେ ପ୍ରକାଶିତ ହେଉଥିବେ ।

୧୭ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ ଯେ ପରମାତ୍ମାଙ୍କୁ ପାଇବାକୁ ହେଲେ କିମ୍ବା ପୁନର୍ଜନ୍ମରୁ ଉଦ୍ଧାର ପାଇବାକୁ ହେଲେ ନିଜର ଆତ୍ମଜ୍ଞାନ ଦ୍ୱାରା ନିଜର ପାପସବୁକୁ ମଧ୍ୟ ଦୂର କରିବା ଆବଶ୍ୟକ ।

ପରମାତ୍ମାଙ୍କୁ ଦେଖିବା କଥା ଓ ପୁନର୍ଜନ୍ମରୁ ଉଦ୍ଧାର ପାଇବା କଥା ଶ୍ରୀକୃଷ୍ଣ କେଉଁ ଅଭିପ୍ରାୟରେ କହିଅଛନ୍ତି ତାହା ୬ଷ୍ଠ ଅଧ୍ୟାୟ ୧୯ଶ ଶ୍ଳୋକ ଟିପ୍ପଣୀରେ ଦେଖି ପାରିବେ ।

ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ । ୧୮ ।
ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ । ୧୯ ।

ଅର୍ଥ—ବିଦ୍ୟା ଓ ବିନୟସମ୍ପନ୍ନ ବ୍ରାହ୍ମଣ, ଗୋରୁ, ହାତୀ, କୁକୁର ଓ ଚଣ୍ଡାଳ ଏମାନଙ୍କ ପ୍ରତି ପଣ୍ଡିତମାନେ ସମଦର୍ଶୀ ଅଟନ୍ତି । ୧୮ । ଯେଉଁମାନଙ୍କର ମନ ସମଦୃଷ୍ଟିରେ ଅବସ୍ଥିତ ସେମାନେ ଏହି ସଂସାରରେ ଥାଇ ସୁଦ୍ଧା ସଂସାରକୁ ଜୟ କରନ୍ତି । ବ୍ରହ୍ମ ହେଉଛନ୍ତି ନିର୍ଦ୍ଦୋଷ ଏବଂ ସମସ୍ତଙ୍କ ପ୍ରତି ସମାନ । ତେଣୁ ଯେଉଁମାନେ ନିର୍ଦ୍ଦୋଷ ଏବଂ ସମସ୍ତଙ୍କ ପ୍ରତି ସମାନ ସେମାନେ ବ୍ରହ୍ମରେ ଅବସ୍ଥିତ ଅଟନ୍ତି । ୧୯ ।

ଟିପ୍ପଣୀ—ଗୋରୁ, ହାତୀ ଓ କୁକୁରଙ୍କ କଥା ଛାଡ଼ନ୍ତୁ । ବ୍ରାହ୍ମଣକୁ ଓ ଚଣ୍ଡାଳକୁ ଯେଉଁମାନେ ସମାନ ଦୃଷ୍ଟିରେ ଦେଖନ୍ତି ସେହିମାନେ ହେଉଛନ୍ତି ପ୍ରକୃତରେ ପଣ୍ଡିତ ଏହିକଥା ଶ୍ରୀକୃଷ୍ଣ କହିଅଛନ୍ତି । ପଣ୍ଡିତମାନେ ଚଣ୍ଡାଳକୁ ଘୃଣାକରି ତାକୁ ଅସ୍ପୃଶ୍ୟ ରଖିଥିବାରୁ ଶ୍ରୀକୃଷ୍ଣ ଏଠାରେ ପଣ୍ଡିତ କଥାଟି କହିଲେ । କାରଣ ସେହି ପଣ୍ଡିତମାନଙ୍କ ଆଦର୍ଶରୁ ଜନସାଧାରଣ ମଧ୍ୟ ଚଣ୍ଡାଳକୁ ଘୃଣା କରି ଅସ୍ପୃଶ୍ୟ ରଖିଲେ ।

୧୯ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ ଯେ ବ୍ରହ୍ମରେ ଅବସ୍ଥାନ କରିବାକୁ ହେଲେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ଚେଷ୍ଟା କରିବା ଆବଶ୍ୟକ । ସମସ୍ତଙ୍କୁ ଦୋଷଶୂନ୍ୟ ଏବଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବାକୁ ଇଚ୍ଛା ନକରି ଧର୍ମଗ୍ରନ୍ଥ ମାନଙ୍କରେ ଲେଖାଥିବା ଉପାୟ ସବୁ ଅବଲମ୍ବନ କରି ବ୍ରହ୍ମରେ ଅବସ୍ଥାନ କରିବାକୁ ଇଚ୍ଛା କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ । କଳ୍ପନାଶ୍ରିତ ବ୍ରହ୍ମରେ ଅବସ୍ଥାନ କରିବାକୁ ଚେଷ୍ଟା କରିବା ଅପେକ୍ଷା ସମସ୍ତଙ୍କୁ ନିର୍ଦ୍ଦୋଷ ଏବଂ ସମାନ ଦୃଷ୍ଟିରେ ଦେଖିବା ବିଶେଷ ସହଜ ସାଧ୍ୟ । ସମସ୍ତଙ୍କୁ ନିର୍ଦ୍ଦୋଷ ଏବଂ ସମସ୍ତଙ୍କୁ ସମାନ ଦେଖିପାରିଲେ ବ୍ରହ୍ମରେ ଅବସ୍ଥାନ କରିବାପାଇଁ ଲୋକେ ବ୍ୟାକୁଳ ହେବେନାହିଁ । ବ୍ରହ୍ମରେ ଅବସ୍ଥାନ କରିବା ଏବଂ ସମସ୍ତଙ୍କୁ ନିର୍ଦ୍ଦୋଷ ଓ ସମାନ ଦେଖିବା ଏ ଦୁହେଁ ଶ୍ରୀକୃଷ୍ଣଙ୍କ ମତରେ ଏକାକଥା ।

ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟ ନୋଦ୍‌ବିଜେତ୍ ପ୍ରାପ୍ୟଚାପ୍ରିୟଂ
ସ୍ଥିରବୁଦ୍ଧିରସଂମୂଢ଼ୋ ବ୍ରହ୍ମବିଦ୍ ବ୍ରହ୍ମଣିସ୍ଥିତଃ । ୨୦ ।
ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ସୁଖଂ ।
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ । ୨୧ ।
ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ! ନ ତେଷୁ ରମତେ ବୁଧଃ । ୨୨ ।
ଶକ୍ନୋତୀହୈବ ଯଃ ସୋଢ଼ୁଂ ପ୍ରାକ୍ ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ । ୨୩ ।
ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି । ୨୪ ।
ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଳ୍ମଷାଃ ।
ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ । ୨୫ ।
କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାଂ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାଂ । ୨୬ ।
ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ । ୨୭ ।
ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।
ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ । ୨୮ ।

ଅର୍ଥ—ବ୍ରହ୍ମରେ ଅବସ୍ଥିତ, ବ୍ରହ୍ମବିଦ୍, ସ୍ଥିରବୁଦ୍ଧି ଏବଂ ମୋହଶୂନ୍ୟ ବ୍ୟକ୍ତି ପ୍ରିୟ ବସ୍ତୁ ପାଇ ହୃଷ୍ଟ ହୁଅନ୍ତି ନାହିଁ କିମ୍ବା ଅପ୍ରିୟ ବସ୍ତୁ ପାଇ ଦୁଃଖ କରନ୍ତି ନାହିଁ । ୨୦ । ବାହ୍ୟ ସ୍ପର୍ଶରେ ଅସକ୍ତାତ୍ମା ବ୍ୟକ୍ତି ନିଜ ଭିତରେ ଯେଉଁ ସୁଖ ଅନୁଭବ କରନ୍ତି ଯୋଗଦ୍ୱାରା ବା ନିଜକର୍ମ ଦ୍ୱାରା ବ୍ରହ୍ମରେ ଯୁକ୍ତ ହୋଇ ଅର୍ଥାତ୍ ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ ସେହି କର୍ମ କରି ସେ ଅକ୍ଷୟ ସୁଖ ଲାଭ କରନ୍ତି । ୨୧ । ହେ କୌନ୍ତେୟ ! ସଂସ୍ପର୍ଶରୁ ଜାତ ଯେ ଭୋଗ ତାହା ଦୁଃଖ ଜନ୍ମାଏ । ତାହାର ଆଦି ଅଛି ଓ ଅନ୍ତ ଅଛି । ପଣ୍ଡିତମାନେ ସେଥିରେ ଆନନ୍ଦ ପାଆନ୍ତି ନାହିଁ । ୨୨ । ଦେହତ୍ୟାଗ କରିବା ପୂର୍ବ ପର୍ଯ୍ୟନ୍ତ କାମ ଓ କ୍ରୋଧରୁ ଜାତ ଯେଉଁ ବେଗ ତାହା ଯେ ସହ୍ୟ କରି ପାରନ୍ତି ସେ ପ୍ରକୃତରେ ଯୁକ୍ତ ଓ ପ୍ରକୃତରେ ସୁଖୀ ଅଟନ୍ତି । ୨୩ । ଯେଉଁ ବ୍ୟକ୍ତି ଅନ୍ତରରେ ସୁଖ ଓ ଶାନ୍ତି ଉପଭୋଗ କରନ୍ତି ଏବଂ ଯାହାଙ୍କର ଅନ୍ତର ଜ୍ୟୋତିର୍ମୟ ସେହି ଯୋଗୀ ନିଜେ ବ୍ରହ୍ମ ହୋଇ ବ୍ରହ୍ମନିର୍ବାଣ ଲାଭ କରନ୍ତି । ୨୪ । ପାପକୁ କ୍ଷୟ କରିଥିବା, ସଂଶୟକୁ ଛିନ୍ନ କରିଥିବା, ନିଜକୁ ସଂଯତ କରିଥିବା ଏବଂ ସବୁ ପ୍ରାଣୀଙ୍କର ମଙ୍ଗଳରେ ରତ ଥିବା ଋଷିମାନେ ବ୍ରହ୍ମନିର୍ବାଣ ଲାଭ କରନ୍ତି । ୨୫ । କାମ କ୍ରୋଧରୁ ବିଯୁକ୍ତ, ସଂଯତଚିତ୍ତ ଏବଂ ନିଜକୁ ଜାଣିଥିବା ଯତିମାନଙ୍କ ପକ୍ଷରେ ବ୍ରହ୍ମ-ନିର୍ବାଣ ଲାଭ କରିବା ସହଜ ଅଟେ । ୨୬ । ବାହ୍ୟସ୍ପର୍ଶ ସହିତ ସମ୍ବନ୍ଧ ନ ରଖି ଚକ୍ଷୁକୁ ଭ୍ରୂମଧ୍ୟରେ ରଖି ନାସାର ଅଭ୍ୟନ୍ତରଗାମୀ ପ୍ରାଣ ଓ ଅପାନକୁ ସମାନ କରି ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ପରସ୍ପର ସାମଞ୍ଜସ୍ୟ ରଖି ମୋକ୍ଷପରାୟଣ ହୋଇ ଇଚ୍ଛା, ଭୟ ଓ କ୍ରୋଧଶୂନ୍ୟ ହୋଇ ରହିବା ବ୍ୟକ୍ତି ସର୍ବଦା ମୁକ୍ତ ଅଟନ୍ତି । ୨୭-୨୮ ।

ଟିପ୍ପଣୀ—୨୧ଶ ଶ୍ଳୋକରେ କୁହାଯାଇଅଛି ଯେ, ଯେ କୌଣସି କର୍ମ କରି ମଧ୍ୟ ସେହି କର୍ମକୁ ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ କରି-ପାରିଲେ ମନୁଷ୍ୟ ସେହି କର୍ମ କରି ଅକ୍ଷୟ ସୁଖ ପାଇପାରିବ ।

ଏହି ଅଧ୍ୟାୟ ୧୦ମ ଶ୍ଳୋକରେ କର୍ମସବୁକୁ ବ୍ରହ୍ମରେ ଅର୍ପଣ କରିବାକୁ କୁହାଯାଇଅଛି ଏବଂ ୨୧ଶ ଶ୍ଳୋକରେ ନିଜ କର୍ମଦ୍ୱାରା ବ୍ରହ୍ମରେ ଯୁକ୍ତହେବା କଥା କୁହାଯାଇଅଛି । ଏ ଦୁହେଁ ଏକା କଥା । ମାତ୍ର ବ୍ରହ୍ମ କଥାଟିକୁ ଲୋକେ ଯେପରି ବୁଝନ୍ତି ସେହି କଳ୍ପନାତୀତ ବ୍ରହ୍ମରେ କର୍ମ-

ସବୁକୁ ଅର୍ପଣ କରିବା କିମ୍ବା ନିଜ କର୍ମଦ୍ୱାରା ସେହି କଳ୍ପନାଶ୍ରିତ ବ୍ରହ୍ମରେ ଯୁକ୍ତ ହେବା କଳ୍ପନାଶ୍ରିତ ଏବଂ ସମ୍ପୂର୍ଣ୍ଣ ଅସମ୍ଭବ । ଶ୍ରୀକୃଷ୍ଣ ବ୍ୟବହାର କରିଥିବା ବ୍ରହ୍ମ କଥାଟିର ଅର୍ଥ ହେଉଛି ସମସ୍ତ ବିଶ୍ୱ ଅର୍ଥାତ୍ ଯହିଁରେ କୌଣସି ପ୍ରକାର ସଙ୍କୀର୍ଣ୍ଣତାର ଓ ସ୍ୱାର୍ଥପରତାର ସ୍ଥାନ ନାହିଁ । ମନୁଷ୍ୟ ଯେ କୌଣସି କର୍ମକରୁ, ସେହି କର୍ମକୁ ସେ ସମସ୍ତ ବିଶ୍ୱର ବା ସମସ୍ତ ମନୁଷ୍ୟ ଜାତିର ମଙ୍ଗଳ ଅଭିପ୍ରାୟରେ କରୁ । ଏପରି ଭାବରେ କର୍ମ କରିବା ହେଉଛି କର୍ମସବୁକୁ ବ୍ରହ୍ମରେ ଅର୍ପଣ କରିବା ଓ ନିଜ କର୍ମଦ୍ୱାରା ବ୍ରହ୍ମରେ ଯୁକ୍ତ ହେବା ।

ଲୋକେ ମୃତ୍ୟୁପରେ ବ୍ରହ୍ମନିର୍ବାଣ ଲାଭ କରିବାକୁ ବ୍ୟାକୁଳ ହୁଅନ୍ତି ବୋଲି ୨୪ଶ ଓ ୨୫ଶ ଶ୍ଳୋକ ଦୁଇଟିରେ ଶ୍ରୀକୃଷ୍ଣ ବ୍ରହ୍ମହେବା ଓ ବ୍ରହ୍ମନିର୍ବାଣ ଲାଭ କରିବା କଥା କହିଲେ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ବ୍ରହ୍ମହେବା ପାଇଁ କିମ୍ବା ବ୍ରହ୍ମନିର୍ବାଣ ଲାଭ କରିବାପାଇଁ ବୃଥାରେ ବ୍ୟାକୁଳ ନ ହୋଇ ଲୋକେ ଅନ୍ତଃସୁଖ ଅର୍ଥାତ୍ ନିଜ ଭିତରେ ପ୍ରକୃତ ସୁଖ-ଶାନ୍ତି ପାଇବାକୁ ଇଚ୍ଛା କରନ୍ତୁ ଏବଂ ସେହି ଅଭିପ୍ରାୟରେ କର୍ମ ସବୁକୁ ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ କରନ୍ତୁ । ସଂଶୟ ସବୁ ଛିନ୍ନ କରି (୪ର୍ଥ ଅଧ୍ୟାୟ ଶେଷ ତିନୋଟି ଶ୍ଳୋକ ଦେଖିପାରନ୍ତି) ଏହିପରି ଭାବରେ କର୍ମ ସବୁ ସମ୍ପନ୍ନ କଲେ ବ୍ରହ୍ମନିର୍ବାଣ ଲାଭ ଆପେ ଆପେ ହେବ ।

ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରଂ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି । ୨୯ ।

ଅର୍ଥ---ଯେଉଁ ବ୍ୟକ୍ତି ମୋତେ ଯଜ୍ଞ ଓ ତପସ୍ୟାର ଭୋକ୍ତାରୂପେ, ସମସ୍ତ ସଂସାରର ମହେଶ୍ୱର ରୂପେ ଏବଂ ସବୁ ପ୍ରାଣୀଙ୍କର ବନ୍ଧୁରୂପେ ଜାଣନ୍ତି, ସେ ପ୍ରକୃତରେ ଶାନ୍ତିଲାଭ କରନ୍ତି । ୨୯ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କୁ କେବଳ ଅର୍ଜୁନଙ୍କର ସଖା ବୋଲି କିମ୍ବା ନିଜର ସଖା ବୋଲି ଗ୍ରହଣ ନ କରି ସମସ୍ତ ମନୁଷ୍ୟଜାତିର ତଥା ପ୍ରତ୍ୟେକ ବ୍ୟକ୍ତିର ସଖା ବୋଲି ଉପଲବ୍ଧି କରିବା ଏକାନ୍ତ ଆବଶ୍ୟକ ।

*

## ସାରକଥା

କର୍ମବନ୍ଧନରୁ ମୁକ୍ତହେବା ଆଶାରେ କର୍ମ ସନ୍ନ୍ୟାସ ଅବଲମ୍ବନ କରିବା ଅର୍ଥାତ୍ କର୍ମସବୁ ପରିତ୍ୟାଗ କରିବା ଉଚିତ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଏପରି ଭାବରେ କର୍ମ କରିବା ଆବଶ୍ୟକ ଯେ ତାହାର କର୍ମର ଫଳ ସମସ୍ତ ମାନବ ସମାଜ ଭୋଗ କରିବ ଏବଂ ଯେହେତୁ ସେ ହେଉଛି ସମସ୍ତ ମାନବ ସମାଜର ଅଂଶ, ତେଣୁ ମାନବ ସମାଜର ଅଂଶ ଭାବରେ ସେ ମଧ୍ୟ ତାହା ଭୋଗ କରିବ । ପ୍ରତ୍ୟେକ ବ୍ୟକ୍ତିର ବୁଝିବା ଆବଶ୍ୟକ ଯେ ସମସ୍ତ ମାନବ ସମାଜର ଦୁଃଖ ଓ ଅଶାନ୍ତିର କାରଣ ହେଉଛି ସେ ନିଜେ । ଅତଏବ ନିଜ ଭିତରେ ଦୋଷ ସବୁ ଦେଖି ସମସ୍ତ ମାନବ ସମାଜକୁ ନିର୍ଦ୍ଦୋଷ ଦେଖିବା ଉଚିତ । ପ୍ରକୃତ ଶାନ୍ତି ପାଇବାକୁ ହେଲେ ଶ୍ରୀକୃଷ୍ଣଙ୍କୁ ସମସ୍ତ ମାନବ ସମାଜର ଚିରସଖା ବୋଲି ଜାଣିବାକୁ ହେବ । ମୋଟ କଥା ଏହିକି ସବୁ ପ୍ରକାର ସଙ୍କୀର୍ଣ୍ଣ ସ୍ୱାର୍ଥ ଚିନ୍ତାକୁ ମନରୁ ଦୂର କରି ପାରିଲେ ମନୁଷ୍ୟ ନିଜର ସୁଖ ଓ ଶାନ୍ତି ନିଜ ଭିତରେ ପାଇ ପାରିବ । ବାହାରେ ସୁଖ ଖୋଜିବା ଦୁଃଖର କାରଣ ଅଟେ ।

———

# ଷଷ୍ଠ ଅଧ୍ୟାୟ—ଧ୍ୟାନଯୋଗ

## ଶ୍ରୀକୃଷ୍ଣ ଉବାଚ

ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମକରୋତି ଯଃ ।
ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ । ୧ ।

ଅନ୍ୱୟ—କର୍ମଫଳଂ ଅନାଶ୍ରିତଃ ଯଃ କାର୍ଯ୍ୟଂ କର୍ମ କରୋତି ସଃ ସନ୍ନ୍ୟାସୀ ଚ । ଯୋଗୀ ଚ, ନିରଗ୍ନିଃ ନ ଚ ଅକ୍ରିୟଃ ନ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, କର୍ମଫଳକୁ ଆଶ୍ରୟ ନ କରି ଯେ କର୍ତ୍ତବ୍ୟ କର୍ମ କରନ୍ତି ସେ ହେଉଛନ୍ତି ସନ୍ନ୍ୟାସୀ ଏବଂ ସେ ହେଉଛନ୍ତି ଯୋଗୀ । ଅଗ୍ନିତ୍ୟାଗ କରିଥିବା ବ୍ୟକ୍ତି ଏବଂ କ୍ରିୟାତ୍ୟାଗ କରିଥିବା ବ୍ୟକ୍ତି ସଂନ୍ୟାସୀ ନୁହନ୍ତି କିମ୍ବା ଯୋଗୀ ନୁହନ୍ତି । ୧ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ମହାତ୍ମାଗାନ୍ଧୀଙ୍କ ପରି ବ୍ୟକ୍ତି, ଯେ କର୍ମ ଫଳକୁ ଆଶ୍ରୟ ନକରି କର୍ତ୍ତବ୍ୟବୋଧରେ କର୍ମ କରନ୍ତି ସେ ହେଉଛନ୍ତି ପ୍ରକୃତରେ ସନ୍ନ୍ୟାସୀ ଓ ପ୍ରକୃତରେ ଯୋଗୀ । ଯେଉଁ ବ୍ୟକ୍ତି ଶାସ୍ତ୍ରୋକ୍ତ ଅଗ୍ନିହୋତ୍ରାଦି କର୍ମ ପରିତ୍ୟାଗ କରି କିମ୍ବା ନିଜର ସ୍ୱଭାବ-ନିୟତ କର୍ମ ପରିତ୍ୟାଗ କରି ସଂନ୍ୟାସୀ ଓ ଯୋଗୀନାମ ଗ୍ରହଣ କରିଅଛନ୍ତି ସେ ସଂନ୍ୟାସୀ ନୁହଁନ୍ତି କିମ୍ବା ଯୋଗୀ ନୁହନ୍ତି ।

## ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟ

ନ ଆଶ୍ରିତଃ ଅନାଶ୍ରିତଃ କିଂ କର୍ମଫଳଂ କର୍ମଣଃ ଫଳଂ ଯତ୍ ତତ୍ ଅନାଶ୍ରିତଃ କର୍ମଫଳତୃଷ୍ଣା ରହିତଃ ଇତ୍ୟର୍ଥଃ । ଯୋ ହି କର୍ମଫଳେ ତୃଷ୍ଣାବାନ୍ ସ କର୍ମଫଳଂ ଆଶ୍ରିତୋ ଭବତି । ଅୟଂ ତୁ ତଦ୍ ବିପରୀତଃ ଅତଃ ଅନାଶ୍ରିତଃ କର୍ମଫଳଂ ।

ଏବଂଭୂତଃ ସନ୍ କାର୍ଯ୍ୟଂ, କର୍ତ୍ତବ୍ୟଂ, ନିତ୍ୟଂ, କାମ୍ୟ ବିପରୀତଂ, ଅଗ୍ନିହୋତ୍ରାଦିକଂ କରୋତି ନିବର୍ତ୍ତୟତି ଯଃ କଶ୍ଚିତ୍, ଯଃ ଇଦୃଶଃ କର୍ମୀ ସ କର୍ମ୍ମିଣ୍ଠରେଭ୍ୟୋ ବିଶିଷ୍ୟତେ ଇତି ଏବଂ ଅର୍ଥଂ ଆହ; ସ ସନ୍ନ୍ୟାସୀ ଚ

ଯୋଗୀ ଚ । ସଂନ୍ୟାସଃ ପରିତ୍ୟାଗଃ, ସ ଯସ୍ୟ ଅସ୍ତି ସ ସଂନ୍ୟାସୀ ଚ ଯୋଗୀ ଚ; ଯୋଗଃ ଚିତ୍ତ ସମାଧାନଂ ସ ଯସ୍ୟ ଅସ୍ତି ସ ଯୋଗୀ ଚ ଇତି ଏବଂ ଗୁଣ ସମ୍ପନ୍ନଃ ଅୟଂ ମନ୍ତବ୍ୟଃ । ନ କେବଲଂ ନିରଗ୍ନିଃ ଅକ୍ରିୟ ଏବ ସଂନ୍ୟାସୀ ଯୋଗୀ ଚ ଇତି ମନ୍ତବ୍ୟଃ ।

ନିର୍ଗତାଃ ଅଗ୍ନୟଃ କର୍ମାଙ୍ଗଭୂତା ଯସ୍ମାତ୍ ସ ନିରଗ୍ନିଃ, ଅକ୍ରିୟଃ ଚ ଅନଗ୍ନି ସାଧନା ଅପି ଅବିଦ୍ୟମାନାଃ କ୍ରିୟାଃ ତପୋ ଦାନାଦିକା ଯସ୍ୟ ଅସୌ ଅକ୍ରିୟଃ ।

ନନୁ ଚ ନିରଗ୍ନେଃ ଅକ୍ରିୟସ୍ୟ ଏବ ଶ୍ରୁତି, ସ୍ମୃତି, ଯୋଗଶାସ୍ତ୍ରେଷୁ ସଂନ୍ୟାସିତ୍ୱଂ ଯୋଗିତ୍ୱଂ ଚ ପ୍ରସିଦ୍ଧଂ କଥଂ ଇହ ସାଗ୍ନେଃ ସକ୍ରିୟସ୍ୟ ସଂନ୍ୟାସିତ୍ୱଂ ଯୋଗିତ୍ୱଂ ଚ ଅପ୍ରସିଦ୍ଧଂ ଉଚ୍ୟତେ ଇତି, ନୈଷ ଦୋଷଃ । କୟାଚିତ୍ ଗୁଣବୃତ୍ତ୍ୟା ଉଭୟସ୍ୟ ସଂପିପାଦୟିଷିତତ୍ୱାତ୍ ତତ୍ କଥଂ କର୍ମଫଳ ସଂକଳ୍ପ ସଂନ୍ୟାସାତ୍ ସଂନ୍ୟାସିତ୍ୱଂ ଯୋଗାଙ୍ଗତ୍ୱେନ ଚ କର୍ମାନୁଷ୍ଠାନାତ୍ କର୍ମଫଳ ସଂକଳ୍ପସ୍ୟ ବା ଚିତ୍ତବିକ୍ଷେପ ହେତୋଃ ପରିତ୍ୟାଗାତ୍ ଯୋଗିତ୍ୱଂ ଚେତି ।

ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କର ଉପରଲିଖିତ ଭାଷ୍ୟରୁ ଯେଉଁ ଅର୍ଥ ପ୍ରକାଶ ପାଇଅଛି ତାହା ତଳେ ଦିଆଗଲା—

କର୍ମଫଳକୁ ଆଶ୍ରୟ ନ କରି କର୍ତ୍ତବ୍ୟ କର୍ମ, ନିତ୍ୟକର୍ମ, କାମ୍ୟ ବ୍ରତପାଳିତ କର୍ମ, ଅଗ୍ନିହୋତ୍ରାଦି କର୍ମ କରନ୍ତି—ଏପରି ଯେ କର୍ମୀ ସେ ଅନ୍ୟକର୍ମୀମାନଙ୍କ ଅପେକ୍ଷା ଅର୍ଥାତ୍ କର୍ମଫଳକୁ ଆଶ୍ରୟ କରୁଥିବା କର୍ମୀମାନଙ୍କ ଅପେକ୍ଷା ଶ୍ରେଷ୍ଠ ଅଟନ୍ତି ; ସେ ସଂନ୍ୟାସୀ ଅଟନ୍ତି ଏବଂ ସେ ଯୋଗୀ ଅଟନ୍ତି ; କେବଳ ଯେ, ଅଗ୍ନିହୋତ୍ରାଦି କର୍ମ ଓ ଅଗ୍ନି ସହିତ ସମ୍ବନ୍ଧ ନଥିବା ତପୋଦାନାଦି କର୍ମ ପରିତ୍ୟାଗ କରିଥିବା ବ୍ୟକ୍ତି ସନ୍ନ୍ୟାସୀ ଓ ଯୋଗୀ ଅଟନ୍ତି, ତାହା ନୁହେଁ ।

ସଂନ୍ୟାସ କହିଲେ ଆମ୍ଭେମାନେ କର୍ମ ପରିତ୍ୟାଗ ଓ ଗୃହସ୍ଥାଶ୍ରମ ପରିତ୍ୟାଗ ବୋଲି ବୁଝୁଁ ; ମାତ୍ର ଗୀତା ପ୍ରସ୍ତାବିତ ସଂନ୍ୟାସ ତାହା ନୁହେଁ ।

ଗୀତା-ପ୍ରସ୍ତାବିତ ସଂନ୍ୟାସ ହେଉଛି କର୍ମର ଫଳ କାମନା ପରିତ୍ୟାଗ । ଯୋଗ କହିଲେ ଆମ୍ଭେମାନେ ବୁଝୁଁ ଚିତ୍ତସମାଧାନ, ଯାହା ଶଙ୍କରାଚାର୍ଯ୍ୟଙ୍କର ଉପରଲିଖିତ ଭାଷ୍ୟରୁ ମଧ୍ୟ ପ୍ରକାଶ । ମାତ୍ର ଗୀତା-ପ୍ରସ୍ତାବିତ ଯୋଗ ତାହା ନୁହେଁ । ଗୀତା-ପ୍ରସ୍ତାବିତ ଯୋଗ ହେଉଛି ସିଦ୍ଧି ଓ ଅସିଦ୍ଧିକୁ ସମାନ ମନେ କରି କର୍ମ କରିବା । "ସମତ୍ୱଂ ଯୋଗ ଉଚ୍ୟତେ"—( ୨ୟ—୪୮ ) । ବୁଦ୍ଧିଯୁକ୍ତ ହୋଇ କର୍ମ କରିବା ମଧ୍ୟ ଯୋଗ ଅଟେ "ଯୋଗଃ କର୍ମସୁ କୌଶଳଂ" ( ୨ୟ—୫୦ ) । ଅତଏବ ଗୀତାକାର ଯେଉଁ ନୂତନ ଶିକ୍ଷା ଦେଇଅଛନ୍ତି ତାହା ଆମ୍ଭମାନଙ୍କର ବଦ୍ଧମୂଳଧାରଣା ସବୁର ସମ୍ପୂର୍ଣ୍ଣ ବିପରୀତ ଅଟେ । ସଂନ୍ୟାସ କଥାଟିର ଅର୍ଥ ହେଉଛି ପରିତ୍ୟାଗ ଏକଥା ଶଙ୍କରାଚାର୍ଯ୍ୟ ତାଙ୍କ ଭାଷ୍ୟରେ ଲେଖିଅଛନ୍ତି । ଅତଏବ କର୍ମର ଫଳ ପରିତ୍ୟାଗ କରିଥିବା କର୍ମୀ ଗୀତାକାର ଓ ଶଙ୍କରାଚାର୍ଯ୍ୟ ଉଭୟଙ୍କ ମତରେ ସଂନ୍ୟାସୀ ଅଟନ୍ତି । ଅଗ୍ନି ଓ କ୍ରିୟା ପରିତ୍ୟାଗ କରିଥିବା ବ୍ୟକ୍ତି ଗୀତାକାରଙ୍କ ମତରେ ସଂନ୍ୟାସୀ ନୁହନ୍ତି ମାତ୍ର ଶଙ୍କରାଚାର୍ଯ୍ୟଙ୍କ ମତରେ ସଂନ୍ୟାସୀ ଅଟନ୍ତି । ଶଙ୍କରାଚାର୍ଯ୍ୟଙ୍କର ମତ ଗୀତାକାରଙ୍କର ମତ ସହିତ ନ ମିଳିବାରୁ ଶଙ୍କରାଚାର୍ଯ୍ୟ "ନ କେବଳଂ" ଏହି କଥାଟି ମୂଳଶ୍ଳୋକରେ ଯୋଗ କରିଦେଇ ନିଜମତ ସହିତ ଗୀତାକାରଙ୍କର ମତକୁ ମିଳାଇ ଦେବାକୁ ଚେଷ୍ଟା କରିଅଛନ୍ତି, ଏହା ସୁସ୍ପଷ୍ଟରୂପେ ବୁଝାଯାଉଅଛି ।

"କାର୍ଯ୍ୟଂ କର୍ମ" ଏହି କଥାଟିର ଅର୍ଥ ହେଉଛି କର୍ତ୍ତବ୍ୟ-କର୍ମ, ଏକଥା ସମସ୍ତଙ୍କୁ ଉତ୍ତମରୂପେ ଜଣାଅଛି ଏବଂ ଏହି ଅର୍ଥହିଁ ଏଠାରେ ପ୍ରଯୁଜ୍ୟ । କାର୍ଯ୍ୟଂ କର୍ମ କଥାଟିର ଅର୍ଥ କର୍ତ୍ତବ୍ୟ କର୍ମ ଏକଥା ୩ୟ ଅଧ୍ୟାୟ ୧୯ ଶ୍ଳୋକରେ ଥିବା "କାର୍ଯ୍ୟଂ କର୍ମ ସମାଚର କଥାଟିରୁ ମଧ୍ୟ ଜାଣି ପାରିବେ । କାର୍ଯ୍ୟଂ କର୍ମ ଏହି କଥାଟି ଭିନ୍ନ ଭିନ୍ନ ବ୍ୟକ୍ତିର ଭିନ୍ନ ଭିନ୍ନ କର୍ତ୍ତବ୍ୟ କର୍ମକୁ ବୁଝାଉ ଅଛି । ମାତ୍ର ଏହି ସରଳ କଥାଟିକୁ ଶଙ୍କରାଚାର୍ଯ୍ୟ କର୍ତ୍ତବ୍ୟ କର୍ମ, ନିତ୍ୟକର୍ମ, କାମ୍ୟଫଳରହିତ-କର୍ମ ଓ ଅଗ୍ନିହୋତ୍ରାଦି କର୍ମ—ଏହି ଚାରି-ପ୍ରକାର ଅର୍ଥ କରୁଅଛନ୍ତି । ଏହି ଚାରି ପ୍ରକାର ଅର୍ଥ ମଧ୍ୟରୁ ଗୋଟିଏ ଅର୍ଥ ହେଉଅଛି ଅଗ୍ନିହୋତ୍ରାଦି କର୍ମ—ଯାହା କେବଳ ଅଗ୍ନିହୋତ୍ରାଦି କରୁଥିବା ଅଳ୍ପ କେତେଜଣ ବ୍ରାହ୍ମଣଙ୍କର କର୍ମ ଅଟେ । "କାର୍ଯ୍ୟଂକର୍ମ" ଏହି କଥାଟିକୁ ଏପରି ସଂକୀର୍ଣ୍ଣ ଅର୍ଥରେ ଗୀତାକାର କଦାପି ବ୍ୟବହାର କରିନାହାନ୍ତି । ଆଜି ମଧ୍ୟ ଅଗ୍ନିହୋତ୍ରାଦି କର୍ମ ହେଉଛି ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ

କର୍ମ—ଏପ୍ରର ଅସଙ୍ଗତ କଥା ଗୀତାରେ କୌଣସିଠାରେ ନାହିଁ ଓ ରହି ନପାରେ ।

"ସ ସଂନ୍ୟାସୀ ଚ ଯୋଗୀ ଚ" ଏହି ଉକ୍ତିରେ ଦୁଇଟି 'ଚ' ଥିବାରୁ ବୁଝାଯାଉଅଛି ଯେ କର୍ମଫଳକୁ ଆଶ୍ରୟ ନକରି କର୍ତ୍ତବ୍ୟକର୍ମ କରିବା ବ୍ୟକ୍ତି ହେଉଛନ୍ତି ପ୍ରକୃତରେ ସନ୍ୟାସୀ ଓ ପ୍ରକୃତରେ ଯୋଗୀ ଏକଥା ଶ୍ରୀକୃଷ୍ଣ ଜୋର ଦେଇ କହୁଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହି କି କର୍ମର ଫଳ-କାମନା ପରିତ୍ୟାଗ କରିବାରୁ ସେ ହେଉଛନ୍ତି ସଂନ୍ୟାସୀ ଏବଂ କର୍ତ୍ତବ୍ୟ-କର୍ମ କରୁଥିବାରୁ ସେ ହେଉଛନ୍ତି ଯୋଗୀ ବା କର୍ମୀ । ଶ୍ରୀକୃଷ୍ଣଙ୍କର ଏହିମତ ଆମ୍ଭେମାନେ ସମସ୍ତ ଗୀତାରେ ଦେଖି ପାରିବୁ । ଆଜି ମଧ ଏହି ମତ ହିଁ ଆମ୍ଭମାନଙ୍କର ବ୍ୟକ୍ତିଗତ ଜୀବନରେ ପ୍ରଯୁଜ୍ୟ ଓ ଗ୍ରହଣୀୟ । ଶ୍ରୀକୃଷ୍ଣଙ୍କର ଏହି ମତକୁ ସମର୍ଥନ କରି ପରବର୍ତ୍ତୀ ଶ୍ଳୋକରେ ସେ କହିଅଛନ୍ତି "ଯାହାକୁ ସଂନ୍ୟାସ କହନ୍ତି ତାକୁ ଯୋଗ ବୋଲି ଜାଣ; ସଂକଳ୍ପ ବା ଫଳକାମନା ପରିତ୍ୟାଗ ନ କଲେ କେହି ଯୋଗୀ ହୋଇ ନ ପାରେ ।" ମୋଟ କଥା ଏହିକି ନିଜ ନିଜର ସ୍ୱଭାବ-ନିୟତ କର୍ତ୍ତବ୍ୟ କର୍ମ କରିବା ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ଏକାନ୍ତ ଆବଶ୍ୟକ ଏବଂ ଫଳ କାମନା ପରିତ୍ୟାଗ କରି ନିଜର ସ୍ୱଭାବ-ନିୟତ କର୍ତ୍ତବ୍ୟ-କର୍ମ କରିପାରିଲେ ସେପରି ବ୍ୟକ୍ତିକୁ ସଂନ୍ୟାସୀ ଓ ଯୋଗୀ କୁହାଯିବ ।

କର୍ତ୍ତବ୍ୟ-କର୍ମ ପୂର୍ବରୁ 'ସ୍ୱଭାବ-ନିୟତ' ଏହି ବିଶେଷଣଟି ମୁଁ କାହିଁକି ଯୋଗ କଲି ତାହା ପାଠକମାନଙ୍କ ମଧ୍ୟରୁ ଅନେକ ବୁଝି ପାରିବେ ନାହିଁ ବୋଲି ମୋର ଧାରଣା । ୧୮ଶ ଅଧ୍ୟାୟ ୪୭ ଓ ୪୮ ଶ୍ଳୋକରେ ଥିବା ସ୍ୱଭାବ-ନିୟତ କର୍ମ ଓ ସହଜଂ କର୍ମ—ଏହି ଦୁଇଟି କଥାର ଅର୍ଥ ବୁଝିଲେ ସେମାନଙ୍କର ସନ୍ଦେହ ଦୂର ହେବ । ଏଠାରେ ସେ ବିଷୟର ଆଲୋଚନା ଅନାବଶ୍ୟକ । ଯଥାସ୍ଥାନରେ ତାହା ଦେଖିପାରିବେ ।

'ଅକ୍ରିୟ' ଏହି କଥାଟିର ଅର୍ଥ ହେଉଛି ନିଜର କ୍ରିୟା ବା ସ୍ୱଭାବ-ନିୟତ କର୍ମ ପରିତ୍ୟାଗ କରିଥିବା ବ୍ୟକ୍ତି ଏବଂ 'ନିରଗ୍ନି' ଏହି କଥାଟିର ଅର୍ଥ ହେଉଛି ଅଗ୍ନି ପରିତ୍ୟାଗ କରିଥିବା ବ୍ୟକ୍ତି ଅର୍ଥାତ୍ ଶାସ୍ତ୍ରୋକ୍ତ ଅଗ୍ନି ହୋମାଦି କର୍ମ ପରିତ୍ୟାଗ କରିଥିବା ବ୍ୟକ୍ତି । 'ଅକ୍ରିୟ' ଏହି କଥାଟି

କହିଲେ 'ନିରଗ୍ନି' କୁ ମଧ୍ୟ ବୁଝାଉଅଛି, କାରଣ ନିରଗ୍ନି ବ୍ୟକ୍ତି ମଧ୍ୟ ଅକ୍ରିୟ ଅଟେ ଅର୍ଥାତ୍ ସକ୍ରିୟ ନୁହେଁ । ଏହି ଶ୍ଳୋକରେ ଶ୍ରୀକୃଷ୍ଣ 'ଅକ୍ରିୟ' ଏହି ଗୋଟିଏ କଥା ନ କହି 'ନିରଗ୍ନି' ଓ 'ଅକ୍ରିୟ' ଏହି ଦୁଇଟି କଥା କହିବାର କାରଣ ଏହି କି ସଂସାରରେ ଅଗ୍ନିହୋତ୍ରାଦି କର୍ମ କରୁଥିବା ବ୍ୟକ୍ତି ଓ ଅଗ୍ନିହୋତ୍ରାଦି କର୍ମ କରୁ ନଥିବା ବ୍ୟକ୍ତି—ଏହି ଦୁଇ ଶ୍ରେଣୀର ବ୍ୟକ୍ତି ଅଛନ୍ତି । ଏହି ଦୁଇ ଶ୍ରେଣୀର ବ୍ୟକ୍ତି ଯଥାକ୍ରମେ ଅଗ୍ନିହୋତ୍ରାଦି କର୍ମ ପରିତ୍ୟାଗ କରି ଏବଂ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ କରି ସମାଜରେ ନିଜକୁ ସନ୍ନ୍ୟାସୀ ଓ ଯୋଗୀ ବୋଲି ପରିଚୟ ଦିଅନ୍ତି । ଶ୍ରୀକୃଷ୍ଣ ସମସ୍ତ ମାନବ ସମାଜକୁ ଶିକ୍ଷା ଦେଉଥିବାରୁ ନିରଗ୍ନି ଓ ଅକ୍ରିୟ ଏହି ଦୁଇଟି କଥା ବ୍ୟବହାର କରିଅଛନ୍ତି । 'କାର୍ଯ୍ୟଂ କର୍ମ' ଓ 'ଅକ୍ରିୟ' ଏହି ଦୁଇଟି କଥାରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ । ମାତ୍ର ନିରଗ୍ନି ଏହି କଥାଟିରେ ସଂକୀର୍ଣ୍ଣତା ଅଛି । ନିରଗ୍ନି କହିଲେ ଅଗ୍ନି ପୂଜା ଇତ୍ୟାଦି କର୍ମ ପରିତ୍ୟାଗ କରିଥିବା କେତେକଜଣ ବ୍ରାହ୍ମଣମାନଙ୍କୁ ବୁଝାଉ ଅଛି ।

ପରବର୍ତ୍ତୀ ଆଲୋଚନାରେ ଅଗ୍ରସର ହେବା ପୂର୍ବରୁ ଆଉ ଗୋଟିଏ କଥା ମନେ ରଖିବା ଆବଶ୍ୟକ । ଦ୍ୱିତୀୟ ଅଧ୍ୟାୟ ୪୨ଶ ଶ୍ଳୋକରେ 'ଅବିପଶ୍ଚିତଃ ଅର୍ଥାତ ମୂଢ଼ମାନେ' ଏହି କଥାଟି କହିବା ଦ୍ୱାରା ଫଳକାମନା କରି ଯଜ୍ଞାଦି-କର୍ମ କରିବାକୁ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ନିନ୍ଦା କରିଅଛନ୍ତି । ୩ୟ ଅଧ୍ୟାୟ ୧୭ଶ ଓ ୧୯ଶ ଶ୍ଳୋକରୁ ବୁଝିପାରିବେ ଯେ ଆତ୍ମାବାନ ଓ ବୁଦ୍ଧିଯୁକ୍ତ ହୋଇ କର୍ମ କରିବା ବ୍ୟକ୍ତିପକ୍ଷରେ ଯଜ୍ଞାଦି କର୍ମ କରିବା ଅନାବଶ୍ୟକ ଅଟେ । ମାତ୍ର ୧୮ଶ ଅଧ୍ୟାୟ ୫ମ ଓ ୬ଷ୍ଠ ଏହି ଦୁଇଟି ଶ୍ଳୋକରୁ ବୁଝିପାରିବେ ଯେ ଫଳକାମନା ଓ ଆସକ୍ତି ପରିତ୍ୟାଗ କରି କେବଳ କର୍ତ୍ତବ୍ୟବୋଧରେ ଯଜ୍ଞାଦି କର୍ମ କରିବାକୁ ଶ୍ରୀକୃଷ୍ଣ ସମର୍ଥନ କରିଅଛନ୍ତି । "ନିରଗ୍ନି" ଏହି କଥାଟି ଶ୍ରୀକୃଷ୍ଣ କେବଳ ଏହି ଶ୍ଳୋକଟିରେ ବ୍ୟବହାର କରିଅଛନ୍ତି ଏବଂ ନିରଗ୍ନି ହୋଇ ଅର୍ଥାତ୍ ଶାସ୍ତ୍ରୋକ୍ତ ଅଗ୍ନି ପୂଜାଦି କର୍ମ ପରିତ୍ୟାଗ କରି ସନ୍ନ୍ୟାସୀ ଓ ଯୋଗୀ ବୋଲାଇବାକୁ ଶ୍ରୀକୃଷ୍ଣ କେବଳ ଏହି ଶ୍ଳୋକରେ ନିନ୍ଦା କରିଅଛନ୍ତି' ମାତ୍ର ଅକ୍ରିୟ ହେବାକୁ ଅର୍ଥାତ୍ ନିଜର ସ୍ୱଭାବ-ନିୟତ କର୍ମ ପରିତ୍ୟାଗ କରି ସନ୍ନ୍ୟାସୀ ଓ ଯୋଗୀ ବୋଲାଇବାକୁ ଶ୍ରୀକୃଷ୍ଣ, କେବଳ ଏହି ଶ୍ଳୋକରେ

ବୁଝେଁ, ବାରମ୍ବାର ନନ୍ଦା କରଅଛନ୍ତ । ନରଗ୍ନି କଥାଟି ସେ ଏଠାରେ କାହିଁକ ବ୍ୟବହାର କରଅଛନ୍ତ ତାହା ପୂର୍ବେ ଆଲୋଚନା କରାଯାଇଛୁ ।

ନରଗ୍ନି ଓ ଅକ୍ରିୟ ଏହି କଥାଟିର ପୂର୍ବେ "ନ କେବଳଂ" ଏହି କଥାଟି ଯୋଗ କରଦେଇ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଯେଉଁ ଅର୍ଥ କରଅଛନ୍ତ ତାହା ପୂର୍ବେ ଦଆଯାଇଅଛୁ । "ନ କେବଳଂ" ଏହି କଥାଟି ସେ କାହିଁକ ଯୋଗକଲେ ତାହା ବୁଝାଇବା ପାଇଁ ଯେଉଁ ସବୁ ଯୁକ୍ତ ସେ ଦେଖାଇ ଅଛନ୍ତ ତାହାର ସମାଲୋଚନା କରବା ସଂପୂର୍ଣ୍ଣ ଅନାବଶ୍ୟକ । ତାହା ବର୍ଣ୍ଣନା କଲେ ସ୍ୱତନ୍ତ୍ର ଖଣ୍ଡିଏ ବହି ହେବ । ଯେତିକ ଜାଣିଲେ ଆମ୍ଭେମାନେ ଗୀତାକାରଙ୍କର ଅଭିପ୍ରାୟ ଓ ଶଙ୍କରାଚାର୍ଯ୍ୟଙ୍କର ଅଭିପ୍ରାୟ ଜାଣିପାରବୁ ଏବଂ ସ୍ୱାଧୀନ ଭାବରେ ଚନ୍ତା କର ଶ୍ଲୋକଟିର ପ୍ରକୃତ ଅର୍ଥ ସ୍ଥିର କର ପାରବୁ, କେବଳ ସେତିକ କଥା ମୁଁ ଲେଖିଅଛୁ । ମୁଁ ଯେତିକ ଲେଖିଅଛୁ ସେ ସମସ୍ତର ଅର୍ଥ ମଧ୍ୟ ବୁଝିବା ଆବଶ୍ୟକ ହେବ ନାହିଁ—ଆବଶ୍ୟକ ହେବ କେବଳ ରେଖାଙ୍କିତ ଦୁଇ ତିନୋଟି କଥା । ଶଙ୍କରାଚାର୍ଯ୍ୟଙ୍କର ପ୍ରଧାନ ଯୁକ୍ତ ଏହିକ ଅଗ୍ନିହୋତ୍ରାଦ କର୍ମ ଓ ଅଗ୍ନି ସହିତ ସମ୍ବନ୍ଧ ନଥିବା ତପୋଦାନାଦ କର୍ମ ପରତ୍ୟାଗ କରଥିବା ବ୍ୟକ୍ତଙ୍କୁ ଶ୍ରୁତ ସ୍ମୃତ ଓ ଯୋଗ ଶାସ୍ତ୍ରମାନଙ୍କରେ ସଂନ୍ୟାସୀ ଓ ଯୋଗୀ କୁହାଯାଇ ସେମାନଙ୍କୁ ଶ୍ରେଷ୍ଠସ୍ଥାନ ଦଆଯାଇଥିବା ସ୍ଥଳେ ଗୀତାକାର ଏଠାରେ କପର କହୁଅଛନ୍ତ ଯେ ଅଗ୍ନିହୋତ୍ରାଦ କର୍ମ ଓ ତପୋଦାନାଦ କର୍ମ କରୁଥିବା ବ୍ୟକ୍ତ ମଧ୍ୟ ସଂନ୍ୟାସୀ ଓ ଯୋଗୀ ଅଟନ୍ତ । ଶଙ୍କରାଚାର୍ଯ୍ୟ ପୁଣି କହୁଅଛନ୍ତ ଯେ ଏପର କହିବାରେ ଗୀତାକାରଙ୍କର ଦୋଷ ନାହିଁ, କାରଣ ଗୀତାକାର କହୁଅଛନ୍ତ ଯେ ଅଗ୍ନିହୋତ୍ରାଦ କର୍ମ ଓ ତପୋଦାନାଦ କର୍ମ କରୁଥିଲେ ମଧ୍ୟ କର୍ମଫଳକୁ ଆଶ୍ରୟ ନ କର ଏହିସବୁ କର୍ମ କରୁଥିବାରୁ ସେପର ବ୍ୟକ୍ତ ମଧ୍ୟ ସଂନ୍ୟାସୀ ଓ ଯୋଗୀ ଅଟନ୍ତ । କର୍ମ ଫଳର ସଂକଳ୍ପ ହେଉଚ ଚତ୍ତ ବକ୍ଷେପର କାରଣ । ତାହା ପରତ୍ୟାଗ କରଥିବାରୁ ସେ ଯୋଗୀ ଅଟନ୍ତ ।

ବର୍ତ୍ତମାନ ପ୍ରକୃତ କଥା ବୁଝନ୍ତୁ । ଅଗ୍ନିହୋତ୍ରାଦ କର୍ମ ଓ ତପୋଦାନାଦ କର୍ମ ପରତ୍ୟାଗ କରଥିବା ବ୍ୟକ୍ତ ସଂନ୍ୟାସୀ ଓ ଯୋଗୀ ଅଟନ୍ତ, ଏକଥା ଗୀତାକାର କହୁଅଛନ୍ତ ବୋଲି ଶଙ୍କରାଚାର୍ଯ୍ୟ କହୁଅଛନ୍ତ; ମାତ୍ର ଗୀତାକାର ପ୍ରକୃତରେ ତାହା କହୁନାହାନ୍ତ । ଶ୍ରୁତ, ସ୍ମୃତ ଓ

ଯୋଗଶାସ୍ତ୍ରମାନଙ୍କରେ ଲେଖାଥିବା କଥାକୁ ସତ୍ୟବୋଲି ଗ୍ରହଣ କରି ଶଙ୍କରାଚାର୍ଯ୍ୟ ଏପରି କହୁଅଛନ୍ତି । ଶାସ୍ତ୍ରମାନଙ୍କରେ ଲେଖାଥିବା ଉକ୍ତି ଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରିଥିବାରୁ ଶଙ୍କରାଚାର୍ଯ୍ୟଙ୍କ ମନରେ ସଂଶୟ ଉପସ୍ଥିତ ହୋଇଅଛି । ଗୀତାକାରଙ୍କର ମତକୁ ମଧ୍ୟ ସେ ଭ୍ରାନ୍ତ ବୋଲି କହି ପାରୁନାହାନ୍ତି । ସେଥିପାଇଁ ଗୀତାକାରଙ୍କର ମତକୁ ଏବଂ ଅନ୍ୟ ଶାସ୍ତ୍ରମାନଙ୍କର ମତ ଉପରେ ପ୍ରତିଷ୍ଠିତ ନିଜ ମତକୁ, ଏହି ଉଭୟ ମତକୁ ସମର୍ଥନ କରିବା ଅଭିପ୍ରାୟରେ ଶଙ୍କରାଚାର୍ଯ୍ୟ ମୂଳ ଶ୍ଳୋକରେ 'ନ କେବଳଂ' ଏହି କଥାଟି ଯୋଗ କରିଦେଇ ଏପରି ଅର୍ଥ କରିଅଛନ୍ତି । ଗୀତାକାରଙ୍କର ଉକ୍ତିରେ ଶଙ୍କରାଚାର୍ଯ୍ୟ ଯେପରି ଦୋଷାରୋପ କରୁନାହାନ୍ତି । ଶଙ୍କରାଚାର୍ଯ୍ୟଙ୍କର ଯୁକ୍ତିରୁ ବୁଝାଯାଉଅଛି ଯେ ଶ୍ରୁତି, ସ୍ମୃତି ଓ ଯୋଗ ଶାସ୍ତ୍ରମାନଙ୍କ ଦ୍ୱାରା ତାଙ୍କର ବୁଦ୍ଧି ବିପ୍ରତିପନ୍ନା ଅର୍ଥାତ୍ ବିଚଳିତ ହୋଇଥିଲା । ୨ୟ ଅଧ୍ୟାୟ ୫୩ ଶ୍ଳୋକରେ ଥିବା "ଶ୍ରୁତି ବିପ୍ରତିପନ୍ନା ତେ ବୁଦ୍ଧି" ଏହି କଥାଟି ଆଉ ଥରେ ଭଲକରି ବୁଝନ୍ତୁ । ଏହି କଥାଟିର ଅର୍ଥ ଏହି କି ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କିମ୍ବା ବେଦଦ୍ୱାରା କିମ୍ବା ଶାସ୍ତ୍ରଗତ ଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମର ବୁଦ୍ଧି ।

ଏହି ବହିର ଭୂମିକାଟି ଆଉଥରେ ପଢ଼ିଲେ ବୁଝି ପାରିବେ ଯେ, ଯେଉଁ କାରଣରୁ ଶଙ୍କରାଚାର୍ଯ୍ୟ ୨ୟ ଅଧ୍ୟାୟ ୩୯ଶ ଶ୍ଳୋକରେ ଥିବା 'ବୁଦ୍ଧୌ' କଥାଟିର ପୂର୍ବେ 'ସାଂଖ୍ୟ' ଏହି ବିଶେଷଣଟି ଯୋଗ କରି ଏବଂ ବୁଦ୍ଧୌ କଥାଟିକୁ 'ସାଖ୍ୟବୁଦ୍ଧୌ' ବୋଲି ଅର୍ଥ କରି ଗୀତାକାର ସମର୍ଥନ କରି ନ ଥିବା ସାଂଖ୍ୟବୁଦ୍ଧି କଥାଟିକୁ ସମର୍ଥନ କରିଅଛନ୍ତି, ଠିକ୍ ସେହି କାରଣରୁ ସେ ନିରଗ୍ନି ଓ ଅକ୍ରିୟ କଥାଟିର ପୂର୍ବେ 'ନ କେବଳଂ' କଥାଟି ଯୋଗ କରିଦେଇ ଗୀତାକାର ସମର୍ଥନ କରିନଥିବା କର୍ମ-ସଂନ୍ୟାସକୁ ବା କର୍ମ ପରିତ୍ୟାଗକୁ ସମର୍ଥନ କରିଅଛନ୍ତି । ଏହି ମନୋବୃତ୍ତି ପୋଷଣ କରି ଶଙ୍କରାଚାର୍ଯ୍ୟ ଗୀତାର ଯେଉଁ ଭାଷ୍ୟ କରିଅଛନ୍ତି ତାହା ଗୀତା-ଧର୍ମର ସଂପୂର୍ଣ୍ଣ ବିପରୀତ ହୋଇଅଛି ଏଥିରେ ସନ୍ଦେହ ନାହିଁ ।

ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟରୁ ଆମ୍ଭେମାନେ ଗୋଟିଏ ଏକାନ୍ତ ଆବଶ୍ୟକୀୟ କଥା ଶିଖିଲୁ । ଅଗ୍ନିହୋତ୍ରାଦି କର୍ମ ଓ ତପୋଦାନାଦି କର୍ମ କରିବାକୁ ଯେଉଁ ଶାସ୍ତ୍ର ବ୍ୟବସ୍ଥା ଦେଇଛି, ଏହି ସବୁ କର୍ମ ପରିତ୍ୟାଗ

କରିବାକୁ ମଧ୍ୟ ସେହି ଶାସ୍ତ୍ର ବ୍ୟବସ୍ଥା ଦେଇଛି । ସମସ୍ତଙ୍କୁ ସବୁ ଅବସ୍ଥାରେ ଓ ସବୁଦିନ ପାଇଁ ଶାସ୍ତ୍ରୋକ୍ତ ବ୍ୟବସ୍ଥା ; ବୁଝି ଅନ୍ଧଅନୁସରଣ କରିବାକୁ କିମ୍ବା ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି କର୍ମ ସଂନ୍ୟାସ ଅବଲମ୍ବନ କରିବାକୁ କୌଣସି ଶାସ୍ତ୍ର କହିନାହିଁ । ଗୃହସ୍ଥାଶ୍ରମ ଅବଲମ୍ବନ କରିବାକୁ ଯେଉଁ ଶାସ୍ତ୍ର କହିଛି ଗୃହସ୍ଥାଶ୍ରମ ପରିତ୍ୟାଗ କରି ବାନପ୍ରସ୍ଥାଶ୍ରମ ଓ ସଂନ୍ୟାସାଶ୍ରମ ଅବଲମ୍ବନ କରିବାକୁ ସେହି ଶାସ୍ତ୍ର କହିଛି । ବ୍ରାହ୍ମଣମାନଙ୍କୁ ପଇତା ପିନ୍ଧିବାକୁ ଯେଉଁ ଶାସ୍ତ୍ର କହିଛି, ବାନପ୍ରସ୍ଥାଶ୍ରମ ଓ ସଂନ୍ୟାସାଶ୍ରମରେ ପଇତା ପରିତ୍ୟାଗ କରିବାକୁ ସେହି ଶାସ୍ତ୍ର କହିଛି । ପ୍ରକୃତ କଥା ନିଜେ ନ ବୁଝି କିମ୍ବା ଶାସ୍ତ୍ରକାରମାନଙ୍କର ଅଭିପ୍ରାୟ ନ ବୁଝି, ଶାସ୍ତ୍ରବିଧି ସବୁର ଅନ୍ଧଅନୁସରଣ ଯେପରି ଅନ୍ଧତା, ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି କର୍ମ ସଂନ୍ୟାସ ଅବଲମ୍ବନ କରିବା ତତୋଽଧିକ ଅନ୍ଧତା, ଏହାହିଁ ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ।

ଶଙ୍କରାଚାର୍ଯ୍ୟ, ଶ୍ରୀଧରସ୍ୱାମୀ ଓ ଆନନ୍ଦଗିରି ଏହି ତିନି ଜଣଙ୍କର ଭାଷ୍ୟ ଓ ଟୀକାକୁ ଅନୁସରଣ କରି କଲିକତାର ଶ୍ରୀ ଖଗେନ୍ଦ୍ରନାଥ ଶାସ୍ତ୍ରୀ ଏହି ଶ୍ଳୋକଟିର ଯେଉଁ ଅର୍ଥ ବଙ୍ଗଭାଷାରେ କରିଅଛନ୍ତି, ତାହାର ଅବିକଳ ଅନୁବାଦ ତଳେ ଦିଆଗଲା । ମୂଳ ଶ୍ଳୋକ ସହିତ ଏହି ଅର୍ଥର କେତେଦୂର ସାମଞ୍ଜସ୍ୟ ଅଛି, ତାହା ଦେଖିଲେ ପ୍ରକୃତ କଥା ବୁଝିପାରିବେ ।

ଅର୍ଥ—ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, ଦେଖ ଅର୍ଜୁନ ! ଜ୍ୟୋତିଷ୍ଟୋମାଦି ଯଜ୍ଞ ଓ ଦେବାସୁତନାଦିର ପ୍ରତିଷ୍ଠା ପ୍ରଭୃତି ବେଦୋକ୍ତ କର୍ମ ନ କରି ନିଶ୍ଚିନ୍ତ ହୋଇ ବସି ରହିଲେ ଯେ ସଂନ୍ୟାସୀ ହୁଆ ଯାଏ ତାହା ନୁହେଁ, ବରଂ କର୍ମଫଳପ୍ରତି ଦୃଷ୍ଟି ବା ପ୍ରତ୍ୟାଶା ନ ରଖି ବର୍ଣ୍ଣାଶ୍ରମୋଚିତ ଅବଶ୍ୟ କର୍ତ୍ତବ୍ୟ ନିତ୍ୟନୈମିତ୍ତିକାଦି କର୍ମର ଅନୁଷ୍ଠାନ ଯେ କରନ୍ତି ତାହାଙ୍କୁ ପ୍ରକୃତ ସଂନ୍ୟାସୀ ବା ଯୋଗୀ ନାମରେ ଅଭିହିତ କରାଯାଏ ।

ଯଂ ସଂନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ !
ନ ହ୍ୟସନ୍ନ୍ୟସ୍ତସଂକଳ୍ପୋ ଯୋଗୀ ଭବତି କଶ୍ଚନ । ୨ ।
ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ,
ଯୋଗାରୂଢସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ । ୩ ।

**ଅର୍ଥ**—ହେ ପାଣ୍ଡବ ! ଯାହାକୁ ସନ୍ନ୍ୟାସ କୁହାଯାଏ ତାହାକୁ ଯୋଗ ବୋଲି ଜାଣ । ସଂକଳ୍ପ ତ୍ୟାଗ ନ କରି କେହ୍ନ ଯୋଗୀ ହୋଇ ନ ପାରେ । ୨ । ଯୋଗରେ ଆରୋହଣ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ପକ୍ଷରେ କର୍ମ ହେଉଛି କାରଣ ବା ଉପାୟ । କର୍ମ କରିବା ଦ୍ୱାରା ଯୋଗରେ ଆରୋହଣ କରିଥିବା ବ୍ୟକ୍ତି ପକ୍ଷରେ ଶମ ବା ଶାନ୍ତି ହେଉଛି କାରଣ । ୩ ।

**ଟିପ୍ପଣୀ**—ଯୋଗୀ ହେବାକୁ ହେଲେ ବା ପ୍ରକୃତ କର୍ମୀ ହେବାକୁ ହେଲେ କର୍ମର ଫଳ କାମନା ବା ସଂକଳ୍ପ ପରିତ୍ୟାଗ କରି କର୍ମ୍ମ କରିବା ଏକାନ୍ତ ଆବଶ୍ୟକ । ଅତଏବ ସଂନ୍ୟାସୀ ନହେଲେ ଅର୍ଥାତ୍ କର୍ମ୍ମର ଫଳ କାମନା ପରିତ୍ୟାଗ ନ କଲେ କେହ୍ନି ଯୋଗୀ ହୋଇ ପାରିବ ନାହିଁ ।

ପାହାଡ ତଳେ ବସିରହି ମାଳ ଜପିଲେ କିମ୍ବା ଯୋଗାଭ୍ୟାସ କଲେ ପାହାଡ଼ର ଉପରିଭାଗର ମୁକ୍ତବାୟୁ ଓ ନିର୍ମ୍ମଳ ଆନନ୍ଦ କିମ୍ବା ଶାନ୍ତି ମିଳିବ ନାହିଁ । ଏହି ଆନନ୍ଦ ଓ ଶାନ୍ତି ପାଇବାକୁ ହେଲେ କର୍ମ୍ମ କରିବା ଅର୍ଥାତ୍ ପାହାଡର ଉପରି ଭାଗକୁ କ୍ରମେ କ୍ରମେ ଅଗ୍ରସର ହେବା ଏକାନ୍ତ ଆବଶ୍ୟକ । ମୋଟକଥା ଏହିକି କର୍ମ୍ମସଂନ୍ୟାସ ଅବଲମ୍ବନ କରିବା ଅର୍ଥାତ୍ କର୍ମ ପରିତ୍ୟାଗ କରିବା ଉଚିତ ନୁହେଁ ।

ଯୋଗାରୁଢ଼ କହିଲେ କାଳେ ଲୋକେ ପ୍ରଚଳିତ ଯୋଗାଭ୍ୟାସ କରି ସମାଧି ଅବସ୍ଥା ଲାଭ କରିଥିବା ବ୍ୟକ୍ତି ମନେ କରିବେ, ସେଥିପାଇଁ ଯୋଗାରୂଢ଼ କାହାକୁ କହନ୍ତି ତାହା ଶ୍ରୀକୃଷ୍ଣ ପରବର୍ତ୍ତୀ ଶ୍ଳୋକରେ ବୁଝାଇ ଦେଇ ଅଛନ୍ତି ।

ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମ ସ୍ୱନୁଷଜ୍ଜତେ,
ସର୍ବସଂକଳ୍ପସଂନ୍ନ୍ୟାସୀ ଯୋଗାରୂଢ଼ସ୍ତଦୋଚ୍ୟତେ । ୪ ।
ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍,
ଆତ୍ମୈବ ହ୍ୟାତ୍ମନୋବନ୍ଧୁରାତ୍ମୈବ ରିପୁରାତ୍ମନଃ । ୫ ।
ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ,
ଅନାତ୍ମ ନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ । ୬ ।

ଅର୍ଥ—ସବୁପ୍ରକାର ସଂକଳ୍ପ ତ୍ୟାଗ କରି ଯେତେବେଳେ ମନୁଷ୍ୟ ଇନ୍ଦ୍ରିୟର ବିଷୟ ସବୁରେ ଏବଂ କର୍ମ ସବୁରେ ଆସକ୍ତ ରହନ୍ତି ନାହିଁ ଯେତେବେଳେ ତାଙ୍କୁ ଯୋଗାରୂଢ଼ କୁହାଯାଏ । ୪ । ନିଜଦ୍ୱାରା ନିଜକୁ ଉଦ୍ଧାର କରିବା ଉଚିତ, ନିଜକୁ ଅବନତ କରାଇବା ଉଚିତ ନୁହେଁ । ମନୁଷ୍ୟ ନିଜେ ହେଉଛି ନିଜର ବନ୍ଧୁ ଏବଂ ନିଜେ ହେଉଛି ନିଜର ଶତ୍ରୁ । ୫ । ଯେଉଁ ମନୁଷ୍ୟ ନିଜକୁ ନିଜଦ୍ୱାରା ଜୟ କରିଛି ସେ ହେଉଛି ନିଜେ ନିଜର ବନ୍ଧୁ, ଅସଂଯତାତ୍ମା ବ୍ୟକ୍ତି ଅର୍ଥାତ୍ ନିଜକୁ ନିଜଦ୍ୱାରା ଜୟକରି ନଥିବା ବ୍ୟକ୍ତି ଶତ୍ରୁପରି ନିଜେ ନିଜର ଶତ୍ରୁତା ଆଚରଣ କରେ । ୬ ।

ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ । ୭ ।
ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ,
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟ୍ରାଶ୍ମକାଞ୍ଚନଃ । ୮ ।
ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ,
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ । ୯ ।

ଅର୍ଥ—ଜିତାତ୍ମା ଏବଂ ପ୍ରଶାନ୍ତଚିତ୍ତ ବ୍ୟକ୍ତିର ପରମାତ୍ମା ଶୀତୋଷ୍ଣରେ, ସୁଖ ଦୁଃଖରେ ଓ ମାନାପମାନରେ ସମାହିତ ହୁଅନ୍ତି । ୭ । ଜ୍ଞାନ ଓ ବିଜ୍ଞାନ ଦ୍ୱାରା ତୃପ୍ତ, କୂଟସ୍ଥ, ବିଜିତେନ୍ଦ୍ରିୟ, ଲୋଷ୍ଟ୍ରା, ପାଷାଣ ଓ କାଞ୍ଚନରେ ସମଜ୍ଞାନୀ ଯୋଗୀଙ୍କୁ 'ଯୁକ୍ତ' କୁହାଯାଏ । ୮ । ଯେଉଁ ବ୍ୟକ୍ତି ସୁହୃଦ, ମିତ୍ର, ଅରି, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷ୍ୟ, ବନ୍ଧୁ, ସାଧୁ ଏବଂ ପାପୀ—ଏ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି, ସେ ପ୍ରଧାନ ଅଟନ୍ତି । ୯ ।

## ମନର ଚଞ୍ଚଳତା ଦର କରିବାର ପ୍ରଣାଳୀ

ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ,
ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ । ୧୦ ।
ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ,
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନକୁଶୋତ୍ତରଂ । ୧୧ ।

ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ,
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ ଯୋଗମାତ୍ମବିଶୁଦ୍ଧୟେ । ୧୨ ।
ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ,
ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ । ୧୩ ।
ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ,
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ । ୧୪ ।
ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ,
ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି । ୧୫ ।
ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ,
ନ ଚାତିସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜ୍ଜୁନ । ୧୬ ।
ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ,
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା । ୧୭ ।
ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ,
ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା । ୧୮ ।

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା,
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ । ୧୯ ।

ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା
ଯତ୍ର ଚୈବାତ୍ମନାତ୍ମାନଃ ପଶ୍ୟନ୍ନାତ୍ମନି ତୁଷ୍ୟତି । ୨୦ ।

ସୁଖମାତ୍ୟନ୍ତିକଂ ଯତ୍ତଦ୍‌ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।
ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଲତି ତତ୍ତ୍ୱତଃ । ୨୧ ।

ଯଂ ଲବ୍‌ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ,
ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ । ୨୨ ।

ତଂ ବିଦ୍ୟାଦ୍ ଦୁଃଖ ସଂଯୋଗବିୟୋଗଂ ଯୋଗସଂଜ୍ଞିତମ ।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣ ଚେତସା । ୨୩ ।

ସଂକଳ୍ପପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ,
ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ । ୨୪ ।

ଶନୈଃ ଶନୈରୁପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା,
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ । ୨୫ ।

ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍,
ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ । ୨୬ ।
ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଳ୍ମଷମ୍ । ୨୭ ।
ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଳ୍ମଷଃ,
ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ । ୨୮ ।

ଅର୍ଥ—ନିର୍ଜ୍ଜନ ସ୍ଥାନରେ ଏକାକୀ ରହି ଅନ୍ତଃକରଣ ଓ ଦେହକୁ ବଶୀଭୂତ କରି ଆକାଙ୍କ୍ଷାଶୂନ୍ୟ ଓ ଲୋଭଶୂନ୍ୟ ହୋଇ ଅତି ଉଚ୍ଚ ନୁହେଁ କିମ୍ବା ଅତି ନୀଚ ନୁହେଁ ଏପରି କୌଣସି ପବିତ୍ର ସ୍ଥାନରେ କୁଶ ଓ ତାହା ଉପରେ ମୃଗଚର୍ମ ଏବଂ ତାହା ଉପରେ ବସ୍ତ୍ର ଏପରି ଗୋଟିଏ ଆସନରେ ବସି ମନକୁ ଏକାଗ୍ର କରି ଚିତ୍ତ ଏବଂ ଇନ୍ଦ୍ରିୟର କ୍ରିୟା ସବୁକୁ ସଂଯତ କରି ଆତ୍ମବିଶୁଦ୍ଧି ପାଇଁ ଯୋଗୀ ପ୍ରତ୍ୟହ ଯୋଗ ଅଭ୍ୟାସ କରିବେ । ୧୦-୧୨ । ଦେହ, ମସ୍ତକ ଓ ଗ୍ରୀବାକୁ ସମାନ ଓ ଅଚଳ ରଖି, ସ୍ଥିର ହୋଇ, ନିଜ ନାସିକାର ଅଗ୍ରଭାଗକୁ ଦେଖି, କୌଣସି ଆଡ଼କୁ ନ ଚାହିଁ ଚିତ୍ତକୁ ପ୍ରଶାନ୍ତ ରଖି, ଭୟ ତ୍ୟାଗ କରି, ବ୍ରହ୍ମଚର୍ଯ୍ୟ ବ୍ରତରେ ରହି, ମନକୁ ସଂଯତ କରି, ମୋ'ଠାରେ ଚିତ୍ତ ରଖି, ମୋତେ ଏକମାତ୍ର ଲକ୍ଷ୍ୟ ରଖି, ମୋଠାରେ ଯୁକ୍ତ ରହି ଅବସ୍ଥାନ କରିବେ । ୧୩-୧୪ । ଯୋଗୀ ଏହିପରି ଭାବରେ ସର୍ବଦା ନିଜକୁ ସମାହିତ କରି ମନକୁ ସଂଯତ କରି ମୋ'ଠାରେ ରହିଥିବା ପରମାଶାନ୍ତି ଲାଭ କରନ୍ତି । ୧୫ । ହେ ଅର୍ଜ୍ଜୁନ ! ଯେ ଅଧିକ ଭୋଜନଶୀଳ, ଏକାନ୍ତ ଅନାହାରୀ, ଅଧିକ ନିଦ୍ରାଳୁ ଏବଂ ଅତି ଜାଗରଣଶୀଳ ସେପରି ବ୍ୟକ୍ତିର ଯୋଗ ହୁଏ ନାହିଁ । ୧୬ । ଯେଉଁ ବ୍ୟକ୍ତି ପରିମିତ ଆହାର-ବିହାରଶୀଳ, ନିୟମିତ ଭାବରେ କର୍ମ୍ମସବୁରେ ଚେଷ୍ଟିତ, ନିଦ୍ରା ଓ ଜାଗରଣରେ ନିୟମିତ, ଯୋଗ ତାହାର ଦୁଃଖ ହରଣ କରେ । ୧୭ । ଯେତେବେଳେ ବଶୀଭୂତଚିତ୍ତ ବ୍ୟକ୍ତି ସମସ୍ତ ପ୍ରକାର କାମନାରୁ ସ୍ପୃହାଶୂନ୍ୟ ହୋଇ ନିଜଠାରେ ଅବସ୍ଥାନ କରନ୍ତି ସେତେବେଳେ ତାହାଙ୍କୁ ଯୁକ୍ତ କୁହାଯାଏ । ୧୮ । ବାୟୁଶୂନ୍ୟ ସ୍ଥାନରେ ରହିଥିବା, ତେଣୁ କମ୍ପିତ ହେଉ ନଥିବା ଦୀପ ସହିତ ଯୋଗ ଅନୁଷ୍ଠାନକାରୀ ସଂଯତଚିତ୍ତ ଯୋଗୀଙ୍କର ଉପମା ଦିଆଯାଇପାରେ । ୧୯ । ଯୋଗ ଅଭ୍ୟାସଦ୍ୱାରା ମନ ଯେତେବେଳେ

ନିରୁଦ୍ଧ ହୋଇ ବିଶ୍ରାମ କରେ ବା ସ୍ଥିର ଭାବରେ ରହେ, ଯେଉଁ ଅବସ୍ଥାରେ ଯୋଗୀ ନିଜଦ୍ୱାରା ନିଜକୁ ଦେଖି ବା ନିଜକୁ ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରି ନିଜେ ନିଜ ଭିତରେ ସନ୍ତୋଷ ଲାଭ କରନ୍ତି, ଯେଉଁ ଅବସ୍ଥାରେ ସେ ବୁଦ୍ଧିଦ୍ୱାରା ଗ୍ରାହ୍ୟ, ଅତୀନ୍ଦ୍ରିୟ ଆତ୍ୟନ୍ତିକ ସୁଖ ଅନୁଭବ କରନ୍ତି, ଯେଉଁ ଅବସ୍ଥାରେ ରହି ସେ ତତ୍ତ୍ୱରୁ ବା ସତ୍ୟରୁ ବିଚଳିତ ହୁଅନ୍ତି ନାହିଁ, ଯାହା ପାଇ ସେ ଅନ୍ୟ କିଛି ଲାଭକୁ ତଦପେକ୍ଷା ଅଧିକ ମନେ କରନ୍ତି ନାହିଁ, ଯେଉଁ ଅବସ୍ଥାରେ ରହି ଉତ୍କଟ ଦୁଃଖ ଦ୍ୱାରା ସୁଦ୍ଧା ସେ ବିଚଳିତ ହୁଅନ୍ତି ନାହିଁ, ସେହି ଅବସ୍ଥାକୁ ଦୁଃଖସଂଯୋଗ ବିୟୋଗ ନାମକ ଯୋଗ ଅର୍ଥାତ୍ ଦୁଃଖ ସହିତ ଯେ ସଂଯୋଗ ସେହି ସଂଯୋଗରୁ ଯେ ବିୟୋଗ ବା ମୁକ୍ତି ଏପରି ଯୋଗ ବୋଲି ଜାଣିବ । ପ୍ରଫୁଲ୍ଲ ଚିତ୍ତରେ ଓ ଦୃଢ଼ତାର ସହିତ ସେହି ଯୋଗ ଅଭ୍ୟାସ କରିବା ଉଚିତ । ୨୦-୨୩ । ସଂକଳ୍ପରୁ ଜାତ କାମନା ସବୁକୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରି, ଚାରିଆଡ଼େ ବିକ୍ଷିପ୍ତ ହୋଇଥିବା ଇନ୍ଦ୍ରିୟମାନଙ୍କୁ ମନଦ୍ୱାରା ନିୟମିତ କରି, ଧୃତିଦ୍ୱାରା ବଶୀଭୂତ ହୋଇଥିବା ବୁଦ୍ଧିଦ୍ୱାରା ମନକୁ ନିଜଠାରେ ରଖି, କ୍ରମେ କ୍ରମେ ଶାନ୍ତ ଅବସ୍ଥାରେ ରହିବ; ଅନ୍ୟ କିଛି ଚିନ୍ତା କରିବ ନାହିଁ । ୨୪-୨୫ । ଚଞ୍ଚଳ ଓ ଅସ୍ଥିର ମନ ଯେଉଁ ଯେଉଁ ବିଷୟରେ ବିଚରଣ କରୁଥିବ ସେହି ବିଷୟରୁ ମନକୁ ଟାଣି ଆଣି ନିଜ ଅଧୀନରେ ରଖିବ । ୨୬ । ଯାହାଙ୍କର ମନ ପ୍ରଶାନ୍ତ ହୋଇଅଛି ଏବଂ ରଜୋଗୁଣ ଶାନ୍ତ ହୋଇଅଛି, ସେ ନିଷ୍ପାପ ଏବଂ ବ୍ରହ୍ମସ୍ୱଭାବାପନ୍ନ, ସେହି ଯୋଗୀ ଉତ୍ତମ ସୁଖଲାଭ କରନ୍ତି । ୨୭ । ଯେଉଁ ଯୋଗୀ ନିଜକୁ ସଂଯତ ଭାବରେ ରଖି ପାପକୁ ନଷ୍ଟ କରିଅଛନ୍ତି, ସେ ସହଜରେ ବ୍ରହ୍ମସଂସ୍ପର୍ଶ ରୂପ ଅନନ୍ତସୁଖ ଭୋଗ କରନ୍ତି । ୨୮ ।

## ଯୋଗୀର ଶ୍ରେଷ୍ଠ ଲକ୍ଷ୍ୟ

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ । ୨୯ ।
ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି । ୩୦ ।

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ । ୩୧ ।
ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜ୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ । ୩୨ ।

ଅର୍ଥ —ଯୋଗଯୁକ୍ତ ବ୍ୟକ୍ତି ନିଜକୁ ସବୁ ପ୍ରାଣୀଙ୍କଠାରେ ଏବଂ ସବୁପ୍ରାଣୀଙ୍କୁ ନିଜଭିତରେ ଦେଖନ୍ତି, ତେଣୁ ସେ ସର୍ବତ୍ର ଅର୍ଥାତ୍ ସମସ୍ତଙ୍କୁ ସବୁ ଅବସ୍ଥାରେ ସମାନ ଦୃଷ୍ଟିରେ ଦେଖନ୍ତି । ୨୯ । ଯେ ମୋତେ ସମସ୍ତଙ୍କଠାରେ ଦେଖନ୍ତି ଏବଂ ସମସ୍ତଙ୍କୁ ମୋଠାରେ ଦେଖନ୍ତି ମୁଁ ତାଙ୍କ ନିକଟରେ ପ୍ରତ୍ୟକ୍ଷ ଅଟେ ଏବଂ ସେ ମୋ ନିକଟରେ ପ୍ରତ୍ୟକ୍ଷ ଅଟନ୍ତି । । ୩୦ । ଯେ ବ୍ୟକ୍ତି ମୋତେ ସବୁ ପ୍ରାଣୀଙ୍କଠାରେ ରହିଥିବାର ଜାଣି ତେଣୁ ସବୁ ପ୍ରାଣୀଙ୍କ ସହିତ ଏକଭାବରେ ଅବସ୍ଥାନ କରି ମୋତେ ଭଜନ କରନ୍ତି, ଯେ କୌଣସି ଅବସ୍ଥାରେ ରହି ସୁଦ୍ଧା ସେ ମୋଠାରେ ଅବସ୍ଥାନ କରନ୍ତି । ୩୧ । ହେ ଅର୍ଜ୍ଜୁନ ! ଯେ ବ୍ୟକ୍ତି ସମସ୍ତଙ୍କର ସୁଖକୁ ଓ ସମସ୍ତଙ୍କର ଦୁଃଖକୁ ନିଜର ସୁଖ ଓ ନିଜର ଦୁଃଖ ମନେକରି ସମସ୍ତଙ୍କୁ ସମାନ ଦେଖନ୍ତି ସେ ଶ୍ରେଷ୍ଠ ଯୋଗୀ ବୋଲି ବିବେଚିତ ହୁଅନ୍ତି । ୩୨ ।

### ଅର୍ଜ୍ଜୁନ ଉବାଚ

ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ !
ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳତ୍ୱାତ୍ ସ୍ଥିତିଂ ସ୍ଥିରାମ୍ । ୩୩ ।
ଚଞ୍ଚଳଂ ହି ମନଃ କୃଷ୍ଣ ! ପ୍ରମାଥି ବଳବଦ୍ଦୃଢମ୍ ।
ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ । ୩୪ ।

ଅର୍ଥ—ଅର୍ଜ୍ଜୁନ କହିଲେ ହେ ମଧୁସୂଦନ ! ସାମ୍ୟରୂପ ଏହି ଯେ ଯୋଗର କଥା କହିଲେ, ମନର ଚାଞ୍ଚଲ୍ୟ ହେତୁ ମୁଁ ଏହାର ସ୍ଥିର ସ୍ଥିତି ଦେଖି ପାରୁ ନାହିଁ । ୩୩ । ହେ କୃଷ୍ଣ ! ମନ ସ୍ୱଭାବତଃ ଚଞ୍ଚଳ, ପ୍ରମାଥି, ବଳବାନ୍ ଓ ଦୃଢ । ତାହାର ନିରୋଧକୁ ମୁଁ ବାୟୁପରି ସୁଦୁଷ୍କର ମନେ କରୁଛି । ୩୪ ।

ଶ୍ରୀକୃଷ୍ଣ ଉବାଚ

ଅସଂଶୟଂ ମହାବାହୋ ! ମନୋ ଦୁର୍ନିଗ୍ରହଂ ଚଳଂ ।
ଅଭ୍ୟାସେନ ତୁ କୌନ୍ତେୟ ! ବୈରାଗ୍ୟେଣ ଚ ଗୃହ୍ୟତେ । ୩୫ ।
ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।
ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ । ୩୬ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ମହାବାହୋ ! ମନ ଯେ ଚଞ୍ଚଳ ଓ ଦୁର୍ନିଗ୍ରହ ଏଥିରେ ସନ୍ଦେହ ନାହିଁ । କିନ୍ତୁ ହେ କୌନ୍ତେୟ ! ଅଭ୍ୟାସଦ୍ୱାରା ଓ ବୈରାଗ୍ୟଦ୍ୱାରା ତାହାକୁ ନିରୁଦ୍ଧ କରାଯାଏ । ୩୫ । ଯେ ନିଜକୁ ନିଜର ଶାସନରେ ରଖି ପାରି ନାହାନ୍ତି, ଯୋଗ ତାଙ୍କଦ୍ୱାରା ଦୁଷ୍ପ୍ରାପ୍ୟ, ଏହା ମୋର ମତ । କିନ୍ତୁ ନିଜଦ୍ୱାରା ବଶୀଭୂତ ହୋଇଥିବା ବ୍ୟକ୍ତି ପ୍ରକୃତ ଉପାୟରେ ଯତ୍ନଶୀଳ ହୋଇ ଯୋଗଲାଭ କରିପାରନ୍ତି । ୩୬ ।

ଅର୍ଜୁନ ଉବାଚ

ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଳିତମାନସଃ ।
ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ! ଗଚ୍ଛତି ? ୩୭ ।
କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।
ଅପ୍ରତିଷ୍ଠୋ ମହାବାହୋ ! ବିମୂଢ଼ୋ ବ୍ରହ୍ମଣଃ ପଥି । ୩୮ ।
ଏତନ୍ମେ ସଂଶୟଂ କୃଷ୍ଣ ! ଛେତ୍ତୁମର୍ହସ୍ୟଶେଷତଃ ।
ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ । ୩୯ ।

ଅର୍ଥ—ଅର୍ଜୁନ କହିଲେ, ହେ କୃଷ୍ଣ ! ଯେ ବ୍ୟକ୍ତି ନିଜକୁ ଶାସନ କରିନପାରି ଅଥଚ କେବଳ ଶ୍ରଦ୍ଧାଯୁକ୍ତ ହୋଇ ଯୋଗରେ ପ୍ରବୃତ୍ତ ହେବା ଫଳରେ ତାହାଙ୍କର ମନ ଯୋଗରୁ ବିଚଳିତ ହୁଏ, ଯୋଗରେ ସିଦ୍ଧି ଲାଭ କରି ନପାରି ସେ କେଉଁ ଗତି ଅବଲମ୍ବନ କରନ୍ତି ? ୩୭ । ହେ ମହାବାହୋ ବ୍ରହ୍ମଲାଭ କରିବା ପଥରେ ବିମୂଢ଼ ବ୍ୟକ୍ତି ( ନିଜର ସ୍ୱଭାବନିୟତ ସ୍ୱଧର୍ମ ଏବଂ ବ୍ରହ୍ମ ପ୍ରାପ୍ତିର ପଥ ) ଏହି ଉଭୟ ପଥରୁ ବିଭ୍ରଷ୍ଟ ହୋଇ କୌଣସି ପଥର ଅବଲମ୍ବନ ନପାଇ ଛିନ୍ନ ମେଘପରି ନଷ୍ଟ ହୁଏ ନା ତ ? ୩୮ । ହେ କୃଷ୍ଣ ! କେବଳ ତୁମ୍ଭେ ମୋର ଏହି ସଂଶୟ ଛିନ୍ନ କରିପାରିବ ।

ତୁମ୍ଭ ଭିନ୍ନ ଏହି ସଂଶୟର ଚ୍ଛେଦନକର୍ତ୍ତା ମୁଁ ଅନ୍ୟ କାହାକୁ ଦେଖୁନାହିଁ । ୩୯ ।

ଶ୍ରୀକୃଷ୍ଣ ଉବାଚ

ପାର୍ଥ ! ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।
ନ ହି କଲ୍ୟାଣକୃତ୍ କଶ୍ଚିଦ୍ଦୁର୍ଗତିଂ ତାତ ! ଗଚ୍ଛତି । ୪୦ ।
ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।
ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ । ୪୧ ।
ଅଥବା ଯୋଗିନାମେବ କୁଲେ ଭବତି ଧୀମତାଂ ।
ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶଂ । ୪୨ ।
ତତ୍ର ତଂ ବୁଦ୍ଧିସଂଯୋଗଂ ଲଭତେ ପୌର୍ବଦେହିକଂ
ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ । ୪୩ ।
ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।
ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ । ୪୪ ।
ପ୍ରଯତ୍ନାଦ୍ୟତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ୱିଷଃ ।
ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିଂ । ୪୫ ।
ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜ୍ଜୁନ । ୪୬ ।
ଯୋଗିନାମପି ସର୍ବେଷାଂ ମଦ୍ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ । ୪୭ ।

ଅର୍ଥ– **ଶ୍ରୀକୃଷ୍ଣ** କହିଲେ, ଇହଲୋକରେ ଓ ପରଲୋକରେ ଯୋଗଭ୍ରଷ୍ଟ ବ୍ୟକ୍ତିର ବିନାଶ ନାହିଁ । କାରଣ ହେ ତାତ ! କଲ୍ୟାଣକାରୀ କେହି ଦୁର୍ଗତି ପାଆନ୍ତି ନାହିଁ ।୪୦। ଯୋଗଭ୍ରଷ୍ଟ ବ୍ୟକ୍ତି ପୁଣ୍ୟବାନ୍‌ମାନଙ୍କର ଲୋକ ବା ସଂସାର ପାଇ ସେଠାରେ ବହୁକାଳ ବାସ କରି ତାପରେ ସଦାଚାରୀ ଓ ଧନୀମାନଙ୍କ ଘରେ ଜନ୍ମ ଗ୍ରହଣ କରନ୍ତି ଅଥବା ଧୀମାନ୍ ଯୋଗୀମାନଙ୍କ ବଂଶରେ ଜନ୍ମଗ୍ରହଣ କରନ୍ତି । ଏପରି ଜନ୍ମ ଜଗତରେ ଅତି ଦୁର୍ଲ୍ଲଭ । ୪୧-୪୨ । ହେ କୁରୁନନ୍ଦନ ! ସେଠାରେ ସେ ପୂର୍ବଦେହର ସେହି ବୁଦ୍ଧି ସଂଯୋଗ ଲାଭ କରନ୍ତି ଏବଂ ତାପରେ ସିଦ୍ଧି ସକାଶେ ପୁନର୍ବାର

ଯତ୍ନ କରନ୍ତି । ୪୩ । ଯେହେତୁ ସେହି ପୂର୍ବାଭ୍ୟାସଦ୍ୱାରା ଅବଶ ହୋଇ ସେ ବ୍ରହ୍ମପରାୟଣ ହୁଅନ୍ତି ତେଣୁ ଯୋଗ ବିଷୟରେ କେବଳ ଜିଜ୍ଞାସୁ ହୋଇ ସେ ଶବ୍ଦବ୍ରହ୍ମଙ୍କୁ ବା ବେଦକୁ ଅତିକ୍ରମ କରନ୍ତି । ୪୪ । ଏହିପରି ବାରମ୍ବାର ଯତ୍ନ କରିବାରୁ ସେହି ଯତ୍ନଶୀଳ ଯୋଗୀ କ୍ରମେ ନିଷ୍ପାପ ହୋଇ ଅନେକ ଜନ୍ମ ପାଇବା ଫଳରେ ସିଦ୍ଧ ହୋଇ ତା ପରେ ପରମାଗତି ଲାଭ କରନ୍ତି । ୪୫ । ତପସ୍ୱୀ ଅପେକ୍ଷା, ଜ୍ଞାନୀ ଅପେକ୍ଷା ଓ କର୍ମୀ ଅପେକ୍ଷା ମଧ୍ୟ ଯୋଗୀ ଶ୍ରେଷ୍ଠ ଅଟନ୍ତି । ତେଣୁ ହେ ଅର୍ଜୁନ ! ତୁମ୍ଭେ ଯୋଗୀ ହୁଅ । ୪୬ । କିନ୍ତୁ ଯେ ଅନ୍ତରାତ୍ମାକୁ ମୋଠାରେ ରଖି ଶ୍ରଦ୍ଧାବାନ୍ ହୋଇ ମୋତେ ଭଜନ କରନ୍ତି, ଯୋଗୀମାନଙ୍କ ମଧ୍ୟରେ ସେ ଶ୍ରେଷ୍ଠ ଯୋଗୀ, ଏହା ମୋର ମତ । ୪୭ ।

## ସାରକଥା

କର୍ମର ଫଳକାମନା ପରିତ୍ୟାଗ କରି ନିଜର ସ୍ୱଭାବ-ନିୟତ କର୍ତ୍ତବ୍ୟ କର୍ମ କରିବାହିଁ ପ୍ରକୃତରେ ସଂନ୍ୟାସ ଏବଂ ପ୍ରକୃତରେ ଯୋଗ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଏବଂ ସମସ୍ତ ମାନବ ସମାଜର ମଙ୍ଗଳ ଅଭିପ୍ରାୟରେ କର୍ମ କରିବାହିଁ ମନୁଷ୍ୟର ଚରମ ଲକ୍ଷ୍ୟ ହେବା ଆବଶ୍ୟକ । ଏହି ଲକ୍ଷ୍ୟ ପ୍ରତି ଦୃଷ୍ଟି ଦେବାକୁ ହେଲେ ମନର ଚଞ୍ଚଳତା ଦୂରକରିବା ଏକାନ୍ତ ଆବଶ୍ୟକ । ମନର ଚଞ୍ଚଳତା ଦୂରକରିବା ଅଭିପ୍ରାୟରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ଯୋଗ ଅଭ୍ୟାସ କରିପାରନ୍ତି ।

୪୫ଶ ଶ୍ଳୋକରେ ଥିବା "ଅନେକ ଜନ୍ମସଂସିଦ୍ଧଃ, ତତୋ ଯାତି ପରାଂଗତିମ୍" ଏହି ଉକ୍ତିଟି ସହିତ "କ୍ଷିପ୍ରଂ ଭବତି ଧର୍ମାତ୍ମା" ( ୯ମ-୩୧ ) "ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାଃ, ତେଽପି ଯାନ୍ତି ପରାଂଗତିମ୍" ( ୯ମ—୩୨ ) ଏହି ଦୁଇଟି ଉକ୍ତିର ତୁଳନାମୂଳକ ଆଲୋଚନା କଲେ ଆମ୍ଭେମାନେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ବୁଝି ପାରିବୁଁ । କୌଣସି ପ୍ରକାର ଯୋଗାଭ୍ୟାସ ନକରି କେବଳ ଶ୍ରୀକୃଷ୍ଣଙ୍କର ଆଶ୍ରୟନେଇ ଅର୍ଥାତ୍ ନିଜର ବୁଦ୍ଧିକୁ ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ବୋଲି ଗ୍ରହଣ କରି ନିଜର କର୍ତ୍ତବ୍ୟ କର୍ମ କରି ପାରିଲେ ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ରମାନେ ମଧ୍ୟ ପରମାଗତି ଲାଭକରି ପାରିବେ; ମାତ୍ର ଯୋଗାଭ୍ୟାସ କରୁଥିବା ବ୍ୟକ୍ତି ବହୁଜନ୍ମ ପରେ ସିଦ୍ଧହୋଇ ପରମାଗତି ପାଇପାରିବ ।

## ସପ୍ତମ ଅଧ୍ୟାୟ—ବିଜ୍ଞାନ ଯୋଗ

ଟିପ୍ପଣୀ—ପ୍ରଥମ ଅଧ୍ୟାୟ ୧୯ଶ ଶ୍ଲୋକର ଟିପ୍ପଣୀରେ କଠୋପନିଷଦରୁ ଯେଉଁ ମନ୍ତ୍ରଟିର ଆଲୋଚନା କରାଯାଇଅଛି, ସେଥିରେ ବୁଦ୍ଧି କଥାଟିର ପରିବର୍ତ୍ତେ ବିଜ୍ଞାନ କଥାଟି ବ୍ୟବହୃତ ହୋଇଅଛି । ଅତଏବ ବିଜ୍ଞାନ କଥାଟିର ପ୍ରକୃତ ଅର୍ଥ ହେଉଛି—ବୁଦ୍ଧି ଏବଂ ବିଜ୍ଞାନ-ଯୋଗ କଥାଟିର ପ୍ରକୃତ ଅର୍ଥ—ବୁଦ୍ଧି-ଯୋଗ । ବୁଦ୍ଧିଯୋଗ କଥାଟି ଗୀତାର ସର୍ବ ପ୍ରଧାନ କଥା । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି—

ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ । ୧୦ମ-୧୦

ଅର୍ଥ—ମୁଁ ସେହି ବୁଦ୍ଧିଯୋଗ ଦିଏଁ, ଯାହାର ସାହାଯ୍ୟ ନେଇ ସେମାନେ ମୋତେ ପାଆନ୍ତି ।

ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ-୫୭

ଅର୍ଥ—ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ ।

### ଶ୍ରୀକୃଷ୍ଣ ଉବାଚ

ମୟ୍ୟାସକ୍ତମନାଃ ପାର୍ଥ ! ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ,
ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ । ୧

ଅନ୍ୱୟ—ହେ ପାର୍ଥ ! ମୟି ଆସକ୍ତମନାଃ, ମଦାଶ୍ରୟଃ, ଯୋଗଂଯୁଞ୍ଜନ୍ ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତତଶ୍ରୃଣୁ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ମୋଠାରେ ଆସକ୍ତମନା ହୋଇ, ମୋତେ ଆଶ୍ରୟ କରି ଏବଂ ଯୋଗ ଅଭ୍ୟାସ କରି ମୋତେ ଯେପରି ସଂଶୟଶୂନ୍ୟ ହୋଇ ସମ୍ପୂର୍ଣ୍ଣରୂପେ ଜାଣିପାରିବ ତାହା ଶୁଣ । ୧

ଟିପ୍ପଣୀ—ଅର୍ଜ୍ଜୁନ ଏ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କୁ ନିଜର ଚିରସଖା, ସାରଥି ଓ ଗୁରୁ ବୋଲି ଜାଣିଅଛନ୍ତି । ସେହି ଶ୍ରୀକୃଷ୍ଣ ଯେ ସମସ୍ତ ମନୁଷ୍ୟ ଲୋକର ସୃଷ୍ଟି ସ୍ଥିତି ଓ ପ୍ରଳୟର କାରଣ ଏବଂ ସମସ୍ତ ମାନବସମାଜର

ପ୍ରତ୍ୟକ୍ଷ ଭଗବାନ, ଏହା ଅର୍ଜୁନ ଏ ପର୍ଯ୍ୟନ୍ତ ଜାଣିନାହାନ୍ତି । ଚତୁର୍ଥ ଅଧ୍ୟାୟରେ ଶ୍ରୀକୃଷ୍ଣ ନିଜର ପରିଚୟ ଦେବାକୁ ଆରମ୍ଭ କରିଥିଲେ । ଏହି ଅଧ୍ୟାୟରେ ସେ ନିଜର ସମ୍ପୂର୍ଣ୍ଣ ପରିଚୟ ଦେବେ ।

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।
ଯଜ୍‌ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ ଜ୍ଞାତବ୍ୟମବଶିଷ୍ୟତେ । ୨ ।

ଅର୍ଥ—ମୁଁ ତୁମ୍ଭଙ୍କୁ ବିଜ୍ଞାନ ସହିତ ଏହି ଜ୍ଞାନ ଅଶେଷ ରୂପେ କହିବି । ଯାହା ଜାଣିଲେ ଇହଲୋକରେ ଅନ୍ୟ ଜ୍ଞାତବ୍ୟ କିଛି ଅବଶିଷ୍ଟ ରହିବ ନାହିଁ । ୨ ।

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ ଯତତି ସିଦ୍ଧୟେ ।
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ । ୩ ।

ଅର୍ଥ—ସହସ୍ର ସହସ୍ର ମନୁଷ୍ୟ ମଧ୍ୟରେ କେହି କେହି ସିଦ୍ଧି ସକାଶେ ଯତ୍ନ କରନ୍ତି । ଯତ୍ନଶୀଳ ସିଦ୍ଧମାନଙ୍କ ମଧ୍ୟରେ କେହି କେହି ମୋତେ ତତ୍ତ୍ୱତଃ ଜାଣିପାରନ୍ତି । ୩ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କୁ ତତ୍ତ୍ୱତଃ ଅର୍ଥାତ୍ ତତ୍ତ୍ୱ ଭାବରେ ଜାଣିବାକୁ ହେଲେ ଅର୍ଥାତ୍ ଶ୍ରୀକୃଷ୍ଣଙ୍କର ସମ୍ପୂର୍ଣ୍ଣ ପରିଚୟ ପାଇବାକୁ ହେଲେ ଶାସ୍ତ୍ରୋକ୍ତ ବୁଦ୍ଧିତତ୍ତ୍ୱ ବିଷୟରେ ଆତ୍ମଜ୍ଞାନ ଲାଭକରିବା ଅର୍ଥାତ୍ ବୁଦ୍ଧିତତ୍ତ୍ୱ କଅଣ ତାହା ନିଜେ ଉପଲବ୍‌ଧି କରିବା ଆବଶ୍ୟକ । ବୁଦ୍ଧିତତ୍ତ୍ୱ କଣ ତାହା ଉପଲବ୍‌ଧି କରିବାକୁ ଉପସ୍ଥିତ ମାନବ ସମାଜ ଉପଯୁକ୍ତ ହୋଇନଥିବାରୁ ଶ୍ରୀକୃଷ୍ଣ ଏ ବିଷୟରେ କିଛି କହିନାହାନ୍ତି । ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ମନୁଷ୍ୟର ତଥା ସମସ୍ତ ମାନବ ସମାଜର ପବିତ୍ର ବିବେକ ବୁଦ୍ଧି । ସେହି ବୁଦ୍ଧିତତ୍ତ୍ୱ ବା ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ମନୁଷ୍ୟଲୋକର ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ ଏ କଥା ପରବର୍ତ୍ତୀ କେତୋଟି ଶ୍ଳୋକରେ କୁହାଯାଇଅଛି ।

## ଶ୍ରୀକୃଷ୍ଣ ନିଜର ପରିଚୟ ଦେଉଅଛନ୍ତି

ଭୂମିରାପୋଽନଲୋ ବାୟୁଃ ଖଂ ମନୋବୁଦ୍ଧିରେବ ଚ
ଅହଂକାରଃ ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା । ୪ ।

ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍
ଜୀବଭୂତାଂ, ମହାବାହୋ ! ଯୟେଦଂ ଧାର୍ଯ୍ୟତେ ଜଗତ୍ । ୫ ।
ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ,
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା । ୬ ।
ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି, ଧନଞ୍ଜୟ !
ମୟି ସର୍ବମିଦଂ ପ୍ରୋତଂ, ସୂତ୍ରେ ମଣିଗଣା ଇବ । ୭ ।
ରସୋଽହମପ୍‌ସୁ, କୌନ୍ତେୟ ! ପ୍ରଭାଽସ୍ମି ଶଶିସୂର୍ଯ୍ୟୟୋଃ,
ପ୍ରଣବଃ ସର୍ବବେଦେଷୁ, ଶବ୍ଦଃ ଖେ, ପୌରୁଷଂ ନୃଷୁ । ୮ ।
ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଞ୍ଚ, ତେଜଶ୍ଚାସ୍ମି ବିଭାବସୌ,
ଜୀବନଂ ସର୍ବଭୂତେଷୁ, ତପଶ୍ଚାସ୍ମି ତପସ୍ୱିଷୁ । ୯ ।
ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି, ପାର୍ଥ ! ସନାତନମ୍,
ବୁଦ୍ଧିର୍ବୁଦ୍ଧିମତାମସ୍ମି, ତେଜସ୍ତେଜସ୍ୱିନାମହମ । ୧୦ ।
ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍,
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି, ଭରତର୍ଷଭ । ୧୧ ।

ଅର୍ଥ—ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଙ୍କାର ଏହି ଆଠଟି ହେଉଛି ମୋର ଭିନ୍ନ ଭିନ୍ନ ପ୍ରକୃତି । ଏହି ପ୍ରକୃତି କିନ୍ତୁ ଅପରା ବା ନିକୃଷ୍ଟା । ଏହା ଅପେକ୍ଷା ଶ୍ରେଷ୍ଠା ଆଉ ଗୋଟିଏ ଜୀବ-ରୂପା ପରା ପ୍ରକୃତି ମଧ୍ୟ ଅଛି, ଯାହା ଏହି ଜଗତକୁ ଧରି ରଖିଛି । ୫ । ଭୂତ ସକଳ ଏହି ଦୁଇ ପ୍ରକୃତିରୁ ଜାତ । ମୁଁ ସମସ୍ତ ଜଗତର ଉତ୍ପତ୍ତି ଓ ପ୍ରଳୟର ସ୍ଥାନ ଅଟେ । ୬ । ହେ ଧନଞ୍ଜୟ ! ମୋଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ । ସୂତାରେ ମଣିସବୁ ଗୁନ୍ଥା ହେଲାପରି ସମସ୍ତ ସଂସାର ମୋଠାରେ ଗୁନ୍ଥା । ୭ । ହେ କୌନ୍ତେୟ ! ମୁଁ ଜଳରେ ରସ, ଚନ୍ଦ୍ର ଓ ସୂର୍ଯ୍ୟରେ ପ୍ରଭା, ବେଦ ସବୁରେ ପ୍ରଣବ, ଆକାଶରେ ଶବ୍ଦ, ମନୁଷ୍ୟମାନଙ୍କ ମଧ୍ୟରେ ପୌରୁଷ । ୮ । ମୁଁ ପୃଥିବୀରେ ପୁଣ୍ୟଗନ୍ଧ, ସୂର୍ଯ୍ୟରେ ତେଜ, ସବୁ ଭୂତରେ ଜୀବନ, ତପସ୍ୱୀମାନଙ୍କର ତପସ୍ୟା । ୯ । ହେ ପାର୍ଥ ! ତୁମ୍ଭେ ମୋତେ ସବୁ ପ୍ରାଣୀଙ୍କର ସନାତନ ବୀଜ ବୋଲି ଜାଣ । ମୁଁ ବୁଦ୍ଧିମାନ୍‌ମାନଙ୍କର ବୁଦ୍ଧି, ତେଜସ୍ୱୀମାନଙ୍କର ତେଜ, ବଳବାନ୍‌ମାନଙ୍କର ବଳ, ଭୂତମାନଙ୍କ ମଧ୍ୟରେ ଧର୍ମର ଅବିରୁଦ୍ଧ କାମ । ୧୦-୧୧ ।

ଯେ ଚୈବ ସାତ୍ତ୍ୱିକା ଭାବା, ରାଜସାସ୍ତାମସାଶ୍ଚ ଯେ,
ମତ୍ତ ଏବେତି ତାନ୍ ବିଦ୍ଧି, ନ ତ୍ୱହଂ ତେଷୁ, ତେ ମୟି । ୧୨ ।
ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍,
ମୋହିତଂ, ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ । ୧୩ ।
ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା;
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ । ୧୪ ।
ନ ମାଂ ଦୁଷ୍କୃତିନୋ ମୂଢ଼ାଃ ପ୍ରପଦ୍ୟନ୍ତେ ନରାଧମାଃ,
ମାୟୟାପହୃତଜ୍ଞାନା, ଆସୁରଂ ଭାବମାଶ୍ରିତାଃ । ୧୫ ।

ଅର୍ଥ—ସଂସାରରେ ଯେ ସବୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବ ଅଛି, ସେ ସବୁ ମୋଠାରୁ ଜାତ, ଏହା ଜାଣ । ସେମାନଙ୍କଠାରେ ମୁଁ ନାହିଁ, ମାତ୍ର ସେମାନେ ମୋଠାରେ ଅଛନ୍ତି । ୧୨ । ଏହି ତିନି ଗୁଣମୟ ଭାବଦ୍ୱାରା ମୋହିତ ହୋଇ ଏହି ସମଗ୍ର ଜଗତ ମୋତେ ଜାଣନ୍ତି ନାହିଁ, ଯେହେତୁ ମୁଁ ଏହିସବୁ ଭାବର ଅତୀତ ଏବଂ ଅବ୍ୟୟ ଅଟେ ।୧୩। ମୋର ଏହି ଦୈବୀ ଏବଂ ଗୁଣମୟୀ ମାୟାକୁ ଅତିକ୍ରମ କରିବା କଠିନ । ମୋତେ ଯେଉଁମାନେ ଆଶ୍ରୟ କରନ୍ତି, ସେମାନେ ଏହି ମାୟାକୁ ଅତିକ୍ରମ କରନ୍ତି । ୧୪ । ମୂଢ଼, ନରାଧମ, ମାୟାଦ୍ୱାରା ଅପହୃତ ଜ୍ଞାନ ଓ ଆସୁରୀ ଭାବପ୍ରାପ୍ତ ଦୁଷ୍କୃତିମାନେ ମୋତେ ଆଶ୍ରୟ କରନ୍ତି ନାହିଁ । ୧୫ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ !
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ, ଭରତର୍ଷଭ ! ୧୬ ।
ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ;
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ, ସ ଚ ମମ ପ୍ରିୟଃ । ୧୭ ।
ଉଦାରାଃ ସର୍ବ ଏବୈତେ, ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ;
ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ । ୧୮ ।
ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ,
ବାସୁଦେବଃ ସର୍ବମିତି ; ସ ମହାତ୍ମା ସୁଦୁର୍ଲ୍ଲଭଃ । ୧୯ ।

ଅର୍ଥ ହେ ଭରତର୍ଷଭ ଅର୍ଜ୍ଜୁନ ! ସୁକୃତିଶାଳୀମାନେ ମୋତେ ଚାରିପ୍ରକାରରେ ପୂଜା କରନ୍ତି । ଯଥା—ଆର୍ତ୍ତ, ଜିଜ୍ଞାସୁ, ଭୋଗୈଶ୍ୱର୍ଯ୍ୟକାମୀ

ଓ ଜ୍ଞାନୀ । ୧୬ । ସେମାନଙ୍କ ମଧ୍ୟରେ ନିତ୍ୟଯୁକ୍ତ ଏକଭକ୍ତି ଜ୍ଞାନୀ ପ୍ରଧାନ । ମୁଁ ଜ୍ଞାନୀର ଅତ୍ୟନ୍ତ ପ୍ରିୟ ଏବଂ ସେ ମୋର ପ୍ରିୟ । ୧୭ । ଏମାନେ ସମସ୍ତେ ଉଦାର ଅଟନ୍ତି; ମାତ୍ର ଜ୍ଞାନୀ ହେଉଛନ୍ତି 'ଆତ୍ମା' ଅର୍ଥାତ୍ 'ମୁଁ ନିଜେ' ଏହା ମୋର ମତ । କାରଣ ସେ ନିଜ ସହିତ ଯୁକ୍ତ ହେବାଦ୍ୱାରା ମୋଠାରେ ଯୁକ୍ତ ହୁଅନ୍ତି, ଏହା ସର୍ବୋତ୍କୃଷ୍ଟ ଗତି । ୧୮ । ବହୁ ଜନ୍ମ ପରେ ଜ୍ଞାନବାନ୍ ବ୍ୟକ୍ତି ମୋ ନିକଟକୁ ଆସନ୍ତି ଏବଂ ସମସ୍ତ ଜଗତ୍ ବାସୁଦେବ ବୋଲି ଜାଣନ୍ତି । ସେପରି ମହାତ୍ମା ଅତି ଅଳ୍ପ । ୧୯ ।

ଟିପ୍ପଣୀ—ସମସ୍ତ ଜଗତ୍ ବା ସମସ୍ତ ମାନବସମାଜ ବାସୁଦେବ ବା ଶ୍ରୀକୃଷ୍ଣମୟ ବା କୃଷ୍ଣିମୟ ଏକଥା ଖୁବ୍ ଅଳ୍ପଲୋକ ଉପଲବ୍ଧି କରନ୍ତି । ସବୁ ମନୁଷ୍ୟଠାରେ ରହିଥିବାରୁ ଶ୍ରୀକୃଷ୍ଣଙ୍କର ନାମ ବାସୁଦେବ ଅଟେ ।

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ,
ତଂ ତଂ ନିୟମମାସ୍ଥାୟ, ପ୍ରକୃତ୍ୟା ନିୟତାଃ ସ୍ୱୟା । ୨୦ ।
ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି,
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ । ୨୧ ।
ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ,
ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହି ତାନ୍ । ୨୨ ।
ଅନ୍ତବତ୍ତୁ ଫଳଂ ତେଷାଂ ତଦ୍ଭବତ୍ୟଳ୍ପମେଧସାଂ;
ଦେବାନ୍ ଦେବଯଜୋ ଯାନ୍ତି, ମଦ୍ଭକ୍ତା ଯାନ୍ତି ମାମପି ।୨୩।
ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ,
ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ । ୨୪ ।

ଅର୍ଥ—ନିଜ ନିଜର କାମନାଦ୍ୱାରା ହୃତଜ୍ଞାନ ହୋଇ ଭିନ୍ନ ଭିନ୍ନ ନିୟମ ଅବଲମ୍ବନ କରି ନିଜ ନିଜ ପ୍ରକୃତିଦ୍ୱାରା ନିୟନ୍ତ୍ରିତ ହୋଇ ଲୋକେ ଅନ୍ୟ ଦେବତା ପୂଜା କରନ୍ତି । ୨୦ । ଯେଉଁ ଯେଉଁ ଭକ୍ତ ଯେଉଁ ଯେଉଁ ମୂର୍ତ୍ତିକୁ ଶ୍ରଦ୍ଧା ସହିତ ଅର୍ଚ୍ଚନା କରିବାକୁ ଇଚ୍ଛା କରନ୍ତି, ତାଙ୍କର ସେହି ସେହି ଅଚଳା ଶ୍ରଦ୍ଧା ମୁଁ ବିଧାନ କରେ । ୨୧ । ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ସେ ସେହି ମୂର୍ତ୍ତିର ଆରାଧନା କରନ୍ତି । ତାପରେ ସେ ଯେଉଁ

କାମନାର ଫଳ ଲାଭ କରନ୍ତି, ତାହା ମୁଁ ବିଧାନ କରେ । ୨୨ । ସେହି ଅଳ୍ପ ବୁଦ୍ଧିମାନଙ୍କର ସେହି ଫଳ ଶେଷ ହୋଇଯାଏ । ଦେବପୂଜକମାନେ ଦେବଲୋକକୁ ଯାଆନ୍ତି ଏବଂ ମୋର ଭକ୍ତମାନେ ମୋତେ ପାଆନ୍ତି । ୨୩ । ବୁଦ୍ଧିଶୂନ୍ୟ ବ୍ୟକ୍ତିମାନେ ମୋର ଅକ୍ଷୟ, ଅନୁତ୍ତମ ଶ୍ରେଷ୍ଠ ଭାବ ନଜାଣି ଅବ୍ୟକ୍ତ ବା ନିରାକାର ମୋତେ ବ୍ୟକ୍ତିଭାବପ୍ରାପ୍ତ ବା ସାକାର ମନେ କରନ୍ତି । ୨୪ ।

ଟିପ୍ପଣୀ—୨୦ଶ ଶ୍ଲୋକରୁ ୨୩ଶ ଶ୍ଲୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ ନିଜ ନିଜ କାମନାଦ୍ୱାରା ହୃତଜ୍ଞାନ ହୋଇଥିବା ଅଳ୍ପବୁଦ୍ଧି ଲୋକେ ଦେବତା ପୂଜା ବା ମୂର୍ତ୍ତିପୂଜା କରନ୍ତି । ୨୪ଶ ଶ୍ଲୋକରେ ସେ କହିଲେ ଯେ ବୁଦ୍ଧିଶୂନ୍ୟ ଲୋକେ ତାଙ୍କୁ ମଧ୍ୟ ବ୍ୟକ୍ତିଭାବ ପ୍ରାପ୍ତ ବା ସାକାର ମନେକରି ତାଙ୍କର ମୂର୍ତ୍ତିଟିଏ କଳ୍ପନା କରି ସେହି ମୂର୍ତ୍ତି ପୂଜା କରନ୍ତି । ଦ୍ୱାଦଶ ଅଧ୍ୟାୟ ପ୍ରଥମ ଶ୍ଲୋକଟି ପଢ଼ିଲେ ଆମ୍ଭେମାନେ ଜାଣିପାରିବୁଁ ଯେ ଶ୍ରୀକୃଷ୍ଣ ହେଉଛନ୍ତି ବ୍ୟକ୍ତ ଭଗବାନ । ମାତ୍ର ଏଠାରେ ସେ କହୁଅଛନ୍ତି ଯେ, ସେ ହେଉଛନ୍ତି ଅବ୍ୟକ୍ତ ; ସେ କିପରି ଭାବରେ ଅବ୍ୟକ୍ତ, ତାହା ସେ ପରବର୍ତ୍ତୀ ଶ୍ଲୋକରେ ଥିବା "ନାହଂ ପ୍ରକାଶଃ ସର୍ବସ୍ୟ" ଏହି କଥାଟିରେ ବୁଝାଇ ଦେଇଅଛନ୍ତି । ଚତୁର୍ଥ ଅଧ୍ୟାୟ ୧୧ଶ ଓ ୧୨ଶ ଏହି ଦୁଇଟି ଶ୍ଲୋକରେ ମଧ୍ୟ ଶ୍ରୀକୃଷ୍ଣ ଦେବତା ପୂଜା ବିରୁଦ୍ଧରେ କହିଅଛନ୍ତି ।

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ;
ମୂଢ଼ୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ । ୨୫ ।
ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ !
ଭବିଷ୍ୟାଣି ଚ ଭୂତାନି ; ମାନ୍ତୁ ବେଦ ନ କଶ୍ଚନ । ୨୬ ।
ଇଚ୍ଛାଦ୍ୱେଷସମୁତ୍ଥେନ ଦ୍ୱନ୍ଦ୍ୱମୋହେନ ଭାରତ !
ସର୍ବଭୂତାନି ସମ୍ମୋହଂ ସର୍ଗେ ଯାନ୍ତି, ପରନ୍ତପ ! ୨୭ ।
ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍
ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢ଼ବ୍ରତାଃ । ୨୮ ।

ଅର୍ଥ—ମୁଁ ଯୋଗମାୟାଦ୍ୱାରା ସମାବୃତ ଥିବାରୁ ସମସ୍ତଙ୍କ ନିକଟରେ ପ୍ରକାଶମାନ ନୁହେଁ । ମୁଁ ଜନ୍ମରହିତ ଓ ଅବ୍ୟୟ, ଏହା

ମୂଢ଼ମାନେ ଜାଣନ୍ତି ନାହିଁ । ୨୫ । ହେ ଅର୍ଜୁନ ! ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ପ୍ରାଣୀମାନଙ୍କୁ ମୁଁ ଜାଣେ । ମୋତେ କିନ୍ତୁ କେହି ଜାଣନ୍ତି ନାହିଁ । ୨୬ । ହେ ପରନ୍ତପ ଭାରତ ! ସୃଷ୍ଟି ସମୟରେ ଅର୍ଥାତ୍ ସଂସାରରେ ଜାତହେବା ମାତ୍ରେ ଇଚ୍ଛା ଓ ଦ୍ୱେଷରୁ ସମୁତ୍ପନ୍ନ ଶୀତୋଷ୍ଣାଦି ଦ୍ୱନ୍ଦ୍ୱଜନିତ ମୋହରେ ସବୁ ପ୍ରାଣୀ ସମ୍ମୋହପ୍ରାପ୍ତ ହୁଅନ୍ତି । ୨୭ । କିନ୍ତୁ ଯେଉଁ ସମସ୍ତ ପୁଣ୍ୟକର୍ମା ବ୍ୟକ୍ତିମାନଙ୍କର ପାପ କ୍ଷୟ ହୋଇଅଛି, ସେହିମାନେ ଦ୍ୱନ୍ଦ୍ୱ ମୋହରୁ ବିନିର୍ମୁକ୍ତ ହୋଇ ମୋତେ ଭଜନ କରନ୍ତି । ୨୮ ।

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ,
ତେ ବ୍ରହ୍ମ ତଦ୍ୱିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ । ୨୯
ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଞ୍ଚ ଯେ ବିଦୁଃ;
ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ । ୩୦ ।

ଅର୍ଥ—ଯେଉଁମାନେ ମୋତେ ଆଶ୍ରୟ କରି ଜରା ଓ ମରଣରୁ ମୁକ୍ତି ପାଇବାପାଇଁ ଯତ୍ନ କରନ୍ତି, ସେମାନେ ସେହି ବ୍ରହ୍ମ, ସମୁଦାୟ ଅଧ୍ୟାତ୍ମ ବିଷୟ ଓ ସମସ୍ତ କର୍ମ କଅଣ, ତାହା ଜାଣନ୍ତି । ୨୯ । ଯେଉଁମାନେ ମୋତେ ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ ସହିତ ଜାଣନ୍ତି, ସେମାନେ ଯୁକ୍ତଚିତ୍ତ ହୋଇ ପ୍ରୟାଣ ସମୟରେ ମଧ୍ୟ ମୋତେ ଜାଣନ୍ତି । ୩୦ ।

ଟିପ୍ପଣୀ—ଜରା ଓ ମରଣରୁ ମୁକ୍ତହେବା ଆଶାରେ ଲୋକେ ଶାସ୍ତ୍ରୋକ୍ତ ବ୍ରହ୍ମ କଅଣ, ଆତ୍ମା କଅଣ, କର୍ମ କଅଣ ଇତ୍ୟାଦି ଜାଣିବା ପାଇଁ ବ୍ୟାକୁଳ ହୁଅନ୍ତି ବୋଲି ୨୯ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି ଯେ ତାଙ୍କର ଆଶ୍ରୟ ନେଇ କର୍ମ କଲେ ଅର୍ଥାତ ନିଜ ନିଜର ପବିତ୍ର ବିବେକ-ବୁଦ୍ଧିର ଆଶ୍ରୟ ନେଇ କର୍ମ କଲେ ମନୁଷ୍ୟ ଜରା ଓ ମରଣରୁ ମୁକ୍ତ ହୋଇ ପାରିବ ଏବଂ ବ୍ରହ୍ମ କଅଣ, ଆତ୍ମା କଅଣ ଓ କର୍ମ କଅଣ, ତାହା ଜାଣି ପାରିବ । ଶେଷ ଦୁଇଟି ଶ୍ଳୋକରେ ଥିବା ବ୍ରହ୍ମ, ଆତ୍ମା, କର୍ମ, ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ କଅଣ, ତାହା ଶ୍ରୀକୃଷ୍ଣ ଅଷ୍ଟମ ଅଧ୍ୟାୟ ଆରମ୍ଭରେ ବୁଝାଇ ଦେଇଅଛନ୍ତି ॥

## ସାରକଥା

ଯାହାକୁ ଆମ୍ଭେମାନେ ବୁଦ୍ଧି, ପ୍ରଜ୍ଞା, ବିଜ୍ଞାନ, ଆତ୍ମଜ୍ଞାନ ଇତ୍ୟାଦି କହୁଁ ସେ ସବୁର ଅବସ୍ଥିତିର ସ୍ଥାନ ହେଉଛି ବୁଦ୍ଧିତତ୍ତ୍ୱ । ଏହି ବୁଦ୍ଧିତତ୍ତ୍ୱରୁ ସମସ୍ତ ମନୁଷ୍ୟ ଲୋକର ବା ଶାସ୍ତ୍ରୋକ୍ତ ନିମ୍ନ ତ୍ରିଲୋକର ଉତ୍ପତ୍ତି ଓ ଲୟ । ଏହି ବୁଦ୍ଧିତତ୍ତ୍ୱ ହେଉଛି ସମସ୍ତ ମନୁଷ୍ୟଲୋକର ଏକମାତ୍ର ଆଶ୍ରୟ । ଏହିସବୁ ବିଷୟ ହେଉଛି ଶାସ୍ତ୍ରଜ୍ଞାନର ବିଷୟ—ଅନୁଭୂତିର ବିଷୟ ନୁହେଁ । ବୁଦ୍ଧିତତ୍ତ୍ୱ କଅଣ ତାହା ଆମ୍ଭେମାନେ ଯଥା ସମୟରେ ଉପଲବ୍ଧି କରି ପାରିବୁଁ । ବର୍ତ୍ତମାନ ଆମ୍ଭମାନଙ୍କର ଏତିକି ଜାଣିବା ଆବଶ୍ୟକ ଯେ ନିଜ ନିଜର ପବିତ୍ର ବୁଦ୍ଧି ହେଉଛି ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଆଶ୍ରୟ, ପଥ ପ୍ରଦର୍ଶକ ଓ ଏକମାତ୍ର ଉଦ୍ଧାରକର୍ତ୍ତା । ଏହି ବୁଦ୍ଧିର ଆଶ୍ରୟ ନେବା ବ୍ୟତୀତ ମନୁଷ୍ୟର ଅନ୍ୟ ଗତି ବା ଅନ୍ୟ ଆଶ୍ରୟ ନଥିଲେ ମଧ୍ୟ ଲୋକେ ନିଜ ନିଜର କାମନା ସବୁ ଦ୍ୱାରା ହୃତଜ୍ଞାନ ହୋଇ ଭିନ୍ନ ଭିନ୍ନ ଦେବତା ପୂଜା କରନ୍ତି ।

ବୁଦ୍ଧିରାତ୍ମା ମନୁଷ୍ୟସ୍ୟ ବୁଦ୍ଧିରେବାତ୍ମନୋ ଗତିଃ । ( ଶାନ୍ତିପର୍ବ )

## ଅଷ୍ଟମ ଅଧ୍ୟାୟ—ଅକ୍ଷର ବ୍ରହ୍ମଯୋଗ

### ଅର୍ଜ୍ଜୁନ ଉବାଚ

କିଂ ତଦ୍‌ବ୍ରହ୍ମ, କିମଧ୍ୟାତ୍ମଂ, କିଂ କର୍ମ୍ମ ପୁରୁଷୋତ୍ତମ !
ଅଧିଭୂତଞ୍ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ? ୧ ।
ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ ମଧୁସୂଦନ !
ପ୍ରୟାଣକାଲେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ? ୨ ।

ଅର୍ଥ—ଅର୍ଜ୍ଜୁନ କହିଲେ, ହେ ପୁରୁଷୋତ୍ତମ ! ( ସପ୍ତମ ଅଧ୍ୟାୟ ଶେଷରେ ଯାହା ଆପଣ କହିଥିଲେ ) ସେହି ବ୍ରହ୍ମ କଅଣ ? ଅଧ୍ୟାତ୍ମ କଅଣ ? କର୍ମ୍ମ କଅଣ ? ଅଧିଭୂତ ଓ ଅଧିଦୈବ କାହାକୁ କହନ୍ତି ? ୧ । ଏହି ଦେହରେ ଅଧିଯଜ୍ଞ କଏ ଏବଂ କେଉଁଠାରେ ? ହେ ମଧୁସୂଦନ ! ନିୟତାତ୍ମା ବ୍ୟକ୍ତିମାନେ ଏହି ସଂସାରରୁ ଯିବାବେଳେ ଆପଣଙ୍କୁ କିପରି ଜାଣନ୍ତି ? ୨ ।

### ଶ୍ରୀକୃଷ୍ଣ ଉବାଚ

ଅକ୍ଷରଂ ବ୍ରହ୍ମ ପରମଂ, ସ୍ୱଭାବୋଽଧ୍ୟାତ୍ମ ମୁଚ୍ୟତେ,
ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଞ୍ଜ୍ଞିତଃ । ୩ ।
ଅଧିଭୂତଂ କ୍ଷରୋ ଭାବଃ, ପୁରୁଷଶ୍ଚାଧିଦୈବତମ୍,
ଅଧିଯଜ୍ଞୋଽହମେବାତ୍ର ଦେହେ, ଦେହଭୃତାଂବର ! ୪ ।
ଅନ୍ତକାଲେ ଚ ମାମେବ ସ୍ମରନ ମୁକ୍ତ୍ୱା କଳେବରମ୍,
ଯଃ ପ୍ରୟାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ । ୫ ।
ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍,
ତଂ ତମେବୈତି କୌନ୍ତେୟ ! ସଦା ତଦ୍ଭାବଭାବିତଃ । ୬ ।
ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟଚ,
ମଯ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟ ସଂଶୟଃ । ୭ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ପରମ ଅକ୍ଷର ହେଉଛି ବ୍ରହ୍ମ, ସ୍ୱଭାବ ହେଉଛି ଅଧ୍ୟାତ୍ମ । ଭୂତମାନଙ୍କର ଭାବ ଅର୍ଥାତ୍ ଉତ୍ପତ୍ତି ଓ ଉଦ୍ଭବ ଅର୍ଥାତ୍

ସୃଷ୍ଟି ବା ବିମବିକାଶ ପାଇଁ ଯେ ବିସର୍ଗ ବା ତ୍ୟାଗ ତାହା କର୍ମ ନାମରେ କଥିତ । ୩ । ଯାହାର ବିନାଶ ଅଛି ତାହା ଅଧିଭୂତ । ପୁରୁଷ ବା ଜୀବାତ୍ମା ହେଉଛି ଅଧିଦୈବ । ହେ ଦେହଧାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ! ଏହି ଦେହରେ ମୁଁ ହେଉଛି ଅଧିଯଜ୍ଞ । ୪ । ଅନ୍ତକାଳରେ ମୋତେ ସ୍ମରଣ କରୁ କରୁ ଯେ ଦେହତ୍ୟାଗ କରି ପ୍ରୟାଣ କରନ୍ତି, ସେ ମୋର ଭାବକୁ ପ୍ରାପ୍ତ ହୁଅନ୍ତି, ଏଥିରେ ସନ୍ଦେହ ନାହିଁ । ୫ । ଶେଷ ସମୟରେ ଯେଉଁ ସତ୍ତ୍ୱକୁ ସ୍ମରଣ କରି ମନୁଷ୍ୟ ଦେହ ତ୍ୟାଗ କରେ, ହେ କୌନ୍ତେୟ ! ସେହି ସେହି ସତ୍ତ୍ୱରେ ସେ ସର୍ବଦା ଭାବିତ ହୋଇ ସେହି ସେହି ଭାବକୁ ପ୍ରାପ୍ତ ହୁଏ । ୬ । ଅତଏବ ସର୍ବଦା ମୋତେ ସ୍ମରଣ କର ଓ 'ଯୁଦ୍ଧ କର' । ମନ ଓ ବୁଦ୍ଧିକୁ ମୋଠାରେ ଅର୍ପଣ କଲେ ତୁମ୍ଭେ ନିଃସନ୍ଦେହରେ ମୋ ନିକଟକୁ ଆସିବ । ୭ ।

ଟିପ୍ପଣୀ—'ଯୁଦ୍ଧ କର' ଏହି କଥାଟି ଗୀତାର ସର୍ବପ୍ରଧାନ କଥା । ଯୁଦ୍ଧ କରିବାର ଅର୍ଥ ହେଉଛି ନିଜ ନିଜର ସ୍ୱଭାବନିୟତ ଜୀବନ ଯୁଦ୍ଧରେ ସର୍ବଦା ନିଯୁକ୍ତ ରହିବା । ଏହି ସ୍ୱଭାବନିୟତ ଯୁଦ୍ଧରେ ନିଯୁକ୍ତ ରହିବାକୁ ହେଲେ ନିଜର ପବିତ୍ର ବିବେକବୁଦ୍ଧିକୁ ବା ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଓ ଗୁରୁଭାବରେ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ । ଅତଏବ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବା ଅର୍ଥ ହେଉଛି ତାଙ୍କୁ ସାରଥି ଭାବରେ ଓ ଗୁରୁ ଭାବରେ ଗ୍ରହଣ କରିବା । ମନୁଷ୍ୟ ନିଜର ଜୀବନ କାଳରେ ଯେଉଁ ଭାବରେ ଭାବିତ ହୋଇ କର୍ମ କରେ ଦେହତ୍ୟାଗ ପରେ ସେହିଭାବକୁ ସେ ପ୍ରାପ୍ତ ହୁଏ । ସେଥିପାଇଁ ଶ୍ରୀକୃଷ୍ଣ କହିଲେ "ସର୍ବଦା ମୋତେ ସ୍ମରଣ କରି କର୍ମ କର" । କାରଣ କର୍ମ କରିବା ସହିତ ବା ଯୁଦ୍ଧ କରିବା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ବନ୍ଧ । କର୍ମ ନକରି କେବଳ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବାକୁ କିମ୍ବା ତାଙ୍କ ନାମଧରି ମାଳା ଜପିବାକୁ ଶ୍ରୀକୃଷ୍ଣ କହିନାହାନ୍ତି ।

ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା,
ପରମଂ ପୁରୁଷଂ ଦିବ୍ୟଂ ଯାତି, ପାର୍ଥାନୁଚିନ୍ତୟନ୍ । ୮ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ଅଭ୍ୟାସ ଯୋଗରେ ଯୁକ୍ତ ହୋଇ ଏବଂ ମନକୁ ଅନ୍ୟ କେଉଁଆଡ଼େ ନ ନେଇ ସେହି ଦିବ୍ୟ ପରମ-ପୁରୁଷଙ୍କୁ ସର୍ବଦା ଚିନ୍ତା କରି ମନୁଷ୍ୟ ତାହାଙ୍କୁ ପ୍ରାପ୍ତ ହୁଅନ୍ତି । ୮ ।

ଟିପ୍ପଣୀ—ଷଷ୍ଠ ଅଧ୍ୟାୟ ୨୬ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ ମନ ଯେଉଁ ଯେଉଁ ବିଷୟରେ ବିଚରଣ କରିବାକୁ ଯିବ ସେହି ସେହି ବିଷୟରୁ ମନକୁ ଟାଣିଆଣି ନିଜ ଅଧୀନରେ ରଖିବ । ଏଠାରେ ଶ୍ରୀକୃଷ୍ଣ କହୁଅଛନ୍ତି ଯେ, ମନକୁ ଅନ୍ୟ କୌଣସିଆଡ଼େ ନନେଇ ସର୍ବଦା ସେହି ଦିବ୍ୟ ପରମପୁରୁଷଙ୍କୁ ଚିନ୍ତା କଲେ ମନୁଷ୍ୟ ତାଙ୍କୁ ପାଇପାରିବ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଶ୍ରୀକୃଷ୍ଣଙ୍କର ଆଶ୍ରୟ ନନେଇ ମନୁଷ୍ୟ ସେହି ପରମ ପୁରୁଷଙ୍କୁ ଚିନ୍ତା କରି ପାରିବ ନାହିଁ ଓ ପାଇ ପାରିବ ନାହିଁ । ପରବର୍ତ୍ତୀ ଶ୍ଳୋକ ଦୁଇଟିରେ ଶ୍ରୀକୃଷ୍ଣ ସେହି ଦିବ୍ୟ ପୁରୁଷଙ୍କର ପରିଚୟ ଦେଇଅଛନ୍ତି ଏବଂ କିପରି ଉପାୟରେ ମନୁଷ୍ୟ ସେହି ଦିବ୍ୟ ପରମ-ପୁରୁଷଙ୍କୁ ପାଇପାରିବ ତାହା ମଧ୍ୟ କହିଅଛନ୍ତି ।

କବିଂ ପୁରାଣମନୁଶାସିତାରମ୍
ଅଣୋରଣୀୟାଂ ସମନୁସ୍ମରେଦ୍ ଯଃ ।
ସର୍ବସ୍ୟ ଧାତାରମଚିନ୍ତ୍ୟରୂପମ୍—
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ । ୯ ।
ପ୍ରୟାଣକାଲେ ମନସାଚଳେନ
ଭକ୍ତ୍ୟା ଯୁକ୍ତୋ ଯୋଗବଳେନ ଚୈବ,
ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍,
ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ । ୧୦ ।

ଅର୍ଥ—ଯେଉଁ ବ୍ୟକ୍ତି ପ୍ରୟାଣ କାଳରେ ଅର୍ଥାତ୍ ସ୍ଥୂଳଦେହକୁ ଭୂର୍ଲୋକରେ ପରିତ୍ୟାଗ କରିବା ସମୟରେ ପ୍ରାଣବାୟୁକୁ ଭ୍ରୂଦ୍ୱୟ ମଧ୍ୟରେ ସମ୍ୟକ୍‌ରୂପେ ରଖି ଅବିଚଳିତ ମନରେ, ଭକ୍ତିଯୁକ୍ତ ହୋଇ ଏବଂ ଯୋଗ-ବଳରେ କବି ଅର୍ଥାତ୍ ସର୍ବଜ୍ଞ, ଅନାଦି, ଅନୁଶାସନ କର୍ତ୍ତା, ସୂକ୍ଷ୍ମଠାରୁ ସୂକ୍ଷ୍ମ, ସମସ୍ତଙ୍କର ବିଧାତା, ଅଚିନ୍ତ୍ୟ ରୂପ, ଆଦିତ୍ୟ ବର୍ଣ୍ଣ, ଅନ୍ଧକାରରୁ ବହିର୍ଭୂତ, ସେହି ପରମପୁରୁଷଙ୍କୁ ଅନୁସ୍ମରଣ କରନ୍ତି, ସେ ସେହି ଦିବ୍ୟ ପରମ ପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି । ୯-୧୦ ।

ଟିପ୍ପଣୀ—ସପ୍ତମ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ, ସର୍ବଦା ତାଙ୍କୁ ସ୍ମରଣ କରି ଯୁଦ୍ଧ କଲେ ଦେହତ୍ୟାଗ ପରେ ମନୁଷ୍ୟ ତାଙ୍କୁ ପାଇ-

ପାରିବ ଅର୍ଥାତ୍ ତାଙ୍କର ଭାବକୁ ପ୍ରାପ୍ତ ହେବ । ମାତ୍ର ୯ମ ଓ ୧୦ମ ଏହି ଦୁଇଟି ଶ୍ଳୋକରେ ସେ କହୁଅଛନ୍ତି ଯେ, ଅଚିନ୍ତ୍ୟରୂପ ପରମପୁରୁଷଙ୍କୁ ସର୍ବଦା ଚିନ୍ତାକରି ମନୁଷ୍ୟ ସେହି ପରମପୁରୁଷଙ୍କୁ ପାଇପାରିବ । ନବମ ଶ୍ଳୋକରେ ଥିବା "ଅନୁସ୍ମରେତ୍" ଓ "ଅଚନ୍ତ୍ୟରୂପଂ ଏହି ଦୁଇଟି କଥା ବ୍ୟବହାର କରି ଶ୍ରୀକୃଷ୍ଣ ଅତି ସୁକୌଶଳରେ କହିଅଛନ୍ତି ଯେ, ସେହି ପରମପୁରୁଷ ହେଉଛନ୍ତି ଚିନ୍ତାର ଅତୀତ । ଅତଏବ ତାଙ୍କୁ ଚିନ୍ତା କରିବା ସମ୍ପୂର୍ଣ୍ଣ ଅସମ୍ଭବ । ପରବର୍ତ୍ତୀ ୧୪ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ ତାଙ୍କୁ ପାଇବା ଅତି ସହଜ ଏବଂ ତାଙ୍କୁ ପାଇବା ପାଇଁ ଚେଷ୍ଟା କରିବା ହେଉଛି ମନୁଷ୍ୟର କର୍ତ୍ତବ୍ୟ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଜନସାଧାରଣ ଅଚିନ୍ତ୍ୟରୂପ ଯେଉଁ ପରମପୁରୁଷଙ୍କୁ ଚିନ୍ତା କରିବାରେ ଅଭ୍ୟସ୍ତ ତାହା ସେମାନେ ପରିତ୍ୟାଗ କରନ୍ତୁ ଏବଂ ନିଜର ସହଜ ବୁଦ୍ଧିକୁ ଭଗବାନ ଭାବରେ ଗ୍ରହଣ କରି ସର୍ବଦା କର୍ମରେ ନିଯୁକ୍ତ ରହନ୍ତୁ ।

ଯଦକ୍ଷରଂ ବେଦବିଦୋ ବଦନ୍ତି,<br>
ବିଶନ୍ତି ଯଦ୍ ଯତୟୋ ବୀତରାଗାଃ,<br>
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି,<br>
ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ । ୧୧ ।

ଅର୍ଥ—ବେଦଜ୍ଞମାନେ ଯାହାଙ୍କୁ ଅକ୍ଷର ବୋଲି କହନ୍ତି, ଆସକ୍ତି-ଶୂନ୍ୟ ଯତିମାନେ ଯାହାଙ୍କଠାରେ ପ୍ରବେଶ କରନ୍ତି, ଯାହାଙ୍କୁ ପାଇବାକୁ ଇଚ୍ଛା କରି ଲୋକେ ବ୍ରହ୍ମଚର୍ଯ୍ୟ ଆଚରଣ କରନ୍ତି, ସେହି ପଦ ବା ଗତି ମୁଁ ତୁମ୍ଭ ଆଗରେ ସଂକ୍ଷେପରେ ବର୍ଣ୍ଣନା କରିବି । ୧୧ ।

ଟିପ୍ପଣୀ—ପରମାଗତି କିପରି ମିଳିବ, ପରବର୍ତ୍ତୀ ଦୁଇଟି ଶ୍ଳୋକରେ ତାହା ବର୍ଣ୍ଣନା କରାଯାଇଅଛି । "ବେଦଜ୍ଞମାନେ ଯାହାଙ୍କୁ ଅକ୍ଷର ବୋଲି କହନ୍ତି" ଏହି କଥାଟିରୁ ପ୍ରକାଶ ଯେ ପରମାଗତି ପାଇବାକୁ ଶାସ୍ତ୍ରୋକ୍ତ ଉପାୟ ଅବଲମ୍ବନ କରିବା ଶ୍ରୀକୃଷ୍ଣଙ୍କର ମତ ନୁହେଁ, ଏହା ବେଦଜ୍ଞ ବା ଶାସ୍ତ୍ରଜ୍ଞମାନଙ୍କର ମତ ।

ସର୍ବଦ୍ୱାରାଣି ସଂଯମ୍ୟ, ମନୋ ହୃଦି ନିରୁଧ୍ୟ ଚ,<br>
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ । ୧୨ ।

ଓଁ ଇତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍,
ଯଃ ପ୍ରୟାତି ତ୍ୟଜନ ଦେହଂ, ସ ଯାତି ପରମାଂ ଗତିମ୍ । ୧୩ ।

ଅର୍ଥ—ସବୁ ଦ୍ୱାରକୁ ସଂଯତ କରି, ମନକୁ ହୃଦୟରେ ନିରୁଦ୍ଧ କରି, ଭ୍ରୂଦ୍ୱୟ ମଧ୍ୟରେ ପ୍ରାଣକୁ ରଖି, ଯୋଗଧାରଣକୁ ଆଶ୍ରୟ ଓ ଏହି ଏକାକ୍ଷର ବ୍ରହ୍ମକୁ ଉଚ୍ଚାରଣ କରି, ମୋତେ ସ୍ମରଣ କରୁ କରୁ ଦେହ ତ୍ୟାଗ କରି ଯେ ପ୍ରସ୍ଥାନ କରନ୍ତି, ସେ ସେହି ପରମାଗତି ପ୍ରାପ୍ତନ୍ତି ।

ଟିପ୍ପଣୀ—ବେଦୋକ୍ତ ବା ଶାସ୍ତ୍ରୋକ୍ତ ସେହି ପରମାଗତି ପାଇବାକୁ ହେଲେ ଯେଉଁ ସବୁ ଉପାୟ ଅବଲମ୍ବନ କରିବାକୁ ହେବ, ତାହା ଶ୍ରୀକୃଷ୍ଣ ସଂକ୍ଷେପରେ କହିଲେ ଅର୍ଥାତ୍ ଏହା ଗୁଢ଼ ଆହୁରି ଏହିପରି ଅନେକ ଉପାୟ ଅବଲମ୍ବନ କରିବାକୁ ହେବ । ଏହିସବୁ ଉପାୟ ଅବଲମ୍ବନ କରିବା କେତେଦୂର ସହଜ କମ୍ବା କଷ୍ଟସାଧ୍ୟ ତାହା ଅନୁମାନ କରିପାରିବେ । ଶ୍ରୀକୃଷ୍ଣଙ୍କୁ ପାଇବା ଖୁବ୍ ସହଜ ତାହା ଶ୍ରୀକୃଷ୍ଣ ପରବର୍ତ୍ତୀ ଶ୍ଳୋକଟିରେ କହିଅଛନ୍ତି ଏବଂ ଶ୍ରୀକୃଷ୍ଣଙ୍କୁ ପାଇଲେ କଅଣ ଉପକାର ହେବ ତାହା ମଧ୍ୟ ପରବର୍ତ୍ତୀ ୧୫ଶ ଓ ୧୬ଶ ଶ୍ଳୋକ ଦୁଇଟିରେ ସେ କହିଅଛନ୍ତି ।

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭଃ, ପାର୍ଥ, ନିତ୍ୟଯୁକ୍ତସ୍ୟ ଯୋଗିନଃ । ୧୪ ।

ଅର୍ଥ—ଜନ୍ମ ଅନନ୍ୟଚିତ୍ତ ହୋଇ ଯେ ମୋତେ ସର୍ବଦା ସ୍ମରଣ କରନ୍ତି, ମୋଠାରେ ଯୁକ୍ତ ରହିଥିବା ସେହି ଯୋଗୀ ବା କର୍ମୀ ପକ୍ଷରେ, ହେ ପାର୍ଥ ! ମୁଁ ସହଜଲଭ୍ୟ ଅଟେ । ୧୪ ।

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍,
ନାପ୍ନୁବନ୍ତି ମହାତ୍ମାନଃ, ସଂସିଦ୍ଧିଂ ପରମାଂ ଗତାଃ । ୧୫ ।
ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜ୍ଜୁନ !
ମାମୁପେତ୍ୟ ତୁ କୌନ୍ତେୟ ! ପୁନର୍ଜନ୍ମ ନ ବିଦ୍ୟତେ । ୧୬ ।

ମୋତେ ସ୍ମରଣ କରୁଥିବା ଏବଂ ମୋଠାରେ ଯୁକ୍ତଥିବା ସେହି ମହାତ୍ମାମାନେ ମୋତେ ପାଇ ଦୁଃଖର ଆଳୟ ଏହି ଅନିତ୍ୟ ସଂସାରରେ

ଆଉ ଜନ୍ମଗ୍ରହଣ କରନ୍ତି ନାହିଁ, ତେଣୁ ପରମା ସିଦ୍ଧି ପାଆନ୍ତି । ୧୫ । ହେ ଅର୍ଜ୍ଜୁନ ! ଭୂଲୋକଠାରୁ ଆରମ୍ଭ କରି ବ୍ରହ୍ମଲୋକ ପର୍ଯ୍ୟନ୍ତ ଯେତେ ଜୀବ ଅଛନ୍ତି, ସମସ୍ତଙ୍କର ପୁନର୍ଜନ୍ମ ଅଛି । କିନ୍ତୁ ହେ କୌନ୍ତେୟ ! ମୋତେ ପ୍ରାପ୍ତ ହେଲେ ଆଉ ପୁନର୍ଜନ୍ମ ହୁଏ ନାହିଁ । ୧୬ ।

ଟିପ୍ପଣୀ—ଲୋକେ ପୁନର୍ଜନ୍ମରୁ ଉଦ୍ଧାର ପାଇବା ଆଶାରେ ଉପରୋକ୍ତ ପରମାଗତି ପାଇବାକୁ ବୃଥା ଚେଷ୍ଟା କରନ୍ତି ବୋଲି ଶ୍ରୀକୃଷ୍ଣ ଏଠାରେ ପୁନର୍ଜନ୍ମରୁ ଉଦ୍ଧାର ପାଇବା କଥା କହିଲେ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଯଦି ଅତି ସହଜରେ ମନୁଷ୍ୟ ଶ୍ରୀକୃଷ୍ଣଙ୍କୁ ପାଇପାରିବ ଏବଂ ଶ୍ରୀକୃଷ୍ଣଙ୍କୁ ପାଇପାରିଲେ ପୁନର୍ଜନ୍ମରୁ ରକ୍ଷା ପାଇବ, ତେବେ ସେହି ଦିବ୍ୟ ପରମପୁରୁଷଙ୍କୁ ପାଇବାପାଇଁ କିମ୍ବା ଶାସ୍ତ୍ରୋକ୍ତ ପରମାଗତି ପାଇବାପାଇଁ ବ୍ୟାକୁଳ ହୋଇ ୧୨ଶ ଓ ୧୩ଶ ଶ୍ଳୋକ ଲିଖିତ ଏପରି କଷ୍ଟସାଧ୍ୟ ଉପାୟ ଅବଲମ୍ବନ କରିବା ସମ୍ପୂର୍ଣ୍ଣ ଅନାବଶ୍ୟକ । ୧୩ଶ ଶ୍ଳୋକରେ ଥିବା "ମାମ୍ ଅନୁସ୍ମରନ୍" ଅର୍ଥାତ୍ ମୋତେ ସ୍ମରଣ କରୁ କରୁ ଏହି କଥାଟିରୁ ପ୍ରକାଶ ଯେ ସେହି ଅଚିନ୍ତ୍ୟରୂପ ଦିବ୍ୟ ପରମ ପୁରୁଷଙ୍କୁ ଏବଂ ଶାସ୍ତ୍ରୋକ୍ତ ପରମାଗତି ପାଇବାକୁ ହେଲେ ଉପରୋକ୍ତ ଉପାୟ ଅବଲମ୍ବନ କଲେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବା ଏକାନ୍ତ ଆବଶ୍ୟକ । ପରଜନ୍ମର କଥା ଓ ପରମାଗତିର କଥା ଶାସ୍ତ୍ରମାନଙ୍କରେ ଯେପରି ବର୍ଣ୍ଣନା କରାଯାଇଅଛି, ତାହା ଶ୍ରୀକୃଷ୍ଣ ପରବର୍ତ୍ତୀ କେତୋଟି ଶ୍ଳୋକରେ ଶୁଣାଇବେ । ମାତ୍ର ଏହି ସବୁ କଥା ଶାସ୍ତ୍ରର କଥା ଥିବାରୁ ଗୀତାର ପ୍ରକୃତ ଶିକ୍ଷା ସହିତ ଏହି ସବୁ କଥାର କୌଣସି ସମ୍ବନ୍ଧ ନାହିଁ । ଶ୍ରୀକୃଷ୍ଣଙ୍କର ଉପଦେଶ ହେଉଛି ସମସ୍ତ ମାନବ ସମାଜପାଇଁ– କେବଳ ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କପାଇଁ ନୁହେଁ ।

ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରହ୍ମଣୋ ବିଦୁଃ,
ରାତ୍ରିଂ ଯୁଗସହସ୍ରାନ୍ତାଂ, ତେଽହୋରାତ୍ରବିଦୋ ଜନାଃ । ୧୭ ।

ଅବ୍ୟକ୍ତାଦ୍ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ,
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ । ୧୮ ।
ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ,
ରାତ୍ର୍ୟାଗମେଽବଶଃ, ପାର୍ଥ ! ପ୍ରଭବତ୍ୟହରାଗମେ । ୧୯ ।

ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ ସନାତନଃ,
ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି । ୨୦ ।
ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍,
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । ୨୧ ।
ପୁରୁଷଃ ସ ପରଃ ପାର୍ଥ ! ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା,
ଯସ୍ୟାନ୍ତଃସ୍ଥାନି ଭୂତାନି, ଯେନ ସର୍ବମିଦଂ ତତଂ । ୨୨ ।

ସହସ୍ର ଯୁଗ ପର୍ଯ୍ୟନ୍ତ ଯେ ସମୟ ତାହା ବ୍ରହ୍ମାଙ୍କର ଗୋଟିଏ ଦିନ ଏବଂ ଆଉ ସହସ୍ର ଯୁଗ ପର୍ଯ୍ୟନ୍ତ ଯେ ସମୟ ତାହା ତାଙ୍କର ଗୋଟିଏ ରାତି ଅଟେ । ଏହା ଯେଉଁମାନେ ଜାଣନ୍ତି, ଅହୋରାତ୍ର କଅଣ ତାହା ସେମାନଙ୍କୁ ପ୍ରକୃତରେ ଜଣା । ୧୭ । ଅବ୍ୟକ୍ତରୁ ବ୍ୟକ୍ତ ଚରାଚର ଭୂତସକଳ ଦିନର ଆରମ୍ଭରେ ଆସନ୍ତି ଏବଂ ରାତ୍ରି ଆରମ୍ଭରେ ସେହି ଅବ୍ୟକ୍ତ ନାମକ ପ୍ରକୃତିରେ ଲୀନ ହୁଅନ୍ତି । ୧୮ । ହେ ପାର୍ଥ ! ପ୍ରାଣୀମାନେ ପୁନଃ ପୁନଃ ଜନ୍ମଗ୍ରହଣ କରି ରାତ୍ରିର ଆରମ୍ଭରେ ଲୀନ ହୁଅନ୍ତି ଏବଂ ଅବଶ ହୋଇ ଦିନର ଆରମ୍ଭରେ ପୁନର୍ବାର ଜନ୍ମଗ୍ରହଣ କରନ୍ତି । ୧୯ । କିନ୍ତୁ ସେହି ଅବ୍ୟକ୍ତଙ୍କଠାରୁ ବଡ଼ ଆଉ ଗୋଟିଏ ସନାତନ ଅବ୍ୟକ୍ତ ଅଛନ୍ତି । ଭୂତ ସକଳ ନଷ୍ଟ ହେଲେ ମଧ୍ୟ ସେ ନଷ୍ଟ ହୁଅନ୍ତି ନାହିଁ । ୨୦ । ଯାହା ଅବ୍ୟକ୍ତ ଓ ଅକ୍ଷର ବୋଲି କଥିତ ତାହାକୁ ପରମାଗତି କହନ୍ତି । ଯେଉଁ ଗତି ପାଇଲେ ଆଉ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ହୁଏନାହିଁ, ସେହି ସ୍ଥାନ ମୋର ପରମ ଧାମ ଅଟେ । ୨୧ । ହେ ପାର୍ଥ ଭୂତସକଳ ଯାହାଙ୍କଠାରେ ଅବସ୍ଥିତ ଏବଂ ଯାହାଙ୍କ ଦ୍ୱାରା ଏହି ସମସ୍ତ ବିଶ୍ୱ ବ୍ୟାପ୍ତ ସେହି ପରମ ପୁରୁଷ ଏକାନ୍ତ ଭକ୍ତି ଦ୍ୱାରା ଲଭ୍ୟ । ।

ଟିପ୍ପଣୀ—ପୂର୍ବୋକ୍ତ ପରମାଗତି ବିଷୟରେ ଆମ୍ଭମାନଙ୍କର ଅର୍ଥାତ୍ ହିନ୍ଦୁମାନଙ୍କର ଧର୍ମଶାସ୍ତ୍ର ଯାହା ବର୍ଣ୍ଣନା କରିଅଛି ତାହା ପରବର୍ତ୍ତୀ କେତୋଟି ଶ୍ଲୋକରେ ସଂକ୍ଷେପରେ କୁହାଯାଇଅଛି । ଯାହା କୁହାଯାଇଅଛି ତାହା ଜନସାଧାରଣଙ୍କର ସମ୍ପୂର୍ଣ୍ଣ ଅବୋଧଗମ୍ୟ । ଏହି ସବୁ କଥା ଜାଣିବାପାଇଁ ବ୍ୟାକୁଳ ହୁଅନ୍ତୁ ନାହିଁ ।

ଯତ୍ରକାଲେ ତ୍ୱନାବୃତ୍ତିମାବୃତ୍ତିଞ୍ଚୈବ ଯୋଗିନଃ,
ପ୍ରୟାତା ଯାନ୍ତି, ତଂ କାଲଂ ବକ୍ଷ୍ୟାମି ଭରତର୍ଷଭ । ୨୩ ।

ଅଗ୍ନି ର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍,
ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ । ୨୪ ।
ଧୂମୋ ରାତ୍ରି ସ୍ତଥା କୃଷ୍ଣ ଷଣ୍ମାସା ଦକ୍ଷିଣାୟନମ,
ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀପ୍ରାପ୍ୟ ନିବର୍ତ୍ତତେ । ୨୫ ।
ଶୁକ୍ଳକୃଷ୍ଣେ ଗତୀହ୍ୟେତେ ଜଗତଃ ଶାଶ୍ୱତେ ମତେ,
ଏକୟା ଯାତ୍ୟନାବୃତ୍ତିମନ୍ୟୟାଽବର୍ତ୍ତତେ ପୁନଃ । ୨୬ ।

ଅର୍ଥ—ହେ ଭରତର୍ଷଭ ! ଯେଉଁ ସମୟରେ ପ୍ରୟାଣ କଲେ ଲୋକେ ଅନାବୃତ୍ତି ଓ ଆବୃତ୍ତି ପ୍ରାପ୍ତ ହୁଅନ୍ତି, ସେହି ସମୟ କଥା ମୁଁ କହୁଛି । ୨୩ । ଅଗ୍ନି, ଜ୍ୟୋତି, ଦିବା, ଶୁକ୍ଳପକ୍ଷ ଓ ଉତ୍ତରାୟଣ ଛଅ ମାସ, ଏହି ସମୟରେ ପ୍ରୟାଣ କଲେ ବ୍ରହ୍ମଜ୍ଞମାନେ ବ୍ରହ୍ମକୁ ଯାଆନ୍ତି । । ୨୪ । ଧୂମ, ରାତ୍ରି, କୃଷ୍ଣପକ୍ଷ ଓ ଦକ୍ଷିଣାୟନ ଛଅମାସ, ଏହି ସମୟରେ ପ୍ରୟାଣ କଲେ ଯୋଗୀ ଚାନ୍ଦ୍ରମସୀ ଜ୍ୟୋତି ପ୍ରାପ୍ତ ହୋଇ ଫେରି ଆସନ୍ତି । । ୨୫ । ସଂସାରରେ ଶୁକ୍ଳ ଓ କୃଷ୍ଣ ନାମରେ ଏହି ଦୁଇଟି ଗତି ଶାଶ୍ୱତ ବୋଲି କଥିତ । ଗୋଟିଏ ଦ୍ୱାରା ଅନାବୃତ୍ତି ଏବଂ ଅନ୍ୟଟି ଦ୍ୱାରା ପୁନରାବୃତ୍ତି ହୁଏ । ୨୬ ।

ଟିପ୍ପଣୀ—ଓଁ ଭୂଃ, ଓଁ ଭୁବଃ, ଓଁ ସ୍ୱଃ, ଓଁ ମହଃ, ଓଁ ଜନଃ, ଓଁ ତପଃ, ଓଁ ସତ୍ୟମ୍, ଶାସ୍ତ୍ରୋକ୍ତ ଏହି ସାତଲୋକ ଶାସ୍ତ୍ରୋକ୍ତ ନିମ୍ନଲୋକୀ ବା ମନୁଷ୍ୟ ଲୋକ ଏବଂ ଉଚ୍ଚତ୍ରିଲୋକୀ ବା ବ୍ରହ୍ମ ଲୋକ ଏହି ଦୁଇଭାଗରେ ବିଭକ୍ତ । ପ୍ରଥମ ତିନୋଟି ଲୋକ ହେଉଛି ମନୁଷ୍ୟ ଲୋକ ଏବଂ ଶେଷ ତିନୋଟି ଲୋକ ହେଉଛି ବ୍ରହ୍ମଲୋକ । ମନୁଷ୍ୟ ଲୋକରୁ ସମସ୍ତ ଆସକ୍ତି ସମ୍ପୂର୍ଣ୍ଣରୂପେ ପରିତ୍ୟାଗ ନକରିବା ପର୍ଯ୍ୟନ୍ତ ମନୁଷ୍ୟକୁ ନିମ୍ନ ତ୍ରିଲୋକୀରେ ବା ମନୁଷ୍ୟ ଲୋକରେ ବାରମ୍ବାର ପ୍ରତ୍ୟାବର୍ତ୍ତନ କରିବାକୁ ହୁଏ । ମନୁଷ୍ୟ ଲୋକରୁ ଆସକ୍ତି ପରିତ୍ୟାଗ କରିପାରିଲେ ମନୁଷ୍ୟ ଲୋକରେ ଆଉ ଜନ୍ମଗ୍ରହଣ କରିବାକୁ ହୁଏ ନାହିଁ । ତାପରେ ମନୁଷ୍ୟ ଉଚ୍ଚତ୍ରିଲୋକୀକୁ ବା ବ୍ରହ୍ମଲୋକକୁ ଗତି କରେ । ପ୍ରଥମ ପ୍ରକାର ଗତିକୁ କୃଷ୍ଣାଗତି ଓ ଶେଷୋକ୍ତ ଗତିକୁ ଶୁକ୍ଳା ଗତି କୁହାଯାଏ ।

ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ
ତସ୍ମାତ୍ ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ । ୨୭।

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ
ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍

ଅତ୍ୟେତି ତତ୍ ସର୍ବମିଦଂ ବିଦିତ୍ୱା
ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ । ୨୮ ।

ଅର୍ଥ—ହେ ପାର୍ଥ ! ଏହି ତତ୍ତ୍ୱଦ୍ୱୟ ଜାଣି କୌଣସି ଯୋଗୀ ମୋହରେ ପଡ଼ନ୍ତି ନାହିଁ । ଅତଏବ ହେ ଅର୍ଜୁନ ! ତୁମ୍ଭେ ସବୁବେଳେ ଯୋଗଯୁକ୍ତ ହୁଅ । ୨୭ । ବେଦରେ, ଯଜ୍ଞରେ, ତପସ୍ୟାରେ ଓ ଦାନରେ ଯେଉଁ ପୁଣ୍ୟଫଳ ଅଛି ଏହି ତତ୍ତ୍ୱଦ୍ୱୟ ଜାଣି ଯୋଗୀ ସେହିସବୁ ପୁଣ୍ୟଫଳକୁ ଅତିକ୍ରମ କରନ୍ତି ଏବଂ ଆଦ୍ୟ ପରମ ସ୍ଥାନ ଲାଭ କରନ୍ତି । ୨୮ ।

## ସାରକଥା

ଜଡ଼ତା ଅବଲମ୍ବନ କରିବାକୁ ଧର୍ମ ମନେକରୁଥିବା ସମାଜକୁ କର୍ମପରାୟଣ କରିବାକୁ ଶ୍ରୀକୃଷ୍ଣଙ୍କର ସର୍ବପ୍ରଧାନ ଉପଦେଶ । ସେଥିପାଇଁ ୭ମ ଶ୍ଳୋକରେ ସେ କହିଲେ—“ସର୍ବେଷୁ କାଳେଷୁ ଯୁଧ ଚ” । ଅର୍ଥାତ୍ ସବୁ ସମୟରେ ଯୁଦ୍ଧ କର । କର୍ମପରାୟଣ ହେବାକୁ ହେଲେ ଅସତ୍ୟ ଓ ଅନ୍ୟାୟ ବିରୁଦ୍ଧରେ ଏବଂ ଅନ୍ଧଅନୁସରଣ ଓ ବୃଥା ଆଡ଼ମ୍ବର ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । କାରଣ ଏହିମାନେ ହେଉଛନ୍ତି ଦୁଃଖ ଓ ଅଶାନ୍ତିର କାରଣ । ୨୭ଶ ଶ୍ଳୋକରେ ଥିବା “ଯୋଗଯୁକ୍ତୋ ଭବାର୍ଜୁନ” । ଅର୍ଥାତ୍ ହେ ଅର୍ଜୁନ ! ସର୍ବଦା ଯୋଗଯୁକ୍ତ ହୁଅ ଏବଂ ୭ମ ଶ୍ଳୋକରେ ଥିବା “ଯୁଧ ଚ” ଏ ଦୁହେଁ ଏକା କଥା । ଯୋଗଯୁକ୍ତ ହେବାର ଅର୍ଥ ପ୍ରଚଳିତ ଯୋଗାଭ୍ୟାସ କରିବା ନୁହେଁ । କାରଣ ଗୋଟିଏ ଉପଦେଶରେ ପ୍ରଚଳିତ ଯୋଗାଭ୍ୟାସ କରିବାକୁ କହିବା ଏବଂ ଅନ୍ୟ ଉପଦେଶଟିରେ ଯୁଦ୍ଧ କରିବାକୁ କହିବା ସମ୍ପୂର୍ଣ୍ଣ ଅସଙ୍ଗତ ଅଟେ ।

# ନବମ ଅଧ୍ୟାୟ—ରାଜ ଗୁହ୍ୟ ଯୋଗ

ଟିପ୍ପଣୀ—ଏହି ଅଧ୍ୟାୟର ନାମ ରାଜଗୁହ୍ୟ ଯୋଗ ହେବାର କାରଣ ଏହିକି ଏହି ଅଧ୍ୟାୟରେ ଶ୍ରୀକୃଷ୍ଣ ପ୍ରତ୍ୟକ୍ଷ ଭଗବାନ ଭାବରେ ନିଜର ପ୍ରକୃତ ପରିଚୟ ଦେଇଅଛନ୍ତି ଏବଂ ଏହି ଅଧ୍ୟାୟର ଶେଷ ଶ୍ଳୋକଟିରେ ତାଙ୍କୁ ପ୍ରତ୍ୟକ୍ଷ ଭଗବାନ ବୋଲି ଗ୍ରହଣ କରିବାକୁ ସୁସ୍ପଷ୍ଟ ରୂପେ କହିଅଛନ୍ତି । ଏହି ଉପଦେଶଟି ହେଉଛି :—

ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।

ଅଷ୍ଟାଦଶ ଅଧ୍ୟାୟ ୬୫ଶ ଶ୍ଳୋକରେ ମଧ୍ୟ ଆମ୍ଭେମାନେ ଏହି ଉପଦେଶଟି ଅବିକଳ ଦେଖିପାରୁଁ । ଏହା ଗୀତାର ସର୍ବଗୁହ୍ୟତମ ଓ ପରମ ଉପଦେଶ ବୋଲି ସେହିଠାରେ ଲେଖା ଅଛି । ଏହି ଉପଦେଶଟିକୁ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଉପଦେଶ ବୋଲି କହିବାର କାରଣ ଏହିକି ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ପାଇବା ଏବଂ ତାଙ୍କୁ ପ୍ରତ୍ୟକ୍ଷ ଭଗବାନ ବୋଲି ଗ୍ରହଣ କରିବା, ଗୀତା ପାଠକମାନଙ୍କର ଚରମ ଲକ୍ଷ୍ୟ ହେଉ, ଏହା ଗୀତାକାରଙ୍କର ଅଭିପ୍ରାୟ । ଏହି ଅଧ୍ୟାୟର ନାମ ରାଜଗୁହ୍ୟ ଯୋଗ ରଖିବାର ଅନ୍ୟ କାରଣ ଏହିକି ଏହି ଅଧ୍ୟାୟରେ ଯେଉଁ ବିଷୟ କୁହାଯାଇଅଛି ତାହା ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରିବା ପାଇଁ ନିଜ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ ।

ଶ୍ରୀକୃଷ୍ଣ ଉବାଚ

ଇଦନ୍ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ,<br>
ଜ୍ଞାନଂ ବିଜ୍ଞାନସହିତଂ, ଯଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ । ୧ ।<br>
ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍,<br>
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ । ୨ ।<br>
ଅଶ୍ରଦ୍ଧଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ !<br>
ଅପ୍ରାପ୍ୟ ମାଂ, ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ! ୩ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ ତୁମ୍ଭେ ମୋ ମତର ଦୋଷଦର୍ଶୀ ନୁହଁ । ତେଣୁ ମୁଁ ତୁମ୍ଭଙ୍କୁ ଏହି ଗୁହ୍ୟତମ ଓ ବିଜ୍ଞାନ ସହିତ ଜ୍ଞାନ କହୁଛି ।

ଯାହା ଜାଣିଲେ ତୁମ୍ଭେ ଅଶୁଭରୁ ମୁକ୍ତ ହେବ । ୧ । ଏହା ବିଦ୍ୟାଶ୍ରେଷ୍ଠ ଗୁହ୍ୟ ଶ୍ରେଷ୍ଠ, ପବିତ୍ର, ଉତ୍ତମ, ପ୍ରତ୍ୟକ୍ଷ ବୋଧଗମ୍ୟ, ଧର୍ମସମ୍ମତ, କାର୍ଯ୍ୟରେ ପରିଣତ କରିବାକୁ ସହଜ ଓ ସୁଖପ୍ରଦ ଏବଂ ଅବ୍ୟୟ ଅଟେ । ୨ । ହେ ପରନ୍ତପ ! ଏହି ଧର୍ମରେ ଶ୍ରଦ୍ଧାହୀନ ପୁରୁଷମାନେ ମୋତେ ନପାଇ ମୃତ୍ୟୁଯୁକ୍ତ ସଂସାରମାର୍ଗରେ ପ୍ରତ୍ୟାବର୍ତ୍ତନ କରନ୍ତି । ୩ ।

ଟିପ୍ପଣୀ—୨ୟ ଶ୍ଳୋକରେ ଥିବା "ପ୍ରତ୍ୟକ୍ଷାବଗମଂ" ଅର୍ଥାତ୍ ପ୍ରତ୍ୟକ୍ଷ ବୋଧଗମ୍ୟ ଏହି କଥାଟିରୁ ପ୍ରକାଶ ଯେ ଗୀତା-ଧର୍ମରେ ବିଶ୍ୱାସ କରିବାର କଥା ନାହିଁ, ଏଥିରେ ଯାହାଅଛି ତାହା ନିଜର ବୁଝିବା ଉପରେ ଏବଂ ପ୍ରତ୍ୟକ୍ଷ ଅନୁଭୂତି ଉପରେ ପ୍ରତିଷ୍ଠିତ । "ଧର୍ମ୍ୟଂ" ଅର୍ଥାତ୍ ଧର୍ମ ସମ୍ମତ ଏହି କଥାଟିରୁ ପ୍ରକାଶ ଯେ ଗୀତା-ପ୍ରଦତ୍ତ ଶିକ୍ଷା ଧର୍ମ ସମ୍ମତ ଅଟେ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଗୀତାରେ ଶାସ୍ତ୍ରବିଧିର ଅନୁସରଣ କରିବା କଥା, ଘିଅ ପୋଡିବା, ଯୋଗାଭ୍ୟାସ କରିବା କିମ୍ବା ଭଗବାନଙ୍କୁ ସ୍ତୁତି ଓ ପ୍ରାର୍ଥନା କରିବା ଇତ୍ୟାଦି କୌଣସି ବିଷୟ ନଥିଲେ ମଧ୍ୟ ଏହା ଧର୍ମସମ୍ମତ ଅଟେ । ସୁସୁଖଂ ଅର୍ଥାତ୍ କାର୍ଯ୍ୟରେ ପରିଣତ କରିବା ସହଜ ଓ ସୁଖପ୍ରଦ ଏହି କଥାଟିରୁ ପ୍ରକାଶ ଯେ ସାଂସାରିକ ସୁଖପ୍ରଦ କର୍ମସବୁ ପରିତ୍ୟାଗ କରି ଜଙ୍ଗଲରେ ଫଳମୂଳ ଖାଇ ରହିବା କଥା କିମ୍ବା ଭଗବାନଙ୍କୁ ପାଇବାପାଇଁ କଷ୍ଟସାଧ୍ୟ ତପସ୍ୟା ଇତ୍ୟାଦି କରିବା କଥା ଗୀତାରେ ନାହିଁ । ଅବ୍ୟୟ ଅର୍ଥାତ୍ ଗୀତା-ଧର୍ମର କ୍ଷୟ ବା ବିନାଶ ନାହିଁ ଏକଥା ଚତୁର୍ଥ ଅଧ୍ୟାୟ ପ୍ରଥମ ଶ୍ଳୋକର ଟିପ୍ପଣୀରେ ବୁଝାଇ ଦିଆଯାଇଅଛି । ଶ୍ରୀକୃଷ୍ଣ ନିଜର ପରିଚୟ ନିମ୍ନରେ ଦେଉଅଛନ୍ତି ।

ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା,
ମତ୍‌ସ୍ଥାନି ସର୍ବଭୂତାନି, ନ ଚାହଂ ତେଷ୍ୱବସ୍ଥିତଃ । ୪ ।
ନ ଚ ମତ୍‌ସ୍ଥାନି ଭୂତାନି; ପଶ୍ୟ ମେ ଯୋଗମୈଶ୍ୱରମ୍;
ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ । ୫ ।
ଯଥାଽକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍,
ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀତ୍ୟୁପଧାରୟ । ୬ ।

ଅର୍ଥ—ମୋର ଅବ୍ୟକ୍ତ ମୂର୍ତ୍ତିଦ୍ୱାରା ସମସ୍ତ ଜଗତ ବ୍ୟାପ୍ତ, ଭୂତ ସକଳ ମୋଠାରେ ଅଛନ୍ତି; ମାତ୍ର ମୁଁ ସେମାନଙ୍କଠାରେ ନାହିଁ । ୪ ।

ଭୂତ ସକଳ ମୋଠାରେ ଅବସ୍ଥିତ ନାହାନ୍ତି । ମୋର ଐଶ୍ୱର୍ଯ୍ୟ ଯୋଗ ଦେଖ । ମୁଁ ଭୂତମାନଙ୍କର ଧାରଣକର୍ତ୍ତା, କିନ୍ତୁ ମୁଁ ଭୂତସ୍ଥ ନୁହେଁ । ମୋର ଆତ୍ମା ଭୂତମାନଙ୍କର ସ୍ଥିତିର କାରଣ । ୫ । ସର୍ବତ୍ରଗାମୀ, ମହାନ୍ ବାୟୁ ଯେପରି ଆକାଶରେ ଅବସ୍ଥିତ ସେହିପରି ସବୁ ଭୂତମାନେ ମୋଠାରେ ଅବସ୍ଥିତ, ଏହା ଜାଣ । ୬ ।

ଟିପ୍ପଣୀ—୪ର୍ଥ ଶ୍ଳୋକରେ ଥିବା "ଅବ୍ୟକ୍ତ ମୂର୍ତ୍ତିନା" ଅର୍ଥାତ୍ 'ଅବ୍ୟକ୍ତ ମୂର୍ତ୍ତିଦ୍ୱାରା' ଏହି କଥାଟିରୁ ପ୍ରକାଶ ଯେ, ଶ୍ରୀକୃଷ୍ଣଙ୍କର ମୂର୍ତ୍ତି ବା ଆକାର ଅଛି ମାତ୍ର ତାହା ଆମ୍ଭମାନଙ୍କର ଇନ୍ଦ୍ରିୟ ଗୋଚର ନୁହେଁ । ଆମ୍ଭମାନଙ୍କର ନିତ୍ୟ ଉପାସିତ ଭଗବାନ ହେଉଛନ୍ତି ନିରାକାର, ଅତଏବ ଶ୍ରୀକୃଷ୍ଣ ଏଠାରେ କହୁଅଛନ୍ତି ଯେ ସେ ଭଗବାନ ନୁହନ୍ତି । ମାତ୍ର ଭଗବାନ ନହେଲେ ମଧ ତାଙ୍କଠାରେ ଭଗବାନଙ୍କର ସବୁ ଶକ୍ତି ରହିଛି ଏକଥା ସେ ପରବର୍ତ୍ତୀ ଋଟିଏ ଶ୍ଳୋକରେ କହିଅଛନ୍ତି ।

୪ର୍ଥ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ, "ମତ୍‌ସ୍ଥାନି ସର୍ବଭୂତାନି" ଅର୍ଥାତ୍ ମୋ ଭିତରେ ପ୍ରାଣୀମାନେ ସମସ୍ତେ ଅଛନ୍ତି । ମାତ୍ର ୫ମ ଶ୍ଳୋକରେ କହିଲେ, "ନ ଚ ମତ୍‌ସ୍ଥାନି ଭୂତାନି" ଅର୍ଥାତ୍ ପ୍ରାଣୀମାନେ ମୋ ଭିତରେ ନାହାନ୍ତି । ଏହିପରି କହି ୬ଷ୍ଠ ଶ୍ଳୋକରେ କହିଲେ, "ସର୍ବାଣି ଭୂତାନି ମତ୍‌ସ୍ଥାନି, ଇତି ଉପଧାରୟ" ଅର୍ଥାତ୍ ପ୍ରାଣୀମାନେ ମୋଠାରେ ଯେପରି ଅଛନ୍ତି, ତାହା ଉପଲବ୍ଧି କର । ୬ଷ୍ଠ ଅଧ୍ୟାୟ ୩୧ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି, "ସର୍ବଭୂତସ୍ଥିତଂ ଯୋ ମାଂ" ଅର୍ଥାତ୍ ସବୁପ୍ରାଣୀଙ୍କ ଭିତରେ ମୁଁ ଅଛି । ମାତ୍ର ଏଠାରେ ୪ର୍ଥ ଶ୍ଳୋକରେ ସେ କହିଲେ, "ନ ଚାହଂ ତେଷ୍ୱବସ୍ଥିତଃ" ଅର୍ଥାତ୍ ମୁଁ ପ୍ରାଣୀମାନଙ୍କ ଭିତରେ ନାହିଁ । ଅଷ୍ଟାଦଶ ଅଧ୍ୟାୟ ୬୧ଶ ଶ୍ଳୋକରେ ସେ କହିଅଛନ୍ତି, "ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି" ଅର୍ଥାତ୍ ଈଶ୍ୱର ସମସ୍ତଙ୍କର ହୃଦୟ ଦେଶରେ ରହିଅଛନ୍ତି । ଏହିସବୁ ବିଷୟ କେହି କାହାରିକୁ ବୁଝାଇଦେବାର ବିଷୟ ନୁହେଁ । ଆଉମଧ ଏହିସବୁ ବିଷୟ ବର୍ତ୍ତମାନ ବୁଝିବାର କୌଣସି ଆବଶ୍ୟକ ନଥିବାରୁ ଗୀତାକାର ଏହିସବୁ ବିଷୟରେ କିଛି କହିନାହାନ୍ତି । ଯେତିକି ବୁଝାହେଲା ସେତିକିକୁ କାର୍ଯ୍ୟରେ ପରିଣତ କଲାପରେ ଏହିସବୁ ବିଷୟ କ୍ରମେ କ୍ରମେ ଅର୍ଥାତ୍ ଯଥା ସମୟରେ ଉପଲବ୍ଧି କରିହେବ ।

ପରବର୍ତ୍ତୀ ୧୨ଶ ଶ୍ଳୋକର ଟିପ୍ପଣୀରେ ଏହିସବୁ ବିଷୟ ସଂକ୍ଷେପରେ ଆଲୋଚନା କରାଯାଇଅଛି । ମାତ୍ର ଏହିସବୁ ବିଷୟ ହୃଦୟଙ୍ଗମ କରିବାକୁ ହେଲେ ନିଜର ସ୍ୱାଧୀନ ଚିନ୍ତାର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ । ସେଥିପାଇଁ ଏହି ଅଧ୍ୟାୟର ନାମ ରାଜଗୁହ୍ୟ ଯୋଗ ରଖାଯାଇଅଛି । ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟକ୍ଷ ଭଗବାନ ଏକଥା ସେ ପରବର୍ତ୍ତୀ ଗୁଡ଼ିଏ ଶ୍ଳୋକରେ ପରୋକ୍ଷ ଭାବରେ କହିଅଛନ୍ତି ।

ସର୍ବଭୂତାନି, କୌନ୍ତେୟ ! ପ୍ରକୃତିଂ ଯାନ୍ତି ମାମିକାମ୍
କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ । ୭ ।
ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ,
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ । ୮ ।
ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି, ଧନଞ୍ଜୟ !
ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ । ୯ ।
ମୟାଽଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍,
ହେତୁନାନେନ କୌନ୍ତେୟ ! ଜଗଦ୍‌ବିପରିବର୍ତ୍ତତେ । ୧୦ ।

ଅର୍ଥ — ହେ କୌନ୍ତେୟ ! କଳ୍ପ ଶେଷରେ ଭୂତମାନେ ମୋ ଅପରା ପ୍ରକୃତିରେ ପ୍ରବେଶ କରନ୍ତି ଏବଂ କଳ୍ପ ଆରମ୍ଭରେ ମୁଁ ପୁଣି ସେମାନଙ୍କୁ ସୃଷ୍ଟି କରେ । ମୁଁ ସ୍ୱୀୟ ପ୍ରକୃତିରେ ଅଧିଷ୍ଠାନ କରି ପ୍ରକୃତି ଦ୍ୱାରା ଅବଶ ଥିବା ଭୂତମାନଙ୍କ ପୁନଃ ପୁନଃ ସୃଷ୍ଟି କରେ । ୮ । ହେ ଧନଞ୍ଜୟ ! ଏହି ସକଳ କର୍ମରେ ମୁଁ ଅନାସକ୍ତ ଓ ଉଦାସୀନ ପରି ରହିଥିବାରୁ କର୍ମସବୁ ମୋତେ ଆବଦ୍ଧ କରେନାହିଁ । ୯ । ମୋର ଅଧ୍ୟକ୍ଷତାରେ ଏହି ପ୍ରକୃତି ଚରାଚର ବିଶ୍ୱ ସୃଷ୍ଟି କରୁଅଛି । ହେ କୌନ୍ତେୟ ! ଏହି କାରଣରୁ ଏହି ଜଗତ୍ ବିଶେଷରୂପେ ପରିବର୍ତ୍ତିତ ହେଉଅଛି । ୧୦ ।

ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ । ୧୧ ।
ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ
ରାକ୍ଷସୀମାସୁରୀଞ୍ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ । ୧୨ ।

ଅର୍ଥ —ମୁଁ ମାନୁଷୀ ଦେହ ଆଶ୍ରୟ କରି ରହିଥିବାରୁ ମୂଢ଼ମାନେ ମୋର ଭୂତମହେଶ୍ୱର ପରମ ଭାବକୁ ଜାଣିନପାରି ମୋତେ ଅବଜ୍ଞା କରନ୍ତି ଅର୍ଥାତ୍ ମୋ ସହିତ ସେହି ମୂଢ଼ମାନେ କୌଣସି ସମ୍ବନ୍ଧ ରଖନ୍ତି ନାହିଁ । । ୧୧ । ବୃଥା ଆଶା ପୋଷଣ କରିଥିବା, ବୃଥା କର୍ମରେ ନିଯୁକ୍ତଥିବା, ବୃଥା ଜ୍ଞାନରେ ରତଥିବା ଅଜ୍ଞାନମାନେ ରାକ୍ଷସୀ, ଆସୁରୀ ଓ ମୋହିନୀ ପ୍ରକୃତିକୁ ଆଶ୍ରୟ କରି ମୋତେ ଅବଜ୍ଞା କରନ୍ତି ।

ଟିପ୍ପଣୀ —'ମୋଘାଶା' ଅର୍ଥାତ୍ 'ବୃଥା ଆଶା ପୋଷଣ କରିଥିବା' ଏହି କଥାଟିରୁ ପ୍ରକାଶ ଯେ, ଲୋକ ମୃତ୍ୟୁପରେ ମୁକ୍ତି ପାଇବାର ଦୁରାଶା ପୋଷଣ କରି ବୃଥା କର୍ମରେ ଅର୍ଥାତ୍ ଶାସ୍ତ୍ରବିଧି ସବୁର ଅନ୍ଧଅନୁସରଣରେ ନିଯୁକ୍ତ ରହନ୍ତି ଏବଂ ଆତ୍ମଜ୍ଞାନ ବା ନିଜର ଜ୍ଞାନ ସହିତ କୌଣସି ସମ୍ବନ୍ଧ ନରଖି ବୃଥାଜ୍ଞାନରେ ଅର୍ଥାତ୍ ଶାସ୍ତ୍ରସବୁରୁ ଧାରି ଆଣିଥିବା ଜ୍ଞାନରେ ନିଯୁକ୍ତ ରହନ୍ତି । ଏଠାରେ ଶ୍ରୀକୃଷ୍ଣ ସୁସ୍ପଷ୍ଟ ଭାବରେ କହୁଅଛନ୍ତି ଯେ ସେ ହେଉଛନ୍ତି ପ୍ରବଳ ବିବେକ ବୁଦ୍ଧି ।

"ମାନୁଷୀତନୁ" କଥାଟିକୁ ଟୀକାକାରମାନେ ଅର୍ଥ କରୁଅଛନ୍ତି 'ମନୁଷ୍ୟ ଦେହ' । ମାତ୍ର ମାନୁଷୀତନୁ କଥାଟିର ଅର୍ଥ ମନୁଷ୍ୟ ଦେହ ନୁହେଁ—ମନୁଷ୍ୟ ସମ୍ବନ୍ଧୀୟ ଦେହ । ଶ୍ରୀକୃଷ୍ଣ ବାରମ୍ବାର କହିଅଛନ୍ତି ଯେ ତାଙ୍କର ଜନ୍ମ ନାହିଁ, ତେବେ ତାଙ୍କର ମନୁଷ୍ୟଦେହ ରହିଲା କିପରି ? ସେ ଯାହା ହେଉ, "ମାନୁଷୀ ତନୁ" ଏହି କଥାଟିର ବିଶେଷତ୍ୱ ଜାଣି-ପାରିଲେ ଶ୍ରୀକୃଷ୍ଣଙ୍କର ପରିଚୟ ମିଳନ୍ତା । ମାତ୍ର ଏହି କଥାଟିର ଆଲୋଚନା ଗୀତାରେ ନାହିଁ, କାରଣ ଏହି ଆଲୋଚନା ଶାସ୍ତ୍ରଜ୍ଞାନର କଥା ଏବଂ ଶ୍ରୀକୃଷ୍ଣ ଗୀତାରେ ଶାସ୍ତ୍ରଜ୍ଞାନର କଥା କିଛି କହିନାହାନ୍ତି । ସେ ଯାହାହେଉ "ମାନୁଷୀତନୁ" କଥାଟିର ଆଲୋଚନା ଶାସ୍ତ୍ରଜ୍ଞାନର କଥା ହେଲେ ମଧ୍ୟ ଏହା କେତେକ ଖଣ୍ଡମାଣରେ ଅନେକଙ୍କର ଅନୁଭୂତିର ବିଷୟ ହୋଇପାରିବ ବୋଲି ମୋର ଧାରଣା । ଏହି ଧାରଣାର ବଶବର୍ତ୍ତୀ ହୋଇ ମୁଁ ଏ ବିଷୟରେ ସାମାନ୍ୟ କେତୋଟି କଥା ଲେଖିଲି । ଯେଉଁମାନେ ପ୍ରକୃତ କଥା ଅନୁଭବ କରିବେ ସେମାନେ ଏହି ଅନୁଭୂତିର ଉପକାରିତା ପରେ ଉପଲବ୍ଧି କରିପାରିବେ । ଅନ୍ୟମାନେ ଏହି ଅଂଶଟି ପରିତ୍ୟାଗ କଲେ ମଧ୍ୟ କ୍ଷତିନାହିଁ ।

ପ୍ରତ୍ୟେକ ମନୁଷ୍ୟ ବା ଜନ୍ମାନ୍ତର ଗ୍ରହଣ କରୁଥିବା ପ୍ରତ୍ୟେକ ଜୀବାତ୍ମା ପାଞ୍ଚୋଟି ଶରୀର ଭିତରେ ରହି ଜନ୍ମଜନ୍ମର କର୍ମରେ ନିଯୁକ୍ତ ଅଛନ୍ତି ବୋଲି ଉପନିଷଦମାନଙ୍କରେ ଲେଖାଅଛି । ଏହି ପାଞ୍ଚୋଟି ଶରୀରକୁ ଯଥାକ୍ରମେ (୧) ଅନ୍ନମୟ କୋଷ (୨) ପ୍ରାଣମୟ କୋଷ (୩) ମନୋମୟ କୋଷ (୪) ବିଜ୍ଞାନମୟ କୋଷ ଓ (୫) ଆନନ୍ଦମୟ କୋଷ ନାମ ଦିଆଯାଇଅଛି । ଏହି ପାଞ୍ଚୋଟି ଶରୀର ଯଥାକ୍ରମେ ଶାସ୍ତ୍ରୋକ୍ତ କ୍ଷିତି, ଅପ୍, ତେଜ ମରୁତ ଓ ବ୍ୟୋମ ନାମକ ପାଞ୍ଚୋଟି ଭିନ୍ନ ଭିନ୍ନ ତତ୍ତ୍ୱରେ ଗଠିତ । ପ୍ରତ୍ୟେକ ତତ୍ତ୍ୱର ସାତୋଟି ଭିନ୍ନ ଭିନ୍ନ ଅବସ୍ଥା ଅଛି ।

ସେ ଯାହାହେଉ, ଏହିସବୁ ବିଷୟ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେ । ଯେଉଁ ପାଞ୍ଚୋଟି ଶରୀର କୁହାଗଲା ସେହି ପାଞ୍ଚୋଟି ଶରୀର ବିଷୟରେ ସାମାନ୍ୟ ପରିଚୟ ଦେବା ଆବଶ୍ୟକ ।

ଅନ୍ନମୟ କୋଷ—ଏହା କ୍ଷିତି ତତ୍ତ୍ୱରେ ଗଠିତ । ଯାହାକୁ ଲୋକେ ସ୍ଥୂଳ ଶରୀର ବୋଲି ଜାଣନ୍ତି ତାହା ସ୍ଥୂଳ ଶରୀର ଓ ଲିଙ୍ଗ ଶରୀର ଏହି ଦୁଇଟି ଶରୀରର ସମଷ୍ଟି । ଏହି ଦୁଇଟି ଶରୀରର ସମଷ୍ଟିକୁ ଅନ୍ନମୟ କୋଷ କୁହାଯାଇଅଛି । ଲିଙ୍ଗ ଶରୀରକୁ ସୂକ୍ଷ୍ମ ଶରୀର ମଧ୍ୟ କୁହାଯାଏ; କାରଣ ସ୍ଥୂଳ ଶରୀରର ପ୍ରତ୍ୟେକ ସୂକ୍ଷ୍ମତମ ପରମାଣୁ ବାୟୁ ଅପେକ୍ଷା ଅନେକ ଗୁଣରେ ସୂକ୍ଷ୍ମ, ଇଥର ନାମକ ସୂକ୍ଷ୍ମ ପଦାର୍ଥ ଦ୍ୱାରା ଆବୃତ ।

ପ୍ରାଣମୟ କୋଷ—ଏହି ଶରୀର କ୍ଷିତି ତତ୍ତ୍ୱ ଅପେକ୍ଷା ସୂକ୍ଷ୍ମ, ଅପ୍ ତତ୍ତ୍ୱରେ ଗଠିତ । ପ୍ରାଣମୟ କୋଷର ଅନ୍ୟ ନାମ କାମଦେହ । ଏହି ଦେହ ସାହାଯ୍ୟରେ ମନୁଷ୍ୟ କାମନା କରେ, ଇଚ୍ଛା କରେ, ଅନୁଭବ କରେ ଇତ୍ୟାଦି ।

ମନୋମୟ କୋଷ—ଏହି ଶରୀର ଅପ୍ ତତ୍ତ୍ୱ ଅପେକ୍ଷା ସୂକ୍ଷ୍ମ, ତେଜସ୍ତତ୍ତ୍ୱରେ ଗଠିତ । ଏହି ଶରୀରର ଅନ୍ୟନାମ ଭାବନା ଦେହ । ଏହି ଦେହ ସାହାଯ୍ୟରେ ମନୁଷ୍ୟ ଚିନ୍ତା କରେ ବା ଭାବେ ।

ବିଜ୍ଞାନମୟ କୋଷ—ଏହି ଶରୀର ତେଜସ୍ତତ୍ତ୍ୱ ଅପେକ୍ଷା ସୂକ୍ଷ୍ମ, ମରୁତ୍ ତତ୍ତ୍ୱରେ ଗଠିତ । ଏହି ଶରୀରର ଅନ୍ୟନାମ କାରଣ ଶରୀର ବା

ପ୍ରଜ୍ଞା ଶରୀର । ଏହି ଦେହ ସାହାଯ୍ୟରେ ମନୁଷ୍ୟ ସତ୍ୟାସତ୍ୟ, ନ୍ୟାଯ୍ୟାନ୍ୟାଯ୍ୟ, ଜ୍ଞାନାଜ୍ଞାନ ଇତ୍ୟାଦି ବିଚାରକରି ଯାହା ସତ୍ୟ, ଯାହା ନ୍ୟାଯ୍ୟ ଓ ଯାହା ଜ୍ଞାନ ତାହା ଗ୍ରହଣ କରେ ଏବଂ ଯାହା ଅସତ୍ୟ, ଅନ୍ୟାଯ୍ୟ ଓ ଅଜ୍ଞାନ ତାହା ପରିତ୍ୟାଗ କରେ । ମନୁଷ୍ୟର ଏହି ବିଜ୍ଞାନମୟ ଶରୀରକୁ ଆଶ୍ରୟ କରି ଶ୍ରୀକୃଷ୍ଣ-ଭଗବାନ ପ୍ରତ୍ୟେକ ମନୁଷ୍ୟର ଚିରସଖା ହୋଇ ରହିଅଛନ୍ତି ଓ କେତେବେଳେ ସାରଥି ଭାବରେ, କେତେବେଳେ ଗୁରୁଭାବରେ ଏବଂ କେତେବେଳେ ପ୍ରତ୍ୟକ୍ଷ ଭଗବାନ ଭାବରେ ବ୍ୟକ୍ତ ହୁଅନ୍ତି । ଏହି କଥାକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି:—ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହଂ । ୪ର୍ଥ-୧୧ । ଶ୍ରୀକୃଷ୍ଣ କହିଥିବା "ମାନୁଷୀ ତନୁ" କଥାଟିର ଅର୍ଥ ହେଉଛି, ଏହି ବିଜ୍ଞାନମୟ କୋଷ । ଏହି ବିଜ୍ଞାନମୟ ଶରୀରକୁ ଆଶ୍ରୟ କରି ଶ୍ରୀକୃଷ୍ଣ ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟେକ ଜନ୍ମରେ ଜନ୍ମ ହୁଅନ୍ତି । ଏହି ପ୍ରକାର ଦିବ୍ୟଜନ୍ମକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି :—

ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ !
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ । ୪ର୍ଥ-୫

ଅର୍ଥ—ହେ ଅର୍ଜୁନ ! ତୁମ୍ଭର ଏବଂ ମୋର ବହୁଜନ୍ମ ବ୍ୟତୀତ ହୋଇଅଛି । ତୁମ୍ଭେ ସେସବୁ ଜନ୍ମର କଥା ଜାଣନାହିଁ, ମୁଁ ସେହିସବୁ ଜନ୍ମ ଜାଣେ ।

ପୂର୍ବୋକ୍ତ ପାଞ୍ଚୋଟି ଦେହର ଅବସ୍ଥାନ ପାଇଁ ଭିନ୍ନ ଭିନ୍ନ ସାତୋଟି ସଂସାର ଅଛି । ସେହି ସାତୋଟି ସଂସାରର ଶାସ୍ତ୍ରୋକ୍ତ ନାମ ହେଉଛି (୧) ଭୂଃ (୨) ଭୁବଃ (୩) ସ୍ୱଃ (୪) ମହଃ (୫) ଜନଃ (୬) ତପଃ (୭) ସତ୍ୟମ୍ । ପ୍ରଥମ ତିନୋଟି ସଂସାରକୁ ମନୁଷ୍ୟଲୋକ ବା ନିମ୍ନ-ତ୍ରିଲୋକୀ ଏବଂ ଶେଷ ତିନୋଟି ସଂସାରକୁ ବସ୍ତୁଲୋକ ବା ଉଚ୍ଚ ତ୍ରିଲୋକୀ ନାମ ଦିଆଯାଇଅଛି । ପାଞ୍ଚୋଟି ଶରୀରର ଅବସ୍ଥାନ ପାଇଁ ସାତୋଟି ସଂସାର କିପରି ରହିଲା ଓ ଏହି ସାତୋଟି ସଂସାରର ଅବସ୍ଥାନ କିପରି ଓ କେଉଁଠାରେ ସେ ସବୁ ବିଷୟର ଆଲୋଚନା ଏଠାରେ ଅନାବଶ୍ୟକ । ଏଠାରେ କେବଳ ଏତିକି ମନେରଖନ୍ତୁ ଯେ, ବିଜ୍ଞାନମୟ ଶରୀରର ଅବସ୍ଥାନୋପଯୋଗୀ ସଂସାର ଶ୍ରୀକୃଷ୍ଣଙ୍କର ପ୍ରକୃତ ଅବସ୍ଥାନ ଓ ଶାସ୍ତ୍ରୋକ୍ତ

ମର୍ତ୍ତ୍ୟଲୋକ । ସେହି ସଂସାରର ନାମ ମର୍ତ୍ତ୍ୟଲୋକ ହେଉ ବା ଅନ୍ୟ ଯାହାହେଉ, ସେଠାକୁ ଯାଇପାରିଲେ ଆଉ ମନୁଷ୍ୟଲୋକରେ ବା ନିମ୍ନ ସ୍ତରଲୋକରେ ଜନ୍ମ ନେବାକୁ ହୁଏନାହିଁ, ସେହି ସଂସାରକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି

ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । ୧୫ଶ-୬ ।

ଯେଉଁ ଶ୍ରୀକୃଷ୍ଣ ମନୁଷ୍ୟର ବିଜ୍ଞାନମୟ ଶରୀରକୁ ଆଶ୍ରୟ କରି ପ୍ରତ୍ୟେକ ମନୁଷ୍ୟର ପବିତ୍ର ବିବେକବୁଦ୍ଧି ରୂପରେ ତାହାର ସାରଥି ଓ ଗୁରୁ ହୋଇ କର୍ମ କରନ୍ତି ସେହି ଶ୍ରୀକୃଷ୍ଣ ଅବିଭକ୍ତ ଭାବରେ ସମସ୍ତ ମାନବ ସମାଜରେ ଭଗବାନ ଭାବରେ ମଧ୍ୟ କର୍ମ କରନ୍ତି ।

ଆନନ୍ଦମୟ କୋଷର ଅନ୍ୟ ନାମ ଆତ୍ମାଦେହ । ଯାହାକୁ ଲୋକେ କାମନା, ମନ, ବୁଦ୍ଧି ଓ ଆତ୍ମା କହନ୍ତି ସେମାନେ ଗୋଟିଏ ଗୋଟିଏ ଦେହ ଅଟନ୍ତି । ଆତ୍ମାର ବା ଆତ୍ମା ନାମକ ଶରୀରର ପରିଚୟ ଦେଇ ଶ୍ରୀକୃଷ୍ଣ କହିଅଛନ୍ତି—

ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ । ୧୩ଶ-୬

ଅର୍ଥ—ଦେହରେ ସର୍ବତ୍ର ଅବସ୍ଥାନ କରି ମଧ୍ୟ ଆତ୍ମା ତାହା ସହିତ ଲିପ୍ତ ହୁଅନ୍ତି ନାହିଁ ।

ଦେହ କହିଲେ ଲୋକେ ବୁଝନ୍ତି ସ୍ଥୂଳଦେହ, ମାତ୍ର ମନୁଷ୍ୟ ପାଞ୍ଚୋଟି ଦେହ ମଧ୍ୟରେ ରହିଥିବାରୁ ଆତ୍ମା-ଦେହ ମନୁଷ୍ୟର ଅବଶିଷ୍ଟ ଚାରୋଟି ଦେହରେ ସର୍ବତ୍ର ରହିଅଛି । ଯୋଡ଼ିଏ ପଦାର୍ଥ କୌଣସି ଗୋଟିଏ ସ୍ଥାନ ଅଧିକାର କରିବା ଅସମ୍ଭବ—ମାତ୍ର ଏହି ନିୟମ କେବଳ ସ୍ଥୂଳ ସଂସାରରେ ପ୍ରଯୁଜ୍ୟ, ଏଠାରେ ପ୍ରଯୁଜ୍ୟ ନୁହେଁ । ସବୁ ଦେହ କିପରି ଭାବରେ ଗୋଟିଏ ସ୍ଥାନରେ ରହିଅଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ ଓ ସମୟ ସାପେକ୍ଷ । ଏଠାରେ କେବଳ ଏତିକି ମନେ ରଖନ୍ତୁ ଯେ କାମ ଦେହ ସ୍ଥୂଳ ଦେହର ସର୍ବତ୍ର ରହିଛି ମାତ୍ର ସ୍ଥୂଳଦେହ କାମ ଦେହରେ ନାହିଁ । ଠିକ୍ ସେହିପରି ମନୋମୟ ଦେହ, କାମଦେହ ଓ ସ୍ଥୂଳଦେହ ଏହି ଉଭୟ ଦେହରେ ସର୍ବତ୍ର ରହିଅଛି ମାତ୍ର ଏହି ଦୁଇଦେହ ମନୋମୟ ଦେହରେ ନାହାନ୍ତି । ବୁଦ୍ଧି-ଦେହ ମଧ୍ୟ ସ୍ଥୂଳଦେହ, କାମଦେହ ଓ

ମନୋମୟଦେହ ଏହି ତିନି ଦେହରେ ସର୍ବସ୍ୱ ରହିଅଛି ଅଥଚ ଏହି ତିନି ଦେହ ବୁଦ୍ଧି-ଦେହରେ ନାହାନ୍ତି । ସେଥିପାଇଁ ଏହି ଅଧ୍ୟାୟ ଚତୁର୍ଥ ଶ୍ଳୋକରେ ନିଜର ପରିଚୟ ଦେବାକୁ ଯାଇ ଶ୍ରୀକୃଷ୍ଣ କହିଅଛନ୍ତି—"ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ।"

ମହାତ୍ମାନସ୍ତୁ ମାଂ ପାର୍ଥ ! ଦୈବୀଂ ପ୍ରକୃତିମାଶ୍ରିତାଃ,
ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ । ୧୩ ।

ହେ ପାର୍ଥ ! ଦୈବୀ ପ୍ରକୃତିକୁ ଆଶ୍ରୟ କରିଥିବା ମହାତ୍ମାମାନେ ଅନନ୍ୟଚେତା ହୋଇ ମୋତେ ସର୍ବଭୂତର ଆଦି ଏବଂ ଅବ୍ୟୟ ରୂପେ ଜାଣି ମୋର ଭଜନା କରନ୍ତି । ୧୩ ।

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ,
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ । ୧୪ ।
ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ,
ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ । ୧୫ ।
ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍,
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ । ୧୬ ।
ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ,
ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ । ୧୭ ।
ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍,
ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ । ୧୮ ।
ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ,
ଅମୃତଞ୍ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜ୍ଜୁନ । ୧୯ ।

ଅର୍ଥ—କେହି ସତତ କୀର୍ତ୍ତନ କରି କେହି ଦୃଢ଼ବ୍ରତ ହୋଇ ଯତ୍ନ କରି କେହି ଭକ୍ତିପୂର୍ବକ ମୋତେ ପ୍ରଣାମ କରି, ସର୍ବଦା ମୋ ସହିତ ଯୁକ୍ତ ହୋଇ ମୋର ଉପାସନା କରନ୍ତି । ୧୪ । ଅନ୍ୟମାନେ ଜ୍ଞାନ-ଯଜ୍ଞଦ୍ୱାରା ଯଜ୍ଞ କରି ଏକ ହୋଇ ରହିଥିବା ଏବଂ ପୃଥକ୍ ଭାବରେ ସର୍ବସ୍ୱ ରହିଥିବା ମୋତେ ଉପାସନା କରନ୍ତି । ୧୫ । ମୁଁ କ୍ରତୁ, ମୁଁ ଯଜ୍ଞ, ମୁଁ

ସ୍ୱଧା, ମୁଁ ଔଷଧ, ମୁଁ ମନ୍ତ୍ର, ମୁଁ ଘୃତ, ମୁଁ ଅଗ୍ନି, ମୁଁ ହୋମ, ମୁଁ ଜଗତର ପିତା, ମାତା ବିଧାତା, ପିତାମହ, ଜ୍ଞେୟ, ପବିତ୍ର ଓଁକାର, ଋକ୍, ସାମ ଓ ଯଜୁଃ, ଗତି, ଭର୍ତ୍ତା, ପ୍ରଭୁ, ସାକ୍ଷୀ, ନିବାସ, ଶରଣ, ସୁହୃତ୍, ପ୍ରଭବ, ପ୍ରଳୟ, ସ୍ଥାନ, ନିଧାନ ଏବଂ ଅବ୍ୟୟ ବୀଜ ଅଟେ । ହେ ଅର୍ଜୁନ ! ମୁଁ ଉତ୍ତପ ପ୍ରଦାନ କରେ ଓ ଜଳ ବର୍ଷା କରେ । ମୁଁ ଆକର୍ଷଣ କରେ, ମୁ ଅମୃତ, ମୁଁ ମୃତ୍ୟୁ, ମୁଁ ସତ୍ ଓ ମୁଁ ଅସତ୍ ଅଟେ । ୧୬-୧୯ ।

ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପାଃ
ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ,
ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକ—
ମଶ୍ନନ୍ତି ଦିବ୍ୟାନ୍ ଦିବି ଦେବଭୋଗାନ୍ । ୨୦ ।
ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳମ୍
କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି,
ଏବଂ ତ୍ରୟୀଧର୍ମମନୁପ୍ରପନ୍ନା
ଗତାଗତଂ କାମକାମା ଲଭନ୍ତେ । ୨୧ ।
ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ,
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ । ୨୨ ।

ଅର୍ଥ  ବେଦଜ୍ଞ ସୋମପାୟୀମାନେ ପାପମୁକ୍ତ ହୋଇ ଯଜ୍ଞ ଦ୍ୱାରା ମୋତେ ପୂଜା କରି ସ୍ୱର୍ଲୋକକୁ ଯିବା ପାଇଁ ପ୍ରାର୍ଥନା କରନ୍ତି । ସେମାନେ ପବିତ୍ର ସୁରେନ୍ଦ୍ର ଲୋକ ପାଇ ସ୍ୱର୍ଗରେ ଦିବ୍ୟ ଦେବଭୋଗ୍ୟ ସବୁ ଉପଭୋଗ କରନ୍ତି ଏବଂ ସେହି ବିଶାଳ ସ୍ୱର୍ଗଲୋକ ଭୋଗ କରି ପୁଣ୍ୟ କ୍ଷୟ ହେଲେ ପୁନର୍ବାର ମର୍ତ୍ତ୍ୟଲୋକକୁ ଆସନ୍ତି । ବେଦବିହିତ ଧର୍ମର ଅନୁସରଣକାରୀ ସେହି କାମକାମୀମାନେ ଏହିପରି ଗତାଗତ ଅର୍ଥାତ୍ ଯିବା ଆସିବାର ଗତି ଲାଭ କରନ୍ତି । ୨୦ । ୨୧ । କିନ୍ତୁ ଯେଉଁମାନେ ଅନ୍ୟ କାହାରିକୁ ଚିନ୍ତା ନକରି କେବଳ ମୋତେ ଉପାସନା କରନ୍ତି ନିତ୍ୟ-ଅଭିଯୁକ୍ତ ସେହି-ମାନଙ୍କର ମୁ ଯୋଗ ଓ କ୍ଷେମ ବହନ କରେ ଅର୍ଥାତ୍ ରକ୍ଷଣାବେକ୍ଷଣାଦି ସବୁ ବିଷୟର ଭାର ମୁଁ ବହନ କରେ । ୨୨ ।

ଟିପ୍ପଣୀ—ଲୋକେ ଶ୍ରୀକୃଷ୍ଣଙ୍କୁ ଅବଜ୍ଞାକରି ଅର୍ଥାତ୍ ନିଜର ପବିତ୍ର ବିବେକବୁଦ୍ଧି ସହିତ କୌଣସି ସମ୍ବନ୍ଧ ନରଖି ଫଳ କାମନା କରି ଶାସ୍ତ୍ରବିଧି ସବୁର ତଥା ଲୋକାଚାରର ଓ ଦେଶାଚାରର ଇତ୍ୟାଦିର ଅନ୍ଧ-ଅନୁସରଣ କରନ୍ତି ବୋଲି ଶ୍ରୀକୃଷ୍ଣ ବାରମ୍ବାର ତାଙ୍କର ଶ୍ରେଷ୍ଠତ୍ୱ ପ୍ରଚାର କରିଅଛନ୍ତି । ୨୨ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ ଯେ ତାଙ୍କର ଉପାସକ-ମାନଙ୍କର ରକ୍ଷଣାବେକ୍ଷଣାଦି ସବୁ ବିଷୟର ଭାର ସେ ନିଜେ ବହନ କରନ୍ତି । ନିଜର ପବିତ୍ର ବିବେକ-ବୁଦ୍ଧି ହେଉଛି ମନୁଷ୍ୟର ଏକମାତ୍ର ଆଶ୍ରୟ ଏବଂ ଯେଉଁ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟରେ ସେହି ପବିତ୍ର ବିବେକ ବୁଦ୍ଧିର ଆଶ୍ରୟ ନେଇ କର୍ମ କରେ, ତାକୁ ରକ୍ଷଣାବେକ୍ଷଣାଦି କୌଣସି ବିଷୟ ପାଇଁ ଶଙ୍କା କରିବାକୁ ହୁଏ ନାହିଁ । ବର୍ତ୍ତମାନ ଦେଖନ୍ତୁ ଆମ୍ଭ-ମାନଙ୍କର ନିତ୍ୟ ଉପାସିତ ଭଗବାନ କାହାରି ରକ୍ଷଣାବେକ୍ଷଣାଦିର ଭାର ବହନ କରନ୍ତି ନାହିଁ । ମାତ୍ର ଶ୍ରୀକୃଷ୍ଣ ଭଗବାନ ତାହା କରନ୍ତି । ଦ୍ୱାଦଶ ଅଧ୍ୟାୟରେ ମଧ୍ୟ "ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାର ସାଗରାତ୍" ( ୧୨ଶ-୭ ) ଏହି କଥାଟିରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ କଳ୍ପନା ଉପରେ ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ ଅବ୍ୟକ୍ତ ଭଗବାନ ମୃତ୍ୟୁସଂସାର ସାଗରରୁ ଉଦ୍ଧାର କରନ୍ତି ନାହିଁ ଏବଂ ସେ ଅର୍ଥାତ ଶ୍ରୀକୃଷ୍ଣ ହେଉଛନ୍ତି ଏକମାତ୍ର ଉଦ୍ଧାରକର୍ତ୍ତା ।

ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ,
ତେଽପି ମାମେବ କୌନ୍ତେୟ ! ଯଜନ୍ତ୍ୟବିଧିପୂର୍ବକମ୍ । ୨୩ ।

ଅର୍ଥ—ହେ କୌନ୍ତେୟ ! ଯେଉଁମାନେ ଶ୍ରଦ୍ଧାଯୁକ୍ତ ହୋଇ ଅନ୍ୟ ଦେବତା ପୂଜା କରନ୍ତି ସେମାନେ ମଧ୍ୟ ଅବିଧିପୂର୍ବକ ମୋର ଉପାସନା କରନ୍ତି ଅର୍ଥାତ୍ ସେପରି ଉପାସନା ମୋର ଉପାସନାର ପ୍ରକୃତ ବିଧି ନୁହେଁ । ୨୩ ।

ଟିପ୍ପଣୀ—୨୦ଶ ଓ ୨୧ଶ ଶ୍ଳୋକରେ ଶ୍ରୀକୃଷ୍ଣ ବେଦୋକ୍ତ ବିଧିର ଅନ୍ଧ ଅନୁସରଣକାରୀମାନଙ୍କୁ କାମକାମୀ ବୋଲି ନିନ୍ଦା କଲେ । ପରବର୍ତ୍ତୀ ୨୨ଶ ଶ୍ଳୋକରେ ତାଙ୍କର ଉପାସକମାନଙ୍କର ଯୋଗ-କ୍ଷେମ ବହନ କରନ୍ତି ବୋଲି କହିଲେ ଅର୍ଥାତ୍ ତାଙ୍କର ନିଜର ଶ୍ରେଷ୍ଠତ୍ୱ ଓ

ବିଶେଷଭାବ ପ୍ରକାଶ କଲେ । ପରବର୍ତ୍ତୀ ୨୩ଶ ଶ୍ଳୋକରେ ଦେବତାପୂଜାର ଅନ୍ଧଅନୁସରଣକାରୀମାନଙ୍କର ବନ୍ଧନରେ କହିଲେ । ଗୀତାକାରଙ୍କର ଏପରି ରଚନା କୌଶଳ ଅଷ୍ଟମ ଅଧ୍ୟାୟ ୯ମରୁ ୧୪ଶ, ଏହି ଛଅଟି ଶ୍ଳୋକରେ ମଧ୍ୟ ଦେଖିପାରିବେ ।

୨୩ଶ ଶ୍ଳୋକରୁ ପ୍ରକାଶ ଯେ, ଶ୍ରଦ୍ଧା ସହକାରେ ଯେଉଁମାନେ ଦେବତା ପୂଜା କରନ୍ତି, ସେପରି ପୂଜା ଶ୍ରୀକୃଷ୍ଣଙ୍କ ପୂଜାର ପ୍ରକୃତ ବିଧି ନ ହେଲେ ମଧ୍ୟ ଶ୍ରୀକୃଷ୍ଣ ତାହା ସମର୍ଥନ କରୁଅଛନ୍ତି । ମାତ୍ର ଶ୍ରଦ୍ଧାହୀନ ଦେବତା ପୂଜାକୁ ଅର୍ଥାତ୍ ଦେବତା ପୂଜାର ଅନ୍ଧଅନୁସରଣକୁ ସେ ସମର୍ଥନ କରୁନାହାନ୍ତି । ସପ୍ତଦଶ ଅଧ୍ୟାୟ ଦ୍ୱିତୀୟରୁ ଚତୁର୍ଥ ଏହି ତିନୋଟି ଶ୍ଳୋକ ପଢ଼ିଲେ ଆମ୍ଭେମାନେ ଶ୍ରଦ୍ଧା କଥାଟିର ପ୍ରକୃତ ଅର୍ଥ ବୁଝିପାରିବୁଁ । ଶ୍ରଦ୍ଧା କଥାଟି ଗୀତାର ଗୋଟିଏ ପ୍ରଧାନ କଥା ।

ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ;
ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ । ୨୪ ।
ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ,
ଭୂତାନି ଯାନ୍ତି ଭୂତେଜ୍ୟା, ଯାନ୍ତି ମଦ୍‌ଯାଜିନୋଽପିମାମ୍ । ୨୫ ।

ଅର୍ଥ—ମୁଁ ହେଉଛି ସବୁ ଯଜ୍ଞର ଭୋକ୍ତା ଓ ପ୍ରଭୁ ; ଲୋକେ ମୋତେ ପ୍ରକୃତରୂପେ ଜାଣନ୍ତି ନାହିଁ, ସେହି ହେତୁ ସେମାନଙ୍କର ପତନ ହୁଏ । ୨୪ । ଦେବବ୍ରତମାନେ ଦେବଲୋକ, ପିତୃବ୍ରତମାନେ ପିତୃଲୋକ ଏବଂ ଭୂତପୂଜକମାନେ ଭୂତଲୋକ (ପ୍ରେତଲୋକ) ପ୍ରାପ୍ତ ହୁଅନ୍ତି ; କିନ୍ତୁ ମୋର ପୂଜକମାନେ ମୋତେ ପାଆନ୍ତି । ୨୫ ।

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି,
ତଦହଂଭକ୍ତ୍ୟୁପହୃତମଶ୍ନାମି ପ୍ରଯତାତ୍ମନଃ । ୨୬ ।
ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍,
ଯତ୍ତପସ୍ୟସି କୌନ୍ତେୟ ! ତତ୍ କୁରୁଷ୍ୱ ମଦର୍ପଣମ । ୨୭ ।
ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ,
ସନ୍ନ୍ୟାସଯୋଗଯୁକ୍ତାତ୍ମା, ବିମୁକ୍ତୋ, ମାମୁପୈଷ୍ୟସି । ୨୮ ।

ଭକ୍ତି ସହକାରେ ମୋତେ ଯେ ସାମାନ୍ୟ ପତ୍ର, ପୁଷ୍ପ, ଫଳ ଓ ଜଳ ପ୍ରଦାନ କରନ୍ତି, ପ୍ରଯତ୍ନଶୀଳ ବ୍ୟକ୍ତିର ସେହି ଭକ୍ତିରୂପ ଉପହାରକୁ ମୁଁ ଗ୍ରହଣ କରେ । ୨୬ । ହେ କୌନ୍ତେୟ ! ତୁମ୍ଭେ ଯାହା କିଛି କର, ଯାହା ଖାଅ, ଯାହା ହୋମ କର, ଯାହା ଦାନ କର ସେ ସମସ୍ତ ମୋତେ ଅର୍ପଣ କର । ୨୭ । ମୋତେ ଅର୍ପଣ କଲେ ତୁମ୍ଭେ ଶୁଭାଶୁଭ-ଫଳଜନିତ କର୍ମବନ୍ଧନରୁ ମୁକ୍ତ ହେବ । କର୍ମବନ୍ଧନରୁ ମୁକ୍ତ ହୋଇ ତୁମ୍ଭେ ପ୍ରକୃତ ସନ୍ନ୍ୟାସଯୋଗଦ୍ୱାରା ଯୁକ୍ତ ହୋଇ ମୋ ନିକଟକୁ ଆସିବ । ୨୮ ।

ଟିପ୍‌ପଣୀ—ଲୋକେ ପତ୍ର, ପୁଷ୍ପ, ଫଳ ଓ ଜଳଦ୍ୱାରା ଦେବତା ପୂଜା କରନ୍ତି ବୋଲି ୨୬ଶ ଶ୍ଳୋକରେ ଶ୍ରୀକୃଷ୍ଣ ସେହି ସବୁ କଥା ଲେଖିଲେ । ମାତ୍ର ସେହିସବୁ କଥା ସେ କାହିଁକି କହିଲେ ତାହା ପରବର୍ତ୍ତୀ ୨୭ଶ ଶ୍ଳୋକରେ ବିଶେଷ ଭାବରେ ବୁଝାଇଦେଲେ । ୨୭ଶ ଶ୍ଳୋକରେ ସେ କହିଲେ ଯେ, ମନୁଷ୍ୟ ଯାହା କିଛି କରୁ ସବୁ କର୍ମ ସେ ତାଙ୍କଠାରେ ଅର୍ପଣ କରୁ । ୨୮ଶ ଶ୍ଳୋକରେ ସେ କହିଲେ ଯେ, ସବୁକର୍ମ ତାଙ୍କଠାରେ ଅର୍ପଣ କରିବାର ନାମ ପ୍ରକୃତ ସନ୍ନ୍ୟାସ । ଶ୍ରୀକୃଷ୍ଣଙ୍କର ଏକମାତ୍ର ଅଭିପ୍ରାୟ ଏହିକି ମନୁଷ୍ୟ ନିଜର କର୍ତ୍ତବ୍ୟ କର୍ମସବୁ ପରିତ୍ୟାଗ ନକରୁ ଏବଂ ସବୁକର୍ମ ତାଙ୍କଠାରେ ଅର୍ପଣ କରୁ । କର୍ମସବୁକୁ ତାଙ୍କଠାରେ ଅର୍ପଣ କରିବା କଥା ସେ ଅନେକ ସ୍ଥାନରେ କହିଅଛନ୍ତି । କର୍ମସବୁକୁ ତାଙ୍କଠାରେ ଅର୍ପଣ କରି ସମ୍ପନ୍ନ କଲେ ମନୁଷ୍ୟ କର୍ମ-ବନ୍ଧନରେ ଆବଦ୍ଧ ହେବ ନାହିଁ ।

ସମୋଽହଂ ସର୍ବଭୂତେଷୁ, ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ,
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ।୨୯।

ଅର୍ଥ—ମୁଁ ସମସ୍ତଙ୍କ ନିକଟରେ ସମାନ । ମୋର କେହି ଶତ୍ରୁ ନାହିଁ ବା କେହି ମିତ୍ର ନାହିଁ । କିନ୍ତୁ ଯେଉଁମାନେ ଭକ୍ତି ସହକାରେ ମୋତେ ଭଜନା କରନ୍ତି ସେମାନେ ମୋଠାରେ ରହନ୍ତି ଏବଂ ମୁଁ ସେମାନଙ୍କଠାରେ ରହେଁ ।

ଅପି ଚେତ୍ ସୁଦୁରାଚାରୋ, ଭଜତେ ମାମନନ୍ୟଭାକ୍,
ସାଧୁରେବ ସ ମନ୍ତବ୍ୟଃ, ସମ୍ୟଗ୍‌ବ୍ୟବସିତୋ ହି ସଃ ।୩୦।

କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି,
କୌନ୍ତେୟ ପ୍ରତିଜାନୀହି, ନ ମେ ଭକ୍ତଃ ପ୍ରଣଶ୍ୟତି । ୩୧ ।

ଅର୍ଥ—ସୁଦୁରାଚାର ବ୍ୟକ୍ତି ମଧ୍ୟ ଯଦି ଏକାଗ୍ରଚିତ୍ତ ହୋଇ ମୋର ଭଜନା କରେ ସେହି ଲୋକକୁ ସାଧୁ ବୋଲି ମନେ କରିବାକୁ ହେବ; କାରଣ ସେ ବ୍ୟକ୍ତି ଉତ୍ତମ ଅଧ୍ୟବସାୟ-ସମ୍ପନ୍ନ ଅଟନ୍ତି ।୩୦। ସେହି ସୁଦୁରାଚାର ବ୍ୟକ୍ତି ଅବିଳମ୍ବେ ଧର୍ମାତ୍ମା ହୁଅନ୍ତି ଏବଂ ଶାଶ୍ୱତ ଶାନ୍ତି ଲାଭ କରନ୍ତି । ହେ କୌନ୍ତେୟ ! ମୋର ଭକ୍ତ କଦାଚ ବିନଷ୍ଟ ହୁଅନ୍ତି ନାହିଁ । ଏହା ତୁମ୍ଭେ ଦୃଢଭାବରେ ଜାଣିରଖ । ୩୧ ।

ମାଂ ହି ପାର୍ଥ ! ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ,
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ।୩୨।
କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା,
ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ । ୩୩

ଅର୍ଥ– ହେ ପାର୍ଥ ! ଯେଉଁମାନେ ପାପଯୋନିରୁ ଜାତ ସେମାନେ, ସ୍ତ୍ରୀମାନେ, ବୈଶ୍ୟ ଓ ଶୂଦ୍ରମାନେ ମଧ୍ୟ ମୋତେ ଆଶ୍ରୟ କରି ପରମାଗତି ପ୍ରାପ୍ତ ହୁଅନ୍ତି । ୩୨ । ପୁଣ୍ୟାତ୍ମା ବ୍ରାହ୍ମଣମାନଙ୍କର ଏବଂ ଭକ୍ତ ରାଜର୍ଷି-ମାନଙ୍କର କଥା ଆଉ କଅଣ କହିବା । ଏହି ଅନିତ୍ୟ, ଅସୁଖକର ସଂସାର ପାଇଥିବାରୁ ତୁମ୍ଭେ ମୋତେ ଭଜନ କର । ୩୩ ।

ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ,
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ପରାୟଣଃ । ୩୪ ।

ଅର୍ଥ—ମୋଠାରେ ମନ ରଖ, ମୋର ଭକ୍ତ ହୁଅ, ମୋର ପୂଜା କର ଏବଂ ମୋତେ ନମସ୍କାର କର ; ଏହିପରି ମୋଠାରେ ଯୁକ୍ତ ହୋଇ ଏବଂ ମତ୍ପରାୟଣ ହୋଇ ତୁମ୍ଭେ ମୋ ନିକଟକୁ ଆସିବ । ୩୪ ।

## ସାରକଥା

"ଅନେକ ଜନ୍ମ ସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍"( ୬ଷ୍ଠ-୪୫ ) ଏହି କଥାଟିରୁ ପ୍ରକାଶ ଯେ ଅନେକ ଜନ୍ମ ଯୋଗାଭ୍ୟାସ କଲାପରେ

ମନୁଷ୍ୟ ସିଦ୍ଧହୋଇ ତାପରେ ପରମାଗତି ଲାଭ କରିବ । ବହୂନାଂ ଜନ୍ମନାଂ ଅନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେଃ । ( ୭ମ-୧୯ ) ଏହି କଥାଟିରୁ ପ୍ରକାଶ ଯେ ବହୁଜନ୍ମପରେ ଜ୍ଞାନବାନ ବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ ପାଇପାରିବ । ମାତ୍ର ଏହି ଅଧ୍ୟାୟ ୩୦ଶରୁ ୩୨ଶ ଏହି ତିନୋଟି ଶ୍ଳୋକରୁ ପ୍ରକାଶ ଯେ ନିତାନ୍ତ ଦୁରାଚାରୀ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଆଶ୍ରୟ କରି ଅଚିରାତ୍ ଧର୍ମାତ୍ମା ହୋଇଯିବ ଏବଂ ନିତ୍ୟ ଶାନ୍ତି ଲାଭକରିବ । ଯେଉଁମାନେ ପାପଯୋନିରୁ ଜାତ, ସ୍ତ୍ରୀ, ଓ ଶୂଦ୍ର—ସମସ୍ତେ ଶ୍ରୀକୃଷ୍ଣଙ୍କୁ ଆଶ୍ରୟ କରି ପରମାଗତି ଲାଭ କରିପାରିବେ । ଏହି ଅଧ୍ୟାୟ ୩୦ଶ ଶ୍ଳୋକରେ ଥିବା "ସମ୍ୟଗ୍ ବ୍ୟବସିତୋ ହି ସଃ" ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣଙ୍କର ଆଶ୍ରୟ ନେବାକୁ ହେଲେ ସର୍ବଦା ଅଧ୍ୟବସାୟ ସମ୍ପନ୍ନ ହେବା ଆବଶ୍ୟକ । ଶେଷ ଶ୍ଳୋକଟିରେ ଶ୍ରୀକୃଷ୍ଣ କହୁଅଛନ୍ତି—"ଅବ୍ୟକ୍ତ ଭଗବାନଙ୍କୁ ଭକ୍ତି କରିବାକୁ ଓ ପୂଜା କରିବାକୁ ବୃଥା ଚେଷ୍ଟା ନ କରି ମୋଠାରେ ମନଟିକୁ ରଖ, ମୋତେ ଭଗବାନ ଭାବରେ ପୂଜା କର ଓ ମୋତେ ଭକ୍ତି କର ।" ଏହି କଥାଟି ହେଉଛି ଶ୍ରୀକୃଷ୍ଣଙ୍କର ସର୍ବ ଗୁହ୍ୟତମ ଉପଦେଶ ଓ ପରମ ଉପଦେଶ' ଯାହା ଆମ୍ଭେମାନେ ୧୮ଶ ଅଧ୍ୟାୟ ୬୫ ଓ ୬୬ ଶ୍ଳୋକରୁ ଜାଣିପାରିବୁଁ ।

---

## ଦଶମ ଅଧ୍ୟାୟ—ବିଭୂତି ଯୋଗ

ଟିପ୍ପଣୀ—ନବମ ଅଧ୍ୟାୟ ଆରମ୍ଭରେ ଦଆଯାଇଥିବା ଟିପ୍ପଣୀ ଦେଖନ୍ତୁ । ଏହି ଅଧ୍ୟାୟ ଶେଷରେ ଶ୍ରୀକୃଷ୍ଣ ତାଙ୍କର ସର୍ବଶ୍ରେଷ୍ଠତମ କଥାଟି କହିଅଛନ୍ତି । ସେହି କଥାଟି ହେଉଛି "ମୋଠାରେ ମନରଖ, ମୋର ଭକ୍ତ ହୁଅ, ମୋତେ ପୂଜା କର ଏବଂ ମୋତେ ପ୍ରତ୍ୟକ୍ଷ ଭଗବାନ ବୋଲି ଜାଣି ନମସ୍କାର କର । ଏହି ଅଧ୍ୟାୟର ଆରମ୍ଭରେ ମଧ୍ୟ ଶ୍ରୀକୃଷ୍ଣ ନିଜର ବିଶେଷ ପରିଚୟ ଦେଇଅଛନ୍ତି ।

ଶ୍ରୀକୃଷ୍ଣ ଉବାଚ

ଭୂୟ ଏବ, ମହାବାହୋ ! ଶୃଣୁ ମେ ପରମ ବଚଃ,
ଯତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା । ୧ ।
ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ,
ଅହମାଦିର୍ହି ଦେବାନଂ ମହର୍ଷୀଣାଞ୍ଚ ସର୍ବଶଃ । ୨ ।

ଅର୍ଥ– ଶ୍ରୀକୃଷ୍ଣ କହିଲେ, ହେ ମହାବାହୁ । ମୋର ପରମ କଥା ପୁନର୍ବାର ଶୁଣ । ତୁମ୍ଭେ ମୋର ପ୍ରିୟ ଅଟ, ତେଣୁ ତୁମ୍ଭର ହିତକାମନା କରି ମୁଁ ତୁମ୍ଭଙ୍କୁ ଏହା କହିବି । ୧ । ମୋର ଉତ୍ପତ୍ତିର କଥା ଦେବତାମାନେ ଓ ମହର୍ଷିମାନେ ଜାଣନ୍ତି ନାହିଁ । ମୁଁ ସେମାନଙ୍କର ଆଦିକର୍ତ୍ତା ଅଟେ । ୨ ।

ଟିପ୍ପଣୀ—ବୁଦ୍ଧିତତ୍ତ୍ୱରୁ ଦେବତାମାନଙ୍କର ଓ ମହର୍ଷିମାନଙ୍କର ଉତ୍ପତ୍ତି ଏବଂ ଏହି ଦେବତାମାନେ ଓ ମହର୍ଷିମାନେ ମନୁଷ୍ୟ ଲୋକର ସୃଷ୍ଟି କାର୍ଯ୍ୟରେ ସାହାଯ୍ୟ କରିଥିଲେ ବୋଲି ଶାସ୍ତ୍ରମାନଙ୍କରୁ ଜଣାଯାଏ । ଏହି ସବୁ କଥା ଶାସ୍ତ୍ରଜ୍ଞାନର କଥା ବୋଲି ଏହି ସବୁ ବିଷୟରେ ଶ୍ରୀକୃଷ୍ଣ କିଛି କହିନାହାନ୍ତି ।

ଯୋ ମାମଜମନାଦିଞ୍ଚ ବେତ୍ତି ଲୋକମହେଶ୍ୱରମ୍,
ଅସମ୍ମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ । ୩ ।
ବୁଦ୍ଧିର୍ଜ୍ଞାନମସଂମୋହଃ କ୍ଷମା ସତ୍ୟଂ ଦମଃ ଶମଃ,
ସୁଖଂ ଦୁଃଖଂ ଭବୋଽଭାବୋ ଭୟଞ୍ଚାଭୟମେବ ଚ । ୪ ।

ଅହିଂସା ସମତା ତୁଷ୍ଟିସ୍ତପୋଦାନଂ ଯଶୋଽଯଶଃ,
ଭବନ୍ତି ଭାବ ଭୂତାନାଂ, ମତ୍ତ ଏବ, ପୃଥଗ୍‌ବିଧାଃ । ୫ ।
ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା,
ମଦ୍ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ । ୬ ।

**ଅର୍ଥ**—ଯେ ମୋତେ ଜନ୍ମରହିତ ଓ ସର୍ବଲୋକମହେଶ୍ୱର ବୋଲି **ଜାଣନ୍ତି**, ମରଣଶୀଳମାନଙ୍କ ମଧ୍ୟରେ ସେ ମୋହଶୂନ୍ୟ ହୋଇ ସବୁପାପରୁ **ମୁକ୍ତ ହୁଅନ୍ତି । ୩ ।** ବୁଦ୍ଧି, ଜ୍ଞାନ, ଅସମ୍ମୋହ, କ୍ଷମା, ସତ୍ୟ, ଦମ, ଶମ, ସୁଖ ଦୁଃଖ, ଉଦ୍ଭବ, ନାଶ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ ଓ ଅଯଶ ଜୀବମାନଙ୍କର ଏହି ସବୁ ଭାବ ମୋଠାରୁ ଉତ୍ପନ୍ନ । ୪-୫ । ସମସ୍ତ ମାନବଜାତି ଯେଉଁମାନଙ୍କର ପ୍ରଜା ସେହି ସପ୍ତମହର୍ଷି ଏବଂ ପୂର୍ବର ଚାରିଜଣ ( ସନକ, ସନନ୍ଦ, ସନାତନ ଓ ସନତ୍‌କୁମାର ) ଏବଂ ମନୁମାନେ, ଏମାନେ ସମସ୍ତେ ମୋ ପ୍ରକୃତିରୁ ଏବଂ ମୋ ମନରୁ ଜାତ । ୬ ।

ଟିପ୍ପଣୀ—ଷଷ୍ଠ ଶ୍ଳୋକରେ ଶ୍ରୀକୃଷ୍ଣ ଯେଉଁ ସପ୍ତ ମହର୍ଷି ପ୍ରଭୃତିଙ୍କ ବିଷୟ କହିଲେ ତାହା ଶାସ୍ତ୍ରର କଥା । ଏହିସବୁ ଶାସ୍ତ୍ରର କଥାକୁ ସତ୍ୟ ବୋଲି ଗ୍ରହଣ କରିବାକୁ ଗୀତା କହୁନାହିଁ । ଏହି ବିଶ୍ୱ ସୃଷ୍ଟି କରିବା ପୂର୍ବେ ସେହି ଅଜ୍ଞେୟ ସତ୍ତା କେତୋଟି ତତ୍ତ୍ୱ ସୃଷ୍ଟି କରିଥିଲେ । ସେ କେତୋଟି ତତ୍ତ୍ୱ ମଧ୍ୟରୁ ବୁଦ୍ଧିତତ୍ତ୍ୱ ହେଉଛି ଗୋଟିଏ ତତ୍ତ୍ୱ । ଏହି ସବୁ ହେଉଛି ଶାସ୍ତ୍ରଜ୍ଞାନର କଥା । ଏହି ସବୁ କଥା କେବଳ ଜାଣିନେବାଦ୍ୱାରା ଆମ୍ଭମାନଙ୍କର କୌଣସି ଉପକାର ହେବନାହିଁ । ଯେଉଁମାନେ ଏହିସବୁ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରି ତଦନୁସାରେ ଜୀବନ ଗଠନ କରିବାକୁ ଉପଯୁକ୍ତ, କେବଳ ସେହି ଅଳ୍ପ କେତେକଙ୍କର ଏ ସବୁ ବିଷୟ ଉପକାରରେ ଆସିପାରେ ।

ଏତାଂ ବିଭୂତିଂ ଯୋଗଞ୍ଚ ମମ ଯୋ ବେତ୍ତି ତତ୍ତ୍ୱତଃ,
ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ । ୭ ।
ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ,
ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ । ୮ ।

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍,
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ । ୯ ।
ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍,
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ । ୧୦ ।
ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା । ୧୧ ।

ଅର୍ଥ—ଯେ ମୋର ଏହି ବିଭୂତି ଏବଂ ଯୋଗକୁ ତତ୍ତ୍ୱତଃ ଜାଣନ୍ତି ସେ ଅବିଚଳିତ ଭାବରେ ଯୋଗରେ ଯୁକ୍ତ ଅଟନ୍ତି ଏଥିରେ ସଂଶୟ ନାହିଁ । ୭ । ମୁଁ ସମସ୍ତଙ୍କର ଉତ୍ପତ୍ତିର ହେତୁ ମୋଠାରୁ ସମୁଦାୟ ପ୍ରବର୍ତ୍ତିତ । ଏହା ଜାଣି ପଣ୍ଡିତମାନେ ଭାବସମନ୍ୱିତ ହୋଇ ମୋର ଭଜନା କରନ୍ତି । ୮ । ଯେଉଁମାନେ ମୋଠାରେ ଚିତ୍ତ ରଖି, ମଦ୍‌ଗତପ୍ରାଣ ହୋଇ, ମୋ ବିଷୟ ପରସ୍ପରକୁ କହି ଓ ବୁଝାଇ ସନ୍ତୋଷ ଓ ଆନନ୍ଦ ଲାଭ କରନ୍ତି, । ସତତଯୁକ୍ତ ସେହି ବ୍ୟକ୍ତିମାନଙ୍କୁ ଏବଂ ପ୍ରୀତିପୂର୍ବକ ଭଜନାକାରୀମାନଙ୍କୁ ମୁଁ ବୁଦ୍ଧିଯୋଗ ପ୍ରଦାନ କରେ । ସେହି ବୁଦ୍ଧିଯୋଗଦ୍ୱାରା ସେମାନେ ମୋତେ ପାଆନ୍ତି ଏବଂ ମୁଁ ସେମାନଙ୍କ ପ୍ରତି ଦୟାପରବଶ ହୋଇ ସେମାନଙ୍କ ଭିତରେ ରହି ଜ୍ଞାନରୂପ ଦୀପଦ୍ୱାରା ସେମାନଙ୍କର ଅଜ୍ଞାନଜାତ ଅନ୍ଧକାରକୁ ନାଶ କରେ । ୯-୧୧ ।

### ଅର୍ଜ୍ଜୁନ ଉବାଚ

ପରଂ ବ୍ରହ୍ମ ପରଂଧାମ ପବିତ୍ରଂ ପରମଂ ଭବାନ୍;
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ । ୧୨ ।
ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା,
ଅସିତୋ ଦେବଲୋବ୍ୟାସଃ, ସ୍ୱୟଂଚୈବ ବ୍ରବୀଷି ମେ । ୧୩ ।
ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ !
ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦ୍ଦେବା ନ ଦାନବାଃ । ୧୪ ।
ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ !
ଭୂତଭାବନ ! ଭୂତେଶ ! ଦେବଦେବ ! ଜଗତ୍ପତେ ! ୧୫ ।
ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ;
ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି । ୧୬ ।

କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ?
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ? । ୧୭ ।
ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଞ୍ଚ ଜନାର୍ଦ୍ଦନ,
ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ । ୧୮ ।

ଅର୍ଥ—ଅର୍ଜ୍ଜୁନ କହିଲେ—ଆପଣ ପରମ ବ୍ରହ୍ମ, ପରମ ଧାମ, ପରମ ପବିତ୍ର, ଶାଶ୍ୱତ ଦିବ୍ୟ ପୁରୁଷ, ଆଦିଦେବ, ଅଜ ଓ ବିଭୁ ଏକଥା ଋଷିମାନେ, ଦେବର୍ଷି ନାରଦ, ଅସିତ, ଦେବଳ ଓ ବ୍ୟାସ ସମସ୍ତେ କହିଅଛନ୍ତି ଏବଂ ଆପଣ ମଧ୍ୟ ନିଜେ କହୁଅଛନ୍ତି । ୧୨-୧୩ । ହେ କେଶବ ! ଆପଣ ଯାହା ମୋତେ କହିଲେ ମୁଁ ତାହା ସତ୍ୟ ମନେ କରୁଛି । ହେ ଭଗବନ୍ ! ଦେବତାମାନେ କିମ୍ବା ଦାନବମାନେ କେହି ଆପଣଙ୍କର ଅଭିବ୍ୟକ୍ତି ଜାଣନ୍ତି ନାହିଁ । ୧୪ । ହେ ପୁରୁଷୋତ୍ତମ ! ହେ ଭୂତଭାବନ ! ହେ ଭୂତେଶ ! ହେ ଦେବଦେବ ! ହେ ଜଗତ୍ପତେ ! ଆପଣ ନିଜେ ନିଜଦ୍ୱାରା ନିଜକୁ ଜାଣନ୍ତି । ୧୫ । ଆପଣ ଯେଉଁସବୁ ବିଭୂତି ଦ୍ୱାରା ଏହି ତିନି ସଂସାରକୁ ବ୍ୟାପି ରହିଅଛନ୍ତି, ସେହି ଦିବ୍ୟ ଆତ୍ମ-ବିଭୂତି ଆପଣ କେବଳ ସମ୍ପୂର୍ଣ୍ଣରୂପେ କହିବାକୁ ଯୋଗ୍ୟ ଅଟନ୍ତି । ୧୬ । ହେ ଯୋଗିନ୍ ! କିପରି ସର୍ବଦା ଚିନ୍ତା କଲେ ମୁଁ ନିଜେ ଆପଣଙ୍କୁ ଜାଣିବି ? ହେ ଭଗବନ୍ ! କେଉଁ କେଉଁ ଭାବରେ ଆପଣ ମୋ ଦ୍ୱାରା ଚିନ୍ତନୀୟ ହେବେ ? । ୧୭ । ହେ ଜନାର୍ଦ୍ଦନ ! ଆପଣଙ୍କର ଯୋଗ ଓ ବିଭୂତି ବିସ୍ତୃତଭାବରେ ପୁନର୍ବାର କହନ୍ତୁ । ଏହି ଅମୃତ ଶ୍ରବଣ କରି ମୋର ତୃପ୍ତି ଶେଷ ହେଉନାହିଁ । ୧୮ ।

## ଶ୍ରୀକୃଷ୍ଣ ଉବାଚ

ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ,
ପ୍ରାଧାନ୍ୟତଃ, କୁରୁଶ୍ରେଷ୍ଠ ! ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ । ୧୯ ।
ଅହମାତ୍ମା, ଗୁଡ଼ାକେଶ ! ସର୍ବଭୂତାଶୟସ୍ଥିତଃ,
ଅହମାଦିଶ୍ଚ ମଧ୍ୟଞ୍ଚ ଭୂତାନାମନ୍ତ ଏବ ଚ । ୨୦ ।
ଆଦିତ୍ୟାନାମହଂ ବିଷ୍ଣୁଃ, ଜ୍ୟୋତିଷାଂ ରବିରଂଶୁମାନ,
ମରୀଚିର୍ମରୁତାମସ୍ମି, ନକ୍ଷତ୍ରାଣାମହଂ ଶଶୀ । ୨୧ ।

ବେଦାନାଂ ସାମବେଦୋଽସ୍ମି, ଦେବାନାମସ୍ମି ବାସବଃ,
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି, ଭୂତାନାମସ୍ମି ଚେତନା । ୨୨ ।
ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି, ବିତ୍ତେଶୋ ଯକ୍ଷରକ୍ଷସାମ୍,
ବସୂନାଂ ପାବକଶ୍ଚାସ୍ମି, ମେରୁଃ ଶିଖରିଣାମହମ୍ । ୨୩ ।
ପୁରୋଧସାଞ୍ଚ ମୁଖ୍ୟଂ ମାଂ ବିଦ୍ଧି, ପାର୍ଥ ! ବୃହସ୍ପତିମ୍,
ସେନାନୀନାମହଂ ସ୍କନ୍ଦଃ, ସରସାମସ୍ମି ସାଗରଃ । ୨୪ ।
ମହର୍ଷୀଣାଂ ଭୃଗୁରହଂ, ଗିରାମସ୍ମ୍ୟେକମକ୍ଷରମ୍,
ଯଜ୍ଞାନାଂ ଜପଯଜ୍ଞୋଽସ୍ମି, ସ୍ଥାବରାଣାଂ ହିମାଳୟଃ । ୨୫ ।
ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ, ଦେବର୍ଷୀଣାଞ୍ଚ ନାରଦଃ,
ଗନ୍ଧର୍ବାଣାଂ ଚିତ୍ରରଥଃ, ସିଦ୍ଧାନାଂ କପିଲୋ ମୁନିଃ । ୨୬ ।
ଉଚ୍ଚୈଃଶ୍ରବସମଶ୍ୱାନାଂ, ବିଦ୍ଧିମାମମୃତୋଦ୍ଭବମ୍,
ଐରାବତଂ ଗଜେନ୍ଦ୍ରାଣାଂ, ନରାଣାଞ୍ଚ ନରାଧିପମ୍ । ୨୭ ।
ଆୟୁଧାନାମହଂ ବଜ୍ରଂ, ଧେନୂନାମସ୍ମି କାମଧୁକ୍,
ପ୍ରଜନଶ୍ଚାସ୍ମି କନ୍ଦର୍ପଃ, ସର୍ପାଣାମସ୍ମି ବାସୁକିଃ । ୨୮ ।
ଅନନ୍ତଶ୍ଚାସ୍ମି ନାଗାନାଂ, ବରୁଣୋ ଯାଦସାମହମ୍,
ପିତୃଣାମର୍ଯ୍ୟମା ଚାସ୍ମି, ଯମଃ ସଂଯମତାମହମ୍ । ୨୯ ।
ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ; କାଳଃ କଳୟତାମହମ୍,
ମୃଗାଣାଞ୍ଚ ମୃଗେନ୍ଦ୍ରୋଽହଂ, ବୈନତେୟଶ୍ଚ ପକ୍ଷିଣାମ୍ । ୩୦ ।
ପବନଃ ପବତାମସ୍ମି, ରାମଃ ଶସ୍ତ୍ରଭୃତାମହମ୍,
ଝଷାଣାଂ ମକରଶ୍ଚାସ୍ମି, ସ୍ରୋତସାମସ୍ମି ଜାହ୍ନବୀ । ୩୧ ।
ସର୍ଗାଣାମାଦିରନ୍ତଶ୍ଚ, ମଧ୍ୟଞ୍ଚୈ ବାହମର୍ଜ୍ଜୁନ '
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ, ବାଦଃ ପ୍ରବଦତାମହମ୍ । ୩୨ ।
ଅକ୍ଷରାଣାମକାରୋଽସ୍ମି, ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ,
ଅହମେବ.କ୍ଷୟଃ କାଳୋ, ଧାତାହଂ ବିଶ୍ୱତୋମୁଖଃ । ୩୩ ।
ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍,
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ, ସ୍ମୃତିର୍ମେଧା ଧୃତିଃ କ୍ଷମା । ୩୪
ବୃହତ୍ସାମ ତଥା ସାମ୍ନାଂ; ଗାୟତ୍ରୀ ଛନ୍ଦସାମହମ୍;
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ । ୩୫ ।

ଦ୍ୟୂତଂ ଛଳୟତାମସ୍ମି, ତେଜସ୍ତେଜସ୍ୱିନାମହମ୍,
ଜୟୋଽସ୍ମି ବ୍ୟବସାୟୋଽସ୍ମି, ସତ୍ତ୍ୱଂ ସତ୍ତ୍ୱବତାମହମ୍ । ୩୬ ।
ବୃଷ୍ଣୀନାଂ ବାସୁଦେବୋଽସ୍ମି, ପାଣ୍ଡବାନାଂ ଧନଞ୍ଜୟଃ,
ମୁନୀନାମପ୍ୟହଂ ବ୍ୟାସଃ, କବୀନାମୁଶନାଃ କବିଃ । ୩୭ ।
ଦଣ୍ଡୋ ଦମୟତାମସ୍ମି, ନୀତିରସ୍ମି ଜିଗୀଷତାମ୍ ;
ମୌନଂ ଚୈବାସ୍ମି ଗୁହ୍ୟାନଂ, ଜ୍ଞାନଂ ଜ୍ଞାନବତାମହମ୍ । ୩୮ ।
ଯଚ୍ଚାପି ସର୍ବଭୂତାନାଂ, ବୀଜଂ ତଦହମର୍ଜ୍ଜୁନ !
ନ ତଦସ୍ତି ବିନା ଯତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ । ୩୯ ।
ନାନ୍ତୋଽସ୍ତି ମମ ଦିବ୍ୟାନାଂ, ବିଭୂତୀନାଂ ପରନ୍ତପ !
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ, ବିଭୂତେର୍ବିସ୍ତରୋ ମୟା । ୪୦ ।
ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ, ଶ୍ରୀମଦୂର୍ଜ୍ଜିତମେବ ବା ;
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶ ସମ୍ଭବମ୍ । ୪୧ ।
ଅଥବା ବହୁନୈତେନ, କିଂ ଜ୍ଞାତେନ ତବାର୍ଜ୍ଜୁନ !
ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ । ୪୨ ।

ହେ କୁରୁଶ୍ରେଷ୍ଠ ! ମୋର ପ୍ରଧାନ ପ୍ରଧାନ ଆତ୍ମବିଭୂତି ସବୁ ତୁମ୍ଭଙ୍କୁ କହୁଛି । କାରଣ ମୋର ବିଭୂତିର ବିସ୍ତାରର ଶେଷ ନାହିଁ । ୧୯ । ହେ ଗୁଡ଼ାକେଶ ! ମୁଁ ହେଉଛି ସମସ୍ତଙ୍କର ହୃଦୟରେ ରହିଥିବା ଆତ୍ମା । ମୁଁ ସବୁ ପ୍ରାଣୀଙ୍କର ଆଦି, ମଧ୍ୟ ଓ ଅନ୍ତ ଅଟେ । ୨୦ । ମୁଁ ଆଦିତ୍ୟ-ମାନଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିଷ୍ମାନ୍‌ମାନଙ୍କ ମଧ୍ୟରେ ଅଂଶୁମାନ୍ ରବି, ମରୁତ୍‌ମାନଙ୍କ ମଧ୍ୟରେ ମରୀଚି, ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ରମା, ବେଦ-ମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟ ମାନଙ୍କ ମଧ୍ୟରେ ମନ, ଭୂତମାନଙ୍କ ମଧ୍ୟରେ ଚେତନା, ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର, ଯକ୍ଷ ରାକ୍ଷସମାନଙ୍କ ମଧ୍ୟରେ କୁବେର, ବସୁମାନଙ୍କ ମଧ୍ୟରେ ବହ୍ନି, ଗିରିମାନଙ୍କ ମଧ୍ୟରେ ସୁମେରୁ ଅଟେ । ୨୧-୨୩ । ହେ ପାର୍ଥ ! ମୋତେ ପୁରୋହିତମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୃହସ୍ପତି ବୋଲି ଜାଣ ! ମୁଁ ସେନାନୀମାନଙ୍କ ମଧ୍ୟରେ କାର୍ତ୍ତିକେୟ, ସରୋବରମାନଙ୍କ ମଧ୍ୟରେ ସାଗର, ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ବାକ୍ୟସମୂହ ମଧ୍ୟରେ ଏକାକ୍ଷର (ଓଁ), ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ, ସ୍ଥାବରମାନଙ୍କ ମଧ୍ୟରେ ହିମାଳୟ, ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଗନ୍ଧର୍ବ-

*

ମାନଙ୍କ ମଧରେ ଚିତ୍ରରଥ, ସିଦ୍ଧମାନଙ୍କ ମଧରେ କପିଳ ମୁନି, ଅଶ୍ୱମାନଙ୍କ
ମଧରେ ଅମୃତୋଦ୍ଭବ ଉଚ୍ଚୈଃଶ୍ରବା, ଗଜେନ୍ଦ୍ରମାନଙ୍କ ମଧରେ ଐରାବତ,
ନରମାନଙ୍କ ମଧରେ ନରପତି, ଅସ୍ତ୍ରମାନଙ୍କ ମଧରେ ବଜ୍ର, ଧେନୁମାନଙ୍କ
ମଧରେ କାମଧେନୁ, ସର୍ପମାନଙ୍କ ମଧରେ ବାସୁକି ଏବଂ ଉତ୍ପତ୍ତିର ହେତୁ
କନ୍ଦର୍ପ ହେଉଛି ମୁଁ । ୨୪-୨୮ । ମୁଁ ନାଗମାନଙ୍କ ମଧରେ ଅନନ୍ତ,
ଜଳଚର ମଧରେ ବରୁଣ, ପିତୃମାନଙ୍କ ମଧରେ ଅର୍ଯ୍ୟମା, ନିୟାମକମାନଙ୍କ
ମଧରେ ଯମ, ଦୈତ୍ୟମାନଙ୍କ ମଧରେ ପ୍ରହ୍ଲାଦ, ଗଣନାକାରୀମାନଙ୍କ
ମଧରେ କାଳ, ମୃଗମାନଙ୍କ ମଧରେ ମୃଗେନ୍ଦ୍ର, ପକ୍ଷୀମାନଙ୍କ ମଧରେ
ବୈନତେୟ, ବେଗଶୀଳମାନଙ୍କ ମଧରେ ପବନ, ଶସ୍ତ୍ରଧାରୀମାନଙ୍କ ମଧରେ
ରାମ, ମତ୍ସ୍ୟମାନଙ୍କ ମଧରେ ମକର, ସ୍ରୋତସ୍ୱତୀମାନଙ୍କ ମଧ୍ୟରେ ଜାହ୍ନବୀ
୨୯-୩୧ । ହେ ଅର୍ଜ୍ଜୁନ ! ସୃଷ୍ଟିବସ୍ତୁ ସବୁର ଆଦି, ମଧ ଓ ଅନ୍ତ ହେଉଛି
ମୁଁ ଏବଂ ବିଦ୍ୟାସବୁ ମଧ୍ୟରେ ମୁଁ ଅଧ୍ୟାତ୍ମ ବିଦ୍ୟା, ବାଦୀମାନଙ୍କ ମଧରେ
ଯେଉଁବାଦ ବା ଯୁକ୍ତି ତାହା ମୁଁ । ୩୨ । ମୁଁ ଅକ୍ଷର ମଧରେ ଅକାର,
ସମାସ ମଧ୍ୟରେ ଦ୍ୱନ୍ଦ୍ୱ, ମୁଁ ଅକ୍ଷୟକାଳ ଏବଂ ବିଶ୍ୱତୋମୁଖ ବିଧାତା
ଅଟେ । ୩୩ । ସର୍ବହର ମୃତ୍ୟୁ ହେଉଛି ମୁଁ, ଭବିଷ୍ୟତର ଅଭ୍ୟୁଦୟ
ହେଉଛି ମୁଁ, ନାରୀମାନଙ୍କର କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଓ
କ୍ଷମା ହେଉଛି ମୁଁ । ୩୪ । ସ୍ତୋତ୍ରମାନଙ୍କ ମଧ୍ୟରେ ବୃହତ୍ ସାମ, ଛନ୍ଦ-
ମାନଙ୍କ ମଧ୍ୟରେ ଗାୟତ୍ରୀ, ମାସମାନଙ୍କ ମଧ୍ୟରେ ମାର୍ଗଶିର, ଋତୁମାନଙ୍କ
ମଧ୍ୟରେ ବସନ୍ତ, ଛଳକାରୀମାନଙ୍କ ମଧ୍ୟରେ ଦ୍ୟୁତ, ତେଜସ୍ୱୀମାନଙ୍କ
ମଧ୍ୟରେ ତେଜ ହେଉଛି ମୁଁ, ଜୟ ହେଉଛି ମୁଁ, ଉଦ୍ୟମ ହେଉଛି ମୁଁ,
ସତ୍ତ୍ୱଗୁଣୀମାନଙ୍କର ସତ୍ତ୍ୱଗୁଣ ହେଉଛି ମୁଁ । ୩୫-୩୬ । ମୁଁ ବୃଷ୍ଣିବଂଶୀୟ-
ମାନଙ୍କ ମଧ୍ୟରେ ବାସୁଦେବ, ପାଣ୍ଡବମାନଙ୍କ ମଧ୍ୟରେ ଧନଞ୍ଜୟ,
ମୁନିମାନଙ୍କ ମଧ୍ୟରେ ବେଦବ୍ୟାସ, କବିମାନଙ୍କ ମଧ୍ୟରେ ଉଶନା କବି ।
। ୩୭ । ମୁଁ ଦମନକାରୀମାନଙ୍କ ମଧ୍ୟରେ ଦଣ୍ଡ, ଜୟାଭିଳାଷୀମାନଙ୍କର
ନୀତି, ଗୁହ୍ୟବିଷୟମାନଙ୍କରେ ମୌନ ଏବଂ ଜ୍ଞାନୀମାନଙ୍କର ଜ୍ଞାନ ହେଉଛି
ମୁଁ । ୩୮ । ହେ ଅର୍ଜ୍ଜୁନ ! ଯାହା ସର୍ବଭୂତମାନଙ୍କର ବୀଜ ତାହା ହେଉଛି
ମୁଁ ! ଚରାଚର ବିଶ୍ୱରେ ମୋ ବ୍ୟତୀତ ଆଉ କିଛି ନାହିଁ । ୩୯ । ହେ
ପରନ୍ତପ ! ମୋର ଦିବ୍ୟ ବିଭୂତି ସବୁର ଅନ୍ତ ନାହିଁ । ମୋର ବିଭୂତିର
ଏହି ଯେ ବିସ୍ତୃତ ବର୍ଣ୍ଣନା କଲି ତାହା କେବଳ ସଂକ୍ଷେପରେ କୁହାଗଲା ।୪୦।

ସଂସାରରେ ଯାହା ଯାହା ବିଭୂତିଯୁକ୍ତ, ଶ୍ରୀସମ୍ପନ୍ନ ବା ଶ୍ରେଷ୍ଠ ସେ ସମସ୍ତ ମୋର ତେଜାଂଶରୁ ଜାତ ବୋଲି ଜାଣ । ସେ ସବୁ ମୋର ଅସ୍ତିତ୍ୱର ପ୍ରମାଣ ଦେଉଅଛି । ୪୧ । ହେ ଅର୍ଜୁନ ! ଏତେ ବେଶୀ ଜାଣି ତୁମ୍ଭର କଅଣ ହେବ ? ମୁଁ ଏକାଂଶ ଦ୍ୱାରା ସମସ୍ତ ଜଗତକୁ ବ୍ୟାପି ରହିଅଛି । ୪୨ ।

## ସାରକଥା

ସଂସାରରେ ଯାହା ବିଭୂତି ଯୁକ୍ତ, ଯାହା ଶ୍ରେଷ୍ଠ, ଯାହା ସୁନ୍ଦର ସେହି ସବୁରେ ଶ୍ରୀକୃଷ୍ଣଙ୍କୁ ଚିନ୍ତା କରିବାକୁ କହିବାର ଅଭିପ୍ରାୟ ଏହିକି ତାଙ୍କୁ ଚିନ୍ତା କରିବାକୁ ହେଲେ ଶାସ୍ତ୍ରୋକ୍ତ କୌଣସି ପ୍ରଣାଳୀର ଅନୁ-ଅନୁସରଣ କରିବାକୁ ହେବନାହିଁ । ନାରୀମାନଙ୍କର କୀର୍ତ୍ତି, ସୌନ୍ଦର୍ଯ୍ୟ, ବାକ୍ୟ, କ୍ଷମା, ଧୃତି ଇତ୍ୟାଦିରେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଚିନ୍ତା କରିବାକୁ ହେବ ବୋଲି ୩୪ଶ ଶ୍ଳୋକରେ ସେ କହିଅଛନ୍ତି । ଏପରି କହିବାର ଅଭିପ୍ରାୟ ଏହିକି ନାରୀମାନଙ୍କର ଏହି ସବୁ ବିଶେଷତ୍ୱ ଦେଖିଲେ ଭଗବନ୍ ଚିନ୍ତା ଆସିବା ସ୍ୱାଭାବିକ । ଏହି ଅଧ୍ୟାୟର ଅବଶିଷ୍ଟାଂଶ କେବଳ ବର୍ଣ୍ଣନାରେ ପୂର୍ଣ୍ଣ ।

# ଏକାଦଶ ଅଧ୍ୟାୟ—ବିଶ୍ୱରୂପ ଦର୍ଶନ ଯୋଗ

## ଅର୍ଜ୍ଜୁନ ଉବାଚ

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍,
ଯତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ । ୧ ।

ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା,
ତ୍ୱତ୍ତଃ କମଳପତ୍ରାକ୍ଷ ! ମାହାତ୍ମ୍ୟମପି ଚାବ୍ୟୟମ୍ । ୨ ।

ଏବମେତଦ୍ ଯଥାଽଽତ୍ଥ ତ୍ୱମାତ୍ମାନଂ ପରମେଶ୍ୱର !
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ, ପୁରୁଷୋତ୍ତମ । ୩ ।

ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ !
ଯୋଗେଶ୍ୱର ! ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ । ୪ ।

ଅର୍ଥ—ଅର୍ଜ୍ଜୁନ କହିଲେ, ହେ କମଳପତ୍ରାକ୍ଷ ! ମୋ ପ୍ରତି ଅନୁଗ୍ରହ କରି ଆପଣ ଯେଉଁ ପରମ ଗୁହ୍ୟ ଅଧ୍ୟାତ୍ମ ନାମକ ବିଷୟ କହିଲେ ଏବଂ ଆପଣଙ୍କ ନିକଟରୁ ଭୂତ ସକଳର ଉତ୍ପତ୍ତି ଓ ଲୟ ଏବଂ ଆପଣଙ୍କର ଅବ୍ୟୟ ମହାତ୍ମ୍ୟ, ମୁଁ ଯାହା ବିସ୍ତୃତ ଭାବରେ ଶୁଣିଲି ସେଥିରେ ମୋର ଏହି ମୋହ ଦୂର ହେଲା । ୧-୨ । ହେ ପରମେଶ୍ୱର ! ଆପଣ ନିଜ ବିଷୟରେ ଯାହା ସବୁ କହିଲେ ତାହା ସତ୍ୟ, ମାତ୍ର ହେ ପୁରୁଷୋତ୍ତମ ! ମୁଁ ଆପଣଙ୍କର ଐଶ୍ୱର ରୂପ ଦେଖିବାକୁ ଇଚ୍ଛା କରେଁ । ୩ । ହେ ପ୍ରଭୋ ! ମୁଁ ତାହା ଦେଖିବାକୁ ଯୋଗ୍ୟ ବୋଲି ଯଦି ମନେ କରନ୍ତି ତେବେ ହେ ଯୋଗେଶ୍ୱର ! ଆପଣଙ୍କର ଅବ୍ୟୟ ରୂପ ଦେଖାନ୍ତୁ । ୪ ।

## ଶ୍ରୀକୃଷ୍ଣ ଉବାଚ

ପଶ୍ୟ ମେ, ପାର୍ଥ ! ରୂପାଣି ଶତଶୋଽଥ ସହସ୍ରଶଃ,
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ । ୫ ।

ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା,
ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ । ୬ ।

ଇହୈକସ୍ଥଂ ଜଗତ୍କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍
ମମ ଦେହେ ଗୁଡ଼ାକେଶ ! ଯଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି । ୭ ।

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ;
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ । ୮ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ ହେ ପାର୍ଥ ! ମୋର ନାନାବିଧ ଏବଂ ନାନା ବର୍ଣ୍ଣ ଓ ଆକୃତି ବିଶିଷ୍ଟ ଶତ ଶତ ଓ ସହସ୍ର ସହସ୍ର ଦିବ୍ୟରୂପ ଦେଖ । ୫ । ହେ ଭାରତ ! ତୁମ୍ଭେ ଆଦିତ୍ୟମାନଙ୍କୁ, ବସୁମାନଙ୍କୁ, ରୁଦ୍ରମାନଙ୍କୁ, ଦୁଇ ଅଶ୍ୱିନୀକୁମାରଙ୍କୁ, ମରୁତମାନଙ୍କୁ ଏବଂ ଅନେକ ଅଦୃଷ୍ଟପୂର୍ବ ଓ ଆଶ୍ଚର୍ଯ୍ୟ ବିଷୟମାନ ଦେଖ । ୬ । ହେ ଗୁଡ଼ାକେଶ ! ମୋର ଏହି ଦେହରେ ଏକତ୍ର ଅବସ୍ଥିତ ଚରାଚର ସମସ୍ତ ଜଗତ୍ ଏବଂ ଅନ୍ୟ ଯାହା ଦେଖିବାକୁ ଇଚ୍ଛାକର ତାହା ବର୍ତ୍ତମାନ ଦେଖ । ୭ । କିନ୍ତୁ ଏହି ଚକ୍ଷୁରେ ମୋର ଦିବ୍ୟରୂପ ଦେଖି ପାରିବ ନାହିଁ । ତେଣୁ ମୁଁ ତୁମ୍ଭଙ୍କୁ ଦିବ୍ୟଚକ୍ଷୁ ଦେଉଛି । ମୋର ଐଶ୍ୱର ଯୋଗ ଦେଖ । ୮ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ତତୋ ରାଜନ ! ମହାଯୋଗେଶ୍ୱରୋ ହରିଃ,
ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ । ୯ ।

ଅନେକବକ୍ତ୍ର ନୟନମ୍ ଅନେକାଦ୍ଭୁତଦର୍ଶନମ୍,
ଅନେକଦିବ୍ୟାଭରଣଂ, ଦିବ୍ୟାନେକୋଦ୍ୟତାୟୁଧମ୍ । ୧୦ ।

ଦିବ୍ୟମାଲ୍ୟାମ୍ବରଧରଂ, ଦିବ୍ୟଗନ୍ଧାନୁଲେପନମ୍,
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ । ୧୧ ।

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ ଯୁଗପଦୁତ୍ଥିତା,
ଯଦି ଭାଃ, ସଦୃଶୀ ସା ସ୍ୟାଦ୍ଭାସସ୍ତସ୍ୟ ମହାତ୍ମନଃ । ୧୨ ।

ତତ୍ରୈକସ୍ଥଂ ଜଗତ୍ କୃତ୍ସ୍ନଂ ପ୍ରବିଭକ୍ତମନେକଧା,
ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ।୧୩।

ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ,
ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ । ୧୪ ।

ଅର୍ଥ—ସଞ୍ଜୟ କହିଲେ ହେ ରାଜନ୍ ! ମହା ଯୋଗେଶ୍ୱର ହରି ଏହିପରି କହି ତା ପରେ ପାର୍ଥଙ୍କୁ ପରମ ଐଶ୍ୱର ରୂପ ଦେଖାଇଲେ । ୯। ଅନେକ ମୁଖ ଓ ଅନେକ ନୟନଯୁକ୍ତ, ଅନେକ ଅଦ୍ଭୁତ ଦର୍ଶନୀୟ ବସ୍ତୁ ଯୁକ୍ତ, ଅନେକ ଦିବ୍ୟ ଆଭରଣଯୁକ୍ତ, ଅନେକ ଉଦ୍ୟତ ଦିବ୍ୟ ଆୟୁଧଯୁକ୍ତ ଦିବ୍ୟ ମାଲ୍ୟ ଓ ବସ୍ତ୍ରଧାରୀ, ଦିବ୍ୟଗନ୍ଧ ଓ ଅନୁଲେପନ ଯୁକ୍ତ, ସକଳ ପ୍ରକାର ଆଶ୍ଚର୍ଯ୍ୟମୟ ଦୀପ୍ତି ଶାଳୀ ଅପରିଚ୍ଛିନ୍ନ ଓ ବିଶ୍ୱତୋମୁଖ ଦେବତାଙ୍କୁ ଅର୍ଜ୍ଜୁନ ଦେଖିଲେ । ୧୦-୧୧ । ଆକାଶ ମଣ୍ଡଳରେ ଯଦି ଏକସଙ୍ଗେ ସହସ୍ର ସୂର୍ଯ୍ୟଙ୍କର ପ୍ରଭା ଉଦ୍ଭୂତ ହୁଅନ୍ତା ତେବେ ସେହି ପ୍ରଭା ମହାତ୍ମାଙ୍କର ପ୍ରଭାର ସଦୃଶ ହୋଇ ପାରନ୍ତା । ୧୨ । ଅର୍ଜ୍ଜୁନ ସେହି ଦେବଦେବଙ୍କର ଶରୀରରେ ଅନେକ ରୂପରେ ବିଭକ୍ତ ନିଖିଳ ଜଗତ ଏକତ୍ରାବସ୍ଥିତ ଦେଖିଲେ । ୧୩ । ତାପରେ ସେହି ଧନଞ୍ଜୟ ବିସ୍ମୟାବିଷ୍ଟ ଓ ରୋମାଞ୍ଚିତ ହୋଇ ଦେବତାଙ୍କୁ ମସ୍ତକ ଦ୍ୱାରା ପ୍ରଣାମ କରି କୃତାଞ୍ଜଳି ହୋଇ କହିଲେ । ୧୪ ।

ଅର୍ଜ୍ଜୁନ ଉବାଚ

ପଶ୍ୟାମି ଦେବାଂସ୍ତବ, ଦେବ ! ଦେହେ,
ସର୍ବାଂସ୍ତଥା ଭୂତବିଶେଷସଙ୍ଘାନ୍
ବ୍ରହ୍ମାଣମୀଶଂ କମଳାସନସ୍ଥମ୍
ଋଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ । ୧୫ ।
ଅନେକବାହୂଦରବକ୍ତ୍ର ନେତ୍ରଂ
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍,
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ
ପଶ୍ୟାମି ବିଶ୍ୱେଶ୍ୱର ! ବିଶ୍ୱରୂପମ୍ । ୧୬ ।
କିରୀଟିନଂ ଗଦିନଂଚକ୍ରିଣଞ୍ଚ
ତେଜୋରାଶିଂ ସର୍ବତୋଦୀପ୍ତି ମନ୍ତଂ,
ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତାତ୍
ଦୀପ୍ତାନଳାର୍କ ଦ୍ୟୁତିମପ୍ରମେୟମ୍, । ୧୭ ।
ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍,

ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା
ସନାତନସ୍ତ୍ୱଂପୁରୁଷୋମତୋ ମେ । ୧୮ ।
ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟମ୍ ଅନନ୍ତବାହୁଂ ଶଶି ସୂର୍ଯ୍ୟନେତ୍ରମ୍,
ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ
ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ । ୧୯ ।
ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି
ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ;
ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ ତବେଦଂ
ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ । ୨୦ ।
ଅମୀ ହି ତ୍ୱାଂ ସୁରସଙ୍ଘା ବିଶନ୍ତି
କେଚିଦ୍ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି,
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଙ୍ଘାଃ
ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ । ୨୧ ।
ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା
ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ,
ଗନ୍ଧର୍ବଯକ୍ଷାସୁରସିଦ୍ଧସଙ୍ଘା
ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ । ୨୨ ।
ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ,
ମହାବାହୋ ! ବହୁବାହୂରୁପାଦମ୍
ବହୂଦରଂ ବହୁଦଂଷ୍ଟ୍ରାକରାଳଂ,
ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ । ୨୩ ।
ନଭସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ
ବ୍ୟାତ୍ତାନନଂ ଦୀପ୍ତବିଶାଳନେତ୍ରମ୍,
ଦୃଷ୍ଟ୍ୱା ହି ତ୍ୱାଂ, ପ୍ରବ୍ୟଥିତାନ୍ତରାତ୍ମା,
ଧୃତିଂ ନ ବିନ୍ଦାମି ଶମଞ୍ଚ, ବିଷ୍ଣୋ ! ୨୪ ।
ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି
ଦୃଷ୍ଟ୍ୱୈବ କାଳାନଳସନ୍ନିଭାନି,
ଦିଶୋ ନ ଜାନେ ନ ଲଭେ ଚ ଶର୍ମ,
ପ୍ରସୀଦ, ଦେବେଶ ଜଗନ୍ନିବାସ ! । ୨୫ ।

ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ
ସର୍ବେ, ସହୈବାବନିପାଳସଙ୍ଘୈଃ,
ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାଽସୌ,
ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ । ୨୬ ।
ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି,
ଦଂଷ୍ଟ୍ରାକରାଳାନି ଭୟାନକାନି
କେଚିଦ୍ ବିଲଗ୍ନା ଦଶନାନ୍ତରେଷୁ
ସନ୍ଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ । ୨୭ ।
ଯଥା ନଦୀନାଂ ବହବୋଽମ୍ବୁବେଗାଃ
ସମୁଦ୍ରମେବାଭିମୁଖା ଦ୍ରବନ୍ତି,
ତଥା ତବାମୀ ନରଲୋକବୀରା
ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି । ୨୮ ।
ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା
ବିଶନ୍ତି ନାଶାୟ ସମୃଦ୍ଧବେଗାଃ,
ତଥୈବ ନାଶାୟ ବିଶନ୍ତି ଲୋକା—
ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ । ୨୯ ।
ଲେଲିହ୍ୟସେ ଗ୍ରସମାନଃ ସମନ୍ତା—
ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଦ୍ଭିଃ,
ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ
ଭାସସ୍ତବୋଗ୍ରାଂ ପ୍ରତପନ୍ତି, ବିଷ୍ଣୋ ! ୩୦ ।
ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ,
ନମୋଽସ୍ତୁ ତେ ଦେବବର ! ପ୍ରସୀଦ ।
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ
ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ । ୩୧ ।

ଅର୍ଥ—ଅର୍ଜ୍ଜୁନ କହିଲେ ହେ ଦେବ ! ମୁଁ ଆପଣଙ୍କ ଦେହରେ ସବୁ ଦେବତାମାନଙ୍କୁ, ବିଶେଷ ବିଶେଷ ପ୍ରାଣୀମାନଙ୍କୁ, ଦିବ୍ୟ, ଋଷିମାନଙ୍କୁ, ଉରଗମାନଙ୍କୁ ଏବଂ ଏମାନଙ୍କର ଈଶ୍ୱର ଓ କମଳାସନସ୍ଥ ବ୍ରହ୍ମାଙ୍କୁ ମଧ୍ୟ ଦେଖୁଛି । ୧୫ । ହେ ବିଶ୍ୱେଶ୍ୱର ! ହେ ବିଶ୍ୱରୂପ ! ଅନେକ ବାହୁ,

ଅନେକ ଉଦର, ଅନେକ ମୁଖ ଓ ଅନେକ ନୟନ ବିଶିଷ୍ଟ, ଅନନ୍ତରୂପ ତୁମ୍ଭଙ୍କୁ ମୁଁ ସବୁଆଡ଼େ ଦେଖୁଛି । ତୁମ୍ଭର ଅନ୍ତ, ମଧ୍ୟ କି ଆଦି କିଛି ଦେଖୁନାହିଁ । ୧୬ । ମୁଁ ତୁମ୍ଭଙ୍କୁ କିରୀଟଧାରୀ, ଗଦାହସ୍ତ, ଚକ୍ରଧାରୀ, ସର୍ବତ୍ର ଦୀପ୍ତିମାନ୍ ତେଜୋରାଶି ରୂପ, ଦୁର୍ନିରୀକ୍ଷ, ଦୀପ୍ତ ବହ୍ନି ଓ ସୂର୍ଯ୍ୟଙ୍କ ପରି ଦ୍ୟୁତିମାନ୍ ଏବଂ ଅପ୍ରମେୟ ରୂପରେ ଦେଖୁଛି ।୧୭। ତୁମ୍ଭେ ଅକ୍ଷର ଓ ପରମ ଓ ଜ୍ଞାତବ୍ୟ, ତୁମ୍ଭେ ଏହି ବିଶ୍ୱର ପରମ ଆଶ୍ରୟ, ତୁମ୍ଭେ ଅବ୍ୟୟ ଶାଶ୍ୱତ ଧର୍ମର ରକ୍ଷକ, ତୁମ୍ଭେ ସନାତନ ପୁରୁଷ—ଏହା ମୁଁ ମନେ କରୁଛି । ୧୮ । ମୁଁ ତୁମ୍ଭଙ୍କୁ ଆଦି, ମଧ୍ୟ ଓ ଅନ୍ତହୀନ, ଅନନ୍ତବୀର୍ଯ୍ୟ ଓ ଅନନ୍ତବାହୁଯୁକ୍ତ, ଚନ୍ଦ୍ର, ସୂର୍ଯ୍ୟ ରୂପ ନେତ୍ରଦ୍ୱୟ ଯୁକ୍ତ, ମୁଖ ମଧ୍ୟରେ ଦୀପ୍ତ ହୁତାଶନ ପୂର୍ଣ୍ଣ ଏବଂ ନିଜ ତେଜଦ୍ୱାରା ଏହି ବିଶ୍ୱକୁ ସନ୍ତପ୍ତକାରୀରୂପେ ଦେଖୁଛି । ୧୯ । ହେ ମହାତ୍ମନ୍ ! ସ୍ୱର୍ଗ ଓ ପୃଥିବୀମଧ୍ୟସ୍ଥ ଏହି ଅନ୍ତରୀକ୍ଷ ପ୍ରଦେଶ ଓ ସକଳ ଦିଗ୍‌ମଣ୍ଡଳ ଏକମାତ୍ର ତୁମ୍ଭଦ୍ୱାରା ବ୍ୟାପ୍ତ । ତୁମ୍ଭର ଅଦ୍ଭୁତ ଏହି ଉଗ୍ରରୂପ ଦେଖି ଲୋକତ୍ରୟ ବ୍ୟଥିତ ହେବାର ଦେଖୁଛି । ୨୦ । ଏହିସବୁ ସୁରମାନେ ତୁମ୍ଭଠାରେ ପ୍ରବେଶ କରୁଅଛନ୍ତି । କେହି କେହି ଭୀତ ଓ କୃତାଞ୍ଜଳି ହୋଇ ତୁମ୍ଭଙ୍କୁ ସ୍ତବ କରୁଅଛନ୍ତି । ମହର୍ଷି ଓ ସିଦ୍ଧମାନେ 'ସ୍ୱସ୍ତି', ଏହା କହି ପୁଷ୍କଳ ସ୍ତବ ଦ୍ୱାରା ତୁମ୍ଭର ସ୍ତବ କରୁଅଛନ୍ତି । ୨୧ । ରୁଦ୍ରମାନେ, ଆଦିତ୍ୟମାନେ, ବସୁମାନେ, ସାଧ୍ୟନାମକ ଦେବତାମାନେ, ବିଶ୍ୱେଦେବମାନେ, ଅଶ୍ୱିନୀକୁମାର ଦ୍ୱୟ ଏବଂ ମରୁତମାନେ, ଉଷ୍ମପନାମକ ପିତୃମାନେ, ଗନ୍ଧର୍ବ, ଯକ୍ଷ, ଅସୁର ଏବଂ ସିଦ୍ଧମାନେ ସମସ୍ତେ ବିସ୍ମିତ ହୋଇ ତୁମ୍ଭକୁ ଦେଖୁଅଛନ୍ତି । ୨୨ । ହେ ମହାବାହୋ ! ବହୁ ବଦନ ଓ ନେତ୍ରଯୁକ୍ତ, ବହୁ ବାହୁ ଉରୁ ଓ ପଦଯୁକ୍ତ, ବହୁ ଉଦରଯୁକ୍ତ, ବହୁ ଭୀଷଣ ଦନ୍ତଯୁକ୍ତ, ତୁମ୍ଭର ଭୟଙ୍କର ରୂପ ଦେଖି, ସମସ୍ତେ ବ୍ୟଥିତ ହେଉଅଛନ୍ତି ଏବଂ ମୁଁ ମଧ୍ୟ ବ୍ୟଥିତ ହେଉଅଛି । ହେ ବିଷ୍ଣୋ ! ଗଗନସ୍ପର୍ଶୀ ଦୀପ୍ତିମାନ୍ ଅନେକ ବର୍ଣ୍ଣ ବିଶିଷ୍ଟ, ବିବୃତ ମୁଖଯୁକ୍ତ, ଉଜ୍ଜ୍ୱଳ ଓ ବିଶାଳ ନେତ୍ରଯୁକ୍ତ ତୁମ୍ଭଙ୍କୁ ଦେଖି ମୋର ଅନ୍ତରାତ୍ମା ଅତ୍ୟନ୍ତ ବ୍ୟଥିତ ହେଉଥିବାରୁ ମୁଁ ଧୈର୍ଯ୍ୟ ଓ ଶାନ୍ତିଲାଭ କରୁନାହିଁ । ୨୪ । ହେ ଦେବେଶ ! ଭୀଷଣ ଦନ୍ତଯୁକ୍ତ ପ୍ରଳୟକାଳୀନ ଅଗ୍ନି ତୁଲ୍ୟ ତୁମ୍ଭର ମୁଖସବୁ ଦେଖି ମୁଁ ଦିଗନିର୍ଣ୍ଣୟ କରି ପାରୁନାହିଁ ଏବଂ ସୁଖଲାଭ କରି ପାରୁନାହିଁ । ହେ ଜଗନ୍ନିବାସ ! ତୁମ୍ଭେ ପ୍ରସନ୍ନ ହୁଅ । ୨୫ । ଧୃତରାଷ୍ଟ୍ରଙ୍କର ପୁତ୍ରମାନେ, ରାଜାମାନେ,

*

ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଏବଂ ଆମ ପକ୍ଷର ମୁଖ୍ୟ ଯୋଦ୍ଧାମାନେ ସମସ୍ତେ ଶୀଘ୍ର ଶୀଘ୍ର ହୋଇ ତୁମ୍ଭର ଭୀଷଣ ଦନ୍ତଯୁକ୍ତ ଭୟାନକ ମୁଖ ମଧ୍ୟରେ ପ୍ରବେଶ କରୁଅଛନ୍ତି । କେହି କେହି ଚୂର୍ଣ୍ଣିତମସ୍ତକ ହୋଇ ଦନ୍ତସନ୍ଧିମାନଙ୍କ ମଧ୍ୟରେ ଲାଗି ରହିଥିବାରୁ ଦେଖାଯାଉଅଛି । ୨୬-୨୭ । ଯେପରି ନଦୀସବୁର ବହୁଜଳପ୍ରବାହ ସମୁଦ୍ରର ଅଭିମୁଖୀ ହୋଇ ସେହି ସମୁଦ୍ରରେ ପ୍ରବେଶ କରେ ଏହି ନରଲୋକବୀରମାନେ ସେହିପରି ତୁମ୍ଭର ଜାଜ୍ୱଲ୍ୟମାନ ମୁଖ ମଧ୍ୟରେ ପ୍ରବେଶ କରୁଅଛନ୍ତି । ୨୮ । ପତଙ୍ଗମାନେ ବେଗଶୀଳ ହୋଇ ଜ୍ୱଳନ୍ତ ଅଗ୍ନିରେ ପ୍ରବେଶ କଲାପରି ସମୃଦ୍ଧବେଗଶୀଳ ଲୋକସକଳ ବିନାଶ ପାଇଁ ତୁମ୍ଭର ମୁଖମାନଙ୍କ ମଧ୍ୟରେ ପ୍ରବେଶ କରୁଅଛନ୍ତି । ୨୯ । ତୁମ୍ଭେ ଜ୍ୱଳନ୍ତ ବଦନସମୂହ ଦ୍ୱାରା ସମଗ୍ର ଲୋକମାନଙ୍କୁ ଗ୍ରାସ କରି କରି ସବୁଆଡେ ଲେହନ କରୁଅଛ । ହେ ବିଷ୍ଣୋ ! ତୁମ୍ଭର ଉଗ୍ର ଆଲୋକ ସବୁ ନିଜ ତେଜଦ୍ୱାରା ସମଗ୍ର ଜଗତକୁ ବ୍ୟାପି ବିଶେଷରୂପେ ସନ୍ତପ୍ତ କରୁଅଛି । ୩୦ । ଏହି ଉଗ୍ରରୂପଧାରୀ ତୁମ୍ଭେ କିଏ, ମୋତେ କୁହ । ହେ ଦେବ ଦେବ ! ତୁମ୍ଭଙ୍କୁ ନମସ୍କାର । ତୁମ୍ଭେ ପ୍ରସନ୍ନ ହୁଅ । ଆଦ୍ୟସ୍ୱରୂପ ତୁମ୍ଭଙ୍କୁ ଜାଣିବାକୁ ମୁଁ ଇଚ୍ଛା କରୁଛି । ଯେ ହେତୁ ତୁମ୍ଭର ପ୍ରବୃତ୍ତି ମୁଁ ଜାଣିପାରୁ ନାହିଁ ।୩୧ ।

ଶ୍ରୀକୃଷ୍ଣ ଉବାଚ

କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ,
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ,
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ,
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।୩୨।
ତସ୍ମାତ୍ତ୍ୱମୁତ୍ତିଷ୍ଠ, ଯଶୋ ଲଭସ୍ୱ,
ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍
ମୟୈବୈତେ ନିହତାଃ ପୂର୍ବମେବ;
ନିମିତ୍ତମାତ୍ରଂ ଭବ, ସବ୍ୟସାଚିନ୍ ! ।୩୩।
ଦ୍ରୋଣଞ୍ଚ ଭୀଷ୍ମଞ୍ଚ ଜୟଦ୍ରଥଞ୍ଚ,
କର୍ଣ୍ଣଂ ତଥାଽନ୍ୟାନପି ଯୋଧବୀରାନ୍,

ମୟା ହତାଂସ୍ତ୍ୱଂ ଜହି, ମା ବ୍ୟଥିଷ୍ଠା,
ଯୁଧ୍ୟସ୍ୱ, ଜେତାସି ରଣେ ସପତ୍ନାନ୍ । ୩୪ ।

### ଶ୍ରୀକୃଷ୍ଣ କହିଲେ

ଅର୍ଥ—ଲୋକକ୍ଷୟକର ଉତ୍କଟ କାଳ ହେଉଛି ମୁଁ । ଲୋକସକଳଙ୍କୁ ସଂହାର କରିବା ପାଇଁ ମୁଁ ଏହି ସଂସାରରେ ପ୍ରବୃତ୍ତ ହୋଇଅଛି । ତୁମ୍ଭେ ନ ମାରିଲେ ମଧ୍ୟ ପ୍ରତିପକ୍ଷର ସୈନ୍ୟ ମଧ୍ୟରେ ଯେଉଁସବୁ ଯୋଦ୍ଧା ରହିଅଛନ୍ତି ସେମାନେ କେହି ରହିବେ ନାହିଁ । ୩୨ । ଅତଏବ ତୁମ୍ଭେ ଉଠ, ଯଶ ଲାଭ କର ଏବଂ ଶତ୍ରୁମାନଙ୍କୁ ଜୟ କରି ସମୃଦ୍ଧ ରାଜ୍ୟ ଭୋଗ କର । ଏମାନେ ସମସ୍ତେ ମୋ ଦ୍ୱାରା ନିହତ ହୋଇ ରହିଅଛନ୍ତି । ହେ ସବ୍ୟସାଚିନ୍ ! ତୁମ୍ଭେ ନିମିତ୍ତମାତ୍ର ହୁଅ । ୩୩ । ମୋଦ୍ୱାରା ନିହତ ଦ୍ରୋଣ, ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ଏବଂ ସେହିପରି ଅନ୍ୟ ଯୁଦ୍ଧବୀରମାନଙ୍କୁ ତୁମ୍ଭେ ନିଧନ କର । ଭୟ କର ନାହିଁ । ତୁମ୍ଭେ ଯୁଦ୍ଧରେ ଶତ୍ରୁମାନଙ୍କୁ ଜୟ କରିବ । ଅତଏବ ଯୁଦ୍ଧ କର । ୩୪ ।

ଟିପ୍ପଣୀ—'ଯଶ ଲାଭକର ଓ ସମୃଦ୍ଧରାଜ୍ୟ ଭୋଗକର' ଗୀତାର ଏହି ନୂତନ ଶିକ୍ଷା ବିସ୍ମୟଜନକ ଏବଂ ଜନସାଧାରଣଙ୍କର ଧାରଣାର ସମ୍ପୂର୍ଣ୍ଣ ବିପରୀତ ଅଟେ । ଜନସାଧାରଣଙ୍କର ଧାରଣା ଏହିକି ତ୍ୟାଗହିଁ ଧର୍ମ ଏବଂ ଭୋଗ କରିବା ହେଉଛି ଅଧର୍ମ । ଭୋଗ କରିବା କଥାଟିକୁ ଲୋକେ ଯେପରି ବୁଝନ୍ତି ଶ୍ରୀକୃଷ୍ଣଙ୍କର ଉପଦେଶର ଅର୍ଥ ତାହା ନୁହେଁ । ଭୋଗ ନଥାଇ ଯେ ତ୍ୟାଗ, ତାହା ଯେପରି କେବଳ ଦୁଃଖଦାୟକ ଅଟେ । ତ୍ୟାଗ ନଥାଇ ଯେ ଭୋଗ ତାହା ମଧ୍ୟ ସେହିପରି ଦୁଃଖଦାୟକ ଅଟେ ! ଭୋଗ ଓ ତ୍ୟାଗ ମଧ୍ୟରେ ସର୍ବଦା ଘନିଷ୍ଠ ସମ୍ବନ୍ଧ ରଖିବା ପ୍ରୟୋଜନ । ଏହି ଉଭୟ ମଧ୍ୟରେ ଭୋଗ ହେଉଛି ପ୍ରଧାନ । ସେଥିପାଇଁ ଶ୍ରୀକୃଷ୍ଣ ବାରମ୍ବାର କହିଅଛନ୍ତି, "ଭୋଗକର" ଅର୍ଥାତ୍ ସର୍ବଦା ନିଜର ଏକମାତ୍ର ଲକ୍ଷ୍ୟ ସେହି ଆନନ୍ଦ ଭୋଗକର । ମାତ୍ର କର୍ମର ଫଳ ପ୍ରତି ଆସକ୍ତ ନରହି ଭୋଗ କର, ମମତା ଦୋଷରୁ ମୁକ୍ତ ହୋଇ ପ୍ରତ୍ୟେକ କର୍ମକୁ ସମସ୍ତ ବିଶ୍ୱର କଲ୍ୟାଣ ଅଭିପ୍ରାୟରେ ସମ୍ପନ୍ନ କରି ଭୋଗ କର, ରାଗଦ୍ୱେଷରୁ ବିମୁକ୍ତହୋଇ ଭୋଗ କର, ଏହାହିଁ ଶ୍ରୀକୃଷ୍ଣଙ୍କର ଉପଦେଶ ।

ମୁଁ ନରହତ୍ୟା କରୁଛି ଏପରି ଅହଂକାର ଭାବ ନରଖି କିମ୍ବା ମୁଁ ପାପ କରୁଛି ଏପରି ଭାବ ନରଖି କର୍ତ୍ତବ୍ୟବୋଧରେ ନରହତ୍ୟା କଲେ ତାହା ଦୋଷାବହ ନୁହେଁ ଏକଥା ଅଷ୍ଟାଦଶ ଅଧ୍ୟାୟ ୧୭ଶ ଶ୍ଳୋକରେ କୁହାଯାଇଅଛି ।

ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ,
ହତ୍ୱାପି ସ ଇମାନ୍ ଲୋକାନ୍ ନ ହନ୍ତି ନ ନିବଧ୍ୟତେ ।

ନରହତ୍ୟା କରିବାକୁ ଶ୍ରୀକୃଷ୍ଣ ସମସ୍ତ ମାନବ ଜାତିକୁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଉପଦେଶ ଦେଉନାହାନ୍ତି । ନରହତ୍ୟା ହେଉଛି କେବଳ ଅର୍ଜୁନ ନାମକ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ସ୍ୱଧର୍ମ ଏବଂ ତାହା ଦୋଷାବହ ହେଲେ ମଧ୍ୟ ତ୍ୟାଜ୍ୟ ନୁହେଁ ଏ କଥା ନିମ୍ନଲିଖିତ ଉକ୍ତିରେ କୁହାଯାଇଅଛି ।

ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ । ୧୮ଶ-୪୮

"ମୋ ଦ୍ୱାରା ସମସ୍ତେ ନିହତ ହୋଇ ରହିଅଛନ୍ତି" ଏକଥା କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ମନୁଷ୍ୟର ମୃତ୍ୟୁ ସୁନିଶ୍ଚିତ । ଅତଏବ ମୃତ୍ୟୁକୁ ଭୟ ନକରି ଏବଂ ଅନ୍ୟର ମୃତ୍ୟୁରେ ଶୋକାକୁଳ ନହୋଇ କର୍ତ୍ତବ୍ୟ ବୋଧରେ ନିଜ ନିଜର ଜୀବନ ଯୁଦ୍ଧରେ ନିଜ ନିଜର ସ୍ଥିରୀକୃତ ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ଆବଶ୍ୟକ ।

"ତୁମ୍ଭେ ନିମିତ୍ତ ମାତ୍ର ହୁଅ" ଏପରି କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି, ମନୁଷ୍ୟକୁ ନିମିତ୍ତ ନକଲେ କେବଳ ଶ୍ରୀକୃଷ୍ଣ (ବୁଦ୍ଧି) କୌଣସି କର୍ମ କରିପାରିବେ ନାହିଁ ଏବଂ ଶ୍ରୀକୃଷ୍ଣଙ୍କର ଆଶ୍ରୟ ନ ନେଲେ ମନୁଷ୍ୟ ମଧ୍ୟ ନିଜର ଜୀବନ ଯୁଦ୍ଧରେ ବା କର୍ତ୍ତବ୍ୟ କର୍ମରେ ଅଗ୍ରସର ହୋଇ ପାରିବ ନାହିଁ ।

ସଞ୍ଜୟ ଉବାଚ

ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ,
କୃତାଞ୍ଜଳିର୍ବେପମାନଃ କିରୀଟୀ

ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ,
ସଗଦ୍‌ଗଦଂ ଭୀତ ଭୀତଃ ପ୍ରଣମ୍ୟ । ୩୫ ।

ଅର୍ଥ—ସଞ୍ଜୟ କହିଲେ, କେଶବଙ୍କର ଏହି କଥା ଶୁଣି କମ୍ପମାନ ଅର୍ଜୁନ କୃତାଞ୍ଜଳି ହୋଇ କୃଷ୍ଣଙ୍କୁ ନମସ୍କାର କରି ଏବଂ ଅତି ଭୀତ ହୋଇ ପୁନର୍ବାର ଗଦ୍‌ଗଦ ହୋଇ କହିଲେ । ୩୫ ।

### ଅର୍ଜୁନ ଉବାଚ

ସ୍ଥାନେ, ହୃଷୀକେଶ ! ତବ ପ୍ରକୀର୍ତ୍ତ୍ୟା
ଜଗତ୍‌ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ,
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି,
ସର୍ବେ ନମସ୍ୟନ୍ତି ଚ ସିଦ୍ଧସଂଘାଃ । ୩୬ ।
କସ୍ମାଚ୍ଚ ତେ ନ ନମେରନ୍ମହାତ୍ମନ !
ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ,
ଅନନ୍ତ ! ଦେବେଶ ! ଜଗନ୍ନିବାସ !,
ତ୍ୱମକ୍ଷରଂ ସଦସତ୍ତତ୍ପରଂ ଯତ୍ । ୩୭ ।
ତ୍ୱମାଦିଦେବଃ ପୁରୁଷଃ ପୁରାଣ—
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନଂ,
ବେତ୍ତାସି ବେଦ୍ୟଞ୍ଚ ପରଞ୍ଚ ଧାମ,
ତ୍ୱୟା ତତଂ ବିଶ୍ୱମନନ୍ତରୂପ ! । ୩୮ ।
ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ,
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ,
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ । ୩୯ ।
ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁ ତେ ସର୍ବତ ଏବ ସର୍ବ !
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ । ୪୦ ।

ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ
ହେ କୃଷ୍ଣ ! ହେ ଯାଦବ ! ହେ ସଖେତି
ଅଜାନତା ମହିମାନଂ ତବେମଂ
ମୟା ପ୍ରମାଦାତ୍ ପ୍ରଣୟେନ ବାଽପି । ୪୧ ।

ଯଚ୍ଚାବହାସାର୍ଥମସତ୍କୃତୋଽସି,
ବିହାର ଶଯ୍ୟାସନଭୋଜନେଷୁ
ଏକୋଽଥବାପ୍ୟଚ୍ୟୁତ ! ତତ୍ ସମକ୍ଷଂ,
ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ । ୪୨ ।

ପିତାଽସି ଲୋକସ୍ୟ ଚରାଚରସ୍ୟ
ତ୍ୱମସ୍ୟ, ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍,
ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ,
ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ । ୪୩ ।

ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ
ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।
ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସି ଦେବ ! ସୋଢୁମ୍ । ୪୪ ।

ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା
ଭୟେନ ଚ ପ୍ରବ୍ୟଥିତଂ ମନୋ ମେ,
ତଦେବ ମେ ଦର୍ଶୟ, ଦେବ ରୂପଂ,
ପ୍ରସୀଦ, ଦେବେଶ, ଜଗନ୍ନିବାସ ! । ୪୫ ।

କିରୀଟିନଂ ଗଦିନଂ ଚକ୍ରହସ୍ତମ୍—
ଇଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ,
ତେନୈବ ରୂପେଣ ଚତୁର୍ଭୁଜେନ
ସହସ୍ରବାହୋ ! ଭବ ବିଶ୍ୱମୂର୍ତ୍ତେ ! । ୪୬ ।

ଅର୍ଥ—ଅର୍ଜ୍ଜୁନ କହିଲେ ହେ ହୃଷିକେଶ । ତୁମ୍ଭର ମାହାତ୍ମ୍ୟ କୀର୍ତ୍ତନରେ ସମସ୍ତ ଜଗତ୍ ଯେ ଆନନ୍ଦିତ ହୁଏ ଏବଂ ତୁମ୍ଭ ପ୍ରତି ଅନୁରକ୍ତ ହୁଏ ଏବଂ ରାକ୍ଷସମାନେ ଭୀତ ହୋଇ ସବୁଆଡ଼େ ପଳାୟନ କରନ୍ତି ଓ

ସବୁ ସିଦ୍ଧମାନେ ତୁମ୍ଭଙ୍କୁ ନମସ୍କାର କରନ୍ତି ଏହା ଯୁକ୍ତିଯୁକ୍ତ ଅଟେ । ୩୬ । ହେ ମହାତ୍ମନ୍, ହେ ଅନନ୍ତ ! ହେ ଦେବେଶ, ହେ ଜଗନ୍ନିବାସ ! ବ୍ରହ୍ମା ଅପେକ୍ଷା ଶ୍ରେଷ୍ଠ ଓ ଆଦିକର୍ତ୍ତା ତୁମ୍ଭଙ୍କୁ କାହିଁକି ବା ସେମାନେ ନମସ୍କାର ନ କରିବେ । ତୁମ୍ଭେ ସତ୍, ତୁମ୍ଭେ ଅସତ୍, ତୁମ୍ଭେ ଶ୍ରେଷ୍ଠ ଓ ଅକ୍ଷର ଅଟ । ୩୭ । ହେ ଅନନ୍ତରୂପ ! ତୁମ୍ଭେ ଆଦିଦେବ ଓ ପୁରାତନ ପୁରୁଷ ଅଟ । ତୁମ୍ଭେ ଏହି ବିଶ୍ୱର ପରମ ନିଧାନ । ତୁମ୍ଭେ ଜ୍ଞାତା, ଜ୍ଞେୟ ଓ ପରମଧାମ । ତୁମ୍ଭଦ୍ୱାରା ସମସ୍ତ ବିଶ୍ୱ ବ୍ୟାପ୍ତ । ୩୮ । ତୁମ୍ଭେ ବାୟୁ, ଯମ, ଅଗ୍ନି, ବରୁଣ, ଶଶାଙ୍କ, ପ୍ରଜାପତି ଓ ପ୍ରପିତାମହ । ତୁମ୍ଭଙ୍କୁ ସହସ୍ରବାର ନମସ୍କାର, ପୁନରାୟ ନମସ୍କାର । ୩୯ । ହେ ସର୍ବ ! ଅର୍ଥାତ୍ ହେ ସମସ୍ତ ବିଶ୍ୱ ! ତୁମ୍ଭର ସମ୍ମୁଖରେ ଓ ପଶ୍ଚାତରେ ନମସ୍କାର । ତୁମ୍ଭର ସବୁଆଡ଼େ ନମସ୍କାର । ହେ ଅନନ୍ତବୀର୍ଯ୍ୟ ! ତୁମ୍ଭେ ଅମିତ ପରାକ୍ରମଶାଳୀ, ତୁମ୍ଭେ ସମସ୍ତଙ୍କୁ ବ୍ୟାପି ରହିଅଛ । ସେହି ହେତୁ ତୁମ୍ଭେ ସବୁ ଅଟ । ୪୦ । ହେ ଅଚ୍ୟୁତ ! ତୁମ୍ଭର ମହିମା ଏବଂ ଏହି ବିଶ୍ୱରୂପ ନ ଜାଣି ପ୍ରମାଦବଶତଃ ଓ ପ୍ରଣୟବଶତଃ ତୁମ୍ଭଙ୍କୁ ସଖା ମନେ କରି ହେ କୃଷ୍ଣ ! ହେ ଯାଦବ ! ହେ ସଖା ! ଯାହା ସମ୍ବୋଧନ କରିଅଛି ଏବଂ ବିହାର, ଶୟନ, ଉପବେଶନ ଏବଂ ଭୋଜନ ସମୟରେ ଏକାକୀ ବଶତଃ ଓ ପ୍ରଣୟବଶତଃ ତୁମ୍ଭଙ୍କୁ ସଖା ମନେ କରି, ହେ କୃଷ୍ଣ ! ହେ ଯାଦବ ! ହେ ସଖା ! ଯାହା ସମ୍ବୋଧନ କରିଅଛି ଏବଂ ବିହାର, ଶୟନ, ଉପବେଶନ ଏବଂ ଭୋଜନ ସମୟରେ ଏକାକୀ ବା ବନ୍ଧୁମାନଙ୍କ ସମକ୍ଷରେ ପରିହାସ କରିବାପାଇଁ ଯେଉଁ ଅବଜ୍ଞା ସୂଚକ ବାକ୍ୟ ପ୍ରୟୋଗ କରିଅଛି, ଅଚିନ୍ତ୍ୟ ପ୍ରଭାବ ତୁମ୍ଭ ନିକଟରେ ସେଥିପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଅଛି । ୪୧-୪୨ । ହେ ଅପ୍ରତିମ ପ୍ରଭାବ । ତୁମ୍ଭେ ଏହି ଚରାଚର ଜଗତର ପିତା ଅତଏବ ପୂଜ୍ୟ । ତୁମ୍ଭେ ଗୁରୁ ଏବଂ ଗୁରୁ ଅପେକ୍ଷା ମଧ୍ୟ ଗୁରୁ । ତ୍ରିଲୋକ ମଧ୍ୟରେ ତୁମ୍ଭ ସମାନ କେହି ନାହିଁ, ତୁମ୍ଭ ଅପେକ୍ଷା ଶ୍ରେଷ୍ଠ ଆଉ କିଏ ଥାଇପାରେ ? । ୪୩ । ହେ ଦେବ ! ଏହି ହେତୁ ମୁଁ ସାଷ୍ଟାଙ୍ଗ ପ୍ରଣାମ କରି ପୂଜନୀୟ ଓ ଈଶ୍ୱର ସ୍ୱରୂପ ତୁମ୍ଭଙ୍କୁ ପ୍ରସନ୍ନ କରାଉଅଛି । ତୁମ୍ଭେ ପୁତ୍ର ପକ୍ଷରେ ପିତାପରି, ସଖା ପକ୍ଷରେ ସଖା ପରି, ପତ୍ନୀ ପକ୍ଷରେ ପତି ପରି ଅପରାଧ କ୍ଷମା କରିବାକୁ ସମର୍ଥନ ଅଟ । ୪୪ । ହେ ଦେବ ! ଅଦୃଷ୍ଟପୂର୍ବ ତୁମ୍ଭର ରୂପ ଦେଖି ମୁଁ ଆନନ୍ଦିତ ହେଉଅଛି ମାତ୍ର ଭୟରେ ମୋର ମନ ବ୍ୟଥିତ

ହେଉଅଛି । ତୁମ୍ଭର ସେହିରୂପ ମୋତେ ଦେଖାଅ । ହେ ଦେବେଶ ! ହେ ଜଗନ୍ନିବାସ ! ତୁମ୍ଭେ ପ୍ରସନ୍ନ ହୁଅ । ୪୫ । ମୁଁ ତୁମ୍ଭଙ୍କୁ ସେହିପରି କିରୀଟଧାରୀ, ଗଦାଧାରୀ ଓ ଚକ୍ରହସ୍ତ ରୂପରେ ଦେଖିବାକୁ ଇଚ୍ଛା କରୁଛି । ହେ ସହସ୍ରବାହୋ ! ହେ ବିଶ୍ୱମୂର୍ତ୍ତେ ! ତୁମ୍ଭେ ସେହି ଚତୁର୍ଭୁଜରୂପ ହୁଅ । ୪୬ ।

ଶ୍ରୀକୃଷ୍ଣ ଉବାଚ

ମୟା ପ୍ରସନ୍ନେନ ତବାର୍ଜୁନେଦଂ ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍,
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ

ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ । ୪୭ ।

ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈଃ, ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ,
ଏବଂ ରୂପଃ ଶକ୍ୟ ଅହଂ ନୃଲୋକେ

ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର । ୪୮ ।

ମା ତେ ବ୍ୟଥା ମା ଚ ବିମୂଢ଼ଭାବୋ,

ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ ମମେଦଂ,

ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ

ତଦେବ ମେ ରୂପମିଦଂ ପ୍ରପଶ୍ୟ । ୪୯ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ ! ମୁଁ ପ୍ରସନ୍ନ ହୋଇ ମୋର ନିଜର ଯୋଗପ୍ରଭାବରୁ ଏହି ତେଜୋମୟ ଅନନ୍ତ ଆଦିଭୂତ ମୋହର ଶ୍ରେଷ୍ଠ ଏହି ବିଶ୍ୱରୂପ ତୁମ୍ଭଙ୍କୁ ଦେଖାଇଲି ; ଯାହା ତୁମ୍ଭ ବ୍ୟତୀତ ଅନ୍ୟ କେହି ପୂର୍ବେ ଦେଖିନାହିଁ । ୪୭ । ହେ କୁରୁପ୍ରବୀର ! ବେଦ, ଯଜ୍ଞ, ଅଧ୍ୟୟନ, ଦାନ, କ୍ରିୟା ଓ ଉଗ୍ର ତପସ୍ୟା ଦ୍ୱାରା ମୋହର ଏହି ରୂପ ତୁମ୍ଭ ବ୍ୟତୀତ ନରଲୋକରେ କେହି ଦେଖିବାକୁ ସମର୍ଥ ହୋଇ ନାହାନ୍ତି । ୪୮ । ମୋର ଏହି ଭୀଷଣ ରୂପ ଦେଖି ତୁମ୍ଭେ ବ୍ୟଥିତ ଓ ବିମୂଢ଼ଭାବାପନ୍ନ ହୁଅ ନାହିଁ । ତୁମ୍ଭେ ବିଗତଭୟ ଓ ପ୍ରସନ୍ନ ଚିତ୍ତ ହୋଇ ପୁନର୍ବାର ମୋର ସେହି ରୂପ ଦେଖ । ୪୯ ।

ସଞ୍ଜୟ ଉବାଚ ।

ଇତ୍ୟର୍ଜ୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା, ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ;
ଆଶ୍ୱାସୟାମାସ ଚ ଭୀତମେନଂ
ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା । ୫୦ ।

ଅର୍ଥ—ସଞ୍ଜୟ କହିଲେ, ଏହି କଥା ଅର୍ଜ୍ଜୁନଙ୍କୁ କହି ପୁନରୟ ବାସୁଦେବ, ନିଜର ସେହି ରୂପ ଦେଖାଇଲେ । ମହାତ୍ମା କୃଷ୍ଣ ସୌମ୍ୟ ମୂର୍ତ୍ତି ହୋଇ ଭୀତ ହୋଇଥିବା ଅର୍ଜ୍ଜୁନଙ୍କୁ ପୁନରାୟ ଆଶ୍ୱାସ ପ୍ରଦାନ କଲେ । ୫୦ ।

ଅର୍ଜ୍ଜୁନ ଉବାଚ ।

ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦ୍ଦନ !
ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ । ୫୧ ।

ଅର୍ଥ —ଅର୍ଜ୍ଜୁନ କହିଲେ, ହେ ଜନାର୍ଦ୍ଦନ ! ତୁମ୍ଭର ଏହି ସୌମ୍ୟ ମନୁଷ୍ୟରୂପ ଦେଖି ବର୍ତ୍ତମାନ ମୁଁ ପ୍ରସନ୍ନଚିତ୍ତ ଓ ପ୍ରକୃତିସ୍ଥ ହେଲି । ୫୧ ।

ଶ୍ରୀକୃଷ୍ଣ ଉବାଚ ।

ସୁଦୁର୍ଦ୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ,
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍କ୍ଷିଣଃ । ୫୨ ।
ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା,
ଶକ୍ୟ ଏବଂ ବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା । ୫୩ ।
ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜ୍ଜୁନ !
ଜ୍ଞାତୁଂ ଦ୍ରଷ୍ଟୁଞ୍ଚ ତତ୍ତ୍ୱେନ ପ୍ରବେଷ୍ଟୁଞ୍ଚ ପରନ୍ତପ । ୫୪ ।
ମତ୍କର୍ମ୍ମକୃନ୍ମତ୍ପରମୋ ମଦ୍ଭକ୍ତଃ ସଙ୍ଗବର୍ଜ୍ଜିତଃ,
ନିର୍ବ୍ବୈରଃ ସର୍ବ୍ବଭୂତେଷୁ ଯଃ ସ ମାମେତି, ପାଣ୍ଡବ ! । ୫୫ ।

*

ଶ୍ରୀକୃଷ୍ଣ କହିଲେ,

ଅର୍ଥ—ତୁମ୍ଭେ ମୋର ଏହି ଯେଉଁ ଦୁର୍ଦ୍ଦର୍ଶନୀୟ ରୂପ ଦେଖିଲ ଦେବତାମାନେ ସୁଦ୍ଧା ଏହି ରୂପ ଦେଖିବାକୁ ନିତ୍ୟ ଆକାଙ୍‌କ୍ଷିତ । ୫୨ । ତୁମ୍ଭେ ମୋତେ ଯେପରି ଦେଖିଲ ତାହା ବେଦ, ତପସ୍ୟା, ଦାନ କିମ୍ବା ଯଜ୍ଞ କାହାରିଦ୍ୱାରା କେହି ଦେଖି ପାରନ୍ତି ନାହିଁ । ୫୩ । ହେ ପରନ୍ତପ ଅର୍ଜୁନ ! କେବଳ ଅନନ୍ୟାଭକ୍ତି ଦ୍ୱାରା ମୋତେ ଲୋକ ତତ୍ତ୍ୱତଃ ଜାଣିପାରିବ, ଦେଖିପାରିବ ଏବଂ ମୋଠାରେ ପ୍ରବେଶ କରିପାରିବ । ୫୪ । ହେ ପାଣ୍ଡବ ! ଯେଉଁ ବ୍ୟକ୍ତି ଆସକ୍ତି ଶୂନ୍ୟ ହୋଇ ମୋ ପାଇଁ କର୍ମ୍ମ କରନ୍ତି, ମୋତେ ଏକମାତ୍ର ଲକ୍ଷ ରଖନ୍ତି, କାହାରିଠାରେ ଶତ୍ରୁତା ଆଚରଣ କରନ୍ତି ଏପରି ଯେ ମୋର ଭକ୍ତ ସେ ମୋ ନିକଟକୁ ଆସନ୍ତି ।୫୫।

---

## ଦ୍ୱାଦଶ ଅଧ୍ୟାୟ—ଭକ୍ତିଯୋଗ

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ତ୍ରିଲୋକବ୍ୟାପୀ ବିଶ୍ୱରୂପ ଦେଖି ତାଙ୍କୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କରି ନମସ୍କାର କଲାପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ—

ଅର୍ଜୁନ ଉବାଚ

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ,
ଯେ ଚାପ୍ୟକ୍ଷରମବ୍ୟକ୍ତଂ, ତେଷାଂ କେ ଯୋଗବିତ୍ତମାଃ ? ୧ ।

ଅନ୍ୱୟ :—ଏବଂ ସତତଯୁକ୍ତାଃ (ସନ୍) ଯେ ଭକ୍ତାଃ ତ୍ୱାଂ ପର୍ଯ୍ୟୁପାସତେ, ଯେ ଚ ଅପି ଅବ୍ୟକ୍ତଂ, ଅକ୍ଷରଂ ( ପର୍ଯ୍ୟୁପାସତେ ), ତେଷାଂ କେ ଯୋଗବିତ୍ତମାଃ ? । ୧ ।

ଅର୍ଥ—ଅର୍ଜୁନ କହିଲେ—ଏହିପରି ସତତ ଯୁକ୍ତ ହୋଇ ଯେଉଁ ଭକ୍ତମାନେ ତୁମ୍ଭଙ୍କୁ ଉପାସନା କରନ୍ତି ଏବଂ ଯେଉଁମାନେ ଅବ୍ୟକ୍ତ ଅକ୍ଷରଙ୍କୁ ଉପାସନା କରନ୍ତି ସେମାନଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ଯୋଗୀ ? । ୧ ।

ଟିପ୍ପଣୀ :—କେଉଁ ଅଭିପ୍ରାୟରେ ଅର୍ଜୁନ ଏପରି ପ୍ରଶ୍ନ କଲେ ଏବଂ ମାନବସମାଜର କେଉଁ ମଙ୍ଗଳ ସାଧନ ଅଭିପ୍ରାୟରେ ବ୍ୟକ୍ତଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା ଓ ଅବ୍ୟକ୍ତ ଭଗବାନଙ୍କର ଉପାସନା ମଧ୍ୟରେ ଶ୍ରେଷ୍ଠ-ନିକୃଷ୍ଟ ବିଚାରି ଗୀତାକାର ଏପରି ବର୍ଣ୍ଣନା କଲେ ତାହା ଉତ୍ତମ-ରୂପେ ଚିନ୍ତାକରିବା ଆବଶ୍ୟକ ।

ଅତୀତର ଅନ୍ଧ ଅନୁସରଣରେ ଅଭ୍ୟସ୍ତ ଜନସାଧାରଣ ଯେଉଁ କଳ୍ପନାଶ୍ରିତ ଅବ୍ୟକ୍ତ ଭଗବାନଙ୍କ ଉପାସନାରେ ଆସକ୍ତ ରହି, ନିଜର ପବିତ୍ର ବିବେକ-ବୁଦ୍ଧି ସହିତ କୌଣସି ସମ୍ବନ୍ଧ ରଖି ନପାରି, ଜୀବନଯାତ୍ରାକୁ ଅସ୍ୱାଭାବିକ, ଜଟିଳ ଓ ଦୁଃଖମୟ କରିଅଛନ୍ତି ଗୀତାର ଶ୍ରୀକୃଷ୍ଣ ସେହି

ଅବ୍ୟକ୍ତ ଭଗବାନ ନୁହଁନ୍ତି, ଏହି କଥା ବୁଝାଇବା ଅଭିପ୍ରାୟରେ ଗୀତାକାର ଏପରି ବର୍ଣ୍ଣନା କରିଅଛନ୍ତି—ଏହା ପରବର୍ତ୍ତୀ ଶ୍ଳୋକରେ ବୁଝାଯାଉଅଛି । ଅର୍ଜୁନଙ୍କର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଲେ :—

ଶ୍ରୀକୃଷ୍ଣ ଉବାଚ

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ,
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ । ୨ ।

ଅନ୍ୱୟ—ମୟି ମନଃ ଆବେଶ୍ୟ, ନିତ୍ୟଯୁକ୍ତାଃ, ପରୟା ଶ୍ରଦ୍ଧୟା ଉପେତାଃ ( ସନ୍ତଃ ) ଯେ ମାଂ ଉପାସତେ, ତେ ଯୁକ୍ତତମାଃ ମେ ମତାଃ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ—ମୋଠାରେ ମନଟିକୁ ରଖି ସର୍ବଦା ଯୁକ୍ତହୋଇ ପରମା ଶ୍ରଦ୍ଧା ସହକାରେ ଯେଉଁମାନେ ମୋତେ ଉପାସନା କରନ୍ତି ସେହିମାନେ ଶ୍ରେଷ୍ଠ—ଏହା ମୋର ମତ ।

ଟିପ୍ପଣୀ—"ମୟ୍ୟାବେଶ୍ୟମନଃ" ଅର୍ଥାତ, ମୋଠାରେ ମନଟିକୁ ରଖି, ଏହି କଥାଟିରୁ ପ୍ରକାଶ ଯେ ମନରୂପ ଲଗାମଟିକୁ ଶ୍ରୀକୃଷ୍ଣଙ୍କୁ ବା ବୁଦ୍ଧି ରୂପ ସାରଥିଙ୍କୁ ସମର୍ପଣ କରିବା ହେଉଛି ଶ୍ରୀକୃଷ୍ଣଙ୍କଠାରେ ପ୍ରକୃତ ଭକ୍ତି । ଯେ ହେଉଛନ୍ତି କଳ୍ପନାର ଅଗୋଚ, ସେହି ଅବ୍ୟକ୍ତ ଭଗବାନଙ୍କ ଠାରେ କେବଳ ମନଟିକୁ କାହିଁକି କୌଣସି ବିଷୟ ସମର୍ପଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଯଦି ସମ୍ଭବ, ତାହା କେବଳ ଦୁଃସ୍ୱପ୍ନ ଦର୍ଶନ । ଏପରି ସମର୍ପଣକୁ ବା ଏପରି ଉପାସନାକୁ ପରବର୍ତ୍ତୀ ପଞ୍ଚମ ଶ୍ଳୋକରେ ଗୀତାକାର ଅବ୍ୟକ୍ତା ଗତି ଓ କ୍ଲେଶଦାୟକ ବୋଲି କହିଅଛନ୍ତି ।

ଏହି ଦୁଇଟି ଶ୍ଳୋକରେ ଥିବା "ସତତଯୁକ୍ତାଃ," "ଯେ ଭକ୍ତାଃ" "ଯୋଗବିତ୍ତମାଃ", "ମୟ୍ୟାବେଶ୍ୟ ମନଃ", "ଶ୍ରଦ୍ଧୟା ପରୟୋ-ପେତାଃ" ଓ "ଯୁକ୍ତତମାଃ" ଏହି କଥା ଗୁଡ଼ିକର ବିଶେଷତ୍ୱ ଆଲୋଚନା କରିବାକୁ ମୁଁ ଯାଉନାହିଁ । ସେ ସବୁ ବିଷୟର ଆଲୋଚନା ବର୍ତ୍ତମାନ

ଅନାବଶ୍ୟକ । ଏହି ଦୁଇଟି ଶ୍ଳୋକରେ ଯାହା ସର୍ବପ୍ରଧାନ କଥା ତାହାହିଁ ସର୍ବପ୍ରଥମେ ଆଲୋଚନା କରାଯାଉ ।

ଏହି ଦୁଇଟି ଶ୍ଳୋକର ସାରାଂଶ ହେଉଛି—ଅର୍ଜ୍ଜୁନ ପଚାରିଲେ—"ଯେଉଁମାନେ ତୁମ୍ଭଙ୍କୁ ଉପାସନା କରନ୍ତି ଏବଂ ଯେଉଁମାନେ ଅବ୍ୟକ୍ତ ଓ ଅକ୍ଷରଙ୍କୁ ଉପାସନା କରନ୍ତି ସେମାନଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ? ଶ୍ରୀକୃଷ୍ଣ କହିଲେ, "ଯେଉଁମାନେ ମୋତେ ଉପାସନା କରନ୍ତି ମୋ ମତରେ ସେହିମାନେ ଶ୍ରେଷ୍ଠ ।"

ଗୀତାର ଟୀକାକାରମାନେ ସେମାନଙ୍କର ନିତ୍ୟ ଉପାସିତ ଅବ୍ୟକ୍ତ ଭଗବାନଙ୍କୁ ଏବଂ ଗୀତାର ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକା ମନେ କରିଥିବାରୁ ଏହି ଭ୍ରାନ୍ତ ଧାରଣାକୁ ସମର୍ଥନ କରି ଅର୍ଥ କଲେ—

"ଯେଉଁମାନେ ତୁମ୍ଭଙ୍କୁ ସାକାର ଭାବରେ ବା ସଗୁଣ-ବ୍ରହ୍ମ ଭାବରେ ବା ବ୍ୟକ୍ତ ଭାବରେ ଉପାସନା କରନ୍ତି ଏବଂ ଯେଉଁମାନେ ତୁମ୍ଭଙ୍କୁ ନିରାକାର ଭାବରେ ବା ନିର୍ଗୁଣ ବ୍ରହ୍ମ ଭାବରେ ବା ଅବ୍ୟକ୍ତ ଭାବରେ ଉପାସନା କରନ୍ତି ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ କେଉଁମାନେ ଭଲ ଯୋଗ ଜାଣିବାବାଲା ? ଶ୍ରୀକୃଷ୍ଣ କହିଲେ, "ଯେଉଁମାନେ ମୋତେ ସାକାର ଭାବରେ ବା ସଗୁଣ-ବ୍ରହ୍ମ ଭାବରେ ବା ବ୍ୟକ୍ତ ଭାବରେ ଉପାସନା କରନ୍ତି, ମୋ ମତରେ ସେହିମାନେ ଭଲ ଯୋଗ ଜାଣିବାବାଲା ।"

ସେହି ଶ୍ରୀକୃଷ୍ଣଙ୍କୁ ଏପରି ପୃଥକ୍ ଦୁଇ ଭାବରେ ଉପାସନା କରିବା କଥା ଏହି ଦୁଇଟି ଶ୍ଳୋକରେ ନାହିଁ କିମ୍ବା ଗୀତାରେ ଅନ୍ୟତ୍ର ମଧ୍ୟ ନାହିଁ । ସାକାର ଉପାସକ ଓ ନିରାକାର ଉପାସକ, ଏହି ଦୁଇ ପ୍ରକାର ଉପାସକ ଉପାସକ ମଧ୍ୟରେ ଶ୍ରେଷ୍ଠ-ନିକୃଷ୍ଟ ଭାବ ରଖି, ସାକାର ଉପାସକ-ମାନଙ୍କର ଶ୍ରେଷ୍ଠତ୍ୱ ପ୍ରଚାର କରିବାଦ୍ୱାରା ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ପାର୍ଥକ୍ୟ ବା ବିଦ୍ୱେଷ ସୃଷ୍ଟି କରିବା ଗୀତାକାରଙ୍କର ଅଭିପ୍ରାୟ କଦାଚ ନୁହେଁ । ଟୀକାକାରମାନେ ଅନଧିକାର ଚର୍ଚ୍ଚା କରି ସାକାର-ନିରାକାର, ସଗୁଣ ବ୍ରହ୍ମ, ନିର୍ଗୁଣବ୍ରହ୍ମ ଇତ୍ୟାଦି କଥାସବୁ ଯୋଗ-କରି ଯେପରି ଅର୍ଥ କରିଅଛନ୍ତି, ତାହା ସେମାନଙ୍କର ତଥା ଗୀତା-ପାଠକ-ମାନଙ୍କର ଭ୍ରାନ୍ତ ମତକୁ ସମର୍ଥନ କରୁଅଛି । ମାତ୍ର ଏପରି ଅର୍ଥ

ଗୀତା-ଧର୍ମର ସମ୍ପୂର୍ଣ୍ଣ ବିପରୀତ ହୋଇଅଛି । ପ୍ରାଚୀନ ତଥା ଆଧୁନିକ ଟୀକାକାରମାନେ ସମସ୍ତେ ଏହିପରି ଅନଧିକାର ଚର୍ଚ୍ଚା କରିଅଛନ୍ତି ଏବଂ ସମସ୍ତେ ଏହିପରି ଅର୍ଥ କରିଅଛନ୍ତି ବୋଲି ଏପରି ଅର୍ଥ ସମ୍ପୂର୍ଣ୍ଣ ଅଯୌକ୍ତିକ ହୋଇଥିଲେ ମଧ୍ୟ ସେହି ଅର୍ଥହିଁ ଗ୍ରହଣୀୟ, ଏପରି ଯୁକ୍ତି ଯେଉଁମାନେ କରିବେ, ସେମାନଙ୍କୁ ମୋର କିଛି କହିବାର ନାହିଁ । ଅନ୍ୟମାନେ ସ୍ୱାଧୀନ ଭାବରେ ଶବ୍ଦାର୍ଥର ପ୍ରକୃତ ଅର୍ଥ ସ୍ଥିର କରନ୍ତୁ । ଶ୍ରୀକୃଷ୍ଣଙ୍କୁ ସାକାର ଭାବରେ ଉପାସନା କରିବା ବ୍ୟକ୍ତିମାନଙ୍କୁ ଶ୍ରେଷ୍ଠ ବୋଲି ଏବଂ ତାଙ୍କୁ ନିରାକାର ଭାବରେ ଉପାସନା କରିବା ବ୍ୟକ୍ତିମାନଙ୍କୁ ନିକୃଷ୍ଟ ବୋଲି ଯଦି ଶ୍ରୀକୃଷ୍ଣ ଏଠାରେ କହିଲେ, ତାଙ୍କର ନିମ୍ନଲିଖିତ ଉକ୍ତିଟିକୁ ଅର୍ଥ କରାଯିବ କିପରି ତାହା ସ୍ଥିର କରନ୍ତୁ ।

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ । ୭ମ-୨୪ ।

ଅର୍ଥ – ମୁଁ ଅବ୍ୟକ୍ତ, ମାତ୍ର ବୁଦ୍ଧିଶୂନ୍ୟ ଲୋକେ ମୋତେ ବ୍ୟକ୍ତିତ୍ୱ ପ୍ରାପ୍ତ ବା ମନୁଷ୍ୟ ବା ସାକାର ମନେ କରନ୍ତି ।

**ଟିପ୍ପଣୀ**—ଶ୍ରୀକୃଷ୍ଣ ଏଠାରେ ନିଜକୁ ଅବ୍ୟକ୍ତ ବୋଲି କାହିଁକି କହିଲେ, ତାହା ଯଥା ସ୍ଥାନରେ ଦେଖିପାରିବେ । ଅବ୍ୟକ୍ତ କଥାଟିର ଅର୍ଥ "ବ୍ୟକ୍ତିମାପନ୍ନଂ" କଥାଟିରୁ ବୁଝାଯାଉଅଛି । ସେ ଯାହାହେଉ, ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତିତ୍ୱ ପ୍ରାପ୍ତ ବା ମନୁଷ୍ୟ ବା ସାକାର ମନେ କରିଥିବା ବ୍ୟକ୍ତିମାନଙ୍କୁ ବୁଦ୍ଧି ଶୂନ୍ୟ କହି ପୁଣି ସାକାର ଉପାସକମାନଙ୍କୁ ଶ୍ରେଷ୍ଠ ବୋଲି ଶ୍ରୀକୃଷ୍ଣ କିପରି କହିଲେ ? ଆଉ ମଧ୍ୟ ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ ଉପଦେଶରେ ଥିବା "ମାଂ ନମସ୍କୁରୁ" ଓ "ମାମେକଂ ଶରଣଂ ବ୍ରଜ" ଏହି ଦୁଇଟି କଥାରେ ସେ କଅଣ ତାଙ୍କର ଫଟୋକୁ ନମସ୍କାର କରିବାକୁ ଏବଂ ଫଟୋର ଶରଣ ନେବାକୁ କହିଅଛନ୍ତି ? କିମ୍ବା କଳ୍ପନାରେ ଦ୍ୱାପରଯୁଗର ଶ୍ରୀକୃଷ୍ଣଙ୍କୁ କିମ୍ବା ଏକାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା ତାଙ୍କର ବିଶ୍ୱରୂପର ଶରଣ ନେବାକୁ କହିଅଛନ୍ତି ?

ପ୍ରକୃତ କଥା ଏହିକି ଆକାରକୁ ଅର୍ଥାତ୍, କାଠ ପଥରକୁ କେହି ପୂଜା କରନ୍ତି ନାହିଁ । କାଠ ପଥର ମଧ୍ୟରେ ବା ମୂର୍ତ୍ତି ମଧ୍ୟରେ ସମସ୍ତେ

ସେହି ଏକମେବାଦ୍ୱିତୀୟଂ ଅବ୍ୟକ୍ତ ଭଗବାନଙ୍କୁ ପୂଜା କରନ୍ତି । ମୂର୍ତ୍ତି ପୂଜାର ବା ସାକାର ଉପାସନାର ପ୍ରକୃତ ଅଭିପ୍ରାୟ ନ ବୁଝି ଯେଉଁମାନେ ଅତୀତର ଅନ୍ଧ ଅନୁସରଣ ଫଳରେ, ଅର୍ଥାତ୍, କେବଳ ବାପ ଅଜା ପୂଜା କରିଆସୁଅଛନ୍ତି ବୋଲି କାଠ ପଥରକୁ ପୂଜା କରନ୍ତି ସେମାନେ ଯେପରି ଅଜ୍ଞ ବା ଅନ୍ଧ, ଯେଉଁମାନେ ନିଜର ସାମ୍ପ୍ରଦାୟିକ ପ୍ରଥାର ଅନ୍ଧ ଅନୁସରଣ କରି ନିରାକାର, କଳ୍ପନାଶ୍ରିତ ଅବ୍ୟକ୍ତଙ୍କୁ ପୂଜା କରନ୍ତି ସେମାନେ ମଧ୍ୟ ସେହିପରି ଅଜ୍ଞ ବା ଅନ୍ଧ । ଉଭୟ ସମ୍ପ୍ରଦାୟରେ ଥିବା ଏହି ଅନ୍ଧ ଅନୁସରଣକାରୀମାନଙ୍କୁ ବାଦ ଦେଲେ ସମସ୍ତେ ସେହି ଅବ୍ୟକ୍ତଙ୍କୁ ଉପାସନା କରନ୍ତି । ଶେଷୋକ୍ତ ପ୍ରକୃତ ଉପାସକମାନେ ଏବଂ ଶ୍ରୀକୃଷ୍ଣଙ୍କର ଉପାସକମାନେ ଏହି ଦୁଇ ପ୍ରକାର ଉପାସକ ମଧ୍ୟରେ ଶ୍ରୀକୃଷ୍ଣ-ଭଗବାନଙ୍କର ଉପାସକମାନେ ଶ୍ରେଷ୍ଠ ଏବଂ ଅବ୍ୟକ୍ତ ଭଗବାନଙ୍କର ଉପାସକମାନେ ସେମାନଙ୍କ ଅପେକ୍ଷା ନିକୃଷ୍ଟ, ଏହିକଥା ଗୀତାକାର ପରିଷ୍କାର ଭାବରେ କହିଅଛନ୍ତି ଏବଂ ଏହାହିଁ ଯୁକ୍ତିଯୁକ୍ତ । କାରଣ ଅବ୍ୟକ୍ତ ଭଗବାନଙ୍କର ସ୍ଥାନ ଶ୍ରୀକୃଷ୍ଣଙ୍କ ଅପେକ୍ଷା ଅନେକ ଉଚ୍ଚରେ ଥିଲେ ମଧ୍ୟ ଗୀତାରେ ବ୍ୟକ୍ତ-ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନାକୁ ଅବ୍ୟକ୍ତ ଭଗବାନଙ୍କର ଉପାସନା ଅପେକ୍ଷା ଉଚ୍ଚତର ସ୍ଥାନ ଦିଆଯାଇଅଛି, ଏଥିରେ ସନ୍ଦେହ କରାଯାଇ ନ ପାରେ । ଶ୍ରୀକୃଷ୍ଣ ପୁଣି କହିଲେ—

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ,
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ । ୩ ।
ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ, ସର୍ବତ୍ର ସମବୁଦ୍ଧୟଃ,
ତେ ପ୍ରାପ୍ନୁବନ୍ତି ମାମେବ, ସର୍ବଭୂତହିତେ ରତାଃ । ୪ ।

ଅର୍ଥ—ଯେଉଁମାନେ ଇନ୍ଦ୍ରିୟସବୁକୁ ସଂଯତଭାବରେ ରଖି, ସର୍ବତ୍ର ସମବୁଦ୍ଧି ହୋଇ, ସମସ୍ତଙ୍କ ମଙ୍ଗଳରେ ନିଯୁକ୍ତ ରହି ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବତ୍ର ଗମନକାରୀ ଅଚିନ୍ତ୍ୟ, କୂଟସ୍ଥ, ଅଚଳ ଓ ଧ୍ରୁବଙ୍କୁ ଉପାସନା କରନ୍ତି ସେମାନେ କେବଳ ମୋତେ ପାଆନ୍ତି । ୩-୪ ।

ଟିପ୍ପଣୀ—ପ୍ରଥମ ଶ୍ଳୋକରେ ଅବ୍ୟକ୍ତ ଓ ଅକ୍ଷର ଏହି ଦୁଇଟି ବିଶେଷଣ ଦେଇ ଶ୍ରୀକୃଷ୍ଣଙ୍କୁ ଅର୍ଜୁନ ପଚାରିଲେ । ଆଉ ଛଅଟି ବିଶେଷଣ

ଯୋଗକର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉତ୍ତର ଦେଇଅଛନ୍ତି । ଏହି ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ, ଭଗବାନଙ୍କର ଉପାସନା କରିବାକୁ ହେଲେ ଇନ୍ଦ୍ରିୟ ସବୁକୁ ସଂଯତ ଭାବରେ ରଖିବା, ସର୍ବତ୍ର ସମବୁଦ୍ଧି ହେବା ଅର୍ଥାତ୍ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଏବଂ ସମସ୍ତ ବିଶ୍ୱର ବା ସମସ୍ତ ମାନବସମାଜର କଲ୍ୟାଣକର କାର୍ଯ୍ୟରେ ସର୍ବଦା ନିଯୁକ୍ତ ରହିବା ଏକାନ୍ତ ଆବଶ୍ୟକ । ଏପରି ଭାବରେ ଅବ୍ୟକ୍ତଙ୍କୁ ଉପାସନା କଲେ ମଧ୍ୟ କେହି ଅବ୍ୟକ୍ତଙ୍କୁ ପାଆନ୍ତି ନାହିଁ । ଏପରି ଉପାସନାର ଫଳସ୍ୱରୂପ ପାଆନ୍ତି ସେହି ବୁଦ୍ଧିରୂପ ଶ୍ରୀକୃଷ୍ଣ-ଭଗବାନଙ୍କୁ ।

କ୍ଳେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତ ଚେତସାଂ,
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ । ୫ ।

ଅନ୍ୱୟ—ଅବ୍ୟକ୍ତାସକ୍ତଚେତସାଂ ତେଷାଂ ଅଧିକତରଃ କ୍ଳେଶଃ (ଭବତି) । ଦେହବଦ୍ଭିଃ ଅବ୍ୟକ୍ତା ଗତିଃ ଦୁଃଖଂ ଅବାପ୍ୟତେ ॥

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତଙ୍କର ଉପାସନାରେ ଆସକ୍ତ, ସେମାନଙ୍କର ଅଧିକତର କ୍ଳେଶ ହୁଏ । ଦେହଧାରୀମାନଙ୍କ ପକ୍ଷରେ ଅବ୍ୟକ୍ତା ଗତି ଦୁଃଖରେ ପ୍ରାପ୍ତ ହୁଏ ଅର୍ଥାତ୍, କେବଳ ଦୁଃଖଦାୟକ ଅଟେ ।

ଟିପ୍ପଣୀ—ଅବ୍ୟକ୍ତା ଗତି କଥାଟିର ଅର୍ଥ ହେଉଛି, ଅଜଣା ସ୍ଥାନକୁ ଗତି ବା ରାସ୍ତା । ଯାହା ସମ୍ପୂର୍ଣ୍ଣ ଅଜଣା, ସେଠାକୁ କୌଣସି ରାସ୍ତା ବା ମାର୍ଗ ରହିବା ସମ୍ପୂର୍ଣ୍ଣ ଅସମ୍ଭବ । ଭିନ୍ନ ଭିନ୍ନ ସମ୍ପ୍ରଦାୟର ଲୋକେ ନିଜ ନିଜର ଶାସ୍ତ୍ରୋକ୍ତ ଭିନ୍ନ ଭିନ୍ନ ମାର୍ଗର ଅନ୍ଧ ଅନୁସରଣ କରି କ୍ଳେଶ ଭୋଗ କରନ୍ତି ବୋଲି ଶ୍ରୀକୃଷ୍ଣ ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ତାଙ୍କୁ ସମସ୍ତ ମାନବ ସମାଜର ବ୍ୟକ୍ତ-ଭଗବାନ ବୋଲି ଗ୍ରହଣ କରିବାକୁ କହୁଅଛନ୍ତି ।

ଏହି ଶ୍ଳୋକଟିରୁ ପ୍ରକାଶ ଯେ, ସଂସାରରେ ବ୍ୟକ୍ତ-ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା ଓ ଅବ୍ୟକ୍ତ-ଭଗବାନଙ୍କର ଉପାସନା ଏହି ଦୁଇ ପ୍ରକାର ଉପାସନା ଅଛି । ଏହି ଦୁଇ ପ୍ରକାର ଉପାସନାକୁ ଗୀତାକାର

ଯଥାକ୍ରମେ "ବ୍ୟକ୍ତାଗତି" ଓ "ଅବ୍ୟକ୍ତା ଗତି" ନାମ ଦେଇଅଛନ୍ତି ଏବଂ ଏହି ଦୁଇ ପ୍ରକାର ଉପାସନା ବା ଦୁଇପ୍ରକାର ଗତି ମଧ୍ୟରୁ ଅବ୍ୟକ୍ତ ଭଗବାନଙ୍କର ଉପାସନାକୁ ବା ଅବ୍ୟକ୍ତା ଗତିର ଅନ୍ଧ ଅନୁସରଣକୁ ଗୀତାକାର ଦୁଃଖଦାୟକ ବୋଲି କହିଅଛନ୍ତି ଏବଂ ବ୍ୟକ୍ତଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା କରିବାକୁ, ଅର୍ଥାତ୍, ପୂର୍ବେ କୁହାଯାଇଥିବା ବ୍ୟକ୍ତା ଗତିର ଆଶ୍ରୟ ନେବାକୁ ଉପଦେଶ ଦେଇଅଛନ୍ତି ।

ଗୀତା-ପ୍ରଚ୍ଛନ୍ନ ଗତିକୁ ବ୍ୟକ୍ତାଗତି ବୋଲି ଏବଂ ଗୀତାର ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତ-ଭଗବାନ ବୋଲି ଗୀତାକାର କେଉଁ ଅଭିପ୍ରାୟରେ କହିଅଛନ୍ତି, ତାହା ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତିଙ୍କର ଭାବିବାର ବିଷୟ ଅଟେ । ଗୀତାର ଟୀକାକାରମାନଙ୍କର ଟୀକାସବୁରୁ ପ୍ରକାଶ ଯେ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ମାନବ ସମାଜରେ ବ୍ୟକ୍ତ ହୋଇଥିବାରୁ ଗୀତାକାର ତାଙ୍କୁ ବ୍ୟକ୍ତ-ଭଗବାନ ବୋଲି ବର୍ଣ୍ଣନା କରିଅଛନ୍ତି । ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କ ଟୀକାରୁ ପ୍ରକାଶ ଯେ, ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ନିକଟରେ ବ୍ୟକ୍ତହୋଇ ନିଜର ବିଶ୍ୱରୂପ ଦେଖାଇଥିବାରୁ ଗୀତାକାର ତାଙ୍କୁ ବ୍ୟକ୍ତ-ଭଗବାନ ବୋଲି ବର୍ଣ୍ଣନା କରିଅଛନ୍ତି । ଦ୍ୱାପର ଯୁଗରେ ମାନବ-ସମାଜରେ ବ୍ୟକ୍ତ ହୋଇଥିବା କଥା କିମ୍ବା ଅର୍ଜ୍ଜୁନଙ୍କୁ ବିଶ୍ୱରୂପ ଦେଖାଇଥିବା କଥା କାଳ୍ପନିକ ଓ ମିଥ୍ୟା, ଏପରି କଥା ମୁଁ କହୁନାହିଁ । ମାତ୍ର ଅତୀତ ଯୁଗରେ ବ୍ୟକ୍ତ ହୋଇଥିବା ଭଗବାନଙ୍କୁ ଏବଂ ଅର୍ଜ୍ଜୁନ ନାମକ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ ବ୍ୟକ୍ତ ହୋଇଥିବା ଭଗବାନଙ୍କୁ ବର୍ତ୍ତମାନ ଯୁଗର ମାନବ ସମାଜ ଓ ପ୍ରତ୍ୟେକ ମାନବ ବ୍ୟକ୍ତ-ଭଗବାନ ବୋଲି ସ୍ୱୀକାର କରିବାର କୌଣସି କାରଣ ନାହିଁ । ଏପରି ବ୍ୟକ୍ତ-ଭଗବାନ ଆମ୍ଭମାନଙ୍କର ନିତ୍ୟ-ଉପାସିତ ଅବ୍ୟକ୍ତ-ଭଗବାନଙ୍କ ଅପେକ୍ଷା ଆହୁରି ବେଶୀ ଅବ୍ୟକ୍ତ । ଏପରି ସ୍ୱୀକାର କରିନେବା ଦ୍ୱାରା ମାନବ ସମାଜର କୌଣସି ଉପକାର ହୋଇନାହିଁ ବା ହେବନାହିଁ । ଅତଏବ ଏପରି ଉତ୍ତରରେ ସନ୍ତୁଷ୍ଟ ନହୋଇ ପ୍ରକୃତ ଉତ୍ତର ସ୍ଥିର କରିବା-ପାଇଁ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରନ୍ତୁ ।

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ, ମତ୍ପରାଃ,
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ । ୬ ।

*

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାର ସାଗରାତ୍
ଭବାମି ନ ଚିରାତ୍, ପାର୍ଥ ! ମୟ୍ୟାବେଶିତ ଚେତସାମ୍ । ୭ ।

ଅର୍ଥ—କିନ୍ତୁ ହେ ପାର୍ଥ ! ଯେଉଁମାନେ ସବୁ କର୍ମ ମୋଠାରେ ସମର୍ପଣ କରି, ମୋତେ ଏକମାତ୍ର ଲକ୍ଷ୍ୟକରି, ଅନ୍ୟ କାହାରିଠାରେ ମନ ନ ଦେଇ କେବଳ ମୋତେ ଧ୍ୟାନକରି, ମୋତେ ଉପାସନା କରନ୍ତି ସେମାନଙ୍କୁ ମୃତ୍ୟୁ-ସଂସାର-ସାଗରରୁ ଅବିଳମ୍ବେ ଉଦ୍ଧାର କରେଁ —ଏକମାତ୍ର ମୁଁ ।

ଟିପ୍ପଣୀ—"ତେଷାମ୍ ଅହଂ ସମୁଦ୍ଧର୍ତ୍ତା" ଏହି କଥାଟିରୁ ପ୍ରକାଶ ଯେ ମନୁଷ୍ୟର ପ୍ରକୃତ ଉଦ୍ଧାରକର୍ତ୍ତା ହେଉଛନ୍ତି ବ୍ୟକ୍ତ-ଭଗବାନ ଶ୍ରୀକୃଷ୍ଣ । ଅବ୍ୟକ୍ତ-ଭଗବାନ କାହାରିକୁ ଉଦ୍ଧାର କରନ୍ତି ନାହିଁ । ଏହି ମତକୁ ସମର୍ଥନ କରି ଶ୍ରୀକୃଷ୍ଣ ପଞ୍ଚମ ଅଧ୍ୟାୟର ୧୪ଶ ଶ୍ଳୋକରେ କହିଅଛନ୍ତି— ନ କର୍ତ୍ତୃତ୍ୱଂ, ନ କର୍ମାଣି, ଲୋକସ୍ୟ ସୃଜତି ପ୍ରଭୁଃ ।

ମୟ୍ୟେବ ମନ ଆଧତ୍ସ୍ୱ, ମୟି ବୁଦ୍ଧିଂ ନିବେଶୟ,
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ । ୮ ।
ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍,
ଅଭ୍ୟାସ ଯୋଗେନ ତତୋ ମାମିଚ୍ଛାପ୍ତୁଂ, ଧନଞ୍ଜୟ ! । ୯ ।

ଅର୍ଥ—ତୁମ୍ଭେ କେବଳ ମୋଠାରେ ମନଟିକୁ ରଖ, ମୋଠାରେ ବୁଦ୍ଧିକୁ ସ୍ଥିର କର । ଏହାପରେ ତୁମ୍ଭେ ମୋଠାରେ ହିଁ ରହିବ—ଏଥିରେ ସନ୍ଦେହ ନାହିଁ । ଯଦି ମନଟିକୁ ମୋଠାରେ ସ୍ଥିର ଭାବରେ ରଖି ନ ପାରୁଛ, ତେବେ ହେ ଧନଞ୍ଜୟ, ଅଭ୍ୟାସ-ଯୋଗଦ୍ୱାରା ମୋତେ ପାଇବାକୁ ଇଚ୍ଛାକର ।

ଟିପ୍ପଣୀ—ଯେଉଁ ପ୍ରଣାଳୀରେ ଧ୍ୟାନ କରିବାକୁ ଅଭ୍ୟାସ କଲେ ମନୁଷ୍ୟ ନିଜର ଚଞ୍ଚଳ ମନକୁ ସ୍ଥିର ଭାବରେ ରଖି ପାରିବ, ତାହା ଷଷ୍ଠ ଅଧ୍ୟାୟରେ କୁହାଯାଇଛି । ଅବ୍ୟକ୍ତ-ଭଗବାନଙ୍କୁ ପାଇବାର ପ୍ରଣାଳୀ ଗୀତାରେ କୌଣସିଠାରେ ନାହିଁ । କାରଣ, ଅବ୍ୟକ୍ତଙ୍କୁ ପାଇବାପାଇଁ କୌଣସି ପ୍ରଣାଳୀ ବା ମାର୍ଗ ରହିବା ସମ୍ପୂର୍ଣ୍ଣ ଅସମ୍ଭବ । ଶ୍ରୀକୃଷ୍ଣଙ୍କର

ଆଶ୍ରୟ ନ ନେଇ ଅବ୍ୟକ୍ତଙ୍କୁ ପାଇବା ପାଇଁ ଯେ ଚେଷ୍ଟା, ତାହା କେବଳ ଦୁଃଖଦାୟକ—ଯାହା ପବେଁ କୁହାଯାଇଅଛି । ଶ୍ରୀକୃଷ୍ଣ ନଜର ଶ୍ରେଷ୍ଠତ୍ୱ ଏବଂ ତାଙ୍କର ଉପାସକମାନଙ୍କର ଶ୍ରେଷ୍ଠତ୍ୱ କେବଳ ଏହିଠାରେ କହି-ନାହାନ୍ତି, ବାରମ୍ବାର କହିଅଛନ୍ତି ।

ଅଭ୍ୟାସେଽପ୍ୟସମର୍ଥୋଽସି, ମତ୍କର୍ମପରମୋ ଭବ,
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି ।୧୦ ।
ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍‌ଯୋଗମାଶ୍ରିତଃ,
ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ।୧୧ ।
ଶ୍ରେୟୋହି ଜ୍ଞାନମଭ୍ୟାସାତ୍,ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ,
ଧ୍ୟାନାତ୍ କର୍ମଫଳତ୍ୟାଗଃ, ତ୍ୟାଗାଚ୍ଛାନ୍ତିରନନ୍ତରମ୍ ।୧୨ ।

ଅର୍ଥ—ଯେପରି ଅଭ୍ୟାସ କରିବାକୁ ଯଦି ଅସମର୍ଥ ହୁଅ, ତେବେ ମତ୍କର୍ମପରାୟଣ ହୁଅ । ମୋ ଅଭିପ୍ରାୟରେ କର୍ମସବୁ କରି ମଧ୍ୟ ତୁମ୍ଭେ ସିଦ୍ଧି ପାଇବ ।୧୦। ଯଦି ଏହା କରିବାକୁ ନିଜକୁ ଅକ୍ଷମ ମନେକର, ତେବେ ମୋ ସହିତ ଯୁକ୍ତ ହେବାରୂପ ଯୋଗର ଆଶ୍ରୟ ନେଇ ଏବଂ ସଂଯତଚିତ୍ତ ହୋଇ ସବୁ କର୍ମର ଫଳ ତ୍ୟାଗକର ।୧୧ । ଅଭ୍ୟାସ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ, ଜ୍ଞାନ ଅପେକ୍ଷା ଧ୍ୟାନ ଶ୍ରେଷ୍ଠ, ଧ୍ୟାନ ଅପେକ୍ଷା କର୍ମଫଳତ୍ୟାଗ ଶ୍ରେଷ୍ଠ ଅଟେ । କର୍ମଫଳ ତ୍ୟାଗଦ୍ୱାରା ମନୁଷ୍ୟ ଶାନ୍ତି ଲାଭ କରେ ।୧୨।

## ଭକ୍ତର ଲକ୍ଷଣ

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ,
ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖଃ କ୍ଷମୀ । ୧୩ ।
ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ;
ମୟ୍ୟର୍ପିତ ମନୋବୁଦ୍ଧିଃ ଯୋ ମେ ଭକ୍ତଃ ସ ମେ ପ୍ରିୟଃ ।୧୪।
ଯସ୍ମାନ୍ନୋଦ୍‌ବିଜତେ ଲୋକୋ, ଲୋକାନ୍ନୋଦ୍‌ବିଜତେ ଚ ଯଃ,
ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ, ଯଃ ସ ଚ ମେ ପ୍ରିୟଃ ।୧୫।
ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ,
ସର୍ବାରମ୍ଭପରିତ୍ୟାଗୀ, ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ।୧୬।

ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଙ୍‌କ୍ଷତି,
ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ , ଯଃ ସ ମେ ପ୍ରିୟଃ ।୧୭।
ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ,
ଶୀତୋଷ୍ଣସୁଖଦୁଃଖେଷୁ ସମଃ, ସଙ୍ଗବିବର୍ଜ୍ଜିତଃ ।୧୮ ।
ତୁଲ୍ୟନିନ୍ଦାସ୍ତୁତିର୍ମୌନୀ, ସନ୍ତୁଷ୍ଟୋ ଯେନ କେନଚିତ୍,
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ ମେ ପ୍ରିୟୋ ନରଃ ।୧୯।

ଅର୍ଥ ଯାହାର କାହାର ପ୍ରତି ଦ୍ୱେଷ ନାହିଁ , ଯେ ମିତ୍ରଭାବାପନ୍ନ, କୃପାଳୁ, ମମତାଶୂନ୍ୟ, ନିରହଙ୍କାର, ସୁଖ ଓ ଦୁଃଖରେ ସମାନ, କ୍ଷମାଶୀଳ, ସର୍ବଦା ସନ୍ତୁଷ୍ଟ, ଯୋଗୀ, ସଂଯତଚିତ୍ତ, ଦୃଢନିଶ୍ଚୟ, ମନ ଓ ବୁଦ୍ଧିକୁ ଯେ ମୋଠାରେ ଅର୍ପଣ କରିଅଛି, ଏପରି ଯେ ଭକ୍ତ, ସେ ମୋର ପ୍ରିୟ ଅଟେ । ୧୩-୧୪ । ଯାହାଙ୍କଠାରୁ କୌଣସି ମନୁଷ୍ୟ ଉଦ୍‌ବିଗ୍ନ ହୁଏ ନାହିଁ ଏବଂ ଯେ କୌଣସି ମନୁଷ୍ୟଠାରୁ ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ହର୍ଷ, କ୍ରୋଧ ଏବଂ ଭୟର ଉଦ୍‌ବେଗରୁ ଯେ ମୁକ୍ତ, ସେ ମୋର ପ୍ରିୟ । ୧୫ । ଯେଉଁ ବ୍ୟକ୍ତି କୌଣସି ବିଷୟରେ କାହାକୁ ଅପେକ୍ଷା କରେ ନାହିଁ ଅର୍ଥାତ୍, ଯେଉଁ ବ୍ୟକ୍ତି ସର୍ବଦା ଆତ୍ମନିର୍ଭର, ଶୁଚି, ଦକ୍ଷ, ଉଦାସୀନ, ମନରେ ବ୍ୟଥା ନ ଥିବା ବ୍ୟକ୍ତି, ସର୍ବାରମ୍ଭପରିତ୍ୟାଗୀ, ଏପରି ଯେ ଭକ୍ତ, ସେ ମୋର ପ୍ରିୟ ।୧୬। ଯେ ହୃଷ୍ଟ ହୁଅନ୍ତି ନାହିଁ କିମ୍ବା ଦ୍ୱେଷ କରନ୍ତି ନାହିଁ, ଶୋକ କରନ୍ତି ନାହିଁ କିମ୍ବା ଆକାଙ୍‌କ୍ଷା କରନ୍ତି ନାହିଁ । ଶୁଭ ଓ ଅଶୁଭକୁ ପରିତ୍ୟାଗ କରିଅଛନ୍ତି, ଏପରି ଯେ ଭକ୍ତିମାନ ବ୍ୟକ୍ତି ସେ ମୋର ପ୍ରିୟ ଅଟେ । ୧୭ ।ଶତ୍ରୁ ଓ ମିତ୍ରଙ୍କଠାରେ ସମାନ, ମାନ ଓ ଅପମାନରେ ସମାନ, ଶୀତ ଓ ଉଷ୍ଣରେ ସମାନ, ସୁଖ ଦୁଃଖରେ ସମାନ, ନିନ୍ଦା ଓ ପ୍ରଶଂସାରେ ସମାନ, ଆସକ୍ତିବିବର୍ଜିତ, ମୌନୀ, ଯାହା କିଛି ମିଳିଲେ ସେଥିରେ ସନ୍ତୁଷ୍ଟ, ଗୃହଶୂନ୍ୟ, ସ୍ଥିରବୁଦ୍ଧି, ଏପରି ଯେ ଭକ୍ତିମାନ୍ ବ୍ୟକ୍ତି ସେ ମୋର ପ୍ରିୟ ଅଟେ ।୧୮-୧୯।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଭକ୍ତ ହେବାକୁ ହେଲେ ଉପରଲିଖିତ ସଦ୍‌ଗୁଣଗୁଡ଼ିକ ଅର୍ଜନ କରିବାକୁ ଚେଷ୍ଟା କରିବା ଏକାନ୍ତ ଆବଶ୍ୟକ ।

ଯେ ତୁ ଧର୍ମ୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ,
ଶ୍ରଦ୍ଦଧାନା ମତ୍‌ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ । ୨୦ ।

ଅର୍ଥ—ଯେଉଁମାନେ କିନ୍ତୁ ମୋର ପ୍ରସ୍ତରିତ ଏହି ଧର୍ମ୍ମାମୃତର ଉପାସନା କରନ୍ତି, ସେହି ଶ୍ରଦ୍ଧାବାନ୍ ମତ୍ପରାୟଣ ଭକ୍ତମାନେ ମୋର ଅତୀବ ପ୍ରିୟ ଅଟନ୍ତି ।୨୦।

## ସାରକଥା

ଭକ୍ତି କହିଲେ ଲୋକେ ଯାହା ବୁଝନ୍ତି, ଗୀତା-ପ୍ରସ୍ତରିତ ଭକ୍ତି ତାହା ନୁହେଁ । ନିଜର ହୃଦୟକୁ ନିର୍ମଳ ରଖିବା ଏବଂ ଉପରଲିଖିତ ସଦ୍‌ଗୁଣଗୁଡ଼ିକୁ ହୃଦୟରେ ସ୍ଥାନ ଦେବା ହେଉଛି ପ୍ରକୃତ ଭକ୍ତି । ଗୀତାକାରଙ୍କର ଅଭିପ୍ରାୟ ଏହି କି ମନ୍ଦିର, ମସଜିଦ୍ ଓ ଗୀର୍ଜା ଇତ୍ୟାଦିକୁ ଯାଇ ଉପାସନା କରିବା କିମ୍ବା ଅର୍ଥ ଶୂନ୍ୟ ଓ ଚରିତ୍ର ଗଠନ ସହିତ ସମ୍ବନ୍ଧ ଶୂନ୍ୟ ମନ୍ତ୍ରଗୁଡ଼ିକ ଉଚ୍ଚାରଣ କରିବା କିମ୍ବା ମୂର୍ତ୍ତିଟିଏ ରଖି ସେଥିରେ ଫୁଲ-ଚନ୍ଦନ ଓ ନୈବେଦ୍ୟ ଦେଇ ପଜା କରିବା ପ୍ରକୃତ ଭକ୍ତି ନୁହେଁ । ନିଜର ଚରିତ୍ର ଗଠନ ଏବଂ ସମସ୍ତ ମାନବ ସମାଜର ମଙ୍ଗଳ ଅଭିପ୍ରାୟରେ କର୍ମକରିବାହିଁ ପ୍ରକୃତ ଭକ୍ତି । ପରିଶେଷରେ ଶ୍ରୀକୃଷ୍ଣ କହିଲେ, ଯେଉଁ ବ୍ୟକ୍ତି ତାଙ୍କର ଉପଦେଶକୁ ପୂଜାକରେ, ଅର୍ଥାତ୍, ତାଙ୍କର ଉପଦେଶ ଅନୁସାରେ କର୍ମ କରେ, ସେ ହେଉଛି ତାଙ୍କର ପ୍ରିୟତମ ଭକ୍ତ । ଯେଉଁ ବ୍ୟକ୍ତି କୌଣସି ସଦୁପଦେଶ ଦିଅନ୍ତି, ଆମ୍ଭେମାନେ ସେହି ସଦୁପଦେଶକୁ ପୂଜା ନ କରି ସଦୁପଦେଶ ଦେଇଥିବା ବ୍ୟକ୍ତିଙ୍କୁ ପୂଜା କରିବାରେ ବହୁ କାଳରୁ ଅଭ୍ୟସ୍ତ ଥିବାରୁ ଶ୍ରୀକୃଷ୍ଣ ତାଙ୍କୁ ଉପାସନା କରିବା ପରିବର୍ତ୍ତେ ତାଙ୍କର ଉପଦେଶକୁ ପୂଜା କରିବାକୁ ଶେଷ ଶ୍ଲୋକଟିରେ କହିଅଛନ୍ତି ।

## ତ୍ରୟୋଦଶ ଅଧ୍ୟାୟ—କ୍ଷେତ୍ର କ୍ଷେତ୍ରଜ୍ଞ ଯୋଗ ।

### ଅର୍ଜ୍ଜୁନ ଉବାଚ

ପ୍ରକୃତିଂ ପୁରୁଷଂ ଚୈବ, କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ,
ଏତଦ୍ ବେଦିତୁମିଚ୍ଛାମି, ଜ୍ଞାନ, ଜ୍ଞେୟଞ୍ଚ, କେଶବ ! । ୧ ।

ଅର୍ଥ—ଅର୍ଜ୍ଜୁନ କହିଲେ, ହେ କେଶବ ! ପ୍ରକୃତି ଓ ପୁରୁଷ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ଏବଂ ଜ୍ଞାନ ଓ ଜ୍ଞେୟ କଅଣ, ଏହା ମୁଁ ଜାଣିବାକୁ ଇଚ୍ଛା କରେ । ୧ ।

### ଶ୍ରୀକୃଷ୍ଣ ଉବାଚ

ଇଦଂ ଶରୀରଂ, କୌନ୍ତେୟ ! କ୍ଷେତ୍ରମିତ୍ୟଭିଧୀୟତେ;
ଏତଦ୍ ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞମିତି ତଦ୍‌ବିଦଃ । ୨ ।
କ୍ଷେତ୍ରଜ୍ଞଞ୍ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ, ଭାରତ !
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ । ୩ ।
ତତ୍ କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ, ଯଦ୍‌ବିକାରି ଯତଶ୍ଚ ଯତ୍
ସ ଚ ଯୋ ଯତ୍ପ୍ରଭାବଶ୍ଚ, ତତ୍ ସମାସେନ ମେ ଶୃଣୁ । ୪ ।
ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍,
ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍ଭିର୍ବିନିଶ୍ଚିତୈଃ । ୫ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ କୌନ୍ତେୟ ! ଏହି ଶରୀରକୁ କ୍ଷେତ୍ର କୁହାଯାଏ । ଏହିକି କଥା ଯେଉଁ ବ୍ୟକ୍ତି ଜାଣନ୍ତି, ତାଙ୍କୁ ଏ ବିଷୟ ଜାଣିଥିବା ଲୋକେ କ୍ଷେତ୍ରଜ୍ଞ ବୋଲି କହନ୍ତି । ୨ । ହେ ଭାରତ ! ସବୁ କ୍ଷେତ୍ରମାନଙ୍କରେ ଅର୍ଥାତ୍ ସବୁ ଶରୀରମାନଙ୍କରେ ମୋତେ କ୍ଷେତ୍ରଜ୍ଞ ବୋଲି ଜାଣ; କ୍ଷେତ୍ର ଓ କ୍ଷେତ୍ରଜ୍ଞ ଅର୍ଥାତ୍, ଶରୀର ଓ ଶରୀରୀ, ଏହି ଉଭୟ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି, ସେ ବିଷୟରେ ଯେଉଁ ଜ୍ଞାନ, ତାହା ପ୍ରକୃତରେ ଜ୍ଞାନ, ଏହା ମୋର ମତ । ୩ । ସେହି କ୍ଷେତ୍ର ଯାହା, ଯେପରି,

ସେଇଁ ସବୁ ବିକାରଯୁକ୍ତ ଓ ଯହିଁରୁ ଉତ୍ପନ୍ନ ଏବଂ ସେହି କ୍ଷେତ୍ରଙ୍କ ଯାହା ଓ ଯେପରି ପ୍ରଭାବଯୁକ୍ତ, ତାହା ମୋଠାରୁ ସଂକ୍ଷେପରେ ଶୁଣ । ଯାହା ସୁନିଶ୍ଚିତ କାରଣ-ଯୁକ୍ତ ବିବିଧ ଛନ୍ଦଦ୍ୱାରା ଏବଂ ବ୍ରହ୍ମସୂତ୍ର ପଦଦ୍ୱାରା ପୃଥକ୍ ପୃଥକ୍ ଭାବରେ ଋଷିମାନେ ଗାନ କରିଅଛନ୍ତି । ୪-୫ ।

ଟିପ୍ପଣୀ—"ହେତୁମଦ୍‌ଭିଃ ବିନିଶ୍ଚିତୈଃ" ଏହି କଥାଟିରୁ ପ୍ରକାଶ ଯେ ଋଷିମାନେ ଯାହା କହିଅଛନ୍ତି ତାହା ସୁନିଶ୍ଚିତ କାରଣ ଉପରେ ପ୍ରତିଷ୍ଠିତ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି, କେବଳ ଋଷିମାନେ କହିଅଛନ୍ତି ବୋଲି ତାକୁ ସତ୍ୟ ବୋଲି ଗ୍ରହଣ କରିବାକୁ ହେବ, ଏପରି କଥା ସେ କହୁନାହାନ୍ତି; ଋଷିମାନେ ଯାହା କହିଅଛନ୍ତି, ତାହା ଯୁକ୍ତିଯୁକ୍ତ କାରଣ ଉପରେ ପ୍ରତିଷ୍ଠିତ ଅଟେ ।

ମହାଭୂତାନ୍ୟହଙ୍କାରୋ, ବୁଦ୍ଧିରବ୍ୟକ୍ତମେବ ଚ,
ଇନ୍ଦ୍ରିୟାଣି ଦଶୈକଞ୍ଚ, ପଞ୍ଚ ଚେନ୍ଦ୍ରିୟଗୋଚରାଃ । ୬ ।
ଇଚ୍ଛା, ଦ୍ୱେଷଃ, ସୁଖଂ ଦୁଃଖଂ, ସଂଘାତଶ୍ଚେତନା ଧୃତିଃ,
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ । ୭ ।

**ଅର୍ଥ—ପଞ୍ଚ** ମହାଭୂତ, ଅହଙ୍କାର, ବୁଦ୍ଧି, ଅବ୍ୟକ୍ତ ଅର୍ଥାତ୍ ମୂଳ ପ୍ରକୃତି, ଦଶଇନ୍ଦ୍ରିୟ, ମନ, ପାଞ୍ଚୋଟି ଜ୍ଞାନେନ୍ଦ୍ରିୟମାନଙ୍କର ପାଞ୍ଚୋଟି ଗୋଚର, ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସଂଘାତ, ଚେତନା ଓ ଧୃତି, ଏହିସବୁ ବିକାର ସହିତ କ୍ଷେତ୍ର ବିଷୟ ସଂକ୍ଷେପରେ କୁହାଗଲା । ୬-୭ ।

ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜ୍ଜବମ୍,
ଆଚାର୍ଯ୍ୟୋପାସନଂ ଶୌଚମ୍ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ । ୮ ।
ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଙ୍କାର ଏବ ଚ,
ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ । ୯ ।
ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ,
ନିତ୍ୟଞ୍ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ । ୧୦ ।
ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ,
ବିବିକ୍ତଦେଶସେବିତ୍ୱମରତିର୍ଜନସଂସଦି । ୧୧ ।

ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ, ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍,
ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା । ୧୨ ।

ଅର୍ଥ—ଅମାନିତା, ଦମ୍ଭହୀନତା, ଅହିଂସା, କ୍ଷାନ୍ତି, ସରଳତା, ଆଚାର୍ଯ୍ୟଙ୍କର ପୂଜା, ଶୌଚ, ସ୍ଥିରତା, ଆତ୍ମସଂଯମ, ଇନ୍ଦ୍ରିୟର ବିଷୟମାନଙ୍କ ପ୍ରତି ନିଜର ବୈରାଗ୍ୟ, ନିରହଂକାରିତା, ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିରେ ଦୁଃଖ ଓ ଦୋଷର ଅନୁଦର୍ଶନ, ଅନାସକ୍ତି, ପୁତ୍ର, ସ୍ତ୍ରୀ, ଓ ଗୃହାଦି ପ୍ରତି ମମତା ଶୂନ୍ୟତା, ଇଷ୍ଟ ଓ ଅନିଷ୍ଟରେ ସମଚିତ୍ତତା, ମୋଠାରେ ଅନନ୍ୟ ଯୋଗ ଓ ଅବ୍ୟଭିଚାରିଣୀ ଭକ୍ତି, ନିର୍ଜନ ସ୍ଥାନରେ ଅବସ୍ଥାନ, ଜନ ସଙ୍ଗେ ବିରାଗ, ଆତ୍ମଜ୍ଞାନ ନିଷ୍ଠା ଏବଂ ତତ୍ତ୍ୱଜ୍ଞାନାର୍ଥ ଦର୍ଶନ ଏ ସବୁକୁ ପ୍ରକୃତରେ ଜ୍ଞାନ କୁହାଯାଏ । ଏହା ବ୍ୟତୀତ ଯାହା ଅନ୍ୟ, ତାହା ଅଜ୍ଞାନ ଅଟେ । ୮-୧୨ ।

ଟିପ୍ପଣୀ—କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ଅର୍ଥାତ୍, ଶରୀର ଓ ଶରୀରୀ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି, ତାହା ଉପଲବ୍ଧି କଲେ ମନୁଷ୍ୟ ଏହିସବୁ ସଦ୍‌ଗୁଣ ଅର୍ଜନ କରିପାରିବ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହି କି, କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ଅର୍ଥାତ୍, ଶରୀର ଓ ଶରୀରୀ ମଧ୍ୟରେ ପାର୍ଥକ୍ୟ ଅଛି, ଏକଥା ଶାସ୍ତ୍ରମାନଙ୍କରୁ କେବଳ ଜାଣିବାର ନାମ ପ୍ରକୃତ ଜ୍ଞାନ ନୁହେଁ । ଶରୀର ଓ ଶରୀରୀ ମଧ୍ୟରେ ପାର୍ଥକ୍ୟ ଥିବା କଥା ନିଜେ ଉପଲବ୍ଧି କରି ଉପରଲିଖିତ ସଦ୍‌ଗୁଣଗୁଡ଼ିକ ଅର୍ଜନ କରିବାହିଁ ପ୍ରକୃତ ଜ୍ଞାନ ।

ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି, ଯଜ୍ଜ୍ଞାତ୍ୱାମୃତମଶ୍ନୁତେ
ଅନାଦିମତ୍ ପରଂବ୍ରହ୍ମ, ନ ସତ୍ତନ୍ନାସଦୁଚ୍ୟତେ । ୧୩ ।
ସର୍ବତଃ ପାଣିପାଦଂ ତତ୍, ସର୍ବତୋଽକ୍ଷିଶିରୋମୁଖଂ,
ସର୍ବତଃ ଶ୍ରୁତିମଲ୍ଲୋକେ, ସର୍ବମାବୃତ୍ୟ ତିଷ୍ଠତି । ୧୪ ।
ସର୍ବେନ୍ଦ୍ରିୟଗୁଣାଭାସଂ, ସର୍ବେନ୍ଦ୍ରିୟବିବର୍ଜିତଂ,
ଅସକ୍ତଃ ସର୍ବଭୃଚ୍ଚୈବ, ନିର୍ଗୁଣଂ ଗୁଣଭୋକ୍ତୃ ଚ । ୧୫ ।
ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ,
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ, ଦୂରସ୍ଥଂ ଚାନ୍ତିକେ ଚ ତତ୍ । ୧୬ ।

ଅବିଭକ୍ତଞ୍ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍
ଭୂତଭର୍ତ୍ତୃ ଚ ତଜ୍‌ଜ୍ଞେୟଂ, ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ । ୧୭ ।
ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ,
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ, ହୃଦି ସର୍ବସ୍ୟ ବିଷ୍ଠିତଂ । ୧୮ ।
ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଞ୍ଚୋକ୍ତଂ ସମାସତଃ;
ମଦ୍ଭକ୍ତ ଏତଦ୍‌ବିଜ୍ଞାୟ, ମଦ୍ଭାବାୟୋପପଦ୍ୟତେ । ୧୯ ।

ଅର୍ଥ—ଯାହା ଜ୍ଞେୟ ତାହା ବର୍ତ୍ତମାନ କରୁଛି । ଯାହା ଜାଣିଲେ ଅମୃତତ୍ୱ ଲାଭ ହୁଏ ତାହା ଅନାଦି, ପରମ ବ୍ରହ୍ମ, ତାହା ସତ୍ ନୁହନ୍ତି କି ଅସତ ନୁହନ୍ତି, ସର୍ବତ୍ର ହସ୍ତପଦ ବିଶିଷ୍ଟ, ସର୍ବତ୍ର ଚକ୍ଷୁ ମସ୍ତକ ଓ ମୁଖଯୁକ୍ତ । ସର୍ବତ୍ର କର୍ଣ୍ଣ ବିଶିଷ୍ଟ ଏବଂ ସମସ୍ତ ସଂସାରକୁ ଆବୃତ୍ତ କରି ରହି ଅଛନ୍ତି । ୧୩-୧୪ । ସର୍ବେନ୍ଦ୍ରିୟ ବିବର୍ଜିତ ହୋଇ ସୁଦ୍ଧା ସର୍ବେନ୍ଦ୍ରିୟ ଶକ୍ତି ସମ୍ପନ୍ନ, କାହାରି ସହିତ ସମ୍ବନ୍ଧ ନ ଥାଇ ସୁଦ୍ଧା ସମସ୍ତଙ୍କର ଆଧାର ଭୂତ, ନିର୍ଗୁଣ ହୋଇ ସୁଦ୍ଧା ଗୁଣ ସବୁର ଭୋକ୍ତା, ପ୍ରାଣୀମାନଙ୍କର ବାହାର ଓ ଅନ୍ତର, ଅଚର ଓ ଚର, ସୂକ୍ଷ୍ମ ହୋଇଥିବା ଯୋଗୁଁ ଅବିଜ୍ଞେୟ, ଦୂରସ୍ଥ ଓ ନିକଟସ୍ଥ, ଭୂତମାନଙ୍କ ମଧ୍ୟରେ ଅବିଭକ୍ତ ଥିଲେ ସୁଦ୍ଧା ବିଭକ୍ତ ହୋଇ ରହିଥିବା ପରି ଅବସ୍ଥିତ, ଭୂତମାନଙ୍କର ପାଳକ, ଗ୍ରାସକ ଓ ଉତ୍ପାଦକ । ୧୫-୧୭ । ଜ୍ୟୋତିମାନଙ୍କର ଜ୍ୟୋତି, ଅନ୍ଧକାରର ବହିର୍ଭୂତ, ଜ୍ଞାନ, ଜ୍ଞେୟ ଓ ଜ୍ଞାନଗମ୍ୟ ଏବଂ ସମସ୍ତଙ୍କର ହୃଦୟରେ ଅଧିଷ୍ଠିତ ଅଟନ୍ତି । । ୧୮ । କ୍ଷେତ୍ର, ଜ୍ଞାନ ଓ ଜ୍ଞେୟ ବିଷୟରେ ଏହିପରି ସଂକ୍ଷେପରେ କୁହାଗଲା । ମୋର ଭକ୍ତ ଏହା ଜାଣି ମୋର ଭାବ ପ୍ରାପ୍ତ ହେବାକୁ ଯୋଗ୍ୟ ହୁଅନ୍ତି । ୧୯ ।

ପ୍ରକୃତିଂ ପୁରୁଷଞ୍ଚୈବ ବିଦ୍ଧ୍ୟନାଦୀ ଉଭାବପି,
ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତିସମ୍ଭବାନ । ୨୦ ।
କାର୍ଯ୍ୟକାରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ,
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ।୨୧ ।
ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍ ଗୁଣାନ୍,
କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍ ଯୋନିଜନ୍ମସୁ । ୨୨ ।

*

ଅର୍ଥ—ପ୍ରକୃତି ଓ ପୁରୁଷ ଏ ଉଭୟଙ୍କୁ ଅନାଦି ବୋଲି ଜାଣ । ବିକାର ସବୁକୁ ଏବଂ ଗୁଣ ସବୁକୁ ପ୍ରକୃତିରୁ ସମୁତ୍ପନ୍ନ ବୋଲି ଜାଣ ।୨୦। କାର୍ଯ୍ୟ ଓ କାରଣର କର୍ତ୍ତୃତ୍ୱ ବିଷୟରେ ପ୍ରକୃତି ହେତୁ ବୋଲି ଏବଂ ପୁରୁଷ ସୁଖ ଦୁଃଖର ଭୋକ୍ତୃତ୍ୱର ହେତୁ ବୋଲି କଥିତ ।୨୧। ପୁରୁଷ ପ୍ରକୃତିସ୍ଥ ହୋଇ ପ୍ରକୃତିଜାତ ଗୁଣ ସବୁକୁ ଭୋଗ କରେ । ଗୁଣ ସବୁ ସହିତ ପୁରୁଷର ଯେ ସମ୍ବନ୍ଧ ତାହା ପୁରୁଷର ସତ୍ ଓ ଅସତ୍ ଯୋନିରେ ଜନ୍ମ ହେବାର କାରଣ ଅଟେ । ୨୨ ।

ଉପଦ୍ରଷ୍ଟାନୁମନ୍ତା ଚ, ଭର୍ତ୍ତା ଭୋକ୍ତା ମହେଶ୍ୱରଃ,
ପରମାତ୍ମେତି ଚାପ୍ୟୁକ୍ତୋ, ଦେହେଽସ୍ମିନ୍ ପୁରୁଷଃ ପରଃ ।୨୩ ।
ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଞ୍ଚ ଗୁଣୈଃ ସହ,
ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ।୨୪ ।

ଅର୍ଥ—ଏହି ଦେହରେ ଉପଦ୍ରଷ୍ଟା ବା ସାକ୍ଷୀ ସ୍ୱରୂପ, ଅନୁମନ୍ତା ବା ଅନୁମୋଦନ କର୍ତ୍ତା, ଭର୍ତ୍ତା, ଭୋକ୍ତା ଓ ମହେଶ୍ୱର ବୋଲି ଜଣେ ଉତ୍ତମ ପୁରୁଷ ଅଛନ୍ତି । ସେ ପରମାତ୍ମା ବୋଲି କଥିତ । ୨୩ । ପୁରୁଷଙ୍କୁ ଯେ ଏହିପରି ଭାବରେ ଜାଣନ୍ତି ଏବଂ ଗୁଣସବୁ ସହିତ ଯେ ପ୍ରକୃତିକୁ ଜାଣନ୍ତି, ସେ କୌଣସି ଅବସ୍ଥାରେ ଥିଲେ ସୁଦ୍ଧା ସେ ପୁନରାୟ ଜନ୍ମ ଗ୍ରହଣ କରନ୍ତି ନାହିଁ । ୨୪ ।

ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା,
ଅନ୍ୟେ ସାଂଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ । ୨୫ ।
ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ;
ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ।୨୬ ।
ଯାବତ୍ ସଂଜାୟତେ କିଞ୍ଚିତ୍ ସତ୍ତ୍ୱଂ ସ୍ଥାବରଜଙ୍ଗମମ୍
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ତଦ୍ ବିଦ୍ଧି ଭରତର୍ଷଭ । ୨୭ ।

ଅର୍ଥ—କେହି ଧ୍ୟାନ ଦ୍ୱାରା ସେହି ଆତ୍ମାଙ୍କୁ ସେହି ଆତ୍ମାଦ୍ୱାରା ନିଜଠାରେ ଦେଖନ୍ତି । ଅନ୍ୟମାନେ ସାଂଖ୍ୟ ଯୋଗଦ୍ୱାରା ଏବଂ ଅନ୍ୟମାନେ କର୍ମଯୋଗଦ୍ୱାରା ଦେଖନ୍ତି । ୨୫ । ଅନ୍ୟମାନେ ଏହା ନ ଜାଣି କେବଳ ଅନ୍ୟଠାରୁ ଶୁଣି ସେହି ଆତ୍ମାର ଉପାସନା କରନ୍ତି । ସେମାନେ ମଧ୍ୟ

ଶ୍ରୁତିପରାୟଣ ହୋଇ ମୃତ୍ୟୁକୁ ଅତିକ୍ରମ କରନ୍ତି । ୨୬ । ହେ ଭରତର୍ଷଭ ! ସ୍ଥାବର ଜଙ୍ଗମ ଯାହା କିଛି ସତ୍ତ୍ୱ ଜନ୍ମେ, ତାହା କ୍ଷେତ୍ର ଓ କ୍ଷେତ୍ରଜ୍ଞର ସଂଯୋଗରୁ ଜନ୍ମେ, ଏ କଥା ଜାଣ । ୨୭ ।

ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ, ପରମେଶ୍ୱରମ୍,
ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ, ଯଃ ପଶ୍ୟତି ସ ପଶ୍ୟତି । ୨୮ ।
ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍,
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ । ୨୯ ।
ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ,
ଯଃ ପଶ୍ୟତି, ତଥାତ୍ମାନମକର୍ତ୍ତାରଂ, ସ ପଶ୍ୟତି । ୩୦ ।

ଅର୍ଥ—ବିନାଶଶୀଳ ମଧ୍ୟରେ ଅବିନାଶୀ ପରମେଶ୍ୱରଙ୍କୁ ସବୁ ପ୍ରାଣୀଙ୍କଠାରେ ସମାନ ଭାବରେ ଅବସ୍ଥିତ ଥିବାର ଯେ ଦେଖନ୍ତି, ସେ ପ୍ରକୃତରେ ଦେଖନ୍ତି । ୨୮ । ସର୍ବତ୍ର ସମାନ ଭାବରେ ସମବସ୍ଥିତ ଈଶ୍ୱରଙ୍କୁ ଦର୍ଶନ କରୁଥିବା ବ୍ୟକ୍ତି ନିଜେ ନିଜକୁ ହିଂସା କରନ୍ତି ନାହିଁ । ସେହି କାରଣରୁ ସେ ପରମାଗତି ପ୍ରାପ୍ତ ହୁଅନ୍ତି । ୨୯ । ପ୍ରକୃତି ଦ୍ୱାରା ସକଳ କର୍ମ କ୍ରିୟମାଣ ହେଉଅଛି ଜାଣି ଯେ ନିଜକୁ ଅକର୍ତ୍ତା ବୋଲି ଦେଖନ୍ତି; ସେ ପ୍ରକୃତରେ ଦେଖନ୍ତି । ୩୦ ।

ଯଦା ଭୂତପୃଥଗ୍‌ଭାବମେକସ୍ଥମନୁପଶ୍ୟତି,
ତତ ଏବ ଚ ବିସ୍ତାରଂ, ବ୍ରହ୍ମ ସମ୍ପଦ୍ୟତେ ତଦା । ୩୧ ।
ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ,
ଶରୀରସ୍ଥୋଽପି କୌନ୍ତେୟ ! ନ କରୋତି ନ ଲିପ୍ୟତେ । ୩୨ ।
ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ,
ସର୍ବତ୍ରାବସ୍ଥିତୋ ଦେହେ ତଥାଽଽତ୍ମା ନୋପଲିପ୍ୟତେ । ୩୩ ।
ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ;
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ! ୩୪ ।
କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ, ଜ୍ଞାନଚକ୍ଷୁଷା;
ଭୂତପ୍ରକୃତିମୋକ୍ଷଂ ଚ, ଯେ ବିଦୁର୍ଯାନ୍ତି ତେ ପରଂ । ୩୫ ।

ଅର୍ଥ—ଯେଉଁ ଅବସ୍ଥାରେ ମନୁଷ୍ୟ ସବୁ ପ୍ରାଣୀଙ୍କର ପୃଥକ୍ ପୃଥକ୍ ଭାବ ବା ଅସ୍ତିତ୍ୱକୁ ସେହି ଏକ ପରମାତ୍ମାଙ୍କଠାରେ ରହିଥିବାର ଏବଂ ତାଙ୍କଠାରୁ ସେହି ସବୁ ପୃଥକ୍ ପୃଥକ୍ ଅସ୍ତିତ୍ୱର ବିସ୍ତାର ହୋଇଥିବାର ଅନୁଦର୍ଶନ କରନ୍ତି, ସେହି ଅବସ୍ଥାରେ ସେ ବ୍ରହ୍ମତ୍ୱ ଲାଭ କରନ୍ତି । ୩୧ । ହେ କୌନ୍ତେୟ ! ଅବ୍ୟୟ ପରମାତ୍ମାଙ୍କର ଅନାଦିତ୍ୱ ଏବଂ ନିର୍ଗୁଣତ୍ୱ ହେତୁ ଶରୀରସ୍ଥ ହେଲେ ମଧ୍ୟ ସେ କିଛି କରନ୍ତି ନାହିଁ କିମ୍ବା କାହିଁରେ ଲିପ୍ତ ହୁଅନ୍ତି ନାହିଁ । ୩୨ । ସର୍ବଗତ ବାୟୁ ସୂକ୍ଷ୍ମତ୍ୱ ହେତୁ ଯେପରି କାହିଁରେ ଉପଲିପ୍ତ ହୁଏ ନାହିଁ, ସେହିପରି ସବୁ ଦେହରେ ଅବସ୍ଥିତ ଆତ୍ମା ସୂକ୍ଷ୍ମତ୍ୱ ହେତୁ କାହିଁରେ ଉପଲିପ୍ତ ହୁଅନ୍ତି ନାହିଁ । ୩୩ । ହେ ଭାରତ ! ଗୋଟିଏ ସୂର୍ଯ୍ୟ ସମସ୍ତ ସଂସାରକୁ ଆଲୋକିତ କଲାପରି କ୍ଷେତ୍ରୀ ବା ଆତ୍ମା ସମୁଦାୟ କ୍ଷେତ୍ରକୁ ଅର୍ଥାତ୍ ଶରୀରକୁ ଆଲୋକିତ କରନ୍ତି ।୩୪। କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି, ସେହି ପାର୍ଥକ୍ୟକୁ ଏବଂ ପ୍ରକୃତିରୁ ବା ଦେହରୁ ପ୍ରାଣୀମାନଙ୍କର ମୁକ୍ତିକୁ ବା ସ୍ୱାତନ୍ତ୍ର୍ୟକୁ ଯେଉଁମାନେ ଜ୍ଞାନଚକ୍ଷୁ ଦ୍ୱାରା ଜାଣନ୍ତି, ସେମାନେ ସେହି ପରମା ଗତି ଲାଭ କରନ୍ତି । ୩୫ ।

## ସାର କଥା

ମନୁଷ୍ୟର କେତୋଟି ( ଶାସ୍ତ୍ରୋକ୍ତ ପାଞ୍ଚଟି ) ଦେହ ଅଛି । ଏହି ପାଞ୍ଚଟି ଦେହ ଭିତରେ ସେ ରହିଅଛି । ସେ ଏହି ଦେହ ବା ଦେହ ସବୁ ନୁହେଁ । ସେ ହେଉଛି ଦେହସବୁ ଭିତରେ ରହିଥିବା ପ୍ରକୃତ ମନୁଷ୍ୟ । ଏହି ଦେହୀକୁ ଜୀବାତ୍ମା କୁହାଯାଏ । ଏହି ଜୀବାତ୍ମାକୁ ଛାଡ଼ି ଆଉ ଜଣେ ପରମପୁରୁଷ ଅଛନ୍ତି—ଯାହାଙ୍କୁ ପରମାତ୍ମା କୁହାଯାଏ । ସେହି ପରମାତ୍ମାଙ୍କଠାରୁ ସବୁ ପ୍ରାଣୀଙ୍କର ଉତ୍ପତ୍ତି ଓ ବିସ୍ତାର । ଅତଏବ ପ୍ରତ୍ୟେକ ମନୁଷ୍ୟ ସହିତ ସମସ୍ତ ବିଶ୍ୱର ଘନିଷ୍ଠ ସମ୍ବନ୍ଧ ରହିଅଛି ଏବଂ ପ୍ରତ୍ୟେକ ମନୁଷ୍ୟର—ଯଥାର୍ଥ ମଙ୍ଗଳ ଓ ଅମଙ୍ଗଳ ସମସ୍ତ ବିଶ୍ୱର ଓ ସମସ୍ତ ମାନବ ସମାଜର ମଙ୍ଗଳ ଓ ଅମଙ୍ଗଳ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରୁଅଛି । ନିଜକୁ ନିଜର ଦେହ ବା ଦେହସବୁଠାରୁ ପୃଥକ୍ ବୋଲି ଉପଲବ୍ଧି କରିବାହିଁ ପ୍ରକୃତରେ ମୁକ୍ତି ।

— —

# ଚତୁର୍ଦ୍ଦଶ ଅଧ୍ୟାୟ—ଗୁଣତ୍ରୟ ବିଭାଗ ଯୋଗ

### ଶ୍ରୀକୃଷ୍ଣ ଉବାଚ

ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍,
ଯଜ୍ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋଗତାଃ । ୧ ।
ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ,
ସର୍ଗେଽପି ନୋପଜାୟନ୍ତେ, ପ୍ରଳୟେ ନ ବ୍ୟଥନ୍ତି ଚ । ୨ ।

### ଶ୍ରୀକୃଷ୍ଣ କହିଲେ

ଅର୍ଥ—ଜ୍ଞାନମାନଙ୍କ ମଧ୍ୟରେ ଉତ୍ତମ ଓ ପରମଜ୍ଞାନ ପୁନର୍ବାର ମୁଁ ତୁମ୍ଭଙ୍କୁ କହିବି । ଯାହା ଜାଣି ମୁନିମାନେ ପରମା ସିଦ୍ଧି ପ୍ରାପ୍ତ ହୋଇ-ଅଛନ୍ତି । ୧ । ଏହି ଜ୍ଞାନକୁ ଆଶ୍ରୟ କରି ଯେଉଁମାନେ ମୋର ସାଧର୍ମ୍ମ୍ୟ ବା ସ୍ୱଭାବ ଲାଭ କରିଅଛନ୍ତି, ସୃଷ୍ଟି ସମୟରେ ମଧ୍ୟ ସେମାନେ ଜନ୍ମ ଗ୍ରହଣ କରନ୍ତି ନାହିଁ କିମ୍ବା ପ୍ରଳୟ ସମୟରେ ବ୍ୟଥିତ ହୁଅନ୍ତି ନାହିଁ । ୨ ।

ମମ ଯୋନିର୍ମହଦ୍‌ବ୍ରହ୍ମ, ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍,
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ! । ୩ ।
ସର୍ବଯୋନିଷୁ କୌନ୍ତେୟ ! ମୂର୍ତ୍ତୟଃ ସମ୍ଭବନ୍ତି ଯାଃ,
ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା । ୪ ।

ଅର୍ଥ—ହେ ଭାରତ ! ମହତ୍ ବ୍ରହ୍ମ ହେଉଛି—ମୋର ଯୋନି ଅର୍ଥାତ୍ ଗର୍ଭାଧାନର ସ୍ଥାନ । ମୁଁ ସେଥିରେ ଗର୍ଭ ଅର୍ଥାତ୍ ବୀଜ ସ୍ଥାପନ କରେ; ତେଣୁ ସବୁ ପ୍ରାଣୀଙ୍କର ଉତ୍ପତ୍ତି ହୁଏ । ୩ । ହେ କୌନ୍ତେୟ ! ସକଳ ଯୋନିରେ ଯେଉଁ ମୂର୍ତ୍ତିସମୂହ ଉତ୍ପନ୍ନ ହୁଅନ୍ତି, ମହତ୍ ବ୍ରହ୍ମ ସମସ୍ତଙ୍କର ମାତା ଏବଂ ମୁଁ ବୀଜପ୍ରଦ ପିତା ଅଟେ । ୪ ।

ଟିପ୍‌ପଣୀ—ଦ୍ୱିଜତ୍ୱ କାହାକୁ କହନ୍ତି ତାହା ଏହି ଦୁଇଟି ଶ୍ଳୋକରେ ଲୁଚାଯାଇ ଅଛି । ସାଧାରଣତଃ ବ୍ରାହ୍ମଣମାନଙ୍କୁ ଲୋକେ ଦ୍ୱିଜ କହନ୍ତି । ମାତ୍ର ଶାସ୍ତ୍ରାନୁସାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ସମସ୍ତେ ଦ୍ୱିଜ ଅଟନ୍ତି ।

ବ୍ରହ୍ମ କ୍ଷତ୍ରିୟ ବିଟ୍‌ଶୂଦ୍ରା ବର୍ଣ୍ଣାସ୍ତ୍ୱାଦ୍ୟାସ୍ତ୍ରୟୋ ଦ୍ୱିଜାଃ—।

ସାଧାରଣତଃ ମନୁଷ୍ୟର ଧାରଣା ଏହି କି, ବାପର ଔରସରୁ ଓ ମାଆର ଗର୍ଭରୁ ତାହାର ଉତ୍ପତ୍ତି ଏବଂ ତାହାର ଜୀବନ କାଳ ହେଉଛି ମାତୃଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ । ମାତ୍ର ଯେଉଁଦିନ ମନୁଷ୍ୟ ଉପଲବ୍‌ଧି କରିବ ଯେ ତାର ଏହି ଦେହଟାର ଉତ୍ପତ୍ତି ହେଉଛି ବାପର ଔରସରୁ ଓ ମାଆର ଗର୍ଭରୁ ମାତ୍ର, ତାର ନିଜର ଉତ୍ପତ୍ତି ହେଉଛି ପ୍ରକୃତିର ଗର୍ଭରୁ ଏବଂ ବୃନ୍ଦିତନ୍ତ୍ର ବା ଶ୍ରୀକୃଷ୍ଣ ହେଉଛନ୍ତି ବୀଜପ୍ରଦ ପିତା ଏବଂ ତାର ଜୀବନ କାଳ ହେଉଛି ଅନାଦି ଓ ଅନନ୍ତ, ସେହିଦିନ ସେ ଦ୍ୱିଜତ୍ୱ ଲାଭ କରିବ । ସେ ମୁସଲମାନ ହେଉ ବା ଖ୍ରୀଷ୍ଟିଆନ୍ ହେଉ ବା ଅନ୍ୟ ଯାହାହେଉ, ଏହାହିଁ ପ୍ରତ୍ୟେକ ଲୋକର ଧର୍ମ ଜୀବନର ମୂଳଭିତ୍ତି ।

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ । ୫ ।
ତତ୍ର ସତ୍ତ୍ୱଂ, ନିର୍ମଳତ୍ୱାତ୍, ପ୍ରକାଶକମନାମୟମ ।
ସୁଖସଙ୍ଗେନ ବଧ୍ନାତି, ଜ୍ଞାନସଙ୍ଗେନ ଚାନଘ ! । ୬ ।
ରଜୋ ରାଗାତ୍ମକଂ ବିଦ୍ଧି, ତୃଷ୍ଣାସଙ୍ଗସମୁଦ୍ଭବମ୍,
ତନ୍ନିବଧ୍ନାତି, କୌନ୍ତେୟ କର୍ମ୍ମସଙ୍ଗେନ ଦେହିନମ୍ । ୭ ।
ତମସ୍ତ୍ୱ ଜ୍ଞାନଜଂ ବିଦ୍ଧି, ମୋହନଂ ସର୍ବଦେହିନାମ୍ ,
ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି, ଭାରତ ! । ୮ ।
ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମାଣି ଭାରତ,
ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ । ୯ ।
ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ !
ରଜଃ ସତ୍ତ୍ୱଂ ତମଶ୍ଚୈବ, ତମଃ ସତ୍ତ୍ୱଂ ରଜସ୍ତଥା । ୧୦ ।
ସର୍ବଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ,
ଜ୍ଞାନଂ ଯଦା ତଦା ବିଦ୍ୟାଦ୍ ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ । ୧୧ ।

ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମ୍ମଣାମଶମଃ ସ୍ପୃହା,
ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ । ୧୨ ।
ଅପ୍ରକାଶୋଽପ୍ରବୃତ୍ତିଶ୍ଚ, ପ୍ରମାଦୋ ମୋହ ଏବ ଚ,
ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ, କୁରୁନନ୍ଦନ ! । ୧୩ ।
ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍,
ତଦୋତ୍ତମବିଦାଂ ଲୋକାନମଲାନ୍ ପ୍ରତିପଦ୍ୟତେ । ୧୪ ।
ରଜସି ପ୍ରଳୟଂ ଗତ୍ୱା କର୍ମ୍ମସଙ୍ଗିଷୁ ଜାୟତେ;
ତଥା ପ୍ରଲୀନସ୍ତମସି ମୂଢଯୋନିଷୁ ଜାୟତେ । ୧୫ ।
କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍,
ରଜସସ୍ତୁ ଫଳଂଦୁଃଖମଜ୍ଞାନଂ ତମସଃ ଫଳମ୍ । ୧୬ ।
ସତ୍ତ୍ୱାତ୍ ସଞ୍ଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ,
ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ । ୧୭ ।

ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା, ମଧ୍ୟେ ତିଷ୍ଠନ୍ତି ରାଜସାଃ,
ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ । ୧୮ ।
ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି,
ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍ଭାବଂ ସୋଽଧିଗଚ୍ଛତି । ୧୯ ।
ଗୁଣାନେତାନତୀତ୍ୟ ତ୍ରୀନ୍ ଦେହୀ ଦେହସମୁଦ୍ଭବାନ୍,
ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ । ୨୦ ।

ଅର୍ଥ—ହେ ମହାବାହୋ ! ସତ୍ତ୍ୱ, ରଜ ଓ ତମ ଏହି ଗୁଣ ସବୁ ପ୍ରକୃତିରୁ ଜାତ । ଏମାନେ ଅବ୍ୟୟ ଦେହୀକୁ ଦେହରେ ଆବଦ୍ଧ କରନ୍ତି । ୫ ହେ ଅନଘ ! ସେହି ଗୁଣମାନଙ୍କ ମଧ୍ୟରେ ସତ୍ତ୍ୱଗୁଣ ନିଜର ନିର୍ମଳତ୍ୱ ପାଇଁ ଉଜ୍ଜ୍ୱଳ ଏବଂ ଶାନ୍ତ ଅଟେ । ତାହା ସୁଖ ପ୍ରତି ଓ ଜ୍ଞାନ ପ୍ରତି ଯେ ଆସକ୍ତି ସେହି ଆସକ୍ତିଦ୍ୱାରା ଦେହୀକୁ ଆବଦ୍ଧ କରେ । ୬ । ହେ କୌନ୍ତେୟ ! ରଜୋଗୁଣ ରାଗାତ୍ମକ ଅଟେ ଏବଂ ତାହା ତୃଷ୍ଣା ଓ ଆସକ୍ତିରୁ ଜାତ ବୋଲି ଜାଣ । ତାହା ଦେହୀକୁ କର୍ମ୍ମ ପ୍ରତି ଯେ ଆସକ୍ତି ସେହି ଆସକ୍ତି ଦ୍ୱାରା ଆବଦ୍ଧ କରେ । ୭ । ହେ ଭାରତ ! ତମୋଗୁଣ ଅଜ୍ଞାନରୁ ଜାତ ଏବଂ ଦେହୀମାନଙ୍କର ମୋହ ବୋଲି ଜାଣ । ତାହା ଦେହୀକୁ ପ୍ରମାଦ, ଆଳସ୍ୟ ଓ ନିଦ୍ରା-ଦ୍ୱାରା ଆବଦ୍ଧ କରେ । ୮ । ହେ ଭାରତ ! ସତ୍ତ୍ୱଗୁଣ ଦେହୀକୁ ସୁଖରେ

ସଂଯୁକ୍ତ କରେ ଏବଂ ରଜୋଗୁଣ କର୍ମରେ ସଂଯୁକ୍ତ କରେ । ତମୋଗୁଣ ଜ୍ଞାନକୁ ଆବୃତ କରି ପ୍ରମାଦରେ ସଂଯୁକ୍ତ କରେ । ୯ । ହେ ଭାରତ ! ସତ୍ତ୍ୱଗୁଣ, ରଜ ଓ ତମୋଗୁଣକୁ – ରଜୋଗୁଣ, ସତ୍ତ୍ୱ ଓ ତମୋଗୁଣକୁ ଏବଂ ତମୋଗୁଣ, ସତ୍ତ୍ୱ ଓ ରଜୋଗୁଣକୁ ଅଭିଭୂତ କରି ରହେ । ୧୦ । ଯେତେ-ବେଳେ ଏହି ଦେହର ସବଦ୍ୱାରରୁ ଜ୍ଞାନରୂପ ଆଲୋକ ବାହାରେ, ସେତେ-ବେଳେ ସତ୍ତ୍ୱଗୁଣ ବୃଦ୍ଧି ପାଉଅଛି ବୋଲି ଜାଣ । ୧୧ । ହେ ଭରତର୍ଷଭ ! ରଜୋଗୁଣ ବୃଦ୍ଧି ପାଇଲେ ଲୋଭ, ପ୍ରବୃତ୍ତି, କର୍ମସବୁର ଆରମ୍ଭ, ଅଶାନ୍ତି ଓ ସ୍ପୃହା ଏହିସବୁ ଜନ୍ମେ । ୧୨ । ହେ କୁରୁନନ୍ଦନ ! ତମୋଗୁଣ ବୃଦ୍ଧି ପାଇଲେ ଅନ୍ଧତା, ଜଡତା, ପ୍ରମାଦ ଓ ମୋହ ଜନ୍ମେ । ୧୩ । ଦେହଧାରୀ ଯଦି ସତ୍ତ୍ୱ ଗୁଣବୃଦ୍ଧି ପାଇଥିବା ବେଳେ ପ୍ରଳୟକୁ ପ୍ରାପ୍ତ ହୁଏ, ତେବେ ସେ ବଡ ବଡ ଜ୍ଞାନମାନଙ୍କର ଅମର ଲୋକ ଲାଭକରେ । ୧୪ । ରଜୋଗୁଣ ବୃଦ୍ଧି ପାଇଥିବାବେଳେ ପ୍ରଳୟକୁ ପ୍ରାପ୍ତ ହେଲେ କର୍ମାସକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଜନ୍ମ ପାଏ । ତମୋଗୁଣ ବୃଦ୍ଧି ପାଇଥିବା ଅବସ୍ଥାରେ ପ୍ରଲୀନ ବ୍ୟକ୍ତି ମୂଢ଼ ଯୋନିରେ ଜନ୍ମଗ୍ରହଣ କରେ । ୧୫ । ସୁକୃତ କର୍ମର ଫଳ ସାତ୍ତ୍ୱିକ ଓ ନିର୍ମଳ, ରଜୋଗୁଣର ଫଳ ଦୁଃଖ ଏବଂ ତମୋଗୁଣର ଫଳ ଅଜ୍ଞାନ ଅଟେ । ୧୬ । ସତ୍ତ୍ୱଗୁଣରୁ ଜ୍ଞାନ, ରଜୋଗୁଣରୁ ଲୋଭ ଏବଂ ତମୋଗୁଣରୁ ଅଜ୍ଞାନ, ମୋହ ଓ ପ୍ରମାଦ ଜନ୍ମେ ।୧୭ । ସତ୍ତ୍ୱପ୍ରଧାନ ବ୍ୟକ୍ତିମାନେ ଊର୍ଦ୍ଧ୍ୱକୁ ଗତି କରନ୍ତି; ରଜଃପ୍ରଧାନ ବ୍ୟକ୍ତିମାନେ ମଧ୍ୟରେ ଅବସ୍ଥାନ କରନ୍ତି ଏବଂ ଜଘନ୍ୟ ଗୁଣବୃତ୍ତିସ୍ଥ ତାମସ ବ୍ୟକ୍ତିମାନେ ଅଧୋଗମନ କରନ୍ତି ।୧୮। ଦ୍ରଷ୍ଟା ଯେତେବେଳେ ଗୁଣ ବ୍ୟତୀତ ଅନ୍ୟ କାହାରିକୁ କର୍ତ୍ତା ବୋଲି ନ ଦେଖନ୍ତି ଏବଂ ଗୁଣସବୁରୁ ଯେ ଅତୀତ ତାହାଙ୍କୁ ଦେଖନ୍ତି ସେତେବେଳେ ସେ ମୋତେ ପ୍ରାପ୍ତ ହୁଅନ୍ତି । ୧୯ । ଦେହଜାତ ଏହି ତିନିଗୁଣକୁ ଅତିକ୍ରମ କରି ଦେହୀ ଜନ୍ମ-ମରଣ ଓ ଜରାଜନିତ ଦୁଃଖରାଶିରୁ ବିମୁକ୍ତ ହୋଇ ଅମୃତ ବା ଅମରତାର ଆନନ୍ଦ ଭୋଗ କରନ୍ତି । ୨୦ ।

### ଅର୍ଜ୍ଜୁନ ଉବାଚ

କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି, ପ୍ରଭୋ !
କିମାଚାରଃ କଥଂ ଚୈତାଂ ସ୍ତ୍ରୀନ୍ ଗୁଣାନତିବର୍ତ୍ତତେ । ୨୦ ।

### ଅର୍ଜ୍ଜୁନ କହିଲେ

ଅର୍ଥ—ହେ ପ୍ରଭୋ ! ଏହି ତିନଗୁଣକୁ ଯେ ଅତିକ୍ରମ କରିଅଛନ୍ତି ତାଙ୍କର ଲକ୍ଷଣ ସବୁ କଅଣ ? ତାଙ୍କର ଆଚାର କଅଣ ? ସେ କପରି ଏହି ତିନଗୁଣକୁ ଅତିକ୍ରମ କରନ୍ତି । ୨୦ ।

ଟିପ୍ପଣୀ—୨ୟ ଅଧ୍ୟାୟ ଚଉବନ ଶ୍ଳୋକର ଟିପ୍ପଣୀ ଦେଖନ୍ତୁ । ସେଠାରେ ଅର୍ଜ୍ଜୁନ ପଚାରିଥିଲେ ସ୍ଥିତପ୍ରଜ୍ଞଙ୍କର ଲକ୍ଷଣ କଅଣ ଓ ଆଚାର ବ୍ୟବହାର କଅଣ । ଏଠାରେ ମଧ୍ୟ ଅର୍ଜ୍ଜୁନ ସେହିପରି ପଚାରୁଅଛନ୍ତି—ଗୁଣାତୀତ ବ୍ୟକ୍ତିର ଲକ୍ଷଣ କଅଣ ଓ ବାହ୍ୟିକ ଆଚାର ବ୍ୟବହାର କଅଣ । ସେଠାରେ ଶ୍ରୀକୃଷ୍ଣ ଯେଉଁପରି ଉତ୍ତର ଦେଇଅଛନ୍ତି, ଏଠାରେ ମଧ୍ୟ ଠିକ୍ ସେହିପରି ଉତ୍ତର ଦେଇଅଛନ୍ତି । ଶ୍ରୀକୃଷ୍ଣ କହୁଅଛନ୍ତି ଯେ ଗୁଣାତୀତ ବ୍ୟକ୍ତିଙ୍କୁ ଚିହ୍ନିବାକୁ ହେଲେ ବାହ୍ୟିକ ଲକ୍ଷଣ ଓ ବାହ୍ୟିକ ଆଚାର ବ୍ୟବହାର ସମ୍ପୂର୍ଣ୍ଣ ଅନାବଶ୍ୟକ । ତଳଲିଖିତ ସଦ୍‌ଗୁଣ ଗୁଡ଼ିକ ଅର୍ଜ୍ଜନ କରିପାରିଲେ ନିଜକୁ ତଥା ଅନ୍ୟକୁ ଗୁଣାତୀତ ବୋଲି ଜାଣିବାକୁ ହେବ ।

### ଶ୍ରୀକୃଷ୍ଣ ଉବାଚ

ପ୍ରକାଶଞ୍ଚ ପ୍ରବୃତ୍ତିଞ୍ଚ ମୋହମେବ ଚ, ପାଣ୍ଡବ !
ନ ଦ୍ୱେଷ୍ଟି ସଂପ୍ରବୃତ୍ତାନି, ନ ନିବୃତ୍ତାନି କାଙ୍‌କ୍ଷତି । ୨୨ ।
ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ,
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି, ନେଙ୍ଗତେ । ୨୩ ।
ସମଦୁଃଖସୁଖଃ ସ୍ୱସ୍ଥଃ, ସମଲୋଷ୍ଟାଶ୍ମକାଞ୍ଚନଃ,
ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ । ୨୪ ।
ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ,
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ । ୨୫ ।
ମାଞ୍ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ,
ସ ଗୁଣାନ୍ ସମତୀତ୍ୟୈତାନ୍, ବ୍ରହ୍ମଭୂୟାୟ କଳ୍ପତେ । ୨୬ ।
ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ,
ଶାଶ୍ୱତସ୍ୟ ଚ ଧର୍ମସ୍ୟ, ସୁଖସ୍ୟୈକାନ୍ତିକସ୍ୟ ଚ । ୨୭ ।

*

### ଶ୍ରୀକୃଷ୍ଣ କହିଲେ

ଅର୍ଥ—ହେ ପାଣ୍ଡବ ! ପ୍ରକାଶ କମ୍ବା ପ୍ରବୃତ୍ତି କମ୍ବା ମୋହ ଉପସ୍ଥିତ ହେଲେ ଯେ ଦ୍ୱେଷ କରନ୍ତି ନାହିଁ ଏବଂ ଉପସ୍ଥିତ ନ ହେଲେ ସେଥିପାଇଁ ଆକାଙ୍‌କ୍ଷା କରନ୍ତି ନାହିଁ, ଯେ ଉଦାସୀନ ଭାବରେ ରହିଥାନ୍ତି, ଗୁଣ ସବୁ ନିଜ ନିଜ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଏହା ଜାଣି ଯେ, ଗୁଣସବୁ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ, ସୁଖ ଦୁଃଖରେ ସମାନ, ଅସ୍ମୃସ୍ଥ, ଲୋଷ୍ଟ୍ର, ପାଷାଣ ଓ ସ୍ୱର୍ଣ୍ଣରେ ସମଭାବାପନ୍ନ, ପ୍ରିୟ ଓ ଅପ୍ରିୟରେ ତୁଲ୍ୟଜ୍ଞାନ, ଧୀର, ନିନ୍ଦା ଓ ପ୍ରଶଂସାରେ ସମାନ, ମାନ ଓ ଅପମାନରେ ସମାନ, ଶତ୍ରୁ ଓ ମିତ୍ର ପକ୍ଷରେ ସମାନ ଏବଂ ସବୁ ପ୍ରକାର ଉଦ୍ୟମ ପରିତ୍ୟାଗୀ ବ୍ୟକ୍ତି ଗୁଣାତୀତ ବୋଲି କଥିତ । ୨୨-୨୫ । ଅବ୍ୟଭିଚାରିଣୀ ଭକ୍ତି ଦ୍ୱାରା ଯେ ମୋତେ ସେବା କରନ୍ତି ସେ ମଧ୍ୟ ଏହି ଗୁଣସବୁ ଅତିକ୍ରମ କରି ବ୍ରହ୍ମ ହେବାପାଇଁ ଯୋଗ୍ୟ ହୁଅନ୍ତି । ୨୬ । ଯେହେତୁ ମୁଁ ହେଉଛି ବ୍ରହ୍ମର ରହିବାର ସ୍ଥାନ ଏବଂ ଅବ୍ୟୟ ଅମରତାର, ଶାଶ୍ୱତ ଧର୍ମର ଏବଂ ଐକାନ୍ତିକ ସୁଖରେ ରହିବାପାଇଁ ଏକମାତ୍ର ଆଶ୍ରୟ । ୨୭ ।

### ସାର କଥା

ଦେହୀ ଓ ଦେହକୁ ପୃଥକ୍ ଭାବରେ ଜାଣିବା ଆବଶ୍ୟକ, ଏ କଥା ତ୍ରୟୋଦଶ ଅଧ୍ୟାୟ ଶେଷ ଶ୍ଳୋକରୁ ଆମ୍ଭେମାନେ ବୁଝିପାରିଅଛୁ । ଏହି ଅଧ୍ୟାୟରେ କୁହାଗଲା ଯେ ସତ୍ତ୍ୱ, ରଜ ଓ ତମ ଏହି ତିନୋଟି ଗୁଣ ବା ତିନୋଟି ବନ୍ଧନ ଦେହରୁ ବାହାରି ଦେହୀକୁ ଦେହ ସହିତ ବାନ୍ଧି ରଖନ୍ତି ବୋଲି ଆମ୍ଭେମାନେ ଦେହୀକୁ ଦେହଠାରୁ ପୃଥକ୍ ଭାବରେ ଜାଣି ପାରୁ ନାହୁଁ । ଅତଏବ ଏହି ତିନୋଟି ଗୁଣରୁ ମୁକ୍ତ ହେବା ଆବଶ୍ୟକ । ଏହି ତିନୋଟିଗୁଣରୁ ମୁକ୍ତ ହେବାକୁ ହେଲେ ଯେଉଁସବୁ ସଦ୍‌ଗୁଣ ଅର୍ଜନ କରି ନିଜର ଜୀବନ ଗଠନ କରିବାକୁ ହେବ ତାହା ୨୨ରୁ ୨୫, ଏହି ଚାରୋଟି ଶ୍ଳୋକରେ କୁହାଯାଇଅଛି ।

---

# ପଞ୍ଚଦଶ ଅଧ୍ୟାୟ—ପୁରୁଷୋତ୍ତମ ଯୋଗ

## ଶ୍ରୀକୃଷ୍ଣ ଉବାଚ

ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟଂ,
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି, ଯସ୍ତଂ ବେଦ ସ ବେଦବିତ୍ । ୧ ।
ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖାଃ,
ଗୁଣପ୍ରବୃଦ୍ଧାଃ ବିଷୟପ୍ରବାଳାଃ,
ଅଧଶ୍ଚ ମୂଳାନ୍ୟନୁସନ୍ତତାନି,
କର୍ମାନୁବନ୍ଧୀନି ମନୁଷ୍ୟଲୋକେ । ୨ ।

ନ ରୂପମସ୍ୟେହ ତଥୋପଲଭ୍ୟତେ,
ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା,
ଅଶ୍ୱତ୍ଥମେନଂ ସୁବିରୂଢମୂଳ—
ମସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା । ୩ ।
ତତଃ ପଦଂ ତତ୍ ପରିମାର୍ଗିତବ୍ୟଂ,
ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ;
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ,
ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ । ୪ ।
ନିର୍ମାନମୋହା ଜିତସଙ୍ଗଦୋଷା,
ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈଃ,
ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍ । ୫ ।
ନ ତଦ୍ଭାସୟତେ ସୂର୍ଯ୍ୟୋ, ନ ଶଶାଙ୍କୋ ନ ପାବକଃ,
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । ୬ ।
ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ,
ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି । ୭ ।
ଶରୀରଂ ଯଦବାପ୍ନୋତି, ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ,
ଗୃହୀତ୍ୱୈତାନି ସଂଯାତି, ବାୟୁର୍ଗନ୍ଧାନିବାଶୟାତ୍ । ୮ ।
ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଞ୍ଚ ରସନଂ ଘ୍ରାଣମେବ ଚ,

ଅଧିଷ୍ଠାୟ, ମନଶ୍ଚାୟଂ, ବିଷୟାନୁପସେବତେ । ୯ ।
ଉତ୍କ୍ରାମନ୍ତଂ ସ୍ଥିତଂବାପି ଭୁଞ୍ଜାନଂ ବା ଗୁଣାନ୍ୱିତଂ,
ବିମୂଢା ନାନୁପଶ୍ୟନ୍ତି, ପଶ୍ୟନ୍ତି-ଜ୍ଞାନଚକ୍ଷୁଷଃ । ୧୦ ।
ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତଂ,
ଯତନ୍ତୋଽପ୍ୟ କୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ । ୧୧ ।
ଯଦାଦିତ୍ୟଗତଂ ତେଜୋ ଜଗଦ୍ଭାସୟତେଽଖିଳଂ,
ଯଚ୍ଚନ୍ଦ୍ରମସି, ଯଚ୍ଚାଗ୍ନୌ, ତତ୍ତେଜୋ ବିଦ୍ଧି ମାମକମ୍ । ୧୨ ।
ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା,
ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ । ୧୩ ।
ଅହଂ ବୈଶ୍ୱାନରୋଭୂତ୍ୱା, ପ୍ରାଣିନାଂ ଦେହମାଶ୍ରିତଃ,
ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ, ଚତୁର୍ବିଧମ୍ । ୧୪ ।
ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ,
ମତ୍ତଃସ୍ମୃତିର୍ଜ୍ଞାନମପୋହନଞ୍ଚ,
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ,
ବେଦାନ୍ତକୃଦ୍ ବେଦବିଦେବ ଚାହମ୍ । ୧୫ ।
ଦ୍ୱାବିମୌ ପୁରୁଷୌ ଲୋକେ, କ୍ଷରଶ୍ଚାକ୍ଷର ଏବ ଚ,
କ୍ଷରଃ ସର୍ବାଣି ଭୂତାନି, କୂଟସ୍ଥୋଽକ୍ଷର ଉଚ୍ୟତେ । ୧୬ ।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ,
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ । ୧୭ ।
ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ,
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ । ୧୮ ।
ଯୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍,
ସ ସର୍ବବିଦ୍ଭଜତି ମାଂ ସର୍ବଭାବେନ ଭାରତ ! । ୧୯ ।
ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ !
ଏତଦ୍ ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ।୨୦।

ଅର୍ଥ— ମୂଳ ଉପରକୁ ଏବଂ ଶାଖାସବୁ ତଳକୁ ଏପରି ଯେ ଅଶ୍ୱତ୍ଥ ବୃକ୍ଷ ତାହା ଅବ୍ୟୟ ବୋଲି କହନ୍ତି । ବେଦର ଛନ୍ଦ ସବୁ ହେଉଛି ଏହି ବୃକ୍ଷର ପତ୍ର ; ଯେ ଏହା ଜାଣନ୍ତି ସେ ବେଦଜ୍ଞ ଅଟନ୍ତି । ୧ । ଏହାର

ଶାଖାସବୁ ଗୁଣସବୁ ଦ୍ୱାରା ବୃଦ୍ଧିପ୍ରାପ୍ତ ହୋଇ ଏବଂ ବିଷୟରୂପ ପଲ୍ଲବ ଦ୍ୱାରା ଯୁକ୍ତ ହୋଇ ତଳକୁ ଓ ଉପରକୁ ବିସ୍ତୃତ ଏବଂ ମନୁଷ୍ୟଲୋକର କର୍ମାନୁବନ୍ଧୀ ମୂଳ ସବୁ ଅଧୋଭାଗରେ ବିସ୍ତୃତ ।୨। ଏହି ସଂସାରରୂପ ଅଶ୍ୱତ୍ଥ ବୃକ୍ଷର ରୂପ କେହି ଏହିପରି ଭାବରେ ଉପଲବ୍ଧି କରି ପାରନ୍ତି ନାହିଁ । ଏହାର ଅନ୍ତ, ଆଦି ଓ ସ୍ଥିତି ନାହିଁ । ଅତ୍ୟନ୍ତ ଦୃଢ଼ମୂଳ ଏହି ଅଶ୍ୱତ୍ଥକୁ ଅସଙ୍ଗ ବା ଅନାସକ୍ତିରୂପ ଶସ୍ତ୍ରଦ୍ୱାରା ଦୃଢଭାବରେ ଛେଦନ କରିସାରି ତାପରେ ସେହି ପରମ ପଦର ଅନୁସନ୍ଧାନ କରିବାକୁ ହେବ ଲମ୍ବା ବିଷ୍ଣୁଲୋକରେ ଗତି କରିବାକୁ ହେବ । ଯେଉଁ ବିଷ୍ଣୁଲୋକକୁ ଗଲେ ସେଠାରୁ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ହେବ ନାହିଁ, ଯାହାଙ୍କଠାରୁ ପୁରାତନ ପ୍ରବୃତ୍ତି ନିଃସୃତ ହୋଇଅଛି, ମୁଁ ସେହି ଆଦି ପୁରୁଷଙ୍କ ନିକଟକୁ ଯାଏ ବା ତାଙ୍କୁ ଆଶ୍ରୟ କରେ । ୩-୪ । ମାନ ଓ ମୋହଶୂନ୍ୟ ହୋଇ, ସଙ୍ଗଦୋଷକୁ ଜୟ କରି, ସର୍ବଦା ଆତ୍ମାରେ ଅବସ୍ଥିତ ହୋଇ, କାମନାସବୁରୁ ନିବୃତ୍ତ ହୋଇ ସୁଖ ଦୁଃଖାଦି ଦ୍ୱନ୍ଦ୍ୱରୁ ବିମୁକ୍ତ ହୋଇ ଅମୂଢ଼ ବ୍ୟକ୍ତିମାନେ ସେହି ଅବ୍ୟୟ ପଦକୁ ଗତି କରନ୍ତି । ୫ । ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ସେଠାରେ ଆଲୋକ ଦିଅନ୍ତି ନାହିଁ । ସେଠାକୁ ଗଲେ ଆଉ କେହି ସେଠାରୁ ଫେରନ୍ତି ନାହିଁ । ସେହି ସ୍ଥାନ ହେଉଛି ମୋର ପରମଧାମ । ୬ । ମୋର ନିଜର ଅଂଶ ଏହି ଜୀବଲୋକରେ ସନାତନ ଜୀବ ହୋଇ ମନକୁ ମିଶାଇ ପ୍ରକୃତିସ୍ଥ ଏହି ଛଅଟି ଇନ୍ଦ୍ରିୟମାନଙ୍କୁ ଆକର୍ଷଣ କରେ । ୭ । ମୋର ଅଂଶ ଏହି ଈଶ୍ୱର ଶରୀରକୁ ଗ୍ରହଣ କଲାବେଳେ ଏବଂ ତ୍ୟାଗ କଲାବେଳେ ବାୟୁ ଆଶ୍ରୟରୁ ଗନ୍ଧସବୁ ଗ୍ରହଣ କଲାପରି ଏହିମାନଙ୍କୁ ସଙ୍ଗରେ ଗ୍ରହଣ କରି ଗମନାଗମନ କରେ ।୮। ଏହି ଜୀବ ବା ଏହି ଈଶ୍ୱର ଶ୍ରୋତ୍ର,ଚକ୍ଷୁ, ଜିହ୍ୱା, ଘ୍ରାଣ ଓ ମନକୁ ଅଧିଷ୍ଠାନ କରି ବିଷୟ ସବୁ ଉପଭୋଗ କରନ୍ତି । ୯ । ଦେହ ତ୍ୟାଗକରି ଯାଆନ୍ତୁ ବା ଦେହରେ ଥାଆନ୍ତୁ ବା ଗୁଣାନ୍ୱିତ ହୋଇ ବିଷୟ ସବୁକୁ ଭୋଗ କରନ୍ତୁ, ବିମୂଢ଼ ବ୍ୟକ୍ତିମାନେ ଏହାଙ୍କୁ ଦେଖି ପାରନ୍ତି ନାହିଁ । ଯେଉଁମାନଙ୍କର ଜ୍ଞାନଚକ୍ଷୁ ଅଛି ସେମାନେ ଦେଖନ୍ତି । ୧୦ । ଯୋଗୀମାନେ ଯତ୍ନଶୀଳ ହୋଇ ଏହାଙ୍କୁ ଆତ୍ମାରେ ଅବସ୍ଥିତ ଥିବାର ଦେଖନ୍ତି । ଯତ୍ନଶୀଳ ହେଲେ ସୁଦ୍ଧା ଅକୃତାତ୍ମା ବ୍ୟକ୍ତିମାନେ ଏବଂ ବୁଦ୍ଧିହୀନ ବ୍ୟକ୍ତିମାନେ ଏହାଙ୍କୁ ଦେଖି ପାରନ୍ତି ନାହିଁ । ୧୧ । ଆଦିତ୍ୟ ଗତ ଯେଉଁ ତେଜ, ଏହି ଅଖିଳ ଜଗତକୁ ପ୍ରକାଶ କରେ ଏବଂ ଚନ୍ଦ୍ରମା ଓ ଅଗ୍ନିର ଯେଉଁ ତେଜ, ସେହି ତେଜ ମୋର ବୋଲି

ଜାଣ । ୧୨ । ପୃଥିବୀକୁ ପ୍ରବେଶ କରି ମୁଁ ମୋର ଶକ୍ତିଦ୍ୱାରା ଭୂତମାନଙ୍କୁ ଧାରଣ କରେ । ମୁଁ ରସାତ୍ମକ ସୋମ ହୋଇ ବୃକ୍ଷଲତାଦିମାନଙ୍କୁ ପୁଷ୍ଟ କରେ ।୧୩। ମୁଁ ବୈଶ୍ୱାନର ହୋଇ ଅର୍ଥାତ୍ ଜୀବଜୀଣଶକ୍ତି ରୂପ ଅଗ୍ନି ହୋଇ ପ୍ରାଣୀମାନଙ୍କର ଦେହକୁ ଆଶ୍ରୟ କରେ । ମୁଁ ପ୍ରାଣ ଓ ଅପାନ ବାୟୁକୁ ସଂଯୁକ୍ତ କରି ଚତୁର ପ୍ରକାର ଅନ୍ନ ପାକ କରେ । ୧୪ । ମୁଁ ମଧ୍ୟ ସମସ୍ତଙ୍କର ହୃଦୟରେ ସନ୍ନିବିଷ୍ଟ। ସ୍ମୃତି, ଜ୍ଞାନ ଏବଂ ସେମାନଙ୍କର ବିଲୋପ ମୋଠାରୁ ଉତ୍ପନ୍ନ । ବେଦ ସବୁ ଦ୍ୱାରା ଯାହା ବେଦ୍ୟ ତାହା ମୁଁ । ମୁଁ ହେଉଛି ବେଦାନ୍ତର କର୍ତ୍ତା । ବେଦ ଜାଣିବା ବ୍ୟକ୍ତି ହେଉଛି ମୁଁ । ୧୫ । ଏହି ସଂସାରରେ କ୍ଷର ଓ ଅକ୍ଷର ଏହି ଉଭୟ ହେଉଛି ପୁରୁଷ । ଭୂତମାନେ ହେଉଛନ୍ତି କ୍ଷର ଏବଂ ଯାହା କୂଟସ୍ଥ ତାହା ଅକ୍ଷର । ୧୬ । କିନ୍ତୁ ଆଉ ଗୋଟିଏ ଉତ୍ତମ ପୁରୁଷ ଅଛନ୍ତି ଯେ କି ପରମାତ୍ମା ବୋଲି କଥିତ । ଯେଉଁ ଅବ୍ୟୟ ଈଶ୍ୱର ( ପରମାତ୍ମା ) ଲୋକତ୍ରୟ ମଧ୍ୟରେ ପ୍ରବେଶ କରି ସମସ୍ତଙ୍କୁ ପାଳନ କରନ୍ତି । ୧୭ । ( ପରମାତ୍ମା ବୋଲି ଆଉ ଗୋଟିଏ ଉତ୍ତମ ପୁରୁଷ ଥିଲେ ସୁଦ୍ଧା) ଯେହେତୁ ମୁଁ କ୍ଷରରୁ ଅତୀତ ଏବଂ ଅକ୍ଷର ଅପେକ୍ଷା ଉତ୍ତମ, ସେଥିପାଇଁ ସଂସାରରେ ଓ ବେଦରେ ମୁଁ ପୁରୁଷୋତ୍ତମ ବୋଲି କଥିତ ।୧୮। ହେ ଭାରତ ! ସଂଶୟ ଶୂନ୍ୟ ହୋଇ ଯେ ମୋତେ ଏହିପରି ପୁରୁଷୋତ୍ତମ ବୋଲି ଜାଣନ୍ତି, ସବୁ ବିଷୟ ଜାଣି ସେ ମୋତେ ସର୍ବତୋଭାବେ ଭଜନ କରନ୍ତି । ୧୯ । ହେ ଅନଘ ! ହେ ଭାରତ ! ଏହି ଗୁହ୍ୟତମ ଶାସ୍ତ୍ର ମୋଦ୍ୱାରା ଏହିପରି ଉକ୍ତ ହେଲା । ଏହାକୁ ଜାଣି ଲୋକ ବୁଦ୍ଧିମାନ୍ ଓ କୃତକୃତ୍ୟ ହୁଏ । ୨୦ ।

## ସାର କଥା

ସଂସାରକୁ ଗୋଟିଏ ଅଶ୍ୱତ୍ଥ ଗଛ ସଙ୍ଗେ ତୁଳନା କରାଯାଇଅଛି । ଅଶ୍ୱତ୍ଥ କଥାଟିର ଅର୍ଥ ହେଉଛି ଯାହା କାଲି ପର୍ଯ୍ୟନ୍ତ ରହିବ ନାହିଁ । ଅତଏବ ଅଶ୍ୱତ୍ଥ ଗଛ କହିବାଦ୍ୱାରା ଆମେ ଯେଉଁ ଓସ୍ତ ଗଛ ବୁଝୁଁ ତାହା ନୁହେଁ । ସଂସାରକୁ ଏପରି ଗୋଟିଏ ଗଛ ସଂଗେ ତୁଳନା କରାଯାଇ ଅଛି, ଯାହା ଅଶ୍ୱତ୍ଥ ଅଥଚ ଅବ୍ୟୟ ଅଟେ । ସମ୍ ସରତୀତି ସଂସାରଃ । ଯାହା ସର୍ବଦା ବଦଳି ଯାଉଛି ତାହାର ନାମ ସଂସାର । ସର୍ବଦା ବଦଳି

ଗଲେ ମଧ୍ୟ ଏହା ଅବ୍ୟୟ ବୋଲି କଥିତ ଅର୍ଥାତ୍ ଏହାର ବିନାଶ ନାହିଁ । ଏହି ସଂସାର ରୂପ ଗଛର ମୂଳଟି ଉପରେ ରହିଅଛି; ମାତ୍ର ଏହି ମନୁଷ୍ୟ ଲୋକର କର୍ମାନୁବନ୍ଧୀ ମୂଳସବୁ ତଳଆଡ଼େ ରହିଅଛି । ପ୍ରଥମ ଦୁଇଟି ଶ୍ଳୋକରୁ ପ୍ରକାଶ ଯେ ସଂସାର ଗଛର ମୂଳ ଗୋଟିଏ ଏବଂ ତାହା ଉପରେ (ସେହି ଅକ୍ଷୟ ସତ୍ତାଙ୍କଠାରେ) ରହିଅଛି; ମାତ୍ର ସଂସାରରେ ଯେତେ ମନୁଷ୍ୟ ଅଛନ୍ତି ପ୍ରତ୍ୟେକ ମନୁଷ୍ୟର କର୍ମ ଗୋଟିଏ ଗୋଟିଏ ମୂଳ । ଅତଏବ କୋଟି କୋଟି ମୂଳ ତଳ ଆଡ଼କୁ ବିସ୍ତୃତ । ପ୍ରତ୍ୟେକ ମନୁଷ୍ୟ ନିଜ ନିଜ କର୍ମରେ ଆବଦ୍ଧ ଥିଲେ ମଧ୍ୟ ସର୍ବଦା ତଳୁ ଉପରକୁ ଗତି କରୁଅଛି । ଅର୍ଥାତ୍ ନିଜର କ୍ରମବିକାଶ ପଥରେ ସର୍ବଦା ଅଗ୍ରସର ହେଉଅଛି ।

କର୍ମ ବନ୍ଧନରେ ଆବଦ୍ଧ ରହିଥିବା ପର୍ଯ୍ୟନ୍ତ ମନୁଷ୍ୟକୁ ବାରମ୍ବାର ଏହି ସଂସାରରେ ଜନ୍ମ ନେବାକୁ ହେଉଥିବ । ୩ୟ ଓ ୪ର୍ଥ ଶ୍ଳୋକ ଦୁଇଟିରେ ବୁଝାଗଲା ଯେ ଅନାଶକ୍ତି ରୂପ ଶସ୍ତ୍ର ଦ୍ୱାରା କର୍ମ ବନ୍ଧନରେ ଆବଦ୍ଧ ଏହି ସଂସାରକୁ ଛିନ୍ନ କଲାପରେ ବିଷ୍ଣୁ ଲୋକରେ ଜନ୍ମନେବାକୁ ହେବ, କର୍ମ ସନ୍ନ୍ୟାସ ଦ୍ୱାରା ନୁହେଁ କିମ୍ବା ଶାସ୍ତ୍ରବିଧି ସବୁର ଅନ୍ଧଅନୁସରଣ ଦ୍ୱାରା ନୁହେଁ । ଯାହାଙ୍କୁ ଲୋକେ ପୁରୁଷୋତ୍ତମ ବୋଲି କହନ୍ତି ଏବଂ ବେଦରେ ଯେଉଁ ପୁରୁଷୋତ୍ତମ ବୁଝାଯାଇଅଛି— ଶ୍ରୀକୃଷ୍ଣ ହେଉଛନ୍ତି ସେ ପୁରୁଷୋତ୍ତମ । କାରଣ, ବୁଦ୍ଧିତତ୍ତ୍ୱ ହେଉଛି କ୍ଷରରୁ ଅର୍ଥାତ୍ ସ୍ଥୂଳ ସଂସାରରୁ ଅତୀତ ଏବଂ ଅକ୍ଷରରୁ ଅର୍ଥାତ୍ କାମନା ତତ୍ତ୍ୱ ଏବଂ ମନସ୍ତତ୍ତ୍ୱ ଅପେକ୍ଷା ଉତ୍ତମ । ଏହି ବୁଦ୍ଧି ତତ୍ତ୍ୱ ହେଉଛି ପୁରୁଷୋତ୍ତମ ।

## ଷୋଡ଼ଶ ଅଧ୍ୟାୟ—( ଦୈବାସୁର ସମ୍ପଦ ବିଭାଗ ଯୋଗ)

### ଶ୍ରୀକୃଷ୍ଣ ଉବାଚ

ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ,
ଦାନଂ ଦମଶ୍ଚ, ଯଜ୍ଞଶ୍ଚ, ସ୍ୱାଧ୍ୟାୟସ୍ତପ ଆର୍ଜବମ୍ । ୧ ।
ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍,
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ, ମାର୍ଦ୍ଦବଂ ହ୍ରୀରଚାପଲମ୍ । ୨ ।
ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା,
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ, ଭାରତ ।୩।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ଭରତ ! ଦୈବୀ ସମ୍ପଦ ସହିତ ଜାତ ହୋଇଥିବା ବ୍ୟକ୍ତିର ଅଭୟ, ଚିତ୍ତ ଶୁଦ୍ଧି, ଜ୍ଞାନ ଯୋଗରେ ଅବସ୍ଥିତି, ଦାନ, ଇନ୍ଦ୍ରିୟସଂଯମ, ସ୍ୱାର୍ଥତ୍ୟାଗ, ଶାସ୍ତ୍ରାଧ୍ୟୟନ, ତପସ୍ୟା, ସରଳତା, ଅହିଂସା, ସତ୍ୟ, ଅକ୍ରୋଧ, ତ୍ୟାଗ, ଶାନ୍ତି, ଖଳତାଶୂନ୍ୟତା, ଜୀବମାନଙ୍କ ପ୍ରତି ଦୟା , ଲୋଭଶୂନ୍ୟତା, ନମ୍ରତା, ଅଚପଳତା, ତେଜ, କ୍ଷମା, ଧୃତି, ଶୌଚ ଅଦ୍ରୋହ, ନିରହଙ୍କାରିତା ଏହିସବୁ ଗୁଣ ଥାଏ । ୧-୩ ।

ଟିପ୍ପଣୀ—ଦେବ ସମ୍ପଦର ଏବଂ ପ୍ରଥମ କଥାଟି ହେଉଛି ଅଭୟ ଅର୍ଥାତ ନରକ ପତନ ଭୟ, ଲୋକଲଜ୍ଜା ଭୟ, ସାମାଜିକ ମର୍ଯ୍ୟାଦା ହାନି ଭୟ ଇତ୍ୟାଦି ସବୁ ପ୍ରକାର ଭୟ ପରିତ୍ୟାଗ କରିବା । ଦ୍ୱିତୀୟ ସମ୍ପଦ ହେଉଛି ସତ୍ତ୍ୱସଂଶୁଦ୍ଧି ଅର୍ଥାତ୍ ମନର ଓ ହୃଦୟର ନିର୍ମଳତା । ତୃତୀୟ ସମ୍ପଦ ହେଉଛି ଆତ୍ମଜ୍ଞାନ ଉପରେ ନିର୍ଭର କରି କର୍ମସବୁ ସମ୍ପନ୍ନ କରିବା ଇତ୍ୟାଦି ଅନ୍ୟ ଗୁଣ ସବୁର ଆଲୋଚନା ଅନାବଶ୍ୟକ ।

ଦମ୍ଭୋ ଦର୍ପୋଽଭିମାନଶ୍ଚ, କ୍ରୋଧଃ ପାରୁଷ୍ୟମେବଚ,
ଅଜ୍ଞାନଂ ଚାଭିଜାତସ୍ୟ, ପାର୍ଥ ! ସମ୍ପଦମାସୁରୀମ୍ । ୪ ।

ଅର୍ଥ—ହେ ପାର୍ଥ ! ଆସୁରୀ ସମ୍ପଦ ସହିତ ଜାତ ହୋଇଥିବା ବ୍ୟକ୍ତିର ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ନିଷ୍ଠୁରତା ଏବଂ ଅଜ୍ଞାନ ଏହି ସବୁ ଗୁଣ ଥାଏ । ୪ ।

ଦୈବୀ ସମ୍ପଦ୍ ବିମୋକ୍ଷାୟ, ନିବନ୍ଧାୟାସୁରୀ ମତା,
ମା ଶୁଚଃ, ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ । ୫ ।
ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍, ଦୈବ ଆସୁର ଏବ ଚ,
ଦୈବୋ ବିସ୍ତରଶଃ ପ୍ରୋକ୍ତ, ଆସୁରଂ, ପାର୍ଥ ! ମେ ଶୃଣୁ । ୬ ।

ଅର୍ଥ—ଦୈବୀ ସମ୍ପଦ ମୋକ୍ଷ ପାଇଁ ଏବଂ ଆସୁରୀ ସମ୍ପଦ ବନ୍ଧନ ପାଇଁ ବିବେଚିତ । ହେ ପାଣ୍ଡବ ! ତୁମ୍ଭେ ଦୈବୀ ସମ୍ପଦ ସହିତ ଜାତ ହୋଇଅଛ । ତେଣୁ ତୁମ୍ଭେ ଦୁଃଖ କର ନାହିଁ । ୫ । ହେ ପାର୍ଥ ! ଏ ସଂସାରରେ ଦୈବ ଓ ଆସୁର ଏହି ଦୁଇ ପ୍ରକାର ଭୂତସୃଷ୍ଟି ହୋଇଅଛି । ଦୈବ ବିଷୟ ବିସ୍ତୃତ ଭାବରେ କୁହାଗଲା । ଆସୁର ବିଷୟ ମୋ ଠାରୁ ଶୁଣ । ୬ ।

## ଆସୁର ସମ୍ପଦର ବିସ୍ତୃତ ବର୍ଣ୍ଣନା

ପ୍ରବୃତ୍ତିଞ୍ଚ ନିବୃତ୍ତିଞ୍ଚ ଜନା ନ ବିଦୁରାସୁରାଃ,
ନ ଶୌଚଂ ନାପି ଚାଚାରୋ, ନ ସତ୍ୟଂ ତେଷୁ ବିଦ୍ୟତେ । ୭ ।
ଅସତ୍ୟମପ୍ରତିଷ୍ଠନ୍ତେ ଜଗଦାହୁରନୀଶ୍ୱରଂ;
ଅପରସ୍ପରସମ୍ଭୂତଂ , କିମନ୍ୟତ୍ କାମହୈତୁକମ୍ । ୮ ।
ଏତାଂ ଦୃଷ୍ଟି ମବଷ୍ଟଭ୍ୟ, ନଷ୍ଟାତ୍ମାନୋଽଳ୍ପବୁଦ୍ଧୟଃ,
ପ୍ରଭବନ୍ତ୍ୟୁଗ୍ରକର୍ମାଣଃ, କ୍ଷୟାୟ ଜଗତୋଽହିତାଃ । ୯ ।
କାମମାଶ୍ରିତ୍ୟ ଦୁଷ୍ପୂରଂ, ଦମ୍ଭମାନମଦାନ୍ୱିତାଃ,
ମୋହାତ୍ ଗୃହୀତ୍ୱା ସତ୍ ଗ୍ରାହାନ୍ ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ । ୧୦ ।
ଚିନ୍ତାମପରିମେୟାଞ୍ଚ ପ୍ରଳୟାନ୍ତାମୁପାଶ୍ରିତାଃ,
କାମୋପଭୋଗପରମା, ଏତାବଦିତି ନିଶ୍ଚିତାଃ । ୧୧ ।
ଆଶାପାଶଶତୈର୍ବଦ୍ଧାଃ, କାମକ୍ରୋଧପରାୟଣାଃ,
ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ । ୧୨ ।
ଇଦମଦ୍ୟ ମୟାଲବ୍ଧମିମଂ ପ୍ରାପ୍ସ୍ୟେ ମନୋରଥମ୍,
ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ । ୧୩ ।
ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି,
ଈଶ୍ୱରୋଽହମହଂ ଭୋଗୀ, ସିଦ୍ଧୋଽହଂ, ବଳବାନ୍ ସୁଖୀ । ୧୪ ।

ଆଢ୍ୟୋଽଭିଜନବାନସ୍ମି, କୋଽନ୍ୟୋଽସ୍ତି ସଦୃଶୋମୟା,
ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ, ଇତ୍ୟଜ୍ଞାନବିମୋହିତାଃ । ୧୫ ।
ଅନେକଚିତ୍ତବିଭ୍ରାନ୍ତା, ମୋହଜାଲସମାବୃତାଃ,
ପ୍ରସକ୍ତାଃ କାମଭୋଗେଷୁ, ପତନ୍ତି ନରକେଽଶୁଚୌ । ୧୬ ।
ଆତ୍ମସମ୍ଭାବିତାସ୍ତବ୍‌ଧା, ଧନମାନମଦାନ୍ୱିତାଃ,
ଯଜନ୍ତେ ନାମଯଜ୍ଞୈସ୍ତେ, ଦମ୍ଭେନାବିଧିପୂର୍ବ୍ବକମ୍ । ୧୭ ।
ଅହଙ୍କାରଂ ବଳଂ ଦର୍ପଂ, କାମଂ କ୍ରୋଧଞ୍ଚ ସଂଶ୍ରିତାଃ
ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ । ୧୮ ।
ତାନହଂ ଦ୍ୱିଷତଃ କ୍ରୂରାନ୍, ସଂସାରେଷୁ ନରାଧମାନ୍
କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ । ୧୯ ।
ଆସୁରୀଂ ଯୋନିମାପନ୍ନା, ମୂଢା ଜନ୍ମନି ଜନ୍ମନି,
ମାମପ୍ରାପ୍ୟୈବ, କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ । ୨୦ ।

ଅର୍ଥ—ଆସୁର ସ୍ୱଭାବ ବ୍ୟକ୍ତିମାନେ ପ୍ରବୃତ୍ତି କଅଣ, ନିବୃତ୍ତି କଅଣ ତାହା ଜାଣନ୍ତି ନାହିଁ । ସେମାନଙ୍କର ଶୌଚ ନାହିଁ ଓ ଆଚାର ନାହିଁ । ସେମାନଙ୍କଠାରେ ସତ୍ୟ ନାହିଁ । ୭ । ସଂସାରକୁ ସତ୍ୟଶୂନ୍ୟ, ଭିତ୍ତିଶୂନ୍ୟ ଏବଂ ଈଶ୍ୱର ଶୂନ୍ୟ ବୋଲି ସେମାନେ କହନ୍ତି । ଏ ସଂସାର ପରସ୍ପର ସଂଯୋଗରୁ ଜାତ ଏବଂ କାମ ହେତୁକ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହନ୍ତି । ୮ । ଏହି ମତକୁ ଆଶ୍ରୟ କରି ସେହି ଅଳ୍ପ ବୁଦ୍ଧି-ଯୁକ୍ତ, ନଷ୍ଟାତ୍ମା ଓ ଉଗ୍ରକର୍ମ୍ମାମାନେ ଜଗତର ବିନାଶ ପାଇଁ ଉତ୍ପନ୍ନ ହୁଅନ୍ତି । ୯ । ଏବଂ ଦୁଷ୍ପୂରଣୀୟ କାମକୁ ଆଶ୍ରୟ କରି ଦମ୍ଭ, ମାନ ଓ ମଦାନ୍ୱିତ ହୋଇ ମୋହବଶତଃ ଆସୁରଭାବ ସବୁ ଅବଲମ୍ବନ କରି ଅଶୁଚି ବ୍ରତପରାୟଣ ହୁଅନ୍ତି । ୧୦ । ଏବଂ ପ୍ରଳୟାନ୍ତ ଅପରିମେୟ ଚିନ୍ତାକୁ ଆଶ୍ରୟ କରି, କାମର ଉପଭୋଗକୁ ସୁଖ ମନେକରି, ଏତଦ୍ ବ୍ୟତୀତ ଆଉ କିଛି ନାହିଁ ଏହା ନିଶ୍ଚୟ କରି, ଶତ ଶତ ଆଶାପାଶ ଦ୍ୱାରା ଆବଦ୍ଧ ହୋଇ କାମ ଓ କ୍ରୋଧପରାୟଣ ହୋଇ, କାମ ଉପଭୋଗ ନିମିତ୍ତ ଅନ୍ୟାୟରେ ଅର୍ଥ ସଞ୍ଚୟ କରନ୍ତି । ୧୧-୧୨ । ଏହା ଆଜି ମୁଁ ଲାଭ କଲି, ଏହି ଅଭିଳଷିତ ବସ୍ତୁ ପାଇବି, ଏହି ଧନ ମୋର ଅଛି, ଭବିଷ୍ୟତରେ ଏହି ଧନ ମୋର ହେବ, ଏହି ଶତ୍ରୁକୁ ମୁଁ ମାରିଛି, ଅନ୍ୟମାନଙ୍କୁ ମଧ୍ୟ ମାରିବି । ମୁଁ ପ୍ରଭୁ, ମୁଁ ଭୋଗୀ, ମୁଁ ସିଦ୍ଧ, ମୁଁ ବଳବାନ୍, ମୁଁ ସୁଖୀ, ମୁଁ ଧନବାନ୍,

ମୁଁ କୁଳୀନ, ମୋ ସମାନ ଆଉ କେହି ନାହିଁ, ମୁଁ ଯଜ୍ଞ କରିବି, ମୁଁ ଦାନ କରିବି, ମୁଁ ସୁଖରେ ରହିବି, ଏହିସବୁ ଅଜ୍ଞାନ ଦ୍ୱାରା ବିମୋହିତ ହୋଇ ଅନେକ ପ୍ରକାର ଚିନ୍ତାଦ୍ୱାରା ବିଭ୍ରାନ୍ତ ହୋଇ ମୋହଜାଲ ଦ୍ୱାରା ସମାବୃତ ହୋଇ ଏବଂ କାମୋପଭୋଗମାନଙ୍କରେ ଆସକ୍ତ ହୋଇ ଅଶୁଚି ନରକରେ ପଡନ୍ତି । ୧୩-୧୬ । ଆତ୍ମ-ସମ୍ଭାବିତ ( ଯେଉଁ ବ୍ୟକ୍ତି ନିଜର ବାହାଦୁରି ଦେଖାଏ) ସ୍ତବ୍‌ଧ (ଜିଦ୍‌ଖୋର,) ଧନର ଗର୍ବ ଓ ଧନର ନିଶାରେ ଯୁକ୍ତହୋଇ ଦମ୍ଭ ସହକାରେ ଅବିଧିପୂର୍ବକ ନାମଯଜ୍ଞର ଅନୁଷ୍ଠାନ କରନ୍ତି । ୧୭ । ଅହଙ୍କାର, ବଳ, ଦର୍ପ, କାମ ଓ କ୍ରୋଧକୁ ଆଶ୍ରୟ କରି ନିଜ ଦେହରେ ଏବଂ ଅନ୍ୟ ଦେହମାନଙ୍କରେ ରହିଥିବା ମୋତେ ଦ୍ୱେଷ କରନ୍ତି ଓ ଘୃଣା କରନ୍ତି । ୧୮ । ମୁଁ ସେହି ସବୁ ଦ୍ୱେଷକାରୀ, କ୍ରୂର, ନରାଧମ, ଅମଙ୍ଗଳକାରୀମାନଙ୍କୁ ଚିରଦିନ ପାଇଁ ଆସୁରୀଯୋନି ସବୁରେ ନିକ୍ଷେପ କରେ । ୧୯ । ହେ କୌନ୍ତେୟ ! ସେହି ମୂଢ଼ମାନେ ଜନ୍ମକୁ ଜନ୍ମ ଆସୁରୀଯୋନିକୁ ପ୍ରାପ୍ତ ହୋଇ ଏବଂ ମୋତେ ନ ପାଇ ଅଧମାଗତି ପ୍ରାପ୍ତ ହୁଅନ୍ତି । ୨୦ ।

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ,
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ । ୨୧ ।
ଏତୈର୍ବିମୁକ୍ତଃ କୌନ୍ତେୟ ! ତମୋଦ୍ୱାରୈସ୍ତ୍ରିଭିର୍ନରଃ,
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ । ୨୨ ।

ଅର୍ଥ—କାମ, କ୍ରୋଧ ଓ ଲୋଭ ଏ ତିନୋଟି ହେଉଛି ନରକର ତିନିପ୍ରକାର ଦ୍ୱାର । ଏମାନେ ନିଜର ବିନାଶକାରୀ ଅଟନ୍ତି । ଅତଏବ ଏହି ତିନୋଟିକୁ ତ୍ୟାଗ କରିବାକୁ ହେବ । ୨୧ । ହେ କୌନ୍ତେୟ ! ନରକର ଏହି ତିନୋଟି ଅନ୍ଧକାରମୟ ଦ୍ୱାରରୁ ବିମୁକ୍ତ ହୋଇ ମନୁଷ୍ୟ ନିଜର ଶ୍ରେୟ ବା ପ୍ରକୃତ ମଙ୍ଗଳ ପାଇଁ କର୍ମ କରନ୍ତି ଏବଂ ତଦ୍ଦ୍ୱାରା ପରମା ଗତି ଲାଭ କରନ୍ତି । ୨୨ ।

ଟିପ୍‌ପଣୀ —ଅର୍ଜୁନ କହିଥିଲେ, କୁଳଧର୍ମସବୁ ନଷ୍ଟହେଲେ ଚିରକାଳ ପାଇଁ ନରକବାସ ହୁଏ (୧ମ-୪୪) । ସେଥିପାଇଁ ଶ୍ରୀକୃଷ୍ଣ ଏଠାରେ ନରକ କଥାଟି ବ୍ୟବହାର କରି କହୁଅଛନ୍ତି ଯେ, କୁଳଧର୍ମ

ସବୁ ବା କୁଳାଗ୍ନିର ସବୁ ନଷ୍ଟ ହେଲେ ନରକବାସ ହୁଏ ନାହିଁ । କାମ, କ୍ରୋଧ ଓ ଲୋଭ ଏହି ତିନୋଟିଙ୍କୁ ପ୍ରଶ୍ରୟ ଦେଲେ ପ୍ରକୃତରେ ନରକବାସ ହୁଏ ଅର୍ଥାତ୍ ଏମାନଙ୍କୁ ପ୍ରଶ୍ରୟ ଦେଇ ଜୀବନ ଯାପନ କଲେ ଏପରି ଜୀବନ ଯାପନ ନରକବାସ ସଙ୍ଗେ ସମାନ ।

ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ, ବର୍ତ୍ତତେ କାମକାରତଃ,
ନ ସ ସିଦ୍ଧିମବାପ୍ନୋତି, ନ ସୁଖଂ ନ ପରାଂ ଗତିଂ । ୨୩ ।
ତସ୍ମାତ୍ ଶାସ୍ତ୍ରଂ ପ୍ରମାଣନ୍ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ,
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁଂ ମିହାର୍ହସି । ୨୪ ।

ଅର୍ଥ—ଯେଉଁ ବ୍ୟକ୍ତି ଶାସ୍ତ୍ରବିଧିଙ୍କୁ ତ୍ୟାଗ କରି କାମନାର ତାଡ଼ନାରେ କର୍ମ୍ମ କରେ ଅର୍ଥାତ୍ ଯଥେଚ୍ଛାଚାରୀ ହୁଏ, ସେ ବ୍ୟକ୍ତି ସିଦ୍ଧି କିମ୍ବା ସୁଖ କିମ୍ବା ପରମାଗତି କିଛି ପାଏ ନାହିଁ । ୨୩ । ଅତଏବ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ସ୍ଥିର କରିବା ପାଇଁ ଶାସ୍ତ୍ର ତୁମ୍ଭର ପ୍ରମାଣ ହେଉ । ଶାସ୍ତ୍ର ବିଧାନ ଜାଣି ଏ ସଂସାରରେ ତୁମ୍ଭର କର୍ମ କରିବା ଉଚିତ । ୨୪ ।

## ସାର କଥା

କାମ, କ୍ରୋଧ ଓ ଲୋଭର ବଶବର୍ତ୍ତୀ ହୋଇ ମନୁଷ୍ୟ ଏହି ଆନନ୍ଦମୟ ସଂସାରକୁ ନରକରେ ପରିଣତ କରିଅଛି । ନିଜର ପ୍ରକୃତ ମଙ୍ଗଳ ଇଚ୍ଛାକଲେ ଏମାନଙ୍କୁ ପରିତ୍ୟାଗ କରିବା ଏକାନ୍ତ ଆବଶ୍ୟକ । ଏକଥା ସବୁ ଧର୍ମଶାସ୍ତ୍ର ବାରମ୍ବାର କହୁଥିଲେ ମଧ୍ୟ ମନୁଷ୍ୟ ଶାସ୍ତ୍ରର ଉପଦେଶ ନମାନି ନିଜର ଇଚ୍ଛା ପ୍ରଣୋଦିତ ହୋଇ ଏମାନଙ୍କୁ ପ୍ରଶ୍ରୟ ଦେଉଥିବାରୁ ଶ୍ରୀକୃଷ୍ଣ କହିଲେ ଯେ, ଶାସ୍ତ୍ର ବିଧାନ ଅନୁସାରେ ଏମାନଙ୍କୁ ପରିତ୍ୟାଗ କରିବାକୁ କର୍ତ୍ତବ୍ୟବୋଧ କରିବା ଆବଶ୍ୟକ ।

—❋—

# ସପ୍ତଦଶ ଅଧ୍ୟାୟ—ଶ୍ରଦ୍ଧାତ୍ରୟ ବିଭାଗ ଯୋଗ

## ଅର୍ଜ୍ଜୁନ ଉବାଚ

ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ, ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ,
ତେଷାଂ ନିଷ୍ଠା ତୁ କା, କୃଷ୍ଣ ! ସତ୍ତ୍ୱମାହୋ ରଜସ୍ତମଃ ।୧।

ଅର୍ଥ—ଅର୍ଜ୍ଜୁନ କହିଲେ, ହେ କୃଷ୍ଣ ! ଯେଉଁମାନେ ଶାସ୍ତ୍ରବିଧି ନ ମାନି କେବଳ ଶ୍ରଦ୍ଧାଯୁକ୍ତ ହୋଇ ପୂଜା-ଉପାସନାଦି କରନ୍ତି ସେମାନଙ୍କର ନିଷ୍ଠା କି ପ୍ରକାର ? ସତ୍ତ୍ୱ ? ରଜ ? ନା ତମ ?

ଟିପ୍ପଣୀ—ଶ୍ରଦ୍ଧା କାହାକୁ କହନ୍ତି ଅର୍ଜ୍ଜୁନ ତାହା ଜାଣି ନ ଥିବାରୁ ପରବର୍ତ୍ତୀ ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ତାହା ବୁଝାଇ ଦେଇ ଅଛନ୍ତି ।

## ଶ୍ରୀକୃଷ୍ଣ ଉବାଚ

ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା,
ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ । ୨ ।
ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି, ଭାରତ !
ଶ୍ରଦ୍ଧାମୟୋଽୟଂ ପୁରୁଷୋ, ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ । ୩ ।

ଅର୍ଥ—ଶ୍ରଦ୍ଧା ତିନି ପ୍ରକାର । ତାହା ଦେହୀମାନଙ୍କର ସ୍ୱଭାବରୁ ଜାତ । ସାତ୍ତ୍ୱିକୀ, ରାଜସୀ ଓ ତାମସୀ ଭେଦରେ ତାହା ଯେପରି ତିନି ପ୍ରକାର ତାହା ମୋଠାରୁ ଶୁଣ । ୨ । ହେ ଭାରତ ! ସମସ୍ତଙ୍କର ଶ୍ରଦ୍ଧା ନିଜ ନିଜର ସତ୍ତ୍ୱର ଅର୍ଥାତ୍ ସ୍ୱଭାବର ଅନୁରୂପ ଅଟେ । ଏହି ପୁରୁଷ ବା ଦେହୀ ଶ୍ରଦ୍ଧାମୟ ଅଟେ । ଯାହାର ଶ୍ରଦ୍ଧା ଯାହା ସେ ତାହା ଅଟେ । ୩ ।

ଟିପ୍ପଣୀ—ଶ୍ରଦ୍ଧା କଥାଟି ଗୀତାରେ ଗୋଟିଏ ପ୍ରଧାନ କଥା । ଶ୍ରଦ୍ଧା କାହାକୁ କହନ୍ତି ତାହା ବୁଝିବାକୁ ହେଲେ ୨ୟ ଶ୍ଳୋକରେ ଥିବା "ଦେହିନା" ଓ "ସ୍ୱଭାବଜା" ଏହି ଦୁଇଟି କଥା ବୁଝିବା ଏକାନ୍ତ ଆବଶ୍ୟକ ।

ମନୁଷ୍ୟ କହିଲେ ଲୋକେ ଯାହା ବୁଝନ୍ତି, ପ୍ରକୃତ ମନୁଷ୍ୟ ତାହା ନୁହେଁ । ଏହି ଦେହ ଭିତରେ ଥିବା ଦେହୀ ବା ପୁରୁଷ ହେଉଛି ପ୍ରକୃତରେ ମନୁଷ୍ୟ । ଶ୍ରଦ୍ଧା ହେଉଛି ସେହି ଦେହୀର ବା ପୁରୁଷର ବା ମନୁଷ୍ୟର ସ୍ୱଭାବରୁ ଜାତ ।

ଗୁଣ ଭେଦରେ ସମସ୍ତ ମାନବ ସମାଜ ତିନ ଶ୍ରେଣୀରେ ବିଭକ୍ତ । ମାତ୍ର ଶ୍ରଦ୍ଧା ହେଉଛି ବ୍ୟକ୍ତିଗତ ଏବଂ ଏହା ଶ୍ରେଣୀଗତ ନୁହେଁ । ଏହି କଥା ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ କହିଲେ, "ଦେହିନାଂ ସା ସ୍ୱଭାବଜା" ଅର୍ଥାତ୍ ଶ୍ରଦ୍ଧା ହେଉଛି ଦେହୀମାନଙ୍କର ସ୍ୱଭାବରୁ ଜାତ । ସ୍ୱଭାବ କଥାଟି ବୁଝାଇବା ଅଭିପ୍ରାୟରେ ୩ୟ ଶ୍ଳୋକରେ ଶ୍ରୀକୃଷ୍ଣ, 'ସ୍ୱଭାବ' ପରିବର୍ତ୍ତେ 'ସତ୍ତ୍ୱ' କଥାଟି ବ୍ୟବହାର କରି ଶ୍ରଦ୍ଧା କଥାଟିକୁ ଆହୁରି ପରିଷ୍କାର ଭାବରେ ବୁଝାଇ ଦେଇଅଛନ୍ତି ।

ଏହି ଦୁଇଟି ଶ୍ଳୋକରୁ ବୁଝାଗଲା ଯେ, ଶ୍ରଦ୍ଧା ସହକାରେ କର୍ମ କରିବାର ଅର୍ଥ ହେଉଛି ସ୍ୱଭାବର ଅନୁରୂପ ଅର୍ଥାତ ସତ୍ତ୍ୱର ଅନୁରୂପ କର୍ମ କରିବା । ଲୋକେ ପରଧର୍ମର ଅନ୍ଧଅନୁସରଣ ନ କରି ସ୍ୱଭାବସ୍ଥ ବା ସତ୍ତ୍ୱସ୍ଥ ହୋଇ କର୍ମ କରିବାକୁ ଶିଖନ୍ତୁ । ଏହାହିଁ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ । ସତ୍ତ୍ୱସ୍ଥ ହୋଇ କର୍ମ କରିବାର ଅର୍ଥ ହେଉଛି, ନିଜର ପ୍ରକୃତ ଅବସ୍ଥାର ଅନୁରୂପ କର୍ମ କରିବା, ଏ କଥା ଦ୍ୱିତୀୟ ଅଧ୍ୟାୟ ପଇଁଚାଳିଶ ଶ୍ଳୋକର ଟିପ୍ପଣୀରେ ଆଲୋଚନା କରାଯାଇଅଛି ।

ଯଜନ୍ତେ ସାତ୍ତ୍ୱିକା ଦେବାନ୍, ଯକ୍ଷରକ୍ଷାଂସି ରାଜସାଃ,
ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ । ୪ ।

ଅର୍ଥ—ସାତ୍ତ୍ୱିକମାନେ ଦେବତା ପୂଜା କରନ୍ତି । ରାଜସିକମାନେ ଯକ୍ଷ, ରାକ୍ଷସ ପୂଜା କରନ୍ତି ଏବଂ ତାମସିକମାନେ ଭୂତ ପ୍ରେତ ପୂଜା କରନ୍ତି । ୪ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ସାତ୍ତ୍ୱିକ ପ୍ରକୃତିର ଲୋକ ଯକ୍ଷ ରାକ୍ଷସ ପୂଜାର କିମ୍ବା ଭୂତ ପ୍ରେତ ପୂଜାର ଅନ୍ଧଅନୁସରଣ କରନ୍ତୁ ନାହିଁ

ଏବଂ ତାମସିକ ପ୍ରକୃତିର ଲୋକ ଓ ରାଜସିକ ପ୍ରକୃତିର ଲୋକ ଦେବତା ପୂଜାର ଅନ୍ଧ ଅନୁସରଣ କରନ୍ତୁ ନାହିଁ ।

କୌଣସି ଗୋଟିଏ ଜାତିରେ ଜନ୍ମ କୌଣସି ଗୋଟିଏ ସମ୍ପ୍ରଦାୟରେ ଜନ୍ମ କୌଣସି ଗୋଟିଏ ପରିବାରରେ ମଧ୍ୟ ତିନି ପ୍ରକୃତିର ମନୁଷ୍ୟ ରହିପାରନ୍ତି । କୌଣସି ଗୋଟିଏ ଜାତିରେ ଜନ୍ମ ସମ୍ପ୍ରଦାୟରେ ଜନ୍ମ ପରିବାରରେ ଥିବା ସମସ୍ତେ ଦେବତା ପୂଜାର ଅନ୍ଧଅନୁସରଣ କରିବା କିମ୍ବା ସମସ୍ତେ ଯକ୍ଷରାକ୍ଷସ ପୂଜାର ଅନ୍ଧଅନୁସରଣ କରିବା କିମ୍ବା ସମସ୍ତେ ଭୂତପ୍ରେତ ପୂଜାର ଅନ୍ଧଅନୁସରଣ କରିବା ମଙ୍ଗଳପ୍ରଦ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧାସହକାରେ ଅର୍ଥାତ୍ ସତ୍ତ୍ୱସ୍ଥ ହୋଇ କର୍ମ କରିବାକୁ ଶିଖନ୍ତୁ, ଏହାହିଁ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ।

ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋଜନାଃ,
ଦମ୍ଭାହଂକାରସଂଯୁକ୍ତାଃ, କାମରାଗବଲାନ୍ୱିତାଃ । ୫ ।
କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ,
ମାଂଚୈବାନ୍ତଃଶରୀରସ୍ଥଂ, ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ । ୬ ।

ଅର୍ଥ—ଶ୍ରଦ୍ଧା କଅଣ ତାହା ନ ଜାଣି ଶାସ୍ତ୍ରର ପ୍ରକୃତ ଅଭିପ୍ରାୟ ନ ବୁଝି, ଦମ୍ଭ ଓ ଅହଙ୍କାର ସଂଯୁକ୍ତ ହୋଇ, କାମ ଓ ଆସକ୍ତି ଦ୍ୱାରା ତାଡ଼ିତ ହୋଇ ଯେଉଁ ଅଜ୍ଞାନୀମାନେ ଶରୀରସ୍ଥ ଭୂତମାନଙ୍କୁ ଏବଂ ଅନ୍ତଃଶରୀରସ୍ଥ ମୋତେ କଷ୍ଟ ଦେଇ ଶାସ୍ତ୍ରବିରୁଦ୍ଧ ଘୋର ତପ ଆଚରଣ କରନ୍ତି, ସେମାନେ ଅସୁର ବୋଲି ଜାଣ । ୫-୬ ।

ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ,
ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ । ୭ ।

ଅର୍ଥ—ସମସ୍ତଙ୍କର ପ୍ରିୟ ଯେ ଆହାର ତାହା ତିନି ପ୍ରକାର । ଯଜ୍ଞ, ତପ, ଦାନ ମଧ୍ୟ ସେପରି ତିନି ପ୍ରକାର ତାହା ମୋଠାରୁ ଶୁଣ । ୭ ।

## ଆହାର ତିନି ପ୍ରକାର

ଆୟୁଃସତ୍ତ୍ୱ, ବଳାରୋଗ୍ୟ ସୁଖପ୍ରୀତି ବିବର୍ଦ୍ଧନାଃ,
ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃସାତ୍ତ୍ୱିକପ୍ରିୟାଃ । ୮ ।

କଟ୍ୱମ୍ଳଲବଣାତ୍ୟୁଷ୍ଣ, ତୀକ୍ଷ୍ଣ ରୁକ୍ଷ ବିଦାହିନଃ,
ଆହାରା ରାଜସସ୍ୟେଷ୍ଟା, ଦୁଃଖଶୋକାମୟପ୍ରଦାଃ । ୯ ।
ଯାତଯାମଂ ଗତରସଂ ପୂତି ପର୍ଯ୍ୟୁଷିତଞ୍ଚ ଯତ୍,
ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ । ୧୦ ।

ଅର୍ଥ—ଆୟୁ, ସତ୍ତ୍ୱ, ବଳ, ଆରୋଗ୍ୟ, ସୁଖ ଓ ପ୍ରୀତିବର୍ଦ୍ଧକ, ରସବିଶିଷ୍ଟ, ସ୍ନିଗ୍ଧ, ପୁଷ୍ଟିକାରକ ଏବଂ ସନ୍ତୋଷଦାୟକ ଖାଦ୍ୟ ସାତ୍ତ୍ୱିକ ବ୍ୟକ୍ତିମାନଙ୍କର ପ୍ରିୟ ଅଟେ । ୮ । ଅତି କଟୁ, ଅତି ଅମ୍ଳ, ଅତି ଲବଣ-ଯୁକ୍ତ, ଅତି ଉଷ୍ଣ, ତୀକ୍ଷ୍ଣ, ରୁକ୍ଷ, ବିଦାହୀ, ଦୁଃଖ, ଶୋକ ଓ ରୋଗଦାୟକ ଯେ ଖାଦ୍ୟ ତାହା ରାଜସମାନଙ୍କର ପ୍ରିୟ ଅଟେ । ୯ । ଗତପ୍ରହରରେ ପକ୍ୱ, ରସଶୂନ୍ୟ, ଦୁର୍ଗନ୍ଧଯୁକ୍ତ, ପଚ୍ଚ, ଉଚ୍ଛିଷ୍ଟ ଓ ଅମେଧ୍ୟ ଯେ ଭୋଜ୍ୟବସ୍ତୁ ତାହା ତାମସମାନଙ୍କର ପ୍ରିୟ ଅଟେ । ୧୦ ।

## ଯଜ୍ଞ ତିନି ପ୍ରକାର

ଅଫଳାକାଙ୍କ୍ଷିଭିର୍ଯଜ୍ଞୋ ବିଧିଦୃଷ୍ଟୋ ଯ ଇଜ୍ୟତେ,
ଯଷ୍ଟବ୍ୟମେବେତି ମନଃ ସମାଧାୟ, ସ ସାତ୍ତ୍ୱିକଃ । ୧୧ ।
ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍,
ଇଜ୍ୟତେ, ଭରତଶ୍ରେଷ୍ଠ ! ତଂ ଯଜ୍ଞଂ ବିଦ୍ଧି ରାଜସମ୍ । ୧୨ ।
ବିଧିହୀନମସୃଷ୍ଟାନ୍ନଂ, ମନ୍ତ୍ରହୀନମଦକ୍ଷିଣଂ,
ଶ୍ରଦ୍ଧାବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷତେ । ୧୩ ।

ଅର୍ଥ—ଫଳକାମନା ରହିତ ହୋଇ, "ଯଜ୍ଞ କରିବା କର୍ତ୍ତବ୍ୟ" ଏହା ସ୍ଥିର କରି ମନକୁ ସମାହିତ କରି ବିଧିବିହିତ ଯେଉଁ ଯଜ୍ଞ ଅନୁଷ୍ଠିତ ହୁଏ, ତାହା ସାତ୍ତ୍ୱିକ ଯଜ୍ଞ ଅଟେ । ୧୧ । ହେ ଭରତର୍ଷଭ, ଫଳ ପାଇବା ଉଦ୍ଦେଶ୍ୟ ରଖି ନିଜର ଧାର୍ମ୍ମିକତାର ପ୍ରଚାର ନିମିତ୍ତ ଯେଉଁ ଯଜ୍ଞ କରାଯାଏ ସେହି ଯଜ୍ଞକୁ ରାଜସ ବୋଲି ଜାଣ । ୧୨ । ବିଧିହୀନ ଅନ୍ନଦାନହୀନ, ମନ୍ତ୍ରହୀନ, ଦକ୍ଷିଣାଶୂନ୍ୟ ଓ ଶ୍ରଦ୍ଧା ବିରହିତ ଯଜ୍ଞ ତାମସ ବୋଲି କଥିତ ।

## ତପସ୍ୟା ତିନି ପ୍ରକାର

ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ, ଶୌଚମାର୍ଜ୍ଜବଂ,
ବ୍ରହ୍ମଚର୍ଯ୍ୟମହିଂସା ଚ, ଶାରୀରଂ ତପ ଉଚ୍ୟତେ । ୧୪ ।
ଅନୁଦ୍‌ବେଗକରଂ ବାକ୍ୟଂ, ସତ୍ୟଂ ପ୍ରିୟହିତଞ୍ଚ ଯତ୍,
ସ୍ୱାଧ୍ୟାୟାଭ୍ୟସନଂ ଚୈବ, ବାଙ୍‌ମୟଂ ତପ ଉଚ୍ୟତେ । ୧୫ ।
ମନଃପ୍ରସାଦଃ ସୌମ୍ୟତ୍ୱଂ, ମୌନମାତ୍ମବିନଗ୍ରହଃ,
ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ । ୧୬ ।

ଅର୍ଥ—ଦେବତା, ଦ୍ୱିଜ, ଗୁରୁ ଓ ପ୍ରାଜ୍ଞ ବ୍ୟକ୍ତିମାନଙ୍କର ପୂଜା, ବ୍ରହ୍ମଚର୍ଯ୍ୟ, ଶୌଚ, ସରଳତା ଓ ଅହିଂସା—ଏସବୁ ଶରୀର ତପ ବୋଲି କଥିତ । ୧୪ । ଅନୁଦ୍ବେଗକର ବାକ୍ୟ, ସତ୍ୟ, ପ୍ରିୟ ଓ ହିତକର ବାକ୍ୟ ଏବଂ ଉତ୍ତମ ଅଧ୍ୟୟନର ଅଭ୍ୟାସ— ଏସବୁ ବାଙ୍‌ମୟ ତପ ବୋଲି କଥିତ । ୧୫ । ମନର ପ୍ରସନ୍ନତା, ସୌମ୍ୟଭାବ, ମୌନ, ଆତ୍ମବିନଗ୍ରହ ଅର୍ଥାତ୍ ବିଷୟ ସବୁରୁ ମନର ପ୍ରତ୍ୟାହାର, ଭାବର ପବିତ୍ରତା— ଏସବୁ ମାନସ ତପ ବୋଲି କଥିତ । ୧୬ ।

## ପ୍ରତ୍ୟେକ ପ୍ରକାର ତପସ୍ୟା ତିନିପ୍ରକାର

ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ତ୍ରିବିଧଂ ନରୈଃ,
ଅଫଳାକାଙ୍‌କ୍ଷିଭିର୍ଯୁକ୍ତୈଃ, ସାତ୍ତ୍ୱିକଂ ପରିଚକ୍ଷତେ । ୧୭ ।
ସତ୍କାରମାନପୂଜାର୍ଥଂ ତପୋ, ଦମ୍ଭେନ ଚୈବ, ଯତ,
କ୍ରିୟତେ, ତଦିହ ପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍ । ୧୮ ।
ମୂଢ଼ଗ୍ରାହେଣାତ୍ମନୋ ଯତ୍ ପୀଡ଼ୟା କ୍ରିୟତେ ତପଃ,
ପରସ୍ୟୋତ୍ସାଦନାର୍ଥଂ ବା, ତତ୍ତାମସମୁଦାହୃତମ୍ । ୧୯ ।

ଅର୍ଥ—ଫଳାକାଙ୍‌କ୍ଷାଶୂନ୍ୟ ଓ ଯୋଗଯୁକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ପରମା ଶ୍ରଦ୍ଧା ସହକାରେ ଅନୁଷ୍ଠିତ ଉପରୋକ୍ତ ଏହି ତ୍ରିବିଧ ତପସ୍ୟାକୁ ସାତ୍ତ୍ୱିକ କୁହାଯାଏ । ୧୭ । ସତ୍କାର ପାଇଁ ଅର୍ଥାତ୍ ଲୋକେ ମୋତେ ସାଧୁ ବୋଲି କହିବେ, ଲୋକେ ମୋତେ ସମ୍ମାନ କରି ମୋର ପୂଜା କରିବେ—ଏହି ଅଭିପ୍ରାୟରେ ଏବଂ ଦମ୍ଭପୂର୍ବକ ଯେଉଁ ତପସ୍ୟା

କରାଯାଏ, ଇହଲୋକରେ ସେହି ଅନିତ୍ୟ ଓ ଅନିଶ୍ଚିତ ତପସ୍ୟାକୁ ରାଜସ କହନ୍ତି । ୧୮ । ମୂଢଗ୍ରାହ ଦ୍ୱାରା ଅର୍ଥାତ୍ ମୋହରେ ପଡ଼ି ଯେଉଁ ବୁଝିବା ସେହି ବୁଝିବା ଦ୍ୱାରା ନିଜକୁ ପୀଡ଼ାଦେଇ କିମ୍ବା ଅନ୍ୟର ବିନାଶ ପାଇଁ ଯେଉଁ ତପସ୍ୟା କରାଯାଏ, ତାହାକୁ ତାମସ କହନ୍ତି । ୧୯ ।

## ଦାନ ତିନି ପ୍ରକାର

ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ,
ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ।୨୦।
ଯତ୍ତୁ ପ୍ରତ୍ୟୁପକାରାର୍ଥଂ, ଫଳମୁଦ୍ଦିଶ୍ୟ ବା ପୁନଃ,
ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ।୨୧।
ଅଦେଶକାଲେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ,
ଅସତ୍କୃତମବଜ୍ଞାତଂ, ତତ୍ତାମସମୁଦାହୃତମ୍ । ୨୨ ।

ଅର୍ଥ—"ଦାନ କରିବା କର୍ତ୍ତବ୍ୟ" ଏହି ବୋଧରେ ଦାନଗ୍ରହୀତା ଠାରୁ କୌଣସି ପ୍ରତ୍ୟୁପକାର ଆଶା ନ ରଖି ଦେଶ, କାଳ ଓ ପାତ୍ର ପ୍ରତି ଦୃଷ୍ଟି ରଖି ଯେଉଁ ଦାନ ଦିଆଯାଏ, ତାହା ସାତ୍ତ୍ୱିକ ଦାନ ଅଟେ । ୨୦ । ଦାନ-ଗ୍ରହୀତାଠାରୁ ପ୍ରତ୍ୟୁପକାର ଆଶାରଖି କିମ୍ବା ଦାନର ଫଳ ପାଇବା ଅଭିପ୍ରାୟରେ କିମ୍ବା କ୍ଲେଶ-ପୂର୍ବକ ଯେଉଁ ଦାନ ଦିଆଯାଏ, ତାହା ରାଜସ ଅଟେ । ୨୧ । ଅଦେଶ, ଅକାଳ ଓ ଅପାତ୍ରରେ, ଦାନଗ୍ରହୀତା ପ୍ରତି ସତ୍କାରଶୂନ୍ୟ ହୋଇ ଏବଂ ଅବଜ୍ଞାପୂର୍ବକ ଯେଉଁ ଦାନ ଦିଆଯାଏ, ତାହା ତାମସ ଅଟେ ।୨୨।

## ଓଁ ତତ୍ ସତ୍ କଥାଟିର ଅର୍ଥ

ଓଁ ତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ,
ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା । ୨୩ ।
ତସ୍ମାଦୋମିତ୍ୟୁଦାହୃତ୍ୟ, ଯଜ୍ଞଦାନତପଃକ୍ରିୟାଃ,
ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ, ସତତଂ ବ୍ରହ୍ମବାଦିନାମ୍ । ୨୪ ।
ତଦିତ୍ୟନଭିସନ୍ଧାୟ ଫଳଂ, ଯଜ୍ଞତପଃ କ୍ରିୟାଃ,

ଦାନକ୍ରିୟାଶ୍ଚ ବିବିଧାଃ, କ୍ରିୟନ୍ତେ ମୋକ୍ଷକାଙ୍‌କ୍ଷିଭିଃ । ୨୫ ।
ସଦ୍ଭାବେ ସାଧୁଭାବେ ଚ ସଦିତ୍ୟେତତ୍ ପ୍ରଯୁଜ୍ୟତେ,
ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ, ପାର୍ଥ ! ଯୁଜ୍ୟତେ । ୨୬ ।
ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ,
କର୍ମଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ । । ୨ ।

ଅର୍ଥ—ଓଁ, ତତ୍ ଓ ସତ ଏହି ତିନୋଟି ହେଉଛି ବ୍ରହ୍ମର ତିନ ପ୍ରକାର ନିର୍ଦ୍ଦେଶ ବା ଶବ୍ଦ । ପୂର୍ବ କାଳରେ ବ୍ରାହ୍ମଣମାନେ ବେଦସବୁ ଓ ଯଜ୍ଞସବୁ "ଓଁ ତତ୍ ସତ୍" କଥାଟି ଦ୍ୱାରା ବିହିତ ହେଉଥିଲେ । ୨୩ । ସେହି କାରଣରୁ "ଓଁ" ଏହି କଥାଟି ଉଚ୍ଚାରଣ କରିବା ଦ୍ୱାରା ବ୍ରହ୍ମବାଦୀ ମାନଙ୍କର ଶାସ୍ତ୍ରୋକ୍ତ ଯଜ୍ଞ, ଦାନ ଓ ତପକ୍ରିୟା ପ୍ରବର୍ତ୍ତିତ ହୁଏ ଅର୍ଥାତ୍ କରାଯାଏ । ୨୪ । "ତତ୍" ଏହି କଥାଟିର ଅଭିପ୍ରାୟ ଏହି କି ଫଳ ପ୍ରତି ଅଭିସନ୍ଧି ନରଖି ମୋକ୍ଷାକାଙ୍‌କ୍ଷୀମାନଙ୍କ ଦ୍ୱାରା ବିବିଧ ଯଜ୍ଞକ୍ରିୟା, ତପଃ କ୍ରିୟା ଓ ଦାନକ୍ରିୟା ସମ୍ପନ୍ନ ହୁଏ । ୨୫ । ହେ ପାର୍ଥ ! ସତ୍‌ଭାବ ଏବଂ ସାଧୁଭାବ ସକାଶେ "ସତ୍" ଏହି କଥାଟି ପ୍ରଯୁକ୍ତ ହୁଏ । ପ୍ରଶସ୍ତ କର୍ମରେ ମଧ୍ୟ "ସତ୍" ଶବ୍ଦଟି ପ୍ରଯୁକ୍ତ ହୁଏ । ୨୬ । ଯଜ୍ଞରେ, ତପସ୍ୟାରେ ଓ ଦାନରେ ଯେଉଁ ସ୍ଥିତି ବା ନିଷ୍ଠା ତାହା ମଧ୍ୟ 'ସତ୍' ବୋଲି ଅଭିହିତ ହୁଏ । ୨୭ ।

ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଯତ୍,
ଅସଦିତ୍ୟୁଚ୍ୟତେ, ପାର୍ଥ ! ନ ଚ ତତ୍ ପ୍ରେତ୍ୟ ନୋ ଇହ ।୨୮।

ଅର୍ଥ— ହେ ପାର୍ଥ ! ହୋମ କର ବା ଦାନ କର ବା ତପ କର ବା ଅନ୍ୟ ଯାହା କିଛି କର ତାହା ଯଦି ଅଶ୍ରଦ୍ଧା ପୂର୍ବକ କରାହୁଏ, ତେବେ ତାହା ଅସତ୍ ବୋଲି କଥିତ । ଇହଲୋକରେ ଓ ପରଲୋକରେ ତାହା ନିରର୍ଥକ ଅଟେ । ୨୮ ।

## ସାର କଥା

ଏହି ଶେଷ ଶ୍ଳୋକଟିରେ ଏହି ଅଧ୍ୟାୟର ପ୍ରକୃତ ଶିକ୍ଷା ଦିଆଯାଇ- ଅଛି । ପ୍ରଚଳିତ ପ୍ରଥା ସବୁର ଅନ୍ଧ ଅନୁସରଣ ଅସତ୍ ଅଟେ, ଏହାହିଁ

ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ । ଗୋହତ୍ୟା ମଧ୍ୟ ଯଦି ଅନ୍ଧଅନୁସରଣ ନ ହୋଇ "ସତ୍ତ୍ୱ"ର ଅର୍ଥାତ୍ ନିଜର ପ୍ରକୃତ ଅବସ୍ଥାର ଅନୁରୂପ ହୁଏ, ତେବେ ତାହା ସତ୍ ଅଟେ ଏବଂ ଗୋ ସେବା କିମ୍ବା ଲୋକସେବା ଯଦି "ସତ୍ତ୍ୱ"ର ଅର୍ଥାତ୍ ଶ୍ରଦ୍ଧାର ଅନୁରୂପ ନ ହୋଇ କେବଳ ଅନ୍ଧଅନୁସରଣର ଫଳ ହୁଏ, ତେବେ ତାହା ଅଶ୍ରଦ୍ଧା ଓ ଅସତ୍ ଅଟେ ।

## ଅଷ୍ଟାଦଶ ଅଧ୍ୟାୟ—ମୋକ୍ଷଯୋଗ

### ଅର୍ଜ୍ଜୁନ ଉବାଚ

ସନ୍ନ୍ୟାସସ୍ୟ, ମହାବାହୋ ! ତତ୍ତ୍ୱମିଚ୍ଛାମି ବେଦିତୁମ୍
ତ୍ୟାଗସ୍ୟ ଚ, ହୃଷୀକେଶ ! ପୃଥକ୍, କେଶିନିଷୂଦନ ! । ୧ ।

ଅର୍ଥ—ଅର୍ଜ୍ଜୁନ କହିଲେ— ହେ ହୃଷୀକେଶ ! ମହାବାହୋ ! ହେ କେଶିନିଷୂଦନ ! ସନ୍ନ୍ୟାସର ତତ୍ତ୍ୱ ଓ ତ୍ୟାଗର ତତ୍ତ୍ୱ ପୃଥକ୍ ଭାବରେ ଜାଣିବାକୁ ମୁଁ ଇଚ୍ଛାକରେଁ । ୧ ।

### ଶ୍ରୀକୃଷ୍ଣ ଉବାଚ

କାମ୍ୟାନାଂ କର୍ମ୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋ ବିଦୁଃ,
ସର୍ବକର୍ମଫଳତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ । ୨ ।
ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ୍ମ ପ୍ରାହୁର୍ମ୍ମନୀଷିଣଃ,
ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ । ୩ ।
ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ !
ତ୍ୟାଗୋ ହି ପୁରୁଷବ୍ୟାଘ୍ର ! ତ୍ରିବିଧଃ ସଂପ୍ରକୀର୍ତ୍ତିତଃ । ୪ ।
ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍,
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ । ୫ ।
ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ,
କର୍ତ୍ତବ୍ୟାନୀତି ମେ, ପାର୍ଥ ! ନିଶ୍ଚିତଂ ମତମୁତ୍ତମମ୍ । ୬ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ—ପଣ୍ଡିତମାନେ କାମ୍ୟ କର୍ମର ନ୍ୟାସକୁ ସନ୍ନ୍ୟାସ ବୋଲି ଜାଣନ୍ତି ଏବଂ ବିଚକ୍ଷଣମାନେ ସବୁପ୍ରକାର କର୍ମର ଫଳତ୍ୟାଗକୁ ତ୍ୟାଗ ବୋଲି କହନ୍ତି । ୨ । କର୍ମ୍ମକୁ ଦୋଷ ବୋଲି ଜାଣି ତାହା ତ୍ୟାଗ କରିବା ଉଚିତ, ଏହା କେତେକ ମନୀଷୀ କହନ୍ତି । ଅନ୍ୟମାନେ କହନ୍ତି ଯଜ୍ଞ, ଦାନ ଓ ତପ ଏହି ସବୁ କର୍ମ୍ମ ତ୍ୟାଗ କରିବା ଉଚିତ ନୁହେଁ । ୩ । ହେ ଭରତସତ୍ତମ ! ତ୍ୟାଗ ବିଷୟରେ ମୋର ନିଶ୍ଚିତ ମତ ଶୁଣ । ତ୍ୟାଗ ତିନି ପ୍ରକାର ବୋଲି କଥିତ । ୪ । ଯଜ୍ଞ, ଦାନ ଓ ତପଃ

ଏହିସବୁ କର୍ମ ତ୍ୟାଜ୍ୟ ନୁହେଁ, ତାହା କର୍ତ୍ତବ୍ୟ ଅଟେ, ଯେହେତୁ ଯଜ୍ଞ, ଦାନ ଓ ତପଃ ମନୀଷୀମାନଙ୍କର ପବିତ୍ର କାରକ ଅଟେ । ୫ । କିନ୍ତୁ ଏହି-ସବୁ କର୍ମ କରିବାକୁ ହେଲେ ଆସକ୍ତି ଓ ଫଳ-କାମନା ତ୍ୟାଗ କରି ତାହା କରିବା ଉଚିତ । ଏହା ମୋର ନିଶ୍ଚିତ ଓ ଉତ୍ତମ ମତ । ୬ ।

## ତ୍ୟାଗ ତିନି ପ୍ରକାର

ନିୟତସ୍ୟ ତୁ ସନ୍ନ୍ୟାସଃ କର୍ମଣୋ ନୋପପଦ୍ୟତେ,
ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ । ୭ ।
ଦୁଃଖମିତ୍ୟେବ ଯତ୍‌କର୍ମ କାୟକ୍ଲେଶଭୟାତ୍ତ୍ୟଜେତ୍,
ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳ ଲଭେତ୍ । ୮ ।
କାର୍ଯ୍ୟମିତ୍ୟେବ ଯତ୍ କର୍ମ ନିୟତଂ କ୍ରିୟତେଽର୍ଜୁନ !
ସଂଗଂତ୍ୟକ୍ତ୍ୱା ଫଳଂ ଚୈବ, ସ ତ୍ୟାଗଃ ସାତ୍ତ୍ୱିକୋ ମତଃ । ୯ ।

ଅର୍ଥ—ସ୍ୱଭାବନିୟତ କର୍ମର ସଂନ୍ୟାସ ବା ତ୍ୟାଗ ଉଚିତ ନୁହେଁ । ମୋହବଶତଃ ତାହାର ପରିତ୍ୟାଗକୁ ତାମସତ୍ୟାଗ କୁହାଯାଏ । ୭ । 'ଏହା କରିବା ଦୁଃଖଦାୟକ', ଏଥିପାଇଁ କାୟକ୍ଲେଶକୁ ଭୟକରି ଯେଉଁ ବ୍ୟକ୍ତି ତାହା ତ୍ୟାଗ କରନ୍ତି, ସେ ରାଜସ ତ୍ୟାଗ କରି ତ୍ୟାଗର ଫଳ ଲାଭ କରନ୍ତି ନାହିଁ । ୮ । ହେ ଅର୍ଜୁନ ! ଆସକ୍ତି ଓ କର୍ମଫଳ ତ୍ୟାଗ କରି କର୍ତ୍ତବ୍ୟବୋଧରେ ଯେଉଁ ବ୍ୟକ୍ତି ସର୍ବଦା କର୍ମ୍ମ କରନ୍ତି, ସେହି ତ୍ୟାଗ ସାତ୍ତ୍ୱିକ ବୋଲି ବିବେଚିତ ହୁଏ । ୯ ।

ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ, କୁଶଳେ ନାନୁସଜ୍ଜତେ,
ତ୍ୟାଗୀ, ସତ୍ତ୍ୱସମାବିଷ୍ଟୋ, ମେଧାବୀ, ଛିନ୍ନସଂଶୟଃ ।୧୦।
ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ,
ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ।୧୧।

ଅର୍ଥ—ସତ୍ତ୍ୱସମାବିଷ୍ଟ, ମେଧାବୀ ଏବଂ ସଂଶୟ ଛିନ୍ନ କରିଥିବା ତ୍ୟାଗୀ ବ୍ୟକ୍ତି ଅକୁଶଳ କର୍ମରେ ଦ୍ୱେଷ କରନ୍ତି ନାହିଁ ଏବଂ କୁଶଳ କର୍ମ୍ମରେ ଆସକ୍ତ ହୁଅନ୍ତି ନାହିଁ ।୧୦। ଦେହଧାରୀ ପକ୍ଷରେ ସକଳ ପ୍ରକାର କର୍ମ୍ମ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିବା ଅସମ୍ଭବ ଅଟେ । ତେଣୁ ଯେଉଁ

ବ୍ୟକ୍ତି କର୍ମଫଳ ପରିତ୍ୟାଗ କରି ଅଛନ୍ତି ସେ ହେଉଛନ୍ତି ପ୍ରକୃତରେ ତ୍ୟାଗୀ ।୧୧।

## କର୍ମର ଫଳ ତିନି ପ୍ରକାର

ଅନିଷ୍ଟମିଷ୍ଟଂ ମିଶ୍ରଞ୍ଚ, ତ୍ରିବିଧଂ କର୍ମଣଃ ଫଳମ୍,
ଭବତ୍ୟତ୍ୟାଗିନାଂ ପ୍ରେତ୍ୟ, ନ ତୁ ସଂନ୍ୟାସିନାଂ କ୍ୱଚିତ୍ ।୧୨।

ଅର୍ଥ—ଅତ୍ୟାଗୀମାନେ ଅର୍ଥାତ୍ ଯେଉଁମାନେ କର୍ମଫଳ ପରିତ୍ୟାଗ କରନ୍ତି ନାହିଁ , ସେମାନେ ପରଲୋକରେ ଅନିଷ୍ଟ, ଇଷ୍ଟ ଓ ମିଶ୍ର ଏହି ତିନି ପ୍ରକାର କର୍ମର ଫଳ ଭୋଗ କରନ୍ତି, କିନ୍ତୁ ସଂନ୍ୟାସୀମାନଙ୍କର ଅର୍ଥାତ୍ କର୍ମଫଳ ପରିତ୍ୟାଗ କରିଥିବା ବ୍ୟକ୍ତିମାନଙ୍କର ତାହା କିଛି ନାହିଁ ।

ଟିପ୍ପଣୀ—ସ୍ୱାର୍ଥତ୍ୟାଗୀ କର୍ମୀ ହେଉଛନ୍ତି ପ୍ରକୃତରେ ସନ୍ନ୍ୟାସୀ । ୬ଷ୍ଠ ଅଧ୍ୟାୟ ୧ମ ଶ୍ଳୋକରେ କୁହାଯାଇଥିବା ନିରଗ୍ନି ଓ ଅକ୍ରିୟ ବ୍ୟକ୍ତି ପ୍ରକୃତରେ ସନ୍ନ୍ୟାସୀ ନୁହନ୍ତି ।

ପଞ୍ଚୈତାନି, ମହାବାହୋ ! କାରଣାନି ନିବୋଧ ମେ,
ସାଂଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ । ୧୩ ।
ଅଧିଷ୍ଠାନଂ ତଥା କର୍ତ୍ତା, କରଣଂ ଚ ପୃଥଗ୍‌ବିଧମ୍,
ବିବିଧାଶ୍ଚ ପୃଥକ୍ ଚେଷ୍ଟା, ଦୈବଞ୍ଚୈବାତ୍ର ପଞ୍ଚମମ୍ । ୧୪ ।

ଅର୍ଥ—ହେ ମହାବାହୋ ! ସକଳ କର୍ମର ସିଦ୍ଧି ସକାଶେ ସାଂଖ୍ୟ ଓ ବେଦାନ୍ତରେ ଲିଖିତ ପାଞ୍ଚୋଟି କାରଣ ମୋଠାରୁ ଶୁଣ । ୧୩ । ଯଥା—ଅଧିଷ୍ଠାନ ବା ସ୍ଥାନ ଓ ସମସ୍ତ, କର୍ତ୍ତା ପୃଥକ୍ ପୃଥକ୍, କର୍ମ କରିବାର ଯନ୍ତ୍ର, ବିବିଧ ପ୍ରକାର ଚେଷ୍ଟା ଏବଂ ପଞ୍ଚମରେ ହେଉଛି—ଦୈବ ବା କର୍ମଦେବତା ବା କର୍ମ ନିୟମ । ୧୪ ।

ଟିପ୍ପଣୀ - ଯେଉଁ କର୍ମ ନିୟମ ଉପରେ ସମସ୍ତ ବିଶ୍ୱ ପ୍ରତିଷ୍ଠିତ ତାହାର ନାମ ଦୈବ । ଲୋକେ ଯାହାକୁ ଭାଗ୍ୟ, କିସମତ ଲକ୍ (Luck) ଇତ୍ୟାଦି କହନ୍ତି ତାହା ଦୈବ ନୁହେଁ ।

ଶରୀରବାଙ୍ମନୋଭିର୍ଯତ୍କର୍ମ ପ୍ରାରଭତେ ନରଃ,
ନ୍ୟାଯ୍ୟଂ ବା ବିପରୀତଂ ବା, ପଞ୍ଚୈତେ ତସ୍ୟ ହେତବଃ । ୧୫ ।
ତତ୍ରୈବଂ ସତି, କର୍ତ୍ତାରମାତ୍ମାନଂ କେବଳଂ ତୁ ଯଃ,
ପଶ୍ୟତ୍ୟକୃତବୁଦ୍ଧିତ୍ୱାତ୍ ନ ସ ପଶ୍ୟତି ଦୁର୍ମତିଃ । ୧୬ ।
ଯସ୍ୟ ନାହଂକୃତୋ ଭାବୋ, ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ,
ହତ୍ୱାପି ସ ଇମାଂଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ । ୧୭ ।

ଅର୍ଥ—ନ୍ୟାଯ୍ୟହେଉ ବା ତାର ବିପରୀତ ହେଉ, ଶରୀର, ବାକ୍ୟ ଓ ମନଦ୍ୱାରା ମନୁଷ୍ୟ ଯେ କୌଣସି କର୍ମ କରେ ଏହି ପାଞ୍ଚୋଟି ତାହାର ହେତୁ ଅଟେ । ୧୫ । ଏପରି ସ୍ଥଳେ ଯେଉଁ ବ୍ୟକ୍ତି ଅପରିମାର୍ଜ୍ଜିତ ବୁଦ୍ଧି ହେତୁ କେବଳ ନିଜକୁ କର୍ତ୍ତା ଦେଖନ୍ତି, ସେହି ଦୁର୍ମତି ପ୍ରକୃତରେ ଦେଖନ୍ତି ନାହିଁ । ୧୬ । "ମୁଁ କର୍ତ୍ତା" ଏହି ଭାବ ଯାହାଙ୍କର ନାହିଁ ଯାହାଙ୍କର ବୁଦ୍ଧି କର୍ମରେ ଲିପ୍ତ ହୁଏ ନାହିଁ, ସେ ସବୁଲୋକଙ୍କୁ ନିହତ କଲେ ସୁଦ୍ଧା କାହାରିକୁ ହନନ କରନ୍ତି ନାହିଁ ଏବଂ କର୍ମରେ ଆବଦ୍ଧ ହୁଅନ୍ତି ନାହିଁ । ୧୭ ।

ଟିପ୍ପଣୀ—ଏହି ୧୭ଶ ଶ୍ଳୋକରୁ ପ୍ରକାଶ ଯେ ରାଜ୍ୟସୁଖ ପାଇଁ ନରହତ୍ୟା କରିବା ହେଉଛି ଅର୍ଜ୍ଜୁନ ନାମକ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ସ୍ୱଭାବ ନିୟତ କର୍ମ ବା ସହଜାତ କର୍ମ । ଏହା କ୍ଷତ୍ରିୟ ଜାତିର କିମ୍ବା କୌଣସି ସଭ୍ୟଜାତିର କର୍ତ୍ତବ୍ୟ ନୁହେଁ । ରାଜ୍ୟ ଲାଭ ପାଇଁ ନରହତ୍ୟା କରିବାକୁ ବାପ-ଅଜା ପୌରୁଷ ମନେ କରୁଥିଲେ ବୋଲି ତାହାର ଅନ୍ଧ ଅନୁସରଣ ଫଳରୁ କିମ୍ବା ବର୍ତ୍ତମାନ ଯୁଗର ତଥାକଥିତ ସଭ୍ୟଜାତିମାନଙ୍କୁ ଆଦର୍ଶ ମନେ କରି ନରହତ୍ୟାକୁ ପୌରୁଷ ବା କର୍ତ୍ତବ୍ୟ ମନେକର ନାହିଁ । ଏହାହିଁ ଗୀତାକାରଙ୍କର ଅଭିପ୍ରାୟ । ଏହି ଅଧ୍ୟାୟ ୪୭ ଓ ୪୮ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ, ସ୍ୱଭାବ ନିୟତ କର୍ମ କରିବାରେ ପାପ ହୁଏ ନାହିଁ । ଏହି ସ୍ୱଭାବ ନିୟତ କର୍ମ ହେଉଛି, ପ୍ରତ୍ୟେକ ବ୍ୟକ୍ତିର ସହଜାତ କର୍ମ ବା ସ୍ୱକର୍ମ । ଏହି ସ୍ୱକର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ପରିତ୍ୟାଗ କରି ପରଧର୍ମର ଅନ୍ଧଅନୁସରଣ କରିବା ଉଚିତ ନୁହେଁ ।

ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା, ତ୍ରିବିଧା କର୍ମଚୋଦନା,
କରଣଂ କର୍ମ କର୍ତ୍ତେତି, ତ୍ରିବିଧଃ କର୍ମସଂଗ୍ରହଃ । ୧୮ ।
ଜ୍ଞାନଂ କର୍ମ ଚ କର୍ତ୍ତା ଚ, ତ୍ରିଧୈବ, ଗୁଣଭେଦତଃ,
ପ୍ରୋଚ୍ୟତେ ଗୁଣସଂଖ୍ୟାନେ ଯଥାବଚ୍ଛୃଣୁ ତାନ୍ୟପି । ୧୯ ।

ଅର୍ଥ—ଜ୍ଞାନ ଅର୍ଥାତ୍ ଜାଣିବା, ଜ୍ଞେୟ ଅର୍ଥାତ୍ ଜାଣିବା ବିଷୟ ଏବଂ ପରିଜ୍ଞାତା ଅର୍ଥାତ୍ ଜାଣିବା ବ୍ୟକ୍ତି ଏହି ତିନୋଟି ହେଉଛି କର୍ମରେ ପ୍ରବୃତ୍ତିର ହେତୁ ଏବଂ କରଣ, କର୍ମ ଓ କର୍ତ୍ତା ଏହି ତିନୋଟି ହେଉଛି କର୍ମର ଆଶ୍ରୟ । ୧୮ । ସାଂଖ୍ୟ ଶାସ୍ତ୍ରରେ ଜ୍ଞାନ, କର୍ମ ଓ କର୍ତ୍ତା ପ୍ରତ୍ୟେକେ ଗୁଣଭେଦରେ ତିନିପ୍ରକାର ବୋଲି କଥିତ, ସେ ସବୁ ମୋଠାରୁ ଶୁଣ । ୧୯ ।

## ଜ୍ଞାନ ତିନି ପ୍ରକାର

ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ,
ଅବିଭକ୍ତଂ ବିଭକ୍ତେଷୁ, ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ । ୨୦ ।
ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ ପୃଥଗ୍ବିଧାନ୍,
ବେତ୍ତି, ସର୍ବେଷୁ ଭୂତେଷୁ, ତଜ୍ଜ୍ଞାନଂ ବିଦ୍ଧିରାଜସମ୍ । ୨୧ ।
ଯତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ଯ୍ୟେ ସକ୍ତମହୈତୁକମ୍,
ଅତତ୍ତ୍ୱାର୍ଥବଦଲ୍ପଞ୍ଚ, ତତ୍ତାମସମୁଦାହୃତମ୍

ଅର୍ଥ—ଯେଉଁ ଜ୍ଞାନ ଦ୍ୱାରା ବିଭକ୍ତ ହୋଇ ରହିଥିବା ସବୁ ପ୍ରାଣୀଙ୍କ ମଧ୍ୟରେ ଅବିଭକ୍ତ ଏକ ଅବ୍ୟୟ ଭାବ ଦେଖାଯାଏ, ସେହି ଜ୍ଞାନକୁ ସାତ୍ତ୍ୱିକ ବୋଲି ଜାଣ । ୨୦ । କିନ୍ତୁ ଯେଉଁ ଜ୍ଞାନ ଦ୍ୱାରା ସବୁ ପ୍ରାଣୀଙ୍କଠାରେ ଥିବା ଭିନ୍ନ ଭିନ୍ନ ପ୍ରକାରର ନାନାଭାବ ପୃଥକ୍ ରୂପରେ ଜଣାଯାଏ ତାହାକୁ ରାଜସ ଜ୍ଞାନ ବୋଲି ଜାଣ । ୨୧ । ଯେଉଁ ଜ୍ଞାନ କୌଣସି ଗୋଟିଏ ଗୋଟିଏ କାର୍ଯ୍ୟକୁ ବା ବିଷୟକୁ ପୂର୍ଣ୍ଣ ମନେ କରି ସେଥିରେ ଆସକ୍ତ; ଯେଉଁ ଜ୍ଞାନ ଅହୈତୁକ ଅର୍ଥାତ କୌଣସି କାରଣ ଉପରେ ପ୍ରତିଷ୍ଠିତ ନୁହେଁ, ଯେଉଁ ପ୍ରକୃତ ଆବଶ୍ୟକତା ଉପରେ ବା ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ, ଯେଉଁ ଜ୍ଞାନ ଅଳ୍ପ ଅର୍ଥାତ୍ ସଂକୀର୍ଣ୍ଣ, ତାହାକୁ ତାମସ କୁହାଯାଏ ।

ଟିପ୍ପଣୀ—"ଅବିଭକ୍ତଂ ବିଭକ୍ତେଷୁ" ଏହି କଥାଟିରେ ଗୀତା ଶିକ୍ଷା ଦେଉଅଛି ଯେ ପ୍ରତ୍ୟେକ ମନୁଷ୍ୟ ଅନ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ ଅଟେ । ବିଭକ୍ତ ହୋଇ ରହିଥିବା ଏହି ବ୍ୟକ୍ତିଗତ ପାର୍ଥକ୍ୟ ବା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଥିଲେ ସୁଦ୍ଧା ସମସ୍ତ ମାନବ ସମାଜକୁ ଅବିଭକ୍ତ ଭାବରେ ଦେଖିବା ଅର୍ଥାତ୍ ମାନବ ପ୍ରତ୍ୟେକ ମନୁଷ୍ୟକୁ ସମାନ ଦୃଷ୍ଟିରେ ଦେଖିବ ହେଉଛି, ସାତ୍ତ୍ୱିକ ଜ୍ଞାନ ବା ପ୍ରକୃତ ଜ୍ଞାନ ମାତ୍ର ଆମ୍ଭେମାନେ ମାନବ ସମାଜକୁ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଇତ୍ୟାଦି ଭାବରେ ଏବଂ ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଇତ୍ୟାଦି ଭାବରେ, ପୁଣି ଭାରତବାସୀ, ଇଂଲଣ୍ଡବାସୀ, ରୁଷିଆବାସୀ ଇତ୍ୟାଦି ଭାବରେ ବିଭକ୍ତ କରି ଏବଂ ଅସଂଖ୍ୟ ପ୍ରକାର ଅସ୍ୱାଭାବିକ ପାର୍ଥକ୍ୟ ବା ବିଦ୍ୱେଷ ସୃଷ୍ଟି କରି ଧ୍ୱଂସ ଦିଗରେ ଅଗ୍ରସର ହେଉଅଛୁଁ । ଏହି ଅସ୍ୱାଭାବିକ ମନୁଷ୍ୟ ସୃଷ୍ଟ ବିଭାଗ ସବୁକୁ ଧ୍ୱଂସ କରି ସମସ୍ତ ମାନବ ସମାଜରେ ଭ୍ରାତୃଭାବ ବା ପ୍ରେମ ସ୍ଥାପନ କରିବାକୁ କର୍ତ୍ତବ୍ୟ ବୋଧ କରିବା ଏକାନ୍ତ ଆବଶ୍ୟକ । ୧୩ଶ ଅଧ୍ୟାୟ ୩୧ ଶ୍ଳୋକରେ ମଧ୍ୟ ଏହି ଉପଦେଶ ଅନ୍ୟ ଭାବରେ ଦିଆଯାଇଅଛି ।

## କର୍ମ ତିନି ପ୍ରକାର

ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍,
ଅଫଳପ୍ରେପ୍ସୁନା, କର୍ମ ଯତ୍ତତ୍ ସାତ୍ତ୍ୱିକମୁଚ୍ୟତେ । ୨୩ ।
ଯତ୍ତୁ କାମେପ୍ସୁନାଂ, କର୍ମ ସାହଙ୍କାରେଣ ବା ପୁନଃ,
କ୍ରିୟତେ, ବହୁଳାୟାସଂ, ତଦ୍ରାଜସମୁଦାହୃତମ୍ । ୨୪ ।
ଅନୁବନ୍ଧଂ କ୍ଷୟଂ ହିଂସାମନବେକ୍ଷ୍ୟ ଚ ପୌରୁଷମ୍,
ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ । ୨୫ ।

ଅର୍ଥ—ସଙ୍ଗରହିତ ହୋଇ ରାଗ ଓ ଦ୍ୱେଷ ନଥାଇ ଫଳ ପ୍ରାପ୍ତିର ଇଚ୍ଛା ନ ରଖି ଯେଉଁ କର୍ମ୍ମ ସର୍ବଦା କରାହୁଏ, ତାହାକୁ ସାତ୍ତ୍ୱିକ କର୍ମ କୁହାଯାଏ । ୨୩ । ଫଳପ୍ରାପ୍ତିର ଇଚ୍ଛା ରଖି କିମ୍ବା ଅହଙ୍କାର ପରବଶ ହୋଇ ଅତି କଷ୍ଟ ସହକାରେ ଯେଉଁ କର୍ମ କରାହୁଏ, ତାହାକୁ ରାଜସ କର୍ମ କୁହାଯାଏ । ୨୪ । ଅନୁବନ୍ଧ, କ୍ଷୟ, ହିଂସା ଏବଂ ନିଜର ସାମର୍ଥ୍ୟ

ପ୍ରତି ଦୃଷ୍ଟି ନ ରଖି ମୋହବଶତଃ ଯେଉଁ କର୍ମ କରାହୁଏ, ତାହାକୁ ତାମସ ବୁଝାଯାଏ । ୨୫ ।

## କର୍ତ୍ତା ତିନି ପ୍ରକାର

ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ,
ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ, କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ । ୨୬ ।
ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ,
ହର୍ଷଶୋକାନ୍ୱିତଃ କର୍ତ୍ତା, ରାଜସଃ ପରିକୀର୍ତ୍ତିତଃ । ୨୭ ।
ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋ ନୈଷ୍କୃତିକୋଽଲସଃ,
ବିଷାଦୀ ଦୀର୍ଘସୂତ୍ରୀ ଚ, କର୍ତ୍ତା ତାମସ ଉଚ୍ୟତେ । ୨୮ ।

ଅର୍ଥ—ସଙ୍ଗ ବା ଆସକ୍ତିରୁ ମୁକ୍ତ, 'ମୁଁ କର୍ତ୍ତା' ଏହା ଯେ ନ କହନ୍ତି, ଧୃତି ଓ ଉତ୍ସାହ ସମନ୍ୱିତ, ସିଦ୍ଧି ଓ ଅସିଦ୍ଧିରେ ନିର୍ବିକାର, ଏପରି କର୍ତ୍ତା, ସାତ୍ତ୍ୱିକ ବୋଲି କଥିତ । ୨୬ । ଆସକ୍ତି-ଯୁକ୍ତ, କର୍ମଫଳକାମୀ, ଲୋଭଯୁକ୍ତ, ହିଂସାନ୍ୱିତ, ଅଶୁଚି, ହର୍ଷ ଓ ଶୋକାନ୍ୱିତ କର୍ତ୍ତାଙ୍କୁ ରାଜସ ବୁଝାଯାଏ । ୨୭ । ଅଯୁକ୍ତ, ବିବେକହୀନ, ଉଦ୍ଧତସ୍ୱଭାବ, ଶଠ, ପର-ନିନ୍ଦାକାରୀ, ଅଳସ, ବିଷାଦଯୁକ୍ତ ଓ ଦୀର୍ଘସୂତ୍ରୀ କର୍ତ୍ତାଙ୍କୁ ତାମସ ବୁଝାଯାଏ । ୨୮ ।

## ବୁଦ୍ଧି ଓ ଧୃତି ପ୍ରତ୍ୟେକ ତିନି ପ୍ରକାର

ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ, ଗୁଣତସ୍ତ୍ରିବିଧଂ ଶୃଣୁ,
ପ୍ରୋଚ୍ୟମାନମଶେଷେଣ ପୃଥକ୍ତ୍ୱେନ, ଧନଞ୍ଜୟ । ୨୯ ।

ଅର୍ଥ—ହେ ଧନଞ୍ଜୟ ! ଗୁଣ ଅନୁସାରେ ବୁଦ୍ଧି ଓ ଧୃତି ମଧ୍ୟ ପ୍ରତ୍ୟେକ ତିନି ପ୍ରକାର । ଏହି ପାର୍ଥକ୍ୟ ପୃଥକ୍ ଭାବରେ ଓ ସମ୍ପୂର୍ଣ୍ଣ ରୂପେ କୁହାଯାଉଅଛି, ଶୁଣ । ୨୯ ।

## ବୁଦ୍ଧି ତିନି ପ୍ରକାର

ପ୍ରବୃତ୍ତିଞ୍ଚ ନିବୃତ୍ତିଞ୍ଚ, କାର୍ଯ୍ୟାକାର୍ଯ୍ୟେ, ଭୟାଭୟେ,
ବନ୍ଧଂ ମୋକ୍ଷଞ୍ଚ, ଯା ବେତ୍ତି ବୁଦ୍ଧିଃ ସା, ପାର୍ଥ ! ସାତ୍ତ୍ୱିକୀ । ୩୦ ।

ଯଯା ଧର୍ମମଧର୍ମଞ୍ଚ, କାର୍ଯ୍ୟଞ୍ଚାକାର୍ଯ୍ୟମେବ ଚ,
ଅଯଥାବତ୍ ପ୍ରଜାନାତି, ବୁଦ୍ଧିଃ ସା, ପାର୍ଥ ! ରାଜସୀ । ୩୧ ।
ଅଧର୍ମଂ ଧର୍ମମିତି ଯା ମନ୍ୟତେ, ତମସାବୃତା,
ସର୍ବାର୍ଥାନ୍ ବିପରୀତାଂଶ୍ଚ, ବୁଦ୍ଧିଃ ସା, ପାର୍ଥ ! ତାମସୀ । ୩୨ ।

ଅର୍ଥ—ଯେଉଁ ବୁଦ୍ଧିର ସାହାଯ୍ୟରେ ମନୁଷ୍ୟ ପ୍ରବୃତ୍ତି କଅଣ, ନିବୃତ୍ତି କଅଣ, କର୍ତ୍ତବ୍ୟ କଅଣ, ଅକର୍ତ୍ତବ୍ୟ କଅଣ, ଭୟ କଅଣ, ଅଭୟ କଅଣ, ବନ୍ଧନ କଅଣ, ମୋକ୍ଷ କଅଣ ତାହା ସ୍ଥିର କରି ଜାଣେ, ସେହି ବୁଦ୍ଧି ସାତ୍ତ୍ୱିକୀ ଅଟେ । ୩୦ । ହେ ପାର୍ଥ ! ଯେଉଁ ବୁଦ୍ଧି ଦ୍ୱାରା ଧର୍ମ୍ମ କଅଣ, ଅଧର୍ମ୍ମ କଅଣ, କର୍ତ୍ତବ୍ୟ କଅଣ ଓ ଅକର୍ତ୍ତବ୍ୟ କଅଣ ଏହା ସ୍ଥିର କରିବାକୁ ମନୁଷ୍ୟ ଅଯଥା ବା ଅନାବଶ୍ୟକ ମନେ କରେ, ସେହି ବୁଦ୍ଧି ରାଜସୀ ଅଟେ । ୩୧ । ହେ ପାର୍ଥ ! ଯେଉଁ ବୁଦ୍ଧି ଅଜ୍ଞାନ ଦ୍ୱାରା ଆବୃତ ହୋଇ ଅଧର୍ମକୁ ଧର୍ମ ମନେକରେ ଏବଂ ସବୁ ବିଷୟକୁ ବିପରୀତ ଦେଖେ ସେହି ବୁଦ୍ଧି ତାମସୀ ଅଟେ । ୩୨ ।

## ଧୃତି ତିନି ପ୍ରକାର

ଧୃତ୍ୟା ଯଯା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ,
ଯୋଗେନାବ୍ୟଭିଚାରିଣ୍ୟା, ଧୃତିଃ ସା, ପାର୍ଥ ! ସାତ୍ତ୍ୱିକୀ । ୩୩ ।
ଯଯା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜ୍ଜୁନ !
ପ୍ରସଙ୍ଗେନ ଫଳାକାଙ୍‌କ୍ଷୀ, ଧୃତିଃ ସା, ପାର୍ଥ ! ରାଜସୀ । ୩୪ ।
ଯଯା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ,
ନ ବିମୁଞ୍ଚତି ଦୁର୍ମେଧା, ଧୃତିଃ ସା, ପାର୍ଥ ! ତାମସୀ । ୩୫ ।

ଅର୍ଥ—ହେ ପାର୍ଥ ! ଯେଉଁ ଅବ୍ୟଭିଚାରିଣୀ ଧୃତିଦ୍ୱାରା ଯୋଗ ସାହାଯ୍ୟରେ ମନ, ପ୍ରାଣ ଓ ଇନ୍ଦ୍ରିୟ କ୍ରିୟାକୁ ଧାରଣ କରାଯାଏ ତାହା ସାତ୍ତ୍ୱିକୀ ଧୃତି ଅଟେ । ୩୩ । ହେ ପାର୍ଥ ! ହେ ଅର୍ଜ୍ଜୁନ ! ଯେଉଁ ଧୃତିଦ୍ୱାରା ମନୁଷ୍ୟ; ଆସକ୍ତି ପରବଶ ଓ ଫଳାକାଙ୍‌କ୍ଷୀ ହୋଇ, ଧର୍ମ୍ମ, କାମ ଓ ଅର୍ଥ ଅବଧାରଣ କରେ ସେହି ଧୃତି ରାଜସୀ ଅଟେ । ୩୪ । ହେ ପାର୍ଥ ! ଦୁର୍ମେଧାଯୁକ୍ତ ବ୍ୟକ୍ତି ଯେଉଁ ଧୃତି ହେତୁ ନିଦ୍ରା, ଭୟ, ଶୋକ, ବିଷାଦ ଓ ଗର୍ବ ତ୍ୟାଗ କରିପାରେ ନାହିଁ ସେହି ଧୃତି ତାମସୀ ଅଟେ । ୩୫ ।

## ସୁଖ ତିନି ପ୍ରକାର

ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ, ଭରତର୍ଷଭ !
ଅଭ୍ୟାସାଦ୍ରମତେ ଯତ୍ର, ଦୁଃଖାନ୍ତଞ୍ଚ ନିଗଚ୍ଛତି । ୩୬ ।
ଯତ୍ତଦଗ୍ରେ ବିଷମିବ; ପରିଣାମେଽମୃତୋପମମ୍,
ତତ୍ ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧି ପ୍ରସାଦଜମ୍ । ୩୭ ।
ବିଷୟେନ୍ଦ୍ରିୟସଂଯୋଗାତ୍ ଯତ୍ତଦଗ୍ରେଽମୃତୋପମମ୍,
ପରିଣାମେ ବିଷମିବ ତତ୍ସୁଖଂ ରାଜସଂ ସ୍ମୃତମ୍ । ୩୮ ।
ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ,
ନିଦ୍ରାଳସ୍ୟପ୍ରମାଦୋତ୍ଥଂ, ତତ୍ତାମସମୁଦାହୃତମ୍ । ୩୯ ।

ଅର୍ଥ—ହେ ଭରତର୍ଷଭ ! ଅଭ୍ୟାସପ୍ରଯୁକ୍ତ ହୋଇ ଯେଉଁ ସୁଖରେ ମନୁଷ୍ୟ ଆନନ୍ଦ ଲାଭ କରେ ଏବଂ ଦୁଃଖ ଦୂର କରେ ସେହି ତ୍ରିବିଧ ସୁଖ ବର୍ତ୍ତମାନ ମୋଠାରୁ ଶୁଣ । ୩୬ । ଯାହା ପ୍ରଥମେ ବିଷ ପରି, କିନ୍ତୁ ଶେଷରେ ଅମୃତ ପରି, ଯେଉଁ ସୁଖ ଆତ୍ମପ୍ରସାଦରୁ ଜାତ, ସେହି ସୁଖକୁ ସାତ୍ତ୍ୱିକ କୁହାଯାଏ । ୩୭ । ବିଷୟ ସହିତ ଇନ୍ଦ୍ରିୟର ସଂଯୋଗ ହେତୁ ଯେଉଁ ସୁଖ ପ୍ରଥମେ ଅମୃତ ପରି ମାତ୍ର ଶେଷରେ ବିଷପରି ବୋଧହୁଏ, ସେହି ସୁଖକୁ ରାଜସ କୁହାଯାଏ । ୩୮ । ଯାହା ପ୍ରଥମେ ଓ ଶେଷରେ ନିଜର ମୋହଜନକ ହୁଏ, ନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଉତ୍ପନ୍ନ, ସେହି ସୁଖକୁ ତାମସ କୁହାଯାଏ । ୩୯ ।

ନ ତଦସ୍ତି ପୃଥିବ୍ୟାଂ ବା, ଦିବି ଦେବେଷୁ ବା ପୁନଃ,
ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ । ୪୦ ।

ଅର୍ଥ—ପୃଥିବୀରେ ବା ସ୍ୱର୍ଗରେ ଦେବତାମାନଙ୍କ ମଧ୍ୟରେ ଏପରି ସତ୍ତ୍ୱ ନାହିଁ, ଯେ କି ପ୍ରକୃତିଜାତ ଏହି ତିନିଗୁଣରୁ ମୁକ୍ତ । ୪୦ ।

## କର୍ମ ସ୍ୱଭାବଜାତ ଅଟେ, ବର୍ଣ୍ଣଗତ ନୁହେଁ

ବ୍ରାହ୍ମଣ କ୍ଷତ୍ରିୟବିଶାଂ ଶୂଦ୍ରାଣାଞ୍ଚ, ପରନ୍ତପ !
କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ । ୪୧ ।

ଶମୋ ଦମସ୍ତପଃ ଶୌଚଂ, କ୍ଷାନ୍ତିରାର୍ଜବମେବ ଚ,
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ, ବ୍ରହ୍ମକର୍ମ ସ୍ୱଭାବଜମ୍ । ୪୨ ।
ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ , ଯୁଦ୍ଧେ ଚାପ୍ୟପଲାୟନମ୍,
ଦାନମୀଶ୍ୱରଭାବଶ୍ଚ, କ୍ଷାତ୍ରକର୍ମ ସ୍ୱଭାବଜମ୍ । ୪୩ ।
କୃଷି ଗୌରକ୍ଷବାଣିଜ୍ୟଂ , ବୈଶ୍ୟକର୍ମ୍ମ ସ୍ୱଭାବଜମ୍,
ପରିଚର୍ଯ୍ୟାତ୍ମକଂ କର୍ମ୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ । ୪୪ ।

ଅର୍ଥ —ହେ ପରନ୍ତପ ! ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନଙ୍କର କର୍ମ୍ମ ସବୁ(ପ୍ରତ୍ୟେକ ବ୍ୟକ୍ତିର) ସ୍ୱଭାବଜାତ କର୍ମ୍ମ ଅନୁସାରେ ବିଭକ୍ତ ହୋଇଅଛି । ୪୧ । ଶମ, ଦମ, ତପ, ଶୌଚ, କ୍ଷମା, ସରଳତା, ଜ୍ଞାନ, ବିଜ୍ଞାନ ଏବଂ ଆସ୍ତିକ୍ୟ—ବ୍ରାହ୍ମଣର ସ୍ୱଭାବଜାତ କର୍ମ୍ମ ଅଟେ । ୪୨ । ଶୌର୍ଯ୍ୟ, ତେଜ, ଧୃତି, ଦକ୍ଷତା, ଯୁଦ୍ଧରେ ଅପଲାୟନ, ଦାନ ଓ ଈଶ୍ୱର ଭାବ କ୍ଷତ୍ରିୟର ସ୍ୱଭାବଜାତ କର୍ମ୍ମ ଅଟେ । ୪୩ । କୃଷି, ଗୋରକ୍ଷା ଓ ବାଣିଜ୍ୟ—ବୈଶ୍ୟର ସ୍ୱଭାବଜାତ କର୍ମ୍ମ ଅଟେ ଏବଂ ସେବା, ଶୂଦ୍ରର ସ୍ୱଭାବଜାତ କର୍ମ ଅଟେ । ୪୪ ।

ଟିପ୍ପଣୀ—ପୂର୍ବଜନ୍ମ କୃତକର୍ମ୍ମର ଫଳ ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି ତାହାର ସ୍ୱଭାବ ପାଇଅଛି । ତେଣୁ ସ୍ୱଭାବଜାତ କର୍ମ୍ମକୁ ଜାତିଗତ କିମ୍ବା ସମଷ୍ଟିଗତ କୁହାଯାଇ ନ ପାରେ । ୪୧ରୁ ୪୪, ଏହି ଚାରୋଟି ଶ୍ଳୋକର ପ୍ରତ୍ୟେକରେ ବ୍ୟବହୃତ ହୋଇଥିବା ''ସ୍ୱଭାବଜମ୍'' କଥାଟିରୁ ପ୍ରକାଶ ଯେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶଦ୍ରମାନଙ୍କର କର୍ମ ସ୍ୱଭାବଜାତ ଅଟେ । ଏହା ସମଷ୍ଟିଗତ ବା ସମ୍ପ୍ରଦାୟଗତ ବା ଜାତିଗତ ନୁହେଁ । ଜାତିଗତ ବା ସମଷ୍ଟିଗତ ସ୍ୱଭାବ ମନୁଷ୍ୟେତର ରାଜ୍ୟରେ ଆମ୍ଭେମାନେ ଦେଖିବାକୁ ପାଉଁ । ସବୁ ମେଣ୍ଢାଙ୍କର ଏକା ସ୍ୱଭାବ, ସବୁ ବଳୁଆଙ୍କର ଏକା ସ୍ୱଭାବ । ମାତ୍ର ସବୁ ବ୍ରାହ୍ମଣଙ୍କର କିମ୍ବା ସବୁ ମୁସଲମାନଙ୍କର କିମ୍ବା ସବୁ ଖ୍ରୀଷ୍ଟିଆନଙ୍କର ଏକା ସ୍ୱଭାବ ହୋଇ ନ ପାରେ ।

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ,
ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତଚ୍ଛୃଣୁ । ୪୫ ।

ଯତଃ ପ୍ରବୃତ୍ତିର୍ଭୂତାନାଂ, ଯେନ ସର୍ବମିଦଂ ତତମ୍,
ସ୍ୱକର୍ମଣା ତମଭ୍ୟର୍ଚ୍ୟ, ସିଦ୍ଧିଂ ବିନ୍ଦତି ମାନବଃ । ୪୬ ।

**ଅର୍ଥ**—ନିଜ ନିଜ କର୍ମରେ ସମ୍ପୂର୍ଣ୍ଣରୂପେ ନିଯୁକ୍ତ ଥାଇ ମନୁଷ୍ୟ ସିଦ୍ଧିଲାଭ କରେ, ସ୍ୱକର୍ମନିରତ ବ୍ୟକ୍ତି ଯେପରି ସିଦ୍ଧି ଲାଭକରେ, ତାହା ଶୁଣ । ୪୫ । ଯାହାଙ୍କଠାରୁ ଭୂତମାନଙ୍କର ପ୍ରବୃତ୍ତି, ଯାହାଙ୍କଦ୍ୱାରା ସମସ୍ତ ଜଗତ ବ୍ୟାପ୍ତ, ପ୍ରତ୍ୟେକ ମନୁଷ୍ୟ ନିଜ କର୍ମଦ୍ୱାରା ତାହାଙ୍କୁ ଅଭ୍ୟର୍ଚ୍ଚନା କରି ସିଦ୍ଧିଲାଭ କରେ । ୪୬ ।

**ଟିପ୍ପଣୀ**—"ସ୍ୱକର୍ମଣା" କଥାଟିକୁ ସବୁ ଟୀକାକାରମାନେ ଏବଂ ମହାତ୍ମାଗାନ୍ଧି ମଧ୍ୟ "ବର୍ଣ୍ଣାନୁଯାୟୀ କର୍ମଦ୍ୱାରା" ବୋଲି ଅର୍ଥ କରିଅଛନ୍ତି । ଯାହା ସମ୍ପୂର୍ଣ୍ଣ ଅସଙ୍ଗତ । ଏହି ଅଧ୍ୟାୟ ୧୭ଶ ଶ୍ଳୋକଟିର ଟିପ୍ପଣୀ ଦେଖନ୍ତୁ । ଏହି କଥାଟି ଗୀତାର ସର୍ବପ୍ରଧାନ କଥା ।

ଏହି ସଂସାର ଶ୍ରୀ ଭଗବାନଙ୍କର ଗୋଟିଏ ବୈଚିତ୍ର୍ୟପୂର୍ଣ୍ଣ ସୁନ୍ଦର ବଗିଚା । ଏହି ବଗିଚାରେ ମନୁଷ୍ୟସମାଜ ଗୋଟିଏ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଭାଗ । ଏହି ବିଭାଗରେ ଏକ ଜାତୀୟ ଯୋଡ଼ିଏ ଗଛ ସୁଦ୍ଧା ନାହିଁ । ପ୍ରତ୍ୟେକ ଗଛ ତାହାର ପୂର୍ବକୃତ କର୍ମର ଅଧୀନ ଏବଂ ସେହି ପୂର୍ବକୃତ କର୍ମର ସ୍ୱାଭାବିକ ତାଡ଼ନା ହେତୁ ପ୍ରତ୍ୟେକ ଗଛର କ୍ରମବିକାଶର ପ୍ରଣାଳୀ ଅନ୍ୟଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଥାଇ ସୁଦ୍ଧା ପ୍ରତ୍ୟେକ ଗଛ ନିଜକୁ ନିଜେ ପୂର୍ଣ୍ଣ । କଖାରୁ ଗଛ ତାହାର କ୍ରମବିକାଶ ପଥରେ ଅଗ୍ରସର ହେବାବେଳେ ଯେଉଁ ଆନନ୍ଦ ପାଏ ଗୋଲାପ ଗଛ ମଧ୍ୟ ତାହାର କ୍ରମବିକାଶ ପଥରେ ଅଗ୍ରସର ହେବାବେଳେ ସେହି ଆନନ୍ଦ ପାଏ । କ୍ରମବିକାଶର ପ୍ରଣାଳୀରେ ଅଗ୍ରସର ହେବାରେ ପାର୍ଥକ୍ୟ ଥିଲେ ସୁଦ୍ଧା ପୂର୍ଣ୍ଣତା ପ୍ରାପ୍ତିରେ ଓ ଆନନ୍ଦ ଉପଲବ୍ଧି କରିବାରେ ପ୍ରତ୍ୟେକ ଗଛର ସମାନ ଅଧିକାର । ଏହି ସମତାହିଁ ପ୍ରତ୍ୟେକ ମନୁଷ୍ୟ ପାଇଁ ଭଗବାନଙ୍କର ସର୍ବଶ୍ରେଷ୍ଠ ଦାନ । ଏହି ସମତା ବୁଝିନପାରି କଖାରୁ ଗଛ ଯଦି ଗୋଲାପ ଗଛର କ୍ରମବିକାଶ ପ୍ରଣାଳୀର ଅନ୍ଧ ଅନୁସରଣ କରେ ତେବେ କଖାରୁ-ଗଛର ଯେଉଁ ଦୁରବସ୍ଥା ଘଟିବ, ପରଧର୍ମର ଅନ୍ଧ ଅନୁସରଣ କରିବା ଫଳରେ ପ୍ରତ୍ୟେକ ମନୁଷ୍ୟର ତଥା ସମସ୍ତ ମାନବ ଜାତିର ଆଜି ସେହି

ଦୁରବସ୍ଥା ଘଟିଅଛି । ପରଧର୍ମର ଅନ୍ଧଅନୁସରଣ କରିବା ଦ୍ୱାରା ମନୁଷ୍ୟ ଭଗବାନଙ୍କର ବୈଚିତ୍ର୍ୟମୟ ଜଗତ୍ର ପ୍ରକୃତ ସୌନ୍ଦର୍ଯ୍ୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ନିଜେ ମନୁଷ୍ୟ ରାଜ୍ୟରୁ ବାହାର ଆସି ପଶୁ ରାଜ୍ୟରେ ଭୁକ୍ତ ହୋଇଅଛି ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍,
ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ । ୪୭ ।
ସହଜଂ କର୍ମ, କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍,
ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ । ୪୮ ।

ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ୍ମ ଅପେକ୍ଷା ବିଗୁଣ ବା ଦୋଷଯୁକ୍ତ ସ୍ୱଧର୍ମ୍ମ ଶ୍ରେୟସ୍କର ଅଟେ । ସ୍ୱଭାବନିୟତ କର୍ମ୍ମ କରିବା ଦ୍ୱାରା କେହି ପାପ ପ୍ରାପ୍ତ ହୁଏ ନାହିଁ । ୪୭ । ହେ କୌନ୍ତେୟ ! ସହଜାତ କର୍ମ୍ମ ଅର୍ଥାତ୍ ନିଜର ଜନ୍ମ ସହିତ ଯେଉଁ କର୍ମ୍ମ ଜାତ ହୋଇଅଛି, ଦୋଷଯୁକ୍ତ ହେଲେ ସୁଦ୍ଧା, ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ଧୂମ ଦ୍ୱାରା ଅଗ୍ନି ଯେପରି ଆବୃତ, ସବୁ କର୍ମ୍ମ ସେହିପରି ଦୋଷଦ୍ୱାରା ଆବୃତ ଅଟେ । ୪୮ ।

ଟିପ୍ପଣୀ -"ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍" ଠିକ୍ ଏହି କଥାଟି ୩ୟ ଅଧ୍ୟାୟ ୩୫ଶ ଶ୍ଳୋକରେ ମଧ୍ୟ ଅଛି । ସେଠାରେ ସ୍ୱଧର୍ମ୍ମ କଥାଟିର ଅର୍ଥ ହେଉଛି ନିଜର ବୁଝିବା ଉପରେ ନିର୍ଭର କରି କର୍ମ କରିବା । ଏଠାରେ ସେହି ସ୍ୱଧର୍ମ କଥାଟିର ଅର୍ଥ ହେଉଛି, ସ୍ୱକର୍ମ ଅର୍ଥାତ୍ ନିଜର ସ୍ୱଭାବ-ନିୟତ କର୍ମ ବା ସହଜାତ କର୍ମରେ ନିଯୁକ୍ତ ରହିବା । ପରଧର୍ମ ଓ ପରକର୍ମ କଥା ଦୁଇଟିର ଅର୍ଥ ବୁଝାଇବା ଅନାବଶ୍ୟକ । କାରଣ ସ୍ୱଧର୍ମ କଥାଟି ବୁଝିଲେ ପରଧର୍ମ କଥାଟି ବୁଝି ହେବ ଏବଂ ସ୍ୱକର୍ମ କଥାଟି ବୁଝିଲେ ପରକର୍ମ କଥାଟି ବୁଝି ହେବ । ୩ୟ ଅଧ୍ୟାୟ ୩୫ ଶ୍ଳୋକର ଟିପ୍ପଣୀରେ ସ୍ୱଧର୍ମ କଥାଟିର ଆଲୋଚନା କରାଯାଇ ଅଛି । ସ୍ୱଧର୍ମ କଥାଟିକୁ ସ୍ୱକର୍ମ ଭାବରେ ଶ୍ରୀକୃଷ୍ଣ ଏଠାରେ ଯେପରି ବୁଝାଇ ଅଛନ୍ତି ତାହାର ଆଲୋଚନା କରାଯାଉ ।

ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬
ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍,
ସ୍ୱଭାବ-ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ । ୧୮ଶ-୪୭ ।
ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ ।୧୮ଶ-୪୮।

ଅର୍ଥ—ନିଜର ସ୍ୱକର୍ମ ଦ୍ୱାରା ଈଶ୍ୱରଙ୍କୁ ଅଭ୍ୟର୍ଚ୍ଚନା କରି ମନୁଷ୍ୟ ସିଦ୍ଧିଲାଭ କରେ ( ୧୮ଶ-୪୬ ) । ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ବିଗୁଣ ସ୍ୱଧର୍ମ ଶ୍ରେୟସ୍କର । କାରଣ ସ୍ୱଭାବ-ନିୟତ କର୍ମ କରିବାରେ ମନୁଷ୍ୟ ପାପ କରେ ନାହିଁ ( ୧୮ଶ-୪୭ ) । ସହଜାତ କର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।
( ୧୮-୪୮ )

ନିମ୍ନାଙ୍କିତରେ ଥିବା ଏହି ଶ୍ଲୋକଟି ଧାଡ଼ିରୁ ପ୍ରକାଶ ଯେ ନିଜର ସ୍ୱଭାବ-ନିୟତ କର୍ମରେ ନିଯୁକ୍ତ ରହିବାର ନାମ ସ୍ୱଧର୍ମ । ଗୀତାପ୍ରବକ୍ତା ସ୍ୱଧର୍ମକୁ ବା ସ୍ୱକର୍ମକୁ ପୂର୍ବାଭ୍ୟାସହେତୁ କାଳେ ଲୋକେ ସାମ୍ପ୍ରଦାୟିକ ସ୍ୱକର୍ମ ମନେ କରିବେ, ସେଥିପାଇଁ ସ୍ୱଧର୍ମ କଥାଟିକୁ ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ ସେହି ଶ୍ଲୋକର ତଳଧାଡ଼ିରେ "ସ୍ୱଭାବ-ନିୟତ କର୍ମ" ଏହି କଥାଟି ବ୍ୟବହାର କରିଅଛନ୍ତି ଏବଂ କାଳେ ଲୋକେ ପରକର୍ମର ଅନ୍ଧ ଅନୁସରଣକୁ କିମ୍ବା ନିଜର ଇଚ୍ଛା-ପ୍ରଣୋଦିତ କର୍ମ ସବୁକୁ ସ୍ୱଭାବ-ନିୟତ କର୍ମ ମନେକରି ବିପଥଗାମୀ ହେବେ, ସେଥିପାଇଁ ଶ୍ରୀକୃଷ୍ଣ ସ୍ୱଭାବ-ନିୟତ କଥାଟିକୁ ବୁଝାଇବା ପାଇଁ ପରବର୍ତ୍ତୀ ଶ୍ଲୋକରେ 'ସହଜଂ କର୍ମ" ଅର୍ଥାତ୍ ସହଜାତ କର୍ମ କଥାଟି ବ୍ୟବହାର କରିଅଛନ୍ତି । ଅତଏବ ଏହି ଶ୍ଲୋକଟି ଧାଡ଼ିରେ ନିମ୍ନାଙ୍କିତରେ ଥିବା ସ୍ୱକର୍ମ, ସ୍ୱଧର୍ମ, ସ୍ୱଭାବ-ନିୟତ କର୍ମ ଓ ସହଜାତ କର୍ମ ଏମାନେ ସମସ୍ତେ ଏକାକଥା । ବର୍ତ୍ତମାନ ସହଜାତ କର୍ମ କଅଣ, ତାହାହିଁ ବୁଝିବା ଆବଶ୍ୟକ ।

ଯେଉଁ କର୍ମକୁ ସଙ୍ଗରେ ନେଇ ପ୍ରତ୍ୟେକ ମନୁଷ୍ୟ ଏହି ସଂସାରରେ ଜାତ ହୋଇଅଛି, ସେହି କର୍ମହିଁ ସେହି ମନୁଷ୍ୟର ସହଜାତ କର୍ମ ବା ସ୍ୱଭାବ-ନିୟତ କର୍ମ । କେଉଁ କର୍ମକୁ ସଙ୍ଗରେ ନେଇ ପ୍ରତ୍ୟେକ ମନୁଷ୍ୟ ଏହି ସଂସାରକୁ ଆସିଅଛି, ତାହା ବୁଝିବା ପାଇଁ ଦେଖ ଭାଗବତରେ ଥିବା

ନିମ୍ନଲିଖିତ କଥାଟି ଅନେକ ସାହାଯ୍ୟ କରିବ । ମାତ୍ର ମନେରଖନ୍ତୁ, ହେଲେ ଭାଗବତରେ ଲେଖାଥିବା କଥାକୁ ସତ୍ୟବୋଲି ଗ୍ରହଣ କରିବାକୁ ହେବ, ଏପରି କଥା ଗୀତା କହୁନାହିଁ କିମ୍ବା ମୁଁ କହୁନାହିଁ, କାରଣ ତାହା ପରଧର୍ମ ।

> କ୍ରିୟମାଣଂ ଚ ଯତ୍ କର୍ମ ବର୍ତ୍ତମାନଂ ତଦୁଚ୍ୟତେ,
> ଅନେକ ଜନ୍ମ ସଂଜାତଂ ପ୍ରାକ୍ତନଂ ସଞ୍ଚିତଂ ସ୍ମୃତମ୍,
> ସଞ୍ଚିତାନାଂ ପୁନର୍ମଧ୍ୟାତ୍ ସମାହୃତ୍ୟ କିୟତ୍ କିଳମ୍,
> ଦେହାରମ୍ଭେ ଚ ସମୟେ କାଳଃ ପ୍ରେରୟତୀବ ତତ୍—

ଅର୍ଥ—ଏହି ଜନ୍ମରେ ପ୍ରତ୍ୟହ ଯେଉଁ କର୍ମ କରାଯାଏ ତାହାକୁ ବର୍ତ୍ତମାନ କର୍ମ କୁହାଯାଏ । ଅନେକ ଜନ୍ମକୃତ ପୂର୍ବତନ କର୍ମ ସବୁର ସମଷ୍ଟିକୁ ସଞ୍ଚିତ କର୍ମ କୁହାଯାଏ । ସେହି ସଞ୍ଚିତ କର୍ମରୁ ଯେଉଁ ନିର୍ଦ୍ଦିଷ୍ଟ କର୍ମ ବା କେତେକ ଅଂଶ, ଏହି ନୂତନ ଜନ୍ମର ଆରମ୍ଭରେ, କାଳ ବା କର୍ମଦେବତା ପ୍ରେରଣା କରନ୍ତି ବା କ୍ଷୟ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟକୁ ଦିଅନ୍ତି, ତାହାର ନାମ ପ୍ରାରବ୍ଧ କର୍ମ ।

ପ୍ର+ଆରବ୍ଧ=ପ୍ରାରବ୍ଧ । ଯେଉଁ କର୍ମର ଭୋଗ ଆରମ୍ଭ ହୋଇସାରିଛି ତାହାର ନାମ ପ୍ରାରବ୍ଧ କର୍ମ ବା ସହଜାତ କର୍ମ । ପ୍ରତ୍ୟେକ ମନୁଷ୍ୟର କର୍ମ ସେହି ମନଷ୍ୟର ଭାବନା, ବାସନା ଓ ଚେଷ୍ଟା ଭେଦରେ ତିନିପ୍ରକାର । ସେହି ଭାବନା, ବାସନା ଓ ଚେଷ୍ଟା ଯଥାକ୍ରମେ ସେହି ମନୁଷ୍ୟର ଜ୍ଞାନଶକ୍ତି, ଇଚ୍ଛାଶକ୍ତି ଓ କ୍ରିୟାଶକ୍ତିରୁ ଉତ୍ପନ୍ନ । ମନୁଷ୍ୟ ପ୍ରତିଦିନ ଯାହା ଭାବନା କରେ, ବାସନା କରେ ଓ ଶାରୀରିକ କର୍ମକରେ ତାହାସବୁ ସଞ୍ଚିତହୋଇ ସେହି ମନୁଷ୍ୟର ଚରିତ୍ରରେ ବା ସ୍ୱଭାବରେ ପରିଣତ ହୁଏ । ଆମ୍ଭେମାନେ ଏହା ସର୍ବଦା ଅନୁଭବ କରୁଁ । ଠିକ୍ ସେହିପରି ପୂର୍ବ ପୂର୍ବ ଜନ୍ମରେ ମନୁଷ୍ୟ ଯାହା ଯାହା ଭାବନା କରିଥାଏ ଓ ବାସନା କରିଥାଏ ତାହା ସଞ୍ଚିତ ହୋଇ ସେହି ମନୁଷ୍ୟର ସଞ୍ଚିତ କର୍ମ ସୃଷ୍ଟି କରେ । ସେହି ସଞ୍ଚିତ କର୍ମର ଅଂଶ ହେଉଛି ମନୁଷ୍ୟର ସହଜାତ କର୍ମ ବା ସ୍ୱଭାବ ବା ଚରିତ୍ର ବା ସେ ନିଜେ ।

ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ,
ନୈଷ୍କର୍ମ୍ୟସିଦ୍ଧିଂ ପରମାଂ, ସଂନ୍ୟାସେନାଧିଗଚ୍ଛତି । ୪୯ ।
ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ,
ସମାସେନୈବ କୌନ୍ତେୟ ! ନିଷ୍ଠା ଜ୍ଞାନସ୍ୟ ଯା ପରା । ୫୦ ।

ଅର୍ଥ—ଯାହାଙ୍କର ବୁଦ୍ଧି ସବୁ ବିଷୟରେ ଅନାସକ୍ତ, ଯେ ନିଜକୁ ଜୟ କରିଅଛନ୍ତି, ଯାହାଙ୍କର କୌଣସି ବିଷୟରେ ସ୍ପୃହା ବା କାମନା ନାହିଁ, ସେହି ବ୍ୟକ୍ତି ସନ୍ନ୍ୟାସ ଦ୍ୱାରା ପରମା ନୈଷ୍କର୍ମ୍ୟ ସିଦ୍ଧି ଅର୍ଥାତ୍ କର୍ମ ବନ୍ଧନରୁ ମୁକ୍ତ ହେବାରୂପ ସିଦ୍ଧି ଲାଭ କରନ୍ତି । ୪୯ । ହେ କୌନ୍ତେୟ ନୈଷ୍କର୍ମ୍ୟ ସିଦ୍ଧି ଲାଭ କରିଥିବା ବ୍ୟକ୍ତି ଯେପରି ବ୍ରହ୍ମ ପ୍ରାପ୍ତ ହୁଅନ୍ତି ତାହା ମୋଠାରୁ ସଂକ୍ଷେପରେ ଜାଣ—ଯାହା ଜ୍ଞାନର ଶ୍ରେଷ୍ଠ ଅବସ୍ଥା ଅଟେ ।୫୦।

ଟିପ୍ପଣୀ—ଲୋକେ କର୍ମ ବନ୍ଧନରୁ ମୁକ୍ତ ହେବା ଆଶାରେ କର୍ମ ସନ୍ନ୍ୟାସ ଅବଲମ୍ବନ କରନ୍ତି ବୋଲି ଶ୍ରୀକୃଷ୍ଣ ଏଠାରେ ସନ୍ନ୍ୟାସଦ୍ୱାରା ବ୍ରହ୍ମପ୍ରାପ୍ତ ହେବା କଥା ଲେଖିଲେ । ନୈଷ୍କର୍ମ୍ୟ ସିଦ୍ଧି କଥାଟି ୩ୟ ଅଧ୍ୟାୟ ୪ର୍ଥ ଶ୍ଳୋକରେ ମଧ୍ୟ କୁହାଯାଇ ଅଛି । ଅସକ୍ତ ବୁଦ୍ଧି, ବିଗତସ୍ପୃହା ଏବଂ ଜିତାତ୍ମା ହେବାହିଁ ପ୍ରକୃତ ସଂନ୍ୟାସ, ଏକଥା ଶ୍ରୀକୃଷ୍ଣ ୪୯ଶ ଶ୍ଳୋକରେ କହିଅଛନ୍ତି । ସଂନ୍ୟାସ କଥାଟିର ଅର୍ଥ ହେଉଛି ପରିତ୍ୟାଗ । ସ୍ପୃହା ବା କାମନା ପରିତ୍ୟାଗ କରିବା ଏବଂ ନିଜର ଅହମିକା ପରିତ୍ୟାଗ କରିବାକୁ ଶ୍ରୀକୃଷ୍ଣ ଏଠାରେ ପ୍ରକୃତ ସଂନ୍ୟାସ କହିଅଛନ୍ତି ଏବଂ ଏହି ସଂନ୍ୟାସ ଦ୍ୱାରା ମନୁଷ୍ୟ ବ୍ରହ୍ମ ଲାଭ କରିପାରିବ ବୋଲି କହିଅଛନ୍ତି ।

## ବ୍ରହ୍ମଲାଭ କରିବାର ଉପାୟ

ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ,
ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା, ରାଗଦ୍ୱେଷୌ ବ୍ୟୁଦସ୍ୟ ଚ । ୫୧ ।
ବିବିକ୍ତସେବୀ ଲଘ୍ୱାଶୀ, ଯତବାକ୍‌କାୟମାନସଃ,
ଧ୍ୟାନଯୋଗପରୋ ନିତ୍ୟଂ, ବୈରାଗ୍ୟଂ ସମୁପାଶ୍ରିତଃ । ୫୨ ।
ଅହଂକାରଂ ବଳଂ ଦର୍ପଂ, କାମଂ କ୍ରୋଧଂ ପରିଗ୍ରହଂ,
ବିମୁଚ୍ୟ ନିର୍ମମଃ ଶାନ୍ତୋ, ବ୍ରହ୍ମଭୂୟାୟ କଳ୍ପତେ । ୫୩ ।

ଅର୍ଥ—ବିଶୁଦ୍ଧ ବୁଦ୍ଧିଦ୍ୱାରା ଯୁକ୍ତ ହୋଇ, ଧୃତି ଦ୍ୱାରା ନିଜକୁ ନିୟମିତ କରି, ଶବ୍ଦାଦି ବିଷୟ ସବୁ ତ୍ୟାଗକରି, ଆସକ୍ତି ଓ ଦ୍ୱେଷକୁ ପରିତ୍ୟାଗ କରି, ନିର୍ଜ୍ଜନରେ ରହି, ଅଳ୍ପ ଆହାର କରି, ବାକ୍ୟ, ଶରୀର ଓ ମନକୁ ସଂଯତ କରି, ସର୍ବଦା ଧ୍ୟାନଯୋଗ ପରାୟଣ ହୋଇ, ବୈରାଗ୍ୟକୁ ଆଶ୍ରୟ କରି, ଅହଂକାର, ବଳ, ଦର୍ପ, କାମ, କ୍ରୋଧ ଓ ଲୋଭକୁ ତ୍ୟାଗ କରି, ମମତାଶୂନ୍ୟ ହୋଇ ଓ ଶାନ୍ତ ରହି ମନୁଷ୍ୟ ବ୍ରହ୍ମହେବାର ଯୋଗ୍ୟ ହୁଏ । ୫୧-୫୩ ।

ଟିପ୍ପଣୀ—ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଅହଂକାର, କାମ, କ୍ରୋଧ, ଲୋଭ ଇତ୍ୟାଦିକୁ ପରିତ୍ୟାଗ କରିବା ହେଉଛି ପ୍ରକୃତ ସଂନ୍ୟାସ ଓ ବ୍ରହ୍ମତ୍ୱ ଲାଭର ଲକ୍ଷଣ ।

## ବ୍ରହ୍ମତ୍ୱ ଲାଭ କରିଥିବା ବ୍ୟକ୍ତିର ଲକ୍ଷଣ

ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍କ୍ଷତି,
ସମଃ ସର୍ବେଷୁ ଭୂତେଷୁ, ମଦ୍‌ଭକ୍ତିଂ ଲଭତେ ପରାମ୍ । ୫୪ ।

ଅର୍ଥ—ବ୍ରହ୍ମତ୍ୱ ଲାଭ କରିଥିବା ବ୍ୟକ୍ତିର ମନ ସର୍ବଦା ପ୍ରସନ୍ନ । ସେ ଶୋକ କରନ୍ତି ନାହିଁ, ଆକାଙ୍‌କ୍ଷା କରନ୍ତି ନାହିଁ, ସବୁ ପ୍ରାଣୀଙ୍କ ପ୍ରତି ସମଦର୍ଶୀ ହୁଅନ୍ତି ଏବଂ ମୋ ପ୍ରତି ପରାଭକ୍ତି ଲାଭ କରନ୍ତି । ୫୪ ।

ଭକ୍ତ୍ୟା ମାମଭିଜାନାତି, ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ,
ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା, ବିଶତେ ତଦନନ୍ତରମ୍ । ୫୫ ।

ଅର୍ଥ—ସେହି ଭକ୍ତିଦ୍ୱାରା ମୁଁ କେତେ ଏବଂ ମୁଁ କିଏ ତାହା ତତ୍ତ୍ୱତଃ ଜାଣି, ତାପରେ ସେହି ଶାଶ୍ୱତ ପଦରେ ମନୁଷ୍ୟ ପ୍ରବେଶ କରେ । ୫୫ ।

ଟିପ୍ପଣୀ—କଳ୍ପନାର ଅଗୋଚର ସେହି ଅଜ୍ଞେୟ ସତ୍ତାଙ୍କର ପରିମାଣ କେତେ ଏବଂ ସେ କିଏ ତାହା ଜାଣିବା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ଶ୍ରୀକୃଷ୍ଣ ଏଠାରେ କହିଅଛନ୍ତି ଯେ ତାଙ୍କର ପରିମାଣ କେତେ ଏବଂ ସେ କିଏ

ତାହା ମନୁଷ୍ୟ ସମ୍ପୂର୍ଣ୍ଣରୂପେ ଜାଣି ପାରିବ । ଏଥିରୁ ମଧ୍ୟ ବୁଝାଯାଉଅଛି ଯେ ଗୀତାର ଶ୍ରୀକୃଷ୍ଣ ଆମ୍ଭମାନଙ୍କର କଳ୍ପନାଶ୍ରିତ ଭଗବାନ ନୁହଁନ୍ତି ।

ସର୍ବକର୍ମାଣ୍ୟପି ସଦା, କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ,
ମତ୍‌ପ୍ରସାଦାଦବାପ୍ନୋତି, ଶାଶ୍ୱତଂ ପଦମବ୍ୟୟମ୍ । ୫୬ ।
ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ,
ବୁଦ୍ଧି ଯୋଗମୁପାଶ୍ରିତ୍ୟ, ମଚ୍ଚିତ୍ତଃ ସତତଂ ଭବ । ୫୭ ।
ମଚ୍ଚିତ୍ତଃ ସର୍ବଦୁର୍ଗାଣି, ମତ୍‌ପ୍ରସାଦାତ୍ତରିଷ୍ୟସି,
ଅଥ ଚେତ୍ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍‌କ୍ଷ୍ୟସି । ୫୮ ।
ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍‌ସ୍ୟ ଇତି ମନ୍ୟସେ,
ମିଥ୍ୟୈଷ ବ୍ୟବସାୟସ୍ତେ, ପ୍ରକୃତିସ୍ତ୍ୱାଂ ନିଯୋକ୍ଷ୍ୟତି । ୫୯ ।
ସ୍ୱଭାବଜେନ କୌନ୍ତେୟ ! ନିବଦ୍ଧଃ ସ୍ୱେନ କର୍ମଣା,
କର୍ତ୍ତୁଂନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍ । ୬୦ ।

**ଅର୍ଥ**—ସର୍ବଦା ସବୁ କର୍ମ କରି ସୁଦ୍ଧା ମୋଠାରେ ଆଶ୍ରୟ ନେବାଦ୍ୱାରା ମୋହର ଅନୁଗ୍ରହରୁ ଶାଶ୍ୱତ ଅବ୍ୟୟ ପଦକୁ ଲାଭ କରନ୍ତି । ୫୬ । ଅତଏବ ମନଦ୍ୱାରା ସମସ୍ତ କର୍ମ ମୋଠାରେ ସଂନ୍ୟାସ କରି ମତ୍ପର ହୋଇ ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ । ୫୭ । ମୋଠାରେ ଚିତ୍ତ ରଖିଲେ ମୋ ଅନୁଗ୍ରହରୁ ସମସ୍ତ ପ୍ରକାର ଦୁଃଖରୁ ଉତ୍ତୀର୍ଣ୍ଣ ହେବ । ଯଦି ତୁମ୍ଭେ ଅହଂକାର ହେତୁ ମୋ କଥା ନ ଶୁଣ ତେବେ ବିନଷ୍ଟ ହେବ । ୫୮ । ଅହଂକାରକୁ ଆଶ୍ରୟ କରି 'ମୁଁ ଯୁଦ୍ଧ କରିବି ନାହିଁ' ଏପରି ଯାହା ମନେ କରିଅଛ, ତୁମ୍ଭର ଏହି ବ୍ୟବସାୟ ବା କାର୍ଯ୍ୟ ମିଥ୍ୟା ଅଟେ । ପ୍ରକୃତି ତୁମ୍ଭଙ୍କୁ ଏଥିରେ ନିଯୁକ୍ତ କରିବ । ୯ । ହେ କୌନ୍ତେୟ ! ମୋହବଶତଃ ତୁମ୍ଭେ ଯାହା କରିବାକୁ ଇଚ୍ଛା କରୁନାହଁ, ସ୍ୱଭାବଜାତ କର୍ମଦ୍ୱାରା ଆବଦ୍ଧ ହୋଇ ଓ ଅବଶ ହୋଇ ତାହା କରିବ । ୬୦ ।

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜ୍ଜୁନ ତିଷ୍ଠତି,
ଭ୍ରାମୟନ୍ ସର୍ବଭୂତାନି, ଯନ୍ତ୍ରାରୂଢ଼ାନି ମାୟୟା । ୬୧ ।

ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ,
ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।୬୨।

**ଅର୍ଥ**—ହେ ଅର୍ଜୁନ ! ଈଶ୍ୱର ସମସ୍ତଙ୍କର ହୃଦୟରେ ରହିଅଛନ୍ତି ଏବଂ କୁମ୍ଭକାର ଚକ ଉପରେ ମାଟି ରଖି ତାହା ଘୂରାଇବା ଦ୍ୱାରା ଭିନ୍ନ ଭିନ୍ନ ଆବଶ୍ୟକୀୟ ବସ୍ତୁ ପ୍ରସ୍ତୁତ କଲାପରି ସେ ନିଜର ମାୟାଶକ୍ତି ଦ୍ୱାରା ସବୁ ଭୂତମାନଙ୍କୁ ଘୂରାଇ ଘୂରାଇ ପ୍ରତ୍ୟେକଙ୍କୁ ତାହାର ଯଥା ଆବଶ୍ୟକ ପରିଣତି ଦେଉଅଛନ୍ତି ।୬୧। ହେ ଭାରତ ! ସର୍ବତୋଭାବେ ସେହି ଈଶ୍ୱରଙ୍କର ଶରଣ ନିଅ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରା-ଶାନ୍ତି ଓ ଶାଶ୍ୱତ-ସ୍ଥାନ ଲାଭ କରିବ ।୬୨।

**ଟିପ୍ପଣୀ**—ସର୍ବବ୍ୟାପୀ ଈଶ୍ୱର ସମସ୍ତ ବିଶ୍ୱରେ ସର୍ବଦା ରହିଥିବା ସ୍ଥଳେ ସେ ସମସ୍ତଙ୍କର ହୃଦୟରେ ରହିଅଛନ୍ତି, ଏକଥା କହିବାର ଅଭିପ୍ରାୟ ଏହିକି ମନୁଷ୍ୟସୃଷ୍ଟ ମନ୍ଦିର, ମସ୍‌ଜିଦ ଓ ଗୀର୍ଜା ଇତ୍ୟାଦିରେ ଅବ୍ୟକ୍ତ ଈଶ୍ୱରଙ୍କର ଯେଉଁ ପୂଜା, ସ୍ତୁତି, ପ୍ରାର୍ଥନା, ନୈବେଦ୍ୟ ଇତ୍ୟାଦି ହୁଏ ତାହାର ଅନ୍ଧ ଅନୁସରଣ ନ କରି ନିଜ ନିଜର ହୃଦୟ ରୂପ ମନ୍ଦିରରୁ ଈର୍ଷା, ହିଂସା, ଘୃଣା, ପରଶ୍ରୀକାତରତା, ମିଥ୍ୟା, କପଟତା ଇତ୍ୟାଦି ଆବର୍ଜନା ଦୂରକରି ସେଠାରେ ଈଶ୍ୱରଙ୍କୁ ସ୍ଥାନ ଦିଅ ଏବଂ ସର୍ବତୋଭାବେ ଅର୍ଥାତ୍ ପ୍ରତ୍ୟେକ କର୍ମରେ କାୟମନୋବାକ୍ୟରେ ଏବଂ ସର୍ବଦା ସେହି ଈଶ୍ୱରଙ୍କର ଶରଣ ନିଅ । ଈଶ୍ୱରଙ୍କୁ ଶରଣ ନେବାକୁ କହିବାର ଠିକ୍ ପରେ ଅର୍ଥାତ୍ ପରବର୍ତ୍ତୀ ୬୬ ଶ୍ଳୋକରେ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଓ ପରମ ଉପଦେଶରେ କହିଲେ, "ମାମେକଂ ଶରଣଂ ବ୍ରଜ" ଅର୍ଥାତ୍ ମୋର ଏକମାତ୍ର ଶରଣ ନିଅ ।

ତାଙ୍କୁ ଅର୍ଥାତ୍ ଈଶ୍ୱରଙ୍କୁ ଶରଣ ନିଅ ଏବଂ ମୋତେ ଏକମାତ୍ର ଶରଣ ନିଅ ଏହି ଦୁଇଟି ସ୍ୱତନ୍ତ୍ର ଉପଦେଶ ମଧ୍ୟରୁ ମୋତେ ଏକମାତ୍ର ଶରଣ ନିଅ, ଏହି ଉପଦେଶଟି ହେଉଛି ଶ୍ରୀକୃଷ୍ଣଙ୍କର ପରମ ଉପଦେଶ । ଈଶ୍ୱରଙ୍କୁ ଶରଣ ନେବାକୁ କହିବାର ଠିକ୍ ପରେ ମୋତେ ଏକମାତ୍ର ଶରଣ ନିଅ ଏପରି କହିବାର ଅଭିପ୍ରାୟ ଏହିକି, ନିଜର ପବିତ୍ର ବିବେକ ବୁଦ୍ଧିର ଶରଣ ନେଇ ସତ୍ୟାସତ୍ୟ ଓ ନ୍ୟାୟାନ୍ୟାୟ ସ୍ଥିର କରି

ନିଜନିଜର ଜୀବନଯୁଦ୍ଧରେ ଅଗ୍ରସର ହେବାହିଁ ପ୍ରତ୍ୟେକ ମନୁଷ୍ୟର ସର୍ବପ୍ରଥମ କଥା ଓ ସର୍ବପ୍ରଧାନ କଥା । ଏପରି କଲେ ଈଶ୍ୱରଙ୍କର ଅନୁଭୂତି ଆପେ ଆପେ ଆସିବା ସ୍ୱାଭାବିକ । ମାତ୍ର ତାହା ନ କରି ଅର୍ଥାତ୍ ଶ୍ରୀକୃଷ୍ଣଙ୍କର ଶରଣ ନ ନେଇ ଏବଂ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ କରି କେବଳ ଅବ୍ୟକ୍ତ ଭଗବାନଙ୍କର ଉପାସନାରେ ଆସକ୍ତ ରହିବା ଦୁଃଖଦାୟକ ଅଟେ—ଯାହା ପୂର୍ବେ କୁହାଯାଇଅଛି । ଶ୍ରୀକୃଷ୍ଣ ସେଥିପାଇଁ ପୂର୍ବବର୍ତ୍ତୀ ୫୬, ୫୭ ଓ ୫୮ ଶ୍ଳୋକରେ ଯଥାକ୍ରମେ କହିଅଛନ୍ତି :—

ମତ୍ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ।
ବୁଦ୍ଧିଯୋଗ ମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ।
ମଚ୍ଚିତ୍ତଃ ସର୍ବ ଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି ।

ଅର୍ଥ—ମୋ ଅନୁଗ୍ରହରୁ ମନୁଷ୍ୟ ଶାଶ୍ୱତ ପଦ ଲାଭ କରେ ।୫୬। ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ । ୫୭ । ମୋଠାରେ ଚିତ୍ତ ରଖିଲେ ସବୁ ବିପଦ ଅତିକ୍ରମ କରିପାରିବ । ୫୮ ।

କ୍ରମାନ୍ୱୟରେ ଥିବା ଏହି କେତୋଟି କଥାରୁ ବୁଝିଲୁ ଯେ, ବୁଦ୍ଧିଯୋଗର ଆଶ୍ରୟ ନେଇ ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ରଖିପାରିଲେ ସେହି ଶ୍ରୀକୃଷ୍ଣ-ଭଗବାନଙ୍କର ଅନୁଗ୍ରହରୁ ମନୁଷ୍ୟ ଶାଶ୍ୱତ ପଦ ଲାଭ କରିବ ।

ଇତି ତେ ଜ୍ଞାନମାଖ୍ୟାତଂ, ଗୁହ୍ୟାଦ୍ ଗୁହ୍ୟତରଂ ମୟା,
ବିମୃଶ୍ୟୈତଦଶେଷେଣ; ଯଥେଚ୍ଛସି ତଥା କୁରୁ । ୬୩ ।

ଅର୍ଥ—ଏହି ଗୁହ୍ୟରୁ ଗୁହ୍ୟତର ଜ୍ଞାନ ମୁଁ ତୁମକୁ କହିଲି । ଏହାକୁ ସମ୍ପୂର୍ଣ୍ଣ ରୂପେ ବିଚାର କରି ତୁମର ଯାହା ଇଚ୍ଛା ତାହା କର । ୬୩ ।

ଟିପ୍ପଣୀ—"ଯଥେଚ୍ଛସି ତଥା କୁରୁ ଅର୍ଥାତ୍ ତୁମର ଯାହା ଇଚ୍ଛା ତାହାହିଁ କର" ଏକଥା କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି, ମୁଁ ତୁମର ଗୁରୁ କିମ୍ବା ମୁଁ ଜଣେ ଯୋଗୀ କିମ୍ବା ମୁଁ ସ୍ୱୟଂ ସୃଷ୍ଟିର କର୍ତ୍ତା ଏପରି ଧାରଣାର ବଶବର୍ତ୍ତୀ ହୋଇ ମୋ ଉପଦେଶର ଅନ୍ଧ ଅନୁସରଣ

ଚରନାହିଁ ।'' ନିଜର ପ୍ରକୃତିର ଅନୁରୂପ କର୍ମ କରିବା ବ୍ୟତୀତ ମନୁଷ୍ୟର ଅନ୍ୟ ଗତି ନାହିଁ । ପରଧର୍ମର ଅନ୍ଧଅନୁସରଣ କରି ନିଜର ଜୀବନର ଗତି ପରିବର୍ତ୍ତନ କରିବା ଅସମ୍ଭବ । ତୁମ୍ଭେ ନିଜେ ଯାହା ବୁଝୁଛ ତଦନୁସାରେ କର୍ମକର । ଏଠାରେ ଶ୍ରୀକୃଷ୍ଣ ଯେଉଁ ଉପଦେଶ ଦେଇଅଛନ୍ତି, ଜଗତର ସର୍ବଶ୍ରେଷ୍ଠ ମାନବ ବୁଦ୍ଧଦେବ ମଧ୍ୟ ଠିକ୍ ସେହି ଉପଦେଶ ଦେଇଯାଇଅଛନ୍ତି ବୋଲି, ସ୍ୱାମୀ ବିବେକାନନ୍ଦ ତାଙ୍କର ବଙ୍ଗଭାଷା ଲିଖିତ କର୍ମଯୋଗ ବହିର ଶେଷରେ ଲେଖିଅଛନ୍ତି । ସେହି ଲେଖାର ଅନୁବାଦ ନିମ୍ନରେ ଦିଆଗଲା—

''କୌଣସି ପୁରୁଣା ତାଳପତ୍ର ପୋଥିରେ ଲେଖାଅଛି ବୋଲି କିମ୍ବା ବାଲ୍ୟାବସ୍ଥାରୁ କୌଣସି ବିଷୟରେ ତୁମ୍ଭର ଜୀବନ ଗଠିତ ହୋଇଅଛି ବୋଲି କିମ୍ବା ତୁମ୍ଭର ଜାତିଗତ ବିଶ୍ୱାସ ବୋଲି, କୌଣସି ବିଷୟକୁ ସତ୍ୟ ବୋଲି ଗ୍ରହଣ କରିବା ଉଚିତ ନୁହେଁ । ପ୍ରତ୍ୟେକ ବିଷୟ ନିଜେ ସମ୍ପୂର୍ଣ୍ଣରୂପେ ବିଚାର କରି ଯଦି ତାହା ତୁମ୍ଭ ପକ୍ଷରେ ତଥା ସମାଜ ପକ୍ଷରେ ମଙ୍ଗଳପ୍ରଦ ବୋଲି ସ୍ଥିର କଲ, ତେବେ ତାହା କାର୍ଯ୍ୟରେ ପରିଣତ କର ।''

ସର୍ବଗୁହ୍ୟତମଂ ଭୂୟଃ, ଶୃଣୁ ମେ ପରମଂ ବଚଃ,
ଇଷ୍ଟୋଽସି ମେ ଦୃଢ଼ମିତି, ତତୋ ବକ୍ଷ୍ୟାମି ତେ ହିତମ୍ । ୬୪ ।

ଅର୍ଥ - ସବୁଠାରୁ ଗୁହ୍ୟତମ ମୋର ପରମ କଥା ପୁନର୍ବାର ଶୁଣ । ତୁମ୍ଭେ ଦୃଢ଼ ଅଟ ଏବଂ ତୁମ୍ଭେ ମୋର ପ୍ରିୟ, ସେଥିପାଇଁ ତୁମ୍ଭର ହିତ ସକାଶେ ଏହି ପରମ କଥା କହିବି । ୬୪ ।

ଟିପ୍ପଣୀ—''ପୁନର୍ବାର ଶୁଣ'' ଏହି କଥାଟିରୁ ପ୍ରକାଶ ଯେ ଏହି ସର୍ବ ଗୁହ୍ୟତମ କଥା ଶ୍ରୀକୃଷ୍ଣ ଏଥିପୂର୍ବରୁ କହିଅଛନ୍ତି । ପରବର୍ତ୍ତୀ ୬୫ ଶ୍ଳୋକରେ ଥିବା ''ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ'' ଅବିକଳ ଏହି କଥାଟି ନବମ ଅଧ୍ୟାୟ ଶେଷ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ।

ମନ୍ମନା ଭବ ମଦ୍ଭକ୍ତୋ, ମଦ୍‌ଯାଜୀ ମାଂ ନମସ୍କୁରୁ,
ମାମେବୈଷ୍ୟସି ସତ୍ୟଂ ତେ, ପ୍ରତିଜାନେ ପ୍ରିୟୋଽସି ମେ । ୬୫ ।

ସର୍ବଧର୍ମାନ୍ ପରିତ୍ୟଜ୍ୟ, ମାମେକଂ ଶରଣଂ ବ୍ରଜ,
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ, ମୋକ୍ଷୟିଷ୍ୟାମି ମା ଶୁଚଃ । ୬୬ ।

ଅର୍ଥ—ମୋଠାରେ ମନ ରଖ, ମୋର ଭକ୍ତ ହୁଅ, ମୋ ଅଭିପ୍ରାୟରେ ନିଜର ସଂକୀର୍ଣ୍ଣ ସ୍ୱାର୍ଥତ୍ୟାଗ କର, ମୋତେ ନମସ୍କାର କର । ତାହା କଲେ ତୁମ୍ଭେ ମୋ ନିକଟକୁ ଆସିବ । ଏହା ମୁଁ ତୁମ୍ଭଙ୍କୁ ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମ୍ଭେ ମୋର ପ୍ରିୟ ଅଟ । ୬୫ । ସକଳ ପ୍ରକାର ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ । ମୁଁ ତୁମ୍ଭଙ୍କୁ ସବୁ ପାପରୁ ମୁକ୍ତ କରିବି । ଦୁଃଖ କର ନାହିଁ । । ୬୬ ।

ଟିପ୍ପଣୀ—ପ୍ରଥମ ଅଧ୍ୟାୟ ୪୧ରୁ ୪୬ ଏହି ଛଅଟି ଶ୍ଲୋକରେ ଯେଉଁସବୁ କାରଣ ପ୍ରଦର୍ଶାଇ ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିଲେ, ସେହିସବୁ କାରଣକୁ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଉପଦେଶରେ ଅତି ସୁକୌଶଳରେ ଏହି ୬୬ ଶ୍ଲୋକରେ ଖଣ୍ଡନ କରି ଅଛନ୍ତି ।

ଅର୍ଜୁନ କହିଥିଲେ ଶାଶ୍ୱତ କୁଳଧର୍ମ ଓ ଜାତି ଧର୍ମ ନଷ୍ଟ ହୁଏ (୧ମ-୪୩), ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ କହିଲେ, "ସର୍ବଧର୍ମାନ ପରିତ୍ୟଜ୍ୟ" ଅର୍ଥାତ୍ କୁଳଧର୍ମ ଓ ଜାତିଧର୍ମ ଇତ୍ୟାଦି ସବୁ ଧର୍ମ ପରିତ୍ୟାଗ କର । ଅର୍ଜୁନ କହିଥିଲେ, "ଅନୁଶୁଶ୍ରୁମ" ଅର୍ଥାତ୍ "ଆମ୍ଭେମାନ ଶୁଣି ଆସୁଅଛୁଁ"(୧ମ-୪୪) । ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ କହିଲେ, "ମାମେକଂ ଶରଣଂ ବ୍ରଜ" । ଅର୍ଥାତ୍ ଶୁଣିବା କଥା ଉପରେ ବା ବିଶ୍ୱାସ ଉପରେ ନିର୍ଭର ନ କରି ଏକମାତ୍ର ମୋର ବା ସତ୍ୟର ବା ପ୍ରତ୍ୟକ୍ଷ ବସ୍ତୁର ବୁଦ୍ଧିର ଶରଣ ନିଅ । ଅର୍ଜୁନ କହିଥିଲେ, ଆମ୍ଭେମାନେ ମହାପାପ କରିବାକୁ ବସିଅଛୁଁ (୧ମ-୪୫) । ସେଥିପାଇଁ ଶ୍ରୀକୃଷ୍ଣ କହିଲେ, "ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି" ଅର୍ଥାତ୍ ମୁଁ ତୁମ୍ଭଙ୍କୁ ସବୁ ପାପରୁ ମୁକ୍ତ କରିବି । ନିଜର କର୍ତ୍ତବ୍ୟ ସ୍ଥିର କରି ନ ପାରି ଅର୍ଜୁନ ଶୋକସଂବିଗ୍ନ ମନରେ ରଥ ଉପରେ ବସି ରହିଥିଲେ (୧ମ-୪୭) । ସେଥିପାଇଁ ଶ୍ରୀକୃଷ୍ଣ କହିଲେ, " ମା ଶୁଚଃ" ଅର୍ଥାତ୍ ଦୁଃଖ କର ନାହିଁ ।

ଅର୍ଜୁନଙ୍କର ପ୍ରଦର୍ଶିତ ମୂଳକାରଣ ପ୍ରତି ଏବଂ ଏହି ମୂଳ କାରଣ ସହିତ ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ ଉପଦେଶର ପୂର୍ବୋକ୍ତ ଘନିଷ୍ଠ ସମ୍ବନ୍ଧ

ପ୍ରତି ଗୀତାର ଟୀକାକାରମାନେ ତଥା ଜନସାଧାରଣ ଆଦୌ ଦୃଷ୍ଟି ଦେଉ ନାହାନ୍ତି । କାରଣ ଏହା ସେମାନଙ୍କର ଉପସ୍ଥିତ ଭ୍ରାନ୍ତ ଅବସ୍ଥାକୁ ଓ କ୍ରିୟା-କଳାପକୁ ସମର୍ଥନ କରୁନାହିଁ ଏବଂ ନିଜ ନିଜର ଧାରଣାକୁ ଓ କ୍ରିୟା-କଳାପକୁ ସମର୍ଥନ କରିବାହିଁ ସେମାନଙ୍କର ଏକାନ୍ତ ଇଚ୍ଛା—ଯାହା ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ।

ଇଦନ୍ତେ ନାତପସ୍କାୟ, ନାଭକ୍ତାୟ କଦାଚନ,
ନ ଚାଶୁଶ୍ରୂଷବେ ବାଚ୍ୟଂ, ନ ଚ ମାଂ ଯୋଽଭ୍ୟସୂୟତି ।୬୭।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ଏହି କଥା ତୁମ୍ଭେ ତପସ୍ୟାଶୂନ୍ୟ, ଭକ୍ତିଶୂନ୍ୟ, ଶୁଣିବାକୁ ଇଚ୍ଛା ନ ଥିବା ବ୍ୟକ୍ତିଙ୍କୁ ଏବଂ ଯେ ମୋର ମତକୁ ନିନ୍ଦା କରନ୍ତି, ସେମାନଙ୍କୁ କହିବ ନାହିଁ ।୬୭।

ଯ ଇମଂ ପରମଂ ଗୁହ୍ୟଂ, ମଦ୍‌ଭକ୍ତେଷ୍ୱଭିଧାସ୍ୟତି,
ଭକ୍ତିଂ ମୟି ପରାଂ କୃତ୍ୱା, ମାମେବୈଷ୍ୟତ୍ୟସଂଶୟଃ । ୬୮ ।
ନ ଚ ତସ୍ମାନ୍ମନୁଷ୍ୟେଷୁ, କଶ୍ଚିନ୍ମେ ପ୍ରିୟକୃତ୍ତମଃ,
ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି । ୬୯ ।
ଅଧ୍ୟେଷ୍ୟତେ ଚ ଯ ଇମଂ, ଧର୍ମ୍ମ୍ୟଂ ସଂବାଦମାବୟୋଃ,
ଜ୍ଞାନଯଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ । ୭୦ ।
ଶ୍ରଦ୍ଧାବାନନସୂୟଶ୍ଚ, ଶୃଣୁୟାଦପି ଯୋ ନରଃ,
ସୋଽପିମୁକ୍ତଃ ଶୁଭାନ୍ ଲୋକାନ୍, ପ୍ରାପ୍ନୁୟାତ୍ ପୁଣ୍ୟକର୍ମଣାମ୍ ।୭୧।

ଅର୍ଥ—ଶ୍ରୀକୃଷ୍ଣ କହିଲେ ଯେ ଏହି ପରମ ଗୁହ୍ୟକଥା ମୋହର ଭକ୍ତମାନଙ୍କ ନିକଟରେ କହିବେ, ସେ ମୋଠାରେ ପରା-ଭକ୍ତି ଲାଭକରି ମୋ ନିକଟକୁ ଆସିବେ, ଏଥିରେ ସଂଶୟ ନାହିଁ । ୬୮ । ମନୁଷ୍ୟମାନଙ୍କ ମଧ୍ୟରେ ତାଙ୍କ ଅପେକ୍ଷା ମୋହର ଶ୍ରେଷ୍ଠ ପ୍ରିୟକାରୀ କେହି ନାହିଁ ଏବଂ ଜଗତରେ ତାଙ୍କ ଅପେକ୍ଷା କେହି ମୋର ପ୍ରିୟତର ନାହିଁ । ୬୯ । ଯେଉଁ ବ୍ୟକ୍ତି ଆମ ଦୁହିଁଙ୍କର ଏହି ଧର୍ମସମ୍ମତ ସମ୍ବାଦ ଅଧ୍ୟୟନ କରିବେ ତାହାଙ୍କ ଦ୍ୱାରା ମୁଁ ଜ୍ଞାନଯଜ୍ଞଦ୍ୱାରା ଅର୍ଚ୍ଚିତ ହେବି । ୭୦ । ଶ୍ରଦ୍ଧାବାନ୍ ହୋଇ ଏବଂ ମୋର ଏହି ମତକୁ ନିନ୍ଦା ନ କରି ଯେ ଏହି ସମ୍ବାଦ ଶୁଣନ୍ତି, ସେ ମଧ୍ୟ

ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତ ହୋଇ ପୁଣ୍ୟକର୍ମୀମାନଙ୍କର ଶୁଭ ଲୋକ ସବୁ ପ୍ରାପ୍ତ ହୁଅନ୍ତି । ୭୧ ।

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ! ତ୍ୱୟୈକାଗ୍ରେଣ ଚେତସା,
କଚ୍ଚିଦଜ୍ଞାନସମ୍ମୋହଃ, ପ୍ରଣଷ୍ଟସ୍ତେ ଧନଞ୍ଜୟ ! । ୭୨ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ତୁମ୍ଭେ ଏକାଗ୍ର ଚିତ୍ତରେ ଏହା ଶୁଣିଅଛ ତ ? ହେ ଧନଞ୍ଜୟ ! ତୁମ୍ଭର ଅଜ୍ଞାନଜନିତ ମୋହ ବର୍ତ୍ତମାନ ନଷ୍ଟ ହେଲା ତ ? ୭୨ ।

ଅର୍ଜୁନ ଉବାଚ

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା, ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ !
ସ୍ଥିତୋଽସ୍ମି ଗତସନ୍ଦେହଃ, କରିଷ୍ୟେ ବଚନଂ ତବ । ୭୩ ।

ଅର୍ଥ—ଅର୍ଜୁନ କହିଲେ, ହେ ଅଚ୍ୟୁତ ! ତୁମ୍ଭ ଅନୁଗ୍ରହରୁ ମୋର ମୋହ ନଷ୍ଟ ହେଲା ! ମୁଁ ସ୍ମୃତି ଲାଭକଲି । ମୁଁ ଦୃଢ଼ ହେଲି । ମୋର ସନ୍ଦେହ ଦୂର ହେଲା । ତୁମ୍ଭର କଥା ବର୍ତ୍ତମାନ ପାଳନ କରିବି । ୭୩ ।

ଟିପ୍ପଣୀ—ଏହି ଶ୍ଳୋକରେ ଥିବା "ସ୍ମୃତିର୍ଲବ୍ଧା" କଥାଟିକୁ ସାମାନ୍ୟ ଚିନ୍ତା କରନ୍ତୁ । ଏହି କଥାଟିର ଅର୍ଥ ହେଉଛି, ମୁଁ ସ୍ମରଣ-ଶକ୍ତି ଲାଭକଲି । ଅର୍ଜୁନ କଅଣ କାଲ ଥିଲେ କମ୍ବା ଯାହା ଶୁଣୁଥିଲେ ତାହା ଭୁଲି ଯାଉଥିଲେ ଯେ ବର୍ତ୍ତମାନ ସେ ସ୍ମୃତି ଲାଭ କଲେ ବୋଲି କହିଲେ ? ପ୍ରକୃତ କଥା ଏହି କି, ଅର୍ଜୁନ ସର୍ବପ୍ରଥମେ ଲୋକମୁଖରୁ କମ୍ବା ଶାସ୍ତ୍ରମାନଙ୍କରୁ ଶୁଣି ଆସୁଥିବା କଥା ଉପରେ ନିର୍ଭର କରି ଶ୍ରୀକୃଷ୍ଣଙ୍କର ଉପଦେଶ ଶୁଣିବାର ଶକ୍ତି ହରାଇଥିଲେ ଏବଂ ଜଡ଼ତା ଅବଲମ୍ବନ କରିଥିଲେ । ସେଇଥିପାଇଁ ସେ ସର୍ବଶେଷରେ କହିଲେ, "ସ୍ମୃତିର୍ଲବ୍ଧା" ଅର୍ଥାତ୍ ଏଣିକି ସେ ଶ୍ରୀକୃଷ୍ଣଙ୍କର ଉପଦେଶ ସବୁକୁ ସ୍ମରଣ ରଖିବାର ଶକ୍ତି ଲାଭକଲେ । ବର୍ତ୍ତମାନ ବୁଝନ୍ତୁ, ପୂର୍ବେ ବୁଝାଯାଇଥିବା "ଅନୁଶୁଶ୍ରୁମ" କଥାଟି ଯେପରି ଅର୍ଜୁନଙ୍କର ସ୍ୱଭାବ ନିୟତ କର୍ମରୁ ନିବୃତ୍ତ ହେବାର ମୂଳକାରଣ ଓ ଗୀତା-ଧର୍ମର ମୂଳକଥା, "ସ୍ମୃତିର୍ଲବ୍ଧା" କଥାଟି

ସେହିପରି ଅର୍ଜୁନଙ୍କର ସ୍ୱଭାବଜାତ କର୍ମରେ ଅଗ୍ରସର ହେବାପାଇଁ ପ୍ରଧାନ କଥା ତଥା ଗୀତାର ଶେଷକଥା ।

ଏହି ଶ୍ଳୋକରେ ଥିବା "କରିଷ୍ୟେ ବଚନଂ ତବ" ଅର୍ଥାତ୍ ତୁମ କଥା କରିବି, ଏହି କଥାଟିକୁ ଟୀକାକାରମାନେ ଅର୍ଥ କରିଅଛନ୍ତି ଯେ, ଏଣିକି ଶ୍ରୀକୃଷ୍ଣ ଯାହା କହିବେ ଅର୍ଜୁନ ତାହା ଅକ୍ଷରେ ଅକ୍ଷରେ ପାଳନ କରିବେ ବୋଲି କହିଲେ, କାରଣ ଅର୍ଜୁନ ଯେ ଶ୍ରୀକୃଷ୍ଣଙ୍କ କଥା ମାନୁ ନ ଥିଲେ ଏଣିକି ସେ ତାହା ନ କରି, ନିଜର ଆତ୍ମୀୟ ଓ ଗୁରୁଜନମାନଙ୍କୁ ଯୁଦ୍ଧରେ ହତ୍ୟା କରିବାକୁ ପ୍ରସ୍ତୁତ ହେଲେ ବୋଲି କହିଲେ । ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଭ୍ରାନ୍ତ । "ତୁମ କଥା କରିବି" ଏହି କଥା କହିବାର ଅଭିପ୍ରାୟ ଏହିକି, ଏଣିକି ଅର୍ଜୁନ ଶୁଣିବା କଥାକୁ ସତ୍ୟ ମନେ ନ କରି, କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ, ଇତ୍ୟାଦିକୁ ସନାତନ ଧର୍ମ ମନେ ନକରି, ଚିରକାଳପାଇଁ ନରକ ବାସର ଭ୍ରାନ୍ତ ଧାରଣା ମନରୁ ଦୂର କରିଦେଇ (୧ମ-୪୦ରୁ ୪୪) ସର୍ବଦା କେବଳ ଶ୍ରୀକୃଷ୍ଣଙ୍କର ଉପଦେଶ ଶୁଣିବେ ଏବଂ ଶ୍ରୀକୃଷ୍ଣଙ୍କର ଆଦେଶ ପାଳନ କରିବେ । ସେହି ଶ୍ରୀକୃଷ୍ଣଙ୍କର ଉପଦେଶ ଓ ଆଦେଶ ହେଉଛି ନିଜର ଉପଦେଶ ଓ ନିଜର ଆଦେଶ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିର ଉପଦେଶ ଓ ବିବେକ ବୁଦ୍ଧିର ଆଦେଶ ।

ପୂର୍ବବର୍ତ୍ତୀ ତେଷଠି ଶ୍ଳୋକରେ ଶ୍ରୀକୃଷ୍ଣ କହିଥିଲେ—ମୁଁ ଯାହା ସବୁ କହିଲି, ତାହା ନିଜେ ସମ୍ପୂର୍ଣ୍ଣ ରୂପେ ବିଚାର କରି ନିଜର ବୁଝିବା ଅନୁସାରେ କର୍ମକର । ପୂର୍ବ ଶ୍ଳୋକଟିରେ ଶ୍ରୀକୃଷ୍ଣ ପୁଣି ପଚାରିଲେ— ତୁମେ ମୋ କଥା ଏକାଗ୍ର ମନରେ ଶୁଣିଅଛ ତ ? ତୁମର ମୋହ ନଷ୍ଟ ହେଲା ତ ? ଅର୍ଜୁନ ଏହି ଶ୍ଳୋକରେ କହିଲେ—ମୁଁ ତୁମ କଥା ସମ୍ପୂର୍ଣ୍ଣରୂପେ ବୁଝିପାରିଲି—ମୋର ମୋହ ଓ ସଂଶୟ ଦୂରହେଲା, ମୁଁ ତୁମର ଉପଦେଶ ପାଳନ କରିବି ।

ସଞ୍ଜୟ ଉବାଚ

ଇତ୍ୟହଂ ବାସୁଦେବସ୍ୟ, ପାର୍ଥସ୍ୟ ଚ ମହାତ୍ମନଃ,
ସଂବାଦମିମମଶ୍ରୌଷମଦ୍ଭୂତଂ ରୋମହର୍ଷଣମ୍ । ୭୪ ।

ବ୍ୟାସପ୍ରସାଦାଚ୍ଛ୍ରୁତବାନେତ୍ୟ ଗୁହ୍ୟମହଂ ପରମ୍,
ଯୋଗଂ ଯୋଗେଶ୍ୱରାତ୍ କୃଷ୍ଣାତ୍ ସାକ୍ଷାତ୍ କଥୟତଃ ସ୍ୱୟମ୍ ।୭୫।
ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ, ସମ୍ବାଦମିମମଦ୍ଭୁତମ୍,
କେଶବାର୍ଜୁନୟୋଃ ପୁଣ୍ୟଂ, ହୃଷ୍ୟାମି ଚ ମୁହୁର୍ମୁହୁଃ । ୭୬ ।
ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ, ରୂପମତ୍ୟଦ୍ଭୁତଂ ହରେଃ,
ବିସ୍ମୟୋ ମେ ମହାନ୍ ରାଜନ୍ ହୃଷ୍ୟାମି ଚ ପୁନଃ ପୁନଃ । ୭୭ ।
ଯତ୍ର ଯୋଗେଶ୍ୱରଃ କୃଷ୍ଣୋ, ଯତ୍ର ପାର୍ଥୋ ଧନୁର୍ଦ୍ଧରଃ,
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ । ୭୮ ।

ଅର୍ଥ—ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ବାସୁଦେବଙ୍କର ଏବଂ ମହାତ୍ମା ପାର୍ଥଙ୍କର ଏହି ଲୋମହର୍ଷଣ ଅଦ୍ଭୁତ ସମ୍ବାଦ ମୁଁ ଶୁଣିଥିଲି । ୭୪ । ବ୍ୟାସଙ୍କ ଅନୁଗ୍ରହରୁ ସ୍ୱୟଂ ଯୋଗେଶ୍ୱର କୃଷ୍ଣଙ୍କଠାରୁ ଏହି ପରମ ଗୁହ୍ୟକଥା ମୁଁ ଶୁଣିଲି । ୭୫ । ହେ ରାଜନ ! କେଶବ ଓ ଅର୍ଜୁନଙ୍କର ଏହି ପୁଣ୍ୟ ଓ ଅଦ୍ଭୁତ ସମ୍ବାଦ ସ୍ମରଣ କରି କରି ମୁଁ ବାରମ୍ବାର ଆନନ୍ଦିତ ହେଉଅଛି । ହେ ରାଜନ୍ ! ହରିଙ୍କର ସେହି ଅଦ୍ଭୁତ ରୂପ ସ୍ମରଣ କରି ମୋର ମହା ବିସ୍ମୟ ହେଉଅଛି ଏବଂ ମୁଁ ପୁନଃ ପୁନଃ ଆନନ୍ଦିତ ହେଉଅଛି । ୭୭ । ଯେଉଁଠାରେ ଯୋଗେଶ୍ୱର କୃଷ୍ଣ ଏବଂ ଯେଉଁଠାରେ ଧନୁର୍ଦ୍ଧର ପାର୍ଥ, ସେଠାରେ ଲକ୍ଷ୍ମୀ, ବିଜୟ, ଉନ୍ନତି ଓ ନୀତି ସୁନିଶ୍ଚିତ, ଏହା ମୋର ମତ । ୭୮ ।

## ସାରକଥା

ସମସ୍ତ ଗୀତାର ସାରାଂଶ ଏହି ଅଧ୍ୟାୟରେ ସଂକ୍ଷେପରେ କୁହାଯାଇଅଛି । ନିଜର ସ୍ୱଭାବ ନିୟତ କର୍ମ ପରିତ୍ୟାଗ କରି, ପରମାର୍ଥର ଲମ୍ବା ପରଧର୍ମର ଓ ପରକର୍ମର ଅନ୍ଧାନୁସରଣ କରିବା ମଙ୍ଗଳପ୍ରଦ ନୁହେଁ । କର୍ମର ଫଳ ପରିତ୍ୟାଗ କରି ସର୍ବଦା କର୍ମ କରିବାହିଁ ପ୍ରକୃତ ସନ୍ୟାସ । ତାହା ନ କରି କର୍ମସବୁ ପରିତ୍ୟାଗ କରି କର୍ମ-ସନ୍ୟାସ ଅବଲମ୍ବନ କରିବା ଉଚିତ ନୁହେଁ । ସମସ୍ତ ମାନବ ସମାଜର ମଙ୍ଗଳ ଅଭିପ୍ରାୟରେ କର୍ମସବୁ ସମ୍ପନ୍ନ କରିବା ହେଉଛି କର୍ମର ଫଳ ପରିତ୍ୟାଗ । ତୁମ୍ଭର କର୍ମର ଫଳ ସମସ୍ତ ମାନବ ସମାଜ ଭୋଗ କରିବ ଏବଂ ଯେହେତୁ

ଭୂମେ୍ବ ସମସ୍ତ ମାନବ ସମାଜର ଅଂଶ, ତେଣୁ ସମସ୍ତ ମାନବ ସମାଜର ଅଂଶ ଭାବରେ ତୁମେ୍ବ ମଧ ତାହା ଭୋଗ କରିବ । ଏପରି ଭାବରେ କର୍ମ କରିବାହିଁ ପ୍ରକୃତ ସନ୍ୟାସ ଏବଂ ଏପରି କୌଶଳରେ କର୍ମ କରିବାହିଁ ପ୍ରକୃତରେ ଯୋଗ । "ଯୋଗଃ କର୍ମସୁକୌଶଳ" (୨ୟ-୫୦) । "ଯଜ୍ଞାୟାଚରତଃ କର୍ମ ସମଗ୍ର ପ୍ରବଲ୍ଲୀୟତେ" (୪ର୍ଥ-୨୩)

ଶେଷ ଶ୍ଳୋକଟିରେ କୁହାଯାଇଅଛି ଯେ, ଶ୍ରୀକୃଷ୍ଣ ହେଉଛନ୍ତି ଯୋଗର ଈଶ୍ୱର ବା କର୍ମର ଈଶ୍ୱର ଏବଂ ଅର୍ଜୁନ ହେଉଛନ୍ତି ଧନୁର୍ଦ୍ଧାରୀ ବା କର୍ମୀ—"ଧନୁର୍ଦ୍ଧାରୀ" ଏହି କଥାଟିର ବିଶେଷତ୍ୱ ଏହି କି, ନିଜର ଜୀବନଯୁଦ୍ଧରେ ସିଦ୍ଧିଲାଭ କରିବାକୁ ହେଲେ ନିଜର ସ୍ଥିରୀକୃତ ଲକ୍ଷ୍ୟପ୍ରତି ସର୍ବଦା ଦୃଷ୍ଟି ରଖିବା ଆବଶ୍ୟକ । ଏହି ଜୀବନଯୁଦ୍ଧରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଧନୁର୍ଦ୍ଧାରୀ ଅର୍ଜୁନ ଉଭୟେ ଏକାନ୍ତ ଆବଶ୍ୟକ । କେବଳ ଅର୍ଜୁନଙ୍କ ଦ୍ୱାରା କିମ୍ବା କେବଳ ଶ୍ରୀକୃଷ୍ଣଙ୍କ ଦ୍ୱାରା କୌଣସି କର୍ମ ହୋଇପାରିବ ନାହିଁ । ମୋଟ କଥା ଏହିକି, ଶ୍ରୀକୃଷ୍ଣଙ୍କର ଶରଣ ନେଇ ନିଜର ଏକମାତ୍ର ଲକ୍ଷ୍ୟ ପ୍ରତି ଦୃଷ୍ଟିରଖି ଅର୍ଥାତ୍ ଆନନ୍ଦ ପ୍ରତି ଦୃଷ୍ଟିରଖି ସର୍ବଦା କର୍ମକର ବା ଯୁଦ୍ଧକର ।

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ । (୮ମ-୭)

୨ୟ ସଂସ୍କରଣ—୧୯୫୨

---

## ତୃତୀୟ ଭାଗ

# ପରିଶିଷ୍ଟ

# ଗୀତାର ସାରକଥା

ସ୍ୱୟଂ ଭଗବାନ ଗାନ କରିଅଛନ୍ତି ବୋଲି ଗ୍ରନ୍ଥର ନାମ ଭଗବଦ୍‌ଗୀତା ଦିଆଯାଇଅଛି । ମାତ୍ର ଭଗବାନ, ଯେ କି ମନୁଷ୍ୟର କଳ୍ପନାଶ୍ରିତ ସେ ଗାନ କରିଅଛନ୍ତି ଏହା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ କେବଳ ଅନ୍ଧବିଶ୍ୱାସର କଥା । ପ୍ରକୃତକଥା ଏହିକି ଯେଉଁ ଭଗବାନ ଗୀତା ଗାନ କରିଅଛନ୍ତି ସେ ଆମ୍ଭମାନଙ୍କର କଳ୍ପନାଶ୍ରିତ ଭଗବାନ ନୁହନ୍ତି । ସେ ହେଉଛନ୍ତି ଜଗଦ୍‌ଗୁରୁ ବ୍ୟାସଦେବଙ୍କର ବିଶାଳ ପ୍ରଜ୍ଞାଶକ୍ତି ଓ ଚିନ୍ତାଶକ୍ତିରୁ ଉତ୍ପନ୍ନ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ନିତ୍ୟ-ପରିଚିତ ପ୍ରତ୍ୟକ୍ଷ ଓ ବ୍ୟକ୍ତ ଭଗବାନ—ଶ୍ରୀକୃଷ୍ଣ ।

ଏହି ଶ୍ରୀକୃଷ୍ଣ-ଭଗବାନଙ୍କୁ ବ୍ୟାସଦେବ ଅର୍ଜ୍ଜୁନଙ୍କର ଚିରସଖା, ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ବୋଲି ବର୍ଣ୍ଣନା କରିଅଛନ୍ତି—ଯାହା ଗୀତା-ପାଠକମାନଙ୍କୁ ଉତ୍ତମରୂପେ ଜଣାଅଛି । ମାତ୍ର ଯେଉଁ ସୁକୌଶଳରେ ଯେଉଁ ଅଭିପ୍ରାୟରେ ବ୍ୟାସଦେବ ଏପରି ବର୍ଣ୍ଣନା କରିଅଛନ୍ତି ସେ ବିଷୟରେ ଚିନ୍ତା-ଶୂନ୍ୟ ରହି କେବଳ ଏତିକି ଜାଣି ସନ୍ତୁଷ୍ଟ ରହିବାରେ ଆମ୍ଭମାନଙ୍କର କୌଣସି ଉପକାର ହୋଇନାହିଁ କି ହେବନାହିଁ । ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତିଙ୍କର ଆଜି ଉତ୍ତମରୂପେ ଉପଲବ୍ଧି କରିବା ଆବଶ୍ୟକ ଯେ ଗୀତାର ଶ୍ରୀକୃଷ୍ଣ କେବଳ ମହାଭାରତର ଐତିହାସିକ ଶ୍ରୀକୃଷ୍ଣ ନୁହନ୍ତି ଏବଂ କେବଳ ଅର୍ଜ୍ଜୁନଙ୍କର ଚିରସଖା, ଅର୍ଜ୍ଜୁନଙ୍କର ସାରଥି, ଅର୍ଜ୍ଜୁନଙ୍କର ଗୁରୁ ଏବଂ ଅର୍ଜ୍ଜୁନଙ୍କର ପ୍ରତ୍ୟକ୍ଷ ଭଗବାନ ନୁହନ୍ତି । ସେ ହେଉଛନ୍ତି ଜାତି-ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା, ଜୀବନଯୁଦ୍ଧରେ ଅଗ୍ରସର ହେବାପାଇଁ ପ୍ରତ୍ୟେକଙ୍କର ଏକମାତ୍ର ସାରଥି, ସବୁପ୍ରକାର ସଂଶୟ ଦୂରକରିବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ଗୁରୁ ଏବଂ ମୃତ୍ୟୁ ସଂସାର ସାଗରରୁ ଉଦ୍ଧାର କରିବାପାଇଁ ପ୍ରତ୍ୟେକଙ୍କର ପ୍ରତ୍ୟକ୍ଷ ଓ ବ୍ୟକ୍ତ ଭଗବାନ ।

*

ଶ୍ରୀକୃଷ୍ଣ ଯେ ମୃତ୍ୟୁ ସଂସାର ସାଗରରୁ ଏକମାତ୍ର ଉଦ୍ଧାର କର୍ତ୍ତା ପ୍ରତ୍ୟକ୍ଷ ଭଗବାନ ଏକଥା ସେ ନିମ୍ନଲିଖିତ ଉକ୍ତିରେ କହିଅଛନ୍ତି:—

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାର ସାଗରାତ୍ ।୧୨ଶ-୭

ଏହି ଉକ୍ତିଟି ମନୋଯୋଗ ପୂର୍ବକ ପଢ଼ିଲେ ବୁଝିପାରିବେ ଯେ ଅବ୍ୟକ୍ତ ଭଗବାନ ଉଦ୍ଧାରକର୍ତ୍ତା ନୁହନ୍ତି । ଏହିକଥା ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ ଏଠାରେ ଏହିପରି କହିଅଛନ୍ତି । ଏହି ଉକ୍ତିଟିର ବିଶେଷ ଆଲୋଚନା କରାଯାଇଅଛି ।

ଶ୍ରୀକୃଷ୍ଣ ଯେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା ଏକଥା ସେ ନିମ୍ନଲିଖିତ ଉକ୍ତିଟିରେ କହିଅଛନ୍ତି :—

ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି । ୫ମ-୨୯

ଅର୍ଥ—ମୋତେ ସମସ୍ତଙ୍କର ଚିରସଖା ବୋଲି ଜାଣି ମନୁଷ୍ୟ ଶାନ୍ତିଲାଭ କରେ ।

ଏହି ଉକ୍ତିଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣଙ୍କୁ ଯେଉଁମାନେ କେବଳ ଅର୍ଜ୍ଜୁନଙ୍କର ଚିରସଖା କିମ୍ବା କେବଳ ନିଜର ଚିରସଖା ବୋଲି ଜାଣନ୍ତି ସେମାନେ ଶାନ୍ତିଲାଭ କରନ୍ତି ନାହିଁ । ଅତଏବ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ମାନବଜାତିର ଚିରସଖା ଏକଥା ଉପଲବ୍ଧି କରିବା ଏକାନ୍ତ ଆବଶ୍ୟକ ।

ପ୍ରତ୍ୟେକଙ୍କର ଚିରସଖା, ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ସେହି ଶ୍ରୀକୃଷ୍ଣ କିଏ ? ଉତ୍ତମରୂପେ ଚିନ୍ତାକଲେ ଜାଣିପାରିବେ ଯେ ପବିତ୍ର ବିବେକବୁଦ୍ଧି ଭାବରେ ଶ୍ରୀକୃଷ୍ଣ-ଭଗବାନ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା, ସାରଥି ଓ ଗୁରୁହୋଇ ରହିଅଛନ୍ତି ।

ଶ୍ରୀକୃଷ୍ଣ ଯେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଜୀବନଯୁଦ୍ଧରେ ଏକମାତ୍ର ସାରଥି, ଏକଥା କଠୋପନିଷଦର ନିମ୍ନଲିଖିତ ମନ୍ତ୍ର ଦୁଇଟିରୁ ପରିଷ୍କାର ଭାବରେ ପ୍ରକାଶ ପାଉଅଛି ।

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ

ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାନ୍ ।

× × ×

ବିଜ୍ଞାନ-ସାରଥିର୍ଯସ୍ତୁ ମନଃ-ପ୍ରଗ୍ରହବାନ୍ ନରଃ
ସୋଽଧ୍ୱନଃ ପାରମାପ୍ନୋତି ତଦ୍ୱିଷ୍ଣୋଃ ପରମଂ ପଦଂ ।

ଅର୍ଥ—ନିଜକୁ ରଥୀ ବା ଯୋଦ୍ଧା, ଶରୀରକୁ ରଥ, ବୁଦ୍ଧିକୁ ସାରଥି, ମନକୁ ଲଗାମ, ଇନ୍ଦ୍ରିୟମାନଙ୍କୁ ଘୋଡ଼ା ଏବଂ ବିଷୟସବୁକୁ ଗୋଚର ବା ସେହି ଇନ୍ଦ୍ରିୟରୂପ ଘୋଡ଼ାମାନଙ୍କର ଚରିବାର ସ୍ଥାନ ବୋଲି ଜାଣ ।

× × ×

ଯେଉଁ ବ୍ୟକ୍ତି ବିଜ୍ଞାନକୁ ସାରଥି ଭାବରେ ଏବଂ ମନକୁ ଲଗାମ ଭାବରେ ଗ୍ରହଣ କରିଅଛନ୍ତି ସେ ସଂସାର ବନ୍ଧନରୁ ପାରହୋଇ ବିଷ୍ଣୁଙ୍କର ପରମପଦ ଲାଭ କରନ୍ତି ।

ଗୀତା ହେଉଛି ଉପନିଷଦ ସବୁର ସାରକଥା । ବ୍ୟାସଦେବ ଗୀତାରେ ଶ୍ରୀକୃଷ୍ଣଙ୍କୁ ଅର୍ଜୁନଙ୍କର ସାରଥି ଭାବରେ ବର୍ଣ୍ଣନା କରିବା ଏବଂ କଠୋପନିଷଦର ଋଷି ପୂର୍ବୋକ୍ତ ମନ୍ତ୍ର ଦୁଇଟିରେ ବୁଦ୍ଧିକୁ ସାରଥି ଭାବରେ ଗ୍ରହଣ କରିବାକୁ ଉପଦେଶ ଦେବା—ଏହି ଦୁଇଟି କଥା ଅଭ୍ରାନ୍ତ ଭାବରେ ପ୍ରମାଣ ଦେଉଅଛି ଯେ ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ବିଜ୍ଞାନ ବା ପବିତ୍ର ବିବେକ-ବୁଦ୍ଧି ଏବଂ ପ୍ରତ୍ୟେକଙ୍କର ଜୀବନ ଯୁଦ୍ଧରେ ଏକମାତ୍ର ସାରଥି । ଉପନିଷଦରୁ ଏହି ପ୍ରମାଣଟି ପାଇ ଶ୍ରୀକୃଷ୍ଣଙ୍କୁ ବିଜ୍ଞାନ ବୋଲି ସ୍ୱୀକାର କରିନେବାକୁ ମୁଁ କହୁନାହିଁ । ଗୀତାର ଶ୍ରୀକୃଷ୍ଣ କିଏ ତାହା ଶ୍ରୀକୃଷ୍ଣ ନିଜେ ସେହି ଗୀତାରେ ଅତି ସୁକୌଶଳରେ କହିଯାଇଅଛନ୍ତି । ଶ୍ରୀକୃଷ୍ଣଙ୍କର ପରିଚୟ ବିଷୟ ପାଇବି ଏହି ଅଭିପ୍ରାୟ ହୃଦୟରେ ପୋଷଣ କରି ଗୀତାକୁ ମନୋଯୋଗ ପୂର୍ବକ ପଢ଼ିବା ଆବଶ୍ୟକ । ତେବେଯାଇ ଶ୍ରୀକୃଷ୍ଣଙ୍କର ପରିଚୟ ମିଳିବ । ଶ୍ରୀକୃଷ୍ଣ ବିଜ୍ଞାନ ହୁଅନ୍ତୁ ବା ଅନ୍ୟ ଯାହା ହୁଅନ୍ତୁ ସେକଥା କେହି କହିଦେବାର ବିଷୟ ନୁହେଁ, ପ୍ରତ୍ୟେକ ଗୀତା ପାଠକ ତାହା ନିଜେ ସ୍ଥିର କରିବାର ବିଷୟ । ମୋର ବର୍ତ୍ତମାନ କହିବାର ବିଷୟ ଏହିକି ଅର୍ଥଶୂନ୍ୟ, ପ୍ରାଣଶୂନ୍ୟ ଓ ଜୀବନ ଯାତ୍ରା ସହିତ ସମ୍ବନ୍ଧଶୂନ୍ୟ ନାନାପ୍ରକାର ଅନ୍ଧ ଅନୁସରଣକୁ ଧର୍ମ ମନେକରି ସେହି

ତଥାକଥିତ ଧର୍ମ ଉପରେ ନିର୍ଭର କରି ଜୀବନଯାତ୍ରାକୁ ଅସ୍ୱାଭାବିକ, ଜଟିଳ ଓ ଦୁଃଖମୟ କରିବା ଅପେକ୍ଷା କଠୋପନିଷଦର ଉପଦେଶ ଅନୁସାରେ ନିଜର ବିଜ୍ଞାନକୁ ସାରଥି ଭାବରେ ଏବଂ ମନକୁ ଲଗାମ ଭାବରେ ଗ୍ରହଣ କରି ନିଜନିଜର ସ୍ୱଭାବ ନିୟତ କର୍ମରେ ବା ସ୍ୱଭାବ ନିୟତ ଜୀବନ-ଯୁଦ୍ଧରେ ଅଗ୍ରସର ହେଲେ ତଦ୍ୱାରା କାହାର କୌଣସି ଧର୍ମ-ହାନି ହେବନାହିଁ, ଅଥଚ ପ୍ରତ୍ୟେକଙ୍କର ଜୀବନଯାତ୍ରା ସ୍ୱାଭାବିକ, ସରଳ ଓ ସୁଖମୟ ହେବ ଏକଥା ଆମ୍ଭେମାନେ ପ୍ରତ୍ୟେକେ ପରିଷ୍କାର ଭାବରେ ବୁଝି ପାରୁଅଛୁଁ । ମାତ୍ର ବୁଝିଲେ ସୁଦ୍ଧା ବହୁକାଳରୁ ନାନା ପ୍ରକାର ଅନ୍ଧ ଅନୁସରଣରେ ଅଭ୍ୟସ୍ତ ଥିବାରୁ ସେହି ଅନ୍ଧତା ଦୋଷରୁ ଆମ୍ଭେମାନେ ନିଜର ବିଜ୍ଞାନ ସହିତ କୌଣସି ସମ୍ବନ୍ଧ ରଖିପାରୁନାହୁଁ କିମ୍ବା ଯାହା ବୁଝୁଛୁ ତାହା କାର୍ଯ୍ୟରେ ପରିଣତ କରିପାରୁନାହୁଁ । ବିଜ୍ଞାନ ସହିତ ସମ୍ବନ୍ଧ ରଖିବାକୁ ହେଲେ ସମସ୍ତପ୍ରକାର ଅନ୍ଧ ଅନୁସରଣ ନିର୍ମମ ଭାବରେ ପରିତ୍ୟାଗ କରିବାକୁ ହେବ । କାରଣ ବିଜ୍ଞାନ ନିକଟରେ ବା ମନୁଷ୍ୟତା ନିକଟରେ ଅନ୍ଧଅନୁସରଣର ବା ଅନ୍ଧତାର ସ୍ଥାନ ନାହିଁ । ଆଉ ମଧ୍ୟ କଠୋପନିଷଦର ପୂର୍ବୋକ୍ତ ଉପଦେଶ ଅନୁସାରେ ନିଜର ବିଜ୍ଞାନକୁ ସାରଥି ଭାବରେ ଏବଂ ମନକୁ ଲଗାମଭାବରେ ଗ୍ରହଣକରି ଯଦି ବିଷ୍ଣୁଙ୍କର ପରମପଦ ଲାଭ କରାଯାଇପାରେ ତେବେ ସେହି ପରମପଦ ଲାଭ କରିବା-ପାଇଁ କଳ୍ପନାପ୍ରସୂତ ଭଗବାନଙ୍କୁ ଉପାସନା କରିବାର ଓ ନାନାପ୍ରକାର ଅନ୍ଧ ଅନୁସରଣ ଉପରେ ନିର୍ଭର କରିବାର ଅସ୍ୱାଭାବିକ, ଜଟିଳ ଓ ଦୁଃଖ-ଦାୟକ ପଥସବୁ ଅବଲମ୍ବନ କରିବାର କୌଣସି ପ୍ରୟୋଜନ ନାହିଁ । ଏହାହିଁ ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମର ବିଶେଷତ୍ୱ, ଯାହା ଶ୍ରୀକୃଷ୍ଣ ନିମ୍ନଲିଖିତ ଶ୍ଳୋକରେ ପରିଷ୍କାର ଭାବରେ କହିଯାଇଅଛନ୍ତି ।

କ୍ଳେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତ ଚେତସାଂ
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ । ୧୨ଶ-୫

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତରେ ଆସକ୍ତ ସେମାନଙ୍କର ଅଧିକତର କ୍ଳେଶ ହୁଏ । ଦେହଧାରୀମାନଙ୍କ ପକ୍ଷରେ ଅବ୍ୟକ୍ତାଗତି ଦୁଃଖରେ ପ୍ରାପ୍ତ ହୁଏ ଅର୍ଥାତ୍ କେବଳ ଦୁଃଖଦାୟକ ଅଟେ ।

ଏହି ଶ୍ଳୋକଟିରୁ ପ୍ରକାଶ ଯେ ସଂସାରରେ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା ଓ ଅବ୍ୟକ୍ତ ଭଗବାନଙ୍କର ଉପାସନା ଏହି ଦୁଇ ପ୍ରକାର ଉପାସନା ଅଛି । ଏହି ଦୁଇପ୍ରକାର ଉପାସନାକୁ ବ୍ୟାସଦେବ "ବ୍ୟକ୍ତା ଗତି" ଓ "ଅବ୍ୟକ୍ତା ଗତି" ନାମଦେଇଅଛନ୍ତି ଏବଂ ଦୁଇ ପ୍ରକାର ଉପାସନା ବା ଦୁଇପ୍ରକାର ଗତି ମଧ୍ୟରୁ ଅବ୍ୟକ୍ତ ଭଗବାନଙ୍କର ଉପାସନାକୁ ବା ଅବ୍ୟକ୍ତା ଗତିର ଅନ୍ଧ ଅନୁସରଣକୁ ବ୍ୟାସଦେବ ଦୁଃଖଦାୟକ ବୋଲି କହିଅଛନ୍ତି ଏବଂ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା କରିବାକୁ ଅର୍ଥାତ୍ ପୂର୍ବେ କୁହାଯାଇଥିବା ବ୍ୟକ୍ତା ଗତିର ଆଶ୍ରୟ ନେବାକୁ ଉପଦେଶ ଦେଇଅଛନ୍ତି ।

ଗୀତା-ପ୍ରଚ୍ଛରିତ ଗତିକୁ ବ୍ୟକ୍ତା ଗତି ବୋଲି ଏବଂ ଗୀତାର ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତ ଭଗବାନ ବୋଲି ବ୍ୟାସଦେବ କେଉଁ ଅଭିପ୍ରାୟରେ କହିଲେ ତାହା ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତିଙ୍କର ଭାବିବାର ବିଷୟ । କେହି କେହି କହିପାରନ୍ତି, ଦ୍ୱାପର ନାମକ ଯୁଗରେ ଶ୍ରୀକୃଷ୍ଣ ମାନବ ସମାଜରେ ବ୍ୟକ୍ତ ହୋଇଥିବାରୁ ବ୍ୟାସଦେବ ତାଙ୍କୁ ବ୍ୟକ୍ତ ଭଗବାନ ବୋଲି ବର୍ଣ୍ଣନା କରିଅଛନ୍ତି । ଆଉ କେହି କେହି କହିପାରନ୍ତି, ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ନିକଟରେ ବ୍ୟକ୍ତହୋଇ ନିଜର ବିଶ୍ୱରୂପ ଦେଖାଇ ଥିବାରୁ ବ୍ୟାସଦେବ ତାଙ୍କୁ ବ୍ୟକ୍ତ ଭଗବାନ ବୋଲି ବର୍ଣ୍ଣନା କରିଅଛନ୍ତି । ଦ୍ୱାପର ଯୁଗରେ ମାନବ ସମାଜରେ ବ୍ୟକ୍ତ ହୋଇଥିବା କଥା କିମ୍ବା ଅର୍ଜ୍ଜୁନଙ୍କୁ ବିଶ୍ୱରୂପ ଦେଖାଇଥିବା କଥା କାଳ୍ପନିକ ଓ ମିଥ୍ୟା ଏପରି କଥା ମୁଁ କହୁନାହିଁ । ମାତ୍ର ଅତୀତ ଯୁଗରେ ବ୍ୟକ୍ତ ହୋଇଥିବା ଭଗବାନଙ୍କୁ ଏବଂ ଅର୍ଜ୍ଜୁନ ନାମକ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନିକଟରେ ବ୍ୟକ୍ତ ହୋଇଥିବା ଭଗବାନଙ୍କୁ ବର୍ତ୍ତମାନ ଯୁଗର ମାନବ ସମାଜ ଓ ପ୍ରତ୍ୟେକ ମାନବ ବ୍ୟକ୍ତ ଭଗବାନ ବୋଲି ସ୍ୱୀକାର କରିବାର କୌଣସି କାରଣ ନାହିଁ । ଏପରି ବ୍ୟକ୍ତ ଭଗବାନ ଆମ୍ଭମାନଙ୍କର ନିତ୍ୟ-ଉପାସିତ ଅବ୍ୟକ୍ତ ଭଗବାନଙ୍କ ଅପେକ୍ଷା ଆହୁରି ବେଶୀ ଅବ୍ୟକ୍ତ । ଏପରି ସ୍ୱୀକାର କରିନେବା ଦ୍ୱାରା ମାନବ ସମାଜର କୌଣସି ଉପକାର ହୋଇନାହିଁ କି ହେବନାହିଁ । ଅତଏବ ଏପରି ଉତ୍ତରରେ ସନ୍ତୁଷ୍ଟ ନରହି ପ୍ରକୃତ ଉତ୍ତର ସ୍ଥିର କରିବା-ପାଇଁ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରନ୍ତୁ ।

ଆଲୋଚ୍ୟ ଶ୍ଲୋକଟି ହେଉଛି ଭକ୍ତିଯୋଗ ନାମକ ଅଧ୍ୟାୟର ପ୍ରଥମ ଶ୍ଲୋକ । ଏହି ଶ୍ଲୋକର ପୂର୍ବବର୍ତ୍ତୀ ଚାରୋଟି ଶ୍ଲୋକ ଏବଂ ପରବର୍ତ୍ତୀ ଚାରୋଟି ଶ୍ଲୋକ ମନୋଯୋଗ ପୂର୍ବକ ବୁଝିଲେ ପାଠକମାନଙ୍କର ବିଶେଷ ଉପକାର ହେବ । ଏଠି କେତୋଟି ଶ୍ଲୋକର ଆଲୋଚନା କରାଯାଉ ।

ଶ୍ରୀକୃଷ୍ଣଙ୍କର ତ୍ରିଲୋକବ୍ୟାପୀ ବିଶ୍ୱରୂପ ଦେଖି ତାଙ୍କୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କରି ନମସ୍କାର କଲାପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ :-

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ । ୧୨ଶ-୧

ଅର୍ଥ—ଏହିପରି ସର୍ବଦା ଯୁକ୍ତ ହୋଇ ଯେଉଁ ଭକ୍ତମାନେ ତୁମ୍ଭଙ୍କୁ ଉପାସନା କରନ୍ତି ଏବଂ ଯେଉଁମାନେ ଅକ୍ଷର ଓ ଅବ୍ୟକ୍ତଙ୍କୁ ଉପାସନା କରନ୍ତି, ସେମାନଙ୍କ ମଧ୍ୟରେ କେଉଁମାନେ ଯୋଗଜାଣିବାରେ ଶ୍ରେଷ୍ଠ ।

କେଉଁ ଅଭିପ୍ରାୟରେ ଅର୍ଜୁନ ଏପରି ପ୍ରଶ୍ନ କଲେ ଏବଂ ମାନବ-ସମାଜର କେଉଁ ମଙ୍ଗଳ ସାଧନ ଅଭିପ୍ରାୟରେ ଜଗଦ୍‌ଗୁରୁ ବ୍ୟାସଦେବ ବ୍ୟକ୍ତ-ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା ଓ ଅବ୍ୟକ୍ତ ଭଗବାନଙ୍କର ଉପାସନା ମଧ୍ୟରେ ଶ୍ରେଷ୍ଠ-ନିକୃଷ୍ଟ ଭାବରଖି ଏପରି ବର୍ଣ୍ଣନା କଲେ ତାହା ଉତ୍ତମରୂପେ ଚିନ୍ତାକରିବା ଆବଶ୍ୟକ ।

ଅତୀତର ଅନ୍ଧ ଅନୁସରଣରେ ଅଭ୍ୟସ୍ତ ଜନସାଧାରଣ ଯେଉଁ କଳ୍ପନାଶ୍ରିତ ଅବ୍ୟକ୍ତ ଭଗବାନଙ୍କ ଉପାସନାରେ ଆସକ୍ତ ରହି ନିଜର ପବିତ୍ର ବିବେକ-ବୁଦ୍ଧି ସହିତ କୌଣସି ସମ୍ବନ୍ଧ ରଖି ନପାରି ଜୀବନଯାତ୍ରାକୁ ଅସ୍ୱାଭାବିକ, ଜଟିଳ ଓ ଦୁଃଖମୟ କରିଅଛନ୍ତି ଗୀତାର ଶ୍ରୀକୃଷ୍ଣ ସେହି ଅବ୍ୟକ୍ତ ଭଗବାନ ନୁହନ୍ତି ଏହି କଥା ବୁଝାଇବା ଅଭିପ୍ରାୟରେ ବ୍ୟାସଦେବ ଏପରି ବର୍ଣ୍ଣନା କରିଅଛନ୍ତି—ଏହା ପରିଷ୍କାର ଭାବରେ ବୁଝାଯାଉଅଛି । ଅର୍ଜୁନଙ୍କର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଲେ :—

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ । ୧୨ଶ-୨

ଅର୍ଥ—ମୋଠାରେ ମନଟିକୁ ରଖି ସର୍ବଦା ଯୁକ୍ତହୋଇ ପରମା ଶ୍ରଦ୍ଧା ସହକାରେ ଯେଉଁମାନେ ମୋତେ ଉପାସନା କରନ୍ତି ସେହିମାନେ ଶ୍ରେଷ୍ଠ—ଏହା ମୋର ମତ ।

ପ୍ରତ୍ୟେକ ବ୍ୟକ୍ତି ନିଜର ବିଜ୍ଞାନକୁ ସାରଥି ଓ ମନକୁ ଲଗାମ ଭାବରେ ଗ୍ରହଣ କରିବା ଉଚିତ । ପୂର୍ବେ କୁହାଯାଇଥିବା ଉପନିଷଦର ଏହି ଉପଦେଶଟି ସର୍ବଦା ସ୍ମରଣ ରଖି ଆଲୋଚ୍ୟ ବିଷୟଟିରେ ଅଗ୍ରସର ହୁଅନ୍ତୁ ।

ଅର୍ଜୁନ ପଚାରିଥିଲେ " ତେଷାଂ କେ ଯୋଗବିତ୍ତମାଃ" ଅର୍ଥାତ୍ "କେଉଁମାନେ ଯୋଗ ଜାଣିବାରେ ଶ୍ରେଷ୍ଠ" । ଶ୍ରୀକୃଷ୍ଣ ଉତ୍ତରରେ କହିଲେ, "ତେ ମେ ଯୁକ୍ତତମା ମତାଃ" ଅର୍ଥାତ୍ "ମୋ ମତରେ ସେହିମାନେ ଯୁକ୍ତତମ" । ଏଥିରୁ ବୁଝାଗଲା ଯେ ଯୋଗ କଥାଟିର ଅର୍ଥ, ଯୁକ୍ତ ରହିବା । କାହାସହିତ ଯୁକ୍ତ ରହିବା ? ଏହି ପ୍ରଶ୍ନର ଉତ୍ତର ହେଉଛି ଇନ୍ଦ୍ରିୟ, ମନ ଓ ବୁଦ୍ଧି ସହିତ ଯୁକ୍ତ ରହିବା ଅର୍ଥାତ୍ ଏମାନଙ୍କୁ ସଂଯତ ଭାବରେ ରଖି କର୍ମ-କରିବା । ମଯ୍ୟର୍ପିତ ମନୋବୁଦ୍ଧିଃ (୧୨ଶ-୧୪) ଯତେନ୍ଦ୍ରିୟ ମନୋବୁଦ୍ଧିଃ (୫ମ-୨୮) ଇତ୍ୟାଦି କଥାଗୁଡ଼ିକ ପ୍ରତି ଦୃଷ୍ଟି ଦିଅନ୍ତୁ ।

"ମଯ୍ୟାବେଶ୍ୟମନଃ" ଅର୍ଥାତ୍ ମୋଠାରେ ମନଟିକୁ ରଖି ଏହି କଥାଟିରୁ ପ୍ରକାଶ ଯେ ମନରୂପ ଲଗାମଟିକୁ ଶ୍ରୀକୃଷ୍ଣଙ୍କୁ ବା ବୁଦ୍ଧିରୂପ ସାରଥିଙ୍କୁ ସମର୍ପଣ କରିବା ହେଉଛି ଶ୍ରୀକୃଷ୍ଣଙ୍କଠାରେ ପ୍ରକୃତ ଭକ୍ତି । ଯିଏ କଳ୍ପନାର ଅତୀତ, ସେହି ଅବ୍ୟକ୍ତ ଭଗବାନଙ୍କଠାରେ କେବଳ ମନଟିକୁ କାହିଁକି କୌଣସି ବିଷୟ ସମର୍ପଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଯଦି ସମ୍ଭବ, ତାହା କେବଳ ଦୁଃସ୍ୱପ୍ନ ଦର୍ଶନ । ଏପରି ଉପାସନାକୁ ବ୍ୟାସଦେବ ଅବ୍ୟକ୍ତାଗତି କହିଅଛନ୍ତି ।

ଏହି ଦୁଇଟି ଶ୍ଳୋକରେ ଥିବା "ସତତଯୁକ୍ତାଃ" "ଯେ ଭକ୍ତାଃ" "ଯୋଗବିତ୍ତମାଃ" "ମଯ୍ୟାବେଶ୍ୟ ମନଃ", "ଶ୍ରଦ୍ଧୟା ପରୟୋପେତାଃ" ଓ "ଯୁକ୍ତତମାଃ" ଏହି କଥାଗୁଡ଼ିକର ବିଶେଷତ୍ୱ ଆଲୋଚନା କରିବାକୁ ମୁଁ ଯାଉନାହିଁ । ସେ ସବୁ ବିଷୟର ଆଲୋଚନା ବର୍ତ୍ତମାନ ଅନାବଶ୍ୟକ । ଏହି ଦୁଇଟି ଶ୍ଳୋକରେ ଯାହା ସର୍ବପ୍ରଧାନ କଥା ତାହାହିଁ ସର୍ବପ୍ରଥମେ ଆଲୋଚନା କରାଯାଉ ।

ଏହି ଦୁଇଟି ଶ୍ଳୋକର ସାରାଂଶ ହେଉଛି—ଅର୍ଜୁନ ପଚାରିଲେ "ଯେଉଁମାନେ ତୁମ୍ଭଙ୍କୁ ଉପାସନା କରନ୍ତି ଏବଂ ଯେଉଁମାନେ ଅବ୍ୟକ୍ତ ଓ ଅକ୍ଷରଙ୍କୁ ଉପାସନା କରନ୍ତି ସେମାନଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ? ଶ୍ରୀକୃଷ୍ଣ କହିଲେ, "ଯେଉଁମାନେ ମୋତେ ଉପାସନା କରନ୍ତି ମୋ ମତରେ ସେହିମାନେ ଶ୍ରେଷ୍ଠ ।"

ଗୀତାର ଟୀକାକାରମାନେ ସେମାନଙ୍କର ନିତ୍ୟ ଉପାସିତ ଅବ୍ୟକ୍ତ ଭଗବାନଙ୍କୁ ଏବଂ ଗୀତାର ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକା ମନେ କରିଥିବାରୁ ଏହି ଭ୍ରାନ୍ତ ଧାରଣାକୁ ସମର୍ଥନ କରି ଅର୍ଥ କଲେ :—

"ଯେଉଁମାନେ ତୁମ୍ଭଙ୍କୁ ସାକାର ଭାବରେ ବା ସଗୁଣ-ବ୍ରହ୍ମ ଭାବରେ ବା ବ୍ୟକ୍ତ ଭାବରେ ଉପାସନା କରନ୍ତି ଏବଂ ଯେଉଁମାନେ ତୁମ୍ଭଙ୍କୁ ନିରାକାର ଭାବରେ ବା ନିର୍ଗୁଣ ବ୍ରହ୍ମ ଭାବରେ ବା ଅବ୍ୟକ୍ତ ଭାବରେ ଉପାସନା କରନ୍ତି ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ କେଉଁମାନେ ମୋତେ ସାକାର ଭାବରେ ବା ସଗୁଣ-ବ୍ରହ୍ମ ଭାବରେ ବା ବ୍ୟକ୍ତ ଭାବରେ ଉପାସନା କରନ୍ତି, ମୋ ମତରେ ସେହିମାନେ ଭଲ ଯୋଗ ଜାଣିବା ବାଲା ।"

ସେହି ଶ୍ରୀକୃଷ୍ଣଙ୍କୁ ଏପରି ପୃଥକ୍ ଦୁଇ ଭାବରେ ଉପାସନା କରିବା କଥା ଏହି ଦୁଇଟି ଶ୍ଳୋକରେ ନାହିଁ କିମ୍ବା ଗୀତାରେ ଅନ୍ୟତ୍ର ମଧ୍ୟ ନାହିଁ । ସାକାର ଉପାସକ ଓ ନିରାକାର ଉପାସକ ଏହି ଦୁଇପ୍ରକାର ଉପାସକ ମଧ୍ୟରେ ଶ୍ରେଷ୍ଠ-ନିକୃଷ୍ଟ ଭାବ ରଖି, ସାକାର ଉପାସକମାନଙ୍କର ଶ୍ରେଷ୍ଠତ୍ୱ ପ୍ରଚାର କରିବା ଦ୍ୱାରା ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ପାର୍ଥକ୍ୟ ବା ବିଦ୍ୱେଷ ସୃଷ୍ଟି କରିବା ଜଗଦ୍‌ଗୁରୁ ବ୍ୟାସଦେବଙ୍କର ଅଭିପ୍ରାୟ କଦାପି ନୁହେଁ । ଟୀକାକାରମାନେ ଅନଧିକାର ଚର୍ଚ୍ଚା କରି ସାକାର-ନିରାକାର, ସଗୁଣ ବ୍ରହ୍ମ-ନିର୍ଗୁଣ ବ୍ରହ୍ମ ଇତ୍ୟାଦି କଥାସବୁ ଯୋଗକରି ଯେପରି ଅର୍ଥ କରିଅଛନ୍ତି ତାହା ସେମାନଙ୍କର ତଥା ଗୀତା-ପାଠକମାନଙ୍କର ଭ୍ରାନ୍ତ ମତକୁ ସମର୍ଥନ କରୁଅଛି । ମାତ୍ର ଏପରି ଅର୍ଥ ଗୀତା-ଧର୍ମର ସମ୍ପୂର୍ଣ୍ଣ ବିପରୀତ ହୋଇଅଛି । ଟୀକାକାରମାନେ ଏପରି ଅନଧିକାର ଚର୍ଚ୍ଚା କରିବା ଫଳରେ ଓ ବିପରୀତ ଅର୍ଥ କରିବା ଫଳରେ ଗୀତାର ନୂତନ

ଶିକ୍ଷା ଏପର୍ଯ୍ୟନ୍ତ ସେହି ଗୀତା ପୁସ୍ତକରେ ଲୁଚ ଛଆହୋଇ ରହିବା ପରି ରହିଛି । ଆଧୁନିକ ପଣ୍ଡିତମାନେ ଅନ୍ଧାରରେ ବାଡ଼ି ବୁଲାଇବା ପରି ବିଭିନ୍ନ ପ୍ରକାର ପାଣ୍ଡିତ୍ୟପୂର୍ଣ୍ଣ ଟୀକାସବୁ କରିବାରେ ଲାଗିରହିଅଛନ୍ତି ଏବଂ ଜନସାଧାରଣ ଗୀତା ପୁସ୍ତକକୁ ପୂଜା ପେଡ଼ିରେ ବାନ୍ଧି ଫୁଲ ଚନ୍ଦନ ଦ୍ୱାରା ପୂଜା କରିବାକୁ ଏକମାତ୍ର ଗୀତା-ଧର୍ମ ମନେକରି ଆଜି ଏହି ଦୁରବସ୍ଥା ଭୋଗ କରୁଅଛନ୍ତି । ପ୍ରାଚୀନ ତଥା ଆଧୁନିକ ଟୀକାକାରମାନେ ସମସ୍ତେ ଏହିପରି ଅନଧିକାର ଚର୍ଚ୍ଚା କରିଅଛନ୍ତି ଏବଂ ସମସ୍ତେ ଏହିପରି ଅର୍ଥ କରିଅଛନ୍ତି ବୋଲି ଏପରି ଅର୍ଥ ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ ସମାଜ ପକ୍ଷରେ ଅନିଷ୍ଟପ୍ରଦ ହୋଇଥିଲେ ମଧ୍ୟ ସେହି ଅର୍ଥହିଁ ଗ୍ରହଣୀୟ, ଏପରି ଯୁକ୍ତି ଯେଉଁମାନେ କରିବେ ସେମାନଙ୍କୁ ମୋର କିଛି କହିବାର ନାହିଁ । ଅନ୍ୟମାନେ ସ୍ୱାଧୀନ ଭାବରେ ଚିନ୍ତାକରି ପ୍ରକୃତ ଅର୍ଥ ସ୍ଥିର କରନ୍ତୁ ଏବଂ ପ୍ରକୃତ କଥା ବୁଝନ୍ତୁ । ଶ୍ରୀକୃଷ୍ଣଙ୍କୁ ସାକାର ଭାବରେ ଉପାସନା କରିବା ବ୍ୟକ୍ତିମାନଙ୍କୁ ଶ୍ରେଷ୍ଠବୋଲି ଏବଂ ତାଙ୍କୁ ନିରାକାର ଭାବରେ ଉପାସନା କରିବା ବ୍ୟକ୍ତିମାନଙ୍କୁ ନିକୃଷ୍ଟ ବୋଲି ଯଦି ଶ୍ରୀକୃଷ୍ଣ ଏଠାରେ କହିଲେ ତାଙ୍କର ନିମ୍ନଲିଖିତ ଉକ୍ତିଟିକୁ ଅର୍ଥ କରାଯିବ କିପରି ତାହା ସ୍ଥିର କରନ୍ତୁ ।

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ । ୭ମ-୨୪

ଅର୍ଥ—ମୁଁ ଅବ୍ୟକ୍ତ, ମାତ୍ର ବୁଦ୍ଧିଶୂନ୍ୟ ଲୋକେ ମୋତେ ବ୍ୟକ୍ତିତ୍ୱ ପ୍ରାପ୍ତ ବା ମନୁଷ୍ୟ ବା ସାକାର ମନେ କରନ୍ତି ।

ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତିତ୍ୱ ପ୍ରାପ୍ତ ବା ମନୁଷ୍ୟ ବା ସାକାର ମନେ କରିଥିବା ବ୍ୟକ୍ତିମାନଙ୍କୁ ବୁଦ୍ଧିଶୂନ୍ୟ କହି ପୁଣି ସାକାର ଉପାସକମାନଙ୍କୁ ଶ୍ରେଷ୍ଠ ବୋଲି ଶ୍ରୀକୃଷ୍ଣ କିପରି କହିଲେ ? ଆଉମଧ୍ୟ ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ ଉପଦେଶରେ ଥିବା "ମାଂ ନମସ୍କୁରୁ" ଓ "ମାମେକଂ ଶରଣଂ ବ୍ରଜ" ଏହି ଦୁଇଟି କଥାରେ ସେ କଅଣ ତାଙ୍କର ଫଟୋକୁ ନମସ୍କାର କରିବାକୁ ଏବଂ ଫଟୋର ଶରଣ ନେବାକୁ କହିଅଛନ୍ତି ? କିମ୍ବା କଳ୍ପନାରେ ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କୁ କିମ୍ବା ଏକାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା ତାଙ୍କର ବିଶ୍ୱରୂପର ଶରଣ ନେବାକୁ କହିଅଛନ୍ତି ?

*

ପ୍ରକୃତ କଥା ଏହିକି ଆକାରକୁ ଅର୍ଥାତ୍ କାଠ ପଥରକୁ କେହି ପୂଜା କରନ୍ତି ନାହିଁ । କାଠ ପଥର ମଧ୍ୟରେ ବା ମୂର୍ତ୍ତି ମଧ୍ୟରେ ସମସ୍ତେ ସେହି ଏକମେବାଦ୍ୱିତୀୟଂ ଅବ୍ୟକ୍ତ ଭଗବାନଙ୍କୁ ପୂଜା କରନ୍ତି । ମୂର୍ତ୍ତି ପୂଜାର ବା ସାକାର ଉପାସନାର ପ୍ରକୃତ ଅଭିପ୍ରାୟ ନ ବୁଝି ଯେଉଁମାନେ ଅପରର ଅନ୍ଧ ଅନୁସରଣ ଫଳରେ ଅର୍ଥାତ୍ କେବଳ ବାପ ଅଜା ପୂଜା କରିଆସୁଅଛନ୍ତି ବୋଲି କାଠ ପଥରକୁ ପୂଜାକରନ୍ତି ସେମାନେ ଯେପରି ଅଜ୍ଞ ବା ଅନ୍ଧ, ଯେଉଁମାନେ ନିଜର ସାମ୍ପ୍ରଦାୟିକ ପ୍ରଥାର ଅନ୍ଧଅନୁସରଣ କରି ନିରାକାର, କଳ୍ପନାତୀତ ଅବ୍ୟକ୍ତଙ୍କୁ ପୂଜା କରନ୍ତି ସେମାନେ ମଧ୍ୟ ସେହିପରି ଅଜ୍ଞ ବା ଅନ୍ଧ । ଉଭୟ ସମ୍ପ୍ରଦାୟରେ ଥିବା ଏହି ଅନ୍ଧ ଅନୁସରଣକାରୀମାନଙ୍କ ବାଦ ଦେଲେ ସମସ୍ତେ ସେହି ଅବ୍ୟକ୍ତଙ୍କୁ ଉପାସନା କରନ୍ତି । ଶେଷୋକ୍ତ ପ୍ରକୃତ ଉପାସକମାନେ ଏବଂ ଶ୍ରୀକୃଷ୍ଣଙ୍କର ଉପାସକମାନେ ଏହି ଦୁଇପ୍ରକାର ଉପାସକ ମଧ୍ୟରେ ଶ୍ରୀକୃଷ୍ଣ-ଭଗବାନଙ୍କର ଉପାସକମାନେ ଶ୍ରେଷ୍ଠ ଏବଂ ଅବ୍ୟକ୍ତ ଭଗବାନଙ୍କର ଉପାସକମାନେ ସେମାନଙ୍କ ଅପେକ୍ଷା ନିକୃଷ୍ଟ ଏହିକଥା ବ୍ୟାସଦେବ ପରିଷ୍କାର ଭାବରେ କହିଅଛନ୍ତି ଏବଂ ଏହାହିଁ ଯୁକ୍ତିଯୁକ୍ତ । କାରଣ ଅବ୍ୟକ୍ତ ଭଗବାନଙ୍କର ସ୍ଥାନ ଶ୍ରୀକୃଷ୍ଣଙ୍କ ଅପେକ୍ଷା ଅନେକ ଉଚ୍ଚରେ ଥିଲେ ମଧ୍ୟ ଗୀତାରେ ବ୍ୟାସଦେବ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନାକୁ ଅବ୍ୟକ୍ତ ଭଗବାନଙ୍କର ଉପାସନା ଅପେକ୍ଷା ଉଚ୍ଚତର ସ୍ଥାନ ଦେଇଅଛନ୍ତି ଏଥିରେ ସନ୍ଦେହ କରାଯାଇ ନପାରେ । ଶ୍ରୀକୃଷ୍ଣ ପୁଣି କହିଲେ—

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବଂ
ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ । ୧୨ଶ-୩ ଓ ୪

ଅର୍ଥ—ଯେଉଁମାନେ ଇନ୍ଦ୍ରିୟସବୁକୁ ସଂଯତଭାବରେ ରଖି, ସର୍ବତ୍ର ସମବୁଦ୍ଧି ହୋଇ, ସମସ୍ତଙ୍କ ମଙ୍ଗଳରେ ନିଯୁକ୍ତ ରହି ( ଅର୍ଥାତ୍ କେବଳ ନିଜର ସାମ୍ପ୍ରଦାୟିକ ପ୍ରଥାର ଅନ୍ଧ ଅନୁସରଣ ନକରି ) ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବତ୍ର ଗମନକାରୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ ଓ

ସ୍ୱରୂପଙ୍କୁ ଉପାସନା କରନ୍ତି ସେମାନେ ମଧ୍ୟ ପାଆନ୍ତି କେବଳ ମୋତେ । ( ତାଙ୍କୁ ବା ଅବ୍ୟକ୍ତ ଭଗବାନଙ୍କୁ କେହି ପାଆନ୍ତି ନାହିଁ । )

ପଞ୍ଚମ ଶ୍ଳୋକଟିର ଅର୍ଥ ପୂର୍ବେ ଦିଆଯାଇଥିବାରୁ ଏଠାରେ ଦିଆଗଲା ନାହିଁ ।

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ।
ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାର ସାଗରାତ୍
ଭବାମି ନ ଚିରାତ୍ ପାର୍ଥ ମୟ୍ୟାବେଶିତ ଚେତସାଂ ।

୧୨ଶ-୬ ଓ ୭

ଅର୍ଥ—କିନ୍ତୁ ହେ ପାର୍ଥ ! ଯେଉଁମାନେ ସବୁ କର୍ମ ମୋଠାରେ ସମର୍ପଣ କରି, ମୋତେ ଏକମାତ୍ର ଲକ୍ଷ୍ୟକରି, ଅନ୍ୟ କାହାରିଠାରେ ମନ ନଦେଇ କେବଳ ମୋତେ ଧ୍ୟାନକରି ମୋତେ ଉପାସନା କରନ୍ତି ସେମାନଙ୍କୁ ମୃତ୍ୟୁ ସଂସାର ସାଗରରୁ ଅବିଳମ୍ବେ ଉଦ୍ଧାର କରେ—ଏକମାତ୍ର ମୁଁ । ( ଏଥିରୁ ପ୍ରକାଶ ଯେ ଅବ୍ୟକ୍ତ ଭଗବାନ କାହାରିକୁ ଉଦ୍ଧାର କରନ୍ତି ନାହିଁ । )

ଯେଉଁମାନେ ଶ୍ରୀକୃଷ୍ଣଙ୍କୁ ବା ଟୀକାକାରମାନଙ୍କର ଅବ୍ୟକ୍ତ ଭଗବାନଙ୍କୁ ସାକାର ଭାବରେ ଉପାସନା କରନ୍ତି ଶ୍ରୀକୃଷ୍ଣ କଅଣ ସେହି-ମାନଙ୍କୁ ଉଦ୍ଧାର କରନ୍ତି ବୋଲି କହିଲେ ? ଟିକେ ଭାବନ୍ତୁ । ଶ୍ରୀକୃଷ୍ଣ ପୁଣି କହିଲେ :—

ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ
ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରଂ
ଅଭ୍ୟାସ ଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ।୧୨ଶ-୮ଓ୯

ଅର୍ଥ—ତୁମ୍ଭେ କେବଳ ମୋଠାରେ ମନଟିକୁ ରଖ, ମୋଠାରେ ବୁଦ୍ଧିକୁ ସ୍ଥିରକର । ଏହା ପରେ ତୁମ୍ଭେ ମୋଠାରେହିଁ ରହିବ ଏଥିରେ

ସନ୍ଦେହ ନାହିଁ । ଯଦି ମନଟିକୁ ମୋଠାରେ ସ୍ଥିରଭାବରେ ରଖି ନ ପାରୁଛ ତେବେ ହେ ଧନଞ୍ଜୟ ଅଭ୍ୟାସ ଯୋଗଦ୍ୱାରା ମୋତେ ପାଇବାକୁ ଇଚ୍ଛାକର।

ଯେଉଁ ପ୍ରଣାଳୀରେ ଧ୍ୟାନ କରିବାକୁ ଅଭ୍ୟାସ କଲେ ମନୁଷ୍ୟ ନିଜର ଚଞ୍ଚଳ ମନକୁ ସ୍ଥିର ଭାବରେ ଓ ନିଜର ଆୟତ୍ତରେ ରଖି ପାରିବ ତାହା ଷଷ୍ଠ ଅଧ୍ୟାୟରେ ପରିଷ୍କାର ଭାବରେ କୁହାଯାଇଅଛି । ଅବ୍ୟକ୍ତ ଭଗବାନଙ୍କୁ ପାଇବାର ପ୍ରଣାଳୀ ଗୀତାରେ କୌଣସିଠାରେ ନାହିଁ । କାରଣ ଅବ୍ୟକ୍ତଙ୍କୁ ପାଇବା ସମ୍ପୂର୍ଣ୍ଣ ଅସମ୍ଭବ । ଶ୍ରୀକୃଷ୍ଣଙ୍କର ଆଶ୍ରୟ ନ ନେଇ ଅବ୍ୟକ୍ତଙ୍କୁ ପାଇବାପାଇଁ ଯେ ଚେଷ୍ଟା ତାହା କେବଳ ଦୁଃଖଦାୟକ— ଯାହା ପୂର୍ବେ କୁହାଯାଇଅଛି । ଶ୍ରୀକୃଷ୍ଣ ନିଜର ଶ୍ରେଷ୍ଠତ୍ୱ ଏବଂ ତାଙ୍କର ଉପାସକମାନଙ୍କର ଶ୍ରେଷ୍ଠତ୍ୱ କେବଳ ଏହିଠାରେ କହିନାହାନ୍ତି-ବାରମ୍ବାର କହିଅଛନ୍ତି ।

କ୍ଷିପ୍ରଂ ଭବତି ଧର୍ମାତ୍ମା × × ନ ମେ ଭକ୍ତଃ ପ୍ରଣଶ୍ୟତି(୯ମ-୩୧)
ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ (୭ମ-୭)
ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ (୯ମ-୩୪)
ଇତ୍ୟାଦି ବାକ୍ୟଗୁଡ଼ିକ ପ୍ରତି ଦୃଷ୍ଟି ଦିଅନ୍ତୁ ।

ଗୀତାଧର୍ମର ବିଶେଷତ୍ୱ ଏହିକି ଏହା ଜାତି-ଧର୍ମ ନିର୍ବିଶେଷରେ, ସ୍ତ୍ରୀ ପୁରୁଷ ନିର୍ବିଶେଷରେ, ମୂର୍ଖ-ପଣ୍ଡିତ ନିର୍ବିଶେଷରେ, ଏପରିକି ପାପୀ-ପୁଣ୍ୟାତ୍ମା ନିର୍ବିଶେଷରେ ସମାହାଡଠାରୁ ଆରମ୍ଭ କରି ରାମଚନ୍ଦ୍ର ମହାପ୍ରଭୁଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ସଂଗ୍ରାମରେ ସମାନଭାବରେ ପ୍ରଯୁଜ୍ୟ ଓ ନିତ୍ୟ ପ୍ରୟୋଜନ—ଯାହା ଶ୍ରୀକୃଷ୍ଣଙ୍କର ନିମ୍ନଲିଖିତ ଶ୍ରେଷ୍ଠ ଶ୍ଳୋକରୁ ପ୍ରକାଶ ପାଉଅଛି ।

ସମୋଽହଂ ସର୍ବଭୂତେଷୁ ନମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହଂ ।
ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ।
କ୍ଷିପ୍ରଂ ଭବତି ଧର୍ମାତ୍ମା ଶାଶ୍ୱଚ୍ଛାନ୍ତିଂ ନିଗଚ୍ଛତି
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ।

ମାଂ ହି ପାର୍ଥ ! ବ୍ୟପାଶ୍ରିତ୍ୟ ଯେଽପିସ୍ୟୁଃ ପାପଯୋନୟଃ
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିଂ ।
( ୯ମ- ୨୯ରୁ୩୨ )

ଅର୍ଥ—ମୁଁ ସମସ୍ତଙ୍କ ନିକଟରେ ସମାନ, ମୋର କେହି ଶତ୍ରୁ ନାହିଁ କି କେହି ପ୍ରିୟ ନାହିଁ । ଯେ କିନ୍ତୁ ଭକ୍ତିସହକାରେ ମୋତେ ଭଜନା କରନ୍ତି ସେମାନେ ମୋଠାରେ ରହନ୍ତି ଓ ମୁଁ ସେମାନଙ୍କଠାରେ ରହେ (୯ମ-୨୯) ଅତ୍ୟନ୍ତ ଦୁରାଚାର ବ୍ୟକ୍ତି ମଧ୍ୟ ଯଦି ଅନ୍ୟ କାହାରିକୁ ନଭଜି କେବଳ ମୋତେ ଭଜନା କରନ୍ତି, ସେହି ବ୍ୟକ୍ତି ସାଧୁ ବୋଲି ଗଣ୍ୟ, କାରଣ ସେ ନିଜର ସ୍ୱଭାବନିୟତ କର୍ମରେ ନିଯୁକ୍ତ (୯ମ-୩୦) । ସେହି ଦୁରାଚାର ବ୍ୟକ୍ତି ଅବିଳମ୍ବେ ଧର୍ମାତ୍ମା ହୋଇଯାଏ ଏବଂ ନିତ୍ୟ-ଶାନ୍ତି ଲାଭକରେ । ହେ କୌନ୍ତେୟ ! ମୋର ଭକ୍ତର ବିନାଶ ବା ପତନ ନାହିଁ ଏକଥା ତୁମ୍ଭେ ଦୃଢ ଭାବରେ ଜାଣିରଖ ( ୯ମ-୩୧ ) । ହେ ପାର୍ଥ ! ଯେଉଁମାନେ ପାପ ଯୋନିରୁ ଜାତ ସେମାନେ ମଧ୍ୟ ଏବଂ ସ୍ତ୍ରୀ ମାନେ, ବୈଶ୍ୟମାନେ ଓ ଶୂଦ୍ରମାନେ ମଧ୍ୟ ମୋତେ ଆଶ୍ରୟକରି ପରମା ଗତି ଲାଭକରନ୍ତି ( ୯ମ-୩୨ )

କାହାର କାହାର ମନରେ ଧାରଣା ଆସିପାରେ ଯେ ସ୍ତ୍ରୀମାନଙ୍କୁ ଶ୍ରୀକୃଷ୍ଣ ବୈଶ୍ୟ ଓ ଶୂଦ୍ରମାନଙ୍କ ସହିତ ନୀଚତର ସ୍ଥାନ ଦେଇଅଛନ୍ତି; ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ପ୍ରକୃତ କଥା ଏହିକି ବେଦପାଠରେ କିମ୍ବା ବେଦମନ୍ତ୍ର ଶୁଣିବାରେ ସ୍ତ୍ରୀମାନଙ୍କର ଏବଂ ଶୂଦ୍ରମାନଙ୍କର ଅଧିକାର ନାହିଁ ବୋଲି ଏବଂ ବେଦୋକ୍ତ ବିଧିର ଅନ୍ଧଅନୁସରଣକୁ ଗୀତା-ଧର୍ମ ସମର୍ଥନ କରୁନାହିଁ ବୋଲି ଶ୍ରୀକୃଷ୍ଣ ଏହିପରି କହିଅଛନ୍ତି ।

ଗୀତା-ଧର୍ମର ନୂତନତ୍ତ୍ୱ ଜାଣିବାକୁ ହେଲେ ସର୍ବଦା ସ୍ମରଣ ରଖିବା ଉଚିତ ଯେ ଗୀତାପରି ଗୁହ୍ୟଶାସ୍ତ୍ର ଜଗତରେ ଅଦ୍ୱିତୀୟ । ଶ୍ରୀକୃଷ୍ଣ କହିଅଛନ୍ତି :—

ଇଦଂ ତୁ ତେ ଗୁହ୍ୟତମଂ—୯ମ-୧
ରାଜବିଦ୍ୟା ରାଜଗୁହ୍ୟଂ—୯ମ-୨
ଇତି ଗୁହ୍ୟତମଂ ଶାସ୍ତ୍ରଂ—୧୫ଶ-୨୦

ଗୁହ୍ୟାତ୍ ଗୁହ୍ୟତରଂ ମୟା—୧୮ଶ-୬୩
ସର୍ବଗୁହ୍ୟତମଂ ଭୂୟଃ —୧୮ଶ-୬୪
ଯ ଇମଂ ପରମଂ ଗୁହ୍ୟଂ—୧୮ଶ-୬୮

ଗୁହ୍ୟତମ ଶାସ୍ତ୍ରବୋଲି ଗୀତାରେ ଲେଖାଅଛି କିମ୍ବା ଶ୍ରୀକୃଷ୍ଣ-ଭଗବାନ କହିଅଛନ୍ତି, ତେଣୁ ତାହା ସ୍ୱୀକାର କରିବାକୁ ହେବ ଏପରି କଥା ମୁଁ କହୁନାହିଁ । ଏପରି ସ୍ୱୀକାର କରିବାଦ୍ୱାରା ଜନସାଧାରଣଙ୍କର କୌଣସି ଉପକାର ହୋଇନାହିଁ କି ହେବ ନାହିଁ । ଗୀତାକୁ ଗୁହ୍ୟତମ ଶାସ୍ତ୍ର ବୋଲି ବ୍ୟାସଦେବ କାହିଁକି କହିଅଛନ୍ତି ତାହା ପ୍ରତ୍ୟେକ ସତ୍ୟାନ୍ୱେଷୀ ଗୀତା-ପାଠକ ନିଜର ସ୍ୱାଧୀନ ଚିନ୍ତାଦ୍ୱାରା ସେହି ଗୀତାରୁ ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ଗୁହ୍ୟତମ ଶାସ୍ତ୍ର ଏହି କଥାଟିରୁ ପ୍ରକାଶ ଯେ ଯାହା ପ୍ରକୃତରେ ଧର୍ମ ଶାସ୍ତ୍ର ତାହା ଗୁହ୍ୟଶାସ୍ତ୍ର ଏବଂ ସବୁ ଧର୍ମଶାସ୍ତ୍ର ବା ଗୁହ୍ୟ ଶାସ୍ତ୍ରମାନଙ୍କ ମଧ୍ୟରେ ଗୀତା ହେଉଛି ଗୁହ୍ୟତମ ଶାସ୍ତ୍ର ।

ଗୁହ୍ୟମନ୍ତ୍ର କହିଲେ ଲୋକେ ବୁଝନ୍ତି ଗୋପନୀୟ ମନ୍ତ୍ର ବା ଲୁଚାଇ ରଖିବା ମନ୍ତ୍ର । ତେଣୁ ଗୁହ୍ୟ ଶାସ୍ତ୍ର କହିଲେ ଲୋକେ ବୁଝିବେ ଗୋପନୀୟ ଶାସ୍ତ୍ର ବା ଲୁଚାଇ ରଖିବା ଶାସ୍ତ୍ର ମାତ୍ର ଗୀତା-ଶାସ୍ତ୍ର ତାହା ନୁହେଁ । ଗୀତା-ପାଠରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କର ସମାନ ଅଧିକାର । ଆଉମଧ୍ୟ ଗୀତାରେ ଶାସ୍ତ୍ରଜ୍ଞାନର କଥା ଆଦୌ ନାହିଁ ଏବଂ ଏହାର ଭାଷା ଏପରି ସରଳ ଯେ ସନ୍ଧି-ବିଚ୍ଛେଦ କରି ପଢିଗଲେ ଯେ କୌଣସି ବ୍ୟକ୍ତି ଏହାର ଅର୍ଥ ସହଜରେ ବୁଝି ପାରିବେ ।

ଗୁହ୍ୟତମ ଶାସ୍ତ୍ର ବୋଲି କହିବାର କାରଣ ଏହିକି ଗୀତାର ସରଳ କଥାଗୁଡିକ ମଧ୍ୟରେ ଏହାର ପ୍ରକୃତ ଶିକ୍ଷା ବା ନୂତନ ଶିକ୍ଷା ଏପରି ପ୍ରଚ୍ଛନ୍ନ ଭାବରେ ରହିଛି ଯେ ତାହାର ସନ୍ଧାନ ପାଇବାପାଇଁ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ ।

ବ୍ୟବସାୟୀ ଗୁରୁମାନେ ଶିଷ୍ୟର କାନରେ ଗୁହ୍ୟ ମନ୍ତ୍ରଟିଏ କହିଦିଅନ୍ତି ଏବଂ ସେହି ମନ୍ତ୍ରଟିକୁ କାହାକୁ ପ୍ରକାଶ ନ କରିବାକୁ ଶିଷ୍ୟକୁ

ଆଦେଶ ଦିଅନ୍ତି । ଏକଥା ପ୍ରାୟ ସମସ୍ତଙ୍କୁ ଉତ୍ତମରୂପେ ଜଣାଅଛି । ଏହି ପ୍ରାଣଶୂନ୍ୟ ପ୍ରଥାର ଅନ୍ଧଅନୁସରଣ ଭାରତବର୍ଷରେ ପ୍ରାୟ ସର୍ବତ୍ର ଦେଖା ଯାଉଅଛି । ଏହି ପ୍ରଥାର ମୂଳ କାରଣ ଏହିକି ଅନ୍ୟ କାହାର ସାହାଯ୍ୟ ନନେଇ ଶିଷ୍ୟ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରି ଗୁରୁଦେବଙ୍କର ଅଭିପ୍ରାୟ ଏବଂ ଗୁହ୍ୟମନ୍ତ୍ରର ପ୍ରକୃତ ଅର୍ଥ ଓ ଆବଶ୍ୟକତା ସ୍ଥିର ନ କରିବା ପର୍ଯ୍ୟନ୍ତ ତଦନୁସାରେ ଶିଷ୍ୟ ନିଜର ଜୀବନର ଗତି ସତ୍ୟ ଦିଗରେ ପରିବର୍ତ୍ତନ କରି ପାରିବେ ନାହିଁ । ଠିକ୍ ସେହିପରି ଜଗଦ୍‌ଗୁରୁ ବ୍ୟାସଦେବଙ୍କର ଅଭିପ୍ରାୟ ତଥା ଗୀତା-ପ୍ରସ୍ତୁତ ଉପଦେଶ ଗୁଡ଼ିକର ପ୍ରକୃତ ଅର୍ଥ ଗୀତା-ପାଠକ ନିଜର ସ୍ୱାଧୀନ ଚିନ୍ତାଦ୍ୱାରା ସେହି ଗୀତାରୁ ସ୍ଥିର ନକରିବା ପର୍ଯ୍ୟନ୍ତ ଗୀତା-ପ୍ରସ୍ତୁତ ଧର୍ମ ଅନୁସାରେ ସେ ନିଜର ଜୀବନର ଗତି ପରିବର୍ତ୍ତନ କରିପାରିବେ ନାହିଁ । ଅତଏବ ଟୀକାକାରମାନଙ୍କର ମତ ଉପରେ ନିର୍ଭର କରିବା ଗୀତା-ଧର୍ମ ବୁଝିବାପାଇଁ କେବଳ ଅନାବଶ୍ୟକ ନୁହେଁ, ବରଂ ଅନ୍ତରାୟ ଅଟେ ।

ଅନ୍ୟ ଗୋଟିଏ କାରଣ ଏହିକି ପିତା ମାତାମାନେ ତଥା ଶିକ୍ଷକମାନେ ଯେଉଁ ସୁକୌଶଳରେ ପୁତ୍ର କନ୍ୟାମାନଙ୍କୁ ଓ ଛାତ୍ରମାନଙ୍କୁ ସେମାନଙ୍କର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ନେଇଯିବାକୁ ଯତ୍ନ କରନ୍ତି ତାହା ଜାଣିପାରିବା ପୁତ୍ର କନ୍ୟାମାନଙ୍କ ପକ୍ଷରେ ଓ ଛାତ୍ରମାନଙ୍କ ପକ୍ଷରେ ଯେପରି ସମ୍ପୂର୍ଣ୍ଣ ଅସମ୍ଭବ, ଜଗଦ୍‌ଗୁରୁ ବ୍ୟାସଦେବ ସମସ୍ତ ମାନବ ସମାଜକୁ ତଥା ପ୍ରତ୍ୟେକ ମାନବକୁ ତାହାର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ନେଇଯିବା ଅଭିପ୍ରାୟରେ ଯେଉଁ ସୁକୌଶଳରେ ଗୀତା ରଚନା କରିଅଛନ୍ତି ତାହା ଜାଣିପାରିବା ଜନସାଧାରଣଙ୍କ ପକ୍ଷରେ ଠିକ୍ ସେହିପରି ଅସମ୍ଭବ ।

ଶ୍ରୀକୃଷ୍ଣ ଗୀତାରେ ଯେଉଁସବୁ ଗୁହ୍ୟକଥା କହିଅଛନ୍ତି ତନ୍ମଧ୍ୟରେ ତାଙ୍କର ସର୍ବ ଗୁହ୍ୟତମ କଥା ଓ ପରମ କଥା ହେଉଛି—

ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ (୧୮ଶ-୬୫)
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । (୧୮ଶ-୬୬)

ଅର୍ଥ —ମୋଠାରେ ମନ ରଖ, ମୋର ଭକ୍ତ ହୁଅ, ମୋ ପାଇଁ ଯଜ୍ଞକର, ମୋତେ ନମସ୍କାର କର (୧୮ଶ-୬୫) ସବୁଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ (୧୮ଶ-୬୬)

'ମନ୍ମନାଭବ' ଓ 'ଅସ୍ମାତ୍ ଫଟ୍' ଇତ୍ୟାଦି ମନ୍ତ୍ରପରି ଏହି ପରମ ଗୁହ୍ୟମନ୍ତ୍ର ଦୁଇଟି କାହାରି ଅବୋଧ ନୁହେଁ । ଏହା ଏପରି ସରଳ ଭାଷାରେ କୁହାଯାଇଅଛି ଯେ ପ୍ରତ୍ୟେକ ବ୍ୟକ୍ତି ଏହା ଅନାୟାସରେ ବୁଝିପାରିବେ । ମାତ୍ର ଶ୍ରୀକୃଷ୍ଣ କହିଅଛନ୍ତି—

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ
ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ।୧୮ଶ-୬୭

ଅର୍ଥ ମୋର ଏହି ପରମ ଗୁହ୍ୟକଥାକୁ ତୁମ୍ଭେ ତପସ୍ୟା ନଥିବା, ଭକ୍ତି ନଥିବା, ଶୁଣିବାକୁ ଇଚ୍ଛା ନଥିବା ଏବଂ ମୋତେ ନିନ୍ଦା କରୁଥିବା ବ୍ୟକ୍ତିଙ୍କୁ କହିବ ନାହିଁ ।

ଟିପ୍ପଣୀ —ଏପରି ବ୍ୟକ୍ତିମାନଙ୍କୁ କହିବ ନାହିଁ ବୋଲି କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ କଅଣ ? ଏପରି କହିଥିଲେ ସୁଦ୍ଧା ବ୍ୟାସଦେବ ଏହି ପରମ ଗୁହ୍ୟକଥାକୁ ସମସ୍ତଙ୍କ ନିକଟରେ ପ୍ରକାଶ କଲେ କାହିଁକି ? ପ୍ରକାଶ କରିବା ଦ୍ୱାରା ବ୍ୟାସଦେବ ନ୍ୟାୟ କଲେ କି ଅନ୍ୟାୟ କଲେ ? ଏହିସବୁ ପ୍ରଶ୍ନର ଉତ୍ତର ସ୍ୱାଧୀନ ଭାବରେ ବିଚାର କରି ସ୍ଥିର କରନ୍ତୁ । ଏହି ସବୁ ବିଷୟ କେହି କାହାରିକୁ ବୁଝାଇଦେବାର ବିଷୟ ନୁହେଁ । ତେବେ ଯେତିକି ବୁଝାଇବାର କଥା ତାହା ପୂର୍ବେ କୁହାଯାଇଅଛି ।

ଗୀତାର ଗୁହ୍ୟକଥା ଓ ନୂତନ ଶିକ୍ଷା ଜାଣିବାକୁ ହେଲେ ଏହାର ମୂଳକଥା ଓ ଶେଷକଥା କଅଣ ତାହା ସର୍ବପ୍ରଥମେ ଉତ୍ତମରୂପେ ଆଲୋଚନା କରିବା ଆବଶ୍ୟକ । କାରଣ ମୂଳକଥା ଓ ଶେଷକଥାକୁ ଅବଲମ୍ବନ କରି ବ୍ୟାସଦେବ ସମସ୍ତ ଗୀତା ରଚନା କରିଅଛନ୍ତି ଏଥିରେ ସନ୍ଦେହ ନାହିଁ । ସେହି ମୂଳକଥା ଓ ଶେଷକଥା ପ୍ରତି ଦୃଷ୍ଟି ନରଖି ଅର୍ଥାତ୍ ଭିତ୍ତିଭ୍ରଷ୍ଟ ହୋଇ ଓ ଲକ୍ଷଶୂନ୍ୟ ହୋଇ ଅଗ୍ରସର ହେବା ସମ୍ପୂର୍ଣ୍ଣ ଅସମ୍ଭବ । ସମ୍ଭବ ବୋଲି ଯଦି କେହି କହନ୍ତି ସେପରି ଅଗ୍ରସର ହେବାରେ

କୌଣସି ମୂଲ୍ୟ ନାହିଁ । ପ୍ରଥମ ଅଧ୍ୟାୟ ହେଉଛି ଗୀତାର ମୂଳଭିତ୍ତି । ମାତ୍ର ଦୁଃଖର କଥା ଏହିକି ଯେଉଁ ପ୍ରଥମ ଅଧ୍ୟାୟ ହେଉଛି ଗୀତାର ମୂଳଭିତ୍ତି ତତ୍ପ୍ରତି ଟୀକାକାରମାନେ ତଥା ଗୀତା-ପାଠକମାନେ ଆଦୌ ଦୃଷ୍ଟି ଦେଇନାହାନ୍ତି କିମ୍ବା ଦେଉନାହାନ୍ତି । ସେହି ପ୍ରଥମ ଅଧ୍ୟାୟର ବିଶେଷରେ ସର୍ବ ପ୍ରଥମେ ଆଲୋଚନା କରାଯାଉ ।

ଯୁଦ୍ଧକ୍ଷେତ୍ରକୁ ଆସିବା ପୂର୍ବରୁ ଏକଥା ଅର୍ଜୁନଙ୍କର ଜାଣିବା ସ୍ୱାଭାବିକ ଯେ ତାଙ୍କୁ ନିଜର ଭାଇ, ବନ୍ଧୁ ତଥା ଗୁରୁଜନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ମାତ୍ର ପ୍ରଥମ ଅଧ୍ୟାୟରୁ ପ୍ରକାଶ ଯେ ଯୁଦ୍ଧକ୍ଷେତ୍ରକୁ ଆସିସାରି, ନିଜର ଚିରସଖା ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରିସାରି, ଶସ୍ତ୍ର ସମ୍ପାତ ଆରମ୍ଭରେ ନିଜେ ଧନୁ ଉତ୍ତୋଳନ କଲାପରେ ଶ୍ରୀକୃଷ୍ଣଙ୍କୁ ଆଦେଶ ଦେଇ ଅର୍ଜୁନ କହିଲେ—

ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ
ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍
କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ । ୧ମ-୨୧-୨୨

ଅର୍ଥ—ଯୁଦ୍ଧ କାମନା କରି କେଉଁମାନେ ଏଠାରେ ଅଛନ୍ତି ଏବଂ କେଉଁମାନଙ୍କ ବିରୁଦ୍ଧରେ ମୋତେ ଯୁଦ୍ଧ କରିବାକୁ ହେବ ତାହା ମୁଁ ଯେ ପର୍ଯ୍ୟନ୍ତ ନ ଦେଖିଛି ଏହି ଉଭୟ ପକ୍ଷ ସେନା ମଧ୍ୟରେ ମୋର ରଥ ସ୍ଥାପନ କର ।

"ଯେ ପର୍ଯ୍ୟନ୍ତ" ଓ "ମୋର ରଥ" ଏହି ଦୁଇଟି କଥାରୁ ପ୍ରକାଶ ଯେ ନିଜର ଚିରସଖା ଓ ଉପସ୍ଥିତ ସାରଥି ସେଇ ଶ୍ରୀକୃଷ୍ଣ ଯେ ସମସ୍ତ ମାନବ ଜାତିର ଏକମାତ୍ର ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ଏହା ଅର୍ଜୁନ ବର୍ତ୍ତମାନ ଜାଣି ନଥିବାରୁ ସେ ଶ୍ରୀକୃଷ୍ଣଙ୍କୁ ନିଜର ଭୃତ୍ୟପରି ଏହିପରି ଆଦେଶ ଦେଇଅଛନ୍ତି । ବାସ୍ତବିକ ଅର୍ଜୁନ ହେଉଛନ୍ତି ତାଙ୍କର ରଥର ଚାଳକ, ଯାହା ସର୍ବେ ଭୁଲିଯାଇଅଛୁ । ସେ ଯାହାହେଉ ଆଲୋଚ୍ୟ ବିଷୟ ପ୍ରତି ଦୃଷ୍ଟିଦିଅନ୍ତୁ । ଗୀତା ଶେଷରେ ଶ୍ରୀକୃଷ୍ଣ କହିଅଛନ୍ତି—

*

ସ୍ୱଭାବନିୟତଂ କର୍ମ କୁର୍ବାନ୍ନାପ୍ନୋତି କିଲ୍‌ବିଷଂ ୧୮ଶ-୪୭
ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ । ୧୮ଶ-୪୮

ଅର୍ଥ—ସ୍ୱଭାବ-ନିୟତ କର୍ମ କରିବାରେ ପାପ ନାହିଁ । ସେହି ସ୍ୱଭାବ-ନିୟତ କର୍ମ ବା ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେ ।( ସ୍ୱଭାବ-ନିୟତ କର୍ମ ଜାତିଗତ ନୁହେ, ଏହା ସମ୍ପୂର୍ଣ୍ଣରୂପେ ବ୍ୟକ୍ତିଗତ ଏକଥାଟି ମନେ ରଖନ୍ତୁ ) ଗୀତାର ଶେଷରେ ଥିବା ଏହି ଉପଦେଶଟିରୁ ପରିଷ୍କାର ପ୍ରମାଣ ମିଳୁଅଛି ଯେ, ସ୍ୱଭାବ-ନିୟତ କର୍ମକୁ ଲକ୍ଷ୍ୟ କରି ପ୍ରଥମ ଅଧ୍ୟାୟରେ ବ୍ୟାସଦେବ ଏପରି ବର୍ଣ୍ଣନା କରିଅଛନ୍ତି ।

ଗୀତାର ଆରମ୍ଭରେ ଥିବା "ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ" ଏହି କଥାଟିରୁ ମଧ୍ୟ ପ୍ରକାଶ ଯେ ଯାହା ଧର୍ମକ୍ଷେତ୍ର ତାହା କୁରୁକ୍ଷେତ୍ର ବା କର୍ମକ୍ଷେତ୍ର ସଂସାରରୂପ କର୍ମକ୍ଷେତ୍ରରେ ପ୍ରତ୍ୟେକ ମନୁଷ୍ୟଙ୍କୁ ନିଜର ଜୀବନ-ଯୁଦ୍ଧରେ ଅଗ୍ରସର ହେବାକୁ ହୁଏ । ସେହି ସ୍ୱଭାବ ନିୟତ ଜୀବନ-ଯୁଦ୍ଧ ଦ୍ୱାରା ପରିଚାଳିତ ହୋଇ ଅର୍ଜ୍ଜୁନ ଯୁଦ୍ଧ କ୍ଷେତ୍ରକୁ ଆସିଥିଲେ । ଯଶଲାଭ ଏବଂ ରାଜ୍ୟଲାଭ ପାଇଁ ଅନ୍ୟ ସମସ୍ତଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଏବଂ ଅନ୍ୟ ସମସ୍ତଙ୍କୁ ବଧ କରିବାକୁ ଅର୍ଜ୍ଜୁନ ସର୍ବଦା ପ୍ରସ୍ତୁତ, କାରଣ ଏହାହିଁ ତାଙ୍କର ସ୍ୱଭାବ-ନିୟତ କର୍ମ । ମାତ୍ର କର୍ମକ୍ଷେତ୍ରରେ ଅଗ୍ରସର ହେବା ସମୟରେ "ମୋର ଭାଇ, ମୋର ବନ୍ଧୁ, ମୋର ଗୁରୁ" ଇତ୍ୟାଦି ମମତା ଦୋଷରୁ ସେ ନିଜର ସ୍ୱଭାବ ନିୟତ କର୍ମରେ ଅଗ୍ରସର ହୋଇ ପାରି ନଥିଲେ । ଶ୍ରୀକୃଷ୍ଣ ସେଥିପାଇଁ ଅର୍ଜ୍ଜୁନଙ୍କୁ ଯେଉଁ ଉପଦେଶସବୁ ଦେଇଅଛନ୍ତି ତାର ସାରମର୍ମ ଏହିକି ନିଜର ସ୍ୱଭାବ ନିୟତ କର୍ମ ନିକଟରେ ବା କର୍ତ୍ତବ୍ୟ ନିକଟରେ ବା ସ୍ୱଧର୍ମ ନିକଟରେ ମୋର ଭାଇ, ମୋର ବନ୍ଧୁ, ଆମର ଦେଶ, ଆମର ଜାତି, ଆମର ଧର୍ମ ଇତ୍ୟାଦି ମମତାର ସ୍ଥାନ ନାହିଁ ।

ସେହି ମମତା ଦୋଷରେ ମୋହଗ୍ରସ୍ତ ହୋଇଥିବା ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ନିମ୍ନଲିଖିତ କାରଣ ପ୍ରଦର୍ଶାଇ ଯୁଦ୍ଧରୁ ନିବୃତ୍ତ ହୋଇଥିଲେ । ଅର୍ଜ୍ଜୁନଙ୍କ ପ୍ରଦର୍ଶିତ କାରଣ ହେଉଛି—

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ।
ଅଧର୍ମାଭିଭବାତ୍ କୃଷ୍ଣ ! ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ! ଜାୟତେ ବର୍ଣ୍ଣସଙ୍କରଃ ।
ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତ ପିଣ୍ଡୋଦକ କ୍ରିୟାଃ ।
ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ବତାଃ ।
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !
ନରକେଽନିୟତଂ ବାସୋ ଭବତୀତି—ଅନୁଶୁଶ୍ରୁମ !
ଅହୋବତ ! ମହତ୍ ପାପଂ କର୍ତ୍ତୁଂ ବ୍ୟବସିତା ବୟଂ
ଯଦ୍ରାଜ୍ୟ ସୁଖଲୋଭେନ ହନ୍ତୁଂ ସ୍ବଜନମୁଦ୍ୟତାଃ । ୧ମ-୪୦-୪୫

ଅର୍ଜ୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକ ଟୀକାକାରମାନଙ୍କୁ ଯୁକ୍ତିଯୁକ୍ତ ବୋଧ ହୋଇଥିବାରୁ ଏହିସବୁ କାରଣର ଅଯୌକ୍ତିକତା ବିଷୟରେ ସେମାନେ ସମ୍ପୂର୍ଣ୍ଣ ନୀରବ ଅଛନ୍ତି । ଜନସାଧାରଣଙ୍କୁ ମଧ୍ୟ ଏହିସବୁ କାରଣ ଯୁକ୍ତିଯୁକ୍ତ ବୋଧହେବା ସ୍ବାଭାବିକ । କାରଣ ସେମାନେ ମଧ୍ୟ ଅର୍ଜ୍ଜୁନଙ୍କ ପରି ଆମର ଦେଶ, ଆମର ଜାତି, ଆମର ଧର୍ମ, ମୋର ଭାଇ, ମୋର ବନ୍ଧୁ ଇତ୍ୟାଦି ମମତା ଦୋଷରେ ବା ସଙ୍କୀର୍ଣ୍ଣତା ଦୋଷରେ ମୋହଗ୍ରସ୍ତ । ମାତ୍ର ଯୁଦ୍ଧରୁ ନିବୃତ୍ତ ହେବାକୁ ଯାଉଥିବା ଅର୍ଜ୍ଜୁନଙ୍କର ପ୍ରଦର୍ଶିତ କାରଣ-ଗୁଡ଼ିକ ତାଙ୍କୁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣଙ୍କ ମତରେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଏଥିରେ ସନ୍ଦେହ ନାହିଁ । ଯଦି ତାହା ସ୍ବୀକାର କରିବାକୁ ପଶ୍ଚାଦ୍‌ପଦ ହେବେ କିପରି ଭ୍ରମାତ୍ମକ ତାହା ବର୍ତ୍ତମାନ ବୁଝନ୍ତୁ ।

ଯାହା ସନାତନ ଧର୍ମ ତାହା ଏକ ଏବଂ ତାହା ନଷ୍ଟହେବା ଅସମ୍ଭବ । ଏହିକି ବୁଝି ନପାରି ଅର୍ଜ୍ଜୁନ କହିଲେ:—

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ

ଅର୍ଥ—କୁଳକ୍ଷୟ ହେଲେ ସନାତନ କୁଳଧର୍ମ ସବୁ ବା କୁଳାଚାର ସବୁ ନଷ୍ଟ ହୁଏ ।

ଟିପ୍‌ପଣୀ—କୁଳରକ୍ଷା ପାଇଁ ଓ କୁଳରେ ଥିବା ଲୋକଙ୍କର ମଙ୍ଗଳ-ପାଇଁ ସିନା କୁଳଧର୍ମ ସବୁର ପ୍ରୟୋଜନ । ଯଦି କୁଳକ୍ଷୟ ହେଲା ତେବେ କୁଳାଚାର ସବୁ କାହାପାଇଁ ରହିବ ? କୁଳକ୍ଷୟ ହେବ, ଏଥିପାଇଁ ଦୁଃଖ ପ୍ରକାଶ କରିବା ଯୁକ୍ତିଯୁକ୍ତ ହୋଇପାରେ । ମାତ୍ର କୁଳକ୍ଷୟ ହେବ ଏଥିପାଇଁ ଦୁଃଖ ପ୍ରକାଶ ନକରି କୁଳକ୍ଷୟ ହେବା ଫଳରେ କୁଳାଚାର ସବୁ ନଷ୍ଟ ହୋଇଯିବ ବୋଲି ଅର୍ଜୁନ ଦୁଃଖ ପ୍ରକାଶ କଲେ । ଆଉମଧ୍ୟ ଯଦି କୁଳକ୍ଷୟ ହେବା ଫଳରେ କୁଳଧର୍ମ ସବୁ ନଷ୍ଟ ହେବ, ତେବେ ଆଉ କୁଳ ରହିବ କିପରି ଯେ ଅର୍ଜୁନ କହିଲେ:—

"ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ

ଅର୍ଥ—ଧର୍ମ ନଷ୍ଟହେଲେ ସମସ୍ତ କୁଳ ଅଧର୍ମ ଦ୍ୱାରା ଅଭିଭୂତ ହୁଏ ।

ଏ ଗଲା ଅର୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକ ମଧ୍ୟରୁ ସର୍ବପ୍ରଥମ କାରଣ । ପରବର୍ତ୍ତୀ କାରଣ ଗୁଡ଼ିକ ବିଶ୍ଳେଷଣ କରିବା ସମୟସାପେକ୍ଷ ଓ ଅନାବଶ୍ୟକ । ପରବର୍ତ୍ତୀ କାରଣଗୁଡ଼ିକ ହେଉଛି—"କୁଳଧର୍ମ ସବୁ ନଷ୍ଟ ହେଲେ ସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି, ସ୍ତ୍ରୀମାନେ ଦୁଷ୍ଟା ହେଲେ ବର୍ଣ୍ଣସବୁର ସଙ୍କର ବା ବିଶୃଙ୍ଖଳା ଜାତହୁଏ; ପିଣ୍ଡୋଦକ କ୍ରିୟା ଲୁପ୍ତ ହେବାରୁ ପିତୃ-ମାନଙ୍କର ପତନ ହୁଏ, ସନାତନ ଜାତିଧର୍ମସବୁ ଓ କୁଳଧର୍ମସବୁ ନଷ୍ଟ ହୁଏ, କୁଳଧର୍ମ ଉତ୍ସନ୍ନ ହେଲେ ଚିରକାଳପାଇଁ ନରକ ବାସ ହୁଏ ଏବଂ ପରିଶେଷରେ କହିଲେ ଏହିସବୁ କଥା ଆମ୍ଭେମାନେ "ଅନୁଶୁଶ୍ରୁମ" ଅର୍ଥାତ୍ ଶୁଣିଆସୁଅଛୁ ।

ଅର୍ଜୁନଙ୍କଠାରୁ ଏହିସବୁ ଯୁକ୍ତି ଶୁଣିବାମାତ୍ରେ, ବିଶେଷତଃ "ଅନୁଶୁଶ୍ରୁମ"କଥାଟି ଶୁଣି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତିରସ୍କାର କରି କହିଲେ:—

କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତଂ
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜ୍ଜୁନ । ୨ୟ-୨
କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ! ନୈତତ୍ତ୍ୱୟ୍ୟୁପପଦ୍ୟତେ
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ।୨ୟ-୩

ଅର୍ଥ ଏହି ବିଷମ ସମୟରେ ଏପରି ଅନାର୍ଯ୍ୟ-ସେବିତ, ଅସ୍ୱର୍ଗ ଓ ଅକୀର୍ତ୍ତିକର ମଳିନତା କେଉଁଠାରୁ ଆସି ତୁମଠାରେ ଉପସ୍ଥିତ ହେଲା ? ହେ କୌନ୍ତେୟ ! କ୍ଳୀବତା ଅବଲମ୍ବନ କରନାହିଁ ; ଏହା ତୁମ ପକ୍ଷରେ ଉପଯୁକ୍ତ ନୁହେ । କ୍ଷୁଦ୍ର ହୃଦୟ ଦୁର୍ବଳତା ପରିତ୍ୟାଗ କରି ନିଜର କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।

ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଯେଉଁମାନଙ୍କର କର୍ମସବୁ ନିଜର ପବିତ୍ର ବିବେକ ବୁଦ୍ଧି ଉପରେ ପ୍ରତିଷ୍ଠିତ ନହୋଇ କେବଳ ଅନୁଶୁଶ୍ରୁମ ଉପରେ ବା ବିଶ୍ୱାସ ଉପରେ ବା ଶୁଣିବା କଥା ଉପରେ ବା ଶାସ୍ତ୍ରଜ୍ଞାନ ଉପରେ କିମ୍ବା ଦେଶାଚାର, କୁଳାଚାର ଇତ୍ୟାଦିର ଅନ୍ଧଅନୁସରଣ ଉପରେ ପ୍ରତିଷ୍ଠିତ ସେମାନେ ପ୍ରକୃତରେ ଅନାର୍ଯ୍ୟ ଅଟନ୍ତି । ଶୁଣିବା କଥାକୁ ସତ୍ୟ ମନେକରି ଅର୍ଥାତ୍ ଅତୀତର ଅନ୍ଧ ଅନୁସରଣକୁ ଏକମାତ୍ର ଧର୍ମ ମନେକରି ଅର୍ଜୁନ ନିଜର ସ୍ୱଭାବ-ନିୟତ କର୍ମ ପରିତ୍ୟାଗ କରିବାକୁ ବସିଥିବାରୁ ଏପରି କର୍ମତ୍ୟାଗକୁ ଶ୍ରୀକୃଷ୍ଣ କ୍ଳୀବତା ବା ଜଡ଼ତା କହିଅଛନ୍ତି । ଶ୍ରୀକୃଷ୍ଣ ଯାହା କହିଲେ ତାହାର ସାରାଂଶ ଏହିକି ହେ ଅର୍ଜୁନ ! "ଅନୁଶୁଶ୍ରୁମ" ଅର୍ଥାତ୍ ଆମ୍ଭେମାନେ ଶୁଣିଆସୁଅଛୁଁ ଏପରି ଅନାର୍ଯ୍ୟ-ସେବିତ କାରଣ ପ୍ରଦର୍ଶାଇ ଜଡ଼ତା ଅବଲମ୍ବନ କରିବା ତୁମ୍ଭପରି ଆର୍ଯ୍ୟ ପକ୍ଷରେ ଶୋଭନୀୟ ନୁହେ । ଏହି ଅତଜନୋଚିତ ହୃଦୟ-ଦୁର୍ବଳତା ପରିତ୍ୟାଗ କରି ନିଜର ସ୍ୱଭାବ-ନିୟତ ଜୀବନ-ଯୁଦ୍ଧରେ ଅଗ୍ରସର ହୁଅ ।

ଅର୍ଜୁନଙ୍କଠାରୁ "ଅନୁଶୁଶ୍ରୁମ" ଯୁକ୍ତିଟି ଶୁଣିବାର ଠିକ୍ ପରେ ଶ୍ରୀକୃଷ୍ଣ ତାଙ୍କୁ କିପରି ସୁକୌଶଳରେ ଅନାର୍ଯ୍ୟ, କ୍ଳୀବ ଓ କ୍ଷୁଦ୍ର ବୋଲି ତିରସ୍କାର କରିଅଛନ୍ତି ତାହା ଭଲକରି ବୁଝନ୍ତୁ । ଏପରି ତିରସ୍କାର କରିବାର ଅନ୍ୟ କୌଣସି କାରଣ ଥିଲେ ତାହା ଆପତ୍ତିକାରୀମାନଙ୍କ ଠାରୁ ବୁଝିନେଇ ନିଜର ସଂଶୟ ଦୂର କରନ୍ତୁ ।

ଜନସାଧାରଣ ମଧ୍ୟ ଅର୍ଜୁନଙ୍କ ପରି କେବଳ "ଅନୁଶୁଶ୍ରୁମ" ଉପରେ ନିର୍ଭର କରି ନିଜ ନିଜର ସ୍ୱଭାବ-ନିୟତ କର୍ମରେ ଅଗ୍ରସର ହୋଇ ପାରୁନାହାନ୍ତି । ଜନସାଧାରଣ ଏବଂ ଅର୍ଜୁନଙ୍କ ମଧ୍ୟରେ କେବଳ ଏତିକି ପାର୍ଥକ୍ୟ ଯେ ନିଜର ସ୍ୱଭାବ-ନିୟତ କର୍ମରେ ଅଗ୍ରସର ହୋଇ ନପାରିବାରୁ

ଅର୍ଜ୍ଜୁନଙ୍କ ମନରେ ସଂଶୟ ଉପସ୍ଥିତ ହୋଇଥିଲା ଏବଂ ସେହି ସଂଶୟ ଦୂର କରିବାପାଇଁ ସେ ଶ୍ରୀକୃଷ୍ଣଙ୍କୁ ଗୁରୁଭାବରେ ଗ୍ରହଣ କରିଥିଲେ । ମାତ୍ର ଜନସାଧାରଣଙ୍କ ମନରେ ସେପରି ସଂଶୟ ଆସୁନାହିଁ ଏବଂ କାହାରି କାହାରି ମନରେ ଆସିଲେ ମଧ୍ୟ ତାହା ଦୂର କରିବାପାଇଁ ସେମାନେ ଚେଷ୍ଟା କରୁ-ନାହାନ୍ତି । କାହିଁକି ଆସୁନାହିଁ ଓ କାହିଁକି ଚେଷ୍ଟା କରୁନାହାନ୍ତି ତାହାର ମୂଳକାରଣ ଏହିକି ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ନିଜର ଚିରସଖା ବୋଲି ଗ୍ରହଣ କରିଥିଲେ, ମାତ୍ର ଜନସାଧାରଣ ଶ୍ରୀକୃଷ୍ଣଙ୍କ ସହିତ କୌଣସି ସମ୍ବନ୍ଧ ରଖିନାହାନ୍ତି । ସେମାନଙ୍କର ଏକମାତ୍ର ସମ୍ବନ୍ଧ କେବଳ ସେହି "ଅନୁକ୍ରୋଶ୍ୟମ" ସହିତ ।

ଯେଉଁ କେତୋଟି କାରଣ ପ୍ରଦର୍ଶାଇ ଅର୍ଜ୍ଜୁନ ଯୁଦ୍ଧରୁ ନିବୃତ୍ତ ହୋଇଥିଲେ ସେହି ସବୁ କାରଣର ମୂଳ କାରଣ ହେଉଛି "ଅନୁକ୍ରୋଶ୍ୟମ" । ଅତଏବ ଅର୍ଜ୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣ ନିଶ୍ଚୟ ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ଅନୁକ୍ରୋଶ୍ୟମ ଏହି ମୂଳ କାରଣକୁ ଖଣ୍ଡନ କରିଅଛନ୍ତି, ଏଥିରେ ସନ୍ଦେହ ନାହିଁ । ସେପରି ଭାବରେ ଖଣ୍ଡନ କରିଅଛନ୍ତି ତାହା ସମ୍ପୂର୍ଣ୍ଣରୂପେ ବର୍ଣ୍ଣନା କରିବା ଅସମ୍ଭବ ହେଲେ ମଧ୍ୟ ମୂଳରୁ ଆରମ୍ଭ କରି ଯେଉଁ କେତୋଟି କଥା ନିମ୍ନରେ ଲେଖାଗଲା ତାହା ସଂଶୟଶୂନ୍ୟ ହୋଇ ବୁଝିଲେ ସତ୍ୟାନ୍ୱେଷୀ ପାଠକମାନଙ୍କର ବହୁ ଉପକାର ସାଧିତ ହେବ ।

ଦ୍ୱିତୀୟ ଅଧ୍ୟାୟର ୪୨, ୪୩ ଓ ୪୪ ଏହି ତିନୋଟି ଶ୍ଳୋକରେ ଶ୍ରୀକୃଷ୍ଣ ସର୍ବପ୍ରଥମେ ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ ଅନୁସରଣ ବିରୁଦ୍ଧରେ ସ୍ପଷ୍ଟାକ୍ଷରରେ କହିଅଛନ୍ତି । ସେହି ତିନୋଟି ଶ୍ଳୋକର ଅନୁବାଦ ଦିଆଗଲା :—

ହେ ପାର୍ଥ ! ଯେଉଁମାନେ ବେଦବାଦରେ ରତ ଥାଆନ୍ତି, ବେଦ ବ୍ୟତୀତ ଅନ୍ୟକିଛି ନାହିଁ ବୋଲି କହନ୍ତି, କାମ ଯେଉଁମାନଙ୍କର ଆତ୍ମା, ସ୍ୱର୍ଗ ଯେଉଁମାନଙ୍କର ଲକ୍ଷ୍ୟ, ସେହି ଅବିବେକୀମାନେ ବା ମୂଢ଼ମାନେ ଜନ୍ମ, କର୍ମ ଓ କର୍ମଫଳ ପ୍ରଦାନ କରୁଥିବା, ଯଜ୍ଞାଦି କ୍ରିୟା ବିଶେଷରେ ପୂର୍ଣ୍ଣଥିବା, ଭୋଗ ଓ ଐଶ୍ୱର୍ଯ୍ୟ ପାଇବାର ପଥ ସ୍ୱରୂପ ହୋଇଥିବା ଯେଉଁ ଶ୍ରୁତିମଧୁର କଥାଗୁଡ଼ିକ କହନ୍ତି ତଦ୍ଦ୍ୱାରା ଅପହୃତଚିତ୍ତ ଭୋଗୈଶ୍ୱର୍ଯ୍ୟ ପ୍ରସକ୍ତ ବ୍ୟକ୍ତିମାନ-ଙ୍କର ବ୍ୟବସାୟାତ୍ମିକା ବୁଦ୍ଧି ସମାଧିରେ ରହିପାରେ ନାହିଁ ।

ତାପର ଶ୍ଳୋକରେ ବେଦସବୁ ତ୍ରୈଗୁଣ୍ୟ ବିଷୟକ ବୋଲି କହି ଅର୍ଜ୍ଜୁନଙ୍କୁ ନିସ୍ତ୍ରୈଗୁଣ୍ୟ ହେବାକୁ ଅର୍ଥାତ୍ ବେଦସବୁ ସହିତ କୌଣସି ସମ୍ବନ୍ଧ ନ ରଖିବାକୁ କହିଅଛନ୍ତି ।

ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜ୍ଜୁନ । ୨ଯ଼ୁ-୪୫
ତାପର ଶ୍ଳୋକରେ ବେଦ ସବୁରେ କୌଣସି ପ୍ରୟୋଜନ ନାହିଁ ବୋଲି କହିଅଛନ୍ତି—

ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ । ୨ଯ଼ୁ-୪୬
ତାପରେ ଶୁଣିବା କଥାରୁ ଉଦାସୀନ ରହିବାକୁ ସ୍ପଷ୍ଟାକ୍ଷରରେ କହିଅଛନ୍ତି:—

ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ।୨ଯ଼ୁ-୫୨

ଅର୍ଥ—ଯେତେବେଳେ ତୁମ୍ଭର ବୁଦ୍ଧି ମୋହରୂପ ଜଟିଳତାକୁ ଅତିକ୍ରମ କରିବ ସେତେବେଳେ ତୁମ୍ଭେ ଯାହା ଶୁଣିଅଛ ଓ ଯାହା ଶୁଣିବାକୁ ଇଚ୍ଛାକରୁଅଛ ସେଥିରୁ ଉଦାସୀନ ରହିବ । ତାପର ଶ୍ଳୋକରେ କହିଅଛନ୍ତି:—

ଶ୍ରୁତି-ବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି । ୨ଯ଼ୁ-୫୩

ଅର୍ଥ—ଶ୍ରୁତି ବା ଶୁଣିବା କଥା ବା ବେଦ ବା ଶାସ୍ତ୍ରଜ୍ଞାନ ବା ପୁସ୍ତକଗତ ଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଯେତେବେଳେ ସ୍ଥିର ଓ ଅଚଳ ରହିବ ସେତେବେଳେ ଯାଇ ତୁମ୍ଭେ ଯୋଗ ପାଇପାରିବ ।

ପୂର୍ବୋକ୍ତ 'ତାବାନ୍ ସର୍ବେଷୁ ବେଦେଷୁ ୨ଯ଼ୁ-୪୬' 'ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ୨ଯ଼ୁ-୫୨' 'ଶ୍ରୁତି-ବିପ୍ରତିପନ୍ନା ୨ଯ଼ୁ-୫୩' ଏହିସବୁ କଥା ଦ୍ୱାରା ଅର୍ଜ୍ଜୁନଙ୍କ ପ୍ରଦର୍ଶିତ "ଅନୁଶୁଶ୍ରୁମ" କଥାଟିକୁ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ଖଣ୍ଡନ କରିଅଛନ୍ତି । ଯଦି ଅନ୍ୟ କୌଣସି ଅଭିପ୍ରାୟରେ ବ୍ୟାସଦେବ

ଏହିସବୁ କଥା ବ୍ୟବହାର କରିଅଛନ୍ତି ତାହା ଆପତ୍ତିକାରୀମାନଙ୍କଠାରୁ ବୁଝିନଅନ୍ତୁ । ଏହିସବୁ କଥା ବୁଝିବାପାଇଁ ଶାସ୍ତ୍ରଜ୍ଞାନର କୌଣସି ପ୍ରୟୋଜନ ନାହିଁ ।

ଶୁଣିବା କଥା ଉପରେ ନିର୍ଭର କରି ଅର୍ଥାତ୍ ଶାସ୍ତ୍ରର ପ୍ରକୃତମର୍ମ ନବୁଝି କର୍ମବନ୍ଧନରୁ ମୁକ୍ତ ହେବା ଆଶାରେ ଲୋକେ ତଥାକଥିତ ସନ୍ୟାସ ଅବଲମ୍ବନ କରନ୍ତି ବୋଲି ଶ୍ରୀକୃଷ୍ଣ ସେପରି ସନ୍ୟାସର ବିରୁଦ୍ଧରେ ସ୍ପଷ୍ଟାକ୍ଷରରେ କହିଅଛନ୍ତି ।

ନ ଚ ସନ୍ୟାସନାଦେବ ସିଦ୍ଧିଂ ସମଧିଗଚ୍ଛତି । ୩ୟ-୪

ଅର୍ଥ—କେବଳ ସନ୍ୟାସ ଅବଲମ୍ବନ କରି ମନୁଷ୍ୟ ସିଦ୍ଧି ପାଇ ପାରେନାହିଁ ।

ଶୁଣିବା କଥା ଉପରେ ନିର୍ଭର କରି ତଥାକଥିତ ଧର୍ମ ଅର୍ଜନ କରିବା ଆଶାରେ କିମ୍ବା ଲୋକଚକ୍ଷୁରେ ଧାର୍ମିକ ବୋଲାଇବା ଅଭିପ୍ରାୟରେ ଲୋକେ କର୍ମେନ୍ଦ୍ରିୟ ସବୁ ଦମନକରି ମନେ ମନେ ଇନ୍ଦ୍ରିୟମାନଙ୍କର ବିଷୟ ସବୁ ଚିନ୍ତା କରନ୍ତି ବୋଲି ସେପରି କର୍ମେନ୍ଦ୍ରିୟ ଦମନକାରୀମାନଙ୍କୁ ଶ୍ରୀକୃଷ୍ଣ ବିମୂଢାତ୍ମା ଓ ମିଥ୍ୟାଚାରୀ ବୋଲି କହିଅଛନ୍ତି ।

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ । ୩ୟ-୬
ଚତୁର୍ଥ ଅଧ୍ୟାୟ ଆରମ୍ଭରେ ଅନୁଶ୍ରୁତିର ବିଷମୟ ଫଳ ଶ୍ରୀକୃଷ୍ଣ ପରିଷ୍କାର ଭାବରେ କହିଅଛନ୍ତି ।
ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟଂ
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ । ୪ର୍ଥ-୧
ଏବଂ ପରମ୍ପରା ପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ । ୪ର୍ଥ-୨

ଅର୍ଥ—ଏହି ଅବ୍ୟୟ ଯୋଗ ମୁଁ ବିବସ୍ୱାନଙ୍କୁ କହିଥିଲି, ବିବସ୍ୱାନ ମନୁଙ୍କୁ କହିଥିଲେ ଏବଂ ମନୁ ଇକ୍ଷାକୁଙ୍କୁ କହିଥିଲେ । ରାଜର୍ଷିମାନେ ଏହିପରି

ପରମ୍ପରା କ୍ରମେ ଶୁଣି ଆସୁଥିବା ଫଳରେ ସେହି ଯୋଗ ବା ଗୀତା-ଧର୍ମ କାଳର ପ୍ରଭାବରୁ ନଷ୍ଟହୋଇ ଯାଇଅଛି ।

ବର୍ଣ୍ଣାଶ୍ରମଧର୍ମ ମଧ୍ୟ ସେହି ଅନୁଶୁଶ୍ରୂମ ଫଳରେ ଅନେକଦିନ ହେଲା ତାହାର ସାର୍ବଜନୀନତା ହରାଇ ସଙ୍କୀର୍ଣ୍ଣ ହିନ୍ଦୁଧର୍ମରେ ପରିଣତ ହୋଇଅଛି । ହିନ୍ଦୁଧର୍ମ ଏହି ନାମଟି କୌଣସି ଶାସ୍ତ୍ରରେ ଅଛି କି ? ଯଦି ନାହିଁ, ତେବେ ଆମ୍ଭେମାନେ ନିଜକୁ ଏପରି ନାମରେ ନାମିତ କଲୁଁ କେତେଦିନ ହେଲା ଏବଂ କାହିଁକି ? ଟିକେ ଭାବନ୍ତୁ । ବର୍ଣ୍ଣଧର୍ମ ଓ ଆଶ୍ରମଧର୍ମ ଉଭୟ ସାର୍ବଜନୀନ ଏକଥା ଆଜି ଭଲକରି ବୁଝନ୍ତୁ ଏବଂ ନିଜର ଧର୍ମ ରକ୍ଷା କରିବାକୁ ଯଦି କର୍ତ୍ତବ୍ୟ ବୋଧ କରନ୍ତି, ତେବେ ନିଜକୁ ଏଣିକି ହିନ୍ଦୁ ବୋଲି ନକହି, ସାର୍ବଜନୀନ ବର୍ଣ୍ଣାଶ୍ରମ ଧର୍ମର ପ୍ରତିଷ୍ଠା କରିବାକୁ ଯତ୍ନବାନ୍ ହୁଅନ୍ତୁ ।

ଚାତୁର୍ବର୍ଣ୍ଣ୍ୟ ଉପରେ ପ୍ରତିଷ୍ଠିତ ସାର୍ବଜନୀନ ବର୍ଣ୍ଣଧର୍ମ ମଧ୍ୟ ଅନୁଶୁଶ୍ରୂମ ଫଳରେ ତାହାର ସାର୍ବଜନୀନତା ହରାଇ ବ୍ରାହ୍ମଣାଦି ଚାରିବର୍ଣ୍ଣରେ ପରିଣତ ହୋଇଥିବାରୁ ସେହି ତଥାକଥିତ ବର୍ଣ୍ଣଧର୍ମ ନଷ୍ଟ ହୋଇଯିବ ବୋଲି ଆଶଙ୍କା କରି ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିବାରୁ ଅର୍ଜୁନଙ୍କର ଏହି ଯୁକ୍ତିକୁ ଖଣ୍ଡନ କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ ସୁକୌଶଳରେ "ଚାତୁର୍ବର୍ଣ୍ଣ୍ୟ" କଥାଟି ବ୍ୟବହାର କରି କହିଅଛନ୍ତି :—

ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟଂ । ୪ର୍ଥ-୧୩

ଅର୍ଥ—ଗୁଣ ଓ କର୍ମର ବିଭାଗରୁ ଚାତୁର୍ବର୍ଣ୍ଣ୍ୟ କଥାଟି ମୋ ଦ୍ୱାରା ସୃଷ୍ଟି ହୋଇଅଛି । ମୁଁ ତାହାର କର୍ତ୍ତା ହୋଇଥିଲେ ମଧ୍ୟ ମୋତେ ତାହାର ଅକର୍ତ୍ତା ବୋଲି ଜାଣ ।

ବର୍ଣ୍ଣାଶ୍ରମଧର୍ମ ବିଷୟରେ କିମ୍ବା ବର୍ଣ୍ଣ ବିଷୟରେ ଶ୍ରୀକୃଷ୍ଣ ଗୀତାରେ କୌଣସିଠାରେ କିଛି କହିନଥିବାରୁ, ଚାତୁର୍ବର୍ଣ୍ଣ୍ୟ କଥାଟି ସେ ଏଠାରେ କେଉଁ ଅଭିପ୍ରାୟରେ ବ୍ୟବହାର କରିଅଛନ୍ତି ଏବଂ ସେ ନିଜେ ଚାତୁର୍ବର୍ଣ୍ଣ୍ୟର କର୍ତ୍ତା ଅଟନ୍ତି ବୋଲି କହି ତାଙ୍କୁ ଏହାର ଅକର୍ତ୍ତା ବୋଲି ଜାଣିବାକୁ କହିବାର ଅଭିପ୍ରାୟ କଅଣ ତାହା ଟିକେ ଭାବିବା ଆବଶ୍ୟକ ।

*

ପ୍ରକୃତ କଥା ଏହିକି ଅର୍ଜୁନ କହିଥିବା ବର୍ଣ୍ଣଧର୍ମ କଥାଟିକୁ ଖଣ୍ଡନ କରିବା ଅଭିପ୍ରାୟରେ ଏବଂ ତାଙ୍କଦ୍ୱାରା ସୃଷ୍ଟ ସାର୍ବଜନୀନ ଚାତୁର୍ବର୍ଣ୍ଣ୍ୟ କଥାଟିରୁ ଅର୍ଜୁନ ରହିଥିବା ସଙ୍କୀର୍ଣ୍ଣ ବର୍ଣ୍ଣଧର୍ମର ଉତ୍ପତ୍ତି ହୋଇଅଛି, ଏହି କଥା ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ ଏଠାରେ ଚାତୁର୍ବର୍ଣ୍ଣ୍ୟ କଥାଟି ବ୍ୟବହାର କରିଅଛନ୍ତି । ଚାତୁର୍ବର୍ଣ୍ଣ୍ୟ କଥାଟିକୁ ସେ ସମସ୍ତ ମାନବ ଜାତିରେ ସୃଷ୍ଟି କରିଅଛନ୍ତି । ମାତ୍ର ପ୍ରତ୍ୟେକ ମନୁଷ୍ୟ ନିଜର ପୂର୍ବ ପୂର୍ବ ଜନ୍ମର ଫଳସ୍ୱରୂପ ନିଜର ପ୍ରତ୍ୟେକ ବିଷୟର ତଥା ଚାତୁର୍ବର୍ଣ୍ଣ୍ୟର କର୍ତ୍ତା ଅଟନ୍ତି ।

ଅଷ୍ଟାଦଶ ଅଧ୍ୟାୟ ତେୟାଳିଶରୁ ପଇଁତାଳିଶ ଏହି ତିନୋଟି ଶ୍ଳୋକରେ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ରମାନଙ୍କର କର୍ମ ସ୍ୱଭାବଜାତ ବୋଲି କହି ଶ୍ରୀକୃଷ୍ଣ ବୁଝାଇଦେଇ ଅଛନ୍ତି ଯେ, ବ୍ରାହ୍ମଣାଦି ଚାରିବର୍ଣ୍ଣରେ ବିଭକ୍ତ ହୋଇଥିବା ସମସ୍ତ ମାନବ ଜାତିର କର୍ମ ସମ୍ପୂର୍ଣ୍ଣରୂପେ ବ୍ୟକ୍ତିଗତ ଅଟେ—ଜାତିଗତ ବା ସମ୍ପ୍ରଦାୟଗତ କଦାଚ ନୁହେଁ ।

ଚାତୁର୍ବର୍ଣ୍ଣ୍ୟ କଥାଟିର ଅର୍ଥ ହେଉଛି ଚାରିବର୍ଣ୍ଣର ଭାବ । ଜାତି-ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟକୁ ଆଧ୍ୟାତ୍ମିକ ଶିକ୍ଷା କରିବାକୁ ହୁଏ, ଆତ୍ମରକ୍ଷାପାଇଁ ଅନ୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ହୁଏ । ପରିବାର ଭରଣ ପୋଷଣ ପାଇଁ କୃଷି, ଗୋରକ୍ଷା ଓ ବାଣିଜ୍ୟ କରିବାକୁ ହୁଏ, ଦୁର୍ବଳ ଓ ଅସୁସ୍ଥ ବ୍ୟକ୍ତିର ସେବା କରିବାକୁ ହୁଏ । ଏପରି କରିବାକୁ କାହାରିକୁ କୌଣସି ଶାସ୍ତ୍ର କୁହେ ନାହିଁ—ଏହା ସ୍ୱାଭାବିକ । ସ୍ୱଭାବସ୍ଥ ପ୍ରବୃତ୍ତିରେ (୪୭-୧୮) କଥାଟି ବୁଝନ୍ତୁ । ଅତଏବ ଚାତୁର୍ବର୍ଣ୍ଣ୍ୟ କଥାଟି ପ୍ରତ୍ୟେକ ମନୁଷ୍ୟଠାରେ ରହିଥିବାରୁ ଏହା ସାର୍ବଜନୀନ ଅଟେ ।

ଆଶ୍ରମଧର୍ମ ଅର୍ଥାତ୍, ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ-ଧର୍ମ କିପରି ଭାବରେ ପ୍ରତ୍ୟେକ ମନୁଷ୍ୟଠାରେ ରହିଛି ଏବଂ ଜାତି-ଧର୍ମ ନିର୍ବିଶେଷରେ ତାହା କିପରି ଭାବରେ ପ୍ରତ୍ୟେକ ମନୁଷ୍ୟର ଗ୍ରହଣୀୟ ଓ ପ୍ରତ୍ୟେକ ସମାଜର ମଙ୍ଗଳପ୍ରଦ ତାହା ଲେଖିବା ଅନାବଶ୍ୟକ । ଏହି ସବୁ ବିଷୟ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । କେବଳ ଶ୍ରୀକୃଷ୍ଣ ଏହି ଶ୍ଳୋକରେ ବ୍ୟବହାର କରିଥିବା ଚାତୁର୍ବର୍ଣ୍ଣ୍ୟ କଥାଟିକୁ ଗୀତାର ଟୀକା-କାରମାନେ ତାହାର ସାର୍ବଜନୀନ ଅର୍ଥରୁ ଟାଣିଆଣି ଭାରତବର୍ଷର

ବ୍ରାହ୍ମଣାଦି ବୃତ୍ତିବର୍ଣ୍ଣ ବୋଲି ଅର୍ଥ କରିଥିବାରୁ ଏ ବିଷୟର ଆଲୋଚନା କରାଗଲା । ମୋର "ସଙ୍କରରୁ ବର୍ଣ୍ଣସଙ୍କର" ନାମକ ବହିରେ ମଧ୍ୟ ମୁଁ ଏ ବିଷୟ ଲେଖିଛି ।

ବିଭିନ୍ନ ଦେବତାପୂଜାକୁ ମଧ୍ୟ ଶ୍ରୀକୃଷ୍ଣ ସମର୍ଥନ କରିନାହାନ୍ତି । କାରଣ ତାହା ଅନୁଶୁଶ୍ରୁମ ଉପରେ ପ୍ରତିଷ୍ଠିତ ।

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟ ଦେବତା । ୭ମ-୨୦
ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ
ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟ ବିଧିପୂର୍ବକଂ । (୯ମ-୨୩)

ଅର୍ଥ—ନିଜ ନିଜର କାମନାଦ୍ୱାରା ହୃତଜ୍ଞାନ ହୋଇ ଲୋକେ ଭିନ୍ନ ଭିନ୍ନ ଦେବତା ପୂଜା କରନ୍ତି । (୭ମ-୨୦)

ଯେଉଁ ଭକ୍ତମାନେ ଶ୍ରଦ୍ଧା ସହକାରେ (ମୋତେ ପୂଜା ନକରି) ଅନ୍ୟ ଦେବତା ପୂଜା କରନ୍ତି ସେମାନେ ମଧ୍ୟ ମୋତେ ପୂଜା କରନ୍ତି; ମାତ୍ର ସେପରି ପୂଜା ମୋ ପୂଜାର ପ୍ରକୃତ ବିଧି ନୁହେଁ । (୯ମ-୨୩)

( ଏହି ଦୁଇଟି ଶ୍ଳୋକରେ ଥିବା ହୃତଜ୍ଞାନାଃ ଓ ଅବିଧିପୂର୍ବକଂ ଏହି ଦୁଇଟି କଥାରୁ ବୁଝିହୁଏ ଯେ ଦେବତା ପୂଜାକୁ ଶ୍ରୀକୃଷ୍ଣ ସମର୍ଥନ କରୁନାହାନ୍ତି । )

ଶ୍ରଦ୍ଧା ସହକାରେ ଯେଉଁମାନେ ଦେବତାପୂଜା କରନ୍ତି ସେପରି ପୂଜା ଶ୍ରୀକୃଷ୍ଣଙ୍କ ପୂଜାର ପ୍ରକୃତ ବିଧି ନହେଲେ ମଧ୍ୟ ଶ୍ରୀକୃଷ୍ଣ ତାହା ସମର୍ଥନ କରୁଅଛନ୍ତି । ମାତ୍ର ଶ୍ରଦ୍ଧା-ବିରହିତ ଦେବତା ପୂଜାକୁ ଅର୍ଥାତ୍ ଦେବତା ପୂଜାର ଅନ୍ଧ ଅନୁସରଣକୁ ଶ୍ରୀକୃଷ୍ଣ ସମର୍ଥନ କରୁନାହାନ୍ତି ।

ଏହି ଶ୍ଳୋକରେ ଥିବା ଶ୍ରଦ୍ଧା କଥାଟିକୁ ଗୀତାର ଟୀକାକାରମାନେ ବିଶ୍ୱାସ ବୋଲି ଅର୍ଥ କରିଅଛନ୍ତି । ମାତ୍ର ଶ୍ରଦ୍ଧା କଥାଟିର ଅର୍ଥ ବିଶ୍ୱାସ ନୁହେଁ । ବିଶ୍ୱାସ ପରିବର୍ତ୍ତେ ସତ୍ୟର ପ୍ରତିଷ୍ଠା କରିବାହିଁ ବ୍ୟାସଦେବଙ୍କର ଅଭିପ୍ରାୟ ଓ ଗୀତା-ଧର୍ମର ବିଶେଷତ୍ୱ । ଶ୍ରଦ୍ଧା କଥାଟି ଗୀତାରେ ଗୋଟିଏ

ପ୍ରଧାନ କଥା । ସେହି ଶ୍ରଦ୍ଧା କଥାଟିକୁ କାଳେ ଲୋକେ ବିଶ୍ୱାସ ବୋଲି ବୁଝିବେ ସେଥିପାଇଁ ଶ୍ରଦ୍ଧା କାହାକୁ କହନ୍ତି ତାହା ଶ୍ରୀକୃଷ୍ଣ ନିମ୍ନଲିଖିତ ତିନୋଟି ଧାଡ଼ିରେ ପରିଷ୍କାର ଭାବରେ ବୁଝାଇ ଦେଇଅଛନ୍ତି ।

ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା । ୧୭ଶ-୨

ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ

ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ । ୧୭ଶ ୩

ଅର୍ଥ—ଶ୍ରଦ୍ଧା ତିନିପ୍ରକାର, ତାହା ଦେହୀମାନଙ୍କର ସ୍ୱଭାବରୁ ଜାତ । ହେ ଭାରତ ! ଶ୍ରଦ୍ଧା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର ସତ୍ତ୍ୱର ଅନୁରୂପ । ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଶ୍ରଦ୍ଧାମୟ, ଯେଉଁ ବ୍ୟକ୍ତିଙ୍କର ଶ୍ରଦ୍ଧା ଯାହା ସେ ତାହାହିଁ ଅଟନ୍ତି ।

ଶ୍ରୀକୃଷ୍ଣ କହିଲେ ଶ୍ରଦ୍ଧା ହେଉଛି ସ୍ୱଭାବରୁ ଜାତ ଓ ସତ୍ତ୍ୱର ଅନୁରୂପ । ଅତଏବ ଶ୍ରଦ୍ଧା କଥାଟିର ପ୍ରକୃତ ଅର୍ଥ ବୁଝିବାକୁ ହେଲେ ସ୍ୱଭାବରୁ ଜାତ ଓ ସତ୍ତ୍ୱ ଏହି ଦୁଇଟି କଥାର ଅର୍ଥ ବୁଝିବା ଆବଶ୍ୟକ । ସ୍ୱଭାବରୁ ଜାତ ଏହି କଥାଟିର ଅର୍ଥ ହେଉଛି ପୂର୍ବ ପୂର୍ବଜନ୍ମର ସଂସ୍କାରରୁ ଜାତ । ବର୍ତ୍ତମାନ ସତ୍ତ୍ୱ ଏହି କଥାଟିର ଆଲୋଚନା କରାଯାଉ ।

ଦ୍ୱିତୀୟ ଅଧ୍ୟାୟ ପଇଁତାଳିଶ ଶ୍ଳୋକରେ ମଧ୍ୟ ସତ୍ତ୍ୱ କଥାଟି ବ୍ୟବହୃତ ହୋଇଅଛି । ସେହି ଶ୍ଳୋକରେ ଥିବା ସତ୍ତ୍ୱସ୍ଥ କଥାଟିର ଅର୍ଥ ଯାହା ଏଠାରେ ସତ୍ତ୍ୱାନୁରୂପା କଥାଟିର ଅର୍ଥ ତାହା । ସେହି ଶ୍ଳୋକଟି ହେଉଛି—

ତ୍ରୈଗୁଣ୍ୟ ବିଷୟା ବେଦାଃ ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ

ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗ କ୍ଷେମ ଆତ୍ମବାନ୍ । ୨ୟ-୪୫

ଅର୍ଥ—ହେ ଅର୍ଜୁନ ! ତୁମ୍ଭେ ନିସ୍ତ୍ରୈଗୁଣ୍ୟ ହୁଅ ଅର୍ଥାତ୍ ସତ୍ତ୍ୱ, ରଜ ଓ ତମ ଏହି ତିନି ଗୁଣରୁ ବହିର୍ଭୂତ ହୁଅ, ତୁମ୍ଭେ ସର୍ବଦା ସତ୍ତ୍ୱସ୍ଥ ହୁଅ; ଇତ୍ୟାଦି ।

ଏଠାରେ ଥିବା ସତ୍ତ୍ୱସ୍ଥ କଥାଟିକୁ ଟୀକାକାରମାନେ ପ୍ରାୟ ସମସ୍ତେ ଅର୍ଥ କରିଅଛନ୍ତି—"ସର୍ବଦା ସତ୍ତ୍ୱଗୁଣରେ ରହ" । ମାତ୍ର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସତ୍ତ୍ୱ, ରଜ ଓ ତମ ଏହି ତିନି ଗୁଣରୁ ବହିର୍ଭୂତ ହେବାକୁ କହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଏହି କଥାଟିକୁ କେତେ ଟୀକାକାର ଅର୍ଥ କରିଅଛନ୍ତି "ବ୍ରହ୍ମରେ ରହ"; ମହାତ୍ମା ଗାନ୍ଧି ଅର୍ଥ କରିଅଛନ୍ତି "ସତ୍ୟ ବସ୍ତୁରେ ରହ" । ମାତ୍ର ସତ୍ତ୍ୱସ୍ଥ ହେବା ଓ ବ୍ରହ୍ମରେ ରହିବା କିମ୍ବା ସତ୍ୟ ବସ୍ତୁରେ ରହିବା ଏ ଦୁହେଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କଥା । ପ୍ରକୃତ କଥା ଏହିକି ଏହି ଶ୍ଳୋକର ଠିକ୍ ପୂର୍ବବର୍ତ୍ତୀ ତିନୋଟି ଶ୍ଳୋକରେ ଶ୍ରୀକୃଷ୍ଣ ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ ଅନୁସରଣ ବିରୁଦ୍ଧରେ କହିଥିବାରୁ ସେ ଏଠାରେ ସତ୍ତ୍ୱସ୍ଥ ହେବାକୁ କହିଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ବେଦୋକ୍ତ ଯଜ୍ଞାଦି କର୍ମ କଲେ ଇହଲୋକରେ ଭୋଗ ଓ ଐଶ୍ୱର୍ଯ୍ୟ ମିଳେ ଏବଂ ପରଲୋକରେ ସ୍ୱର୍ଗଲାଭ ହୁଏ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସମସ୍ତେ ସେହି ଯଜ୍ଞାଦି କର୍ମର ଅନ୍ଧ ଅନୁସରଣ କରିବା ମଙ୍ଗଳପ୍ରଦ ନୁହେ । ଏପରି ଅନ୍ଧ ଅନୁସରଣରେ ସମୟର ଓ ଅର୍ଥର ଅପବ୍ୟବହାର ନକରି ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରକୃତ ଅବସ୍ଥା ପ୍ରତି ଦୃଷ୍ଟିରଖି ନିଜର ସ୍ୱଭାବ-ନିୟତ କର୍ମ କରିବା ଉଚିତ । ଅତଏବ ସତ୍ତ୍ୱସ୍ଥ ହେବାର ଅର୍ଥ ହେଉଛି ନିଜର ପ୍ରକୃତ ଅବସ୍ଥାରେ ରହି କର୍ମ କରିବା ଅର୍ଥାତ୍ ପରଧର୍ମର ଅନ୍ଧ ଅନୁସରଣ ନକରି ନିଜର ବ୍ୟକ୍ତିଗତ ସ୍ୱଧର୍ମ ପାଳନ କରିବା ।

ଶ୍ରଦ୍ଧା ସହକାରେ କର୍ମ କରିବା, ସତ୍ତ୍ୱାନୁରୂପ କର୍ମ କରିବା, ସତ୍ତ୍ୱସ୍ଥ ହୋଇ କର୍ମ କରିବା, ବୁଦ୍ଧିକୁ ଶ୍ରୁତି-ବିପ୍ରତିପନ୍ନା ଓ ବହୁ ଶାଖା ବିଶିଷ୍ଟ ନରଖି ବ୍ୟବସାୟାତ୍ମିକା କରିବା, ସ୍ୱଭାବ-ନିୟତ କର୍ମ କରିବା ଓ ସ୍ୱଧର୍ମ ପାଳନ କରିବା—ଏହିସବୁ କଥା ଗୀତାର ସର୍ବପ୍ରଧାନ କଥା ଓ ଏକାକଥା କହିଲେ ଚଳେ ।

ଅବ୍ୟକ୍ତ ଭଗବାନଙ୍କର ଉପାସନାକୁ ଶ୍ରୀକୃଷ୍ଣ ସମର୍ଥନ କରି ନାହାନ୍ତି, କାରଣ ତାହା ମଧ୍ୟ ସେହି ଅନୁଶ୍ରୁତି ଉପରେ ପ୍ରତିଷ୍ଠିତ ।

କ୍ଳେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାଂ । ୧୨-୫

ଏହି କଥାଟିର ଆଲୋଚନା ବିଶେଷ ଭାବରେ କରାଯାଇଅଛି । ଏହି ଆଲୋଚନାରୁ କେହି କେହି ମନେ କରିପାରନ୍ତି ଯେ ଅବ୍ୟକ୍ତ ଭଗବାନଙ୍କର ଅସ୍ତିତ୍ୱକୁ ଗୀତା-ଧର୍ମ ଅସ୍ୱୀକାର କରି କେବଳ ବ୍ୟକ୍ତ-ଭଗବାନ ଶ୍ରୀକୃଷ୍ଣଙ୍କର ଆଶ୍ରୟ ନେବାକୁ ଉପଦେଶ ଦେଇଅଛି । ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ଯେଉଁମାନେ ଅବ୍ୟକ୍ତ ଭଗବାନଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି ସେମାନଙ୍କୁ ଆସୁରଭାବାପନ୍ନ ବୋଲି ଶ୍ରୀକୃଷ୍ଣ କହିଅଛନ୍ତି ।

ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରଂ । ୧୬ଶ-୮

ଅର୍ଥ—ଅସୁର ପ୍ରକୃତିର ବ୍ୟକ୍ତିମାନେ ସଂସାରକୁ ସତ୍ୟ-ଶୂନ୍ୟ, ଭିତ୍ତି-ଶୂନ୍ୟ ଓ ଈଶ୍ୱର ଶୂନ୍ୟ ବୋଲି କହନ୍ତି । ଶ୍ରୀକୃଷ୍ଣ ପୁଣି କହିଅଛନ୍ତି:—

ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬

ଅର୍ଥ—ସ୍ୱକର୍ମ ଦ୍ୱାରା ଅର୍ଥାତ୍ ନିଜର ସ୍ୱଭାବ-ନିୟତ କର୍ମଦ୍ୱାରା ତାହାଙ୍କୁ ଅର୍ଥାତ୍ ଈଶ୍ୱରଙ୍କୁ ଅଭ୍ୟର୍ଚ୍ଚନା କରି ମନୁଷ୍ୟ ସିଦ୍ଧି ଲାଭ କରେ । ଶ୍ରୀକୃଷ୍ଣ ପୁଣି କହିଅଛନ୍ତି :—

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି
× × ×
ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ

ଅର୍ଥ—ଈଶ୍ୱର ସମସ୍ତଙ୍କର ହୃଦୟରେ ରହିଅଛନ୍ତି ।
× × ×
ସର୍ବତୋଭାବେ ତାଙ୍କର ଶରଣ ନିଅ ।

ବ୍ୟାସଦେବଙ୍କର ଅଭିପ୍ରାୟ ଏହିକି ମନୁଷ୍ୟସୃଷ୍ଟ ମନ୍ଦିର, ମସ୍‌ଜିଦ୍ ଗୀର୍ଜା ଇତ୍ୟାଦିରେ ଅବ୍ୟକ୍ତ ଈଶ୍ୱରଙ୍କର ଯେଉଁ ଉପାସନା ହୁଏ ତାହାର ଅନ୍ଧ ଅନୁସରଣ ନକରି ନିଜ ନିଜର ହୃଦୟ ରୂପ ମନ୍ଦିରରୁ ଈର୍ଷା, ହିଂସା, ଘୃଣା, ପରଶ୍ରୀକାତରତା, ମିଥ୍ୟା, କପଟତା ଇତ୍ୟାଦି ଆବର୍ଜ୍ଜନା ଦୂରକରି

ସେଠାରେ ଈଶ୍ୱରଙ୍କୁ ସ୍ଥାନ ଦିଅ ଏବଂ ସର୍ବତୋଭାବେ ସେହି ଈଶ୍ୱରଙ୍କର ଶରଣ ନିଅ । ଈଶ୍ୱରଙ୍କୁ ଶରଣ ନେବାକୁ କହିବାର ଠିକ୍ ପରେ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଓ ପରମ ଉପଦେଶରେ କହିଲେ "ମାମେକଂ ଶରଣଂ ବ୍ରଜ" ଅର୍ଥାତ୍ ମୋର ଏକମାତ୍ର ଶରଣ ନିଅ ।

ତାଙ୍କୁ ଅର୍ଥାତ୍ ଈଶ୍ୱରଙ୍କୁ ଶରଣ ନିଅ ଏବଂ ମୋତେ ଏକମାତ୍ର ଶରଣ ନିଅ ଏହି ଦୁଇଟି ସ୍ୱତନ୍ତ୍ର ଉପଦେଶ ମଧ୍ୟରୁ ମୋତେ ଏକମାତ୍ର ଶରଣ ନିଅ ଏହି ଉପଦେଶଟି ହେଉଛି ଶ୍ରୀକୃଷ୍ଣଙ୍କର ପରମ ଉପଦେଶ । ଈଶ୍ୱରଙ୍କୁ ଶରଣ ନେବାକୁ କହିବାର ଠିକ୍ ପରେ ମୋତେ ଏକମାତ୍ର ଶରଣ ନିଅ ଏପରି କହିବାର ଅଭିପ୍ରାୟ ହେଲା ନିଜର ସ୍ୱବିବେକ ବୁଦ୍ଧିର ଶରଣ ନେଇ ସତ୍ୟାସତ୍ୟ ଓ କାର୍ଯ୍ୟାକାର୍ଯ୍ୟ ସ୍ଥିର କରି ନିଜର ଜୀବନଯୁଦ୍ଧରେ ଅଗ୍ରସର ହେବାହିଁ ପ୍ରତ୍ୟେକ ମନୁଷ୍ୟର ସର୍ବପ୍ରଥମ କଥା ଓ ସର୍ବପ୍ରଧାନ କଥା । ଏପରି କଲେ ଈଶ୍ୱରଙ୍କର ଅନୁଭୂତି ଆପେ ଆପେ ଆସିବା ସ୍ୱାଭାବିକ । ମାତ୍ର ତାହା ନକରି ଅନ୍ଧ ଭାବରେ କେବଳ ଅବ୍ୟକ୍ତ ଭଗବାନଙ୍କର ଉପାସନାରେ ଆସକ୍ତ ରହିବା ଦୁଃଖଦାୟକ ଅଟେ—ଯାହା ପୂର୍ବେ କୁହାଯାଇଅଛି । ଶ୍ରୀକୃଷ୍ଣ ସେଇଥିପାଇଁ କହିଅଛନ୍ତି:—

ମତ୍ ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟଂ । ୧୮ଶ-୫୬
ବୁଦ୍ଧିଯୋଗ ମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ-୫୭
ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି । ୧୮ଶ-୫୮

ଅର୍ଥ—ମୋ ଅନୁଗ୍ରହରୁ ମନୁଷ୍ୟ ଶାଶ୍ୱତ ପଦ ଲାଭ କରେ । ଅତଏବ ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ । ମୋଠାରେ ଚିତ୍ତ ରଖିଲେ ମୋ ଅନୁଗ୍ରହରୁ ସବୁ ବିପଦ ଅତିକ୍ରମ କରିପାରିବ ।

ଉପରୋକ୍ତ ଶ୍ଳୋକମାନଙ୍କରେ ଥିବା ଏହି କେତୋଟି କଥାରୁ ବୁଝୁଁଛୁ ଯେ ବୁଦ୍ଧି ଯୋଗକୁ ଆଶ୍ରୟ କରିବା ହେଉଛି ଗୀତାର ସର୍ବପ୍ରଧାନ ଉପଦେଶ ଏବଂ ମନୁଷ୍ୟର ସର୍ବପ୍ରଧାନ କର୍ତ୍ତବ୍ୟ । ବୁଦ୍ଧିଯୋଗର ଆଶ୍ରୟ ନେଇ ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ରଖିପାରିଲେ ସେହି ଶ୍ରୀକୃଷ୍ଣ-ଭଗବାନଙ୍କର ଅନୁଗ୍ରହରୁ ମନୁଷ୍ୟ ଶାଶ୍ୱତ ପଦ ଲାଭ କରିବ ।

"ଅନୁଶୁଶ୍ରୁମ" ଏହି ସରଳ କଥାଟି ଅର୍ଜୁନଙ୍କ ମୁହଁରେ କୁହାଇବା ଦ୍ୱାରା ଅନ୍ଧଅନୁସରଣ ଉପରେ ପ୍ରତିଷ୍ଠିତ ସମସ୍ତ ତଥାକଥିତ ଧର୍ମରାଜ୍ୟରେ ବ୍ୟାସଦେବ ଯେଉଁ ବିପ୍ଳବ ସୃଷ୍ଟି କରିଯାଇଅଛନ୍ତି ତାହା ତାଙ୍କର ଜଗଦ୍‌ଗୁରୁ ଆଖ୍ୟାର ସମ୍ପୂର୍ଣ୍ଣ ପରିଚୟ ଦେଉଅଛି । ଜଗଦ୍‌ଗୁରୁଙ୍କର ଏହି ମୂଳମନ୍ତ୍ର ପ୍ରତି ଏକେବାରେ ଉଦାସୀନ ରହିବା ଫଳରୁ ଆମ୍ଭମାନଙ୍କୁ ଆଜି ଏହି ଦୁରବସ୍ଥା ଭୋଗକରିବାକୁ ହେଉଅଛି ଏବଂ ଯେତେଦିନ ପର୍ଯ୍ୟନ୍ତ ଅହଂକାରକୁ ଆଶ୍ରୟ କରି ଆମ୍ଭେମାନେ ଏହି ମୂଳମନ୍ତ୍ର ପ୍ରତି ପୂର୍ବପରି ଉଦାସୀନ ରହିଥିବା ସେତେଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ କେବଳ ଏହି ଦୁରବସ୍ଥା କାହିଁକି, ଅତୋଧିକ ଦୁରବସ୍ଥା ଭୋଗକରିବାକୁ ହେଉଥିବ, ଏଥିରେ ସନ୍ଦେହ ନାହିଁ । ଗୀତାର ମୂଳରେ ଥିବା "ଅନୁଶୁଶ୍ରୁମ" କଥାଟି ଯେପରି ଗୀତାର ମୂଳମନ୍ତ୍ର,ଗୀତାର ଶେଷରେ ଥିବା "ସର୍ବଧର୍ମାନ୍ ପରିତ୍ୟଜ୍ୟ" କଥାଟି ମଧ୍ୟ ଠିକ୍ ସେହିପରି ଗୀତାର ଶେଷମନ୍ତ୍ର । ଅନୁଶୁଶ୍ରୁମ ବିରୁଦ୍ଧରେ ସଂଗ୍ରାମ କରିବା ଏବଂ ଅନୁଶୁଶ୍ରୁମ ଉପରେ ପ୍ରତିଷ୍ଠିତ ସବୁ ପ୍ରକାର ସାମ୍ପ୍ରଦାୟିକ ଧର୍ମ ପରିତ୍ୟାଗ କରିବା, ଏ ଦୁହେଁ ଏକା କଥା ।

ଗୀତାର ମୂଳରେ ଥିବା ଅର୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକ ସହିତ ଗୀତାର ଶେଷରେ ଥିବା ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ କଥାଟିର ଯେଉଁ ଘନିଷ୍ଠ ସମ୍ବନ୍ଧ ଅଛି ଟୀକାକାରମାନେ ତଥା ଗୀତା ପାଠକମାନେ ସେଥିପ୍ରତି ଆଦୌ ଦୃଷ୍ଟି ଦେଇନାହାନ୍ତି । ଅର୍ଜୁନଙ୍କ ପ୍ରଦର୍ଶିତ କାରଣ କୋଉଟିକୁ ଖଣ୍ଡନ କରି ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ କଥା ଓ ପରମ କଥା କହିଅଛନ୍ତି—

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚଃ । ୧୮-୬୬

**ଅର୍ଥ**—ସବୁଧର୍ମ ପରିତ୍ୟାଗକରି ଏକମାତ୍ର ମୋର ଶରଣ ନଅ; ମୁଁ ତୁମ୍ଭକୁ ସବୁପାପରୁ ମୁକ୍ତ କରିବି, ଦୁଃଖ କର ନାହିଁ ।

ଅର୍ଜୁନ କହିଥିଲେ, "ସନାତନ କୁଳ; ସବୁ ଏବଂ ଜାତିଧର୍ମ, ସବୁ ନଷ୍ଟ ହୁଏ" ୧ମ-୪୩ ଏହି କାରଣକୁ ଖଣ୍ଡନ ଧର୍ମକରି ଶ୍ରୀକୃଷ୍ଣ କହିଲେ

"ସର୍ବଧର୍ମାନ୍ ପରିତ୍ୟଜ୍ୟ" ଅର୍ଥାତ୍ କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଇତ୍ୟାଦି ସବୁଧର୍ମ ପରିତ୍ୟାଗ କର । ଅର୍ଜୁନ କହିଥିଲେ, "ଅନୁଶୁଶ୍ରୁମ ଅର୍ଥାତ୍ ଆମ୍ଭେମାନେ ଶୁଣିଆସୁଅଛୁ ୧ମ-୪୪ ।" ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ କହିଲେ, "ମାମେକଂ ଶରଣଂ ବ୍ରଜ" ଅର୍ଥାତ୍ ଶୁଣିବା କଥା ଉପରେ ବା ବିଶ୍ୱାସ ଉପରେ ନିର୍ଭର ନକରି ଏକମାତ୍ର ମୋ ଉପରେ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧି ଉପରେ ବା ସତ୍ୟ ଉପରେ ନିର୍ଭର କରି କର୍ମ କର । ଅର୍ଜୁନ କହିଥିଲେ, "ଆମ୍ଭେମାନେ ମହାପାପ କରିବାକୁ ବସିଅଛୁଁ ୧ମ-୪୫" । ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ କହିଲେ, "ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି" ଅର୍ଥାତ୍ ମୁଁ ତୁମ୍ଭକୁ ସବୁପାପରୁ ମୁକ୍ତ କରିବି—ତୁମ୍ଭେ ଭୟ କରନାହିଁ । ଅର୍ଜୁନ ଦୁଃଖରେ ମଗ୍ନ ହୋଇଥିଲେ ୧ମ-୪୭ । ସେଥିପାଇଁ ଶ୍ରୀକୃଷ୍ଣ କହିଲେ, "ମାଶୁଚଃ" ଅର୍ଥାତ୍ ଦୁଃଖ କର ନାହିଁ ।

"ମୁଁ ତୁମ୍ଭଙ୍କୁ ସବୁପାପରୁ ମୁକ୍ତ କରିବ " ଏହି କଥାଟି ସହିତ "ଭୟ କରନାହିଁ" କଥାଟି ଯୋଗ କରିବାର କାରଣ ଏହିକି ଅର୍ଜୁନଙ୍କର ପାପହେବ ଏବଂ ସେହି ପାପରୁ ଶ୍ରୀକୃଷ୍ଣ ତାଙ୍କୁ ମୁକ୍ତ କରିବେ ଏପରି କଥା ଶ୍ରୀକୃଷ୍ଣ କଦାପି କହିନାହାନ୍ତି; କାରଣ ଭଗବାନ ମନୁଷ୍ୟର ପାପ କିମ୍ବା ସୁକୃତ କିଛି ଗ୍ରହଣ କରନ୍ତି ନାହିଁ ବୋଲି ଶ୍ରୀକୃଷ୍ଣ ନିଜେ କହିଅଛନ୍ତି:—
ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ । ୫ମ-୧୫ ।

ଅର୍ଜୁନଙ୍କର ପାପ ହେବ ଏକଥା ଶ୍ରୀକୃଷ୍ଣ ସ୍ୱୀକାର କରିନାହାନ୍ତି କିମ୍ବା ସେ ଅର୍ଜୁନଙ୍କୁ ସବୁ ପାପରୁ ମୁକ୍ତ କରିବେ ଏକଥା ମଧ୍ୟ କହିନାହାନ୍ତି । କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଇତ୍ୟାଦି ସଙ୍କୀର୍ଣ୍ଣ ଧର୍ମସବୁକୁ ସନାତନ ଧର୍ମ ମନେକରି, ପାପ ହେବବୋଲି ଭୟ କରି ଅର୍ଜୁନ ତାହା ପରିତ୍ୟାଗ କରିପାରୁ ନଥିବାରୁ ( ୧ମ-୪୫ ) ଶ୍ରୀକୃଷ୍ଣ କହିଲେ:—"ପାପହେବ ବୋଲି ତୁମ୍ଭେ ଭୟ କର ନାହିଁ; କେବଳ ଏହି ପାପ କାହିଁକି ମୁଁ ତୁମ୍ଭଙ୍କୁ ସବୁପାପରୁ ମୁକ୍ତ କରିବ । ତୁମ୍ଭେ ଅନୁଶୁଶ୍ରୁମ ଉପରେ ପ୍ରତିଷ୍ଠିତ ତଥାକଥିତ ସନାତନ ଧର୍ମସବୁ ପରିତ୍ୟାଗ କରି ଏକମାତ୍ର ମୋର ବା ସତ୍ୟର ଶରଣ ନିଅ ।"

*

ସର୍ବଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ ଏହିକଥାଟି ଶ୍ରୀକୃଷ୍ଣଙ୍କର ସର୍ବ ଗୁହ୍ୟତମ କଥା ଥିବାରୁ ଏକଥା କେହି କାହାରିକୁ ବୁଝାଇଦେବା ଅସମ୍ଭବ । ଏହି କଥାଟିରୁ ବାହାରୁଥିବା "ସର୍ବଧର୍ମ କଅଣ ? ଏବଂ ଶ୍ରୀକୃଷ୍ଣ କିଏ ?" ଏହି ଦୁଇଟି ପ୍ରଶ୍ନର ଉତ୍ତର ସେହି ଗୀତାରୁ ସ୍ଥିର କରିବା ଆବଶ୍ୟକ । ପ୍ରଥମ ପ୍ରଶ୍ନର ଉତ୍ତର ହେଉଛି— କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଏବଂ ଅନୁଶୁଶ୍ରୂମ ଉପରେ ପ୍ରତିଷ୍ଠିତ, ମନୁଷ୍ୟ ସୃଷ୍ଟି ଯାବତୀୟ ସାମ୍ପ୍ରଦାୟିକ ଧର୍ମ । କାରଣ ଏହି ସବୁକଥା ଅର୍ଜୁନ ପ୍ରଥମ ଅଧ୍ୟାୟରେ କହି ଯୁଦ୍ଧରୁ ନିବୃତ୍ତ ହୋଇଥିଲେ ।

ସର୍ବଧର୍ମ ପରିତ୍ୟାଗ କରି ଏହି କଥାଟିକୁ ଶ୍ରୀଧର ସ୍ୱାମୀ ଅର୍ଥ କଲେ, "ଶାସ୍ତ୍ରୋକ୍ତ ବିଧି-ନିଷେଧର ବଶୀଭୂତ ନହୁଅ ଅର୍ଥାତ୍ ଶାସ୍ତ୍ରର ବିଧି ନିଷେଧ ପରିତ୍ୟାଗ କର, ଅନ୍ୟ ଜଣେ ଅର୍ଥ କଲେ—ସକଳ ପ୍ରକାର ଦେବତା ପୂଜା ପରିତ୍ୟାଗ କର, ଅନ୍ୟଜଣେ ଅର୍ଥ କଲେ— ବର୍ଣ୍ଣଧର୍ମ, ଆଶ୍ରମଧର୍ମ ଓ ସାମାନ୍ୟଧର୍ମ ପରିତ୍ୟାଗ କର; ଅନ୍ୟଜଣେ ଅର୍ଥକଲେ—ସକଳ ପ୍ରକାର ଧର୍ମ ଓ ଅଧର୍ମ ପରିତ୍ୟାଗ କର; ଡ଼କ୍ଟର ବେଶାନ୍ତ ଅନୁବାଦ କଲେ— ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କର । କର୍ମସବୁ ପରିତ୍ୟାଗ କରିବା କଥା ଅସଙ୍ଗତ ବୋଧ ହେବାରୁ ମହାତ୍ମା ଗାନ୍ଧି ଅର୍ଥ କଲେ, ସବୁକର୍ମ ଶ୍ରୀକୃଷ୍ଣଙ୍କୁ ବା ଈଶ୍ୱରଙ୍କୁ ସମର୍ପଣ କର । ମାତ୍ର ସର୍ବଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ ଏହି କଥାଟିରୁ ସବୁକର୍ମ ଶ୍ରୀକୃଷ୍ଣଙ୍କୁ ବା ଈଶ୍ୱରଙ୍କୁ ସମର୍ପଣ କର ଏପରି ଅର୍ଥ ବାହାରି ଅସିପାରେ ତାହାର କୌଣସି କାରଣ ନାହିଁ । ଆଉ ମଧ୍ୟ ସର୍ବଧର୍ମ ପରିତ୍ୟାଗ କରିବା କଥା ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ କଥା ଥିବାରୁ ତାହା ଗୀତାରେ ଅନ୍ୟତ୍ର କହି ନଥାନ୍ତି ମାତ୍ର ସବୁକର୍ମ ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିବାକଥା ଗୀତାରେ ବାରମ୍ବାର କୁହାଯାଇଥିବାରୁ ଏପରି ଅର୍ଥ ଗ୍ରହଣ କରି ହେଉନାହିଁ ।

ଯତ୍ କରୋଷି ଯଦଶ୍ନାସି ଯ ଜ୍ଜୁହୋଷ ଦଦାସି ଯତ୍
ଯତ୍ତପସ୍ୟସି କୌନ୍ତେୟ ! ତତ୍ କୁରୁଷ୍ୱ ମଦର୍ପଣଂ ।୯ମ-୨୭ ।
ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ । ୧୨ଶ-୬
ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା । ୩ୟ-୩୦
ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ । ୧୮ଶ-୫୭

ସତ୍ୟର ଅନୁସନ୍ଧାନ କରିବାକୁ ଇଚ୍ଛାଥିଲେ ଶ୍ରୀଧର ସ୍ୱାମୀ ପ୍ରଭୃତି ପ୍ରାଚୀନ ମହାପୁରୁଷମାନେ ଲେଖି ଯାଇଅଛନ୍ତି କିମ୍ବା ଗାନ୍ଧିଙ୍କପରି ଜଣେ ମହାତ୍ମା ଲେଖିଅଛନ୍ତି ଇତ୍ୟାଦି ପ୍ରାଣଶୂନ୍ୟ ଯୁକ୍ତି ପରିତ୍ୟାଗ କରିବା ଏକାନ୍ତ ଆବଶ୍ୟକ । ଯଦି ସମାଜର ମଙ୍ଗଳସାଧନ କରିବାକୁ କର୍ତ୍ତବ୍ୟ ବୋଧ କରନ୍ତି ତେବେ କୌଣସି ଗୋଟିଏ ଯୁକ୍ତିଯୁକ୍ତ ଉତ୍ତର ସ୍ଥିର କରି ଜନସାଧାରଣଙ୍କୁ ପ୍ରକୃତ କଥା ବୁଝାଇ ଦିଅନ୍ତୁ । ପଣ୍ଡିତମାନଙ୍କର ମସ୍ତିଷ୍କ ବିପ୍ଳବର ପରିସ୍ଫଳନପାଇଁ ବ୍ୟାସଦେବ ଗୀତା ରଚନା କରିନାହାନ୍ତି। ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ପ୍ରତି ଏତେ ଦିନ ଉଦାସୀନ ରହିବା ଫଳରୁ ଆଜି ସମାଜର ଏହି ଦୁରବସ୍ଥା । ଏପରି ଗୁରୁତର ବିଷୟରେ ଆଉ ବେଶି ଦିନ ଉଦାସୀନ ରହିବା ଉଚିତ ନୁହେଁ ।

ଦ୍ୱିତୀୟ ପ୍ରଶ୍ନଟି ହେଉଛି—ଶ୍ରୀକୃଷ୍ଣ କିଏ ? ଶ୍ରୀକୃଷ୍ଣଙ୍କର ପରିଚୟ ବିଷୟରେ ସର୍ବପ୍ରଥମେ କେତୋଟି କଥା କୁହା ଯାଇଅଛି । ଶ୍ରୀକୃଷ୍ଣ ଯେଉଁଭଳି ଭାବରେ ନିଜର ପରିଚୟ ନିଜେ ଦେଇଅଛନ୍ତି ତାହା ସମ୍ପୂର୍ଣ୍ଣରୂପେ ବର୍ଣ୍ଣନା କରିବା ଅସମ୍ଭବ ହେଲେ ମଧ୍ୟ ତନ୍ମଧ୍ୟରୁ କେତୋଟି କଥା ନିମ୍ନରେ ଦିଆଗଲା । ନିଜର ପରିଚୟ ଦେଇ ଶ୍ରୀକୃଷ୍ଣ ସର୍ବପ୍ରଥମେ କହିଅଛନ୍ତି :

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା । ୪ର୍ଥ ୬

ଅର୍ଥ—ଜନ୍ମରହିତହୋଇ ମଧ୍ୟ, ଅବ୍ୟୟ ଆତ୍ମା ଏବଂ ସମସ୍ତଙ୍କର ଈଶ୍ୱର ହୋଇ ମଧ୍ୟ ମୋର ବିଶେଷତ୍ୱ ଏହିକି ମୁଁ ନିଜର ପ୍ରକୃତିକୁ ଆଶ୍ରୟ କରି ନିଜର ମାୟା ଶକ୍ତିର ସାହାଯ୍ୟରେ ସମ୍ଭବ ହୁଏଁ ବା ବ୍ୟକ୍ତ ହୁଏଁ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କ ନିକଟରେ ବ୍ୟକ୍ତ ହୋଇ ଯେପରି ତାଙ୍କ ସହିତ କଥୋପକଥନରେ ନିଯୁକ୍ତ ଅଛନ୍ତି ପ୍ରତ୍ୟେକ ମନୁଷ୍ୟ ନିକଟରେ ଠିକ୍ ସେହିପରି ଭାବରେ ସେ ବ୍ୟକ୍ତ ହୁଅନ୍ତି । କିପରି ଭାବରେ ସମସ୍ତ ମାନବ ସମାଜରେ ଶ୍ରୀକୃଷ୍ଣ ନିଜକୁ ନିଜେ ସୃଷ୍ଟି କରନ୍ତି ତାହା ସେ ପରବର୍ତ୍ତୀ ଶ୍ଳୋକରେ କହିଅଛନ୍ତି ।

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ । ୪ର୍ଥ ୭

ଅର୍ଥ—ହେ ଭାରତ ! ଯେତେବେଳେ ଯେତେବେଳେ ଧର୍ମର ଗ୍ଲାନି ଏବଂ ଅଧର୍ମର ଅଭ୍ୟୁତ୍ଥାନ ହୁଏ ସେତେବେଳେ ମୁଁ ନିଜକୁ ନିଜେ ସୃଷ୍ଟି କରେଁ ।

"ଅଜୋଽପି ସନ୍" ଅର୍ଥାତ୍ ମୋର ଜନ୍ମ ନ ଥିଲେ ମଧ୍ୟ ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ଦେବକୀ ଓ ବସୁଦେବଙ୍କର ସନ୍ତାନ ଐତିହାସିକ ଶ୍ରୀକୃଷ୍ଣ ନୁହନ୍ତି । "ଈଶ୍ୱରୋଽପି ସନ୍" ଅର୍ଥାତ୍ ଈଶ୍ୱର ହୋଇ ମଧ୍ୟ, ଏହି କଥାଟିରୁ ପ୍ରକାଶ ଯେ, ଆମ୍ଭମାନଙ୍କର ନିତ୍ୟଉପାସିତ ଈଶ୍ୱର ମନୁଷ୍ୟ ନିକଟରେ ବ୍ୟକ୍ତ ହୁଅନ୍ତି ନାହିଁ , କିମ୍ବା ମାନବ-ସମାଜରେ ନିଜକୁ ନିଜେ ସୃଷ୍ଟି କରନ୍ତି ନାହିଁ । ଶ୍ରୀକୃଷ୍ଣ କିପରି ଭାବରେ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ବ୍ୟକ୍ତ ହୁଅନ୍ତି ଏବଂ କିପରି ଭାବରେ ମାନବ ସମାଜରେ ନିଜକୁ ନିଜେ ସୃଷ୍ଟି କରନ୍ତି ତାହା ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । ଏଠାରେ କେବଳ ଏହି କଥାଟି ଜାଣିରଖିବା ଆବଶ୍ୟକ ଯେ ଗୀତାର ଶ୍ରୀକୃଷ୍ଣ ଐତିହାସିକ ଶ୍ରୀକୃଷ୍ଣ ନୁହନ୍ତି । ଶ୍ରୀକୃଷ୍ଣ ପୁଣି କହିଅଛନ୍ତି :—

ଯୋ ମାମଜମନାଦିଞ୍ଚ ବେତ୍ତି ଲୋକ ମହେଶ୍ୱରମ୍
ଅସଂମୁଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ । ୧୦ମ-୩

ଅର୍ଥ—ଯିଏ ମୋତେ ଜନ୍ମ ରହିତ, ଅନାଦି ଓ ମହେଶ୍ୱର ବୋଲି ଜାଣନ୍ତି ସେ ମୋହଶୂନ୍ୟ ହୋଇ ସବୁ ପାପରୁ ମୁକ୍ତ ହୁଅନ୍ତି ।

ଏହି ଶ୍ଳୋକଟିରୁ ପ୍ରକାଶ ଯେ, ଯେଉଁମାନେ ଶ୍ରୀକୃଷ୍ଣଙ୍କୁ ଦେବକୀ ଓ ବସୁଦେବଙ୍କର ସନ୍ତାନ—ଐତିହାସିକ ଶ୍ରୀକୃଷ୍ଣ ବୋଲି ଜାଣନ୍ତି ସେମାନେ ପାପରୁ ମୁକ୍ତ ହୁଅନ୍ତି ନାହିଁ । ନିଜର ବିଶେଷ ପରିଚୟ ଦେଇ ଶ୍ରୀକୃଷ୍ଣ ପୁଣି କହିଅଛନ୍ତି—

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ । ୭ମ-୭

ଅର୍ଥ—ହେ ଧନଞ୍ଜୟ ! ମୋଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ; ସୂତାରେ ମଣିସବୁ ଗୁନ୍ଥା ହେବାପରି ସମସ୍ତ ଜଗତ୍ ମୋଠାରେ ଗୁନ୍ଥା ହୋଇ ରହିଅଛି ।

ବାସ୍ତବିକ ଯେ ଶ୍ରୀକୃଷ୍ଣଙ୍କଠାରୁ ଅନ୍ୟକିଛି ଶ୍ରେଷ୍ଠ ନାହିଁ ତାହା ନୁହେଁ । ଲୋକେ ତାଙ୍କୁ ଜାଣିନପାରି ଅବଜ୍ଞା କରନ୍ତି ବୋଲି ଅର୍ଥାତ୍ ନିଜର ବିବେକ ବୁଦ୍ଧିକୁ ଉପାସନା ନ କରି ଅନ୍ଧତାର ଉପାସନା କରନ୍ତି ବୋଲି ଶ୍ରୀକୃଷ୍ଣ ନିଜର ପରିଚୟ ଦେବା ସଙ୍ଗେ ସଙ୍ଗେ ନିଜର ଶ୍ରେଷ୍ଠତ୍ୱ, କେବଳ ଏହିଠାରେ ନୁହେଁ, ବାରମ୍ବାର ପ୍ରଚାର କରିଅଛନ୍ତି । ନିଜର ଶ୍ରେଷ୍ଠତ୍ୱ ପ୍ରଚାର କରି ମଧ୍ୟ ସେ ବାରମ୍ବାର କହିଅଛନ୍ତି ଯେ, ତାଙ୍କଠାରୁ ଶ୍ରେଷ୍ଠ ଆଉ ଜଣେ ଉତ୍ତମ ପୁରୁଷ ଅଛନ୍ତି ଏବଂ ସେ ନିଜେ ସେହି ଆଦି ପୁରୁଷଙ୍କର ଆଶ୍ରୟ ନିଅନ୍ତି ।

ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ । ୮ମ-୮
ପୁରୁଷଃ ସ ପରଃ ପାର୍ଥ ! ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା । ୮ମ-୨୨
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ । ୧୫ଶ-୪
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ । ୧୫ଶ-୧୭
ସ୍ୱକର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬
ତତ୍ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।
୧୮-୬୨

ଉପରେ ଯେଉଁ କେତୋଟି କଥା ଶ୍ରୀକୃଷ୍ଣ କହିଲେ ସେଠାରେ ସେ "ତମ୍" ଅର୍ଥାତ୍ ତାହାଙ୍କୁ ଏହି ତୃତୀୟ ପୁରୁଷ ବ୍ୟବହାର କରିଅଛନ୍ତି । ମାଂ ଯୋଗଂ ଯୁଞ୍ଜନ ମଦାଶ୍ରୟଃ, ୭ମ-୧, ମାମାଶ୍ରିତ୍ୟ ଯତନ୍ତି ଯେ, ୭ମ-୨୯, ମତ୍ପ୍ରସାଦାଦବାପ୍ନୋତି, ୧୮ଶ-୫୬, ମାମେକଂ ଶରଣଂ ବ୍ରଜ, ୧ ଶ ୬୬, ଇତ୍ୟାଦି ଉକ୍ତିରେ ସେ "ମାମ୍" ଅର୍ଥାତ୍ ମୋତେ ଏହି ପ୍ରଥମ ପୁରୁଷ ବ୍ୟବହାର କରିଅଛନ୍ତି । ଏଥିରୁ ସୁସ୍ପଷ୍ଟ ପ୍ରମାଣ ମିଳୁଅଛି ଯେ ଗୀତାର ଶ୍ରୀକୃଷ୍ଣ ସେହି ଆଦି ପୁରୁଷ ବା ଈଶ୍ୱର ନୁହନ୍ତି । ତାଙ୍କୁ ଓ ମୋତେ ଏହି ଉଭୟ କଥାକୁ ଈଶ୍ୱର ବୋଲି ଅର୍ଥ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଏପରି ଅଯୌକ୍ତିକ ଅର୍ଥ ଗ୍ରହଣ କରାଯିବ କାହିଁକି ? ସେ

ଯାହାହେଉ ଗୀତାକୁ ମନୋଯୋଗ ପୂର୍ବକ ଆଲୋଚନା କରି ଶ୍ରୀକୃଷ୍ଣଙ୍କର ପ୍ରକୃତ ପରିଚୟ ପାଇବାକୁ ଚେଷ୍ଟା କରନ୍ତୁ । ଶ୍ରୀକୃଷ୍ଣଙ୍କର ପରିଚୟ ପାଇବାହିଁ ଗୀତା-ପାଠର ଶେଷ ଲକ୍ଷ୍ୟ ଏବଂ ଜୀବନଯାତ୍ରା ଆରମ୍ଭ କରିବାର ପ୍ରଥମ ସୋପାନ । ନିଜର ପରିଚୟ ଦେଇ ଶ୍ରୀକୃଷ୍ଣ ପୁଣି କହିଅଛନ୍ତି:—

ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତଂ । ୯ମ-୧୧

ଅର୍ଥ—ମାନୁଷୀ ତନୁ ଆଶ୍ରୟ କରିଥିବାରୁ ମୂଢ଼ମାନେ ମୋତେ ଅବଜ୍ଞା କରନ୍ତି ।

"ମାନୁଷୀତନୁ" କଥାଟିକୁ ଟୀକାକାରମାନେ ଅର୍ଥ କରୁଅଛନ୍ତି ମନୁଷ୍ୟ ଦେହ । ମାତ୍ର ମାନୁଷୀତନୁ କଥାଟିର ଅର୍ଥ ମନୁଷ୍ୟ ଦେହ ନୁହେଁ ମନୁଷ୍ୟ ସମ୍ବନ୍ଧୀୟ ଦେହ । ଶ୍ରୀକୃଷ୍ଣ ବାରମ୍ବାର କହିଅଛନ୍ତି ଯେ ତାଙ୍କର ଜନ୍ମ ନାହିଁ; ତେବେ ତାଙ୍କର ମନୁଷ୍ୟଦେହ ରହିଲା କିପରି ? ସେ ଯାହା-ହେଉ, "ମାନୁଷୀ ତନୁ" ଏହି କଥାଟିର ବିଶେଷତ୍ୱ ଜାଣିପାରିଲେ ଶ୍ରୀକୃଷ୍ଣଙ୍କର ପରିଚୟ ମିଳନ୍ତା । ମାତ୍ର ଏହି କଥାଟିର ଆଲୋଚନା ଗୀତାରେ ନାହିଁ, କାରଣ ଏହି ଆଲୋଚନା ଶାସ୍ତ୍ରଜ୍ଞାନର କଥା ଏବଂ ଶ୍ରୀକୃଷ୍ଣ ଗୀତାରେ ଶାସ୍ତ୍ରଜ୍ଞାନର କଥା କିଛି କହିନାହାନ୍ତି । ସେ ଯାହାହେଉ, "ମାନୁଷୀତନୁ" କଥାଟିର ଆଲୋଚନା ଶାସ୍ତ୍ରଜ୍ଞାନର କଥା ହେଲେ ମଧ୍ୟ ଏହା ଅନେକଙ୍କର ଅନୁଭୂତିର ବିଷୟ ହୋଇପାରିବ ବୋଲି ମୋର ଧାରଣା । ଏହି ଧାରଣାର ବଶବର୍ତ୍ତୀ ହୋଇ ମୁଁ ଏ ବିଷୟରେ ସାମାନ୍ୟ କେତୋଟି କଥା ଲେଖିଲି । ଯେଉଁମାନେ ପ୍ରକୃତ କଥା ଅନୁଭବ କରିବେ ସେମାନେ ଏହି ଅନୁଭୂତିର ଉପକାରିତା ପରେ ଉପଲବ୍ଧି କରିପାରିବେ । ଅନ୍ୟମାନେ ଏହି ଅଂଶଟି ପରିତ୍ୟାଗ କଲେ ମଧ୍ୟ କ୍ଷତିନାହିଁ ।

ପ୍ରତ୍ୟେକ ମନୁଷ ବା ଜନ୍ମାନ୍ତର ଗ୍ରହଣ କରୁଥିବା ପ୍ରତ୍ୟେକ ଜୀବାତ୍ମା ପାଞ୍ଚୋଟି ଶରୀର ଭିତରେ ରହି ନିଜନିଜର କର୍ମରେ ନିଯୁକ୍ତ ଅଛନ୍ତି ବୋଲି ଉପନିଷଦମାନଙ୍କରେ ଲେଖାଅଛି । ଏହି ପାଞ୍ଚୋଟି ଶରୀରକୁ ଯଥାକ୍ରମେ (୧) ଅନ୍ନମୟ କୋଷ (୨) ପ୍ରାଣମୟ କୋଷ (୩) ମନୋମୟ କୋଷ (୪) ବିଜ୍ଞାନମୟ କୋଷ ଓ (୫) ଆନନ୍ଦମୟ କୋଷ

ନାମ ଦିଆଯାଇଅଛି । ଏହି ପାଞ୍ଚୋଟି ଶରୀର ଯଥାକ୍ରମେ ଶାସ୍ତ୍ରୋକ୍ତ କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ ନାମକ ପାଞ୍ଚୋଟି ଭିନ୍ନ ଭିନ୍ନ ତତ୍ତ୍ୱରେ ଗଠିତ । ପ୍ରତ୍ୟେକ ତତ୍ତ୍ୱର ସାତୋଟି ଭିନ୍ନ ଭିନ୍ନ ଅବସ୍ଥା ଅଛି ।

ସେ ଯାହାହେଉ ଏହିସବୁ ବିଷୟ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । ଯେଉଁ ପାଞ୍ଚୋଟି ଶରୀର କୁହାଗଲା ସେହି ପାଞ୍ଚୋଟି ଶରୀର ବିଷୟରେ ସାମାନ୍ୟ ପରିଚୟ ଦେବା ଆବଶ୍ୟକ ।

ଅନ୍ନମୟ କୋଷ—ଏହା କ୍ଷିତି ତତ୍ତ୍ୱରେ ଗଠିତ । ଯାହାକୁ ଲୋକେ ସ୍ଥୂଳ ଶରୀର ବୋଲି ଜାଣନ୍ତି ତାହା ସ୍ଥୂଳ ଶରୀର ଓ ଲିଙ୍ଗ ଶରୀର ଏହି ଦୁଇଟି ଶରୀରର ସମଷ୍ଟି । ଏହି ଦୁଇଟି ଶରୀରର ସମଷ୍ଟିକୁ ଅନ୍ନମୟ କୋଷ କୁହାଯାଇଅଛି । ଲିଙ୍ଗ ଶରୀରକୁ ସୂକ୍ଷ୍ମ ଶରୀର ମଧ୍ୟ କୁହାଯାଏ; କାରଣ ସ୍ଥୂଳ ଶରୀରର ପ୍ରତ୍ୟେକ ସୂକ୍ଷ୍ମତମ ପରମାଣୁ ବାଷ୍ପ ଅପେକ୍ଷା ଅନେକ ଗୁଣରେ ସୂକ୍ଷ୍ମ, ଇଥର ନାମକ ପଦାର୍ଥ ଦ୍ୱାରା ଗଠିତ । ଶାସ୍ତ୍ରୋକ୍ତ ଷଟ୍‌ଚକ୍ର ବା ମନୁଷ୍ୟ ଦେହରେ ଥିବା ଛଅଟି ଚକ୍ର ଓ ଜୀବନୀଶକ୍ତି ଏହି ଲିଙ୍ଗ ଶରୀରରେ ଥାଏ ।

ପ୍ରାଣମୟ କୋଷ—ଏହି ଶରୀର କ୍ଷିତି ତତ୍ତ୍ୱ ଅପେକ୍ଷା ସୂକ୍ଷ୍ମ, ଅପ୍ ତତ୍ତ୍ୱରେ ଗଠିତ । ପ୍ରାଣମୟ କୋଷର ଅନ୍ୟ ନାମ କାମଦେହ । ଏହି ଦେହ ସାହାଯ୍ୟରେ ମନୁଷ୍ୟ କାମନା କରେ, ଇଚ୍ଛା କରେ, ଅନୁଭବ କରେ ଇତ୍ୟାଦି ।

ମନୋମୟ କୋଷ —ଏହି ଶରୀର ଅପ୍ ତତ୍ତ୍ୱ ଅପେକ୍ଷା ସୂକ୍ଷ୍ମ, ତେଜ ତତ୍ତ୍ୱରେ ଗଠିତ । ଏହି ଶରୀରର ଅନ୍ୟ ନାମ ଭାବନା ଦେହ । ଏହି ଦେହ ସାହାଯ୍ୟରେ ମନୁଷ୍ୟ ଚିନ୍ତାକରେ ବା ଭାବେ ।

ବିଜ୍ଞାନମୟ କୋଷ—ଏହି ଶରୀର ତେଜତତ୍ତ୍ୱ ଅପେକ୍ଷା ସୂକ୍ଷ୍ମ, ମରୁତ୍ ତତ୍ତ୍ୱରେ ଗଠିତ । ଏହି ଶରୀରର ଅନ୍ୟ ନାମ କାରଣ ଶରୀର ବା ପ୍ରଜ୍ଞା ଶରୀର । ଏହି ଦେହ ସାହାଯ୍ୟରେ ମନୁଷ୍ୟ ସତ୍ୟାସତ୍ୟ, ନ୍ୟାୟାନ୍ୟାୟ ଜ୍ଞାନାଜ୍ଞାନ ଇତ୍ୟାଦି ବିଚାର କରି ଯାହା ସତ୍ୟ, ଯାହା ନ୍ୟାୟ ଓ ଯାହା ଜ୍ଞାନ ତାହା ଗ୍ରହଣ କରେ ଏବଂ ଯାହା ଅସତ୍ୟ, ଅନ୍ୟାୟ ଓ ଅଜ୍ଞାନ ତାହା ପରିତ୍ୟାଗ କରେ । ମନୁଷ୍ୟର ଏହି ବିଜ୍ଞାନମୟ ଶରୀରକୁ ବା କାରଣ

ଶରୀରକୁ ଆଶ୍ରୟ କରି ଶ୍ରୀକୃଷ୍ଣ-ଭଗବାନ ପ୍ରତ୍ୟେକ ମନୁଷ୍ୟର ଚିରସଖା ହୋଇ ରହିଅଛନ୍ତି ଓ କେତେବେଳେ ସାରଥି ଭାବରେ, କେତେବେଳେ ଗୁରୁଭାବରେ ଏବଂ କେତେବେଳେ ପ୍ରତ୍ୟକ୍ଷ ଭଗବାନ ଭାବରେ ବ୍ୟକ୍ତ ହୁଅନ୍ତି । ଏହି କଥାକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି —

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହଂ । ୪ର୍ଥ-୧୧

ଶ୍ରୀକୃଷ୍ଣ କହିଥିବା "ମାନୁଷୀ ତନୁ" କଥାଟିର ଅର୍ଥ ହେଉଛି ଏହି ବିଜ୍ଞାନମୟ କୋଷ । ଏହି ବିଜ୍ଞାନମୟ ଶରୀରକୁ ଆଶ୍ରୟ କରି ଶ୍ରୀକୃଷ୍ଣ ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟେକ ଜନ୍ମରେ ଜନ୍ମ ହୁଅନ୍ତି । ଏହି ପ୍ରକାର ଦିବ୍ୟଜନ୍ମକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି—

ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ । ୪ର୍ଥ-୫

ଅର୍ଥ—ହେ ଅର୍ଜୁନ ! ତୁମର ଏବଂ ମୋର ବହୁଜନ୍ମ ବ୍ୟତୀତ ହୋଇଅଛି । ତୁମ୍ଭେ ଯେଉଁସବୁ ଜନ୍ମର କଥା ଜାଣନାହିଁ, ମୁଁ ସେହିସବୁ ଜନ୍ମ ଜାଣେ ।

ପୂର୍ବୋକ୍ତ ପାଞ୍ଚୋଟି ଦେହର ଅବସ୍ଥାନ ପାଇଁ ଭିନ୍ନ ଭିନ୍ନ ସାତୋଟି ସଂସାର ଅଛି । ସେହି ସାତୋଟି ସଂସାରର ଶାସ୍ତ୍ରୋକ୍ତ ନାମ ହେଉଛି (୧) ଭୂଃ (୨) ଭୁବଃ (୩) ସ୍ୱଃ (୪) ମହଃ (୫) ଜନଃ (୬) ତପଃ (୭) ସତ୍ୟମ୍ । ପ୍ରଥମ ତିନୋଟି ସଂସାରକୁ ମନୁଷ୍ୟ ଲୋକ ବା ନିମ୍ନ ତ୍ରିଲୋକ ଏବଂ ଶେଷ ତିନୋଟି ସଂସାରକୁ ବିଷ୍ଣୁଲୋକ ବା ଉଚ୍ଚ ତ୍ରିଲୋକ ନାମ ଦିଆଯାଇଅଛି । ପାଞ୍ଚୋଟି ଶରୀରର ଅବସ୍ଥାନ ପାଇଁ ସାତୋଟି ସଂସାର କିପରି ରହିଲା ଓ ଏହି ସାତୋଟି ସଂସାରର ଅବସ୍ଥାନ କିପରି ଓ କେଉଁଠାରେ ସେ ସବୁ ବିଷୟର ଆଲୋଚନା ଏଠାରେ ଅନାବଶ୍ୟକ । ଏଠାରେ କେବଳ ଏତିକି ମନେରଖନ୍ତୁ ଯେ ବିଜ୍ଞାନମୟ ଶରୀରର ଅବସ୍ଥାନୋପଯୋଗୀ ସଂସାର ହେଉଛି ଶ୍ରୀକୃଷ୍ଣଙ୍କର ପ୍ରକୃତ ବାସସ୍ଥାନ ଓ ଶାସ୍ତ୍ରୋକ୍ତ ମହର୍ଲୋକ । ସେହି ସଂସାରର ନାମ ମହର୍ଲୋକ ହେଉ ବା ଅନ୍ୟ ଯାହା ହେଉ, ସେଠାକୁ ଯାଇ ପାରିଲେ ଆଉ ମନୁଷ୍ୟଲୋକରେ ବା

ନିମ୍ନ ତ୍ରିଲୋକରେ ଜନ୍ମ ନେବାକୁ ହୁଏନାହିଁ, ସେହି ସଂସାରକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି—

ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ । ୧୫ଶ-୬ ।

ସେହିଁ ଶ୍ରୀକୃଷ୍ଣ ମନୁଷ୍ୟର ବିଜ୍ଞାନମୟ ଶରୀରକୁ ଆଶ୍ରୟ କରି ପ୍ରତ୍ୟେକ ମନୁଷ୍ୟର ପବିତ୍ର ବିବେକବୁଦ୍ଧି ରୂପରେ ତାହାର ସାରଥି ଓ ଗୁରୁ ହୋଇ କର୍ମ କରନ୍ତି ସେହି ଶ୍ରୀକୃଷ୍ଣ ଅବିଭକ୍ତ ଭାବରେ ସମସ୍ତ ମାନବ ସମାଜରେ ଭଗବାନ ଭାବରେ ମଧ୍ୟ କର୍ମ କରନ୍ତି । ଏହି ବିଷୟକୁ ଲକ୍ଷ୍ୟ କରି ଶ୍ରୀକୃଷ୍ଣ ପରବର୍ତ୍ତୀ ଶ୍ଳୋକ ଦୁଇଟି କହିଅଛନ୍ତି ।

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ
ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି । ୧୫ଶ-୭
ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ
ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ । ୧୫ଶ-୮

ଅର୍ଥ—ମୋହର ଅଂଶ ଜୀବଲୋକରେ ସନାତନ ଜୀବ ହୋଇ ପ୍ରକୃତିରେ ଥିବା ମନକୁ ମିଶାଇ ଛଅଟି ଇନ୍ଦ୍ରିୟକୁ ଆକର୍ଷଣ କରନ୍ତି । ସେହି ସନାତନ ଜୀବ ବା ଈଶ୍ୱର ଶରୀର ଗ୍ରହଣ କଲାବେଳେ ଓ ଛାଡିବା ବେଳେ, ବାୟୁ ଆଶ୍ରୟରୁ ଗନ୍ଧ ଆଣିବାପରି ଏମାନଙ୍କୁ ସଙ୍ଗରେ ନେଇଯାଆନ୍ତି ।

ଆନନ୍ଦମୟ କୋଷର ଅନ୍ୟ ନାମ ଆତ୍ମାଦେହ । ଯାହାକୁ ଲୋକେ କାମନା, ମନ, ବୁଦ୍ଧି ଓ ଆତ୍ମା କହନ୍ତି ସେମାନେ ଗୋଟିଏ ଗୋଟିଏ ଦେହ ଅଟନ୍ତି । ଆତ୍ମାର ବା ଆତ୍ମା ନାମକ ଶରୀରର ପରିଚୟ ଦେଇ ଶ୍ରୀକୃଷ୍ଣ କହିଅଛନ୍ତି—

ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ । ୧୩ଶ-୩୩

ଅର୍ଥ—ଦେହର ସର୍ବତ୍ର ଅବସ୍ଥାନ କରି ମଧ୍ୟ ଆତ୍ମା ତାହା ସହିତ ଲିପ୍ତ ହୁଅନ୍ତି ନାହିଁ ।

ଦେହ କହିଲେ ଲୋକେ ବୁଝନ୍ତି ସ୍ଥୂଳଦେହ; ମାତ୍ର ମନୁଷ୍ୟ ପାଞ୍ଚୋଟି ଶରୀର ମଧ୍ୟରେ ରହିଥିବାରୁ ଆତ୍ମା-ଶରୀର ମନୁଷ୍ୟର ଅବଶିଷ୍ଟ ଚାରୋଟି

*

ଶରୀରର ସମ୍ବନ୍ଧ ରହିଅଛି । ଯୋଡ଼ିଏ ପଦାର୍ଥ କୌଣସି ଗୋଟିଏ ସ୍ଥାନ ଅଧିକାର କରିବା ଅସମ୍ଭବ—ମାତ୍ର ଏହି ନିୟମ କେବଳ ସ୍ଥୂଳ ସଂସାରରେ ପ୍ରଯୁଜ୍ୟ ; ଏଠାରେ ପ୍ରଯୁଜ୍ୟ ନୁହେଁ । ସବୁ ଦେହ କିପରି ଭାବରେ ଗୋଟିଏ ସ୍ଥାନରେ ରହିଅଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ ଓ ସମୟ ସାପେକ୍ଷ । ଏଠାରେ କେବଳ ଏତିକି ମନେ ରଖନ୍ତୁ ଯେ କାମଦେହ—ସ୍ଥୂଳଦେହର ସମ୍ବନ୍ଧ ରହିଛି ମାତ୍ର ସ୍ଥୂଳଦେହ କାମ ଦେହରେ ନାହିଁ । ଠିକ୍ ସେହିପରି ମନୋମୟ ଦେହ, କାମଦେହ ଓ ସ୍ଥୂଳଦେହ ଏହି ଉଭୟ ଦେହର ସମ୍ବନ୍ଧ ରହିଅଛି ମାତ୍ର ଏହି ଦୁଇଦେହ ମନୋମୟ ଦେହରେ ନାହାନ୍ତି । ବୁଦ୍ଧିଦେହ ମଧ୍ୟ ସ୍ଥୂଳଦେହ, କାମଦେହ ଓ ମନୋମୟ ଦେହ ଏହି ତିନ ଦେହରେ ସମ୍ବନ୍ଧ ରହିଛି ଅଥଚ ଏହି ତିନ ଦେହ ବୁଦ୍ଧି ଦେହରେ ନାହାନ୍ତି । ସେଥିପାଇଁ ଶ୍ରୀକୃଷ୍ଣ ନିଜର ପରିଚୟ ଦେଇ କହିଅଛନ୍ତି :—

ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ । ୯ମ-୪

ଅର୍ଥ ସବୁଦେହ ମୋଠାରେ ଅଛି କିନ୍ତୁ ମୁଁ ସେମାନଙ୍କଠାରେ ନାହିଁ । ଶ୍ରୀକୃଷ୍ଣ ପୁଣି କହିଅଛନ୍ତି : —

ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ
ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ । ୩ୟ-୪୨

ଅର୍ଥ—ସ୍ଥୂଳ ଦେହ ଅପେକ୍ଷା ଇନ୍ଦ୍ରିୟମାନେ ବା ପୂର୍ବୋକ୍ତ କାମଦେହ ଶ୍ରେଷ୍ଠ, କାମଦେହ ଅପେକ୍ଷା ମନ ଶ୍ରେଷ୍ଠ, ମନ ଅପେକ୍ଷା ବୁଦ୍ଧି ଶ୍ରେଷ୍ଠ, ଯେ କିନ୍ତୁ ବୁଦ୍ଧି ଅପେକ୍ଷା ଶ୍ରେଷ୍ଠ ସେ ହେଉଛନ୍ତି ସେ ।

ବୁଦ୍ଧି ଅପେକ୍ଷା ଯେ ଶ୍ରେଷ୍ଠ ସେ ହେଉଛନ୍ତି ଆତ୍ମା ଏକଥା ଉପନିଷଦ ମାନଙ୍କରେ ଅଛି । ମାତ୍ର ସେ ହେଉଛନ୍ତି ଆତ୍ମା ଏକଥା ନଲେଖି ବ୍ୟାସଦେବ ଲେଖିଲେ, "ସେ ହେଉଛନ୍ତି ସେ" । ଆଉମଧ୍ୟ ବ୍ୟାସଦେବ ଗୀତାରେ "ଆତ୍ମା" କଥାଟି ବ୍ୟବହାର ନକରି ଦେହୀ ଓ ଶରୀରୀ ଏହି ଦୁଇଟି କଥା ବାରମ୍ବାର ବ୍ୟବହାର କରିଅଛନ୍ତି । ଏହାହିଁ ଗୀତା-ଧର୍ମର ଓ ବ୍ୟାସଦେବଙ୍କର ରଚନା କୌଶଳର ବିଶେଷତ୍ୱ । ବ୍ୟାସଦେବଙ୍କର ଅଭିପ୍ରାୟ ଏହିକି ଦେହ ଭିତରେ କିଏ ଅଛନ୍ତି ଓ କିପରି ଭାବରେ ଅଛନ୍ତି ତାହା ପ୍ରତ୍ୟେକ ବ୍ୟକ୍ତି ନିଜେ ସ୍ୱାଧୀନ ଭାବରେ ସ୍ଥିର କରନ୍ତୁ । ଦେହ-

ଭିତରେ ଜୀବାତ୍ମା ଅଛନ୍ତି, କି ଆତ୍ମା ଅଛନ୍ତି, କି ପରମାତ୍ମା ଅଛନ୍ତି, ଏହିସବୁ କଥା ଅନ୍ୟଠାରୁ ଜାଣିନେବାଦ୍ୱାରା କାହାରି କୌଣସି ଉପକାର ହେବନାହିଁ । ଏହି ଶ୍ଳୋକରେ "ସେ ହେଉଛନ୍ତି ସେ" ଏପରି ଲେଖିବାରେ ବ୍ୟାସଦେବଙ୍କର ଅଭିପ୍ରାୟ ଏହିକି ମନୁଷ୍ୟ ପ୍ରଥମେ ନିଜର ସ୍ଥୂଳଦେହ, କାମଦେହ ଓ ମନୋମୟ ଦେହର ପରିଚୟ ପାଇ ଏବଂ ଏହି ସବୁ ଦେହର ସାହାଯ୍ୟରେ ବିଜ୍ଞାନମୟ ଦେହର ସମ୍ପୂର୍ଣ୍ଣ ପରିଚୟ ପାଇବା ପରେ ଅବ୍ୟକ୍ତ ଆତ୍ମାଦେହର ପରିଚୟ ପାଇବା ସମ୍ଭବ ହେବ । ଏହି ଅଭିପ୍ରାୟରେ ମହାଭାରତ ଶାନ୍ତି ପର୍ବରେ ମଧ୍ୟ ବ୍ୟାସଦେବ ଲେଖିଅଛନ୍ତି :—

ବୁଦ୍ଧିରାତ୍ମା ମନୁଷ୍ୟସ୍ୟ ବୁଦ୍ଧିରେବାତ୍ମନୋ ଗତିଃ ।

ଅର୍ଥ ବୁଦ୍ଧି ହେଉଛି ମନୁଷ୍ୟର ଆତ୍ମା ଏବଂ ବୁଦ୍ଧି ହେଉଛି ମନୁଷ୍ୟର ଏକମାତ୍ର ଗତି ବା ଏକମାତ୍ର ପଥ । ବୁଦ୍ଧି ହେଉଛି ଆତ୍ମା ଏକଥା ବ୍ୟାସଦେବ କଦାଚ କହିନାହାନ୍ତି । ତାଙ୍କର ଅଭିପ୍ରାୟ ଏହିକି ଅବ୍ୟକ୍ତ ଆତ୍ମା କିଏ ଓ କଅଣ ତାହା ଜାଣିବାକୁ ଇଚ୍ଛା କରିବା ପୂର୍ବରୁ ବୁଦ୍ଧିକୁ ହିଁ ଆତ୍ମା ବୋଲି ଗ୍ରହଣ କରିବା ଆବଶ୍ୟକ ।

ବ୍ୟାସଦେବଙ୍କର "ବୁଦ୍ଧିରାତ୍ମାମନୁଷ୍ୟସ୍ୟ" ଏହି ଉକ୍ତିଟିକୁ ଯେପରି ବୁଝିବାକୁ ହେବ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ' ଏହି ସୁପରିଚିତ କଥାଟିକୁ ମଧ୍ୟ ଏହିପରି ବୁଝିବାକୁ ହେବ । ଜଗଦ୍‌ଗୁରୁ ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ନହେଲେ ମଧ୍ୟ ତାଙ୍କୁ ସ୍ୱୟଂ ଭଗବାନ ବୋଲି ଗ୍ରହଣ କରିବାକୁ ହେବ । ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ସମ୍ପୂର୍ଣ୍ଣ ପରିଚୟ ପାଇବା ପରେ ସେହି ଶ୍ରୀକୃଷ୍ଣଙ୍କର ଅନୁଗ୍ରହରୁ ମନୁଷ୍ୟ ଶାଶ୍ୱତପଦ ଲାଭ କରିପାରିବ, ଯାହା ପୂର୍ବେ କୁହାଯାଇଅଛି । କିପରି ସୁକୌଶଳରେ ଶ୍ରୀକୃଷ୍ଣ ନିଜର ପରିଚୟ ଦେଇଅଛନ୍ତି ତାହାର ଆଉ ଦୁଇଟି ଦୃଷ୍ଟାନ୍ତ ବୁଝନ୍ତୁ :—

ଅନନ୍ୟ ଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭଃ ପାର୍ଥ-ନିତ୍ୟ ଯୁକ୍ତସ୍ୟ ଦେହିନଃ । ୮ମ-୧୪

ଅବ୍ୟକ୍ତ ଭଗବାନ କିଏ, ତାଙ୍କୁ ପାଇବା ଏବଂ ଶାସ୍ତ୍ରୋକ୍ତ ଶାଶ୍ୱତପଦ ଲାଭ କରିବା କିପରି ଦୁଃସାଧ୍ୟ ତାହା ଶ୍ରୀକୃଷ୍ଣ ଏହି ଶ୍ଳୋକର

ପୂର୍ବବର୍ତ୍ତୀ ଛଅଟି ଶ୍ଳୋକରେ ସୁକୌଶଳରେ ଓ ସଂକ୍ଷେପରେ ବର୍ଣ୍ଣନା କରି ଏହି ଶୋକରେ କହିଲେ, "ଯେଉଁ ବ୍ୟକ୍ତି ଏହିସବୁ କଥା ଚିନ୍ତା ନକରି ଅର୍ଥାତ୍ ଅବ୍ୟକ୍ତ ଭଗବାନଙ୍କୁ କପରି ପାଇବ ଏବଂ ଶାସ୍ତ୍ରୋକ୍ତ ବିଷ୍ଣୁଲୋକକୁ କପରି ଯିବ ଇତ୍ୟାଦି ବିଷୟ ଚିନ୍ତା ନକରି ସର୍ବଦା କେବଳ ମୋତେ ସ୍ମରଣ କରନ୍ତି ; ଅର୍ଥାତ୍ ମୋର ଉପଦେଶ ଅନୁସାରେ କର୍ମ କରନ୍ତି, ନିତ୍ୟଯୁକ୍ତ ସେହି ଯୋଗୀ ବା କର୍ମୀ ମୋତେ ସହଜରେ ପାଇ ପାରିବେ । ମାତ୍ର ଶ୍ରୀକୃଷ୍ଣ ଅନ୍ୟତ୍ର କହିଅଛନ୍ତି —

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ । ୭ମ-୧୯

ଅର୍ଥ—ଜ୍ଞାନବାନବ୍ୟକ୍ତି ବହୁଜନ୍ମ ପରେ ମୋତେ ପାଇପାରିବେ ।

ପ୍ରଯତ୍ନାତ୍ ଯତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ବିଷଃ

ଅନେକ ଜନ୍ମ ସଂସିଦ୍ଧସ୍ତତୋ ଯାତି ପରାଂଗତିଂ । ୬ଷ୍ଠ- ୪୫ ।

ଅର୍ଥ—ଯୋଗୀ ଅର୍ଥାତ୍ ଯୋଗଅଭ୍ୟାସ କରୁଥିବା ବ୍ୟକ୍ତି ବାରମ୍ବାର ଯତ୍ନକରି ନିଷ୍ପାପ ହୋଇସାରି ଅନେକ ଜନ୍ମ ପରେ ସିଦ୍ଧିଲାଭ କରି ପରମାଗତି ଲାଭ କରନ୍ତି ।

ଯୋଗୀନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା

ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ । ୬ଷ୍ଠ-୪୭

ଅର୍ଥ—ଯେଉଁ ବ୍ୟକ୍ତି ଶ୍ରଦ୍ଧା ସହକାରେ ମୋର ଭଜନା କରନ୍ତି ସବୁ ଯୋଗୀମାନଙ୍କ ମଧ୍ୟରେ ସେ ହେଉଛନ୍ତି ଯୁକ୍ତତମ ଏହା ମୋର ମତ । ଜ୍ଞାନୀମାନଙ୍କ ଅପେକ୍ଷା ଓ ଯୋଗୀମାନଙ୍କ ଅପେକ୍ଷା ଶ୍ରୀକୃଷ୍ଣ ତାଙ୍କର ନିଜର ତଥା ତାଙ୍କର ଭକ୍ତମାନଙ୍କର ଶ୍ରେଷ୍ଠତ୍ୱ ପ୍ରଚାର କରିବାର ଅଭିପ୍ରାୟ ଏହିକି, ପରନ୍ତୁ ବିବେକ-ବୁଦ୍ଧି ଭିତରେ ସେ ପ୍ରତ୍ୟେକ କର୍ମୀଙ୍କର ସହଜ ଲଭ୍ୟ । ମାତ୍ର ଅନ୍ୟମାନଙ୍କ ପକ୍ଷରେ ତାଙ୍କର ପରିଚୟ ପାଇବାପାଇଁ ବହୁଜନ୍ମ ଆବଶ୍ୟକ । ଅନ୍ୟ କୌଣସି ଅଭିପ୍ରାୟ ଥିଲେ ତାହା ସ୍ଥିର କରନ୍ତୁ । ନିଜର ଶ୍ରେଷ୍ଠତ୍ୱ ଓ ନିଜର ଭକ୍ତମାନଙ୍କର ଶ୍ରେଷ୍ଠତ୍ୱ ପ୍ରଚାର କରି ଶ୍ରୀକୃଷ୍ଣ ପୁଣି କହିଅଛନ୍ତି—

ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହଂ । ୯ମ-୨୨

ଅର୍ଥ—ସେହି ନିତ୍ୟଯୁକ୍ତ ବ୍ୟକ୍ତିମାନଙ୍କର ଅର୍ଥାତ୍ ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ସଂଯତ ଭାବରେ ନିଜ ଅଧୀନରେ ରଖି କର୍ମରେ ନିଯୁକ୍ତ ଥିବା ବ୍ୟକ୍ତିମାନଙ୍କର ଯୋଗ ଓ କ୍ଷେମ ମୁଁ ବହନ କରେଁ । (ଅପ୍ରାପ୍ତ ବସ୍ତୁର ପ୍ରାପ୍ତିର ନାମ ଯୋଗ ଏବଂ ପ୍ରାପ୍ତବସ୍ତୁର ସଦ୍ବ୍ୟବହାର ନାମ କ୍ଷେମ । )

ଏହି ଶ୍ଳୋକର ପୂର୍ବବର୍ତ୍ତୀ ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ବୈଦିକ ଯଜ୍ଞାଦି କର୍ମର ନିଷ୍ଫଳତା ବିଷୟରେ କହି ଏବଂ ଠିକ୍ ପରବର୍ତ୍ତୀ ଶ୍ଳୋକଟିରେ ଦେବତା ପୂଜାର ବିରୁଦ୍ଧରେ କହି ଏଠାରେ କିପରି ସୁକୌଶଳରେ ନିଜର ଶ୍ରେଷ୍ଠତ୍ୱ ପ୍ରଚାର କରୁଅଛନ୍ତି ତାହା ବୁଝିନିଅନ୍ତୁ । ପରବର୍ତ୍ତୀ ଶ୍ଳୋକଟିର ଅର୍ଥ ପୂର୍ବେ ଲେଖାଯାଇଅଛି । ଶ୍ରୀକୃଷ୍ଣଙ୍କର ପରିଚୟ ବିଷୟ ନେଇ ଆଉ ବିଶେଷ ବର୍ଣ୍ଣନା କରିବା ଅନାବଶ୍ୟକ ।

ଧର୍ମ ସଂସ୍ଥାପନ କରିବାପାଇଁ ଶ୍ରୀକୃଷ୍ଣ ଜଗତକୁ ଆସିଥିଲେ ଏବଂ ଯୁଗେ ଯୁଗେ ଆସନ୍ତି ଏକଥା ସମସ୍ତେ ଜାଣନ୍ତି—

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ୪ର୍ଥ-୮ ।

ପ୍ରଚଳିତ ପ୍ରଥାସବୁର ଅନ୍ଧ ଅନୁସରଣକୁ ଦୃଢଭାବରେ ସମର୍ଥନ କରିବାକୁ ଶ୍ରୀକୃଷ୍ଣ ଜଗତକୁ ଆସିଥିଲେ ବୋଲି ଯେଉଁମାନେ କହୁଅଛନ୍ତି ଏବଂ ସ୍ୱଚକ୍ଷୁରେ ଏତେ ପରିବର୍ତ୍ତନ ଦେଖି ମଧ୍ୟ ଓ ନିଜେ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇମଧ୍ୟ ଯେଉଁମାନେ ନିଜର ଜିଦ ଧରି ଏହିପରି କହୁଥିବେ ସେମାନଙ୍କୁ ମୋର କିଛି କହିବାର ନାହିଁ । ସମସ୍ତ ମାନବ ସମାଜକୁ ତଥା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶ୍ରୀକୃଷ୍ଣ ଯଦି କୌଣସି ନୂତନ ଶିକ୍ଷା ଦେଇଯାଇ-ଅଛନ୍ତି ଓ ନୂତନ ପଥ ଦେଖାଇଅଛନ୍ତି ତାହା କଅଣ ଏବଂ ଆମ୍ଭେମାନେ ତଦନୁସାରେ କେଉଁ ପରିମାଣରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିଅଛୁଁ କିମ୍ବା କରିବାକୁ ପ୍ରସ୍ତୁତ ଅଛୁଁ, ତାହାହିଁ ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତିଙ୍କର ବିଚାର କରିବାର ବିଷୟ । ଶ୍ରୀକୃଷ୍ଣ କହିଅଛନ୍ତି—

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ-୭

ଅର୍ଥ—ଅତଏବ ସର୍ବଦା ମୋତେ ଅନୁସରଣ କର ଓ ଯୁଦ୍ଧ କର ।

ମୋତେ ସ୍ମରଣ କର ଏକଥା ନକହି ମୋତେ ଅନୁସ୍ମରଣ କର ଏପରି କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ତାଙ୍କୁ ସ୍ମରଣ କରିବା ବ୍ୟକ୍ତି ଏବଂ ସେ ନିଜେ ଏହି ଉଭୟଙ୍କ ପ୍ରକୃତିରେ ସାମ୍ୟ ରହିବା ଆବଶ୍ୟକ । ସର୍ବେଷୁ କାଳେଷୁ କଥାଟିର ଅର୍ଥ ହେଉଛି—ସର୍ବଦା । ଅତଏବ ଏଠାରେ "ଅନୁ" କଥାଟିର ଅର୍ଥ "ସର୍ବଦା" ନୁହେଁ । ଅନୁ କଥାଟିର ଅର୍ଥ ଯାହା ଇଚ୍ଛା ତାହା ହେଉ ଏଠାରେ ଅନୁସ୍ମରଣ କରିବାର ଅର୍ଥ ହେଉଛି ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରିବା ଏବଂ ଯୁଦ୍ଧ କରିବାର ଅର୍ଥ ହେଉଛି ସମସ୍ତ ପ୍ରକାର ଅନୁଶୁଣ୍ଣୁ୍ମ ବିରୁଦ୍ଧରେ ସଂଗ୍ରାମ କରି ନିଜ ନିଜର ସ୍ୱଭାବ-ନିୟତ ଜୀବନଯୁଦ୍ଧରେ ଅଗ୍ରସର ହେବା । ଏଠାରେ ଯୁଦ୍ଧ କରିବାର ଅର୍ଥ ଯଶଲାଭ ଏବଂ ରାଜ୍ୟ ଭୋଗ ପାଇଁ ନରହତ୍ୟା ନୁହେଁ । ଯଶଲାଭ ଏବଂ ରାଜ୍ୟଭୋଗ ପାଇଁ ଯେ ଯୁଦ୍ଧ ବା ନରହତ୍ୟା ତାହା କେବଳ ଅର୍ଜୁନଙ୍କଠାରେ ପ୍ରଯୁଜ୍ୟ । ସେପରି ଯୁଦ୍ଧକୁ ମଧ୍ୟ ସମର୍ଥନ କରି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଅଛନ୍ତି—

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୂନ୍ ଭୁଂକ୍ଷ୍ୱ ରାଜ୍ୟଂ ସମୃଦ୍ଧଂ । ୧୧ଶ-୩୩

ଅର୍ଥ—ଅତଏବ ହେ ଅର୍ଜୁନ ତୁମ୍ଭେ ଉଠ ଓ ଯଶଲାଭ କର ଏବଂ ଶତ୍ରୁମାନଙ୍କୁ ଜୟ କରି ସମୃଦ୍ଧ ରାଜ୍ୟ ଭୋଗ କର ।

ଗୀତାର ଏହି ନୂତନ ଶିକ୍ଷା ବହୁସ୍ତୂଜନଙ୍କ ଏବଂ ଜନସାଧାରଣଙ୍କର ଧାରଣାର ଅତୀତ । ଜନସାଧାରଣଙ୍କର ଧାରଣା ଏହିକି ତ୍ୟାଗହିଁ ଧର୍ମ ଏବଂ ଭୋଗକରିବା ହେଉଛି ଅଧର୍ମ । ନଭୋଗକରିବା କଥାଟିକୁ ଲୋକେ ଯେପରି ବୁଝନ୍ତି ଶ୍ରୀକୃଷ୍ଣଙ୍କର ଉପଦେଶର ଅର୍ଥ ତାହା ନୁହେଁ । ଭୋଗ ନଥାଇ ଯେ ତ୍ୟାଗ, ତାହା ଯେପରି କେବଳ ଦୁଃଖଦାୟକ ତ୍ୟାଗ ନଥାଇ ଯେ ଭୋଗ ତାହା ମଧ୍ୟ ସେହିପରି ଦୁଃଖଦାୟକ । ଭୋଗ ଓ ତ୍ୟାଗ ମଧ୍ୟରେ ସର୍ବଦା ଘନିଷ୍ଠ ସମ୍ବନ୍ଧ ରଖିବା ପ୍ରୟୋଜନ । ଏହି ଉଭୟ ମଧ୍ୟରେ ଭୋଗ ହେଉଛି ପ୍ରଧାନ । ସେଥିପାଇଁ ଶ୍ରୀକୃଷ୍ଣ ବାରମ୍ବାର କହିଅଛନ୍ତି "ଭୋଗ କର" ଅର୍ଥାତ୍ ସର୍ବଦା ନିଜର ଏକମାତ୍ର ଲକ୍ଷ୍ୟ ସେହି ଆନନ୍ଦ ଭୋଗ କର । ମାତ୍ର କର୍ମର ଫଳ ପ୍ରତି ଆସକ୍ତି ନରହି ଭୋଗ କର, ମମତା ଦୋଷରୁ ମୁକ୍ତହୋଇ ପ୍ରତ୍ୟେକ କର୍ମ ସମସ୍ତ ବିଶ୍ୱର କଲ୍ୟାଣ ଅଭିପ୍ରାୟରେ

ସମ୍ପର୍କ କରି ଭୋଗ କର, ରାଗ-ଦ୍ୱେଷରୁ ବିମୁକ୍ତ ହୋଇ ଭୋଗ କର । ଈଶୋପନିଷଦର ସର୍ବପ୍ରଥମ ଉପଦେଶ ହେଉଛି—

ତେନ ତ୍ୟକ୍ତେନ ଭୁଞ୍ଜିଥା

ଅର୍ଥ—ଅତଏବ ତ୍ୟାଗ ଦ୍ୱାରା ହିଁ ଭୋଗ କର ।

ଯଶଲାଭ ଏବଂ ରାଜ୍ୟଭୋଗ ପାଇଁ ନରହତ୍ୟା କେବଳ ଅର୍ଜୁନଙ୍କଠାରେ ପ୍ରଯୁଜ୍ୟ ହେଲେ ମଧ୍ୟ ଶ୍ରୀକୃଷ୍ଣ ନରହତ୍ୟାକୁ ସମର୍ଥନ କରୁଅଛନ୍ତି ଏହା ବିସ୍ମୟଜନକ । ଶ୍ରୀକୃଷ୍ଣଙ୍କ ମତରେ କୌଣସି କର୍ମ ଦୋଷାବହ ନୁହେଁ; ନରହତ୍ୟା ମଧ୍ୟ ଦୋଷାବହ ନୁହେଁ । ନରହତ୍ୟା ପରି କର୍ମ କପରି ଭାବରେ ଦୋଷାବହ ନୁହେଁ ତାହା ଶ୍ରୀକୃଷ୍ଣ ନିମ୍ନଲିଖିତ ଶ୍ଳୋକରେ କହିଅଛନ୍ତି :—

ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ
ହତ୍ୱାପି ସ ଇମାନ୍ ଲୋକାନ୍ ନ ହନ୍ତି ନ ନିବଧ୍ୟତେ । ୧୮ଶ-୧୭

ଅର୍ଥ—"ମୁଁ କର୍ତ୍ତା" ଏହି ଭାବ ଯାହାର ନାହିଁ ଏବଂ ଯାହାର ବୁଦ୍ଧି କର୍ମରେ ଲିପ୍ତ ହୁଏ ନାହିଁ ସେ ସମସ୍ତଙ୍କୁ ହତ୍ୟା କରି ମଧ୍ୟ—ହତ୍ୟା କରନ୍ତି ନାହିଁ ଏବଂ କର୍ମରେ ଆବଦ୍ଧ ହୁଅନ୍ତି ନାହିଁ ।

ସେ ଯାହାହେଉ ଯଶଲାଭ ଏବଂ ରାଜ୍ୟଭୋଗ ପାଇଁ ନରହତ୍ୟା କେବଳ ଅର୍ଜୁନଙ୍କର ସ୍ୱଧର୍ମ ; ଏହା ସମସ୍ତ ମାନବ ଜାତିର ସ୍ୱଧର୍ମ ନୁହେ । ସମସ୍ତ ମାନବଜାତିର ସ୍ୱଧର୍ମକୁ ଲକ୍ଷ୍ୟକରି ଶ୍ରୀକୃଷ୍ଣ କହିଅଛନ୍ତି—

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ୩ୟ-୩୫

ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ନିଜର ବିଗୁଣ ବା ଦୋଷଯୁକ୍ତ ସ୍ୱଧର୍ମ ଶ୍ରେୟସ୍କର ଅଟେ । ସେହି ଦୋଷଯୁକ୍ତ ସ୍ୱଧର୍ମରେ ମୃତ୍ୟୁ ବରଣ କରିବା ଶ୍ରେୟସ୍କର ; ମାତ୍ର ପରଧର୍ମ ଅର୍ଥାତ୍ ପରଧର୍ମର ଅନ୍ଧ ଅନୁସରଣ ଭୟାବହ ଅଟେ ।

ଏହି ଶ୍ଳୋକରେ ଶ୍ରୀକୃଷ୍ଣ କର୍ମରେ ଆସକ୍ତ ରହିଥିବା ଅଜ୍ଞାନୀ ଜନସାଧାରଣଙ୍କୁ କହିଅଛନ୍ତି ଯେ, ସେମାନେ ପରଧର୍ମର ଅନ୍ଧଅନୁସରଣ

ଫଳରେ ନିଜ ନିଜର ଦୋଷଯୁକ୍ତ ସ୍ୱଭାବ-ନିୟତ କର୍ମ ବା ସହଜାତ କର୍ମ ପରିତ୍ୟାଗ ନକରନ୍ତୁ । ଏହି ଉପଦେଶ ଦେବା ପୂର୍ବରୁ ନିଜର ସ୍ୱଭାବ ନିୟତ କର୍ମ ପରିତ୍ୟାଗ କରି ବିପଥଗାମୀ ହୋଇଥିବା ବିଦ୍ୱାନ୍‌ମାନଙ୍କୁ ଓ ପୂର୍ଣ୍ଣଜ୍ଞାନୀମାନଙ୍କୁ ଉପଦେଶ ଦେଇ କହିଅଛନ୍ତି ଯେ, ସେମାନେ ନିଜର ପ୍ରଶସ୍ତି ତା ବାକ୍ୟଦ୍ୱାରା କର୍ମାସକ୍ତ ଅଜ୍ଞାନୀ ଜନସାଧାରଣଙ୍କର ବୁଦ୍ଧିଭେଦ ଜନ୍ମାଇ ସେମାନଙ୍କୁ ନିଜ ନିଜର ସ୍ୱଭାବ-ନିୟତ କର୍ମରୁ ନିବୃତ୍ତ କରାନ୍ତୁ ନାହିଁ ।

ନ ବୁଦ୍ଧିଭେଦମ୍ ଜନୟେଦଜ୍ଞାନାମ୍ କର୍ମସଙ୍ଗିନାମ
ଯୋଜୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ । ୩ୟ-୨୬

ଅର୍ଥ—କର୍ମରେ ଆସକ୍ତ ଅଜ୍ଞମାନଙ୍କର ବୁଦ୍ଧିଭେଦ ଜନ୍ମାଇବା ଉଚିତ ନୁହେଁ । ବିଦ୍ୱାନ୍‌ବ୍ୟକ୍ତି ନିଜେ ସବୁକର୍ମ ଆଚରଣ କରି ଅର୍ଥାତ୍ ନିଜେ ଆଦର୍ଶ ଦେଖାଇ ସେମାନଙ୍କୁ ନିଜ ନିଜର ସ୍ୱଭାବନିୟତ କର୍ମରେ ନିଯୁକ୍ତ କରିବା ଉଚିତ ।

ଶ୍ରେୟାନ୍ କଥାଟିକୁ ଟୀକାକାରମାନେ ଉତ୍କୃଷ୍ଟତର ବୋଲି ଅର୍ଥ କରିଅଛନ୍ତି । ମାତ୍ର "ପରଧର୍ମୋ ଭୟାବହ" ଏହି କଥାଟିରୁ ପ୍ରକାଶ ଯେ ପରଧର୍ମ ସମ୍ପୂର୍ଣ୍ଣରୂପେ ତ୍ୟାଜ୍ୟ । ତେଣୁ ଶ୍ରେୟାନ୍ କଥାଟିର ଅର୍ଥ, ଉତ୍କୃଷ୍ଟତର ନୁହେ । ପ୍ରକୃତ କଥା ଏହିକି ଉପନିଷଦରେ "ଶ୍ରେୟ ଓ ପ୍ରେୟ" ଏହି ଦୁଇଟି କଥା ଅଛି । ଶ୍ରେୟ କଥାଟିର ଅର୍ଥ ହେଉଛି, ଯାହା ପ୍ରକୃତରେ ମଙ୍ଗଳପ୍ରଦ ଏବଂ ପ୍ରେୟ କଥାଟିର ଅର୍ଥ ହେଉଛି, ଯାହା ପ୍ରୀତିକର ଅର୍ଥାତ୍ ଯାହା କରିବାକୁ ସହଜ ଓ ସୁଖପ୍ରଦ ବୋଧହୁଏ । ତେଣୁ ଏଠାରେ ସ୍ୱଧର୍ମ ହେଉଛି ଶ୍ରେୟ ଏବଂ ପରଧର୍ମ ହେଉଛି ପ୍ରେୟ । ପରଧର୍ମ ଅନୁକରଣ କରିବା କିମ୍ବା ପରଧର୍ମର ଅନ୍ଧଅନୁସରଣ କରିବା ବାସ୍ତବିକ ଅତି ସହଜ ଓ ପ୍ରୀତିକର ମଧ୍ୟ ବୋଧହୁଏ ମାତ୍ର ସ୍ୱଧର୍ମ ପାଳନ କରିବା ଅର୍ଥାତ୍ ନିଜର ବିବେକବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ସତ୍ୟପଥରେ ଅଗ୍ରସର ହେବା ଅତି କଠିନ । ସ୍ୱଧର୍ମ ପାଳନ କରିବା ଓ ହିମାଳୟ ପର୍ବତ ପରି ଦୃଢ଼ଭାବରେ ରହି ସମସ୍ତ ପ୍ରକାର ପରଧର୍ମର ଅନ୍ଧ ଅନୁସରଣ ବିରୁଦ୍ଧରେ ସଂଗ୍ରାମକରି, ସତ୍ୟର ବା ଗୀତା-ଧର୍ମର ପ୍ରତିଷ୍ଠା କରିବା ଏ ଦୁହେଁ ଏକାକଥା । ସତ୍ୟର ପ୍ରତିଷ୍ଠା ସକାଶେ ଅସତ୍ୟ ଓ ଅନ୍ୟାୟ ବିରୁଦ୍ଧରେ

ସଂଗ୍ରାମ କରି ସେହି ସଂଗ୍ରାମରେ ମୃତ୍ୟୁବରଣ କରିବା ଭଲ ମାତ୍ର ପରଧର୍ମର ଅନ୍ଧଅନୁସରଣ କରି ଜଡ଼ତା ଅବଲମ୍ବନ କରିବା ପ୍ରୀତିକର ବୋଧହେଲେ ମଧ୍ୟ ପ୍ରକୃତରେ ମଙ୍ଗଳପ୍ରଦ ନୁହେ ।

ସାଧାରଣ କଥାରେ ଅଛି, ଆପଣା ବୁଦ୍ଧିରେ ଘାସ କାଟିବା ଭଲ ମାତ୍ର ପରବୁଦ୍ଧିରେ ଘୋଡ଼ା ଚଢ଼ିବା ଭଲ ନୁହେ । ଏଠାରେ ଶ୍ରୀକୃଷ୍ଣ ସେହି କଥା କହିଅଛନ୍ତି ; ଅର୍ଥାତ୍ ନିଜର ବିବେକ-ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ କର୍ମ କରିବାକୁ କହିଅଛନ୍ତି । ଏହି ସ୍ୱଧର୍ମ କଥାଟିକୁ ସ୍ୱକର୍ମ ଭାବରେ ବୁଝାଇ ଶ୍ରୀକୃଷ୍ଣ ପୁଣି କହିଅଛନ୍ତି:—

ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬
ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଭାବ-ନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷଂ । ୧୮ଶ-୪୭ ।
ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ । ୧୮ଶ-୪୮

ଅର୍ଥ—ନିଜର ସ୍ୱକର୍ମ ଦ୍ୱାରା ଈଶ୍ୱରଙ୍କୁ ଅଭ୍ୟର୍ଚ୍ଚନା କରି ମନୁଷ୍ୟ ସିଦ୍ଧିଲାଭ କରେ ( ୧୮ଶ-୪୬ )। ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ବିଗୁଣ ସ୍ୱଧର୍ମ ଶ୍ରେୟସ୍କର । କାରଣ ସ୍ୱଭାବ-ନିୟତ କର୍ମକରିବାରେ ପାପ ନାହିଁ (୧୮ଶ-୪୭ )। ସହଜାତ କର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ୧୮ଶ-୪୮ ।

ବିମାନ୍ୱୟରେ ଥିବା ଏହି ଶ୍ଳୋକଗୁଡ଼ିକ ଧାଡ଼ିରୁ ପ୍ରକାଶ ଯେ ନିଜର ସ୍ୱଭାବ-ନିୟତ କର୍ମରେ ନିଯୁକ୍ତ ରହିଥିବାର ନାମ ସ୍ୱଧର୍ମ । ଗୀତା ପ୍ରସ୍ତାବିତ ସ୍ୱଧର୍ମକୁ ବା ସ୍ୱକର୍ମକୁ ପୂର୍ବାଭ୍ୟାସହେତୁ କାଳେ ଲୋକେ ସାମ୍ପ୍ରଦାୟିକ ସ୍ୱକର୍ମ ମନେକରିବେ, ସେଥିପାଇଁ ସ୍ୱଧର୍ମ କଥାଟିକୁ ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ ସେହି ଶ୍ଳୋକର ତଳଧାଡ଼ିରେ "ସ୍ୱଭାବ-ନିୟତ କର୍ମ" ଏହି କଥାଟି ବ୍ୟବହାର କରିଅଛନ୍ତି ଏବଂ କାଳେ ଲୋକେ ପରକର୍ମର ଅନ୍ଧ ଅନୁସରଣକୁ କିମ୍ବା ନିଜର ଇଚ୍ଛା-ପ୍ରଣୋଦିତ କର୍ମ ସବୁକୁ ସ୍ୱଭାବ-ନିୟତ କର୍ମ ମନେକରି ବିପଥଗାମୀ ହେବେ ସେଥିପାଇଁ ଶ୍ରୀକୃଷ୍ଣ ସ୍ୱଭାବ-ନିୟତ କଥାଟିକୁ ବୁଝାଇବା ପାଇଁ ପରବର୍ତ୍ତୀ ଶ୍ଳୋକରେ

*

"ସହଜ କର୍ମ" ବା ସହଜାତ କର୍ମ କଥାଟି ବ୍ୟବହାର କରିଅଛନ୍ତି । ଅତଏବ ଉପରୋକ୍ତ ସ୍ଥାନରେ ଥିବା ଏହି ସ୍ଵପ୍ନଗୁଡ଼ିକ ଧାତୁରେ ସ୍ଵକର୍ମ, ସ୍ଵଧର୍ମ, ସ୍ଵଭାବ-ନିୟତ କର୍ମ ଓ ସହଜାତ କର୍ମ ଏମାନେ ପ୍ରାୟ ଏକାକଥା । ବର୍ତ୍ତମାନ ସହଜାତକର୍ମ କଅଣ ତାହାହିଁ ବୁଝିବା ଆବଶ୍ୟକ ।

ଯେଉଁ କର୍ମକୁ ସଙ୍ଗରେ ନେଇ ପ୍ରତ୍ୟେକ ମନୁଷ୍ୟ ଏହି ସଂସାରରେ ଜାତ ହୋଇଅଛି ସେହି କର୍ମହିଁ ସେହି ମନୁଷ୍ୟର ସହଜାତ କର୍ମ ବା ସ୍ଵଭାବ-ନିୟତ କର୍ମ । କେଉଁ କର୍ମକୁ ସଙ୍ଗରେ ନେଇ ପ୍ରତ୍ୟେକ ମନୁଷ୍ୟ ଏହି ସଂସାରକୁ ଆସିଅଛି ତାହା ବୁଝିବା ପାଇଁ ଦେବୀ ଭାଗବତରେ ଥିବା ନିମ୍ନଲିଖିତ କଥାଟି ଅନେକ ସାହାଯ୍ୟ କରିବ । ମାତ୍ର ମନେରଖନ୍ତୁ ଦେବୀ ଭାଗବତରେ ଲେଖାଅଛି ବୋଲି ତାହାକୁ ସତ୍ୟବୋଲି ଗ୍ରହଣ କରିବାକୁ ହେବ, ଏପରି କଥା ମୁଁ କହୁନାହିଁ, କାରଣ ତାହା ପରଧର୍ମ ।

କ୍ରିୟମାଣଂ ଚ ଯତ୍ କର୍ମ ବର୍ତ୍ତମାନଂ ତଦୁଚ୍ୟତେ<br>
ଅନେକ ଜନ୍ମ ସଂଜାତଂ ପ୍ରାକ୍ତନଂ ସଞ୍ଚିତଂ ସ୍ମୃତଂ<br>
ସଞ୍ଚିତାନାଂ ପୁନର୍ମଧ୍ୟାତ୍ ସମାହୃତ୍ୟ କିୟତ୍ ଫଳଂ<br>
ଦେହାରମ୍ଭେ ଚ ସମୟେ କାଳଃ ପ୍ରେରୟତୀବ ତତ୍—<br>
ପ୍ରାରବ୍ଧ କର୍ମ ବିଜ୍ଞେୟମ୍ ।

ଅର୍ଥ—ଏହି ଜନ୍ମରେ ପ୍ରତ୍ୟହ ଯେଉଁ କର୍ମ କରାଯାଏ ତାହାକୁ ବର୍ତ୍ତମାନ କର୍ମ କୁହାଯାଏ । ଅନେକ ଜନ୍ମକୃତ ପୂର୍ବତନ କର୍ମସବୁ ସମଷ୍ଟିକୁ ସଞ୍ଚିତ କର୍ମ କୁହାଯାଏ । ସେହି ସଞ୍ଚିତ କର୍ମରୁ ଯେଉଁ ନିର୍ଦ୍ଦିଷ୍ଟ କର୍ମ ବା କେତେକ ଅଂଶ ଏହି ନୂତନ ଜନ୍ମର ଆରମ୍ଭରେ କାଳ ବା କର୍ମଦେବତା ପ୍ରେରଣା କରନ୍ତି ବା କ୍ଷୟ କରିବା ପାଇଁ ଦିଅନ୍ତି ତାହାର ନାମ ପ୍ରାରବ୍ଧ କର୍ମ ।

ପ୍ର+ଆରବ୍ଧ=ପ୍ରାରବ୍ଧ । ଯେଉଁ କର୍ମର ଭୋଗ ଆରମ୍ଭ ହୋଇସାରିଛି ତାହାର ନାମ ପ୍ରାରବ୍ଧ କର୍ମ ବା ସହଜାତ କର୍ମ । ପ୍ରତ୍ୟେକ ମନୁଷ୍ୟର କର୍ମ ସେହି ମନୁଷ୍ୟର ଭାବନା, ବାସନା ଓ ଚେଷ୍ଟା ଭେଦରେ ଭିନ୍ନପ୍ରକାର । ସେହି ଭାବନା, ବାସନା ଓ ଚେଷ୍ଟା ଯଥାକ୍ରମେ ସେହି

ମନୁଷ୍ୟର ଜ୍ଞାନଶକ୍ତି, ଇଚ୍ଛାଶକ୍ତି ଓ କ୍ରିୟାଶକ୍ତିରୁ ଉତ୍ପନ୍ନ । ମନୁଷ୍ୟ ପ୍ରତିଦିନ ଯାହା ଭାବନା କରେ, ବାସନା କରେ ଓ ଶାରୀରିକ କର୍ମ କରେ ତାହାସବୁ ସଞ୍ଚିତ ହୋଇ ସେହି ମନୁଷ୍ୟର ଚରିତ୍ରରେ ବା ସ୍ୱଭାବରେ ପରିଣତ ହୁଏ । ଆମ୍ଭେମାନେ ଏହା ସର୍ବଦା ଅନୁଭବ କରୁଁ । ଠିକ୍ ସେହିପରି ପୂର୍ବ ଜନ୍ମରେ ମନୁଷ୍ୟ ଯାହା ଯାହା ଭାବନା କରିଥାଏ ଓ ବାସନା କରିଥାଏ ତାହା ସଞ୍ଚିତ ହୋଇ ସେହି ମନୁଷ୍ୟର ସଞ୍ଚିତ କର୍ମ ସୃଷ୍ଟି କରେ । ସେହି ସଞ୍ଚିତ କର୍ମର ଅଂଶ ହେଉଛି ମନୁଷ୍ୟର ସହଜାତ କର୍ମ ବା ସ୍ୱଭାବ ବା ଚରିତ୍ର ବା ସେ ନିଜେ ।

ତୃତୀୟ ଅଧ୍ୟାୟରେ ଓ ଅଷ୍ଟାଦଶ ଅଧ୍ୟାୟରେ ସ୍ୱଧର୍ମ କଥାଟିକୁ ଶ୍ରୀକୃଷ୍ଣ ଯଥାକ୍ରମେ ନିଜର ବିବେକ ବୁଦ୍ଧି ଓ ସ୍ୱଭାବ-ନିୟତ କର୍ମ ବୋଲି ପୃଥକ୍ ଭାବରେ ବୁଝାଇଅଛନ୍ତି । ଗୀତା-ପ୍ରଚାରିତ ବୁଦ୍ଧିଯୋଗ କଥାଟିକୁ ବିଶ୍ଳେଷଣ କଲେ ବୁଝାଯିବ ଯେ ବୁଦ୍ଧି ଓ ଯୋଗ ଏହି ଦୁଇଟି କଥାର ଅର୍ଥ ମଧ୍ୟ ଯଥାକ୍ରମେ ନିଜର ବିବେକ ବୁଦ୍ଧି ଓ ନିଜର ସ୍ୱଭାବ-ନିୟତ କର୍ମ । ଅତଏବ ଗୀତା-ପ୍ରଚାରିତ ସ୍ୱଧର୍ମ ଓ ଗୀତା-ପ୍ରଚାରିତ ବୁଦ୍ଧିଯୋଗ ଏ ଦୁହେଁ ଏକା କଥା ଏବଂ ଗୀତାର ସର୍ବପ୍ରଧାନ କଥା । ମାତ୍ର ଦୁଃଖର କଥା ଏହିକି ସ୍ୱଧର୍ମ କଥାଟିକୁ ଗୀତାର ଟୀକାକାରମାନେ ସାମ୍ପ୍ରଦାୟିକ ସ୍ୱଧର୍ମ ଓ ସାମ୍ପ୍ରଦାୟିକ ସ୍ୱକର୍ମ ବୋଲି ବ୍ୟାଖ୍ୟା କରିଅଛନ୍ତି ଯାହା ସମ୍ପୂର୍ଣ୍ଣ ଅଯୌକ୍ତିକ ।

ଏହି ସଂସାର ଶ୍ରୀ ଭଗବାନଙ୍କର ଗୋଟିଏ ବୈଚିତ୍ର୍ୟପୂର୍ଣ୍ଣ ସୁନ୍ଦର ବଗିଚା । ଏହି ବଗିଚାରେ ମନୁଷ୍ୟଜାତି ଗୋଟିଏ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଭାଗ । ଏହି ବିଭାଗରେ ଏକ ଜାତୀୟ ଯୋଡ଼ାଏ ଗଛ ସୁଦ୍ଧା ନାହିଁ । ପ୍ରତ୍ୟେକ ଗଛ ତାହାର ପୂର୍ବକୃତ କର୍ମର ଅଧୀନ ଏବଂ ସେହି ପୂର୍ବକୃତ କର୍ମର ସ୍ୱାଭାବିକ ତାଡନା ହେତୁ ପ୍ରତ୍ୟେକ ଗଛର ସ୍ୱଭାବ-ନିୟତ କର୍ମ ବା କ୍ରମବିକାଶର ପ୍ରଣାଳୀ ଅନ୍ୟଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଥାଇ ସୁଦ୍ଧା ଗଛ ନିଜକୁ ନିଜେ ପୂର୍ଣ୍ଣ । କଖାରୁ ଗଛ ତାହାର ସ୍ୱଭାବ-ନିୟତ କର୍ମରେ ବା କ୍ରମବିକାଶ ପଥରେ ଅଗ୍ରସର ହେବାବେଳେ ଯେଉଁ ଆନନ୍ଦ ପାଏ ଗୋଲାପ ଗଛ ମଧ୍ୟ ତାହାର କ୍ରମବିକାଶ ପଥରେ ଅଗ୍ରସର ହେବାବେଳେ ସେହି ଆନନ୍ଦ ପାଏ । କ୍ରମବିକାଶର ପ୍ରଣାଳୀରେ ଅର୍ଥାତ୍ ସ୍ୱଭାବ-ନିୟତ କର୍ମରେ ଅଗ୍ରସର ହେବାରେ ପାର୍ଥକ୍ୟ ଥିଲେ ସୁଦ୍ଧା ପୂର୍ଣ୍ଣତା ପ୍ରାପ୍ତିରେ

ଓ ଆନନ୍ଦ ଉପଲବ୍‌ଧ କରିବାରେ ପ୍ରତ୍ୟେକ ଗଛର ସମାନ ଅଧିକାର । ଏହି ସମତାହିଁ ମନୁଷ୍ୟ ପାଇଁ ଭଗବାନଙ୍କର ସର୍ବଶ୍ରେଷ୍ଠ ଦାନ । ଏହି ସମତା ବୁଝିନପାରି କଖାରୁଗଛ ଯଦି ଗୋଲାପ ଗଛର ବିମବିକାଶ ପ୍ରଣାଳୀର ଅନ୍ଧ ଅନୁସରଣ କରେ ସେହି କଖାରୁ ଗଛର ଯେଉଁ ଦୁରବସ୍ଥା ଘଟିବ, ପରଧର୍ମର ଅନ୍ଧଅନୁସରଣ କରିବା ଫଳରେ ପ୍ରତ୍ୟେକ ମନୁଷ୍ୟର ତଥା ସମସ୍ତ ମାନବ ଜାତିର ଆଜି ସେହି ଦୁରବସ୍ଥା ଘଟିଅଛି । ପରଧର୍ମର ଅନ୍ଧ ଅନୁସରଣ କରିବା ଦ୍ୱାରା ମନୁଷ୍ୟ ଭଗବାନଙ୍କର ବୈଚିତ୍ର୍ୟମୟ ବଗିଚାର ପ୍ରକୃତ ସୌନ୍ଦର୍ଯ୍ୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ନିଜେ ମନୁଷ୍ୟ ରାଜ୍ୟରୁ ବାହାରି ଆସି ପଶୁ ରାଜ୍ୟରେ ଭୁକ୍ତ ହୋଇଅଛି ।

ପଶୁ ରାଜ୍ୟରେ ସାମ୍ପ୍ରଦାୟିକ ସ୍ୱଧର୍ମ ଓ ସାମ୍ପ୍ରଦାୟିକ ସ୍ୱକର୍ମ ଅଛି, ଯାହା ଅମ୍ଭେମାନେ ପ୍ରତ୍ୟକ୍ଷ ଦେଖୁଅଛୁଁ । ସବୁ ଛେଳିଆଙ୍କର ଏକା ପ୍ରକୃତି, ତେଣୁ ଏକପ୍ରକାର ସ୍ୱଧର୍ମ । ସବୁ ମେଣ୍ଢାଙ୍କର ଏକା ପ୍ରକୃତି, ତେଣୁ ଏକପ୍ରକାର ସ୍ୱଧର୍ମ ମାତ୍ର ମନୁଷ୍ୟ ରାଜ୍ୟରେ ଭିନ୍ନ ଭିନ୍ନ ସମ୍ପ୍ରଦାୟଭୁକ୍ତ ସବୁ ମନୁଷ୍ୟଙ୍କର ଏକପ୍ରକାର ପ୍ରକୃତି, ଏକପ୍ରକାର ସ୍ୱଧର୍ମ ଓ ଏକପ୍ରକାର ସ୍ୱକର୍ମ ହେବା ସମ୍ପୂର୍ଣ୍ଣ ଅସଙ୍ଗତ ଓ ଅସ୍ୱାଭାବିକ । ମନୁଷ୍ୟ ସମ୍ପ୍ରଦାୟ ଭୁକ୍ତ ହୋଇ ରହିବା କୌଣସି ଆପତ୍ତିନାହିଁ, ବରଂ ତାହା ଏକାନ୍ତ ବାଞ୍ଛନୀୟ; ମାତ୍ର ସେହି ସବୁ ସମ୍ପ୍ରଦାୟ ପ୍ରତ୍ୟେକ ବ୍ୟକ୍ତିଙ୍କର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ବା ବ୍ୟକ୍ତିଗତ ସ୍ୱଧର୍ମ ବା ବ୍ୟକ୍ତିଗତ ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ହେଉ । ସେହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ନଦେଇ, ବ୍ୟକ୍ତିଗତ ସ୍ୱଧର୍ମର ଆବଶ୍ୟକତା ନବୁଝି ବ୍ୟକ୍ତିଗତ ସ୍ୱାଧୀନତାକୁ ଧ୍ୱଂସ କରି ଯେଉଁ ସବୁ ସମ୍ପ୍ରଦାୟ ଫକୀରଙ୍କ, ସ୍ୱାର୍ଥାନ୍ୱେଷୀ ସମାଜପତିମାନଙ୍କର ପ୍ରଭୁତ୍ୱ ଓ ପ୍ରତାରଣା ଉପରେ ପ୍ରତିଷ୍ଠିତ ତାହା ଅସ୍ୱାଭାବିକ ; ଭଗବାନଙ୍କ ସୃଷ୍ଟି କୌଶଳର ଅର୍ଥାତ୍ ବ୍ୟକ୍ତିଗତ କ୍ରମୋନ୍ନତିର ନିୟମ ବିରୁଦ୍ଧ ତେଣୁ ଅନିଷ୍ଟପ୍ରଦ । ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମ ବା ବ୍ୟକ୍ତିଗତ ସ୍ୱାଧୀନତାର ପ୍ରତିଷ୍ଠା କିପରି, ତାହା ଆଜି ପ୍ରତ୍ୟେକ ବ୍ୟକ୍ତିଙ୍କର ଅନୁସନ୍ଧାନ କରିବାର ବିଷୟ ।

ଗୀତା ହେଉଛି ଗୁରୁ-ଶିଷ୍ୟ ସମ୍ବାଦ । ଅର୍ଜୁନ ହେଉଛନ୍ତି ଶିଷ୍ୟ ଓ ଜଗତର ପ୍ରତ୍ୟେକ ମାନବ ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ମାନବ ଜାତିର ଓ ପ୍ରତ୍ୟେକ ମାନବର ଏକମାତ୍ର ଗୁରୁ ।

"କୃଷ୍ଣଂ ବନ୍ଦେ ଜଗଦ୍ ଗୁରୁଂ—ଗୀତାର ଧ୍ୟାନ" ଏହି କଥାଟି ଶିକ୍ଷା ଦେଉଅଛି ଯେ ଜାତି-ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମେ ସମସ୍ତେ ହେଉଛୁଁ ଏକମାତ୍ର ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ଗୁରୁଭାଇ । ସେହି ଜଗଦଗୁରୁ କହିଅଛନ୍ତି—

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ

ଅର୍ଥ—ମାୟା-ଜଡ଼ିତ ସଂସାରରେ ବାସ କରିଥିବା ତଥାକଥିତ ଗୁରୁମାନଙ୍କର ଶିଷ୍ୟତ୍ୱ ଉପରେ ପ୍ରତିଷ୍ଠିତ ସଂକୀର୍ଣ୍ଣ ଧର୍ମସବୁକୁ ବିସର୍ଜନ ଦେଇ ଏକମାତ୍ର ମୋର ଶିଷ୍ୟତ୍ୱ ଗ୍ରହଣ କର । "ତୋତ୍ରବେତ୍ରୈକ ପାଣୟେ—ଗୀତାର ଧ୍ୟାନ" ଏହି କଥାଟିରୁ ବୁଝିଲୁ ଯେ, ଜଗଦ୍‌ଗୁରୁ ଶ୍ରୀକୃଷ୍ଣ ପ୍ରତ୍ୟେକ ମାନବର ଇନ୍ଦ୍ରିୟରୂପ ଘୋଡ଼ାମାନଙ୍କୁ ଶାସନ କରିବା ପାଇଁ ନିଜ ହାତରେ ବେତଧରି ତାହାର ସାରଥି ଭାବରେ କର୍ମ କରନ୍ତି । କେହି କେହି କହିପାରନ୍ତି—ଯଦି ପ୍ରତ୍ୟେକ ମନୁଷ୍ୟର ଇନ୍ଦ୍ରିୟମାନଙ୍କୁ ଶାସନ କରିବାପାଇଁ ଶ୍ରୀକୃଷ୍ଣ ନିଜ ହାତରେ ଶାସନ କରିବାର ବେତ ବା ଚାବୁକ୍ ଧରି ରହିଅଛନ୍ତି, ତେବେ ମନୁଷ୍ୟର କର୍ମ କଅଣ ? ଏପରି ଯୁକ୍ତିର ଉତ୍ତର ଦେଇ ଶ୍ରୀକୃଷ୍ଣ କହିଅଛନ୍ତି— "ମୟ୍ୟେବ ମନ ଆଧତ୍ସ୍ୱ— ୧୨ଶ-୮" ଅର୍ଥାତ୍ ମନରୂପ ଲଗାମଟିକୁ ସାରଥି ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିବାହିଁ ପ୍ରତ୍ୟେକ ମନୁଷ୍ୟର କର୍ମ ।

ଯେପରି ଭାବରେ ଅର୍ଜୁନ ତାଙ୍କର ପ୍ରତ୍ୟେକ ସଂଶୟ ଗୁରୁଙ୍କ ନିକଟରେ ନିଃସଂକୋଚରେ ପ୍ରକାଶ କରିଅଛନ୍ତି ଏବଂ ଗୁରୁ ଯେପରି ସୁକୌଶଳରେ ଶିଷ୍ୟର ପ୍ରତ୍ୟେକ ସଂଶୟ ଦୂର କରିଅଛନ୍ତି ତାହା ବର୍ତ୍ତମାନ ଯୁଗର ପ୍ରତ୍ୟେକ ଶିଷ୍ୟ ଓ ପ୍ରତ୍ୟେକ ଗୁରୁଙ୍କର ସର୍ବପ୍ରଧାନ ଶିକ୍ଷଣୀୟ ବିଷୟ । ଶ୍ରୀକୃଷ୍ଣ ଯଦି ବର୍ତ୍ତମାନ ଯୁଗର ଗୁରୁମାନଙ୍କପରି ସ୍ୱାର୍ଥାନ୍ୱେଷୀ ଓ ପ୍ରତାରକ ହୋଇଥାଆନ୍ତେ ଏବଂ ଅର୍ଜୁନ ଯଦି ବର୍ତ୍ତମାନ ଯୁଗର ଶିଷ୍ୟ-ମାନଙ୍କ ପରି ଅନ୍ଧ ହୋଇଥାଆନ୍ତେ ତେବେ ଅର୍ଜୁନଙ୍କୁ ଏତେ ପ୍ରଶ୍ନ ଓ ଏପରି ପ୍ରଶ୍ନସବୁ ପଚାରିବାକୁ ହୋଇ ନଥାନ୍ତା ଏବଂ ଶ୍ରୀକୃଷ୍ଣଙ୍କୁ ଏତେ ବୁଝାଇବାକୁ ହୋଇନଥାନ୍ତା । ଯେ କୌଣସି କୌଶଳରେ ଅର୍ଜୁନଙ୍କ କାନରେ ଗୁରୁମନ୍ତ୍ର କହିଦେଇଥିଲେ ଅର୍ଜୁନ ତତ୍‌କ୍ଷଣାତ୍ ଗୁରୁଙ୍କ କଥା ମାନି ଯୁଦ୍ଧରେ ନିଯୁକ୍ତ ହୋଇଥାନ୍ତେ ।

ନିଜର ସ୍ୱଭାବ-ନିୟତ କର୍ମରେ ଅଗ୍ରସର ହେବାକୁ ହେଲେ ନିଜର ଭାଇ, ବନ୍ଧୁ, ଗୁରୁ ପ୍ରଭୃତି ସ୍ୱଜନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ଏହି ବିଷାଦ ଅର୍ଜୁନଙ୍କ ମନରେ ଉପସ୍ଥିତ ହୋଇଥିଲା । ସ୍ୱଜନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେବାରୁ ଅର୍ଜୁନଙ୍କ ମନରେ ସଂଶୟ ଉପସ୍ଥିତ ହେଲା । ଅର୍ଜୁନ ଭାବିଲେ —ଅନୁଶ୍ରୁତମ୍ ଉପରେ ନିର୍ଭର କରି ନିଜର ସ୍ୱଭାବ ନିୟତ କର୍ମରୁ ନିବୃତ୍ତ ହେବି, ନା ଶ୍ରୀକୃଷ୍ଣଙ୍କର ଉପଦେଶ ଅନୁସାରେ ସ୍ୱଜନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ମଧ୍ୟ ନିଜର ସ୍ୱଭାବ ନିୟତ କର୍ମରେ ଅଗ୍ରସର ହେବି ? ଏହି ସଂଶୟ ନିଜେ ଦୂରକରି ନପାରି ଅର୍ଜୁନ ଶ୍ରୀକୃଷ୍ଣଙ୍କର ଶିଷ୍ୟତ୍ୱ ସ୍ୱୀକାର କଲେ ଏବଂ କହିଲେ, "ମୁଁ ତୁମର ଶିଷ୍ୟ, ମୋତେ ପ୍ରକୃତ କଥା ଶିକ୍ଷା ଦିଅ ।" :—

ଶିଷ୍ୟ ସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ; ୨ୟ-୭ ।
ଶିଷ୍ୟତ୍ୱ ସ୍ୱୀକାର କରି ମଧ୍ୟ ଅର୍ଜୁନ ପୁନର୍ବାର କହିଲେ—
"ମୁଁ ଯୁଦ୍ଧ କରିବି ନାହିଁ ;" —୨ୟ-୯

ସ୍ୱଚକ୍ଷୁରେ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦେଖି ତାଙ୍କୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କଲାପରେ ମଧ୍ୟ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ—ଯେଉଁମାନେ ତୁମ୍ଭଙ୍କୁ ଉପାସନା କରନ୍ତି ସେମାନେ ଶ୍ରେଷ୍ଠ, ନା ଯେଉଁମାନେ ଅବ୍ୟକ୍ତ ଭଗବାନଙ୍କୁ ଉପାସନା କରନ୍ତି ସେମାନେ ଶ୍ରେଷ୍ଠ ? ୧୨ଶ-୧ । ଶ୍ରୀକୃଷ୍ଣ କହିଲେ—ଯେଉଁମାନେ ମୋତେ ଉପାସନା କରନ୍ତି ସେହିମାନେ ଶ୍ରେଷ୍ଠ, ଏହା ମୋର ମତ ୧୨ଶ-୨ । ଏହି କଥାଟିର ଆଲୋଚନା ବିଶେଷ ଭାବରେ କରାଯାଇଅଛି । ଏଠାରେ କେବଳ ଏତିକି ବୁଝିବା ଆବଶ୍ୟକ ଯେ, ସତ୍ୟର ଅନ୍ୱେଷଣ କରିବାକୁ ହେଲେ ଏହିପରି ଭାବରେ ନିଜ ମନକୁ ସଂଶୟ ଆଣିବାକୁ ହେବ ଏବଂ ଶ୍ରୀକୃଷ୍ଣଙ୍କ ସାହାଯ୍ୟରେ ପ୍ରତ୍ୟେକ ସଂଶୟ ସମ୍ପୂର୍ଣ୍ଣରୂପେ ଦୂରକରି ନିଜକୁ ଦୃଢ଼ କରିବାକୁ ହେବ । ବିଶିଷ୍ଟ ବ୍ୟକ୍ତିମାନଙ୍କର ମତକୁ ଲୋକେ ଅନ୍ଧଭାବରେ ଗ୍ରହଣ କରନ୍ତି ବୋଲି ଶ୍ରୀକୃଷ୍ଣ, କେବଳ ଏହିଠାରେ ନୁହେଁ, ବାରମ୍ବାର କହିଅଛନ୍ତି—"ଏହା ମୋର ମତ" ଏପରି କହିବାର ଅଭିପ୍ରାୟ ଏହିକ ତାଙ୍କର ନିଜ ମତକୁ ସତ୍ୟ ବୋଲି ଗ୍ରହଣ କରିନେବାକୁ ସେ ଅର୍ଜୁନଙ୍କୁ କହିନାହାନ୍ତି । ଶ୍ରୀକୃଷ୍ଣଙ୍କ

ମତକୁ ଅର୍ଜୁନ ଗ୍ରହଣ କରିପାରନ୍ତୁ ବା ନ ପାରନ୍ତୁ ତାହା ଅର୍ଜୁନଙ୍କର ନିଜର ବୁଝିବା ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ—ଶ୍ରୀକୃଷ୍ଣଙ୍କର ବିଶିଷ୍ଟତା ଉପରେ ନୁହେଁ ।

ବିଶିଷ୍ଟ ବ୍ୟକ୍ତିମାନଙ୍କର ମତକୁ ସତ୍ୟ ବୋଲି ଗ୍ରହଣ କରିନେବା ଫଳରେ ଲୋକେ ପ୍ରତ୍ୟେକ କର୍ମକୁ ସଂଶୟାତ୍ମା ହୋଇ କରନ୍ତି । ମାତ୍ର ସଂଶୟାତ୍ମା ହୋଇ କର୍ମ କରିବା ମଙ୍ଗଳପ୍ରଦ ନୁହେଁ, ଏକଥା ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ କହିଅଛନ୍ତି ।

ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ । ୪ର୍ଥ-୪୦

ଅର୍ଥ—ସଂଶୟାତ୍ମା ବ୍ୟକ୍ତିଙ୍କର ଇହଲୋକ ନାହିଁ, ପରଲୋକ ନାହିଁ କିମ୍ବା ସୁଖ ମଧ୍ୟ ନାହିଁ ।

କିପରି ଭାବରେ ସଂଶୟ ଛିନ୍ନ କରିବାକୁ ହେବ ତାହା ମଧ୍ୟ ଶ୍ରୀକୃଷ୍ଣ ନିମ୍ନଲିଖିତ ଶ୍ଳୋକରେ କହିଅଛନ୍ତି :—

ତସ୍ମାଦ୍ ଅଜ୍ଞାନସମ୍ଭୂତଂ ହୃତ୍ସ୍ଥଂ ଜ୍ଞାନାସିନାତ୍ମନଃ
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ । ୪ର୍ଥ-୪୨

ଅର୍ଥ—ଅତଏବ ହେ ଭାରତ ! ଅଜ୍ଞାନରୁ ଜାତ ହୃଦୟସ୍ଥିତ ସଂଶୟକୁ ନିଜର ଜ୍ଞାନରୂପ ଅସିଦ୍ୱାରା ଛିନ୍ନକରି ଉଠ ଏବଂ ଜୀବନ ଯୁଦ୍ଧରେ ଅଗ୍ରସର ହୁଅ ।

"ଜ୍ଞାନାସିନାତ୍ମନଃ ଅର୍ଥାତ୍ ନିଜର ଜ୍ଞାନରୂପ ଅସିଦ୍ୱାରା" ଏହି କଥାଟିରୁ ପ୍ରକାଶ ଯେ ଶାସ୍ତ୍ରମାନଙ୍କରୁ କିମ୍ବା ଗୁରୁମାନଙ୍କଠାରୁ କିମ୍ବା ଅନ୍ୟ କାହାରିଠାରୁ ମାଗିଆଣିଥିବା ଜ୍ଞାନଦ୍ୱାରା ସଂଶୟ ଛିନ୍ନ କରିହେବ ନାହିଁ । ସେପରି ଜ୍ଞାନ ଉପରେ ବା ପରଧର୍ମ ଉପରେ ବା ବିଶ୍ୱାସ ଉପରେ ନିର୍ଭର କରିଥିବାଯାଏ ସଂଶୟ ରହିଥିବ ଏଥିରେ ସନ୍ଦେହ ନାହିଁ । ଗୀତା-ଧର୍ମ ସତ୍ୟ ଉପରେ ପ୍ରତିଷ୍ଠିତ ; ସାମ୍ପ୍ରଦାୟିକ ଧର୍ମସବୁ ପରି ଏହା ପରଧର୍ମ ଉପରେ ବା ବିଶ୍ୱାସ ଉପରେ ପ୍ରତିଷ୍ଠିତ ନୁହେ । ଶ୍ରୀକୃଷ୍ଣ କହିଅଛନ୍ତି—
ପ୍ରତ୍ୟକ୍ଷାବଗମଂ ଧର୍ମ୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ । ୯ମ-୨

ଅର୍ଥ— ଗୀତା-ଧର୍ମ ପ୍ରତ୍ୟକ୍ଷ ବୋଧଗମ୍ୟ, ଧର୍ମ ସମ୍ମତ, କାର୍ଯ୍ୟରେ ପରିଣତ କରିବା ସହଜ, ସୁଖପ୍ରଦ ଏବଂ ଅବ୍ୟୟ ଅଟେ ।

ଏହି ଉକ୍ତିରେ ଥିବା ଅବ୍ୟୟ କଥାଟିର ବିଶେଷତ୍ୱ ଏହିକି ସାମ୍ପ୍ରଦାୟିକ ଧର୍ମସବୁ କେହି ଅବ୍ୟୟ ନୁହନ୍ତି । ସେହି ସବୁ ତଥାକଥିତ ଧର୍ମର ବିନାଶ, ଯିକେହିଲେ ସୁନିଶ୍ଚିତ । ମାତ୍ର ଗୀତା-ପ୍ରସ୍ତାବିତ ଧର୍ମର କେବେହେଲେ ବିନାଶ ନାହିଁ ।

ଅର୍ଜୁନଙ୍କର ପ୍ରତ୍ୟେକ ସଂଶୟ ଦୂର କରିବା ପରେ ଅର୍ଥାତ୍ ଗୀତାର ସମସ୍ତ ଅଠର ଅଧ୍ୟାୟ ଅର୍ଜୁନଙ୍କୁ ବୁଝାଇସାରିବା ପରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ—

ଇତିତେ ଜ୍ଞାନ ମାଖ୍ୟାତଂ ଗୁହ୍ୟାତ୍ ଗୁହ୍ୟତରଂ ମୟା
ବିମୃଶ୍ୟୈ ତଦଶେଷେଣ ଯଥେଚ୍ଛସି ତଥା କୁରୁ । ୧୮ଶ-୬୩ ।

ଅର୍ଥ—ମୁଁ ତୁମ୍ଭଙ୍କୁ ଯେଉଁସବୁ ଗୁହ୍ୟରୁ ଗୁହ୍ୟତର କଥା କହିଲି ତାହା ତୁମ୍ଭେ ସମ୍ପୂର୍ଣ୍ଣରୂପେ ବିଚାର କରିଆରି ତୁମ୍ଭର ଯାହା ଇଚ୍ଛା ତାହାହିଁ କର ।

"ଯଥେଚ୍ଛସି ତଥା କୁରୁ ଅର୍ଥାତ୍ ତୁମ୍ଭର ଯାହା ଇଚ୍ଛା ତାହାହିଁ କର" ଏକଥା କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି, "ମୁଁ ତୁମ୍ଭର ଗୁରୁ କିମ୍ବା ମୁଁ ଜଣେ ଯୋଗୀ କିମ୍ବା ମୁଁ ସ୍ୱୟଂ ସୃଷ୍ଟିର କର୍ତ୍ତା ଏପରି ଧାରଣାର ବଶବର୍ତ୍ତୀ ହୋଇ ମୋ ଉପଦେଶର ଅନ୍ଧଅନୁସରଣ କରନାହିଁ । ନିଜର ପ୍ରକୃତିର ଅନୁରୂପ କର୍ମ କରିବା ବ୍ୟତୀତ ମନୁଷ୍ୟର ଅନ୍ୟଗତି ନାହିଁ । ପରଧର୍ମର ଅନ୍ଧଅନୁସରଣ କରି ନିଜର ଜୀବନର ଗତି ପରିବର୍ତ୍ତନ କରିବା ଅସମ୍ଭବ । ତୁମ୍ଭେ ଯାହା ନିଜେ ବୁଝୁଛ ତଦନୁସାରେ କର୍ମ କର ।

ସଦୃଶଂ ଚେଷ୍ଟଂତେ ସ୍ୱାସ୍ୟାଃ ପ୍ରକୃତେ ର୍ଜ୍ଞାନବାନପି
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି । ୩ୟ-୩୩ ।

ପୂର୍ବୋକ୍ତ ଅଷ୍ଟାଦଶ ଅଧ୍ୟାୟ ତେଷଠି ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁପରି ଉପଦେଶ ଦେଇଅଛନ୍ତି ଜଗତର ସର୍ବଶ୍ରେଷ୍ଠ ମାନବ ବୁଦ୍ଧଦେବ ସମସ୍ତ ମାନବ ଜାତିକୁ ଠିକ୍ ସେହିପରି ଉପଦେଶ ଦେଇଯାଇ-ଅଛନ୍ତି ବୋଲି ସ୍ୱାମୀ ବିବେକାନନ୍ଦ ତାଙ୍କର ବଙ୍ଗ ଭାଷା ଲିଖିତ କର୍ମଯୋଗ

ବହିର ଶେଷରେ ଲେଖି ଅଛନ୍ତି । ସେହି ଲେଖାର ଅନୁବାଦ ନିମ୍ନରେ ଦିଆଗଲା—

କୌଣସି ପୁରୁଣା ତାଳପତ୍ର ପୋଥିରେ ଲେଖାଅଛି ବୋଲି କିମ୍ବା ବାଲ୍ୟାବସ୍ଥାରୁ କୌଣସି ବିଷୟରେ ତୁମର ଜୀବନ ଗଠିତ ହୋଇଅଛି ବୋଲି କିମ୍ବା ତୁମର ଜାତିଗତ ବିଶ୍ୱାସ ବୋଲି କୌଣସି ବିଷୟକୁ ସତ୍ୟ ବୋଲି ଗ୍ରହଣ କରିବା ଉଚିତ ନୁହେଁ । ପ୍ରତ୍ୟେକ ବିଷୟ ନିଜେ ସମ୍ପୂର୍ଣ୍ଣରୂପେ ବିଚାର କରି ଯଦି ତାହା ତୁମ ପକ୍ଷରେ ତଥା ସମାଜ ପକ୍ଷରେ ମଙ୍ଗଳପ୍ରଦ ବୋଲି ସ୍ଥିର କଲ ତେବେ ତାହା କାର୍ଯ୍ୟରେ ପରିଣତ କର ।

ପ୍ରାୟ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ବିବେକାନନ୍ଦଙ୍କର କର୍ମଯୋଗ ବହି ପଢ଼ିଥିବେ । କିନ୍ତୁ ଏହି ଗୁରୁ ପାଞ୍ଚଟି ଧାଡ଼ିପ୍ରତି କେହି ଦୃଷ୍ଟି ଦେଇ ଅଛନ୍ତି କି ? ଠିକ୍ ସେହିପରି ଗୀତାର ଯେଉଁସବୁ ଉପଦେଶ ଜନସାଧାରଣଙ୍କର କ୍ରିୟା କଳାପକୁ ସମର୍ଥନ କରୁନାହିଁ ସେଥିପ୍ରତି ପ୍ରାୟ ସମସ୍ତେ ଉଦାସୀନ ରହିଅଛନ୍ତି । ଗୀତାର ଟୀକାକାରମାନେ ସେହି ସବୁ ଉପଦେଶକୁ ଟାଣି ଓଟାରି ନିଜ ମତକୁ ସମର୍ଥନ କରିବାକୁ ଯଥାସାଧ ଚେଷ୍ଟା କରୁଅଛନ୍ତି । ସେ ଯାହାହେଉ ବର୍ତ୍ତମାନ ଆଲୋଚ୍ୟ ବିଷୟପ୍ରତି ଦୃଷ୍ଟି ଦିଅନ୍ତୁ ।

"ଯଥେଚ୍ଛସି ତଥା କୁରୁ" ଅର୍ଥାତ୍ ତୁମର ଯାହା ଇଚ୍ଛା ତାହାହିଁ କର ଏତିକ କହି ଶ୍ରୀକୃଷ୍ଣ ଯେ ନିଶ୍ଚିନ୍ତ ରହିଲେ ତାହା ନୁହେଁ । ଯେତେବେଳେ ଶ୍ରୀକୃଷ୍ଣ ଜାଣିପାରିଲେ ଯେ ଅର୍ଜୁନ ପୂର୍ବପରି ସଂଶୟାତ୍ମା ନ ରହି ନିଜେ ଦୃଢ଼ ହୋଇଅଛନ୍ତି ସେତେବେଳେ ସେ ଅର୍ଜୁନଙ୍କୁ ତାଙ୍କର ଗୁହ୍ୟତମ କଥା କହିଲେ:—

ଇଷ୍ଟୋଽସି ମେ ଦୃଢ଼ମିତି ତତୋ ବକ୍ଷ୍ୟାମି ତେ ହିତଂ

ଅର୍ଥ – ତୁମ୍ଭେ ମୋର ପ୍ରିୟ ଏବଂ ତୁମ୍ଭେ ଦୃଢ଼ ସେଥିପାଇଁ ମୁଁ ତୁମର ପ୍ରକୃତ ମଙ୍ଗଳର କଥା କହିବି ।

*

ତାପରେ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଉପଦେଶ ଦେଇ ଅର୍ଜୁନଙ୍କୁ ପଚାରିଲେ—

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା
କଚ୍ଚିଦଜ୍ଞାନ ସମ୍ମୋହଃ ପ୍ରଣଷ୍ଟସ୍ତେ ଧନଞ୍ଜୟ ! ୧୮ଶ-୭୨ ।

ଅର୍ଥ —ହେ ପାର୍ଥ ! ତୁମ୍ଭେ ମୋ କଥା ଏକାଗ୍ର ଚିତ୍ତରେ ଶୁଣିଲ ତ ? ତୁମ୍ଭର ଅଜ୍ଞାନ ଜନିତ ମୋହ ନଷ୍ଟ ହେଲା ତ ? ପରବର୍ତ୍ତୀ ଶ୍ଳୋକରେ ଶିଷ୍ୟ ଉତ୍ତର ଦେଲେ:—

ନଷ୍ଟୋ ମୋହଃ ସ୍ମୃତିର୍ଲବ୍‌ଧା ତ୍ୱତ୍‌ପ୍ରସାଦାନ୍ମୟାଚ୍ୟୁତ
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ । ୧୮ଶ-୭୩

ଅର୍ଥ—ହେ ଅଚ୍ୟୁତ ! ତୁମ୍ଭ ଅନୁଗ୍ରହରୁ ମୋର ମୋହ ନଷ୍ଟ ହୋଇଅଛି, ମୁଁ ସ୍ମରଣଶକ୍ତି ଲାଭ କରିଅଛି, ମୋର ସନ୍ଦେହ ଦୂର୍ ହୋଇଅଛି ଓ ମୁଁ ଦୃଢ଼ ହୋଇଅଛି ଅର୍ଥାତ୍ ସତ୍ତ୍ୱସ୍ଥ ହୋଇଅଛି । ମୁଁ ତୁମ୍ଭ କଥା ପାଳନ କରିବି ।

ଟିପଣୀ—ଏହି ଶ୍ଳୋକରେ ଥିବା "ସ୍ମୃତିର୍ଲବ୍‌ଧା" କଥାଟିକୁ ସାମାନ୍ୟ ଚିନ୍ତା କରନ୍ତୁ । ଏହି କଥାଟିର ଅର୍ଥ ହେଉଛି ମୁଁ ସ୍ମରଣଶକ୍ତି ଲାଭକଲି । ଅର୍ଜୁନ କଅଣ କାଲି ଥିଲେ କମ୍ବା ଯାହା ଶୁଣୁଥିଲେ ତାହା ଭୁଲିଯାଉଥିଲେ ଯେ ବର୍ତ୍ତମାନ ସେ ସ୍ମୃତି ଲାଭକଲେ ବୋଲି କହିଲେ ? ପ୍ରକୃତ କଥା ଏହିକି, ଅର୍ଜୁନ ସର୍ବପ୍ରଥମେ ଲୋକମୁଖରୁ କମ୍ବା ଶାସ୍ତ୍ର-ମାନଙ୍କରୁ ଶୁଣି ଆସୁଥିବା କଥା ଉପରେ ନିର୍ଭର କରି ଶ୍ରୀକୃଷ୍ଣଙ୍କର ଉପଦେଶ ଶୁଣିବାର ଶକ୍ତି ହରାଇଥିଲେ ଏବଂ ଜଡ଼ତା ଅବଲମ୍ବନ କରିଥିଲେ । ସେଇଥିପାଇଁ ସେ ପରିଶେଷରେ କହିଲେ "ସ୍ମୃତିର୍ଲବ୍‌ଧା" ଅର୍ଥାତ୍ ଏଣିକି ସେ ଶ୍ରୀକୃଷ୍ଣଙ୍କର ଉପଦେଶ ସବୁକୁ ସ୍ମରଣ ରଖିବାର ଶକ୍ତି ଲାଭକଲେ । ବର୍ତ୍ତମାନ ବୁଝିନ୍ତୁ ପର୍ବେ କୁହାଯାଇଥିବା "ଅନୁଶୁଶ୍ରୁମ" କଥାଟି ଯେପରି ଅର୍ଜୁନଙ୍କର ସ୍ୱଭାବ-ନିୟତ କର୍ମରୁ ନିବୃତ୍ତ ହେବାର ମୂଳକାରଣ ଓ ଗୀତା-ଧର୍ମର ମୂଳକଥା "ସ୍ମୃତିର୍ଲବ୍‌ଧା" କଥାଟି ସେହିପରି ଅର୍ଜୁନଙ୍କର ସ୍ୱଭାବ-ନିୟତ କର୍ମରେ ଅଗ୍ରସର ହେବାପାଇଁ ପ୍ରଧାନ କଥା ତଥା ଗୀତାର ଶେଷକଥା ।

ଏହି ଶ୍ଳୋକରେ ଥିବା "କରିଷ୍ୟେ ବଚନଂ ତବ" ଅର୍ଥାତ୍ ତୁମ କଥା କରିବି ଏହି କଥାଟିକୁ ଟୀକାକାରମାନେ ଅର୍ଥ କରିଅଛନ୍ତି ଯେ ଏଣିକି ଶ୍ରୀକୃଷ୍ଣ ଯାହା କହିବେ ଅର୍ଜ୍ଜୁନ ତାହା ଅକ୍ଷରଶଃ ପାଳନ କରିବେ ବୋଲି କହିଲେ କାରଣ ଅର୍ଜୁନ ଯେ ଶ୍ରୀକୃଷ୍ଣଙ୍କ କଥା ମାନୁ ନ ଥିଲେ ଏଣିକି ସେ ତାହା ନ କରି ନିଜର ଆତ୍ମୀୟ ଓ ଗୁରୁଜନମାନଙ୍କୁ ଯୁଦ୍ଧରେ ହତ୍ୟା କରିବାକୁ ପ୍ରସ୍ତୁତ ହେଲେ ବୋଲି କହିଲେ । ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଭ୍ରାନ୍ତ । "ତୁମ କଥା କରିବି" ଏହି କଥା କହିବାର ଅଭିପ୍ରାୟ ଏହିକି ଏଣିକି ଅର୍ଜୁନ ଶୁଣିବା କଥାକୁ ସତ୍ୟ ମନେ ନ କରି, କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଇତ୍ୟାଦିକୁ ସନାତନ ଧର୍ମ ମନେ ନ କରି, ଚିରକାଳ ପାଇଁ ନରକ ବାସର ଭ୍ରାନ୍ତ ଧାରଣା ମନରୁ ଦୂର କରିଦେଇ (୧୮-୪୦ରୁ ୪୪) ସର୍ବଦା କେବଳ ଶ୍ରୀକୃଷ୍ଣଙ୍କର ଉପଦେଶ ଶୁଣିବେ ଏବଂ ଶ୍ରୀକୃଷ୍ଣଙ୍କର ଆଦେଶ ପାଳନ କରିବେ । ସେହି ଶ୍ରୀକୃଷ୍ଣଙ୍କର ଉପଦେଶ ଓ ଆଦେଶ ହେଉଛି ନିଜର ଉପଦେଶ ଓ ନିଜର ଆଦେଶ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିର ଉପଦେଶ ଓ ବିବେକ ବୁଦ୍ଧିର ଆଦେଶ ।

ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।

# ଗୀତାର ଗୁହ୍ୟକଥା

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ସବୁ ଧର୍ମ ତ୍ୟାଗକରି ମୋର ଶରଣ ନିଅ,

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାଽମୃତଂ ଗମୟ

ଅସତ୍ୟରୁ ମୋତେ ସତ୍ୟକୁ ନେଇଯାଅ ।
ଅନ୍ଧକାରରୁ ମୋତେ ଜ୍ୟୋତିକୁ ନେଇଯାଅ ।
ମୃତ୍ୟୁରୁ ମୋତେ ଅମୃତକୁ ନେଇଯାଅ ।

ଉପନିଷଦର ଏହି ମନ୍ତ୍ରଟିକୁ ହୃଦୟରେ ସ୍ଥାନ ଦେଇ ଅର୍ଥାତ୍ ନିଜର ଉପସ୍ଥିତ ଅବସ୍ଥା ଲୋକଚକ୍ଷୁରେ କିମ୍ବା ନିଜକୁ ଯେତେ ଅଭ୍ରାନ୍ତ ବୋଧ ହେଲେ ସୁଦ୍ଧା ତାହା ପ୍ରକୃତରେ ଭ୍ରାନ୍ତ ଏକଥାଟି ସର୍ବଦା ସ୍ମରଣ ରଖି ନିଜର ସେହି ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ଅର୍ଥାତ୍ ଅସତ୍ୟରୁ, ଅନ୍ଧକାରରୁ ଓ ମୃତ୍ୟୁରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ଅର୍ଥାତ୍ ସତ୍ୟକୁ, ଜ୍ୟୋତିକୁ ଓ ଅମୃତତ୍ୱକୁ ଅଗ୍ରସର ହେବାର ଅଭିପ୍ରାୟ ହୃଦୟରେ ସ୍ଥାନ ଦେଇ ଗୀତାପାଠରେ ଅଗ୍ରସର ହୁଅନ୍ତୁ ।

ଗୀତା ପାଠରେ ଅଗ୍ରସର ହେବାକୁ ହେଲେ ସର୍ବଦା ସ୍ମରଣ ରଖିବାକୁ ହେବ ଯେ ଗୀତା ପରି ଗୁହ୍ୟଶାସ୍ତ୍ର ଜଗତରେ ଅଦ୍ୱିତୀୟ ଇତି ଗୁହ୍ୟତମଂ ଶାସ୍ତ୍ରଂ—(୧୫ଶ—୨୦) ଇଦଂ ତୁ ତେ ଗୁହ୍ୟତମଂ—(୯ମ-୧) ରାଜବିଦ୍ୟା ରାଜଗୁହ୍ୟଂ—(୯ମ-୨) ଗୁହ୍ୟାତ୍ ଗୁହ୍ୟତରଂ ମୟା—୧୮ଶ-୬୩ ସର୍ବ ଗୁହ୍ୟତମଂ ଭୂୟଃ—(୧୮ଶ-୬୪)

ଗୁହ୍ୟତମ ଶାସ୍ତ୍ର ବୋଲି ଶାସ୍ତ୍ରରେ ଲେଖାଅଛି ତେଣୁ ତାହା ସ୍ୱୀକାର କରିବାକୁ ହେବ ଏପରି କଥା ମୁଁ କହୁ ନାହିଁ । ଏପରି ସ୍ୱୀକାର କରିବାଦ୍ୱାରା ଜନସାଧାରଣଙ୍କର କୌଣସି ଉପକାର ହୋଇ ନାହିଁ କି ହେବ ନାହିଁ । ଗୀତାକୁ ବ୍ୟାସଦେବ ଗୁହ୍ୟତମ ଶାସ୍ତ୍ର କାହିଁକି କହିଅଛନ୍ତି ତାହା ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସ୍ୱାଧୀନ ଚିନ୍ତାଦ୍ୱାରା ସେହି ଗୀତାରୁ ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ଗୁହ୍ୟଶାସ୍ତ୍ରର ଅର୍ଥ ଗୋପନୀୟ ଶାସ୍ତ୍ର ବା ଲୁଚାଇ ରଖିବାର ଶାସ୍ତ୍ର ନୁହେଁ କାରଣ ଗୀତାପାଠରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କର ସମାନ ଅଧିକାର । ଆଉମଧ୍ୟ ଗୀତାରେ ଶାସ୍ତ୍ରଜ୍ଞାନର କଥା କିଛି ନାହିଁ ଏବଂ ଏହା ଏପରି ସରଳ ଭାଷାରେ ଲେଖା ଯାଇଅଛି ଯେ କେବଳ ସନ୍ଧି ବିଚ୍ଛେଦ କରି ପଢିଗଲେ ଯେ କୌଣସି ବ୍ୟକ୍ତି ଏହାର ଅର୍ଥ ବୁଝି ପାରିବେ । ଗୀତାକୁ ଗୁହ୍ୟଶାସ୍ତ୍ର ଆଖ୍ୟା ଦେବାର ଅଭିପ୍ରାୟ ଏହି କି ପିତାମାତାମାନେ ଯେଉଁ ସୁକୌଶଳରେ ପୁତ୍ର କନ୍ୟାମାନଙ୍କୁ ସେମାନଙ୍କର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ନେବାକୁ ଯତ୍ନ କରନ୍ତି ତାହା ଜାଣି ପାରିବା ପୁତ୍ରକନ୍ୟାମାନଙ୍କ ପକ୍ଷରେ ଯେପରି ସମ୍ପୂର୍ଣ୍ଣ ଅସମ୍ଭବ, ଜଗଦ୍‌ଗୁରୁ ବ୍ୟାସଦେବ ସମସ୍ତ ମାନବ ସମାଜକୁ ଅର୍ଥାତ୍ ପ୍ରତ୍ୟେକ ମାନବକୁ ତାହାର ଉପସ୍ଥିତ ଭ୍ରାନ୍ତ ଅବସ୍ଥାରୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାକୁ ନେଇଯିବା ଅଭିପ୍ରାୟରେ ଯେଉଁ ସୁକୌଶଳରେ ଗୀତା ରଚନା କରିଅଛନ୍ତି ତାହା ଜାଣି ପାରିବା ଜନସାଧାରଣଙ୍କ ପକ୍ଷରେ ଠିକ୍ ସେହିପରି ଅସମ୍ଭବ । ସେହି ସୁକୌଶଳ ବା ଗୁହ୍ୟକଥା ଜାଣିବାକୁ ହେଲେ ଗୀତାର ମୂଳକଥା ଓ ଶେଷକଥା କଅଣ ତାହା ଉତ୍ତମରୂପେ ଆଲୋଚନା କରିବା ସର୍ବ ପ୍ରଥମ ଆବଶ୍ୟକ; କାରଣ ମୂଳକଥା ଓ ଶେଷ କଥାକୁ ଅବଲମ୍ବନ କରି ବ୍ୟାସଦେବ ସମସ୍ତ ଗୀତା ରଚନା କରିଅଛନ୍ତି ଏଥିରେ ଦ୍ୱିରୁକ୍ତି କରିବାର କୌଣସି କାରଣ ନାହିଁ ।

ଗୀତାର ମୂଳକଥା ଏହି କି ଅର୍ଜ୍ଜୁନ ତାଙ୍କର ଚିରସଖା ଶ୍ରୀକୃଷ୍ଣଙ୍କୁ ସାରଥି ଭାବରେ ଗ୍ରହଣ କରି ଯୁଦ୍ଧ କରିବାକୁ ଉଦ୍ୟତ ହୋଇଥିଲେ (୧ମ—୧୪) । ମାତ୍ର ଯୁଦ୍ଧକ୍ଷେତ୍ରରେ ନିଜର ଭାଇ, ବନ୍ଧୁ ଓ ଗୁରୁଜନଙ୍କୁ

ଦେଖି, ଏମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଇଚ୍ଛା ନ ହେବାରୁ ସେ ଶ୍ରୀକୃଷ୍ଣଙ୍କୁ ନିମ୍ନଲିଖିତ କାରଣ ପ୍ରଦର୍ଶାଇ ଯୁଦ୍ଧରୁ ନିବୃତ୍ତ ହୋଇଥିଲେ ।

"ନିଜର ଭାଇ, ବନ୍ଧୁ ଓ ଗୁରୁ ପ୍ରଭୃତିଙ୍କୁ ବଧ କଲେ ଶାଶ୍ୱତ ଜାତିଧର୍ମ ଓ କୁଳଧର୍ମ ନଷ୍ଟ ହେବ । ହେ ଜନାର୍ଦ୍ଦନ ! କୁଳଧର୍ମ ନଷ୍ଟ ହେଲେ ଚିରକାଳ ପାଇଁ ନରକବାସ ହୁଏ ବୋଲି ଆମ୍ଭେମାନେ ପରମ୍ପରା-କ୍ରମେ ଶୁଣି ଆସୁଅଛୁଁ । ରାଜ୍ୟସୁଖ ଲୋଭରେ ସ୍ୱଜନମାନଙ୍କୁ ବଧ କରିବାକୁ ଉଦ୍ୟତ ହୋଇ ଆମ୍ଭେମାନେ ମହାପାପ କରିବାକୁ ବସିଅଛୁଁ ।"

ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ । ୧ମ-୪୩
ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେ ନିୟତଂ ବାସୋ ଭବତୀତି—ଅନୁଶୁଶ୍ରୁମ ॥ ୧-୪୪
ଅହୋ ବତ ମହତ୍ ପାପଂ କର୍ତ୍ତୁଂ ବ୍ୟବସିତା ବୟଂ ।
ଯଦ୍ରାଜ୍ୟ ସୁଖ ଲୋଭେନ ହନ୍ତୁଂ ସ୍ୱଜନ ମୁଦ୍ୟତା ॥ ୧ମ-୪୫

ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ଏହି କଥା କହି ଶୋକାକୁଳ ମନରେ ରଥ ଉପରେ ବସି ରହିଲେ ।

ଏବମୁକ୍ତ୍ୱାର୍ଜ୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକ ସଂବିଗ୍ନ ମାନସଃ । ୧ମ-୪୭

ଅର୍ଜ୍ଜୁନ ନିଜର ସ୍ୱଭାବ ନିୟତ କର୍ମରୁ ନିବୃତ୍ତ ହେବାର ଯେଉଁ କେତୋଟି କାରଣ ଦେଖାଇଥିଲେ ସେହିସବୁ କାରଣର ମୂଳକାରଣ ହେଉଛି ଉପରିଲିଖିତ ୧ମ ଅଧ୍ୟାୟ ୪୪ ଶ୍ଳୋକରେ ଥିବା "ଅନୁଶୁଶ୍ରୁମ" ଅର୍ଥାତ୍ ଆମ୍ଭେମାନେ "ଶୁଣି ଆସୁଅଛୁଁ ।" ତେଣୁ ଅର୍ଜ୍ଜୁନଙ୍କୁ ସେହି ସ୍ୱଭାବ ନିୟତ କର୍ମରେ ନିଯୁକ୍ତ କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ ଯେଉଁସବୁ ଉପଦେଶ ଅର୍ଜ୍ଜୁନଙ୍କୁ ଦେଇଅଛନ୍ତି ତାହା ସେ ନିଶ୍ଚୟ ଏହି ମୂଳକାରଣକୁ ଖଣ୍ଡନ କରିବା ଅଭିପ୍ରାୟରେ ଦେଇଅଛନ୍ତି, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ସନ୍ଦେହ ଆସିଲେ ଅଧିକ ଦୂର ଅଗ୍ରସର ନ ହୋଇ ସେହି ସନ୍ଦେହ ଦୂର କରିବା ପର୍ଯ୍ୟନ୍ତ ଏହିଠାରେ ଅପେକ୍ଷା କରନ୍ତୁ । କାରଣ ଏହାହିଁ ଗୀତାର ମୂଳଭିତ୍ତି । ଭିତ୍ତିଭ୍ରଷ୍ଟ ହୋଇ ଅଗ୍ରସର ହେବାରେ କୌଣସି ଲାଭ ନାହିଁ ।

ଜନସାଧାରଣ ମଧ୍ୟ ଅର୍ଜ୍ଜୁନଙ୍କ ପରି ଶୁଣି ଆସୁଥିବା କଥା ଉପରେ ନିର୍ଭର କରି, କୁଳଧର୍ମ ଓ ଜାତିଧର୍ମକୁ ଶାଶ୍ୱତ ଧର୍ମ ମନେ କରି, ନରକ-ବାସକୁ ଭୟ କରି ନିଜ ନିଜର ସ୍ୱଭାବନିୟତ କର୍ମରେ ଅଗ୍ରସର ହୋଇ ପାରୁ ନାହାନ୍ତି । ଜନସାଧାରଣ ଏବଂ ଅର୍ଜ୍ଜୁନଙ୍କ ମଧ୍ୟରେ ଏତିକି ପାର୍ଥକ୍ୟ ଯେ ସ୍ୱଭାବନିୟତ କର୍ମ କରି ନ ପାରିବାରୁ ଅର୍ଜ୍ଜୁନଙ୍କ ମନରେ ସଂଶୟ ଆସିଥିଲା ଏବଂ ସେହି ସଂଶୟ ଦୂର କରିବାପାଇଁ ସେ ଚେଷ୍ଟା କରିଥିଲେ । ମାତ୍ର ଜନସାଧାରଣଙ୍କ ମନରେ ସେପରି ସଂଶୟ ଆସୁନାହିଁ ଏବଂ କାହାର କାହାର ମନରେ ଆସିଲେ ମଧ୍ୟ ତାହା ଦୂର କରିବାକୁ ସେମାନେ ଚେଷ୍ଟା କରୁନାହାନ୍ତି । କାହିଁକି ଆସୁନାହିଁ ଓ କାହିଁକି ଚେଷ୍ଟା କରୁନାହାନ୍ତି ତାହାର ମୂଳକାରଣ ଏହି କି ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ଚିରସଖା ବୋଲି ଗ୍ରହଣ କରିଥିଲେ ମାତ୍ର ଜନସାଧାରଣ ଶ୍ରୀକୃଷ୍ଣଙ୍କ ସହିତ କୌଣସି ସମ୍ବନ୍ଧ ରଖିନାହାନ୍ତି । ଜନସାଧାରଣଙ୍କର ଏକମାତ୍ର ସମ୍ବନ୍ଧ କେବଳ "ଅନୁଶୁଶ୍ରୁମ" ସହିତ ।

ଶୁଣି ଆସୁଥିବା କଥାକୁ ସତ୍ୟ ମନେକରି ଶ୍ରୀକୃଷ୍ଣଙ୍କ କଥାରେ ଅର୍ଜ୍ଜୁନଙ୍କର ସଂଶୟ ଆସିବାରୁ ସେହି ସଂଶୟ ଦୂର କରିବା ପାଇଁ ସେ ତାଙ୍କର ଚିରସଖା ଶ୍ରୀକୃଷ୍ଣଙ୍କର ଶିଷ୍ୟତ୍ୱ ସ୍ୱୀକାର କରିଥିଲେ (୨ୟ-୭) । ଶିଷ୍ୟତ୍ୱ ସ୍ୱୀକାର କରି ମଧ୍ୟ ଅର୍ଜ୍ଜୁନ ତାଙ୍କର ଗୁରୁଙ୍କ କଥା ପାଳନ ନ କରି ପୁନରାୟ କହିଲେ, "ମୁଁ ଯୁଦ୍ଧ କରିବ ନାହିଁ" (୨ୟ-୯) । ଅର୍ଜ୍ଜୁନଙ୍କର ଭ୍ରାନ୍ତ ଧାରଣା ଓ ସଂଶୟ ଦୂରକରିବା ପାଇଁ ଏହିଠାରୁ ଆରମ୍ଭ କରି ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତାର ସମସ୍ତ ଅଠର ଅଧ୍ୟାୟ ବୁଝାଇ ଅଛନ୍ତି । ଏହାହିଁ ଗୀତାର ମୂଳକଥା ।

ଗୀତାର ଶେଷକଥା ଏହି କି ଯେଉଁ ଛଅଗୋଟି କାରଣ ପ୍ରଦର୍ଶାଇ ଅର୍ଜ୍ଜୁନ ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ ହୋଇଥିଲେ ସେହି ଛଅଗୋଟି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣଙ୍କର ପରମ କଥା ଏବଂ ସର୍ବ ଗୁହ୍ୟତମ କଥା ଗୀତା ଶେଷରେ କହିଅଛନ୍ତି ।

ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ୧୮-୬୬

ଅର୍ଥ—ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ । ମୁଁ ତୁମ୍ଭଙ୍କୁ ସବୁ ପାପରୁ ମୁକ୍ତ କରିବି । ଦୁଃଖ କର ନାହିଁ ।

ଅର୍ଜୁନ କହିଥିଲେ ଶାଶ୍ୱତ କୁଳଧର୍ମ ଓ ଜାତିଧର୍ମ ନଷ୍ଟ ହୁଏ (୧ମ-୪୩) । ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ କହିଲେ, "ସର୍ବଧର୍ମାନ୍ ପରିତ୍ୟଜ୍ୟ" ଅର୍ଥାତ୍ କୁଳଧର୍ମ ଓ ଜାତିଧର୍ମ ଇତ୍ୟାଦି ସବୁ ଧର୍ମ ପରିତ୍ୟାଗ କର । ଅର୍ଜୁନ କହିଥିଲେ, "ଅନୁଶୁଶ୍ରୁମ" ଅର୍ଥାତ୍ "ଆମ୍ଭେମାନେ ଶୁଣି ଆସୁଅଛୁଁ" (୧ମ-୪୪) । ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ କହିଲେ, "ମାମେକଂ ଶରଣଂ ବ୍ରଜ ।" ଅର୍ଥାତ୍ ଶୁଣିବା କଥା ଉପରେ ବା ବିଶ୍ୱାସ ଉପରେ ନିର୍ଭର ନ କରି ଏକମାତ୍ର ମୋର ବା ସତ୍ୟର ବା ପ୍ରତ୍ୟକ୍ଷ ବିଚାରବୁଦ୍ଧିର ଶରଣ ନିଅ । ଅର୍ଜୁନ କହିଥିଲେ ଆମ୍ଭେମାନେ ମହାପାପ କରିବାକୁ ବସିଅଛୁଁ (୧ମ-୪୫) । ସେଥିପାଇଁ ଶ୍ରୀକୃଷ୍ଣ କହିଲେ, "ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି" ଅର୍ଥାତ୍ "ମୁଁ ତୁମ୍ଭଙ୍କୁ ସବୁ ପାପରୁ ମୁକ୍ତ କରିବି ।" ନିଜର କର୍ତ୍ତବ୍ୟ ସ୍ଥିର କରି ନ ପାରି ଅର୍ଜୁନ ଶୋକସଂବିଗ୍ନ ମନରେ ରଥ ଉପରେ ବସି ରହିଥିଲେ (୧ମ-୪୭) ସେଥିପାଇଁ ଶ୍ରୀକୃଷ୍ଣ କହିଲେ, "ମା ଶୁଚଃ" ଅର୍ଥାତ୍ ଦୁଃଖ କର ନାହିଁ ।

ଅର୍ଜୁନଙ୍କର ପ୍ରଦର୍ଶିତ ମୂଳକାରଣ ପ୍ରତି ଏବଂ ଏହି ମୂଳକାରଣ ସହିତ ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ ଉପଦେଶର ପୂର୍ବୋକ୍ତ ଘନିଷ୍ଠ ସମ୍ବନ୍ଧ ପ୍ରତି ଗୀତାର ଟୀକାକାରମାନେ ତଥା ଜନସାଧାରଣ ଆଦୌ ଦୃଷ୍ଟି ଦେଇ ନାହାନ୍ତି । କାରଣ ଏହା ସେମାନଙ୍କର ଉପସ୍ଥିତ ଭ୍ରାନ୍ତ ଅବସ୍ଥାକୁ ଓ କ୍ରିୟାକଳାପକୁ ସମର୍ଥନ କରୁନାହିଁ ଏବଂ ନିଜ ନିଜର ଧାରଣାକୁ ଓ କ୍ରିୟା-କଳାପକୁ ସମର୍ଥନ କରିବାକୁ ସେମାନଙ୍କର ଏକାନ୍ତ ଇଚ୍ଛା—ଯାହା ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ । ଏହି ସର୍ବଗୁହ୍ୟତମ ଉପଦେଶରେ ଥିବା "ସର୍ବଧର୍ମାନ୍ ପରିତ୍ୟଜ୍ୟ" କଥାଟିକୁ ପ୍ରସିଦ୍ଧ ଟୀକାକାର ଶ୍ରୀଧରସ୍ୱାମୀ ଅର୍ଥ କଲେ "ବିଧିନିଷେଧର ବଶୀଭୂତ ନ ହୋଇ" ଅନ୍ୟ ଜଣେ ଅର୍ଥ କଲେ "ଭିନ୍ନ ଭିନ୍ନ ଦେବତା ପୂଜା ପରିତ୍ୟାଗ କର" ଅନ୍ୟ ଜଣେ ଅର୍ଥ କଲେ "ବର୍ଣ୍ଣଧର୍ମ ଆଶ୍ରମଧର୍ମ ଓ ସାମାନ୍ୟଧର୍ମ ପରିତ୍ୟାଗ କର" ଅନ୍ୟ ଜଣେ ଅର୍ଥ କଲେ "ସକଳ ପ୍ରକାର ଧର୍ମ ଓ ଅଧର୍ମ ପରିତ୍ୟାଗ କର" ଡକ୍ଟର ବେଶାନ୍ତ ଇଂରାଜୀରେ ଅନୁବାଦ କଲେ "Abandoning all duties" ଅର୍ଥାତ୍

"ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କର" ମହାତ୍ମା ଗାନ୍ଧି ଅର୍ଥ କଲେ "ସବୁ କର୍ମ ଈଶ୍ୱରଙ୍କଠାରେ ଅର୍ପଣ କର" ଇତ୍ୟାଦି ଇତ୍ୟାଦି । ଶେଷୋକ୍ତ ଅର୍ଥ "ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟ" (୩ୟ-୩୦) ଯେହେତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ" (୧୨ଶ-୬) ଇତ୍ୟାଦି ବାକ୍ୟମାନଙ୍କରେ ଅଛି, ତେଣୁ ଏପରି ଉପଦେଶ ସର୍ବ ଗୁହ୍ୟତମ ହୋଇ ନ ପାରେ । ସେ ଯାହା-ହେଉ ଏହି ଗୁହ୍ୟତମ କଥାର ପ୍ରକୃତ ଅର୍ଥ ଗୀତାପାଠକମାନେ ସ୍ୱାଧୀନ ଭାବରେ ବିଚାରକରି ଯାହା ସ୍ଥିର କରିବେ ତଦନୁସାରେ ନିଜ ନିଜର ଜୀବନ ଗଠନ କରନ୍ତୁ ।

ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ମୂଳ କାରଣକୁ ଅର୍ଥାତ୍ ଅନୁଶ୍ରୁମକୁ ଶ୍ରୀକୃଷ୍ଣ ଯେପରି ସୁକୌଶଳରେ ପ୍ରତ୍ୟେକ ଅଧ୍ୟାୟରେ ଖଣ୍ଡନ କରିଅଛନ୍ତି ତାହା ଗୋଟି ଗୋଟି କରି ବର୍ଣ୍ଣନା କରିବା ଏହି କ୍ଷୁଦ୍ର ପୁସ୍ତକରେ ସମ୍ପୂର୍ଣ୍ଣ ଅସମ୍ଭବ । କେବଳ ଗୀତାପାଠକମାନଙ୍କର ହୃଦ୍‌ବୋଧ ପାଇଁ ମୂଳରୁ ଆରମ୍ଭ କରି କେତୋଟି ମାତ୍ର ବିଷୟ ସଂକ୍ଷେପରେ ଲେଖିଲି ।

ସର୍ବପ୍ରଥମେ ଶ୍ରୀକୃଷ୍ଣ ବୈଦିକ ଯଜ୍ଞାଦି ଅନୁଷ୍ଠାନର ଅନ୍ଧ ଅନୁସରଣ ବିରୁଦ୍ଧରେ ସ୍ପଷ୍ଟାକ୍ଷରରେ କହିଲେ (୨ୟ-୪୨ରୁ ୪୫) ତାପରେ ବେଦସକଳ ତ୍ରୈଗୁଣ୍ୟବିଷୟକ ବୋଲି କହି ଅର୍ଜ୍ଜୁନଙ୍କୁ ନିସ୍ତ୍ରୈଗୁଣ୍ୟ ହେବାକୁ ଅର୍ଥାତ୍ ବେଦସବୁର ବହିର୍ଭୂତ ହେବାକୁ କହିଲେ ।

ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜ୍ଜୁନ । (୨ୟ-୪୫)

ତାପରେ ବିଜ୍ଞାନୀ ବ୍ରାହ୍ମଣ ପକ୍ଷରେ ବେଦସବୁର କୌଣସି ପ୍ରୟୋଜନ ନାହିଁ ବୋଲି କହିଲେ । "ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ" ( ୨ୟ-୪୬ ) । ତାପରେ ଅନୁଶ୍ରୁମ ଉପରେ ପ୍ରତିଷ୍ଠିତ କର୍ମ, ବୁଦ୍ଧିଯୋଗ ଅପେକ୍ଷା ଅନେକ ନିକୃଷ୍ଟ ବୋଲି କହି ଅର୍ଜ୍ଜୁନଙ୍କୁ ବୁଦ୍ଧିର ଶରଣ ନେବାକୁ କହିଲେ ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧି ଯୋଗାଦ୍ଧନଞ୍ଜୟ
ବୁଦ୍ଧୌ ଶରଣ ମନ୍ୱିଚ୍ଛ କୃପଣାଃ ଫଳହେତବଃ (୨ୟ-୪୯ )

*

ତାପରେ ଶ୍ରୁତ ଏବଂ ଶ୍ରୋତବ୍ୟରୁ ଅର୍ଥାତ୍ ଯାହା ଶୁଣିଅଛ ଏବଂ ଯାହା ଶୁଣିବ ସେଥିରୁ ଉଦାସୀନ ରହିବାକୁ ଅର୍ଜୁନଙ୍କୁ ଉପଦେଶ ଦେଲେ ।

ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟାସ୍ୟ ଶ୍ରୁତସ୍ୟ ଚ ।
( ୨ସ୍ଥ-୫୨ )

ତାପରେ ଶୁଣିବା କଥାରେ ଅର୍ଜ୍ଜୁନଙ୍କ ବୁଦ୍ଧି ବିକ୍ଷିପ୍ତ ହୋଇଥିଲା ବୋଲି କହି ବୁଦ୍ଧିକୁ ସ୍ଥିର ରଖିବାକୁ ଅର୍ଜ୍ଜୁନଙ୍କୁ ଉପଦେଶ ଦେଲେ ।

ଶ୍ରୁତି ବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା (୨ସ୍ଥ-୫୩ )

ତାପରେ ଶୁଣିବା କଥା ଉପରେ ନିର୍ଭର କରି ଲୋକେ ନିଜନିଜର ସ୍ୱଭାବନିୟତ କର୍ମ୍ମ ପରିତ୍ୟାଗ କରି ତଥା କଥିତ ସନ୍ନ୍ୟାସ ଅବଲମ୍ବନ କରନ୍ତି ବୋଲି ସେପରି ସନ୍ନ୍ୟାସର ବା କର୍ମ୍ମତ୍ୟାଗର ବିରୁଦ୍ଧରେ କହିଲେ ।

ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ( ୩ସ୍ଥ-୪ )

ତା ପରେ ସେହି ଶୁଣିବା କଥା ଉପରେ ନିର୍ଭର କରି ଲୋକେ କର୍ମ୍ମେନ୍ଦ୍ରିୟ ସବୁ ଦମନ କରି ମନେ ମନେ ବିଷୟଚିନ୍ତା କରନ୍ତି ବୋଲି ସେପରି ଲୋକଙ୍କୁ ବିମୂଢ଼ାତ୍ମା ଓ ମିଥ୍ୟାଚାରୀ ବୋଲି କହିଲେ ।

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ
( ୩ସ୍ଥ-୬ )

ଏହାପରେ କହି ୪ର୍ଥ ଅଧ୍ୟାୟ ପ୍ରଥମ ଦୁଇଟି ଶ୍ଳୋକରେ ଅନୁଶୁଶ୍ରୂମର ବିଷମୟ ଫଳ ପରିଷ୍କାର ଭାବରେ କହିଲେ ।

"ମୁଁ ଏହି ଯୋଗ ପ୍ରଥମେ ବିବସ୍ୱାନଙ୍କୁ କହିଥିଲି, ବିବସ୍ୱାନ୍ ମନୁଙ୍କୁ କହିଥିଲେ ଏବଂ ମନୁ ଇକ୍ଷ୍ୱାକୁଙ୍କୁ କହିଥିଲେ । ରାଜର୍ଷିମାନେ ଏହିପରି ପୁରୁଷାନୁକ୍ରମେ ଶୁଣି ଆସୁଥିବା ଫଳରେ ସେହି ଯୋଗ କାଳକ୍ରମେ ନଷ୍ଟ ହୋଇ ଯାଇଅଛି" ।

ଅନୁଶ୍ରୁତ୍ମ ଉପରେ ପ୍ରତିଷ୍ଠିତ ଭିନ୍ନ ଭିନ୍ନ ଦେବତା ପୂଜା ଶ୍ରୀକୃଷ୍ଣ ସମର୍ଥନ କରନାହାନ୍ତି (୪ର୍ଥ-୧୧-୧୨, ୭ମ ୨୦ରୁ ୨୪ ଓ ୯ମ-୨୩) "ସେହି ଅନୁଶ୍ରୁତ୍ମ ଉପରେ ପ୍ରତିଷ୍ଠିତ ଅବ୍ୟକ୍ତ ଭଗବାନଙ୍କର ପୂଜା ମଧ୍ୟ ଶ୍ରୀକୃଷ୍ଣ ସମର୍ଥନ କରନାହାନ୍ତି—ଯାହା ଗୀତାର ସାର୍ବଜନୀନତାର ଓ ଅଦ୍ୱିତୀୟତାର ସୁସ୍ପଷ୍ଟ ପ୍ରମାଣ ଦେଉଅଛି ।

କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାଂ ।
ଅବ୍ୟକ୍ତାହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ । ୧୨ଶ-୫ ।

ଦ୍ୱାଦଶ ଅଧ୍ୟାୟରେ ଥିବା ୨୦ଟି ମାତ୍ର ଶ୍ଳୋକ ଭଲକରି ବୁଝିଲେ ଜାଣିପାରିବେ ଯେ ଭକ୍ତି କହିଲେ ଲୋକେ ଯାହା ବୁଝନ୍ତି ଗୀତା ପ୍ରଦର୍ଶିତ ଭକ୍ତି ତାହା ନୁହେଁ । ଚିତ୍ତବୃତ୍ତି ନିରୋଧକୁ ପଣ୍ଡିତମାନେ ଯୋଗ ବୋଲି ଜାଣନ୍ତି ମାତ୍ର ଗୀତା ପ୍ରଦର୍ଶିତ ଯୋଗ ତାହା ନୁହେଁ । ଗୀତା ପ୍ରଦର୍ଶିତ ଯୋଗ ହେଉଛି "ସମତ୍ୱଂ ଯୋଗ ଉଚ୍ୟତେ" । ୨ୟ-୩୮ । ଅର୍ଥାତ୍ ସିଦ୍ଧି ଓ ଅସିଦ୍ଧିକୁ ସମାନ ମନେକରି କର୍ମ୍ମ କରିବାର ନାମ ଯୋଗ । ଯୋଗଃ କର୍ମ୍ମସୁ କୌଶଳଂ—୨ୟ-୫୦ ଅର୍ଥାତ୍ କର୍ମ୍ମସବୁରେ ଯେ କୌଶଳ ତାହାର ନାମ ଯୋଗ । ଭକ୍ତିଯୋଗ, ଜ୍ଞାନଯୋଗ, କର୍ମ୍ମଯୋଗ ନାମରେ ଯୋଗ ତିନି ପ୍ରକାର ବୋଲି ଜନସାଧାରଣଙ୍କର ଧାରଣା । ମାତ୍ର ବିଷାଦ ଯୋଗଠାରୁ ଆରମ୍ଭ କରି ମୋକ୍ଷଯୋଗ ପର୍ଯ୍ୟନ୍ତ ଅଠରଟି ଯୋଗର ନାମ ଗୀତାରେ ଅଛି, ଯାହା ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପଥରେ ବା ସାଧନପଥରେ ଅଠରଟି ପ୍ରତ୍ୟକ୍ଷ ବିଭିନ୍ନ ସୋପାନ । ଅଭ୍ୟାସଯୋଗ ଓ ବୁଦ୍ଧିଯୋଗ ବୋଲି ଆଉ ଯୋଡ଼ିଏ ଯୋଗର ନାମ ମଧ୍ୟ ଗୀତାରେ ଅଛି, ଯାହା ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟେକ ଅବସ୍ଥାରେ ଆବଶ୍ୟକ । ପରିଶେଷରେ ଧର୍ମ କହିଲେ ଲୋକେ ଯାହା ବୁଝନ୍ତି ସେହି ସବୁ ଧର୍ମ୍ମ ପରିତ୍ୟାଗ କରିବାକୁ ଗୀତା ଉପଦେଶ ଦେଇଅଛି "ସର୍ବ ଧର୍ମ୍ମାନ୍ ପରିତ୍ୟଜ୍ୟ" ( ୧୮ଶ-୬୬ )

ଗୀତା ପ୍ରବର୍ତ୍ତିତ ଧର୍ମ୍ମ ସାର୍ବଜନୀନ ଏ କଥା ଆମ୍ଭେମାନେ ବହୁକାଳରୁ ଅର୍ଜ୍ଜୁନ ପ୍ରଥମ ଅଧ୍ୟାୟ ୪୪ ଶ୍ଳୋକରେ କହିଲା ପରି 'ଅନୁଶୁଶ୍ରୁମ' ଅର୍ଥାତ୍ "ପରମ୍ପରାକ୍ରମେ ଶୁଣି ଆସୁଅଛୁଁ"; ମାତ୍ର ଗୀତାର ସାର୍ବଜନୀନତା କଅଣ ଓ କେଉଁଠାରେ ତାହା ଆଜି ପର୍ଯ୍ୟନ୍ତ ଜାଣିପାରି

ନାହିଁ ଏବଂ ଜାଣି ନ ପାରିବା ଫଳରେ ପଣ୍ଡିତମାନେ ନିଜ ନିଜର ସଂକୀର୍ଣ୍ଣ ମତକୁ ଏବଂ "ଅନୁଶୁଶ୍ରୁମକୁ" ସତ୍ୟ ମନେ କରିଥିବା ଦୁରବସ୍ଥାକୁ ସମର୍ଥନ କରି ଭିନ୍ନ ଭିନ୍ନ ଅବୋଧଗମ୍ୟ ଓ ଅସଙ୍ଗତ ବ୍ୟାଖ୍ୟା କରିବାରେ ଲାଗି ରହିଅଛନ୍ତି ଏବଂ ଜନସାଧାରଣ ଗୀତା ପୁସ୍ତକକୁ ପୂଜା ପେଡ଼ିରେ ବାନ୍ଧି ଶ୍ରୀକୃଷ୍ଣଙ୍କ ଫଟୋ ନିକଟରେ ରଖି ଫୁଲ ଚନ୍ଦନ ଦେଇ ପୂଜା କରିବାକୁ ଏକମାତ୍ର କର୍ତ୍ତବ୍ୟ ମନେକରି ଆଜି ଏତେ ଦୁଃଖ ଯନ୍ତ୍ରଣା ଭୋଗ କରୁଅଛନ୍ତି । କେବଳ ମସ୍ତିଷ୍କ କ୍ରିୟାର ପରିଚାଳନା ପାଇଁ କିମ୍ବା ଫୁଲ ଚନ୍ଦନ ଦେଇ ପୂଜା କରିବାପାଇଁ ବ୍ୟାସଦେବ ଗୀତା ରଚନା କରିନାହାନ୍ତି । ଗୀତା ପ୍ରଚାରିତ ଧର୍ମର ବିଶେଷତ୍ୱ ଏହି କି ଏହା ଜାତିଧର୍ମ ନିର୍ବିଶେଷରେ, ମୂର୍ଖ-ପଣ୍ଡିତ ନିର୍ବିଶେଷରେ, ପୁରୁଷ-ସ୍ତ୍ରୀ ନିର୍ବିଶେଷରେ ଏପରି କି ପାପୀ-ପୁଣ୍ୟାତ୍ମା ନିର୍ବିଶେଷରେ ରାମା ହାଡ଼ିଠାରୁ ଆରମ୍ଭ କରି ରାମଚନ୍ଦ୍ର ମହାପ୍ରଭୁଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନସଂଗ୍ରାମରେ ସମାନ ଭାବରେ ପ୍ରଯୁଜ୍ୟ ଓ ନିତ୍ୟ ପ୍ରୟୋଜନ ଯାହା ନିମ୍ନୋକ୍ତ ବାକ୍ୟମାନଙ୍କରୁ ପ୍ରକାଶ ପାଉଅଛି ।

ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।
(୯ମ—୨୯)

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
(୯ମ—୩୦)

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିଂ ।
(୯ମ—୩୨)

ରାମଚନ୍ଦ୍ର ମହାପ୍ରଭୁଙ୍କର ଜୀବନସଂଗ୍ରାମରେ ଯାହା ପ୍ରଯୁଜ୍ୟ ରାମ ହାଡ଼ି ପକ୍ଷରେ ତାହା ବୁଝିବା ଅସମ୍ଭବ । ମାତ୍ର ରାମା ହାଡ଼ିର ଜୀବନରେ ଯାହା ପ୍ରଯୁଜ୍ୟ ରାମଚନ୍ଦ୍ର ମହାପ୍ରଭୁ ତାହା ସହଜରେ ବୁଝି ପାରିବେ । ସେଥିପାଇଁ ରାମା ହାଡ଼ିର ଜୀବନରେ ଯାହା ପ୍ରଯୁଜ୍ୟ ଏପରି ଗୋଟିଏ ଉପମା ଦେଇ ବ୍ୟାସଦେବ ଗୀତା ପରି ଉପାଦେୟ ଧର୍ମଗ୍ରନ୍ଥ ରଚନା କରିଅଛନ୍ତି—ତେଣୁ ନିଜକୁ ରାମା ହାଡ଼ି ମନେକରି ପାରିଲେ ଗୀତାର ଗୁହ୍ୟକଥା ଓ ବିଶେଷତ୍ୱ ବୁଝିବା ସହଜ ହେବ ।

ନିଜର ସଂଶୟ ଦୂର କରିବା ପାଇଁ ଅର୍ଜୁନ ଶ୍ରୀକୃଷ୍ଣଙ୍କର ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ଯେପରି ଭାବରେ ଅର୍ଜୁନ ତାଙ୍କର ପ୍ରତ୍ୟେକ ସଂଶୟ ଗୁରୁଙ୍କ ନିକଟରେ ନିଃସଙ୍କୋଚରେ ପ୍ରକାଶ କରିଅଛନ୍ତି ଓ ଗୁରୁ ଯେପରି ସୁକୌଶଳରେ ଏବଂ ଯେପରି ଧୈର୍ଯ୍ୟର ସହିତ ଶିଷ୍ୟର ପ୍ରତ୍ୟେକ ସଂଶୟ ଦୂର କରିଅଛନ୍ତି ତାହା ବର୍ତ୍ତମାନ ଯୁଗର ଶିଷ୍ୟମାନଙ୍କର ତଥା ଗୁରୁମାନଙ୍କର ସର୍ବପ୍ରଧାନ ଶିକ୍ଷଣୀୟ ବିଷୟ । ଗୁରୁ ଏକାଦଶ ଅଧ୍ୟାୟରେ ଶିଷ୍ୟକୁ ନିଜର ବିଶ୍ୱରୂପ ଦେଖାଇବା ପରେ ଏବଂ ଶିଷ୍ୟ ଗୁରୁଙ୍କୁ ସୃଷ୍ଟିକର୍ତ୍ତା ବୋଲି ସ୍ୱୀକାର କରି ନମସ୍କାର କଲା ପରେ ମଧ୍ୟ ଅର୍ଜୁନଙ୍କର ସଂଶୟ ଦୂର ହେଲାନାହିଁ । ତେଣୁ ସେ ଦ୍ୱାଦଶ ଅଧ୍ୟାୟ ପ୍ରଥମ ଶ୍ଳୋକରେ ଶ୍ରୀକୃଷ୍ଣଙ୍କୁ ପଚାରିଲେ—

ଏବଂ ସତତ ଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।<br>
ଯେ ଚାପ୍ୟକ୍ଷର ମବ୍ୟକ୍ତଂ ତେଷାଂ କେ ଯୋଗ ବିତ୍ତମାଃ ।

ଅର୍ଥ—ଏହିପରି ସତତ ଯୁକ୍ତ ହୋଇ ଯେଉଁ ଭକ୍ତମାନେ ତୁମର ଉପାସନା କରନ୍ତି ଏବଂ ଯେଉଁମାନେ ଅବ୍ୟକ୍ତ ଓ ଅକ୍ଷରଙ୍କର ଉପାସନା କରନ୍ତି ଏହି ଉଭୟ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ଯୋଗୀ ?

ଶ୍ରୀକୃଷ୍ଣ କହିଲେ, "ଯେଉଁମାନେ ମୋର ଉପାସନା କରନ୍ତି ସେହିମାନେ ଶ୍ରେଷ୍ଠ, କାରଣ ମୁଁ ହେଉଛି ବ୍ୟକ୍ତ ବା ପ୍ରତ୍ୟକ୍ଷ ଭଗବାନ୍" । ଶ୍ରୀକୃଷ୍ଣ ଯଦି ବର୍ତ୍ତମାନ ଯୁଗର ଗୁରୁମାନଙ୍କ ପରି ସ୍ୱାର୍ଥାନ୍ୱେଷୀ ଓ ପ୍ରତାରକ ହୋଇଥାନ୍ତେ ଏବଂ ଅର୍ଜୁନ ଯଦି ବର୍ତ୍ତମାନ ଯୁଗର ଶିଷ୍ୟମାନଙ୍କ ପରି ଅନ୍ଧ ହୋଇଥାନ୍ତେ ତେବେ ଅର୍ଜୁନଙ୍କୁ ଏତେ ପ୍ରଶ୍ନ ଓ ଏପରି ପ୍ରଶ୍ନ କରିବାକୁ ହୋଇ ନ ଥାନ୍ତା ଏବଂ ଶ୍ରୀକୃଷ୍ଣଙ୍କୁ ଏତେ ବୁଝାଇବାକୁ ହୋଇ ନଥାନ୍ତା । ଯେ କୌଣସି କୌଶଳରେ ଅର୍ଜୁନଙ୍କ କାନରେ ଗୁରୁମନ୍ତ୍ର କହି ଦେଇଥିଲେ ଅର୍ଜୁନ ତତ୍‌କ୍ଷଣାତ୍ ଗୁରୁଙ୍କ କଥା ମାନିବାକୁ ବାଧ୍ୟ ହୋଇ ଯୁଦ୍ଧରେ ପ୍ରବୃତ୍ତ ହୋଇଥାନ୍ତେ ମାତ୍ର ଶ୍ରୀକୃଷ୍ଣ ଗୀତାର ସମସ୍ତ ଅଠର ଅଧ୍ୟାୟ ଅର୍ଜୁନଙ୍କୁ ବୁଝାଇଲେ ଏବଂ ବୁଝାଇ ସାରିବା ପରେ ଅର୍ଜୁନଙ୍କୁ ଅଷ୍ଟାଦଶ ଅଧ୍ୟାୟ ୬୩ ଶ୍ଳୋକରେ କହିଲେ ।

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାତ୍ ଗୁହ୍ୟତରଂ ମୟା
ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ ॥

ଅର୍ଥ—ମୁଁ ତୁମ୍ଭଙ୍କୁ ଯେଉଁ ଗୁହ୍ୟରୁ ଗୁହ୍ୟତର କଥା କହିଲି ତାହା ତୁମ୍ଭେ ସମ୍ପୂର୍ଣ୍ଣରୂପେ ବିଚାର କରିସାରି ତୁମ୍ଭର ଯାହା ଇଚ୍ଛା ତାହା କର ।

ମୁଁ ତୁମ୍ଭର ଗୁରୁ କିମ୍ବା ମୁଁ ଜଣେ ଯୋଗୀ କିମ୍ବା ମୁଁ ସ୍ୱୟଂ ସୃଷ୍ଟିର କର୍ତ୍ତା ଏପରି ଧାରଣାର ବଶବର୍ତ୍ତୀ ହୋଇ ମୋ କଥାର ଅନ୍ଧ ଅନୁସରଣ କରିବାକୁ ବୃଥା ଚେଷ୍ଟା କର ନାହିଁ । କାରଣ ନିଜର ପ୍ରକୃତିର ଅନୁରୂପ କର୍ମ କରିବା ବ୍ୟତୀତ ମନୁଷ୍ୟର ଅନ୍ୟ ଗତି ନାହିଁ । ଶାସ୍ତ୍ରବାକ୍ୟ କିମ୍ବା ଗୁରୁବାକ୍ୟର ଅନ୍ଧ ଅନୁସରଣ କରି ନିଜର ଜୀବନର ଗତି ପରିବର୍ତ୍ତନ କରିବା ଜ୍ଞାନବାନ ବ୍ୟକ୍ତି ପକ୍ଷରେ ମଧ୍ୟ ଅସମ୍ଭବ ।

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେ ର୍ଜ୍ଞାନବାନପି
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି । ୩ୟ—୩୩

ପୂର୍ବୋକ୍ତ ଅଷ୍ଟାଦଶ ଅଧ୍ୟାୟ ୬୩ ଶ୍ଲୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ଦେଇଅଛନ୍ତି ଜଗତର ସର୍ବଶ୍ରେଷ୍ଠ ମାନବ ବୁଦ୍ଧଦେବ ମଧ୍ୟ ମାନବ ଜାତିକୁ ଠିକ୍ ସେହି ଉପଦେଶ ଦେଇ ଯାଇଅଛନ୍ତି ବୋଲି ସ୍ୱାମୀ ବିବେକାନନ୍ଦ ତାଙ୍କର ବଙ୍ଗ ଭାଷା ଲିଖିତ "କର୍ମଯୋଗ" ବହିର ଶେଷରେ ଲେଖିଅଛନ୍ତି । ବୁଦ୍ଧଦେବଙ୍କର ଏହି ଉପଦେଶର ଯେଉଁ ଆକ୍ଷରିକ ଅନୁବାଦ ସ୍ୱାମୀ ବିବେକାନନ୍ଦ ବଙ୍ଗ ଭାଷାରେ କରିଅଛନ୍ତି ତାହାର ଓଡ଼ିଆ ଅନୁବାଦ ନିମ୍ନରେ ଦିଆଗଲା । "କୌଣସି ପୁରୁଣା ତାଳପତ୍ର ପୋଥିରେ ଲେଖାଅଛି ବୋଲି, କିମ୍ବା ବାଲ୍ୟାବସ୍ଥାରୁ କୌଣସି ବିଷୟରେ ତୁମ୍ଭର ଜୀବନ ଗଠିତ ହୋଇଅଛି ବୋଲି କିମ୍ବା ତୁମ୍ଭର ଜାତୀୟ ବିଶ୍ୱାସ ବୋଲି କୌଣସି ବିଷୟକୁ ସତ୍ୟ ବୋଲି ଗ୍ରହଣ କରନାହିଁ । ପ୍ରତ୍ୟେକ ବିଷୟ ସମ୍ପୂର୍ଣ୍ଣରୂପେ ବିଚାର କର ଏବଂ ଯଦି ତାହା ମଙ୍ଗଳପ୍ରଦ ବୋଲି ତୁମ୍ଭେ ନିଜେ ସ୍ଥିର କର ତେବେ କାର୍ଯ୍ୟରେ ପରିଣତ କର ।" ଶ୍ରୀକୃଷ୍ଣ କେବଳ ଯେ ତାଙ୍କ କଥା ସମ୍ପୂର୍ଣ୍ଣରୂପେ ବିଚାର କରିବାକୁ

ଶିଷ୍ୟଙ୍କୁ କହି ନିଶ୍ଚିନ୍ତ ହେଲେ ତାହା ନୁହେଁ, ପରିଶେଷରେ ଅଷ୍ଟାଦଶ ଅଧ୍ୟାୟ ୭୨ ଶ୍ଲୋକରେ ଶିଷ୍ୟଙ୍କୁ ପଚାରିଲେ ।

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା
କଚ୍ଚିଦଜ୍ଞାନ ସମ୍ମୋହଃ ପ୍ରଣଷ୍ଟସ୍ତେ ଧନଞ୍ଜୟ ।

ଅର୍ଥ—ହେ ପାର୍ଥ ! ତୁମ୍ଭେ ମୋ କଥା ଏକାଗ୍ର ଚିତ୍ତରେ ଶୁଣିଅଛ ତ ? ତୁମ୍ଭର ଅଜ୍ଞାନଜନିତ ମୋହ ନଷ୍ଟ ହୋଇ ଅଛି ତ ? ପରବର୍ତ୍ତୀ ଶ୍ଲୋକରେ ଶିଷ୍ୟ ଉତ୍ତର ଦେଲେ ।

ନଷ୍ଟୋମୋହଃ ସ୍ମୃତିର୍ଲବ୍‌ଧା ତ୍ୱତ୍ ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ।

ଅର୍ଥ—ହେ ଅଚ୍ୟୁତ ! ତୁମ୍ଭ ଅନୁଗ୍ରହରୁ ମୋର ମୋହ ନଷ୍ଟ ହୋଇଅଛି ଏବଂ ସନ୍ଦେହ ଦୂର ହୋଇଅଛି । ମୁଁ ବର୍ତ୍ତମାନ ତୁମ୍ଭ କଥା ପାଳନ କରିବି ।

ନିଜର କ୍ରିୟାକଳାପକୁ ସମର୍ଥନ କରିବା ଅଭିପ୍ରାୟରେ କେହି କେହି ମନେକରି ପାରନ୍ତି ଯେ ଏଣିକି ଶ୍ରୀକୃଷ୍ଣ ଯାହା କହିବେ ତାହା ଅର୍ଜ୍ଜୁନ ଅନ୍ଧଭାବରେ ପାଳନ କରିବେ ବୋଲି କହିଲେ; ମାତ୍ର ଏପରି ମନେ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଶ୍ରୀକୃଷ୍ଣଙ୍କର ଉପଦେଶ ଶୁଣି ଅର୍ଜ୍ଜୁନ କେବଳ ନିଜର ଜୀବନଯୁଦ୍ଧର ବା ସାଧନାପଥର ପ୍ରଥମ ସୋପାନରେ ପଦକ୍ଷେପ କରିବାକୁ ସକ୍ଷମ ହୋଇ ଅଛନ୍ତି । ତାଙ୍କର ଅବସ୍ଥାର ଅନ୍ୟ କୌଣସି ବିଶେଷ ପରିବର୍ତ୍ତନ ଘଟିନାହିଁ । "ତୁମ୍ଭ କଥା ପାଳନ କରିବି" ଏହି କଥା କହିବାରେ ଅର୍ଜ୍ଜୁନଙ୍କର ଅଭିପ୍ରାୟ ଏହି କି ଏଣିକି ମୋ ଶୁଣିବା କଥାକୁ ସତ୍ୟ ମନେ ନ କରି, କୁଳଧର୍ମ ଓ ଜାତିଧର୍ମକୁ ଶାଶ୍ୱତ ଧର୍ମ ମନେ ନ କରି ଚିରକାଳ ପାଇଁ ନରକବାସ ହେବାର ଭ୍ରାନ୍ତ ଧାରଣା ଓ ଭୟ ଦୂର କରି (ପ୍ରଥମ ଅଧ୍ୟାୟ ୪୩ରୁ ୪୬), ସୁଖ ଦୁଃଖ, ଲାଭାଲାଭ ଏବଂ ଜୟ—ପରାଜୟକୁ ସମାନ ମନେକରି (୨ୟ—୩୮), ସିଦ୍ଧି ଓ ଅସିଦ୍ଧିକୁ ସମାନ ମନେକରି ( ୨ୟ—୪୮ ) ସଙ୍ଗ ହେତୁରୁ

ବିମୁକ୍ତ ହୋଇ (୨ୟ—୭୨) ସମତ୍ୱବୁଦ୍ଧିର ବା ବୁଦ୍ଧିଯୋଗର ଏକମାତ୍ର ଆଶ୍ରୟ ନେଇ (୨ୟ—୪୯, ୧୦ମ—୧୦ ଓ ୧୮ଶ—୫୭) ନିଜର ପ୍ରକୃତିଜାତ ଗୁଣ ଓ ସ୍ୱଭାବନିୟତ କର୍ମରେ ଅର୍ଥାତ୍ ଜୀବନଯୁଦ୍ଧରେ ଅଗ୍ରସର ହେବେ, ଯାହା ଶ୍ରୀକୃଷ୍ଣଙ୍କର ଏକମାତ୍ର ଅଭିପ୍ରାୟ ଏବଂ ଯାହା ସେ ବାରମ୍ବାର କହିଅଛନ୍ତି ଏବଂ ପରିଶେଷରେ ଅଷ୍ଟାଦଶ ଅଧ୍ୟାୟ ୫୯ ଓ ୬୦ ଶ୍ଲୋକରେ ପରିଷ୍କାରଭାବରେ ବୁଝାଇ ଦେଇଅଛନ୍ତି ।

ଯଦହଙ୍କାର ମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।
ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିଯୋକ୍ଷତି ।
(୧୮ଶ—୫୯)

ଅର୍ଥ —ଅହଙ୍କାରକୁ ଆଶ୍ରୟ କରି ତୁମ୍ଭେ ଯୁଦ୍ଧ କରିବ ନାହିଁ ବୋଲି ଯାହା ମନେ କରୁଅଛ ତାହା ତୁମ୍ଭ ପକ୍ଷରେ ମିଥ୍ୟାଚାର ଅଟେ । ତୁମ୍ଭର ନିଜର ପ୍ରକୃତି ତୁମ୍ଭକୁ ଏଥିରେ ନିଯୁକ୍ତ କରିବ । (ଏହି କଥା ଶ୍ରୀକୃଷ୍ଣ ୩ୟ ଅଧ୍ୟାୟ ପଞ୍ଚମ ଶ୍ଲୋକରେ ମଧ୍ୟ କହିଅଛନ୍ତି ।

ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନକର୍ମଣା ।
କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟ ବଶୋଽପିତତ୍ ।
(୧୮ଶ—୬୦)

ଅର୍ଥ - ହେ କୌନ୍ତେୟ ! ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱଭାବଜାତ କର୍ମରେ ଆବଦ୍ଧ । ତେଣୁ ମୋହପରବଶ ହୋଇ ତୁମ୍ଭେ ଯାହା କରିବାକୁ ଇଚ୍ଛା କରୁନାହିଁ ବାଧ୍ୟହୋଇ ତାହା ତୁମ୍ଭକୁ କରିବାକୁ ହେବ । (ଆଜି ନ କଲେ କାଲି କରିବ, ଏ ଜନ୍ମରେ ନ କଲେ ପରଜନ୍ମରେ କରିବ) ଏହି ପ୍ରକୃତି ଜାତ ଗୁଣ ଓ ସ୍ୱଭାବନିୟତ କର୍ମ ଉପରେ ଗୀତାର ସମସ୍ତ ଉପଦେଶ ପ୍ରତିଷ୍ଠିତ । ଯେଉଁ କୁଳଧର୍ମ ଓ ଜାତିଧର୍ମକୁ ସ୍ୱଧର୍ମ ମନେକରି ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହୋଇଥିଲେ ଏବଂ ଜନସାଧାରଣ ନିଜ ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ ହୋଇ ଆଜି ଏହି ଦୁରବସ୍ଥା ଭୋଗ କରୁଅଛନ୍ତି ତାହା ଗୀତା ସ୍ୱୀକୃତ ସ୍ୱଧର୍ମ ନୁହେଁ ଏବଂ ଯେଉଁ ଅର୍ଥଶୂନ୍ୟ, ପ୍ରାଣଶୂନ୍ୟ ଓ ବ୍ୟକ୍ତିଗତ ଜୀବନ ଗଠନ ସହିତ ସମ୍ବନ୍ଧଶୂନ୍ୟ ଅନ୍ଧ ଅନୁକରଣକୁ

ଲୋକେ ସ୍ୱକର୍ମ ମନେ କରୁଅଛନ୍ତି ତାହା ଗୀତା ପ୍ରଚାରିତ ସ୍ୱକର୍ମ ନୁହେଁ । ଗୀତା ପ୍ରଚାରିତ ସ୍ୱଧର୍ମ ଓ ସ୍ୱକର୍ମ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ ସାର୍ବଜନୀନ ଏକଥା ଶ୍ରୀକୃଷ୍ଣ ତୃତୀୟ ଅଧ୍ୟାୟ ୩୫ ଶ୍ଲୋକରେ ଏବଂ ଅଷ୍ଟାଦଶ ଅଧ୍ୟାୟ ୪୭ ଓ ୪୮ ଶ୍ଲୋକରେ ପରିଷ୍କାର ଭାବରେ ବୁଝାଇ ଦେଇଥିଲେ ସୁଦ୍ଧା ପଣ୍ଡିତମାନେ ଏହି ବ୍ୟକ୍ତିଗତ ସ୍ୱଧର୍ମ ଓ ବ୍ୟକ୍ତିଗତ ସ୍ୱକର୍ମକୁ ସାମ୍ପ୍ରଦାୟିକ ସ୍ୱଧର୍ମ ଓ ସାମ୍ପ୍ରଦାୟିକ ସ୍ୱକର୍ମ ବୋଲି ବ୍ୟାଖ୍ୟା କରୁଅଛନ୍ତି ଯାହା ସମ୍ପୂର୍ଣ୍ଣ ଅଯୌକ୍ତିକ ।

ଜନ୍ତୁରାଜ୍ୟରେ ସାମ୍ପ୍ରଦାୟିକ ସ୍ୱଧର୍ମ ଅଛି । ସବୁ ବିଲୁଆଙ୍କର ଏକା ପ୍ରକୃତି, ତେଣୁ ଏକପ୍ରକାର ସ୍ୱଧର୍ମ । ସବୁ କୁକୁରଙ୍କର ଏକପ୍ରକାର ପ୍ରକୃତି, ତେଣୁ ଏକପ୍ରକାର ସ୍ୱଧର୍ମ; ମାତ୍ର ମନୁଷ୍ୟ ରାଜ୍ୟରେ କୌଣସି ସମ୍ପ୍ରଦାୟଭୁକ୍ତ ସବୁ ମନୁଷ୍ୟଙ୍କର ଏକପ୍ରକାର ପ୍ରକୃତି, ଏକପ୍ରକାର ସ୍ୱଧର୍ମ ଓ ଏକପ୍ରକାର ସ୍ୱକର୍ମ ହେବା ସମ୍ପୂର୍ଣ୍ଣ ଅସ୍ୱାଭାବିକ ଓ ଅସଙ୍ଗତ । ମନୁଷ୍ୟ ସମ୍ପ୍ରଦାୟଭୁକ୍ତ ହୋଇ ରହୁ କୌଣସି ଆପତ୍ତି ନାହିଁ, ବରଂ ତାହା ଏକାନ୍ତ ବାଞ୍ଛନୀୟ; ମାତ୍ର ସେହିସବୁ ସମ୍ପ୍ରଦାୟ ବ୍ୟକ୍ତିଗତ ସ୍ୱଧର୍ମ ବା ବ୍ୟକ୍ତିଗତପୂର୍ଣ୍ଣ ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ହେଉ । ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ ସ୍ୱାଧୀନତାକୁ ଧ୍ୱଂସକରି ଯେଉଁସବୁ ସମ୍ପ୍ରଦୟ ଅର୍ଜ୍ଜୁନ କହିଥିବା "ଅନୁଶୁଶ୍ରୁମ" ଉପରେ ବା ଅନ୍ଧତା ଉପରେ ଏବଂ ସ୍ୱାର୍ଥାନ୍ୱେଷୀ ସମାଜପତିମାନଙ୍କର ପ୍ରଭୁତ୍ୱ ଓ ପ୍ରତାରଣା ଉପରେ ପ୍ରତିଷ୍ଠିତ ହୋଇ ରହିଛି ତାହା ଭଗବାନଙ୍କର ସୃଷ୍ଟିକୌଶଳର ନିୟମବିରୁଦ୍ଧ, ତେଣୁ ଅନିଷ୍ଟପ୍ରଦ ଅଟେ ।

ଏହି ସଂସାର ଶ୍ରୀଭଗବାନଙ୍କର ଗୋଟିଏ ସୁନ୍ଦର ବଗିଚା । ଏହି ବଗିଚାରେ ମନୁଷ୍ୟରାଜ୍ୟ ଗୋଟିଏ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଭାଗ । ଏହି ବିଭାଗରେ ଏକ ଜାତୀୟ ଗଛ ଯୋଡ଼ିଏ ସୁଦ୍ଧା ନାହିଁ । ପ୍ରତ୍ୟେକ ଗଛ ତାହାର ପୂର୍ବକୃତ କର୍ମର ଅଧୀନ ଏବଂ ସେହି ପୂର୍ବକୃତ କର୍ମ ହେତୁ ପ୍ରତ୍ୟେକ ଗଛର କ୍ରମବିକାଶର ପ୍ରଣାଳୀ ଅନ୍ୟଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଥାଇ ସୁଦ୍ଧା ପ୍ରତ୍ୟେକ ଗଛ ନିଜକୁ ନିଜେ ପୂର୍ଣ୍ଣ । କଣ୍ଟାଳୁଗଛ ତାହାର କ୍ରମବିକାଶ ପଥରେ ଯେଉଁ ଆନନ୍ଦ ପାଏ, ଗୋଲାପଗଛ ମଧ୍ୟ

*

ତାହାର କ୍ରମବିକାଶ ପଥରେ ସେହି ଆନନ୍ଦ ପାଏ । କ୍ରମବିକାଶର ପ୍ରଣାଳୀରେ ପାର୍ଥକ୍ୟ ଥିଲେ ମଧ୍ୟ ପୂର୍ଣ୍ଣତା ପ୍ରାପ୍ତିରେ ଆନନ୍ଦ ଉପଲବ୍ଧି କରିବାରେ ପ୍ରତ୍ୟେକ ଗଛର ସମାନ ଅଧିକାର । ଏହି ସମତା ବୁଝି ନ ପାରି କଖାରୁଗଛ ଯଦି ଗୋଲାପ ଗଛର କ୍ରମବିକାଶର ପ୍ରଣାଳୀର ଅନ୍ଧ ଅନୁସରଣ କରେ ତେବେ ସେହି କଖାରୁଗଛର ଯେଉଁ ଦୁରବସ୍ଥା ହେବ ପରଧର୍ମର ଅନ୍ଧ ଅନୁସରଣ କରିବା ଦ୍ୱାରା ମନୁଷ୍ୟର ଠିକ ସେହି ଦୁରବସ୍ଥା ଘଟିଅଛି । କାରଣ ତଦ୍ଦ୍ୱାରା ସେ ଭଗବାନଙ୍କ ସୃଷ୍ଟି ବୈଚିତ୍ର୍ୟମୟ ଜଗତର ସ୍ୱାଭାବିକ ସୌନ୍ଦର୍ଯ୍ୟ ନଷ୍ଟ କରିଅଛି ।

ଅନ୍ୟ କାହାରି ସହିତ କୌଣସି ସମ୍ବନ୍ଧ ନ ରଖି ଏକମାତ୍ର ଶ୍ରୀକୃଷ୍ଣଙ୍କର ଶରଣ ନେବାକୁ ଶ୍ରୀକୃଷ୍ଣ ନିମ୍ନଲିଖିତ ବାକ୍ୟମାନଙ୍କରେ ଏବଂ ଅନ୍ୟତ୍ର ବାରମ୍ବାର କହିଅଛନ୍ତି ।

ଅନନ୍ୟ ଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ । ୮ମ-୧୪ ।
ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ । ୯ମ-୨୨ ।
ମୟି ଚାନନ୍ୟ ଯୋଗେନ ଭକ୍ତିରବ୍ୟଭିଚାରିଣୀ । ୧୩ଶ-୧୦ ।
ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ । ୧୪ଶ-୨୬
ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ-୫୭ ।
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ୧୮ଶ-୬୬ ।

ଅନ୍ୟ କାହାରି ସହିତ କୌଣସି ସମ୍ବନ୍ଧ ନ ରଖିବାକୁ କହିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହି କି ଅନୁଶ୍ରୁତି ଉପରେ ପ୍ରତିଷ୍ଠିତ ସମ୍ପ୍ରଦାୟ ଅନ୍ଧଅନୁସରଣ ପରିତ୍ୟାଗ କରି ଏକମାତ୍ର ତାଙ୍କର ଶରଣ ନେବାକୁ ହେବ । ଶ୍ରୀକୃଷ୍ଣଙ୍କର ଏହି ଅଭିପ୍ରାୟ ପ୍ରତି ଦୃଷ୍ଟି ନରଖି "କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ" ଏହି ଶାସ୍ତ୍ର ବାକ୍ୟର ପ୍ରକୃତ ଅଭିପ୍ରାୟ ନ ବୁଝି ଏହି ଶାସ୍ତ୍ରବାକ୍ୟ ଉପରେ ବା ଶୁଣିବା କଥା ଉପରେ ନିର୍ଭର କରି ପଣ୍ଡିତମାନେ ଶ୍ରୀକୃଷ୍ଣଙ୍କୁ ସେହି ଆଦିପୁରୁଷ ବା ପରମାତ୍ମା ବା ଅବ୍ୟକ୍ତ ଭଗବାନ ବୋଲି ବ୍ୟାଖ୍ୟା କରିଅଛନ୍ତି । ଏପରି ବ୍ୟାଖ୍ୟା ଯେ ସମ୍ପୂର୍ଣ୍ଣ ଅଯୌକ୍ତିକ ତାହା ନିମ୍ନଲିଖିତ ବାକ୍ୟମାନଙ୍କର ଏବଂ ଏହି ବାକ୍ୟମାନଙ୍କରେ ଥିବା "ତମ୍" ଏହି ତୃତୀୟ ପୁରୁଷ ପ୍ରୟୋଗରୁ ପରିଷ୍କାର ଭାବରେ ପ୍ରକାଶ ପାଉଅଛି ।

ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ । ୮ମ-୮ ।
ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟ ସ୍ତ୍ୱନନ୍ୟୟା । ୮ମ-୨୨ ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ । ୧୫ଶ-୪ ।
ଉତ୍ତମଃ ପୁରୁଷ ସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ । ୧୫ଶ-୧୭ ।
ସ୍ୱକର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦନ୍ତି ମାନବଃ । ୧୮ଶ-୪୬ ।
ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ । ୧୮ ଶ-୬୨ ।

ଶ୍ରୀକୃଷ୍ଣଙ୍କୁ କିପରି ଭାବରେ ଶରଣ ନେବାକୁ ହେବ ଏବଂ ସେହି ଆଦିପୁରୁଷଙ୍କୁ ବା ଅବ୍ୟକ୍ତ ଭଗବାନଙ୍କୁ କିପରି ଭାବରେ ଶରଣ ନେବାକୁ ହେବ ତାହା ଶ୍ରୀକୃଷ୍ଣ ପୃଥକ୍ କରି ସୁକୌଶଳରେ ପରିଷ୍କାର ଭାବରେ ବୁଝାଇ ଦେଇଥିବା ସ୍ଥଳେ ସେହି ପାର୍ଥକ୍ୟ ପ୍ରତି ଜନସାଧାରଣ ଆଦୌ ଦୃଷ୍ଟି ଦେଉନାହାନ୍ତି । କାହିଁକି ଦୃଷ୍ଟି ଦେଉନାହାନ୍ତି ତାହା ପୂର୍ବେ ବୁଝା-ଯାଇଅଛି । ସେ ଯାହାହେଉ ସେହି ଆଦିପୁରୁଷଙ୍କର ପ୍ରତ୍ୟକ୍ଷ ପରିଚୟ ପାଇବା ସମ୍ପୂର୍ଣ୍ଣ ଅସମ୍ଭବ । କାରଣ ସେ ହେଉଛନ୍ତି ଅବ୍ୟକ୍ତ, ଅଚିନ୍ତ୍ୟ ଓ ଅଜ୍ଞେୟ । କେବଳ ସେହି ବ୍ୟକ୍ତ ବା ପ୍ରତ୍ୟକ୍ଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରତ୍ୟକ୍ଷ ପରିଚୟ ପାଇବା ଏକାନ୍ତ ଆବଶ୍ୟକ । ମାତ୍ର ତାହା ଗୀତାର ସର୍ବ ଗୁହ୍ୟତମ ବିଷୟ ଅର୍ଥାତ୍ ଶ୍ରୀକୃଷ୍ଣ ଗୀତାରେ ଯାହାସବୁ ବୁଝାଇ ଅଛନ୍ତି ତାହା ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରି ନିଜର ଅନୁଭୂତି ଦ୍ୱାରା ସ୍ଥିର କରିବାର ବିଷୟ ; ଏହା କେହି କାହାରିକୁ କହି ଦେବାର ବିଷୟ ନୁହେଁ ।

ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ଅର୍ଜ୍ଜୁନଙ୍କର ବା ପ୍ରତ୍ୟେକ ବ୍ୟକ୍ତି-ଙ୍କର ଚିରସଖା, ଜୀବନ ଯୁଦ୍ଧରେ ଏକମାତ୍ର ସାରଥି, ସଂଶୟ ଦୂର କରିବା ପାଇଁ ଓ କର୍ତ୍ତବ୍ୟ ସ୍ଥିର କରିବାପାଇଁ ଏକମାତ୍ର ଗୁରୁ ଏବଂ ଭବିଷ୍ୟତ୍ ଜୀବନର ପ୍ରତ୍ୟକ୍ଷ ଭଗବାନ୍ ଏକଥା ବ୍ୟାସଦେବ ସୁକୌଶଳରେ ଗୀତାରେ ବର୍ଣ୍ଣନା କରିଅଛନ୍ତି । ଯାହା ଜନସାଧାରଣ ଉତ୍ତମରୂପେ ଜାଣନ୍ତି । ଗୀତାର ସେହି ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କର ବିଜ୍ଞାନ ବା ବିଶୁଦ୍ଧବୁଦ୍ଧି ଏକଥା ମୁଁ "ଗୀତା ପରିଚୟ" ବହିରେ ପରିଷ୍କାର ଭାବରେ ପ୍ରମାଣ କରିଅଛି । ଯୁକ୍ତିଯୁକ୍ତ ପ୍ରମାଣ ଉପରେ ପ୍ରତିଷ୍ଠିତ ହେଲେ ସୁଦ୍ଧା ମୋର ଏହି ନୂତନ ମତ ଜନସାଧାରଣଙ୍କ ନିକଟରେ ଅଗ୍ରାହ୍ୟ ହେବ ଏହା ମୁଁ ଭଲକରି ଜାଣେ । ଜାଣି ସୁଦ୍ଧା କେବଳ କର୍ତ୍ତବ୍ୟବୋଧରେ ମୁଁ ମୋର

ବ୍ୟକ୍ତିଗତ ସତ୍ୟ ବା ସ୍ୱାଧୀନ ମତ ପ୍ରକାଶ କରିଅଛୁ । ମୋର ମତ କାହିଁକି ଅଗ୍ରାହ୍ୟ ହେବ ତାହା ମୁଁ "Secrets of the Geeta" ନାମକ ଖଣ୍ଡିଏ ଇଂରାଜୀ ବହିର ଆରମ୍ଭରେ ଲେଖିଅଛି । ସେ ଯାହାହେଉ ଶ୍ରୀକୃଷ୍ଣଙ୍କର ପରିଚୟ ପାଇବାର ଅର୍ଥ ଶ୍ରୀକୃଷ୍ଣଙ୍କୁ ବିଜ୍ଞାନ ବୋଲି କେବଳ ସ୍ୱୀକାର କରିବା ନୁହେଁ, ସେହି ବିଜ୍ଞାନ କଅଣ ତାହା ତତ୍ତ୍ୱଦର୍ଶୀମାନଙ୍କଠାରୁ ତତ୍ତ୍ୱତଃ ଜାଣିବାର କଥା । ମାତ୍ର ତାହା ଭବିଷ୍ୟତର କଥା ଅର୍ଥାତ୍ କର୍ମକ୍ଷେତ୍ରରେ ଅଗ୍ରସର ହେବାର ଅନେକ ପରର କଥା ।

ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରଂ । ୧୮ଶ-୫୫

ଶ୍ରୀକୃଷ୍ଣଙ୍କୁ ବିଜ୍ଞାନ ବୋଲି ସ୍ୱୀକାର ନ କରି ମଧ୍ୟ ବିଜ୍ଞାନକୁ ବା ନିଜର ବିସ୍ତୀର୍ଣବୁଦ୍ଧିକୁ ଚିରସଖା, ସାରଥି ଏବଂ ଏକମାତ୍ର ଗୁରୁଭାବରେ ଗ୍ରହଣ କରିବା ଦ୍ୱାରା କାହାରି କୌଣସି କ୍ଷତି ନାହିଁ । ସେଥିପାଇଁ କଠୋପନିଷଦର ଋଷି ଲେଖିଅଛନ୍ତି—

ବିଜ୍ଞାନ-ସାରଥିର୍ଯସ୍ତୁ ମନଃ-ପ୍ରଗ୍ରହବାନ୍ ନରଃ ।
ସୋଽଧ୍ୱନଃ ପାରମାପ୍ନୋତି ତଦ୍ୱିଷ୍ଣୋଃ ପରମଂ ପଦଂ ।

ଅର୍ଥ :—ବିଜ୍ଞାନ ଯାହାଙ୍କର ସାରଥି ଏବଂ ମନ ଯାହାଙ୍କର ଲଗାମ ସେ ଏହି ସଂସାର ପାର ହୋଇ ବିଷ୍ଣୁଙ୍କର ପରମପଦ ଲାଭ କରନ୍ତି ।

ବ୍ୟାସଦେବ ମହାଭାରତ ଶାନ୍ତିପର୍ବରେ ଲେଖିଅଛନ୍ତି—
"ବୁଦ୍ଧିରାତ୍ମା ମନୁଷ୍ୟସ୍ୟ ବୁଦ୍ଧିରେବାତ୍ମନୋ ଗତିଃ"

ଅର୍ଥାତ୍ ବୁଦ୍ଧି ହେଉଛି ମନୁଷ୍ୟର ଆତ୍ମା ଏବଂ ବୁଦ୍ଧି ହେଉଛି ନିଜର ଏକମାତ୍ର ଗତି । ପ୍ରକୃତରେ ବୁଦ୍ଧି ଯେ ଆତ୍ମା ଏକଥା ବ୍ୟାସଦେବ କହି ନାହାନ୍ତି । ବ୍ୟାସଦେବଙ୍କର ଅଭିପ୍ରାୟ ଏହି କି ଆତ୍ମା ହେଉଛନ୍ତି ଅବ୍ୟକ୍ତ; ତେଣୁ ବୁଦ୍ଧିକୁ ଆତ୍ମା ବୋଲି ଗ୍ରହଣ କରି ଜୀବନପଥରେ ଅଗ୍ରସର ହେବା ଆବଶ୍ୟକ । ପୂର୍ବ ଲିଖିତ "କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ" କଥାଟିକୁ ମଧ୍ୟ ଏହିପରି ବୁଝିବାକୁ ହେବ ।

ଯେଉଁ ବିଜ୍ଞାନ ବା ବୁଦ୍ଧି ବ୍ୟକ୍ତ ହୋଇ ପ୍ରତ୍ୟେକ ମନୁଷ୍ୟଙ୍କୁ ସଖା-ଭାବରେ ଉପଦେଶ ଦିଅନ୍ତି, ସାରଥି ଭାବରେ ତାହାର ସବୁକର୍ମ କରନ୍ତି ଏବଂ ଗୁରୁଭାବରେ ତାହାର ସବୁ ସଂଶୟ ଦୂର କରନ୍ତି ସେହି ବିଜ୍ଞାନ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରତ୍ୟକ୍ଷ ଭଗବାନ୍ ଶ୍ରୀକୃଷ୍ଣ । ବୁଦ୍ଧିଶୂନ୍ୟ ଲୋକେ ଶ୍ରୀକୃଷ୍ଣଙ୍କୁ ବ୍ୟକ୍ତି ମନେ କରନ୍ତି । "ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ" (୭ମ-୨୪)

ଶ୍ରୀକୃଷ୍ଣଙ୍କ ପରିଚୟ ପାଇବା କଥା ଛାଡନ୍ତୁ । ଶ୍ରୀକୃଷ୍ଣ ବିଜ୍ଞାନ ହୁଅନ୍ତୁ ବା ଦ୍ୱାପର ଯୁଗର ଶ୍ରୀକୃଷ୍ଣ ହୁଅନ୍ତୁ ବା ସ୍ୱୟଂ ଭଗବାନ ବା ଅନ୍ୟ ଯାହା ହୁଅନ୍ତୁ ଧର୍ମ ସଂସ୍ଥାପନ ପାଇଁ ସେ ଜଗତକୁ ଆସିଥିଲେ ଏକଥା ସମସ୍ତଙ୍କୁ ଜଣା ।

ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । (୪ର୍ଥ—୮)

ଆମ୍ଭମାନଙ୍କର ପ୍ରଚଳିତ କ୍ରିୟାକଳାପକୁ କିମ୍ବା ଅତୀତର ଅନ୍ଧ ଅନୁସରଣକୁ ଦୃଢ଼ଭାବରେ ସମର୍ଥନ କରିବାକୁ ଶ୍ରୀକୃଷ୍ଣ ଜଗତରେ ଅବତୀର୍ଣ୍ଣ ହୋଇଥିଲେ ବୋଲି ଯେଉଁମାନେ କହୁଅଛନ୍ତି ଓ କହୁଥିବେ ବୋଲି ଜିଦ୍ ଧରି ରହିଅଛନ୍ତି ସେମାନଙ୍କୁ ମୋର କିଛି କହିବାର ନାହିଁ । ଶ୍ରୀକୃଷ୍ଣ ଯଦି ମାନବ ଜାତିକୁ ତଥା ପ୍ରତ୍ୟେକ ବ୍ୟକ୍ତିକୁ କୌଣସି ନୂତନ ଉପଦେଶ ଦେଇ ଯାଇଅଛନ୍ତି ତେବେ ତାହା କଅଣ ଏବଂ ଆମ୍ଭେମାନେ ତଦନୁସାରେ କେଉଁ ପରିମାଣରେ ଜୀବନ ଗଠନ କରିଅଛୁ କିମ୍ବା କରିବାକୁ ପ୍ରସ୍ତୁତ ଅଛୁ ତାହା ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତିଙ୍କର ବିଚାରର ବିଷୟ ।

ସେହି ନୂତନ ଧର୍ମ ହେଉଛି ବୁଦ୍ଧିଯୋଗ ଓ ବ୍ୟକ୍ତିଗତ ସ୍ୱଧର୍ମ ବା ବ୍ୟକ୍ତିଗତ ପୂର୍ଣ୍ଣସ୍ୱାଧୀନତା । ଅନୁଶୃଙ୍ଖଳ ବା ଅନ୍ଧତାର ରାଜତ୍ୱ ରହିବ ନାହିଁ ଏହା ସୁନିଶ୍ଚିତ ଜାଣି, ନିଜକୁ ନିମିତ୍ତମାତ୍ର ମନେକରି ସେହି ବୁଦ୍ଧି ଯୋଗ ଓ ବ୍ୟକ୍ତିଗତ ପୂର୍ଣ୍ଣସ୍ୱାଧୀନତାର ପ୍ରତିଷ୍ଠା ପାଇଁ ଜୀବନ ଯୁଦ୍ଧରେ ଅଗ୍ରସର ହେବାକୁ ହେବ । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି ।

ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ—୭ ।
ସର୍ବଦା ମୋତେ ସ୍ମରଣ କର ଏବଂ ଯୁଦ୍ଧ କର ।

# SECRETS OF THE GEETA

At the first sight of the thesis you will be disappointed to find that its writer is unknown man having no personality—no titles and qualifications—on which you are long accustomed to depend. But there is no reason for such disappointment. if you are a sincere reader, if you are a seeker after the truth, you are to verify the truth of the writing by your free reason and judgement and you have nothing to do with the personality of the writer. If you are a superficial reader and if you at all feel it necessary to know who the writer is, I say with all sincerity that the writer is a Guru or a Teacher. By the term 'Guru' the writer means a sincere. and humble servant of humanity and not a Guru in the sense in which the majority of people misunderstand and misuse the term.

However, as the writer again knows well that you are long accustomed to depend upon authorities he will give you satisfactory authorities so that you may get your doubts removed and decisions confirmed by them. But the writer regrets to say that you are not accustomed to invite doubts in order to find out the truth for yourself. So in giving you authorities even from the Geeta itself

the writer does not mean that you accept these authorities as truth for you and try in vain to obey such authorities but to invite doubt at every step till such authorities become your own authority—become the very foundation of your own existence-on which alone you can create.

In the Geeta you find two Gurus or two spiritual teachers. One is Vyasadeva, the author and the other is Srikrishna, the manifested Lord. One is the Guru of the outer world and the other is the Guru of the inner world or of the soul who enables you to proceed in your own way to your own goal. However. you have nothing to do now by knowing the different functions of the two different kinds of Gurus. The only essential thing for you in this present connection is to have a general idea of the common work of all Spiritual Teachers.

As you may have no idea of the work of the Spiritual Teachers, the best thing for you is to imagine the work of the school teachers. Just as school teachers give new lessons to their students day after day and year after year. Spiritual Teachers of the Divine Government, of whom you may have no idea, give new lessons to the world and to each individual soul, age after age, and birth after birth, and also at every moment to the aspiring soul. It is the duty of the people and specially of each individual to be ever ready to receive new lessons from the Teacher every day and every

moment if he can do so instead of going on repeating one old lesson of the past for ever.

It is most regrettable to state that the new lessons given by the Spiritual Teachers of the past being naturally different from the old lessons and quite contrary to the old views and biind followings of the people, Budha, Chaitanya, Sankaracharya, Mahammad and Jesus have all been cruelly treated by the people during their life-time. It is much more regrettable that after the life time of these teachers their so-called followers are merely engaged in forming different sects in their names and in worshipping the photoes or pictures of their respective teachers and in quarrelling with each other like dogs and jackals but none caring to understand and act up to a single teaching of any Teacher. This is exactly the case with the new lesson or new teaching given by the World Teachers Vyasadeva and Srikrishna in the Geeta. Tnere is also no reason that this will not be the case with the writer who is giving you here a new line of thought and also the correct way of studying the Geeta.

The author of the Geeta is known in India as Vyasadeva, the Jagad-Guru or the Teacher of the World. If you admit as such you must admit that his teachings are meant for each individual soul of the world and not exclusively meant for a few learned men only so that others may obey and follow them blindly nor to that particular sect of India alone who now wrongly call themselves Hindus, as appears from interpretations made by

the learned leaders of such different sects. The reason why the writer used the word 'wrongly' before 'Hindus' is that the name of the religion established by the ancient Rishies of India is not Hinduism as people have named it now, but Varnashrama Dharma, which concerns human life and which is therefore applicable to the whole human kingdom without any distinction of caste, sex, creed and colour. In Srimad Bhagabata and other religious scriptures of the East we find the name Varṇashrama Dharma, and nowhere do we come across the name 'Hindu Dharma'. It is regrettable that Varnashrama which is the universal religion for all humanity has totally disappeared from India giving place to the present sectarian Hindu Dharma and that the votaries of the latter and those of its narrower subsects have naturally tried their best to twist the universality and newness of the Geeta, so that it might suit their respective sectarian views and blind followings. Consequently those twisted interpretations not only widely differ from each other but all such interpretations entirely differ from the main teaching which therefore still remains practically sealed to the people, resulting in their present pitiable condition. It is the firm conviction of the writer—not based on mere theories and beliefs but based on his own truth and experience—that the people of India will again rise from their present fallen condition if they understand the real teachings of the Geeta not only in their universality but in their applicability to life and try to act up to those teachings and

*

thus reestablish their long-forgotten Varnashrama Dharma in its true sense.

In the Geeta we find no mention of Varna or Ashrama In one place only we find the word "Chaturvarnyam" (IV—13) which means the nature of four Varnas in the whole human kingdom as well as in each individual and does not mean the four castes created by man in India as the interpreters of the Geeta explain.

Every human being, be he a Mahamedan or a Christian, in his and her self manifests the characteristics of the four Varnas When one is entertaining higher, nobler; diviner objects and ideals he is a 'Brahmana', when one is engaged in self-defence or in redressing the wrongs of others he is a Kshatriya ; when one is plunged into the daily avocations of life to earn the living of those dependent on him he is a Vaisya; and when one is labouring for others in a wage-earning fashion he is a Shudra. How the four Ashramas are beneficial to all human societies needs no explanation.

The very historical fact that Srikrishna instructed Arjuna to fight against and kill his Gurus, friends, and relatives and that Arjuna not only agreed to do so but did so, declares in a thunderlike voice that the teaehing given in the Geeta is a new and rare one, quite contrary to the views of the people. An earnest reader of the Geeta and a true disciple of Srikrishna must therefore prepare himself to fight against all kinds of

injustices if done even by his Gurus, friends and relatives and to kill them where necessary in order to establish truth. justice, law and order in the society. Please note that the Geeta preaches Ahimsa and that killing is not a sinful action if the killer is free from egoistic notion or Himsa and if his Reason is thereby not affected (XIII—28, XVIII—17)

ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ । ୧୩ଶ-୨୯
ଯସ୍ୟ ନାହଂକୃତୋ ଭାବୋ, ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ,
ହତ୍ୱାପି ସ ଇମାଂଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ । ୧୮ଶ-୧୭ ।

Those who still say that Vyasadeva and Srikrishna have given no new teachings and that they have instructed people to go on repeating their old lessons and clinging to their blind followings of the past, as the interpreters of the Geeta explain to us, to them the writer has nothing to say. Others are requested to find out the newness of the teaching and act accordingly.

The reader of the Geeta should always remember that it is the most secret scripture as appears from the following quotations of the Geeta :—

ଇଦଂ ତୁ ତେ ଗୁହ୍ୟତମଂ—୯ମ-୧
ରାଜବିଦ୍ୟା ରାଜଗୁହ୍ୟଂ—୯ମ-୨
ଇତି ଗୁହ୍ୟତମଂ ଶାସ୍ତ୍ରଂ—୧୫ଶ-୨୦
ଗୁହ୍ୟାତ୍ ଗୁହ୍ୟତରଂ ମୟା—୧୮ଶ-୬୩
ସର୍ବଗୁହ୍ୟତମଂ ଭୂୟଃ—୧୮ଶ ୬୪
ଯ ଇମଂ ପରମଂ ଗୁହ୍ୟଂ—୧୮ଶ-୬୮

Please don't remain contented, as you were till now with such quotations only but decide for yourself why the Geeta is said to be the most secret scripture and also find out by a careful and critical study of the Geeta wherein these secrets lie. Before you do so let the writer give you a little hint.

The statement "Most Secret Scripture" says that all religious scriptures are secret scriptures and that the Geeta is therefore the most Secret Scripture

The custom that a Guru says some Mantras in the ear of his disciple and tells him not to express this Mantra to anybody, is still found almost every where in India. The root reason of this lifeless custom, like many other traditions that have lost their souls is that the disciple will have to ascertain the meaning of the Mantra and specially the motive of his Guru independently. Otherwise he cannot change his life's progress in his own natural way to Truth.

The statement ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ is the most secret Mantra in the Geeta. Just like our professional Gurus of the present Srikrishna has warned Arjuna not to tell this Supreme and secret Mantra-to one who is not his Bhakta.

(XVIII—67)

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ

One will naturally doubt how Vyasadeva got this Parama Guhya Mantra published in a book

which is being read by all The answer is that Vyasadeva has kept the secret within the two words Sarba-Dharman and ·Mamekam in such a manner in that very Geeta, that unless the reader prepares himself to seek out his own way to Truth he cannot decide for himself the meaning of "Sarba-Dharman" and "who is Srikrishna" and no meditator can dęcide it for him,

The language of the Geeta is very simple, But it is written in such a manner that the reader is to apply his own experience and own reason to find out the motive of its author, which is to establish one universal religion for all men and to establish Truth in place of so many theories and beliefs, because unless the reader does so he will not be able to act up to its new teaching.

Another reason is that in order to bring children from their present stage of ignorance to a quite new stage of knowledge, parents and teachers require great caution and skilfulness which children cannot know. Just so, in order to bring mankind from its present stage to a quite new stage World Teacher Vyasadeva has compiled the Geeta with necessary caution and skilfulness, which it is impossible for people in general to know. Parents, teachers as well as World Teachers require such caution and skilfulness because man's inborn nature is to support his own actions.

Those who feel to know the secrets of the Geeta may meditate on the following Mantra of the Upanishad:—

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାଽମୃତଂଗମୟ

Translation:—From the unreal lead me to the Real
From darkness lead me to Light
From death lead me to Immortality

However high and however real your present stage may seem to you or in the eyes of others, please always remember that you are in the unreal, in darkness and in death and that you are to change yourself and proceed to the Real, to Light and to Immortality and never to cling to the past and stagnate where you are.

In order to find out the secrets of the Geeta it is necessary to carefully consider the beginning and the end of the Geeta on which basis Vyasadeva has compiled the Geeta and on which, therefore, the whole teaching of the Geeta is, no doubt, based.

The Geeta begins with the fact that Arjuna accepted his constant friend Srikrishna as his Sarathi or Charioteer and became ready to fight (1-14). But seeing in the battle-field his brothers, friends, relatives and Gurus he could not proceed in his duties that fell to his lot in life and put forth to Srikrishna exactly the following reasons:—

The everlasting caste-customs and family customs are extinguished (1-43) O Janardan ! the

abode of men whose family customs are extinguished is eternally in hell—thus we have been hearing (1-44), We are going to commit a great sin by endeavouring to kill our kindred only from greed of the pleasure of kingship (1-45)

ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ।
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !
ନରକେ ନିୟତଂ ବାସୋ ଭବତୀତି—ଅନୁଶୁଶ୍ରୁମ ।
ଅହୋବତ ! ମହତ୍ ପାପଂ କର୍ତ୍ତୁଂ ବ୍ୟବସିତା ବୟଂ
ଯଦ୍ରାଜ୍ୟ ସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ । ୧ମ-୪୦-୪୫

Saying so Arjuna cast away his bow and arrow and his mind was overbo.ne by grief (1-47).

ଏବମୁକ୍ତ୍ୱାର୍ଜ୍ଜୁନ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ । ୧ମ-୪୭

In verse 44 quoted above Vyasadeva has most skilfully used the word "Anushushruma' which means 'We have been hearing and which is the root reason of all the other reasons putforth by Arjuna.

The only object of Srikrishna being to engage Arjuna in war or in his duty as laid down by his own nature all the instructions of Srikrishna are no doubt meant to refute the reasons putforth by Arjuna and ·specially to refute the root reason 'Anushushruma' Though this word seems so simple and easy do not quickly pass it by. Please pause and meditate a while on the skilful use of this word.

Because this word is, as it were, the foundation stone on which the whole teaching of the Geeta is based.

Just like Arjuna, people fail to proceed naturally and freely in their respective different ways only because they depend upon 'Anushushruma'. The difference between Arjuna and pepole in general is that Arjuna accepted Srikrishna or his Pure Reason as his constant friend and so he invited doubt to find out the truth for himself while people keep no concern with Srikrishna and that their only concern is with 'Anushushruma' Even after Arjuna had accepted the discipleship of Srikrishna (11-7) he did not obey the words of his Guru but said again 'I won't fight' (11-9). Beginning from here Srikrishna has explained to Arjuna all the 18 chapters of the Geeta in order to remove the wrong notions of Arjuna which were based on 'Anushushruma' This is the beginning of the Geeta. The Geeta ends with Srikrishna's most secret instruction which refutes the same four reasons which were putforth by Arjuna as stated above. That most secret instruction is—

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୂଚଃ । ୧୮ଶ-୬୬

Translation :—Give up all religions and come to Me alone for shelter I will liberate you from all sins. Don't sorrow,

*Note*—Arjuna had said, 'The ever lasting caste-customs and family-customs are extinguished (1-43). Refuting this reason Srikrishna said, 'Give-up all religions'. Arjuna had said, 'Anushushruma' (1-44). So Srikrishna said, 'Don't depend upon 'Anushushruma', but depend upon Me alone. It will be seen hereafter that Srikrishna is one's discriminative Pure Reason. Arjuna had said, 'We are going to commit a great sin' (1-45). In answer to this Srikrishna said, *"Dont fear", I will liberate you from all sins. Arjuna was in grief (1-47), So Srikrishna said, 'Don't sorrow'.

"Now it is quite clear that the statement "ସର୍ବଧର୍ମାନ୍ ପରିତ୍ୟଜ୍ୟ" means 'Give up all religions that are based on "Anushushruma" and specially, give up all family customs and caste customs which Arjuna in his delusion mistook to be Shashwata or Eternal Dharma (1-43).

This most important statement and most secret Mantra has been explained differently by different Pandits, The most famous interpreter Sridhara Swami explains 'Give up all Bidhi-Nishedha or Shastric injunctions, another Pandit explains 'Give up Varnashrama Dharma and Samanya Dharma' and another Pandit explains 'Give up all

*The writer adds "Don't fear, "because God does not accept sin or well-doing of any man as said by Srikrishna in the words :—

ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ । ୫ମ-୧୫

*

Dharmas and Adharmas'. Doctor Besant translates 'Abandon all duties'. Mahatma Gandhi explai s 'Surrender all unselfish actions to God or to Srikrishna.' This explanation of Mahatma Gandhi appears in many other places in the Geeta such as :—

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ । ୧୨ଶ-୬
ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା । ୩ୟ-୩୦

But this statement being the most secret instruction cannot be expected to appear elsewhere in the Geeta. The earnest readers of the Geeta are therefore required not only to ascertain the real meaning of the statement for themselves but try to mend their lives accordingly. Those who are really interested in preaching and establishing Geeta-Dharma are to decide which of such different explanation is to be accepted and acted up to, The Geeta was not written for mere brain exercise of Pandits depending upon borrowed knowledge from books nor to be worshipped with flower and sandal wood.

It has already been said that throughout the Geeta Srikrishna has most wisely refuted 'Anushushruma'. But it is not possible in this small book to cite all such instances one by one. A few instances from the beginning are given below which will not only enable the earnest reader to find out the truth regarding 'Anushushruma' but will, at the same time, enable him to proceed rightly in the study of the Geeta.

The real teaching of the Geeta practically begins from verse 39th of Chapter II. It is therefore absolutely necessary to fully realise the idea conveyed through a few verses from this beginning attending to every word. If a single word in this beginning is missed it is impossible to proceed further or to climb higher and higher to reach the go il. Let us therefore proceed carefully only a short distance from this verse.

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ।୨ୟ-୩୯।

Translation—This Buddhi has been said to you in Samkhya (Verses 11th to 38th); now hear this Buddhi in Yoga, United with which Buddhi you will cast away Karmabandha or bonds of Karma. (II-39)

Note—Vyasadeva has in this verse used for the first time four important terms 'Samkhya', 'Buddhi'. Yoga and Karmabandha. These four terms have in due course been explained in the Geeta by the author himself. Please therefore wait till you realise the views of the author and never follow blindly the views of any interpreter The author will first explain the term Buddhi.

The statement "ବୁଦ୍ଧ୍ୟାଯୁକ୍ତୋଯୟା" (which means united with which Buddhi) says clearly that Vyasadeva here divides Buddhi inro Samkhya-Buddhhi and Yoga Buddhi. Before you understand in due course the difference between

Samkhya-Buddhi and Yoga-Buddhi let the writer say that Samkhya-Buddhi means theoritical knoweldge while Yoga-Buddhi means that Buddhi which helps you to carry out into action what ycu yourself naturally decide to be essential or right for you; Vyasadeva here gives more importance to Yoga-Buddhi.

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ । ୨ୟ-୪୦ ।

Translation—In this Yoga-Buddhi there is no loss of effort nor is there transgression. Ev‹n a little of this Dharma ptotects one from great fear. (II-40)

Note—Here also Vyasadeva gives more importance to Yoga-Buddhi. In using the word Dharma for Yoga-Buddhi Vyasadeva most skilfully says that Yoga-Buddhi is Dharma in the true sense and not Adharma which might be the notion of the people who depend upon "Anushushruma" and hence regard Dharma to be nothing but the blind following of certain meaning-less forms and lifeless traditions. The use of the word 'Bhaya' (Fear) says clearly that Dharma protects one from fears of various kinds.

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାଂ । ୨ୟ-୪୧ ।

Translation—Byabasayatmika Buddhi is one-pointed. The Buddhies of the Abyabasaies are manybranched and endless.

Note—To explain Yoga-Buddhi so skilfully said in verses 39th & 40th, Vyasadeva uses the word Byabasayatmika Buddhi in verse 41sr.

Byabasayatmika-Buddhi.—The Sanskrit word 'Byabasaya" means action (vide 1-45, IX-30,X37& XVIII-59) and "Atma" means Soul. Thus the term "Byabasayatmika Buddhi" clearly means that Buddhi whose Atma or Soul is "Byabasaya" or action. Those who are Abyabasaies or whose actions are not based on Buddhi are described in the next three verses.

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟ ବିପଶ୍ଚିତଃ
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାଂ
କ୍ରିୟାବିଶେଷ ବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ।
ଭୋଗୈଶ୍ୱର୍ଯ୍ୟ ପ୍ରସକ୍ତାନାଂ ତୟାପହୃତ ଚେତସାଂ
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।

୨ୟ-୪୨-୪୩-୪୪

Translation—O' Partha, Byabasayatmika-Buddhi does not remain steady for those foolish who utter flowery speech, who are engaged in arguing about the Vedas, who say "there is nothing else but the Vedas" who are ensouled by desire, whose only goal is heaven whose such flowery speech offereth rebirth as the fruit of action and prescribes various rites and ceremonies for gaining enjoyments and sovereignty and also for those who cling to pleasure and lordship and are therefore misled by such flowery speech. (11-42 to 44)

Note—In these three verses Srikrishna has clearly said against blind following of rites and ceremonies prescribed in the Vedas. The other name of the Vedas is Shruti which means Anushushruma or heresay theories. The Vedic age of depending upon "Anushushruma" is gone.

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜ୍ଜୁନ
ନିର୍ଦ୍ୱନ୍ଦ୍ୱୋନିତ୍ୟ ସତ୍ତ୍ୱସ୍ଥୋ ନିର୍ଯୋଗ କ୍ଷେମ ଆତ୍ମବାନ୍ । ୨ସୂ-୪୫

Translation—The Vedas deal with the three attributes (Gunas), O Arjuna ! Keep yourself away from these attributes, i, e , from the Vedas. (11-45)

ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ । ୨ସୂ-୪୬ ।

Translation—The Vedas are of no use to an enlightened Brahmana (not a Brahmana by caste) (11-46)

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ । ୨ସୂ-୪୭

Translation—Your business is with actions only and never with fruits. (II-47)

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ । ୨ସୂ-୪୮

Translation—To be evenly balanced in success and failure is Yoga. Perform action. O' Dhananjaya, placing yourself in Yoga and renouncing attachments. (II-48)

ଦୂରେଣ ହ୍ୟବରଂ କର୍ମ ବୁଦ୍ଧି ଯୋଗାଦ୍ଧନଞ୍ଜୟ
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ । ୨ସୂ-୪୯

Translation—Action (based on Anushusrhı and hence done with a desire for fruit) is far lo than Buddhi-Yoga or action based on Bud Take shelter in Buddhi. Pitiable are those work for fruit. (11-49)

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତ ଦୁଷ୍କୃତେ
ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳଂ । ୨

Translation—One united to Buddhi aban here both good and evil deeds. Therefore cl thou to Yoga. Yoga is nothing but skill in actic
(II

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ
ଜନ୍ମବନ୍ଧ ବିନିର୍ମୁକ୍ତ୍ୱା ପଦଂ ଗଚ୍ଛନ୍ତ୍ୟନାମୟଂ । ୨ୟ-୫୧

Translation—The sages united to Bu renounce the fruit which action yieldeth being thus liberated from the bonds of birth go to the blissful seat. (II-51)

Note—To explain the term Buddhi-Yog verse 49th Vyasadeva uses the term Buddhi-Y in verses 50th and 51st

ଯଦାତେ ମୋହକଲିଳଂ ବୁଦ୍ଧିର୍ବ୍ୟତିତରିଷ୍ୟତି
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ । ୨

Translation—When your Buddhi shall e from the tangle of delusion, you will re indifferent to what has been heard and sha heard or to 'Anushushruma'. (II-52)

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି । ୨ୟ ୫୩

Translation—When your Buddhi which had been bewildered by 'Shruti' or hearsay theories or Anushushruma shall stand immovable in Samadhi then only you can attain unto Yoga. (II-53)

ଅର୍ଜ୍ଜୁନ ଉବାଚ

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ !
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିଂ । ୨ୟ-୫୪

Translation—Arjuna said ; What is the mark of Sthitaprajna, who is placed in Samadhi. O Keshava ! How doth Sthitadhee talk, sit and walk ? (II-54)

Note—Please read carefully the above sixteen verses, meditating on each word and then only you will be able to proceed further and further. Srikrishna used the word 'Buddhi' in verses 52nd and 53rd. But in verse 54th Arjuna uses the words 'Prajna' and 'Dhee' which says that by 'Buddhi' Srikrishna means Prajna and Dhee. In verses 55th to 68th Srikrishna replies to Arjuna's questions put forth in verse 54th. In the 4th verse of chapter III Srikrishna has most skilfully said that Buddhi means 'Naiskarmya' or freedom from the bonds of Karma as appears from the question already put forth by Arjuna in the first verse of that chapter.

People renounce work with the false hope of getting perfection only because they depend upon 'Anushushruma' Srikrishna therefore said:

ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି । ଶ୍ଳୋ-୪

Translation—One cannot rise to perfection by mere renunciation. (III-4)

He then said against controlling organs of action because people do so depending upon 'Anushushruma".

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ । ଶ୍ଳୋ-୬

Translation—One who controls the organs of action, dwelling in his mind the objects of the senses, that bewildered man is a hypocrite. (III-6)

"ତାବାନ୍ ସର୍ବେଷୁ ବେଦେଷୁ"
"ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ"
"ଶ୍ରୁତିବିପ୍ରତିପନ୍ନା"

The above three statements in verses 46th, 52nd and 53rd respectively of Chapter II clearly refute 'Anushushruma'. Let the readers find out if Vyasadeva has some other motive in writing these statements.

In the first three verses of Chapter IV Srikrishna has clearly said against Anushushruma. The translation of these three verses is given below :—

This imperishable Yoga, I first said to Vibaswan. He said it to Manu. Manu siad it to Ikshwaku. (IV-1)

*

Through hearsay from generation to genera tion the king sages knew this Yoga which has therefore decayed by great efflux of time (IV-2). The same ancient Yoga is today declared to you as you are my devotee and friend. (IV-3)

Note—Mahammad, Jesus and Srikrishna all came to our world to establish that ancient Yoga which had decayed and is still decaying through the sovereignty of Anushushruma and not that people would worship them or their photoes or pictures

The Geeta being a discourse between Srikrishna and Arjuna and Srikrishna repeatedly as well as in his most secret instruction asking Arjuna to take shelter in Him alone the first essential thing for the reader of the Geeta is to ascertain who is Srikrishna and who is Arjuna. The plain answer is that Srikrishna was the manifested Lord of a past age and that he was the constant friend of Arjuna, a warrior prince and acted as his Sarathi or Charioteer in the battle-field of Kuruskhetra. But this answer won't satisfy the earnest reader of the Geeta and won't help him in any way to understand the secrets and the real teaching of the Geeta. To arrive at the correct answer let us first take help of the Geeta and see what it says. While first introducing Himself to Arjuna, Srikrishna says—

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା । ୪ର୍ଥ-୬

Translation—Though unborn, the Imperishable Self and the Lord of all beings I am born through my own Maya (shakti) brooding over my own nature.

ଯୋ ମାମଜମନାଦିଞ୍ଚ ବେତ୍ତି ଲୋକମହେଶ୍ୱରମ୍,
ଅସମ୍ମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ । ୧୦ମ-୩

Translation—He who knoweth me unborn, beginningless, the great Lord of the world, among mortals he alone is without delusion, and he alone is liberated from all sins (and not those who know me as son of Basudeva and Devaki)

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ, ୭ମ-୨୪

Translation—Those devoid of Buddhi think of me, the unmanifest, as man or as having manifestation (VII—25)

ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତମ୍ । ୯ମ-୧୧

Translation—The foolish disregard me because I have taken shelter in human body (IX—11)

The first 8 verses of Chapter XII if carefully meditated on, will say that Srikrishna is not our Unmanifested Bhagaban. After seeing the Universal Form of Srikrishna and after admitting Him as Manifested God, Arjuna questions to Srikrishna.

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ । ୧୨-୧

Translation—Those devotees who ever harmonised worship thee and those who worship the

Indestructible, the Unmanifest, who of these are more learned in Yoga ? (12—1)

This verse says that Arjuna knows Srikrishna as Manifested and Destructible Lord.

Srikrishna said—

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ।୧୨ଶ-୨

Translation—They who with mind fixed on Me ever harmonised with supreme faith, in my opinion, are best in Yoga.

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ,
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ । ୧୨ଶ-୩
ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ, ସର୍ବତ୍ର ସମବୁଦ୍ଧୟଃ,
ତେ ପ୍ରାପ୍ନୁବନ୍ତି ମାମେବ, ସର୍ବଭୂତହିତେ ରତାଃ । ୧୨ଶ-୪

Translation—Those who subduing the senses, regarding all equally, being engaged in the welfare of all, worship the Indestructible, the Ineffable, the Unmanifested, Omnipresent, Unthinkable, the Unchanging Immutable and Eternal, they also come unto Me (not to Him). (XII-3—4).

କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତ ଚେତସାଂ,
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ । ୧୨ଶ-୫

Translation—The difficulty of those whose minds are set on the Unmanifested is greater. The unmanifested path is reached with pain by the embodied. (XII—5)

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ, ମତ୍ପରାଃ,
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ । ୧୨ଶ-୬
ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାର ସାଗରତ୍—୧୨ଶ-୭

Translation—Those who renouncing all actions in me worship me. I speedily lift them up from the ocean of death and existence. (XII—6-7)

ମୟ୍ୟେବ ମନ ଆଧତ୍ସ୍ୱ, ମୟି, ବୁଦ୍ଧିଂ ନିବେଶୟ,
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ । ୧୨ଶ-୮

Translation—Place your mind in me, into me let your Buddhi enter, then without doubt you will abide in me hereafter. (XII-8)

Note—People worship the unmanifested Lord so that they may abide in Him after death. Therefore Srikrishna says 'Hereafter.'.

It is clear from the 5th verse that according to the Geeta there are two paths for man—One is 'Abyakta Gati' or the path of the Unmanifested Lord and the other is 'Byakta Gati' or the path of the Manifested Lord. The path shown in the Geeta is therefore, no doubt, the path of the Manifested Lord and also the easier path of the two. Now each earnest reader of the Geeta will have to ascertain for himself how Srikrishna of the Geeta is the Manifested Lord and how the path shown by Him in the Geeta is the easier path of the two.

If Srikrishna is taken to be the Manifested Lord because he was manifested to Arjuna in

Dwapara Yuga such manifested Lord of a particular man in a past age is more unmanifested than our ever-present Unmanifested Lord. Some may argue and say that Srikrishna was manifested not to Arjuna alone but to all humanity of Dwapara Yuga. Even then the Manifested Lord of a past humanity cannot be taken to be so by the present humanity, Some may argue and say that the Eternal Law of justice and the Eternal Law of love which is everywhere and ever being manifested to every man is the manifested Lord, But this answer may satisfy the Philosophers and Vedantists but won't satisfy the earnest reader of the Geeta. This answer also won't help an unevolved or less evolved man who is just beginning to proceed in life Now unless the reader of the Geeta is satisfied with a reasonable answer and also an answer that is applicable to each individual soul from the savage to the civilised alike he cannot have a creative understanding of the Geeta to enable him to proceed on the manifested path shown therein.

It will not be out of place to mention here that the majority of people being long accustomed to blind following of various kinds have lost all concern with creative understanding that helps one to solve one's life's problems. The only kind of understanding known to them is either sympathetic understanding which sympathises or supports their blind followings or appreciative understanding by which they merely appreciate a thing but do not act according to it. Now let us try to find out the reasonable answer.

The well known verse on meditation says that all the Upanishads are as cows and that the Geeta is the milk received from those cows. So the only way for us is to make a careful search for our answer from the Upanishada.

Katha Upanishada says—

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ
ଇନ୍ଦ୍ରିୟାଣି ହୟାନାହୁର୍ବିଷୟାଂସ୍ତେଷୁ ଗୋଚରାନ୍ ।

Translation—Know yourself as warrior (Rathee). Your body to be your chariot, your Buddhi as Sarathi (Charioteer), your senses as horses and the objects of the senses as pastures (Gocharas) of the horses.

Katha Upanishada again says—

ବିଜ୍ଞାନ—ସାରଥିର୍ୟସ୍ତୁ ମନଃ-ପ୍ରଗ୍ରହବାନ୍ ନରଃ
ସୋଽଧ୍ୱନଃ ପାରମାପ୍ନୋତି ତଦ୍ବିଷ୍ଣୋଃ ପରମଂ ପଦଂ ।

Translation—Whose Vijnana or pure reason is his Sarathi and whose mind is the reins, he overcomes this world and goes to Bishnu's Paramam Padam.

Note—If man can go to Bishnu's Paramam Padam by accepting his Vijnana as Sarathi and mind as the reins there arises no necessity to proceed in the unmanifested path or Abyakta Gati of depending upon "Anushushruma' and praying to an unmanifested or unimaginable Lord in order to attain the same goal. Thus we see the manifested

path or Byakta Gati of the Geeta spoken above. The Geeta being the essence of all the Upanishads, Katha Upanishada instructing each man to regard his Buddhi as his Sarathi, and Vyasadeva so wisely describing Srikrishna as Sarathi of Arjuna—these three facts give clear proof that Srikrishna of the Geeta is each man's Buddhi or Vijnana. As regards Arjuna it will suffice to say that he is each struggling soul destined to evolve naturally and freely to the stage of a perfect man but failing to do so being bound by family customs, caste customs, social customs and fears of varius kinds, all being the outcome of Anushushruma as. already explained.

Another fact—Arjuna did not know from the beginning that his constant friend, that very Srikrishna, is the Manifested Lord. When he appeared in the battle field that Srikrishna his constant friend acted as his Sarathi (1-14). When Samsaya or doubt came to his heart that Srikrishna acted as his Guru (II-7) and removed all his doubts one after the other, Srikrishna first said about his Divine Birth and Divine Karma. (Chapter IV). He then explained to Arjuna His Apara and Para Prakriti (Chapter VII) showed to Arjuna His Universal Divine Form (Chapter XI). and at last revealed himself as Purushottama (Chapter XV). Thus we find from the Geeta itself that Srikrishna is not only each man's constant friend, not only his Sarathi, not only his Guru but his would-be Manifested Lord.This skilful description also clearly tells us that Srikrishna is each man's Vijnana or

Buddhi Before you acquire an unalterable conviction that one's Buddhi is to be regarded as his constant friend, his Sarathi in his life's battle, his only Guru to remove his doubt and his would-be Manifested Lord, let the writer give you some authorities regarding the importance of Buddhi which is not only the subject matter of our present argument but the most essential teaching of the Geeta. Vyasadeva says in Mahabharata Shanti Parba.

ବୁଦ୍ଧିରାତ୍ମା ମନୁଷ୍ୟସ୍ୟ ବୁଦ୍ଧିରେବାତ୍ମନା ଗତିଃ ।

Translation—Buddhi is the Atma of man and Buddhi is one's only path.

Note—By this Vyasadeva does not say that Buddhi is Atma. He means to say that Atma being unmanifested, man should regard his Buddhi as Atma. The statement କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ is to be understood in this way and not that Srikrishna is Bhagaban.

Panchatantra says—

ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିଂ
ଲୋଚନାଭ୍ୟାଂ ଭୁ ବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି ।

Translation—What can Shastra do for the man who has no Prajna or Buddhi of his own. Looking-glass is of no use for the man who has no eyes.

The Geeta says—

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ । ୨ୟ-୪୯

ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ । ୧୦-୧୦
ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮-୫୭

Translation—Action is far lower than Buddhi-Yoga. Pitiable are those who work for fruit. Take shelter in Buddhi (II-49). I give them that Buddhi-Yoga by which they come to Me (X-10) Having taken refuge in Buddhi-Yoga have thy thought ever on Me. (XVIII-57)

The Geeta being a Yoga-Shastra containing 18 Yogas from Bishada-Yoga or the Yoga of despondency to Moksha-Yoga or the Yoga of liberation the names of which are to be found in the beginning of each chapter of the Geeta, Vyasadeva most secretly says in the above three statements that the real name of the Geeta the Yoga-Shastra itself is Buddhi-Yoga.

The word 'Yoga' means union and 'Buddhi' means discriminative reason. Thus the word Buddhi-Yoga means union with discriminative reason which enables man not only to discriminate what is right and what is wrong but enables him to do the right at all costs. This Buddhi-Yoga is the new teaching of the Geeta and is quite contrary to union with 'Anushushruma' or hearsay theories and beliefs which has no concern with life and which is still being regarded as Dharma by the existing different communities of the world. Srikrishna has therefore instructed Arjuna to give up all kinds of Dharmas based on 'Anushushruma' as already explained.

The writer does not deny the existence of that Primal Purusha or that One Existence and does not also mean to say that the reader of the Geeta is to remain satisfied by knowing that Srikrishna of the Geeta is Vijnana or Buddhi as explained before. He is to know that Vijnana or Srikrishna in essence. His business as a beginner in life is to regard Vijnana or Buddhi as his constant friend and Sarathi and proceed to fight as will appear from the following two statements :—

ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ-୭

Translation—Therefore always remember Me and fight. (VIII-7)

ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା, ବିଶତେ ତଦନନ୍ତରମ୍ । ୧୮ଶ-୫୫

Translation—Having thus known Me in essence he enters into That (Supreme). (XVIII 55)

Srikrishna Himself admits the existence of the Primal Purusha ( God ) in the following statements—

ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ । ୮ମ-୮
ପୁରୁଷଃ ସ ପରଃ ପାର୍ଥ ! ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା । ୮ମ-୨୨
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ । ୧୫ଶ-୪
ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬
ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ, ୧୮ଶ-୬୨

Translation—O Partha ! By constantly meditating, one goes to the Divine Supreme Spirit (VIII-8). He the Highest spirit may be reached by

unswerving devotion to him alone (VIII-22). I go (for shelter) to that Primal Purusha (XV-4). By worshipping Him in one's own duty man wins perfection (XVIII-46). Go to Him for shelter with all thy being. (XVIII-62)

Note—The use of third person in the above statements in face of the use of first person in the following statements clearly says that Srikrishna i not that Primal Purusha (whom we know in the name of Bhagaban)—

ଅନନ୍ୟ ଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ୮ମ-୧୪
ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ । ୯ମ-୨୨
ବୁଦ୍ଧିଯୋଗ ମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ-୫୭
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ୧୮ଶ-୬୬

Translation—He who constantly remembers Me, not thinking ever of another (VIII-14.) To those men who worship Me alone thinking of no other (IX-22). Having taken refuge in Buddhi-Yoga have thy thought ever on Me (XVIII-57). Give up all religions and come to Me for shelter. (XVIII-66)

Verses 16th, 17th and 18th of Chapter XV, given below, if carefully meditated on, will make the matter quite clear—

ଦ୍ୱାବିମୌ ପୁରୁଷୌ ଲୋକେ, କ୍ଷରଶ୍ଚାକ୍ଷର ଏବ ଚ,
କ୍ଷରଃ ସର୍ବାଣି ଭୂତାନି, କୂଟସ୍ଥୋଽକ୍ଷର ଉଚ୍ୟତେ ।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ,
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ।

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ,
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।

Translation—There are two Spirits (Purushas) in this world—the destructible and the indestructible. The destructible is all beings, the Kutastha (the seated inside) is the indestructible. (XV-16)

The Highest Purusha is verily Another He is declared as the Paramatma, the indestructible Lord pervading the triple world (Nimna Triloki) sustains all. (XV-17)

Since I am beyond the destructible and am higher than the indestructible (Jivatma who takes incarnation) I am proclaimed Purushottama in the world and in the Vedas. (XV-18)

The relation between Arjuna and Srikrishna as disciple and Guru is most instructive to all disciples and Gurus of to-day. Had Arjuna been as blind as the disciples of the present he would not have put so many questions and such questions to Srikrishna. For instance, after seeing the Divine Universal form of Srikrishna and after admitting him as the Manifested Lord of the three worlds Arjuna questions to Srikrishna:—

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ,
ଯେ ଚାପ୍ୟକ୍ଷରମବ୍ୟକ୍ତଂ, ତେଷାଂ କେ ଯୋଗବିତ୍ତମାଃ-? ୧୨ଶ-୧

Translation—Those devotees who ever harmonised, worship you and those who worship

the Indestructible, the Unmanifested, who of these are more learned in Yoga ? (XII-1)

The answer which Srikrishna has given to Arjuna may be seen in the next few verses of that Chapter and specially in the 5th verse of Chapter XII explained before. Had Srikrishna been a self-interest seeker or a cheater like the Gurus of the present he would have anyhow uttered some Guru Mantras in the ear of Arjuna so that Arjuna would have at once obeyed the words of Srikrishna But Srikrishna had to explain to Arjuna all the 18 Chapters of the Geeta in order to engage Arjuna in his duty and after having explained the 18 Chapters said to Arjuna—

ଇତି ତେ ଜ୍ଞାନ ମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା।
ବିମୃଶ୍ୟୈ ତଦଶେଷେଣ ଯଥେଛସି ତଥା କୁରୁ । ୧୮-୬୩

Translation—Wisdom more secret than secrecy itself has been said to you. Now reflect fully on this and do as you wish. (XVIII—63)

Note—Don't try to obey my instruction blindly only because I am your Guru or a Yogi or the Lord of the world.

ସଦୃଶଂ ଚେଷ୍ଟତେ ସ୍ୱାସ୍ୟାଃ ପ୍ରକୃତେ ର୍ଜ୍ଞାନବାନପି
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି । ୩ୟ-୩୩ ।

Translaion—Even the man of knowledge behaves in conformity with his own nature. All beings follow Nature. What shall restraint avail ? (III-33)

At the end of all His instructions Srikrishna questions to Arjuna—

> କଚ୍ଚିଦେତତ୍ ଶ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା
> କଚ୍ଚିଦଜ୍ଞାନ ସମ୍ମୋହଃ ପ୍ରଣଷ୍ଟସ୍ତେ ଧନଞ୍ଜୟ ! ୧୮-୭୨

Translation—O Parth ! have you heard my words with one pointed mind ? Has your delusion, caused by unwisdom, been destroyed ? (XVIII-72)

Arjuna replies—

> ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା, ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ !
> ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ । ୧୮-୭୩

Translation—Through your grace my delusion is destroyed I have gained my memory. I am now firm and my doubts are gone. I will do according to your word. (XVIII—73)

Note—Arjuna in his delusion lost the power of listening to the dictates of Srikrishna, Bhagaban or his Pure Reason and so he depended upon 'Anushushruma'. Now he says " I will listen only to your Silent Voice.

Please meditate on the skilful use of the two statements "ସ୍ମୃତିର୍ଲବ୍ଧା" and କରିଷ୍ୟେ ବଚନଂ ତବ comparing them respectively with "ଅନୁଶୁଶ୍ରୁମ" (1—44) and ନ ଯୋତ୍ସ୍ୟେ (11—9)

Similar instruction has also been given by Buddha the greatest man of the world. His instruction which Swami Vivekananda has written in his Bengli book " Karma-Yoga" is as follows—

"Don't accept a thing to be true only because it is written in some old palm leaf manuscript, or because it is your national belief, or because you are accustomed to it from your childhood. Carefully consider everything by your own reason and if you realise that it is really essential for you and beneficial to the society, then only do it".

In other words Buddhadeba's instruction is to obey one's Swadharma or one's own understanding and not to rely on 'Anushushruma' or Paradharma blindly. This obeying of Swadharma is the most important instruction of Srikrishna and has been clearly explained in verses 35th & 47th of Chapters III & XVIII respectively. The first line of these two verses is exactly the same. That first line is—

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍

Translation—To obey Swadharma or one's own understanding, however, destitute of merits it be, is really better than following Paradharma however well discharged it be.

The second line of verse 35th of Chapter III is:—

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।

Translation—It is really beneficial even to court death by obeying one's own understanding but to follow Paradharma (blindly) is full of danger (III-35 2nd line)

The second line of verse 47th of Chapter XVIII is :—

ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷଂ ।

Translation—One commits no sin by doing the duties laid down by one's own nature (XVIII-47) 2nd line.

By preaching Swadharma and Buddhi-Yoga Buddhadeba as well as Srikrishna preach unconditional complete individual freedom and place all men in the same status, which gives clear proof that God is equally compassionate to all men This is the greatest gift of God to each man.

In consideration of the reasons and facts stated herein please don't be carried away by the personality of any interpreter but study the Geeta critically meditating on each word used by Vyasadeva himself ever trying to keep the connected link that follows from verse to verse and Chapter to Chapter, The real teaching of the Geeta is so simple and so natural that it can be easily understood and acted up to by any man in any stage of evolution and so universal that any man belonging to any sectarian religion can accept it without any hesitation.

—1946

# ଗୀତା-ଧର୍ମର ବିଶେଷତ୍ୱ

ଅଧିକାଂଶ ଲୋକଙ୍କର ଧାରଣା ଏହି କି ଗୀତା ହେଉଛି କେବଳ ହିନ୍ଦୁ ସମ୍ପ୍ରଦାୟର ଧର୍ମଗ୍ରନ୍ଥ, ଏହାର ଅର୍ଥ କେବଳ ଶାସ୍ତ୍ରଜ୍ଞ ପଣ୍ଡିତମାନେ ବୁଝିପାରିବେ ଏବଂ ଏହାର ଉପଦେଶ କେବଳ ସେହିମାନଙ୍କ ଜୀବନରେ ପ୍ରଯୁଜ୍ୟ । ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ଗୀତା ହେଉଛି ସମସ୍ତ ମାନବ ଜାତିର ଧର୍ମଗ୍ରନ୍ଥ । ଏହାର ଭାଷା ଏତେ ସରଳ ଯେ କେବଳ ସନ୍ଧି ବିଚ୍ଛେଦ କରି ପଢ଼ିଗଲେ ଯେ କୌଣସି ବ୍ୟକ୍ତି ଏହାର ଅଧିକାଂଶ ଶ୍ଲୋକର ଅର୍ଥ ଅନାୟାସରେ ବୁଝି ପାରିବେ । ଏହାର ଅର୍ଥ ବୁଝିବାପାଇଁ ଶାସ୍ତ୍ରଜ୍ଞାନ ସମ୍ପୂର୍ଣ୍ଣ ଅନାବଶ୍ୟକ ଏବଂ ଏହାର ଉପଦେଶ ଅନୁସାରେ ଜୀବନ ଗଠନ କରିବାକୁ ହେଲେ ଶାସ୍ତ୍ରଜ୍ଞାନ କେବଳ ଅନାବଶ୍ୟକ ନୁହେଁ, ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ । ଶାସ୍ତ୍ର ବାକ୍ୟ ଉପରେ ପ୍ରତିଷ୍ଠିତ ମନୁଷ୍ୟ ସୃଷ୍ଟ ଧର୍ମ-ରାଜ୍ୟରେ ପ୍ରବେଶ କରିବାର ଅଧିକାର କେବଳ ଧର୍ମଯାଜକମାନଙ୍କ ବ୍ୟତୀତ ଅନ୍ୟ କାହାର ନ ଥିଲା, ଆଜି ମଧ୍ୟ ନାହିଁ । ମାତ୍ର ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଧର୍ମରାଜ୍ୟରେ ଜାତି-ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ସମସ୍ତଙ୍କର ସମାନ ଅଧିକାର, ଯାହା ଶ୍ରୀକୃଷ୍ଣଙ୍କର ନିମ୍ନଲିଖିତ ଉକ୍ତିରୁ ପ୍ରକାଶ ।:—

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ
ଯେଽପି ସ୍ୟୁଃ ପାପ ଯୋନୟଃ
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରା
ସ୍ତେଽପି ଯାନ୍ତି ପରାଂ ଗତିଂ । ୯ମ—୩୨

ଅର୍ଥ—ହେ ପାର୍ଥ ! ମୋତେ ଆଶ୍ରୟ କରି ଯେଉଁମାନେ ପାପ-ଯୋନି, ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ର ସମସ୍ତେ ପରମା ଗତି ଲାଭ କରନ୍ତି ।

କେହି କେହି କହି ପାରନ୍ତି ସମସ୍ତେ ଯଦି ଗୀତାର ଅର୍ଥ ଅନାୟାସରେ ବୁଝି ପାରିବେ, ତେବେ ଏତେ ଶାସ୍ତ୍ରଜ୍ଞ ଟୀକାକାର ଏତେ ପ୍ରକାର ଟୀକା କରିବାରେ ବହୁକାଳରୁ ଲାଗି ରହି ଅଛନ୍ତି କାହିଁକି ? ଲାଗି ରହିଥିଲେ ମଧ୍ୟ କୌଣସି ଟୀକାକାର ଆଜ ପର୍ଯ୍ୟନ୍ତ କୌଣସି ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇଥିବାର ଦେଖାଯାଉ ନାହିଁ କାହିଁକି ? ଉପନୀତ ହୋଇ ନ ଥିବାର ଗୋଟିଏ ମାତ୍ର ଉଦାହରଣ ମୁଁ ଏଠାରେ ଦେଉଅଛି । ଶ୍ରୀକୃଷ୍ଣଙ୍କର ସର୍ବଗୁହ୍ୟତମ ଓ ପରମ ଉପଦେଶଟି ହେଉଛି:—

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ**
**ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ**
୧୮ଶ ୬୬

ଏହି ଶ୍ଳୋକରେ ଥିବା "ସର୍ବଧର୍ମାନ୍" କଥାଟିକୁ ଭିନ୍ନ ଭିନ୍ନ ଟୀକାକାର ଭିନ୍ନ ଭିନ୍ନ ପ୍ରକାର ଅର୍ଥ କରୁଅଛନ୍ତି । ଅନେକ ଟୀକାକାର ଅର୍ଥ କରୁଅଛନ୍ତି, "ସବୁ କର୍ମ ବା ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କରି ଏକମାତ୍ର ଭଗବାନଙ୍କର ଶରଣ ନିଅ । ମାତ୍ର ଯେଉଁ ଶ୍ରୀକୃଷ୍ଣ କହିଅଛନ୍ତି—

**"ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ"** (୮-୭)

ଅର୍ଥାତ୍ ସର୍ବଦା ମୋତେ ସ୍ମରଣ କର ଓ ଯୁଦ୍ଧ କର, ସେ କିପରି କହିଲେ ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କର ? ମହାତ୍ମା ଗାନ୍ଧି ଅର୍ଥ କରିଅଛନ୍ତି, "ସବୁ କର୍ତ୍ତବ୍ୟ କର୍ମ ଭଗବାନଙ୍କୁ ଅର୍ପଣ କର" । ଏହି କଥାଟି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ହେଲେ ମଧ୍ୟ ଏହା ମୂଳ ଶ୍ଳୋକରୁ ସମ୍ପୂର୍ଣ୍ଣ ଭିନ୍ନ । ଆଉମଧ୍ୟ ସବୁ କର୍ମ ଶ୍ରୀକୃଷ୍ଣଙ୍କଠାରେ ଅର୍ପଣ କରିବା କଥା ଶ୍ରୀକୃଷ୍ଣ ଅନେକ ସ୍ଥାନରେ କହି ଅଛନ୍ତି । ମାତ୍ର ଯାହା ତାଙ୍କର ସର୍ବଗୁହ୍ୟତମ ଓ ସର୍ବଶ୍ରେଷ୍ଠ ଉପଦେଶ ତାହା ଅନ୍ୟତ୍ର ରହି ନ ପାରେ । ଆଉ ଗୋଟିଏ ପ୍ରଧାନ କଥା ଏହିକି "ମାମେକଂ ଶରଣଂ ବ୍ରଜ" ଏହି କଥାଟିରେ ଭଗବାନଙ୍କୁ ଶରଣ ନେବାକୁ ଶ୍ରୀକୃଷ୍ଣ କହି ନାହାନ୍ତି । ସେ କହିଅଛନ୍ତି—"ମୋର ଶରଣ ନିଅ" । ଏହି କଥାଟି କହିବାର ଠିକ୍ ପୂର୍ବେ ସେ କହି ଅଛନ୍ତି "ତମେବ ଶରଣଂ ଗଚ୍ଛ" ଅର୍ଥାତ୍ ତାଙ୍କର ଶରଣ ନିଅ ବା ଈଶ୍ୱରଙ୍କର ଶରଣ ନିଅ । ଗୀତାର ଶ୍ରୀକୃଷ୍ଣ ଈଶ୍ୱର ନୁହନ୍ତି କିମ୍ବା ଅବ୍ୟକ୍ତ ଭଗବାନ୍ ନୁହନ୍ତି ଏ କଥା

ଆମ୍ଭେମାନେ ସେହି ଗୀତାରୁ ପରେ ବୁଝି ପାରିବୁ । ବର୍ତ୍ତମାନ ଆଲୋଚନାର ବିଷୟ ଏହିକି ତାଙ୍କର ଓ ମୋର ଏହି ଦୁଇଟି କଥାର ଅର୍ଥ ଏକା ହେବ କିପରି ? ଆଉ ଗୋଟିଏ କଥା ଏହିକି ଶ୍ରୀକୃଷ୍ଣ କହିଅଛନ୍ତି—

"ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ"
(୫ମ ୧୫)

ଅର୍ଥାତ୍ କାହାର ପାପ କିମ୍ବା ପୁଣ୍ୟ ଭଗବାନ ଗ୍ରହଣ କରନ୍ତି ନାହିଁ । ଭଗବାନ୍ ଯଦି କାହାର ପାପ କିମ୍ବା ସୁକୃତ ଗ୍ରହଣ କରନ୍ତି ନାହିଁ, ସେ କିପରି କହିଲେ, "ମୁଁ ତୁମ୍ଭଙ୍କୁ ସବୁ ପାପରୁ ମୁକ୍ତ କରିବି । ଶ୍ରୀକୃଷ୍ଣ ମଧ୍ୟ କାହାର ପାପ କିମ୍ବା ପୁଣ୍ୟ ଗ୍ରହଣ କରନ୍ତି ନାହିଁ । ଶ୍ରୀକୃଷ୍ଣ ଏପରି କହିବାର କାରଣ ଏହିକି ଅର୍ଜୁନ କହିଥିଲେ—

ଅହୋବତ ମହତ୍ ପାପଂ କର୍ତ୍ତୁଂ ବ୍ୟବସିତା ବୟଂ
( ୧ମ-୪୫)

ସେଥିପାଇଁ ଶ୍ରୀକୃଷ୍ଣ କହିଲେ ପାପ ହେବ ବୋଲି ତୁମେ ଯେ ଭୟ କରୁଛ ଓ ଦୁଃଖ କରୁଛ ତାହା ଉଚିତ ନୁହେଁ । ପାପ ହେବ ବୋଲି ତୁମ୍ଭେ ଦୁଃଖ କର ନାହିଁ ଓ ଭୟ କର ନାହିଁ । ମୁଁ ତୁମ୍ଭଙ୍କୁ ସର୍ବ ପାପରୁ ମୁକ୍ତ କରିବି । ତୁମ୍ଭେ ମୋର ଶରଣ ନେଇ କର୍ମ କର । ସ୍ୱାଧୀନ ଭାବରେ ଚିନ୍ତା କଲେ ଏହିସବୁ ପ୍ରଶ୍ନର ପ୍ରକୃତ ଉତ୍ତର ପାଇ ପାରିବେ । ଶ୍ରୀକୃଷ୍ଣ କହିଅଛନ୍ତି—

ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ (୪-୮)

ଅର୍ଥାତ୍ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ଜଗତକୁ ଆସେ । ଜଗତରେ ଏତେ ପ୍ରକାର ସାମ୍ପ୍ରଦାୟିକ ଧର୍ମ ଥାଉ ଥାଉ ଏବଂ ପ୍ରତି ସମ୍ପ୍ରଦାୟରେ ବର୍ଣ୍ଣଧର୍ମ, କୁଳଧର୍ମ, ଜାତିଧର୍ମ ଇତ୍ୟାଦି ଏତେ ପ୍ରକାର ଧର୍ମ ଥାଉ ଥାଉ "ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଜଗତକୁ ଆସେ" ଏହିପରି କଥା ଶ୍ରୀକୃଷ୍ଣ କାହିଁକି କହିଲେ ଏହା ସ୍ଥିର କରାଯାଉ ।

ଧର୍ମ କହିଲେ ଆମ୍ଭେମାନେ ଯାହା ଜାଣୁ ତାହା ଶାସ୍ତ୍ର ବାକ୍ୟ ଉପରେ ବା ପରଧର୍ମର ଅନ୍ଧ ଅନୁସରଣ ଉପରେ ପ୍ରତିଷ୍ଠିତ ଏବଂ ତାହା ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କିମ୍ବା ବର୍ଣ୍ଣରେ କିମ୍ବା ଜାତିରେ ଆବଦ୍ଧ । ମାତ୍ର ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମ ନିଜର ବୁଝିବା ଉପରେ ଓ ନିଜର ସ୍ୱଭାବ ନିୟତ କର୍ମ ଉପରେ ବା ସରଳ ସତ୍ୟ ଉପରେ ପ୍ରତିଷ୍ଠିତ । ଏହା କୌଣସି ସମ୍ପ୍ରଦାୟରେ କିମ୍ବା ବର୍ଣ୍ଣରେ କିମ୍ବା ଜାତିରେ ଆବଦ୍ଧ ନୁହେଁ । ସେଥିପାଇଁ ଶ୍ରୀକୃଷ୍ଣ କହିଲେ, "ଧର୍ମ ସଂସ୍ଥାପନ କରିବାପାଇଁ ମୁଁ ଆସେ ।" ଶ୍ରୀକୃଷ୍ଣ ଯେଉଁ ଗୀତା-ଧର୍ମ ସଂସ୍ଥାପନ କରିଯାଇ ଅଛନ୍ତି ତାହାର ଅନ୍ୟ ନାମ ହେଉଛି "ବୁଦ୍ଧିଯୋଗ" । ଏହି ନୂତନ ଧର୍ମର ପ୍ରକୃତ ପରିଚୟ ଆମ୍ଭେମାନେ ଆଜ ପର୍ଯ୍ୟନ୍ତ ପାଇ ନାହୁଁ । କିପରିଭାବରେ ଏହାର ପରିଚୟ ମିଳିବ ଏଥିପାଇଁ ପ୍ରତ୍ୟେକ ସତ୍ୟାନ୍ୱେଷୀ ଓ ଗୀତା-ପ୍ରେମୀ ଯତ୍ନବାନ୍ ହେବା ଏକାନ୍ତ ଆବଶ୍ୟକ ।" ଗୀତା ପ୍ରବର୍ତ୍ତିତ ବୁଦ୍ଧିଯୋଗ ଓ ସ୍ୱଧର୍ମ ଏ ଦୁହେଁ ଏକା କଥା । ବୁଦ୍ଧିଯୋଗ କଥାଟିର ଅର୍ଥ ହେଉଛି ନିଜର ବିବେକ ବୁଦ୍ଧି ଉପରେ ନିର୍ଭର କରି ନିଜର ସ୍ୱଭାବ ନିୟତ କର୍ମ କରିବା । ଗୀତା-ପ୍ରବର୍ତ୍ତିତ ସ୍ୱଧର୍ମ କଥାଟିର ମଧ୍ୟ ଏହି ଅର୍ଥ, ଯାହା ଆମ୍ଭେମାନେ ପରେ ଜାଣି ପାରିବୁ । ବୁଦ୍ଧିଯୋଗ ବିଷୟରେ ଶ୍ରୀକୃଷ୍ଣ କହିଅଛନ୍ତି—

"ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ"

୧୮ଶ-୫୭

ଅର୍ଥାତ୍ ବୁଦ୍ଧିଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ । ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ରଖିବାକୁ ହେଲେ ବୁଦ୍ଧିଯୋଗର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ" । ଅତଏବ ବୁଦ୍ଧିଯୋଗକୁ ଆଶ୍ରୟ କରିବା ଓ ଶ୍ରୀକୃଷ୍ଣ ଭଗବାନଙ୍କଠାରେ ଚିତ୍ତ ରଖିବା ଏ ଦୁହେଁ ଏକା କଥା । ଶ୍ରୀକୃଷ୍ଣ ଅନ୍ୟତ୍ର କହିଅଛନ୍ତି—

"ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ"

( ୧୦ମ-୧୦ )

ଅର୍ଥାତ୍ ମୁଁ ସେହି ବୁଦ୍ଧିଯୋଗ ଦିଏଁ ଯାହାର ସାହାଯ୍ୟ ନେଇ ସେମାନେ ମୋତେ ପାଆନ୍ତି । ଏହି ଉକ୍ତିଟିରୁ ପ୍ରକାଶ ଯେ ଏହି ବୁଦ୍ଧିଯୋଗ

ଯେ ବିଅନ୍ତି ସେ ହେଉଛନ୍ତି ଗୀତାର ଶ୍ରୀକୃଷ୍ଣ । ଅର୍ଜୁନଙ୍କୁ ସମସ୍ତ ଗୀତା ବୁଝାଇ ସାରିବା ପରେ ଶ୍ରୀକୃଷ୍ଣ ତାଙ୍କୁ କହି ଅଛନ୍ତି—

**ଇତି ତେ ଜ୍ଞାନ ମାଖ୍ୟାତଂ ଗୁହ୍ୟାତ୍ ଗୁହ୍ୟତରଂ ମୟା**
**ବିମୃଶ୍ୟୈ ତଦଶେଷେଣ ଯଥେଚ୍ଛସି ତଥା କୁରୁ ।**
। ୧୮ଶ-୬୩ ।

ଅର୍ଥ—ଏହିସବୁ ଗୁହ୍ୟରୁ ଗୁହ୍ୟତର କଥା ମୁଁ ତୁମକୁ ଯାହା କହିଲି ତାହା ତୁମେ ସମ୍ପୂର୍ଣ୍ଣ ରୂପେ ବିଚାର କରି ତୁମର ନିଜର ବିଚାର ଅନୁସାରେ ବା ଇଚ୍ଛା ଅନୁସାରେ କର୍ମ କର । ଏପରି ଉପଦେଶ ଦେବାର ଅଭିପ୍ରାୟ ଏହି କି "ମୁଁ ତୁମର ଗୁରୁ କିମ୍ବା ମୁଁ ସ୍ୱୟଂ ସୃଷ୍ଟିର କର୍ତ୍ତା—ଏପରି ଧାରଣାର ବଶବର୍ତ୍ତୀ ହୋଇ ମୁଁ ଦେଇଥିବା ଉପଦେଶ ସବୁର ଅନ୍ଧ ଅନୁସରଣ କର ନାହିଁ ।"

ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ (୧୮ଶ-୫୭) ଓ ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ (୧୮ଶ-୬୬) ଏ ଦୁହେଁ ଏକା କଥା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବୁଦ୍ଧିଯୋଗ କଥାଟିକୁ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧି ସହିତ ଯୁକ୍ତ ହୋଇ କର୍ମ କରିବା କଥାଟିକୁ ଶ୍ରୀକୃଷ୍ଣ ସର୍ବୋଚ୍ଚ ସ୍ଥାନ ଦେଇଥିବା ସ୍ଥଳେ ଗୀତାର ଟୀକାକାରମାନେ ସେମାନଙ୍କର ଟୀକାରୁ ବୁଦ୍ଧି କଥାଟିକୁ ସମ୍ପୂର୍ଣ୍ଣରୂପେ ବିଦାୟ ଦେଇଅଛନ୍ତି । ସେଥି ସକାଶେ ସେମାନେ ଯେଉଁ ଅର୍ଥ କରିଅଛନ୍ତି ତାହା ଗୀତା-ଧର୍ମର ସମ୍ପୂର୍ଣ୍ଣ ବିପରୀତ ହୋଇଅଛି । ଉଦାହରଣ ସ୍ୱରୂପ ଦ୍ୱିତୀୟ ଅଧ୍ୟାୟ ଅଣଚାଶ ଶ୍ଳୋକର ଯେ କୌଣସି ଟୀକା ଦେଖିଲେ ପ୍ରକୃତ କଥା ବୁଝିପାରିବେ । ଶ୍ଳୋକଟି ହେଉଛି:—

**ଦୂରେଣ ହ୍ୟବରଂ କର୍ମ ବୁଦ୍ଧି ଯୋଗାଦ୍ଧନଞ୍ଜୟ**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ।**
୨ୟ—୪୯

ପ୍ରକୃତ ଅନୁବାଦ—ବୁଦ୍ଧିଯୋଗ ଅପେକ୍ଷା କର୍ମ ଅନେକ ନିକୃଷ୍ଟ ଅଟେ । ହେ ଧନଞ୍ଜୟ ! ବୁଦ୍ଧିର ଶରଣ ନେବାକୁ ଇଚ୍ଛାକର । ଯେଉଁମାନେ ଫଳକୁ ହେତୁ କରି କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି ।

ଏହି ଶ୍ଳୋକରେ ବୁଦ୍ଧିଯୋଗ ଓ ବୁଦ୍ଧୌ ଶରଣଂ ଅନ୍ୱିଚ୍ଛ ଏହି ଦୁଇଟି କଥା ଅଛି । "ବୁଦ୍ଧିଯୋଗ" କଥାଟିର ଅର୍ଥ ପୂର୍ବେ କୁହାଯାଇଅଛି । **ବୁଦ୍ଧୌ ଶରଣଂ ଅନ୍ୱିଚ୍ଛ**, ଏହି କଥାଟିର ଅର୍ଥ ହେଉଛି ନିଜର ବିବେକ ବୁଦ୍ଧିର ଶରଣ ନେବାକୁ ଇଚ୍ଛା କର । ମାତ୍ର ଗୀତାର ଟୀକାକାରମାନେ ବୁଦ୍ଧି ଯୋଗ କଥାଟିକୁ ଜ୍ଞାନଯୋଗ ଏବଂ **ବୁଦ୍ଧୌ ଶରଣ ମନ୍ୱିଚ୍ଛ** କଥାଟିକୁ ଈଶ୍ୱରଙ୍କର ଶରଣ ନିଅ କିମ୍ବା ଜ୍ଞାନର ଶରଣ ନିଅ ବୋଲି ଅର୍ଥ କରି ଅଛନ୍ତି । ଶାସ୍ତ୍ରବାକ୍ୟ ସବୁର ଅନ୍ଧ ଅନୁସରଣରେ ଅଭ୍ୟସ୍ତ ଥିବା ପ୍ରାଚୀନ ଟୀକାକାରମାନେ ସେମାନଙ୍କ ଟୀକାରୁ ବୁଦ୍ଧି କଥାଟିକୁ ବିଦାୟ ଦେବା ଏବଂ ଏପରି ଭାବରେ ଅର୍ଥ କରିବା ସ୍ୱାଭାବିକ । ମାତ୍ର ଆଧୁନିକ ଟୀକାକାରମାନେ ଏହିସବୁ ଅସଙ୍ଗତ ଓ ଅବୋଧଗମ୍ୟ ଟୀକାର ଅନୁସରଣ କରିବା ଫଳରୁ ଜନସାଧାରଣ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରି ନ ପାରି, ଗୀତା ପୁସ୍ତକକୁ ପୂଜା ପେଡ଼ିରେ ବାନ୍ଧି, ଗୀତା-ପାରାୟଣ କରିବାକୁ ଏକମାତ୍ର ଧର୍ମ ମନେକରି ଉପସ୍ଥିତ ଦୁରବସ୍ଥା ଭୋଗ କରିଅଛନ୍ତି । ପ୍ରାଚୀନ ଟୀକାକାରମାନେ ବୁଦ୍ଧି କଥାଟିକୁ ଜ୍ଞାନ ବୋଲି ଏବଂ ବୁଦ୍ଧିଯୋଗ କଥାଟିକୁ ଜ୍ଞାନଯୋଗ ବୋଲି ଅର୍ଥ କରିବାର ଅନ୍ୟ କାରଣ ମଧ୍ୟ ଅଛି, ଯାହା ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ ।

ଦ୍ୱିତୀୟ ଅଧ୍ୟାୟ ଅଣଚାଳିଶ ଶ୍ଳୋକରୁ ଗୀତାର ପ୍ରକୃତ ଶିକ୍ଷା ହୋଇଅଛି । ଗୀତାର ଟୀକାକାରମାନେ ଏହି ଆରମ୍ଭରୁ ବୁଦ୍ଧି କଥାଟିକୁ ଜ୍ଞାନ ବୋଲି ଅର୍ଥ କରିଅଛନ୍ତି । ମାତ୍ର ବୁଦ୍ଧି କଥାଟିର ଅର୍ଥ ଜ୍ଞାନ ନୁହେଁ । ଅଷ୍ଟାଦଶ ଅଧ୍ୟାୟରେ ଆମ୍ଭେମାନେ ଦେଖି ପାରିବୁ ଯେ ଶ୍ରୀକୃଷ୍ଣ ବୁଦ୍ଧି ଓ ଜ୍ଞାନ ପ୍ରତ୍ୟେକକୁ ତିନି ଭାଗରେ ବିଭକ୍ତ କରିଅଛନ୍ତି । ସେ ଯାହାହେଉ ଏହିଠାରୁ ଆରମ୍ଭ କରି ପ୍ରଥମ ଛଅଟି ଶ୍ଳୋକର ଅର୍ଥ "ଗୀତା ବୁଝିବାର ଏକମାତ୍ର ପ୍ରଣାଳୀ" ନାମକ ବହିରେ ମୁଁ ବିଶେଷଭାବରେ

ଆଲୋଚନା କରାଅଛୁ । ଏହି ପଦରଟି ମାତ୍ର ଶ୍ଳୋକର ଅର୍ଥ ସଂଶୟଶୂନ୍ୟ ହୋଇ ବୁଝି ପାରିଲେ ଗୀତା ଲେଖକଙ୍କର ଅଭିପ୍ରାୟ ବୁଝି ପାରିବେ ଏବଂ ତାପରେ ଗୀତାର ପରବର୍ତ୍ତୀ ଉପଦେଶ ଗୁଡ଼ିକ ବୁଝିବା ସମ୍ଭବ ହେବ ଓ ସହଜ ହେବ । ଏଠାରେ କେବଳ ପ୍ରଥମ ଶ୍ଳୋକଟିର ସାମାନ୍ୟ ଆଲୋଚନା କରାଯାଉଅଛି । ଶ୍ଳୋକଟି ହେଉଛି:—

ଏଷା ତେଽଭିହିତା ସାଂଖ୍ୟେ
ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ
କର୍ମବନ୍ଧଂ ପ୍ରହାସ୍ୟସି । ୨ୟ—୩୯

ଅନ୍ୱୟ—ଏଷା ବୁଦ୍ଧିଃ ତେ ସାଂଖ୍ୟେ
ଅଭିହିତା, ଇମାଂ (ବୁଦ୍ଧିଂ)
ତ୍ୱଂ ଯୋଗେ ଶୃଣୁ, ଯୟା
ବୁଦ୍ଧ୍ୟା ଯୁକ୍ତଃ (ସନ୍)
ହେ ପାର୍ଥ ! ତ୍ୱଂ କର୍ମବନ୍ଧଂ ପ୍ରହାସ୍ୟସି ।

ପ୍ରକୃତ ଅନୁବାଦ—ଏହି ବୁଦ୍ଧି ତୁମ୍ଭଙ୍କୁ ସାଂଖ୍ୟରେ ବା ଜ୍ଞାନରେ କୁହାଗଲା । ଏହି ବୁଦ୍ଧି ତୁମ୍ଭେ ଏଣିକି ଯୋଗରେ ବା କର୍ମରେ ଶୁଣ, ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ, ହେ ପାର୍ଥ ! ତୁମ୍ଭେ କର୍ମ ବନ୍ଧନ ତ୍ୟାଗ କରିବ ।

ବୁଦ୍ଧିଯୋଗ କଥାଟି ଗୀତାର ସର୍ବପ୍ରଧାନ କଥା, ଏହା ପୂର୍ବେ କୁହାଯାଇଅଛି । ବୁଦ୍ଧି ଓ ଯୋଗ ଏହି ଦୁଇଟି କଥାରୁ ବୁଦ୍ଧିଯୋଗ କଥାଟିର ଉତ୍ପତ୍ତି । ସେଥିପାଇଁ ଶ୍ରୀକୃଷ୍ଣ ବୁଦ୍ଧି ଓ ଯୋଗ ଏହି ଦୁଇଟି କଥା ବ୍ୟବହାର କରି ଗୀତାର ପ୍ରକୃତ ଶିକ୍ଷା ଆରମ୍ଭ କରିଅଛନ୍ତି । ଗୀତା-ପ୍ରଚଳିତ ଯୋଗ କଥାଟି ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ ସାଂଖ୍ୟ କଥାଟି ବ୍ୟବହାର କରି ଅଛନ୍ତି । ଏଠାରେ ସାଂଖ୍ୟ କଥାଟିର ଅର୍ଥ ଜ୍ଞାନ ଏବଂ ଯୋଗ କଥାଟିର ଅର୍ଥ କର୍ମ । ସାଂଖ୍ୟ କଥାଟିର ଅର୍ଥ ସାଂଖ୍ୟ ନାମକ ଦର୍ଶନ ଶାସ୍ତ୍ର ନୁହେଁ କିମ୍ବା ଯୋଗ କଥାଟିର ଅର୍ଥ ପାତଞ୍ଜଳଙ୍କ ଯୋଗ ଶାସ୍ତ୍ର ନୁହେଁ ।

"ଯୟାବୁଦ୍ଧ୍ୟା ଯୁକ୍ତଃ ଅର୍ଥାତ୍ ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ" ଏହି କଥାଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣ ବୁଦ୍ଧି କଥାଟିକୁ ସାଂଖ୍ୟ ବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇ ଭାଗରେ ବିଭକ୍ତ କରି ଅଛନ୍ତି ।

ସାଂଖ୍ୟ ବୁଦ୍ଧିରେ ଯୁକ୍ତ ହେବା ଫଳରୁ ଜ୍ଞାନୀମାନେ କର୍ମ-ବନ୍ଧନରୁ ମୁକ୍ତ ହେବା ଆଶାରେ କର୍ମ-ସନ୍ୟାସ ଅବଲମ୍ବନ କରି କେବଳ ଦୁଃଖ ଭୋଗ କଲେ । ସେଥିପାଇଁ ଶ୍ରୀକୃଷ୍ଣ ଏଠାରେ ସାଂଖ୍ୟ ବୁଦ୍ଧିକୁ ସମର୍ଥନ ନ କରି ଯୋଗ ବୁଦ୍ଧିରେ ଅର୍ଥାତ୍ କର୍ମ କରିବା ବୁଦ୍ଧିରେ ଯୁକ୍ତ ହେବାକୁ ଉପଦେଶ ଦେଇ ଅଛନ୍ତି । ମାତ୍ର ସାଂଖ୍ୟ ବୁଦ୍ଧିରେ ଯୁକ୍ତଥିବା ପ୍ରାଚୀନ ଟୀକାକାରମାନେ ଯୋଗ ବୁଦ୍ଧି ଅପେକ୍ଷା ସାଂଖ୍ୟ ବୁଦ୍ଧିକୁ ଉଚ୍ଚତର ସ୍ଥାନ ଦେବା ଅଭିପ୍ରାୟରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ଏହି ଶ୍ଳୋକଟିରୁ ଅର୍ଥ କରି ଅଛନ୍ତି । " ଏହି ସାଂଖ୍ୟ ଯୋଗ ନାମକ ତତ୍ତ୍ୱଜ୍ଞାନ ତୁମ୍ଭଙ୍କୁ କୁହାଗଲା" ଇତ୍ୟାଦି । ଏହି ଅଧ୍ୟାୟ ଏଗାର ଶ୍ଳୋକଠାରୁ ଅଠତିରିଶ ଶ୍ଳୋକ ପର୍ଯ୍ୟନ୍ତ ପୂର୍ବବର୍ତ୍ତୀ ଅଠେଇଶଟି ଶ୍ଳୋକରେ ଶ୍ରୀକୃଷ୍ଣ ସାଂଖ୍ୟ ଯୋଗ ନାମକ ତତ୍ତ୍ୱଜ୍ଞାନ ବୁଝାଇ ନାହାନ୍ତି । ଏହି କେତୋଟି ଶ୍ଳୋକରେ ଶ୍ରୀକୃଷ୍ଣ ଯାହା କହିଅଛନ୍ତି ତାହାର ସାରାଂଶ ଏହି କି ମନୁଷ୍ୟର ମୃତ୍ୟୁ ନାହିଁ ଏବଂ ଯାହାକୁ ସେ ମୃତ୍ୟୁ ମନେ କରେ ତାହା କେବଳ ଅବସ୍ଥାର ପରିବର୍ତ୍ତନ । ଧର୍ମ୍ମ-ଯୁଦ୍ଧ ହେଉଛି କ୍ଷତ୍ରିୟର ସ୍ୱଧର୍ମ୍ମ । ଅତଏବ ସୁଖ-ଦୁଃଖ ଓ ଜୟ-ପରାଜୟକୁ ସମାନ ମନେ କରି କର୍ତ୍ତବ୍ୟ ବୋଧରେ ଯୁଦ୍ଧ କଲେ କୌଣସି ପାପ ନାହିଁ । ଏହି ମର୍ମରେ କେତୋଟି କଥା କହିସାରି ଏହିଠାରୁ ସେ ଗୀତାର ପ୍ରକୃତ ଶିକ୍ଷା ଆରମ୍ଭ କରି ଅଛନ୍ତି । ଆଉମଧ୍ୟ କେବଳ ପଣ୍ଡିତମାନଙ୍କ ପାଇଁ ଏବଂ ପଣ୍ଡିତମାନଙ୍କୁ ସାଂଖ୍ୟ ତତ୍ତ୍ୱ ବୁଝାଇବାକୁ ଶ୍ରୀକୃଷ୍ଣ ଜଗତକୁ ଆସି ନ ଥିଲେ । ସେ ଯଦି କେବେ ଜଗତକୁ ଆସିଥିଲେ, ସେ ନିଶ୍ଚୟ ଆସିଥିଲେ ଆମ ସମସ୍ତଙ୍କ ପାଇଁ ଓ ପ୍ରତ୍ୟେକଙ୍କ ପାଇଁ । ଅତଏବ ସେ ନିଶ୍ଚୟ ଏପରି ଉପଦେଶ ଦେଇ ଅଛନ୍ତି, ଯାହା ଆମେ ସମସ୍ତେ ସହଜରେ ବୁଝି ପାରିବୁଁ ଏବଂ ନିଜ ଜୀବନରେ ପ୍ରୟୋଗ କରି ପାରିବୁଁ । ପଣ୍ଡିତମାନେ ସାଂଖ୍ୟତତ୍ତ୍ୱ ବୁଝିବେ ଏବଂ ସେମାନେ ଯାହା କହିବେ ଆମେ ଜନ ସାଧାରଣ ତାହା ଅନ୍ଧ ଭାବରେ ମାନି ନେବୁଁ ଏହା ଶ୍ରୀକୃଷ୍ଣଙ୍କ ଅଭିପ୍ରାୟ ନୁହେଁ, ବରଂ ଜନ-ସାଧାରଣଙ୍କର ଏହି ଦୁରବସ୍ଥା ଦୂର କରିବା ତାଙ୍କର ଅଭିପ୍ରାୟ, ଯାହା ପରେ କୁହା ଯାଇଅଛି ।

*

ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଥିବା ସର୍ବପ୍ରଥମ କଥାଟି ହେଉଛି "ପ୍ରଜ୍ଞାବାଦାଂଶ୍ଚ ଭାଷସେ" ଅର୍ଥାତ୍ ତୁମେ ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ କେବଳ କହୁଅଛ, ମାତ୍ର ତୁମେ ଯେ ଦୁଃଖ କରୁଅଛ ଓ ଯୁଦ୍ଧରୁ ନିବୃତ୍ତ ହେବାକୁ ବସି ଅଛ ଏହା ତୁମର ପ୍ରଜ୍ଞାର ପରିଚୟ ନ ଦେଇ ନିର୍ବୋଧତାର ପରିଚୟ ଦେଉଅଛି । ତୁମର ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ ସହିତ ତୁମର କ୍ରିୟାକଳାପର କୌଣସି ସମ୍ବନ୍ଧ ନାହିଁ । ଜନ-ସାଧାରଣଙ୍କର ଏହି ଦୁରବସ୍ଥା ଆଜି ମଧ୍ୟ ଆମ୍ଭେମାନେ ପ୍ରତି କ୍ଷେତ୍ରରେ ଅନୁଭବ କରୁଅଛୁ । ଏହି ଦୁରବସ୍ଥା ଦୂର କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ ତାଙ୍କର ପ୍ରକୃତ ଶିକ୍ଷା ଆରମ୍ଭ କରି ଅଛନ୍ତି ଏବଂ ସାଂଖ୍ୟ ବୁଦ୍ଧିରେ ଯୁକ୍ତ ହେବାକୁ ସମର୍ଥନ ନ କରି ଯୋଗବୁଦ୍ଧିରେ ଯୁକ୍ତ ହେବାକୁ ଉପଦେଶ ଦେଇ ଅଛନ୍ତି ।

ଶ୍ରୀକୃଷ୍ଣଙ୍କ ସଂସ୍ଥାପିତ ଗୀତା-ଧର୍ମ ଆମ୍ଭମାନଙ୍କର ସାମ୍ପ୍ରଦାୟିକ ଧର୍ମ୍ମ ସବୁରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ଗୀତାରୁ କୌଣସି ଉପଦେଶ ସଂଶୟ ଶୂନ୍ୟ ହୋଇ ବୁଝିବାକୁ ହେଲେ ସବୁ ପ୍ରକାର ସାମ୍ପ୍ରଦାୟିକ ବା ସଂକୀର୍ଣ୍ଣ ମନୋଭାବ ଦୂର କରି ଦେଇ ଏକମାତ୍ର ସରଳତାର ଆଶ୍ରୟ ନେବା ଆବଶ୍ୟକ । କୌଣସି ଟୀକାକାରଙ୍କ ଟୀକା ଉପରେ କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ମତ ଉପରେ କିମ୍ବା ବେଦ, କୋରାଣ, ବାଇବେଲ ଇତ୍ୟାଦି କୌଣସି ଶାସ୍ତ୍ର ବାକ୍ୟ ଉପରେ ନିର୍ଭର ନକରି ନିଜର ସ୍ୱାଧୀନଚିନ୍ତା ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିବା ଆବଶ୍ୟକ । ମାତ୍ର ଦୁଃଖର କଥା ଏହି କି ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ଶିଖି ପାରିନାହୁଁ । ଅତୀତର ଋଷି-ମହାପୁରୁଷମାନେ ଆମ ପାଇଁ ଚିନ୍ତା କରି ଯାହା ସବୁ କରିବାକୁ ସ୍ଥିର କରିଯାଇ ଅଛନ୍ତି ସେହି ସବୁର ଅନ୍ଧ ଅନୁସରଣ କରିବାରେ ବହୁକାଳରୁ ଅଭ୍ୟସ୍ତ ଥିବାରୁ ଆମ୍ଭେମାନେ ନିଜର ଚିନ୍ତାଧାରା ବା ମନୁଷ୍ୟତା ହରାଇ ଏପରି ଦୁର୍ବଳ ହୋଇ ଯାଇଅଛୁଁ ଯେ ଆଜି ମଧ୍ୟ ପ୍ରତି କ୍ଷେତ୍ରରେ ଆମ୍ଭେମାନେ କୌଣସି ଗୁରୁ କିମ୍ବା କୌଣସି ନେତାଙ୍କ ଉପରେ ନିର୍ଭର କରିଅଛୁଁ କିମ୍ବା ନିର୍ଭର କରିବାକୁ ସର୍ବଦା ଅପେକ୍ଷା କରି ରହିଅଛୁଁ । ସମସ୍ତ ମାନବ ସମାଜର ଆଜି ଏହି ଦୁରବସ୍ଥା । ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଗୁରୁ ଓ ନିଜେ

ନିଜର ନେତା । ଗୀତାର ଏହି ନୂତନ ଶିକ୍ଷା ଯେଉଁ ଦିନ ଆମେ ବୁଝି ପାରିବୁଁ ଏବଂ ପ୍ରତ୍ୟେକ ବ୍ୟକ୍ତିକୁଁ ସ୍ୱାଧୀନ ଭାବରେ ଚିନ୍ତା କରିବାର ସୁବିଧା ଓ ସୁଯୋଗ ଦେଇ ପାରିବୁଁ ସେହି ଦିନ ମାନବ ସମାଜର ଉପସ୍ଥିତ ଦୁରବସ୍ଥା ଦୂର ହେବ । ଏ ବିଷୟରେ ବିଶେଷ ଆଲୋଚନା କରିବାକୁ ମୁଁ ଯାଉ ନାହିଁ ।

ଗୀତା-ଧର୍ମ୍ମ ଯେ ଆମ୍ଭମାନଙ୍କର ସାମ୍ପ୍ରଦାୟିକ ଧର୍ମ୍ମ ସବୁରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାର ସମ୍ପୂର୍ଣ୍ଣ ବିପରୀତ ଏହି କଥା ସମର୍ଥନ କରିବା ପାଇଁ ମୁଁ ସେହି ଗୀତାରୁ ଗୋଟିଏ ମାତ୍ର ଶ୍ଳୋକ ଉଦ୍ଧାର କରୁଅଛି—

**ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା**
**ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି**

୨ୟ—୫୩

ଅନ୍ୱୟ—ଶ୍ରୁତିବିପ୍ରତିପନ୍ନା ତେ
ବୁଦ୍ଧିଃ ଯଦା ସମାଧୌ ନିଶ୍ଚଳା ତଥା
ଅଚଳା ସ୍ଥାସ୍ୟତି, ତଦା ( ତ୍ୱଂ )
ଯୋଗଂ ଅବାପ୍ସ୍ୟସି ।

ଅର୍ଥ—ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କିମ୍ବା ବେଦ ଦ୍ୱାରା କିମ୍ବା ଶାସ୍ତ୍ରଜ୍ଞାନ ଦ୍ୱାରା କିମ୍ବା ପୁସ୍ତକଗତ ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଯେତେବେଳେ ସମାଧିରେ ନିଶ୍ଚଳ ଓ ଅଚଳ ରହିବ, ସେତେବେଳେ ଯାଇ ତୁମ୍ଭେ ଗୀତା—ପ୍ରଦର୍ଶିତ ଯୋଗ ପାଇ ପାରିବ ।

ବୁଦ୍ଧି ନିଶ୍ଚଳ ଓ ଅଚଳ ରହିବା ଅବସ୍ଥାକୁ ଏଠାରେ ସମାଧି ଅବସ୍ଥା କୁହାଯାଇ ଅଛି । ଏହି ଶ୍ଳୋକର ପରବର୍ତ୍ତୀ ଶ୍ଳୋକରେ ଅର୍ଜ୍ଜୁନ ମଧ୍ୟ ଏହି ଅର୍ଥରେ ସମାଧି କଥାଟି ବ୍ୟବହାର କରିଅଛନ୍ତି । ଏହି ଅଧ୍ୟାୟ ଚଉରାଳିଶ ଶ୍ଳୋକରେ ମଧ୍ୟ ଏହି ଅର୍ଥରେ ସମାଧି କଥାଟି ବ୍ୟବହୃତ ହୋଇଅଛି । ସମାଧି କଥାଟି ଗୀତାରେ ଅନ୍ୟତ୍ର ନାହିଁ । ଏହି ଉଦାହରଣଟି

ସ୍ଥାନରେ କେଉଁ ଅଭିପ୍ରାୟରେ ଶ୍ରୀକୃଷ୍ଣ ସମାଧି କଥାଟି ବ୍ୟବହାର କରି ଅଛନ୍ତି ତାହାର ଆଲୋଚନା ଏଠାରେ ଅନାବଶ୍ୟକ । "ଶ୍ରୁତି" ଏହି କଥାଟି ଏହି ଶ୍ଳୋକରେ କାହିଁକି, ସମସ୍ତ ଗୀତାରେ ସର୍ବପ୍ରଧାନ କଥା । ତେଣୁ ଏହି କଥାଟିର ଆଲୋଚନା କରାଯାଉ ।

"ଶ୍ରୁତି" କଥାଟିର ଅର୍ଥ ହେଉଛି ଶୁଣିବା କଥା । ଯାହା ନିଜେ ନ ଦେଖି କିମ୍ବା ନିଜେ ନ ବୁଝି କେବଳ ଲୋକମୁଖରୁ ଶୁଣି କିମ୍ବା ଶାସ୍ତ୍ରମାନଙ୍କରୁ ପଢ଼ି ବିଶ୍ୱାସ କରାଯାଏ ତାହାର ନାମ ଶ୍ରୁତି । ସେଥିପାଇଁ ହେଉ ବା ଅନ୍ୟ କାରଣରୁ ହେଉ ବେଦକୁ ଶ୍ରୁତି କୁହାଯାଏ । ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରିବାର ନାମ ବିଶ୍ୱାସ । ଏହି ବିଶ୍ୱାସ ସହିତ ଆମ୍ଭମାନଙ୍କର ବହୁକାଳରୁ ଘନିଷ୍ଠ ସମ୍ବନ୍ଧ ଥିବାରୁ ସତ୍ୟ ସହିତ ଆମ୍ଭେମାନେ କୌଣସି ସମ୍ବନ୍ଧ ରଖିପାରୁ ନାହୁଁ । ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି—" ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" ଅର୍ଥାତ୍ ଶୁଣିବା କଥା ଉପରେ ବା ବିଶ୍ୱାସ ଉପରେ ପ୍ରତିଷ୍ଠିତ ସବୁ ପ୍ରକାର ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ବା ସତ୍ୟର ଶରଣ ନିଅ ।

ଶ୍ରୁତି ବା ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରିବାର ଅନେକ ଦୃଷ୍ଟାନ୍ତ ଥିଲେ ମଧ୍ୟ ସେ ସବୁ ଦୃଷ୍ଟାନ୍ତ ମୁଁ ଦେଉନାହିଁ । ଅଳ୍ପ ଦୂର ଅଗ୍ରସର ହେବା ପରେ ଅର୍ଜୁନ ଗୀତାରେ ଦେଇଥିବା ଦୃଷ୍ଟାନ୍ତରୁ ଗୋଟିଏ ଯୋଡ଼ିଏ ଉଦାହରଣ ଆମ୍ଭେମାନେ ଜାଣି ପାରିବୁଁ, ବର୍ତ୍ତମାନ ଆଲୋଚ୍ୟ ଶ୍ଳୋକଟିର ବିଶେଷତ୍ୱ ବୁଝିବା । ଆମ୍ଭମାନଙ୍କର ଧାରଣା ଏହିକି ଶାସ୍ତ୍ରଜ୍ଞାନ ଦ୍ୱାରା କିମ୍ବା ପୁସ୍ତକଗତ ଜ୍ଞାନ ଦ୍ୱାରା ବୁଦ୍ଧି ସ୍ଥିର ହୁଏ । ମାତ୍ର ଏଠାରେ ଶ୍ରୀକୃଷ୍ଣ କହୁଅଛନ୍ତି "ଶ୍ରୁତି ଦ୍ୱାରା କିମ୍ବା ଶାସ୍ତ୍ରଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି" । ଆଉ ମଧ୍ୟ ଆମ୍ଭମାନଙ୍କର ଧାରଣା ଏହିକି ଶାସ୍ତ୍ରଜ୍ଞାନ ନ ଥିଲେ ଗୀତାର ଗୂଢ଼ତତ୍ତ୍ୱ ବୁଝି ହେବ ନାହିଁ । ମାତ୍ର ଏହି ଶ୍ଳୋକରୁ ପ୍ରକାଶ ଯେ ଗୀତା—ପ୍ରଦର୍ଶିତ ଯୋଗ ପାଇବା ପାଇଁ ଶାସ୍ତ୍ରଜ୍ଞାନ କେବଳ ଅନାବଶ୍ୟକ ନୁହେଁ, ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ । ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ଆମ୍ଭମାନଙ୍କର ଧାରଣା ଓ କ୍ରିୟାକଳାପର ସମ୍ପୂର୍ଣ୍ଣ ବିପରୀତ ହେଲେ ମଧ୍ୟ କେବଳ ଶ୍ରୀକୃଷ୍ଣ-ଭଗବାନ କହିଅଛନ୍ତି କିମ୍ବା ଗୀତା ପରି ଧର୍ମ ଗ୍ରନ୍ଥରେ ଲେଖାଅଛି ବୋଲି ଆମ୍ଭେମାନେ ଏହି

ଉପଦେଶକୁ ଅଭ୍ରାନ୍ତ ବୋଲି ଗ୍ରହଣ କରି ସନ୍ତୁଷ୍ଟ ରହିଅଛୁଁ । ମାତ୍ର ଏପରି ସନ୍ତୁଷ୍ଟ ରହିବା ଦ୍ୱାରା ଆମ୍ଭମାନଙ୍କର ଅବସ୍ଥା ଯଥା ପୂର୍ବଂ ତଥା ପରଂ ରହିଅଛି ଓ ରହିଥିବ । ଅର୍ଥାତ୍ ଏପରି ସନ୍ତୁଷ୍ଟ ରହିବାରେ ଆମ୍ଭମାନଙ୍କର କୌଣସି ଉପକାର ହୋଇନାହିଁ ଓ ହେବ ନାହିଁ । ଯଦି ଶ୍ରୀକୃଷ୍ଣଙ୍କର ଏହି ଉପଦେଶକୁ ଅଭ୍ରାନ୍ତ ବୋଲି ଗ୍ରହଣ କରାଯିବ, ତେବେ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାକୁ ପରିତ୍ୟାଗ କରିବା ଆବଶ୍ୟକ ଏବଂ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବା ଆବଶ୍ୟକ । ଯଦି ନିଜର ବଦ୍ଧମୂଳ ଧାରଣାକୁ ଅଭ୍ରାନ୍ତ ବୋଲି ଗ୍ରହଣ କରାଯିବ, ତେବେ ଶ୍ରୀକୃଷ୍ଣଙ୍କର ଏହି ଉପଦେଶକୁ ଭ୍ରାନ୍ତ ବୋଲି ଜାଣି ଗୀତା ପାଠରେ ଅଧିକ ଦୂର ଅଗ୍ରସର ହେବାରୁ କ୍ଷାନ୍ତ ହେବା ଆବଶ୍ୟକ । ପ୍ରତ୍ୟହ ସ୍ନାନ କଲା ପରେ ଗୀତାପାରାୟଣ କଲେ ମୁଁ ପାପମୁକ୍ତ ହେବି କିମ୍ବା ଲୋକ ଚକ୍ଷୁରେ ଧାର୍ମିକ ବୋଲାଇବି କିମ୍ବା ଗୀତାର ଟୀକାଗୁଡ଼ିକ ମୁଖସ୍ଥ କରି ପଣ୍ଡିତ ବୋଲାଇଲେ କିଛି ଅର୍ଥ ଉପାର୍ଜନ କରି ପାରିବି ଏପରି ମନୋଭାବ ଯେଉଁମାନଙ୍କର ଅଛି ସେମାନଙ୍କୁ ମୋର କିଛି କହିବାର ନାହିଁ । ଅନ୍ୟମାନଙ୍କୁ ଅନୁରୋଧ ସେମାନେ ସ୍ୱାଧୀନ ଭାବରେ ଚିନ୍ତା କରି ଗୀତାର ବିଶେଷତ୍ୱ ବୁଝନ୍ତୁ ଏବଂ ନିଜର ବୁଝିବା ଅନୁସାରେ ଜୀବନର ଗତି ପରିବର୍ତ୍ତନ କରିବାକୁ ଯତ୍ନବାନ୍ ହୁଅନ୍ତୁ । ଆଲୋଚ୍ୟ ଶ୍ଳୋକର ପୂର୍ବ ଶ୍ଳୋକଟିରେ ମଧ୍ୟ ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କର ନାହିଁ ବୋଲି ଶ୍ରୀକୃଷ୍ଣ କହିଅଛନ୍ତି । ଶ୍ଳୋକଟି ହେଉଛି:—

**ଯଦା ତେ ମୋହକଲିଲଂ ବୁଦ୍ଧି ର୍ବ୍ୟତିତରିଷ୍ୟତି**
**ତଦା ଗନ୍ତାସି ନିର୍ବେଦଂ**
**ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ । ୨ୟ—୫୨**

ଅନ୍ୱୟ—ଯଦା ତେ ବୁଦ୍ଧିଃ ମୋହକଲିଲଂ ବ୍ୟତିତରିଷ୍ୟତି ତଦା ତ୍ୱଂ ଶ୍ରୋତବ୍ୟସ୍ୟ ତଥା ଶ୍ରୁତସ୍ୟ ନିର୍ବେଦଂ ଗନ୍ତା ଅସି ।

ଅର୍ଥ—ଯେତେବେଳେ ତୁମ୍ଭର ବୁଦ୍ଧି ମୋହଜନିତ ଜଟିଳତାକୁ ଅତିକ୍ରମ କରିବ, ସେତେବେଳେ ତୁମ୍ଭେ ଯାହା ଶୁଣିବାକୁ ଅବଶିଷ୍ଟ

ମନେ କରିଅଛ ଓ ଯାହା ଶୁଣିଅଛ ସେଥିରୁ ନିର୍ବେଦ ରହିବ ଅର୍ଥାତ୍ ସେତେବେଳେ ତୁମ୍ଭେ ଶୁଣିବା କଥା ଉପରେ ନିର୍ଭର ନ କରି ନିଜର ବୁଝିବା ଉପରେ ନିର୍ଭର କରି କର୍ମ କରିବ ।

ଶୁଣିବା କଥାକୁ ସତ୍ୟ ମନେ କରି ଏବଂ ସେଥିରୁ ନାନାପ୍ରକାର ବିଶ୍ୱାସ ସୃଷ୍ଟି କରି ଆମ୍ଭେମାନେ ଜୀବନ ଯାତ୍ରାକୁ ଜଟିଳତାପୂର୍ଣ୍ଣ ଏବଂ ଦୁଃଖମୟ କରିଅଛୁଁ । ମୋହକଲିଳ ଅର୍ଥାତ୍ ମୋହ ଜନିତ ଜଟିଳତା ଏହି କଥାଟି କହି ଶ୍ରୀକୃଷ୍ଣ ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ଆମ୍ଭେମାନେ ନିଜର ବିବେକ ବୁଦ୍ଧିର ସାହାଯ୍ୟରେ ସର୍ବପ୍ରକାର ଜଟିଳତାକୁ ଅତିକ୍ରମ କରି ଜୀବନଯାତ୍ରାକୁ ସରଳ ଓ ସୁଖମୟ କରିବାକୁ ଚେଷ୍ଟା କରନ୍ତୁ ।

ଦ୍ୱିତୀୟ ଅଧ୍ୟାୟ ୫୨ ଓ ୫୩ ଏହି ଦୁଇଟି ଶ୍ଳୋକରୁ ଆମ୍ଭେମାନେ ବୁଝି ପାରିଲୁଁ ଯେ ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ ନ କରିବାକୁ ଶ୍ରୀକୃଷ୍ଣ ଉପଦେଶ ଦେଇ ଅଛନ୍ତି । ଏପରି ଉପଦେଶ ଦେବାର ଅଭିପ୍ରାୟ ଏହିକି ମୋହଗ୍ରସ୍ତ ଅର୍ଜୁନ ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରି ଯୁଦ୍ଧରୁ ନିବୃତ୍ତ ହେବାକୁ କର୍ତ୍ତବ୍ୟ ମନେ କରିଥିଲେ । ଅର୍ଜୁନ ଯାହା କହିଥିଲେ ତନ୍ମଧ୍ୟରୁ ଦୁଇଟି କଥା ଏଠାରେ ଦିଆଗଲା ।—

ପତନ୍ତି ପିତରୋ ହ୍ୟେଷାଂ
ଲୁପ୍ତପିଣ୍ଡୋଦକ କ୍ରିୟାଃ ୧ମ—୪୨

ଉତ୍ସନ୍ନ କୁଳଧର୍ମ୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ
ନରକେ ନିୟତଂ ବାସୋ ଭବତୀତି ଅନୁଶୁଶ୍ରୁମ
(୧ମ—୪୪)

ଅର୍ଥ—ପିଣ୍ଡୋଦକ କ୍ରିୟା ଲୁପ୍ତ ହେଲେ ପିତୃମାନଙ୍କର ପତନ ହୁଏ (୧ମ—୪୨) କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକ ବାସ ହୁଏ—ଏହି ସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ । (୧ମ-୪୪)

ଯେଉଁ ସବୁ କାରଣ ପ୍ରଦର୍ଶାଇ ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ କର୍ତ୍ତବ୍ୟ ମନେ କରିଥିଲେ ସେହି ସବୁ କାରଣର ମୂଳ କାରଣ ହେଉଛି "ଅନୁଶୁଶ୍ରୁମ" ଅର୍ଥାତ୍ ଆମ୍ଭେମାନେ ଶୁଣି ଆସୁଅଛୁଁ । ଅର୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ କରିବାକୁ ହେଲେ ଅର୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକ ଖଣ୍ଡନ କରିବା ଏକାନ୍ତ ଆବଶ୍ୟକ । ଅନ୍ୟ କାରଣ ଗୁଡ଼ିକ ଶ୍ରୀକୃଷ୍ଣ ଯେପରି ଭାବରେ ଖଣ୍ଡନ କରି ଅଛନ୍ତି ତାହା ସେହି ଗୀତାରୁ ପରେ ଜାଣି ପାରିବେ । ବର୍ତ୍ତମାନ କେବଳ ଏତିକି ଜାଣି ରଖନ୍ତୁ ଯେ ଉପର ଲିଖିତ ଦୁଇଟି ଶ୍ଳୋକରେ "ଅନୁଶୁଶ୍ରୁମ" ଏହି ମୂଳ କାରଣଟିକୁ ଶ୍ରୀକୃଷ୍ଣ ଖଣ୍ଡନ କରି ଅଛନ୍ତି । ଆଜିମଧ୍ୟ ଏହି ମୂଳ କାରଣଟିକୁ ସଂଶୟଶୂନ୍ୟ ହୋଇ ବୁଝି ପାରିଲେ ଏବଂ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରି ପାରିଲେ ଅନ୍ୟ କାରଣ ଗୁଡିକ ବୁଝିବାର ଆବଶ୍ୟକ ହେବ ନାହିଁ ।

ଗୀତାର ସବୁ ଉପଦେଶ ଗୁଡ଼ିକର ଆଲୋଚନା ପଛକୁ ରଖି କେବଳ ଗୋଟିଏ ଗୋଟିଏ ଉପଦେଶର ପ୍ରକୃତ ଅର୍ଥ ସ୍ଥିର କରିବା ପାଇଁ ଏବଂ ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବା ପାଇଁ ପ୍ରତି ଗ୍ରାମରେ ଗୀତା-ସମିତି ସ୍ଥାପନ କରାଯାଉ । ପ୍ରତ୍ୟହ ଗୀତାପାରାୟଣ କରିବା ଅପେକ୍ଷା ଗୀତାରୁ ଗୋଟିଏ ମାତ୍ର ଉପଦେଶର ଆବଶ୍ୟକତା ଓ ଉପକାରିତା ହୃଦୟଙ୍ଗମ କରି ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବା ଏକାନ୍ତ ଆବଶ୍ୟକ । ଏପରି ଭଦ୍ରବ୍ୟକ୍ତି ସଂଗ୍ରହ କରିବା ପୂର୍ବୋକ୍ତ ଗୀତା ସମିତି ସବୁର ଏକମାତ୍ର ଲକ୍ଷ୍ୟ ହେବା ଆବଶ୍ୟକ । ଏପରି ଅଳ୍ପ କେତେଜଣ ଭଦ୍ରବ୍ୟକ୍ତି ବାହାରିବା ମାତ୍ରେ ସମସ୍ତ ମାନବ ସମାଜର ଉପସ୍ଥିତ ଦୁରବସ୍ଥା ଦୂର ହେବ, ଏଥିରେ ସନ୍ଦେହ ନାହିଁ । ଏପରି ଭଦ୍ରବ୍ୟକ୍ତି ବାହାରିବା ବିଶେଷ କଠିନ, ଏତିକି କହି ଦେଇ ଜଡ଼ତା ଅବଲମ୍ବନ କରିବା ଉଚିତ ନୁହେଁ । ଶ୍ରୀକୃଷ୍ଣଙ୍କର ଗୋଟିଏ ମାତ୍ର ଉପଦେଶ ସର୍ବଦା ମନେ ରଖନ୍ତୁ—

**ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ**
**ଜିତ୍ୱା ବା ଭୋକ୍ଷ୍ୟସେ ମହୀଂ**
**ତସ୍ମାତ୍ ଉତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ** (୨-୩୭)

---

# ଗୀତା-ପ୍ରବେଶ

## ( ପ୍ରଥମ ଖଣ୍ଡ )

**ସତ୍ୟ ନିକଟରେ ବଶିଷ୍ଟତାର ସ୍ଥାନ ନାହିଁ**
**ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଆଲୋକ ହୁଅ ।**

## ନିବେଦନ

ଗୀତାର ଟୀକାକାରମାନେ ନିଜ ନିଜର ମତକୁ ସମର୍ଥନ କରୁଥିବା ଶବ୍ଦ ସବୁ ମୂଳ ଶ୍ଳୋକରେ ଯୋଡ଼ିଦେଇ ବିଭିନ୍ନ ପ୍ରକାର ଅର୍ଥ କରିଥିବାରୁ ଗୀତାର ପ୍ରକୃତ ଶିକ୍ଷା ଏ ପର୍ଯ୍ୟନ୍ତ ସେହି ଗୀତାରେ ଲୁଚ ଲୁଚାହୋଇ ରହିବା ପରି ରହିଛି ଏବଂ ଲୋକେ କୌଣସି ଅର୍ଥ ଗ୍ରହଣ କରି ନ ପାରି ଗୀତା ପୁସ୍ତକକୁ ପୂଜା ପେଡ଼ିରେ ବାନ୍ଧି ପ୍ରତ୍ୟହ ସ୍ନାନ ପରେ ଗୀତା ପାରାୟଣ କରିବାକୁ ଏକମାତ୍ର କର୍ତ୍ତବ୍ୟ ମନେ କରିଅଛନ୍ତି । ଏହି ସବୁ ବିଭିନ୍ନ ପ୍ରକାର ଅର୍ଥ ଦେଖି ଅଧିକାଂଶଙ୍କର ଧାରଣା ଜନ୍ମିଛି ଯେ ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ଦୃଷ୍ଟିକୋଣରୁ ଗୀତାକୁ ବିଭିନ୍ନ ପ୍ରକାର ଅର୍ଥ କରାଯାଇପାରେ । ମାତ୍ର ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ସମସ୍ତ ଗୀତାରେ ଗୀତାକାରଙ୍କର ଗୋଟିଏ ମାତ୍ର ଅଭିପ୍ରାୟ । ତେଣୁ ଗୀତାର ପ୍ରକୃତ ଅର୍ଥ ମଧ୍ୟ ଗୋଟିଏ ।

ଇଂରାଜୀରେ ଗୋଟିଏ ଶିକ୍ଷାପ୍ରଦ କଥା ଅଛି—"To go far, you must begin near." ଅର୍ଥାତ୍ ଦୂରକୁ ଯିବାକୁ ହେଲେ ନିକଟରୁ ଆରମ୍ଭ କରିବାକୁ ହେବ, ଗଛର ଅଗକୁ ଯିବାକୁ ହେଲେ ମୂଳରୁ ଚଢ଼ିବାକୁ ହେବ । ସେଥିପାଇଁ ଗୀତାର ଆରମ୍ଭରୁ ଅଳ୍ପ କେତୋଟି ଶ୍ଳୋକର ଅର୍ଥ ଏହି ପୁସ୍ତକରେ ଦିଆଗଲା । ଏହି କେତୋଟି ଶ୍ଳୋକ

ସଂଶୟଶୂନ୍ୟ ହୋଇ ବୁଝିଲେ ଗୀତାକାରଙ୍କର ଅଭିପ୍ରାୟ ଓ ଗୀତାର ଅସାଧାରଣ ରଚନା-କୌଶଳ ମଧ୍ୟ ଜାଣିପାରିବେ ଏବଂ ସେହି ଅଭିପ୍ରାୟ ପ୍ରତି ଦୃଷ୍ଟି ରଖି ଗୀତାକୁ ବୁଝିବାକୁ ଚେଷ୍ଟାକଲେ ଅବଶିଷ୍ଟ ଅଂଶ ଅନାୟାସରେ କ୍ରମେ କ୍ରମେ ବୁଝିପାରିବେ । ଏହି ପୁସ୍ତକରେ ଥିବା ଅନୁଶୁଶ୍ରୁମ (୧ମ-୪୪) ସାଂଖ୍ୟେ (୨ୟ-୩୯) ବ୍ୟବସାୟାତ୍ମିକା ବୁଦ୍ଧିଃ ଓ ଅବ୍ୟବସାୟିନାମ୍ (୨ୟ-୪୧) ଅବିପଶ୍ଚିତଃ (୨ୟ-୪୨) ସମାଧୌ (୨ୟ-୪୪, ୫୩ ଓ ୫୪) ନିର୍ଦ୍ଵନ୍ଦ୍ଵଃ ଓ ନିତ୍ୟ ସତ୍ତ୍ୱସ୍ଥଃ (୨ୟ-୪୫) ବୁଦ୍ଧୌ (୨ୟ-୪୯) ଶ୍ରୁତି ବିପ୍ରତିପନ୍ନା ତେ ବୁଦ୍ଧିଃ (୨ୟ-୫୩), ଏହି କେତୋଟି କଥା ସଂଶୟଶୂନ୍ୟ ହୋଇ ବୁଝନ୍ତୁ ।

ସମାଜର ମଙ୍ଗଳସାଧନ ପାଇଁ, ପାଷଣ୍ଡାମି, ଅନ୍ଧବିଶ୍ୱାସ, ଅନ୍ଧାନୁସରଣରୁ ଉପସ୍ଥିତ ଦୁର୍ଦ୍ଦଶାଗ୍ରସ୍ତ ସମାଜକୁ ମୁକ୍ତ କରିବା ପାଇଁ ପୁସ୍ତକଟିର ଆବଶ୍ୟକତା ଅନୁଭବ କଲେ ଆଉ କେତେଖଣ୍ଡି ପୁସ୍ତକ ମଗାଇନେଇ ନିଜର ବନ୍ଧୁମାନଙ୍କ ମଧ୍ୟରେ ପ୍ରଚାର କରନ୍ତୁ । କୌଣସିଠାରେ ସଂଶୟ ଆସିଲେ, ଅନ୍ୟମାନଙ୍କ ସଙ୍ଗେ ଆଲୋଚନା କରି କିମ୍ବା ପତ୍ରର ଆଦାନପ୍ରଦାନଦ୍ୱାରା ମୋ ସଙ୍ଗେ ଆଲୋଚନା କରି ସେହି ସଂଶୟ ଦୂର କରି ନିଅନ୍ତୁ । ସଂଶୟାତ୍ମା ହୋଇ ଜୀବନ ଯାପନ କରିବା ବିଶେଷ ଅନିଷ୍ଟପ୍ରଦ, ଏହି କଥାଟି ଉତ୍ତମରୂପେ ବୁଝନ୍ତୁ । ସେଥିପାଇଁ ଗୀତା କହୁଛି—

ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ।।୪ର୍ଥ-୪୦।

ଅର୍ଥ—ଅଜ୍ଞ, ଶ୍ରଦ୍ଧାହୀନ ଏବଂ ସଂଶୟାତ୍ମା ବ୍ୟକ୍ତି ବିନାଶ ପ୍ରାପ୍ତ ହୁଏ ! ସଂଶୟାତ୍ମା ବ୍ୟକ୍ତିର ଇହଲୋକ ନାହିଁ, ପରଲୋକ ନାହିଁ ଏବଂ ସୁଖ ମଧ୍ୟ ନାହିଁ । (ଅଜ୍ଞ, ଶ୍ରଦ୍ଧାହୀନ ଓ ସଂଶୟାତ୍ମା, ଏମାନେ ଏକ କଥା) ଅଜ୍ଞ କହିଲେ ଲୋକେ ବୁଝନ୍ତି ଯେଉଁବ୍ୟକ୍ତି ପାଠ ପଢ଼ି ନାହିଁ କିମ୍ବା କୌଣସି ଧର୍ମଗ୍ରନ୍ଥ ପଢ଼ିନାହିଁ । ମାତ୍ର ଏଠାରେ ଅଜ୍ଞ କଥାଟିର ଅର୍ଥ ତାହା ନୁହେଁ । ବି. ଏ., ଏମ୍., ଏ., କାବ୍ୟତୀର୍ଥ ଇତ୍ୟାଦି ପାଶ୍ କରିଥିବା ବ୍ୟକ୍ତି ଏବଂ ଧର୍ମଗ୍ରନ୍ଥ ସବୁ ଉତ୍ତମରୂପେ ଅଧ୍ୟୟନ କରିଥିବା ବ୍ୟକ୍ତି ମଧ୍ୟ

*

ଅଜ୍ଞ ଅଟନ୍ତି—ଯଦି ସେ ନିଜର ବୁଝିବା ଉପରେ ଓ ସ୍ୱକୀୟ ବିବେକ ବୁଦ୍ଧି ଉପରେ ନିର୍ଭର ନ କରି ବରିଷ୍ଠ ବ୍ୟକ୍ତିମାନଙ୍କର ମତ ଉପରେ କିମ୍ବା ଧର୍ମଗ୍ରନ୍ଥ ସବୁ ଉପରେ ନିର୍ଭର କରି କର୍ମ କରନ୍ତି । ଶ୍ରଦ୍ଧାତ୍ମକ ବ୍ୟକ୍ତି କିଏ ତାହା ଜାଣିବାକୁ ହେଲେ ୧୭ଶ ଅଧ୍ୟାୟରୁ ଅନ୍ତତଃ ୧ମ ଓ ୩ୟ ଏହି ଦୁଇଟି ଶ୍ଳୋକ ଉତ୍ତମରୂପେ ବୁଝନ୍ତୁ ।

ପୁସ୍ତକଟି ପଢିସାରି ନିଜର ମତାମତ ଜଣାନ୍ତୁ ।

ଲେଖକ

# ଗୀତା-ପ୍ରବେଶ

ଗୀତାର ଶିକ୍ଷା ସମ୍ପୂର୍ଣ୍ଣ ନୂତନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣା ସବୁର ସମ୍ପୂର୍ଣ୍ଣ ବିପରୀତ । ତେଣୁ ଏହି ନୂତନ ଶିକ୍ଷା ଗ୍ରହଣ କରିବାକୁ ହେଲେ ଅତୀତର ଯାବତୀୟ ବଦ୍ଧମୂଳ ଧାରଣା ସବୁକୁ ମନରୁ ସମ୍ପୂର୍ଣ୍ଣରୂପେ ଦୂର କରିଦେବା ଏକାନ୍ତ ଆବଶ୍ୟକ । କାରଣ, ପୁରୁଣା ଧାରଣା ସବୁ ମନରେ ସ୍ଥାନ ଅଧିକାର କରିଥିବା ପର୍ଯ୍ୟନ୍ତ ସେଥିରେ କୌଣସି ନୂତନ ବିଷୟ ପ୍ରବେଶ କରିପାରିବ ନାହିଁ । ସେଥିପାଇଁ ଗୀତାକାର କହିଅଛନ୍ତି :—

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି—୨ୟ-୫୩

ଅନ୍ୱୟ—ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ ଯଦା ସମାଧୌ ନିଶ୍ଚଳ (ସତୀ) ଅଚଳା ସ୍ଥାସ୍ୟତି, ତଦା (ତ୍ୱଂ) ଯୋଗଂ ଅବାପ୍ସ୍ୟସି ।

ଅର୍ଥ—ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା ଅର୍ଥାତ୍ ବେଦ ଦ୍ୱାରା ଅର୍ଥାତ୍ ଶାସ୍ତ୍ରଜ୍ଞାନ ଦ୍ୱାରା ଅର୍ଥାତ୍ ପୁସ୍ତକଗତ ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମର ବୁଦ୍ଧି ଯେତେବେଳେ ସମାଧିରେ ନିଶ୍ଚଳ ଓ ଅଚଳ ରହିବ, ସେତେବେଳେ ଯାଇ ତୁମ୍ଭେ (ଗୀତା-ପ୍ରଦର୍ଶିତ) ଯୋଗ ପାଇ-ପାରିବ । (ସମାଧି କଥାଟିର ଅର୍ଥ ବୁଦ୍ଧିର ନିଶ୍ଚଳ ଓ ଅଚଳ ରହିବା ଅବସ୍ଥା । ୨ୟ ଅଧ୍ୟାୟ ୪୪ ଶ୍ଳୋକର ଆଲୋଚନା ଦେଖନ୍ତୁ) । ଆମ୍ଭ-ମାନଙ୍କର ଧାରଣା ଏହି ଯେ ଶାସ୍ତ୍ରଗତ ଜ୍ଞାନ ଓ ପୁସ୍ତକଗତ ଜ୍ଞାନଦ୍ୱାରା ବୁଦ୍ଧି ମାର୍ଜିତ ହୁଏ ଓ ସ୍ଥିର ହୁଏ । ମାତ୍ର ଗୀତାକାର କହୁଅଛନ୍ତି ଯେ ଶାସ୍ତ୍ରଗତ ଓ ପୁସ୍ତକଗତ ଜ୍ଞାନଦ୍ୱାରା ବୁଦ୍ଧି ବିକ୍ଷିପ୍ତ ହୁଏ । ଗୀତାକାରଙ୍କର ଏହି ମତ ସତ୍ୟ କି ଭ୍ରାନ୍ତ ତାହା ପ୍ରତ୍ୟେକ ବ୍ୟକ୍ତି ସ୍ଥିରକରିବା ଏକାନ୍ତ ଆବଶ୍ୟକ ।

ମନୁଷ୍ୟ-ସୃଷ୍ଟ ତଥାକଥିତ ଧର୍ମରାଜ୍ୟମାନଙ୍କରେ ପ୍ରବେଶ କରିବାର ଅଧିକାର କେବଳ ଧର୍ମଯାଜକମାନଙ୍କର ଏବଂ ହିନ୍ଦୁ ସମ୍ପ୍ରଦାୟରେ

କେବଳ ବ୍ରାହ୍ମଣମାନଙ୍କର ଥିଲା ଏବଂ ଏବେ ମଧ୍ୟ ଅଛି । ମାତ୍ର ଗୀତା-ସଂସ୍ଥାପିତ ଧର୍ମରାଜ୍ୟରେ ପ୍ରବେଶ କରିବାର ସମାନ ଅଧିକାର ମୂର୍ଖ, ପଣ୍ଡିତ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କର ଅଛି—ଯାହା ଶ୍ରୀକୃଷ୍ଣଙ୍କର ନିମ୍ନଲିଖିତ ଉକ୍ତିରୁ ବୁଝିପାରିବେ ।

ମାଂ ହି ପାର୍ଥ ! ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ,
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ॥ ୯ମ-୩୨

ଅର୍ଥ—ହେ ପାର୍ଥ ! ଯେଉଁମାନେ ପାପଯୋନିରୁ ଜାତ, ସେମାନେ, ସ୍ତ୍ରୀମାନେ, ବୈଶ୍ୟ ଓ ଶୂଦ୍ରମାନେ ମଧ୍ୟ ମୋତେ ଆଶ୍ରୟ କରି ପରମ ଗତି ପ୍ରାପ୍ତ ହୁଅନ୍ତି ॥

ଆମ୍ଭମାନଙ୍କର ଧାରଣା ଏହିକି କେବଳ ଶାସ୍ତ୍ରଜ୍ଞ ପଣ୍ଡିତମାନେ ଗୀତାର ପ୍ରକୃତ ଅର୍ଥ ସ୍ଥିର କରିପାରିବେ ଏବଂ ସେମାନେ ଯାହା ଅର୍ଥ କରିବେ ଆମ୍ଭମାନଙ୍କୁ ତାହା ମାନିନେବାକୁ ହେବ । ମାତ୍ର ପୂର୍ବୋକ୍ତ "ଶ୍ରୁତି ବିପ୍ରତିପନ୍ନା ବୁଦ୍ଧି" କଥାଟିରୁ ବୁଝିଲୁ ଯେ, ଗୀତାର ନୂତନ ଶିକ୍ଷା ଗ୍ରହଣ କରିବାକୁ ହେଲେ ଶାସ୍ତ୍ରଗତଜ୍ଞାନ (ପୁରୁଣା ବିଷୟ ହବୁ) ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ । ଗୀତାର ଭାଷା ମଧ୍ୟ ଏତେ ସରଳ ଯେ କେବଳ ପଦ-ବିଚ୍ଛେଦ କରି ପଢ଼ିଗଲେ ଗୀତାର ପ୍ରକୃତ ଅର୍ଥ ଅନାୟାସରେ ଜାଣି ପାରିବେ । କେବଳ ଗୀତାର ଉପଦେଶ ଅନୁସାରେ ଜୀବନ ଗଠନ କରିବାକୁ ହେଲେ ନିଜର ସ୍ୱାଧୀନ ଚିନ୍ତା ଏକାନ୍ତ ଆବଶ୍ୟକ । ମାତ୍ର ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ଆମ୍ଭେମାନେ ବହୁକାଳରୁ ଅନଭ୍ୟସ୍ତ ଥିବାରୁ ସର୍ବଦା ପ୍ରତ୍ୟେକ କର୍ମରେ ଗୁରୁ ଓ ବରିଷ୍ଠ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରି ଉପସ୍ଥିତ ଦୁରବସ୍ଥା ଭୋଗୁଅଛୁଁ ।

ଗୀତାର ନୂତନ ଶିକ୍ଷା ଗ୍ରହଣ କରିବାକୁ ହେଲେ ସର୍ବଦା ସ୍ମରଣ ରଖିବାକୁ ହେବ ଯେ ଗୀତାର ଶ୍ରୀକୃଷ୍ଣ ଆମ୍ଭମାନଙ୍କର ନିତ୍ୟ ଉପାସିତ ଅଜ୍ଞେୟ, ଅଚିନ୍ତ୍ୟ, କଳ୍ପନାତୀତ ଭଗବାନ ନୁହନ୍ତି । ସେ ହେଉଛନ୍ତି, ଗୀତାକାରଙ୍କର ବିଶାଳ ପ୍ରଜ୍ଞାଶକ୍ତିରୁ ଉତ୍ପନ୍ନ ବିଶ୍ୱ-ଗୁରୁ । ଜାତି-ଧର୍ମ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ହେଉଛୁଁ ଶିଷ୍ୟର

ଅର୍ଜୁନ । ନିଜର କର୍ତ୍ତବ୍ୟ ସ୍ଥିର କରି ନ ପାରି ଅର୍ଜୁନ ଯେପରି ଶ୍ରୀକୃଷ୍ଣଙ୍କୁ ଗୁରୁ ଭାବରେ ଗ୍ରହଣ କରିଥିଲେ (୨ୟ-୭) ମାନବ ସମାଜର ଉପସ୍ଥିତ ସଂକଟାପନ୍ନ ଅବସ୍ଥାରେ କିଂକର୍ତ୍ତବ୍ୟବିମୂଢ଼ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ବିଶ୍ୱଗୁରୁ ସେହି ଶ୍ରୀକୃଷ୍ଣଙ୍କୁ ଆଜି ଗୁରୁ ଭାବରେ ଗ୍ରହଣ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି; ତେଣୁ ସମସ୍ତ ମାନବ ସମାଜ ଆଜି ଯେଉଁ ସଙ୍କଟାପନ୍ନ ଅବସ୍ଥାରେ ଉପନୀତ ହୋଇଅଛି ତାହା କି ଶିକ୍ଷିତ କି ଅଶିକ୍ଷିତ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଉତ୍ତମରୂପେ ଜଣାଅଛି ।

ପଣ୍ଡିତମାନଙ୍କୁ ସାଂଖ୍ୟ, ବେଦାନ୍ତ ଇତ୍ୟାଦି ବୁଝାଇବା ପାଇଁ କିମ୍ବା ମହାଭାରତର ଐତିହାସିକ ଅର୍ଜୁନଙ୍କୁ ନରହତ୍ୟାରୂପ ଘୃଣ୍ୟ କର୍ମରେ ନିଯୁକ୍ତ କରିବାପାଇଁ ଶ୍ରୀକୃଷ୍ଣ ଜଗତକୁ ଆସିନଥିଲେ । ସେ ଯଦି ହିନେ ଜଗତକୁ ଆସିଥିଲେ, ସେ ନିଶ୍ଚୟ ଆସିଥିଲେ ଜାତି ଧର୍ମ, ମୂର୍ଖ ପଣ୍ଡିତ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ନିଜ ନିଜର ସ୍ୱଭାବ-ନିୟତ ଜୀବନଯୁଦ୍ଧରେ ନିଯୁକ୍ତ କରିବା ପାଇଁ ଏବଂ ସଂସାର ବଣରେ ବାଟ ଖୋଜୁଥିବା ଶ୍ରାନ୍ତ କ୍ଲାନ୍ତ ପଥିକମାନଙ୍କୁ ଅନ୍ଧତା ଦୋଷରୁ ମୁକ୍ତ କରି ସତ୍ୟର ପରିଚୟ ଦେବାପାଇଁ—ଏକ କଥାରେ ପ୍ରକୃତ ବାଟ ଦେଖାଇ ଦେବାପାଇଁ ।

— —

## ପ୍ରଥମ ଅଧ୍ୟାୟ

ଚିରସଖା ଶ୍ରୀକୃଷ୍ଣଙ୍କୁ ସାରଥୀ ଭାବରେ ଗ୍ରହଣ କରି ଯୁଦ୍ଧ କରିବାକୁ ପ୍ରସ୍ତୁତ ଥାଇ ମଧ୍ୟ, କେବଳ ମୋର ଭାଇ, ମୋର ବନ୍ଧୁ, ଆମର କୁଳଧର୍ମ ଆମର ଜାତିଧର୍ମ ଇତ୍ୟାଦି ମମତା ଦୋଷରୁ ଏବଂ ଧର୍ମାନ୍ଧତା ଦୋଷରୁ ଅର୍ଜୁନ ନିଜର ସ୍ୱଭାବ-ନିୟତ ଜୀବନଯୁଦ୍ଧରେ ଅଗ୍ରସର ହୋଇ ପାରୁନାହାନ୍ତି ଏବଂ ସେଥିପାଇଁ ସେ ବିଷାଦମଗ୍ନ । ଏହାହିଁ ପ୍ରଥମ ଅଧ୍ୟାୟର ମୋଟ କଥା । ଧର୍ମାନ୍ଧତା ଦୋଷରୁ ଯୁଦ୍ଧ କରିବେ ନାହିଁ ବୋଲି ଅର୍ଜୁନ ଯେଉଁ ସବୁ କାରଣ ଶ୍ରୀକୃଷ୍ଣଙ୍କୁ କହିଥିଲେ ତାହା ତଳେ ଦିଆଗଲା :—

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ । ୪୦ ।
ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ । ୪୧ ।
ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ । ୪୨ ।
ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ । ୪୩ ।
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେ ନିୟତଂ ବାସୋ ଭବତୀତି—ଅନୁଶୁଶ୍ରୁମ । ୪୪ ।

ଅର୍ଥ—କୁଳକ୍ଷୟ ହେଲେ ସନାତନ କୁଳଧର୍ମ ସବୁ ବା କୁଳାଚାର ସବୁ ନଷ୍ଟ ହୁଏ । କୁଳଧର୍ମ ନଷ୍ଟ ହେଲେ ସମସ୍ତ କୁଳ ଅଧର୍ମଦ୍ୱାରା ଅଭିଭୂତ ହୁଏ । କୁଳ ଅଧର୍ମ ଦ୍ୱାରା ଅଭିଭୂତ ହେଲେ କୁଳସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି । କୁଳସ୍ତ୍ରୀମାନେ ଦୁଷ୍ଟା ହେଲେ ବର୍ଣ୍ଣର ବିଶୃଙ୍ଖଳା ଜାତ ହୁଏ । ଏହି ବିଶୃଙ୍ଖଳା କୁଳ-ବିନାଶକମାନଙ୍କର ଓ କୁଳର ନରକର କାରଣ ହୁଏ । ପିଣ୍ଡୋଦକ କ୍ରିୟା ଲୁପ୍ତ ହେବାରୁ ଏମାନଙ୍କର ପିତୃଗଣଙ୍କର ପତନ ହୁଏ, ଅର୍ଥାତ୍ ନରକବାସ ହୁଏ । କୁଳଘାତକମାନଙ୍କର ଏହି ସବୁ ଦୋଷ ହେତୁ ଶାଶ୍ୱତ ଜାତିଧର୍ମ ଓ କୁଳଧର୍ମ ସବୁ ନଷ୍ଟ ହୁଏ । ହେ ଜନାର୍ଦ୍ଦନ ! କୁଳଧର୍ମ ସବୁ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହୁଏ—ଏହିସବୁ କଥା ଆମ୍ଭମାନେ ଶୁଣି ଆସୁଅଛୁଁ ।

ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ପୂର୍ବୋକ୍ତ କାରଣଗୁଡ଼ିକ ଜନସାଧାରଣଙ୍କୁ ଯୁକ୍ତିଯୁକ୍ତ ବୋଧ ହେବା ସ୍ୱାଭାବିକ, କାରଣ ଅର୍ଜ୍ଜୁନଙ୍କର ଯେଉଁ ଧର୍ମାନ୍ଧତା ଓ ଯେଉଁ ଦୁରବସ୍ଥା, ସେମାନଙ୍କର ମଧ୍ୟ ସେହି ଧର୍ମାନ୍ଧତା ଓ ସେହି ଦୁରବସ୍ଥା । ସେଇଥିପାଇଁ ଗୀତାର ଟୀକାକାରମାନେ ପୂର୍ବୋକ୍ତ କାରଣ ସବୁର ଅଯୌକ୍ତିକତା ବିଷୟରେ କୌଣସି ଆଲୋଚନା କରି ନାହାନ୍ତି । ମାତ୍ର ଯୁଦ୍ଧରୁ ନିବୃତ୍ତ ହେବାକୁ ଯାଉଥିବା ଅର୍ଜ୍ଜୁନଙ୍କ ପ୍ରଦର୍ଶିତ କାରଣ-ଗୁଡ଼ିକ ତାଙ୍କୁ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣଙ୍କ

ମତରେ ସମ୍ପୂର୍ଣ୍ଣ ଭ୍ରମାତ୍ମକ, ଏଥିରେ ଦ୍ୱିରୁକ୍ତି କରାଯାଇ ନ ପାରେ । ଅର୍ଜୁନଙ୍କ ପ୍ରଦର୍ଶିତ ପୂର୍ବୋକ୍ତ କାରଣଗୁଡ଼ିକ ଯେ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଏବଂ ଏହି କାରଣଗୁଡ଼ିକ ଯେ ଜନସାଧାରଣଙ୍କୁ ଯୁକ୍ତିଯୁକ୍ତ ବୋଧ ହେବା ସ୍ୱାଭାବିକ, ତାହା ପରବର୍ତ୍ତୀ ଆଲୋଚନାରୁ ବୁଝି ପାରିବେ ।

ଯାହା ସନାତନ ଧର୍ମ ବା ପ୍ରକୃତିରେ ଧର୍ମ, ତାହା ଏକ ଏବଂ ତାହା ନଷ୍ଟ ହୋଇ ନ ପାରେ—ଏକଥା ବୁଝି ନ ଥିବାରୁ ଅର୍ଜୁନ କହିଲେ—"କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ" ଅର୍ଥାତ୍ କୁଳକ୍ଷୟ ହେଲେ ସନାତନ କୁଳଧର୍ମ ସବୁ ନଷ୍ଟ ହୁଏ । ଅର୍ଜୁନ ଯେପରି କୁଳାଚାର ସବୁକୁ ସନାତନ ଧର୍ମ ମନେ କରିଥିଲେ, ଜନସାଧାରଣ ମଧ୍ୟ ସେହିପରି ସନାତନ ଧର୍ମ ସହିତ କୌଣସି ସମ୍ବନ୍ଧ ନ ରଖି କୁଳାଚାର ସବୁକୁ ଏକମାତ୍ର ଧର୍ମ ମନେ କରିଅଛନ୍ତି । କୁଳରେ ଥିବା ଲୋକଙ୍କର ମଙ୍ଗଳ ପାଇଁ ସିନା କୁଳାଚାର ସବୁ ପ୍ରୟୋଜନ, ମାତ୍ର ଯୁଦ୍ଧ କରିବା ଫଳରେ ଯଦି କୁଳକ୍ଷୟ ହେଲା, ତେବେ କୁଳାଚାର ସବୁ ରହିବାର ପ୍ରୟୋଜନ କଅଣ ? ଅର୍ଜୁନଙ୍କର ଧର୍ମାନ୍ଧତା ଦୋଷ ଏତେ ଅଧିକ ଥିଲା ଯେ, କୁଳକ୍ଷୟ ହେବ, ଏଥିପାଇଁ ତାଙ୍କ ମନରେ ଦୁଃଖ ନ ଆସି କୁଳକ୍ଷୟ ହେଲେ କୁଳଧର୍ମ ସବୁ ନଷ୍ଟ ହୋଇଯିବ ବୋଲି ଦୁଃଖ ଆସିଲା । ଜନସାଧାରଣଙ୍କର ମଧ୍ୟ ଠିକ୍ ଏହି ଦୁରବସ୍ଥା । ଯେଉଁମାନଙ୍କର ମଙ୍ଗଳପାଇଁ ଅସଂଖ୍ୟ ପ୍ରକାର ରାଜନୈତିକ, ସାମାଜିକ ଓ ତଥାକଥିତ ଧର୍ମ ସମ୍ବନ୍ଧୀୟ ଅନୁଷ୍ଠାନ ଓ ସମିତି ସବୁ ରହିଛି, ସେମାନେ ବରଂ ଦୁଃଖ-ଅଶାନ୍ତି ଭୋଗୁଥାଆନ୍ତି, ସେମାନେ ବରଂ ଖାଦ୍ୟାଭାବରୁ ମରୁଥାଆନ୍ତି, ସେମାନଙ୍କର ନୈତିକ ଦୁର୍ଗତି ବରଂ ପ୍ରତିଦିନ ବୃଦ୍ଧି ପାଉଥାଏ, ଅନୁଷ୍ଠାନ ଓ ସମିତି ସବୁର ପରିଚାଳକମାନେ ସେଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହି ସେମାନଙ୍କର କେବଳ ଅନୁଷ୍ଠାନ ଓ ସମିତି ସବୁ କିପରି ରହିଥିବ, ଏଥିପାଇଁ ସେମାନେ ସର୍ବଦା ଚେଷ୍ଟିତ ।

ପିଣ୍ଡୋଦକ ନ ପାଇଲେ ପିତୃଗଣଙ୍କର ନରକବାସ ହେବ ବୋଲି ଅର୍ଜୁନଙ୍କର ଯେଉଁ ଅନ୍ଧବିଶ୍ୱାସ, ଜନସାଧାରଣଙ୍କର ମଧ୍ୟ ସେହି ଅନ୍ଧ-ବିଶ୍ୱାସ । ପିତୃଗଣ ଯଦି ଜୀବନ ତମାମ ନରହତ୍ୟା କର୍ମରେ ଲିପ୍ତ ଥିବେ

ଏବଂ ମାନବସମାଜର ଅନିଷ୍ଟ ସାଧନ କରିଥିବେ, ପରଲୋକରେ ମଧ୍ୟ ସେମାନଙ୍କୁ ନିଜ ନିଜର କର୍ମଫଳ ଭୋଗିବାକୁ ହେବ । ଯେତେ ଖର୍ଚ୍ଚକରି ଯେତେ ମନ୍ତ୍ର ପଢ଼ି, ଯେତେ ପିଣ୍ଡୋଦକ ଦେଲେ ମଧ୍ୟ ସେମାନଙ୍କୁ ସ୍ୱର୍ଗକୁ ନେଇ ହେବ ନାହିଁ । ଅତଏବ ପିଣ୍ଡୋଦକ ଦେବାର ଅନ୍ଧାନୁସରଣ ସମ୍ପୂର୍ଣ୍ଣ ଅନାବଶ୍ୟକ; ଗୀତାକାରଙ୍କର ଏହି ଉପଦେଶ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ।

ଅର୍ଜୁନ ଯେପରି ଲୋକମୁଖରୁ ଓ ଶାସ୍ତ୍ରମାନଙ୍କରୁ ଶୁଣିଆସୁଥିବା କଥା-ଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରି ଏବଂ ସେହି ସବୁ କଥାର ଅନ୍ଧାନୁସରଣ ନ କଲେ ନରକବାସ ହେବ ବୋଲି ଭୟକରି ନିଜର ସ୍ୱଭାବନିୟତ କର୍ମରେ ଅଗ୍ରସର ହୋଇପାରି ନଥିଲେ, ଜନସାଧାରଣ ମଧ୍ୟ ଠିକ୍ ସେହିପରି ଶୁଣି ଆସୁଥିବା କଥାଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରିନେଇ ସେହିସବୁ ଶୁଣିବା କଥାର ଅନ୍ଧାନୁସରଣ ନ କଲେ ନାନାଦି ଅମଙ୍ଗଳ ଘଟିବ ଓ ନରକବାସ ହେବ ଇତ୍ୟାଦି ଭୟ କରି ନିଜ ନିଜର ସ୍ୱଭାବ-ନିୟତ ଜୀବନପଥରେ ଅଗ୍ରସର ହୋଇପାରୁ ନାହାନ୍ତି ଏବଂ ସାମାଜିକ ଓ ପାରିବାରିକ ଜୀବନଯାତ୍ରାକୁ ମଧ୍ୟ ଜଟିଳ ଓ ଦୁଃଖମୟ କରି ଉପସ୍ଥିତ ଦୁରବସ୍ଥା ଭୋଗୁଅଛନ୍ତି । ଅର୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକର ମୂଳକାରଣ ହେଉଛି—"ଇତି ଅନୁଶୁଶ୍ରୁମ" ଅର୍ଥାତ୍ ଏହିସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ । ଅର୍ଜୁନଙ୍କ ମୁହଁରେ "ଅନୁଶୁଶ୍ରୁମ" ଏହି ସରଳ କଥାଟି କୁହାଇବା ଦ୍ୱାରା ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ତଥାକଥିତ ଧର୍ମରାଜ୍ୟରେ ଗୀତାକାର ଯେଉଁ ବିପ୍ଳବ ସୃଷ୍ଟିକରି ଯାଇ-ଅଛନ୍ତି, ତାହା ତାଙ୍କର ବିଶାଳ ପ୍ରଜ୍ଞାଶକ୍ତିର ତଥା ଜଗଦ୍‌ଗୁରୁ ଆଖ୍ୟାର ସମ୍ପୂର୍ଣ୍ଣ ପରିଚୟ ଦେଉଅଛି । ଅଜ୍ଞତା ଦୋଷ ଓ ଅଧର୍ମିକାର ବଶବର୍ତ୍ତୀ ହୋଇ ଯେତେ ଦିନ ପର୍ଯ୍ୟନ୍ତ ଆମ୍ଭେମାନେ ଗୀତାର ଏହି ମୂଳମନ୍ତ୍ର ପ୍ରତି ଉଦାସୀନ ରହିଥିବା, ସେତେ ଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ଉପସ୍ଥିତ ଦୁରବସ୍ଥା କାହିଁକି, ତତୋଧିକ ଦୁରବସ୍ଥା ଭୋଗିବାକୁ ହେଉଥିବ । ଗୀତାର ମୂଳରେ ଥିବା "ଅନୁଶୁଶ୍ରୁମ" କଥାଟି ଯେପରି ଗୀତାର ମୂଳମନ୍ତ୍ର, ଗୀତାର ଶେଷରେ ଥିବା "ସର୍ବଧର୍ମାନ୍ ପରିତ୍ୟଜ୍ୟ" କଥାଟି ଠିକ୍ ସେହିପରି ଗୀତାର ଶେଷମନ୍ତ୍ର । ଅର୍ଜୁନ କହିଥିଲେ, "ଯୁଦ୍ଧ କରିବା ଫଳରେ କୁଳଧର୍ମ ଓ ବର୍ଣ୍ଣଧର୍ମ ନଷ୍ଟ ହୋଇଯିବ' (୧ମ ୪୦ରୁ ୪୪) । ଅର୍ଜୁନଙ୍କ ପ୍ରଦର୍ଶିତ ଏହି କାରଣକୁ ଖଣ୍ଡନ କରି ଶ୍ରୀକୃଷ୍ଣ ତାଙ୍କର

ସର୍ବଗୁହ୍ୟତମ ଓ ପରମ ଉପଦେଶରେ କହିଲେ—"ଅନୁଶ୍ରୁତ ଉପରେ ପ୍ରତିଷ୍ଠିତ କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଇତ୍ୟାଦି ମନୁଷ୍ୟ-ସୃଷ୍ଟ ଯାବତୀୟ ସାମ୍ପ୍ରଦାୟିକ ତଥାକଥିତ ଧର୍ମସବୁକୁ ପରିତ୍ୟାଗ କର ।"

'ସର୍ବଧର୍ମାନ୍ ପରିତ୍ୟଜ୍ୟ' ଏହି ସର୍ବପ୍ରଧାନ କଥାଟିକୁ ଗୀତାର ଅଧିକାଂଶ ଟୀକାକାର ଅର୍ଥ କରିଅଛନ୍ତି—"ସବୁ କର୍ମ ପରିତ୍ୟାଗ କର" । ଭାରତର ବରିଷ୍ଠ ଦାର୍ଶନିକ ସାର୍ ରାଧାକୃଷ୍ଣ ଓ ଡକ୍ଟର ବେଶାନ୍ତ ମଧ୍ୟ ଇଂରାଜୀରେ ଅନୁବାଦ କରିଅଛନ୍ତି—"Abandoning all duties" ଅର୍ଥାତ୍ ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କର । ମାତ୍ର ଯେଉଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ଯୁଦ୍ଧରେ ନିଯୁକ୍ତ କରିବାପାଇଁ "ତସ୍ମାଦୁତ୍ତିଷ୍ଠ କୌନ୍ତେୟ ! ଯୁଦ୍ଧାୟ କୃତନିଶ୍ଚୟଃ," (୧ମ—୩୭), "ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟ ଚ," (୮ମ—୭) ଇତ୍ୟାଦି ଉକ୍ତିରେ "ସର୍ବଦା ଯୁଦ୍ଧ କର" ବୋଲି ବାରମ୍ବାର କହିଅଛନ୍ତି ; ସେହି ଶ୍ରୀକୃଷ୍ଣ ସବୁ କର୍ମ କିମ୍ବା ସବୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ କରିବାକୁ କଦାଚ କହି ନାହାନ୍ତି ।

ଗୀତାର ଟୀକାକାରମାନେ ଯେଉଁ ସବୁ ଅର୍ଥ କରିଅଛନ୍ତି ତାହା ଅଧିକାଂଶ ସ୍ଥାନରେ ଏହିପରି ଅଯୌକ୍ତିକ, ଏହି କଥା ମୁଁ ଅନେକ ଦିନ ହେଲା କହୁଥିବାରୁ ମୋର ଅନେକ ବନ୍ଧୁ ମୋଠାରେ ଦୋଷାରୋପ କରନ୍ତି । ମାତ୍ର ନିଜର ସ୍ୱାଧୀନ ମତ ପ୍ରକାଶ କରିବାରେ ମୁଁ କୌଣସି ଦୋଷ ଦେଖି ନାହିଁ, ବରଂ ଲୋକମତକୁ ଭୟକରି ନିଜର ସ୍ୱାଧୀନ ମତ ଗୋପନ ରଖିବାକୁ ମୁଁ ଦୋଷାବହ ମନେ କରେ ।

———

## ଦ୍ୱିତୀୟ ଅଧ୍ୟାୟ

ଏହି ଅଧ୍ୟାୟରେ ୭୨ ଟି ଶ୍ଳୋକ ଅଛି । ଏହି ୭୨ଟି ଶ୍ଳୋକ ମଧ୍ୟରୁ ଗୋଟିଏ ମାତ୍ର ଶ୍ଳୋକରେ ( ୩୯ ଶ୍ଳୋକରେ ) 'ସାଂଖ୍ୟେ' ଶବ୍ଦଟି ଅଛି । ଏପରିସ୍ଥଳେ ଏହି ଅଧ୍ୟାୟର ନାମ ସାଂଖ୍ୟ ଯୋଗ କାହିଁକି ଦିଆଗଲା ତାହା ସର୍ବପ୍ରଥମେ ସ୍ଥିର କରିବା ଏକାନ୍ତ ଆବଶ୍ୟକ । ସାଂଖ୍ୟ କଥାଟିର

*

ଅର୍ଥ ହେଉଛି ଜ୍ଞାନ; ମାତ୍ର ଏଠାରେ ସାଂଖ୍ୟଯୋଗ କଥାଟିର ଅର୍ଥ ଜ୍ଞାନଯୋଗ ନୁହେ—ଚତୁର୍ଥ ଅଧ୍ୟାୟର ନାମ ହେଉଛି, ଜ୍ଞାନଯୋଗ । ପ୍ରକୃତ କଥା ଏହି କି ସଂସାରରେ ଦୁଇ ପ୍ରକାର ଜ୍ଞାନ ଅଛି । ଗୋଟିଏ ପ୍ରକାର ଜ୍ଞାନ ହେଉଛି ଶାସ୍ତ୍ରଗତ ବା ପୁସ୍ତକଗତ ଜ୍ଞାନ, ଯାହା କେବଳ ଅଳ୍ପ କେତେ ଜଣ ପଣ୍ଡିତଙ୍କ ମଧ୍ୟରେ ସୀମାବଦ୍ଧ ଏବଂ ଅନ୍ୟପ୍ରକାର ଜ୍ଞାନ ହେଉଛି ଆତ୍ମଜ୍ଞାନ ବା ନିଜ ନିଜ ସମ୍ବନ୍ଧେ ନିଜ ନିଜର ଜ୍ଞାନ, ଯାହା ମୂର୍ଖ-ପଣ୍ଡିତ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ରହିବା ଏକାନ୍ତ ଆବଶ୍ୟକ । ଏହି ଅଧ୍ୟାୟରେ ଗୀତାକାର ସାଂଖ୍ୟବୁଦ୍ଧିକୁ ବା ଶାସ୍ତ୍ରଗତ ଜ୍ଞାନକୁ ସମର୍ଥନ ନ କରି ମୂର୍ଖ-ପଣ୍ଡିତ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି-ପକ୍ଷରେ ଏକାନ୍ତ ଆବଶ୍ୟକ ଆତ୍ମଜ୍ଞାନକୁ ବା ଯୋଗବୁଦ୍ଧିକୁ ସମର୍ଥନ କରି-ଥିବାରୁ ଏହି ଅଧ୍ୟାୟର ନାମ "ସାଂଖ୍ୟଯୋଗ" ଦିଆ ଯାଇଅଛି । ପରବର୍ତ୍ତୀ ଆଲୋଚନାରୁ ପ୍ରକୃତ କଥା ବୁଝି ପାରିବେ ।

## ଗୁରୁ ଭାବରେ ଶ୍ରୀକୃଷ୍ଣଙ୍କର ପ୍ରଥମ ଉକ୍ତି

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।<br>
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ । ୧୧ ।

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ତୁମ୍ଭେ ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ କହୁଅଛ, କିନ୍ତୁ ଅଶୋଚ୍ୟମାନଙ୍କ ପାଇଁ ଶୋକ କରୁଅଛ । ପଣ୍ଡିତମାନେ କି ଜୀବିତ କି ମୃତ କାହାରି ପାଇଁ ଶୋକ କରନ୍ତି ନାହିଁ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୁରୁ ଭାବରେ କହିଥିବା ସର୍ବପ୍ରଥମ କଥାଟି ହେଉଛି, "**ପ୍ରଜ୍ଞାବାଦାଂଶ୍ଚ ଭାଷସେ**" ଅର୍ଥାତ୍ ତୁମ୍ଭେ ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ କେବଳ କହୁଅଛ, ମାତ୍ର ତୁମ୍ଭେ ଯେ ଦୁଃଖ କରୁଅଛ ଓ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଅଛ, ଏହା ତୁମ୍ଭର ପ୍ରଜ୍ଞାର ପରିଚୟ ନ ଦେଇ ନିର୍ବୋଧତାର ପରିଚୟ ଦେଉଅଛି । ତୁମ୍ଭର ପ୍ରଜ୍ଞାପୂର୍ଣ୍ଣ କଥାଗୁଡ଼ିକ ସହିତ ତୁମ୍ଭର କ୍ରିୟାକଳାପର କୌଣସି ସମ୍ବନ୍ଧ ନାହିଁ । ଜନ-ସାଧାରଣଙ୍କର ଏହି ଦୁରବସ୍ଥା ଆଜି ମଧ୍ୟ ଅମ୍ଭେମାନେ ପ୍ରତି କ୍ଷେତ୍ରରେ ଅନୁଭବ କରୁଅଛୁ । ଜନସାଧାରଣଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣଗୁଡ଼ିକ ସହିତ ସେମାନଙ୍କର କ୍ରିୟା-

ଇଲାପ ସବୁର ଆଦୌ ସମ୍ବନ୍ଧ ନାହିଁ । ଜନସାଧାରଣଙ୍କର ଏହି ଦୁରବସ୍ଥା ଅନୁଭବ କରି ତାହା ଦୂର କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ ସର୍ବପ୍ରଥମେ ଏହି ଉପଦେଶଟି ଦେଇଛନ୍ତି ।

ଏହିଠାରୁ ଆରମ୍ଭ କରି ୩୮ଶ ଶ୍ଳୋକ ପର୍ଯ୍ୟନ୍ତ ଏହି ୨୭ଟି ଶ୍ଳୋକର ଅର୍ଥ ଓ ବିଶେଷ ଆଲୋଚନା ଏଠାରେ କରାଯାଉ ନାହିଁ । କାହିଁକି କରାଯାଉ ନାହିଁ ତାହା ପରବର୍ତ୍ତୀ ୩୯ଶ ଶ୍ଳୋକର ଆଲୋଚନାରୁ ବୁଝିପାରିବେ । ଏହି ୨୭ଟି ଶ୍ଳୋକକୁ ଚାରିଭାଗରେ ବିଭକ୍ତ କରାଯାଇଅଛି । ପ୍ରଥମ ୧୪ଟି ଶ୍ଳୋକରେ କୁହାଯାଇଅଛି ଯେ ଏହି ସ୍ଥୂଳଦେହ ଛଡ଼ା ମନୁଷ୍ୟର ଆଉ କେତୋଟି ଦେହ ଅଛି । ଏହିସବୁ ଦେହ ଭିତରେ ଯେଉଁ ଦେହୀ ବା ପ୍ରକୃତ ମନୁଷ୍ୟ ଅଛି, ତା'ର ମୃତ୍ୟୁ ନାହିଁ ଏବଂ ତାର ପୂର୍ବଜନ୍ମ ଓ ପରଜନ୍ମ ଅଛି । ଏହି ସବୁ କଥା ପ୍ରତ୍ୟକ୍ଷ ଅନୁଭୂତିର କଥା ନ ଥାଇ କେବଳ ଶାସ୍ତ୍ରର କଥା ଥିବାରୁ ଯେଉଁମାନଙ୍କର ଶାସ୍ତ୍ରଜ୍ଞାନ ନାହିଁ କିମ୍ବା ଶାସ୍ତ୍ରରେ ଲେଖାଥିବା କଥାକୁ ଯେଉଁମାନେ ସତ୍ୟ ବୋଲି ଗ୍ରହଣ କରନ୍ତି ନାହିଁ, ସେମାନଙ୍କୁ ତତ୍‌ପରବର୍ତ୍ତୀ ଦୁ'ଟି ଶ୍ଳୋକରେ ବୁଝାଇ ଦିଆଯାଇଅଛି ଯେ, ମନୁଷ୍ୟର ମୃତ୍ୟୁ ଅଛି ବୋଲି ଯଦି ସ୍ୱୀକାର କରାଯାଏ ତେବେ ମଧ୍ୟ ବୁଝିବା ଆବଶ୍ୟକ ଯେ, ମୃତ୍ୟୁ ହେଉଛି ଅନିବାର୍ଯ୍ୟ ଏବଂ ଯାହା ଅନିବାର୍ଯ୍ୟ ସେଥିପାଇଁ ଦୁଃଖ କରିବା ଉଚିତ ନୁହେଁ (୨୭ ଶ୍ଳୋକ) । ଯାହା ପୂର୍ବେ ନ ଥିଲା ଓ ପରେ ରହିବ ନାହିଁ ଏବଂ ଯାହା ମଝିରେ କେବଳ କେତେ ଦିନ ପାଇଁ ରହିବ ସେଥିପାଇଁ ମଧ୍ୟ ଦୁଃଖ କରିବା ଉଚିତ ନୁହେଁ (୨୮ ଶ୍ଳୋକ) । ପୂର୍ବୋକ୍ତ ଦୁଇ ଶ୍ରେଣୀର ଲୋକଙ୍କୁ ଏହି ଦୁଇ ପ୍ରକାର ଉପଦେଶ ଦିଆଯାଇ ୩୧ଶ ଶ୍ଳୋକରୁ ୩୬ଶ ଶ୍ଳୋକ ପର୍ଯ୍ୟନ୍ତ ଏହି ଛଅଟି ଶ୍ଳୋକରେ ମାନବ ଜାତିର ପ୍ରତ୍ୟେକ ବ୍ୟକ୍ତିକୁ ଉପଦେଶ ଦିଆଯାଇଅଛି ଯେ, ଯୁଦ୍ଧ କରିବା ହେଉଛି ପ୍ରତ୍ୟେକ ମନୁଷ୍ୟର ସ୍ୱଧର୍ମ ବା ସ୍ୱଭାବନିଯ୍ତ କର୍ମ । ଏହି ସ୍ୱଧର୍ମ କଥାଟି ଗୀତାର ସର୍ବପ୍ରଧାନ କଥା । ୩ୟ ଅଧ୍ୟାୟ ୩୫ଶ ଶ୍ଳୋକରେ ଗୀତାକାର ଏହି ସ୍ୱଧର୍ମ କଥାଟି ବୁଝାଇଅଛନ୍ତି ଏବଂ ୧୮ଶ ଅଧ୍ୟାୟ ୪୫ରୁ ୪୮ ଏହି ଚାରୋଟି ଶ୍ଳୋକରେ ସ୍ୱଧର୍ମ କଥାଟି ବୁଝାଇବାକୁ ଯାଇ ସେ ବୁଝାଇ ଦେଇଅଛନ୍ତି ଯେ—ସ୍ୱକର୍ମ, ସ୍ୱଧର୍ମ, ସ୍ୱଭାବନିଯ୍ତ କର୍ମ ଓ ସହଜାତ କର୍ମ—ଏମାନେ ସମସ୍ତେ ଏକା କଥା ।

ପରବର୍ତ୍ତୀ ୩୭ଶ ଶ୍ଳୋକରେ ବୁଝାଯାଇଅଛି ଯେ, ଯୁଦ୍ଧ କରୁ କରୁ ସେଥିରେ ମୃତ୍ୟୁ ଘଟିଲେ ସ୍ୱର୍ଗସୁଖ ଲାଭ ଏବଂ ଯୁଦ୍ଧରେ ଜୟୀ ହେଲେ ରାଜ୍ୟସୁଖ ଲାଭ । ଶେଷ ଶ୍ଳୋକଟିରେ ବୁଝାଯାଇଅଛି ଯେ—ସୁଖ, ଦୁଃଖ, ଲାଭାଲାଭ ଓ ଜୟ-ପରାଜୟକୁ ସମାନ ମନେକରି ଯୁଦ୍ଧ କଲେ ସେଥିରେ ପାପ ନାହିଁ । ଗୀତାର ଶେଷରେ ଥିବା "ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍" (୧୮ଶ-୪୭)—ଏହି ଉକ୍ତିଟିରେ ମଧ୍ୟ ବୁଝା-ଯାଇଅଛି ଯେ ସ୍ୱଭାବନିୟତ କର୍ମକରିବାରେ ପାପ ନାହିଁ ଏବଂ ପରବର୍ତ୍ତୀ "ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍" (୧୮ଶ, ୪୮) । ଏହି ଉକ୍ତିଟିରୁ ବୁଝନ୍ତୁ ଯେ, ସ୍ୱଭାବନିୟତ କର୍ମ ବା ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ବର୍ତ୍ତମାନ ବୁଝନ୍ତୁ ଯେ, ଅର୍ଜ୍ଜୁନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ନିଜ ନିଜର ସ୍ୱଭାବନିୟତ କର୍ମରେ ଅର୍ଥାତ୍ ସ୍ୱଭାବନିୟତ ଜୀବନ ଯୁଦ୍ଧରେ ନିଯୁକ୍ତ ରହିବାକୁ ଗୀତା ଶିକ୍ଷା ଦେଇଅଛି—ନରହତ୍ୟା ରୂପ ଘୃଣ୍ୟ କର୍ମରେ ନିଯୁକ୍ତ ରହିବାକୁ କଦାପି ଶିକ୍ଷା ଦେଉନାହିଁ ।

ଯେଉଁସବୁ କାରଣ ପ୍ରଦର୍ଶାଇ ଅର୍ଜ୍ଜୁନ ଯୁଦ୍ଧରୁ ନିବୃତ୍ତ ହେବାକୁ ଯାଉଥିଲେ ସେହି ସବୁ କାରଣର ମୂଳ କାରଣ ହେଉଛି "ଇତି ଅନୁ-ଶୁଶ୍ରୁମ" । ଏହି ୨୭ଟି ଶ୍ଳୋକରେ ଅର୍ଜ୍ଜୁନଙ୍କ ପ୍ରଦର୍ଶିତ କୌଣସି କାରଣକୁ ଖଣ୍ଡନ ନ କରି, ବିଶେଷତଃ 'ଅନୁଶୁଶ୍ରୁମ' ଏହି ମୂଳ କାରଣକୁ ଖଣ୍ଡନ ନ କରି ଶ୍ରୀକୃଷ୍ଣ କେବଳ କେତୋଟି ଶାସ୍ତ୍ରଜ୍ଞାନର କଥା, କେତୋଟି ଯୁକ୍ତିଯୁକ୍ତ କଥା ମଧ୍ୟ କହିଗଲେ ଏବଂ ଅର୍ଜ୍ଜୁନ କେବଳ ତାହା ଶୁଣିଗଲେ । ଯୁଦ୍ଧ କରିବା ଉଚିତ ଏକଥା ଏହି ୨୭ଟି ଶ୍ଳୋକରେ ଶ୍ରୀକୃଷ୍ଣ ବୁଝାଇଥିଲେ ମଧ୍ୟ ଯୁଦ୍ଧ କରିବେ ବୋଲି ଅର୍ଜ୍ଜୁନ ସ୍ୱୀକାର କରି ନାହାନ୍ତି । ପରବର୍ତ୍ତୀ ୩୯ଶ ଶ୍ଳୋକରୁ ଆରମ୍ଭ କରି ସମସ୍ତ ଗୀତାରେ ଅର୍ଜ୍ଜୁନ ପ୍ରଦର୍ଶିତ କାରଣ-ଗୁଡ଼ିକକୁ ସୁକୌଶଳରେ ଖଣ୍ଡନ କରି ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ପଚାରିଲେ —

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ! ତ୍ୱୟୈକାଗ୍ରେଣ ଚେତସା,
କଚ୍ଚିଦଜ୍ଞାନସମ୍ମୋହଃ ପ୍ରଣଷ୍ଟସ୍ତେ ଧନଞ୍ଜୟ ! ୧୮ଶ-୭୨

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ପାର୍ଥ ! ତୁମ୍ଭେ ଏକାଗ୍ରଚିତ୍ତରେ ଏହା ଶୁଣିଅଛ ତ ? ହେ ଧନଞ୍ଜୟ ! ତୁମ୍ଭର ଅଜ୍ଞାନଜନିତ ମୋହ ବର୍ତ୍ତମାନ ନଷ୍ଟ ହେଲା ତ ?
ଅର୍ଜ୍ଜୁନ କହିଲେ—

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା, ତ୍ୱତ୍ପ୍ରସାଦନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ, କରିଷ୍ୟେ ବଚନଂ ତବ । ୧୮ ଶ-୭୩

ଅର୍ଥ—ଅର୍ଜୁନ କହିଲେ, ହେ ଅଚ୍ୟୁତ ! ତୁମ୍ଭ ଅନୁଗ୍ରହରୁ ମୋର ମୋହ ନଷ୍ଟ ହେଲା । ମୁଁ ସ୍ମୃତି ଲାଭକଲି । ଦୃଢ଼ ହେଲି । ମୋର ସନ୍ଦେହ ଦୂର ହେଲା । ତୁମ୍ଭର କଥା ବର୍ତ୍ତମାନ ପାଳନ କରିବି ।

## ଗୀତାର ପ୍ରକୃତ ଶିକ୍ଷା ଏହିଠାରୁ ଆରମ୍ଭ

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ ! କର୍ମବନ୍ଧଂ ପ୍ରହାସ୍ୟସି । ୩୯ ।

ଅନ୍ୱୟ—ଏଷା ବୁଦ୍ଧିଃ ତେ ସାଂଖ୍ୟେ ଅଭିହିତା, ଇମାଂ (ବୁଦ୍ଧିଂ) ତ୍ୱଂ ଯୋଗେ ଶୃଣୁ । ଯୟା ବୁଦ୍ଧ୍ୟା ଯୁକ୍ତଃ (ସନ୍) ହେ ପାର୍ଥ ! ତ୍ୱଂ କର୍ମବନ୍ଧଂ ପ୍ରହାସ୍ୟସି ।

ଅର୍ଥ—ଏହି ବୁଦ୍ଧି (ଅର୍ଥାତ୍ ୧୧ରୁ ୩୮ ଶ୍ଳୋକ ପର୍ଯ୍ୟନ୍ତ ଯାହା କୁହାଗଲା ତାହା) ତୁମ୍ଭଙ୍କୁ ସାଂଖ୍ୟରେ କୁହାଗଲା ; ଏହି ବୁଦ୍ଧି ତୁମ୍ଭେ ବର୍ତ୍ତମାନ ଯୋଗରେ ଶୁଣ । ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ, ହେ ପାର୍ଥ ! ତୁମ୍ଭେ କର୍ମବନ୍ଧନ ପରିତ୍ୟାଗ କରିବ, ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତ ହୋଇପାରିବ ।

ବୁଦ୍ଧିକୁ କେହି କହନ୍ତି ନାହିଁ ଓ ଶୁଣନ୍ତି ନାହିଁ । ମାତ୍ର ଶ୍ରୀକୃଷ୍ଣ କହିଲେ, "ଏହି ବୁଦ୍ଧି ତୁମ୍ଭଙ୍କୁ କୁହାଗଲା ଏବଂ ଏହି ବୁଦ୍ଧି ତୁମ୍ଭେ ବର୍ତ୍ତମାନ ଶୁଣ ।" "ଏହି ବିଷୟ ତୁମ୍ଭଙ୍କୁ କୁହାଗଲା ଓ ଏହି ବିଷୟ ତୁମ୍ଭେ ବର୍ତ୍ତମାନ ଶୁଣ" ଏପରି କହିଥିଲେ କଥାଟି ସୁଶ୍ରାବ୍ୟ ହୋଇଥାଆନ୍ତା । 'ବୁଦ୍ଧି'

କଥା ଟି କହିବାର କାରଣ ଏହି କି ବୁଦ୍ଧି କଥାଟି ଗୀତାର ସର୍ବପ୍ରଧାନ କଥା ଏବଂ ଏହିଠାରୁ ଆରମ୍ଭ କରି ପରବର୍ତ୍ତୀ ଚଉଦଟି ଶ୍ଳୋକରେ ଶ୍ରୀକୃଷ୍ଣ 'ବୁଦ୍ଧି' କଥାଟିର ବିଶେଷତ୍ତ୍ୱ ବୁଝାଇଅଛନ୍ତି । ଅନ୍ୟ କାରଣ ଏହି କି 'ବୁଦ୍ଧି' କଥାଟିକୁ ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇଭାଗରେ ବିଭକ୍ତ କରିବାର ଆବଶ୍ୟକ ଥିବାରୁ ଶ୍ରୀକୃଷ୍ଣ ଏଠାରେ 'ବୁଦ୍ଧି' କଥାଟି ବ୍ୟବହାର କରିଅଛନ୍ତି । ଏହି ଶ୍ଳୋକରେ ଅର୍ଥାତ୍ ଗୀତାର ପ୍ରକୃତ ଶିକ୍ଷାର ଆରମ୍ଭରେ, ଗୀତାକାର ସାଂଖ୍ୟ, ବୁଦ୍ଧି ଓ ଯୋଗ ଏହି ତିନୋଟି ଏକାନ୍ତ ଆବଶ୍ୟକୀୟ କଥା ବ୍ୟବହାର କରିଅଛନ୍ତି । ଏହି ତିନୋଟି କଥାର ପ୍ରକୃତ ଅର୍ଥ ସଂଶୟଶୂନ୍ୟ ହୋଇ ନ ବୁଝିଲେ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରି ହେବ ନାହିଁ । ସାଂଖ୍ୟ କଥାଟିର ଅର୍ଥ ହେଉଛି, ଶାସ୍ତ୍ରଗତ ଜ୍ଞାନ ଏବଂ ଶାସ୍ତ୍ରଗତ ଜ୍ଞାନକୁ ଗୀତାକାର ସମର୍ଥନ ନ କରି ଆତ୍ମଜ୍ଞାନକୁ ସମର୍ଥନ କରି-ଅଛନ୍ତି, ଏକଥା ଏହି ଅଧ୍ୟାୟର ଆରମ୍ଭରେ ବୁଝାଇ ଦିଆ ଯାଇଅଛି । ବୁଦ୍ଧି କଥାଟିର ଅର୍ଥ ହେଉଛି, ପ୍ରତ୍ୟେକ ବ୍ୟକ୍ତିର ସଦସତ୍ ବିବେକ ବୁଦ୍ଧି "ସମତ୍ୱଂ ଯୋଗ ଉଚ୍ୟତେ" (୨ଯ୍-୪୮) ଅର୍ଥାତ୍ ସିଦ୍ଧି ଓ ଅସିଦ୍ଧିକୁ ସମାନ ମନେ କରି **କର୍ମ କରିବାର ନାମ ଯୋଗ** ଏବଂ "ଯୋଗଃ କର୍ମସୁ କୌଶଳମ୍" (୨ଯ୍-୫୦) ଅର୍ଥାତ୍ କୌଶଳର ସହିତ ବା ବୁଦ୍ଧି ଯୁକ୍ତ ହୋଇ **କର୍ମ କରିବାର ନାମ ଯୋଗ,** ଏହି ଦୁଇଟି କଥାରୁ ବୁଝିଲୁ ଯେ ଗୀତା-ପ୍ରବର୍ତ୍ତିତ ଯୋଗ କଥାଟିର ଅର୍ଥ ହେଉଛି କର୍ମ । ଏହି ଅଧ୍ୟାୟ ୪୨ରୁ ୪୪; ଏହି ତିନୋଟି ଶ୍ଳୋକର ଆଲୋଚନାରୁ ପରେ ବୁଝିପାରିବେ ଯେ ସାଂଖ୍ୟବୁଦ୍ଧି ଉପରେ ବା ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି ଫଳ କାମନା ଆଶାରେ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରି କର୍ମ କରୁଥିବା ବିପଥଗାମୀ ଜନସାଧାରଣଙ୍କୁ ଯୋଗବୁଦ୍ଧି ବା ବୁଦ୍ଧିଯୋଗ ସହିତ ପରିଚୟ କରାଇବା ଗୀତାକାରଙ୍କର ଅଭିପ୍ରାୟ । ଯୋଗବୁଦ୍ଧି କଥାଟିର ଅର୍ଥ ଯେ ବୁଦ୍ଧିଯୋଗ ଅର୍ଥାତ୍ ବୁଦ୍ଧିଯୁକ୍ତ ହୋଇ କର୍ମ କରିବା, ଏକଥା ଏହି ଅଧ୍ୟାୟ ୪୯ ଓ ୫୦, ଏହି ଦୁଇଟି ଶ୍ଳୋକରୁ ବୁଝିପାରିବେ ।

"ଯୟା ବୁଦ୍ଧ୍ୟାଯୁକ୍ତଃ" ଅର୍ଥାତ୍ ଯେଉଁ ବୁଦ୍ଧିରେ ଯୁକ୍ତ ହେଲେ । ଏହି କଥାଟିରୁ ବୁଝିଲୁ ଯେ "ବୁଦ୍ଧି କଥାଟିକୁ ଗୀତାକାର ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏହି ଦୁଇ ଭାଗରେ ବିଭକ୍ତ କରିଅଛନ୍ତି । "କର୍ମବନ୍ଧଂ

ପ୍ରହାସ୍ୟସି" ଏହି କଥାଟିରୁ ବୁଝିହେଉଛି ଯେ ମନୁଷ୍ୟ କପରି କର୍ମବନ୍ଧନରୁ ମୁକ୍ତହେବ ଏହାହିଁ ଗୀତାର ପ୍ରତିପାଦ୍ୟ ବିଷୟ । ଆଉମଧ୍ୟ ବୁଝିହେଉଛି ଯେ ସାଂଖ୍ୟ ବୁଦ୍ଧିରେ ପୂର୍ବପରି ଯୁକ୍ତ ନ ରହି ଯୋଗ ବୁଦ୍ଧିରେ ଯୁକ୍ତ ହେଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇ ପାରିବ ।

ଏହି ଶ୍ଳୋକରେ ଥିବା "ସାଂଖ୍ୟେ" କଥାଟିର ବିଶେଷତ୍ୱ ବୁଝି ନ ପାରି ଗୀତାର ଟୀକାକାରମାନେ ସମସ୍ତ ଗୀତାର ବିପରୀତ ଅର୍ଥ କରି-ଅଛନ୍ତି । ଅନ୍ୟମାନଙ୍କର କଥା ଛାଡ଼ନ୍ତୁ, ଭାରତର ବିଶିଷ୍ଟ ଦାର୍ଶନିକ ସାର୍ ରାଧାକୃଷ୍ଣ ଏହି ଶ୍ଳୋକର ଯେଉଁ ଅନୁବାଦ ଇଂରାଜୀରେ କରିଅଛନ୍ତି ତାହା ତଳେ ଦିଆଗଲା :—

This is the *wisdom* of the Sankhya given to thee Now listen to the Yoga. If *your intelligence accepts* it thou shalt cast away the bondage of works."

**ଏହି ଶ୍ଳୋକର ଅକୃତ୍ରିମ ଅନୁବାଦ ହେଉଛି—**

"This Buddhi has been said to you in Sankhya, now hear this Buddhi in Yoga; being united with which Buddhi you will casta way the bondage of Karma."

If your intelligence accepts it," as Sir Radhakrishna translates, is not the real translation of "ଯସ୍ୟା ବୁଦ୍ଧ୍ୟା ଯୁକ୍ତଃ"; whether the word " it " here refers to Sankhya or to Yoga is not understood.

ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ, ଆନନ୍ଦଗିରି ଓ ଶ୍ରୀଧରସ୍ୱାମୀ ପ୍ରଭୃତି ଏହି ଶ୍ଳୋକଟିର ଯେଉଁ ଅର୍ଥ କରିଅଛନ୍ତି ତାହା ତଳେ ଦିଆଗଲା:—

"ହେ ପାର୍ଥ ! ପରମାର୍ଥ ତତ୍ତ୍ୱର ବସ୍ତୁର ବିଷୟକ ସାଂଖ୍ୟ ଜ୍ଞାନ, ଯାହା ମୁଁ ତୁମକୁ ପୂର୍ବେ କହିଅଛି, ତାହା କେବଳ ଶୁଣିବା ଦ୍ୱାରା କାର୍ଯ୍ୟରେ ପରିଣତ କରି ହେବ ନାହିଁ । ତାକୁ ଅଭ୍ୟାସରେ ଆଣିବା ପାଇଁ

ଈଶ୍ୱର ଆରାଧନାରୂପ ନିଷ୍କାମ କର୍ମଯୋଗର କଥା କହୁଅଛୁ, ଶୁଣ । ଏହି କର୍ମଯୋଗର ଅନୁଷ୍ଠାନ କଲେ ତୁମ୍ଭେ ବିଷମ ଧର୍ମାଧର୍ମ ପୂର୍ଣ୍ଣ କର୍ମ ବନ୍ଧନରୁ ମୁକ୍ତ ହେବ; ସନ୍ଦେହ ନାହିଁ ।

ଈଶ୍ୱର ଆରାଧନା କଥାଟିକୁ ଗୀତା ସମର୍ଥନ କରୁ ନାହିଁ । ଏକଥା ଦ୍ୱାଦଶ ଅଧ୍ୟାୟ ୫ମ ଶ୍ଳୋକରୁ ବୁଝି ପାରିବେ ।

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ । ୪୦ ।

ଅନ୍ୱୟ—ଇହ ଅଭିକ୍ରମନାଶଃ ନ ଅସ୍ତି, ପ୍ରତ୍ୟବାୟଃ ନ ବିଦ୍ୟତେ, ଅସ୍ୟ ଧର୍ମସ୍ୟ ସ୍ୱଳ୍ପଂ ଅପି ମହତଃ ତ୍ରାୟତେ ।

ଅର୍ଥ—ଏହି ବୁଦ୍ଧିରେ ଅର୍ଥାତ୍ ପୂର୍ବ ଶ୍ଳୋକରେ ଯେଉଁ ବୁଦ୍ଧିରେ ଯୁକ୍ତ ହେବା କଥା କୁହାଗଲା, ସେହି ଯୋଗବୁଦ୍ଧିରେ ଅଭିକ୍ରମର ବା ଆରମ୍ଭର ନାଶ ନାହିଁ, ପ୍ରତ୍ୟବାୟ ବା ବାଧା ବିଘ୍ନ ମଧ୍ୟ ନାହିଁ । ଏହି ଧର୍ମର ଅତି ଅଳ୍ପ ମଧ୍ୟ ମହାଭୟରୁ ତ୍ରାଣ କରେ ।

"ଅଭିକ୍ରମନାଶଃ ନ ଅସ୍ତି" ଅର୍ଥାତ୍ ଆରମ୍ଭର ନାଶ ନାହିଁ । ଏହି କଥାଟିରୁ ପ୍ରକାଶ ଯେ ଯୋଗବୁଦ୍ଧିରେ ଯୁକ୍ତ ହୋଇ ଜୀବନଯୁଦ୍ଧ ଆରମ୍ଭ କରିବା ହେଉଛି ମନୁଷ୍ୟର ସର୍ବପ୍ରଧାନ କର୍ତ୍ତବ୍ୟ । ଏପରି ଜୀବନଯୁଦ୍ଧ ଆରମ୍ଭ କରି ପାରିଲେ ଯେତେ ସମୟ ପରେ ହେଉ, ମନୁଷ୍ୟ ଦିନେ ତାହାର ଉଚ୍ଚତମ ଲକ୍ଷ୍ୟରେ ପହଞ୍ଚିବାର ଆଶା ପୋଷଣ କରି ନିଜର ଉପସ୍ଥିତ ଜୀବନ ଯାତ୍ରାକୁ ଆନନ୍ଦମୟ କରିପାରିବ ।

"ପ୍ରତ୍ୟବାୟଃ ନ ବିଦ୍ୟତେ" ଅର୍ଥାତ୍ ବାଧାବିଘ୍ନ ନାହିଁ । ଏହି କଥାଟିରୁ ପ୍ରକାଶ ଯେ ଯୋଗ ବୁଦ୍ଧିରେ ଯୁକ୍ତ ହୋଇ ଜୀବନଯୁଦ୍ଧ ଆରମ୍ଭ କରି ପାରିଲେ କୌଣସି ପ୍ରକାର ବାଧାବିଘ୍ନ ମନୁଷ୍ୟର ଗତିରୋଧ କରି ପାରିବ ନାହିଁ ।

"ତ୍ରାୟତେ ମହତୋ ଭୟାତ୍" ଅର୍ଥାତ୍ ମହା ଭୟରୁ ତ୍ରାଣ-କରେ । ଏହି କଥାଟିରୁ ପ୍ରକାଶ ଯେ ସବୁପ୍ରକାର ଭୟରୁ ମନୁଷ୍ୟକୁ ଯାହା

ତ୍ରାଣକରେ ତାହା ହେଉଛି ପ୍ରକୃତରେ ଧର୍ମ । ଭୟ ହେଉଛି ମନୁଷ୍ୟର ସର୍ବପ୍ରଧାନ ଶତ୍ରୁ, ସେଥିପାଇଁ ଶ୍ରୀକୃଷ୍ଣ ତାଙ୍କର ପ୍ରକୃତ ଶିକ୍ଷାର ଆରମ୍ଭରେ ମହାଭୟରୁ ତ୍ରାଣ ପାଇବା କଥାଟି କହିଲେ ।

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ । ୪୧ ।

ଅନ୍ୱୟ—ହେ କୁରୁନନ୍ଦନ ! ଇହ ବ୍ୟବସାୟାତ୍ମିକା ବୁଦ୍ଧିଃ ଏକା, ଅବ୍ୟବସାୟିନାଂ ବୁଦ୍ଧୟଃ ବହୁଶାଖା ଅନନ୍ତାଃ ଚ ।

ଅର୍ଥ—ହେ କୁରୁନନ୍ଦନ ! ଏଥିରେ ଅର୍ଥାତ୍ ଯୋଗବୁଦ୍ଧିରେ ବ୍ୟବସାୟାତ୍ମିକା ବୁଦ୍ଧି ଏକରୂପିଣୀ ଅଟେ । ଅବ୍ୟବସାୟୀମାନଙ୍କର ବୁଦ୍ଧିସବୁ ବହୁଶାଖା ବିଶିଷ୍ଟ ଓ ଅନନ୍ତ ।

ପ୍ରଥମ ତିନୋଟି ଶ୍ଳୋକରୁ ବୁଝାଗଲା ଯେ ଯୋଗବୁଦ୍ଧିରେ ବା ବ୍ୟବସାୟାତ୍ମିକା ବୁଦ୍ଧିରେ ଯୁକ୍ତହୋଇ ଜୀବନ ଯୁଦ୍ଧ ଆରମ୍ଭ କରି ପାରିଲେ ପ୍ରତ୍ୟେକ ବ୍ୟକ୍ତି କର୍ମବନ୍ଧନରୁ ମୁକ୍ତ ହୋଇ ପାରିବେ । ଅତଏବ ବ୍ୟବସାୟାତ୍ମିକା ବୁଦ୍ଧି ଏହି ସର୍ବପ୍ରଧାନ କଥାଟିର ଅର୍ଥ ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ବ୍ୟବସାୟ କଥାଟିର ଅର୍ଥ ହେଉଛି କର୍ମ, ଅତଏବ ବ୍ୟବସାୟ ବା କର୍ମ ଯେଉଁ ବୁଦ୍ଧିର ଆତ୍ମାସ୍ୱରୂପ ତାହାହିଁ ବ୍ୟବସାୟାତ୍ମିକା ବୁଦ୍ଧି ବା ପ୍ରକୃତରେ ବୁଦ୍ଧି । କର୍ମ କରିବାକୁ ଆମ୍ଭେମାନେ ଜନ୍ମ ହୋଇଅଛୁଁ । ଏହି କର୍ମ କରିବା ସକାଶେ ଯେଉଁ ବୁଦ୍ଧିର ପ୍ରୟୋଜନ ତାହା ହେଉଛି ବ୍ୟବସାୟାତ୍ମିକା ବୁଦ୍ଧି । ତଥାକଥିତ ବୁଦ୍ଧି ବା ଜ୍ଞାନ ଅର୍ଜନ କରିବା ପାଇଁ ଆମ୍ଭେମାନେ କର୍ମ କରୁଁ । ମାତ୍ର ତାହା ବ୍ୟବସାୟାତ୍ମିକା ବୁଦ୍ଧି ବା ପ୍ରକୃତ ବୁଦ୍ଧି ନୁହେଁ । ପୂର୍ବ ଦୁଇଟି ଶ୍ଳୋକରେ କୁହାଯାଇଥିବା ଯୋଗବୁଦ୍ଧି କଥାଟିକୁ ବୁଝାଇବା ଅଭିପ୍ରାୟରେ ଗୀତାକାର ଏଠାରେ "ବ୍ୟବସାୟାତ୍ମିକା ବୁଦ୍ଧି" କଥାଟି ବ୍ୟବହାର କରିଛନ୍ତି ଏବଂ ଏହି ଶ୍ଳୋକର ଶେଷରେ ଥିବା "ଅବ୍ୟବସାୟିନାଂ" କଥାଟିକୁ ପରବର୍ତ୍ତୀ ତିନୋଟି ଶ୍ଳୋକରେ ସେ ବୁଝାଇ ଅଛନ୍ତି । ଗୀତାରେ ଥିବା ଯୋଗ କଥାଟିର ଅର୍ଥ ହେଉଛି

❋

କର୍ମ, ଏହା ପୂର୍ବ ବ୍ୟାଖ୍ୟାରେ ଦର୍ଶାଯାଇଅଛି । ତେଣୁ ଯୋଗବୁଦ୍ଧି ଓ ବ୍ୟବସାୟାତ୍ମିକା ବୁଦ୍ଧି ଏହି ଉଭୟ କଥାର ଅର୍ଥ ହେଉଛି କର୍ମାତ୍ମିକା ବୁଦ୍ଧି ।

ବ୍ୟବସାୟ କଥାଟିର ଅନ୍ୟ ଗୋଟିଏ ଅର୍ଥ ହେଉଛି, ନିଶ୍ଚୟ । ତେଣୁ ପ୍ରାଚୀନ ଟୀକାକାରମାନେ ବ୍ୟବସାୟାତ୍ମିକା ବୁଦ୍ଧି କଥାଟିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିଅଛନ୍ତି ଏବଂ ସେମାନଙ୍କୁ ଅନୁସରଣ କରି ଆଧୁନିକ ଟୀକାକାରମାନେ ମଧ୍ୟ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରୁଅଛନ୍ତି । ସାର୍ ରାଧାକୃଷ୍ଣ, ଡକ୍ଟର ବେଶାନ୍ତ ପ୍ରଭୃତି ମଧ୍ୟ ଏହି ଅର୍ଥକୁ ଅନୁସରଣ କରି ଇଂରାଜୀ ଅନୁବାଦ କରିଅଛନ୍ତି । ମାତ୍ର ଏହି ଅର୍ଥ ପୂର୍ବାପର ସଙ୍ଗେ କୌଣସି ସମ୍ବନ୍ଧ ରଖୁନାହିଁ । ରଖୁଅଛି କି ନାହିଁ ତାହା ପ୍ରତ୍ୟେକ ବ୍ୟକ୍ତି ସ୍ଥିର କରିବା ଆବଶ୍ୟକ । ତାହା ନ କରି କେବଳ ସମସ୍ତେ ଏପରି ଅର୍ଥ କରୁଅଛନ୍ତି, ତେଣୁ ତାକୁ ଅଭ୍ରାନ୍ତ ବୋଲି ଗ୍ରହଣ କରିନେଇ କେବଳ ଲୋକଚକ୍ଷୁରେ ପଣ୍ଡିତ ଓ ଧାର୍ମିକ ବୋଲାଇବା ଅଭିପ୍ରାୟରେ ଏପରି ଅର୍ଥଟିକୁ ମୁଖସ୍ଥ କରିବା ଦ୍ୱାରା ଅସ୍ମମାନଙ୍କର କୌଣସି ଉପକାର ହୋଇ ନାହିଁ ଓ ହେବ ନାହିଁ ॥

ଯେଉଁମାନେ ଫଳକାମନା କରି ଶାସ୍ତ୍ର ବିଧି ସବୁର ଅନ୍ଧାନୁସରଣ କରନ୍ତି, ଯେଉଁମାନେ ଗୀତା କଅଣ କହିଲା, ଭାଗବତ କଅଣ କହିଲା, ଗାନ୍ଧି କଅଣ କହିଲେ, ବୁଦ୍ଧ କଅଣ କହିଲେ, ଯିଶୁ କଅଣ କହିଲେ ଇତ୍ୟାଦି କଥା ଜୀବନ ତମାମ କେବଳ ଆଲୋଚନା କରୁଥାଆନ୍ତି, ମାତ୍ର କାହାର କୌଣସି ଉପଦେଶ ଅନୁସାରେ କାର୍ଯ୍ୟ କରନ୍ତି ନାହିଁ, ସେମାନେ ହେଉଛନ୍ତି ଗୀତାକାରଙ୍କ ମତରେ ଅବ୍ୟବସାୟୀ ବା ଅକର୍ମୀ—ଏକଥା ପରବର୍ତ୍ତୀ ତିନୋଟି ଶ୍ଳୋକରୁ ବୁଝିପାରିବେ । ପୂର୍ବାପର ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରଖିଥିବା ଏପରି ରଚନା କୌଶଳ ଅନ୍ୟ କୌଣସି ଗ୍ରନ୍ଥରେ ଦେଖାଯାଏ ନାହିଁ ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।୪୨।

କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାଂ
କ୍ରିୟାବିଶେଷବହୁଲାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି । ୪୩ ।
ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାଂ
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ । ୪୪ ।

**ଅର୍ଥ**—ହେ ପାର୍ଥ ! ଯେଉଁମାନେ ବେଦବାଦରେ ରତ ଥାଆନ୍ତି, ବେଦ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି କହନ୍ତି, କାମନା ଯେଉଁମାନଙ୍କର ଆତ୍ମା, ସ୍ୱର୍ଗ ଯେଉଁମାନଙ୍କର ଲକ୍ଷ୍ୟ, ସେହି ଅବିବେକମାନେ ବା ମୂଢ଼ମାନେ, ଜନ୍ମ କର୍ମ ଓ କର୍ମଫଳ ପ୍ରଦାନ କରୁଥିବା, ଯଜ୍ଞାଦି କ୍ରିୟା ବିଶେଷରେ ପୂର୍ଣ୍ଣଥିବା, ଭୋଗ ଓ ଐଶ୍ୱର୍ଯ୍ୟ ପାଇବାର ପଥ ସ୍ୱରୂପ ହୋଇଥିବା ଯେଉଁ ଶ୍ରୁତିମଧୁର କଥା ଗୁଡିକ କହନ୍ତି, ଅର୍ଥାତ୍ ଶ୍ରୁତିମଧୁର ମନ୍ତ୍ରସବୁ ପାଠ କରନ୍ତି, ତଦ୍ୱାରା ଅପହୃତ-ଚିତ୍ତ ଭୋଗୈଶ୍ୱର୍ଯ୍ୟପ୍ରସକ୍ତ ବ୍ୟକ୍ତିମାନଙ୍କର ବ୍ୟବସାୟାତ୍ମିକା ବୁଦ୍ଧି ସମାଧିରେ ରହିପାରେ ନାହିଁ ଅର୍ଥାତ୍ ଦୃଢ ଭାବରେ ରହି କାର୍ଯ୍ୟକାରୀ ହୋଇପାରେ ନାହିଁ ।

ଏଠାରେ ୪୪ ଶ୍ଳୋକରେ ଥିବା 'ସମାଧୌ' କଥାଟିର ଅର୍ଥ, ଧ୍ୟାନ-ଧାରଣା ଇତ୍ୟାଦି ଦ୍ୱାରା ଲୋକେ ଯେଉଁ ସମାଧି ଅବସ୍ଥା ବୁଝନ୍ତି ତାହା ନୁହେଁ । ଏହି ଅଧ୍ୟାୟ ୫୩ ଓ ୫୪ ଶ୍ଳୋକରେ ମଧ୍ୟ 'ସମାଧି' କଥାଟି ଦେଖିପାରିବେ । ସମାଧି କଥାଟି ଗୀତାରେ ଅନ୍ୟତ୍ର ନାହିଁ । ପୂର୍ବବର୍ତ୍ତୀ ୪୧ ଶ୍ଳୋକରେ ଥିବା 'ଏକା' ଏହି କଥାଟିକୁ ବୁଝାଇବା ଅଭିପ୍ରାୟରେ ଏବଂ ବିଭିନ୍ନ ଶାସ୍ତ୍ରାନୁମୋଦିତ ବିଭିନ୍ନ ପ୍ରଣାଳୀ ସବୁର ଅନ୍ଧାନୁସରଣ କରିବା ଫଳରେ ଆମ୍ଭେମାନେ ଯାହାକୁ ଧ୍ୟାନ, ଧାରଣା ଓ ସମାଧି ଅବସ୍ଥା ବୋଲି ଜାଣୁ ତାହା ପ୍ରକୃତରେ ଧ୍ୟାନ, ଧାରଣା ଓ ସମାଧି ଅବସ୍ଥା ନୁହେଁ—ଏହି କଥା ବୁଝାଇବା ଅଭିପ୍ରାୟରେ ମଧ୍ୟ ଗୀତାକାର ଏହି ତିନୋଟି ଶ୍ଳୋକରେ 'ସମାଧି' କଥାଟି ବ୍ୟବହାର କରିଅଛନ୍ତି । ପରବର୍ତ୍ତୀ ଶ୍ଳୋକରେ ନିର୍ଦ୍ୱନ୍ଦ୍ୱ ଓ ନିତ୍ୟସତ୍ତ୍ୱସ୍ଥ ଏହି ଦୁଇଟି କଥାର ଆଲୋଚନାରୁ ପ୍ରକୃତରେ ଧ୍ୟାନ, ଧାରଣା ଓ ସମାଧି ଅବସ୍ଥା ବିଷୟରେ ଗୀତାକାରଙ୍କର ମତ ବୁଝିପାରିବେ ।

ବେଦୋକ୍ତ ଯଜ୍ଞାଦି କର୍ମର ଅନ୍ଧ-ଅନୁସରଣକାରୀମାନଙ୍କୁ ତଥା ବେଦ-ସର୍ବସ୍ୱ ବ୍ୟକ୍ତିମାନଙ୍କୁ ଏହି ତିନୋଟି ଶ୍ଳୋକରେ ଅବ୍ୟବସାୟୀ ବା

ଅକର୍ମୀ ଓ ମୂଢ଼ ବୋଲି ବର୍ଣ୍ଣନା କରି ପରବର୍ତ୍ତୀ ଦୁଇଟି ଶ୍ଳୋକରେ ବେଦସବୁ ଅନାବଶ୍ୟକ ବୋଲି ଗୀତାକାର ସ୍ପଷ୍ଟାକ୍ଷରରେ କହିଅଛନ୍ତି ।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ !
ନିର୍ଦ୍ଵନ୍ଦ୍ଵୋ ନିତ୍ୟସତ୍ତ୍ଵସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ । ୪୫ ।

ଅନ୍ୱୟ—ବେଦାଃ ତ୍ରୈଗୁଣ୍ୟ-ବିଷୟାଃ । ହେ ଅର୍ଜୁନ ! ତ୍ୱଂ ନିସ୍ତ୍ରୈଗୁଣ୍ୟଃ ଭବ । ନିର୍ଦ୍ଵନ୍ଦ୍ଵଃ, ନିତ୍ୟସତ୍ତ୍ୱସ୍ଥ, ନିର୍ଯୋଗକ୍ଷେମଃ ତଥା ଆତ୍ମବାନ୍ ଭବ ।

ଅର୍ଥ—ବେଦସବୁ ତିନିଗୁଣସମ୍ବନ୍ଧୀୟ ଅଟେ । ହେ ଅର୍ଜୁନ ! ତୁମ୍ଭେ ଗୁଣାତୀତ ହୁଅ, ନିର୍ଦ୍ଵନ୍ଦ୍ଵ ବା ଦ୍ୱନ୍ଦ୍ୱାତୀତ ହୁଅ, ସର୍ବଦା ସତ୍ତ୍ୱସ୍ଥ ହୁଅ ଅର୍ଥାତ୍ ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହ, ଯୋଗ ଓ କ୍ଷେମରୁ ଅତୀତ ହୁଅ ଅର୍ଥାତ୍ ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ପାଇଁ ଓ ପ୍ରାପ୍ତ ବସ୍ତୁର ରକ୍ଷଣ ପାଇଁ ଚେଷ୍ଟାଶୂନ୍ୟ ହୁଅ ଏବଂ ଆତ୍ମବାନ ହୁଅ ଅର୍ଥାତ୍ ମୁଁ ମୋର ଦେହ ନୁହେଁ, ମୁଁ ହେଉଛି ଏହି ଦେହରେ ଥିବା ଦେହୀ ବା ଆତ୍ମା ଏକଥା ଉପଲବ୍ଧି କର ।

ଗୀତାକାର ଏ ପର୍ଯ୍ୟନ୍ତ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣ ବିଷୟରେ କିଛି କହି ନାହାନ୍ତି । ପୂର୍ବ ତିନୋଟି ଶ୍ଳୋକରେ ବେଦ ସବୁର ବିରୁଦ୍ଧରେ କହିଥିବାରୁ ଅର୍ଥାତ୍ ବେଦାତୀତ ହେବାକୁ କହିଥିବାରୁ ଏହି ଶ୍ଳୋକରେ ମଧ୍ୟ ସେହି ବେଦାତୀତ ହେବାକୁ କହିବାକୁ ଯାଇ ଗୁଣାତୀତ ହେବାକୁ କହିଅଛନ୍ତି । ଗୀତାକାର କେବଳ ଗୁଣାତୀତ ହେବାକୁ କହି ନାହାନ୍ତି । ସେ କହି ଅଛନ୍ତି ଗୁଣାତୀତ ହୁଅ, ନିର୍ଦ୍ୱନ୍ଦ୍ୱ ବା ଦ୍ୱନ୍ଦ୍ୱାତୀତ ହୁଅ, ସର୍ବଦା ସତ୍ତ୍ୱସ୍ଥ ହୁଅ, ଯୋଗ ଓ କ୍ଷେମରୁ ଅତୀତ ହୁଅ, ଓ ଆତ୍ମବାନ ହୁଅ । ଗୀତା-କାରଙ୍କର ଅଭିପ୍ରାୟ ଏହିକି ଏପରି ହେବାକୁ ହେଲେ ବେଦାତୀତ ହେବା ଏକାନ୍ତ ଆବଶ୍ୟକ ।

ବର୍ତ୍ତମାନ ବୁଝିବା ଯେ ବେଦାତୀତ ହେବା, ଗୁଣାତୀତ ହେବା, ଦ୍ୱନ୍ଦ୍ୱାତୀତ ହେବା, ସର୍ବଦା ସତ୍ତ୍ୱସ୍ଥ ହେବା, ଯୋଗ ଓ କ୍ଷେମରୁ ଅତୀତ

ହେବା ଏବଂ ଆତ୍ମବାନ ହେବା ଏମାନେ ସମସ୍ତେ ଏକା କଥା । ଏହି ଶ୍ଳୋକରେ ଥିବା ନିର୍ଦ୍ୱନ୍ଦ୍ୱ ଓ ନିତ୍ୟ-ସତ୍ତ୍ୱସ୍ଥ ଏହି ଦୁଇଟି କଥା ଗୀତାର ସର୍ବପ୍ରଧାନ କଥା ଏବଂ ଆମ୍ଭମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ନୂତନ କଥା । ତେଣୁ ଏହି ଦୁଇଟି କଥାର ସାମାନ୍ୟ ଆଲୋଚନା ଏକାନ୍ତ ଆବଶ୍ୟକ । ନିର୍ଦ୍ୱନ୍ଦ୍ୱ କଥାଟିର ଅର୍ଥ ହେଉଛି ଭଲ-ମନ୍ଦ, ସୁଖ-ଦୁଃଖ ଇତ୍ୟାଦି ଦ୍ୱନ୍ଦ୍ୱରୁ ଅତୀତ ହେବା ଅର୍ଥାତ୍ କୌଣସି ଅବସ୍ଥାର ବିପରୀତ ଅବସ୍ଥା ସୃଷ୍ଟିକରି ସେହି ବିପରୀତ ଅବସ୍ଥାରେ ରହିବାକୁ ଇଚ୍ଛା ବା ଚେଷ୍ଟା ନ କରିବା । ଏଠାରେ ବୁଝିବା ଆବଶ୍ୟକ ଯେ ସୁଖରେ ଥିଲେ ଦୁଃଖରେ ରହିବାକୁ କିମ୍ବା ଭଲ ଅବସ୍ଥାରେ ଥିଲେ ମନ୍ଦ ଅବସ୍ଥାରେ ରହିବାକୁ କେହି ଇଚ୍ଛା ବା ଚେଷ୍ଟା କରେ ନାହିଁ । କେବଳ ଦୁଃଖରେ ଥିଲେ ସୁଖରେ ରହିବାକୁ ଏବଂ ମନ୍ଦ ଅବସ୍ଥାରେ ଥିଲେ ଭଲ ଅବସ୍ଥାରେ ରହିବାକୁ ସମସ୍ତେ ସର୍ବଦା ଚେଷ୍ଟା କରନ୍ତି । ତେଣୁ ଗୀତାକାରଙ୍କର ଅଭିପ୍ରାୟ ଏହି କି ଦୁଃଖରେ ଥିଲେ ସୁଖରେ ରହିବାକୁ, ମନ୍ଦ ଅବସ୍ଥାରେ ଥିଲେ ଭଲ ଅବସ୍ଥାରେ ରହିବାକୁ, କ୍ରୋଧୀ ଥିଲେ ଅକ୍ରୋଧୀ ହେବାକୁ, ଲୋଭୀ ଥିଲେ ନିର୍ଲୋଭ ହେବାକୁ, ନିଷ୍ଠୁର ଥିଲେ ଦୟାଳୁ ହେବାକୁ ଇତ୍ୟାଦି ଇଚ୍ଛା ବା ଚେଷ୍ଟା ନ କରି ନିଜେ ଯେତେବେଳେ ଯେଉଁ ଅବସ୍ଥାରେ ଅଛ ସେହି ପ୍ରକୃତ ଅବସ୍ଥା ତୁମ୍ଭଙ୍କୁ ପ୍ରୀତିକର ବୋଧ ହେଉ ବା ଅପ୍ରୀତିକର ବୋଧ ହେଉ, ତୁମ୍ଭେ ସେହି ପ୍ରକୃତ ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ସମ୍ପୂର୍ଣ୍ଣରୂପେ ଉପଲବ୍ଧି କର । ଏହା ହେଉଛି, ନିଜକୁ ନିଜେ ଜାଣିବାର ଓ ବୁଝିବାର ଏକମାତ୍ର ଉପାୟ ଏବଂ ଏହାର ନାମ ଆତ୍ମଜ୍ଞାନ ବା Self-Knowledge । ଆତ୍ମଜ୍ଞାନ ଲାଭ କର ଅର୍ଥାତ୍ ନିଜେ ନିଜକୁ ଜାଣ ଓ ବୁଝ, ଏହି ଉପଦେଶ କେବଳ ଗୀତା ଦେଉ ନାହିଁ । ଆଉ ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଏହି ଉପଦେଶ ଦେଇଅଛନ୍ତି । ଉପନିଷଦ ସବୁ ମଧ୍ୟ "ତତ୍ ତ୍ୱଂ ଅସି" ଏହି ମହାବାକ୍ୟରେ ଏହି ଉପଦେଶ ଦେଇଅଛି । ଏହି ମହାବାକ୍ୟର ଅର୍ଥ ଓ ବିଶେଷତ୍ୱ ଆଲୋଚନା କରାଯାଉ । ତତ୍ (ତାହା ଅର୍ଥାତ୍ ଭଗବାନ୍) ତ୍ୱଂ (ତୁମ୍ଭେ) ଅସି (ଅଛ), ଅର୍ଥାତ୍ ତୁମ୍ଭେ ନିଜେ ଭଗବାନ୍ ଅଛ । "That (or God) you are" ଏହି ଉପଦେଶଟିର ତାତ୍ପର୍ଯ୍ୟ ଏହି କି, ଭଗବାନ କିଏ ବା କଅଣ ତାହା ଜାଣିବା ଅସମ୍ଭବ । ତେଣୁ ସେହି ଅଜ୍ଞେୟ, ଅଚିନ୍ତ୍ୟ ଓ କଳ୍ପନାତୀତ

ଭଗବାନଙ୍କୁ ଜାଣିବାକୁ ବୃଥାରେ ବ୍ୟାକୁଳ ନ ହୋଇ ନିଜେ ନିଜକୁ ଜାଣିଲେ ଓ ବୁଝିଲେ ତାହା ଭଗବାନଙ୍କୁ ଜାଣିବା ସଙ୍ଗେ ସମାନ ହେବ । କାରଣ, ତାହା କଲେ ତୁମେ ସଂସାରସ୍ଥ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭଗବାନ୍ ବୋଲି ଜାଣି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବ ଓ ସମାନ ଭାବରେ ଆଦର, ସ୍ନେହ ଓ ପ୍ରେମ କରିବ ଏବଂ ସମସ୍ତ ବିଶ୍ୱର କଲ୍ୟାଣ ସାଧନ କରିବାକୁ କର୍ତ୍ତବ୍ୟ ବୋଧକରି ଭଗବତ୍-ପ୍ରାପ୍ତିର ନିତ୍ୟ-ସୁଖ ଓ ନିତ୍ୟ-ଶାନ୍ତି ପାଇ ପାରିବ । ଗୀତା କହୁଛି ଓ ଉପନିଷଦ ସବୁ କହୁଛି ଏବଂ ବିଶିଷ୍ଟ ବ୍ୟକ୍ତିମାନେ କହୁଅଛନ୍ତି, ତେଣୁ ତାକୁ ସତ୍ୟ ବୋଲି ସ୍ୱୀକାର କରିନେବାରେ କୌଣସି ଉପକାର ହେବ ନାହିଁ । ନିଜେ ନିଜକୁ ଜାଣିବା ଓ ବୁଝିବା କେତେଦୂର ଆବଶ୍ୟକ ଓ ମଙ୍ଗଳପ୍ରଦ ତାହା ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତା କରି ସ୍ଥିର କରିବା ଏକାନ୍ତ ଆବଶ୍ୟକ ।

ନିଜର ପ୍ରକୃତ ଅବସ୍ଥାରେ ନ ରହିଲେ ନିଜକୁ ବୁଝି ହେବ ନାହିଁ, ଏକଥା କାହାରିକୁ ବୁଝାଇବାକୁ ହେବ ନାହିଁ । ନିଜର ପ୍ରକୃତ ଅବସ୍ଥାରେ ରହି ନିଜକୁ ଜାଣିବା ଓ ବୁଝିବା କିପରି ମଙ୍ଗଳପ୍ରଦ ତାହା ବୁଝନ୍ତୁ । ନିଜର ଅପ୍ରୀତିକର ପ୍ରକୃତ ଅବସ୍ଥାକୁ ନିଜେ ଯେତେ ବୁଝିବ ସେହି ଅପ୍ରୀତିକର ପ୍ରକୃତ ଅବସ୍ଥା ଅର୍ଥାତ୍ ପୂର୍ବେ କୁହାଯାଇଥିବା ଦୁଃଖ, କ୍ରୋଧ, ଲୋଭ, ନିଷ୍ଠୁରତା ଇତ୍ୟାଦି ସେତେ ଆପେ ଆପେ ଗଳିଯିବ । ଏମାନଙ୍କର ବିପରୀତ ଅବସ୍ଥା ସୃଷ୍ଟିକରି ଏମାନଙ୍କ ବିରୁଦ୍ଧରେ ଅର୍ଥାତ୍ ନିଜର ପ୍ରକୃତ ଅବସ୍ଥାର ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ ନାହିଁ । କାମ, କ୍ରୋଧ, ଲୋଭ ଇତ୍ୟାଦି ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧକରି ଏମାନଙ୍କୁ ଜୟ କର, ଏପରି ଉପଦେଶ ଅନେକ ଧର୍ମଗ୍ରନ୍ଥରେ ଦେଖାଯାଏ । ମାତ୍ର ଗୀତାକାରଙ୍କର ମତ ଏହି କି, ଏମାନଙ୍କ ବିରୁଦ୍ଧରେ ଯୁଦ୍ଧକଲେ ଏମାନେ ମଧ୍ୟ ଆମ ବିରୁଦ୍ଧରେ ନିଶ୍ଚୟ ଯୁଦ୍ଧ କରିବେ ଏବଂ ଏହିପରି ଭାବରେ ଯୁଦ୍ଧ ଲାଗି ରହିଥିବ । ତେଣୁ ଏମାନଙ୍କୁ ଜୟକରି ହେବ ନାହିଁ । ଏମାନଙ୍କୁ ଅର୍ଥାତ୍ ନିଜର ପ୍ରକୃତ ଅବସ୍ଥାକୁ ବୁଝିବା ହେଉଛି, ଏମାନଙ୍କ କବଳରୁ ମୁକ୍ତ ହେବାର ପ୍ରକୃତ ପ୍ରଣାଳୀ । ସେଥିପାଇଁ ଆତ୍ମଜ୍ଞାନ ଲାଭ କରିବା ହେଉଛି ଆମ୍ଭମାନଙ୍କ ପ୍ରତି ସର୍ବପ୍ରଧାନ ଉପଦେଶ । ଗୋଟିଏ ଦୁଇଟି ଉଦାହରଣ ଦ୍ୱାରା କଥାଟି ବୁଝାଯାଉ । ନିର୍ବୋଧ ବ୍ୟକ୍ତିର ଚକ୍ଷୁର

ହେବାକୁ ଚେଷ୍ଟା କରିବା ଅଯୌକ୍ତିକ । ଚତୁରତାର ସାହାଯ୍ୟରେ ମନୁଷ୍ୟ ସିନା ଚତୁର ହୋଇପାରିବ, ନିର୍ବୋଧ ବ୍ୟକ୍ତିର ନିର୍ବୋଧତା ନ ଯାଇ ଚତୁରତା ଆସିବ କିପରି ଯେ ଚତୁରତାର ସାହାଯ୍ୟରେ ସେ ଚତୁର ହୋଇପାରିବ । ଅତଏବ ନିର୍ବୋଧ ବ୍ୟକ୍ତିର ଚତୁର ହେବାକୁ ଚେଷ୍ଟାକରିବା ତା'ର ନିର୍ବୋଧତା ଅଟେ । ସେ ଯଦି ତା'ର ନିର୍ବୋଧତା ଅବସ୍ଥାକୁ ଅର୍ଥାତ୍ ନିଜର ପ୍ରକୃତ ଅବସ୍ଥାକୁ ଉତ୍ତମରୂପେ ଉପଲବ୍ଧି କରେ, ତେବେ ତା'ର ନିର୍ବୋଧତା କ୍ରମେ କ୍ରମେ ଓ ଆପେ ଆପେ ଚାଲିଯିବ । ଅନ୍ଧ-ବିଶ୍ୱାସ, ଅନ୍ଧାନୁସରଣ ଅହମିକା ବା ବୃଥାଡମ୍ବର ଜନସାଧାରଣଙ୍କର ଦୁଃଖ-ଦୁରବସ୍ଥାର ମୂଳ କାରଣ । ଏକଥା ଆମ୍ଭେମାନେ ସମସ୍ତେ ବୁଝୁଅଛୁଁ ଏବଂ ଏମାନଙ୍କ କବଳରୁ ମୁକ୍ତ ହେବାକୁ ଚେଷ୍ଟା କଲେ ମଧ୍ୟ ମୁକ୍ତ ହୋଇପାରୁ ନାହୁଁ । ଏପରି ଚେଷ୍ଟା ନ କରି ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ନିଜର ଏହି ଅନ୍ଧତା ଦୋଷ ଓ ଅହମିକାକୁ ଅର୍ଥାତ୍ ନିଜ ନିଜର ଏହି ପ୍ରକୃତ ଅବସ୍ଥାକୁ ସର୍ବଦା ଉପଲବ୍ଧି କରୁ ତେବେ ଆମ୍ଭମାନଙ୍କର ଏହି ଅନ୍ଧତା ଦୋଷ ଓ ଅହମିକା କ୍ରମେ କ୍ରମେ ଓ ଆପେ ଆପେ ଚାଲିଯିବ । ସ୍ୱାଧୀନ ଭାବରେ ଚିନ୍ତାକରି ଗୋଟିଏ ଗୋଟିଏ କଥାକୁ ପରୀକ୍ଷା କରିପାରିଲେ ପ୍ରକୃତ କଥା ଜାଣିପାରିବେ ଓ ବିଶେଷ ଉପକୃତ ହେବେ ।

ନିଜର ଉପସ୍ଥିତ ଅବସ୍ଥାରେ କେବେହେଲେ ସନ୍ତୁଷ୍ଟ ନ ରହି ଉପସ୍ଥିତ ଅବସ୍ଥାପେକ୍ଷା ଉନ୍ନତତର ଅବସ୍ଥାରେ ରହିବାପାଇଁ ଆମ୍ଭେମାନେ ସର୍ବଦା ଚେଷ୍ଟିତ ରହିବାକୁ କର୍ତ୍ତବ୍ୟ ବୋଧ କରୁଥିବାରୁ ଗୀତାକାରଙ୍କର ନିର୍ଦ୍ୱନ୍ଦ୍ୱ ହେବା ଓ ସର୍ବଦା ସନ୍ତୁଷ୍ଟ ହେବା ଉପଦେଶଟି ଆମ୍ଭମାନଙ୍କୁ ଭ୍ରାନ୍ତ ବୋଧହେବା ସ୍ୱାଭାବିକ । ସେଥିପାଇଁ ଗୀତାର ଟୀକାକାରମାନେ ଏହି ଉପଦେଶଟିର ବିଶେଷ ଆଲୋଚନା କରି ନାହାନ୍ତି । ସେ ଯାହାହେଉ, ବର୍ତ୍ତମାନ ବୁଝନ୍ତୁ ଯେ କୌଣସି ପ୍ରକାର ଦ୍ୱନ୍ଦ୍ୱ ବା ଚେଷ୍ଟା କରିବା ଆତ୍ମଜ୍ଞାନ ଲାଭ କରିବାର ଅନ୍ତରାୟ ଅଟେ । କାରଣ ସର୍ବଦା ଏପରି ଚେଷ୍ଟିତ ରହିବା ଫଳରେ ମନ କେତେବେଳେ ହେଲେ ସ୍ଥିର ଅଥଚ ଜାଗ୍ରତ ରହିପାରୁ ନାହିଁ ଏବଂ ମନ ଜାଗ୍ରତ ଓ ସ୍ଥିର ନ ରହିଲେ ଜୀବନ ଯାତ୍ରାର କୌଣସି ସମସ୍ୟା ବୁଝି ହେବନାହିଁ । ମୁଁ କିପରି ମୋର ପ୍ରକୃତ

ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ସର୍ବଦା ବୁଝିପାରିବ ଏପରି ଇଚ୍ଛା ବା ଏପରି ଚେଷ୍ଟାକରିବା ମଧ୍ୟ ଆତ୍ମଜ୍ଞାନ ଲାଭ କରିବାର ଅନ୍ତରାୟ ଅଟେ । କାରଣ ନିଜର ପ୍ରକୃତ ଅବସ୍ଥାକୁ ବୁଝି ନ ପାରିବା ଅବସ୍ଥା ହେଉଛି ମୋର ଉପସ୍ଥିତ ପ୍ରକୃତ ଅବସ୍ଥା । ମୁଁ ମୋତେ ବୁଝି ନ ପାରିବାର ବିପରୀତ ଅବସ୍ଥା ହେଉଛି ମୁଁ ମୋତେ ବୁଝିପାରିବା ଅବସ୍ଥା । ତେଣୁ ମୋର ପ୍ରକୃତ ଅବସ୍ଥାର ବିପରୀତ ଅବସ୍ଥା ସୃଷ୍ଟିକରି ସେହି ବିପରୀତ ଅବସ୍ଥାରେ ରହିବାକୁ ଚେଷ୍ଟା କରିବା ହେଉଛି ଦ୍ୱନ୍ଦ୍ୱ । ଏହି ଦ୍ୱନ୍ଦ୍ୱ ରହିଥିବା ପର୍ଯ୍ୟନ୍ତ ମୁଁ ମୋତେ ବୁଝିପାରିବି ନାହିଁ । ସେଥିପାଇଁ ଗୀତା କହୁଛି ସୁଖ-ଦୁଃଖ, ଲାଭାଲାଭ ଓ ଜୟ-ପରାଜୟ ଇତ୍ୟାଦି ଦ୍ୱନ୍ଦ୍ୱରୁ ରହିତ ହୋଇ, ରାଗ-ଦ୍ୱେଷରୁ ବିମୁକ୍ତ ହୋଇ ଯୁଦ୍ଧ କର । ବର୍ତ୍ତମାନ ବୁଝିଲୁ ଯେ,ଆତ୍ମଜ୍ଞାନ ଲାଭ କରିବାକୁ ହେଲେ ନିର୍ଦ୍ୱନ୍ଦ୍ୱ ଓ ନିତ୍ୟସନ୍ତୁଷ୍ଟ ରହିବା ଏକାନ୍ତ ଆବଶ୍ୟକ ।

ମନୁଷ୍ୟ ସର୍ବଦା କୌଣସି ନିର୍ଦ୍ଦିଷ୍ଟ ଅବସ୍ଥାରେ ନ ରହି ବିଭିନ୍ନ ସମୟରେ ବିଭିନ୍ନ ଅବସ୍ଥାରେ ରହୁଥିବାରୁ ଗୀତାକାର 'ସନ୍ତୁଷ୍ଟ' କଥାଟି ପୂର୍ବରୁ 'ନିତ୍ୟ' ଅର୍ଥାତ୍ ସର୍ବଦା କଥାଟି ବ୍ୟବହାର କରି ସର୍ବଦା ସନ୍ତୁଷ୍ଟ ରହିବାକୁ କହିଅଛନ୍ତି । ସର୍ବଦା ସନ୍ତୁଷ୍ଟ ରହିବାକୁ ହେଲେ ଅର୍ଥାତ ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ବୁଝିବାକୁ ହେଲେ ମନକୁ ସର୍ବଦା ଏପରି ଜାଗ୍ରତ ଅଥଚ ନିଶ୍ଚେଷ୍ଟ ଓ ନିଶ୍ଚଳ ରଖିବା ଆବଶ୍ୟକ, ଯେପରି କି ମନୁଷ୍ୟ ତାହାର ସେହି ନିତ୍ୟ-ପରିବର୍ତ୍ତିତ ପ୍ରକୃତ ଅବସ୍ଥାକୁ ନିରନ୍ତର ବୁଝିପାରୁଥିବ । ଏହାହିଁ ପ୍ରକୃତରେ ଧ୍ୟାନ, ପ୍ରକୃତରେ ଏକାଗ୍ରତା । This is real meditation and real concentration or one-mindedness.” କୌଣସି ନିର୍ଦ୍ଦିଷ୍ଟ ମୂର୍ତ୍ତି କିମ୍ବା ନିର୍ଦ୍ଦିଷ୍ଟ ମନ୍ତ୍ରକୁ ଧ୍ୟାନକରି ମନକୁ ସେଥିରେ ବାନ୍ଧି ରଖିବା ପ୍ରଣାଳୀ ପ୍ରକୃତ ପ୍ରଣାଳୀ ନୁହେଁ । ଦ୍ୱନ୍ଦ୍ୱ କଥାଟି ଗୀତାରେ “ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ”—୪ର୍ଥ-୨୨, “ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ !” (୫ମ-୩), “ଦ୍ୱନ୍ଦ୍ୱୈର୍ବିମୁକ୍ତାଃ” ୧୫ଶ-୫, “ଦ୍ୱନ୍ଦ୍ୱମୋହେନ ଭାରତ !” ୭ମ-୨୭, “ଦ୍ୱନ୍ଦ୍ୱମୋହନିର୍ମୁକ୍ତାଃ” ୭ମ-୨୮, ଉକ୍ତିରେ ଏବଂ ସତ୍ତ୍ୱ କଥାଟି “ସତ୍ତ୍ୱାନୁରୂପା” (୧୭ଶ-୩) ଓ “ସତ୍ତ୍ୱସଂଶୁଦ୍ଧିଃ”-୧୬ଶ-୧ ଉକ୍ତିରେ ଦେଖି ପାରିବେ । ଚତୁର୍ଦ୍ଦଶ

ଅଧ୍ୟାୟରେ ଥିବା 'ସତ୍ତ୍ୱ' କଥାଟିର ଅର୍ଥ ସତ୍ତ୍ୱଗୁଣ । ମାତ୍ର ଏହି ଶ୍ଳୋକରେ ଥିବା "ସତ୍ତ୍ୱସ୍ଥ ହୁଅ" କଥାଟିକୁ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଅର୍ଥ କରିଛନ୍ତି—"ସତ୍ତ୍ୱଗୁଣମାଶ୍ରିତୋ ଭବ" ଅର୍ଥାତ୍ ସର୍ବଦା ସତ୍ତ୍ୱଗୁଣକୁ ଆଶ୍ରୟ କରି ରହ । ଏହି ଅର୍ଥ ଏଠାରେ ସମ୍ପୂର୍ଣ୍ଣ ଅସଙ୍ଗତ । କାରଣ, ଏହି ଶ୍ଳୋକର ଉପର ଧାଡ଼ିରେ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣରୁ ଅତୀତ ହେବାକୁ କହି ତଳ ଧାଡ଼ିରେ ସତ୍ତ୍ୱଗୁଣର ଆଶ୍ରୟ ନେବାକୁ ଗୀତାକାର କଦାପି କହି ନାହାନ୍ତି । ଅଉମଧ୍ୟ ସମସ୍ତ ଚତୁର୍ଦ୍ଦଶ ଅଧ୍ୟାୟରେ ସତ୍ତ୍ୱ, ରଜ ଓ ତମ ଏହି ତିନିଗୁଣରୁ ଅତୀତ ହେବାକୁ ଗୀତାକାର କହିଅଛନ୍ତି । ଏହି ଅଧ୍ୟାୟ ୫ମ ଶ୍ଳୋକରେ ସେ କହିଅଛନ୍ତି ଯେ ସତ୍ତ୍ୱ, ରଜ ଓ ତମ ଏହି ତିନୋଟି ଗୁଣ ବା ତିନୋଟି ଦଉଡ଼ି ପ୍ରକୃତିରୁ ଅର୍ଥାତ୍ ଦେହରୁ ବାହାରି ଦେହୀକୁ ବା ପ୍ରକୃତ ମନୁଷ୍ୟକୁ ଦେହ ସହିତ ବାନ୍ଧି ରଖନ୍ତି । ସତ୍ତ୍ୱଗୁଣ ମଧ୍ୟ ଦେହୀକୁ ବା ପ୍ରକୃତ ମନୁଷ୍ୟକୁ ସୁଖ ସହିତ ବା ଜ୍ଞାନ ସହିତ ବାନ୍ଧି ରଖେ, ଏକଥା ପରବର୍ତ୍ତୀ ୬ଷ୍ଠ ଶ୍ଳୋକରେ କୁହାଯାଇ ଅଛି । ଆଲୋଚ୍ୟ ଶ୍ଳୋକରେ ମଧ୍ୟ ଆତ୍ମବାନ୍ ହେବାକୁ କୁହାଯାଇଅଛି । ମାତ୍ର ଆତ୍ମବାନ୍ ହେବାକୁ ହେଲେ ସତ୍ତ୍ୱ, ରଜ ଓ ତମ ଏହି ତିନୋଟି ଗୁଣକୁ ବା ତିନୋଟି ଦଉଡ଼ିକୁ ଛିନ୍ନ କରିବାକୁ ହେବ । କାରଣ, ଏହି ତିନୋଟି ଗୁଣ ଦେହୀକୁ ଦେହ ସହିତ ବାନ୍ଧି ରଖନ୍ତି । ଶଙ୍କରାଚାର୍ଯ୍ୟଙ୍କର ପୂର୍ବୋକ୍ତ ଅର୍ଥକୁ ପ୍ରାୟ ସବୁ ଟୀକାକାର ଅନୁସରଣ କଲାପରି ବୋଧ ହେଉଅଛି । ଅନ୍ୟମାନଙ୍କ କଥା ଛାଡ଼ନ୍ତୁ, ଭାରତର ବରିଷ୍ଠ ଦାର୍ଶନିକ ସାର୍ ରାଧାକୃଷ୍ଣ ମଧ୍ୟ "ସତ୍ତ୍ୱସ୍ଥ ହୁଅ" କଥାଟିକୁ ଇଂରାଜୀରେ ଅର୍ଥ କରିଅଛନ୍ତି—"Be established in purity" କେହି କେହି ଅର୍ଥ କରିଅଛନ୍ତି "ବ୍ରହ୍ମରେ ରୁହ" । ମହାତ୍ମା ଗାନ୍ଧି ଅର୍ଥ କରିଅଛନ୍ତି— "ସତ୍ୟ ବସ୍ତୁରେ ରୁହ" ମାତ୍ର ସତ୍ତ୍ୱସ୍ଥ ଓ ସତ୍ୟସ୍ଥ ଏ ଦୁହେଁ ସ୍ୱତନ୍ତ୍ର କଥା । ଆଉ ମଧ୍ୟ ସତ୍ୟବସ୍ତୁରେ ରହିବା ଓ ବ୍ରହ୍ମରେ ରହିବା ଇତ୍ୟାଦି ଏ କଥା ସମସ୍ତଙ୍କ ପକ୍ଷରେ ପ୍ରଯୁଜ୍ୟ ନ ହୋଇ ଅତି ଅଳ୍ପଲୋକଙ୍କ ପକ୍ଷରେ ସମ୍ଭବ ହୋଇପାରେ । ମାତ୍ର ଗୀତା-ସଂସ୍ଥାପିତ ଧର୍ମ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ । ସ୍ୱାଧୀନ ଭାବରେ ଚିନ୍ତା କରି ପ୍ରକୃତ କଥା ସ୍ଥିର କରନ୍ତୁ ।

*

ଯାବାନର୍ଥଃ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ । ୪୬ ।

ଅନ୍ୱୟ— ସର୍ବତଃ ସଂପ୍ଲୁତୋଦକେ ଉଦପାନେ ଯାବାନ୍ ଅର୍ଥଃ,
ବିଜାନତଃ ବ୍ରାହ୍ମଣସ୍ୟ ସର୍ବେଷୁ ବେଦେଷୁ ତାବାନ ଅର୍ଥଃ ।

ଅର୍ଥ—ସବୁଆଡ଼ ଜଳପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳାଶୟଟିର ଯେଉଁ ପ୍ରୟୋଜନ ଅର୍ଥାତ୍ ଯେପରି କୌଣସି ପ୍ରୟୋଜନ ନାହିଁ ବିଜ୍ଞାନୀ ବ୍ରାହ୍ମଣର ବେଦ ସବୁରେ ସେତିକ ପ୍ରୟୋଜନ ଅର୍ଥାତ୍ କୌଣସି ପ୍ରୟୋଜନ ନାହିଁ ।

ବେଦେଷୁ କଥାଟିର ଅର୍ଥ କେବଳ ବେଦ ସବୁ ନୁହେଁ ଏବଂ ବ୍ରାହ୍ମଣ କଥାଟିର ଅର୍ଥ କେବଳ ବ୍ରାହ୍ମଣ ଜାତିରେ ଜନ୍ମି ଥିବା ବ୍ରାହ୍ମଣ ନୁହେଁ । କାରଣ କେବଳ ବ୍ରାହ୍ମଣ ଜାତିକୁ ବେଦ ସବୁର ଅନାବଶ୍ୟକତା ବୁଝାଇବା ପାଇଁ ଏବଂ କେବଳ ବ୍ରାହ୍ମଣମାନଙ୍କୁ ବିଜ୍ଞାନର ପରିଚୟ ଦେବାପାଇଁ ଶ୍ରୀକୃଷ୍ଣ ଜଗତକୁ ଆସି ନ ଥିଲେ, ଆସିଥିଲେ ସମସ୍ତ ମନୁଷ୍ୟ ଜାତିକୁ ଧର୍ମଶାସ୍ତ୍ର ସବୁର ଅନାବଶ୍ୟକତା ବୁଝାଇବା ପାଇଁ ଏବଂ ପ୍ରତ୍ୟେକ ମନୁଷ୍ୟକୁ ବିଜ୍ଞାନର ବା ବୁଦ୍ଧିର ପରିଚୟ ଦେବାପାଇଁ । ଅତଏବ ଏହି ଶ୍ଳୋକରେ ଥିବା ବେଦେଷ କଥାଟିର ଅର୍ଥ ସବୁପ୍ରକାର ଧର୍ମଶାସ୍ତ୍ର ଏବଂ ବ୍ରାହ୍ମଣର ଅର୍ଥ ହେଉଛି ଜଗତର ପ୍ରତ୍ୟେକ ମନୁଷ୍ୟ ।

କର୍ମଣ୍ୟେବାଧିକାରସ୍ତେ, ମା ଫଳେଷୁ କଦାଚନ ,
ମା କର୍ମଫଳହେତୁର୍ଭୂ ମା ତେ ସଙ୍ଗୋଽସ୍ତ୍ୱକର୍ମଣି । ୪୭ ।

ଅନ୍ୱୟ—କର୍ମଣି ଏବ ତେ ଅଧିକାରଃ, ଫଳେଷୁ କଦାଚନ ମା (ଅସ୍ତୁ), (ତ୍ୱଂ) କର୍ମଫଳହେତୁଃ ମା ଭୂଃ, ତେ ଅକର୍ମଣି ସଙ୍ଗଃ ମା ଅସ୍ତୁ ।

ଅର୍ଥ—କର୍ମରେ ହିଁ ତୁମ୍ଭର ଅଧିକାର, ଫଳରେ ଅଧିକାର କଦାପି ନାହିଁ । ତୁମ୍ଭେ କର୍ମଫଳ-ହେତୁ ହୁଅ ନାହିଁ ଅର୍ଥାତ୍ କର୍ମଫଳ ପ୍ରାପ୍ତିର ଆଶା ତୁମ୍ଭର କର୍ମ ପ୍ରବୃତ୍ତିର କାରଣ ନ ହେଉ ଏବଂ ଅକର୍ମରେ ଅର୍ଥାତ୍ କର୍ମ ନ କରିବାରେ ତୁମ୍ଭର ଆସକ୍ତି ନ ରହୁ ।

ଲୋକେ ଫଳ-କାମନା ଆଶାରେ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରିବା କଥା ୪୨ ରୁ ୪୪ ଏହି ତିନୋଟି ଶ୍ଳୋକରେ କୁହାଯାଇଥିବାରୁ

ଏଠାରେ ଗୀତାକାର କହିଲେ, "ଫଳରେ ତୁମର ଅଧିକାର ନାହିଁ, ଅର୍ଥାତ୍ ଫଳ ପ୍ରତି କାମନା ନ ରଖି କର୍ମକର । ଫଳ ନ ପାଇବ ବୋଲି, କର୍ମ ପରିତ୍ୟାଗ କର ନାହିଁ ।

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ !
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ । ୪୮ ।

ଅନ୍ୱୟ—ହେ ଧନଞ୍ଜୟ ! ଯୋଗସ୍ଥଃ ସନ୍ ସଙ୍ଗଂ ତ୍ୟକ୍ତ୍ୱା, ସିଦ୍ଧ୍ୟସିଦ୍ଧ୍ୟୋଃ ସମଃ ଭୂତ୍ୱା କର୍ମାଣି କୁରୁ । ସମତ୍ୱଂ ଯୋଗଃ ଉଚ୍ୟତେ ।

ଅର୍ଥ—ହେ ଧନଞ୍ଜୟ ! ତୁମେ ଯୋଗସ୍ଥ ହୋଇ କର୍ମ କର, ଅର୍ଥାତ୍ ଆସକ୍ତି ତ୍ୟାଗ କରି, ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କର । ସମତ୍ୱକୁ ଯୋଗ କୁହାଯାଏ ।

ଯୋଗ କହିଲେ ଆମ୍ଭେମାନେ ଯାହା ବୁଝୁଁ, ଗୀତା-ପ୍ରବକ୍ତାଙ୍କ 'ଯୋଗ'ର ଅର୍ଥ ତାହା ନୁହେଁ । ସେଥିପାଇଁ ଯୋଗସ୍ଥ ହୋଇ କର୍ମ କରିବାକୁ କହିବା ସଙ୍ଗେ ସଙ୍ଗେ ଯୋଗ କାହାକୁ କହନ୍ତି ତାହା ଗୀତାକାର ନିଜେ ବୁଝାଇଦେଇ କହିଲେ ଯେ, ସିଦ୍ଧି ଓ ଅସିଦ୍ଧିରେ ସମାନ ଭାବରେ ରହି କର୍ମ କରିବାର ନାମ ଯୋଗ । ଏପରି ଭାବରେ କର୍ମ କରିବାକୁ ହେଲେ ନିଜର ପବିତ୍ର ବିବେକ-ବୁଦ୍ଧି ସହିତ ଯୁକ୍ତ ହୋଇ କର୍ମ କରିବା ଏକାନ୍ତ ଆବଶ୍ୟକ । ସେଥିପାଇଁ ପରବର୍ତ୍ତୀ ଶ୍ଳୋକରେ ଗୀତାକାର ବୁଦ୍ଧିଯୋଗ କଥାଟି କହିବେ ଏବଂ ବୁଦ୍ଧିର ଶରଣ ନେଇ କର୍ମ କରିବାକୁ କହିବେ ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ ।
ବୁଦ୍ଧୌ ଶରଣମନ୍ୱିଚ୍ଛ, କୃପଣାଃ ଫଳହେତବଃ । ୪୯ ।

ଅନ୍ୱୟ—ହେ ଧନଞ୍ଜୟ ! ବୁଦ୍ଧି-ଯୋଗାତ୍ କର୍ମ ହି ଦୂରେଣ ଅବରଂ, ତ୍ୱଂ ବୁଦ୍ଧୌ ଶରଣଂ ଅନ୍ୱିଚ୍ଛ, ଫଳହେତବଃ କୃପଣାଃ ।

ଅର୍ଥ—ହେ ଧନଞ୍ଜୟ ! ବୁଦ୍ଧିଯୋଗ ଅପେକ୍ଷା ଅର୍ଥାତ୍ ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା ଅପେକ୍ଷା କର୍ମ ଅର୍ଥାତ୍ ବୁଦ୍ଧି ସହିତ

କୌଣସି ସମ୍ବନ୍ଧ ନ ରଖି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର ବଶବର୍ତ୍ତୀ ହୋଇ କର୍ମ କରିବା ଅନେକ ନିକୃଷ୍ଟ । ତୁମ୍ଭେ ବୁଦ୍ଧିର ଶରଣ ନେବାପାଇଁ ଇଚ୍ଛା କର । ଫଳ ପାଇବାପାଇଁ ଯେଉଁମାନେ କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି ।

ଏଠାରେ ଥିବା 'ବୁଦ୍ଧୌ' କଥାଟିକୁ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ "ସାଂଖ୍ୟ ବୁଦ୍ଧୌ" ବୋଲି ଅର୍ଥ କରିଅଛନ୍ତି । 'ସାଂଖ୍ୟ' ଏହି ବିଶେଷଣ ଯୋଗକରିବା ଦ୍ୱାରା ବୁଦ୍ଧି କଥାଟିର ସାର୍ବଜନୀନତା ନଷ୍ଟ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଗୀତାକାର ସାଂଖ୍ୟବୁଦ୍ଧିକୁ ସମର୍ଥନ କରିନାହାନ୍ତି ଏକଥା ୩୯ ଶ୍ଳୋକରୁ ବୁଝିପାରିବେ । ଗୀତାକାର "ସାଂଖ୍ୟବୁଦ୍ଧି" କଥାଟିକୁ ସମର୍ଥନ ନ କରିବା କଥାଟି ଶଙ୍କରାଚାର୍ଯ୍ୟଙ୍କର ମତବିରୁଦ୍ଧ ହେଉଥିବାରୁ ସେ 'ସାଂଖ୍ୟ' ଏହି ବିଶେଷଣଟି ଯୋଗ କରିଦେଇ ନିଜ ମତ ସମର୍ଥନ କରୁଅଛନ୍ତି ବୋଲି ବୋଧ ହେଉଅଛି । ଏହି ଶ୍ଳୋକରେ ଥିବା ବୁଦ୍ଧି କଥାଟିକୁ ମହାତ୍ମା ଗାନ୍ଧି 'ସମତ୍ୱ ବୁଦ୍ଧି' ବୋଲି ଅର୍ଥ କରିଥିବାରୁ ଆଧୁନିକ ଟୀକାକାରମାନେ ମଧ୍ୟ ତାଙ୍କୁ ଅନୁସରଣ କରି ଏହି ଅର୍ଥ କରୁଅଛନ୍ତି ; ମାତ୍ର ବୁଦ୍ଧି କଥାଟିର ଅର୍ଥ ସେହି ବୁଦ୍ଧି ନ ରହି, ସେଥିରେ ବିଶେଷଣ ଯୋଗ କରିଯିବ କାହିଁକି ?

ଏହି ଶ୍ଳୋକରେ ଥିବା ବୁଦ୍ଧିଯୋଗ କଥାଟିକୁ କାଳେ ଲୋକେ ଜ୍ଞାନଯୋଗ କିମ୍ବା ଅନ୍ୟ କୌଣସି ପ୍ରକାର ଯୋଗ ମନେ କରିବେ ସେଥିପାଇଁ ପରବର୍ତ୍ତୀ ଦୁଇଟି ଶ୍ଳୋକରେ ଗୀତାକାର 'ବୁଦ୍ଧିଯୁକ୍ତ' ଓ 'ବୁଦ୍ଧିଯୁକ୍ତାଃ' ଏହି ଦୁଇଟି କଥା ବ୍ୟବହାର କରି ବୁଝାଇ ଦେଇଅଛନ୍ତି ଯେ ବୁଦ୍ଧିଯୋଗ କଥାଟିର ଅର୍ଥ ହେଉଛି, ନିଜର ବୁଦ୍ଧି ସହିତ ଯୁକ୍ତହୋଇ କର୍ମକରିବା ।

> ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ;
> ତସ୍ମାଦ୍‌ଯୋଗାୟ ଯୁଜ୍ୟସ୍ୱ ; ଯୋଗଃ କର୍ମସୁ କୌଶଳମ୍ । ୫୦ ।

ଅନ୍ୱୟ—ବୁଦ୍ଧିଯୁକ୍ତଃ ଇହ ସୁକୃତଦୁଷ୍କୃତେ ଉଭେ ଜହାତି; ତସ୍ମାତ୍ (ତ୍ୱଂ) ଯୋଗାୟ ଯୁଜ୍ୟସ୍ୱ, କର୍ମସୁ କୌଶଳଂ ଯୋଗଃ (ଉଚ୍ୟତେ) ।

ଅର୍ଥ—ବୁଦ୍ଧିଯୁକ୍ତ ବ୍ୟକ୍ତି ଏହି ସଂସାରରେ ସୁକୃତ ଏବଂ ଦୁଷ୍କୃତ ଉଭୟ ତ୍ୟାଗ କରନ୍ତି । ଅତଏବ ତୁମ୍ଭେ ଯୋଗ ସକାଶେ ଯତ୍ନ କର । କର୍ମସବୁରେ ଯେ କୌଶଳ ବା ବୁଦ୍ଧି ତାହାର ନାମ ଯୋଗ ।

ଏହି ଏହି କର୍ମ ସୁକୃତ ବା ପୁଣ୍ୟକର୍ମ ଅର୍ଥାତ୍ ଏହି ଏହି କର୍ମ କଲେ ମୁଁ ସ୍ୱର୍ଗଲାଭ କରିବି ଏବଂ ଏହି ଏହି କର୍ମ ଦୁଷ୍କୃତ ଓ ପାପକର୍ମ ଅର୍ଥାତ୍ ଏହି ଏହି କର୍ମ କଲେ ମୁଁ ନରକକୁ ଯିବି ଏପରି ଧାରଣା ବୁଦ୍ଧିଯୁକ୍ତ ବ୍ୟକ୍ତିର ନଥାଏ । ବୁଦ୍ଧିଯୁକ୍ତ ବ୍ୟକ୍ତି ନିଜର ବୁଦ୍ଧିର ପ୍ରେରଣାରେ କର୍ମ କରେ । ସେ ନିଜେ ଯାହା ମଙ୍ଗଳପ୍ରଦ ବୋଲି ସ୍ଥିର କରେ, ଯାହା ସତ୍ୟ ଓ ନ୍ୟାୟସଙ୍ଗତ ବୋଲି ସ୍ଥିର କରେ ତାହାହିଁ କରେ ।

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ,
ଜନ୍ମବନ୍ଧବିନିର୍ମୁକ୍ତାଃ, ପଦଂ ଗଚ୍ଛନ୍ତ୍ୟନାମୟମ୍ । ୫୧

ଅନ୍ୱୟ—ବୁଦ୍ଧିଯୁକ୍ତାଃ ମନୀଷିଣଃ କର୍ମଜଂ ଫଳଂ ତ୍ୟକ୍ତ୍ୱା, ଜନ୍ମ-ବନ୍ଧବିନିର୍ମୁକ୍ତାଃ ଅନାମୟଂ ପଦଂ ଗଚ୍ଛନ୍ତି ।

ଅର୍ଥ—ବୁଦ୍ଧିଯୁକ୍ତ ମନୀଷିମାନେ କର୍ମରୁ ଜାତ ଯେ ଫଳ ତାହା ତ୍ୟାଗ କରି ଜନ୍ମବନ୍ଧନରୁ ବିମୁକ୍ତ ହୋଇ ଅନାମୟ ପଦକୁ ଯାଆନ୍ତି ।

ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି,
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ । ୫୨

ଅନ୍ୱୟ—ଯଦା ତେ ବୁଦ୍ଧିଃ ମୋହକଲିଲଂ ବ୍ୟତିତରିଷ୍ୟତି, ତଦା (ତ୍ୱଂ) ଶ୍ରୋତବ୍ୟସ୍ୟ ଚ ଶ୍ରୁତସ୍ୟ ନିର୍ବେଦଂ ଗନ୍ତାସି ।

ଅର୍ଥ—ଯେତେବେଳେ ତୁମ୍ଭର ବୁଦ୍ଧି ମୋହରୂପ ଜଟିଳତାକୁ ଅତିକ୍ରମ କରିବ ସେତେବେଳେ ତୁମ୍ଭେ ଯାହାସବୁ ଶୁଣିଅଛ ଏବଂ ଯାହା ଶୁଣିବାକୁ ଇଚ୍ଛା କରୁଅଛ ସେଥିରୁ ଉଦାସୀନ ହେବ ଅର୍ଥାତ୍ ସେତେବେଳେ ତୁମ୍ଭେ ଶୁଣିବା କଥା ଉପରେ ନିର୍ଭର ନକରି ନିଜର ବୁଦ୍ଧି ଉପରେ ନିର୍ଭର କରି କର୍ମ କରିବ ।

ଶୁଣିବା କଥାକୁ ସତ୍ୟ ମନେକରି ଏବଂ ସେଥିରୁ ନାନା ପ୍ରକାର ବିଶ୍ୱାସ ସୃଷ୍ଟି କରି ଆମ୍ଭେମାନେ ଜୀବନ ଯାତ୍ରାକୁ ଜଟିଳ ଏବଂ ଦୁଃଖମୟ କରୁଅଛୁଁ । ମୋହକଲିଲ ଅର୍ଥାତ୍ ମୋହଜନିତ ଜଟିଳତା ଏହି କଥାଟି କହି ଗୀତାକାର ଆମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ, ଆମ୍ଭେମାନେ ନିଜର ବିବେକ ବୁଦ୍ଧିର ସାହାଯ୍ୟରେ ସବୁପ୍ରକାର ଜଟିଳତାକୁ ଅତିକ୍ରମ କରି ନିଜ ନିଜର ଜୀବନ ଯାତ୍ରାକୁ ତଥା ପାରିବାରିକ ଓ ସାମାଜିକ ଜୀବନକୁ ସରଳ ଓ ସୁଖମୟ କରିବାକୁ ଚେଷ୍ଟା କରୁଁ ।

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା,
ସମାଧାବଚଳା ବୁଦ୍ଧିଃ, ତଦା ଯୋଗମବାପ୍‌ସ୍ୟସି—୫୩

ଏହି ଶ୍ଳୋକର ଅନ୍ୱୟ ଓ ଅର୍ଥ ଏହି ପୁସ୍ତକର ଆରମ୍ଭରେ ଦିଆଯାଇଥିବାରୁ ଏଠାରେ ଦିଆଗଲା ନାହିଁ । ପୂର୍ବ ଶ୍ଳୋକରେ "ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ" ଏବଂ ଏହି ଶ୍ଳୋକରେ "ଶ୍ରୁତି ବିପ୍ରତିପନ୍ନା ତେ ବୁଦ୍ଧିଃ" ଏହି ଦୁଇଟି କଥା କହି ଅର୍ଜୁନଙ୍କ ପ୍ରଦର୍ଶିତ "ଇତି ଅନୁଶୁଶ୍ରୁମ" (୧ମ—୪୪) ଏହି ମୂଳକାରଣକୁ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ଖଣ୍ଡନ କରିଅଛନ୍ତି । ଶ୍ରୀକୃଷ୍ଣଙ୍କର ପ୍ରଥମ ଉକ୍ତି ଏହିଠାରେ ଶେଷ ହେଲା ।

୧୯୫୧

# ଗୀତା-ପ୍ରବେଶ

## (ଦ୍ୱିତୀୟ ଖଣ୍ଡ)

**ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣର କବଳରୁ ସମାଜକୁ ମୁକ୍ତ କରିବାହିଁ ଗୀତାକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ ।**

## ଦୁଇଟି ପ୍ରଶ୍ନର ଉତ୍ତର

ପ୍ରଥମ ଖଣ୍ଡରୁ କେତୋଟି ପ୍ରଶ୍ନ ମୁଁ ପାଇଛି । ଏହି ପୁସ୍ତକରେ ସବୁ ପ୍ରଶ୍ନର ଉତ୍ତର ଦେବା ସମ୍ଭବ ନୁହେଁ, ଆଉ ମଧ୍ୟ ପ୍ରଶ୍ନକର୍ତ୍ତାମାନେ ପ୍ରଥମ ଖଣ୍ଡ ପୁସ୍ତକଟି ମନୋଯୋଗପୂର୍ବକ ପଢ଼ିଥିଲେ ଏପରି ପ୍ରଶ୍ନସବୁ କରି ନ ଥାନ୍ତେ । ସେ ଯାହାହେଉ, ସେସବୁ ପ୍ରଶ୍ନ ମଧ୍ୟରୁ ଦୁଇଟି ପ୍ରଶ୍ନ ମୁଁ ଅନେକଙ୍କଠାରୁ ଶୁଣେ, ତେଣୁ ସେହି ଦୁଇଟି ପ୍ରଶ୍ନର ଉତ୍ତର ଦେବାକୁ ଆବଶ୍ୟକ ମନେକଲି ।

**୧ମ ପ୍ରଶ୍ନ**—ଗୀତାର ବର୍ଣ୍ଣନାରୁ ଜଣାଯାଉଛି ଯେ, ମହାଭାରତର ନରହତ୍ୟାରୂପ ଯୁଦ୍ଧରେ ଅର୍ଜୁନଙ୍କୁ ନିଯୁକ୍ତ ରହିବାକୁ ଶ୍ରୀକୃଷ୍ଣ ଶିକ୍ଷା ଦେଇଅଛନ୍ତି । ମାତ୍ର ଆପଣ କିପରି କହୁଅଛନ୍ତି ଯେ, ଗୀତାକାରଙ୍କର ଚିନ୍ତାରୁ ଉତ୍ପନ୍ନ ବିଶ୍ୱଗୁରୁ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ନିଜର ସ୍ୱଭାବ-ନିଯୁକ୍ତ ଜୀବନଯୁଦ୍ଧରେ ନିଯୁକ୍ତ ରହିବାକୁ ଶିକ୍ଷା ଦେଇଅଛନ୍ତି ?—ଶ୍ରୀ ମହେନ୍ଦ୍ର ପଟ୍ଟନାୟକ (ପ୍ରଜାତନ୍ତ୍ର ଅଫିସ୍)

**ଉତ୍ତର**—ମହାଭାରତର ନରହତ୍ୟା ଯୁଦ୍ଧକୁ ଅବଲମ୍ବନ କରି ଗୀତାକାର ଗୀତା ରଚନା କରିଅଛନ୍ତି । ତେଣୁ ଗୀତାର ଯୁଦ୍ଧକୁ ନର-ହତ୍ୟାରୂପ ଯୁଦ୍ଧ ବୋଲି ବୁଝିଲେ ମଧ୍ୟ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ

କରିବାରେ ତାହା କୌଣସି ପ୍ରକାର ବାଧା ଜନ୍ମାଇବ ନାହିଁ । ଆମ୍ଭମାନଙ୍କର ସର୍ବପ୍ରଥମେ ବୁଝିବା ଆବଶ୍ୟକ ଯେ, ଶ୍ରୀକୃଷ୍ଣଙ୍କୁ ଅର୍ଜୁନଙ୍କର ଚିରସଖା, ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ବୋଲି ଅତି ସୁକୌଶଳରେ ଗୀତାରେ ବର୍ଣ୍ଣନା କରାଯାଇଅଛି । ମାତ୍ର ଶ୍ରୀକୃଷ୍ଣ କେବଳ ଅର୍ଜ୍ଜୁନଙ୍କର ଚିରସଖା, ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ନୁହନ୍ତି । ସେ ହେଉଛନ୍ତି ଜାତି-ଧର୍ମ, ମୂର୍ଖ ପଣ୍ଡିତ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଅମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା, ଜୀବନ ଯୁଦ୍ଧରେ ପ୍ରତ୍ୟେକଙ୍କର ଏକମାତ୍ର ସାରଥି, ଯାବତୀୟ ସଂଶୟ ଦୂର କରିବା ପାଇଁ ଏକମାତ୍ର ଗୁରୁ ଏବଂ ପ୍ରତ୍ୟକ୍ଷ ଭଗବାନ । ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ହେଉଛୁ ଗୀତାର ଅର୍ଜୁନ । କଠୋପନିଷଦର ନିମ୍ନଲିଖିତ ମନ୍ତ୍ରଟିରୁ ବୁଝନ୍ତୁ ଯେ, ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କର ବୁଦ୍ଧିରୂପ ସାରଥି ।

ଆତ୍ମାନଂ ରଥିନଂ ବିଦ୍ଧି, ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି, ମନଃ ପ୍ରଗ୍ରହମେବ ଚ
ଇନ୍ଦ୍ରିୟାଣି ହୟାନାହୁଃ, ବିଷୟାଂସ୍ତେଷୁ ଗୋଚରାନ୍ ।
*    *    *    *    *

ଅର୍ଥ—ନିଜକୁ ରଥି ବା ଯୋଦ୍ଧା, ଶରୀରକୁ ରଥ, ବୁଦ୍ଧିକୁ ସାରଥି, ମନକୁ ଲଗାମ, ଇନ୍ଦ୍ରିୟମାନଙ୍କୁ ଘୋଡା ଏବଂ ବିଷୟ ସବୁକୁ ଗୋଚର ବା ସେହି ଇନ୍ଦ୍ରିୟରୂପ ଘୋଡାମାନଙ୍କର ଚରିବାର ସ୍ଥାନ ବୋଲି ଜାଣ ।

ଏତିକି କଥା ସର୍ବଦା ମନେ ରଖି ନିଜ ନିଜର ସ୍ୱଭାବନିୟତ ଜୀବନଯୁଦ୍ଧରେ ଅଗ୍ରସର ହେବା କେତେଦୂର ଆବଶ୍ୟକ, ତାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ଥିର କରିବାକୁ ହେବ ।

ନରହତ୍ୟା ଯେ ଦୋଷାବହ କର୍ମ, ଏକଥା ଶ୍ରୀକୃଷ୍ଣ ନିଜେ ସ୍ୱୀକାର କରିଅଛନ୍ତି ; ମାତ୍ର ଅର୍ଜୁନଙ୍କର ତାହା ସ୍ୱଭାବନିୟତ କର୍ମ ହୋଇଥିବାରୁ ଶ୍ରୀକୃଷ୍ଣ ତାଙ୍କୁ ଏହି ଦୋଷାବହ କର୍ମରେ ନିଯୁକ୍ତ ରହିବାକୁ ଶିକ୍ଷା ଦେଇଅଛନ୍ତି, ଯାହା ନିମ୍ନଲିଖିତ ଉକ୍ତି ଦୁଇଟିରୁ ବୁଝିପାରିବେ ଏବଂ ଯାହା ଗୀତାର ସର୍ବପ୍ରଧାନ କଥା ।

ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ । ୧୮ଶ-୪୭ ।
ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ ।୧୮ଶ-୪୮

ଅର୍ଥ—ସ୍ୱଭାବନିୟତ କର୍ମ କରିବାରେ ମନୁଷ୍ୟ ପାପ କରେ ନାହିଁ । ହେ କୌନ୍ତେୟ ! ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ୪୭ ଓ ୪୮ ।

ସ୍ୱକର୍ମ କଥାଟି ପୂର୍ବ ଶ୍ଳୋକରେ ଅର୍ଥାତ୍ ୪୬ଶ ଶ୍ଳୋକରେ ଦେଖିପାରିବେ । ବର୍ତ୍ତମାନ ବୁଝନ୍ତୁ ଯେ ସ୍ୱକର୍ମ, ସ୍ୱଧର୍ମ, ସ୍ୱଭାବନିୟତ କର୍ମ ଓ ସହଜାତ କର୍ମ ଏମାନେ ସମସ୍ତେ ଏକାକଥା । ସ୍ୱଭାବନିୟତ କର୍ମ ବା ସହଜାତ କର୍ମ କାହାକୁ କହନ୍ତି ତାହା ଜାଣିବାକୁ ଇଚ୍ଛାକଲେ ମୋର "ଗୀତାର ସାରକଥା" ନାମକ ପୁସ୍ତକରୁ ଜାଣି ପାରିବେ । ଏହି ସ୍ୱକର୍ମ, ସ୍ୱଧର୍ମ, ସ୍ୱଭାବନିୟତ କର୍ମ ଓ ସହଜାତ କର୍ମ ଯେ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ କର୍ମ ଅଟେ ଏବଂ ତାହା ବର୍ଣ୍ଣଗତ, କିମ୍ବା ଜାତିଗତ, କିମ୍ବା କୌଣସି ସମ୍ପ୍ରଦାୟଗତ କର୍ମ ନୁହେଁ, ଏହି ଏକାନ୍ତ ଆବଶ୍ୟକୀୟ ବିଷୟଟିକୁ ଆଜି ସଂଶୟଶୂନ୍ୟ ହୋଇ ବୁଝନ୍ତୁ । "ଆଜି ବୁଝନ୍ତୁ" ଏକଥା ଲେଖିବାର କାରଣ ଏହି କି, ଆମ୍ଭେମାନେ ବହୁକାଳହେଲା ଶାକ୍ତ, ବୈଷ୍ଣବ, ହିନ୍ଦୁ, ମୁସଲମାନ୍, କମ୍ୟୁନିଷ୍ଟ, ସୋସିଆଲିଷ୍ଟ ଇତ୍ୟାଦି ମନୁଷ୍ୟ ସୃଷ୍ଟ ବିଭିନ୍ନ ସମ୍ପ୍ରଦାୟରେ ଆବଦ୍ଧ ରହିଥିବାରୁ ଗୀତାପ୍ରବର୍ତ୍ତିତ ବ୍ୟକ୍ତିଗତ ସ୍ୱଧର୍ମ, ବ୍ୟକ୍ତିଗତ ସ୍ୱକର୍ମ, ବ୍ୟକ୍ତିଗତ ପୂର୍ଣ୍ଣତା, ବ୍ୟକ୍ତିଗତ ସମତା ଓ ବ୍ୟକ୍ତିଗତ ସ୍ୱାଧୀନତା ଆମ୍ଭମାନଙ୍କୁ ଅଦ୍ୟ ପର୍ଯ୍ୟନ୍ତ ସ୍ପର୍ଶ କରିପାରିଲା ନାହିଁ । ସ୍ୱଧର୍ମ ସ୍ୱକର୍ମ ହେଉଛି ନିଜ ନିଜର ପ୍ରକୃତ ଅବସ୍ଥା । ସେହି ପ୍ରକୃତ ଅବସ୍ଥା ଦୋଷାବହ ହେଲେ ମଧ୍ୟ ସେହି ଦୋଷାବହ ପ୍ରକୃତ ଅବସ୍ଥାରେ ନ ରହି ତାହା ପରିତ୍ୟାଗ କରିବାକୁ ଚେଷ୍ଟାକଲେ ବା ଇଚ୍ଛାକଲେ ମନୁଷ୍ୟ ସନ୍ତୁଷ୍ଟ ହୋଇ ପାରିବ ନାହିଁ ଏବଂ ସନ୍ତୁଷ୍ଟ ହୋଇ ନ ପାରିଲେ ନିଜକୁ ବୁଝି ପାରିବ ନାହିଁ ଅର୍ଥାତ୍ ଆତ୍ମଜ୍ଞାନ ଲାଭ କରି ପାରିବ ନାହିଁ । ଦ୍ୱିତୀୟ ଅଧ୍ୟାୟ ୪୫ଶ ଶ୍ଳୋକରେ ଥିବା ନିର୍ଦ୍ୱନ୍ଦ୍ୱ ଓ ନିତ୍ୟସତ୍ତ୍ୱସ୍ଥ ଏହି ଦୁଇଟି କଥା ପ୍ରଥମଖଣ୍ଡ ପୁସ୍ତକରେ ବୁଝାଇ ଦିଆଯାଇଅଛି । ସେହି ଦୁଇଟି କଥା ଆଉ ଥରେ ବୁଝନ୍ତୁ । ଗୀତାର ଏହି ନୂତନ ଶିକ୍ଷା ବର୍ତ୍ତମାନ ବୁଝି ନ ପାରିଲେ ମଧ୍ୟ ପରେ ବୁଝିବେ । ବର୍ତ୍ତମାନ କେବଳ ଏତିକି ବୁଝନ୍ତୁ ଯେ, ମମତା ଓ ଧର୍ମାନ୍ଧତା ଦୋଷରୁ ଅର୍ଜୁନ ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ ହେଉଥିଲେ । ଯେଉଁସବୁ କାରଣ ପ୍ରଦର୍ଶାଇ ସେ ନିବୃତ୍ତ ହେଉଥିଲେ, ସେହିସବୁ

*

କାରଣକୁ ଶ୍ରୀକୃଷ୍ଣ କପରି କୌଶଳରେ ଖଣ୍ଡନ କରି ତାଙ୍କୁ ତାଙ୍କର ସ୍ୱଭାବନିୟତ କର୍ମରେ ନିଯୁକ୍ତ କରିଅଛନ୍ତି, ଏତକ କଥା ସଂଶୟଶୂନ୍ୟ ହୋଇ ବୁଝନ୍ତୁ ଏବଂ ନିଜ ନିଜର ରୁଚିବା ଅନୁସାରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ । ତାହା ନ କରି ଲୋକଚକ୍ଷୁରେ ପଣ୍ଡିତ ଓ ଧାର୍ମିକ ବୋଲାଇବା ପାଇଁ ଗୀତାର ୭୦୦ ଶ୍ଳୋକର ବିଭିନ୍ନ ପ୍ରକାର ପାଣ୍ଡିତ୍ୟପୂର୍ଣ୍ଣ ଅବୋଧଗମ୍ୟ ଅର୍ଥସବୁ ମୁଖସ୍ଥ କରିବାକୁ ଇଚ୍ଛା କରନ୍ତୁ ନାହିଁ । ଧର୍ମାନ୍ଧତା ଦୋଷରୁ ଅର୍ଜୁନ ଯେଉଁସବୁ କାରଣ ପ୍ରଦର୍ଶାଇଥିଲେ ସେହିସବୁ କାରଣର ମୂଳକାରଣ ହେଉଛି—"ଇତି ଅନୁଶୁଶ୍ରୁମ" ଅର୍ଥାତ୍ ଏହିସବୁ କଥା ଆମ୍ଭେମାନେ ଲୋକମୁଖରୁ ତଥା ଶାସ୍ତ୍ରମାନଙ୍କରୁ ଶୁଣି ଆସୁଅଛୁଁ । ଏହି ମୂଳ କାରଣକୁ "ଯାବାନ୍ ସର୍ବେଷୁ ବେଦେଷୁ" (୨।୪୬), "ବୁଦ୍ଧୌ ଶରଣମନ୍ୱିଚ୍ଛ" ( ୨।୪୯ ), "ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ" (୨।୫୨), "ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧି" (୨।୫୩) ଇତ୍ୟାଦି ଉକ୍ତିଗୁଡ଼ିକରେ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ଖଣ୍ଡନ କରିଅଛନ୍ତି, ଯାହା ପ୍ରଥମଖଣ୍ଡରୁ ଜାଣିପାରିବେ । ଦୁଃଖର କଥା ଏହିକି ଗୀତାର କୌଣସି ଟୀକାକାର ଏହି ଏକାନ୍ତ ଆବଶ୍ୟକୀୟ ବିଷୟର କୌଣସି ଆଲୋଚନା କରି ନାହାନ୍ତି ଏବଂ ଜନସାଧାରଣ ମଧ୍ୟ ନିଜ ନିଜର ସ୍ୱାଧୀନ ଚିନ୍ତାର ଅଭାବରୁ ଏ ବିଷୟରେ ଚିନ୍ତାଶୂନ୍ୟ ରହିବା ଫଳରେ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ପୂର୍ବାପର ଅଭ୍ୟସ୍ତ ଥାଇ ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗୁଅଛନ୍ତି । 'ଗତସ୍ୟ ଶୋଚନା ନାସ୍ତି' ଅର୍ଥାତ୍ ଯାହା ହେବାର ହେଲାଣି, ସେଥିପାଇଁ ଅନୁତାପ କରିବା ଉଚିତ ନୁହେଁ । ଉପସ୍ଥିତ ସମାଜର ପ୍ରତ୍ୟେକ ବ୍ୟକ୍ତି ଗୀତାର ଏହି ନୂତନ ଶିକ୍ଷା ଆଜ ଗ୍ରହଣକରି ଉପକୃତ ହୁଅନ୍ତୁ । କାଲି ଗ୍ରହଣ କରିବି ଏହି ମନୋବୃତ୍ତି ବା ଦୁର୍ବଳତା ପରିତ୍ୟାଗ କରନ୍ତୁ ।

**୨ୟ ପ୍ରଶ୍ନ**—ଗୀତା ଯଦି ଶାସ୍ତ୍ରବିଧିସବୁର ଅନ୍ଧାନୁସରଣ ପରିତ୍ୟାଗ କରିବାକୁ କହିଛି, ତେବେ ଗୀତାର ନିମ୍ନଲିଖିତ ଶ୍ଳୋକ ଦୁଇଟିର ତାତ୍ପର୍ଯ୍ୟ କଅଣ ?—ଶ୍ରୀ ଗୌରମୋହନ ମହାନ୍ତି, (ମାଣଦା, ମୟୂରଭଞ୍ଜ)

ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ,
ନ ସ ସିଦ୍ଧିମବାପ୍ନୋତି, ନ ସୁଖଂ ନ ପରାଂ ଗତିମ୍ । ୨୩ ।

ତସ୍ମାତ୍ ଶାସ୍ତ୍ରଂ ପ୍ରମାଣନ୍ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ,
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି । ୨୪ ।

ଅର୍ଥ—ଯେଉଁ ବ୍ୟକ୍ତି ଶାସ୍ତ୍ରବିଧିକୁ ତ୍ୟାଗ କରି କାମନାର ତାଡନାରେ କର୍ମ କରେ ଅର୍ଥାତ୍ ଯଥେଚ୍ଛାଚାରୀ ହୁଏ ସେ ବ୍ୟକ୍ତି ସିଦ୍ଧି କିମ୍ବା ସୁଖ କିମ୍ବା ପରମାଗତି କିଛି ପାଏ ନାହିଁ । ୨୩ । ଅତଏବ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ସ୍ଥିର କରିବା ପାଇଁ ଶାସ୍ତ୍ର ତୁମ୍ଭର ପ୍ରମାଣ ହେଉ । ଶାସ୍ତ୍ର-ବିଧାନ ଜାଣି ଏ ସଂସାରରେ ତୁମ୍ଭର କର୍ମ କରିବା ଉଚିତ । ୨୪ ।

ଉତ୍ତର—କେଉଁମାନଙ୍କୁ ଓ କେଉଁ ଅଭିପ୍ରାୟରେ ଗୀତା ଏହି ଉପଦେଶ ଦେଇଅଛି ତାହା ଜାଣିବାକୁ ଇଚ୍ଛା ନ କରି ନିଜ ନିଜର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ସମର୍ଥନ କରିବାପାଇଁ ଲୋକେ ଏହି ଦୁଇଟି ଶ୍ଳୋକ ଉଦ୍ଧାର କରୁଅଛନ୍ତି । ଏହି ଦୁଇଟି ଶ୍ଳୋକର ପୂର୍ବବର୍ତ୍ତୀ କେତୋଟି ଶ୍ଳୋକ ନ ବୁଝିଲେ ମଧ୍ୟ ଅନ୍ତତଃ ଠିକ୍ ପୂର୍ବରେ ଥିବା ନିମ୍ନଲିଖିତ ଦୁଇଟି ଶ୍ଳୋକ ବୁଝିଲେ ଗୀତାକାରଙ୍କର ଅଭିପ୍ରାୟ କଅଣ, ତାହା ସ୍ଥିର କରି ପାରିବେ ।

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ,
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ । ୨୧ ।
ଏତୈର୍ବିମୁକ୍ତଃ କୌନ୍ତେୟ ! ତମୋଦ୍ୱାରୈସ୍ତ୍ରିଭିର୍ନରଃ,
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ । ୨୨ ।

ଅର୍ଥ କାମ, କ୍ରୋଧ ଓ ଲୋଭ ଏ ତିନୋଟି ହେଉଛି ନରକର ତିନପ୍ରକାର ଦ୍ୱାର । ଏମାନେ ନିଜର ବିନାଶକାରୀ ଅଟନ୍ତି । ଅତଏବ ଏହି ତିନୋଟିକୁ ତ୍ୟାଗ କରିବାକୁ ହେବ । ୨୧ । ହେ କୌନ୍ତେୟ ! ନରକର ଏହି ତିନୋଟି ଅନ୍ଧକାରମୟ ଦ୍ୱାରରୁ ବିମୁକ୍ତ ହୋଇ ମନୁଷ୍ୟ ନିଜର ଶ୍ରେୟ ବା ପ୍ରକୃତ ମଙ୍ଗଳ ପାଇଁ କର୍ମ କରନ୍ତି ଏବଂ ତଦ୍ଦ୍ୱାରା ପରମା ଗତି ଲାଭ କରନ୍ତି । ୨୨ ।

କାମ, କ୍ରୋଧ ଓ ଲୋଭର ବଶବର୍ତ୍ତୀ ହୋଇ ମନୁଷ୍ୟ ଏହି ଆନନ୍ଦମୟ ସଂସାରକୁ ନରକରେ ପରିଣତ କରିଅଛି । ନିଜର ତଥା

ସମାଜର ପ୍ରକୃତ ମଙ୍ଗଳ ଇଚ୍ଛାକଲେ ଏମାନଙ୍କୁ ପରିତ୍ୟାଗ କରିବା ଏକାନ୍ତ ଆବଶ୍ୟକ, ଏହି ଉପଦେଶ ସବୁ ଧର୍ମଶାସ୍ତ୍ର ବାରମ୍ବାର ଦେଇଥିଲେ ମଧ୍ୟ ମନୁଷ୍ୟ ଶାସ୍ତ୍ରର ଉପଦେଶ ନ ମାନି ନିଜର ଇଚ୍ଛା-ପ୍ରଣୋଦିତ ହୋଇ ଏମାନଙ୍କୁ ପ୍ରଶ୍ରୟ ଦେଉଥିବାରୁ ଶ୍ରୀକୃଷ୍ଣ କହିଲେ ଯେ ଶାସ୍ତ୍ର ବିଧାନ ଜାଣି ଏମାନଙ୍କୁ ପରିତ୍ୟାଗ କରିବାକୁ କର୍ତ୍ତବ୍ୟ ବୋଧ କରିବା ଆବଶ୍ୟକ । ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରିବାକୁ ସେ ଏଠାରେ କହିନାହାନ୍ତି ।

ଆଉ ଗୋଟିଏ କଥା ଏହି କି ଶାସ୍ତ୍ରବିଧି ଓ ଶାସ୍ତ୍ରୋପଦେଶ ସହିତ ଜନସାଧାରଣଙ୍କର କୌଣସି ସମ୍ବନ୍ଧ ନାହିଁ । ଶାସ୍ତ୍ର ନାମରେ ଅଶାସ୍ତ୍ରର ଅର୍ଥାତ୍ ଲୋକାଚାର, ଦେଶାଚାର, କୁଳାଚାର ଇତ୍ୟାଦିର ଅନ୍ଧାନୁସରଣ ସମାଜରେ ବିଶେଷ ଭାବରେ ଅଛି ଏବଂ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ ଅପେକ୍ଷା ତାହା ସମାଜର ଅଧିକ ଅନିଷ୍ଟ ସାଧନ କରୁଅଛି । ସେଥିପାଇଁ ଗୀତା ସପ୍ତଦଶ ଅଧ୍ୟାୟରେ କହୁଛି :—

ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ,
ଦମ୍ଭାହଂକାରସଂଯୁକ୍ତାଃ କାମରାଗବଲାନ୍ୱିତାଃ । ୫ ।
କର୍ଷୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ,
ମାଞ୍ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ । ୬ ।

**ଅର୍ଥ**—ଶାସ୍ତ୍ରର ପ୍ରକୃତ ଅଭିପ୍ରାୟ ନ ବୁଝି, ଦମ୍ଭ ଓ ଅହଙ୍କାର ସଂଯୁକ୍ତ ହୋଇ, କାମ ଓ ଆସକ୍ତି ଦ୍ୱାରା ତାଡ଼ିତ ହୋଇ, ଯେଉଁମାନେ ଶରୀରସ୍ଥ ଭୂତମାନଙ୍କୁ ଏବଂ ଅନ୍ତଃଶରୀରସ୍ଥ ମୋତେ କଷ୍ଟ ଦେଇ ଶାସ୍ତ୍ର-ବିରୁଦ୍ଧ ଘୋର ତପ ଆଚରଣ କରନ୍ତି, ସେମାନଙ୍କୁ ଆସୁରଭାବସଂପନ୍ନ ବୋଲି ଜାଣ । ୫ । ୬ ।

ଏହି ଅଶାସ୍ତ୍ରର ଅନ୍ଧାନୁସରଣକାରୀମାନଙ୍କୁ ଗୀତା କହୁଛି, "ତସ୍ମାତ୍ ଶାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ" । ମାତ୍ର ଶାସ୍ତ୍ର ସମସ୍ତଙ୍କୁ କହୁଛି—"ବୁଦ୍ଧିରେବ ପ୍ରମାଣଂ ସ୍ୟାତ୍ ଶାସ୍ତ୍ରାଶାସ୍ତ୍ରବ୍ୟବସ୍ଥିତୌ", ଅର୍ଥାତ୍ ସମାଜରେ ଶାସ୍ତ୍ର ଓ ଅଶାସ୍ତ୍ର ଉଭୟର ଅନ୍ଧାନୁସରଣ ରହିଥିବାରୁ କଏ ଶାସ୍ତ୍ର କଏ ଅଶାସ୍ତ୍ର ତାହା ସ୍ଥିର କରିବା ପାଇଁ ବୁଦ୍ଧି ହେଉଛି ଏକମାତ୍ର ପ୍ରମାଣ । ଶାସ୍ତ୍ର କହୁଛି :—

କେବଳଂ ଶାସ୍ତ୍ରମାଶ୍ରିତ୍ୟ ନ କର୍ତ୍ତବ୍ୟବିନିର୍ଣ୍ଣୟଃ ।
ଯୁକ୍ତିହୀନବିଚାରେଣ ଧର୍ମହାନିଃ ପ୍ରଜାୟତେ ॥

ଅର୍ଥ—କେବଳ ଶାସ୍ତ୍ରକୁ ଆଶ୍ରୟ କରି କର୍ତ୍ତବ୍ୟ ସ୍ଥିର କର ନାହିଁ । ନିଜେ ଯୁକ୍ତିଯୁକ୍ତ ବିଚାର ନ କରି ଶାସ୍ତ୍ରର ଅନ୍ଧାନୁସରଣ କରିବା ଦ୍ୱାରା ଧର୍ମହାନି ହୁଏ । ଚଣ୍ଡୀରେ କୁହାଯାଇଅଛି :—

ସର୍ବସ୍ୟ ବୁଦ୍ଧିରୂପେଣ ଜନସ୍ୟ ହୃଦି ସଂସ୍ଥିତେ !
ସ୍ୱର୍ଗାପବର୍ଗଦେ ଦେବି ନାରାୟଣି ! ନମୋଽସ୍ତୁ ତେ ॥

ଅର୍ଥ—ପ୍ରତ୍ୟେକ ବ୍ୟକ୍ତିର ଭିତରେ ବୁଦ୍ଧିହୋଇ ରହିଥିବା ହେ ଦେବୀ, ନାରାୟଣୀ! ତୁମ୍ଭକୁ ନମସ୍କାର ॥

ଯା ଦେବୀ ସର୍ବଭୂତେଷୁ ବୁଦ୍ଧିରୂପେଣ ସଂସ୍ଥିତା ।

ଅଭିପ୍ରାୟ ଏହି କି ଯେଉଁ ଦେବୀ କଳ୍ପନାର ଅଗୋଚର ତାଙ୍କୁ ନମସ୍କାର କରିବା ସମ୍ପୂର୍ଣ୍ଣ ଅସମ୍ଭବ ଅଟେ । ଅତଏବ ଲୋକେ କଳ୍ପନାର ଅଗୋଚର ମା ଚଣ୍ଡୀଙ୍କୁ ନମସ୍କାର କରିବା ପରିବର୍ତ୍ତେ ବୁଦ୍ଧିକୁ ମା ଚଣ୍ଡୀ ବୋଲି ଗ୍ରହଣ କରି ବୁଦ୍ଧିକୁ ନମସ୍କାର କରିବା ଶିଖନ୍ତୁ । ଶାନ୍ତିପର୍ବରେ କୁହାଯାଇଅଛି :—

ବୁଦ୍ଧିରାତ୍ମା ମନୁଷ୍ୟସ୍ୟ ବୁଦ୍ଧିରେବାତ୍ମନୋ ଗତିଃ ।

ଅର୍ଥ—ବୁଦ୍ଧି ହେଉଛି ମନୁଷ୍ୟର ଆତ୍ମା ଏବଂ ବୁଦ୍ଧି ହେଉଛି ମନୁଷ୍ୟର ଏକମାତ୍ର ଗତି ବା ପଥ-ପ୍ରଦର୍ଶକ ।

ଏଠାରେ ମଧ୍ୟ ଅଭିପ୍ରାୟ ଏହି କି ଆତ୍ମା ହେଉଛି ଅବ୍ୟକ୍ତ । ଅତଏବ ସେହି ଆତ୍ମା କଅଣ ତାହା ଜାଣିବାକୁ ବ୍ୟାକୁଳ ନ ହୋଇ ଲୋକେ ସର୍ବପ୍ରଥମେ ନିଜ ନିଜର ବୁଦ୍ଧି କଅଣ ତାହା ବୁଝନ୍ତୁ ଓ ସେହି ବୁଦ୍ଧିର ଶରଣ ନେଇ କର୍ମ କରନ୍ତୁ । ପଞ୍ଚତନ୍ତ୍ରରେ ଗୋଟିଏ ସୁନ୍ଦର ଉପମା ଦିଆଯାଇଅଛି :—

ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ଶାସ୍ତ୍ରଂ ତସ୍ୟ କରୋତି କିମ୍ ।
ଲୋଚନାଭ୍ୟାଂ ବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି ?

ଅର୍ଥ—ଯାହାର ନିଜର ପ୍ରଜ୍ଞା ବା ବୁଦ୍ଧି ନାହିଁ, ଶାସ୍ତ୍ର ତାହାର କଅଣ କରିପାରିବ ? ଆଖି ଦୁଇଟିଯାକ ନ ଥିବା ବ୍ୟକ୍ତିର ଦର୍ପଣ କଅଣ କରିପାରେ ?

ଏତେ ଶାସ୍ତ୍ରୀୟ ପ୍ରମାଣ ଜାଣି ମଧ୍ୟ କେହି କେହି ହିତୋପଦେଶରୁ ନିମ୍ନଲିଖିତ ଉକ୍ତିଟି ଉଦ୍ଧାର କରି ଯୁକ୍ତି କରିପାରନ୍ତି ।

ସର୍ବସ୍ୟ ଲୋଚନଂ ଶାସ୍ତ୍ରଂ ଯସ୍ୟ ନାସ୍ତ୍ୟନ୍ଧ ଏବ ସଃ ।

ଅର୍ଥ—ଶାସ୍ତ୍ର ହେଉଛି ସମସ୍ତଙ୍କର ଚକ୍ଷୁ । ତେଣୁ ଶାସ୍ତ୍ରଜ୍ଞାନ ନଥିବା ବ୍ୟକ୍ତି ହେଉଛି ଅନ୍ଧ ।

ବର୍ତ୍ତମାନ ସ୍ଥିର କରନ୍ତୁ, ବୁଦ୍ଧି ନଥିବା ନିର୍ବୋଧ ଶାସ୍ତ୍ରଜ୍ଞ ପଣ୍ଡିତ ଓ ଶାସ୍ତ୍ରଜ୍ଞାନ ନ ଥାଇ ବୁଦ୍ଧିଯୁକ୍ତ ବ୍ୟକ୍ତି, ଏହି ଦୁହିଁଙ୍କ ମଧ୍ୟରେ କିଏ ପ୍ରକୃତରେ ଅନ୍ଧ ; ଏହି ବିଷୟ ସ୍ଥିର କରିବାପାଇଁ ବୁଦ୍ଧି ଆବଶ୍ୟକ ହେଉଛି କି ଶାସ୍ତ୍ର ଆବଶ୍ୟକ ହେଉଛି, ତାହା ମଧ୍ୟ ସ୍ଥିର କରନ୍ତୁ । ଶାସ୍ତ୍ର ଆବଶ୍ୟକ ବୋଲି ଯଦି କେହି କେହି କହନ୍ତି ତେବେ ମଧ୍ୟ ଶାସ୍ତ୍ର ଯାହା କହୁଛି ତାହା ବୁଝନ୍ତୁ । ଶାସ୍ତ୍ର କହୁଛି :—

ଶାସ୍ତ୍ରାଣ୍ୟଧୀତ୍ୟାପି ଭବନ୍ତି ମୂର୍ଖାଃ
ଯସ୍ତୁ କ୍ରିୟାବାନ୍ ପୁରୁଷଃ ସ ବିଦ୍ୱାନ୍ ॥

ଅର୍ଥ—ଶାସ୍ତ୍ରସବୁ ପଢ଼ିଥିଲେ ମଧ୍ୟ ଲୋକେ ମୂର୍ଖ ହୁଅନ୍ତି । ଯେଉଁ ବ୍ୟକ୍ତି ବୁଦ୍ଧିଯୁକ୍ତ ହୋଇ ନିଜର ସ୍ୱଭାବନିଯୁତ କର୍ମ କରନ୍ତି, ସେ ହେଉଛନ୍ତି ପ୍ରକୃତରେ ପଣ୍ଡିତ ।

ଶାସ୍ତ୍ରର ଏହି ଉପଦେଶ କେତେଦୂର ସତ୍ୟ ତାହା ସ୍ଥିର କରିବା ପାଇଁ ପୁଣି ସେହି ଶାସ୍ତ୍ର ଆବଶ୍ୟକ ହେଉଛି, କି ବୁଦ୍ଧି ଆବଶ୍ୟକ ହେଉଛି ତାହା ମଧ୍ୟ ସ୍ଥିର କରନ୍ତୁ ।

ଆଉ ଗୋଟିଏ ଅସଲ କଥା ବୁଝନ୍ତୁ । ଯେଉଁ ଗୀତା କହୁଛି— "ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ" (୨ୟ-୪୬)

ଅର୍ଥାତ୍ ବୁଦ୍ଧିଯୁକ୍ତ ବ୍ୟକ୍ତିର ଧର୍ମଶାସ୍ତ୍ର ସବୁ ସମ୍ପୂର୍ଣ୍ଣ ଅନାବଶ୍ୟକ, ଯେଉଁ ଗୀତା କହୁଛନ୍ତି—"ବୁଦ୍ଧୌ ଶରଣମନ୍ୱିଚ୍ଛ, କୃପଣାଃ ଫଳହେତବଃ (୨ୟ—୪୯), ଅର୍ଥାତ୍ ଫଳକାମନା ଆଶାରେ ଶାସ୍ତ୍ରବିଧିସବୁର ଅନୁସରଣ ନକରି ବୁଦ୍ଧିର ଶରଣ ନେବାକୁ ଇଚ୍ଛାକର, ଫଳକାମୀମାନେ ଦୟାର ପାତ୍ର ଅଟନ୍ତି, ଯେଉଁ ଗୀତା କହୁଛନ୍ତି—"ଶ୍ରୁତି-ବିପ୍ରତିପନ୍ନା "ତେ ବୁଦ୍ଧିଃ" (୨ୟ-୫୩)। ଅର୍ଥାତ୍ ଧର୍ମଶାସ୍ତ୍ର ସବୁଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି, ସେହି ଗୀତା ଶାସ୍ତ୍ରବିଧି ସବୁର କିମ୍ବା ଶାସ୍ତ୍ରୋପଦେଶ ସବୁର ଅନ୍ଧାନୁସରଣ କରିବାକୁ କଦାଚ କହି ନାହିଁ। ଗୀତାର ଟୀକାକାରମାନେ ଗୀତାର ଏହି ନୂତନ ଶିକ୍ଷା ଗ୍ରହଣ କରି ନ ପାରି ବିଭିନ୍ନ ଶାସ୍ତ୍ରମତ ଉପରେ ପ୍ରତିଷ୍ଠିତ ନିଜ ନିଜର ତଥାକଥିତ ବିଭିନ୍ନ ମତକୁ ସମର୍ଥନ କରି ବିଭିନ୍ନ ପ୍ରକାର ଟୀକା କରିଅଛନ୍ତି। ତେଣୁ ମୂଳଶ୍ଳୋକ ସହିତ ଏହିସବୁ ଟୀକାର କୌଣସି ସାମଞ୍ଜସ୍ୟ ନାହିଁ।

ଅନ୍ୟମାନଙ୍କର କଥା ଛାଡ଼ନ୍ତୁ। ପୂର୍ବେ କୁହାଯାଇଥିବା "ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ" ଉକ୍ତିରେ ଥିବା 'ବ୍ରାହ୍ମଣସ୍ୟ' କଥାଟିକୁ ସନ୍ନ୍ୟାସିନଃ; 'ବେଦେଷୁ' କଥାଟିକୁ 'ବେଦୋକ୍ତକର୍ମଫଳେଷୁ' ଏବଂ 'ବିଜାନତଃ' କଥାଟିକୁ 'ପରମାର୍ଥତତ୍ତ୍ୱଂ ବିଜାନତଃ' ବୋଲି ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଅର୍ଥ କରିଅଛନ୍ତି—ଯାହା ସମ୍ପୂର୍ଣ୍ଣ ଅସଙ୍ଗତ। କାରଣ ମୂଳ ଶ୍ଳୋକରେ ସନ୍ନ୍ୟାସୀ, କର୍ମଫଳ ଓ ପରମାର୍ଥ ତତ୍ତ୍ୱ କଥ ଗୁଡ଼ିକ ନାହିଁ। ଶ୍ରୀ ଅରବିନ୍ଦ ଏହି କଥାଟିକୁ ଇଂରାଜୀରେ ଅନୁବାଦ କରିଅଛନ୍ତି—The Vedas and the Upanishads are unnecessary for the man who has direct Spiritual experience. ଅର୍ଥାତ୍ ପ୍ରତ୍ୟକ୍ଷ ଆଧ୍ୟାତ୍ମିକ ଅନୁଭୂତି ଥିବା ବ୍ୟକ୍ତି ପାଇଁ ବେଦସବୁର ଓ ଉପନିଷଦ ସବୁର କୌଣସି ଆବଶ୍ୟକ ନାହିଁ। ଶ୍ରୀ ଅରବିନ୍ଦ ଏଠାରେ ଉପନିଷଦ କଥାଟି ଯୋଡ଼ିଦେଲେ କାହିଁକି ? ସେ ଯାହାହେଉ, ପୂଜ୍ୟପାଦ ଶଙ୍କର କହିଥିବା ଅଳ୍ପ କେତେଜଣ ସନ୍ନ୍ୟାସୀଙ୍କୁ କିମ୍ବା ଶ୍ରୀ ଅରବିନ୍ଦ କହିଥିବା ଆଧ୍ୟାତ୍ମିକ ଅନୁଭୂତି ଥିବା ଅତି ଅଳ୍ପ କେତେଜଣଙ୍କୁ ବିଶ୍ୱଗୁରୁ ଶ୍ରୀକୃଷ୍ଣ ଉପଦେଶ ଦେଉନାହାନ୍ତି। ଉପଦେଶ ଦେଉଅଛନ୍ତି, ଅର୍ଜୁନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ, ପ୍ରତ୍ୟେକଙ୍କୁ।

ଶଙ୍କରାଚାର୍ଯ୍ୟ ହୁଅନ୍ତୁ କମ୍ବା ଅରବିନ୍ଦ ହୁଅନ୍ତୁ କମ୍ବା ଆଉ କେହି ହୁଅନ୍ତୁ, ଗୀତାର ଟୀକାକାରମାନଙ୍କର ବୁଦ୍ଧି ଧର୍ମଶାସ୍ତ୍ର ସବୁ ଦ୍ୱାରା ବିକ୍ଷିପ୍ତ ହୋଇଥିବାରୁ (୨ସ୍ନ-୫୩) ଏବଂ ଗୀତାକାର ଧର୍ମଶାସ୍ତ୍ର ସବୁର ବିରୁଦ୍ଧରେ କହୁଥିବାରୁ ସେମାନେ ଗୀତାର ନୂତନ ଶିକ୍ଷା ଗ୍ରହଣ କରି ନ ପାରି ଏପରି ଅସଙ୍ଗତ ଓ ଅବାନ୍ତର ଅର୍ଥ ସବୁ କରିଅଛନ୍ତି ।

## ଦ୍ୱିତୀୟ ଅଧ୍ୟାୟ

( ପ୍ରଥମ ଖଣ୍ଡରେ ଏହି ଅଧ୍ୟାୟର ୫୩ ଶ୍ଳୋକ ପର୍ଯ୍ୟନ୍ତ ଆଲୋଚିତ ହୋଇଛି । )

**ଅର୍ଜୁନ ଉବାଚ**

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିଂ । ୫୪ ।

ଅନ୍ୱୟ—ଅର୍ଜୁନଃ ଉବାଚ । ହେ କେଶବ ! ସମାଧିସ୍ଥସ୍ୟ ସ୍ଥିତପ୍ରଜ୍ଞସ୍ୟ କା ଭାଷା, ସ୍ଥିତଧୀଃ କିଂ ପ୍ରଭାଷେତ, କିଂ ଆସୀତ, କିଂ ବ୍ରଜେତ । ୫୪ ।

ଅର୍ଥ—(ଅର୍ଜୁନ ପଚାରିଲେ) ସମାଧିସ୍ଥ ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କର ଲକ୍ଷଣ ବା ଚିହ୍ନ କଅଣ ? ସ୍ଥିତଧୀ ବ୍ୟକ୍ତି କପରି କଥା କହନ୍ତି, କପରି ଆସନ କରନ୍ତି (କେଉଁଠାରେ ରହନ୍ତି) ଏବଂ କପରି ଯିବା ଆସିବା କରନ୍ତି ।

ପୂର୍ବ ଶ୍ଳୋକରେ ସମାଧିସ୍ଥ ବ୍ୟକ୍ତିର କଥା ଅର୍ଥାତ୍ ସମାଧିରେ ଅବସ୍ଥାନ କରିଥିବା ବ୍ୟକ୍ତିର କଥା ଶ୍ରୀକୃଷ୍ଣ କହି କହି ନାହାନ୍ତି । ସେ କହିଅଛନ୍ତି, ଶ୍ରୁତି ଦ୍ୱାରା ଅର୍ଥାତ୍ ( ଲୋକମୁଖରୁ ଓ ଶାସ୍ତ୍ରମାନଙ୍କରୁ ) ଶୁଣିବା କଥା ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଯେତେବେଳେ ଶୁଣିବା କଥା ଦ୍ୱାରା ବିକ୍ଷିପ୍ତ ନ ହୋଇ ସମାଧିରେ ଅଚଳ ଓ ନିଶ୍ଚଳ ରହିବ । ତୁମ୍ଭର ବୁଦ୍ଧି ଯେତେବେଳେ ନିଶ୍ଚଳ ଓ ଅଚଳ ରହିବ—

ଏଣିକି ନ କହି ଶ୍ରୀକୃଷ୍ଣ ସେଥିରେ "ସମାଧିରେ" ଏହି କଥାଟି ଯୋଗକରି ଦେଇ କହିଲେ, ତୁମର ବୁଦ୍ଧି ଯେତେବେଳେ ସମାଧିରେ ନିଶ୍ଚଳ ଓ ଅଚଳ ରହିବ । "ସମାଧିରେ" ଏହି କଥାଟି ଯୋଗକରିବାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହି କି ଯୋଗାଭ୍ୟାସୀମାନେ ସମାଧି ଅବସ୍ଥାପ୍ରାପ୍ତ ହେଲେ ଯେପରି ନିଶ୍ଚଳ ଓ ଅଚଳ ରହନ୍ତି ତୁମର ବୁଦ୍ଧି ଶୁଣିବା କଥା ସବୁ ଦ୍ୱାରା ବିକ୍ଷିପ୍ତ ନ ହୋଇ ସେହିପରି ନିଶ୍ଚଳ ଓ ଅଚଳ ରହିବା ଆବଶ୍ୟକ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ବୁଝି ନ ପାରି ଅର୍ଜୁନ ପଚାରିଲେ, "ସମାଧିସ୍ଥ ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କର ଲକ୍ଷଣ କଅଣ, ସେ କିପରି କଥା କହନ୍ତି, କେଉଁଠାରେ ବସନ୍ତି, କିପରି ବସନ୍ତି ଓ କିପରି ଯିବା ଆସିବା କରନ୍ତି, ?" ଏପରି ପ୍ରଶ୍ନ କରିବାର କାରଣ ଏହି କି ଯୋଗାଭ୍ୟାସୀମାନେ ସମାଧି ଅବସ୍ଥାରେ ରହିବା କଥା ଅର୍ଜୁନ ଜାଣିଥିଲେ । ସେମାନଙ୍କ ମଧ୍ୟରୁ କେଏ ଜଙ୍ଗଲରେ ରହି ତପସ୍ୟା କରୁଥିଲେ, କେଏ ବିଭିନ୍ନ ପ୍ରକାର ଆସନରେ ବସି ଯୋଗାଭ୍ୟାସ କରୁଥିଲେ, କେଏ ମୌନବ୍ରତ ଅବଲମ୍ବନ କରୁଥିଲେ, କେଏ ଜଟା ରଖୁଥିଲେ, କେଏ ପାଗଳ ବୋଲି ହୋଇ ରହୁଥିଲେ ଇତ୍ୟାଦି । ସେମାନଙ୍କର ବାହାର ଲକ୍ଷଣ ସବୁ ସାଧାରଣ ଲୋକଙ୍କର ବାହାର ଲକ୍ଷଣରୁ ସମ୍ପୂର୍ଣ୍ଣ ପୃଥକ୍ ଥିଲା । ଅର୍ଜୁନ ମନେକଲେ ସେହି ବାହାର ଲକ୍ଷଣ ସବୁ ଦେଖି ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କୁ ଚିହ୍ନିବାକୁ ହେବ । ଆଜି ମଧ୍ୟ କୌଣସି ବ୍ୟକ୍ତିର ବାହାର ଲକ୍ଷଣ ସବୁ ଦେଖି ଆମ୍ଭେମାନେ ତାଙ୍କୁ ଯୋଗୀ, ଜ୍ଞାନୀ, ସାଧୁ ଓ ଧାର୍ମିକ ଲୋକ ବୋଲି ଜାଣିନେଉ । ଧର୍ମାନ୍ଧ ଅର୍ଜୁନଙ୍କ ପକ୍ଷରେ ଏପରି ପ୍ରଶ୍ନ ପଚାରିବା ସ୍ୱାଭାବିକ । ପରବର୍ତ୍ତୀ ଶ୍ଳୋକ ଗୁଡ଼ିକରେ ଶ୍ରୀକୃଷ୍ଣ ଉତ୍ତର ଦେବେ ଯେ ପୋଷାକ ପରିଚ୍ଛଦ ଓ ଚାଲିଚଳଣ ଇତ୍ୟାଦି ବାହାର ଲକ୍ଷଣ ସବୁ ସହିତ ସ୍ଥିତପ୍ରଜ୍ଞ ବ୍ୟକ୍ତିର କୌଣସି ସମ୍ବନ୍ଧ ନାହିଁ, ଚରିତ୍ର ଗଠନ ସହିତ ସ୍ଥିତପ୍ରଜ୍ଞବ୍ୟକ୍ତିର ଏକମାତ୍ର ସମ୍ବନ୍ଧ ।

ଏହି ଅଧ୍ୟାୟର ୩୯, ୪୧, ୪୪, ୪୯, ୫୦, ୫୧, ୫୨ ଓ ୫୩ ଶ୍ଳୋକମାନଙ୍କରେ ବୁଦ୍ଧି ଶବ୍ଦଟି ଶ୍ରୀକୃଷ୍ଣ ବାରମ୍ବାର ବ୍ୟବହାର କରିଅଛନ୍ତି । ସେହି ବୁଦ୍ଧି ଶବ୍ଦର ପରିବର୍ତ୍ତେ ଅର୍ଜୁନ ଯେ ପ୍ରଜ୍ଞା ଓ ଧୀ ଏହି ଦୁଇଟି ଶବ୍ଦ ବ୍ୟବହାର କଲେ ଏଥିରୁ ବୁଝାଗଲା ଯେ, ଶ୍ରୀକୃଷ୍ଣ

*

ବାରମ୍ବାର ବ୍ୟବହାର କରୁଥିବା ବୁଦ୍ଧି କଥାଟିର୍ ଅର୍ଥ ହେଉଛି, ପ୍ରଜ୍ଞା ଓ ଧୀ ଏବଂ ସାଂଖ୍ୟ ବୁଦ୍ଧି ଅର୍ଥାତ୍ ଶାସ୍ତ୍ରଜ୍ଞାନ ନୁହେଁ, ଏକଥା ଅର୍ଜୁନ ବୁଝି-ପାରିଲେ, ମାତ୍ର ପୂର୍ବଧାରଣାର ବଶବର୍ତ୍ତୀ ହୋଇ ପୂର୍ବ ଶ୍ଲୋକରେ ଶ୍ରୀକୃଷ୍ଣ ବ୍ୟବହାର କରିଥିବା "ସମାଧୌ" କଥାଟିର ବିଶେଷତ୍ୱ ବୁଝି-ପାରିଲେ ନାହିଁ । ସେ ବୁଝିଲେ ଯେ, ଯୋଗାଭ୍ୟାସ ଇତ୍ୟାଦି ଦ୍ୱାରା ସମାଧି ଅବସ୍ଥାରେ ରହିଥିବା ବ୍ୟକ୍ତି ହେଉଛନ୍ତି ସ୍ଥିତବୁଦ୍ଧି ବା ସ୍ଥିତପ୍ରଜ୍ଞ, ତେଣୁ ସେ ପଚାରିଲେ, ସମାଧିସ୍ଥ ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କର ଲକ୍ଷଣ କିଅଣ ? ମାତ୍ର ସମାଧିସ୍ଥ କଥାଟି ଶ୍ରୀକୃଷ୍ଣଙ୍କର ଆଲୋଚ୍ୟ ବିଷୟ ନୁହେଁ । ଏଠାରେ ତାଙ୍କର ଆଲୋଚ୍ୟ ବିଷୟ ଏହି କି ଲୋକମୁଖରୁ ଓ ଶାସ୍ତ୍ରମାନଙ୍କରୁ ଶୁଣିବା କଥା ସବୁ ଦ୍ୱାରା ଯାହାଙ୍କର ବୁଦ୍ଧି ବିକ୍ଷିପ୍ତ ନୁହେଁ ସେହି ବ୍ୟକ୍ତି ହେଉଛନ୍ତି—ସ୍ଥିତବୁଦ୍ଧି ବା ସ୍ଥିତପ୍ରଜ୍ଞ ବା ସ୍ଥିତଧୀ ।

ଅର୍ଜୁନଙ୍କର ଅର୍ଥାତ୍ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଧର୍ମାନ୍ଧତା ଦୋଷ ଦୂର କରିବା ଏବଂ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଚିରସଖା, ସାଭଙ୍କ ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ 'ବୁଦ୍ଧିର' ପରିଚୟ ଦେବାହିଁ ଗୀତାକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ ଏବଂ ସେହି ଅଭିପ୍ରାୟରେ ସେ ଶ୍ରୀକୃଷ୍ଣଙ୍କ ମୁହଁରେ ପୂର୍ବ ଶ୍ଲୋକରେ 'ସମାଧୌ' ଏବଂ ଅର୍ଜୁନଙ୍କ ମୁହଁରେ ଆଲୋଚ୍ୟ ଶ୍ଲୋକରେ 'ସମାଧିସ୍ଥସ୍ୟ' କଥାଟି କୁହାଇ ଅଛନ୍ତି । ସେ ଯାହା ହେଉ, ଯେଉଁମାନେ ଅର୍ଜୁନ ବ୍ୟବହାର କରିଥିବା ସମାଧିସ୍ଥ କଥାଟିର ବିଶେଷତ୍ୱ ବୁଝିପାରୁ ନାହାନ୍ତି, ସେମାନେ ଆଲୋଚ୍ୟ ଶ୍ଲୋକରୁ ସମାଧିସ୍ଥସ୍ୟ କଥାଟିକୁ ବାଦଦେଇ ଶ୍ଲୋକର ଅବଶିଷ୍ଟ ଅଂଶ ବୁଝନ୍ତୁ । ତେବେ ମଧ୍ୟ ଅର୍ଜୁନଙ୍କ ପ୍ରଶ୍ନରୁ ତାଙ୍କର ଧର୍ମାନ୍ଧତା ଦୋଷ ବୁଝିପାରିବେ । ଗୀତାର ପୂର୍ବତନ ଓ ଆଧୁନିକ ବିଶିଷ୍ଟ ଟୀକାକାରମାନେ ଧର୍ମାନ୍ଧ ଅର୍ଜୁନଙ୍କ ପରି ଶ୍ରୀକୃଷ୍ଣ ପୂର୍ବ ଶ୍ଲୋକରେ କହିଥିବା "ସମାଧୌ" କଥାଟିର ବିଶେଷତ୍ୱ ବୁଝି ନ ପାରି ଆଲୋଚ୍ୟ ଶ୍ଲୋକରେ ଅର୍ଜୁନ କହିଥିବା ସମାଧିସ୍ଥସ୍ୟ କଥାଟିକୁ ପ୍ରଧାନ ସ୍ଥାନଦେଇ ବ୍ୟାଖ୍ୟା କରିଅଛନ୍ତି । ସମାଧିସ୍ଥସ୍ୟ ସ୍ଥିତପ୍ରଜ୍ଞସ୍ୟ ଏହି ଦୁଇଟି କଥାକୁ ମିଶେଇ ଦେଇ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ଅର୍ଥକଲେ "ସମାଧିଲବ୍ଧପ୍ରଜ୍ଞସ୍ୟ"; ଶ୍ରୀ ଅରବିନ୍ଦ ଇଂରାଜୀରେ ଅନୁବାଦ କଲେ—What is the sign of the man in Samadhi

**whose intelligence is firmly fixed in wisdom.** ଅର୍ଥାତ୍, ଜ୍ଞାନ ଉପରେ ଯାହାଙ୍କର ବୁଦ୍ଧି ଦୃଢ଼ ଭାବରେ ଅବସ୍ଥିତ ସେହି ସମାଧିସ୍ଥ ବ୍ୟକ୍ତିଙ୍କର ଲକ୍ଷଣ କଣ ? ବୁଦ୍ଧି କିପରି ଜ୍ଞାନ ଉପରେ ଦୃଢ ଭାବରେ ଅବସ୍ଥିତ ହୁଏ ତାହା କେବଳ ଅରବିନ୍ଦ ଓ ଶଙ୍କରଙ୍କ ପରି ସମାଧିସ୍ଥ ବ୍ୟକ୍ତି ବୁଝି ପାରିବେ । ଅନ୍ୟ କେହି ବୁଝିପାରିବା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ନିରହଙ୍କାର ଦୋଷାବହ କର୍ମ ଯାହାଙ୍କର ସ୍ୱଭାବ-ନିୟତ କର୍ମ ସେହି ଅର୍ଜୁନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ଏଠାରେ କୁହାଯାଉଅଛି, ଶଙ୍କର କିମ୍ବା ଅରବିନ୍ଦଙ୍କ ପରି ଅତି ଅଳ୍ପ କେତେଜଣଙ୍କୁ କୁହାଯାଉ ନାହିଁ । ସେ ଯାହା ହେଉ "ସମାଧି" କଥାଟି କେବଳ ଏଠାରେ କାହିଁକି ସମସ୍ତ ଗୀତାରେ ଆଲୋଚ୍ୟ ବିଷୟ ନୁହେଁ । ଉତ୍ତରପଡା ସ୍ପିଚ୍ (Uttarpada Speech) ନାମକ ଖଣ୍ଡିଏ ଛୋଟ ବହିରେ ଶ୍ରୀ ଅରବିନ୍ଦ ଲେଖିଅଛନ୍ତି । "God placed the Geeta in my hand. His strength entered into me and I was able to do the Sadhana of the Geeta.' × × × "God spoke to me again and said" ଅର୍ଥାତ୍, "ଈଶ୍ୱର ମୋ ହାତରେ ଗୀତା ଦେଇ ଦେଲେ, ତାଙ୍କର ଶକ୍ତି ମୋଠାରେ ପ୍ରବେଶ କଲା ଏବଂ ମୁଁ ଗୀତାର ସାଧନା କରିବାକୁ ସମର୍ଥ ହେଲି । × × × ଈଶ୍ୱର ପୁଣି ମୋ ସଙ୍ଗେ କଥାବାର୍ତ୍ତା କଲେ ଏବଂ କହିଲେ —— × × ×" । ଅରବିନ୍ଦଙ୍କ ହାତରେ ଈଶ୍ୱର ଗୀତାବହି ଦେଇଥିଲେ ଦେଇଥିବେ ଏବଂ ଈଶ୍ୱରଙ୍କର ଶକ୍ତି ତାଙ୍କ ଭିତରେ ପ୍ରବେଶ କରିଥିଲେ କରିଥିବ, ଈଶ୍ୱର ତାଙ୍କ ସଙ୍ଗେ କଥାବାର୍ତ୍ତା କରିଥିଲେ କରିଥିବେ, ମାତ୍ର ଏଥିପାଇଁ ତାଙ୍କର ଅର୍ଥକୁ ଅଭ୍ରାନ୍ତ ବୋଲି ଗ୍ରହଣ କରିବା ମନୋବୃତ୍ତି ପରିତ୍ୟାଗ କରି ପ୍ରକୃତ କଥା ବୁଝନ୍ତୁ । କେବଳ ଅରବିନ୍ଦ କାହିଁକି, ନିଜେ ପ୍ରକୃତ କଥା ନ ବୁଝି କେବଳ ବିଶିଷ୍ଟ-ବ୍ୟକ୍ତିମାନେ ଲେଖିଗଲେ କିମ୍ବା କହିଗଲେ, ତେଣୁ ତାକୁ ସତ୍ୟ ବୋଲି ଗ୍ରହଣ କରିବା ମନୋବୃତ୍ତି ପରିତ୍ୟାଗ କରନ୍ତୁ । ଏପରି ମନୋବୃତ୍ତିକୁ ଗୀତା ଆଦୌ ସମର୍ଥନ କରୁନାହିଁ ।

ଶ୍ରୀକୃଷ୍ଣ ଉବାଚ

ପ୍ରଜହାତି ଯଦା କାମାନ ସର୍ବାନ୍ ପାର୍ଥ, ମନୋଗତାନ୍
ଆତ୍ମନ୍ୟେବାତ୍ମନା ତୁଷ୍ଟଃ, ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ । ୫୫ ।

ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ, ସୁଖେଷୁ ବିଗତ ସ୍ପୃହଃ,
ବୀତରାଗଭୟକ୍ରୋଧଃ, ସ୍ଥିତଧୀର୍ମୁନିରୁଚ୍ୟତେ । ୫୬ ।
ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍,
ନାଭିନନ୍ଦତି ନ ଦ୍ୱେଷ୍ଟି, ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୫୭ ।
ଯଦା ସଂହରତେ ଚାୟଂ, କୂର୍ମୋଽଙ୍ଗାନୀବ ସର୍ବଶଃ,
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୫୮ ।
ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ,
ରସବର୍ଜଂ, ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ । ୫୯ ।
ଯତତୋ ହ୍ୟପି, କୌନ୍ତେୟ ! ପୁରୁଷସ୍ୟ ବିପଶ୍ଚିତଃ,
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ । ୬୦ ।
ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ,
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୬୧ ।
ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ,
ସଙ୍ଗାତ୍ ସଞ୍ଜାୟତେ କାମଃ, କାମାତ୍ କ୍ରୋଧୋଽଭିଜାୟତେ । ୬୨ ।
କ୍ରୋଧାଦ୍ଭବତି ସମ୍ମୋହଃ, ସମ୍ମୋହାତ୍ ସ୍ମୃତିବିଭ୍ରମଃ,
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ, ବୁଦ୍ଧିନାଶାତ୍ ପ୍ରଣଶ୍ୟତି । ୬୩ ।
ରାଗଦ୍ୱେଷବିମୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍,
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି । ୬୪ ।
ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ,
ପ୍ରସନ୍ନ ଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ । ୬୫ ।
ନାସ୍ତି ବୁଦ୍ଧିରଯୁକ୍ତସ୍ୟ, ନ ଚାୟୁକ୍ତସ୍ୟ ଭାବନା,
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖଂ । ୬୬ ।
ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ,
ତଦସ୍ୟ ହରତି ପ୍ରଜ୍ଞା ବାୟୁର୍ନାବମିବାମ୍ଭସି । ୬୭ ।
ତସ୍ମାଦ୍ୟସ୍ୟ, ମହାବାହୋ ! ନିଗୃହୀତାନି ସର୍ବଶଃ,
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । ୬୮ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ—ମନୁଷ୍ୟ ଯେତେବେଳେ ତାହାର ମନୋଗତ କାମନା ସବୁ ପରିତ୍ୟାଗ କରେ, ନିଜ ଦ୍ୱାରା ନିଜେ ସନ୍ତୁଷ୍ଟ

ରହେ, ଅର୍ଥାତ୍ ନିଜର ସନ୍ତୋଷ ପାଇଁ ଅନ୍ୟ କାହାରିକୁ ଅପେକ୍ଷା ନ କରେ ସେତେବେଳେ ତାକୁ ସ୍ଥିତପ୍ରଜ୍ଞ କୁହାଯାଏ । ୫୫ । ଦୁଃଖରେ ଅନୁଦ୍‌ବିଗ୍ନ ଚିତ୍ତ, ସୁଖରେ ସ୍ପୃହାଶୂନ୍ୟ, ଆସକ୍ତି, ଭୟ ଓ କ୍ରୋଧ ବର୍ଜିତ ବ୍ୟକ୍ତିଙ୍କୁ ସ୍ଥିତଧୀ ବା ସ୍ଥିତପ୍ରଜ୍ଞ କୁହାଯାଏ । ୫୬ । ସବୁ ବିଷୟରେ ଯେ ସ୍ପୃହାଶୂନ୍ୟ, ଶୁଭ ପାଇଲେ ଯେ ଆନନ୍ଦିତ ହୁଅନ୍ତି ନାହିଁ କିମ୍ବା ଅଶୁଭ ପାଇଲେ ଯେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ପ୍ରଜ୍ଞା ପ୍ରତିଷ୍ଠିତା । ୫୭ । କୂର୍ମ ତାହାର ଅଙ୍ଗସବୁ ସଙ୍କୋଚ କରି ରଖିବା ପରି ଯେଉଁ ଲୋକ ଇନ୍ଦ୍ରିୟମାନଙ୍କର ବିଷୟ ସବୁରୁ ଇନ୍ଦ୍ରିୟମାନଙ୍କୁ ସଙ୍କୋଚ କରି ରଖନ୍ତି, ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତା । ୫୮ । ନିରାହାର ଦେହୀର ବିଷୟ ସବୁ ରସବର୍ଜରୂପେ ନିବୃତ୍ତ ହୁଏ ଅର୍ଥାତ୍ ବିଷୟ ଭୋଗ ପରିତ୍ୟାଗ କଲେ ସୁଦ୍ଧା ବିଷୟ ପ୍ରତି ଯେ ରସ ବା କାମନା ତାହା ସେ ପରିତ୍ୟାଗ କରିପାରନ୍ତି ନାହିଁ । କୌଣସି ଉତ୍କୃଷ୍ଟତର ବିଷୟ ବା ଉତ୍କୃଷ୍ଟତର ଆନନ୍ଦ ଦେଖିଲେ ନିକୃଷ୍ଟତର ବିଷୟର ରସ ବା କାମନା ପର୍ଯ୍ୟନ୍ତ ଚାଲିଯାଏ । ୫୯ ।

ମିଛ କହିଲେ ମୋତେ ଟ ୫୦୦୧ ଉତ୍କୋଚ ମିଳିବ । ପାପ ଭୟରୁ ହେଉ କିମ୍ବା କାଳେ କେହି ଜାଣିଲେ ମୋର ମର୍ଯ୍ୟାଦା ନଷ୍ଟ ହେବ ସେଥିପାଇଁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ମୁଁ ମିଛ କହିଲି ନାହିଁ ଓ ଟ ୫୦୦୧ ନେଲି ନାହିଁ । ମୁଁ ଟ ୫୦୦୧ ନେବାରୁ ନିବୃତ୍ତ ହେଲି ସତ; ମାତ୍ର ଟଙ୍କାର ରସ ଅର୍ଥାତ୍ ଟଙ୍କା ପ୍ରତି ମୋର ଯେ କାମନା ତାହା ଗଲା ନାହିଁ । ସତ୍ୟ କହିବାର ଯେ ନିର୍ମଳ ଆନନ୍ଦ ତାହା ଉପଲବ୍ଧି କରିଥିଲେ ଏବଂ ସେହି ଆନନ୍ଦ ସହିତ ଟଙ୍କାର ଯେଉଁ କାମୋପଭୋଗ ତାହା ତୁଳନା କରି ସତ୍ୟର ନିର୍ମଳ ଆନନ୍ଦକୁ ଉତ୍କୃଷ୍ଟତର ବୋଲି ଦେଖିଥିଲେ ଟଙ୍କାର ରସ ପର୍ଯ୍ୟନ୍ତ ଚାଲି ଯାଇଥାନ୍ତା । ଗୁଡ଼ପ୍ରତି ଯେ କାମନା ତାହା ମିଶ୍ରିର ସ୍ୱାଦ ଜାଣିଥିଲେ, ମିଶ୍ରି ଦେଖିଲେ ଚାଲିଯାଏ ।

ହେ କୌନ୍ତେୟ ! ପ୍ରମତ୍ତ ଇନ୍ଦ୍ରିୟ ସବୁ ଯତ୍ନବାନ ବିବେକୀ ପୁରୁଷର ମନକୁ ମଧ୍ୟ ବଳପୂର୍ବକ ହରଣ କରନ୍ତି । ୬୦ । ସେହି ସବୁ ଇନ୍ଦ୍ରିୟମାନଙ୍କୁ ସଂଯତ କରି ମତ୍ପରାୟଣ ଅର୍ଥାତ୍ ମୋତେ ଏକମାତ୍ର ଲକ୍ଷ୍ୟ

ରଖି ଓ ମୋ ସହିତ ଯୁକ୍ତ ହୋଇ ରହିବା ଉଚିତ ଅର୍ଥାତ୍ ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ସମଭାବରେ ରଖି କର୍ମ କରିବା ଉଚିତ । ଇନ୍ଦ୍ରିୟମାନେ ଯାହାଙ୍କର ବଶୀଭୂତ ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତା । ୬୧ । ବିଷୟ ସବୁକୁ ଧ୍ୟାନ କରୁ କରୁ ପୁରୁଷର ସେଥିରେ ସଙ୍ଗ ବା ଆସକ୍ତି ଜନ୍ମେ । ସଙ୍ଗରୁ କାମନା ଓ କାମନାପୂରଣ ନ ହେଲେ କ୍ରୋଧ ଜନ୍ମେ । ୬୨ । କ୍ରୋଧରୁ ସମ୍ମୋହ, ସମ୍ମୋହରୁ ସ୍ମୃତିବିଭ୍ରମ ଏବଂ ସ୍ମୃତିଭ୍ରଂଶରୁ ବୁଦ୍ଧି ନାଶ ହୁଏ । ବୁଦ୍ଧି ନଷ୍ଟ ହେଲେ ଲୋକ ନିଜେ ନଷ୍ଟ ହୁଏ । ୬୩ । କିନ୍ତୁ ସଂଯତାତ୍ମା ବ୍ୟକ୍ତି ରାଗ ଓ ଦ୍ୱେଷରୁ ବିମୁକ୍ତ ହୋଇ ଆତ୍ମବଶୀଭୂତ ଇନ୍ଦ୍ରିୟମାନଙ୍କଦ୍ୱାରା ବିଷୟ ଭୋଗ କରି ପ୍ରସାଦ ବା ପ୍ରସନ୍ନତା ଲାଭ କରନ୍ତି । ୬୪ । ପ୍ରସନ୍ନତା ଲାଭ କଲେ ତାହାଙ୍କର ସବୁ ଦୁଃଖର ବିନାଶ ହୁଏ । ପ୍ରସନ୍ନଚେତା ବ୍ୟକ୍ତିଙ୍କର ବୁଦ୍ଧି ଶୀଘ୍ର ପ୍ରତିଷ୍ଠିତ ହୁଏ । ୬୫ । ଇନ୍ଦ୍ରିୟ ମନ ଓ ବୁଦ୍ଧି ସହିତ ଯୁକ୍ତ ନଥିବା ବ୍ୟକ୍ତିଙ୍କର ବୁଦ୍ଧି ନାହିଁ ଏବଂ ସ୍ୱାଧୀନ ଚିନ୍ତା ମଧ୍ୟ ନାହିଁ । ସ୍ୱାଧୀନ ଚିନ୍ତା ନ ଥିବା ବ୍ୟକ୍ତିର ଶାନ୍ତି ନାହିଁ । ଶାନ୍ତି ନ ଥିବା ବ୍ୟକ୍ତିର ସୁଖ କିପରି ଆସିପାରେ ? । ୬୬ । ଚରୁଥିବା ଅର୍ଥାତ୍ ବିଷୟ ଭୋଗ କରୁଥିବା ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଯେଉଁ ଗୋଟିଏ ମାତ୍ର ଇନ୍ଦ୍ରିୟକୁ ମନ ଅନୁଗମନ କରେ, ସେହି ଇନ୍ଦ୍ରିୟ ସେହି ଲୋକର ପ୍ରଜ୍ଞା ବା ବୁଦ୍ଧିକୁ ସମୁଦ୍ରରେ ନୌକାକୁ ବାୟୁ ହରଣ କଲାପରି ହରଣ କରେ । ୬୭ । ଅତଏବ ହେ ମହାବାହୋ ! ଯାହାଙ୍କର ଇନ୍ଦ୍ରିୟମାନେ ସେମାନଙ୍କର ବିଷୟ ସବୁରୁ ସବଁତୋଭାବେ ନିଗୃହୀତ, ତାହାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ । ୬୮ ।

ସ୍ଥିତପ୍ରଜ୍ଞ ହେବାକୁ ହେଲେ ଯେଉଁ ସବୁ ସଦ୍‌ଗୁଣ ଅର୍ଜନ କରିବାକୁ ହେବ ବୋଲି ଏହି କେତୋଟି ଶ୍ଳୋକରେ କୁହାଗଲା ସେହି ସବୁ ସଦ୍‌ଗୁଣରୁ ଗୋଟିଏ ମାତ୍ର ସଦ୍‌ଗୁଣ ଅର୍ଜନ କରିବାକୁ କର୍ତ୍ତବ୍ୟ ବୋଧ ନ କରି ପ୍ରତ୍ୟହ ଏହି କେତୋଟି ଶ୍ଳୋକ ପାରାୟଣ କରିବାକୁ ଆମ୍ଭେମାନେ ଏକମାତ୍ର କର୍ତ୍ତବ୍ୟ ବୋଧକରୁଁ । ଏପରି ପାରାୟଣର କୌଣସି ମୂଲ୍ୟ ନାହିଁ । ଗୀତାକାରଙ୍କର ଅଭିପ୍ରାୟ ଏହି କି ଲୋକମୁଖରୁ ଓ ଶାସ୍ତ୍ରମାନଙ୍କରୁ ଶୁଣିବା କଥା ଦ୍ୱାରା ବିକ୍ଷିପ୍ତ ହୋଇଥିବା ବୁଦ୍ଧିକୁ ପୂର୍ବପରି ବିକ୍ଷିପ୍ତ ଅବସ୍ଥାରେ ନ ରଖି ଯୋଗାଭ୍ୟାସୀମାନେ ସମାଧି

ଅବସ୍ଥାରେ ନିଶ୍ଚଳ ଓ ଅଚଳ ରହିବା ପରି ନିଶ୍ଚଳ ଓ ଅଚଳ ରଖିବାକୁ ହେବ (ଯାହା ୨ୟ ୫୩ ଶ୍ଳୋକରୁ ବୁଝି ପାରିବେ) ଏବଂ ତାହାହେଲେ ମନୁଷ୍ୟ ପୂର୍ବୋକ୍ତ ସଦ୍‌ଗୁଣ ସବୁ ଅନାୟାସରେ ଅର୍ଜନ କରିପାରିବ ଅର୍ଥାତ୍ ଏହିସବୁ ସଦ୍‌ଗୁଣ ଅର୍ଜନ କରିବା ପାଇଁ କୌଣସି ପ୍ରକାର ଚେଷ୍ଟା କରିବାକୁ ହେବ ନାହିଁ । ଏହି ଅଧ୍ୟାୟ ୪୫ଶ ଶ୍ଳୋକରେ ନିର୍ଦ୍ଦ୍ୱନ୍ଦ୍ୱ ଓ ନିତ୍ୟସତ୍ତ୍ୱସ୍ଥ ରହିବାକୁ ଉପଦେଶ ଦେଇ ଗୀତାକାର ଠିକ୍ ଏହି କଥା କହିଅଛନ୍ତି । ଏହି ବିଷୟର ବିଶେଷ ଆଲୋଚନା ପ୍ରଥମ ଖଣ୍ଡ ପୁସ୍ତକରେ କରାଯାଇଅଛି । ଏହି ଆଲୋଚନାରୁ ବୁଝି ପାରିବେ ଯେ, ୪୫ଶ ଶ୍ଳୋକରେ କୁହାଯାଇଥିବା ନିର୍ଦ୍ଦ୍ୱନ୍ଦ୍ୱ ଓ ନିତ୍ୟସତ୍ତ୍ୱସ୍ଥ ରହିବା ଏବଂ ଏଠାରେ କୁହାଯାଉଥିବା ସ୍ଥିତପ୍ରଜ୍ଞ ରହିବା ଏ ଦୁହେଁ ଏକା କଥା । ଏ ବିଷୟ ବୁଝିବା ପାଇଁ ଶାସ୍ତ୍ରଜ୍ଞାନର କିମ୍ବା ପାଣ୍ଡିତ୍ୟର କିମ୍ବା କୌଣସି ଗୁରୁଙ୍କର ଆବଶ୍ୟକ ହେବ ନାହିଁ, ଆବଶ୍ୟକ ହେବ କେବଳ ନିଜ ନିଜର ସ୍ୱାଧୀନ ଚିନ୍ତା । ଉଦାହରଣ ଦ୍ୱାରା କଥାଟିକୁ ବୁଝନ୍ତୁ । ଏଠାରେ ୫୬ ଶ୍ଳୋକରେ କୁହାଗଲା ଯେ, ଦୁଃଖରେ ଥିଲେ କିପରି ସୁଖରେ ରହିବ ଏଥିପାଇଁ ମନକୁ ଉଦ୍‌ବିଗ୍ନ ନ କରି ସେହି ଦୁଃଖରେ ଥିବା ଅବସ୍ଥାରେ ରହି ସେହି ଅବସ୍ଥାକୁ ଉପଲବ୍ଧି କରିବାକୁ ହେବ ଏବଂ ତାହା କଲେ ଦୁଃଖ ଚାଲିଯାଇ ସୁଖ ଆପେ ଆପେ ଆସିବ । ଠିକ୍ ଏହି କଥା ୪୫ଶ ଶ୍ଳୋକରେ ମଧ୍ୟ କୁହାଯାଇ ଅଛି ।

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ । ୬୯ ।

ଅର୍ଥ ଯାହା ଜନସାଧାରଣଙ୍କର ନିଶା ବା ରାତ୍ରି ସ୍ୱରୂପ, ସଂଯମୀ ବ୍ୟକ୍ତି ସେଥିରେ ଜାଗରିତ ଥାଆନ୍ତି ଏବଂ ଯହିଁରେ ଜନସାଧାରଣ ଜାଗରିତ ଥାଆନ୍ତି, ସତ୍ୟଦର୍ଶୀ ମୁନି ପକ୍ଷରେ ତାହା ରାତ୍ରି ସ୍ୱରୂପ । ୬୯ ।

ଜନସାଧାରଣ ଜଗତର ମଙ୍ଗଳ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ ରହି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଅର୍ଥାତ୍ ଧନ ସକାଶେ, କ୍ଷମତା ସକାଶେ ଓ ନାମ ସକାଶେ ସର୍ବଦା ଜାଗ୍ରତ ଥାଆନ୍ତି, ମାତ୍ର ସଂଯମୀ ବ୍ୟକ୍ତି ଧନ ସକାଶେ, କ୍ଷମତା ସକାଶେ ଓ ନାମ ସକାଶେ ଚେଷ୍ଟିତ ନ ରହି ଜଗତର ମଙ୍ଗଳ ପାଇଁ ସର୍ବଦା ଜାଗ୍ରତ ଥାଆନ୍ତି ।

ଆପୂର୍ଯ୍ୟମାଣମଚଳପ୍ରତିଷ୍ଠମ୍
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ । ୭୦ ।

ଅର୍ଥ—ଜଳରାଶିକୁ କାମନା କରୁ ନ ଥିବା ପରିପୂରିତ ଓ ଅଚଳ ପ୍ରତିଷ୍ଠିତ ସମୁଦ୍ର ମଧ୍ୟରେ ଜଳରାଶି ଯେପରି ପ୍ରବେଶ କରେ, କାମନା ସବୁ ଯାହାଙ୍କଠାରେ ସେହିପରି ପ୍ରବେଶ କରେ ସେହି ବ୍ୟକ୍ତି ଶାନ୍ତି ପାଆନ୍ତି । କାମକାମୀ ଅର୍ଥାତ୍ କାମନାକୁ କାମନା କରୁଥିବା ବ୍ୟକ୍ତି ପ୍ରକୃତ ଶାନ୍ତି ପାଇ ପାରନ୍ତି ନାହିଁ । ୭୦ ।

ମୋକ୍ଷ କାମନା କରି ବିଷୟ ଭୋଗ ତ୍ୟାଗ କରିବା ବ୍ୟକ୍ତିର କାମନା ଯାଏ ନାହିଁ ; ତେଣୁ କାମନାକୁ କାମନା କରି ସେ ଶାନ୍ତି ପାଆନ୍ତି-ନାହିଁ ।

ପାଣି ସବୁ ସମୁଦ୍ରରେ ପ୍ରବେଶ କଲାପରି କାମନା ସବୁ ମନରେ ପ୍ରବେଶ କରୁ ଅର୍ଥାତ୍ କାମନା ସବୁ ଦ୍ୱାରା ମନ ଉଦ୍‌ବିଗ୍ନ ନ ହୋଇ ସ୍ଥିର ଓ ଅଚଳ ଅବସ୍ଥାରେ ରହୁ । ଉଦାହରଣ ଦ୍ୱାରା କଥାଟି ବୁଝାଯାଉ—ମୁଁ କିପରି ପରୀକ୍ଷାରେ ପାଶ୍ କରିବି ଏପରି କାମନା ମନକୁ ଆସିବା ସ୍ୱାଭାବିକ । ମାତ୍ର ଏହି କାମନା ଦ୍ୱାରା ମନ ଉଦ୍‌ବିଗ୍ନ ହେଲେ କାଳେ ଫେଲ୍ ହୋଇଯିବି ଏପରି ଭୟ ମୋ ପଢିବାରେ ବ୍ୟାଘାତ ଜନ୍ମାଇବ । ଅତଏବ ମୁଁ କିପରି ପାଶ୍ କରିବି ମନ ସେଥିପାଇଁ ଉଦ୍‌ବିଗ୍ନ ନ ହୋଇ ସ୍ଥିର ଓ ଅଚଳ ରହିବା ଆବଶ୍ୟକ । ଆଉ ଗୋଟିଏ ଉଦାହରଣ—ମୋର ପୁଅ ବିଶେଷ ବେମାର ଅଛି । ସେ କିପରି ଭଲ ହେବ ସେଥିପାଇଁ ମୁଁ ଡାକ୍ତର ପାଖକୁ ଯିବି, ମୁଁ ଔଷଧ ଆଣିବି ଇତ୍ୟାଦି । ମନ ଡାକ୍ତର ପାଖକୁ ଯିବ ନାହିଁ କିମ୍ବା ଔଷଧ ଆଣିବାକୁ ଯିବ ନାହିଁ । ଅତଏବ ମନ ସେଥିପାଇଁ ଉଦ୍‌ବିଗ୍ନ ହେବା ସମ୍ପୂର୍ଣ୍ଣ ଅନାବଶ୍ୟକ । କାରଣ ମନ ଉଦ୍‌ବିଗ୍ନ ହେବା ଫଳରେ ମୁଁ ଆଜି ଏ ଡାକ୍ତର, କାଲି ସେ ଡାକ୍ତର, ଆଜି ଏ ଔଷଧ, କାଲି ସେ ଔଷଧ ଏହିପରି ଇତସ୍ତତଃ ହେବି ଏବଂ ତାହା ପୁଅର ଉପଯୁକ୍ତ ଚିକିତ୍ସାରେ ବ୍ୟାଘାତ ଜନ୍ମାଇବ—ଅତଏବ ମନଟା

ସର୍ବଦା ଜାଗ୍ରତ ରହନ୍ତୁ, ମାତ୍ର ଉତ୍‌ବିଗ୍ନ ନ ହୋଇ ନିଶ୍ଚେଷ୍ଟ ରହନ୍ତୁ । (୨ୟ ଅଧ୍ୟାୟ ୪୫ ଶ୍ଳୋକରେ ଥିବା ନିର୍ଦ୍ଵନ୍ଦ୍ୱ ଓ ନିତ୍ୟସତ୍ତ୍ୱସ୍ଥ ଏହି ଦୁଇଟି କଥା ବୁଝନ୍ତୁ ଏବଂ ଏ ବିଷୟରେ ଚିନ୍ତା କରନ୍ତୁ । )

ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିସ୍ପୃହଃ,<br>
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି । ୭୧ ।<br>
ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ! ନୈନାଂ ପ୍ରାପ୍ୟ ବିମୁହ୍ୟତି ।<br>
ସ୍ଥିତ୍ୱାସ୍ୟାମନ୍ତକାଳେଽପି ବ୍ରହ୍ମନିର୍ବାଣମୃଚ୍ଛତି । ୭୨ ।

ଅର୍ଥ—ଯେଉଁ ବ୍ୟକ୍ତି କାମନା ସବୁ ତ୍ୟାଗକରି ମୁଁ ଓ ମୋର ଏହି ଭାବ ନ ରଖି ଅର୍ଥାତ୍ ମୁଁ ଧନୀ, ମୁଁ ପଣ୍ଡିତ, ମୁଁ କର୍ତ୍ତା, ମୋର ସ୍ତ୍ରୀ, ମୋର ସମ୍ପତ୍ତି ଏହି ଭାବ ନ ରଖି ସ୍ପୃହାଶୂନ୍ୟ ହୋଇ ବିଷୟ ଭୋଗ କରନ୍ତି ସେହି ବ୍ୟକ୍ତି ପ୍ରକୃତରେ ଶାନ୍ତି ପାଆନ୍ତି । ୭୧ । ହେ ପାର୍ଥ ! ଏହି ଅବସ୍ଥାରେ ରହିବାର ନାମ ବ୍ରାହ୍ମୀସ୍ଥିତି । ଏହି ଅବସ୍ଥା ଲାଭକଲେ ମନୁଷ୍ୟ ମୋହଗ୍ରସ୍ତ ହୁଏ ନାହିଁ ଏବଂ ଅନ୍ତିମ କାଳରେ ମଧ୍ୟ ବ୍ରହ୍ମ ନିର୍ବାଣ ଲାଭ କରେ ।

ଗୀତାରେ ବ୍ରାହ୍ମୀସ୍ଥିତି ବିଷୟ ଆଉ କେତେଠାରେ ମଧ୍ୟ ଅଛି । ସେହି ବ୍ରାହ୍ମୀସ୍ଥିତି କିପରି ଲାଭ କରିପାରିବ ତାହା ଜାଣିବାକୁ ଇଚ୍ଛା କଲେ ମୋର 'ଗୀତାର ବ୍ରାହ୍ମୀସ୍ଥିତି' ନାମକ ବହିଟି ପଢ଼ିପାରନ୍ତି ।

---

## ତୃତୀୟ ଅଧ୍ୟାୟ—କର୍ମଯୋଗ

### ଅର୍ଜୁନ ଉବାଚ

ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ !<br>
ତତ୍ କିଂ କର୍ମଣି ଘୋରେ ମାଂ ନିଯୋଜୟସି କେଶବ । ୧ ।<br>
ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ,<br>
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାଂ । ୨ ।

*

ଅର୍ଥ—ଅର୍ଜ୍ଜୁନ କହିଲେ, ହେ ଜନାର୍ଦ୍ଦନ ! ହେ କେଶବ !! ଯଦି କର୍ମ ଅପେକ୍ଷା ବୁଦ୍ଧି ଶ୍ରେଷ୍ଠ ଏହା ଆପଣଙ୍କର ମତ, ତେବେ ମୋତେ ଏହି ଘୋର କର୍ମରେ ନିଯୁକ୍ତ କରୁଅଛନ୍ତି କାହିଁକି ? । ୧। (କେତେବେଳେ କର୍ମଶ୍ରେଷ୍ଠ, କେତେବେଳେ ବୁଦ୍ଧିଶ୍ରେଷ୍ଠ) ଏପରି ମିଶ୍ରିତ ବାକ୍ୟ ଦ୍ୱାରା ମୋର ବୁଦ୍ଧିକୁ କେବଳ ମୋହଯୁକ୍ତ କରୁଅଛନ୍ତି ପରା । ଯହିଁରେ ମୁଁ ଶ୍ରେୟ ପାଇବି ଏପରି ଗୋଟିଏ କଥା ମୋତେ ନିଶ୍ଚୟ କରି କହନ୍ତୁ । ୨।

ଅର୍ଜ୍ଜୁନଙ୍କର ଇଚ୍ଛା ଏହି କି ତାଙ୍କର ଗୁରୁ ଶ୍ରୀକୃଷ୍ଣ ତାଙ୍କୁ ନିଶ୍ଚୟ କରି ଗୋଟିଏ କଥା କହିଦେଲେ ସେ ତାହା ମାନିନେବେ ଏବଂ ଏପରି ଅନ୍ଧାନୁସରଣ ତାଙ୍କୁ ସହଜ ଓ ସୁବିଧାଜନକ ହେବ । ମାତ୍ର ଶ୍ରୀକୃଷ୍ଣ ସେପରି ଗୁରୁ ନୁହଁନ୍ତି । ସେ ଏପରି କୌଶଳରେ ଶିକ୍ଷା ଦେବେ ଯେପରି କି ଶିଷ୍ୟ ଗୁରୁଙ୍କ ଉପଦେଶ ଅନ୍ଧଭାବରେ ମାନିବାକୁ ବୃଥା ଚେଷ୍ଟା ନ କରି ପ୍ରକୃତ କଥା ନିଜେ ବୁଝିପାରିବ ଏବଂ ନିଜର କର୍ତ୍ତବ୍ୟ ନିଜେ ସ୍ଥିର କରିପାରିବ । ଏହି କୌଶଳ ଗୀତାରେ ସର୍ବତ୍ର ଦେଖି ପାରିବେ । ସେଥିପାଇଁ ଗୀତାକୁ ସର୍ବଗୁହ୍ୟତମ ଶାସ୍ତ୍ର କୁହାଯାଇଅଛି ।

କର୍ମ କଅଣ ଓ ବୁଦ୍ଧି କଅଣ ଏବଂ କର୍ମ ସହିତ ବୁଦ୍ଧିର ସମ୍ବନ୍ଧ କଅଣ ତାହା ଲୋକେ ଜାଣି ନ ଥିଲେ । ଆଜି ମଧ୍ୟ ଜାଣି ନାହାନ୍ତି । ସେଥିପାଇଁ ସେମାନେ ଫଳ କାମନା କରି ଶାସ୍ତ୍ର ବିଧି ସବୁର ଅନ୍ଧାନୁସରଣ କରୁଥିଲେ ଏବଂ ଏହି ଅନ୍ଧାନୁସରଣକୁ ସେମାନେ ଧର୍ମ ଓ କର୍ମ ମନେ କରୁଥିଲେ । ଜନସାଧାରଣଙ୍କର ଯେଉଁ ଦୁରବସ୍ଥା ଅର୍ଜ୍ଜୁନଙ୍କର ସେହି ଦୁରବସ୍ଥା । ଅର୍ଜ୍ଜୁନଙ୍କର ଏକମାତ୍ର ସମ୍ବଳ ଥିଲା 'ଅନୁଶୁଶ୍ରୁମ' ସହିତ, ଏ କଥା ଆମ୍ଭେମାନେ ପ୍ରଥମ ଅଧ୍ୟାୟ ୪୭ଶ ଶ୍ଳୋକରୁ ବୁଝି ପାରିଅଛୁଁ । ସେଥିପାଇଁ ଦ୍ୱିତୀୟ ଅଧ୍ୟାୟ ୪୯ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ 'ବୁଦ୍ଧୌ ଶରଣମନ୍ୱିଚ୍ଛ' ଅର୍ଥାତ୍ ଶାସ୍ତ୍ର ବିଧିସବୁର ଅନ୍ଧାନୁସରଣ ନ କରି ନିଜର ବୁଦ୍ଧିର ଶରଣ ନେବାକୁ ଇଚ୍ଛା କର । ନିଜର ସ୍ୱଭାବ ନିୟତ କର୍ମ ସହିତ ନିଜର ବିବେକ ବୁଦ୍ଧିର ଘନିଷ୍ଠ ସମ୍ବନ୍ଧ ରହିବା ଆବଶ୍ୟକ, ଶ୍ରୀକୃଷ୍ଣଙ୍କର ଏହି ଉପଦେଶ ବୁଝି ନ ପାରି ଅର୍ଜ୍ଜୁନ ତାଙ୍କୁ ପଚାରିଲେ— "ଯଦି ବୁଦ୍ଧି ଶ୍ରେଷ୍ଠ ଏହା ଆପଣଙ୍କର ମତ, ମୋତେ କର୍ମରେ ନିଯୁକ୍ତ କରୁଅଛନ୍ତି କିପରି ?" ମୁଁ ବୁଦ୍ଧିର ଆଶ୍ରୟ ନେବି କି କର୍ମର ଆଶ୍ରୟ

ନେଇ ମୋତେ ଗୋଟିଏ କଥା ସ୍ଥିର କରି କହନ୍ତୁ । ଅର୍ଜୁନଙ୍କଠାରୁ ଏପରି ପ୍ରଶ୍ନ ଶୁଣି ଶ୍ରୀକୃଷ୍ଣ କହିଲେ—

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାଂ । ୩ ।
ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ,
ନ ଚ ସନ୍ନ୍ୟାସନାଦେବ ସିଦ୍ଧିଂ ସମଧିଗଚ୍ଛତି । ୪ ।

ଅର୍ଥ—ଶ୍ରୀକୃଷ୍ଣ କହିଲେ, ହେ ଅନଘ ! (ମୁଁ ପୂର୍ବେ ଯାହା କହିଛି ତାହାର ମର୍ମ ଏହି କି) ଏହି ସଂସାରରେ ଦୁଇ ପ୍ରକାର ନିଷ୍ଠା ଅଛି । ଜ୍ଞାନଯୋଗଦ୍ୱାରା ସାଂଖ୍ୟମାନଙ୍କର ଏବଂ କର୍ମଯୋଗଦ୍ୱାରା ଯୋଗୀମାନଙ୍କର । ୩ । କର୍ମ ଆରମ୍ଭ ନ କଲେ କେହି ନୈଷ୍କର୍ମ୍ୟ ବା କର୍ମବନ୍ଧନରୁ ମୁକ୍ତି ଲାଭ କରିପାରେ ନାହିଁ । କେବଳ ସନ୍ନ୍ୟାସ ବ୍ରତ ଅବଲମ୍ବନ କରିବା ଦ୍ୱାରା କେହି ସିଦ୍ଧି ଲାଭ କରିପାରେ ନାହିଁ । ୪ ।

ସାଂଖ୍ୟ ଓ ଯୋଗ ଏହି ଦୁଇଟି କଥା ଦ୍ୱିତୀୟ ଅଧ୍ୟାୟ ୩୯ଶ ଶ୍ଳୋକରେ ଶ୍ରୀକୃଷ୍ଣ କେଉଁ ଅଭିପ୍ରାୟରେ ବ୍ୟବହାର କରିଥିଲେ ତାହା ବୁଝାଇଦେବା ପାଇଁ ସେ ଏଠାରେ ତୃତୀୟ ଶ୍ଳୋକରେ 'ସାଂଖ୍ୟାନାମ୍ ଓ ଯୋଗୀନାମ୍' ଏହି ଦୁଇଟି କଥା ବ୍ୟବହାର କଲେ । ଶ୍ରୀକୃଷ୍ଣ କହିଲେ, ଏହି ସଂସାରରେ ସାଂଖ୍ୟ ସମ୍ପ୍ରଦାୟ ଓ ଯୋଗ ସମ୍ପ୍ରଦାୟ ଏହି ଦୁଇ ସମ୍ପ୍ରଦାୟ ଅଛନ୍ତି । ସାଂଖ୍ୟ ବୁଦ୍ଧି ଉପରେ ଅର୍ଥାତ୍ ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରି କର୍ମବନ୍ଧନରୁ ମୁକ୍ତି ପାଇବା ଆଶାରେ ଯେଉଁମାନେ କର୍ମସଂନ୍ୟାସବ୍ରତ ଅବଲମ୍ବନ କରନ୍ତି କିମ୍ବା ଭୋଗ ଓ ଐଶ୍ୱର୍ଯ୍ୟ ପାଇବା ଆଶାରେ ଯେଉଁମାନେ ଯଜ୍ଞାଦି କର୍ମର ଅନ୍ଧାନୁସରଣ କରନ୍ତି, କିମ୍ବା ଅନ୍ଧ ବିଶ୍ୱାସ ଉପରେ ପ୍ରତିଷ୍ଠିତ ଅଜ୍ଞେୟ, ଅଚିନ୍ତ୍ୟ ଭଗବାନଙ୍କର ଦର୍ଶନ ପାଇବାର ଦୁରାଶା ପୋଷଣ କରି, କିମ୍ବା ମୃତ୍ୟୁପରେ ମୋକ୍ଷ ପାଇବା ଆଶାରେ ଯେଉଁମାନେ ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀରେ ଧ୍ୟାନ—ଧାରଣା ଓ ଯୋଗାଭ୍ୟାସ ଇତ୍ୟାଦିର ଅନ୍ଧାନୁସରଣ କରନ୍ତି ସେହି ଫଳକାମୀମାନେ ସାଂଖ୍ୟ ସମ୍ପ୍ରଦାୟ ବା ଜ୍ଞାନଯୋଗୀ ଅଟନ୍ତି । ଏହି ଜ୍ଞାନଯୋଗୀମାନଙ୍କୁ ବା

ଫଳକାମୀମାନଙ୍କୁ ବା ଅନ୍ଧାନୁସରଣକାରୀମାନଙ୍କୁ "କୃପଣାଃ ଫଳ ହେତବଃ" ଉକ୍ତିଟିରେ ଶ୍ରୀକୃଷ୍ଣ ଦୟାର ପାତ୍ର ବୋଲି କହିଅଛନ୍ତି । ଯେଉଁମାନେ ବୁଦ୍ଧିଯୁକ୍ତ ହୋଇ ସମାଜର ମଙ୍ଗଳ ପାଇଁ କର୍ମ କରନ୍ତି ସେମାନେ ଯୋଗ ସମ୍ପ୍ରଦାୟ ବା କର୍ମଯୋଗୀ ଅଟନ୍ତି । ଚତୁର୍ଥ ଶ୍ଳୋକରେ ଶ୍ରୀକୃଷ୍ଣ ଜ୍ଞାନଯୋଗୀମାନଙ୍କୁ ସମର୍ଥନ ନ କରି କର୍ମଯୋଗୀମାନଙ୍କୁ ସମର୍ଥନ କରିଅଛନ୍ତି । ଯେଉଁମାନେ ପ୍ରକୃତରେ କର୍ମଯୋଗୀ ସେମାନେ ଜାଣନ୍ତି ଯେ ସେମାନେ ହେଉଛନ୍ତି ସମସ୍ତ ମାନବସମାଜର ଗୋଟିଏ ଗୋଟିଏ ଅଂଶ, ତେଣୁ ସେମାନଙ୍କର କର୍ମର ଫଳ ସମସ୍ତ ମାନବସମାଜ ଭୋଗ କରିବ ଏବଂ ମାନବସମାଜର ଅଂଶ ଭାବରେ ସେମାନେ ମଧ୍ୟ ସେହି ଫଳ ଭୋଗ କରିବେ ।

'ନୈଷ୍କର୍ମ୍ୟ' କଥାଟିର ଅର୍ଥ ହେଉଛି କର୍ମବନ୍ଧନରୁ ମୁକ୍ତି । ଏହି ଅଧ୍ୟାୟ ପ୍ରଥମ ଶ୍ଳୋକରେ କର୍ମ ଓ ବୁଦ୍ଧି ଏହି ଦୁଇଟି କଥା ଅର୍ଜୁନ ବ୍ୟବହାର କରିଥିଲେ । ଏହି ଦୁଇଟି କଥା ପରିବର୍ତ୍ତେ ଶ୍ରୀକୃଷ୍ଣ ଏଠାରେ କର୍ମ ଓ ନୈଷ୍କର୍ମ୍ୟ ଏହି ଦୁଇଟି କଥା ବ୍ୟବହାର କରିବା ଦ୍ୱାରା ବୁଝାଇ ଦେଲେ ଯେ ବୁଦ୍ଧି କଥାଟିର ଅର୍ଥ ନୈଷ୍କର୍ମ୍ୟ ଅର୍ଥାତ୍ ମନୁଷ୍ୟ ଯାହାର ଆଶ୍ରୟ ନେଇ କର୍ମବନ୍ଧନରୁ ମୁକ୍ତ ହୋଇପାରିବ ତାହାହିଁ ପ୍ରକୃତ ବୁଦ୍ଧି । ଚତୁର୍ଥ ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ ଯେ କର୍ମ ସନ୍ନ୍ୟାସ ଅବଲମ୍ବନ କରିବା ଦ୍ୱାରା ମନୁଷ୍ୟ ସିଦ୍ଧି ଲାଭ କରିପାରିବ ନାହିଁ । ତାପରେ ଶ୍ରୀକୃଷ୍ଣ ବୁଝାଇ ଦେଇ କହିଲେ ଯେ ସ୍ୱଭାବଜନିତ କର୍ମ କରିବାକୁ ପ୍ରତ୍ୟେକ ମନୁଷ୍ୟ ବାଧ୍ୟ ଅଟେ । ଏହି ସ୍ୱଭାବଜନିତ କର୍ମ କରିବାପାଇଁ ଯେଉଁ ବୁଦ୍ଧିର ଆବଶ୍ୟକ ତାହା ଅପେ ଆପେ ଅର୍ଥାତ୍ କର୍ମ କରିବା ସଙ୍ଗେ ସଙ୍ଗେ ଆସିବା ସ୍ୱାଭାବିକ । ଏହି ବୁଦ୍ଧିକୁ ଦ୍ୱିତୀୟ ଅଧ୍ୟାୟ ୪୧ ଶ୍ଳୋକରେ ବ୍ୟବସାୟାତ୍ମିକା ବୁଦ୍ଧି ବୋଲି କହିଅଛନ୍ତି ।

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍,
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ । ୫ ।
କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍,
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା, ମିଥ୍ୟାଚାରଃ ସ ଉଚ୍ୟତେ । ୬ ।

ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ !
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ । ୭ ।
ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ,
ଶରୀରଯାତ୍ରାଽପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ, । ୮ ।

ଅର୍ଥ—କର୍ମ ନ କରି କେହି କ୍ଷଣମାତ୍ର ରହିପାରେ ନାହିଁ । ପ୍ରକୃତିଜାତ ଗୁଣ ଦ୍ୱାରା ଅବଶ ହୋଇ ସମସ୍ତଙ୍କୁ କର୍ମ କରିବାକୁ ହୁଏ । । ୫ । କର୍ମେନ୍ଦ୍ରିୟମାନଙ୍କୁ ସଂଯମ କରି ଇନ୍ଦ୍ରିୟମାନଙ୍କର ବିଷୟସବୁକୁ ଯେଉଁ ବ୍ୟକ୍ତି ମନଦ୍ୱାରା ସ୍ମରଣ କରି ରହେ ସେହି ବିମୂଢ଼ାତ୍ମା ମିଥ୍ୟାଚାରୀ ଅଟେ । ୬ । ହେ ଅର୍ଜୁନ ! ଯେଉଁ ବ୍ୟକ୍ତି କିନ୍ତୁ, ଇନ୍ଦ୍ରିୟମାନଙ୍କୁ (ଇନ୍ଦ୍ରିୟରୂପ ଘୋଡ଼ାମାନଙ୍କୁ) ମନଦ୍ୱାରା (ମନରୂପ ଲଗାମ ସାହାଯ୍ୟରେ) ନିଜର ଅଧୀନରେ ରଖି ନିଜେ ବିଷୟ ସବୁ ପ୍ରତି ଅନାସକ୍ତ ରହି କର୍ମେନ୍ଦ୍ରିୟମାନଙ୍କ ଦ୍ୱାରା କର୍ମଯୋଗ ଆରମ୍ଭ କରନ୍ତି, ସେହି ବ୍ୟକ୍ତି ଶ୍ରେଷ୍ଠ ଅଟନ୍ତି । ୭ । ତୁମେ ସର୍ବଦା କର୍ମ କର । ଅକର୍ମ ଅପେକ୍ଷା କର୍ମ ଶ୍ରେଷ୍ଠ ଅଟେ । କର୍ମ ନ କଲେ ତୁମର ଶରୀରଯାତ୍ରା ସୁଦ୍ଧା ଚଳିବ ନାହିଁ । ୮ ।

ଅଷ୍ଟମ ଶ୍ଳୋକରେ ଥିବା "କୁରୁ କର୍ମ ତ୍ୱଂ" କଥାଟିକୁ ଗୀତାର ଟୀକାକାରମାନେ କିଏ ଶାସ୍ତ୍ର ବିହିତ କର୍ମ, କିଏ ସନ୍ଧ୍ୟା ଉପାସନାଦି କର୍ମ, କିଏ ନ୍ୟାୟ ସଙ୍ଗତ କର୍ମ ବୋଲି ଅର୍ଥ କରିଅଛନ୍ତି । ମାତ୍ର ଗୀତାକାର କର୍ମ କଥାଟିକୁ କୌଣସି ବିଶେଷଣ ଦ୍ୱାରା ସଂକୀର୍ଣ୍ଣ କରି ନାହାନ୍ତି । ସଂକୀର୍ଣ୍ଣ କରିବାର କୌଣସି କାରଣ ମଧ୍ୟ ନାହିଁ । କାରଣ କିପରି ଭାବରେ କର୍ମ କଲେ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତ ହୋଇ ପାରିବ ତାହା ପରବର୍ତ୍ତୀ ଶ୍ଳୋକରେ କୁହାଯାଇଅଛି । ଅତଏବ ଏଠାରେ କର୍ମ କଥାଟି ସଂସାରର ଯାବତୀୟ ସ୍ୱଭାବନିୟତ କର୍ମକୁ ବୁଝାଉଅଛି—ଯାହା ପଞ୍ଚମ ଶ୍ଳୋକରୁ ପ୍ରକାଶ ।

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ,
ତଦର୍ଥଂ କର୍ମ କୌନ୍ତେୟ ! ମୁକ୍ତସଙ୍ଗଃ ସମାଚର । ୯ ।

ଅର୍ଥ—ଯଜ୍ଞ ଅଭିପ୍ରାୟ ଭିନ୍ନ ଅନ୍ୟ ଅଭିପ୍ରାୟରେ କର୍ମ କରିବା ଦ୍ୱାରା ମନୁଷ୍ୟ କର୍ମବନ୍ଧନରେ ଆବଦ୍ଧ ହୁଏ । ଅତଏବ ହେ କୌନ୍ତେୟ !

ତୁମ୍ଭେ ସଙ୍ଗ ବା ଆସକ୍ତିରୁ ମୁକ୍ତ ହୋଇ ଯଜ୍ଞ ଅଭିପ୍ରାୟରେ କର୍ମ କର । ୯ ।

ଯଜ୍ଞ କଥାଟିର ପ୍ରକୃତ ଅର୍ଥ ନ ବୁଝି ଲୋକେ ବୈଦିକ ଯଜ୍ଞର ଅନ୍ଧାନୁସରଣ କରୁଥିବାରୁ ଶ୍ରୀକୃଷ୍ଣ ଏହି ଶ୍ଳୋକରେ ଯଜ୍ଞ ଶବ୍ଦଟି ବ୍ୟବହାର କଲେ ଏବଂ ଯଜ୍ଞ କରିବାକୁ ନ କହି ଯଜ୍ଞ ଅଭିପ୍ରାୟରେ କର୍ମ କରିବାକୁ କହିଲେ । ଯଜ୍ଞ ଅଭିପ୍ରାୟରେ କର୍ମ କରିବା କଥାଟିକୁ ବୁଝାଇ ଦେବା ପାଇଁ ମୁକ୍ତ ସଙ୍ଗହୋଇ ଅର୍ଥାତ୍ ଅନାସକ୍ତ ହୋଇ କର୍ମ କରିବାକୁ ଉପଦେଶ ଦେଲେ । ଅନାସକ୍ତ ହୋଇ କପରି କର୍ମ କରିବାକୁ ହେବ ତାହା ଏହି ଅଧ୍ୟାୟ ୩ୟ ଓ ୪ର୍ଥ ଶ୍ଳୋକରେ ଆଲୋଚନା କରାଯାଇଅଛି । ଯଜ୍ଞ କପରି ଓ କେଉଁ ଅଭିପ୍ରାୟରେ ସୃଷ୍ଟି ହେଲା, ତାହା ଶ୍ରୀକୃଷ୍ଣ ପରବର୍ତ୍ତୀ କେତୋଟି ଶ୍ଳୋକରେ କହିଅଛନ୍ତି ।

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ,
ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ । ୧୦ ।
ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ,
ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ । ୧୧ ।
ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ,
ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ।୧୨।

ଅର୍ଥ—ପ୍ରଜାମାନଙ୍କୁ ଅର୍ଥାତ୍ ମାନବ ଜାତିକୁ ଯଜ୍ଞ ସହିତ ସୃଷ୍ଟି କରି ପ୍ରଜାସୃଷ୍ଟିର କର୍ତ୍ତା ପ୍ରଜାପତି ପୂର୍ବକାଳରେ କହିଥିଲେ—"ଏହି ଯଜ୍ଞଦ୍ୱାରା ତୁମ୍ଭେମାନେ ଉତ୍ତରୋତ୍ତର ବୃଦ୍ଧିଲାଭ କର, ଏହା ତୁମ୍ଭମାନଙ୍କର ଅଭୀଷ୍ଟଦାତା ହେଉ । ୧୦ । ଏହି ଯଜ୍ଞଦ୍ୱାରା ତୁମ୍ଭେମାନେ ଦେବତାମାନଙ୍କୁ ସମ୍ବର୍ଦ୍ଧିତ କର ଏବଂ ଦେବତାମାନେ ତୁମ୍ଭମାନଙ୍କୁ ସମ୍ବର୍ଦ୍ଧିତ କରନ୍ତୁ । ପରସ୍ପରର ସମ୍ବର୍ଦ୍ଧନାଦ୍ୱାରା ତୁମ୍ଭେମାନେ ପରମ ଶ୍ରେୟ ପ୍ରାପ୍ତ ହେବ ।୧୧। ଯଜ୍ଞଦ୍ୱାରା ସମ୍ବର୍ଦ୍ଧିତ ହୋଇ ଦେବତାମାନେ ତୁମ୍ଭମାନଙ୍କୁ ବାଞ୍ଛିତ ଭୋଗ୍ୟ ସବୁ ପ୍ରଦାନ କରିବେ । ସେମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଗ୍ୟବସ୍ତୁ ସବୁ ସେମାନଙ୍କୁ ନ ଦେଇ ଯେ ନିଜେ ଭୋଗ କରେ ସେ ଚୋର ଆଟେ ।"୧୨

ଏହି ସବୁକଥା ସୃଷ୍ଟି ଆରମ୍ଭରେ ସେହି ସମୟର ମାନବ ଜାତିକୁ ପ୍ରଜାପତି କହିଥିଲେ । ୧୧ଶ ଓ ୧୨ଶ ଏହି ଦୁଇଟି ଶ୍ଳୋକରୁ ପ୍ରକାଶ ଯେ ପୂର୍ବକାଳରେ ମାନବ ଜାତି ସହିତ ଦେବତାମାନଙ୍କର ଘନିଷ୍ଠ ସମ୍ବନ୍ଧ ଥିଲା । ପ୍ରକୃତରେ ଘନିଷ୍ଠ ସମ୍ବନ୍ଧ ଥିଲା କି ନ ଥିଲା ସେ କଥା ଆଜି କେହି କହି ପାରିବ ନାହିଁ । ସେ ଯାହାହେଉ ସୃଷ୍ଟିର ଆରମ୍ଭରେ ପ୍ରଜାପତି ସେହି ସମୟର ମାନବ ସମାଜକୁ ଯାହା କହିଥିଲେ ଗୀତା ପାଠକ-ମାନଙ୍କର ତାହା ବର୍ତ୍ତମାନ ଜାଣିବାର କୌଣସି ଆବଶ୍ୟକ ନାହିଁ । ଶ୍ରୀକୃଷ୍ଣ ବର୍ତ୍ତମାନ ମାନବ ସମାଜକୁ ଯାହା ଶିକ୍ଷା ଦେଉଅଛନ୍ତି ତାହା ସମ୍ପୂର୍ଣ୍ଣରୂପେ ବୁଝିପାରିବା ପରେ ଶ୍ରୀକୃଷ୍ଣ ଏଠାରେ ପ୍ରଜାପତିଙ୍କ କଥା କାହିଁକି କହି ଅଛନ୍ତି ତାହା ବୁଝିବାକୁ ଇଚ୍ଛା କରିପାରନ୍ତି ।

ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ୱିଷୈଃ ।
ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ।୧୩।

ଅର୍ଥ— ଯଜ୍ଞାବଶିଷ୍ଟ-ଭୋଜୀ ସାଧୁମାନେ ସବୁ ପାପରୁ ମୁକ୍ତ ହୁଅନ୍ତି । ଯେ କେବଳ ନିଜ ସକାଶେ ପାକ କରନ୍ତି ସେହି ପାପାତ୍ମାମାନେ ପାପ ଭକ୍ଷଣ କରନ୍ତି ।

ଅନ୍ନାଦ୍ଭବନ୍ତି ଭୂତାନି ପର୍ଜ୍ଜନ୍ୟାଦନ୍ନସମ୍ଭବଃ,
ଯଜ୍ଞାଦ୍ଭବତି ପର୍ଜ୍ଜନ୍ୟଃ ଯଜ୍ଞଃ କର୍ମସମୁଦ୍ଭବଃ । ୧୪ ।
କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭବମ୍ ।
ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତଂ । ୧୫ ।
ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ! ସ ଜୀବତି । ୧୬ ।

ଅର୍ଥ—ପ୍ରାଣୀମାନେ ଅନ୍ନରୁ ଉତ୍ପନ୍ନ । ଅନ୍ନ ବୃଷ୍ଟିରୁ, ବୃଷ୍ଟି ଯଜ୍ଞରୁ, ଯଜ୍ଞ କର୍ମରୁ, କର୍ମ ବ୍ରହ୍ମରୁ ଏବଂ ବ୍ରହ୍ମ ଅକ୍ଷରରୁ ଉତ୍ପନ୍ନ ଏହା ଜାଣ । ତେଣୁ ସର୍ବଗତ ବ୍ରହ୍ମ ସର୍ବଦା ଯଜ୍ଞରେ ପ୍ରତିଷ୍ଠିତ । ୧୪-୧୫ । ହେ ପାର୍ଥ ! ଏହିପରି ପ୍ରବର୍ତ୍ତିତ ଚକ୍ରକୁ ଇହଲୋକରେ ଯେ ଅନୁସରଣ ନ କରେ ସେହି ପାପଜୀବନ, ଇନ୍ଦ୍ରିୟପରାୟଣ ବ୍ୟକ୍ତି ବୃଥା ଜୀବନ ଧାରଣ କରେ ।୧୬।

ଘିଅ ପୋଡ଼ିଲେ ବର୍ଷା ହେବ, ବର୍ଷା ହେଲେ ଧାନ୍ୟାଦି ଫସଲ ହେବ ଏବଂ ଜଗତର ପ୍ରାଣିମାନେ ତାହା ଖାଇଲେ ବଞ୍ଚିବେ, ଜନ୍ମିବେ ଏବଂ ବୃଦ୍ଧି ପାଇବେ । ଏହି ଅଭିପ୍ରାୟରେ ଲୋକେ ନିଜର ଉଦ୍‌ବୃତ୍ତ ଦ୍ରବ୍ୟ ସବୁକୁ ଯଜ୍ଞ କରନ୍ତୁ । ଏହା ପ୍ରଜାପତିଙ୍କର ଅଭିପ୍ରାୟ ଏବଂ ଏହି ଅଭିପ୍ରାୟରେ ଲୋକେ ପୂର୍ବକାଳରେ ଯଜ୍ଞ କରୁଥିଲେ । ବର୍ତ୍ତମାନ ମଧ୍ୟ ଯେଉଁମାନଙ୍କର ଏପରି ଧାରଣା ଅଛି ସେମାନେ ନିଜର ଉଦ୍‌ବୃତ୍ତ ଦ୍ରବ୍ୟ ସବୁକୁ ଏବଂ ଘିଅ, ଚାଉଳ, ନଡ଼ିଆ ଇତ୍ୟାଦି ଖାଦ୍ୟଦ୍ରବ୍ୟ ସବୁକୁ ଅଗ୍ନିରେ ଯଜ୍ଞ କରିପାରନ୍ତି, ଖୁବ୍ ଭଲକଥା । ମାତ୍ର ଯଜ୍ଞର ଏହି ପ୍ରବର୍ତ୍ତିତ ଚକ୍ରକୁ ଅନୁସରଣ ନ କରି ଅର୍ଥାତ୍ ଜଗତର ପ୍ରାଣୀମାନେ ବଞ୍ଚନ୍ତୁ ଓ ବୃଦ୍ଧି ପାଆନ୍ତୁ ଏହି ଅଭିପ୍ରାୟ ନ ଥାଇ କେବଳ ଶାସ୍ତ୍ରବିଧିର ଓ ଦେଶାଚାରର ଅନ୍ଧାନୁସରଣ ଫଳରେ ଖାଦ୍ୟ ଦ୍ରବ୍ୟ ସବୁକୁ ନିଆଁରେ ପୋଡ଼ିଦେବା କେବଳ ନିର୍ବୋଧତାର ପରିଚୟ । ଯେଉଁମାନଙ୍କ ଘରେ ଘିଅ, ଚାଉଳ ପ୍ରଭୃତି ଖାଦ୍ୟ ଦ୍ରବ୍ୟ ସବୁ ଉଦ୍‌ବୃତ୍ତ ହେଉଛି ସେମାନେ ତାହା, ଯେଉଁମାନେ ଖାଇବାକୁ ପାଉନାହାନ୍ତି ସେମାନଙ୍କ ଦେବା ମଙ୍ଗଳପ୍ରଦ ।

କେହି କେହି କହିପାରନ୍ତି ଅନ୍ୟମାନଙ୍କୁ ଖାଇବାକୁ ଦେବାର ବ୍ୟବସ୍ଥା ନ ଦେଇ ଅଗ୍ନିରେ ପୋଡ଼ି ଦେବାର ବ୍ୟବସ୍ଥା ପ୍ରଜାପତି କାହିଁକି ଦେଲେ । ପ୍ରଜାପତି କଅଣ ଭୁଲି ଥିଲେ ? ପ୍ରକୃତ କଥା ଏହିକି, ପ୍ରଜାପତି ଭୁଲି ନ ଥିଲେ । ଅନ୍ୟମାନଙ୍କୁ ଦେବା ଅପେକ୍ଷା ଦେବାର ଇଚ୍ଛା ଓ ମନୋଭାବକୁ ସେ ଉଚ୍ଚତର ସ୍ଥାନ ଦେଇଥିଲେ । ଆଉମଧ୍ୟ ଅଳ୍ପ କେତେ ଜଣ ଲୋକ କିମ୍ବା ନିଜର ଭାଇ, ବନ୍ଧୁ ଖାଇ ପିନ୍ଧି ସୁଖରେ ରହିବେ କିମ୍ବା କେବଳ ଓଡ଼ିଶାର ଲୋକେ କିମ୍ବା କେବଳ ଭାରତ-ବର୍ଷର ଲୋକେ ସୁଖରେ ରହିବେ ଏପରି ସଂକୀର୍ଣ୍ଣତା ପ୍ରଜାପତିଙ୍କର ବ୍ୟବସ୍ଥାରେ ନ ଥିଲା । ଜଗତର ସମସ୍ତେ ଖାଇ ପିନ୍ଧି ସୁଖ-ଶାନ୍ତି ଭୋଗ କରନ୍ତୁ ଏହି ମନୋଭାବ ଲୋକେ ପୋଷଣ କରନ୍ତୁ ଏହାହିଁ ପ୍ରଜାପତିଙ୍କର ଅଭିପ୍ରାୟ ।

ନିଜର ଆବଶ୍ୟକ ଅପେକ୍ଷା ଯେଉଁମାନେ ବେଶୀ ଉପାର୍ଜନ କରୁଥିଲେ, ବିଶେଷତଃ ଯେଉଁ ନିର୍ଲୋଭ ବ୍ରାହ୍ମଣମାନେ ବେଶୀ ଉପାର୍ଜନ କରୁଥିଲେ, ସେମାନେ ସେହି ଉଦ୍‌ବୃତ୍ତ ଅର୍ଥରେ ଅକର୍ମଣ୍ୟ ଓ ଅସହାୟ

ବ୍ୟକ୍ତିମାନଙ୍କୁ ସେମାନଙ୍କର ଆବଶ୍ୟକ ଅନୁସାରେ ସାହାଯ୍ୟ ଦେବା ପରେ ତଥାପି ଯାହା ଉଦ୍‌ବୃତ୍ତ ରହୁଥିଲା ତାକୁ ସମସ୍ତ ବିଶ୍ୱର ମଙ୍ଗଳ ଅଭିପ୍ରାୟରେ ଯଜ୍ଞ କରୁଥିଲେ ଅର୍ଥାତ୍ ପୋଡ଼ି ଦେବାକୁ ଆବଶ୍ୟକ ମନେ କରୁଥିଲେ । କାରଣ ପୋଡ଼ି ନ ଦେଇ ପୁତ୍ର କନ୍ୟାଙ୍କ ପାଇଁ ତାହା ସଞ୍ଚୟ କଲେ, ପୁତ୍ର କନ୍ୟାମାନେ ସେହି ସଞ୍ଚିତ ସମ୍ପତ୍ତି ଉପରେ ନିର୍ଭର କରି ଅକର୍ମା ହୋଇଯିବେ, ଅକର୍ମା ହେବା ଫଳରୁ ନଷ୍ଟ ଚରିତ୍ର ହୋଇଯିବେ ଏବଂ ବିଳାସ ବ୍ୟସନରେ, ଗହଣାରେ ଓ ବିବାହ ବ୍ରତାଦି ନ୍ୟାସ ନିମିତ୍ତ ଇତ୍ୟାଦିରେ ଆଡମ୍ବର ଦେଖାଇ ସମାଜର ସର୍ବନାଶ ଘଟାଇବେ ।

## ଯଜ୍ଞ ବିଷୟରେ ଶ୍ରୀକୃଷ୍ଣଙ୍କର ମତ

ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ । ୧୭ ।
ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥ ବ୍ୟପାଶ୍ରୟଃ । ୧୮ ।
ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୂରୁଷଃ । ୧୯ ।

ଅର୍ଥ—କିନ୍ତୁ ଯେଉଁ ବ୍ୟକ୍ତି ନିଜ ଦ୍ୱାରା ନିଜେ ଆନନ୍ଦିତ, ନିଜ ଦ୍ୱାରା ନିଜେ ତୃପ୍ତ, ନିଜ ଦ୍ୱାରା ନିଜେ ସନ୍ତୁଷ୍ଟ ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜର ଆନନ୍ଦ, ତୃପ୍ତି ଓ ସନ୍ତୋଷ ସକାଶେ ଅନ୍ୟ ଉପରେ ନିର୍ଭର କରନ୍ତି ନାହିଁ ସେପରି ବ୍ୟକ୍ତିଙ୍କର ଯଜ୍ଞାଦି ଅନୁଷ୍ଠାନର କିମ୍ବା କୌଣସି ଅନୁଷ୍ଠାନର ପ୍ରୟୋଜନ ନାହିଁ । ୧୭ । ଯଜ୍ଞ କରିବାରେ ତାଙ୍କର କୌଣସି ସ୍ୱାର୍ଥ ନ ଥାଏ କିମ୍ବା ନ କରିବାରେ ତାଙ୍କର କୌଣସି ସ୍ୱାର୍ଥ ହାନି ହୁଏ ନାହିଁ । ସ୍ୱାର୍ଥ ସିଦ୍ଧି ସକାଶେ ଜଗତରେ ସେ କାହାରି ଆଶ୍ରୟ ଲୋଡନ୍ତି ନାହିଁ ।୧୮। ଅତଏବ ତୁମ୍ଭେ ଅନାସକ୍ତ ହୋଇ ସର୍ବଦା ତୁମ୍ଭର କର୍ତ୍ତବ୍ୟ କର୍ମ କର । ଅନାସକ୍ତ ହୋଇ କର୍ତ୍ତବ୍ୟ କର୍ମ କଲେ ମନୁଷ୍ୟ ପରମପଦ ଲାଭ କରେ । ୧୯ । ବର୍ତ୍ତମାନ ବୁଝିଲୁ ଯେ ନିଜର କର୍ତ୍ତବ୍ୟ କର୍ମକୁ ଅନାସକ୍ତ ହୋଇ କରିବାର ନାମ ଶ୍ରୀକୃଷ୍ଣଙ୍କ ମତରେ ପ୍ରକୃତରେ ଯଜ୍ଞ । ଶାସ୍ତ୍ରୋକ୍ତ

*

ପରମପଦ ଲାଭ କରିବାର ଦୁରାଶା ପୋଷଣ କରି ଲୋକେ ଯଜ୍ଞାଦି ଅନୁଷ୍ଠାନ ସବୁର ଅନ୍ଧାନୁସରଣ କରନ୍ତି ବୋଲି ଶ୍ରୀକୃଷ୍ଣ ଏଠାରେ ପରମପଦ ଲାଭ କରିବା କଥାଟି କହିଅଛନ୍ତି । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଯେଉଁ କଳ୍ପନାଶ୍ରିତ ପରମପଦ ଲାଭ କରିବା ପାଇଁ ଲୋକେ ଯଜ୍ଞାଦି ଶାସ୍ତ୍ରୋକ୍ତ ବିଧି ସବୁର ଅନ୍ଧାନୁସରଣ କରି ନିଜ ନିଜର ଜୀବନଯାତ୍ରାକୁ ଅସ୍ୱାଭାବିକ, ଜଟିଳ ଓ ଦୁଃଖମୟ କରନ୍ତି, କେବଳ ଅନାସକ୍ତ ହୋଇ ନିଜ ନିଜର ସ୍ୱଭାବନିୟତ କର୍ତ୍ତବ୍ୟ କର୍ମ କଲେ ମନୁଷ୍ୟ ସେହି ପରମପଦ ପାଇ ପାରିବ । ପରମପଦ ଲାଭ କରିବା କଥା ଗୀତାରେ ଶ୍ରୀକୃଷ୍ଣ ଅନେକ ସ୍ଥାନରେ କହିଅଛନ୍ତି । ଯେଉଁ ଯେଉଁ ସ୍ଥାନରେ କହିଅଛନ୍ତି ସବୁଠାରେ ତାଙ୍କର ଏହି ଅଭିପ୍ରାୟ ।

## ଶ୍ରେଷ୍ଠବ୍ୟକ୍ତିମାନଙ୍କୁ ଶ୍ରୀକୃଷ୍ଣଙ୍କର ଉପଦେଶ

କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ
ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି । ୨୦ ।

ଯଦ୍‌ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ । ୨୧ ।

ଅର୍ଥ—ଜନକାଦି ଋଷିମାନେ କେବଳ କର୍ତ୍ତବ୍ୟ କର୍ମ କରି ସିଦ୍ଧି ପାଇ ଅଛନ୍ତି । ଲୋକ ସଂଗ୍ରହ ପାଇଁ ଅର୍ଥାତ୍ ଜନସାଧାରଣଙ୍କୁ କର୍ତ୍ତବ୍ୟ କର୍ମରେ ନିଯୁକ୍ତ କରାଇବା ଅଭିପ୍ରାୟରେ କର୍ମ କରିବା ଉଚିତ । ୨୦ । କାରଣ ଶ୍ରେଷ୍ଠ ବ୍ୟକ୍ତି ଯାହା ଆଚରଣ କରନ୍ତି ଇତର ବ୍ୟକ୍ତିମାନେ ତାହା କରନ୍ତି । ସେ ଯାହା ପ୍ରମାଣ କରନ୍ତି ଲୋକେ ତାହାର ଅନୁଗମନ କରନ୍ତି । ୨୧ ।

ଶାସ୍ତ୍ରବାକ୍ୟ ସବୁର ପ୍ରକୃତ ଅଭିପ୍ରାୟ ବୁଝି ନ ପାରି ଅନେକ ଶାସ୍ତ୍ରଜ୍ଞ ପଣ୍ଡିତ କିଏ କର୍ମ ସନ୍ନ୍ୟାସ ଅବଲମ୍ବନ କଲେ, କିଏ ଯୋଗୀ ହେଲେ, କିଏ ତପସ୍ୱୀ ହେଲେ ଏବଂ ସେମାନଙ୍କର ଆଦର୍ଶରୁ ଅନେକ ଅଜ୍ଞ ଲୋକ ମଧ୍ୟ ସନ୍ନ୍ୟାସୀ, ଯୋଗୀ କିମ୍ବା ତପସ୍ୱୀ ବୋଲାଇଲେ । ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଶ୍ରେଷ୍ଠବ୍ୟକ୍ତିମାନେ ନିଜ ନିଜର ସ୍ୱଭାବ

ନିଯୁକ୍ତ କର୍ମ ପରିତ୍ୟାଗ ନ କରନ୍ତୁ । ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଏପରି ଭାବରେ କର୍ମ କରିବା ଆବଶ୍ୟକ ଯେ ସେମାନଙ୍କର ଆଦର୍ଶରୁ ଜନସାଧାରଣଙ୍କର ଯେପରି କୌଣସି ଅମଙ୍ଗଳ ନ ହୋଇ ମଙ୍ଗଳ ହେବ । ଜନସାଧାରଣଙ୍କର ମଙ୍ଗଳ ଓ ଅମଙ୍ଗଳର କାରଣ ହେଉଛନ୍ତି ମମାଜର ଶ୍ରେଷ୍ଠବ୍ୟକ୍ତିମାନେ, ତେଣୁ ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଶ୍ରୀକୃଷ୍ଣ ଏପରି ଉପଦେଶ ଦେଉଅଛନ୍ତି । ଶ୍ରେଷ୍ଠ ବ୍ୟକ୍ତିମାନେ ଯାହା କରିବେ ଜନସାଧାରଣ ତାହାର ଅନ୍ଧାନୁସରଣ କରନ୍ତୁ ଏପରି ଅସଙ୍ଗତ କଥା ଶ୍ରୀକୃଷ୍ଣ ଏଠାରେ କହୁନାହାନ୍ତି । ସମାଜର ମଙ୍ଗଳପ୍ରତି ଦୃଷ୍ଟିରଖି ଯେଉଁବ୍ୟକ୍ତି କର୍ମ କରନ୍ତି ସେ ହେଉଛନ୍ତି ପ୍ରକୃତରେ ଶ୍ରେଷ୍ଠ ବ୍ୟକ୍ତି । ବଡ଼ ବଡ଼ ଉପାଧି କିମ୍ବା ଉଚ୍ଚ ପଦ ଓ କ୍ଷମତା ଲାଭ କରିଥିବା ବ୍ୟକ୍ତିମାନେ ଶ୍ରେଷ୍ଠ ବ୍ୟକ୍ତି ନୁହନ୍ତି ।

୧୯୫୧

# ଗୀତାର ଅନୁଶୃଶ୍ରୁମ

ଗୀତାରୁ କୌଣସି ଉପଦେଶ ଗ୍ରହଣ କରିବାକୁ ହେଲେ ସର୍ବପ୍ରଥମେ ମନେ ରଖିବାକୁ ହେବ ଯେ ଗୀତାର ଅର୍ଜୁନ ମହାଭାରତର ଐତିହାସିକ ଅର୍ଜୁନ ନୁହନ୍ତି । ଜାତି-ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ ହେଉଛୁଁ ଗୀତାର ଅର୍ଜୁନ; ନଚେତ୍ ଗୀତାର କୌଣସି ମୂଲ୍ୟ ନାହିଁ । ଗୀତାରେ ଗୀତାକାର ଯେଉଁସବୁ ଉପଦେଶ ଦେଇଅଛନ୍ତି ତାହା ସେ ସମସ୍ତ ମାନବସମାଜ ପାଇଁ ତଥା ମାନବସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ମଙ୍ଗଳ ପାଇଁ ଦେଇଅଛନ୍ତି । ଗୀତାର ସେହି ଉପଦେଶଗୁଡ଼ିକ ମଧ୍ୟରୁ ଅଧିକାଂଶ ଉପଦେଶ ଅତି ସରଳ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କ ଜୀବନରେ ସମାନଭାବରେ ପ୍ରଯୁଜ୍ୟ ଓ ପାଳନୀୟ । ଉପଦେଶଗୁଡ଼ିକ ଅତି ସରଳ ଓ ସହଜରେ ବୋଧଗମ୍ୟ ହେଲେ ମଧ୍ୟ ସମ୍ପୂର୍ଣ୍ଣ ନୂତନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣା ସବୁର ସମ୍ପୂର୍ଣ୍ଣ ବହିର୍ଭୂତ ଓ ସମ୍ପୂର୍ଣ୍ଣ ବିପରୀତ । କାରଣ ଗୀତାକାର ଗୀତା ରଚନା କଲାବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ଘଟିଥିବାର ଦେଖି ଗୋଟିଏ ସମ୍ପୂର୍ଣ୍ଣ ନୂତନ ଧର୍ମ ସଂସ୍ଥାପନ କରିଯାଇ ଅଛନ୍ତି—ଯାହା ଶ୍ରୀକୃଷ୍ଣଙ୍କର ନିମ୍ନଲିଖିତ ଉକ୍ତିଟିରୁ ପ୍ରକାଶ ପାଉଅଛି ।

**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।** ୪ର୍ଥ—୮

ଏହି କଥାଟିରେ ଶ୍ରୀକୃଷ୍ଣ କହିଅଛନ୍ତି—ଧର୍ମ ସଂସ୍ଥାପନ କରିବାପାଇଁ ମୁଁ ଯୁଗେ ଯୁଗେ ସମ୍ଭବ ହୁଏ ଅର୍ଥାତ୍ ଯୁଗେ ଯୁଗେ ଜଗତକୁ ଆସେ । ଏଠାରେ "ଯୁଗେ ଯୁଗେ" କଥାଟିର ଅର୍ଥ ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗ ନୁହେଁ । କାରଣ ଏହି ଚାରିଯୁଗ ଆମ୍ଭମାନଙ୍କର ଧାରଣାର ବହିର୍ଭୂତ । ଅତଏବ ଏଠାରେ 'ଯୁଗେଯୁଗେ' କଥାଟିର ଅର୍ଥ ହେଉଛି

ବାରମ୍ବାର । ଏହି ଅର୍ଥ ଗ୍ରହଣ କଲେ ପ୍ରକୃତ ଉପଦେଶ ଗ୍ରହଣ କରିବାରେ କୌଣସି ବ୍ୟାଘାତ ଘଟିବ ନାହିଁ । ସେ ଯାହା ହେଉ କେତେ କେତେ ବେଳେ ଶ୍ରୀକୃଷ୍ଣ ଜଗତକୁ ଆସନ୍ତି ଏବଂ ନୂତନ ଧର୍ମ୍ମ ବା ପ୍ରକୃତ ଧର୍ମ୍ମ ସନାତନ ଧର୍ମ୍ମ ବା ମନୁଷ୍ୟ-ଧର୍ମ୍ମ ସଂସ୍ଥାପନ କରନ୍ତି ତାହା ସେ ପୂର୍ବ-ଶ୍ଳୋକଟିରେ କହିଅଛନ୍ତି । ସେହି ଶ୍ଳୋକଟି ହେଉଛି —

ଯଦା ଯଦା ହି ଧର୍ମ୍ମସ୍ୟ ଗ୍ଳାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମ୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥

ଅର୍ଥ - (ଶ୍ରୀକୃଷ୍ଣ କହିଲେ) ହେ ଭାରତ ! ଯେତେ ଯେତେବେଳେ ଧର୍ମ୍ମର ଗ୍ଳାନି ଅଧର୍ମ୍ମର ଅଭ୍ୟୁତ୍ଥାନ ଘଟେ ସେତେବେଳେ ମୁଁ ନିଜକୁ ସୃଷ୍ଟି କରେ ।

ଶ୍ରୀକୃଷ୍ଣ କିଏ ଏବଂ କିପରି କୌଶଳରେ ସେ ନିଜକୁ ନିଜେ ସୃଷ୍ଟି କରନ୍ତି ଏହା ଆମ୍ଭମାନଙ୍କର ଆଲୋଚ୍ୟ ବିଷୟର ବହିର୍ଭୂତ । ଏ ବିଷୟ ଆଲୋଚନା କରିବାର କୌଣସି ଆବଶ୍ୟକତା ମଧ୍ୟ ନାହିଁ । ଆଉ ଗୋଟିଏ କଥା ଏହିକି, ଶ୍ରୀକୃଷ୍ଣ ଭଗବାନ ଯେ ଦିନେ ଜଗତକୁ ଆସିଥିଲେ ଏ କଥା ସତ୍ୟ ବୋଲି ଗ୍ରହଣ କରାଯାଇ ନ ପାରେ । ଏଥିପାଇଁ ସେ ଯେ ଜଗତକୁ ଆସି ନ ଥିଲେ ଏପରି କଥା ମଧ୍ୟ କୁହାଯାଇ ନ ପାରେ । ଶ୍ରୀକୃଷ୍ଣଙ୍କର ଜଗତକୁ ଆସିବା କଥା ସତ୍ୟ କି ଅସତ୍ୟ ଏକଥା ସଂଶୟଶୂନ୍ୟ ହୋଇ ଗ୍ରହଣ କରା ଯାଇ ନ ପାରେ । ମାତ୍ର ଗୀତାକାର ଗୀତା ରଚନା କଲାବେଳେ ଧର୍ମ୍ମର ଗ୍ଳାନି ଓ ଅଧର୍ମ୍ମର ଅଭ୍ୟୁତ୍ଥାନ ନିଶ୍ଚୟ ଘଟିଥିଲା ଏବଂ ଏହା ଦେଖି ଗୀତାରେ ସେ ଗୀତା-ଧର୍ମ ବା ସନାତନ ଧର୍ମ ବା ମନୁଷ୍ୟ-ଧର୍ମ ସଂସ୍ଥାପନ କରି ଯାଇଅଛନ୍ତି ଏକଥା ନିଶ୍ଚୟ ସ୍ୱୀକାର କରିବାକୁ ହେବ । ଧର୍ମର ଗ୍ଳାନି ଓ ଅଧର୍ମର ଅଭ୍ୟୁତ୍ଥାନ ଗୀତାକାର କଅଣ ଦେଖିଥିଲେ ଏବଂ ଗୀତାରେ ସେ କେଉଁ ନୂତନ ଧର୍ମ ସଂସ୍ଥାପନ କରିଯାଇଅଛନ୍ତି ଅର୍ଥାତ୍ ସମସ୍ତ ମାନବ ସମାଜକୁ ସେ କେଉଁ ନୂତନ ଶିକ୍ଷା ଦେଇ ଯାଇଅଛନ୍ତି ତାହା ସେହି ଗୀତାରୁ ସ୍ଥିର କରିବା ଏକାନ୍ତ ଆବଶ୍ୟକ ନୁହେଁ କି ? ଏହା ଗୀତାର ସର୍ବ ପ୍ରଧାନ ବିଷୟ ହେଲେ ମଧ୍ୟ ଏ ବିଷୟରେ ସମସ୍ତେ ଆଜି ପର୍ଯ୍ୟନ୍ତ ଉଦାସୀନ

ରହିଅଛନ୍ତି । ପରମ୍ପରାର ଅନ୍ଧାନୁସରଣକୁ ଯେଉଁମାନେ ଏକମାତ୍ର ଧର୍ମ ବୋଲି ଗ୍ରହଣ କରି ଅଛନ୍ତି ଏବଂ ସେହି ଅନ୍ଧାନୁସରଣ ସବୁ ଛାଡ଼ିବେ ନାହିଁ ବୋଲି ଯେଉଁମାନେ ଜିଦ୍ ଧରି ରହିଅଛନ୍ତି ଆଜି ମଧ୍ୟ ସେମାନେ ଏ ବିଷୟ ସ୍ଥିର କରିବାକୁ ଇଚ୍ଛା କରିବେ ନାହିଁ, ଏକଥା ମୁଁ ଭଲକରି ଜାଣେ । ଅନ୍ୟମାନେ ଅର୍ଥାତ୍ ଗୀତାର ନୂତନ ଶିକ୍ଷା ଗ୍ରହଣ କରିବାକୁ ଯେଉଁମାନଙ୍କର ଆଗ୍ରହ ଅଛି,ସେମାନେ ସ୍ୱାଧୀନ ଭାବରେ ଏ ବିଷୟ ଚିନ୍ତା କରନ୍ତୁ ଏବଂ ମନୋଯୋଗ ପୂର୍ବକ ଉପସ୍ଥିତ ଆଲୋଚନାରେ ଅଗ୍ରସର ହୁଅନ୍ତୁ । ଆଜି ଆମ୍ଭମାନଙ୍କର ଆଲୋଚନାର ବିଷୟ ହେଉଛି "ଅନୁଶୁଶ୍ରୁମ" । ଧର୍ମର ଗ୍ଳାନି ଓ ଅଧର୍ମର ଅଭ୍ୟୁତ୍ଥାନ ଗୀତାକାର କଅଣ ଦେଖିଥିଲେ ଏବଂ ଗୀତାରେ ସେ କେଉଁ ନୂତନ ଶିକ୍ଷା ଦେଇ ଯାଇଅଛନ୍ତି ତାହା ଆମ୍ଭେମାନେ, ଏହି ଆଲୋଚନାରୁ ମଧ୍ୟ ଜାଣି ପାରିବୁ ।

ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିବା ଅର୍ଜୁନ କହିଥିଲେ, "ଇତି ଅନୁଶୁଶ୍ରୁମ" । ଏହି କଥାଟି ଗୀତାର ମୂଳଭିତ୍ତି ଏବଂ ସର୍ବପ୍ରଧାନ କଥା । କଥାଟିର ଅର୍ଥ ତଳେ ଦିଆଗଲା :—

ଇତି—ଏହି କଥାଟିର ଅର୍ଥ ଏହିସବୁ କଥା ।
ଅନୁ—ଏହି କଥାଟିର ଅର୍ଥ ପରମ୍ପରାକ୍ରମେ ।
ଶୁଶ୍ରୁମ—ଏହି କଥାଟିର ଅର୍ଥ ଶୁଣି ଆସୁଅଛୁଁ ।

ଅତଏବ, ଇତି ଅନୁଶୁଶ୍ରୁମ—ଏହି କଥାଟିର ଅର୍ଥ ହେଉଛି—ଏହିସବୁ କଥା ଆମ୍ଭେମାନେ ପରମ୍ପରାକ୍ରମେ (ଧର୍ମ ଗ୍ରନ୍ଥମାନଙ୍କରୁ ତଥା ଲୋକମୁଖରୁ) ଶୁଣି ଆସୁଅଛୁଁ ।

ଯେଉଁ ସବୁ କଥା ଆମ୍ଭେମାନେ ପରମ୍ପରାକ୍ରମେ ଶୁଣି ଆସୁଅଛୁଁ ବୋଲି ଅର୍ଜୁନ କହିଥିଲେ ତାହା ସେ ନିମ୍ନଲିଖିତ ପାଞ୍ଚଟି ଶ୍ଳୋକରେ କହିଅଛନ୍ତି ।

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ,
ଧର୍ମେନଷ୍ଟେ କୁଳମ୍ କୃତ୍ସ୍ନଂ ମଧର୍ମୋଽଭି ଭବତ୍ୟୁତ ।
ଅଧର୍ମା ଭି ଭବାତ୍ କୃଷ୍ଣ ! ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ,
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ! ଜାୟତେ ବର୍ଣ୍ଣସଙ୍କରଃ ।

ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ,
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ।
ଦୋଷୈରେତୈଃକୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ,
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ।
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ,
ନରକେ ନିୟତଂ ବାସୋ ଭବତି—**ଇତି ଅନୁଶୁଶ୍ରୁମ** ।

୧ମ, ୪୦ରୁ ୪୪ ।

ଅର୍ଥ—( ଅର୍ଜ୍ଜୁନ କହିଲେ ) କୁଳକ୍ଷୟ ହେଲେ **ସନାତନ କୁଳଧର୍ମ ସବୁ ନଷ୍ଟ ହୁଏ** । କୁଳଧର୍ମ ନଷ୍ଟହେଲେ ସମସ୍ତ କୁଳକୁ ଅଧର୍ମ ଅଭିଭୂତ କରେ । କୁଳ ଅଧର୍ମଦ୍ୱାରା ଅଭିଭୂତ ହେଲେ କୁଳସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି । ସ୍ତ୍ରୀମାନେ ଦୁଷ୍ଟା ହେଲେ ବର୍ଣ୍ଣସଙ୍କର ଅର୍ଥାତ୍ ବର୍ଣ୍ଣର ବିଶୃଙ୍ଖଳା ଜାତହୁଏ । ଏହି ବର୍ଣ୍ଣ-ବିଶୃଙ୍ଖଳା କୁଳ ବିନାଶକମାନଙ୍କର ତଥା କୁଳର ନରକର କାରଣ ହୁଏ । **ଶାଶ୍ୱତ କୁଳଧର୍ମ ସବୁ ଓ ଜାତିଧର୍ମ ସବୁ ନଷ୍ଟ ହୁଏ । ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ** ଏମାନଙ୍କର ପିତୃଗଣଙ୍କର ପତନ ହୁଏ । ହେ ଜନାର୍ଦ୍ଦନ ! କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର **ଚିରକାଳପାଇଁ ନରକବାସ ହୁଏ** । ଏହିସବୁ କଥା କହିସାରି ଅର୍ଜ୍ଜୁନ ପରିଶେଷରେ କହିଲେ—**"ଇତି ଅନୁଶୁଶ୍ରୁମ"** ଅର୍ଥାତ୍ ଏହିସବୁ କଥା ଆମ୍ଭେମାନେ ପରମ୍ପରାକ୍ରମେ ଶୁଣିଆସୁଅଛୁଁ ।

ମୋହଗ୍ରସ୍ତ ଓ ଧର୍ମାନ୍ଧ ଅର୍ଜ୍ଜୁନ ଉପର ଲିଖିତ କାରଣ ପ୍ରଦର୍ଶାଇ ନିଜର କର୍ତ୍ତବ୍ୟରୁ ବା ସ୍ୱଭାବନିୟତ ଜୀବନଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିଲେ । ଅର୍ଜ୍ଜୁନଙ୍କର ମୋହ ଓ ଧର୍ମାନ୍ଧତା ଦୋଷ ଦୂର କରିବାକୁ ଏବଂ ତାଙ୍କୁ ନିଜର କର୍ତ୍ତବ୍ୟରେ ବା ସ୍ୱଭାବ ନିୟତ ଜୀବନଯୁଦ୍ଧରେ ପ୍ରବୃତ୍ତ ହେବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣଙ୍କ ମତରେ ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ଏହି କାରଣଗୁଡ଼ିକ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ, ଏଥିରେ ସନ୍ଦେହ ନାହିଁ । ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ଏହି କାରଣଗୁଡ଼ିକ ଯେ ସମ୍ପୂର୍ଣ୍ଣ ଭ୍ରମାତ୍ମକ, ତାହା

ତାଙ୍କର ନିଜର ଉକ୍ତିଗୁଡ଼ିକରୁ ମଧ୍ୟ ଜଣାଯାଉଅଛି । ଏ ବିଷୟର ବିଶେଷ ଆଲୋଚନା ଏଠାରେ ଅନାବଶ୍ୟକ । କାରଣ ଏହା ଆମ୍ଭମାନଙ୍କର ଆଲୋଚ୍ୟ ବିଷୟର ବହିର୍ଭୂତ । ସେ ଯାହାହେଉ, ଅର୍ଜ୍ଜୁନଙ୍କ ପ୍ରଦର୍ଶିତ ଏହି କାରଣଗୁଡ଼ିକ କପରି ଭ୍ରମାତ୍ମକ ଅଟେ ତାହା ଖୁବ୍ ସଂକ୍ଷେପରେ ତଳେ ଦିଆଗଲା ।

ଯାହା ସମସ୍ତ ମାନବଜାତିର ତଥା ପ୍ରତ୍ୟେକ ବ୍ୟକ୍ତିର ଧର୍ମ, ତାହା ସନାତନ ଧର୍ମ । ଚରିତ୍ର ଗଠନ ଉପରେ ପ୍ରତିଷ୍ଠିତ ସେହି ସନାତନ ଧର୍ମ ଏକ ଏବଂ ତାହା ନଷ୍ଟ ହୋଇ ନ ପାରେ । ଏହିକ ଜାଣି ନ ପାରି କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ଇତ୍ୟାଦି ମନୁଷ୍ୟ ସୃଷ୍ଟ ସଂକୀର୍ଣ୍ଣ ଧର୍ମସବୁକୁ ଅର୍ଜ୍ଜୁନ ସନାତନ ଧର୍ମ ମନେ କରିଥିଲେ ଏବଂ ଏହିସବୁ ତଥାକଥିତ ଧର୍ମ ଓ ଏହିସବୁ ଅନ୍ଧାନୁସରଣ ନଷ୍ଟ ହୋଇଯିବ ବୋଲି ସେ ଭୟ କରିଥିଲେ ଏବଂ ଦୁଃଖ ପ୍ରକାଶ କରିଥିଲେ । ଯେଉଁମାନଙ୍କ ପାଇଁ ଏହିସବୁ ଧର୍ମ, ଏହିସବୁ ଅନ୍ଧାନୁସରଣ ପ୍ରୟୋଜନ ସେମାନେ ଯଦି ମଲେ ତେବେ ଏହିସବୁ ଧର୍ମ ଓ ଅନ୍ଧାନୁସରଣ ରହିବାର ପ୍ରୟୋଜନ କଅଣ ? ଆଲୋଚ୍ୟ ବିଷୟର ବହିର୍ଭୂତ ଆଉ ଗୋଟିଏ ବିଷୟ ଶୁଣନ୍ତୁ । ଯେଉଁମାନଙ୍କ ପାଇଁ ଶିକ୍ଷା ଓ ଧର୍ମ ପ୍ରୟୋଜନ ସେମାନେ ଯଦି ଚରିତ୍ରହୀନ, ସ୍ୱାର୍ଥପର, ଲୋଭୀ ଓ ପ୍ରତାରକ ହେଲେ ତେବେ ଏପରି ଶିକ୍ଷା ଓ ଏପରି ଧର୍ମ ରହିବାର ପ୍ରୟୋଜନ କଅଣ ? ଯେଉଁମାନଙ୍କର ମଙ୍ଗଳପାଇଁ ଗଭର୍ଣ୍ଣମେଣ୍ଟ ବା ସରକାରଙ୍କର ପ୍ରୟୋଜନ ସେମାନେ ଯଦି ଦୁଃଖ, ଅଶାନ୍ତି ଭୋଗ କଲେ ଓ ମଲେ ତେବେ ଏପରି ସରକାର ରହିବାର ପ୍ରୟୋଜନ କଅଣ ? ଅର୍ଜ୍ଜୁନଙ୍କର ଧର୍ମାନ୍ଧତା ଏତେ ଅଧିକ ଥିଲା ଯେ କୁଳରେ ଥିବା ଲୋକେ ଯୁଦ୍ଧରେ ମରିଯିବେ, ଏଥିପାଇଁ ସେ ଦୁଃଖ ପ୍ରକାଶ ନ କରି କୁଳକ୍ଷୟ ହେବା ଫଳରେ କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ନଷ୍ଟ ହୋଇଯିବ ଏବଂ ପିଣ୍ଡୋଦକ କ୍ରିୟା ଲୁପ୍ତହୋଇ ପିତୃଗଣଙ୍କର ପତନ ହେବ ବୋଲି ଦୁଃଖ ପ୍ରକାଶ କଲେ ।

ଶାସ୍ତ୍ରୋକ୍ତ ନରକବାସ କଥାଟି ଯଦି ସତ୍ୟ ବୋଲି ଗ୍ରହଣ କରାଯିବ, ତେବେ ତାହା କୌଣସି ନିର୍ଦ୍ଦିଷ୍ଟ କାଳପାଇଁ ହେବା ଯୁକ୍ତିଯୁକ୍ତ । ଚିରକାଳ ପାଇଁ ଶାସ୍ତ୍ରୋକ୍ତ ନରକବାସ କଥାଟି ସମ୍ପୂର୍ଣ୍ଣ ଅଯୌକ୍ତିକ । ମାତ୍ର ଧର୍ମାନ୍ଧ

ଅର୍ଜୁନ କହିଥିଲେ—"କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହୁଏ ।" ଧର୍ମାନ୍ଧ ଅର୍ଜୁନଙ୍କର ଯେଉଁ ଦୁରବସ୍ଥା ଆଜି ମଧ୍ୟ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ଦୁରବସ୍ଥା—ଏକଥା ସର୍ବଦା ମନେ ରଖିବାକୁ ହେବ । ସେ ଯାହାହେଉ ଏହିସବୁ କଥା କହିସାରି ଅର୍ଜୁନ ପରିଶେଷରେ କହିଲେ—"ଇତି ଅନୁଶୁଶ୍ରୁମ" । ଏହି "ଅନୁଶୁଶ୍ରୁମ" କଥାଟି ଆମ୍ଭମାନଙ୍କର ଆଲୋଚନାର ବିଷୟ ।

ଅର୍ଜୁନଙ୍କ ପ୍ରଦର୍ଶିତ ଉପର ଲିଖିତ ଉକ୍ତିଗୁଡ଼ିକର ଅଯୌକ୍ତିକତା ବିଷୟରେ ଏବଂ "ଅନୁଶୁଶ୍ରୁମ" କଥାଟିର ବିଶେଷତ୍ୱ ବିଷୟରେ ପ୍ରାଚୀନ ତଥା ଆଧୁନିକ ଟୀକାକାରମାନେ ସମ୍ପୂର୍ଣ୍ଣ ନୀରବ ରହିଅଛନ୍ତି । ଗୀତାର ସର୍ବଶ୍ରେଷ୍ଠ ଭାଷ୍ୟକାର ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ପ୍ରଥମ ଅଧ୍ୟାୟ ଓ ଦ୍ୱିତୀୟ ଅଧ୍ୟାୟର ପ୍ରଥମ ଦଶଟି ଶ୍ଳୋକର କୌଣସି ଭାଷ୍ୟ ଲେଖିନାହାନ୍ତି । ଗୀତା ପାଠକମାନେ ମଧ୍ୟ ଏ ବିଷୟରେ ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ରହିଅଛନ୍ତି । ତାହାର କାରଣ ଏହିକି ସେମାନେ ମଧ୍ୟ ଅର୍ଜୁନଙ୍କ ପରି ଧର୍ମାନ୍ଧତା ଦୋଷରେ ଏବଂ ଆମର ଧର୍ମ, ଆମର ଜାତି, ଆମର ଦେଶ, ଆମର ବଂଶ ଇତ୍ୟାଦି ମମତା ଦୋଷରେ ମୋହଗ୍ରସ୍ତ, ଏଥିରେ ସନ୍ଦେହ ନାହିଁ । ସେ ଯାହାହେଉ ବର୍ତ୍ତମାନ "ଅନୁଶୁଶ୍ରୁମ" କଥାଟିର ବିଶେଷତ୍ୱ ବିଷୟରେ ଆଲୋଚନା କରାଯାଉ ।

ଯେଉଁସବୁ କାରଣ ପ୍ରଦର୍ଶାଇ ଅର୍ଜୁନ ନିଜର ସ୍ୱଭାବ ନିୟତ ଯୁଦ୍ଧରୁ ନିବୃତ୍ତ ହେବାକୁ ବସିଥିଲେ ସେହିସବୁ କାରଣର ମୂଳ କାରଣ ହେଉଛି—" ଅନୁଶୁଶ୍ରୁମ " ଅର୍ଥାତ୍ ଆମ୍ଭେମାନେ ପରମ୍ପରାକ୍ରମେ ଶୁଣିଆସୁଅଛୁଁ । ଏହି ମୂଳ କାରଣକୁ ଖଣ୍ଡନ ନ କଲେ ଅର୍ଜୁନଙ୍କର ମୋହ ଓ ଧର୍ମାନ୍ଧତା ଦୂର ହେବ ନାହିଁ ଏବଂ ତାଙ୍କୁ ଯୁଦ୍ଧରେ ନିଯୁକ୍ତ କରି ହେବ ନାହିଁ । ଅତଏବ ଅର୍ଜୁନଙ୍କ ପ୍ରଦର୍ଶିତ ଏହି ମୂଳ କାରଣଟିକୁ ଅର୍ଥାତ୍ "ଅନୁଶୁଶ୍ରୁମ" କଥାଟିକୁ ଶ୍ରୀକୃଷ୍ଣ ନିଶ୍ଚୟ ଖଣ୍ଡନ କରିଅଛନ୍ତି—ଏଥିରେ ତିଳେମାତ୍ର ସନ୍ଦେହ କରାଯାଇ ନ ପାରେ । କପରି କୌଶଳରେ ଖଣ୍ଡନ କରିଅଛନ୍ତି ତାହା ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ । ଶ୍ରୀକୃଷ୍ଣ କହିଲେ :—

*

**ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ**
**ବେଦବାଦରତାଃ ପାର୍ଥ ! ନାନ୍ୟଦସ୍ତୀତିବାଦିନଃ ॥**
୨ୟ-୪୨

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ହେ ପାର୍ଥ ! **ଅବିବେକୀମାନେ** ବା **ମୂଢ଼ମାନେ** ବେଦବାଦରେ ରତ ଥାଆନ୍ତି ଏବଂ ବେଦ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି କହନ୍ତି ଏବଂ ସେହି ମୂଢ଼ମାନେ ଯେଉଁ ଶ୍ରୁତିମଧୁର କଥାସବୁ କହନ୍ତି (ଅର୍ଥାତ୍ ଶ୍ରୁତିମଧୁର ମନ୍ତ୍ରସବୁ ପାଠ କରନ୍ତି) ।

ଏହି ଶ୍ଳୋକରେ ଥିବା "ଅବିପଶ୍ଚିତଃ" କଥାଟିର ଅର୍ଥ ସର୍ବପ୍ରଥମେ ବୁଝନ୍ତୁ । ଏହି କଥାଟିର ଅର୍ଥ ହେଉଛି ଅବିବେକୀମାନେ ବା ମୂଢ଼ମାନେ । ତାପରେ ଗୀତାକାର କେଉଁମାନଙ୍କୁ ଅବିବେକୀ ବା ମୂଢ଼ ଆଖ୍ୟା ଦେଇଅଛନ୍ତି ତାହା ସ୍ଥିର କରନ୍ତୁ । ଏହି ଶ୍ଳୋକରେ ଥିବା "ବେଦବାଦରତାଃ" ଏବଂ "ନ ଅନ୍ୟତ୍ ଅସ୍ତି ଇତି ବାଦିନଃ" ଏହି ଦୁଇଟି କଥାରେ ଗୀତାକାର କହିଅଛନ୍ତି ଯେ, ବେଦବାଦରେ ଯେଉଁମାନେ ରତ ଥାଆନ୍ତି ଅର୍ଥାତ୍ ବେଦବାଦରେ ସମୟ ନଷ୍ଟ କରନ୍ତି ଏବଂ ବେଦ-ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଯେଉଁମାନେ କହନ୍ତି ସେହିମାନେ ହେଉଛନ୍ତି **ଅବିବେକୀ** ବା **ମୂଢ଼** । ଏଠାରେ ଜାଣିବା ଆବଶ୍ୟକ ଯେ ବେଦ ହେଉଛି ଶୁଣିବା କଥା । ସେଥିପାଇଁ ବେଦକୁ ଶ୍ରୁତି କୁହାଯାଏ । କେବଳ ବେଦ କାହିଁକି, ମୁଁ କହେ, କୋରାଣ, ବାଇବେଲ ଇତ୍ୟାଦି ଯେତେ ନୂଆ ନୂଆ ଧର୍ମ ଶାସ୍ତ୍ରସବୁ ସୃଷ୍ଟି ହେଲାଣି ସେ ସବୁ ହେଉଛି କେବଳ ଶୁଣିବା କଥା ଅର୍ଥାତ୍ ଆମ୍ଭମାନଙ୍କର ନିଜର ଅନୁଭୂତିର କଥା ନୁହେଁ ।

ପରବର୍ତ୍ତୀ ଶ୍ଳୋକଟିରେ ଶ୍ରୀକୃଷ୍ଣ ପୁଣି କହିଅଛନ୍ତି—(୧) "କାମାତ୍ମାନଃ" (୨) "ସ୍ୱର୍ଗପରାଃ" (୩) ଭୋଗୈଶ୍ୱର୍ଯ୍ୟ ଗତିଂ ପ୍ରତି କ୍ରିୟା ବିଶେଷ ବହୁଳାଂ" ଏହି ତିନୋଟି କଥାର ଅର୍ଥ ହେଉଛି—

(୧) କାମନା ବା ସଙ୍କୀର୍ଣ୍ଣ ସ୍ୱାର୍ଥର ଆଶା ହେଉଛି ହେଉଛି ସେହି ମୂଢ଼ମାନଙ୍କର ଆତ୍ମାସ୍ୱରୂପ

(୨) ମୃତ୍ୟୁପରେ ସ୍ୱର୍ଗଲାଭ ହେଉଛି ସେହି ମୂଢ଼ମାନଙ୍କର ଏକମାତ୍ର ଲକ୍ଷ୍ୟ ।

(୩) ଭୋଗ ଓ ଐଶ୍ୱର୍ଯ୍ୟ ପାଇବା ପାଇଁ ସେହି ମୂଢ଼ମାନେ ଆଡ଼ମ୍ବରପୂର୍ଣ୍ଣ ନାନାବିଧ ପୂଜା ଓ ଯଜ୍ଞାଦି ଅନୁଷ୍ଠାନମାନ କରନ୍ତି । ବର୍ତ୍ତମାନ ବୁଝିଲୁ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ତଥା ସମସ୍ତ ମାନବ ସମାଜର ଆଜି ଏହି ଦୁରବସ୍ଥା । ଏହି ଅଧ୍ୟାୟ ୪୫ଶ ଶ୍ଳୋକରେ ଶ୍ରୀକୃଷ୍ଣ ପୁଣି କହିଲେ :—

**ତ୍ରୈଗୁଣ୍ୟବିଷୟା ବେଦା**
**ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ !**

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ହେ ଅର୍ଜୁନ ! ବେଦସବୁ ହେଉଛି ତିନଗୁଣ ସମ୍ବନ୍ଧୀୟ ! ତୁମ୍ଭେ ସେହି ତିନଗୁଣରୁ ଅତୀତ ହୁଅ ଅର୍ଥାତ୍ ବେଦସବୁ ସହିତ କୌଣସି ସମ୍ବନ୍ଧ ରଖ ନାହିଁ । ପରବର୍ତ୍ତୀ ଶ୍ଳୋକରେ ଶ୍ରୀକୃଷ୍ଣ ପୁଣି କହିଲେ :—

**ଯାବାନର୍ଥ ଉଦପାନେ ସର୍ବତଃ ସମ୍ପ୍ଲୁତୋଦକେ,**
**ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ।**

ଅନ୍ୱୟ—ସର୍ବତଃ ସଂପ୍ଲୁତୋଦକେ, ଉଦପାନେ ଯାବାନ୍ ଅର୍ଥଃ, ବିଜାନତଃ ବ୍ରାହ୍ମଣସ୍ୟ ସର୍ବେଷୁ ବେଦେଷୁ ତାବାନ୍ ଅର୍ଥଃ ।

ଅର୍ଥ—ସବୁଆଡ଼ ଜଳପୂର୍ଣ୍ଣ ହେଲେ କ୍ଷୁଦ୍ର ଜଳାଶୟଟିରେ ଯେତିକି ପ୍ରୟୋଜନ (ଅର୍ଥାତ୍ କୌଣସି ପ୍ରୟୋଜନ ନାହିଁ) । ବୁଦ୍ଧିଯୁକ୍ତ ବ୍ରାହ୍ମଣର ଅର୍ଥାତ୍ ବୁଦ୍ଧିଯୁକ୍ତ ମନୁଷ୍ୟର ବେଦସବୁରେ ଅର୍ଥାତ୍ ଧର୍ମଶାସ୍ତ୍ର ସବୁରେ ସେତିକି ପ୍ରୟୋଜନ ( ଅର୍ଥାତ୍ କୌଣସି ପ୍ରୟୋଜନ ନାହିଁ ) ।

ଏହି ଅଧ୍ୟାୟ ୪୯ଶ ଶ୍ଳୋକରେ ଶ୍ରୀକୃଷ୍ଣ ପୁଣି କହିଲେ :—

**ଦୂରେଣ ହ୍ୟବରଂ କର୍ମ ବୁଦ୍ଧି ଯୋଗାଦ୍ଧନଞ୍ଜୟ ।**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ।**

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ହେ ଧନଞ୍ଜୟ ! ବୁଦ୍ଧିଯୋଗ ଅପେକ୍ଷା ଅର୍ଥାତ୍ ବୁଦ୍ଧି ସହିତ ଯୁକ୍ତହୋଇ କର୍ମ କରିବା ଅପେକ୍ଷା ଫଳ କାମନା କରି ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରିବା ଅତ୍ୟନ୍ତ ନିକୃଷ୍ଟ ଅଟେ । ଯେଉଁମାନେ ଫଳକାମନା କରି କରି କର୍ମ କରନ୍ତି ସେମାନେ କୃପାର ପାତ୍ର ଅଟନ୍ତି । ତୁମ୍ଭେ ତାହା ନ କରି ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଇଚ୍ଛାକର ।

ଏହି ଅଧ୍ୟାୟର ୫୨ଶ ଶ୍ଳୋକରେ ଶ୍ରୀକୃଷ୍ଣ ପୁଣି କହିଲେ :—

**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ।**

ଏହି କଥାଟିରେ ଅର୍ଜୁନଙ୍କ ପ୍ରଦର୍ଶିତ ମୂଳକାରଣକୁ ଅର୍ଥାତ୍ "ଅନୁଶୁଶ୍ରୁମ" କଥାଟିକୁ ଶ୍ରୀକୃଷ୍ଣ ସ୍ପଷ୍ଟାକ୍ଷରରେ ଖଣ୍ଡନ କରିଅଛନ୍ତି । ଏହି କଥାଟିରେ ଶ୍ରୀକୃଷ୍ଣ କହିଅଛନ୍ତି—"ତୁମ୍ଭେ ଯାହାସବୁ ଶୁଣିବାକୁ କର୍ତ୍ତବ୍ୟ ବୋଧ କରିଅଛ ଏବଂ ଯାହାସବୁ ଶୁଣିଅଛ ସେହିସବୁରୁ ନିର୍ବେଦ ହୁଅ ଅର୍ଥାତ୍ ଶୁଣିବା କଥା ଉପରେ ନିର୍ଭର କର ନାହିଁ ଅର୍ଥାତ୍ ଶୁଣିବା କଥାକୁ ସତ୍ୟ ମନେକରି ସେହିସବୁ ଶୁଣିବା କଥାର ଅନ୍ଧାନୁସରଣ କରନାହିଁ ଏବଂ ନିଜର ସ୍ୱଭାବନିୟତ କର୍ତ୍ତବ୍ୟରୁ ନିବୃତ୍ତ ହୁଅ ନାହିଁ । ପରବର୍ତ୍ତୀ ଶ୍ଳୋକରେ ଶ୍ରୀକୃଷ୍ଣ ପୁଣି କହିଲେ :—

"ଶ୍ରୁତି ବିପ୍ରତିପନ୍ନା ତେ ବୁଦ୍ଧିଃ ଯଦା ନିଶ୍ଚଳା ତଥା<br>ଅଚଳା ସ୍ଥାସ୍ୟତି, ତଦାଽଽଂ ଯୋଗମ୍ ଅବାପ୍‌ସ୍ୟସି ।"

ଅର୍ଥ—ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କମ୍ବା ବେଦ ଦ୍ୱାରା କମ୍ବା ଶାସ୍ତ୍ରଗତ ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଯେତେବେଳେ ନିଶ୍ଚଳ ଓ ଅଚଳ ରହିବ ସେତେବେଳେ ଯାଇଁ ତୁମ୍ଭେ ଗୀତା-ପ୍ରଦର୍ଶିତ ଯୋଗ ପାଇପାରିବ ଅର୍ଥାତ୍ ଗୀତାର ନୂତନ ଶିକ୍ଷା ଗ୍ରହଣ କରି ନିଜର ସ୍ୱଭାବନିୟତ ଜୀବନ-ଯୁଦ୍ଧରେ ଅଗ୍ରସର ହୋଇ ପାରିବ ।

ଶ୍ରୀକୃଷ୍ଣଙ୍କର ଏହି ଉପଦେଶରୁ ପ୍ରକାଶ ଯେ ଗୀତାର ନୂତନ ଶିକ୍ଷା ଗ୍ରହଣ କରିବାକୁ ହେଲେ ଏବଂ ନିଜର ସ୍ୱଭାବନିୟତ ଜୀବନ-ଯୁଦ୍ଧରେ ଅଗ୍ରସର ହେବାକୁ ହେଲେ ଶାସ୍ତ୍ରଜ୍ଞାନ ଉପରେ ପ୍ରତିଷ୍ଠିତ ଅତୀତର

ସବୁପ୍ରକାର ବଦ୍ଧମୂଳ ଧାରଣା ମନରୁ ସମ୍ପୂର୍ଣ୍ଣରୂପେ ଦୂର କରି ଦେଇ ସରଳତାର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ । ଧର୍ମଶାସ୍ତ୍ର ସବୁ ଶୁଣିବା କଥା, ଏକଥା ପୂର୍ବେ କୁହାଯାଇଅଛି । ଗୀତାକାରଙ୍କର ଅଭିପ୍ରାୟ ଏହି କି ଏହିସବୁ ଶୁଣିବା କଥାର ଅନ୍ଧାନୁସରଣ ପରିତ୍ୟାଗ କରି ନିଜ ନିଜର ପବିତ୍ର ବିବେକବୁଦ୍ଧି ଉପରେ ତଥା ନିଜ ନିଜର ଆତ୍ମଜ୍ଞାନ ଉପରେ ତା ସ୍ୱାଧୀନ ଚିନ୍ତା ଉପରେ ନିର୍ଭର କରି କର୍ମ କରିବା ଆବଶ୍ୟକ । କାରଣ ନିଜର ବିବେକ ବୁଦ୍ଧି ଏବଂ ସ୍ୱାଧୀନ ଚିନ୍ତା ହେଉଛି ପ୍ରତ୍ୟେକ ମନୁଷ୍ୟର ମନୁଷ୍ୟତା । ଏହି ବିବେକ ବୁଦ୍ଧି ଓ ଆତ୍ମଜ୍ଞାନ ମନୁଷ୍ୟଙ୍କୁ ପଶୁଠାରୁ ପୃଥକ୍ କରିଅଛି । ମାତ୍ର ଅନୁଶ୍ରୁତମ୍ ଉପରେ ବା ଶୁଣିବା କଥା ଉପରେ ନିର୍ଭର କରି ଏବଂ ସେହି ଶୁଣିବା କଥାର ଅନ୍ଧାନୁସରଣ କରିବା ଫଳରେ ମନୁଷ୍ୟ ଆଜି ନିଜର ବିବେକ ବୁଦ୍ଧି ଓ ଆତ୍ମଜ୍ଞାନ ହରାଇ ପଶୁରେ ପରିଣତ ହୋଇଅଛି ଏବଂ ଅନ୍ଧଭାବରେ ଜୀବନଯାତ୍ରା ନିର୍ବାହ କରି ଉପସ୍ଥିତ ଦୁଃଖ ଦୁରବସ୍ଥା ଭୋଗ କରୁଅଛି । ସମସ୍ତ ମାନବ ସମାଜରେ ଆଜି ଯେଉଁ ବିଶୃଙ୍ଖଳା ଘଟିଅଛି ଏବଂ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ପରିବାର, ତେଣୁ ସମସ୍ତ ମାନବ ସମାଜ ଆଜି ଯେଉଁ ଦୁଃଖ-ଦୁରବସ୍ଥା ଭୋଗ କରୁଅଛି ତାହା ଆମ୍ଭମାନଙ୍କ ପ୍ରତ୍ୟେକଙ୍କୁ ଉତ୍ତମରୂପେ ଜଣାଅଛି । ଏହି ବିଶୃଙ୍ଖଳା ଓ ଏହି ଦୁରବସ୍ଥାର ମୂଳ କାରଣ ହେଉଛି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ବିବେକଶୂନ୍ୟତା ବା ଅନ୍ଧତା । ଆପଣ ଏବଂ ମୁଁ ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ହେଉଛୁ ସମସ୍ତ ମାନବ ସମାଜର ଉପସ୍ଥିତ ବିଶୃଙ୍ଖଳା ଓ ଦୁରବସ୍ଥାର ସୃଷ୍ଟିକର୍ତ୍ତା ଏଥିରେ ସନ୍ଦେହ ନାହିଁ । ଅତଏବ ଏହି ବିଶୃଙ୍ଖଳା ଓ ଏହି ଦୁରବସ୍ଥା ଦୂର କରିବା କାହାର କାର୍ଯ୍ୟ ? ଏହା ନିଶ୍ଚୟ ଆପଣଙ୍କର କାର୍ଯ୍ୟ । ଏହା ନିଶ୍ଚୟ ମୋର କାର୍ଯ୍ୟ, କୌଣସି ନେତାଙ୍କର କିମ୍ବା କୌଣସି ଗୁରୁଙ୍କର କାର୍ଯ୍ୟ କଦାପି ନୁହେଁ । ନିଜର ଦୁର୍ବଳତା ଦୋଷରୁ କୌଣସି ନେତାଙ୍କୁ କିମ୍ବା ଗୁରୁଙ୍କୁ କିମ୍ବା ସମାଜକୁ କିମ୍ବା ଅନ୍ୟମାନଙ୍କୁ ଅପେକ୍ଷା ନ କରି କିମ୍ବା ଏହିମାନଙ୍କଠାରେ ଦୋଷାରୋପ ନ କରି ନିଜେ ନିଶ୍ଚେଷ୍ଟ ରହନ୍ତୁ ନାହିଁ । ଆପଣଙ୍କର ଅନ୍ଧତା ଆପଣ ଦୂର କରିବେ, ମୋର ଅନ୍ଧତା ମୁଁ ଦୂର କରିବି । ଆପଣ ଯଦି ସୁଖ-ଶାନ୍ତି ଭୋଗ କରି ପାରିବେ ଏବଂ ଆପଣ ଯଦି ଆପଣଙ୍କର ପରିବାରରେ ସୁଶୃଙ୍ଖଳା ଓ ସୁଖ-ଶାନ୍ତି ଆଣି ପାରିବେ ଏବଂ ମୁଁ ଯଦି

ମୋ ପରିବାରରେ ସୁଶୃଙ୍ଖଳା ଓ ସୁଖ-ଶାନ୍ତି ଆଣି ପାରିବ ତେବେ ସମସ୍ତ ମାନବ ସମାଜରେ ସୁଶୃଙ୍ଖଳ ଓ ସୁଖ-ଶାନ୍ତି ଆସିବା ସୁନିଶ୍ଚିତ । ସ୍ୱାର୍ଥପର ଭାବରେ ନିଜ ନିଜର ସୁଖ-ଶାନ୍ତି ଓ ନିଜ ପରିବାରର ସୁଖ-ଶାନ୍ତି ପାଇଁ ଚେଷ୍ଟା କରିବା କଥା ମୁଁ କହୁନାହିଁ । ଏପରି ଚେଷ୍ଟା ସମସ୍ତେ କରୁଅଛନ୍ତି ଏବଂ କେବଳ ଏଇଥିପାଇଁ ସୁଶୃଙ୍ଖଳା ଓ ସୁଖ-ଶାନ୍ତି ପରିବର୍ତ୍ତେ ବିଶୃଙ୍ଖଳା ଓ ଦୁଃଖ ଅଶାନ୍ତି ସେମାନଙ୍କର ଘର ସହଚର ହୋଇଅଛି । ସମସ୍ତ ମାନବ ସମାଜର ସୁଶୃଙ୍ଖଳା ଓ ସୁଖ-ଶାନ୍ତି ଆଣିବା ଅଭିପ୍ରାୟରେ ନିଜ ନିଜର ସୁଖ-ଶାନ୍ତି ଏବଂ ନିଜର ପରିବାରର ସୁଖ-ଶାନ୍ତି ପାଇଁ ଚେଷ୍ଟା କରିବା କଥା ମୁଁ କହୁଅଛି । ଏହାସ୍ପଷ୍ଟ ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରନ୍ତୁ ।

ପରିଶେଷରେ ମୋର ଅନୁରୋଧ ଏହିକି ଗୀତାରେ ଥିବା ସାତଶହ ଶ୍ଳୋକର ଅର୍ଥ ମୁଖସ୍ଥ କରିବାକୁ କିମ୍ବା ପ୍ରତ୍ୟହ ଗୀତା ପାରାୟଣ କରିବାକୁ ବ୍ୟାକୁଳ ନ ହୋଇ ଯେଉଁ କେତୋଟି ଉକ୍ତି ଉଦ୍ଧାର କରାଯାଇ "ଅନୁଶୃତ୍ରମ୍" କଥାଟିର ଆଲୋଚନା କରାଗଲା ସେହି କେତୋଟି କଥା ସମ୍ପୂର୍ଣ୍ଣ ରୂପେ ବୁଝନ୍ତୁ ଏବଂ ସମସ୍ତ ପ୍ରକାର ଅନ୍ଧାନୁସରଣ ପରିତ୍ୟାଗ କରି ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ । କି ସମାଜ, କି ସରକାର, କି ଗୁରୁ, କି ଭଗବାନ କାହାରି ଉପରେ ଅପେକ୍ଷା କରନ୍ତୁ ନାହିଁ । ଅନ୍ୟମାନେ ନିନ୍ଦା କରିବେ ଏଥିପାଇଁ ଭୟ କରନ୍ତୁ ନାହିଁ । ପ୍ରତ୍ୟେକ ବ୍ୟକ୍ତି ସମାଜର ଅଗ୍ରଗାମୀ ହେବାକୁ କର୍ତ୍ତବ୍ୟ ବୋଧକରି ନିଜର ଶିକ୍ଷା ଓ ସଦ୍‌ବ୍ୟବହାର ପରିଚୟ ଦିଅନ୍ତୁ ।

———

# ଗୀତାର ବ୍ରାହ୍ମୀସ୍ଥିତି

( ଗୀତାର ବ୍ରାହ୍ମୀସ୍ଥିତି ପାଇବାକୁ ଆଗ୍ରହ ଥିଲେ ସବୁ ପ୍ରକାର ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ଜୀବନଯାତ୍ରାକୁ ବିବେକାନୁମୋଦିତ କରନ୍ତୁ ଏବଂ ବିପଥଗାମୀ ସମାଜକୁ ଗୀତା-ପ୍ରଦର୍ଶିତ ଏହି ନୂତନ ପଥ ଦେଖାଇ ଦିଅନ୍ତୁ । )

ଗୀତାକାର ଗୀତା ରଚନା କଲାବେଳେ ମାନବ ସମାଜରେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତଥାନ ଘଟୁଥିବାର ଦେଖି ବିପଥଗାମୀ ହେବାକୁ ଯାଉଥିବା ସମାଜର ମଙ୍ଗଳପାଇଁ ଗୀତା-ଧର୍ମ ନାମକ ଗୋଟିଏ ନୂତନ ଧର୍ମ ସଂସ୍ଥାପନ କରିଯାଇଅଛନ୍ତି—ଯାହା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ପ୍ରକାଶ ପାଉଅଛି ।

**ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ୪ର୍ଥ—୮ ।**

**ଅର୍ଥ**—(ଗୀତାର ଶ୍ରୀକୃଷ୍ଣ-ଭଗବାନ କହିଅଛନ୍ତି) ଧର୍ମ ସଂସ୍ଥାପନ କରିବାପାଇଁ ମୁଁ ବାରମ୍ବାର ସମ୍ଭବ ହୁଏ ।

**ଟିପ୍ପଣୀ**—ଏହି କଥାଟିର ବିଶେଷ ଆଲୋଚନା ଏଠାରେ ସମ୍ପୂର୍ଣ୍ଣ ଅନାବଶ୍ୟକ । ଆବଶ୍ୟକ ମନେ କଲେ ମୋର "ଗୀତା" ବହିରୁ କିମ୍ବା "ଗୀତାର ଅନୁଶୃଙ୍ଖଳ" ନାମକ ଖଣ୍ଡିଏ ଶ୍ରେଷ୍ଠ ବହିରୁ ତାହା ଦେଖିପାରିବେ । ଏଠାରେ ଏ ବିଷୟ ଲେଖିବାର ଆବଶ୍ୟକ ଏହି କି, ଗୀତାରୁ କୌଣସି ବିଷୟ ଆଲୋଚନା କରିବାକୁ ହେଲେ ସର୍ବଦା ମନେ ରଖିବାକୁ ହେବ ଯେ, ଗୀତାର ଶିକ୍ଷା ସମ୍ପୂର୍ଣ୍ଣ ନୂତନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାସବୁରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଅତଏବ ଗୀତାର ନୂତନ ଶିକ୍ଷା ଗ୍ରହଣ କରି ତଦନୁସାରେ ନିଜର ଜୀବନର ଗତି ପରିବର୍ତ୍ତନ

କରିବାକୁ ଆଗ୍ରହ ଥିଲେ ଅତୀତର ବଦ୍ଧମୂଳ ଧାରଣାଗୁଡ଼ିକୁ ମନରୁ ସମ୍ପୂର୍ଣ୍ଣରୂପେ ଦୂର କରିଦେବା ଏକାନ୍ତ ଆବଶ୍ୟକ । କାରଣ, ଅତୀତର ବଦ୍ଧମୂଳ ଧାରଣାଗୁଡ଼ିକ ମନରେ ସ୍ଥାନ ଅଧିକାର କରିଥିବା ପର୍ଯ୍ୟନ୍ତ କେବଳ ଗୀତାର ନୂତନ ଶିକ୍ଷା କାହିଁକି, ଅନ୍ୟ କୌଣସି ପ୍ରକାର ନୂତନ ଶିକ୍ଷା ମନରେ ସ୍ଥାନ ପାଇ ପାରିବ ନାହିଁ । ଏହାକୁ ଲୋକେ ରକ୍ଷଣଶୀଳତା ନାମ ଦେଇଅଛନ୍ତି । ସେ ଯାହାହେଉ, ଠିକ୍ ଏହି କଥା ଗୀତାକାର ନିମ୍ନଲିଖିତ ଉକ୍ତିରେ ସ୍ପଷ୍ଟାକ୍ଷରରେ କହିଅଛନ୍ତି :—

ଶ୍ରୁତି ବିପ୍ରତିପନ୍ନା ତେ ବୁଦ୍ଧିଃ ଯଦା ନିଶ୍ଚଳା ତଥା ଅଚଳା
ସ୍ଥାସ୍ୟତି ତଦା ତ୍ୱଂ ଯୋଗମ୍ ଅବାପ୍‌ସ୍ୟସି । ୨ଅ· ୫୩

ଅର୍ଥ—ଶ୍ରୁତିଦ୍ୱାରା ଅର୍ଥାତ୍ ଶୁଣିବା କଥାଦ୍ୱାରା କିମ୍ବା ବେଦଦ୍ୱାରା କିମ୍ବା ଶାସ୍ତ୍ରଗତଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମର ବୁଦ୍ଧି ଯେତେବେଳେ ନିଶ୍ଚଳ ଓ ଅଚଳ ରହିବ ଅର୍ଥାତ୍ ଶାସ୍ତ୍ରଜ୍ଞାନ ଉପରେ ତଥା ଲୋକାଚାର ଓ ଦେଶାଚାର ଇତ୍ୟାଦି ଶୁଣିବାକଥା ଉପରେ ପ୍ରତିଷ୍ଠିତ ଅତୀତର ବଦ୍ଧମୂଳ ଧାରଣାଗୁଡ଼ିକୁ ତୁମ୍ଭେ ଯେତେବେଳେ ମନରୁ ସମ୍ପୂର୍ଣ୍ଣରୂପେ ଦୂରକରି ଦେଇ ସେସବୁ ଧାରଣାଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମର ବୁଦ୍ଧିକୁ ଦୃଢ଼ କରିବ, ସେତେବେଳେ ଯାଇ ତୁମ୍ଭେ ଗୀତା ପ୍ରଦର୍ଶିତ ଯୋଗ ପାଇପାରିବ ଅର୍ଥାତ୍ ଗୀତାର ନୂତନଶିକ୍ଷା ଗ୍ରହଣ କରି ତଦନୁସାରେ ନିଜର ଜୀବନର ଗତି ପରିବର୍ତ୍ତନ କରିପାରିବ । ଗୀତାର ଏହି ଉକ୍ତିଟିରୁ ପରିଷ୍କାର ଭାବରେ ବୁଝାଯାଉଅଛି ଯେ, ଅତୀତର ବଦ୍ଧମୂଳ ଧାରଣାଗୁଡ଼ିକୁ ମନରୁ ସମ୍ପୂର୍ଣ୍ଣରୂପେ ଦୂର ନ କରିବାଯାଏ ନିଜର ବୁଦ୍ଧିକୁ ଦୃଢ଼କରି ହେବ ନାହିଁ ଏବଂ ନିଜର ବୁଦ୍ଧିକୁ ଦୃଢ଼ ନ କରିବାଯାଏଁ ଗୀତା ପ୍ରଦର୍ଶିତ ନୂତନ ପଥରେ ଅଗ୍ରସର ହୋଇ ପାରିବ ନାହିଁ । ଗୀତାରେ ଲେଖାଅଛି ବୋଲି ତାକୁ ସତ୍ୟ ବୋଲି ଗ୍ରହଣ କରିବାକୁ ହେବ, ଏପରି କଥା ମୁଁ କହୁନାହିଁ । ଆଉମଧ୍ୟ ଏପରି ଧାରଣା ମନରୁ ଦୂର କରିଦେବାକଥା ନିଜେ ଗୀତାକାର କହିଅଛନ୍ତି, ଯାହା ବର୍ତ୍ତମାନ କୁହାଗଲା । ଅତଏବ ନିଜେ ସ୍ୱାଧୀନ ଭାବରେ ଚିନ୍ତାକରି ପ୍ରକୃତ କଥା ସ୍ଥିର କରନ୍ତୁ । ଯେଉଁ 'ବ୍ରାହ୍ମୀସ୍ଥିତି' କଥାଟିର ଆଲୋଚନାରେ ଆମ୍ଭେମାନେ ଅଗ୍ରସର ହେଉଅଛୁ,

**ସେହି ଆଲୋଚନାରୁ ମଧ୍ୟ ଆମ୍ଭେମାନେ ଜାଣିପାରିବୁ ଯେ, ଗୀତାର ଶିକ୍ଷା ସମ୍ପୂର୍ଣ୍ଣ ନୂତନ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାସବୁରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ ।** ଅତଏବ ପାଠକମାନଙ୍କୁ ଅନୁରୋଧ ଏହି କି, ସେମାନେ ଅତୀତର ବଦ୍ଧମୂଳଧାରଣାଗୁଡ଼ିକୁ ମନରୁ ସମ୍ପୂର୍ଣ୍ଣରୂପେ ଦୂର କରିଦେଇ ଉପସ୍ଥିତ ଆଲୋଚନାରେ ଅଗ୍ରସର ହୁଅନ୍ତୁ ।

'ବ୍ରାହ୍ମୀସ୍ଥିତି' ଏହି କଥାଟିର ଅର୍ଥ ହେଉଛି—ବ୍ରାହ୍ମଣୀ ଅର୍ଥାତ୍ ବ୍ରହ୍ମରେ ସ୍ଥିତିଃ ଅର୍ଥାତ୍ ଅବସ୍ଥାନ କରିବାର ଅବସ୍ଥା । 'ବ୍ରହ୍ମ' କହିଲେ ଆମ୍ଭେମାନେ ଜାଣୁଁ କଳ୍ପନାଶ୍ରିତ ଭଗବାନ କିମ୍ବା ଭଗବାନଙ୍କ ପରି କଳ୍ପନାଶ୍ରିତ ଅନ୍ୟ କିଛି । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଧାରଣା ଏହି କି, ଧର୍ମଶାସ୍ତ୍ରମାନଙ୍କରେ ଲେଖାଥିବା ବିଭିନ୍ନ ପ୍ରଣାଳୀସବୁର ଅନ୍ଧାନୁସରଣ କରିବା ଫଳରେ କେବଳ ଶାସ୍ତ୍ରଜ୍ଞ ବଡ଼ ବଡ଼ ପଣ୍ଡିତମାନେ ଓ ଯୋଗଭ୍ୟାସୀମାନେ 'ବ୍ରାହ୍ମୀସ୍ଥିତି' ଲାଭକରି ପାରିବେ । ଅନ୍ୟ କେତେକଙ୍କର ଧାରଣା ଏହି କି, ସେହିପରି ପଣ୍ଡିତମାନେ ତଥା ଯୋଗାଭ୍ୟାସୀମାନେ ମୃତ୍ୟୁ ସମୟରେ ସେହି କଳ୍ପନାଶ୍ରିତ ବ୍ରହ୍ମରେ କିମ୍ବା ଭଗବାନଙ୍କଠାରେ ଲୀନ ହୋଇ ପାରିବେ । ଏପରି ଲୀନ ହେବାକୁ ବୌଦ୍ଧ ଧର୍ମରେ 'ବ୍ରହ୍ମନିର୍ବାଣ' କହନ୍ତି ବୋଲି ଦ୍ୱିତୀୟ ଅଧ୍ୟାୟ ଶେଷ ଶ୍ଳୋକରେ ଗୀତାକାର 'ବ୍ରାହ୍ମୀସ୍ଥିତି' ବିଷୟରେ ନିଜର ନୂତନ ମତ ବୁଝାଇବାକୁ ଯାଇ 'ବ୍ରହ୍ମ ନିର୍ବାଣ' କଥାଟି ବ୍ୟବହାର କରିଅଛନ୍ତି । ସେ ଯାହାହେଉ, 'ବ୍ରହ୍ମ ନିର୍ବାଣ' କଥାଟି ଆମ୍ଭମାନଙ୍କର ଆଲୋଚନାର ବହିର୍ଭୂତ । ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ହେଉଛି, 'ବ୍ରାହ୍ମୀସ୍ଥିତି' ଏହି କଥାଟି ପରଲିଖିତ ଶ୍ଳୋକରେ ଦେଖିପାରିବେ ।

**ଏଷା ବ୍ରାହ୍ମୀସ୍ଥିତିଃ ପାର୍ଥ ! ନୈନାଂ ପ୍ରାପ୍ୟ ବିମୁହ୍ୟତି,**
**ସ୍ଥିତ୍ୱା ସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି । ୨ୟ-୭୨**

ଅନ୍ୱୟ—ହେ ପାର୍ଥ ! ଏଷା ବ୍ରାହ୍ମୀସ୍ଥିତିଃ, ଏନାଂ ପ୍ରାପ୍ୟ (ପୁମାନ୍) ନ ବିମୁହ୍ୟତି । (ଅସ୍ୟାଂ) ସ୍ଥିତ୍ୱା ଅନ୍ତକାଳେ ଅପି ବ୍ରହ୍ମନିର୍ବାଣମ୍ ଋଚ୍ଛତି ।

*

ଅର୍ଥ—ହେ ପାର୍ଥ ! ଏହାହିଁ ବ୍ରାହ୍ମୀସ୍ଥିତି ଅଟେ । ଏହି ଅବସ୍ଥା ପାଇ ମନୁଷ୍ୟ ମୋହଗ୍ରସ୍ତ ହୁଏ ନାହିଁ । ଏହି ଅବସ୍ଥାରେ ରହିଲେ ମୃତ୍ୟୁ ସମୟରେ ମଧ୍ୟ ସେ "ବ୍ରହ୍ମନିର୍ବାଣ" ଲାଭ କରେ ।

ଟିପ୍ପଣୀ—ବ୍ରହ୍ମ ଓ ବ୍ରାହ୍ମୀସ୍ଥିତି ବିଷୟରେ ଆମ୍ଭମାନଙ୍କର ଯେଉଁ ଧାରଣା ଅଛି, ତାହା ପୂର୍ବ ବୁଝାଯାଇଅଛି । ସେହି ଭ୍ରାନ୍ତ ଧାରଣା ଦୂର କରିବା ଅଭିପ୍ରାୟରେ ଗୀତାକାର ଏଠାରେ "ବ୍ରାହ୍ମୀସ୍ଥିତି" କଥାଟି ବ୍ୟବହାର କରିଅଛନ୍ତି । ଗୀତାକାରଙ୍କର ଅଭିପ୍ରାୟ ଏହି କି କଳ୍ପନାପ୍ରସୂତ ବ୍ରହ୍ମରେ ଅବସ୍ଥାନ କରିବାର ଅବସ୍ଥା ଲାଭ କରିବାକୁ ହେଲେ ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀଗୁଡ଼ିକର ଅନୁସରଣ କରିବାକୁ ହେବନାହିଁ ଓ କେବଳ ଯେ ଶାସ୍ତ୍ରଜ୍ଞ ପଣ୍ଡିତମାନେ ଓ ଯୋଗାଭ୍ୟାସୀମାନେ "ବ୍ରାହ୍ମୀସ୍ଥିତି" ପାଇ ପାରିବେ ତାହା ନୁହେଁ । ମୂର୍ଖ-ପଣ୍ଡିତ ନିର୍ବିଶେଷରେ ଓ ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ତାହା ସହଜରେ ପାଇପାରିବେ । କିପରି ଭାବରେ କର୍ମ କଲେ ପ୍ରତ୍ୟେକ ବ୍ୟକ୍ତି "ବ୍ରାହ୍ମୀସ୍ଥିତି" ପାଇପାରିବେ ତାହା ଏହି ଶ୍ଲୋକର ପୂର୍ବ ଶ୍ଲୋକରେ ସୁସ୍ପଷ୍ଟ ଭାବରେ ବୁଝାଯାଇଅଛି । ସେହି ଶ୍ଲୋକଟି ହେଉଛି :—

**ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିସ୍ପୃହଃ**
**ନିର୍ମମୋ ନିରହଂକାରଃ ସ ଶାନ୍ତିମଧିଗଚ୍ଛତି । ୨ୟ-୭୧**

ଅନ୍ୱୟ—ଯଃ ପୁମାନ୍ ନିସ୍ପୃହଃ (ସନ୍) ସର୍ବାନ୍ କାମାନ୍ ବିହାୟ, ନିର୍ମମଃ (ତଥା) ନିରହଂକାରଃ (ସନ୍) ଚରତି ସଃ ଶାନ୍ତିଂ ଅଧିଗଚ୍ଛତି ।

ଅର୍ଥ—ଯେଉଁ ବ୍ୟକ୍ତି କାମନାସବୁ ପରିତ୍ୟାଗ କରି ସ୍ପୃହାଶୂନ୍ୟ ହୋଇ ଏବଂ ମମତା ଓ ଅହଂକାର ପରିତ୍ୟାଗ କରି କର୍ମ କରନ୍ତି, ସେ ଶାନ୍ତି ଲାଭ କରନ୍ତି ।

ଟିପ୍ପଣୀ— ଏହି ଶ୍ଲୋକର ଶେଷରେ "ସଃ ଶାନ୍ତିଂ ଅଧିଗଚ୍ଛତି" ଅର୍ଥାତ୍, "ସେ ଶାନ୍ତି ଲାଭ କରନ୍ତି" ଏହି କଥାଟି କହିବାର ଠିକ୍ ପରେ ଗୀତାକାର "ଏଷା ବ୍ରାହ୍ମୀସ୍ଥିତିଃ ପାର୍ଥ !" ଅର୍ଥାତ୍, ହେ ପାର୍ଥ ! ଏହାହିଁ ବ୍ରାହ୍ମୀସ୍ଥିତି ଅଟେ. ଏହି କଥାଟି କହିଅଛନ୍ତି । ଗୀତାକାରଙ୍କର ଅଭିପ୍ରାୟ

ଏହି ଜ, ଶାନ୍ତି ଲାଭ କରିବାର୍ଥ ପ୍ରକୃତରେ ବ୍ରାହ୍ମୀସ୍ଥିତି ଅଟେ । ଅତଏବ ଏହି ଶାନ୍ତିଲାଭ କରିବାର୍ଥ ପ୍ରତ୍ୟେକ ବ୍ୟକ୍ତିର ଏକମାତ୍ର ଲକ୍ଷ୍ୟ ହେଉ ଏବଂ କଳ୍ପନାଶ୍ରିତ ବ୍ରାହ୍ମୀସ୍ଥିତି ଲାଭକରିବାର ଦୁରାଶା ପୋଷଣ କରି ଲୋକେ ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀଗୁଡ଼ିକର ତଥା ଲୋକାଚାର ଓ ଦେଶାଚାର ଇତ୍ୟାଦିର ଅନ୍ଧାନୁସରଣ କରି ବୃଥାରେ କ୍ଲେଶ ଭୋଗ ନ କରନ୍ତୁ । ନିମ୍ନଲିଖିତ ଉକ୍ତିଟିରେ ଗୀତାକାର ଠିକ୍ ଏହି କଥା କହିଅଛନ୍ତି ।

**କ୍ଲେଶୋଽଧିକତରସ୍ତେଷା**
**ମବ୍ୟକ୍ତାସକ୍ତ ଚେତସାମ୍** । ୧୨ଶ—୫

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତରେ ଆସକ୍ତ ଅର୍ଥାତ୍ କଳ୍ପନାଶ୍ରିତ ଭଗବାନ୍, ବ୍ରହ୍ମ, ପରଂବ୍ରହ୍ମ ଇତ୍ୟାଦିଙ୍କ ଉପାସନାରେ ଆସକ୍ତ ସେମାନଙ୍କର ଅଧିକତର କ୍ଲେଶ ହୁଏ ।

ଟିପ୍ପଣୀ—ଅବ୍ୟକ୍ତ ଭଗବାନଙ୍କ ଉପାସନାକୁ ଗୀତାକାର ସମର୍ଥନ ନ କରି ନିଜର ପ୍ରଜ୍ଞାଶକ୍ତିରୁ ଉତ୍ପନ୍ନ ଆମ୍ଭମାନଙ୍କର ନିତ୍ୟ ପରିଚିତ ଶ୍ରୀକୃଷ୍ଣ ଭଗବାନଙ୍କର ଆଶ୍ରୟ ନେଇ ସର୍ବଦା ନିଜର ସ୍ୱଭାବ-ନିଯୁତ ଜୀବନ ଯୁଦ୍ଧରେ ନିଯୁକ୍ତ ରହିବାକୁ ଉପଦେଶ ଦେଇଅଛନ୍ତି । ଏ ବିଷୟର ବିଶେଷ ଆଲୋଚନା ଏଠାରେ ସମ୍ପୂର୍ଣ୍ଣ ଅନାବଶ୍ୟକ । ଗୀତାର ଶ୍ରୀକୃଷ୍ଣ-ଭଗବାନ କିଏ—ଗୀତାର ଏହି ସର୍ବଗୁହ୍ୟତମ କଥା ଓ ସର୍ବ ପ୍ରଧାନ କଥାଟି ଜାଣିବାକୁ ଯେଉଁମାନଙ୍କର ଆଗ୍ରହ ଆଛି ସେମାନେ ମୋର "Secrets of the Geeta" ନାମକ ଇଂରାଜି ବହିରୁ କିମ୍ବା "ଗୀତାର ସାର କଥା" ବହିରୁ ଏହି ବିଷୟର ବିଶେଷ ଆଲୋଚନା ଦେଖି ପାରିବେ । ବର୍ତ୍ତମାନ ଆଲୋଚ୍ୟ ବିଷୟରେ ଅଗ୍ରସର ହୁଅନ୍ତୁ—

ଆଲୋଚ୍ୟ ଶ୍ଳୋକର ପ୍ରଥମ ଧାଡ଼ିରେ ଗୀତାକାର କାମନାଶୂନ୍ୟ ହୋଇ କର୍ମ କରିବାକୁ କହି, ଦ୍ୱିତୀୟ ଧାଡ଼ିରେ ବୁଝାଇ ଦେଲେ ଯେ, କାମନା-ଶୂନ୍ୟ ହୋଇ କର୍ମ କରିବା ହେଉଛି ମମତା ଓ ଅହଂକାର ପରିତ୍ୟାଗ କରି କର୍ମ କରିବା । କପରି ମନୋଭାବ ପୋଷଣ କଲେ ମନୁଷ୍ୟ ଏହି ମମତା ଓ ଅହଂକାର ପରିତ୍ୟାଗ କରି ପାରିବ, ତାହା

ଗୀତାକାର ବିଭିନ୍ନ ସ୍ଥାନରେ, ବିଭିନ୍ନ ଭାବରେ ଏବଂ ଯୁକ୍ତିଯୁକ୍ତ କାରଣ ସହିତ ବୁଝାଇ ଦେଇଅଛନ୍ତି । ସେଥିମଧ୍ୟରୁ କେବଳ ଗୋଟିଏ ଦୁଇଟି ଉକ୍ତି ପରେ ଆଲୋଚନା କରାଯିବ । ବର୍ତ୍ତମାନ ମମତା ଓ ଅହଂକାର କାହାକୁ କୁହାଯାଏ ତାହା ଭଲରୂପେ ବୁଝନ୍ତୁ ।

ମୋର ପୁଅ, ମୋର ଧନ, ମୋର ଘର, ଆମର ଦେଶ, ଆମର ଜାତି, ଆମର ଧର୍ମ ଇତ୍ୟାଦି ସଂକୀର୍ଣ୍ଣ ମନୋଭାବ ପୋଷଣକରି କର୍ମ କରିବାକୁ ମମତା କୁହାଯାଏ । ମୁଁ ବ୍ରାହ୍ମଣ, ମୁଁ କରଣ, ମୁଁ କୁଳୀନ, ମୁଁ ଧନୀ, ମୁଁ ପଣ୍ଡିତ, ମୁଁ ମାଜିଷ୍ଟ୍ରେଟ ଇତ୍ୟାଦି ନିଜର ବଡ଼ପଣିଆ ଦେଖାଇ କର୍ମ କରିବାକୁ ଅହଂକାର କୁହାଯାଏ । ନିଜର କୌଣସି ବଡ଼ପଣିଆ ଦେଖାଇବାକୁ ନ ଥିଲେ ମଧ୍ୟ ନିଜର ପୂର୍ବପୁରୁଷମାନଙ୍କର ବଡ଼ପଣିଆ, ନିଜ ନିଜର ଗୁରୁମାନଙ୍କର ବଡ଼ ପଣିଆ ଓ ନେତାମାନଙ୍କର ବଡ଼ପଣିଆ ଦେଖାଇ କର୍ମ କରିବାରେ ଆମ୍ଭେମାନେ ବହୁକାଳରୁ ଅଭ୍ୟସ୍ତ । ଏପରି ମନୋଭାବ ପୋଷଣ କରି କର୍ମ କରିବାକୁ ମଧ୍ୟ ଅହଂକାର କୁହାଯାଏ । ଏହି ମମତା ଓ ଅହଂକାର ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଦୁଃଖ ଓ ଅଶାନ୍ତିର ଏକମାତ୍ର କାରଣ ବୋଲି ବୁଝୁଥିଲେ ମଧ୍ୟ ଏହି ଦୁଇଟିକୁ ଆମ୍ଭେମାନେ ସୁଖଶାନ୍ତିର ଏକମାତ୍ର ଅବଲମ୍ବନ ବୋଲି ଗ୍ରହଣ କରିଅଛୁଁ । ଆଉ ଗୋଟିଏ କଥା ଏହିକି, ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀଗୁଡିକର ତଥା ଲୋକାଚାର ଓ ଦେଶାଚାର ଇତ୍ୟାଦିର ଅନ୍ଧାନୁସରଣ କଲେ "ବ୍ରାହ୍ମୀସ୍ଥିତି" ଲାଭ ହେବ ଏବଂ "ବ୍ରାହ୍ମୀସ୍ଥିତି" ଲାଭ ହେଲେ ସୁଖ ଓ ଶାନ୍ତି ମିଳିଯିବ—ଏହି ଧାରଣାର ବା ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇଥିବାରୁ ମମତା ଓ ଅହଂକାର ପରିତ୍ୟାଗ କରିବାର ଆବଶ୍ୟକତା ଆମ୍ଭେମାନେ ଆଦୌ ଅନୁଭବ କରୁନାହୁଁ । ଆଉ ଗୋଟିଏ ପ୍ରଧାନ କଥା ଏହି କି, ପୂର୍ବୋକ୍ତ ଅନ୍ଧାନୁସରଣ କରିବା ସହଜ ଓ ସୁବିଧାଜନକ ବୋଧ ହେବାରୁ ଏବଂ ମମତା ଓ ଅହଂକାର ପରିତ୍ୟାଗ କରିବା ତଦପେକ୍ଷା ବିଶେଷ କଷ୍ଟସାଧ୍ୟ ବୋଧ ହେବାରୁ ଏହି ଦୁଇଟିକୁ ପରିତ୍ୟାଗ କରିବା ବିଷୟରେ ଆମ୍ଭେମାନେ ଦିନେ ହେଲେ ଚିନ୍ତା ପର୍ଯ୍ୟନ୍ତ କରୁନାହୁଁ । ମମତା ଓ ଅହଂକାର ପରିତ୍ୟାଗ କରି କର୍ମ କରିବାକୁ ହେଲେ କିପରି ମନୋଭାବ ପୋଷଣ କରି କର୍ମ କରିବାକୁ ହେବ ତାହା ଗୀତାକାର ନିମ୍ନଲିଖିତ ଶ୍ଳୋକରେ କହିଅଛନ୍ତି ।

**ଯଦା ଭୂତପୃଥଗ୍‌ଭାବଂ ଏକସ୍ଥଂ ଅନୁପଶ୍ୟତି**
**ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା** — ୧୩ଶ-୩୧

ଅନ୍ୱୟ—ଯଦା (ପୁମାନ୍) ଭୂତ ପୃଥଗ୍ ଭାବଂ ଏକସ୍ଥଂ ଅନୁପଶ୍ୟତି, ତତଃ ଏବ ବିସ୍ତାରଂ ଚ (ଅନୁପଶ୍ୟତି) ତଦା ସଃ ବ୍ରହ୍ମ ସମ୍ପଦ୍ୟତେ ।

ଅର୍ଥ—ମନୁଷ୍ୟ ଯେତେବେଳେ ପୃଥକ୍ ଭାବରେ ରହିଥିବା ସବୁ ପ୍ରାଣୀଙ୍କର ଅବସ୍ଥାନ ସେହି ଗୋଟିଏ ସ୍ଥାନରେ ଦେଖେ ଏବଂ ଉତ୍ପତ୍ତି ମଧ୍ୟ ସେହି ଗୋଟିଏ ସ୍ଥାନରୁ ହୋଇଅଛି ଏକଥା ଦେଖେ ବା ଉପଲବ୍ଧି କରେ, ସେତେବେଳେ ସେ ବ୍ରହ୍ମଲାଭ କରେ । ନିମ୍ନଲିଖିତ ଉକ୍ତିଟିରେ ମଧ୍ୟ ଠିକ୍ ଏହି ମନୋଭାବ ପୋଷଣ କରିବାକୁ ଗୀତାକାର ଅନ୍ୟ ଭାବରେ କହିଅଛନ୍ତି ।

**ଊର୍ଦ୍ଧ୍ୱମୂଳଂ ଅଧଃଶାଖଂ**
**ଅଶ୍ୱତ୍ଥଂ ପ୍ରାହୁରବ୍ୟୟଂ** । ୧୫ ଶ—୧ ।

ଅନ୍ୱୟ—ଊର୍ଦ୍ଧ୍ୱ ମୂଳଂ ଅଧଃ ଶାଖଂ ଅଶ୍ୱତ୍ଥଂ ଅବ୍ୟୟଂ ପ୍ରାହୁଃ ।

ଅର୍ଥ—ମୂଳଟି ଉପରେ ରହିଥିବା ଏବଂ ଶାଖାସବୁ ତଳେ ରହିଥିବା ଅଶ୍ୱତ୍ଥ ବୃକ୍ଷକୁ ଲୋକେ ଅବ୍ୟୟ ବା ବ୍ରହ୍ମ କହନ୍ତି ।

ଟିପ୍ପଣୀ—ଏଠାରେ ସମସ୍ତ ବିଶ୍ୱକୁ ଗୀତାକାର ଗୋଟିଏ ଅଶ୍ୱତ୍ଥ ବୃକ୍ଷ ବୋଲି ବର୍ଣ୍ଣନା କରିଅଛନ୍ତି । ଏହି ବୃକ୍ଷଟିର ବିଶେଷତ୍ୱ ଏହି କି, ଏହାର ମୂଳଟି ଉପରେ ଓ ଶାଖାସବୁ ତଳେ ରହିଅଛି । ଏପରି ବର୍ଣ୍ଣନା କରିବାରେ ଗୀତାକାରଙ୍କର ଅଭିପ୍ରାୟ ଏହି କି, ବିଶ୍ୱର ସବୁ ପ୍ରାଣୀ ବିଶେଷତଃ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି ସେହି ଗୋଟିଏ ମାତ୍ର ଗଛର ଶାଖା ବା ଅଂଶ, ଏ କଥା ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରି ତଦନୁସାରେ କର୍ମ କରନ୍ତୁ । ବ୍ରହ୍ମ ହେଉଛନ୍ତି ଗୀତାକାରଙ୍କ ମତରେ ସମସ୍ତ ବିଶ୍ୱ ଏବଂ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ସେହି ବ୍ରହ୍ମର ଅଂଶ—ଏକଥା ଗୀତାର ଅନେକ ଉକ୍ତିରୁ ଦେଖି ପାରିବେ । ସେହି ସବୁ ଉକ୍ତି ମଧ୍ୟରୁ ଦୁଇଟି ମାତ୍ର ଉକ୍ତି ତଳେ ଦିଆଗଲା ।

**ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ । ୧୫ଶ-୭**
**ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ । ୧୮ଶ-୨୦**

ଏହି ସବୁ ଉକ୍ତିର ବିଶେଷ ଆଲୋଚନା ଏହି କ୍ଷୁଦ୍ର ପୁସ୍ତିକାରେ ସମ୍ପୂର୍ଣ୍ଣ ଅସମ୍ଭବ । ଏହି ଦୁଇଟି କଥାର ସାରାଂଶ ଏହି କି ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ପୃଥକଭାବରେ ରହିଥିବା ବିଶ୍ୱକୁ ଅର୍ଥାତ୍, ସମସ୍ତ ମାନବ ସମାଜକୁ ଭଗବାନ କିମ୍ବା ବ୍ରହ୍ମ ବୋଲି ଜାଣି ଏବଂ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେହି ଭଗବାନଙ୍କର ବା ବ୍ରହ୍ମର ଅଂଶ ବୋଲି ଉପଲବ୍ଧି କରି ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମାନବସମାଜର ମଙ୍ଗଳ ଅଭିପ୍ରାୟରେ ମାନବସମାଜର ଆଦର୍ଶ ହୋଇ ନିଜ ନିଜର ଯାବତୀୟ କର୍ମ ସମ୍ପନ୍ନ କରନ୍ତୁ । ମାନବସମାଜକୁ ହିନ୍ଦୁ, ମୁସଲମାନ ଇତ୍ୟାଦି ଭାବରେ ପୁଣି ଶାକ୍ତ ବୈଷ୍ଣବ ଇତ୍ୟାଦି ଭାବରେ ଏବଂ ଆମେରିକା, ରୁଷିଆ, ଭାରତବର୍ଷ ଇତ୍ୟାଦି ଭାବରେ, ପୁଣି ବିହାର ଓଡ଼ିଶା ଇତ୍ୟାଦି ଅସଂଖ୍ୟ ଭାବରେ ବିଭକ୍ତ କରି ମାନବ ସମାଜର ଧ୍ୱଂସ ସାଧନ କରନ୍ତୁ ନାହିଁ । ଏ ବିଷୟରେ ବିଶେଷ ଆଲୋଚନା ଅନାବଶ୍ୟକ । ବର୍ତ୍ତମାନ ଆଲୋଚ୍ୟ ବିଷୟରେ ଅଗ୍ରସର ହୁଅନ୍ତୁ । ସମସ୍ତ ବିଶ୍ୱକୁ ଗୋଟିଏ ଗଛ ବୋଲି ବର୍ଣ୍ଣନା କରିବାରେ ଗୀତାକାରଙ୍କର ଅଭିପ୍ରାୟ ଏହିକି, ସମସ୍ତ ଗଛଟି ବଞ୍ଚି ନ ରହିଲେ ଗଛର କୌଣସି ଗୋଟିଏ ଶାଖା ବଞ୍ଚି ରହି ପାରିବ ନାହିଁ । ବଞ୍ଚି ରହି ପାରିବ ବୋଲି ଯେଉଁମାନେ ମନେ କରନ୍ତି କିମ୍ବା ସେପରି ବଞ୍ଚି ରହିବାକୁ ଯେଉଁମାନେ ଚେଷ୍ଟିତ ସେମାନଙ୍କର ବୁଝିବା ଆବଶ୍ୟକ ଯେ ସେପରି ବଞ୍ଚି ରହିବା ମନୁଷ୍ୟ ଭାବରେ ବଞ୍ଚି ରହିବା ନୁହେଁ । ମନୁଷ୍ୟ ଭାବରେ ବଞ୍ଚି ରହିବାକୁ ହେଲେ, ଅର୍ଥାତ୍ ମନୁଷ୍ୟୋଚିତ ସୁଖ ଶାନ୍ତି ଭୋଗକରି ବଞ୍ଚି ରହିବାକୁ ହେଲେ ଗଛଟିର ମୂଳରେ ପାଣି ଦେବା ଏକାନ୍ତ ଆବଶ୍ୟକ । ମାତ୍ର ମୂଳକୁ ଦେଖିବା ଓ ସେହି ମୂଳରେ ପାଣିଦେବା ସମ୍ପୂର୍ଣ୍ଣ ଅସମ୍ଭବ । ଗୀତାକାରଙ୍କର ଅଭିପ୍ରାୟ ଏହି କି, ମାନବସମାଜର ପ୍ରତ୍ୟେକ ବ୍ୟକ୍ତି ମନୁଷ୍ୟ ଭାବରେ ବଞ୍ଚି ରହନ୍ତୁ, ଅର୍ଥାତ୍ ମନୁଷ୍ୟୋଚିତ ସୁଖ ଶାନ୍ତି ଭୋଗ କରନ୍ତୁ—ଏହି ମନୋଭାବ ପୋଷଣ କରି ମମତା ବା ସଙ୍କୀର୍ଣ୍ଣ ସ୍ୱାର୍ଥପରତା ଓ ଅହଂକାର ବା ନିଜର ବଡ଼ପଣିଆ ପରିତ୍ୟାଗ କରି ଅନ୍ୟମାନଙ୍କର ଆଦର୍ଶ ଭାବରେ

ନିରପେକ୍ଷଭାବରେ ନିଜର ଯାବତୀୟ କର୍ମ ସମ୍ପନ୍ନ କରନ୍ତୁ । ଗୀତାକାରଙ୍କର ଅନ୍ୟ କୌଣସି ସର୍ବଜନଗ୍ରହଣୀୟ ଓ ସର୍ବଜନମଙ୍ଗଳପ୍ରଦ ଅଭିପ୍ରାୟ ଥିଲେ ପାଠକମାନେ ତାହା ସ୍ଥିର କରିପାରନ୍ତି । "ବ୍ରାହ୍ମୀସ୍ଥିତି" ଲାଭ କରିବା ବିଷୟରେ ଗୀତାକାର ପୁଣି କହିଅଛନ୍ତି :—

**ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ**
**ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାତ୍ ବ୍ରହ୍ମଣି ତେ ସ୍ଥିତାଃ**

୫ମ ୧୯

ଅନ୍ୱୟ—ଯେଷାଂ ମନଃ ସାମ୍ୟେ ସ୍ଥିତଂ, ଇହ ଏବ ତୈଃ ସର୍ଗଃଜିତଃ, ବ୍ରହ୍ମ ନିର୍ଦ୍ଦୋଷ (ତଥା) ସମଂ, ତସ୍ମାତ୍ ତେ ବ୍ରହ୍ମଣି ସ୍ଥିତାଃ । ଅର୍ଥ—ଯେଉଁମାନଙ୍କର ମନ ସମତାରେ ସ୍ଥିତ ଅର୍ଥାତ୍, ମାନବସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯେଉଁମାନେ ସମାନ ଦୃଷ୍ଟିରେ ତଥା ସମାନ ବୋଲି ଦେଖନ୍ତି ଏବଂ ତଦନୁସାରେ କର୍ମ କରନ୍ତି, ଏହି ସଂସାରରେ ରହି ମଧ୍ୟ ସେମାନେ ସଂସାରକୁ ଜୟକରି ପାରନ୍ତି । ବ୍ରହ୍ମ ହେଉଛନ୍ତି ନିର୍ଦ୍ଦୋଷ ଏବଂ ସମାନ ଅର୍ଥାତ୍, ବ୍ରହ୍ମ ନିକଟରେ ମାନବସମାଜର ପ୍ରତ୍ୟେକ ବ୍ୟକ୍ତି ନିର୍ଦ୍ଦୋଷ ଓ ସମାନ ଅଟନ୍ତି । ଅତଏବ ଯେଉଁମାନେ ମାନବସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ଏବଂ ସମାନ ବୋଲି ବୁଝି ତଦନୁସାରେ କର୍ମ କରନ୍ତି, ସେମାନେ ବ୍ରହ୍ମରେ ଅବସ୍ଥାନ କରିଅଛନ୍ତି ।

ଟିପ୍ପଣୀ—ଏହି ଶ୍ଳୋକରେ ବ୍ରହ୍ମ କଅଣ ତାହା ଗୀତାକାର ବୁଝାଇଦେଲେ ଏବଂ 'ବ୍ରାହ୍ମୀସ୍ଥିତି" ଲାଭ କରିବାକୁ ହେଲେ, ଅର୍ଥାତ୍, ବ୍ରହ୍ମରେ ଅବସ୍ଥାନ କରିବାକୁ ହେଲେ କପରି ମନୋଭାବ ପୋଷଣ କରି କର୍ମ କରିବାକୁ ହେବ ତାହା ମଧ୍ୟ ବୁଝାଇଦେଲେ । ମୃତ୍ୟୁ ସମୟରେ ମନୁଷ୍ୟ "ବ୍ରାହ୍ମୀସ୍ଥିତି" ଲାଭକରେ ବୋଲି ଅଧିକାଂଶଙ୍କର ଯେଉଁ ଧାରଣା ଅଛି—ଯାହା ସର୍ବପ୍ରଥମେ କୁହାଯାଇଅଛି—ସେହି ଭ୍ରାନ୍ତ ଧାରଣା ଦୂର କରିବା ଅଭିପ୍ରାୟରେ ଏଠାରେ କହି ଦେଲେ ଯେ, ମାନବସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯେଉଁମାନେ ନିର୍ଦ୍ଦୋଷ ଏବଂ ସମାନ ଦେଖନ୍ତି, ସେମାନେ ଏହି ସଂସାରରେ ରହି ମଧ୍ୟ ସଂସାରକୁ ଜୟ କରନ୍ତି ଏବଂ ବ୍ରହ୍ମରେ ଅବସ୍ଥାନ କରନ୍ତି, ଅର୍ଥାତ୍, ମନୁଷ୍ୟୋଚିତ ସୁଖ ଶାନ୍ତି ଲାଭ

କରନ୍ତୁ । ଏଠାରେ ମନେ ରଖିବାକୁ ହେବ ଯେ, ସମସ୍ତଙ୍କ ନିର୍ଦ୍ଦୋଷ ଓ ସମାନ ଏତକ କହି ଦେଇ ନିଶ୍ଚେଷ୍ଟ ରହିବାକୁ, ଅର୍ଥାତ୍, ସମାଜର ମଙ୍ଗଳ ପ୍ରତି ଉଦାସୀନ ରହିବାକୁ ଏବଂ ମାଳ ଜପିବାକୁ ଗୀତାକାର କହି ନାହାନ୍ତି ।

ପରବର୍ତ୍ତୀ ଆଲୋଚନାରେ ଅଗ୍ରସର ହେବା ପୂର୍ବରୁ ବ୍ରାହ୍ମୀସ୍ଥିତି ଲାଭ କରିବା ପାଇଁ ଯେଉଁ ତିନୋଟି କଥା ଗୀତାକାର କହିଲେ ତାହା ଆଉ ଥରେ ମନୋଯୋଗପୂର୍ବକ ପଢ଼ନ୍ତୁ କିମ୍ବା ସେହି ତିନୋଟି କଥା ଆଉଥରେ ସଂକ୍ଷେପରେ ଶୁଣନ୍ତୁ—

୧—ମମତା ବା ସଙ୍କୀର୍ଣ୍ଣ ସ୍ୱାର୍ଥପରତା ଓ ଅହଂକାର ବା ନିଜର ବଡ଼ପଣିଆ ପରିତ୍ୟାଗ କରି ସମସ୍ତ ମାନବସମାଜର ମଙ୍ଗଳ ପ୍ରତି ଦୃଷ୍ଟି ରଖି ଅନ୍ୟମାନଙ୍କର ଆଦର୍ଶ ହୋଇ ନିଜର ଯାବତୀୟ କର୍ମ, ବିଶେଷତଃ ବିବାହ ବ୍ରତାଦି କର୍ମ ଓ ପିତୃ ମାତୃଙ୍କର ଶ୍ରାଦ୍ଧାଦି କର୍ମ ନିରାଡ଼ମ୍ବରରେ ସମ୍ପନ୍ନ କରନ୍ତୁ—କାରଣ ଏହି ସବୁ କର୍ମରେ ମମତା ଓ ନିଜର ବଡ଼ପଣିଆ ଦେଖାଇ ଲୋକେ ସର୍ବସ୍ୱାନ୍ତ ହେଉଅଛନ୍ତି ଏବଂ ଅନ୍ୟମାନଙ୍କର ସର୍ବସ୍ୱାନ୍ତ ହେବାର କାରଣ ମଧ୍ୟ ହେଉଅଛନ୍ତି—ଏହା ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତୁ ।

୨—ପ୍ରତ୍ୟେକ ବ୍ୟକ୍ତି ନିଜକୁ ସମସ୍ତ ମାନବ ସମାଜର ଅଂଶ ବୋଲି ଉପଲବ୍ଧି କରି କର୍ମ କରନ୍ତୁ ଅର୍ଥାତ୍, ନିଜର କର୍ମସବୁର ଫଳ ସମସ୍ତ ମାନବସମାଜ ଭୋଗ କରନ୍ତୁ ଏବଂ ସମସ୍ତ ମାନବସମାଜର ଅଂଶ ଭାବରେ ସେ ମଧ୍ୟ ତାହା ଭୋଗ କରିବ ।

୩—ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି ସମାନ ଅଟନ୍ତି, ଅର୍ଥାତ୍, କେହି କାହାଠାରୁ ବଡ଼ ନୁହନ୍ତି କିମ୍ବା ଛୋଟ ନୁହନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ନିର୍ଦ୍ଦୋଷ ଅଟନ୍ତି—ଏକଥା ଉପଲବ୍ଧି କରନ୍ତୁ ।

'ବ୍ରାହ୍ମୀସ୍ଥିତି' ଲାଭ କରିବାକୁ ହେଲେ ଯେଉଁ ତିନୋଟି କଥା କରିବାକୁ ଗୀତାକାର କହିଲେ ତାହା ତିନୋଟି ସ୍ୱତନ୍ତ୍ର କଥା ନୁହେଁ । ତିନୋଟି କଥା ମଧ୍ୟରେ ଏପରି ଘନିଷ୍ଠ ସମ୍ବନ୍ଧ ଅଛି ଯେ, ଗୋଟିଏ କଥାକୁ ସଂଶୟଶୂନ୍ୟ ହୋଇ ବୁଝି ତଦନୁସାରେ କର୍ମ କରିବାକୁ ଆରମ୍ଭ

କରିବା ମାତ୍ର କେବଳ ଅନ୍ୟ ଦୁଇଟି କଥା ନାହିଁକି ଗୀତାର ସବୁ କଥାଗୁଡ଼ିକ ଆପେ ଆପେ ଆସିବ । କାରଣ, ସମସ୍ତ ଗୀତାରେ ଗୀତାକାରଙ୍କର ଗୋଟିଏ ମାତ୍ର ଅଭିପ୍ରାୟ ଏବଂ ସେହି ଗୋଟିଏ ମାତ୍ର ଅଭିପ୍ରାୟ ପ୍ରତି ତଥା ମାନବସମାଜର ପ୍ରତ୍ୟେକ ବ୍ୟକ୍ତିର ମଙ୍ଗଳପ୍ରତି ଦୃଷ୍ଟି ରଖି ସେ ସମସ୍ତ ଗୀତା ରଚନା କରିଅଛନ୍ତି । ଗୀତାର ବିଭିନ୍ନ ସ୍ଥାନରେ ତାଙ୍କର ବିଭିନ୍ନ ଅଭିପ୍ରାୟ ରହି ନ ପାରେ, ଯାହା ଅନ୍ୟସବୁ ଟୀକାକାର-ମାନଙ୍କର ବ୍ୟାଖ୍ୟା ସବୁରୁ ପ୍ରକାଶ ପାଉଅଛି । ସେ ଯାହାହେଉ, ସମାଜର ମଙ୍ଗଳକାମୀ ଅଳ୍ପ କେତେଜଣ ବ୍ୟକ୍ତି ଏହି ତିନୋଟି କଥା ମଧ୍ୟରୁ ଯଦି ଗୋଟିଏ ମାତ୍ର କଥା ପାଳନ କରିବେ ଅର୍ଥାତ୍, ପୂର୍ବ କଥିତ ଯାବତୀୟ କର୍ମରେ ନିଜର ବଡ଼ପଣିଆ ବା ଫୁଟାଣି ଦେଖାଇବାରୁ ନିବୃତ୍ତ ହେବେ ତେବେ ପ୍ରତ୍ୟେକ ବ୍ୟକ୍ତିର ତଥା ସମସ୍ତ ମାନବସମାଜର ଉପସ୍ଥିତ ଦୁରବସ୍ଥା କାଲି ଦୂର ହୋଇଯିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମାଜରେ କୌଣସି ଜଣକର ସୁଦ୍ଧା ଖାଦ୍ୟ ବସ୍ତ୍ରର ଅଭାବ ରହିବ ନାହିଁ । ଦେଶରେ ଦେଶର ଉତ୍କୃଷ୍ଟ ସୃଷ୍ଟି ହେବେ ନାହିଁ ଏବଂ ଯଶଲାଭ ଧନ୍ୟଲାଭ ପାଇଁ ନରହତ୍ୟାର ଆୟୋଜନ କରିବା ପାଇଁ କୌଣସି ପ୍ରକାର ସରକାର ରହିବାର ମଧ୍ୟ ଆବଶ୍ୟକ ହେବ ନାହିଁ । ଜନ-ସାଧାରଣଙ୍କଠାରେ ମୁଁ ଦୋଷାରୋପ କରୁନାହିଁ, କିମ୍ବା ଯେଉଁ ତଥାକଥିତ ଶ୍ରେଷ୍ଠ ବ୍ୟକ୍ତିମାନଙ୍କର ଆଦର୍ଶରୁ ଏବଂ ଗୁରୁ ନାମ ଓ ନେତା ନାମ ଗ୍ରହଣ କରିଥିବା ଯେଉଁମାନଙ୍କର ଆଦର୍ଶରୁ ଜନସାଧାରଣଙ୍କର ଆଜି ଏହି ଦୁରବସ୍ଥା ସେମାନଙ୍କଠାରେ ମଧ୍ୟ ମୁଁ ଦୋଷାରୋପ କରୁନାହିଁ । ଯେଉଁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ କି ନେତା, କି ଗୁରୁ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ଅନ୍ଧ କରି ସାରିଛି ସେହି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରିବାକୁ ମୁଁ କହୁଅଛି । ଏ ବିଷୟର ବିଶେଷ ଆଲୋଚନା ଏଠାରେ ଅନାବଶ୍ୟକ । ପ୍ରତ୍ୟେକ ବ୍ୟକ୍ତି କେବଳ ଯେ ନିଜର ଗୁରୁ ଓ ନିଜେ ନିଜର ନେତା, ତାହା ନୁହେଁ ମାତ୍ର ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମାନବ ସମାଜର ଗୁରୁ ଓ ନେତା ଅଟନ୍ତି । ଗୀତାର ଏହି ନୂତନ ଶିକ୍ଷା ଆଜି ପ୍ରତ୍ୟେକ ବ୍ୟକ୍ତି ବୁଝନ୍ତୁ ଏବଂ ତଥାକଥିତ ନେତା ଓ ଗୁରୁମାନଙ୍କୁ କିମ୍ବା ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ଆଦର୍ଶ ମନେ ନ କରି ଅର୍ଥାତ୍ ସେମାନଙ୍କର କର୍ମ-ସବୁର ଅନ୍ଧାନୁସରଣ ନ କରି ନିଜ ନିଜର ଜୀବନର ଲକ୍ଷ୍ୟ ଓ ନିଜ ନିଜର

*

କର୍ତ୍ତବ୍ୟ ନିଜେ ସ୍ଥିର କରନ୍ତୁ । ନିମ୍ନଲିଖିତ ଶ୍ଳୋକ ଟିରେ ଗୀତାକାର ଠିକ୍ ଏହି ଉପଦେଶ ଦେଇଅଛନ୍ତି ।

**ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ୩ୟ-୩୫**

'ବ୍ରାହ୍ମୀସ୍ଥିତି' ଲାଭ କରିବାର ଯେଉଁ ତିନୋଟି ଉପାୟ ଗୀତାକାର ବୁଝାଇ ଦେଲେ ସେଥିମଧ୍ୟରୁ ପ୍ରଥମ ଦୁଇଟିର ଆଲୋଚନା କରାଯାଇଅଛି । ଶେଷୋକ୍ତ ଉପାୟଟିର ଆଲୋଚନାରେ ବର୍ତ୍ତମାନ ଅଗ୍ରସର ହୁଅନ୍ତୁ ।

ଗୀତାକାରଙ୍କର ଚରିତ୍ରଶକ୍ତିରୁ ଉଦ୍ଭୂତ ଶ୍ରୀକୃଷ୍ଣ ଭଗବାନ ସମସ୍ତ ଗୀତା ବୁଝାଇସାରି ପରିଶେଷରେ ଅର୍ଜ୍ଜୁନଙ୍କୁ କହିଲେ,

**ସହଜମ୍ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ**
**୧୮ଶ-୪୮ ।**

ଅର୍ଥ—ହେ କୌନ୍ତେୟ, ତୁମର ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ( ସେହି ଦୋଷଯୁକ୍ତ ସହଜାତ କର୍ମରେ ନିଯୁକ୍ତ ରହି ମୃତ୍ୟୁକୁ ବରଣ କରିବା ମଙ୍ଗଳପ୍ରଦ, ମାତ୍ର ଉତ୍ତମରୂପେ ଅନୁଷ୍ଠିତ ପରଧର୍ମର ଓ ପରକର୍ମର ଅନୁକରଣ କରିବା ଭୟାବହ ଅଟେ, ଯାହା ବର୍ତ୍ତମାନ ଉପରେ ବୁଝାଯାଇଅଛି । )

ସହଜାତ କର୍ମ ଏହି କଥାଟିକୁ ଗୀତାର ଟୀକାକାରମାନେ ( ମହାତ୍ମାଗାନ୍ଧି ମଧ୍ୟ ) ବର୍ଣ୍ଣଗତ କର୍ମ ଓ ସମ୍ପ୍ରଦାୟଗତ ବୋଲି ବ୍ୟାଖ୍ୟା କରିଅଛନ୍ତି । ମାତ୍ର ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଅସଙ୍ଗତ ଅଟେ । ପ୍ରତ୍ୟେକ ବ୍ୟକ୍ତିର କର୍ମ ବା ସ୍ୱକର୍ମ ଯେଉଁ ବ୍ୟକ୍ତିର ସ୍ୱଭାବଜାତ ଅଟେ, ଏ କଥା ଅଷ୍ଟାଦଶ ଅଧ୍ୟାୟ ୪୧-୪୪, ଏହି ୪ଟି ଶ୍ଳୋକରେ ବୁଝାଇ ସାରି ଶ୍ରୀକୃଷ୍ଣ କହିଲେ :—

**ସ୍ୱକର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ । ୧୮ଶ-୪୬**

ଅର୍ଥ—ନିଜର କର୍ମ ଦ୍ୱାରା ତାଙ୍କୁ ଅର୍ଥାତ୍ ସେହି ଅବ୍ୟକ୍ତ ସତ୍ତାଙ୍କୁ ( ଶ୍ରୀକୃଷ୍ଣଙ୍କୁ ନୁହେଁ ) ଅଭ୍ୟର୍ଚ୍ଚନା କରି ( ପ୍ରାର୍ଥନା ଦ୍ୱାରା କିମ୍ବା ଫୁଲ ଚନ୍ଦନ ଦ୍ୱାରା ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସିଦ୍ଧି ଲାଭକରି ପାରିବେ । )

ଟିପ୍ପଣୀ—ଏହି ସ୍ୱକର୍ମ କଥାଟିକୁ ବୁଝାଇବାକୁ ଯାଇ ପରବର୍ତ୍ତୀ ଶ୍ଳୋକର ପ୍ରଥମ ଧାଡ଼ିରେ ଗୀତାକାର ସ୍ୱଧର୍ମ କଥାଟି ଲେଖିଅଛନ୍ତି ଏବଂ ସ୍ୱଧର୍ମ କଥାଟିକୁ ବୁଝାଇବାକୁ ଯାଇ ଦ୍ୱିତୀୟ ଧାଡ଼ିରେ ସ୍ୱଭାବନିୟତ କର୍ମ କଥାଟି ଲେଖିଅଛନ୍ତି ଏବଂ ସ୍ୱଭାବନିୟତ କର୍ମ କଥାଟିକୁ ବୁଝାଇବାକୁ ଯାଇ ପରବର୍ତ୍ତୀ ଶ୍ଳୋକର ପ୍ରଥମଧାଡ଼ିରେ ସହଜଂକର୍ମ ବା ସହଜାତ କର୍ମ କଥାଟି ଲେଖିଅଛନ୍ତି । ଏଠାରେ ମନେ ରଖିବା ଆବଶ୍ୟକ ଯେ ପ୍ରତ୍ୟେକ ମନୁଷ୍ୟ ଯେଉଁ କର୍ମକୁ ସଙ୍ଗରେ ନେଇ ସଂସାରରେ ଜାତ ହୋଇଅଛି ସେଇ କର୍ମ ହେଉଛି ସେଇ ବ୍ୟକ୍ତିର ସହଜାତ କର୍ମ । ଏହି ସହଜାତ କର୍ମଟିର ବିଶେଷ ଆଲୋଚନା ଦେଖିବାକୁ ଇଚ୍ଛା କଲେ ମୋର 'ଗୀତା' ବହିରୁ କିମ୍ବା 'ଗୀତାର ସାରକଥା' ନାମକ ବହିରୁ ଦେଖିପାରିବେ । ବର୍ତ୍ତମାନ ବୁଝନ୍ତୁ, ସମାଜରେ ରହିଥିବା ସ୍ୱଭାବଜାତ କର୍ମ, ସ୍ୱକର୍ମ, ସ୍ୱଧର୍ମ, ସ୍ୱଭାବନିୟତ କର୍ମ ଏମାନେ ସମସ୍ତେ ଏକାକଥା ଏବଂ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ କର୍ମ । ଗୀତାର ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ବ୍ୟକ୍ତିଗତ ପବିତ୍ରତା, ବ୍ୟକ୍ତିଗତ ସମତା, ବ୍ୟକ୍ତିଗତ ଶ୍ରେଷ୍ଠତ୍ୱ ଓ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତା ଆମ୍ଭମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ନୂତନ ବିଷୟ ଥିବାରୁ ଏବଂ ବର୍ଣ୍ଣଗତ କର୍ମର ଓ ସମ୍ପ୍ରଦାୟଗତ କର୍ମର ଅନ୍ଧାନୁସରଣ କରିବାରେ ଆମ୍ଭେମାନେ ବହୁକାଳରୁ ଅଭ୍ୟସ୍ତ ଥିବାରୁ ଗୀତାର ଟୀକାକାରମାନେ ଏପରି ଅସଙ୍ଗତ ଅର୍ଥ କରିଅଛନ୍ତି । ପରବର୍ତ୍ତୀ ଆଲୋଚନାରୁ ପ୍ରକୃତ କଥା ସ୍ଥିର କରି ପାରିବେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବିରମ୍ବାର କହିଅଛନ୍ତି :—

**ତସ୍ମାତ୍ ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ**
**ଜିତ୍ୱା ଶତ୍ରୂନ୍ ଭୁଂକ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍**—୧୧ଶ-୩୩

ଅର୍ଥ—ଅତଏବ ହେ ଅର୍ଜୁନ, ତୁମ୍ଭେ ଉଠ, ଯଶ ଲାଭ କର, ଏବଂ ଶତ୍ରୁମାନଙ୍କୁ ଜୟକରି ସମୃଦ୍ଧ ରାଜ୍ୟ ଭୋଗ କର ।

ଟିପ୍ପଣୀ—ଯଶଲାଭ ପାଇଁ ଓ ରାଜ୍ୟଲାଭ ପାଇଁ ନରହତ୍ୟା କର୍ମରେ ଲିପ୍ତ ରହିବା ନିତାନ୍ତ ଦୋଷଯୁକ୍ତ କର୍ମ ଅଟେ । ଏକଥା କାହାରିକୁ କହିଦେବାକୁ ହେବ ନାହିଁ । ପୃଥିବୀର ତଥାକଥିତ ସଭ୍ୟଜାତି-ମାନେ ବହୁକାଳରୁ ଏହି ଦୋଷଯୁକ୍ତ କର୍ମରେ ଲିପ୍ତ ରହିଅଛନ୍ତି—

ଏକଥା ମଧ୍ୟ ତାହାରକୁ କହିଦେବାକୁ ହେବ ନାହିଁ । ଏହି ତଥାକଥିତ ସଭ୍ୟଜାତିମାନଙ୍କର ଦୋଷଯୁକ୍ତ କର୍ମକୁ ଗୀତାକାର କଦାପି ସମର୍ଥନ କରୁ ନାହାନ୍ତି । ପ୍ରତ୍ୟେକ ବ୍ୟକ୍ତିର ଦୋଷଯୁକ୍ତ ସହଜାତ କର୍ମକୁ ଗୀତାକାର ସମର୍ଥନ କରୁଅଛନ୍ତି । ଗୀତାର ଏହି ନୂତନ ପନ୍ଥାଟି ସନ୍ଦେହଶୂନ୍ୟ ହୋଇ ବୁଝିଲେ ଆମ୍ଭମାନଙ୍କର ବହୁକାଳର ଧାରଣା ସମ୍ପୂର୍ଣ୍ଣରୂପେ ଦୂର ହୋଇଯିବ ଏବଂ ଆମ୍ଭେମାନେ ନିଜର ଜୀବନର ଗତି ପରିବର୍ତ୍ତନ କରିପାରିବୁ । ଗୀତାର ଏହି ସର୍ବପ୍ରଧାନ କଥାଟି ଓ ଶେଷ କଥାଟି ବୁଝିବାକୁ ହେଲେ ଗୀତାର ମୂଳକଥାଟି ବୁଝିବା ଏକାନ୍ତ ଆବଶ୍ୟକ । ଅତଏବ ସେହି ମୂଳକଥାଟି ସଂକ୍ଷେପରେ ଶୁଣନ୍ତୁ ।

ନିଜର ସହଜାତ କର୍ମରୁ, ଅର୍ଥାତ୍ ନରହତ୍ୟା ରୂପ ଦୋଷଯୁକ୍ତ କର୍ମରୁ ନିବୃତ୍ତ ହେବାକୁ ଯାଉଥିବା ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ, 'ଯୁଦ୍ଧ କଲେ କୁଳକ୍ଷୟ ହୁଏ, କୁଳକ୍ଷୟ ହେବା ଫଳରେ **ସନାତନ କୁଳଧର୍ମ ସବୁ ନଷ୍ଟ ହୁଏ** । ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ ପିତୃଗଣଙ୍କର ପତନ ହୁଏ ଏବଂ କୁଳଧର୍ମ ଉତ୍ସନ୍ନ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳପାଇଁ ନରକବାସ ହୁଏ (୧ମ-୪୦ରୁ ୪୪) ଏହି ସବୁ କଥା କହିସାରି ଅର୍ଜୁନ ପରିଶେଷରେ, କହିଲେ, "ଇତି 'ଅନୁଶୁଶ୍ରୁମ'" ଅର୍ଥାତ୍ ଏହି ସବୁ କଥା ଆମ୍ଭେମାନେ ପରମ୍ପରା-କ୍ରମେ ଶୁଣି ଆସୁଅଛୁଁ । ଅର୍ଜୁନଙ୍କଠାରୁ ଏହିସବୁ କଥା ଶୁଣି ଏବଂ ବିଶେଷତଃ "ଇତି ଅନୁଶୁଶ୍ରୁମ" ଏହି କଥାଟି ଶୁଣି ଶ୍ରୀକୃଷ୍ଣ ତାଙ୍କୁ ଅନାର୍ଯ୍ୟ, କ୍ଲୀବ ଓ କ୍ଷୁଦ୍ର ବ୍ୟକ୍ତି ବୋଲି ତିରସ୍କାର କଲେ (୨ୟ—ଦୁଇ ଓ ତିନି) ଏବଂ ବୁଝାଇ ଦେଲେ ଯେ ଶୁଣିବା କଥା ଦ୍ୱାରା ଓ ଶାସ୍ତ୍ରଗତ ଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧିକୁ ଦୃଢ଼ ନ କରିବା ଯାଏ ତୁମ୍ଭେ ଗୀତା ପ୍ରଦର୍ଶିତ ସରଳ ଓ ସୁଖପ୍ରଦ ଏହି ନୂତନ ପଥରେ ଅଗ୍ରସର ହୋଇ ପାରିବ ନାହିଁ— ଯାହା ପୂର୍ବେ କୁହାଯାଇଅଛି ।

ବର୍ତ୍ତମାନ ବୁଝନ୍ତୁ "ସହଜାତ କର୍ମ ବା ସ୍ୱଭାବନିୟତ କର୍ମ ହେଉଛି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ କର୍ମ । ଏହା ବର୍ଣ୍ଣଗତ, ସମଷ୍ଟିଗତ କିମ୍ବା ସମ୍ପ୍ରଦାୟଗତ କର୍ମ କଦାପି ନୁହେଁ ।" ବାପ—ଅଜା ଗୋହତ୍ୟା କରି ଜୀବିକା ନିର୍ବାହ କରୁଥିଲେ ବୋଲି ସେମାନଙ୍କର କର୍ମର ଅନ୍ଧାନୁସରଣ କରି ଗୋହତ୍ୟା କରିବାକୁ ହେବ କିମ୍ବା ତଥାକଥିତ ଶିକ୍ଷିତ

ଜାତିମାନଙ୍କୁ ଅନୁକରଣ କରି ଏବଂ ସେମାନଙ୍କ କର୍ମର ଅନ୍ଧାନୁସରଣ କରି ସାମାନ୍ୟ ଯଶଲାଭ ଏବଂ ରାଜ୍ୟଲାଭ ପାଇଁ ନରହତ୍ୟା କର୍ମରେ ଲିପ୍ତ ହେବାକୁ ହେବ ଏପରି ଉପଦେଶ ଗୀତାକାର କୌଣସି ଜାତିକୁ କିମ୍ବା କୌଣସି ସମ୍ପ୍ରଦାୟକୁ କଦାଚ ଦେଇ ନାହାନ୍ତି । ଏପରି ଉପଦେଶ ଦେଇ ଅନନ୍ତ ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯଶଲାଭ ପାଇଁ ଓ ରାଜ୍ୟଲାଭ ପାଇଁ ନରହତ୍ୟା କରିବା ହେଉଛି ନିଜର ଜୀବିକା ନିର୍ବାହ କରିବା ପାଇଁ ଗୋହତ୍ୟା କରିବା ଅପେକ୍ଷା ବିଶେଷ ଦୋଷଯୁକ୍ତ ଅତଏବ ନିଜର ଜୀବିକା ନିର୍ବାହ କରିବା ପାଇଁ ଗୋହତ୍ୟା କରିବା ଯେଉଁ ବ୍ୟକ୍ତିର ସହଜାତ କର୍ମ ତାକୁ ଶ୍ରୀକୃଷ୍ଣ କହୁଅଛନ୍ତି :—

'ଶୁଣିବା କଥା ଉପରେ କିମ୍ବା ଶାସ୍ତ୍ରଗତ ଜ୍ଞାନ ଉପରେ ନିର୍ଭର କରି ନିଜର ସହଜାତ କର୍ମ ପରିତ୍ୟାଗ କରିବା ଉଚିତ ନୁହେଁ । ତୁ ଗୋହତ୍ୟା କରି ଜୀବିକା ନିର୍ବାହ କର, ମୁଁ ସାରଥି ହୋଇ ଓ ତୋର ଗୁରୁ ଭାବରେ ତୋତେ ଏହି ଉପଦେଶ ଦେଉଅଛି—ପର ଧର୍ମର ଓ ପର କର୍ମର ଅନ୍ଧାନୁସରଣ ପରିତ୍ୟାଗ କର । ଏହାହିଁ ଗୀତାଧର୍ମର ବିଶେଷତ୍ୱ ଓ ନୂତନତ୍ୱ ।

୧୯୫୪

# ସଙ୍କରରୁ ବର୍ଣ୍ଣସଙ୍କର

( ସତ୍ୟର ପ୍ରତିଷ୍ଠା କରିବାକୁ ହେଲେ ସମସ୍ତ ପ୍ରକାର ଅନ୍ଧଅନୁକରଣ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ । ସେଇଥିପାଇଁ ଗୀତାରେ ଶ୍ରୀକୃଷ୍ଣ କହିଅଛନ୍ତି :—

**ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟ ଚ । ୮-୭ ।**

ଶ୍ରୀମଦ୍ ଭଗବଦ୍‌ଗୀତାର ତୃତୀୟ ଅଧ୍ୟାୟ ଚତୁର୍ବିଂଶ ଶ୍ଳୋକରେ ଥିବା "ସଙ୍କର" ଶବ୍ଦଟିକୁ ପ୍ରାଚୀନ ତଥା ଆଧୁନିକ ଟୀକାକାରମାନେ ଯେପରି ଅର୍ଥ କରିଅଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ ଓ ଦୁଃଖ ଆସେ । ଶ୍ଳୋକଟି ହେଉଛି—

ଉତ୍ସୀଦେୟୁରିମେ ଲୋକାଃ ନ କୁର୍ଯ୍ୟାଂ କର୍ମ୍ମ ଚେଦହଂ
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ । ୩ୟ-୨୪ ।

ଅନ୍ୱୟ—ଅହଂ ଚେତ୍ କର୍ମ ନ କୁର୍ଯ୍ୟାଂ ଇମେ ଲୋକାଃ ଉତ୍ସୀଦେୟୁଃ; ଅହଂଚ ସଙ୍କରସ୍ୟ କର୍ତ୍ତା ସ୍ୟାମ୍, ଇମାଃ ପ୍ରଜାଃ ଉପହନ୍ୟାଂ ।

ଅନୁବାଦ—ମୁଁ ଯଦି କର୍ମ୍ମ ନ କରେ ଏହି ସଂସାର ସବୁ ଉତ୍ସନ୍ନ ହୋଇଯିବ । ଆଉମଧ୍ୟ ମୁଁ ସଙ୍କରର କର୍ତ୍ତା ହେବି ଏବଂ ଏହି ପ୍ରଜାମାନଙ୍କୁ ବିନାଶ କରିବି ଅର୍ଥାତ୍ ସେମାନଙ୍କର ବିନାଶର କର୍ତ୍ତା ହେବି ।

ଟିପ୍ପଣୀ—ପୂର୍ବବର୍ତ୍ତୀ ଦ୍ୱାବିଂଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଅଛନ୍ତି ଯେ ସେ ତିନି ସଂସାରରେ କର୍ମ୍ମରେ ନିଯୁକ୍ତ ରହିଅଛନ୍ତି :—

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି । ୩ୟ-୨୨ ।

ଅତଏବ ଆଲୋଚ୍ୟ ଶ୍ଳୋକଟିର ପ୍ରକୃତ ଅର୍ଥ ହେଉଛି —
ମୁଁ କର୍ମ ନ କଲେ ଏହି ତିନି ସଂସାର ଉତ୍ସନ୍ନ ହୋଇଯିବ । ଆଉମଧ୍ୟ ମୁଁ ଏହି ତିନି ସଂସାରରେ ସଙ୍କରର କର୍ତ୍ତା ହେବି ଏବଂ ଏହି ତିନି ସଂସାରର ପ୍ରଜାମାନଙ୍କର ବିନାଶର କର୍ତ୍ତା ହେବି ।

ଏହି ତିନି ସଂସାର କେଉଁଠାରେ ? ଏହି ତିନି ସଂସାରରେ ଶ୍ରୀକୃଷ୍ଣଙ୍କର କର୍ମ କଅଣ ? ଏହି ତିନି ସଂସାରର ପ୍ରଜାମାନେ କିଏ ? ଇତ୍ୟାଦି ବିଷୟରେ ଶ୍ରୀକୃଷ୍ଣ କିଛି କହି ନାହାନ୍ତି । କାରଣ କୌଣସି କର୍ମ ପରିତ୍ୟାଗ ନ କରି ପ୍ରତ୍ୟେକ କର୍ମ ଅନାସକ୍ତ ଭାବରେ କରିବା କଥା ସେ ବର୍ତ୍ତମାନ କହୁଥିବାରୁ ତାଙ୍କର ଅଭିପ୍ରାୟ ଓ ଉପଦେଶ ବୁଝିବା ପାଇଁ ଏହି ସବୁ କଥା ଜାଣିବା କୌଣସି ଆବଶ୍ୟକ ନାହିଁ । ଏହି ଶ୍ଳୋକର ପୂର୍ବବର୍ତ୍ତୀ ପାଞ୍ଚୋଟି ଶ୍ଳୋକର ଅର୍ଥ ବୁଝିଲେ ଏଠାରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ କଅଣ ତାହା ଜାଣି ପାରିବେ । ସେ ଯାହା ହେଉ ଏହି ସବୁ ବିଷୟ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ନୁହେଁ । "ମୁଁ ସଙ୍କରର କର୍ତ୍ତା ହେବି" ଏହି ଉକ୍ତିରେ ଥିବା ସଙ୍କର ଶବ୍ଦଟିର ଅର୍ଥ କଅଣ, ଏହାହିଁ ଆମ୍ଭମାନଙ୍କର ଆଲୋଚ୍ୟ ବିଷୟ ।

ସଙ୍କର ଶବ୍ଦଟିର ଅର୍ଥ ହେଉଛି ବିଭିନ୍ନ ଭାବାପନ୍ନ ପଦାର୍ଥମାନଙ୍କର ଏକତ୍ରୀକରଣ ବା ମିଶ୍ରଣ । ଏହି ମିଶ୍ରଣର ଫଳ ହେଉଛି ବିଶୃଙ୍ଖଳା, ପ୍ରଳୟ, ବିଭ୍ରାଟ ଇତ୍ୟାଦି । ତେଣୁ ମୁଁ ସଙ୍କରର କର୍ତ୍ତା ହେବି ଏହି ଉକ୍ତିଟିର ଅର୍ଥ ହେଉଛି ମୁଁ ମିଶ୍ରଣର ବା ବିଶୃଙ୍ଖଳାର ବା ପ୍ରଳୟର ବା ବିଭ୍ରାଟର କର୍ତ୍ତା ହେବି ।

ଶ୍ରୀକୃଷ୍ଣ କର୍ମ ନ କଲେ ଏହି ତିନି ସଂସାର ଯେଉଁ ଗୋଟିଏ ମାତ୍ର ଶୃଙ୍ଖଳା ବା ନିୟମ ଉପରେ ପ୍ରତିଷ୍ଠିତ ଓ ପରିଚାଳିତ ତାହା ନଷ୍ଟ ହୋଇଯିବ ; ତେଣୁ ଏହି ତିନି ସଂସାରର ପ୍ରଜାମାନେ ନଷ୍ଟ ହୋଇଯିବେ । ଅତଏବ ସଙ୍କର ଶବ୍ଦଟିର ଅର୍ଥ ବିଶୃଙ୍ଖଳା ହେବା ଯୁକ୍ତିଯୁକ୍ତ । ତିନି ସଂସାର କଥା ଛାଡ଼ନ୍ତୁ, ଆମର ଏହି ସ୍ଥୂଳ ସଂସାରରେ ବା ଭୂଲୋକରେ ସୂର୍ଯ୍ୟ ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ଅଣୁପରମାଣୁ ପର୍ଯ୍ୟନ୍ତ ସମସ୍ତେ ଯେଉଁ ଗୋଟିଏ ମାତ୍ର ଶୃଙ୍ଖଳା ବା ନିୟମରେ ଆବଦ୍ଧ, ସେହି ଶୃଙ୍ଖଳାର କର୍ତ୍ତା

ହେଉଛନ୍ତି—ଶ୍ରୀକୃଷ୍ଣ । ତେଣୁ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ସର୍ବଦା କର୍ମରେ ନିଯୁକ୍ତ ରହିଥିବାଦ୍ୱାରା ସେ ଏହି ଶୃଙ୍ଖଳାର କର୍ତ୍ତା ହୋଇ ରହି-ଅଛନ୍ତି ଏବଂ ସେ କର୍ମ ନକଲେ ଯେଉଁ ଶୃଙ୍ଖଳା ବା ନିୟମ ନଷ୍ଟ ହୋଇଯିବ ଅର୍ଥାତ୍ ସେ ବିଶୃଙ୍ଖଳା ବା ପ୍ରଳୟର କର୍ତ୍ତା ହେବେ । ଏହି ଶ୍ଳୋକରେ ଥିବା ସଙ୍କରସ୍ୟ କଥାଟିକୁ ପ୍ରାଚୀନ ଟୀକାକାରମାନେ "ବର୍ଣ୍ଣସଙ୍କରସ୍ୟ ବୋଲି ଅର୍ଥ କରୁଅଛନ୍ତି । ସେମାନଙ୍କୁ ଅନୁସରଣ କରିବା ଫଳରେ ଆଧୁନିକ ପଣ୍ଡିତମାନେ 'ବର୍ଣ୍ଣ ସଙ୍କରସ୍ୟ' କଥାଟିକୁ "ବର୍ଣ୍ଣସଙ୍କରମାନଙ୍କର" ବୋଲି ଅର୍ଥ କରିଅଛନ୍ତି । ବର୍ଣ୍ଣ ସଙ୍କର ଅର୍ଥଟି ଅଯୌକ୍ତିକ ବୋଧ ହେବାରୁ ଭୂତପୂର୍ବ ବଙ୍କିମବାବୁ ଅର୍ଥ କରିଅଛନ୍ତି ସାମାଜସଙ୍କର ବା ସାମାଜିକ ବିଶୃଙ୍ଖଳା । ପଣ୍ଡିତ ନୀଳକଣ୍ଠ ଦାସ ଅର୍ଥ କରିଅଛନ୍ତି କର୍ମ ସଙ୍କର ବା କର୍ମ ସମୂହ ବିଶୃଙ୍ଖଳା ଏବଂ କର୍ମ ସଙ୍କର ଫଳରେ ବର୍ଣ୍ଣ ସଙ୍କର । ପ୍ରାଚୀନ ଟୀକାକାରମାନେ "ବର୍ଣ୍ଣ" ଏହି ବିଶେଷଣଟି ଯୋଗକରି ସଙ୍କର କଥାଟିକୁ ବର୍ଣ୍ଣ ସଙ୍କର ବୋଲି ଅର୍ଥ କରିଥିବାରୁ ଆଧୁନିକ ଟୀକାକାରମାନେ କିଏ ସମାଜ, କିଏ କର୍ମ କିଏ କର୍ମ ଓ ବର୍ଣ୍ଣ ଇତ୍ୟାଦି ବିଶେଷଣ ଯୋଗ କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ସଙ୍କର ଶବ୍ଦଟିର ଅର୍ଥ ସେହି ସଙ୍କର ନ ରହି ଏତେ ପ୍ରକାର ସଙ୍କର ହେବାର କୌଣସି କାରଣ ନାହିଁ । ଅନ୍ୟ କୌଣସି ଶବ୍ଦକୁ ଅର୍ଥ କଲାବେଳେ ସେଥିରେ ବିଶେଷଣସବୁ ଯୋଗ କରାଯାଇ ଶବ୍ଦଟିର ବ୍ୟାପକତା ନଷ୍ଟ କରାଯାଏ କି ? ଗୀତାର ଏହି ଶ୍ଳୋକରେ ଥିବା ସଙ୍କର କଥାଟିକୁ ଅର୍ଥ କଲାବେଳେ ସେଥିରେ ବର୍ଣ୍ଣ ଏହି ବିଶେଷଣ ଯୋଗ କରିବାଦ୍ୱାରା ସଙ୍କର କଥାଟିର ବ୍ୟାପକ ଅର୍ଥ ନଷ୍ଟ କରାଯାଇ ସଂକୀର୍ଣ୍ଣ କରାଯିବ କାହିଁକି ?

ବର୍ଣ୍ଣ କଥାଟି ତିନି ସଂସାରରେ ରହିବା କଥା କିମ୍ବା ଅନ୍ତତଃ ଆମର ଏହି ସ୍ଥୂଳ ସଂସାରରେ ରହିବା କଥା ପଛକୁ ଥାଉ, ସମସ୍ତ ଭାରତ-ବର୍ଷରେ ସୁଦ୍ଧା ନାହିଁ । ଭାରତବର୍ଷର ଏତେ ପ୍ରକାର ସମ୍ପ୍ରଦାୟ ମଧ୍ୟରୁ ଅଛି କେବଳ ଗୋଟିଏ ମାତ୍ର ସଂପ୍ରଦାୟରେ । ସେହି ସଂପ୍ରଦାୟରେ ଥିବା ବର୍ଣ୍ଣ କଥାଟିର ସଙ୍କର ବା ବିଶୃଙ୍ଖଳା ଘଟିଲେ ତିନି ସଂସାରର ପ୍ରଜାମାନେ ନଷ୍ଟ ହୋଇଯିବେ କିପରି ? ଶ୍ରୀକୃଷ୍ଣ କଅଣ କେବଳ ଏହି ସଂପ୍ରଦାୟ ପାଇଁ ଏବଂ ଏହି ସଂପ୍ରଦାୟରେ କେବଳ ବ୍ରାହ୍ମଣ ସହିତ

ବ୍ରାହ୍ମଣୀର ଏବଂ କ୍ଷତ୍ରିୟ ସହିତ କ୍ଷତ୍ରିୟାର ସଂଯୋଗରେ ସନ୍ତାନ ଜନ୍ମାଇବା ପାଇଁ ଜଗତକୁ ଆସିଥିଲେ ?

ବ୍ରାହ୍ମଣ ପୁରୁଷ ଅନ୍ୟ ତିନି ବର୍ଣ୍ଣରୁ, କ୍ଷତ୍ରିୟ ପୁରୁଷ ବୈଶ୍ୟ ଓ ଶୂଦ୍ର ଏହି ଦୁଇ ବର୍ଣ୍ଣରୁ ଏବଂ ବୈଶ୍ୟ ପୁରୁଷ ଶୂଦ୍ର ବର୍ଣ୍ଣରୁ କନ୍ୟା ଗ୍ରହଣ କରି ପାରିବେ ବୋଲି ଶାସ୍ତ୍ରମାନଙ୍କରେ ରହିଛି । ଏପରି ବିବାହକୁ ଶାସ୍ତ୍ର-ମାନଙ୍କରେ ଅନୁଲୋମ ବିବାହ ନାମ ଦିଆଯାଇଅଛି । ଶାସ୍ତ୍ରାନୁସାରେ ଯେଉଁମାନେ ଅନୁଲୋମ ବିବାହ କରିବେ, ସେପରି ବିବାହରୁ ଜାତ ସନ୍ତାନମାନଙ୍କୁ ଆମେ ବର୍ଣ୍ଣସଙ୍କର ବୋଲି ଘୃଣା କରିବୁଁ କି ? କଲେ କେଉଁ ଶାସ୍ତ୍ର ଅନୁସାରେ କରିବୁଁ ? ଗୀତାର ଟୀକାକାରମାନେ ଏହି ଶ୍ଳୋକରେ ଥିବା ସଙ୍କର କଥାଟିରୁ ବର୍ଣ୍ଣସଙ୍କର ଏହି ନୂଆ କଥାଟି ସୃଷ୍ଟିକରି ତାକୁ ଏପରି ଅନିଷ୍ଟପ୍ରଦ ମନେ କରିଅଛନ୍ତି କାହିଁକି ?

ଆମର ସମସ୍ତଙ୍କର ଗୋତ୍ର ଅଛି । ଗୋତ୍ର ହେଉଛି ଆଦି ପୁରୁଷଙ୍କର ନାମ । ଅତଏବ ଗୋତ୍ର ଅନୁସାରେ ଯେଉଁ ବିଭାଗ, ତାହାହିଁ ପ୍ରକୃତ ବିଭାଗ । ଅନ୍ୟ ଗୋତ୍ରରୁ ବା ଅନ୍ୟ ବିଭାଗରୁ ବିବାହ କଲେ ସନ୍ତାନମାନେ ସୁସ୍ଥ ଓ ସବଳ ହେବେ ଏହି ଅଭିପ୍ରାୟରେ ସଗୋତ୍ର ବିବାହ ଶାସ୍ତ୍ର ନିଷିଦ୍ଧ ଏବଂ ତାହା ଆମ ସମ୍ପ୍ରଦାୟରେ ଏ ପର୍ଯ୍ୟନ୍ତ ପ୍ରଚଳିତ ନାହିଁ । ଅତଏବ ଆମେ ସମସ୍ତେ ଗୋତ୍ରସଙ୍କର । ବର୍ତ୍ତମାନ ବୁଝିଲୁ, ଅନୁଲୋମ ବିବାହରୁ ଜାତ ସଙ୍କର ଓ ଗୋତ୍ର ସଙ୍କର ଏହି ଉଭୟ ପ୍ରକାର ସଙ୍କର ଶାସ୍ତ୍ରାନୁମୋଦିତ ଥିବାରୁ ଶ୍ରୀକୃଷ୍ଣ କିଅଣ କେବଳ ପ୍ରତିଲୋମ ବିବାହରୁ ଜାତ ସନ୍ତାନମାନଙ୍କର ଉତ୍ପତ୍ତିର କର୍ତ୍ତା ହେବେ ବୋଲି କହିଅଛନ୍ତି ? ଏପରି ଅଳ୍ପ କେତୋଟି ପିଲାଙ୍କର ଉତ୍ପତ୍ତିର କର୍ତ୍ତା ହେବାଦ୍ୱାରା ତିନି ସଂସାରର ସବୁ ପ୍ରଜାମାନେ ନଷ୍ଟ ହୋଇଯିବେ କାହିଁକି ?

ସଙ୍କର ଶବ୍ଦଟିର ପ୍ରକୃତ ଅର୍ଥ ଜାଣିବାପାଇଁ ଅମରକୋଷ ସଂସ୍କୃତ ଅଭିଧାନ ଦେଖିଲି । "ସଙ୍କରସ୍ୟ ଚ କର୍ତ୍ତା ସ୍ୟାମ—ଗୀତା" ଏହି ପ୍ରମାଣଟି ଉଦ୍ଧାର କରି ଅଭିଧାନ କର୍ତ୍ତା ସଙ୍କର ଶବ୍ଦର ଏହି ନୂତନ ଅର୍ଥ ବର୍ଣ୍ଣସଙ୍କର ଲେଖିଅଛନ୍ତି । ବର୍ତ୍ତମାନ ବୁଝାଗଲା ଯେ ଶ୍ରୀଧର ସ୍ୱାମୀ ଓ ଶଙ୍କରାଚାର୍ଯ୍ୟ ପ୍ରଭୃତି ପ୍ରାଚୀନ ଟୀକାକାରମାନେ ଏହି ଶ୍ଳୋକରେ ଥିବା

*

ସଙ୍କରସ୍ୟ କଥାଟିକୁ ବର୍ଣ୍ଣସଙ୍କରସ୍ୟ ବୋଲି ଅର୍ଥ କରିଥିବାରୁ ଅମର-କୋଷର ଟୀକାକାର ସଙ୍କର ଶବ୍ଦଟିର ଏହି ବିଶେଷ ଅର୍ଥ ବର୍ଣ୍ଣସଙ୍କର ସୃଷ୍ଟି କରିଅଛନ୍ତି । ଅମରକୋଷକୁ ଅନୁକରଣ କରି ଭାରତବର୍ଷର ସବୁ ଅଭିଧାନକର୍ତ୍ତା ସଙ୍କର ଶବ୍ଦର ଏହି ବିଶେଷ ଅର୍ଥ ବର୍ଣ୍ଣସଙ୍କର ଲେଖି-ଅଛନ୍ତି । କେତେ ଅଭିଧାନରେ "ବର୍ଣ୍ଣସଙ୍କର ଜାତି" ଏପରି ଅର୍ଥ ମଧ୍ୟ ଲେଖା ଗଲାଣି । ଏହି ଅନୁକରଣ-ପ୍ରିୟତା ଓ ଅନ୍ଧ ଅନୁସରଣ ଭାରତ-ବର୍ଷର ଉପସ୍ଥିତ ଦୁରବସ୍ଥାର ସର୍ବ ପ୍ରଧାନ କାରଣ ବୋଲି ମୋର ଧାରଣା ।

ସଙ୍କର କଥାଟିକୁ ବର୍ଣ୍ଣସଙ୍କର ଅର୍ଥରେ ଏବଂ ବର୍ଣ୍ଣସଙ୍କର କଥାଟିକୁ ଏପରି କଦର୍ଥ୍ୟ ଅର୍ଥରେ ଭାରତବର୍ଷର କୌଣସି ପୂର୍ବାଚାର୍ଯ୍ୟ କୌଣସି ଶାସ୍ତ୍ରରେ ବ୍ୟବହାର କରିନାହାନ୍ତି । କରିଥିଲେ, ଅମରକୋଷର ଟୀକାକାର ସେହି ପ୍ରମାଣ ଉଦ୍ଧାର ନକରି "ସଙ୍କରସ୍ୟ ଚ କର୍ତ୍ତା ସ୍ୟାମ୍—ଗୀତା" ଏହି ପ୍ରମାଣଟି ଉଦ୍ଧାର କରିନଥାନ୍ତେ । ଆଉମଧ୍ୟ ବର୍ଣ୍ଣ କଥାଟି କିମ୍ବା ବର୍ଣ୍ଣସଙ୍କର କଥାଟି ଗୀତାରେ ଶ୍ରୀକୃଷ୍ଣ ମଧ୍ୟ କୌଣସିଠାରେ ବ୍ୟବହାର କରିନାହାନ୍ତି । ମମତା ଦୋଷରେ ମୋହଗ୍ରସ୍ତ ହୋଇଥିବା ଅବସ୍ଥାରେ ବର୍ଣ୍ଣସଙ୍କର କଥାଟି କେବଳ ଅର୍ଜୁନ ବ୍ୟବହାର କରିଅଛନ୍ତି । ସେ ମଧ୍ୟ ଏହି କଥାଟିକୁ ଏପରି କଦର୍ଥ୍ୟ ଅର୍ଥରେ ବ୍ୟବହାର କରିନାହାନ୍ତି । ସେ କହିଅଛନ୍ତି "ଜାୟତେ ବର୍ଣ୍ଣସଙ୍କରଃ ଓ ସଙ୍କରଃ ନରକାୟ ଏବ (କୁଳସ୍ୟ)" (୧ମ-୪୦ ଓ ୪୧) । ଏହି ଦୁଇଟି କଥାର ହେଉଛି—ବର୍ଣ୍ଣ-ଧର୍ମର ସଙ୍କର ବା ବିଶୃଙ୍ଖଳା ଜାତ ହୁଏ ଏବଂ ସେହି ବର୍ଣ୍ଣଧର୍ମର ବିଶୃଙ୍ଖଳା ବା ବର୍ଣ୍ଣ-ଧର୍ମର ବିନାଶ ନରକର କାରଣ ହୁଏ । ମାତ୍ର ଅର୍ଜୁନଙ୍କର ଏହି ଉକ୍ତି ଦୁଇଟିକୁ ପଣ୍ଡିତମାନେ ଅର୍ଥ କରୁଅଛନ୍ତି—ଜାୟନ୍ତେ ବର୍ଣ୍ଣସଙ୍କରାଃ ଏବଂ ସଙ୍କରାଃ ନରକାୟ ଏବ ଭବନ୍ତି; ଅର୍ଥାତ୍ ସ୍ତ୍ରୀମାନେ ଭ୍ରଷ୍ଟା ହେଲେ ଅନ୍ୟ ବର୍ଣ୍ଣର ପୁରୁଷଙ୍କ ଆଡ଼େ ପିଲା ଜନ୍ମ କରନ୍ତି ଏବଂ ଏହି ସବୁ ବର୍ଣ୍ଣସଙ୍କର ପିଲାମାନେ ନରକର କାରଣ ହୁଅନ୍ତି । ଅର୍ଜୁନ ଏହିପରି କଥା କହିଅଛନ୍ତି ବୋଲି ଯଦି ନିତାନ୍ତ ସ୍ୱୀକାର କରନ୍ତି ତେବେ ମଧ୍ୟ ମନେ ରଖନ୍ତୁ ଯେ ଅର୍ଜୁନଙ୍କର ଯୁକ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭ୍ରାନ୍ତ, କାରଣ ସେ ତାହା ମୋହଗ୍ରସ୍ତ ଅବସ୍ଥାରେ କହିଅଛନ୍ତି । ଏହି ସବୁ କାରଣ ପ୍ରଦର୍ଶାଇ ସେ ଯୁଦ୍ଧରୁ ନିବୃତ୍ତ

ହୋଇଅଛନ୍ତି ଏବଂ ତାଙ୍କର ଏହିସବୁ ଭ୍ରାନ୍ତ ଯୁକ୍ତିଗୁଡ଼ିକୁ ଖଣ୍ଡନ କରି ଶ୍ରୀକୃଷ୍ଣ ତାଙ୍କୁ ଯୁଦ୍ଧରେ ନିଯୁକ୍ତ କରିଅଛନ୍ତି । ଅର୍ଜୁନଙ୍କର ଯୁକ୍ତିଗୁଡ଼ିକର ସାରାଂଶ ହେଉଛି—"ଯୁଦ୍ଧରେ ନିଯୁକ୍ତ ହେଲେ କୁଳକ୍ଷୟ ହୁଏ ଏବଂ କୁଳକ୍ଷୟ ହେଲେ କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ନଷ୍ଟ ହୋଇଯାଏ ବୋଲି ଆମ୍ଭେମାନେ ଶୁଣି ଆସୁଅଛୁଁ ।" ମାତ୍ର ଅର୍ଜୁନଙ୍କୁ ଯୁଦ୍ଧରେ ନିଯୁକ୍ତ ହେବାକୁ ଉପଦେଶ ଦେଉଥିବା ଶ୍ରୀକୃଷ୍ଣ ମଧ୍ୟ ସେହି କଥା କହିବେ ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ । ଟୀକାକାରମାନେ ଏପରି ଅର୍ଥ କରିବାର କାରଣ ଏହିକି ଅର୍ଜୁନଙ୍କ ପ୍ରଦର୍ଶିତ କାରଣଗୁଡ଼ିକୁ ସେମାନେ ଯୁକ୍ତିଯୁକ୍ତ ମନେ କରିଅଛନ୍ତି । କାରଣ ସେମାନେ ମଧ୍ୟ ଅର୍ଜୁନଙ୍କ ପରି ମମତା ଦୋଷରେ ଅର୍ଥାତ୍ ଆମର ଜାତି, ଆମର ଧର୍ମ ଇତ୍ୟାଦି ମମତା ଦୋଷରେ ମୋହଗ୍ରସ୍ତ । ସେମାନେ ମଧ୍ୟ ଅର୍ଜୁନଙ୍କ ପରି କୁଳଧର୍ମ, ଜାତିଧର୍ମ ଓ ବର୍ଣ୍ଣଧର୍ମ ଇତ୍ୟାଦି ସଂକୀର୍ଣ୍ଣ ଧର୍ମସବୁକୁ ସନାତନ ଧର୍ମ ମନେ କରିଅଛନ୍ତି । ଗୀତାର ଟୀକାକାରମାନେ କେବଳ ଯେ ସଙ୍କର କଥାଟିକୁ ବର୍ଣ୍ଣସଙ୍କର ଏପରି ସଂକୀର୍ଣ୍ଣ ଓ ବିପରୀତ ଅର୍ଥ କରିଅଛନ୍ତି ତାହା ନୁହେଁ । ଗୀତାର ମୂଳରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ସବୁଠି ଏହିପରି ସଂକୀର୍ଣ୍ଣ ଓ ବିପରୀତ ଅର୍ଥ କରାଯାଇଅଛି ।

ଚତୁର୍ଥ ଅଧ୍ୟାୟ ଏକାଦଶ ଶ୍ଳୋକରେ ଥିବା "ଚାତୁର୍ବର୍ଣ୍ଣ୍ୟ" କଥାଟିର ଅର୍ଥ ହେଉଛି ଚାରିବର୍ଣ୍ଣର ଭାବ । ଏହି ଚାତୁର୍ବର୍ଣ୍ଣ୍ୟ କଥାଟି ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଓ ଜାତି-ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟଠାରେ ଅଛି । ପ୍ରତ୍ୟେକ ମନୁଷ୍ୟକୁ ଆଧ୍ୟାତ୍ମିକ ଚିନ୍ତା କରିବାକୁ ହୁଏ । ଆତ୍ମରକ୍ଷା ପାଇଁ କିମ୍ବା ଧନରକ୍ଷା ପାଇଁ ଅନ୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ହୁଏ । ପରିବାର ଭରଣପୋଷଣପାଇଁ କୃଷି, ଗୋରକ୍ଷା ଓ ବାଣିଜ୍ୟ କରିବାକୁ ହୁଏ । ଅସୁସ୍ଥ ଓ ଦୁର୍ବଳ ବ୍ୟକ୍ତିର ସେବା କରିବାକୁ ହୁଏ । ସେହି ସେହି ସମୟରେ ସେହି ବ୍ୟକ୍ତିଠାରେ ଯଥାକ୍ରମେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରର ଭାବ ଥାଏ । ଅତଏବ ପ୍ରତ୍ୟେକ ମନୁଷ୍ୟଠାରେ ଚାତୁର୍ବର୍ଣ୍ଣ୍ୟ କଥାଟି ଅଛି । ଚାତୁର୍ବର୍ଣ୍ଣ୍ୟ କଥାଟିକୁ ତାହାର ସାର୍ବଜନୀନ ଅର୍ଥରୁ ଟାଣି-ଆଣି ଭାରତବର୍ଷର ବ୍ରାହ୍ମଣାଦି ଚାରିବର୍ଣ୍ଣ ବୋଲି ଗୀତାର ଟୀକାକାର-ମାନେ ଅର୍ଥ କଲା ପରି ସଙ୍କର କଥାଟିକୁ ବର୍ଣ୍ଣସଙ୍କର ବୋଲି ଯଦି ନିତାନ୍ତ

ଅର୍ଥ କରନ୍ତୁ ତେବେ ମଧ୍ୟ ଅଭିଧାନମାନଙ୍କରେ ସଙ୍କର ଶବ୍ଦଟିର ଅର୍ଥ ବର୍ଣ୍ଣସଙ୍କର ରହିବାପାଇଁ "ସଙ୍କରସ୍ୟ ଚ କର୍ତ୍ତା ସ୍ୟାମ୍—ଗୀତା" ପ୍ରକୃତ ପ୍ରମାଣ ହୋଇ ନ ପାରେ । ଏପରି ଅର୍ଥ ରହିବା ସଂସ୍କୃତ ସାହିତ୍ୟରେ ଗୋଟିଏ ଦୋଷ । ଅନ୍ୟ କୌଣସି ସୁସ୍ପଷ୍ଟ ପ୍ରମାଣ ଥିଲେ ଆଭିଧାନିକମାନେ ତାହା ଦେଖାନ୍ତୁ । ଆମର ଭବିଷ୍ୟତ ବଂଶଧରମାନଙ୍କ ମଙ୍ଗଳ ପାଇଁ ସଙ୍କର ଶବ୍ଦରୁ ବର୍ଣ୍ଣସଙ୍କର ଏହି କଦର୍ଥ ଅର୍ଥ ଅଭିଧାନମାନଙ୍କରେ ଏଣିକି ରଖା ନ ଯାଉ ।

୧୯୫୫

# ଗୀତାର ଭକ୍ତିଯୋଗ

ଭକ୍ତି କହିଲେ ଆମ୍ଭେମାନେ ଯାହା ବୁଝୁଁ, ଗୀତାର ଭକ୍ତି ତାହା ନୁହେଁ । କେବଳ ଭକ୍ତି କାହିଁକି, ଶ୍ରଦ୍ଧା କହିଲେ ଆମ୍ଭେମାନେ ଯାହା ବୁଝୁଁ, ଗୀତାର ଶ୍ରଦ୍ଧା ତାହା ନୁହେଁ; ଯୋଗ କହିଲେ ଆମ୍ଭେମାନେ ଯାହା ବୁଝୁଁ, ଗୀତାର ଯୋଗ ତାହା ନୁହେଁ ; ସ୍ୱଧର୍ମ ଓ ସ୍ୱକର୍ମ କହିଲେ ଆମ୍ଭେମାନେ ଯାହା ବୁଝୁଁ, ଗୀତାର ସ୍ୱଧର୍ମ ଓ ସ୍ୱକର୍ମ ତାହା ନୁହେଁ । ଗୀତାର ପ୍ରତ୍ୟେକ ଉପଦେଶ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାସବୁର ସମ୍ପୂର୍ଣ୍ଣ ବିପରୀତ ଅଟେ । ବିପରୀତ ହେବାର କାରଣ ଏହିକି ଗୀତାର ପ୍ରତ୍ୟେକ ଉପଦେଶ ପ୍ରତ୍ୟକ୍ଷ ବୋଧଗମ୍ୟ ଓ ସତ୍ୟ ଉପରେ ପ୍ରତିଷ୍ଠିତ । ଗୀତାର ଶ୍ରୀକୃଷ୍ଣ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟକ୍ଷ ଭଗବାନ ଏବଂ ସତ୍ୟ ଉପରେ ପ୍ରତିଷ୍ଠିତ ; ମାତ୍ର ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାସବୁ କେବଳ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ଏବଂ ଆମ୍ଭମାନଙ୍କର ନିତ୍ୟ ଉପାସିତ ଅଜ୍ଞେୟ ଭଗବାନ ମଧ୍ୟ କେବଳ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ । ଗୀତାର ଶିକ୍ଷା ଯେ ପ୍ରତ୍ୟକ୍ଷ ବୋଧଗମ୍ୟ ଅର୍ଥାତ୍ ସତ୍ୟ ଉପରେ ପ୍ରତିଷ୍ଠିତ ତାହା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ବୁଝିପାରିବେ—

ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟଂ । ୯ମ-୨

ଅର୍ଥ—ଗୀତାର ଶିକ୍ଷା ପ୍ରତ୍ୟକ୍ଷ ବୋଧଗମ୍ୟ, ଅଥଚ ଧର୍ମ ସମ୍ମତ, କାର୍ଯ୍ୟରେ ପରିଣତ କରିବା ସୁଖପ୍ରଦ ଓ ଅବ୍ୟୟ ଅଟେ ।

ଗୀତାର ଶ୍ରଦ୍ଧା କାହାକୁ କହନ୍ତି, ସ୍ୱଧର୍ମ ଓ ସ୍ୱକର୍ମ କାହାକୁ କହନ୍ତି ଇତ୍ୟାଦି ବିଷୟ ପରବର୍ତ୍ତୀ ସଂଖ୍ୟାମାନଙ୍କରେ ପ୍ରକାଶ କରାଯିବ । ଭକ୍ତି ବିଷୟରେ ଗୀତା କଅଣ କହୁଛି ତାହା ଆଜ ଆଲୋଚନା କରାଯାଉ । ଗୀତାର ଦ୍ୱାଦଶ ଅଧ୍ୟାୟର ନାମ ଭକ୍ତିଯୋଗ । ଏହି

ଅଧ୍ୟାୟରେ ୨୦ଟି ମାତ୍ର ଶ୍ଳୋକ ଅଛି । ଶ୍ଳୋକ କେତୋଟି ଅତି ସହଜରେ ବୁଝି ପାରିବେ । ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦେଖିବା ପରେ ଏବଂ ତାଙ୍କୁ ପ୍ରତ୍ୟକ୍ଷ ଭଗବାନ ବୋଲି ସ୍ୱୀକାର କଲାପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ—

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥ ୧୨ଶ-୧

ଅର୍ଥ—ଏହିପରି ସର୍ବଦା ଯୁକ୍ତରହି ଯେଉଁ ଭକ୍ତମାନେ ତୁମକୁ ଉପାସନା କରନ୍ତି ଏବଂ ଯେଉଁମାନେ ଅକ୍ଷର ଓ ଅବ୍ୟକ୍ତଙ୍କୁ ଉପାସନା କରନ୍ତି ସେମାନଙ୍କ ମଧ୍ୟରେ କେଉଁମାନେ ଯୋଗ ଜାଣିବାରେ ଶ୍ରେଷ୍ଠ ?

କେଉଁ ଅଭିପ୍ରାୟରେ ଗୀତାକାର ଅର୍ଜୁନଙ୍କଦ୍ୱାରା ଏପରି ପ୍ରଶ୍ନ କରାଇଲେ ଏବଂ ମାନବସମାଜକୁ କେଉଁ ନୂତନ ଶିକ୍ଷା ଦେବାପାଇଁ ଓ ମାନବ ସମାଜର କେଉଁ ମଙ୍ଗଳସାଧନ ପାଇଁ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା ଓ ଆମ୍ଭମାନଙ୍କ ନିତ୍ୟଉପାସିତ ଅବ୍ୟକ୍ତ ଭଗବାନଙ୍କର ଉପାସନା ମଧ୍ୟରେ ଶ୍ରେଷ୍ଠ ନିକୃଷ୍ଟଭାବ ରଖି ଗୀତାକାର ଏପରି ବର୍ଣ୍ଣନା କଲେ ତାହା ନିଜେ ସ୍ୱାଧୀନଭାବରେ ଚିନ୍ତାକରିବା ଆବଶ୍ୟକ । ଆପଣ-ମାନଙ୍କର ସ୍ୱାଧୀନ ଚିନ୍ତାଧାରାକୁ ସାହାଯ୍ୟ ଦେବାପାଇଁ ମୁଁ ଗୋଟିଏ ମାତ୍ର ବିଷୟ ଲେଖୁଛି । ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ଯେଉ ଅବ୍ୟକ୍ତ ଅଜ୍ଞେୟ ଭଗବାନଙ୍କ ଉପାସନାରେ ଆସକ୍ତ ରହି ଆମ୍ଭେମାନେ ନିଜ ନିଜର ସ୍ୱାଭାବିକ ସରଳ ଜୀବନଯାତ୍ରାକୁ ଅସ୍ୱାଭାବିକ, ଜଟିଳ ଓ ଦୁଃଖମୟ କରି ରଖିଅଛୁଁ ଗୀତାର ଶ୍ରୀକୃଷ୍ଣ-ଭଗବାନ ସେହି ଭଗବାନ ନୁହନ୍ତି, ଏହି କଥା ବୁଝାଇବା ଅଭିପ୍ରାୟରେ ଗୀତାକାର ଏପରି ବର୍ଣ୍ଣନା କରିଛନ୍ତି । ଅର୍ଜୁନଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ କହିଲେ :—

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମାଃ ମତାଃ ‌। ୧୨ଶ-୨

**ଅର୍ଥ**—ମୋଠାରେ ମନରଖି, ସର୍ବଦା ଯୁକ୍ତରହି ପରମା ଶ୍ରଦ୍ଧାସହକାରେ ଯେଉଁମାନେ ମୋତେ ଉପାସନା କରନ୍ତି ସେହିମାନେ ଯୁକ୍ତତମ ଅର୍ଥାତ୍ ଶ୍ରେଷ୍ଠ, ଏହା ମୋର ମତ ।

ପ୍ରଥମ ଦୁଇଟି ଶ୍ଲୋକର ସାରାଂଶ ଓ ସର୍ବପ୍ରଧାନ କଥା ଏହିକି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଲେ—"ଯେଉଁମାନେ ତୁମ୍ଭଙ୍କୁ ଉପାସନା କରନ୍ତି ଏବଂ ଯେଉଁମାନେ ଅକ୍ଷର ଓ ଅବ୍ୟକ୍ତଙ୍କୁ ଉପାସନା କରନ୍ତି ଏମାନଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ?" ଶ୍ରୀକୃଷ୍ଣ କହିଲେ—"ଯେଉଁମାନେ ମୋତେ ଉପାସନା କରନ୍ତି ସେହିମାନେ ଶ୍ରେଷ୍ଠ, ଏହା ମୋର ମତ ।

"ମୋର ମତ" ଏକଥା କହିବାପରେ ଶ୍ରୀକୃଷ୍ଣଙ୍କର ଅଭିପ୍ରାୟ ଏହିକି ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ଅବ୍ୟକ୍ତ ଭଗବାନଙ୍କର ଉପାସନାରେ ଆସକ୍ତ ରହିଥିବା ଜନସାଧାରଣଙ୍କ ମତରୁ ତାଙ୍କର ଏହି ମତ ସମ୍ପୂର୍ଣ୍ଣ ଭିନ୍ନ ଓ ବିପରୀତ ଅଟେ ।

ପୂଜ୍ୟପାଦ ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧିଙ୍କ ପର୍ଯ୍ୟନ୍ତ ଗୀତାର ଭାଷ୍ୟକାରମାନେ ସମସ୍ତେ ଏହି ଦୁଇ ଶ୍ଲୋକକୁ ଅର୍ଥକଲେ—ଅର୍ଜୁନ ପଚାରିଲେ, "ଯେଉଁମାନେ ତୁମ୍ଭଙ୍କୁ ସାକାର ଭାବରେ ବା ସଗୁଣ ଭାବରେ ଉପାସନା କରନ୍ତି ଏବଂ ଯେଉଁମାନେ ତୁମ୍ଭଙ୍କୁ ନିରାକାର ଭାବରେ ବା ନିର୍ଗୁଣ ଭାବରେ ଉପାସନା କରନ୍ତି ସେମାନଙ୍କ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ?" ଶ୍ରୀକୃଷ୍ଣ କହିଲେ, "ଯେଉଁମାନେ ମୋତେ ସଗୁଣ ଭାବରେ ବା ସାକାର ଭାବରେ ଉପାସନା କରନ୍ତି ସେମାନେ ଶ୍ରେଷ୍ଠ ' । ଏପରି ଅସଙ୍ଗତ ଅର୍ଥରୁ ଗୋଟିଏ ପ୍ରତ୍ୟକ୍ଷ ଉଦାହରଣ ଦେଲେ ପ୍ରକୃତ କଥା ଜାଣିପାରିବେ । ବିନୋବାଜୀ ତାଙ୍କର ଏବେ ପ୍ରକାଶିତ "ଗୀତାପ୍ରବଚନ" ବହିରେ ପୂର୍ବୋକ୍ତ ପ୍ରଥମ ଶ୍ଲୋକଟିକୁ ଅର୍ଥ କରି-ଅଛନ୍ତି—ଅର୍ଜୁନ ପଚାରିଲେ, "ଭଗବାନ, କେତେକ ସଗୁଣର ଭଜନ କରନ୍ତି ଏବଂ କେତେକ ନିର୍ଗୁଣର ଉପାସନା କରନ୍ତି; ତାହାହେଲେ ଏବେ କୁହନ୍ତୁ ଏ ଦୁହିଁଙ୍କ ମଧ୍ୟରୁ ଆପଣଙ୍କର ପ୍ରିୟ କିଏ ?"

ମୂଳ ଶ୍ଲୋକଟି ସହିତ ଏପରି ଅର୍ଥର କୌଣସି ସାମଞ୍ଜସ୍ୟ ଅଛି କି ? ଆମେ ଗୀତା ପଢ଼ିବୁ ନା, ବିନୋବାଜୀଙ୍କ ମତ ପଢ଼ିବୁ ? ସଗୁଣର ଭଜନ

ଓ ନିର୍ଗୁଣର ଉପାସନା ଏପରି କଥା ଏହି ଶ୍ଳୋକରେ ନାହିଁ, ଏହି ଅଧ୍ୟାୟରେ ନାହିଁ ଏବଂ ଗୀତାରେ ଅନ୍ୟତ୍ର ମଧ୍ୟ ନାହିଁ । ଜନସାଧାରଣ ଯେଉଁମାନଙ୍କୁ ବିଶିଷ୍ଟ ବ୍ୟକ୍ତି ବୋଲି ସ୍ୱୀକାର କଲେ ସେମାନେ ନିଜର ବିଶିଷ୍ଟତାର ସୁବିଧା ନେଇ ନିଜର ଭ୍ରାନ୍ତ ମତକୁ ସମର୍ଥନ କରି ଗୀତାର ବିଭିନ୍ନ ପ୍ରକାର ଅର୍ଥ କରିଅଛନ୍ତି ଓ ଏବେ ମଧ୍ୟ କରୁଅଛନ୍ତି । ଗୀତାର ମୂଳ ଶ୍ଳୋକ ସହିତ ଏହିସବୁ ଅର୍ଥର କୌଣସି ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଜନସାଧାରଣ ସେହି ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଭିନ୍ନ ମତ ସବୁ ପଢ଼ିବାକୁ ଗୀତା ପଢିବା ମନେକରି ସନ୍ତୁଷ୍ଟ ରହିଅଛନ୍ତି । ବିଶିଷ୍ଟ ବ୍ୟକ୍ତି-ମାନଙ୍କର ମତସବୁକୁ ସତ୍ୟ ବୋଲି ଗ୍ରହଣ କରି ସେହି ସବୁ ମତର ଅନ୍ଧାନୁସରଣ କରିବା ଫଳରୁ ଜନସାଧାରଣ ନିଜ ନିଜର ସ୍ୱାଧୀନ ଚିନ୍ତାଧାରାରେ ଯୁକ୍ତିଦେଇ, ତେଣୁ ସତ୍ୟର ପରିଚୟ ପାଇ ନ ପାରି ଏବଂ ଗୀତାର ପ୍ରକୃତ ଶିକ୍ଷା ଓ ନୂତନ ଶିକ୍ଷା ଗ୍ରହଣକରି ନ ପାରି ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛନ୍ତି । ସେ ଯାହାହେଉ, ସତ୍ୟ ନିକଟରେ ବିଶିଷ୍ଟତାର ସ୍ଥାନ ନାହିଁ, ଏହି କଥାଟି ଆଜି ଭଲରୂପେ ବୁଝନ୍ତୁ । ତାପରେ ନିଜର ସ୍ୱାଧୀନଚିନ୍ତାର ଆଶ୍ରୟ ନେଇ ଗୀତାର ପ୍ରକୃତ ଅର୍ଥ ସ୍ଥିର କରି-ପାରିବେ ।

ପ୍ରଥମ ଦୁଇଟି ଶ୍ଳୋକର ପ୍ରକୃତ ଅର୍ଥ ସ୍ଥିର କରିବାକୁ ହେଲେ ଗୋଟିଏ କଥା ବୁଝିବାକୁ ହେବ । କାଠ, ପଥରକୁ କେହି ପୂଜା କରନ୍ତି ନାହିଁ । କାଠପଥର ମଧ୍ୟରେ ସମସ୍ତେ ସେହି ଏକମେବାଦ୍ୱିତୀୟ ଅକ୍ଷରଙ୍କୁ ପୂଜା କରନ୍ତି । ସାକାର ପୂଜାର ଅଭିପ୍ରାୟ ଓ ଆବଶ୍ୟକତା ନ ବୁଝି ଯେଉଁମାନେ ଅତୀତର ଅନ୍ଧାନୁସରଣ ଫଳରେ ଅର୍ଥାତ୍ ବାପ ଅଜା ପୂଜା କରି ଆସୁଅଛନ୍ତି ବୋଲି କାଠ ପଥରକୁ ପୂଜା କରନ୍ତି ସେମାନେ ଯେପରି ଅଜ୍ଞ ବା ଅନ୍ଧ, ଯେଉଁମାନେ ନିଜ ନିଜର ସାମ୍ପ୍ରଦାୟିକ ପ୍ରଥାର ଅନ୍ଧାନୁସରଣ କରି ନିରାକାର ଅବ୍ୟକ୍ତଙ୍କୁ ପୂଜା କରନ୍ତି ସେମାନେ ମଧ୍ୟ ସେହିପରି ଅଜ୍ଞ ବା ଅନ୍ଧ । ଉଭୟ ସମ୍ପ୍ରଦାୟରେ ଥିବା ଅନ୍ଧାନୁସରଣକାରୀ-ମାନଙ୍କୁ ବାଦ ଦେଲେ ସମସ୍ତେ ସେହି ଅବ୍ୟକ୍ତ ଓ ଅକ୍ଷରଙ୍କୁ ଉପାସନା କରନ୍ତି । ଶେଷୋକ୍ତ ପ୍ରକୃତ ଉପାସକମାନେ ଏବଂ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଉପାସକମାନେ ଏହି ଦୁଇ ପ୍ରକାର ଉପାସକ ମଧ୍ୟରେ

ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ଉପାସକମାନେ ଶ୍ରେଷ୍ଠ ଏବଂ (ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ) ଅବ୍ୟକ୍ତ ଭଗବାନଙ୍କର ଉପାସକମାନେ ସେମାନଙ୍କ ଅପେକ୍ଷା ନିକୃଷ୍ଟ ଏହି କଥା ଗୀତାକାର ସ୍ପଷ୍ଟାକ୍ଷରରେ କହି ଅଛନ୍ତି ଏବଂ ଏହାହିଁ ଯୁକ୍ତିଯୁକ୍ତ । କାରଣ ସତ୍ୟ ଉପରେ ପ୍ରତିଷ୍ଠିତ ଅବ୍ୟକ୍ତ ଭଗବାନଙ୍କର ସ୍ଥାନ ଶ୍ରୀକୃଷ୍ଣଙ୍କ ଅପେକ୍ଷା ଅନେକ ଉଚ୍ଚରେ ଥିଲେ ମଧ୍ୟ ଗୀତାର ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କୁ ଗୀତାକାର ଉଚ୍ଚରେ ସ୍ଥାନ ଦେଇ ଅଛନ୍ତି । ଏଥିରେ ସନ୍ଦେହ କରାଯାଇ ନ ପାରେ । ଗୀତାକାରଙ୍କର ଚିନ୍ତାଶକ୍ତିରୁ ଉତ୍ପନ୍ନ ଗୀତାର ଶ୍ରୀକୃଷ୍ଣ ଭଗବାନ କଏ ତାହା ବୁଝିବାକୁ ଚେଷ୍ଟା କରନ୍ତୁ । ଶ୍ରୀକୃଷ୍ଣଙ୍କୁ ଅର୍ଜ୍ଜୁନଙ୍କର ଚିର ସଖା, ସାରଥି, ଗୁରୁ ଓ ପରିଶେଷରେ ନିଜର ବିଶ୍ୱରୂପ ଦେଖାଇଥିବା ପ୍ରତ୍ୟକ୍ଷ ଭଗବାନ ବୋଲି ଗୀତାରେ ବର୍ଣ୍ଣନା କରାଯାଇଅଛି, ଯାହା ଗୀତା ପାଠକମାନଙ୍କୁ ଉତ୍ତମରୂପେ ଜଣାଅଛି । ମାତ୍ର ଶ୍ରୀକୃଷ୍ଣ କେବଳ ଅର୍ଜ୍ଜୁନଙ୍କର ଚିରସଖା, ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ନୁହନ୍ତି । ସେ ହେଉଛନ୍ତି ଜାତି-ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା, ଜୀବନ ଯୁଦ୍ଧରେ ଅଗ୍ରସର ହେବାପାଇଁ ପ୍ରତ୍ୟେକଙ୍କର ସାରଥି, ସବୁ ପ୍ରକାର ସଂଶୟ ଦୂର କରିବା ପାଇଁ ଏକମାତ୍ର ଗୁରୁ, ସଂସାର ବଣରେ ଶାନ୍ତି ନିକଟକୁ ବା ଆନନ୍ଦ ନିକଟକୁ ବା ସତ୍ୟ ନିକଟକୁ ବାଟ ଖୋଜିଖୋଜି ଶ୍ରାନ୍ତ, କ୍ଲାନ୍ତ ହୋଇଥିବା ପଥିକମାନଙ୍କର ଏକମାତ୍ର ପଥ ପ୍ରଦର୍ଶକ ଏବଂ ମନୁଷ୍ୟଲୋକର ସୃଷ୍ଟିକର୍ତ୍ତା ପ୍ରତ୍ୟକ୍ଷ ଭଗବାନ । ବିଶ୍ୱରୂପ ଦର୍ଶନ କଅଣ, ମନୁଷ୍ୟ ଲୋକ କଅଣ, ପ୍ରତ୍ୟକ୍ଷ ଭଗବାନ କଅଣ ଇତ୍ୟାଦି ବିଷୟ ଜାଣିବାକୁ ବ୍ୟାକୁଳ ହୁଅନ୍ତୁ ନାହିଁ ॥ ଶ୍ରୀକୃଷ୍ଣଙ୍କୁ ଚିରସଖା ବୋଲି ଜାଣି ନିଜର ସ୍ୱଭାବଜନିତ ଜୀବନ ଯୁଦ୍ଧରେ ଅଗ୍ରସର ହେବାପରେ ସେହି ଶ୍ରୀକୃଷ୍ଣ ନିଜେ ଆପଣଙ୍କର ସାରଥି ହୋଇ କର୍ମ କରିବେ । ସଂଶୟ ଉପସ୍ଥିତ ହେଲେ ସେହି ଚିରସଖା ଓ ସାରଥି ଗୁରୁ ଭାବରେ ଆପଣଙ୍କର ସବୁ ସଂଶୟ ଦୂର କରିବେ ଏବଂ ଯଥାସମୟରେ ମନୁଷ୍ୟ ଲୋକର ସୃଷ୍ଟିକର୍ତ୍ତା ପ୍ରତ୍ୟକ୍ଷ ଭଗବାନ ବୋଲି ନିଜର ପରିଚୟ ନିଜେ ଦେବେ । ଅତଏବ ଶ୍ରୀକୃଷ୍ଣଙ୍କୁ ନିଜର ଚିରସଖା ବୋଲି ଜାଣି ନିଜର ସ୍ୱଭାବଜନିତ ଜୀବନ ଯୁଦ୍ଧରେ ଅଗ୍ରସର ହେବାହିଁ ଆମ୍ଭମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ । ଶ୍ରୀକୃଷ୍ଣ ହେଉଛନ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା, ଏ କଥା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ଜାଣି ପାରିବେ —

*

ସୁହୃଦଂ ସର୍ବ ଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥ ୫ମ—୨୯

ଅର୍ଥ—ମୋତେ ସମସ୍ତଙ୍କର ଚିରସଖା ବୋଲି ଜାଣି ପାରିଲେ ମନୁଷ୍ୟ ଶାନ୍ତିଲାଭ କରେ ।

ଏହି ଉକ୍ତିଟିରୁ ପ୍ରକାଶ ଯେ ଶ୍ରୀକୃଷ୍ଣଙ୍କୁ ଯେଉଁମାନେ କେବଳ ଅର୍ଜ୍ଜୁନଙ୍କର ଚିରସଖା କିମ୍ବା କେବଳ ନିଜର ଚିରସଖା, କିମ୍ବା କେବଳ ହିନ୍ଦୁ ଜାତିର ଚିରସଖା ବୋଲି ଜାଣନ୍ତି, ସେମାନେ ଶାନ୍ତିଲାଭ କରି ପାରିବେ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଚିରସଖା ଏହି ପ୍ରତ୍ୟକ୍ଷ ଭଗବାନ ଶ୍ରୀକୃଷ୍ଣ ତାହା ନିଜେ ସ୍ୱାଧୀନ ଭାବରେ ଚିନ୍ତାକରି ସ୍ଥିର କରିବା ଆବଶ୍ୟକ ।

ଗୀତାର ଶ୍ରୀକୃଷ୍ଣ ଭଗବାନ ଯେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଜୀବନଯୁଦ୍ଧରେ ଏକମାତ୍ର ସାରଥି ଏକଥା କଠୋପନିଷଦର ନିମ୍ନଲିଖିତ ଉକ୍ତିଟିରୁ ବୁଝି ପାରିବେ ।

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ
ଇନ୍ଦ୍ରିୟାଣି ହୟାନାହୁଃ ବିଷୟାଂ ସ୍ତେଷୁ ଗୋଚରାନ୍

ଅର୍ଥ—ନିଜକୁ ରଥୀ ବା ଯୋଦ୍ଧା, ଶରୀରକୁ ରଥ, ବୁଦ୍ଧିକୁ ସାରଥି, ମନକୁ ଲଗାମ, ଇନ୍ଦ୍ରିୟମାନଙ୍କୁ ଘୋଡ଼ା ଏବଂ ବିଷୟସବୁକୁ ସେହି ଇନ୍ଦ୍ରିୟରୂପ ଘୋଡ଼ାମାନଙ୍କର ଗୋଚର ବା ଚରିବାର ସ୍ଥାନ ବୋଲି ଜାଣ ।

କଠୋପନିଷଦର ଏହି ଉକ୍ତିଟିରେ ବୁଦ୍ଧିକୁ ସାରଥି ଭାବରେ ଗ୍ରହଣ କରିବାକୁ କହିବା ଏବଂ ଗୀତାକାର ଶ୍ରୀକୃଷ୍ଣଙ୍କୁ ଅର୍ଜ୍ଜୁନଙ୍କର ସାରଥି ବୋଲି ବର୍ଣ୍ଣନା କରିବା, ଏହି ଦୁଇଟି କଥା ଅଭ୍ରାନ୍ତ ଭାବରେ ପ୍ରମାଣ ଦେଉଅଛି ଯେ ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ବୁଦ୍ଧି । ଗୀତାର ଶ୍ରୀକୃଷ୍ଣ ବୁଦ୍ଧି ହୁଅନ୍ତୁ ବା ଅନ୍ୟ ଯାହା ହୁଅନ୍ତୁ ସେ ଆମ୍ଭମାନଙ୍କର ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ଅବ୍ୟକ୍ତ ଭଗବାନ ନୁହନ୍ତି

ଏକଥା ପୂର୍ବୋକ୍ତ ପ୍ରଥମ ଦୁଇଟି ଶ୍ଳୋକରୁ ପରିଷ୍କାର ଭାବରେ ବୁଝା-ଯାଉଅଛି । ପରବର୍ତ୍ତୀ ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ କହିଲେ—

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ,
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ । ୩ ।
ସଂନିୟମ୍ୟେନ୍ଦ୍ରିୟଗ୍ରାମଂ, ସର୍ବତ୍ର ସମବୁଦ୍ଧୟଃ,
ତେ ପ୍ରାପ୍ନୁବନ୍ତି ମାମେବ, ସର୍ବଭୂତହିତେରତାଃ । ୪ ।

ଅର୍ଥ—ଯେଉଁମାନେ ଇନ୍ଦ୍ରିୟସବୁକୁ ସଂଯତ ଭାବରେ ରଖି, ସର୍ବତ୍ର ସମବୁଦ୍ଧି ହୋଇ, ସମସ୍ତଙ୍କ ମଙ୍ଗଳରେ ନିଯୁକ୍ତ ରହି ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବତ୍ର ଗମନକାରୀ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ ଓ ଧ୍ରୁବଙ୍କୁ ଉପାସନା କରନ୍ତି ସେମାନେ ମୋତେ ପାଆନ୍ତି ଅର୍ଥାତ୍ ଅବ୍ୟକ୍ତଙ୍କୁ କେହି ପାଆନ୍ତି ନାହିଁ । ପ୍ରଥମ ଶ୍ଳୋକରେ ଅକ୍ଷର ଓ ଅବ୍ୟକ୍ତ ଏହି ଦୁଇଟି ବିଶେଷଣ ଦେଇ ଅର୍ଜ୍ଜୁନ ପ୍ରଶ୍ନ କରିଥିଲେ । ଏହି ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ଆଉ ଛଅଟି ବିଶେଷଣ ଯୋଗକରି ଅର୍ଜ୍ଜୁନଙ୍କୁ ଉତ୍ତର ଦେଇଅଛନ୍ତି । ଏତେଗୁଡ଼ିଏ ବିଶେଷଣ ଯୋଗ କରିବାର ଅଭିପ୍ରାୟ କଅଣ ତାହା ଲେଖିବା ଅନାବଶ୍ୟକ । ଏହି ଦୁଇଟି ଶ୍ଳୋକରେ ଶ୍ରୀକୃଷ୍ଣ ସୂଚି କରିଅଛନ୍ତି ଯେ ସେହି ଅବ୍ୟକ୍ତ ଭଗବାନଙ୍କର ପ୍ରକୃତ ଉପାସନା କରିବାକୁ ହେଲେ ଇନ୍ଦ୍ରିୟସବୁକୁ ସଂଯତ କରିବା; ସର୍ବତ୍ର ସମବୁଦ୍ଧି ହେବା ଏବଂ ସମସ୍ତ ମାନବ ଜାତିର କଲ୍ୟାଣକର କାର୍ଯ୍ୟରେ ସର୍ବଦା ନିଯୁକ୍ତ ରହିବା ଏକାନ୍ତ ଆବଶ୍ୟକ । ଏପରି କହିବାରେ ଗୀତାକାରଙ୍କର ଅଭିପ୍ରାୟ ଏହିକି ଅବ୍ୟକ୍ତ ଭଗବାନଙ୍କୁ ଉପାସନା କରିବାକୁ ହେଲେ ଶାସ୍ତ୍ରବିଧି ସବୁର କିମ୍ବା ଲୋକାଚାର, ଦେଶାଚାର ଓ କୁଳାଚାର ଇତ୍ୟାଦିର ଅନୁସରଣ କରିବାକୁ ହେବ ନାହିଁ ଅର୍ଥାତ୍ ମନ୍ତ୍ରପାଠ କରିବାକୁ କିମ୍ବା ଶାସ୍ତ୍ରୋକ୍ତ "ପୁତ୍ରଂ ଦେହି" "ଧନଂ ଦେହି" "ଭାର୍ଯ୍ୟାଂ ମନୋରମାଂ ଦେହି" ଇତ୍ୟାଦି ପ୍ରାର୍ଥନା କରିବାକୁ, ପଙ୍ଗୁଂ ଲଙ୍ଘୟତେ ଗିରିଂ ଇତ୍ୟାଦି ସ୍ତୁତି କରିବାକୁ କିମ୍ବା ରାମନାମ, କୃଷ୍ଣନାମ ଇତ୍ୟାଦି କୀର୍ତ୍ତନ କରିବାକୁ ହେବ ନାହିଁ । ସର୍ବତ୍ର ସମବୁଦ୍ଧି ହୋଇ ଓ ସମସ୍ତ ମାନବ ସମାଜର ମଙ୍ଗଳ କାର୍ଯ୍ୟରେ ନିଯୁକ୍ତ ରହି ଅବ୍ୟକ୍ତ ଭଗବାନଙ୍କର ପ୍ରକୃତ ଉପାସନା କଲେ ମଧ୍ୟ ଅବ୍ୟକ୍ତ ଭଗବାନଙ୍କୁ କେହି ପାଆନ୍ତି ନାହିଁ—ପାଆନ୍ତି ବ୍ୟକ୍ତ

ଭଗବାନ ଗୀତାର ଶ୍ରୀକୃଷ୍ଣଙ୍କୁ । ପରବର୍ତ୍ତୀ ଶ୍ଳୋକଟିରେ ଶ୍ରୀକୃଷ୍ଣ
କହିଅଛନ୍ତି —

କ୍ଲେଶୋଽଧିକତରସ୍ତେଷାମ୍ । ୧୨ଶ-୫

ଅବ୍ୟକ୍ତ ଭଗବାନଙ୍କ ଉପାସନାରେ ଆସକ୍ତ ନ ହୋଇ
ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା କରିବାକୁ ଏହି ଶ୍ଳୋକରେ ସ୍ପଷ୍ଟ
କୁହାଯାଇଅଛି । ଯାହା ଅବ୍ୟକ୍ତ ଅର୍ଥାତ୍ ସମ୍ପୂର୍ଣ୍ଣ ଅଜଣା ସେହି
ବସ୍ତୁ ନିକଟକୁ କୌଣସି ବାଟ ରହି ନ ପାରେ । ନିଜର ଉ
ଅବସ୍ଥାକୁ ଉତ୍ତମରୂପେ ବୁଝି ନିଜର ସ୍ତ୍ରୀ, ପୁତ୍ର, କନ୍ୟା ଓ ପ୍ରତି
ମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ସ୍ଥିର କରି ସେହି କ୍ରମରେ ବା
ଉପସ୍ଥିତ ଅବସ୍ଥାରୁ କ୍ରମେ କ୍ରମେ ଅବ୍ୟକ୍ତ ଆଡ଼କୁ ବା ସତ୍ୟ ନି
ଅଗ୍ରସର ହେବା ହିଁ ଦେହଧାରୀମାନଙ୍କ ପକ୍ଷରେ ଏକମାତ୍ର ଗତି ବା

ପୂର୍ବୋକ୍ତ ଶ୍ଳୋକର ଟିପ୍ପଣୀରେ ମୁଁ ଯାହା ଲେଖିଲି ସେ
ଦୃଷ୍ଟି ନ ଦେଇ ମୂଳ ଶ୍ଳୋକରେ ଯାହା ଅଛି ତାହା ନିଜେ ସ୍ୱାଧୀନ ଭ
ଚିନ୍ତାକରି ବୁଝନ୍ତୁ । ଶ୍ରୀକୃଷ୍ଣ ପୁଣି କହିଲେ—

ଯେ ତୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରାଃ,
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ । ୬
ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍,
ଭବାମି ନ ଚିରାତ୍ ପାର୍ଥ ! ମୟ୍ୟାବେଶିତଚେତସାଂ । ୭ ।
ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ,
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ । ୮ ।
ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରଂ,
ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ । ୯ ।
ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ,
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି । ୧୦ ।
ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍ଯୋଗମାଶ୍ରିତଃ,
ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ । ୧୧ ।

**ଅର୍ଥ—କିନ୍ତୁ ଯେଉଁମାନେ ସବୁ କର୍ମ ମୋଠାରେ ଅର୍ପଣ କରି, ମତ୍ପରାୟଣ ହୋଇ, ସର୍ବଦା ମୋତେ ଧ୍ୟାନ କରି, ଅନନ୍ୟଯୋଗ ଦ୍ୱାରା ମୋତେ ଉପାସନା କରନ୍ତି, ହେ ପାର୍ଥ ! ମୋଠାରେ ଆବେଶିତଚିତ୍ତ ସେହିମାନଙ୍କୁ ମୁଁ ମୃତ୍ୟୁଯୁକ୍ତ ସଂସାରସାଗରରୁ ଉଦ୍ଧାର କରେ ।୬-୭। ତେଣୁ ତୁମେ ମୋଠାରେ ମନ ସ୍ଥିରକର, ମୋଠାରେ ବୁଦ୍ଧି ନିବିଷ୍ଟ କର । ଏପରି କଲେ ଏହାପରେ ଅର୍ଥାତ୍ ଦେହାନ୍ତେ ତୁମେ ମୋଠାରେ ବାସ କରିବ, ଏଥିରେ ସଂଶୟ ନାହିଁ ।୮। ହେ ଧନଞ୍ଜୟ ! ଯଦି ମୋଠାରେ ମନ ସ୍ଥିର ରଖି ନ ପାର, ତେବେ ଅଭ୍ୟାସ ଯୋଗଦ୍ୱାରା ମୋତେ ପାଇବାକୁ ଇଚ୍ଛାକର ।୯। ସେପରି ଅଭ୍ୟାସ କରିବାକୁ ଯଦି ଅସମର୍ଥ ହୁଅ ତେବେ ମତ୍କର୍ମପରାୟଣ ହୁଅ । ମୋ ଅଭିପ୍ରାୟରେ କର୍ମସବୁ କରି ମଧ୍ୟ ତୁମେ ସିଦ୍ଧି ପାଇବ ।୧୦। ଯଦି ଏହା କରିବାକୁ ନିଜକୁ ଅଶକ୍ତ ମନେକର ତେବେ ମୋ ସହିତ ଯୁକ୍ତ ହେବାରୂପ ଯୋଗର ଆଶ୍ରୟ ନେଇ ଏବଂ ସଂଯତଚିତ୍ତ ହୋଇ ସବୁ କର୍ମର ଫଳ ପରିତ୍ୟାଗ କର ।୧୧।**

ସପ୍ତମ ଶ୍ଳୋକରେ ଥିବା "ତେଷାଂଅହଂ ସମୁଦ୍ଧର୍ତ୍ତା" ଏହି କଥାଟିରୁ ଜଣାଯାଏ ଯେ ମନୁଷ୍ୟର ଏକମାତ୍ର ଉଦ୍ଧାରକର୍ତ୍ତା ହେଉଛନ୍ତି ବ୍ୟକ୍ତ ଭଗବାନ ଗୀତାର ଶ୍ରୀକୃଷ୍ଣ । ଅବ୍ୟକ୍ତ ଭଗବାନ କାହାର ଉଦ୍ଧାରକର୍ତ୍ତା ନୁହଁନ୍ତି । ଏହି ମତକୁ ସମର୍ଥନ କରି ୫ମ ଅଧ୍ୟାୟ ୧୪ଶ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି—

ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।

ଅର୍ଥ—ପ୍ରଭୁ ଅର୍ଥାତ ଅବ୍ୟକ୍ତ ଭଗବାନ ମନୁଷ୍ୟର କର୍ତ୍ତୃତ୍ୱ କିମ୍ବା କର୍ମସବୁକୁ ସୃଷ୍ଟି କରନ୍ତି ନାହିଁ ।

ନବମ ଶ୍ଳୋକରେ କୁହାଯାଇଅଛି ଯେ ଅଭ୍ୟାସ ଯୋଗଦ୍ୱାରା ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କୁ ପାଇବାକୁ ଇଚ୍ଛା କର । ଯେଉଁ ପ୍ରଣାଳୀରେ ଧ୍ୟାନ କରିବାକୁ ଅଭ୍ୟାସ କଲେ ମନୁଷ୍ୟ ନିଜର ଚଞ୍ଚଳ ମନକୁ ସ୍ଥିର ଭାବରେ ରଖି ପାରିବ ଏବଂ ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣଙ୍କ ପରିଚୟ ପାଇ

ପାରିବ ତାହା ଷଷ୍ଠ ଅଧ୍ୟାୟରେ କୁହାଯାଇଅଛି । ଅବ୍ୟକ୍ତ ଭଗବାନଙ୍କୁ ପାଇବାର ପ୍ରଣାଳୀ କେବଳ ଗୀତାରେ ନାହିଁକି, ଅନ୍ୟ କୌଣସିଠାରେ ରହି ନ ପାରେ ! କାରଣ ଯାହା ଅଜଣା ସେଠାକୁ କୌଣସି ପ୍ରଣାଳୀ ବା ବାଟ ରହିବ କପରି ? ଶ୍ରୀକୃଷ୍ଣ ତାଙ୍କର ଶ୍ରେଷ୍ଠତ୍ୱ ଓ ତାଙ୍କର ଉପାସକମାନଙ୍କର ଶ୍ରେଷ୍ଠତ୍ୱ କେବଳ ଏହିଠାରେ କହି ନାହାନ୍ତି; ବାରମ୍ବାର କହିଅଛନ୍ତି । ଶ୍ରୀକୃଷ୍ଣ ପୁଣି କହିଲେ—

ଶ୍ରେୟୋହି ଜ୍ଞାନମଭ୍ୟାସାତ୍ ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।
ଧ୍ୟାନାତ୍ କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରଂ । ୧୨ ।

ଅର୍ଥ—ଅଭ୍ୟାସ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ, ଜ୍ଞାନ ଅପେକ୍ଷା ଧ୍ୟାନ ଶ୍ରେଷ୍ଠ, ଧ୍ୟାନ ଅପେକ୍ଷା କର୍ମଫଳତ୍ୟାଗ ଶ୍ରେଷ୍ଠ ଅଟେ । କର୍ମଫଳ ତ୍ୟାଗଦ୍ୱାରା ମନୁଷ୍ୟ ଶାନ୍ତିଲାଭ କରେ । ୧୨ ।

ନବମ ଶ୍ଳୋକରେ ଅଭ୍ୟାସ ଯୋଗ ଅବଲମ୍ବନ କରିବାକୁ କହିଥିବାରୁ ଶ୍ରୀକୃଷ୍ଣ ଏହି ଶ୍ଳୋକରେ କହିଦେଲେ ଯେ ଅଭ୍ୟାସ ଯୋଗ ଅପେକ୍ଷା ଜ୍ଞାନ ବା ଆତ୍ମଜ୍ଞାନ ଶ୍ରେଷ୍ଠ, ଜ୍ଞାନ ଅପେକ୍ଷା ଧ୍ୟାନ ଶ୍ରେଷ୍ଠ, ଧ୍ୟାନ ଅପେକ୍ଷା କର୍ମଫଳ ତ୍ୟାଗ ଶ୍ରେଷ୍ଠ, କର୍ମଫଳ ତ୍ୟାଗକଲେ ମନୁଷ୍ୟ ଶାନ୍ତି ଲାଭ କରେ । ଗୀତାକାରଙ୍କର ଅଭିପ୍ରାୟ ଏହିକି ଶାନ୍ତିଲାଭ କରିବା ହିଁ ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ହେଉ ଅର୍ଥାତ୍ ଅବ୍ୟକ୍ତ ଭଗବାନଙ୍କୁ ପାଇବା ମନୁଷ୍ୟର ଲକ୍ଷ୍ୟ ନ ହେଉ । ଶ୍ରୀକୃଷ୍ଣଙ୍କୁ ଭକ୍ତି କରିବାକୁ ହେଲେ ଯେଉଁସବୁ ସଦ୍‌ଗୁଣ ଉପାର୍ଜନ କରିବାକୁ ହେବ ତାହା ପରବର୍ତ୍ତୀ ସାତଟି ଶ୍ଳୋକରେ କୁହାଯାଇଅଛି

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ,
ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖ କ୍ଷମୀ । ୧୩ ।
ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ,
ମର୍ଯ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ । ୧୪ ।
ଯସ୍ମାନ୍ନୋଦ୍‌ବିଜତେ ଲୋକେ ଲୋକାନ୍ନୋଦ୍‌ବିଜତେ ଚ ଯଃ,
ହର୍ଷାମର୍ଷଭୟୋଦ୍ୱେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ । ୧୫ ।

**ଅନପେକ୍ଷଃ ଶୁଚିର୍ଦକ୍ଷ** ଉଦାସୀନୋ ଗତବ୍ୟଥଃ ।
**ସର୍ବାରମ୍ଭପରିତ୍ୟାଗୀ** ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ । ୧୬ ।
**ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ** ଶୋଚତି ନ କାଙ୍କ୍ଷତି
**ଶୁଭାଶୁଭପରିତ୍ୟାଗୀ** ଭକ୍ତିମାନ ଯଃ ସ ମେ ପ୍ରିୟଃ । ୧୭ ।
**ସମଃ ଶତ୍ରୌ ଚ ମିତ୍ରେ ଚ** ତଥା ମାନାପମାନୟୋଃ,
**ଶୀତୋଷ୍ଣସୁଖଦୁଃଖେଷୁ** ସମଃ ସଙ୍ଗବିବର୍ଜିତ । ୧୮ ।
**ତୁଲ୍ୟନିନ୍ଦାସ୍ତୁତିର୍ମୌ**ନୀ ସନ୍ତୁଷ୍ଟୋ ଯେନକେନଚିତ୍,
**ଅନିକେତଃ ସ୍ଥିରମତିର୍ଭକ୍ତି**ମାନ ମେ ପ୍ରିୟୋ ନରଃ । ୧୯ ।

**ଅର୍ଥ—**ଯାହାର କାହାପ୍ରତି ଦ୍ୱେଷ ନାହିଁ, ଯେ ମିତ୍ରଭାବାପନ୍ନ, କୃପାଳୁ, ମମତାଶୂନ୍ୟ, ନିରହଙ୍କାର, ସୁଖ ଓ ଦୁଃଖରେ ସମାନ, କ୍ଷମାଶୀଳ, ସର୍ବଦା ସନ୍ତୁଷ୍ଟ, ଯୋଗୀ, ସଂଯତଚିତ୍ତ, ଦୃଢ଼ ନିଶ୍ଚୟ, ମନ ଓ ବୁଦ୍ଧିକୁ ଯେ ମୋଠାରେ ଅର୍ପଣ କରିଅଛି ଏପରି ଯେ ଭକ୍ତ ସେ ମୋର ପ୍ରିୟ ଅଟେ । ୧୩-୧୪ । ଯାହାଙ୍କଠାରୁ ସଂସାର ଉଦ୍‌ବିଗ୍ନ ହୁଏ ନାହିଁ ଏବଂ ଯେ ସଂସାରରୁ ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ହର୍ଷ, କ୍ରୋଧ ଏବଂ ଭୟର ଉଦ୍‌ବେଗରୁ ଯେ ମୁକ୍ତ ସେ ମୋର ପ୍ରିୟ । ୧୫ । ଅନପେକ୍ଷ ଅର୍ଥାତ୍ ନିଜର ସୁଖ ଶାନ୍ତିପାଇଁ କାହାରିକୁ ଅପେକ୍ଷା କରେନା, ଶୁଚି, ଦକ୍ଷ, ଉଦାସୀନ, ମନରେ ବ୍ୟଥା ନଥିବା ବ୍ୟକ୍ତି, ସର୍ବାରମ୍ଭପରିତ୍ୟାଗୀ ଏପରି ଯେ ଭକ୍ତ ସେ ମୋର ପ୍ରିୟ ଅଟେ । ୧୬ । ଯେ ହୃଷ୍ଟ ହୁଅନ୍ତି ନାହିଁ କିମ୍ବା ଦ୍ୱେଷ କରନ୍ତି ନାହିଁ, ଶୋକ କରନ୍ତି ନାହିଁ କିମ୍ବା ଆକାଙ୍କ୍ଷା କରନ୍ତି ନାହିଁ ଯେ ଶୁଭ ଓ ଅଶୁଭକୁ ପରିତ୍ୟାଗ କରିଅଛନ୍ତି, ଏପରି ଯେ ଭକ୍ତିମାନ ବ୍ୟକ୍ତି ସେ ମୋର ପ୍ରିୟ ଅଟେ । ୧୭ । ଶତ୍ରୁ ଓ ମିତ୍ରଙ୍କଠାରେ ସମାନ, ମାନ ଓ ଅପମାନରେ ସମାନ, ଶୀତ ଓ ଉଷ୍ଣରେ ସମାନ, ସୁଖ ଓ ଦୁଃଖରେ ସମାନ, ନିନ୍ଦା ଓ ପ୍ରଶଂସାରେ ସମାନ, ଆସକ୍ତିବିବର୍ଜିତ, ମୌନୀ, ଯାହା କିଛି ମିଳିଲେ ସେଥିରେ ସନ୍ତୁଷ୍ଟ, ଗୃହଶୂନ୍ୟ, ସ୍ଥିରବୁଦ୍ଧି, ଏପରି ଯେ ଭକ୍ତିମାନ୍ ବ୍ୟକ୍ତି ସେ ମୋର ପ୍ରିୟ ଅଟେ । ୧୮-୧୯ ।

୩ୟ ଓ ୪ର୍ଥ ଶ୍ଳୋକରେ ଦିଆଯାଇଥିବା ଟିପ୍ପଣୀକୁ ଆଉଥରେ ପଢ଼ନ୍ତୁ । ୧୩ରୁ ୧୯ ଏହି କେତୋଟି ଶ୍ଳୋକରେ ଶ୍ରୀକୃଷ୍ଣ କହିଦେଲେ ଯେ କେତେଗୁଡ଼ିଏ ସଦ୍‌ଗୁଣ ଅର୍ଜନ କରିବାହିଁ ତାଙ୍କଠାରେ ପ୍ରକୃତ ଭକ୍ତି

ପ୍ରଦର୍ଶନ । ପ୍ରତ୍ୟହ ଏହି କେତୋଟି ଶ୍ଳୋକ ପାଠପୂର୍ଣ ନ କରି ଏହିସବୁ ସଦ୍‌ଗୁଣ ମଧ୍ୟରୁ ଅନ୍ତତଃ ଦୁଇ ତିନୋଟି ସଦ୍‌ଗୁଣ ଉପାର୍ଜନ କରିବା ଆବଶ୍ୟକ । ଶେଷ ଶ୍ଳୋକରେ ଶ୍ରୀକୃଷ୍ଣ ଗୋଟିଏ ଏକାନ୍ତ ଆବଶ୍ୟକୀୟ ଉପଦେଶ ଦେଇଅଛନ୍ତି ।

ଯେ ତୁ ଧର୍ମାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ,<br>ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ । ୨୦ ।

ଯେଉଁମାନେ କିନ୍ତୁ ମୋର ପ୍ରକ୍ତ ଏହି ଧର୍ମାମୃତର ଉପାସନା କରନ୍ତି ସେହି ଶ୍ରଦ୍ଧାବାନ୍ ମତ୍ପରାୟଣ ଭକ୍ତମାନେ ମୋର ଅତୀବ ପ୍ରିୟ ଅଟନ୍ତି ।

ବିଶିଷ୍ଟ ବ୍ୟକ୍ତିମାନେ ଆମ୍ଭମାନଙ୍କୁ ଯେଉଁ ଉପଦେଶସବୁ ଦେଇ-ଯାଇଅଛନ୍ତି ଆମ୍ଭେମାନେ ସେହି ଉପଦେଶ ସବୁର ଉପାସନା ନ କରି ଅର୍ଥାତ୍ ତଦନୁସାରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ କର୍ତ୍ତବ୍ୟବୋଧ ନ କରି ସେହି ଉପଦେଶ ଦାତାମାନଙ୍କର ସ୍ତୁତିପାଠ କରିବାରେ, ମହାସମାରୋହରେ ସେମାନଙ୍କର ଜନ୍ମୋତ୍ସବ ପାଳନ କରିବାରେ, ସେମାନଙ୍କର ଫଟୋସବୁ ରଖି ସେଥିରେ ଫୁଲଚନ୍ଦନ ଦେଇ ପୂଜା କରିବାରେ ଅଭ୍ୟସ୍ତ ରହିଥିବାରୁ ଆମ୍ଭମାନଙ୍କର ଏହି ଦୁରବସ୍ଥା ଦୂର କରିବା ଅଭିପ୍ରାୟରେ ଶ୍ରୀକୃଷ୍ଣ ଏହି ଶେଷ ଶ୍ଳୋକରେ ତାଙ୍କର ଉପଦେଶକୁ ଉପାସନା କରିବାକୁ କହିଲେ । ପ୍ରଥମ ଶ୍ଳୋକରେ "ଉପାସତେ" ଶବ୍ଦଟି ବ୍ୟବହାର କରି ଅର୍ଜୁନ ପ୍ରଶ୍ନ କରିଥିବାରୁ ଶେଷ ଶ୍ଳୋକରେ ସେହି "ଉପାସତେ" ଶବ୍ଦଟି ବ୍ୟବହାର କରି ଶ୍ରୀକୃଷ୍ଣ ଉତ୍ତର ଦେଇଅଛନ୍ତି ।

ବିଶ୍ୱକଲ୍ୟାଣ—୧ମ ବର୍ଷ-୧ମ ସଂଖ୍ୟା

# ଗୀତା-ଧର୍ମର ସଂସ୍ଥାପନ ପାଇଁ ସର୍ବଦା ଯୁଦ୍ଧ କର

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ୪ର୍ଥ-୮
ତସ୍ମାତ୍ ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ । ୮ମ-୭

ଗୀତାର ଏହି ଦୁଇଟି ଉକ୍ତିରୁ ବୁଝିହୁଏ ଯେ ଗୀତା-ଧର୍ମ ସଂସ୍ଥାପନ କରିବାକୁ ହେବ ଏବଂ ସେଥିପାଇଁ ସର୍ବଦା ଯୁଦ୍ଧ କରିବାକୁ ହେବ ।

ପ୍ରଥମ ଉକ୍ତିଟିରେ ଶ୍ରୀକୃଷ୍ଣ କହିଅଛନ୍ତି—"ଧର୍ମ-ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ସମ୍ଭବ ହୁଏ ଅର୍ଥାତ୍ ଜଗତକୁ ଆସେ । ଏଠାରେ ଯୁଗେ ଯୁଗେ କଥାଟିର ଅର୍ଥ ପୁରାଣ ଲିଖିତ ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏହି ଚାରି ଯୁଗ ନୁହେଁ । କାରଣ ଗୀତା-ଧର୍ମ ହେଉଛି ପ୍ରତ୍ୟକ୍ଷ ବୋଧଗମ୍ୟ ଅର୍ଥାତ୍ ପ୍ରତ୍ୟକ୍ଷ ଅନୁଭୂତି ଉପରେ ଓ ନିଜର ବୁଝିବା ଉପରେ ପ୍ରତିଷ୍ଠିତ । ମାତ୍ର ପୂର୍ବୋକ୍ତ ଚାରି ଯୁଗ ଆମ୍ଭମାନଙ୍କର ଧାରଣାର ଅତୀତ ଥିବାରୁ ପ୍ରତ୍ୟକ୍ଷ ବୋଧଗମ୍ୟ ନୁହେଁ ।"

ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟଂ । ୯ମ-୨

ଅର୍ଥ—ଗୀତାଧର୍ମ ହେଉଛି ପ୍ରତ୍ୟକ୍ଷ, ବୋଧଗମ୍ୟ, ଧର୍ମ ସମ୍ମତ କାର୍ଯ୍ୟରେ ପରିଣତ କରିବା ସୁଖପ୍ରଦ ଓ ସହଜ ଏବଂ ଅବ୍ୟୟ ଅଟେ ।

ଅତଏବ ଏଠାରେ "ଯୁଗେ ଯୁଗେ" କଥାଟିର ପ୍ରକୃତ ଅର୍ଥ ହେଉଛି—ବାରମ୍ବାର । କେତେ କେତେ ବେଳେ ଶ୍ରୀକୃଷ୍ଣ ଜଗତକୁ ଆସି ଧର୍ମ ସଂସ୍ଥାପନ କରନ୍ତି ତାହା ସେ ପୂର୍ବ ଶ୍ଲୋକଟିରେ କହିଅଛନ୍ତି । ସେହି ଶ୍ଲୋକଟି ହେଉଛି—

*

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।

ଅର୍ଥ—ହେ ଭାରତ ! ଯେତେ ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ଘଟେ ସେତେବେଳେ ମୁଁ ମୋତେ ସୃଷ୍ଟି କରେ ।

ଶ୍ରୀକୃଷ୍ଣ କିଏ ଓ କିପରି କୌଶଳରେ ସେ ନିଜକୁ ସୃଷ୍ଟି କରନ୍ତି ତାହା ଆମ୍ଭମାନଙ୍କର ଆଲୋଚନାର ବହିର୍ଭୂତ । ଆଉ ମଧ୍ୟ ଶ୍ରୀକୃଷ୍ଣ ଯେ ଥରେ ଜଗତକୁ ଆସିଥିଲେ ଏବଂ ଧର୍ମ ସଂସ୍ଥାପନ କରିଥିଲେ, ଏ କଥାକୁ ସତ୍ୟ ବୋଲି ଗ୍ରହଣ କରାଯାଇ ନ ପାରେ । ମାତ୍ର ଗୀତାକାର ଗୀତା ରଚନା କଲାବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ଘଟିଥିଲା ଏବଂ ଗୀତାକାର ତାହା ଜାଣିପାରି ଗୀତା-ଧର୍ମ ନାମକ ଗୋଟିଏ ସମ୍ପୂର୍ଣ୍ଣ ନୂତନ ଧର୍ମ ସଂସ୍ଥାପନ କରିଯାଇଅଛନ୍ତି ଏ କଥା ନିଶ୍ଚୟ ସ୍ୱୀକାର କରିବାକୁ ହେବ । ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ କାହିଁକି ଓ କିପରି ଘଟିଥିଲା ଏବଂ ଗୀତାକାର ଯେଉଁ ନୂତନ ଧର୍ମ ସଂସ୍ଥାପନ କରିଯାଇ ଅଛନ୍ତି ତାହାର ବିଶେଷତ୍ୱ କ'ଣ, ତାହା କେତେଦୂର ମଙ୍ଗଳପ୍ରଦ ଓ ପାଳନୀୟ କିମ୍ବା ଅନିଷ୍ଟପ୍ରଦ ଓ ବର୍ଜ୍ଜନୀୟ ଏହି ସବୁ ବିଷୟ ସ୍ଥିର କରିବା ଏକାନ୍ତ ଆବଶ୍ୟକ । ମାତ୍ର ଗୀତାର ପ୍ରାଚୀନ ତଥା ଆଧୁନିକ ଭାଷ୍ୟକାର-ମାନଙ୍କ ମଧ୍ୟରୁ କେହି ଏହି ଏକାନ୍ତ ଆବଶ୍ୟକୀୟ ବିଷୟଗୁଡ଼ିକର କୌଣସି ଆଲୋଚନା କରିନାହାନ୍ତି । ଜନସାଧାରଣ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ସବୁ ବିଷୟ ଜାଣିବାକୁ ଚେଷ୍ଟା ନକରି କିମ୍ବା ଏହି ସବୁ ବିଷୟ ପ୍ରତି ଆଦୌ ଦୃଷ୍ଟି ନ ଦେଇ ଗୀତା ପୁସ୍ତକକୁ ପୂଜା ପେଡ଼ିରେ ବାନ୍ଧି ପୂଜା କରିବାରେ, ଗୀତା-ପାରାୟଣ କରିବାରେ, ଗୀତା ସମିତି, ଗୀତା ଜୟନ୍ତୀ ଇତ୍ୟାଦିର ଅନ୍ଧାନୁସରଣ କରିବାରେ କାଳକ୍ଷେପ କରି ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛନ୍ତି । ଜନସାଧାରଣଙ୍କର ଉପସ୍ଥିତ ଦୁରବସ୍ଥା ଦୂର କରିବାକୁ ହେଲେ ଗୀତା ଧର୍ମ କଅଣ ତାହା ବୁଝିବାକୁ ହେବ ଏବଂ ଗୀତା-ଧର୍ମ ସଂସ୍ଥାପନ କରିବା ପାଇଁ ସର୍ବଦା ଯୁଦ୍ଧ କରିବାକୁ ହେବ । ଏହି ଯୁଦ୍ଧ ବୌଦ୍ଧ-ହିନ୍ଦୁ ସଂପ୍ରଦାୟ, ହିନ୍ଦୁ-ମୁସଲମାନ ସଂପ୍ରଦାୟ, ଶାକ୍ତ-ବୈଷ୍ଣବ ସମ୍ପ୍ରଦାୟ ଇତ୍ୟାଦି ଦୁଇ ସଂପ୍ରଦାୟ ମଧ୍ୟରେ ଘଟିଯାଇଥିବା ଏବଂ ଏବେ ମଧ୍ୟ ଘଟୁଥିବା ଯୁଦ୍ଧପରି ଗୋଟିଏ ଯୁଦ୍ଧ ନୁହେଁ । ଏହି ଯୁଦ୍ଧ ହେଉଛି

ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଦ୍ୱନ୍ଦ୍ୱରେ ପ୍ରତ୍ୟେକ ବ୍ୟକ୍ତିର ଦୁଃଖ—ଯାହା ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ।

ସ୍ୱର୍ଗଂ ଦେହି, ଧନଂ ଦେହି, ଆୟୁର୍ଦେହି, ଭାର୍ଯ୍ୟାଂ ମନୋରମାଂ ଦେହି ଇତ୍ୟାଦି ଫଳ କାମନା କରି ଏବଂ ସେହି ସବୁ ଫଳଲାଭର ଦୁରାଶା ପୋଷଣ କରି ଲୋକେ ଶାସ୍ତ୍ରବିଧି ସବୁକୁ ଅନ୍ଧଭାବରେ ବିଶ୍ୱାସ କଲେ ଏବଂ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରିବାକୁ ଏକମାତ୍ର ଧର୍ମ ଓ କର୍ମ ବୋଲି ଗ୍ରହଣ କଲେ। ଏପରି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଫଳରେ ଲୋକେ ନିଜ ନିଜର ସ୍ୱାଧୀନ ଚିନ୍ତାଶକ୍ତି ଓ ବିବେକଶକ୍ତି ହରାଇ ଅନ୍ଧ ଭାବରେ ଜୀବନଯାତ୍ରା ନିର୍ବାହ କରିବାକୁ ଆରମ୍ଭ କଲେ। ଜନସାଧାରଣଙ୍କର ଏହି ଦୁରବସ୍ଥା ଦେଖି ଏବଂ ଏହି ଅନ୍ଧତା ଦୋଷରୁ ଭବିଷ୍ୟତରେ ଯେଉଁ ଦୁରବସ୍ଥା ଘଟିବ ତାହା ମଧ୍ୟ ନିଜର ଦିବ୍ୟଦୃଷ୍ଟି ସାହାଯ୍ୟରେ ଜାଣିପାରି ଗୀତାକାର ଗୀତା-ଧର୍ମ ନାମକ ଗୋଟିଏ ନୂତନ ଧର୍ମ ସଂସ୍ଥାପନ କଲେ। ଏହି ଗୀତା-ଧର୍ମ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ମୂଳରେ କୁଠାରାଘାତ କରିଅଛି, ଏବଂ ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଉପଦେଶ ଦେଇଅଛି। ଗୀତାର ନିମ୍ନଲିଖିତ ଗୋଟିଏ ଉକ୍ତିରୁ ପ୍ରକୃତ କଥା ଜାଣିପାରିବେ।

ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ। ୨ୟ—୪୯

ଅର୍ଥ—ବୁଦ୍ଧିର ଶରଣ ନେଇ କର୍ମ କରିବାକୁ ଇଚ୍ଛା କର; ଫଳ ଲାଭର ଦୁରାଶା ପୋଷଣ କରି ଯେଉଁମାନେ କର୍ମ କରନ୍ତି (ଅର୍ଥାତ୍ ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ କରନ୍ତି) ସେମାନେ କୃପାର ପାତ୍ର ଅଟନ୍ତି।

ଦ୍ୱିତୀୟ ଅଧ୍ୟାୟରେ ଥିବା ସ୍ଥିତପ୍ରଜ୍ଞର ଲକ୍ଷଣ, ଦ୍ୱାଦଶ ଅଧ୍ୟାୟରେ ଥିବା ଭକ୍ତର ଲକ୍ଷଣ ଓ ଚତୁର୍ଦ୍ଦଶ ଅଧ୍ୟାୟରେ ଥିବା ଗୁଣାତୀତ ବ୍ୟକ୍ତିର ଲକ୍ଷଣ ମନୋଯୋଗପୂର୍ବକ ପଢ଼ିଲେ ଜାଣିପାରିବେ ଯେ ଚରିତ୍ର ଗଠନ ପ୍ରତି ଦୃଷ୍ଟି ଦେବାହିଁ ଗୀତାକାରଙ୍କ ମତରେ ପ୍ରକୃତ ଧର୍ମ ଓ ପ୍ରକୃତ ଭକ୍ତି। ଫଳ କାମନା ପରିତ୍ୟାଗ କରିବା, ବୁଦ୍ଧିର ଶରଣ ନେଇ କର୍ମ କରିବା ଓ ଚରିତ୍ର ଗଠନ ପ୍ରତି ଦୃଷ୍ଟିଦେବା କଷ୍ଟସାଧ୍ୟ ବୋଧ ହେବାରୁ ଏବଂ

ଅନ୍ଧବିଶ୍ବାସ ଓ ଅନ୍ଧାନୁସରଣ ସହଜସାଧ୍ୟ ବୋଧ ହେବାରୁ ଲୋକେ ଆଜ ପର୍ଯ୍ୟନ୍ତ ଅନ୍ଧବିଶ୍ବାସ ଓ ଅନ୍ଧାନୁସରଣ ଛାଡ଼ିପାରୁ ନାହାନ୍ତି ଏବଂ ଗୀତା-ଧର୍ମ ଗ୍ରହଣ କରିପାରୁ ନାହାନ୍ତି ।

ଜନସାଧାରଣଙ୍କର ପୂର୍ବୋକ୍ତ ଅନ୍ଧବିଶ୍ବାସ ଓ ଅନ୍ଧାନୁସରଣ ହେଉଛି ଗୀତାକାରଙ୍କ ମତରେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ । ଦ୍ବିତୀୟ ଅଧ୍ୟାୟ ୪୨ରୁ ୪୪ ଏହି ତିନୋଟି ଶ୍ଳୋକ ବୁଝିଲେ ପ୍ରକୃତ କଥା ବୁଝି ପାରିବେ । "ଅବିପଶ୍ଚିତଃ" ନାମକ ପ୍ରବନ୍ଧଟି ମନୋଯୋଗ ପୂର୍ବକ ପଢ଼ିଲେବୁଝି ପାରିବେ ଯେ, ଅନ୍ଧବିଶ୍ବାସୀ ଓ ଅନ୍ଧାନୁସରଣକାରୀ ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କୁ ଦ୍ବିତୀୟ ଅଧ୍ୟାୟ ୪୨ ଶ୍ଳୋକରେ "ଅବିପଶ୍ଚିତଃ" ଅର୍ଥାତ୍ ଅବିବେକୀ ବା ମୂଢ଼ ବୋଲି କୁହାଯାଇଅଛି ।

ଅନ୍ୟ ଗୋଟିଏ ପ୍ରକାର ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ କିପରି ଘଟିଥିଲା ତାହା ଷଷ୍ଠ ଅଧ୍ୟାୟ ପ୍ରଥମ ଶ୍ଳୋକଟିରୁ ବୁଝି ପାରିବେ । ସେହି ଶ୍ଳୋକଟି ହେଉଛି :—

ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ
ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନଚାକ୍ରିୟଃ ।

ଅର୍ଥ—କର୍ମଫଳକୁ ଆଶ୍ରୟ ନ କରି ଯେ ବ୍ୟକ୍ତି ନିଜର କର୍ତ୍ତବ୍ୟ-ବୋଧରେ କର୍ମ କରନ୍ତି ସେ ହେଉଛନ୍ତି ପ୍ରକୃତରେ ସନ୍ନ୍ୟାସୀ ଓ ପ୍ରକୃତରେ ଯୋଗୀ । ଅଗ୍ନି ପୂଜା ଓ ନିଜର କର୍ମ ପରିତ୍ୟାଗ କରିଥିବା ବ୍ୟକ୍ତି ସନ୍ନ୍ୟାସୀ ନୁହନ୍ତି କିମ୍ବା ଯୋଗୀ ନୁହନ୍ତି ।

କର୍ମଫଳ ତ୍ୟାଗ କରି କର୍ତ୍ତବ୍ୟବୋଧରେ କର୍ମ କରିବା ହେଉଛି ଗୀତାକାରଙ୍କ ମତରେ ପ୍ରକୃତ ସନ୍ନ୍ୟାସ ଏବଂ ପ୍ରକୃତ ଯୋଗ ।

କର୍ମ ବନ୍ଧନରୁ ମୁକ୍ତ ହେବାର ଦୁରାଶା ପୋଷଣକରି ଯେଉଁମାନେ ସନ୍ନ୍ୟାସୀ ନାମ ଗ୍ରହଣ କରିଅଛନ୍ତି ସେମାନଙ୍କୁ ଗୀତାକାର "ବିମୂଢ଼ାତ୍ମା" କହିଅଛନ୍ତି ଏବଂ ସେମାନଙ୍କର କର୍ମ-ପରିତ୍ୟାଗକୁ "ମିଥ୍ୟାଚାର" କହି ଅଛନ୍ତି :—

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ । ୩ୟ—୬

ଶାସ୍ତ୍ରଜ୍ଞ ପଣ୍ଡିତମାନେ କର୍ମ ବନ୍ଧନରୁ ମୁକ୍ତି ଲାଭ କରିବା ପାଇଁ ନିଜ ନିଜର ସ୍ୱଭାବନିୟତ କର୍ମ ପରିତ୍ୟାଗ କରି ସନ୍ନ୍ୟାସୀ ହେଲେ ଏବଂ ସେମାନଙ୍କୁ ଆଦର୍ଶ ମନେ କରି ଜନସାଧାରଣ ମଧ୍ୟ ନିଜ ନିଜର ଗୃହସ୍ଥାଶ୍ରମ ପରିତ୍ୟାଗ କରି ସନ୍ୟାସୀ ବୋଲାଇଲେ । ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କର ଓ ଜନସାଧାରଣଙ୍କର ଏହି ଦୁରବସ୍ଥା ଦେଖି ଗୀତାକାର ଉଭୟଙ୍କୁ ନିମ୍ନଲିଖିତ ଦୁଇଟି ଉକ୍ତିରେ ସତର୍କ କରି ଯାହା ଶିକ୍ଷା ଦେଇଅଛନ୍ତି ତାହା ଉତ୍ତମ ରୂପେ ବୁଝନ୍ତୁ ।

ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ । ୩ୟ-୨୬
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ୩ୟ-୩୫

ପ୍ରଥମ ଉକ୍ତିଟିରେ ଗୀତାକାର ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କୁ ସତର୍କ କରି ଉପଦେଶ ଦେଇଅଛନ୍ତି ଯେ ସେମାନେ କର୍ମସନ୍ୟାସର ଆଦର୍ଶ ଦେଖାଇ କର୍ମାସକ୍ତ ଅଜ୍ଞମାନଙ୍କର ବୁଦ୍ଧିଭେଦ ଜନ୍ମାନ୍ତୁ ନାହିଁ ଏବଂ ସେମାନେ ନିଜ ନିଜର ସ୍ୱଭାବନିୟତ କର୍ମରୁ ବିଚଳିତ ହେବାର କାରଣ ହୁଅନ୍ତୁ ନାହିଁ । ଶେଷ ଉକ୍ତିଟିରେ କର୍ମାସକ୍ତ ଜନସାଧାରଣଙ୍କୁ ସତର୍କ କରି ଶିକ୍ଷା ଦେଇଅଛନ୍ତି ଯେ ସେମାନେ ନିଜ ନିଜର ସ୍ୱଧର୍ମ ଉପରେ ବା ଆତ୍ମଜ୍ଞାନ ଉପରେ ବା ବିବେକବୁଦ୍ଧି ଉପରେ ନିର୍ଭର କରି କର୍ମ କରିବା ଫଳରେ ବରଂ ମୃତ୍ୟୁକୁ ବରଣ କରନ୍ତୁ, କିନ୍ତୁ ପରଧର୍ମର ଅନ୍ଧାନୁସରଣ ଭୟାବହ ବୋଲି ଜାଣି ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କର କାର୍ଯ୍ୟକଳାପର ଅନ୍ଧାନୁସରଣ ପରିତ୍ୟାଗ କରନ୍ତୁ ।

"ସର୍ବଧର୍ମାନ୍ ପରିତ୍ୟଜ୍ୟ" କଥାଟିରେ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉପରେ ପ୍ରତିଷ୍ଠିତ ସାମ୍ପ୍ରଦାୟିକ ଧର୍ମସବୁ ପରିତ୍ୟାଗ କରିବାକୁ ଗୀତାକାର ସ୍ପଷ୍ଟାକ୍ଷରରେ କହିଅଛନ୍ତି । କାରଣ ସାମ୍ପ୍ରଦାୟିକ ଧର୍ମସବୁ ମାନବ ଜାତିକୁ ବିଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରି ମାନବ ଜାତିର ଧ୍ୱଂସ ସାଧନ କରୁଅଛି । ଜନସାଧାରଣଙ୍କର ଅନ୍ଧବିଶ୍ୱାସ ଓ

ଅନ୍ଧାନୁସରଣକୁ ତଥା ସାମ୍ପ୍ରଦାୟିକ ଭେଦଭାବ ଓ ବିଦ୍ୱେଷକୁ ଦୃଢ଼ତର କରିବାପାଇଁ ଗୀତାକାର ଗୀତା-ଧର୍ମ ସଂସ୍ଥାପନ କରି ଯାଇଛନ୍ତି। ଗୀତା-ଧର୍ମ ହେଉଛି ପ୍ରତ୍ୟେକ ବ୍ୟକ୍ତିର ଧର୍ମ, ତେଣୁ ସମସ୍ତ ମାନବ ଜାତିର ଧର୍ମ। ବିଭକ୍ତ ଭାବରେ ରହିଥିବା ମାନବଜାତିକୁ ଅବିଭକ୍ତ ଭାବରେ ଦେଖିବାକୁ ଓ ଅବିଭକ୍ତ କରି ରଖିବାକୁ ଗୀତା-ଧର୍ମ ଶିକ୍ଷା ଦେଇଅଛି, ଯାହା ଗୀତାର ନିମ୍ନଲିଖିତ ଉକ୍ତିରୁ ବୁଝିପାରିବେ।

ଅବିଭକ୍ତଂ ବିଭକ୍ତେଷୁ ତଦ୍ ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ । ୧୮ଶ—୨୦

# ବିନୋବାଜୀଙ୍କ ଗୀତାପ୍ରବଚନ ବହିରୁ ଗୋଟିଏ ପ୍ରଶ୍ନ

ମାନନୀୟ ବୈରାଗୀ ବାବୁ,

ବିନୋବାଙ୍କ "ଗୀତା ପ୍ରବଚନ" ବହିଟି କିଣି ପଢ଼ୁଛି । ବହିର ୩୧ ପୃଷ୍ଠାରେ ୨ୟ ଅଧ୍ୟାୟ ଶେଷରେ ନିମ୍ନଲିଖିତ ଚିତ୍ରଟି ଦେଇ ସେ କଅଣ ବୁଝାଇଅଛନ୍ତି କିଛି ବୁଝି ପାରୁନାହିଁ । ଆପଣ ସେଥିରୁ ଯାହା ବୁଝିଅଛନ୍ତି ତାହା ସରଳ ଭାବରେ ବୁଝାଇଦେବାକୁ ଅନୁରୋଧ କଲି ।

ଆପଣଙ୍କର

ଶ୍ରୀ ରାମଚରଣ ଚୌଧୁରୀ

(ନିର୍ଗୁଣ) ସାଂଖ୍ୟବୁଦ୍ଧି (ସଗୁଣ) ଯୋଗବୁଦ୍ଧି (ସାକାର) ସ୍ଥିତପ୍ରଜ୍ଞ

ମିଶି

ସମ୍ପୂର୍ଣ୍ଣ ଜୀବନ ଶାସ୍ତ୍ର

ଏଥିରୁ ବ୍ରହ୍ମ ନିର୍ବାଣ ବା ମୋକ୍ଷଛଡ଼ା ଆଉ କି ଫଳ ଫଳିପାରେ ?

## ଉତ୍ତର

ମହାଶୟ,

ମୁଁ ମଧ୍ୟ ଏଥିରୁ କିଛି ବୁଝି ପାରିଲି ନାହିଁ । ସେହି ବିନୋବାଜୀଙ୍କ ଛଡ଼ା ଅନ୍ୟ କେହି ଏ ବିଷୟ ବୁଝାଇପାରିବେ ବୋଲି ମୋର ମନେ ହେଉ ନାହିଁ । ତାଙ୍କୁ ପଚାରିଲେ ଭଲ ହେବ । ଚିତ୍ରଟିର ତଳେ ବ୍ରହ୍ମନିର୍ବାଣ ବା ମୋକ୍ଷ ପାଇବାର ଆଶା ଦିଆଯାଇଥିବାରୁ ଆପଣ ବୋଧହୁଏ ସେହି

ବ୍ରହ୍ମନିର୍ବାଣ ପାଇବାକୁ ଇଚ୍ଛାକରି ଏହି କଥାଟି ବୁଝିବାକୁ ଏତେ ବ୍ୟାକୁଳ ହେଉଅଛନ୍ତି । ବ୍ରହ୍ମନିର୍ବାଣ କଥାଟିର ଅର୍ଥ ହେଉଛି ମୃତ୍ୟୁପରେ ବ୍ରହ୍ମରେ ବା ଭଗବାନଙ୍କ ମଧ୍ୟରେ ଲୀନ ହୋଇଯିବା । ତେବେ ଆପଣ କଣ ବ୍ରହ୍ମରେ ଲୀନ ହୋଇଯିବାକୁ ଇଚ୍ଛା କରନ୍ତି ? ଏହି ଦ୍ୱିତୀୟ ଅଧ୍ୟାୟରେ ଗୀତା କହୁଛି ଯେ ମନୁଷ୍ୟର ମୃତ୍ୟୁ ନାହିଁ । ଯାହାକୁ ସେ ମୃତ୍ୟୁ ମନେ କରେ ତାହା କେବଳ ତାର ସ୍ଥୂଳଦେହର ବିନାଶ । ଆପଣ ସବୁଦିନେ ରହିବାକୁ ଚାହାନ୍ତି ନା ବ୍ରହ୍ମରେ ଲୀନ ହେବାକୁ ଚାହାନ୍ତି ? ବ୍ରହ୍ମରେ ଲୀନ ହେବା କଥା ଗୀତା କହୁନାହିଁ । ହଉ ସେ କଥା ଛାଡ଼ନ୍ତୁ । ଅଧ୍ୟାୟ ଶେଷ ଶ୍ଳୋକରେ 'ବ୍ରାହ୍ମୀସ୍ଥିତି କାହାକୁ କହନ୍ତି ' ଏଇ କଥାଟି ବୁଝାଇବାକୁ ଯାଇ ଗୀତାକାର ବ୍ରହ୍ମନିର୍ବାଣ କଥାଟି ବ୍ୟବହାର କରିଅଛନ୍ତି ।"ଗୀତାର ବ୍ରାହ୍ମୀସ୍ଥିତି" ନାମକ ବହିରେ ମୁଁ ବ୍ରହ୍ମନିର୍ବାଣ କଥାଟିର ଆଲୋଚନା କରିଅଛି । ଆପଣ ସେ ବହିଟି ପଢ଼ି ପାରନ୍ତି । ଗୀତାରୁ ଯାହା ସହଜରେ ବୁଝି ହେବ ଏବଂ ଯାହା ବୁଝିଲେ ଗୀତାଶାସ୍ତ୍ରରେ ପ୍ରବେଶ କରିହେବ ତାହା ସର୍ବ ପ୍ରଥମେ ବୁଝନ୍ତୁ । ଦୁଇକ ପଣିକିଆ ନ ପଢ଼ି ଦଶକ ପଣିକିଆ ବୁଝିବାକୁ ଇଚ୍ଛା କରିବା ଠିକ୍ ନୁହେଁ । କୌଣସି ଗଛର ମୂଳରୁ ଚଢ଼ିବାକୁ ଚେଷ୍ଟା ନ କରି ଗଛର ମଝିରୁ କିମ୍ବା ଶେଷରୁ ଚଢ଼ିବାକୁ ଇଚ୍ଛାକରିବା ହାସ୍ୟାସ୍ପଦ କଥା । ଦ୍ୱାଦଶ ଅଧ୍ୟାୟରେ ୨୦ଟି ମାତ୍ର ଶ୍ଳୋକ ଅଛି । ଶ୍ଳୋକଗୁଡ଼ିକ ଅନାୟାସରେ ବୁଝି ପାରିବେ । ସେଥିପାଇଁ "ଗୀତାର ଭକ୍ତିଯୋଗ" ପ୍ରବନ୍ଧଟି ଏହି ସଂଖ୍ୟାରେ ଲେଖିଛି । ଏହି ଅଧ୍ୟାୟ ପ୍ରଥମ ଶ୍ଳୋକଟିର ଅର୍ଥ ବିନୋବାଜୀ ଯାହା କରିଅଛନ୍ତି ତାହା ସେହି ପ୍ରବନ୍ଧଟି ପଢ଼ିଲେ ଦେଖିବେ । ମୂଳ ଶ୍ଳୋକରୁ ଏହି ଅର୍ଥ ସେ କିପରି ପାଇଲେ ତାହା ପ୍ରଥମେ ତାଙ୍କଠାରୁ ବୁଝନ୍ତୁ । ତାପରେ ସାଂଖ୍ୟ-ବୁଦ୍ଧି ନିର୍ଗୁଣ କିପରି ହେଲା, ଯୋଗବୁଦ୍ଧି ସଗୁଣ କିପରି ହେଲା, ସ୍ଥିତପ୍ରଜ୍ଞ ସାକାର କିପରି ହେଲା, ସବୁ ମିଶି ଜୀବନ ଶାସ୍ତ୍ର କିପରି ହେଲା, ଏଥିରୁ ବ୍ରହ୍ମ ନିର୍ବାଣ ବା ମୋକ୍ଷ କିପରି ଫଳିବ, ଏ ସବୁ ବିଷୟ ତାଙ୍କଠାରୁ ପରେ ବୁଝିବେ ।

ଗୀତାରେ ସାଂଖ୍ୟବୁଦ୍ଧି କାହାକୁ କହନ୍ତି, ଯୋଗବୁଦ୍ଧି କାହାକୁ କହନ୍ତି, ସ୍ଥିତବୁଦ୍ଧି ପରିବର୍ତ୍ତେ ସ୍ଥିତପ୍ରଜ୍ଞ କଥାଟି ଅର୍ଜୁନଙ୍କ ମୁହଁରେ ଲୁହାଇବାରେ ଗୀତାକାରଙ୍କର ଅଭିପ୍ରାୟ କଅଣ, ଇତ୍ୟାଦି ମୁଁ

ଆଲୋଚନା କରିଅଛି । ଅନ୍ୟପରେ ଆଲୋଚନା କଲେ ମଧ୍ୟ ଏବଂ ତାହା ଯୁକ୍ତିଯୁକ୍ତ ବୋଲି ବିବେଚିତ ହେଲେ ମଧ୍ୟ ଆପଣମାନେ ତାହା ଗ୍ରହଣ କରିବେ ନାହିଁ । କାରଣ ବିଶିଷ୍ଟ ବ୍ୟକ୍ତିମାନଙ୍କର ବିଶିଷ୍ଟତା ଉପରେ ନିର୍ଭର କରିବାରେ ଆପଣମାନେ ବହୁଦିନରୁ ଅଭ୍ୟସ୍ତ ; ମାତ୍ର ମୋର କୌଣସି ବିଶିଷ୍ଟତା ନାହିଁ କିମ୍ବା ଜନସାଧାରଣ ମତେ ବିଶିଷ୍ଟ ବ୍ୟକ୍ତି ବୋଲି ଗ୍ରହଣ କରନାହାନ୍ତି । ଆଉ ଗୋଟିଏ ପ୍ରଧାନ କାରଣ ଏହିକି ମୋର ବ୍ୟାଖ୍ୟା ଅନ୍ୟ ଭାଷ୍ୟକାରମାନଙ୍କର ବ୍ୟାଖ୍ୟା ସବୁରୁ ସମ୍ପୂର୍ଣ୍ଣ ଭିନ୍ନ—

ଆପଣଙ୍କର

ଶ୍ରୀ ବୈରାଗୀ ଚରଣ ମିଶ୍ର

## ବିନୋବାଜୀ କଅଣ ଭୁଲ ଲେଖିଛନ୍ତି ?

### (ଆଉ ଗୋଟିଏ ପ୍ରଶ୍ନ)

ମାନ୍ୟବର ବୈରାଗୀ ବାବୁ,

ବିନୋବାଜୀଙ୍କ ଗୀତା ପ୍ରବଚନ ବହିର ୨ୟ ଅଧ୍ୟାୟ ଶେଷରେ ଦିଆଯାଇଥିବା ଚିତ୍ରଟିରେ ବିନୋବାଜୀ କଅଣ ବୁଝାଇଅଛନ୍ତି ତାହା ବୁଝି ନ ପାରି ସେ ବିଷୟ ବୁଝାଇ ଦେବାକୁ ଶ୍ରୀମ ବାବୁ ଗତ ସଂଖ୍ୟାରେ ଆପଣଙ୍କୁ ଅନୁରୋଧ କରିଥିଲେ । ଉତ୍ତରରେ ଆପଣ ଲେଖିଅଛନ୍ତି— "ଅନ୍ୟ କେହି ଏ ବିଷୟ ବୁଝାଇ ପାରିବେ ବୋଲି ମୋର ମନେ ହେଉ ନାହିଁ" ।

ଅନ୍ୟ କେହି ବୁଝାଇପାରିବେ ନାହିଁ, ଏକଥା ଆପଣ କିପରି ଜାଣିଲେ ?

ଆପଣଙ୍କର
ଶ୍ରୀ ପଦ୍ମନାଭ ମିଶ୍ର
ଡକ, ଓଲପିଂଢ, ପୁରୀ

ମହାଶୟ,

ମୋର ଏହି ମତ କେତେଦୂର ସତ୍ୟ ତାହା ପରୀକ୍ଷା ନ କରି ଅର୍ଥାତ୍ ଅନ୍ୟ କାହାରି ସହିତ ଆଲୋଚନା ନ କରି ମୋର ଦୋଷ ଖୋଜୁଅଛନ୍ତି କାହିଁକି ? ଆପଣମାନେ ଅନ୍ୟ କାହାରି ସହିତ ଆଲୋଚନା କରିବେ ନାହିଁ ଏକଥା ମୁଁ ଭଲରୂପେ ଜାଣେ । କାରଣ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ବହୁ କାଳରୁ ଅଭ୍ୟସ୍ତ ଥିବାରୁ ସତ୍ୟର ପରିଚୟ

ପାଇବାକୁ ଅର୍ଥାତ୍ କୌଣସି ବିଷୟ ନିଜେ ସଂଶୟଶୂନ୍ୟ ହୋଇ ବୁଝିବାକୁ ଆପଣମାନଙ୍କର ଆଗ୍ରହ ନ ରହିବା ସ୍ୱାଭାବିକ । ପ୍ରକୃତ କଥା ଜାଣିବାକୁ ଯଦି ଏବଂ ଯେଉଁ ଭାଇଭଉଣୀଙ୍କର ଆଗ୍ରହ ଅଛି ସେମାନେ ନିଜର ବନ୍ଧୁମାନଙ୍କ ସଙ୍ଗେ ଓ ଗୀତା ପ୍ରବଚନ ବହିର ପାଠକମାନଙ୍କ ସଙ୍ଗେ ଉଦ୍ୟମେ ଆଲୋଚନା କରନ୍ତୁ । ଆଲୋଚନା କଲେ ମଧ୍ୟ ସଂଶୟ ଦୂର ହେବ ନାହିଁ ଏକଥା ମୁଁ ଗତ ସଂଖ୍ୟାରେ ଲେଖିଛି ଓ ଆଜି ମଧ୍ୟ ଲେଖୁଛି । ସଂଶୟ ଦୂର ନ ହେଲେ ନିଜେ ବିନୋବାଜୀଙ୍କୁ ବୁଝାଇ ଦେବାକୁ ଅନୁରୋଧ କରନ୍ତୁ । ମାତ୍ର କେହି ତାଙ୍କୁ ଅନୁରୋଧ କରିବେ ବୋଲି ମୋର ମନେ ହେଉନାହିଁ । କାରଣ ଗୁରୁଜୀ କୌଣସି ଅସଙ୍ଗତ କଥା ଲେଖିଲେ ଅଥବା କହିଲେ ଅଥବା କୌଣସି ଅନ୍ୟାୟ ଆଚରଣ କଲେ ତାଙ୍କର ଶିଷ୍ୟମାନେ ସେ କଥା ତାଙ୍କୁ ପଚାରିବାକୁ ଯେପରି ଭୟ କରନ୍ତି, ବିନୋବାଜୀଙ୍କର ଶିଷ୍ୟମାନେ ଠିକ୍ ସେହିପରି ତାଙ୍କୁ ପ୍ରକୃତ କଥା ବୁଝାଇ ଦେବାକୁ ଅନୁରୋଧ କରିବାକୁ ଭୟ କରିବେ । ଅନ୍ୟମାନଙ୍କର ଭୟ କରିବାର କୌଣସି କାରଣ ନ ଥିଲେ ମଧ୍ୟ ସେମାନେ ଭୟ କରିବେ । କାରଣ ଭୟକୁ ଆମ୍ଭେମାନେ ଚିର ସହଚର କରି ରଖିଅଛୁଁ । ଭୟ କରିବାକୁ ଆମ୍ଭେମାନେ ଗୋଟିଏ ସଦ୍‌ଗୁଣ ବୋଲି ଗ୍ରହଣ କରିଅଛୁଁ । ବାପ-ମାଆଙ୍କୁ ଭୟ, ଶାଶୁ ଶଶୁରଙ୍କୁ ଭୟ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଭୟ, ମନୁଷ୍ୟ-ସୃଷ୍ଟ ଠାକୁର ଠାକୁରାଣୀଙ୍କୁ ଭୟ, ନରକରେ ପଡ଼ିବା ଭୟ, ସାମାଜିକ ମର୍ଯ୍ୟାଦା ଲୋପ ହେବାର ଭୟ, 'ଲୋକେ କ'ଣ କହିବେ' ଭୟ ଇତ୍ୟାଦି ଇତ୍ୟାଦି । ବେଳେ ବେଳେ ଆଲୋଚ୍ୟ ବିଷୟର ବାହାରକୁ ଚାଲିଯିବା ମୋର ଗୋଟିଏ ଦୋଷ । ସେଥିପାଇଁ ମୋତେ କ୍ଷମା ଦେଇ ଆଲୋଚ୍ୟ ବିଷୟରେ ଅଗ୍ରସର ହୁଅନ୍ତୁ ।

ଗୀତା ପ୍ରବଚନ ବହିର ୩୧ ପୃଷ୍ଠାରେ ୨ୟ ଅଧ୍ୟାୟ ଶେଷରେ ଚିତ୍ରଟିଏ ଦେଇ ବିନୋବାଜୀ ଦେଖାଇଅଛନ୍ତି ଯେ ସାଂଖ୍ୟବୁଦ୍ଧି, ଯୋଗବୁଦ୍ଧି ଓ ସ୍ଥିତପ୍ରଜ୍ଞ ଏମାନେ ଯଥାକ୍ରମେ ନିର୍ଗୁଣ, ସଗୁଣ ଓ ସାକାର ଅଟନ୍ତି । ଏମାନେ ସମସ୍ତେ ମିଶି ସମ୍ପୂର୍ଣ୍ଣ ଜୀବନଶାସ୍ତ୍ର ଏବଂ ଏଥିରୁ ବ୍ରହ୍ମ-ନିର୍ବାଣ ବା ମୋକ୍ଷ ନିଶ୍ଚୟ ଫଳିବ । ଏସବୁ କଥା ଅଥବା ଏପରି କୌଣସି କଥା ୨ୟ ଅଧ୍ୟାୟରେ ନାହିଁ ଅଥବା ଗୀତାରେ ଅନ୍ୟତ୍ର ମଧ୍ୟ ନାହିଁ ।

ସେଥିପାଇଁ ମୁଁ ଲେଖିଛି, "ଅନ୍ୟକେହି ଏ ବିଷୟ ବୁଝାଇ ପାରିବେ ବୋଲି ମୋର ମନେ ହେଉ ନାହିଁ" । ଏସବୁ କଥା ବିନୋବାଜୀ ଗୀତାରୁ ନ ପାଇ ଯଦି ଅନ୍ୟ କୌଣସିଠାରୁ ପାଇଛନ୍ତି କିମ୍ବା ଏସବୁ କଥା ଯଦି ତାଙ୍କର ନିଜର ଚିନ୍ତାରୁ ଉତ୍ପନ୍ନ ହୋଇଥାଏ, ତେବେ ମଧ୍ୟ ପ୍ରକୃତ କଥା ବୁଝାଇ ଦେବାକୁ ତାଙ୍କୁ ଅନୁରୋଧ କରନ୍ତୁ । ଯାହା ଜାଣିଲେ ମନୁଷ୍ୟ ମୋକ୍ଷ ପାଇପାରିବ ତାହା ସଂଶୟଶୂନ୍ୟ ହୋଇ ବୁଝିବା ଏକାନ୍ତ ଆବଶ୍ୟକ ନୁହେଁ କି ? ଗୀତାପ୍ରବଚନ ବହିର କୌଣସି ପାଠକ କିମ୍ବା ବିନୋବାଜୀଙ୍କର କୌଣସି ଭକ୍ତ ଯଦି ପ୍ରକୃତ କଥା ବୁଝିଅଛନ୍ତି ତେବେ ଜନସାଧାରଣଙ୍କୁ ତାହା ବୁଝାଇ ଦିଅନ୍ତୁ । ଏମାନଙ୍କ ମଧ୍ୟରୁ କେହି ଯଦି ଏଥିରୁ କିଛି ବୁଝି ନାହାନ୍ତି ଓ ବୁଝିପାରୁ ନାହାନ୍ତି ତେବେ ପ୍ରକୃତ କଥା ବୁଝାଇ ଦେବାକୁ ବିନୋବାଜୀଙ୍କୁ ଅନୁରୋଧ କରନ୍ତୁ । ଉଦାସୀନ ରହିବା ଉଚିତ ବୋଧ ହେଉନାହିଁ ।

ଗତ ସଂଖ୍ୟାରେ ଗୀତାପ୍ରବଚନ ବହିରୁ ଦୁଇଟି କଥା ଆଲୋଚନା କରିବାକୁ ମୁଁ ଲେଖିଛି ॥ ଗୋଟିଏ କଥା ହେଉଛି ପୂର୍ବୋକ୍ତ ଚିତ୍ରଟିରେ ଥିବା ବିଷୟ ଏବଂ ଅନ୍ୟ କଥାଟି ହେଉଛି ଦ୍ୱାଦଶ ଅଧ୍ୟାୟ ପ୍ରଥମ ଶ୍ଳୋକଟିର ଯେଉଁ ଅସଙ୍ଗତ ଅର୍ଥ ବିନୋବାଜୀ କରିଅଛନ୍ତି ॥ ଅନ୍ୟ କୌଣସି ବିଷୟ ଆଲୋଚନା କରିବାକୁ ନ ଲେଖି ଏହି ଦୁଇଟି କଥା ଆଲୋଚନା କରିବାକୁ ଲେଖିବାର ଅଭିପ୍ରାୟ ଏହିକି ଏହି ଦୁଇଟି କଥା ଗୀତାର ସର୍ବପ୍ରଧାନ କଥା ଓ ସର୍ବ ଗୁହ୍ୟତମ କଥା ଏହି ଦୁଇଟି କଥା ସଂଶୟଶୂନ୍ୟ ହୋଇ ବୁଝିଲେ ଜନସାଧାରଣ ଅନାୟାସରେ ଗୀତା ଶାସ୍ତ୍ରରେ ପ୍ରବେଶ କରିପାରିବେ ॥ ଆଉ ମଧ୍ୟ ସେମାନଙ୍କ ମନରୁ ଅଜ୍ଞାତରେ ଯାବଜ୍ଜୀବ ବଦ୍ଧମୂଳ ଭ୍ରାନ୍ତ ଧାରଣା ସବୁ ସମ୍ପୂର୍ଣ୍ଣରୂପେ ଦୂର ହୋଇଯିବ ॥ ବିନୋବାଜୀଙ୍କୁ ପଚାରିବାକୁ ଯଦି ଭୟ କରୁଅଛନ୍ତି ଏବଂ ଅନ୍ୟ କାହା ସଙ୍ଗେ ଆଲୋଚନା କରିବାକୁ ଯଦି ପଶ୍ଚାଦ୍‌ପଦ ହେଉଅଛନ୍ତି, ତେବେ ନିଜେ ଗୀତାରୁ ପ୍ରକୃତ କଥା ବୁଝିବାକୁ ଚେଷ୍ଟା କରନ୍ତୁ ॥ କିପରି ପ୍ରଣାଳୀ ଅବଲମ୍ବନ କରି ଗୀତାରୁ ପ୍ରକୃତ କଥା ବୁଝିବାକୁ ହେବ, ତାହା ମୁଁ ଲେଖୁଛି ॥ ମନକୁ ଗଲେ ସେହି ପ୍ରଣାଳୀ ଅବଲମ୍ବନ କରିବେ, ମନକୁ ନ ଗଲେ ନିଜର ପ୍ରଣାଳୀ ନିଜେ ସ୍ଥିର କରିବେ ।

ଗୀତା-ର ପ୍ରକୃତ ଶିକ୍ଷା ଓ ସମ୍ପୂର୍ଣ୍ଣ ନୂତନ ଶିକ୍ଷା ୨ୟ ଅଧ୍ୟାୟ ୩୯ ଶ୍ଳୋକରୁ ଆରମ୍ଭ ହୋଇଅଛି ॥ ଏହି ଶ୍ଳୋକଟି ବୁଝିଲେ ଜାଣି ପାରିବେ ଯେ "ବୁଦ୍ଧି" ଏହି କଥାଟିକୁ ଗୀତାକାର ସାଂଖ୍ୟବୁଦ୍ଧି ଓ ଯୋଗ ବୁଦ୍ଧି ଏହି ଦୁଇ ଖଣ୍ଡ ରେ ବିଭକ୍ତ କରିଅଛନ୍ତି ଏବଂ ଯୋଗ ବୁଦ୍ଧିରେ ଯୁକ୍ତ ହେଲେ ମନୁଷ୍ୟ କର୍ମ ବନ୍ଧନରୁ ମୁକ୍ତ ହୋଇପାରିବ ବୋଲି କହିଅଛନ୍ତି ॥ ସାଂଖ୍ୟବୁଦ୍ଧି ଅବଲମ୍ବନ କରି ନାନା ପ୍ରକାର ଅନ୍ଧାନୁସରଣ କରୁଥିବା ଜନସାଧାରଣଙ୍କୁ ଯୋଗ ବୁଦ୍ଧିର ପରିଚୟ ଦେବାକୁଁ ଗୀତାକାରଙ୍କର ଅଭିପ୍ରାୟ, ଏହା ଏହି ଶ୍ଳୋକଟିରୁ ବୁଝିପାରିବେ ॥ ଏହି ଯୋଗବୁଦ୍ଧି ବା ନୂତନ ଧର୍ମ ସଂସ୍ଥାପନ କରିବାକୁଁ ଗୀତାକାରଙ୍କର ଅଭିପ୍ରାୟ ॥ ସେଥିପାଇଁ ଶ୍ରୀକୃଷ୍ଣ କହିଅଛନ୍ତି ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ମୁହଁରେ ଗୀତାକାର କୁହାଇ ଅଛନ୍ତି :—

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ୪ର୍ଥ - ୮

ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ଏପରି ଦୁଇଟି କଥା ଗୀତାରେ ନାହିଁ । ପୂର୍ବୋକ୍ତ ୩୯ ଶ୍ଳୋକରୁ ଏହି ଦୁଇଟି କଥା ବୁଝାଯାଉଅଛି ମାତ୍ର ସ୍ଥିତପ୍ରଜ୍ଞ କଥାଟିର ଅର୍ଥ ହେଉଛି ସ୍ଥିତବୁଦ୍ଧି । ଏହି ସ୍ଥିତପ୍ରଜ୍ଞ କଥାଟି ଏହି ଅଧ୍ୟାୟ ୫୪ ଶ୍ଳୋକରେ ଅଛି । ଏହି କଥାଟି ଗୀତାକାର ଅର୍ଜ୍ଜୁନଙ୍କ ମୁହଁରେ କୁହାଇଅଛନ୍ତି । ଅତଏବ ସାଂଖ୍ୟବୁଦ୍ଧି ଓ ଯୋଗବୁଦ୍ଧି ବିଷୟରେ ଗୀତାକାର କ'ଣ ବୁଝାଇ ଅଛନ୍ତି ଓ କାହିଁକି ବୁଝାଇ ଅଛନ୍ତି ଏବଂ ସ୍ଥିତପ୍ରଜ୍ଞ କଥାଟି ଅର୍ଜ୍ଜୁନଙ୍କ ମୁହଁରେ କୁହାଇବାରେ ଗୀତାକାରଙ୍କର ଅଭିପ୍ରାୟ କଅଣ ତାହା ସଂଶୟ ଶୂନ୍ୟ ହୋଇ ବୁଝିବାକୁ ହେଲେ ୨ୟ ଅଧ୍ୟାୟ ୩୯ରୁ ୫୪ ଏହି ୧୬ଟି ମାତ୍ର ଶ୍ଳୋକ ବୁଝିବାକୁ ହେବ । ଏହି ୧୬ଟି ଶ୍ଳୋକ ମଧ୍ୟରୁ ୩୯ ରୁ ୫୧, ଏହି ତେରୋଟି ମାତ୍ର ଶ୍ଳୋକ ସଂଶୟଶୂନ୍ୟ ହୋଇ ବୁଝିଲେ ଅବଶିଷ୍ଟ ୧୩ଟି ଶ୍ଳୋକ କାହିଁକି, ସମସ୍ତ ଗୀତା ଅନାୟାସରେ ବୁଝିପାରିବେ । କାରଣ ଗୀତାର ଏହି ଆରମ୍ଭରୁ ଗୀତାକାରଙ୍କର ଅଭିପ୍ରାୟ ବୁଝି, ସେହି ଅଭିପ୍ରାୟ ପ୍ରତି ଦୃଷ୍ଟି ରଖିଲେ ଗୀତାର ପ୍ରକୃତ ଶିକ୍ଷା ଗ୍ରହଣ କରିବାପାଇଁ କ୍ରମେ କ୍ରମେ ଅଗ୍ରସର ହୋଇପାରିବେ । ମାତ୍ର ପ୍ରକୃତ କଥା ଏହିକି ଗୀତାର ବ୍ୟାଖ୍ୟାକାରମାନେ ୩୯ରୁ ୫୧, ଏହି ତେରୋଟି ଶ୍ଳୋକର ଯେଉଁ ଅର୍ଥ

କରିଅଛନ୍ତି ଗୀତାର ମୂଳଶ୍ଳୋକ ସହିତ ଲମ୍ବା ପୂର୍ବାପର ସହିତ ଲମ୍ବା ବ୍ୟକ୍ତିଗତ ଜୀବନଯାତ୍ରା ସହିତ ଏହି ଅର୍ଥର କୌଣସି ସମ୍ବନ୍ଧ ନାହିଁ । ହିନ୍ଦୋଲାଜୀ ମଧ୍ୟ ଏହି ସବୁ ଅସଙ୍ଗତ ଅର୍ଥରୁ ପ୍ରକୃତ ଅର୍ଥ ସ୍ଥିର କରି-ନ ପାରି ଏପରି ଅବୋଧଗମ୍ୟ ମନଗଢ଼ା କଥାଟି ଲେଖିଅଛନ୍ତି ବୋଲି ମୁଁ ସମ୍ପୂର୍ଣ୍ଣରୂପେ ଜାଣି ପାରୁଅଛି ।

ସମସ୍ତେ ଯେପରି ଅବୋଧଗମ୍ୟ ମନଗଢ଼ା ଅର୍ଥସବୁ କରିଅଛନ୍ତି ହିନ୍ଦୋଲାଜୀ ମଧ୍ୟ ସେହିପରି ଅବୋଧଗମ୍ୟ ମନଗଢ଼ା କଥାଟିଏ ଲେଖି-ଅଛନ୍ତି, ଏହି କଥା କହିଦେଇ ସନ୍ତୁଷ୍ଟ ହୁଅନ୍ତୁ ନାହିଁ । ନିଜେ ପ୍ରକୃତ କଥା ବୁଝିବାକୁ ଏବଂ ଅନୁସନ୍ଧାନ କରିବାକୁ କର୍ତ୍ତବ୍ୟ ବୋଧକରନ୍ତୁ । **ସତ୍ୟ ନିକଟରେ ସଶିଷ୍ଟତାର ସ୍ଥାନ ନାହିଁ, ଏହି କଥାଟି ସର୍ବଦା ମନେ ରଖନ୍ତୁ** । ଏହି କଥାଟି ମୁଁ ଗତ ସଙ୍ଖ୍ୟାରେ ଲେଖିଛି, ମୋର ଗୀତା ସଂକ୍ରାନ୍ତ ଅନେକ ବହିରେ ଲେଖିଛି ଏବଂ ଆଜି ମଧ୍ୟ ଲେଖୁଛି ।

---

# ଭ୍ରଷ୍ଟା ବିନାବିନୋଇଲେ ବେଦ

ଜନସାଧାରଣଙ୍କର ଅଜ୍ଞତା ଓ ନିଜର ବିଶିଷ୍ଟତାର ସୁବିଧା ନେଇ ବିଶିଷ୍ଟ ଲୋକେ ଯାହାଇଚ୍ଛା ପ୍ରଚାର କରୁଅଛନ୍ତି ଏବଂ ମିଥ୍ୟା ପ୍ରଚାର ମଧ୍ୟ କରୁଅଛନ୍ତି—ଏହା ବିଶେଷ ଅନିଷ୍ଟପ୍ରଦ । ବିନୋବାଜୀଙ୍କର ଗୀତା ପ୍ରବଚନ ବହିର ୪୭ ପୃଷ୍ଠା ଓ ୫୦ ପୃଷ୍ଠାରେ ଲେଖାଅଛି—"କର୍ମ ସହିତ ମନର ମେଳକୁ ଗୀତାବିକର୍ମ କହୁଛି । … … … … କର୍ମରେ ବିକର୍ମ ମିଶେଇ ଦେଲେ ଅକର୍ମ ହୁଏ ।" ଇତ୍ୟାଦି । ଏ ସବୁ ବିଚିତ୍ର ଅର୍ଥ ସେ ମହାଶୟ ଗୀତାରୁ କେଉଁଠୁ ଓ କିପରି ପାଇଲେ ? "ବିକର୍ମ" ଶବ୍ଦଟି ୪ର୍ଥ ଅଧ୍ୟାୟ ୧୭ଶ ଶ୍ଲୋକରେ ଥିବା "ବୋଦ୍ଧବ୍ୟଞ୍ଚ ବିକର୍ମଣଃ" କଥାଟି ବ୍ୟତୀତ ଗୀତାରେ ଅନ୍ୟତ୍ର ନାହିଁ । ସେ ପୁଣି ୫୧ ପୃଷ୍ଠାରେ ଲେଖିଛନ୍ତି—"ଦଶମ ଅଧ୍ୟାୟ ଶେଷରେ ଭଗବାନ କହିଛନ୍ତି । "ସନ୍ଥମାନଙ୍କ ପାଖରେ ଯାଇ ବସ ଓ ସେମାନଙ୍କଠାରୁ ଶିଖ ।" ଏପରି କଥା ଦଶମ ଅଧ୍ୟାୟ ଶେଷରେ ନାହିଁ କି ମୂଳରେ ନାହିଁ କିମ୍ବା ଗୀତାରେ କୌଣସିଠାରେ ନାହିଁ । ଗୀତାର ଶିକ୍ଷା ନିକଟରେ ସନ୍ଥମାନଙ୍କର ସ୍ଥାନ ନାହିଁ, କିମ୍ବା ଅନ୍ୟ କାହାରି ସ୍ଥାନ ନାହିଁ । ଗୀତା କହୁଛି :—

ଆତ୍ମୈବ ଆତ୍ମନୋବନ୍ଧୁଃ ଆତ୍ମୈବ ରିପୁରାତ୍ମନଃ—୬ଷ୍ଠ—୫ମ

ଅର୍ଥ—ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ବନ୍ଧୁ ଓ ନିଜେ ନିଜର ଶତ୍ରୁ ।

ବିଶ୍ୱକଲ୍ୟାଣ-୩ୟ ବର୍ଷ-୩ୟ ସଂଖ୍ୟା-୧୯୫୭

# ଆଉ ଗୋଟିଏ ପ୍ରଶ୍ନ

## ( ସତ୍ୟବ୍ରତଙ୍କୁ ଶ୍ରୀବଳଭଦ୍ର ବନ୍ଧୁଦାର )

ସତ୍ୟବ୍ରତ ମହାଶୟ ଦୁଇଟି ପ୍ରଶ୍ନ ପଚାରିଥିଲେ । ଗୋଟିଏ ପ୍ରଶ୍ନର ଉତ୍ତର ଗତ ସଂଖ୍ୟା ପତ୍ରିକାରେ ଦିଆଯାଇଅଛି । ଅନ୍ୟ ପ୍ରଶ୍ନଟି ଓ ତାର ଉତ୍ତର ତଳେ ଦିଆଗଲା ।

ପ୍ରଶ୍ନ—ପ୍ରଥମ ସଂଖ୍ୟା ପତ୍ରିକାର ୧୬ ପୃଷ୍ଠାରେ ଆପଣ ଲେଖିଅଛନ୍ତି "ନିଜର ଜ୍ଞାନ ଯେତେ ସାମାନ୍ୟ ହୋଇଥିଲେ ମଧ୍ୟ ସେହି ସର୍ବସାମାନ୍ୟ ଜ୍ଞାନଦ୍ୱାରା ନିଜର ଅଜ୍ଞାନତା ଓ ଅଜ୍ଞାନତାରୁ ଜାତ ସଂଶୟକୁ ଦୂର କରିବା ଆବଶ୍ୟକ" । ମୋର ମତରେ ଏହା ସମ୍ଭବପର ନୁହେଁ । ଯଦି ଏହା ସମ୍ଭବ ହୋଇଥାନ୍ତା, ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କର ବୁଝାଇବା କି ଦରକାର ଥିଲା ?

### ଉତ୍ତର

ମହାଶୟ,

ଗୀତାରେ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବୁଝାଇ ଅଛନ୍ତି, କେବଳ ଏତିକି କଥା ଆପଣ ଜାଣନ୍ତି; ମାତ୍ର ଶ୍ରୀକୃଷ୍ଣ କଅଣ ବୁଝାଇ ଅଛନ୍ତି ତାହା ଜାଣି ନାହାନ୍ତି କିମ୍ବା ଯାହା ଜାଣିଅଛନ୍ତି ତାହା ସମ୍ପୂର୍ଣ୍ଣ ଭ୍ରାନ୍ତ ଅଟେ । ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ଯାହା ବୁଝାଇଅଛନ୍ତି ତାହା ଜାଣିଥିଲେ ଆପଣଙ୍କ ମନକୁ ଏପରି ସଂଶୟ ଆସି ନ ଥାନ୍ତା ଏବଂ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କର ବୁଝାଇବା ଉଦାହରଣଟି ଆପଣ ଦେଇ ନ ଥାନ୍ତେ । ସେ ଯାହାହେଉ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ କଅଣ ବୁଝାଇଅଛନ୍ତି ତାହା ବର୍ତ୍ତମାନ ବୁଝନ୍ତୁ । "ବୁଝାଇବା" କହିଲେ ଆମ୍ଭେମାନେ ଯାହା ବୁଝୁଁ, ବିଶେଷତଃ କୌଣସି ଗୁରୁ ତାଙ୍କର ଶିଷ୍ୟକୁ ବୁଝାଇବା କହିଲେ ଆମ୍ଭେମାନେ ଯାହା ବୁଝୁଁ

ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କୁ ବୁଝାଇବା ସେପରି ନୁହେଁ । କେବଳ ବୁଝାଇବା [illegible] ଭାରତ, ଗୀତା ସମ୍ବନ୍ଧୀୟ ପ୍ରତ୍ୟେକ ବିଷୟ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାର ସମ୍ପୂର୍ଣ୍ଣ ବିପରୀତ ଅଟେ । ଏହି କଥା ମୋର ଗୀତା ସମ୍ବନ୍ଧ ପ୍ରବନ୍ଧମାନଙ୍କରେ ବୁଝାଇ ଦିଆଯାଇଅଛି । ପ୍ରଥମ ସଂଖ୍ୟା ପତ୍ରିକାରେ "ଗୀତାର ଭକ୍ତିଯୋଗ" ନାମକ ପ୍ରବନ୍ଧରେ ପ୍ରାଞ୍ଜଳଭାବରେ ବୁଝାଇ ଦିଆଯାଇଅଛି ଯେ ଭକ୍ତି କହିଲେ ଆମ୍ଭେମାନେ ଯାହା ବୁଝୁଁ ଗୀତା-ପ୍ରସ୍ତାବିତ ଭକ୍ତି ତାହା ନୁହେଁ; ଜ୍ଞାନ କହିଲେ ଅମ୍ଭେମାନେ ଯାହା ବୁଝୁଁ, ଗୀତା-ପ୍ରସ୍ତାବିତ ଜ୍ଞାନ ତାହା ନୁହେଁ, କର୍ମ କହିଲେ ଆମ୍ଭେମାନେ ଯାହା ବୁଝୁଁ ଗୀତା-ପ୍ରସ୍ତାବିତ କର୍ମ ତାହା ନୁହେଁ ; ଶ୍ରଦ୍ଧା କହିଲେ ଆମ୍ଭେମାନେ ଯାହା ବୁଝୁଁ ଗୀତା-ପ୍ରସ୍ତାବିତ ଶ୍ରଦ୍ଧା ତାହା ନୁହେଁ ; ବୁଦ୍ଧି କହିଲେ ଆମ୍ଭେମାନେ ଯାହା ବୁଝୁଁ ଗୀତା-ପ୍ରସ୍ତାବିତ ବୁଦ୍ଧି ତାହା ନୁହେଁ ; ଯୋଗ କହିଲେ ଆମ୍ଭେମାନେ ଯାହା ବୁଝୁଁ ଗୀତା-ପ୍ରସ୍ତାବିତ ଯୋଗ ତାହା ନୁହେଁ ; ସ୍ୱଧର୍ମ ଓ ସ୍ୱକର୍ମ କହିଲେ ଆମ୍ଭେମାନେ ଯାହା ବୁଝୁଁ ଗୀତା-ପ୍ରସ୍ତାବିତ ସ୍ୱଧର୍ମ ଓ ସ୍ୱକର୍ମ ତାହା ନୁହେଁ ।

ଆପଣ ଲେଖିଅଛନ୍ତି, "ମୋର ମତରେ ଏହା ସମ୍ଭବପର ନୁହେଁ" ଏବଂ ଆପଣଙ୍କର ଏହି ମତକୁ ସମର୍ଥନ କରିବା ପାଇଁ ଆପଣ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କ ଉଦାହରଣ ଦେଇଅଛନ୍ତି । ଅତଏବ ଆପଣ ଯାହାକୁ ନିଜର ମତ ମନେ କରିଅଛନ୍ତି, ତାହା ପ୍ରକୃତରେ ଆପଣଙ୍କର ନିଜର ମତ ନୁହେଁ । ଗୀତାରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ବୁଝାଇବା ସମ୍ପର୍କରେ ଆପଣ ଯେଉଁ ଭ୍ରମ ଧାରଣା ପୋଷଣ କରିଅଛନ୍ତି ସେହି ଭ୍ରାନ୍ତ ଧାରଣା ଉପରେ ଆପଣଙ୍କର ତଥାକଥିତ ମତ ପ୍ରତିଷ୍ଠିତ ଅଟେ । ଅତଏବ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କ'ଣ ବୁଝାଇ ଅଛନ୍ତି ତାହା ଆଜି ଉତ୍ତମରୂପେ ବୁଝନ୍ତୁ । ଏତିକି ବୁଝିଲେ ଆପଣଙ୍କ ମନରୁ କେବଳ ଯେ ଏହି ସଂଶୟଟି ଦୂର ହେବ ତାହା ନୁହେଁ, ଗୀତାର ନୂତନ ସତ୍ୟ ମଧ୍ୟ ଆପଣ ଅନାୟାସରେ ଗ୍ରହଣ କରି ପାରିବେ ।

ସର୍ବପ୍ରଥମେ ବୁଝନ୍ତୁ ଯେ ଦେବକୀ ଓ ବସୁଦେବଙ୍କର ସନ୍ତାନ, ମହାଭାରତର ଐତିହାସିକ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଅର୍ଜୁନ ନାମକ ଜଣେ [illegible] ବ୍ୟକ୍ତିଙ୍କୁ ସ୍ୱର୍ଗ ସୁଖ ଲୋଭରେ ନରହତ୍ୟା କର୍ମରେ ଲିପ୍ତ

*

ରହିବାକୁ ବୁଝାଇ ନାହାନ୍ତି । ଗୀତାକାରଙ୍କର ଜଗତ ସ୍ରଷ୍ଟାଙ୍କ ଓ ତାଙ୍କ ଶକ୍ତିରୁ ଉତ୍ପନ୍ନ ସମସ୍ତ ମାନବଜାତିର ତଥା ପ୍ରତ୍ୟେକ ବ୍ୟକ୍ତିଙ୍କର ଏକମାତ୍ର ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ ଶ୍ରୀକୃଷ୍ଣ ଜାତି ଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ମାନବ ଜାତିର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ସମ୍ପୂର୍ଣ୍ଣ ନୂଆ କଥା ବୁଝାଇ ଅଛନ୍ତି । ସେହି ନୂଆ କଥା ବୁଝିବାକୁ ହେଲେ ମନରୁ ସବୁ ପ୍ରକାର ପାଣ୍ଡିତ୍ୟ ଓ ସମସ୍ତ ବଦ୍ଧମୂଳ ଧାରଣା ସମ୍ପୂର୍ଣ୍ଣରୂପେ ଦୂର କରିଦେବା ଏକାନ୍ତ ଆବଶ୍ୟକ । ସେଥିପାଇଁ ଗୀତା କହନ୍ତି, "ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ" ଅର୍ଥାତ୍ ଶ୍ରୁତି ଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା ଅର୍ଥାତ୍ ବେଦଦ୍ୱାରା ଅର୍ଥାତ୍ ପୁସ୍ତକଗତ ଜ୍ଞାନ ଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ସ୍ଥିର ନ ହେଲେ ତୁମ୍ଭେ ଗୀତାର ନୂତନ ସତ୍ୟ ଗ୍ରହଣ କରି-ପାରିବ ନାହିଁ । ଅତଏବ ପାଠକମାନଙ୍କୁ ଅନୁରୋଧ ଏହିକି ଅତୀତର ଯାବତୀୟ ଧାରଣା ମନରୁ ସମ୍ପୂର୍ଣ୍ଣରୂପେ ଦୂର କରିଦେଇ ଉପସ୍ଥିତ ଆଲୋଚନାରେ ଯୋଗ ଦିଅନ୍ତୁ । ଯଶ ଲାଭପାଇଁ ଓ ରାଜ୍ୟ ଲାଭପାଇଁ ନରହତ୍ୟା ହେଉଛି ଅର୍ଜୁନଙ୍କର ସ୍ୱଭାବ ନିୟତ କର୍ମ । ଏହି କର୍ମ ହିଂସାତ୍ମକ ଥିବାରୁ ତାହା ଦୋଷଯୁକ୍ତ ଅଟେ ଏଥିରେ ସନ୍ଦେହ ନାହିଁ । ଏହି ଦୋଷଯୁକ୍ତ କର୍ମରୁ ନିବୃତ୍ତ ହେବାକୁ ଇଚ୍ଛା କରି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ "କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ" ଇତ୍ୟାଦି ଅନେକ ପାଣ୍ଡିତ୍ୟପୂର୍ଣ୍ଣ କାରଣ ପ୍ରଦର୍ଶାଇଲେ (୧ମ-୪୦ରୁ୪୩) ଏବଂ ପରିଶେଷରେ କହିଲେ—ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।

ନରକେ ନିୟତଂ ବାସୋ ଭବତି-ଇତି ଅନୁଶୁଶ୍ରୁମ ।୧ମ-୪୪ ॥

ଅର୍ଥ – ହେ ଜନାର୍ଦ୍ଦନ ! କୁଳଧର୍ମ ଉତ୍ସନ୍ନ ହୋଇଥିବା ମନୁଷ୍ୟ-ମାନଙ୍କର ଚିରକାଳପାଇଁ ନରକ ବାସ ହୁଏ । ଏହି ସବୁ କଥା ଆମ୍ଭେ-ମାନେ ପରଂପରାକ୍ରମେ ଶୁଣି ଆସୁଅଛୁଁ ।

ବର୍ତ୍ତମାନ ବୁଝନ୍ତୁ, ଅର୍ଜୁନଙ୍କର କର୍ମ ଯେ ଦୋଷଯୁକ୍ତ ଅଟେ ବୋଲି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହୁଅଛନ୍ତି, ତାହା ଅର୍ଜୁନଙ୍କର ନିଜର ବୁଝିବା ଉପରେ ଅର୍ଥାତ୍ ନିଜର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ । ଧର୍ମଶାସ୍ତ୍ରମାନଙ୍କରୁ ତଥା ଲୋକ ମୁଖରୁ ଶୁଣି ଆସୁଥିବା କଥା ଉପରେ

ତାହା ପ୍ରତିଷ୍ଠିତ ଅଟେ, ଯାହା ଉପରଲିଖିତ ଶ୍ଳୋକର ଶେଷରେ ଥିବା "ଅନୁଶୁଶ୍ରୁମ" କଥାଟିରୁ ଜାଣିପାରିବେ । ଅର୍ଜୁନଙ୍କଠାରୁ "ଅନୁଶୁଶ୍ରୁମ" ଅର୍ଥାତ୍ "ଆମ୍ଭେମାନେ ଶୁଣି ଆସୁଅଛୁ" ଏପରି କାରଣ ଶୁଣି ଶ୍ରୀକୃଷ୍ଣ ତାଙ୍କୁ ଅନାର୍ଯ୍ୟ, କ୍ଳୀବ ଓ କ୍ଷୁଦ୍ର ବୋଲି ତିରସ୍କାର କଲେ (୨ୟ-୨।୩) ଏବଂ ବୁଝାଇଦେଲେ ଯେ, ଧର୍ମଶାସ୍ତ୍ରମାନଙ୍କରୁ ଓ ଲୋକମୁଖରୁ ଶୁଣିବା କଥାକୁ ସତ୍ୟ ବୋଲି ଗ୍ରହଣ କରି ସେହି ଶୁଣିବା କଥା ଉପରେ ନିର୍ଭର କରି ନିଜର ସ୍ୱଭାବ-ନିୟତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ । ଅର୍ଜୁନଙ୍କର କର୍ମ ଯେ ଦୋଷଯୁକ୍ତ ଅଟେ ତାହା ଶ୍ରୀକୃଷ୍ଣ ମଧ୍ୟ ନିଜେ ସ୍ୱୀକାର କରିଅଛନ୍ତି ଯାହା ପରବର୍ତ୍ତୀ ଆଲୋଚନାରୁ ଜାଣି ପାରିବେ । ଅର୍ଜୁନଙ୍କର କର୍ମ ଯେ ଦୋଷଯୁକ୍ତ ଅଟେ ଏ କଥା ଯଦି ଅର୍ଜୁନଙ୍କର ନିଜର ବୁଝିବା ଉପରେ ଅର୍ଥାତ୍ ନିଜର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇଥାନ୍ତା ତେବେ ଶ୍ରୀକୃଷ୍ଣ ତାଙ୍କୁ ଏପରି ଦୋଷଯୁକ୍ତ କର୍ମରେ ନିଯୁକ୍ତ ହେବାକୁ କଦାଚ ବୁଝାଇ ନ ଥାନ୍ତେ । ବୁଝାଇ ଥିଲେ ମଧ୍ୟ ଅର୍ଜୁନ ତାହା କଦାଚ ଗ୍ରହଣକରି ନଥାନ୍ତେ । ବର୍ତ୍ତମାନ ବୁଝନ୍ତୁ "ଅନୁଶୁଶ୍ରୁମ" ଏହି କଥାଟି ଗୀତାର ମୂଳଭିତ୍ତି । ଅର୍ଜୁନଙ୍କ ମୁହଁରେ ଏହି ସରଳ କଥାଟି କୁହାଇବା ଦ୍ୱାରା ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ମୂଳରେ ଗୀତାକାର କୁଠାରାଘାତ କରି ଜନସାଧାରଣଙ୍କୁ ସତ୍ୟର ପରିଚୟ ଦେଇଅଛନ୍ତି ଏବଂ ନିଜର ବୁଝିବା ଉପରେ ଅର୍ଥାତ୍ ନିଜର ବ୍ୟକ୍ତିଗତ ସତ୍ୟ ଉପରେ ଅର୍ଥାତ୍ ନିଜର ଯତ୍‌ସାମାନ୍ୟ ଆତ୍ମଜ୍ଞାନ ଉପରେ ନିର୍ଭର କରିବାକୁ ଉପଦେଶ ଦେଇଅଛନ୍ତି । ଏହି ମୂଳ କଥାଟିକୁ ସଂଶୟଶୂନ୍ୟ ହୋଇ ନ ବୁଝିଲେ ଗୀତାର ନୂତନ ଶିକ୍ଷା ଗ୍ରହଣ କରିହେବ ନାହିଁ । ଅର୍ଜୁନଙ୍କୁ ସମସ୍ତ ଗୀତା ବୁଝାଇ ସାରି ପରିଶେଷରେ ଶ୍ରୀକୃଷ୍ଣ କହିଲେ—

ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ॥ ୧୮ଶ-୪୭

ଅର୍ଥ—ନିଜର ସହଜାତ କର୍ମ ବା ସ୍ୱଭାବନିୟତ କର୍ମ କରିବା-ଦ୍ୱାରା ମନୁଷ୍ୟ ପାପ କରେନାହିଁ ।

ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ । ୧୮ଶ—୪୮

ଅର୍ଥ—ନିଜର ସହଜାତ କର୍ମ ବା ସ୍ୱଭାବନିୟତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

ସ୍ୱଭାବନିୟତ କର୍ମ ଏହି କଥାଟିକୁ ବୁଝାଇବା ଅଭିପ୍ରାୟରେ ଶ୍ରୀକୃଷ୍ଣ "ସହଜ କର୍ମ" ଅର୍ଥାତ୍ "ସହଜାତ କର୍ମ" କଥାଟି କହିଅଛନ୍ତି । ଏହି ସହଜାତ କର୍ମ କଅଣ ତାହାର ବିଶେଷ ଆଲୋଚନା ମୋର ଗୀତା ବହିରୁ କମ୍ବା ଗୀତାର ସାରକଥା ନାମକ ବହିରୁ ଦେଖି ପାରିବେ । ଏଠାରେ ଏତିକି ମନେ ରଖିବା ଆବଶ୍ୟକ ଯେ, କେବଳ "ଅନୁଶ୍ରୁତ୍ମ" ଉପରେ ନିର୍ଭର କରି ଅର୍ଜୁନ ନିଜର ସ୍ୱଭାବନିୟତ କର୍ମକୁ ଦୋଷଯୁକ୍ତ ମନେ କରିଥିଲେ ଏବଂ ସେହି ଦୋଷଯୁକ୍ତ କର୍ମରୁ ନିବୃତ୍ତ ହେବାକୁ ଇଚ୍ଛା କରିଥିଲେ । ସେଥିପାଇଁ ଶ୍ରୀକୃଷ୍ଣ ତାଙ୍କୁ ପୁଣି କହିଲେ—

ଯଦହଂକାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ,
ମିଥ୍ୟୈବ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି ॥ ୧୮ଶ-୫୯

ଅର୍ଥ—ଯେଉଁ ଅହଂକାରକୁ ଆଶ୍ରୟ କରି "ମୁଁ ଯୁଦ୍ଧ କରିବି ନାହିଁ" ବୋଲି ତୁମ୍ଭେ ମନେକରିଅଛ, ତୁମ୍ଭର ଏହି ବ୍ୟବସାୟ ବା କର୍ମ ମିଥ୍ୟା ଅଟେ ।

ଧର୍ମଶାସ୍ତ୍ରମାନଙ୍କରୁ ତଥା ଲୋକମୁଖରୁ ଶୁଣିବା କଥା ଉପରେ ନିର୍ଭର କରି, ନିଜକୁ ପଣ୍ଡିତ ମନେକରି, ସେହି ତଥାକଥିତ ପାଣ୍ଡିତ୍ୟରୂପ ଅହଂକାରକୁ ଆଶ୍ରୟ କରି ଅର୍ଜୁନ କହିଥିଲେ, "ମୁଁ ଯୁଦ୍ଧ କରିବି ନାହିଁ" । ଶ୍ରୀକୃଷ୍ଣ ବୁଝାଇ ଦେଲେ ଯେ କର୍ମ ପରିତ୍ୟାଗ ରୂପ ତୁମ୍ଭର ଏହି କର୍ମ ମିଥ୍ୟା ଅଟେ । ତା ପରେ ଶ୍ରୀକୃଷ୍ଣ ପୁଣି କହିଲେ—

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାତ୍ ଗୁହ୍ୟତରଂ ମୟା
ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ । ୧୮ଶ-୬୩

ଅର୍ଥ—ମୁଁ ତୁମ୍ଭକୁ ଗୁହ୍ୟରୁ ଗୁହ୍ୟତର ଜ୍ଞାନର କଥା କହିଲି । ମାତ୍ର ମୁଁ ଯାହା କହିଲି ତାକୁ ନିଜେ ସମ୍ପୂର୍ଣ୍ଣରୂପେ ବିଚାର କରିସାରି ତୁମ୍ଭର ଯାହା ଇଚ୍ଛା ତାହା କର ।

ଏହିପରି କହିବାର ଅଭିପ୍ରାୟ ଏହିକି ମୁଁ ତୁମ୍ଭର ଗୁରୁ କିମ୍ବା ମୁଁ ହେଉଛି ସୃଷ୍ଟିର କର୍ତ୍ତା ଏହି ଧାରଣାର ବଶବର୍ତ୍ତୀ ହୋଇ ମୋ ଉପଦେଶର ଅନ୍ଧାନୁସରଣ କରନାହିଁ । ନିଜେ ସମ୍ପୂର୍ଣ୍ଣରୂପେ ପ୍ରତ୍ୟେକ ବିଷୟ ବୁଝ ଏବଂ ତା ପରେ ନିଜର ବୁଝିବା ଅନୁସାରେ କର୍ମ କର । ନିଜର କର୍ମ ଦୋଷଯୁକ୍ତ କି ଦୋଷଯୁକ୍ତ ନୁହେଁ ତାହା ନିଜର ଆତ୍ମଜ୍ଞାନ ଦ୍ୱାରା ସ୍ଥିର କରିବା ଏକାନ୍ତ ଆବଶ୍ୟକ । ନିଜର ସେହି ଜ୍ଞାନ ଯେତେ ସାମାନ୍ୟ ହୋଇଥିଲେ ମଧ୍ୟ ସେହି ଯତ୍‌ସାମାନ୍ୟ ଜ୍ଞାନ ଉପରେ ନିର୍ଭର କରିବା ବ୍ୟତୀତ ମନୁଷ୍ୟର ଅନ୍ୟ ଉପାୟ ନାହିଁ । ନିଜର ପ୍ରକୃତ କର୍ତ୍ତବ୍ୟ ନିଜର ଜ୍ଞାନଦ୍ୱାରା ନିଜେ ସ୍ଥିର ନ କରିବା ପର୍ଯ୍ୟନ୍ତ ନିଜର ସ୍ୱଭାବନିୟତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ ନକରି ସେହି ଦୋଷଯୁକ୍ତ କର୍ମରେ ନିଯୁକ୍ତ ରହିବା ଆବଶ୍ୟକ । ଶୁଣିବା କଥା ଉପରେ କିମ୍ବା ଶାସ୍ତ୍ରଗତ ଜ୍ଞାନ ଉପରେ ନିର୍ଭରକରି ପରଧର୍ମର ଅନ୍ଧାନୁସରଣ କରିବା ଭୟାବହ ଅଟେ । ଏହି କଥା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ମଧ୍ୟ ଜାଣିପାରିବେ—

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ୩।୩—୩୫

ଆମ୍ଭମାନଙ୍କର ଧାରଣା ଏହିକି ନିଜର ଦୋଷଯୁକ୍ତ କର୍ମରୁ ନିବୃତ୍ତି ହେବାକୁ ଉପଦେଶଦେବା ପ୍ରତ୍ୟେକ ଗୁରୁଙ୍କର କାର୍ଯ୍ୟ ଅଟେ । ମାତ୍ର ଅର୍ଜୁନ ନିଜର ଦୋଷଯୁକ୍ତ କର୍ମ ପରିତ୍ୟାଗ କରିବାକୁ କହୁଥିଲେ ମଧ୍ୟ ଶ୍ରୀକୃଷ୍ଣ ତାଙ୍କୁ ନାନାପ୍ରକାର ତିରସ୍କାର କରି ନିଜର ଦୋଷଯୁକ୍ତ କର୍ମରେ ନିଯୁକ୍ତ ରହିବାକୁ ବୁଝାଇଅଛନ୍ତି । ଏହାହିଁ ଗୀତାଧର୍ମର ବିଶେଷତ୍ୱ ଓ ନୂତନତ୍ୱ । ଶ୍ରୀକୃଷ୍ଣଙ୍କର ଏପରି ବୁଝାଇବା ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାର ସମ୍ପୂର୍ଣ୍ଣ ବିପରୀତ ହେଲେ ମଧ୍ୟ ଗୀତା ପରି ଧର୍ମଗ୍ରନ୍ଥ କହୁଛି ଓ ଭଗବାନ କହିଅଛନ୍ତି ବୋଲି ଆମ୍ଭେମାନେ ଏପରି ବୁଝାଇବାକୁ ଅଭ୍ରାନ୍ତ-ବୋଲି ଗ୍ରହଣକରି ସନ୍ତୁଷ୍ଟ ରହିଅଛୁଁ । ମାତ୍ର ଏପରି ସନ୍ତୁଷ୍ଟ ରହିବାଦ୍ୱାରା ଆମ୍ଭମାନଙ୍କର କୌଣସି ଉପକାର ହୋଇନାହିଁ କିମ୍ବା ହେବନାହିଁ । ଗୀତାର ପ୍ରକୃତ ସତ୍ୟ ଗ୍ରହଣକରି ତଦନୁସାରେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବା ଆବଶ୍ୟକ । ପ୍ରତ୍ୟହ ଗୀତାପାରାୟଣ କଲେ

ପାପମୁକ୍ତ ହେବା କିମ୍ବା ଲୋକଚକ୍ଷୁରେ ଧାର୍ମିକ ବୋଲାଇବା କିମ୍ବା ଗୀତାର ପାଣ୍ଡିତ୍ୟପୂର୍ଣ୍ଣ ଟୀକାସବୁ ମୁଖସ୍ଥ କରି ପଣ୍ଡିତ ବୋଲାଇଲେ ଅର୍ଥ ଉପାର୍ଜନ କରନ୍ତୁ ଏହିସବୁ ଧାରଣା ପରିତ୍ୟାଗ ନକଲେ ଗୀତାର ନୂତନ ଶିକ୍ଷା ଗ୍ରହଣକରି ହେବନାହିଁ । କେବଳ ସେ ସାହିତ୍ୟରତ୍ନ ମହାଶୟଙ୍କ ମନକୁ ଏପରି ସଂଶୟ ଆସୁଛି ତାହା ନୁହେଁ । ଅଧିକାଂଶଙ୍କ ମନକୁ ଏପରି ସଂଶୟ ଆସିବା ସ୍ୱାଭାବିକ । ଏପରି ସଂଶୟ ଆସିବାର ଅନ୍ୟଗୋଟିଏ ମୂଳକାରଣ ଏହିକି ମନୁଷ୍ୟର ପ୍ରକୃତ ଅଜ୍ଞାନତା କଅଣ ଓ ପ୍ରକୃତ ଜ୍ଞାନ କଅଣ ତାହା ଆମ୍ଭେମାନେ ବୁଝି ନାହୁଁ । ଅପ୍ରକୃତ ଅଜ୍ଞାନତା ଓ ଅପ୍ରକୃତ ଜ୍ଞାନ ସହିତ ବହୁକାଳ ହେଲା ଆମ୍ଭମାନଙ୍କର ଘନିଷ୍ଠ ସମ୍ବନ୍ଧ ଥିବାରୁ ପ୍ରକୃତ ଅଜ୍ଞାନତା ଓ ପ୍ରକୃତ ଜ୍ଞାନ ବିଷୟରେ ଆମ୍ଭେମାନେ କେବେହେଲେ ଚିନ୍ତା ପର୍ଯ୍ୟନ୍ତ କରିନାହୁଁ । ନିଜର ପ୍ରକୃତ ଅଜ୍ଞାନତା କଅଣ ଓ ପ୍ରକୃତ ଜ୍ଞାନ କଅଣ ଏବଂ ଏହି ଦୁଇଟି କଥାରେ ଥିବା "ପ୍ରକୃତ" କଥାଟିର ବିଶେଷତ୍ୱ କଅଣ ସେ ବିଷୟ ପରବର୍ତ୍ତୀ ସଂଖ୍ୟାରେ ଆଲୋଚନା କରିବାର ବାସନା ରହିଲା ।

---

# ଅବିପଶ୍ଚିତଃ

'ଅବିପଶ୍ଚିତଃ' ଗୀତାରୁ ଏହି ଶବ୍ଦଟିର ଅର୍ଥ ଅବିବେକୀମାନେ ବା ମୂଢ଼ମାନେ । ଗୀତାକାର କେଉଁମାନଙ୍କୁ ଅବିପଶ୍ଚିତ ଅର୍ଥାତ୍ ଅବିବେକୀ ବା ମୂଢ଼ ବୋଲି କହିଅଛନ୍ତି ତାହା ସ୍ଥିର କରିବା ଏହି ପ୍ରବନ୍ଧଟିର ପ୍ରତିପାଦ୍ୟ ବିଷୟ । ଏହି ଶବ୍ଦଟି ଗୀତାର ନିମ୍ନଲିଖିତ ଉକ୍ତିରେ ଅଛି ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତି ଅବିପଶ୍ଚିତଃ,
ବେଦବାଦରତାଃ ପାର୍ଥ ! ନାନ୍ୟଦସ୍ତୀତିବାଦିନଃ । ୨ୟ—୪୨
କାମାତ୍ମାନଃ ସ୍ୱର୍ଗପରାଃ ଜନ୍ମକର୍ମଫଳପ୍ରଦାଂ
କ୍ରିୟାବିଶେଷ ବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି । ୨ୟ—୪୩
ଭୋଗୈଶ୍ୱର୍ଯ୍ୟ ପ୍ରସକ୍ତାନାଂ ତୟାପହୃତ ଚେତସାଂ
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ । ୨ୟ—୪୪

ଅନ୍ୱୟ—ହେ ପାର୍ଥ ! ବେଦବାଦରତାଃ, ଅନ୍ୟତ୍ ନ ଅସ୍ତି ଇତି ବାଦିନଃ, କାମାତ୍ମାନଃ, ସ୍ୱର୍ଗପରାଃ, ଅବିପଶ୍ଚିତଃ, ଜନ୍ମକର୍ମଫଳପ୍ରଦାଂ କ୍ରିୟାବିଶେଷ ବହୁଳାଂ, ଭୋଗୈଶ୍ୱର୍ଯ୍ୟ ଗତିଂ ପ୍ରତି ଯାଂ ଇମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତି ତୟା ଅପହୃତଚେତସାଂ ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।

ଅର୍ଥ—ହେ ପାର୍ଥ ! ଯେଉଁମାନେ ବେଦବାଦରେ ରତ ଥାଆନ୍ତି, ବେଦ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି କହନ୍ତି, କାମ ଯେଉଁମାନଙ୍କର ଆତ୍ମା, ସ୍ୱର୍ଗ ଯେଉଁମାନଙ୍କର ଲକ୍ଷ୍ୟ ସେହି ଅବିବେକୀମାନେ ବା ମୂଢ଼ମାନେ ଜନ୍ମ, କର୍ମ ଓ କର୍ମଫଳ ପ୍ରଦାନ କରୁଥିବା, ଯଜ୍ଞାଦି କ୍ରିୟା ବିଶେଷରେ ପୂର୍ଣ୍ଣଥିବା, ଭୋଗ ଓ ଐଶ୍ୱର୍ଯ୍ୟ ପାଇବାର ପଥ ସ୍ୱରୂପ ହୋଇଥିବା ଯେଉଁ

ଶ୍ରୁତିମଧୁର କଥାଗୁଡ଼ିକ କହନ୍ତି ତଦ୍ଦ୍ୱାରା ଅପହୃତ-ଚିତ୍ତ ଭୋଗୈଶ୍ୱର୍ଯ୍ୟପ୍ରସକ୍ତ ବ୍ୟକ୍ତିମାନଙ୍କର ବ୍ୟବସାୟାତ୍ମିକା ବୁଦ୍ଧି ସମାଧିରେ ରହିପାରେନାହିଁ ଅର୍ଥାତ୍ ଦୃଢ଼ଭାବରେ ରହି କାର୍ଯ୍ୟକାରୀ ହୋଇପାରେ ନାହିଁ ।

ବିଶଦ ବ୍ୟାଖ୍ୟା—ଯେଉଁମାନେ ବେଦ ବିଷୟରେ ସୂକ୍ଷ୍ମତର୍କ କରି ସମସ୍ତ ନଷ୍ଟ କରନ୍ତି, ବେଦ ବ୍ୟତୀତ ଅନ୍ୟ କିଛିନାହିଁ ବୋଲି ଯେଉଁମାନେ କହନ୍ତି, (ପୁତ୍ରଂ ଦେହି, ଧନଂ ଦେହି, ଆୟୁର୍ଦେହି ଇତ୍ୟାଦି) କାମନା ଯେଉଁମାନଙ୍କର ଆତ୍ମାସ୍ୱରୂପ, ସ୍ୱର୍ଗଲାଭ ଯେଉଁମାନଙ୍କର ଏକମାତ୍ର ଲକ୍ଷ୍ୟ ସେହିମାନେ ଗୀତାକାରଙ୍କ ମତରେ ଅବିବେକୀ ବା ମୂଢ଼ ଅଟନ୍ତି । ଏହି ଅବିବେକୀମାନେ ବା ମୂଢ଼ମାନେ ଶ୍ରୁତିମଧୁର କଥା କହନ୍ତି ଅର୍ଥାତ୍ ଏମାନେ ଯେଉଁ ମନ୍ତ୍ରସବୁ ପାଠକରନ୍ତି ତାହା ଶୁଣିବାକୁ ଭଲଲାଗେ । ଶୁଣିବାକୁ ଭଲ ଲାଗିବାର କାରଣ ଏହିକି ବେଦୋକ୍ତ ବିଧିସବୁର ଅନ୍ଧାନୁସରଣ କରିବା ଖୁବ୍ ସହଜସାଧ୍ୟ ଏବଂ ଏହି ବିଧି ସବୁର ଅନ୍ଧାନୁସରଣ କଲେ ଭଲଘରେ ଜନ୍ମ ମିଳେ, କର୍ମ ଓ କର୍ମଫଳ ମିଳେ, ଭୋଗ ଓ ଐଶ୍ୱର୍ଯ୍ୟ ମଧ୍ୟ ମିଳେ । ଏହି ବିଧିସବୁ ପୂଜା, ହୋମ ଇତ୍ୟାଦି ଆଡ଼ମ୍ବରପୂର୍ଣ୍ଣ ଅନୁଷ୍ଠାନ ସବୁର ଅନ୍ଧାନୁସରଣରେ ପୂର୍ଣ୍ଣ ଥାଏ । ଭୋଗ ବିଳାସ ପାଇଁ ଏବଂ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବାପାଇଁ ଯେଉଁ ଜନସାଧାରଣ ସର୍ବଦା ଲାଳାୟିତ ସେମାନଙ୍କର ଚିତ୍ତ ଏହିସବୁ ଶ୍ରୁତିମଧୁର ମନ୍ତ୍ରଦ୍ୱାରା ଅପହୃତ ହୁଏ ଅର୍ଥାତ୍ ସେମାନେ ନିଜ ନିଜର ସ୍ୱାଭାବିକ ନିୟତ କର୍ମସବୁ ପରିତ୍ୟାଗକରି ବେଦୋକ୍ତ ବିଧିସବୁର ଅନ୍ଧାନୁସରଣ କରିବାକୁ କର୍ତ୍ତବ୍ୟ ବୋଧ କରନ୍ତି । ଏହିସବୁ ଅନ୍ଧବିଶ୍ୱାସୀ ଓ ଅନ୍ଧାନୁସରଣକାରୀମାନେ ମଧ୍ୟ ଗୀତାକାରଙ୍କ ମତରେ ଅବିବେକୀ ବା ମୂଢ଼ ଅଟନ୍ତି । ଗୀତାକାରଙ୍କ ମତକୁ ଅଭ୍ରାନ୍ତବୋଲି ଗ୍ରହଣ କରି ଆମ୍ଭେମାନେ ଯେ ପୂର୍ବୋକ୍ତ ଅନ୍ଧବିଶ୍ୱାସୀ ଓ ଅନ୍ଧାନୁସରଣକାରୀମାନଙ୍କୁ ଅବିବେକୀ ବା ମୂଢ଼ ବୋଲି କହିବା, ଏପରି କଥା ମୁଁ କହୁ ନାହିଁ । ଏମାନେ ପ୍ରକୃତରେ ମୂଢ଼ କି ମୂଢ଼ ନୁହଁନ୍ତି ତାହା ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତାକରି ପ୍ରକୃତ କଥା ସ୍ଥିର କରନ୍ତୁ ।

ଉପରୋକ୍ତ ୪୨ ଶ୍ଳୋକରେ ଥିବା "ବେଦବାଦରତାଃ" ଓ "ନ ଅନ୍ୟତ୍ ଅସ୍ତି ଇତି ବାଦିନଃ" ଏହି ଦୁଇଟି କଥାରୁ ପ୍ରକାଶ ଯେ

ବେଦବାଦରେ ଯେଉଁମାନେ ରତ ଥାନ୍ତି ଏବଂ ବେଦବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଯେଉଁମାନେ କହନ୍ତି ସେମାନେ ଅବିବେକୀ ବା ମୂଢ଼ ଅଟନ୍ତି । ଶଙ୍କର ସ୍ୱାମୀଙ୍କ ପ୍ରଭୃତି ଗୀତାର ପ୍ରାଚୀନ ଭାଷ୍ୟକାରମାନେ ଏଠାରେ ଥିବା ବେଦ କଥାଟିକୁ ବେଦର କର୍ମକାଣ୍ଡ ବୋଲି ଅର୍ଥ କରିଅଛନ୍ତି । ଆଧୁନିକ ଟୀକାକାରମାନେ ଏହି ଅର୍ଥର ଅନ୍ଧାନୁସରଣ କରୁଅଛନ୍ତି ଏବଂ ଜନସାଧାରଣ ମଧ୍ୟ ଏହି ଅର୍ଥ ଗ୍ରହଣ କରି ସନ୍ତୁଷ୍ଟ ରହିଅଛନ୍ତି । ମାତ୍ର ବେଦ କଥାଟିର ଅର୍ଥ ଯେହି ବେଦ ନରହି ବେଦର କର୍ମକାଣ୍ଡ ହେବ କାହିଁକି ? କର୍ମକାଣ୍ଡ କଥାଟି ଗୀତାରେ କୌଣସିଠାରେ ମଧ୍ୟ ନାହିଁ । ପରବର୍ତ୍ତୀ ୪୬ ଶ୍ଳୋକରେ ଥିବା "ବେଦେଷୁ" କଥାଟିକୁ ମଧ୍ୟ ପ୍ରାଚୀନ ତଥା ଆଧୁନିକ ଭାଷ୍ୟକାରମାନେ "କର୍ମକାଣ୍ଡେଷୁ" ବୋଲି ଅର୍ଥ କରିଅଛନ୍ତି । ଗୀତାକାର ବ୍ୟବହାର କରିଥିବା ବେଦ କଥାଟିକୁ ଯଦି କର୍ମକାଣ୍ଡ ବୋଲି ଅର୍ଥ କଲେ ଏବଂ ଏହି ଅର୍ଥକୁ ପ୍ରକୃତ ଅର୍ଥ ବୋଲି ଯେଉଁମାନେ ଗ୍ରହଣକଲେ ସେମାନେ ଅନ୍ତତଃ କର୍ମକାଣ୍ଡ ସବୁର ଅନ୍ଧାନୁ-ସରଣ ପରିତ୍ୟାଗ କରୁନାହାନ୍ତି କାହିଁକି ? କର୍ମକାଣ୍ଡ ସବୁର ଅନ୍ଧାନୁସରଣ ପରିତ୍ୟାଗ କରିବାକୁ ଯେଉଁମାନେ ନିଜକୁ ଅସମର୍ଥ ମନେକରୁଅଛନ୍ତି ସେମାନେ ସମାଜର ତଥା ନିଜ ନିଜର ଆର୍ଥିକ ଦୁରବସ୍ଥା ଦୃଷ୍ଟିରୁ ସବୁ ପ୍ରକାର ଅର୍ଥସାପେକ୍ଷ ଅନ୍ଧାନୁସରଣ ପରିତ୍ୟାଗ କରିବାକୁ ଆଜି ଏହି ମୁହୂର୍ତ୍ତରୁ ପ୍ରତିଜ୍ଞାବଦ୍ଧ ହୋଇ ନିଜ ନିଜର ଶିକ୍ଷା ଓ ସଭ୍ୟତାର ପରିଚୟ ଦିଅନ୍ତୁ । ସେମାନଙ୍କର ଆଦର୍ଶରେ ସମାଜର ଉପସ୍ଥିତ ଦୁରବସ୍ଥା ଅତିଶୀଘ୍ର ଦୂର ହୋଇଯିବ ।

ଆଉ ଗୋଟିଏ କଥା ଶୁଣନ୍ତୁ । ଗୀତା ହେଉଛି ସାର୍ବଜନୀନ ଓ ସାର୍ବକାଳୀନ ଧର୍ମଗ୍ରନ୍ଥ ଏକଥା ଗୀତାର ଭାଷ୍ୟକାରମାନେ ଓ ବଡ଼ ବଡ଼ ପଣ୍ଡିତମାନେ ମଧ୍ୟ ବହୁକାଳ ହେଲା ଲେଖିଅଛନ୍ତି ଓ କହୁଅଛନ୍ତି । ମାତ୍ର ଗୀତା ଯେ ସାର୍ବଜନୀନ ଓ ସାର୍ବକାଳୀନ ଏକଥା ସେମାନଙ୍କର ଭାଷ୍ୟ-ମାନଙ୍କରୁ ପ୍ରକାଶ ପାଉନାହିଁ । ସେ ଯାହାହେଉ ଗୀତାକାରଙ୍କର ପୂର୍ବୋକ୍ତ ମତ ବର୍ତ୍ତମାନ ମଧ୍ୟ ଜାତିଧର୍ମ ନିର୍ବିଶେଷରେ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ କିପରି ଭାବରେ ପ୍ରଯୁଜ୍ୟ ତାହାର ସାମାନ୍ୟ ଆଲୋଚନା କରିବା ଏକାନ୍ତ ଆବଶ୍ୟକ ।

*

ଦେଶର ତଥାକଥିତ ସଭ୍ୟ ଓ ଶିକ୍ଷିତମାନେ ଏବଂ ନେତା ଓ ଗୁରୁନାମ ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ନିଜର ନାମ ଓ କ୍ଷମତା ସକାଶେ ତଥା ନିଜ ନିଜର ଭୋଗ ବିଳାସ ସକାଶେ ଉପର ସର୍ବଦା ଲାଳାୟିତ ଏ କଥା କାହାରିକୁ ବୁଝାଇବାକୁ ହେବ ନାହିଁ । ଆମ୍ଭମାନଙ୍କର ଉପସ୍ଥିତ ଶିକ୍ଷା ଓ ସଭ୍ୟତା ଯେ କେବଳ ବଡ଼ ବଡ଼ ଉପାଧି ପାଇବା ଉପରେ, ବଡ଼ ବଡ଼ ଚାକିରି ପାଇବା ଉପରେ, ବେଶୀ ଅର୍ଥ ଉପାର୍ଜନ କରି ନିଜର ଭୋଗବିଳାସ କରିବା ଉପରେ, ଅନ୍ୟମାନଙ୍କ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଉପରେ, ପ୍ରତିବେଶୀମାନଙ୍କ ନିକଟରେ ନିଜର ବଡ଼ପଣିଆ (ଫୁଟାଣି) ଦେଖାଇବା ଉପରେ, ପ୍ରତିଷ୍ଠିତ ଏକଥା ମଧ୍ୟ ସମସ୍ତେ ସ୍ୱୀକାର କରିବେ । ନିଜ ନିଜର ସ୍ତ୍ରୀ, ସ୍ୱାମୀ ଓ ପୁତ୍ରକନ୍ୟାମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟୋପଯୋଗୀ ଖାଦ୍ୟ ନଦେଇ ମଧ୍ୟ ଗହଣାରେ ଓ ବିବାହ ବ୍ରତାଦି ନ୍ୟାସ୍ତନିମିତ୍ତରେ ଆମ୍ଭେମାନେ ପ୍ରତିବେଶୀମାନଙ୍କ ନିକଟରେ ଉପର ଭାବରେ ଫୁଟାଣି ଦେଖାଉଦେଉ ତାହା ବର୍ଣ୍ଣନା କରିବା ଅନାବଶ୍ୟକ । ସମସ୍ତେ ଫୁଟାଣି ଦେଖାଇ ହୁଅନ୍ତି ବୋଲି ଫୁଟାଣି ଦେଖାଇବାକୁ କେହି ଲଜ୍ଜାବୋଧ କରନ୍ତି ନାହିଁ । ସଭ୍ୟ ଓ ଶିକ୍ଷିତ ବୋଲି ସମାଜରେ ନିଜକୁ ପରିଚୟ ଦେଉଥିବା ବ୍ୟକ୍ତିମାନେ ପ୍ରତିବେଶୀମାନଙ୍କ ନିକଟରେ ଫୁଟାଣି ଦେଖାଇବାକୁ ଟିକେ ମାତ୍ର ଲଜ୍ଜାବୋଧ କରୁନାହାନ୍ତି, ଏହାହିଁ ବିଶେଷ ଦୁଃଖର କଥା । ଏହି ତଥାକଥିତ ସଭ୍ୟ ଓ ଶିକ୍ଷିତମାନେ ଏବଂ ଗୁରୁ ଓ ନେତା ନାମରେ ନିଜକୁ ପରିଚୟ ଦେଉଥିବା ବ୍ୟକ୍ତିମାନେ ନିଜନିଜର ପାଣ୍ଡିତ୍ୟପୂର୍ଣ୍ଣ ଓ ମନଭୁଲାଣିଆ ଭାଷଣଦ୍ୱାରା ଭୋଗ ଓ ଐଶ୍ୱର୍ଯ୍ୟ ପାଇବାପାଇଁ ଲାଳାୟିତ ଜନସାଧାରଣଙ୍କର ଚିତ୍ତ ଅପହରଣ କରନ୍ତି । ଏହି କଥା କେତେଦୂର ସତ୍ୟ ସେ ବିଷୟରେ ସାମାନ୍ୟ ଚିନ୍ତା କରନ୍ତୁ । ଅତଏବ ଜାତିଧର୍ମ ନିର୍ବିଶେଷରେ ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ଗୀତାକାରଙ୍କ ମତରେ ଅବିବେକୀ ବା ମୂଢ଼ ଅଟୁଁ । ସମସ୍ତେ ମୂଢ଼ ଅଟନ୍ତି ବୋଲି ମୁଁ ମଧ୍ୟ ଅନ୍ୟମାନଙ୍କପରି ପୂର୍ବପରି ମୂଢ଼ ରହିଥିବି ଏପରି ଧାରଣା ପରିତ୍ୟାଗ କରନ୍ତୁ । କି ଅତୀତର କି ବର୍ତ୍ତମାନର ଅନ୍ଧାନୁସରଣ ସବୁ ଆଜି ପରିତ୍ୟାଗ କରନ୍ତୁ । ସମାଜର ପ୍ରକୃତ ମଙ୍ଗଳକାମୀ ବ୍ୟକ୍ତିମାନେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କଥା ବୁଝାଇ ଦିଅନ୍ତୁ ଏବଂ ଏହି କଥା ବୁଝି ତଦନୁସାରେ ଜୀବନର ଗତି ପରିବର୍ତ୍ତନ କରିବାର

ସୁବିଧା ଓ ସୁଯୋଗ ଦିଅନ୍ତୁ । ସମାଜର ତଥା ଦେଶର ସବୁ ଆଶା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଅଛି । ଗୁରୁମାନଙ୍କ ଉପରେ ଉମ୍ବା ନେତାମାନଙ୍କ ଉପରେ ଆଦୌ ନିର୍ଭର କରୁନାହିଁ ଏକଥା ଆଜ ପ୍ରତ୍ୟେକ ବ୍ୟକ୍ତି ବୁଝନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଏକଥା ନ ବୁଝିବା ପର୍ଯ୍ୟନ୍ତ ସମାଜର ଦୁରବସ୍ଥା ଦୂର ହୋଇ ପାରିବ ନାହିଁ—ଏହା ସୁନିଶ୍ଚିତ । ସେଥିପାଇଁ ଗୀତା କହୁଛି—

ଆତ୍ମୈବହ୍ୟ ଆତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ (୬ଷ୍ଠ—୫)

ଅର୍ଥ—ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ବନ୍ଧୁ ଓ ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ଶତ୍ରୁ ଅଟନ୍ତି ।

ପୂର୍ବୋକ୍ତ ଅନ୍ଧାନୁସରଣକାରୀମାନଙ୍କୁ ବା ମୂଢ଼ମାନଙ୍କୁ ଗୀତାକାର ଅବ୍ୟବସାୟୀ ବା ଅକର୍ମୀ ବୋଲି ମଧ୍ୟ କହିଅଛନ୍ତି ଯାହା ପୂର୍ବୋକ୍ତ ଶ୍ଳୋକ ଉନୋଟିର ପୂର୍ବବର୍ତ୍ତୀ ଶ୍ଳୋକଟିରୁ ପ୍ରକାଶ ପାଉଅଛି । ସେହି ଶ୍ଳୋକଟି ହେଉଛି—

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ !
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ । ୨ୟ-୪୧

ଅର୍ଥ—ହେ କୁରୁନନ୍ଦନ ! ଏଥିରେ ଅର୍ଥାତ୍ (ପୂର୍ବ ଦୁଇ ଶ୍ଳୋକରୁ ବୁଝାଯାଉଥିବା) ଯୋଗବୁଦ୍ଧିରେ ବ୍ୟବସାୟତ୍ମିକା ବୁଦ୍ଧି ବା କର୍ମାତ୍ମିକା ବୁଦ୍ଧି ଏକ ନିଷ୍ପତ୍ତିଣୀ ଅଟେ । ଅବ୍ୟବସାୟୀମାନଙ୍କର ବା ଅକର୍ମୀମାନଙ୍କର ବୁଦ୍ଧି ସବୁ ବହୁଶାଖା ବିଶିଷ୍ଟ ଓ ଅନନ୍ତ ଅଟେ ।

ଟିପ୍ପଣୀ—ଏହି ଶ୍ଳୋକରେ ଥିବା "ବ୍ୟବସାୟାତ୍ମିକା ବୁଦ୍ଧି" କଥାଟିକୁ "କର୍ମାତ୍ମିକା ବୁଦ୍ଧି" ବୋଲି ଏବଂ "ଅବ୍ୟବସାୟିନାମ୍" କଥାଟିକୁ "କର୍ମାତ୍ମିକା ବୁଦ୍ଧି" ନଥିବା ବ୍ୟକ୍ତିମାନଙ୍କର ବା ଅକର୍ମୀମାନଙ୍କର ବୋଲି ମୁଁ ଅର୍ଥ କରୁଅଛି । ମୋର ଏହି ନୂଆ ଅର୍ଥ ଶୁଣିବା ମାତ୍ରେ ଗୀତା ପାଠକମାନେ ଚମକି ଉଠିବେ । କାରଣ ଶଙ୍କର ଶ୍ରୀଧର ପ୍ରଭୃତି ପ୍ରାଚୀନ ବ୍ୟାଖ୍ୟାକାରମାନେ "ବ୍ୟବସାୟାତ୍ମିକା ବୁଦ୍ଧି" କଥାଟିକୁ ନିଶ୍ଚୟାତ୍ମିକ ବୁଦ୍ଧି

ବୋଲି ଅର୍ଥ କରିଅଛନ୍ତି ଏବଂ ଈଶ୍ୱରଙ୍କୁ ଭକ୍ତି କଲେ ମୁକ୍ତି ମିଳିବା ସୁନିଶ୍ଚିତ, ଏହି ବୃତ୍ତିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ବ୍ୟାଖ୍ୟା କରିଅଛନ୍ତି । ବ୍ୟବସାୟାତ୍ମିକା ବୁଦ୍ଧି କଥାଟିକୁ ନିଶ୍ଚୟାତ୍ମିକା ବୁଦ୍ଧି ବୋଲି ଅର୍ଥ କରିବା ଏବଂ "ଅବ୍ୟବସାୟିନାମ୍" କଥାଟିକୁ "ନିଶ୍ଚୟାତ୍ମିକା ବୁଦ୍ଧି ନଥିବା ବ୍ୟକ୍ତିମାନଙ୍କର" ବୋଲି ଅର୍ଥ କରିବା ସମ୍ପୂର୍ଣ୍ଣ ଅସଙ୍ଗତ ଓ ଅଯୌକ୍ତିକ ଅଟେ । ଗୀତାର ପ୍ରାଚୀନ ତଥା ଆଧୁନିକ ଟୀକାକାରମାନେ ସମସ୍ତେ "ବ୍ୟବସାୟାତ୍ମିକା" କଥାଟିକୁ "ନିଶ୍ଚୟାତ୍ମିକା" ବୋଲି ଅର୍ଥ କରିଅଛନ୍ତି ଏବଂ ବୈରାଗୀବାବୁ ଏହି କଥାଟିକୁ "କର୍ମାତ୍ମିକା" ବୋଲି ଅର୍ଥ କରୁଅଛନ୍ତି—ଉଭୟ ଅର୍ଥ ନିଜ ନିଜ ଦୃଷ୍ଟିକୋଣରୁ ଠିକ ଏତିକ କହିଦେଇ ନିଶ୍ଚିନ୍ତ ରହିବା ଉଚିତ ନୁହେଁ । ଦୁଇ ପ୍ରକାର ଅର୍ଥ ମଧ୍ୟରୁ କେଉଁ ଅର୍ଥ ସହିତ ପୂର୍ବାପର ବିଷୟର ସମ୍ବନ୍ଧ ଅଛି ଏବଂ କେଉଁ ଅର୍ଥ ଜନସାଧାରଣଙ୍କର ମଙ୍ଗଳପ୍ରଦ ତାହା ସ୍ଥିର କରିବା ଏକାନ୍ତ ଆବଶ୍ୟକ । ପୂର୍ବୋକ୍ତ ୪୪ ଶ୍ଳୋକରେ ଥିବା "ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ କଥାଟିରୁ ପ୍ରକାଶ ଯେ ପୂର୍ବୋକ୍ତ ମୂଢ଼ମାନେ (ଅନ୍ଧାନୁସରଣରୂପ କର୍ମ କଲେ ମଧ୍ୟ) ଅକର୍ମୀ ଅଟନ୍ତି ।

ଦ୍ୱିତୀୟ ଅଧ୍ୟାୟ ଅଣଚାଳିଶ ଶ୍ଳୋକରୁ ଗୀତାର ପ୍ରକୃତ ଶିକ୍ଷା ଓ ନୂତନ ଶିକ୍ଷା ଆରମ୍ଭ ହୋଇଅଛି । ଏହି ପ୍ରବନ୍ଧରେ ୪୧ରୁ ୪୪ ଏହି ଚାରୋଟି ଶ୍ଳୋକ ଆଲୋଚନା କରାଗଲା । ଅନ୍ୟ ଦୁଇଟି ଶ୍ଳୋକରୁ ବୁଝିପାରିବେ ଯେ, "ବୁଦ୍ଧି' କଥାଟିକୁ ଗୀତାକାର ସାଂଖ୍ୟ ବୁଦ୍ଧି ଅର୍ଥାତ୍ ବା ପୁସ୍ତକଗତ ବିଷୟର ଅନ୍ଧାନୁସରଣ ଓ ଯୋଗବୁଦ୍ଧି ଅର୍ଥାତ୍ ପୂର୍ବବର୍ଣ୍ଣିତ ବ୍ୟବସାୟାତ୍ମିକା ବୁଦ୍ଧି, ଏ ଦୁଇଭାଗରେ ବିଭକ୍ତ କରିଅଛନ୍ତି ଏବଂ ଯୋଗବୁଦ୍ଧିର ବା କର୍ମାତ୍ମିକା ବୁଦ୍ଧିର ଆଶ୍ରୟ ନେବାକୁ ଉପଦେଶ ଦେଇଅଛନ୍ତି ।

# ଭଗବାନଙ୍କ ନିକଟକୁ ସିଧା ବାଟ

ଯାହାଙ୍କୁ ବା ଯାହାକୁ ଆମ୍ଭେମାନେ ଭଗବାନ୍, ଆଲ୍ଲା, ଗଡ୍ ଇତ୍ୟାଦି ନାମ ଦେଇଅଛୁଁ ସେ ହେଉଛନ୍ତି ଅଜ୍ଞେୟ, ଅଚିନ୍ତ୍ୟ, ଅବ୍ୟକ୍ତ, ଅନିର୍ଦ୍ଦେଶ୍ୟ, କଳ୍ପନାତୀତ, ବାକ୍ୟ ମନର ଅଗୋଚର ଇତ୍ୟାଦି । ତେଣୁ ସେ କିଏ ବା କଅଣ ଓ କେଉଁଠାରେ ଅଛନ୍ତି ଏକଥା କାହାରିକୁ ଜଣା ନାହିଁ । ଏପରି ଅଜଣା ବସ୍ତୁ ବା ବ୍ୟକ୍ତି ନିକଟକୁ ଓ ଅଜଣା ସ୍ଥାନକୁ କୌଣସି ନିର୍ଦ୍ଦିଷ୍ଟ ବାଟ ରହିବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଅଯୌକ୍ତିକ ହେଲେ ମଧ୍ୟ ସେହି ଅଜଣା ସ୍ଥାନକୁ ଯିବାର ଓ ଅଜଣା ବ୍ୟକ୍ତିକୁ ବା ଅଜଣା ବସ୍ତୁକୁ ପାଇବାର ଦୁରାଶା ପୋଷଣ କରି ଲୋକେ ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀ ସବୁର କିମ୍ବା ନିଜର ଗୁରୁ ଦେଇଥିବା ପ୍ରଣାଳୀ ସବୁର ଅନ୍ଧାନୁସରଣ ବହୁକାଳ ହେଲା କରି ଆସୁଅଛନ୍ତି । ଶାସ୍ତ୍ର ଲେଖିଥିବା ଋଷି ମହାପୁରୁଷମାନେ କିମ୍ବା ଗୁରୁମାନେ କିମ୍ବା ଏମାନଙ୍କୁ ଅନ୍ଧଭାବରେ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ଯଦି ସେହି ଅଜଣା ସ୍ଥାନକୁ ଯାଇଥିବେ ଓ ସେହି ଅଜଣା ବସ୍ତୁର ବା ବ୍ୟକ୍ତିର ସନ୍ଧାନ ପାଇଥିବେ ତାହା କେବଳ ସେହିମାନଙ୍କୁ ଜଣା । ଅନ୍ୟମାନଙ୍କର ଜାଣିବାର କୌଣସି ଉପାୟ ନାହିଁ । ଉପାୟ ନଥିଲେ ମଧ୍ୟ ସମସ୍ତେ ଏପରି କରୁଅଛନ୍ତି ଦେଖି ଅନ୍ୟମାନେ ମଧ୍ୟ ଅନ୍ଧ ବିଶ୍ବାସର ବଶବର୍ତ୍ତୀ ହୋଇ ସମସ୍ତଙ୍କ ପରି ସେହିସବୁ ପ୍ରଣାଳୀର ଅନ୍ଧାନୁସରଣ କରି ବୃଥାରେ କ୍ଲେଶ ଭୋଗକରୁଅଛନ୍ତି ଏବଂ ନିଜର ଉପସ୍ଥିତ ଜୀବନଯାତ୍ରା ପ୍ରତି ଉଦାସୀନ ରହି ଯାବଜ୍ଜୀବନ ଦୁଃଖ ଅଶାନ୍ତି ବରଣ କରୁଅଛନ୍ତି । ଜନସାଧାରଣଙ୍କ ଏହି ଦୁରବସ୍ଥା ଅନୁଭବ କରି ଜନସାଧାରଣଙ୍କୁ ଅନ୍ଧବିଶ୍ବାସ ଓ ଅନ୍ଧାନୁସରଣରୁ ମୁକ୍ତ କରି ସତ୍ୟର ପରିଚୟ ଦେବା ଅଭିପ୍ରାୟରେ ଶ୍ରୀକୃଷ୍ଣ କହିଲେ—

କ୍ଳେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତ ଚେତସାଂ
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ । ୧୨ଶ-୫

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତରେ ଆସକ୍ତ ସେମାନେ ଅଧିକ କ୍ଳେଶ ଭୋଗ କରନ୍ତି ; ଦେହଧାରୀମାନଙ୍କ ପକ୍ଷରେ ଅବ୍ୟକ୍ତା ଗତି ଦୁଃଖଦାୟକ ଅଟେ ।

ଏଠାରେ ଗୀତାକାର ସ୍ପଷ୍ଟାକ୍ଷରରେ କହିଅଛନ୍ତି ଯେ, ସଂସାରରେ ବ୍ୟକ୍ତାଗତି ଓ ଅବ୍ୟକ୍ତାଗତି ଏହି ଦୁଇପ୍ରକାର ଗତି ଅଛି ଏବଂ ଏହି ଦୁଇପ୍ରକାର ଗତିମଧ୍ୟରୁ ଅବ୍ୟକ୍ତା ଗତିର ଅନ୍ଧାନୁସରଣ କେବଳ ଦୁଃଖ-ଦାୟକ ଅଟେ । ଗୀତାକାରଙ୍କର ଅଭିପ୍ରାୟ ଏହିକି ଯେ ସେହି ଅଜ୍ଞେୟ, ଅନିର୍ଦ୍ଦେଶ୍ୟ ଓ ଅବ୍ୟକ୍ତ ହେଉଛନ୍ତି ସତ୍ୟସ୍ୱରୂପ ଏବଂ ସେହି ଅବ୍ୟକ୍ତଙ୍କ ନିକଟକୁ ଅଗ୍ରସର ହେବାକୁ ହେଲେ ଅର୍ଥାତ୍ ସତ୍ୟର ପରିଚୟ ପାଇବାକୁ ହେଲେ ସର୍ବପ୍ରଥମେ ବ୍ୟକ୍ତର ଅର୍ଥାତ୍ ନିଜର ଉପସ୍ଥିତ ଅବସ୍ଥାର ଆଶ୍ରୟ ନେବା ଏକାନ୍ତ ଆବଶ୍ୟକ । ନିଜର ଉପସ୍ଥିତ ଅବସ୍ଥାକୁ ଉତ୍ତମରୂପେ ବୁଝିବାପରେ ସେହି ବ୍ୟକ୍ତରୁ ବା ଉପସ୍ଥିତ ଅବସ୍ଥାରୁ କ୍ରମେ କ୍ରମେ ଉଚ୍ଚତର ଓ ଉନ୍ନତତର ଅବସ୍ଥାଆଡ଼କୁ ବା ଅବ୍ୟକ୍ତ ଆଡ଼କୁ ବା ସତ୍ୟ ନିକଟକୁ ଅଗ୍ରସର ହେବାକୁ ହେବ । ନିଜର ଉପସ୍ଥିତ ଅବସ୍ଥାପ୍ରତି ବା ବ୍ୟକ୍ତପ୍ରତି ଉଦାସୀନ ରହି ଅବ୍ୟକ୍ତପ୍ରତି ଆସକ୍ତ ରହିବା ନିର୍ବୋଧତା ଅଟେ ଏଥିରେ ସନ୍ଦେହ କରାଯାଇ ନପାରେ । ସମାଜର ଏହି ନିର୍ବୋଧତା ଦେଖି ଭଗବାନଙ୍କ ନିକଟକୁ ଯିବାପାଇଁ ସିଧାବାଟ ଗୀତାକାର ଦେଖାଇ ଦେଇଅଛନ୍ତି । ଗୀତାର ସେହି ଉକ୍ତିଟି ତଳେ ଦିଆଗଲା ।

ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ
ତେଷାଂ ଆଦିତ୍ୟବତ୍ ଜ୍ଞାନଂ ପ୍ରକାଶୟତି ତତ୍‌ପରଂ । ୫ମ-୧୬
ଅନ୍ୱୟ—ଆତ୍ମନଃ ଜ୍ଞାନେନ ଯେଷାଂ ତତ୍‌ଅଜ୍ଞାନଂ ନାଶିତଂ
ତେଷାଂ ଜ୍ଞାନଂ ଆଦିତ୍ୟବତ୍ ତତ୍ ପରଂ ପ୍ରକାଶୟତି ॥

ଅର୍ଥ—ନିଜର ଜ୍ଞାନଦ୍ୱାରା ଅର୍ଥାତ୍ ଆତ୍ମଜ୍ଞାନ ଦ୍ୱାରା ଯେଉଁମାନଙ୍କର ନିଜର ଅଜ୍ଞାନତା ନଷ୍ଟ ହୁଏ ସେମାନଙ୍କର ସେହି ଜ୍ଞାନ ସୂର୍ଯ୍ୟଙ୍କପରି ସେହି ଉଚ୍ଚତର (ସତ୍ୟ) ବସ୍ତୁକୁ ପ୍ରକାଶ କରେ ।

ସତ୍ୟ ନିକଟକୁ ଅଗ୍ରସର ହେବାପାଇଁ ଗୀତା ପ୍ରଦର୍ଶିତ ଏହି ସିଧାବାଟ ମୂର୍ଖ ପଣ୍ଡିତ ନିର୍ବିଶେଷରେ ଓ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟକ୍ଷ ବୋଧଗମ୍ୟ ଅଟେ । ସଂସାରରୂପ ବିଶ୍ୱବିଦ୍ୟାଳୟରେ ସବୁ ମନୁଷ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀରେ ରହି ଶିକ୍ଷାଲାଭ କରୁନାହାନ୍ତି । କିଏ ପଣିକିଆ ଘୋଷୁଛି, କିଏ ମାଇନର ଶ୍ରେଣୀରେ, କିଏ ମାଟ୍ରିକ୍ ଶ୍ରେଣୀରେ ପଢୁଅଛି । ଏପରି ଅବସ୍ଥାରେ ସତ୍ୟନିକଟକୁ ଅଗ୍ରସର ହେବାପାଇଁ ସମସ୍ତଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବାଟ ରହି ନପାରେ । ସେଥିପାଇଁ ଗୀତାକାର ଏହି ସିଧାବାଟ ଦେଖାଇ ଦେଲେ ଯେ ପ୍ରତ୍ୟେକ ବ୍ୟକ୍ତି ଆତ୍ମଜ୍ଞାନ ଦ୍ୱାରା ନିଜର ଅଜ୍ଞାନତା ଦୂର କରିପାରିଲେ ନିଜର ଭିତରର ଅବସ୍ଥା ଆପେ ଆପେ ପ୍ରକାଶ ପାଇବ । ନିମ୍ନଲିଖିତ ଉକ୍ତିଟିରେ ମଧ୍ୟ ଗୀତା ଠିକ୍ ଏହି ଉପଦେଶ ଦେଇଅଛି ।

ତସ୍ମାଦଜ୍ଞାନ ସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ! ୪ର୍ଥ-୪୨
ଅନ୍ୱୟ—ହେ ଭାରତ ! ତସ୍ମାତ୍ ଅଜ୍ଞାନସମ୍ଭୂତଂ ହୃତ୍‌ସ୍ଥଂ ଏନଂ
ସଂଶୟଂ ଆତ୍ମନଃ ଜ୍ଞାନାସିନା ଛିତ୍ତ୍ୱା ଯୋଗମ୍ ଅତିଷ୍ଠ, ଉତ୍ତିଷ୍ଠ ।

ଅର୍ଥ—ହେ ଭାରତ ! ନିଜର ଅଜ୍ଞାନତାରୁ ଜାତ ଏବଂ ନିଜର ହୃଦୟସ୍ଥିତ ଏହି ସଂଶୟକୁ ନିଜର ଜ୍ଞାନରୂପ ଖଣ୍ଡାଦ୍ୱାରା ଛିନ୍ନକରି ଉଠ ଏବଂ ନିଜର ସ୍ୱଭାବନିୟତ କର୍ମରେ ପ୍ରବୃତ୍ତ ହୁଅ ।

ଏହି ଉକ୍ତିଟିରୁ ପ୍ରକାଶ ଯେ ନିଜର ଅଜ୍ଞାନତାରୁ ନିଜର ସଂଶୟର ଉତ୍ପତ୍ତି ଏବଂ ସଂଶୟରୁ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ଉତ୍ପତ୍ତି । ଅତଏବ ନିଜର ଅଜ୍ଞାନତା ଦୂର କରିବା ନିଜର ସଂଶୟ ଛିନ୍ନ କରିବା ଓ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରିବା ଏକାକଥା ଓ ସତ୍ୟ ନିକଟକୁ ଯିବାର ଏକମାତ୍ର ବାଟ । ଗୀତାର ଉପରଲିଖିତ ଦୁଇଟି ଉକ୍ତି ସଂଶୟଶୂନ୍ୟ ହୋଇ ବୁଝନ୍ତୁ । ଗୀତାପରି ଧର୍ମଶାସ୍ତ୍ର କହୁଅଛି ବୋଲି କିମ୍ବା ଶ୍ରୀକୃଷ୍ଣ—ଭଗବାନ କହୁଅଛନ୍ତି ବୋଲି କୌଣସି ଉକ୍ତିକୁ ସତ୍ୟବୋଲି ଗ୍ରହଣ କରିବାକୁ ହେବ ଏପରି ଧାରଣା ମନରୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି ଏହି ଉକ୍ତିର ନୂତନତ୍ୱ ଓ ବିଶେଷତ୍ୱ ନିଜେ ବୁଝିବାକୁ ଚେଷ୍ଟା

କରନ୍ତୁ । ଏହାହିଁ ପୂର୍ବଲଖିତ ଆତ୍ମଜ୍ଞାନ । ନିଜର ଆତ୍ମଜ୍ଞାନ ଦ୍ୱାରା ପ୍ରକୃତ କଥା ନ ବୁଝିବା ପର୍ଯ୍ୟନ୍ତ କୌଣସି ଉପଦେଶ ଅନୁସାରେ ଜୀବନ ଗଠନ କରି ହେବନାହିଁ । ନିଜର ଅଜ୍ଞାନତାକୁ ଓ ଅଜ୍ଞାନତାରୁ ଜାତ ସଂଶୟକୁ ନିଜର ଜ୍ଞାନଦ୍ୱାରା ବା ଆତ୍ମଜ୍ଞାନଦ୍ୱାରା ଦୂର କରିବାହିଁ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବନିୟତ ଧର୍ମ ବା ସ୍ୱଧର୍ମ ବା କର୍ତ୍ତବ୍ୟ ଏବଂ କ୍ରମବିକାଶ ପଥରେ ଅଗ୍ରସର ହେବାର ଏକମାତ୍ର ଉପାୟ । ପ୍ରତ୍ୟେକ ବ୍ୟକ୍ତିର ଏହି କ୍ରମ-ବିକାଶ ସୃଷ୍ଟି କୌଶଳର ସର୍ବପ୍ରଧାନ ନିୟମ । ନିଜର ଜ୍ଞାନ ଯେତେ ସାମାନ୍ୟ ହୋଇଥିଲେ ମଧ୍ୟ ସେହି ଯତ୍‌ସାମାନ୍ୟ ଜ୍ଞାନ ଦ୍ୱାରା ନିଜର ଅଜ୍ଞାନତାକୁ ଦୂର କରିବା ଆବଶ୍ୟକ । ଏହାହିଁ ସତ୍ୟନିକଟକୁ ବା ଭଗବାନଙ୍କ ନିକଟକୁ ସିଧାବାଟ ଓ ଏକମାତ୍ର ବାଟ । ଏହି ବାଟରେ ଅଗ୍ରସର ହେବାପାଇଁ ଭଗବାନ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜର ଆବଶ୍ୟକୀୟ ଜ୍ଞାନ ସମାନ ଭାବରେ ଦେଇଅଛନ୍ତି । ଏହି ସରଳ କଥାଟି ବୁଝିବାପାଇଁ ଶାସ୍ତ୍ରଗତ ଜ୍ଞାନର କିମ୍ବା ଗୁରୁଙ୍କର ପ୍ରୟୋଜନ ହେବନାହିଁ । ମାତ୍ର ମୋହାନ୍ଧ ମନୁଷ୍ୟ ଭଗବାନ ଦେଇଥିବା ଏହି ସିଧାବାଟର ଆଶ୍ରୟ ନ ନେଇ ମନୁଷ୍ୟସୃଷ୍ଟ ବାଟ ସବୁର ଆଶ୍ରୟ ନେଇ ଏବଂ ପରିଶେଷରେ କୌଣସି ବାଟ ନପାଇ ଧର୍ମଶାସ୍ତ୍ର ଓ ଗୁରୁ ଖୋଜିବାରେ ଲାଗିଛି । ସେ ଯାହାହେଉ ଗୀତାର ଉପରଲିଖିତ ଉକ୍ତି ଦୁଇଟିକୁ ଉତ୍ତମରୂପେ ବୁଝି ନିଜର ଅଜ୍ଞାନତା ଓ ଅଜ୍ଞାନତାରୁ ଜାତ ସଂଶୟ ସବୁକୁ ଆତ୍ମଜ୍ଞାନ ଦ୍ୱାରା ଦୂର କରନ୍ତୁ । ସତ୍ୟ ନିକଟକୁ ଅଗ୍ରସର ହେବାକୁ ହେଲେ ଶାସ୍ତ୍ରଜ୍ଞାନ କେବଳ ଅନାବଶ୍ୟକ ନୁହେଁ, ସମ୍ପୂର୍ଣ୍ଣ ଅନ୍ତରାୟ ଅଟେ । ଗୀତାକାର ଏହି କଥାଟି ନିମ୍ନଲିଖିତ ଉକ୍ତିରେ ସ୍ପଷ୍ଟାକ୍ଷରରେ କହିଛନ୍ତି ।

ଶ୍ରୁତି-ବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା
ସମାଧା ବଚଲା ବୁଦ୍ଧିସ୍ତଦା ଯୋଗ ମବାପ୍ସ୍ୟସି । ୨ୟ—୫୩ ।

ଅର୍ଥ—ଶ୍ରୁତି ଦ୍ୱାରା ଅର୍ଥାତ୍ ଶୁଣିବା କଥା ଦ୍ୱାରା କିମ୍ବା ବେଦଦ୍ୱାରା କିମ୍ବା ଶାସ୍ତ୍ରଗତ ଜ୍ଞାନଦ୍ୱାରା ବିକ୍ଷିପ୍ତ ହୋଇଥିବା ତୁମ୍ଭର ବୁଦ୍ଧି ଯେତେବେଳେ ନିଶ୍ଚଳ ଓ ଅଚଳ ରହିବ ସେତେବେଳେ ଯାଇ ତୁମ୍ଭେ ଯୋଗ ପାଇ ପାରିବ ।

ଏଠାରେ ଯୋଗ ପାଇ ପାରିବ କଥାଟିର ଅର୍ଥ ହେଉଛି, ନିଜର ସ୍ୱଭାବନିଯୁକ୍ତ କର୍ମରେ ଅଗ୍ରସର ହୋଇ ପାରିବ । ଏହି ଉକ୍ତିଟିରୁ ପ୍ରକାଶ ଯେ ଶାସ୍ତ୍ରଜ୍ଞାନ ଉପରେ ତଥା ଲୋକାଚାର ଓ ଦେଶାଚାର ଇତ୍ୟାଦି ଶୁଣିବା କଥା ଉପରେ ପ୍ରତିଷ୍ଠିତ ଅଜ୍ଞାତର ବଦ୍ଧମୂଳ ଧାରଣାଗୁଡ଼ିକୁ ମନରୁ ସମ୍ପୂର୍ଣ୍ଣରୂପେ ଦୂର ନ କଲେ ନିଜର ବୁଦ୍ଧିକୁ ଦୃଢ଼ କରି ହେବ ନାହିଁ ଏବଂ ନିଜର ବୁଦ୍ଧିକୁ ଦୃଢ଼ ନ କଲେ ଗୀତା ପ୍ରଦର୍ଶିତ ସିଧାବାଟରେ ଅଗ୍ରସର ହେବନାହିଁ ।

# ବ୍ୟବସାୟାତ୍ମିକା ବୁଦ୍ଧି

"ବ୍ୟବସାୟାତ୍ମିକା ବୁଦ୍ଧି' ଏହି କଥାଟି ଗୀତାରେ ଗୋଟିଏ ଏକାନ୍ତ ଆବଶ୍ୟକୀୟ କଥା । ୨ୟ ଅଧ୍ୟାୟ ୪୧ ଶ୍ଳୋକରେ ଏହି କଥାଟି ଦେଖି ପାରିବେ । ଏହି କଥାଟିକୁ ସଂଶୟଶୂନ୍ୟ ହୋଇ ବୁଝି ପାରିଲେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଜୀବନରଗତି ପରିବର୍ତ୍ତନ କରି ସତ୍ୟର ପରିଚୟ ପାଇ ପାରିବେ । ମନୋଯୋଗପୂର୍ବକ ଏହି କଥାଟିର ଆଲୋଚନାରେ ଅଗ୍ରସର ହୁଅନ୍ତୁ ।

"ବ୍ୟବସାୟ" କଥାଟିର ଅର୍ଥ କର୍ମ, ଏକଥା କାହାରିକୁ ବୁଝାଇବାକୁ ହେବ ନାହିଁ । ତେଣୁ ବ୍ୟବସାୟାତ୍ମିକା ବୁଦ୍ଧି ଏହି କଥାଟିର ଅର୍ଥ ହେଉଛି 'କର୍ମାତ୍ମିକା ବୁଦ୍ଧି' । ବ୍ୟବସାୟ ବା କର୍ମ ଯେଉଁ ବୁଦ୍ଧିର ଆତ୍ମାସ୍ୱରୂପ ତାହାହିଁ ବ୍ୟବସାୟାତ୍ମିକା ବୁଦ୍ଧି । ଏହି ୪୧ ଶ୍ଳୋକର ପୂର୍ବ ଦୁଇଟି ଶ୍ଳୋକ ବୁଝିଲେ ଜାଣିବେ ଯେ, ଏହି ପୂର୍ବ ଦୁଇଟି ଶ୍ଳୋକରେ ପ୍ରଦର୍ଶିତ "ଯୋଗ" କଥାଟିକୁ ବୁଝାଇବା ଅଭିପ୍ରାୟରେ ଗୀତାକାର ଏଠାରେ "ବ୍ୟବସାୟ ବା କର୍ମ" କଥାଟି ବ୍ୟବହାର କରିଅଛନ୍ତି । ଅତଏବ ଗୀତା ପ୍ରଦର୍ଶିତ ଯୋଗ ଓ କର୍ମ ଏ ଦୁହେଁ ଏକାକଥା । ଗୀତାକାରଙ୍କର ଅଭିପ୍ରାୟ ଏହିକି, ଲୋକେ ନିଜର ବୁଦ୍ଧିକୁ କର୍ମାତ୍ମିକା କରନ୍ତୁ, ଅର୍ଥାତ୍ ନିଜ ନିଜର ସ୍ୱଭାବନିୟତ କର୍ମ କରିବାପାଇଁ ବୁଦ୍ଧିର ପ୍ରୟୋଜନ ଏବଂ ସେହି କର୍ମସହିତ ବୁଦ୍ଧିର ଘନିଷ୍ଠ ସମ୍ବନ୍ଧ ଏକଥା ବୁଝନ୍ତୁ ଏବଂ ନିଜର ବୁଝିବା ଅନୁସାରେ ଜୀବନର ଗତି ପରିବର୍ତ୍ତନ କରନ୍ତୁ । ବର୍ତ୍ତମାନ "କର୍ମାତ୍ମିକା ବୁଦ୍ଧି" ଏହି କଥାଟିର ବିଶେଷତ୍ୱ ଓ ନୂତନତ୍ୱ ବୁଝନ୍ତୁ ।

ବୁଦ୍ଧିକୁ କର୍ମାତ୍ମିକା କରିବା ଅର୍ଥାତ୍ ନିଜର ସ୍ୱଭାବନିୟତ କର୍ମକୁ ବୁଦ୍ଧିର ଆତ୍ମାସ୍ୱରୂପ ଜାଣିବା ଏକାନ୍ତ ଆବଶ୍ୟକ ଏହି ନୂତନ ଶିକ୍ଷା

ଗୀତାକାର ଏଠାରେ ଦେଇଅଛନ୍ତି । ମାତ୍ର ଦୁଃଖର କଥା ଏହିକି ଆମ୍ଭେମାନେ ଏହି ନୂତନ ଶିକ୍ଷା ଆଜ ପର୍ଯ୍ୟନ୍ତ ଗ୍ରହଣ କରି ନପାରି ଉପସ୍ଥିତ ଦୁରବସ୍ଥା ଭୋଗ କରୁଅଛୁଁ । ଶାସ୍ତ୍ରବିଧି ସବୁର ଅନ୍ଧାନୁସରଣ-କାରୀମାନଙ୍କର ବୁଦ୍ଧି ବ୍ୟବସାୟାତ୍ମିକା ନୁହେଁ ଏହି କଥାଟି ଏହି ଶ୍ଳୋକର ପରବର୍ତ୍ତୀ ତିନୋଟି ଶ୍ଳୋକରେ ସ୍ପଷ୍ଟାକ୍ଷରରେ ଲେଖାଯାଇଅଛି । ଏହି ତିନୋଟି ଶ୍ଳୋକର ଶେଷରେ 'ବ୍ୟବସାୟାତ୍ମିକା ବୁଦ୍ଧି ସମାଧୌ ନ ବିଧୀୟତେ' ଉକ୍ତିଟିକୁ ବୁଝନ୍ତୁ । ନିଜର ସ୍ୱଭାବନିୟତ କର୍ମ କରିବା ପାଇଁ ଓ ନିଜର ଶରୀରଯାତ୍ରା ନିର୍ବାହ କରିବାପାଇଁ ପ୍ରତ୍ୟେକ ବ୍ୟକ୍ତିକୁ କର୍ମ କରିବାକୁ ହେବ, ଏହା ସୃଷ୍ଟି କୌଶଳର ନିୟମ । ଏହିକଥା ଗୀତାକାର ନିମ୍ନଲିଖିତ ଉକ୍ତିଟିରେ କହିଅଛନ୍ତି ।

ଶରୀର ଯାତ୍ରାଽପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ

ଅର୍ଥ—କର୍ମ ନ କଲେ ତୁମ୍ଭର ଶରୀରଯାତ୍ରା ସୁଦ୍ଧା ଚଳିବ ନାହିଁ ।

କର୍ମ ବା ନିଜର କର୍ତ୍ତବ୍ୟ କରିବାପାଇଁ ଆମ୍ଭେମାନେ ଜନ୍ମଗ୍ରହଣ କରିଅଛୁଁ । ବହୁତ ବୁଦ୍ଧି ଓ ବହୁତ ଜ୍ଞାନ ଅର୍ଜ୍ଜନ କରିବାପାଇଁ ଜନ୍ମ ଗ୍ରହଣ କରିନାହୁଁ । ଆମ୍ଭେମାନେ ବହୁତ ପରିଶ୍ରମ (କର୍ମ) କରୁଛୁଁ, ବହୁତ ବହି ପଢ଼ୁଛୁଁ । ଆମ୍ଭେମାନେ ଅନେକ ଖବରକାଗଜ ପଢ଼ି, ଅନ୍ୟମାନଙ୍କ ସଙ୍ଗେ ଅନେକ ବିଷୟ ଆଲୋଚନା କରି ଓ ଯୁକ୍ତିତର୍କ କରି ଅନେକ ବୁଦ୍ଧି ଓ ଅନେକ ଜ୍ଞାନ ଅର୍ଜ୍ଜନ କରି ସାରିଲୁଣି । ମାତ୍ର ଆମ୍ଭମାନଙ୍କର ଏହି ତଥାକଥିତ ବୁଦ୍ଧି ଓ ଜ୍ଞାନ ସହିତ ଆମ୍ଭମାନଙ୍କର କର୍ମର ବା ଜୀବନ-ଯାତ୍ରାର କୌଣସି ସମ୍ବନ୍ଧ ନାହିଁ । ଗୋଟିଏ ମାତ୍ର ଉଦାହରଣ ଦେଲେ କଥାଟି ବେଶ୍ ବୁଝି ପାରିବେ । ମହାତ୍ମାଗାନ୍ଧୀ କହିଛନ୍ତି—My democracy means that everyone is one's own master ଅର୍ଥାତ୍ ମୋ ସ୍ୱାଧୀନତାର ଅର୍ଥ ଏହିକି ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ନିଜେ ନିଜର ଗୁରୁ ଓ ନେତା ।

ମହାତ୍ମା ଗାନ୍ଧୀଙ୍କର ଅନେକ ଉକ୍ତି ଆମ୍ଭେମାନେ ଅନେକ ଦିନରୁ ପଢ଼ିଲୁଣି ଓ ଶୁଣିଲୁଣି । ମାତ୍ର ଏହି ଉପଦେଶ ଅନୁସାରେ

ଆମ୍ଭେମାନେ ନିଜ ନିଜର ଜୀବନର ଗତି ପରିବର୍ତ୍ତନ କରିବା ଶିଖିଥାଉ ଏହି କଥାଟିର ବିଶେଷତ୍ୱ ବୁଝିବାପାଇଁ ଆପଣା ମଧ୍ୟରେ କୌଣସି ଆଲୋଚନା ସୁଦ୍ଧା କରୁନାହୁଁ । ଏହି କଥାଟିର ବିଶେଷ ଆଲୋଚନା ମୁଁ ଏଠାରେ କରୁନାହିଁ । କାରଣ ସବୁ ବିଷୟ ମୁଁ ଆଲୋଚନା କରିଯିବି ଏବଂ ପାଠକମାନେ ପଢ଼ିଯିବେ ଏହା ମୋର ଅଭିପ୍ରାୟ ନୁହେଁ । ପାଠକମାନେ ଏ ବିଷୟରେ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରି ଉପଲବ୍ଧି କରନ୍ତୁ ଅର୍ଥାତ୍ ନିଜର ଜୀବନର ଗତି ପରିବର୍ତ୍ତନ କରନ୍ତୁ; ଏହା ମୋ ଅଭିପ୍ରାୟ ।

ବିଶ୍ୱକଲ୍ୟାଣ-୨ୟ ବର୍ଷ-୨ୟ ସଂଖ୍ୟା-୧୯୬୭

# ଗୀତାର ସର୍ବପ୍ରଥମ ଉପଦେଶ

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ, ପ୍ରଜ୍ଞାବାଦାଂଶ୍ଚ ଭାଷସେ
ଗତାସୂନଗତାସୂଂଶ୍ଚ, ନାନୁଶୋଚନ୍ତି ପଣ୍ଡିତାଃ—୨ୟ— ୧୧

ଅର୍ଥ—(ଶ୍ରୀକୃଷ୍ଣ କହିଲେ) ହେ ଅର୍ଜୁନ ! ଯେଉଁମାନଙ୍କ ପାଇଁ ଶୋକ କରିବା ଉଚିତ ନୁହେଁ, ସେମାନଙ୍କ ପାଇଁ ତୁମ୍ଭେ ଶୋକ କରୁଅଛ, ମାତ୍ର ପଣ୍ଡିତ ପରି ପାଣ୍ଡିତ୍ୟପୂର୍ଣ୍ଣ କଥାଗୁଡ଼ିକ କହୁଅଛ, କି ମୃତ କି ଜୀବିତ ତାହାର ପାଇଁ ପଣ୍ଡିତମାନେ ଦୁଃଖ କରନ୍ତି ନାହିଁ ।

ଯେଉଁଲୋକ ଶୋକ କରେ ସେ ହେଉଛି ନାସ୍ତିକ, ମୂର୍ଖ ଓ ନିର୍ବୋଧ ଏହି ଉପଦେଶ ଶ୍ରୀକୃଷ୍ଣ ଏଠାରେ ଦେଉଅଛନ୍ତି । ସ୍ୱୟଂ ଶ୍ରୀକୃଷ୍ଣ ଏହି ଉପଦେଶ ମହାଭାରତର ଅର୍ଜୁନଙ୍କୁ ଦେଉନାହାନ୍ତି— ଦେଉଅଛନ୍ତି ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ । ଅର୍ଜୁନଙ୍କର ଯେଉଁ ଦୁରବସ୍ଥା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ଦୁରବସ୍ଥା । ଗୀତାର ଶ୍ଲୋକ ସବୁର ଅର୍ଥ ମୁଖସ୍ଥ କରି ଆମ୍ଭେମାନେ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣମାନ ଦେଉଅଛୁଁ । ମାତ୍ର ଏସବୁ ଭାଷଣ ସହିତ ଆମ୍ଭମାନଙ୍କର କ୍ରିୟାକଳାପର କୌଣସି ସମ୍ବନ୍ଧ ନାହିଁ ।

ଗୀତା ଥିଲା ମହାତ୍ମା ଗାନ୍ଧିଙ୍କର ସର୍ବପ୍ରଧାନ ଧର୍ମଗ୍ରନ୍ଥ ଓ ପଥ-ପ୍ରଦର୍ଶକ । ଦେଶର ନେତାମାନେ, ଯେଉଁମାନେ ଗାନ୍ଧିଭକ୍ତ ଓ ଗୀତାଭକ୍ତ ବୋଲି କହୁଅଛନ୍ତି ସେମାନେ ସମସ୍ତଙ୍କୁ "ଶୋକ କର ନାହିଁ ବୋଲି ବୁଝାଇ ଦେବା ପଛକୁ ଥାଉ "ଶୋକକର" "ଶୋକକର" ବୋଲି ସମସ୍ତଙ୍କୁ କହୁଅଛନ୍ତି । କେହି ଜଣେ ନେତା ମରିଗଲେ ଅନ୍ୟ ନେତାମାନେ ସରକାରୀ କର୍ମଚାରୀମାନଙ୍କୁ ଶୋକ କରିବାକୁ ବାଧ୍ୟ କରୁଅଛନ୍ତି । ସ୍କୁଲ କଲେଜର ଶିକ୍ଷକ ଓ ଅଧ୍ୟକ୍ଷମାନେ ଛାତ୍ର-ଛାତ୍ରୀମାନଙ୍କୁ ନେଇ ଶୋକ ସଭା

ସବୁ କରୁଅଛନ୍ତି ଏବଂ ଗଭୀର ଶୋକ ପ୍ରକାଶ କରିବାର ବାର୍ତ୍ତା ସବୁ ଖବରକାଗଜମାନଙ୍କରେ ପ୍ରକାଶ ପାଉଅଛି । ଏ ସବୁ ଶୋକସଭା କରିବା ଓ ଶୋକବାର୍ତ୍ତା ପଠାଇବା ଫଳରେ ଗୁରୁ-ଗୁରୁଣୀମାନେ ମିଥ୍ୟା କହିବାକୁ ଓ ମିଥ୍ୟା ପ୍ରଚାର କରିବାକୁ ଶିଖୁ ନାହାନ୍ତି କି ! ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କହିଅଛନ୍ତି—"ମୁଁ ଜାଣେ ଯେ ଆମେ ଦୁର୍ବଳ ଏବଂ ଗାନ୍ଧିଙ୍କ ଆଦର୍ଶରେ ପହଞ୍ଚିବାକୁ ଆମକୁ ଅନେକ ଦିନ ଲାଗିବ ।" ଏହି କଥା ଗତ ସଂଖ୍ୟା ପତ୍ରିକାରେ ମୁଁ ସାମାନ୍ୟ ଆଲୋଚନା କରିଅଛି । ସେହି ଦୁର୍ବଳତା ଦୋଷରୁ ବା ଅନ୍ୟ କୌଣସି କାରଣରୁ ପ୍ରକୃତରେ ଯେଉଁମାନଙ୍କ ମନରେ ଶୋକ ଆସୁଛି ସେମାନେ ମନେ ମନେ ଶୋକ କରନ୍ତୁ । ଶୋକବାର୍ତ୍ତା ସବୁ ଖବରକାଗଜମାନଙ୍କୁ ପଠାଇବାର ପ୍ରୟୋଜନ କଣ ? କେହି ଜଣେ ମରିଗଲେ ଖବରକାଗଜମାନଙ୍କରେ "ଶୋକ ସମ୍ବାଦ" ଲେଖା ନଯାଇ "ଅମୁକର ପରଲୋକ" ବା ଅମୁକଙ୍କର "ଦେହତ୍ୟାଗ," ଲେଖିବା ଉଚିତ । ଯେଉଁ ଶ୍ଲୋକଟି ପ୍ରଥମେ ଲେଖା ଯାଇଛି ତାର ପରବର୍ତ୍ତୀ ଶ୍ଳୋକ କେତୋଟିରୁ ଜାଣନ୍ତୁ ଯେ ମନୁଷ୍ୟ ତାର ଦେହ ନୁହେଁ ଏବଂ ଦେହର ମୃତ୍ୟୁ ଘଟିଲେ ତାହା ମନୁଷ୍ୟର ମୃତ୍ୟୁ ନୁହେଁ । ମନୁଷ୍ୟ ସବୁଦିନେ ରହିଛି ଓ ରହିବ ।

ଶୋକ କରିବା ଓ ଭୟ କରିବା ମୂର୍ଖତାର ପରିଚୟ ।

ବିଶ୍ୱକଲ୍ୟାଣ—୪ର୍ଥ ବର୍ଷ—୧ମ ସଂଖ୍ୟା

୧୯୫୮

# ଗୀତାର ମୂଳକଥା

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ—(୧ମ-୪୦)

ଅର୍ଥ—କୁଳକ୍ଷୟ ହେଲେ ସନାତନ କୁଳଧର୍ମସବୁ ନଷ୍ଟ ହୁଏ ।

ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !

ନରକେ ନିୟତଂ ବାସୋ ଭବତି ଇତି ଅନୁଶୁଶ୍ରୁମ [୧ମ-୪୪]

ଅର୍ଥ—ହେ ଜନାର୍ଦ୍ଦନ ! କୁଳଧର୍ମସବୁ ଉତ୍ସନ୍ନ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକବାସ ହୁଏ—ଏହିସବୁ କଥା ଆମ୍ଭେମାନେ (ଲୋକ ମୁଖରୁ ଓ ଶାସ୍ତ୍ର ସବୁରୁ) ଶୁଣି ଆସୁଅଛୁଁ ।

ଗୀତାରେ ପ୍ରବେଶ କରିବାକୁ ହେଲେ ସର୍ବପ୍ରଥମେ ବୁଝିବା ଆବଶ୍ୟକ ଯେ, ମହାଭାରତର ନରହତ୍ୟା ରୂପ ଯୁଦ୍ଧକୁ ଅବଲମ୍ବନ କରି ଗୀତାକାର ଗୀତା ରଚନା କରିଅଛନ୍ତି, ମାତ୍ର ମହାଭାରତର ନରହତ୍ୟା-ରୂପ ଯୁଦ୍ଧସହିତ ଗୀତାର କୌଣସି ସମ୍ବନ୍ଧ ନାହିଁ । ରାଜ୍ୟଲାଭ ଓ ଯଶଲାଭ ପାଇଁ ଅର୍ଜୁନଙ୍କୁ ନରହତ୍ୟା ରୂପ ଯୁଦ୍ଧରେ ନିଯୁକ୍ତ କରିବାପାଇଁ ବିଶ୍ୱଗୁରୁ ଶ୍ରୀକୃଷ୍ଣ ଜଗତକୁ ଆସିନଥିଲେ । ସେ ଯଦି କେବେ ଜଗତକୁ ଆସିଥିଲେ ସେ ନିଶ୍ଚୟ ଆସିଥିଲେ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ନିଜ ନିଜର ସ୍ୱଭାବନିୟତ କର୍ମରେ ବା ସ୍ୱଭାବନିୟତ ଜୀବନ ଯୁଦ୍ଧରେ ନିଯୁକ୍ତ କରିବା ପାଇଁ । ଅତଏବ ଜାତି-ଧର୍ମ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟ ହେଉଛୁଁ ଗୀତାର ଅର୍ଜ୍ଜୁନ । ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ଗୀତାକାରଙ୍କର ଚିନ୍ତାଶକ୍ତିରୁ ଉତ୍ପନ୍ନ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସାରଥି, ଗୁରୁ ଓ ପ୍ରତ୍ୟକ୍ଷ ଭଗବାନ । ଶ୍ରୀକୃଷ୍ଣ ଯେ ଦେବକୀ ଓ ବସୁଦେବଙ୍କର ସନ୍ତାନ ମହାଭାରତର ଐତିହାସିକ ଶ୍ରୀକୃଷ୍ଣ ନୁହନ୍ତି ଏ କଥା ଗୀତାରେ ଥିବା—

"ଅଜୋଽପି ସନ୍ ଅବ୍ୟୟାତ୍ମା"—(୪ର୍ଥ-୬) ଓ "ଯୋ ମାମ୍ ଅଜମ୍ ଅନାଦିଞ୍ଚ" (୧୦ମ-୩ୟ) ଇତ୍ୟାଦି ଉକ୍ତିରୁ ବୁଝନ୍ତୁ । ସେ ଯେ ଆମ୍ଭମାନଙ୍କର ନିତ୍ୟ ଉପାସିତ ଅବ୍ୟକ୍ତ ଭଗବାନ ନୁହଁନ୍ତି, ଏକଥା ଦ୍ୱାଦଶ ଅଧ୍ୟାୟ ପ୍ରଥମ ୭ । ୮ଟି ଶ୍ଳୋକରୁ ଜାଣି ପାରିବେ । ଗୀତାର ବ୍ୟକ୍ତ ଭଗବାନ ଶ୍ରୀକୃଷ୍ଣ କିଏ, ତାହା ମୋର ଗୀତା ପୁସ୍ତକରୁ କିମ୍ବା ଗୀତାସଂକ୍ରାନ୍ତ ଯେ କୌଣସି ପୁସ୍ତକରୁ ଜାଣିପାରିବେ । ବର୍ତ୍ତମାନ ଆଲୋଚ୍ୟ ବିଷୟରେ ଅଗ୍ରସର ହୁଅନ୍ତୁ ।

ଅର୍ଜ୍ଜୁନଙ୍କର ଯେଉଁ ଅନ୍ଧତା ଦୋଷ ଓ ଯେଉଁ ଦୁରବସ୍ଥା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ଅନ୍ଧତାଦୋଷ ଓ ସେହି ଦୁରବସ୍ଥା । ଶ୍ରୀକୃଷ୍ଣଙ୍କୁ ପୂର୍ବୋକ୍ତ କାରଣ ପ୍ରଦର୍ଶାଇ ଅର୍ଜ୍ଜୁନ ଯୁଦ୍ଧରୁ ନିବୃତ୍ତ ହେଉଥିଲେ । ଧର୍ମାନ୍ଧତା ଦୋଷରୁ କୁଳଧର୍ମସବୁକୁ ବା କୁଳାଚାର ସବୁକୁ ସନାତନ ଧର୍ମ ମନେ କରି ଅର୍ଜ୍ଜୁନ କହିଥିଲେ—"କୁଳଧର୍ମାଃ ସନାତନାଃ" । ଆମ୍ଭେମାନେ ମଧ୍ୟ କୁଳଧର୍ମ ବା କୁଳାଚାର ସବୁର ଅନ୍ଧାନୁସରଣକୁ ଏକମାତ୍ର ଧର୍ମ ମନେ କରି, ତେଣୁ ସନାତନ ଧର୍ମ ବା ମନୁଷ୍ୟଧର୍ମ ବା ପ୍ରକୃତ ଧର୍ମ ସହିତ କୌଣସି ସମ୍ବନ୍ଧ ନ ରଖି ଉପସ୍ଥିତ ଦୁରବସ୍ଥା ଭୋଗୁଅଛୁ । ସେଥିପାଇଁ ଗୀତାର ଶେଷରେ ଶ୍ରୀକୃଷ୍ଣ ତାଙ୍କର ସର୍ବଗୁହ୍ୟତମ ଉପଦେଶରେ କହିଅଛନ୍ତି :—

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" (୧୮ଶ-୬୬)

ଅର୍ଥ—ସବୁଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ । ଏଠାରେ "ସବୁଧର୍ମ" କଥାଟିର ଅର୍ଥ ହେଉଛି ପ୍ରଥମ ଅଧ୍ୟାୟ ୪୦ରୁ ୪୪ ଶ୍ଳୋକରେ ଅର୍ଜ୍ଜୁନ କହିଥିବା କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଓ ଅନୁଶୁଶ୍ରୁମ ବା ଶୁଣିବା କଥା ଉପରେ ପ୍ରତିଷ୍ଠିତ ସମାଜ ଧ୍ୱଂସକାରୀ ସାମ୍ପ୍ରଦାୟିକ ଧର୍ମ ସବୁ । ସର୍ବପ୍ରଥମେ ସବୁ ଧର୍ମ ପରିତ୍ୟାଗ କରିବାକୁ ହେବ ଏବଂ ତାପରେ ଶ୍ରୀକୃଷ୍ଣଙ୍କର ଏକମାତ୍ର ଶରଣ ନେବାକୁ ହେବ ଏହାହିଁ ଏହି ଉକ୍ତିରୁ ବୁଝନ୍ତୁ । ଅନ୍ଧତା ଓ ନିର୍ବୋଧତା ଦୋଷରୁ ଅର୍ଜ୍ଜୁନ କହିଥିଲେ—"କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ" ଅର୍ଥାତ୍ କୁଳକ୍ଷୟ ହେଲେ ସନାତନ କୁଳଧର୍ମସବୁ ନଷ୍ଟ ହୁଏ । ଯେଉଁମାନଙ୍କ ପାଇଁ କୁଳଧର୍ମ ସବୁ

ପ୍ରୟୋଜନ ସେମାନେ ଯେ ଯୁଦ୍ଧରେ ମରିଯିବେ, ସେଥିପାଇଁ ଅର୍ଜ୍ଜୁନଙ୍କର ଦୁଃଖ ନାହିଁ, ମାତ୍ର କୁଳକ୍ଷୟ ହେବା ଫଳରେ କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଓ ପିଣ୍ଡୋଦକ କ୍ରିୟା ପ୍ରଭୃତିର ଅନାନୁସରଣ ଲୁପ୍ତ ହୋଇ ପିତୃଗଣଙ୍କର ପତନ ହେବ ବୋଲି ଅର୍ଜ୍ଜୁନଙ୍କର ଦୁଃଖ । ସେ କହିଥିଲେ—

"ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତ ପିଣ୍ଡୋଦକ କ୍ରିୟାଃ" (୧ମ-୪୨)

ଅର୍ଜ୍ଜୁନଙ୍କର ଯେଉଁ ଅନ୍ଧତା ଦୋଷ ଓ ଯେଉଁ ନବୋଧତା ଆମ୍ଭମାନଙ୍କର ମଧ୍ୟ ସେହି ଅନ୍ଧତା ଦୋଷ ଓ ସେହି ନବୋଧତା । ଯେଉଁମାନଙ୍କ ପାଇଁ ଦେଶ, ସମାଜ ଓ ଧର୍ମ ସେମାନେ ଦୁଃଖ ଭୋଗ କରନ୍ତୁ ଓ ସେମାନେ ମରନ୍ତୁ ସେଥିପାଇଁ ଆମ୍ଭେମାନେ ସମ୍ପୂର୍ଣ୍ଣ ଉଦାସୀନ ରହି ନିଜର ନାମ ପ୍ରକାଶେ ଓ କ୍ଷମତା ପ୍ରକାଶେ ଦେଶ ରକ୍ଷା, ସମାଜ ରକ୍ଷା ଓ ତଥାକଥିତ ଧର୍ମରକ୍ଷା ଇତ୍ୟାଦି ପାଇଁ ସର୍ବଦା ତତ୍ପର ରହିଅଛୁଁ । ଏ ବିଷୟର ବିଶେଷ ଆଲୋଚନା ମୁଁ ଏଠାରେ କରୁନାହିଁ । ଏ ବିଷୟରେ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତା କରି ପାରନ୍ତି ।

ଅର୍ଜ୍ଜୁନ କହିଥିଲେ—"ଇତି ଅନୁଶୁଶ୍ରୁମ" ଅର୍ଥାତ୍ ଏହିସବୁ କଥା ଆମ୍ଭେମାନେ ଶୁଣି ଆସୁଅଛୁଁ । ଆମ୍ଭେମାନେ ମଧ୍ୟ ଶୁଣିବା କଥାକୁ ସତ୍ୟ ମନେ କରି ନରକବାସ ଇତ୍ୟାଦିକୁ ଭୟ କରି ନିଜ ନିଜର ସ୍ୱଭାବ ନିୟତ କର୍ତ୍ତବ୍ୟରୁ ବା ସ୍ୱଭାବନିୟତ ଜୀବନ ଯୁଦ୍ଧରୁ ନିବୃତ୍ତ ହେଉଥିବାରୁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଅର୍ଥାତ୍ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ବୁଝାଇ ଦେଲେ ଯେ, ଶୁଣିବା କଥାକୁ ସତ୍ୟ ମନେ କରି ନରକବାସ ଇତ୍ୟାଦିକୁ ଭୟକରି ନିଜର ସ୍ୱଭାବନିୟତ କର୍ମରୁ ନିବୃତ୍ତ ହେବା ଉଚିତ ନୁହେଁ । ଗୀତାର ନିମ୍ନଲିଖିତ ଶ୍ଳୋକଟି ଧ୍ୟାନ ଦେଇ ବୁଝିଲେ ଆମ୍ଭମାନଙ୍କର ଭ୍ରାନ୍ତ ଧାରଣା ଦୂର ହେବ ଏବଂ ଆମ୍ଭେମାନେ ଗୀତାର ନୂତନ ଉପଦେଶ ଗ୍ରହଣ କରି ପାରିବୁଁ ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ । ୧୮ଶ—୪୭
ସହଜଂ କର୍ମ କୌନ୍ତେୟ ! ସଦୋଷମପି ନ ତ୍ୟଜେତ୍ । ୧୮ଶ-୪୮

ଅର୍ଥ—ଉତ୍ତମରୂପେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ବିଗୁଣ ବା ଦୋଷଯୁକ୍ତ ସ୍ୱଧର୍ମ ଶ୍ରେୟସ୍କର । ସ୍ୱଭାବ ନିୟତ କର୍ମ କରିବାରେ ମନୁଷ୍ୟ

ପାପ କରେ ନାହିଁ । ସହଜାତ କର୍ମ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

ଉପାନ୍ତ୍ୟରେ ଥିବା ଏହି ଶ୍ଳୋକଟି ଧାଡ଼ିରୁ ବୁଝିହୁଏ ଯେ ସ୍ୱଧର୍ମ, ସ୍ୱଭାବ ନିୟତ କର୍ମ ଓ ସହଜାତ କର୍ମ ଏମାନେ ସମସ୍ତେ ଏକା କଥା । ଏହି କର୍ମ ବିଗୁଣ ବା ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତାହା କରିବାରେ ପାପ ନାହିଁ ଏବଂ ତାହା ପରିତ୍ୟାଗ କରିବା ଉଚିତ ନୁହେଁ ।

ବିଶ୍ୱକଲ୍ୟାଣ—୩ୟ ବର୍ଷ—୨ୟ ଖଣ୍ଡ ୧୯୫୭

# ଗୀତାର ମୂଳକଥା ଓ ଶେଷକଥା

ଗୀତାର ନୂତନ ଶିକ୍ଷା ଗ୍ରହଣ କରି ଜୀବନର ଗତି ପରିବର୍ତ୍ତନ କରିବାକୁ ଆଗ୍ରହୀ ଥିଲେ ଗୀତାର ଉପଦେଶ ଅନୁସାରେ ସର୍ବପ୍ରଥମେ ନିଜ ନିଜର ଶ୍ରୁତି-ବିପ୍ରତିପନ୍ନା ବୁଦ୍ଧିକୁ ଅର୍ଥାତ୍ ଶୁଣିବା କଥା ଦ୍ୱାରା, ଅନ୍ୟ ଶାସ୍ତ୍ରଗତ ଜ୍ଞାନ ଦ୍ୱାରା ବା ପାଣ୍ଡିତ୍ୟ ଦ୍ୱାରା ବିକ୍ଷିପ୍ତ ହୋଇଥିବା ବୁଦ୍ଧିକୁ ଦୂର କରିବାକୁ ହେବ ଅର୍ଥାତ୍ ଅତୀତର ଯାବତୀୟ ବଦ୍ଧମୂଳ ଧାରଣା ସବୁକୁ ଓ ପାଣ୍ଡିତ୍ୟକୁ ମସ୍ତିଷ୍କରୁ ବିଦାୟ ଦେବାକୁ ହେବ । କାରଣ ଏହି ସବୁ ପୁରୁଣା ବିଷୟ ଦ୍ୱାରା ବିକ୍ଷିପ୍ତ ହୋଇଥିବା ବୁଦ୍ଧି ଗୀତାର ନୂତନ ଶିକ୍ଷା ଗ୍ରହଣ କରିପାରିବ ନାହିଁ । "ଶ୍ରୁତି-ବିପ୍ରତିପନ୍ନା ତେ ବୁଦ୍ଧିଃ (୨ୟ—୫୩)," ଏହି କଥାଟିରେ ଗୀତା ପୂର୍ବୋକ୍ତ ବିଷୟ କହୁଅଛି ।

ଗୀତାର ବର୍ଣ୍ଣନାରୁ ବୁଝି ପାରିବେ ଯେ, ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଚିରସଖା, ଜୀବନ ଯୁଦ୍ଧରେ ପ୍ରତ୍ୟେକଙ୍କର ଏକମାତ୍ର ସାରଥି, ସଂଶୟ ଦୂର କରିବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ଗୁରୁ ଏବଂ ପ୍ରତ୍ୟେକଙ୍କର ପ୍ରତ୍ୟକ୍ଷ ଓ ବ୍ୟକ୍ତ ଭଗବାନ । ଶ୍ରୀକୃଷ୍ଣ ଯେ କେବଳ ଅର୍ଜ୍ଜୁନଙ୍କର ଚିରସଖା ନୁହନ୍ତି ଏବଂ ସେ ହେଉଛନ୍ତି ରାମା ହାଡ଼ିଠାରୁ ଆରମ୍ଭ କରି ରାମଚନ୍ଦ୍ର ମହାପ୍ରଭୁଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କର ଚିରସଖା, ଏ କଥା ଗୀତାର ନିମ୍ନଲିଖିତ ଉକ୍ତିଟିରୁ ବୁଝନ୍ତୁ ।

ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତି ମୃଚ୍ଛତି । ୫ମ-୨୯

ଅର୍ଥ—ମୋତେ ସମସ୍ତଙ୍କର ଚିରସଖା ବୋଲି ଜାଣି ମନୁଷ୍ୟ ଶାନ୍ତି ଲାଭ କରେ ।

ବର୍ତ୍ତମାନ ବୁଝନ୍ତୁ ଯେ ଆମ୍ଭେମାନେ ପ୍ରତ୍ୟେକ ବ୍ୟକ୍ତି ହେଉଛୁ ଗୀତାର ଅର୍ଜ୍ଜୁନ । ଗୀତାର ଶ୍ରୀକୃଷ୍ଣ ଯେ ଦେବକୀ ଓ ବସୁଦେବଙ୍କର

ସନ୍ତାନ, ମହାଭାରତର ଐତିହାସିକ ଶ୍ରୀକୃଷ୍ଣ କୁହନ୍ତି ଏକଥା "ଅଜୋଽପି ସନବ୍ୟୟାତ୍ମା" (୪ର୍ଥ—୬) "ଯୋ ମାମଜମନାଦିଞ୍ଚ ବେତ୍ତି ଲୋକ ମହେଶ୍ୱରମ୍" (୧୦ମ—୩) ଇତ୍ୟାଦି ଗୀତାର ଉକ୍ତିଗୁଡ଼ିକରୁ ବୁଝନ୍ତୁ । ସେ ଯେ ଆମ୍ଭମାନଙ୍କର ନିତ୍ୟ ଉପାସିତ ଅଜଣା ଭଗବାନ ମଧ୍ୟ କୁହନ୍ତି ଏକଥା ଦ୍ୱାଦଶ ଅଧ୍ୟାୟ ପ୍ରଥମ ପାଞ୍ଚୋଟି ଶ୍ଳୋକରୁ ଜାଣି ପାରିବେ । ସେହି ଅଜଣା ଭଗବାନଙ୍କର ଉପାସନାରେ ଆସକ୍ତ ହେବା ଦୁଃଖଦାୟକ ଏହି ନୂତନ ଉପଦେଶ ଏବଂ ଆମ୍ଭମାନଙ୍କର ବଦ୍ଧମୂଳ ଧାରଣାର ସମ୍ପୂର୍ଣ୍ଣ ବିପରୀତ ଉପଦେଶ ଗୀତାର ନିମ୍ନଲିଖିତ ଉକ୍ତିରୁ ବୁଝନ୍ତୁ ।"

କ୍ଳେଶୋଽଧିକତର ସ୍ତେଷା ମବ୍ୟକ୍ତାଶକ୍ତ ଚେତସାଂ । ୧୨ଶ-୫

ଅର୍ଥ—ଯେଉଁମାନଙ୍କର ଚିତ୍ତ ଅବ୍ୟକ୍ତ ବା ଅଜଣା ଭଗବାନଙ୍କ ଉପାସନାରେ ଆସକ୍ତ ସେମାନଙ୍କର ଅଧିକତର କ୍ଳେଶ ହୁଏ ।

ଏହି ଉପଦେଶ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ, କାରଣ ଯେ ବା ଯାହା ଅଜଣା ସେଥିପ୍ରତି ଆସକ୍ତ ହେବା ନିଶ୍ଚୟ ଅନ୍ଧତା ଓ ଦୁଃଖଦାୟକ ଏଥିରେ ସନ୍ଦେହ ନାହିଁ । ଆପଣମାନେ କହିବେ ସାରା ପୃଥିବୀର ଲୋକେ ସମସ୍ତେ କଣ ଅନ୍ଧ ? ଏପରି ଯୁକ୍ତିର କୌଣସି ଉତ୍ତର ନାହିଁ । ସ୍ୱାଧୀନ ଭାବରେ ଚିନ୍ତା କରି କଥାଟି ବୁଝନ୍ତୁ । ପୃଥିବୀର ଜଣେ ପ୍ରଧାନ କବି ଓ ଭକ୍ତ ରବି ଠାକୁର ଗାଇଗଲେ "ସୀମାର ମାଝେ ଅସୀମ ତୁମି ବାଇତ ଏତ ମଧୁର । ସୀମା ଭିତରକୁ ଅସୀମ ଆସିବା ସମ୍ପୂର୍ଣ୍ଣ ଅସମ୍ଭବ ହେଲେ ମଧ୍ୟ ଗଞ୍ଜେଇ ନିଶାରେ ଭୋଳ ହୋଇ ନାଚିଲା ପରି "ଭଗବାନ, ଭଗବାନ" ହୋଇ ସମସ୍ତେ ଭୋଳ ହୋଇ ନାଚୁଅଛନ୍ତି ।

ଗୀତା ଏବଂ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ମଧ୍ୟ କହୁଛି ଯେ ଆମ୍ଭମାନଙ୍କର ନିତ୍ୟ ଉପାସିତ ସେହି ଅଜଣା ଭଗବାନ ହେଉଛନ୍ତି ଅଚିନ୍ତ୍ୟରୂପମ୍ ଏବଂ ଅବାଙ୍ମନସ ଗୋଚର ଅର୍ଥାତ୍ ଚିନ୍ତାର ଅତୀତ ଏବଂ ବାକ୍ୟ ଓ ମନର ଅଗୋଚର । ଅତଏବ ବିଶ୍ୱାସ ଉପରେ ପ୍ରତିଷ୍ଠିତ ସେହି ଅଜଣା ଭଗବାନ ସସୀମ କି ଅସୀମ, କିଏ ବା କଣ ତାହା କେହି କହିପାରିବେ ନାହିଁ । ଏସବୁ ବିଷୟର ବିଶେଷ ଆଲୋଚନା ମୋର ଗୀତା ବହିରୁ କିମ୍ବା ଗୀତା [illegible] [illegible] କୌଣସି ବହିରୁ ପାଇ ପାରିବେ । ଆଜି ମଧ୍ୟ ୟୁରୋପ

ବିଷୟର ଯୌକ୍ତିକତା ବୁଝିପାରିଲେ ଏଥିପାଇଁ କୌଣସି ପୁସ୍ତକ ପଢ଼ିବାର ଆବଶ୍ୟକ ହେବନାହିଁ । ବର୍ତ୍ତମାନ ଆଲୋଚ୍ୟ ବିଷୟରେ ଅର୍ଥାତ୍ ଗୀତାର ମୂଳକଥା ଓ ଶେଷ କଥାର ଆଲୋଚନାରେ ଅଗ୍ରସର ହୁଅନ୍ତୁ ।

**ଗୀତାର ମୂଳକଥା**—ପ୍ରଥମ ଅଧ୍ୟାୟ ୪୦ରୁ ୪୩ ଶ୍ଳୋକରେ ଅର୍ଜ୍ଜୁନ କହିଥିଲେ —"କୁଳକ୍ଷୟ ହେଲେ ସନାତନ କୁଳ ଧର୍ମ ସବୁ ନଷ୍ଟ ହୁଏ, ସ୍ତ୍ରୀମାନେ ଦୁଷ୍ଟା ହୁଅନ୍ତି, ବର୍ଣ୍ଣଧର୍ମର ବିଶୃଙ୍ଖଳା ଘଟେ, ପିଣ୍ଡୋଦକ କ୍ରିୟା ଲୁପ୍ତ ହୋଇ ପିତୃଗଣଙ୍କର ପତନ ହୁଏ, କୁଳ ଧର୍ମ ଓ ଜାତି ଧର୍ମ ନଷ୍ଟ ହୁଏ ଏବଂ ପରିଶେଷରେ କହିଲେ—

ଉତ୍ସନ୍ନ କୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ !
ନରକେ ନିୟତଂ ବାସୋ ଭବତୀତି—ଅନୁଶୁଶ୍ରୁମ । ୧-୪୪

ଅର୍ଥ—"କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟମାନଙ୍କର ଚିରକାଳ ପାଇଁ ନରକ ବାସ ହୁଏ । ଏହିସବୁ କଥା ଆମ୍ଭେମାନେ ପରମ୍ପରାକ୍ରମେ ଶୁଣି ଆସୁଅଛୁ ।"

ଅର୍ଜ୍ଜୁନ ପୁଣି କହିଥିଲେ :—

କାର୍ପଣ୍ୟଦୋଷୋ ପହତଃସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢ଼ ଚେତାଃ ।
ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂପ୍ରପନ୍ନଂ । ୨ୟ-୭ ।

ଅର୍ଥ—ମୋର ସ୍ୱଭାବ କାର୍ପଣ୍ୟ ଦୋଷରେ ଅଭିଭୂତ ହୋଇ ଥିବାରୁ ମୁଁ ମୋର କର୍ତ୍ତବ୍ୟ ସ୍ଥିର କରି ନ ପାରି ଆପଣଙ୍କୁ ପଚାରୁଛି, ମୋର ଯାହା ଶ୍ରେୟ ତାହା ମୋତେ ନିଶ୍ଚୟ କରି କହନ୍ତୁ—ମୁଁ ଆପଣଙ୍କର ଶରଣାପନ୍ନ ଶିଷ୍ୟ ହେଲି, ମୋତେ ପ୍ରକୃତ କଥା ଶିକ୍ଷା ଦିଅନ୍ତୁ । ବର୍ତ୍ତମାନ ବୁଝନ୍ତୁ—ପରମ୍ପରାକ୍ରମେ ଶୁଣି ଆସୁଥିବା କଥାଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରି ଏବଂ ନରକ ବାସକୁ ଭୟକରି ଅର୍ଜ୍ଜୁନ ଯେପରି ନିଜର ସ୍ୱଭାବ ନିୟତ କର୍ମରେ ବା ସ୍ୱଭାବ ନିୟତ ଜୀବନ ଯୁଦ୍ଧରେ ଅଗ୍ରସର ହୋଇ ପାରୁ ନଥିଲେ ଆମ୍ଭେମାନେ ମଧ୍ୟ ପରମ୍ପରାକ୍ରମେ ଶୁଣି

ଆସୁଥିବା କଥାଗୁଡ଼ିକୁ ସତ୍ୟ ବୋଲି ବିଶ୍ୱାସ କରି ଏବଂ ସେହିସବୁ ଶୁଣି ଆସୁଥିବା କଥାର ଅନ୍ଧାନୁସରଣ ନ କଲେ ନରକବାସ ହେବ ବୋଲି ଭୟ କରି ନିଜ ନିଜର ସ୍ୱଭାବନିଯୁତ କର୍ମରେ ବା ସ୍ୱଭାବନିଯୁତ ଜୀବନ ପଥରେ ଅଗ୍ରସର ହୋଇପାରୁ ନାହୁଁ । ଏପରି ଭାବରେ ଗୀତାକୁ ନ ବୁଝିଲେ ଗୀତାର କୌଣସି ମୂଲ୍ୟ ନାହିଁ ।

ପୁଣି ବୁଝନ୍ତୁ—ଅର୍ଜୁନଙ୍କର ସ୍ୱଭାବ କାର୍ପଣ୍ୟ ଦୋଷରେ ଅଭିଭୂତ ହୋଇଥିଲା ଏବଂ ମସ୍ତିଷ୍କ ଏପରି ବିକ୍ଷିପ୍ତ ହୋଇଥିଲା ଯେ ନିଜର କର୍ତ୍ତବ୍ୟ ସେ ସ୍ଥିର କରି ନପାରି ଶ୍ରୀକୃଷ୍ଣଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଏଠାରେ ମନେ ରଖନ୍ତୁ ଯେ ମସ୍ତିଷ୍କ ବିକ୍ଷିପ୍ତ ହେଲେ ଲୋକେ ଗୁରୁ ଅନ୍ୱେଷଣ କରନ୍ତି । ଦୁଃଖର କଥା ଏହିକି ଲୋକେ ଶ୍ରୀକୃଷ୍ଣଙ୍କର ପରିଚୟ ନ ପାଇ, ତେଣୁ ଶ୍ରୀକୃଷ୍ଣଙ୍କୁ ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିକୁ ଗୁରୁ ଓ ବ୍ୟକ୍ତି ଭଗବାନ ବୋଲି ଗ୍ରହଣ କରି ନ ପାରି ମାୟାଜଡ଼ିତ ମନୁଷ୍ୟରାଜ୍ୟରେ ମନୁଷ୍ୟକୁ ଗୁରୁ କରିବାରେ ବହୁକାଳରୁ ଅଭ୍ୟସ୍ତ ଥାଇ ଉପସ୍ଥିତ ଦୁରବସ୍ଥା ଭୋଗୁଅଛନ୍ତି । ଅର୍ଜୁନଙ୍କପରି ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ମସ୍ତିଷ୍କ ଆଜି ସମ୍ପୂର୍ଣ୍ଣ ବିକ୍ଷିପ୍ତ ଅବସ୍ଥାରେ ଅଛି ଏବଂ ସେଥିପାଇଁ ଆମ୍ଭେମାନେ ନିଜ ନିଜର କର୍ତ୍ତବ୍ୟ ସ୍ଥିର କରି ନ ପାରି ଇତସ୍ତତଃ ହେଉଅଛୁଁ, ଏଥିରେ ସନ୍ଦେହ ନାହିଁ । ଆମ୍ଭମାନଙ୍କର ମସ୍ତିଷ୍କ ଯେ ବିକ୍ଷିପ୍ତ ଏବଂ ଆମ୍ଭେମାନେ ଯେ ଆମ୍ଭମାନଙ୍କର ନିଜ ନିଜର କର୍ତ୍ତବ୍ୟ ସ୍ଥିର କରିବାକୁ ଅକ୍ଷମ ଏକଥା ସ୍ୱୀକାର କରିବାକୁ ହେବ ଏବଂ ଅର୍ଜୁନଙ୍କ ପରି ଶ୍ରୀକୃଷ୍ଣଙ୍କୁ ଗୁରୁ ବୋଲି ଗ୍ରହଣ କରିବାକୁ ହେବ । ଗୀତାର ଶ୍ରୀକୃଷ୍ଣ ଯେ ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ପବିତ୍ର ବିବେକ ବୁଦ୍ଧି, ଏ କଥା ନିମ୍ନଲିଖିତ ଆଲୋଚନାରୁ ବୁଝନ୍ତୁ—

ଶ୍ରୀକୃଷ୍ଣ କହିଲେ—ବୁଦ୍ଧୌ ଶରଣ ମନ୍ୱିଚ୍ଛ (୨ୟ-୪୯) ଅର୍ଥାତ୍ ବୁଦ୍ଧିର ଶରଣ ନେବାକୁ ଇଚ୍ଛାକର ଏବଂ ପୁଣି କହିଲେ—"ମାମେକଂ ଶରଣଂ ବ୍ରଜ" (୧୮ଶ-୬୬) ଅର୍ଥାତ୍ ଏକମାତ୍ର ମୋର ଶରଣ ନିଅ ଏହି ଦୁଇଟି କଥାରୁ ବୁଝନ୍ତୁ ଯେ ଗୀତାର ଶ୍ରୀକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ବ୍ୟକ୍ତିର ପବିତ୍ର ବିବେକ ବୁଦ୍ଧି । ଶ୍ରୀକୃଷ୍ଣ ପୁଣି କହିଅଛନ୍ତି—

ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତିତେ । ୧୦ମ-୧୦

ଅର୍ଥ— ମୁଁ ସେହି ବୁଦ୍ଧି ଯୋଗ ଦିଏ ଯାହାଦ୍ୱାରା ଲୋକେ ମୋତେ ପାଆନ୍ତି ।

ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ । ୧୮ଶ-୫୭

ଅର୍ଥ—ବୁଦ୍ଧି ଯୋଗକୁ ଆଶ୍ରୟ କରି ସର୍ବଦା ମୋଠାରେ ଚିତ୍ତ ରଖ ।

ଗୀତାର ସର୍ବଗୁହ୍ୟତମ ଓ ପରମ ଉପଦେଶ ହେଉଛି—
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ୧୮ଶ-୬୬

ଅର୍ଥ—ସବୁ ଧର୍ମ ପରିତ୍ୟାଗ କରି ଅର୍ଥାତ୍ ପ୍ରଥମ ଅଧ୍ୟାୟ ୪୦ରୁ ୪୫ ଶ୍ଲୋକରେ ଅର୍ଜ୍ଜୁନ କହିଥିବା କୁଳଧର୍ମ, ଜାତିଧର୍ମ, ବର୍ଣ୍ଣଧର୍ମ ଏବଂ ଶୁଣିବା କଥା ଉପରେ ପ୍ରତିଷ୍ଠିତ ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଅର୍ଥାତ୍ ନିଜର ପବିତ୍ର ବିବେକ ବୁଦ୍ଧିର ଶରଣ ନିଅ । ଏଠାରେ ଥିବା ସର୍ବଧର୍ମାନ୍ ପରିତ୍ୟଜ୍ୟ କଥାଟିକୁ ପ୍ରାୟ ସମସ୍ତେ ଅର୍ଥ କରୁଅଛନ୍ତି—"ସବୁ କର୍ତ୍ତବ୍ୟ କର୍ମ ଛାଡ଼ି" ଏବଂ "ମାମେକଂ ଶରଣଂ ବ୍ରଜ" କଥାଟିକୁ ସମସ୍ତେ ଅର୍ଥ କରୁଅଛନ୍ତି ଭଗବାନଙ୍କର ଶରଣ ନିଅ ।" ଯାହା ଗୀତାର ନୂତନ ଶିକ୍ଷାର ସମ୍ପୂର୍ଣ୍ଣ ବିପରୀତ ଓ ଅଯୌକ୍ତିକ ।

କାରଣ ସେହି ଗୀତା କହୁଛି—"ନହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ୍" (୩ୟ—୫) ଅର୍ଥାତ୍ କର୍ମ ନକରି କୌଣସି ଲୋକ କ୍ଷଣେମାତ୍ର ରହି ନ ପାରେ । "ନିୟତଂ କୁରୁ କର୍ମତ୍ୱମ" (୩ୟ—୮) ଅଥାତ୍ ତୁମ୍ଭେ ସର୍ବଦା କର୍ମ କର । "ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ" (୮ମ—୭) ଅର୍ଥାତ୍ ସର୍ବଦା ମୋତେ ମନେରଖି ଓ ଯୁଦ୍ଧ କର, ସେହି ଗୀତା କର୍ତ୍ତବ୍ୟ କର୍ମ ସବୁ ଛାଡ଼ିବାକୁ କଦାପି କହି ନାହିଁ ।

ଆଉ ଗୋଟିଏ କଥା ଏହିକି ଚିନ୍ତାର ଅ[redacted]ଏକଣା ଭଗବାନଙ୍କର ଶରଣ ନେବା ଜନ୍ମା ଦେବକୀ ଓ ବସୁଦେବଙ୍କର ସନ୍ତାନ ଶ୍ରୀକୃଷ୍ଣଙ୍କର ଶରଣ ନେବା ସମ୍ପୂର୍ଣ୍ଣ ଅଯୌକ୍ତିକ । ଅତଏବ ଏଠାରେ ଥିବା "ମୋର ଶରଣ ନିଅ" କଥାଟିର ପ୍ରକୃତ ଅର୍ଥ ହେଉଛି—"ନିଜର

ପବିତ୍ର ବିବେକ ବୁଦ୍ଧିର ଶରଣ ନିଅ ।" ସ୍ୱାଧୀନ ଭାବରେ ଚିନ୍ତା କରି ପ୍ରକୃତ କଥା ସଂଶୟଶୂନ୍ୟ ହୋଇ ବୁଝନ୍ତୁ ଏବଂ ନିଜର ବୁଝିବା ଅନୁସାରେ ଜୀବନର ଗତି ପରିବର୍ତ୍ତନ କରନ୍ତୁ ।

**ଗୀତାର ଶେଷକଥା**—ସମସ୍ତ ଗୀତା ବୁଝାଇ ସାରି ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ପଚାରିଲେ—

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ! ତ୍ୱୟୈକାଗ୍ରେଣ ଚେତସା,
କଚ୍ଚିଦଜ୍ଞାନସମ୍ମୋହଃ, ପ୍ରଣଷ୍ଟସ୍ତେ ଧନଞ୍ଜୟ ! ୧୮ଶ-୭୨ ।

ଅର୍ଥ—ହେ ପାର୍ଥ ! ତୁମ୍ଭେ ଏକାଗ୍ର ଚିତ୍ତରେ ମୋ କଥା ଶୁଣିଲ ତ ! ତୁମ୍ଭର ଅଜ୍ଞାନ ଜନିତ ମୋହ ନଷ୍ଟ ହେଲା ତ ? ଅର୍ଜ୍ଜୁନ କହିଲେ—

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା, ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ, କରିଷ୍ୟେ ବଚନଂ ତବ । ୭୩ ।

ଅର୍ଥ—ଅର୍ଜ୍ଜୁନ କହିଲେ, ହେ ଅଚ୍ୟୁତ ! ତୁମ୍ଭ ଅନୁଗ୍ରହରୁ ମୋର ମୋହ ନଷ୍ଟ ହେଲା ଓ ମୁଁ ସ୍ମୃତି ଲାଭ କଲି । ମୋର ସନ୍ଦେହ ଦୂର ହେଲା ମୁଁ ଦୃଢ ହେଲି ଓ ତୁମ୍ଭର କଥା ମୁଁ ଏଣିକି ପାଳନ କରିବି ।

ଦ୍ୱାଦଶ ଅଧ୍ୟାୟରେ ଗୀତା କହୁଛି—ଚରିତ୍ର ଗଠନ ହେଉଛି ଶ୍ରୀକୃଷ୍ଣଙ୍କର ପ୍ରକୃତ ଉପାସନା ଅତଏବ ଚରିତ୍ର ଗଠନ କରନ୍ତୁ ଏବଂ ଅର୍ଜ୍ଜୁନଙ୍କ ଭଳି ଶ୍ରୀକୃଷ୍ଣଙ୍କର ଶିଷ୍ୟ ହୋଇ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରନ୍ତୁ । ଗୀତାର ଶିକ୍ଷା ଗ୍ରହଣ କରି ଯଦି ଉପକୃତ ନ ହେଲେ, ଅର୍ଜ୍ଜୁନଙ୍କ ପରି ଆପଣଙ୍କର ସଂଶୟ ଓ ମୋହ ଯଦି ନଷ୍ଟ ନହେଲା ତେବେ ଗୀତାପାରାୟଣ କରିବାର ଓ ଗୀତା ପୁସ୍ତକକୁ ଗୁଡ଼ା ଖେଳରେ ବାନ୍ଧି ଫୁଲ ଚନ୍ଦନ ଦେଇ ପୂଜା କରିବାର କୌଣସି ମୂଲ୍ୟ ନାହିଁ । ଅତଏବ ନିଜ ନିଜର ପବିତ୍ର ବିବେକ ବୁଦ୍ଧିରୂପ ପ୍ରତ୍ୟକ୍ଷ ଓ ବାସ୍ତବ ଭଗବାନ ଶ୍ରୀକୃଷ୍ଣଙ୍କୁ ଚିରସଖା ଓ ସାରଥି ଭାବରେ ଗ୍ରହଣ କରି ନିଜର ସ୍ୱଶ୍ଚିନ୍ତନପୂତ ଜୀବନ ପଥରେ ଅଗ୍ରସର ହୁଅନ୍ତୁ ଏବଂ ତାଙ୍କୁ ଗୁରୁ ଭାବରେ ଗ୍ରହଣ କରି ନିଜ ନିଜର ଯାବତୀୟ ସନ୍ଦେହ ଓ ମୋହ ଦୂର କରନ୍ତୁ ।

ବିଶ୍ୱକଲ୍ୟାଣ-୪ର୍ଥ ବର୍ଷ-୧ମ ସଂଖ୍ୟା
୧୯୫୮